# ଶ୍ରୀମଦ୍ ଭଗବଦ୍‌ଗୀତା

## ମୌଳିକ ରୂପରେ


କୃଷ୍ଣକୃପା ଶ୍ରୀମୂର୍ତ୍ତି ଶ୍ରୀ ଶ୍ରୀମଦ୍ ଏ. ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ
ସଂସ୍ଥାପକ-ଆଚାର୍ଯ୍ୟ , ଅନ୍ତରାଷ୍ଟ୍ରୀୟ କୃଷ୍ଣଭାବନାମୃତ ସଂଘ

# ଶ୍ରୀମଦ୍‌ଭଗବଦ୍‌ଗୀତା

## ମୌଳିକ ରୂପରେ

### ସଂପୂର୍ଣ୍ଣ ସଂସ୍କରଣ


କୃଷ୍ଣକୃପା ଶ୍ରୀମୂର୍ତ୍ତି ଶ୍ରୀ ଶ୍ରୀମଦ୍

ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ

ଓଡ଼ିଆ ଅନୁବାଦ :

ଶ୍ରୀ ଶ୍ରୀମଦ୍‌ଗୌରଗୋବିନ୍ଦ ସ୍ୱାମୀ



ଭକ୍ତିବେଦାନ୍ତ ବୁକ୍ ଟ୍ରଷ୍ଟ

# ପୃଷ୍ଠଭୂମି

ଯଦିଓ ଭଗବଦ୍ ଗୀତାର ବ୍ୟାପକ ପ୍ରକାଶନ ଓ ପଠନ ହୋଇଆସୁଛି କିନ୍ତୁ ମୂଳତଃ ଏହା ସଂସ୍କୃତ ମହାକାବ୍ୟ ମହାଭାରତରେ ଏକ ଆଖ୍ୟାନ । ମହାଭାରତ ବର୍ତ୍ତମାନ କଳିଯୁଗର ସମସ୍ତ ଘଟଣାର ବିବରଣୀ ପ୍ରଦାନ କରେ । କଳିଯୁଗର ପ୍ରାରମ୍ଭରେ ଆଜକୁ ପାଞ୍ଚହଜାର ବର୍ଷ ପୂର୍ବେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର ପ୍ରିୟ ଭକ୍ତ ଓ ସଖା ଅର୍ଜୁନଙ୍କୁ ଏହା କହିଥିଲେ ।

ସେମାନଙ୍କର ଆଲୋଚନା - ଯୁଦ୍ଧାରମ୍ଭର ପୂର୍ବରୁ ଘଟିଥିଲା ଯାହା ମାନବ ସମାଜର ଇତିହାସର ସବୁଠାରୁ ମହାନ୍ ଦାର୍ଶନିକ ତଥା ଧାର୍ମିକ ବାର୍ତ୍ତା ସ୍ୱରୂପ ଥିଲା । ଏହା ଧୃତରାଷ୍ଟ୍ରଙ୍କ ଶହେପୁତ୍ର ଓ ତାଙ୍କର ସାନବାପା ପାଣ୍ଡୁଙ୍କର ପୁତ୍ରଙ୍କ ମଧ୍ୟରେ ଭ୍ରାତୃବିବାଦ ସମ୍ବନ୍ଧୀୟ ଥିଲା ।

ଧୃତରାଷ୍ଟ୍ର ଓ ପାଣ୍ଡୁ ଉଭୟ କୁରୁବଂଶରେ ଜନ୍ମ ଗ୍ରହଣ କରିଥିଲେ । ଏହି କୁରୁବଂଶ ମହାରାଜ ଭରତ ଯାହାଙ୍କ ନାମ ଅନୁସାରେ ମହାଭାରତ ନାମିତ ହୋଇଅଛି ତାଙ୍କଠାରୁ ଆରମ୍ଭ ଅଟେ । ଧୃତରାଷ୍ଟ୍ର ଜ୍ୟେଷ୍ଠ ଭ୍ରାତା ଜନ୍ମରୁ ଅନ୍ଧଥିବାରୁ ପାଣ୍ଡୁ ସିଂହାସନ ଗ୍ରହଣ କରିଥିଲେ ।

ଯେତେବେଳେ ପାଣ୍ଡୁ ଖୁବ୍ କମ୍ ବୟସରେ ଦେହତ୍ୟାଗ କରିଥିଲେ ସେତେବେଳେ ତାଙ୍କର ପୁତ୍ର - ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଓ ସହଦେବ ଧୃତରାଷ୍ଟ୍ରଙ୍କର ସୁରକ୍ଷା ଦାୟିତ୍ୱକୁ ଚାଲି ଆସିଥିଲେ । ଧୃତରାଷ୍ଟ୍ରଙ୍କର ପୁତ୍ରଗଣ ଓ ପାଣ୍ଡୁଙ୍କର ପୁତ୍ରଗଣ ଗୋଟିଏ ରାଜପରିବାରରେ ଲାଳିତ ପାଳିତ ହେଉଥିଲେ । ଉଭୟ ପ୍ରସିଦ୍ଧ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଅଧୀନରେ ଯୁଦ୍ଧ ବିଦ୍ୟା ଶିକ୍ଷାଲାଭ କରୁଥିଲେ । ଅତି ସମ୍ମାନାସ୍ପଦ ଜେଜେବାପା ଭୀଷ୍ମଙ୍କ ଦ୍ୱାରା ରାଜକୀୟ ବିଦ୍ୟା ଶିକ୍ଷାଲାଭ କରିଥିଲେ ।

ଏହା ସତ୍ତ୍ୱେ ଧୃତରାଷ୍ଟ୍ରଙ୍କର ପୁତ୍ରଗଣ ମୁଖ୍ୟତଃ ଦୂର୍ଯ୍ୟୋଧନ ପାଣ୍ଡବମାନଙ୍କୁ ଘୃଣା ଓ ଈର୍ଷା ଚକ୍ଷୁରେ ଦେଖୁଥିଲେ । ଦୁର୍ବଳ ମାନସିକ ଓ ଅନ୍ଧ ଧୃତରାଷ୍ଟ୍ର ହସ୍ତିନା ସିଂହାସନକୁ ତାର ପୁତ୍ରଗଣଙ୍କୁ ଦେବାପାଇଁ ଚାହୁଁଥିଲେ ।

ଦୂର୍ଯ୍ୟୋଧନ ଧୃତରାଷ୍ଟ୍ରଙ୍କ ପରାମର୍ଶ କ୍ରମେ ପାଣ୍ଡୁଙ୍କର ପୁତ୍ରଗଣଙ୍କୁ ମାରିଦେବାପାଇଁ ବିଭିନ୍ନ ଯୋଜନା କରୁଥିଲେ । ପାଣ୍ଡବମାନେ ସେମାନଙ୍କର ସାନବାପା ପୂଣ୍ୟାତ୍ମା ବିଦୁର ଓ ମାମୁଁ ପୁତ୍ର ଭାଇ ଭଗବାନ୍ ଶ୍ରୀକୃଷ୍ଣଙ୍କ କୃପାରୁ ଅନେକ ବିପଦରୁ ଅଳ୍ପକେ ବର୍ତ୍ତିଯାଇଥିଲେ ।

ପରମେଶ୍ୱର ଶ୍ରୀକୃଷ୍ଣ ଜଣେ ସାଧାରଣ ମଣିଷ ନଥିଲେ । ସେ ଥିଲେ ପରଂବ୍ରହ୍ମ ଯେ କି ଅବତାର ଗ୍ରହଣ କରି ପ୍ରସିଦ୍ଧ ରାଜବଂଶର ପୁତ୍ର ରୂପେ ଆବିର୍ଭୂତ ହୋଇଥିଲେ । ସେ ମଧ୍ୟ ପାଣ୍ଡୁଙ୍କର ସ୍ତ୍ରୀ ବା ପାଣ୍ଡବଙ୍କର ମାତା କୁନ୍ତୀ ବା ପୃଥାଙ୍କର ପୁତୁରା ସମ୍ବନ୍ଧରେ ସମ୍ବନ୍ଧିତ ଥିଲେ । ତେଣୁ ଉଭୟ ବନ୍ଧୁ ଓ ଧାର୍ମିକ ଦୃଷ୍ଟିକୋଣରୁ କୃଷ୍ଣ ପାଣ୍ଡବମାନଙ୍କର ପକ୍ଷ ଗ୍ରହଣ କରି ସେମାନଙ୍କୁ ସୁରକ୍ଷା ଦେଇଥିଲେ ।

ପରିଶେଷରେ ଚତୁର ଦୂର୍ଯ୍ୟୋଧନ ପାଣ୍ଡବମାନଙ୍କୁ ଦ୍ୟୁତକ୍ରୀଡ଼ା ପାଇଁ ଆହ୍ୱାନ କଲା । ଏହି କପଟ କ୍ରୀଡ଼ା ପ୍ରତିଯୋଗିତାରେ ଦୂର୍ଯ୍ୟୋଧନ ଓ ତାର ଭ୍ରାତୃଗଣ ଦ୍ରୌପଦୀଙ୍କୁ ଅଧିକାର କରି ନେଇଥିଲେ । ଦ୍ରୌପଦୀ ପାଣ୍ଡବମାନଙ୍କର ପତିବ୍ରତା ଓ ସତୀସାଧ୍ୱୀ ପତ୍ନୀ ଥିଲେ । କୌରବମାନେ ମଧ୍ୟ ଦ୍ରୌପଦୀଙ୍କୁ ଅପମାନିତ କରିବା ଉଦ୍ଦେଶ୍ୟରେ ରାଜସଭାରେ ଅନେକ ରାଜା ଓ ରାଜକୁମାରଙ୍କ ସମ୍ମୁଖରେ ଉଲଗ୍ନ କରିବାକୁ ଚେଷ୍ଟା କରିଥିଲେ । ଭଗବାନ୍ ଶ୍ରୀକୃଷ୍ଣଙ୍କର ଦିବ୍ୟ କୃପା ତାଙ୍କୁ ସେଥିରୁ ରକ୍ଷା କରିଥିଲା । ଦ୍ୟୁତକ୍ରୀଡ଼ାରେ ପରାସ୍ତ ହୋଇ ପାଣ୍ଡବମାନେ ୧୩ବର୍ଷ ବନବାସ କରିବାକୁ ପଣ କରିଥିଲେ ।

ବନବାସରୁ ଫେରି ପାଣ୍ଡବମାନେ ସେମାନଙ୍କର ନ୍ୟାର୍ଯ୍ୟଗତ ସିଂହାସନ ଫେରିପାଇବାକୁ ଦୂର୍ଯ୍ୟୋଧନକୁ ଅନୁରୋଧ କରିଥିଲେ, କିନ୍ତୁ ଦୂର୍ଯ୍ୟୋଧନ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ପରିଶେଷରେ ପାଣ୍ଡବମାନେ ଅତିକମ୍‌ରେ ୫ଟି ପଡ଼ା ବା ଗ୍ରାମ ଦୂର୍ଯ୍ୟୋଧନଙ୍କୁ ମାଗିଥିଲେ, କିନ୍ତୁ ଅହଂକାରୀ ଦୂର୍ଯ୍ୟୋଧନ ସେମାନଙ୍କୁ ସୂଚ୍ୟଗ୍ର ମେଦିନୀ ଦେବାପାଇଁ ମଧ୍ୟ ମନାକରିଥିଲା ।

ଏସବୁ ସତ୍ତ୍ୱେ ମଧ୍ୟ ପାଣ୍ଡବମାନେ ଅତୀବ ସହିଷ୍ଣୁ ଓ କ୍ଷମାଶୀଳ ଥିଲେ, କିନ୍ତୁ ପରିଶେଷରେ ଯୁଦ୍ଧ ହେବା ନିଶ୍ଚିତ ହୋଇପଡ଼ିଥିଲା ।

ପୃଥିବୀର ସମସ୍ତ ରାଜପୁତ୍ରମାନେ ଦୁଇପକ୍ଷର ସମର୍ଥକ ଭାବରେ ଯୁଦ୍ଧ କ୍ଷେତ୍ରରେ ଦଣ୍ଡାୟମାନ ହୋଇଥିଲେ । କିଛି କୌରବ ପକ୍ଷରେ ଓ ଆଉକିଛି ପାଣ୍ଡବ ପକ୍ଷର ଅନ୍ତର୍ଭୁକ୍ତ ହୋଇଥିଲେ । କୃଷ୍ଣ ନିଜେ ଦୂତ ଭାବରେ ପାଣ୍ଡବମାନଙ୍କ ତରଫରୁ ଧୃତରାଷ୍ଟ୍ରଙ୍କ ରାଜସଭାକୁ ଯାଇ ଯୁଦ୍ଧନକରି ଶାନ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ, ଯେତେବେଳେ କୃଷ୍ଣଙ୍କର ପ୍ରସ୍ତାବକୁ ଧୃତରାଷ୍ଟ୍ର ଓ ତାଙ୍କର ପୁତ୍ରଗଣ ଅଗ୍ରାହ୍ୟ କରି ଦେଇଥିଲେ ସେତେବେଳେ ଯୁଦ୍ଧ ଅବଶ୍ୟମ୍ଭାବୀ ହୋଇପଡ଼ିଥିଲା । ଅତ୍ୟନ୍ତ ଧର୍ମନୀତି ସମ୍ପନ୍ନ ପାଣ୍ଡବମାନେ ଜାଣିପାରିଥିଲେ ଯେ ଶ୍ରୀକୃଷ୍ଣ ପରମପୁରୁଷ ଭଗବାନ୍ । ଅପରପକ୍ଷରେ ଧୃତରାଷ୍ଟ୍ରଙ୍କର ଅଧାର୍ମିକ ପୁତ୍ରଗଣ ଏହା ଜାଣିପାରିନଥିଲେ । କୃଷ୍ଣ ଦୁଇ ପକ୍ଷର ଅନୁରୋଧ ଅନୁସାରେ ଯୁଦ୍ଧରେ ନିଜେ ଅସ୍ତ୍ର ଧାରଣ କରିବେ ନାହିଁ, କେବଳ ଜଣେ ପରାମର୍ଶଦାତା ରୂପେ ରହିବେ । ଅପରପକ୍ଷରେ ତାଙ୍କର ଯାଦବ ସୈନ୍ୟବାହାନୀ ଯେଉଁମାନେ ଅପରିମିତ ଶକ୍ତିର ଅଧିକାରୀ ଥିଲେ ସେମାନେ ରହିବେ । ଏହି ସର୍ତ୍ତ ଦୂର୍ଯ୍ୟୋଧନଙ୍କ ପାଖରେ ରଖିଥିଲେ । ଏହି ସର୍ତ୍ତରେ ଦୂର୍ଯ୍ୟୋଧନ କୃଷ୍ଣଙ୍କ ପକ୍ଷ ନଗ୍ରହିଁ କୃଷ୍ଣଙ୍କର ସୈନ୍ୟବାହିନୀଙ୍କୁ ନେଇଥିଲା । କିନ୍ତୁ ପାଣ୍ଡବମାନେ ଏକମାତ୍ର ଶ୍ରୀକୃଷ୍ଣଙ୍କୁ ତାଙ୍କର ସମର୍ଥକ ଭାବରେ ପାଇ ଅତୀବ ଖୁସି ଥିଲେ ।

ଏହିପରି ଭାବରେ ଶ୍ରୀକୃଷ୍ଣ ଅର୍ଜୁନଙ୍କର ରଥର ସାରଥୀ ହୋଇଥିଲେ । ଦୁଇପକ୍ଷର ସେନାଙ୍କ ମଧ୍ୟରେ ଧୃତରାଷ୍ଟ୍ର ତାଙ୍କର ସଚୀବ ସଞ୍ଜୟଙ୍କୁ ଉଦ୍‌ବିଗ୍ନତାର ସହିତ ଯୁଦ୍ଧର ଘଟଣାବଳୀ ଜାଣିବାକୁ ପଗ୍ରରିଥିଲେ ଯେ, ସେମାନେ କ'ଣ କଲେ ? ଏହି ପରିପ୍ରେକ୍ଷୀରେ ଭଗବଦ୍ ଗୀତାର ଉଦ୍ଭୁତ ହୋଇଥିଲା ।

ଏହି ପ୍ରକାର ଭଗବଦ୍ ଗୀତାର ସମଗ୍ର ପୃଷ୍ଠଭୂମି ପ୍ରସ୍ତୁତ ହୋଇଥିଲା । କେବଳ ଏହାର ଅନୁବାଦ ତଥା ଭାଷ୍ୟର ସଂକ୍ଷିପ୍ତ ଟିପ୍ପଣୀ ଆବଶ୍ୟକତା ଥିଲା ।

ସାଂସାରିକ ପଣ୍ଡିତଗଣ ଭଗବଦ୍ ଗୀତାର ଉପରେ ଭାଷ୍ୟଦେଇ ତାଙ୍କର ନିଜସ୍ୱ ଚିନ୍ତନ ଦ୍ୱାରା ଶ୍ରୀକୃଷ୍ଣଙ୍କୁ ଜଣେ ଇତିହାସ ପ୍ରସିଦ୍ଧ ମହାନ୍ ବ୍ୟକ୍ତି ଭାବରେ ଗ୍ରହଣ କରନ୍ତି ।

କିନ୍ତୁ ଗୀତାର ଲକ୍ଷ୍ୟ ଓ ବିଷୟ ବସ୍ତୁ ହେଉଛନ୍ତି ଭଗବାନ୍ ଶ୍ରୀକୃଷ୍ଣ ଯାହା ଗୀତା ନିଜେ କହନ୍ତି -

ଏହି ଅନୁବାଦ ତଥା ଏହା ସହିତ ଥିବା ଭାଷ୍ୟ କୃଷ୍ଣଙ୍କ ଆଡକୁ ନିର୍ଦ୍ଦେଶିତ କରେ । ଏହା ଶ୍ରୀକୃଷ୍ଣଙ୍କଠାରୁ ପାଠକକୁ ଦୂରେଇ ନିଏ ନାହିଁ । ଏହି ପ୍ରକାରେ 'ଭଗବଦ୍ ଗୀତା ମୌଳିକ ରୂପରେ' ପ୍ରସ୍ତୁତ ହୋଇଅଛି । ଯେହେତୁ ଭଗବଦ୍ ଗୀତାର ବିଷୟବସ୍ତୁ କୃଷ୍ଣଙ୍କ ଦ୍ୱାରା କଥିତ ଓ କୃଷ୍ଣହିଁ ଏହାର ଲକ୍ଷ୍ୟ ଅଟନ୍ତି ଏହି ବିଶେଷତାକୁ ଦୃଷ୍ଟି ଦିଆଯାଇ ଭଗବଦ୍ ଗୀତା ମୌଳିକ ରୂପରେ ଅନୂଦିତ ହୋଇଛି ।

**-ପ୍ରକାଶକ**

# ପ୍ରାକ୍ କଥନ

ପ୍ରଥମତଃ ଏ ଗ୍ରନ୍ଥ ‘‘ଭଗବଦ୍ ଗୀତା ମୌଳିକ ରୂପରେ’’ ମୁଁ ଏହି ଆକାରରେ (ଯେଉଁ ଆକାରରେ ଏହା ବର୍ତ୍ତମାନ ପ୍ରକାଶ କରାଯାଇଛି) ଲେଖିଥିଲି । ଏ ଗ୍ରନ୍ଥଟି ଯେତେବେଳେ ପ୍ରଥମେ ପ୍ରକାଶିତ ହେଲା, ସେତେବେଳେ ଦୁର୍ଭାଗ୍ୟବଶତଃ ମୋର ମୂଳ ଲେଖା (ପାଣ୍ଡୁଲିପି)ରୁ ପ୍ରାୟ ୪୦୦ ପୃଷ୍ଠା କମ୍ କରିଦିଆଗଲା ।ସେଥିରେ ଚିତ୍ର ରହିଲା ନାହିଁ ଏବଂ କେତେକ ଶ୍ଳୋକର ବ୍ୟାଖ୍ୟା ମଧ୍ୟ ରଖାଯାଇ ନଥିଲା । ମୋର ଶ୍ରୀମଦ୍ ଭାଗବତମ୍, ଶ୍ରୀ ଈଶୋପନିଷଦ୍ ଆଦି ପୁସ୍ତକମାନଙ୍କରେ ମୁଁ ଏହି ଧାରା ଅନୁସରଣ କରେ-ପ୍ରଥମେ ମୂଳ ଶ୍ଳୋକ ରହେ, ତତ୍ପରେ ଶ୍ଳୋକଟିର ଇଂରାଜୀ ରୋମାନ ଟାଇପ୍ ଲେଖା ରହେ, ତତ୍ପରେ ଶବ୍ଦାନୁବାଦ ଅର୍ଥାତ୍ ସଂସ୍କୃତ ଶବ୍ଦର ଇଂରାଜୀ ଅନୁବାଦ ରହେ, ତତ୍ପରେ ଶ୍ଳୋକର ଅର୍ଥ ବା ଇଂରାଜୀ ଅନୁବାଦ ଏବଂ ଭାବାର୍ଥ ରହେ ।ଏତଦ୍ଦ୍ୱାରା ଗ୍ରନ୍ଥଟି ପ୍ରାମାଣିକ ଓ ପାଣ୍ଡିତ୍ୟପୂର୍ଣ୍ଣ ହୁଏ । ପୁନଶ୍ଚ ପାଠକ ଏହାକୁ ନିଜେ ନିଜେ ପାଠକରି କିଛି ବୁଝିପାରେ ।ଅର୍ଥାତ୍ ଅର୍ଥ ସହଜ-ବୋଧଗମ୍ୟ ହୋଇଯାଏ; ତେଣୁ ମୋର ମୌଳିକ ଲେଖା (ବା ପାଣ୍ଡୁଲିପି)ଟିକୁ ଯେତେବେଳେ ସଂକ୍ଷିପ୍ତ କରିଦିଆଗଲା, ସେତେବେଳେ ମୋତେ ବଡ଼ ଦୁଃଖ ଲାଗିଲା । ମୁଁ ଏଥିରେ ଖୁସି ହେଲି ନାହିଁ କିନ୍ତୁ ପରେ ଯେତେବେଳେ ଗ୍ରନ୍ଥ ‘‘ଭଗବଦ୍ ଗୀତା ମୌଳିକ ରୂପରେ’’-ଏହି ଗ୍ରନ୍ଥଟିର ଚାହିଦା ଖୁବ୍ ବଢ଼ିଲା, ସେତେବେଳେ ଅନେକ ଶିକ୍ଷିତ ଲୋକ, ପଣ୍ଡିତ ଏବଂ ଭକ୍ତଗଣ ଗ୍ରନ୍ଥଟିକୁ ମୌଳିକ ରୂପରେ ପ୍ରକାଶ କରିବା ନିମିତ୍ତ ମୋତେ ଅନୁରୋଧ କଲେ ଓ ମେସର୍ସ ମ୍ୟାକମିଲାନ୍ କମ୍ପାନୀ ସଂପୂର୍ଣ୍ଣ ଗ୍ରନ୍ଥଟିକୁ ପ୍ରକାଶ କରିବାକୁ ରାଜି ହୋଇଗଲା । ଏହିପରି କୃଷ୍ଣଭାବନା ଆନ୍ଦୋଳନକୁ ଅଧିକ ସୁସ୍ଥ ଓ ସମୃଦ୍ଧଭାବରେ ପ୍ରତିଷ୍ଠା କରିବା ନିମିତ୍ତ ଏହି ବିରାଟ ଜ୍ଞାନଗ୍ରନ୍ଥକୁ ପୂର୍ଣ୍ଣ ପରମ୍ପରାଲବ୍ଧ ବ୍ୟାଖ୍ୟା ସହ ପ୍ରକାଶ କରିବା ନିମିତ୍ତ ଚେଷ୍ଟା କରାଗଲା ।

ଆମ୍ଭମାନଙ୍କର କୃଷ୍ଣଭାବନା ଆନ୍ଦୋଳନ ମୌଳିକ ଭଗବଦ୍ ଗୀତାର ବାଣୀ ଉପରେ ଆଧାରିତ ହୋଇଥିବାରୁ ଏହା ଶୁଦ୍ଧ, ପବିତ୍ର ସ୍ୱାଭାବିକ ଓ ଦିବ୍ୟ ଆନ୍ଦୋଳନ ଅଟେ ।ଏହା ମଧ୍ୟ ଐତିହାସିକ ସ୍ୱୀକୃତି ଲାଭ କରିଅଛି ।ଏହା କ୍ରମଶଃ ସମଗ୍ର ପୃଥିବୀରେ ଏକ ଲୋକପ୍ରିୟ ଆନ୍ଦୋଳନ ହୋଇଉଠୁଛି; ବିଶେଷକରି ଯୁବକମାନଙ୍କ ମଧ୍ୟରେ ଏହା ଆଦୃତ ହେଉଅଛି । ଏହା ମଧ୍ୟ ବୟସ୍କମାନଙ୍କ ମଧ୍ୟରେ ଅଧିକରୁ ଅଧିକ ଲୋକପ୍ରିୟ ହୋଇଉଠୁଛି ।ବୃଦ୍ଧମାନେ ଏଥିପ୍ରତି ମଧ୍ୟ ଆଗ୍ରହୀ ହେଉଛନ୍ତି । ମୋର ଶିଷ୍ୟମାନଙ୍କର ପିତା ଓ ପିତାମହମାନେ ଆମର ଏ ଅନ୍ତଃରାଷ୍ଟ୍ରୀୟ କୃଷ୍ଣଭାବନା ସଂଘର ଆଜୀବନ ସଭ୍ୟ ହୋଇ ଆମ୍ଭମାନଙ୍କୁ ଉତ୍ସାହିତ କରୁଛନ୍ତି ।ଲସ୍ ଏଞ୍ଜେଲସ୍‌ରେ ଅନେକ ପିତାମାତା ଆସି ମୋ ନିକଟରେ ସେମାନଙ୍କର କୃତଜ୍ଞତା ଜ୍ଞାପନ କରନ୍ତି ।ସମଗ୍ର ପୃଥିବୀରେ କୃଷ୍ଣଭାବନା ଆନ୍ଦୋଳନ ପ୍ରଚାର କରୁଥିବାରୁ ସେମାନେ ଆସି ଆମ୍ଭମାନଙ୍କଠାରେ କୃତଜ୍ଞତା ପ୍ରକାଶ କରନ୍ତି । ସେମାନଙ୍କ ମଧ୍ୟରୁ କେତେକ କହନ୍ତି, ଏହା ଆମେରିକାନ୍‌ମାନଙ୍କର ବଡ଼

ଭାଗ୍ୟ ଯେ ମୁଁ ଆମେରିକାରେ ଆସି କୃଷ୍ଣଭାବନା ଆନ୍ଦୋଳନ ଆରମ୍ଭ କରିଛି; କିନ୍ତୁ ବାସ୍ତବରେ ଏ ଆନ୍ଦୋଳନର ମୌଳିକ ପିତା ହେଉଛନ୍ତି ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ, କାରଣ ଏହା ଖୁବ୍ ଦୀର୍ଘଦିନ ଆଗରୁ ଆରମ୍ଭ ହୋଇଛି । ଗୁରୁପରମ୍ପରା ମାଧ୍ୟମରେ ଏହା ମାନବ ସମାଜକୁ ଆସିଛି । ଯଦି ମୋର ଏଥିରେ କୌଣସି ବାହାଦୁରୀ ଥାଏ, ତାହାହେଲେ ତାହା ମୋର ନୁହେଁ; ବରଂ ତାହା ମୋର ଶାଶ୍ୱତ ଗୁରୁ ଶ୍ରୀ ଶ୍ରୀମଦ୍ ଓଁ ବିଷ୍ଣୁପାଦ ପରମହଂସ ପରିବ୍ରାଜକାଚାର୍ଯ୍ୟ ୧୦୮ ଶ୍ରୀ ଶ୍ରୀମଦ୍ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ମହାରାଜ ପ୍ରଭୁପାଦଙ୍କର ।

ଯଦି ବ୍ୟକ୍ତିଗତଭାବରେ ଏଥିରେ ମୋର କିଛି ବାହାଦୁରୀ ଥାଏ ତାହାହେଲେ ତାହା କେବଳ କୌଣସି ପ୍ରକାର ଅପମିଶ୍ରଣ ନ କରି ଭଗବଦ୍ ଗୀତାକୁ ମୌଳିକ ରୂପରେ ପ୍ରକାଶ କରିବାକୁ ଚେଷ୍ଟା କରିବା ବ୍ୟତୀତ ଆଉ କିଛି ନୁହେଁ । ମୁଁ ଏହି ଭଗବଦ୍ ଗୀତାକୁ ମୌଳିକ ରୂପରେ ପ୍ରକାଶ କରିବା ପୂର୍ବରୁ, ପ୍ରାୟ ଭଗବଦ୍ ଗୀତାର ସମସ୍ତ ଇଂରାଜୀ ସଂସ୍କରଣ ବ୍ୟକ୍ତିଗତ ଆକାଙ୍କ୍ଷା ପୂରଣ କରିବା ନିମିତ୍ତ ପ୍ରକାଶିତ ହୋଇସାରିଥିଲା; କିନ୍ତୁ ଭଗବଦ୍‌ଗୀତାକୁ ମୌଳିକ ରୂପରେ ପ୍ରକାଶ କରିବାର ଯେଉଁ ପ୍ରଚେଷ୍ଟା ଆମେ କରିଛୁ, ତାହାର ଉଦ୍ଦେଶ୍ୟ ହେଲା, ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ବାଣୀ ପ୍ରଚାର କରିବା । ଆମର କାମ ହେଲା କୃଷ୍ଣଙ୍କର ଇଚ୍ଛାକୁ ପ୍ରକାଶ କରିବା । ରାଜନୈତିକ ନେତା, ଦାର୍ଶନିକ କିମ୍ବା ବୈଜ୍ଞାନିକଙ୍କ ପରି ସାଂସାରିକ ମନୀଷୀମାନଙ୍କ ମହିମା ପ୍ରଚାର କରିବା ନୁହେଁ, କାରଣ ସେମାନଙ୍କର ସମସ୍ତ "ପାର୍ଥିବ ଜ୍ଞାନ" ସତ୍ତ୍ୱେ କୃଷ୍ଣ ସମ୍ବନ୍ଧୀୟ ଜ୍ଞାନ ଖୁବ୍ କମ୍ । ଯେତେବେଳେ କୃଷ୍ଣ କହିଛନ୍ତି, *"ମନ୍ମନାଭବ ମଦ୍‌ଭକ୍ତ ମଦ୍‌ଯାଜୀ ମାମ୍ ନମସ୍କୁରୁ"* ଇତ୍ୟାଦି ସେତେବେଳେ ତଥାକଥିତ ପଣ୍ଡିତମାନଙ୍କଠାରେ ଆମେ ଏକଥା କହୁନାହୁଁ ଯେ କୃଷ୍ଣ ଏବଂ ତାଙ୍କର ଅନ୍ତରାତ୍ମା ବିଭିନ୍ନ ବୋଲି । କୃଷ୍ଣ ହେଉଛନ୍ତି ପୂର୍ଣ୍ଣବ୍ରହ୍ମ ଏବଂ କୃଷ୍ଣଙ୍କର ନାମ, ରୂପ, ଗୁଣ ଓ ଲୀଳା ଆଦି ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଯେ ଗୁରୁପରମ୍ପରା ମାଧ୍ୟମରେ ଆସିନାହିଁ, ଅର୍ଥାତ୍ ପରମ୍ପରାନ୍ତର୍ଗତ ଭକ୍ତ ନୁହେଁ, ସେ କୃଷ୍ଣଙ୍କର ଏ ପୂର୍ଣ୍ଣବ୍ରହ୍ମ ସ୍ଥିତିକୁ ବୁଝିପାରିବ ନାହିଁ କିମ୍ବା ତାଙ୍କ ପକ୍ଷରେ ଏହା ବୁଝିବା କଷ୍ଟକର । ସାଧାରଣତଃ ତଥାକଥିତ ପଣ୍ଡିତ, ରାଜନୀତିଜ୍ଞ ନେତା, ଦାର୍ଶନିକ ଏବଂ ସ୍ୱାମୀଗଣ ଭଗବଦ୍ ଗୀତାର ଭାଷ୍ୟ ଲେଖିଲାବେଳେ କୃଷ୍ଣଙ୍କୁ ନିର୍ବାସନ କରିବାକୁ କିମ୍ବା ମାରି ଦେବାକୁ ଚେଷ୍ଟା କରନ୍ତି, କାରଣ ସେମାନଙ୍କର କୃଷ୍ଣଙ୍କ ସମ୍ବନ୍ଧରେ ପୂର୍ଣ୍ଣ ଜ୍ଞାନ ନ ଥାଏ । ଭଗବଦ୍ ଗୀତା ଉପରେ ଥିବା ଏ ପ୍ରକାର ଅସ୍ୱୀକୃତ ଭାଷ୍ୟକୁ ମାୟାବାଦୀ ଭାଷ୍ୟ କୁହାଯାଏ ଏବଂ ଶ୍ରୀଚୈତନ୍ୟ ମହାପ୍ରଭୁ ଆମ୍ଭମାନଙ୍କୁ ଏପ୍ରକାର ମାୟାବାଦୀମାନଙ୍କ କବଳକୁ ନ ଯିବାକୁ ଚେତାବନୀ ଶୁଣାଇଦେଇଛନ୍ତି । ଶ୍ରୀ ଚୈତନ୍ୟ ମହାପ୍ରଭୁ ପରିଷ୍କାର ଭାବରେ କହିଛନ୍ତି, ଯେଉଁ ଲୋକ ମାୟାବାଦୀମାନଙ୍କଠାରୁ ଭଗବଦ୍‌ଗୀତା ବୁଝିବାକୁ ଚେଷ୍ଟା କରେ, ସେ ଏକ ବିରାଟ ଭୁଲ୍ କରେ । ଏ ଭୁଲ୍‌ର ପରିଣାମ ହେବ ଏହା ଯେ ଭଗବଦ୍ ଗୀତାର ଭ୍ରାନ୍ତ ଛାତ୍ର ଦିବ୍ୟପଥରେ ପଥଭ୍ରଷ୍ଟ ହେବ ଏବଂ ଭଗବାନଙ୍କର ପରମଧାମ ବା ଭଗବାନଙ୍କ ନିକଟକୁ ଫେରିଯିବା ନିମିତ୍ତ ଆଦୌ ସକ୍ଷମ ହୋଇପାରିବ ନାହିଁ ।

ଏ ଭଗବଦ୍‌ଗୀତାକୁ ମୌଳିକ ରୂପରେ ପ୍ରକାଶ କରିବାର ଆମର ଏକମାତ୍ର ଉଦ୍ଦେଶ୍ୟ ହେଲା, ବଦ୍ଧଜୀବ ବା ଛାତ୍ରକୁ କୃଷ୍ଣଙ୍କର ଉଦ୍ଦେଶ୍ୟ ଜଣାଇବା । କୃଷ୍ଣ ଯେଉଁ ଉଦ୍ଦେଶ୍ୟରେ ବ୍ରହ୍ମାଙ୍କର ଏକ ଦିନ ମଧ୍ୟରେ ଅର୍ଥାତ୍ ପ୍ରତି ୮,୬୦୦,୦୦୦,୦୦୦ ବର୍ଷରେ ଥରେ ଏ ଧରାଧାମକୁ ଆସନ୍ତି, ସେହି ଉଦ୍ଦେଶ୍ୟ ଜ୍ଞାପନ କରିବା ହେଲା ଆମର ଏକମାତ୍ର ଲକ୍ଷ୍ୟ । ଏ ଉଦ୍ଦେଶ୍ୟ ଭଗବଦ୍‌ଗୀତାରେ ଜ୍ଞାପନ କରାଯାଇଅଛି ଏବଂ ଆମ୍ଭମାନଙ୍କୁ ତାହା ଅବିକୃତ ଭାବରେ ଗ୍ରହଣ କରିବାକୁ ହେବ; ଅନ୍ୟଥା ଭଗବଦ୍ ଗୀତାକୁ ଏବଂ ଗୀତାର ବକ୍ତା ଶ୍ରୀକୃଷ୍ଣଙ୍କୁ ବୁଝିବାର ଅନ୍ୟ ପନ୍ଥା ନାହିଁ । କୋଟି କୋଟି ବର୍ଷ ପୂର୍ବେ ଭଗବାନ୍ ଶ୍ରୀକୃଷ୍ଣ ସୂର୍ଯ୍ୟ ଦେବତାଙ୍କୁ ଭଗବଦ୍ ଗୀତା ପ୍ରଥମେ କହିଥିଲେ । ଆମକୁ ଏକଥା ସ୍ୱୀକାର କରିବାକୁ ହେବ ଏବଂ ଏହିପରି କୃଷ୍ଣଙ୍କର ବାଣୀ(ପ୍ରମାଣ ) ଅନୁଯାୟୀ କୌଣସି ଭ୍ରମାତ୍ମକ ବ୍ୟାଖ୍ୟା ନ କରି ଭଗବଦ୍‌ଗୀତାର ଐତିହାସିକତା ବୁଝିବାକୁ ପଡ଼ିବ । କୃଷ୍ଣଙ୍କର ପରମ ଇଚ୍ଛାକୁ ଗ୍ରହଣ ନ କରି ଭଗବଦ୍ ଗୀତାକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିବା ଏକ ମହାନ୍ ଅପରାଧ ଅଟେ । ଏହି ଅପରାଧରୁ ମୁକ୍ତ ହେବା ନିମିତ୍ତ ଯେପରି କୃଷ୍ଣଙ୍କର ପ୍ରଥମ ଛାତ୍ର ଅର୍ଜୁନ ଭଗବାନଙ୍କୁ ପରମପୁରୁଷ ଭଗବାନ୍ ରୂପେ ପ୍ରତ୍ୟକ୍ଷଭାବରେ ବୁଝିପାରିଲେ, ଠିକ୍ ସେହିପରି ଆମକୁ ବୁଝିବାକୁ ପଡ଼ିବ । ଭଗବଦ୍ ଗୀତାକୁ ଏହି ପ୍ରକାରେ ବୁଝିବା ବାସ୍ତବରେ ଲାଭଦାୟକ ଅଟେ ଏବଂ ଜୀବନର ଲକ୍ଷ୍ୟସାଧନ ଦିଗରେ ମାନବସମାଜର ମଙ୍ଗଳ ନିମିତ୍ତ ଏ ପ୍ରକାର ବୋଧଗମ୍ୟତା ହିଁ ପ୍ରାମାଣିକ ଅଟେ ।

ମାନବସମାଜରେ ଏ କୃଷ୍ଣଚେତନା ଆନ୍ଦୋଳନକୁ ପ୍ରସାର କରିବାର ଖୁବ୍ ଆବଶ୍ୟକତା ଅଛି, କାରଣ ଏହା ଜୀବନର ସର୍ବୋଚ୍ଚ ସିଦ୍ଧି ହିଁ ପ୍ରଦାନ କରେ । ଏହା କିପରି- ଏ କଥା ଭଗବଦ୍ ଗୀତାରେ ଭଲଭାବରେ ବୁଝାଇ ଦିଆଯାଇଅଛି; କିନ୍ତୁ ଦୁର୍ଭାଗ୍ୟର କଥା ଯେ ସଂସାରୀ ପଣ୍ଡିତ ବା ଭୌତିକବାଦୀ ପଣ୍ଡିତ (ଶାସ୍ତ୍ରଜ୍ଞ)ମାନେ ସେମାନଙ୍କର ଆସୁରୀ ଭାବଧାରାକୁ ପ୍ରଚ୍ର କରିବା ନିମିତ୍ତ ଭଗବଦ୍ ଗୀତାର ସୁଯୋଗ ନେଇଛନ୍ତି । ଲୋକମାନେ ଜୀବନର ସରଳ ଧାରାକୁ କିପରି ଭଲଭାବରେ ବୁଝିବେ- ଏହା ସେମାନେ ଲୋକମାନଙ୍କୁ ନ ବୁଝାଇ ସେମାନଙ୍କୁ ପଥଭ୍ରାନ୍ତ କରାଉଛନ୍ତି । ପ୍ରତ୍ୟେକେ ଜାଣିବା ଉଚିତ୍ ଯେ ଭଗବାନ୍ ବା ଶ୍ରୀକୃଷ୍ଣ କେଡ଼େ ମହାନ୍ ଏବଂ ଜୀବର ସ୍ୱରୂପ କ'ଣ । ପ୍ରତ୍ୟେକେ ଏ କଥାକୁ ବୁଝିବା ଉଚିତ୍ ଯେ ଜୀବ ହେଉଛି ଏକ ଶାଶ୍ୱତ ସେବକ ଏବଂ ଯେପର୍ଯ୍ୟନ୍ତ ମାନବ କୃଷ୍ଣଙ୍କର ସେବା ନ କରିଛି, ସେ ପର୍ଯ୍ୟନ୍ତ ସେ ଭୂତ ପ୍ରକୃତିର ତ୍ରିଗୁଣରେ ବନ୍ଧା ହୋଇ ବିଭିନ୍ନ ପ୍ରକାରେ ମାୟାର ସେବା ହିଁ କରିବ ଏବଂ ଏହିପରି ବ୍ୟକ୍ତି ଚିରନ୍ତନ ଭାବେ ଜନ୍ମ-ମୃତ୍ୟୁ ଚକ୍ରରେ ଘୁରିବୁଲିବ । ଏପରି କି ତଥାକଥିତ ମାୟାବାଦୀ ଦାର୍ଶନିକ ମଧ୍ୟ ଏ ଚକ୍ରରେ ଘୂରିବ । ଏହି ଜ୍ଞାନ ଏକ ବିରାଟ ବିଜ୍ଞାନ ଅଟେ ଏବଂ ପ୍ରତ୍ୟେକେ ନିଜର ଆତ୍ମୋନ୍ନତି ବା ମଙ୍ଗଳ ନିମିତ୍ତ ଏହାକୁ ଶ୍ରବଣ କରିବା ଉଚିତ୍ ।

ବିଶେଷକରି ଏ କଳିଯୁଗରେ ଲୋକମାନେ ସାଧାରଣତଃ କୃଷ୍ଣଙ୍କର ବହିରଙ୍ଗା ଶକ୍ତି ପ୍ରତି ଆକୃଷ୍ଟ ହୋଇପଡ଼ିଛନ୍ତି ଏବଂ ସେମାନେ ଭ୍ରମବଶତଃ ଭାବୁଛନ୍ତି ଯେ ଭୌତିକ

ସୁଖସମୃଦ୍ଧିର ଅଭିବୃଦ୍ଧି କରାଗଲେ ପ୍ରତ୍ୟେକ ଲୋକ ସୁଖୀ ହୋଇପାରିବ । ଏ ବହିରଙ୍ଗା ଶକ୍ତି ବା ଭୂତପ୍ରକୃତି ବଡ଼ ଶକ୍ତିଶାଳୀ । ପ୍ରତ୍ୟେକେ ଭୂତପ୍ରକୃତିର କଠିନ ନିୟମରେ ଖୁବ୍ ଦୃଢ଼ଭାବରେ ଆବଦ୍ଧ ହୋଇଛନ୍ତି । ସେମାନଙ୍କର ଏ ସମ୍ବନ୍ଧରେ ଜ୍ଞାନ ନାହିଁ ବା ସେମାନେ ଏକଥା ଜାଣନ୍ତି ନାହିଁ । ଜୀବ ଆନନ୍ଦମୟ ଭାବେ ଭଗବାନଙ୍କର ଅଂଶବିଶେଷ ଅଟେ ଏବଂ ଏହି ପ୍ରକାରେ ତା'ର ସ୍ୱାଭାବିକ କ୍ରିୟା ହେଉଛି ପ୍ରତ୍ୟକ୍ଷ ଭାବେ ଭଗବାନଙ୍କର ସେବା କରିବା; କିନ୍ତୁ ମାୟାର ମୋହିନୀ ଆକର୍ଷଣୀ ଯୋଗୁଁ ବ୍ୟକ୍ତି ବିଭିନ୍ନ ପ୍ରକାରେ ନିଜର ଇନ୍ଦ୍ରିୟଗଣଙ୍କୁ ସୁଖ ଦେବା ନିମିତ୍ତ ଚେଷ୍ଟା କରୁଛି ଏବଂ ତଦ୍ଦ୍ୱାରା ସୁଖୀ ହେବାକୁ ଭାବୁଛି; କିନ୍ତୁ ତଦ୍ଦ୍ୱାରା ସେ କଦାପି ସୁଖୀ ହୋଇପାରିବ ନାହିଁ । ବ୍ୟକ୍ତି ନିଜର ଇନ୍ଦ୍ରିୟମାନଙ୍କୁ ସୁଖ ଦେବା ପରିବର୍ତ୍ତେ ଭଗବାନଙ୍କର ଇନ୍ଦ୍ରିୟମାନଙ୍କୁ ସୁଖ ଦେବାକୁ ଚେଷ୍ଟା କରିବା ଉଚିତ୍ । ତାହା ହେଉଛି ଜୀବନର ସର୍ବୋଚ୍ଚ ସିଦ୍ଧି । ଭଗବାନ୍ ଏହା ଚାହାନ୍ତି ଏବଂ ତୁମଠାରୁ ଏହା ଦାବୀ କରନ୍ତି । ବ୍ୟକ୍ତିକୁ ଭଗବଦ୍ ଗୀତାର ଏ ମୁଖ୍ୟ କଥାଟିକୁ ବୁଝିବାକୁ ପଡ଼ିବ । ଆମର କୃଷ୍ଣଭାବନା ସଂଘ ସମଗ୍ର ପୃଥିବୀକୁ ଏଇ ମୁଖ୍ୟ କଥାଟିକୁ ଶିକ୍ଷା ଦେବା ନିମିତ୍ତ ଆନ୍ଦୋଳନ ଚଳାଇଛି । ଆମ୍ଭେମାନେ ଭଗବଦ୍ ଗୀତାର ଏହି ଶିକ୍ଷାରେ କୌଣସି ପ୍ରକାର ଅପମିଶ୍ରଣ କରୁନାହୁଁ କିମ୍ବା ଏହାକୁ ଦୂଷିତ କରୁନାହୁଁ; ତେଣୁ ଯେ ଭଗବଦ୍ ଗୀତା ପାଠ କରି ଲାଭ ପାଇବାକୁ ଖୁବ୍ ନିଷ୍ଠାର ସହିତ ଇଚ୍ଛା କରେ, ସେ ଭଗବଦ୍ ଗୀତାର ବାସ୍ତବ ଶିକ୍ଷାକୁ ଲାଭ କରିବା ନିମିତ୍ତ କୃଷ୍ଣଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆମର ଏ କୃଷ୍ଣଚେତନା ଆନ୍ଦୋଳନରୁ ସାହାଯ୍ୟ ଗ୍ରହଣ କରିବା ଉଚିତ୍ । ତେଣୁ ଆମ୍ଭେମାନେ ଆଶା କରୁଛୁ ଯେ ଲୋକମାନେ "ଭଗବଦ୍ ଗୀତା ମୌଳିକ ରୂପରେ" ଏହି ଗ୍ରନ୍ଥଟିକୁ ଆମେ ଯେପରି ପ୍ରକାଶ କରିଛୁ, ତାହାକୁ ପାଠ କରି ସର୍ବୋଚ୍ଚ ଲାଭ ହାସଲ କରିବା ଉଚିତ୍ ଏବଂ ଏତଦ୍ଦ୍ୱାରା ଜଣେ ବ୍ୟକ୍ତି ଯଦି ଭଗବାନଙ୍କର ଶୁଦ୍ଧଭକ୍ତ ହୋଇପାରିଲା, ତାହାହେଲେ, ଆମ୍ଭମାନଙ୍କର ଏ ପ୍ରଚେଷ୍ଟା ସଫଳ ହେଲା ବୋଲି ଆମେ ଭାବିବୁ ।




ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ

୧୨ ମେ, ୧୯୭୧
ସିଡ୍‌ନି, ଅଷ୍ଟ୍ରେଲିଆ

# ଉପକ୍ରମଣିକା

*ଓଁ  ଅଜ୍ଞାନ  ତିମିରାନ୍ଧସ୍ୟ  ଜ୍ଞାନାଞ୍ଜନ  ଶଳାକୟା ।*
*ଚକ୍ଷୁର୍ ଉନ୍ମୀଳିତଂ ଯେନ ତସ୍ମୈ ଶ୍ରୀ ଗୁରବେ ନମଃ ।।*
*ଶ୍ରୀଚୈତନ୍ୟ ମନୋଽଭୀଷ୍ଟମ୍ ସ୍ଥାପିତମ୍ ଯେନ ଭୂତଳେ ।*
*ସ୍ୱୟଂ ରୂପଃ କଦା ମହ୍ୟମ୍ ଦଦାତି ସ୍ୱ ପଦାନ୍ତିକଂ ।।*

ମୁଁ ଘନଅନ୍ଧକାର-ଅଜ୍ଞାନାନ୍ଧକାର ମଧ୍ୟରେ ଜନ୍ମ ହୋଇଥିଲି ଏବଂ ମୋର ଗୁରୁ ଜ୍ଞାନାଲୋକ ଦ୍ୱାରା ମୋର ଚକ୍ଷୁ ଖୋଲିଦେଲେ । ମୁଁ ତାଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି । ଯେଉଁ ଶ୍ରୀଲ ରୂପଗୋସ୍ୱାମୀ ପ୍ରଭୁପାଦ ଏ ଭୌତିକ ଦୁନିଆରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଲକ୍ଷ୍ୟପୂରଣ କରିବା ନିମିତ୍ତ ଏହି ଜ୍ଞାନ ସଂସ୍ଥାପନ କରିଯାଇଛନ୍ତି, ସେ କେବେ ତାଙ୍କ ପାଦପଦ୍ମରେ ମୋତେ ଆଶ୍ରୟ ଦେବେ ?

*ବନ୍ଦେଽହଂ ଶ୍ରୀଗୁରୋଃ ଶ୍ରୀଯୁତ ପଦକମଳଂ ଶ୍ରୀଗୁରୁନ ବୈଷ୍ଣବାଂଶ୍ଚ ।*
*ଶ୍ରୀ ରୂପମ୍ ସାଗ୍ରଜାତମ୍ ସହଗଣ-ରଘୁନାଥନ୍ୱିତଂ ତଂ ସଜୀବମ୍ ।।*
*ସାଦ୍ୱୈତଂ ସାବଧୂତଂ ପରିଜନ ସହିତଂ କୃଷ୍ଣ-ଚୈତନ୍ୟ ଦେବମ୍ ।*
*ଶ୍ରୀରାଧା-କୃଷ୍ଣ ପାଦାନ୍ ସହଗଣ-ଲଳିତା ଶ୍ରୀବିଶାଖାନ୍ୱିତାଂଶ୍ଚ ।।*

ମୋର ଶ୍ରୀଗୁରୁଙ୍କର ପାଦପଦ୍ମରେ ଏବଂ ସମସ୍ତ ବୈଷ୍ଣବଙ୍କର ପାଦପଦ୍ମରେ ମୁଁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି । ଶ୍ରୀଳ ରୂପଗୋସ୍ୱାମୀ, ତାଙ୍କର ଜ୍ୟେଷ୍ଠଭ୍ରାତ ଶ୍ରୀଳ ସନାତନ ଗୋସ୍ୱାମୀ, ଶ୍ରୀ ରଘୁନାଥ ଦାସ ଗୋସ୍ୱାମୀ, ଶ୍ରୀ ରଘୁନାଥ ଭଟ୍ଟ, ଶ୍ରୀ ଗୋପାଳ ଭଟ୍ଟ ଏବଂ ଶ୍ରୀ ଜୀବଗୋସ୍ୱାମୀଙ୍କର ପାଦପଦ୍ମରେ ମୁଁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି । ଶ୍ରୀ ଅଦ୍ୱୈତ ଆଚାର୍ଯ୍ୟ, ଗଦାଧର, ଶ୍ରୀବାସ ଓ ଅନ୍ୟ ସାଥିଗଣଙ୍କ ସହ ଶ୍ରୀକୃଷ୍ଣ-ଚୈତନ୍ୟ ଏବଂ ଶ୍ରୀ ନିତ୍ୟାନନ୍ଦ ପ୍ରଭୁଙ୍କୁ

ମୁଁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି । ଶ୍ରୀ ଲଳିତା ଓ ଶ୍ରୀ ବିଶାଖା ଆଦି ସଖୀବୃନ୍ଦଙ୍କ ସହ ଶ୍ରୀମତୀ ରାଧାରାଣୀ ଏବଂ ଶ୍ରୀକୃଷ୍ଣଙ୍କୁ ମୁଁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।

*ହେ କୃଷ୍ଣ କରୁଣାସିନ୍ଧୋ ଦୀନବନ୍ଧୋ ଜଗତ୍‌ପତେ ।*
*ଗୋପେଶ ଗୋପିକା-କାନ୍ତ ରାଧାକାନ୍ତ ନମସ୍ତୁତେ ।।*

ହେ ପ୍ରିୟ କୃଷ୍ଣ !ଆପଣ ଦୁଃଖୀର ବନ୍ଧୁ ଏବଂ ସୃଷ୍ଟିର ମୂଳ ଅଟନ୍ତି । ଆପଣ ଗୋପୀମାନଙ୍କର ପ୍ରଭୁ ଏବଂ ଶ୍ରୀମତୀ ରାଧାରାଣୀଙ୍କର ପ୍ରେମିକ ଅଟନ୍ତି । ମୁଁ ଆପଣଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।

*ତପ୍ତକାଞ୍ଚନ ଗୌରାଙ୍ଗୀ ରାଧେ ବୃନ୍ଦାବନେଶ୍ୱରୀ ।*
*ବୃଷଭାନୁ ସୁତେ ଦେବୀ ପ୍ରଣମାମି ହରିପ୍ରିୟେ ।।*

ମୁଁ ସେହି ଶ୍ରୀମତୀ ରାଧାରାଣୀଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି, ଯାହାଙ୍କର ଶରୀରକାନ୍ତି ଆଉଟା ସୁନାଭଳି ଏବଂ ଯେ କି ବୃନ୍ଦାବନର ଅଧୀଶ୍ୱରୀ ଅଟନ୍ତି ।

ହେ ଶ୍ରୀମତୀ ରାଧାରାଣୀ ! ଆପଣ ରାଜା ବୃଷଭାନୁଙ୍କର କନ୍ୟା ଏବଂ ଆପଣ ଭଗବାନ୍ ଶ୍ରୀକୃଷ୍ଣଙ୍କର ଅତି ପ୍ରିୟ ।

*ବାଞ୍ଛାକଳ୍ପତରୁଭ୍ୟଶ୍ଚ କୃପାସିନ୍ଧୁଭ୍ୟ ଏବ ଚ ।*
*ପତିତାନାମ୍ ପାବନେଭ୍ୟୋ ବୈଷ୍ଣବେଭ୍ୟୋ ନମୋନମଃ ।।*

ଭଗବାନଙ୍କର ଯେଉଁ ବୈଷ୍ଣବ ଭକ୍ତଗଣ ବାଞ୍ଛାକଳ୍ପତରୁ ସଦୃଶ ସମସ୍ତଙ୍କର କାମନା ପୂରଣ କରିପାରନ୍ତି ଏବଂ ଯେଉଁମାନେ ପତିତ ଜୀବମାନଙ୍କ ପ୍ରତି ଅତ୍ୟନ୍ତ ସହାନୁଭୂତିଶୀଳ, ସେହି ଭକ୍ତ ବୈଷ୍ଣବଗଣଙ୍କୁ ମୁଁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।

*ଶ୍ରୀକୃଷ୍ଣ ଚୈତନ୍ୟ, ପ୍ରଭୁ ନିତ୍ୟାନନ୍ଦ,*
*ଶ୍ରୀ ଅଦ୍ୱୈତ, ଗଦାଧର, ଶ୍ରୀବାସାଦି ଗୌରଭକ୍ତବୃନ୍ଦ ।*

ମୁଁ ଶ୍ରୀକୃଷ୍ଣ ଚୈତନ୍ୟ, ପ୍ରଭୁ ନିତ୍ୟାନନ୍ଦ, ଶ୍ରୀ ଅଦ୍ୱୈତ, ଗଦାଧର, ଶ୍ରୀବାସ ଏବଂ ଅନ୍ୟ ସମସ୍ତ ଭକ୍ତଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।

*ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।*
*ହରେରାମ ହରେରାମ ରାମ ରାମ ହରେ ହରେ ।।*

ଭଗବଦ୍‌ଗୀତା ମଧ୍ୟ ଗୀତୋପନିଷଦ୍ ନାମରେ ପରିଚିତ । ଏହା ବୈଦିକ ଜ୍ଞାନର ସାରକଥା ଏବଂ ବୈଦିକ ସାହିତ୍ୟରେ ଥିବା ଏକ ବିଶିଷ୍ଟ ଉପନିଷଦ୍ ଅଟେ । ଅବଶ୍ୟ ଇଂରାଜୀରେ ଭଗବଦ୍‌ଗୀତା ଉପରେ ଭାଷ୍ୟ ସମ୍ବଳିତ ଅନେକ ଗ୍ରନ୍ଥ ଅଛି; ତେଣୁ କେହି ଏ ପ୍ରଶ୍ନ କରିପାରେ ଯେ, ଆଉ ଅଧିକର ଆବଶ୍ୟକତା କ'ଣ ଅଛି ? ଏ ସଂସ୍କରଣର ଉଦ୍ଦେଶ୍ୟ ନିମ୍ନମତେ କୁହାଯାଇପାରେ । ଏବେ ଜଣେ ଆମେରିକାନ୍ ଭଦ୍ରମହିଳା ମୋତେ ପଚାରିଲେ, ଇଂରାଜୀରେ ଥିବା କେଉଁ ଭଗବଦ୍ ଗୀତାକୁ ପାଠ କରିବାକୁ ମୁଁ ଅନୁମୋଦନ କରିବି ? ଅବଶ୍ୟ ଆମେରିକାରେ ଭଗବଦ୍ ଗୀତାର ଅନେକ ଇଂରାଜୀ ସଂସ୍କରଣ ଅଛି; କିନ୍ତୁ ମୁଁ ଯେତେଦୂର ଜାଣେ, କେବଳ

ଯେ ଆମେରିକାରେ ଏପରି ଅଛି, ତାହା ନୁହେଁ; ଭାରତରେ ମଧ୍ୟ ଭଗବଦ୍ ଗୀତାର ଏପରି କୌଣସି ଶୁଦ୍ଧ ସଂସ୍କରଣ ନାହିଁ; ଯାହାକୁ କି ଆମେ ପ୍ରାମାଣିକ ବୋଲି କହିପାରିବା; କାରଣ ପ୍ରାୟ ପ୍ରତ୍ୟେକଟିରେ ଭାଷ୍ୟକାର ଭଗବଦ୍ ଗୀତାର ପ୍ରକୃତ ତତ୍ତ୍ୱକୁ ସ୍ପର୍ଶ ନ କରି ତା'ର ନିଜ ମତ ହିଁ ଭର୍ତ୍ତି କରିଛି ।

ଭଗବଦ୍‌ଗୀତାର ପ୍ରକୃତ ତତ୍ତ୍ୱ କ'ଣ, ତାହା ଭଗବଦ୍ ଗୀତାରେ ହିଁ କୁହାଯାଇଅଛି । ଏହା ଠିକ୍ ନିମ୍ନମତେ ଅଟେ :

ଆମେ ଯଦି କୌଣସି ଔଷଧ ବ୍ୟବହାର କରିବାକୁ ଯାଉ, ତାହାହେଲେ ଔଷଧ ଥିବା ଡବା ଉପରେ ଯେଉଁ ନିର୍ଦ୍ଦେଶ ବା ବ୍ୟବହାର ବିଧି ଲେଖାହୋଇ ମରା ହୋଇଥାଏ, ତାହାକୁ ଆମକୁ ପାଳନ କରିବାକୁପଡ଼େ । ଆମେ ଆମ ମନଇଚ୍ଛା କିମ୍ବା ଆମ ବନ୍ଧୁଙ୍କର ନିର୍ଦ୍ଦେଶ ଅନୁଯାୟୀ ଔଷଧ ବ୍ୟବହାର କରିପାରିବା ନାହିଁ । ଯେଉଁ ନିର୍ଦ୍ଦେଶ ଔଷଧ ଡବା ଉପରେ ଛପାହୋଇ ମରାଯାଇଥାଏ, ତାହାକୁ ଆମକୁ ଗ୍ରହଣ କରିବାକୁ ହେବ କିମ୍ବା ଜଣେ ଡାକ୍ତରଙ୍କ ନିର୍ଦ୍ଦେଶ ଗ୍ରହଣ କରିବାକୁ ପଡ଼ିବ । ଠିକ୍ ସେହିପରି ଭଗବଦ୍ ଗୀତାର ବକ୍ତା ଯେପରି ନିର୍ଦ୍ଦେଶ ଦେଇଛନ୍ତି, ସେହିପରି ଭାବରେ ଆମକୁ ଭଗବଦ୍ ଗୀତାକୁ ଗ୍ରହଣ କରିବାକୁ ପଡ଼ିବ । ଭଗବଦ୍ ଗୀତାର ବକ୍ତା ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ ଅଟନ୍ତି । ଗୀତାର ପ୍ରତ୍ୟେକ ପୃଷ୍ଠାରେ ସେ ପରମପୁରୁଷ ଭଗବାନ ରୂପେ ବର୍ଣ୍ଣିତ ହୋଇଛନ୍ତି । ଅବଶ୍ୟ ବେଳେ ବେଳେ କୌଣସି ଶକ୍ତିଶାଳୀ ଦେବତା କିମ୍ବା ଶକ୍ତିଶାଳୀ ମାନବ ନିମିତ୍ତ ''ଭଗବାନ୍'' ଶବ୍ଦ ବ୍ୟବହାର କରାଯାଇଥାଏ; କିନ୍ତୁ ଏ କଥା ନିଶ୍ଚିତ ଯେ, ଏଠାରେ 'ଭଗବାନ' ଶବ୍ଦ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ନିମିତ୍ତ ବ୍ୟବହାର କରାଯାଇଅଛି । କିନ୍ତୁ ତଦ୍ ସଙ୍ଗେ ସଙ୍ଗେ ଆମ୍ଭମାନଙ୍କୁ ଏହା ଜାଣିରଖିବାକୁ ହେବ ଯେ ଶ୍ରୀକୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍; କାରଣ ଏହା ଶଙ୍କରାଚାର୍ଯ୍ୟ, ରାମାନୁଜାଚାର୍ଯ୍ୟ, ମଧ୍ୱାଚାର୍ଯ୍ୟ, ନିମ୍ବାର୍କ ସ୍ୱାମୀ, ଶ୍ରୀ ଚୈତନ୍ୟ ମହାପ୍ରଭୁ ପ୍ରଭୃତି ଅନେକ ବିଶିଷ୍ଟ ଆଚାର୍ଯ୍ୟ ଓ ଭାରତରେ ଥିବା ଅନେକ ବେଦଜ୍ଞ ପଣ୍ଡିତ ଏହା ସ୍ୱୀକାର କରିଯାଇଛନ୍ତି । ଭଗବାନ୍ ନିଜେ ଭଗବଦ୍ ଗୀତାରେ ନିଜକୁ ଭଗବାନ୍ ବୋଲି କହିଯାଇଛନ୍ତି ଏବଂ ବ୍ରହ୍ମସଂହିତା ଓ ଅନ୍ୟ ସମସ୍ତ ପୁରାଣ, ବିଶେଷକରି ଭାଗବତ ମହାପୁରାଣ ନାମରେ ପରିଚିତ ଶ୍ରୀମଦ୍ ଭାଗବତରେ ସେ ଭଗବାନ୍ ବୋଲି ସ୍ୱୀକୃତ ହୋଇଛନ୍ତି (କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ); ତେଣୁ ସ୍ୱୟଂ ପରମପୁରୁଷ ଭଗବାନ୍ ଭଗବଦ୍ ଗୀତାକୁ ବୁଝିବାକୁ ଯେଉଁ ପ୍ରଣାଳୀ ବତାଇଛନ୍ତି, ସେହି ଅନୁଯାୟୀ ଆମ୍ଭେମାନେ ଏହାକୁ ଗ୍ରହଣ କରିବା ଉଚିତ୍ ।

ଗୀତାର ଚତୁର୍ଥ ଅଧ୍ୟାୟରେ ଭଗବାନ୍ କହିଛନ୍ତି :

*୧. ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନ୍ ଅହମ୍ ଅବ୍ୟୟଂ ।*
*ବିବସ୍ୱାନ୍ ମନବେ ପ୍ରାହ ମନୁର୍ ଇକ୍ଷ୍ୱାକବେଽବ୍ରବୀତ୍ ।।*

*୨. ଏବଂ ପରମ୍ପରା ପ୍ରାପ୍ତମ୍ ଇମଂ ରାଜର୍ଷୟୋ ବିଦୁଃ ।*
*ସ କାଳେନେହ ମହତା ଯୋଗୋ ନଷ୍ଟଃ ପରନ୍ତପ ।।*

*୩. ସ ଏବାୟଂ ମୟା ତେଽଦ୍ୟ ଯୋଗଃ ପ୍ରୋକ୍ତଃ ପୁରାତନଃ ।*
*ଭକ୍ତୋଽସି ମେ ସଖା ଚେତି ରହସ୍ୟମ୍ ହି ଏତଦ୍ ଉତ୍ତମମ୍ ।।*

ଏଠାରେ ଭଗବାନ୍ ଅର୍ଜୁନଙ୍କୁ କହିଛନ୍ତି ଯେ ଏହି ଯୋଗବିଧି ଅର୍ଥାତ୍ ଭଗବଦ୍ ଗୀତା ସେ ପ୍ରଥମେ ସୂର୍ଯ୍ୟଦେବତାଙ୍କୁ କହିଥିଲେ ଏବଂ ସୂର୍ଯ୍ୟଦେବତା ଏହାକୁ ମନୁଙ୍କୁ କହିଲେ ଓ ମନୁ, ଇକ୍ଷ୍ୱାକଙ୍କୁ କହିଲେ ଏବଂ ଏହି ପ୍ରକାରେ ଗୁରୁପରମ୍ପରା କ୍ରମେ ଗୋଟିଏ ଗୋଟିଏ ବକ୍ତା ଅନ୍ୟକୁ କହିଲା ଭଳି, ଏ ଯୋଗବିଧି କ୍ରମେ ଆମ ପାଖକୁ ଚାଲିଆସିଛି; କିନ୍ତୁ କାଳକ୍ରମେ ଏହା ଭାଙ୍ଗିଗଲା । ଫଳତଃ ଭଗବାନଙ୍କୁ ଏହା ପୁନର୍ବାର କହିବାକୁ ପଡୁଛି । ସେ ଏଥର ଏହାକୁ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଅର୍ଜୁନଙ୍କୁ କହୁଛନ୍ତି ।

ସେ ଅର୍ଜୁନଙ୍କୁ କହୁଛନ୍ତି ଯେ ସେ ତାଙ୍କୁ ପରମ ଗୁପ୍ତଜ୍ଞାନ କଥା କହୁଛନ୍ତି, କାରଣ ସେ ହେଉଛନ୍ତି ତାଙ୍କର ଭକ୍ତ ଏବଂ ସଖା । ଏହାର ତାତ୍ପର୍ଯ୍ୟ ହେଲା ଭଗବଦ୍‌ଗୀତା ବିଶେଷକରି ଭଗବାନଙ୍କର ଭକ୍ତ ନିମିତ୍ତ ଉଦ୍ଦିଷ୍ଟ ।

ତିନିପ୍ରକାର ଯୋଗୀ ଅଛନ୍ତି; ଯଥା—ଜ୍ଞାନୀ (ଅର୍ଥାତ୍ ନିର୍ବିଶେଷବାଦୀ), ଯୋଗୀ (ଅର୍ଥାତ୍ ଧ୍ୟାନ ଯୋଗୀ) ଏବଂ ଭକ୍ତ । ଏଠାରେ ଭଗବାନ୍ ପରିଷ୍କାର ଭାବରେ ଅର୍ଜୁନଙ୍କୁ କହୁଛନ୍ତି ଯେ ସେ ବର୍ତ୍ତମାନ ଏକ ନୂତନ ପରମ୍ପରା ତାଙ୍କଠାରୁ ହିଁ ଆରମ୍ଭ କରୁଛନ୍ତି, କାରଣ ପୁରାତନ ପରମ୍ପରାଟି ଭାଙ୍ଗିଯାଇଛି । ଏହା ଭଗବାନଙ୍କର ଇଚ୍ଛା ଯେ ଯେଉଁ ପରମ୍ପରା ସୂର୍ଯ୍ୟଦେବତା ବିବସ୍ୱାନଙ୍କଠାରୁ ଆରମ୍ଭ ହୋଇଥିଲା, ସେହିଭଳି ଆଉ ଏକ ପରମ୍ପରା ଆରମ୍ଭ କରିବା ଏବଂ ଏହା ତାଙ୍କର ଇଚ୍ଛା ଯେ ତାଙ୍କର ଏ ବାଣୀ ନୂତନ ଭାବରେ ଅର୍ଜୁନଙ୍କ ଦ୍ୱାରା ଚାରିଆଡ଼େ ବିତରିତ ହେବ । ଅର୍ଜୁନ ଭଗବଦ୍ ଗୀତାକୁ ଭଲରକମ ବୁଝି ସେଥିରେ ଅଧିକାରୀ ହେବାକୁ ସେ ଇଚ୍ଛା କରୁଥିଲେ; ତେଣୁ ଆମ୍ଭେମାନେ ଦେଖୁଛୁ, ଅର୍ଜୁନଙ୍କୁ ଭଗବଦ୍ ଗୀତା ଶିକ୍ଷା ଦିଆଗଲା, କାରଣ ଅର୍ଜୁନ ହେଉଛନ୍ତି ଭଗବାନଙ୍କର ଜଣେ ପରମ ଭକ୍ତ, ତାଙ୍କର ପ୍ରତ୍ୟକ୍ଷ ଶିଷ୍ୟ ଏବଂ ତାଙ୍କର ଅତି ଅନ୍ତରଙ୍ଗ ବନ୍ଧୁ । ତେଣୁ ଯେଉଁ ବ୍ୟକ୍ତିଠାରେ ଅର୍ଜୁନଙ୍କ ଭଳି ଗୁଣ ଅଛି, ସେହିଁ ଭଗବଦ୍ ଗୀତାକୁ ଭଲରୂପେ ବୁଝିପାରିବ । ଏହାର ଅର୍ଥ ହେଲା ସେ ବ୍ୟକ୍ତି ଭଗବାନଙ୍କର ଭକ୍ତ ହୋଇଥିବ, ଅର୍ଥାତ୍ ପ୍ରତ୍ୟକ୍ଷଭାବେ ଭଗବାନଙ୍କ ସହ ସମ୍ବନ୍ଧଯୁକ୍ତ ହୋଇଥିବା ବ୍ୟକ୍ତି ଭଗବାନଙ୍କର ଭକ୍ତ ହେବାକ୍ଷଣି ଭଗବାନଙ୍କ ସହ ତା'ର ଏକ ପ୍ରତ୍ୟକ୍ଷ ସମ୍ବନ୍ଧ ସ୍ଥାପିତ ହୋଇଯାଏ । ତାହା ହେଉଛି ଏକ ବିରାଟ ବିଷୟବସ୍ତୁ; କିନ୍ତୁ ସଂକ୍ଷେପରେ ଏତିକି କୁହାଯାଇପାରେ ଯେ ବ୍ୟକ୍ତି ପରମପୁରୁଷ ଭଗବାନଙ୍କର ଭକ୍ତ ହେଲେ ନିମ୍ନଲିଖିତ ପାଞ୍ଚ ପ୍ରକାର ସମ୍ବନ୍ଧ ମଧ୍ୟରୁ ନିଶ୍ଚୟ ଗୋଟିଏ ପ୍ରକାର ସମ୍ବନ୍ଧରେ ସମ୍ବନ୍ଧିତ ହେବ :

୧. କେହି ଶାନ୍ତ ଭାବରେ ସମ୍ବନ୍ଧିତ ଭକ୍ତ ହୋଇପାରେ ।
୨. କେହି ଦାସ ଭାବରେ (ସର୍ବଦା କୃଷ୍ଣଙ୍କ ନିମିତ୍ତ କର୍ମରତ ହୋଇ) ଭକ୍ତ ହୋଇପାରେ ।
୩. କେହି ସଖା ବା ବନ୍ଧୁ ଭାବରେ ଭକ୍ତ ହୋଇପାରେ ।
୪. କେହି ବାତ୍ସଲ୍ୟ ଭାବ (ଅର୍ଥାତ୍ ପିତାମାତା ସମ୍ବନ୍ଧ)ରେ ଭକ୍ତ ହୋଇପାରେ ।
୫. କେହି କାନ୍ତା ଭାବରେ ଭକ୍ତ ହୋଇପାରେ ।

ଅର୍ଜୁନ ଭଗବାନଙ୍କ ସାଥିରେ ସଖା ଭାବରେ ସମ୍ବନ୍ଧିତ ହୋଇଥିଲେ । ଅବଶ୍ୟ କୃଷ୍ଣ ଓ ଅର୍ଜୁନଙ୍କର ସଖ୍ୟଭାବ ବା ବନ୍ଧୁତା ଏବଂ ଭୌତିକ ଜଗତରେ ଦେଖାଯାଉଥିବା ବନ୍ଧୁତା ମଧ୍ୟରେ ଆକାଶପାତାଳ ପ୍ରଭେଦ ଅଛି । ଏ ବନ୍ଧୁତା (କୃଷ୍ଣ ଓ ଅର୍ଜୁନଙ୍କ ବନ୍ଧୁତା) ଦିବ୍ୟଭାବାପନ୍ନ ବନ୍ଧୁତା ଅଟେ, ଯାହା କି ଅନ୍ୟ ପକ୍ଷରେ ସମ୍ଭବପର ହୋଇ ନ ପାରେ । ଅବଶ୍ୟ ପ୍ରତ୍ୟେକଙ୍କର ଭଗବାନଙ୍କ ସହିତ ଏକ ନିର୍ଦ୍ଦିଷ୍ଟ ସମ୍ପର୍କ ଅଛି ଏବଂ ସେ ସମ୍ପର୍କ ଭକ୍ତିଯୋଗର ପୂର୍ଣ୍ଣତା ଉପରେ ନିର୍ଭର କରେ ଏବଂ ସେହି ସ୍ତରରେ ତାହା ବ୍ୟକ୍ତିଠାରେ ଉଦ୍ରେକ ହୁଏ, କିନ୍ତୁ ଆମ ଜୀବନର ବର୍ତ୍ତମାନ ଅବସ୍ଥାରେ ଆମ୍ଭେମାନେ ଯେ କେବଳ ଭଗବାନଙ୍କୁ ଭୁଲିଯାଇଛେ, ତାହା ନୁହେଁ, ଭଗବାନଙ୍କ ସହ ଥିବା ଆମର ଶାଶ୍ୱତ ସମ୍ବନ୍ଧକୁ ମଧ୍ୟ ଭୁଲିଯାଇଛେ । ଲକ୍ଷ ଲକ୍ଷ ଜୀବଙ୍କ ମଧ୍ୟରୁ ପ୍ରତ୍ୟେକ ଜୀବର ଭଗବାନଙ୍କ ସହ ଶାଶ୍ୱତଭାବେ ଏକ ନିର୍ଦ୍ଦିଷ୍ଟ ସମ୍ବନ୍ଧ ଅଛି, ତାହାକୁ ସ୍ୱରୂପ କୁହାଯାଏ । ଭକ୍ତିଯୋଗରେ ବ୍ୟକ୍ତି ସେ ସ୍ୱରୂପକୁ ପୁନର୍ଜାଗରିତ କରିପାରେ ଏବଂ ତାହାକୁ ସ୍ୱରୂପ ସ୍ଥିତି କୁହାଯାଏ- ତାହା ହେଉଛି ବ୍ୟକ୍ତିର ସ୍ୱରୂପ ସ୍ଥିତିର ପୂର୍ଣ୍ଣାବସ୍ଥା; ତେଣୁ ଅର୍ଜୁନ ଜଣେ ଭକ୍ତ ଥିଲେ ଏବଂ ସେ ଭଗବାନଙ୍କ ସହ ସଖା ବନ୍ଧୁଭାବରେ ସମ୍ବନ୍ଧିତ ହୋଇଥିଲେ ।

ଅର୍ଜୁନ କିପରି ଭଗବଦ୍ ଗୀତାକୁ ଗ୍ରହଣ କଲେ, ତାହା ଜାଣିରଖିବା ଉଚିତ୍ । ଦଶମ ଅଧ୍ୟାୟରେ ଏହା ଦିଆଯାଇଅଛି, ଅର୍ଜୁନ ଉବାଚ :

*(୧୨) ପରଂବ୍ରହ୍ମ ପରଂଧାମ ପବିତ୍ରଂ ପରମଂ ଭବାନ୍ ।*
*ପୁରୁଷଂ ଶାଶ୍ୱତଂ ଦିବ୍ୟମ୍ ଆଦିଦେବଂ ଅଜଂ ବିଭୁମ୍ ।।*
*(୧୩) ଆହୁସ୍ ତ୍ୱାଂ ଋଷୟଃ ସର୍ବେ ଦେବର୍ଷିର୍ ନାରଦସ୍ ତଥା ।*
*ଅସିତୋ ଦେବଲୋ ବ୍ୟାସଃ ସ୍ୱୟଂ ଚୈବ ବ୍ରବୀଷି ମେ ।।*
*(୧୪) ସର୍ବମ୍ ଏତଦ୍ ଋତଂ ମନ୍ୟେ ଯନ୍ ମାମ୍ ବଦସି କେଶବ ।*
*ନ ହି ତେ ଭଗବନ୍ ବ୍ୟକ୍ତିମ୍ ବିଦୁର୍ ଦେବା ନ ଦାନବାଃ ।।*

ଅର୍ଜୁନ କହିଲେ, ଆପଣ ପରଂବ୍ରହ୍ମ ପରଂଧାମ ଏବଂ ପରମ ପବିତ୍ରକାରୀ, ଆପଣ ପରମ ସତ୍ୟ ଏବଂ ଶାଶ୍ୱତ ଦିବ୍ୟ ପୁରୁଷ । ଆପଣ ଆଦିଦେବ, ଆପଣ ଦିବ୍ୟ, ଆଦିପୁରୁଷ । ଆପଣ ଅଜ ଏବଂ ସର୍ବବ୍ୟାପକ ସୌନ୍ଦର୍ଯ୍ୟ ଅଟନ୍ତି । ସମସ୍ତ ବିଶିଷ୍ଟ ମହର୍ଷି ଯଥା-ନାରଦ, ଅସିତ, ଦେବଳ ଏବଂ ବ୍ୟାସ ଆପଣଙ୍କ ସମ୍ବନ୍ଧରେ ଏକଥା କହିଯାଇଛନ୍ତି ଏବଂ ବର୍ତ୍ତମାନ ଆପଣ ସ୍ୱୟଂ ଏହି କଥା ମୋତେ କହୁଛନ୍ତି । ହେ କୃଷ୍ଣ ! ଆପଣ ଯାହାସବୁ କହିଲେ, ତାହା ମୁଁ ସତ୍ୟରୂପେ ଗ୍ରହଣ କରୁଛି । ହେ ଦେବ ! ଦେବତା କିମ୍ବା ରାକ୍ଷସ କେହି ଆପଣଙ୍କ ପୁରୁଷତ୍ୱ ସମ୍ବନ୍ଧରେ ଜାଣନ୍ତି ନାହିଁ । (ଭ. ଗୀତା ୧୦।୧୨-୧୪)

ପରମ ପୁରୁଷ ଭଗବାନ୍‌ଙ୍କଠାରୁ ଭଗବଦ୍‌ଗୀତା ଶୁଣିସାରିଲା ପରେ ଅର୍ଜୁନ, କୃଷ୍ଣଙ୍କୁ ପରଂବ୍ରହ୍ମରୂପେ ଗ୍ରହଣ କଲେ । ପ୍ରତ୍ୟେକ ଜୀବ ହେଉଛନ୍ତି ବ୍ରହ୍ମ; କିନ୍ତୁ ପରମ ଜୀବ ଅର୍ଥାତ୍ ପରମପୁରୁଷ ଭଗବାନ୍ ହେଉଛନ୍ତି ପରଂବ୍ରହ୍ମ । 'ପରଂ ଧାମ'ର ଅର୍ଥ ହେଲା- ସେ ସମସ୍ତଙ୍କର ପରମ ଆଶ୍ରୟସ୍ଥଳ ଅଟନ୍ତି । 'ପବିତ୍ରମ୍' ଶବ୍ଦର ଅର୍ଥ ହେଲା, ସେ ହେଉଛନ୍ତି ବିଶୁଦ୍ଧ; ଭୌତିକ

ଦୋଷମୁକ୍ତ । 'ପୁରୁଷଂ' ଶବ୍ଦର ଅର୍ଥ ହେଲା- ସେ ହେଉଛନ୍ତି ପରମ ଉପଭୋଗକାରୀ (ବା ପରମ ଭୋକ୍ତା) । 'ଦିବ୍ୟ'ର ଅର୍ଥ ବିଶୁଦ୍ଧ, 'ଆଦିଦେବଂ'ର ଅର୍ଥ ହେଲା - ଆଦିଦେବ, ପରମପୁରୁଷ ଭଗବାନ୍ । 'ଅଜଂ'ର ଅର୍ଥ ହେଲା -ଅଜ ଅର୍ଥାତ୍ ଯାହାଙ୍କର ଜନ୍ମ ନାହିଁ ଏବଂ 'ବିଭୁମ୍' ଶବ୍ଦର ଅର୍ଥ ହେଲା-ମହାନ୍, ସର୍ବବ୍ୟାପକ ।

କେହି ଏପରି ଭାବିପାରନ୍ତି, ଅର୍ଜୁନ, କୃଷ୍ଣଙ୍କର ବନ୍ଧୁଥିଲେ; ତେଣୁ ସେ ତାଙ୍କୁ ଖୋସାମତ କରି ବା ଅତ୍ୟୁକ୍ତି କରି ଏପରି କହିଛନ୍ତି । କାଳେ ଭଗବଦ୍ ଗୀତାର କୌଣସି ପାଠକ ମନରେ ଏହି ସନ୍ଦେହ ଉପୁଜିବ, ସେଥିପାଇଁ ସେ ପରବର୍ତ୍ତୀ ଶ୍ଳୋକରେ କହିଛନ୍ତି କୃଷ୍ଣ ଯେ ପରମପୁରୁଷ ଭଗବାନ୍ ଏକଥା କେବଳ ସେ ନିଜେ କହୁନାହାନ୍ତି । ନାରଦ ଅସିତ, ଦେବଳ ଓ ବ୍ୟାସ ପ୍ରଭୃତି ମହର୍ଷିଗଣ ଏକଥା ସ୍ୱୀକାର କରିଦେଇଯାଇଛନ୍ତି । ଏମାନେ ହେଉଛନ୍ତି ବିଶିଷ୍ଟ ମହାତ୍ମା । ଏମାନେ ସମସ୍ତ ଆଚାର୍ଯ୍ୟଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବା ବୈଦିକ ଜ୍ଞାନକୁ ବିତରଣ କରିଦେଇଯାଇଛନ୍ତି; ତେଣୁ ଅର୍ଜୁନ କୃଷ୍ଣଙ୍କୁ କହୁଛନ୍ତି ଯେ ସେ ଯାହାସବୁ କହିଲେ, ସେସବୁକୁ ସେ ସମ୍ପୂର୍ଣ୍ଣ ସତ୍ୟରୂପେ ଗ୍ରହଣ କରୁଛନ୍ତି । *'ସର୍ବଂ ଏତଦ୍ ଋତଂ ମନ୍ୟେ'*-''ଯାହା ସବୁ ଆପଣ କହିଲେ, ସେସବୁକୁ ସତ୍ୟରୂପେ ମୁଁ ଗ୍ରହଣ କରୁଛି ।'' ଅର୍ଜୁନ ମଧ୍ୟ କହୁଛନ୍ତି ଯେ, ''ପରମ ପୁରୁଷ ଭଗବାନଙ୍କୁ ବୁଝିବା ବଡ଼ କଷ୍ଟକର ଏବଂ ଏପରିକି ବିଶିଷ୍ଟ ଦେବତାଗଣ ମଧ୍ୟ ତାଙ୍କୁ ଜାଣିପାରନ୍ତି ନାହିଁ ।'' ଏହାର ଅର୍ଥ ହେଲା-ମାନବଠାରୁ ଉନ୍ନତ ବା ବଡ଼ ଦେବତାଗଣ ମଧ୍ୟ ଭଗବାନଙ୍କୁ ଜାଣିପାରନ୍ତି ନାହିଁ; ତେଣୁ ତାଙ୍କର ଭକ୍ତ ନ ହୋଇ ଏକ ମାନବ କିପରି କୃଷ୍ଣଙ୍କୁ ଜାଣିପାରିବ ?

ତେଣୁ ଭଗବଦ୍ ଗୀତାକୁ ଭକ୍ତିଯୋଗ ମାର୍ଗରେ ଗ୍ରହଣ କରିବା ଉଚିତ୍ । କେହି ନିଜକୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ସମାନ ବୋଲି ଭାବିବା ଉଚିତ୍ ନୁହେଁ କିମ୍ବା କୃଷ୍ଣଙ୍କୁ ଜଣେ ସାଧାରଣ ମାନବ ବୋଲି ଭାବିବା ଉଚିତ୍ ନୁହେଁ କିମ୍ବା ସେ ଜଣେ ବିରାଟ ବ୍ୟକ୍ତିତ୍ୱବିଶିଷ୍ଟ ପୁରୁଷ ବୋଲି ଭାବିବା ଉଚିତ୍ ନୁହେଁ । ଭଗବଦ୍ ଗୀତାବାଣୀ ଅନୁଯାୟୀ କିମ୍ବା ଭଗବଦ୍ ଗୀତାକୁ ବୁଝିବାକୁ ଚେଷ୍ଟା କରୁଥିବା ବ୍ୟକ୍ତି ଅର୍ଜୁନଙ୍କ କଥା ଅନୁଯାୟୀ ଅନ୍ତତଃ କଳ୍ପନାପୂର୍ବକ ଶ୍ରୀକୃଷ୍ଣ ହିଁ ପରମପୁରୁଷ ଭଗବାନ୍ ଅଟନ୍ତି; ତେଣୁ ଆମ୍ଭେମାନେ ଅନ୍ତତଃ କଳ୍ପନାପୂର୍ବକ ଶ୍ରୀକୃଷ୍ଣଙ୍କୁ ପରମପୁରୁଷ ଭଗବାନ୍ ବୋଲି ଗ୍ରହଣ କରିବା ଉଚିତ୍ ଏବଂ ସେହି ବିନୟ ଭାବର ବଶବର୍ତ୍ତୀ ହୋଇ ଆମ୍ଭେମାନେ ଭଗବଦ୍ ଗୀତାକୁ ବୁଝିପାରିବା । ବ୍ୟକ୍ତି ବିନୟଭାବାଶ୍ରିତ ହୋଇ ଭଗବଦ୍ ଗୀତା ପାଠ ନ କଲେ, ତାହାକୁ ବୁଝିବା ବଡ଼ କଠିନ । ଏହା ବଡ଼ ରହସ୍ୟମୟ ଅଟେ ।

ଭଗବଦ୍‌ଗୀତା କ'ଣ -ଏହାର ଉଦ୍ଦେଶ୍ୟ କ'ଣ ? ଭଗବଦ୍ ଗୀତାର ଉଦ୍ଦେଶ୍ୟ ହେଲା, ମାନବକୁ ଭୌତିକ ସ୍ଥିତିରୂପକ ଅଜ୍ଞତାରୁ ମୁକ୍ତ କରିବା । ପ୍ରତ୍ୟେକ ଲୋକ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯେପରି ଅର୍ଜୁନ କୁରୁକ୍ଷେତ୍ର ଯୁଦ୍ଧରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ, ସେହିପରି ସମସ୍ତେ ହେଉଛନ୍ତି । ଅର୍ଜୁନ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହେଲେ ଏବଂ ଫଳତଃ ତାଙ୍କୁ ଏ ଭଗବଦ୍‌ଗୀତା ବାଣୀ କୁହାଗଲା । କେବଳ ଯେ ଅର୍ଜୁନ ଏପରି ଅବସ୍ଥାରେ ପଡ଼ିଲେ, ତାହା ନୁହେଁ; ଏ ଭୌତିକ ସ୍ଥିତି ଯୋଗୁଁ,

ଆମ୍ଭେମାନେ ସମସ୍ତେ ସେ ପ୍ରକାର ଅବସ୍ଥାରେ ପଡୁଛେ, ଅର୍ଥାତ୍ ସର୍ବଦା ନାନାପ୍ରକାର ଉଦ୍‌ବିଗ୍ନତା ମଧ୍ୟରେ ଗତି କରୁଛେ । ଆମ୍ଭମାନଙ୍କର ଅବସ୍ଥାନଟି ବର୍ତ୍ତମାନ ଅନାବସ୍ଥାନ ବା ଅସତ୍‌ରେ ହୋଇଯାଉଛି । ବାସ୍ତବରେ ଆମ୍ଭେମାନେ ଏ ଅନାବସ୍ଥାନ ଦ୍ୱାରା ଭୀତତ୍ରସ୍ତ ହେବାର ନୁହେଁ । ଆମ୍ଭମାନଙ୍କର ଅବସ୍ଥାନ ହେଉଛି ଶାଶ୍ୱତ ସ୍ତରରେ; କିନ୍ତୁ କୌଣସି ପ୍ରକାରେ ଆମ୍ଭେମାନେ 'ଅସତ୍' ସ୍ଥିତିରେ ପଡ଼ିଯାଇଛୁ । 'ଅସତ୍'ର ଅର୍ଥ ହେଲା, ଯାହାର ସ୍ଥିତି ନାହିଁ ।

ବରାବର ଦୁଃଖ କଷ୍ଟ ଭୋଗ କରୁଥିବା ହଜାର ହଜାର ମନୁଷ୍ୟ ମଧ୍ୟରେ ଖୁବ୍ କ୍ୱଚିତ୍ ଲୋକ ସେମାନଙ୍କର ପ୍ରକୃତ ସ୍ଥିତି ସମ୍ବନ୍ଧରେ ଜିଜ୍ଞାସା କରୁଛନ୍ତି-ସେମାନେ କ'ଣ, ସେମାନେ କାହିଁକି ଏପ୍ରକାର ଅସୁବିଧାଜନକ ପରିସ୍ଥିତିରେ ପଡ଼ିଛନ୍ତି ଇତ୍ୟାଦି । ଯେପର୍ଯ୍ୟନ୍ତ ମାନବ ତା'ର କ୍ଳେଶ, ତା'ର ଦୁଃଖଯନ୍ତ୍ରଣା ସମ୍ବନ୍ଧରେ ପ୍ରଶ୍ନ ନ କରିଛି, ଅର୍ଥାତ୍ ଏ ଜିଜ୍ଞାସା ସ୍ତରକୁ ଉନ୍ନୀତ ନ ହୋଇଛି, ଯେ ପର୍ଯ୍ୟନ୍ତ ସେ ଉପଲବ୍ଧି ନ କରିଛି ଯେ ସେ ଏ ପ୍ରକାର ଦୁଃଖ କ୍ଳେଶ ଗ୍ରହେଁ ନାହିଁ ବରଂ ସେ ଏ ଦୁଃଖ କ୍ଳେଶ କିପରି ଦୂର ହେବ - ଏ ସମସ୍ୟାର କିପରି ସମାଧାନ ହେବ, ତାହା ସେ ଗ୍ରହେଁ; ସେ ପର୍ଯ୍ୟନ୍ତ ସେ ଜଣେ ପ୍ରକୃତ ମାନବ ବୋଲି ବିବେଚିତ ହେବ ନାହିଁ । ଯେତେବେଳେ ମାନବ ମନରେ ଏ ପ୍ରକାର ଜିଜ୍ଞାସା ପ୍ରବୃତ୍ତି ଜାଗ୍ରତ ହୁଏ, ସେତେବେଳେ ତା'ର ପ୍ରକୃତ ମାନବିକତା ଆରମ୍ଭ ହେଲା ବୋଲି ବୁଝିବାକୁ ପଡ଼ିବ । ବ୍ରହ୍ମସୂତ୍ରରେ ଏ ପ୍ରକାର ଜିଜ୍ଞାସାକୁ ବ୍ରହ୍ମଜିଜ୍ଞାସା କୁହାଯାଇଛି । ଯେ ପର୍ଯ୍ୟନ୍ତ ସେ ବ୍ରହ୍ମ ଜିଜ୍ଞାସା ନ କରିଛି, ସେ ପର୍ଯ୍ୟନ୍ତ ତା'ର ସମସ୍ତ କର୍ମ ବିଫଳ ଅଟେ । ସେ କୌଣସି କର୍ମରେ କୃତକାର୍ଯ୍ୟ ହୋଇ ପାରିବ ନାହିଁ; ତେଣୁ ଯେଉଁମାନେ ଏ ପ୍ରକାର ପ୍ରଶ୍ନ କରିବାକୁ ଆରମ୍ଭ କରନ୍ତି, କାହିଁକି ସେମାନେ ଦୁଃଖ ଭୋଗୁଛନ୍ତି କିମ୍ବା କେଉଁଠାରୁ ସେମାନେ ଆସିଲେ ଏବଂ ମୃତ୍ୟୁ ପରେ କେଉଁଠାକୁ ଯିବେ- ସେମାନେ ଭଗବଦ୍ ଗୀତା ବୁଝିବା ନିମିତ୍ତ ଉପଯୁକ୍ତ ଛାତ୍ର ଅଟନ୍ତି । ଯେ ନିଷ୍ଠାବାନ୍ ଛାତ୍ର, ତାର ପରମପୁରୁଷ ଭଗବାନଙ୍କ ପ୍ରତି ଖୁବ୍ ଦୃଢ଼ ସ୍ନେହ-ଶ୍ରଦ୍ଧା-ବିଶ୍ୱାସ ଓ ସମ୍ମାନ ଥାଏ । ଅର୍ଜୁନ ଏହି ପ୍ରକାର ଏକ ଛାତ୍ର ଥିଲେ ।

ଯେତେବେଳ ମାନବ ଜୀବନର ପ୍ରକୃତ ଉଦ୍ଦେଶ୍ୟ ଭୁଲିଯାଏ, ସେତେବେଳେ ଭଗବାନ୍ ଶ୍ରୀକୃଷ୍ଣ ବିଶେଷକରି ଜୀବନର ପ୍ରକୃତ ଉଦ୍ଦେଶ୍ୟ କ'ଣ, ତାହା ଜଣାଇବା ନିମିତ୍ତ ଅବତୀର୍ଣ୍ଣ ମଧ୍ୟ ହୁଅନ୍ତି । ଏପରିକି ଅନେକ ଜାଗ୍ରତ ମନୁଷ୍ୟମାନଙ୍କ ମଧ୍ୟରେ କେହି ଜଣେ ପ୍ରକୃତରେ ତା'ର ଦିବ୍ୟ ସ୍ୱରୂପସ୍ଥିତିକୁ ବୁଝିପାରେ ଏବଂ ତାହାରି ପାଇଁ ହିଁ ଏ ଭଗବଦ୍‌ଗୀତା କୁହାଯାଇଅଛି । ବାସ୍ତବରେ ଆମ୍ଭେମାନେ ସମସ୍ତେ ଅଜ୍ଞାନତାରୂପକ ବ୍ୟାଘ୍ରର ଅନୁସରଣ କରୁଛୁ; କିନ୍ତୁ ଭଗବାନ୍ ଜୀବମାନଙ୍କ ପ୍ରତି ବିଶେଷକରି ମାନବମାନଙ୍କ ପ୍ରତି ବଡ଼ ସଦୟ । ଏଥିପାଇଁ ସେ ତାଙ୍କର ସଖା ଅର୍ଜୁନଙ୍କୁ ଶିଷ୍ୟ କରି ଭଗବଦ୍ ଗୀତା କହିଲେ ।

ଭଗବାନ୍ ଶ୍ରୀକୃଷ୍ଣଙ୍କର ଏକ ସଖା ହୋଇଥିବାରୁ ଅର୍ଜୁନ ସମସ୍ତ ଅଜ୍ଞାନତାର ବହୁତ ଊର୍ଦ୍ଧ୍ୱରେ ଥିଲେ; ତଥାପି ତାଙ୍କୁ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଅଜ୍ଞାନତାରୂପକ ଅନ୍ଧକାରରେ ପକାଇ ଦିଆଯାଇଥିଲା । ତା' ନ ହୋଇଥିଲେ ସେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଭବିଷ୍ୟତ ମାନବମାନଙ୍କର

ବଂଶଧରମାନଙ୍କ ଉପକାର ନିମିତ୍ତ ଜୀବନର ସମସ୍ୟାମାନଙ୍କ ସମ୍ବନ୍ଧରେ ପ୍ରଶ୍ନ କରି ନଥାନ୍ତେ କି ଭଗବାନ୍ ସେଗୁଡ଼ିକୁ ବ୍ୟାଖ୍ୟା କରି ଅର୍ଜୁନଙ୍କୁ ବୁଝାଇ ନଥାନ୍ତେ । ଏଥିପାଇଁ ଅର୍ଜୁନଙ୍କୁ ଏପ୍ରକାର ଅବସ୍ଥାରେ ପକାଇଦିଆଗଲା ଏବଂ ମାନବର ଭବିଷ୍ୟତ ବଂଶଧରଗଣଙ୍କ ମଙ୍ଗଳ ନିମିତ୍ତ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କ ପ୍ରଶ୍ନମାନଙ୍କର ଉତ୍ତର ଦେଲେ ଓ ଜୀବନର ଉଦ୍ଦେଶ୍ୟ କ'ଣ, ତାହା ପରିଷ୍କାର ଭାବରେ ପ୍ରକାଶ କଲେ । ତାହାହେଲେ ମାନବ ତଦନୁଯାୟୀ କର୍ମ କରିବ ଏବଂ ମାନବ ଜୀବନର ପରମ ସାର୍ଥକତା ଲାଭ କରିବ ।

ଭଗବଦ୍‌ଗୀତାର ବିଷୟବସ୍ତୁ ହେଉଛି ପାଞ୍ଚୋଟି ମୌଳିକ ସତ୍ୟ । ପ୍ରଥମତଃ ଭଗବଦ୍-ବିଜ୍ଞାନ ବ୍ୟାଖ୍ୟା କରାଯାଇଅଛି ଏବଂ ତପରେ ଜୀବମାନଙ୍କର ସ୍ୱରୂପ ସ୍ଥିତି କଥା କୁହାଯାଇଛି । ଈଶ୍ୱର ଅଛନ୍ତି । ଈଶ୍ୱର ଶବ୍ଦର ଅର୍ଥ ହେଲା 'ନିୟନ୍ତ୍ରଣକାରୀ' ଏବଂ 'ଜୀବଗଣ' ଅଛନ୍ତି । ଜୀବଗଣ ନିୟନ୍ତ୍ରିତ ଅଟନ୍ତି । ଯଦି କୌଣସି ଜୀବ କହେ ଯେ ସେ ନିୟନ୍ତ୍ରିତ ନୁହେଁ - ସେ କାହାରି ନିୟନ୍ତ୍ରଣାଧୀନରେ ନାହିଁ, ସେ ସ୍ୱାଧୀନ, ତାହାହେଲେ ବୁଝିବାକୁ ହେବ ଯେ ସେ ପାଗଳ ଅଟେ । ଜୀବ ସର୍ବତୋଭାବେ ନିୟନ୍ତ୍ରିତ; ବିଶେଷକରି ତା'ର ଏ ବଦ୍ଧଜୀବନରେ ସେ ସବୁଦିଗରୁ ନିୟନ୍ତ୍ରିତ ଅଟେ; ତେଣୁ ଭଗବଦ୍ ଗୀତା ଈଶ୍ୱର, ପରମ ନିୟନ୍ତ୍ରଣକାରୀ ଏବଂ 'ଜୀବ' ଅର୍ଥାତ୍ ନିୟନ୍ତ୍ରିତ ଜୀବଗଣଙ୍କ ସମ୍ବନ୍ଧରେ ବର୍ଣ୍ଣନା କରିଛି । ପ୍ରକୃତି (ଭୂତ ପ୍ରକୃତି) ଏବଂ କାଳ (ସମଗ୍ର ବ୍ରହ୍ମାଣ୍ଡର ସ୍ଥିତି ସମୟ କିମ୍ବା ଭୂତ ପ୍ରକୃତିର ପ୍ରକାଶ ସମୟ) ଏବଂ କର୍ମ-ଏହିସବୁ କଥା ଭଗବଦ୍ ଗୀତାରେ ଆଲୋଚନା କରାଯାଇଅଛି । ଏ ଦୃଶ୍ୟଜଗତ୍ ନାନାବିଧ କର୍ମରେ ପରିପୂର୍ଣ୍ଣ । ସମସ୍ତ ଜୀବ ବିଭିନ୍ନ ପ୍ରକାର କର୍ମରେ ବ୍ୟାପୃତ । ଭଗବଦ୍ ଗୀତାରୁ ଆମ୍ଭେମାନେ ଶିକ୍ଷା କରିବା ଉଚିତ୍ - ଭଗବାନ୍ କ'ଣ, ଜୀବଗଣ କ'ଣ, ପ୍ରକୃତି କ'ଣ, ଦୃଶ୍ୟ ଜଗତର ପରିପ୍ରକାଶ କ'ଣ ଏବଂ ଏହା କିପରି କାଳଦ୍ୱାରା ନିୟନ୍ତ୍ରିତ ଓ ଜୀବମାନଙ୍କର କର୍ମ କ'ଣ ।

ଭଗବଦ୍ ଗୀତାରେ ବର୍ଣ୍ଣନା କରାଯାଇଥିବା ଏ ପାଞ୍ଚୋଟି ମୌଳିକ ବିଷୟବସ୍ତୁ ମଧ୍ୟରୁ ପରମପୁରୁଷ ଭଗବାନ କିମ୍ବା କୃଷ୍ଣ କିମ୍ବା ବ୍ରହ୍ମ କିମ୍ବା ପରମ ନିୟନ୍ତ୍ରଣକାରୀ କିମ୍ବା ପରମାତ୍ମା ଯାହା କିଛି ଆପଣ କହନ୍ତୁ- ହେଉଛନ୍ତି ସର୍ବଶ୍ରେଷ୍ଠ । ଜୀବଗଣ ଗୁଣରେ ପରମ ନିୟନ୍ତ୍ରଣକାରୀଙ୍କ ସଦୃଶ । ଉଦାହରଣ ସ୍ୱରୂପ, ଭଗବାନଙ୍କର ଜାଗତିକ ବ୍ୟାପାର, ଭୂତ ପ୍ରକୃତି ଆଦି ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ଅଛି । ଏକଥା ଭଗବଦ୍ ଗୀତାର ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ବର୍ଣ୍ଣିତ ହେବ । ଭୂତ ପ୍ରକୃତି ସ୍ୱାଧୀନ ନୁହେଁ । ସେ ଭଗବାନଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଛି । ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି, ''ପ୍ରକୃତି ମୋ ନିର୍ଦ୍ଦେଶରେ କାର୍ଯ୍ୟ କରୁଛି'' । ଏ ଭୂତ ପ୍ରକୃତିରେ ଯେତେବେଳେ କୌଣସି ଆଶ୍ଚର୍ଯ୍ୟଜନକ ଘଟଣା ଘଟିବାର ଆମେ ଦେଖୁଁ, ସେତେବେଳେ ଆମ୍ଭମାନଙ୍କୁ ଏହା ଜାଣିରଖିବାକୁ ହେବ ଯେ ଏ ଦୃଶ୍ୟ ଜଗତର ଅନ୍ତରାଳରେ ଜଣେ ନିୟନ୍ତ୍ରଣକାରୀ ଅଛନ୍ତି । ବିନା ନିୟନ୍ତ୍ରଣରେ କିଛି ପ୍ରକାଶିତ ହୋଇପାରିବ ନାହିଁ । ନିୟନ୍ତ୍ରଣକାରୀଙ୍କ କଥା ବିଗ୍ଚର ନ କରିବା ହିଁ ପିଲାଳିଆ ଢ଼ଙ୍ଗ ଅଟେ ।

ଉଦାହରଣ ସ୍ୱରୂପ, ଗୋଟିଏ ପିଲା ଏପରି ଭାବିପାରେ ଯେ, ମଟରଗାଡ଼ିଟି କିପରି ଗ୍ଲିଛି । ବଡ଼ ଆଶ୍ଚର୍ଯ୍ୟର କଥା ଯେ ଏହାକୁ କୌଣସି ଘୋଡ଼ା କିମ୍ବା ଅନ୍ୟ ପ୍ରାଣୀ ଟାଣୁ ନାହାନ୍ତି,

ଅଥଚ ଏହା ଗତି କରୁଛି କିପରି; କିନ୍ତୁ ଯେ ବିଗ୍ରହଶୀଳ ବ୍ୟକ୍ତି, ଯେ ମଟରଗାଡ଼ିର ଯାନ୍ତ୍ରିକ ବ୍ୟବସ୍ଥା କଥା ଜାଣେ ସେ ଏକଥା ଜାଣେ ଯେ ଯନ୍ତ୍ରର ଅନ୍ତରାଳରେ ଜଣେ ଚାଳକ ଅଛି । ଠିକ୍ ସେହିପରି ପରମେଶ୍ୱର ହେଉଛନ୍ତି ଏହି ଚାଳକ ସଦୃଶ; ଯାହାଙ୍କ ନିର୍ଦ୍ଦେଶରେ ସବୁ ପରିଚାଳିତ ହେଉଛି । ଜୀବଗଣ, ଭଗବାନଙ୍କର ଅଂଶ ବିଶେଷ ଅଟନ୍ତି । ଭଗବଦ୍‌ଗୀତାର ପରବର୍ତ୍ତୀ ଅଧ୍ୟାୟମାନଙ୍କରୁ ଆମ୍ଭେମାନେ ଏହା ଜାଣିପାରିବା ଯେ ଭଗବାନ୍ ଏହା ସ୍ୱୀକାର କରିଛନ୍ତି ।

ଏକ ସ୍ୱର୍ଣ୍ଣାଣୁ ମଧ୍ୟ ସ୍ୱର୍ଣ୍ଣ ଅଟେ, ସମୁଦ୍ରର ଏକ ଜଳବିନ୍ଦୁ ମଧ୍ୟ ଲବଣାକ୍ତ ଅଟେ । ଠିକ୍ ସେହିପରି ଆମ୍ଭେମାନେ (ଅର୍ଥାତ୍ ଜୀବଗଣ) ପରମେଶ୍ୱରଙ୍କର କିମ୍ବା ଭଗବାନ୍ ଶ୍ରୀକୃଷ୍ଣଙ୍କର ଅଂଶବିଶେଷ ହୋଇଥିବାରୁ ଆମ୍ଭମାନଙ୍କଠାରେ ପରମେଶ୍ୱରଙ୍କର ସମସ୍ତ ଗୁଣ ସୂକ୍ଷ୍ମମାତ୍ରାରେ (ଖୁବ୍ ଅଳ୍ପ ପରିମାଣରେ) ଅଛି; କାରଣ ଆମ୍ଭେମାନେ କ୍ଷୁଦ୍ର ଈଶ୍ୱର ବା ଅଧସ୍ତନ ଈଶ୍ୱର ଅଟୁଁ । ଆମ୍ଭେମାନେ ପ୍ରକୃତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛୁ । ଯେପରି କି ଆଜିକାଲି ଆମ୍ଭେମାନେ ଅନ୍ତରୀକ୍ଷକୁ କିମ୍ବା ଅନ୍ୟ ଲୋକକୁ (ଗ୍ରହ ଉପଗ୍ରହ ଆଦିକୁ) ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛୁ । ଏହି ନିୟନ୍ତ୍ରଣ କରିବାର ପ୍ରବୃତ୍ତି ଆମ୍ଭମାନଙ୍କଠାରେ ଅଛି; କାରଣ ଏହା କୃଷ୍ଣଙ୍କଠାରେ ଅଛି । ଯଦିଓ ଭୂତ ପ୍ରକୃତିକୁ ନିୟନ୍ତ୍ରଣ କରିବାର ପ୍ରବୃତ୍ତି ଆମ୍ଭମାନଙ୍କଠାରେ ଅଛି; ତଥାପି ଆମ୍ଭମାନଙ୍କୁ ଏହା ଜାଣିରଖିବାକୁ ହେବ ଯେ ଆମ୍ଭେମାନେ ପରମ ନିୟନ୍ତ୍ରଣକାରୀ ନୋହୁଁ । ଏହା ଭଗବଦ୍ ଗୀତାରେ ବୁଝାଇ ଦିଆଯାଇଅଛି ।

ଭୂତ ପ୍ରକୃତି କ'ଣ ? ଏହାକୁ ଭଗବଦ୍ ଗୀତାରେ ଅପରା ପ୍ରକୃତି ବା ନୀଚତର ପ୍ରକୃତି ବୋଲି ବର୍ଣ୍ଣନା କରାଯାଇଛି । ଜୀବକୁ ଉଚ୍ଚତର ପ୍ରକୃତି ବୋଲି କୁହାଯାଇଛି । ଉଚ୍ଚତର ହେଉ ବା ନୀଚତର ହେଉ, ପ୍ରକୃତି ସର୍ବଦା ନିୟନ୍ତ୍ରଣର ଅଧୀନ । 'ପ୍ରକୃତି' ସ୍ତ୍ରୀଲିଙ୍ଗ । ଠିକ୍ ଯେପରି ସ୍ତ୍ରୀର କାର୍ଯ୍ୟାବଳୀ ପୁରୁଷଦ୍ୱାରା ନିୟନ୍ତ୍ରିତ ହୁଏ ଠିକ୍ ସେହିପରି ପ୍ରକୃତି ସର୍ବଦା ଭଗବାନଙ୍କର ଅଧୀନ ଅଟେ । ଭଗବାନ୍ ହେଉଛନ୍ତି ପ୍ରଭାବଶାଳୀ ବା ପ୍ରଭାବ ବିସ୍ତାରକାରୀ ପରମପୁରୁଷ ଏବଂ ପ୍ରକୃତି ଭଗବାନଙ୍କ ଦ୍ୱାରା ପ୍ରଭାବିତ । ଜୀବଗଣ ଓ ଭୂତ ପ୍ରକୃତି ଉଭୟେ ପରମେଶ୍ୱରଙ୍କ ଦ୍ୱାରା ନିୟନ୍ତ୍ରିତ ଓ ପ୍ରଭାବିତ । ଗୀତାବାଣୀ ଅନୁଯାୟୀ, ଯଦିଓ ଜୀବଗଣ ଭଗବାନଙ୍କର ଅଂଶବିଶେଷ ଅଟନ୍ତି, ତଥାପି ସେମାନଙ୍କୁ ପ୍ରକୃତି ବୋଲି ଗ୍ରହଣ କରିବାକୁ ହେବ । ଏହା ଭଗବଦ୍ ଗୀତାର ସପ୍ତମ ଅଧ୍ୟାୟ ପଞ୍ଚମ ଶ୍ଲୋକରେ ପରିଷ୍କାର ଭାବରେ ବର୍ଣ୍ଣନା କରାଯାଇଅଛି- "*ଅପରେୟମ୍ ଇତସ୍ ତୁ ଅନ୍ୟାଂ* ।" "ଏହି ପ୍ରକୃତି ମୋର ନୀଚ ପ୍ରକୃତି ଅଟେ ।" "*ପ୍ରକୃତିଂ ବିଦ୍ଧି ମେ ପରାମ୍ ଜୀବଭୂତାଂ ମହାବାହୋ ଯୟେଦଂ ଧାର୍ଯ୍ୟତେ ଜଗତ୍* ।" ଏହାପରେ ଆଉ ଗୋଟିଏ ପ୍ରକୃତି ଅଛି— "ଜୀବଭୂତଂ"—ଜୀବ ।

ପ୍ରକୃତି ସ୍ୱୟଂ ତ୍ରିଗୁଣରେ ଗଠିତ, ଯଥା-ସତ୍ତ୍ୱ, ରଜ ଓ ତମ । ଏ ତ୍ରିଗୁଣର ଊର୍ଦ୍ଧ୍ୱରେ ଅନନ୍ତକାଳ ବିଦ୍ୟମାନ । ଏ ତ୍ରିଗୁଣର ସମାହାର ଦ୍ୱାରା ଏବଂ ଅନନ୍ତକାଳର ନିୟନ୍ତ୍ରଣରେ କର୍ମ ଚାଲିଛି । କେଉଁ ଅବିସ୍ମରଣୀୟ କାଳରୁ ଏ କର୍ମଗୁଡ଼ିକ ଚାଲିଆସୁଛି ଏବଂ ଆମ୍ଭେମାନେ କର୍ମଫଳ-ସୁଖ ଓ ଦୁଃଖ ଭୋଗ କରିଆସୁଛେ । ଉଦାହରଣ ସ୍ୱରୂପ, ଧର, ମୁଁ ଜଣେ ବ୍ୟବସାୟୀ ଏବଂ ବଡ଼ ବୁଦ୍ଧିମତ୍ତାର ସହିତ ଖୁବ୍ କଠିନ ପରିଶ୍ରମ କରିଛି ଓ ବ୍ୟାଙ୍କରେ ପ୍ରଚୁର ଅର୍ଥ ସଞ୍ଚୟ

କରିଛି, ତେବେ ମୁଁ ଜଣେ ଭୋକ୍ତା, କିନ୍ତୁ ତପରେ କୁହାଯାଉ, ବ୍ୟବସାୟରେ ମୋର ସବୁ ଧନ ନଷ୍ଟ ହୋଇଗଲା, ତାହା ହେଲେ ମୁଁ ଦୁଃଖୀ ହୋଇଗଲି । ଠିକ୍ ସେହିପରି ଜୀବର ପ୍ରତ୍ୟେକ କର୍ମକ୍ଷେତ୍ରରେ ଆମ୍ଭେମାନେ କର୍ମଫଳଜନିତ ସୁଖ କିମ୍ବା ଦୁଃଖ ଭୋଗ କରୁଁ । ଏହାକୁ କର୍ମ କୁହାଯାଏ ।

ଭଗବଦ୍‌ଗୀତାରେ ଈଶ୍ୱର (ପରମେଶ୍ୱର), ଜୀବ, ପ୍ରକୃତି, ଅନନ୍ତକାଳ ଓ କର୍ମ- ଏସବୁ କଥା ବର୍ଣ୍ଣନା କରାଯାଇଛି । ଏ ପାଞ୍ଚୋଟି ମଧ୍ୟରୁ ଭଗବାନ୍, ଜୀବ, ଭୂତପ୍ରକୃତି ଓ କାଳ (ସମୟ) ଶାଶ୍ୱତ ଅଟେ । ପ୍ରକୃତିର ପ୍ରକାଶ ଅସ୍ଥାୟୀ ହୋଇପାରେ; କିନ୍ତୁ ଏହା ମିଥ୍ୟା ନୁହେଁ । କେବଳ ଦାର୍ଶନିକ କହନ୍ତି ଯେ ଭୂତପ୍ରକୃତିର ପ୍ରକାଶ ମିଥ୍ୟା ଅଟେ; କିନ୍ତୁ ଭଗବଦ୍‌ଗୀତାର ଦର୍ଶନ ଅନୁଯାୟୀ କିମ୍ବା ବୈଷ୍ଣବ ଦର୍ଶନ ଅନୁଯାୟୀ ଏହା ମିଥ୍ୟା ନୁହେଁ । ଏ ପୃଥିବୀର ପ୍ରକାଶ "ମିଥ୍ୟା"ବୋଲି ଗୃହୀତ ହୋଇନାହିଁ । ଏହା ବାସ୍ତବ ବୋଲି ଗୃହୀତ ହୋଇଛି; କିନ୍ତୁ ଏହା ଅସ୍ଥାୟୀ ଅଟେ । ଏହା ଆକାଶରେ ଭାସମାନ ଏକ ମେଘଖଣ୍ଡ ସଦୃଶ କିମ୍ବା ଶସ୍ୟର ପୁଷ୍ଟିସାଧନ କରୁଥିବା ବର୍ଷାଋତୁର ଆଗମନ ସଦୃଶ ଅଟେ । ବର୍ଷାଋତୁ ଶେଷ ହେଲାକ୍ଷଣି ଏବଂ ମେଘ ଚ୍ୱଲିଗଲା ପରେ ବର୍ଷାପୁଷ୍ଟ ଶସ୍ୟସମୂହ ଶୁଖିଯାଏ । ଠିକ୍ ସେହିପରି ଏ ଭୌତିକ ପ୍ରକାଶ କେତେକ ସମୟ ଅନ୍ତରାଳରେ ପ୍ରକାଶିତ ହୁଏ, କିଛି କାଳ ରହେ ଏବଂ ତପରେ ଅନ୍ତର୍ହିତ ହୋଇଯାଏ । ଏହିପରି ହେଉଛି ପ୍ରକୃତିର କାର୍ଯ୍ୟ; କିନ୍ତୁ ଏ ଚକ୍ର ଶାଶ୍ୱତଭାବେ କାର୍ଯ୍ୟ କରୁଛି । ତେଣୁ ପ୍ରକୃତି ଶାଶ୍ୱତ ଅଟେ, ଏହା ମିଥ୍ୟା ନୁହେଁ । ଭଗବାନ୍ ଏହାକୁ କହୁଛନ୍ତି, "ମୋ ପ୍ରକୃତି" । ଏ ଭୂତପ୍ରକୃତି ଭଗବାନଙ୍କର ଭିନ୍ନାଶକ୍ତି ଅଟେ ଏବଂ ସେହିପରି ଜୀବଗଣ ମଧ୍ୟ ଭଗବାନଙ୍କର ଶକ୍ତି ଅଟନ୍ତି; କିନ୍ତୁ ଏମାନେ ଭିନ୍ନ ନୁହଁନ୍ତି । ଏମାନେ ଶାଶ୍ୱତଭାବେ ଭଗବାନଙ୍କ ସହ ସମ୍ବନ୍ଧଯୁକ୍ତ; ତେଣୁ ଭଗବାନ୍, ଜୀବଗଣ, ଭୂତପ୍ରକୃତି ଓ କାଳ (ସମୟ)—ଏମାନେ ସମସ୍ତେ ପରସ୍ପର ସମ୍ବନ୍ଧଯୁକ୍ତ ଏବଂ ଏମାନେ ସମସ୍ତେ ଶାଶ୍ୱତ ଅଟନ୍ତି । ଅବଶ୍ୟ, କର୍ମ ଶାଶ୍ୱତ ନୁହେଁ, କର୍ମର ଫଳ ଖୁବ୍ ପୁରାତନ ହୋଇପାରେ । କେଉଁ ଅବିସ୍ମରଣୀୟ କାଳରୁ ଆମ୍ଭେମାନେ ଆମ୍ଭମାନଙ୍କର କର୍ମ ଅନୁଯାୟୀ ସୁଖ-ଦୁଃଖ ଭୋଗ କରିଆସୁଛେ; କିନ୍ତୁ ଆମ୍ଭେମାନେ ଆମ୍ଭମାନଙ୍କର କର୍ମଫଳକୁ ବଦଳାଇ ପାରିବା ଏବଂ ଏହି ପରିବର୍ତ୍ତନ ଆମ୍ଭମାନଙ୍କର ଜ୍ଞାନର ପୂର୍ଣ୍ଣତା ଉପରେ ନିର୍ଭର କରେ । ଆମ୍ଭେମାନେ ବିଭିନ୍ନ ପ୍ରକାର କର୍ମରେ ବ୍ୟାପୃତ । ଏକଥା ନିଃସନ୍ଦେହଭାବେ ସତ୍ୟ ଯେ ଆମ୍ଭେମାନେ ଜାଣୁ ନାହୁଁ, କେଉଁ ପ୍ରକାରକର୍ମ କଲେ ଆମ୍ଭେମାନେ କର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇପାରିବା; କିନ୍ତୁ ଏକଥା ମଧ୍ୟ ଭଗବଦ୍‌ଗୀତାରେ କୁହାଯାଇଛି ।

ଈଶ୍ୱରଙ୍କ ସ୍ଥିତି ହେଉଛି ପରମଚେତନା । ଜୀବଗଣ ପରମେଶ୍ୱରଙ୍କର ଅଂଶ ବିଶେଷ ହୋଇଥିବାରୁ ଚେତନଶୀଳ ଅଟନ୍ତି । ଉଭୟେ ଜୀବ ଓ ଭୂତପ୍ରକୃତି ଭଗବାନଙ୍କର ଶକ୍ତିରୂପେ ବର୍ଣ୍ଣିତ ହୋଇଅଛନ୍ତି; କିନ୍ତୁ ଏ ଦୁଇଟି ମଧ୍ୟରୁ ଜୀବ ହେଉଛି ଚେତନଶୀଳ । ପ୍ରକୃତି (ଭୂତପ୍ରକୃତି) ଚେତନଶୀଳ ନୁହେଁ । ଏହା ହେଉଛି ଦୁଇଟି ମଧ୍ୟରେ ପାର୍ଥକ୍ୟ; ତେଣୁ ଜୀବ ପ୍ରକୃତିକୁ ଉଚ୍ଚତର ବୋଲି କୁହାଯାଏ, କାରଣ ଜୀବର ଚେତନା ଅଛି । ସେ ଚେତନା ଭଗବାନଙ୍କ ଚେତନା ସଙ୍ଗେ ସମାନ । ଭଗବାନଙ୍କର ଚେତନା ହେଉଛି ପରମ ଚେତନା; ଅବଶ୍ୟ କେହି ଏପରି ଦାବି କରିବା

ଉଚିତ୍ ନୁହେଁ ଯେ ଜୀବ ମଧ୍ୟ ପରମଚେତନଶୀଳ ଅଟେ । ଜୀବ କେବେହେଲେ କୌଣସି ପ୍ରକାର ପୂର୍ଣ୍ଣତାର ସ୍ଥିତିରେ ପରମ ଚେତନଶୀଳ ହୋଇପାରିବ ନାହିଁ ଏବଂ ଯେଉଁମାନେ ଏହି କଥା କହନ୍ତି—ଅର୍ଥାତ୍ ଜୀବ ପରମଚେତନଶୀଳ, ସେମାନେ ଏକ ଭ୍ରମାତ୍ମକ କଥା କହନ୍ତି । ସେ (ଅର୍ଥାତ୍ ଜୀବ) ଚେତନଶୀଳ ହୋଇପାରେ; କିନ୍ତୁ ସେ ପରମ ଚେତନଶୀଳ କିମ୍ବା ପୂର୍ଣ୍ଣ ଚେତନଶୀଳ ନୁହେଁ ।

ଭଗବଦ୍‌ଗୀତାର ତ୍ରୟୋଦଶ ଅଧ୍ୟାୟରେ ଜୀବ ଓ ଈଶ୍ୱରଙ୍କ ମଧ୍ୟରେ ଥିବା ପାର୍ଥକ୍ୟ କଥା ଆଲୋଚନା କରାଯିବ । ଭଗବାନ୍ ହେଉଛନ୍ତି ‘‘କ୍ଷେତ୍ରଜ୍ଞ’’ ଚେତନଶୀଳ, ଯେପରି ଜୀବ ଚେତନଶୀଳ ସେହିପରି; କିନ୍ତୁ ଜୀବ ତା’ର ନିର୍ଦ୍ଦିଷ୍ଟ ଶରୀର ପ୍ରତି ଚେତନଶୀଳ, କିନ୍ତୁ ଭଗବାନ୍ ସମସ୍ତ ଶରୀର ପ୍ରତି ଚେତନଶୀଳ ଅଟନ୍ତି, କାରଣ ସେ ସମସ୍ତ ଜୀବର ହୃଦୟରେ ଅବସ୍ଥାନ କରନ୍ତି । ସେ ନିର୍ଦ୍ଦିଷ୍ଟ ଜୀବଗଣର ଆତ୍ମାର ଗମନାଗମନ ପ୍ରତି ଚେତନଶୀଳ ଅଟନ୍ତି । ଏହା ଆମ୍ଭେମାନେ ଭୁଲିଯିବା ଉଚିତ୍ ନୁହେଁ । ଏହା ମଧ୍ୟ ବର୍ଣ୍ଣନା କରାଯାଇଛି ଯେ ପରମାତ୍ମା ବା ପରମପୁରୁଷ ଭଗବାନ୍ ପ୍ରତ୍ୟେକ ଜୀବର ହୃଦୟରେ ଈଶ୍ୱର ବା ନିୟନ୍ତ୍ରଣକାରୀ ରୂପରେ ବିଦ୍ୟମାନ ଏବଂ ସେ ଜୀବକୁ ନିର୍ଦ୍ଦେଶ ଦେଉଛନ୍ତି, ସେ (ଜୀବ) କିପରି ତାଙ୍କ ନିର୍ଦ୍ଦେଶାନୁଯାୟୀ କର୍ମ କରିବ; କିନ୍ତୁ ଜୀବ ଭୁଲିଯାଉଛି, କଅଣ କରିବାକୁ ହେବ । ପ୍ରଥମେ ସେ (ଜୀବ) ଗୋଟିଏ ବିଧିରେ କର୍ମ କରିବାକୁ ସ୍ଥିର କରେ ଏବଂ ତପରେ ସେ ନିଜ କର୍ମର ପ୍ରତିକ୍ରିୟାରେ ଜଡ଼ିତ ହୋଇଯାଏ ବା କର୍ମଫଳବନ୍ଧନରେ ପଡ଼ିଯାଏ । ଆମ୍ଭେମାନେ ଯେପରି ପୁରୁଣା ଲୁଗା ବା ପୋଷାକ ବଦଳାଉ, ସେହିପରି ସେ ଗୋଟିଏ ଶରୀର ତ୍ୟାଗ କରି ଅନ୍ୟ ଶରୀର ମଧ୍ୟରେ ପ୍ରବେଶ କରେ (ଅର୍ଥାତ୍ ଶରୀର ବଦଳାଏ) । ଏହିପ୍ରକାରେ ଆତ୍ମା ସ୍ଥାନାନ୍ତରିତ ହେଲେ ସେ ତା’ର ଗତ (ଜନ୍ମର) କର୍ମର ଫଳାଫଳ ଭୋଗକରେ । ଯେତେବେଳେ ଜୀବ ସାତ୍ତ୍ୱିକ ସ୍ତରରେ ରହେ, ସୁସ୍ଥ ମାନସିକ ଅବସ୍ଥାରେ ରହେ ଏବଂ ଯେତେବେଳେ ସେ ବୁଝିପାରେ ଯେ ସେ କି ପ୍ରକାରର କର୍ମ କରିବ, ସେତେବେଳେ ଏ କର୍ମମାନ ବଦଳାଇ ଦିଆଯାଇପାରେ । ଯଦି ସେ ଏପରି କରେ, ତାହାହେଲେ ତା’ର ଗତକର୍ମର ସମସ୍ତ ପ୍ରତିକ୍ରିୟା ବଦଳିଯାଇପାରେ । ପରିଣାମତଃ, କର୍ମ ଶାଶ୍ୱତ ନୁହେଁ, ତେଣୁ ଆମେ କହିଲୁ ଯେ ଈଶ୍ୱର, ଜୀବ, ପ୍ରକୃତି, ସମୟ ବା କାଳ ଏବଂ କର୍ମ ଏ ପାଞ୍ଚୋଟି ମଧ୍ୟରୁ ଗ୍ୱରୋଟି ଶାଶ୍ୱତ ଅଟେ; କିନ୍ତୁ କର୍ମ ଶାଶ୍ୱତ ନୁହେଁ । ଏହି ପ୍ରକାରେ ପରମ ଚେତନଶୀଳ ଈଶ୍ୱର ଜୀବସହ ସମାନ ଅଟନ୍ତି । ଭଗବାନ୍ ଓ ଜୀବ ଉଭୟଙ୍କର ଚେତନା ଦିବ୍ୟ ଅଟେ । ଏହା ଏପରି କଥା ନୁହେଁ ଯେ ଭୌତିକ ପଦାର୍ଥର ସଂସ୍ପର୍ଶରେ ଚେତନାର ସୃଷ୍ଟି ହୁଏ । ଏହା ହେଉଛି ଭ୍ରାନ୍ତ ଧାରଣା । ଭୌତିକ ସଂସ୍ପର୍ଶରେ ଚେତନା ବୃଦ୍ଧିଲାଭ କରେ । ଏହି ଯେଉଁ କଥା ଏହା ଭଗବଦ୍ ଗୀତାରେ ସ୍ୱୀକାର କରାଯାଇନାହିଁ । ଭୌତିକ ଆବରଣ ମଧ୍ୟ ଦେଇ ଚେତନା ବିପରୀତ ଭାବେ ପ୍ରତିଫଳିତ ହୋଇପାରେ । ଯେପରି ରଙ୍ଗୀନ କାଚ ମଧ୍ୟଦେଇ ଆଲୋକ ଗତି କରେ, ତାହା କାଚର ରଙ୍ଗ ଅନୁଯାୟୀ ରଙ୍ଗୀନ୍ ହୋଇଯାଏ, ସେହିପରି ଚେତନା ଭୌତିକ ଆବରଣ ଦେଇ ପ୍ରକାଶିତ ହେଲେ, ଭୌତିକ ଦୋଷଦୁଷ୍ଟ ହୋଇଯାଏ; କିନ୍ତୁ ଭଗବାନଙ୍କ ଚେତନା ଭୌତିକ ଦୋଷଦୁଷ୍ଟ ନୁହେଁ ।

ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି, *''ମୟାଧ୍ୟକ୍ଷେଣ ପ୍ରକୃତିଃ''* । ସେ ଯେତେବେଳେ ଏ ଭୌତିକ ବ୍ରହ୍ମାଣ୍ଡରେ ଅବତରଣ କରନ୍ତି, ସେତେବେଳେ ତାଙ୍କର ଚେତନା ଭୌତିକ ଦୋଷଦୁଷ୍ଟ ହୁଏ ନାହିଁ । ଯଦି ସେ ଏପରି ଦୋଷଦୁଷ୍ଟ ହେଉଥାନ୍ତେ, ତାହାହେଲେ ସେ ଏ ଭଗବଦ୍‌ଗୀତା ରୂପରେ ଦିବ୍ୟବାଣୀ କହିବାକୁ ଅଯୋଗ୍ୟ ହୋଇପଡ଼ନ୍ତେ । ବ୍ୟକ୍ତି ଭୌତିକ ଦୋଷରୁ ମୁକ୍ତ ନହେଲେ ବା ଭୌତିକ ଦୋଷବିମୁକ୍ତ ଚେତନାର ଅଧିକାରୀ ନ ହେଲେ ଦିବ୍ୟ ଜଗତ ସମ୍ବନ୍ଧରେ କିଛି କହିପାରିବ ନାହିଁ; ତେଣୁ ଭଗବାନ୍ ଭୌତିକ ଦୋଷଦୁଷ୍ଟ ନୁହନ୍ତି । ଅବଶ୍ୟ ବର୍ତ୍ତମାନ ଆମ୍ଭମାନଙ୍କର ଚେତନା ଭୌତିକ ଦୋଷଦୁଷ୍ଟ ହୋଇପଡ଼ିଛି । ଭଗବଦ୍ ଗୀତା ଆମ୍ଭମାନଙ୍କୁ ଶିକ୍ଷା ଦେଉଛି ଯେ, ଆମ୍ଭମାନଙ୍କୁ ଏ ଭୌତିକ ଦୋଷଯୁକ୍ତ ଚେତନାକୁ ବିଶୁଦ୍ଧ କରିବାକୁ ପଡ଼ିବ । ବିଶୁଦ୍ଧ ଚେତନାରେ କର୍ମ କଲେ ଆମ୍ଭମାନଙ୍କର କର୍ମ ଈଶ୍ୱରଙ୍କ ଇଚ୍ଛାନୁଯାୟୀ ସମ୍ପାଦିତ ହେବ ଏବଂ ତାହାହେଲେ ଆମ୍ଭେମାନେ ସୁଖୀ ହେବା; କିନ୍ତୁ କଥାଟା ଏହା ନୁହେଁ ଯେ ଆମ୍ଭେମାନେ ସମସ୍ତ କର୍ମ ତ୍ୟାଗ କରିଦେବା, ବରଂ ଆମ୍ଭମାନଙ୍କର କର୍ମ ବିଶୁଦ୍ଧ ହେବା ଉଚିତ୍ । ଏହି ବିଶୁଦ୍ଧ କର୍ମକୁ ଭକ୍ତି କୁହାଯାଏ । ଭକ୍ତିଯୋଗରେ କରାଯାଉଥିବା କର୍ମ ସାଧାରଣ କର୍ମ ଭଳି ପ୍ରତୀତ ହୁଏ; କିନ୍ତୁ ତାହା ଦୋଷଦୁଷ୍ଟ ନୁହେଁ । ଏକ ମୂର୍ଖବ୍ୟକ୍ତି ବା ଅଜ୍ଞବ୍ୟକ୍ତି ଦେଖିପାରେ ଯେ ଜଣେ ଭକ୍ତ ଏକ ସାଧାରଣ ମାନବ ଭଳି କର୍ମ କରୁଛି; କିନ୍ତୁ ଅଳ୍ପଜ୍ଞାନ ସମ୍ପନ୍ନ ସେ ବ୍ୟକ୍ତି ଜାଣେ ନାହିଁ ଯେ ଭକ୍ତର କର୍ମ କିମ୍ବା ଭଗବାନଙ୍କର କର୍ମ ଦୂଷିତ ଚେତନାରେ ବା ଭୌତିକ ଦୋଷରେ ଦୁଷ୍ଟ ନୁହେଁ । ସେ କର୍ମ ପ୍ରକୃତିର ତ୍ରିଗୁଣର ଊର୍ଦ୍ଧ୍ୱରେ ସମ୍ପାଦିତ ହୁଏ; ତେଣୁ ଆମ୍ଭେମାନେ ଜାଣିରଖିବା ଉଚିତ୍ ଯେ, ଏପରି ଭାବରେ ଆମ୍ଭମାନଙ୍କର ଚେତନା ଦୋଷଦୁଷ୍ଟ ହୁଏ ।

ଯେତେବେଳେ ଆମ୍ଭେମାନେ ଭୌତିକ ଦୋଷଦୁଷ୍ଟ ହୋଇଯାଉ, ସେତେବେଳେ ଆମ୍ଭମାନଙ୍କୁ ବଦ୍ଧଜୀବ ବୋଲି କୁହାଯାଏ । ମୁଁ ଯେ ଭୂତପ୍ରକୃତିରୁ ଉଦ୍ଭବ-ଏହି ଯେଉଁ ଧାରଣା, ଏହା ମିଥ୍ୟା ଚେତନାର ପ୍ରକାଶ ଅଟେ । ଏହାକୁ ମିଥ୍ୟାହଙ୍କାର କୁହାଯାଏ । ଯେଉଁ ବ୍ୟକ୍ତି ଶାରୀରିକ ଧାରଣାର ବଶବର୍ତ୍ତୀ, ଅର୍ଥାତ୍ ନିଜକୁ ଏ ଶରୀର ବୋଲି ଭାବେ ଏବଂ ସର୍ବଦା ସେହି ଚିନ୍ତାରେ ହିଁ ନିମଗ୍ନ ଥାଏ, ସେ ତା'ର ପ୍ରକୃତ ସ୍ୱରୂପ କ'ଣ ବୁଝିପାରିବ ନାହିଁ । ବ୍ୟକ୍ତିକୁ ଶାରୀରିକ ଧାରଣାରୁ ମୁକ୍ତ କରିବା ନିମିତ୍ତ ଭଗବଦ୍‌ଗୀତା କୁହାଯାଇଅଛି ଏବଂ ଅର୍ଜୁନଙ୍କୁ ଏ ପ୍ରକାର ପରିସ୍ଥିତିରେ ପକାଇଦିଆଯାଇଥିଲା, ଯାହାଫଳରେ ସେ ଭଗବାନଙ୍କଠାରୁ ଏହି ବାଣୀ ଶ୍ରବଣ କରିବ । ବ୍ୟକ୍ତିକୁ ଦୈହିକ ଧାରଣାରୁ ମୁକ୍ତ ହେବାକୁ ପଡ଼ିବ । ଏହା ଯୋଗୀର ପ୍ରାଥମିକ କାର୍ଯ୍ୟ ଅଟେ । ଯେଉଁ ବ୍ୟକ୍ତି ମୁକ୍ତ ହେବାକୁ ଇଚ୍ଛା କରେ, ସେ ପ୍ରଥମତଃ ଏହି ଧାରଣାର ବଶବର୍ତ୍ତୀ ହେବ ଯେ ସେ ଏ ଭୌତିକ ଶରୀର ନୁହେଁ । ମୁକ୍ତିର ଅର୍ଥ ହେଲା ଭୌତିକ ଧାରଣାରୁ ମୁକ୍ତ ହେବା । ଶ୍ରୀମଦ୍ ଭାଗବତମ୍‌ରେ ମଧ୍ୟ 'ମୁକ୍ତି'ର ସଂଜ୍ଞା ଦିଆଯାଇଅଛି । ମୁକ୍ତିର ଅର୍ଥ ଏ ଭୌତିକ ଜଗତରେ ଦୂଷିତ ଧାରଣାରୁ ମୁକ୍ତ ଏବଂ ଶୁଦ୍ଧ ଚେତନାରେ ଅବସ୍ଥାନ । ଭଗବଦ୍‌ଗୀତାର ସମସ୍ତ ଉପଦେଶ ଏହି ଶୁଦ୍ଧ ଚେତନାକୁ ଜାଗ୍ରତ କରାଇବା ନିମିତ୍ତ ଉଦ୍ଦିଷ୍ଟ ଏବଂ ସେଇଥିପାଇଁ ଆମ୍ଭେମାନେ ଗୀତାର ଶେଷ ଅଧ୍ୟାୟରେ ଦେଖିବାକୁ ପାଉଁ ଯେ ଭଗବାନ୍

ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପଚ୍ଚାରୁଛନ୍ତି ଯେ ସେ ବର୍ତ୍ତମାନ ଶୁଦ୍ଧଚେତନାରେ ଅଛନ୍ତି କି ନାହିଁ ? ଶୁଦ୍ଧଚେତନାର ଅର୍ଥ ଭଗବାନଙ୍କର ଉପଦେଶ ଅନୁଯାୟୀ କାର୍ଯ୍ୟ କରିବା । ଏହା ହେଉଛି ଶୁଦ୍ଧଚେତନାର ସମଗ୍ର କଥା । ଚେତନା ତ ଆମ୍ଭମାନଙ୍କ ମଧ୍ୟରେ ଅଛି, କାରଣ ଆମ୍ଭେମାନେ ଭଗବାନ୍ (ପରମଚେତନା)ଙ୍କର ଅଂଶବିଶେଷ ଅଟୁଁ; କିନ୍ତୁ ଆମ୍ଭମାନଙ୍କ ପକ୍ଷରେ ଏଇ ବିପଦ ଅଛି ଯେ ଆମ୍ଭେମାନେ ନୀଚ ଚେତନା ଅର୍ଥାତ୍ ଭୌତିକ ଗୁଣ ଦ୍ୱାରା ପ୍ରଭାବିତ ହୋଇଯାଉ; କିନ୍ତୁ ଭଗବାନ୍ ପରମଚେତନା ହୋଇଥିବାରୁ ପ୍ରଭାବିତ ହୁଅନ୍ତି ନାହିଁ । ଏହାହେଉଛି ପରମେଶ୍ୱର ଓ ବଦ୍ଧଜୀବ ମଧ୍ୟରେ ପାର୍ଥକ୍ୟ ।

ଏ ଚେତନା କ'ଣ ? ଏ ଚେତନା ହେଉଛି, ''ମୁଁ ଅଟେ'' । ତାହାହେଲେ 'ମୁଁ' କ'ଣ ? ଦୂଷିତ ଚେତନାରେ 'ମୁଁ ଅଟେ'ର ଅର୍ଥ ହେଲା, ମୁଁ ଯାହାସବୁ ଦେଖୁଛି, ସେସବୁର ମାଲିକ ହେଉଛି ମୁଁ । ମୁଁ ଭୋକ୍ତା ବା ଉପଭୋଗକାରୀ ଅଟେ । ପୃଥିବୀ ଗତି କରୁଛି, କାରଣ ପ୍ରତ୍ୟେକ ଜୀବ ଭାବୁଛି ଯେ ସେ ଏ ଭୌତିକ ଜଗତର ପ୍ରଭୁ ଓ ସ୍ରଷ୍ଟା । ଭୌତିକ ଚେତନାର ଦୁଇଟି ମାନସିକ ବିଭାଗ ଅଛି । ଗୋଟିଏ ହେଉଛି - ମୁଁ ସ୍ରଷ୍ଟା ଏବଂ ଅନ୍ୟଟି ହେଉଛି ମୁଁ ଭୋକ୍ତା ବା ଉପଭୋଗକାରୀ; କିନ୍ତୁ ବାସ୍ତବରେ ପରମେଶ୍ୱର ହେଉଛନ୍ତି ଉଭୟ ସ୍ରଷ୍ଟା ଓ ଭୋକ୍ତା ଏବଂ ଜୀବ ପରମେଶ୍ୱରଙ୍କର ଅଂଶବିଶେଷ ହୋଇଥିବାରୁ ସ୍ରଷ୍ଟା ନୁହେଁ କି ଭୋକ୍ତା ନୁହେଁ । ସେ କେବଳ ଏକ ସହଯୋଗକାରୀ ଅଟେ । ସେ ହେଉଛି ସୃଷ୍ଟ (ଜୀବ) ଏବଂ ଉପଭୋଗ୍ୟ । ଉଦାହରଣ ସ୍ୱରୂପ, କୌଣସି ଯନ୍ତ୍ରର ଗୋଟିଏ ଅଂଶ ସମଗ୍ର ଯନ୍ତ୍ର ସହ ସହଯୋଗ କରେ; ଶରୀରର ଏକ ଅଂଶ ସମଗ୍ର ଶରୀର ସହ ସହଯୋଗ କରେ । ହସ୍ତ, ପଦ, ଚକ୍ଷୁ ଆଦି ଶରୀରର ଅଂଶବିଶେଷ ଅଟନ୍ତି; କିନ୍ତୁ ସେମାନେ ବାସ୍ତବରେ ଭୋକ୍ତା ବା ଉପଭୋଗକାରୀ ନୁହଁନ୍ତି । ଉଦର ହେଉଛି ଭୋକ୍ତା । ପାଦ ବିଚରଣ କରେ, ହସ୍ତ ଖାଦ୍ୟ ଯୋଗାଏ, ଦନ୍ତ ଚର୍ବଣ କରେ ଏବଂ ଶରୀରର ସମସ୍ତ ଅଂଶ ଉଦରର ସନ୍ତୋଷବିଧାନ ନିମିତ୍ତ ସର୍ବଦା ନିଯୁକ୍ତ, କାରଣ ଉଦର ହେଉଛି ପ୍ରଧାନ ଅଙ୍ଗ, ଯେ କି ଶାରୀରିକ ବ୍ୟବସ୍ଥାର ପୁଷ୍ଟିସାଧନ କରେ, ତେଣୁ ସବୁ ହିଁ ଉଦରକୁ ଦିଆଯାଏ । ବୃକ୍ଷର ମୂଳରେ ଜଳସେଚନ କରି ବୃକ୍ଷର ପୁଷ୍ଟିବର୍ଦ୍ଧନ କରାଯାଏ ଏବଂ ଉଦରକୁ ଖାଦ୍ୟ ଯୋଗାଇ ଶରୀରର ପୁଷ୍ଟିବର୍ଦ୍ଧନ କରାଯାଏ, କାରଣ ଶରୀରକୁ ସୁସ୍ଥ ରଖିବାକୁ ହେଲେ, ଶରୀରର ସମସ୍ତ ଅଙ୍ଗ ଉଦରକୁ ଖାଦ୍ୟଯୋଗାଣ କାର୍ଯ୍ୟରେ ସହଯୋଗ କରିବା ଉଚିତ୍ । ଠିକ୍ ସେହିପରି ପରମେଶ୍ୱର ହେଉଛନ୍ତି ସ୍ରଷ୍ଟା ଓ ଭୋକ୍ତା ଏବଂ ଆମ୍ଭେମାନେ ଅଧସ୍ତନ ଜୀବ ହୋଇଥିବାରୁ ତାଙ୍କର (ଭଗବାନଙ୍କର) ସନ୍ତୋଷବିଧାନ କାର୍ଯ୍ୟରେ ସହଯୋଗ କରିବା ଆମ୍ଭମାନଙ୍କର କାମ । ଏ ସହଯୋଗ ହିଁ ବାସ୍ତବରେ ଆମ୍ଭମାନଙ୍କୁ ସାହାଯ୍ୟ କରିବ । ଯେପରି କି ଉଦରକୁ ଦିଆଯାଉଥିବା ଖାଦ୍ୟ ଶରୀରର ଅନ୍ୟ ସମସ୍ତ ଅଙ୍ଗର ପୁଷ୍ଟିବିଧାନରେ ସାହାଯ୍ୟ କରେ, ଠିକ୍ ସେହିପରି ଜୀବଗଣ ଭଗବାନଙ୍କୁ ସନ୍ତୁଷ୍ଟ କରିବାରେ ସହଯୋଗ କଲେ ନିଜେ ଉପକୃତ ହୁଅନ୍ତି । ଯଦି ହାତର ଆଙ୍ଗୁଠିଗୁଡ଼ିକ ଭାବନ୍ତି ଯେ, ସେମାନେ ଉଦରକୁ ଖାଦ୍ୟ ନ ଦେଇ ନିଜେ ଉପଭୋଗ କରିବେ, ତାହାହେଲେ ସେମାନେ ହତାଶ ହେବେ । ସୃଷ୍ଟି ଓ ଉପଭୋଗର କେନ୍ଦ୍ର ହେଲେ ପରମେଶ୍ୱର ଏବଂ ଜୀବଗଣ ସହଯୋଗକାରୀ ଅଟନ୍ତି । ସହଯୋଗ

କରିବାଦ୍ୱାରା ସେମାନେ ଉପଭୋଗ କରନ୍ତି । ସମ୍ପର୍କ ହେଲା ସେବ୍ୟ-ସେବକ ସମ୍ବନ୍ଧ ବା ପ୍ରଭୁ-ଭୃତ୍ୟ ସମ୍ବନ୍ଧ ।ଯଦି ପ୍ରଭୁ ପୂର୍ଣ୍ଣ ସନ୍ତୋଷଲାଭ କରନ୍ତି, ତାହାହେଲେ ସେବକ ସନ୍ତୋଷଲାଭ କରେ । ଠିକ୍ ସେହିପରି ଭଗବାନଙ୍କୁ ସନ୍ତୁଷ୍ଟ କରିବା ଉଚିତ୍ । ଯଦିଓ ଜୀବମାନଙ୍କ ମଧ୍ୟରେ ସ୍ରଷ୍ଟା ହେବାର ଏବଂ ଭୂତପ୍ରକୃତିକୁ ଉପଭୋଗ କରିବାର ପ୍ରବୃତ୍ତି ଅଛି, ତଥାପି ଭଗବାନଙ୍କୁ ସନ୍ତୁଷ୍ଟ କରିବା ସେମାନଙ୍କର କର୍ତ୍ତବ୍ୟ ।ଜୀବମାନଙ୍କଠାରେ ଏପ୍ରକାର ପ୍ରବୃତ୍ତି ଦୃଷ୍ଟିଗୋଚର ହେବାର କାରଣ ହେଲା, ଏପ୍ରକାର ପ୍ରବୃତ୍ତି ଦୃଶ୍ୟ ଜଗତର ସ୍ରଷ୍ଟା ପରମେଶ୍ୱରଙ୍କଠାରେ ଅଛି ।

ତେଣୁ ଆମ୍ଭେମାନେ ଭଗବଦ୍‌ଗୀତାରେ ଦେଖିବାକୁ ପାଇବା ଯେ, ଭଗବଦ୍ ଗୀତାର ସଂପୂର୍ଣ୍ଣ ବିଷୟବସ୍ତୁ-ପରମନିୟନ୍ତା ଭଗବାନ୍, ନିୟନ୍ତ୍ରିତ ଜୀବଗଣ, ଦୃଶ୍ୟଜଗତ, ଅନନ୍ତକାଳ ଓ କର୍ମ ଏଇଗୁଡ଼ିକୁ ନେଇ ଗଠିତ ଏବଂ ଏସମସ୍ତ ବିଷୟ ଭଗବଦ୍‌ଗୀତାରେ ବର୍ଣ୍ଣନା କରାଯାଇଅଛି । ଏସବୁକୁ ନେଇ ପରିପୂର୍ଣ୍ଣତା ଗଠିତ ହୋଇଛି ଏବଂ ଏ ସମଗ୍ର ପରିପୂର୍ଣ୍ଣତାକୁ ହିଁ ପରମ ସତ୍ୟ ବା ପରଂବ୍ରହ୍ମ କୁହାଯାଏ । ସମଗ୍ର ପରିପୂର୍ଣ୍ଣତା ଏବଂ ପରମ ସତ୍ୟ ପରଂବ୍ରହ୍ମ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ଅଟନ୍ତି । ତାଙ୍କର ବିଭିନ୍ନ ଶକ୍ତିର ପ୍ରକାଶ ଯୋଗୁଁ ଏମାନେ ପ୍ରକାଶିତ ହୁଅନ୍ତି ।ସେ ହେଉଛନ୍ତି ପୂର୍ଣ୍ଣ ପରମେଶ୍ୱର ।

ଏକଥା ମଧ୍ୟ ଭଗବଦ୍‌ଗୀତାରେ କୁହାଯାଇଛି ଯେ, ନିର୍ବିଶେଷ ବ୍ରହ୍ମ ପୂର୍ଣ୍ଣ ପରମେଶ୍ୱରଙ୍କର ଅଧସ୍ତନ ଅଟନ୍ତି ।ଏ ବ୍ରହ୍ମ କଥା ବ୍ରହ୍ମସୂତ୍ରରେ ଅଧିକ ସୁସ୍ପଷ୍ଟଭାବେ ବର୍ଣ୍ଣନା କରାଯାଇଅଛି ।ସେଥିରେ କୁହାଯାଇଛି ଯେ, ଏହା ସୂର୍ଯ୍ୟଙ୍କର କିରଣ ସଦୃଶ । ନିର୍ବିଶେଷ ବ୍ରହ୍ମ, ପରମପୁରୁଷ ଭଗବାନଙ୍କର ଉଜ୍ଜ୍ୱଳ କିରଣ ଅଟେ । ନିର୍ବିଶେଷ ବ୍ରହ୍ମାନୁଭୂତି, ପୂର୍ଣ୍ଣ ପରମେଶ୍ୱରଙ୍କ ସମ୍ବନ୍ଧୀୟ ଅସଂପୂର୍ଣ୍ଣ ଅନୁଭୂତି ଅଟେ ଏବଂ ତାହା ହିଁ ମଧ୍ୟ ପରମାତ୍ମା ଅନୁଭୂତି ପ୍ରତି ପ୍ରଯୁଜ୍ୟ ।ଦ୍ୱାଦଶ ଅଧ୍ୟାୟରେ ଏହା ଜଣାପଡ଼ିବ ଯେ, ପରମପୁରୁଷ ଭଗବାନ୍ ପୁରୁଷୋତ୍ତମ, ଉଭୟ ନିର୍ବିଶେଷ ବ୍ରହ୍ମ ଏବଂ ଆଂଶିକ ପରମାତ୍ମା ଅନୁଭୂତିର ବହୁତ ଉର୍ଦ୍ଧ୍ୱରେ ।ପରମପୁରୁଷ ଭଗବାନଙ୍କୁ ସଚ୍ଚିଦାନନ୍ଦ ବିଗ୍ରହ ବୋଲି କୁହାଯାଏ ।ନିମ୍ନମତେ ବ୍ରହ୍ମସଂହିତା ଆରମ୍ଭ ହୋଇଛି- *''ଈଶ୍ୱରଃ ପରମଃ କୃଷ୍ଣଃ ସଚ୍ଚିଦାନନ୍ଦ ବିଗ୍ରହଃ ।ଅନାଦିର୍ ଆଦିର୍ ଗୋବିନ୍ଦଃ ସର୍ବ କାରଣ-କାରଣମ୍ ।''* ''କୃଷ୍ଣ, ସର୍ବକାରଣର କାରଣ ଅଟନ୍ତି ।ସେ ହେଉଛନ୍ତି ପରମ କାରଣ ଏବଂ ସେ ସତ୍ ଚିତ୍ ଆନନ୍ଦମୟ ବିଗ୍ରହ ଅଟନ୍ତି, ଅର୍ଥାତ୍ ସେ ଶାଶ୍ୱତ, ଅସ୍ତିତ୍ୱ ଜ୍ଞାନ ଓ ଆନନ୍ଦର ବିଗ୍ରହ ଅଟନ୍ତି ।'' ନିର୍ବିଶେଷ ବ୍ରହ୍ମାନୁଭୂତି, ତାଙ୍କର 'ସତ୍ (ଅର୍ଥାତ୍ ଅସ୍ତିତ୍ୱ) ଲକ୍ଷଣର ଅନୁଭୂତି ଅଟେ ।ପରମାତ୍ମା ଅନୁଭୂତି, ତାଙ୍କର 'ଚିତ୍' (ଅର୍ଥାତ୍ ଶାଶ୍ୱତ ଜ୍ଞାନ) ଲକ୍ଷଣର ଅନୁଭୂତି ଅଟେ; କିନ୍ତୁ ଭଗବାନ୍ (ଅର୍ଥାତ୍ ପରମ ପୁରୁଷ ଭଗବାନ୍ ଶ୍ରୀକୃଷ୍ଣ) ଅନୁଭୂତି ସମସ୍ତ ଦିବ୍ୟ ଲକ୍ଷଣ ଅର୍ଥାତ୍ ସତ୍ (ଅସ୍ତିତ୍ୱ), ଚିତ୍ (ଜ୍ଞାନ) ଏବଂ ଆନନ୍ଦ (ଦିବ୍ୟ ଆନନ୍ଦ) ଲକ୍ଷଣର ଅନୁଭୂତି ଅଟେ ।ଭଗବାନ୍ ଅନୁଭୂତି, ସତ୍, ଚିତ୍, ଆନନ୍ଦମୟ ଏକ ପୂର୍ଣ୍ଣ ବିଗ୍ରହର ଅନୁଭୂତି ଅଟେ ।

ଅଳ୍ପବୁଦ୍ଧି ସମ୍ପନ୍ନ ବ୍ୟକ୍ତିଗଣ ପରଂବ୍ରହ୍ମଙ୍କୁ ନିର୍ବିଶେଷ ବା ନିରାକାର ବୋଲି ଭାବନ୍ତି; କିନ୍ତୁ ସେ ହେଉଛନ୍ତି ଏକ ଦିବ୍ୟ ପୁରୁଷ ଏବଂ ଏହା ସମସ୍ତ ବୈଦିକ ସାହିତ୍ୟରେ ସ୍ୱୀକୃତ ହୋଇଅଛି । *''ନିତ୍ୟୋ ନିତ୍ୟାନାମ୍ ଚେତନଶ୍ ଚେତନାନାମ୍ ।''* ଯେପରି ଆମ୍ଭେମାନେ ପ୍ରତ୍ୟେକ

ଜଣେ ଜଣେ ବ୍ୟକ୍ତି ବା ଜୀବ ଏବଂ ଆମ୍ଭମାନଙ୍କର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଅଛି, ସେହିପରି ପରଂବ୍ରହ୍ମ ପରମପୁରୁଷ ଅଟନ୍ତି ଏବଂ ଭଗବାନ୍ ଅନୁଭୂତି ହେଉଛି ସମସ୍ତ ଦିବ୍ୟଗୁଣର ଏକ ପରିପୂର୍ଣ୍ଣ ବିଗ୍ରହର ଅନୁଭୂତି । ପରଂବ୍ରହ୍ମ ନିରାକାର ନୁହଁନ୍ତି । ସେ ଯଦି ନିରାକାର ହୋଇଥାନ୍ତେ କିମ୍ବା ଅନ୍ୟ ଯେକୌଣସି ବସ୍ତୁଠାରୁ ହୀନ ହୋଇଥାନ୍ତେ, ତାହାହେଲେ ସେ ପୂର୍ଣ୍ଣ ପରମେଶ୍ୱର ବା ପରଂବ୍ରହ୍ମ ହୋଇପାରି ନଥାନ୍ତେ । ପୂର୍ଣ୍ଣ ପରମେଶ୍ୱରଙ୍କର ସବୁକିଛି ଆମ୍ଭମାନଙ୍କର ଅନୁଭୂତି ମଧ୍ୟରେ ଏବଂ ଆମ୍ଭମାନଙ୍କର ଅନୁଭୂତିର ଉର୍ଦ୍ଧ୍ୱରେ ନିଶ୍ଚୟ ରହିବ, ତାହା ନହେଲେ ସେ ପରିପୂର୍ଣ୍ଣ ହୋଇପାରିବେ ନାହିଁ । ପୂର୍ଣ୍ଣ ପରମେଶ୍ୱରଙ୍କର ଅପରିମିତ ଶକ୍ତି ଅଛି ।

କୃଷ୍ଣ କିପରି ବିଭିନ୍ନ ଶକ୍ତିରେ କାର୍ଯ୍ୟ କରନ୍ତି-ତାହା ମଧ୍ୟ ଭଗବଦ୍ ଗୀତାରେ ବର୍ଣ୍ଣନା କରାଯାଇଅଛି । ଏ ଦୃଶ୍ୟଜଗତ ବା ଭୌତିକ ଜଗତ, ଯେଉଁଥିରେ କି ଆମ୍ଭେମାନେ ବାସ କରୁଛେ, ତାହା ମଧ୍ୟ ପୂର୍ଣ୍ଣ ଅଟେ; କାରଣ ଯେଉଁ ଚବିଶତତ୍ତ୍ୱରେ ଏ ଅସ୍ଥାୟୀ ଦୃଶ୍ୟଜଗତ ପ୍ରକାଶିତ ହୋଇଛି, ସାଂଖ୍ୟଦର୍ଶନ ଅନୁଯାୟୀ ସେଗୁଡ଼ିକ ସଂପୂର୍ଣ୍ଣରୂପେ ସୁସଂଗଠିତ ହୋଇଛନ୍ତି । ଏ ବ୍ରହ୍ମାଣ୍ଡର ସୁରକ୍ଷା ଓ ପ୍ରତିପାଳନ ନିମିତ୍ତ ଯାହାସବୁ ଦରକାର, ସେଗୁଡ଼ିକର ଉତ୍ପାଦନ ଉଦ୍ଦେଶ୍ୟରେ ସେ ଚବିଶତତ୍ତ୍ୱ ଉପଯୁକ୍ତଭାବେ ସମ୍ବନ୍ଧିତ ହୋଇଛନ୍ତି । ସେଥିରେ କୌଣସି ଆଧିକ୍ୟ ନାହିଁ କି ସ୍ୱଳ୍ପତା ନାହିଁ । ପୂର୍ଣ୍ଣ ପରମେଶ୍ୱରଙ୍କର ଶକ୍ତି ସାହାଯ୍ୟରେ ଏ ଦୃଶ୍ୟଜଗତର ଆୟୁଷ ସ୍ଥିର କରାଯାଇଛି । ଯେତେବେଳେ ଏହାର ଆୟୁଷ ଶେଷ ହୁଏ, ସେତେବେଳେ ଏ ଅସ୍ଥାୟୀ ଦୃଶ୍ୟଜଗତ ଧ୍ୱଂସ ହୋଇଯାଏ । ପୂର୍ଣ୍ଣ ପରମେଶ୍ୱରଙ୍କର ପୂର୍ଣ୍ଣ ବ୍ୟବସ୍ଥା ଅନୁଯାୟୀ ଏହାର ଧ୍ୱଂସ ସାଧିତ ହୁଏ । କ୍ଷୁଦ୍ର ପୂର୍ଣ୍ଣ ଏକକ ଅର୍ଥାତ୍ ଜୀବଗଣ କିପରି ପୂର୍ଣ୍ଣ ପରମେଶ୍ୱରଙ୍କର ଅନୁଭୂତିଲାଭ କରିବେ, ସେଥିନିମିତ୍ତ ଏଠାରେ (ଏ ଭୌତିକ ବ୍ରହ୍ମାଣ୍ଡରେ) ପୂର୍ଣ୍ଣ ସୁବିଧା ଦିଆଯାଇଅଛି । ଜୀବଗଣ ପୂର୍ଣ୍ଣବ୍ରହ୍ମଙ୍କ ସମ୍ବନ୍ଧରେ ପୂର୍ଣ୍ଣ ଜ୍ଞାନ ଲାଭ କରି ନ ପାରିଥିବାରୁ ସମସ୍ତ ପ୍ରକାର ଅସଂପୂର୍ଣ୍ଣତା ଅନୁଭୂତ ହୁଏ; ତେଣୁ ପୂର୍ଣ୍ଣ ବୈଦିକ ଜ୍ଞାନ ଭଗବଦ୍ ଗୀତାରେ ହିଁ ସନ୍ନିବିଷ୍ଟ ହୋଇଅଛି ।

ସମସ୍ତ ବୈଦିକ ଜ୍ଞାନ ଅଭ୍ରାନ୍ତ ଅଟେ ଏବଂ ହିନ୍ଦୁମାନେ ବୈଦିକ ଜ୍ଞାନକୁ ପୂର୍ଣ୍ଣ ଓ ଅଭ୍ରାନ୍ତରୂପେ ଗ୍ରହଣ କରିଛନ୍ତି । ଉଦାହରଣ ସ୍ୱରୂପ, ଗୋମୟ, ଏକ ପ୍ରାଣୀର ମଳ ଏବଂ ସ୍ମୃତି ବା ବୈଦିକ ନିୟମ ଅନୁଯାୟୀ ଯଦି କେହି କୌଣସି ପ୍ରାଣୀର ମଳ ସ୍ପର୍ଶ କରେ; ତାହାହେଲେ ନିଜକୁ ଶୁଦ୍ଧ କରିବା ପାଇଁ ତାକୁ ସ୍ନାନ କରିବାକୁ ପଡ଼ିବ; କିନ୍ତୁ ବୈଦିକ ଶାସ୍ତ୍ରମାନଙ୍କରେ ଗୋମୟକୁ ଏକ ବିଶୁଦ୍ଧିକରଣ ପଦାର୍ଥରୂପେ ଗ୍ରହଣ କରାଯାଇଅଛି । କେହି ଏହାକୁ ପରସ୍ପର ବିରୋଧାତ୍ମକ ବୋଲି ଭାବିପାରନ୍ତି; କିନ୍ତୁ ଏହା ସେପରି ନୁହେଁ । ଏହାକୁ ସମସ୍ତେ ଶୁଦ୍ଧ ପଦାର୍ଥରୂପେ ଗ୍ରହଣ କରିଛନ୍ତି, କାରଣ ଏହା ହେଉଛି ବୈଦିକ ନିର୍ଦ୍ଦେଶ ଏବଂ ବାସ୍ତବିକ ଏହାକୁ ଗ୍ରହଣ କଲେ କିଛି ଭୁଲ୍ ହେବ ନାହିଁ । ପୁନଶ୍ଚ ଆଧୁନିକ ବିଜ୍ଞାନ ମଧ୍ୟ ଏହା ପ୍ରମାଣ କରିଛି ଯେ, ଗୋମୟରେ ସମସ୍ତ ଅପବିତ୍ରତାନାଶକ ଗୁଣ ଅଛି; ତେଣୁ ବୈଦିକ ଜ୍ଞାନ ହେଉଛି ପୂର୍ଣ୍ଣ ଜ୍ଞାନ, କାରଣ ଏହା ସମସ୍ତ ଭୁଲ୍ଭ୍ରାନ୍ତି ବା ସନ୍ଦେହର ଉର୍ଦ୍ଧ୍ୱରେ ଏବଂ ଭଗବଦ୍‌ଗୀତା ସମସ୍ତ ବୈଦିକ ଜ୍ଞାନର ସାର ଅଟେ ।

ବୈଦିକ ଜ୍ଞାନ ଗବେଷଣାର ବିଷୟବସ୍ତୁ ନୁହେଁ । ଆମ୍ଭମାନଙ୍କର ଗବେଷଣା କାର୍ଯ୍ୟ ଦୋଷଯୁକ୍ତ । (ଆମ୍ଭେମାନେ ଦୋଷଯୁକ୍ତ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ଗବେଷଣା କରି ଯେଉଁ ସିଦ୍ଧାନ୍ତ ନିର୍ଣ୍ଣୟ କରିବା, ତାହା ନିଶ୍ଚୟ ଦୋଷଯୁକ୍ତ ହେବ ।) ଭଗବଦ୍ ଗୀତାର ବାଣୀ ଅନୁଯାୟୀ ଯାହା ଗୁରୁପରମ୍ପରାକ୍ରମେ ଚ଼ାଲିଆସିଛି, ସେହି ପୂର୍ଣ୍ଣଜ୍ଞାନକୁ ଆମ୍ଭମାନଙ୍କୁ ଗ୍ରହଣ କରିବାକୁ ହେବ । ଜଗଦ୍‌ଗୁରୁ ବା ପରମଗୁରୁ ହେଲେ ସ୍ୱୟଂ ଭଗବାନ୍; ତେଣୁ ତାଙ୍କଠାରୁ ଗଡ଼ିଆସିଥିବା ଗୁରୁପରମ୍ପରା ଦେଇ ଯେଉଁ (ଦିବ୍ୟ) ଜ୍ଞାନ ଚ଼ାଲିଆସିଛି, ସେହି ଦିବ୍ୟଜ୍ଞାନକୁ ଆମ୍ଭମାନଙ୍କୁ ଗ୍ରହଣ କରିବାକୁ ହେବ । ଗୁରୁପରମ୍ପରାରେ ଆସୁଥିବା ଉପଯୁକ୍ତ ଅଧିକାରୀଙ୍କଠାରୁ ଏ ଜ୍ଞାନ ଗ୍ରହଣ କରିବାକୁ ହେବ । ଭଗବାନ୍ ଶ୍ରୀକୃଷ୍ଣ ଯାହା କହିଲେ, ଶିଷ୍ୟ ଅର୍ଜୁନ କୌଣସି ପ୍ରକାର ବିରୋଧ ନ କରି ଗ୍ରହଣ କରିଗଲେ । ବ୍ୟକ୍ତି ଭଗବଦ୍‌ଗୀତାର କିଛି ଅଂଶକୁ ଗ୍ରହଣ କରି ଅନ୍ୟ ଅଂଶକୁ ଯେ ଅଗ୍ରାହ୍ୟ କରିବ-ଏପରି କଥା କିଛି ନୁହେଁ ବା ଏପରି କରିବା ଆଦୌ ଉଚିତ୍ ନୁହେଁ । ଆମ୍ଭେମାନେ ଭଗବଦ୍‌ଗୀତାକୁ ପୂରାପୂରି ଗ୍ରହଣ କରିନେବା ଉଚିତ୍ । ସେଥିରେ କିଛି ଯୋଗ-ବିୟୋଗ କରିବା ଉଚିତ୍ ନୁହେଁ କିମ୍ବା ଆମ୍ଭମାନଙ୍କର ନିଜର ମତାମତ ସେଥିରେ ମିଶାଇବା ଉଚିତ୍ ନୁହେଁ । ଗୀତାକୁ ବୈଦିକ ଜ୍ଞାନର ଅତ୍ୟନ୍ତ ଶୁଦ୍ଧପରିପୂର୍ଣ୍ଣ ପ୍ରକାଶ ବୋଲି ଗ୍ରହଣ କରିବା ଉଚିତ୍ । ବୈଦିକ ଜ୍ଞାନ ଦିବ୍ୟସ୍ତରରୁ ହିଁ ପ୍ରାପ୍ତ ହୁଏ ଏବଂ ପ୍ରଥମ କଥା ସ୍ୱୟଂ ଭଗବାନଙ୍କ ଦ୍ୱାରା ହିଁ କୁହାଯାଇଛି । ଏ ଭୌତିକ ଜଗତର କୌଣସି ବ୍ୟକ୍ତିଙ୍କ କଥାଠାରୁ ଭଗବାନଙ୍କ ଦ୍ୱାରା କୁହାଯାଇଥିବା କଥା ସଂପୂର୍ଣ୍ଣ ଭିନ୍ନ ଅଟେ । ଭୌତିକ ଜଗତରେ ଥିବା ବ୍ୟକ୍ତିର ଚ଼ାରୋଟି ଦୋଷ ଅଛି; ଯଥା — ଭୌତିକ ମାନବ (୧) ନିଶ୍ଚୟ ଭୁଲ୍ କରିବ, (୨) ନିଶ୍ଚୟ ମାୟାମୋହିତ ହେବ (୩) ନିଶ୍ଚୟ ଅନ୍ୟକୁ ଠକିବାକୁ ଚେଷ୍ଟା କରିବ ଏବଂ (୪) ସେ ଦୋଷଯୁକ୍ତ ଇନ୍ଦ୍ରିୟମାନଙ୍କ ଦ୍ୱାରା ସୀମାବଦ୍ଧ । ଏହି ଚ଼ାରୋଟି ଦୋଷଯୁକ୍ତ ହୋଇ ବ୍ୟକ୍ତି କଦାପି ସର୍ବବ୍ୟାପକ ଭଗବଦ୍ ଜ୍ଞାନ ସମ୍ବନ୍ଧରେ ପୂର୍ଣ୍ଣ ବିବରଣ ଦେଇପାରିବ ନାହିଁ ।

ବୈଦିକ ଜ୍ଞାନ ଶିକ୍ଷା କଦାପି ଦୋଷଯୁକ୍ତ ବ୍ୟକ୍ତିଙ୍କଦ୍ୱାରା ଦିଆଯାଇପାରିବ ନାହିଁ । ପ୍ରଥମ ସୃଷ୍ଟଜୀବ ବ୍ରହ୍ମାଙ୍କ ହୃଦୟରେ ଏ ଜ୍ଞାନ ସଞ୍ଚାର କରିଦିଆଯାଇଥିଲା ଏବଂ ତପରେ ବ୍ରହ୍ମା ତାଙ୍କର ପୁତ୍ର ଓ ଶିଷ୍ୟମାନଙ୍କୁ ଏ ଜ୍ଞାନ ପ୍ରଦାନ କଲେ । ସେ ଏ ଜ୍ଞାନ ଭଗବାନଙ୍କଠାରୁ ଯେପରି ଭାବରେ ପ୍ରାପ୍ତ ହୋଇଥିଲେ; ଠିକ୍ ସେହିପରି ଭାବରେ ତାଙ୍କର ଶିଷ୍ୟମାନଙ୍କୁ ପ୍ରଦାନ କଲେ । ଭଗବାନ୍ ହେଉଛନ୍ତି 'ପୂର୍ଣ୍ଣମ୍' ଏବଂ ଭୂତ ପ୍ରକୃତି ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ତାଙ୍କଠାରେ ନାହିଁ । ଯେ ବୁଦ୍ଧିମାନ୍ ବ୍ୟକ୍ତି, ସେ ଏକଥା ଜାଣିରଖିବା ଉଚିତ୍ ଯେ ସମଗ୍ର ବ୍ରହ୍ମାଣ୍ଡରେ ଥିବା ପଦାର୍ଥର ଭଗବାନ୍ ହେଉଛନ୍ତି ଏକମାତ୍ର ମାଲିକ ବା ସ୍ୱତ୍ୱାଧିକାରୀ ଏବଂ ସେ ହେଉଛନ୍ତି ମୌଳିକ ସ୍ରଷ୍ଟା; ସେ ମଧ୍ୟ ବିଧାତା ବା ବ୍ରହ୍ମାଙ୍କର ସ୍ରଷ୍ଟା ଅଟନ୍ତି । ଏକାଦଶ ଅଧ୍ୟାୟରେ ଭଗବାନଙ୍କୁ ପ୍ରପିତାମହ ବୋଲି ସମ୍ବୋଧନ କରାଯାଇଅଛି, କାରଣ ବ୍ରହ୍ମାଙ୍କୁ ପିତାମହ ବୋଲି ସମ୍ବୋଧନ କରାଯାଇଅଛି ଏବଂ ସେ (ଭଗବାନ୍) ହେଉଛନ୍ତି ପିତାମହ (ବ୍ରହ୍ମା)ଙ୍କର ସ୍ରଷ୍ଟା; ତେଣୁ କେହି ଏ ବ୍ରହ୍ମାଣ୍ଡର କୌଣସି ପଦାର୍ଥର ମାଲିକ ବୋଲି ଦାବି କରିବା ଉଚିତ୍ ନୁହେଁ । ଭଗବାନ୍ ବ୍ୟକ୍ତିର ଜୀବନଧାରଣ (ବା ପରିପୋଷଣ) ନିମିତ୍ତ ଆବଶ୍ୟକ ପଦାର୍ଥର ଯେଉଁ

ଭାଗନିର୍ଦ୍ଦିଷ୍ଟ କରି ଦେଇଛନ୍ତି, ବ୍ୟକ୍ତି ସେତିକି ଗ୍ରହଣ କରିବା ଉଚିତ୍ ।

ଭଗବାନ୍ ଆମ୍ଭମାନଙ୍କ ପାଇଁ ଯେତିକି ବ୍ୟବସ୍ଥା କରିଛନ୍ତି, ସେତିକି ପଦାର୍ଥକୁ ଆମେ କିପରି ବ୍ୟବହାର କରିବା, ଏହାର ଅନେକ ଉଦାହରଣ ଅଛି ।ଏହା ମଧ୍ୟ ଭଗବଦ୍‌ଗୀତାରେ ବର୍ଣ୍ଣନା କରାଯାଇଛି ।ପ୍ରଥମେ ଅର୍ଜୁନ ଠିକ୍ କଲେ ଯେ, ସେ କୁରୁକ୍ଷେତ୍ର ଯୁଦ୍ଧରେ ଅଂଶ ଗ୍ରହଣ କରିବେ ନାହିଁ ।ଏହା ତାଙ୍କର ନିଜ ନିଷ୍ପତ୍ତି ଥିଲା ।ଅର୍ଜୁନ ଭଗବାନଙ୍କୁ କହିଲେ ଯେ ଭାଇ, ବନ୍ଧୁ, କୁଟୁମ୍ବଙ୍କୁ (ବା ଆତ୍ମୀୟ ସ୍ୱଜନମାନଙ୍କୁ) ଯୁଦ୍ଧରେ ମାରି ରାଜ୍ୟଭୋଗ କରିବା ସମ୍ଭବପର ନୁହେଁ । ଅର୍ଜୁନଙ୍କର ଏ ନିଷ୍ପତ୍ତି ଏ ଶରୀର ଉପରେ ଆଧାରିତ ହୋଇଥିଲା, କାରଣ ସେ ନିଜକୁ ଏ ଶରୀର ବୋଲି ଭାବୁଥିଲେ ଏବଂ ତାଙ୍କର ଶାରୀରିକ ସମ୍ବନ୍ଧଯୁକ୍ତ ବ୍ୟକ୍ତିଗଣ ତାଙ୍କର ଭାଇ, ଭଣଜା, ଶାଳକ, ପିତାମହ ଓ ପ୍ରପିତାମହ ଆଦି ଅଟନ୍ତି ।ସେ ଏହି ପ୍ରକାରେ ତାଙ୍କର ଶାରୀରିକ ଦାବିକୁ ପୂରଣ କରିବାକୁ ଭାବୁଥିଲେ ।ଏହି ଧାରଣାର ପରିବର୍ତ୍ତନ ନିମିତ୍ତ ଭଗବାନ୍ ଭଗବଦ୍ ଗୀତାବାଣୀ କହିଲେ ଏବଂ ଶେଷରେ ଅର୍ଜୁନ କହିଲେ, *''କରିଷ୍ୟେ ବଚନଂ ତବ''* —ଅର୍ଥାତ୍ ସେ ସ୍ଥିର କଲେ ଯେ, ଭଗବାନଙ୍କ ନିର୍ଦ୍ଦେଶରେ ସେ ଯୁଦ୍ଧ ହିଁ କରିବେ । ''ମୁଁ ଆପଣଙ୍କ କଥା ଅନୁଯାୟୀ କର୍ମ କରିବି ।''

ଏ ପୃଥିବୀରେ ମଣିଷ ବିରାଡ଼ି ଓ କୁକୁରପରି କଳହ କରିବାକୁ ଆସିନାହିଁ ।ମନୁଷ୍ୟ ଜୀବନର ବିଶେଷତ୍ୱ କ'ଣ, ତାହା ବୁଝିବା ନିମିତ୍ତ ତାକୁ ଚେଷ୍ଟା କରିବାକୁ ହେବ ଏବଂ ଏଥିନିମିତ୍ତ ସେ ବୁଦ୍ଧିମାନ୍ ହେବା ଉଚିତ୍ ।ପୁନଶ୍ଚ ସେ ଏକ ସାଧାରଣ ମନୁଷ୍ୟେତର ପ୍ରାଣୀ ଭଳି କର୍ମ କରିବାକୁ ପ୍ରତ୍ୟାଖ୍ୟାନ କରିବା ଉଚିତ୍ ।ମାନବ ତା'ର ଜୀବନର ଲକ୍ଷ୍ୟ କ'ଣ ଜାଣିବା ଉଚିତ୍ ଏବଂ ଏଥିପାଇଁ ପ୍ରତ୍ୟେକ ବୈଦିକ ସାହିତ୍ୟରେ ଦିଗଦର୍ଶନ ଦିଆଯାଇଅଛି ଏବଂ ସେ ସମସ୍ତର ସାରକଥା ଭଗବଦ୍ ଗୀତାରେ କୁହାଯାଇଅଛି ।ବୈଦିକ ସାହିତ୍ୟ ମାନବ ନିମିତ୍ତ ଉଦ୍ଦିଷ୍ଟ, ପଶୁ ନିମିତ୍ତ ନୁହେଁ ।ଗୋଟିଏ ପ୍ରାଣୀ ଅନ୍ୟ ପ୍ରାଣୀକୁ ବଧ କରିପାରେ ଏବଂ ଏଥିନିମିତ୍ତ ପ୍ରାଣୀମାନଙ୍କୁ ପାପଭାଗୀ ହେବାକୁ ପଡ଼େ ନାହିଁ; କିନ୍ତୁ ଯଦି ଜଣେ ମଣିଷ ତା'ର ଅସଂଯତ ଜିହ୍ୱାର ଲାଳସା ମେଣ୍ଟାଇବା ନିମିତ୍ତ ଗୋଟିଏ ପ୍ରାଣୀକୁ ବଧ କରେ, ତାହାହେଲେ ସେ ପ୍ରକୃତିର ନିୟମ ଲଂଘନ କରିବା ଅପରାଧରେ ନିଶ୍ଚୟ ଦଣ୍ଡିତ ହେବ ।ଭଗବଦ୍‌ଗୀତାରେ ପ୍ରାକୃତିକ ଗୁଣ ଅନୁଯାୟୀ ତିନିପ୍ରକାର କର୍ମ ଥିବାର ପରିଷ୍କାର ଭାବରେ ବର୍ଣ୍ଣନା କରାଯାଇଅଛି । ତାହା ହେଉଛି, ସାତ୍ତ୍ୱିକ କର୍ମ, ରାଜସିକ କର୍ମ ଓ ତାମସିକ କର୍ମ ।ଠିକ୍ ସେହିପରି ତିନିପ୍ରକାର ଖାଦ୍ୟ ଅଛି, ଯଥା-ସାତ୍ତ୍ୱିକ ଖାଦ୍ୟ, ରାଜସିକ ଖାଦ୍ୟ ଓ ତାମସିକ ଖାଦ୍ୟ ।ଏସବୁ କଥା ପରିଷ୍କାର ଭାବରେ ବର୍ଣ୍ଣନା କରାଯାଇଅଛି ଏବଂ ଆମ୍ଭେମାନେ ଯଦି ସମଗ୍ର ଭଗବଦ୍‌ଗୀତାର ଉପଦେଶକୁ ଯଥାର୍ଥରୂପେ ବ୍ୟବହାର କରିବା, ତାହାହେଲେ ଆମ୍ଭମାନଙ୍କର ଜୀବନ ବିଶୁଦ୍ଧ ହୋଇଯିବ ଏବଂ ପରିଣାମରେ ଆମ୍ଭେମାନେ ଆମ୍ଭମାନଙ୍କର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ନିମିତ୍ତ ସକ୍ଷମ ହୋଇପାରିବା ।ଯାହାକି ଭୌତିକ ଆକାଶର ବହୁ ଊର୍ଦ୍ଧ୍ୱରେ ।

ସେ ଲକ୍ଷ୍ୟସ୍ଥଳକୁ 'ସନାତନ ଆକାଶ' ବା 'ସନାତନ ପରବ୍ୟୋମ' ବୋଲି କୁହାଯାଏ । ଏ ଭୌତିକ ଜଗତରେ ସବୁ ଜିନିଷ ହେଉଛି ଅସ୍ଥାୟୀ । ଏଥିରେ ଥିବା ଜୀବ ଜନ୍ମ ହୁଏ,

କିଛିକାଳ ରହେ, କେତେକ ସନ୍ତାନ ଉତ୍ପନ୍ନ କରେ, ତା'ପରେ ବୁଢ଼ା ହୁଏ ଏବଂ ତା'ପରେ ମୃତ୍ୟୁବରଣ କରେ । ଏହା ହେଉଛି ଭୌତିକ ଜଗତର ନିୟମ । ଏହାର ଉଦାହରଣ ପାଇଁ ଆମ୍ଭେମାନେ ଆମ୍ଭମାନଙ୍କର ଏ ଶରୀରକୁ କିମ୍ବା ଗୋଟିଏ ଫଳକୁ କିମ୍ବା ଆଉ କୌଣସି ପଦାର୍ଥକୁ ବ୍ୟବହାର କରିପାରୁ; କିନ୍ତୁ ଏ ଅସ୍ଥାୟୀ ଜଗତର ବହୁ ଉର୍ଦ୍ଧ୍ୱରେ ଆଉ ଗୋଟିଏ ଜଗତ ଅଛି, ଯାହା ବିଷୟରେ ଆମ୍ଭେମାନେ ଜାଣିଛୁ । ଏ ଜଗତ ହେଉଛି ସନାତନ ବା ଶାଶ୍ୱତ । ଜୀବ ମଧ୍ୟ ସନାତନ ବା ଶାଶ୍ୱତ ବୋଲି ବର୍ଣ୍ଣନା କରାଯାଇଅଛି ଏବଂ ଏକାଦଶ ଅଧ୍ୟାୟରେ ଭଗବାନଙ୍କୁ ମଧ୍ୟ ସନାତନ ବା ଶାଶ୍ୱତ ବୋଲି କୁହାଯାଇଛି । ଆମ୍ଭମାନଙ୍କର ଭଗବାନଙ୍କ ସହ ଏକ ଘନିଷ୍ଠ ସମ୍ପର୍କ ଅଛି, ତେଣୁ ଆମ୍ଭେମାନେ ସମସ୍ତେ ଗୁଣାତ୍ମକଭାବେ ଏକ ବା ସମାନ - ଅର୍ଥାତ୍ ଆମ୍ଭେମାନେ ସମସ୍ତେ ସନାତନ-ସନାତନ ଧାମ ବା ସନାତନ ଆକାଶ, ସନାତନ ପରମପୁରୁଷ ଭଗବାନ୍ ଏବଂ ସନାତନ ଜୀବଗଣ-ତେଣୁ ସମଗ୍ର ଭଗବଦ୍‌ଗୀତାର ଉଦ୍ଦେଶ୍ୟ ହେଲା, ଆମ୍ଭମାନଙ୍କର ସନାତନ ଧନ୍ଦା ବା ସନାତନ ଧର୍ମକୁ (ଯାହା କି ଜୀବର ସନାତନ ଧନ୍ଦା ଅଟେ) ପୁନର୍ଜାଗରଣ କରିବା । ଆମ୍ଭେମାନେ ଅଳ୍ପ ସମୟ ପାଇଁ (ବା ଅସ୍ଥାୟୀଭାବେ) ବିଭିନ୍ନ କର୍ମରେ ନିଯୁକ୍ତ ହୋଇଛୁ; କିନ୍ତୁ ଏସମସ୍ତ କର୍ମ ବିଶୁଦ୍ଧ ହୋଇଯିବ, ଯେତେବେଳେ ଆମ୍ଭେମାନେ ଏସମସ୍ତ ଅସ୍ଥାୟୀ କର୍ମକୁ ତ୍ୟାଗ କରି ପରମେଶ୍ୱରଙ୍କ ଦ୍ୱାରା ଅନୁମୋଦିତ କର୍ମକୁ ଗ୍ରହଣ କରିନେବା; ତାହାକୁ ହିଁ ଦିବ୍ୟଜୀବନ କୁହାଯାଏ ।

ଯେପରି ଜୀବଗଣ ସନାତନ ଅଟନ୍ତି, ସେହିପରି ପରମେଶ୍ୱର ଓ ତାଙ୍କର ଦିବ୍ୟଧାମ- ଉଭୟ ସନାତନ ଅଟନ୍ତି ଏବଂ ସନାତନଧାମରେ ଭଗବାନ୍ ଓ ଜୀବଗଣଙ୍କର ସହାବସ୍ଥାନ ହିଁ ମାନବଜୀବନର ପରମ ଲକ୍ଷ୍ୟ ବା ସିଦ୍ଧି ଅଟେ । ଭଗବାନ୍ ଜୀବମାନଙ୍କ ପ୍ରତି ବଡ଼ ସଦୟ ଅଟନ୍ତି, କାରଣ ସେମାନେ ତାଙ୍କର ସନ୍ତାନ ଅଟନ୍ତି । ଭଗବାନ୍ ଶ୍ରୀକୃଷ୍ଣ ଭଗବଦ୍‌ଗୀତାରେ ଘୋଷଣା କରିଛନ୍ତି, *''ସର୍ବଯୋନିଷୁ, ଅହଂ ବୀଜପ୍ରଦପିତା''* ''ମୁଁ ସମସ୍ତଙ୍କର ପିତା'' । ଅବଶ୍ୟ ସେମାନଙ୍କର ବିଭିନ୍ନ କର୍ମାନୁଯାୟୀ ବିଭିନ୍ନ ପ୍ରକାର ଜୀବ ଅଛନ୍ତି; କିନ୍ତୁ ଏଠାରେ ଭଗବାନ୍ କହୁଛନ୍ତି ଯେ, ସେ ସମସ୍ତଙ୍କର ପିତା ଅଟନ୍ତି ; ତେଣୁ ଭଗବାନ୍ ଏସମସ୍ତ ପତିତ ବଦ୍ଧଜୀବଗଣଙ୍କୁ ସନାତନଧାମକୁ ଫେରିଯିବା ନିମିତ୍ତ ଡାକିବା ପାଇଁ ବା ଉଦ୍ଧାର କରିବା ଲାଗି ଏ ଧରାଧାମରେ ଅବତରଣ କରନ୍ତି । ଏହାଦ୍ୱାରା ସନାତନ ଜୀବଗଣ ଭଗବାନଙ୍କର ସନାତନ ସଙ୍ଗଲାଭ କରି ସେମାନଙ୍କର ସନାତନ ସ୍ଥିତି ପୁନଃପ୍ରାପ୍ତ ହୋଇପାରନ୍ତି । ଭଗବାନ୍ ନିଜେ ବିଭିନ୍ନ ଅବତାରରୂପେ ଆସନ୍ତି କିମ୍ବା ସେ ତାଙ୍କର ବିଶ୍ୱସ୍ତ ସେବକମାନଙ୍କୁ ପୁତ୍ର ରୂପରେ କିମ୍ବା ସହଚର ରୂପରେ କିମ୍ବା ଆଚାର୍ଯ୍ୟ ରୂପରେ ବଦ୍ଧଜୀବମାନଙ୍କର ଉଦ୍ଧାର ନିମିତ୍ତ ପ୍ରେରଣ କରନ୍ତି ।

ତେଣୁ ସନାତନ ଧର୍ମ କୌଣସି ସାଂପ୍ରଦାୟିକ ଧର୍ମ ନୁହେଁ । ଏହା ସନାତନ ଜୀବମାନଙ୍କର ସନାତନ ପରମପ୍ରଭୁଙ୍କ ସହ ସନାତନ ସମ୍ବନ୍ଧରେ ସମ୍ବନ୍ଧିତ ହୋଇ ସନାତନ କର୍ମ କରିବା ଅଟେ । ପୂର୍ବ ବର୍ଣ୍ଣନାନୁଯାୟୀ ସନାତନ ଧର୍ମ ଜୀବର ସନାତନ ଧନ୍ଦାକୁ ବୁଝାଏ । ଶ୍ରୀରାମାନୁଜାଚାର୍ଯ୍ୟ ''ସନାତନ''ଶବ୍ଦର ବ୍ୟାଖ୍ୟା କରି କହିଛନ୍ତି, ''ଯାହାର ଆଦି ନାହିଁ କି ଅନ୍ତ ନାହିଁ, ତାହା ସନାତନ ଅଟେ''; ତେଣୁ ଆମ୍ଭେମାନେ ଯେତେବେଳେ ସନାତନ ଧର୍ମ କଥା କହୁ, ସେତେବେଳେ

ଏହାକୁ ଶ୍ରୀରାମାନୁଜାଚାର୍ଯ୍ୟଙ୍କର ସଂଜ୍ଞାନୁଯାୟୀ ଗ୍ରହଣ କରିବାକୁ ହେବ ଯେ ଏହାର ଆଦି ନାହିଁ କି ଅନ୍ତ ନାହିଁ ।

ଇଂରାଜୀ ଶବ୍ଦ ''ରେଲିଜିଅନ୍'' ଏବଂ ସନାତନ ଧର୍ମ ମଧ୍ୟରେ ଅଳ୍ପ ପାର୍ଥକ୍ୟ ଅଛି ।'ରେଲିଜିଅନ୍' ବିଶ୍ୱାସ କଥା କହେ ଏବଂ ବିଶ୍ୱାସ ପରିବର୍ତ୍ତନ ହୋଇପାରେ ।କୌଣସି ବ୍ୟକ୍ତିର ଏକ ନିର୍ଦ୍ଦିଷ୍ଟ ବିଧିରେ ବିଶ୍ୱାସ ଥାଇପାରେ ଏବଂ ତାଙ୍କର ସେ ବିଶ୍ୱାସ ପରିବର୍ତ୍ତନ ହୋଇପାରେ ଓ ସେ ଅନ୍ୟ ବିଧିରେ ବିଶ୍ୱାସ ବା ଆସ୍ଥା ସ୍ଥାପନ କରିପାରେ; କିନ୍ତୁ ସନାତନ ଧର୍ମ କହିଲେ ଏପରି ଏକ ଶାଶ୍ୱତ କର୍ମକୁ ବୁଝାଏ; ଯାହାର କୌଣସି ପ୍ରକାର ପରିବର୍ତ୍ତନ ହୋଇପାରିବ ନାହିଁ ।ଉଦାହରଣ ସ୍ୱରୂପ, ଜଳରୁ ତରଳତାକୁ କାଢ଼ି ନିଆଯାଇପାରିବ ନାହିଁ କିମ୍ବା 'ଉତ୍ତାପ'କୁ ଅଗ୍ନିରୁ କାଢ଼ି ନିଆଯାଇପାରିବ ନାହିଁ ।ଠିକ୍ ସେହିପରି ସନାତନ ଜୀବର ସନାତନ ଧନ୍ଦାକୁ ଜୀବଠାରୁ କାଢ଼ି ନିଆଯାଇପାରିବ ନାହିଁ ।ସନାତନ ଧର୍ମ ଜୀବସହ ଶାଶ୍ୱତଭାବେ ଜଡ଼ିତ; ତେଣୁ ଆମ୍ଭେମାନେ ଯେତେବେଳେ ସନାତନ ଧର୍ମ କଥା କହୁ ସେତେବେଳେ ଶ୍ରୀରାମାନୁଜାଚାର୍ଯ୍ୟଙ୍କ ମତାନୁଯାୟୀ ଏହାକୁ ଗ୍ରହଣ କରିବାକୁ ହେବ ଯେ ଏହାର ଆଦି ନାହିଁ କି ଅନ୍ତ ନାହିଁ ।ଯାହାର ଆଦି ନାହିଁ କି ଅନ୍ତ ନାହିଁ, ସେ କଦାପି ସାଂପ୍ରଦାୟିକ ହୋଇ ନପାରେ, କାରଣ ଏହାକୁ କୌଣସି ସୀମାଦ୍ୱାରା ଆବଦ୍ଧ କରିହେବ ନାହିଁ ।ତଥାପି ଯେଉଁମାନେ କୌଣସି ସଂପ୍ରଦାୟର ଅଟନ୍ତି, ସେମାନେ ଭୁଲ୍‌ରେ ସନାତନ ଧର୍ମକୁ ସାଂପ୍ରଦାୟିକ ଧର୍ମ ବୋଲି ଭାବନ୍ତି; କିନ୍ତୁ ଆମ୍ଭେମାନେ ଯଦି ଟିକିଏ ଗଭୀର ଚିନ୍ତା କରିବା ବା କଥାଟିକୁ ଆଧୁନିକ ବୈଜ୍ଞାନିକଧାରାରେ ବିଚାର କରିବା, ତେବେ ଦେଖିବା ଯେ ଏ ସନାତନ ଧର୍ମ ପୃଥିବୀର ସମସ୍ତଲୋକଙ୍କର କର୍ମ ଅଟେ- ଏପରି କି ଏହା ସମଗ୍ର ବ୍ରହ୍ମାଣ୍ଡର ଜୀବର କର୍ମ ଅଟେ ।

ଯାହା ସନାତନ ଧର୍ମ ନୁହେଁ, ତାହାର ଆରମ୍ଭ ଅଛି ।ମାନବ ସମାଜର ଇତିହାସ ଖୋଜିଲେ ଆମେ ତାହାର ଆରମ୍ଭ ପାଇବା; କିନ୍ତୁ ସନାତନ ଧର୍ମର ଆଦି (ଆରମ୍ଭ) ନାହିଁ, ଇତିହାସ ଖୋଜିଲେ ଏହାର ଆରମ୍ଭ ସମ୍ବନ୍ଧରେ କିଛି ତୁମେ ପାଇବ ନାହିଁ, କାରଣ ଏହା ଶାଶ୍ୱତଭାବେ ଜୀବସାଥିରେ ରହିଛି ।ପ୍ରାମାଣିକ ଗ୍ରନ୍ଥଗୁଡ଼ିକ କହନ୍ତି ଯେ, ଜୀବର ଜନ୍ମ ନାହିଁ କି ମୃତ୍ୟୁ ନାହିଁ ।ଗୀତାରେ କୁହାଯାଇଛି ଯେ, ଜୀବ କେବେ ଜନ୍ମ ହୁଏ ନାହିଁ କି ସେ କେବେ ମରେ ନାହିଁ ।ସେ ସନାତନ ଏବଂ ଅବ୍ୟୟ (ଅବିନାଶୀ) ଓ ତା'ର ଅସ୍ଥାୟୀ ଭୌତିକ ଶରୀରର ବିନାଶ ପରେ ମଧ୍ୟ ସେ ରହେ ।ସନାତନ ଧର୍ମ କଥା ବୁଝିବାକୁ ଗଲେ ଆମ୍ଭମାନଙ୍କୁ ଧର୍ମ ଶବ୍ଦର ସଂସ୍କୃତ ଧାତୁଗତ ଅର୍ଥ ବୁଝିବାକୁ ପଡ଼ିବ ।ଧର୍ମ ଶବ୍ଦର ଅର୍ଥ ହେଉଛି, ଯାହା ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ବରାବର ରହିଛି ।ଆମେ ଏହି ସିଦ୍ଧାନ୍ତ ଦେଉ ଯେ, ଅଗ୍ନି ସାଥିରେ ଆଲୋକ ଓ ଉତ୍ତାପ ଅଛି ।ଉତ୍ତାପ ଓ ଆଲୋକ ବ୍ୟତିରେକେ ଅଗ୍ନି ଶବ୍ଦର କୌଣସି ଅର୍ଥ ନାହିଁ ।ଠିକ୍ ସେହିପରି ଆମ୍ଭମାନଙ୍କୁ ଜୀବର ଅତ୍ୟାବଶ୍ୟକ ଅଂଶକୁ ଆବିଷ୍କାର କରିବାକୁ ପଡ଼ିବ, ଯେଉଁ ଅଂଶ କି ତାହାର ଚିରସାଥୀ ଅଟେ ।ସେ ଚିରସାଥୀ ହେଉଛି ତା'ର ସନାତନ ଗୁଣ ଓ ସେ ସନାତନ ଗୁଣ ହେଉଛି ସନାତନ ଧର୍ମ ।

ଯେତେବେଳେ ଶ୍ରୀସନାତନ ଗୋସ୍ୱାମୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ ଜୀବର ସ୍ୱରୂପ

ସମ୍ବନ୍ଧରେ ପ୍ରଶ୍ନ କଲେ, ସେତେବେଳେ ଶ୍ରୀମନ୍ ମହାପ୍ରଭୁ ଉତ୍ତର ଦେଲେ ଯେ ଜୀବର ସ୍ୱରୂପ ସ୍ଥିତି ହେଉଛି ପରମପୁରୁଷ ଭଗବାନଙ୍କର ସେବା କରିବା । ଆମ୍ଭେମାନେ ଯଦି ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ କଥାକୁ ବିଶ୍ଳେଷଣ କରିବା, ତାହାହେଲେ ସହଜରେ ବୁଝିପାରିବା ଯେ ପ୍ରତ୍ୟେକ ଜୀବ ବରାବର ଅନ୍ୟ ଜୀବର ସେବା କରୁଛି । ଏପରି ସେବା କରି ଜୀବ ଜୀବନ ଉପଭୋଗ କରୁଛି । ଭୃତ୍ୟମାନେ ଯେପରି ମାଲିକର ସେବା କରନ୍ତି, ସେହିପରି ନୀଚ ପ୍ରାଣୀମାନେ ମାନବର ସେବା କରନ୍ତି । 'କ' 'ଖ' ପ୍ରଭୁର ସେବା କରୁଛି, 'ଖ' 'ଗ' ପ୍ରଭୁର ସେବା କରୁଛି ଏବଂ 'ଗ' 'ଘ' ପ୍ରଭୁର ସେବା କରୁଛି, ଏହିପରି ଚାଲିଛି । ଏହି ପରିସ୍ଥିତିରେ ଆମ୍ଭେମାନେ ଦେଖିପାରିବା ଯେ, ଗୋଟିଏ ବନ୍ଧୁ, ଅନ୍ୟ ଗୋଟିଏ ବନ୍ଧୁର ସେବା କରୁଛି । 'ମା' ପୁଅର ସେବା କରେ, ସ୍ତ୍ରୀ ସ୍ୱାମୀର ସେବା କରେ, ସ୍ୱାମୀ ସ୍ତ୍ରୀର ସେବା କରେ, ଏହିପରି ଚାଲେ । ଆମ୍ଭେମାନେ ଯଦି ଏହିପରି ଭାବରେ ଅନୁସନ୍ଧାନ କରିଚାଲିବା, ତାହାହେଲେ ଦେଖିପାରିବା ଯେ ଜୀବସମାଜରେ ଏ ସେବାକର୍ମର କୌଣସି ବ୍ୟତିକ୍ରମ ନାହିଁ । ରାଜନୈତିକ ନେତା ସର୍ବସାଧାରଣଙ୍କ ଆଗରେ ତା'ର ନୀତିକୁ ବୟାନ କରେ, ସେ କିପରି ଭାବରେ ସର୍ବସାଧାରଣଙ୍କର ସେବା ନିମିତ୍ତ ପ୍ରସ୍ତୁତ ହୋଇ ରହିଛି; ତେଣୁ ଭୋଟ୍‌ଦାତା ଏହି ଭାବନାର ବଶବର୍ତ୍ତୀ ହୋଇ ତାକୁ ସେମାନଙ୍କର ମୂଲ୍ୟବାନ୍ ଭୋଟ୍ ଦିଅନ୍ତି, ଯେ ସେ ସମାଜର ଅତି ମୂଲ୍ୟବାନ୍ ସେବା କରିବ । ଦୋକାନୀ ଗ୍ରାହକର ସେବା କରେ ଏବଂ ଶିଳ୍ପୀ ପୁଞ୍ଜିପତିର ସେବା କରେ । ପୁଞ୍ଜିପତି ପରିବାରର ସେବା କରେ ଏବଂ ପରିବାର ସନାତନ ଜୀବର ସନାତନ ଶକ୍ତି ରାଜ୍ୟର ସେବା କରେ । ଏହିପରିଭାବରେ ଆମେ ଦେଖିପାରିବା ଯେ, କୌଣସି ଜୀବ ଏ ସେବାକର୍ମରୁ ବାଦ୍ ଯାଉନାହାନ୍ତି; ପ୍ରତ୍ୟେକ ଜୀବ, ଅନ୍ୟ ଜୀବର ସେବାରେ ବ୍ୟାପୃତ । ତେଣୁ ଆମ୍ଭେମାନେ ନିର୍ବିଘ୍ନରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରିବା ଯେ ସେବା କରିବା ହେଉଛି ଜୀବର ଚିରସହଚର ଏବଂ ସେହି ସେବା କରିବା ହେଉଛି ଜୀବର ସନାତନ ଧର୍ମ ।

ତଥାପି ମାନବ ସମୟ ଓ ଅବସ୍ଥାଚକ୍ରରେ କୌଣସି ନା କୌଣସି ସମ୍ପ୍ରଦାୟର ବୋଲି କୁହେ ଏବଂ ସେହି ଅନୁଯାୟୀ ସେ ନିଜକୁ ହିନ୍ଦୁ, ମୁସଲମାନ୍, ଖ୍ରୀଷ୍ଟୀଆନ୍, ବୌଦ୍ଧ କିମ୍ବା ଅନ୍ୟ କୌଣସି ଧର୍ମ ସମ୍ପ୍ରଦାୟର ବୋଲି କୁହେ । ଏ ପ୍ରକାର ଉପାଧି ସନାତନ ଧର୍ମ ନୁହେଁ; ଏହା ଅସନାତନ ଧର୍ମ ଅଟେ । ଜଣେ ହିନ୍ଦୁ ତା'ର ଧର୍ମ ଛାଡ଼ି ମୁସଲମାନ୍ ହୋଇପାରେ କିମ୍ବା ଜଣେ ମୁସଲମାନ୍ ତା'ର ଧର୍ମବିଶ୍ୱାସ ବଦଳାଇ ହିନ୍ଦୁ ହୋଇପାରେ କିମ୍ବା ଜଣେ ଖ୍ରୀଷ୍ଟୀଆନ୍ ତା'ର ବିଶ୍ୱାସ ବଦଳାଇପାରେ; କିନ୍ତୁ ସବୁ ପରିସ୍ଥିତିରେ ଏ ଧର୍ମ ବିଶ୍ୱାସ ପରିବର୍ତ୍ତନ ସନାତନ ସେବା କରିବା ବୃତ୍ତିରେ କୌଣସି ଆଞ୍ଚ ଆଣେ ନାହିଁ । ହିନ୍ଦୁ, ମୁସଲମାନ୍, ଖ୍ରୀଷ୍ଟୀଆନ୍ ସବୁ ପରିସ୍ଥିତିରେ ନିଶ୍ଚୟ କାହାରି ନା କାହାରି ସେବକ ଅଟନ୍ତି । ଏହିପରି କୌଣସି ଏକ ସଂପ୍ରଦାୟକୁ ସ୍ୱୀକାର କରିବା ଅର୍ଥ-ଜୀବର ସନାତନ ଧର୍ମକୁ ସ୍ୱୀକାର କରିବା ନୁହେଁ । ସେବା କରିବା ହିଁ ସନାତନ ଧର୍ମ ଅଟେ ।

ବାସ୍ତବରେ ଆମ୍ଭେମାନେ ସେବା କରିବାରେ ପରମେଶ୍ୱରଙ୍କ ସହ ସମ୍ବନ୍ଧିତ । ପରମେଶ୍ୱର ହେଉଛନ୍ତି ପରମ ଭୋକ୍ତା ଏବଂ ଆମେ ଜୀବଗଣ ତାଙ୍କର ସେବକ ଅଟୁ ।

ଆମ୍ଭେମାନେ ତାଙ୍କର ଉପଭୋଗ ନିମିତ୍ତ ସୃଷ୍ଟି ହୋଇଅଛୁ ଏବଂ ଯଦି ଆମ୍ଭେମାନେ ପରମପୁରୁଷ ଭଗବାନଙ୍କ ସହ ସେ ସନାତନ ଭୋଗରେ ଅଂଶଗ୍ରହଣ କରୁ, ତାହାହେଲେ ଆମ୍ଭେମାନେ ସୁଖୀ ହେବା । ଅନ୍ୟଥା ଆମ୍ଭେମାନେ ସୁଖୀ ହୋଇପାରିବା ନାହିଁ । ଯେପରି ଶରୀରର କୌଣସି ଅଙ୍ଗ ଉଦର ସହ ସହଯୋଗ ନ କଲେ ସୁଖୀ ହୋଇପାରେ ନାହିଁ, ସେହିପରି ଆମ୍ଭେମାନେ ଭଗବାନଙ୍କ ସହ ସହଯୋଗ ନ କରି ସ୍ୱାଧୀନ ଭାବରେ ସୁଖୀ ହୋଇପାରିବା ନାହିଁ ବା ସୁଖୀ ହେବା ସମ୍ଭବପର ନୁହେଁ । ଜୀବ ପରମେଶ୍ୱରଙ୍କର ଦିବ୍ୟ ପ୍ରେମପୂର୍ଣ୍ଣ ସେବାରେ ନିଯୁକ୍ତ ନ ହେଲେ ସୁଖୀ ହେବା ସମ୍ଭବପର ନୁହେଁ ଭଗବଦ୍‌ଗୀତାରେ ଅନ୍ୟ ଦେବତା ପୂଜା କିମ୍ବା ଅନ୍ୟ ଦେବତାମାନଙ୍କର ସେବା କରିବା କଥା ଅନୁମୋଦନ କରାଯାଇନାହିଁ । ସପ୍ତମ ଅଧ୍ୟାୟର ବିଂଶ ଶ୍ଳୋକରେ କୁହାଯାଇଛି :

*‘‘କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟ ଦେବତାଃ ।*
*ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା ।।’’*

‘‘ଯେଉଁମାନଙ୍କର ମନ ଭୌତିକ କାମନାରେ ବିଚଳିତ ହୋଇଛି, ସେହିମାନେ ଅନ୍ୟ ଦେବତାର ଶରଣରେ ଆସନ୍ତି ଏବଂ ସେମାନଙ୍କର ପ୍ରକୃତି ଅନୁଯାୟୀ ନୀତି, ନିୟମ ଓ ପୂଜାବିଧି ଅନୁସରଣ କରି ଅନ୍ୟ ଦେବତା ପୂଜା କରନ୍ତି ।’’ ଏଠାରେ ସରଳ ଭାବରେ କୁହାଯାଇଛି ଯେ, ଯେଉଁମାନେ କାମର ବଶବର୍ତ୍ତୀ, ସେହିମାନେ ଅନ୍ୟ ଦେବତା ପୂଜା କରନ୍ତି । ସେମାନେ ଭଗବାନ୍ ଶ୍ରୀକୃଷ୍ଣଙ୍କର ପୂଜା କରନ୍ତି ନାହିଁ । ଆମ୍ଭେମାନେ ଯେତେବେଳେ କୃଷ୍ଣ ନାମ ବର୍ଣ୍ଣନା କରୁ, ସେତେବେଳେ ଆମ୍ଭେମାନେ କୌଣସି ସାମ୍ପ୍ରଦାୟିକ କଥା କହୁନାହୁଁ । ‘କୃଷ୍ଣ’ର ଅର୍ଥ ସର୍ବୋଚ୍ଚ ଆନନ୍ଦ ଏବଂ ଏହା ସ୍ୱୀକୃତ ହୋଇଅଛି ଯେ ପରମେଶ୍ୱର ସମସ୍ତ ଆନନ୍ଦର ସରୋବର ବା ଗନ୍ତାଘର ଅଟନ୍ତି । ଆମ୍ଭେମାନେ ସମସ୍ତେ ଆନନ୍ଦ ପଛରେ ଧାବମାନ । *‘‘ଆନନ୍ଦମୟୋଽଭ୍ୟାସାତ୍’’* ଭଗବାନଙ୍କ ପରି ଜୀବଗଣ ଚେତନମୟ ଅଟନ୍ତି ଏବଂ ସେମାନେ ସୁଖ ବା ଆନନ୍ଦ ପଛରେ ଧାବମାନ । ଭଗବାନ୍ ଶାଶ୍ୱତଭାବେ ସୁଖୀ ଏବଂ ଯଦି ଜୀବଗଣ ଭଗବାନଙ୍କ ସଙ୍ଗଲାଭ କରନ୍ତି, ତାଙ୍କ ସହ ସହଯୋଗ କରନ୍ତି ଓ ତାଙ୍କ ଲୀଳାରେ ଅଂଶ ଗ୍ରହଣ କରନ୍ତି, ତାହାହେଲେ ସେମାନେ ମଧ୍ୟ ସୁଖୀ ହେବେ । ବୃନ୍ଦାବନରେ ତାଙ୍କର ସୁଖପୂର୍ଣ୍ଣ ବା ଆନନ୍ଦମୟ ଲୀଳା ପ୍ରଦର୍ଶନ କରିବା ନିମିତ୍ତ ଭଗବାନ୍ ଏ ମୃତ୍ୟୁସଂସାରରେ ଅବତୀର୍ଣ୍ଣ ହୁଅନ୍ତି । ଯେତେବେଳେ ଭଗବାନ୍ ଶ୍ରୀକୃଷ୍ଣ ବୃନ୍ଦାବନରେ ଥିଲେ, ସେତେବେଳେ ସେ ଗୋପାଳବାଳକ, ଗୋପୀ, ଗୋପାଳ ଏବଂ ଗୋ-ଗୋବତ୍ସା ଆଦିଙ୍କ ସହ ଯେଉଁ ଲୀଳା କରୁଥିଲେ, ତାହା ସୁଖପୂର୍ଣ୍ଣ ଓ ଆନନ୍ଦମୟ ଥିଲା । ବୃନ୍ଦାବନର ସମସ୍ତ ଅଧିବାସୀ କୃଷ୍ଣଙ୍କ ବ୍ୟତୀତ ଆଉ କିଛି ଜାଣୁ ନଥିଲେ; କିନ୍ତୁ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର ପିତା ନନ୍ଦମହାରାଜଙ୍କୁ ଇନ୍ଦ୍ରଦେବତାଙ୍କର ପୂଜା କରିବାକୁ ମନାକରିଦେଲେ, କାରଣ ତଦ୍ୱାରା ସେ ଏହି ବିଧି ପ୍ରଚଳନ କରିବାକୁ ଇଚ୍ଛା କଲେ ଯେ, ଲୋକମାନେ ଅନ୍ୟ ଦେବତା ପୂଜା କରିବାର କୌଣସି ଆବଶ୍ୟକତା ନାହିଁ । ସେମାନେ କେବଳ ଭଗବାନଙ୍କର ପୂଜା କରିବା ଉଚିତ୍, କାରଣ ସେମାନଙ୍କର ପରମ ଲକ୍ଷ୍ୟ ହେଉଛି ଭଗବାନଙ୍କର ପରମ ଧାମକୁ ଫେରିଯିବା ।

ଭଗବଦ୍‌ଗୀତାରେ ପଞ୍ଚଦଶ ଅଧ୍ୟାୟ ଷଷ୍ଠ ଶ୍ଲୋକରେ ଭଗବାନ୍ ଶ୍ରୀକୃଷ୍ଣଙ୍କର ପରମଧାମ କଥା କୁହାଯାଇଅଛି ।

*''ନ ତଦ୍ ଭାସୟତେ ସୂର୍ଯ୍ୟୋ ନ ଶଶାଙ୍କୋ ନ ପାବକଃ ।*
*ଯଦ୍‌ଗତ୍ୱା ନ ନିବର୍ତନ୍ତେ ତଦ୍‌ଧାମ ପରମଂ ମମ ।।''*

''ମୋର ସେ ପରମଧାମ ସୂର୍ଯ୍ୟ, ଚନ୍ଦ୍ର କିମ୍ବା ବିଦ୍ୟୁତ୍‌ଦ୍ୱାରା ଆଲୋକିତ ହୁଏ ନାହିଁ ଏବଂ ଯେ ସେଠାରେ ପହଞ୍ଚେ, ସେ ଆଉ ଭୌତିକ ଜଗତକୁ ଫେରେ ନାହିଁ ।''

ଏ ଶ୍ଲୋକରେ ସେ ଶାଶ୍ୱତ ପରବ୍ୟୋମର ଏକ ବର୍ଣ୍ଣନା ଦିଆଯାଇଅଛି । ଅବଶ୍ୟ ଆମ୍ଭମାନଙ୍କର ଆକାଶ ସମ୍ବନ୍ଧରେ ଏକ ଭୌତିକ ଧାରଣା ଅଛି ଏବଂ ଆମ୍ଭେମାନେ ଆକାଶ ସମ୍ବନ୍ଧରେ ଭାବିଲେ ସୂର୍ଯ୍ୟ, ଚନ୍ଦ୍ର ଓ ତାରା ଆଦି କଥା ଭାବୁଁ ; କିନ୍ତୁ ଏ ଶ୍ଲୋକରେ ଭଗବାନ୍ କହୁଛନ୍ତି ଯେ-ଶାଶ୍ୱତ ଆକାଶ ବା ପରବ୍ୟୋମରେ ସୂର୍ଯ୍ୟ କିମ୍ବା ଚନ୍ଦ୍ର କିମ୍ବା କୌଣସି ପ୍ରକାର ଅଗ୍ନିର ଆବଶ୍ୟକତା ନାହିଁ, କାରଣ ତାହା ଭଗବାନଙ୍କ ଠାରୁ ନିର୍ଗତ ହେଉଥିବା ଉଜ୍ଜ୍ୱଳ କିରଣ ବା ବ୍ରହ୍ମଜ୍ୟୋତିଦ୍ୱାରା ସର୍ବଦା ଆଲୋକିତ । ଆମ୍ଭେମାନେ ବହୁତ କଷ୍ଟ ସ୍ୱୀକାର କରି ଅନ୍ୟ ଗ୍ରହରେ ପ୍ରବେଶ କରିବାର ଚେଷ୍ଟା କରୁଛୁ; କିନ୍ତୁ ଭଗବାନଙ୍କର ପରମଧାମ କଥା ବୁଝିବା କଷ୍ଟକର ନୁହେଁ । ଏହି ପରଧାମକୁ 'ଗୋଲୋକ' କୁହାଯାଏ । ବ୍ରହ୍ମସଂହିତାରେ ଏହା ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଅଛି; ''ଗୋଲୋକର ଏବ ନିବସତି ଅଖିଳାତ୍ମ-ଭୂତଃ ।'' ଭଗବାନ୍ ତାଙ୍କର ପରମଧାମ ଗୋଲୋକ ବୃନ୍ଦାବନରେ ଶାଶ୍ୱତଭାବେ ରହନ୍ତି; ତଥାପି ଆମ୍ଭେମାନେ ଏ ପୃଥିବୀରୁ ଯାଇ ତାଙ୍କ ପାଖରେ ପହଞ୍ଚିପାରିବା ଏବଂ ଭଗବାନ୍ ତାଙ୍କର ପ୍ରକୃତ ରୂପ ସଚ୍ଚିଦାନନ୍ଦ ବିଗ୍ରହ ପ୍ରଦର୍ଶନ କରିବା ନିମିତ୍ତ ଏଠାକୁ ଆସନ୍ତି । ଯେତେବେଳେ ସେ ଏହି ରୂପ ପ୍ରଦର୍ଶନ କରନ୍ତି, ସେତେବେଳେ ତାଙ୍କର ରୂପ ସମ୍ବନ୍ଧରେ କଳ୍ପନା କରିବାର ଅବକାଶ ଆମର ଆଉ କେଉଁଠି ରହିଲା ? ସେ କିପରି, ସେ କିପରି ଦେଖାଯାନ୍ତି, ତାଙ୍କର ଆକାର ପ୍ରକାର କିପରି-ଏପରି ଅଯଥା ମାନସିକ କଳ୍ପନା କରିବାର ଆଉ କୌଣସି ଆବଶ୍ୟକତା ନାହିଁ । ଏ ପ୍ରକାର ମାନସିକ କଳ୍ପନାକୁ ସ୍ଥାନ ନ ଦେବା ନିମିତ୍ତ ସେ ଏଠାରେ ଅବତରଣ କରନ୍ତି ଏବଂ ତାଙ୍କର ମୌଳିକ ଶ୍ୟାମସୁନ୍ଦର ରୂପକୁ ପ୍ରଦର୍ଶନ କରନ୍ତି । ଦୁର୍ଭାଗ୍ୟବଶତଃ ଅଳ୍ପବୁଦ୍ଧି ସମ୍ପନ୍ନ ଲୋକେ ତାଙ୍କୁ ଅସମ୍ମାନ ପ୍ରଦର୍ଶନ କରନ୍ତି, କାରଣ ସେ ଆମ୍ଭମାନଙ୍କ ଭଳି (ଅର୍ଥାତ୍ ଏକ ସାଧାରଣ ମାନବ ଭଳି) ଆସନ୍ତି ଏବଂ ଆମ୍ଭମାନଙ୍କ ସହିତ ଖେଳାବୁଲା କରନ୍ତି; କିନ୍ତୁ ଏଥିଯୋଗୁଁ ଭଗବାନଙ୍କୁ ଆମରି ଭଳି ଜଣେ ବୋଲି ଭାବିବା ଉଚିତ୍ ନୁହେଁ । ତାଙ୍କର ଶକ୍ତି ଯୋଗୁଁ ସେ ତାଙ୍କର ପ୍ରକୃତ ରୂପରେ ଆମ ସମକ୍ଷରେ ପ୍ରକାଶିତ ହୁଅନ୍ତି ଏବଂ ତାଙ୍କର ଲୀଳା ପ୍ରଦର୍ଶନ କରାନ୍ତି । ସେ ଯେଉଁ ଲୀଳା ଏଠାରେ ପ୍ରଦର୍ଶନ କରନ୍ତି, ତାହା ତାଙ୍କ ପରମଧାମ ଗୋଲୋକରେ ଶାଶ୍ୱତଭାବେ ପ୍ରଦର୍ଶିତ ହେଉଥିବା ଲୀଳାର ଅନୁରୂପ ଅଟେ ।

ପରବ୍ୟୋମରେ ଅତ୍ୟୁଜ୍ଜ୍ୱଳ ଦୀପ୍ତି ବା କିରଣରେ ଅସଂଖ୍ୟ ଲୋକ (ଗ୍ରହ) ଭାସି ବୁଲୁଥାଆନ୍ତି । ଏ ବ୍ରହ୍ମଜ୍ୟୋତି, କୃଷ୍ଣଙ୍କର ପରମଧାମ କୃଷ୍ଣଲୋକରୁ ବାହାରୁଥାଏ ଏବଂ ଆନନ୍ଦ ଚିନ୍ମୟଲୋକ ଅର୍ଥାତ୍ ବୈକୁଣ୍ଠଲୋକଗୁଡ଼ିକ ସେ ବ୍ରହ୍ମଜ୍ୟୋତିରେ ଭାସୁଥାଆନ୍ତି । ଏ ଲୋକଗୁଡ଼ିକ

ଭୌତିକ ଲୋକ ନୁହଁନ୍ତି । ଭଗବାନ୍ କହୁଛନ୍ତି, *"ନ ତଦ୍ ଭାସୟତେ ସୂର୍ଯ୍ୟୋ ନ ଶଶାଙ୍କୋ ନ ପାବକଃ, ଯଦ୍ ଗତ୍ୱା ନ ନିବର୍ତ୍ତନ୍ତେ ତଦ୍‌ଧାମଂ ପରମଂ ମମ ।"* ଯେଉଁ ବ୍ୟକ୍ତି ସେ ପରବ୍ୟୋମରେ ପ୍ରବେଶ କରେ, ସେ ଆଉ ଏ ଭୌତିକ ଆକାଶକୁ ଅବତରଣ କରେ ନାହିଁ । ଭୌତିକ ଆକାଶରେ ଆମେ ସର୍ବୋଚ୍ଚ ଲୋକ, ବ୍ରହ୍ମଲୋକରେ ପହଞ୍ଚିଲେ ସୁଦ୍ଧା ସେଠାରେ ବି ଜନ୍ମ-ମୃତ୍ୟୁ, ଜରା-ବ୍ୟାଧି ଆଦି ଦୁଃଖ ଭୋଗ କରିବା । ଏପରି ସ୍ଥଳେ ଚନ୍ଦ୍ରଲୋକ କଥା କ'ଣ ବା କହିବା ? ଏ ଭୌତିକ ବ୍ରହ୍ମାଣ୍ଡରେ ଥିବା କୌଣସି ଲୋକ (ବା ଗ୍ରହ) ଭୌତିକ ସ୍ଥିତିର ଏ ଚ୍ରିରୋଟି ଦୁଃଖରୁ ମୁକ୍ତ ନୁହେଁ । ସେଇଥିପାଇଁ ଭଗବାନ୍ ଭଗବଦ୍‌ଗୀତାରେ କହିଛନ୍ତି, *"ଆବ୍ରହ୍ମ-ଭୁବନାଲ୍ଲୋକାଃ ପୁନରା-ବର୍ତ୍ତିନୋଽର୍ଜୁନ"* । ଜୀବଗଣ ଗୋଟିଏ ଲୋକରୁ ଅନ୍ୟ ଲୋକକୁ ଯାତ୍ରା କରୁଛନ୍ତି ବା ଗ୍ରହାନ୍ତର ଯାତ୍ରା କରୁଛନ୍ତି; କିନ୍ତୁ ସେମାନେ ଯାନ୍ତ୍ରିକ ବ୍ୟବସ୍ଥାରେ ଯାଉନାହାନ୍ତି । ସେମାନେ ଆଧ୍ୟାତ୍ମିକ ବିଧିରେ ଯାତ୍ରା କରୁଛନ୍ତି । ଏ ସମ୍ବନ୍ଧରେ ମଧ୍ୟ କୁହାଯାଇଛି, *"ଯାନ୍ତି ଦେବବ୍ରତା ଦେବାନ୍ ପିତୃନ୍ ଯାନ୍ତି ପିତୃବ୍ରତାଃ ।"* ଆମ୍ଭେମାନେ ଯଦି ଗ୍ରହାନ୍ତର ଯାତ୍ରା କରିବାର ଇଚ୍ଛା କରୁ, ସେଥିନିମିତ୍ତ କୌଣସି ଯାନ୍ତ୍ରିକ ବ୍ୟବସ୍ଥା କରିବାର ଆବଶ୍ୟକତା ନାହିଁ । ଗୀତା ଉପଦେଶ ଦେଉଛି, *"ଯାନ୍ତି ଦେବବ୍ରତା ଦେବାନ୍ ।"* ସୂର୍ଯ୍ୟ, ଚନ୍ଦ୍ର ଓ ଅନ୍ୟ ଉଚ୍ଚତର ଲୋକଗୁଡ଼ିକୁ ସ୍ୱର୍ଗଲୋକ କୁହାଯାଏ । ତିନୋଟି ଭୁବନ ଅଛି, ଅର୍ଥାତ୍ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ; ଉଚ୍ଚଲୋକ, ମଧ୍ୟଲୋକ ଓ ନୀଚଲୋକ । ଏ ପୃଥିବୀ ମଧ୍ୟଲୋକର ଅନ୍ତର୍ଗତ । କିପରି ଉଚ୍ଚତର ଲୋକକୁ ଯାତ୍ରା କରିବାକୁ ହେବ, ଏ ସମ୍ବନ୍ଧରେ ଭଗବଦ୍‌ଗୀତା ଏକ ସହଜ ସୂତ୍ର ବତାଉଛି - *"ଯାନ୍ତି ଦେବବ୍ରତା ଦେବାନ୍ ।"* ବ୍ୟକ୍ତି କୌଣସି ନିର୍ଦ୍ଦିଷ୍ଟ ଲୋକକୁ ଯାତ୍ରା କରିବାକୁ ଇଚ୍ଛା କଲେ ସେ ଲୋକର ଅଧିଷ୍ଠାତ୍ରୀ ଦେବତାକୁ ପୂଜା କରିବା ଉଚିତ୍ ଏବଂ ଏହି ଉପାୟରେ ସେ ସୂର୍ଯ୍ୟ, ଚନ୍ଦ୍ର କିମ୍ବା ଅନ୍ୟ ଯେକୌଣସି ଉଚ୍ଚ ଲୋକକୁ ଯାତ୍ରା କରିପାରିବ ।

ଏ ଭୌତିକ ବ୍ରହ୍ମାଣ୍ଡର କୌଣସି ଲୋକ ବା ଗ୍ରହକୁ ଯାତ୍ରା କରିବା ନିମିତ୍ତ ଭଗବଦ୍‌ଗୀତା ଆମକୁ ଉପଦେଶ ଦିଏ ନାହିଁ, କାରଣ ଏ ଭୌତିକ ବ୍ରହ୍ମାଣ୍ଡର ସର୍ବୋଚ୍ଚ ଲୋକ ବ୍ରହ୍ମଲୋକ ପର୍ଯ୍ୟନ୍ତ ଆମ୍ଭେମାନେ ଗଲେ ସୁଦ୍ଧା ସେଠାରେ ମଧ୍ୟ ଆମ୍ଭେମାନେ ଜନ୍ମ, ମୃତ୍ୟୁ, ଜରା, ବ୍ୟାଧି ଆଦି ଭୌତିକ ଦୁଃଖ ପାଇବା । ଆମ୍ଭେମାନେ କୌଣସି ପ୍ରକାର ଯାନ୍ତ୍ରିକ ଯାନରେ ବା ଯାନ୍ତ୍ରିକ ବ୍ୟବସ୍ଥା ଦ୍ୱାରା ଚ୍ରିଳିଶିହଜାର ବର୍ଷ ଗତି କରି ବ୍ରହ୍ମଲୋକରେ ପହଞ୍ଚିବାକୁ ଚେଷ୍ଟା କରିପାରିବା; (କିନ୍ତୁ ଏତେ ଦୀର୍ଘକାଳ କିଏ ବଞ୍ଚିବ?) କିନ୍ତୁ କ'ଣ ହେବ ସେଠାରେ ମଧ୍ୟ ଦୁଃଖ ରହିଛି । ଯିଏ ପରବ୍ୟୋମରେ ଥିବା ସର୍ବୋଚ୍ଚ ଲୋକ, କୃଷ୍ଣଲୋକରେ ପହଞ୍ଚିବାକୁ ଇଚ୍ଛା କରେ; କିମ୍ବା ପରବ୍ୟୋମରେ ଥିବା ଅନ୍ୟ ବୈକୁଣ୍ଠଲୋକରେ ପ୍ରବେଶ କରିବାକୁ ଇଚ୍ଛା କରେ, ତାହାହେଲେ ସେ ସେଠାରେ ଭୌତିକ ଦୁଃଖ ଭୋଗିବ ନାହିଁ । ପରବ୍ୟୋମରେ ଥିବା ସମସ୍ତ ଲୋକ ମଧ୍ୟରେ ଗୋଟିଏ ସର୍ବୋଚ୍ଚ ଲୋକ ବା ପରମଧାମ ଅଛି, ତାହାକୁ ଗୋଲକ ବୃନ୍ଦାବନ କୁହାଯାଏ । ତାହା ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ପରମଧାମ ଅଟେ । ଏ ସମ୍ବନ୍ଧରେ ଭଗବଦ୍‌ଗୀତାରେ କୁହାଯାଇଛି ଏବଂ ଆମ୍ଭମାନଙ୍କୁ ଉପଦେଶ ଦିଆଯାଇଅଛି, କିପରି ଏ ଭୌତିକ ଜଗତକୁ ତ୍ୟାଗ କରିପାରିବା ଏବଂ ପରବ୍ୟୋମରେ ଏକ ବାସ୍ତବ ଆନନ୍ଦମୟ ଜୀବନଯାପନ କରିବାକୁ ଆରମ୍ଭ କରିପାରିବା ।

ଭଗବଦ୍‌ଗୀତାର ପଞ୍ଚଦଶ ଅଧ୍ୟାୟରେ ଭୌତିକ ଜଗତର ବାସ୍ତବ ଚିତ୍ର ଦିଆଯାଇଅଛି । ସେଥିରେ କୁହାଯାଇଛି :

*''ଉର୍ଦ୍ଧ୍ୱମୂଳଂ ଅଧଃ-ଶାଖମ୍ ଅଶ୍ୱତ୍‌ଥଂ ପ୍ରାହୁର୍ ଅବ୍ୟୟମ୍ ।*
*ଛନ୍ଦାଂସି ଯସ୍ୟ ପର୍ଣ୍ଣାନି ଯସ୍ ତଂ ବେଦ ସ ବେଦବିତ୍ ।।*

''ଶ୍ରୀଭଗବାନ୍ କହିଲେ : ଏକ ଅଶ୍ୱତ୍‌ଥ ବୃକ୍ଷ ଅଛି, ଯାହାର ମୂଳ ଉର୍ଦ୍ଧ୍ୱଦେଶକୁ ଓ ଶାଖାପ୍ରଶାଖାଦି ଅଧଃଦେଶକୁ ବିସ୍ତୃତ ହୋଇଅଛି ଏବଂ ବେଦମନ୍ତ୍ର ସବୁ ଏହାର ପତ୍ର ସଦୃଶ ଅଟନ୍ତି । ଯେ ଏହି ବୃକ୍ଷକୁ ଜାଣେ, ସେ ବେଦଜ୍ଞ ଅଟେ ( ଭଗବଦ୍‌ଗୀତା ୧୫-୧)'' ଏଠାରେ ଭୌତିକ ଜଗତକୁ ଏକ ବୃକ୍ଷରୂପେ ବର୍ଣ୍ଣନା କରାଯାଇଛି, ଯାହାର ମୂଳ ଉର୍ଦ୍ଧ୍ୱଦେଶକୁ ଏବଂ ଶାଖାପ୍ରଶାଖା ଅଧଃଦେଶକୁ ବିସ୍ତୃତ । ଉପରକୁ ମୂଳ ଓ ତଳକୁ ଡାଳ ଥିବା ଏକ ଗଛର ଅଭିଜ୍ଞତା ଆମର ଅଛି । ଯଦି କେହି କୌଣସି ନଦୀକୂଳରେ କିମ୍ବା କୌଣସି ଜଳାଶୟ ନିକଟରେ ଠିଆ ହେବ, ତାହାହେଲେ ସେ ଦେଖିପାରିବ ଯେ, ସେ ଜଳାଶୟରେ ପ୍ରତିବିମ୍ବିତ ହୋଇଥିବା ବୃକ୍ଷଗୁଡ଼ିକ ଓଲଟା ଦେଖାଯାଉଛନ୍ତି । ସେମାନଙ୍କର ମୂଳ ଉପରକୁ ଏବଂ ଡାଳ ତଳକୁ ହୋଇଛି । ଠିକ୍ ସେହିପରି ଏ ଭୌତିକ ଜଗତ, ଚିଦ୍‌ଜଗତର ଏକ ପ୍ରତିବିମ୍ବ ଅଟେ । ଏ ଭୌତିକ ଜଗତ ବାସ୍ତବ ଜଗତର ଏକ ଛାୟା ଅଟେ । ଛାୟାରେ ବାସ୍ତବତା ନ ଥାଏ; କିନ୍ତୁ ଛାୟାରୁ ଆମ୍ଭେମାନେ ବୁଝିପାରିବା ଯେ ଏକ ବାସ୍ତବ ଜଗତ ଅଛି । ମରୁଭୂମିରେ ଜଳ ନଥାଏ; କିନ୍ତୁ ସେଠାରେ ଦେଖାଯାଉଥିବା ମରୀଚିକାରୁ ଜଣାଯାଏ ଯେ ଜଳ ନାମକ ଏକ ବସ୍ତୁ ଅଛି । ଭୌତିକ ଜଗତରେ ସୁଖ ରୂପକ ଜଳ ନାହିଁ, କିନ୍ତୁ ପ୍ରକୃତ ସୁଖରୂପକ ଜଳ ଚିଦ୍‌ଜଗତରେ ଅଛି ।

କିପରି ଆମ୍ଭେମାନେ ଚିଦ୍‌ଜଗତରେ ପ୍ରବେଶ କରିବା, ସେ କଥା ଭଗବାନ୍ ନିମ୍ନ ଶ୍ଳୋକରେ କହୁଛନ୍ତି :

*''ନିର୍ମାନ ମୋହା ଜିତ-ସଙ୍ଗ ଦୋଷା*
*ଅଧ୍ୟାତ୍ମ-ନିତ୍ୟା ବିନିବୃତ୍ତ କାମାଃ ।*
*ଦ୍ୱନ୍ଦ୍ୱୈର୍ ବିମୁକ୍ତାଃ ସୁଖ-ଦୁଃଖ ସଂଜ୍ଞୈର୍*
*ଗଚ୍ଛନ୍ତି ଅମୂଢ଼ାଃ ପଦମ୍ ଅବ୍ୟୟଂ ତତ୍ ।।''*

ସେ ''ପଦମ୍ ଅବ୍ୟୟମ୍'' ଅର୍ଥାତ୍ ଶାଶ୍ୱତ ଚିଦ୍‌ଜଗତରେ ସେହି ଲୋକ ପ୍ରବେଶ କରିପାରିବ, ଯେ ''ନିର୍ମାନ ମୋହା'' ଅଟେ । ଏହାର ଅର୍ଥ କ'ଣ ? ଆମ୍ଭେମାନେ ସମସ୍ତେ ଉପାଧି ପଛରେ ବ୍ୟସ୍ତ । କେହି ଚାହୁଁଛି ପୁତ୍ର ହେବାକୁ, କେହି ଚାହୁଁଛି ଭଗବାନ୍ ହେବାକୁ, କେହି ଚାହୁଁଛି ପ୍ରେସିଡେଣ୍ଟ ହେବାକୁ କିମ୍ବା ଧନୀଲୋକ ହେବାକୁ କିମ୍ବା ରାଜା ହେବାକୁ କିମ୍ବା ଆଉ କିଛି ହେବା ପାଇଁ । ଯେ ପର୍ଯ୍ୟନ୍ତ ଆମ୍ଭେମାନେ ଏହି ଉପାଧି ପଛରେ ଧାବମାନ, ସେପର୍ଯ୍ୟନ୍ତ ଆମ୍ଭେମାନେ ଏହି ଶରୀର ପ୍ରତି ଆସକ୍ତ, କାରଣ ଉପାଧିଗୁଡ଼ିକ ଏ ଶରୀର ପ୍ରତି ପ୍ରଯୁଜ୍ୟ; କିନ୍ତୁ ଆମ୍ଭେମାନେ ତ ଏ ଶରୀର ନୋହୁଁ ଏବଂ ଏ ଅନୁଭୂତି ଆସିବା ହିଁ ଦିବ୍ୟାନୁଭୂତି ଲାଭ କରିବାର ପ୍ରାଥମିକ ସ୍ତର ଅଟେ । ଆମ୍ଭେମାନେ ଭୂତପ୍ରକୃତିର ତ୍ରିଗୁଣରେ ବନ୍ଧା; କିନ୍ତୁ ଆମ୍ଭେମାନେ ଭଗବାନଙ୍କ ଭକ୍ତିଯୋଗ ଜରିଆରେ ଏ ସବୁଥିରୁ ଦୂରେଇ ଯାଇପାରିବା । ଯଦି ଆମ୍ଭେମାନେ

ଭଗବାନଙ୍କର ଭକ୍ତିଯୋଗରେ ଆସକ୍ତ ନ ହେବା, ତାହାହେଲେ ଆମ୍ଭେମାନେ କଦାପି ପ୍ରକୃତିର ତ୍ରିଗୁଣରୁ ମୁକ୍ତ ହୋଇ ପାରିବା ନାହିଁ । ଆମର ଭୌତିକ କାମନା ଓ ସ୍ତ୍ରୀସଙ୍ଗ ସୁଖଲାଭ କାମନା ଏବଂ ଭୂତ ପ୍ରକୃତି ଉପରେ ପ୍ରଭୁତ୍ୱ ବିସ୍ତାର କରିବା କାମନା ଯୋଗୁଁ ଏସବୁ ଉପାଧି ମିଳିଛି ଏବଂ ସେଥିପ୍ରତି ଆସକ୍ତି ଜାତ ହୋଇଅଛି । ଯେପର୍ଯ୍ୟନ୍ତ ଆମ୍ଭେମାନେ ଭୂତପ୍ରକୃତି ଉପରେ ପ୍ରଭୁତ୍ୱ ବିସ୍ତାର କରିବାର ମନୋବୃତ୍ତିକୁ ପରିହାର ନ କରିଛୁ, ସେ ପର୍ଯ୍ୟନ୍ତ ପରମଧାମ ବା ସନାତନଧାମକୁ ଫେରିଯିବାର ସମ୍ଭାବନା ନାହିଁ । ଯେଉଁ ବ୍ୟକ୍ତି ମିଥ୍ୟା ଭୌତିକ ଭୋଗ ପ୍ରତି ଆସକ୍ତ ନୁହେଁ, ଯେଉଁ ବ୍ୟକ୍ତି ଭଗବାନଙ୍କର ଭକ୍ତିଯୋଗ ମାର୍ଗରେ ଅବସ୍ଥିତ, ସେ ହିଁ ସେ ଶାଶ୍ୱତଧାମ (ଯାହାର ବିନାଶ ବା ଧ୍ୱଂସ ନାହିଁ)ରେ ପ୍ରବେଶ କରିପାରେ । ଯେଉଁ ବ୍ୟକ୍ତି ଏହି ସ୍ଥିତି ଲାଭ କରିଛି, ସେ ସହଜରେ ପରମଧାମରେ ପ୍ରବେଶ କରିପାରିବ ।

ଭଗବଦ୍‌ଗୀତାର ୮-୨୧ ଶ୍ଳୋକରେ କୁହାଯାଇଛି-

*"ଅବ୍ୟକ୍ତୋଽକ୍ଷର ଇତି ଉକ୍ତସ୍ ତମ୍ ଆହୁଃ ପରମାଂ ଗତିମ୍ ।*
*ଯମ୍ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ ଧାମ ପରମଂ ମମ ॥"*

ଅବ୍ୟକ୍ତ ଶବ୍ଦର ଅର୍ଥ ହେଲା ଅପ୍ରକାଶିତ । ଏ ଭୌତିକ ଜଗତର ସବୁ ଆମ ସମକ୍ଷରେ ପ୍ରକାଶିତ ହୋଇନାହିଁ । ଆମ୍ଭମାନଙ୍କର ଇନ୍ଦ୍ରିୟଗୁଡ଼ିକ ଏପରି ଅପୂର୍ଣ୍ଣ ଓ ଦୋଷଯୁକ୍ତ ଯେ ଆମ୍ଭେମାନେ ଏ ଭୌତିକ ବ୍ରହ୍ମାଣ୍ଡରେ ଥିବା ସମସ୍ତ ନକ୍ଷତ୍ରକୁ ଦେଖି ପାରୁନାହୁଁ । ବୈଦିକ ସାହିତ୍ୟରୁ ଆମ୍ଭେମାନେ ସମସ୍ତ ଲୋକ ବା ଗ୍ରହମାନଙ୍କର କଥା ବା ସେମାନଙ୍କ ସମ୍ବନ୍ଧୀୟ ବିବରଣ ପାଇପାରିବା ଏବଂ ଆମ୍ଭେମାନେ ଏହାକୁ ବିଶ୍ୱାସ କରିପାରୁ ବା ନକରିପାରୁ । ସମସ୍ତ ବିଶିଷ୍ଟ ଗ୍ରହ ବା ଲୋକମାନଙ୍କର ବର୍ଣ୍ଣନା ବୈଦିକ ସାହିତ୍ୟମାନଙ୍କରେ ବିଶେଷକରି ଶ୍ରୀମଦ୍ ଭାଗବତମ୍‌ରେ ଦେଖିବାକୁ ମିଳେ ଏବଂ ସେଇଥିରେ ବର୍ଣ୍ଣନା କରାଯାଇଛି ଯେ, ଭୌତିକ ଆକାଶର ବହୁ ଉର୍ଦ୍ଧ୍ୱରେ ଥିବା ଚିଦ୍ ଜଗତ ଅବ୍ୟକ୍ତ ଅଟେ । ବ୍ୟକ୍ତି ସେ ପରମଧାମ କିପରି ପ୍ରାପ୍ତ ହେବ, ସେଥିପାଇଁ କାମନା ପୋଷଣ କରିବା ଉଚିତ୍ ଏବଂ ଉଦବିଗ୍ନତା ପ୍ରକାଶ କରିବା ଉଚିତ୍; କାରଣ ବ୍ୟକ୍ତି ସେ ପରମଧାମ ପ୍ରାପ୍ତ ହେଲେ ଆଉ ଏ ଭୌତିକ ଜଗତକୁ ଫେରିବ ନାହିଁ ।

ବର୍ତ୍ତମାନ ଏହି ପ୍ରଶ୍ନ ଉଠିପାରେ, ବ୍ୟକ୍ତି ଭଗବାନଙ୍କର ସେ ପରମଧାମକୁ କିପରି ପ୍ରାପ୍ତ ହେବ । ଅଷ୍ଟମ ଅଧ୍ୟାୟରେ ଏ ବିଷୟରେ କୁହାଯାଇଅଛି । ସେଠାରେ କୁହାଯାଇଛିଃ

*"ଅନ୍ତଃକାଳେ ଚ ମାମ୍ ଏବ ସ୍ମରନ୍ ମୁକ୍ତ୍ୱା କଳେବରମ୍ ।*
*ଯଃ ପ୍ରୟାତି ସ ମଦ୍‌ଭାବମ୍ ଯାତି ନାସ୍ତି ଅତ୍ର ସଂଶୟଃ ॥"*

"ଯେଉଁ ବ୍ୟକ୍ତି ମୃତ୍ୟୁ ସମୟରେ ମୋତେ ସ୍ମରଣ କରି କଳେବର ତ୍ୟାଗ କରେ, ସେ ମୋ ପ୍ରକୃତିକୁ ପ୍ରାପ୍ତ ହୁଏ । ଏଥିରେ କୌଣସି ସନ୍ଦେହ ନାହିଁ (ଭ.ଗୀ.୮-୫) ।" ମୃତ୍ୟୁ ସମୟରେ ଯେ କୃଷ୍ଣଙ୍କୁ ଚିନ୍ତା କରେ, ସେ କୃଷ୍ଣଙ୍କ ପାଖକୁ ଯାଏ । ବ୍ୟକ୍ତି କୃଷ୍ଣଙ୍କ ରୂପକୁ ଚିନ୍ତା କରିବା ଉଚିତ୍ । ସେହି ରୂପକୁ ଚିନ୍ତା କରି ସେ ଯଦି ଶରୀର ତ୍ୟାଗ କରେ, ତାହାହେଲେ ସେ ଚିଦ୍ ଜଗତରେ ପ୍ରବେଶ କରେ । "ମଦ୍‌ଭାବମ୍"ଶବ୍ଦର ଅର୍ଥ ହେଲା, ପରମପୁରୁଷଙ୍କର ପରମ ପ୍ରକୃତି । ପରମପୁରୁଷ ହେଉଛନ୍ତି ସତ୍-ଚିଦ୍-ଆନନ୍ଦ ବିଗ୍ରହ, ଅର୍ଥାତ୍ ତାହା ଶାଶ୍ୱତ, ଜ୍ଞାନପୂର୍ଣ୍ଣ ଏବଂ

ଆନନ୍ଦମୟ ବିଗ୍ରହ ଅଟେ । ଆମ୍ଭମାନଙ୍କର ଏ ଶରୀର ସତ୍-ଚିତ୍-ଆନନ୍ଦ ନୁହେଁ । ଏହା ସତ୍ ନୁହେଁ- ଅସତ୍ । ଏହା ଅବିନାଶୀ ନୁହେଁ— ନାଶଶୀଳ । ଏହା ଚିତ୍ ଅର୍ଥାତ୍ ଜ୍ଞାନପୂର୍ଣ୍ଣ ନୁହେଁ; ଏହା ଅଜ୍ଞାନତାରେ ପୂର୍ଣ୍ଣ । ଆମ୍ଭମାନଙ୍କର ଚିଦ୍‌ଜଗତ୍ ସମ୍ବନ୍ଧରେ ଜ୍ଞାନ ନାହିଁ କିମ୍ବା ଏ ଭୌତିକ ଜଗତ ସମ୍ବନ୍ଧରେ ମଧ୍ୟ ଆମର ପୂର୍ଣ୍ଣ ଜ୍ଞାନ ନାହିଁ । ଏ ଭୌତିକ ଜଗତରେ ଅନେକ ଏପରି ଜିନିଷ ଅଛି, ଯାହା କି ଆମର ଜ୍ଞାନପରିସର ବାହାରେ । ଆମର ଏ ଶରୀର ନିରାନନ୍ଦ ଅଟେ । ଏହା ଆନନ୍ଦମୟ ନୁହେଁ, ଏହା ଦୁଃଖପୂର୍ଣ୍ଣ ଅଟେ । ଆମ୍ଭେମାନେ ଏ ଭୌତିକ ଜଗତରେ ଯେଉଁସବୁ ଦୁଃଖ ଭୋଗୁଛୁ, ତାହା ସବୁ ଏହି ଶରୀର ଯୋଗୁଁ ଭୋଗିବାକୁ ହେଉଛି; କିନ୍ତୁ ଯେ ପରମପୁରୁଷ ଭଗବାନଙ୍କୁ ଚିନ୍ତା କରି ଏ ଶରୀର ତ୍ୟାଗ କରେ, ସେ ସଙ୍ଗେ ସଙ୍ଗେ ଏକ ସତ୍ -ଚିତ୍-ଆନନ୍ଦମୟ ଶରୀର ଲାଭ କରେ । ଗୀତାର ଅଷ୍ଟମ ଅଧ୍ୟାୟ ପଞ୍ଚମ ଶ୍ଳୋକରେ ଭଗବାନ୍ ଶ୍ରୀକୃଷ୍ଣ ଏହା କହିଛନ୍ତି - *''ସ ମଦ୍ ଭାବମ୍ ଯାତି''*—ଅର୍ଥାତ୍ ''ସେ ମୋ ପ୍ରକୃତିକୁ ପ୍ରାପ୍ତ ହୁଏ ।''

ଏ ଶରୀର ତ୍ୟାଗ କରିବା ଏବଂ ଏ ଭୌତିକ ଜଗତରେ ଆଉ ଗୋଟିଏ ଶରୀର ଲାଭ କରିବାର ପନ୍ଥା ମଧ୍ୟ ସଂଗଠିତ ହୋଇଅଛି । ମାନବର ମୃତ୍ୟୁ ସମୟରେ ସ୍ଥିର ହୁଏ, ସେ ପରବର୍ତ୍ତୀ ଜୀବନରେ କି ପ୍ରକାର ଶରୀର ଲାଭ କରିବ । ଉଚ୍ଚ ଅଧିକାରୀଗଣ ଏ ନିଷ୍ପତ୍ତି କରନ୍ତି, ଜୀବ ନିଜେ ଏହା କରେ ନାହିଁ । ଏହି ଜୀବନର କର୍ମାନୁଯାୟୀ ଆମ୍ଭେମାନେ ଉନ୍ନତି କରିବା କିମ୍ବା ଅବନତି କରିବା । ଏହି ଜୀବନ ପରବର୍ତ୍ତୀ ଜୀବନ ନିମିତ୍ତ ପ୍ରସ୍ତୁତୀକରଣ ଅଟେ; ତେଣୁ ଆମ୍ଭେମାନେ ଯଦି ଏହି ଜୀବନରେ ଭଗବତ୍ ସାମ୍ରାଜ୍ୟକୁ ଉନ୍ନୀତ ହେବା ନିମିତ୍ତ ନିଜକୁ ପ୍ରସ୍ତୁତ କରିପାରୁ, ତାହାହେଲେ ଏ ଭୌତିକ ଶରୀର ତ୍ୟାଗ କଲା ପରେ ଆମ୍ଭେମାନେ ଭଗବାନଙ୍କ ସଦୃଶ ଏକ ଦିବ୍ୟଶରୀର ଲାଭ କରିବା; ଏଥିରେ କୌଣସି ସନ୍ଦେହ ନାହିଁ ।

ପୂର୍ବରୁ କୁହାଯାଇଛି ଯେ ବିଭିନ୍ନ ପ୍ରକାରର ଯୋଗୀ ଅଛନ୍ତି; ଯଥା- ବ୍ରହ୍ମବାଦୀ, ପରମାତ୍ମାବାଦୀ ଓ ଭକ୍ତ ଏବଂ ଏକଥା ମଧ୍ୟ କୁହାଯାଇଛି ଯେ ବ୍ରହ୍ମଜ୍ୟୋତିରେ ବା ପରବ୍ୟୋମରେ ଅସଂଖ୍ୟ ଦିବ୍ୟ ଗ୍ରହ ବା ଲୋକ ଅଛନ୍ତି । ଏ ଭୌତିକ ଜଗତରେ ଥିବା ସମସ୍ତ ଗ୍ରହ ବା ଲୋକ ଅପେକ୍ଷା ପରବ୍ୟୋମରେ ଥିବା ବୈକୁଣ୍ଠଲୋକର ସଂଖ୍ୟା ଯଥେଷ୍ଟ ଅଧିକ । ଏ ଭୌତିକ ଜଗତ ସୃଷ୍ଟିର ପ୍ରାୟ ଏକଚତୁର୍ଥାଂଶ ଅଟେ । ଏ ଭୌତିକ ବୃତ୍ତଖଣ୍ଡରେ ଅସଂଖ୍ୟ ବ୍ରହ୍ମାଣ୍ଡ ଅଛି ଏବଂ ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଅସଂଖ୍ୟ ଗ୍ରହ, ତାରା, ନକ୍ଷତ୍ର ଓ ସୂର୍ଯ୍ୟ ଚନ୍ଦ୍ର ଆଦି ଅଛନ୍ତି; କିନ୍ତୁ ଏ ସମଗ୍ର ଭୌତିକ ସୃଷ୍ଟି ସମଗ୍ର ସୃଷ୍ଟିର ଏକ କ୍ଷୁଦ୍ର ଅଂଶ ଅଟେ । ସୃଷ୍ଟିର ଅଧିକ ଭାଗ ପରବ୍ୟୋମରେ ରହିଛି । ସେ ପରଂବ୍ରହ୍ମଙ୍କ ଠାରେ ଲୀନ ହୋଇଯିବାକୁ ଇଚ୍ଛା କରେ, ସେ ସଙ୍ଗେ ସଙ୍ଗେ ଭଗବାନଙ୍କର ବ୍ରହ୍ମଜ୍ୟୋତିକୁ ସ୍ଥାନାନ୍ତରିତ ହୋଇଯାଏ ଏବଂ ଏହିପ୍ରକାରେ ସେ ପରବ୍ୟୋମରେ ପ୍ରବେଶ କରେ । ଯେଉଁ ଭକ୍ତ ଭଗବାନଙ୍କର ସଙ୍ଗସୁଖ ଲାଭ କରିବାକୁ ଇଚ୍ଛା କରେ, ସେ ଭଗବାନଙ୍କର ବୈକୁଣ୍ଠଲୋକରେ (ଯେଉଁ ବୈକୁଣ୍ଠଲୋକଙ୍କର ସଂଖ୍ୟା ହେଉଛି ଅନନ୍ତ) ପ୍ରବେଶ କରେ ଏବଂ ସେଠାରେ ସେ ଭଗବାନଙ୍କର ସଙ୍ଗଲାଭ କରେ । ବୈକୁଣ୍ଠଲୋକମାନଙ୍କରେ ଭଗବାନ୍ ତାଙ୍କର ସ୍ୱାଂଶ ବିସ୍ତାର ଅର୍ଥାତ୍ ଚତୁର୍ଭୁଜଧାରୀ ନାରାୟଣ ରୂପରେ ପ୍ରଦ୍ୟୁମ୍ନ, ଅନିରୁଦ୍ଧ ଓ ଗୋବିନ୍ଦ ଆଦି ବିଭିନ୍ନ ନାମରେ ବିଦ୍ୟମାନ; ତେଣୁ ଜୀବନ

ଶେଷରେ ଯୋଗୀମାନେ ବ୍ରହ୍ମଜ୍ୟୋତି, ପରମାତ୍ମା କିମ୍ବା ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଚିନ୍ତା କରନ୍ତି । ସବୁ କ୍ଷେତ୍ରରେ ସେମାନେ ପରବ୍ୟୋମରେ ପ୍ରବେଶ କରନ୍ତି; କିନ୍ତୁ କେବଳ ଭକ୍ତ ଅର୍ଥାତ୍ ଯେ ଭଗବାନଙ୍କର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥାଏ, ସେ ହିଁ ବୈକୁଣ୍ଠଲୋକରେ ପ୍ରବେଶ କରେ । ଭଗବାନ୍ ଏ ସମ୍ବନ୍ଧରେ ଅଧିକ କରି କହୁଛନ୍ତି ଯେ, 'ଏଥିରେ କିଛି ସନ୍ଦେହ ନାହିଁ । ଏହାକୁ ଦୃଢ଼ଭାବରେ ବିଶ୍ୱାସ କରିବା ଉଚିତ୍ । ଯାହା ଆମର କଳ୍ପନାରେ ଖାପ ଖାଉନାହିଁ, ତାହାକୁ ଆମେ ପ୍ରତ୍ୟାଖ୍ୟାନ କରିବା ଉଚିତ୍ ନୁହେଁ । ଆମ୍ଭମାନଙ୍କର ମନୋବୃତ୍ତି ଅର୍ଜୁନଙ୍କ ପରି ହେବା ଉଚିତ୍ । ''ଆପଣ ଯାହାସବୁ କହିଲେ, ସବୁକୁ ମୁଁ ବିଶ୍ୱାସ କଲି ।'' ସେଥିପାଇଁ ଭଗବାନ୍ କହିଲେ ଯେ, ମୃତ୍ୟୁ ସମୟରେ ଯେ ତାଙ୍କୁ ବ୍ରହ୍ମ କିମ୍ବା ପରମାତ୍ମା କିମ୍ବା ପରମପୁରୁଷ ଭଗବାନ୍ ରୂପରେ ଚିନ୍ତା କରେ, ସେ ନିଶ୍ଚିତଭାବେ ପରବ୍ୟୋମରେ ପ୍ରବେଶ କରେ; ଏଥିରେ କୌଣସି ସନ୍ଦେହ ନାହିଁ । ଏହାକୁ ଅବିଶ୍ୱାସ କରିବାର କୌଣସି ପ୍ରଶ୍ନ ହିଁ ନାହିଁ ।

ମୃତ୍ୟୁ ସମୟରେ କିପରି ପରମପୁରୁଷ ଭଗବାନଙ୍କୁ ଚିନ୍ତା କରିବ, ସେ କଥା ମଧ୍ୟ ଗୀତାରେ କୁହାଯାଇଅଛି ।

*''ଯଂ ଯଂ ବାପି ସ୍ମରନ୍ ଭାବଂ ତ୍ୟଜତି ଅନ୍ତେ କଳେବରମ୍ ।*
*ତଂ ତମ୍ ଏବୈତି କୌନ୍ତେୟ ସଦା ତଦ୍‌ଭାବ-ଭାବିତଃ ।।''*

''ଯେଉଁ ଭାବନାରେ ଜୀବ ତା'ର ଶରୀର ତ୍ୟାଗ କରେ, ପର ଜୀବନରେ ସେ ନିଶ୍ଚିତରୂପେ ତଦନୁରୂପ ଅବସ୍ଥା ପ୍ରାପ୍ତ ହୁଏ, (ଭ.ଗୀ.୮-୬) ।'' ଏ ଭୂତ ପ୍ରକୃତି, ଭଗବାନଙ୍କର ଏକ ଶକ୍ତିର ପ୍ରକାଶ ଅଟେ । ବିଷ୍ଣୁପୁରାଣରେ ବର୍ଣ୍ଣନା କରାଯାଇଛି ଯେ ଭଗବାନଙ୍କର ସମସ୍ତ ଶକ୍ତି, ''ବିଷ୍ଣୁଶକ୍ତିଃ ପରାପ୍ରୋକ୍ତା''....ଇତ୍ୟାଦି । ଭଗବାନଙ୍କର ଅନନ୍ତ ଶକ୍ତି ଅଛି ଏବଂ ବିଭିନ୍ନ ପ୍ରକାର ଶକ୍ତି ଅଛି, ଯାହାକୁ ଆମ୍ଭେମାନେ ଚିନ୍ତା କରିପାରିବା ନାହିଁ, ତାହା ଆମ୍ଭମାନଙ୍କର ଚିନ୍ତାଶକ୍ତିର ବହିର୍ଭୁତ । ଅବଶ୍ୟ ଖୁବ୍ ପ୍ରସିଦ୍ଧ ପଣ୍ଡିତ, ମୁନିଋଷିଗଣ କିମ୍ବା ମୁକ୍ତ ମହାଜନଗଣ ଭଗବାନଙ୍କର ସେ ଶକ୍ତିସମୂହ ସମ୍ବନ୍ଧରେ ଅଧ୍ୟୟନ କରି ସେମାନଙ୍କୁ ତିନିଭାଗରେ ବିଭକ୍ତ କରିଦେଇଯାଇଛନ୍ତି । ସମସ୍ତ ଶକ୍ତି ହେଉଛି, ବିଷ୍ଣୁଶକ୍ତି; ଅର୍ଥାତ୍ ସେମାନେ ଭଗବାନ୍ ବିଷ୍ଣୁଙ୍କର ବିଭିନ୍ନ ଶକ୍ତି ଅଟନ୍ତି । ସେ ଶକ୍ତି ହେଉଛି, ପରାଶକ୍ତି (ଅର୍ଥାତ୍ ଦିବ୍ୟଶକ୍ତି-ଉଚ୍ଚତର ଶକ୍ତି) । ଜୀବଗଣ ମଧ୍ୟ ଭଗବାନଙ୍କର ଉଚ୍ଚତମ ଶକ୍ତିର ଅନ୍ତର୍ଗତ । ଏକଥା ପୂର୍ବରୁ କୁହାଯାଇଅଛି । ଅନ୍ୟ ଶକ୍ତିଗୁଡ଼ିକ ଅର୍ଥାତ୍ ଭୌତିକ ଶକ୍ତି ତମୋଗୁଣ ପ୍ରଧାନ ଅଟେ । ମୃତ୍ୟୁ ସମୟରେ ଆମ୍ଭେମାନେ ଏ ଭୌତିକ ଜଗତର ନୀଚତର ଶକ୍ତିରେ ରହିପାରିବା କିମ୍ବା ଚିଦ୍ ଜଗତର ଉଚ୍ଚତର ଶକ୍ତିକୁ ସ୍ଥାନାନ୍ତରିତ ହୋଇପାରିବା ।

ଜୀବନକାଳ ମଧ୍ୟରେ ଆମ୍ଭେମାନେ ଭୌତିକ ଶକ୍ତି କିମ୍ବା ଦିବ୍ୟଶକ୍ତି ସମ୍ବନ୍ଧରେ ଚିନ୍ତା କରିବାରେ ଅଭ୍ୟସ୍ତ । ଅନେକ ସାହିତ୍ୟ ଅଛି, ଯଥା-ସମ୍ବାଦପତ୍ର, ଉପନ୍ୟାସ ଆଦି, ଯାହା କି ଆମ ମନରେ ଭୌତିକ ଶକ୍ତି ଭରିଦିଅନ୍ତି । ଆମ୍ଭମାନଙ୍କର ଯେଉଁ ଚିନ୍ତାଶକ୍ତି ବର୍ତ୍ତମାନ ଏହିସବୁ (ଭୌତିକ) ସାହିତ୍ୟରେ ଲିପ୍ତ ହୋଇଛି, ତାକୁ ବୈଦିକ ସାହିତ୍ୟକୁ ନେବା ଉଚିତ୍ ଏବଂ ସେ ସାହିତ୍ୟମାନଙ୍କରେ ସେ ଚିନ୍ତାଶକ୍ତିକୁ ଲଗାଇବା ଉଚିତ୍; ତେଣୁ ବିଶିଷ୍ଟ ସାଧୁ ସନ୍ଥ ମୁନିଋଷିଗଣ ଅନେକ ବୈଦିକ ସାହିତ୍ୟ, ପୁରାଣାଦି ରଚନା କରିଦେଇଯାଇଛନ୍ତି । ପୁରାଣଗୁଡ଼ିକ

କାଳ୍ପନିକ ନୁହଁନ୍ତି । ସେଗୁଡ଼ିକ ଐତିହାସିକ ତଥ୍ୟଗ୍ରନ୍ଥ । ଶ୍ରୀ ଚୈତନ୍ୟ ଚରିତାମୃତରେ ନିମ୍ନ ପଦ ଦେଖିବାକୁ ମିଳେ ଃ

*''ମାୟାମୁଗ୍ଧ ଜୀବେର ନାହିଁ କୃଷ୍ଣସ୍ମୃତି ଜ୍ଞାନ ।*
*ଜୀବେରେ କୃପାୟ କୈଲ କୃଷ୍ଣ-ବେଦ-ପୁରାଣ ।।''*

(ଚୈ.ଚ.ମ. ୨୦-୧୨୨)

ବିସ୍ମୃତ ଜୀବଗଣ ଅର୍ଥାତ୍ ବଦ୍ଧଜୀବଗଣ ଭଗବାନଙ୍କ ସହିତ ଥିବା ସେମାନଙ୍କ ସମ୍ବନ୍ଧକୁ ଭୁଲିଯାଇଛନ୍ତି ଏବଂ ସେମାନେ ଭୌତିକ କର୍ମ ସମ୍ବନ୍ଧରେ ଚିନ୍ତା କରିବାରେ ବରାବର ଅଭ୍ୟସ୍ତ । ସେମାନଙ୍କର ଚିନ୍ତାଶକ୍ତିକୁ ପରବ୍ୟୋମ ଆଡ଼କୁ ବଦଳାଇବା ନିମିତ୍ତ କୃଷ୍ଣ ଅନେକ ବୈଦିକ ସାହିତ୍ୟ ଦେଇଯାଇଛନ୍ତି । ପ୍ରଥମେ ସେ ବେଦକୁ ଚାରିଭାଗରେ ବିଭକ୍ତ କଲେ, ତପରେ ସେ ତାହା ପୁରାଣମାନଙ୍କରେ ବର୍ଣ୍ଣନା କଲେ ଏବଂ ଅଳ୍ପବୁଦ୍ଧିସମ୍ପନ୍ନ ଲୋକମାନଙ୍କ ପାଇଁ ସେ ମହାଭାରତ ରଚନା କଲେ । ମହାଭାରତରେ ଭଗବଦ୍‌ଗୀତା ଦିଆଯାଇଅଛି । ତପରେ ସମସ୍ତ ବୈଦିକ ସାହିତ୍ୟ, ବେଦାନ୍ତ ସୂତ୍ରରେ ସଂକ୍ଷେପରେ କୁହାଯାଇଛି ଏବଂ ଭବିଷ୍ୟତରେ ଦିଗଦର୍ଶନ ନିମିତ୍ତ ସେ ବେଦାନ୍ତ ସୂତ୍ର ଉପରେ ଏକ ସ୍ୱାଭାବିକ ଭାଷ୍ୟ ଦେଇଗଲେ । ଏହାକୁ ଶ୍ରୀମଦ୍ ଭାଗବତମ୍ କୁହାଯାଏ । ଆମ୍ଭେମାନେ ସର୍ବଦା ଏହି ବୈଦିକ ସାହିତ୍ୟଗୁଡ଼ିକର ଅଧ୍ୟୟନରେ ମନୋନିବେଶ କରିବା ଉଚିତ୍ । ଯେପରି ଭୌତିକବାଦୀ ସଂସାରୀ ଲୋକମାନେ ପତ୍ରପତ୍ରିକା, ସମ୍ବାଦପତ୍ର ଓ ଉପନ୍ୟାସ ଆଦି ଭୌତିକ ପାଠରେ ମନୋନିବେଶ କରିଥାନ୍ତି, ସେହିପରି ଆମ୍ଭେମାନେ ବ୍ୟାସଦେବ ଦେଇଯାଇଥିବା ଏସବୁ ବୈଦିକ ସାହିତ୍ୟ ପାଠରେ ଆମ୍ଭମାନଙ୍କର ମନୋନିବେଶ କରିବା ଉଚିତ୍ । ଏହି ପ୍ରକାରେ ମୃତ୍ୟୁ ସମୟରେ ଭଗବାନଙ୍କୁ ସ୍ମରଣ କରିବା ଆମ୍ଭମାନଙ୍କ ପକ୍ଷରେ ସମ୍ଭବପର ହୋଇପାରିବ । ଏହି ଏକମାତ୍ର ପନ୍ଥା ଭଗବାନ୍ ଦର୍ଶାଇଛନ୍ତି ଏବଂ ତାହାର ଫଳ ଯେ ନିଶ୍ଚିତଭାବେ ପ୍ରାପ୍ତ ହେବ, ଏହା ସେ ଘୋଷଣା କରି କହିଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ (ଭ.ଗୀ.୮-୭) ।''

*''ତସ୍ମାତ୍ ସର୍ବେଷୁ କାଳେଷୁ ମାମ୍ ଅନୁସ୍ମର ଯୁଧ୍ୟ ଚ ।*
*ମୟ୍ୟର୍ପିତ ମନୋ ବୁଦ୍ଧିର୍ ମାମ୍ ଏବୈଷ୍ୟସି ଅଶଂସୟଃ ।।''*

''ତେଣୁ ହେ ଅର୍ଜୁନ ! ତୁମେ ସର୍ବଦା ମୋତେ ଚିନ୍ତା କରିବା ଉଚିତ୍ ଏବଂ ତତ୍ ସଙ୍ଗେ ସଙ୍ଗେ ତୁମର କର୍ତ୍ତବ୍ୟରେ ରତ ରହିବା ଉଚିତ୍, ଅର୍ଥାତ୍ ଯୁଦ୍ଧ କରିବା ଉଚିତ୍ । ତୁମର ମନ ଓ କାର୍ଯ୍ୟ ସର୍ବଦା ମୋ'ଠାରେ ସ୍ଥିର କରି ଏବଂ ସର୍ବଦା ମୋ ପାଇଁ ବ୍ୟସ୍ତ ରହିଲେ ତୁମେ ନିଶ୍ଚୟ ମୋତେ ପାଇବ, ''ଏଥିରେ କୌଣସି ସନ୍ଦେହ ନାହିଁ ।''

ସେ ଏ ଉପଦେଶ ଅର୍ଜୁନଙ୍କୁ କେବେହେଲେ ଦେଇନାହାନ୍ତି ଯେ ସେ କେବଳ ତାଙ୍କୁ ସ୍ମରଣ କରିବେ ଏବଂ କିଛି ଧନ୍ଦା କରିବେ ନାହିଁ । ନା, ''ଭଗବାନ୍ କେବେହେଲେ କିଛି ଅବାସ୍ତବ କଥା କହନ୍ତି ନାହିଁ । ଏ ଭୌତିକ ଜଗତରେ ବ୍ୟକ୍ତିକୁ ଶରୀର ରକ୍ଷା କରିବା ନିମିତ୍ତ ନିଶ୍ଚୟ କାର୍ଯ୍ୟ କରିବାକୁ ହେବ । ମାନବ ସମାଜକୁ କର୍ମଅନୁଯାୟୀ ଚାରିଭାଗ ବା ବର୍ଣ୍ଣବିଭାଗରେ ବିଭକ୍ତ କରାଯାଇଅଛି ଃ ଯଥା - ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର । ବ୍ରାହ୍ମଣମାନେ ଅର୍ଥାତ୍

ବୁଦ୍ଧିଜୀବୀଶ୍ରେଣୀର ଲୋକେ ଗୋଟିଏ ଦିଗରେ କାମ କରନ୍ତି, କ୍ଷତ୍ରିୟମାନେ ଅର୍ଥାତ୍ ଶାସନ ବିଭାଗର ଲୋକେ ଆଉ ଗୋଟିଏ ପ୍ରକାରେ କାମ କରନ୍ତି ଏବଂ ବୈଶ୍ୟ ବା ବ୍ୟବସାୟୀଗୋଷ୍ଠୀ ଓ ଶୂଦ୍ରଗୋଷ୍ଠୀର ଲୋକେ ନିଜ ନିଜ ଧନ୍ଦା କରନ୍ତି । ମାନବସମାଜରେ ବ୍ୟକ୍ତି ଶୂଦ୍ର ହେଉ ବା ବଣିକ ହେଉ, କ୍ଷତ୍ରିୟ, ଶାସକ ହେଉ ବା କୃଷକ ହେଉ କିମ୍ବା ଅତି ଉଚ୍ଚଶ୍ରେଣୀୟ ହେଉ, ଯାହା କିଛି ହେଉ, ତା'ର ଜୀବନଧାରଣ ନିମିତ୍ତ ତାକୁ ନିଶ୍ଚୟ କାମ କରିବାକୁ ହେବ । ସେ ଏକ ସାହିତ୍ୟିକ, ବୈଜ୍ଞାନିକ କିମ୍ବା ବେଦାନ୍ତୀ ବ୍ରହ୍ମଜ୍ଞାନୀ ହେଉ, ଯାହା କିଛି ହେଉ, ବଞ୍ଚିରହିବା ପାଇଁ ତାକୁ ନିଶ୍ଚୟ କାମ କରିବାକୁ ହେବ । ତେଣୁ ଭଗବାନ୍ ଅର୍ଜୁନଙ୍କୁ କହୁଛନ୍ତି ଯେ ସେ ତା'ର ଧନ୍ଦା ତ୍ୟାଗ କରିବା ଉଚିତ୍ ନୁହେଁ; କିନ୍ତୁ ସେ ଯେତେବେଳେ ତା'ର ଧନ୍ଦା କରୁଛି, ସେତେବେଳେ ସେ କୃଷ୍ଣଙ୍କୁ ସ୍ମରଣ କରିବା ଉଚିତ୍ । ସେ ଯେତେବେଳେ ଜୀବନ ସଂଗ୍ରାମରେ ରତ ଅଛି, ସେତେବେଳେ ସେ ଯଦି କୃଷ୍ଣଙ୍କୁ ସ୍ମରଣ କରିବାକୁ ଅଭ୍ୟାସ ନକରେ, ତାହାହେଲେ ମୃତ୍ୟୁ ସମୟରେ କୃଷ୍ଣଙ୍କୁ ସ୍ମରଣ କରିବା ସମ୍ଭବପର ହୋଇ ପାରିବ ନାହିଁ ।'' ଶ୍ରୀଚୈତନ୍ୟ ମହାପ୍ରଭୁ ମଧ୍ୟ ଏହି ଉପଦେଶ ଦେଇଛନ୍ତି । ସେ କହିଛନ୍ତି ଯେ ବ୍ୟକ୍ତି ସର୍ବଦା ଭଗବାନଙ୍କର ଦିବ୍ୟନାମ ସ୍ମରଣ କିମ୍ବା କୀର୍ତ୍ତନ କରି ଭଗବାନଙ୍କୁ ସ୍ମରଣ କରିବାର ଅଭ୍ୟାସ କରିବା ଉଚିତ୍ । ଭଗବାନଙ୍କ ନାମ ଓ ଭଗବାନ୍ ଅଭିନ୍ନ ଅଟନ୍ତି; ତେଣୁ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେଉଛନ୍ତି, ''ମୋତେ ସ୍ମରଣ କର'' ଏବଂ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଉପଦେଶ ମଧ୍ୟ ଏକାପ୍ରକାର-''ସର୍ବଦା ଭଗବାନ୍ କୃଷ୍ଣଙ୍କର ଦିବ୍ୟନାମ କୀର୍ତ୍ତନ କର ।'' ଏଥିରେ କୌଣସି ପାର୍ଥକ୍ୟ ନାହିଁ, କାରଣ କୃଷ୍ଣ ଏବଂ କୃଷ୍ଣଙ୍କର ନାମ ଅଭିନ୍ନ ଅଟେ । ସମ୍ବନ୍ଧ ଏବଂ ସମ୍ବନ୍ଧିତ ପୁରୁଷ ମଧ୍ୟରେ ପୂର୍ଣ୍ଣ ଶୁଦ୍ଧ ସ୍ତରରେ କୌଣସି ପାର୍ଥକ୍ୟ ନାହିଁ, ତେଣୁ ଆମ୍ଭେମାନେ ସର୍ବଦା ଦିନରାତି ଚବିଶଘଣ୍ଟା ତାଙ୍କ ନାମ କୀର୍ତ୍ତନ କରି ଭଗବାନଙ୍କୁ ସ୍ମରଣ କରିବାର ଅଭ୍ୟାସ କରିବା ଉଚିତ୍ । ଆମ୍ଭେମାନେ ତାଙ୍କର ନାମ ସ୍ମରଣ ବା କୀର୍ତ୍ତନ କରି ତାଙ୍କୁ ସ୍ମରଣ କରିବା ଉଚିତ୍ । ପୁନଶ୍ଚ ଆମ୍ଭେମାନେ ଆମ୍ଭମାନଙ୍କର ଦୈନନ୍ଦିନ କାର୍ଯ୍ୟକୁ ଏପରି ଭାବରେ ସମ୍ପାଦନ କରିବା , ଯେପରି କି ତାଙ୍କୁ (ଭଗବାନଙ୍କୁ) ସର୍ବଦା ଆମ୍ଭେମାନେ ସ୍ମରଣ କରିପାରିବା ।

ଏହା କିପରି ସମ୍ଭବପର ହେବ ? ଆଚାର୍ଯ୍ୟମାନେ ନିମ୍ନଲିଖିତ ଉଦାହରଣ ଦିଅନ୍ତି । ଯଦି କୌଣସି ବିବାହିତା ସ୍ତ୍ରୀଲୋକ ଅନ୍ୟ ଏକ ପୁରୁଷ ପ୍ରତି ଆସକ୍ତ ହୁଏ କିମ୍ବା କୌଣସି ଏକ ପୁରୁଷ ତା'ର ବିବାହିତା ସ୍ତ୍ରୀ ବ୍ୟତୀତ ଅନ୍ୟ ଏକ ସ୍ତ୍ରୀ ପ୍ରତି ଆସକ୍ତ ହୁଏ, ତାହାହେଲେ ସେ ଆସକ୍ତି ଖୁବ୍ ଦୃଢ଼ ବୋଲି ବିଗ୍ଣର କରାଯାଏ । ଯେ ଏପରି ଭାବରେ ଆସକ୍ତ ହୋଇଥାଏ, ସେ ତା'ର ପ୍ରେମିକ ବା ପ୍ରେମିକାକୁ ସର୍ବଦା ଚିନ୍ତା କରୁଥାଏ । ଯେଉଁ ସ୍ତ୍ରୀଲୋକ ଏପରି ଆସକ୍ତ ହୋଇଥାଏ, ସେ ତା'ର ଗୃହକର୍ମରେ ବ୍ୟସ୍ତଥିଲେ ସୁଦ୍ଧା ତା'ର ପ୍ରେମିକ (ବା ଉପପତି)କୁ ଭେଟିବା ପାଇଁ ସବୁବେଳେ ଚିନ୍ତା କରୁଥାଏ । ବାସ୍ତବରେ ସେ ତା'ର ଗୃହକର୍ମ ଏପରି ନିପୁଣଭାବରେ ସମ୍ପାଦନ କରୁଥାଏ ଯେ ତା'ର ସ୍ୱାମୀ କଦାପି ଭାବିବାକୁ ଅବସର ପାଇବ ନାହିଁ ଯେ ତା'ର ସ୍ତ୍ରୀ ଅନ୍ୟ ଏକ ପୁରୁଷ ପ୍ରତି ଆସକ୍ତ ବୋଲି । ଠିକ୍ ସେହିପରି ଆମ୍ଭେମାନେ ପରମପ୍ରେମିକ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ସର୍ବଦା ସ୍ମରଣ କରିବା ଉଚିତ୍ ଏବଂ ତତ୍ସଙ୍ଗେ ସଙ୍ଗେ

ଆମର ସାଂସାରିକ କର୍ମ ଅତି ସୁଗ୍ରୁରୁରୂପେ ସମ୍ପାଦନ କରିବା ଉଚିତ୍ । ଏକ ଗଭୀର ସ୍ନେହର ଆବଶ୍ୟକତା ଏଠାରେ ରହିଛି । ଯଦି ଆମ୍ଭମାନଙ୍କର ଭଗବାନଙ୍କ ପ୍ରତି ଗଭୀର ସ୍ନେହ ଅଛି, ତାହାହେଲେ ଆମ୍ଭେମାନେ ଆମ୍ଭମାନଙ୍କର କର୍ତ୍ତବ୍ୟ ସୁଗ୍ରୁରୁରୂପେ ସମ୍ପାଦନ କରିବା ସଙ୍ଗେ ସଙ୍ଗେ ଭଗବାନଙ୍କୁ ସ୍ମରଣ କରିପାରିବା; କିନ୍ତୁ ଆମ୍ଭମାନଙ୍କୁ ସେ ସ୍ନେହ ବା ପ୍ରେମ କିପରି ବୃଦ୍ଧି କରିବାକୁ ହେବ, ତାହା ଅଭ୍ୟାସ କରିବାକୁ ପଡ଼ିବ । ଉଦାହରଣ ସ୍ୱରୂପ ଅର୍ଜୁନ ବରାବର କୃଷ୍ଣଙ୍କୁ ଚିନ୍ତା କରୁଥିଲେ । ସେ କୃଷ୍ଣଙ୍କର ଚିର ସହଚର ଥିଲେ ଏବଂ ତତ୍‌ସଙ୍ଗେ ସଙ୍ଗେ ସେ ଜଣେ ଯୋଦ୍ଧା ଥିଲେ । କୃଷ୍ଣ କେବେହେଲେ ତାଙ୍କୁ ଯୁଦ୍ଧ ତ୍ୟାଗ କରି ଧ୍ୟାନ କରିବା ପାଇଁ ବଣକୁ ଯିବାକୁ ଉପଦେଶ ଦେଇନାହାନ୍ତି । ଯେତେବେଳେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏ ଯୋଗବିଧି (ଧ୍ୟାନଯୋଗବିଧି) କଥା କହିଲେ, ସେତେବେଳେ ଅର୍ଜୁନ କହିଲେ ଯେ, ଏ ବିଧି ଆଚରଣ କରିବା ତାଙ୍କ ପକ୍ଷରେ ଅସମ୍ଭବ ଅଟେ । ଅର୍ଜୁନ ଉବାଚ :

*ଯୋଽୟଂ ଯୋଗସ୍ ତ୍ୱୟା ପ୍ରୋକ୍ତଃ ସାମ୍ୟେନ ମଧୁସୂଦନ ।*
*ଏତସ୍ୟାହଂ ନ ପଶ୍ୟାମି ଚଞ୍ଚଳ ତ୍ୱାତ୍ ସ୍ଥିତିଂ ସ୍ଥିରାମ୍ ।।*

"ଅର୍ଜୁନ କହିଲେ, ହେ ମଧୁସୂଦନ ! ଆପଣ ଯେଉଁ ଯୋଗବିଧି କଥା ମୋତେ କହିଲେ, ତାହା ମୋ ପକ୍ଷରେ ଅସମ୍ଭବ ଓ ଅସହ୍ୟକର ବୋଧ ହେଉଛି, କାରଣ ମନ ଅତ୍ୟନ୍ତ ଚଞ୍ଚଳ ଓ ଅସ୍ଥିର (ଭ.ଗୀ. ୬-୩୩) ।" କିନ୍ତୁ ଶ୍ରୀଭଗବାନ୍ କହିଲେ :

*"ଯୋଗିନାମ୍ ଅପି ସର୍ବେଷାମ୍ ମଦ୍‌-ଗତେନାନ୍ତରାତ୍ମନା ।*
*ଶ୍ରଦ୍ଧାବାନ୍ ଭଜତେ ଯୋ ମାମ୍ ସ ମେ ଯୁକ୍ତତମୋ ମତଃ ।।"*

ଯୋଗୀମାନଙ୍କ ମଧ୍ୟରେ ଯେ ଗଭୀର ବିଶ୍ୱାସ ଓ ଶ୍ରଦ୍ଧାସହକାରେ ସର୍ବଦା ମୋ'ଠାରେ ଯୁକ୍ତ ହୋଇଥାଏ ଏବଂ ଦିବ୍ୟ ଭକ୍ତିଯୋଗ ମାର୍ଗରେ ମୋତେ ହିଁ ଆରାଧନା କରୁଥାଏ, ସେ ଅତ୍ୟନ୍ତ ଅନ୍ତରଙ୍ଗ ଭାବରେ ମୋ ସହିତ ଯୁକ୍ତ ହୋଇଥାଏ ଏବଂ ସେ ଯୋଗୀମାନଙ୍କ ମଧ୍ୟରେ ସର୍ବୋତ୍ତମ ଯୋଗୀ ଅଟେ (ଭ.ଗୀ.୬-୪୭) ।

ତେଣୁ ଯେ ସର୍ବଦା ଭଗବାନଙ୍କୁ ଚିନ୍ତା କରୁଥାଏ, ସେ ସର୍ବୋତ୍ତମ ଯୋଗୀ ଅଟେ, ସେ ସର୍ବୋତ୍ତମ ଜ୍ଞାନୀ ଅଟେ ଏବଂ ତତ୍ ସଙ୍ଗେ ସଙ୍ଗେ ଏକ ପ୍ରସିଦ୍ଧ ଭକ୍ତ ମଧ୍ୟ ଅଟେ । ପୁଣି ଭଗବାନ୍ ଅର୍ଜୁନଙ୍କୁ କହୁଛନ୍ତି ଯେ, ଏକ କ୍ଷତ୍ରିୟ ହିସାବରେ ସେ ଯୁଦ୍ଧ ତ୍ୟାଗ କରିପାରିବେ ନାହିଁ; କିନ୍ତୁ ସେ ଯଦି କୃଷ୍ଣଙ୍କୁ ଚିନ୍ତା କରି ଯୁଦ୍ଧ କରନ୍ତି, ତାହାହେଲେ ସେ ମୃତ୍ୟୁ ସମୟରେ ତାଙ୍କୁ ସ୍ମରଣ କରିବାକୁ ସକ୍ଷମ ହେବେ, କିନ୍ତୁ ଆମକୁ ଏଥିପାଇଁ ସମ୍ପୂର୍ଣ୍ଣରୂପେ ଭଗବାନଙ୍କ ଚରଣାରବିନ୍ଦରେ ଆତ୍ମସମର୍ପଣ କରିବାକୁ ହେବ ଏବଂ ତାଙ୍କର ଦିବ୍ୟ ସେବାରେ ନିଯୁକ୍ତ ରହିବାକୁ ପଡ଼ିବ ।

ଆମ୍ଭେମାନେ ବାସ୍ତବରେ ଆମ୍ଭମାନଙ୍କ ଶରୀର ସାହାଯ୍ୟରେ କାମ କରୁନାହୁଁ ଆମର ମନ ଓ ବୁଦ୍ଧି ସାହାଯ୍ୟରେ ଆମେ କାମ କରୁଛୁ; ତେଣୁ ଯଦି ମନ ଓ ବୁଦ୍ଧି ବରାବର ଭଗବାନଙ୍କ ଚିନ୍ତାରେ ଲାଗି ରହନ୍ତି, ତାହାହେଲେ ଇନ୍ଦ୍ରିୟଗୁଡ଼ିକ ସ୍ୱାଭାବତଃ ତାଙ୍କ (ଭଗବାନଙ୍କ) ସେବାରେ

ଲାଗିରହନ୍ତି । ବାହାରକୁ ଇନ୍ଦ୍ରିୟଗୁଡ଼ିକର କର୍ମ ଅନ୍ତତଃ ପୂର୍ବପରି ଏକାପ୍ରକାରେ ରହେ; କିନ୍ତୁ ଚେତନାର ପରିବର୍ତ୍ତନ ହୁଏ । କିପରି ଭଗବାନଙ୍କ ଚିନ୍ତାରେ ମନ ଓ ବୁଦ୍ଧିକୁ ଲଗାଇହେବ, ଏକଥା ଭଗବଦ୍‌ଗୀତା ବ୍ୟକ୍ତିକୁ ଶିକ୍ଷା ଦିଏ । ମନ ଓ ବୁଦ୍ଧିର ଏପ୍ରକାର ନିଯୁକ୍ତୀକରଣ ବ୍ୟକ୍ତିକୁ ଭଗବାନଙ୍କ ରାଜ୍ୟକୁ ନେଇଯାଏ । ଯଦି ମନ କୃଷ୍ଣଙ୍କ ସେବାରେ ନିଯୁକ୍ତ ରହେ, ତାହାହେଲେ ଇନ୍ଦ୍ରିୟଗୁଡ଼ିକ ସ୍ୱତଃ ତାଙ୍କ ସେବାରେ ନିଯୁକ୍ତ ରହନ୍ତି । ଏହା ହେଉଛି କଳା ବା କୌଶଳ ଏବଂ ଏହା ମଧ୍ୟ ଭଗବଦ୍ ଗୀତାର ଗୁପ୍ତ ଶିକ୍ଷାଃ- ସମ୍ପୂର୍ଣ୍ଣରୂପେ କୃଷ୍ଣଚିନ୍ତାରେ ହିଁ ନିମଜ୍ଜିତ ରହିବା ।

ଆଧୁନିକ ମାନବ ଚନ୍ଦ୍ରଲୋକରେ ପ୍ରବେଶ କରିବା ନିମିତ୍ତ ଖୁବ୍ କଠିନ ପ୍ରଚେଷ୍ଟା କରୁଛି; କିନ୍ତୁ ଆଧ୍ୟାତ୍ମିକ ଦିଗରେ କିପରି ନିଜକୁ ଆଗେଇ ନେବାକୁ ପଡ଼ିବ, ସେ ଦିଗରେ ସେ କଠିନ ପ୍ରଚେଷ୍ଟା କରୁନାହିଁ । ଯଦି ତା'ର ଆଉ ପଚ୍ଚଶ ବର୍ଷ ଆୟୁଷ ଅଛି, ତାହାହେଲେ ଏ ସମୟତକ ସେ ପରମପୁରୁଷ ଭଗବାନଙ୍କୁ ସ୍ମରଣ କରିବାରେ କଟାଇଦେବା ଉଚିତ୍ । ଏ ଭକ୍ତିଯୋଗ ବିଧି ହେଉଛି :

*ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ ପାଦସେବନମ୍ ।*
*ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ ସଖ୍ୟମ୍ ଆତ୍ମ-ନିବେଦନମ୍ ।। (ଭାଃ ୭/୫/୨୩)*

ଏ ନବଧା ଭକ୍ତିଯୋଗବିଧି ମଧ୍ୟରୁ ସହଜତମ ବିଧି ହେଉଛି "ଶ୍ରବଣଂ", ଅର୍ଥାତ୍ ଜଣେ ତତ୍ତ୍ୱଜ୍ଞ ଜ୍ଞାନୀ ପୁରୁଷଙ୍କଠାରୁ ବା ଆତ୍ମାନୁଭୂତି ଲାଭ କରିଥିବା ଜଣେ ବିଶିଷ୍ଟ ଆଚାର୍ଯ୍ୟଙ୍କଠାରୁ ଭଗବଦ୍‌ଗୀତା ଶ୍ରବଣ କରିବା ଉଚିତ୍, ତାହାହେଲେ ବ୍ୟକ୍ତି ପରମପୁରୁଷ ଭଗବାନଙ୍କୁ ଚିନ୍ତାକରିପାରିବ । ଏହା ବ୍ୟକ୍ତିକୁ ନିଶ୍ଚଳ ଅବସ୍ଥାକୁ ନେବ, ଅର୍ଥାତ୍ ଭଗବାନଙ୍କୁ ସ୍ମରଣ କରିବା ଅବସ୍ଥାକୁ ନେବ । ପୁନଶ୍ଚ ଏତଦ୍ଦ୍ୱାରା ବ୍ୟକ୍ତି ଏ କଳେବର ତ୍ୟାଗ କଲାପରେ ଭଗବାନଙ୍କ ସଙ୍ଗଲାଭ କରିବା ନିମିତ୍ତ ଏକ ଉପଯୁକ୍ତ ଶରୀର ଅର୍ଥାତ୍ ଦିବ୍ୟ ଶରୀରଲାଭ କରିପାରିବ । ପୁଣି ଭଗବାନ୍ କହିଛନ୍ତି :

*"ଅଭ୍ୟାସ ଯୋଗ-ଯୁକ୍ତେନ ଚେତସା ନାନ୍ୟଗାମିନା ।*
*ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାନୁଚିନ୍ତୟନ୍ ।।"*

"ହେ କୁନ୍ତୀପୁତ୍ର ! ଅନନ୍ୟଭାବରେ ପରମପୁରୁଷ ଭଗବାନଙ୍କୁ ଚିନ୍ତା କରିବାକୁ ଅଭ୍ୟାସ କରିବାଦ୍ୱାରା ବ୍ୟକ୍ତି ନିଶ୍ଚିତଭାବେ ଭଗବଦ୍ ଧାମ ପ୍ରାପ୍ତ ହେବ ।" (ଭ. ଗୀ. ୮-୮)

ଏହା କିଛି ଅତି କଷ୍ଟକର ପନ୍ଥା ନୁହେଁ । ଅବଶ୍ୟ ବ୍ୟକ୍ତି ଜଣେ ଅଭିଜ୍ଞ ଗୁରୁଙ୍କଠାରୁ ଏହା ଶିକ୍ଷା କରିବା ଉଚିତ୍, ଅର୍ଥାତ୍ ଯେ ଏହାକୁ ଜୀବନରେ ଅଭ୍ୟାସ କରୁଛନ୍ତି, ତାଙ୍କଠାରୁ ଶିକ୍ଷା କରିବା ଉଚିତ୍ । ମନ ସର୍ବଦା ଏଣେ ତେଣେ ଧାଉଁଛି; କିନ୍ତୁ ବ୍ୟକ୍ତି ସେ ଚଞ୍ଚଳ ମନକୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ରୂପକୁ ଧ୍ୟାନ କରିବାରେ କିମ୍ବା ତାଙ୍କର ଦିବ୍ୟନାମ କୀର୍ତ୍ତନର ଧ୍ୱନିରେ ସ୍ଥିର କରିବାରେ ସର୍ବଦା ଅଭ୍ୟାସ କରିବା ଉଚିତ୍ । ମନ ସ୍ୱଭାବତଃ ଚଞ୍ଚଳ, ତାହା ଏଣେତେଣେ ଧାଏଁ; କିନ୍ତୁ କୃଷ୍ଣଙ୍କର ଦିବ୍ୟନାମ କୀର୍ତ୍ତନର ଧ୍ୱନିତରଙ୍ଗରେ ଏହା ସ୍ଥିର ହୋଇଯାଏ । ଏହିପରି ବ୍ୟକ୍ତି ପରମଂ ପୁରୁଷଂ ଅର୍ଥାତ୍ ପରମପୁରୁଷଙ୍କୁ ଧ୍ୟାନ କରିବା ଉଚିତ୍ ଏବଂ ସେହି ପ୍ରକାରେ

ତାଙ୍କୁ ପ୍ରାପ୍ତ ହେବା ଉଚିତ୍ । କିପରି ଅନ୍ତିମରେ ଭଗବଦ୍ ଅନୁଭୂତି ଲାଭ କରାଯାଇପାରିବ, ତାହା ଭଗବଦ୍‌ଗୀତାରେ କୁହାଯାଇଅଛି ଏବଂ ଏ ଭଗବଦ୍-ଜ୍ଞାନର ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ । କାହାରି ପାଇଁ ଏହା ବନ୍ଦ ନୁହେଁ । ସବୁ ପ୍ରକାର ଲୋକ ଭଗବାନଙ୍କୁ ଚିନ୍ତା କରି ତାଙ୍କ ପାଖରେ ପହଞ୍ଚିପାରିବେ, କାରଣ ତାଙ୍କୁ ଚିନ୍ତା କରିବା ଓ ତାଙ୍କ କଥା ଶୁଣିବା ପ୍ରତ୍ୟେକଙ୍କ ପକ୍ଷରେ ସମ୍ଭବପର ଅଟେ । ଭଗବାନ୍ ପୁଣି କହୁଛନ୍ତି :

*ମାମ୍ ହି ପାର୍ଥ ବ୍ୟାପାଶ୍ରିତ୍ୟ ଯେଽପିସ୍ୟୁଃ ପାପଯୋନୟଃ ।*
*ସ୍ତ୍ରିୟୋ ବୈଶ୍ୟାସ୍ ତଥା ଶୂଦ୍ରାସ୍ତେଽଅପିଯାନ୍ତି ପରାଂ ଗତିମ୍ ।।*
*କିଂ ପୁନର୍ ବ୍ରାହ୍ମଣାଃ ପୁଣ୍ୟା ଭକ୍ତା ରାଜର୍ଷୟସ୍ ତଥା ।*
*ଅନିତ୍ୟମ୍ ଅସୁଖମ୍ ଲୋକଂ ଇମଂ ପ୍ରାପ୍ୟ ଭଜସ୍ୱ ମାମ୍ ।।*

"ହେ ପୃଥାପୁତ୍ର ! ସ୍ତ୍ରୀ ହେଉ, ବୈଶ୍ୟ ହେଉ କିମ୍ବା ନୀଚ ପରିବାରରେ ଜନ୍ମ ଏକ ଶୂଦ୍ର ହେଉ, ସେ ଯଦି ମୋର ଶରଣରେ ଆସେ, ତାହାହେଲେ ସେ ଜୀବନରେ ପରମଗତି ପାଇପାରିବ । ବ୍ରାହ୍ମଣ, ପୁଣ୍ୟବନ୍ତ, ଭକ୍ତ ଏବଂ ରାଜର୍ଷିମାନଙ୍କ କଥା ବା କ'ଣ କହିବା ? ସେମାନେ ତ ଏମାନଙ୍କ (ସ୍ତ୍ରୀ, ବୈଶ୍ୟ ଓ ଶୂଦ୍ରଙ୍କ) ଠାରୁ ଉଚ୍ଚସ୍ତରର ଅଟନ୍ତି । ଏ ଦୁଃଖପୂର୍ଣ୍ଣ ଜଗତରେ ଏମାନେ ଭଗବାନଙ୍କ ସେବାରେ ସ୍ଥିର ଥା'ନ୍ତି (ଭ.ଗୀ.୯-୩୨,୩୩) ।"

ନୀଚଶ୍ରେଣୀୟ ମାନବଗଣ (ବୈଶ୍ୟ, ଶୂଦ୍ର ଓ ସ୍ତ୍ରୀଲୋକମାନେ) ମଧ୍ୟ ଭଗବାନଙ୍କୁ ପାଇପାରନ୍ତି । ଏଥିପାଇଁ କାହାର କିଛି ଉଚ୍ଚ ବୁଦ୍ଧିମତା ଦରକାର ନାହିଁ । କେବଳ କଥା ହେଉଛି ଏତିକି, ଯେଉଁ ବ୍ୟକ୍ତି ଭକ୍ତିଯୋଗ ବିଧିକୁ ଗ୍ରହଣ କରେ ଏବଂ ଭଗବାନଙ୍କୁ ଜୀବନର ପରମଗତି, ଅନ୍ତିମ ଲକ୍ଷ୍ୟ ବୋଲି ଗ୍ରହଣ କରେ, ସେ ପରବ୍ୟୋମରେ ଭଗବାନଙ୍କ ନିକଟରେ ପହଞ୍ଚିପାରେ । ଯଦି କୌଣସି ଲୋକ ଭଗବଦ୍‌ଗୀତାରେ ଦିଆଯାଇଥିବା ନୀତିକୁ ଗ୍ରହଣ କରେ, ତାହାହେଲେ ସେ ତା'ର ଜୀବନକୁ ସାର୍ଥକ କରିପାରିବ ଏବଂ ତା'ର ଅସ୍ଥାୟୀ ଭୌତିକ ସ୍ଥିତି ଯୋଗୁଁ ଜୀବନରେ ଦେଖାଦେଉଥିବା ସମସ୍ୟାମାନଙ୍କର ଉପଯୁକ୍ତ ସମାଧାନ କରିପାରିବ । ସମଗ୍ର ଭଗବଦ୍‌ଗୀତାର ଏହାହିଁ ସାରବସ୍ତୁ ଅଟେ ।

ଉପସଂହାରରେ ଏହାହିଁ କୁହାଯାଇପାରେ ଯେ, ଭଗବଦ୍‌ଗୀତା ଏକ ଦିବ୍ୟ ଗ୍ରନ୍ଥ ଅଟେ । ଏହାକୁ ପ୍ରତ୍ୟେକ ବ୍ୟକ୍ତି ଅତ୍ୟନ୍ତ ଯତ୍ନର ସହିତ ପାଠ କରିବା ଉଚିତ୍ । ଏହା ବ୍ୟକ୍ତିକୁ ସମସ୍ତ ପ୍ରକାର ଭୟରୁ ରକ୍ଷା କରିପାରିବ ।

*"ନେହାଭିକ୍ରମ-ନାଶୋଽସ୍ତି ପ୍ରତ୍ୟବାୟୋ ନ ବିଦ୍ୟତେ ।*
*ସ୍ୱଳ୍ପମ୍ ଅପି ଅସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ।।"*

ଏ ପ୍ରଚେଷ୍ଟାରେ କୌଣସି କ୍ଷତି ନାହିଁ କିମ୍ବା ହ୍ରାସ ନାହିଁ ଏବଂ ଏ ମାର୍ଗରେ ଅଳ୍ପ ଅଗ୍ରଗତି କଲେ ବ୍ୟକ୍ତି ମହତ୍ ଭୟରୁ ମଧ୍ୟ ରକ୍ଷାପାଇପାରେ (ଭ.ଗୀ.୨-୪୦) । ଯଦି କୌଣସି ବ୍ୟକ୍ତି ନିଷ୍ଠାର ସହିତ ଭଗବଦ୍ ଗୀତା ପାଠକରେ, ତାହାହେଲେ ଗତ ପାପକର୍ମର ପ୍ରତିକ୍ରିୟା ତାକୁ ଆଉ ଭୋଗ କରିବାକୁ ପଡ଼ିବ ନାହିଁ । ଭଗବଦ୍ ଗୀତାର ଶେଷ ଅଂଶରେ

ଭଗବାନ୍ ଶ୍ରୀକୃଷ୍ଣ ଘୋଷଣା କରି କହିଛନ୍ତି :

*"ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମ୍ ଏକଂ ଶରଣଂ ବ୍ରଜ ।*
*ଅହଂ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।"*

ସମସ୍ତ ପ୍ରକାର ଧର୍ମନୀତି ତ୍ୟାଗ କର ଏବଂ କେବଳ ମୋ'ଠାରେ ଆତ୍ମସମର୍ପଣ କର ଓ ତାହାହେଲେ ମୁଁ ତୁମକୁ ସମସ୍ତ ପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ରକ୍ଷା କରିବି; ତେଣୁ ତୁମର ଆଉ କିଛି ଡରିବାର ନାହିଁ (ଭ.ଗୀ. ୧୮-୬୬) ।" ଏହିପରି ଯେ ଭଗବାନଙ୍କଠାରେ ଆତ୍ମସମର୍ପଣ କରେ, ଭଗବାନ୍ ତା'ର ସମସ୍ତ ଦାୟିତ୍ୱ ନିଅନ୍ତି ଏବଂ ସେ ତାକୁ ସମସ୍ତ ପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ରକ୍ଷା କରନ୍ତି ।

ବ୍ୟକ୍ତି ପ୍ରତିଦିନ ଜଳରେ ସ୍ନାନ କରି ଶୁଦ୍ଧ ହୁଏ; କିନ୍ତୁ ଯେ ଥରେ ମାତ୍ର ଭଗବଦ୍‌ଗୀତା ରୂପ ପବିତ୍ର ଗଙ୍ଗାଜଳରେ ସ୍ନାନ କରେ, ସେ ତା'ର ଭୌତିକ ଜୀବନର ସମସ୍ତ ମଇଳାକୁ ଧୋଇ ସଫା କରିଦିଏ, କାରଣ ଭଗବଦ୍ ଗୀତା ସ୍ୱୟଂ ପରମପୁରୁଷ ଭଗବାନଙ୍କ ଦ୍ୱାରା କୁହାଯାଇଅଛି; ତେଣୁ ବ୍ୟକ୍ତି ଅନ୍ୟ କୌଣସି ବୈଦିକ ସାହିତ୍ୟ ପାଠ କରିବା ଦରକାର ନାହିଁ । ବ୍ୟକ୍ତି ନିୟମିତଭାବେ ମନଯୋଗ ସହକାରେ ଭଗବଦ୍ ଗୀତା ଅଧ୍ୟୟନ ଓ ଶ୍ରବଣ କରିବା ଉଚିତ୍ । ଆଧୁନିକ ଯୁଗରେ ମାନବ ସାଂସାରିକ କର୍ମରେ ଏତେ ବ୍ୟସ୍ତ ଯେ, ସମସ୍ତ ବୈଦିକ ଶାସ୍ତ୍ର ଅଧ୍ୟୟନ କରିବାକୁ ତା'ର ସମୟ ନାହିଁ କିମ୍ବା ଏହା ସମ୍ଭବପର ନୁହେଁ; କିନ୍ତୁ ଏତେ ଦରକାର ନାହିଁ । ଏହି ଗୋଟିଏ ଗ୍ରନ୍ଥ ଭଗବଦ୍‌ଗୀତା ଯଥେଷ୍ଟ, କାରଣ ଏହା ସମସ୍ତ ବୈଦିକ ସାହିତ୍ୟର ସାର ଅଟେ ଏବଂ ଏହା ସ୍ୱୟଂ ପରମପୁରୁଷ ଭଗବାନଙ୍କ ଦ୍ୱାରା କୁହାଯାଇଅଛି । କଥିତ ଅଛି, ଯେ ଗଙ୍ଗାଜଳ ପାନ କରେ, ସେ ମୁକ୍ତି ପାଏ; କିନ୍ତୁ ଯେ ଭଗବଦ୍‌ଗୀତାରୂପ ଗଙ୍ଗାଜଳକୁ ପାନ କରେ, ତା' କଥା ବା କ'ଣ କହିବା ? ଗୀତା ହେଉଛି ମହାଭାରତର ଅମୃତ, କାରଣ ଏହା ସ୍ୱୟଂ ବିଷ୍ଣୁଙ୍କ ଦ୍ୱାରା କୁହାଯାଇଅଛି । ଭଗବାନ୍ ଶ୍ରୀକୃଷ୍ଣ ଆଦିବିଷ୍ଣୁ ଅଟନ୍ତି । ଏହା ପରମପୁରୁଷ ଭଗବାନଙ୍କ ମୁଖରୁ ଗଳୁଥିବା ଅମୃତ ଅଟେ ଏବଂ କଥିତ ଅଛି ଯେ ଭଗବାନଙ୍କର ପାଦପଦ୍ମରୁ ଗଙ୍ଗା ନିର୍ଗତ ହୋଇଅଛି । ଅବଶ୍ୟ ଭଗବାନଙ୍କର ମୁଖ ଓ ପାଦ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ; କିନ୍ତୁ ଆମ ସ୍ଥିତିରେ ଆମ୍ଭେମାନେ ଏହା ଭାବିପାରୁ ଯେ, ଗଙ୍ଗା ଅପେକ୍ଷା ଭଗବଦ୍‌ଗୀତା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ।

ଭଗବଦ୍‌ଗୀତା ଏକ ଗାଭୀ ସଦୃଶ ଏବଂ ଭଗବାନ୍ ଶ୍ରୀକୃଷ୍ଣ (ଯେ କି ଗୋପାଳବାଳ ଅଟନ୍ତି) ସେ ଗାଭୀକୁ ଦୋହନ କରୁଛନ୍ତି । ସେ ଦୁଗ୍ଧ (ଅର୍ଥାତ୍ ଗୀତାମୃତ) ସମସ୍ତ ବେଦର ସାର ଅଟେ ଏବଂ ଅର୍ଜୁନ ଠିକ୍ ଏକ ବତ୍ସା ସଦୃଶ । ବିଶିଷ୍ଟ ଯୋଗୀ, ଋଷି, ମୁନି, ଜ୍ଞାନୀ ଓ ଭକ୍ତଗଣ ଭଗବଦ୍‌ଗୀତାରୂପ ଏ ଅମୃତମୟ ଦୁଗ୍ଧକୁ ପାନ କରିବା ଉଚିତ୍ ।

ଆଜିକାଲି ମାନବ ବଡ଼ ବ୍ୟଗ୍ର, କିପରି ଗୋଟିଏ ଗ୍ରନ୍ଥ, ଗୋଟିଏ ଭଗବାନ୍, ଗୋଟିଏ ଧର୍ମ ଏବଂ ଗୋଟିଏ ଧନ୍ଦା ପାଇବ; ତେଣୁ ସମଗ୍ର ପୃଥିବୀ ନିମିତ୍ତ ଗୋଟିଏ ସାଧାରଣ ଗ୍ରନ୍ଥ ଏ ଭଗବଦ୍‌ଗୀତା ହେଉ ଏବଂ ଶ୍ରୀକୃଷ୍ଣ ସମଗ୍ର ପୃଥିବୀର ଏକମାତ୍ର ଭଗବାନ୍ ହୁଅନ୍ତୁ ଓ ଗୋଟିଏ

ମନ୍ତ୍ର-''ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ । ହରେରାମ ହରେରାମ ରାମ ରାମ ହରେ ହରେ'' ହେଉ ଏବଂ ଗୋଟିଏ ମାତ୍ର ଧନ୍ଦା ବା ସେବା-ପରମପୁରୁଷ ଭଗବାନଙ୍କର ସେବା ହେଉ ।

## ଗୁରୁ ପରମ୍ପରା

*ଏବଂ ପରମ୍ପରା ପ୍ରାପ୍ତମ୍ ଇମଂ ରାଜର୍ଷୟୋ ବିଦୁଃ ।*

(ଭ.ଗୀ. ୪-୨)

ଏ ଭଗବଦ୍‌ଗୀତା ମୌଳିକରୂପରେ ଗୁରୁପରମ୍ପରା ଦେଇ ପ୍ରାପ୍ତ ହୋଇଅଛି ।(୧) କୃଷ୍ଣ (୨) ବ୍ରହ୍ମା (୩) ନାରଦ, (୪) ବ୍ୟାସ, (୫) ମାଧ୍ୱ, (୬) ପଦ୍ମନାଭ, (୭) ନୃହରି (୮) ମାଧବ, (୯) ଅକ୍ଷୋଭ୍ୟ, (୧୦) ଜୟତୀର୍ଥ, (୧୧) ଜ୍ଞାନସିନ୍ଧୁ, (୧୨) ଦୟାନିଧି, (୧୩) ବିଦ୍ୟାନିଧି (୧୪) ରାଜେନ୍ଦ୍ର, (୧୫) ଜୟଧର୍ମ, (୧୬) ପୁରୁଷୋତ୍ତମ, (୧୭) ବ୍ରହ୍ମଣ୍ୟଧର୍ମ, (୧୮) ବ୍ୟାସତୀର୍ଥ, (୧୯) ଲକ୍ଷ୍ମୀପତି, (୨୦) ମାଧବେନ୍ଦ୍ରପୁରୀ, (୨୧) ଈଶ୍ୱରପୁରୀ (ନିତ୍ୟାନନ୍ଦ, ଅଦ୍ୱୈତ), (୨୨) ଶ୍ରୀଚୈତନ୍ୟ ମହାପ୍ରଭୁ, (୨୩) ରୂପ (ସ୍ୱରୂପ, ସନାତନ), (୨୪) ରଘୁନାଥ, ଜୀବ (୨୫) କୃଷ୍ଣଦାସ କବିରାଜ (୨୬) ନରୋତ୍ତମ, (୨୭) ବିଶ୍ୱନାଥ (୨୮) (ବଳଦେବ) ଜଗନ୍ନାଥ, (୨୯) ଭକ୍ତିବିନୋଦ, (୩୦) ଗୌରକିଶୋର, (୩୧) ଭକ୍ତିସିଦ୍ଧାନ୍ତ ସରସ୍ୱତୀ, (୩୨) ଶ୍ରୀ ଶ୍ରୀମଦ୍ ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ ।

# ଗୀତା ମାହାତ୍ମ୍ୟ

*ଗୀତାଶାସ୍ତ୍ରମିଦଂ ପୁଣ୍ୟଂ ଯଃ ପଠେତ୍ ପ୍ରଯତଃ ପୁମାନ୍ ।*
*ବିଷ୍ଣୋଃ ପଦମବାପ୍ନୋତି ଭୟଶୋକାଦିବର୍ଜିତଃ ॥୧॥*

ଯଦି ଜଣେ ଏହି ଗୀତା ଶାସ୍ତ୍ରକୁ ଠିକ୍ ଭାବରେ ଅଧ୍ୟୟନ କରେ, ସେ ଜୀବନର ସମସ୍ତ ନୈରାଶ୍ୟ ଓ ଉଦ୍‌ବିଗ୍ନତାରୁ ରକ୍ଷା ପାଏ । ତାର ସମସ୍ତ ଭୟ, ଶୋକ ଇତ୍ୟାଦି ମାନସିକ ଦୁଃଖ ଦୂରହୋଇ ପରଜନ୍ମଟି ଦିବ୍ୟଭାବାପନ୍ନ ହୁଏ ।

*ଗୀତାଧ୍ୟାୟନଶୀଳସ୍ୟ ପ୍ରାଣାୟମପରସ୍ୟ ଚ ।*
*ନୈବ ସନ୍ତି ହି ପାପାନି ପୂର୍ବଜନ୍ମକୃତାନି ଚ ॥୨॥*

ଯଦି ଜଣେ ଏହି ଗୀତା ଶାସ୍ତ୍ରକୁ ନିଷ୍ଠା ଓ ଦାୟିତ୍ୱର ସହିତ ଅଧ୍ୟୟନ କରେ ଭଗବାନ୍ ଶ୍ରୀକୃଷ୍ଣଙ୍କ କୃପାରୁ ତାର ପୂର୍ବଜନ୍ମକୃତ କର୍ମବିପାକ ନଷ୍ଟହୁଏ ।

*ମଳିନେ ମୋଚନଂ ପୁଂସାଂ ଜଳସ୍ନାନଂ ଦିନେ ଦିନେ ।*
*ସକୃଦ୍ ଗୀତାମୃତସ୍ନାନଂ ସଂସାରମଳନାଶନମ୍ ॥୩॥*

ଜଣେ ବ୍ୟକ୍ତି ପ୍ରତିଦିନ ଜଳରେ ସ୍ନାନକରି ହୁଏତ ନିଜକୁ ପରିଷ୍କାର କରିପାରେ, କିନ୍ତୁ ଯଦି ଥରେ ପବିତ୍ର ଭଗବଦ୍ ଗୀତା ରୂପୀ ଗଙ୍ଗାଜଳରେ ସ୍ନାନକରେ ତାର ମନରେ ଥିବା ସମସ୍ତ ମଇଳା ଦୂର ହୁଏ ।

*ଗୀତା ସୁଗୀତା କର୍ତ୍ତବ୍ୟା କିମନ୍ୟୈଃ ଶାସ୍ତ୍ରବିସ୍ତରୈଃ ।*
*ଯା ସ୍ୱୟଂ ପଦ୍ମନାଭସ୍ୟ ମୁଖପଦ୍ମାଦ୍‌ବିନିଃସୃତା ॥୪॥*

ଯେହେତୁ ଭଗବଦ୍ ଗୀତା ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ଦ୍ୱାରା କଥିତ ହୋଇଛି ତେଣୁ ବ୍ୟକ୍ତି ଅନ୍ୟକୌଣସି ଶାସ୍ତ୍ର ଅଧ୍ୟୟନ କରିବା ଦରକାର ନାହିଁ । କେବଳ ଭଗବଦ୍ ଗୀତା ଅଧ୍ୟୟନ କଲେ ତାର ଜୀବନର ସୁଫଳ ପ୍ରାପ୍ତି ହେବ ।

*ଭାରତାମୃତସର୍ବସ୍ୱଂ ବିଷ୍ଣୋର୍ବକ୍ତ୍ରାଦ୍‌ବିନିଃସୃତମ୍ ।*
*ଗୀତାଗଙ୍ଗୋଦକଂ ପୀତ୍ୱା ପୁନର୍ଜନ୍ମ ନ ବିଦ୍ୟତେ ॥୫॥*

# ଗୀତା ମହାତ୍ମ୍ୟ

ଜଣେ ଗଙ୍ଗାଜଳ ପାନକଲେ ମୁକ୍ତି ଲାଭ କରେ, କିନ୍ତୁ ଯେଉଁ ବ୍ୟକ୍ତି ଭଗବଦ୍ ଗୀତା ରୂପୀ ଅମୃତ ପାନ କରେ ସେ ନିଶ୍ଚିତ ଭଗବାନଙ୍କ ପାଦପଦ୍ମ ଲାଭ କରିବ କାରଣ ଏହା ମହାଭାରତର ସାରସର୍ବସ୍ୱ ଓ ପରମପୁରୁଷ ଭଗବାନ୍ ଯେ କି ଆଦିବିଷ୍ଣୁ ତାଙ୍କ ଦ୍ୱାରା କଥିତ ।

*ସର୍ବୋପନିଷଦୋ ଗାବୋ ଦୋଗ୍ଧା ଗୋପାଳନନ୍ଦନଃ ।*
*ପାର୍ଥୋ ବତ୍ସଃ ସୁଧୀର୍ଭୋକ୍ତା ଦୁଗ୍ଧଂ ଗୀତାମୃତଂ ମହତ୍ ॥୬॥*

ଭଗବଦ୍‌ଗୀତା ଏକ ଗାଭୀ ସଦୃଶ ଏବଂ ଭଗବାନ୍ ଶ୍ରୀକୃଷ୍ଣ (ଯେ କି ଗୋପାଳବାଳକ ଅଟନ୍ତି) ସେ ଗାଭୀକୁ ଦୋହନ କରୁଛନ୍ତି । ସେ ଦୁଗ୍ଧ (ଅର୍ଥାତ୍ ଗୀତାମୃତ) ସମସ୍ତ ବେଦର ସାର ଅଟେ ଏବଂ ଅର୍ଜୁନ ଠିକ୍ ଏକ ବତ୍ସ ସଦୃଶ । ବିଶିଷ୍ଟ ଯୋଗୀ, ଋଷି, ମୁନି, ଜ୍ଞାନୀ ଓ ଭକ୍ତଗଣ ଭଗବଦ୍‌ଗୀତାରୂପୀ ଏ ଅମୃତମୟ ଦୁଗ୍ଧକୁ ପାନ କରିବା ଉଚିତ୍ ।

*ଏକଂ ଶାସ୍ତ୍ରଂ ଦେବକୀପୁତ୍ରଗୀତମ୍*
*ଏକୋ ଦେବୋ ଦେବକୀପୁତ୍ର ଏବ ।*
*ଏକୋ ମନ୍ତ୍ରସ୍ତସ୍ୟ ନାମାନି ଯାନି*
*କର୍ମାପ୍ୟେକଂ ତସ୍ୟ ଦେବସ୍ୟ ସେବା ॥୭॥*

ଆଜିକାଲି ମାନବ ବଡ଼ ବ୍ୟଗ୍ର, କିପରି ଗୋଟିଏ ଗ୍ରନ୍ଥ, ଗୋଟିଏ ଭଗବାନ୍, ଗୋଟିଏ ଧର୍ମ ଏବଂ ଗୋଟିଏ ଧନ୍ଦା ପାଇବ; ତେଣୁ ସମଗ୍ର ପୃଥିବୀ ନିମିତ୍ତ ଗୋଟିଏ ସାଧାରଣ ଗ୍ରନ୍ଥ ଏ ଭଗବଦ୍‌ଗୀତା ହେଉ ଏବଂ ଶ୍ରୀକୃଷ୍ଣ ସମଗ୍ର ପୃଥିବୀର ଏକମାତ୍ର ଭଗବାନ୍ ହୁଅନ୍ତୁ ଓ ଗୋଟିଏ ମନ୍ତ୍ର -''***ହରେକୃଷ୍ଣ ହରେକୃଷ୍ଣ କୃଷ୍ଣକୃଷ୍ଣ ହରେହରେ । ହରେରାମ ହରେରାମ ରାମରାମ ହରେହରେ*** ।।'' ହେଉ ଏବଂ ଗୋଟିଏ ମାତ୍ର ଧନ୍ଦା ବା ସେବା-ପରମପୁରୁଷ ଭଗବାନ୍‌ଙ୍କର ସେବା ହେଉ ।

-ହରେକୃଷ୍ଣ

—o—

# ଗ୍ରନ୍ଥକର୍ତ୍ତା ଆଚାର୍ଯ୍ୟଙ୍କର ସଂକ୍ଷିପ୍ତ ଜୀବନୀ

ଶ୍ରୀମଦ୍ ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ ୧୮୯୬ ସାଲରେ କଲିକତାରେ ଜନ୍ମଗ୍ରହଣ କରିଥିଲେ। ପୂର୍ବାଶ୍ରମରେ ତାଙ୍କର ନାମ ଥିଲା ଶ୍ରୀ ଅଭୟ ଚରଣ ଦେ। ତାଙ୍କର ଗୁରୁଦେବ ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁରଙ୍କର ସଙ୍ଗରେ ତାଙ୍କର ପ୍ରଥମ ସାକ୍ଷାତ ହୁଏ ୧୯୨୨ ସାଲରେ।

ଗୌଡୀୟ ମଠର ପ୍ରତିଷ୍ଠାତା, ମହା ଭାଗବତ, ମହା ପଣ୍ଡିତ ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର ପ୍ରଥମ ଦର୍ଶନରେ ହିଁ ସୁଶିକ୍ଷିତ ତେଜସ୍ୱୀ ଯୁବକ ଅଭୟ ଚରଣଙ୍କର ମଧ୍ୟରେ ଏକ ଶୁଦ୍ଧ ଭଗବଦ୍ ଭକ୍ତି ଦେଖିବାକୁ ପାଇଲେ, ଦେଖିବାକୁ ପାଇଲେ ଭଗବଦ୍ ବାଣୀର ଏକ ମହାନ ପ୍ରଚାରକଙ୍କୁ। ପ୍ରଥମ ପରିଚୟରେ ହିଁ ସେ ଭଗବଦ୍ ତତ୍ତ୍ୱ ସମ୍ବନ୍ଧରେ ନାନା ଉପଦେଶ ଦେଇ ତାଙ୍କୁ ମନେ କରାଇଦେଲେ ଯେ ଭଗବାନଙ୍କର ସେବା କରିବା ହେଉଛି ମନୁଷ୍ୟର ଏକମାତ୍ର ଧର୍ମ ଏବଂ ଇଂରାଜୀ ଭାଷା ମାଧ୍ୟମରେ ପାଶ୍ଚାତ୍ୟ ଜଗତରେ ଭଗବଦ୍ ଧର୍ମର ପ୍ରଚାର କରିବା ପାଇଁ ତାଙ୍କୁ ଆଦେଶ ଦେଲେ। ଏଗାରବର୍ଷ ଅଧ୍ୟୟନ କରି ୧୯୩୩ ସାଲରେ ଏହ୍ଲାବାଦଠାରେ ଶ୍ରୀ ଅଭୟ ଚରଣ ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁରଙ୍କଠାରୁ ଦୀକ୍ଷା ଗ୍ରହଣ କଲେ।

ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର ତାଙ୍କୁ ଇଂରାଜୀ ଭାଷା ମାଧ୍ୟମରେ ଭାଗବତ ଧର୍ମ ପ୍ରଚାର କରିବାପାଇଁ ଯେଉଁ ଆଦେଶ ଦେଇଥିଲେ ସେହି ଆଦେଶ ଶିରୋଧାର୍ଯ୍ୟ କରି ସେ ୧୯୪୪ ସାଲରେ (ବ୍ୟାକ୍ ଟୁ ଗଡ୍ ହେଡ୍) ନାମକ ଗୋଟିଏ ଇଂରାଜୀ ପାକ୍ଷିକ ପତ୍ରିକା ପ୍ରକାଶ କରିବାକୁ ଆରମ୍ଭ କଲେ। ବ୍ୟାକ୍ ଟୁ ଗଡ୍‌ହେଡ୍ ଆଜି ସାରା ପୃଥିବୀର ପ୍ରତ୍ୟେକ ଭାଷାରେ ଅନୁଦିତ ହୋଇ ପ୍ରତି ମାସରେ ଲକ୍ଷ ଲକ୍ଷ ସଂଖ୍ୟାରେ ବିକ୍ରି ହେଉଛି। ଏଇ ଭଗବଦ୍ ଦର୍ଶନ ପତ୍ରିକାଟି ବ୍ୟାକ୍ ଟୁ ଗଡ୍ ହେଡ୍‌ର ଓଡ଼ିଆ ସଂସ୍କରଣ।

ଶ୍ରୀଲ ଅଭୟଚରଣାରବିନ୍ଦ ପ୍ରଭୁପାଦଙ୍କର ଅସୀମ ଭଗବଦ୍ ଭକ୍ତି ଏବଂ ଶାସ୍ତ୍ର ଜ୍ଞାନ ପାଇଁ ୧୯୪୭ ସାଲରେ ଗୌଡ଼ୀୟ ବୈଷ୍ଣବ ସମାଜ ତାହାଙ୍କୁ ଭକ୍ତିବେଦାନ୍ତ ଉପାଧିରେ ଭୂଷିତ କରିଥିଲା। ୧୯୫୦ ସାଲରେ ଚଉବନ ବର୍ଷ ବୟସରେ ସେ ଗାର୍ହସ୍ଥ୍ୟ ଜୀବନ ତ୍ୟାଗକରି ବାନପ୍ରସ୍ଥ ଆଶ୍ରମ ଗ୍ରହଣ କରିଥିଲେ ଏବଂ ତା'ର ଚାରିବର୍ଷ ପରେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଲୀଳାଭୂମି ଶ୍ରୀ ବୃନ୍ଦାବନରେ ବିଖ୍ୟାତ ରାଧାଦାମୋଦର ମନ୍ଦିରରେ ଭଗବଦ୍ ଆରାଧନାରେ ମଗ୍ନ ହେଲେ। ସେଠାରେ ବହୁ ଲୁପ୍ତ ପ୍ରାୟ ଶାସ୍ତ୍ରର ପୁନରୁଦ୍ଧାର କରି, ତାହାର ଯଥାଯଥ ବ୍ୟାଖ୍ୟାକରି ଇଂରାଜୀ ଭାଷାରେ ଅନୁବାଦ କରି, ସମଗ୍ର ମାନବ ସମାଜ

ପାଇଁ ଏକ ଅସୀମ ସଂପଦର ଆହରଣ କରିବାରେ ଲାଗିଥିଲେ। ଏଇ ସମୟରେ ସେ ୧୮,୦୦୦ ଶ୍ଳୋକ ସମନ୍ୱିତ ଶ୍ରୀମଦ୍ ଭାଗବତର ଇଂରାଜୀ ଅନୁବାଦ ଓ ତା'ର ବ୍ୟାଖ୍ୟା କରିବା ଆରମ୍ଭ କରିଥିଲେ। ଯାହା ଆଜି ୩୦ଖଣ୍ଡରେ ପ୍ରକାଶିତ ହୋଇଛି ଏବଂ ବିଶ୍ୱର ସବୁଠାରୁ ବହୁଳ ପ୍ରଚଳିତ ଭାଷାମାନଙ୍କରେ ଅନୁଦିତ ହୋଇ ସମଗ୍ର ବିଶ୍ୱକୁ ବୈଦିକ ସଂସ୍କୃତିର ପରମଧନ-ଭଗବତ୍ ତତ୍ତ୍ୱଜ୍ଞାନ ବିତରଣ କରୁଅଛି।

ଶ୍ରୀମଦ୍ ଭାଗବତର ତିନି ଖଣ୍ଡ ଲେଖା ସମ୍ପୂର୍ଣ୍ଣ ହେଲାପରେ, ସେ ତାଙ୍କର ଗୁରୁଦେବଙ୍କର ଆଦେଶ ପାଳନ କରି ୧୯୬୫ ସାଲରେ କପର୍ଦ୍ଦକ ଶୂନ୍ୟ ଅବସ୍ଥାରେ ଗୋଟିଏ ପଣ୍ୟବାହୀ ଜାହାଜରେ ଆମେରିକା ଅଭିମୁଖେ ଯାତ୍ରା କଲେ। ଆମେରିକାର ନିୟୁୟର୍କ ସହରରେ ସଂପୂର୍ଣ୍ଣ ଅପରିଚିତ ପରିବେଶରେ ସେ ତାଙ୍କର ପ୍ରଚାର କାର୍ଯ୍ୟ ଆରମ୍ଭ କଲେ। ତାଙ୍କର ସମ୍ବଳ ସେତେବେଳେ କେବଳ ଭଗବାନଙ୍କ ପ୍ରତି ଅସୀମ ଭକ୍ତି, ଗୁରୁଦେବଙ୍କର ଆଶୀର୍ବାଦ ଏବଂ ହଳେ କରତାଳ। ସେଇ କରତାଳ ବଜାଇ ସେ ନିୟୁୟର୍କ ଟମ୍ପ୍‌କିନ୍ ସ୍କୋୟାର ପାର୍କରେ ଭଗବାନଙ୍କର ନାମ କୀର୍ତ୍ତନ କରି ଚାଲିଲେ। ଏଇ ଭାବରେ ଏକ ବର୍ଷ ଅନେକ ଅବମାନନା, ଲାଞ୍ଛନା ଓ ନୈରାଶ୍ୟର ବାଧା ଅତିକ୍ରମ କରି ୧୯୬୬ ସାଲ ଜୁଲାଇ ମାସରେ ଅନ୍ତଃରାଷ୍ଟ୍ରୀୟ କୃଷ୍ଣଭାବନାମୃତ ସଂଘର ପ୍ରତିଷ୍ଠାକଲେ। ତାଙ୍କର ସୁଦକ୍ଷ ପରିଚାଳନାର ଦଶ ବର୍ଷ ମଧ୍ୟରେ ଏଇ ଅନ୍ତଃରାଷ୍ଟ୍ରୀୟ କୃଷ୍ଣଭାବନାମୃତ ସଂଘ ବିଶ୍ୱର ପ୍ରତିଟି ପ୍ରାନ୍ତରେ ପ୍ରସାରିତ ହୋଇଅଛି- ଶତାଧିକ ମନ୍ଦିର ସ୍ଥାପନ କରିବା ମାଧ୍ୟମରେ ସାରା ବିଶ୍ୱରେ ଭଗବଦ୍ ବାଣୀର ପ୍ରଚାର କରାହୋଇଛି।

୧୯୬୮ ସାଲରେ ଆମେରିକାର ପଶ୍ଚିମ ଭର୍ଜିନିଆର ପାହାଡରେ ଶ୍ରୀଲ ପ୍ରଭୁପାଦ ୩,୦୦୦ଏକର ଜମି ଉପରେ 'ନବ-ବୃନ୍ଦାବନ' ନାମକ ଏକ ଆଶ୍ରମ ପ୍ରତିଷ୍ଠା କଲେ, ଯେଉଁଠାରେ ସେ ବୈଦିକ ସଭ୍ୟତାର ଭିତ୍ତିରେ ଏକ ସମାଜର ପ୍ରତିଷ୍ଠା କରି ତଥାକଥିତ ପ୍ରଗତିଶୀଳ ଆମେରିକା ସମ୍ମୁଖରେ ବୈଦିକ ସଭ୍ୟତାର ଅଭାବନୀୟ ଉତ୍କର୍ଷତାର ଦୃଷ୍ଟାନ୍ତ ତୋଳି ଧରିଲେ। ଏଇ ଦୃଷ୍ଟାନ୍ତରେ ଅନୁପ୍ରାଣିତ ହୋଇ ଆମେରିକା ଓ ୟୁରୋପର ଅନେକ ଜାଗାରେ ଏଇ ଧରଣର ସମାଜ ଗଢ଼ି ଉଠିଛି।

୧୯୭୨ ସାଲରେ ଶ୍ରୀଲ ପ୍ରଭୁପାଦ ବୈଦିକ ଆଦର୍ଶରେ ଟେକ୍ସାସ୍‌ର ଡାଲାସ୍ ଅଞ୍ଚଳରେ ଗୁରୁକୁଳ ଶିକ୍ଷା ପ୍ରତିଷ୍ଠାନର ଆରମ୍ଭ କଲେ। ଯେଉଁଠାରେ ଶୈଶବ ଅବସ୍ଥାରୁ ଭଗବଦ୍ ତତ୍ତ୍ୱ ଶିକ୍ଷା ଦେବାର ମାଧ୍ୟମରେ ପ୍ରାଥମିକ ଓ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଶିକ୍ଷା ଦିଆଯାଏ।

ଭାରତବର୍ଷର ବୃନ୍ଦାବନରେ ଯେଉଁ ଗୁରୁକୁଳ ଗଢ଼ିଉଠିଛି ସେଠାରେ ବିଶ୍ୱର ପ୍ରତି ପ୍ରାନ୍ତରୁ ଆସିଥିବା ଶିଶୁଗଣ ସେମାନଙ୍କର ଜୀବନର ପ୍ରକୃତ ଉଦ୍ଦେଶ୍ୟ ସମ୍ବନ୍ଧରେ ଶିକ୍ଷା

ପାଉଛନ୍ତି । ଏହା ସାଙ୍ଗରେ ଗଢ଼ିଉଠିଛି ବୈଦିକ ସଂସ୍କୃତିର ଶିକ୍ଷା ପ୍ରତିଷ୍ଠାନ, ଯେଉଁଠାରେ ଉଚ୍ଚତର ବୈଦିକ ସଂସ୍କୃତିର ଶିକ୍ଷା ଦିଆଯାଏ ।

ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଆବିର୍ଭାବ ସ୍ଥଳ ଶ୍ରୀଧାମ ମାୟାପୁରରେ ଗଢ଼ି ଉଠିଛି ଅନ୍ତଃରାଷ୍ଟ୍ରୀୟ କୃଷ୍ଣଭାବନାମୃତ ସଂଘର ଆନ୍ତର୍ଜାତିକ କେନ୍ଦ୍ର । ସାରା ପୃଥିବୀରେ ଶ୍ରୀଲ ପ୍ରଭୁପାଦ ଯେଉଁ ଭଗବତ୍ ଧର୍ମର ପ୍ରଚାର କରିଛନ୍ତି, ତା'ର କେନ୍ଦ୍ରସ୍ଥଳରୂପେ ଗଢ଼ି ଉଠିଛି ଏକ ବୈଦିକ ନଗରୀ, ଯେଉଁଠାରେ ସନାତନ ଧର୍ମର ପୁନଃପ୍ରତିଷ୍ଠା କରିବାର ମାଧ୍ୟମରେ ଏକ ଆଦର୍ଶ ସମାଜ ଗଢ଼ି ଉଠିଛି ।

ଶ୍ରୀଲ ପ୍ରଭୁପାଦଙ୍କର ସବୁଠାରୁ ଉଲ୍ଲେଖଯୋଗ୍ୟ ଅବଦାନ ହେଉଛି ତାଙ୍କର ଲିଖିତ ଗ୍ରନ୍ଥ ସମୂହ । ତାଙ୍କର ଲେଖାରେ ଯେଉଁ ପାଣ୍ଡିତ୍ୟ, ଗଭୀରତା ଓ ସରଳତା ଅନୁଭବ କରାଯାଏ ତା'ର ପ୍ରଶଂସାରେ ସାରା ବିଶ୍ୱର ପଣ୍ଡିତମଣ୍ଡଳୀ ମୁଖରିତ ହୋଇ ଉଠିଛନ୍ତି । ବହୁ ବିଶ୍ୱବିଦ୍ୟାଳୟ ତାଙ୍କର ଲିଖିତ ଏହି ଗ୍ରନ୍ଥସମୂହକୁ ପାଠ୍ୟ ପୁସ୍ତକ ହିସାବରେ ଗ୍ରହଣ କରିଛନ୍ତି । ୧୯୭୨ ସାଲରେ ଶ୍ରୀଲ ପ୍ରଭୁପାଦଙ୍କର ପୁସ୍ତକଗୁଡ଼ିକ ପ୍ରକାଶ କରିବା ପାଇଁ ଯେଉଁ ଭକ୍ତିବେଦାନ୍ତ ବୁକ୍‌ଟ୍ରଷ୍ଟର ପ୍ରତିଷ୍ଠା କରାହୋଇଥିଲା, ତାହା ଆଜି ଭାରତୀୟ ଧର୍ମ ଓ ଦର୍ଶନ ସଂକ୍ରାନ୍ତରେ ଗ୍ରନ୍ଥମାନଙ୍କର ବୃହତ୍ତମ ପ୍ରକାଶକ ।

ଗତ ବାରବର୍ଷରେ ଶ୍ରୀଲ ପ୍ରଭୁପାଦ ଚଉଦ ଥର ପୃଥିବୀ ପ୍ରଦକ୍ଷିଣ କରି ସନାତନ ଧର୍ମ ସମ୍ବନ୍ଧରେ ଉପଦେଶ ଦେଇ ଭଗବଦ୍ ବାଣୀର ପ୍ରଚାର କରିଛନ୍ତି । ଅକ୍ଲାନ୍ତ ପରିଶ୍ରମ କରି ସେ ସାରାବିଶ୍ୱରେ ବିତରଣ କରିଯାଇଛନ୍ତି ଏକ ଅପ୍ରାକୃତ ଜ୍ଞାନ, ଯାହା କେବଳ ସେ ହିଁ ବିତରଣ କରିପାରିବେ ଯେ କି ଦିବ୍ୟଜ୍ଞାନ ଲାଭ କରିଛନ୍ତି–ଯେକି ଭଗବାନଙ୍କୁ ଦର୍ଶନ କରିଛନ୍ତି । ସେହି ଗୁରୁ ଓ ଆଚାର୍ଯ୍ୟ ୧୯୭୭ମସିହା ନଭେମ୍ବର ଚଉଦ ତାରିଖରେ ପବିତ୍ର ବୃନ୍ଦାବନ ଧାମରେ ପ୍ରକଟଲୀଳା ସାଙ୍ଗକରି ନିତ୍ୟଲୀଳାରେ ପ୍ରବିଷ୍ଟ ହେଲେ ।

*–ହରେକୃଷ୍ଣ*

—o—

# ପ୍ରଥମ ଅଧ୍ୟାୟ

## ଅର୍ଜୁନବିଷାଦଯୋଗ

(କୁରୁକ୍ଷେତ୍ର ଯୁଦ୍ଧଭୂମିରେ ସୈନ୍ୟଦର୍ଶନ)

### ଶ୍ଲୋକ - ୧

**ଧୃତରାଷ୍ଟ୍ର ଉବାଚ**

**ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ ।**
**ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ ।। ୧ ।।**

### ଶବ୍ଦାନୁବାଦ

ଧୃତରାଷ୍ଟ୍ରଃ=ରାଜା ଧୃତରାଷ୍ଟ୍ର; ଉବାଚ=କହିଲେ; ଧର୍ମ-କ୍ଷେତ୍ରେ=ଧର୍ମକ୍ଷେତ୍ରରେ, ତୀର୍ଥ ସ୍ଥାନରେ; କୁରୁ-କ୍ଷେତ୍ରେ=କୁରୁକ୍ଷେତ୍ର ନାମକ ସ୍ଥାନରେ; ସମବେତାଃ=ସମବେତ ହୋଇଥିବା; ଯୁଯୁତ୍ସବଃ=ଯୁଦ୍ଧ କରିବାକୁ ଇଚ୍ଛା କରୁଥିବା; ମାମକାଃ=ମୋ ଦଳ (ପୁତ୍ରମାନେ); ପାଣ୍ଡବାଃ=ପାଣ୍ଡୁପୁତ୍ରଗଣ; ଚ=ଏବଂ; ଏବ=ନିଶ୍ଚିତଭାବେ; କିମ୍=କ'ଣ; ଅକୁର୍ବତ=ସେମାନେ କଲେ; ସଞ୍ଜୟ=ହେ ସଞ୍ଜୟ ।

### ଅନୁବାଦ

**ଧୃତରାଷ୍ଟ୍ର କହିଲେ, ''ହେ ସଞ୍ଜୟ ! ମୋ ପୁତ୍ରଗଣ ଏବଂ ପାଣ୍ଡୁପୁତ୍ରଗଣ ଯୁଦ୍ଧ କରିବାକୁ ଇଚ୍ଛା କରି ତୀର୍ଥକ୍ଷେତ୍ର-ଧର୍ମକ୍ଷେତ୍ର କୁରୁକ୍ଷେତ୍ର ନାମକ ସ୍ଥାନରେ ଏକତ୍ର ହୋଇ କ'ଣ କଲେ ?**

## ଭାବାର୍ଥ

ଭଗବଦ୍ ଗୀତା ଭଗବଦ୍-ବିଜ୍ଞାନ ଅଟେ । ପୃଥିବୀର ଚାରିଆଡ଼େ ସମସ୍ତେ ଏହା ପାଠ କରନ୍ତି । ଗୀତା ମାହାତ୍ମ୍ୟରେ ଗୀତାପାଠର ମହିମା କଥା କୁହାଯାଇଅଛି । ସେଥିରେ କୁହାଯାଇଛି ଯେ, ବ୍ୟକ୍ତି, ଭଗବାନ୍ ଶ୍ରୀକୃଷ୍ଣଙ୍କର ଏକ ଭକ୍ତଙ୍କର ସହାୟତାରେ ବଡ଼ ଯତ୍ନର ସହିତ ଭଗବଦ୍ ଗୀତା ପାଠ କରିବା ଉଚିତ୍ ଏବଂ ସେଥିରେ କୌଣସି ବ୍ୟକ୍ତିଗତ ବ୍ୟାଖ୍ୟା ବା ମତାମତ ନ ଯୋଡ଼ି ତାହାକୁ ବୁଝିବାକୁ ଚେଷ୍ଟା କରିବା ଉଚିତ୍ । କିପରି ଭଗବଦ୍ ଗୀତାକୁ ଭଲଭାବରେ ବୁଝିବାକୁ ହେବ, ତାହାର ଉଦାହରଣ ଭଗବଦ୍ ଗୀତାରେ ହିଁ ଅଛି । ଅର୍ଜୁନ ପ୍ରତ୍ୟକ୍ଷ ଭାବରେ ଭଗବାନଙ୍କଠାରୁ ଗୀତାବାଣୀ ଶ୍ରବଣ କରିଛନ୍ତି ଏବଂ ସେ ଯେପରି ଏହାକୁ ବୁଝିଲେ, ସମସ୍ତେ ସେହିପରି ଭାବରେ ବୁଝିବା ଉଚିତ୍ । ଯଦି କେହି ଭାଗ୍ୟବାନ୍ ଲୋକ କୌଣସି ବ୍ୟକ୍ତିଗତ ବ୍ୟାଖ୍ୟା ଗ୍ରହଣ ନ କରି ଅର୍ଜୁନଙ୍କ ଭଳି ଗୁରୁପରମ୍ପରାରେ ଆସୁଥିବା ଗୁରୁଙ୍କଠାରୁ ଭଗବଦ୍ ଗୀତା ବୁଝେ, ତାହାହେଲେ ସେ ସମସ୍ତ ବୈଦିକଜ୍ଞାନ ଏବଂ ପୃଥିବୀର ସମସ୍ତ ଶାସ୍ତ୍ରଜ୍ଞାନକୁ ଟପିଯିବ । ଅନ୍ୟ ଗ୍ରନ୍ଥମାନଙ୍କରେ ଯାହାସବୁ ଅଛି, ସବୁ ଭଗବଦ୍ ଗୀତାରେ ଅଛି; କିନ୍ତୁ ପାଠକ ଆହୁରି ଏପରି ଅନେକ କଥା ଭଗବଦ୍ ଗୀତାରେ ପାଇବ, ଯାହା ଅନ୍ୟ କୌଣସି ଗ୍ରନ୍ଥରେ ମିଳିବ ନାହିଁ । ତାହା ହେଉଛି ସ୍ୱତନ୍ତ୍ର ମାନଦଣ୍ଡ । ଏହା ହେଉଛି ପୂର୍ଣ୍ଣ ଭଗବଦ୍-ବିଜ୍ଞାନ, କାରଣ ଏହା ପ୍ରତ୍ୟକ୍ଷଭାବେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କଦ୍ୱାରା କୁହାଯାଇଅଛି ।

ଧୃତରାଷ୍ଟ୍ର ଏବଂ ସଞ୍ଜୟଙ୍କ ମଧ୍ୟରେ ମହାଭାରତରେ ବର୍ଣ୍ଣିତ ହୋଇଥିବା ଏ ଯେଉଁ ବିଷୟ ଆଲୋଚନା କରାଗଲା, ତାହା ଏହି ମହାନ୍ ଦର୍ଶନଗ୍ରନ୍ଥର ମୌଳିକ ନୀତିରୂପେ ପ୍ରତିଷ୍ଠିତ ହୋଇଛି । ଜଣାଯାଇଛି ଯେ, ଏହି ଦର୍ଶନ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ହିଁ ପ୍ରକାଶ କରାଯାଇଅଛି । କୁରୁକ୍ଷେତ୍ର କେଉଁ ଅବିସ୍ମରଣୀୟ ବୈଦିକ ଯୁଗରୁ ଏକ ପବିତ୍ର ତୀର୍ଥସ୍ଥାନ ରୂପେ ଖ୍ୟାତିଲାଭ କରିଆସୁଅଛି । ଯେତେବେଳେ ଭଗବାନ୍ ସ୍ୱୟଂ ଧରାଧାମରେ ଲୋକଶିକ୍ଷା ନିମିତ୍ତ ଉପସ୍ଥିତ ଥିଲେ, ସେତିକିବେଳେ ଏ ଦର୍ଶନ ଭଗବାନଙ୍କ ଦ୍ୱାରା ହିଁ କୁହାଯାଇଅଛି ।

ଏଠାରେ ବ୍ୟବହୃତ 'ଧର୍ମକ୍ଷେତ୍ର' (ଯେଉଁଠାରେ ବ୍ରତବିଧି ଓ ଧର୍ମନୀତି ଅନୁଷ୍ଠିତ ହୁଏ) ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ, କାରଣ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ପରମପୁରୁଷ ଭଗବାନ୍ ଅର୍ଜୁନଙ୍କ ପକ୍ଷରେ ଥିଲେ । କୌରବମାନଙ୍କର ପିତା ଧୃତରାଷ୍ଟ୍ର ଯୁଦ୍ଧରେ ତାଙ୍କର ପୁତ୍ରମାନଙ୍କର ବିଜୟ ସମ୍ବନ୍ଧରେ ବଡ଼ ସନ୍ଦିହାନ ଥିଲେ । ଏହି ସନ୍ଦେହରେ ପଡ଼ି ସେ ତାଙ୍କର ସଚିବ ସଞ୍ଜୟଙ୍କୁ ପ୍ରଶ୍ନ କଲେ, ''ମୋର ପୁତ୍ର ଓ ପାଣ୍ଡୁଙ୍କ ପୁତ୍ରଗଣ କ'ଣ କଲେ ?'' ସେ ଏକଥା ଭଲଭାବରେ ଜାଣିଥିଲେ ଯେ, ତାଙ୍କର ପୁତ୍ର ଏବଂ ତାଙ୍କ ସାନଭାଇ ପାଣ୍ଡୁଙ୍କ ପୁତ୍ରଗଣ ଯୁଦ୍ଧ କରିବା ନିମିତ୍ତ ଦୃଢ଼ନିଶ୍ଚିତ ହୋଇ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଏକତ୍ର ହୋଇଛନ୍ତି; ତଥାପି ତାଙ୍କର ପ୍ରଶ୍ନ ବଡ଼ ଗୁରୁତ୍ୱପୂର୍ଣ୍ଣ ଅଟେ । ଭାଇ ଭାଇ ମଧ୍ୟରେ ହେଉଥିବା ଯୁଦ୍ଧରେ ଗୋଟିଏ ଆପୋଷ ମିଳାମିଶା ହୋଇଯାଉ, ଏହା ସେ ଚାହୁଁ ନ ଥିଲେ; କିନ୍ତୁ ଏ ଯୁଦ୍ଧରେ ତାଙ୍କ ପୁତ୍ରମାନଙ୍କର କ'ଣ ହେବ, ତାହା ହିଁ ସେ ଜାଣିବାକୁ ଚାହୁଁଥିଲେ । ଯେହେତୁ 'କୁରୁକ୍ଷେତ୍ର'ରେ ଯୁଦ୍ଧ ହେବାକୁ ଯାଉଛି, ତେଣୁ ଧୃତରାଷ୍ଟ୍ର ବଡ଼ ଶଙ୍କାକୁଳ ହୋଇପଡ଼ିଥିଲେ ଯେ, ଯୁଦ୍ଧ ଉପରେ ଧର୍ମକ୍ଷେତ୍ର ବା ତୀର୍ଥସ୍ଥାନର

ଖୁବ୍ ପ୍ରଭାବ ଅଛି । ଏ 'କୁରୁକ୍ଷେତ୍ର' ସମ୍ବନ୍ଧରେ ବେଦରେ ବର୍ଣ୍ଣନା କରାଯାଇଛି ଯେ, ଏ ତୀର୍ଥସ୍ଥଳଟି ଦେବଲୋକର ଅଧିବାସୀ ଦେବତାମାନଙ୍କର ମଧ୍ୟ ପୂଜ୍ୟସ୍ଥଳ ଅଟେ । ସେ ଭଲଭାବରେ ଜାଣିଥିଲେ ଯେ, ଅର୍ଜୁନ ଆଦି ପାଣ୍ଡବମାନଙ୍କ ପକ୍ଷରେ କୁରୁକ୍ଷେତ୍ରରୂପ ଧର୍ମକ୍ଷେତ୍ରରେ ଅନୁଷ୍ଠିତ ଯୁଦ୍ଧଟି ଅନୁକୂଳ ହେବ, କାରଣ ସେମାନେ (ପାଣ୍ଡବମାନେ) ସ୍ୱଭାବତଃ ଧାର୍ମିକ । ସଞ୍ଜୟ ବ୍ୟାସଦେବଙ୍କର ଶିଷ୍ୟ ଥିଲେ; ତେଣୁ ବ୍ୟାସଙ୍କ କୃପାରୁ ସେ ଧୃତରାଷ୍ଟ୍ରଙ୍କ କୋଠରୀ ମଧ୍ୟରେ ବସିକରି ସୁଦ୍ଧା କୁରୁକ୍ଷେତ୍ର ଯୁଦ୍ଧଭୂମିରେ କ'ଣ ହେଉଛି, ସବୁ ଦେଖିପାରୁଥିଲେ; ତେଣୁ ଧୃତରାଷ୍ଟ୍ର ଯୁଦ୍ଧ ଘଟଣା ତାଙ୍କୁ ପଚ୍ଚରିଲେ ।

ପାଣ୍ଡବମାନେ ଓ ଧୃତରାଷ୍ଟ୍ରଙ୍କ ପୁତ୍ରଗଣ ଏକ ପରିବାରର ଅଟନ୍ତି; କିନ୍ତୁ ଧୃତରାଷ୍ଟ୍ରଙ୍କ ମନ ଏଠାରେ ଖୋଲି ହୋଇଯାଇଛି । ସେ ଜାଣିଶୁଣି ତାଙ୍କର ପୁତ୍ରମାନଙ୍କୁ କୌରବ ବୋଲି କହୁଛନ୍ତି ଏବଂ ପାଣ୍ଡୁଙ୍କ ପୁତ୍ରମାନଙ୍କ ବଂଶରୁ ଅଲଗା କରିଦେଇଛନ୍ତି; ତେଣୁ ଧୃତରାଷ୍ଟ୍ରଙ୍କର ପାଣ୍ଡୁଙ୍କ ପୁତ୍ରମାନଙ୍କ (ତାଙ୍କର ଭ୍ରାତୁଷ୍ପୁତ୍ର) ସହ କି ପ୍ରକାର ସମ୍ପର୍କ ଥିଲା, ବ୍ୟକ୍ତି ଭଲରକମ ବୁଝିପାରିବ ଏବଂ ସେଥିରୁ ଧୃତରାଷ୍ଟ୍ରଙ୍କର ସ୍ଥାନ କେଉଁଠି ଜାଣିପାରିବ । ଯେପରି ଧାନକ୍ଷେତରେ ଅନେକ ବାଲୁଙ୍ଗା ଥାଏ ଏବଂ କୃଷକ ସେଗୁଡ଼ିକୁ ଉପାଡ଼ି ଫୋପାଡ଼ି ଦିଏ, ଠିକ୍ ସେହିପରି ଏ ଘଟଣାର ପ୍ରାରମ୍ଭରୁ ଧର୍ମର ପିତା ଭଗବାନ୍ ଶ୍ରୀକୃଷ୍ଣ ଉପସ୍ଥିତ ଥିବା ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଦୁର୍ଯ୍ୟୋଧନ ଆଦି ଧୃତରାଷ୍ଟ୍ରଙ୍କର ପୁତ୍ରଗଣ ଏବଂ ଅନ୍ୟମାନେ ଅନେକ ଅଦରକାରୀ କୁଳବାଲୁଙ୍ଗା ଯେଉଁମାନେ ଥିଲେ, ସେମାନଙ୍କୁ ଭଗବାନ୍ ଶ୍ରୀକୃଷ୍ଣ ସମ୍ପୂର୍ଣ୍ଣରୂପେ ଉପାଡ଼ି ଫୋପାଡ଼ି ଦେବେ ଏବଂ ଧର୍ମରାଜ ଯୁଧିଷ୍ଠିରଙ୍କର ନେତୃତ୍ୱରେ ପରିଚ୍ଳିତ ପୂର୍ଣ୍ଣଧାର୍ମିକ ବ୍ୟକ୍ତିମାନଙ୍କୁ ପ୍ରତିଷ୍ଠା କରିବେ । 'ଧର୍ମକ୍ଷେତ୍ରେ' ଓ 'କୁରୁକ୍ଷେତ୍ରେ' ଶବ୍ଦର ଯାହା କିଛି ଐତିହାସିକ ଓ ବୈଦିକ ଗୁରୁତ୍ୱ ଥାଉ ନା କାହିଁକି, ଏହା ହେଉଛି ପ୍ରକୃତ ତାତ୍ପର୍ଯ୍ୟ ।

## ଶ୍ଲୋକ - ୨

## ସଞ୍ଜୟ ଉବାଚ

**ଦୃଷ୍ଟ୍ୱା ତୁ ପାଣ୍ଡବାନୀକଂ ବ୍ୟୂଢ଼ଂ ଦୁର୍ଯ୍ୟୋଧନସ୍ତଦା ।**
**ଆଚାର୍ଯ୍ୟମୁପସଂଗମ୍ୟ ରାଜା ବଚନମବ୍ରବୀତ୍ ।। ୨ ।।**

## ଶବ୍ଦାନୁବାଦ

ସଞ୍ଜୟଃ=ସଞ୍ଜୟ; ଉବାଚ=କହିଲେ; ଦୃଷ୍ଟ୍ୱା=ଦେଖିଲା ପରେ; ତୁ=କିନ୍ତୁ; ପାଣ୍ଡବ-ଅନୀକମ୍=ପାଣ୍ଡବମାନଙ୍କର ସୈନ୍ୟ; ବ୍ୟୂଢ଼ମ୍=ବ୍ୟୁହ (ସୈନ୍ୟବିନ୍ୟାସ); ଦୁର୍ଯ୍ୟୋଧନଃ=ରାଜା ଦୁର୍ଯ୍ୟୋଧନ; ତଦା=ସେ ସମୟରେ; ଆଚାର୍ଯ୍ୟମ୍=ଶିକ୍ଷକ; ଉପସଂଗମ୍ୟ=ତାଙ୍କ ନିକଟକୁ ଯାଇ; ରାଜା=ରାଜା; ବଚନମ୍=ବଚନ, ଅବ୍ରବୀତ୍=କହିଲେ ।

## ଅନୁବାଦ

**ସଞ୍ଜୟ କହିଲେ, ହେ ରାଜା ! ପାଣ୍ଡବମାନଙ୍କର (ପାଣ୍ଡୁଙ୍କର ପୁତ୍ରମାନଙ୍କର) ସୈନ୍ୟମାନଙ୍କୁ ଦେଖିଲା ପରେ ରାଜା ଦୁର୍ଯ୍ୟୋଧନ ଗୁରୁଙ୍କ ନିକଟକୁ ଗଲେ ଏବଂ ନିମ୍ନମତେ କହିବାକୁ ଲାଗିଲେ ।**

## ଭାବାର୍ଥ

ଧୃତରାଷ୍ଟ୍ର ଜନ୍ମରୁ ଅନ୍ଧ ଥିଲେ । ଦୁର୍ଭାଗ୍ୟବଶତଃ ସେ ମଧ୍ୟ ଦିବ୍ୟଦୃଷ୍ଟିରୁ ବଞ୍ଚିତ ହୋଇଥିଲେ । ସେ ଏକଥା ଭଲରକମ ଜାଣିଥିଲେ ଯେ, ତାଙ୍କ ପୁତ୍ରଗଣ ମଧ୍ୟ ତାଙ୍କପରି ଧର୍ମନୀତି ସମ୍ବନ୍ଧରେ ଅନ୍ଧ ଅଟନ୍ତି ଏବଂ ସେ ଏକଥା ମଧ୍ୟ ଭଲରକମ ଜାଣିଥିଲେ ଯେ, ସେମାନେ କେବେହେଲେ ଆଜନ୍ମ ଧାର୍ମିକ ପାଣ୍ଡବମାନଙ୍କ ସହିତ ସନ୍ଧି କରିପାରିବେ ନାହିଁ; ତଥାପି ସେ ତୀର୍ଥସ୍ଥାନର ପ୍ରଭାବ ସମ୍ବନ୍ଧରେ ସନ୍ଦିହାନ ଥିଲେ । ସେ ଯେତେବେଳେ ସଞ୍ଜୟଙ୍କୁ ଯୁଦ୍ଧକ୍ଷେତ୍ର କଥା ପଚାରିଲେ, ସେତେବେଳେ ସଞ୍ଜୟ ତାଙ୍କ ମନକଥା ଜାଣି ପାରିଲେ; ତେଣୁ ସେ ହତାଶ ହୋଇପଡ଼ିଥିବା ରାଜାଙ୍କୁ ଟିକିଏ ପ୍ରେରଣା ଦେବାକୁ ଇଚ୍ଛା କଲେ ଏବଂ ସେଥିପାଇଁ ସେ ତାଙ୍କୁ ଚେତାବନୀ ଶୁଣାଇ କହିଲେ ଯେ, ତାଙ୍କର ପୁତ୍ରଗଣ ତୀର୍ଥସ୍ଥାନର ପ୍ରଭାବରେ ପ୍ରଭାବିତ ହୋଇ କେବେହେଲେ ସନ୍ଧି କରୁନାହାନ୍ତି । ତେଣୁ ସଞ୍ଜୟ ରାଜା ଧୃତରାଷ୍ଟ୍ରଙ୍କୁ କହିଲେ ଯେ, ତାଙ୍କ ପୁତ୍ର ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କର ସୈନ୍ୟ ଦେଖିଲାପରେ ସଙ୍ଗେ ସଙ୍ଗେ ସେନାପତି ଦ୍ରୋଣାଚାର୍ଯ୍ୟଙ୍କ ନିକଟକୁ ଯାଇ ପ୍ରକୃତ ଅବସ୍ଥାଟା ବୁଝାଇ କହିଲେ । ଯଦିଓ ଦୁର୍ଯ୍ୟୋଧନଙ୍କୁ ଏଠାରେ ରାଜା ବୋଲି କୁହାଯାଇଛି, ତଥାପି ଅବସ୍ଥାର ଗୁରୁତ୍ୱ ଯୋଗୁଁ ସେ ସେନାପତିଙ୍କ ନିକଟକୁ ଯାଇଥିଲେ । ତେଣୁ ସେ ଏକ ରାଜନୀତିଜ୍ଞ ହେବାକୁ ସମ୍ପୂର୍ଣ୍ଣ ଯୋଗ୍ୟ ଥିଲେ; କିନ୍ତୁ ଦୁର୍ଯ୍ୟୋଧନଙ୍କର ଏ କୂଟନୈତିକ ଢ଼ାଙ୍କୁଣୀ (ଅର୍ଥାତ୍ ସେ ଜଣେ ଅତି ଦକ୍ଷ କୂଟନୀତିଜ୍ଞ ବା ରାଜନୀତିଜ୍ଞ ବୋଲି ଯାହା ବାହାରକୁ ଜଣାପଡୁଥିଲା) ତାଙ୍କର ଆଶଙ୍କାକୁ ଛପାଇପାରିଲା ନାହିଁ । ସେ ଯେତେବେଳେ ପାଣ୍ଡବମାନଙ୍କର ସୈନ୍ୟସଜ୍ଜା ଦେଖିଲେ ସେତେବେଳେ ସେ ଯେ ଭୀତତ୍ରସ୍ତ ହୋଇପଡ଼ିଥିଲେ, ଏହା ପରିଷ୍କାରଭାବେ ଜଣାପଡୁଥିଲା ।

## ଶ୍ଳୋକ - ୩

**ପଶ୍ୟୈତାଂ ପାଣ୍ଡୁପୁତ୍ରାଣାମାଚାର୍ଯ୍ୟ ମହତୀଂ ଚମୂମ୍ ।**
**ବ୍ୟୂଢାଂ ଦ୍ରୁପଦପୁତ୍ରେଣ ତବ ଶିଷ୍ୟେଣ ଧୀମତା ।। ୩ ।।**

## ଶବ୍ଦାନୁବାଦ

ପଶ୍ୟ=ଦେଖନ୍ତୁ; ଏତାମ୍=ଏମାନଙ୍କୁ; ପାଣ୍ଡୁ-ପୁତ୍ରାଣାମ୍=ପାଣ୍ଡୁଙ୍କର ପୁତ୍ରମାନଙ୍କର; ଆଚାର୍ଯ୍ୟ=ହେ ଆଚାର୍ଯ୍ୟ; ମହତୀମ୍=ମହାନ୍; ଚମୂମ୍=ସୈନ୍ୟବାହିନୀ; ବ୍ୟୂଢାମ୍=ସଜ୍ଜିତ; ଦ୍ରୁପଦ-ପୁତ୍ରେଣ=ଦ୍ରୁପଦ ପୁତ୍ରଙ୍କ ଦ୍ୱାରା; ତବ=ଆପଣଙ୍କର; ଶିଷ୍ୟେଣ=ଶିଷ୍ୟଙ୍କଦ୍ୱାରା; ଧୀମତା=ଅତ୍ୟନ୍ତ ବୁଦ୍ଧିମାନ୍ ।

## ଅନୁବାଦ

**ହେ ଆଚାର୍ଯ୍ୟ ! ପାଣ୍ଡୁପୁତ୍ରମାନଙ୍କର ଏ ବିରାଟ ସୈନ୍ୟବାହିନୀକୁ ଦେଖନ୍ତୁ । ଏହା ଆପଣଙ୍କର ଅତି ବୁଦ୍ଧିମାନ୍ ଶିଷ୍ୟ ଦ୍ରୁପଦ ପୁତ୍ରଙ୍କଦ୍ୱାରା ବ୍ୟୂହାକାରରେ ସଜ୍ଜିତ ହୋଇଅଛି ।**

## ଭାବାର୍ଥ

ଦୁର୍ଯ୍ୟୋଧନ ଜଣେ ବିଶିଷ୍ଟ କୂଟନୀତିଜ୍ଞ ଥିଲେ । ସେ ଏଠାରେ ବିଶିଷ୍ଟ ବ୍ରାହ୍ମଣ ସେନାପତି ଦ୍ରୋଣାଚାର୍ଯ୍ୟଙ୍କର ଭୁଲ୍ ଦେଖାଇବାକୁ ଇଚ୍ଛା କରିଛନ୍ତି । ଦ୍ରୋଣାଚାର୍ଯ୍ୟଙ୍କର ଦ୍ରୁପଦରାଜାଙ୍କ ସହିତ

କୌଣସି ରାଜନୈତିକ କଳହ ଥିଲା । ଦ୍ରୁପଦ ହେଉଛନ୍ତି, ଅର୍ଜୁନଙ୍କ ସ୍ତ୍ରୀ ଦ୍ରୌପଦୀଙ୍କର ପିତା । ଏ କଳହ ଯୋଗୁଁ ଦ୍ରୁପଦ ଏକ ବିରାଟ ଯଜ୍ଞାନୁଷ୍ଠାନ କଲେ । ସେ ଯଜ୍ଞରୁ ତାଙ୍କୁ ଏହି ବର ମିଳିଲା ଯେ, ସେ ଏପରି ଏକ ପୁତ୍ରଲାଭ କରିବେ, ଯେ କି ଦ୍ରୋଣାଚାର୍ଯ୍ୟଙ୍କୁ ବଧ କରିବାକୁ ସକ୍ଷମ ହେବ । ଏକଥା ଦ୍ରୋଣାଚାର୍ଯ୍ୟ ଭଲଭାବରେ ଜାଣିଥିଲେ, ତଥାପି ସେ ଜଣେ ଉଦାର ହୃଦୟ ବିଶିଷ୍ଟ ବ୍ରାହ୍ମଣ ଥିଲେ । ସେଥିପାଇଁ ଯେତେବେଳେ ଦ୍ରୁପଦଙ୍କ ପୁତ୍ର ଧୃଷ୍ଟଦ୍ୟୁମ୍ନ ଅସ୍ତ୍ରବିଦ୍ୟା ଶିକ୍ଷା କରିବା ନିମିତ୍ତ ତାଙ୍କର ଶିଷ୍ୟ ହେବାକୁ ଗଲେ, ସେତେବେଳେ ସେ (ଦ୍ରୋଣ) ତାଙ୍କୁ (ଧୃଷ୍ଟଦ୍ୟୁମ୍ନଙ୍କୁ) ସମସ୍ତ ଗୁପ୍ତ ଯୁଦ୍ଧକୌଶଳ ବିନା ଦ୍ୱିଧାରେ ଶିକ୍ଷା ଦେଇଥିଲେ । ବର୍ତ୍ତମାନ କୁରୁକ୍ଷେତ୍ର ଯୁଦ୍ଧରେ ଧୃଷ୍ଟଦ୍ୟୁମ୍ନ ପାଣ୍ଡବମାନଙ୍କ ପକ୍ଷ ଗ୍ରହଣ କଲେ ଏବଂ ସେ ଦ୍ରୋଣାଚାର୍ଯ୍ୟଙ୍କଠାରୁ ଯୁଦ୍ଧ କୌଶଳ ଶିକ୍ଷା କରିବା ପରେ ବର୍ତ୍ତମାନ ପାଣ୍ଡବମାନଙ୍କର ସୈନ୍ୟମାନଙ୍କୁ ବ୍ୟୂହାକାରରେ ସଜାଇଛନ୍ତି । ଦୁର୍ଯ୍ୟୋଧନ ଏଠାରେ ଦ୍ରୋଣାଚାର୍ଯ୍ୟଙ୍କର ଏହି ଭୁଲ୍‌କୁ ଜଣାଉଛନ୍ତି, କାରଣ ସେ ତାଙ୍କର ଗତ ଭୁଲ୍‌କୁ ମନେପକାଇ ସାବଧାନ ହେବେ ଏବଂ ଯୁଦ୍ଧରେ ଶିଥିଳତା ପ୍ରଦର୍ଶନ କରିବେ ନାହିଁ । ଏତଦ୍ୱାରା ସେ ଦର୍ଶାଇବାକୁ ଚାହାନ୍ତି ଯେ, ଦ୍ରୋଣାଚାର୍ଯ୍ୟ ତାଙ୍କର ପ୍ରିୟ ଶିଷ୍ୟ ପାଣ୍ଡବମାନଙ୍କ ବିରୁଦ୍ଧରେ ଯୁଦ୍ଧ କରୁଥିଲାବେଳେ ଯେପରି କୋହଳ ନୀତି ଅନୁସରଣ ନ କରନ୍ତି । ବିଶେଷ କରି ଅର୍ଜୁନ ତାଙ୍କର ଜଣେ ଅତି ବିଶିଷ୍ଟ ମେଧାବୀ ଛାତ୍ର ତଥା ପ୍ରିୟ ଛାତ୍ର ଥିଲେ । ଦୁର୍ଯ୍ୟୋଧନ ମଧ୍ୟ ତାଙ୍କୁ ସାବଧାନ କରାଇଦେଇ ଜଣାଇ ଦେଲେ ଯେ, ସେ ଯଦି ଏ ଯୁଦ୍ଧରେ କୋହଳ ନୀତି ଅନୁସରଣ କରନ୍ତି, ତାହାହେଲେ ପରାଜିତ ହେବାକୁ ପଡ଼ିବ ।

## ଶ୍ଳୋକ - ୪

**ଅତ୍ର ଶୂରା ମହେଷ୍ୱାସା ଭୀମାର୍ଜୁନସମା ଯୁଧି ।**
**ଯୁଯୁଧାନୋ ବିରାଟଶ୍ଚ ଦ୍ରୁପଦଶ୍ଚ ମହାରଥଃ ।। ୪ ।।**

## ଶବ୍ଦାନୁବାଦ

ଅତ୍ର=ଏଠାରେ; ଶୂରାଃ=ବୀରମାନେ; ମହେଷ୍ୱାସାଃ=ବଳଶାଳୀ ଧନୁର୍ଦ୍ଧାରୀଗଣ; ଭୀମ-ଅର୍ଜୁନ=ଭୀମ ଏବଂ ଅର୍ଜୁନ; ସମାଃ=ସମାନ; ଯୁଧି=ଯୁଦ୍ଧରେ; ଯୁଯୁଧାନଃ=ଯୁଯୁଧାନ; ବିରାଟଃ=ବିରାଟ; ଚ=ମଧ୍ୟ; ଦ୍ରୁପଦଃ=ଦ୍ରୁପଦ; ଚ=ମଧ୍ୟ; ମହା-ରଥଃ=ବିଶିଷ୍ଟ ଯୋଦ୍ଧା ।

## ଅନୁବାଦ

**ଏଠାରେ ଏ ସୈନ୍ୟବାହିନୀରେ ଭୀମ ଓ ଅର୍ଜୁନଙ୍କ ତୁଲ୍ୟ ଅନେକ ଧନୁର୍ଦ୍ଧାରୀ ବୀର ଅଛନ୍ତି । ପୁନଶ୍ଚ ଯୁଯୁଧାନ ବିରାଟ ଏବଂ ଦ୍ରୁପଦଙ୍କ ପରି ଅନେକ ବିଶିଷ୍ଟ ଯୋଦ୍ଧା ଅଛନ୍ତି ।**

## ଭାବାର୍ଥ

ଦ୍ରୋଣାଚାର୍ଯ୍ୟଙ୍କୁ ଯୁଦ୍ଧକୌଶଳ ଭଲରକମ ଜଣାଥିଲା ଏବଂ ସେ ଜଣେ ବିଶିଷ୍ଟ ଯୋଦ୍ଧା ଥିଲେ । ଦ୍ରୋଣାଚାର୍ଯ୍ୟଙ୍କ ଯୁଦ୍ଧକୌଶଳ ଆଗରେ ଧୃଷ୍ଟଦ୍ୟୁମ୍ନ ଯଦିଓ କିଛି ବଡ଼ ପ୍ରତିଦ୍ୱନ୍ଦୀ ନ ଥିଲେ; ତଥାପି ଆହୁରି ଅନେକ ଏପରି ଯୋଦ୍ଧା ସେଠାରେ ଥିଲେ, ଯେଉଁମାନେ କି ଆଶଙ୍କାର କାରଣ ହୋଇଥିଲେ । ବିଜୟଲାଭ ମାର୍ଗରେ ସେମାନେ ହେଉଛନ୍ତି ବିରାଟ ପ୍ରତିବନ୍ଧକ, କାରଣ ସେମାନଙ୍କ

ମଧ୍ୟରୁ ପ୍ରତ୍ୟେକେ ଭୀମ ଓ ଅର୍ଜୁନଙ୍କପରି ଅତ୍ୟନ୍ତ ଭୟଙ୍କର ଥିଲେ । ଏକଥା ଦୁର୍ଯ୍ୟୋଧନ ପ୍ରକାଶ କଲେ । ସେ ଭୀମ ଓ ଅର୍ଜୁନଙ୍କର ବଳବୀର୍ଯ୍ୟ କଥା ଜାଣିଥିଲେ ଏବଂ ସେଇଥିପାଇଁ ସେ ଅନ୍ୟ ଯୋଦ୍ଧାମାନଙ୍କୁ ସେମାନଙ୍କ (ଭୀମ ଓ ଅର୍ଜୁନଙ୍କ) ସହ ତୁଳନା କଲେ ।

## ଶ୍ଳୋକ - ୫

**ଧୃଷ୍ଟକେତୁଶ୍ଚେକିତାନଃ କାଶିରାଜଶ୍ଚ ବୀର୍ଯ୍ୟବାନ୍ ।**
**ପୁରୁଜିତ୍ କୁନ୍ତିଭୋଜଶ୍ଚ ଶୈବ୍ୟଶ୍ଚ ନରପୁଙ୍ଗବଃ ।। ୫ ।।**

## ଶବ୍ଦାନୁବାଦ

ଧୃଷ୍ଟକେତୁଃ=ଧୃଷ୍ଟକେତୁ; ଚେକିତାନଃ=ଚେକିତାନ; କାଶି-ରାଜଃ=କାଶିରାଜ; ଚ=ମଧ୍ୟ; ବୀର୍ଯ୍ୟବାନ=ଅତ୍ୟନ୍ତ ଶକ୍ତିଶାଳୀ; ପୁରୁଜିତ୍=ପୁରୁଜିତ୍; କୁନ୍ତି-ଭୋଜଃ=କୁନ୍ତିଭୋଜ; ଚ=ଏବଂ; ଶୈବ୍ୟଃ=ଶୈବ୍ୟ; ଚ=ଏବଂ; ନର-ପୁଙ୍ଗବଃ=ଲୋକ ସମାଜରେ ଥିବା ବୀରଗଣ ।
ଧୃଷ୍ଟକେତୁଃ=ଧୃଷ୍ଟକେତୁ; ଚେକିତାନଃ=ଚେକିତାନ; କାଶିରାଜଃ=କାଶିରାଜ; ଚ=ମଧ୍ୟ; ବୀର୍ଯ୍ୟବାନ=ଅତ୍ୟନ୍ତ ଶକ୍ତିଶାଳୀ; ପୁରୁଜିତ୍=ପୁରୁଜିତ୍; କୁନ୍ତି-ଭୋଜଃ=କୁନ୍ତିଭୋଜ; ଚ=ଏବଂ; ଶୈବ୍ୟଃ=ଶୈବ୍ୟ; ଚ=ଏବଂ; ନରପୁଙ୍ଗବଃ=ଲୋକ ସମାଜରେ ଥିବା ବୀରଗଣ ।

## ଅନୁବାଦ

ଧୃଷ୍ଟକେତୁ ଚେକିତାନ, କାଶିରାଜ, ପୁରୁଜିତ୍ , କୁନ୍ତିଭୋଜ ଏବଂ ଶୈବ୍ୟ ଆଦି ଅନେକ ଅତି ମହାନ୍ ଶକ୍ତିଶାଳୀ ଯୋଦ୍ଧା ଥିଲେ ।

## ଶ୍ଳୋକ - ୬

**ଯୁଧାମନ୍ୟୁଶ୍ଚ ବିକ୍ରାନ୍ତ ଉତ୍ତମୌଜାଶ୍ଚ ବୀର୍ଯ୍ୟବାନ୍ ।**
**ସୌଭଦ୍ରୋ ଦ୍ରୌପଦେୟାଶ୍ଚ ସର୍ବେ ଏବ ମହାରଥାଃ ।। ୬ ।।**

## ଶବ୍ଦାନୁବାଦ

ଯୁଧାମନ୍ୟୁଃ=ଯୁଧାମନ୍ୟୁ; ଚ=ଏବଂ; ବିକ୍ରାନ୍ତଃ=ବଳବାନ୍; ଉତ୍ତମୌଜାଃ=ଉତ୍ତମୌଜା; ଚ=ଏବଂ; ବୀର୍ଯ୍ୟବାନ୍=ଅତ୍ୟନ୍ତ ବଳଶାଳୀ; ସୌଭଦ୍ରଃ=ସୁଭଦ୍ରାଙ୍କ ପୁତ୍ର; ଦ୍ରୌପଦେୟାଃ=ଦ୍ରୌପଦୀଙ୍କର ପୁତ୍ରଗଣ; ଚ=ଏବଂ; ସର୍ବେ=ସମସ୍ତେ; ଏବ=ନିଶ୍ଚିତଭାବେ; ମହା-ରଥାଃ=ମହାରଥୀ (ବିଶିଷ୍ଟ ରଥାରୋହୀ ଯୋଦ୍ଧା) ।

## ଅନୁବାଦ

ଅତ୍ୟନ୍ତ ବଳଶାଳୀ ଯୁଧାମନ୍ୟୁ, ବୀର୍ଯ୍ୟବାନ୍ ଉତ୍ତମୌଜା, ସୁଭଦ୍ରାଙ୍କ ପୁତ୍ର ଏବଂ ଦ୍ରୌପଦୀଙ୍କର ପୁତ୍ରଗଣ-ଏମାନେ ସମସ୍ତେ ସେ ସୈନ୍ୟବାହିନୀରେ ଅଛନ୍ତି । ଏମାନେ ସମସ୍ତେ ବିଶିଷ୍ଟ ରଥାରୋହୀ ଯୋଦ୍ଧା ବା ମହାରଥୀ ଅଟନ୍ତି ।

## ଶ୍ଳୋକ - ୭

**ଅସ୍ମାକଂ ତୁ ବିଶିଷ୍ଟା ଯେ ତାନ୍ ନିବୋଧ ଦ୍ୱିଜୋତ୍ତମ ।**
**ନାୟକା ମମ ସୈନ୍ୟସ୍ୟ ସଂଜ୍ଞାର୍ଥଂ ତାନ୍‌ବ୍ରବୀମି ତେ ।। ୭ ।।**

## ଶବ୍ଦାନୁବାଦ

ଅସ୍ମାକମ୍=ଆମ୍ଭମାନଙ୍କର; ତୁ=କିନ୍ତୁ; ବିଶିଷ୍ଟାଃ=ବିଶେଷକରି ଶକ୍ତିଶାଳୀ; ଯେ=ଯେଉଁମାନେ; ତାନ୍=ସେମାନଙ୍କୁ; ନିବୋଧ=ଜାଣିରଖନ୍ତୁ; ଦ୍ୱିଜୋତ୍ତମ=ଦ୍ୱିଜ (ବା ବ୍ରାହ୍ମଣ)ମାନଙ୍କ ମଧ୍ୟରେ ଉତ୍ତମ; ନାୟକାଃ=ନାୟକ ବା ସେନାପତିଗଣ; ମମ=ମୋର; ସୈନ୍ୟସ୍ୟ=ସୈନ୍ୟମାନଙ୍କର; ସଂଜ୍ଞା-ଅର୍ଥମ୍=ଜଣାଇବା ପାଇଁ; ତାନ୍=ସେମାନଙ୍କୁ; ବ୍ରବୀମି=ମୁଁ କହୁଛି; ତେ=ଆପଣଙ୍କର ।

## ଅନୁବାଦ

**ହେ ଦ୍ୱିଜୋତ୍ତମ ! ଆପଣଙ୍କର ଅବଗତି ନିମିତ୍ତ ମୋ ସୈନ୍ୟମାନଙ୍କର ଯେଉଁମାନେ ସେନାପତି, ଯେଉଁମାନେ ବିଶେଷକରି ସୈନ୍ୟଚାଳନାରେ ଦକ୍ଷ, ସେମାନଙ୍କ ସମ୍ବନ୍ଧରେ କହୁଛି ।**

## ଶ୍ଲୋକ - ୮

**ଭବାନ୍ ଭୀଷ୍ମଶ୍ଚ କର୍ଣ୍ଣଶ୍ଚ କୃପଶ୍ଚ ସମିତିଞ୍ଜୟଃ ।**
**ଅଶ୍ୱତ୍ଥାମା ବିକର୍ଣ୍ଣଶ୍ଚ ସୌମଦତ୍ତିସ୍ତଥୈବ ଚ ।। ୮ ।।**

## ଶବ୍ଦାନୁବାଦ

ଭବାନ୍=ଆପଣ; ଭୀଷ୍ମଃ=ପିତାମହ ଭୀଷ୍ମ; ଚ=ମଧ୍ୟ; କର୍ଣ୍ଣଃ=କର୍ଣ୍ଣ; ଚ=ଏବଂ; କୃପଃ=କୃପ; ଚ=ଏବଂ; ସମିତିଞ୍ଜୟଃ=ସର୍ବଦା ଯୁଦ୍ଧରେ ବିଜୟୀ; ଅଶ୍ୱତ୍ଥାମା=ଅଶ୍ୱତ୍ଥାମା; ବିକର୍ଣ୍ଣଃ=ବିକର୍ଣ୍ଣ; ଚ=ଏବଂ; ସୌମଦତ୍ତିଃ=ସୋମଦତ୍ତର ପୁତ୍ର; ତଥା=ଏବଂ; ଏବ=ନିଶ୍ଚିତଭାବେ; ଚ=ଏବଂ ।

## ଅନୁବାଦ

**ଆମ ସୈନ୍ୟବାହିନୀରେ ଆପଣ, ଭୀଷ୍ମ, କର୍ଣ୍ଣ, କୃପ, ଅଶ୍ୱତଥାମା, ବିକର୍ଣ୍ଣ ଏବଂ ସୋମଦତ୍ତଙ୍କର ପୁତ୍ର ଭୁରିଶ୍ରବା ଆଦି ଅଛନ୍ତି । ଏମାନେ ସବୁବେଳେ ଯୁଦ୍ଧରେ ବିଜୟୀ ହୁଅନ୍ତି ।**

## ଭାବାର୍ଥ

ଏ ଯୁଦ୍ଧରେ ତାଙ୍କ ପକ୍ଷରେ ଯେଉଁମାନେ ଅତି ବିଶିଷ୍ଟ ଯୋଦ୍ଧା ଥିଲେ, ଯେଉଁମାନେ କି ସର୍ବଦା ଯୁଦ୍ଧରେ ବିଜୟଲାଭ କରନ୍ତି, ସେହିମାନଙ୍କର ନାମ ଦୁର୍ଯ୍ୟୋଧନ କହିଲେ । ବିକର୍ଣ୍ଣ ହେଉଛି ଦୁର୍ଯ୍ୟୋଧନର ଭାଇ, ଅଶ୍ୱତ୍ଥାମା ହେଉଛି ଦ୍ରୋଣାଚାର୍ଯ୍ୟଙ୍କର ପୁତ୍ର ଏବଂ ସୌମଦତ୍ତି ଅର୍ଥାତ୍ ଭୁରିଶ୍ରବା ବାହ୍ଲିକ ଦେଶର ରାଜାଙ୍କର ପୁତ୍ର । କର୍ଣ୍ଣ ହେଉଛି ଅର୍ଜୁନଙ୍କର ଭାଇ, କାରଣ ସେ କୁନ୍ତୀଙ୍କଠାରୁ କୁନ୍ତୀଙ୍କର ବିବାହ (ପାଣ୍ଡୁଙ୍କ ସହିତ) ପୂର୍ବରୁ ଜନ୍ମ ହୋଇଛି । କୃପାଚାର୍ଯ୍ୟ ଦ୍ରୋଣାଚାର୍ଯ୍ୟଙ୍କର ଯମଜ ଭଗ୍ନୀଙ୍କୁ ବିବାହ କରିଥିଲେ ।

## ଶ୍ଲୋକ - ୯

**ଅନ୍ୟେ ଚ ବହବଃ ଶୂରା ମଦର୍ଥେ ତ୍ୟକ୍ତଜୀବିତାଃ ।**
**ନାନାଶସ୍ତ୍ରପ୍ରହରଣାଃସର୍ବେ ଯୁଦ୍ଧବିଶାରଦାଃ ।। ୯ ।।**

## ଶବ୍ଦାନୁବାଦ

ଅନ୍ୟେ=ଆହୁରି ଅନେକ; ଚ=ମଧ୍ୟ; ବହବଃ=ଖୁବ୍ ଅଧିକ ସଂଖ୍ୟାରେ; ଶୂରାଃ=ବୀରମାନେ; ମଦ୍-ଅର୍ଥେ=ମୋ ପାଇଁ; ତ୍ୟକ୍ତ-ଜୀବିତାଃ=ଜୀବନ ଦେବାକୁ ପ୍ରସ୍ତୁତ; ନାନା=ଅନେକ; ଶସ୍ତ୍ର=ଶସ୍ତ୍ର; ପ୍ରହରଣାଃ=ସଜ୍ଜିତ; ସର୍ବେ=ସେମାନେ ସମସ୍ତେ; ଯୁଦ୍ଧ=ଯୁଦ୍ଧ; ବିଶାରଦାଃ=ରଣକୌଶଳ (ଯୁଦ୍ଧ-ବିଜ୍ଞାନ)ରେ ଅଭିଜ୍ଞ ।

## ଅନୁବାଦ

**ଆହୁରି ଅନେକ ବୀର ଅଛନ୍ତି, ଯେଉଁମାନେ ମୋ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ । ସେମାନେ ସମସ୍ତେ ନାନା ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇଛନ୍ତି ଏବଂ ସେମାନେ ସମସ୍ତେ ଯୁଦ୍ଧ-ବିଜ୍ଞାନରେ ଅଭିଜ୍ଞ ଅଟନ୍ତି ।**

## ଭାବାର୍ଥ

ଜୟଦ୍ରଥ, କୃତବର୍ମା, ଶଲ୍ୟ ଆଦିଙ୍କ ପରି ଅନ୍ୟ ଅନେକ ବୀର (ଯୋଦ୍ଧା) ଦୁର୍ଯ୍ୟୋଧନ ନିମିତ୍ତ ଜୀବନପାତ କରିବା ପାଇଁ ଦୃଢ଼ନିଶ୍ଚିତ ହୋଇଯାଇଛନ୍ତି । ଅନ୍ୟ କଥାରେ ଏହା ହିଁ କୁହାଯାଇପାରେ ଯେ, ଏମାନେ ସମସ୍ତେ ପାପାଗ୍ରୀ ଦୁର୍ଯ୍ୟୋଧନ ଦଳରେ ଯୋଗ ଦେଇ କୁରୁକ୍ଷେତ୍ର ଯୁଦ୍ଧରେ ମୃତ୍ୟୁବରଣ କରିବେ । ଅବଶ୍ୟ ଉପରେ କୁହାଯାଇଥିବା ଏସବୁ ଯୋଦ୍ଧାମାନଙ୍କର ସମ୍ମିଳିତ ବଳବୀର୍ଯ୍ୟ ଉପରେ ବିଶ୍ୱାସ କରି ଦୁର୍ଯ୍ୟୋଧନ ଯୁଦ୍ଧରେ ବିଜୟଲାଭ କରିବ ବୋଲି ଖୁବ୍ ଆଶା କରିଥିଲା ।

## ଶ୍ଲୋକ - ୧୦

**ଅପର୍ଯ୍ୟାପ୍ତଂ ତଦସ୍ମାକଂ ବଳଂ ଭୀଷ୍ମାଭିରକ୍ଷିତମ୍ ।**
**ପର୍ଯ୍ୟାପ୍ତଂ ତ୍ୱିଦମେତେଷାଂ ବଳଂ ଭୀମାଭିରକ୍ଷିତମ୍ ।।୧୦।।**

## ଶବ୍ଦାନୁବାଦ

ଅପର୍ଯ୍ୟାପ୍ତମ୍=ଅପରିମିତ; ତତ୍=ତାହା; ଅସ୍ମାକମ୍=ଆମ୍ଭମାନଙ୍କର; ବଳମ୍=ବଳ; ଭୀଷ୍ମ=ପିତାମହ ଭୀଷ୍ମଙ୍କ ଦ୍ୱାରା; ଅଭିରକ୍ଷିତମ୍=ସୁରକ୍ଷିତ; ପର୍ଯ୍ୟାପ୍ତମ୍=ପର୍ଯ୍ୟାପ୍ତ; ତୁ=କିନ୍ତୁ; ଇଦମ୍=ଏସବୁ; ଏତେଷାମ୍=ପାଣ୍ଡବମାନଙ୍କର; ବଳମ୍=ବଳ; ଭୀମ=ଭୀମଙ୍କ ଦ୍ୱାରା; ଅଭିରକ୍ଷିତମ୍=ସାବଧାନତା ସହକାରେ ସୁରକ୍ଷିତ ।

## ଅନୁବାଦ

**ଆମ୍ଭମାନଙ୍କର ବଳ ଅପରିମିତ ଅଟେ ଏବଂ ଆମ୍ଭେମାନେ ପିତାମହ ଭୀଷ୍ମଙ୍କ ଦ୍ୱାରା ସୁରକ୍ଷିତ ଅଟୁଁ; କିନ୍ତୁ ଭୀମଙ୍କଦ୍ୱାରା ସାବଧାନତା ସହକାରେ ସୁରକ୍ଷିତ ପାଣ୍ଡବମାନଙ୍କର ବଳ ସୀମିତ ଅଟେ ।**

## ଭାବାର୍ଥ

ଏଠାରେ ଦୁର୍ଯ୍ୟୋଧନ ଉଭୟ ପକ୍ଷର ସୈନ୍ୟବଳର ଏକ ତୁଳନାତ୍ମକ ଚିତ୍ର ଦେଉଛି । ସେ ଭାବୁଛି, ତା'ର ସୈନ୍ୟବଳ ଅପରିମିତ ଅଟେ ଏବଂ ଏହା ଅତ୍ୟନ୍ତ ଅଭିଜ୍ଞ ସେନାପତି ପିତାମହ ଭୀଷ୍ମଙ୍କ ଦ୍ୱାରା ସୁରକ୍ଷିତ ହୋଇଅଛି । ଅନ୍ୟପକ୍ଷରେ ପାଣ୍ଡବମାନଙ୍କର ବଳ ପର୍ଯ୍ୟାପ୍ତ ଅଟେ ଏବଂ

ଏହା ଅନଭିଜ୍ଞ ସେନାପତି ଭୀମଙ୍କ ଦ୍ୱାରା ସୁରକ୍ଷିତ ହୋଇଅଛି । ଭୀଷ୍ମଙ୍କ ସମ୍ମୁଖରେ ଭୀମ ଅତି ନଗଣ୍ୟ ଅଟେ । ଦୁର୍ଯ୍ୟୋଧନ ସର୍ବଦା ଭୀମପ୍ରତି ହିଂସା ଆଚରଣ କରେ; କାରଣ ସେ ଏହା ଭଲରୂପେ ଜାଣିଥିଲା ଯେ ଯଦି ସେ ମରିବ, ତାହାହେଲେ ସେ ଏକା ଏହି ଭୀମଙ୍କଦ୍ୱାରା ହିଁ ହତ ହେବ; କିନ୍ତୁ ତତ୍‌ସଙ୍ଗେ ସଙ୍ଗେ ତା'ର ପୂର୍ଣ୍ଣବିଶ୍ୱାସ ଥିଲା ଯେ, ଭୀଷ୍ମଙ୍କ ଉପସ୍ଥିତି ଯୋଗୁଁ ସେ ନିଶ୍ଚୟ ବିଜୟ ହାସଲ କରିବ, କାରଣ ସେ (ଭୀଷ୍ମଦେବ) ଏକ ପ୍ରସିଦ୍ଧ ସେନାପତି ଥିଲେ । ସେ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲା ଯେ, ସେ ନିଶ୍ଚୟ ଯୁଦ୍ଧରେ ବିଜୟ ହାସଲ କରିବ ।

## ଶ୍ଲୋକ - ୧୧

**ଅୟନେଷୁ ଚ ସର୍ବେଷୁ ଯଥାଭାଗମବସ୍ଥିତାଃ ।**
**ଭୀଷ୍ମମେବାଭିରକ୍ଷନ୍ତୁ ଭବନ୍ତଃ ସର୍ବଃ ଏବ ହି ।। ୧୧ ।।**

## ଶବ୍ଦାନୁବାଦ

ଅୟନେଷୁ=ଘାଟିସ୍ଥାନ; ଚ=ମଧ୍ୟ; ସର୍ବେଷୁ=ସର୍ବତ୍ର; ଯଥା-ଭାଗମ୍=ଯେଉଁ ଯେଉଁ ସ୍ଥାନରେ ଯେପରି ଭାବରେ ଯେଉଁମାନଙ୍କୁ ରଖାଯାଇଛି; ଅବସ୍ଥିତାଃ=ଅବସ୍ଥିତ; ଭୀଷ୍ମମ୍=ପିତାମହ ଭୀଷ୍ମଙ୍କୁ; ଏବ=ନିଶ୍ଚିତଭାବେ; ଅଭିରକ୍ଷନ୍ତୁ=ସହାୟ ହୁଅନ୍ତୁ; ଭବନ୍ତଃ=ଆପଣମାନେ ସମସ୍ତେ; ସର୍ବେ=ସମସ୍ତେ; ଏବ=ନିଶ୍ଚିତଭାବେ; ହି=ଏବଂ ଠିକ୍ ଭାବରେ ।

## ଅନୁବାଦ

**ବର୍ତ୍ତମାନ ଆପଣମାନେ ସମସ୍ତେ ବ୍ୟୂହ ମଧ୍ୟରେ ନିଜ ନିଜ ସ୍ଥାନରେ (ଘାଟିସ୍ଥାନ ମାନଙ୍କରେ) ଠିକ୍ ଭାବରେ ରହି ପିତାମହ ଭୀଷ୍ମଙ୍କୁ ପୂର୍ଣ୍ଣ ପ୍ରାଣରେ ସହାୟ ହେବା ଉଚିତ୍ ।**

## ଭାବାର୍ଥ

ଦୁର୍ଯ୍ୟୋଧନ, ପିତାମହ ଭୀଷ୍ମଙ୍କର ବଳବୀର୍ଯ୍ୟ ପ୍ରଶଂସା କରିସାରିବାପରେ, କାଳେ ଅନ୍ୟମାନେ କେହି ଭାବିବେ ଯେ, ଦୁର୍ଯ୍ୟୋଧନ ସେମାନଙ୍କ ଉପରେ କୌଣସି ଗୁରୁତ୍ୱ ଆରୋପ କରୁନାହିଁ; ଏଥିପାଇଁ ଏକ ରାଜନୀତିଜ୍ଞ କୂଟନୈତିକ ହିସାବରେ ଉପରଲିଖିତମତେ କହି ସମସ୍ତଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କଲା । ସେ ବଡ଼ ଜୋର୍ ଦେଇ କହିଲା, ଏହା ନିଃସନ୍ଦେହ ଯେ ଭୀଷ୍ମଦେବ ସର୍ବୋତ୍ତମ ବୀର (ବା ଯୋଦ୍ଧା) ଅଟନ୍ତି; କିନ୍ତୁ ସେ ଜଣେ ବୃଦ୍ଧଲୋକ, ତେଣୁ ପ୍ରତ୍ୟେକେ ସବୁ ଦିଗରୁ ତାଙ୍କର ସୁରକ୍ଷା କଥା ଚିନ୍ତା କରିବା ଉଚିତ୍ । ସେ ଯୁଦ୍ଧରେ ନିଯୁକ୍ତ ହୋଇପାରନ୍ତି ଏବଂ ସେ ଗୋଟିଏ ପାଖରେ ରହି ଯୁଦ୍ଧ କରୁଥିବାରୁ ଶତ୍ରୁମାନେ ତାଙ୍କର ଏହି ଗୋଟିଏ ପାଖ ଯୁଦ୍ଧର ସୁଯୋଗ ନେଇପାରନ୍ତି; ତେଣୁ ଅନ୍ୟ ବୀରମାନେ ସେମାନଙ୍କର ଘାଟିସ୍ଥାନମାନ ତ୍ୟାଗ କରିବା ଉଚିତ୍ ନୁହେଁ ଏବଂ ଶତ୍ରୁମାନଙ୍କୁ ବ୍ୟୂହ ଭେଦ କରିବାକୁ ଛାଡ଼ିଦେବା ଉଚିତ୍ ନୁହେଁ । ଦୁର୍ଯ୍ୟୋଧନ ଭଲଭାବରେ ଅନୁଭବ କଲେ ଯେ କୌରବମାନଙ୍କର ବିଜୟ ଭୀଷ୍ମଦେବଙ୍କ ଉପରେ ନିର୍ଭର କରେ । ଭୀଷ୍ମଦେବ ଓ ଦ୍ରୋଣାଚାର୍ଯ୍ୟ ଯେ ଏ ଯୁଦ୍ଧରେ ପୂର୍ଣ୍ଣପ୍ରାଣରେ ଆତ୍ମନିୟୋଗ କରିବେ, ଏ ସମ୍ବନ୍ଧରେ ସେ ଦୃଢ଼ନିଶ୍ଚିତ ହୋଇଯାଇଥିଲା, କାରଣ ସେ ଭଲଭାବରେ ଜାଣିଥିଲା ଯେ, ଯେତେବେଳେ ଅର୍ଜୁନଙ୍କ ସ୍ତ୍ରୀ ଦ୍ରୌପଦୀଙ୍କୁ ସଭାରେ ସମସ୍ତ ବିଶିଷ୍ଟ ଯୋଦ୍ଧାବୀର ସେନାପତିମାନଙ୍କ ସମକ୍ଷରେ ଉଲଗ୍ନ କରାଯାଇଥିଲା ଏବଂ ଦ୍ରୌପଦୀ ଅସହାୟ ଅବସ୍ଥାରେ ସେମାନଙ୍କୁ ନ୍ୟାୟ ପାଇଁ

ପ୍ରାର୍ଥନା କରିଥିଲେ, ସେତେବେଳେ ସେମାନେ ପଦେ କଥା ବି କହିନାହାନ୍ତି । ଯଦିଓ ସେ ଜାଣିଥିଲା ଯେ, ଏ ଦୁଇଜଣ ବିଶିଷ୍ଟ ସେନାପତି (ଅର୍ଥାତ୍ ଭୀଷ୍ମ ଓ ଦ୍ରୋଣ)ଙ୍କର ପାଣ୍ଡବମାନଙ୍କ ପ୍ରତି ସ୍ନେହସହାନୁଭୂତି ଅଛି; ତଥାପି ସେ ଆଶା କରିଥିଲା ଯେ ସେ ସମସ୍ତ ସ୍ନେହସହାନୁଭୂତିକୁ ବର୍ତ୍ତମାନ ସମ୍ପୂର୍ଣ୍ଣରୂପେ ଦୂର କରିଦେବା ଉଚିତ୍ । ଦ୍ୟୂତକ୍ରୀଡ଼ା (ବା ପଶାଖେଳ) ସମୟରେ ସେମାନେ ଯେପରି ଭାବରେ ଆଚରଣ କରିଥିଲେ, ବର୍ତ୍ତମାନ ସେହିପରି ଭାବରେ ଆଚରଣ କରିବା ଉଚିତ୍ ।

## ଶ୍ଳୋକ - ୧୨

**ତସ୍ୟ ସଂଜନୟନ୍ ହର୍ଷଂ କୁରୁବୃଦ୍ଧଃ ପିତାମହଃ ।**
**ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍ ।। ୧୨ ।।**

## ଶବ୍ଦାନୁବାଦ

ତସ୍ୟ=ତାଙ୍କର; ସଂଜନୟନ୍=ବୃଦ୍ଧିକରି; ହର୍ଷମ୍=ହର୍ଷ (ଆନନ୍ଦ); କୁରୁ-ବୃଦ୍ଧଃ=କୁରୁବଂଶର ବୃଦ୍ଧ ପିତାମହ (ଭୀଷ୍ମ); ପିତାମହଃ=ପିତାମହ; ସିଂହ-ନାଦମ୍=ସିଂହଗର୍ଜନସଦୃଶ; ବିନଦ୍ୟ=ନାଦକରି; ଉଚ୍ଚୈଃ=ଖୁବ୍ ଉଚ୍ଚ ସ୍ୱରରେ; ଶଙ୍ଖମ୍=ଶଙ୍ଖ; ଦଧ୍ମୌ=ନାଦକଲେ; ପ୍ରତାପବାନ୍=ପ୍ରତାପଶାଳୀ ।

## ଅନୁବାଦ

**ତତ୍ପରେ ଅତି ପ୍ରତାପଶାଳୀ କୁରୁବଂଶର ପିତାମହ ଓ ଯୋଦ୍ଧାମାନଙ୍କର ପିତାମହ ଭୀଷ୍ମ ଦୁର୍ଯ୍ୟୋଧନକୁ ଆନନ୍ଦ ଦେବା ନିମିତ୍ତ ସିଂହଗର୍ଜନ ସଦୃଶ ଅତି ଉଚ୍ଚ ସ୍ୱରରେ ତାଙ୍କର ଶଙ୍ଖନାଦ କଲେ ।**

## ଭାବାର୍ଥ

କୁରୁବଂଶର ପିତାମହ ଭୀଷ୍ମଦେବ ତାଙ୍କର ନାତି ଦୁର୍ଯ୍ୟୋଧନର ହୃଦୟର କଥା ଜାଣିପାରିଲେ ଏବଂ ତା' ପ୍ରତି ଥିବା ସ୍ୱାଭାବିକ ସ୍ନେହବଶତଃ ଅତି ଉଚ୍ଚ ସ୍ୱରରେ ତାଙ୍କର ଶଙ୍ଖନାଦ କରି ତାକୁ ଆନନ୍ଦ ଦେବାକୁ ଚେଷ୍ଟା କଲେ । ଭୀଷ୍ମଦେବ ଏକ ସିଂହ ସଦୃଶ ପ୍ରତାପବାନ୍ ଥିଲେ; ତେଣୁ ତାଙ୍କର ଶଙ୍ଖନାଦ ସିଂହଗର୍ଜନ ସଦୃଶ ହୋଇଥିଲା । ପରୋକ୍ଷରେ, ଶଙ୍ଖର ପ୍ରତୀକରୁ ସେ ତାଙ୍କର ହତାଶ ହୋଇପଡ଼ିଥିବା ନାତି ଦୁର୍ଯ୍ୟୋଧନକୁ ଜଣାଇଦେଲେ ଯେ, ଏ ଯୁଦ୍ଧରେ ତା'ର ବିଜୟର ଆଶା ନାହିଁ, କାରଣ ପରମେଶ୍ୱର କୃଷ୍ଣ ଅନ୍ୟ ପକ୍ଷରେ ଅଛନ୍ତି; କିନ୍ତୁ ତଥାପି ଏହା ତାଙ୍କର (ଭୀଷ୍ମଙ୍କର) କର୍ତ୍ତବ୍ୟ ଯେ ସେ ଯୁଦ୍ଧ ପରିଚାଳନା କରିବେ ଏବଂ ସେଥିରେ ସେ କିଛି ହେଳା କରିବେ ନାହିଁ ।

## ଶ୍ଳୋକ - ୧୩

**ତତଃ ଶଙ୍ଖାଶ୍ଚ ଭେର୍ଯ୍ୟଶ୍ଚ ପଣବାନକଗୋମୁଖାଃ ।**
**ସହସୈବାଭ୍ୟହନ୍ୟନ୍ତ ସ ଶବ୍ଦସ୍ତୁମୁଳୋଽଭବତ୍ ।। ୧୩ ।।**

## ଶବ୍ଦାନୁବାଦ

ତତଃ=ତତ୍ପରେ; ଶଙ୍ଖାଃ=ଶଙ୍ଖମାନ; ଚ=ମଧ୍ୟ; ଭେର୍ଯ୍ୟଃ=ଭେରି; ଚ=ଏବଂ; ପଣବ-ଆନକ=ତୂରୀ ଏବଂ ନାଗରା; ଗୋ-ମୁଖାଃ=ଶିଙ୍ଗା; ସହସା=ହଠାତ୍; ଏବ=ନିଶ୍ଚିତଭାବେ; ଅଭ୍ୟହନ୍ୟନ୍ତ=ଏକ ସମୟରେ ବାଜିଉଠି; ସଃ=ତାହା; ଶବ୍ଦଃ=ଏକତ୍ର ଧ୍ୱନି; ତୁମୁଳଃ=ତୁମୁଳ (ପ୍ରକାଣ୍ଡ); ଅଭବତ୍=ହେଲା ।

## ଅନୁବାଦ

**ତତ୍ପରେ ଶଙ୍ଖ, ଭେରି, ତୂରୀ, ନାଗରା ଏବଂ ଶିଙ୍ଗା ଆଦି ହଠାତ୍ ବାଜିଉଠିଲା ଏବଂ ସମସ୍ତଙ୍କର ଏକତ୍ର ସ୍ୱର (ବା ଧ୍ୱନି) ପ୍ରକାଣ୍ଡ ହୋଇଉଠିଲା ।**

## ଶ୍ଳୋକ - ୧୪

**ତତଃ ଶ୍ୱେତୈର୍ହୟୈର୍ଯୁକ୍ତେ ମହତି ସ୍ୟନ୍ଦନେ ସ୍ଥିତୌ ।**
**ମାଧବଃ ପାଣ୍ଡବଶ୍ଚୈବ ଦିବ୍ୟୌ ଶଙ୍ଖୌ ପ୍ରଦଧ୍ମତୁଃ ।।୧୪।।**

## ଶବ୍ଦାନୁବାଦ

ତତଃ=ତତ୍ପରେ; ଶ୍ୱେତୈଃ-ହୟୈଃ=ଶ୍ୱେତଅଶ୍ୱ ଦ୍ୱାରା; ଯୁକ୍ତେ=ଯୁକ୍ତହୋଇ; ମହତି ସ୍ୟନ୍ଦନେ=ମହାନ୍ ରଥରେ; ସ୍ଥିତୌ=ଉପବେଶନକରି; ମାଧବଃ=କୃଷ୍ଣ(ଲକ୍ଷ୍ମୀଙ୍କର ଧବ ବା ସ୍ୱାମୀ); ପାଣ୍ଡବଃ=ଅର୍ଜୁନ (ପାଣ୍ଡୁପୁତ୍ର); ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ଦିବ୍ୟୌ=ଦିବ୍ୟ; ଶଙ୍ଖୌ=ଶଙ୍ଖମାନ; ପ୍ରଦଧ୍ମତୁଃ=ବାଜିଉଠିଲେ ।

## ଅନୁବାଦ

**ଅନ୍ୟପକ୍ଷରେ, ଉଭୟେ ଭଗବାନ୍ ଶ୍ରୀକୃଷ୍ଣ ଓ ଅର୍ଜୁନ ଶ୍ୱେତଅଶ୍ୱଯୁକ୍ତ ଏକ ବିରାଟ ରଥ ଉପରେ ବସି ସେମାନଙ୍କର ଦିବ୍ୟଶଙ୍ଖ ବଜାଇଲେ ।**

## ଭାବାର୍ଥ

ଭୀଷ୍ମଦେବ ଯେଉଁ ଶଙ୍ଖ ବଜାଇଲେ, ସେ ଶଙ୍ଖ ସହିତ ତୁଳନାକରି କୁହାଯାଉଛି ଯେ, କୃଷ୍ଣ ଓ ଅର୍ଜୁନଙ୍କ ହାତରେ ଥିବା ଶଙ୍ଖ ଦିବ୍ୟଶଙ୍ଖ ଅଟେ; କିନ୍ତୁ ଭୀଷ୍ମଙ୍କର ଶଙ୍ଖ ଦିବ୍ୟଶଙ୍ଖ ନୁହେଁ । ଦିବ୍ୟ ଶଙ୍ଖନାଦ ଧ୍ୱନିରୁ ଏହି ସୂଚନା ମିଳୁଛି ଯେ, ଅନ୍ୟପକ୍ଷରେ ବିଜୟର ଆଶା ନାହିଁ, କାରଣ କୃଷ୍ଣ ପାଣ୍ଡବମାନଙ୍କ ପକ୍ଷରେ ଅଛନ୍ତି । *"ଜୟସ୍ତୁ ପାଣ୍ଡୁ ପୁତ୍ରାଣାମ୍ ଯେଷାମ୍ ପକ୍ଷେ ଜନାର୍ଦ୍ଦନଃ ।"* ପାଣ୍ଡୁପୁତ୍ରମାନଙ୍କ ସଦୃଶ ବ୍ୟକ୍ତିମାନଙ୍କ ପକ୍ଷରେ ବରାବର ବିଜୟ ଥାଏ, କାରଣ ଭଗବାନ୍ ଶ୍ରୀକୃଷ୍ଣ ସେମାନଙ୍କ ସହିତ ଥା'ନ୍ତି । ଯେତେବେଳେ ଓ ଯେଉଁଠାରେ ଭଗବାନ୍ ଥା'ନ୍ତି, ସେଠାରେ ଲକ୍ଷ୍ମୀଦେବୀ ମଧ୍ୟ ଥା'ନ୍ତି, କାରଣ ଲକ୍ଷ୍ମୀଦେବୀ ତାଙ୍କର ସ୍ୱାମୀଙ୍କୁ ଛାଡ଼ି ଏକାକୀ ରହନ୍ତି ନାହିଁ । ବିଜୟ ଓ ଭାଗ୍ୟଲକ୍ଷ୍ମୀ ଅର୍ଜୁନଙ୍କୁ ଅପେକ୍ଷା କରୁଛନ୍ତି, କାରଣ ଏହା ଭଗବାନ୍ ବିଷ୍ଣୁ ବା କୃଷ୍ଣଙ୍କର ଦିବ୍ୟ ଶଙ୍ଖନାଦରୁ ସୂଚିତ ହେଉଅଛି । ଏତଦ୍‌ବ୍ୟତୀତ (କୃଷ୍ଣ ଓ ଅର୍ଜୁନ) ଏ ଦୁଇସଖା ଯେଉଁ ରଥଉପରେ ବସିଥିଲେ, ତାହା ଅଗ୍ନିଦେବ ଅର୍ଜୁନଙ୍କୁ ପ୍ରଦାନ କରିଥିଲେ ଏବଂ ଏଥିରୁ ସୂଚିତ ହେଉଥିଲା ଯେ, ତ୍ରିଭୁବନ ମଧ୍ୟରେ ଏ ରଥ ଯେଉଁଠାରେ ଟଣାଯିବ, ସେଠାରେ ତାହା ଚତୁର୍ଦ୍ଦିଗ ଜୟ କରିବାକୁ ସକ୍ଷମ ହେବ ।

## ଶ୍ଳୋକ - ୧୫

**ପାଞ୍ଚଜନ୍ୟଂ ହୃଷୀକେଶୋ ଦେବଦତ୍ତଂ ଧନଞ୍ଜୟଃ ।**
**ପୌଣ୍ଡ୍ରଂ ଦଧ୍ମୌ ମହାଶଙ୍ଖଂ ଭୀମକର୍ମା ବୃକୋଦରଃ ।। ୧୫ ।।**

## ଶବ୍ଦାନୁବାଦ

ପାଞ୍ଚଜନ୍ୟମ୍=ପାଞ୍ଚଜନ୍ୟ ନାମକ ଶଙ୍ଖ; ହୃଷୀକେଶଃ=ହୃଷୀକେଶ (କୃଷ୍ଣ, ଯେ କି ଭକ୍ତମାନଙ୍କର ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣ କରନ୍ତି); ଦେବ-ଦତ୍ତମ୍=ଦେବଦତ୍ତ ନାମକ ଶଙ୍ଖ; ଧନଞ୍ଜୟଃ=ଧନଞ୍ଜୟ (ଅର୍ଜୁନ, ଯେ ଜିଣିକରି ଧନ ଆଣିଥିଲେ); ପୌଣ୍ଡ୍ରମ୍=ପୌଣ୍ଡ୍ର ନାମକ ଶଙ୍ଖ; ଦଧ୍ମୌ=ବଜାଇଲେ; ମହା-ଶଙ୍ଖମ୍=ଅତି ଭୟଙ୍କର ଶଙ୍ଖ; ଭୀମ-କର୍ମା=ଯେ କି ଅତି ଭୟଙ୍କର କର୍ମ କରେ; ବୃକୋଦରଃ=ଯେ ବହୁତ ଭୋଜନ କରେ (ଭୀମ) ।

## ଅନୁବାଦ

**ତାପରେ କୃଷ୍ଣ ତାଙ୍କର ପାଞ୍ଚଜନ୍ୟ ଶଙ୍ଖନାଦ କଲେ । ଅର୍ଜୁନ ଦେବଦତ୍ତ ନାମକ ଶଙ୍ଖ ବଜାଇଲେ ଏବଂ ବହୁଭୋଜନକାରୀ ଭୀମକର୍ମା ଭୀମ ତାଙ୍କର ଭୟଙ୍କର ଶଙ୍ଖ; ପୌଣ୍ଡ୍ର ନାମକ ଶଙ୍ଖ ବଜାଇଲେ ।**

## ଭାବାର୍ଥ

ଏ ଶ୍ଳୋକରେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ''ହୃଷୀକେଶ'' ବୋଲି କୁହାଯାଇଅଛି, କାରଣ ସେ ହେଉଛନ୍ତି ସମସ୍ତ ଇନ୍ଦ୍ରିୟର ଅଧିକାରୀ । ଜୀବଗଣ ତାଙ୍କର ଅଂଶବିଶେଷ ଅଟନ୍ତି ଏବଂ ସେଇଥିପାଇଁ ଜୀବମାନଙ୍କର ଇନ୍ଦ୍ରିୟଗୁଡ଼ିକ ତାଙ୍କର (ଭଗବାନଙ୍କର) ଅଂଶବିଶେଷ ଅଟନ୍ତି । ମାୟାବାଦୀଗଣ ଜୀବମାନଙ୍କର ଇନ୍ଦ୍ରିୟମାନଙ୍କ କଥା ଜାଣିପାରନ୍ତି ନାହିଁ ଏବଂ ସେଇଥିପାଇଁ ସେମାନେ ସର୍ବଦା ଜୀବମାନଙ୍କୁ ଇନ୍ଦ୍ରିୟହୀନ କିମ୍ବା ନିର୍ବିଶେଷ ବୋଲି ବର୍ଣ୍ଣନା କରିବାକୁ ଉଦ୍‌ବିଗ୍ନ । ଭଗବାନ୍ ଜୀବମାନଙ୍କର ହୃଦୟରେ ଅବସ୍ଥାନ କରି ସେମାନଙ୍କର ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣ କରନ୍ତି; କିନ୍ତୁ ସେ ଜୀବମାନଙ୍କୁ ତାଙ୍କର ଶରଣରେ ଆସିବାକୁ ନିର୍ଦ୍ଦେଶ ଦେଇ ସେମାନଙ୍କୁ ନିୟନ୍ତ୍ରଣ କରନ୍ତି ଏବଂ ଏକ ଶୁଦ୍ଧ ଭକ୍ତର ଇନ୍ଦ୍ରିୟମାନଙ୍କୁ ସେ ପ୍ରତ୍ୟକ୍ଷ ଭାବରେ ନିୟନ୍ତ୍ରଣ କରନ୍ତି । ଏଠାରେ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଭଗବାନ୍ ପ୍ରତ୍ୟକ୍ଷ ଭାବରେ ଅର୍ଜୁନଙ୍କର ଦିବ୍ୟ ଇନ୍ଦ୍ରିୟଗୁଡ଼ିକୁ ନିୟନ୍ତ୍ରଣ କରୁଛନ୍ତି ଏବଂ ସେଇଥିପାଇଁ ତାଙ୍କର ନାମ ହୋଇଛି ''ହୃଷୀକେଶ'' । ଭଗବାନଙ୍କର ବିଭିନ୍ନ କାର୍ଯ୍ୟାନୁଯାୟୀ ବିଭିନ୍ନ ପ୍ରକାର ନାମ ଅଛି । ଉଦାହରଣ ସ୍ୱରୂପ, ତାଙ୍କର ଗୋଟିଏ ନାମ ହେଉଛି-'ମଧୁସୂଦନ', କାରଣ ସେ 'ମଧୁ' ନାମକ ଏକ ଦୈତ୍ୟକୁ ବିନାଶ କରିଥିଲେ । ତାଙ୍କର ଅନ୍ୟ ଗୋଟିଏ ନାମ ହେଉଛି 'ଗୋବିନ୍ଦ', କାରଣ ସେ 'ଗାଭୀ' ମାନଙ୍କୁ ଓ ଇନ୍ଦ୍ରିୟମାନଙ୍କୁ ଆନନ୍ଦ ଦିଅନ୍ତି । ତାଙ୍କର ପୁଣି ଅନ୍ୟ ଗୋଟିଏ ନାମ ହେଉଛି 'ବାସୁଦେବ', କାରଣ ସେ ବସୁଦେବଙ୍କର ପୁତ୍ରରୂପେ ଆବିର୍ଭୂତ ହୋଇଥିଲେ । ତାଙ୍କର ଏକ ନାମ ହେଉଛି 'ଦେବକୀନନ୍ଦନ' କାରଣ ସେ ଦେବକୀଙ୍କୁ ମାତାରୂପେ ଗ୍ରହଣ କରିଥିଲେ । ତାଙ୍କର ଅନ୍ୟ ଏକ ନାମ ହେଉଛି 'ଯଶୋଦାନନ୍ଦନ', କାରଣ ସେ ବୃନ୍ଦାବନରେ ଯଶୋଦାଙ୍କ ପାଖରେ ତାଙ୍କର ବାଲ୍ୟଲୀଳା କରିଥିଲେ । ତାଙ୍କର ପୁଣି ଅନ୍ୟ ଏକ ନାମ ହେଉଛି 'ପାର୍ଥସାରଥି' କାରଣ ସେ ତାଙ୍କର ସଖା ଅର୍ଜୁନଙ୍କର ସାରଥି ରୂପେ କାମ କରିଥିଲେ । ସେହିପରି ତାଙ୍କର ନାମ ହେଉଛି 'ହୃଷୀକେଶ', କାରଣ ସେ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଅର୍ଜୁନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଅର୍ଜୁନଙ୍କୁ ଏଠାରେ 'ଧନଞ୍ଜୟ' ବୋଲି କୁହାଯାଇଅଛି, କାରଣ ସେ ତାଙ୍କର ବଡ଼ଭାଇଙ୍କୁ ଧନ ସଂଗ୍ରହରେ ସାହାଯ୍ୟ କରିଥିଲେ । ଯେତେବେଳେ ତାଙ୍କ ବଡ଼ଭାଇ ରାଜା ଯୁଧିଷ୍ଠିର ବିଭିନ୍ନ ପ୍ରକାର ଯଜ୍ଞାନୁଷ୍ଠାନ ନିମିତ୍ତ ଧନ ଆବଶ୍ୟକ କଲେ, ସେତେବେଳେ ଅର୍ଜୁନ ତାହା ସଂଗ୍ରହ କରି ଆଣିଥିଲେ । ଠିକ୍ ସେହିପରି ଭୀମଙ୍କୁ 'ବୃକୋଦର' ବୋଲି କୁହାଯାଇଛି, କାରଣ ସେ ବହୁତ ଭୋଜନ କରିପାରନ୍ତି । ସେ ଯେପରି ଖୁବ୍ କଠିନ କର୍ମ ସଂପାଦନ କରିପାରନ୍ତି, ସେହିପରି ଖୁବ୍ ଭୋଜନ କରିପାରନ୍ତି । ସେ ହିଡ଼ିମ୍ବ ଦୈତ୍ୟ ବିନାଶ ଭଳି ଅନେକ ଦୁଃସାଧ୍ୟ କର୍ମ ସମ୍ପାଦନ କରିପାରନ୍ତି; ତେଣୁ ପାଣ୍ଡବପକ୍ଷର ବିଭିନ୍ନ ଯୋଦ୍ଧାବୀରମାନେ ଯେଉଁ ଯେଉଁ ଶଙ୍ଖନାଦ କଲେ, ତାହା ଯୋଦ୍ଧୃବୃନ୍ଦଙ୍କୁ ଉପଯୁକ୍ତ ପ୍ରେରଣା ପ୍ରଦାନ କଲା । ପ୍ରଥମେ ଭଗବାନ୍ ଶଙ୍ଖନାଦ କଲେ, ତତ୍ପରେ ଅନ୍ୟମାନେ ସେମାନଙ୍କର ଶଙ୍ଖନାଦ କଲେ । ଅନ୍ୟପକ୍ଷରେ ଏପ୍ରକାର ଉତ୍ତେଜନାମୂଳକ ସଙ୍କେତ କିଛି ନ ଥିଲା । ସେ ପକ୍ଷରେ ପରମ ନିୟନ୍ତ୍ରଣକାରୀ ଭଗବାନ୍ ଶ୍ରୀକୃଷ୍ଣ ନ ଥିଲେ କିମ୍ବା ଭାଗ୍ୟଲକ୍ଷ୍ମୀ ନଥିଲେ; ତେଣୁ ସେମାନେ ଯେ ଯୁଦ୍ଧରେ ପରାଜିତ ହେବେ, ଏହା ସୂଚିତ ହେଉଥିଲା । ସେମାନଙ୍କ ଭାଗ୍ୟରେ ଯେ ଏହା ପୂର୍ବରୁ ଲିପିବଦ୍ଧ ହୋଇଅଛି, ଏହା ଜଣାପଡୁଥିଲା । ଶଙ୍ଖନାଦ ଦ୍ୱାରା ଏହି ସମ୍ବାଦ ହିଁ ପ୍ରଗ୍ରିତ ହେଉଥିଲା ।

## ଶ୍ଳୋକ - ୧୬-୧୮

**ଅନନ୍ତବିଜୟଂ ରାଜା କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।**
**ନକୁଳଃ ସହଦେବଶ୍ଚ ସୁଘୋଷମଣିପୁଷ୍ପକୌ ।।୧୬।।**
**କାଶ୍ୟଶ୍ଚ ପରମେଷ୍ୱାସଃ ଶିଖଣ୍ଡୀ ଚ ମହାରଥଃ ।**
**ଧୃଷ୍ଟଦ୍ୟୁମ୍ନୋ ବିରାଟଶ୍ଚ ସାତ୍ୟକିଶ୍ଚାପରାଜିତଃ ।।୧୭।।**
**ଦ୍ରୁପଦୋ ଦ୍ରୌପଦେୟାଶ୍ଚ ସର୍ବଶଃ ପୃଥିବୀପତେ ।**
**ସୌଭଦ୍ରଶ୍ଚ ମହାବାହୁଃ ଶଙ୍ଖାନ୍‌ଦଧ୍ମୁଃ ପୃଥକ୍‌ପୃଥକ୍ ।।୧୮।।**

## ଶବ୍ଦାନୁବାଦ

ଅନନ୍ତ-ବିଜୟମ୍=ଅନନ୍ତ ବିଜୟ ନାମକ ଶଙ୍ଖ; ରାଜା=ରାଜା; କୁନ୍ତୀ-ପୁତ୍ରଃ=କୁନ୍ତୀପୁତ୍ର; ଯୁଧିଷ୍ଠିରଃ=ଯୁଧିଷ୍ଠିର; ନକୁଳଃ=ନକୁଳ; ସହଦେବଃ=ସହଦେବ; ଚ=ଏବଂ; ସୁଘୋଷ-ମଣିପୁଷ୍ପକୌ=ସୁଘୋଷ ଏବଂ ମଣିପୁଷ୍ପକ ନାମକ ଶଙ୍ଖ; କାଶ୍ୟଃ=କାଶୀ (ବାରାଣାସୀ)ର ରାଜା; ଚ=ଏବଂ; ପରମେଷ୍ୱାସଃ=ପ୍ରସିଦ୍ଧ ଧନୁର୍ଦ୍ଧର; ଶିଖଣ୍ଡୀ=ଶିଖଣ୍ଡୀ; ଚ=ମଧ୍ୟ; ମହା-ରଥଃ=ଯେ ଏକାକୀ ହଜାର ହଜାର ସୈନ୍ୟଙ୍କ ବିରୁଦ୍ଧରେ ଯୁଦ୍ଧ କରିପାରେ; ଧୃଷ୍ଟଦ୍ୟୁମ୍ନଃ=ଧୃଷ୍ଟଦ୍ୟୁମ୍ନ (ଦ୍ରୁପଦ ରାଜାଙ୍କର ପୁତ୍ର); ବିରାଟଃ=ବିରାଟ (ଅଜ୍ଞାତବାସ ସମୟରେ ଯେଉଁ ରାଜା ପାଣ୍ଡବମାନଙ୍କୁ ଆଶ୍ରୟ ଦେଇଥିଲେ); ଚ=ମଧ୍ୟ; ସାତ୍ୟକିଃ=ସାତ୍ୟକି (ଭଗବାନ୍ ଶ୍ରୀକୃଷ୍ଣଙ୍କର ସାରଥି ଯୁଯୁଧାନ); ଚ=ଏବଂ; ଅପରାଜିତଃ=ଯେ କି ପୂର୍ବରୁ କେବେ ପରାଜିତ ହୋଇନାହାନ୍ତି; ଦ୍ରୁପଦଃ=ଦ୍ରୁପଦ (ପଞ୍ଚାଳ ଦେଶର ରାଜା), ଦ୍ରୌପଦେୟାଃ=ଦ୍ରୌପଦୀଙ୍କର ପୁତ୍ରଗଣ;

ଚ=ମଧ୍ୟ; ସର୍ବଶଃ=ସମସ୍ତେ; ପୃଥିବୀ-ପତେ=ହେ ରାଜା; ସୌଭଦ୍ରଃ=ସୁଭଦ୍ରାର ପୁତ୍ର (ଅଭିମନ୍ୟୁ); ଚ=ମଧ୍ୟ; ମହା-ବାହୁଃ=ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ; ଶଙ୍ଖାନ୍=ଶଙ୍ଖମାନ; ଦଧ୍ମୁଃ=ନାଦ କଲେ; ପୃଥକ୍ ପୃଥକ୍=ପୃଥକ୍ ପୃଥକ୍‌ଭାବେ ।

## ଅନୁବାଦ

**କୁନ୍ତିପୁତ୍ର ରାଜା ଯୁଧିଷ୍ଠିର 'ଅନନ୍ତ ବିଜୟ' ନାମକ ଶଙ୍ଖ ବଜାଇଲେ ଏବଂ ନକୁଳ ଓ ସହଦେବ ସୁଘୋଷ ଏବଂ ମଣିପୁଷ୍ପକ ନାମକ ଶଙ୍ଖ ବଜାଇଲେ । ହେ ରାଜା !ମହାଧନୁର୍ଦ୍ଧର କାଶୀରାଜ, ମହାଯୋଦ୍ଧା ଶିଖଣ୍ଡୀ, ଧୃଷ୍ଟଦ୍ୟୁମ୍ନ, ବିରାଟ ଏବଂ ଅପରାଜିତ ସାତ୍ୟକି, ଦ୍ରୁପଦ, ଦ୍ରୌପଦୀଙ୍କର ପୁତ୍ରଗଣ ଓ ଅନ୍ୟମାନେ, ଯଥା-ମହାବାହୁ ସୁଭଦ୍ରାପୁତ୍ର (ଅଭିମନ୍ୟୁ) ଆଦି ପୃଥକ୍ ପୃଥକ୍‌ଭାବେ ନିଜ ନିଜ ଶଙ୍ଖମାନ ନାଦ କଲେ ।**

## ଭାବାର୍ଥ

ସଞ୍ଜୟ, ରାଜା ଧୃତରାଷ୍ଟ୍ରଙ୍କୁ ବଡ଼ ଚତୁରତା ସହିତ କହିଲେ ଯେ ସେ ପାଣ୍ଡୁ ପୁତ୍ରମାନଙ୍କୁ ରାଜଗାଦିରେ ବସାଇବା ନିମିତ୍ତ ଯେଉଁ ଅଜ୍ଞନୀତି ଧରିଛନ୍ତି, ତାହା କୌଣସିମତେ ଭଲ ନୁହେଁ । ସମଗ୍ର କୁରୁବଂଶ ଯେ ସେ ମହାଯୁଦ୍ଧରେ ଧ୍ୱଂସ ହେବେ, ଏହାର ସଂକେତ ପ୍ରକାଶ ପାଇସାରିଲାଣି ।ପିତାମହ ଭୀଷ୍ମଙ୍କଠାରୁ ଆରମ୍ଭ କରି ପ୍ରପୌତ୍ର ଅଭିମନ୍ୟୁଙ୍କ ପର୍ଯ୍ୟନ୍ତ ସମସ୍ତେ-ପୃଥିବୀର ଅନେକ ରାଜ୍ୟର ରାଜାମାନଙ୍କ ସମେତ ସମସ୍ତେ ସେଠାରେ ଉପସ୍ଥିତ ଥିଲେ ଏବଂ ଏମାନେ ସମସ୍ତେ ଧ୍ୱଂସାଭିମୁଖୀ ।ଏ ସମସ୍ତ ବିପର୍ଯ୍ୟୟ ଧୃତରାଷ୍ଟ୍ରଙ୍କ ଯୋଗୁଁ ସଂଘଟିତ ହେବାକୁ ଯାଉଛି, କାରଣ ସେ ତାଙ୍କର ପୁତ୍ରମାନଙ୍କର ନୀତିକୁ ଅନୁମୋଦନ କରିଛନ୍ତି ଓ ସେମାନଙ୍କୁ ତଦନୁଯାୟୀ ଉତ୍ସାହିତ କରିଛନ୍ତି ।

## ଶ୍ଲୋକ - ୧୯

**ସ ଘୋଷୋ ଧାର୍ତରାଷ୍ଟ୍ରାଣାଂ ହୃଦୟାନି ବ୍ୟଦାରୟତ୍ ।**
**ନଭଶ୍ଚ ପୃଥିବୀଂ ଚୈବ ତୁମୁଲୋଽଭ୍ୟନୁନାଦୟନ୍ ।।୧୯।।**

## ଶବ୍ଦାନୁବାଦ

ସଃ=ତାହା; ଘୋଷଃ=କମ୍ପନ, ଧ୍ୱନି; ଧାର୍ତରାଷ୍ଟ୍ରାଣାମ୍=ଧୃତରାଷ୍ଟ୍ରର ପୁତ୍ରମାନଙ୍କର; ହୃଦୟାନି=ହୃଦୟସବୁ; ବ୍ୟଦାରୟତ୍=ବିଦୀର୍ଣ୍ଣକଲା; ନଭଃ=ଆକାଶ; ଚ=ମଧ୍ୟ; ପୃଥିବୀମ୍=ପୃଥିବୀପୃଷ୍ଠ; ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ତୁମୁଳଃ=ଭୟଙ୍କର ଧ୍ୱନି; ଅଭ୍ୟନୁନାଦୟନ୍=ପ୍ରତିଧ୍ୱନି କରି ।

## ଅନୁବାଦ

**ଏ ଶଙ୍ଖମାନଙ୍କର ନାଦ ଅତି ଭୟଙ୍କର ହୋଇଉଠିଲା ଏବଂ ତାହା ଆକାଶ ଓ ପୃଥିବୀ ଉଭୟକୁ ପ୍ରତିଧ୍ୱନିତ କରି ଧୃତରାଷ୍ଟ୍ରର ପୁତ୍ରମାନଙ୍କର ହୃଦୟକୁ ବିଦାରଣ କଲା ।**

## ଭାବାର୍ଥ

ଯେତେବେଳେ ଭୀଷ୍ମ ଏବଂ ଦୁର୍ଯ୍ୟୋଧନଙ୍କ ପକ୍ଷର ଅନ୍ୟମାନେ ସେମାନଙ୍କର ଶଙ୍ଖନାଦ କରିଥିଲେ, ସେତେବେଳେ ପାଣ୍ଡବମାନଙ୍କର ହୃଦୟ ବିଦୀର୍ଣ୍ଣ ହୋଇ ନଥିଲା । ଏ ଘଟଣାର ବର୍ଣ୍ଣନା କରାଯାଇନାହିଁ; କିନ୍ତୁ ଏ ଶ୍ଲୋକରେ ବର୍ଣ୍ଣନା କରାଯାଉଛି ଯେ, ପାଣ୍ଡବମାନଙ୍କ ପକ୍ଷରୁ ଯେଉଁ ଶଙ୍ଖଧ୍ୱନି କରାଗଲା, ତାହା ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କର ହୃଦୟକୁ ବିଦୀର୍ଣ୍ଣ କରିପକାଇଲା । ଏହା ପାଣ୍ଡବମାନଙ୍କ ଯୋଗୁଁ ଏବଂ ସେମାନଙ୍କର କୃଷ୍ଣଙ୍କ ଉପରେ ବିଶ୍ୱାସ ଯୋଗୁଁ ସଂଘଟିତ ହେଲା । ଯେ ପରମେଶ୍ୱରଙ୍କର ଶରଣାପନ୍ନ ହୁଏ, ସେ ଯେତେ ବଡ଼ ବିପଦରେ ପଡ଼ିଲେ ସୁଦ୍ଧା କିଛି ଭୟ କରେ ନାହିଁ ବା ବିଚଳିତ ହୁଏ ନାହିଁ ।

## ଶ୍ଲୋକ - ୨୦

**ଅଥ ବ୍ୟବସ୍ଥିତାନ୍ ଦୃଷ୍ଟ୍ୱା ଧାର୍ତରାଷ୍ଟ୍ରାନ୍ କପିଧ୍ୱଜଃ ।**
**ପ୍ରବୃତ୍ତେ ଶସ୍ତ୍ରସଂପାତେ ଧନୁରୁଦ୍ୟମ୍ୟ ପାଣ୍ଡବଃ ।**
**ହୃଷୀକେଶଂ ତଦା ବାକ୍ୟମିଦମାହ ମହୀପତେ ।। ୨୦।।**

## ଶବ୍ଦାନୁବାଦ

ଅଥ=ଏହାପରେ; ବ୍ୟବସ୍ଥିତାନ୍=ବ୍ୟବସ୍ଥିତ ହୋଇ; ଦୃଷ୍ଟ୍ୱା=ଦେଖି; ଧାର୍ତରାଷ୍ଟ୍ରାନ୍=ଧୃତରାଷ୍ଟ୍ରଙ୍କର ପୁତ୍ରମାନଙ୍କୁ; କପି-ଧ୍ୱଜଃ=ଯାହାଙ୍କର ପତାକାରେ ହନୁମାନଙ୍କର ଛବି ଅଛି; ପ୍ରବୃତ୍ତେ=ଠିକ୍ ଯୁଦ୍ଧରେ ନିଯୁକ୍ତ ହେବା ଉପରେ; ଶସ୍ତ୍ର-ସଂପାତେ=ଠିକ୍ ଶରବର୍ଷଣ କରିବା ଉପରେ; ଧନୁଃ=ଧନୁ; ଉଦ୍ୟମ୍ୟ=ଉତ୍ତୋଳନ କରି; ପାଣ୍ଡବଃ=ପାଣ୍ଡୁଙ୍କର ପୁତ୍ର (ଅର୍ଜୁନ); ହୃଷୀକେଶମ୍=ଭଗବାନ୍ ଶ୍ରୀକୃଷ୍ଣଙ୍କୁ; ତଦା=ସେ ସମୟରେ; ବାକ୍ୟମ୍=କଥା; ଇଦମ୍=ଏହିସବୁ; ଆହ=କହିଲେ; ମହୀ-ପତେ=ହେ ରାଜା ।

## ଅନୁବାଦ

**ହେ ରାଜା ! ସେ ସମୟରେ ପାଣ୍ଡୁଙ୍କ ପୁତ୍ର ଅର୍ଜୁନ କପିଧ୍ୱଜ (ତାଙ୍କର ରଥର ପତାକାରେ ହନୁମାନଙ୍କର ଛବି ଥିଲା) ରଥରେ ବସି ଧୃତରାଷ୍ଟ୍ରଙ୍କର ପୁତ୍ରମାନଙ୍କ ଉପରେ ଦୃଷ୍ଟିନିକ୍ଷେପ କରି ତାଙ୍କର ଧନୁ ଉତ୍ତୋଳନ କଲେ ଏବଂ ଶର ବର୍ଷା କରିବାକୁ ପ୍ରସ୍ତୁତ ହେଲେ । ହେ ରାଜା ! ତତ୍ପରେ ଅର୍ଜୁନ ନିମ୍ନମତେ ହୃଷୀକେଶ (କୃଷ୍ଣ)ଙ୍କୁ କହିଲେ ।**

## ଭାବାର୍ଥ

ଯୁଦ୍ଧ ଠିକ୍ ଆରମ୍ଭ ହେବା ଉପରେ । ଉପର୍ଯ୍ୟୁକ୍ତ ବିବରଣୀରୁ ଜଣାଯାଉଛି ଯେ, ଧୃତରାଷ୍ଟ୍ରଙ୍କର ପୁତ୍ରଗଣ ପାଣ୍ଡବମାନଙ୍କର ଅପ୍ରତ୍ୟାଶିତ ସୈନ୍ୟସଜ୍ଜା ଦେଖି ପ୍ରାୟ ହତୋତ୍ସାହ ହୋଇପଡ଼ିଲେ । ପାଣ୍ଡବମାନେ ଯୁଦ୍ଧକ୍ଷେତ୍ରରେ ପ୍ରତ୍ୟକ୍ଷଭାବରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ପରିଚାଳିତ ହେଉଥିଲେ । ଅର୍ଜୁନଙ୍କର ରଥର ପତାକାରେ ହନୁମାନଙ୍କର ଛବି ବିଜୟର ଅନ୍ୟ ଏକ ସୂଚନା ଦେଉଥିଲା, କାରଣ ରାମ-ରାବଣ ଯୁଦ୍ଧରେ ଶ୍ରୀହନୁମାନଜୀ ଶ୍ରୀରାମଚନ୍ଦ୍ର ମହାପ୍ରଭୁଙ୍କୁ ସାହାଯ୍ୟ କରିଥିଲେ ଏବଂ ସେଥିରେ ଶ୍ରୀରାମଚନ୍ଦ୍ର ମହାପ୍ରଭୁ ବିଜୟୀ ହୋଇଥିଲେ । ବର୍ତ୍ତମାନ ଉଭୟ ଶ୍ରୀରାମଚନ୍ଦ୍ର ଓ ହନୁମାନ ଅର୍ଜୁନଙ୍କୁ ସାହାଯ୍ୟ କରିବା ନିମିତ୍ତ ଅର୍ଜୁନଙ୍କ ରଥରେ

ଉପସ୍ଥିତ । ଭଗବାନ୍ ଶ୍ରୀକୃଷ୍ଣ ହେଉଛନ୍ତି ସ୍ୱୟଂ ରାମଚନ୍ଦ୍ର ଏବଂ ଯେଉଁଠାରେ ଶ୍ରୀରାମଚନ୍ଦ୍ର ମହାପ୍ରଭୁ ଅଛନ୍ତି, ସେଠାରେ ତାଙ୍କର ଶାଶ୍ୱତ ସେବକ ହନୁମାନଜୀ ଓ ପତ୍ନୀ ସୀତାଦେବୀ (ଲକ୍ଷ୍ମୀଦେବୀ) ବିଦ୍ୟମାନ, ତେଣୁ ଅର୍ଜୁନଙ୍କ ପକ୍ଷରେ ଶତ୍ରୁମାନଙ୍କୁ ଭୟ କରିବାର କୌଣସି କାରଣ ନଥିଲା । ସର୍ବୋପରି ହୃଷୀକେଶ (ଅର୍ଥାତ୍ ଇନ୍ଦ୍ରିୟମାନଙ୍କର ପ୍ରଭୁ) ଶ୍ରୀକୃଷ୍ଣ ତାଙ୍କୁ ନିର୍ଦ୍ଦେଶ ଦେବା ନିମିତ୍ତ ସେଠାରେ ଉପସ୍ଥିତ ଥିଲେ । ଏହିପରି ଯୁଦ୍ଧ ପରିଚାଳନା କରିବା ନିମିତ୍ତ ଅର୍ଜୁନଙ୍କୁ ସବୁପ୍ରକାର ସଦୁପଦେଶ ମିଳୁଥିଲା । ଭଗବାନ୍ ତାଙ୍କର ଶାଶ୍ୱତ ଭକ୍ତଙ୍କ ନିମିତ୍ତ ଏସବୁ ସୁବ୍ୟବସ୍ଥା କରିଥିଲେ । ଏଥିରୁ ବିଜୟର ସୁସ୍ପଷ୍ଟ ସଙ୍କେତ ପ୍ରକାଶ ପାଉଥିଲା ।

## ଶ୍ଲୋକ - ୨୧-୨୨

## ଅର୍ଜୁନ ଉବାଚ

**ସେନୟୋରୁଭୟୋର୍ମଧ୍ୟେ ରଥଂ ସ୍ଥାପୟ ମେଽଚ୍ୟୁତ ।**
**ଯାବଦେତାନ୍ନିରୀକ୍ଷେଽହଂ ଯୋଦ୍ଧୁକାମାନବସ୍ଥିତାନ୍ ।। ୨୧ ।।**
**କୈର୍ମୟା ସହ ଯୋଦ୍ଧବ୍ୟମସ୍ମିନ୍ ରଣ ସମୁଦ୍ୟମେ ।। ୨୨ ।।**

## ଶବ୍ଦାନୁବାଦ

ଅର୍ଜୁନଃ=ଅର୍ଜୁନ; ଉବାଚ=କହିଲେ; ସେନୟୋଃ=ସେନାର; ଉଭୟୋଃ=ଦୁଇପକ୍ଷର; ମଧ୍ୟେ=ମଧ୍ୟରେ; ରଥମ୍=ରଥ; ସ୍ଥାପୟ=ଦୟାକରି ରଖନ୍ତୁ; ମେ=ମୋର; ଅଚ୍ୟୁତ=ହେ ଅଚ୍ୟୁତ; ଯାବତ୍=ଯେପର୍ଯ୍ୟନ୍ତ; ଏତାନ୍=ଏସବୁ; ନିରୀକ୍ଷେ=ମୁଁ ଦେଖିବି; ଅହମ୍=ମୁଁ; ଯୋଦ୍ଧୁ-କାମାନ୍=ଯୁଦ୍ଧ କରିବାକୁ ଇଚ୍ଛୁକ; ଅବସ୍ଥିତାନ୍=ଯୁଦ୍ଧକ୍ଷେତ୍ରରେ ସଜ୍ଜିତ ହୋଇ ରହିଛନ୍ତି; କୈଃ=କେଉଁମାନଙ୍କ ସହିତ; ମୟା=ମୋ ଦ୍ୱାରା; ସହ=ସହିତ; ଯୋଦ୍ଧବ୍ୟମ୍=ଯୁଦ୍ଧ କରିବାକୁ ହେବ; ଅସ୍ମିନ୍=ଏହି; ରଣ=ଯୁଦ୍ଧ; ସମୁଦ୍ୟମେ=ପ୍ରଚେଷ୍ଟାରେ ।

## ଅନୁବାଦ

**ଅର୍ଜୁନ କହିଲେ, ‘‘ହେ ଅଚ୍ୟୁତ ! ଦୟାକରି ମୋ ରଥକୁ ଦୁଇସେନାଙ୍କ ମଧ୍ୟରେ ରଖନ୍ତୁ ତାହାହେଲେ ମୁଁ ଦେଖିପାରିବି କେଉଁମାନେ ଏଠାରେ ଅଛନ୍ତି, କେଉଁମାନେ ଯୁଦ୍ଧ କରିବାକୁ ଇଚ୍ଛୁକ ଏବଂ ଏ ବିରାଟ ଯୁଦ୍ଧ ପ୍ରଚେଷ୍ଟାରେ କେଉଁମାନଙ୍କ ସହ ମୋତେ ଯୁଦ୍ଧ କରିବାକୁ ହେବ ।**

## ଭାବାର୍ଥ

ଯଦିଓ ଶ୍ରୀକୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍, ତଥାପି ତାଙ୍କର ଅହୈତୁକୀ କୃପା ହେତୁ ସେ ତାଙ୍କର ବନ୍ଧୁଙ୍କ ସେବାରେ ନିଯୁକ୍ତ ହୋଇଛନ୍ତି । ସେ ତାଙ୍କର ଭକ୍ତମାନଙ୍କୁ ସ୍ନେହ ପ୍ରଦର୍ଶନ କରିବାରେ କେବେହେଲେ ଅବହେଳା କରନ୍ତି ନାହିଁ ଏବଂ ସେଥିପାଇଁ ତାଙ୍କୁ ଏଠାରେ ଅଚ୍ୟୁତ ବୋଲି ସମ୍ବୋଧନ କରାଯାଇଛି । ସାରଥି ହିସାବରେ ତାଙ୍କୁ ଅର୍ଜୁନଙ୍କ ଆଦେଶ ପାଳନ କରିବାକୁ ହେବ ଏବଂ ଯେଣୁ ସେ ତାହା ପାଳନ କରିବାକୁ ଦ୍ୱିଧା ବୋଧ କଲେ ନାହିଁ, ତେଣୁ ତାଙ୍କୁ ଏଠାରେ ‘ଅଚ୍ୟୁତ’ବୋଲି ସମ୍ବୋଧନ କରାଯାଇଅଛି । ଯଦିଓ ସେ ତାଙ୍କର ଭକ୍ତଙ୍କ

ପାଇଁ ସାରଥିପଦ ଗ୍ରହଣ କରିଛନ୍ତି; ତଥାପି ଏତଦ୍ଦ୍ୱାରା ତାଙ୍କର ପରମ ସ୍ଥିତି ହ୍ରାସ ପାଉନାହିଁ । ପ୍ରତ୍ୟେକ ଅବସ୍ଥାରେ ସେ ପରମପୁରୁଷ ଭଗବାନ୍-ସେ ହୃଷୀକେଶ-ଇନ୍ଦ୍ରିୟମାନଙ୍କର ପ୍ରଭୁ । ଭଗବାନ୍ ଏବଂ ତାଙ୍କ ସେବକଙ୍କ ମଧ୍ୟରେ ଥିବା ସମ୍ବନ୍ଧ ଅତ୍ୟନ୍ତ ମଧୁର ଓ ଦିବ୍ୟ ଅଟେ । ସେବକ ସର୍ବଦା ଭଗବାନଙ୍କ ସେବା କରିବା ନିମିତ୍ତ ପ୍ରସ୍ତୁତ ଏବଂ ଠିକ୍ ସେହିପରି ଭଗବାନ୍ ସୁଯୋଗ ଖୋଜୁଥାନ୍ତି, କିପରି ଭକ୍ତର ସେବା କରିବେ । ତାଙ୍କର ଜଣେ ଶୁଦ୍ଧଭକ୍ତ ଯଦି ତାଙ୍କୁ କିଛି ଆଦେଶ ଦିଏ କିମ୍ବା ଆଦେଶ ଦେବା ଅବସ୍ଥାରେ ରହିଛି, ତାହାହେଲେ ସେ ଏଥିରେ ବଡ଼ ଖୁସି ହୁଅନ୍ତି । ସେ ନିଜକୁ ଆଦେଶ ଦେବା ଅବସ୍ଥାରେ ନ ରଖି ତାଙ୍କର ଏକ ଶୁଦ୍ଧଭକ୍ତଙ୍କୁ ସେ ଅବସ୍ଥାରେ ରଖିବାରେ ସେ ଅଧିକ ଖୁସି ହୁଅନ୍ତି । ପରମପ୍ରଭୁ ହିସାବରେ ପ୍ରତ୍ୟେକେ ତାଙ୍କର ଅଧୀନ (ତାଙ୍କର ଆଦେଶାଧୀନ);କେହି ତାଙ୍କ ଉପରେ (ତାଙ୍କୁ) ଆଦେଶ ଦେବାକୁ ନାହାନ୍ତି । ଯଦିଓ ସେ ପ୍ରତ୍ୟେକ ପରିସ୍ଥିତିରେ ଅଚ୍ୟୁତ ଅଟନ୍ତି, ପରମପ୍ରଭୁ ଅଟନ୍ତି; ତଥାପି ଯେତେବେଳେ ସେ ଦେଖନ୍ତି ଯେ ତାଙ୍କର ଜଣେ ଶୁଦ୍ଧଭକ୍ତ ତାଙ୍କୁ ଆଦେଶ ଦେଉଛି, ସେତେବେଳେ ସେ ଦିବ୍ୟ ଆନନ୍ଦ ଲାଭ କରନ୍ତି ।

ଭଗବାନଙ୍କର ଏକ ଶୁଦ୍ଧଭକ୍ତ ହିସାବରେ ଅର୍ଜୁନଙ୍କର ଭାଇମାନଙ୍କ ସହ ଯୁଦ୍ଧ କରିବାର ଅଭିଳାଷ ନ ଥିଲା; କିନ୍ତୁ ଦୁର୍ଯ୍ୟୋଧନଙ୍କର ଅବାଧ୍ୟତା ଯୋଗୁଁ ସେ ଯୁଦ୍ଧକ୍ଷେତ୍ରକୁ ଆସିବାକୁ ବାଧ୍ୟହେଲେ, କାରଣ ଦୁର୍ଯ୍ୟୋଧନ କୌଣସି ପ୍ରକାର ଶାନ୍ତିପୂର୍ଣ୍ଣ ପ୍ରସ୍ତାବରେ ରାଜି ହେଲେ ନାହିଁ; ତେଣୁ ଅର୍ଜୁନ ଦେଖିବାକୁ ଖୁବ୍ ଆଗ୍ରହୀ ହୋଇ ଉଠିଥିଲେ, କେଉଁମାନେ ଅପରପାର୍ଶ୍ୱରେ ଯୁଦ୍ଧରେ ନେତୃତ୍ୱ ନେଉଛନ୍ତି । ଯଦିଓ ସେ ଯୁଦ୍ଧକ୍ଷେତ୍ରରେ କୌଣସି ପ୍ରକାର ଶାନ୍ତିପୂର୍ଣ୍ଣ ପ୍ରଚେଷ୍ଟା ନ ଥିଲା, ତଥାପି ସେ ସେମାନଙ୍କୁ ଆଉଥରେ ଦେଖିବାକୁ ଇଚ୍ଛା କଲେ ଏବଂ ବିଶେଷକରି ସେ ଦେଖିବାକୁ ଇଚ୍ଛା କଲେ ଯେ, କେତେଦୂର ସେମାନେ ଏକ ଅନୀପ୍ସିତ ଯୁଦ୍ଧ କରିବା ପାଇଁ ଆଗଭର ହୋଇଛନ୍ତି ।

## ଶ୍ଳୋକ - ୨୩

**ଯୋତ୍ସ୍ୟମାନାନବେକ୍ଷେଽହଂ ଯ ଏତେଽତ୍ର ସମାଗତାଃ ।**
**ଧାର୍ତରାଷ୍ଟ୍ରସ୍ୟ ଦୁର୍ବୁଦ୍ଧେର୍ ଯୁଦ୍ଧେ ପ୍ରିୟ ଚିକୀର୍ଷବଃ ।। ୨୩ ।।**

## ଶବ୍ଦାନୁବାଦ

ଯୋତ୍ସ୍ୟମାନାନ୍=ଯେଉଁମାନେ ଯୁଦ୍ଧ କରିବାକୁ ଇଚ୍ଛୁକ; ଅବେକ୍ଷେ=ମୋତେ ଦେଖିବାକୁ ଦିଅନ୍ତୁ; ଅହମ୍=ମୁଁ; ଯେ ଏତେ=ଯେଉଁମାନେ; ଅତ୍ର=ଏଠାରେ; ସମାଗତାଃ=ସମବେତ ହୋଇଛନ୍ତି; ଧାର୍ତରାଷ୍ଟ୍ରସ୍ୟ=ଧୃତରାଷ୍ଟ୍ରଙ୍କ ପୁତ୍ର; ଦୁର୍ବୁଦ୍ଧେଃ=ଦୁର୍ବୁଦ୍ଧି; ଯୁଦ୍ଧେ=ଯୁଦ୍ଧରେ; ପ୍ରିୟ=ଶୁଭ; ଚିକୀର୍ଷବଃ=ଆକାଙ୍କ୍ଷା ।

## ଅନୁବାଦ

**କେଉଁମାନେ ଦୁର୍ବୁଦ୍ଧି ଧୃତରାଷ୍ଟ୍ରଙ୍କ ପୁତ୍ରଙ୍କର ଶୁଭାକାଙ୍କ୍ଷୀ ସାଜି ଏଠାକୁ ଯୁଦ୍ଧ କରିବାକୁ ଆସିଛନ୍ତି, ସେମାନଙ୍କୁ ମୋତେ ଦେଖିବାକୁ ଦିଅନ୍ତୁ ।**

## ଭାବାର୍ଥ

ଏହା ଏକ ଉନ୍ମୁକ୍ତ ରହସ୍ୟ ଯେ, ଦୁର୍ଯ୍ୟୋଧନ ତା'ର ପିତା ଧୃତରାଷ୍ଟ୍ରଙ୍କ ସହ କୁପରାମର୍ଶ କରି ପାଣ୍ଡବମାନଙ୍କର ରାଜ୍ୟକୁ ଜବରଦସ୍ତି ଦଖଲ କରିବାକୁ ଇଚ୍ଛା କରୁଥିଲା; ତେଣୁ ଯେଉଁମାନେ ଦୁର୍ଯ୍ୟୋଧନଙ୍କ ପକ୍ଷରେ ଯୋଗ ଦେଇଥିଲେ, ସେମାନେ ନିଶ୍ଚୟ ସମସ୍ତେ ଏକପ୍ରକୃତିବିଶିଷ୍ଟ ହୋଇଥିବେ । ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ସେମାନଙ୍କୁ ଦେଖି ସେମାନେ ସବୁ କିଏ ଜାଣିବା ପାଇଁ ଅର୍ଜୁନ ଇଚ୍ଛାକଲେ; କିନ୍ତୁ ସେମାନଙ୍କ ସହ ସନ୍ଧି ପ୍ରସ୍ତାବ କରିବାର ଇଚ୍ଛା ତାଙ୍କର ନଥିଲା । ତାଙ୍କର ଦେଖିବାର ଉଦ୍ଦେଶ୍ୟ ହେଲା ଯେ, ଅପରପକ୍ଷକୁ ଦେଖି ମନେ ମନେ ଟିକିଏ କଳନା କରିନେବେ, ସେମାନଙ୍କର ବଳ କେତେ । ଯଦିଓ ସେ ଏକଥା ଭଲରକମ ଜାଣିଥିଲେ ଯେ ତାଙ୍କ ପକ୍ଷର ବିଜୟ ସୁନିଶ୍ଚିତ; କାରଣ କୃଷ୍ଣ ତାଙ୍କ ପାଖରେ ଅଛନ୍ତି, ତଥାପି ସେ ଯୁଦ୍ଧକ୍ଷେତ୍ରରେ ଅପରପକ୍ଷର ସୈନ୍ୟବଳ କଳନା କରିବାକୁ ଇଚ୍ଛା କଲେ ।

## ଶ୍ଳୋକ - ୨୪

## ସଞ୍ଜୟ ଉବାଚ

**ଏବମୁକ୍ତୋ ହୃଷୀକେଶୋ ଗୁଡ଼ାକେଶେନ ଭାରତ ।**
**ସେନୟୋରୁଭୟୋର୍‌ମଧ୍ୟେ ସ୍ଥାପୟିତ୍ୱା ରଥୋତ୍ତମମ୍ ।। ୨୪ ।।**

## ଶବ୍ଦାନୁବାଦ

ସଞ୍ଜୟଃ=ସଞ୍ଜୟ; ଉବାଚ=କହିଲେ; ଏବମ୍=ଏହିପରି; ଉକ୍ତଃ=କହିଲେ; ହୃଷୀକେଶଃ=ଭଗବାନ୍ ଶ୍ରୀକୃଷ୍ଣ; ଗୁଡ଼ାକେଶେନ=ଅର୍ଜୁନଙ୍କ ଦ୍ୱାରା; ଭାରତ=ହେ ଭରତ-ବଂଶଜ; ସେନୟୋଃ=ସେନାମାନଙ୍କର; ଉଭୟୋଃ=ଉଭୟର; ମଧ୍ୟେ=ମଧ୍ୟରେ; ସ୍ଥାପୟିତ୍ୱା=ସ୍ଥାପନ କରି; ରଥୋତ୍ତମମ୍=ଉତ୍ତମ ରଥ (ସୁନ୍ଦର ରଥ) ।

## ଅନୁବାଦ

**ସଞ୍ଜୟ କହିଲେ, ''ହେ ଭରତବଂଶଜ ! ଏହିପରି ଅର୍ଜୁନଙ୍କ ଦ୍ୱାରା ସମ୍ବୋଧିତ ହୋଇ ଭଗବାନ୍ ଶ୍ରୀକୃଷ୍ଣ ଉଭୟ ସେନା ମଧ୍ୟରେ ସୁନ୍ଦର ରଥକୁ ସ୍ଥାପନ କଲେ ।**

## ଭାବାର୍ଥ

ଏ ଶ୍ଳୋକରେ ଅର୍ଜୁନଙ୍କୁ ''ଗୁଡ଼ାକେଶ''ବୋଲି କୁହାଯାଇଛି । 'ଗୁଡ଼ାକ' ଶବ୍ଦର ଅର୍ଥ ହେଲା ନିଦ୍ରା । ଯେ ନିଦ୍ରାକୁ ଜୟ କରିଥାଏ, ତାକୁ ଗୁଡ଼ାକେଶ କୁହାଯାଏ । 'ନିଦ୍ରା' କହିଲେ ମଧ୍ୟ ଅଜ୍ଞାନତାକୁ ବୁଝାଏ; ତେଣୁ ଅର୍ଜୁନ ଉଭୟ ନିଦ୍ରା ଓ ଅଜ୍ଞାନତାକୁ ଜୟ କରିଥିଲେ । ସେ କୃଷ୍ଣଙ୍କର ସଖା (ବା ବନ୍ଧୁ) ହୋଇଥିବାରୁ ଏ ଦୁଇଟିକୁ ଜୟ କରିପାରିଥିଲେ । ସେ କୃଷ୍ଣଙ୍କର ଜଣେ ବଡ଼ ଭକ୍ତ ହୋଇଥିବାରୁ ସେ ଗୋଟିଏ ମୁହୂର୍ତ୍ତକ ପାଇଁ ସୁଦ୍ଧା କୃଷ୍ଣଙ୍କୁ ଭୁଲିପାରୁ ନଥିଲେ, ତାହା ହେଉଛି ଏକ ଭକ୍ତର ଲକ୍ଷଣ । ଜାଗ୍ରତ ଅବସ୍ଥାରେ ହେଉ ବା ନିଦ୍ରିତ ଅବସ୍ଥାରେ ହେଉ, ଭକ୍ତ କେବେହେଲେ କୃଷ୍ଣଙ୍କର ନାମ, ରୂପ, ଗୁଣ ଏବଂ ଲୀଳାକୁ ଭୁଲିପାରିବ ନାହିଁ । ଏହିପରି କୃଷ୍ଣଙ୍କର ଜଣେ ଭକ୍ତ କେବଳ ସର୍ବଦା କୃଷ୍ଣଙ୍କୁ ଚିନ୍ତାକରି ଉଭୟ, ନିଦ୍ରା ଓ ଅଜ୍ଞାନତାକୁ ଜୟ କରିପାରେ । ଏହାକୁ 'କୃଷ୍ଣଚେତନା' ବା 'ସମାଧି' କୁହାଯାଏ । କୃଷ୍ଣ ହେଉଛନ୍ତି 'ହୃଷୀକେଶ'

ଅର୍ଥାତ୍ ସେ ସମସ୍ତ ଜୀବଙ୍କର ମନ ଓ ଇନ୍ଦ୍ରିୟମାନଙ୍କର ନିୟନ୍ତ୍ରଣକାରୀ ଅଟନ୍ତି; ତେଣୁ କୃଷ୍ଣ ଜାଣିପାରିଥିଲେ ଅର୍ଜୁନ କାହିଁକି ଦୁଇସେନା ମଧ୍ୟରେ ତାଙ୍କ ରଥକୁ ସ୍ଥାପନ କରାଉଛନ୍ତି । ଏହିପରି ସେ କଲେ ଏବଂ ନିମ୍ନମତେ କହିଲେ ।

## ଶ୍ଲୋକ - ୨୫

**ଭୀଷ୍ମଦ୍ରୋଣପ୍ରମୁଖତଃ ସର୍ବେଷାଂ ଚ ମହୀକ୍ଷିତାମ୍ ।**
**ଉବାଚ ପାର୍ଥ ପଶ୍ୟୈତାନ୍‌ସମବେତାନ୍ କୁରୂନିତି ।। ୨୫ ।।**

## ଶବ୍ଦାନୁବାଦ

ଭୀଷ୍ମ=ପିତାମହ ଭୀଷ୍ମ; ଦ୍ରୋଣ=ଗୁରୁ ଦ୍ରୋଣ; ପ୍ରମୁଖତଃ=ସମ୍ମୁଖରେ; ସର୍ବେଷାମ୍=ସମସ୍ତେ; ଚ=ମଧ୍ୟ; ମହୀ-କ୍ଷିତାମ୍=ପୃଥିବୀର ମୁଖ୍ୟ ବ୍ୟକ୍ତିଗଣ; ଉବାଚ=କହିଲେ; ପାର୍ଥ=ହେ ପାର୍ଥ (ହେ ପୃଥାପୁତ୍ର); ପଶ୍ୟ=ଦେଖ; ଏତାନ୍=ଏମାନଙ୍କୁ; ସମବେତାନ୍=ସମବେତ; କୁରୂନ୍=କୁରୁବଂଶର ସମସ୍ତ ଲୋକ; ଇତି=ଏହିପରି ।

## ଅନୁବାଦ

**ଭୀଷ୍ମ, ଦ୍ରୋଣ ଏବଂ ପୃଥିବୀର ଅନ୍ୟ ମୁଖ୍ୟ ବ୍ୟକ୍ତିମାନଙ୍କ ସମ୍ମୁଖରେ ଭଗବାନ୍ ହୃଷୀକେଶ କହିଲେ, ''ହେ ପାର୍ଥ, ଏଠାରେ ଏକତ୍ର ହୋଇଥିବା ସମସ୍ତ କୁରୁବଂଶର ଲୋକଙ୍କୁ ଦେଖ ।''**

## ଭାବାର୍ଥ

ଜୀବମାନଙ୍କର ପରମାତ୍ମାରୂପେ ସମସ୍ତଙ୍କ ହୃଦୟରେ ଥିବାରୁ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କର ମନକଥାକୁ ବୁଝିପାରିଲେ । ଏଠାରେ 'ହୃଷୀକେଶ' ଶବ୍ଦର ବ୍ୟବହାରରୁ ଜଣାଯାଉଛି ଯେ, ସେ ସବୁ ଜାଣିଥିଲେ । ପୁନଶ୍ଚ ଏଠାରେ ଅର୍ଜୁନଙ୍କୁ ପାର୍ଥ ଅର୍ଥାତ୍ ପୃଥା (କୁନ୍ତୀ) ପୁତ୍ର ବୋଲି କୁହାଯାଇଛି । ଏହା ମଧ୍ୟ ଏଠାରେ ଅତ୍ୟନ୍ତ ଅର୍ଥପୂର୍ଣ୍ଣ । ବନ୍ଧୁ ବା ସଖା ହିସାବରେ ସେ ଅର୍ଜୁନଙ୍କୁ ଜଣାଇ ଦେବାକୁ ଇଚ୍ଛା କଲେ ଯେ, ଯେଣୁ ଅର୍ଜୁନ ହେଉଛନ୍ତି ପୃଥାଙ୍କର ପୁତ୍ର (ଯେ କି ତାଙ୍କ ପିତା ବସୁଦେବଙ୍କ ଭଉଣୀ), ସେଇଥିପାଇଁ ସେ ଅର୍ଜୁନଙ୍କର ସାରଥି ହେବାକୁ ରାଜି ହୋଇଛନ୍ତି । ବର୍ତ୍ତମାନ କୃଷ୍ଣ ଅର୍ଜୁନଙ୍କୁ କହିଲେ, କୁରୁବଂଶର ଲୋକଙ୍କୁ ଦେଖ, ଏହାର ଅର୍ଥ କ'ଣ ? କୃଷ୍ଣଙ୍କର ଏପରି କରିବାର ଉଦ୍ଦେଶ୍ୟ କ'ଣ ? ଅର୍ଜୁନ କ'ଣ ଇଚ୍ଛା କଲେ ଯେ, ସେ ଆଉ ଯୁଦ୍ଧ ନକରି ବନ୍ଦ ହୋଇ ରହିବେ ? ତାଙ୍କର ପିଉସୀ ପୃଥାଙ୍କର ପୁତ୍ର ଅର୍ଜୁନଙ୍କଠାରୁ କୃଷ୍ଣ କେବେହେଲେ ଏପରି ଆଶା କରି ନଥିଲେ । ବଡ଼ ବନ୍ଧୁ ଭାବରେ ହସି ହସି ଭଗବାନ୍ ଅର୍ଜୁନଙ୍କ ମନକଥାଟା ଖୋଲିକରି କହିଦେଲେ ।

## ଶ୍ଲୋକ -୨୬

**ତତ୍ରାପଶ୍ୟତ୍ ସ୍ଥିତାନ୍ ପାର୍ଥଃ ପିତୃ୍ନଥ ପିତାମହାନ୍ ।**
**ଆଚାର୍ଯ୍ୟାନ୍‌ମାତୁଳାନ୍‌ଭ୍ରାତୃ୍ନ୍‌ପୁତ୍ରାନ୍‌ପୌତ୍ରାନ୍‌ସଖୀଂସ୍ତଥା ।**
**ଶ୍ୱଶୁରାନ୍ ସୁହୃଦଶ୍ଚୈବ ସେନୟୋର୍ ଉଭୟୋର୍ ଅପି ।। ୨୬ ।।**

## ଶବ୍ଦାନୁବାଦ

ତତ୍ର=ସେଠାରେ; ଅପଶ୍ୟତ୍=ସେ ଦେଖିପାରିଲେ; ସ୍ଥିତାନ୍=ଠିଆହୋଇଛନ୍ତି; ପାର୍ଥଃ=ଅର୍ଜୁନ; ପିତୃନ୍=ପିତୃପୁରୁଷଙ୍କୁ; ଅଥ=ମଧ୍ୟ; ପିତାମହାନ୍=ପିତାମହଙ୍କୁ ଆଚାର୍ଯ୍ୟାନ୍=ଆଚାର୍ଯ୍ୟମାନଙ୍କୁ; ମାତୁଲାନ୍=ମାମୁଁମାନଙ୍କୁ; ଭ୍ରାତୃନ୍=ଭାଇମାନଙ୍କୁ; ପୁତ୍ରାନ୍= ପୁଅମାନଙ୍କୁ; ପୌତ୍ରାନ୍=ନାତିମାନଙ୍କୁ; ସଖୀନ୍=ବନ୍ଧୁମାନଙ୍କୁ; ତଥା=ତଥା; ଶ୍ୱଶୁରାନ୍=ଶ୍ୱଶୁରମାନଙ୍କୁ; ସୁହୃଦଃ=ସୁହୃଦମାନଙ୍କୁ (ଶୁଭାକାଙ୍‌କ୍ଷୀ ବନ୍ଧୁଗଣଙ୍କୁ); ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ସେନୟୋଃ=ସେନାମାନଙ୍କର; ଉଭୟୋଃ=ଦୁଇ ପକ୍ଷର; ଅପି=ସମେତ ।

## ଅନୁବାଦ

**ଦୁଇପକ୍ଷର ସେନା ମଧ୍ୟରେ ଅର୍ଜୁନ ଦେଖିପାରିଲେ ଯେ, ତାଙ୍କର ପିତା; ପିତାମହଗଣ, ଆଚାର୍ଯ୍ୟ, ମାମୁଁ, ଭାଇ, ପୁଅ, ନାତି, ବନ୍ଧୁଗଣ ଓ ଶ୍ୱଶୁର ଓ ଶୁଭାକାଙ୍‌କ୍ଷୀଗଣ-ସମସ୍ତେ ଉପସ୍ଥିତ ଅଛନ୍ତି ।**

## ଭାବାର୍ଥ

ଯୁଦ୍ଧକ୍ଷେତ୍ରରେ ଅର୍ଜୁନ ତାଙ୍କର ସମସ୍ତ ବନ୍ଧୁବାନ୍ଧବଙ୍କୁ ଦେଖିପାରିଲେ । ସେ ଦେଖିପାରିଲେ ଯେ ସେଠାରେ ଭୂରିଶ୍ରବାଙ୍କ ପରି ପିତୃତୁଲ୍ୟ ବ୍ୟକ୍ତିଗଣ ଅଛନ୍ତି, ଭୀଷ୍ମ ଓ ସୋମଦତ୍ତଙ୍କପରି ପିତାମହଗଣ ଅଛନ୍ତି, ଦ୍ରୋଣାଚାର୍ଯ୍ୟ ଓ କୃପାଚାର୍ଯ୍ୟଙ୍କ ପରି ଗୁରୁମାନେ ଅଛନ୍ତି, ଶଲ୍ୟ ଓ ଶକୁନିଙ୍କପରି ମାମୁଁମାନେ ଅଛନ୍ତି, ଦୁର୍ଯ୍ୟୋଧନଙ୍କ ପରି ଭାଇମାନେ ଅଛନ୍ତି, ଲକ୍ଷ୍ମଣଙ୍କପରି ପୁତ୍ରମାନେ ଅଛନ୍ତି, ଅଶ୍ୱତ୍‌ଥାମାଙ୍କପରି ବନ୍ଧୁମାନେ ଅଛନ୍ତି ଏବଂ କୃତବର୍ମାଙ୍କ ପରି ଶୁଭାକାଙ୍‌କ୍ଷୀ ବନ୍ଧୁମାନେ ଅଛନ୍ତି । ସେ ମଧ୍ୟ ଦେଖିପାରିଲେ ଯେ ସେମାନଙ୍କ ମଧ୍ୟରେ ତାଙ୍କର ଅନେକ ବନ୍ଧୁ ଅଛନ୍ତି ।

## ଶ୍ଳୋକ - ୨୭

**ତାନ୍‌ସମୀକ୍ଷ୍ୟ ସ କୌନ୍ତେୟଃ ସର୍ବାନ୍‌ବନ୍ଧୂନବସ୍ଥିତାନ୍ ।**
**କୃପୟା ପରୟାବିଷ୍ଟୋ ବିଷୀଦନ୍ନିଦମ୍ ଅବ୍ରବୀତ୍ ।।୨୭।।**

## ଶବ୍ଦାନୁବାଦ

ତାନ୍=ସେମାନଙ୍କୁ; ସମୀକ୍ଷ୍ୟ=ଉତ୍ତମ ଭାବରେ ଦେଖି; ସଃ=ସେ; କୌନ୍ତେୟଃ=କୁନ୍ତୀପୁତ୍ର; ସର୍ବାନ୍=ସମସ୍ତଙ୍କୁ; ବନ୍ଧୂନ୍=ବନ୍ଧୁମାନଙ୍କୁ; ଅବସ୍ଥିତାନ୍=ଅବସ୍ଥିତ; କୃପୟା=ଦୟା ଯୋଗୁଁ; ପରୟା=ଉଚ୍ଚଦରର; ଆବିଷ୍ଟଃ=ବିଚଳିତ ହୋଇ; ବିଷୀଦନ୍=ଦୁଃଖୀ ପ୍ରକାଶକରି; ଇଦମ୍=ଏହିପରି; ଅବ୍ରବୀତ୍=କହିଲେ ।

## ଅନୁବାଦ

**ଯେତେବେଳେ କୁନ୍ତିପୁତ୍ର ଅର୍ଜୁନ ତାଙ୍କର ବିଭିନ୍ନ ପ୍ରକାର ଭାଇ-ବନ୍ଧୁ-କୁଟୁମ୍ବ-ଆତ୍ମୀୟ-ସ୍ୱଜନମାନଙ୍କୁ ଦେଖିଲେ, ସେ ଦୟାରେ ବିଗଳିତ ହୋଇଗଲେ ଏବଂ ନିମ୍ନମତେ କହିଲେ ।**

## ଶ୍ଲୋକ - ୨୮

## ଅର୍ଜୁନ ଉବାଚ

**ଦୃଷ୍ଟ୍ୱେମଂ ସ୍ୱଜନଂ କୃଷ୍ଣ ଯୁଯୁତ୍ସୁଂ ସମୁପସ୍ଥିତମ୍ ।**
**ସୀଦନ୍ତି ମମ ଗାତ୍ରାଣି ମୁଖଂ ଚ ପରିଶୁଷ୍ୟତି ।। ୨୮ ।।**

## ଶବ୍ଦାନୁବାଦ

ଅର୍ଜୁନଃ=ଅର୍ଜୁନ; ଉବାଚ=କହିଲେ; ଦୃଷ୍ଟ୍ୱା=ଦେଖି; ଇମମ୍=ଏହାଙ୍କୁ; ସ୍ୱଜନମ୍=ଆତ୍ମୀୟସ୍ୱଜନଙ୍କୁ; କୃଷ୍ଣ=ହେ କୃଷ୍ଣ; ଯୁଯୁତ୍ସୁମ୍=ସମସ୍ତେ ଯୁଦ୍ଧ କରିବା ମନୋବୃତ୍ତିରେ; ସମୁପସ୍ଥିତମ୍=ସମସ୍ତେ ଉପସ୍ଥିତ; ସୀଦନ୍ତି=ଥରୁଛି; ମମ=ମୋର; ଗାତ୍ରାଣି=ଶରୀରର ଅଙ୍ଗପ୍ରତ୍ୟଙ୍ଗ; ମୁଖମ୍=ମୁଖ; ଚ=ମଧ୍ୟ; ପରିଶୁଷ୍ୟତି=ଶୁଖିଯାଉଛି ।

## ଅନୁବାଦ

**ଅର୍ଜୁନ କହିଲେ, "ହେ ପ୍ରିୟ କୃଷ୍ଣ ! ମୋର ଆତ୍ମୀୟସ୍ୱଜନ ଓ ବନ୍ଧୁଗଣଙ୍କୁ ଯୁଦ୍ଧ କରିବା ମନୋବୃତ୍ତିରେ ଥିବାର ଦେଖି ମୋର ଶରୀରର ଅଙ୍ଗପ୍ରତ୍ୟଙ୍ଗ ଥରିଉଠୁଛି ଏବଂ ମୁହଁ ଶୁଖିଯାଉଛି ।"**

## ଭାବାର୍ଥ

ଯେଉଁଲୋକର ଭଗବାନଙ୍କ ପ୍ରତି ଭକ୍ତି ଅଛି, ତା'ଠାରେ ସମସ୍ତ ଦୈବୀସମ୍ପଦ ବା ଦେବଗୁଣ ଦେଖିବାକୁ ମିଳେ । (ଦେବତାମାନଙ୍କଠାରେ ଯେଉଁସବୁ ଗୁଣ ଦେଖିବାକୁ ମିଳେ, ଭଗବାନଙ୍କର ଭକ୍ତଠାରେ ସେସବୁ ଗୁଣ ଦେଖିବାକୁ ମିଳେ) । କିନ୍ତୁ ଯେ ଭକ୍ତ ନୁହେଁ (ଅର୍ଥାତ୍ ଅଭକ୍ତ), ସେ ଭୌତିକତା ଦିଗରେ ଶିକ୍ଷା-ସଭ୍ୟତା ଆଦିରେ ଯେତେ ଉନ୍ନତ ହେଲେ ବି ତା'ଠାରେ ଦେବଗୁଣ ନ ଥାଏ; ତେଣୁ ଅର୍ଜୁନ ଯୁଦ୍ଧକ୍ଷେତ୍ରରେ ନିଜର ଭାଇ-ବନ୍ଧୁ-କୁଟୁମ୍ବ ଓ ଆତ୍ମୀୟସ୍ୱଜନମାନଙ୍କୁ ଦେଖି ଅର୍ଥାତ୍ ଅପରପକ୍ଷରେ ଯେ ଯୁଦ୍ଧ କରିବାକୁ ଆସି ଦଣ୍ଡାୟମାନ ହୋଇଛନ୍ତି, ଏହା ଦେଖି ସେ ଦୟାର୍ଦ୍ର ହୃଦୟ ହୋଇଗଲେ । ପ୍ରାରମ୍ଭରୁ ତ ସେ ନିଜପକ୍ଷର ସୈନ୍ୟମାନଙ୍କ ପ୍ରତି ସହାନୁଭୂତିଶୀଳ ହୋଇଉଠିଥିଲେ; କିନ୍ତୁ ବର୍ତ୍ତମାନ ସେ ଅପରପକ୍ଷର ସୈନ୍ୟମାନଙ୍କୁ ଦେଖି ଏବଂ ସେମାନଙ୍କର ଆଶୁ ମୃତ୍ୟୁ କଥା ଚିନ୍ତାକରି ବଡ଼ ଦୟାର୍ଦ୍ର ହୃଦୟ ହୋଇଗଲେ । ସେମାନଙ୍କ କଥା ଭାବି ତାଙ୍କର ଶରୀରର ଅଙ୍ଗପ୍ରତ୍ୟଙ୍ଗ ଥରିଉଠିଲା ଏବଂ ମୁଖ ଶୁଷ୍କ ହୋଇଗଲା । ସେ ସେମାନଙ୍କର ଯୁଦ୍ଧ କରିବା ମନୋବୃତ୍ତିକୁ ଦେଖି ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲେ । ବାସ୍ତବ ପକ୍ଷରେ ଅର୍ଜୁନଙ୍କର ଯେଉଁମାନେ ରକ୍ତସମ୍ପର୍କ, ଅର୍ଥାତ୍ ଅତି ଆପଣାର ଲୋକ, ସେମାନେ ସମସ୍ତେ ତାଙ୍କ ସହିତ ଯୁଦ୍ଧ କରିବାକୁ ଆସିଛନ୍ତି । ଅର୍ଜୁନଙ୍କପରି ଏକ ଭକ୍ତ ଏହା ଦେଖି ଅତ୍ୟନ୍ତ ବିଚଳିତ ହୋଇପଡ଼ିଲେ । ଯଦିଓ ଏକଥା ଏଠାରେ ବର୍ଣ୍ଣନା କରାଯାଇନାହିଁ, ତଥାପି ବ୍ୟକ୍ତି ଖୁବ୍ ସହଜରେ ଭାବିପାରିବ ଯେ, କେବଳ ଯେ ଅର୍ଜୁନଙ୍କର ଶରୀରର ଅଙ୍ଗପ୍ରତ୍ୟଙ୍ଗ ଥରିଉଠିଲା ଏବଂ ମୁଖ ଶୁଷ୍କ ହୋଇଗଲା, ସେତିକି ନୁହେଁ; ସେ ଆତ୍ମୀୟସ୍ୱଜନଙ୍କୁ ଦେଖି ଦୟାର୍ଦ୍ର ହୃଦୟ ହୋଇ ସେମାନଙ୍କ ପାଇଁ କାନ୍ଦି ଉଠୁଥିଲେ । ଦୁର୍ବଳତା ଯୋଗୁଁ ଯେ

ଅର୍ଜୁନଙ୍କଠାରେ ଏପ୍ରକାର ଲକ୍ଷଣ ପ୍ରକାଶ ପାଉଥିଲା, ତାହା ନୁହେଁ, ତାଙ୍କର ହୃଦୟର କୋମଳତା ଯୋଗୁଁ ଏପରି ଲକ୍ଷଣ ସବୁ ପ୍ରକାଶ ପାଉଥିଲା । ଏହା ହେଉଛି ଭଗବାନଙ୍କର ଏକ ଶୁଦ୍ଧଭକ୍ତର ଲକ୍ଷଣ; ତେଣୁ କୁହାଯାଇଛି —

*ଯସ୍ୟାସ୍ତି ଭକ୍ତିର୍ ଭଗବତି ଅକିଞ୍ଚନା*
*ସର୍ବୈର୍ ଗୁଣୈସ୍ ତତ୍ର ସମାସତେ ସୁରାଃ ।*
*ହରାବଭକ୍ତସ୍ୟ କୁତୋ ମହଦ୍-ଗୁଣା*
*ମନୋରଥେନାସତି ଧାବତୋ ବହିଃ ।।*

"ଯେଉଁ ବ୍ୟକ୍ତିର ଭଗବାନଙ୍କ ପ୍ରତି ଅହୈତୁକୀ ଭକ୍ତି ଅଛି, ତା'ଠାରେ ସମସ୍ତ ପ୍ରକାର ଦେବଗୁଣ ପରିଲକ୍ଷିତ ହୁଏ; କିନ୍ତୁ ଯେ ଭଗବାନଙ୍କର ଭକ୍ତ ନୁହେଁ, ତା'ଠାରେ କେବଳ ଭୌତିକ ଯୋଗ୍ୟତା ହିଁ ଦେଖାଯାଏ, ଯାହାର ମୂଲ୍ୟ ଖୁବ୍ କମ୍ । ଏହାର କାରଣ ହେଉଛି, ସେ କେବଳ ମାନସିକ କଳ୍ପନା ହିଁ କରିଚାଲିଛି, ଅର୍ଥାତ୍ କଳ୍ପନାବିଳାସୀ ହୋଇଉଠିଛି ଏବଂ ଏହା ନିଶ୍ଚିତ ଯେ, ସେ ଅତି ମୋହିନୀ ଭୌତିକ ଶକ୍ତି ପ୍ରତି ଆକୃଷ୍ଟ ହୋଇପଡ଼ିଛି ।" (ଭାଗବତ ୫-୧୮-୧୨)

## ଶ୍ଳୋକ - ୨୯

**ବେପଥୁଶ୍ଚ ଶରୀରେ ମେ ରୋମହର୍ଷଶ୍ଚ ଜାୟତେ ।**
**ଗାଣ୍ଡୀବଂ ସ୍ରଂସତେ ହସ୍ତାତ୍ତ୍ୱକ୍‌ଚୈବ ପରିଦହ୍ୟତେ ।। ୨୯ ।।**

## ଶବ୍ଦାନୁବାଦ

ବେପଥୁଃ=ଶରୀରକମ୍ପନ; ଚ=ମଧ୍ୟ; ଶରୀରେ=ଶରୀରରେ; ମେ=ମୋର; ରୋମହର୍ଷଃ=ରୋମାଞ୍ଚ ହେବା; ଚ=ମଧ୍ୟ; ଜାୟତେ=ହେଉଛି; ଗାଣ୍ଡୀବମ୍=ଅର୍ଜୁନଙ୍କ ଧନୁ; ସ୍ରଂସତେ=ଖସିଯାଉଛି; ହସ୍ତାତ୍=ହାତରୁ; ତ୍ୱକ୍=ଚର୍ମ; ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ପରିଦହ୍ୟତେ=ପୋଡ଼ିଯାଉଛି ।

## ଅନୁବାଦ

**ମୋର ସମସ୍ତ ଶରୀର ଥରିଉଠୁଛି ଏବଂ ରୋମ ଟାଙ୍କୁରି ଉଠୁଛି । ମୋର ଗାଣ୍ଡୀବ ଧନୁ ହାତରୁ ଖସିଯାଉଛି ଏବଂ ମୋର ଚର୍ମ ଦଗ୍ଧୀଭୂତ ହୋଇଯାଉଛି ।**

## ଭାବାର୍ଥ

ଦୁଇପ୍ରକାର ଶରୀରକମ୍ପନ ଅଛି ଏବଂ ଦୁଇପ୍ରକାର ରୋମାଞ୍ଚ ମଧ୍ୟ ଅଛି । ଅତି ମହାନ୍ ଦିବ୍ୟଭାବ (ଆଧ୍ୟାତ୍ମିକ ଭାବ) ଜାତ ହେଲେ ଏପରି ଲକ୍ଷଣ ଦେଖାଯାଏ କିମ୍ବା ଭୌତିକ ସ୍ଥିତିରେ ଅତ୍ୟଧିକ ଭୟ ଜାତ ହେଲେ ଏପରି ହୁଏ । ଦିବ୍ୟାନୁଭୂତି ଲାଭ ସମୟରେ ଭୟର ପ୍ରଶ୍ନ ନାହିଁ । ଏଠାରେ ଅର୍ଜୁନଙ୍କର ଏ ଯେଉଁସବୁ ଲକ୍ଷଣ ପ୍ରକାଶ ପାଉଛି; ସେସବୁ ଭୌତିକ ଭୟ ଯୋଗୁଁ ଅର୍ଥାତ୍ ଜୀବନ ଚାଲିଯିବ— ଏଇ ଭୟ ଯୋଗୁଁ ଏପରି ଲକ୍ଷଣ ପ୍ରକାଶ ପାଉଥିଲା । ଏହା ମଧ୍ୟ ଅନ୍ୟସବୁ ଲକ୍ଷଣଠାରୁ ଭିନ୍ନ । ସେ ଏତେ ଅଧୈର୍ଯ୍ୟ ହୋଇପଡ଼ିଥିଲେ ଯେ, ତାଙ୍କର ପ୍ରସିଦ୍ଧ ଧନୁ ଗାଣ୍ଡୀବ (ଧନୁ) ତାଙ୍କ ହାତରୁ ଖସିଯାଉଥିଲା ଏବଂ ତାଙ୍କର ହୃଦୟ ପୋଡ଼ି

ଜଳି ଯାଉଥିଲା; ସେଇଥିଯୋଗୁଁ ତାଙ୍କର ଚର୍ମ ନିଆଁରେ ପୋଡ଼ିଯିବା ଭଳି ସେ ଅନୁଭବ କରୁଥିଲେ । ଭୌତିକ ଧାରଣା କିମ୍ବା ଭୌତିକ ଧାରାରେ ଜୀବନଯାପନ କରୁଥିବା ଯୋଗୁଁ ଏପରି ହେଉଥିଲା ।

## ଶ୍ଲୋକ - ୩୦

**ନ ଚ ଶକ୍ନୋମ୍ୟବସ୍ଥାତୁଂ ଭ୍ରମତୀବ ଚ ମେ ମନଃ ।**
**ନିମିତ୍ତାନି ଚ ପଶ୍ୟାମି ବିପରୀତାନି କେଶବ ।। ୩୦ ।।**

## ଶବ୍ଦାନୁବାଦ

ନ=ନୁହେଁ; ଚ=ମଧ୍ୟ; ଶକ୍ନୋମି=ଶକ୍ୟ (ସମର୍ଥ); ଅବସ୍ଥାତୁମ୍=ରହିବାକୁ; ଭ୍ରମତି=ଭୁଲି ଯାଉଛି; ଇବ=ଯେପରି; ଚ=ଏବଂ; ମେ=ମୋର; ମନଃ=ମନ; ନିମିତ୍ତାନି=କାରଣମାନ; ଚ=ମଧ୍ୟ; ପଶ୍ୟାମି=ମୁଁ ଦେଖିପାରୁଛି; ବିପରୀତାନି=ଠିକ୍ ବିପରୀତ; କେଶବ=ହେ କେଶୀଦୈତ୍ୟର ହତ୍ୟାକାରୀ ।

## ଅନୁବାଦ

**ମୁଁ ଏଠାରେ ଆଉ ଠିଆହେବାକୁ ସମର୍ଥ ନୁହେଁ । ମୁଁ ନିଜକୁ ଭୁଲିଯାଉଛି ଏବଂ ମୋର ମନ ଭ୍ରମୁଛି । ହେ କେଶୀଦୈତ୍ୟର ହତ୍ୟାକାରୀ, ମୁଁ କେବଳ ଅମଙ୍ଗଳ କଥା ହିଁ ଦେଖିପାରୁଛି ।**

## ଭାବାର୍ଥ

ଅର୍ଜୁନ ବଡ଼ ଅଧୈର୍ଯ୍ୟ ହୋଇପଡ଼ିବାରୁ ଯୁଦ୍ଧକ୍ଷେତ୍ରରେ ଆଉ ଠିଆହୋଇ ରହିପାରିଲେ ନାହିଁ ଏବଂ ତାଙ୍କର ମାନସିକ ଦୁର୍ବଳତା ହେତୁ ସେ ନିଜକୁ ଭୁଲିଯାଉଥିଲେ । ବ୍ୟକ୍ତି ଭୌତିକ ବସ୍ତୁ ପ୍ରତି ଅତ୍ୟଧିକ ଆସକ୍ତ ହୋଇପଡ଼ିଲେ ସେ ବଡ଼ ବ୍ୟସ୍ତ, ବିବ୍ରତ ଓ ବ୍ୟଥିତ ହୋଇପଡ଼େ - ତା'ର ଜୀବନ ଦୁର୍ବିସହ ହୋଇଉଠେ । *"ଭୟଂ ଦ୍ୱିତୀୟାଭିନିବେଶତଃ"* -ଏ ପ୍ରକାର ଭୀତି ଏବଂ ମାନସିକ ଚଞ୍ଚଳତା ସେହି ଲୋକଙ୍କ ପାଖରେ ଦେଖାଯାଏ, ଯେଉଁମାନେ ଅତ୍ୟଧିକ ପରିମାଣରେ ଭୌତିକ ବିଷୟବସ୍ତୁ ପ୍ରତି ଆସକ୍ତ ହୋଇପଡ଼ିଆନ୍ତି ।ଯୁଦ୍ଧକ୍ଷେତ୍ରରେ ଅର୍ଜୁନ କେବଳ ଅମଙ୍ଗଳ ଲକ୍ଷଣ ହିଁ ଦେଖିଲେ—ଦୁଃଖ ଦେଖିଲେ । ସେ ଦେଖିଲେ - ଯୁଦ୍ଧରେ ବିଜୟୀ ହେଲେ ବି ସେ ସୁଖୀ ହୋଇପାରିବେ ନାହିଁ ।ଏଠାରେ ବ୍ୟବହୃତ 'ନିମିତ୍ତ' ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ ।ଯେତେବେଳେ ବ୍ୟକ୍ତି ହତାଶ ହୋଇପଡ଼େ, ସେତେବେଳେ ସେ ଯାହା ଆଶାକରି ନ ଥାଏ, ତାହା ଆସି ପହଞ୍ଚେ । ସେତେବେଳେ ସେ ଭାବେ, "ମୁଁ କାହିଁକି ଏଠାରେ ଅଛି ?" ପ୍ରତ୍ୟେକେ ନିଜ ନିଜ ବିଷୟରେ ବ୍ୟସ୍ତ—ନିଜର ସୁଖ ବା ମଙ୍ଗଳରେ ବ୍ୟସ୍ତ ।କେହି ପରମେଶ୍ୱର ବା ପରମାତ୍ମାଙ୍କ କଥା ଭାବନ୍ତି ନାହିଁ ।ଅର୍ଜୁନ କୃଷ୍ଣଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରି ନିଜ ସୁଖ (ବା ଆତ୍ମସୁଖ) ପ୍ରତି ବୀତସ୍ପୃହ ହୋଇଉଠିବ ।କୃଷ୍ଣ ହିଁ ପ୍ରତ୍ୟେକଙ୍କର ବାସ୍ତବ ସୁଖର କେନ୍ଦ୍ର ଅଟନ୍ତି ।ବଦ୍ଧଜୀବ ଏହା ଭୁଲିଯାଇଥାଏ ଏବଂ ସେଇଥିପାଇଁ ସେ ଭୌତିକ ଦୁଃଖ ଭୋଗ କରେ ।ଅର୍ଜୁନ ଭାବିଲେ, ଯୁଦ୍ଧରେ ବିଜୟଲାଭ ତାଙ୍କୁ କେବଳ ଦୁଃଖ ହିଁ ଆଣିଦେବ ।ଏ ବିଜୟ ତାଙ୍କର ଦୁଃଖର କାରଣ ହେବ ।

## ଶ୍ଳୋକ - ୩୧

**ନ ଚ ଶ୍ରେୟୋଽନୁପଶ୍ୟାମି ହତ୍ୱା ସ୍ୱଜନମାହବେ ।**
**ନ କାଙ୍‌କ୍ଷେ ବିଜୟଂ କୃଷ୍ଣ ନ ଚ ରାଜ୍ୟଂ ସୁଖାନି ଚ ।। ୩୧ ।।**

## ଶବ୍ଦାନୁବାଦ

ନ=ନୁହେଁ; ଚ=ମଧ୍ୟ; ଶ୍ରେୟଃ=ଉତ୍ତମ; ଅନୁପଶ୍ୟାମି=ମୁଁ ଦେଖୁଛି; ହତ୍ୱା=ବିନାଶକରି; ସ୍ୱଜନମ୍=ସ୍ୱଜନବନ୍ଧୁମାନଙ୍କୁ; ଆହବେ=ଯୁଦ୍ଧରେ; ନ=ନୁହେଁ; କାଙ୍‌କ୍ଷେ=ମୁଁ ଇଚ୍ଛା କରେ; ବିଜୟମ୍=ବିଜୟ; କୃଷ୍ଣ=ହେ କୃଷ୍ଣ; ନ=କିମ୍ୱା ନୁହେଁ; ଚ=ମଧ୍ୟ; ରାଜ୍ୟମ୍=ରାଜ୍ୟ; ସୁଖାନି=ସୁଖ; ଚ=ମଧ୍ୟ ।

## ଅନୁବାଦ

**ହେ ପ୍ରିୟ କୃଷ୍ଣ ! ଯୁଦ୍ଧରେ ମୋର ଆତ୍ମୀୟସ୍ୱଜନମାନଙ୍କୁ ବଧ କଲେ ଯେ କି ଭଲ ଫଳ ହେବ, କାହିଁକି ତାହା ମୁଁ କିଛି ଦେଖି ପାରୁନାହିଁ, କିମ୍ୱା ଏ ଯୁଦ୍ଧରେ ବିଜୟଲାଭ କରି ରାଜ୍ୟ ସୁଖଭୋଗ କରିବାକୁ ମୁଁ ଇଚ୍ଛା କରୁନାହିଁ ।**

## ଭାବାର୍ଥ

ବଦ୍ଧଜୀବ ଏକଥା ଜାଣିପାରେ ନାହିଁ ଯେ କୃଷ୍ଣ (ବା ବିଷ୍ଣୁ) ହେଉଛନ୍ତି ତା'ର ଏକମାତ୍ର ଆତ୍ମୀୟ (ସୁହୃଦ୍) ।ସେ ଭୁଲରେ ଶରୀର ସମ୍ୱନ୍ଧରେ ସମ୍ୱନ୍ଧିତ ଆତ୍ମୀୟସ୍ୱଜନମାନଙ୍କ ପ୍ରତି ଅତ୍ୟଧିକ ଆସକ୍ତ ହୋଇ ସେମାନଙ୍କ ଗହଣରେ ସୁଖ ପାଇବାକୁ ଆଶା କରେ ।ମୋହବଶତଃ ସେମାନେ ଭୁଲିଯାଆନ୍ତି ଯେ ଭୌତିକ ସୁଖର କାରଣ ହେଉଛନ୍ତି କୃଷ୍ଣ ।ଅର୍ଜୁନଙ୍କର ଏ ପ୍ରକାର ବ୍ୟବହାରରୁ ଜଣାଯାଉଥିଲା ଯେ ସେ ଯେପରି କ୍ଷତ୍ରିୟୋଚିତ ନୈତିକ ବ୍ୟବହାର ବି ଭୁଲିଯାଇଛନ୍ତି ।କଥିତ ଅଛି ଯେ ଦୁଇପ୍ରକାର ବ୍ୟକ୍ତି ଅତ୍ୟନ୍ତ ଉଜ୍ଜ୍ୱଳ ଆଲୋକରେ ପ୍ରବେଶ କରିବାକୁ ଯୋଗ୍ୟ ହୁଅନ୍ତି ।ପ୍ରଥମତଃ ଯେଉଁ କ୍ଷତ୍ରିୟ କୃଷ୍ଣଙ୍କର ଆଦେଶ ଅନୁଯାୟୀ ଯୁଦ୍ଧକ୍ଷେତ୍ରରେ ତାଙ୍କ ସମ୍ମୁଖରେ ପ୍ରାଣତ୍ୟାଗ କରେ, ସେ ଏବଂ ଦ୍ୱିତୀୟତଃ ଜଣେ ସନ୍ନ୍ୟାସୀ, ଯେ କି ଏକାନ୍ତ ଭାବରେ ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ପ୍ରୟାସୀ—ସେ, ଏ ଦୁଇ ପ୍ରକାର ବ୍ୟକ୍ତି ସୂର୍ଯ୍ୟାଲୋକରେ ପ୍ରବେଶ କରିପାରନ୍ତି ।ଏପରିକି ଅର୍ଜୁନ ତାଙ୍କ ଶତ୍ରୁମାନଙ୍କୁ ବଧ କରିବାକୁ ବି ପଛାଉଛନ୍ତି । ସେ ଭାବୁଥିଲେ ଯେ ତାଙ୍କର ଆତ୍ମୀୟସ୍ୱଜନମାନଙ୍କୁ ଯୁଦ୍ଧରେ ବଧ କଲେ, ସେ ଜୀବନରେ ସୁଖ ପାଇପାରିବେ ନାହିଁ ଏବଂ ସେଇଥିପାଇଁ ସେ ଯୁଦ୍ଧ କରିବାକୁ ଇଚ୍ଛାକରୁ ନଥିଲେ । ଯେପରି ବ୍ୟକ୍ତି କ୍ଷୁଧାର୍ତ୍ତ ନ ହେଲେ ଖାଦ୍ୟ ପ୍ରସ୍ତୁତ କରିବାକୁ ଇଚ୍ଛା କରେ ନାହିଁ, ସେହିପରି ଅର୍ଜୁନ ଯୁଦ୍ଧ କରିବାକୁ ଇଚ୍ଛା କରୁ ନଥିଲେ ।ସେ ବର୍ତ୍ତମାନ ସ୍ଥିର କଲେ ଯେ ସେ ବଣକୁ ଯାଇ ହାହତାଶମୟ ଏକାନ୍ତ ଜୀବନଯାପନ କରିବେ; କିନ୍ତୁ ଏକ କ୍ଷତ୍ରିୟ ହିସାବରେ ସେ ନିଜର ଭରଣପୋଷଣ ନିମିତ୍ତ ଏକ ରାଜ୍ୟ ଦରକାର କରନ୍ତି, କାରଣ କ୍ଷତ୍ରିୟମାନେ ଅନ୍ୟକର୍ମରେ ନିଯୁକ୍ତ ହୋଇପାରିବେ ନାହିଁ; କିନ୍ତୁ ଅର୍ଜୁନଙ୍କର ରାଜ୍ୟ ନାହିଁ ।ଅର୍ଜୁନଙ୍କୁ ତାଙ୍କର ଆତ୍ମୀୟସ୍ୱଜନ,

ଭାଇବନ୍ଧୁମାନଙ୍କ ବିରୁଦ୍ଧରେ ଯୁଦ୍ଧ କରି ରାଜ୍ୟଲାଭ କରିବାର ଅର୍ଥାତ୍ ପିତୃରାଜ୍ୟ ଫେରିପାଇବାର ସୁଯୋଗ ମିଳିଛି; କିନ୍ତୁ ସେ ଏହା ଗ୍ରହୁଁନାହାନ୍ତି; ତେଣୁ ସେ ଭାବୁଛନ୍ତି ବଣକୁ ଯାଇ ଏକାନ୍ତ ଭାବରେ ହାହତାଶମୟ ଜୀବନଯାପନ କରିବା ତାଙ୍କ ପକ୍ଷରେ ଶ୍ରେୟସ୍କର ହେବ ।

## ଶ୍ଲୋକ-୩୨-୩୫

**କିଂ ନୋ ରାଜ୍ୟେନ ଗୋବିନ୍ଦ କିଂ ଭୋଗୈର୍ଜୀବିତେନ ବା ।**
**ଯେଷାମର୍ଥେ କାଙ୍କ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ ।।୩୨।।**
**ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ ।**
**ଆଚାର୍ଯ୍ୟାଃ ପିତରଃ ପୁତ୍ରାସ୍ ତଥୈବ ଚ ପିତାମହାଃ ।।୩୩।।**
**ମାତୁଳାଃ ଶ୍ୱଶୁରାଃ ପୌତ୍ରାଃ ଶ୍ୟାଳାଃ ସଂବନ୍ଧିନସ୍ତଥା ।**
**ଏତାନ୍ନ ହନ୍ତୁମିଚ୍ଛାମି ଘ୍ନତୋଽପି ମଧୁସୂଦନ ।।୩୪।।**
**ଅପି ତ୍ରୈଲୋକ୍ୟରାଜ୍ୟସ୍ୟ ହେତୋଃ କିଂ ନୁ ମହୀକୃତେ ।**
**ନିହତ୍ୟ ଧାର୍ତରାଷ୍ଟ୍ରାନ୍ନଃ କା ପ୍ରୀତିଃ ସ୍ୟାଜ୍ ଜନାର୍ଦ୍ଦନ ।।୩୫।।**

## ଶବ୍ଦାନୁବାଦ

କିମ୍=କ'ଣ ଦରକାର; ନଃ=ଆମ୍ଭମାନଙ୍କର; ରାଜ୍ୟେନ=ରାଜ୍ୟରେ; ଗୋବିନ୍ଦ=ହେ କୃଷ୍ଣ; କିମ୍=କଣ; ଭୋଗୈଃ=ଭୋଗରେ; ଜୀବିତେନ=ଜୀବନରେ; ବା=କିମ୍ବା; ଯେଷାମ୍=ଯେଉଁମାନଙ୍କର; ଅର୍ଥେ=ନିମିତ୍ତ; କାଙ୍କ୍ଷିତମ୍=ଅଭିଳଷିତ; ନଃ=ଆମ୍ଭମାନଙ୍କର; ରାଜ୍ୟମ୍=ରାଜ୍ୟ; ଭୋଗାଃ=ଭୌତିକ ସୁଖଭୋଗ; ସୁଖାନି=ସମସ୍ତ ସୁଖ; ଚ=ମଧ୍ୟ; ତେ=ସେମାନେ ସମସ୍ତେ; ଇମେ=ଏମାନେ; ଅବସ୍ଥିତାଃ=ଅବସ୍ଥିତ; ଯୁଦ୍ଧେ=ଏହି ଯୁଦ୍ଧକ୍ଷେତ୍ରରେ; ପ୍ରାଣାନ୍=ଜୀବନକୁ; ତ୍ୟକ୍ତ୍ୱା=ତ୍ୟାଗକରି; ଧନାନି=ଧନ; ଚ=ମଧ୍ୟ; ଆଚାର୍ଯ୍ୟାଃ=ଆଚାର୍ଯ୍ୟମାନେ ବା ଗୁରୁମାନେ; ପିତରଃ=ପିତୃପୁରୁଷମାନେ; ପୁତ୍ରାଃ=ପୁଅମାନେ; ତଥା=ତଥା; ଏବ=ନିଶ୍ଚିତଭାବେ; ଚ=ମଧ୍ୟ; ପିତାମହାଃ=ପିତାମହଗଣ; ମାତୁଳାଃ=ମାତୁଳଗଣ; ଶ୍ୱଶୁରାଃ=ଶ୍ୱଶୁରମାନେ; ପୌତ୍ରାଃ=ପୌତ୍ରମାନେ (ନାତିମାନେ); ଶ୍ୟାଳାଃ=ଶାଳକମାନେ; ସମ୍ବନ୍ଧିନଃ=ସମ୍ବନ୍ଧିମାନେ (ବନ୍ଧୁବାନ୍ଧବମାନେ); ତଥା=ତଥା; ଏତାନ୍=ଏମାନେ ସମସ୍ତେ; ନ=ନୁହେଁ; ହନ୍ତୁମ୍=ମାରିବା ପାଇଁ; ଇଚ୍ଛାମି=ମୁଁ ଇଚ୍ଛାକରେ; ଘ୍ନତଃ=ମାରିଲେ ମଧ୍ୟ; ଅପି=ଏପରିକି; ମଧୁ-ସୂଦନ=ହେ ମଧୁ ଦୈତ୍ୟର ହତ୍ୟାକାରୀ (କୃଷ୍ଣ); ଅପି=ଯଦିଓ; ତ୍ରୈଲୋକ୍ୟ=ତିନିଭୁବନର; ରାଜ୍ୟସ୍ୟ=ରାଜ୍ୟର; ହେତୋଃ=ବଦଳରେ; କିମ୍=କ'ଣ କହିବା; ନୁ=କେବଳ; ମହୀ-କୃତେ=ପୃଥିବୀ ନିମିତ୍ତ; ନିହତ୍ୟ=ବିନାଶ କରି; ଧାର୍ତରାଷ୍ଟ୍ରାନ୍=ଧୃତରାଷ୍ଟ୍ରଙ୍କର ପୁତ୍ରମାନଙ୍କୁ; ନଃ=ଆମ୍ଭମାନଙ୍କର; କା=କେଉଁ; ପ୍ରୀତିଃ=ଆନନ୍ଦ; ସ୍ୟାତ୍=ଏଠାରେ ହୋଇପାରେ; ଜନାର୍ଦ୍ଦନ=ହେ ଜନାର୍ଦ୍ଦନ (ସମସ୍ତ ଜୀବଙ୍କ ପାଳନକର୍ତ୍ତା) ।

## ଅନୁବାଦ

**ହେ ଗୋବିନ୍ଦ ! ଏ ରାଜ୍ୟ, ସୁଖଭୋଗ କିମ୍ବା ଏ ଜୀବନ ଆମର କ'ଣ ଦରକାର ? ଯେଉଁମାନଙ୍କ ପାଇଁ ଆମେ ଏସବୁ ଦରକାର କରୁ, ସେମାନେ ତ ବର୍ତ୍ତମାନ ଏଠାରେ (ଯୁଦ୍ଧକ୍ଷେତ୍ରରେ) ଯୁଦ୍ଧ କରିବା ନିମିତ୍ତ ସଜ୍ଜିତହୋଇ ରହିଛନ୍ତି, ତେବେ ଆମର ଏସବୁ କ'ଣ ଦରକାର ? ହେ ମଧୁସୂଦନ ! ଯେତେବେଳେ ଆମ୍ଭମାନଙ୍କର ଆଚାର୍ଯ୍ୟ ବା ଗୁରୁଗଣ, ପିତୃପୁରୁଷଗଣ, ପୁତ୍ରଗଣ, ପିତାମହଗଣ, ମାତୁଳଗଣ, ଶ୍ୱଶୁରଗଣ, ପୌତ୍ରଗଣ, ଶାଳକଗଣ ଏବଂ ସମସ୍ତ ଆତ୍ମୀୟସ୍ୱଜନ ସେମାନଙ୍କର ଧନସମ୍ପଦ ଓ ଜୀବନ ବଳିଦେବାପାଇଁ ପ୍ରସ୍ତୁତ ହୋଇ ମୋ ସମ୍ମୁଖରେ ଦଣ୍ଡାୟମାନ ହୋଇଛନ୍ତି, ସେତେବେଳେ ଯଦିଓ ମୁଁ ବଞ୍ଚି ରହିପାରେ, ତଥାପି ସେମାନଙ୍କୁ କାହିଁକି ମାରିବାକୁ ଇଚ୍ଛା କରିବି ? ହେ ଜନାର୍ଦ୍ଦନ ! (ହେ ସମସ୍ତ ଜୀବଙ୍କର ପାଳନକର୍ତ୍ତା) ! ଏ ପୃଥିବୀ କଥା ବା କ'ଣ କହିବି, ଯଦି ମୋତେ ତ୍ରିଭୁବନରେ ରାଜା କରିଦିଆଯାଏ; ତଥାପି ବି ମୁଁ ଏମାନଙ୍କ ସାଥିରେ ଯୁଦ୍ଧ କରିବାକୁ ପ୍ରସ୍ତୁତ ନୁହେଁ ।**

## ଭାବାର୍ଥ

ଏଠାରେ ଅର୍ଜୁନ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଗୋବିନ୍ଦ ବୋଲି ସମ୍ବୋଧନ କରିଛନ୍ତି, କାରଣ କୃଷ୍ଣ ଗାଭୀ ଓ ଇନ୍ଦ୍ରିୟମାନଙ୍କୁ ସମସ୍ତ ପ୍ରକାର ଆନନ୍ଦ ଦିଅନ୍ତି । ସେ ହେଉଛନ୍ତି ଆନନ୍ଦର ସରୋବର । ସ୍ୱତନ୍ତ୍ର ଭାବରେ ଏହି ଶବ୍ଦ (ଗୋବିନ୍ଦ) ବ୍ୟବହାର କରି ଅର୍ଜୁନ ସୂଚନା ଦେଉଛନ୍ତି ଯେ, ତାଙ୍କର ଇନ୍ଦ୍ରିୟମାନଙ୍କୁ କ'ଣ ଆନନ୍ଦ ଦେବ । ଯଦିଓ ଗୋବିନ୍ଦ ଆମ୍ଭମାନଙ୍କର ଇନ୍ଦ୍ରିୟମାନଙ୍କୁ ଆନନ୍ଦ ଦେବାକୁ ଉଦ୍ଦିଷ୍ଟ ନୁହଁନ୍ତି, ତଥାପି ଆମ୍ଭେମାନେ ଯଦି ଗୋବିନ୍ଦଙ୍କର ଇନ୍ଦ୍ରିୟମାନଙ୍କୁ ଆନନ୍ଦ ଦେବାକୁ ଚେଷ୍ଟାକରୁ, ତାହାହେଲେ ଆମ୍ଭମାନଙ୍କର ଇନ୍ଦ୍ରିୟଗୁଡ଼ିକ ସ୍ୱତଃ ସନ୍ତୁଷ୍ଟ ହୋଇଯିବେ । ଏ ଭୌତିକ ଜଗତରେ ପ୍ରାୟ ପ୍ରତ୍ୟେକେ ନିଜ ନିଜର ଇନ୍ଦ୍ରିୟମାନଙ୍କୁ ଆନନ୍ଦ ଦେବାକୁ ଇଚ୍ଛା କରନ୍ତି ଏବଂ ଏଥିପାଇଁ ଭଗବାନ୍ ତା'ର ଆଦେଶ ପାଳନ କରି ସବୁ ସୁଖଭୋଗ ପଦାର୍ଥ ତାକୁ ଯୋଗାଇ ଦେବାପାଇଁ ସେ ଇଚ୍ଛା କରେ । ଜୀବ ଯେତିକି ଦରକାର କରେ ଭଗବାନ୍ ସେତିକି ତାକୁ ଦିଅନ୍ତି, ଅର୍ଥାତ୍ ସେହି ଅନୁଯାୟୀ ତା'ର ଇନ୍ଦ୍ରିୟମାନଙ୍କୁ ସନ୍ତୋଷ ଦିଅନ୍ତି, କିନ୍ତୁ ସେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ଇଚ୍ଛାକଲେ ଭଗବାନ୍ ତାହା ଦେବେନାହିଁ । କିନ୍ତୁ ବ୍ୟକ୍ତି ଯେତେବେଳେ ଓଲଟା ବାଟ ଧରେ, ଅର୍ଥାତ୍ ସେ ନିଜର ଇନ୍ଦ୍ରିୟମାନଙ୍କୁ ସୁଖ ଦେବାକୁ ଇଚ୍ଛା ନକରି ଗୋବିନ୍ଦଙ୍କର ଇନ୍ଦ୍ରିୟମାନଙ୍କୁ ସୁଖଦେବାକୁ ଚେଷ୍ଟା କରେ, ସେତେବେଳେ ଗୋବିନ୍ଦଙ୍କ କୃପାରୁ ତା'ର ସବୁ କାମନା ପୂର୍ଣ୍ଣ ହୁଏ । ଆତ୍ମୀୟସ୍ୱଜନମାନଙ୍କ ପ୍ରତି ଅର୍ଜୁନଙ୍କର ସ୍ୱାଭାବିକଭାବେ ଅନୁକମ୍ପା ଥିଲା । ତେଣୁ ଅର୍ଜୁନଙ୍କର ଜାତି ଭାଇ ବନ୍ଧୁ-କୁଟୁମ୍ବଙ୍କ ପ୍ରତି ଥିବା ଗଭୀର ସ୍ନେହ ଏଠାରେ ଆଂଶିକ ଭାବରେ ପ୍ରକାଶିତ ହୋଇଛି । ତେଣୁ ସେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଉ ନ ଥିଲେ । ପ୍ରତ୍ୟେକେ ନିଜ ନିଜର ଭାଇ-ବନ୍ଧୁ-କୁଟୁମ୍ବଙ୍କୁ ଆପଣାର ଐଶ୍ୱର୍ଯ୍ୟ ଦେଖାଇବାକୁ

ଚାହାଁନ୍ତି, କିନ୍ତୁ ଅର୍ଜୁନ ଏଠାରେ ଆଶଙ୍କା କରୁଛନ୍ତି ଯେ, ତାଙ୍କର ଭାଇବନ୍ଧୁ କୁଟୁମ୍ବ ତ ଯୁଦ୍ଧକ୍ଷେତ୍ରରେ ପ୍ରାଣତ୍ୟାଗ କରିବେ, ତାହାହେଲେ ବିଜୟହାସଲ ପରେ ସେ କେଉଁମାନଙ୍କୁ ତାଙ୍କର ଐଶ୍ୱର୍ଯ୍ୟ ପ୍ରଦର୍ଶନ କରିବେ ।ଏପରି ଅବସ୍ଥାରେ ସେ ଐଶ୍ୱର୍ଯ୍ୟ ଉପଭୋଗ କରିବାକୁ ଅକ୍ଷମ ହୋଇ ଉଠିବେ ।ଏହା ହେଉଛି ଭୌତିକ ଜୀବନର ଏକ ବିଚିତ୍ର ହିସାବ କିତାବ ।ଅବଶ୍ୟ ଦିବ୍ୟ ଜୀବନ ସ୍ୱତନ୍ତ୍ର ଅଟେ-ଭିନ୍ନ ପ୍ରକାର ଅଟେ ।ଯେତେବେଳେ ଜଣେ ଭକ୍ତ ଭଗବାନଙ୍କର ଇଚ୍ଛାକୁ ପୂର୍ଣ୍ଣ କରିବାକୁ ଚାହେଁ, ସେତେବେଳେ ଯଦି ଭଗବାନ୍ ଚାହାଁନ୍ତି, ତାହାହେଲେ ସେ ଭଗବାନଙ୍କ ସେବା ଉଦ୍ଦେଶ୍ୟରେ ସମସ୍ତ ପ୍ରକାରଐଶ୍ୱର୍ଯ୍ୟ ଗ୍ରହଣ କରିପାରେ, କିନ୍ତୁ ଯଦି ଭଗବାନ୍ ନ ଚାହାଁନ୍ତି, ତାହାହେଲେ ସେ ଗୋଟିଏ ପଇସା ସୁଦ୍ଧା ଗ୍ରହଣ କରିବ ନାହିଁ ।ଅର୍ଜୁନ ତାଙ୍କର ଭାଇ-ବନ୍ଧୁ-କୁଟୁମ୍ବଙ୍କୁ ମାରିବାକୁ ଇଚ୍ଛାକରୁ ନଥିଲେ ।ଯଦି ସେମାନଙ୍କୁ ମାରିବାକୁ ଦରକାର ପଡୁଥିଲା, ତାହାହେଲେ ସେ ଭାବୁଥିଲେ ଯେ କୃଷ୍ଣ ସେମାନଙ୍କୁ ବିନାଶ କରନ୍ତୁ ।ଏ କ୍ଷେତ୍ରରେ ସେ ଜାଣି ନଥିଲେ ଯେ ସେମାନେ ଯୁଦ୍ଧକ୍ଷେତ୍ରକୁ ଆସିବା ପୂର୍ବରୁ କୃଷ୍ଣ ସେମାନଙ୍କୁ ମାରିସାରିଛନ୍ତି ଏବଂ ସେ ବର୍ତ୍ତମାନ କୃଷ୍ଣଙ୍କ ହାତରେ ଏକ ଯନ୍ତ୍ର ହୋଇ କାମ କରିବେ । ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଏ କଥା ପ୍ରକାଶ ପାଇଛି ।ଭଗବାନଙ୍କର ଏକ ସ୍ୱାଭାବିକ ଭକ୍ତ ହିସାବରେ ଅର୍ଜୁନ ଇଚ୍ଛା କରୁ ନଥିଲେ ତାଙ୍କର ଦୁର୍ଦ୍ଧର୍ଷ ଭାଇମାନଙ୍କୁ ମାରିବାକୁ, କିନ୍ତୁ ଭଗବାନ୍ ଚାହୁଁଥିଲେ ଯେ ସେମାନେ ସମସ୍ତେ ମରିବେ । ଭଗବାନଙ୍କର ଭକ୍ତ ଭଗବାନଙ୍କ ନିୟମ ଲଙ୍ଘନକାରୀ ପାପାଚାରୀ ବଦ୍‌ମାସ୍ ପ୍ରତି ମଧ୍ୟ ବିଦ୍ୱେଷଭାବ ପୋଷଣ କରେ ନାହିଁ, କିନ୍ତୁ ଭଗବାନ୍ ଭକ୍ତର ଅବମାନନା ସହ୍ୟ କରିପାରନ୍ତି ନାହିଁ ।ଯଦି କୌଣସି ବଦ୍‌ମାସ୍ ଭକ୍ତ ପ୍ରତି ଅବମାନନା କରେ, ତାହା ଭଗବାନଙ୍କର ଅସହ୍ୟ ହୋଇଉଠେ ।ଭଗବାନ୍ ତାଙ୍କ ପ୍ରତି ଅବମାନନା କରୁଥିବା ବଦ୍‌ମାସକୁ କ୍ଷମା ଦେଇପାରନ୍ତି, କିନ୍ତୁ ଯେ ତାଙ୍କର ଭକ୍ତମାନଙ୍କୁ ଅବମାନନା କରେ, ସେ ତାକୁ କ୍ଷମା କରନ୍ତି ନାହିଁ ।ତେଣୁ ଭଗବାନ୍ ଇଚ୍ଛା କରୁଛନ୍ତି ଏ ବଦମାସ୍‌ମାନଙ୍କୁ ବିନାଶ କରିବାକୁ ।ଯଦିଓ ଅର୍ଜୁନ ସେମାନଙ୍କୁ କ୍ଷମା ଦେବାକୁ ଇଚ୍ଛା କରୁଛନ୍ତି, ତଥାପି ଭଗବାନ୍ ସେ ବଦମାସ୍‌ମାନଙ୍କୁ ବିନାଶ କରିବାକୁ ଦୃଢ଼ ନିଶ୍ଚିତ ହୋଇଯାଇଛନ୍ତି ।

## ଶ୍ଲୋକ - ୩୬

**ପାପମେବାଶ୍ରୟେଦସ୍ମାନ୍ ହତ୍ୱୈତାନ୍ ଆତତାୟିନଃ ।**
**ତସ୍ମାନ୍ନାର୍ହା ବୟଂ ହନ୍ତୁଂ ଧାର୍ତରାଷ୍ଟ୍ରାନ୍ ସବାନ୍ଧବାନ୍ ।**
**ସ୍ୱଜନଂ ହି କଥଂ ହତ୍ୱା ସୁଖିନଃ ସ୍ୟାମ ମାଧବ ।।୩୬।।**

## ଶବ୍ଦାନୁବାଦ

ପାପମ୍=ପାପ; ଏବ=ନିଶ୍ଚିତଭାବେ; ଆଶ୍ରୟେତ୍=ନିଶ୍ଚିତଭାବେ ଆଶ୍ରୟ କରିବ; ଅସ୍ମାନ୍=ଆମ୍ଭମାନଙ୍କୁ; ହତ୍ୱା=ମାରିବା ଦ୍ୱାରା; ଏତାନ୍=ଏସବୁ; ଆତତାୟିନଃ=ଆତତାୟିମାନେ; ତସ୍ମାତ୍=ତେଣୁ; ନ=କେବେନୁହେଁ; ଅର୍ହାଃ=ଠିକ୍; ବୟମ୍=ଆମ୍ଭମାନଙ୍କ ପକ୍ଷରେ; ହନ୍ତୁମ୍=ମାରିବାକୁ; ଧାର୍ତରାଷ୍ଟ୍ରାନ୍=ଧୃତରାଷ୍ଟ୍ରଙ୍କର ପୁତ୍ରମାନଙ୍କୁ; ସବାନ୍ଧବାନ୍=ବନ୍ଧୁବାନ୍ଧବଙ୍କ ସହ;

ସ୍ୱଜନମ୍=ସ୍ୱଜନମାନଙ୍କୁ; ହି=ନିଶ୍ଚିତଭାବେ; କଥମ୍=କିପରି; ହତ୍ୱା=ବଧକରି; ସୁଖିନଃ=ସୁଖୀ; ସ୍ୟାମ=ହେବା; ମାଧବ=ହେ କୃଷ୍ଣ (ହେ ମାଧବ) !

## ଅନୁବାଦ

**ଆମ୍ଭେମାନେ ଯଦି ଏ ଆତତାୟୀମାନଙ୍କୁ ବଧ କରିବା ତାହାହେଲେ ନିଶ୍ଚୟ ପାପ ହେବ । ତେଣୁ ଆମ୍ଭମାନଙ୍କ ପକ୍ଷରେ ଧୃତରାଷ୍ଟ୍ରଙ୍କର ପୁତ୍ରମାନଙ୍କୁ ଏବଂ ଆମ୍ଭମାନଙ୍କର ବନ୍ଧୁବାନ୍ଧବମାନଙ୍କୁ ବଧ କରିବା ଠିକ୍ ହେବ ନାହିଁ । ''ହେ କୃଷ୍ଣ ! ହେ ମାଧବ ! ଏଥିରେ ଆମର କ'ଣ ଲାଭ ହେବ ଏବଂ ସ୍ୱଜନମାନଙ୍କୁ ବଧକରି ଆମ୍ଭେମାନେ କିପରି ସୁଖୀ ହେବା ?''**

## ଭାବାର୍ଥ

ବୈଦିକ ଶାସ୍ତ୍ରାନୁଯାୟୀ ଛ'ପ୍ରକାର ଆତତାୟୀ ଅଛନ୍ତି - ଯଥା (୧) ଯେ ବିଷଦିଏ; (୨) ଅଗ୍ନିସଂଯୋଗକାରୀ (ଯେ ଘରେ ନିଆଁ ଲଗାଇଦିଏ); (୩) ଯେ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରେ; (୪) ଯେ ଧନ ଅପହରଣ କରେ; (୫) ଯେ ଅନ୍ୟର ଭୂସମ୍ପତ୍ତି ଅପହରଣ କରେ; (୬) ଯେ ପର ସ୍ତ୍ରୀ ଅପହରଣ କରେ । ଏ ପ୍ରକାର ଆତତାୟୀମାନଙ୍କୁ ସାଙ୍ଗେ ସାଙ୍ଗେ ମାରିଦେବା ଉଚିତ୍ ଏବଂ ଏ ପ୍ରକାର ଆତତାୟୀମାନଙ୍କୁ ବଧ କଲେ କୌଣସି ପ୍ରକାର ପାପ ହେବ ନାହିଁ । ଯେ କୌଣସି ସାଧାରଣ ଲୋକ ପକ୍ଷରେ ମଧ୍ୟ ଏ ପ୍ରକାର ଆତତାୟୀମାନଙ୍କୁ ବଧ କରିବାରେ କୌଣସି କ୍ଷତି ନାହିଁ; କିନ୍ତୁ ଅର୍ଜୁନ ତ କୌଣସି ସାଧାରଣ ଲୋକ ନୁହଁନ୍ତି । ସେ ସାଧୁଭାବସଂପନ୍ନ ଏକ ଭକ୍ତ ଅଟନ୍ତି ଏବଂ ସେଇଥିପାଇଁ ସେ ସେମାନଙ୍କ ସହିତ ସାଧୁଭାବରେ ବ୍ୟବହାର କରିବାକୁ ଇଚ୍ଛା କଲେ । କିନ୍ତୁ ଏ ପ୍ରକାର ସାଧୁବ୍ୟବହାର ଅବଶ୍ୟ ଏକ କ୍ଷତ୍ରିୟ ପକ୍ଷରେ ଶୋଭାପାଏ ନାହିଁ । ଯଦିଓ ଶାସନ ବିଭାଗରେ ଥିବା ଯେ କୌଣସି ଦାୟିତ୍ୱସଂପନ୍ନ ବ୍ୟକ୍ତି ସାଧୁସ୍ୱଭାବସମ୍ପନ୍ନ ହେବା ଉଚିତ୍, ତଥାପି ସେ ଭୀରୁ ହେବା ଉଚିତ୍ ନୁହେଁ । ଉଦାହରଣ ସ୍ୱରୂପ, ଶ୍ରୀ ରାମଚନ୍ଦ୍ର ମହାପ୍ରଭୁ ଏପରି ସାଧୁ ସ୍ୱଭାବ ସମ୍ପନ୍ନ ଥିଲେ ଯେ, ଲୋକମାନେ ତାଙ୍କ ସାମ୍ରାଜ୍ୟରେ ବାସ କରିବାକୁ ସମସ୍ତେ ଇଚ୍ଛା କରୁଥିଲେ; କିନ୍ତୁ ରାମଚନ୍ଦ୍ର ମହାପ୍ରଭୁ କେବେହେଲେ ଭୀରୁତା ପ୍ରକାଶ କରି ନାହାନ୍ତି । ରାବଣ ଜଣେ ଆତତାୟୀ ଥିଲା । ସେ ରାମଚନ୍ଦ୍ରଙ୍କର ଧର୍ମପତ୍ନୀ ସୀତାଦେବୀଙ୍କୁ ଚୋରିକରି ନେଇଥିଲା; କିନ୍ତୁ ରାମଚନ୍ଦ୍ର ମହାପ୍ରଭୁ ତାକୁ ଉପଯୁକ୍ତ ଶିକ୍ଷା ଦେଲେ, ଯାହାକି ପୃଥିବୀ ଇତିହାସରେ ଅତୁଳନୀୟ ଅଟେ । ଏଠାରେ ଅର୍ଜୁନଙ୍କ ସମ୍ବନ୍ଧରେ ବିଚାର କଲେ ଜଣାଯିବ ଯେ, ଅର୍ଜୁନଙ୍କର ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, ଭାଇବନ୍ଧୁ, ପୁତ୍ର ନାତି ଆଦି ଆତତାୟୀ ଅଟନ୍ତି । କେବଳ ଏହିମାନଙ୍କ ଯୋଗୁଁ ଅର୍ଜୁନ ଭାବୁଥିଲେ ଯେ, ସେ ସାଧାରଣ ଆତତାୟୀମାନଙ୍କ ବିରୁଦ୍ଧରେ ଯେପରି ଅସାଧାରଣ କରି ଦୃଢ଼ ପ୍ରତିକାର କରନ୍ତି, ଏଠାରେ ସେପରି କରିପାରିବେ ନାହିଁ । ଏତଦ୍ ବ୍ୟତୀତ ସାଧୁମାନେ ସାଧାରଣତଃ କ୍ଷମାଶୀଳ ଅଟନ୍ତି । କୌଣସି ରାଜନୈତିକ ଘଟଣା ବା ଅବସ୍ଥା ତୁଳନାରେ ଏ ପ୍ରକାର ସାଧୁବିଚାର ଅଧିକ

ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ଅର୍ଜୁନ ବିଗ୍ରର କଲେ ଯେ, ରାଜନୈତିକ କାରଣରୁ ନିଜର ଆତ୍ମୀୟସ୍ୱଜନ ଭାଇବନ୍ଧୁମାନଙ୍କୁ ବଧ କରିବା ଅପେକ୍ଷା ଧର୍ମ ଓ ସାଧୁ ବ୍ୟବହାର ଦୃଷ୍ଟିରୁ ସେମାନଙ୍କୁ କ୍ଷମାଦେବା ଉଚିତ୍ ଅଟେ । ତେଣୁ ସେ ଭାବିଲେ ଯେ, କ୍ଷଣିକ ଦୈହିକ ସୁଖ ନିମିତ୍ତ ଏ ପ୍ରକାର ହତ୍ୟାକାଣ୍ଡ ଆଦୌ ସ୍ପୃହଣୀୟ ନୁହେଁ । ପୁନଶ୍ଚ ଏ ଯୁଦ୍ଧର ଫଳ ସ୍ୱରୂପ ଯେଉଁ ରାଜ୍ୟ ମିଳିବ ବା ସୁଖ ମିଳିବ ତାହା ଚିରନ୍ତନ ନୁହେଁ (ତାହା କ୍ଷଣିକ), ତେଣୁ ସେ କାହିଁକି ଏ ପ୍ରକାର ଯୁଦ୍ଧରେ ଆତ୍ମୀୟସ୍ୱଜନ, ଭାଇବନ୍ଧୁମାନଙ୍କୁ ବଧକରି ତାଙ୍କର ନିଜ ଜୀବନ ଓ ସନାତନ ମୁକ୍ତି ପଥରେ ପ୍ରତିବନ୍ଧକ ସୃଷ୍ଟି କରିବେ ? ଏଠାରେ ଅର୍ଜୁନଙ୍କର କୃଷ୍ଣଙ୍କୁ ମାଧବ ବୋଲି ସମ୍ବୋଧନ କରିବା ବଡ଼ ଅର୍ଥପୂର୍ଣ୍ଣ ଅଟେ । ଏତଦ୍ଦ୍ୱାରା ସେ କୃଷ୍ଣଙ୍କୁ ଜଣାଇଦେବାକୁ ଇଚ୍ଛା କଲେ ଯେ, ଲକ୍ଷ୍ମୀଙ୍କର ଧବ ହିସାବରେ, ସେ ଅର୍ଜୁନଙ୍କୁ ଏପରି ଉପଦେଶ ନ ଦିଅନ୍ତୁ କି ଏପରି କାର୍ଯ୍ୟରେ ନିଯୁକ୍ତ ନ କରନ୍ତୁ ଯାହା ପରିଣାମରେ ଦୁର୍ଭାଗ୍ୟ ହିଁ ଆଣିଦେବ । ଅବଶ୍ୟ କୃଷ୍ଣ କାହାରିକୁ ତ ଦୁର୍ଭାଗ୍ୟ ଦିଅନ୍ତି ନାହିଁ । ଏ ସମ୍ପର୍କରେ ତାଙ୍କର ଭକ୍ତମାନଙ୍କ କଥା ବା କ'ଣ କହିବା ? ସେ ତାଙ୍କର ଭକ୍ତମାନଙ୍କୁ କିପରି ବା ଦୁର୍ଭାଗ୍ୟ ଦେବେ ?

## ଶ୍ଳୋକ - ୩୭-୩୮

**ଯଦ୍ୟପ୍ୟେତେ ନ ପଶ୍ୟନ୍ତି ଲୋଭୋପହତଚେତସଃ ।**
**କୁଳକ୍ଷୟକୃତଂ ଦୋଷଂ ମିତ୍ରଦ୍ରୋହେ ଚ ପାତକମ୍ ।। ୩୭ ।।**
**କଥଂ ନ ଜ୍ଞେୟମସ୍ମାଭିଃ ପାପାଦସ୍ମାନ୍ନିବର୍ତ୍ତିତୁମ୍ ।**
**କୁଳକ୍ଷୟକୃତଂ ଦୋଷଂ ପ୍ରପଶ୍ୟଦ୍ଭିର୍ ଜନାର୍ଦ୍ଦନ ।। ୩୮ ।।**

## ଶବ୍ଦାନୁବାଦ

ଯଦି=ଯଦି; ଅପି=ନିଶ୍ଚିତଭାବେ; ଏତେ=ଏମାନେ; ନ ପଶ୍ୟନ୍ତି=ନ ଦେଖନ୍ତି; ଲୋଭ=ଲୋଭ; ଉପହତ=(ଲୋଭ)ର ବଶବର୍ତ୍ତୀ ହୋଇ; ଚେତସଃ=ହୃଦୟଃ; କୁଳ-କ୍ଷୟ=କୁଳକ୍ଷୟ କରିବାରେ ବା ବଂଶ ମରାଇବାରେ; କୃତମ୍=କୃତ; ଦୋଷମ୍=ଦୋଷ; ମିତ୍ର-ଦ୍ରୋହେ=ବନ୍ଧୁମାନଙ୍କ ମଧ୍ୟରେ କଳିକରି; ଚ=ମଧ୍ୟ; ପାତକମ୍=ପାପକର୍ମର ପ୍ରତିକ୍ରିୟା; କଥମ୍=କାହିଁକି; ନ ଜ୍ଞେୟମ୍=ଏହା ନ ଜାଣିବେ; ଅସ୍ମାଭିଃ=ଆମ୍ଭମାନଙ୍କ ଦ୍ୱାରା; ପାପାତ୍=ପାପରୁ; ଅସ୍ମାତ୍=ଆମ୍ଭମାନଙ୍କର; ନିବର୍ତିତୁମ୍=ବନ୍ଦ ହେବା; କୁଳ-କ୍ଷୟ=ବଂଶ ନାଶ; କୃତମ୍=ଏପରି କରି; ଦୋଷମ୍=ଦୋଷ; ପ୍ରପଶ୍ୟଭିଃ=ଯେଉଁମାନେ ଦେଖିପାରିବେ ସେମାନଙ୍କ ଦ୍ୱାରା; ଜନାର୍ଦ୍ଦନ=ହେ କୃଷ୍ଣ ।

## ଅନୁବାଦ

**ହେ ଜନାର୍ଦ୍ଦନ ! ଯଦିଓ ଏମାନେ (ଦୁର୍ଯ୍ୟୋଧନ ପ୍ରଭୃତି) ଲୋଭର ବଶବର୍ତ୍ତୀ ହୋଇ ବଂଶନାଶ କରିବାରେ ଯେ କି ପାପ ହେଉଛି, ତାହା ଜାଣିପାରୁନାହାନ୍ତି, ତଥାପି**

**ଆମ୍ଭେମାନେ ଯେଉଁମାନେ ଜାଣିପାରୁଛୁ ଯେ କି ପାପ ହେଉଛି; କାହିଁକି ଏପରି କର୍ମରେ ନିଯୁକ୍ତ ହେବା ?**

## ଭାବାର୍ଥ

ଯେ ପ୍ରକୃତ କ୍ଷତ୍ରିୟ ସେ କଦାପି ପ୍ରତିଦ୍ୱନ୍ଦୀର ଆହ୍ୱାନରେ ଯୁଦ୍ଧ କରିବାକୁ କିମ୍ବା ଦ୍ୟୁତକ୍ରୀଡ଼ା କରିବାକୁ ପଶ୍ଚାତ୍‌ପଦ ହେବ ନାହିଁ । ପ୍ରତିପକ୍ଷ ଅର୍ଥାତ୍ ଦୁର୍ଯ୍ୟୋଧନଙ୍କ ପକ୍ଷର ଆହ୍ୱାନରେ ଅର୍ଜୁନ ଯୁଦ୍ଧ କରିବାକୁ ମନା କରିପାରିବେ ନାହିଁ । ଏ ସମ୍ପର୍କରେ ଅର୍ଜୁନ ବିଚାର କରି କହୁଛନ୍ତି ଯେ, ଅନ୍ୟପକ୍ଷ ଅପରିଣାମଦର୍ଶୀ ଅଟନ୍ତି । ଏ ଯୁଦ୍ଧର ପରିଣାମ କ'ଣ ହେବ, ସେମାନେ ଜାଣିପାରୁନାହାନ୍ତି । ଅର୍ଜୁନ, ଏ ଯୁଦ୍ଧର ଫଳ ଯେ ବିଷମୟ ହେବ ଏକଥା ଜାଣିପାରୁଥିଲେ ଏବଂ ସେଇଥିପାଇଁ ପ୍ରତିପକ୍ଷର ଯୁଦ୍ଧର ଆହ୍ୱାନକୁ ଗ୍ରହଣ କରୁ ନଥିଲେ । ଯେତେବେଳେ ଫଳ ଭଲ ହୁଏ, ବାସ୍ତବରେ ସେତେବେଳେ କୃତଜ୍ଞତା ସ୍ୱୀକାର କରିବା ବନ୍ଧନର କାରଣ ହୁଏ, କିନ୍ତୁ ଫଳ ଯେତେବେଳେ ଅନ୍ୟଥା ହୁଏ, ସେତେବେଳେ ଆଉ କେହି ବନ୍ଧନରେ ପଡ଼ିପାରିବେ ନାହିଁ । ଏହିପରି ଲାଭାଲାଭ କଥା ବିଚାର କରି ଅର୍ଜୁନ ଠିକ୍ କଲେ ଯେ ସେ ଯୁଦ୍ଧ କରିବେ ନାହିଁ ।

## ଶ୍ଳୋକ - ୩୯

**କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ ।**
**ଧର୍ମେ ନଷ୍ଟେ କୁଳଂ କୃତ୍ସ୍ନମଧର୍ମୋଽଭିଭବତ୍ୟୁତ ।।୩୯।।**

## ଶବ୍ଦାନୁବାଦ

କୁଳ-କ୍ଷୟେ=ବଂଶ ନାଶରେ; ପ୍ରଣଶ୍ୟନ୍ତି=ଧ୍ୱଂସହୁଏ; କୁଳ-ଧର୍ମାଃ=କୁଳଧର୍ମ; ସନାତନାଃ=ସନାତନ; ଧର୍ମେ=ଧର୍ମରେ; ନଷ୍ଟେ=ନଷ୍ଟରେ; କୁଳମ୍=କୁଳ (ବଂଶ); କୃତ୍ସ୍ନମ୍=ସମଗ୍ର; ଅଧର୍ମଃ=ଅଧର୍ମ; ଅଭିଭବତି=ରୂପାନ୍ତରିତ ହୋଇଯାଏ; ଉତ =କଥିତ ଅଛି ।

## ଅନୁବାଦ

**ବଂଶନାଶରେ ସନାତନ କୁଳଧର୍ମ ଧ୍ୱଂସ ହୋଇଯାଏ ଏବଂ ସେଇଥିପାଇଁ ବଂଶର ଅନ୍ୟମାନେ ଅଧର୍ମାଚରଣ କରନ୍ତି ।**

## ଭାବାର୍ଥ

ବର୍ଣ୍ଣାଶ୍ରମ ପଦ୍ଧତିରେ କୁଳର ଲୋକମାନଙ୍କର ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ଅନେକ ଧାର୍ମିକ ନୀତିନିୟମ-ବିଧିବିଧାନ ଅଛି । ଜନ୍ମଠାରୁ ଆରମ୍ଭକରି ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ସଂସ୍କାର କ୍ରିୟା ଅଛି ସେଗୁଡ଼ିକ ରକ୍ଷାକରିବା ଦିଗରେ ବଂଶର ବୟୋଜ୍ୟେଷ୍ଠ ବ୍ୟକ୍ତିଗଣ ଦାୟୀ ଅଟନ୍ତି । କିନ୍ତୁ ବୟୋଜ୍ୟେଷ୍ଠ ବ୍ୟକ୍ତିଗଣ ମୃତ୍ୟୁବରଣ କଲେ ଏ କୁଳଧର୍ମ-ସଂସ୍କାର କ୍ରିୟା ବନ୍ଦ ହୋଇଯାଇପାରେ ଏବଂ ବଞ୍ଚିରହୁଥିବା ଅଳ୍ପବୟସ୍କ ବ୍ୟକ୍ତିଗଣ ଅଧର୍ମାଚରଣ କରିପାରନ୍ତି ଏବଂ ତଦ୍ଦ୍ୱାରା ସେମାନେ ଆଧ୍ୟାତ୍ମିକ ଉନ୍ନତି କରିବାର ସୁଯୋଗରୁ ବଞ୍ଚିତ ହୋଇଯାଇପାରନ୍ତି । ତେଣୁ କେବେହେଲେ ବଂଶର ବୟୋଜ୍ୟେଷ୍ଠ ବ୍ୟକ୍ତିଗଣଙ୍କୁ ହତ୍ୟା କରାଯିବା ଉଚିତ୍ ନୁହେଁ ।

## ଶ୍ଲୋକ - ୪୦

**ଅଧର୍ମାଭିଭବାତ୍ କୃଷ୍ଣ ପ୍ରଦୁଷ୍ୟନ୍ତି କୁଳସ୍ତ୍ରିୟଃ ।**
**ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ଜାୟତେ ବର୍ଣ୍ଣସଙ୍କରଃ ।।୪୦।।**

## ଶବ୍ଦାନୁବାଦ

ଅଧର୍ମ=ଅଧର୍ମ; ଅଭିଭବାତ୍=ବଳବତ୍ତର ହେଲେ (ପ୍ରବଳ ହେଲେ); କୃଷ୍ଣ=ହେ କୃଷ୍ଣ; ପ୍ରଦୁଷ୍ୟନ୍ତି=ଦୂଷିତ ହୋଇଯା'ନ୍ତି; କୁଳ-ସ୍ତ୍ରିୟଃ=କୁଳ ସ୍ତ୍ରୀମାନେ; ସ୍ତ୍ରୀଷୁ=ସ୍ତ୍ରୀଲୋକମାନଙ୍କର (ସତୀତ୍ୱ); ଦୁଷ୍ଟାସୁ=ଏପରି ନଷ୍ଟ ହେଲେ; ବାର୍ଷ୍ଣେୟ=ହେ ବୃଷ୍ଣି ବଂଶଜ; ଜାୟତେ=ଏପରି ହୁଏ; ବର୍ଣ୍ଣ-ସଙ୍କରଃ=ବର୍ଣ୍ଣ ସଙ୍କର (ଜାରଜ ସନ୍ତାନ) ।

## ଅନୁବାଦ

ହେ କୃଷ୍ଣ ! ହେ ବୃଷ୍ଣି ବଂଶଜ ! ଯେତେବେଳେ ପରିବାରରେ ଅଧର୍ମ ପ୍ରବଳ ହୋଇଉଠେ, ସେତେବେଳେ କୁଳ ସ୍ତ୍ରୀମାନେ ଦୂଷିତା ହୋଇଯା'ନ୍ତି ଏବଂ ସେମାନଙ୍କର ସତୀତ୍ୱ ନଷ୍ଟ ହେବାଦ୍ୱାରା ବର୍ଣ୍ଣସଙ୍କର (ଜାରଜ ସନ୍ତାନ) ଜାତ ହୁଅନ୍ତି ।

## ଭାବାର୍ଥ

ସୁନ୍ଦର ଜନସମାଜ ହେଲେ ସମାଜରେ, ଅର୍ଥାତ୍ ସାମାଜିକ ଜୀବନରେ ସମୃଦ୍ଧି ଏବଂ ଆଧ୍ୟାତ୍ମିକ ଉନ୍ନତି ଲାଭ କରାଯାଇ ପାରିବ ।ବର୍ଣ୍ଣାଶ୍ରମର ବ୍ୟବସ୍ଥା ଏପରି ଭାବରେ କରାଯାଇଛି ଯେ, ରାଜ୍ୟ ତଥା ସମାଜରେ ସାଧାରଣ ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ଆବଶ୍ୟକ ଉତ୍ତମ ଜନସମାଜ ଏତଦ୍ଦ୍ୱାରା ସୃଷ୍ଟି କରାଯାଇପାରିବ ।ଏ ପ୍ରକାର ଜନସମାଜ ସ୍ତ୍ରୀଲୋକମାନଙ୍କର ସତୀତ୍ୱ ଏବଂ ବିଶ୍ୱସ୍ତତା ଉପରେ ନିର୍ଭର କରେ ।ଯେପରି ପିଲାମାନେ ଖୁବ୍ ସହଜରେ ପଥଭ୍ରାନ୍ତ ହୋଇଯା'ନ୍ତି ସେହିପରି ସ୍ତ୍ରୀଲୋକମାନେ ଖୁବ୍ ସହଜରେ ପତିତା ହୋଇଯା'ନ୍ତି । ତେଣୁ ଉଭୟେ ଶିଶୁ ଏବଂ ସ୍ତ୍ରୀ ସୁରକ୍ଷା ନିମିତ୍ତ ପରିବାରର ବୟସ୍କଲୋକଙ୍କର ସହାୟତା ଲୋଡ଼ନ୍ତି ।ବିଭିନ୍ନ ଧର୍ମ କାର୍ଯ୍ୟରେ ବ୍ରତବିଧି ପୂଜାନୁଷ୍ଠାନରେ ସ୍ତ୍ରୀମାନେ ବରାବର ସଂଯୁକ୍ତ ରହିଲେ ସେମାନେ ଆଉ ପଥଭ୍ରାନ୍ତ ହେବେ ନାହିଁ କିମ୍ବା ସତୀତ୍ୱ ନଷ୍ଟ କରିବେ ନାହିଁ ।ଚାଣକ୍ୟ ପଣ୍ଡିତଙ୍କ ନୀତିବାକ୍ୟାନୁଯାୟୀ ସ୍ତ୍ରୀଲୋକମାନେ ସାଧାରଣତଃ ଅତ୍ୟନ୍ତ ବୁଦ୍ଧିଆ ନୁହଁନ୍ତି ଏବଂ ସେଇଥିପାଇଁ ସେମାନେ ମଧ୍ୟ ବିଶ୍ୱସ୍ତ ନୁହଁନ୍ତି ।ତେଣୁ ପରିବାରରେ ପ୍ରଚଳିତ ଥିବା ବିଭିନ୍ନ ଧାର୍ମିକ ବ୍ୟବସ୍ଥାନୁଯାୟୀ ସେମାନଙ୍କୁ ସର୍ବଦା କର୍ମରତ ରଖାଇବା ଉଚିତ୍ ଏବଂ ତଦ୍ଦ୍ୱାରା ସେମାନେ ସତୀତ୍ୱ ଏବଂ ଭକ୍ତିଭାବକୁ ଧରି ରଖିପାରିବେ, ଫଳରେ ବର୍ଣ୍ଣାଶ୍ରମ ଧର୍ମକୁ ବଞ୍ଚାଇ ରଖିବା ନିମିତ୍ତ ଆବଶ୍ୟକ ଉତ୍ତମ ଜନସମାଜ ଜନ୍ମଲାଭ କରିବେ । ଏ ବର୍ଣ୍ଣାଶ୍ରମଧର୍ମ ବ୍ୟବସ୍ଥା ଭାଙ୍ଗିପଡ଼ିଲେ, ଏହା ସ୍ୱତଃସିଦ୍ଧ ଯେ, ସ୍ତ୍ରୀଲୋକମାନେ ମନଇଚ୍ଛା କାମ କରି ଅନ୍ୟ ପୁରୁଷ ସହିତ ଅବାଧ ମିଳାମିଶା କରିବେ, ଫଳରେ ଜାରଜ ସନ୍ତାନ ଜାତ ହେବେ ।ଦାୟିତ୍ୱହୀନ

କାଣ୍ଡଜ୍ଞାନ ଶୂନ୍ୟ ପୁରୁଷମାନେ ମଧ୍ୟ ସମାଜରେ ବ୍ୟଭିଚାର ସୃଷ୍ଟି କରନ୍ତି, ଫଳରେ ଜନସମାଜରେ ଅନେକ ଅନାବଶ୍ୟକ ଜାରଜସନ୍ତାନ ଭରପୂର ହୋଇଯା'ନ୍ତି ଏବଂ ସମାଜରେ ଅଶାନ୍ତି, ବିଶୃଙ୍ଖଳା ଓ କଳହ ଆଦି ଦେଖାଦିଏ ।

## ଶ୍ଳୋକ - ୪୧

**ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟ ଚ ।**
**ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ ।।୪୧।।**

## ଶବ୍ଦାନୁବାଦ

ସଙ୍କରଃ=ଏପ୍ରକାର ଅନାବଶ୍ୟକ ଶିଶୁ (ବା ଜାରଜ ସନ୍ତାନ); ନରକାୟ=ନର୍କ-ଜୀବନପାଇଁ; ଏବ=ନିଶ୍ଚିତଭାବେ; କୁଳ-ଘ୍ନାନାମ୍=ଯେଉଁମାନେ କୁଳଘାତକ ସେମାନଙ୍କର; କୁଳସ୍ୟ=କୁଳ(ବା ବଂଶ)ର; ଚ=ମଧ୍ୟ; ପତନ୍ତି=ଅଧୋପତିତ ହୁଅନ୍ତି; ପିତରଃ=ପିତୃପୁରୁଷଗଣ; ହି=ନିଶ୍ଚିତ ଭାବେ; ଏଷାମ୍=ଏମାନଙ୍କର; ଲୁପ୍ତ=ଲୁପ୍ତ ହୋଇଯାଏ; ପିଣ୍ଡ=ପିଣ୍ଡ; ଉଦକ=ପାଣି; କ୍ରିୟାଃ=ଅନୁଷ୍ଠାନ।

## ଅନୁବାଦ

**ଯେତେବେଳେ ଏପ୍ରକାର ଅନାବଶ୍ୟକ ଜନସମାଜ (ଅର୍ଥାତ୍ ଜାରଜ ସନ୍ତାନଙ୍କ ସଂଖ୍ୟା) ବୃଦ୍ଧିଲାଭ କରେ, ସେତେବେଳେ ବଂଶରେ ଏବଂ ବଂଶଘାତକମାନଙ୍କ ପକ୍ଷରେ ନର୍କଭୋଗ ପରିସ୍ଥିତି ସୃଷ୍ଟି ହୋଇଯାଏ । ଏପ୍ରକାର ଦୂଷିତ ପରିବାରମାନଙ୍କରେ ପିତୃପୁରୁଷମାନଙ୍କର ପିଣ୍ଡ-ପାଣି ଲୋପ ପାଇଯାଏ ।**

## ଭାବାର୍ଥ

ସକାମ କର୍ମର ନୀତି-ନିୟମ ଅନୁଯାୟୀ ନିର୍ଦ୍ଦେଶ ଅଛି ଯେ, ବ୍ୟକ୍ତି ବଂଶର ପିତୃପୁରୁଷମାନଙ୍କ ପ୍ରତି ବାର୍ଷିକ ପିଣ୍ଡ-ପାଣି ପ୍ରଦାନ କରିବ । ଶ୍ରୀ ବିଷ୍ଣୁଙ୍କୁ ପୂଜାକରି ଏପ୍ରକାର ପିଣ୍ଡ-ପାଣି ଅର୍ପଣ କରିବା ଆବଶ୍ୟକ, ଅର୍ଥାତ୍ ବିଷ୍ଣୁଙ୍କର ଉଚ୍ଛିଷ୍ଟ ଅର୍ଥାତ୍ ବିଷ୍ଣୁପ୍ରସାଦ ଭୋଜନ କଲେ ବ୍ୟକ୍ତି ସମସ୍ତ ପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇଯାଏ । ବେଳେବେଳେ ଏପରି ହୁଏ ଯେ ପିତୃପୁରୁଷଗଣ ବିଭିନ୍ନ ପାପ କର୍ମର ଫଳ ଭୋଗ କରୁ ଥା'ନ୍ତି ଏବଂ ବେଳେବେଳେ ସେମାନଙ୍କ ମଧ୍ୟରୁ କେତେକ ସ୍ଥୂଳ ଶରୀର ଲାଭ କରିପାରନ୍ତି ନାହିଁ । ସେମାନେ ସୂକ୍ଷ୍ମଶରୀରରେ ଭୂତ ରୂପରେ ରହିବାକୁ ବାଧ୍ୟ ହୋଇଥା'ନ୍ତି । ତେଣୁ ଯେତେବେଳେ ବଂଶର କୌଣସି ସୁଯୋଗ୍ୟ ପୁତ୍ର ଏ ପ୍ରକାର ମହାପ୍ରସାଦ ପିତୃପୁରୁଷଙ୍କୁ ଅର୍ପଣ କରେ, ସେତେବେଳେ ପିତୃପୁରୁଷଗଣ ମୁକ୍ତି ପାଇଯା'ନ୍ତି, ଯେଉଁମାନେ ଭୂତ ରୂପରେ ଥାଆନ୍ତି କିମ୍ବା ଅନ୍ୟ କୌଣସି ପ୍ରକାର ଦୁଃଖପୂର୍ଣ୍ଣ ଜୀବନ ଯାପନ କରୁଥା'ନ୍ତି, ସେମାନେ ସମସ୍ତେ ମୁକ୍ତି ପାଇଯା'ନ୍ତି । ପିତୃପୁରୁଷମାନଙ୍କ ପ୍ରତି ଏ ଯେଉଁ କର୍ମ କରାଯାଏ, ତାହା ବଂଶଗତ ଧର୍ମ ବା କୁଳ-ପ୍ରଥା ଅଟେ । ଯେଉଁମାନେ ଭଗବାନଙ୍କ ଭକ୍ତ ନୁହଁନ୍ତି ଅର୍ଥାତ୍ ଭଗବଦ୍ ସେବାରେ ନିଯୁକ୍ତ

ହୋଇନାହାଁନ୍ତି ସେମାନଙ୍କ ପକ୍ଷରେ ଏ ପ୍ରକାର କୁଳଧର୍ମ ରକ୍ଷାକରିବା ଉଚିତ୍ । କିନ୍ତୁ ଯେ ଭଗବାନଙ୍କ ଭକ୍ତ ଏବଂ ଭଗବତ୍ ସେବାରେ ନିଯୁକ୍ତ, ତା'ପକ୍ଷରେ ଏ ପ୍ରକାର କର୍ମ କରିବାର କୌଣସି ଆବଶ୍ୟକତା ନାହିଁ । କେବଳ ଭଗବଦ୍ ସେବାକରି ବ୍ୟକ୍ତି ତା'ର ହଜାର ହଜାର ପିତୃପୁରୁଷଙ୍କୁ ସମସ୍ତ ପ୍ରକାର ପାପକର୍ମର ପ୍ରତିକ୍ରିୟା-ଦୁଃଖ ଯନ୍ତ୍ରଣାରୁ ମୁକ୍ତ କରିପାରେ । ଏହା ଶ୍ରୀମଦ୍ ଭାଗବତରେ କୁହାଯାଇଅଛି ।

*''ଦେବର୍ଷି-ଭୂତାପ୍ତ-ନୃଣାଂ-ପିତୃଣାଂ ନ କିଙ୍କରୋ ନାୟମ୍ଋଣୀ ଚ ରାଜନ୍ ।*
*ସର୍ବାତ୍ମନା ଯଃ ଶରଣଂ ଶରଣ୍ୟଂ ଗତୋ ମୁକୁନ୍ଦଂ ପରିହୃତ୍ୟ କର୍ତମ୍ ।।''*

(ଭାଗବତ-୧୧-୫-୪୧)

ଯେଉଁ ବ୍ୟକ୍ତି ମୁକ୍ତିଦାତା ମୁକୁନ୍ଦଙ୍କ ପାଦପଦ୍ମରେ ଶରଣ ନେଇଛି ଅର୍ଥାତ୍ ଯେ ସବୁପ୍ରକାର ଧର୍ମକର୍ମ ତ୍ୟାଗକରି ଭଗବଦ୍ ଚରଣାଶ୍ରିତ ହୋଇଛି ଏବଂ ବଡ଼ ନିଷ୍ଠା ଓ ଶ୍ରଦ୍ଧା ସହକାରେ ଭକ୍ତିଯୋଗ ମାର୍ଗକୁ ଅବଲମ୍ବନ କରିଛି, ତାହାର ଦେବତା, ଋଷିମହର୍ଷି, ସାଧୁ-ସନ୍ଥ, ସାଧାରଣ ଜୀବ, ବଂଶର ପିତୃପୁରୁଷ ବା ଜନସମାଜ ପ୍ରତି ଆଉ କୌଣସି କର୍ତ୍ତବ୍ୟ କର୍ମ ବାକି ରହିନାହିଁ । ପରମପୁରୁଷ ଭଗବାନଙ୍କ ସେବାରତ ହୋଇଗଲେ ଏ ପ୍ରକାର କର୍ତ୍ତବ୍ୟ କର୍ମ ଆପେ ଆପେ ଶେଷ ହୋଇଯାଏ—ଆଉ ଏ ସବୁ ଆଚରଣ କରିବା ଦରକାର ପଡ଼େ ନାହିଁ । ଭକ୍ତିଯୋଗର ଏହା ହେଉଛି ମହିମା ।

## ଶ୍ଲୋକ - ୪୨

**ଦୋଷୈରେତୈଃ କୁଳଘ୍ନାନାଂ ବର୍ଣ୍ଣସଙ୍କରକାରକୈଃ ।**
**ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଶ୍ଚ ଶାଶ୍ୱତାଃ ।।୪୨।।**

## ଶବ୍ଦାନୁବାଦ

ଦୋଷୈଃ=ଏପ୍ରକାର ଦୋଷଯୋଗୁଁ; ଏତୈଃ=ଏସବୁ; କୁଳ-ଘ୍ନାନାମ୍=ବଂଶଘାତକଙ୍କର; ବର୍ଣ୍ଣ-ସଙ୍କର=ଅନାବଶ୍ୟକ ସନ୍ତାନ; କାରକୈଃ=କର୍ତ୍ତାମାନଙ୍କଦ୍ୱାରା; ଉତ୍ସାଦ୍ୟନ୍ତେ=ଧ୍ୱଂସ ସୃଷ୍ଟିକରେ; ଜାତି-ଧର୍ମାଃ=ଜାତିଧର୍ମ; କୁଳ-ଧର୍ମାଃ=କୁଳଧର୍ମ; ଚ=ମଧ୍ୟ; ଶାଶ୍ୱତାଃ=ଶାଶ୍ୱତ ।

## ଅନୁବାଦ

**ବଂଶଘାତକମାନଙ୍କର ପାପକର୍ମ ଯୋଗୁଁ ସମସ୍ତ ପ୍ରକାର ଜାତିଧର୍ମ ଓ କୁଳଧର୍ମ ନଷ୍ଟ ହୋଇଯାଏ ।**

## ଭାବାର୍ଥ

ମାନବ ତା'ର ଜୀବନର ପରମଗତି ଲାଭ କରିବା ନିମିତ୍ତ ସନାତନ ଧର୍ମ ବା ବର୍ଣ୍ଣାଶ୍ରମ ଧର୍ମର ବ୍ୟବସ୍ଥା କରାଯାଇଅଛି । ବଂଶ ବା କୁଳର ମଙ୍ଗଳଜନକ କର୍ମ ସହ ମାନବ ସମାଜରେ ଥିବା ଚାତୁର୍ବର୍ଣ୍ଣ୍ୟ ବ୍ୟବସ୍ଥା କୁଳର ଉନ୍ନତି-ନିମିତ୍ତ ଉଦ୍ଦିଷ୍ଟ । ତେଣୁ ସମାଜର ଦାୟିତ୍ୱହୀନ ନେତାମାନଙ୍କ ଯୋଗୁଁ ସନାତନ ଧର୍ମ ବ୍ୟବସ୍ଥା ଭାଙ୍ଗିପଡ଼ୁଛି । ଏଥିଯୋଗୁଁ ସମାଜରେ ନାନା

ପ୍ରକାର ଅଶାନ୍ତି ଓ ବିଶୃଙ୍ଖଳା ଦେଖାଦେଇଛି । ଫଳତଃ ଲୋକମାନେ ସେମାନଙ୍କର ଜୀବନର ଲକ୍ଷ୍ୟ ବିଷ୍ଣୁଙ୍କୁ ଭୁଲିଯାଇଛନ୍ତି । ଏ ପ୍ରକାର ନେତାମାନେ ଅନ୍ଧ ଅଟନ୍ତି ଏବଂ ଯେଉଁମାନେ ଏମାନଙ୍କୁ ଅନୁସରଣ କରନ୍ତି ସେମାନେ ନିଶ୍ଚିତଭାବରେ ଅନ୍ଧକୂପରେ ପତିତ ହେବେ । ସେମାନଙ୍କ ଜୀବନ ନିଶ୍ଚୟ ହାହତାଶମୟ ହୋଇ ଉଠିବ ।

## ଶ୍ଳୋକ - ୪୩

**ଉତ୍ସନ୍ନକୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ ।**
**ନରକେ ନିୟତଂ ବାସୋ ଭବତୀତ୍ୟନୁଶୁଶ୍ରୁମ ।।୪୩।।**

## ଶବ୍ଦାନୁବାଦ

ଉତ୍ସନ୍ନ=ବିନଷ୍ଟ; କୁଳ-ଧର୍ମାଣାମ୍=ଯେଉଁମାନଙ୍କର କୁଳଧର୍ମ ଅଛି; ମନୁଷ୍ୟାଣାମ୍=ଏପ୍ରକାର ମାନବମାନଙ୍କର; ଜନାର୍ଦ୍ଦନ=ହେ କୃଷ୍ଣ; ନରକେ=ନର୍କରେ; ନିୟତମ୍=ସର୍ବଦା; ବାସଃ=ବାସ; ଭବତି=ହୁଏ; ଇତି=ଏହିପରି; ଅନୁଶୁଶ୍ରୁମ୍=ଗୁରୁ ପରମ୍ପରାକ୍ରମେ ଶୁଣିଛି ।

## ଅନୁବାଦ

**ହେ ଜନାର୍ଦ୍ଦନ କୃଷ୍ଣ ! ମୁଁ ଗୁରୁ ପରମ୍ପରାକ୍ରମେ ଶୁଣିଛି ଯେ, ଯେଉଁମାନେ କୁଳଧର୍ମ ନଷ୍ଟ କରନ୍ତି ସେମାନେ ସର୍ବଦା ନର୍କରେ ବାସ କରନ୍ତି ।**

## ଭାବାର୍ଥ

ଅର୍ଜୁନ ତାଙ୍କ ନିଜ ଜ୍ଞାନ ବା ଅଭିଜ୍ଞତାରୁ ଏ ଯୁକ୍ତି ବାଢ଼ୁନାହାନ୍ତି । ସେ ଯାହା ଆଚାର୍ଯ୍ୟମାନଙ୍କଠାରୁ ଶୁଣିଛନ୍ତି, ତାହାରି ଉପରେ ଆଧାର କରି ଏ ଯୁକ୍ତି ବାଢ଼ୁଛନ୍ତି । ଏହା ହେଉଛି ପ୍ରକୃତ ଜ୍ଞାନ ଲାଭ କରିବାର ପନ୍ଥା । ଯେଉଁ ଉପଯୁକ୍ତ ବ୍ୟକ୍ତି ଜ୍ଞାନରେ ପ୍ରତିଷ୍ଠିତ ହୋଇଛି, ସେ ବ୍ୟକ୍ତିର ବିନା ସାହାଯ୍ୟରେ କେହି ପ୍ରକୃତ ଜ୍ଞାନ ସ୍ତରରେ ଉପସ୍ଥିତ ହୋଇପାରିବ ନାହିଁ । ବର୍ଣ୍ଣାଶ୍ରମ ବ୍ୟବସ୍ଥାରେ ଏକ ଧାରା ଅଛି । ସେଥିରେ ବ୍ୟକ୍ତିକୁ ମୃତ୍ୟୁ ପୂର୍ବରୁ ତା'ର ପାପ କର୍ମର ଫଳକୁ ପ୍ରକ୍ଷାଳନ କରିବା ନିମିତ୍ତ ସଂସ୍କାର ବିଧି ଅନୁସରଣ କରିବାକୁ ହେବ । ଯେ ସର୍ବଦା ପାପ କର୍ମରେ ଲିପ୍ତ ତାକୁ ନିଶ୍ଚୟ ପାପରୁ ମୁକ୍ତ ହେବା ନିମିତ୍ତ ପ୍ରାୟଶ୍ଚିତ କରିବାକୁ ହେବ । ଏହା ନ କଲେ ବ୍ୟକ୍ତିକୁ ପାପକର୍ମର ଫଳ ଭୋଗ କରିବା ନିମିତ୍ତ ନର୍କକୁ ଯିବାକୁ ପଡ଼ିବ ।

## ଶ୍ଳୋକ - ୪୪

**ଅହୋ ବତ ମହତ୍‌ପାପଂ କର୍ତ୍ତୁଂ ବ୍ୟବସିତା ବୟମ୍ ।**
**ଯଦ୍ ରାଜ୍ୟସୁଖଲୋଭେନ ହନ୍ତୁଂ ସ୍ୱଜନମୁଦ୍ୟତାଃ ।।୪୪।।**

## ଶବ୍ଦାନୁବାଦ

ଅହୋ=ଆହା; ବତ=କି ଆଶ୍ଚର୍ଯ୍ୟ; ମହତ୍=ମହାନ୍; ପାପମ୍=ପାପ; କର୍ତ୍ତୁମ୍=କରିବାକୁ;ବ୍ୟବସିତାଃ=ସ୍ଥିର କରିଛେ; ବୟମ୍=ଆମ୍ଭେମାନେ; ଯତ୍=ଯାହା ଫଳରେ;

ରାଜ୍ୟ=ରାଜ୍ୟ; ସୁଖ-ଲୋଭେନ=ରାଜ୍ୟ ସୁଖ ଲୋଭର ବଶବର୍ତ୍ତୀ ହୋଇ; ହନ୍ତୁମ୍=ହତ୍ୟାକରିବାକୁ; ସ୍ୱଜନମ୍=ସ୍ୱଜନମାନଙ୍କୁ; ଉଦ୍ୟତାଃ=ଚେଷ୍ଟା କରୁଛୁ ।

## ଅନୁବାଦ

**ଆହା ! ଏହା କେଡ଼େ ଆଶ୍ଚର୍ଯ୍ୟର କଥା ଯେ, ଆମ୍ଭେମାନେ ରାଜ୍ୟ ସୁଖ ଲୋଭ ଆଶାରେ କେଡ଼େ ମହାନ୍ ପାପ କରିବାକୁ ଯାଉଛୁ ।**

## ଭାବାର୍ଥ

ସ୍ୱାର୍ଥସିଦ୍ଧି ଆଶାରେ ବ୍ୟକ୍ତି ନିଜର ଆତ୍ମୀୟସ୍ୱଜନ ଯଥା-ପିତାମାତା, ଭାଇବନ୍ଧୁମାନଙ୍କୁ ବଧକରି ପାପ ଅର୍ଜନ କରିବାକୁ ଇଚ୍ଛା କରିପାରେ । ପୃଥିବୀ ଇତିହାସରେ ଏପରି ଅନେକ ଉଦାହରଣ ଅଛି । କିନ୍ତୁ ଅର୍ଜୁନ ଭଗବାନଙ୍କର ଏକ ସାଧୁ ଭକ୍ତ ଅଟନ୍ତି । ତେଣୁ ସେ ସର୍ବଦା ନୈତିକ ମାନଦଣ୍ଡ ପ୍ରତି ସଚେତନ ଅଟନ୍ତି ଏବଂ ସେଥିପାଇଁ ସେ ଏପ୍ରକାର କର୍ମରୁ ନିବୃତ୍ତ ହେବାକୁ ଯତ୍ନ କରୁଥିଲେ ।

## ଶ୍ଳୋକ - ୪୫

**ଯଦି ମାମ୍ ଅପ୍ରତୀକାରମ୍ ଅଶସ୍ତ୍ରଂ ଶସ୍ତ୍ରପାଣୟଃ ।**
**ଧାର୍ତ୍ତରାଷ୍ଟ୍ରା ରଣେ ହନ୍ୟୁସ୍ତନ୍ମେ କ୍ଷେମତରଂ ଭବେତ୍ ।। ୪୫ ।।**

## ଶବ୍ଦାନୁବାଦ

ଯଦି=ଯଦି; ମାମ୍=ମୋତେ; ଅପ୍ରତୀକାରମ୍=ପ୍ରତିରୋଧ ବିନା; ଅଶସ୍ତ୍ରମ୍=ପୂର୍ଣ୍ଣରୂପେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ନ ହୋଇ; ଶାସ୍ତ୍ର-ପାଣୟଃ=ଯେଉଁମାନେ ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ; ଧାର୍ତ୍ତରାଷ୍ଟ୍ରାଃ=ଧୃତରାଷ୍ଟ୍ରଙ୍କର ପୁତ୍ରଗଣ; ରଣେ=ଯୁଦ୍ଧ କ୍ଷେତ୍ରରେ; ହନ୍ୟୁଃ=ହତ୍ୟାକରି ପାରନ୍ତି; ତତ୍=ତାହା; ମେ=ମୋର; କ୍ଷେମତରମ୍=ଉତ୍ତମ; ଭବେତ୍=ହେବ ।

## ଅନୁବାଦ

**ମୁଁ ଭାବୁଛି, ଯଦି ଧୃତରାଷ୍ଟ୍ରଙ୍କର ପୁତ୍ରଗଣ ମୋତେ ବିନା ପ୍ରତିରୋଧରେ ଏବଂ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ନ ହୋଇଥିବା ଅବସ୍ଥାରେ ମାରିପକାନ୍ତି, ତାହାହେଲେ ଖୁବ୍ ଭଲ ହେବ । ସେମାନଙ୍କ ସହିତ ଯୁଦ୍ଧ କରିବା ପରିବର୍ତ୍ତେ, ସେମାନଙ୍କ ହାତରେ ମୃତ୍ୟୁବରଣ କରିବା ବରଂ ଶ୍ରେୟସ୍କର ।**

## ଭାବାର୍ଥ

ଏହା ହେଉଛି କ୍ଷତ୍ରିୟ ଆଗ୍ରହ-କ୍ଷତ୍ରିୟ ଧର୍ମ-ଯଦି ଶତ୍ରୁ ଅସ୍ତ୍ର-ଶସ୍ତ୍ରରେ ସଜ୍ଜିତ ନ ହୋଇଛି ଏବଂ ଯୁଦ୍ଧ କରିବାକୁ ଇଚ୍ଛୁକ ନୁହେଁ, ତାହାହେଲେ ତାକୁ ଆକ୍ରମଣ କରିବା ଉଚିତ୍ ନୁହେଁ । ଅର୍ଜୁନ, ଏହି ପ୍ରକାର ଅବସ୍ଥାରେ ରହି, ସ୍ଥିର କଲେ ଯେ, ସେ ଶତ୍ରୁମାନଙ୍କ ଦ୍ୱାରା ଆକ୍ରାନ୍ତ ହେଲେ ବି ସେ ଯୁଦ୍ଧ କରିବେ ନାହିଁ । ଅପରପକ୍ଷ ଯୁଦ୍ଧ କରିବା ପାଇଁ କେତେଦୂର ଆଗ୍ରହୀ, ସେ ସେକଥା କିଛି ବିଗ୍ଚର କରୁ ନଥିଲେ । ଅର୍ଜୁନଙ୍କଠାରେ ଏ ଯେଉଁସବୁ ଲକ୍ଷଣ ଦେଖାଯାଉଥିଲା, ତାହା ତାଙ୍କର କୋମଳ ହୃଦୟର ପ୍ରକାଶ । ସେ ଭଗବାନଙ୍କର ଜଣେ ବିଶିଷ୍ଟ ଭକ୍ତ ହୋଇଥିବାରୁ,

ସେ ବଡ଼ କୋମଳ ହୃଦୟ-ଦୟାର୍ଦ୍ର ହୃଦୟ ହୋଇ ପଡ଼ିଥିଲେ । (ସେଥିପାଇଁ ସେ ଭାବୁଥିଲେ, ଶତ୍ରୁପକ୍ଷ ତାଙ୍କୁ ଆକ୍ରମଣ କଲେ ବି ସେ ପ୍ରତି ଆକ୍ରମଣ କରିବେ ନାହିଁ ।)

## ଶ୍ଳୋକ - ୪୬

## ସଞ୍ଜୟ ଉବାଚ

**ଏବମୁକ୍ତ୍ୱାର୍ଜୁନଃ ସଙ୍ଖ୍ୟେ ରଥୋପସ୍ଥ ଉପାବିଶତ୍ ।**
**ବିସୃଜ୍ୟ ସଶରଂ ଚାପଂ ଶୋକସଂବିଗ୍ନମାନସଃ ।। ୪୬ ।।**

## ଶବ୍ଦାନୁବାଦ

ସଞ୍ଜୟଃ=ସଞ୍ଜୟ; ଉବାଚ=କହିଲେ; ଏବମ୍=ଏହିପରି; ଉକ୍ତ୍ୱା=କହି; ଅର୍ଜୁନଃ=ଅର୍ଜୁନ; ସଙ୍ଖ୍ୟେ=ଯୁଦ୍ଧ କ୍ଷେତ୍ରରେ; ରଥ=ରଥ; ଉପସ୍ଥେ=ଉପସ୍ଥିତ ଥାଇ; ଉପାବିଶତ୍=ପୁଣି ବସି ପଡ଼ିଲେ; ବିସୃଜ୍ୟ=ରଖିଦେଇ; ସଶରମ୍=ଶର ସହିତ; ଚାପମ୍=ଧନୁ; ଶୋକ=ଶୋକ (ଦୁଃଖ); ସଂବିଗ୍ନ=ଦୁଃଖିତ; ମାନସଃ=ମନରେ ।

## ଅନୁବାଦ

**ସଞ୍ଜୟ କହିଲେ, ''ଯୁଦ୍ଧ କ୍ଷେତ୍ରରେ ଅର୍ଜୁନ ଏହିପରି କହି ଧନୁଶରକୁ ରଖିଦେଲେ ଏବଂ ରଥ ଉପରେ ବସିପଡ଼ିଲେ । ତାଙ୍କର ମନ ଦୁଃଖରେ ଭାରାକ୍ରାନ୍ତ ହୋଇ ପଡ଼ିଥିଲା ।''**

## ଭାବାର୍ଥ

ଅର୍ଜୁନ ଯେତେବେଳେ ଯୁଦ୍ଧକ୍ଷେତ୍ରରେ ଅବସ୍ଥା ପର୍ଯ୍ୟବେକ୍ଷଣ କରୁଥିଲେ, ସେତେବେଳେ ସେ ରଥ ଉପରେ ଛିଡ଼ାହୋଇ ପଡ଼ିଥିଲେ, କିନ୍ତୁ ସେ ଏପରି ଦୁଃଖାଭିଭୂତ ହୋଇପଡ଼ିଲେ ଯେ, ସେ ଧନୁଶର ଛାଡ଼ିଦେଇ ପୁଣି (ରଥଉପରେ) ବସି ପଡ଼ିଲେ । ଭକ୍ତିଯୋଗ ମାର୍ଗରେ ଏପ୍ରକାର କୋମଳ ଓ ଦୟାର୍ଦ୍ର ହୃଦୟ ବିଶିଷ୍ଟ ବ୍ୟକ୍ତି ଆତ୍ମଜ୍ଞାନ ନିମିତ୍ତ ଉପଯୁକ୍ତ ଅଟନ୍ତି ।

**ଭକ୍ତିବେଦାନ୍ତ ଭାଷ୍ୟର ''କୁରୁକ୍ଷେତ୍ର ଯୁଦ୍ଧ ଭୂମିରେ ସୈନ୍ୟଦର୍ଶନ'' ଶୀର୍ଷକ ପ୍ରଥମ ଅଧ୍ୟାୟ ସମାପ୍ତ ହେଲା ।**

—o—

# ଦ୍ୱିତୀୟ ଅଧ୍ୟାୟ

## ସାଂଖ୍ୟଯୋଗ

### (ଗୀତାର ପ୍ରତିପାଦ୍ୟ ବିଷୟର ସାରାଂଶ)

### ଶ୍ଳୋକ - ୧

**ସଞ୍ଜୟ ଉବାଚ**

**ତଂ ତଥା କୃପୟାବିଷ୍ଟମଶ୍ରୁପୂର୍ଣ୍ଣାକୁଲେକ୍ଷଣମ୍ ।**
**ବିଷୀଦନ୍ତମିଦଂ ବାକ୍ୟମୁବାଚ ମଧୁସୂଦନଃ ।। ୧ ।।**

### ଶବ୍ଦାନୁବାଦ

ସଞ୍ଜୟଃ ଉବାଚ=ସଞ୍ଜୟ କହିଲେ; ତମ୍=ଅର୍ଜୁନଙ୍କୁ; ତଥା=ସେହି; କୃପୟା=କୃପାକରି; ଆବିଷ୍ଟମ୍=ବିଚଳିତ; ଅଶ୍ରୁ-ପୂର୍ଣ୍ଣ=ଅଶ୍ରୁପୂର୍ଣ୍ଣ; ଆକୁଳ=ଆକୁଳ; ଈକ୍ଷଣମ୍=ଚକ୍ଷୁ; ବିଷୀଦନ୍ତମ୍=ଦୁଃଖୀ କରି; ଇଦମ୍=ଏହା; ବାକ୍ୟମ୍=କଥା; ଉବାଚ=କହିଲେ; ମଧୁ-ସୂଦନଃ=ମଧୁଦୈତ୍ୟର ହତ୍ୟାକାରୀ ।

### ଅନୁବାଦ

**ସଞ୍ଜୟ କହିଲେ, ଅର୍ଜୁନଙ୍କୁ ଖୁବ୍ ଦୟାର୍ଦ୍ର ହୃଦୟ, ଦୁଃଖପୂର୍ଣ୍ଣ ଏବଂ ଚକ୍ଷୁ ଲୋତକପୂର୍ଣ୍ଣ ହେବାର ଦେଖି ମଧୁସୂଦନ (କୃଷ୍ଣ) ନିମ୍ନମତେ କହିଲେ ।**

### ଭାବାର୍ଥ

ଯେଉଁ ବ୍ୟକ୍ତିଠାରେ ପାର୍ଥିବ ସହାନୁଭୂତିଶୀଳତା, ଦୁଃଖ ଏବଂ ଅଶ୍ରୁ ଆଦି ଦେଖାଯାଏ, ବୁଝିବାକୁ ହେବ ଯେ ସେ ବ୍ୟକ୍ତି ପ୍ରକୃତ ଆତ୍ମଜ୍ଞାନ ଲାଭ କରିନାହିଁ । ଶାଶ୍ୱତ ଆତ୍ମାପ୍ରତି

ସହାନୁଭୂତି ପ୍ରକାଶ କରିବା ଆତ୍ମାନୁଭୂତି ଅଟେ ।ଏ ଶ୍ଳୋକରେ ବ୍ୟବହୃତ 'ମଧୁସୂଦନ' ଶବ୍ଦ ବଡ଼ ଅର୍ଥ ପୂର୍ଣ୍ଣ ଅଟେ। ଭଗବାନ୍ ଶ୍ରୀକୃଷ୍ଣ ମଧୁନାମକ ଦୈତ୍ୟକୁ ବଧ କରିଥିଲେ ।ବର୍ତ୍ତମାନ ଅର୍ଜୁନ ତାଙ୍କଠାରେ ଦେଖାଦେଇଥିବା ଭ୍ରମଧାରଣାରୂପକ ରାକ୍ଷସକୁ ବଧ କରିବାକୁ କୃଷ୍ଣଙ୍କୁ ଅନୁରୋଧ କରୁଛନ୍ତି ।ବର୍ତ୍ତମାନ କ୍ଷେତ୍ରରେ ଅର୍ଜୁନଙ୍କର କ'ଣ କର୍ତ୍ତବ୍ୟ ସେ ତାହା ସ୍ଥିର କରି ପାରୁନାହାନ୍ତି ।ଏଥିରେ ସେ ବଡ଼ ବ୍ୟଥିତ ହୋଇ ପଡ଼ିଛନ୍ତି । କେଉଁଠାରେ ସହାନୁଭୂତି ପ୍ରକାଶ କରିବାକୁ ହେବ, କେହି ଜାଣନ୍ତି ନାହିଁ ।ବୁଡ଼ିଯାଉଥିବା ଲୋକର ପୋଷାକକୁ ରକ୍ଷା କରିବା ନିମିତ୍ତ ସହାନୁଭୂତି ପ୍ରକାଶ କରିବା ଅଜ୍ଞାନତା ଅଟେ ।ଯେଉଁ ବ୍ୟକ୍ତି ଅଜ୍ଞାନତାରୂପକ ସମୁଦ୍ରରେ ପତିତ ହୋଇଛି, ତା'ର ବାହ୍ୟ ପୋଷାକ ଅର୍ଥାତ୍ ସ୍ଥୂଳ ଶରୀରକୁ ରକ୍ଷା କଲେ ଯେ ସେ ରକ୍ଷା ପାଇବ- ଏହା କଦାପି ହୋଇ ପାରିବନାହିଁ ।ଯେ ଏକଥା ଜାଣେ ନାହିଁ ଏବଂ ଏହି ବାହ୍ୟ ପୋଷାକ ନିମିତ୍ତ ଦୁଃଖ ପ୍ରକାଶ କରେ, ତାକୁ ଶୂଦ୍ର କୁହାଯାଏ, ଅର୍ଥାତ୍ ଯେ ଅଯଥା ଦୁଃଖ ପ୍ରକାଶ କରେ ସେ ଶୂଦ୍ର ଅଟେ ।ଅର୍ଜୁନ ଜଣେ କ୍ଷତ୍ରିୟ ଥିଲେ ତେଣୁ ଏ ପ୍ରକାର ବ୍ୟବହାର ତାଙ୍କଠାରୁ ଆଶା କରାଯାଉ ନଥିଲା ।ଅବଶ୍ୟ ମୂର୍ଖ ଲୋକର ଦୁଃଖକୁ ଭଗବାନ୍ ଶ୍ରୀକୃଷ୍ଣ ଦୂର କରିପାରନ୍ତି ଏବଂ ଏଇଥିପାଇଁ ସେ ଭଗବଦ୍‌ଗୀତା କହିଛନ୍ତି । ଏ ଭୌତିକ ଶରୀର ଏବଂ ଚିଦାତ୍ମା କ'ଣ, ଏ ସମ୍ବନ୍ଧରେ ଭଲରକମ ବିଶ୍ଳେଷଣାତ୍ମକ ଅଧ୍ୟୟନ କରି କିପରି ଆତ୍ମାନୁଭୂତି ଲାଭ କରିବାକୁ ହେବ, ସେହି କଥା, ଏ ଅଧ୍ୟାୟରେ କୁହାଯାଇଅଛି ।ଏ କଥାକୁ ପରମେଶ୍ୱର ଭଗବାନ୍ ଶ୍ରୀକୃଷ୍ଣ ଭଲରକମ ବୁଝାଇଛନ୍ତି ।ପ୍ରକୃତ ଆତ୍ମା କ'ଣ ଯାହାର ଏ ସମ୍ବନ୍ଧରେ ଏକ ସ୍ଥିର ଧାରଣା ଜନ୍ମିଛି, ତା' ସହିତ କାର୍ଯ୍ୟ କଲେ ଏ ଅନୁଭୂତି ଲାଭ କରିବା ସମ୍ଭବପର ହେବ ।

## ଶ୍ଳୋକ - ୨

## ଶ୍ରୀଭଗବାନୁବାଚ

**କୁତସ୍ ତ୍ୱା କଶ୍ମଳମ୍ ଇଦଂ ବିଷମେ ସମୁପସ୍ଥିତମ୍ ।**
**ଅନାର୍ଯ୍ୟଜୁଷ୍ଟମ୍ ଅସ୍ୱର୍ଗ୍ୟମ୍ ଅକୀର୍ତ୍ତି କରମ୍ ଅର୍ଜୁନ ।। ୨ ।।**

## ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ପରମ ପୁରୁଷ ଭଗବାନ୍ କହିଲେ; କୁତଃ=କେଉଁଠାରୁ; ତ୍ୱା=ତୁମ ପାଖକୁ; କଶ୍ମଳମ୍=ମଇଳା (ଅଜ୍ଞାନ); ଇଦମ୍=ଏ ଦୁଃଖ; ବିଷମେ=ଏ ବିଷମ ସମୟରେ; ସମୁପସ୍ଥିତମ୍=ଉପସ୍ଥିତ ହେଲା; ଅନାର୍ଯ୍ୟ=ଯେଉଁମାନେ ଜୀବନର ମୂଲ୍ୟ ବୁଝନ୍ତି ନାହିଁ; ଜୁଷ୍ଟମ୍=ଅଭ୍ୟାସ କରାଯାଉଥିବା; ଅସ୍ୱର୍ଗ୍ୟମ୍=ଯାହା ଉଚ୍ଚତର ଲୋକକୁ ଯିବାକୁ ଦିଏ ନାହିଁ; ଅକୀର୍ତ୍ତି=ଅକୀର୍ତ୍ତି; କରମ୍=କାରଣ; ଅର୍ଜୁନ=ହେ ଅର୍ଜୁନ।

## ଅନୁବାଦ

**ପରମ ପୁରୁଷ ଭଗବାନ୍ କହିଲେ, ହେ ମୋର ପ୍ରିୟ ଅର୍ଜୁନ ! ଏସବୁ ମଇଳା ତୁମ ପାଖକୁ କିପରି ଆସିଲା ? ଯେଉଁଲୋକ ଜୀବନର ମୂଲ୍ୟ ବୁଝିଛି, ତା' ପକ୍ଷରେ**

**ତ ଏଗୁଡ଼ିକ ଆଦୌ ଶୋଭାପାଏ ନାହିଁ। ଏଗୁଡ଼ିକ ବ୍ୟକ୍ତିକୁ ମଧ୍ୟ ଉଚ୍ଚ ଲୋକକୁ ଯିବାକୁ ଦିଏ ନାହିଁ। ଏସବୁ ଅକୀର୍ତ୍ତିକର ଅଟେ।**

## ଭାବାର୍ଥ

କୃଷ୍ଣ ଏବଂ ପରମ ପୁରୁଷ ଭଗବାନ୍ ଏକ ଏବଂ ଅଭିନ୍ନ ଅଟନ୍ତି । ତେଣୁ ସମୁଦାୟ ଗୀତାରେ ଶ୍ରୀକୃଷ୍ଣଙ୍କୁ ଭଗବାନ୍ ବୋଲି କୁହାଯାଇଛି । ପରମ ସତ୍ୟ ପରମବ୍ରହ୍ମଙ୍କୁ ଜାଣିବାର ଶେଷସ୍ତର ହେଉଛି ଭଗବାନଙ୍କୁ ଜାଣିବା ବା ଭଗବାନଙ୍କୁ ଉପଲବ୍ଧି କରିବା । ଏହା ତିନୋଟି ସ୍ତରରେ ଅନୁଭୂତ ହୁଏ । ପ୍ରଥମସ୍ତର ହେଲା ବ୍ରହ୍ମାନୁଭୂତି ଅର୍ଥାତ୍ ସର୍ବବ୍ୟାପକ ନିର୍ବିଶେଷ ବ୍ରହ୍ମ, ଦ୍ୱିତୀୟସ୍ତର ହେଲା ପରମାତ୍ମା ଅନୁଭୂତି, ଅର୍ଥାତ୍ ସମସ୍ତ ଜୀବର ହୃଦୟରେ ଥିବା ଭଗବାନଙ୍କର ପରମାତ୍ମା ରୂପକୁ ଜାଣିବା, ତୃତୀୟସ୍ତର ହେଲା ଭଗବାନ୍ ଅନୁଭୂତି ଅର୍ଥାତ୍, ପରମ ପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଜାଣିବା । ଶ୍ରୀମଦ୍‌ଭାଗବତରେ (୧/୨/୧୧) ଏ ସମ୍ବନ୍ଧୀୟ ବର୍ଣ୍ଣନା (ଅର୍ଥାତ୍ ଭଗବାନଙ୍କୁ ଜାଣିବାର ତିନୋଟିସ୍ତର ସମ୍ବନ୍ଧୀୟ ବର୍ଣ୍ଣନା) ନିମ୍ନମତେ ଦିଆଯାଇଅଛି—

*"ବଦନ୍ତି ତତ୍ ତତ୍ତ୍ୱ-ବିଦସ୍ ତତ୍ତ୍ୱଂ ଯଦ୍‌ଜ୍ଞାନମ୍ ଅଦ୍ୱୟମ୍ ।*
*ବ୍ରହ୍ମେତି ପରମାତ୍ମେତି ଭଗବାନେତି ଶବ୍ଦ୍ୟତେ ॥"*

ଅର୍ଥାତ୍ ପରମ ସତ୍ୟ ଭଗବାନଙ୍କୁ ତତ୍ତ୍ୱବିତ୍‌ଜ୍ଞାନୀ ତିନୋଟି ସ୍ତର ଦେଇ ଜାଣିପାରେ ଏବଂ ଏ ତିନୋଟି ଏକ ଏବଂ ଅଭିନ୍ନ । ଏ ତିନୋଟି ସ୍ତରକୁ ଯଥାକ୍ରମେ ବ୍ରହ୍ମ, ପରମାତ୍ମା ଏବଂ ଭଗବାନ୍ ବୋଲି କୁହାଯାଇଅଛି । ଏ ତିନୋଟି ସ୍ତର କଥା ସୂର୍ଯ୍ୟଙ୍କ ଉଦାହରଣ ଦେଇ ବୁଝାଇ ଦିଆଯାଇପାରେ; କାରଣ ସୂର୍ଯ୍ୟଙ୍କର ତିନୋଟି ସ୍ତର ଅଛି, ଯଥା - ସୂର୍ଯ୍ୟ କିରଣ, ସୂର୍ଯ୍ୟ ମଣ୍ଡଳ ଏବଂ ସୂର୍ଯ୍ୟଲୋକ । ଯେ କେବଳ ସୂର୍ଯ୍ୟକିରଣ ସମ୍ବନ୍ଧରେ ଅଧ୍ୟୟନ କରେ ବା ଗବେଷଣା କରେ -ସେ ପ୍ରାଥମିକ ଶ୍ରେଣୀର ଛାତ୍ର ଅଟେ । ଯେ ସୂର୍ଯ୍ୟମଣ୍ଡଳ ସମ୍ବନ୍ଧରେ ଜାଣିପାରେ - ସେ ଆଉ ଟିକିଏ ଉନ୍ନତ ବୋଲି ବୁଝିବାକୁ ହେବ ଏବଂ ଯେ ସୂର୍ଯ୍ୟଲୋକରେ ପ୍ରବେଶ କରିପାରେ—ସେ ସର୍ବୋତ୍ତମ ଅଟେ ବୋଲି ବୁଝିବାକୁ ହେବ । ଯେଉଁ ସାଧାରଣ ଛାତ୍ରମାନେ କେବଳ ସୂର୍ଯ୍ୟ କିରଣକୁ ଜାଣି ବା ବୁଝି ସନ୍ତୁଷ୍ଟ ହୁଅନ୍ତି-କେବଳ ସୂର୍ଯ୍ୟଙ୍କର ସାର୍ବଜନୀନ ସର୍ବବ୍ୟାପକତା ଦିଗଟିକୁ ଜାଣି ସନ୍ତୁଷ୍ଟ ହୁଅନ୍ତି ଅର୍ଥାତ୍ ଏହାର (ସୂର୍ଯ୍ୟଙ୍କର) ନିର୍ବିଶେଷ ପ୍ରକୃତିର ଉଜ୍ଜ୍ୱଳ ଦୀପ୍ତିକୁ ବୁଝି ସନ୍ତୁଷ୍ଟ ହୁଅନ୍ତି । ସେମାନେ ଭଗବାନଙ୍କର ବ୍ରହ୍ମସ୍ତରକୁ ଜାଣିବାବାଲା ଅର୍ଥାତ୍ ବ୍ରହ୍ମାନୁଭୂତି ଲାଭ କରିଥିବା ଯୋଗୀଙ୍କ ସହ ତୁଳନୀୟ ହୋଇ ପାରନ୍ତି । ଯେଉଁ ଛାତ୍ର ଆଉ ଅଧିକ ଅଗ୍ରଗତି କରେ ସେ ସୂର୍ଯ୍ୟମଣ୍ଡଳକୁ ଜାଣିପାରେ । ସେ ପରମାତ୍ମା ଅନୁଭୂତି ଲାଭ କରିଥିବା ଯୋଗୀଙ୍କସହ ତୁଳନୀୟ ହୋଇପାରେ ଏବଂ ଯେଉଁଛାତ୍ର ସୂର୍ଯ୍ୟଲୋକର ହୃଦଦେଶରେ ପ୍ରବେଶ କରି ପାରିଛି ସେ ପରମପୁରୁଷ ଭଗବାନଙ୍କର ପୁରୁଷରୂପ ବା ଭଗବାନ୍ ରୂପକୁ ଜାଣିପାରିଥିବା ଯୋଗୀଙ୍କ ସହ ତୁଳନୀୟ ହୁଏ । ତେଣୁ ଭକ୍ତମାନେ ଅର୍ଥାତ୍ ଭକ୍ତି ଯୋଗୀମାନେ ଅର୍ଥାତ୍ ଯେଉଁମାନେ ଭଗବାନଙ୍କର ଭଗବାନତ୍ୱ ଉପଲବ୍ଧି କରି ପାରିଛନ୍ତି ସେମାନେ ସର୍ବୋତ୍ତମ ଯୋଗୀ ଅଟନ୍ତି । ଯଦିଓ ସମସ୍ତ ଛାତ୍ର ଅର୍ଥାତ୍ ଯେଉଁମାନେ ଭଗବାନଙ୍କର ବିଭିନ୍ନ ସ୍ତର ବା ପ୍ରକୃତି ସମ୍ବନ୍ଧରେ ଅଧ୍ୟୟନ କରିବାରେ ଲାଗିଛନ୍ତି । ଏପ୍ରକାର ବିଷୟ ବସ୍ତୁ ସମ୍ବନ୍ଧରେ ଯେ

ସେମାନେ ଅଧ୍ୟୟନରତ ଅଟନ୍ତି ଏହା ବୁଝିବାକୁ ହେବ, ତଥାପି ଭଗବାନଙ୍କ ସମ୍ବନ୍ଧରେ ଜାଣିବାର ସର୍ବଶେଷ ସ୍ତରକୁ ଅର୍ଥାତ୍ ଭଗବାନଙ୍କର ପୁରୁଷ ରୂପ ବା ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଯେ ଜାଣିପାରିଛି ବା ସେହି ସ୍ତରରେ ଉପନୀତ ହୋଇ ପାରିଛି ସେ ସର୍ବୋତ୍ତମ ଅଟେ । ସୂର୍ଯ୍ୟକିରଣ, ସୂର୍ଯ୍ୟମଣ୍ଡଳ ଓ ସୂର୍ଯ୍ୟଲୋକର ଆଭ୍ୟନ୍ତରୀଣ ବ୍ୟାପାରକୁ ଆମ୍ଭେମାନେ ଅଲଗା ଅଲଗା କରିପାରିବା ନାହିଁ; ତଥାପି ଏ ତିନୋଟି ବିଭାଗର ଛାତ୍ର ଏକାସ୍ତରର ନୁହଁନ୍ତି ।

ସଂସ୍କୃତ ଶବ୍ଦ 'ଭଗବାନ୍'କୁ ବ୍ୟାସ ଦେବଙ୍କ ପିତା ପରାଶର ମୁନି ବ୍ୟାଖ୍ୟା କରିଦେଇ ଯାଇଛନ୍ତି । ଯେଉଁ ପରମପୁରୁଷ ସମସ୍ତ ଧନ, ସମସ୍ତ ଶକ୍ତି, ସମସ୍ତ ଯଶ, ସମସ୍ତ ସୌନ୍ଦର୍ଯ୍ୟ; ସମସ୍ତ ଜ୍ଞାନ ଏବଂ ସମସ୍ତ ତ୍ୟାଗର ଅଧିକାରୀ ତାଙ୍କୁ ଭଗବାନ୍ କୁହାଯାଏ । ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଖୁବ୍ ଧନୀ; ଖୁବ୍ କ୍ଷମତାଶାଳୀ, ଖୁବ୍ ସୌନ୍ଦର୍ଯ୍ୟଶାଳୀ, ଖୁବ୍ ଯଶସ୍ୱୀ, ଖୁବ୍ ବିଦ୍ୱାନ ଏବଂ ବିଶିଷ୍ଟ ତ୍ୟାଗୀ ଅଟନ୍ତି; କିନ୍ତୁ ସେମାନେ କେହି କହିପାରିବେ ନାହିଁ ଯେ ସେମାନେ ସମସ୍ତ ଧନ, ସମସ୍ତ ଶକ୍ତି ଆଦିର ଅଧିକାରୀ । କେବଳ କୃଷ୍ଣ ଏକଥା କହିପାରନ୍ତି; କାରଣ ସେ ହେଉଛନ୍ତି ପରମ ପୁରୁଷ ଭଗବାନ୍ । ଶ୍ରୀବ୍ରହ୍ମାଜୀ, ଶ୍ରୀଶିବଜୀ କିମ୍ବା ନାରାୟଣଙ୍କ ପରି ବ୍ୟକ୍ତି କୃଷ୍ଣଙ୍କ ସଦୃଶ ପୂର୍ଣ୍ଣ ଐଶ୍ୱର୍ଯ୍ୟର ଅଧିକାରୀ ନୁହଁନ୍ତି । ତେଣୁ ବ୍ରହ୍ମସଂହିତାରେ ସ୍ୱୟଂ ବ୍ରହ୍ମା କହିଛନ୍ତି ଯେ କୃଷ୍ଣହିଁ ପରମପୁରୁଷ ଭଗବାନ୍ ଅଟନ୍ତି । କେହି ତାଙ୍କ ସହିତ ସମାନ ନୁହଁନ୍ତି କିମ୍ବା ତାଙ୍କଠାରୁ ବଡ଼ ନୁହଁନ୍ତି । ସେ ଆଦିପୁରୁଷ, ଭଗବାନ୍, ଗୋବିନ୍ଦ, ନାମରେ ପରିଚିତ ଏବଂ ସେ ସମସ୍ତ କାରଣର କାରଣ ଅର୍ଥାତ୍ ପରମ କାରଣ ଅଟନ୍ତି ।

*''ଈଶ୍ୱରଃ ପରମଃ କୃଷ୍ଣଃ ସଚ୍ଚିଦାନନ୍ଦ ବିଗ୍ରହଃ ।*
*ଅନାଦିର୍ ଆଦିର୍ ଗୋବିନ୍ଦଃ ସର୍ବ-କାରଣ-କାରଣମ୍ ॥''*

ଅର୍ଥାତ୍ ଅନେକେ ଏପରି ଅଛନ୍ତି ଯେଉଁମାନେ ଭଗବାନଙ୍କ ସଦୃଶ ଗୁଣର ଅଧିକାରୀ ଅଟନ୍ତି, କିନ୍ତୁ କୃଷ୍ଣ ହେଉଛନ୍ତି ପରମପୁରୁଷ, କାରଣ ତାଙ୍କୁ କେହି ବଳି ପାରିବେ ନାହିଁ । ସେ ହେଉଛନ୍ତି ପରମପୁରୁଷ ଏବଂ ତାଙ୍କର ଶରୀର ଶାଶ୍ୱତ, ଜ୍ଞାନପୂର୍ଣ୍ଣ ଓ ଆନନ୍ଦମୟ ଅଟେ । ସେ ଆଦିପୁରୁଷ ଗୋବିନ୍ଦ ଅଟନ୍ତି ଏବଂ ସର୍ବ କାରଣର କାରଣ ଅଟନ୍ତି ।''(ବ୍ରହ୍ମସଂହିତା ୫-୧)

ଭାଗବତରେ ମଧ୍ୟ ଭଗବାନଙ୍କର ଅନେକ ଅବତାରଙ୍କର ତାଲିକା ଦିଆଯାଇଅଛି, କିନ୍ତୁ କୃଷ୍ଣଙ୍କୁ ଭଗବାନଙ୍କର ମୌଳିକ ରୂପ ବୋଲି ବର୍ଣ୍ଣନା କରାଯାଇଛି । ତାଙ୍କଠାରୁ ଭଗବାନଙ୍କର ଅନେକ ଅବତାର ବାହାରିଛନ୍ତି ।

*''ଏତେ ଚାଂଶ କଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ ।*
*ଇନ୍ଦ୍ରାରି ବ୍ୟାକୁଳଂ ଲୋକଂ ମୃଡ଼ୟନ୍ତି ଯୁଗେ ଯୁଗେ ॥''*

ଏଠାରେ ଅବତାରମାନଙ୍କର ଯେଉଁ ତାଲିକା ଦିଆଗଲା ସେଗୁଡ଼ିକ ମଧ୍ୟରୁ କେତେକ ସ୍ୱାଂଶ ଅଟନ୍ତି କିମ୍ବା ଭଗବାନଙ୍କର ସ୍ୱାଂଶମାନଙ୍କର ଅଂଶ ଅଟନ୍ତି; କିନ୍ତୁ କୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍ । (ଭାଗବତ ୧-୩-୨୮)

ତେଣୁ କୃଷ୍ଣ ହେଉଛନ୍ତି ମୌଳିକ ପରମପୁରୁଷ ଭଗବାନ୍ । ସେ ପରଂବ୍ରହ୍ମ, ପରମ ସତ୍ୟ । ସେ ହେଉଛନ୍ତି ଉଭୟ ପରମାତ୍ମା ଏବଂ ନିର୍ବିଶେଷ ବ୍ରହ୍ମଜ୍ୟୋତିର ଉତ୍ପତ୍ତିସ୍ଥଳ ।

ପରମପୁରୁଷ ଭଗବାନଙ୍କ ସମକ୍ଷରେ ଅର୍ଜୁନଙ୍କର ଆତ୍ମୀୟସ୍ୱଜନଙ୍କ ପାଇଁ ଦୁଃଖ କରିବା ବାସ୍ତବରେ ବଡ଼ କ୍ଷୋଭର ବିଷୟ ଏବଂ ସେଇଥିପାଇଁ କୃଷ୍ଣ ''କୁତସ୍'' (କେଉଁଠାରୁ)ଶବ୍ଦ

ବ୍ୟବହାର କରି ବିସ୍ମୟ ପ୍ରକାଶ କରିଛନ୍ତି । ଅର୍ଜୁନଙ୍କ ଭଳି ଏକ ବୀର ପୁରୁଷ ଯେକି ସଭ୍ୟ ଆର୍ଯ୍ୟବଂଶଜ ଅଟନ୍ତି ତାଙ୍କଠାରୁ ଏପ୍ରକାର ଅପୁରୁଷୋଚିତ ବ୍ୟବହାର ଆଶା କରାଯାଉ ନଥିଲା । ଯେଉଁମାନେ ଜୀବନର ମୂଲ୍ୟ ଜାଣିଛନ୍ତି ଏବଂ ଯେଉଁମାନଙ୍କର ଆଧ୍ୟାତ୍ମିକ ଅନୁଭୂତି ଅଛି, ଅର୍ଥାତ୍ ଆଧ୍ୟାତ୍ମିକ ଅନୁଭୂତି ଉପରେ ଆଧାରିତ ସଭ୍ୟତା ଅଛି ସେହିମାନଙ୍କୁ ଆର୍ଯ୍ୟ ବୋଲି କୁହାଯାଏ । ଯେଉଁମାନେ ଜୀବନ କହିଲେ ଭୌତିକ ସୁଖ-ସମ୍ଭୋଗକୁ ହିଁ ବୁଝନ୍ତି (ଅର୍ଥାତ୍ ଯେଉଁମାନେ ଜୀବନରେ କେବଳ ଭୌତିକ ଧାରଣାର ବଶବର୍ତ୍ତୀ ହୋଇଥା'ନ୍ତି) ସେମାନେ ଜୀବନର ପ୍ରକୃତ ଲକ୍ଷ୍ୟ କ'ଣ ଜାଣନ୍ତି ନାହିଁ । ଜୀବନର ପ୍ରକୃତ ଲକ୍ଷ୍ୟ ହେଉଛି ପରମସତ୍ୟ ପରଂବ୍ରହ୍ମ ଭଗବାନଙ୍କୁ ଜାଣିବା ବା ବିଷ୍ଣୁଙ୍କୁ ଜାଣିବା । ଏକଥା ସେମାନେ ଜାଣନ୍ତି ନାହିଁ । ସେମାନେ ଭୌତିକ ଜଗତର ବାହ୍ୟ ଚମତ୍କାରିତାରେ ମୁଗ୍ଧ ହୋଇଥାନ୍ତି ଏବଂ ସେଇଥିପାଇଁ ସେମାନେ ଜାଣନ୍ତି ନାହିଁ 'ମୁକ୍ତି' କ'ଣ ବା 'ମୁକ୍ତି' କହିଲେ କ'ଣ ବୁଝାଯାଏ । ଯେଉଁମାନଙ୍କର ଏ ଜ୍ଞାନ ନ ଥାଏ ଅର୍ଥାତ୍ ଭୌତିକ ବନ୍ଧନରୁ କିପରି ମୁକ୍ତ ହେବାକୁ ପଡ଼ିବ - ଏ ଜ୍ଞାନ ନଥାଏ, ସେମାନେ ଅନାର୍ଯ୍ୟ ଅଟନ୍ତି-ସେମାନେ ଆର୍ଯ୍ୟ ନୁହଁନ୍ତି । ଯଦିଓ ଅର୍ଜୁନ ଜଣେ କ୍ଷତ୍ରିୟ ଥିଲେ, ତଥାପି ସେ ଯୁଦ୍ଧ କରିବେ ନାହିଁ ବୋଲି କହି ତାଙ୍କର କର୍ତ୍ତବ୍ୟ କର୍ମରୁ ବିଚ୍ୟୁତ ହୋଇ ପଡ଼ିଥିଲେ । ଏ ପ୍ରକାର ଭୀରୁତାକୁ ଅନାର୍ଯ୍ୟର ଆଚରଣ ବୋଲି କୁହାଯାଉଛି । ଏହା ଅନାର୍ଯ୍ୟମାନଙ୍କ ପକ୍ଷରେ ଶୋଭାପାଏ । ଏ ପ୍ରକାର କର୍ତ୍ତବ୍ୟର ଅବହେଳା ପ୍ରଦର୍ଶନ କଲେ ଆଧ୍ୟାତ୍ମିକ ଉନ୍ନତି ବ୍ୟାହତ ହୁଏ । ପୁନଶ୍ଚ ଏ ପ୍ରକାର ଆଚରଣ ମଧ୍ୟ ବ୍ୟକ୍ତିକୁ ପୃଥିବୀରେ ଯଶସ୍ୱୀ ହେବାକୁ ଦିଏ ନାହିଁ । ଅର୍ଜୁନ ତାଙ୍କର ଆତ୍ମୀୟସ୍ୱଜନମାନଙ୍କ ପ୍ରତି ଏ ଯେଉଁ ସହାନୁଭୂତି ପ୍ରକାଶ କଲେ, ତାହାକୁ ଭଗବାନ୍ ଶ୍ରୀକୃଷ୍ଣ ଆଦୌ ପସନ୍ଦ କରୁ ନାହାଁନ୍ତି ।

## ଶ୍ଳୋକ - ୩

**କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ ।**
**କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ ।। ୩ ।।**

## ଶବ୍ଦାନୁବାଦ

କ୍ଲୈବ୍ୟମ୍=କ୍ଲୀବତା; ମା ସ୍ମ=ଗ୍ରହଣ କରନାହିଁ; ଗମଃ=ଯାଅ ନାହିଁ; ପାର୍ଥ=ହେ ପୃଥାପୁତ୍ର; ନ=କଦାପି ନୁହେଁ; ଏତତ୍=ଏପରି; ତ୍ୱୟି=ତୁମଠାରେ; ଉପପଦ୍ୟତେ=ଉପଯୁକ୍ତ ; କ୍ଷୁଦ୍ରମ୍=କ୍ଷୁଦ୍ର; ହୃଦୟ=ହୃଦୟ; ଦୌର୍ବଲ୍ୟମ୍=ଦୁର୍ବଳତା; ତ୍ୟକ୍ତ୍ୱା=ତ୍ୟାଗକରି; ଉତ୍ତିଷ୍ଠ=ଉଠ; ପରନ୍ତପ=ହେ ପରନ୍ତପ (ହେ ଶତ୍ରୁଦମନକାରୀ)! ।

## ଅନୁବାଦ

**ହେ ପୃଥାପୁତ୍ର ! ଏ ପ୍ରକାର କ୍ଲୀବତାର ବଶବର୍ତ୍ତୀ ହୁଅ ନାହିଁ। ଏହା ତୁମ ପକ୍ଷରେ ଶୋଭାପାଏ ନାହିଁ। ହେ ପରନ୍ତପ ! ଏ ପ୍ରକାର କ୍ଷୁଦ୍ର ହୃଦୟ ଦୁର୍ବଳତାକୁ ତ୍ୟାଗକରି ଦଣ୍ଡାୟମାନ ହୁଅ।**

## ଭାବାର୍ଥ

ଏଠାରେ ଅର୍ଜୁନଙ୍କୁ ପୃଥାପୁତ୍ର ବୋଲି ସମ୍ବୋଧନ କରାଯାଉଅଛି । ପୃଥା, କୃଷ୍ଣଙ୍କର ପିତା ବସୁଦେବଙ୍କର ଭଗିନୀ ଥିଲେ । ତେଣୁ କୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେ ରକ୍ତଗତ ସମ୍ପର୍କ ଥିଲା । ଯଦି କୌଣସି କ୍ଷତ୍ରିୟ ପୁତ୍ର ଯୁଦ୍ଧ କରିବାକୁ ମନା କରେ, ତେବେ ସେ ନାମକୁ ମାତ୍ର କ୍ଷତ୍ରିୟ ହୋଇ ରହେ ଏବଂ କୌଣସି ବ୍ରାହ୍ମଣପୁତ୍ର ଅଧର୍ମୋଚିତ କର୍ମ କରେ, ତେବେ ସେ ନାମକୁ ମାତ୍ର ବ୍ରାହ୍ମଣ ହୋଇ ରହେ । ଏପ୍ରକାର କ୍ଷତ୍ରିୟ ଓ ବ୍ରାହ୍ମଣମାନେ କୁଳାଙ୍ଗାର ଅଟନ୍ତି-ବଂଶର କୁପୁତ୍ର ଅଟନ୍ତି । ତେଣୁ କୃଷ୍ଣ, ଏପରି ଇଚ୍ଛା କରୁନାହାନ୍ତି ଯେ, ଅର୍ଜୁନ ଏକ କୁଳାଙ୍ଗାର ବା କୁପୁତ୍ର ହୁଅନ୍ତୁ । ଅର୍ଜୁନ, କୃଷ୍ଣଙ୍କର ଅତି ଅନ୍ତରଙ୍ଗ ବନ୍ଧୁଥିଲେ ଏବଂ କୃଷ୍ଣ ତାଙ୍କୁ ପ୍ରତ୍ୟକ୍ଷଭାବରେ ଯୁଦ୍ଧଭୂମିରେ ରଥ ଉପରେ ବସି ନିର୍ଦ୍ଦେଶ ଦେଉଥିଲେ । ଏସବୁ ସତ୍ତ୍ୱେ ଯଦି ଅର୍ଜୁନ ଯୁଦ୍ଧ କରିବାକୁ ମନାକରନ୍ତି, ତାହାହେଲେ ସେ ଅକୀର୍ତ୍ତିକର କାର୍ଯ୍ୟ କରୁଛନ୍ତି ବୋଲି ବୁଝାଯିବ; ତେଣୁ କୃଷ୍ଣ କହିଲେ ଯେ ଅର୍ଜୁନଙ୍କ ପକ୍ଷରେ ଏ ପ୍ରକାର କ୍ଳୀବତା ଶୋଭା ପାଏ ନାହିଁ । ଅର୍ଜୁନ ଯୁକ୍ତି ଦେଖାଇ ପାରନ୍ତି ଯେ ଅତି ସମ୍ମାନାର୍ହ ପିତାମହ ଭୀଷ୍ମ ଏବଂ ତାଙ୍କର ଆତ୍ମୀୟସ୍ୱଜନମାନଙ୍କ ଯୋଗୁଁ ସେ ଅତ୍ୟନ୍ତ ଉଦାର ହୃଦୟ ହୋଇ ଯୁଦ୍ଧ କରିବାକୁ ମନା କରୁଛନ୍ତି, କିନ୍ତୁ ଏ ପ୍ରକାର ଉଦାରତାକୁ ଆର୍ଯ୍ୟମାନେ ସ୍ୱୀକାର କରିବେ ନାହିଁ । ଏକଥା କୃଷ୍ଣ କହୁଛନ୍ତି; ତେଣୁ ଏ ପ୍ରକାର ଉଦାରତା ବା ତଥାକଥିତ ଅହିଂସା ଅର୍ଜୁନଙ୍କପରି କ୍ଷତ୍ରିୟମାନଙ୍କ ପକ୍ଷରେ ଶୋଭାପାଏ ନାହିଁ । ସେ ପ୍ରତ୍ୟକ୍ଷଭାବରେ କୃଷ୍ଣଙ୍କର ନିର୍ଦ୍ଦେଶ ଲାଭ କରି ଏପ୍ରକାର ଉଦାରତା ତ୍ୟାଗ କରିବା ଉଚିତ୍ ।

## ଶ୍ଲୋକ - ୪

## ଅର୍ଜୁନ ଉବାଚ

**କଥଂ ଭୀଷ୍ମମହଂ ସଙ୍ଖ୍ୟେ ଦ୍ରୋଣଂ ଚ ମଧୁସୂଦନ ।**
**ଇଷୁଭିଃ ପ୍ରତିଯୋତ୍ସ୍ୟାମି ପୂଜାର୍ହାବରିସୂଦନ ।। ୪ ।।**

## ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; କଥମ୍=କିପରି; ଭୀଷ୍ମମ୍=ଭୀଷ୍ମଙ୍କ ପ୍ରତି; ଅହମ୍=ମୁଁ; ସଙ୍ଖ୍ୟେ=ଯୁଦ୍ଧରେ; ଦ୍ରୋଣମ୍=ଦ୍ରୋଣଙ୍କ ପ୍ରତି; ଚ=ମଧ୍ୟ; ମଧୁ-ସୂଦନ=ହେ ମଧୁସୂଦନ !; ଇଷୁଭିଃ=ଶରରେ; ପ୍ରତିଯୋତ୍ସ୍ୟାମି=ପ୍ରତିଶର ନିକ୍ଷେପ କରିବି; ପୂଜା-ଅର୍ହୌ=ଯେଉଁମାନେ ପୂଜ୍ୟ; ଅରି-ସୂଦନ=ହେ ଅରିସୂଦନ (ହେ ଶତ୍ରୁବିନାଶକାରୀ) ।

## ଅନୁବାଦ

**ଅର୍ଜୁନ କହିଲେ, ହେ ମଧୁସୂଦନ (କୃଷ୍ଣ) !ମୋର ପୂଜ୍ୟ ଭୀଷ୍ମ ଓ ଦ୍ରୋଣଙ୍କପରି ଗୁରୁଜନଙ୍କୁ ଯୁଦ୍ଧରେ ମୁଁ କିପରି ପ୍ରତିଶର ନିକ୍ଷେପ କରିବି ?**

## ଭାବାର୍ଥ

ପିତାମହ ଭୀଷ୍ମ ଓ ଦ୍ରୋଣାଚାର୍ଯ୍ୟଙ୍କ ଭଳି ସମ୍ମାନାର୍ହ ଗୁରୁଜନମାନେ ସର୍ବଦା ପୂଜ୍ୟ ଅଟନ୍ତି । ଯଦିଓ ସେମାନେ ଆକ୍ରମଣ କରନ୍ତି ତଥାପି ସେମାନଙ୍କୁ ପ୍ରତି-ଆକ୍ରମଣ କରାଯିବ ନାହିଁ । ଏହା

ହେଉଛି ସାଧାରଣ ଭଦ୍ରତା ଯେ ଗୁରୁଜନମାନଙ୍କ ପ୍ରତି ରୁକ୍ଷଭାଷାମଧ୍ୟ ପ୍ରୟୋଗ କରାଯିବା ଉଚିତ୍ ନୁହେଁ । ଯଦିଓ ସେମାନେ ବେଳେ ବେଳେ ରୁକ୍ଷ ବ୍ୟବହାର ପ୍ରଦର୍ଶନ କରନ୍ତି, ତଥାପି ଅନ୍ୟମାନଙ୍କର ସେମାନଙ୍କ ପ୍ରତି ରୁକ୍ଷ ବ୍ୟବହାର ପ୍ରଦର୍ଶନ କରିବା ଉଚିତ୍ ନୁହେଁ । ତାହାହେଲେ, ଏପରି କ୍ଷେତ୍ରରେ ଅର୍ଜୁନ କିପରି ସେମାନଙ୍କ ଉପରେ ପ୍ରତି-ଆକ୍ରମଣ ଚଳାଇବେ ? କୃଷ୍ଣ କ'ଣ ତାଙ୍କର ପିତାମହ ଉଗ୍ରସେନ ଓ ଗୁରୁ ସାନ୍ଦୀପନି ମୁନିଙ୍କୁ ଆକ୍ରମଣ କରିବେ ? ଅର୍ଜୁନ ଏହିପରି କେତେକ ଯୁକ୍ତି କୃଷ୍ଣଙ୍କ ଆଗରେ ବାଢ଼ିଲେ ।

## ଶ୍ଳୋକ - ୫

**ଗୁରୂନହତ୍ୱା ହି ମହାନୁଭାବାନ୍**
**ଶ୍ରେୟୋ ଭୋକ୍ତୁଂ ଭୈକ୍ଷ୍ୟମପୀହ ଲୋକେ ।**
**ହତ୍ୱାର୍ଥକାମାଂସ୍ତୁ ଗୁରୂନିହୈବ**
**ଭୁଞ୍ଜୀୟ ଭୋଗାନ୍ ରୁଧିରପ୍ରଦିଗ୍‌ଧାନ୍ ।। ୫ ।।**

## ଶବ୍ଦାନୁବାଦ

ଗୁରୂନ୍=ଗୁରୁଜନମାନଙ୍କୁ; ଅହତ୍ୱା=ହତ୍ୟା ନକରି; ହି=ନିଶ୍ଚିତଭାବେ; ମହା ଅନୁଭାବାନ୍=ମହାତ୍ମାଗଣଙ୍କୁ; ଶ୍ରେୟଃ=ଶ୍ରେୟସ୍କର; ଭୋକ୍ତୁମ୍=ଜୀବନ ଉପଭୋଗ କରିବାକୁ; ଭୈକ୍ଷ୍ୟମ୍=ଭିକ୍ଷା କରିବା; ଅପି=ଏପରିକି; ଇହ=ଏ ଜୀବନରେ; ଲୋକେ=ଏ ପୃଥିବୀରେ; ହତ୍ୱା=ହତ୍ୟାକରି; ଅର୍ଥ=ଲାଭ; କାମାନ୍=ଏପରି ଇଚ୍ଛାକରି; ତୁ=କିନ୍ତୁ; ଗୁରୂନ୍=ଗୁରୁମାନଙ୍କୁ; ଇହ=ଏ ପୃଥିବୀରେ (ଇହଲୋକରେ); ଏବ=ନିଶ୍ଚିତଭାବେ; ଭୁଞ୍ଜୀୟ=ଭୋଗକରିବାକୁ ହେବ; ଭୋଗାନ୍=ଭୋଗ୍ୟବସ୍ତୁ; ରୁଧିର=ରକ୍ତ; ପ୍ରଦିଗ୍‌ଧାନ୍=ରଞ୍ଜିତ ।

## ଅନୁବାଦ

**ମୋର ଯେଉଁମାନେ ଗୁରୁଜନ, ସେମାନଙ୍କୁ (ସେ ମହାତ୍ମାମାନଙ୍କୁ) ବଧକରି ଜୀବନ ଉପଭୋଗ କରିବା ଅପେକ୍ଷା, ଏ ପୃଥିବୀରେ ଭିକ୍ଷାକରି ବଞ୍ଚିବା ବରଂ ଭଲ । ଯଦିଓ ସେମାନେ ଅର୍ଥକାମୀ, ତଥାପି ସେମାନେ ଗୁରୁଜନ ଅଟନ୍ତି । ଯଦି ସେମାନଙ୍କୁ ବଧ କରାଯାଏ, ତାହାହେଲେ ତଦ୍ଦ୍ୱାରା ଆମ୍ଭେମାନେ ଯାହା ଲାଭ କରିବା ତାହା ରୁଧିର ରଞ୍ଜିତ ହୋଇଯିବ ।**

## ଭାବାର୍ଥ

ଯଦି କୌଣସି ଗୁରୁ ଘୃଣ୍ୟ କାର୍ଯ୍ୟକରେ ଏବଂ ନିଜର ବିଗ୍ଭର ବୁଦ୍ଧିକୁ ବଳିଦିଏ, ତାହାହେଲେ ସେ ପ୍ରକାର ଗୁରୁଙ୍କୁ ତ୍ୟାଗ କରିବା ଉଚିତ୍ । ଏହା ହେଉଛି ଶାସ୍ତ୍ର ମତ । ଭୀଷ୍ମ ଓ ଦ୍ରୋଣ ଦୁର୍ଯ୍ୟୋଧନଙ୍କ ପକ୍ଷ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ, କାରଣ ସେମାନେ ତା'ଠାରୁ ଆର୍ଥିକ ସାହାଯ୍ୟ ପାଉଥିଲେ; କିନ୍ତୁ ସେମାନେ ଏପରି ବିଗ୍ଭର ଗ୍ରହଣ କରିବା ଉଚିତ୍ ନଥିଲା । ଆର୍ଥିକ ସାହାଯ୍ୟ ଯୋଗୁଁ ତା'ପକ୍ଷକୁ ସମର୍ଥନ କରିବା ସେମାନଙ୍କ ପକ୍ଷରେ ଉପଯୁକ୍ତ ନୁହେଁ । ଏ ପରିସ୍ଥିତିରେ ସେମାନେ ଗୁରୁଜନୋଚିତ ସମ୍ମାନ ହରାଇଲେ । କିନ୍ତୁ ଅର୍ଜୁନ ଭାବୁଛନ୍ତି ଯେ ତଥାପି ସେମାନେ ଗୁରୁଜନ ଏବଂ ସେଇଥିପାଇଁ ସେ ଭାବୁଛନ୍ତି ଯେ ସେମାନଙ୍କୁ ବଧ କରି ଭୌତିକ ସୁଖ ଭୋଗ କରିବା ଅର୍ଥ ରୁଧିର ରଞ୍ଜିତ ସୁଖଭୋଗ କରିବା ।

## ଶ୍ଳୋକ - ୬

**ନ ଚୈତଦ୍ ବିଦ୍ମଃ କତରନ୍ନୋ ଗରୀୟୋ**
**ଯଦ୍ୱା ଜୟେମ ଯଦି ବା ନୋ ଜୟେୟୁଃ ।**
**ଯାନେବ ହତ୍ୱା ନ ଜିଜୀବିଷାମସ୍**
**ତେଽବସ୍ଥିତାଃ ପ୍ରମୁଖେ ଧାର୍ତରାଷ୍ଟ୍ରାଃ ।। ୬ ।।**

## ଶବ୍ଦାନୁବାଦ

ନ=ନୁହେଁ; ଚ=ମଧ୍ୟ; ଏତତ୍=ଏହା; ବିଦ୍ମଃ=ଜାଣୁ; କତରତ୍=ଯାହା; ନଃ=ଆମ୍ଭମାନଙ୍କ ପ୍ରତି; ଗରୀୟଃ=ଉତ୍ତମ; ଯତ୍=ଯାହା; ବା=କିମ୍ବା; ଜୟେମ=ଆମ୍ଭମାନଙ୍କୁ ଜୟ କରନ୍ତି; ଯଦି=ଯଦି; ବା=କିମ୍ବା; ନଃ=ଆମ୍ଭମାନଙ୍କୁ; ଜୟେୟୁଃ=ଜିଣନ୍ତି; ଯାନ୍=ଯାହାଙ୍କୁ; ଏବ=ନିଶ୍ଚିତଭାବେ; ହତ୍ୱା=ବଧକରି; ନ=କେବେ ନୁହେଁ; ଜିଜୀବିଷାମଃ=ବଞ୍ଚିବାକୁ ଇଚ୍ଛାକରୁ; ତେ=ସେମାନଙ୍କ ମଧ୍ୟରୁ ସମସ୍ତେ; ଅବସ୍ଥିତାଃ=ଅବସ୍ଥିତ; ପ୍ରମୁଖେ=ସମ୍ମୁଖରେ; ଧାର୍ତରାଷ୍ଟ୍ରାଃ=ଧୃତରାଷ୍ଟ୍ରଙ୍କର ପୁତ୍ରଗଣ ।

## ଅନୁବାଦ

**କ'ଣ ଆମ୍ଭମାନଙ୍କ ପକ୍ଷରେ ଭଲ ଆମ୍ଭେମାନେ ଜାଣୁନାହୁଁ-ସେମାନଙ୍କୁ ଜିଣିବା ବା ସେମାନଙ୍କ ଦ୍ୱାରା ବିଜିତ ହେବା-କେଉଁଟା ଆମ୍ଭମାନଙ୍କ ପକ୍ଷରେ ଭଲ-ଆମେ ଜାଣୁ ନାହୁଁ । ଧୃତରାଷ୍ଟ୍ରଙ୍କର ପୁତ୍ରମାନଙ୍କୁ ଆମ୍ଭେମାନେ ଯଦି ମାରିଦେଉଁ, ତାହାହେଲେ ସେମାନେ ମଲେ କି ବଞ୍ଚିଲେ ଆମେ କିଛି ସେ ବିଷୟରେ ଚିନ୍ତା କରିବା ନାହିଁ । ସେହି ଧୃତରାଷ୍ଟ୍ରଙ୍କର ପୁତ୍ରମାନେ ବର୍ତ୍ତମାନ ଆମ୍ଭମାନଙ୍କ ସମକ୍ଷରେ ଏ ଯୁଦ୍ଧକ୍ଷେତ୍ରରେ ଦଣ୍ଡାୟମାନ ।**

## ଭାବାର୍ଥ

କ'ଣ କରିବାକୁ ହେବ ଅର୍ଜୁନ କିଛି ଜାଣିପାରୁ ନ ଥିଲେ । ଯଦିଓ କ୍ଷତ୍ରିୟର ଧର୍ମ ହେଉଛି ଯୁଦ୍ଧ କରିବା, ତଥାପି ସେ ଠିକ୍ କରିପାରୁ ନଥିଲେ ସେ କ'ଣ କରିବେ—ସେ ଯୁଦ୍ଧ କରି ଅଯଥା ହତ୍ୟାକାଣ୍ଡ ସୃଷ୍ଟି କରିବେ ନା' ଯୁଦ୍ଧରୁ ନିବୃତ୍ତ ହୋଇ ଭିକ୍ଷାକରି ଜୀବନଯାପନ କରିବେ । ଯଦି ସେ ତାଙ୍କର ଶତ୍ରୁମାନଙ୍କୁ ଜୟ ନ କରନ୍ତି, ତାହାହେଲେ ଭିକ୍ଷାକରି ଜୀବନଯାପନ କରିବା ତାଙ୍କ ପକ୍ଷରେ ଏକମାତ୍ର ଉପାୟ ଅଟେ । ସେ-ଯେ ଯୁଦ୍ଧରେ ଜୟଲାଭ କରିବେ, ତାହାର କୌଣସି ନିଶ୍ଚିତତା ନ ଥିଲା, କାରଣ (ଯୁଦ୍ଧରେ) ଯେ କୌଣସି ଗୋଟିଏ ଦଳ ଜୟଲାଭ କରିପାରନ୍ତି । ଯଦିଓ ସେମାନଙ୍କର (ପାଣ୍ଡବମାନଙ୍କର) ବିଜୟ ସୁନିଶ୍ଚିତ (କାରଣ ସେମାନଙ୍କର ଦାବୀ ଯୁକ୍ତିଯୁକ୍ତ), ତଥାପି ଯଦି ଧୃତରାଷ୍ଟ୍ରଙ୍କର ପୁତ୍ରଗଣ ଯୁଦ୍ଧରେ ବିନାଶ ଲାଭ କରନ୍ତି, ତାହାହେଲେ ସେମାନଙ୍କର ବିରହରେ ଜୀବନଧାରଣ କରିବା ବଡ଼ ଦୁର୍ବିସହ ହୋଇପଡ଼ିବ । ଏ ପରିସ୍ଥିତିରେ ଏହା ସେମାନଙ୍କ ପକ୍ଷରେ ଅନ୍ୟ ଏକ ପ୍ରକାର ପରାଜୟ ଅଟେ । ଅର୍ଜୁନଙ୍କର ଏପ୍ରକାର ବିଗ୍ରହଧାରାରୁ ପରିଷ୍କାର ଭାବରେ ଜଣାପଡୁଥିଲା ଯେ ସେ ଯେ ଭଗବାନଙ୍କର ଜଣେ କେବଳ ବିଶିଷ୍ଟ ଭକ୍ତ ଥିଲେ ସେତିକି ନୁହେଁ, ସେ ଜଣେ ବିଶିଷ୍ଟ ଜ୍ଞାନୀଥିଲେ ଏବଂ ମନ ଓ ଇନ୍ଦ୍ରିୟମାନଙ୍କ ଉପରେ ତାଙ୍କର ପୂର୍ଣ୍ଣକର୍ତ୍ତୃତ୍ୱ ଥିଲା । ଯଦିଓ ସେ ଏକ ରାଜ ପରିବାରରେ

ଜନ୍ମଗ୍ରହଣ କରିଥିଲେ, ତଥାପି ସେ ଯେ ଭିକ୍ଷା କରି ଜୀବନଯାପନ କରିବେ ଏ ନିଷ୍ପତ୍ତି ଗ୍ରହଣ କରିବାର ଜଣାପଡୁଥିଲା । ସେ ଜଣେ ବିଶିଷ୍ଟ ତ୍ୟାଗୀ ଥିଲେ, ଅର୍ଥାତ୍ ଏହା ହେଉଛି ତାଙ୍କର ତ୍ୟାଗ ବା ଅନାସକ୍ତିର ଲକ୍ଷଣ । ବାସ୍ତବରେ ସେ ଅନେକ ସଦ୍‌ଗୁଣରେ ଭୂଷିତ ହୋଇଥିଲେ । ତାଙ୍କର ଗୁରୁ ଭଗବାନ୍ ଶ୍ରୀକୃଷ୍ଣଙ୍କର ଉପଦେଶରେ ତାଙ୍କର ଦୃଢ଼ ବିଶ୍ୱାସ ବା ଆସ୍ଥା ଥିଲା । ଏଥିରୁ ଏହା ସ୍ପଷ୍ଟରୂପେ ଜଣାପଡୁଥିଲା । ଏଥିରୁ ଏହି ସିଦ୍ଧାନ୍ତ ପ୍ରକାଶ ପାଉଛି ଯେ ସେ ମୁକ୍ତିଲାଭ କରିବାକୁ ସଂପୂର୍ଣ୍ଣ ଉପଯୁକ୍ତ ଅଟନ୍ତି । ଇନ୍ଦ୍ରିୟଗୁଡ଼ିକ ସଂଯତ ନ ହେଲେ ଜ୍ଞାନ ଭୂମିକାକୁ ଉନ୍ନୀତ ହେବାର କୌଣସି ସମ୍ଭାବନା ନାହିଁ । ଜ୍ଞାନ ଓ ଭକ୍ତି ବିନା ମୁକ୍ତି ପ୍ରାପ୍ତି ସମ୍ଭବ ନୁହେଁ । ଅର୍ଜୁନଙ୍କର ଅନେକ ପାର୍ଥିବ ଗୁଣ ଥିଲା, ତା' ସତ୍ତ୍ୱେ ଏସବୁ ଦିବ୍ୟଗୁଣ ଥିଲା ।

## ଶ୍ଳୋକ - ୭

**କାର୍ପଣ୍ୟ ଦୋଷୋ ପହତ ସ୍ୱଭାବଃ**
**ପୃଚ୍ଛାମି ତ୍ୱାଂ ଧର୍ମସଂମୂଢ଼ଚେତାଃ ।**
**ଯଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ**
**ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂପ୍ରପନ୍ନମ୍ ।। ୭ ।।**

## ଶବ୍ଦାନୁବାଦ

କାର୍ପଣ୍ୟ=କାର୍ପଣ୍ୟଭାବରୁ; ଦୋଷ=ଦୁର୍ବଳତା; ଉପହତ=(ଦୋଷରେ) ଦୁଷ୍ଟ ହୋଇ; ସ୍ୱଭାବଃ=ସ୍ୱଭାବ; ପୃଚ୍ଛାମି=ମୁଁ ପଚାରୁଛି; ତ୍ୱାମ୍=ଆପଣଙ୍କୁ; ଧର୍ମ=ଧର୍ମ; ସଂମୂଢ଼=ବିବ୍ରତ; ଚେତାଃ=ହୃଦୟରେ; ଯତ୍=କ'ଣ; ଶ୍ରେୟଃ=ଶ୍ରେୟ (ମୋ ପକ୍ଷରେ ଉପଯୁକ୍ତ); ସ୍ୟାତ୍=ହୋଇପାରେ; ନିଶ୍ଚିତମ୍=ନିଶ୍ଚିତ ରୂପେ; ବ୍ରୂହି=କୁହନ୍ତୁ; ତତ୍=ତାହା; ମେ=ମୋତେ; ଶିଷ୍ୟଃ=ଶିଷ୍ୟ; ତେ=ଆପଣଙ୍କର; ଅହମ୍=ମୁଁ; ଶାଧି=ମୋତେ ଉପଦେଶ ଦିଅନ୍ତୁ; ମାମ୍=ମୋତେ; ତ୍ୱାମ୍=ଆପଣଙ୍କଠାରେ; ପ୍ରପନ୍ନମ୍=ଶରଣ ।

## ଅନୁବାଦ

**ମୋର କ'ଣ କର୍ତ୍ତବ୍ୟ, ତାହା ମୁଁ ଭାବି ସ୍ଥିର କରି ପାରୁନାହିଁ । ଦୁର୍ବଳତା ଯୋଗୁଁ ମୁଁ ମୋର ମାନସିକ ଭାରସାମ୍ୟ ହରାଇଛି । ଏ ଅବସ୍ଥାରେ ମୋ ପକ୍ଷରେ କ'ଣ ଶ୍ରେୟସ୍କର ଦୟାକରି ନିଶ୍ଚିତରୂପେ ମୋତେ କୁହନ୍ତୁ । ବର୍ତ୍ତମାନ ମୁଁ ଆପଣଙ୍କର ଶିଷ୍ୟ ହେଲି ଏବଂ ଆପଣଙ୍କର ସଂପୂର୍ଣ୍ଣ ଶରଣରେ ଆସିଲି । ଦୟାକରି ମୋତେ ଉପଦେଶ ପ୍ରଦାନ କରନ୍ତୁ ।**

## ଭାବାର୍ଥ

ସମଗ୍ର ଭୌତିକ ସ୍ଥିତି ଓ ଭୌତିକ କାର୍ଯ୍ୟାବଳୀ ପ୍ରତ୍ୟେକଙ୍କୁ କେବଳ ବ୍ୟାକୁଳ ଓ ବ୍ୟଗ୍ର କରାଏ । ଏହା ହେଉଛି ପ୍ରକୃତିର ବିଧାନ, ପ୍ରତି ପଦକ୍ଷେପରେ ବ୍ୟାକୁଳତା ବା ବ୍ୟଗ୍ରତା ହିଁ ଅନୁଭୂତ ହୁଏ ଏବଂ ସେଇଥିପାଇଁ ବ୍ୟକ୍ତିକୁ ଏକ ଉପଯୁକ୍ତ ଆଚାର୍ଯ୍ୟଙ୍କର ଶରଣାପନ୍ନ ହେବାକୁ ଦରକାର ପଡ଼େ, କାରଣ ସେ ଆଚାର୍ଯ୍ୟ (ବା ଗୁରୁ) ତାକୁ ଜୀବନର ଉପଯୁକ୍ତ ମାର୍ଗ ପ୍ରଦର୍ଶନ

କରାଇପାରିବେ, ଯଦ୍ଦ୍ୱାରା କି ତା'ର ଜୀବନର ଉଦ୍ଦେଶ୍ୟ ସାଧିତ ହେବ । ସମସ୍ତ ବୈଦିକ ଶାସ୍ତ୍ରରେ ଏହି ଉପଦେଶ ଦିଆଯାଇଛି ଯେ ଜୀବନର ବ୍ୟାକୁଳତାରୁ ମୁକ୍ତିଲାଭ ନିମିତ୍ତ ଏକ ଉପଯୁକ୍ତ ଗୁରୁଙ୍କ ନିକଟକୁ ଯିବାକୁ ପଡ଼ିବ । ଆମେ ନ ଗ୍ରହୁଁଥିଲେ ମଧ୍ୟ ଏ ବ୍ୟାକୁଳତା ଜୀବନରେ ଆସେ । ଏ ବ୍ୟାକୁଳତାରୁ କିପରି ମୁକ୍ତିପାଇବାକୁ ହେବ, ତାହା ଗୁରୁ ହିଁ ନିର୍ଦ୍ଦେଶ କରିବେ । ଏଗୁଡ଼ିକ ଦାବାଗ୍ନି ସଦୃଶ । ବଣରେ କେହି ଅଗ୍ନି ଲଗାଇ ଦିଅନ୍ତି ନାହିଁ, ସେ ମନକୁ ଲାଗି ବଣକୁ ପୋଡ଼ି ପକାଏ । ଠିକ୍ ସେହିପରି ଏ ପୃଥିବୀର ପରିସ୍ଥିତି ଏପରି ଯେ ଆମେ ନ ଗ୍ରହିଁଲେ ସୁଦ୍ଧା ଜୀବନରେ ବ୍ୟାକୁଳତା ଆସେ । କେହି ଜଳି ପୋଡ଼ି ହେବା ନିମିତ୍ତ ନିଆଁ ଗ୍ରହାନ୍ତି ନାହିଁ, ତଥାପି ତାହା ଆସେ ଓ ଆମ୍ଭମାନଙ୍କୁ ଜାଳି ପୋଡ଼ି ଦିଏ । ତେଣୁ ବୈଦିକ ଶାସ୍ତ୍ର ସମୂହ ଏହି ଉପଦେଶ ଦିଅନ୍ତି ଯେ ଜୀବନର ବ୍ୟାକୁଳତାର ସମାଧାନ ନିମିତ୍ତ ଏବଂ ସମାଧାନର ପନ୍ଥା ବା ବିଜ୍ଞାନ ଜାଣିବା ନିମିତ୍ତ ବ୍ୟକ୍ତିକୁ ଉପଯୁକ୍ତ ଗୁରୁ ପରମ୍ପରାରେ ଆସୁଥିବା ଏକ ଆଗ୍ରର୍ଯ୍ୟଙ୍କ ନିକଟରେ ପହଞ୍ଚିବାକୁ ପଡ଼ିବ । ଯେଉଁ ବ୍ୟକ୍ତି ଏକ ଉପଯୁକ୍ତ ଆଗ୍ରର୍ଯ୍ୟଙ୍କ ନିକଟରେ ଅଛି ସେ ସବୁ ଜାଣିଛି । ତେଣୁ ବ୍ୟକ୍ତି ଭୌତିକ ଦୁଃଖ ବା ବ୍ୟଗ୍ରତା ମଧ୍ୟରେ ନ ରହି ଏକ ଉପଯୁକ୍ତ ଗୁରୁଙ୍କ ନିକଟରେ ରହିବା ଉଚିତ୍ । ଏହା ହେଉଛି ଶ୍ଳୋକର ତାତ୍ପର୍ଯ୍ୟ ।

ଭୌତିକ ଦୁଃଖ ଯନ୍ତ୍ରଣା-ଦଗ୍ଧ ମାନବ କିଏ ? ଯେ ଜୀବନର ସମସ୍ୟା କ'ଣ ଜାଣେ ନାହିଁ ସେ ହେଉଛି ଭୌତିକ ଦୁଃଖ-ଯନ୍ତ୍ରଣା ଦଗ୍ଧ ମାନବ । ଗର୍ଗ ଉପନିଷଦରେ ଏ ମାନବ ସମ୍ବନ୍ଧରେ ନିମ୍ନମତେ ବର୍ଣ୍ଣନା ଅଛି : *''ଯୋ ବା ଏତଦ୍ ଅକ୍ଷରଂ ଗାର୍ଗ୍ୟବିଦିତ୍ୱାସ୍ମାଲ୍ ଲୋକାତ୍ ପ୍ରୈତି ସ କୃପଣ ।''* ଯେଉଁ ବ୍ୟକ୍ତି ଏକ ମାନବ ହିସାବରେ ଜୀବନର ସମସ୍ୟାମାନଙ୍କର ସମାଧାନ କରିପାରେ ନାହିଁ ଏବଂ ଯେ ଆତ୍ମବିଜ୍ଞାନ ବା ଆତ୍ମାନୁଭୂତି ଲାଭ ନ କରିପାରି କୁକୁରବିରାଡ଼ିପରି ଏ ପୃଥିବୀକୁ ତ୍ୟାଗ କରେ ସେ କୃପଣ ଅଟେ ।'' ଯେଉଁ ମାନବ ଜୀବନର ସମସ୍ୟାମାନଙ୍କର ସମାଧାନରେ ଏ ଜୀବନକୁ ବିନିଯୋଗ କରେ ତା'ର ଜୀବନ ଧନ୍ୟ ଅଟେ । ତା'ପକ୍ଷରେ ଏ ଜୀବନ ଅତ୍ୟନ୍ତ ମୂଲ୍ୟବାନ୍ ଅଟେ; ତେଣୁ ଯେ ଏ ସୁଯୋଗକୁ ଉପଭୋଗ ନ କରେ ଅର୍ଥାତ୍ ଜୀବନକୁ ଉପଯୁକ୍ତ ଭାବେ ବିନିଯୋଗ ନକରେ ସେ କୃପଣ ଅଟେ । ଅନ୍ୟପକ୍ଷରେ ଏ ପୃଥିବୀରେ ବ୍ରାହ୍ମଣ ଅଛନ୍ତି, ଅର୍ଥାତ୍ ଯେ ଖୁବ୍ ବୁଦ୍ଧିମାନ୍ ଅଟନ୍ତି ଏବଂ ସେ ଜାଣିଥାନ୍ତି ଜୀବନର ସମସ୍ୟାମାନଙ୍କର ସମାଧାନ ନିମିତ୍ତ ଏ ଶରୀରକୁ କିପରି ବ୍ୟବହାର କରିବାକୁ ହେବ । ଯେଉଁମାନେ କୃପଣ, ସେମାନେ ଦେଶ, ଜାତି ବଂଶ, ପରିବାର, ସମାଜ ଆଦି ପ୍ରତି ଅଯଥା ସହାନୁଭୂତି ପ୍ରକାଶ କରି ସମୟ ନଷ୍ଟ କରନ୍ତି । ସେମାନେ ଭୌତିକ ଧାରଣାର ବଶବର୍ତ୍ତୀ ହୋଇ ଏପରି କରିଥା'ନ୍ତି । ବ୍ୟକ୍ତି ସାଧାରଣତଃ ପାରିବାରିକ ଜୀବନ ପ୍ରତି ଆସକ୍ତ । ଉଦାହରଣ ସ୍ୱରୂପ ପରିବାର, ସ୍ତ୍ରୀ ପୁତ୍ର ଏବଂ ଅନ୍ୟମାନଙ୍କ ପ୍ରତି ସେ ବିଶେଷ ଆସକ୍ତ, କାରଣ ଏମାନେ ତା'ର ରକ୍ତ ସମ୍ପର୍କ ବୋଲି ସେ ଭାବେ । କୃପଣ ଭାବେ ସେ ତା'ର ପରିବାରକୁ ମୃତ୍ୟୁ ମୁଖରୁ ରକ୍ଷା କରିବାକୁ ସକ୍ଷମ ଅଟେ; କିମ୍ବା ସେ ଭାବେ ଯେ ତା'ର ପରିବାର ବା ସମାଜ ତାକୁ ମୃତ୍ୟୁ ମୁଖରୁ ରକ୍ଷା କରିପାରିବେ । ଏ ପ୍ରକାର ପାରିବାରିକ ଆସକ୍ତି ମନୁଷ୍ୟେତର ପ୍ରାଣୀମାନଙ୍କଠାରେ ମଧ୍ୟ ଦେଖାଯାଏ; ସେଇଥିପାଇଁ ସେମାନେ ସେମାନଙ୍କର ଶିଶୁମାନଙ୍କର

ଯନ୍ ନିଅନ୍ତି ।ଅର୍ଜୁନ ବଡ଼ ଚଲାଖ ଥିଲେ ଏବଂ ସେଇଥିପାଇଁ ସେ ବୁଝିପାରିଲେ ଯେ ତାଙ୍କର ଏହି ପରିବାର-ପ୍ରୀତି ତାଙ୍କୁ ବର୍ତ୍ତମାନ ଏପରି ବ୍ୟାକୁଳ କରାଇଛି ।ସେ ତାଙ୍କର ପରିବାର ଓ ଆତ୍ମୀୟସ୍ୱଜନମାନଙ୍କୁ ରକ୍ଷା କରିବାକୁ ଇଚ୍ଛା କରିବାରୁ ବର୍ତ୍ତମାନ ଏ ପରିସ୍ଥିତିରେ ପଡ଼ିଛନ୍ତି । ଏହା ହେଉଛି ତାଙ୍କର ବ୍ୟାକୁଳତାର କାରଣ ।ଯଦିଓ ଏ କଥା ସେ ବୁଝି ପାରିଥିଲେ ଯେ ତାଙ୍କର କର୍ତ୍ତବ୍ୟ ହେଉଛି ଯୁଦ୍ଧ କରିବା, ତଥାପି ଏ କାର୍ପଣ୍ୟ ଦୋଷ ଯୋଗୁଁ ସେ ତାଙ୍କର କର୍ତ୍ତବ୍ୟ ସମ୍ପାଦନ କରିପାରୁ ନଥିଲେ ।ତେଣୁ ସେ ପରମଗୁରୁ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପଗ୍ଚରୁଛନ୍ତି, କ'ଣ ତାଙ୍କ ପକ୍ଷରେ ଉପଯୁକ୍ତ ଏ ପରିସ୍ଥିତିରେ କ'ଣ ତାଙ୍କର କର୍ତ୍ତବ୍ୟ-ଠିକ୍ କରି କହିବା ନିମିତ୍ତ ।ସେ ନିଜକୁ କୃଷ୍ଣଙ୍କର ଶିଷ୍ୟରୂପେ ସମର୍ପଣ କଲେ ।ସେ ବର୍ତ୍ତମାନ ବନ୍ଧୁଭାବାପନ୍ନ କଥାବାର୍ତ୍ତା ବନ୍ଦ କରିବାକୁ ଇଚ୍ଛା କଲେ।ଗୁରୁ ଓ ଶିଷ୍ୟ ମଧ୍ୟରେ ଯେଉଁ କଥାବାର୍ତ୍ତା ତାହା ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ବାର୍ତ୍ତା (ମହା ବନ୍ଧୁମାନଙ୍କ ମଧ୍ୟରେ ହେଉଥିବା ଥଟ୍ଟାଳିଆ କଥା ନୁହେଁ - ପରିହାସ ବ୍ୟଞ୍ଜକ ନୁହେଁ) ବର୍ତ୍ତମାନ ଅର୍ଜୁନ ତାଙ୍କ ଗୁରୁ ଶ୍ରୀକୃଷ୍ଣଙ୍କ ସମକ୍ଷରେ ବଡ଼ ଗୁରୁତ୍ୱପୂର୍ଣ୍ଣ ଭାବରେ କଥାବାର୍ତ୍ତା କରିବାକୁ ଇଚ୍ଛା କଲେ ।ତେଣୁ କୃଷ୍ଣ ଏ ଭଗବଦ୍ ବିଜ୍ଞାନ- ଭଗବଦ୍ ଗୀତା-ବିଜ୍ଞାନର ଆଦିଗୁରୁ ଅଟନ୍ତି ଏବଂ ଗୀତା ବିଜ୍ଞାନ ଶିକ୍ଷା କରିବାର ପ୍ରଥମ ଶିଷ୍ୟ ହେଉଛନ୍ତି ଅର୍ଜୁନ ।ଅର୍ଜୁନ କିପରି ଭଗବଦ୍ ଗୀତାକୁ ବୁଝିପାରିଲେ -ସେ କଥା ଗୀତାରେ କୁହାଯାଇଛି । ତଥାପି ନିର୍ବୋଧ ଜଡ଼ ବିଜ୍ଞାନୀଗଣ ପଣ୍ଡିତଗଣ କହନ୍ତି ଯେ କୃଷ୍ଣଙ୍କୁ ପୁରୁଷ ରୂପରେ ଗ୍ରହଣକରି ତାଙ୍କ ନିକଟରେ ଆତ୍ମସମର୍ପଣ କରିବା ଦରକାର ନାହିଁ, କିନ୍ତୁ କୃଷ୍ଣଙ୍କ ମଧ୍ୟରେ ଯେଉଁ ଅଜ ନିର୍ବିଶେଷ ଭଗବାନ୍ ଅଛନ୍ତି, ତାଙ୍କଠାରେ ଆତ୍ମ ସମର୍ପଣ କରିବା ଉଚିତ୍ ।କୃଷ୍ଣଙ୍କର ଅନ୍ତର-ବହିଃ-(ଭିତର ବାହାର) ମଧ୍ୟରେ କୌଣସି ତଫାତ୍ ନାହିଁ ।ଯାହାର ଏ ଜ୍ଞାନ ନାହିଁ ସେ ଏକ ଗଣ୍ଡମୂର୍ଖ ଅଟେ ।ଭଗବଦ୍ ଗୀତାକୁ ବୁଝିବାକୁ ଚେଷ୍ଟା କରିବା ତା'ପକ୍ଷରେ ମୂର୍ଖାମି ଅଟେ ।

## ଶ୍ଲୋକ - ୮

**ନ ହି ପ୍ରପଶ୍ୟାମି ମମାପନୁଦ୍ୟାଦ୍**
**ଯଚ୍ଛୋକ ମୁଚ୍ଛୋଷଣମିନ୍ଦ୍ରିୟାଣାମ୍ ।**
**ଅବାପ୍ୟ ଭୂମାବ ସପତ୍ନମ୍ ଋଦ୍ଧଂ**
**ରାଜ୍ୟଂ ସୁରାଣାମପି ଗ୍ଧିପତ୍ୟମ୍ ।। ୮ ।।**

## ଶବ୍ଦାନୁବାଦ

ନ=ନୁହେଁ; ହି=ନିଶ୍ଚିତଭାବେ; ପ୍ରପଶ୍ୟାମି=ମୁଁ ଦେଖୁଛି; ମମ=ମୋର; ଅପନୁଦ୍ୟାତ୍=ସେମାନେ ଅପନୋଦନ କରି ପାରିବେ; ଯତ୍=ଯାହା; ଶୋକମ୍=ଶୋକ (ବା ଦୁଃଖ); ଉଚ୍ଛୋଷଣମ୍=ଶୁଷ୍କ; ଇନ୍ଦ୍ରିୟାଣାମ୍=ଇନ୍ଦ୍ରିୟମାନଙ୍କର; ଅବାପ୍ୟ=ପ୍ରାପ୍ତ ହୋଇ; ଭୂମୌ=ଭୂମିରେ (ଏ ପୃଥିବୀରେ); ଅସପତ୍ନମ୍=ଅପ୍ରତିଦ୍ୱନ୍ଦୀ; ଋଦ୍ଧମ୍=ସମୃଦ୍ଧ; ରାଜ୍ୟମ୍=ରାଜ୍ୟ (ସାମ୍ରାଜ୍ୟ); ସୁରାଣାମ୍=ଦେବତାମାନଙ୍କର; ଅପି=ଏପରିକି; ଚ=ମଧ୍ୟ; ଆଧିପତ୍ୟମ୍=ଆଧିପତ୍ୟ।

## ଅନୁବାଦ

**ଏ ଯେଉଁ ଦୁଃଖ ମୋର ଇନ୍ଦ୍ରିୟମାନଙ୍କୁ ଶୁଷ୍କ କରି ଦେଉଛି, ତାହା ଦୂର କରିବାର କୌଣସି ଉପାୟ ମୁଁ ଦେଖିପାରୁ ନାହିଁ । ସ୍ୱର୍ଗର ଦେବତାମାନଙ୍କ ପରି ଏକ ଅପ୍ରତିଦ୍ୱନ୍ଦ୍ୱୀ ସାମ୍ରାଜ୍ୟ ଯଦି ମୁଁ ଏ ପୃଥିବୀରେ ଲାଭ କରେ, ତଥାପି ମୋର ଏ ଶୋକ ଯେ, ଦୂର ହେବ, ତାହା ମୁଁ ଦେଖିପାରୁ ନାହିଁ ।**

## ଭାବାର୍ଥ

ଧର୍ମନୀତି, ଶାସ୍ତ୍ରବିଧି ଏବଂ ନୈତିକ ଆଚରଣ ଆଦି କଥା କହି ଅର୍ଜୁନ ନାନାପ୍ରକାର ଯୁକ୍ତି ବାଢ଼ିଲେ; ତଥାପି ଜଣାପଡୁଥିଲା ଯେ ଏସବୁ ସତ୍ତ୍ୱେ ସେ ତାଙ୍କର ଗୁରୁ ଭଗବାନ୍ ଶ୍ରୀକୃଷ୍ଣଙ୍କର ସହାୟତା ବିନା ପ୍ରକୃତ ସମସ୍ୟାର ସମାଧାନ କରିପାରୁନାହାଁନ୍ତି । ତାଙ୍କର ଯେଉଁ ସମସ୍ୟା ବର୍ତ୍ତମାନ ଦେଖା ଦେଇଛି, ଯାହାକି ତାଙ୍କର ସମଗ୍ର ସ୍ଥିତିକୁ ଶୁଷ୍କ କରି ପକାଉଛି, ସେ ସମସ୍ୟାର ସମାଧାନ ନିମିତ୍ତ ତାଙ୍କର ତଥାକଥିତ ଜ୍ଞାନ ବୃଥା ଅଟେ । ସେ ଯେଉଁ ଜ୍ଞାନ ଲାଭ କରିଛନ୍ତି ତାହା ତାଙ୍କର ସମସ୍ୟାମାନଙ୍କର ସମାଧାନ ନିମିତ୍ତ କୌଣସି କାମରେ ଆସୁନାହିଁ । ଏ କଥା ସେ ଭଲରକମ ଜାଣିପାରିଥିଲେ ଯେ କୃଷ୍ଣଙ୍କଭଳି ଏକ ଗୁରୁଙ୍କର ବିନା ସହାୟତାରେ ତାଙ୍କର ଏ ବ୍ୟାକୁଳତା ପରିପୂର୍ଣ୍ଣ ସମସ୍ୟାମାନଙ୍କର ସମାଧାନ କରିବାକୁ ଅକ୍ଷମ । ତଥାକଥିତ ବିଶ୍ୱବିଦ୍ୟାଳୟଜ୍ଞାନ, ପାଣ୍ଡିତ୍ୟ, ଉଚ୍ଚପଦବୀ ଆଦି ଜୀବନର ସମସ୍ୟାମାନଙ୍କର ସମାଧାନ କରିବାରେ ଆଦୌ ସହାୟକ ନୁହଁନ୍ତି; ଏଗୁଡ଼ିକ ସବୁ ବୃଥା ଅଟେ । କୃଷ୍ଣଙ୍କ ଭଳି ଏକ ଗୁରୁଙ୍କଠାରୁ ହିଁ କେବଳ ଏଥି ନିମିତ୍ତ ସହାୟତା ମିଳିପାରେ । ତେଣୁ ଏହି ସିଦ୍ଧାନ୍ତ ଏଥିରୁ ମିଳୁଛି ଯେ ଯେଉଁ ଗୁରୁ ସଂପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ ସେ ହିଁ ପ୍ରକୃତ ଗୁରୁ ଅଟନ୍ତି; କାରଣ ସେ ଜୀବନର ସମସ୍ୟାମାନଙ୍କର ସମାଧାନ କରିପାରିବେ । ଶ୍ରୀ ଚୈତନ୍ୟ ମହାପ୍ରଭୁ କହିଛନ୍ତି, ଯେ କୃଷ୍ଣ ତତ୍ତ୍ୱବେତ୍ତା ଅର୍ଥାତ୍ ଯେ କୃଷ୍ଣ ବିଜ୍ଞାନ ଜାଣନ୍ତି, ସେ ଯାହା କିଛି ହୁଅନ୍ତୁ ନା କାହିଁକି ସେ ହିଁ ପ୍ରକୃତରେ ଗୁରୁ ଅଟନ୍ତି ।

*"କିବା ବିପ୍ର, କିବା ନ୍ୟାସୀ, ଶୂଦ୍ର କେନେ ନୟ,*
*ଯେଇ କୃଷ୍ଣ-ତତ୍ତ୍ୱବେତ୍ତା ସେଇ 'ଗୁରୁ' ହୟ ।"*

(ଚୈ.ଚ.ମଧ୍ୟ-୮-୧୨୭)

"ଏଥିରେ କିଛି ଯାଏ ଆସେ ନାହିଁ । ଗୁରୁ ବିପ୍ର ହୋଇପାରନ୍ତି (ଅର୍ଥାତ୍ ବୈଦିକ ଜ୍ଞାନ ଲାଭ କରିଥିବା ପଣ୍ଡିତ ହୋଇ ପାରନ୍ତି) କିମ୍ବା ଶୂଦ୍ର ପରିବାରରେ ଜନ୍ମଲାଭ କରିଥାଇପାରନ୍ତି, କିମ୍ବା ସନ୍ନ୍ୟାସୀ ହୋଇଥାଇପାରନ୍ତି । ସେ ଯଦି କୃଷ୍ଣ-ତତ୍ତ୍ୱବେତ୍ତା ହୋଇଥାନ୍ତି ଅର୍ଥାତ୍ କୃଷ୍ଣ ବିଜ୍ଞାନ ଭଲରକମ ଜାଣିଥାନ୍ତି, ସେହିଁ ପ୍ରକୃତରେ ଉପଯୁକ୍ତ ଗୁରୁ ଅଟନ୍ତି ।" ତେଣୁ ଯେ କୃଷ୍ଣ ତତ୍ତ୍ୱବେତ୍ତା ନୁହେଁ ଅର୍ଥାତ୍ କୃଷ୍ଣ ବିଜ୍ଞାନ ଜାଣିନାହିଁ, ସେ ଉପଯୁକ୍ତ ଗୁରୁ ନୁହେଁ । ଏ କଥା ମଧ୍ୟ ବୈଦିକ ସାହିତ୍ୟରେ କୁହାଯାଇଛି :

*"ଷଟ୍-କର୍ମ-ନିପୁଣୋ ବିପ୍ରୋ ମନ୍ତ୍ର-ତନ୍ତ୍ର-ବିଶାରଦଃ ।*
*ଅବୈଷ୍ଣବୋ ଗୁରୁର୍ ନ ସ୍ୟାଦ୍ ବୈଷ୍ଣବଃ ଶ୍ୱପଚେ ଗୁରୁଃ ।।"*

''ଅର୍ଥାତ୍ ଜଣେ ବ୍ରାହ୍ମଣ ଖୁବ୍ ବିଦ୍ୱାନ ବା ପଣ୍ଡିତ ହୋଇପାରେ, ସମସ୍ତ ପ୍ରକାର ବୈଦିକ ଜ୍ଞାନରେ ଖୁବ୍ ଧୁରନ୍ଧର ହୋଇପାରେ, ସେ ଯଦି ବୈଷ୍ଣବ ନୁହେଁ, ତାହାହେଲେ ସେ ଗୁରୁ ହୋଇ ପାରିବ ନାହିଁ; ଅର୍ଥାତ୍ ସେ ଯଦି କୃଷ୍ଣବିଜ୍ଞାନରେ ଧୁରନ୍ଧର ନୁହେଁ, ସେ ଗୁରୁ ହୋଇ ପାରିବ ନାହିଁ । କିନ୍ତୁ ଏକ ନୀଚ କୂଳରେ ଜାତ ବ୍ୟକ୍ତି ଯଦି ବୈଷ୍ଣବ ହୋଇଥାଏ, ଅର୍ଥାତ୍ କୃଷ୍ଣବିଜ୍ଞାନ ଜାଣିଥାଏ ସେ ଗୁରୁହୋଇପାରିବେ ।''

ଭୌତିକ ସ୍ଥିତିର ସମସ୍ୟାମାନ ହେଲା-ଜନ୍ମ, ମୃତ୍ୟୁ, ଜରା ଓ ବ୍ୟାଧି । ଧନସଂଗ୍ରହ ବା ଆର୍ଥିକ ଉନ୍ନତି ବଳରେ ତୁମ୍ଭେମାନେ ଏ ସମସ୍ୟାମାନଙ୍କର ସମାଧାନ କରିପାରିବ ନାହିଁ । ପୃଥିବୀର ଅନେକ ସ୍ଥାନରେ ଅନେକ ଦେଶରେ ତୁମ୍ଭେମାନେ ଦେଖିପାରିବ ଯେ ସେ ଦେଶମାନଙ୍କର ଧନ ସମ୍ପଦର ଅଭାବ ନାହିଁ, ଜୀବନର ସୁଖ ସୁବିଧାର ଅଭାବ ନାହିଁ, ସେଗୁଡ଼ିକ ବଡ଼ ସମୃଦ୍ଧଶାଳୀ ଦେଶ, ତଥାପି ତୁମ୍ଭେମାନେ ଦେଖିବ ଯେ ସେଠାରେ ଭୌତିକ ସ୍ଥିତିର ଏସବୁ ସମସ୍ୟାମାନ ରହିଛି । ସେମାନେ ବିଭିନ୍ନ ପ୍ରକାରେ ଶାନ୍ତି ପାଇବାକୁ ଚେଷ୍ଟା କରୁଛନ୍ତି, ସେମାନେ ଶାନ୍ତିର ଅନ୍ୱେଷଣ କରୁଛନ୍ତି, କିନ୍ତୁ ପାଇପାରୁନାହାନ୍ତି । ଯଦି ସେମାନେ କୃଷ୍ଣଙ୍କର ଉପଦେଶ ଗ୍ରହଣ କରନ୍ତି କିମ୍ବା ଭଗବଦ୍ ଗୀତା ଓ ଶ୍ରୀମଦ୍ ଭାଗବତରେ ଦିଆଯାଇଥିବା ଉପଦେଶ ଗ୍ରହଣ କରନ୍ତି (କାରଣ ଏ ଗ୍ରନ୍ଥମାନଙ୍କରେ କୃଷ୍ଣବିଜ୍ଞାନ ହିଁ ଲିପିବଦ୍ଧ ହୋଇଅଛି); କିମ୍ବା କୃଷ୍ଣଙ୍କର ଯେ ଉପଯୁକ୍ତ ପ୍ରତିନିଧି, ଅର୍ଥାତ୍ ଏକ କୃଷ୍ଣଭକ୍ତ ବା କୃଷ୍ଣ ଚେତନଶୀଳ ବ୍ୟକ୍ତିର ଉପଦେଶ ଗ୍ରହଣ କରି ତଦନୁଯାୟୀ ଆଚରଣ କରିପାରନ୍ତି, ତାହାହେଲେ ସେମାନେ ଶାନ୍ତି ପାଇପାରିବେ ।

ଯଦି ଆର୍ଥିକ ଉନ୍ନତି ଏବଂ ଭୌତିକ ସୁଖ-ସଂପଦ ବ୍ୟକ୍ତିର ପାରିବାରିକ, ସାମାଜିକ, ଜାତୀୟ ବା ଆନ୍ତର୍ଜାତୀୟ ଦୁଃଖ-ଦୁର୍ଦ୍ଦଶା ଦୂର କରି ପାରୁଥା'ନ୍ତା ବା ସମସ୍ୟାମାନଙ୍କର ସମାଧାନ କରି ପାରୁଥା'ନ୍ତା, ତାହାହେଲେ ଅର୍ଜୁନ କାହିଁକି ଏପରି କହିଥାନ୍ତେ ଯେ ଏ ପୃଥିବୀରେ ଏକ ଅପ୍ରତିଦ୍ୱନ୍ଦୀ ସାମ୍ରାଜ୍ୟ କିମ୍ବା ସ୍ୱର୍ଗରାଜ୍ୟର ଦେବଗଣ ସୁଲଭ ଆଧିପତ୍ୟ ତାଙ୍କର ଏ ଦୁଃଖଦୁର୍ଦ୍ଦଶାକୁ ଦୂର କରିପାରିବେ ନାହିଁ । ତେଣୁ ସେ କୃଷ୍ଣଚେତନା ଗ୍ରହଣ କଲେ, କୃଷ୍ଣଙ୍କର ପଦାରବିନ୍ଦରେ ଆଶ୍ରୟ ଗ୍ରହଣ କଲେ ଏବଂ ତାହାହିଁ ହେଉଛି ଶାନ୍ତିପ୍ରାପ୍ତିର ଉପଯୁକ୍ତ ପନ୍ଥା । ଆର୍ଥିକ ଉନ୍ନତି ସାମ୍ରାଜ୍ୟାଧିକାର କିମ୍ବା ପୃଥିବୀପୃଷ୍ଠରେ ଆଧିପତ୍ୟ ବିସ୍ତାର ଭୂତ ପ୍ରକୃତିର ବିଭୀଷିକାର ଯେ କୌଣସି ମୁହୂର୍ତ୍ତରେ ଧ୍ୱଂସ ପାଇଯିବ । ଏପରିକି ଉଚ୍ଚ ସ୍ୱର୍ଗଲୋକ ପ୍ରାପ୍ତ୍ୟାବସ୍ଥା ମଧ୍ୟ ଗୋଟିଏ ଆଘାତରେ ଶେଷ ହୋଇଯିବ । ଆଜିକାଲି ଲୋକମାନେ ଚନ୍ଦ୍ରଲୋକକୁ ଯାତ୍ରା କରିବାର ଏବଂ ସେଠାରେ ବସତି ସ୍ଥାପନ କରିବାର ଚେଷ୍ଟା କରୁଛନ୍ତି । କିନ୍ତୁ ସେମାନେ ଜାଣନ୍ତି ନାହିଁ ଏକ ମୁହୂର୍ତ୍ତରେ ଏସବୁ କେଉଁଆଡ଼େ ନିଶ୍ଚିହ୍ନ ହୋଇଯିବ । ଏକଥା ଭଗବଦ୍‌ଗୀତାରେ ସ୍ୱୀକାର କରାଯାଇଅଛି— *''କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟ ଲୋକଂ ବିଶନ୍ତି ।''* ଅର୍ଥାତ୍ ଯେତେବେଳେ ପୁଣ୍ୟକର୍ମର ଫଳ ଶେଷ ହୋଇଯାଏ, ସେତେବେଳେ ବ୍ୟକ୍ତି ସୁଖ-ସମ୍ଭୋଗର ଚୂଡ଼ାଦେଶରୁ ଜୀବନର ନୀଚତମ ସ୍ଥିତିକୁ ପୁନର୍ବାର ପତିତ ହୁଏ । ପୃଥିବୀର ଅନେକ ରାଜନୈତିକ ନେତା ଏହି ପ୍ରକାରେ ଅଧୋପତିତ ହୋଇଛନ୍ତି । ଏ ପ୍ରକାର ଅଧୋପତନ କେବଳ ଅଧିକ ଦୁଃଖ-ଦୁର୍ଦ୍ଦଶା ଓ ବ୍ୟାକୁଳତା ହିଁ ଆଣିଦିଏ । ତେଣୁ ଯଦି ଆମ୍ଭେମାନେ ସବୁଦିନ ପାଇଁ ଏ ଦୁଃଖ ଯନ୍ତ୍ରଣା ବା ବ୍ୟାକୁଳତାରୁ ମୁକ୍ତ ହେବାକୁ ଚାହୁଁ, ତାହାହେଲେ ଆମ୍ଭମାନଙ୍କୁ ଅର୍ଜୁନଙ୍କ ଭଳି କୃଷ୍ଣ ପଦାରବିନ୍ଦରେ ଆଶ୍ରୟ ଗ୍ରହଣ କରିବାକୁ ହେବ ।

ତେଣୁ ଅର୍ଜୁନ କୃଷ୍ଣଙ୍କୁ କହୁଛନ୍ତି ଯେ ସେ ସମସ୍ୟାମାନଙ୍କର ସମାଧାନର ନିର୍ଦ୍ଦିଷ୍ଟ ପନ୍ଥା ତାଙ୍କୁ ପ୍ରଦର୍ଶନ କରନ୍ତୁ । ଏହାହିଁ ହେଉଛି କୃଷ୍ଣ ଚେତନା ମାର୍ଗ ।

## ଶ୍ଳୋକ - ୯

## ସଞ୍ଜୟ ଉବାଚ

**ଏବମୁକ୍ତ୍ୱା ହୃଷୀକେଶଂ ଗୁଡ଼ାକେଶଃ ପରନ୍ତପଃ ।**
**ନ ଯୋତ୍ସ୍ୟ ଇତି ଗୋବିନ୍ଦମୁକ୍ତ୍ୱା ତୂଷ୍ଣୀଂ ବଭୂବ ହ ।। ୯ ।।**

## ଶବ୍ଦାନୁବାଦ

ସଞ୍ଜୟଃ ଉବାଚ=ସଞ୍ଜୟ କହିଲେ; ଏବମ୍=ଏହିପରି; ଉକ୍ତ୍ୱା=କହି; ହୃଷୀକେଶମ୍=ଇନ୍ଦ୍ରିୟମାନଙ୍କର ପ୍ରଭୁ କୃଷ୍ଣଙ୍କୁ; ଗୁଡ଼ାକେଶଃ=ଅର୍ଜୁନ (ଯେ କି ଅବିଦ୍ୟା ନାଶନକାରୀ ପ୍ରଭୁ); ପରନ୍ତପଃ=ଶତ୍ରୁଦମନକାରୀ; ନ ଯୋତ୍ସ୍ୟେ=ମୁଁ ଯୁଦ୍ଧ କରିବି ନାହିଁ; ଇତି=ଏହିପରି; ଗୋବିନ୍ଦମ୍=ଆନନ୍ଦ ପ୍ରଦାନକାରୀ କୃଷ୍ଣଙ୍କୁ; ଉକ୍ତ୍ୱା=କହି; ତୂଷ୍ଣୀମ୍=ନୀରବ; ବଭୂବ=ହେଲେ; ହ=ନିଶ୍ଚିତଭାବେ ।

## ଅନୁବାଦ

**ସଞ୍ଜୟ କହିଲେ, ଏହିପରିଭାବରେ ଶତ୍ରୁଦମନକାରୀ ଅର୍ଜୁନ କୃଷ୍ଣଙ୍କୁ କହିଲେ, "ହେ ଗୋବିନ୍ଦ ! ମୁଁ ଯୁଦ୍ଧ କରିବି ନାହିଁ । ଏହା କହି ସେ ନୀରବ ହେଲେ ।**

## ଭାବାର୍ଥ

ଅର୍ଜୁନ ଯୁଦ୍ଧ କରିବାକୁ ଯାଉ ନାହାନ୍ତି ବରଂ ତତ୍‌ପରିବର୍ତ୍ତେ ସେ ଯୁଦ୍ଧକ୍ଷେତ୍ର ତ୍ୟାଗକରି ଭିକ୍ଷା କରିବାକୁ ଯାଉଛନ୍ତି, ଏକଥା ଶୁଣି ବୋଧହୁଏ ଧୃତରାଷ୍ଟ୍ର ଖୁବ୍ ଖୁସି ହୋଇଥିବେ । କିନ୍ତୁ ଅର୍ଜୁନଙ୍କୁ ପରନ୍ତପ (ଶତ୍ରୁ ଦମନକାରୀ) ବୋଲି କହି ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ହତାଶ କରି ପକାଇଲେ । ଯଦିଓ ପାରିବାରିକ ମୋହ ଯୋଗୁଁ ଅର୍ଜୁନ ସାମୟିକ ଭାବେ ମିଥ୍ୟା ଶୋକ-ମୋହରେ ଅଭିଭୂତ ହୋଇ ପଡ଼ିଥିଲେ, ତଥାପି ସେ ପରମଗୁରୁ ଶ୍ରୀକୃଷ୍ଣଙ୍କଠାରେ ଏକ ଶିଷ୍ୟଭାବରେ ଆତ୍ମ ସମର୍ପଣ କଲେ । ଏଥିରୁ ଜଣାଗଲା ଯେ ସେ ଖୁବ୍ ଶୀଘ୍ର ଏ ପାରିବାରିକ ମୋହରୂପ ମିଥ୍ୟା ଦୁଃଖରୁ ମୁକ୍ତ ହେବେ ଏବଂ ଉପଯୁକ୍ତ ଜ୍ଞାନାଲୋକରେ ଉଦ୍ଭାସିତ ହୋଇପଡ଼ିବେ, ଅର୍ଥାତ୍ ଆତ୍ମାନୁଭୂତି ବା କୃଷ୍ଣ ଚେତନା ଲାଭ କରି ନିଶ୍ଚୟ ଯୁଦ୍ଧ କରିବେ । ଏହିପରି ଧୃତରାଷ୍ଟ୍ରଙ୍କର ଆନନ୍ଦ ନିରାନନ୍ଦରେ ପରିଣତ ହେବ । କାରଣ ଅର୍ଜୁନ କୃଷ୍ଣଙ୍କଠାରୁ ଜ୍ଞାନାଲୋକ ଲାଭ କରି ଶେଷ ପର୍ଯ୍ୟନ୍ତ ଯୁଦ୍ଧ କରିବେ ।

## ଶ୍ଳୋକ - ୧୦

**ତମୁବାଚ ହୃଷୀକେଶଃ ପ୍ରହସନ୍ନିବ ଭାରତ ।**
**ସେନୟୋରୁଭୟୋର୍ମଧ୍ୟେ ବିଷୀଦନ୍ତମିଦଂ ବଚଃ ।। ୧୦।।**

## ଶବ୍ଦାନୁବାଦ

ତମ୍=ତାଙ୍କୁ; ଉବାଚ=କହିଲେ; ହୃଷୀକେଶଃ=ହୃଷୀକେଶ (ଇନ୍ଦ୍ରିୟମାନଙ୍କର ପ୍ରଭୁ) କୃଷ୍ଣ; ପ୍ରହସନ୍=ହସିକରି; ଇବ=ପରି; ଭାରତ=ହେ ଧୃତରାଷ୍ଟ୍ର, ଭରତବଂଶଜ; ସେନୟୋଃ=ସେନାମାନଙ୍କ ମଧ୍ୟରେ; ଉଭୟୋଃ=ଦୁଇ ପକ୍ଷର; ମଧ୍ୟେ=ମଧ୍ୟରେ; ବିଷୀଦନ୍ତମ୍=ଦୁଃଖ କରୁଥିବା ବ୍ୟକ୍ତିଙ୍କୁ; ଇଦମ୍=ନିମ୍ନମତେ; ବଚଃ=କଥା ।

## ଅନୁବାଦ

**ହେ ଭରତବଂଶଜ ! ସେ ସମୟରେ କୃଷ୍ଣ ହସି ହସି ଦୁଃଖାଭିଭୂତ ଅର୍ଜୁନଙ୍କୁ ଉଭୟ ସେନା ମଧ୍ୟରେ ନିମ୍ନମତେ କହିଲେ ।**

## ଭାବାର୍ଥ

ହୃଷୀକେଶ ଓ ଗୁଡ଼ାକେଶ-ଏ ଦୁଇ ଅନ୍ତରଙ୍ଗ ବନ୍ଧୁଙ୍କ ମଧ୍ୟରେ କଥାବାର୍ତ୍ତା ହେଉଥିଲା । ବନ୍ଧୁ ହିସାବରେ ଉଭୟେ ଏକାସ୍ତରରେ ଥିଲେ, କିନ୍ତୁ ଜଣେ ସ୍ୱେଚ୍ଛାକ୍ରମେ ଅନ୍ୟ ଜଣଙ୍କର ଛାତ୍ର (ବା ଶିଷ୍ୟ)ହେଲେ । କୃଷ୍ଣ ହସୁଥିଲେ, କାରଣ ଜଣେ ବନ୍ଧୁ ଶିଷ୍ୟତ୍ୱ ସ୍ୱୀକାର କଲେ । ଯେଣୁ ସେ ପରମେଶ୍ୱର, ତେଣୁ ପ୍ରତ୍ୟେକଙ୍କର ପ୍ରଭୁ ହିସାବରେ ସେ ସର୍ବଦା ଉଚ୍ଚ ସ୍ଥାନର ଅଧିକାରୀ; ତଥାପି ଯଦି କେହି ଜଣେ ବନ୍ଧୁ ହେବାକୁ କିମ୍ବା ପୁତ୍ର ହେବାକୁ କିମ୍ବା ପ୍ରେମିକ ବା ଭକ୍ତ ହେବାକୁ ଇଚ୍ଛା କରେ କିମ୍ବା ଯଦି କେହି ଭଗବାନଙ୍କୁ ସେହି ସେହି ଭୂମିକାରେ ଅବତୀର୍ଣ୍ଣ ହେବାକୁ ଇଚ୍ଛା କରେ, ତାହାହେଲେ ସେ (ଭଗବାନ୍) ତାହା ସ୍ୱୀକାର କରନ୍ତି । କିନ୍ତୁ ସେ ଯେତେବେଳେ ଗୁରୁରୂପେ ସ୍ୱୀକୃତ ହେଲେ, ସେତେବେଳେ ସେ ସଙ୍ଗେ ସଙ୍ଗେ ସେ ଭୂମିକାରେ ଅଭିନୟ କରିବାକୁ ଆରମ୍ଭ କଲେ ଏବଂ ଠିକ୍ ଏକ ଗୁରୁପରି ବଡ଼ ଗାମ୍ଭୀର୍ଯ୍ୟ ସହକାରେ ଦରକାର ଅନୁଯାୟୀ ଶିଷ୍ୟ ସହ କଥାବାର୍ତ୍ତା କରିବାକୁ ଆରମ୍ଭ କଲେ । ଜଣାପଡୁଥିଲା ଯେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଅତି ଖୋଲା ଖୋଲି ଭାବରେ ଉଭୟ ସେନା ମଧ୍ୟରେ ବାର୍ତ୍ତାଳାପ ହେଉଛି, କାହିଁକିନା ତଦ୍ୱାରା ସମସ୍ତେ ଉପକୃତ ହେବେ । ତେଣୁ ଭଗବଦ୍ ଗୀତାର ବାର୍ତ୍ତା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି, ସମାଜ କିମ୍ବା ଗୋଷ୍ଠୀ ପ୍ରତି ଉଦ୍ଦିଷ୍ଟ ନୁହେଁ, ଏହା ସମସ୍ତଙ୍କ ପାଇଁ, ଶତ୍ରୁ ଓ ବନ୍ଧୁ ଉଭୟେ ସମାନଭାବେ ଏହାକୁ ଶ୍ରବଣ କରି ଉପକୃତ ହେବେ ।

## ଶ୍ଳୋକ - ୧୧

## ଶ୍ରୀଭଗବାନୁବାଚ

**ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ ।**
**ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ ।। ୧୧ ।।**

## ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ପରମ ପୁରୁଷ ଭଗବାନ୍ କହିଲେ; ଅଶୋଚ୍ୟାନ୍=ଯାହା ଶୋକ କରିବାର ବା ଦୁଃଖ କରିବାର ନୁହେଁ; ଅନ୍ୱଶୋଚଃ=ତୁମେ ଶୋକ କରୁଛ; ତ୍ୱମ୍=ତୁମେ; ପ୍ରଜ୍ଞା-ବାଦାନ୍=ପାଣ୍ଡିତ୍ୟପୂର୍ଣ୍ଣ କଥା; ଚ=ମଧ୍ୟ; ଭାଷସେ=କହୁଛ; ଗତ=ବିଗତ; ଅସୂନ୍=ଜୀବନ;

ଅଗତ=ଯାହା ବିତି ନାହିଁ; ଅସୂନ୍=ଜୀବନ; ଚ=ମଧ୍ୟ; ନ=ନୁହେଁ; ଅନୁଶୋଚନ୍ତି=ଦୁଃଖୀ କରନ୍ତି; ପଣ୍ଡିତାଃ=ପଣ୍ଡିତମାନେ ।

## ଅନୁବାଦ

**ଶ୍ରୀଭଗବାନ୍ କହିଲେ, "ତୁମେ ପାଣ୍ଡିତ୍ୟପୂର୍ଣ୍ଣ କଥା କହୁଛ; କିନ୍ତୁ ଯେଉଁ ବିଷୟରେ ଶୋକ କରିବାର ନୁହେଁ ସେ ବିଷୟରେ ଶୋକ କରୁଛ । ଯେଉଁମାନେ ପଣ୍ଡିତ ସେମାନେ କଦାପି ଜୀବନ୍ତ ବା ମୃତ ପାଇଁ ଶୋକ କରନ୍ତି ନାହିଁ ।"**

## ଭାବାର୍ଥ

ଭଗବାନ୍ ସଙ୍ଗେ ସଙ୍ଗେ ଗୁରୁର ଭୂମିକା ଗ୍ରହଣ କରି ତାଙ୍କ ଛାତ୍ରଙ୍କୁ ପରୋକ୍ଷ ଭାବରେ ଏକ ମୂର୍ଖ ବୋଲି କହି ଭର୍ତ୍ସନା କରିବାକୁ ଆରମ୍ଭ କଲେ । ଭଗବାନ୍ କହିଲେ, ତୁମେ ଏକ ପଣ୍ଡିତ ପରି କଥା କହୁଛ, କିନ୍ତୁ ତୁମେ ଜାଣିନାହଁ ପ୍ରକୃତରେ ପଣ୍ଡିତ କିଏ ? ଯେ ଭଲଭାବରେ ଜାଣେ, ଏ ଶରୀର କ'ଣ ଓ ଆତ୍ମା କ'ଣ, ସେ ପ୍ରକୃତରେ ପଣ୍ଡିତ ଅଟେ ଏବଂ ସେ କଦାପି ଶରୀରର ଯେ କୌଣସି ଅବସ୍ଥା ପାଇଁ ଦୁଃଖ କରେ ନାହିଁ-ଶରୀରର ଜୀବିତାବସ୍ଥା ବା ମୃତାବସ୍ଥା କୌଣସି ଅବସ୍ଥା ପାଇଁ ସେ ଦୁଃଖ କରେ ନାହିଁ । ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଏ ବିଷୟରେ ଆଲୋଚନା କରାଯିବ । ସେତେବେଳେ ଜଣାଯିବ ଯେ ଜ୍ଞାନ କହିଲେ ଜଡ଼, ଚେତନଶୀଳ ଆତ୍ମା ଏବଂ ଉଭୟର ନିୟନ୍ତ୍ରଣକାରୀ ସମ୍ବନ୍ଧରେ ଜାଣିବା । ଅର୍ଜୁନ ଯୁକ୍ତି କରୁଥିଲେ ଯେ ରାଜନୀତି ଓ ସମାଜନୀତି ଅପେକ୍ଷା ଧର୍ମନୀତିକୁ ଅଧିକ ଗୁରୁତ୍ୱ ଦେବାର କଥା, କିନ୍ତୁ ସେ ଏକଥା ଜାଣି ନଥିଲେ ଯେ ଜଡ଼ ବସ୍ତୁ, ଚେତନଶୀଳ ଆତ୍ମା ଏବଂ ଭଗବାନଙ୍କ ସମ୍ବନ୍ଧୀୟ ଜ୍ଞାନ ଧର୍ମନୀତି ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ତେଣୁ ତାଙ୍କର ଏ ସମ୍ବନ୍ଧରେ ଜ୍ଞାନ ନଥିଲା, ତେଣୁ ସେ ପଣ୍ଡିତପରି କଥା କହିବାର ଉଚିତ୍ ନ ଥିଲା । ଯେଣୁ ସେ ପଣ୍ଡିତ ନ ଥିଲେ, ତେଣୁ ଯେଉଁ ବିଷୟରେ ଦୁଃଖ କରିବାର କଥା ନୁହେଁ ସେ ବିଷୟରେ ଦୁଃଖ କରୁଥିଲେ । ଏ ଶରୀର ଜନ୍ମ ହୋଇଛି ଏବଂ ଏହା ଦିନେ ନା ଦିନେ ମରିବ-ଆଜି ମରିପାରେ କିମ୍ବା କାଲି ମରିପାରେ, ତେଣୁ ଆତ୍ମାପରି ଏ ଶରୀର ଗୁରୁତ୍ୱପୂର୍ଣ୍ଣ ନୁହେଁ । ଯେ ଏକଥା ଜାଣିଛି, ସେ ହିଁ ପ୍ରକୃତରେ ପଣ୍ଡିତ ବା ଜ୍ଞାନୀ ଏବଂ ସେ ଏ ଶାରୀରିକ ଅବସ୍ଥା ପାଇଁ କଦାପି ଦୁଃଖ କରେ ନାହିଁ ।

## ଶ୍ଳୋକ - ୧୨

**ନ ତ୍ୱେବାହଂ ଜାତୁ ନାସଂ ନ ତ୍ୱଂ ନେମେ ଜନାଧିପାଃ ।**
**ନ ଚୈବ ନ ଭବିଷ୍ୟାମଃ ସର୍ବେ ବୟମତଃ ପରମ୍ ।। ୧୨ ।।**

## ଶବ୍ଦାନୁବାଦ

ନ=କଦାପି ନୁହେଁ; ତୁ=କିନ୍ତୁ; ଏବ=ନିଶ୍ଚିତଭାବେ; ଅହମ୍=ମୁଁ; ଜାତୁ=କେତେବେଳେ ହେଲେ; ନ=ନୁହେଁ; ଆସମ୍=ଥିଲି; ନ=ଏହା ସେପରି ନୁହେଁ; ତ୍ୱମ୍=ତୁମେ; ନ=ନୁହେଁ; ଇମେ=ଏମାନେ ସମସ୍ତେ; ଜନା-ଧିପାଃ=ରାଜାମାନେ; ନ=ନୁହେଁ; ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ନ=ସେପରି ନୁହେଁ; ଭବିଷ୍ୟାମଃ=ଭିବଷ୍ୟତରେ ରହିବେ; ସର୍ବେ=ଆମ୍ଭେମାନେ ସମସ୍ତେ; ବୟମ୍=ଆମ୍ଭେମାନେ; ଅତଃ ପରମ୍=ଏହାପରେ ।

## ଅନୁବାଦ

**ଏପରି ସମୟ କେବେ ନଥିଲା, ଯେତେବେଳେ ମୁଁ ନଥିଲି କିମ୍ବା ତୁମେ ନଥିଲ କିମ୍ବା ଏ ରାଜାମାନେ ନଥିଲେ । ପୁନଶ୍ଚ ଭବିଷ୍ୟତରେ ଏପରି କେବେ ହେବନାହିଁ; ଯେତେବେଳେ ଆମ୍ଭେମାନେ କେହି ନଥିବା ।**

## ଭାବାର୍ଥ

ବେଦରେ, କଠଉପନିଷଦ ତଥା ଶ୍ୱେତାଶ୍ୱତର ଉପନିଷଦରେ କୁହାଯାଇଛି ଯେ, ପରମପୁରୁଷ ଭଗବାନ୍ ଅସଂଖ୍ୟ ଜୀବଙ୍କର ପରିପାଳନ କର୍ତ୍ତା ଅଟନ୍ତି । ସେହି ପରମପୁରୁଷ ଭଗବାନ୍ ମଧ୍ୟ ତାଙ୍କର ଅଂଶ ରୂପେ ପ୍ରତ୍ୟେକ ଜୀବର ହୃଦୟରେ ବିଦ୍ୟମାନ ଅଛନ୍ତି । କେବଳ ଯେଉଁ ସାଧୁ-ସନ୍ଥମାନେ ବାହାରେ ଓ ଭିତରେ ସେହି ଏକ ଭଗବାନଙ୍କୁ ଦେଖିପାରିବେ, ସେହିମାନେ ହିଁ ପ୍ରକୃତ ଶାନ୍ତିପ୍ରାପ୍ତ ହୋଇପାରିବେ ।

*"ନିତ୍ୟୋ ନିତ୍ୟାନାମ୍ ଚେତନସ୍ ଚେତନାନାମ୍*
*ଏକୋ ବହୂନାମ୍ ଯୋ ବିଦଧାତି କାମାନ୍ ।*
*ତମ୍ ଆତ୍ମସ୍ଥଂ ଯେଽନୁ ପଶ୍ୟନ୍ତି ଧୀରାସ୍*
*ତେଷାମ୍ ଶାନ୍ତିଃ ଶାଶ୍ୱତୀ ନେତରେଷାମ୍ ।।*

*(କଠ-୨-୨-୧୩)*

ଅର୍ଜୁନଙ୍କୁ ଯେଉଁ ବୈଦିକ ଜ୍ଞାନ କଥା କୁହାଯାଇଛି ତାହା ପୃଥିବୀର ସମସ୍ତଙ୍କୁ କୁହାଯାଇଛି । ଯେଉଁମାନେ ନିଜକୁ ଖୁବ୍ ପଣ୍ଡିତ ବୋଲି ଭାବନ୍ତି, କିନ୍ତୁ ବାସ୍ତବରେ ପଣ୍ଡିତ ନୁହଁନ୍ତି ମୂର୍ଖ, ସେହିମାନଙ୍କୁ ଏହିକଥା କୁହାଯାଇଅଛି । ଭଗବାନ୍ ଏଠାରେ ପରିଷ୍କାର ଭାବରେ କହୁଛନ୍ତି ଯେ ସେ ନିଜେ, ଅର୍ଜୁନ ଓ ଯୁଦ୍ଧକ୍ଷେତ୍ରରେ ଏକତ୍ର ହୋଇଥିବା ସମସ୍ତ ରାଜା ଶାଶ୍ୱତଭାବେ ଜଣେ ଜଣେ ବ୍ୟକ୍ତି ଅଟନ୍ତି ଏବଂ ଭଗବାନ୍ ଶାଶ୍ୱତ ଭାବେ ପ୍ରତ୍ୟେକଙ୍କର ପାଳନ କର୍ତ୍ତା ଅଟନ୍ତି । ଜୀବର ପ୍ରତ୍ୟେକ ଅବସ୍ଥାରେ ଅର୍ଥାତ୍ ବଦ୍ଧାବସ୍ଥା ତଥା ମୁକ୍ତାବସ୍ଥାରେ ସେ ପାଳନ କର୍ତ୍ତା ଅଟନ୍ତି । ଭଗବାନ୍ ପରମପୁରୁଷ ଅଟନ୍ତି ଏବଂ ଅର୍ଜୁନ, ଯେକି ଭଗବାନଙ୍କର ଚିରସାଥି ତଥା ସେଠାରେ ଉପସ୍ଥିତ ଥିବା ସମସ୍ତ ରାଜା ପ୍ରତ୍ୟେକେ ଶାଶ୍ୱତ ଭାବେ ଜଣେ ଜଣେ ବ୍ୟକ୍ତି ଅଟନ୍ତି । କଥା ଏପରିନୁହେଁ ଯେ ଅତୀତରେ ସେମାନେ ବ୍ୟକ୍ତି ନଥିଲେ ଏବଂ ସେମାନେ ଯେ ପରେ ଶାଶ୍ୱତ ଭାବେ ଜଣେ ଜଣେ ବ୍ୟକ୍ତି ହୋଇ ନ ରହିବେ, ଏପରି କଥା ନୁହେଁ । ସେମାନଙ୍କର ବ୍ୟକ୍ତିତ୍ୱ ଅତୀତରେ ଥିଲା ଏବଂ ବିନା ବାଧାରେ ଭବିଷ୍ୟତରେ ଶାଶ୍ୱତଭାବେ ରହିଥିବ । ତେଣୁ କାହାରିପାଇଁ ଦୁଃଖକରିବାର କିଛି ନାହିଁ ।

ମାୟାବାଦୀମାନଙ୍କର ମତ ହେଲା ଯେ ଯେଉଁ ଆତ୍ମା (ଜୀବାତ୍ମା) ମାୟାଶକ୍ତିର ଆବରଣ ଯୋଗୁଁ ପରମାତ୍ମାଙ୍କଠାରୁ ବିଚ୍ଛିନ୍ନ ହୋଇ ଯାଇଛି, ତାହା ମୁକ୍ତିପରେ ନିର୍ବିଶେଷ ବ୍ରହ୍ମରେ ଲୀନ ହୋଇଯିବ ଏବଂ ଏହାର ସ୍ୱତନ୍ତ୍ର ଅସ୍ତିତ୍ୱ ହରାଇବ । ଏକଥା ବା ଏ ମତବାଦକୁ ଏଠାରେ ପରମପୁରୁଷ ଭଗବାନ୍ ସ୍ୱୀକାର କରୁନାହାନ୍ତି । କେବଳ ଯେ ବଦ୍ଧାବସ୍ଥାରେ ଆମ୍ଭେମାନେ ବ୍ୟକ୍ତିଗତ ଅସ୍ତିତ୍ୱ ବା ସ୍ଥିତି ଚିନ୍ତାକରିବା ବା ଜାଣିପାରିବା, ଅନ୍ୟାବସ୍ଥାରେ ନୁହେଁ - ଏକଥା

ମଧ୍ୟ ଭଗବାନ୍ ଶ୍ରୀକୃଷ୍ଣ ସ୍ୱୀକାର କରୁନାହାନ୍ତି । ଭଗବାନ୍ ଶ୍ରୀକୃଷ୍ଣ ଏଠାରେ ପରିଷ୍କାରଭାବରେ କହୁଛନ୍ତି ଯେ ଭବିଷ୍ୟତରେ ମଧ୍ୟ ଭଗବାନଙ୍କ ବ୍ୟକ୍ତିଗତ ସ୍ଥିତି ତଥା ଅନ୍ୟମାନଙ୍କର ବ୍ୟକ୍ତିଗତ ସ୍ଥିତି ଶାଶ୍ୱତଭାବେ ରହିଥିବ । ଏକଥା ଉପନିଷଦମାନଙ୍କରେ ସ୍ୱୀକୃତ ହୋଇଅଛି । କୃଷ୍ଣ ମାୟାବଶ ନୁହଁନ୍ତି, ତେଣୁ କୃଷ୍ଣଙ୍କର ଏ ବାଣୀ ପ୍ରମାଣ ସିଦ୍ଧ ଅଟେ । ଯଦି ବ୍ୟକ୍ତିଗତ ସ୍ଥିତି ବା ବ୍ୟକ୍ତିତ୍ୱ ସନାତନଭାବେ ନଥାନ୍ତା ତାହାହେଲେ ଭଗବାନ୍ ଶ୍ରୀକୃଷ୍ଣ ଏକଥା ଉପରେ ଏତେ ଗୁରୁତ୍ୱ ଆରୋପ କରି କହି ନଥାନ୍ତେ-‘‘ଏପରିକି ଭବିଷ୍ୟତରେ ମଧ୍ୟ ରହିବ ।’’

ମାୟାବାଦୀ ଏପରି ଯୁକ୍ତି ଦେଖାଇ କହିପାରେ ଯେ କୃଷ୍ଣ ଯେଉଁ ବ୍ୟକ୍ତିତ୍ୱ ବା ବ୍ୟକ୍ତିଗତ ସ୍ଥିତି କଥା କହିଛନ୍ତି ତାହା ଅପ୍ରାକୃତ ନୁହେଁ; ତାହା ପ୍ରାକୃତ ଅଟେ । ଧର ଆମ୍ଭେମାନେ ସେମାନଙ୍କ ଯୁକ୍ତିକୁ ମାନିନେବା ଯେ ବ୍ୟକ୍ତିତ୍ୱ ପ୍ରାକୃତ ଅଟେ, ତେବେ ଏ କ୍ଷେତ୍ରରେ କୃଷ୍ଣଙ୍କର ବ୍ୟକ୍ତିତ୍ୱକୁ ଆମେ କିପରି ଜାଣିପାରିବା ବା ଚିହ୍ନିପାରିବା ? କୃଷ୍ଣ କହିଲେ ଯେ ଅତୀତରେ ତାଙ୍କର ବ୍ୟକ୍ତିତ୍ୱ ଥିଲା ଏବଂ ଭବିଷ୍ୟତରେ ମଧ୍ୟ ରହିବ । ସେ ଅନେକ ପ୍ରକାରେ ତାଙ୍କର ବ୍ୟକ୍ତିତ୍ୱ କଥା ସ୍ୱୀକାର କରିଛନ୍ତି ଏବଂ ନିର୍ବିଶେଷ ବ୍ରହ୍ମ ତାଙ୍କର ଅଧସ୍ତନ ବୋଲି ସେ ଘୋଷଣା କରିଛନ୍ତି । ଭଗବାନ୍ ଶ୍ରୀକୃଷ୍ଣ ସର୍ବଦା ତାଙ୍କର ଅପ୍ରାକୃତ ବ୍ୟକ୍ତିତ୍ୱ ରକ୍ଷା କରିଆସିଛନ୍ତି । ଯଦି ସେ ଏକ ସାଧାରଣ ବଦ୍ଧଜୀବ ହୋଇଥାନ୍ତେ, ବା ଏକ ସାଧାରଣ ବ୍ୟକ୍ତି ହୋଇଥାନ୍ତେ, ତାହାହେଲେ ତାଙ୍କର ଏ ଭଗବଦ୍ ଗୀତା ପ୍ରାମାଣିକ ଗ୍ରନ୍ଥରୂପେ ସ୍ୱୀକୃତ ହୋଇନଥାନ୍ତା ଅର୍ଥାତ୍ ଏକ ପ୍ରାମାଣିକ ଗ୍ରନ୍ଥରୂପେ ଏହାର କୌଣସି ମୂଲ୍ୟ ନଥାନ୍ତା । ଚାରୋଟି ଦୋଷଦୁଷ୍ଟ ଏକ ସାଧାରଣ ମାନବ ଏପ୍ରକାର ମୂଲ୍ୟବାନ୍ ଓ ଶ୍ରବଣ ଯୋଗ୍ୟ ଶିକ୍ଷା ଦେବାପାଇଁ ଅକ୍ଷମ ଅଟେ । ଗୀତା ସାଧାରଣ ଗ୍ରନ୍ଥମାନଙ୍କଠାରୁ ବହୁତ ଊର୍ଦ୍ଧ୍ୱରେ । କୌଣସି ଭୌତିକ ଶାସ୍ତ୍ର ବା ପ୍ରାକୃତ ଶାସ୍ତ୍ର ଭଗବଦ୍ ଗୀତା ସହ ତୁଳନୀୟ ହୋଇପାରିବ ନାହିଁ । ଯେତେବେଳେ ବ୍ୟକ୍ତି କୃଷ୍ଣଙ୍କୁ ଏକ ସାଧାରଣ ମାନବ ବୋଲି ଘୋଷଣା କରେ ସେତେବେଳେ ଗୀତା ତାର ସମସ୍ତ ମୂଲ୍ୟ ବା ଗୁରୁତ୍ୱ ହରାଇ ବସେ । ମାୟାବାଦୀ ଏହି ଯୁକ୍ତି ଦେଖାଏ ଯେ ଏ ଶ୍ଳୋକରେ ଯେଉଁ ବହୁବଚନ ବ୍ୟବହାର କରାଯାଇଛି ତାହା କେବଳ ବର୍ଣ୍ଣନାର ଧାରା ଅଟେ । (ଏପରି କୁହାଯାଏ) ଏବଂ ଏହା ଶରୀରକୁ ଲକ୍ଷ୍ୟ କରାଯାଇ କୁହାଯାଇଛି । କିନ୍ତୁ ଏ ଶ୍ଳୋକର ପୂର୍ବବର୍ତ୍ତୀ ଶ୍ଳୋକରେ ଦୈହିକ ଧାରଣାକୁ କାଟିଦିଆଯାଇଅଛି । ଜୀବମାନଙ୍କର ଦୈହିକ ଧାରଣାକୁ ନିନ୍ଦାକଲାପରେ ଭଗବାନ୍ କୃଷ୍ଣ ପୁଣି କିପରି ଏପରି କଥା ଶରୀର ସମ୍ବନ୍ଧରେ କହିବେ ? ଏହା କ’ଣ ତାଙ୍କ ପକ୍ଷରେ ସମ୍ଭବ ? ତେଣୁ ବ୍ୟକ୍ତି-ସ୍ୱାତନ୍ତ୍ର୍ୟ ଅପ୍ରାକୃତ କ୍ଷେତ୍ରରେ ଲକ୍ଷ୍ୟ କରାଯାଇଛି ଏବଂ ଏହା ମଧ୍ୟ ରାମାନୁଜାଚାର୍ଯ୍ୟ ଓ ଅନ୍ୟାନ୍ୟ ଆଚାର୍ଯ୍ୟଙ୍କ ଭଳି ବିଶିଷ୍ଟ ଆଚାର୍ଯ୍ୟମାନେ ସ୍ୱୀକାର କରିଛନ୍ତି । ଗୀତାରେ ଅନେକ ସ୍ଥାନରେ ଏକଥା ପରିଷ୍କାର ଭାବରେ କୁହାଯାଇଛି ଯେ ଯେଉଁମାନେ ଭଗବାନଙ୍କର ଭକ୍ତ ସେମାନେ ଏ ଅପ୍ରାକୃତ ବ୍ୟକ୍ତି-ସ୍ୱାତନ୍ତ୍ର୍ୟ କଥା ବୁଝିପାରନ୍ତି । ଯେଉଁମାନେ କୃଷ୍ଣଙ୍କୁ ପରମପୁରୁଷ ହିସାବରେ ଗ୍ରହଣ କରନ୍ତି ନାହିଁ, ଅର୍ଥାତ୍ ତାଙ୍କୁ ହିଂସା କରନ୍ତି, ସେମାନଙ୍କର ଏ ମହାନ୍ ଗ୍ରନ୍ଥରେ ପ୍ରବେଶାଧିକାର ନାହିଁ । ମହୁମାଛିମାନେ ମହୁଥିବା ଏକ ବୋତଲର ବହିର୍ଦ୍ଦେଶକୁ ଚାଟିବା ଯାହା, ଅଭକ୍ତମାନଙ୍କ ଗୀତା ଶାସ୍ତ୍ର ଗ୍ରହଣ କରିବା ତାହା । ବୋତଲକୁ ଫିଟାଇ ମଧୁ ନ ଚାଖିଲେ ବ୍ୟକ୍ତି କିପରି ମଧୁର ମିଷ୍ଟତା କଥା ବୁଝିପାରିବ ? ଠିକ୍ ସେହିପରି ଭଗବଦ୍ ଗୀତାର ରହସ୍ୟ

ଭକ୍ତମାନେ ହିଁ ବୁଝିପାରନ୍ତି । ଆଉ କେହି ଏହା ବୁଝିପାରିବେ ନାହିଁ ବା ଏହାକୁ ଆସ୍ୱାଦନ କରିପାରିବେ ନାହିଁ । ଏକଥା ଗୀତାର ଚତୁର୍ଥ ଅଧ୍ୟାୟରେ କୁହାଯାଇଅଛି । ଯେ ଭଗବାନଙ୍କର ଅସ୍ତିତ୍ୱ ସ୍ୱୀକାର କରେ ନାହିଁ ବା ଭଗବାନଙ୍କୁ ହିଂସା କରେ ସେ ଗୀତାକୁ ସ୍ପର୍ଶ କରିପାରିବ ନାହିଁ । ତେଣୁ ଗୀତା ଉପରେ ଥିବା ମାୟାବାଦୀମାନଙ୍କର ଭାଷ୍ୟ ଏକ ଅତ୍ୟନ୍ତ ଭ୍ରମାତ୍ମକ ଭାଷ୍ୟ ଅଟେ । ଶ୍ରୀ ଚୈତନ୍ୟ ମହାପ୍ରଭୁ ଆମ୍ଭମାନଙ୍କୁ ମାୟାବାଦୀମାନଙ୍କର ଭାଷ୍ୟ ପଢ଼ିବାକୁ ବାରଣ କରିଛନ୍ତି ଏବଂ ସେ ଚେତାବନୀ ଶୁଣାଇ କହିଛନ୍ତି ଯେ ଯେ ମାୟାବାଦୀ ଭାଷ୍ୟ ପାଠକରେ ବା ସେ ଦର୍ଶନ ଗ୍ରହଣ କରେ ସେ ଗୀତାର ରହସ୍ୟ ବୁଝିବାର ସମସ୍ତ ଶକ୍ତି ହରାଏ । ଯଦି ଏ ବ୍ୟକ୍ତି ସ୍ୱାତନ୍ତ୍ର୍ୟ କଥା କେବଳ ଏ ଭୌତିକ ବ୍ରହ୍ମାଣ୍ଡ ପ୍ରତି ପ୍ରଯୁଜ୍ୟ, ତାହାହେଲେ ଭଗବାନଙ୍କର ଏ ଗୀତାବାଣୀ ଶିକ୍ଷା ଦେବାର କୌଣସି ଆବଶ୍ୟକତା ନାହିଁ । ଜୀବାତ୍ମାମାନଙ୍କର ବହୁଳତା ଏବଂ ପ୍ରତ୍ୟେକ ସ୍ଥଳରେ ଭଗବାନଙ୍କର ବିଦ୍ୟମାନତା ଏକ ସନାତନ କଥା ଅଟେ ଏବଂ ଯେପରି ଉପରେ ବର୍ଣ୍ଣନା କରାଗଲା, ତାହା ବେଦରେ ସ୍ୱୀକୃତ ହୋଇଅଛି ।

## ଶ୍ଳୋକ - ୧୩

**ଦେହିନୋଽସ୍ମିନ୍ ଯଥା ଦେହେ କୌମାରଂ ଯୌବନଂ ଜରା ।**
**ତଥା ଦେହାନ୍ତରପ୍ରାପ୍ତିର୍ ଧୀରସ୍ ତତ୍ର ନ ମୁହ୍ୟତି ।। ୧୩ ।।**

## ଶବ୍ଦାନୁବାଦ

ଦେହିନଃ=ଦେହୀର; ଅସ୍ମିନ୍=ଏଥିରେ; ଯଥା=ଯେପରି; ଦେହେ=ଦେହରେ; କୌମାରମ୍=ବାଲ୍ୟାବସ୍ଥା; ଯୌବନମ୍=ଯୌବନ; ଜରା=ବୃଦ୍ଧାବସ୍ଥା; ତଥା=ସେହିପରି; ଦେହାନ୍ତର=ଦେହାନ୍ତର; ପ୍ରାପ୍ତିଃ=ପ୍ରାପ୍ତି; ଧୀରଃ=ଧୀର; ତତ୍ର=ସେଥିରେ; ନ ମୁହ୍ୟତି=ମୁହ୍ୟମାନ ହୁଏ ନାହିଁ।

## ଅନୁବାଦ

**ଯେପରି ଦେହୀ (ଅର୍ଥାତ୍ ଜୀବାତ୍ମା) ଏ ଦେହରେ ବରାବର ବାଲ୍ୟାବସ୍ଥାରୁ ଯୌବନାବସ୍ଥା ଓ ଯୌବନାବସ୍ଥାରୁ ବୃଦ୍ଧାବସ୍ଥା ପ୍ରାପ୍ତ ହୁଏ, ସେହିପରି ମୃତ୍ୟୁରେ ସେ ଅନ୍ୟ ଏକ ଶରୀର ପ୍ରାପ୍ତ ହୁଏ । ଧୀର (ଅର୍ଥାତ୍ ଆତ୍ମଜ୍ଞାନୀ) ଏ ପ୍ରକାର ପରିବର୍ତ୍ତନରେ ଆଦୌ ମୁହ୍ୟମାନ ହୁଏ ନାହିଁ ।**

## ଭାବାର୍ଥ

ଯେଣୁ ପ୍ରତ୍ୟେକ ଜୀବ ଗୋଟିଏ ଗୋଟିଏ ଜୀବାତ୍ମା, ତେଣୁ ପ୍ରତ୍ୟେକେ ପ୍ରତି ମୁହୂର୍ତ୍ତରେ ଶରୀର ପରିବର୍ତ୍ତନ କରୁଛନ୍ତି । କେତେବେଳେ ଶିଶୁର ଶରୀର'ତ କେତେବେଳେ ଯୁବକର ଶରୀର ଏବଂ କେତେବେଳେ ବୃଦ୍ଧର ଶରୀର ହେଉଛି । ଶରୀରରେ ଏସବୁ ପରିବର୍ତ୍ତନ ହେଲ ସୁଦ୍ଧା ସେହି ଏକ ଆତ୍ମା ତନ୍ମଧ୍ୟରେ ଅଛି । ତାହାର କୌଣସି ପରିବର୍ତ୍ତନ ହେଉନାହିଁ । ଜୀବାତ୍ମା ପରିଶେଷରେ ମୃତ୍ୟୁ ସମୟରେ ଶରୀର ପରିବର୍ତ୍ତନ କରେ ଏବଂ ଅନ୍ୟ ଏକ ଶରୀର ମଧ୍ୟରେ ପ୍ରବେଶ କରେ । ଯେଣୁ ଏକଥା ନିଶ୍ଚିତ ଯେ ପରଜନ୍ମରେ ଜୀବ ନିଶ୍ଚୟ

ପୁଣି ଏକ ଶରୀର ପ୍ରାପ୍ତ ହେବ-ଶରୀରଟି ଭୌତିକ ଶରୀର ହୋଇପାରେ କିମ୍ବା ଚିତ୍ ଶରୀର ହୋଇପାରେ-ତେଣୁ ଅର୍ଜୁନଙ୍କ ପକ୍ଷରେ ଦୁଃଖୀ କରିବାର କୌଣସି କାରଣ ନଥିଲା । ଅର୍ଜୁନ ଭୀଷ୍ମ ଓ ଦ୍ରୋଣ ଆଦିଙ୍କ ମୃତ୍ୟୁ ନିମିତ୍ତ ବଡ଼ ଦୁଃଖୀ ପ୍ରକାଶ କରୁଥିଲେ । ତେଣୁ କୃଷ୍ଣ ବର୍ତ୍ତମାନ ତାଙ୍କୁ ବୁଝାଇ ଦେଲେ ଯେ ତାଙ୍କର ଅର୍ଥାତ୍ ଅର୍ଜୁନଙ୍କର ଦୁଃଖୀ କରିବାର କୌଣସି କାରଣ ନଥିଲା । ଅର୍ଜୁନ ଭୀଷ୍ମ ଓ ଦ୍ରୋଣ ଆଦିଙ୍କ ମୃତ୍ୟୁ ନିମିତ୍ତ ବଡ଼ ଦୁଃଖୀ ପ୍ରକାଶ କରୁଥିଲେ । ତେଣୁ କୃଷ୍ଣ ବର୍ତ୍ତମାନ ତାଙ୍କୁ ବୁଝାଇଦେଲେ ଯେ ତାଙ୍କର (ଅର୍ଥାତ୍ ଅର୍ଜୁନଙ୍କର) ଦୁଃଖୀ କରିବାର କୌଣସି କାରଣ ନାହିଁ । ବରଂ ସେ ଆନନ୍ଦିତ ହେବାର କଥା । କାରଣ ସେମାନେ ବୃଦ୍ଧ ଶରୀର ତ୍ୟାଗ କରି ନୂତନ ଶରୀର ଲାଭ କରିବେ । ଏତଦ୍ଦ୍ୱାରା ସେମାନେ ନୂତନ ଶକ୍ତି ମଧ୍ୟ ଲାଭ କରିବେ । ଜୀବ ତା'ର କର୍ମ-ଫଳସ୍ୱରୂପ ଏ ପ୍ରକାର ଶରୀର ପରିବର୍ତ୍ତନ କରେ ଏବଂ ଜୀବନରେ ସୁଖ-ଦୁଃଖ ଭୋଗ କରେ । ଭୀଷ୍ମ ଓ ଦ୍ରୋଣ ପୁଣ୍ୟାତ୍ମା ଅଟନ୍ତି । ତେଣୁ ସେମାନେ ନିଶ୍ଚୟ ପରବର୍ତ୍ତୀ ଜୀବନରେ ଦିବ୍ୟ ଶରୀର ଲାଭ କରିବେ; ନ ହେଲେ ବି ସ୍ୱର୍ଗଲୋକରେ ଭୌତିକ ସ୍ଥିତିର ଉନ୍ନତତର ସୁଖଭୋଗ ନିମିତ୍ତ ଦେବ ଶରୀର ଲାଭ କରିବେ । ତେଣୁ, ଯାହା ହେଲେବି, ଦୁଃଖର କୌଣସି କାରଣ ନଥିଲା ।

ଯେଉଁ ବ୍ୟକ୍ତିର ଆତ୍ମା, ପରମାତ୍ମା ଏବଂ ପ୍ରକୃତି-ଉଭୟ ଭୂତ ପ୍ରକୃତି ଓ ଚିତ୍ ପ୍ରକୃତି-ସମ୍ବନ୍ଧୀୟ ପୂର୍ଣ୍ଣଜ୍ଞାନ ଅଛି ତାକୁ ଧୀର କହନ୍ତି, ଅର୍ଥାତ୍ ସେ ହେଉଛି ଏକ ଅତ୍ୟନ୍ତ ଧୀର ବ୍ୟକ୍ତି । ଏ ପ୍ରକାର ବ୍ୟକ୍ତି ଦେହାନ୍ତର ପ୍ରାପ୍ତିରେ କଦାପି ମୁହ୍ୟମାନ ହୁଏ ନାହିଁ । ଆତ୍ମାକୁ ଖଣ୍ଡ ଖଣ୍ଡ କରି କାଟି ହେବ ନାହିଁ । (ତାହା ଅଚ୍ଛେଦ୍ୟ-ଏହା ହେଉଛି ସାଧାରଣ ସତ୍ୟ) । ତେଣୁ ମାୟାବାଦୀମାନେ ଯାହା କହନ୍ତି ଯେ ଆତ୍ମା ପରମାତ୍ମା ସାଥିରେ ମିଶି ଏକାକାର ହୋଇଯିବ, ତାହା କଦାପି ସ୍ୱୀକାର୍ଯ୍ୟ ନୁହେଁ । କାରଣ ଏତଦ୍ଦ୍ୱାରା ଆତ୍ମା ସମ୍ବନ୍ଧୀୟ ସାଧାରଣ ସତ୍ୟକୁ ଲଙ୍ଘନ କରାଯିବ । ଯଦି ମାୟାବାଦୀମାନଙ୍କର ମତବାଦକୁ ଗ୍ରହଣ କରାଯାଏ, ଅର୍ଥାତ୍ ଆତ୍ମାକୁ ଖଣ୍ଡ ଖଣ୍ଡ କରି କାଟିବା କଥାଟିକୁ ଗ୍ରହଣ କରାଯାଏ, କିମ୍ବା ପରମାତ୍ମାକୁ ଖଣ୍ଡ ଖଣ୍ଡ କରି କାଟି ଜୀବାତ୍ମା ସୃଷ୍ଟିକରିବା କଥାଟାକୁ ଗ୍ରହଣ କରାଯାଏ, ତାହାହେଲେ ପରମାତ୍ମା ଭଙ୍ଗୁର କିମ୍ବା ପରିବର୍ତ୍ତନଶୀଳ ହୋଇଯିବେ । ଏହା ପରମାତ୍ମାଙ୍କ ସମ୍ବନ୍ଧୀୟ ସାଧାରଣ ସତ୍ୟର ବିରୁଦ୍ଧାଚରଣ କରିବ, କାରଣ ପରମାତ୍ମା ହେଉଛନ୍ତି ଅପରିବର୍ତ୍ତନୀୟ । (ଏହା ପରମାତ୍ମାଙ୍କ ସମ୍ବନ୍ଧୀୟ ସାଧାରଣ ସତ୍ୟ) ।

ଗୀତାରେ କୁହାଯାଇଛି ଯେ ଅଂଶ ବିଶେଷ (ଜୀବାତ୍ମା) ସନାତନରୂପେ ବିଦ୍ୟମାନ ଏବଂ ସେମାନଙ୍କୁ 'କ୍ଷର' ବୋଲି କୁହାଯାଏ, ଅର୍ଥାତ୍ ସେମାନଙ୍କର ଭୂତ ପ୍ରକୃତିରେ ପତିତ ହେବାର ପ୍ରବୃତ୍ତି ଅଛି । ଏହି ଅଂଶଗୁଡ଼ିକ ଶାଶ୍ୱତଭାବରେ ଏହିପରି ରହିଥାନ୍ତି ଏବଂ ମୁକ୍ତିପରେ ମଧ୍ୟ ଜୀବାତ୍ମା ସେହି ପ୍ରକାରେ ଅଂଶ ବିଶେଷ ହୋଇ ରହେ । କିନ୍ତୁ ଥରେ ମୁକ୍ତ ହୋଇଗଲେ ସେ ପରମ ପୁରୁଷ ଭଗବାନଙ୍କ ସାଥିରେ ଶାଶ୍ୱତଭାବେ ସତ୍-ଚିତ୍-ଆନନ୍ଦମୟ ଜୀବନ ଯାପନ କରେ । ଯେଉଁ ପରମାତ୍ମା ପ୍ରତ୍ୟେକ ଜୀବର ହୃଦୟରେ ବିଦ୍ୟମାନ ତାଙ୍କପ୍ରତି ମଧ୍ୟ ପ୍ରତିଫଳନ ସତ୍ୟଟି ପ୍ରଯୁଜ୍ୟ ହୋଇପାରେ । ସେ ପରମାତ୍ମା ନାମରେ ପରିଚିତ । ସେ ଜୀବାତ୍ମାଠାରୁ ଭିନ୍ନ । ଯେତେବେଳେ ଆକାଶ ଜଳରେ ପ୍ରତିବିମ୍ବିତ ହୁଏ, ସେତେବେଳେ ସୂର୍ଯ୍ୟ, ଚନ୍ଦ୍ର,

ତାରକା ସମସ୍ତେ ପ୍ରତିବିମ୍ବିତ ହୁଅନ୍ତି । ତାରକାଗୁଡ଼ିକ ଜୀବମାନଙ୍କ ସହ ଏବଂ ସୂର୍ଯ୍ୟ କିମ୍ବା ଚନ୍ଦ୍ର ପରମାତ୍ମାଙ୍କ ସହ ତୁଳନୀୟ ହୋଇ ପାରନ୍ତି । ଏଠାରେ ଅର୍ଜୁନ ଅଣୁ (ବା ଅଂଶବିଶେଷ) ଚୈତନ୍ୟ ଜୀବାତ୍ମା ଅଟନ୍ତି ଏବଂ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ପରମାତ୍ମା ଅଟନ୍ତି । ସେମାନେ ଏକାସ୍ତରର ନୁହଁନ୍ତି, ଏହା ଚତୁର୍ଥ ଅଧ୍ୟାୟର ପ୍ରାରମ୍ଭରେ ସ୍ପଷ୍ଟରୂପେ ଜଣାଯିବ । ଯଦି ଅର୍ଜୁନ କୃଷ୍ଣଙ୍କ ସହ ଏକାସ୍ତରର ହୋଇଥାନ୍ତେ ଏବଂ କୃଷ୍ଣ ଅର୍ଜୁନଙ୍କର ଗୁରୁସ୍ଥାନୀୟ ନ ହୋଇଥାନ୍ତେ ତାହାହେଲେ ସେମାନଙ୍କ ମଧ୍ୟରେ ଗୁରୁଶିଷ୍ୟ ସମ୍ପର୍କର କୌଣସି ଅର୍ଥ ନଥାନ୍ତା । ଯଦି ଉଭୟେ ମାୟା ମୋହିତ ହୋଇଥାନ୍ତେ ତାହାହେଲେ ଜଣେ ଗୁରୁ ଓ ଅନ୍ୟ ଜଣେ ଶିଷ୍ୟ ହୋଇ ପାରି ନଥାନ୍ତେ । ସେ ପରିସ୍ଥିତିରେ ଏ ପ୍ରକାର ଉପଦେଶ ସବୁ ବୃଥା ଅଟେ, କାରଣ ମାୟା ଶକ୍ତିର ଅଧୀନ ହେଲେ କେହି ଏକ ପ୍ରାମାଣିକ ଗୁରୁ ବା ଉପଯୁକ୍ତ ଗୁରୁ ହୋଇ ପାରିବ ନାହିଁ । ଏ ପରିସ୍ଥିତିରେ ଏହା ସ୍ୱୀକାର୍ଯ୍ୟ ଯେ ଭଗବାନ୍ ଶ୍ରୀକୃଷ୍ଣ ହେଉଛନ୍ତି ପରମେଶ୍ୱର, ଜୀବ (ଅର୍ଜୁନଙ୍କ) ଅପେକ୍ଷା ଉନ୍ନତତର ସ୍ଥିତିରେ ଅବସ୍ଥିତ । ଅର୍ଜୁନ ମାୟାମୋହିତ ହୋଇଯାଇ ବିମୋହିତ ଜୀବ ହୋଇପଡ଼ିଛନ୍ତି ।

## ଶ୍ଲୋକ - ୧୪

**ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ ଶୀତୋଷ୍ଣସୁଖଦୁଃଖଦାଃ ।**
**ଆଗମାପାୟିନୋଽନିତ୍ୟାସ୍ତାଂସ୍ତିତିକ୍ଷସ୍ୱ ଭାରତ ।। ୧୪ ।।**

## ଶବ୍ଦାନୁବାଦ

ମାତ୍ରା=ଇନ୍ଦ୍ରିୟଜନିତ; ସ୍ପର୍ଶାଃ=ଉପଲବ୍ଧି; ତୁ=କେବଳ; କୌନ୍ତେୟ=ହେ କୁନ୍ତୀପୁତ୍ର; ଶୀତ=ଶୀତ; ଉଷ୍ଣ=ଗ୍ରୀଷ୍ମ; ସୁଖ=ସୁଖ; ଦୁଃଖ-ଦାଃ=ଦୁଃଖପ୍ରଦ; ଆଗମ=ଆସିବା; ଅପାୟିନଃ=ଯିବା; ଅନିତ୍ୟାଃ=ଅନିତ୍ୟ, ଅସ୍ଥାୟୀ; ତାନ୍=ସେସବୁକୁ; ତିତିକ୍ଷସ୍ୱ=ସହିଯିବାକୁ ଚେଷ୍ଟାକର; ଭାରତ=ହେ ଭରତ ବଂଶଜ !

## ଅନୁବାଦ

**ହେ କୁନ୍ତିପୁତ୍ର ! ସୁଖ ଦୁଃଖର ଅସ୍ଥାୟୀ ଆବିର୍ଭାବ ଏବଂ କାଳକ୍ରମେ ସେମାନଙ୍କର ତିରୋଭାବ ଶୀତ ଓ ଗ୍ରୀଷ୍ମ ଋତୁଭଳି ଆସେ ଓ ଯାଏ । ହେ ଭରତ ବଂଶଜ ! ସେମାନେ ଇନ୍ଦ୍ରିୟ ଭୋଗରୁ ଜାତ ହୁଅନ୍ତି ଏବଂ ବ୍ୟକ୍ତି ସେଥିରେ ବିଚଳିତ ନ ହୋଇ ସେଗୁଡ଼ିକୁ ସହିଯିବାକୁ ଅଭ୍ୟାସ କରିବା ଉଚିତ୍ ।**

## ଭାବାର୍ଥ

କର୍ତ୍ତବ୍ୟ ସମ୍ପାଦନ ସମୟରେ ବ୍ୟକ୍ତିକୁ କିପରି ଅସ୍ଥାୟୀ ସୁଖ-ଦୁଃଖକୁ ସହିବାକୁ ପଡ଼ିବ ତାହା ଶିକ୍ଷା କରିବା ଉଚିତ୍ । ବୈଦିକ ନିର୍ଦ୍ଦେଶ ଅନୁଯାୟୀ ବ୍ୟକ୍ତିକୁ ବଡ଼ିସକାଳୁ ସ୍ନାନ କରିବାକୁ ହେବ । ଏପରିକି ମାଘ ମାସରେ ମଧ୍ୟ ବଡ଼ିସକାଳେ ସ୍ନାନ କରିବାକୁ ହେବ । ସେ ସମୟରେ ଭାରି ଶୀତ ପଡ଼ିଥାଏ । ତଥାପି ଯେଉଁ ବ୍ୟକ୍ତି ଧର୍ମନୀତି ଅନୁସରଣ କରୁଥାଏ, ସେ ଏତେ ଶୀତ ସତ୍ତ୍ୱେ ସେ ସମୟରେ ସ୍ନାନ କରିବାକୁ ଦ୍ୱିଧାବୋଧ କରେନାହିଁ । ଠିକ୍ ସେହିପରି ଏକ

ସ୍ତ୍ରୀଲୋକ ଗ୍ରୀଷ୍ମଋତୁରେ, ଅର୍ଥାତ୍ ମେ ଓ ଜୁନ୍ ମାସରେ ଯେତେବେଳେ ଖୁବ୍ ଗରମ ପଡ଼ିଥାଏ, ସେତେବେଳେ ପାକଶାଳାରେ ନିଆଁ ପାଖରେ ବସି ଖାଦ୍ୟ ପ୍ରସ୍ତୁତ କରିବା ନିମିତ୍ତ ଦ୍ୱିଧାବୋଧ କରେନାହିଁ । ଜଳବାୟୁ ଯେତେ ଅସ୍ୱାଚ୍ଛନ୍ଦ୍ୟ ହେଉପଛେ, ତା'ସତ୍ତ୍ୱେ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ୍ । ଠିକ୍ ସେହିପରି ଯୁଦ୍ଧ କରିବା କ୍ଷତ୍ରିୟ ଧର୍ମନୀତି ଅଟେ ଏବଂ ଯଦିଓ ନୀତି ଦୃଷ୍ଟିରୁ କୌଣସି ବ୍ୟକ୍ତିକୁ ତା'ର କୌଣସି ବନ୍ଧୁ ବା ଆତ୍ମୀୟସ୍ୱଜନ ସାଥିରେ ଯୁଦ୍ଧ କରିବାକୁ ପଡ଼େ, ତଥାପି ସେ ସେଥିରୁ ବିରତ ହେବା ଉଚିତ୍ ନୁହେଁ । ବ୍ୟକ୍ତିକୁ ଧର୍ମନୀତିମାନ ଅନୁସରଣ କରିବାକୁ ପଡ଼ିବ, କାରଣ ତଦ୍ୱାରା ସେ ଜ୍ଞାନ ଭୂମିକାକୁ ଉନ୍ନୀତ ହୋଇ ପାରିବ । ଜ୍ଞାନ ଓ ଭକ୍ତି ବଳରେ ହିଁ ବ୍ୟକ୍ତି ମାୟା କବଳରୁ ଉଦ୍ଧାର ପାଇ ପାରିବ ।

ଏ ଶ୍ଳୋକରେ ଅର୍ଜୁନଙ୍କୁ ଯେଉଁ ଦୁଇଟି ବିଭିନ୍ନ ନାମରେ ସମ୍ବୋଧନ କରାଯାଇଅଛି, ତାହା ବଡ଼ ଅର୍ଥପୂର୍ଣ୍ଣ ଅଟେ । ତାଙ୍କୁ 'କୌନ୍ତେୟ' ନାମରେ ସମ୍ବୋଧନ କରାଯିବାଦ୍ୱାରା 'ମା' ସମ୍ପର୍କରୁ କୃଷ୍ଣଙ୍କ ସହିତ ତାଙ୍କର ଯେ ରକ୍ତ ସମ୍ପର୍କ ଅଛି ଏକଥା ସୂଚିତ ହେଉଅଛି ଏବଂ ତାଙ୍କୁ 'ଭାରତ' ବୋଲି ସମ୍ବୋଧନ କରିବା ଦ୍ୱାରା ପିତାଙ୍କ ସମ୍ପର୍କରୁ ତାଙ୍କର ମହାନତା ସୂଚିତ ହେଉଅଛି । ପିତା ଓ ମାତା ଉଭୟ ସମ୍ପର୍କରୁ ତାଙ୍କର (ଅର୍ଜୁନଙ୍କର) ସେ ଏକ ବଡ଼ ପରମ୍ପରା ରହି ଆସିଛି, ଏହା ସୂଚିତ ହେଉଛି । ଯେ ଉଚ୍ଚବଂଶ ସମ୍ଭୂତ ଓ ସୁମହତ ପରମ୍ପରାରେ ଆସୁଥାଏ, ସେ କର୍ତ୍ତବ୍ୟନିଷ୍ଠ ଅଟେ । ସେ କଦାପି କର୍ତ୍ତବ୍ୟ ସଂମ୍ପାଦନରେ ହେଳା କରିବ ନାହିଁ । ଏ ଦୃଷ୍ଟିରୁ ଅର୍ଜୁନ ଯୁଦ୍ଧରୁ ବିରତ ହେବା ଉଚିତ୍ ନୁହେଁ ।

## ଶ୍ଳୋକ - ୧୫

**ଯଂ ହି ନ ବ୍ୟଥୟନ୍ତ୍ୟେତେ ପୁରୁଷଂ ପୁରୁଷର୍ଷଭ ।**
**ସମଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଳ୍ପତେ ।। ୧୫ ।।**

## ଶବ୍ଦାନୁବାଦ

ଯମ୍=ଯାହାକୁ; ହି=ନିଶ୍ଚିତଭାବେ; ନ ବ୍ୟଥୟନ୍ତି=ବ୍ୟଥିତ ହୁଅନ୍ତି ନାହିଁ; ଏତେ=ଏ ସବୁ; ପୁରୁଷମ୍=ଗୋଟିଏ ପୁରୁଷ ପ୍ରତି; ପୁରୁଷର୍ଷଭ=ମାନବମାନଙ୍କ ମଧ୍ୟରେ ଉତ୍ତମ; ସମ=ସମ ଅର୍ଥାତ୍ ଅପରିବର୍ତ୍ତିତ; ଦୁଃଖ=ଦୁଃଖ; ସୁଖମ୍=ସୁଖ; ଧୀରମ୍=ଧୀର; ସଃ=ସେ; ଅମୃତତ୍ୱାୟ=ମୁକ୍ତି ନିମିତ୍ତ; କଳ୍ପତେ=ଉପଯୁକ୍ତ ବୋଲି ବିବେଚିତ ।

## ଅନୁବାଦ

**ହେ ପୁରୁଷ ଶ୍ରେଷ୍ଠ (ଅର୍ଜୁନ) ! ଯେଉଁ ବ୍ୟକ୍ତି ସୁଖ-ଦୁଃଖରେ ବ୍ୟଥିତ ହୁଏ ନାହିଁ ଏବଂ ଉଭୟ ପ୍ରକାର ଅବସ୍ଥାରେ ସମଭାବାପନ୍ନ ହୋଇ ରହେ, ସେ ନିଶ୍ଚିତଭାବରେ ମୁକ୍ତି ପାଇବା ନିମିତ୍ତ ଉପଯୁକ୍ତ ଅଟେ ।**

## ଭାବାର୍ଥ

ଯେଉଁ ବ୍ୟକ୍ତି ଆତ୍ମାନୁଭୂତିର ଉନ୍ନତ ସ୍ତର ଲାଭ ନିମିତ୍ତ ସ୍ଥିର ନିଶ୍ଚିତ ହୋଇଛି ଏବଂ ସୁଖ ଓ ଦୁଃଖକୁ ସମଭାବରେ ଗ୍ରହଣ କରିପାରେ ସେ ନିଶ୍ଚିତ ଭାବରେ ମୁକ୍ତିଲାଭ ନିମିତ୍ତ

ଉପଯୁକ୍ତ ଅଟେ । ବର୍ଣ୍ଣାଶ୍ରମ ବ୍ୟବସ୍ଥାରେ ଚତୁର୍ଥ ଆଶ୍ରମ ଅଥାର୍ତ୍ ସନ୍ନ୍ୟାସାଶ୍ରମ ଏକ କଠିନ ସ୍ଥିତି ଅଟେ । ଏ ଆଶ୍ରମରେ ବ୍ୟକ୍ତି କଷ୍ଟସହିଷ୍ଣୁ ହେବା ଦରକାର । କିନ୍ତୁ ଯେଉଁ ବ୍ୟକ୍ତି ତା'ର ଜୀବନକୁ ସର୍ବାଙ୍ଗ ସୁନ୍ଦର କରିବା ନିମିତ୍ତ ଦୃଢ଼ନିଶ୍ଚିତ ହୋଇଛି ସମସ୍ତ ଅସୁବିଧା ସତ୍ତ୍ୱେ ସେ ନିଶ୍ଚୟ ସନ୍ନ୍ୟାସ ଗ୍ରହଣ କରିବ । ପାରିବାରିକ ମୋହ ତ୍ୟାଗ କିମ୍ବା, ସ୍ତ୍ରୀ ଓ ପିଲାମାନଙ୍କ ସମ୍ପର୍କ ତୁଟାଇବା ଆଦି ବିଷୟରେ ସାଧାରଣତଃ ଅସୁବିଧା ଦେଖାଦିଏ । କିନ୍ତୁ, ଯଦି କୌଣସି ବ୍ୟକ୍ତି ଏ ପ୍ରକାର ଦୁଃଖକର ସ୍ଥିତିକୁ ସହ୍ୟ କରିପାରିବାକୁ ସକ୍ଷମ ହୋଇ ପାରିଲା, ନିଶ୍ଚିତ ଭାବରେ ତା'ର ଆତ୍ମାନୁଭୂତିଲାଭ-ମାର୍ଗ ପରିପୂର୍ଣ୍ଣ ଅଟେ । ଠିକ୍ ସେହିପରି କ୍ଷତ୍ରିୟ ହିସାବରେ ଅର୍ଜୁନଙ୍କୁ କର୍ତ୍ତବ୍ୟ ସମ୍ପାଦନ କରିବା ନିମିତ୍ତ ଉପଦେଶ ଦିଆଯାଇଅଛି । ଯଦିଓ ପରିବାରର ଲୋକମାନଙ୍କସହ କିମ୍ବା ଅତି ପ୍ରିୟଲୋକମାନଙ୍କ ସହ ଯୁଦ୍ଧ କରିବା ଅତି କଷ୍ଟ ତଥାପି କ୍ଷତ୍ରିୟର କର୍ତ୍ତବ୍ୟ ହିସାବରେ ଅର୍ଜୁନଙ୍କୁ ଯେ ଏହା କରିବାକୁ ହେବ-ଏହି ଉପଦେଶ ଦିଆଯାଉଅଛି । ଚବିଶି ବର୍ଷ ବୟସରେ ଶ୍ରୀଚୈତନ୍ୟ ମହାପ୍ରଭୁ ସନ୍ନ୍ୟାସ ନେଲେ ଏବଂ ତାଙ୍କର ଯୁବତୀ ସ୍ତ୍ରୀ ଓ ବୃଦ୍ଧା ମାତାର ଯତ୍ନ ନେବାକୁ କେହି ନଥିଲେ । ସେମାନେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଉପରେ ନିର୍ଭର କରିଥିଲେ; ତଥାପି ଏକ ମହାନ୍ ଉଦ୍ଦେଶ୍ୟ ସାଧନ ନିମିତ୍ତ ସେ ସନ୍ନ୍ୟାସ ଗ୍ରହଣ କଲେ ଏବଂ ସେ ଉଚ୍ଚତର କର୍ତ୍ତବ୍ୟ ସମ୍ପାଦନରେ ବରାବର ଦୃଢ଼ ନିଶ୍ଚିତ ଥିଲେ । ଭୌତିକ ବନ୍ଧନରୁ ମୁକ୍ତି ପାଇବାର ଏହା ହିଁ ହେଉଛି ପନ୍ଥା ।

## ଶ୍ଳୋକ - ୧୬

**ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ ।**
**ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱ ଦର୍ଶିଭିଃ ।।୧୬।।**

## ଶବ୍ଦାନୁବାଦ

ନ=ନାହିଁ; ଅସତଃ=ଅସତ୍ର; ବିଦ୍ୟତେ=ଅଛି; ଭାବଃ=ଚିରସ୍ଥାୟିତ୍ୱ; ନ=ନାହିଁ; ଅଭାବଃ=ପରିବର୍ତ୍ତନଶୀଳ ଗୁଣ; ବିଦ୍ୟତେ=ଅଛି; ସତଃ=ସତ୍ର; ଉଭୟୋଃ=ଉଭୟର; ଅପି=ନିଶ୍ଚିତଭାବେ; ଦୃଷ୍ଟଃ=ଦୃଷ୍ଟ(ଦେଖାଯାଇଅଛି); ଅନ୍ତଃ=ସିଦ୍ଧାନ୍ତ; ତୁ=କିନ୍ତୁ; ଅନୟୋଃ=ଏ ଦୁହିଁଙ୍କର; ତତ୍ତ୍ୱ-ଦର୍ଶିଭିଃ=ତତ୍ତ୍ୱଦର୍ଶୀମାନଙ୍କ ଦ୍ୱାରା ।

## ଅନୁବାଦ

**ଯେଉଁମାନେ ତତ୍ତ୍ୱଦର୍ଶୀ ସେମାନେ ଏହି ସିଦ୍ଧାନ୍ତ ଦେଇଛନ୍ତି ଯେ ଅସତ୍‌ର ଶାଶ୍ୱତତା ନାହିଁ ଏବଂ ସତ୍‌ର ଅଭାବ ନାହିଁ; ଅର୍ଥାତ୍ ସତ୍‌ହିଁ ଶାଶ୍ୱତଭାବେ ବିଦ୍ୟମାନ । ତତ୍ତ୍ୱଦର୍ଶୀ ପଣ୍ଡିତଗଣ ଉଭୟ (ସତ୍ ଓ ଅସତ୍)ର ପ୍ରକୃତିକୁ ଅନୁଧ୍ୟାନ କରି ଏ ସିଦ୍ଧାନ୍ତ ଦେଇଛନ୍ତି ।**

## ଭାବାର୍ଥ

ପରିବର୍ତ୍ତନଶୀଳ ଶରୀରର ଶାଶ୍ୱତତା ନାହିଁ । ବିଭିନ୍ନ ପ୍ରକାର କୋଷର କ୍ରିୟା ଓ ପ୍ରତିକ୍ରିୟା ଯୋଗୁଁ ଏ ଶରୀରରେ ପ୍ରତିକ୍ଷଣରେ ପରିବର୍ତ୍ତନ ହେଉଛି-ଏହା ଆଧୁନିକ ଚିକିତ୍ସା

ବୈଜ୍ଞାନିକଗଣ ସ୍ୱୀକାର କରିଛନ୍ତି ଏବଂ ସେଇଥିପାଇଁ ଶରୀର ବୃଦ୍ଧିପ୍ରାପ୍ତ ହେଉଛି ଏବଂ ଶରୀରରେ ବାର୍ଦ୍ଧକ୍ୟ ଦେଖାଯାଉଛି । କିନ୍ତୁ ନିରନ୍ତର ଆତ୍ମା ହିଁ ଏକା ପ୍ରକାର ବା ଅପରିବର୍ତ୍ତିତ ରହୁଛି । ଶରୀର ଓ ମନର ଯାବତୀୟ ପରିବର୍ତ୍ତନ ସତ୍ତ୍ୱେ ଆତ୍ମା ବରାବର ଅପରିବର୍ତ୍ତିତ ରହୁଛି । ଚିତ୍ ଓ ଅଚିତ୍ (ଜଡ଼) ବସ୍ତୁ ମଧ୍ୟରେ ଏହା ହିଁ ପାର୍ଥକ୍ୟ । ସ୍ୱଭାବତଃ ଶରୀର ସର୍ବଦା ପରିବର୍ତ୍ତନଶୀଳ ଏବଂ ଆତ୍ମା ଶାଶ୍ୱତ ଓ ଅପରିବର୍ତ୍ତନଶୀଳ । ସବୁପ୍ରକାର ତତ୍ତ୍ୱଦର୍ଶୀ ପଣ୍ଡିତ (ଅର୍ଥାତ୍ ସାକାରବାଦୀ ଓ ନିରାକାରବାଦୀ ଉଭୟେ) ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ବିଷ୍ଣୁ ପୁରାଣରେ କୁହାଯାଇଛି ଯେ ବିଷ୍ଣୁ ଓ ତାଙ୍କର ଧାମ ସମୂହ ସ୍ୱୟଂ ଜ୍ୟୋତିଷ୍ମାନ୍ ଅଟନ୍ତି ଏବଂ ସେମାନଙ୍କର ଜ୍ୟୋତିର୍ମୟ ଚିତସତ୍ତା ରହିଅଛି । *"ଜ୍ୟୋତୀଂଷୀ ବିଷ୍ଣୁର୍ ଭବନାନି ବିଷ୍ଣୁଃ ।* ସତ୍ ଓ ଅସତ୍ (ଅର୍ଥାତ୍ ବିଦ୍ୟମାନତା ଓ ଅବିଦ୍ୟମାନତା) ଶବ୍ଦ କେବଳ ଚିତ୍ ଓ ଅଚିତ୍ (ଜଡ଼) ବସ୍ତୁକୁ ବୁଝାଏ । ଏହା ହେଉଛି ସମସ୍ତ ତତ୍ତ୍ୱଦର୍ଶୀ ପଣ୍ଡିତମାନଙ୍କର କଥା । ଯେଉଁ ଜୀବମାନେ ଅବିଦ୍ୟାରୂପକ ଅନ୍ଧକାରରେ ଦରାଣ୍ଡି ହେଉଛନ୍ତି, ସେମାନଙ୍କ ପ୍ରତି ଭଗବାନ୍ ଯେଉଁ ଉପଦେଶ ଦେଇଛନ୍ତି, ସେ ଉପଦେଶର ଏହା ହେଉଛି ପ୍ରାରମ୍ଭ ମାତ୍ର । (ଅବିଦ୍ୟା କିପରି ଦୂର ହେବ ?) ପୂଜକ ଓ ପୂଜ୍ୟର ଯେଉଁ ଶାଶ୍ୱତ ସମ୍ବନ୍ଧ ଅଛି ସେହି ସମ୍ବନ୍ଧର ପୁନଃ ସଂସ୍ଥାପନ ଦ୍ୱାରା ଏବଂ ପରମପୁରୁଷ ଭଗବାନ୍ ଓ ତାଙ୍କ ଅଂଶବିଶେଷ ଜୀବମାନଙ୍କ ମଧ୍ୟରେ ଯେଉଁ ପାର୍ଥକ୍ୟ ଅଛି, ତାକୁ ଭଲରକମ ବୁଝିବା ଦ୍ୱାରା ଅବିଦ୍ୟାର ବିନାଶ ହୁଏ । ବ୍ୟକ୍ତି ନିଜକୁ ଭଲରକମ ଅନୁଧ୍ୟାନ କରି ପରମେଶ୍ୱରଙ୍କର ପ୍ରକୃତିକୁ ବୁଝିପାରେ । ସମଗ୍ର ଶରୀର ଓ ତା'ର ଅଙ୍ଗପ୍ରତ୍ୟଙ୍ଗ (ଅଂଶ) ମଧ୍ୟରେ ଯେଉଁ ସମ୍ବନ୍ଧ ଅଛି ତାକୁ ବୁଝିଲେ-ବ୍ୟକ୍ତି ଜୀବ ଓ ଭଗବାନଙ୍କ ମଧ୍ୟରେ ଯେଉଁ ସମ୍ବନ୍ଧ ଅଛି ତାକୁ ବୁଝିପାରିବ । ବେଦାନ୍ତ ସୂତ୍ର ତଥା ଶ୍ରୀମଦ୍ ଭାଗବତମ୍‌ରେ ବର୍ଣ୍ଣନା କରାଯାଇଛି ଯେ ଭଗବାନ୍ ସମସ୍ତ ସୃଷ୍ଟିର ମୂଳ । ଏ ସୃଷ୍ଟି ଉଚ୍ଚତର ଓ ନୀଚତର କ୍ରମରେ ଅନୁଭୂତ ହୁଏ । ଜୀବଗଣ ଉଚ୍ଚତର ପ୍ରକୃତିର ଅନ୍ତର୍ଗତ । ଏହା ସପ୍ତମ ଅଧ୍ୟାୟରେ ପରିସ୍ଫୁଟ ହେବ । ଯଦିଓ ଶକ୍ତି ଓ ଶକ୍ତିମାନ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ, ତଥାପି ଶକ୍ତିମାନ ହେଉଛନ୍ତି ପରମେଶ୍ୱର ଏବଂ ଶକ୍ତି ବା ପ୍ରକୃତି ତାଙ୍କର ଅଧସ୍ତନ ହିସାବରେ ଗୃହୀତ । ତେଣୁ ଜୀବଗଣ ସର୍ବଦା ପରମେଶ୍ୱରଙ୍କର ଅଧସ୍ତନ ଅଟନ୍ତି । ପ୍ରଭୁ ଓ ଭୃତ୍ୟ ମଧ୍ୟରେ ଯେପରି ସମ୍ବନ୍ଧ କିମ୍ବା ଗୁରୁ ଓ ଶିଷ୍ୟ ମଧ୍ୟରେ ଯେପରି ସମ୍ବନ୍ଧ, ଜୀବ ଓ ଭଗବାନଙ୍କ ମଧ୍ୟରେ ସେହିପରି ସମ୍ବନ୍ଧ । ଏହା ଅତି ସୁସ୍ପଷ୍ଟଜ୍ଞାନ; ତଥାପି ଏହା ଆମ୍ଭେମାନେ ବୁଝି ପାରୁନାହୁଁ; କାରଣ ଆମ୍ଭେମାନେ ଅବିଦ୍ୟାର ବଶବର୍ତ୍ତୀ ହୋଇଅଛୁ । ସେହି ଅବିଦ୍ୟା ଦୂରକରିବା ନିମିତ୍ତ ଭଗବାନ୍ ଏ ଭଗବଦ୍ ଗୀତା ବାଣୀ ଶିକ୍ଷା ଦେଇଛନ୍ତି । ଏଥିରୁ ସମସ୍ତ ଜୀବ ସର୍ବଦା (ଚିରକାଳ) ଆଲୋକ ଲାଭ କରିବେ । ଏହି ଉଦ୍ଦେଶ୍ୟରେ ଭଗବାନ୍ ଏ ଭଗବଦ୍ ଗୀତା ଶିକ୍ଷା ଦେଇଛନ୍ତି ।

## ଶ୍ଳୋକ - ୧୭

**ଅବିନାଶି ତୁ ତଦ୍ ବିଦ୍ଧି ଯେନ ସର୍ବମିଦଂ ତତମ୍ ।**
**ବିନାଶମବ୍ୟୟସ୍ୟାସ୍ୟ ନ କଶ୍ଚିତ୍ କର୍ତୁମର୍ହତି ।। ୧୭ ।।**

## ଶବ୍ଦାନୁବାଦ

ଅବିନାଶି=ବିନାଶରହିତ; ତୁ=କିନ୍ତୁ; ତତ୍=ତାହା; ବିଦ୍ଧି=ଜାଣିରଖ; ଯେନ=ଯାହାଦ୍ୱାରା; ସର୍ବମ୍=ସମଗ୍ର ଶରୀର; ଇଦମ୍=ଏହା; ତତମ୍=ପରିବ୍ୟାପ୍ତ; ବିନାଶମ୍=ବିନାଶ; ଅବ୍ୟୟସ୍ୟ=ଅବ୍ୟୟର; ଅସ୍ୟ=ଏହାର; ନ କଶ୍ଚିତ୍=କେହି; କର୍ତୁମ୍=କରିବାକୁ; ଅର୍ହତି=ସକ୍ଷମ ।

## ଅନୁବାଦ

**ଏକଥା ଜାଣିରଖ ଯେ ଯାହା ଏ ସମଗ୍ର ଶରୀରରେ ପରିବ୍ୟାପ୍ତ ହୋଇଛି ତାହା ଅବିନାଶୀ ଅଟେ । ଅବିନାଶୀ ଆତ୍ମାକୁ ବିନାଶ କରିବାକୁ କେହି ସକ୍ଷମ ନୁହଁନ୍ତି ।**

## ଭାବାର୍ଥ

ଯେଉଁ ଆତ୍ମା ଶରୀରର ସର୍ବତ୍ର ପରିବ୍ୟାପ୍ତ ହୋଇଛି, ତାହାର ପ୍ରକୃତ ସ୍ୱଭାବ କ'ଣ ତାହା ଏହି ଶ୍ଲୋକରେ ସୁସ୍ପଷ୍ଟ ଭାବରେ କୁହାଯାଇଛି । ଶରୀରର ସର୍ବତ୍ର କ'ଣ ପରିବ୍ୟାପ୍ତ ହୋଇଛି ଏହା ଯେକୌଣସି ଲୋକ ବୁଝିପାରିବ—ଏହା ହେଉଛି ଚେତନା । ଶରୀରର ସୁଖ-ଦୁଃଖ ପ୍ରତି ପ୍ରତ୍ୟେକେ ସଚେତନ । ସମଗ୍ର ଶରୀରରେ ହେଉ ବା ଏହାର କୌଣସି ଅଙ୍ଗ-ପ୍ରତ୍ୟଙ୍ଗ ବା ଅଂଶରେ ହେଉ ଯଦି କିଛି ଆନନ୍ଦ ବା ଯନ୍ତ୍ରଣା ଅନୁଭୂତ ହୁଏ ତାହା ପ୍ରତ୍ୟେକ ଜାଣିପାରନ୍ତି । ଏହି ଯେଉଁ ଚେତନା ବ୍ୟକ୍ତିର ଶରୀରରେ ପରିବ୍ୟାପ୍ତ ହୋଇଛି, ତାହା ପ୍ରତ୍ୟେକ ବ୍ୟକ୍ତିର ନିଜ ଶରୀର ମଧ୍ୟରେ ସୀମାବଦ୍ଧ । ତେଣୁ ଗୋଟିଏ ଶରୀରର ସୁଖ-ଦୁଃଖ ଅନ୍ୟ ଶରୀରରେ ଅନୁଭୂତ ହୁଏନାହିଁ । ତେଣୁ ପ୍ରତ୍ୟେକ ଶରୀରୀ ବା ବ୍ୟକ୍ତି ଏକ ଆତ୍ମାର ମୂର୍ତ୍ତିମନ୍ତ ବିଗ୍ରହ ଅଟେ ଏବଂ ଶରୀର ମଧ୍ୟରେ ଯେ ଆତ୍ମା ବିଦ୍ୟମାନ ଏହାର ଲକ୍ଷଣ ହେଲା ବ୍ୟକ୍ତିଗତ ଚେତନା । ଆତ୍ମାର ଆକାର ପ୍ରକାର ସମ୍ବନ୍ଧରେ ଏହିକଥା ବର୍ଣ୍ଣନା କରାଯାଇଛି ଯେ କେଶର ଅଗ୍ରଭାଗକୁ ଦଶହଜାର ଭାଗକରି ଏକ ଭାଗ ନେଲେ ଯାହା ହେବ, ତାହାହିଁ ଆତ୍ମାର ଆକାର । (ଆତ୍ମା ଏଡ଼େ ସୂକ୍ଷ୍ମ) । ଶ୍ୱେତାଶ୍ୱେତର ଉପନିଷଦରେ ଏକଥା ସ୍ୱୀକାର କରାଯାଇଅଛି ।

*''ବାଳାଗ୍ର ଶତଭାଗସ୍ୟ ଶତଧା କଳ୍ପିତସ୍ୟ ଚ ।*
*ଭାଗୋ ଜୀବଃ ସ ବିଜ୍ଞେୟଃ ସ ଚାନନ୍ତ୍ୟାୟ କଳ୍ପତେ ।।''*

କେଶର ଅଗ୍ରଭାଗକୁ ଶତଧା ଅର୍ଥାତ୍ ଶହେ ଭାଗରେ ବିଭକ୍ତ କରାଯାଇ ପ୍ରତ୍ୟେକ ଭାଗକୁ ପୁଣି ଶହେଭାଗରେ ବିଭକ୍ତ କରାଗଲେ ଯାହାହେବ, ତାହା ହିଁ ଆତ୍ମାର ଆକାର ଅଟେ । (ଶ୍ୱେତ : ୫-୯) । ଶ୍ରୀମଦ୍ ଭାଗବତମ୍‌ରେ ମଧ୍ୟ ସେହି କଥା କୁହାଯାଇଅଛି—

*''କେଶାଗ୍ର ଶତଭାଗସ୍ୟ ଶତାଂଶ ସାଦୃଶାତ୍ମକଃ ।*
*ଜୀବଃ ସୂକ୍ଷ୍ମ-ସ୍ୱରୂପୋଽୟଂ ସଂଖ୍ୟାତୀତୋହି ଚିତ୍‌କଣଃ ।।''*

''ଅସଂଖ୍ୟ ଚିତ୍‌କଣ ଅଛି । ସେମାନଙ୍କର ଆକାର ହେଉଛି କେଶାଗ୍ରର ଦଶହଜାର ଭାଗରୁ ଏକଭାଗ ।

ତେଣୁ ପ୍ରତ୍ୟେକ ଆତ୍ମା ଏକ ଚିତ୍‌କଣ ଅଟେ । ଏହା ଭୌତିକ ଅଣୁଠାରୁ (ବା ଅଚିତ୍‌କଣ ଠାରୁ) କ୍ଷୁଦ୍ରତର ଅଟେ ଏବଂ ଏପ୍ରକାର ଚିତ୍‌କଣର ସଂଖ୍ୟା ଅନନ୍ତ ଅଟେ । ଏହି ଅତି ସୂକ୍ଷ୍ମ ଚିତ୍‌କଣ ଏ ଜଡ଼ ଶରୀରର ମୌଳିକ ନୀତି ଅଟେ ଏବଂ ଏହି ଚିତ୍‌କଣର ପ୍ରଭାବ ସମଗ୍ର

*''ଏଷୋଽଣୁରାତ୍ମା ଚେତସା ବେଦିତବ୍ୟୋ*
*ଯସ୍ମିନ୍ ପ୍ରାଣଃ ପଞ୍ଚଧା ସଂବିବେଶ ।*
*ପ୍ରାଣୈଶ୍ ଚିତ୍ତଂ ସର୍ବମ୍ ଓତମ୍ ପ୍ରଜାନାଂ*
*ଯସ୍ମିନ୍ ବିଶୁଦ୍ଧେ ବିଭବତି ଏଷ ଆତ୍ମା ।।''*

''ଆତ୍ମା ଅଣୁସଦୃଶ ଅତି ସୂକ୍ଷ୍ମାକାର ଅଟେ ଏବଂ ଏହା ବିଶୁଦ୍ଧ ବୁଦ୍ଧି ସାହାଯ୍ୟରେ ଅନୁଭୂତ ହୁଏ ।ଏହି ଆତ୍ମା (ଚିତ୍‌କଣ) ପାଞ୍ଚ ପ୍ରକାର ବାୟୁରେ ଭାସମାନ ହେଉଅଛି (ପ୍ରାଣ, ଅପାନ, ବ୍ୟାନ, ସମାନ ଓ ଉଦାନ-ପାଞ୍ଚପ୍ରକାର ବାୟୁ) ।ଏହା ହୃଦୟ ମଧ୍ୟରେ ଅବସ୍ଥିତ ଏବଂ ପ୍ରତ୍ୟେକ ଜୀବର ଶରୀରରେ ଏହାର ପ୍ରଭାବ ବିସ୍ତୃତ ।ଯେତେବେଳେ ପାଞ୍ଚପ୍ରକାର ଭୌତିକ ବାୟୁର ଦୋଷରୁ ଏ ଆତ୍ମା ମୁକ୍ତ ହୋଇଯାଏ, ସେତେବେଳେ ଏହାର ଦିବ୍ୟ ପ୍ରଭାବ ପ୍ରଦର୍ଶିତ ହୁଏ ।'' (ମୁଣ୍ଡକ ୩-୧-୯) ।

ହଠଯୋଗ ସାଧନାର ଉଦ୍ଦେଶ୍ୟ ହେଲା ବିଭିନ୍ନ ପ୍ରକାର ଆସନ ଅଭ୍ୟାସ କରି ଶୁଦ୍ଧ ଆତ୍ମାକୁ ଘେରି ରହିଥିବା ଏ ପଞ୍ଚବାୟୁକୁ ନିୟନ୍ତ୍ରଣ କରିବା; କୌଣସି ଭୌତିକ ସୁଖଲାଭ ଉଦ୍ଦେଶ୍ୟରେ ଏହା ଅଭ୍ୟାସ କରିବା ଉଚିତ୍ ନୁହେଁ ।ସୂକ୍ଷ୍ମ ଚିଦାତ୍ମାକୁ ଭୌତିକ ପରିବେଷ୍ଟନୀରୁ ମୁକ୍ତ କରିବା ନିମିତ୍ତ ହଠଯୋଗ ସାଧନା କରାଯାଇପାରେ ।ଏହାହିଁ ହେଉଛି ହଠଯୋଗ ସାଧନାର ଉଦ୍ଦେଶ୍ୟ ।

ଏହିପରି ସୂକ୍ଷ୍ମ ଆତ୍ମା କଥା ସମସ୍ତ ବୈଦିକ ସାହିତ୍ୟରେ ସ୍ୱୀକୃତ ହୋଇଅଛି ଏବଂ ଯେକୌଣସି ସୁସ୍ଥମନ ବିଶିଷ୍ଟ ବ୍ୟକ୍ତି ବାସ୍ତବ କ୍ଷେତ୍ରରେ ଏହା ଅନୁଭବ କରିପାରିବ ।କେବଳ ଯେ ପାଗଳ (ଅର୍ଥାତ୍ ଯେ ସୁସ୍ଥମନ ବିଶିଷ୍ଟ ବ୍ୟକ୍ତି ନୁହେଁ) ସେ ହିଁ ଏହି ସୂକ୍ଷ୍ମ ଆତ୍ମାକୁ ସର୍ବବ୍ୟାପକ ବିଷ୍ଣୁତତ୍ତ୍ୱ ବୋଲି ଭାବିପାରେ ।

ଏହି ସୂକ୍ଷ୍ମ ଅଣୁ-ଆତ୍ମାର ପ୍ରଭାବ କୌଣସି ଏକ ନିର୍ଦ୍ଦିଷ୍ଟ ଶରୀରରେ ପରିବ୍ୟାପ୍ତ ହୋଇପାରେ । ମୁଣ୍ଡକ ଉପନିଷଦର ବର୍ଣ୍ଣନା ଅନୁଯାୟୀ ଏହି ସୂକ୍ଷ୍ମ ଅଣୁ-ଆତ୍ମା ପ୍ରତ୍ୟେକ ଜୀବର ହୃଦୟରେ ବିଦ୍ୟମାନ ।ଏ ଅଣୁ-ଆତ୍ମା ଏତେ ସୂକ୍ଷ୍ମ ଯେ ଭୌତିକ ବିଜ୍ଞାନୀଗଣ ତାହାକୁ ଜାଣିପାରନ୍ତି ନାହିଁ ।ଏହା ତାଙ୍କର ଜ୍ଞାନ ପରିସରର ବାହାରେ ।ତେଣୁ ସେମାନଙ୍କ ମଧ୍ୟରୁ

କେତେକ ନିର୍ବୋଧଭାବେ କହନ୍ତି ଯେ ଆତ୍ମାବୋଲି କିଛି ନାହିଁ । ପରମାତ୍ମାଙ୍କ ସହିତ ଏହି ଅଣୁ-ଆତ୍ମା ପ୍ରତ୍ୟେକ ଜୀବର ହୃଦୟରେ ବିଦ୍ୟମାନ ଏବଂ ସେଇଥିପାଇଁ ଶରୀର ଚଳପ୍ରଚଳ ହେବାପାଇଁ ଯେଉଁଶକ୍ତି ଦରକାର ସେ ସମସ୍ତ ଶକ୍ତି ଶରୀରର ଏହି ଅଂଶରୁ (ହୃଦୟରୁ)ହିଁ ବାହାରେ । ଯେଉଁ ରକ୍ତକଣିକା ଫୁସ୍‌ଫୁସରୁ ଅମ୍ଳଜାନ ବହନ କରି ନିଅନ୍ତି ସେମାନେ ଆତ୍ମାରୁ ହିଁ ଶକ୍ତି ସଂଗ୍ରହ କରନ୍ତି । ଯେତେବେଳେ ଏହି ସ୍ଥିତିରୁ ଆତ୍ମା ଚ୍ୟୁତ ହୋଇଯାଏ ସେତେବେଳେ ରକ୍ତପ୍ରବାହ କାର୍ଯ୍ୟ ବନ୍ଦ ହୋଇଯାଏ । ଚିକିତ୍ସା ବିଜ୍ଞାନ ଲୋହିତ ରକ୍ତକଣିକାର ଗୁରୁତ୍ୱ ସ୍ୱୀକାର କରିଅଛି । କିନ୍ତୁ ଏହି ଶକ୍ତିର ଉତ୍ସ (ମୂଳ) ଯେ ଆତ୍ମା ଏହା ସେ ବିଜ୍ଞାନ ଜାଣିପାରିନାହିଁ । ଅବଶ୍ୟ ଚିକିତ୍ସା ବିଜ୍ଞାନ ଏ କଥା ସ୍ୱୀକାର କରେ ଯେ ଶରୀରର ସମସ୍ତ ଶକ୍ତିର ଆଧାର ହେଉଛି ହୃଦୟ ।

ଏ ପ୍ରକାର ଅଣୁ ଆତ୍ମାଗୁଡ଼ିକୁ ସୂର୍ଯ୍ୟ କିରଣରେ ଭାସି ବୁଲୁଥିବା ଅଣୁମାନଙ୍କ ସହ ତୁଳନା କରାଯାଏ । ସୂର୍ଯ୍ୟ କିରଣରେ ଅସଂଖ୍ୟ ଦୀପ୍ତିମନ୍ତ ଅଣୁ ଅଛି । ଠିକ୍ ସେହିପରି ଭଗବାନଙ୍କର କିରଣରେ ଯେଉଁ ଦୀପ୍ତିମନ୍ତ ଅଣୁଗୁଡ଼ିକ ଭାସି ବୁଲୁଛନ୍ତି ସେମାନେ ଭଗବାନଙ୍କର ଅଂଶ ବିଶେଷ (ବିଭିନ୍ନାଂଶ) ଅଟନ୍ତି । ଏହି କିରଣକୁ ଭଗବାନଙ୍କର ପ୍ରଭା (ଅଙ୍ଗ ପ୍ରଭା) କୁହାଯାଏ ବୈଦିକ ଜ୍ଞାନ କିମ୍ବା ଆଧୁନିକ ବିଜ୍ଞାନ କେହି ଶରୀରରେ ଆତ୍ମାର ବିଦ୍ୟମାନତା କଥା ଅସ୍ୱୀକାର କରୁନାହାନ୍ତି ଏବଂ ସ୍ୱୟଂ ପରମ ପୁରୁଷ ଭଗବାନ୍ ସେହି ଆତ୍ମ-ଜ୍ଞାନ ସୁସ୍ପଷ୍ଟଭାବରେ ଭଗବଦ୍ ଗୀତାରେ ବର୍ଣ୍ଣନା କରିଛନ୍ତି ।

## ଶ୍ଲୋକ - ୧୮

**ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ ।**
**ଅନାଶିନୋଽପ୍ରମେୟସ୍ୟ ତସ୍ମାଦ୍ ଯୁଧ୍ୟସ୍ୱ ଭାରତ ।। ୧୮ ।।**

## ଶବ୍ଦାନୁବାଦ

ଅନ୍ତବନ୍ତଃ=ବିନାଶଶୀଳ; ଇମେ=ଏହିସବୁ; ଦେହାଃ=ଭୌତିକ ଶରୀରଗୁଡ଼ିକ; ନିତ୍ୟସ୍ୟ=ନିତ୍ୟ; ଉକ୍ତାଃ=କଥିତ ଅଛି; ଶରୀରିଣଃ=ଦେହୀ ବା ଆତ୍ମା; ଅନାଶିନଃ=କଦାପି ବିନଷ୍ଟ ହେବେ ନାହିଁ; ଅପ୍ରମେୟସ୍ୟ=ଅକଳନୀୟ; ତସ୍ମାତ୍=ତେଣୁ; ଯୁଧ୍ୟସ୍ୱ=ଯୁଦ୍ଧକର; ଭାରତ=ହେ ଭରତ ବଂଶଜ !

## ଅନୁବାଦ

**ଅବିନାଶୀ, ଅକଳନୀୟ ଏବଂ ସନାତନ ଆତ୍ମାର ଏ ଜଡ଼ ଶରୀର କେବଳ ବିନାଶଶୀଳ ଅଟେ; ତେଣୁ, ହେ ଭରତ ବଂଶଜ ! ଯୁଦ୍ଧ କର ।**

## ଭାବାର୍ଥ

ଏ ଜଡ଼ ଶରୀର ସ୍ୱଭାବତଃ ବିନାଶଶୀଳ । ଏହା ସଙ୍ଗେ ସଙ୍ଗେ ବିନଷ୍ଟ ହୋଇପାରେ କିମ୍ବା ଶହେ ବର୍ଷ ପରେ ହୋଇପାରେ । ଏହା କେବଳ ସମୟର କଥା । ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଏହାକୁ ରକ୍ଷାକରାଯାଇ ପାରିବ ନାହିଁ । ଆତ୍ମା ଏଡ଼େ ସୂକ୍ଷ୍ମ ଯେ ଏହାକୁ ଶତ୍ରୁ ମଧ୍ୟ

ଦେଖି ପାରିବନାହିଁ; ଆଉ ମାରିବା କଥା ବା କ'ଣ କହିବା । ପୂର୍ବ ଶ୍ଳୋକର ବର୍ଣ୍ଣନାନୁଯାୟୀ ଏହା ଏତେ କ୍ଷୁଦ୍ର ଯେ ଏହାର ଆକାର ପ୍ରକାର ବିଷୟରେ କେହି କିଛି ଧାରଣ କରିପାରିବେ ନାହିଁ । ତେଣୁ ଉଭୟ ଦୃଷ୍ଟିରୁ ଦୁଃଖର କୌଣସି କାରଣ ନାହିଁ, କାରଣ ଜୀବାତ୍ମାକୁ ହତ୍ୟା କରାଯାଇ ପାରିବ ନାହିଁ, ଯେଣୁ ଏହା ଅବିନାଶୀ କିମ୍ବା ଏ ଜଡ଼ ଶରୀରକୁ ସବୁଦିନ ପାଇଁ ରକ୍ଷା କରାଯାଇ ପାରିବ ନାହିଁ, ତେଣୁ ଏହା ବିନାଶଶୀଳ । ସୂକ୍ଷ୍ମ ଜୀବାତ୍ମା ତା'ର କର୍ମାନୁଯାୟୀ ଏ ଜଡ଼ ଶରୀର ଧାରଣ କରିଛି ଏବଂ ସେଇଥିପାଇଁ ଧର୍ମନୀତି ଅନୁସରଣ କରିବା ଉଚିତ୍ । ବେଦାନ୍ତ ସୂତ୍ରରେ ଜୀବାତ୍ମାକୁ ଆଲୋକରୂପେ ବର୍ଣ୍ଣନା କରାଯାଇଛି, କାରଣ ତାହା ପରମ ଆଲୋକର ଅଂଶବିଶେଷ ଅଟେ । ଯେପରି ସୂର୍ଯ୍ୟାଲୋକ ସମଗ୍ର ବ୍ରହ୍ମାଣ୍ଡକୁ ରକ୍ଷାକରୁଛି ସେହିପରି ଆତ୍ମାର ଆଲୋକ ଏ ଜଡ଼ ଶରୀରକୁ ରକ୍ଷା କରୁଛି । ଜୀବାତ୍ମା ଏ ଜଡ଼ ଶରୀରରୁ ବାହାରି ଗଲାକ୍ଷଣି ଏ ଶରୀର ପଚିବାକୁ ଆରମ୍ଭ କରେ, ତେଣୁ ଏଥିରୁ ଜଣାଯାଉଛି ଯେ ଜୀବାତ୍ମା ଏ ଶରୀରକୁ ରକ୍ଷା କରେ । ଏ ଶରୀର ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ତେଣୁ ଅର୍ଜୁନଙ୍କୁ ଉପଦେଶ ଦିଆଯାଇଅଛି -ଯୁଦ୍ଧ କର ଏବଂ ଧର୍ମ ସଂସ୍ଥାପନାର୍ଥେ ଜଡ଼ ଶରୀରକୁ ବିନାଶ କର ।

## ଶ୍ଳୋକ - ୧୯

**ଯ ଏନଂ ବେତ୍ତି ହନ୍ତାରଂ ଯଶ୍ଚୈନଂ ମନ୍ୟତେ ହତମ୍ ।**
**ଉଭୌ ତୌ ନ ବିଜାନୀତୋ ନାୟଂ ହନ୍ତି ନ ହନ୍ୟତେ ।। ୧୯ ।।**

## ଶବ୍ଦାନୁବାଦ

ଯଃ=ଯେ; ଏନମ୍=ଏହାକୁ; ବେତ୍ତି=ଜାଣେ; ହନ୍ତାରମ୍=ହତ୍ୟାକାରୀ; ଯଃ=ଯାହାକୁ; ଚ=ମଧ୍ୟ; ଏନମ୍=ଏହାକୁ; ମନ୍ୟତେ=ଭାବେ; ହତମ୍=ହତ; ଉଭୌ=ଉଭୟ; ତୌ=ସେ ଦୁହିଁଙ୍କୁ; ନ=କେବେ ନୁହେଁ; ବିଜାନୀତଃ=ଜ୍ଞାନରେ (ଜାଣନ୍ତି ନାହିଁ); ନ=ନୁହେଁ; ଅୟମ୍=ଏହା; ହନ୍ତି=ମାରେ; ନ ହନ୍ୟତେ=ମରେ ନାହିଁ।

## ଅନୁବାଦ

**ଯେ ଏପରି ଭାବେ ଯେ ଜୀବାତ୍ମା ହତ୍ୟାକାରୀ କିମ୍ବା ସେ ହତ ହେଉଅଛି, ସେ କିଛି ଜାଣେ ନାହିଁ । ଯାହାର ଜ୍ଞାନ ଅଛି ସେ ଏକଥା ଜାଣେ ଯେ, ଆତ୍ମା ମାରେ ନାହିଁ କି ମରେ ନାହିଁ ।**

## ଭାବାର୍ଥ

ଯେତେବେଳେ କୌଣସି ଜୀବ କୌଣସି ଅସ୍ତ୍ରଶସ୍ତ୍ର ଦ୍ୱାରା ଭୀଷଣଭାବେ ଆଘାତ ପ୍ରାପ୍ତ ହୁଏ, ସେତେବେଳେ ଏହା ଜାଣି ରଖିବା ଉଚିତ୍ ଯେ ଶରୀର ମଧ୍ୟରେ ଥିବା ଆତ୍ମା ହତ ହୁଏ ନାହିଁ । ଆତ୍ମା ଏଡ଼େ କ୍ଷୁଦ୍ର ଯେ ତାହାକୁ କୌଣସି ଭୌତିକ ଅସ୍ତ୍ରଶସ୍ତ୍ରରେ ହତ୍ୟା କରିବା ସମ୍ଭବପର ନୁହେଁ । ପୂର୍ବବର୍ତ୍ତୀ ଶ୍ଳୋକମାନଙ୍କରୁ ଏହା ଜଣାଯାଇଅଛି । ଜୀବାତ୍ମା ନାଶଶୀଳ ନୁହେଁ, ତାହାକୁ କେହି ହତ୍ୟା କରିପାରିବେ ନାହିଁ, କାରଣ ତାହା ଦିବ୍ୟଭାବରେ ଗଠିତ । ଯାହା ନାଶଶୀଳ ବା

ଯାହାକୁ ହତ୍ୟା କରାଯାଇପାରେ ତାହା ହେଉଛି ଏ ଶରୀର ।ଏଥିରୁ ଅବଶ୍ୟ ଏ କଥା ବୁଝିବାକୁ ହେବ ନାହିଁ ଯେ ଶରୀରକୁ ନାଶ କରିବା ଉଚିତ୍ କିମ୍ବା ଶରୀରକୁ ନାଶକଲେ କିଛି ଅସୁବିଧା ନାହିଁ ।ବୈଦିକ ଉପଦେଶ ହେଲା ‘‘ମା ହିଂସ୍ୟାତ୍ ସର୍ବଭୂତାନି’’ ।କାହାରି ପ୍ରତି ହିଂସା ଆଚରଣ କରନାହିଁ ।ପୁନଶ୍ଚ ଏଥିରୁ ଏକଥା ବୁଝିବାକୁ ହେବନାହିଁ ଯେ ଆତ୍ମା’ତ ମରେ ନାହିଁ, ତେଣୁ ପଶୁବଧ କଲେ କ୍ଷତି କ’ଣ ? ବିନା ଅଧିକାରରେ କୌଣସି ଜୀବର ଶରୀରକୁ ବଧ କଲେ ତାହା ବଡ଼ ଜଘନ୍ୟ କାର୍ଯ୍ୟ ଅଟେ ଏବଂ ରାଜ୍ୟର (ବା ସରକାରଙ୍କର) ନିୟମ ଅନୁଯାୟୀ ତଥା ଭଗବାନଙ୍କ ନିୟମାନୁଯାୟୀ ମଧ୍ୟ ହତ୍ୟାକାରୀ ଦଣ୍ଡିତ ହେବ ।ଅବଶ୍ୟ ଏଠାରେ ଅର୍ଜୁନ ଧର୍ମରକ୍ଷାର୍ଥେ ହତ୍ୟା କରିବା କାର୍ଯ୍ୟରେ ନିଯୁକ୍ତ ଅଛନ୍ତି ।ସେ ମନଇଚ୍ଛା ହତ୍ୟା କରୁନାହାନ୍ତି ।

## ଶ୍ଳୋକ - ୨୦

**ନ ଜାୟତେ ମ୍ରିୟତେ ବା କଦାଚିନ୍**
**ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ।**
**ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ**
**ନ ହନ୍ୟତେ ହନ୍ୟମାନେ ଶରୀରେ ।। ୨୦।।**

## ଶବ୍ଦାନୁବାଦ

ନ=ନାହିଁ; ଜାୟତେ=ଜନ୍ମହୁଏ; ମ୍ରିୟତେ=ମରେ; ବା=କିମ୍ବା; କଦାଚିତ୍=କୌଣସି କାଳରେ (ଭୂତ, ଭବିଷ୍ୟତ କିମ୍ବା ବର୍ତ୍ତମାନ); ନ=ନୁହେଁ; ଅୟମ୍=ଏହା; ଭୂତ୍ୱା=ଥିଲା; ଭବିତା=ହେବ; ବା=କିମ୍ବା; ନ=ନୁହେଁ; ଭୂୟଃ=କିମ୍ବା ହୋଇଛି; ଅଜଃ=ଅଜ (ଅଜନ୍ମା); ନିତ୍ୟଃ=ନିତ୍ୟ; ଶାଶ୍ୱତଃ=ଶାଶ୍ୱତ; ଅୟମ୍=ଏହି; ପୁରାଣଃ=ପୁରାତନ; ନ=ନୁହେଁ; ହନ୍ୟତେ=ମରାଯାଏ; ହନ୍ୟମାନେ ଶରୀରେ=ଶରୀର ମରିବା ଦ୍ୱାରା ।

## ଅନୁବାଦ

**ଆତ୍ମାର ଜନ୍ମ ନାହିଁ ବା ମୃତ୍ୟୁ ନାହିଁ। ଏପରି ସମୟ ନ ଥିଲା, ଯେତେବେଳେ ତାହା ନଥିଲା, ପୁଣି ଏପରି ସମୟ ହେବ ନାହିଁ ଯେତେବେଳେ ତାହା ନଥିବ। ତାହା ଅଜ, ଶାଶ୍ୱତ, ସର୍ବଦା ବିଦ୍ୟମାନ, ଅମର ଏବଂ ପୁରାତନ ଅଟେ। ଶରୀରର ମୃତ୍ୟୁରେ ତାହାର ମୃତ୍ୟୁ ହୁଏ ନାହିଁ ।**

## ଭାବାର୍ଥ

ପରମାତ୍ମାଙ୍କର ଅତିକ୍ଷୁଦ୍ର ଅଂଶ ଅଣୁ-ଆତ୍ମା ଗୁଣରେ ପରମାତ୍ମାଙ୍କ ସହ ସମାନ ।ଶରୀରର ଯେପରି ପରିବର୍ତ୍ତନ ହୁଏ, ତାହାର ସେପରି ପରିବର୍ତ୍ତନ ହୁଏନାହିଁ ।ବେଳେବେଳେ ଆତ୍ମାକୁ ସ୍ଥିର ବା କୂଟସ୍ଥ ବୋଲି କୁହାଯାଏ ।ଶରୀରର ଛ’ପ୍ରକାର ପରିବର୍ତ୍ତନ ହୁଏ ।ଏହା ମାତୃଗର୍ଭରେ ଜନ୍ମଲାଭ କରେ, କିଛିକାଳ ରହେ, ବୃଦ୍ଧିପ୍ରାପ୍ତ ହୁଏ କିଛି ସନ୍ତାନ ଉତ୍ପାଦନ କରେ, କ୍ରମେ କ୍ଷୀଣ ହୁଏ ଏବଂ ଅବଶେଷରେ ବିସ୍ମୃତି ଗର୍ଭରେ ଲୀନ ହୁଏ; କିନ୍ତୁ ଆତ୍ମାର ଏ ପ୍ରକାର ପରିବର୍ତ୍ତନ

ହୁଏ ନାହିଁ । ଆତ୍ମା ଜନ୍ମ ହୁଏ ନାହିଁ, କିନ୍ତୁ ସେ ଏକ ଜଡ଼ ଶରୀର ଗ୍ରହଣ କରୁଥିବାରୁ ଶରୀରଟି ଜନ୍ମ ହୁଏ । ଆତ୍ମା ସେଥିସହିତ ଜନ୍ମ ହୁଏ ନାହିଁ କି ମରେ ନାହିଁ । ଯାହାର ଜନ୍ମ ଅଛି ତାହାର ମୃତ୍ୟୁ ଅଛି । ଯେଣୁ ଆତ୍ମାର ଜନ୍ମ ନାହିଁ, ତେଣୁ ତାହାର ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ନାହିଁ । ତାହା ଶାଶ୍ୱତ, ଚିର ବିଦ୍ୟମାନ ଏବଂ ପୁରାତନ ଅଟେ-ଅର୍ଥାତ୍ ତାହା କେବେ ପ୍ରଥମେ ସୃଷ୍ଟି ହେଲା, ତାହାର ଇତିହାସ ନାହିଁ । କେବଳ ଶରୀର ସମ୍ପର୍କରେ ଆମେ ଆତ୍ମାର ଜନ୍ମମୃତ୍ୟୁ ଆଦିର ଇତିହାସ ଖୋଜୁଁ । ଶରୀର ଯେପରି ବୃଦ୍ଧ ହୁଏ, ଆତ୍ମା କେବେହେଲେ ସେପରି ବୃଦ୍ଧ ହୁଏନାହିଁ । ତେଣୁ ତଥାକଥିତ ବୃଦ୍ଧ ବ୍ୟକ୍ତି ତା'ର ବାଲ୍ୟ କିମ୍ବା ଯୌବନରେ ଯେପରି ଭାବ ଅନୁଭବ କରୁଥିଲା ସେହିପରି କରେ । ଶରୀରର ପରିବର୍ତ୍ତନ ଆତ୍ମା ଉପରେ କୌଣସି ପ୍ରଭାବ ପକାଏ ନାହିଁ । ବୃକ୍ଷପରି ବା କୌଣସି ଜଡ଼ ବସ୍ତୁପରି ଆତ୍ମା କ୍ଷୀଣ ହୁଏ ନାହିଁ । ଆତ୍ମାର ମଧ୍ୟ କୌଣସି ଉତ୍ପାଦନ ନାହିଁ । ଶରୀରର ଉତ୍ପାଦନ ହେଲେ ସନ୍ତାନ । ସେମାନେ ମଧ୍ୟ ଗୋଟିଏ ଗୋଟିଏ ଆତ୍ମା ଅଟନ୍ତି । କେବଳ ଶରୀର ଯୋଗୁଁ ସେମାନେ କୌଣସି ବ୍ୟକ୍ତିର ସନ୍ତାନରୂପେ ପ୍ରତୀତ ହୁଅନ୍ତି । ଆତ୍ମାର ବିଦ୍ୟମାନତା ଯୋଗୁଁ ଶରୀର ବୃଦ୍ଧିଲାଭ କରେ, କିନ୍ତୁ ଆତ୍ମାର ସନ୍ତାନ ନାହାନ୍ତି କିମ୍ବା ପରିବର୍ତ୍ତନ ନାହିଁ । ତେଣୁ ଆତ୍ମା ଶରୀରର ଷଡ଼ବିଧ ପରିବର୍ତ୍ତନଠାରୁ ମୁକ୍ତ ।

କଠ ଉପନିଷଦରେ ଆମ୍ଭେମାନେ ମଧ୍ୟ ତଦ୍ରୂପ ଏକ ଶ୍ଳୋକ ଦେଖିବାକୁ ପାଇବା । ଯଥା —

*"ନ ଜାୟତେ ମ୍ରିୟତେ ବା ବିପଶ୍ଚିନ୍*
*ନାୟଂ କୁତଶ୍ଚିନ୍ ନ ବିଭୂବ କଶ୍ଚିତ୍ ।*
*ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ*
*ନ ହନ୍ୟତେ ହନ୍ୟମାନେ ଶରୀରେ ॥*

*(କଠ-୧-୨-୧୮)*

ଭଗବଦ୍ ଗୀତାର ଶ୍ଳୋକର ଅର୍ଥ ଓ ଭାବାର୍ଥ ଯାହା, ଏ ଶ୍ଳୋକର ଅର୍ଥ ଓ ଭାବାର୍ଥ ତାହା , କିନ୍ତୁ ଏ ଶ୍ଳୋକରେ ଗୋଟିଏ ସ୍ୱତନ୍ତ୍ର ଶବ୍ଦ 'ବିପଶ୍ଚିତ୍' ଅଛି, ଯାହାର ଅର୍ଥ ଜ୍ଞାନୀ, ଅର୍ଥାତ୍ ଯାହାର ଜ୍ଞାନ ଅଛି ।

ଆତ୍ମା ଜ୍ଞାନମୟ, ଅର୍ଥାତ୍ ସର୍ବଦା ଚେତନଶୀଳ । ତେଣୁ ଚେତନା ହେଉଛି ଆତ୍ମାର ଲକ୍ଷଣ । ହୃଦୟରେ କେଉଁଠି ଆତ୍ମା ବିଦ୍ୟମାନ-ଏହା ଅବଶ୍ୟ କେହି କଦାପି ବାହାର କରିପାରିବେ ନାହିଁ, ତାହା ହେଲେବି ଚେତନାର ବିଦ୍ୟମାନତା ଯୋଗୁଁ ବ୍ୟକ୍ତି ଆତ୍ମାର ବିଦ୍ୟମାନତା କଥା ବୁଝିପାରିବ । ବେଳେବେଳେ ଆକାଶ ମେଘୁଆ ହୋଇଥିବାରୁ ଆମ୍ଭେମାନେ ଆକାଶରେ ସୂର୍ଯ୍ୟଙ୍କୁ ଦେଖିପାରୁନାହୁଁ, କିନ୍ତୁ ସୂର୍ଯ୍ୟାଲୋକ ବରାବର ରହିଛି ଏବଂ ସେଇଥିରୁ ଆମେ ବୁଝିପାରୁ ଯେ ବର୍ତ୍ତମାନ ଦିବସ ଅଟେ । ବଡ଼ିସକାଳେ ଯେତେବେଳେ ଆମେ କିଛି ସୂର୍ଯ୍ୟାଲୋକ ଆକାଶରେ ଦେଖୁଁ, ସେତେବେଳେ ଆମେ ବୁଝିପାରୁଁ ଯେ ସୂର୍ଯ୍ୟ ଆକାଶରେ ଅଛନ୍ତି (ବା ସୂର୍ଯ୍ୟ ଉଦୟ ହେଲେଣି), ଠିକ୍ ସେହିପରି ମାନବ ହେଉ ବା ମାନବେତର ପ୍ରାଣୀ ହେଉ ଯେତେବେଳେ ଆମେ ସେ ଶରୀରମାନଙ୍କରେ କିଛି ଚେତନା ଦେଖିବାକୁ ପାଉଁ, ସେତେବେଳେ ଆମେ ବୁଝିପାରୁ ଯେ ଶରୀରରେ ଆତ୍ମା ବିଦ୍ୟମାନ । ଆତ୍ମାର ଏ ଚେତନା, ପରମାତ୍ମାଙ୍କର ଚେତନାଠାରୁ

ଭିନ୍ନ; କାରଣ ପରମ ଚେତନାଙ୍କର ଭୂତ, ଭବିଷ୍ୟତ ଓ ବର୍ତ୍ତମାନ-ସମସ୍ତଜ୍ଞାନ ଥାଏ । କିନ୍ତୁ ଜୀବାତ୍ମାର ଚେତନା ଏସବୁ ଭୁଲିଯାଇଥାଏ । ଯେତେବେଳେ ସେ ତାହାର ପ୍ରକୃତ ସ୍ୱଭାବ ବା ସ୍ୱରୂପସ୍ଥିତିକୁ ଭୁଲିଯାଏ, ସେତେବେଳେ ସେ କୃଷ୍ଣଙ୍କ ଶିକ୍ଷାରୁ ପରମ ଜ୍ଞାନାଲୋକ ବା ଶିକ୍ଷା ପ୍ରାପ୍ତ ହୁଏ । କିନ୍ତୁ କୃଷ୍ଣ, ଭୁଲିଯାଇଥିବା ଆତ୍ମାପରି ନୁହଁନ୍ତି । ଯଦି ତାହା ହୋଇଥାନ୍ତା, ତାହାହେଲେ କୃଷ୍ଣଙ୍କର ଏ ଭଗବଦ୍ ଗୀତା ଶିକ୍ଷା ବ୍ୟର୍ଥ ହୋଇ ଯାଇଥାନ୍ତା ।

ଦୁଇ ପ୍ରକାର ଆତ୍ମା ଅଛନ୍ତି, ଯଥା-କ୍ଷୁଦ୍ର ଅଣୁ ଆତ୍ମା ଏବଂ ପରମାତ୍ମା ବା ବିଭୁ ଆତ୍ମା । ଏହା ମଧ୍ୟ କଠ ଉପନିଷଦରେ ନିମ୍ନମତେ କୁହାଯାଇଅଛି ।

*"ଅଣୋର୍ ଅଣୀୟାନ୍ ମହତୋ ମହୀୟାନ୍*
*ଆତ୍ମାସ୍ୟ ଜନ୍ତୋର୍ ନିହିତୋ ଗୁହାୟାମ୍ ।*
*ତମ୍ ଅକ୍ରତୁଃ ପଶ୍ୟତି ବୀତ ଶୋକୋ*
*ଧାତୁଃ ପ୍ରସାଦାନ୍ ମହିମାନମ୍ ଆତ୍ମନଃ ।।*

*(କଠ : ୧-୨-୨୦)*

ଉଭୟେ ଜୀବାତ୍ମା ଓ ପରମାତ୍ମା ଜୀବର ଶରୀର ବୃକ୍ଷରେ ହୃଦୟ ମଧ୍ୟରେ ଅବସ୍ଥାନ କରୁଛନ୍ତି । ଯେଉଁ ବ୍ୟକ୍ତି ପରମାତ୍ମାଙ୍କ କୃପାରୁ ସମସ୍ତ ଭୌତିକ କାମନାରୁ ତଥା ଦୁଃଖ ଶୋକରୁ ମୁକ୍ତ, ସେ ହିଁ ଆତ୍ମାର ମାହାତ୍ମ୍ୟ ବୁଝିପାରିବ । ଭଗବାନ୍ ଶ୍ରୀକୃଷ୍ଣ ମଧ୍ୟ ପରମାତ୍ମାଙ୍କର ଉଭବସ୍ଥଳ । ପରବର୍ତ୍ତୀ ଅଧ୍ୟାୟମାନଙ୍କରୁ ଏକଥା ଜଣାପଡ଼ିବ । ଅର୍ଜୁନ ହେଉଛନ୍ତି ଅଣୁ ଆତ୍ମା, ଯେ କି ନିଜର ସ୍ୱରୂପସ୍ଥିତିକୁ ଭୁଲିଯାଇଛନ୍ତି, ତେଣୁ ସେ କୃଷ୍ଣଙ୍କଠାରୁ କିମ୍ବା ତାଙ୍କର ଉପଯୁକ୍ତ ପ୍ରତିନିଧି (ବା ଗୁରୁ)ଙ୍କଠାରୁ ଜ୍ଞାନାଲୋକ ପ୍ରାପ୍ତ ହେବା ଦରକାର ।

## ଶ୍ଲୋକ - ୨୧

**ବେଦାବିନାଶିନଂ ନିତ୍ୟଂ ଯ ଏନମଜମବ୍ୟୟମ୍ ।**
**କଥଂ ସ ପୁରୁଷଃ ପାର୍ଥ କଂ ଘାତୟତି ହନ୍ତି କମ୍ ।। ୨୧ ।।**

## ଶବ୍ଦାନୁବାଦ

ବେଦ=ଜାଣେ; ଅବିନାଶିନମ୍=ଅବିନାଶୀ; ନିତ୍ୟମ୍=ସର୍ବଦା; ଯଃ=ଯେ; ଏନମ୍=ଏହି (ଆତ୍ମା)କୁ; ଅଜମ୍=ଅଜ; ଅବ୍ୟୟମ୍=ଅବ୍ୟୟ; କଥମ୍=କିପରି; ସଃ=ସେ; ପୁରୁଷଃ=ପୁରୁଷ; ପାର୍ଥ=ହେ ପାର୍ଥ (ଅର୍ଜୁନ); କମ୍=କାହାକୁ; ଘାତୟତି=ଆଘାତ କରେ; ହନ୍ତି=ମାରେ; କମ୍=କାହାକୁ ।

## ଅନୁବାଦ

**ହେ ପାର୍ଥ ! ଯେଉଁ ବ୍ୟକ୍ତି ଜାଣେ ଯେ, ଆତ୍ମା ଅବିନାଶୀ, ଅଜ, ଶାଶ୍ୱତ ଏବଂ ଅବ୍ୟୟ ଅଟେ, ସେ କିପରି ଅନ୍ୟକୁ ମାରିପାରିବ କିମ୍ବା ଅନ୍ୟର ମୃତ୍ୟୁର କାରଣ ହେବ ?**

## ଭାବାର୍ଥ

ପ୍ରତ୍ୟେକ ପଦାର୍ଥର ଉପଯୁକ୍ତ ବ୍ୟବହାର ଅଛି । ଯେଉଁ ବ୍ୟକ୍ତିପୂର୍ଣ୍ଣଜ୍ଞାନ ଲାଭ କରିଛି, ସେ ଜାଣେ, କିପରି ଭାବରେ ଓ କେଉଁ ସ୍ଥଳରେ କୌଣସି ପଦାର୍ଥକୁ ଉପଯୁକ୍ତ ଭାବରେ

ବ୍ୟବହାର କରାଯାଇପାରିବ । ଠିକ୍ ସେହିପରି ହିଂସାର ମଧ୍ୟ ବ୍ୟବହାର ଅଛି ଏବଂ କିପରି ସେ ହିଂସାକୁ ବ୍ୟବହାର କରିବାକୁ ହେବ ତାହା ଜ୍ଞାନୀ ବ୍ୟକ୍ତି ଜାଣେ । ଯଦିଓ ବିଗ୍ରହପତି ହତ୍ୟାକାରୀ ପ୍ରତି ମୃତ୍ୟୁଦଣ୍ଡ ବିଧାନ କରନ୍ତି, ତଥାପି ବିଗ୍ରହପତିକୁ ଏଥିପାଇଁ କେହି ଦୋଷ ଦିଅନ୍ତି ନାହିଁ, କାରଣ ସେ ଆଇନ୍ ଅନୁଯାୟୀ ମୃତ୍ୟୁଦଣ୍ଡ ବିଧାନ କରନ୍ତି । ମନୁସଂହିତାରେ ବର୍ଣ୍ଣନା କରାଯାଇଛି ଯେ ହତ୍ୟାକାରୀକୁ ମୃତ୍ୟୁଦଣ୍ଡ ଦିଆଯିବା ଉଚିତ୍, କାହିଁକିନା ପରଜନ୍ମରେ ସେ ଆଉ ସେ ପାପକର୍ମ ନିମିତ୍ତ ବିଶେଷ ଦଣ୍ଡ ଭୋଗ କରିବ ନାହିଁ । ତେଣୁ ରାଜା ହତ୍ୟାକାରୀକୁ ଯେଉଁ ଫାଶୀଦଣ୍ଡ ଦିଅନ୍ତି, ତାହା ବାସ୍ତବରେ ହତ୍ୟାକାରୀର ମଙ୍ଗଳ କରେ । ଠିକ୍ ସେହିପରି ଯେତେବେଳେ କୃଷ୍ଣ ଅର୍ଜୁନଙ୍କୁ ଯୁଦ୍ଧ କରିବାକୁ କହୁଛନ୍ତି, ସେତେବେଳେ ଏହା ବୁଝିବାକୁ ହେବ ଯେ ପରମ ମଙ୍ଗଳ ହିଂସାଚରଣ ପରମ ମଙ୍ଗଳ ବିଧାନ ନିମିତ୍ତ କରାଯାଉଅଛି ଏବଂ ସେଇଥିପାଇଁ ଅର୍ଜୁନ ତାଙ୍କ ଆଦେଶ ମାନିବା ଉଚିତ୍, କାରଣ ସେ ଏକଥା ଜାଣିରଖିବା ଉଚିତ୍ ଯେ କୃଷ୍ଣଙ୍କ ନିମିତ୍ତ ଯୁଦ୍ଧରେ ବ୍ୟାପୃତ ହୋଇ ହିଂସାଚରଣ କରିବା ଆଦୌ ହିଂସା ନୁହେଁ, ଶରୀରର ମୃତ୍ୟୁରେ ଯେତେବେଳେ ଆତ୍ମାର ମୃତ୍ୟୁ ହୁଏ ନାହିଁ, ସେତେବେଳେ ତାହା କିପରି ବା ହିଂସା ହେବ ? ତେଣୁ ନ୍ୟାୟ ବା ଧର୍ମ ରକ୍ଷା ନିମିତ୍ତ ଏ ପ୍ରକାର ହିଂସାଚରଣ ଦରକାର । ଡାକ୍ତର ଯେଉଁ ଅସ୍ତ୍ରୋପଗ୍ରହ କରେ ତାହା ରୋଗୀକୁ ମାରିବା ପାଇଁ କରେ ନାହିଁ, ରୋଗୀକୁ ଆରୋଗ୍ୟ କରିବା ନିମିତ୍ତ ତାହା କରାଯାଏ । ତେଣୁ କୃଷ୍ଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଅର୍ଜୁନ ଯେଉଁ ଯୁଦ୍ଧ କରିବେ ତାହା ପୂର୍ଣ୍ଣଜ୍ଞାନ ସ୍ତରରେ ରହି କରିବେ, ତେଣୁ ସେଥିରେ ପାପାଚରଣର କୌଣସି ସମ୍ଭାବନା ନାହିଁ ।

## ଶ୍ଲୋକ - ୨୨

**ବାସାଂସି ଜୀର୍ଣ୍ଣାନି ଯଥା ବିହାୟ**
**ନବାନି ଗୃହ୍ଣାତି ନରୋଽପରାଣି ।**
**ତଥା ଶରୀରାଣି ବିହାୟ ଜୀର୍ଣ୍ଣାନି**
**ଅନ୍ୟାନି ସଂଯାତି ନବାନି ଦେହୀ ।। ୨୨ ।।**

## ଶବ୍ଦାନୁବାଦ

ବାସାଂସି=ପୋଷାକ; ଜୀର୍ଣ୍ଣାନି=ପୁରାତନ; ଯଥା=ଯେପରି; ବିହାୟ=ତ୍ୟାଗକରି; ନବାନି=ନୂତନ ପୋଷାକ; ଗୃହ୍ଣାତି=ଗ୍ରହଣ କରେ; ନରଃ=ମାନବ; ଅପରାଣି=ଅନ୍ୟ; ତଥା=ସେହିପରି; ଶରୀରାଣି=ଶରୀରମାନ; ବିହାୟ=ତ୍ୟାଗକରି; ଜୀର୍ଣ୍ଣାନି=ପୁରାତନ ଏବଂ ଅଦରକାରୀ; ଅନ୍ୟାନି=ଅନ୍ୟ; ସଂଯାତି=ଗ୍ରହଣ କରେ; ନବାନି=ନୂତନ; ଦେହୀ=ଦେହୀ ।

## ଅନୁବାଦ

**ଯେପରି ବ୍ୟକ୍ତି ପୁରାତନ ପୋଷାକ ତ୍ୟାଗକରି ନୂତନ ପୋଷାକ ପରିଧାନ କରେ; ଠିକ୍ ସେହିପରି ଆତ୍ମା ପୁରାତନ ଓ ଅଦରକାରୀ ଶରୀରକୁ ତ୍ୟାଗକରି ନୂତନ ଭୌତିକ ଶରୀର ଗ୍ରହଣ କରେ ।**

## ଭାବାର୍ଥ

ଅଣୁ ଆତ୍ମା ଯେ ଶରୀର ପରିବର୍ତ୍ତନ କରେ, ଏହା ହେଉଛି ଏକ ସର୍ବସିଦ୍ଧାନ୍ତ ସତ୍ୟ । ଏପରିକି କେତେକ ଆଧୁନିକ ବୈଜ୍ଞାନିକ, ଯେଉଁମାନେ ଆତ୍ମାର ଅସ୍ତିତ୍ୱ କଥା ସ୍ୱୀକାର କରନ୍ତି ନାହିଁ, କିନ୍ତୁ ତତ୍ ସଙ୍ଗେ ସଙ୍ଗେ ହୃଦୟରୁ ଯେଉଁ ଶକ୍ତି ବାହାରୁଛି ସେ ସମ୍ବନ୍ଧରେ କିଛି କହିପାରନ୍ତି ନାହିଁ, ସେମାନଙ୍କୁ ମଧ୍ୟ କ୍ରମାଗତ ଶାରୀରିକ ପରିବର୍ତ୍ତନ ସ୍ୱୀକାର କରିବାକୁ ପଡୁଛି, କାରଣ ଏ ଶରୀର ଶିଶୁ ଶରୀରରୁ ବାଳକ ଶରୀର, ବାଳକର ଶରୀରରୁ ଯୁବକର ଶରୀର ଏବଂ ପୁନଶ୍ଚ ଯୁବକର ଶରୀରରୁ ବୃଦ୍ଧ ଶରୀର ଲାଭ କରୁଛି । ବାର୍ଦ୍ଧକ୍ୟ ଅବସ୍ଥାରେ ପରିବର୍ତ୍ତନ ଆସି ଅନ୍ୟ ଏକ ଶରୀର ଲାଭ ହେଉଛି । ଏକଥା ପୂର୍ବବର୍ତ୍ତୀ ଶ୍ଳୋକରେ ବର୍ଣ୍ଣନା କରାଯାଇଅଛି ।

ପରମାତ୍ମାଙ୍କ କୃପାଯୋଗୁଁ ଅଣୁ ଆତ୍ମାର ଅନ୍ୟ ଏକ ଶରୀର ମଧ୍ୟରେ ପ୍ରବେଶ ସମ୍ଭବପର ହେଉଛି । ଯେପରି ଗୋଟିଏ ବନ୍ଧୁ ଅନ୍ୟ ଏକ ବନ୍ଧୁର ଅଭିଳାଷ ପୂର୍ଣ୍ଣ କରେ, ଠିକ୍ ସେହିପରି ପରମାତ୍ମା ଅଣୁ ଆତ୍ମାର ଅଭିଳାଷ ପୂର୍ଣ୍ଣ କରନ୍ତି । 'ମୁଣ୍ଡକ ଉପନିଷଦ' ତଥା ଶ୍ୱେତାଶ୍ୱେତର ଉପନିଷଦ ଆଦି ବୈଦିକ ଶାସ୍ତ୍ରମାନଙ୍କରେ ଆତ୍ମା ଓ ପରମାତ୍ମାଙ୍କୁ ଏକ ବୃକ୍ଷରେ ବସିଥିବା ଦୁଇଟି ବନ୍ଧୁ-ପକ୍ଷୀଙ୍କ ସହିତ ତୁଳନା କରାଯାଇଛି । ପକ୍ଷୀ ଦୁଇଟି ମଧ୍ୟରୁ ଗୋଟିଏ ପକ୍ଷୀ (ଅଣୁ ଆତ୍ମା) ବୃକ୍ଷର ଫଳକୁ ଖାଉଛି ଏବଂ ଅନ୍ୟ ପକ୍ଷୀଟି (କୃଷ୍ଣ) କେବଳ ତାଙ୍କର ବନ୍ଧୁଙ୍କୁ ଲକ୍ଷ୍ୟ କରୁଛନ୍ତି । ଏ ଦୁଇଟି ପକ୍ଷୀ ମଧ୍ୟରୁ (ଯଦିଓ ସେମାନେ ଗୁଣରେ ସମାନ) ଗୋଟିଏ ଭୌତିକ ବୃକ୍ଷର ଫଳ ପ୍ରତି ଆସକ୍ତ, କିନ୍ତୁ ଅନ୍ୟଟି କେବଳ ତାଙ୍କ ବନ୍ଧୁଙ୍କର କ୍ରିୟାକଳାପକୁ ଲକ୍ଷ୍ୟ କରୁଛନ୍ତି । କୃଷ୍ଣ ହେଉଛନ୍ତି ସାକ୍ଷୀ ପକ୍ଷୀ ଏବଂ ଅର୍ଜୁନ ହେଉଛନ୍ତି ଭକ୍ଷଣକାରୀ ପକ୍ଷୀ । ଯଦିଓ ସେ ଦୁଇଜଣ ପରସ୍ପର ବନ୍ଧୁ, ତଥାପି ଜଣେ ହେଉଛନ୍ତି ପ୍ରଭୁ ଏବଂ ଅନ୍ୟ ଜଣକ ହେଉଛନ୍ତି ଭୃତ୍ୟ । ଏହି ଯେଉଁ ସମ୍ବନ୍ଧ ତାହାକୁ ଅଣୁ ଆତ୍ମା ଭୁଲି ଯାଇଥିବାରୁ ସେ ଗୋଟିଏ ବୃକ୍ଷରୁ ଅନ୍ୟ ବୃକ୍ଷକୁ ସ୍ଥାନ ପରିବର୍ତ୍ତନ କରୁଛି, ଅର୍ଥାତ୍ ଗୋଟିଏ ଶରୀର ତ୍ୟାଗକରି ଅନ୍ୟ ଶରୀର ମଧ୍ୟରେ ପ୍ରବେଶ କରୁଛି ବା ଶରୀର ପରିବର୍ତ୍ତନ କରୁଛି । ଭୌତିକ ଶରୀର-ରୂପକ ବୃକ୍ଷରେ ଜୀବ (ବା ଜୀବାତ୍ମା) ଖୁବ୍ କଠିନ ସଂଗ୍ରାମ କରୁଛି, କିନ୍ତୁ ସେ ଯେତେବେଳେ ଅନ୍ୟ ପକ୍ଷୀକୁ ପରମଗୁରୁ ରୂପେ ସ୍ୱୀକାର କରି ନେଉଛି-ଅର୍ଥାତ୍ ଅର୍ଜୁନ ଯେପରି ସ୍ୱତଃ ପ୍ରବୃତ୍ତ ହୋଇ କୃଷ୍ଣଙ୍କଠାରେ ଆତ୍ମସମର୍ପଣ କରି ଉପଦେଶ ଗ୍ରହଣ କରିବା ନିମିତ୍ତ ପ୍ରସ୍ତୁତ ହୋଇଗଲେ, ଠିକ୍ ସେହିପରି ଗୋଟିଏ ପକ୍ଷୀ ଅନ୍ୟ ପକ୍ଷୀକୁ, ଗୁରୁରୂପେ ଗ୍ରହଣ କରିନେଲେ, ଭୃତ୍ୟପକ୍ଷୀ ବା ଅଧସ୍ତନ ପକ୍ଷୀ ସାଙ୍ଗେ ସାଙ୍ଗେ ସମସ୍ତ ପ୍ରକାର ଦୁଃଖରୁ ମୁକ୍ତ ହୋଇଯାଏ । ଉଭୟ କଠ ଉପନିଷଦ ଏବଂ ଶ୍ୱେତାଶ୍ୱେତର ଉପନିଷଦ ଏକଥା ସ୍ୱୀକାର କରିଛନ୍ତି, ଯଥା —

*ସମାନେ ବୃକ୍ଷେ ପୁରୁଷୋ ନିମଗ୍ନୋ-*
*ଽନିଶୟା ଶୋଚତି ମୁହ୍ୟମାନଃ ।*
*ଜୁଷ୍ଟମ୍ ଯଦା ପଶ୍ୟତି ଅନ୍ୟମ୍ ଈଶମ୍ ଅସ୍ୟ*
*ମହିମାନମ୍ ଇତି ବୀତ-ଶୋକଃ ।।*

"ଯଦିଓ ଦୁଇଟିଯାକ ପକ୍ଷୀ ଏକ ବୃକ୍ଷରେ ଅଛନ୍ତି, ତଥାପି ଫଳ ଭକ୍ଷଣକାରୀ ପକ୍ଷୀ

ବୃକ୍ଷର ଫଳ ଉପଭୋଗକାରୀ ହିସାବରେ ସଂପୂର୍ଣ୍ଣରୂପେ ଦୁଃଖ-ଶୋକରେ ମୁହ୍ୟମାନ । କିନ୍ତୁ ଯଦି କୌଣସି ପ୍ରକାରେ ସେ (ପକ୍ଷୀ) ତାଙ୍କର ବନ୍ଧୁ ପକ୍ଷୀଙ୍କ ଆଡ଼କୁ ମୁହଁ ଫେରାନ୍ତି (କାରଣ ସେ ବନ୍ଧୁ ପକ୍ଷୀହିଁ ହେଉଛନ୍ତି ଭଗବାନ୍ ଏବଂ ଯେକି ତାଙ୍କ ମାହାତ୍ମ୍ୟ ଜାଣନ୍ତି) ତାହାହେଲେ ଦୁଃଖ ଭୋଗୁଥିବା ପକ୍ଷୀ ସାଙ୍ଗେ ସାଙ୍ଗେ ସମସ୍ତ ପ୍ରକାର ଦୁଃଖରୁ ମୁକ୍ତ ହୋଇଯାଏ । ବର୍ତ୍ତମାନ ଅର୍ଜୁନ ତାଙ୍କର ଚିରନ୍ତନ ବନ୍ଧୁ କୃଷ୍ଣଙ୍କ ପ୍ରତି ମୁହଁ ଫେରାଇଛନ୍ତି ତାଙ୍କଠାରୁ ଭଗବଦ୍ ଗୀତା ବୁଝୁଛନ୍ତି ଏବଂ ଏହିପରି ଭାବରେ କୃଷ୍ଣଙ୍କଠାରୁ ଶ୍ରବଣ କରି ସେ ଭଗବାନଙ୍କର ଗୁଣ ଗୌରବ ଗାଥା ବୁଝିପାରି ସମସ୍ତ ଦୁଃଖରୁ ମୁକ୍ତ ହୋଇଗଲେ ।

ଏଠାରେ ଅର୍ଜୁନଙ୍କୁ ଉପଦେଶ ଦିଆଯାଉଅଛି ଯେ ସେ ତାଙ୍କର ପିତାମହ (ଭୀଷ୍ମ) ଓ ଗୁରୁ (ଦ୍ରୋଣ)ଙ୍କର ଶରୀରର ପରିବର୍ତ୍ତନରେ ଦୁଃଖ ପ୍ରକାଶ କରିବା ଉଚିତ୍ ନୁହେଁ । ବରଂ ଧର୍ମଯୁଦ୍ଧରେ ସେମାନଙ୍କର ଶରୀରକୁ ବିନାଶ କରିବାରେ ଆନନ୍ଦ ଅନୁଭବ କରିବା ଉଚିତ୍, କାରଣ ଏତଦ୍ଦ୍ୱାରା ସେମାନେ ସେମାନଙ୍କର ବିଭିନ୍ନ ପ୍ରକାର ଶାରୀରିକ କ୍ରିୟାର ପ୍ରତିକ୍ରିୟାରୁ ସାଙ୍ଗେ ସାଙ୍ଗେ ମୁକ୍ତ ହୋଇଯିବେ । ଯେଉଁ ବ୍ୟକ୍ତି ଧର୍ମଯୁଦ୍ଧରେ ଜୀବନପାତ କରେ, ଅର୍ଥାତ୍ ଉପଯୁକ୍ତ ଯୁଦ୍ଧ କ୍ଷେତ୍ରରେ ଜୀବନ ବିସର୍ଜନ କରେ, ସେ ସାଙ୍ଗେ ସାଙ୍ଗେ ଶାରୀରିକ କ୍ରିୟା-ପ୍ରତିକ୍ରିୟାରୁ ମୁକ୍ତ ହୋଇଯାଏ ଏବଂ ଏକ ଉଚ୍ଚତର ଜୀବନ ସ୍ତରକୁ ଉନ୍ନୀତ ହୋଇଯାଏ । ତେଣୁ ଅର୍ଜୁନଙ୍କର ଦୁଃଖର କାରଣ କିଛିନାହିଁ ।

## ଶ୍ଳୋକ - ୨୩

**ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।**
**ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।। ୨୩ ।।**

## ଶବ୍ଦାନୁବାଦ

ନ=ନୁହେଁ ; ଏନମ୍=ଏ ଆତ୍ମାକୁ; ଛିନ୍ଦନ୍ତି=ଖଣ୍ଡ ଖଣ୍ଡ କରି କାଟିପାରେ; ଶସ୍ତ୍ରାଣି=ସମସ୍ତ ଶସ୍ତ୍ର; ନ=ନୁହେଁ; ଏନମ୍=ଏ ଆତ୍ମାକୁ; ଦହତି=ଦହନ କରେ (ପୋଡ଼ି ପକାଏ); ପାବକଃ=ଅଗ୍ନି; ନ=ନୁହେଁ; ଚ=ମଧ୍ୟ; ଏନମ୍=ଏ ଆତ୍ମାକୁ; କ୍ଳେଦୟନ୍ତି=ଆର୍ଦ୍ରକରେ; ଆପଃ=ଜଳ; ନ=ନୁହେଁ; ଶୋଷୟତି=ଶୁଷ୍କକରେ; ମାରୁତଃ=ବାୟୁ (ପବନ) ।

## ଅନୁବାଦ

**ଆତ୍ମାକୁ କୌଣସି ଅସ୍ତ୍ରଶସ୍ତ୍ର କାଟି ପାରିବ ନାହିଁ । ଅଗ୍ନି ପୋଡ଼ି ପାରିବ ନାହିଁ; ଜଳ ବୁଡ଼େଇ ପାରିବ ନାହିଁ କିମ୍ବା ବାୟୁ ଶୁଷ୍କ କରିପାରିବ ନାହିଁ ।**

## ଭାବାର୍ଥ

ସମସ୍ତ ପ୍ରକାର ଅସ୍ତ୍ରଶସ୍ତ୍ର, ଖଣ୍ଡା ତରୁଆଲ, ଅଗ୍ନି, ବର୍ଷା, ଝଡ଼ ବତାସ ଆସି ଅଣୁ ଆତ୍ମାକୁ ମାରି ପାରିବେ ନାହିଁ । ଏଥିରୁ ଜଣାଯାଉଛି ଯେ କ୍ଷିତ୍, ଅପ୍, ମରୁତ୍, ବ୍ୟୋମ ଆଦିରୁ ପ୍ରସ୍ତୁତ ଅନେକ ପ୍ରକାର ଅସ୍ତ୍ରଶସ୍ତ୍ର ଥିଲା । ଏତଦ୍‌ବ୍ୟତୀତ ଆଧୁନିକ ଅଗ୍ନ୍ୟାସ୍ତ୍ରମାନ ମଧ୍ୟ ଥିଲା । ଆଧୁନିକ ଯୁଗର ପରମାଣୁ ଅସ୍ତ୍ରକୁ ଅଗ୍ନ୍ୟାସ୍ତ୍ର ମଧ୍ୟରେ ନିଆ ଯାଉଅଛି । କିନ୍ତୁ ପୂର୍ବେ ଅନ୍ୟ

ଭୌତିକ ପଦାର୍ଥମାନଙ୍କରେ ନିର୍ମିତ ଅନ୍ୟ ଅସ୍ତ୍ରଶସ୍ତ୍ର ମଧ୍ୟ ଥିଲା । ଅଗ୍ନ୍ୟାସ୍ତ୍ରର ପ୍ରତିଶର ଥିଲା ବରୁଣାସ୍ତ୍ର । ଆଧୁନିକ ବିଜ୍ଞାନ ଏହାକୁ ଏ ପର୍ଯ୍ୟନ୍ତ ଜାଣିପାରିନି । ଆଧୁନିକ ବୈଜ୍ଞାନିକମାନଙ୍କର ମଧ୍ୟ ଭୟଙ୍କର ଧ୍ୱଂସକାରୀ ବାୟବୀୟ ଅସ୍ତ୍ର ସମ୍ବନ୍ଧରେ ଜ୍ଞାନ ନାହିଁ । ସମସ୍ତ ପ୍ରକାର ବୈଜ୍ଞାନିକ ଉଦ୍ଭାବନ ସତ୍ତ୍ୱେ ଅଣୁଆତ୍ମାକୁ ଖଣ୍ଡ ଖଣ୍ଡ କରି କଟାଯାଇ ପାରିବନାହିଁ କିମ୍ବା କୌଣସି ପ୍ରକାର ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଧ୍ୱଂସ କରାଯାଇ ପାରିବନାହିଁ ।

ମୌଳିକ ଆତ୍ମା ବା ପରମାତ୍ମାଙ୍କଠାରୁ ଜୀବାତ୍ମାକୁ କାଟି ତିଆରି କରିବା କେବେହେଲେ ସମ୍ଭବପର ନଥିଲା (କି ହେବନାହିଁ) । ଜୀବାତ୍ମା କିପରି ଅବିଦ୍ୟାରୁ ପ୍ରକଟିତ ହେଲା ଏବଂ ପରିଣାମତଃ ମାୟାଶକ୍ତି ଦ୍ୱାରା ଆଚ୍ଛାଦିତ ହେଲା-ଏହା ମାୟାବାଦୀ କଦାପି କହି ପାରିବ ନାହିଁ । ଯେହେତୁ ସେମାନେ (ଜୀବାତ୍ମାମାନେ) ସନାତନଭାବେ ଅଣୁଆତ୍ମା ଅଟନ୍ତି, ତେଣୁ ସେମାନେ ମାୟାଦ୍ୱାରା ଆଚ୍ଛାଦିତ ହେବା ଖୁବ୍ ସ୍ୱାଭାବିକ ଏବଂ ସେଇଥିପାଇଁ ସେମାନେ ପରମେଶ୍ୱରଙ୍କ ସଙ୍ଗଲାଭରୁ ବିଚ୍ୟୁତ ହୋଇଯା'ନ୍ତି । ଯଦିଓ ଅଗ୍ନିକଣା ଅଗ୍ନିସହ ସମଗୁଣ ବିଶିଷ୍ଟ, ତଥାପି ତାହା ଯେତେବେଳେ ମୂଳ ଅଗ୍ନିଠାରୁ ଦୂରେଇଯାଏ, ତାହା ନିର୍ବାପିତ ହୋଇଯିବା ସ୍ୱାଭାବିକ । ଠିକ୍ ସେହିପରି ଜୀବାତ୍ମା, ପରମାତ୍ମାଙ୍କ ସଙ୍ଗଲାଭରୁ ଦୂରେଇ ଗଲେ ମାୟା ଶକ୍ତି ଦ୍ୱାରା ଆଚ୍ଛନ୍ନ ହୋଇଯାଏ । ବରାହ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ ଜୀବାତ୍ମାମାନେ ପରମାତ୍ମାଙ୍କର ବିଭିନ୍ନାଂଶ ଅଟନ୍ତି । ଭଗବଦ୍ ଗୀତା ଅନୁଯାୟୀ ସେମାନେ ସନାତନଭାବେ ଏପରି ଅଟନ୍ତି । ତେଣୁ ମାୟାଶକ୍ତି କବଳରୁ ମୁକ୍ତ ହେଲାପରେ ମଧ୍ୟ ଜୀବାତ୍ମା, ପରମାତ୍ମାଙ୍କର ଏକ ବିଭିନ୍ନ ଅଂଶହୋଇ ରହେ । ଏହା ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦିଆଯାଇଥିବା ଶିକ୍ଷାରୁ ପରିଷ୍କାର ଭାବରେ ଜଣାଯାଉଅଛି । ଅର୍ଜୁନ ଶ୍ରୀକୃଷ୍ଣଙ୍କଠାରୁ ଜ୍ଞାନ ପ୍ରାପ୍ତହୋଇ ମୁକ୍ତ ହେଲେ; ସେ କେବେହେଲେ ଶ୍ରୀକୃଷ୍ଣଙ୍କସହ ମିଶି ଏକାକାର ହୋଇନଥିଲେ ।

## ଶ୍ଲୋକ - ୨୪

**ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମ୍ ଅକ୍ଲେଦ୍ୟୋଽଶୋଷ୍ୟ ଏବ ଚ ।**
**ନିତ୍ୟଃ ସର୍ବଗତଃ ସ୍ଥାଣୁର୍ ଅଚଲୋଽୟଂ ସନାତନଃ ।। ୨୪ ।।**

## ଶବ୍ଦାନୁବାଦ

ଅଚ୍ଛେଦ୍ୟଃ=ଅଚ୍ଛେଦ୍ୟ;(ଯାହାକୁ କଟାଯାଇ ପାରିବ ନାହିଁ); ଅୟମ୍=ଏହି ଆତ୍ମା; ଅଦାହ୍ୟଃ=ଯାହାକୁ ପୋଡ଼ାଯାଇ ପାରିବ ନାହିଁ; ଅୟମ୍=ଏହି ଆତ୍ମା; ଅକ୍ଲେଦ୍ୟଃ=ଯାହାକୁ ଜଳରେ ବୁଡ଼ାଇ ହେବନାହିଁ; ଅଶୋଷ୍ୟଃ=ଯାହାକୁ ଶୁଷ୍କ କରାଯାଇ ପାରିବ ନାହିଁ; ଏବ=ନିଶ୍ଚିତଭାବେ; ଚ=ଏବଂ; ନିତ୍ୟଃ=ଶାଶ୍ୱତ; ସର୍ବ-ଗତଃ=ସର୍ବବ୍ୟାପକ; ସ୍ଥାଣୁଃ=ଅପରିବର୍ତ୍ତନୀୟ; ଅଚଳଃ=ଅଚଳ; ଅୟମ୍=ଏହି ଆତ୍ମା; ସନାତନଃ=ସନାତନ ଭାବେ ଏକପ୍ରକାର ।

## ଅନୁବାଦ

**ଏହି ଆତ୍ମା (ବା ଜୀବାତ୍ମା) ଅଚ୍ଛେଦ୍ୟ ଏବଂ ଅକ୍ଲେଦ୍ୟ ଅଟେ (ଅର୍ଥାତ୍ ଏହାକୁ ଖଣ୍ଡ ଖଣ୍ଡ କରି କଟାଯାଇ ପାରିବ ନାହିଁ କିମ୍ବା ପାଣିରେ ବୁଡ଼ାଇ ଦିଆଯାଇ ପାରିବ ନାହିଁ)**

**ଏବଂ ଏହାକୁ ପୋଡ଼ି ଦିଆଯାଇ ପାରିବ ନାହିଁ କିମ୍ବା ଶୁଷ୍କକରି ଦିଆଯାଇ ପାରିବ ନାହିଁ । ଏହା ଚିରନ୍ତନ, ସର୍ବବ୍ୟାପକ, ଅପରିବର୍ତ୍ତନୀୟ, ସ୍ଥାଣୁ ଏବଂ ଶାଶ୍ୱତ ଭାବେ ଏକ ପ୍ରକାର ଅଟେ ।**

## ଭାବାର୍ଥ

ଅଣୁ-ଆତ୍ମାର ଏହିସବୁ ଗୁଣରୁ ପରିଷ୍କାର ଭାବରେ ଜଣାଯାଉଛି ଯେ ଜୀବାତ୍ମା ଶାଶ୍ୱତ ଭାବରେ ପରମାତ୍ମାଙ୍କର ଅତି କ୍ଷୁଦ୍ର ଅଂଶ ବିଶେଷ ଅଟେ ଏବଂ ତାହା ଅପରିବର୍ତ୍ତନୀୟ ଅଟେ ଏବଂ ସନାତନ ଭାବେ ସେହି ଅଣୁ-ଆତ୍ମା ଭାବରେ ହିଁ ରହେ । ଏ ସ୍ଥଳରେ ବ୍ରହ୍ମବାଦ ସିଦ୍ଧାନ୍ତକୁ ପ୍ରୟୋଗ କରିବା ବଡ଼ କଷ୍ଟକର ଅଟେ । କାରଣ ଜୀବାତ୍ମା ପରମାତ୍ମାଙ୍କ ସହ ମିଶି ଏକ ହୋଇପାରିବ ନାହିଁ । ଭୌତିକ ଦୋଷରୁ ମୁକ୍ତ ହେଲାପରେ ଅଣୁ-ଆତ୍ମା ପରମପୁରୁଷ ଭଗବାନଙ୍କର ଅତ୍ୟୁଜ୍ଜ୍ୱଳ ଜ୍ୟୋତି (ବା ବ୍ରହ୍ମଜ୍ୟୋତି)ରେ ଏକ ଚିଦ୍‌କଣ ସଦୃଶ ରହିପାରେ କିନ୍ତୁ ଯେଉଁମାନେ ବୁଦ୍ଧିମାନ୍ ସେମାନେ ପରମପୁରୁଷ ଭଗବାନଙ୍କ ସଙ୍ଗଲାଭ କରିବା ନିମିତ୍ତ ବୈକୁଣ୍ଠ ଲୋକରେ ପ୍ରବେଶ କରନ୍ତି । ଏଠାରେ 'ସର୍ବଗତଃ' (ସର୍ବବ୍ୟାପକ) ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ, କାରଣ ଭାଗବାନଙ୍କ ସୃଷ୍ଟିରେ ସର୍ବତ୍ର ଜୀବାତ୍ମା ଭରପୂର ହୋଇଅଛନ୍ତି ଏଥିରେ କୌଣସି ସନ୍ଦେହ ନାହିଁ । ସେମାନେ ଜଳରେ, ସ୍ଥଳରେ, ଆକାଶରେ (ବାୟୁରେ), ପୃଥିବୀରେ ଏବଂ ଏପରିକି ଅଗ୍ନି ମଧ୍ୟରେ ମଧ୍ୟ ଅଛନ୍ତି । ସେମାନେ ଅଗ୍ନିରେ ପୋଡ଼ି ଶୁଦ୍ଧ ହୋଇ ଯାଆନ୍ତି, ଏହି ଯେଉଁ ବିଶ୍ୱାସ ତାହା ଗ୍ରହଣୀୟ ନୁହେଁ । କାରଣ ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ ଆତ୍ମା ଅଗ୍ନିରେ ପୋଡ଼ିହୋଇ ପାରିବ ନାହିଁ । ତେଣୁ ସୂର୍ଯ୍ୟାଲୋକରେ ଉପଯୁକ୍ତ ଶରୀରଧାରୀ ଜୀବଗଣ ଅଛନ୍ତି-ଏଥିରେ କୌଣସି ସନ୍ଦେହ ନାହିଁ; ଯଦି ସୂର୍ଯ୍ୟଲୋକ ଜୀବ ବସତି-ହୀନ ହେବ; ତାହାହେଲେ ଏଠାରେ ବ୍ୟବହୃତ 'ସର୍ବଗତଃ'-ସର୍ବବ୍ୟାପକ-ଶବ୍ଦ ଅର୍ଥହୀନ ହୋଇଯିବ ।

## ଶ୍ଲୋକ - ୨୫

**ଅବ୍ୟକ୍ତୋଽୟମଚିନ୍ତ୍ୟୋଽୟମବିକାର୍ଯ୍ୟୋଽୟମୁଚ୍ୟତେ ।**
**ତସ୍ମାଦେବଂ ବିଦିତ୍ୱୈନଂ ନାନୁଶୋଚିତୁମର୍ହସି ।। ୨୫ ।।**

## ଶବ୍ଦାନୁବାଦ

ଅବ୍ୟକ୍ତଃ=ଅବ୍ୟକ୍ତ (ଅପ୍ରକଟ); ଅୟମ୍=ଏହି ଆତ୍ମା; ଅଚିନ୍ତ୍ୟଃ=ଅଚିନ୍ତ୍ୟ; ଅୟମ୍=ଏହି ଆତ୍ମା; ଅବିକାର୍ଯ୍ୟଃ=ଅପରିବର୍ତ୍ତନୀୟ; ଅୟମ୍=ଏହି ଆତ୍ମା; ଉଚ୍ୟତେ=କୁହାଯାଏ; ତସ୍ମାତ୍=ତେଣୁ; ଏବମ୍=ଏହିପରି; ବିଦିତ୍ୱା=ଭଲରକମ ଜାଣି; ଏନମ୍=ଏହି ଆତ୍ମା; ନ ଅନୁଶୋଚିତୁମ୍=ଦୁଃଖ କରିବା ଉଚିତ୍ ନୁହେଁ; ଅର୍ହସି=ତୁମ ପକ୍ଷରେ ।

## ଅନୁବାଦ

**କୁହାଯାଇଛି ଯେ ଆତ୍ମା ଅବ୍ୟକ୍ତ (ଅପ୍ରକଟ), ଅଚିନ୍ତ୍ୟ, ଅପରିବର୍ତ୍ତନୀୟ ଏବଂ ଅଚଳ ବା ସ୍ଥିର ଅଟେ । ଏ କଥା ଜାଣି ତୁମେ ଏ ଶରୀର ପାଇଁ ଦୁଃଖ କରିବା ଉଚିତ୍ ନୁହେଁ ।**

## ଭାବାର୍ଥ

ପୂର୍ବେ ବର୍ଣ୍ଣିତ ହୋଇଛି ଯେ ଆତ୍ମା ଅତି କ୍ଷୁଦ୍ର ବା ଅତି ସୂକ୍ଷ୍ମ (ଏପରିକି ଏକ ଜଡ଼ାଣୁଠାରୁ କ୍ଷୁଦ୍ରତର); ତେଣୁ ଆମେ କୌଣସି ଭୌତିକ ଯନ୍ତ୍ର ସାହାଯ୍ୟରେ ଏପରିକି ଅତି ଶକ୍ତିଶାଳୀ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ମଧ୍ୟ ତାକୁ ଦେଖିପାରିବା ନାହିଁ । ସେଇଥିଯୋଗୁଁ ତାଙ୍କୁ ଅବ୍ୟକ୍ତ ବା ଅପ୍ରକଟ ବୋଲି କୁହାଯାଉଛି । ଆତ୍ମାର ଅସ୍ତିତ୍ୱକୁ କୌଣସି ଆଧୁନିକ ବୈଜ୍ଞାନିକ ଗବେଷଣା ସାହାଯ୍ୟରେ ପ୍ରତିପାଦନ କରିପାରିବ ନାହିଁ । ତାହା କେବଳ ଶ୍ରୁତି ପ୍ରମାଣ ବା ବୈଦିକଜ୍ଞାନ ସାହାଯ୍ୟରେ ହିଁ ପ୍ରମାଣ କରାଯାଇପାରେ । ଆମ୍ଭମାନଙ୍କୁ ଏ ସିଦ୍ଧାନ୍ତକୁ ଗ୍ରହଣ କରିବାକୁ ପଡ଼ିବ; କାରଣ ଅନ୍ୟ କୌଣସି ଉପାୟରେ ଆତ୍ମାର ଅସ୍ତିତ୍ୱ କଥା ପ୍ରମାଣ କରାଯାଇ ନପାରେ । ଯଦିଓ ଏହା ଏକ ପ୍ରତିପାଦ୍ୟ ବିଷୟ, ତଥାପି ଶ୍ରୁତି-ପ୍ରମାଣ ବିନା ଅନ୍ୟ ପ୍ରକାରେ ଏହାକୁ ବୁଝାଯାଇ ନ ପାରେ । ଏପରି ଅନେକ କଥା ଅଛି, ଯାହାକୁ କି ଆମକୁ ଉଚ୍ଚତର ପ୍ରମାଣ ସାହାଯ୍ୟରେ ଗ୍ରହଣ କରିବାକୁ ପଡ଼ିବ । କେହି ବାପାଙ୍କ କଥା ଅସ୍ୱୀକାର କରିବେ ନାହିଁ; ବାପାଙ୍କ କଥା କେବଳ 'ମା' ହିଁ କହିବ । ତେଣୁ 'ମା'ଙ୍କ ବଚନ ଅନୁଯାୟୀ ବାପାଙ୍କୁ ଗ୍ରହଣ କରିବାକୁ ପଡ଼ିବ । (ବାପାଙ୍କ କଥା କହିବାପାଇଁ 'ମା'ହିଁ ଏକମାତ୍ର ଅଧିକାରୀ) । 'ମା'ଙ୍କ ବ୍ୟତୀତ ବାପାଙ୍କ କଥା ଜାଣିବାର ଅନ୍ୟବାଟ ନାହିଁ । ଠିକ୍ ସେହିପରି ବେଦ ପ୍ରମାଣ ବା ବେଦାଧ୍ୟୟନ ବ୍ୟତୀତ ଆତ୍ମା ସମ୍ବନ୍ଧରେ ଜାଣିବାର ଅନ୍ୟ ପନ୍ଥା ନାହିଁ । ଅନ୍ୟ କଥାରେ ଏହା ହିଁ କୁହାଯାଇପାରେ ଯେ ମାନବିକ ଗବେଷଣାତ୍ମକ ଜ୍ଞାନ ସାହାଯ୍ୟରେ ଆତ୍ମାକୁ କେହି ଜାଣି ପାରିବେ ନାହିଁ; ତାହା ଅଚିନ୍ତ୍ୟ ଅଟେ । ଆତ୍ମା ହେଉଛି ଚେତନଶୀଳ ଏବଂ ଚେତନା-ଏହା ମଧ୍ୟ ବେଦବାଣୀ ଅଟେ ଏବଂ ଏହାକୁ ଆମକୁ ମାନିବାକୁ ପଡ଼ିବ । ଯେପରି ଆମର ଶାରୀରିକ ପରିବର୍ତ୍ତନ ହୁଏ, ସେ ପ୍ରକାର ପରିବର୍ତ୍ତନ ଆତ୍ମାରେ ହୁଏ ନାହିଁ । ଏହା ଶାଶ୍ୱତଭାବେ ଅପରିବର୍ତ୍ତନଶୀଳ, ତେଣୁ ଅନନ୍ତ ପରମାତ୍ମାଙ୍କ ତୁଳନାରେ ଏହା ଅତି ସୂକ୍ଷ୍ମ ବା ଅଣୁ ଆତ୍ମା ଅଟେ (ଏବଂ ସର୍ବଦା ଏହା ଅଣୁ-ଆତ୍ମା ହିସାବରେ ରହିଥାଏ) । ପରମାତ୍ମା ଅନନ୍ତ ଅସୀମ ଏବଂ ଅଣୁ-ଆତ୍ମା ଅତି ସୂକ୍ଷ୍ମ । ସେଇଥିପାଇଁ ଅଣୁ-ଆତ୍ମା (ଅତି ସୂକ୍ଷ୍ମ ଆତ୍ମା) -ଅପରିବର୍ତ୍ତନୀୟ ହୋଇଥିବା ହେତୁ-ଅନନ୍ତଆତ୍ମା (ପରମାତ୍ମା) ବା ପରମ ପୁରୁଷ ଭଗବାନଙ୍କ ସହ ସମାନ ହୋଇ ପାରିବ ନାହିଁ । ଏହା ବେଦରେ ବିଭିନ୍ନ ପ୍ରକାରେ ପୁନରାବୃତ୍ତି କରାଯାଇଛି । ଆତ୍ମାର ଅସ୍ତିତ୍ୱ କଥାଟି ଭଲ ରକମ ବୁଝାଇବା ନିମିତ୍ତ ବା ପ୍ରତିପାଦନ କରିବା ନିମିତ୍ତ ଏପରି ପୁନରାବୃତ୍ତି କରାଯାଇଅଛି । କୌଣସି ବିଷୟକୁ ଭଲ ଭାବରେ—ଅଭ୍ରାନ୍ତ ଭାବରେ—ବୁଝିବା ନିମିତ୍ତ ବିଷୟଟିର ପୁନରାବୃତ୍ତି କରାଯାଇଥାଏ । ଏଥିପାଇଁ ପୁନରାବୃତ୍ତିର ଆବଶ୍ୟକତା ଅଛି ।

## ଶ୍ଲୋକ - ୨୬

**ଅଥ ଚୈନଂ ନିତ୍ୟଜାତଂ ନିତ୍ୟଂ ବା ମନ୍ୟସେ ମୃତମ୍ ।**
**ତଥାପି ତ୍ୱଂ ମହାବାହୋ ନୈନଂ ଶୋଚିତୁମର୍ହସି ।। ୨୬ ।।**

## ଶବ୍ଦାନୁବାଦ

ଅଥ=ଯଦିବା; ଚ=ମଧ୍ୟ; ଏନମ୍=ଏହାକୁ; ନିତ୍ୟ-ଜାତମ୍=ନିତ୍ୟଜାତ, ସର୍ବଦା ଜନ୍ମହୁଏ; ନିତ୍ୟମ୍=ବରାବର; ବା=କିମ୍ବା; ମନ୍ୟସେ=ଏପରି ଭାବୁ; ମୃତମ୍=ମୃତ; ତଥାପି=ତଥାପି;

ତ୍ୱମ୍=ତୁମେ; ମହା-ବାହୋ=ହେ ମହାବାହୁ; ନ=କେବେ ନୁହେଁ; ଏନମ୍=ଆତ୍ମା ସମ୍ବନ୍ଧରେ; ଶୋଚିତୁମ୍=ଦୁଃଖକରିବା; ଅର୍ହସି=ଉଚିତ୍ ।

## ଅନୁବାଦ

**ହେ ମହାପରାକ୍ରମଶାଳୀ ! ଯଦି ତୁମେ ଭାବ ଯେ, ଆତ୍ମା ବରାବର ଜନ୍ମ ହେଉଛି ଓ ମରୁଛି, ତଥାପି ତୁମର ଦୁଃଖର କାରଣ କିଛି ନାହିଁ ।**

## ଭାବାର୍ଥ

ବରାବର ଗୋଟିଏ ଶ୍ରେଣୀର ଦାର୍ଶନିକ ଅଛନ୍ତି; ଯେଉଁମାନେ ପ୍ରାୟ ବୌଦ୍ଧମାନଙ୍କ ସଦୃଶ । ଶରୀର ବ୍ୟତୀତ ଆତ୍ମା ଯେ ଅଛି-ସେମାନେ ଏକଥା ବିଶ୍ୱାସ କରନ୍ତି ନାହିଁ । (ସେମାନେ ଶରୀରକୁ ହିଁ ଆତ୍ମାବୋଲି ଭାବନ୍ତି) । ଯେତେବେଳେ ଭଗବାନ୍ ଶ୍ରୀକୃଷ୍ଣ ଭଗବଦ୍ ଗୀତା କହିଲେ, ଏଥିରୁ ଜଣାଯାଉଛି ଯେ ସେତେବେଳେ ଏ ପ୍ରକାର ଦାର୍ଶନିକ ଥିଲେ ଏବଂ ସେମାନେ ‘‘ଲୋକାୟତିକ’’ ଏବଂ ‘‘ବୈଭାଷିକ’’ ନାମରେ ପରିଚିତ ଥିଲେ । ଏମାନଙ୍କର ମତହେଲା, କେତେକ ଭୌତିକ ସମ୍ମିଶ୍ରଣର ପରିପକ୍ୱ ଅବସ୍ଥାରେ ଜୀବନୀ ଶକ୍ତି ବା ଆତ୍ମାର ସଞ୍ଚାର ହୁଏ । ଆଧୁନିକ ଭୂତ-ବିଜ୍ଞାନୀ ଏବଂ ଭୌତିକ ଦାର୍ଶନିକଗଣ ମଧ୍ୟ ଏହି ପ୍ରକାରେ ଭାବନ୍ତି । ସେମାନଙ୍କ ମତ ଅନୁଯାୟୀ ଏ ଶରୀର ହେଉଛି କେତେକ ଭୌତିକ ବସ୍ତୁର ସମ୍ମିଶ୍ରଣ ଏବଂ ଏକ ନିର୍ଦ୍ଦିଷ୍ଟ ସ୍ତରରେ ଭୌତିକ ଓ ରାସାୟନିକ କ୍ରିୟା ପ୍ରତିକ୍ରିୟା ଯୋଗୁଁ ଜୀବନୀଶକ୍ତି ବୃଦ୍ଧିଲାଭ କରେ । ଏହି ଦର୍ଶନ ମତବାଦ ଉପରେ ମନୁଷ୍ୟ-ଶରୀର-ରଚନା-ବିଜ୍ଞାନ ସେମାନେ ଗଢ଼ିଛନ୍ତି । ଆଜିକାଲି ଆମେରିକାରେ ଅନେକ ମିଥ୍ୟା-ଧର୍ମଧ୍ୱଜାଧାରୀ ଧର୍ମପ୍ରଗ୍ରରକ ଦେଖା ଦେଇଛନ୍ତି, ଯେଉଁମାନେ ଏହି ଦାର୍ଶନିକ ମତବାଦ ତଥା ଶୂନ୍ୟବାଦ ସମ୍ବନ୍ଧୀ ଅଭକ୍ତ ବୌଦ୍ଧ ମତବାଦକୁ ଗ୍ରହଣ କରୁଛନ୍ତି ।

ଯଦି ଅର୍ଜୁନ ବୈଭାଷିକ ଦର୍ଶନ ଅନୁଯାୟୀ ଆତ୍ମାର ଅସ୍ତିତ୍ୱ ସମ୍ବନ୍ଧରେ ବିଶ୍ୱାସ ନ କରନ୍ତି; ତଥାପି ଦୁଃଖର କୌଣସି କାରଣ ନାହିଁ । କେତେକ ରାସାୟନିକ ପଦାର୍ଥ ନଷ୍ଟ ହୋଇଗଲେ କେହି ଦୁଃଖ କରନ୍ତି ନାହିଁ କିମ୍ବା କର୍ତ୍ତବ୍ୟ କର୍ମରୁ ବିରତ ହୁଅନ୍ତି ନାହିଁ । ପକ୍ଷାନ୍ତରେ ଆଧୁନିକ ବିଜ୍ଞାନରେ ତଥା ବୈଜ୍ଞାନିକ ଯୁଦ୍ଧ କୌଶଳରେ ଶତ୍ରୁ ଉପରେ ବିଜୟ ହାସଲ କରିବା ନିମିତ୍ତ ଅପର୍ଯ୍ୟାପ୍ତ ପରିମାଣର ରାସାୟନିକ ପଦାର୍ଥ ନଷ୍ଟ ହେଉଛି । ବୈଭାଷିକ ଦର୍ଶନ ଅନୁଯାୟୀ ଶରୀରର ବିନାଶ ସଙ୍ଗେ ସଙ୍ଗେ ତଥାକଥିତ ଆତ୍ମା ବିନଷ୍ଟ ହୋଇଯାଏ । ତେଣୁ ଯେକୌଣସି ଦିଗରୁ ବିଗ୍ରର କଲେ —ଅର୍ଜୁନ ବୈଦିକ ମତବାଦ ଅନୁଯାୟୀ ଏକ ଅଣୁ ଆତ୍ମା ଅଛି ବୋଲି (ଏଇ ମତବାଦ) ଗ୍ରହଣ କରନ୍ତି କିମ୍ବା ଆତ୍ମାର ଅସ୍ତିତ୍ୱ ନାହିଁ - ଏ (ଅବୈଦିକ) ମତବାଦକୁ ଗ୍ରହଣ କରନ୍ତି, ତାହାହେଲେବି ତାଙ୍କର ଦୁଃଖ କରିବାର କୌଣସି କାରଣ ନାହିଁ । ଏହି ମତବାଦ ଅନୁଯାୟୀ ଅର୍ଥାତ୍ ପ୍ରତିମୁହୂର୍ତ୍ତରେ ଜଡ଼ବସ୍ତୁରୁ ଅସଂଖ୍ୟ ଜୀବ ସୃଷ୍ଟି ହେଉଛନ୍ତି ଏବଂ ପ୍ରତିମୁହୂର୍ତ୍ତରେ ସେମାନଙ୍କ ମଧ୍ୟରୁ ଅନେକ ମରୁଛନ୍ତି-ମଧ୍ୟ କିଛି ଦୁଃଖ କରିବାର ନାହିଁ । ଅବଶ୍ୟ ଏତଦ୍ଦ୍ୱାରା ଅର୍ଜୁନ ଆତ୍ମାର ପୁନର୍ଜନ୍ମରେ ବାଧା ସୃଷ୍ଟି କରୁନାହାନ୍ତି; ତେଣୁ ତାଙ୍କର ପିତାମହ (ଭୀଷ୍ମ) ଓ ଗୁରୁ (ଦ୍ରୋଣ)ଙ୍କ ମୃତ୍ୟୁରେ ସେ ଯେ ପାପକର୍ମର ପ୍ରତିକ୍ରିୟାରେ ଲିପ୍ତହେବେ, ଏ ଆଶଙ୍କା

କରିବା ଉଚିତ୍ ନୁହେଁ । ତତ୍ ସଙ୍ଗେ ସଙ୍ଗେ କୃଷ୍ଣ ମଧ୍ୟ ଏଠାରେ ଅର୍ଜୁନଙ୍କୁ ବିଦ୍ରୂପ କରି 'ମହାବାହୁ' ବୋଲି ସମ୍ବୋଧନ କରୁଛନ୍ତି; କାରଣ ସେ ଅନ୍ତତଃ ଏ ବୈଭାଷିକ ମତବାଦକୁ ଗ୍ରହଣ କରିବେ ନାହିଁ; କାରଣ ତାହା ବୈଦିକ ସିଦ୍ଧାନ୍ତକୁ ସ୍ୱୀକାର କରୁନାହିଁ ।କ୍ଷତ୍ରିୟ ହିସାବରେ ଅର୍ଜୁନ ବୈଦିକ ସଂସ୍କୃତି ବା ସଭ୍ୟତାର ଅନ୍ତର୍ଗତ ଏବଂ ତଦନୁଯାୟୀ ସେ ବୈଦିକ ସିଦ୍ଧାନ୍ତକୁ ଗ୍ରହଣ କରିବା ଉଚିତ୍ ।

## ଶ୍ଲୋକ - ୨୭

**ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।**
**ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ।। ୨୭ ।।**

## ଶବ୍ଦାନୁବାଦ

ଜାତସ୍ୟ=ଯେ ଜନ୍ମହୋଇଛି; ହି=ନିଶ୍ଚିତଭାବେ; ଧ୍ରୁବଃ=ଏହା ନିଶ୍ଚିତ; ମୃତ୍ୟୁଃ=ମୃତ୍ୟୁ; ଧ୍ରୁବମ୍=ଏହା ମଧ୍ୟ ନିଶ୍ଚିତ; ଜନ୍ମ=ଜନ୍ମ; ମୃତସ୍ୟ=ମୃତର; ଚ=ମଧ୍ୟ; ତସ୍ମାତ୍=ତେଣୁ; ଅପରିହାର୍ଯ୍ୟେ=ଯେଣୁ ଏହା ଅପରିହାର୍ଯ୍ୟ; ଅର୍ଥେ=ତେଣୁ; ନ=ନୁହେଁ; ତ୍ୱମ୍=ତୁମେ; ଶୋଚିତୁମ୍=ଦୁଃଖ କରିବା; ଅର୍ହସି=ଉଚିତ୍ ।

## ଅନୁବାଦ

**ଯେ ଜନ୍ମ ହୋଇଛି ତା'ର ମୃତ୍ୟୁ ସୁନିଶ୍ଚିତ ଏବଂ ଯେ ମୃତ୍ୟୁଲାଭ କରିଛି ତାହାର ଜନ୍ମ ନିଶ୍ଚିତ । ତେଣୁ ଏହା ଯେତେବେଳେ ଅପରିହାର୍ଯ୍ୟ, କର୍ତ୍ତବ୍ୟ ସମ୍ପାଦନରେ ପଛେଇବା ଉଚିତ୍ ନୁହେଁ କି ଦୁଃଖ ପ୍ରକାଶ କରିବା ଉଚିତ୍ ନୁହେଁ ।**

## ଭାବାର୍ଥ

ଜୀବନର କର୍ମ ଅନୁଯାୟୀ ବ୍ୟକ୍ତିକୁ ଜନ୍ମଗ୍ରହଣ କରିବାକୁ ପଡ଼ିବ ଏବଂ ନିର୍ଦ୍ଦିଷ୍ଟ କର୍ମ ଶେଷ କଲାପରେ ଅନ୍ୟ ଏକ ଜନ୍ମ ନେବା ନିମିତ୍ତ ତାକୁ ମୃତ୍ୟୁ ବରଣ କରିବାକୁ ପଡ଼ିବ ।ଏହି ପ୍ରକାରେ ଗୋଟିକପରେ ଗୋଟିଏ ମୁକ୍ତି ନ ମିଳି ଜନ୍ମ-ମୃତ୍ୟୁ ଚକ୍ର ଘୂରି ଚାଲିଛି ।ଅବଶ୍ୟ ଏ ଜନ୍ମ-ମୃତ୍ୟୁ ଚକ୍ର ଅଯଥା ହତ୍ୟାକାଣ୍ଡ ବା ଯୁଦ୍ଧ ବିଭୀଷିକା ଆଦିକୁ ଅନୁମୋଦନ କରେନାହିଁ । କିନ୍ତୁ ତତ୍ ସଙ୍ଗେ ସଙ୍ଗେ ହିଂସା ବା ଯୁଦ୍ଧର ଆବଶ୍ୟକତା ଅଛି ।ମାନବ ସମାଜରେ ଶାନ୍ତି-ଶୃଙ୍ଖଳାରକ୍ଷା କରିବା ନିମିତ୍ତ ଏଗୁଡ଼ିକ ଅପରିହାର୍ଯ୍ୟ ।

ଏ କୁରୁକ୍ଷେତ୍ର ଯୁଦ୍ଧ ପରମେଶ୍ୱରଙ୍କର ଇଚ୍ଛାନୁଯାୟୀ ହେଉଥିବାରୁ ଏହା ଅପରିହାର୍ଯ୍ୟ ଅଟେ ଏବଂ ଧର୍ମନୀତି ରକ୍ଷା ନିମିତ୍ତ ଯୁଦ୍ଧ କରିବା କ୍ଷତ୍ରିୟର କର୍ତ୍ତବ୍ୟ ।ଯେତେବେଳେ ସେ ଉପଯୁକ୍ତ କର୍ତ୍ତବ୍ୟ ସମ୍ପାଦନ କରୁଅଛି, ସେତେବେଳେ ସେ ତା'ର ଭାଇ ବନ୍ଧୁମାନଙ୍କର ମୃତ୍ୟୁରେ ଦୁଃଖିତ ହେବାର ଆଉ ଆବଶ୍ୟକତା କ'ଣ ଅଛି ? ତା'ପକ୍ଷରେ ନିୟମ ଭଙ୍ଗ କରିବା ଉଚିତ୍ ନୁହେଁ । ତଦ୍ଦ୍ୱାରା ସେ ପାପକର୍ମର ପ୍ରତିକ୍ରିୟା ଭୋଗ କରିବ, ଏଥିପାଇଁ ଅର୍ଜୁନ ଆତଙ୍କିତ ହୋଇଥିଲେ । ପ୍ରକୃତ କର୍ତ୍ତବ୍ୟ ସମ୍ପାଦନରୁ-ବିରତ ହେଲେ ସେ ତାଙ୍କର ଭାଇ-ବନ୍ଧୁଙ୍କର

ମୃତ୍ୟୁକୁ ରୋକିପାରିବେ ନାହିଁ ଏବଂ ଭ୍ରମାତ୍ମକ ପନ୍ଥା ଗ୍ରହଣ କରିଥିବା ଯୋଗୁଁ ସେ ନିଶ୍ଚୟ ନୀଚ ଯୋନି ଲାଭ କରିବେ; ଅର୍ଥାତ୍ ତାଙ୍କର ଅଧୋପତନ ହେବ ।

## ଶ୍ଳୋକ - ୨୮

**ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ ।**
**ଅବ୍ୟକ୍ତନିଧନାନ୍ୟେବ ତତ୍ର କା ପରିଦେବନା ।। ୨୮ ।।**

## ଶବ୍ଦାନୁବାଦ

ଅବ୍ୟକ୍ତାଦୀନି=ଆରମ୍ଭରେ ଅପ୍ରକାଶ; ଭୂତାନି=ଯାହାସବୁ ସୃଷ୍ଟି ହୋଇଛନ୍ତି; ବ୍ୟକ୍ତ=ପ୍ରକାଶିତ; ମଧ୍ୟାନି=ମଧ୍ୟଭାଗରେ; ଭାରତ=ହେ ଭରତ ବଂଶଜ; ଅବ୍ୟକ୍ତ=ଅପ୍ରକାଶ; ନିଧନାନି=ଯାହା ସବୁ ଧ୍ୱଂସ ହୋଇଛନ୍ତି; ଏବ=ସେହିପରି; ତତ୍ର=ତହିଁରେ; କା=କି; ପରିଦେବନା=ଦୁଃଖ ।

## ଅନୁବାଦ

**ସମସ୍ତ ସୃଷ୍ଟଜୀବ ଆରମ୍ଭରେ (ବା ପ୍ରାଥମିକ ଅବସ୍ଥାରେ) ଅପ୍ରକାଶିତ ଅବସ୍ଥାରେ ଥାନ୍ତି, ମଧ୍ୟଭାଗରେ ପ୍ରକାଶିତ ହୁଅନ୍ତି ଏବଂ ଯେତେବେଳେ ସେମାନେ ଧ୍ୱଂସ ହୁଅନ୍ତି; ସେତେବେଳେ ପୁଣି ଅପ୍ରକଟ ହୋଇଯା'ନ୍ତି । ତେଣୁ ଏଥିରେ ଦୁଃଖ କରିବାର କ'ଣ ଅଛି ?**

## ଭାବାର୍ଥ

ଦୁଇ ପ୍ରକାର ଦାର୍ଶନିକ ଅଛନ୍ତି । ଗୋଟିଏ ପ୍ରକାର ଦାର୍ଶନିକ ଆତ୍ମାର ଅସ୍ତିତ୍ୱ କଥା ବିଶ୍ୱାସ କରନ୍ତି ଏବଂ ଅନ୍ୟ ପ୍ରକାରଟି ଆତ୍ମାର ଅସ୍ତିତ୍ୱ ବିଶ୍ୱାସ କରନ୍ତି ନାହିଁ । ଏ ଦୁଇ ପ୍ରକାର ଦାର୍ଶନିକଙ୍କର କଥାକୁ ଯଦି ଗ୍ରହଣ କରାଯାଏ; ତାହାହେଲେ ଦୁଃଖ କରିବାର କୌଣସି କାରଣ ନାହିଁ । ଯେଉଁମାନେ ଆତ୍ମାର ଅସ୍ତିତ୍ୱ କଥା ବିଶ୍ୱାସ କରନ୍ତି ନାହିଁ ସେମାନଙ୍କୁ ବେଦବାଦୀମାନେ ନାସ୍ତିକ ବୋଲି କହନ୍ତି । ଯୁକ୍ତିତର୍କ ଦୃଷ୍ଟିରୁ ଯଦି ଆମେ ନାସ୍ତିକମାନଙ୍କ ସିଦ୍ଧାନ୍ତକୁ ଗ୍ରହଣ କରୁ, ତଥାପି ଦୁଃଖର କୌଣସି କାରଣ ନାହିଁ । ଆତ୍ମାର ଅସ୍ତିତ୍ୱ କଥାକୁ ଛାଡ଼ି, ସୃଷ୍ଟି ପୂର୍ବରୁ ଭୌତିକ ବସ୍ତୁଗୁଡ଼ିକ ଅପ୍ରକଟ ହୋଇଥା'ନ୍ତି । ଏହି ସୂକ୍ଷ୍ମ ଅପ୍ରକଟ (ବା ଅବ୍ୟକ୍ତ) ଅବସ୍ଥାରୁ ପ୍ରକଟାବସ୍ଥା ଆସେ । ଯେପରି ଆକାଶରୁ ବାୟୁ ସୃଷ୍ଟିହୁଏ, ବାୟୁରୁ ଅଗ୍ନି ସୃଷ୍ଟିହୁଏ, ଅଗ୍ନିରୁ ଜଳ ସୃଷ୍ଟି ହୁଏ ଏବଂ ଜଳରୁ ମୃତ୍ତିକା (କ୍ଷିତ୍) ସୃଷ୍ଟି ହୁଏ, ମୃତ୍ତିକା ବା (କ୍ଷିତ୍)ରୁ ଅନେକ ପ୍ରକାରର ପଦାର୍ଥ ସୃଷ୍ଟି ହୁଏ । ଉଦାହରଣ ସ୍ୱରୂପ, ଧର ଏକ ନଭଶ୍ଚୁମ୍ବୀ ପ୍ରାସାଦ । ଏହା ମୃତ୍ତିକାରୁ ସୃଷ୍ଟ । ଯେତେବେଳେ ଏହା ଧ୍ୱଂସ ପ୍ରାପ୍ତ ହୁଏ, ତାହା ପୁନର୍ବାର ଅପ୍ରକଟ ହୋଇଯାଏ ଏବଂ ପରିଣତାବସ୍ଥାରେ ଅଣୁ ଆକାରରେ ରହେ । ଶକ୍ତି ସଂରକ୍ଷଣ ସିଦ୍ଧାନ୍ତ ଏହିପରି ଭାବରେ ରହେ, କିନ୍ତୁ କାଳକ୍ରମେ ବସ୍ତୁଗୁଡ଼ିକ ପ୍ରକଟିତ ହୁଅନ୍ତି-ଏହାହିଁ ହେଉଛି ପାର୍ଥକ୍ୟ । ତାହାହେଲେ ପ୍ରକଟାବସ୍ଥା ହେଉ ବା ଅପ୍ରକଟାବସ୍ଥା ହେଉ ଯାହା ବି ହେଉ-ଦୁଃଖର କାରଣ କ'ଣ ଅଛି ?, ଯାହାବି ହେଉ ଏପରିକି ଅପ୍ରକଟାବସ୍ଥାରେ କିଛି ନଷ୍ଟ ହୁଏନାହିଁ । ପ୍ରାରମ୍ଭ ଓ ଅନ୍ତିମ ଅବସ୍ଥାରେ

ସମସ୍ତ ବସ୍ତୁ ଅପ୍ରକଟ ହୋଇ ରହେ, କେବଳ ମଧ୍ୟବର୍ତ୍ତୀ କାଳରେ ସେମାନେ ପ୍ରକଟିତ ହୁଅନ୍ତି ଏବଂ ଏତଦ୍ଦ୍ୱାରା କୌଣସି ବାସ୍ତବ ଭୌତିକ ପାର୍ଥକ୍ୟ ସଂଘଟିତ ହୁଏନାହିଁ ।

ଯଦି ଆମେ ଭଗବଦ୍ ଗୀତାରେ ଦିଆଯାଇଥିବା ବୈଦିକ ସିଦ୍ଧାନ୍ତ (ଅନ୍ତବନ୍ତ ଇମେ ଦେହାଃ), ଅର୍ଥାତ୍ କାଳକ୍ରମେ ଏ ଭୌତିକ ଶରୀରଗୁଡ଼ିକ ନଷ୍ଟ ହୋଇଯିବ (ନିତ୍ୟସ୍ୟୋକ୍ତାଃ ଶରୀରିଣଃ), କିନ୍ତୁ ଆତ୍ମା ସନାତନ ।ତାହାହେଲେ ଆମକୁ ଏକଥା ବରାବର ମନେ ରଖିବାକୁ ପଡ଼ିବ ଯେ ଏ ଶରୀର ଏକ ପୋଷାକ ସଦୃଶ; ତାହାହେଲେ ପୋଷାକ ପରିବର୍ତ୍ତନରେ ଦୁଃଖ କରିବାର କ'ଣ ଅଛି ? ସନାତନ ବା ଶାଶ୍ୱତ ଆତ୍ମା ସମ୍ବନ୍ଧରେ ଏ ଭୌତିକ ଶରୀରର କୌଣସି ବାସ୍ତବ ଅସ୍ତିତ୍ୱ ନାହିଁ ।ଏହା ଏକ ସ୍ୱପ୍ନ ସଦୃଶ ।ସ୍ୱପ୍ନରେ ଆମେ ଦେଖୁ ଯେ ଆମେ ଆକାଶରେ ଉଡ଼ୁଛେ କିମ୍ବା ଏକ ରାଜାଭଳି ଏକ ରଥରେ ବସିଛେ, କିନ୍ତୁ ଯେତେବେଳେ ଆମେ ଜାଗ୍ରତ ହୋଇଯାଉ (ଅର୍ଥାତ୍ ସୁପ୍ତାବସ୍ଥାରୁ ଜାଗ୍ରତାବସ୍ଥା ପ୍ରାପ୍ତହେଉ), ସେତେବେଳେ ଆମେ ଦେଖି ପାରିବା ଯେ ଆମେ ଆକାଶରେ ଉଡୁନାହୁଁ କି ରଥରେ ବସିନାହୁଁ ।ତେଣୁ ଏ ଭୌତିକ ଶରୀରର ଅନିତ୍ୟତା ଦୃଷ୍ଟିରୁ ବୈଦିକ-ଜ୍ଞାନ, ଆତ୍ମାନୁଭୂତି ଗ୍ରହଣ କରିବାକୁ କୁହେ ବା ପ୍ରେରଣା ଦିଏ ।ତେଣୁ ଯେକୌଣସି ଦିଗରୁ ହେଉ, ତୁମେ ଆତ୍ମାର ଅସ୍ତିତ୍ୱ କଥା ବିଶ୍ୱାସକର ବା ନକର, ଯାହାହେଲେବି ଏ ଶରୀର ନାଶରେ ଦୁଃଖ କରିବାର କୌଣସି କାରଣ ନାହିଁ ।

## ଶ୍ଳୋକ - ୨୯

**ଆଶ୍ଚର୍ଯ୍ୟବତ୍‌ପଶ୍ୟତି କଶ୍ଚିଦେନମ୍**
**ଆଶ୍ଚର୍ଯ୍ୟବଦ୍ ବଦତି ତଥୈବ ଚାନ୍ୟଃ ।**
**ଆଶ୍ଚର୍ଯ୍ୟବଚ୍ଚୈନମନ୍ୟଃ ଶୃଣୋତି**
**ଶ୍ରୁତ୍ୱାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ ।। ୨୯ ।।**

## ଶବ୍ଦାନୁବାଦ

ଆଶ୍ଚର୍ଯ୍ୟବତ୍=ଆଶ୍ଚର୍ଯ୍ୟପରି; ପଶ୍ୟତି=ଦେଖନ୍ତି; କଶ୍ଚିତ୍=କେହି; ଏନମ୍=ଏହି ଆତ୍ମାକୁ; ଆଶ୍ଚର୍ଯ୍ୟବତ୍=ଆଶ୍ଚର୍ଯ୍ୟପରି; ବଦତି=କୁହନ୍ତି; ତଥା=ତଥା; ଏବ=ନିଶ୍ଚିତଭାବେ; ଚ=ମଧ୍ୟ; ଅନ୍ୟଃ=ଅନ୍ୟମାନେ; ଆଶ୍ଚର୍ଯ୍ୟବତ୍=ଆଶ୍ଚର୍ଯ୍ୟପରି; ଚ=ମଧ୍ୟ; ଏନମ୍=ଏହିଆତ୍ମାକୁ; ଅନ୍ୟଃ=ଅନ୍ୟମାନେ; ଶୃଣୋତି=ଶୁଣନ୍ତି; ଶ୍ରୁତ୍ୱା=ଶୁଣିକରି; ଅପି=ଏପରିକି; ଏନମ୍=ଏହି ଆତ୍ମାକୁ; ବେଦ=ଜାଣ; ନ=ନୁହେଁ; ଚ=ଏବଂ; ଏବ=ନିଶ୍ଚିତଭାବେ; କଶ୍ଚିତ୍=କେହି ।

## ଅନୁବାଦ

**କେତେକ ଏହି ଆତ୍ମାକୁ ଆଶ୍ଚର୍ଯ୍ୟ ହୋଇ ଦେଖନ୍ତି, କେତେକ ଆଶ୍ଚର୍ଯ୍ୟଭାବରେ ବର୍ଣ୍ଣନା କରନ୍ତି ଏବଂ କେତେକ ସେ ସମ୍ବନ୍ଧରେ ଆଶ୍ଚର୍ଯ୍ୟ ହୋଇ ଶୁଣନ୍ତି । ଅନ୍ୟମାନେ ଏ ସମ୍ବନ୍ଧରେ ଶୁଣି ସୁଦ୍ଧା କିଛି ବୁଝିପାରନ୍ତି ନାହିଁ ।**

## ଭାବାର୍ଥ

ଗୀତୋପନିଷଦ, ଉପନିଷଦମାନଙ୍କର ବିଷୟବସ୍ତୁର ଆଧାର ଉପରେ ପ୍ରତିଷ୍ଠିତ ହୋଇଥିବାରୁ କଠୋପନିଷଦରେ ଏଶ୍ଳୋକର ବିଷୟବସ୍ତୁ ଯେ ମିଳେ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

*ଶ୍ରବଣାୟାପି ବହୁଭିର୍ ଯୋ ନ ଲଭ୍ୟଃ*
*ଶୃଣ୍ୱନ୍ତୋଽପି ବହବୋ ଯଃ ନ ବିଦ୍ୟୁଃ ।*
*ଆଶ୍ଚର୍ଯ୍ୟୋ ବକ୍ତା କୁଶଳୋଽସ୍ୟ ଲବ୍‌ଧା*
*ଆଶ୍ଚର୍ଯ୍ୟୋ ଜ୍ଞାତା କୁଶଳାନୁଶିଷ୍ଟଃ ।।*

ଏକ ବିରାଟ ପ୍ରାଣୀର ଶରୀର ମଧ୍ୟରେ ଅଣୁ-ଆତ୍ମା ରହିଛି, ଏକ ବିରାଟ ବଟବୃକ୍ଷ ମଧ୍ୟରେ ମଧ୍ୟ ତାହା ଅଛି ଏବଂ ଅତିକ୍ଷୁଦ୍ର ଜୀବାଣୁ ମଧ୍ୟରେ ମଧ୍ୟ ରହିଛି (ଯେଉଁ ଜୀବାଣୁଗୁଡ଼ିକ, ଅର୍ଥାତ୍ କୋଟି କୋଟି ଜୀବାଣୁ ଏକ ଇଞ୍ଚ ପରିମିତ ସ୍ଥାନ ମଧ୍ୟରେ ମଧ୍ୟ ରହିପାରନ୍ତି, ସେମାନଙ୍କ ମଧ୍ୟରେ ଅଣୁ-ଆତ୍ମା ମଧ୍ୟ ଅଛି), ଏହା ବଡ଼ ଆଶ୍ଚର୍ଯ୍ୟର କଥା । ଯେଉଁ ଲୋକମାନଙ୍କର ଜ୍ଞାନ ଖୁବ୍ କମ୍ ଏବଂ ଯେଉଁମାନେ ଶୁଦ୍ଧପୂତ ନୁହଁନ୍ତି ବା ସାଧନାମୟ ଜୀବନଯାପନ ନ କରନ୍ତି ସେମାନେ ଏ ଅତିକ୍ଷୁଦ୍ର ଅଣୁ-ଆତ୍ମାର ଆଶ୍ଚର୍ଯ୍ୟଜନକ ସ୍ଥିତିକଥା କିଛି ବୁଝିପାରିବେ ନାହିଁ । ଯଦିଓ ବିଶିଷ୍ଟ ଅଧିକାରୀ ବା ଆଦିଗୁରୁ ଯେ କି ବ୍ରହ୍ମାଣ୍ଡର ପ୍ରଥମ ସୃଷ୍ଟ ଜୀବ ବ୍ରହ୍ମାଙ୍କୁ ଏ ଜ୍ଞାନ ପ୍ରଦାନ କରିଥିଲେ, ଏ ବିଷୟରେ କହନ୍ତି ତାହାହେଲେବି ସେମାନେ (ମୂର୍ଖମାନେ) ବୁଝିପାରିବେ ନାହିଁ । ଆଧୁନିକ ଯୁଗର ଅଧିକାଂଶ ଲୋକଙ୍କର ଜ୍ଞାନ ଖୁବ୍ କମ୍ ଏବଂ ପଦାର୍ଥମାନଙ୍କର ସ୍ଥୂଳ ଧାରଣା ହିଁ କେବଳ ସେମାନଙ୍କର ଅଛି, ସେଇଥିପାଇଁ ସେମାନେ ବୁଝି ପାରନ୍ତି ନାହିଁ ବା କଳ୍ପନା କରି ପାରନ୍ତି ନାହିଁ କିପରି ଏକ କ୍ଷୁଦ୍ର ଅଣୁ (ଆତ୍ମା) ଏତେ ବଡ଼ ଓ ଏତେ ସୂକ୍ଷ୍ମ ହୋଇପାରେ । ତେଣୁ ଲୋକମାନେ ଏ ଆତ୍ମାର ଗଠନ ବା ବିବରଣ ବିଷୟ ଶୁଣି ଏହାକୁ ବଡ଼ ଆଶ୍ଚର୍ଯ୍ୟଭାବରେ ଦେଖନ୍ତି । ଲୋକମାନେ ମାୟାଶକ୍ତିଦ୍ୱାରା ବିମୋହିତ ହୋଇ ଇନ୍ଦ୍ରିୟ ତୃପ୍ତି ବିଧାୟକ ବିଷୟ ବସ୍ତୁରେ ଏତେଦୂର ମଗ୍ନ ଯେ ଏ ଅମୃତଜ୍ଞାନ ସମ୍ବନ୍ଧରେ ଚିନ୍ତା କରିବାକୁ ସେମାନଙ୍କର ସମୟ ନାହିଁ । ଯଦିଓ ଏହା ହେଉଛି ନିଶ୍ଚିତ କଥା ଯେ ଆତ୍ମ-ଜ୍ଞାନ ଲାଭ ନକଲେ ସେମାନେ ଜୀବନ ସଂଗ୍ରାମରେ ସମସ୍ତ କ୍ଷେତ୍ରରେ ପରାହତ ହେବେ, ତଥାପି ସେମାନେ ଏହାକୁ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ । ବୋଧହୁଏ ବ୍ୟକ୍ତିରଏ ଧାରଣା ନାହିଁ ଯେ ସେ ଆତ୍ମା ସମ୍ବନ୍ଧରେ ଚିନ୍ତା କରିବ ଏବଂ ତଦ୍ୱାରା ଭୌତିକ ଦୁଃଖର ସମାଧାନ କରିପାରିବ ।

ଏପରି କେତେକ ଲୋକ ଅଛନ୍ତି, ଯେଉଁମାନେ ଆତ୍ମା ସମ୍ବନ୍ଧରେ ଶୁଣିବାକୁ ଆଗ୍ରହୀ ଏବଂ ସେଇଥିପାଇଁ ସେମାନେ ସତ୍‌ସଙ୍ଗ କରି ସେ ସମ୍ବନ୍ଧରେ ଶ୍ରବଣ କରନ୍ତି, ତଥାପି ବେଳେ ବେଳେ ସେମାନେ ଅବିଦ୍ୟାଯୋଗୁଁ ଅଣୁଆତ୍ମା ଓ ପରମାତ୍ମାଙ୍କୁ ଆକାର ପ୍ରକାରରେ ଏକ ବୋଲି ଗ୍ରହଣ କରି ଦିଗଭ୍ରାନ୍ତ ହୁଅନ୍ତି । ଏପରି ଏକ ବ୍ୟକ୍ତି ଖୋଜିପାଇବା ବଡ଼ କଷ୍ଟକର ଯେ କି ଆତ୍ମା ଓ ପରମାତ୍ମା, ସେମାନଙ୍କର କାର୍ଯ୍ୟ, ସେମାନଙ୍କ ମଧ୍ୟରେ ଥିବା ସମ୍ବନ୍ଧ ଏବଂ ଆଉସବୁ ଟିକିନିଖି କଥା ଭଲରକମ ଜାଣିଛି । ପୁନଶ୍ଚ ଏପରି ଏକ ଲୋକ ଖୋଜି ବାହାର କରିବା ଆହୁରି କଷ୍ଟକର ବ୍ୟାପାର, ଯେ କି ପୂର୍ଣ୍ଣ ଆତ୍ମଜ୍ଞାନ ଲାଭ କରି ପାରିଛି ଏବଂ ସେଥିରୁ ପୂରା ଫାଇଦା ଉଠାଇପାରିଛି ଏବଂ ଯେ କି ବିଭିନ୍ନ ଅବସ୍ଥାନରେ ଆତ୍ମାର ସ୍ଥିତି କଥା ବୁଝାଇ ପାରିବ । ଯେପରି ହେଉ, ଯଦି କୌଣସି ବ୍ୟକ୍ତି ଆତ୍ମା ସମ୍ବନ୍ଧୀୟ ଜ୍ଞାନ ଲାଭ କରି ପାରିଲା ବା ସେ ସମ୍ବନ୍ଧୀୟ ସମସ୍ତ କଥା ବୁଝିପାରିଲା, ତାହାହେଲେ ତା'ର ଜୀବନ ସାର୍ଥକ ହୋଇଗଲା । ଆତ୍ମା ସମ୍ବନ୍ଧରେ ବୁଝିବାର ସହଜତମ ଉପାୟ ହେଲା ଭଗବଦ୍ ଗୀତାର ବାଣୀକୁ ଗ୍ରହଣ

କରିବା । (କିନ୍ତୁ ଏଠାରେ ଗୋଟିଏ କଥା ମନେ ରଖିବାକୁ ପଡ଼ିବ ଯେ ଗୀତା ବାଣୀର ବକ୍ତା ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ, ଯେ କି ଗୀତାର ବିଶିଷ୍ଟ ଅଧିକାରୀ, ଯାହା ସେ ସମ୍ବନ୍ଧରେ କହିଛନ୍ତି ତାହାକୁ ହିଁ ଗ୍ରହଣ କରିବାକୁ ହେବ । ସେ ସମ୍ବନ୍ଧରେ ଅନ୍ୟ କିଛି କଥା ଆଉ ଶୁଣିବାକୁ ପଡ଼ିବ ନାହିଁ) । କିନ୍ତୁ ଏଥିନିମିତ୍ତ ଯଥେଷ୍ଟ ତପସ୍ୟା ଓ ସାଧନା ଦରକାର । ଇହଜନ୍ମରେ ହେଉ, କିମ୍ବା ପୂର୍ବଜନ୍ମରେ ହେଉ କୃଷ୍ଣଙ୍କୁ ପରମପୁରୁଷ ଭଗବାନରୂପେ ଗ୍ରହଣ କରିବା ପୂର୍ବରୁ ବ୍ୟକ୍ତିକୁ ତପସ୍ୟା ଓ ସାଧନା କରିବାକୁ ପଡ଼ିବ । ଅବଶ୍ୟ ଏକ ଶୁଦ୍ଧ ଭକ୍ତଙ୍କର ଅହୈତୁକୀ କୃପାଲାଭ କଲେ ବ୍ୟକ୍ତି କୃଷ୍ଣଙ୍କୁ ଜାଣିପାରିବ । ଅନ୍ୟଥା ଏହା ସମ୍ଭବ ନୁହେଁ ।

## ଶ୍ଲୋକ - ୩୦

**ଦେହୀ ନିତ୍ୟମବଧ୍ୟୋଽୟଂ ଦେହେ ସର୍ବସ୍ୟ ଭାରତ ।**
**ତସ୍ମାତ୍ ସର୍ବାଣି ଭୂତାନି ନ ତ୍ୱଂ ଶୋଚିତୁମ୍ ଅର୍ହସି ।। ୩୦ ।।**

## ଶବ୍ଦାନୁବାଦ

ଦେହୀ=ଏ ଭୌତିକ ଶରୀରର ଯେ ଅଧିକାରୀ; ନିତ୍ୟମ୍=ନିତ୍ୟ; ଅବଧ୍ୟଃ=ବଧ କରାଯାଇପାରିବ ନାହିଁ; ଅୟମ୍=ଏହି ଆତ୍ମା; ଦେହେ=ଦେହରେ; ସର୍ବସ୍ୟ=ପ୍ରତ୍ୟେକଙ୍କର; ଭାରତ=ହେ ଭରତ ବଂଶଜ; ତସ୍ମାତ୍=ତେଣୁ; ସର୍ବାଣି=ସମସ୍ତ; ଭୂତାନି=ଜୀବଗଣ; ନ=କେବେ ନୁହେଁ; ତ୍ୱମ୍=ତୁମେ; ଶୋଚିତୁମ୍=ଦୁଃଖ କରିବା; ଅର୍ହସି=ଉଚିତ୍ ।

## ଅନୁବାଦ

**ହେ ଭରତ ବଂଶଜ ! ଏ ଶରୀର ମଧ୍ୟରେ ଯେ ବାସ କରୁଛି (ଅର୍ଥାତ୍ ଦେହୀ) ନିତ୍ୟ ବା ସନାତନ ଅଟେ ଏବଂ ତାକୁ କଦାପି ବଧ କରାଯାଇ ପାରିବ ନାହିଁ । ତେଣୁ ତୁମେ କାହାରି ପାଇଁ ଦୁଃଖ କରିବା ଆବଶ୍ୟକ ନୁହେଁ ।**

## ଭାବାର୍ଥ

ବର୍ତ୍ତମାନ ଭଗବାନ୍ ଅପରିବର୍ତ୍ତନୀୟ ଆତ୍ମା ସମ୍ବନ୍ଧୀୟ ଉପଦେଶର ଉପସଂହାର କରୁଛନ୍ତି । ବିଭିନ୍ନ ପ୍ରକାରେ ଅମର ଆତ୍ମାକଥା ବର୍ଣ୍ଣନା କରି ଭଗବାନ୍ ଶ୍ରୀକୃଷ୍ଣ ବର୍ତ୍ତମାନ ପ୍ରମାଣ କରୁଛନ୍ତି ଯେ ଆତ୍ମା ଅମର ବା ନିତ୍ୟ ଏବଂ ଏ ଶରୀର ଅନିତ୍ୟ । ତେଣୁ ଅର୍ଜୁନଙ୍କର ଏ ଯେଉଁ ଆଶଙ୍କା ରହିଛି ଯେ ତାଙ୍କର ପିତାମହ ଭୀଷ୍ମ ଓ ଗୁରୁଦ୍ରୋଣ ଯୁଦ୍ଧରେ ମରିଯିବେ, ଏହା ବୃଥା । ପୁନଶ୍ଚ କ୍ଷତ୍ରିୟ ହିସାବରେ ଏହି ଆଶଙ୍କାର ବଶବର୍ତ୍ତୀ ହୋଇ କର୍ତ୍ତବ୍ୟ ତ୍ୟାଗ କରିବା ଉଚିତ୍ ନୁହେଁ । ଭଗବାନ୍ ଶ୍ରୀକୃଷ୍ଣଙ୍କ ବାଣୀ ଅନୁଯାୟୀ ବ୍ୟକ୍ତିକୁ ଏହା ବିଶ୍ୱାସ କରିବାକୁ ହେବ ଯେ ଏଭୌତିକ ଶରୀର ବ୍ୟତୀତ ଏକ ଆତ୍ମା ଅଛି । ଏହା ଏପରି କିଛି କଥା ନୁହେଁ ଯେ ଆତ୍ମା ବୋଲି କିଛି ନାହିଁ କିମ୍ବା କେତେକ ରାସାୟନିକ ପ୍ରତିକ୍ରିୟାର ଫଳ ସ୍ୱରୂପ ଏକ ନିର୍ଦ୍ଦିଷ୍ଟ ଭୌତିକ ପରିପକ୍ୱ ଅବସ୍ଥାରେ ଜୀବନୀଶକ୍ତି ବୃଦ୍ଧି ଲାଭ କରେ । ଯଦିଓ ଆତ୍ମା ଅମର; ତଥାପି ହିଂସାଚରଣ କରିବା ଉଚିତ୍ ନୁହେଁ, କିନ୍ତୁ ଯୁଦ୍ଧ ସମୟରେ; ଯେତେବେଳେ ଏହାର ଆବଶ୍ୟକତା ଅଛି ସେତେବେଳେ ଏହା ଆଚରଣୀୟ । ସେ ଆବଶ୍ୟକତା ଭଗବାନଙ୍କ ଅନୁମୋଦନକ୍ରମେ ଉପଲବ୍ଧ ହେବା ଉଚିତ୍, ତାହା ବ୍ୟକ୍ତିର ନିଜ ଇଚ୍ଛାନୁଯାୟୀ ଆଚରଣୀୟ ନୁହେଁ ।

## ଶ୍ଳୋକ - ୩୧

**ସ୍ୱଧର୍ମମ୍ ଅପି ଚାବେକ୍ଷ୍ୟ ନ ବିକମ୍ପିତୁମ୍ ଅର୍ହସି ।**
**ଧର୍ମ୍ୟାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍‌କ୍ଷତ୍ରିୟସ୍ୟ ନ ବିଦ୍ୟତେ ।। ୩୧ ।।**

## ଶବ୍ଦାନୁବାଦ

ସ୍ୱଧର୍ମମ୍=ନିଜର ସ୍ୱଧର୍ମ; ଅପି=ମଧ୍ୟ; ଚ=ବାସ୍ତବିକ୍; ଅବେକ୍ଷ୍ୟ=ବିଚାରକରି; ନ=କେବେ ନୁହେଁ; ବିକମ୍ପିତୁମ୍=ଦ୍ୱିଧାବୋଧ କରିବା; ଅର୍ହସି=ତୁମ ପକ୍ଷରେ ଉଚିତ୍; ଧର୍ମ୍ୟାତ୍=ଧର୍ମନୀତି ଦୃଷ୍ଟିରୁ; ହି=ବାସ୍ତବିକ୍; ଯୁଦ୍ଧାତ୍=ଯୁଦ୍ଧରୁ; ଶ୍ରେୟଃ=ମଙ୍ଗଳ; ଅନ୍ୟତ୍=ଅନ୍ୟ; କ୍ଷତ୍ରିୟସ୍ୟ=କ୍ଷତ୍ରିୟର; ନ=ନୁହେଁ; ବିଦ୍ୟତେ=ବିଦ୍ୟମାନ।

## ଅନୁବାଦ

**କ୍ଷତ୍ରିୟ ହିସାବରେ ତୁମର କର୍ତ୍ତବ୍ୟ କଥା ବିଚାର କଲେ, ତୁମକୁ ଏହା ଜାଣି ରଖିବାକୁ ହେବ ଯେ ଧର୍ମ ଯୁଦ୍ଧରେ ଅଂଶ ଗ୍ରହଣ କରିବା ଅପେକ୍ଷା ତୁମ ପକ୍ଷରେ ଆଉ ମଙ୍ଗଳକର କାର୍ଯ୍ୟ କିଛି ନାହିଁ ଏବଂ ସେଇଥିପାଇଁ ଏଥିରେ ଦ୍ୱିଧାବୋଧ କରିବାର ଆଉ କିଛି ନାହିଁ ।**

## ଭାବାର୍ଥ

ସାମାଜିକ ବ୍ୟବସ୍ଥାରେ ଯେଉଁ ଚାରିବର୍ଣ୍ଣ ବ୍ୟବସ୍ଥା ଅଛି, ତନ୍ମଧ୍ୟରେ ଦ୍ୱିତୀୟ ବର୍ଣ୍ଣ ହେଲା କ୍ଷତ୍ରିୟ ।ସୁନ୍ଦର ଶାସନ ବ୍ୟବସ୍ଥା ନିମିତ୍ତ ଏ ବ୍ୟବସ୍ଥା କରାଯାଇଅଛି ।'କ୍ଷତ୍'ଶବ୍ଦର ଅର୍ଥ ହେଲା ଆଘାତ ବା ବିପଦ ।ଆଘାତ ବା ବିପଦରୁ ଯେ ରକ୍ଷା କରେ ତାକୁ କ୍ଷତ୍ରିୟ କୁହାଯାଏ । ('ତ୍ରାୟତେ' ଶବ୍ଦର ଅର୍ଥ ରକ୍ଷା କରିବା) ।ବଣରେ ହତ୍ୟା କରିବା ନିମିତ୍ତ କ୍ଷତ୍ରିୟମାନଙ୍କୁ ତାଲିମ ଦିଆ ଯାଇଥାଏ ।କ୍ଷତ୍ରିୟ ବଣକୁ ଯାଇ ବ୍ୟାଘ୍ର ସହିତ ସମ୍ମୁଖ ଯୁଦ୍ଧରେ ବ୍ୟାପୃତ ହେବ ବା ସମ୍ମୁଖଯୁଦ୍ଧ ନିମିତ୍ତ ତାକୁ ଆହ୍ୱାନ କରିବ ଏବଂ ତାର ତରବାରୀ ସାହାଯ୍ୟରେ ବ୍ୟାଘ୍ର ସହିତ ଯୁଦ୍ଧ କରିବ ।ଯୁଦ୍ଧରେ ବ୍ୟାଘ୍ର ନିହତ ହେଲେ, ତାକୁ ରାଜକୀୟ ଆଡ଼ମ୍ବରରେ ସମାଧି ଦିଆଯିବ ।ଏ ପ୍ରଥା ଏବେସୁଦ୍ଧା ଜୟପୁରର କ୍ଷତ୍ରିୟ ରାଜାଗଣ ପାଳନ କରି ଆସୁଥିଲେ । ବିଶେଷକରି କ୍ଷତ୍ରିୟମାନେ କିପରି ଯୁଦ୍ଧ କରିବାକୁ ହେବ (ବା ଶତ୍ରୁକୁ ଯୁଦ୍ଧକୁ ଆହ୍ୱାନ କରିବାକୁ ହେବ) ଏବଂ ଯୁଦ୍ଧରେ ଶତ୍ରୁକୁ ନିପାତ କରିବାକୁ ପଡ଼ିବ ଏ ତାଲିମ ନେଇଥା'ନ୍ତି । କାରଣ ବେଳେବେଳେ ଧର୍ମରକ୍ଷା ନିମିତ୍ତ ହିଂସାଚରଣ କରିବା ଦରକାର ପଡ଼େ, ତେଣୁ କ୍ଷତ୍ରିୟମାନେ ସିଧାସଳଖ ସନ୍ନ୍ୟାସ ଦୀକ୍ଷା ନେବା ଉଚିତ୍‌ନୁହେଁ ।ରାଜନୀତିରେ'ଅହିଂସା' ଏକ କୂଟନୀତି ହୋଇପାରେ, କିନ୍ତୁ ଏହା ଶାସନ ନୀତି ନୁହେଁ ।ଧର୍ମଶାସ୍ତ୍ରରେ କୁହାଯାଇଛିଃ—

*''ଆହବେଷୁ ମିଥୋଽନ୍ୟୋନ୍ୟଂ ଜିଘାଂସନ୍ତୋ ମହୀକ୍ଷିତଃ ।*
*ଯୁଦ୍ଧମାନାଃ ପରଂ ଶକ୍ତ୍ୟା ସ୍ୱର୍ଗଂ ଯାନ୍ତି ଅପରାଙ୍ମୁଖାଃ ।।*
*ଯଜ୍ଞେଷୁ ପଶବୋ ବ୍ରହ୍ମନ୍ ହନ୍ୟନ୍ତେ ସତତଂ ଦ୍ୱିଜୈଃ ।*
*ସଂସ୍କୃତାଃ କିଲ ମନ୍ତ୍ରୈଶ୍ଚ ତେଽପି ସ୍ୱର୍ଗମ୍ ଅବାପ୍ନୁବନ ।''*

''ଯେପରି ଶ୍ରୋତ୍ରୀୟ ବ୍ରାହ୍ମଣମାନେ ଯଜ୍ଞରେ ପଶୁ ବଳିଦେଇ ସ୍ୱର୍ଗଲାଭ କରନ୍ତି, ସେହିପରି

ଯୁଦ୍ଧ କ୍ଷେତ୍ରରେ ଜଣେ ରାଜା ବା କ୍ଷତ୍ରିୟ ଶତ୍ରୁ ସହିତ ଯୁଦ୍ଧ କରି ମୃତ୍ୟୁବରଣ କଲେ ସ୍ୱର୍ଗଲୋକ ପ୍ରାପ୍ତ ହୁଏ ।'' ତେଣୁ ଧର୍ମନୀତି ଉପରେ ପ୍ରତିଷ୍ଠିତ ହୋଇ ଯୁଦ୍ଧରେ ହିଂସାଚରଣ କରିବା ବା ଶତ୍ରୁକୁ ବିନାଶ କରିବା ଏବଂ ଯଜ୍ଞରେ ପଶୁବଳି ଦେବା ହିଂସାତ୍ମକ କାଣ୍ଡ ବୋଲି ବିବେଚିତ ହୁଏ ନାହିଁ, କାରଣ ଧର୍ମନୀତି ଅବଲମ୍ବନ କଲେ ସମସ୍ତେ ଉପକୃତ ହୁଅନ୍ତି ବା କଲ୍ୟାଣ ଲାଭ କରନ୍ତି । ଯେଉଁ ପଶୁକୁ ଯଜ୍ଞରେ ବଳି ଦିଆଯାଏ, ସେ ସାଙ୍ଗେ ସାଙ୍ଗେ ମାନବ ଯୋନି ଲାଭକରେ । ଆଉ ତାକୁ କ୍ରମବିକାଶ ପନ୍ଥାରେ ଅନ୍ୟ ଯୋନିରେ ଭ୍ରମିବାକୁ ପଡ଼େନାହିଁ । ଯେପରି ବ୍ରାହ୍ମଣମାନେ ଯଜ୍ଞରେ ପଶୁ ବଳିଦେଇ ସ୍ୱର୍ଗଲୋକ ଲାଭକରନ୍ତି, ସେହିପରି କ୍ଷତ୍ରିୟମାନେ ଯୁଦ୍ଧ କ୍ଷେତ୍ରରେ ପ୍ରାଣତ୍ୟାଗ କରି ସ୍ୱର୍ଗଲାଭ କରନ୍ତି ।

ଦୁଇପ୍ରକାର ସ୍ୱଧର୍ମ ଅଛି । ଯେ ପର୍ଯ୍ୟନ୍ତ ବ୍ୟକ୍ତି ମୁକ୍ତ ନହୋଇଛି, ସେ ପର୍ଯ୍ୟନ୍ତ ମୁକ୍ତିଲାଭ ନିମିତ୍ତ ଧର୍ମନୀତି ଉପରେ ପ୍ରତିଷ୍ଠିତ ହୋଇ ଇହଜନ୍ମରେ ତା'ର ସ୍ୱଧର୍ମପାଳନ କରିବାକୁ (ବା କର୍ତ୍ତବ୍ୟକର୍ମ କରିବାକୁ) ପଡ଼ିବ । ଯେତେବେଳେ ବ୍ୟକ୍ତି ମୁକ୍ତ ହୋଇଗଲା ସେତେବେଳେ ତା'ର ସ୍ୱଧର୍ମ ବା କର୍ତ୍ତବ୍ୟ କର୍ମ ଅପ୍ରାକୃତ କର୍ମ ବା ଦିବ୍ୟକର୍ମ ହୋଇଗଲା ଏବଂ ସେତେବେଳେ ସେ ଆଉ ଭୌତିକ ଦେହଧାରଣାରେ ନଥାଏ । ଭୌତିକ ଦେହଧାରଣାରେ ଯେତେବେଳେ ବ୍ୟକ୍ତି ଥାଏ ସେତେବେଳେ ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କ ନିମିତ୍ତ ସ୍ୱତନ୍ତ୍ର କର୍ମମାନ ଅଛି ଏବଂ ଏପ୍ରକାର କର୍ମ ସମ୍ପାଦନ ଅପରିହାର୍ଯ୍ୟ ଅଟେ । ସ୍ୱଧର୍ମ ଭଗବାନଙ୍କ ଦ୍ୱାରା ସ୍ଥିରୀକୃତ ହୋଇଅଛି ଏବଂ ଚତୁର୍ଥ ଅଧ୍ୟାୟରେ ଏ ସମ୍ବନ୍ଧରେ ବିଶ୍ଳେଷଣ କରାଯିବ । ଭୌତିକ ଦେହ-ଧାରଣା ସ୍ତରରେ ସ୍ୱଧର୍ମକୁ ବର୍ଣ୍ଣାଶ୍ରମ ଧର୍ମ (ବା ବ୍ୟକ୍ତିର ଦିବ୍ୟାନୁଭୂତି ଲାଭ କରିବା ନିମିତ୍ତ ପ୍ରାଥମିକ ସୋପାନ) ବୋଲି କୁହାଯାଏ । ବର୍ଣ୍ଣାଶ୍ରମ ଧର୍ମସ୍ତରରୁ ମାନବ ସଭ୍ୟତା ଆରମ୍ଭ ହୁଏ । (ଭୂତ ପ୍ରକୃତିର ଯେଉଁ ଗୁଣନେଇ ଏ ଭୌତିକ ଶରୀର ଲାଭ ହୋଇଅଛି, ସେହି ଗୁଣ ଅନୁଯାୟୀ କର୍ମ ସମ୍ପାଦନ କରିବାକୁ ବର୍ଣ୍ଣାଶ୍ରମ ଧର୍ମ କୁହାଯାଏ) । ବର୍ଣ୍ଣାଶ୍ରମ ଧର୍ମ ଅନୁଯାୟୀ ଯେକୌଣସି କର୍ମକ୍ଷେତ୍ରରେ କର୍ତ୍ତବ୍ୟ ସମ୍ପାଦନ କଲେ ବ୍ୟକ୍ତି ଉଚ୍ଚତର ସ୍ତରକୁ ଉନ୍ନୀତ ହୁଏ ।

## ଶ୍ଳୋକ - ୩୨

**ଯଦୃଚ୍ଛୟା ଚୋପପନ୍ନଂ ସ୍ୱର୍ଗଦ୍ୱାରମପାବୃତମ୍ ।**
**ସୁଖିନଃ କ୍ଷତ୍ରିୟାଃ ପାର୍ଥ ଲଭନ୍ତେ ଯୁଦ୍ଧମୀଦୃଶମ୍ ।। ୩୨ ।।**

## ଶବ୍ଦାନୁବାଦ

ଯଦୃଚ୍ଛୟା=ଆପେ ଆପେ (ସ୍ୱତଃ); ଚ=ମଧ୍ୟ; ଉପପନ୍ନମ୍=ଉପସ୍ଥିତ; ସ୍ୱର୍ଗ=ସ୍ୱର୍ଗ; ଦ୍ୱାରମ୍=ଦ୍ୱାର; ଅପାବୃତମ୍=ମେଲା (ଖୋଲିଛି); ସୁଖିନଃ=ଅତ୍ୟନ୍ତ ସୁଖୀ; କ୍ଷତ୍ରିୟାଃ=ରାଜବଂଶୀୟ କ୍ଷତ୍ରିୟମାନେ; ପାର୍ଥ=ହେ ପୃଥାପୁତ୍ର; ଲଭନ୍ତେ=ଲାଭ କରନ୍ତି; ଯୁଦ୍ଧମ୍=ଯୁଦ୍ଧ; ଈଦୃଶମ୍=ଏ ପ୍ରକାର ।

## ଅନୁବାଦ

**ହେ ପାର୍ଥ ! ଯେଉଁ କ୍ଷତ୍ରିୟମାନେ ଏ ପ୍ରକାର ଧର୍ମଯୁଦ୍ଧର ସୁବିଧା ପାଆନ୍ତି ଅର୍ଥାତ୍ ଆପେ ଆପେ ସେମାନଙ୍କ ପାଖରେ ଆସି ଏ ଯୁଦ୍ଧ ଉପସ୍ଥିତ ହୁଏ ଏବଂ ସେମାନଙ୍କପାଇଁ ସ୍ୱର୍ଗଦ୍ୱାରକୁ ଖୋଲା କରିଦିଏ, ସେମାନେ ଅତ୍ୟନ୍ତ ସୁଖୀ ଅଟନ୍ତି ।**

## ଭାବାର୍ଥ

ଅର୍ଜୁନ କହିଲେ, ''ଏ ଯୁଦ୍ଧରେ ମୁଁ କିଛି ଭଲ ଦେଖିପାରୁନାହିଁ । ଏହା ନିୟତ ନର୍କବାସ ହିଁ ଦେବ ।'' ବର୍ତ୍ତମାନ ଏଠାରେ ଭଗବାନ୍ ଶ୍ରୀକୃଷ୍ଣ ପରମଗୁରୁ ହିସାବରେ ଅର୍ଜୁନଙ୍କର ଏପ୍ରକାର ମନୋବୃତ୍ତିକୁ ନିନ୍ଦା କରୁଛନ୍ତି । ଅର୍ଜୁନ ଯେ ଏକଥାଗୁଡ଼ିକ କହିଲେ, ତାହା ତାଙ୍କର ଅଜ୍ଞତା ହିଁ ଅଟେ । ତାଙ୍କର କର୍ତ୍ତବ୍ୟ ସମ୍ପାଦନରେ ସେ ଅହିଂସାଚରଣ କରିବାକୁ ଇଚ୍ଛାକଲେ । ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ହୋଇ କ୍ଷତ୍ରିୟ ଅହିଂସାଚରଣ କରିବ-ଏହା ମୂର୍ଖାମି ଅଟେ । ଶ୍ରୀଳ ବ୍ୟାସଦେବଙ୍କ ପିତା ମହାମୁନି ପରାଶର 'ପରାଶର ସ୍ମୃତି'ରେ କହିଛନ୍ତି ।

*''କ୍ଷତ୍ରିୟୋ ହି ପ୍ରଜାରକ୍ଷନ୍ ଶସ୍ତ୍ର-ପାଣିଃ ପ୍ରଦଣ୍ଡୟନ୍ ।*
*ନିର୍ଜିତ୍ୟ ପରସୈନ୍ୟାଦି କ୍ଷିତିଂ ଧର୍ମେଣ ପାଳୟେତ୍ ।।''*

କ୍ଷତ୍ରିୟର ଧର୍ମ ହେଲା ସମସ୍ତ ପ୍ରକାର ଉପଦ୍ରବରୁ ଲୋକମାନଙ୍କୁ ରକ୍ଷା କରିବା ଏବଂ ସେଇଥିଯୋଗୁଁ ଶାନ୍ତିଶୃଙ୍ଖଳା ନିମିତ୍ତ ଆବଶ୍ୟକ କ୍ଷେତ୍ରରେ ତାଙ୍କୁ ହିଂସାଚରଣ କରିବାକୁ ପଡିବ । ସେଇଥିପାଇଁ ତାକୁ ଶତ୍ରୁରାଜାମାନଙ୍କର ସୈନ୍ୟ-ସାମନ୍ତମାନଙ୍କୁ ଜିଣିବାକୁ ପଡ଼ିବ ଏବଂ ଏହି ପ୍ରକାର ସେ ଧର୍ମନୀତିରେ ପ୍ରତିଷ୍ଠିତ ହୋଇ ସେ ଏହି ପୃଥିବୀକୁ ଶାସନ କରିବା ଉଚିତ୍ ।

ସବୁ ଦିଗରୁ ବିଗ୍ଚର କଲେ ଦେଖାଯିବ ଯେ ଅର୍ଜୁନଙ୍କ ପକ୍ଷରେ ଯୁଦ୍ଧରୁ ବିରତ ହେବାର କୌଣସି କାରଣ ନାହିଁ । ଯଦି ସେ ତାଙ୍କର ଶତ୍ରୁମାନଙ୍କ ଉପରେ ବିଜୟ ହାସଲ କରନ୍ତି, ତାହାହେଲେ ସେ ରାଜ୍ୟଭୋଗ କରିବେ ଏବଂ ସେ ଯଦି ଯୁଦ୍ଧରେ ମୃତ୍ୟୁ ବରଣ କରନ୍ତି ତାହାହେଲେ ସେ ସ୍ୱର୍ଗପ୍ରାପ୍ତ ହେବେ; ଏଥିପାଇଁ ଦ୍ୱାର ଉନ୍ମୁକ୍ତ ହୋଇ ରହିଛି । ଯେକୌଣସି ଦିଗରୁ ବିଗ୍ଚର କଲେ ବି ଯୁଦ୍ଧ ତାଙ୍କ ପକ୍ଷରେ କଲ୍ୟାଣକର ।

## ଶ୍ଳୋକ - ୩୩

**ଅଥ ଚେତ୍ତ୍ୱମିମଂ ଧର୍ମ୍ୟଂ ସଂଗ୍ରାମଂ ନ କରିଷ୍ୟସି ।**
**ତତଃ ସ୍ୱଧର୍ମଂ କୀର୍ତ୍ତିଂ ଚ ହିତ୍ୱା ପାପମବାପ୍ସ୍ୟସି ।। ୩୩ ।।**

## ଶବ୍ଦାନୁବାଦ

ଅଥ=ତେଣୁ; ଚେତ୍=ଯଦି; ତ୍ୱମ୍=ତୁମେ; ଇମମ୍=ଏହି; ଧର୍ମ୍ୟମ୍=ଧର୍ମନୀତି ଦୃଷ୍ଟିରୁ କର୍ତ୍ତବ୍ୟ; ସଂଗ୍ରାମମ୍=ଯୁଦ୍ଧ; ନ=ନାହିଁ; କରିଷ୍ୟସି=କରିବ; ତତଃ=ତାହାହେଲେ; ସ୍ୱଧର୍ମମ୍=ତୁମର ଧର୍ମକର୍ମ; କୀର୍ତ୍ତିମ୍=କୀର୍ତ୍ତି ବା ଯଶ; ଚ=ମଧ୍ୟ; ହିତ୍ୱା=ହରାଇ; ପାପମ୍=ପାପକର୍ମର ପ୍ରତିକ୍ରିୟା; ଅବାପ୍ସ୍ୟସି=ପ୍ରାପ୍ତହେବ ।

## ଅନୁବାଦ

**ଯଦି ତୁମେ ଏ ଧର୍ମ ଯୁଦ୍ଧରେ ଯୁଦ୍ଧ ନକର, ତାହାହେଲେ ତୁମେ ନିଶ୍ଚୟ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ ଯୋଗୁଁ ପାପ ହିଁ ଅର୍ଜନ କରିବ ଏବଂ ଏତଦ୍ଦ୍ୱାରା ତୁମର ଯୋଦ୍ଧା ହିସାବରେ ଯେଉଁ ଖ୍ୟାତି ଅଛି ସେତକ ହରାଇବ ।**

## ଭାବାର୍ଥ

ଅର୍ଜୁନ ଜଣେ ବିଶିଷ୍ଟ ଯୋଦ୍ଧା ଥିଲେ ଏବଂ ଶିବଙ୍କ ସମେତ ଅନେକ ବିଶିଷ୍ଟ ଦେବତାଙ୍କ ସହ ଯୁଦ୍ଧ କରି ଯଶକୀର୍ତ୍ତି ହାସଲ କରିଛନ୍ତି । ଏକ ଶିକାରୀର ପୋଷାକ ଧାରଣ କରି ଶ୍ରୀ ଶିବଜୀଙ୍କୁ ଯୁଦ୍ଧରେ ପରାସ୍ତ କରିବାପରେ ଅର୍ଜୁନ ଭଗବାନଙ୍କୁ ସନ୍ତୁଷ୍ଟ କଲେ ଏବଂ ଉପହାର ସଦୃଶ ପାଶୁପତ ଅସ୍ତ୍ରନାମକ ଏକ ଅସ୍ତ୍ର ଲାଭକଲେ । ସମସ୍ତେ ଏ କଥା ଜାଣନ୍ତି ଯେ ସେ ଏକ ପ୍ରସିଦ୍ଧ ଯୋଦ୍ଧା । ଏପରିକି ଦ୍ରୋଣାଚାର୍ଯ୍ୟ ତାଙ୍କୁ ବର ପ୍ରଦାନ କରିଛନ୍ତି ଏବଂ ତାଙ୍କୁ ଏକ ସ୍ୱତନ୍ତ୍ର ଅସ୍ତ୍ର ପ୍ରଦାନ କରିଛନ୍ତି, ଯାହା ସାହାଯ୍ୟରେ ସେ ତାଙ୍କର ଗୁରୁଙ୍କୁ ମଧ୍ୟ ବଧ କରିପାରିବେ । ଏହିପରି ଭାବରେ ସେ ସ୍ୱର୍ଗର ରାଜା ଇନ୍ଦ୍ର (ଯେ କି ତାଙ୍କର ପିତା) ସମେତ ଅନେକ ବିଶିଷ୍ଟ ଅଧିକାରୀଙ୍କଠାରୁ ଯୁଦ୍ଧବିଦ୍ୟା ବିଶାରଦ ପ୍ରମାଣପତ୍ରମାନ ଲାଭ କରିଛନ୍ତି, କିନ୍ତୁ ସେ ଯଦି ବର୍ତ୍ତମାନ ଏ ଧର୍ମଯୁଦ୍ଧକୁ ତ୍ୟାଗ କରନ୍ତି ତାହାହେଲେ ଏତଦ୍ୱାରା ସେ ଯେ କେବଳ କ୍ଷତ୍ରିୟ ହିସାବରେ ନିଜର କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କଲେ ତାହା ନୁହେଁ, ସେ ମଧ୍ୟ ତାଙ୍କର ଯଶକୀର୍ତ୍ତି-ସୁନାମ ହରାଇବେ ଏବଂ ଏହିପରି ଭାବରେ ନର୍କକୁ ରାସ୍ତା ସଫା କରିନେବେ । ଅନ୍ୟ କଥାରେ ଏହାହିଁ କୁହାଯାଇପାରେ ଯେ ସେ ଯୁଦ୍ଧ କଲେ ନର୍କକୁ ଯିବେ ନାହିଁ, ବରଂ ଯୁଦ୍ଧ ନକରିବାଦ୍ୱାରା ନର୍କକୁ ଯିବେ ।

## ଶ୍ଳୋକ - ୩୪

**ଅକୀର୍ତ୍ତିଂ ଚାପି ଭୂତାନି କଥୟିଷ୍ୟନ୍ତି ତେଽବ୍ୟୟାମ୍ ।**
**ସମ୍ଭାବିତସ୍ୟ ଚାକୀର୍ତ୍ତିର୍ ମରଣାଦ୍ ଅତିରିଚ୍ୟତେ ।। ୩୪ ।।**

## ଶବ୍ଦାନୁବାଦ

ଅକୀର୍ତ୍ତିମ୍=ଅକୀର୍ତ୍ତି, କଳଙ୍କ; ଚ=ମଧ୍ୟ; ଅପି=ଏତଦ୍ ବ୍ୟତୀତ; ଭୂତାନି=ସମସ୍ତ ଲୋକ; କଥୟିଷ୍ୟନ୍ତି=କହିବେ; ତେ=ତୁମର; ଅବ୍ୟୟାମ୍=ବରାବର; ସମ୍ଭାବିତସ୍ୟ=ଏକ ଉଚ୍ଚ ବଂଶଜ ସମ୍ମାନନୀୟ ବ୍ୟକ୍ତି ପକ୍ଷରେ; ଚ=ମଧ୍ୟ; ଅକୀର୍ତ୍ତିଃ=ଅକୀର୍ତ୍ତି ବା ଅପଯଶ; ମରଣାତ୍=ମରଣରୁ; ଅତିରିଚ୍ୟତେ=ବଳିପଡ଼ିବ ।

## ଅନୁବାଦ

**ଲୋକମାନେ ବରାବର ତୁମର କଳଙ୍କ ରଟନା କରିବେ । ଯେଉଁଲୋକ ବରାବର ସମ୍ମାନ ଲାଭ କରି ଆସିଅଛି, ତା'ପକ୍ଷରେ ଅପଯଶ ବା ନିନ୍ଦା ମରଣରୁ ବଳିପଡ଼ିବ ।**

## ଭାବାର୍ଥ

ଭଗବାନ୍ ଶ୍ରୀକୃଷ୍ଣ ବର୍ତ୍ତମାନ ଅର୍ଜୁନଙ୍କୁ ବନ୍ଧୁ ବା ସଖା ହିସାବରେ ତଥା ଦାର୍ଶନିକ ହିସାବରେ ଅର୍ଜୁନଙ୍କର ଯୁଦ୍ଧ ନକରିବାର ନିଷ୍ପତ୍ତି ଉପରେ ତାଙ୍କର ଶେଷ ବିଚାର ଦେଉଛନ୍ତି । ଭଗବାନ୍ କହିଲେ, "ହେ ଅର୍ଜୁନ ! ତୁମେ ଯଦି ଯୁଦ୍ଧକ୍ଷେତ୍ର ତ୍ୟାଗ କରିଯାଅ, ଲୋକମାନେ ତୁମକୁ ଭୀରୁ ବୋଲି କହିବେ" । ଯଦି ତୁମେ ଭାବୁଥାଅ ଯେ ଲୋକମାନେ ନିନ୍ଦା କରନ୍ତୁ ପଛକେ, ତୁମେ ଯୁଦ୍ଧକ୍ଷେତ୍ରରୁ ପଳାୟନ କରି ଜୀବନ ବଞ୍ଚାଇବ; ତଥାପି ମୋର ଉପଦେଶ,

ତୁମେ ଯୁଦ୍ଧକ୍ଷେତ୍ରରୁ ପଳାଇ ନଯାଇ ବରଂ ଏଠାରେ ମୃତ୍ୟୁ ବରଣ କରିବା ଉଚିତ୍ । ତୁମପରି ଏକ ସମ୍ମାନନୀୟ ବ୍ୟକ୍ତି ପକ୍ଷରେ ଅପଯଶ ବା ନିନ୍ଦାଟା ମରଣଠାରୁ ବଳିପଡ଼ିବ । ତେଣୁ ତୁମେ ମୃତ୍ୟୁ ଭୟରେ ପଳାଇଯିବା ଉଚିତ୍ ନୁହେଁ; ବରଂ ଯୁଦ୍ଧରେ ମୃତ୍ୟୁବରଣ କରିବା ଉଚିତ୍ । ଏତଦ୍ଦ୍ୱାରା ତୁମେ ''ମୋର ବନ୍ଧୁ ବା ସଖା'' ହୋଇଥିବାରୁ ଯେଉଁ ନିନ୍ଦାଟା ଶୁଣିବ, ସେଥିରୁ ରକ୍ଷା ପାଇବ ଏବଂ ସମାଜରେ ତୁମର ଯେଉଁ ମାନସମ୍ମାନ ଅଛି ତାହା ମଧ୍ୟ ହରାଇବ ନାହିଁ ।'' ତେଣୁ ଭଗବାନଙ୍କର ଅର୍ଜୁନଙ୍କ ପ୍ରତି ଶେଷ ନିଷ୍ପତ୍ତି ହେଲା ପଳାଇନଯାଇ ବରଂ ଯୁଦ୍ଧରେ ପ୍ରାଣତ୍ୟାଗ କରିବା ଉଚିତ୍ ।

## ଶ୍ଳୋକ - ୩୫

**ଭୟାଦ୍ ରଣାଦୁପରତଂ ମଂସ୍ୟନ୍ତେ ତ୍ୱାଂ ମହାରଥାଃ ।**
**ଯେଷାଂ ଚ ତ୍ୱଂ ବହୁମତୋ ଭୂତ୍ୱା ଯାସ୍ୟସି ଲାଘବମ୍ ।। ୩୫ ।।**

## ଶବ୍ଦାନୁବାଦ

ଭୟାତ୍=ଭୟଯୋଗୁଁ; ରଣାତ୍=ଯୁଦ୍ଧରୁ ବା ଯୁଦ୍ଧଭୂମିରୁ; ଉପରତମ୍=ବିମୁଖହେବା; ମଂସ୍ୟନ୍ତେ=ବିଗ୍ରହ କରାଯିବ ବା ବୁଝିବାକୁ ହେବ; ତ୍ୱାମ୍=ତୁମକୁ; ମହା-ରଥାଃ=ମହାରଥୀମାନେ; ଯେଷାମ୍=ଯେଉଁମାନଙ୍କର; ଚ=ମଧ୍ୟ; ତ୍ୱମ୍=ତୁମେ; ବହୁ-ମତଃ=ଉଚ୍ଚ ଆସନ ବା ସମ୍ମାନ; ଭୂତ୍ୱା=ହୋଇଯିବ; ଯାସ୍ୟସି ଲାଘବମ୍=ମୂଲ୍ୟ କମିଯିବ ।

## ଅନୁବାଦ

**ଯେଉଁ ମହାରଥୀମାନେ ତୁମର ନାମ ଯଶ ସୁନାମ ଆଦି ଶ୍ରବଣ କରି ତୁମକୁ ଖୁବ୍ ଉଚ୍ଚ ଆସନ ଦେଇଛନ୍ତି, ସେମାନେ ବର୍ତ୍ତମାନ ତୁମର ରଣକ୍ଷେତ୍ର ତ୍ୟାଗ କରିବାରେ ଭାବିବେ ଯେ, ତୁମେ ଭୟରେ ଏପରି କରୁଛ ଏବଂ ସେମାନେ ତୁମକୁ ଏକ ଭୀରୁବୋଲି ଭାବିବେ ।**

## ଭାବାର୍ଥ

ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତାଙ୍କର ବାଣୀ ଶୁଣାଇ ଚାଲିଲେ, ''କଦାପି ଏକଥା ଭାବନାହିଁ ଯେ ଦୁର୍ଯ୍ୟୋଧନ, କର୍ଣ୍ଣ ଆଦି ବିଶିଷ୍ଟ ମହାରଥୀଗଣ ତୁମର ସହାନୁଭୂତି ବା ଅନୁକମ୍ପା କଥା କଦାପି ଭାବିବେ ନାହିଁ । ସେମାନେ କଦାପି ଭାବିବେ ନାହିଁ ଯେ ତୁମେ ତୁମର ଭାଇ ଓ ପିତାମହ ଭୀଷ୍ମଙ୍କ ପ୍ରତି ସହାନୁଭୂତିଶୀଳ ବା ଦୟାର୍ଦ୍ରହୃଦୟ ହୋଇ ରଣକ୍ଷେତ୍ର ତ୍ୟାଗ କରିଛ । ସେମାନେ ନିଶ୍ଚୟ ଭାବିବେ ଯେ ତୁମେ ଭୟ ଯୋଗୁଁ ଯୁଦ୍ଧକ୍ଷେତ୍ର ତ୍ୟାଗ କରିଛ । ଏହିପରି ଭାବରେ ତୁମର ଯେଉଁ ଉଚ୍ଚ ସୁନାମ ଅଛି; ତା'ର ନିମ୍ନଗତି ବା ନର୍କଗତି ହେବ ।''

## ଶ୍ଳୋକ - ୩୬

**ଅବାଚ୍ୟବାଦାଂଶ୍ଚ ବହୂନ୍ ବଦିଷ୍ୟନ୍ତି ତବାହିତାଃ ।**
**ନିନ୍ଦନ୍ତସ୍ତବ ସାମର୍ଥ୍ୟଂ ତତୋ ଦୁଃଖତରଂ ନୁ କିମ୍ ।। ୩୬ ।।**

## ଶବ୍ଦାନୁବାଦ

ଅବାଚ୍ୟ=କଠୋର, ନିର୍ଦ୍ଦୟ; ବାଦାନ୍=କେତେ ମନଗଢ଼ା କଥା; ଚ=ମଧ୍ୟ; ବହୂନ୍=ଅନେକ; ବଦିଷ୍ୟନ୍ତି=କହିବେ; ତବ=ତୁମର; ଅହିତାଃ=ଶତ୍ରୁମାନେ; ନିନ୍ଦନ୍ତଃ=ନିନ୍ଦାକରି କହିଲାବେଳେ; ତବ=ତୁମର; ସାମର୍ଥ୍ୟମ୍=ଶକ୍ତି; ତତଃ=ତପରେ; ଦୁଃଖତରମ୍=ଅଧିକ ଦୁଃଖକର; ନୁ=ଅବଶ୍ୟ; କିମ୍=କ'ଣ ଅଛି ?

## ଅନୁବାଦ

ତୁମର ଶତ୍ରୁମାନେ ତୁମ ବିଷୟରେ ଅନେକ କଟୁକଥା କହିବେ ଏବଂ ତୁମର ଶକ୍ତିକୁ ନିନ୍ଦା କରିବେ । ଏହାଠାରୁ ବଳି ଆଉ ଦୁଃଖ କ'ଣ ଅଛି ।

## ଭାବାର୍ଥ

ଅର୍ଜୁନଙ୍କର ଅଯଥା ସହାନୁଭୂତି ଦେଖି ଭଗବାନ୍ ଶ୍ରୀକୃଷ୍ଣ ପ୍ରଥମେ ବଡ଼ ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲେ । ତାଙ୍କର ଏ ପ୍ରକାର ଅନୁକମ୍ପା ବା ସହାନୁଭୂତିକୁ ସେ ଅନାର୍ଯ୍ୟଙ୍କର ଗୁଣବୋଲି କହିଛନ୍ତି । ବର୍ତ୍ତମାନ ଅନେକ କଥାକହି ଅର୍ଜୁନଙ୍କର ତଥା-କଥିତ ଦୟା ବା ସହାନୁଭୂତି ଯେ ଅଯଥା ଏହା ପ୍ରମାଣ କରୁଛନ୍ତି ।

## ଶ୍ଲୋକ - ୩୭

**ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷସେ ମହୀମ୍ ।**
**ତସ୍ମାଦ୍ ଉତ୍ତିଷ୍ଠ କୌନ୍ତେୟ ଯୁଦ୍ଧାୟ କୃତନିଶ୍ଚୟଃ ।। ୩୭ ।।**

## ଶବ୍ଦାନୁବାଦ

ହତଃ=ମରିକରି; ବା=କିମ୍ବା; ପ୍ରାପ୍ସ୍ୟସି=ପ୍ରାପ୍ତହେବ; ସ୍ୱର୍ଗମ୍=ସ୍ୱର୍ଗରାଜ୍ୟ; ଜିତ୍ୱା=ଜିଣିଲେ; ବା=କିମ୍ବା; ଭୋକ୍ଷସେ=ତୁମେ ଭୋଗ କରିବ; ମହୀମ୍=ମହୀ (ପୃଥିବୀ); ତସ୍ମାତ୍=ତେଣୁ; ଉତ୍ତିଷ୍ଠ=ଉଠ; କୌନ୍ତେୟ=ହେ କୁନ୍ତୀପୁତ୍ର; ଯୁଦ୍ଧାୟ=ଯୁଦ୍ଧନିମିତ୍ତ; କୃତ-ନିଶ୍ଚୟଃ=ସ୍ଥିରନିଶ୍ଚିତ ।

## ଅନୁବାଦ

**ହେ କୁନ୍ତିପୁତ୍ର ! ଯଦି ତୁମେ ଯୁଦ୍ଧକ୍ଷେତ୍ରରେ ମୃତ୍ୟୁବରଣ କର, ତାହାହେଲେ ସ୍ୱର୍ଗଲାଭ କରିବ କିମ୍ବା ଯଦି ତୁମେ ବିଜୟ ହାସଲ କର ତାହାହେଲେ ଭୌତିକ ସାମ୍ରାଜ୍ୟ ଲାଭ କରିବ । ତେଣୁ ଉଠ ଏବଂ ଯୁଦ୍ଧ କରିବା ନିମିତ୍ତ କୃତନିଶ୍ଚୟ ହୁଅ ।**

## ଭାବାର୍ଥ

ଯଦିଓ ଅର୍ଜୁନ ସନ୍ଦିହାନ ଯେ ସେ ଯୁଦ୍ଧରେ ବିଜୟ ହାସଲ କରିବେ କି ନାହିଁ, ତଥାପି ତାଙ୍କୁ ଯୁଦ୍ଧ କରିବାକୁ ହେବ । କାହିଁକିନା, ସେ ଯଦି ଯୁଦ୍ଧରେ ମୃତ୍ୟୁବରଣ କରନ୍ତି, ତାହାହେଲେବି ସେ ସ୍ୱର୍ଗରାଜ୍ୟ ଲାଭ କରିବେ ।

## ଶ୍ଲୋକ - ୩୮

**ସୁଖଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟାଜୟୌ ।**
**ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ ପାପମବାପ୍ସ୍ୟସି ।। ୩୮ ।।**

## ଶବ୍ଦାନୁବାଦ

ସୁଖ=ସୁଖ; ଦୁଃଖେ=ଦୁଃଖରେ; ସମେ=ସମଭାବରେ; କୃତ୍ୱା=କରି; ଲାଭାଲାଭୌ=ଲାଭ ଓ କ୍ଷତି ଉଭୟ ଅବସ୍ଥାରେ; ଜୟାଜୟୌ=ବିଜୟ ଓ ପରାଜୟ ଉଭୟ ଅବସ୍ଥାରେ; ତତଃ=ତପରେ; ଯୁଦ୍ଧାୟ=ଯୁଦ୍ଧ ନିମିତ୍ତ; ଯୁଜ୍ୟସ୍ୱ=ଯୁଦ୍ଧକର; ନ=କେବେ ନୁହେଁ; ଏବମ୍=ଏହିପରି ଭାବରେ; ପାପମ୍=ପାପକର୍ମର ପ୍ରତିକ୍ରିୟା; ଅବାପ୍ସ୍ୟସି=ପ୍ରାପ୍ତହେବ ।

## ଅନୁବାଦ

**ସୁଖ-ଦୁଃଖ, ଲାଭ-କ୍ଷତି କିମ୍ବା ଜୟ-ପରାଜୟ—ଏ ସବୁ କିଛି ବିଗ୍ୱର ନ କରି କେବଳ ଯୁଦ୍ଧାର୍ଥେ ଯୁଦ୍ଧକର ଏବଂ ଏପରି ଯୁଦ୍ଧକଲେ ତୁମେ କେବେହେଲେ ପାପ ଆଚରଣ କରିବ ନାହିଁ ।**

## ଭାବାର୍ଥ

ବର୍ତ୍ତମାନ ଭଗବାନ୍ ଶ୍ରୀକୃଷ୍ଣ ପ୍ରତ୍ୟକ୍ଷ ଭାବରେ କହୁଛନ୍ତି, କେବଳ ଯୁଦ୍ଧାର୍ଥେ ଅର୍ଜୁନ ଯୁଦ୍ଧ କରିବା ଉଚିତ୍; କାରଣ ସେ ଯୁଦ୍ଧ ଗ୍ୱହୁଁଛନ୍ତି । କୃଷ୍ଣଚେତନା ବିଧିରେ ବା କୃଷ୍ଣ-କର୍ମରେ ସୁଖ-ଦୁଃଖ, ଲାଭ-କ୍ଷତି କିମ୍ବା ଜୟ-ପରାଜୟର ବିଗ୍ୱର ନାହିଁ । ସବୁକିଛି କୃଷ୍ଣଙ୍କ ନିମିତ୍ତ କରାଯିବା ଉଚିତ୍-ଏହା ହେଉଛି ଦିବ୍ୟ-ଚେତନା । ଏପରି ହେଲେ ଭୌତିକ ଜଗତରେ କର୍ମ କଲେସୁଦ୍ଧା କୌଣସି ପ୍ରତିକ୍ରିୟା ଭୋଗ କରିବାକୁ ପଡ଼ିବନାହିଁ । ଯେ ନିଜର ଇନ୍ଦ୍ରିୟ ତୃପ୍ତିପାଇଁ କର୍ମକରେ-ସତ୍ତ୍ୱଗୁଣରେ ହେଉ ବା ରଜୋଗୁଣରେ ହେଉ, ଯାହାହେଲେ ବି ପ୍ରତିକ୍ରିୟା ଅଛି । ଭଲ ବା ମନ୍ଦ ପ୍ରତିକ୍ରିୟା ଅଛି । କିନ୍ତୁ ଯେ କୃଷ୍ଣ ଚେତନାରେ ରହି କୃଷ୍ଣଚରଣାରବିନ୍ଦରେ ସମ୍ପୂର୍ଣ୍ଣରୂପେ ଆତ୍ମ-ସମର୍ପଣ କରିଛି ତା'ର ଆଉ କୌଣସି ପ୍ରକାର କୃତଜ୍ଞତା ପ୍ରକାଶ କରିବାର ନାହିଁ । ସାଧାରଣତଃ ସାମାଜିକ କ୍ଷେତ୍ରରେ ବ୍ୟକ୍ତି ଅନେକଙ୍କ ପ୍ରତି କୃତଜ୍ଞତା ପାଶରେ ଆବଦ୍ଧ ହୁଏ; କିନ୍ତୁ ସମ୍ପୂର୍ଣ୍ଣରୂପେ କୃଷ୍ଣଙ୍କ ପଦାରବିନ୍ଦରେ ଆତ୍ମସମର୍ପଣ କଲେ ବ୍ୟକ୍ତି ଆଉ କାହାରିଠାରେ କୌଣସି ପ୍ରକାର କୃତଜ୍ଞତା ପାଶରେ ଆବଦ୍ଧ ହୁଏ ନାହିଁ । କୁହାଯାଇଛି :

*''ଦେବର୍ଷି-ଭୂତାପ୍ତ-ନୃଣାଂ ପିତୃଣାଂ ନ କିଙ୍କରୋ ନାୟମୃଣୀ ଚ ରାଜନ୍ ।*
*ସର୍ବାତ୍ମନା ଯଃ ଶରଣଂ ଶରଣ୍ୟମ୍ ଗତୋ ମୁକୁନ୍ଦମ୍ ପରିହୃତ୍ୟ କର୍ତମ୍ ।।*

(ଭାଗ-୧୧-୫-୪୧)

ଅର୍ଥାତ୍ ''ଯେଉଁ ବ୍ୟକ୍ତି ସମସ୍ତ ତ୍ୟାଗକରି ସମ୍ପୂର୍ଣ୍ଣରୂପେ ମୁକୁନ୍ଦ (ଅର୍ଥାତ୍ କୃଷ୍ଣ)ଙ୍କ ଠାରେ ଆତ୍ମସମର୍ପଣ କରିଛି, ସେ ଆଉ କାହାରିଠାରେ ଋଣୀ ନୁହେଁ କିମ୍ବା କାହାରି ପ୍ରତି କୃତଜ୍ଞ ନୁହେଁ ।'' ପରୋକ୍ଷ ଭାବରେ ଭଗବାନ୍ ଶ୍ରୀକୃଷ୍ଣ ଏ ଶ୍ଳୋକରେ ଅର୍ଜୁନଙ୍କୁ ଏହି ସୂଚନା ଦେଉଛନ୍ତି ଏବଂ ଏହା ପରବର୍ତ୍ତୀ ଶ୍ଳୋକମାନଙ୍କରେ ଭଲଭାବରେ ବ୍ୟାଖ୍ୟା କରାଯିବ ।

## ଶ୍ଳୋକ - ୩୯

**ଏଷା ତେଽଭିହିତା ସାଂଖ୍ୟେ ବୁଦ୍ଧିର୍ଯୋଗେ ତ୍ୱିମାଂ ଶୃଣୁ ।**
**ବୁଦ୍ଧ୍ୟା ଯୁକ୍ତୋ ଯୟା ପାର୍ଥ କର୍ମବନ୍ଧଂ ପ୍ରହାସ୍ୟସି ।। ୩୯ ।।**

## ଶବ୍ଦାନୁବାଦ

ଏଷା=ଏ ସବୁ; ତେ=ତୁମପ୍ରତି; ଅଭିହିତା=ବର୍ଣ୍ଣିତହେଲା; ସାଂଖ୍ୟେ=ସାଂଖ୍ୟଯୋଗରେ (ବିଶ୍ଳେଷଣାତ୍ମକ ମାର୍ଗରେ); ବୁଦ୍ଧିଃ=ବୁଦ୍ଧି; ଯୋଗେ=କାମନା ଶୂନ୍ୟ ହୋଇ କର୍ମ କର; ତୁ=କିନ୍ତୁ; ଇମାମ୍=ଏହି; ଶୃଣୁ=ଶୁଣ; ବୁଦ୍ଧ୍ୟା=ବୁଦ୍ଧି ଯୋଗରେ; ଯୁକ୍ତଃ=ଯୁକ୍ତ; ଯୟା=ଯାହାଦ୍ୱାରା; ପାର୍ଥ=ହେ ପୃଥାପୁତ୍ର; କର୍ମ-ବନ୍ଧମ୍=କର୍ମବନ୍ଧନ; ପ୍ରହାସ୍ୟସି=ତୁମେ ମୁକ୍ତ ହୋଇପାରିବ ।

## ଅନୁବାଦ

**ମୁଁ ଏପର୍ଯ୍ୟନ୍ତ ତୁମକୁ ସାଂଖ୍ୟ ଦର୍ଶନ କଥା କହିଲି । ବର୍ତ୍ତମାନ ଯୋଗ କଥା ଶୁଣ, ତଦ୍ଦ୍ୱାରା ବ୍ୟକ୍ତି ଫଳର ଆଶା ନ ରଖି କର୍ମକରେ । ହେ ପୃଥାପୁତ୍ର ! ତୁମେ ଯେତେବେଳେ ଏହି ବୁଦ୍ଧିର (ଯୋଗର) ବର୍ଶବର୍ତ୍ତୀ ହୋଇ କର୍ମ କରିବ, ସେତେବେଳେ ତୁମେ କର୍ମବନ୍ଧନରୁ ମୁକ୍ତ ହୋଇଯିବ ।**

## ଭାବାର୍ଥ

'ନିରୁକ୍ତି' ବା ବୈଦିକ ଅଭିଧାନ ଅନୁଯାୟୀ 'ସାଂଖ୍ୟ' ଶବ୍ଦର ଅର୍ଥ ହେଲା ଯାହା ଗୋଚର ପଦାର୍ଥର ସବିଶେଷ ବିବରଣ ଦିଏ ଏବଂ 'ସାଂଖ୍ୟ' କହିଲେ ସେହି ଦର୍ଶନକୁ ବୁଝାଏ ଯାହା ଆତ୍ମାର ପ୍ରକୃତ ସ୍ୱରୂପ ଦର୍ଶାଏ ଏବଂ 'ଯୋଗ' ଇନ୍ଦ୍ରିୟ ସଂଯମକୁ ବୁଝାଏ । ଅର୍ଜୁନ ଯେଉଁ ବିଗ୍ରହଧାରା ନେଇଛନ୍ତି ଯେ ସେ ଯୁଦ୍ଧ କରିବେ ନାହିଁ, - ଏହା ଇନ୍ଦ୍ରିୟତୃପ୍ତି ଉପରେ ଆଧାରିତ । ତାଙ୍କର ପରମ କର୍ତ୍ତବ୍ୟକୁ ସେ ଭୁଲିଯାଇ ସେ ଯୁଦ୍ଧରୁ ବିରତ ହେବାକୁ ଇଚ୍ଛା କରୁଛନ୍ତି, କାହିଁକିନା ସେ ଭାବୁଛନ୍ତି ଯେ ଯୁଦ୍ଧରେ ଧୃତରାଷ୍ଟ୍ରଙ୍କ ପୁତ୍ର, ତାଙ୍କର ଭାଇ-ବନ୍ଧୁ-କୁଟୁମ୍ବଙ୍କୁ ବିନାଶକରି ରାଜ୍ୟ ଭୋଗ କରିବା ଅପେକ୍ଷା ସେମାନଙ୍କୁ ନମାରିବା ହିଁ ଭଲ ହେବ । ତଦ୍ଦ୍ୱାରା ସେ ଅଧିକ ସୁଖୀ ହେବେ । ଉଭୟଦିଗରୁ ବିଗ୍ରହ କଲେ ଜଣାଯିବ ଯେ, ମୌଳିକ ନୀତିହେଲା ଇନ୍ଦ୍ରିୟତୃପ୍ତି । ଆତ୍ମୀୟସ୍ୱଜନ-ଭାଇ-ବନ୍ଧୁ-କୁଟୁମ୍ବଙ୍କୁ ଜୟ କରିବା ଦ୍ୱାରା ଯେଉଁ ସୁଖ ମିଳିବ-ଏ ଉଭୟ ସୁଖ ଇନ୍ଦ୍ରିୟତୃପ୍ତି ଉପରେ ଆଧାରିତ, କାରଣ ଏତଦ୍ଦ୍ୱାରା ଜ୍ଞାନ ଓ କର୍ତ୍ତବ୍ୟକୁ ବଳି ଦିଆଯାଉଅଛି ।

ତେଣୁ ଶ୍ରୀକୃଷ୍ଣ ବୁଝାଇଦେବାକୁ ଚେଷ୍ଟା କରୁଛନ୍ତି ଯେ ତାଙ୍କର ପିତାମହଙ୍କ ଶରୀରକୁ ବିନାଶ କରିବା ଦ୍ୱାରା ସେ ତାଙ୍କର ଆତ୍ମାକୁ ବିନାଶ କରୁନାହାନ୍ତି ଏବଂ ସେ ପୁଣି ବୁଝାଇକରି କହୁଛନ୍ତି ଯେ ସମସ୍ତ ବ୍ୟକ୍ତି- ଏପରିକି ଭଗବାନଙ୍କ ସମତେ ସମସ୍ତ ବ୍ୟକ୍ତି ଶାଶ୍ୱତଭାବେ ଜଣେ ଜଣେ ଆତ୍ମା ଅଟନ୍ତି । ସେମାନେ ଅତୀତରେ ଜଣେ ଜଣେ ଆତ୍ମା ଥିଲେ, ବର୍ତ୍ତମାନ ଅଛନ୍ତି ଏବଂ ଭବିଷ୍ୟତରେ ରହିବେ, କାରଣ ଆମ୍ଭେମାନେ ସମସ୍ତେ ଶାଶ୍ୱତଭାବେ ଜଣେ ଜଣେ ଆତ୍ମା ଅଟୁ ଏବଂ କେବଳ ଆମ୍ଭେମାନେ ଏ ଶରୀରରୂପ ପୋଷାକକୁ ବିଭିନ୍ନ ପ୍ରକାରେ ବଦଳାଇ ଚାଲିଛୁ । କିନ୍ତୁ ବାସ୍ତବରେ ଆମ୍ଭେମାନେ ଏ ଭୌତିକ ବନ୍ଧନ ଅର୍ଥାତ୍ ଏ ଭୌତିକ ଶରୀର ବନ୍ଧନରୁ ମୁକ୍ତ ହେଲାପରେ ମଧ୍ୟ ଜଣେ ଜଣେ ସ୍ୱତନ୍ତ୍ର ଆତ୍ମାଭାବରେ ରହିବା । ଆମର ସେ ସ୍ୱତନ୍ତ୍ରତାକୁ ଆମେ ବଜାୟ ରଖିବା । ଆତ୍ମା ଏବଂ ଶରୀର ସମ୍ବନ୍ଧରେ ଭଗବାନ୍ ଶ୍ରୀକୃଷ୍ଣ ଏକ ବିଶ୍ଳେଷଣାତ୍ମକ ବିଗ୍ରହ ଦେଇଛନ୍ତି । ବିଭିନ୍ନ ଦୃଷ୍ଟିକୋଣରୁ ଭଗବାନ୍ ଶ୍ରୀକୃଷ୍ଣ ଆତ୍ମା ଓ ଶରୀର ସମ୍ବନ୍ଧରେ ଏ ଯେଉଁ ବିଗ୍ରହ ଦେଲେ ବା ଜ୍ଞାନ ପ୍ରଦାନ କଲେ 'ନିରୁକ୍ତି'

ଅଭିଧାନ ଅନୁଯାୟୀ ତାହାକୁ ଏଠାରେ 'ସାଂଖ୍ୟ' ବୋଲି କୁହାଯାଉଅଛି । ଏ 'ସାଂଖ୍ୟ' ନାସ୍ତିକ କପିଳଙ୍କର ସାଂଖ୍ୟଦର୍ଶନ ନୁହେଁ । ନାସ୍ତିକ କପିଳ ତାଙ୍କର ସାଂଖ୍ୟଦର୍ଶନ ପ୍ରକାଶ କରିବାର ବହୁତ ପୂର୍ବରୁ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର କପିଳ ଅବତାରରେ ଶ୍ରୀମଦ୍ ଭାଗବତରେ ସାଂଖ୍ୟଦର୍ଶନ ତାଙ୍କ ମାତା ଦେବହୂତୀଙ୍କ ସମକ୍ଷରେ ପ୍ରକାଶ କରିଯାଇଛନ୍ତି । ସେ ପରିଷ୍କାର ଭାବରେ କହିଛନ୍ତି ଯେ ପୁରୁଷ ବା ପରମପୁରୁଷ ଭଗବାନ୍ କ୍ରିୟାଶୀଳ ଅଟନ୍ତି ଏବଂ ସେ ପ୍ରକୃତି ଉପରେ କଟାକ୍ଷପାତ କରି ସୃଷ୍ଟି କରନ୍ତି । ଏହା ବେଦରେ ତଥା ଗୀତାରେ ମଧ୍ୟ ସ୍ୱୀକୃତ ହୋଇଅଛି । ବେଦରେ ଦିଆଯାଇଥିବା ବର୍ଣ୍ଣନାରୁ ଜଣାଯାଏ ଯେ ଭଗବାନ୍ ପ୍ରକୃତି ଉପରେ କଟାକ୍ଷପାତ କରନ୍ତି ଏବଂ ତଦ୍ୱାରା ସେ ପ୍ରକୃତି ମଧ୍ୟରେ ଅଣୁ ଆତ୍ମାମାନଙ୍କୁ ଭରିଦେଇ ତାକୁ ଗର୍ଭବତୀ କରାନ୍ତି । ଏ ସମସ୍ତ ଜୀବାତ୍ମା ଭୌତିକ ଜଗତରେ ଇନ୍ଦ୍ରିୟ ତୃପ୍ତି ନିମିତ୍ତ କାର୍ଯ୍ୟ କରନ୍ତି ଏବଂ ମାୟାଶକ୍ତି ପ୍ରଭାବରେ ସେମାନେ ନିଜକୁ ଭୋକ୍ତା ବା ଉପଭୋଗକାରୀ ବୋଲି ଭାବନ୍ତି । ଏ ପ୍ରକାର ମନୋବୃତ୍ତି ସେମାନଙ୍କୁ ଏହି ଅନ୍ତିମ ସ୍ତରକୁ ନିଏ । ଯେଉଁଠାରେ ସେମାନେ ଭଗବାନଙ୍କସହ ଏକ ହେବାକୁ ଇଚ୍ଛା କରନ୍ତି । ଏହା ହେଉଛି ମାୟାର ଶେଷ ଯନ୍ତା ବା ଇନ୍ଦ୍ରିୟ ତୃପ୍ତିଜନିତ ମାୟାର ଶେଷ ଯନ୍ତା ଏବଂ ଏମାନେ ଇନ୍ଦ୍ରିୟ ତୃପ୍ତିଜନିତ କାର୍ଯ୍ୟରେ ରତହୋଇ ଅନେକ ଜନ୍ମ ବିତାନ୍ତି । ଏପରି ବିତାଇଲାପରେ କୌଣସି ଏକ ମହାତ୍ମା ବାସୁଦେବ ବା ଭଗବାନ୍ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହୁଏ । ଏତଦ୍ୱାରା ସେ ପରମ ସତ୍ୟାନୁସନ୍ଧାନକୁ ଶେଷ କରେ ।

ଭଗବାନ୍ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ଆତ୍ମସମର୍ପଣ କରି ଅର୍ଜୁନ ତାଙ୍କୁ ଗୁରୁରୂପେ ଗ୍ରହଣ କରିନେଇଛନ୍ତି- *"ଶିଷ୍ୟ ତେଽହମ୍ ସାଧି ମାଂ ତ୍ୱାଂ ପ୍ରପନ୍ନମ୍ ।"* ଫଳସ୍ୱରୂପ କୃଷ୍ଣ ବର୍ତ୍ତମାନ ତାଙ୍କୁ ବୁଦ୍ଧିଯୋଗ ବା କର୍ମଯୋଗ ପଦ୍ଧତି କଥା କହିବେ; କିମ୍ବା ଅନ୍ୟ କଥାରେ ଭକ୍ତିଯୋଗ କଥା କହିବେ । ଭକ୍ତିଯୋଗରେ ଭଗବାନଙ୍କ ଇନ୍ଦ୍ରିୟକୁ ତୃପ୍ତି ପ୍ରଦାନ କରାଯାଏ । ଏହି ବୁଦ୍ଧିଯୋଗ କଥା ଦଶମ ଅଧ୍ୟାୟର ଦଶମ ଶ୍ଳୋକରେ ପରିଷ୍କାର ଭାବରେ କୁହାଯାଇଅଛି । ଏହା ହେଉଛି ଭଗବାନଙ୍କ ସହ ପ୍ରତ୍ୟକ୍ଷ ସଂଯୋଗ ସ୍ଥାପନ । ପ୍ରତ୍ୟେକଙ୍କ ହୃଦୟରେ ଭଗବାନ୍ ପରମାତ୍ମା ରୂପରେ ଅଛନ୍ତି । ସେହି ଭଗବାନଙ୍କ ସହ ସିଧାସଳଖ ସମ୍ବନ୍ଧ ସ୍ଥାପନ କରିବା ହେଉଛି ବୁଦ୍ଧିଯୋଗ । କିନ୍ତୁ ଭଗବଦ୍ ସେବା ବ୍ୟତୀତ ଏ ପ୍ରକାର ସମ୍ବନ୍ଧ କଦାପି ସ୍ଥାପନ କରାଯାଇ ପାରିବ ନାହିଁ । ତେଣୁ ଯେ ଭଗବାନଙ୍କର ଦିବ୍ୟ ସେବାରେ ନିଯୁକ୍ତ ଅଛି, ଅର୍ଥାତ୍ କୃଷ୍ଣ ଚେତନାରେ ଅଛି ସେହିଁ ଭଗବାନଙ୍କର ସ୍ୱତନ୍ତ୍ର କୃପାହେତୁ ଏ ବୁଦ୍ଧିଯୋଗ ଲାଭକରେ । ତେଣୁ ଭଗବାନ୍ କହୁଛନ୍ତି, ଯେଉଁମାନେ ସର୍ବଦା ଦିବ୍ୟ ପ୍ରେମବଶତଃ ତାଙ୍କର ସେବାରେ ନିଯୁକ୍ତ ହୋଇଛନ୍ତି ସେହିମାନଙ୍କୁ ସେ ଏ ଭକ୍ତିଯୋଗ-ବିଜ୍ଞାନ ପ୍ରଦାନ କରନ୍ତି । ଏହିପରି ଭାବରେ ଭକ୍ତ ଚିର ଆନନ୍ଦମୟ ଭଗବଦ୍‌ଧାମରେ ଖୁବ୍ ସହଜରେ ଭଗବାନଙ୍କ ପାଖରେ ପହଞ୍ଚିପାରିବ ।

ଏହିପରି ଭାବରେ ଏ ଶ୍ଳୋକରେ ଯେଉଁ ବୁଦ୍ଧିଯୋଗ କଥା କୁହାଯାଇଅଛି, ତାହା ହେଉଛି ଭଗବତ୍ ସେବା ବା ଭକ୍ତିଯୋଗ ଏବଂ ଏଠାରେ ଯେଉଁ 'ସାଂଖ୍ୟ' କଥା କୁହାଯାଇଅଛି ତାହା ନାସ୍ତିକବାଦୀ କପିଳଙ୍କର 'ସାଂଖ୍ୟଯୋଗ' ନୁହେଁ । ଏଠାରେ ବର୍ଣ୍ଣିତ ସାଂଖ୍ୟଯୋଗର ନାସ୍ତିକବାଦୀ କପିଳଙ୍କର 'ସାଂଖ୍ୟ' ସହିତ କୌଣସି ସମ୍ପର୍କ ନାହିଁ । କେହି ଭୁଲରେ ଏହା ବୁଝିବା ଉଚିତ୍ ନୁହେଁ । ସେ ସମୟରେ ନାସ୍ତିକବାଦୀ ସାଂଖ୍ୟଯୋଗର କୌଣସି ପ୍ରଭାବ ନଥିଲା କିମ୍ବା ଭଗବାନ୍

ଶ୍ରୀକୃଷ୍ଣ ନାସ୍ତିକବାଦୀ ସାଂଖ୍ୟଦର୍ଶନ କଥା କହିନାହାଁନ୍ତି । ପ୍ରକୃତ ସାଂଖ୍ୟ ଦର୍ଶନ ଭଗବାନ୍ କପିଳଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତମ୍‌ରେ ବର୍ଣ୍ଣନା କରାଯାଇଅଛି; କିନ୍ତୁ ଏପରି କି ସେ ସାଂଖ୍ୟକଥା ଏଠାରେ କିଛି କୁହାଯାଇ ନାହିଁ । ଏଠାରେ ସାଂଖ୍ୟ କହିଲେ ଶରୀର ଏବଂ ଆତ୍ମା ସମ୍ବନ୍ଧୀୟ ବିଶ୍ଳେଷଣାତ୍ମକ ବିବରଣକୁ ବୁଝାଏ । ଭଗବାନ୍ ଶ୍ରୀକୃଷ୍ଣ ଆତ୍ମା ସମ୍ବନ୍ଧୀୟ ଏକ ବିଶ୍ଳେଷଣାତ୍ମକ ବିବରଣ ଦେଲେ; କାହିଁକିନା, ଅର୍ଜୁନଙ୍କୁ ବୁଦ୍ଧିଯୋଗ ବା ଭକ୍ତିଯୋଗ ସ୍ତରକୁ ଆଣିବା ନିମିତ୍ତ ଭଗବାନ୍ ଶ୍ରୀକୃଷ୍ଣ ଏ ବିବରଣ ଦେଲେ । ତେଣୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ସାଂଖ୍ୟ ଏବଂ ଶ୍ରୀମଦ୍ ଭାଗବତମ୍‌ରେ କୁହାଯାଇଥିବା ଶ୍ରୀ କପିଳଦେବଙ୍କ ସାଂଖ୍ୟ ଏକ ଏବଂ ଅଭିନ୍ନ ଅଟନ୍ତି । ସେ ସବୁ ଭକ୍ତିଯୋଗ । ତେଣୁ ସେ କହିଛନ୍ତି କେବଳ ଅଳ୍ପବୁଦ୍ଧିସମ୍ପନ୍ନ ଲୋକେ ସାଂଖ୍ୟଯୋଗ ଓ ଭକ୍ତିଯୋଗ ମଧ୍ୟରେ ଭେଦ ସୃଷ୍ଟିକରନ୍ତି ।

ଅବଶ୍ୟ ନାସ୍ତିକବାଦୀ 'ସାଂଖ୍ୟଯୋଗ'ର ଭକ୍ତିଯୋଗ ସହିତ କୌଣସି ସମ୍ପର୍କ ନାହିଁ, ତଥାପି ଅଳ୍ପବୁଦ୍ଧି ସମ୍ପନ୍ନ ଲୋକେ କହନ୍ତି ଯେ ଭଗବଦ୍ ଗୀତାରେ ସେହି ନାସ୍ତିକବାଦୀ ସାଂଖ୍ୟଯୋଗ କଥା କୁହାଯାଇଅଛି ।

ତେଣୁ ବ୍ୟକ୍ତି ଏକଥା ଜାଣିରଖିବା ଉଚିତ୍ ଯେ ପୂର୍ଣ୍ଣ କୃଷ୍ଣଚେତନାରେ ପୂର୍ଣ୍ଣଆନନ୍ଦ ଓ ଜ୍ଞାନ ଭୂମିକାରେ ଭଗବାନଙ୍କର ସେବାରତ ହେବା ବା କାମ କରିବା ଅର୍ଥ ବୁଦ୍ଧିଯୋଗ ଅବଲମ୍ବନ କରିବା । ଯେଉଁ ବ୍ୟକ୍ତି କେବଳ ଭଗବାନଙ୍କ ଆନନ୍ଦ ନିମିତ୍ତ କାମ କରେ, ସେ କାମ ଯେତେ କଷ୍ଟକର ହେଉ ପଛକେ, ସେ ବୁଦ୍ଧିଯୋଗରେ ବଶବର୍ତ୍ତୀ ହୋଇ କାମ କରୁଛି ବୋଲି ବୁଝାଯିବ ଏବଂ ସେଥିରେ ସେ ସର୍ବଦା ଦିବ୍ୟ ଆନନ୍ଦ ଲାଭ କରେ । ଏପ୍ରକାର ଦିବ୍ୟ କର୍ମରେ ନିଯୁକ୍ତ ହେବାଦ୍ୱାରା ଭଗବାନଙ୍କ କୃପାରୁ ବ୍ୟକ୍ତି ସ୍ୱତଃ ଦିବ୍ୟଗୁଣ ଲାଭକରେ ଏବଂ ଏହିପରି ଭାବରେ ତା'ର ମୁକ୍ତି ସଂପୂର୍ଣ୍ଣ ହୋଇଯାଏ ଏବଂ ଏଥିପାଇଁ ତାକୁ ଜ୍ଞାନଲାଭ ନିମିତ୍ତ ଆଉ ଅଧିକା ପ୍ରଚେଷ୍ଟା କରିବାକୁ ପଡ଼େନାହିଁ । କୃଷ୍ଣ ଚେତନାରେ କାମ କରିବା ଏବଂ ସକାମ କର୍ମ ବା ଫଳଲାଭ ଆଶାରେ କାମ କରିବା ମଧ୍ୟରେ ବହୁତ ପାର୍ଥକ୍ୟ ଅଛି । ବିଶେଷକରି ଇନ୍ଦ୍ରିୟ ତୃପ୍ତି ନିମିତ୍ତ- ପରିବାରକୁ ଆନନ୍ଦ ଦେବା ନିମିତ୍ତ ବା ଭୌତିକ ସୁଖଲାଭ କରିବା ନିମିତ୍ତ ଯେଉଁ କର୍ମ କରାଯାଏ, ତାହା ହେଉଛି ସକାମ କର୍ମ । ଏହି ସକାମ କର୍ମ ଓ କୃଷ୍ଣକର୍ମ ମଧ୍ୟରେ ବହୁତ ପାର୍ଥକ୍ୟ ଅଛି । ତେଣୁ ବୁଦ୍ଧିଯୋଗ ହେଉଛି ଆମ୍ଭେମାନେ କରୁଥିବା କର୍ମର ଦିବ୍ୟଗୁଣ ।

## ଶ୍ଳୋକ - ୪୦

**ନେହାଭିକ୍ରମନାଶୋଽସ୍ତି ପ୍ରତ୍ୟବାୟୋ ନ ବିଦ୍ୟତେ ।**
**ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ।। ୪୦ ।।**

## ଶବ୍ଦାନୁବାଦ

ନ=ନାହିଁ; ଇହ=ଏହି ପୃଥିବୀରେ; ଅଭିକ୍ରମ=ପ୍ରଚେଷ୍ଟା; ନାଶଃ=ନଷ୍ଟ; ଅସ୍ତି=ଅଛି; ପ୍ରତ୍ୟବାୟଃ=ହ୍ରାସ; ନ=ନାହିଁ; ବିଦ୍ୟତେ=ଅଛି; ସ୍ୱଳ୍ପମ୍=ଅଳ୍ପ; ଅପି=ଯଦିଓ; ଅସ୍ୟ=ଏହାର; ଧର୍ମସ୍ୟ=ଏହି କର୍ମର; ତ୍ରାୟତେ=ତ୍ରାଣ କରେ; ମହତଃ=ମହାନ୍; ଭୟାତ୍=ବିପଦରୁ ।

## ଅନୁବାଦ

**ଏହି ପ୍ରଚେଷ୍ଟାରେ କିଛି ନଷ୍ଟ ହୁଏନାହିଁ ବା କୌଣସି ହାନି ନାହିଁ ଏବଂ ଏହି ମାର୍ଗରେ କିଛି ଅଗ୍ରଗତି କଲେ ବ୍ୟକ୍ତି ଅତି ବିପଜ୍ଜନକ ଅବସ୍ଥାରୁ ରକ୍ଷା ପାଇପାରେ ।**

## ଭାବାର୍ଥ

କୃଷ୍ଣ ଚେତନାରେ କାମ କରିବା ବା କୌଣସି ଇନ୍ଦ୍ରିୟତୃପ୍ତିର କାମନା ନରଖି କୃଷ୍ଣଙ୍କ ନିମିତ୍ତ କାମ କରିବା ହେଉଛି କର୍ମାନୁଷ୍ଠାନର ସର୍ବୋଚ୍ଚ ଦିବ୍ୟଗୁଣ । ଏପରିକି ଏ ଦିଗରେ ଯେ ଅଳ୍ପ କିଛି ହିଁ କରିଛି, ସେ ମଧ୍ୟ କୌଣସି ବାଧାପ୍ରାପ୍ତ ହୁଏନାହିଁ କି ସେ ସ୍ୱଳ୍ପ କର୍ମ ମଧ୍ୟ କୌଣସି ସ୍ତରରେ ନଷ୍ଟ ହୁଏନାହିଁ । ଭୌତିକ ସ୍ତରର ଯେଉଁ କାର୍ଯ୍ୟ କରାଯାଏ, ତାକୁ ସଂପୂର୍ଣ୍ଣ କରିବାକୁ ହେବ, ନଚେତ୍ ସମସ୍ତ ପ୍ରଚେଷ୍ଟା ପଣ୍ଡ ହୋଇଯିବ । କିନ୍ତୁ କୃଷ୍ଣ ଚେତନାରେ ଯେଉଁ କର୍ମ ଆରମ୍ଭ କରାଯାଇଛି, ତାହା ଶେଷ ନ ହୋଇଥିଲେ ମଧ୍ୟ ତାହାର ସ୍ଥାୟୀ ଫଳ ଅଛି । କୃଷ୍ଣ ଚେତନାରେ କରାଯାଇଥିବା କର୍ମ ଅସଂପୂର୍ଣ୍ଣ ହେଲେ ସୁଦ୍ଧା ସେ କର୍ମର କର୍ତ୍ତାର କିଛି କ୍ଷତି ହୁଏ ନାହିଁ । କୃଷ୍ଣ ଚେତନାରେ ଶତକଡ଼ା ଏକଭାଗ କର୍ମ ହୋଇଥିଲେ ସୁଦ୍ଧା ତାହାର ସ୍ଥାୟୀ ଫଳ ଅଛି । ତେଣୁ ପରେ ଯେତେବେଳେ ତାହା ଆରମ୍ଭ କରାଯିବ, ତାହା ଶତକଡ଼ା ଦୁଇ ଭାଗରୁ ଆରମ୍ଭ କରାଯିବ । କିନ୍ତୁ ଭୌତିକ ସ୍ତରରେ ଯେଉଁ କର୍ମ କରାଯାଏ, ସେଥିରେ ପୂର୍ଣ୍ଣ ସଫଳତା ଲାଭ ନ ହେଲେ କୌଣସି ଲାଭ ନାହିଁ । ଅଜାମିଳ ଶତକଡ଼ା ଖୁବ୍ କମଭାଗ କର୍ମ କୃଷ୍ଣ ଚେତନାରେ କରିଥିଲେ; କିନ୍ତୁ ଶେଷରେ ଭଗବାନଙ୍କ କୃପାରୁ ସେ ଯେଉଁ ଫଳ ପାଇଲେ ତାହା ପରିପୂର୍ଣ୍ଣ ଅଟେ, ଅର୍ଥାତ୍ ଶତକଡ଼ା ଶହେଭାଗ ଅଟେ । ଏ ସମ୍ବନ୍ଧରେ ଶ୍ରୀମଦ୍ ଭାଗବତମ୍‌ରେ ଏକ ସୁନ୍ଦରଶ୍ଳୋକ ଅଛି :—

*''ତ୍ୟକ୍ତ୍ୱା ସ୍ୱଧର୍ମଂ ଚରଣାମ୍ବୁଜଂ ହରେର୍*
*ଭଜନ ନ ପକ୍ୱୋଽଥ ପତେଦ୍ ତତୋ ଯଦି ।*
*ଯତ୍ର କ୍ୱ ବାଭଦ୍ରମ୍ ଅଭୂଦ୍ ଅମୁଷ୍ୟ କିଂ*
*କୋ ବାର୍ଥ ଆପ୍ତୋଽଭଜତାମ୍ ସ୍ୱଧର୍ମତଃ ।।''*

ଅର୍ଥାତ୍ ''ଯଦି କୌଣସି ବ୍ୟକ୍ତି ନିଜ ବ୍ୟକ୍ତିଗତ ଲାଭ ଉଠାଉଥିବା କର୍ମକୁ ତ୍ୟାଗ କରି କୃଷ୍ଣ ଚେତନାରେ କର୍ମକରେ ଏବଂ ସେ କର୍ମ ପୂରାକରି ନପାରି ଯଦି ଅଧୋପତିତ ହୁଏ, ତାହାହେଲେତା'ର କ'ଣ କ୍ଷତି ହୁଏ ? ଯଦି କେହି ତା'ର ଭୌତିକ କର୍ମ ସଂପୂର୍ଣ୍ଣଭାବେ ସମ୍ପାଦନ କରିଥାଏ, ତେବେ ତାର କ'ଣ ଲାଭ ହୁଏ ?'' (ଭାଗବତମ୍ ୧-୫-୧୭); କିମ୍ବା ଖ୍ରୀଷ୍ଟିୟାନମାନେ କହନ୍ତି, ''ଯଦି କୌଣସି ବ୍ୟକ୍ତି ତା'ର ଶାଶ୍ୱତ ଆତ୍ମାକୁ ହରାଏ ଏବଂ ସମଗ୍ର ପୃଥିବୀକୁ ଲାଭ କରେ, ଏଥିରେ ତା'ର କି ଲାଭ ହୁଏ ?''

ଭୌତିକ କର୍ମ ଓ ତା'ର ଫଳ ଏହି ଶରୀର ନଷ୍ଟହେବା ସଙ୍ଗେସଙ୍ଗେ ନଷ୍ଟ ହୋଇଯାଏ । କିନ୍ତୁ କୃଷ୍ଣ ଚେତନାରେ କରାଯାଉଥିବା କର୍ମ, ଏ ଶରୀର ନଷ୍ଟ ହେଲାପରେ ମଧ୍ୟ ବ୍ୟକ୍ତିକୁ ପୁନର୍ବାର କୃଷ୍ଣଚେତନା ସ୍ତରକୁ ଟାଣିନିଏ । ପର ଜନ୍ମରେ ବ୍ୟକ୍ତି ନିଶ୍ଚୟ ଏ ଦିଗରେ ସୁବିଧା ପାଏ । ସେ ଏକ ଯୋଗ୍ୟ ବ୍ରାହ୍ମଣ କୁଳରେ ଜନ୍ମଲାଭ କରେ କିମ୍ବା ଏକ ଧନାଢ଼୍ୟ ପରିବାରରେ

ଜନ୍ମଲାଭ କରି କୃଷ୍ଣଚେତନା ଲାଭ କରିବାର ସୁଯୋଗ ପୁନର୍ବାର ଲାଭ କରେ ।କୃଷ୍ଣ ଚେତନାରେ କାମ କରିବାର ଏହା ହେଉଛି ବିଚିତ୍ର ଗୁଣ ।

## ଶ୍ଳୋକ - ୪୧

**ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନନ୍ଦନ ।**
**ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟିନାମ୍ ।। ୪୧ ।।**

## ଶବ୍ଦାନୁବାଦ

ବ୍ୟବସାୟାତ୍ମିକା=ଏକାନ୍ତ କୃଷ୍ଣଚେତନା; ବୁଦ୍ଧିଃ=ବୁଦ୍ଧି; ଏକା=ଏକମାତ୍ର; ଇହ=ଏହି ସଂସାରରେ; କୁରୁ-ନନ୍ଦନ=ହେ କୁରୁବଂଶର ପ୍ରିୟସନ୍ତାନ; ବହୁଶାଖାଃ=ବହୁଶାଖା; ହି=ବାସ୍ତବିକ; ଅନନ୍ତାଃ=ଅନନ୍ତ;ଚ=ମଧ୍ୟ; ବୁଦ୍ଧୟଃ=ବୁଦ୍ଧି; ଅବ୍ୟବସାୟିନାମ୍=ଯେଉଁ ମାନେ କୃଷ୍ଣଚେତନାରେ ନଥା'ନ୍ତି ସେହିମାନଙ୍କର ।

## ଅନୁବାଦ

**ଯେଉଁମାନେ ଏହି ମାର୍ଗରେ ପଥିକ ସେମାନେ ଦୃଢ଼ନିଶ୍ଚିତ ଏବଂ ସେମାନଙ୍କର ଲକ୍ଷ୍ୟ ହେଉଛି ଏକ । ହେ କୁରୁବଂଶର ପ୍ରିୟ ସନ୍ତାନ ! ଯେଉଁମାନେ ଦୃଢ଼ ନିଶ୍ଚିତ ନୁହଁନ୍ତି ସେମାନଙ୍କର ବୁଦ୍ଧି ଅନେକ ଶାଖା-ପ୍ରଶାଖାରେ ବିସ୍ତୃତ ।**

## ଭାବାର୍ଥ

କୃଷ୍ଣଚେତନାରେ ବା କୃଷ୍ଣଭାବନାରେ ଦୃଢ଼ ବିଶ୍ୱାସ, ବ୍ୟକ୍ତିକୁ ଜୀବର ସର୍ବୋଚ୍ଚ ପରିପୂର୍ଣ୍ଣତା ବା ପୂର୍ଣ୍ଣତମ ସ୍ତରରେ ଉପନୀତ କରାଇବା-ଏହି ଚେତନା ବା ବିଶ୍ୱାସରେ ଦୃଢ଼ତାକୁ ବ୍ୟବସାୟାତ୍ମିକା ବୁଦ୍ଧି କୁହାଯାଏ ।ଶ୍ରୀଚୈତନ୍ୟ ଚରିତାମୃତରେ କୁହାଯାଇଅଛି—

*''ଶ୍ରଦ୍ଧା' ଶବ୍ଦେ ବିଶ୍ୱାସ କହେ ସୁଦୃଢ଼ ନିଶ୍ଚୟ,*
*କୃଷ୍ଣେ ଭକ୍ତି କୈଲେ ସର୍ବ-କର୍ମ କୃତ ହୟ ।''*

ଏକ ଉନ୍ନତ ଭାବଧାରାରେ ଅବିଚଳିତ ଭାବରେ ସ୍ଥିର କରିବାକୁ ବା ଏକାନ୍ତ ଦୃଢ଼ତାକୁ ବିଶ୍ୱାସ କୁହାଯାଏ ।ଯେତେବେଳେ ବ୍ୟକ୍ତି କୃଷ୍ଣଚେତନାରେ କର୍ତ୍ତବ୍ୟ ସମ୍ପାଦନ କରେ, ସେତେବେଳେ ତାକୁ ଆଉ ଏ ଭୌତିକ ଜଗତର ସାମାଜିକ ପ୍ରଥା, ବଂଶ ପରମ୍ପରା ବା ଜାତୀୟତା ବା ମାନବିକତା ଆଦି ବିଗ୍ରହ ଧାରାର ବଶବର୍ତ୍ତୀ ହୋଇ ଏସବୁ ପ୍ରତି ଅଯଥା ଆନୁଗତ୍ୟ ପ୍ରକାଶ କରିବାକୁ ଦରକାର ପଡ଼େ ନାହିଁ ।ଗତ ଜନ୍ମର ଶୁଭାଶୁଭ କର୍ମର ଫଳ ହେଉଛି ସକାମ କର୍ମରେ ବ୍ୟାପୃତ ହେବା । ଯେତେବେଳେ ବ୍ୟକ୍ତି କୃଷ୍ଣଚେତନଶୀଳ ହୋଇଯାଏ ବା କୃଷ୍ଣଚେତନାରେ ଜାଗ୍ରତ ହୋଇଯାଏ, ସେତେବେଳେ ସେ ତା' କର୍ମର ସୁଫଳ ନିମିତ୍ତ ଆଉ ପ୍ରଚେଷ୍ଟାବାନ୍ ହୁଏନାହିଁ ।ଯେତେବେଳେ ବ୍ୟକ୍ତି କୃଷ୍ଣଚେତନାରେ ସ୍ଥିର ହୋଇଯାଏ, ସେତେବେଳେ ତା'ର ସମସ୍ତ କର୍ମ ଚିତ୍ ସ୍ତରରେ ଅନୁଷ୍ଠିତ ହୁଏ ।କାରଣ ସେତେବେଳେ ତା'ର କର୍ମ ସକଳ ଆଉ ଭଲମନ୍ଦ ବା ରାଗଦ୍ୱେଷ ଏ ଦ୍ୱୈତଭାବର ଦ୍ୟୋତକ ନୁହେଁ ।କୃଷ୍ଣଚେତନାର ଅନ୍ତିମ ସ୍ତର ହେଲା ବା ପରିପୂର୍ଣ୍ଣ ସ୍ତର ହେଲା ଜୀବନର ଜଡ଼ ଧାରଣାକୁ ତ୍ୟାଗ କରିବା, କୃଷ୍ଣଚେତନାରେ କ୍ରମ ଅଗ୍ରଗତି ଫଳରେ ଏ ସ୍ତର ବା

ଅବସ୍ଥା ସ୍ୱତଃ ପ୍ରାପ୍ତହୁଏ । ‘‘*ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲ୍ଲଭଃ*—ଅର୍ଥାତ୍ ବାସୁଦେବ ବା କୃଷ୍ଣ ସମସ୍ତ ଦୃଶ୍ୟ କାରଣର କାରଣ ବା ମୂଳ-ଏହି ଜ୍ଞାନ ବା ଧାରଣାରେ ଯେ ଦୃଢ଼ ସେ କୃଷ୍ଣଚେତନାରେ ଦୃଢ଼ବୋଲି କୁହାଯାଏ ।ସେ ବ୍ୟକ୍ତିର ବିଶ୍ୱାସ ବା ଐକାନ୍ତିକତା ଏହି ଜ୍ଞାନ ବା ଧାରଣା ଉପରେ ଆଧାରିତ ।ଯେପରି ବୃକ୍ଷର ମୂଳରେ ଜଳସେଚନ କଲେ ସ୍ୱତଃ ବୃକ୍ଷର ଡାଳ, ପତ୍ରଆଦି ପାଇଯା’ନ୍ତି, ଠିକ୍ ସେହିପରି କୃଷ୍ଣଚେତନାରେ କର୍ମକଲେ ବ୍ୟକ୍ତି ତା’ର ଆତ୍ମା, ପରିବାର, ସମାଜ, ଦେଶ ଓ ଜାତି ଆଦି ପ୍ରତ୍ୟେକଙ୍କର ଖୁବ୍ ଉନ୍ନତଧରଣର ସେବା କଲାବୋଲି ବୁଝିବାକୁ ପଡ଼ିବ ।ବ୍ୟକ୍ତିର କର୍ମରେ ବା ସେବାରେ କୃଷ୍ଣ ଯଦି ସନ୍ତୁଷ୍ଟ ହୁଅନ୍ତି, ତାହାହେଲେ ପ୍ରତ୍ୟେକେ ସନ୍ତୁଷ୍ଟ ହୁଅନ୍ତି ।

ଏକ ଉପଯୁକ୍ତ ଗୁରୁ ବା ଆଚାର୍ଯ୍ୟଙ୍କ ଅଧୀନରେ ରହି କୃଷ୍ଣଚେତନାରେ କର୍ମ ବା ଭକ୍ତିଯୋଗ ଅଭ୍ୟାସ କରିବାକୁ ପଡ଼ିବ ।ତାଙ୍କ ନିର୍ଦ୍ଦେଶରେ ହିଁ ଏହା ଉତ୍ତମରୂପେ ଅଭ୍ୟାସ କରାଯାଇପାରେ, କାରଣ ଗୁରୁ ହେଉଛନ୍ତି କୃଷ୍ଣଙ୍କର ଉପଯୁକ୍ତ ପ୍ରତିନିଧି । ସେ ଜାଣନ୍ତି ଶିଷ୍ୟର ପ୍ରକୃତି ବା ସ୍ୱଭାବ କ’ଣ ଏବଂ ସେ ଶିଷ୍ୟକୁ ଉପଯୁକ୍ତ ଭାବରେ କୃଷ୍ଣଚେତନା ମାର୍ଗରେ ମାର୍ଗ ନିର୍ଦ୍ଦେଶ କରିପାରନ୍ତି ।ଅର୍ଥାତ୍ କିପରି କୃଷ୍ଣଚେତନାରେ କର୍ମ କରିବାକୁ ହେବ, ସେ ବାଟ ଦେଖାଇ ପାରନ୍ତି ।ତେଣୁ କୃଷ୍ଣଚେତନା ବିଧି କ’ଣ ତାହା ଭଲଭାବରେ ଜାଣିବାକୁ ହେଲେ ବ୍ୟକ୍ତିକୁ ଦୃଢ଼ତା ସହକାରେ ବା ଦୃଢ଼ ବିଶ୍ୱାସର ସହିତ କାମ କରିବାକୁ ହେବ ଏବଂ କୃଷ୍ଣଙ୍କର ପ୍ରତିନିଧିଙ୍କର କଥାକୁ ମାନିବାକୁ ପଡ଼ିବ ଏବଂ ଏକ ଉପଯୁକ୍ତ ଗୁରୁଙ୍କର ନିର୍ଦ୍ଦେଶକୁ ମାନିବା ହେଉଛି ତା’ର ଜୀବନର ଲକ୍ଷ୍ୟ— ଏହା ତାକୁ ଗ୍ରହଣ କରିବାକୁ ପଡ଼ିବ ।ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର ତାଙ୍କର ପ୍ରସିଦ୍ଧ ଗୁରୁ ବନ୍ଦନାରେ ନିମ୍ନମତେ ଉପଦେଶ ପ୍ରଦାନ କରି କହିଛନ୍ତି —

*ଯସ୍ୟ ପ୍ରସାଦାଦ୍ ଭଗବତ୍-ପ୍ରସାଦୋ*
*ଯସ୍ୟାପ୍ରସାଦାନ୍ନ ଗତିଃ କୁତୋଽପି ।*
*ଧ୍ୟାୟଂ ସ୍ତୁବଂ ସ୍ତସ୍ୟ ଯଶସ୍ ତ୍ରିସନ୍ଧ୍ୟଂ*
*ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ।।*

ଅର୍ଥାତ୍ ‘‘ଗୁରୁଦେବ ସନ୍ତୁଷ୍ଟ ହେଲେ ପରମପୁରୁଷ ଭଗବାନ୍ ସନ୍ତୁଷ୍ଟ ହୁଅନ୍ତି ଏବଂ ଗୁରୁଦେବ ସନ୍ତୁଷ୍ଟ ନହେଲେ କୃଷ୍ଣଚେତନା ସ୍ତରକୁ ଉନ୍ନୀତ ହେବାର ଅବକାଶ ନାହିଁ ।ତେଣୁ ମୁଁ ଦୈନିକ ତିନିବାର ତାଙ୍କର କୃପାଭିକ୍ଷା କରୁଛି, ତାଙ୍କୁ ଧ୍ୟାନ କରୁଛି ଏବଂ ସେହି ଗୁରୁଦେବଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଉଛି ।’’

ସମୁଦାୟ ଧାରା ପୂର୍ଣ୍ଣ-ଆତ୍ମଜ୍ଞାନ ଉପରେ ଆଧାରିତ ।ଏହା ଦେହଧାରଣାର ବହୁ ଉର୍ଦ୍ଧ୍ୱରେ । ଏହା କେବଳ ପୁସ୍ତକଗତ ଜ୍ଞାନ ନୁହେଁ, (ବା ପୁସ୍ତକଗତ ଜ୍ଞାନହୋଇ ରହିବା ଉଚିତ୍ ନୁହେଁ), ଏହା ବାସ୍ତବ ଜ୍ଞାନ ଅଟେ (ବା ହେବା ଉଚିତ୍) ।ଯେତେବେଳେ ବ୍ୟକ୍ତି ଏ ଜ୍ଞାନ ଲାଭକରେ ସେତେବେଳେ ସକାମ କର୍ମରେ ପ୍ରକାଶିତ ହେଉଥିବା ତା’ର ଇନ୍ଦ୍ରିୟ ପରିତୃପ୍ତିର ଅବକାଶ ଆଉ ରହେନାହିଁ ।ଯେ କୃଷ୍ଣଚେତନାରେ ଦୃଢ଼ ନୁହେଁ, ସେ ବିଭିନ୍ନ ପ୍ରକାର ସକାମ କର୍ମରେ ଲିପ୍ତ ହୁଏ ଅର୍ଥାତ୍ ତା’ର ମନ ବିଭିନ୍ନ ପ୍ରକାର ସକାମ କର୍ମପ୍ରତି ଆକୃଷ୍ଟ ହୁଏ ।

## ଶ୍ଲୋକ - ୪୨-୪୩

**ଯାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟବିପଶ୍ଚିତଃ ।**
**ବେଦବାଦରତାଃ ପାର୍ଥ ନାନ୍ୟଦସ୍ତୀତି ବାଦିନଃ ।।୪୨।।**
**କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମଫଳପ୍ରଦାମ୍ ।**
**କ୍ରିୟାବିଶେଷବହୁଳାଂ ଭୋଗୈଶ୍ୱର୍ଯ୍ୟଗତିଂ ପ୍ରତି ।।୪୩।।**

## ଶବ୍ଦାନୁବାଦ

ଯାମ୍ ଇମାମ୍=ଏ ସବୁ; ପୁଷ୍ପିତାମ୍=ପୁଷ୍ପିତ; ବାଚମ୍=କଥା; ପ୍ରବଦନ୍ତି=କହନ୍ତି; ଅବିପଶ୍ଚିତଃ=ଅଳ୍ପଜ୍ଞାନସଂପନ୍ନ ଲୋକେ; ବେଦ-ବାଦ-ରତାଃ=ବେଦର ଅନୁସରଣକାରୀଗଣ; ପାର୍ଥ=ହେ ପୃଥାପୁତ୍ର; ନ=ନୁହେଁ; ଅନ୍ୟତ୍=ଅନ୍ୟକିଛି; ଅସ୍ତି=ଅଛି; ଇତି=ଏହା; ବାଦିନଃ=କହୁଥିବା; କାମ-ଆତ୍ମାନଃ=ଇନ୍ଦ୍ରିୟ ସୁଖକାମନା କରୁଥିବା; ସ୍ୱର୍ଗ-ପରାଃ=ସ୍ୱର୍ଗ ପ୍ରାପ୍ତିଲକ୍ଷ୍ୟ; ଜନ୍ମ-କର୍ମ-ଫଳ-ପ୍ରଦାମ୍=ସକାମ କର୍ମ, ଭଲ ଜନ୍ମ ଆଦି ଫଳ ପ୍ରଦାନକାରୀ; କ୍ରିୟା-ବିଶେଷ=ଆଡ଼ମ୍ବରପୂର୍ଣ୍ଣ ଅନୁଷ୍ଠାନ; ବହୁଳାମ୍=ବିଭିନ୍ନପ୍ରକାର; ଭୋଗ=ଇନ୍ଦ୍ରିୟ ସୁଖ ଭୋଗ; ଐଶ୍ୱର୍ଯ୍ୟ=ଐଶ୍ୱର୍ଯ୍ୟ; ଗତିମ୍=ଅଗ୍ରଗତି; ପ୍ରତି=ପ୍ରତି ।

## ଅନୁବାଦ

**ବେଦର ଅତି ମଧୁର କଥାଗୁଡ଼ିକ ସକାମ କର୍ମୀଗଣଙ୍କୁ ସ୍ୱର୍ଗପ୍ରାପ୍ତି ନିମିତ୍ତ, ଭଲ ଜନ୍ମଲାଭ କରିବା ନିମିତ୍ତ ଏ କ୍ଷମତା ଆଦି ଲାଭକରିବା ନିମିତ୍ତ ପ୍ରଲୋଭନ ଦେଖାଏ । ଯେଉଁମାନେ ଅଳ୍ପବୁଦ୍ଧିସମ୍ପନ୍ନ ଲୋକ ସେମାନେ ଏଥିପ୍ରତି (ବେଦର ମଧୁର କଥାଗୁଡ଼ିକ ପ୍ରତି) ବିଶେଷ ଆକୃଷ୍ଟ ହୋଇପଡ଼ନ୍ତି । ଇନ୍ଦ୍ରିୟସୁଖ ଓ ଐଶ୍ୱର୍ଯ୍ୟପୂର୍ଣ୍ଣ ଜୀବନଯାପନ କାମନାର ବଶବର୍ତ୍ତୀ ହୋଇ ସେମାନେ କହନ୍ତି ଯେ (ଦୁନିଆଁରେ) ଏହାଛଡ଼ା ଆଉ ଅଧିକ କିଛିନାହିଁ ।**

## ଭାବାର୍ଥ

ସାଧାରଣ ଲୋକେ ଏତେ ବୁଦ୍ଧିଆ ନୁହଁନ୍ତି ଏବଂ ସେମାନଙ୍କର ଅଜ୍ଞତା ହେତୁ ବେଦର କର୍ମ-କାଣ୍ଡ ବିଭାଗରେ କୁହାଯାଇଥିବା ସକାମ କର୍ମ-ପ୍ରତି ସେମାନେ ଖୁବ୍ ଆକୃଷ୍ଟ ହୋଇ ପଡ଼ନ୍ତି । ଯେଉଁଥିରୁ ଇନ୍ଦ୍ରିୟ-ସୁଖ ମିଳିବ, ତାହାହିଁ ସେମାନେ ଚାହାଁନ୍ତି, ତାହାଠାରୁ ଅଧିକ କିଛି ଚାହାଁନ୍ତି ନାହିଁ । ସେମାନେ ଚାହାଁନ୍ତି କେଉଁଠି ସେମାନେ ସ୍ୱର୍ଗସୁଖଲାଭ କରିବେ, ଯେଉଁ ସ୍ଥାନରେ ମଦ୍ୟ ଓ ମୈଥୁନ ଏବଂ ଭୌତିକ ଐଶ୍ୱର୍ଯ୍ୟ ଖୁବ୍ ସହଜରେ ମିଳିବ, ସେହି ସ୍ଥାନ ସେମାନେ ଚାହାଁନ୍ତି । ବେଦରେ ଅନେକ ଏପରି ଯଜ୍ଞବିଧିର ବ୍ୟବସ୍ଥା ଅଛି, ବିଶେଷକରି 'ଜ୍ୟୋତିଷ୍ଟୋମ' ଯଜ୍ଞର ବ୍ୟବସ୍ଥା ଅଛି, ଯାହା ଅନୁଷ୍ଠାନ କଲେ ସ୍ୱର୍ଗପ୍ରାପ୍ତି ହେବ । ଏହା ବେଦରେ କଥିତଅଛି ଯେ ଯେଉଁବ୍ୟକ୍ତି ସ୍ୱର୍ଗପ୍ରାପ୍ତି ଇଚ୍ଛାକରେ ସେ ଏସବୁ ଯଜ୍ଞାନୁଷ୍ଠାନ କରିବା ଉଚିତ୍ ଏବଂ ଅଳ୍ପବୁଦ୍ଧି-ସମ୍ପନ୍ନ ବ୍ୟକ୍ତିଗଣ ଭାବନ୍ତି ଯେ ଏହାହିଁ ହେଉଛି ବେଦପାଠର ଏକମାତ୍ର ଉଦ୍ଦେଶ୍ୟ । ଏପ୍ରକାର ଅନଭିଜ୍ଞ ଲୋକେ କଦାପି କୃଷ୍ଣଚେତନାରେ ସ୍ଥିର ହୋଇ ପାରିବେ ନାହିଁ । ସେମାନଙ୍କ ପକ୍ଷରେ ଏହା ଅତ୍ୟନ୍ତ ଦୁରୂହ ଅଟେ ।

ମୂର୍ଖମାନେ ଜାଣନ୍ତି ନାହିଁ, ବିଷାକ୍ତ ବୃକ୍ଷର ପୁଷ୍ପର କି ଭୟଙ୍କର ଫଳ । ଏହା ନଜାଣି ସେମାନେ ଯେପରି ସେଥିପ୍ରତି ଆକୃଷ୍ଟ ହୁଅନ୍ତି, ଠିକ୍ ସେହିପରି ଜ୍ଞାନଲାଭ ନକରିଥିବା ଲୋକେ ସ୍ୱର୍ଗସୁଖ ଏବଂ ତଜ୍ଜନିତ ଇନ୍ଦ୍ରିୟତୃପ୍ତି ପ୍ରତି ଆକୃଷ୍ଟ ହୁଅନ୍ତି ।

ବେଦର କର୍ମକାଣ୍ଡ ବିଭାଗରେ କୁହାଯାଇଛି ଯେ ଯେଉଁମାନେ ଚାତୁର୍ମାସ୍ୟାବ୍ରତ ବା ତପସ୍ୟା ଆଚରଣ କରନ୍ତି ସେମାନେ ସୋମରସ ପାନ କରିବାକୁ ଯୋଗ୍ୟ ହୁଅନ୍ତି ଏବଂ ତଦ୍ୱାରା ସେମାନେ ଚିରଦିନ ଅମର ଓ ସୁଖୀହୋଇ ରହନ୍ତି । ଏପରିକି ଏହି ପୃଥିବୀରେ କେତେକ ସୋମରସ ପାନକରି ଇନ୍ଦ୍ରିୟ ସୁଖଭୋଗ କରିବା ନିମିତ୍ତ ଖୁବ୍ ବଳିଷ୍ଠ ହେବାକୁ ଇଚ୍ଛା କରନ୍ତି । ଭୌତିକ ବନ୍ଧନରୁ ମୁକ୍ତହେବାର ବିଶ୍ୱାସ ସେମାନଙ୍କର ନଥାଏ ଏବଂ ସେମାନେ ଖୁବ୍ ଆଡ଼ମ୍ବର ସହକାରେ ବୈଦିକ ଯଜ୍ଞାନୁଷ୍ଠାନ କରିବାରେ ବ୍ୟସ୍ତଥା'ନ୍ତି । ସେମାନେ ସାଧାରଣତଃ ଇନ୍ଦ୍ରିୟ ସୁଖ ପଛରେ ଧାବମାନ ଏବଂ ଜୀବନର ସ୍ୱର୍ଗସୁଖ ଛଡ଼ା ଆଉକିଛି ସେମାନେ ଗ୍ରହୁଁନ୍ତି ନାହିଁ । କଥିତ ଅଛି, ସ୍ୱର୍ଗରେ 'ନନ୍ଦନକାନନ' ନାମକ ଏ ସୁନ୍ଦର ବନ ଅଛି, ଯେଉଁଠାରେ ସ୍ୱର୍ଗର ସୁନ୍ଦରୀ ଯୁବତୀ ବା 'ପରୀ'ମାନଙ୍କର ସଙ୍ଗସୁଖ ମିଳେ ଏବଂ ପ୍ରଚୁର ପରିମାଣରେ ସୋମରସ ପାନ କରିବାକୁ ମିଳେ । ଏ ପ୍ରକାର ଶାରୀରିକ ସୁଖ ବାସ୍ତବିକ୍ ଇନ୍ଦ୍ରିୟ-ସୁଖ ଅଟେ । ତେଣୁ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ଏ ଭୌତିକ ଜଗତରେ ରାଜାହୋଇ ଅସ୍ଥାୟୀ ଭୌତିକ ସୁଖଭୋଗ କରିବାକୁ ଇଚ୍ଛା କରନ୍ତି ଏବଂ ଏକମାତ୍ର ସେଥିପ୍ରତି ହିଁ ଆକୃଷ୍ଟ ହୋଇଥାନ୍ତି ।

## ଶ୍ଳୋକ - ୪୪

**ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାଂ ତୟାପହୃତଚେତସାମ୍ ।**
**ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ ।। ୪୪ ।।**

## ଶବ୍ଦାନୁବାଦ

ଭୋଗ=ଭୌତିକ ସୁଖଭୋଗ; ଐଶ୍ୱର୍ଯ୍ୟ=ଐଶ୍ୱର୍ଯ୍ୟ; ପ୍ରସକ୍ତାନାମ୍=ଯେଉଁମାନେ ସେଥିପ୍ରତି ଆସକ୍ତ; ତୟା=ଏପରି ବସ୍ତୁରେ; ଅପହୃତ-ଚେତସାମ୍=ବିଚଳିତ ମନ; ବ୍ୟବସାୟାତ୍ମିକା=ସ୍ଥିରନିଶ୍ଚିତ; ବୁଦ୍ଧିଃ=ଭଗବତ୍ ସେବା; ସମାଧୌ=ସଂଯତ ମନରେ; ନ ବିଧୀୟତେ=ଦେଖାଦିଏ ନାହିଁ ।

## ଅନୁବାଦ

**ଯେଉଁମାନେ ଇନ୍ଦ୍ରିୟ ସୁଖ ଏବଂ ଭୌତିକ ଐଶ୍ୱର୍ଯ୍ୟ ପ୍ରତି ଅତ୍ୟନ୍ତ ଆସକ୍ତ ଏବଂ ଯେଉଁମାନେ ଏ ପ୍ରକାର ବିଷୟବସ୍ତୁରେ ବିଚଳିତ, ସେମାନଙ୍କ ମନରେ ଭଗବତ୍ ସେବା ନିମିତ୍ତ ଦୃଢ଼ ନିଶ୍ଚୟତା ଦେଖାଦିଏ ନାହିଁ ।**

## ଭାବାର୍ଥ

'ସମାଧି' କହିଲେ ସ୍ଥିର ମନକୁ ବୁଝାଏ । ବୈଦିକ ଅଭିଧାନ 'ନିରୁକ୍ତି'ରେ କୁହାଯାଇଅଛି, *'ସମ୍ୟଗ୍ ଅଧୀୟତେଽସ୍ମିନ୍ ଆତ୍ମତତ୍ତ୍ୱ-ଯାଥାତ୍ମ୍ୟମ୍''*, ଅର୍ଥାତ୍ ଯେତେବେଳେ ମନ, ଆତ୍ମାକୁ ବୁଝିବା ନିମିତ୍ତ ସ୍ଥିର ହୋଇଯାଏ, ସେତେବେଳେ ସେ ଅବସ୍ଥାକୁ 'ସମାଧି' କୁହାଯାଏ । ଯେଉଁମାନେ ଭୌତିକ ସୁଖ ପଛରେ ଧାବମାନ କିମ୍ବା ଏପ୍ରକାର ଅସ୍ଥାୟୀ ପଦାର୍ଥପ୍ରତି ଆସକ୍ତ, ସେମାନଙ୍କ ପକ୍ଷରେ 'ସମାଧି' ସମ୍ଭବପର ନୁହେଁ । ସେମାନେ ଅଳ୍ପାଧିକ ପରିମାଣରେ ଭୌତିକ ଶକ୍ତି ଦ୍ୱାରା ପରାହତ ।

## ଶ୍ଲୋକ - ୪୫

**ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ ।**
**ନିର୍ଦ୍ୱନ୍ଦ୍ୱୋ ନିତ୍ୟସତ୍ତ୍ୱସ୍ଥୋ ନିର୍ଯୋଗକ୍ଷେମ ଆତ୍ମବାନ୍ ।।୪୫।।**

## ଶବ୍ଦାନୁବାଦ

ତ୍ରୈଗୁଣ୍ୟ=ଭୂତ ପ୍ରକୃତିର ତ୍ରିଗୁଣ ସମ୍ବନ୍ଧୀୟ; ବିଷୟାଃ=ବିଷୟରେ; ବେଦାଃ=ବୈଦିକ ସାହିତ୍ୟ; ନିସ୍ତ୍ରୈଗୁଣ୍ୟଃ=ଶୁଦ୍ଧ ସତ୍ତ୍ୱାବସ୍ଥାରେ; ଭବ=ରୁହ (ହୁଅ); ଅର୍ଜୁନ=ହେ ଅର୍ଜୁନ; ନିର୍ଦ୍ୱନ୍ଦ୍ୱଃ=ଦ୍ୱନ୍ଦଭାବରୁ, ପରସ୍ପର ବିପରୀତଭାବରୁ ମୁକ୍ତ; ନିତ୍ୟ-ସତ୍ତ୍ୱ-ସ୍ଥଃ=ବରାବର ସତ୍ତ୍ୱାବସ୍ଥାରେ ରହିବା; ନିର୍ଯୋଗ-କ୍ଷେମଃ=ସାଇତି ରଖିବା ଓ ସଂଗ୍ରହକରିବା ଚିନ୍ତାରୁ ମୁକ୍ତ; ଆତ୍ମବାନ୍=ଆତ୍ମବାନ୍ ହେବା ବା ଆତ୍ମିକ ଅବସ୍ଥାରେ ଅବସ୍ଥାନ କରିବା।

## ଅନୁବାଦ

**ସାଧାରଣତଃ ବେଦ ଭୂତପ୍ରକୃତିର ତ୍ରିଗୁଣ ସମ୍ବନ୍ଧରେ କହିଥାଏ । ହେ ଅର୍ଜୁନ ! ଏ ତ୍ରିଗୁଣର ଊର୍ଦ୍ଧ୍ୱକୁ ଯାଅ, ଏମାନଙ୍କୁ ଅତିକ୍ରମକରି ତଦୁର୍ଦ୍ଧ୍ୱରେ ଅବସ୍ଥାନ କର । ସମସ୍ତ ପ୍ରକାର ଦ୍ୱନ୍ଦଭାବ ବା ଦ୍ୱୈତଭାବ ଏବଂ ଲାଭ ଓ ନିରାପତ୍ତା ଆଦି ସମ୍ବନ୍ଧୀୟ ସମସ୍ତପ୍ରକାର ଉଦ୍‌ବିଗ୍ନତାରୁ ମୁକ୍ତ ହୁଅ ଏବଂ ଆତ୍ମାରେ ଅବସ୍ଥାନ କର ।**

## ଭାବାର୍ଥ

ସମସ୍ତ ପ୍ରକାର ଭୌତିକ କର୍ମ ଭୂତପ୍ରକୃତିର କ୍ରିୟାରେ ହିଁ ଅନୁଷ୍ଠିତ ହୁଏ ।ସେଗୁଡ଼ିକ ହେଉଛି ସକାମ କର୍ମ ।ଏହା ବ୍ୟକ୍ତିକୁ ଏ ଭୌତିକ ଜଗତରେ ବନ୍ଧନରେ ପକାଏ ।ବେଦ ଗୁଡ଼ିକରେ ସାଧାରଣତଃ ସକାମକର୍ମ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।ଏହା ଜନସାଧାରଣଙ୍କୁ କ୍ରମଶଃ ଇନ୍ଦ୍ରିୟ ସୁଖଭୋଗ ଜନିତ ନିମ୍ନ ଚେତନାସ୍ତରର ଦିବ୍ୟ ସ୍ତରକୁ ଉନ୍ନୀତ କରାଏ । ଅର୍ଜୁନ ଭଗବାନ୍ ଶ୍ରୀକୃଷ୍ଣଙ୍କର ଏକ ବନ୍ଧୁ ଓ ଶିଷ୍ୟ ଅଟନ୍ତି ।ତେଣୁ ଭଗବାନ୍ ତାଙ୍କୁ ଉପଦେଶ ଦେଉଛନ୍ତି - ସେ ତ୍ରିଗୁଣକୁ ଅତିକ୍ରମ କରି ବେଦାନ୍ତ ଦର୍ଶନର ଦିବ୍ୟ ସ୍ତରରେ ଅବସ୍ଥାନ କରନ୍ତୁ, ଯେଉଁ ସ୍ତରର ପ୍ରାରମ୍ଭରେ ହିଁ ବ୍ୟକ୍ତି ବ୍ରହ୍ମଜିଜ୍ଞାସା କରେ ଅର୍ଥାତ୍ ଭଗବାନ୍ ବା ପରଂବ୍ରହ୍ମଙ୍କ ସମ୍ବନ୍ଧରେ ପ୍ରଶ୍ନ କରେ ।ଏ ଭୌତିକ ଜଗତରେ ସମସ୍ତ ଜୀବ ବଞ୍ଚିବା ପାଇଁ କଠିନ ଜୀବନ ସଂଗ୍ରାମରେ ରତ ।ଭଗବାନ୍ ଏ ଭୌତିକ ଜଗତ ସୃଷ୍ଟି କଲାପରେ ଓ ବଦ୍ଧଜୀବମାନଙ୍କ ନିମିତ୍ତ ବୈଦିକ ଜ୍ଞାନ ଦେଲେ ।ସେଥିରେ ସେ ଉପଦେଶ ଦେଇଛନ୍ତି - କିପରିଭାବରେ ଏ ଭୌତିକ ଜଗତରେ ଜୀବନଯାପନ କରିବାକୁ ହେବ ଏବଂ ଭୌତିକ ବନ୍ଧନରୁ ମୁକ୍ତିଲାଭ କରିବାକୁ ହେବ ।ଯେତେବେଳେ ଇନ୍ଦ୍ରିୟ ତୃପ୍ତିଜନିତ ସକାମକର୍ମ ଅର୍ଥାତ୍ ବେଦର କର୍ମକାଣ୍ଡ ବିଭାଗ ଶେଷ ହୋଇଯାଏ, ସେତେବେଳେ ଆତ୍ମାନୁଭୂତି ଲାଭ ନିମିତ୍ତ ସୁଯୋଗ ଦିଆଯାଏ । ଏହା ଉପନିଷଦ ରୂପରେ ଆସେ ।ଉପନିଷଦଗୁଡ଼ିକ ବେଦର ଅଂଶବିଶେଷ ଅଟେ, ଯେପରି ଭଗବଦ୍ ଗୀତା ପଞ୍ଚମ ବେଦ, ଅର୍ଥାତ୍ ମହାଭାରତର ଅଂଶ ।ଉପନିଷଦଗୁଡ଼ିକ ଦିବ୍ୟ ଜୀବନର ପ୍ରାରମ୍ଭକୁ ଚିହ୍ନାନ୍ତି । ଯେପର୍ଯ୍ୟନ୍ତ ଭୌତିକ ଶରୀର ରହିଛି ସେ ପର୍ଯ୍ୟନ୍ତ ଭୂତ ପ୍ରକୃତିର ଗୁଣମାନଙ୍କର କ୍ରିୟା-ପ୍ରତିକ୍ରିୟା ରହିଛି ।ବ୍ୟକ୍ତିକୁ ଶିଖିବାକୁ ହେବ ସେ କିପରି ଦ୍ୱନ୍ଦ ଭାବକୁ

ଅର୍ଥାତ୍ ସୁଖ-ଦୁଃଖ କିମ୍ବା ଶୀତ-ଉଷ୍ଣ ଆଦି ସହିପାରିବ ଏବଂ ଏପ୍ରକାର ଦ୍ୱନ୍ଦ ଭାବକୁ ସହିବା ଦ୍ୱାରା ସେ ଲାଭ-କ୍ଷତି ଜନିତ ମାନସିକ ଉଦବିଗ୍ନତାରୁ ମୁକ୍ତ ହୋଇଯାଏ । ବ୍ୟକ୍ତି ଯେତେବେଳେ ପୂର୍ଣ୍ଣ କୃଷ୍ଣଚେତନାରେ ରହିବ, ଅର୍ଥାତ୍ ଯେତେବେଳେ ସେ ସଂପୂର୍ଣ୍ଣରୂପେ କୃଷ୍ଣଙ୍କର କୃପା ଉପରେ ହିଁ ନିର୍ଭର କରି ରହିବ, ସେତେବେଳେ ସେ ଏହି ଦିବ୍ୟ ସ୍ଥିତି ଲାଭ କରିପାରିବ ।

## ଶ୍ଳୋକ - ୪୬

**ଯାବାନର୍ଥ ଉଦପାନେ ସର୍ବତଃ ସଂପ୍ଳୁତୋଦକେ ।**
**ତାବାନ୍‌ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ।। ୪୬ ।।**

## ଶବ୍ଦାନୁବାଦ

ଯାବାନ୍=ଯେସବୁ; ଅର୍ଥଃ=ଉଦ୍ଦିଷ୍ଟ; ଉଦପାନେ=କୂପ ଜଳରେ; ସର୍ବତଃ=ସବୁଦିଗରେ; ସଂପ୍ଳୁତ ଉଦକେ=ଏକ ବିରାଟ ଜଳଭଣ୍ଡାରରେ; ତାବାନ୍=ଠିକ୍ ସେହିପରି; ସର୍ବେଷୁ=ସମସ୍ତ; ବେଦେଷୁ=ବୈଦିକ ସାହିତ୍ୟରେ; ବ୍ରାହ୍ମଣସ୍ୟ=ଯେ ପରଂବ୍ରହ୍ମଙ୍କୁ ଜାଣେ ତା'ର; ବିଜାନତଃ=ଯେ ପୂର୍ଣ୍ଣ ଜ୍ଞାନରେ ଅଛି ତା'ର ।

## ଅନୁବାଦ

**କ୍ଷୁଦ୍ର ପୁଷ୍କରିଣୀରେ ଯେଉଁ ଉଦ୍ଦେଶ୍ୟ ସାଧିତ ହୁଏ, ତାହା ସାଙ୍ଗେ ସାଙ୍ଗେ ଏକ ବିରାଟ ଜଳଭଣ୍ଡାରରେ ସାଧିତ ହୋଇପାରେ । ଠିକ୍ ସେହିପରି ବେଦପାଠର କ'ଣ ଉଦ୍ଦେଶ୍ୟ, ଏହା ଯେ ଜାଣିଛି ତା'ଦ୍ୱାରା ବେଦପାଠର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରେ ।**

## ଭାବାର୍ଥ

ବେଦର କର୍ମକାଣ୍ଡ ବିଭାଗରେ ଯେଉଁବ୍ରତ ବିଧାନ ଓ ଯଜ୍ଞାନୁଷ୍ଠାନର ବର୍ଣ୍ଣନା କରାଯାଇଛି, ତାହା ମାନବର ଆତ୍ମାନୁଭୂତି ଲାଭ ଦିଗରେ କ୍ରମିକ ଉନ୍ନତି ନିମିତ୍ତ ଉଦ୍ଦିଷ୍ଟ । ଭଗବଦ୍ ଗୀତାର ପଞ୍ଚଦଶ ଅଧ୍ୟାୟ (ପଞ୍ଚଦଶ ଶ୍ଳୋକ)ରେ ବେଦପାଠର ଉଦ୍ଦେଶ୍ୟ (ବା ଆତ୍ମାନୁଭୂତି ଲାଭର ଉଦ୍ଦେଶ୍ୟ) ପରିଷ୍କାର ଭାବରେ କୁହାଯାଇଅଛି । ବେଦପାଠର ଉଦ୍ଦେଶ୍ୟ ହେଲା ସମସ୍ତଙ୍କର ମୂଳ କାରଣ ଶ୍ରୀକୃଷ୍ଣଙ୍କୁ ଜାଣିବା । ତେଣୁ ଆତ୍ମାନୁଭୂତି ଲାଭର ଅର୍ଥ ହେଲା କୃଷ୍ଣଙ୍କୁ ଜାଣିବା ଏବଂ ତାଙ୍କ ସହିତ ଆମର କି ଶାଶ୍ୱତ ସମ୍ବନ୍ଧ ଅଛି ତାହା ଜାଣିବା । ଜୀବମାନଙ୍କର କୃଷ୍ଣଙ୍କ ସହିତ କି ସମ୍ବନ୍ଧ ଅଛି, ତାହା ମଧ୍ୟ ଭଗବଦ୍ ଗୀତାର ପଞ୍ଚଦଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି । ଜୀବଗଣ କୃଷ୍ଣଙ୍କର ଅଂଶବିଶେଷ ଅଟନ୍ତି । ତେଣୁ ବ୍ୟକ୍ତି ନିଜ ହୃଦୟରେ ଥିବା ସୁପ୍ତ କୃଷ୍ଣଚେତନାର ଉତ୍‌ଥାନ କରାଇବା ବୈଦିକ ଜ୍ଞାନର ସର୍ବୋଚ୍ଚ ଶୁଦ୍ଧସ୍ତର ଅଟେ । ତାହା ମଧ୍ୟ ଶ୍ରୀମଦ୍ ଭାଗବତମ୍‌ରେ (୩-୩୩-୭) ନିମ୍ନରେ ସ୍ୱୀକୃତ ହୋଇଅଛି—

*ଅହୋବତ୍ ଶ୍ୱପଚ୍ରେଽତୋ ଗରୀୟାନ୍*
*ଯଦ୍‌ଜିହ୍ୱାଗ୍ରେ ବର୍ତ୍ତତେ ନାମ ତୁଭ୍ୟମ୍ ।*
*ତେପୁସ୍ ତପସ୍ ତେ ଜୁହୁବୁଃ ସସ୍ନୁର୍ ଆର୍ଯ୍ୟା*
*ବ୍ରହ୍ମାନୁଚୁର୍ ନାମ ଗୃଣନ୍ତି ଯେ ତେ ।।*

"ହେ ପ୍ରଭୁ ! ଯେଉଁ ବ୍ୟକ୍ତି ଆପଣଙ୍କର ଦିବ୍ୟାନମ କୀର୍ତ୍ତନ କରୁଛି, ସେ ନୀଚକୁଳରେ ଅର୍ଥାତ୍ ଚଣ୍ଡାଳକୁଳରେ ଜନ୍ମ ହୋଇଥିଲେ ସୁଦ୍ଧା ସେ ଆତ୍ମାନୁଭୂତିର ସର୍ବୋଚ୍ଚ ସ୍ତରରେ ଅବସ୍ଥିତ ବୋଲି ବୁଝିବାକୁ ପଡ଼ିବ । ଏ ପ୍ରକାର ବ୍ୟକ୍ତି ସମସ୍ତ ତପସ୍ୟା ଓ ସାଧନା କରିସାରିଛି, ଏବଂ ସମସ୍ତ ତୀର୍ଥକ୍ଷେତ୍ରରେ ଭ୍ରମଣକରି ଓ ସ୍ନାନ କରି ଅନେକବାର ବୈଦିକ ସାହିତ୍ୟ ଅଧ୍ୟୟନ କରି ସାରିଛି ବୋଲି ବୁଝିବାକୁ ହେବ । ଏ ପ୍ରକାର ବ୍ୟକ୍ତି ଆର୍ଯ୍ୟବଂଶର ଶ୍ରେଷ୍ଠ ବ୍ୟକ୍ତି ବୋଲି ବୁଝିବାକୁ ହେବ ।" ତେଣୁ ବ୍ୟକ୍ତି କେବଳ ବେଦର କର୍ମକାଣ୍ଡ ବିଭାଗପ୍ରତି ଆକୃଷ୍ଟ ନହୋଇ ବେଦର ପ୍ରକୃତ ଉଦ୍ଦେଶ୍ୟ କ'ଣ ତାହା ବୁଝିବାକୁ ହେବ । ଆଉ ମଧ୍ୟ ସେ ଉନ୍ନତ ଧରଣର ଇନ୍ଦ୍ରିୟସୁଖ-ଉପଭୋଗ ନିମିତ୍ତ ସ୍ୱର୍ଗପ୍ରାପ୍ତି ଇଚ୍ଛା କରିବା ଉଚିତ୍ ନୁହେଁ । ଆଜିକାଲି ଯୁଗରେ ସମସ୍ତ ବୈଦିକ ବିଧିବିଧାନ ତଥା ବ୍ରତ-ବିଧି ଅନୁଷ୍ଠାନ ବିଧିପାଳନ କରିବା ଏବଂ ଉପନିଷଦ ଓ ବେଦାନ୍ତ ଆଦିର ସମସ୍ତ ନିର୍ଦ୍ଦେଶକୁ ଗ୍ରହଣ କରିବା ଏକ ସାଧାରଣ ବ୍ୟକ୍ତିପକ୍ଷରେ ସମ୍ଭବପର ନୁହେଁ । ବେଦର ଉଦ୍ଦେଶ୍ୟକୁ କାର୍ଯ୍ୟକାରୀ କରିବାକୁ ହେଲେ ଖୁବ୍ ସମୟ, ଶକ୍ତି, ଜ୍ଞାନ ଓ ଅର୍ଥ ଦରକାର । ଏ ଯୁଗରେ ଏହା ସମ୍ଭବପର ନୁହେଁ । ପତିତପାବନ ଗୌରହରି ବା ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାରା ପ୍ରଦର୍ଶିତ ପନ୍ଥା ଅର୍ଥାତ୍ ଭଗବାନଙ୍କର ଦିବ୍ୟନାମ କୀର୍ତ୍ତନ ଦ୍ୱାରା ବେଦର ସମସ୍ତ ଉଦ୍ଦେଶ୍ୟ ସାଧିତ ହୋଇଥାଏ । ପ୍ରସିଦ୍ଧ ବୈଦିକ ପଣ୍ଡିତ ପ୍ରକାଶାନନ୍ଦ ସରସ୍ୱତୀ, ଯେତେବେଳେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ ପ୍ରଶ୍ନକଲେ, ସେ କାହିଁକି ବେଦାନ୍ତ-ଦର୍ଶନ ପାଠ ନକରି ଏକ ପାଗଳଙ୍କ ଭଳି କେବଳ ଭଗବାନଙ୍କର ଦିବ୍ୟନାମ କୀର୍ତ୍ତନ କରୁଛନ୍ତି, ସେତେବେଳେ ସେ (ଶ୍ରୀଚୈତନ୍ୟ ମହାପ୍ରଭୁ) ଉତ୍ତର କଲେ ଯେ ତାଙ୍କ ଗୁରୁ ତାଙ୍କୁ ଏକ ମୂର୍ଖବୋଲି କହିଲେ ଏବଂ ତାଙ୍କୁ ଉପଦେଶ ଦେଲେ, "କେବଳ ଭଗବାନ୍ ଶ୍ରୀକୃଷ୍ଣଙ୍କର ଦିବ୍ୟନାମ କୀର୍ତ୍ତନ କର ।" ସେ ତାହା ହିଁ କଲେ ଏବଂ ଏକ ପାଗଳଙ୍କ ଭଳି ଭାବାବିଷ୍ଟ ହୋଇ ପଡ଼ିଲେ । ଏ ଯୁଗରେ ଅଧିକାଂଶ ଲୋକ ମୂର୍ଖ ଏବଂ ବେଦାନ୍ତ-ଦର୍ଶନ ବୁଝିବା ନିମିତ୍ତ ସେମାନଙ୍କର ଯଥେଷ୍ଟ ଜ୍ଞାନ ନାହିଁ । ଯଦି ତୁମେ ନିରପରାଧଭାବରେ ଭଗବାନଙ୍କର ଦିବ୍ୟନାମ କୀର୍ତ୍ତନ କରିବ, ତାହାହେଲେ ବେଦାନ୍ତ-ଦର୍ଶନର ସର୍ବୋଚ୍ଚ ଉଦ୍ଦେଶ୍ୟ ସାଧିତ ହେବ । ବୈଦିକ ଜ୍ଞାନର ଶେଷକଥା ହେଉଛି ବେଦାନ୍ତ ଏବଂ ବେଦାନ୍ତ-ଦର୍ଶନର ପ୍ରଣେତା ତଥା ଜ୍ଞାତା ହେଉଛନ୍ତି ଭଗବାନ୍ ଶ୍ରୀକୃଷ୍ଣ ଏବଂ ଯେଉଁ ମହାତ୍ମା ଭଗବାନଙ୍କର ଦିବ୍ୟନାମ କୀର୍ତ୍ତନରେ ଆନନ୍ଦ ଅନୁଭବ କରନ୍ତି ସେ ହିଁ ସର୍ବଶ୍ରେଷ୍ଠ ବେଦାନ୍ତବାଦୀ ଅଟନ୍ତି । ଏହା ହେଉଛି ସମସ୍ତ ବେଦପାଠର ରହସ୍ୟ ବା ଅନ୍ତିମ ଉଦ୍ଦେଶ୍ୟ ।

## ଶ୍ଲୋକ - ୪୭

**କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ ।**
**ମା କର୍ମଫଳହେତୁର୍ଭୂର୍ମା ତେ ସଙ୍ଗୋଽସ୍ତ୍ୱକର୍ମଣି ।। ୪୭ ।।**

## ଶବ୍ଦାନୁବାଦ

କର୍ମଣି=ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ; ଏବ=ନିଶ୍ଚିତଭାବେ; ଅଧିକାରଃ=ଅଧିକାର; ତେ=ତୁମର; ମା=ନୁହେଁ; ଫଳେଷୁ=ଫଳରେ; କଦାଚନ=କେବେହେଲେ; ମା=ନୁହେଁ; କର୍ମ ଫଳ=କର୍ମଫଳରେ; ହେତୁଃ=କାରଣ; ଭୂଃ=ହୁଅ; ମା=ନୁହେଁ; ତେ=ତୁମର; ସଙ୍ଗଃ=ଆସକ୍ତ ବା ସଙ୍ଗ; ଅସ୍ତୁ=ହେଉ; ଅକର୍ମଣି=ଅକାର୍ଯ୍ୟରେ ।

## ଅନୁବାଦ

**କର୍ତ୍ତବ୍ୟ କର୍ମ ସମ୍ପାଦନ କରିବାର ଅଧିକାର ତୁମର ଅଛି, କିନ୍ତୁ କର୍ମ ଫଳରେ ତୁମର ଅଧିକାର ନାହିଁ । କେବେହେଲେ ତୁମେ ନିଜକୁ ତୁମ କର୍ମଫଳର କାରଣ ବୋଲି ଭାବନାହିଁ ଏବଂ କର୍ତ୍ତବ୍ୟରେ ଅବହେଳା କରିବା ପ୍ରତି କେବେହେଲେ ଆସକ୍ତ ହୁଅନାହିଁ ।**

## ଭାବାର୍ଥ

ଏଠାରେ ତିନୋଟି ବିଗ୍ରହ ଅଛି, ଯଥା-ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ, ମନଇଚ୍ଛା କାମ ଏବଂ ନିଷ୍କ୍ରିୟତା (ବା କର୍ମ ନକରିବା) । ବ୍ୟକ୍ତି ଭୂତ ପ୍ରକୃତିର ତ୍ରିଗୁଣର ଅଧୀନ ହୋଇଥିଲାବେଳେ ତାକୁ ଯାହା ଯାହା କରିବାକୁ ହେବ, ତାହାକୁ ହିଁ ତାହାର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ବୋଲି କୁହାଯାଏ । ଯେଉଁ କର୍ମ ଶାସ୍ତ୍ରସମ୍ମତ ନୁହେଁ କିମ୍ବା ମହାଜନମାନେ ଅନୁମୋଦନ କରନ୍ତି ନାହିଁ, ତାହାକୁ ହିଁ ମନଇଚ୍ଛା କାମ ବୋଲି କୁହାଯାଏ ଏବଂ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ସମ୍ପାଦନ ନକରିବାକୁ କର୍ମ ନକରିବା (ବା ଅକର୍ମଣି) ବୋଲି କୁହାଯାଏ । ଭଗବାନ୍ ଉପଦେଶ ଦେଉଛନ୍ତି ଯେ ଅର୍ଜୁନ ନିଷ୍କ୍ରିୟ ହେବା ଉଚିତ୍ ନୁହେଁ, କିନ୍ତୁ ସେ ଫଳରେ ଆସକ୍ତ ନହୋଇ ତା'ର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ୍ । ଯେ ତା'ର କର୍ମଫଳ ପ୍ରତି ଆସକ୍ତ ହୁଏ, ସେ ତା'ର କର୍ମର କାରଣ ହୁଏ । ତେଣୁ ସେ ତା'ର କର୍ମଫଳ ଭୋଗକରେ ଅର୍ଥାତ୍ ଭଲକାମର ଭଲଫଳ ପାଏ ଏବଂ ମନ୍ଦ କାମ ବା ପାପ କର୍ମର ଫଳ ସ୍ୱରୂପ ଦୁଃଖ ବା ଦଣ୍ଡ ଭୋଗକରେ ।

କର୍ତ୍ତବ୍ୟ କର୍ମକୁ ତିନୋଟି ଭାଗରେ ବିଭକ୍ତ କରାଯାଇପାରେ, ଯଥା-ନିତ୍ୟକର୍ମ ସଂକଟକାଳୀନ କର୍ମ ଏବଂ ଈପ୍‌ସିତ କର୍ମ । ଶାସ୍ତ୍ରବିଧି ଅନୁଯାୟୀ ନିତ୍ୟକର୍ମ, ଫଳର ଆଶା ନରଖି କରାଯାଏ । ବ୍ୟକ୍ତି ଯେପରିଭାବେ, ''ଏହା ମୋତେ କରିବାକୁ ହେବ''—ଏ ପ୍ରକାର କର୍ମ ସତ୍ତ୍ୱ ଗୁଣାଶ୍ରୟୀ ଅଟେ । ଫଳର ଆଶାରଖି କର୍ମକଲେ ତାହା ବନ୍ଧନର କାରଣ ହୁଏ, ତେଣୁ ସେ ପ୍ରକାର କର୍ମ ଶୁଭପ୍ରଦ ନୁହେଁ । ପ୍ରତ୍ୟେକଙ୍କର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ସମ୍ପାଦନରେ ଅଧିକାର ଅଛି, କିନ୍ତୁ ତାହା ଫଳର ଆଶା ନରଖି କରାଯିବା ଉଚିତ୍ । ଏ ପ୍ରକାର ଅସଙ୍ଗ କର୍ତ୍ତବ୍ୟ କର୍ମ (ଅର୍ଥାତ୍ ଫଳର ଆଶା ନରଖି କରାଯିବା କର୍ତ୍ତବ୍ୟକର୍ମ) ବ୍ୟକ୍ତିକୁ ନିଶ୍ଚିତରୂପେ ମୁକ୍ତିମାର୍ଗର ପଥିକ କରାଏ ।

ତେଣୁ ଭଗବାନ୍ ଏଠାରେ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି ଯେ ଫଳପ୍ରତି ଆସକ୍ତ ନହୋଇ କର୍ତ୍ତବ୍ୟ ହିସାବରେ ଯୁଦ୍ଧକର । ତା'ର ଯୁଦ୍ଧ ନକରିବାଟା ଆସକ୍ତିର ଅନ୍ୟ ଏକ ରୂପ ଅଟେ । ଏ ପ୍ରକାର ଆସକ୍ତି ବ୍ୟକ୍ତିକୁ କେବେହେଲେ ମୁକ୍ତି ପଥର ପଥିକ କରାଏ ନାହିଁ । ନିଶ୍ଚୟାତ୍ମକ ହେଉ ବା ନିଷେଧାର୍ଥକ ହେଉ ଆସକ୍ତି ହିଁ ବନ୍ଧନର କାରଣ । ନିଷ୍କ୍ରିୟତା (ଅର୍ଥାତ୍ କର୍ତ୍ତବ୍ୟ ନକରିବା) ପାପକର୍ମ ଅଟେ । ତେଣୁ କର୍ତ୍ତବ୍ୟ ଦୃଷ୍ଟିରୁ ଯୁଦ୍ଧ କରିବା ଅର୍ଜୁନଙ୍କ ପକ୍ଷରେ ମୁକ୍ତିର ଏକମାତ୍ର ମଙ୍ଗଳମୟ ପଥ ଅଟେ ।

## ଶ୍ଳୋକ - ୪୮

**ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଂଜୟ ।**
**ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ।। ୪୮ ।।**

## ଶବ୍ଦାନୁବାଦ

ଯୋଗ-ସ୍ଥଃ=ଯୋଗରେ ସ୍ଥିର; କୁରୁ=କର; କର୍ମାଣି=ତୁମର କର୍ତ୍ତବ୍ୟ; ସଙ୍ଗମ୍=ସଙ୍ଗ ବା ଆସକ୍ତି; ତ୍ୟକ୍ତ୍ୱା=ତ୍ୟାଗକରି; ଧନଂଜୟ=ହେ ଧନଂଜୟ (ଅର୍ଜୁନ); ସିଦ୍ଧି-ଅସିଦ୍ଧ୍ୟୋଃ=ସିଦ୍ଧି ଓ ଅସିଦ୍ଧିରେ, ଜୟ ଓ ପରାଜୟରେ; ସମଃ=ସମଭାବ; ଭୂତ୍ୱା=ହୋଇ; ସମତ୍ୱମ୍=ମାନସିକ ସମତା; ଯୋଗଃ=ଯୋଗ; ଉଚ୍ୟତେ=କୁହାଯାଏ ।

## ଅନୁବାଦ

**ହେ ଅର୍ଜୁନ ! ଯୋଗରେ ସ୍ଥିର ହୁଅ । କର୍ତ୍ତବ୍ୟ କରିଯାଅ; ଲାଭ-କ୍ଷତି, ଜୟପରାଜୟ ଆଦି ସମସ୍ତପ୍ରକାର ଆସକ୍ତି ତ୍ୟାଗକର । ଏ ପ୍ରକାର ମାନସିକ ସମତାକୁ ଯୋଗ କହନ୍ତି ।**

## ଭବାର୍ଥ

କୃଷ୍ଣ, ଅର୍ଜୁନଙ୍କୁ କହୁଛନ୍ତି ଯେ ସେ ଯୋଗସ୍ଥ ହୋଇ କର୍ମ କରିବା ଉଚିତ୍ । ସେ ଯୋଗ କ'ଣ ? 'ଯୋଗ'ର ଅର୍ଥ ହେଲା ଦୁର୍ଦ୍ଦାନ୍ତ ଇନ୍ଦ୍ରିୟମାନଙ୍କୁ ଦମନ କରି ଭଗବାନଙ୍କଠାରେ ମନକୁ ସ୍ଥିର କରିବା । ସେ ଭଗବାନ୍ ବା ପରମେଶ୍ୱର କିଏ ? ପରମେଶ୍ୱର ହେଉଛନ୍ତି ଭଗବାନ୍ ଶ୍ରୀକୃଷ୍ଣ । ଯେଣୁ ସେ ସ୍ୱୟଂ ଅର୍ଜୁନଙ୍କୁ ଯୁଦ୍ଧ କରିବାକୁ କହୁଛନ୍ତି, ତେଣୁ ଯୁଦ୍ଧର ଫଳାଫଳ ସମ୍ବନ୍ଧରେ ଅର୍ଜୁନଙ୍କର ଆଉ ଭାବିବାର କିଛିନାହିଁ । ଲାଭ ବା ବିଜୟ କଥା କୃଷ୍ଣ ବୁଝିବେ । ଏଠାରେ ଅର୍ଜୁନଙ୍କୁ କୁହାଯାଉଛି, ସେ କେବଳ କୃଷ୍ଣଙ୍କର ନିର୍ଦ୍ଦେଶ ଅନୁଯାୟୀ କର୍ମ କରିବା ଉଚିତ୍ । କୃଷ୍ଣଙ୍କ ନିର୍ଦ୍ଦେଶକୁ ମାନିବା ହିଁ ପ୍ରକୃତ ଯୋଗ ଏବଂ ଏହା କୃଷ୍ଣଭାବନା ବିଧିରେ ଅଭ୍ୟାସ କରାଯାଏ । ବ୍ୟକ୍ତିକୁ କୃଷ୍ଣଭାବନା ବିଧିରେ ହିଁ ବ୍ୟକ୍ତି ତା'ର ଅଧିକାରୀତ୍ୱ ତ୍ୟାଗ କରିପାରେ । ବ୍ୟକ୍ତିକୁ କୃଷ୍ଣଙ୍କର ଦାସ ବା ସେବକ ହେବାକୁ ପଡ଼ିବ ବା କୃଷ୍ଣଙ୍କର ଦାସାନୁଦାସ (ଅର୍ଥାତ୍ ଦାସଙ୍କର ଦାସ) ହେବାକୁ ପଡ଼ିବ । କୃଷ୍ଣଚେତନାରେ କର୍ତ୍ତବ୍ୟ ସମ୍ପାଦନ କରିବାର ଏହା ହିଁ ପ୍ରକୃଷ୍ଟ ପନ୍ଥା । ଏହି ପନ୍ଥା ହିଁ ବ୍ୟକ୍ତିକୁ ଯୋଗସ୍ଥ ହୋଇ କର୍ମ କରିବାରେ ସାହାଯ୍ୟ କରିପାରିବ ।

ଅର୍ଜୁନ ଜଣେ କ୍ଷତ୍ରିୟ; ତେଣୁ ସେ ବର୍ଣ୍ଣାଶ୍ରମ ଧର୍ମ ଆଚରଣ କରିବେ । ବିଷ୍ଣୁପୁରାଣରେ କୁହାଯାଇଛି ଯେ ବର୍ଣ୍ଣାଶ୍ରମ ଧର୍ମର ଏକମାତ୍ର ଲକ୍ଷ୍ୟ ହେଉଛି ବିଷ୍ଣୁଙ୍କୁ ସନ୍ତୁଷ୍ଟ କରିବା । ଭୌତିକ ଜଗତରେ ଥିବା ନିୟମ ହେଉଛି-ବ୍ୟକ୍ତି ନିଜକୁ ସନ୍ତୁଷ୍ଟ କରିବ; କିନ୍ତୁ ତାହା ଠିକ୍ ନୁହେଁ । ବ୍ୟକ୍ତି ନିଜକୁ ସନ୍ତୁଷ୍ଟ କରିବା ଉଚିତ୍ ନୁହେଁ, ସେ କୃଷ୍ଣଙ୍କୁ ସନ୍ତୁଷ୍ଟ କରିବା ଉଚିତ୍ । ତେଣୁ ବ୍ୟକ୍ତି କୃଷ୍ଣଙ୍କୁ ସନ୍ତୁଷ୍ଟ ନକଲେ, ଠିକ୍‌ଭାବରେ ସେ ବର୍ଣ୍ଣାଶ୍ରମ ଧର୍ମ ଆଚରଣ କରିପାରିବ ନାହିଁ । ଏଠାରେ ପରୋକ୍ଷଭାବେ ଅର୍ଜୁନଙ୍କୁ କୁହାଯାଉଛି ଯେ କୃଷ୍ଣ ଯେପରି କହିଲେ ସେହିପରି ତାଙ୍କୁ (ଅର୍ଜୁନଙ୍କୁ) କରିବାକୁ ପଡ଼ିବ ।

## ଶ୍ଲୋକ - ୪୯

**ଦୂରେଣ ହ୍ୟବରଂ କର୍ମ ବୁଦ୍ଧିଯୋଗାଦ୍ ଧନଂଜୟ ।**
**ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଳହେତବଃ ।।୪୯ ।।**

## ଶବ୍ଦାନୁବାଦ

ଦୂରେଣ=ଦୂରପଥ ଯୋଗୁଁ ଏହାକୁ ତ୍ୟାଗକରିବା; ହି=ନିଶ୍ଚିତଭାବେ; ଅବରମ୍‌=ଘୃଣ୍ୟ; କର୍ମ=କର୍ମ; ବୁଦ୍ଧି-ଯୋଗାତ୍‌=କୃଷ୍ଣଭାବନା ବଳରେ; ଧନଂଜୟ=ହେ ଧନଂଜୟ; ବୁଦ୍ଧୌ=ଏ ପ୍ରକାର ଚେତନାରେ; ଶରଣମ୍‌=ପୂର୍ଣ୍ଣ ଶରଣାଗତି; ଅନ୍ୱିଚ୍ଛ=ଇଚ୍ଛାକର; କୃପଣାଃ=କୃପଣମାନେ; ଫଳ-ହେତବଃ=ଯେଉଁମାନେ ସକାମ କର୍ମ ଇଚ୍ଛା କରନ୍ତି ।

## ଅନୁବାଦ

**ହେ ଧନଞ୍ଜୟ ! ଭକ୍ତିଯୋଗକୁ ଆଶ୍ରାକରି ସମସ୍ତ ସକାମ-କର୍ମ ତ୍ୟାଗକର ଏବଂ ସେହି ଚେତନାର ସଂପୂର୍ଣ୍ଣ ଶରଣରେ ଆସ । ଯେଉଁମାନେ କର୍ମଫଳ ଉପଭୋଗ କରିବାକୁ ଇଚ୍ଛାକରନ୍ତି ସେମାନେ କୃପଣ ଅଟନ୍ତି ।**

## ଭାବାର୍ଥ

ଯେ ପ୍ରକୃତରେ ବୁଝିପାରିଛି ଯେ ସେ ହେଉଛି ଭଗବାନଙ୍କର ଶାଶ୍ୱତ ସେବକ (ଅର୍ଥାତ୍‌ ଯେ ନିଜର ସ୍ୱରୂପସ୍ଥିତିକୁ ଜାଣିପାରିଛି) ସେ ସମସ୍ତକର୍ମ ତ୍ୟାଗକରି ଏକମାତ୍ର କୃଷ୍ଣଚେତନାରେ ହିଁ କର୍ମକରେ ।

ପୂର୍ବରୁ କୁହାଯାଇଛି ଯେ 'ବୁଦ୍ଧିଯୋଗ'ର ଅର୍ଥ ହେଲା ଭଗବାନଙ୍କର ପ୍ରେମପୂର୍ଣ୍ଣ ଦିବ୍ୟସେବା, ଏ ପ୍ରକାର ସେବା (ବା ଭକ୍ତିଯୋଗ) ଜୀବର ଏକମାତ୍ର କର୍ତ୍ତବ୍ୟ କର୍ମ ଅଟେ । କେବଳ କୃପଣମାନେ ଅଧିକ ପରିମାଣରେ ଭୌତିକ ବନ୍ଧନରେ ବାନ୍ଧିହେବା ନିମିତ୍ତ ସେମାନଙ୍କର କର୍ମଫଳ ଉପଭୋଗ କରିବାକୁ ଇଚ୍ଛାକରନ୍ତି । କୃଷ୍ଣସେବା ବା କୃଷ୍ଣଭାବନାରେ କର୍ମ କରିବା ବ୍ୟତୀତ ଅନ୍ୟ ଭାବନାରେ କରଣୀୟ କର୍ମଗୁଡ଼ିକ ଘୃଣ୍ୟ କର୍ମ ଅଟେ; କାରଣ ସେଗୁଡ଼ିକ କର୍ତ୍ତାକୁ ବରାବର ଜନ୍ମ-ମୃତ୍ୟୁ-ଚକ୍ରରେ ବାନ୍ଧନ୍ତି । ତେଣୁ ବ୍ୟକ୍ତି କର୍ମର ହେତୁ ହେବାକୁ ଇଚ୍ଛା କରିବା ଉଚିତ୍‌ ନୁହେଁ । କୃଷ୍ଣଙ୍କର ସନ୍ତୋଷ ବିଧାନ ନିମିତ୍ତ ସମସ୍ତ କର୍ମ କୃଷ୍ଣଚେତନାରେ କରାଯିବା ଉଚିତ୍‌ । କୃପଣମାନେ ସୌଭାଗ୍ୟବଶତଃ ହେଉ ବା କଠିନ ପରିଶ୍ରମ କରି ହେଉ ଯେଉଁ ଧନ ସଂଗ୍ରହ କରିଥା'ନ୍ତି, ତାହାକୁ କିପରି ଯଥାଯଥଭାବେ ଉପଯୋଗ କରିବାକୁ ହେବ, ତାହା ସେମାନେ ଜାଣିନଥା'ନ୍ତି । ବ୍ୟକ୍ତି ତା'ର ସମସ୍ତ ଶକ୍ତି କୃଷ୍ଣଚେତନାରେ ବିନିଯୋଗ କରିବା ଉଚିତ୍‌ ଏବଂ ତଦ୍ଦ୍ୱାରା ତା'ର ଜୀବନରେ ସେ ସୁଫଳ ଲାଭ କରିବ । କୃପଣମାନଙ୍କ ଭଳି ଭାଗ୍ୟହୀନ ବ୍ୟକ୍ତିଗଣ (ବା ହତଭାଗାମାନେ)କୃଷ୍ଣଙ୍କ ସେବାରେ ସେମାନଙ୍କର ଶକ୍ତିକୁ ବିନିଯୋଗ କରନ୍ତି ନାହିଁ ।

## ଶ୍ଲୋକ - ୫୦

**ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତଦୁଷ୍କୃତେ ।**
**ତସ୍ମାଦ୍‌ ଯୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଳମ୍‌ ।।୫୦।।**

## ଶବ୍ଦାନୁବାଦ

ବୁଦ୍ଧି-ଯୁକ୍ତଃ=ଯେ ଭଗବାନ୍‌ଙ୍କ ସେବାରତ; ଜହାତି=ମୁକ୍ତ ହୋଇପାରେ; ଇହ=ଏହି ଜୀବନରେ; ଉଭେ=ଉଭୟରେ; ସୁକୃତ-ଦୁଷ୍କୃତେ=ଭଲ ଓ ମନ୍ଦ ଫଳରେ; ତସ୍ମାତ୍‌=ତେଣୁ;

ଯୋଗାୟ=ଭଗବାନ୍‌ଙ୍କ ସେବା ଉଦ୍ଦେଶ୍ୟରେ; ଯୁଜ୍ୟସ୍ୱ=ନିଯୁକ୍ତ ହୁଅ; ଯୋଗଃ=କୃଷ୍ଣଚେତନା; କର୍ମସୁ=ସମସ୍ତ କର୍ମରେ; କୌଶଳମ୍=କୌଶଳ ।

## ଅନୁବାଦ

ଯେଉଁ ବ୍ୟକ୍ତି ଭଗବାନଙ୍କର ସେବାରତ ହୋଇଥାଏ, ସେ ଏହି ଜୀବନରେ ଉଭୟ ଭଲ-ମନ୍ଦ କର୍ମଫଳରୁ ମୁକ୍ତ ହୁଏ । ତେଣୁ, ହେ ଅର୍ଜୁନ ! ଯୋଗ ନିମିତ୍ତ ଚେଷ୍ଟା କର । ତାହା ହିଁ ହେଉଛି କର୍ମକୌଶଳ ।

## ଭାବାର୍ଥ

କେଉଁ ଅବିସ୍ମରଣୀୟ କାଳରୁ ପ୍ରତ୍ୟେକ ଜୀବ ତା'ର ଭଲ ଓ ମନ୍ଦ କର୍ମର ଫଳ ଗଚ୍ଛିତକରି ରଖି ଆସିଅଛି । ଫଳରେ ସେ ତା'ର ସ୍ୱରୂପସ୍ଥିତି ସମ୍ବନ୍ଧରେ ବରାବର ଅଜ୍ଞ ହୋଇଆସିଅଛି । ଭଗବଦ୍ ଗୀତାର ଶିକ୍ଷା ଗ୍ରହଣକଲେ ବ୍ୟକ୍ତି ତା'ର ଅଜ୍ଞତାକୁ ଦୂର କରିପାରିବ । ଭଗବଦ୍ ଗୀତା ବ୍ୟକ୍ତିକୁ ସର୍ବାନ୍ତକରଣରେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହେବାକୁ ଶିକ୍ଷାଦିଏ । ତଦ୍ଦ୍ୱାରା ସେ ଜନ୍ମ ଜନ୍ମ ଧରି ସାଇତି ରଖିଥିବା କର୍ମଫଳରୁ ମୁକ୍ତ ହୋଇଯାଏ । ତେଣୁ କୃଷ୍ଣଭାବନାରେ କର୍ମ କରିବାକୁ ଅର୍ଜୁନଙ୍କୁ ଉପଦେଶ ଦିଆଯାଉଅଛି । ଏହା ହେଉଛି କର୍ମ ବନ୍ଧନରୁ ମୁକ୍ତ ହେବାର ଏକମାତ୍ର ଶୁଦ୍ଧ ଉପାୟ ।

## ଶ୍ଳୋକ - ୫୧

**କର୍ମଜଂ ବୁଦ୍ଧିଯୁକ୍ତା ହି ଫଳଂ ତ୍ୟକ୍ତ୍ୱା ମନୀଷିଣଃ ।**
**ଜନ୍ମବନ୍ଧବିନିର୍ମୁକ୍ତାଃ ପଦଂ ଗଚ୍ଛନ୍ତ୍ୟନାମୟମ୍ ।। ୫୧ ।।**

## ଶବ୍ଦାନୁବାଦ

କର୍ମ-ଜମ୍=ସକାମ କର୍ମଯୋଗୁଁ; ବୁଦ୍ଧି-ଯୁକ୍ତାଃ=ବୁଦ୍ଧିଯୁକ୍ତ ହୋଇ ଅର୍ଥାତ୍ ଭଗବଦ୍ ସେବା କର୍ମରେ ନିଯୁକ୍ତ ହୋଇ; ହି=ନିଶ୍ଚିତଭାବେ; ଫଳମ୍=ଫଳ; ତ୍ୟକ୍ତ୍ୱା=ତ୍ୟାଗକରି; ମନୀଷିଣଃ=ଯେଉଁ ଭକ୍ତମାନେ ବିଶିଷ୍ଟ ମୁନି ବା ଋଷି; ଜନ୍ମ-ବନ୍ଧ=ଜନ୍ମ ମୃତ୍ୟୁର ବନ୍ଧନ; ବିନିର୍ମୁକ୍ତାଃ=ମୁକ୍ତଜୀବଗଣ; ପଦମ୍=ସ୍ଥାନ; ଗଚ୍ଛନ୍ତି=ପ୍ରାପ୍ତହୁଅନ୍ତି; ଅନାମୟମ୍=ଦୁଃଖ ରହିତ ।

## ଅନୁବାଦ

**ଯେଉଁମାନେ ଜ୍ଞାନୀ ସେମାନେ ଭଗବଦ୍ ସେବାରେ ନିଯୁକ୍ତ ହୋଇ ଭଗବାନଙ୍କର ଶରଣାପନ୍ନ ହୁଅନ୍ତି ଏବଂ (ସେମାନେ) ଏହି ଭୌତିକ ଜଗତରେ କର୍ମଫଳ ତ୍ୟାଗକରି ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତ ହୁଅନ୍ତି । ଏହି ପ୍ରକାରେ ସେମାନେ ଦୁଃଖ-ଶୋକ ରହିତ ଅନାମୟ ପଦ ପ୍ରାପ୍ତ ହୋଇପାରନ୍ତି ।**

## ଭବାର୍ଥ

ଯେଉଁମାନେ ମୁକ୍ତ ଜୀବ, ସେମାନେ ଏପରି ଏକ ସ୍ଥାନ ପ୍ରାପ୍ତ ହେବାକୁ ଇଚ୍ଛା କରନ୍ତି ଯେଉଁଠାରେ ଭୌତିକ ଜଗତର ଦୁଃଖ-ଶୋକ ନାହିଁ । 'ଭାଗବତ'ରେ କୁହାଯାଇଅଛି—

*ସମାଶ୍ରିତା ଯେ ପଦପଲ୍ଲବ-ପ୍ଳବଂ*
*ମହତ୍ ପଦଂ ପୁଣ୍ୟଯଶୋ ମୁରାରେଃ ।*

*ଭବାମ୍ବୁଧିର୍ ବତ୍ସ-ପଦଂ ପରଂ ପଦଂ*
*ପଦଂ ପଦଂ ଯଦ୍ ବିପଦାଂ ନ ତେଷାମ୍ ।।*

*(ଭାଗବତ: ୧୦-୧୪-୫୮)*

ଅର୍ଥାତ୍ ଯେଉଁ ଭଗବାନ୍ ହେଉଛନ୍ତି ଏ ଦୃଶ୍ୟ ଜଗତର ଆଶ୍ରୟସ୍ଥଳ ଏବଂ ଯେ 'ମୁକୁନ୍ଦ' ନାମରେ ପ୍ରସିଦ୍ଧ ଅର୍ଥାତ୍ ଯେ ମୁକ୍ତିପ୍ରଦାନ କରିପାରନ୍ତି, ସେହି ଭଗବାନଙ୍କର ପାଦପଦ୍ମରୂପକ ନୌକାକୁ ଯେ ଆଶ୍ରୟ କରିଛି, ତା'ପକ୍ଷରେ ଏ ଭବାର୍ଣ୍ଣବ ଏକ ଗୋଷ୍ପଦ ପୁଷ୍କର (ଗୋବତ୍ସ କ୍ଷୁରଖୋଦିତ ଏକ ପୁଷ୍କର) ସଦୃଶ ଅଟେ । 'ପରଂ ପଦଂ' ହେଉଛି ସେ ଭକ୍ତର ଲକ୍ଷ୍ୟସ୍ଥଳ । ଯେଉଁ ସ୍ଥାନରେ ଭୌତିକ ଜଗତ୍‌ର ଦୁଃଖ-ଶୋକ ନାହିଁ ତାହା ହେଉଛି ପରଂପଦଂ ଅର୍ଥାତ୍ ବୈକୁଣ୍ଠଲୋକ ହେଉଛି ତାଙ୍କର ଲକ୍ଷ୍ୟସ୍ଥଳ । ଏ ଭୌତିକ ଜଗତରେ ପ୍ରତିପଦକ୍ଷେପରେ ବିପଦ ଅଛି । ଏ ପ୍ରକାର ଭୌତିକ ଜଗତ ତାଙ୍କର ଲକ୍ଷ୍ୟସ୍ଥଳ ନୁହେଁ ।"

ଅବିଦ୍ୟା ବା ଅଜ୍ଞତା ଯୋଗୁଁ ବ୍ୟକ୍ତି ଜାଣିପାରୁନାହିଁ ଯେ ଏ ଭୌତିକ ଜଗତ ବିପଦପୂର୍ଣ୍ଣ ବା ବଡ଼ ଦୁଃଖପୂର୍ଣ୍ଣ ଅଟେ । ଏଠାରେ ପ୍ରତି ପଦକ୍ଷେପରେ ବିପଦ ଭରିରହିଛି । ଅଜ୍ଞତା ଯୋଗୁଁ ଅଳ୍ପବୁଦ୍ଧି ସଂପନ୍ନଲୋକେ ଭାବନ୍ତି ଯେ ସେମାନଙ୍କ କର୍ମଫଳ ସେମାନଙ୍କୁ ଆନନ୍ଦ ଦେବ ବା ସୁଖଦେବ, ତେଣୁ ସେମାନେ ସକାମ କର୍ମରେ ରତହୋଇ ଅବସ୍ଥାକୁ ସହିନେବା ପାଇଁ ଚେଷ୍ଟା କରନ୍ତି । ସେମାନେ ଏକଥା ଜାଣନ୍ତି ନାହିଁ ଯେ ଏ ବ୍ରହ୍ମାଣ୍ଡରେ କୌଣସି କୌଣସିଠାରେ କୌଣସି ଜୀବ ସୁଖ ପାଉନାହିଁ । ଏ ଭୌତିକ ଶରୀର ଜୀବକୁ କଦାପି ସୁଖ ଦେଉନାହିଁ, କେବଳ ଦୁଃଖ ହିଁ ଦେଉଛି । ଏ ଭୌତିକ ଜଗତରେ ସର୍ବତ୍ର ଜନ୍ମ-ମୃତ୍ୟୁ, ଜରା ଓ ବ୍ୟାଧିରୂପକ ଦୁଃଖ ଭରପୂର ହୋଇ ରହିଛି । କିନ୍ତୁ ଯେ ତା'ର ସ୍ୱରୂପସ୍ଥିତିକୁ ଜାଣିପାରିଛି, ଅର୍ଥାତ୍ ଯେ ଜାଣିପାରିଛି ଯେ ସେ ଭଗବାନଙ୍କର ନିତ୍ୟ ଦାସ ଏବଂ ସେହି ଅନୁକ୍ରମେ ଭଗବାନଙ୍କର ସ୍ଥିତିକୁ ମଧ୍ୟ ଜାଣିପାରିଛି ସେ ନିଜକୁ ଭଗବାନଙ୍କର ଦିବ୍ୟ ସେବାରେ ନିଯୁକ୍ତ କରେ । ପରିଣାମତଃ ସେ ବୈକୁଣ୍ଠଲୋକରେ ପ୍ରବେଶ କରିବାକୁ ଯୋଗ୍ୟ ହୋଇଯାଏ । ବୈକୁଣ୍ଠଲୋକରେ ଜଡ଼ଜଗତର ଦୁଃଖ ନାହିଁ କି କାଳ ଓ ମୃତ୍ୟୁର ପ୍ରଭାବ ନାହିଁ । ନିଜର ସ୍ୱରୂପସ୍ଥିତିକୁ ଜାଣିବାର ଅର୍ଥ ଭଗବାନଙ୍କର ଦିବ୍ୟସ୍ଥିତିକୁ ଜାଣିବା । ଯେ ଭ୍ରମବଶତଃ ଜୀବ ଓ ଭଗବାନଙ୍କୁ ସମାନ ସ୍ତରର ବୋଲି ଭାବେ, ବୁଝିବାକୁ ହେବ ଯେ ସେ ଅନ୍ଧକାରରେ ଅଛି ଏବଂ ସେଇଥିପାଇଁ ସେ ଭଗବାନଙ୍କ ସେବାରେ ଆତ୍ମନିୟୋଗ କରିପାରେ ନାହିଁ । ସେ ନିଜେ ଭଗବାନ୍ ସାଜେ ଏବଂ ଫଳତଃ ବାରମ୍ବାର ଜନ୍ମ-ମୃତ୍ୟୁ ଚକ୍ରରେ ଘୂରିବାକୁ ଆଗେଇଯାଏ । କିନ୍ତୁ ଯେ ଏକଥା ଜାଣିଛି ଯେ ସେ ହେଉଛି ସେବକ ବା ସେବକ ସ୍ଥିତିରେ ଅଛି ଏବଂ ତଦନୁଯାୟୀ ଭଗବାନଙ୍କ ସେବାରେ ଆତ୍ମନିୟୋଗ କରିଛି, ସେ ବୈକୁଣ୍ଠଲୋକରେ ପ୍ରବେଶ କରିବା ନିମିତ୍ତ ଯୋଗ୍ୟ ହୋଇଯାଏ । ଭଗବାନଙ୍କପାଇଁ କାମକରିବା ବା ଭଗବତ୍‌ସେବା କରିବାକୁ କର୍ମଯୋଗ ବା ବୁଦ୍ଧିଯୋଗ କୁହାଯାଏ, ଏହାକୁ ଆମେ ସାଧାସିଧା ଭାବରେ ଭକ୍ତିଯୋଗ ବୋଲି କହୁ ।

## ଶ୍ଳୋକ - ୫୨

**ଯଦା ତେ ମୋହକଲିଲଂ ବୁଦ୍ଧିର୍ବ୍ୟତିତରିଷ୍ୟତି ।**
**ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ ।। ୫୨ ।।**

## ଶବ୍ଦାନୁବାଦ

ଯଦା=ଯେତେବେଳେ; ତେ=ତୁମର; ମୋହ=ମାୟାମୋହ; କଲିଲମ୍=ଘନ ଜଙ୍ଗଲ; ବୁଦ୍ଧିଃ=ବୁଦ୍ଧିଯୁକ୍ତ ହୋଇ ସେବାକରିବା; ବ୍ୟତିତରିଷ୍ୟତି=ଅତିକ୍ରମ କରାଯିବ; ତଦା=ସେତେବେଳେ; ଗନ୍ତାସି=ତୁମେ ଯିବ; ନିର୍ବେଦମ୍=ନିର୍ବେଦ ବା ଉଦାସୀନ; ଶ୍ରୋତବ୍ୟସ୍ୟ=ଯାହା ଶୁଣିବାକୁ ହେବ; ଶ୍ରୁତସ୍ୟ=ଯାହା ଶୁଣିଛ; ଚ=ମଧ୍ୟ ।

## ଅନୁବାଦ

**ଯେତେବେଳେ ତୁମର ବୁଦ୍ଧି ମାୟାମୋହରୂପ ଘନ ଜଙ୍ଗଲକୁ ପାର ହୋଇଯିବ, ସେତେବେଳେ ତୁମେ ଯାହା ଶୁଣିଛ ଏବଂ ଯାହା ଶୁଣିବାକୁ ହେବ, ଏସବୁ ପ୍ରତି ଉଦାସୀନ ହୋଇଯିବ ।**

## ଭାବାର୍ଥ

ଭଗବାନଙ୍କର ଭକ୍ତମାନଙ୍କର ଜୀବନୀରୁ ଅନେକ ସୁନ୍ଦର ଉଦାହରଣ ଦେଖିବାକୁ ମିଳେ । କେବଳ ଭଗବଦ୍ ସେବାରେ ନିଯୁକ୍ତହୋଇ ସେମାନେ କିପରି ବୈଦିକ କର୍ମକାଣ୍ଡ ପ୍ରତି ଉଦାସୀନ ହୋଇ ପଡ଼ିଥିଲେ, ତାହା ସେମାନଙ୍କର ଜୀବନୀରୁ ଦେଖିବାକୁ ମିଳେ । ଯେତେବେଳେ ବ୍ୟକ୍ତି କୃଷ୍ଣଙ୍କୁ ଏବଂ କୃଷ୍ଣଙ୍କସହ ଥିବା ତା'ର ସମ୍ବନ୍ଧକୁ ଭଲରକମ ବୁଝିପାରେ ସେତେବେଳେ ସେ ଏକ ଅଭିଜ୍ଞ ବ୍ରାହ୍ମଣ ହେଲେ ସୁଦ୍ଧା ସ୍ୱତଃ ବୈଦିକ କର୍ମକାଣ୍ଡ ପ୍ରତି ଉଦାସୀନ ହୋଇଯାଏ । ଶ୍ରୀଳ ମାଧବେନ୍ଦ୍ରପୁରୀ, ଯେ'କି ଭଗବାନଙ୍କର ଏକ ବିଶିଷ୍ଟ ଭକ୍ତ ଏବଂ ଗୁରୁପରମ୍ପରାରେ ଆସୁଥିବା ଜଣେ ପ୍ରସିଦ୍ଧ ଆଚାର୍ଯ୍ୟ, (ସେ)କହିଛନ୍ତି —

*''ସଂଧ୍ୟା-ବନ୍ଦନ ଭଦ୍ରମ୍ ଅସ୍ତୁ ଭବତୋ ଭୋଃ ସ୍ନାନତୁଭ୍ୟଂ ନମୋ*
*ଭୋ ଦେବାଃ ପିତରସ୍ ଚ ତର୍ପଣ-ବିଧୌ ନାହଂ କ୍ଷମଃ କ୍ଷମ୍ୟତାଂ*
*ଯତ୍ର କ୍ୱାପିନିଷଦ୍ୟ ଯାଦବ-କୁଳୋତ୍ତମସ୍ୟ କଂସ-ଦ୍ୱି-ଷଃ*
*ସ୍ମାରଂ ସ୍ମାରଂ ଅଘମ୍ ହରାମି ତଦ୍ ଅଳଂ ମନ୍ୟେ କିମ୍ ଅନ୍ୟେନ ମେ ।''*

ଅର୍ଥାତ୍—''ହେ ଭଗବାନ୍ ! ମୁଁ ଦୈନିକ ତିନିବାର ମୋର ପ୍ରାର୍ଥନାରେ ଆପଣଙ୍କର ଗୌରବ ଗାନ କରୁଛି । ସ୍ନାନକରି ମୁଁ ଆପଣଙ୍କୁ ପ୍ରଣାମ ଜଣାଏ । ହେ ଦେବବୃନ୍ଦ ! ହେ ପିତୃପୁରୁଷଗଣ ! ଆପଣମାନଙ୍କୁ ମୁଁ ସମ୍ମାନ ପ୍ରଦର୍ଶନ କରିପାରୁନାହିଁ । ଏହି ଅକ୍ଷମତା ଯୋଗୁଁ ମୋତେ କ୍ଷମା କରନ୍ତୁ । ବର୍ତ୍ତମାନ ମୁଁ ଯେଉଁଠି ବସେ, ସେଠାରେ ଯଦୁବଂଶର ଶ୍ରେଷ୍ଠ ପୁରୁଷ-କୁଳଚନ୍ଦ୍ରମା (କୃଷ୍ଣ)ଙ୍କୁ ବା କଂସାରି କୃଷ୍ଣଙ୍କୁ ସ୍ମରଣ କରିପାରେ ଏବଂ ତଦ୍ଦ୍ୱାରା ସମସ୍ତ ପ୍ରକାର ପାପକର୍ମର ବନ୍ଧନରୁ ନିଜକୁ ମୁକ୍ତ କରିପାରେ । ମୁଁ ଭାବୁଛି, ଏହା ମୋ'ପକ୍ଷରେ ଯଥେଷ୍ଟ ।''

ନବାଗତ ଶିଷ୍ୟ ବା ନୂତନ ବ୍ରହ୍ମଚାରୀ ପକ୍ଷରେ ବୈଦିକ ବ୍ରତ-ବିଧି-ବିଧାନ ଅବଶ୍ୟ ଆଚରଣୀୟ ଅଟେ । ବିଧିବିଧାନଗୁଡ଼ିକ ସେ ଆଚରଣ କରିବା ଉଚିତ୍ । ତ୍ରିସଂଧ୍ୟା ପ୍ରାର୍ଥନା କରିବା, ବ୍ରାହ୍ମମୁହୂର୍ତ୍ତରେ ସ୍ନାନ କରିବା, ପିତୃପୁରୁଷଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଆଦି ବୈଦିକ ବିଧିବିଧାନମାନ ସେ ପାଳନ କରିବା ଉଚିତ୍ । କିନ୍ତୁ ଯେତେବେଳେ ବ୍ୟକ୍ତି ସଂପୂର୍ଣ୍ଣରୂପେ କୃଷ୍ଣଚେତନାରେ ରହେ ଏବଂ ଭଗବାନଙ୍କ ଦିବ୍ୟସେବାରେ ଆତ୍ମନିୟୋଗ କରେ, ସେତେବେଳେ ସେ ଏ ସମସ୍ତ ବିଧିବିଧାନ ପ୍ରତି ଉଦାସୀନ ହୋଇପଡ଼େ, କାରଣ ସେ ସିଦ୍ଧିପ୍ରାପ୍ତ ହୋଇସାରିଛି ।

ଯଦି ବ୍ୟକ୍ତି ପରମେଶ୍ୱର କୃଷ୍ଣଙ୍କର ସେବାକରି ଜ୍ଞାନସ୍ତରକୁ ଅର୍ଥାତ୍ କୃଷ୍ଣଙ୍କୁ ବୁଝିବାସ୍ତରକୁ ଉନ୍ନୀତ ହୋଇପାରେ, ତାହାହେଲେ ତା'ପକ୍ଷରେ ଆଉ ଶାସ୍ତ୍ରରେ ଦିଆଯାଇଥିବା ବିଭିନ୍ନ ପ୍ରକାର ତପସ୍ୟା ଓ ଯଜ୍ଞାନୁଷ୍ଠାନଆଦି ଆଚରଣ କରିବା ଦରକାର ପଡ଼େନାହିଁ ଏବଂ ଠିକ୍ ସେହିପରି ଯଦି କୌଣସି ବ୍ୟକ୍ତି ବେଦର ପ୍ରକୃତ ଉଦ୍ଦେଶ୍ୟ କ'ଣ ଜାଣିନାହିଁ ଅର୍ଥାତ୍ ବେଦର ପ୍ରକୃତ ଉଦ୍ଦେଶ୍ୟ କୃଷ୍ଣଙ୍କୁ ଜାଣିବା -ଏ କଥା ଜାଣିନାହିଁ ଏବଂ କେବଳ ବୈଦିକ ବ୍ରତ ବିଧିବିଧାନ ଅନୁସରଣ କରିଚାଲିଛି, ତେବେ ସେ ଏତଦ୍ଦ୍ୱାରା ଅଯଥା ସମୟ ନଷ୍ଟକରୁଛି ବୋଲି ବୁଝିବାକୁ ପଡ଼ିବ । ଯେଉଁମାନେ କୃଷ୍ଣ ଚେତନାରେ ଅଛନ୍ତି ସେମାନେ ଶବ୍ଦବ୍ରହ୍ମ-ସ୍ତର ବା ବେଦ୍-ଉପନିଷଦର ସ୍ତରକୁ ଅତିକ୍ରମ କରିଯାଇଛନ୍ତି ।

## ଶ୍ଳୋକ - ୫୩

**ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଳା ।**
**ସମାଧାବଚଳା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି ।। ୫୩ ।।**

## ଶବ୍ଦାନୁବାଦ

ଶ୍ରୁତି=ବୈଦିକ ପ୍ରକାଶ; ବିପ୍ରତିପନ୍ନା=ବେଦର କର୍ମକାଣ୍ଡ (ସକାମକର୍ମର ଫଳ) ପ୍ରତି ଆସକ୍ତ ନହୋଇ ବା ତଦ୍ଦ୍ୱାରା ପ୍ରଭାବିତ ନହୋଇ; ତେ=ତୁମର; ଯଦା=ଯେତେବେଳେ; ସ୍ଥାସ୍ୟତି=ରହିବ; ନିଶ୍ଚଳା=ନିଶ୍ଚଳ, ସ୍ଥିର; ସମାଧୌ=ଦିବ୍ୟ ଚେତନାରେ ବା କୃଷ୍ଣଚେତନାରେ; ଅଚଳା=ସ୍ଥିର; ବୁଦ୍ଧିଃ=ବୁଦ୍ଧି;ତଦା=ସେତେବେଳେ; ଯୋଗମ୍=ଆତ୍ମାନୁଭୂତି; ଅବାପ୍ସ୍ୟସି=ତୁମେ ଲାଭ କରିବ ।

## ଅନୁବାଦ

**ଯେତେବେଳେ ତୁମର ମନ ବେଦର ପୁଷ୍ପିତାବାଣୀରେ ଅର୍ଥାତ୍ ବେଦର କର୍ମକାଣ୍ଡ ବିଭାଗରେ ବର୍ଣ୍ଣିତ ସକାମ କର୍ମରେ ବିଚଳିତ ନହେବ ଏବଂ ଯେତେବେଳେ ଏହା ସମାଧିରେ ସ୍ଥିର ରହିବ ବା ଆତ୍ମାନୁଭୂତି ଲାଭଦିଗରେ ସ୍ଥିର ହେବ, ସେତେବେଳେ ତୁମେ ଦିବ୍ୟଚେତନା ଲାଭ କରିବ ।**

## ଭାବାର୍ଥ

ବ୍ୟକ୍ତି ସମାଧିରେ ଅଛି କହିବାର ଅର୍ଥ ସେ ପୂର୍ଣ୍ଣଭାବେ କୃଷ୍ଣଚେତନା ଲାଭ କରିଛି, ଅର୍ଥାତ୍ ଯେ ପୂର୍ଣ୍ଣ ସମାଧିରେ ଅଛି ସେ ବ୍ରହ୍ମ, ପରମାତ୍ମା ଓ ଭଗବାନ୍ ଅନୁଭୂତି ଲାଭ କରିଛି । ଆତ୍ମାନୁଭୂତିର ସର୍ବୋଚ୍ଚ ସିଦ୍ଧାବସ୍ଥା ହେଲା ନିଜର ସ୍ୱରୂପସ୍ଥିତିକୁ ବୁଝିବା ଅର୍ଥାତ୍ ବ୍ୟକ୍ତି ଶାଶ୍ୱତଭାବେ କୃଷ୍ଣଙ୍କର ସେବକ ଏବଂ ତା'ର ଏକମାତ୍ର କର୍ତ୍ତବ୍ୟ ହେଉଛି କୃଷ୍ଣଚେତନାରେ କର୍ମ କରିବା-ଏକଥା ବୁଝି ପାରିବା । ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ବା କୃଷ୍ଣଙ୍କର ଜଣେ ଏକାନ୍ତ ଭକ୍ତ କେବେହେଲେ ବେଦର ପୁଷ୍ପିତାବାଣୀରେ ଅର୍ଥାତ୍ ବେଦର କର୍ମକାଣ୍ଡ ବିଭାଗରେ ବର୍ଣ୍ଣିତ ସକାମ କର୍ମରେ ବିଚଳିତ ହେବନାହିଁ ।କୃଷ୍ଣଚେତନାରେ ବ୍ୟକ୍ତି ପ୍ରତ୍ୟକ୍ଷଭାବରେ କୃଷ୍ଣଙ୍କସହ ସଂଯୋଗ ସ୍ଥାପନ କରେ ଏବଂ ଏହିପରିଭାବରେ କୃଷ୍ଣଙ୍କର ସମସ୍ତ ନିର୍ଦ୍ଦେଶ ସେ ଦିବ୍ୟଚେତନାରେ

ରହି ବୁଝିପାରେ । ଏ ପ୍ରକାର କର୍ମରେ ନିଯୁକ୍ତ ହେଲେ ବ୍ୟକ୍ତି ନିଶ୍ଚୟ ସୁଫଳ ଏବଂ ସିଦ୍ଧାନ୍ତ ଜ୍ଞାନଲାଭ କରିବ । ଏଥିପାଇଁ କେବଳ ବ୍ୟକ୍ତିକୁ କୃଷ୍ଣଙ୍କ ଆଦେଶ ବା ତାଙ୍କର ପ୍ରତିନିଧି ଗୁରୁ (ବା ଆଚାର୍ଯ୍ୟ)ଙ୍କ ଆଦେଶ ମାନିବାକୁ ପଡ଼ିବ ।

## ଶ୍ଳୋକ - ୫୪

## ଅର୍ଜୁନ ଉବାଚ

**ସ୍ଥିତପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବ ।**
**ସ୍ଥିତଧୀଃ କିଂ ପ୍ରଭାଷେତ କିମାସୀତ ବ୍ରଜେତ କିଂ ।।୫୪।।**

## ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; ସ୍ଥିତ-ପ୍ରଜ୍ଞସ୍ୟ=ଯେ କୃଷ୍ଣଚେତନାରେ ସ୍ଥିର ହୋଇଛି, ତା'ର; କା=କ'ଣ; ଭାଷା=ଭାଷା; ସମାଧି-ସ୍ଥସ୍ୟ=ସମାଧିସ୍ଥ ହୋଇଥିବା ବ୍ୟକ୍ତିର; କେଶବ=ହେ କୃଷ୍ଣ ; ସ୍ଥିତ-ଧୀଃ=ଯେ କୃଷ୍ଣଚେତନାରେ ସ୍ଥିର; କିମ୍=କ'ଣ; ପ୍ରଭାଷେତ=କହେ; କିମ୍=କିପରି; ଆସୀତ=ରହେ; ବ୍ରଜେତ=ଚାଲେ; କିମ୍=କିପରି ।

## ଅନୁବାଦ

**ଅର୍ଜୁନ କହିଲେ, ''ଯେ ଦିବ୍ୟଚେତନାରେ ବା ପରମେଶ୍ୱରଙ୍କର ଚେତନାରେ ମଗ୍ନିଛନ୍ତି ତାଙ୍କର ଲକ୍ଷଣ କ'ଣ ? ସେ କିପରି କଥା କୁହନ୍ତି ଏବଂ ତାଙ୍କର ଭାଷା କ'ଣ ? ସେ କିପରି ବସନ୍ତି ଏବଂ କିପରି ଚାଲନ୍ତି ?''**

## ଭାବାର୍ଥ

ପ୍ରତ୍ୟେକ ବ୍ୟକ୍ତିର ସ୍ଥିତି ଅନୁଯାୟୀ ତା'ର କିଛି ଲକ୍ଷଣ ଅଛି । ଠିକ୍ ସେହିପରି ଯେ କୃଷ୍ଣଚେତନଶୀଳ ତା'ର ବି ଏକପ୍ରକାର ଲକ୍ଷଣ ଅଛି-ତାହାର କହିବା, ଚାଲିବା, ବୁଲିବା, ଚିନ୍ତା କରିବା ଆଦିର ଲକ୍ଷଣଅଛି । ଯେପରି ଧନୀ ଲୋକର ଏକପ୍ରକାର ଲକ୍ଷଣ ଅଛି, ଯେଉଁଥିରୁ ସେ ଧନୀଲୋକ ବୋଲି ଜଣାପଡ଼େ କିମ୍ବା ଯେପରି ଜ୍ଞାନୀଲୋକର କେତେକ ଲକ୍ଷଣ ଅଛି, ସେହିପରି ଯେ ଦିବ୍ୟଚେତନାରେ ବା କୃଷ୍ଣଚେତନାରେ ଅଛନ୍ତି ତାଙ୍କର ସେହିପରି କିଛି ଲକ୍ଷଣ ଅଛି; ତାଙ୍କର ଚାଲିଚଳଣ, ବ୍ୟବହାର ଆଦିର ସ୍ୱତନ୍ତ୍ର ଲକ୍ଷଣ ଅଛି । ଭଗବଦ୍ ଗୀତାରୁ ତାଙ୍କର ଲକ୍ଷଣ ସମ୍ବନ୍ଧରେ ଜଣାଯାଏ । ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ହେଉଛି କୃଷ୍ଣଚେତନଶୀଳ ବ୍ୟକ୍ତି କିପରି କଥାକୁହେ, କାରଣ ଲୋକର ପ୍ରଧାନ ଗୁଣ ବା ଲକ୍ଷଣ ହେଲା ତା'ର କଥା । କଥିତ ଅଛି କଥା ନକହିଥିବା ପର୍ଯ୍ୟନ୍ତ ତୁମେ ମୂର୍ଖକୁ ମୂର୍ଖ ବୋଲି ଜାଣିପାରିବ ନାହିଁ । ବାସ୍ତବରେ ଯେପର୍ଯ୍ୟନ୍ତ ସେ କଥା ନକହିଛି, ସେ ପର୍ଯ୍ୟନ୍ତ ଖୁବ୍ ସୁନ୍ଦର ପୋଷାକ ପିନ୍ଧିଥିବା ଏକ ମୂର୍ଖକୁ ତୁମେ ମୂର୍ଖବୋଲି ଜାଣିପାରିବ ନାହିଁ । କିନ୍ତୁ ସେ କଥା କହିଲାକ୍ଷଣି ଜଣାପଡ଼େ ଯେ ସେ ଗୋଟିଏ ମୂର୍ଖ । କୃଷ୍ଣଚେତନଶୀଳ ବ୍ୟକ୍ତିଙ୍କର ପ୍ରଧାନ ଲକ୍ଷଣ ହେଲା ସେ କେବଳ କୃଷ୍ଣ କଥାହିଁ କହନ୍ତି ଏବଂ କୃଷ୍ଣଙ୍କ ସମ୍ବନ୍ଧୀୟ କଥାହିଁ କହନ୍ତି । ଅନ୍ୟ ଲକ୍ଷଣଗୁଡ଼ିକ ସ୍ୱତଃ ପରିସ୍ଫୁଟ ହୁଏ । ଏସବୁ ବିଷୟରେ ନିମ୍ନରେ ବର୍ଣ୍ଣନା କରାଯାଇଅଛି ।

## ଶ୍ଲୋକ - ୫୫

### ଶ୍ରୀଭଗବାନୁବାଚ

**ପ୍ରଜହାତି ଯଦା କାମାନ୍ ସର୍ବାନ୍ ପାର୍ଥ ମନୋଗତାନ୍ ।**
**ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ ।। ୫୫ ।।**

### ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ପରମପୁରୁଷ ଭଗବାନ୍ କହିଲେ; ପ୍ରଜହାତି=ତ୍ୟାଗକରେ; ଯଦା=ଯେତେବେଳେ; କାମାନ୍=ଇନ୍ଦ୍ରିୟ ସୁଖଭୋଗ କାମନା; ସର୍ବାନ୍=ସମସ୍ତ ପ୍ରକାର; ପାର୍ଥ=ହେ ପୃଥାପୁତ୍ର; ମନଃ-ଗତାନ୍=ମାନସିକ କଳ୍ପନା; ଆତ୍ମନି=ଶୁଦ୍ଧାତ୍ମାବସ୍ଥାରେ; ଏବ=ନିଶ୍ଚିତଭାବରେ; ଆତ୍ମନା=ବିଶୁଦ୍ଧ ମନରେ; ତୁଷ୍ଟଃ=ସନ୍ତୁଷ୍ଟ; ସ୍ଥିତ-ପ୍ରଜ୍ଞଃ=ସ୍ଥିତପ୍ରଜ୍ଞ (ବା ଦିବ୍ୟଚିତ୍ ସ୍ତରରେ ଅବସ୍ଥିତ); ତଦା=ସେ ସମୟରେ; ଉଚ୍ୟତେ=କୁହାଯାଏ ।

### ଅନୁବାଦ

**ଶ୍ରୀଭଗବାନ୍ କହିଲେ; 'ହେ ପାର୍ଥ ! ଯେତେବେଳେ ବ୍ୟକ୍ତି ମାନସିକ କଳ୍ପନାରୁ ସମ୍ଭୂତ ସମସ୍ତପ୍ରକାର ଇନ୍ଦ୍ରିୟ ଭୋଗଲାଳସା ତ୍ୟାଗକରେ ଏବଂ ଯେତେବେଳେ ତା'ର ମନ ଆତ୍ମାରେ ଆନନ୍ଦ ଲାଭକରେ, ସେତେବେଳେ ତା'ର ଆତ୍ମା ଶୁଦ୍ଧ ଦିବ୍ୟ ଚେତନାରେ ଅଛି ବୋଲି କୁହାଯାଏ ।''**

### ଭାବାର୍ଥ

ଭାଗବତରେ କୁହାଯାଇଛି ଯେ ଯେଉଁ ବ୍ୟକ୍ତି ପୂର୍ଣ୍ଣ କୃଷ୍ଣଚେତନାରେ ଅଛି, ଅର୍ଥାତ୍ ଶୁଦ୍ଧଭାବରେ କୃଷ୍ଣଚେତନାରେ ରତ ହୋଇଅଛି, ସେ ସାଧୁମାନଙ୍କର ସମସ୍ତ ଗୁଣ ଲାଭ କରିଛି । କିନ୍ତୁ ଯେଉଁବ୍ୟକ୍ତି ଏପ୍ରକାର ଦିବ୍ୟଚେତନାରେ ନାହିଁ, ତାହାର କୌଣସି ସଦ୍‌ଗୁଣ ନାହିଁ, କାରଣ ଏକଥା ନିଶ୍ଚିତ ଯେ ସେ ନିଜ ମାନସିକ କଳ୍ପନା ବିଳାସରେ ଭାସୁଛି । ସେଇଥିଯୋଗୁଁ ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ ବ୍ୟକ୍ତିକୁ ମାନସିକ କଳ୍ପନା ସମ୍ଭୂତ ସମସ୍ତପ୍ରକାର ଇନ୍ଦ୍ରିୟ ଭୋଗଲାଳସା ତ୍ୟାଗ କରିବାକୁ ହେବ । କୃତ୍ରିମ ଉପାୟରେ ଇନ୍ଦ୍ରିୟ ଭୋଗଲାଳସା ବନ୍ଦ କରାଯାଇ ନପାରେ । କିନ୍ତୁ ବ୍ୟକ୍ତି ଯଦି କୃଷ୍ଣସେବାରେ ରତ ହୋଇଯାଏ, ତାହାହେଲେ ବିନା ଚେଷ୍ଟାରେ ସମସ୍ତପ୍ରକାର ଇନ୍ଦ୍ରିୟ ଭୋଗଲାଳସା ସ୍ୱତଃ ବନ୍ଦ ହୋଇଯାଏ । ତେଣୁ ବ୍ୟକ୍ତି ବିନାଦ୍ୱିଧାରେ କୃଷ୍ଣସେବାରେ ରତ ହେବା ଉଚିତ୍, କାରଣ ଭକ୍ତିଯୋଗ ବ୍ୟକ୍ତିକୁ ଦିବ୍ୟଚେତନସ୍ତର ଲାଭ କରିବାରେ ସାଙ୍ଗେ ସାଙ୍ଗେ ସାହାଯ୍ୟକରେ । ଯେ ମହାତ୍ମା ସେ ଏକଥା ଭଲରକମ ଅନୁଭବ କରିଥାଆନ୍ତି ଯେ ସେ ପରମେଶ୍ୱରଙ୍କର ନିତ୍ୟଦାସ ଅଟନ୍ତି । ଏହା ଜାଣିପାରି ସେ ସର୍ବଦା ସନ୍ତୁଷ୍ଟ ରୁହନ୍ତି । ଦିବ୍ୟ ଶରୀରରେ ଅବସ୍ଥାନ କରୁଥିବା ଏପ୍ରକାର ମହାତ୍ମାଙ୍କର କ୍ଷୁଦ୍ରଭୌତିକ କାମନା ସମ୍ଭୂତ ଇନ୍ଦ୍ରିୟ ସୁଖଭୋଗ ଲାଳସା ନଥାଏ ବରଂ ସେ ତାଙ୍କର ସ୍ୱରୂପ ସ୍ଥିତିରେ ଅବସ୍ଥାନ କରି ଅର୍ଥାତ୍ ଶାଶ୍ୱତଭାବେ ଭଗବାନଙ୍କ ସେବାରତ ହୋଇ ବରାବର ଆନନ୍ଦ ଅନୁଭବ କରୁଥାଆନ୍ତି ।

## ଶ୍ଳୋକ - ୫୬

**ଦୁଃଖେଷ୍ୱନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ ।**
**ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ ।। ୫୬ ।।**

## ଶବ୍ଦାନୁବାଦ

ଦୁଃଖେଷୁ=ତ୍ରିତାପରେ; ଅନୁଦ୍‌ବିଗ୍ନ-ମନାଃ=ଉଦ୍‌ବିଗ୍ନ ନହୋଇ; ସୁଖେଷୁ=ସୁଖରେ; ବିଗତ-ସ୍ପୃହଃ=ଅତ୍ୟଧିକ ଆଗ୍ରହ ପ୍ରକାଶ ନକରି; ବୀତ=ମୁକ୍ତ; ରାଗ=ଆସକ୍ତି; ଭୟ=ଭୟ; କ୍ରୋଧଃ=କ୍ରୋଧ; ସ୍ଥିତ-ଧୀଃ=ଯେ ସ୍ଥିର; ମୁନିଃ=ମୁନି (ମନନଶୀଳ); ଉଚ୍ୟତେ=କୁହାଯାଏ ।

## ଅନୁବାଦ

**ତ୍ରିତାପ ସତ୍ତ୍ୱେ ଯେ ବିଚଳିତ ହୁଏନାହିଁ, ସୁଖରେ ଯେ ଆନନ୍ଦ ବିଭୋର ହୁଏ ନାହିଁ ଏବଂ ସେ ଆସକ୍ତି (ରାଗ) ଭୟ ଏବଂ କ୍ରୋଧରୁ ମୁକ୍ତ ତାଙ୍କୁ ସ୍ଥିତଧୀଃ ମୁନି ବୋଲି କୁହାଯାଏ ।**

## ଭାବାର୍ଥ

ମାନସିକ କଳ୍ପନା ବିଳାସରେ ମାତି ଯେ ମନକୁ ବିଭିନ୍ନ ଦିଗରେ ଉଦ୍‌ବିଗ୍ନ କରିପାରନ୍ତି, କିନ୍ତୁ କୌଣସି ପ୍ରକାର ସିଦ୍ଧାନ୍ତକୁ ଆସି ପାରନ୍ତିନାହିଁ, ତାଙ୍କୁ ମୁନି କୁହାଯାଏ । କଥିତ ଅଛି ପ୍ରତ୍ୟେକ ମୁନିଙ୍କର ସ୍ୱତନ୍ତ୍ର ଦୃଷ୍ଟିକୋଣ ବା ବିଗ୍ରହ ଅଛି । ଯଦି ଗୋଟିଏ ମୁନି ଅନ୍ୟ ମୁନିଙ୍କର ବିଗ୍ରହଧାରାଠାରୁ ସ୍ୱତନ୍ତ୍ର ବିଗ୍ରହଧାରା ଗ୍ରହଣ ନକରେ, ତାହାହେଲେ ତାଙ୍କୁ ମୁନି କୁହାଯିବ ନାହିଁ । *"ନାସୌ ମୁନିର୍ ଯସ୍ୟ ମତଂ ନ ଭିନ୍ନମ୍ ।"* କିନ୍ତୁ ଏଠାରେ ଭଗବାନ୍ ଯେଉଁ 'ସ୍ଥିତଧୀ ମୁନି'ଙ୍କ କଥା କହିଛନ୍ତି, ସେ ସାଧାରଣ ମୁନିଙ୍କଠାରୁ ଭିନ୍ନ ଅଟନ୍ତି । ସ୍ଥିତଧୀ ମୁନି ସର୍ବଦା କୃଷ୍ଣଚେତନାରେ ଥା'ନ୍ତି, କାରଣ ସମସ୍ତପ୍ରକାର ମାନସିକ କଳ୍ପନା ବିଳାସରୁ ମୁକ୍ତ ହୋଇ ଯାଇଥାନ୍ତି-ସେ ସବୁ କାରବାର ଶେଷକରି ଦେଇଥା'ନ୍ତି । ସେ ମାନସିକ କଳ୍ପନା-ବିଳାସ ସ୍ତରକୁ ଅତିକ୍ରମ କରି ଯାଇଥା'ନ୍ତି ଏବଂ ଏହି ସିଦ୍ଧାନ୍ତକୁ ଆସି ଯାଇଥା'ନ୍ତି ଯେ ଭଗବାନ୍ ଶ୍ରୀକୃଷ୍ଣ ବା ବାସୁଦେବ ହେଉଛନ୍ତି ସବୁ । ତାହାଙ୍କୁ 'ସ୍ଥିତଧୀ ମୁନି' କୁହାଯାଏ । ଏ ପ୍ରକାର କୃଷ୍ଣଚେତନଶୀଳ ବ୍ୟକ୍ତି କେବେହେଲେ ତ୍ରିତାପରେ ବିଚଳିତ ହୁଅନ୍ତି ନାହିଁ, କାରଣ ସେ ସମସ୍ତ ଦୁଃଖକୁ ଭଗବାନଙ୍କ କୃପା ବୋଲି ଭାବନ୍ତି । ସେ ଭାବନ୍ତି ଯେ ତାଙ୍କର ଗତ ଜୀବନର ପାପ ଯୋଗୁଁ ସେ ଅଧିକ ଦୁଃଖଭାଗୀ ହେବା ଉଚିତ୍ ଏବଂ ସେ ଦେଖନ୍ତି ଯେ ଭଗବାନଙ୍କ ଅହୈତୁକୀ କୃପାହେତୁ ତାଙ୍କର ଦୁଃଖ ଖୁବ୍ ଲାଘବ ହୋଇଯାଇଛି । ଠିକ୍ ସେହିପରି ସେ ଯେତେବେଳେ ସୁଖପା'ନ୍ତି ସେତେବେଳେ ସେ ଭଗବାନଙ୍କୁ ଧନ୍ୟବାଦ ଦିଅନ୍ତି, କାହିଁକିନା ସେ ସୁଖଭୋଗ ନିମିତ୍ତ ଅଯୋଗ୍ୟ । ସେ ଭାବନ୍ତି ଯେ କେବଳ ଭଗବାନଙ୍କ କୃପା ହେତୁ ସେ ଏପ୍ରକାର ସୁନ୍ଦର ଆରାମଦାୟକ ଅବସ୍ଥା ପ୍ରାପ୍ତ ହୋଇଛନ୍ତି ଏବଂ ଭଲଭାବରେ ଭଗବାନଙ୍କର ସେବା କରିବାପାଇଁ ସକ୍ଷମ ହୋଇ ପାରିଛନ୍ତି । ଭଗବାନଙ୍କ ସେବା ନିମିତ୍ତ ସେ ସର୍ବଦା ନିର୍ଭୟ ଓ କର୍ମଠ ଏବଂ ଏଥିନିମିତ୍ତ ସେ କେବେହେଲେ ରାଗ-ଦ୍ୱେଷର ବଶବର୍ତ୍ତୀ ହୁଅନ୍ତି ନାହିଁ । ନିଜର ଇନ୍ଦ୍ରିୟ ସୁଖପାଇଁ ବିଷୟବସ୍ତୁକୁ ଗ୍ରହଣ କରିବାକୁ ଆସକ୍ତି କୁହାଯାଏ ଏବଂ ଏ ପ୍ରକାର ଇନ୍ଦ୍ରିୟ ସୁଖ-ଭୋଗ କାମନା ବା ଆସକ୍ତିରୁ ଦୂରେଇ ଯିବାକୁ 'ଅନାସକ୍ତ' ଭାବ ବୋଲି କୁହାଯାଏ, କିନ୍ତୁ ଯେ କୃଷ୍ଣଚେତନାରେ ସ୍ଥିର ହୋଇ ଯାଇଛି, ତାଙ୍କର

ଆସକ୍ତି ନାହିଁ କି ଅନାସକ୍ତି ନାହିଁ, କାରଣ ତାଙ୍କ ଜୀବନ କୃଷ୍ଣସେବାରେ (ଭଗବତ୍ ସେବାରେ) ଉତ୍ସର୍ଗୀକୃତ ହୋଇଅଛି । ଫଳତଃ ସେ ଯେତେବେଳେ ତାଙ୍କ ଚେଷ୍ଟାରେ ବ୍ୟର୍ଥ ହୁଅନ୍ତି, ସେତେବେଳେ ମଧ୍ୟ ସେ ରାଗନ୍ତିନାହିଁ । କୃଷ୍ଣ ଚେତନଶୀଳ ବ୍ୟକ୍ତି ସର୍ବଦା ତାଙ୍କ ଲକ୍ଷ୍ୟରେ ସ୍ଥିରଥା'ନ୍ତି ।

## ଶ୍ଳୋକ - ୫୭

**ଯଃ ସର୍ବତ୍ରାନଭିସ୍ନେହସ୍ତତ୍‌ପ୍ରାପ୍ୟ ଶୁଭାଶୁଭମ୍ ।**
**ନାଭିନନ୍ଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।। ୫୭ ।।**

## ଶବ୍ଦାନୁବାଦ

ଯଃ=ଯେ; ସର୍ବତ୍ର=ସବୁଠାରେ; ଅନଭିସ୍ନେହଃ=ସ୍ନେହ ରହିତ; ତତ୍=ତାହା; ତତ୍=ତାହା; ପ୍ରାପ୍ୟ=ପାଇ; ଶୁଭ=ଶୁଭ (ଭଲ); ଅଶୁଭମ୍=ଅଶୁଭ (ମନ୍ଦ); ନ=ନୁହେଁ; ଅଭିନନ୍ଦତି=ପ୍ରଶଂସାକରି; ନ=ନୁହେଁ; ଦ୍ୱେଷ୍ଟି=ହିଂସାକରେ; ତସ୍ୟ=ତାହାର; ପ୍ରଜ୍ଞା=ଠିକ୍ ଜ୍ଞାନ; ପ୍ରତିଷ୍ଠିତା=ପ୍ରତିଷ୍ଠିତ ।

## ଅନୁବାଦ

**ଯେ ଆସକ୍ତିରହିତ, ଯେ ଶୁଭ ପ୍ରାପ୍ତିରେ ଆନନ୍ଦିତ ହୁଏନାହିଁ କି ଅଶୁଭ ପ୍ରାପ୍ତିରେ ଦୁଃଖିତ ହୁଏନାହିଁ, ସେ ଉପଯୁକ୍ତ ଜ୍ଞାନ ହାସଲ କରିଛି ଓ ତହିଁରେ ସ୍ଥିର ଅଛି ବୋଲି ବୁଝିବାକୁ ହେବ ।**

## ଭାବାର୍ଥ

ଭୌତିକ ଜଗତରେ ସର୍ବଦା କିଛି'ନା କିଛି ଗୋଳମାଳ ଅଛି । ତୁମ୍ଭେମାନେ ଦେଖିବ କେତେବେଳେ କିଛି ଭଲ ହେଉଛି'ତ କିଛି ମନ୍ଦ ହେଉଛି । ଯେ ଏପ୍ରକାର ଭୌତିକ ଗୋଳମାଳ ବା ଭଲମନ୍ଦରେ ବିବ୍ରତ ହୁଏନାହିଁ, ସେ କୃଷ୍ଣଚେତନାରେ ସ୍ଥିର ଅଛି ବୋଲି ବୁଝିବାକୁ ହେବ । ବ୍ୟକ୍ତି ଯେପର୍ଯ୍ୟନ୍ତ ଭୌତିକ ଜଗତରେ ଅଛି ସେପର୍ଯ୍ୟନ୍ତ ସେ ନିଶ୍ଚୟ କିଛି'ନା କିଛି ଭଲ-ମନ୍ଦ ଭୋଗ କରିବ । କାରଣ ଏ (ଭୌତିକ) ଜଗତ ଦ୍ୱନ୍ଦଭାବରେ ପରିପୂର୍ଣ୍ଣ । କିନ୍ତୁ ଯେ କୃଷ୍ଣଚେତନାରେ ସ୍ଥିର ଅଛି ସେ ଏ ଭଲମନ୍ଦରେ ବ୍ୟତିବ୍ୟସ୍ତ ହୁଏ ନାହିଁ, କାରଣ ସେ କେବଳ କୃଷ୍ଣଙ୍କ ନିମିତ୍ତ ହିଁ ବ୍ୟସ୍ତଥାଏ । କୃଷ୍ଣ ହେଉଛନ୍ତି ସର୍ବମଙ୍ଗଳ ଓ ଅଦ୍ୱୟ ଜ୍ଞାନ । ଯେଉଁ ବ୍ୟକ୍ତି ଏପ୍ରକାର କୃଷ୍ଣଚେତନାରେ ଥାଏ, ସେ ଠିକ୍ ଦିବ୍ୟସ୍ତରରେ ଅବସ୍ଥାନ କରୁଛି ବୋଲି କୁହାଯାଏ । ଏପ୍ରକାର ଅବସ୍ଥାକୁ 'ସମାଧି' ଅବସ୍ଥା କୁହାଯାଏ ।

## ଶ୍ଳୋକ - ୫୮

**ଯଦା ସଂହରତେ ଚାୟଂ କୂର୍ମୋଽଙ୍ଗାନୀବ ସର୍ବଶଃ ।**
**ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।। ୫୮ ।।**

## ଶବ୍ଦାନୁବାଦ

ଯଦା=ଯେତେବେଳେ; ସଂହରତେ=ସଂହରଣକରେ; ଚ=ମଧ୍ୟ; ଅୟମ୍=ଏସବୁ; କୂର୍ମଃ=କଚ୍ଛପ; ଅଙ୍ଗାନି=ଅଙ୍ଗସବୁ; ଇବ=ପରି; ସର୍ବଶଃ=ସମସ୍ତ; ଇନ୍ଦ୍ରିୟାଣି=ଇନ୍ଦ୍ରିୟ ସମୂହ; ଇନ୍ଦ୍ରିୟ-ଅର୍ଥେଭ୍ୟଃ=ଇନ୍ଦ୍ରିୟ ଭୋଗ୍ୟବସ୍ତୁରୁ; ତସ୍ୟ=ତା'ର; ପ୍ରଜ୍ଞା=ଚେତନା; ପ୍ରତିଷ୍ଠିତା=ସୁସ୍ଥିର ।

## ଅନୁବାଦ

**ଯେପରି କଚ୍ଛପ ତା'ର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ନିଜ ଭିତରକୁ ଟାଣି ନେଇପାରେ, ସେହିପରି ଯେଉଁବ୍ୟକ୍ତି ଇନ୍ଦ୍ରିୟଭୋଗ୍ୟ ବସ୍ତୁରୁ ଇନ୍ଦ୍ରିୟମାନଙ୍କୁ ଟାଣି ନେଇପାରେ, ସେ ପ୍ରକୃତ ଜ୍ଞାନରେ ସ୍ଥିର ହୋଇଛି ବୋଲି ବୁଝାଯିବ ।**

## ଭାବାର୍ଥ

କିଏ ପ୍ରକୃତରେ ଯୋଗୀ, ଭକ୍ତ ବା ଆତ୍ମଜ୍ଞାନୀ, ତାହା ଜାଣିବାର ପ୍ରଧାନ ଉପାୟ ହେଲା ଇନ୍ଦ୍ରିୟ ସଂଯମ । ଯେ ଇନ୍ଦ୍ରିୟମାନଙ୍କୁ ସଂଯମ କରିପାରିଛି ଅର୍ଥାତ୍ ନିଜ ଇଚ୍ଛା ଅନୁଯାୟୀ ଇନ୍ଦ୍ରିୟମାନଙ୍କୁ ସଂଯତଭାବରେ ବ୍ୟବହାର କରି ପାରୁଛି, ସେ ପ୍ରକୃତରେ ଯୋଗୀ ବା ଭକ୍ତ ବା ଆତ୍ମଜ୍ଞାନୀ ବୋଲି ବୁଝିବାକୁ ପଡ଼ିବ । ଅଧିକାଂଶ ଲୋକ ଇନ୍ଦ୍ରିୟର ଦାସ ଏବଂ ସେମାନେ ଇନ୍ଦ୍ରିୟମାନଙ୍କଦ୍ୱାରା ପରିଚାଳିତ ହୁଅନ୍ତି । ଅର୍ଜୁନଙ୍କର ଏକ ପ୍ରଶ୍ନ ହେଲା-ଯୋଗୀ କିପରି ରହେ । ଏ ପ୍ରଶ୍ନର ଉତ୍ତର ହେଲା -ଏହା, ଅର୍ଥାତ୍ ଯୋଗୀ ସଂଯତ ଭାବରେ ନିଜ ଇନ୍ଦ୍ରିୟକୁ ବ୍ୟବହାର କରିପାରେ, ସେ ଇନ୍ଦ୍ରିୟର ଦାସ ନୁହେଁ ବା ସେମାନଙ୍କ ନିର୍ଦ୍ଦେଶରେ ପରିଚାଳିତ ହୁଏ ନାହିଁ । ଇନ୍ଦ୍ରିୟଗୁଡ଼ିକ ବିଷାକ୍ତ ସର୍ପସହ ତୁଳନୀୟ । ସେମାନେ ବିନା ବାଧାରେ ବା ବିନା ଶୃଙ୍ଖଳରେ ଅସଂଯତ ଭାବରେ କାମ କରିବା ପାଇଁ ଇଚ୍ଛା କରନ୍ତି । ସାପୁଆ କେଳା ଯେପରି ବିଷଧର ସର୍ପକୁ ବଶ କରିଥାଏ, ଠିକ୍ ସେହିପରି ଯୋଗୀ ବା ଭକ୍ତ ଏ ଦୁର୍ଦ୍ଦାନ୍ତ ଇନ୍ଦ୍ରିୟମାନଙ୍କୁ ବଶ କରିଥା'ନ୍ତି । ଯୋଗୀ ବା ଭକ୍ତ ଦୁର୍ଦ୍ଦାନ୍ତ ଇନ୍ଦ୍ରିୟମାନଙ୍କୁ ବଶ କରିବା ନିମିତ୍ତ ଖୁବ୍ ଦୃଢ଼ ହେବା ଉଚିତ୍ । ମନଇଚ୍ଛା କାମ କରିବାକୁ ସେ ସେମାନଙ୍କୁ ଦିଏ ନାହିଁ । ପ୍ରାମାଣିକ ଗ୍ରନ୍ଥ ବା ଶାସ୍ତ୍ରମାନଙ୍କରେ ଅନେକ ନିର୍ଦ୍ଦେଶ ଅଛି-ସେଗୁଡ଼ିକ ମଧ୍ୟରୁ କେତେକ ହେଉଛି 'କରନାହିଁ', ଆଉ କେତେକ ହେଉଛି 'କର' । ଯେପର୍ଯ୍ୟନ୍ତ ବ୍ୟକ୍ତି ଏହି ନିର୍ଦ୍ଦେଶ, ଅର୍ଥାତ୍ କ'ଣ କରିବାକୁ ହେବ ଓ କ'ଣ ନ କରିବାକୁ ହେବ ନ ମାନିଛି ଏବଂ ଇନ୍ଦ୍ରିୟ ସୁଖ-ଭୋଗରୁ ନିଜକୁ ଦୂରେଇ ନ ନେଇଛି, ସେପର୍ଯ୍ୟନ୍ତ କୃଷ୍ଣଚେତନାରେ ସ୍ଥିର ହେବା ସମ୍ଭବପର ନୁହେଁ । ଏଠାରେ କଚ୍ଛପର ଉଦାହରଣ ହେଉଛି ପ୍ରକୃଷ୍ଟ ଉଦାହରଣ । କଚ୍ଛପ ଯେ କୌଣସି ମୁହୂର୍ତ୍ତରେ ତା'ର ଇନ୍ଦ୍ରିୟମାନଙ୍କୁ ସଂହରଣ କରିପାରେ ଏବଂ ଯେକୌଣସି ମୁହୂର୍ତ୍ତରେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ନିମିତ୍ତ ସେଗୁଡ଼ିକ ପୁଣି ବ୍ୟବହାର କରିପାରେ । ଠିକ୍ ସେହିପରି କୃଷ୍ଣଚେତନଶୀଳ ବ୍ୟକ୍ତି ତା'ର ଇନ୍ଦ୍ରିୟମାନଙ୍କୁ କୃଷ୍ଣସେବା ନିମିତ୍ତ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର କରିପାରେ ଏବଂ ଅନ୍ୟଥା ସେ ତା'ର ଇନ୍ଦ୍ରିୟମାନଙ୍କୁ ସଂହରଣ କରିପାରେ । କଚ୍ଛପ ତା'ର ଇନ୍ଦ୍ରିୟମାନଙ୍କୁ ନିଜ ମଧ୍ୟରେ ଲୁଚ଼ାଇ ରଖିଥାଏ । କେବଳ ଦରକାର ବେଳେ ବ୍ୟବହାର କରେ । ତେଣୁ କଚ୍ଛପର ଉଦାହରଣ ଦିଆଯାଇ ଇନ୍ଦ୍ରିୟମାନଙ୍କୁ କୃଷ୍ଣ ସେବାରେ ସର୍ବଦା ନିଯୁକ୍ତ ରଖିବାକଥା କୁହାଯିବାଦ୍ୱାରା ଏକ ପ୍ରକୃଷ୍ଟ ଉଦାହରଣ ଦିଆଯାଇଅଛି ।

## ଶ୍ଲୋକ - ୫୯

**ବିଷୟା ବିନିବର୍ତନ୍ତେ ନିରାହାରସ୍ୟ ଦେହିନଃ ।**
**ରସବର୍ଜଂ ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତତେ ।। ୫୯ ।।**

## ଶବ୍ଦାନୁବାଦ

ବିଷୟାଃ=ଇନ୍ଦ୍ରିୟ ଭୋଗ୍ୟ ବିଷୟବସ୍ତୁ; ବିନିବର୍ତନ୍ତେ=ସେମାନଙ୍କଠାରୁ ଦୂରରେ ରହିବାକୁ ଅଭ୍ୟାସ କରାଯାଏ; ନିରାହାରସ୍ୟ=ନିଷେଧାର୍ଥକ ନିରୋଧଦ୍ୱାରା; ଦେହିନଃ=ଦେହୀର; ରସ-ବର୍ଜମ୍=ସ୍ୱାଦୁକୁ ତ୍ୟାଗକରି (ଅର୍ଥାତ୍ ରସକୁ ବର୍ଜନକରି); ରସଃ=ଉପଭୋଗ; ଅପି=ଯଦିଓ ଅଛି; ଅସ୍ୟ=ତାର; ପରମ୍=ଅତ୍ୟନ୍ତ ଉନ୍ନତତର ପଦାର୍ଥ ବା ବସ୍ତୁ; ଦୃଷ୍ଟ୍ୱା=ଅନୁଭବ କରି; ନିବର୍ତତେ=ତହିଁରୁ କ୍ଷାନ୍ତ ହୁଏ ।

## ଅନୁବାଦ

**ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁମାନଙ୍କୁ ଉପଭୋଗ କରିବାର କାମନା ରହିଲେ ସୁଦ୍ଧା; ଦେହୀ (ବା ଜୀବ) ଇନ୍ଦ୍ରିୟ-ସୁଖଭୋଗରୁ ଦୂରେଇ ରହିପାରେ । କିନ୍ତୁ ଏକ ଉନ୍ନତତର ସ୍ୱାଦୁ ଉପଭୋଗ କରି ଜୀବ ଇନ୍ଦ୍ରିୟସୁଖ ଭୋଗରୁ କ୍ଷାନ୍ତ ହୁଏ ଏବଂ ତଦ୍ୱାରା ସେ ଦିବ୍ୟ ଚେତନାରେ ସ୍ଥିର ହୁଏ ।**

## ଭାବାର୍ଥ

ବ୍ୟକ୍ତି ଦିବ୍ୟସ୍ତରରେ ଅବସ୍ଥାନ ନକଲେ, ଇନ୍ଦ୍ରିୟ-ସୁଖଭୋଗରୁ ଦୂରେଇ ରହିବା ସମ୍ଭବପର ନୁହେଁ । ଗୋଟିଏ ରୋଗୀକୁ କେତେକ ଖାଦ୍ୟପଦାର୍ଥ ସେବନ କରିବାକୁ ବାରଣ କରିବା ଯାହା, ବିଧି ନିଷେଧ ଆଦି ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବିଷୟଭୋଗ୍ୟ ବସ୍ତୁମାନଙ୍କରୁ ଦୂରେଇନେବା ସେଇଆ । ଅବଶ୍ୟ ରୋଗୀ ଏ ପ୍ରକାର ବିଧି ନିଷେଧକୁ ଭଲପାଏ ନାହିଁ କିମ୍ବା ସେ ପ୍ରକାର ଖାଦ୍ୟଦ୍ରବ୍ୟ ସେବନ କରିବାର ଲାଳସା ମଧ୍ୟ ହରାଏ ନାହିଁ । ଠିକ୍ ସେହିପରି ଯେଉଁମାନେ ଅଳ୍ପବୁଦ୍ଧିସମ୍ପନ୍ନ ବ୍ୟକ୍ତି, ଯେଉଁମାନଙ୍କର ଉନ୍ନତଜ୍ଞାନ ବା ବୁଦ୍ଧିନାହିଁ, ସେମାନଙ୍କ ନିମିତ୍ତ ଅଷ୍ଟାଙ୍ଗଯୋଗ ସାଧନା ଅର୍ଥାତ୍ ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଆଦି ସାହାଯ୍ୟରେ ଇନ୍ଦ୍ରିୟ ନିରୋଧ କରିବା ପ୍ରକ୍ରିୟା ଅନୁମୋଦନ କରାଯାଏ । କିନ୍ତୁ ଯେଉଁବ୍ୟକ୍ତି କୃଷ୍ଣଚେତନାରେ ଅଗ୍ରଗତି କରି ପରମେଶ୍ୱର କୃଷ୍ଣଙ୍କର ସୌନ୍ଦର୍ଯ୍ୟ ଓ ସ୍ୱାଦୁ ଗ୍ରହି ସାରିଛି, ତା'ର ଆଉ ଏ ମୃତ ଜଡ଼ବସ୍ତୁର ସ୍ୱାଦୁ ଗ୍ରହଣ କରିବାର ସ୍ପୃହା ନଥାଏ । ତେଣୁ ଜୀବନରେ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରଗତି ନିମିତ୍ତ ଅଳ୍ପ ବୁଦ୍ଧିସମ୍ପନ୍ନ ନବାଗତ ସାଧକ-ବ୍ରହ୍ମଚାରୀମାନଙ୍କ ପାଇଁ କେତେକ ବିଧି ନିଷେଧ ଅଛି । ସେଗୁଡ଼ିକ ପାଳନ କରି ଯଦି ବ୍ୟକ୍ତି ବାସ୍ତବରେ କୃଷ୍ଣଚେତନାର ସ୍ୱାଦୁଲାଭ କରିପାରିଲା, ତାହାହେଲେ ସେଗୁଡ଼ିକ ଭଲ ଦିଗରେ ବ୍ୟବହୃତ ହୋଇଛନ୍ତି ବୋଲି କୁହାଯିବ ।

ଯେତେବେଳେ ବ୍ୟକ୍ତି ବାସ୍ତବରେ କୃଷ୍ଣଚେତନଶୀଳ ହୋଇଯାଏ; ସେତେବେଳେ ସେ ସ୍ୱତଃ ବିଷୟଭୋଗ ଲାଳସା ହରାଏ ।

## ଶ୍ଳୋକ - ୬୦

**ଯତତୋ ହ୍ୟପି କୌନ୍ତେୟ ପୁରୁଷସ୍ୟ ବିପଶ୍ଚିତଃ ।**
**ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ।। ୬୦।।**

## ଶବ୍ଦାନୁବାଦ

ଯତତଃ=ଚେଷ୍ଟା କରୁଥିଲାବେଳେ; ହି=ନିଶ୍ଚିତଭାବେ; ଅପି=ସତ୍ତ୍ୱେ; କୌନ୍ତେୟ=ହେ କୁନ୍ତୀପୁତ୍ର ; ପୁରୁଷସ୍ୟ=ବ୍ୟକ୍ତିର; ବିପଶ୍ଚିତଃ=କାର୍ଯ୍ୟାକାର୍ଯ୍ୟ ନିରୂପଣ କରିବା ଜ୍ଞାନରେ ପରିପୂର୍ଣ୍ଣ ଥିବା; ଇନ୍ଦ୍ରିୟାଣି=ଇନ୍ଦ୍ରିୟଗୁଡ଼ିକ; ପ୍ରମାଥୀନି=ଉତ୍ତେଜିତ; ହରନ୍ତି=ହରଣ କରନ୍ତି (ଜବରଦସ୍ତି ନେଇପକାନ୍ତି); ପ୍ରସଭମ୍=ଜବରଦସ୍ତି (ଦୃଢ଼ଭାବରେ); ମନଃ=ମନ ।

## ଅନୁବାଦ

**ହେ ଅର୍ଜୁନ ! ଇନ୍ଦ୍ରିୟଗୁଡ଼ିକ ଏତେ ବଳବାନ ଓ ଦୁର୍ଦ୍ଦାନ୍ତ ଯେ ସେମାନେ ଏକ ଜ୍ଞାନୀଲୋକର ମନକୁ ମଧ୍ୟ ବଳପୂର୍ବକ ହରଣ କରି ନିଅନ୍ତି । ଯେଉଁ ଜ୍ଞାନୀଲୋକଠାରେ କାର୍ଯ୍ୟାକାର୍ଯ୍ୟ ନିରୂପଣ କରିବା ଜ୍ଞାନ ପୂର୍ଣ୍ଣଭାବରେ ଥାଏ ଏବଂ ସେ ଇନ୍ଦ୍ରିୟମାନଙ୍କୁ ସଂଯତ କରିବାକୁ ସତତ ଚେଷ୍ଟା କରୁଥାଏ, ତାହାର ମନକୁ ମଧ୍ୟ ଏ ଦୁର୍ଦ୍ଦାନ୍ତ ଇନ୍ଦ୍ରିୟଗଣ ହରଣ କରି ନିଅନ୍ତି ।**

## ଭାବାର୍ଥ

ଅନେକ ଜ୍ଞାନୀ-ମୁନି-ଋଷି, ଦାର୍ଶନିକ ଏବଂ ଯୋଗୀ ଅଛନ୍ତି । ସେମାନେ ସମସ୍ତେ ଇନ୍ଦ୍ରିୟମାନଙ୍କୁ ଜୟ କରିବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ସେମାନଙ୍କର ଚେଷ୍ଟା ସତ୍ତ୍ୱେ ବିଶିଷ୍ଟ ମୁନିଋଷିଗଣ ମଧ୍ୟ ବିକ୍ଷିପ୍ତ ମନ ଯୋଗୁଁ ଭୌତିକ ଇନ୍ଦ୍ରିୟ ସୁଖଭୋଗରୂପକ ଯନ୍ତାରେ ପଡ଼ି ଯାଉଛନ୍ତି । ଏପରିକି ବିଶିଷ୍ଟ ଯୋଗୀ ଓ ଋଷି ବିଶ୍ୱାମିତ୍ର କଠିନ ତପଃ ସାଧନ କରି ଇନ୍ଦ୍ରିୟ ସଂଯମ କରିବାକୁ ସତତ ଚେଷ୍ଟା କରୁଥିଲେ, ତଥାପି ସେ ମେନକାଙ୍କ ପାଲରେ ପଡ଼ି ଯୌନସୁଖ ଉପଭୋଗ କଲେ । ପୃଥିବୀର ଇତିହାସରେ ଏ ପ୍ରକାର ଅନେକ ଉଦାହରଣ ଅଛି । ତେଣୁ ପୂର୍ଣ୍ଣଭାବରେ କୃଷ୍ଣଚେତନଶୀଳ ନହେଲେ ମନ ଓ ଇନ୍ଦ୍ରିୟମାନଙ୍କୁ ଆୟତ୍ତ କରିବା ବଡ଼ କଠିନ । ମନକୁ କୃଷ୍ଣଙ୍କଠାରେ ନ ଲଗାଇଲେ ବ୍ୟକ୍ତି କଦାପି ଭୌତିକ ଧନ୍ଦାରୁ ମୁକ୍ତ ହୋଇ ପାରିବ ନାହିଁ । ଯମୁନାଚାର୍ଯ୍ୟ ଜଣେ ବିଶିଷ୍ଟ ସାଧୁ ଓ ଭକ୍ତ । ସେ ଏକ ବାସ୍ତବ ଉଦାହରଣ ଦେଇଛନ୍ତି । ସେ କହିଛନ୍ତି, ''ମୋର ମନ କୃଷ୍ଣ ପଦାରବିନ୍ଦରେ ବରାବର ଯୁକ୍ତ ହୋଇଛି ଏବଂ ମୁଁ ସର୍ବଦା ଏକ ନୂତନ ଦିବ୍ୟରସ ଆସ୍ୱାଦନ କରୁଛି, ତଥାପି ଯେତେବେଳେ ମୁଁ ଏକ ସ୍ତ୍ରୀ ସଂସର୍ଗ କଥା ଚିନ୍ତା କରୁଛି, ସେତେବେଳେ ମୋ ମୁହଁ ସାଙ୍ଗେ ସାଙ୍ଗେ ସେଥିରୁ ଦୂରେଇ ଯାଉଛି ଏବଂ ମୁଁ

ସେ ଚିନ୍ତାକୁ ଭୟଙ୍କର ଭାବରେ ଘୃଣା କରୁଛି ଏବଂ ତା' ଉପରେ ଛାପ ଖଙ୍କାର ପକାଉଛି ।

କୃଷ୍ଣଚେତନା ଏପରି ଏକ ସୁନ୍ଦର ଦିବ୍ୟଚେତନା ଯେ ଏ ଚେତନାରେ ରହିଲେ ସ୍ୱତଃ ଭୌତିକ ସୁଖଭୋଗ ପ୍ରତି ବିତୃଷ୍ଣା ଜନ୍ମେ । ଅତ୍ୟନ୍ତ କ୍ଷୁଧାର୍ତ୍ତ ହୋଇଥିବା ଏକ ବ୍ୟକ୍ତି ଯଥେଷ୍ଟ ପରିମାଣରେ ଅତିସୁନ୍ଦର ପୁଷ୍ଟିକର ଖାଦ୍ୟ ପଦାର୍ଥ ପାଇଲେ ଯେପରି ସନ୍ତୋଷ ଲାଭ କରେ, ଏ କୃଷ୍ଣଚେତନା ଠିକ୍ ସେହିପରି । ଏହାକୁ ଲାଭ କଲେ ବ୍ୟକ୍ତି ଏପରି ଏକ ଦିବ୍ୟ ଆନନ୍ଦ ଓ ସନ୍ତୋଷ ଲାଭକରେ ଯେ ସେ ଆଉ ଭୌତିକ ସୁଖ ବା ଆନନ୍ଦ ଲାଭନିମିତ୍ତ ମନ ବଳାଏ ନାହିଁ । ମହାରାଜା ଅମ୍ବରୀଷ ସର୍ବଦା ତାଙ୍କ ମନକୁ କୃଷ୍ଣପଦାରବିନ୍ଦରେ ନିଯୁକ୍ତ କରିଥିବା ଯୋଗୁଁ ଅର୍ଥାତ୍ କୃଷ୍ଣଚେତନାରେ ଥିବା ଯୋଗୁଁ ଏକ ବିଶିଷ୍ଟ ଯୋଗୀ ଦୁର୍ବାସା ମୁନିଙ୍କୁ ସେ ଜୟ କରି ପାରିଥିଲେ ।

## ଶ୍ଳୋକ - ୬୧

**ତାନି ସର୍ବାଣି ସଂଯମ୍ୟ ଯୁକ୍ତ ଆସୀତ ମତ୍ପରଃ ।**
**ବଶେ ହି ଯସ୍ୟେନ୍ଦ୍ରିୟାଣି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।। ୬୧ ।।**

## ଶବ୍ଦାନୁବାଦ

ତାନି=ସେ ଇନ୍ଦ୍ରିୟଗୁଡ଼ିକ; ସର୍ବାଣି=ସମସ୍ତ; ସଂଯମ୍ୟ=ସଂଯତ କରି; ଯୁକ୍ତଃ=ଯୁକ୍ତ; ଆସୀତ=ଏହି ସ୍ତରରେ ରହି; ମତ୍ପରଃ=ମୋ ସହିତ ସମ୍ବନ୍ଧଯୁକ୍ତ ହୋଇ; ବଶେ=ସଂପୂର୍ଣ୍ଣ ବଶୀଭୂତ; ହି=ନିଶ୍ଚିତଭାବେ; ଯସ୍ୟ=ଯାହାର; ଇନ୍ଦ୍ରିୟାଣି=ଇନ୍ଦ୍ରିୟଗୁଡ଼ିକ; ତସ୍ୟ=ତା'ର; ପ୍ରଜ୍ଞା=ପ୍ରଜ୍ଞା (ବେଦୋଜ୍ୱଳାବୁଦ୍ଧି); ପ୍ରତିଷ୍ଠିତା=ସୁସ୍ଥିର ।

## ଅନୁବାଦ

**ଯେଉଁ ବ୍ୟକ୍ତି ତା'ର ଇନ୍ଦ୍ରିୟମାନଙ୍କୁ ସଂପୂର୍ଣ୍ଣରୂପେ ବଶୀଭୂତ କରିଛି ଏବଂ ତା'ର ମନ-ବୁଦ୍ଧି ମୋଠାରେ ସ୍ଥିର କରିଛି, ସେ ସ୍ଥିତପ୍ରଜ୍ଞ ଅଟେ ।**

## ଭାବାର୍ଥ

ସର୍ବୋଚ୍ଚ ଯୋଗସିଦ୍ଧି ହେଉଛି କୃଷ୍ଣଚେତନା-ଏ ଶ୍ଳୋକରେ ଏହି କଥା ହିଁ ପରିଷ୍କାର ଭାବରେ କୁହାଯାଇଛି । ବ୍ୟକ୍ତି କୃଷ୍ଣଚେତନଶୀଳ ନହେଲେ ଇନ୍ଦ୍ରିୟମାନଙ୍କୁ ଦମନ କରିବା ସମ୍ଭବପର ନୁହେଁ । ଦୁର୍ବାସା ଜଣେ ପ୍ରସିଦ୍ଧ ଋଷି, କିନ୍ତୁ ସେ ମହାରାଜ ଅମ୍ବରୀଷଙ୍କ ସହିତ କଳିକଲେ । ଅଯଥା ଗର୍ବୋନ୍ନତ୍ତ ହୋଇ ଦୁର୍ବାସା ମୁନି ରାଗିଲେ ଏବଂ ସେଇଥିପାଇଁ ସେ ତାଙ୍କର ଇନ୍ଦ୍ରିୟମାନଙ୍କୁ ଦମନ କରି ପାରିଲେ ନାହିଁ । ଅପରପକ୍ଷରେ ଭକ୍ତପ୍ରବର ରାଜା ଅମ୍ବରୀଷ, ଯଦିଓ ଜଣେ ଭକ୍ତ ଥିଲେ ସେ ନୀରବରେ ଦୁର୍ବାସା ମୁନିଙ୍କର ଅନ୍ୟାୟ ସହିଗଲେ, ଫଳରେ ସେ ଶେଷରେ ବିଜୟ ହାସଲ କଲେ । ରାଜା ଅମ୍ବରୀଷ, ଯଦିଓ ଜଣେ ଯୋଗୀ ବା ଋଷିଙ୍କ ଭଳି ଶକ୍ତିମାନ ନଥିଲେ, ତଥାପି ସେ ଭଗବାନଙ୍କର ଜଣେ ଭକ୍ତ ଥିଲେ । ସେ ନୀରବରେ

ଦୁର୍ବାସା ମୁନିଙ୍କର ଅନ୍ୟାୟ ସହିଗଲେ, ଫଳରେ ସେ ଶେଷରେ ବିଜୟ ହାସଲ କଲେ । ରାଜା ଅମ୍ବରୀଷଙ୍କର ନିମ୍ନଲିଖିତ ଗୁଣଗୁଡ଼ିକ ଥିଲା । ତେଣୁ ସେ ତାଙ୍କର ଇନ୍ଦ୍ରିୟମାନଙ୍କୁ ଦମନ କରିବାକୁ ସକ୍ଷମ ହୋଇ ପାରିଥିଲେ । ତାଙ୍କର କି ସଦ୍‌ଗୁଣ ଥିଲା ତାହା ଶ୍ରୀମଦ୍ ଭାଗବତରେ ବର୍ଣ୍ଣନା କରାଯାଇଛି ।

*ସ ବୈ ମନଃ କୃଷ୍ଣ-ପଦାରବିନ୍ଦୟୋର୍*
*ବାଗ୍‌ଂସି ବୈକୁଣ୍ଠ ଗୁଣାନୁ ବର୍ଣ୍ଣନେ ।*
*କରୌ ହରେର୍ ମନ୍ଦିର-ମାର୍ଜନାଦିଷୁ*
*ଶ୍ରୁତିଂ ଚକାରଚ୍ୟୁତ-ସତ୍ କଥୋଦୟେ ।।*
*ମୁକୁନ୍ଦ ଲିଙ୍ଗାଳୟ ଦର୍ଶନେ ଦୃଶୌ*
*ତଦ୍ ଭୃତ୍ୟ-ଗାତ୍ର-ସ୍ପର୍ଶେଽଙ୍ଗ-ସଙ୍ଗମଂ ।*
*ଘ୍ରାଣମ୍ ଚ ତତ୍-ପାଦ-ସରୋଜ-ସୌରଭେ*
*ଶ୍ରୀମତ୍ ତୁଳସ୍ୟ ରସନାମ୍ ତଦ୍ ଅର୍ପିତେ ।।*
*ପାଦୌ ହରେଃ କ୍ଷେତ୍ର-ପଦାନୁ ସର୍ପଣେ*
*ଶିରୋ ହୃଷୀକେଶ-ପଦାଭିବନ୍ଦନେ ।*
*କାମଂ ଚ ଦାସ୍ୟେ ନ ତୁ କାମ-କାମ୍ୟୟା*
*ଯଥୋତ୍ତମ ଶ୍ଲୋକ-ଜନାଶ୍ରୟା ରତିଃ ।।*

*(ଭା. ୯/୪/୧୮-୨୦)*

ଅର୍ଥାତ୍ ରାଜା ଅମ୍ବରୀଷ କୃଷ୍ଣଙ୍କର ପଦାରବିନ୍ଦରେ ତାଙ୍କର ମନକୁ ସ୍ଥିର କରିଥିଲେ, ଭଗବାନଙ୍କର-ଧାମ କଥା ବର୍ଣ୍ଣନା କରିବାରେ ବାକ୍ୟକୁ ବ୍ୟବହାର କରୁଥିଲେ, ଭଗବାନଙ୍କର ମନ୍ଦିର ମାର୍ଜନାରେ ତାଙ୍କର ହସ୍ତଦ୍ୱୟକୁ ନିଯୁକ୍ତ କରିଥିଲେ, ଭଗବାନଙ୍କର ଲୀଳା ଶ୍ରବଣରେ କର୍ଣ୍ଣ ନିଯୁକ୍ତ ହୋଇଥିଲା, ଭଗବାନଙ୍କର ଶ୍ରୀ ବିଗ୍ରହ ଦର୍ଶନରେ ତାଙ୍କର ଚକ୍ଷୁ ନିଯୁକ୍ତ ହୋଇଥିଲା, ଭକ୍ତମାନଙ୍କର ଶରୀର ସ୍ପର୍ଶରେ ତାଙ୍କର ଶରୀର ନିଯୁକ୍ତ ହୋଇଥିଲା । ତାଙ୍କର ନାସିକା ଭଗବାନଙ୍କର ପଦାରବିନ୍ଦରେ ଅର୍ପିତ ପୁଷ୍ପକୁ ଆଘ୍ରାଣ କରୁଥିଲା, ଭଗବାନଙ୍କୁ ଅର୍ପିତ ତୁଳସୀକୁ ତାଙ୍କର ଜିହ୍ୱା ସେବନ କରୁଥିଲା, ତାଙ୍କର ପାଦ ତୀର୍ଥକ୍ଷେତ୍ରମାନଙ୍କୁ ଗମନ କରୁଥିଲା, ଯେଉଁଠାରେ ଭଗବାନଙ୍କ ମନ୍ଦିର ଥିଲା, ତାଙ୍କର ମସ୍ତିଷ୍କ ଭଗବାନଙ୍କୁ ପ୍ରଣାମ ଜଣାଉଥିଲା ଏବଂ ତାଙ୍କର କାମନା ଭଗବାନଙ୍କର କାମନା ପରିପୂର୍ଣ୍ଣ କରିବାର ବିନିଯୁକ୍ତ ହେଉଥିଲା । ତାଙ୍କର ଏହିସବୁ ସଦ୍‌ଗୁଣ ତାଙ୍କୁ ଏକ 'ମତ୍‌ପରଃ' ଭକ୍ତରେ ପରିଣତ କରିପାରିଥିଲା ।

ଏଠାରେ କୁହାଯାଇଥିବା 'ମତ୍‌ପରଃ' ଶବ୍ଦ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ । କିପରି ବ୍ୟକ୍ତି 'ମତ୍‌ପରଃ' ହୋଇପାରେ ତାହା ମହାରାଜ ଅମ୍ବରୀଷଙ୍କର ଜୀବନରେ ଦର୍ଶାଇ ଦିଆଯାଇଅଛି । ଶ୍ରୀଳ ବଳଦେବ ବିଦ୍ୟାଭୂଷଣ, ଯେ କି 'ମତ୍‌ପରଃ' ଆଚାର୍ଯ୍ୟଙ୍କ ପରମ୍ପରାରେ ଆସୁଛନ୍ତି, କହିଛନ୍ତି, *"ମଦ୍ ଭକ୍ତି ପ୍ରଭାବେଣ ସର୍ବେନ୍ଦ୍ରିୟ ବିଜୟ-ପୂର୍ବିକା ସ୍ୱାତ୍ମ-ଦୃଷ୍ଟିଃ ସୁଲଭେତି ଭାବଃ ।"*

ଅର୍ଥାତ୍ କେବଳ କୃଷ୍ଣଭକ୍ତି ବଳରେ ହିଁ ଇନ୍ଦ୍ରିୟଗୁଡ଼ିକୁ ସମ୍ପୂର୍ଣ୍ଣରୂପେ ଦମନ କରାଯାଇ ପାରିବ ।" ଅବଶ୍ୟ ଅଗ୍ନିର ଉଦାହରଣ ବେଳେବେଳେ ଦିଆଯାଏ । ଯେପରି କୋଠରୀ ମଧ୍ୟରେ ଥିବା କ୍ଷୁଦ୍ର ଅଗ୍ନିଶିଖା ସବୁ ପଦାର୍ଥକୁ ପୋଡ଼ି ଦେଇପାରେ, ଠିକ୍ ସେହିପରି ଯୋଗୀର ହୃଦୟରେ ଥିବା ଭଗବାନ୍ ବିଷ୍ଣୁ ସମସ୍ତ ପ୍ରକାର ମଇଳାକୁ (ବା ପାପକୁ) ପୋଡ଼ି ବିଶୁଦ୍ଧ କରିଦେଇପାରନ୍ତି । ଯୋଗସୂତ୍ରରେ ବିଷ୍ଣୁଙ୍କୁ ଧ୍ୟାନ କରିବାକଥା କୁହାଯାଇଅଛି; କିନ୍ତୁ ଶୂନ୍ୟକୁ ଧ୍ୟାନ କରିବା କଥା କୁହାଯାଇନାହିଁ । କିନ୍ତୁ ତଥାକଥିତ ଯୋଗୀଗଣ, ଯେଉଁମାନେ ବିଷ୍ଣୁଙ୍କୁ ଧ୍ୟାନ ନକରନ୍ତି, ସେମାନେ କେବଳ ଛାୟାଚିତ୍ରର ଅନ୍ୱେଷଣରେ ଅଯଥା ସମୟ ନଷ୍ଟ କରନ୍ତି । ଆମ୍ଭମାନଙ୍କୁ କୃଷ୍ଣଚେତନଶୀଳ ହେବାକୁ ପଡ଼ିବ-ପରମପୁରୁଷ ଭଗବାନଙ୍କ ଠାରେ ଯୁକ୍ତ ହେବାକୁ ପଡ଼ିବ । ଏହା ହେଉଛି ପ୍ରକୃତ ଯୋଗର ଲକ୍ଷ୍ୟ ।

## ଶ୍ଳୋକ - ୬୨

**ଧ୍ୟାୟତୋ ବିଷୟାନ୍ ପୁଂସଃ ସଙ୍ଗସ୍ତେଷୂପଜାୟତେ ।**
**ସଙ୍ଗାତ୍‌ସଂଜାୟତେ କାମଃ କାମାତ୍‌କ୍ରୋଧୋଽଭିଜାୟତେ ।। ୬୨ ।।**

## ଶବ୍ଦାନୁବାଦ

ଧ୍ୟାୟତଃ=ଚିନ୍ତା କଲାବେଳେ; ବିଷୟାନ୍=ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ; ପୁଂସଃ=ପୁରୁଷର; ସଙ୍ଗଃ=ଆସକ୍ତି; ତେଷୁ=ଇନ୍ଦ୍ରିୟ ଭୋଗ୍ୟ ବିଷୟବସ୍ତୁରେ; ଉପଜାୟତେ=ବୃଦ୍ଧି ଲାଭ କରେ; ସଙ୍ଗାତ୍=ଆସକ୍ତିରୁ; ସଂଜାୟତେ=ବୃଦ୍ଧିଲାଭକରେ; କାମଃ=କାମନା; କାମାତ୍=କାମନାରୁ; କ୍ରୋଧଃ=କ୍ରୋଧ; ଅଭିଜାୟତେ=ଜାତହୁଏ ।

## ଅନୁବାଦ

**ବ୍ୟକ୍ତି ଇନ୍ଦ୍ରିୟ ଭୋଗ୍ୟ ବିଷୟବସ୍ତୁକୁ ଚିନ୍ତା କରୁଥିଲାବେଳେ ସେଗୁଡ଼ିକପ୍ରତି ତା'ର ଆସକ୍ତି ଜାତହୁଏ ଏବଂ ଏପ୍ରକାର ଆସକ୍ତିରୁ କାମ ଜାତ ହୁଏ ଏବଂ କାମନାରୁ କ୍ରୋଧ ଜାତହୁଏ ।**

## ଭାବାର୍ଥ

ଯେଉଁ ବ୍ୟକ୍ତି କୃଷ୍ଣଚେତନଶୀଳ ନୁହେଁ ତା'ର ଅନେକ ଭୌତିକ କାମନା ଅଛି । ଇନ୍ଦ୍ରିୟ ଭୋଗ୍ୟ ବିଷୟବସ୍ତୁ କଥା ଚିନ୍ତା କଲାବେଳେ ତା'ର ସେଗୁଡ଼ିକପ୍ରତି ଆସକ୍ତି ଜାତ ହୁଏ । ଇନ୍ଦ୍ରିୟଗୁଡ଼ିକ ଉପଯୁକ୍ତ କର୍ମରେ ନିଯୁକ୍ତ ହେବା ଦରକାର । ଯଦି ସେଗୁଡ଼ିକ ଭଗବାନଙ୍କର ଦିବ୍ୟ ସେବାରେ ନିଯୁକ୍ତ ନ ହୁଅନ୍ତି, ତାହାହେଲେ ସେଗୁଡ଼ିକ ନିଶ୍ଚୟ ମାୟାର ସେବାରେ ନିଯୁକ୍ତ ହେବାକୁ ଇଚ୍ଛାକରିବେ । ଏ ଭୌତିକ ଜଗତରେ ଯେତେବେଳେ ଶ୍ରୀ ଶ୍ରୀବ୍‌ଜୀ ଓ ବ୍ରହ୍ମାଜୀ ଇନ୍ଦ୍ରିୟ-ଭୋଗ୍ୟ ବିଷୟବସ୍ତୁ ପ୍ରତି ଆସକ୍ତ ସେତେବେଳେ ଅନ୍ୟ ଦେବତାମାନଙ୍କ କଥା କ'ଣ କହିବା ? ଏ ଭୌତିକ ସ୍ଥିତିରୂପକ ଗୋଲକଧନ୍ଦାରୁ ମୁକ୍ତ ହେବାର ଏକମାତ୍ର

ପନ୍ଥାହେଲା କୃଷ୍ଣଚେତନ-ଶୀଳ ହେବା । ଶ୍ରୀ ଶିବଜୀ ଧ୍ୟାନମଗ୍ନ ଥିଲେ; କିନ୍ତୁ ଯେତେବେଳେ ପାର୍ବତୀଦେବୀ ଯୌନସୁଖ ନିମିତ୍ତ ତାଙ୍କୁ ଉତ୍ତେଜିତ କଲେ, ସେ ସେଥିରେ ରାଜିହେଲେ, ଫଳରେ କାର୍ତ୍ତିକେୟଙ୍କର ଜନ୍ମହେଲା । ଯେତେବେଳେ ହରିଦାସ ଠାକୁର ଏକ ଯୁବକ ଭକ୍ତ ଥିଲେ, ସେତେବେଳେ ସେ ଠିକ୍ ସେହିପରି ମାୟା ଦେବୀଙ୍କର ଅବତାର ଦ୍ୱାରା କାମପିପାସା ଚରିତାର୍ଥ ନିମିତ୍ତ ଉତ୍ତେଜିତ ହୋଇଥିଲେ, କିନ୍ତୁ ଶ୍ରୀ ହରିଦାସ ଠାକୁର ଅତି ସହଜରେ ସେ ପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇଗଲେ; କାରଣ ସେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଏକ ଅନନ୍ୟ ଭକ୍ତ ଥିଲେ । ଶ୍ରୀ ଯମୁନାଚାର୍ଯ୍ୟଙ୍କର ପୂର୍ବ ବର୍ଣ୍ଣିତ ଶ୍ଲୋକରେ କୁହାଯାଇଛି ଯେ, ଯେ ଭଗବାନଙ୍କର ଏକ ପ୍ରିୟ ଭକ୍ତ, ସେ ଭଗବାନଙ୍କର ସଙ୍ଗଲାଭ କରି ଏକ ଉଚ୍ଚତର ଦିବ୍ୟସୁଖ ବା ଆନନ୍ଦ ଉପଭୋଗ କରିଥିବାରୁ ସମସ୍ତ ପ୍ରକାର ଭୌତିକ ସୁଖ ବା ଆନନ୍ଦକୁ ବିନା ଦ୍ୱିଧାରେ ତ୍ୟାଗ କରନ୍ତି ଏହାହିଁ ହେଉଛି ସଫଳତା ଲାଭର ରହସ୍ୟ । ତେଣୁ ଯେ କୃଷ୍ଣଚେତନାରେ ନାହିଁ ସେ କୃତ୍ରିମ ଉପାୟରେ ଇନ୍ଦ୍ରିୟ ଦମନ କରିବାରେ ଯେତେ ଶକ୍ତିଶାଳୀ ହେଉନା କାହିଁକି, ସେ ନିଶ୍ଚୟ ସେ ଦିଗରେ ପରାଜିତ ହେବ, କାରଣ ଇନ୍ଦ୍ରିୟ ସୁଖଜନିତ ଏକ କ୍ଷୁଦ୍ର ଚିନ୍ତା ଯଦି ତା'ର ମନୋରାଜ୍ୟରେ ପ୍ରବେଶ କରେ, ତେବେ ସେ ଇନ୍ଦ୍ରିୟ ସୁଖଭୋଗ ନିମିତ୍ତ ଅତିଶୟ ବିଚଳିତ ହୋଇପଡ଼ିବ ।

## ଶ୍ଲୋକ - ୬୩

**କ୍ରୋଧାଭବତି ସଂମୋହଃ ସଂମୋହାତ୍ ସ୍ମୃତିବିଭ୍ରମଃ ।**
**ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ।। ୬୩ ।।**

## ଶବ୍ଦାନୁବାଦ

କ୍ରୋଧାତ୍=କ୍ରୋଧରୁ; ଭବତି=ଜାତହୁଏ; ସଂମୋହଃ=ପୂର୍ଣ୍ଣ ମୋହ (ଅଜ୍ଞାନ); ସଂମୋହାତ୍=ମୋହରୁ; ସ୍ମୃତି=ସ୍ମୃତିର; ବିଭ୍ରମଃ=ବିଭ୍ରମ; ସ୍ମୃତି-ଭ୍ରଂଶାତ୍=ସ୍ମୃତିନାଶ ପରେ; ବୁଦ୍ଧି-ନାଶଃ=ବୁଦ୍ଧିନାଶ; ବୁଦ୍ଧି-ନାଶାତ୍=ବୁଦ୍ଧିନାଶରୁ; ପ୍ରଣଶ୍ୟତି=ଅଧୋପତନ ହୁଏ ।

## ଅନୁବାଦ

**କ୍ରୋଧରୁ ମୋହ ଜାତ ହୁଏ ଏବଂ ମୋହରୁ ସ୍ମୃତି ବିଭ୍ରମ ହୁଏ । ସ୍ମୃତି ବିଭ୍ରମ ହେଲେ ବୁଦ୍ଧି ନାଶ ହୁଏ ଏବଂ ଯେତେବେଳେ ବୁଦ୍ଧି ନଷ୍ଟ ହୋଇଯାଏ, ସେତେବେଳେ ବ୍ୟକ୍ତି ପୁନର୍ବାର ଭୌତିକ ସଂସାରାର୍ଣ୍ଣବରେ ପତିତ ହୁଏ ।**

## ଭାବାର୍ଥ

କୃଷ୍ଣଚେତନାର ବୃଦ୍ଧିହେଲେ ବ୍ୟକ୍ତି ଜାଣିପାରେ ଯେ ପ୍ରତ୍ୟେକ ପଦାର୍ଥ ଭଗବାନଙ୍କ ସେବାରେ ବିନିଯୁକ୍ତ ହେବା ନିମିତ୍ତ ଉଦ୍ଦିଷ୍ଟ । ଯେଉଁମାନେ କୃଷ୍ଣଚେତନା ଲାଭ ନ କରିଥା'ନ୍ତି ସେମାନେ କୃତ୍ରିମ ଉପାୟରେ ଭୌତିକ ବିଷୟବସ୍ତୁ ତ୍ୟାଗ କରିବାକୁ ଚେଷ୍ଟା କରନ୍ତି, ଫଳରେ ଯଦିଓ ସେମାନେ

ଭୌତିକ ବନ୍ଧନରୁ ମୁକ୍ତହେବାକୁ ଇଚ୍ଛା କରନ୍ତି, ତଥାପି ସେମାନେ ତ୍ୟାଗର ସିଦ୍ଧସ୍ତର ଲାଭ କରିପାରନ୍ତି ନାହିଁ । ଅନ୍ୟପକ୍ଷରେ ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ପ୍ରତ୍ୟେକ ପଦାର୍ଥକୁ କିପରି କୃଷ୍ଣଙ୍କ ସେବାରେ ଲଗାଇବାକୁ ହେବ, ଜାଣେ । ତେଣୁ ସେ ଭୌତିକ ଚେତନାରେ ରହେନାହିଁ । ଉଦାହରଣ ସ୍ୱରୂପ, ଏକ ନିର୍ବିଶେଷବାଦୀ ପକ୍ଷରେ ଭଗବାନ୍ ନିରାକାର ହୋଇଥିବାରୁ ସେ ଖାଇପାରିବେ ନାହିଁ । ଏହି ଧାରଣାର ବଶବର୍ତ୍ତୀ ହୋଇ ନିର୍ବିଶେଷବାଦୀ ସୁନ୍ଦର ଖାଦ୍ୟପଦାର୍ଥକୁ ତ୍ୟାଗ କରିବାକୁ ଚେଷ୍ଟାକରେ, କିନ୍ତୁ କୃଷ୍ଣଭକ୍ତ ଜାଣେ ଯେ କୃଷ୍ଣ ହେଉଛନ୍ତି ପରମଭୋକ୍ତା ଏବଂ ଯାହା ଭକ୍ତିରେ ତାଙ୍କୁ ପ୍ରଦାନ କରାଯାଏ ସେ ତାହା ଭୋଜନ କରନ୍ତି । ତେଣୁ ଭଗବାନଙ୍କୁ ସୁନ୍ଦର ଖାଦ୍ୟପଦାର୍ଥ ଅର୍ପଣ କଲାପରେ, ଭଗବାନଙ୍କର ଉଚ୍ଛିଷ୍ଟ (ଯାହାକୁ ପ୍ରସାଦ ବୋଲି କୁହାଯାଏ), ଭକ୍ତ ସେବନକରେ । ଏହିପରି ଭାବରେ ସମସ୍ତ ପଦାର୍ଥ ଦିବ୍ୟତା ଲାଭକରେ ଏବଂ ସେଇଥିପାଇଁ ଏଥିରେ ଅଧୋପତିତ ହେବାର ଆଶଙ୍କା ନାହିଁ । ଭକ୍ତ କୃଷ୍ଣଚେତନାରେ ସୁନ୍ଦର ଖାଦ୍ୟପଦାର୍ଥକୁ ଭଗବାନଙ୍କର ପ୍ରସାଦ ବୋଲି ଗ୍ରହଣ କରେ, କିନ୍ତୁ ଏକ (ନିର୍ବିଶେଷବାଦୀ) ଅଭକ୍ତ ଏହାକୁ ଭୌତିକ ପଦାର୍ଥବୋଲି ଭାବି ତ୍ୟାଗକରେ । ତେଣୁ, ନିର୍ବିଶେଷବାଦୀ କୃତ୍ରିମ ତ୍ୟାଗ ଯୋଗୁଁ କଦାପି ଜୀବନକୁ ଉପଭୋଗ କରିପାରେନାହିଁ ଏବଂ ଏଥିପାଇଁ ସାମାନ୍ୟ ପରିମାଣରେ ମାନସିକ ଉତ୍ତେଜନା ସୃଷ୍ଟିହେଲେ ସେ ପୁନର୍ବାର ଭୌତିକ ସ୍ଥିତରୂପକ ସଂସାରାର୍ଣ୍ଣବରେ ପତିତ ହୁଏ । ତେଣୁ କଥିତ ଅଛି ଯେ ଯଦିଓ ଏ ପ୍ରକାର ଏକ ଆତ୍ମା ମୁକ୍ତିସ୍ତର ପର୍ଯ୍ୟନ୍ତ ଗତି କରିଥାଏ, ତଥାପି ପୁନର୍ବାର ଭୌତିକ ସ୍ଥିତିରେ ଅଧୋପତିତ ହୁଏ କାରଣ ସେ ଭଗବତ୍ ସେବାରେ ନିଯୁକ୍ତ ହୋଇ ନଥିବା ଯୋଗୁଁ କୌଣସିଠାରେ ଆଶ୍ରୟ ଲାଭ କରିପାରେ ନାହିଁ ।

## ଶ୍ଳୋକ - ୬୪

**ରାଗଦ୍ୱେଷବିମୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍ ।**
**ଆତ୍ମ ବଶ୍ୟୈର୍ବିଧେୟାତ୍ମା ପ୍ରସାଦମଧିଗଚ୍ଛତି ।। ୬୪ ।।**

## ଶବ୍ଦାନୁବାଦ

ରାଗ=(ଅନୁରାଗ) ଆସକ୍ତି; ଦ୍ୱେଷ=ଅନାସକ୍ତି; ବିମୁକ୍ତୈଃ=ଯେ ଏସବୁରୁ ମୁକ୍ତ ତା' ଦ୍ୱାରା; ତୁ=କିନ୍ତୁ; ବିଷୟାନ୍=ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ; ଇନ୍ଦ୍ରିୟୈଃ=ଇନ୍ଦ୍ରିୟମାନଙ୍କ ଦ୍ୱାରା; ଚରନ୍=ଆଚରଣ କରି; ଆତ୍ମ-ବଶ୍ୟୈଃ=ଯାହାର ଏମାନଙ୍କ ଉପରେ କର୍ତ୍ତୃତ୍ୱ ଅଛି; ବିଧେୟାତ୍ମା=ଯେ ନିୟନ୍ତ୍ରିତ ସ୍ୱାଧୀନତା ଅନୁସରଣ କରେ; ପ୍ରସାଦମ୍=ଭଗବାନ୍‌ଙ୍କର କୃପା; ଅଧିଗଚ୍ଛତି=ପ୍ରାପ୍ତ ହୁଏ ।

## ଅନୁବାଦ

**ଯେ ନିୟନ୍ତ୍ରିତ ସ୍ୱାଧୀନତା ବିଧି ଅନୁସରଣ କରି ଇନ୍ଦ୍ରିୟମାନଙ୍କୁ ଆୟତ୍ତ କରି ପାରିଥାଏ, ସେ ଭଗବାନଙ୍କର ପୂର୍ଣ୍ଣ କୃପାଲାଭ କରିପାରେ ଏବଂ ଏହିପରି ଭାବରେ ସେ ସମସ୍ତ ପ୍ରକାର ରାଗ-ଦ୍ୱେଷରୁ ମୁକ୍ତ ହୋଇପାରେ ।**

## ଭାବାର୍ଥ

ପୂର୍ବରୁ ଏକଥା କୁହାଯାଇଛି ଯେ ବ୍ୟକ୍ତି କେତେକ କୃତ୍ରିମ ଉପାୟରେ ବାହ୍ୟତଃ ଇନ୍ଦ୍ରିୟ ସଂଯମ କରିପାରେ; କିନ୍ତୁ ଇନ୍ଦ୍ରିୟଗୁଡ଼ିକ ଭଗବାନଙ୍କର ଦିବ୍ୟ ସେବାରେ ନିଯୁକ୍ତ ନହେଲେ ଅଧୋପତିତ ହେବାର ବହୁତ ସମ୍ଭାବନା ଅଛି ।ଯଦିଓ ପୂର୍ଣ୍ଣ କୃଷ୍ଣଚେତନାରେ ଥିବା ବ୍ୟକ୍ତି ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ ଉପଭୋଗ କଲାଭଳି ବାହାରକୁ ଜଣାପଡ଼େ, ତଥାପି ସେ ସେପରି କରେନାହିଁ, ତା'ର କୌଣସିପ୍ରକାର ଇନ୍ଦ୍ରିୟ ସୁଖଭୋଗ ବା ଇନ୍ଦ୍ରିୟ କର୍ମପ୍ରତି ଆସକ୍ତି ନଥାଏ; କାରଣ ସେ କୃଷ୍ଣଚେତନାରେ ଥାଏ । କୃଷ୍ଣଚେତନଶୀଳ ବ୍ୟକ୍ତି କେବଳ କୃଷ୍ଣଙ୍କୁ ସୁଖ ଦେବାପାଇଁ ସର୍ବଦା ବ୍ୟସ୍ତଥାଏ । ଏତଦ୍ ବ୍ୟତୀତ ଅନ୍ୟକୌଣସି କର୍ମରେ ସେ ବ୍ୟସ୍ତ ନଥାଏ ।ତେଣୁ ସେ ସମସ୍ତପ୍ରକାର ଆସକ୍ତିର ଊର୍ଦ୍ଧ୍ୱରେ ଥାଏ । ଯଦି କୃଷ୍ଣ ଇଚ୍ଛାକରନ୍ତି, ତାହାହେଲେ ଭକ୍ତ ସବୁକିଛି କରିପାରେ, ଯାହା ସାଧାରଣ ଲୋକପକ୍ଷରେ ଅସମ୍ଭବ; ତାହା ଭକ୍ତ ଅତି ସହଜରେ କରିପାରେ ଏବଂ ଯଦି କୃଷ୍ଣ ଇଚ୍ଛା ନ କରନ୍ତି ତାହାହେଲେ ସେ ସେହି କାମ କରିବ ନାହିଁ । ସାଧାରଣତଃ ସେ ଯାହା ଆତ୍ମସନ୍ତୋଷ ଲାଭ ନିମିତ୍ତ କରିଥାଏ, ସେ ପ୍ରକାର କର୍ମ ସେ କୃଷ୍ଣଙ୍କର ବିନା ଇଚ୍ଛାରେ କରେନାହିଁ ।ତେଣୁ କରିବା ବା ନକରିବା ତା' ଇଚ୍ଛାଉପରେ ନିର୍ଭରକରେ ।ତା'ଉପରେ ତା'ର ପୂର୍ଣ୍ଣ କର୍ତ୍ତୃତ୍ୱ ଥାଏ, କାରଣ ସେ କେବଳ କୃଷ୍ଣଙ୍କ ନିର୍ଦ୍ଦେଶରେ ହିଁ କର୍ମ କରିଥାଏ ।ଏପ୍ରକାର ଚେତନା ଲାଭ କରିବା ଭଗବାନଙ୍କର ଅହୈତୁକୀ କୃପା ଉପରେ ନିର୍ଭର କରେ ।ଭକ୍ତ ଇନ୍ଦ୍ରିୟଭୋଗ ପ୍ରତି ଆସକ୍ତ ହୋଇସୁଦ୍ଧା ଏହା ଲାଭ କରିପାରେ ।

## ଶ୍ଲୋକ - ୬୫

**ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ ।**
**ପ୍ରସନ୍ନଚେତସୋ ହ୍ୟାଶୁ ବୁଦ୍ଧିଃ ପର୍ଯ୍ୟବତିଷ୍ଠତେ ।।୬୫।।**

## ଶବ୍ଦାନୁବାଦ

ପ୍ରସାଦେ=ଭଗବାନ୍‌ଙ୍କର ଅହୈତୁକୀ କୃପାଲାଭ କରି; ସର୍ବ=ସମସ୍ତ; ଦୁଃଖାନାମ୍=ଭୌତିକ ଦୁଃଖ; ହାନିଃ=ଧ୍ୱଂସ; ଅସ୍ୟ=ତା'ର; ଉପଜାୟତେ=ହୁଏ; ପ୍ରସନ୍ନ- ଚେତସଃ=ପ୍ରସନ୍ନ ଚେତାର; ହି=ନିଶ୍ଚିତ ଭାବେ; ଆଶୁ=ଖୁବ୍ ଶୀଘ୍ର; ବୁଦ୍ଧିଃ=ବୁଦ୍ଧି; ପରି=ଯଥେଷ୍ଟଭାବେ; ଅବତିଷ୍ଠତେ=ପ୍ରତିଷ୍ଠିତ ହୁଏ।

## ଅନୁବାଦ

ଯେ ଏପ୍ରକାର ଦିବ୍ୟଚେତନାରେ ଅଛି, ତା'ର ଆଉ ଭୌତିକ ସ୍ଥିତିଜନିତ ତ୍ରିତାପ ନାହିଁ । ଏପ୍ରକାର ଆନନ୍ଦଦାୟକ ଅବସ୍ଥାରେ ଯେ ରହେ, ତା'ର ବୁଦ୍ଧି ଖୁବ୍ ଶୀଘ୍ର ସ୍ଥିର ହୋଇଯାଏ ।

## ଶ୍ଲୋକ - ୬୬

**ନାସ୍ତି ବୁଦ୍ଧିରଯୁକ୍ତସ୍ୟ ନ ଚାଯୁକ୍ତସ୍ୟ ଭାବନା ।**
**ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍ ।।୬୬।।**

## ଶବ୍ଦାନୁବାଦ

ନ ଅସ୍ତି=ନାହିଁ; ବୁଦ୍ଧିଃ=ଦିବ୍ୟବୁଦ୍ଧି; ଅଯୁକ୍ତସ୍ୟ=ଯେ କୃଷ୍ଣଙ୍କସହ ଯୁକ୍ତନୁହେଁ (ବା କୃଷ୍ଣଚେତନଶୀଳ ନୁହେଁ); ନ=ନାହିଁ; ଚ=ଏବଂ; ଅଯୁକ୍ତସ୍ୟ=ଯେ କୃଷ୍ଣଚେତନଶୀଳ ନୁହେଁ ତା'ର; ଭାବନା=ସୁଭାବନା (ମନ ଆନନ୍ଦରେ ବା ସୁଖରେ ସ୍ଥିର); ନ=ନାହିଁ; ଚ=ଏବଂ; ଅଭାବୟତଃ=ଯେ ସ୍ଥିର ନୁହେଁ; ଶାନ୍ତିଃ=ଶାନ୍ତି; ଅଶାନ୍ତସ୍ୟ=ଅଶାନ୍ତର; କୁତଃ=କାହିଁ; ସୁଖମ୍=ସୁଖ।

## ଅନୁବାଦ

**ଯେ ଦିବ୍ୟ ଚେତନାରେ ନାହିଁ, ତା'ର ମନ ସ୍ଥିର ନୁହେଁ କି ବୁଦ୍ଧି ସ୍ଥିର ନୁହେଁ । ମନ ଓ ବୁଦ୍ଧି ସ୍ଥିର ନ ହେଲେ ଶାନ୍ତିଲାଭର ସମ୍ଭାବନା ନାହିଁ । ଶାନ୍ତି ନଥିଲେ ସୁଖ କିପରି ମିଳିବ ?**

## ଭାବାର୍ଥ

ବ୍ୟକ୍ତି କୃଷ୍ଣଚେତନାରେ ନ ରହିଲେ, ଶାନ୍ତି ପାଇବାର ସମ୍ଭାବନା ନାହିଁ । ତେଣୁ ପଞ୍ଚମ ଅଧ୍ୟାୟରେ (୫-୨୯) କୁହାଯାଇଛି ଯେ ଯେତେବେଳେ ବ୍ୟକ୍ତି ବୁଝିପାରେ ଯେ କୃଷ୍ଣ ସମସ୍ତ ଯଜ୍ଞ ଓ ତପସ୍ୟାଦିର ଫଳର ଭୋକ୍ତା (ବା ଉପଭୋଗକାରୀ) ଅଟନ୍ତି ଏବଂ ସେ ସମସ୍ତ ଜଗତର ମହେଶ୍ୱର ଅଟନ୍ତି, ସେତେବେଳେ ବ୍ୟକ୍ତି ପ୍ରକୃତ ଶାନ୍ତିଲାଭ କରିପାରିବ । ତେଣୁ ଯଦି ବ୍ୟକ୍ତି କୃଷ୍ଣଚେତନାରେ ନରହେ, ତାହାହେଲେ ମନର ଏକ ଶେଷ ଆଶ୍ରୟସ୍ଥଳ ଆଉ କିଛି ହୋଇନପାରେ । ଏକ ଅନ୍ତିମ ଲକ୍ଷ୍ୟସ୍ଥଳର ଅଭାବ ହିଁ ସମସ୍ତ ଗୋଳମାଳର କାରଣ । ଯେତେବେଳେ ବ୍ୟକ୍ତି ନିଶ୍ଚିତଭାବେ ଜାଣିପାରେ ଯେ କୃଷ୍ଣ ହେଉଛନ୍ତି ଭୋକ୍ତା, ମାଲିକ ଓ ପ୍ରତ୍ୟେକଙ୍କର ବନ୍ଧୁ, ସେତେବେଳେ ତା'ର ମନ ସ୍ଥିର ହୋଇଯାଏ ଏବଂ ସେ ଶାନ୍ତି ଲାଭକରେ । ତେଣୁ ଯେ କୃଷ୍ଣଙ୍କସହ ଯୁକ୍ତନୁହେଁ (ଅର୍ଥାତ୍ କୃଷ୍ଣଭକ୍ତ ନୁହେଁ), ସେ ସର୍ବଦା ତ୍ରିତାପରେ ଦଗ୍ଧୀଭୂତ ଓ ଅଶାନ୍ତ । ସେ ଯେତେ ଶାନ୍ତିରେ ଥିବାଭଳି ଓ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରଗତି କଲାଭଳି ଦେଖାଇ ହେଲେ ବି ସେ କଦାପି ଶାନ୍ତିରେ ନଥାଏ । କୃଷ୍ଣଚେତନା ସ୍ୱତଃ ପ୍ରକାଶମାନ ଏକ ଶାନ୍ତିପୂର୍ଣ୍ଣ ଅବସ୍ଥା । ଏ ପ୍ରକାର ଅବସ୍ଥା କେବଳ କୃଷ୍ଣଙ୍କସହ ସମ୍ବନ୍ଧଯୁକ୍ତ ହେଲେ ହିଁ ମିଳେ, ଅର୍ଥାତ୍ କୃଷ୍ଣଭକ୍ତ ହିଁ ପ୍ରାପ୍ତହୁଏ ।

## ଶ୍ଳୋକ - ୬୭

**ଇନ୍ଦ୍ରିୟାଣାଂ ହି ଚରତାଂ ଯନ୍ମନୋଽନୁବିଧୀୟତେ ।**
**ତଦସ୍ୟ ହରତି ପ୍ରଜ୍ଞାଂ ବାୟୁର୍ନାବମିବାମ୍ଭସି ।। ୬୭ ।।**

## ଶବ୍ଦାନୁବାଦ

ଇନ୍ଦ୍ରିୟାଣାମ୍=ଇନ୍ଦ୍ରିୟମାନଙ୍କ ମଧ୍ୟରେ; ହି=ନିଶ୍ଚିତଭାବେ; ଚରତାମ୍=ସମୂହରେ ଗତି କରୁଥିବା ସମୟରେ; ଯତ୍=ଯାହା; ମନଃ=ମନ; ଅନୁବିଧୀୟତେ=ବରାବର ନିଯୁକ୍ତ ହୁଏ;

ତତ୍=ତାହା; ଅସ୍ୟ=ଏହାର; ହରତି=ହରଣ କରିନିଏ; ପ୍ରଜ୍ଞାମ୍=ବୁଦ୍ଧି; ବାୟୁଃ=ବାୟୁ; ନାବମ୍=ନାବ; ଇବ=ପରି; ଅମ୍ଭସି=ଜଳରେ ।

## ଅନୁବାଦ

**ଯେପରି ଖୁବ୍ ପ୍ରବଳ ବେଗରେ ବହୁଥିବା ବାୟୁ ଜଳରେ ଥିବା ନାବକୁ ତଡ଼ି ନିଏ, ଠିକ୍ ସେହିପରି ଗୋଟିଏ ମାତ୍ର ଇନ୍ଦ୍ରିୟ ସେଥିରେ ସଂଯୁକ୍ତ ହୋଇଥିବା ମନକୁ ବିଷୟ ଆଡ଼କୁ ଟାଣିନେଇ ବ୍ୟକ୍ତିର ବୁଦ୍ଧିବୃତ୍ତି ହରଣ କରି ନେଇପାରେ ।**

## ଭାବାର୍ଥ

ଯଦି ସମସ୍ତ ଇନ୍ଦ୍ରିୟ ଭଗବତ୍ ସେବାରେ ନ ଲାଗନ୍ତି, ତାହାହେଲେ ଅବସ୍ଥା ବଡ଼ ବିପଜ୍ଜନକ ହୋଇଉଠେ । ଯଦି ଗୋଟିଏ ମାତ୍ର ଇନ୍ଦ୍ରିୟ, ବିଷୟ ସୁଖରେ ଲାଗି ରହେ, ତାହାହେଲେ ବି ସାଧକ (ବ୍ୟକ୍ତି) ସାଧନାମାର୍ଗରେ କଦାପି ଅଗ୍ରଗତି କରିପାରିବ ନାହିଁ । ସେ ଇନ୍ଦ୍ରିୟ, ବ୍ୟକ୍ତିକୁ ସାଧନାପଥରୁ ବିଚ୍ୟୁତ କରାଇ ଦେଇପାରେ । ଯେପରି ମହାରାଜା ଅମ୍ବରୀଷ ତାଙ୍କର ସମସ୍ତ ଇନ୍ଦ୍ରିୟଙ୍କୁ କୃଷ୍ଣସେବାରେ ନିଯୁକ୍ତ ରଖିଥିଲେ, ଠିକ୍ ସେହିପରି ବ୍ୟକ୍ତି ତା'ର ସମସ୍ତ ଇନ୍ଦ୍ରିୟକୁ କୃଷ୍ଣସେବାରେ ନିଯୁକ୍ତ ରଖିଲେ ଇନ୍ଦ୍ରିୟଗୁଡ଼ିକ ସହଜରେ ସଂଯତ ହୁଅନ୍ତି । ଏହା ହେଉଛି ମନ ଓ ଇନ୍ଦ୍ରିୟମାନଙ୍କୁ ସଂଯତ କରିବାର ଉପଯୁକ୍ତ ପନ୍ଥା ।

## ଶ୍ଲୋକ - ୬୮

**ତସ୍ମାଦ୍ୟସ୍ୟ ମହାବାହୋ ନିଗୃହୀତାନି ସର୍ବଶଃ ।**
**ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।।୬୮।।**

## ଶବ୍ଦାନୁବାଦ

ତସ୍ମାତ୍=ତେଣୁ; ଯସ୍ୟ=ଯାହାର; ମହା-ବାହୋ=ହେ ମହାବାହୁ ! ନିଗୃହୀତାନି= ଏ ପ୍ରକାର ଭାବରେ ସଂଯତ ହୋଇଛି; ସର୍ବଶଃ=ସର୍ବତ୍ର; ଇନ୍ଦ୍ରିୟାଣି=ଇନ୍ଦ୍ରିୟଗୁଡ଼ିକ; ଇନ୍ଦ୍ରିୟ-ଅର୍ଥେଭ୍ୟଃ=ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ ନିମିତ୍ତ; ତସ୍ୟ=ତାହାର; ପ୍ରଜ୍ଞା=ବୁଦ୍ଧି; ପ୍ରତିଷ୍ଠିତା=ସ୍ଥିର ।

## ଅନୁବାଦ

**ତେଣୁ, ହେ ମହାବାହୁ ! ଯାହାର ଇନ୍ଦ୍ରିୟଗୁଡ଼ିକ ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁରୁ ଦୂରେଇ ରହିଛନ୍ତି ସେ ନିଶ୍ଚିତଭାବେ ସ୍ଥିତପ୍ରଜ୍ଞ ଅଟେ ବୋଲି ବୁଝିବାକୁ ହେବ, ଅର୍ଥାତ୍ ତାହାର ବୁଦ୍ଧି ସ୍ଥିର ହୋଇଛି ବୋଲି ଜାଣିବାକୁ ହେବ ।**

## ଭାବାର୍ଥ

ଏକ ବଳିଷ୍ଠ ଶକ୍ତିଦ୍ୱାରା ଯେପରି ଶତ୍ରୁମାନେ ନିପାତ ହୁଅନ୍ତି ବା ଶତ୍ରୁ ବଶ୍ୟତା ସ୍ୱୀକାର କରି ରହେ, ଠିକ୍ ସେହିପରି ଏ (ଦୁର୍ଦ୍ଦାନ୍ତ) ଇନ୍ଦ୍ରିୟଗୁଡ଼ିକ କେବଳ କୃଷ୍ଣ ସେବାରେ ନିଯୁକ୍ତ ହେଲେ

ବଶୀଭୂତ ହୁଅନ୍ତି, ଅନ୍ୟ କୌଣସି ପ୍ରକାର ମାନବିକ ପ୍ରଚେଷ୍ଟାରେ ଏମାନେ ବଶୀଭୂତ ହୋଇ ପାରିବେ ନାହିଁ । ଯେ ଏକଥା ଭଲ ରକମ ବୁଝି ପାରିଛି ଯେ କେବଳ କୃଷ୍ଣଭାବନା ବିଧିରେ ବ୍ୟକ୍ତିର ବୁଦ୍ଧି ସ୍ଥିର ହେବ ଏବଂ ଏକ ଉପଯୁକ୍ତ ଗୁରୁଙ୍କ ଅଧୀନରେ ଏ କୌଶଳ ଶିକ୍ଷା କରାଯାଇ ପାରିବ, ସେ ସାଧକ ଅଟେ; ଅର୍ଥାତ୍ ମୁକ୍ତିଲାଭ ନିମିତ୍ତ ସେ ଏକ ଉପଯୁକ୍ତ ବ୍ୟକ୍ତି ଅଟେ ।

## ଶ୍ଲୋକ - ୬୯

**ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତି ସଂଯମୀ ।**
**ଯସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ।। ୬୯ ।।**

## ଶବ୍ଦାନୁବାଦ

ଯା=ଯେଉଁ; ନିଶା=ରାତ୍ରି; ସର୍ବ=ସମସ୍ତ; ଭୂତାନାମ୍=ଜୀବମାନଙ୍କର; ତସ୍ୟାମ୍=ସେଥିରେ; ଜାଗର୍ତି=ଜାଗ୍ରତ; ସଂଯମୀ=ଜିତେନ୍ଦ୍ରିୟ ବା ଆତ୍ମଜିତବ୍ୟକ୍ତି, ଯେ ଇନ୍ଦ୍ରିୟ ସଂଯମ କରିଛି; ଯସ୍ୟାମ୍=ଯେଉଁଥିରେ; ଜାଗ୍ରତି=ଜାଗ୍ରତ; ଭୂତାନି=ସମସ୍ତ ଜୀବ; ସା=ତାହା; ନିଶା=ରାତ୍ରି; ପଶ୍ୟତଃ-ମୁନେଃ=ମନନଶୀଳ ମୁନି ପକ୍ଷରେ ।

## ଅନୁବାଦ

**ଯାହା ସମସ୍ତ ଜୀବଙ୍କ ପକ୍ଷରେ ରାତ୍ରି, ତାହା ଆତ୍ମଜିତ୍ ବ୍ୟକ୍ତି ପକ୍ଷରେ ଉଜାଗର ରହିବାର ସମୟ ଏବଂ ଯାହା ସମସ୍ତ ଜୀବଙ୍କ ପକ୍ଷରେ ଜାଗ୍ରତ ହେବା ସମୟ, ତାହା ମନନଶୀଳ ମୁନି ପକ୍ଷରେ ରାତ୍ରି ସଦୃଶ ଅଟେ ।**

## ଭାବାର୍ଥ

ଦୁଇପ୍ରକାର ବୁଦ୍ଧିମାନ ବ୍ୟକ୍ତି ଅଛନ୍ତି । ଗୋଟିଏ ପ୍ରକାର ହେଉଛନ୍ତି ଇନ୍ଦ୍ରିୟତୃପ୍ତିଜନିତ ଭୌତିକ କର୍ମରେ ଭାରି ବୁଦ୍ଧିଆ ଏବଂ ଅନ୍ୟ ପ୍ରକାର ହେଉଛନ୍ତି ମନନଶୀଳ ମୁନି ବା ଆତ୍ମାନୁଭୂତି ଲାଭ ଦିଗରେ ଜାଗରଣଶୀଳ ମୁନି । ଯେଉଁମାନେ ଇନ୍ଦ୍ରିୟ ତୃପ୍ତି ଜନିତ ଭୌତିକ କର୍ମରେ ଲିପ୍ତ ସେମାନଙ୍କ ପକ୍ଷରେ ମନନଶୀଳ ମୁନିର କର୍ମଗୁଡ଼ିକ ରାତ୍ରିସଦୃଶ । ଜଡ଼ବାଦୀ ବ୍ୟକ୍ତିଗଣ ଆତ୍ମାନୁଭୂତି ଲାଭ ବିଷୟରେ ଅଜ୍ଞ ଥିବାରୁ ଏପ୍ରକାର ରାତ୍ରିରେ ଶୟନ କରନ୍ତି । ଜଡ଼ବାଦୀମାନଙ୍କ ରାତ୍ରିରେ ମନନଶୀଳ ମୁନି ଜାଗ୍ରତ ରହେ । ଆଧ୍ୟାତ୍ମିକ ମାର୍ଗରେ କ୍ରମୋନ୍ନତି ଲାଭ କଲାବେଳେ ମୁନି ଦିବ୍ୟ ଆନନ୍ଦ ଲାଭକରେ, କିନ୍ତୁ ଇନ୍ଦ୍ରିୟ ତୃପ୍ତିଜନିତ ଭୌତିକ କର୍ମରେ ଲିପ୍ତଥିବା ଜଡ଼ବାଦୀ ବ୍ୟକ୍ତି ଆତ୍ମାନୁଭୂତି ଦିଗରେ ଅଜ୍ଞ ଥିବାରୁ ଅର୍ଥାତ୍ ସେ ଦିଗରେ ସେ ଶୋଇ ଯାଇଥିବାରୁ ନାନା ପ୍ରକାର ଇନ୍ଦ୍ରିୟ ସୁଖଜନିତ ସ୍ୱପ୍ନ ଦେଖେ । ତଦ୍ଵାରା ସେ ବେଳେବେଳେ କିଛି ସୁଖ ଅନୁଭବ କରେ, ସେତେବେଳେ ସେ ନିଦ୍ରିତାବସ୍ଥାରେ ଦୁଃଖ ଅନୁଭବ କରେ । କିନ୍ତୁ ମନନଶୀଳ ମୁନି ଭୌତିକ ସୁଖ ଦୁଃଖ ପ୍ରତି ବରାବର ଉଦାସୀନ ଥାଏ । ଭୌତିକ ପ୍ରତିକ୍ରିୟାରେ ସେ ତା'ର ଆତ୍ମାନୁଭୂତି ଲାଭ ମାର୍ଗରେ ନିରବଚ୍ଛିନ୍ନ ଭାବରେ ଗତିକରି ଚାଲିଥାଏ ।

## ଶ୍ଲୋକ - ୭୦

**ଆପୂର୍ଯ୍ୟମାଣମ୍ ଅଚଳପ୍ରତିଷ୍ଠଂ**
**ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍ୱତ୍ ।**
**ତଦ୍ୱତ୍କାମା ଯଂ ପ୍ରବିଶନ୍ତି ସର୍ବେ**
**ସ ଶାନ୍ତିମାପ୍ନୋତି ନ କାମକାମୀ ।। ୭୦ ।।**

## ଶବ୍ଦାନୁବାଦ

ଆପୂର୍ଯ୍ୟମାଣମ୍=ସର୍ବତୋଭାବେ ପରିପୂର୍ଣ୍ଣ; ଅଚଳ-ପ୍ରତିଷ୍ଠମ୍=ସ୍ଥିର ଭାବରେ ଅବସ୍ଥିତ; ସମୁଦ୍ରମ୍=ସମୁଦ୍ର; ଆପଃ=ଜଳ; ପ୍ରବିଶନ୍ତି=ପ୍ରବେଶ କରେ; ଯଦ୍ୱତ୍=ଯେପରି; ତଦ୍ୱତ୍=ସେହିପରି; କାମାଃ=କାମନାଗୁଡ଼ିକ; ଯମ୍=ଏକ ମଧ୍ୟରେ; ପ୍ରବିଶନ୍ତି=ପ୍ରବେଶ କରନ୍ତି; ସର୍ବେ=ସମସ୍ତେ; ସଃ=ସେ ବ୍ୟକ୍ତି; ଶାନ୍ତିମ୍=ଶାନ୍ତି; ଆପ୍ନୋତି=ପ୍ରାପ୍ତ ହୁଏ; ନ=ନୁହେଁ; କାମ-କାମୀ=ଯେ କାମନା ଚରିତାର୍ଥ କରିବାକୁ ଚ୍ହେଁ।

## ଅନୁବାଦ

**ଯେପରି ସମୁଦ୍ର ସର୍ବଦା ଜଳରେ ପରିପୂର୍ଣ୍ଣ ଥାଏ ଏବଂ ସେଥିରେ ଯେତେ ନଦୀ ଆସି ମିଶିଲେ ସୁଦ୍ଧା ସେ ବରାବର ସ୍ଥିର ରହେ, ସେହିପରି ଯେତେ କାମନା ଉଦିତ ହେଲେ ସୁଦ୍ଧା ଯଦି କୌଣସି ବ୍ୟକ୍ତି ସେଥିରେ ବିଚଳିତ ହୁଏ ନାହିଁ, ତାହାହେଲେ ଏକମାତ୍ର ସେ ହିଁ ଶାନ୍ତି ପ୍ରାପ୍ତ ହୋଇପାରେ, କିନ୍ତୁ ଯେଉଁ ବ୍ୟକ୍ତି ସର୍ବଦା କାମନା ଚରିତାର୍ଥରେ ବ୍ୟସ୍ତ ସେ କଦାପି ଶାନ୍ତି ପାଇପାରିବ ନାହିଁ ।**

## ଭାବାର୍ଥ

ବିରାଟ ସମୁଦ୍ରକୁ ଦେଖ ।ଯଦିଓ ସେ ସର୍ବଦା ଜଳରେ ପରିପୂର୍ଣ୍ଣ ହୋଇଥାଏ; ବର୍ଷା ଦିନରେ ସେଥିରେ ଯେତେ ପରିମାଣରେ ଜଳ ପ୍ରବେଶ କଲେ ସୁଦ୍ଧା ସେ ସେହିପରି ସ୍ଥିର ରହେ ।ସେଥିରେ ଆଦୌ ଉଦ୍‌ବେଳନ ଦେଖାଦିଏ ନାହିଁ କିମ୍ବା ସେ ବେଳାଭୂମି ଲଙ୍ଘନ କରେ ନାହିଁ ।କୃଷ୍ଣଚେତନାରେ ସ୍ଥିରଥିବା ବ୍ୟକ୍ତି ପକ୍ଷରେ ଏହା ମଧ୍ୟ ପ୍ରଯୁଜ୍ୟ ।ଯେପର୍ଯ୍ୟନ୍ତ ଏ ଜଡ଼ ଶରୀର ଅଛି, ସେପର୍ଯ୍ୟନ୍ତ ଜଡ଼େନ୍ଦ୍ରିୟର ତୃପ୍ତି କାମନା ରହିଛି ।କିନ୍ତୁ ଭକ୍ତ ଏ ପ୍ରକାର କାମନାରେ ବିଚଳିତ ହୁଏ ନାହିଁ, କାରଣ ସେ ସର୍ବଦା କୃଷ୍ଣ ଭାବନାରେ ପରିପୂର୍ଣ୍ଣ ଥାଏ ।କୃଷ୍ଣଚେତନଶୀଳ ବ୍ୟକ୍ତି କିଛି ଦରକାର କରେନାହିଁ, କାରଣ ଭଗବାନ୍ ତା'ର ସମସ୍ତ ଭୌତିକ ଆବଶ୍ୟକତା ପୂରଣ କରନ୍ତି ।ତେଣୁ ସେ ସମୁଦ୍ର ପରି ସର୍ବଦା ନିଜ ମଧ୍ୟରେ ପୂର୍ଣ୍ଣ ।ସମୁଦ୍ର ମଧ୍ୟକୁ ନଦୀମାନଙ୍କ ପ୍ରବାହ ପରି କାମନାଗୁଡ଼ିକ ତା' ମଧ୍ୟରେ ପ୍ରବେଶ କରିପାରନ୍ତି, କିନ୍ତୁ ସେ ତା' କର୍ମରେ ସ୍ଥିର ଥାଏ ଏବଂ ଇନ୍ଦ୍ରିୟତୃପ୍ତିଜନିତ କାମନାରେ ସେ ଟିକିଏ ବି ବିଚଳିତ ହୁଏ ନାହିଁ ।ଏହା ହେଉଛି କୃଷ୍ଣ ଚେତନଶୀଳ ବ୍ୟକ୍ତିର ପ୍ରମାଣ ବା ଲକ୍ଷଣ ଯଦିଓ କାମନାଗୁଡ଼ିକ ଅଛନ୍ତି, ତଥାପି କୃଷ୍ଣଚେତନଶୀଳ ବ୍ୟକ୍ତି ଇନ୍ଦ୍ରିୟ ସୁଖଭୋଗ ନିମିତ୍ତ ଆଦୌ ଅଭିଳାଷୀ ନୁହେଁ, ସେପ୍ରକାର

କାମନା ସେ ହରାଇଛି । ଭଗବାନଙ୍କର ଦିବ୍ୟ ସେବାରେ ନିଯୁକ୍ତ ହୋଇ ସେ ବରାବର ସନ୍ତୁଷ୍ଟ ଥାଏ, ତେଣୁ ସେ ସମୁଦ୍ରପରି ସ୍ଥିର ରହିପାରେ ଏବଂ ସେଇଥିପାଇଁ ସେ ପୂର୍ଣ୍ଣଶାନ୍ତି ହିଁ ଉପଭୋଗ କରେ । ଅନ୍ୟମାନେ, ଯେଉଁମାନେ ମୁକ୍ତି କାମୀ, ଅର୍ଥାତ୍ ସେ କାମନା ଯେଉଁମାନେ ପୂର୍ଣ୍ଣ କରନ୍ତି, ସେମାନେ କୌଣସି ପ୍ରକାର ଶାନ୍ତି ଲାଭ କରିପାରନ୍ତିନାହିଁ । ସେମାନଙ୍କ ପକ୍ଷରେ ଭୌତିକ ସଫଳତା କଥା ବା କ'ଣ କହିବା, କୌଣସି ଦିଗରେ ସେମାନେ ସଫଳତା ହାସଲ କରିପାରନ୍ତି ନାହିଁ । କର୍ମୀଗଣ (ଅର୍ଥାତ୍ ସକାମ କର୍ମୀ-ଯେଉଁମାନଙ୍କର ଫଳଭୋଗ କାମନା ଥାଏ) ଅର୍ଥାତ୍ ଭୁକ୍ତିକାମୀ, ମୁକ୍ତିକାମୀ ଓ ସିଦ୍ଧିକାମୀ ଅର୍ଥାତ୍ ଯେଉଁ ଯୋଗୀଗଣ ଯୋଗସିଦ୍ଧି କାମନାରେ ଲିପ୍ତ- ଏମାନେ ସମସ୍ତେ ଅଶାନ୍ତ, କାରଣ ଏମାନଙ୍କର ଏପ୍ରକାର କାମନାମାନ ରହିଛି ଏବଂ ସେ କାମନା ପରିପୂର୍ଣ୍ଣତା ଲାଭ କରିପାରେ ନାହିଁ । କିନ୍ତୁ କୃଷ୍ଣ ଚେତନଶୀଳ ବ୍ୟକ୍ତି କୃଷ୍ଣ ସେବାରେ ନିଯୁକ୍ତ ରହି ସର୍ବଦା ଦିବ୍ୟ ଆନନ୍ଦ ଓ ଶାନ୍ତି ଲାଭ କରୁଥାଏ, ତା'ର ଆଉ କୌଣସି କାମନା ପରିପୂର୍ଣ୍ଣ ହେବାର ନଥାଏ । ଏପରିକି ସେ ତଥାକଥିତ ଭୌତିକ ବନ୍ଧନ ମୁକ୍ତ ହେବାର (ମୁକ୍ତି) କାମନା ମଧ୍ୟ ରଖି ନଥାଏ ଏବଂ ସେଇଥିପାଇଁ ସେମାନେ ପୂର୍ଣ୍ଣ ଶାନ୍ତିଲାଭ କରିଥା'ନ୍ତି ।

## ଶ୍ଳୋକ - ୭୧

**ବିହାୟ କାମାନ୍ ଯଃ ସର୍ବାନ୍ ପୁମାଂଶ୍ଚରତି ନିଃସ୍ପୃହଃ ।**
**ନିର୍ମମୋ ନିରହଙ୍କାରଃ ସ ଶାନ୍ତିମଧିଗଚ୍ଛତି ।।୭୧।।**

## ଶବ୍ଦାନୁବାଦ

ବିହାୟ=ତ୍ୟାଗକରି; କାମାନ୍=ଇନ୍ଦ୍ରିୟ ତୃପ୍ତି ଜନିତ ସମସ୍ତପ୍ରକାର ଭୌତିକ କାମନାକୁ; ଯଃ=ଯେଉଁ ଲୋକ; ସର୍ବାନ୍=ସମସ୍ତ; ପୁମାନ୍=ବ୍ୟକ୍ତି; ଚରତି=ଆଚରଣ କରେ; ନିଃସ୍ପୃହଃ=ନିଷ୍କାମ; ନିର୍ମମଃ=ମମତ୍ୱହୀନ; ନିରହଙ୍କାରଃ=ଅହଙ୍କାର ଶୂନ୍ୟ; ସଃ=ସେ; ଶାନ୍ତିମ୍=ପୂର୍ଣ୍ଣଶାନ୍ତି; ଅଧିଗଚ୍ଛତି=ପ୍ରାପ୍ତ ହୁଏ ।

## ଅନୁବାଦ

**ଯେଉଁ ବ୍ୟକ୍ତି ସମସ୍ତ ପ୍ରକାର ଇନ୍ଦ୍ରିୟଭୋଗ କାମନା ତ୍ୟାଗ କରିଛି, ସେ ନିଷ୍କାମ ଜୀବନ ଯାପନ କରୁଛି । ଯେ ସମସ୍ତ ପ୍ରକାର ମମତ୍ୱ ବୁଦ୍ଧି ଏବଂ ମିଥ୍ୟାହଙ୍କାର ତ୍ୟାଗ କରିଛି, ସେ ହିଁ କେବଳ ପ୍ରକୃତ ଶାନ୍ତି ଲାଭ କରିପାରେ ।**

## ଭାବାର୍ଥ

ନିଷ୍କାମ ହେବାର ଅର୍ଥ ହେଲା ଇନ୍ଦ୍ରିୟ ତୃପ୍ତି ନିମିତ୍ତ କିଛି ପାଇବାକୁ ଆଶା ନକରିବା । ଅନ୍ୟ କଥାରେ ଏହାହିଁ କୁହାଯାଇପାରେ ଯେ କୃଷ୍ଣ ଚେତନଶୀଳ ହେବାହିଁ ପ୍ରକୃତରେ ନିଷ୍କାମ ହେବା । କୃଷ୍ଣଚେତନାର ପ୍ରକୃତ ସ୍ତର କହିଲେ କ'ଣ ବୁଝାଯାଏ । ତାହା ହେଉଛି-ବ୍ୟକ୍ତି ଯେତେବେଳେ ବୁଝିପାରେ ଯେ ସେ କୃଷ୍ଣଙ୍କର ନିତ୍ୟ ସେବକ, ସେତେବେଳେ ସେ ଏ ଜଡ଼ ଶରୀରକୁ ଆତ୍ମା

ବୋଲି ଭାବେ ନାହିଁ ଏବଂ ଯେତେବେଳେ ସେ ଏ ଜଗତରେ ଥିବା କୌଣସି ବସ୍ତୁକୁ ନିଜର ବୋଲି ଦାବୀ କରେ ନାହିଁ ସେତେବେଳେ ସେ ପ୍ରକୃତ କୃଷ୍ଣଚେତନା ସ୍ତରରେ ଅଛି ବୋଲି ବୁଝାଯିବ । ଯେଉଁ ବ୍ୟକ୍ତି ଏହି ସ୍ତରରେ ଥାଏ, ସେ ଜାଣିଥାଏ ଯେ ସବୁକିଛି ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରୀତ୍ୟର୍ଥେ ବିନିଯୁକ୍ତ ହେବା ଉଚିତ୍, କାରଣ କୃଷ୍ଣ ହେଉଛନ୍ତି ସମସ୍ତଙ୍କର ମାଲିକ । ଅର୍ଜୁନ ନିଜର ଶାରୀରିକ ସମ୍ବନ୍ଧ କଥା ବିଗ୍ଭର କରି ଅର୍ଥାତ୍ ନିଜର ଇନ୍ଦ୍ରିୟତୃପ୍ତି କଥା ବିଗ୍ଭର କରି ଯୁଦ୍ଧ କରିବାକୁ ଇଚ୍ଛା କରୁ ନଥିଲେ । କିନ୍ତୁ ସେ ଯେତେବେଳେ ପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ ହୋଇଗଲେ ସେତେବେଳେ ସେ ପୂର୍ଣ୍ଣ ପ୍ରାଣରେ ଯୁଦ୍ଧ କଲେ, କାରଣ କୃଷ୍ଣ ଇଚ୍ଛା କରୁଥିଲେ ଯେ ସେ ଯୁଦ୍ଧ କରନ୍ତୁ । ତାଙ୍କ ନିଜ ପାଇଁ ସେ ଯୁଦ୍ଧ କରିବାକୁ ଇଚ୍ଛା କରୁନଥିଲେ, କିନ୍ତୁ କୃଷ୍ଣଙ୍କ ପାଇଁ ସେହି ଅର୍ଜୁନ ପ୍ରାଣମୂର୍ଚ୍ଛା ଯୁଦ୍ଧ କଲେ । କୃଷ୍ଣଙ୍କର ସୁଖ କାମନା କରିବା ହିଁ ପ୍ରକୃତ ନିଷ୍କାମ ଭାବ ଅଟେ । ଏହା କୃତ୍ରିମ ଉପାୟରେ କାମନା ତ୍ୟାଗ କରିବା କଥା ନୁହେଁ । ଜୀବ କଦାପି ନିଷ୍କାମ ହୋଇ ପାରିବ ନାହିଁ, କିନ୍ତୁ ତା'ର କାମନାର ଗୁଣ ପରିବର୍ତ୍ତନ କରିବାକୁ ହେବ । ଯାହାର ଭୌତିକ କାମନା ନାହିଁ, ସେ ଭଲରକମ ଜାଣେ ଯେ ସବୁ କୃଷ୍ଣଙ୍କର *(ଈଶାବାସ୍ୟମ୍ ଇଦଂ ସର୍ବମ୍)* ଏବଂ ସେଇଥିପାଇଁ ସେ କୌଣସି ପଦାର୍ଥକୁ "ମୋର" ବୋଲି କୁହେ ନାହିଁ ବା ଦାବୀ କରେ ନାହିଁ । ଯେ ଆତ୍ମାନୁଭୂତି ଲାଭ କରିଛି, ସେ ଏହି ଦିବ୍ୟ ଜ୍ଞାନ ଲାଭ କରିଛି । ଅର୍ଥାତ ସେ ଏକଥା ଭଲ ରକମ ଜାଣିଛି ଯେ, ପ୍ରତ୍ୟେକ ଜୀବ ଚିତ୍ ସ୍ତରରେ ଶାଶ୍ୱତ ଭାବେ କୃଷ୍ଣଙ୍କର ଅଂଶ ବିଶେଷ ଅଟେ ଏବଂ ସେଇଥିପାଇଁ ଜୀବର ଶାଶ୍ୱତ ସ୍ତର କଦାପି କୃଷ୍ଣଙ୍କ ସହ ସମାନ ନୁହେଁ କିମ୍ବା କୃଷ୍ଣଙ୍କଠାରୁ ଉନ୍ନତତର ନୁହେଁ । ଏହି ଚେତନା ଲାଭ କରିବା ହେଲା ପ୍ରକୃତ ଶାନ୍ତି ପ୍ରାପ୍ତିର ମୌଳିକ ନୀତି ।

## ଶ୍ଲୋକ - ୭୨

**ଏଷା ବ୍ରାହ୍ମୀ ସ୍ଥିତିଃ ପାର୍ଥ ନୈନାଂ ପ୍ରାପ୍ୟ ବିମୁହ୍ୟତି ।**
**ସ୍ଥିତ୍ୱାସ୍ୟାମନ୍ତକାଲେଽପି ବ୍ରହ୍ମନିର୍ବାଣମ୍ ଋଚ୍ଛତି ।। ୭୨ ।।**

## ଶବ୍ଦାନୁବାଦ

ଏଷା=ଏହି; ବ୍ରାହ୍ମୀ=ଦିବ୍ୟ; ସ୍ଥିତିଃ=ଅବସ୍ଥାନ; ପାର୍ଥ=ହେ ପୃଥାପୁତ୍ର; ନ=ନୁହେଁ; ଏନାମ୍=ଏହା; ପ୍ରାପ୍ୟ=ପ୍ରାପ୍ତହୋଇ; ବିମୁହ୍ୟତି=ମୁହ୍ୟମାନ ହୁଏ; ସ୍ଥିତ୍ୱା=ଏ ପ୍ରକାରେ ଅବସ୍ଥାନ କରି; ଅସ୍ୟାମ୍=ଏଥିରେ; ଅନ୍ତ-କାଳେ=ଜୀବନର ଅନ୍ତ କାଳରେ; ଅପି=ମଧ୍ୟ; ବ୍ରହ୍ମ-ନିର୍ବାଣମ୍=ଦିବ୍ୟ (ଭଗବାନ୍ଙ୍କ ରାଜ୍ୟ); ଋଚ୍ଛତି=ପ୍ରାପ୍ତ ହୁଏ ।

## ଅନୁବାଦ

**ଏହା ହେଉଛି ଦିବ୍ୟ ଜୀବନ । ଏହା ପ୍ରାପ୍ତ ହେଲେ ମାନବ ଆଉ ମୁହ୍ୟମାନ ହୁଏ ନାହିଁ । ଏହି ସ୍ଥିତିରେ ରହିଲେ, ଏପରିକି ଅନ୍ତକାଳରେ, ମାନବ ଭଗବାନଙ୍କ ରାଜ୍ୟ (ବା ବୈକୁଣ୍ଠ ଲୋକ)ରେ ପ୍ରବେଶ କରିପାରେ ।**

## ଭାବାର୍ଥ

ମୁହୂର୍ତ୍ତକ ମଧ୍ୟରେ ବା ସାଙ୍ଗେ ସାଙ୍ଗେ ବ୍ୟକ୍ତି କୃଷ୍ଣଚେତନା ବା ଦିବ୍ୟଜୀବନ ଲାଭ କରିପାରେ, କିମ୍ବା ଲକ୍ଷ ଲକ୍ଷ ଜୀବନ ବିତାଇଲା ପରେ ବି ଏହା ପ୍ରାପ୍ତ ହୋଇପାରିବ ନାହିଁ । ଏହା କେବଳ କଥାଟା ବୁଝିବା ଉପରେ ଏବଂ ତାହାକୁ ଗ୍ରହଣ କରିବା ଉପରେ ନିର୍ଭର କରେ । ଖଟ୍ୱାଙ୍ଗ ମହାରାଜ ଠିକ୍ ତାଙ୍କର ମୃତ୍ୟୁର ଅଳ୍ପ କେତେ ମିନିଟ୍ ପୂର୍ବରୁ ଭଗବାନ୍ ଶ୍ରୀକୃଷ୍ଣଙ୍କଠାରେ ଆତ୍ମସମର୍ପଣ କରିବାଦ୍ୱାରା ଏ ପ୍ରକାର ଅବସ୍ଥା (ଅର୍ଥାତ୍ ବ୍ରାହ୍ମୀ ସ୍ଥିତି) ଲାଭ କରିଥିଲେ । 'ନିର୍ବାଣ'ର ଅର୍ଥ ହେଲା ଭୌତିକ ଜୀବନର ଅବସାନ । ବୌଦ୍ଧ ଦର୍ଶନ ଅନୁଯାୟୀ ଏ ଭୌତିକ ଜୀବନର ଶେଷରେ କେବଳ ଶୂନ୍ୟ ହିଁ ଅଛି, କିନ୍ତୁ ଭଗବଦ୍‌ଗୀତା ଅନ୍ୟ ପ୍ରକାରେ ଶିକ୍ଷାଦିଏ । ଏ ଭୌତିକ ଜୀବନର ଅବସାନ ପରେ ହିଁ ପ୍ରକୃତ ଜୀବନଧାରା ଆରମ୍ଭ ହୁଏ । ଯେ ନିହାତି ଜଡ଼ବାଦୀ ତା' ପକ୍ଷରେ ଏତିକି ଜାଣି ରଖିବା ଉଚିତ୍ ଯେ ତାକୁ ଏ ଭୌତିକ ଜୀବନ ଶେଷ କରିବାକୁ ପଡ଼ିବ; କିନ୍ତୁ ଯେଉଁମାନେ ଦିବ୍ୟ ଜୀବନ ପଥରେ ଅଗ୍ରଗତି କରିଛନ୍ତି, ସେମାନଙ୍କ ପାଇଁ ଏ ଭୌତିକ ଜୀବନ ପରେ ଆଉ ଏକ ଜୀବନ ଅଛି । ସୌଭାଗ୍ୟବଶତଃ ଯଦି ବ୍ୟକ୍ତି କୃଷ୍ଣଚେତନଶୀଳ ହୋଇଥାଏ, ତାହାହେଲେ ଏ ଜୀବନ ଶେଷହେବା ପୂର୍ବରୁ ସେ ବ୍ରହ୍ମନିର୍ବାଣ ଲାଭ କରେ । ଭଗବାନଙ୍କ ସାମ୍ରାଜ୍ୟ (ବା ବୈକୁଣ୍ଠ ଲୋକ) ଏବଂ ଭଗବାନଙ୍କର ସେବା ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଯେଣୁ ଏ ଉଭୟଟି ଦିବ୍ୟସ୍ତରର ହୋଇଥା'ନ୍ତି, ତେଣୁ ଭଗବାନଙ୍କ ସେବାରେ ନିଯୁକ୍ତ ହେବାର ଅର୍ଥ ଭଗବଦ୍ ସାମ୍ରାଜ୍ୟ ଲାଭ କରିବା । ଭୌତିକ ଜଗତରେ ଇନ୍ଦ୍ରିୟତୃପ୍ତିଜନିତ କର୍ମମାନ ଅଛି । କିନ୍ତୁ ଅପ୍ରାକୃତ ଜଗତ ବା ଭଗବାନଙ୍କ ସାମ୍ରାଜ୍ୟରେ କୃଷ୍ଣଚେତନମୟ କର୍ମମାନ ଅଛି । ଏହି ଜୀବନରେ ଯେ କୃଷ୍ଣଚେତନା ଲାଭକଲା ସେ ସାଙ୍ଗେ ସାଙ୍ଗେ ବ୍ରାହ୍ମୀସ୍ଥିତି (ବା ବ୍ରହ୍ମଙ୍କୁ) ଲାଭ କଲା ଏବଂ ଯେ କୃଷ୍ଣଚେତନାରେ ସ୍ଥିର ଅଛି, ସେ ନିଶ୍ଚିତ ଭାବରେଭଗବାନଙ୍କ ସାମ୍ରାଜ୍ୟରେ ପ୍ରବେଶ ଲାଭ କରିସାରିଛି ।

ଜଡ଼ ପଦାର୍ଥର ବିପରୀତ ହେଉଛି 'ବ୍ରହ୍ମ' । ତେଣୁ 'ବ୍ରାହ୍ମୀସ୍ଥିତି'ର ଅର୍ଥ ଭୌତିକ ସ୍ତରରେ ନଥିବା । ଭଗବଦ୍ ଗୀତାରେ ଭଗବାନଙ୍କ ସେବାକୁ ମୁକ୍ତସ୍ତର ବୋଲି ସ୍ୱୀକାର କରାଯାଇଅଛି । ତେଣୁ ଭୌତିକ ବନ୍ଧନରୁ ମୁକ୍ତ ହେବା ଅବସ୍ଥାକୁ ବ୍ରାହ୍ମୀସ୍ଥିତି କୁହାଯାଏ ।

ଶ୍ରୀଳ ଭକ୍ତିବିନୋଦ ଠାକୁର ଭଗବଦ୍‌ଗୀତାର ଦ୍ୱିତୀୟ ଅଧ୍ୟାୟକୁ ଗୀତାର ସମୁଦାୟ ଶିକ୍ଷା ବୋଲି ସଂକ୍ଷେପରେ କହିଛନ୍ତି । ଭଗବଦ୍ ଗୀତାର ବିଷୟବସ୍ତୁ ହେଲା କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ । ଦ୍ୱିତୀୟ ଅଧ୍ୟାୟରେ କର୍ମଯୋଗ ଓ ଜ୍ଞାନଯୋଗର ସବିଶେଷ ଆଲୋଚନା କରାଯାଇଅଛି ଏବଂ ଭଗବଦ୍ ଗୀତାର ସମସ୍ତ ବିଷୟବସ୍ତୁକୁ ସ୍ଥାନ ଦେବା ଉଦ୍ଦେଶ୍ୟରେ ଭକ୍ତିଯୋଗର ଏକ ଆଭାସ ଏ ଅଧ୍ୟାୟରେ ଦିଆଯାଇଅଛି ।

**ଭକ୍ତିବେଦାନ୍ତ ଭାଷ୍ୟର ଭଗବଦ୍ ଗୀତାର ଦ୍ୱିତୀୟ ଅଧ୍ୟାୟ-ଭଗବଦ୍ ଗୀତାର ବିଷୟବସ୍ତୁର ସଂକ୍ଷେପ ଆଲୋଚନା ଶେଷ ହେଲା ।**

—○—

# ତୃତୀୟ ଅଧ୍ୟାୟ

## କର୍ମଯୋଗ

### ଶ୍ଳୋକ - ୧

**ଅର୍ଜୁନ ଉବାଚ**

**ଜ୍ୟାୟସୀ ଚେତ୍ କର୍ମଣସ୍ତେ ମତା ବୁଦ୍ଧିର୍ଜନାର୍ଦ୍ଦନ ।**
**ତତ୍ କିଂ କର୍ମଣି ଘୋରେ ମାଂ ନିୟୋଜୟସି କେଶବ ।। ୧ ।।**

### ଶବ୍ଦାନୁବାଦ

ଅର୍ଜୁନଃ=ଅର୍ଜୁନ; ଉବାଚ=କହିଲେ; ଜ୍ୟାୟସୀ=ଖୁବ୍ ପ୍ରଶଂସା କରି କହି; ଚେତ୍=ଯଦିଓ; କର୍ମଣଃ=ସକାମ କର୍ମଠାରୁ; ତେ=ଆପଣଙ୍କର; ମତା=ମତ (ଅଭିମତ); ବୁଦ୍ଧିଃ=ବୁଦ୍ଧି; ଜନାର୍ଦ୍ଦନ=ହେ କୃଷ୍ଣ; ତତ୍=ତେଣୁ; କିମ୍=କାହିଁକି; କର୍ମଣି=କର୍ମରେ; ଘୋରେ=ଭୟଙ୍କର; ମାମ୍=ମୋତେ; ନିୟୋଜୟସି=ନିଯୁକ୍ତ କରୁଛନ୍ତି; କେଶବ=ହେ କୃଷ୍ଣ !

### ଅନୁବାଦ

ଅର୍ଜୁନ କହିଲେ ହେ ଜନାର୍ଦ୍ଦନ ! ହେ କେଶବ ! ଆପଣ ଯଦି ଭାବୁଛନ୍ତି ଯେ ସକାମ କର୍ମ ଅପେକ୍ଷା ବୁଦ୍ଧି ହେଉଛି ଉତ୍କୃଷ୍ଟତର, ତେବେ ମୋତେ କାହିଁକି ଏ ଭୟଙ୍କର ଯୁଦ୍ଧ କର୍ମରେ ନିଯୁକ୍ତ ହେବାକୁ ବାଧ୍ୟ କରୁଛନ୍ତି ?

## ଭାବାର୍ଥ

ଅର୍ଜୁନ, ଭଗବାନ୍ ଶ୍ରୀକୃଷ୍ଣଙ୍କର ଅତି ଅନ୍ତରଙ୍ଗ ବନ୍ଧୁ । ସେ ଦେଖିଲେ ତାଙ୍କ ବନ୍ଧୁ ଭୌତିକ ଦୁଃଖାର୍ଣ୍ଣବରେ ପତିତ ହୋଇଛନ୍ତି । ତାଙ୍କୁ ସେ ଦୁଃଖାର୍ଣ୍ଣବରୁ ଉଦ୍ଧାର କରିବା ନିମିତ୍ତ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ପୂର୍ବଅଧ୍ୟାୟରେ ଖୁବ୍ ଭଲ ଭାବରେ ଆତ୍ମାର ଗଠନ କଥା ବର୍ଣ୍ଣନା କରିଛନ୍ତି । କିପରି ଏ ଦୁଃଖାର୍ଣ୍ଣବରୁ ଉଦ୍ଧାର ମିଳିବ ତା'ର ଏକ ଅନୁଭୂତି ମାର୍ଗ ମଧ୍ୟ ବତାଇ ଦେଇଛନ୍ତି । ତାହା ହେଉଛି 'ବୁଦ୍ଧିଯୋଗ' ବା କୃଷ୍ଣଚେତନା । ବେଳେବେଳେ ଏ କୃଷ୍ଣଚେତନାକୁ କେହି କେହି ନିଷ୍କ୍ରିୟତା ବୋଲି ଭୁଲ୍ ବୁଝନ୍ତି ଏବଂ ସେହି ଭୁଲ୍ ବୁଝାମଣା ଯୋଗୁଁ କେହି କେହି କୃଷ୍ଣଙ୍କର ଦିବ୍ୟନାମ କୀର୍ତ୍ତନ କରି ପୂର୍ଣ୍ଣଭାବେ କୃଷ୍ଣଚେତନଶୀଳ ହେବା ନିମିତ୍ତ ଏକ ଏକାନ୍ତ ସ୍ଥାନକୁ ଯା'ନ୍ତି । କୃଷ୍ଣଭାବନା ଦର୍ଶନରେ ପୂର୍ଣ୍ଣଜ୍ଞାନ ଲାଭ ନକଲା ପର୍ଯ୍ୟନ୍ତ ଏକାନ୍ତ ସ୍ଥାନରେ ବସି କୃଷ୍ଣଙ୍କର ଦିବ୍ୟନାମ କୀର୍ତ୍ତନ କରିବାକୁ କାହାରିକୁ ଅନୁମତି ଦିଆଯାଇନପାରେ । ସେପରି କଲେ ବ୍ୟକ୍ତି କେତେକ ସରଳ ଲୋକଙ୍କଠାରୁ ଶସ୍ତା ସମ୍ମାନ ବା ପୂଜାଲାଭ କରିପାରେ । ଅର୍ଜୁନଙ୍କର ଏଇ ଧାରଣା ଜାତ ହୋଇଥିଲା । ସେ ଏ କୃଷ୍ଣଚେତନା ବା ବୁଦ୍ଧିଯୋଗକୁ କର୍ମମୟ ଜୀବନରୁ ଅବସର ନେଇ ଏକ ଏକାନ୍ତ ସ୍ଥାନରେ ବାସକରି ତପସ୍ୟା କରିବାକୁ ଭାବିଥିଲେ । ଅନ୍ୟ କଥାରେ କୃଷ୍ଣଚେତନାର ଆଳରେ ବଡ଼ କୌଶଳ ସହକାରେ ଯୁଦ୍ଧକୁ ଏଡ଼ାଇବାକୁ ଚେଷ୍ଟା କରୁଥିଲେ । କିନ୍ତୁ ଏକ ନୈଷ୍ଠିକ ଛାତ୍ର ହିସାବରେ ସେ ତାଙ୍କର ଶିକ୍ଷକ କୃଷ୍ଣଙ୍କ ଆଗରେ ଏ ପ୍ରଶ୍ନଟି ଉତ୍‌ଥାପନ କଲେ-ତାଙ୍କ ପକ୍ଷରେ କ'ଣ ଶ୍ରେୟସ୍କର । ଉତ୍ତରରେ ଭଗବାନ୍ ଶ୍ରୀକୃଷ୍ଣ ଖୁବ୍ ଭଲ ଭାବରେ କର୍ମଯୋଗ କଥା ବା କୃଷ୍ଣ ଚେତନାରେ କର୍ମ କରିବା କଥା ଏ ତୃତୀୟ ଅଧ୍ୟାୟରେ କହିଲେ ।

## ଶ୍ଲୋକ - ୨

**ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂ ମୋହୟସୀବ ମେ ।**
**ତଦେକଂ ବଦ ନିଶ୍ଚିତ୍ୟ ଯେନ ଶ୍ରେୟୋଽହମାପ୍ନୁୟାମ୍ ।। ୨ ।।**

## ଶବ୍ଦାନୁବାଦ

ବ୍ୟାମିଶ୍ରେଣ=ସନ୍ଦିଗ୍ଧାର୍ଥକ; ଇବ=ପରି; ବାକ୍ୟେନ=କଥାରେ; ବୁଦ୍ଧିମ୍=ବୁଦ୍ଧି; ମୋହୟସି=ଗୋଳମାଳରେ ପକାଉଛନ୍ତି; ଇବ=ପରି; ମେ=ମୋର; ତଦ୍=ତେଣୁ; ଏକମ୍=ଏକମାତ୍ର; ବଦ=ଦୟାକରି କୁହନ୍ତୁ; ନିଶ୍ଚିତ୍ୟ=ସ୍ଥିରକରି; ଯେନ=ଯାହାଦ୍ୱାରା; ଶ୍ରେୟଃ=ପ୍ରକୃତ କଲ୍ୟାଣ; ଅହମ୍=ମୁଁ; ଆପ୍ନୁୟାମ୍=ପାଇପାରେ ।

## ଅନୁବାଦ

**ଆପଣଙ୍କର ସନ୍ଦିଗ୍ଧାର୍ଥକ କଥା ଶୁଣି ମୋର ବୁଦ୍ଧି ଗୋଳମାଳରେ ପଡ଼ିଯାଉଛି । ତେଣୁ କ'ଣ ମୋ ପକ୍ଷରେ ଅତ୍ୟନ୍ତ କଲ୍ୟାଣକର ଦୟାକରି ମୋତେ କୁହନ୍ତୁ ।**

## ଭାବାର୍ଥ

ଭଗବଦ୍ ଗୀତାର ଉପକ୍ରମ ରୂପେ ପୂର୍ବ ଅଧ୍ୟାୟରେ ବିଭିନ୍ନ ପନ୍ଥା ଯଥା-ସାଂଖ୍ୟଯୋଗ, ବୁଦ୍ଧିଯୋଗ, ବୁଦ୍ଧିଦ୍ୱାରା ଇନ୍ଦ୍ରିୟ ସଂଯମ, ଫଳ କାମନା ନରଖି କର୍ମ କରିବା ଏବଂ ନୂତନ ଶିଷ୍ୟର

ସ୍ଥାନ ଆଦି କଥା କୁହାଯାଇଛି । ଏ ସବୁ କଥା ଏଣୁ ତେଣୁ ଭାବେ କୁହାଯାଇଛି । ଭଲରକମ କଥାଟାକୁ ବୁଝିବା ନିମିତ୍ତ ଓ ତଦନୁଯାୟୀ କାର୍ଯ୍ୟ କରିବା ନିମିତ୍ତ ଏକ ଧାରାବାହିକ ପନ୍ଥା ଦରକାର । ତେଣୁ ଅର୍ଜୁନ ଏସବୁ ଗୋଳମାଳିଆ କଥା ଗୁଡ଼ାକୁ ଭଲ ଭାବରେ ବୁଝାଇ କହିବା ପାଇଁ ଅନୁରୋଧ କରୁଛନ୍ତି । କାହିଁକିନା ସାଧାରଣ ଲୋକ ଏଗୁଡ଼ିକୁ ଭୁଲ୍ ବୁଝିବ ନାହିଁ ବା ଗୋଳମାଳରେ ପଡିବ ନାହିଁ । ଶବ୍ଦ କୁହୁକ ତିଆରି କରି ଅର୍ଜୁନଙ୍କୁ ଗୋଳମାଳରେ ପକାଇବାର ଉଦ୍ଦେଶ୍ୟ ଅବଶ୍ୟ କୃଷ୍ଣଙ୍କର ନଥିଲା; କିନ୍ତୁ କଥାଟା ହେଲା ଅର୍ଜୁନ କୃଷ୍ଣ ଚେତନା କଥାଟିକୁ ବୁଝିପାରୁ ନଥିଲେ । କୃଷ୍ଣଚେତନା କହିଲେ କ'ଣ ? ଏହା ନିଷ୍କ୍ରିୟତା ନା' କର୍ମନିଷ୍ଠତା ? ଏଇ ଦ୍ୱନ୍ଦ୍ୱ ଅର୍ଜୁନଙ୍କ ମନରେ ଦେଖା ଦେଇଥିଲା । ବର୍ତ୍ତମାନ ତାଙ୍କର ଏ ପ୍ରଶ୍ନଦ୍ୱାରା ସେ କୃଷ୍ଣଭାବନା ବିଧି କ'ଣ ତାହା ପରିଷ୍କାର କରିଦେବାକୁ ଗ୍ରହୁଁଛନ୍ତି; କାରଣ ଅର୍ଜୁନଙ୍କର ଏ ପ୍ରଶ୍ନର ଉତ୍ତରରୁ ଭଗବଦ୍ ଗୀତାର ସମସ୍ତ ଶିଷ୍ୟ ଏ କୃଷ୍ଣଭାବନା ବିଧିର ରହସ୍ୟ ବୁଝି ପାରିବେ । ଯେଉଁ ଶିଷ୍ୟମାନେ ଏହା ବୁଝିବାକୁ ଅତ୍ୟନ୍ତ ଆଗ୍ରହୀ ସେମାନେ ବର୍ତ୍ତମାନ ଏହା ବୁଝିପାରିବେ । କାରଣ ସେହିମାନଙ୍କ ପାଇଁ ଅର୍ଜୁନ ବର୍ତ୍ତମାନ ଏ ପ୍ରଶ୍ନ ପଗ୍ରୁଛନ୍ତି ।

## ଶ୍ଳୋକ - ୩

**ଶ୍ରୀ ଭଗବାନୁବାଚ**

**ଲୋକେଽସ୍ମିନ୍ ଦ୍ୱିବିଧା ନିଷ୍ଠା ପୁରା ପ୍ରୋକ୍ତା ମୟାନଘ ।**
**ଜ୍ଞାନଯୋଗେନ ସାଂଖ୍ୟାନାଂ କର୍ମଯୋଗେନ ଯୋଗିନାମ୍ ।। ୩ ।।**

## ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ପରମପୁରୁଷ ଭଗବାନ୍ କହିଲେ; ଲୋକେ=ପୃଥିବୀରେ; ଅସ୍ମିନ୍=ଏହି; ଦ୍ୱି-ବିଧା=ଦୁଇ ପ୍ରକାର; ନିଷ୍ଠା=ବିଶ୍ୱାସ; ପୁରା=ପୂର୍ବେ; ପ୍ରୋକ୍ତା=କୁହାଯାଇଛି; ମୟା=ମୋଦ୍ୱାରା; ଅନଘ=ହେ ନିଷ୍ପାପ; ଜ୍ଞାନ-ଯୋଗେନ=ଜ୍ଞାନ ଯୋଗରେ; ସାଂଖ୍ୟାନାମ୍=ସାଂଖ୍ୟବାଦୀମାନଙ୍କର ଅର୍ଥାତ୍ ମନନଶୀଳ ଦାର୍ଶନିକମାନଙ୍କର; କର୍ମ- ଯୋଗେନ=କର୍ମ ଯୋଗରେ, ଅର୍ଥାତ୍ ଭକ୍ତିଯୋଗରେ ଯୁକ୍ତ ହେବା ବିଧିରେ; ଯୋଗିନାମ୍=ଭକ୍ତମାନଙ୍କର ।

## ଅନୁବାଦ

**ଶ୍ରୀ ଭଗବାନ୍ କହିଲେ, ହେ ପୁଣ୍ୟାତ୍ମା ଅର୍ଜୁନ ! ମୁଁ ପୂର୍ବରୁ କହିସାରିଛି ଯେ ଦୁଇ ପ୍ରକାର ଲୋକ ଅଛନ୍ତି, ଯେଉଁମାନେ ଆତ୍ମଦର୍ଶନ କରନ୍ତି । କେତେକ ତାଙ୍କୁ (ଭଗବାନଙ୍କୁ) ପ୍ରୟୋଗ ସିଦ୍ଧ ମନୋଧର୍ମ ବା ମନନ ବଳରେ ଜାଣିବାକୁ ଚେଷ୍ଟା କରନ୍ତି ଏବଂ ଆଉ କେତେକ ଭକ୍ତିଯୋଗ ମାର୍ଗରେ ସେବା ବଳରେ ତାଙ୍କୁ ଜାଣିବାକୁ ଆଗ୍ରହୀ ।**

## ଭାବାର୍ଥ

ଦ୍ୱିତୀୟ ଅଧ୍ୟାୟରେ ୩୯ ଶ୍ଳୋକରେ ଭଗବାନ୍ ଦୁଇଟି ମାର୍ଗ ଯଥା- ସାଂଖ୍ୟଯୋଗ ଓ କର୍ମଯୋଗ ବା ବୁଦ୍ଧିଯୋଗ କଥା କହିଛନ୍ତି । ଏ ଶ୍ଳୋକରେ ଭଗବାନ୍ ସେହିକଥା ଆଉ ଟିକିଏ ଭଲ ଭାବରେ ବୁଝାଇ କହୁଛନ୍ତି । ଯେଉଁମାନେ ଚିନ୍ତାଶୀଳ ବା ଚିନ୍ତା କରିବାକୁ ଭଲପାନ୍ତି

ଏବଂ ପ୍ରୟୋଗ ସିଦ୍ଧଜ୍ଞାନ ବା ଦର୍ଶନ ବଳରେ କଥାଟା ବୁଝିବାକୁ ଚେଷ୍ଟା କରନ୍ତି । ସେମାନଙ୍କ ନିମିତ୍ତ ସାଂଖ୍ୟଯୋଗ ଅର୍ଥାତ୍ ଚିତ୍ ଓ ଅଚିତ୍ (ବା ଜଡ଼) ପଦାର୍ଥର ବିଶ୍ଲେଷଣାତ୍ମକ ଅଧ୍ୟୟନ ମାର୍ଗ ଉଦ୍ଦିଷ୍ଟ । ଅନ୍ୟ ଶ୍ରେଣୀର ଲୋକେ କୃଷ୍ଣଚେତନାରେ କର୍ମ କରନ୍ତି । ଏହା ଦ୍ୱିତୀୟ ଅଧ୍ୟାୟ -୬୧ଶ ଶ୍ଳୋକରେ କୁହାଯାଇଛି । ୩୯ ଶ୍ଳୋକରେ ଭଗବାନ୍ କହିଛନ୍ତି ଯେ ବ୍ୟକ୍ତି ବୁଦ୍ଧିଯୋଗ ବା କୃଷ୍ଣଚେତନାରେ କାମ କଲେ, କର୍ମ ବନ୍ଧନରୁ ମୁକ୍ତ ହୋଇପାରିବ ଏବଂ ଅଧିକନ୍ତୁ ଏ ମାର୍ଗରେ କୌଣସି ଅସୁବିଧା ନାହିଁ । ସେହି କଥାଟା ୬୧ଶ ଶ୍ଳୋକରେ ଆଉ ଟିକିଏ ଭଲଭାବରେ ବୁଝାଇ ଦିଆଯାଇଅଛି, ସେଥିରେ କୁହାଯାଇଛି ଯେ ଏ ବୁଦ୍ଧିଯୋଗ ହେଉଛି ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ଉପରେ ସଂପୂର୍ଣ୍ଣରୂପେ ଆସ୍ଥାବାନ ହେବା ଏବଂ ଏହି ପ୍ରକାରେ ଅତି ସହଜରେ ଇନ୍ଦ୍ରିୟମାନଙ୍କୁ ବଶ କରିବାକୁ ହେବ । ତେଣୁ ଉଭୟ ପ୍ରକାର ଯୋଗ ଧର୍ମ ଓ ଦର୍ଶନ ହିସାବରେ ପରସ୍ପର ନିର୍ଭରଶୀଳ । ଦର୍ଶନରହିତ ଧର୍ମ କଳ୍ପନା-ବିଳାସ ବା ଭାବୁକତା ଅଟେ କିମ୍ବା ଏହା ବେଳେବେଳେ ଧର୍ମୋନ୍ମାଦ ରୂପେ ଦେଖାଦିଏ; କିନ୍ତୁ ଧର୍ମରହିତ ଦର୍ଶନ ମାନସିକ ଅନୁଶୀଳନ ବା ମନୋଧର୍ମ ଅଟେ । ଅନ୍ତିମ ଲକ୍ଷ୍ୟ ହେଉଛନ୍ତି କୃଷ୍ଣ; କାରଣ ଯେଉଁ ଦାର୍ଶନିକଗଣ ଖୁବ୍ ନିଷ୍ଠା ସହକାରେ ଅଦ୍ୱୟ ଜ୍ଞାନର ଅନୁସନ୍ଧାନ କରୁଥା'ନ୍ତି, ସେମାନେ ଶେଷରେ କୃଷ୍ଣଚେତନା ସ୍ତରକୁ ହିଁ ଆସନ୍ତି । ଏହା ମଧ୍ୟ ଭଗବଦ୍ ଗୀତାରେ କୁହାଯାଇଅଛି । ଏ ସମୁଦାୟ ପନ୍ଥାର ଉଦ୍ଦେଶ୍ୟ ହେଲା ପରମାତ୍ମାଙ୍କ ସମ୍ବନ୍ଧରେ ଆତ୍ମାକୁ ଜାଣିବା । ଦାର୍ଶନିକ ଅନୁଶୀଳନ ବା ମାନସିକ କଳ୍ପନା-ବିଳାସ ହେଉଛି ପରୋକ୍ଷ ପନ୍ଥା । ଏହା ସାହାଯ୍ୟରେ ବ୍ୟକ୍ତି କ୍ରମଶଃ କୃଷ୍ଣଚେତନା ସ୍ତରକୁ ଆସିବ । ଅନ୍ୟ ପନ୍ଥାଟି ପ୍ରତ୍ୟକ୍ଷ ଭାବରେ କୃଷ୍ଣଚେତନା ମାର୍ଗ ସହ ସଂପୃକ୍ତ । ଏ ଦୁଇଟି ପନ୍ଥା ମଧ୍ୟରୁ କୃଷ୍ଣଚେତନା ମାର୍ଗ ହେଉଛି ଉତ୍ତମ ମାର୍ଗ, କାରଣ ଏଥିରେ ଦାର୍ଶନିକ ଅନୁଶୀଳନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବିଶୁଦ୍ଧ କରିବା କଥା ନାହିଁ । କୃଷ୍ଣଚେତନା ମାର୍ଗ ସ୍ୱୟଂ ବିଶୁଦ୍ଧ ମାର୍ଗ ଅଟେ ଏବଂ ଏହା ଏକ ପ୍ରତ୍ୟକ୍ଷ ମାର୍ଗ ଅଟେ । ଏଥିରେ ବ୍ୟକ୍ତି ପ୍ରତ୍ୟକ୍ଷ ଭାବରେ କୃଷ୍ଣଙ୍କର ସେବାରତ ହୁଏ ଏବଂ ଏହା ଏକ ସଙ୍ଗରେ ଏକ ସହଜ ଓ ଦିବ୍ୟ ମାର୍ଗ ଅଟେ ।

## ଶ୍ଳୋକ - ୪

**ନ କର୍ମଣାମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ ।**
**ନ ଚ ସନ୍ନ୍ୟସନାଦେବ ସିଦ୍ଧିଂ ସମଧିଗଚ୍ଛତି ।। ୪ ।।**

## ଶବ୍ଦାନୁବାଦ

ନ=ବ୍ୟତୀତ; କର୍ମଣାମ୍=କର୍ତ୍ତବ୍ୟ କର୍ମର; ଅନାରମ୍ଭାତ୍=ଅନୁଷ୍ଠାନ ନ କଲେ; ନୈଷ୍କର୍ମ୍ୟମ୍=ପ୍ରତିକ୍ରିୟାରୁମୁକ୍ତ; ପୁରୁଷଃ=ବ୍ୟକ୍ତି; ଅଶ୍ନୁତେ=ପ୍ରାପ୍ତହୁଏ; ନ=ନୁହେଁ; ଚ=ମଧ୍ୟ; ସନ୍ନ୍ୟସନାତ୍=ତ୍ୟାଗ ବା ସନ୍ନ୍ୟାସ ଦ୍ୱାରା; ଏବ=କେବଳ; ସିଦ୍ଧିମ୍=ସିଦ୍ଧି ବା ସଫଳତା; ସମଧି-ଗଚ୍ଛତି=ପ୍ରାପ୍ତହୁଏ।

## ଅନୁବାଦ

**କେବଳ କର୍ମ ନକରି ଲୋକ କର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇଯିବ ନାହିଁ କିମ୍ବା କେବଳ ସନ୍ନ୍ୟାସ ଦ୍ୱାରା ସିଦ୍ଧିପ୍ରାପ୍ତ ହୋଇପାରିବ ନାହିଁ ।**

## ଭାବାର୍ଥ

ଭୌତିକବାଦୀ ମାନବମାନଙ୍କ ହୃଦୟ ବିଶୁଦ୍ଧିକରଣ ନିମିତ୍ତ କେତେକ କର୍ତ୍ତବ୍ୟ କର୍ମ ନିର୍ଦ୍ଧାରଣ କରାଯାଇଅଛି । ସେ କର୍ମ ସମ୍ପାଦନ କରି ବିଶୁଦ୍ଧ ହେଲାପରେ ବ୍ୟକ୍ତି ସନ୍ନ୍ୟାସ ଗ୍ରହଣ କରିପାରେ । ହୃଦୟର ବିଶୁଦ୍ଧତା ହାସଲ ନକରି ସିଧାସଳଖ ସନ୍ନ୍ୟାସ ଗ୍ରହଣ କଲେ କେହି ସିଦ୍ଧିଲାଭ କରି ପାରିବ ନାହିଁ । ପ୍ରୟୋଗସିଦ୍ଧ ଦାର୍ଶନିକଗଣଙ୍କର ମତ ହେଲା ବ୍ୟକ୍ତି କେବଳ ସନ୍ନ୍ୟାସ ଗ୍ରହଣ କଲେ କିମ୍ବା ସକାମ କର୍ମରୁ ବିରତ ହେଲେ ସାଙ୍ଗେ ସାଙ୍ଗେ 'ନାରାୟଣ' ହୋଇଯାଏ, କିନ୍ତୁ ଭଗବାନ୍ ଶ୍ରୀକୃଷ୍ଣ ଏହାକୁ ଅନୁମୋଦନ କରୁନାହାନ୍ତି । ହୃଦୟର ବିଶୁଦ୍ଧିକରଣ ବ୍ୟତୀତ ସନ୍ନ୍ୟାସ ଗ୍ରହଣ ସମାଜରେ କେବଳ ବିଭ୍ରାଟ ସୃଷ୍ଟି ଛଡ଼ା ଆଉ କିଛି ନୁହେଁ । ଅନ୍ୟପକ୍ଷରେ ବ୍ୟକ୍ତି ତା'ର କର୍ତ୍ତବ୍ୟ କର୍ମ ସମ୍ପାଦନ ନକରି ଯଦି ଭଗବାନଙ୍କର ଦିବ୍ୟ ସେବାରତ ହୋଇଯାଏ, ତାହାହେଲେ ସେଦିଗରେ ସେ ଯାହା କିଛି ବି କରେ, ତାହା ବୁଦ୍ଧିଯୋଗ ବୋଲି ଭଗବାନ୍ ସ୍ୱୀକାର କରୁଛନ୍ତି । *"ସ୍ୱଳ୍ପମ୍ ଅପି ଅସ୍ୟ ଧର୍ମସ୍ୟ ତ୍ରାୟତେ ମହତୋଭୟାତ୍"* ଏପରିକି ଏ କର୍ମରୁ ଅଳ୍ପ ମାତ୍ରାରେ ଯଦି ବ୍ୟକ୍ତି କରିଥାଏ, ତାହାହେଲେ ତାହାମଧ୍ୟ ତାକୁ ବିରାଟ ବିପଦରୁ ଉଦ୍ଧାର କରିବ ।

## ଶ୍ଳୋକ - ୫

**ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।**
**କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ ।। ୫ ।।**

## ଶବ୍ଦାନୁବାଦ

ନ=ନୁହେଁ; ହି=ନିଶ୍ଚିତଭାବେ; କଶ୍ଚିତ୍=କେହି; କ୍ଷଣମ୍=କ୍ଷଣେସୁଦ୍ଧା; ଅପି=ମଧ୍ୟ; ଜାତୁ=କଦାଚିତ୍; ତିଷ୍ଠତି=ରହେ; ଅକର୍ମ-କୃତ୍=କିଛି ନକରି; କାର୍ଯ୍ୟତେ=କର୍ମ କରିବାକୁ ବାଧ୍ୟ ହୁଏ; ହି=ନିଶ୍ଚିତ ଭାବେ; ଅବଶଃ=ନିସହାୟ ଭାବେ; କର୍ମ=କର୍ମ; ସର୍ବଃ=ସମସ୍ତ; ପ୍ରକୃତି-ଜୈଃ=ଭୂତ ପ୍ରକୃତି ଜାତ; ଗୁଣୈଃ=ଗୁଣରେ ।

## ଅନୁବାଦ

ପ୍ରକୃତି ଜାତ ଗୁଣ ଯୋଗୁଁ ସମସ୍ତେ କର୍ମ କରିବାକୁ ବାଧ୍ୟ ହୁଅନ୍ତି । କେହି କ୍ଷଣେ ସୁଦ୍ଧା କର୍ମ ନ କରି ରହିପାରିବ ନାହିଁ ।

## ଭାବାର୍ଥ

ସର୍ବଦା କର୍ମଠ ହେବା ଆତ୍ମାର ପ୍ରକୃତି, ଏହା ଶରୀରର ଧର୍ମ ନୁହେଁ । ଚିଦାତ୍ମାର ଉପସ୍ଥିତି ବିନା ଏ ଜଡ଼ ଶରୀର ଚଳପ୍ରଚଳ ହୋଇପାରିବ ନାହିଁ । ଏ ଶରୀର ହେଉଛି ଏକ ମୃତ ଯାନ । ଆତ୍ମା ଏହାକୁ କାମରେ ଲଗାଇବା ନିମିତ୍ତ ତିଆରି ହୋଇଅଛି । ଆତ୍ମା ସର୍ବଦା କର୍ମଠ । ସେ କ୍ଷଣେ ସୁଦ୍ଧା ବନ୍ଦ ହୋଇ ରହିପାରିବ ନାହିଁ । ତେଣୁ ସେ ଆତ୍ମା କୃଷ୍ଣଚେତନାରେ କୃଷ୍ଣ କର୍ମରେ ନିଯୁକ୍ତ ହେବା ଉଚିତ୍ । ନଚେତ୍ ଏହା ମାୟାଶକ୍ତି କବଳିତ ହୋଇ ମାୟା-କର୍ମରେ ନିଯୁକ୍ତ ହୋଇଯିବ । ମାୟା ଶକ୍ତିର ବା ଭୂତ ପ୍ରକୃତିର ସଂସ୍ପର୍ଶରେ ଆସିଲେ ଆତ୍ମା ଭୂତ ପ୍ରକୃତିର

ଗୁଣ ଲାଭ କରେ । ତେଣୁ ଆତ୍ମାକୁ ଭୌତିକ ଦୋଷରୁ ମୁକ୍ତ କରିବା ନିମିତ୍ତ ତାହାକୁ ଶାସ୍ତ୍ରାନୁମୋଦିତ କର୍ମରେ ଲଗାଇବାକୁ ପଡ଼ିବ । ଯଦି ଆତ୍ମା ସ୍ୱଭାବତଃ କୃଷ୍ଣଚେତନାରେ କୃଷ୍ଣକର୍ମରେ ନିଯୁକ୍ତ ହୋଇଯାଏ, ତାହାହେଲେ ଖୁବ୍ ଭଲ । ଯାହା ସେ କରିବାକୁ ସକ୍ଷମ, ଯଦି ସେ ତାହା କୃଷ୍ଣଚେତନାରେ କରେ ତାହାହେଲେ ତାହା ଖୁବ୍ ଭଲ । ଶ୍ରୀମଦ୍ ଭାଗବତରେ ଏ କଥା କୁହାଯାଇଅଛି—

*ତ୍ୟକ୍ତ୍ୱା ସ୍ୱଧର୍ମଂ ଚରଣାମ୍ବୁଜଂ ହରେର୍*
*ଭଜନ୍ନ ଅପକ୍ୱଽଥ ପତେତ୍ ତତୋ ଯଦି ।*
*ଯତ୍ର କ୍ୱ ବାଭଦ୍ରମ୍ ଅଭୂଦ୍ ଅମୁଷ୍ୟ କିଂ*
*କୋ ବାର୍ଥ ଆପ୍ତୋଽଭଜତାଂ ସ୍ୱଧର୍ମତଃ ।।*

ଅର୍ଥାତ୍—ଯଦି କେହି ଶାସ୍ତ୍ର ନିର୍ଦ୍ଦେଶ ଅନୁଯାୟୀ କର୍ମ ନକରି କିମ୍ବା ଠିକ୍ ଭାବରେ ଭକ୍ତିଯୋଗମାର୍ଗ ଅବଲମ୍ବନ ନକରି କୃଷ୍ଣଚେତନା ଗ୍ରହଣ କରେ ତାହାହେଲେ କିଛି କ୍ଷତି ନାହିଁ । ସେ ଯଦି ଅଧୋପତିତ ହୁଏ ତେବେବି କିଛି କ୍ଷତି ନାହିଁ । କିନ୍ତୁ ସେ ଯଦି କୃଷ୍ଣଚେତନଶୀଳ ନହୋଇ ବିଶୁଦ୍ଧ ହେବା ନିମିତ୍ତ ସମସ୍ତ ଶାସ୍ତ୍ରବିଧି ନିର୍ଦ୍ଦେଶ ଗ୍ରହଣ କରେ ତାହାହେଲେ ସେଥିରୁ କି ଫଳ ? ତେଣୁ କୃଷ୍ଣଚେତନା ସ୍ତରରେ ପହଞ୍ଚିବା ନିମିତ୍ତ ସଂସ୍କାର କ୍ରିୟାର ଆବଶ୍ୟକତା ଅଛି । ସେଇଥିପାଇଁ ସନ୍ନ୍ୟାସ କିମ୍ବା ଯେ କୌଣସି ପ୍ରକାର ସଂସ୍କାର କ୍ରିୟା କେବଳ ମାତ୍ର ବ୍ୟକ୍ତିକୁ ଅନ୍ତିମଲକ୍ଷ୍ୟ କୃଷ୍ଣଚେତନା ଲାଭ କରିବା ନିମିତ୍ତ ସାହାଯ୍ୟ କରେ, କିନ୍ତୁ ଏସବୁ ସତ୍ତ୍ୱେ ଯଦି ବ୍ୟକ୍ତି କୃଷ୍ଣଚେତନା ଲାଭ ନକଲା ତାହାହେଲେ ସବୁ ବୃଥା ହୋଇଗଲା ।

## ଶ୍ଳୋକ - ୬

**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ।। ୬ ।।**

## ଶବ୍ଦାନୁବାଦ

କର୍ମ-ଇନ୍ଦ୍ରିୟାଣି=ପାଞ୍ଚଟି କର୍ମେନ୍ଦ୍ରିୟ; ସଂଯମ୍ୟ=ଦମନକରି; ଯଃ=ଯେ; ଆସ୍ତେ=ରହେ; ମନସା=ମନରେ; ସ୍ମରନ୍=ସ୍ମରଣକରି; ଇନ୍ଦ୍ରିୟ ଅର୍ଥାନ୍=ଇନ୍ଦ୍ରିୟଭୋଗ୍ୟ ବିଷୟ ବସ୍ତୁ; ବିମୂଢ଼=ମୂଢ଼ ବା ମୂର୍ଖଲୋକ; ଆତ୍ମା=ଆତ୍ମା; ମିଥ୍ୟା ଆଚାରଃ=ମିଥ୍ୟାଚାରୀ ବା ଛଳନାକାରୀ; ସଃ=ସେ; ଉଚ୍ୟତେ=କୁହାଯାଏ ।

## ଅନୁବାଦ

**ଯେ କର୍ମେନ୍ଦ୍ରିୟମାନଙ୍କୁ ଦମନ କରିଥାଏ, କିନ୍ତୁ ମନରେ ଇନ୍ଦ୍ରିୟ ଭୋଗ୍ୟ ବିଷୟବସ୍ତୁଗୁଡ଼ିକୁ ଚିନ୍ତା କରୁଥାଏ, ସେ ନିଜକୁ ହିଁ ଠକେ । ତାକୁ ମିଥ୍ୟାଚାରୀ ବା ଛଳନାକାରୀ ବୋଲି କୁହାଯାଏ ।**

## ଭାବାର୍ଥ

ଅନେକ ଏପରି ଛଳନାକାରୀ ଅଛନ୍ତି, ଯେଉଁମାନେ କୃଷ୍ଣଚେତନାରେ କର୍ମ କରିବାକୁ ମନା କରନ୍ତି । ସେମାନେ ଲୋକ ଦେଖାଣିଆ ଢ଼ଙ୍ଗରେ ଧ୍ୟାନ କରନ୍ତି, କିନ୍ତୁ ମନେ ମନେ

ଇନ୍ଦ୍ରିୟ ସୁଖ କାମନା କରୁଥା'ନ୍ତି । ଏ ଛଳନାକାରୀମାନେ ସାଧାରଣଲୋକଙ୍କୁ ଠକିବାପାଇଁ କିଛି ଶୁଷ୍କ ଦର୍ଶନ ମଧ୍ୟ ବାଢ଼ନ୍ତି । କିନ୍ତୁ ଏ ଶ୍ଲୋକ ଅନୁଯାୟୀ ଏମାନେ ବିଶିଷ୍ଟ ଠକ ଅଟନ୍ତି । ଇନ୍ଦ୍ରିୟ ସୁଖ ପାଇବା ପାଇଁ ବ୍ୟକ୍ତି ସମାଜରେ ଯେକୌଣସି ଏକ ବର୍ଣ୍ଣ ବିଭାଗରେ କର୍ମ କରିପାରେ । କିନ୍ତୁ ସେ ଯଦି ନିର୍ଦ୍ଦିଷ୍ଟ କର୍ମର ନୀତି-ନିୟମ ଆଦି ପାଳନକରେ, ତାହାହେଲେ ସେ ତା'ର ସ୍ଥିତିକୁ ବିଶୁଦ୍ଧ କରିବା ମାର୍ଗରେ ଅଗ୍ରଗତି କରିପାରେ । ଯେ ନିଜକୁ ଯୋଗୀବୋଲି ବାହାରକୁ ଦେଖାଇହୁଏ, କିନ୍ତୁ ମନମଧ୍ୟରେ ଇନ୍ଦ୍ରିୟ ସୁଖଭୋଗ ବେଳେବେଳେ ଯେତେ କାମନା କରୁଥାଏ; ସେ ବେଳେବେଳେ ଦର୍ଶନ ବାଢ଼ିଲେ'ବି ସେ ଏକ ମହାନ୍ ଠକ ଅଟେ । ତା'ର ଜ୍ଞାନର କୌଣସି ମୂଲ୍ୟନାହିଁ, କାରଣ ଭଗବାନଙ୍କର ମାୟାଶକ୍ତି ଏ ପାପୀ ବ୍ୟକ୍ତିର ଜ୍ଞାନକୁ ଚୋରିକରି ନେଇଥାଏ । ଏ ପ୍ରକାର ଏକ ଛଳନାକାରୀର ମନ ସର୍ବଦା କଳୁଷିତ ଏବଂ ସେଇଥିପାଇଁ ତାହାର ଏ ଲୋକ ଦେଖାଣିଆ ଧ୍ୟାନଯୋଗ ସାଧନାର କୌଣସି ମୂଲ୍ୟନାହିଁ ।

## ଶ୍ଲୋକ - ୭

**ଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ ।**
**କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ ।। ୭ ।।**

## ଶବ୍ଦାନୁବାଦ

ଯଃ=ଯେ; ତୁ=କିନ୍ତୁ; ଇନ୍ଦ୍ରିୟାଣି=ଇନ୍ଦ୍ରିୟ ସମୂହ; ମନସା=ମନରେ; ନିୟମ୍ୟ=ସଂଯତ କରି; ଆରଭତେ=ଆରମ୍ଭକରେ; ଅର୍ଜୁନ=ହେ ଅର୍ଜୁନ; କର୍ମ-ଇନ୍ଦ୍ରିୟୈଃ=କର୍ମଠ କର୍ମେନ୍ଦ୍ରିୟମାନଙ୍କ ସାହାଯ୍ୟରେ; କର୍ମ-ଯୋଗମ୍=ଭକ୍ତି; ଅସକ୍ତଃ=ଅନାସକ୍ତଭାବରେ; ସଃ=ସେ; ବିଶିଷ୍ୟତେ=ବରଂ ଉତ୍କୃଷ୍ଟତର ଅଟେ ।

## ଅନୁବାଦ

**ଅନ୍ୟପକ୍ଷରେ ଯେ ମନ ସାହାଯ୍ୟରେ ଇନ୍ଦ୍ରିୟ ସଂଯମ କରି ଅନାସକ୍ତ ଭାବରେ କର୍ମଠ କର୍ମେନ୍ଦ୍ରିୟମାନଙ୍କୁ ଭକ୍ତିଯୋଗ ମାର୍ଗରେ ଭଗବଦ୍ ସେବାରେ ନିଯୁକ୍ତକରେ, ସେ ଉତ୍କୃଷ୍ଟତର ଅଟେ ।**

## ଭାବାର୍ଥ

ଏକ ଭଣ୍ଡ ସନ୍ନ୍ୟାସୀ ହେବା ଅପେକ୍ଷା ଅର୍ଥାତ୍ କେବଳ ବଞ୍ଚି ରହିବାପାଇଁ ବା ଇନ୍ଦ୍ରିୟତୃପ୍ତି ନିମିତ୍ତ ଏକ ଭଣ୍ଡ-ଯୋଗୀ ହେବା ଅପେକ୍ଷା ନିଜ କର୍ମରେ ନିଯୁକ୍ତ ରହି ଜୀବନର ଉଦ୍ଦେଶ୍ୟ ସାଧନ କରିବା ବରଂ ଭଲ । ଜୀବନର ଉଦ୍ଦେଶ୍ୟ ହେଲା ଭୌତିକ ବନ୍ଧନରୁ ମୁକ୍ତହେବା ଏବଂ ଭଗବତ୍ ରାଜ୍ୟରେ ପ୍ରବେଶ କରିବା । ମୁଖ୍ୟ ସ୍ୱାର୍ଥଗତିହେଲା ବିଷ୍ଣୁଙ୍କ ନିକଟରେ ପହଞ୍ଚିବା । ଆମର ବର୍ଣ୍ଣାଶ୍ରମ ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟହେଲା ଜୀବନର ଉପଯୁକ୍ତ ଲକ୍ଷ୍ୟ ସାଧନ କରିବାରେ ବ୍ୟକ୍ତିକୁ ସାହାଯ୍ୟ କରିବା । ଏକ ଗୃହସ୍ଥ କୃଷ୍ଣଚେତନାରେ ରହି ସଂଯତ ଜୀବନଯାପନ କଲେ ଏହି ଲକ୍ଷ୍ୟ ମଧ୍ୟ ହାସଲ କରିପାରେ । ଆତ୍ମାନୁଭୂତି ଲାଭ କରିବାକୁ ହେଲେ ବ୍ୟକ୍ତିକୁ ଶାସ୍ତ୍ରାନୁମୋଦିତ ସଂଯତ ଜୀବନଯାପନ କରିବାକୁ ପଡ଼ିବ ଏବଂ ଅନାସକ୍ତ ଭାବରେ ତା'ର କର୍ତ୍ତବ୍ୟକର୍ମ କରାଯିବା ଦରକାର । ତାହାହେଲେ ସେ ଆତ୍ମାନୁଭୂତି ଲାଭ ଦିଗରେ ଉନ୍ନତି

କରିପାରେ । ଏକ ଭଣ୍ଡ ସନ୍ନ୍ୟାସୀ ହେବା ଅପେକ୍ଷା ଅର୍ଥାତ୍ ଯେ ସରଳଲୋକମାନଙ୍କୁ ଭଣ୍ଡାଇବା ନିମିତ୍ତ ଯୋଗୀବେଶ ଧାରଣ କରେ ତାହା ଅପେକ୍ଷା ଏକ ନୈଷ୍ଠିକ ଅନାସକ୍ତ କର୍ମୀ ଯେ କି ଉପଯୁକ୍ତ ବିଧିରେ କର୍ତ୍ତବ୍ୟକର୍ମ କରି ଗ୍ଲେ ସେ ବରଂ ଉତ୍କୃଷ୍ଟତର ଅଟେ । ଯେ କେବଳ ବଞ୍ଚି ରହିବା ପାଇଁ ଏକ ମିଥ୍ୟା ଧ୍ୟାନଯୋଗୀ ସାଜେ, ତାହା ଅପେକ୍ଷା ଏକ ନୈଷ୍ଠିକ ମେହେନ୍ତର ବରଂ ଉତ୍କୃଷ୍ଟତର ଅଟେ ।

## ଶ୍ଳୋକ - ୮

**ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।**
**ଶରୀରଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ ।। ୮ ।।**

## ଶବ୍ଦାନୁବାଦ

ନିୟତମ୍=ନିର୍ଦ୍ଦିଷ୍ଟ; କୁରୁ=କର; କର୍ମ=କର୍ତ୍ତବ୍ୟ (କର୍ମ); ତ୍ୱମ୍=ତୁମେ; କର୍ମ=କର୍ମ; ଜ୍ୟାୟଃ=ବରଂ ଉତ୍ତମ; ହି=ଅପେକ୍ଷା; ଅକର୍ମଣଃ=କର୍ମ ନ କରିବା; ଶରୀର=ଶାରୀରିକ; ଯାତ୍ରା=ରକ୍ଷା; ଅପି=ଏପରି କି; ଚ=ମଧ୍ୟ; ତେ=ତୁମର; ନ=କେବେ ନୁହେଁ; ପ୍ରସିଦ୍ଧ୍ୟେତ୍=ହୋଇପାରିବ; ଅକର୍ମଣଃ=କର୍ମବିନା ।

## ଅନୁବାଦ

**ତୁମର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ (କର୍ମ) କରିଯାଅ, କାରଣ କର୍ମହୀନତା ଅପେକ୍ଷା କର୍ମ କରିବା ବରଂ ଉତ୍ତମ । କାମ ନକଲେ ବ୍ୟକ୍ତି ତା'ର ଶରୀରର ରକ୍ଷା ବି କରିପାରିବ ନାହିଁ ।**

## ଭାବାର୍ଥ

ଅନେକ ଭଣ୍ଡ ଧ୍ୟାନଯୋଗୀ ଅଛନ୍ତି, ସେମାନେ ଖୁବ୍ ଉଚ୍ଚ ବଂଶଜାତ ଏବଂ ଖୁବ୍ ପ୍ରସିଦ୍ଧ ବ୍ୟକ୍ତିବୋଲି ନିଜକୁ ଦେଖାଇ ହୁଅନ୍ତି ବା ଘୋଷଣା କରନ୍ତି । ପୁନଶ୍ଚ ସେମାନେ ମଧ୍ୟ କୁହନ୍ତି ଯେ ସେମାନେ ଆଧ୍ୟାତ୍ମିକ ଜୀବନଯାପନ ନିମିତ୍ତ ସବୁକିଛି ତ୍ୟାଗ କରିଛନ୍ତି । ଅର୍ଜୁନ ଏପରି ଏକ ଛଳନାକାରୀ ବା ଭଣ୍ଡ ଯୋଗୀ ହୁଅନ୍ତୁ ଭଗବାନ୍ ଶ୍ରୀକୃଷ୍ଣ ଏହା ଗ୍ହୁଁ ନଥିଲେ । ସେ ଗ୍ହୁଁଥିଲେ ଯେ କ୍ଷତ୍ରିୟର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ (କର୍ମ) ସେ କରନ୍ତୁ । ଅର୍ଜୁନ ଜଣେ ଗୃହସ୍ଥ ଏବଂ ଜଣେ ଯୋଦ୍ଧା ମଧ୍ୟ ଥିଲେ ଏବଂ ସେହି ଅବସ୍ଥାରେ ରହିବା ହିଁ ତାଙ୍କ ପକ୍ଷରେ ଉଚିତ୍ ଥିଲା । ସେ ସେହି ଅବସ୍ଥାରେ ରହି ଏକ ଗୃହସ୍ଥ କ୍ଷତ୍ରିୟୋଚିତ କର୍ମ (କର୍ତ୍ତବ୍ୟ) ସମ୍ପାଦନ କରିବା ତାଙ୍କପକ୍ଷରେ ବରଂ ଉଚିତ୍ । ଏପ୍ରକାର କର୍ମ ଏକ ସାଂସାରିକ ଲୋକର ହୃଦୟକୁ କ୍ରମଶଃ ବିଶୁଦ୍ଧ କରେ ଏବଂ ତାକୁ ଭୌତିକ ଦୋଷରୁ ମୁକ୍ତ କରେ । କେବଳ ବଞ୍ଚିରହିବା ପାଇଁ (ବା ଉଦର ପୋଷଣପାଇଁ) ଭେକ ଧରିବା ବା ସନ୍ନ୍ୟାସୀ ହେବାକୁ ଭଗବାନ୍ କିମ୍ବା କୌଣସି ଧର୍ମଶାସ୍ତ୍ର ଅନୁମୋଦନ କରୁନାହାନ୍ତି । କିନ୍ତୁ ବ୍ୟକ୍ତିକୁ କିଛିନା କିଛି କର୍ମକରି ଶରୀର ଓ ଆତ୍ମାକୁ ରକ୍ଷାକରିବାକୁ ପଡ଼ିବ । ଭୌତିକ କାମନାରୁ ମୁକ୍ତ ନହୋଇ ଚପଳତାର ବଶବର୍ତ୍ତୀ ହୋଇ କର୍ମ ତ୍ୟାଗ କରିବା ଉଚିତ୍ ନୁହେଁ । ଏ ଭୌତିକ ଜଗତରେ ଯେ ଅଛି ତା'ର ଭୌତିକ କାମନାରହିଛି । ଭୂତ ପ୍ରକୃତିକୁ ଉପଭୋଗ କରିବାର ବା ଇନ୍ଦ୍ରିୟ ସୁଖଭୋଗ କରିବାର କାମନା ତା'ର ରହିଛି । ଏ ପ୍ରକାର ଦୂଷିତ କାମନାରୁ ମୁକ୍ତହେବା ଉଚିତ୍ ବା

କାମନାକୁ ବିଶୁଦ୍ଧ କରିବା ଉଚିତ୍ । କର୍ତ୍ତବ୍ୟକର୍ମ ସମ୍ପାଦନ ଜରିଆରେ ଏହା ନକରି ବ୍ୟକ୍ତି କଦାପି ତଥାକଥିତ ଏକ ଯୋଗୀ ବା ସନ୍ନ୍ୟାସୀ ହେବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ । ଭୌତିକ କାମନାକୁ ବିଶୁଦ୍ଧ ନକରି ବ୍ୟକ୍ତି କଦାପି ଲୋକଦେଖାଣିଆ ସନ୍ନ୍ୟାସୀ ହୋଇ କର୍ମତ୍ୟାଗ କରି ଅନ୍ୟର ପରିଶ୍ରମ ଲବ୍ଧ ଧନରେ ବଞ୍ଚିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ ।

## ଶ୍ଳୋକ - ୯

**ଯଜ୍ଞାର୍ଥାତ୍କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମ ବନ୍ଧନଃ ।**
**ତଦର୍ଥଂ କର୍ମ କୌନ୍ତେୟ ମୁକ୍ତସଙ୍ଗଃ ସମାଚର ।। ୯ ।।**

## ଶବ୍ଦାନୁବାଦ

ଯଜ୍ଞ-ଅର୍ଥାତ୍=କେବଳ ଯଜ୍ଞ କିମ୍ବା ବିଷ୍ଣୁଙ୍କ ନିମିତ୍ତ; କର୍ମଣଃ=କର୍ମ କରାଯିବ; ଅନ୍ୟତ୍ର=ଅନ୍ୟଥା; ଲୋକଃ=ଏହି ପୃଥିବୀ; ଅୟମ୍=ଏହି; କର୍ମ-ବନ୍ଧନଃ=କର୍ମବନ୍ଧନ; ତତ୍=ତାଙ୍କ (ଭଗବାନ୍‌ଙ୍କ); ଅର୍ଥମ୍=ନିମିତ୍ତ; କର୍ମ=କର୍ମ; କୌନ୍ତେୟ=ହେ କୁନ୍ତୀ ପୁତ୍ର ; ମୁକ୍ତ-ସଙ୍ଗଃ=ସଙ୍ଗରୁମୁକ୍ତ; ସମାଚର=ଭଲଭାବରେ ଆଚରଣ କର ।

## ଅନୁବାଦ

**ବିଷ୍ଣୁଙ୍କ ପ୍ରୀତ୍ୟର୍ଥେ ବା ଯଜ୍ଞାର୍ଥେ କର୍ମ କରିବାକୁ ହେବ, ନଚେତ୍ କର୍ମ ବ୍ୟକ୍ତିକୁ ଏ ଭୌତିକ ଜଗତରେ ବାନ୍ଧିବ । ତେଣୁ ହେ କୁନ୍ତି-ପୁତ୍ର ! ତୁମେ ତାଙ୍କର (ଭଗବାନଙ୍କର) ପ୍ରୀତ୍ୟର୍ଥେ ତୁମର କର୍ତ୍ତବ୍ୟ (କର୍ମ) କରିଯାଅ ଏବଂ ତାହାକଲେ ତୁମେ ସର୍ବଦା ଅନାସକ୍ତ ହୋଇ ରହିପାରିବ ଏବଂ ବନ୍ଧନ ମୁକ୍ତ ହୋଇ ପାରିବ ।**

## ଭାବାର୍ଥ

ଯେଣୁ କେବଳ ଶରୀର ରକ୍ଷା ନିମିତ୍ତ ବ୍ୟକ୍ତିକୁ କାର୍ଯ୍ୟ କରିବାକୁ ପଡ଼ିବ, ତେଣୁ ବିଭିନ୍ନ ବର୍ଣ୍ଣ ନିମିତ୍ତ ଯେଉଁ କର୍ମଗୁଡ଼ିକ ନିର୍ଦ୍ଦିଷ୍ଟ କରାଯାଇଛି ଏବଂ ତାହା ଏପରି ଭାବରେ କରାଯାଇଅଛି ଯେ, ତା'ର ଉଦ୍ଦେଶ୍ୟ ତଦ୍ଦ୍ୱାରା ଚରିତାର୍ଥ ହୋଇପାରେ । 'ଯଜ୍ଞ' ଶବ୍ଦର ଅର୍ଥ ଭଗବାନ୍ ବିଷ୍ଣୁ କିମ୍ବା ଯଜ୍ଞାନୁଷ୍ଠାନ । ସମସ୍ତ ଯଜ୍ଞ କର୍ମର ଉଦ୍ଦେଶ୍ୟ ହେଲା ଭଗବାନ୍ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରିବା । ବୈଦିକ ମତ ହେଲ, *"ଯଜ୍ଞୋ ବୈ ବିଷ୍ଣୁଃ"* । ଅନ୍ୟ କଥାରେ ଏହା ହିଁ କୁହାଯାଇପାରେ ଯେ ଯଦି ବ୍ୟକ୍ତି ତା'ର ନିର୍ଦ୍ଦିଷ୍ଟ କର୍ମ (କର୍ତ୍ତବ୍ୟ) ବା ଯଜ୍ଞ କର୍ମ କରେ କିମ୍ବା ପ୍ରତ୍ୟକ୍ଷ ଭାବରେ ଭଗବାନ୍ ବିଷ୍ଣୁଙ୍କ ସେବା କରେ ସେହି ଏକା ଉଦ୍ଦେଶ୍ୟ ହିଁ ଚରିତାର୍ଥ ହୁଏ । ତେଣୁ କୃଷ୍ଣଭାବନା ହେଲା ସେହି ଯଜ୍ଞାନୁଷ୍ଠାନ ଯାହା ଏ ଶ୍ଳୋକରେ କୁହାଯାଇଛି, ତାହାହିଁ କୃଷ୍ଣ ଭାବନା (ଯଜ୍ଞ) । ବର୍ଣ୍ଣାଶ୍ରମ ଧର୍ମର ଉଦ୍ଦେଶ୍ୟ ହେଲା ଏଇଆ—ଭଗବାନ୍ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରିବା, ବିଷ୍ଣୁପୁରାଣ (୩-୮-୮)ରେ କଥିତ ଅଛି— *"ବର୍ଣ୍ଣାଶ୍ରମାଚାରବତା ପୁରୁଷେଣ ପରଃ ପୁମାନ୍ ବିଷ୍ଣୁର୍ ଆରାଧ୍ୟତେ ।"* ତେଣୁ ବ୍ୟକ୍ତିକୁ ବିଷ୍ଣୁଙ୍କ ପ୍ରୀତ୍ୟର୍ଥେ କର୍ମ କରିବାକୁ ପଡ଼ିବ । ଏହାଛଡ଼ା ଆଉ ଯାହାକିଛି ଭଲ ବା ମନ୍ଦ କାମ କର, ସେ ସବୁ ବନ୍ଧନର କାରଣ ହେବ । ପାପ କର୍ମ ବା ପୁଣ୍ୟ କର୍ମ ଯାହା କିଛି କର ପ୍ରତ୍ୟେକ କର୍ମର ପ୍ରତିକ୍ରିୟା ଅଛି ଏବଂ ସେ ପ୍ରତିକ୍ରିୟା କର୍ତ୍ତାକୁ ହିଁ ଭୋଗ

କରିବାକୁ ପଡ଼ିବ । ଏହା ହେଉଛି କର୍ମ ବନ୍ଧନ । ତେଣୁ ବ୍ୟକ୍ତିକୁ କୃଷ୍ଣଚେତନାରେ ଭଗବାନ୍ କୃଷ୍ଣ ବା ବିଷ୍ଣୁଙ୍କ ପ୍ରୀତ୍ୟର୍ଥେ କର୍ମ କରିବାକୁ ପଡ଼ିବ । ଯେତେବେଳେ ବ୍ୟକ୍ତି ଏ ପ୍ରକାର କର୍ମକରେ ସେତେବେଳେ ସେ ମୁକ୍ତାବସ୍ଥାରେ ଥାଏ । ଏହା ହେଉଛି କର୍ମ କରିବାର ମହାନ୍ କୌଶଳ ଏବଂ ଆରମ୍ଭରେ ଏଥିନିମିତ୍ତ ଜଣେ ଉପଯୁକ୍ତ ଗୁରୁଙ୍କର ନିର୍ଦ୍ଦେଶ ଆବଶ୍ୟକ । ତେଣୁ ବ୍ୟକ୍ତିକୁ ଭଗବାନ୍ କୃଷ୍ଣଙ୍କର ଏକ (ଶୁଦ୍ଧ) ଭକ୍ତଙ୍କ ନିର୍ଦ୍ଦେଶରେ ବା ଅଧୀନରେ ନିଷ୍ଠା ସହକାରେ କର୍ମ କରିବାକୁ ହେବ କିମ୍ବା କୃଷ୍ଣଙ୍କର ପ୍ରତ୍ୟକ୍ଷ ନିର୍ଦ୍ଦେଶରେ କର୍ମ କରିବାକୁ ହେବ (ଯେପରି ଅର୍ଜୁନ କରିଥିଲେ) । ଇନ୍ଦ୍ରିୟସୁଖ ନିମିତ୍ତ କିଛି କରିବାକୁ ପଡ଼ିବ ନାହିଁ, କିନ୍ତୁ ସବୁ କାମ କୃଷ୍ଣଙ୍କ ପ୍ରୀତ୍ୟର୍ଥେ କରିବାକୁ ପଡ଼ିବ । ଏହା ଯେ କେବଳ ବ୍ୟକ୍ତିକୁ କର୍ମ ବନ୍ଧନ ବା ପ୍ରତିକ୍ରିୟାରୁ ମୁକ୍ତ କରିବ ତାହା ନୁହେଁ, ଏହା ମଧ୍ୟ ବ୍ୟକ୍ତିକୁ କ୍ରମଶଃ ଭଗବାନଙ୍କର ଦିବ୍ୟ ସେବା ସ୍ତରକୁ ଅର୍ଥାତ୍ ଭଗବତ୍ ସାମ୍ରାଜ୍ୟକୁ ଉନ୍ନୀତ କରିପାରିବ ।

## ଶ୍ଳୋକ - ୧୦

**ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ ।**
**ଅନେନ ପ୍ରସବିଷ୍ୟଧ୍ୱମେଷ ବୋଽସ୍ତ୍ୱିଷ୍ଟକାମଧୁକ୍ ।। ୧୦ ।।**

## ଶବ୍ଦାନୁବାଦ

ସହ=ସହ; ଯଜ୍ଞାଃ=ଯଜ୍ଞମାନ; ପ୍ରଜାଃ=ପ୍ରଜା; ସୃଷ୍ଟ୍ୱା=ସୃଷ୍ଟିକରି; ପୁରା=ପୂର୍ବେ; ଉବାଚ=କହିଲେ; ପ୍ରଜା-ପତିଃ=(ପ୍ରଜାପତି) ପ୍ରାଣୀମାନଙ୍କର ପ୍ରଭୁ; ଅନେନ=ଏହାଦ୍ୱାରା; ପ୍ରସବିଷ୍ୟଧ୍ୱମ୍=ଅଧିକରୁ ଅଧିକ ସମୃଦ୍ଧିଶାଳୀ ହୁଅ; ଏଷଃ=ନିଶ୍ଚିତଭାବେ; ବଃ=ତୁମ୍ଭମାନଙ୍କର; ଅସ୍ତୁ=ହେଉ; ଇଷ୍ଟ=ସମସ୍ତକାମନା; କାମ-ଧୁକ୍=ଇଚ୍ଛା ପ୍ରଦାନକାରୀ ।

## ଅନୁବାଦ

**ସୃଷ୍ଟିର ପ୍ରାରମ୍ଭରେ ପ୍ରାଣୀମାନଙ୍କର ପ୍ରଭୁ ମାନବ ଓ ଦେବତା ଆଦି ପ୍ରଜାମାନଙ୍କୁ ଯଜ୍ଞ କର୍ମ (ଭଗବାନ୍ ବିଷ୍ଣୁଙ୍କ ପ୍ରୀତ୍ୟର୍ଥେ ଯଜ୍ଞ) ସହ ପଠାଇଲେ ଏବଂ ସେମାନଙ୍କୁ ଆଶୀର୍ବାଦ ଦେଇ କହିଲେ, - ‘‘ଏହି ଯଜ୍ଞକର୍ମ କର, ତୁମ୍ଭେମାନେ ସୁଖୀ ହୁଅ, କାରଣ ଏ ଯଜ୍ଞାନୁଷ୍ଠାନ କଲେ ତୁମ୍ଭେମାନେ ସମସ୍ତ କାମ୍ୟବସ୍ତୁ ପାଇପାରିବ ।’’**

## ଭାବାର୍ଥ

ପ୍ରାଣୀମାନଙ୍କର ପ୍ରଭୁ (ଭଗବାନ୍ ବିଷ୍ଣୁ) ଏ ଭୌତିକ ସୃଷ୍ଟିକରି ବଦ୍ଧ ଜୀବମାନଙ୍କୁ ଭଗବଦ୍ ଧାମକୁ ଫେରିଯିବା ନିମିତ୍ତ ଏକ ସୁଯୋଗ ଦେଇଛନ୍ତି । ଏ ଭୌତିକ ସୃଷ୍ଟିରେ ଥିବା ସମସ୍ତ ଜୀବ ଭୂତପ୍ରକୃତି ଦ୍ୱାରା ବଦ୍ଧ ହୋଇଛନ୍ତି । କାରଣ ପରମ ପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଥିବା ସେମାନଙ୍କର ସମ୍ବନ୍ଧକୁ ସେମାନେ ଭୁଲି ଯାଇଛନ୍ତି । ଭଗବାନଙ୍କ ସହ ଆମର ଯେଉଁ ଶାଶ୍ୱତ ସମ୍ବନ୍ଧ ଅଛି, ତାହା ବୁଝିବା ନିମିତ୍ତ ବୈଦିକ ନୀତିଗୁଡ଼ିକ ସାହାଯ୍ୟ କରନ୍ତି । ଭଗବଦ୍ ଗୀତାରେ କୁହାଯାଇଅଛି, *‘‘ବେଦୈଶ୍ଚ ସର୍ବୈର୍ ଅହମ୍ ଏବ ବେଦ୍ୟଃ ।’’* ଶ୍ରୀଭଗବାନ୍ କହିଛନ୍ତି ଯେ ସମସ୍ତ ବେଦପାଠର ଉଦ୍ଦେଶ୍ୟ ହେଲା ତାଙ୍କୁ ବୁଝିବା । ବୈଦିକ ମନ୍ତ୍ରରେ କୁହାଯାଇଅଛି, *‘‘ପତିଂ ବିଶ୍ୱସ୍ୟାତ୍ମେଶ୍ୱରମ୍ ।’’* ତେଣୁ ପ୍ରାଣୀମାନଙ୍କର ପ୍ରଭୁ ହେଲେ ପରମ ପୁରୁଷ ଭଗବାନ୍

ବିଷ୍ଣୁ । ଶ୍ରୀମଦ୍ ଭାଗବତରେ ଶ୍ରୀଳ ଶୁକଦେବ ଗୋସ୍ୱାମୀ ଭଗବାନଙ୍କୁ ଅନେକ ସ୍ଥାନରେ 'ପତି' ବୋଲି ବର୍ଣ୍ଣନା କରିଛନ୍ତି ।

*ଶ୍ରୀୟଃ-ପତିର୍ ଯଜ୍ଞପତିଃ ପ୍ରଜାପତିର୍*
*ଧିୟାମ୍ ପତିର୍ ଲୋକ ପତିର୍ ଧରା-ପତିଃ ।*
*ପତିର୍ ଗତିଶ୍ ଚାନ୍ଧକ-ବୃଷ୍ଣି-ସାତ୍ୱତାମ୍*
*ପ୍ରସୀଦତାମ୍ ମେ ଭଗବାନ୍ ସତାଂ ପତିଃ ।।*

*(ଭା. ୨-୪-୨୦)*

ପ୍ରଜାପତି ହେଉଛନ୍ତି ଭଗବାନ୍ ବିଷ୍ଣୁ, ସେ ହେଉଛନ୍ତି ସମସ୍ତ ପ୍ରାଣୀଙ୍କର, ସମସ୍ତ ଜଗତ୍‌ର ଏବଂ ସମସ୍ତ ସୌନ୍ଦର୍ଯ୍ୟର ପ୍ରଭୁ; ଆଉ ମଧ୍ୟ ସେ ସମସ୍ତଙ୍କର ରକ୍ଷାକର୍ତ୍ତା । ବଦ୍ଧ ଜୀବଗଣ ଭଗବାନ୍ ବିଷ୍ଣୁଙ୍କ ପ୍ରୀତ୍ୟର୍ଥେ କିପରି ଯଜ୍ଞ-କର୍ମ କରିବେ, ତାହା ଶିକ୍ଷା କରିବା ନିମିତ୍ତ ଭଗବାନ୍ ଏ ଭୌତିକ ଜଗତକୁ ସୃଷ୍ଟି କରିଛନ୍ତି । ତେଣୁ ସେମାନେ ଏ ଭୌତିକ ଜଗତରେ ଥିଲାବେଳେ ଆନନ୍ଦରେ ଜୀବନ ଯାପନ କରି ପାରିବେ । ଏ ଜଡ଼ ଶରୀର ବିନାଶ ହେଲାପରେ ସେମାନେ ଭଗବଦ୍ ଧାମରେ ପ୍ରବେଶ କରି ପାରିବେ । ଏ ହେଉଛି ବଦ୍ଧ ଜୀବର କର୍ମ । ଏ ଯଜ୍ଞାନୁଷ୍ଠାନ ଦ୍ୱାରା ବଦ୍ଧ ଜୀବଗଣ କ୍ରମଶଃ କୃଷ୍ଣଚେତନଶୀଳ ହୁଅନ୍ତି ଏବଂ ସବୁଦିଗରୁ ଦେବୋପମ ହୋଇଯା'ନ୍ତି । ଏ କଳି ଯୁଗରେ ବୈଦିକ ସାହିତ୍ୟ ଗୁଡ଼ିକ ସଂକୀର୍ତ୍ତନ ଯଜ୍ଞକୁ ଅନୁମୋଦନ କରିଛନ୍ତି ଏବଂ ଶ୍ରୀ ଚୈତନ୍ୟ ମହାପ୍ରଭୁ ଏ ଯୁଗର ଲୋକମାନଙ୍କର ଉଦ୍ଧାର ନିମିତ୍ତ ଏହା (ସଂକୀର୍ତ୍ତନ ଯଜ୍ଞ) ପ୍ରବର୍ତ୍ତନ କରି ଯାଇଛନ୍ତି । ସଂକୀର୍ତ୍ତନ ଯଜ୍ଞ ଏବଂ କୃଷ୍ଣଚେତନା ଏକ ସଙ୍ଗରେ ଗତି କରନ୍ତି । ଶ୍ରୀମଦ୍ ଭାଗବତରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କୁ ଭଗବାନ୍ ଶ୍ରୀକୃଷ୍ଣଙ୍କର ଭକ୍ତରୂପ ବୋଲି ନିମ୍ନମତେ ବର୍ଣ୍ଣନା କରାଯାଇଛି । ସେଥିରେ ବିଶେଷ କରି ସଂକୀର୍ତ୍ତନ ଯଜ୍ଞ କଥା ଉଲ୍ଲେଖ କରାଯାଇଅଛି ।

*''କୃଷ୍ଣ ବର୍ଣ୍ଣମ୍ ତ୍ୱିଷା କୃଷ୍ଣମ୍ ସାଙ୍ଗୋପାଙ୍ଗାସ୍ତ୍ର-ପାର୍ଷଦମ୍ ।*
*ଯଜ୍ଞୈଃ ସଂକୀର୍ତ୍ତନ-ପ୍ରାୟୈର୍ ଯଜନ୍ତି ହି ସୁମେଧସଃ ।।''*

ଅର୍ଥାତ୍ ''ଏ କଳିଯୁଗରେ ବୁଦ୍ଧିମାନ୍ ଲୋକମାନେ ସାଙ୍ଗୋପାଙ୍ଗ ପାର୍ଷଦସହ ସଂକୀର୍ତ୍ତନ ଯଜ୍ଞରେ ରତଥିବା ମହାପ୍ରଭୁଙ୍କର ପୂଜା କରିବେ । (ଭା ୧୧-୫-୨୯) ।

ବୈଦିକ ସାହିତ୍ୟମାନଙ୍କରେ ଯେଉଁ ଅନ୍ୟ ଯଜ୍ଞ କଥା କୁହାଯାଇଛି ସେଗୁଡ଼ିକ ଏ କଳିଯୁଗରେ ଅନୁଷ୍ଠାନ କରିବା ସହଜ ନୁହେଁ, କିନ୍ତୁ ସଂକୀର୍ତ୍ତନ ଯଜ୍ଞ ସବୁ ଦିଗରୁ ଅତି ସହଜ ଏବଂ ଦିବ୍ୟ ଅଟେ ।

## ଶ୍ଳୋକ-୧୧

**ଦେବାନ୍ ଭାବୟତାନେନ ତେ ଦେବା ଭାବୟନ୍ତୁ ବଃ ।**
**ପରସ୍ପରଂ ଭାବୟନ୍ତଃ ଶ୍ରେୟଃ ପରମବାପ୍ସ୍ୟଥ ।। ୧୧ ।।**

## ଶବ୍ଦାନୁବାଦ

ଦେବାନ୍=ଦେବତାମାନଙ୍କୁ; ଭାବୟତ=ଖୁସିହୋଇ; ଅନେନ=ଏହି ଯଜ୍ଞଦ୍ୱାରା; ତେ=ସେମାନେ; ଦେବାଃ=ଦେବତାମାନେ; ଭାବୟନ୍ତୁ=ଖୁସିହେବେ; ବଃ=ତୁମ୍ଭମାନଙ୍କୁ;

ପରସ୍ପରମ୍=ପରସ୍ପର; ଭାବୟନ୍ତଃ=ପରସ୍ପରକୁ ଖୁସିକରି; ଶ୍ରେୟଃ=କଲ୍ୟାଣ; ପରମ୍=ପରମ; ଅବାପ୍‌ସ୍ୟଥ=ତୁମ୍ଭେମାନେ ପାଇବ ।

## ଅନୁବାଦ

**ଦେବତାମାନେ ଏ ଯଜ୍ଞ ଦ୍ୱାରା ଖୁସିହୋଇ ତୁମ୍ଭମାନଙ୍କୁ ଖୁସି କରାଇବେ । ଏହିପରି ଭାବରେ ପରସ୍ପରକୁ ଖୁସି କରାଇବା ଦ୍ୱାରା ସମସ୍ତେ ସାଧାରଣ ସମୃଦ୍ଧି ଲାଭ କରିବେ ।**

## ଭାବାର୍ଥ

ଏ ଭୌତିକ ଜଗତର ପରିଚାଳନା ନିମିତ୍ତ ଦେବତାମାନଙ୍କୁ କ୍ଷମତା ଦିଆଯାଇଅଛି । ଜୀବର ଶରୀର ଓ ଆତ୍ମାକୁ ରକ୍ଷା କରିବା ନିମିତ୍ତ ଯେଉଁ ବାୟୁ, ଆଲୋକ, ଜଳ ଏବଂ ଅନ୍ୟ ଯାହା ସବୁ ଦରକାର, ତାହା ଯୋଗାଇବାକୁ ବିଭିନ୍ନ ଦେବତାମାନଙ୍କୁ ଦାୟିତ୍ୱ ଦିଆଯାଇଅଛି । ଏମାନେ ହେଉଛନ୍ତି ଅସଂଖ୍ୟ ଏବଂ ଏମାନେ ପରମପୁରୁଷ ଭଗବାନଙ୍କର ବିରାଟ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ସଦୃଶ । ମାନବମାନଙ୍କର ଯଜ୍ଞ-କର୍ମ ଉପରେ ସେମାନଙ୍କର ସନ୍ତୋଷ ଓ ଅସନ୍ତୋଷ ନିର୍ଭର କରେ । ଏପରି କେତେକ ଯଜ୍ଞ ଅଛି, ଯାହା କେତେକ ନିର୍ଦ୍ଦିଷ୍ଟ ଦେବତାମାନଙ୍କୁ ସନ୍ତୁଷ୍ଟ କରିବାକୁ କରାଯାଏ, କିନ୍ତୁ ଏ ସବୁ ସତ୍ତ୍ୱେ ଭଗବାନ୍ ବିଷ୍ଣୁ ସମସ୍ତ ଯଜ୍ଞରେ ପ୍ରଧାନ ଯଜ୍ଞ ପୁରୁଷରୂପେ ପୂଜିତ ହୁଅନ୍ତି । କାରଣ ବିଷ୍ଣୁ ହେଉଛନ୍ତି ସମସ୍ତ ଯଜ୍ଞର ଫଳର ଭୋକ୍ତା । ଭଗବଦ୍ ଗୀତାରେ କୁହାଯାଇଛି ଯେ ସ୍ୱୟଂ କୃଷ୍ଣ ହେଉଛନ୍ତି ସମସ୍ତ ଯଜ୍ଞର ଫଳର ଭୋକ୍ତା- *"ଭୋକ୍ତାରଂ ଯଜ୍ଞ ତପସାମ୍"* । ତେଣୁ ସମସ୍ତ ଯଜ୍ଞାନୁଷ୍ଠାନର ପ୍ରଧାନ ଉଦ୍ଦେଶ୍ୟ ହେଲା ଯଜ୍ଞପତିଙ୍କର ସନ୍ତୋଷ ବିଧାନ । ଯେତେବେଳେ ଏ ଯଜ୍ଞଗୁଡ଼ିକ ଭଲଭାବରେ ଅନୁଷ୍ଠିତ ହୁଏ, ସେତେବେଳେ ଯୋଗାଣର ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା ଦେବତାଗଣ ସାଧାରଣତଃ ଖୁବ୍ ଖୁସି ହୁଅନ୍ତି,ଏବଂ ଫଳରେ ପ୍ରାକୃତିକ ବିଷୟବସ୍ତୁର କୌଣସି ଅଭାବ ପଡ଼େ ନାହିଁ ।

ଏତଦ୍‌ବ୍ୟତୀତ ଏ ଯଜ୍ଞାନୁଷ୍ଠାନର ଆହୁରି ଅନେକ ସୁଫଳ ଅଛି । ପରିଣାମରେ ଏହା ବ୍ୟକ୍ତିକୁ ଭୌତିକ ବନ୍ଧନରୁ ମୁକ୍ତକରେ । ଯଜ୍ଞାନୁଷ୍ଠାନ ଦ୍ୱାରା ସମସ୍ତ କର୍ମ ବିଶୁଦ୍ଧ ହୋଇଯାଏ । ବେଦରେ କୁହାଯାଇଛି—

*"ଆହାର ଶୁଦ୍ଧୌ ସତ୍ତ୍ୱ ଶୁଦ୍ଧି ସତ୍ତ୍ୱ ଶୁଦ୍ଧୌ ଧ୍ରୁବାସ୍ମୃତିଃ*
*ସ୍ମୃତିଲମ୍ଭେ ସର୍ବ ଗ୍ରନ୍ଥୀନାମ୍ ବିପ୍ର ମୋକ୍ଷଃ ।"*

ବର୍ତ୍ତମାନ ପରବର୍ତ୍ତୀ ଶ୍ଳୋକରେ କୁହାଯିବ ଯେ ଯଜ୍ଞାନୁଷ୍ଠାନ ଦ୍ୱାରା ବ୍ୟକ୍ତିର ଖାଦ୍ୟ ଶୁଦ୍ଧ ହୁଏ ଏବଂ ଶୁଦ୍ଧ ଆହାର କଲେ ବ୍ୟକ୍ତିର ସ୍ଥିତି ବିଶୁଦ୍ଧ ହୁଏ । ସ୍ଥିତି ଶୁଦ୍ଧ ହେଲେ ସ୍ମୃତିର ସୂକ୍ଷ୍ମ ତନ୍ତ୍ରୀ ଶୁଦ୍ଧ ହୁଏ ଏବଂ ଯେତେବେଳେ ସ୍ମୃତିଶକ୍ତି ବିଶୁଦ୍ଧ ହୁଏ, ସେତେବେଳେ ବ୍ୟକ୍ତି ମୁକ୍ତି ପଥ ଚିନ୍ତାକରେ ଏବଂ ଏ ସବୁର ଏକତ୍ର ସମାବେଶ ବ୍ୟକ୍ତିକୁ କୃଷ୍ଣଚେତନଶୀଳ କରାଏ । ଏହାହିଁ ହେଉଛି ଆଧୁନିକ ସମାଜର ମହାନ୍ ଆବଶ୍ୟକତା ।

## ଶ୍ଳୋକ - ୧୨

**ଇଷ୍ଟାନ୍ ଭୋଗାନ୍ ହି ବୋ ଦେବା ଦାସ୍ୟନ୍ତେ ଯଜ୍ଞଭାବିତାଃ ।**
**ତୈର୍ଦ୍ଦତ୍ତାନପ୍ରଦାୟୈଭ୍ୟୋ ଯୋ ଭୁଙ୍କ୍ତେ ସ୍ତେନ ଏବ ସଃ ।। ୧୨ ।।**

## ଶବ୍ଦାନୁବାଦ

ଇଷ୍ଟାନ୍=ଅଭିଳଷିତ; ଭୋଗାନ୍=ଭୋଗସମୂହକୁ; ହି=ନିଶ୍ଚିତଭାବେ; ବଃ=ତୁମ୍ଭମାନଙ୍କୁ; ଦେବାଃ=ଦେବତାମାନେ; ଦାସ୍ୟନ୍ତେ=ଦିଅନ୍ତି; ଯଜ୍ଞ-ଭାବିତାଃ=ଯଜ୍ଞାନୁଷ୍ଠାନଦ୍ୱାରା ସନ୍ତୁଷ୍ଟ ହୋଇ; ତୈଃ=ସେମାନଙ୍କଦ୍ୱାରା; ଦତ୍ତାନ୍=ଦିଆଯାଇଥିବା ପଦାର୍ଥ; ଅପ୍ରଦାୟ=ନଦେଇ; ଏଭ୍ୟଃ=ଦେବତାମାନଙ୍କୁ; ଯଃ=ଯେ; ଭୁଙ୍କ୍ତେ=ଉପଭୋଗ କରେ; ସ୍ତେନଃ=ଚୋର; ଏବ=ନିଶ୍ଚିତଭାବେ; ସଃ=ସେ ।

## ଅନୁବାଦ

**ଜୀବନରେ ଯାହାସବୁ ଆବଶ୍ୟକ, ତାହା ଯୋଗାଇବାର ଦାୟିତ୍ୱ ଦେବତାମାନଙ୍କୁ ଦିଆଯାଇଛି । ସେହି ଦେବତାମାନେ ମାନବର ଯଜ୍ଞାନୁଷ୍ଠାନରେ ଖୁସିହୋଇ ମାନବକୁ ସମସ୍ତ ଆବଶ୍ୟକ ପଦାର୍ଥ ଯୋଗାନ୍ତି । କିନ୍ତୁ ଏସବୁ ଅବଦାନକୁ ଯେ ଦେବତାମାନଙ୍କୁ ନଦେଇ ନିଜେ ଉପଭୋଗ କରେ, ସେ ନିଶ୍ଚିତରୂପେ ଏକ ଚୋର ଅଟେ ।**

## ଭାବାର୍ଥ

ଦେବତାମାନେ ହେଲେ ପରମପୁରୁଷ ଭଗବାନ୍ ବିଷ୍ଣୁଙ୍କ ଦ୍ୱାରା ଭାରପ୍ରାପ୍ତ ପ୍ରତିନିଧି । ଜୀବଜଗତକୁ ବିଭିନ୍ନ ପଦାର୍ଥ ଯୋଗାଇବା ଦାୟିତ୍ୱ ଏମାନଙ୍କୁ ଦିଆଯାଇଅଛି । ତେଣୁ ଅନୁମୋଦିତ ଯଜ୍ଞାନୁଷ୍ଠାନ ସାହାଯ୍ୟରେ ସେମାନଙ୍କୁ ସନ୍ତୁଷ୍ଟ କରିବାକୁ ପଡ଼ିବ । ବେଦରେ ବିଭିନ୍ନ ଦେବତାଙ୍କ ନିମିତ୍ତ ବିଭିନ୍ନ ଯଜ୍ଞାନୁଷ୍ଠାନର ବ୍ୟବସ୍ଥା ଦିଆଯାଇଅଛି । କିନ୍ତୁ ସମସ୍ତ ଯଜ୍ଞ ପରିଣାମତଃ ପରମପୁରୁଷ ଭଗବାନଙ୍କୁ ହିଁ ଅର୍ପିତ ହୁଏ । ପରମପୁରୁଷ ଭଗବାନ୍ କ'ଣ ବା କିଏ, ବା ତାଙ୍କୁ ଯେ ଜାଣିନାହିଁ- ତାହାରିପାଇଁ ଯଜ୍ଞରେ ଦେବତାମାନଙ୍କୁ ସନ୍ତୁଷ୍ଟ କରିବା କଥା କୁହାଯାଇଛି । ବିଭିନ୍ନ ଲୋକଙ୍କଠାରେ ଭୂତପ୍ରକୃତିର ବିଭିନ୍ନ ଗୁଣର ପ୍ରାଧାନ୍ୟ ଦେଖାଯାଏ । ତଦନୁଯାୟୀ ବେଦରେ ବିଭିନ୍ନପ୍ରକାର ଯଜ୍ଞ କର୍ମର କଥା କୁହାଯାଇଅଛି । ଅନ୍ୟ ଦେବତା ପୂଜାକଥା ମଧ୍ୟ ତଦ୍ରୂପ, ଅର୍ଥାତ୍ ଭୂତ ପ୍ରକୃତିର ବିଭିନ୍ନ ଗୁଣର ପ୍ରାଧାନ୍ୟ ଅନୁଯାୟୀ ବ୍ୟକ୍ତି ଭିନ୍ନ ଭିନ୍ନ ଦେବତା ପୂଜାକରେ । ଉଦାହରଣ ସ୍ୱରୂପ ଯେଉଁମାନେ ମାଂସଭୋଜୀ ସେମାନେ କାଳୀଦେବୀଙ୍କୁ ପୂଜାକରନ୍ତି । କାଳୀ ହେଉଛନ୍ତି ଭୂତପ୍ରକୃତିର ବିଭତ୍ସ ରୂପ । କାଳୀଙ୍କ ଆଗରେ ପଶୁବଧ କରିବା କଥା କୁହାଯାଇଛି, କିନ୍ତୁ ଯେଉଁମାନେ ସତ୍ତ୍ୱଗୁଣ ବିଶିଷ୍ଟ, ସେମାନଙ୍କ ନିମିତ୍ତ ବିଷ୍ଣୁଙ୍କର ଦିବ୍ୟ ଆରାଧନା କଥା କୁହାଯାଇଛି । କିନ୍ତୁ ପରିଣାମତଃ ସମସ୍ତ ଯଜ୍ଞର ଉଦ୍ଦେଶ୍ୟହେଲା କ୍ରମଶଃ ଦିବ୍ୟସ୍ତରକୁ ଗତି କରିବା । ସାଧାରଣ ଲୋକଙ୍କ ନିମିତ୍ତ ବୈଦିକ ପଞ୍ଚ ମହାଯଜ୍ଞ ଅନୁଷ୍ଠାନ କରିବା କଥା କୁହାଯାଇଛି ।

ବ୍ୟକ୍ତି ଏହା ଅବଶ୍ୟ ଜାଣିରଖିବା ଉଚିତ୍ ଯେ ଯାହା ମାନବର ଆବଶ୍ୟକତା ସେସବୁ ପଦାର୍ଥ ଭଗବାନଙ୍କର ପ୍ରତିନିଧି ଦେବତାଗଣ ଯୋଗାନ୍ତି । କେହି ଏସବୁ ପଦାର୍ଥ ତିଆରିକରି ପାରିବେ ନାହିଁ । ଉଦାହରଣ ସ୍ୱରୂପ, ମାନବର ଖାଦ୍ୟକୁ ନିଅ । ମାନବର ଖାଦ୍ୟ କହିଲେ ଶସ୍ୟ, ଫଳ, ଶାକସବ୍‌ଜି, ଦୁଗ୍ଧ ଓ ଚିନି ଆଦି ପଦାର୍ଥକୁ ବୁଝାଏ । ଯେଉଁମାନେ ସତ୍ତ୍ୱଗୁଣ ବିଶିଷ୍ଟ ସେମାନେ ସାଧାରଣତଃ ଏଇ ଖାଦ୍ୟପଦାର୍ଥ ଗ୍ରହଣ କରନ୍ତି । ଯେଉଁମାନେ ମାଂସାହାରୀ ସେମାନେ ମାଂସ ଭୋଜନ କରନ୍ତି । ଏ ଯେଉଁସବୁ ଖାଦ୍ୟପଦାର୍ଥ କଥା କୁହାଗଲା କୌଣସି

ମାନବ ଏଗୁଡ଼ିକ ତିଆରି କରି ପାରିବନାହିଁ । ତତ୍ପରେ ଆଲୋକ, ଉତ୍ତାପ, ଜଳ ଓ ବାୟୁ ଆଦି କଥା ନିଅ । ଏସବୁ ମଧ୍ୟ ଆମର ଦୈନନ୍ଦିନ ଆବଶ୍ୟକ ପଦାର୍ଥ, ଏସବୁକୁ କେବେହେଲେ ମାନବସମାଜ ପ୍ରସ୍ତୁତ କରି ପାରିବ ନାହିଁ । ଭଗବାନଙ୍କ କୃପା ନହେଲେ ପ୍ରଚୁର ସୂର୍ଯ୍ୟାଲୋକ, ଚନ୍ଦ୍ରାଲୋକ, ବର୍ଷା, ବାୟୁ ଆଦି ଆମକୁ ମିଳିବ ନାହିଁ । ଏହା ନମିଳିଲେ କେହି ବଞ୍ଚିପାରିବେ ନାହିଁ । ବାସ୍ତବିକ୍ ଭଗବାନ୍ ଏସବୁ ପଦାର୍ଥ ଯୋଗାଉଥିବାରୁ ଆମ୍ଭେମାନେ ବଞ୍ଚିଛୁ । ଯାହାକୁ ଆମ୍ଭେମାନେ କଳକାରଖାନାରେ ତିଆରି କରୁଛୁ ସେକଥା'ବି ନିଅ । କଳକାରଖାନା ପାଇଁ ପାରଦ, ଲୁହା, ମାଙ୍ଗାନିଜ ଆଦି ଅନେକ ଧାତବ ପଦାର୍ଥ ଆବଶ୍ୟକ । ଏଗୁଡ଼ିକ ମଧ୍ୟ ଭଗବାନଙ୍କର ପ୍ରତିନିଧି ଦେବତାମାନେ ଯୋଗାନ୍ତି । ଏସବୁ ଯୋଗାଇଦେବାର ଉଦ୍ଦେଶ୍ୟ ହେଲା ଯେ ଆମ୍ଭେମାନେ ଏହାର ଉପଯୁକ୍ତ ବ୍ୟବହାର କରି ଆତ୍ମାନୁଭୂତି ଲାଭ ନିମିତ୍ତ ଆମ୍ଭମାନଙ୍କୁ ପ୍ରସ୍ତୁତ କରିବୁ ଏବଂ ଜୀବନର ପରମ ଲକ୍ଷ୍ୟସାଧନ ନିମିତ୍ତ ଆମ୍ଭମାନଙ୍କୁ ପ୍ରସ୍ତୁତ କରିବୁ । ଜୀବନର ପରମ ଲକ୍ଷ୍ୟହେଲା ଏ ଭୌତିକ ସ୍ଥିତିରୂପକ ଜୀବନ ସଂଗ୍ରାମରୁ ମୁକ୍ତି । ଯଜ୍ଞାନୁଷ୍ଠାନ କଲେ ଜୀବନର ଏ ଲକ୍ଷ୍ୟ ସାଧିତ ହୁଏ । ଯଦି ଆମ୍ଭେମାନେ ମାନବ ଜୀବନର ଉଦ୍ଦେଶ୍ୟକୁ ଭୁଲିଯିବା ଏବଂ ଦେବତାମାନଙ୍କଠାରୁ ଦ୍ରବ୍ୟ ଗ୍ରହଣକରି ଇନ୍ଦ୍ରିୟ ସୁଖରେ ମାତିବା ତାହାହେଲେ ଆମ୍ଭେମାନେ ଅଧିକରୁ ଅଧିକ ଭୌତିକ ବନ୍ଧନରେ ବାନ୍ଧିହେବା । ଏହା ସୃଷ୍ଟିର ଉଦ୍ଦେଶ୍ୟ ନୁହେଁ । ତେଣୁ ଆମ୍ଭେମାନେ ବାସ୍ତବରେ ଚୋର ଅଟୁ ଏବଂ ସେଇଥିପାଇଁ ଭୂତପ୍ରକୃତି ଆମ୍ଭମାନଙ୍କୁ ଦଣ୍ଡ ଦେଉଅଛି । ଚୋର-ସମାଜ କେବେହେଲେ ସୁଖୀ ହୋଇପାରିବ ନାହିଁ, କାରଣ ସେମାନଙ୍କର ଜୀବନର କୌଣସି ଲକ୍ଷ୍ୟନାହିଁ । ଯେଉଁମାନେ ଅତ୍ୟନ୍ତ ଜଡ଼ବାଦୀ, ଚୋର, ବଦମାସ୍ ସେମାନଙ୍କର ଜୀବନର କୌଣସି ଲକ୍ଷ୍ୟ ନାହିଁ ବା ପରମ ଲକ୍ଷ୍ୟ ସମ୍ବନ୍ଧରେ ଧାରଣା ନାହିଁ । ସେମାନେ କେବଳ ଇନ୍ଦ୍ରିୟ ସୁଖ ପଛରେ ଧାବିତ । କିପରି ଯଜ୍ଞାନୁଷ୍ଠାନ କରିବାକୁ ହେବ ସେ ଜ୍ଞାନମଧ୍ୟ ସେମାନଙ୍କର ନାହିଁ । ଶ୍ରୀଚୈତନ୍ୟ ମହାପ୍ରଭୁ ଅବଶ୍ୟ, ଯଜ୍ଞାନୁଷ୍ଠାନର ଅତି ସହଜପନ୍ଥା ଦେଇଯାଇଛନ୍ତି । ଏହା ହେଉଛି ସଂକୀର୍ତ୍ତନ ଯଜ୍ଞ । ପୃଥିବୀରେ ପ୍ରତ୍ୟେକ ଏହା ଅନୁଷ୍ଠାନ କରିପାରିବେ । ଯେ କୃଷ୍ଣଚେତନାବିଧି ଗ୍ରହଣକଲା, ସେ ଏହା ଆଚରଣ କରିପାରିବ । ଏଥିରେ କିଛି କଷ୍ଟନାହିଁ ।

## ଶ୍ଳୋକ - ୧୩

**ଯଜ୍ଞଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବକିଲ୍‌ବିଷୈଃ ।**
**ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାତ୍ମକାରଣାତ୍ ।। ୧୩ ।।**

## ଶବ୍ଦାନୁବାଦ

ଯଜ୍ଞ-ଶିଷ୍ଟ=ଯଜ୍ଞାନୁଷ୍ଠାନ ପରେ ଯେଉଁ ଖାଦ୍ୟ ଗ୍ରହଣ କରାଯାଏ; ଆଶିନଃ=ଭୋଜନକାରୀ; ସନ୍ତଃ=ଭକ୍ତଗଣ; ମୁଚ୍ୟନ୍ତେ=ମୁକ୍ତିପା'ନ୍ତି; ସର୍ବ=ସମସ୍ତପ୍ରକାର; କିଲ୍‌ବିଷୈଃ=ପାପରୁ; ଭୁଞ୍ଜତେ=ଉପଭୋଗ କରନ୍ତି; ତେ=ସେମାନେ; ତୁ=କିନ୍ତୁ; ଅଘମ୍=ଘୋର ପାପ; ପାପାଃ=ପାପୀମାନେ; ଯେ=ଯେଉଁମାନେ; ପଚନ୍ତି=ପାକ କରନ୍ତି; ଆତ୍ମ-କାରଣାତ୍=ଇନ୍ଦ୍ରିୟ ସୁଖନିମିତ୍ତ ।

## ଅନୁବାଦ

**ଭଗବାନଙ୍କର ଭକ୍ତଗଣ ସମସ୍ତ ପାପରୁ ମୁକ୍ତ, କାରଣ ଯଜ୍ଞ ନିମିତ୍ତ ଉତ୍ସର୍ଗୀକୃତ ଖାଦ୍ୟ ହିଁ ସେମାନେ ଗ୍ରହଣ କରନ୍ତି । ଅନ୍ୟମାନେ, ଅର୍ଥାତ୍ ଯେଉଁମାନେ ନିଜର ଇନ୍ଦ୍ରିୟ ତୃପ୍ତି ନିମିତ୍ତ ଖାଦ୍ୟ ପ୍ରସ୍ତୁତ କରନ୍ତି ସେମାନେ ବାସ୍ତବରେ ପାପ ହିଁ ଭୋଜନ କରନ୍ତି ।**

## ଭାବାର୍ଥ

ଯେଉଁମାନେ ଭଗବାନଙ୍କର ଭକ୍ତ ଅର୍ଥାତ୍ ଯେଉଁମାନେ କୃଷ୍ଣଚେତନଶୀଳ ସେମାନଙ୍କୁ ସନ୍ଥ କୁହାଯାଏ ।ସେମାନେ ସର୍ବଦା କୃଷ୍ଣଙ୍କସହ (ବା ଭଗବାନଙ୍କ ସହ) ସ୍ନେହପୂର୍ଣ୍ଣ ସମ୍ବନ୍ଧରେ ସମ୍ବନ୍ଧିତ ହୋଇଥା'ନ୍ତି ।ବ୍ରହ୍ମସଂହିତାରେ ଏହା କୁହାଯାଇଛି; *"ପ୍ରେମାଞ୍ଜନଚ୍ଛୁରିତ-ଭକ୍ତି ବିଲୋଚନେନ ସନ୍ତଃ ସଦୈବ ହୃଦୟେଷୁ ବିଲୋକୟନ୍ତି"*, ଯେଉଁମାନେ ସନ୍ଥ ସେମାନେ ସର୍ବଦା ପରମପୁରୁଷ ଭଗବାନଙ୍କର ସ୍ନେହପୂର୍ଣ୍ଣ ସମ୍ବନ୍ଧରେ ଯୁକ୍ତ ହୋଇଥା'ନ୍ତି । ସେ ପରମପୁରୁଷ ଭଗବାନ୍ ହେଉଛନ୍ତି ଗୋବିନ୍ଦ (ଅର୍ଥାତ୍ ସମସ୍ତ ଆନନ୍ଦ ବା ସୁଖଦାତା) । ସେ ହେଉଛନ୍ତି ମୁକୁନ୍ଦ (ଅର୍ଥାତ୍ ମୁକ୍ତିଦାତା), ସେ ହେଉଛନ୍ତି କୃଷ୍ଣ (ସର୍ବାକର୍ଷଣୀୟ ପରମ ପୁରୁଷ) ।ସନ୍ଥମାନେ ପରମପୁରୁଷ ଭଗବାନଙ୍କୁ ପ୍ରଥମେ ଅର୍ପଣ ନକରି କିଛି ଗ୍ରହଣ କରନ୍ତି ନାହିଁ ।ତେଣୁ ଏ ଭକ୍ତଗଣ ସର୍ବଦା ଶ୍ରବଣଂ, କୀର୍ତ୍ତନଂ, ସ୍ମରଣଂ ଓ ଅର୍ଚ୍ଚନଂ ଆଦି ବିଭିନ୍ନ ପ୍ରକାର ଭଗବତ୍ ସେବାରେ ରତଥା'ନ୍ତି ।ଏହା ହେଉଛି ଯଜ୍ଞ କର୍ମ ।ଭକ୍ତ ତା'ର ରୁଚି ଅନୁଯାୟୀ ଶ୍ରବଣ, କୀର୍ତ୍ତନ ଓ ଅର୍ଚ୍ଚନ ଆଦି ଯଜ୍ଞ କର୍ମରେ ନିଯୁକ୍ତ ହୁଏ । ଏ ଯଜ୍ଞ କର୍ମରେ ନିଯୁକ୍ତ ହେବାଦ୍ୱାରା ସେମାନେ ଏ ଭୌତିକ ଜଗତରେ ପାପପୂର୍ଣ୍ଣ ଦୂଷିତ ବାତାବରଣରୁ ଦୂରେଇ ରହନ୍ତି ।ଅନ୍ୟମାନେ ଅର୍ଥାତ୍ ଯେଉଁମାନେ ଇନ୍ଦ୍ରିୟତୃପ୍ତି ନିମିତ୍ତ ଖାଦ୍ୟ ପ୍ରସ୍ତୁତ କରନ୍ତି, ସେମାନେ କେବଳ ଯେ ଚୋର ତାହାନୁହେଁ, ସେମାନେ ମଧ୍ୟ ସମସ୍ତ ପ୍ରକାର ପାପ ଭୋଜନକାରୀ । ଯଦି ବ୍ୟକ୍ତି ଚୋର ହୁଏ ଏବଂ ପାପୀ ହୁଏ ତାହାହେଲେ ସେ କିପରି ସୁଖୀ ହୋଇପାରିବ ? ଏହା ସମ୍ଭବପର ନୁହେଁ ।ତେଣୁ ଲୋକମାନେ ସବୁ ଦିଗରୁ ସୁଖୀ ହେବା ନିମିତ୍ତ ପୂର୍ଣ୍ଣ କୃଷ୍ଣଚେତନାରେ କିପରି ସହଜ ସୁଗମ ସଂକୀର୍ତ୍ତନ ଯଜ୍ଞ କରିପାରିବେ; ତାହା ଶିକ୍ଷା କରିବା ଉଚିତ୍ । ତାହା ନହେଲେ ଏ ପୃଥିବୀରେ ଶାନ୍ତି ବା ସୁଖ ପ୍ରତିଷ୍ଠିତ ହୋଇ ପାରିବ ନାହିଁ ।

## ଶ୍ଳୋକ - ୧୪

**ଅନ୍ନାଦ୍ ଭବନ୍ତି ଭୂତାନି ପର୍ଜନ୍ୟାଦନ୍ନସଂଭବଃ ।**
**ଯଜ୍ଞାଦ୍ ଭବତି ପର୍ଜନ୍ୟୋ ଯଜ୍ଞଃ କର୍ମସମୁଦ୍ଭବଃ ।। ୧୪ ।।**

## ଶବ୍ଦାନୁବାଦ

ଅନ୍ନାତ୍=ଶସ୍ୟରୁ; ଭବନ୍ତି=ଉତ୍ପନ୍ନ ହୁଏ; ଭୂତାନି=ଭୌତିକ ଶରୀରମାନ; ପର୍ଜନ୍ୟାତ୍=ବର୍ଷାରୁ; ଅନ୍ନ=ଖାଦ୍ୟଶସ୍ୟ; ସଂଭବଃ=ସମ୍ଭବପର ହୁଏ; ଯଜ୍ଞାତ୍=ଯଜ୍ଞ କର୍ମରୁ;ଭବତି=ସମ୍ଭବ ହୁଏ; ପର୍ଜନ୍ୟଃ=ବର୍ଷା; ଯଜ୍ଞଃ=ଯଜ୍ଞ-କର୍ମ; କର୍ମ=ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ; ସମୁଦ୍ଭବଃ=ଜାତହୁଏ ।

## ଅନୁବାଦ

**ସମସ୍ତ ଜୀବ ଜୀବନ ଧାରଣ ନିମିତ୍ତ ଖାଦ୍ୟଶସ୍ୟ ଉପରେ ନିର୍ଭର କରନ୍ତି । ଖାଦ୍ୟ ଶସ୍ୟ ବର୍ଷା ଉପରେ ନିର୍ଭର କରେ । ଯଜ୍ଞ କର୍ମ ଉପରେ ବର୍ଷା ନିର୍ଭର କରେ (ଅର୍ଥାତ୍ ଯଜ୍ଞାନୁଷ୍ଠାନ କଲେ ବର୍ଷା ହୁଏ) ଏବଂ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ କର୍ମରୁ ଯଜ୍ଞର ଉତ୍ପନ୍ନ ।**

## ଭାବାର୍ଥ

ଭଗବଦ୍ ଗୀତାର ଜଣେ ବିଶିଷ୍ଟ ଭାଷ୍ୟକାର ଶ୍ରୀଲ ବଳଦେବ ବିଦ୍ୟା-ଭୂଷଣ ଲେଖିଛନ୍ତି; *"ଯେ ଇନ୍ଦ୍ରାଦି-ଅଙ୍ଗ-ତୟାବସ୍ଥିତଂ ଯଜ୍ଞଂ ସର୍ବେଶ୍ୱରଂ ବିଷ୍ଣୁମ୍ ଅଭର୍ଚ୍ଚ୍ୟ ତଚ୍ଛେଷମ୍ ଅଶ୍ନନ୍ତି ତେନ-ତଦ୍ଦେହ ଯାତ୍ରାମ୍ ସମ୍ପାଦୟନ୍ତି, ତେ ସନ୍ତଃ ସର୍ବେଶ୍ୱରସ୍ୟ ଭକ୍ତାଃସର୍ବକିଳବିଷୈର୍ ଅନାଦି କାଳବିବୃଦ୍ଧୈର୍ ଆତ୍ମାନୁଭବ ପ୍ରତିବନ୍ଧକୈର୍ ନିଖିଳୈଃ ପାପୈର୍ ବିମୁଚ୍ୟନ୍ତେ"* ।ଭଗବାନ୍ ହେଉଛନ୍ତି ଯଜ୍ଞ ପୁରୁଷ ଅର୍ଥାତ୍ ସେ ହେଉଛନ୍ତି ସମସ୍ତ ଯଜ୍ଞର ଭୋକ୍ତା । ସେ ହେଉଛନ୍ତି ସମସ୍ତ ଦେବତାଙ୍କର ପ୍ରଭୁ ।ଦେବତାଗଣ ତାଙ୍କର ବିରାଟ ଶରୀରର ବିଭିନ୍ନ ଅଙ୍ଗ ସ୍ୱରୂପ । ଶରୀରର ବିଭିନ୍ନ ଅଙ୍ଗ ଯେପରି ସମସ୍ତ ଶରୀରର ସେବା କରନ୍ତି ବା ଶରୀର ନିମିତ୍ତ ହିଁ କର୍ମ କରନ୍ତି, ସେହିପରି ଦେବତାଗଣ ପରମେଶ୍ୱରଙ୍କର ସେବା କରୁଛନ୍ତି । ଇନ୍ଦ୍ର, ଚନ୍ଦ୍ର, ବରୁଣ ଆଦି ଦେବତାଗଣ ଏ ଭୌତିକ ବ୍ରହ୍ମାଣ୍ଡର ବିଭିନ୍ନ କ୍ରିୟା ସମ୍ପାଦନ କରିବା ନିମିତ୍ତ ଭଗବାନଙ୍କ ଦ୍ୱାରା ନିଯୁକ୍ତ ହୋଇଛନ୍ତି ।ଏହି ଦେବତାମାନଙ୍କୁ ସନ୍ତୁଷ୍ଟ କରିବା ନିମିତ୍ତ ବେଦରେ ବିଭିନ୍ନ ଯଜ୍ଞର ବ୍ୟବସ୍ଥା ଅଛି ।ଯଜ୍ଞରେ ଏ ଦେବତାମାନେ ସନ୍ତୁଷ୍ଟ ହେଲେ ସେମାନେ ଯଥେଷ୍ଟ ପରିମାଣରେ ବାୟୁ, ଆଲୋକ ଓ ଜଳ ଆଦି ଯୋଗାଇବେ ।ତାହା ଫଳରେ ଯଥେଷ୍ଟ ଖାଦ୍ୟଶସ୍ୟ ଉତ୍ପନ୍ନ ହେବ ।ଯେତେବେଳେ ଭଗବାନ୍ ଶ୍ରୀକୃଷ୍ଣଙ୍କର ପୂଜା ହୁଏ, ସେତେବେଳେ ସ୍ୱତଃ ସମସ୍ତ ଦେବତାଙ୍କର ପୂଜା ହୋଇଯାଏ, କାରଣ ଦେବତାମାନେ ଭଗବାନଙ୍କର ବିଭିନ୍ନ ଅଙ୍ଗ ସ୍ୱରୂପ ।ସେଇଥିପାଇଁ ଦେବତାମାନଙ୍କୁ ସ୍ୱତନ୍ତ୍ର ଭାବରେ ପୂଜା କରିବାର କୌଣସି ଆବଶ୍ୟକତା ନାହିଁ ।ଏହି କାରଣରୁ ଭଗବାନଙ୍କର ଭକ୍ତଗଣ, ଯେଉଁମାନେ କୃଷ୍ଣଚେତନଶୀଳ, (ସେମାନେ) କୃଷ୍ଣଙ୍କୁ ପ୍ରଥମେ ପ୍ରସାଦ ଅର୍ପଣ କରି ତାଙ୍କର ଉଚ୍ଛିଷ୍ଟ ସେବନ କରନ୍ତି । ଶରୀରକୁ ଦିବ୍ୟ ଭାବାପନ୍ନ କରିବା ନିମିତ୍ତ ଏହା ଏକ ବିଧି । ଏ ପ୍ରକାର କର୍ମଦ୍ୱାରା ଗତ ଜନ୍ମର ସମସ୍ତ ପାପକର୍ମର ପ୍ରତିକ୍ରିୟା ଯେ ଧ୍ୱଂସ ହୁଏ ସେତିକି ନୁହେଁ, ଇହ ଜନ୍ମରେ ମଧ୍ୟ ଶରୀର କୌଣସି ପ୍ରକାର ଭୌତିକ ଦୋଷରେ ଦୁଷ୍ଟ ହୁଏ ନାହିଁ ।ଏହା ଶରୀରକୁ ଦୂଷିତ ହେବାରୁ ରକ୍ଷାକରେ । ଯେତେବେଳେ କୌଣସି ସଂକ୍ରାମକ ରୋଗ ଦେଖାଦିଏ, ସେତେବେଳେ ରୋଗ ଆକ୍ରମଣରୁ ରକ୍ଷା ପାଇବା ନିମିତ୍ତ ବ୍ୟକ୍ତି କୌଣସି ଏକ ପ୍ରତିଷେଧକ ଇଞ୍ଜେକସନ୍ ବା ଟୀକା ନିଏ, ଠିକ୍ ସେହିପରି ଭଗବାନ୍ ବିଷ୍ଣୁଙ୍କୁ ଅର୍ପିତ ଖାଦ୍ୟ ଯଦି ଆମ୍ଭେମାନେ ଗ୍ରହଣ କରିବା ତାହାହେଲେ ତାହା ଆମକୁ ଭୌତିକ ଦୋଷରେ ଦୂଷିତ ହେବାରୁ ରକ୍ଷା କରିବ ।ଯେ ଏହିଧାରା ଗ୍ରହଣ କରିଛି ସେ ଭଗବାନଙ୍କର ଭକ୍ତ ଅଟେ । ତେଣୁ କୃଷ୍ଣଚେତନାରେ ଥିବା ବ୍ୟକ୍ତି କେବଳ କୃଷ୍ଣଙ୍କୁ ଅର୍ପିତ ପ୍ରସାଦ ହିଁ ଗ୍ରହଣ କରେ ।ଯେ ଏହି ପ୍ରକାର ଦିବ୍ୟ ପ୍ରସାଦ ଗ୍ରହଣ କରେ ସେ ତା'ର ଗତ ପାପକର୍ମର ସମସ୍ତ ପ୍ରକାର ପ୍ରତିକ୍ରିୟାକୁ ଧ୍ୱଂସ କରେ ।ଏ ପାପକର୍ମର ପ୍ରତିକ୍ରିୟାଗୁଡ଼ିକ

ଆତ୍ମାନୁଭୂତିଲାଭ ମାର୍ଗରେ ପ୍ରତିବନ୍ଧକ ସ୍ୱରୂପ ଅଟନ୍ତି । ଅନ୍ୟ ପକ୍ଷରେ, ଯେ ଏପରି ନ କରେ (ଅର୍ଥାତ୍ କୃଷ୍ଣଙ୍କୁ ଖାଦ୍ୟ ଅର୍ପଣ ନ କରି ଗ୍ରହଣ କରେ) ସେ ତା'ର ପାପକର୍ମର ପ୍ରତିକ୍ରିୟାକୁ ହିଁ ବଢ଼ାଇ ଚାଲେ । ଫଳରେ ପାପ କର୍ମର ଫଳ ଭୋଗିବା ନିମିତ୍ତ ସେ ପରଜନ୍ମରେ କୁକୁର କିମ୍ବା ଘୁଷୁରୀ ଜନ୍ମ ପାଏ । ଏ ଭୌତିକ ଜଗତ ନାନା ଦୋଷରେ ପରିପୂର୍ଣ୍ଣ । ଯେ କୃଷ୍ଣଙ୍କୁ ଅର୍ପିତ ପ୍ରସାଦ (ଦିବ୍ୟ ପ୍ରସାଦ) ଗ୍ରହଣ କରେ ସେ ଏପ୍ରକାର, ଦୋଷରୁ ରକ୍ଷାପାଏ, କିନ୍ତୁ ଯେ ଏପରି ନ କରେ ସେ ଭୌତିକ-ଦୋଷ-ଦୁଷ୍ଟ ହୁଏ ।

ଶସ୍ୟ ଓ ଶାକସବ୍‌ଜି ହିଁ ବାସ୍ତବରେ ମନୁଷ୍ୟର ଖାଦ୍ୟ ଅଟେ । ମାନବ ସାଧାରଣତଃ ବିଭିନ୍ନ ପ୍ରକାର ଖାଦ୍ୟଶସ୍ୟ, ଶାକସବ୍‌ଜି, ଫଳ ଆଦି ଖାଦ୍ୟରୂପେ ଗ୍ରହଣ କରେ, କିନ୍ତୁ ମନୁଷ୍ୟେତର ପ୍ରାଣୀମାନେ ସାଧାରଣତଃ ଚଷୁ, କୁଣ୍ଡା, ଘାସ ବା ଉଦ୍ଭିଦ ଆଦିକୁ ଖାଦ୍ୟରୂପେ ଗ୍ରହଣ କରନ୍ତି । ଯେଉଁ ମାନବଗଣ ମାଂସ ଭକ୍ଷଣ କରନ୍ତି, ସେମାନେ ମଧ୍ୟ ଶସ୍ୟ ଉତ୍ପାଦନ ଉପରେ ନିର୍ଭର କରନ୍ତି, କାରଣ ଶସ୍ୟ ଉତ୍ପାଦିତ ହେଲେ ପଶୁପକ୍ଷୀ-ପ୍ରାଣୀ ଆଦି ଖାଇ ଜୀବନ ଧାରଣ କରିବେ ଏବଂ ମାଂସାଶୀ-ମାନବ ସେ ପ୍ରାଣୀର ମାଂସ ଖାଇବ । ତେଣୁ ପରିଣାମତଃ ଆମ୍ଭେମାନେ ଜମିରୁ ଉତ୍ପନ୍ନ ଖାଦ୍ୟଶସ୍ୟ ଉପରେ ନିର୍ଭର କରୁ । ବଡ଼ ବଡ଼ କଳକାରଖାନାରୁ ଉତ୍ପନ୍ନ ଯାନ୍ତ୍ରିକ-ପଦାର୍ଥ ଉପରେ ନିର୍ଭର କରୁନାହୁଁ । ଯଥେଷ୍ଟ ପରିମାଣରେ ବର୍ଷାହେଲେ ଜମିରୁ ଖାଦ୍ୟଶସ୍ୟ ଉତ୍ପନ୍ନ ହେବ ଏବଂ ଇନ୍ଦ୍ର, ଚନ୍ଦ୍ର ଓ ସୂର୍ଯ୍ୟ ଆଦି ଦେବତାଗଣ ବର୍ଷାକୁ ନିୟନ୍ତ୍ରଣ କରନ୍ତି । ଏମାନେ ସମସ୍ତେ ଭଗବାନଙ୍କର ସେବକ । ଭଗବାନ୍ କେବଳ ଯଜ୍ଞକର୍ମ ଦ୍ୱାରା ହିଁ ସନ୍ତୁଷ୍ଟ ହୋଇପାରନ୍ତି । ତେଣୁ ଯେ ଯଜ୍ଞ କର୍ମ ନ କରେ ସେ ସର୍ବଦା ଅଭାବରେ ରହେ । ଏହା ହେଉଛି ପ୍ରାକୃତିକ ନିୟମ । ବିଶେଷକରି ଏଯୁଗରେ ଆମ୍ଭମାନଙ୍କୁ ଯୁଗାନୁମୋଦିତ ସଂକୀର୍ତ୍ତନ ଯଜ୍ଞ କରିବାକୁ ପଡ଼ିବ; ତା' ନହେଲେ ଆମ୍ଭେମାନେ ଖାଦ୍ୟାଭାବରୁ ରକ୍ଷା ପାଇପାରିବା ନାହିଁ ।

## ଶ୍ଳୋକ - ୧୫

**କର୍ମ ବ୍ରହ୍ମୋଦ୍ଭବଂ ବିଦ୍ଧି ବ୍ରହ୍ମାକ୍ଷରସମୁଦ୍ଭବମ୍ ।**
**ତସ୍ମାତ୍ ସର୍ବଗତଂ ବ୍ରହ୍ମ ନିତ୍ୟଂ ଯଜ୍ଞେ ପ୍ରତିଷ୍ଠିତମ୍ ।। ୧୫ ।।**

## ଶବ୍ଦାନୁବାଦ

କର୍ମ=କର୍ମ; ବ୍ରହ୍ମ=ବେଦ (ରୁ); ଉଦ୍ଭବମ୍=ଜାତ; ବିଦ୍ଧି=ଏହା ଜାଣିରଖିବା ଉଚିତ୍; ବ୍ରହ୍ମ=ବେଦ; ଅକ୍ଷର=ପରମ ବ୍ରହ୍ମ (ପରମପୁରୁଷ ଭଗବାନ୍); ସମୁଦ୍ଭବମ୍=ପ୍ରତ୍ୟକ୍ଷ ଭାବରେ ପ୍ରକାଶିତ; ତସ୍ମାତ୍=ତେଣୁ; ସର୍ବ-ଗତମ୍=ସର୍ବବ୍ୟାପକ; ବ୍ରହ୍ମ=ବ୍ରହ୍ମ; ନିତ୍ୟମ୍=ଶାଶ୍ୱତଭାବେ; ଯଜ୍ଞେ=ଯଜ୍ଞରେ; ପ୍ରତିଷ୍ଠିତମ୍=ପ୍ରତିଷ୍ଠିତ ।

## ଅନୁବାଦ

**କ'ଣ କ'ଣ କରିବାକୁ ହେବ (ଅର୍ଥାତ୍ କର୍ତ୍ତବ୍ୟକର୍ମ) ବେଦରେ ବର୍ଣ୍ଣନା କରାଯାଇଛି ଏବଂ ବେଦ ପ୍ରତ୍ୟକ୍ଷଭାବରେ ପରମପୁରୁଷ ଭଗବାନଙ୍କ ଠାରୁ ପ୍ରକାଶିତ ହୋଇଅଛି । ଫଳତଃ ସର୍ବବ୍ୟାପକ ବ୍ରହ୍ମ ଶାଶ୍ୱତଭାବେ ଯଜ୍ଞକର୍ମରେ ହିଁ ପ୍ରତିଷ୍ଠିତ ହୋଇଛନ୍ତି ।**

## ଭାବାର୍ଥ

ଯଜ୍ଞାର୍ଥ କର୍ମ ଅର୍ଥାତ୍ କୃଷ୍ଣ ପ୍ରୀତ୍ୟର୍ଥେ କର୍ମ- ଏହିକଥା ଏ ଶ୍ଳୋକରେ ପରିଷ୍କାର ଭାବରେ କୁହାଯାଇଅଛି । ଯଦି ଆମ୍ଭମାନଙ୍କୁ ଯଜ୍ଞପୁରୁଷ ଭଗବାନ୍ ବିଷ୍ଣୁଙ୍କ ପ୍ରୀତ୍ୟର୍ଥେ କର୍ମ କରିବାକୁ ହେବ, ତାହାହେଲେ ଆମ୍ଭମାନଙ୍କୁ ସେଥିନିମିତ୍ତ ବ୍ରହ୍ମ ଅର୍ଥାତ୍ ବେଦଶାସ୍ତ୍ରରୁ ନିର୍ଦ୍ଦେଶ ଗ୍ରହଣ କରିବାକୁ ପଡ଼ିବ । ତେଣୁ ବେଦଗୁଡ଼ିକ ହେଉଛନ୍ତି କର୍ମକରିବା ନିମିତ୍ତ ନିର୍ଦ୍ଦେଶ ଦେବାର ଏକ ଏକ ଆଇନ୍‌ଗ୍ରନ୍ଥ ସଦୃଶ । ଯାହା ବେଦ ନିର୍ଦ୍ଦେଶରେ କରାନଯାଏ, ତାହା ବିକର୍ମ ଅଟେ ଅର୍ଥାତ୍ ତାହା ଅଶାସ୍ତ୍ର ବିହିତ ଘୋର ପାପକର୍ମ ଅଟେ । ତେଣୁ ବ୍ୟକ୍ତି ପାପକର୍ମର ପ୍ରତିକ୍ରିୟାରୁ ରକ୍ଷା ପାଇବା ନିମିତ୍ତ ସର୍ବଦା ବେଦ ନିର୍ଦ୍ଦେଶ ଗ୍ରହଣ କରିବା ଉଚିତ୍ । ଯେପରି ସାଧାରଣଲୋକ ତା'ର ଦୈନନ୍ଦିନ ଜୀବନରେ କର୍ମ କଲାବେଳେ ରାଜ୍ୟର ନିୟମ ମାନିବାକୁ ପଡୁଛି, ଠିକ୍ ସେହିପରି ପରମେଶ୍ୱରଙ୍କର ପରମ ସାମ୍ରାଜ୍ୟର ନିୟମ ଆମ୍ଭମାନଙ୍କୁ ମାନିବାକୁ ପଡ଼ିବ ଏବଂ ତଦନୁଯାୟୀ କର୍ମ କରିବାକୁ ପଡ଼ିବ । ପରମପୁରୁଷ ଭଗବାନଙ୍କର ନିଶ୍ୱାସରୁ ପ୍ରତ୍ୟକ୍ଷଭାବରେ ବୈଦିକ ନିର୍ଦ୍ଦେଶଗୁଡ଼ିକ ବହିର୍ଗତ ହୋଇଅଛି । କୁହାଯାଇଛି- *"ଅସ୍ୟ ମହତୋ ଭୂତସ୍ୟ ନିଶ୍ୱସିତମ୍ ଏତଦ୍ ଯଦ୍ ଋଗ୍‌ବେଦୋ ଯଜୁର୍‌ବେଦଃ ସାମବେଦୋଽଥର୍ବାଙ୍ଗିରସଃ"* । ଋକ୍, ସାମ, ଯଜୁଃ ଓ ଅଥର୍ବବେଦ-ଏ ଚାରିବେଦ ପରମପୁରୁଷ ଭଗବାନଙ୍କ ନିଶ୍ୱାସରୁ ବାହାରିଛି । ଭଗବାନ୍ ହେଉଛନ୍ତି ସର୍ବଶକ୍ତିଶାଳୀ । ତେଣୁ ସେ ତାଙ୍କ ନିଶ୍ୱାସ ସାହାଯ୍ୟରେ ମଧ୍ୟ କଥା କହିପାରନ୍ତି । ବ୍ରହ୍ମସଂହିତାରେ ଏକଥା କୁହାଯାଇଛି ଯେ ଭଗବାନ୍ ଏପରି ଶକ୍ତିଶାଳୀ ଯେ — ସେ ତାଙ୍କର ଯେକୌଣସି ଇନ୍ଦ୍ରିୟ ବା ଅଙ୍ଗପ୍ରତ୍ୟଙ୍ଗ ସାହାଯ୍ୟରେ ସେ ଯେକୌଣସି କର୍ମ କରିପାରନ୍ତି । (ଉଦାହରଣ ସ୍ୱରୂପ ଯାହା ମୁଖ ସାହାଯ୍ୟରେ କରିବାର କଥା ତାହା ସେ ତାଙ୍କର ନାସିକାରୁ ନିର୍ଗତ ନିଶ୍ୱାସ ସାହାଯ୍ୟରେ କରିପାରନ୍ତି) । ଅନ୍ୟ କଥାରେ ଏହାହିଁ କୁହାଯାଇପାରେ ଯେ ଭଗବାନ୍ ତାଙ୍କର ନିଶ୍ୱାସ ସାହାଯ୍ୟରେ କଥା କହିପାରନ୍ତି ଏବଂ ଚକ୍ଷୁ ସାହାଯ୍ୟରେ ଗର୍ଭାଧାନ କ୍ରିୟା ମଧ୍ୟ କରିପାରନ୍ତି । ସେ ଭୂତ ପ୍ରକୃତି ଉପରେ କଟାକ୍ଷପାତ କରି ତାକୁ ଗର୍ଭବତୀ କରାନ୍ତି, ଫଳରେ ଜୀବ ସୃଷ୍ଟିହୁଏ । ଭୂତ ପ୍ରକୃତିର ଗର୍ଭରେ ବଦ୍ଧ ଜୀବମାନଙ୍କୁ ସଞ୍ଚାର କରିସାରିଲା ପରେ ସେ ବେଦ ଶାସ୍ତ୍ରରେ ବଦ୍ଧ ଜୀବମାନଙ୍କ ନିମିତ୍ତ କର୍ମ କରିବାର ନିର୍ଦ୍ଦେଶ ଦେଲେ । ଏ ବଦ୍ଧ ଜୀବଗଣ କିପରିଭାବରେ ଭଗବଦ୍ ଧାମକୁ (ନିଜଘରକୁ) ଫେରି ଯାଇପାରିବେ ତା'ର ନିର୍ଦ୍ଦେଶ ସେ ବେଦଶାସ୍ତ୍ରରେ ଦେଲେ । ଏକଥା ଆମ୍ଭମାନଙ୍କୁ ସର୍ବଦା ମନେରଖିବାକୁ ପଡ଼ିବ ଯେ ଭୂତପ୍ରକୃତି ଦ୍ୱାରା ବଦ୍ଧହୋଇଥିବା ଜୀବଗୁଡ଼ିକ ଭୂତ ପ୍ରକୃତିକୁ ସର୍ବଦା ଉପଭୋଗ କରିବାକୁ ଖୁବ୍ ଆଗ୍ରହୀ, କିନ୍ତୁ ବୈଦିକ ନିର୍ଦ୍ଦେଶଗୁଡ଼ିକ ଏପରିଭାବରେ ତିଆରି ହୋଇଛି ଯେ ତାହା ପାଳନକଲେ ବ୍ୟକ୍ତି ତା'ର କାମନାଗୁଡ଼ିକ ପୂରଣ କରିପାରେ ଏବଂ ଉପଭୋଗ ଶେଷରେ ଭଗବଦ୍ ଧାମକୁ ଫେରି ଯାଇପାରେ । ଏତଦ୍ଦ୍ୱାରା ବଦ୍ଧ ଜୀବକୁ ମୁକ୍ତିଲାଭ ନିମିତ୍ତ ଏକ ସୁଯୋଗ ଦିଆଯାଇଅଛି । ତେଣୁ ବଦ୍ଧ ଜୀବଗଣ କୃଷ୍ଣଚେତନଶୀଳ ହୋଇ ଏ ଯଜ୍ଞ ବିଧିକୁ ଅନୁସରଣ କରିବା ଉଚିତ୍ । ଏପରିକି ଯେଉଁମାନେ ବେଦ ନିର୍ଦ୍ଦେଶ ମାନି ନପାରୁଛନ୍ତି ସେମାନେ କୃଷ୍ଣଚେତନା ବିଧି ଗ୍ରହଣ କରି ପାରନ୍ତି । ଯଦି ତାହା ସେମାନେ କରିବେ ତାହାହେଲେ ତାହା ମଧ୍ୟ ବୈଦିକ ଯଜ୍ଞକର୍ମ ହୋଇପାରିବ ।

## ଶ୍ଳୋକ - ୧୬

**ଏବଂ ପ୍ରବର୍ତ୍ତିତଂ ଚକ୍ରଂ ନାନୁବର୍ତ୍ତୟତୀହ ଯଃ ।**
**ଅଘାୟୁରିନ୍ଦ୍ରିୟାରାମୋ ମୋଘଂ ପାର୍ଥ ସ ଜୀବତି ।। ୧୬ ।।**

## ଶବ୍ଦାନୁବାଦ

ଏବମ୍=ଏହିପରି ଭାବରେ ନିର୍ଦ୍ଦେଶିତ; ପ୍ରବର୍ତ୍ତିତମ୍=ବେଦଦ୍ୱାରା ପ୍ରସ୍ତୁତ; ଚକ୍ରମ୍=ଚକ୍ର; ନ ଅନୁବର୍ତ୍ତୟତି=ଆଚରଣ ନକରେ; ଇହ=ଏହି ଜୀବନରେ; ଯଃ=ଯେ; ଅଘାୟୁଃ=ପାପପୂର୍ଣ୍ଣ ଜୀବନ; ଇନ୍ଦ୍ରିୟ-ଆରାମଃ=ଇନ୍ଦ୍ରିୟ ସୁଖରେ ସନ୍ତୁଷ୍ଟ; ମୋଘମ୍=ବୃଥା; ପାର୍ଥ=ହେ ପୃଥାପୁତ୍ର (ଅର୍ଜୁନ); ସଃ=ଯେ ଏପରିକରେ,ସେ; ଜୀବତି=ଜୀବନଧାରଣ କରେ ।

## ଅନୁବାଦ

**ହେ ମୋର ପ୍ରିୟ ଅର୍ଜୁନ ! ଯେଉଁଲୋକ ବେଦ ନିର୍ଦ୍ଦିଷ୍ଟ ଯଜ୍ଞ-କର୍ମ ନକରେ ସେ ବାସ୍ତବରେ ଏକ ପାପପୂର୍ଣ୍ଣ ଜୀବନଯାପନ କରେ, କାରଣ ଯେଉଁବ୍ୟକ୍ତି କେବଳ ଇନ୍ଦ୍ରିୟ ସୁଖରେ ଆନନ୍ଦଲାଭ କରେ ସେ ବୃଥା ଜୀବନଧାରଣ କରେ ।**

## ଭାବାର୍ଥ

ଖୁବ୍ କଠିନ ପରିଶ୍ରମ କର ଏବଂ ଇନ୍ଦ୍ରିୟ ସୁଖଭୋଗକର-ଏହା ହେଉଛି ଧନଲାଳସାପୂର୍ଣ୍ଣ ଦର୍ଶନ ।ଏ ଦର୍ଶନକୁ ଭଗବାନ୍ ଏଠାରେ ନିନ୍ଦା କରୁଛନ୍ତି ।ତେଣୁ ଯେଉଁମାନେ ଏ ଭୌତିକ ଜଗତକୁ ଭୋଗକରିବାକୁ ଇଚ୍ଛା କରନ୍ତି, ସେମାନେ ଉପରବର୍ଣ୍ଣିତ ଚକ୍ର କ୍ରମରେ ଥିବା ଯଜ୍ଞ କର୍ମ କରିବା ଏକାନ୍ତ ଆବଶ୍ୟକ ।ଯେ ଏ ପ୍ରକାର ନୀତି-ନିୟମ ପାଳନ ନକରେ ସେ ଏକ ବିପଦପୂର୍ଣ୍ଣ ଜୀବନଯାପନ କରୁଛି ବୋଲି ବୁଝିବାକୁ ହେବ ।ଏତଦ୍ଦ୍ୱାରା ସେ ଅଧିକରୁ ଅଧିକ ପାପପୂର୍ଣ୍ଣ ଜୀବନଯାପନ କରେ ।ପ୍ରକୃତିର ନିୟମ ଅନୁଯାୟୀ ଏ ମାନବ ଜୀବନ ବିଶେଷ କରି ଆତ୍ମାନୁଭୂତି ଲାଭ ନିମିତ୍ତ ଉଦ୍ଦିଷ୍ଟ ।କର୍ମଯୋଗ ହେଉ ବା ଜ୍ଞାନଯୋଗ ହେଉ ଯେକୌଣସି ଏକ ଯୋଗ ମାର୍ଗରେ ବ୍ୟକ୍ତି ଆତ୍ମାନୁଭୂତି ଲାଭ ଦିଗରେ ଯତ୍ନ କରିବା ଉଚିତ୍ ।ଯେଉଁ ଯୋଗୀଗଣ ପାପପୁଣ୍ୟର ବହୁ ଉର୍ଦ୍ଧ୍ୱରେ ଅବସ୍ଥିତ, ସେମାନଙ୍କ ନିମିତ୍ତ ଉପରବର୍ଣ୍ଣିତ ନିର୍ଦ୍ଦିଷ୍ଟ ଯଜ୍ଞକର୍ମ କରିବାର ବିଶେଷ ଆବଶ୍ୟକତା ନାହିଁ; କିନ୍ତୁ ଯେଉଁମାନେ ଇନ୍ଦ୍ରିୟ ତୃପ୍ତି କର୍ମରେ ବରାବର ବ୍ୟସ୍ତ, ସେମାନଙ୍କ ନିମିତ୍ତ ଉପରବର୍ଣ୍ଣିତ ଚକ୍ରକର୍ମରେ ଦିଆଯାଇଥିବା ଯଜ୍ଞକର୍ମ ଅନୁଷ୍ଠାନ କରିବା ଏକାନ୍ତ ଆବଶ୍ୟକ; କାରଣ ତଦ୍ଦ୍ୱାରା ସେମାନେ ବିଶୁଦ୍ଧ ହେବେ ।ବିଭିନ୍ନ ପ୍ରକାର କର୍ମ ଅଛି ।ଯେଉଁମାନେ କୃଷ୍ଣଚେତନଶୀଳ ନୁହଁନ୍ତି, ସେମାନେ ନିଶ୍ଚୟ ଇନ୍ଦ୍ରିୟତୃପ୍ତି କର୍ମରେ ନିଯୁକ୍ତ ହେବେ ।ତେଣୁ ସେମାନେ ପୁଣ୍ୟକର୍ମ କରିବା ଉଚିତ୍ ।ଏ ଯଜ୍ଞକର୍ମବିଧାନ ଏପରି ଭାବରେ ନିର୍ଦ୍ଦିଷ୍ଟ ହୋଇଛି ଯେ ଇନ୍ଦ୍ରିୟସୁଖ ଭୋଗରେ ମାତିଥିବା ବ୍ୟକ୍ତିଗଣ ଏ ଯଜ୍ଞାନୁଷ୍ଠାନ କଲେ ସେମାନଙ୍କର କାମନା ଚରିତାର୍ଥ କରିପାରିବେ ଏବଂ ତତ୍ ସଙ୍ଗେସଙ୍ଗେ ସେମାନେ କର୍ମର ପ୍ରତିକ୍ରିୟାରୁ ମଧ୍ୟ ମୁକ୍ତ ହୋଇ ପାରିବେ ।ଏ ଜଗତର ସମୃଦ୍ଧି ଆମ୍ଭମାନଙ୍କର ନିଜ ପ୍ରଚେଷ୍ଟା ଉପରେ ନିର୍ଭର କରେନାହିଁ ।

ଏହା ପରମେଶ୍ୱରଙ୍କର, ଯେଉଁ ପରୋକ୍ଷ ବିଧାନ ରହିଛି, ଯାହାକି ପ୍ରତ୍ୟକ୍ଷ ଭାବରେ ଦେବତାମାନଙ୍କ ଦ୍ୱାରା ପରିଚାଳିତ ହେଉଛି ତାହା ଉପରେ ନିର୍ଭର କରେ । ତେଣୁ ଏ ଯଜ୍ଞଗୁଡ଼ିକ ପ୍ରତ୍ୟକ୍ଷ ଭାବରେ ବେଦବର୍ଣ୍ଣିତ ନିର୍ଦ୍ଦିଷ୍ଟ ଦେବତାଙ୍କ ନିମିତ୍ତ ଉଦ୍ଦିଷ୍ଟ । ପରୋକ୍ଷ ଭାବରେ ଏହା ବ୍ୟକ୍ତିକୁ କୃଷ୍ଣଚେତନା ଅଭ୍ୟାସ କରିବାରେ ସାହାଯ୍ୟ କରେ । କାରଣ ବ୍ୟକ୍ତି ଏ ଯଜ୍ଞାନୁଷ୍ଠାନରେ ଦକ୍ଷ ହୋଇଗଲେ ନିଶ୍ଚୟ କୃଷ୍ଣଚେତନଶୀଳ ହୋଇଯିବ । ଯଦି ଏ ଯଜ୍ଞାନୁଷ୍ଠାନ କରି ବ୍ୟକ୍ତି କୃଷ୍ଣଚେତନଶୀଳ ନହୁଏ, ତାହାହେଲେ ଏ ଯଜ୍ଞ ବିଧି କେବଳ ନୈତିକ କର୍ମରୂପେ ପରିଗଣିତ ହୁଏ । ତେଣୁ ବ୍ୟକ୍ତି ଏ ଯଜ୍ଞାନୁଷ୍ଠାନ କରି କେବଳ ନୈତିକ ସ୍ତରରେ ସୀମିତ ହୋଇ ରହିବା ଉଚିତ୍ ନୁହେଁ । ବ୍ୟକ୍ତି ତଦୁର୍ଦ୍ଧ୍ୱକୁ ଯାଇ କୃଷ୍ଣଚେତନଶୀଳ ହେବା ଉଚିତ୍ ।

## ଶ୍ଲୋକ - ୧୭

**ଯସ୍ତ୍ୱାତ୍ମରତିରେବ ସ୍ୟାଦାତ୍ମତୃପ୍ତଶ୍ଚ ମାନବଃ ।**
**ଆତ୍ମନ୍ୟେବ ଚ ସଂତୁଷ୍ଟସ୍ତସ୍ୟ କାର୍ଯ୍ୟଂ ନ ବିଦ୍ୟତେ ।। ୧୭ ।।**

## ଶବ୍ଦାନୁବାଦ

ଯଃ=ଯେ; ତୁ=କିନ୍ତୁ; ଆତ୍ମ-ରତିଃ=ଆନନ୍ଦ ଅନୁଭବ କରେ; ଏବ=ନିଶ୍ଚିତଭାବେ; ସ୍ୟାତ୍=ରୁହେ; ଆତ୍ମ-ତୃପ୍ତଃ=ଆତ୍ମୋଜ୍ଜ୍ୱଳ; ଚ=ଏବଂ; ମାନବଃ=ମାନବ; ଆତ୍ମନି=ନିଜ ମଧ୍ୟରେ; ଏବ=କେବଳ; ଚ=ଏବଂ; ସନ୍ତୁଷ୍ଟଃ=ପୂର୍ଣ୍ଣରୂପେ ସନ୍ତୁଷ୍ଟ; ତସ୍ୟ=ତାହାର; କାର୍ଯ୍ୟମ୍=କର୍ତ୍ତବ୍ୟ; ନ ବିଦ୍ୟତେ=ରହେନାହିଁ ।

## ଅନୁବାଦ

**ଅବଶ୍ୟ ଯେ ଆତ୍ମାରେ ଆନନ୍ଦ ପାଏ, ଯେ ଆତ୍ମଜ୍ୟୋତି ଲାଭ କରିଛି, ଯେ ଆତ୍ମତୃପ୍ତ (ସଂପୂର୍ଣ୍ଣରୂପେ ତୃପ୍ତ) ବା ସନ୍ତୁଷ୍ଟ, ସେ ସବୁ କାମ ସାରିଛି, ତା'ର ଆଉ କିଛି ଦରକାର ନାହିଁ ।**

## ଭାବାର୍ଥ

ଯେ ସଂପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ, କୃଷ୍ଣଚେତନାର ସେ ଯେଉଁ କର୍ମ କରୁଛି, ସେଥିରେ ସେ ସଂପୂର୍ଣ୍ଣରୂପେ ସନ୍ତୁଷ୍ଟ; ତା'ର ଆଉ କିଛି କରିବାର ନାହିଁ ବା କର୍ତ୍ତବ୍ୟ ନାହିଁ । ସେ ସଂପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ ହୋଇଯାଇଥିବାରୁ ତା'ର ହୃଦୟରେ ଥିବା ସମସ୍ତ ମଇଳା ସାଙ୍ଗେ ସାଙ୍ଗେ ସଫା ହୋଇଯାଇଛି । ହଜାର ହଜାର ଯଜ୍ଞାନୁଷ୍ଠାନ କଲେ ଯେଉଁ ଫଳ ମିଳେ, ବ୍ୟକ୍ତି କୃଷ୍ଣଚେତନଶୀଳ ହୋଇଗଲେ ସେହି ଫଳ ସାଙ୍ଗେ ସାଙ୍ଗେ ପାଇଯାଏ । ଏହି ପ୍ରକାରେ ଚେତନା ବିଶୁଦ୍ଧ ହୋଇଗଲେ ବ୍ୟକ୍ତିର ପରମାତ୍ମାଙ୍କ ସହ ଯେଉଁ ଶାଶ୍ୱତ ସମ୍ବନ୍ଧ ଅଛି ସେ ସମ୍ବନ୍ଧରେ ସେ ପୂର୍ଣ୍ଣ ଚେତନଶୀଳ ହୋଇଯାଏ ଏବଂ ସେଥିରେ ତା'ର ପୂର୍ଣ୍ଣ ଆସ୍ଥା ଜାତ ହୁଏ । ଭଗବାନଙ୍କର କୃପାରୁ ସେ ଆତ୍ମ ଜ୍ୟୋତି ଲାଭ କରେ ଏବଂ ସେଇଥିପାଇଁ ବୈଦିକ ନିର୍ଦ୍ଦେଶ ପାଳନ କରିବାକୁ ସେ ଆଉ ବାଧ୍ୟ ହୁଏ ନାହିଁ । ଯେ ସଂପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ ସେ ଆଉ ଭୌତିକ କର୍ମରେ ଆଗ୍ରହୀ ହୁଏନାହିଁ । ମଦ୍ୟ, ମୈଥୁନ ଏବଂ ତଦ୍ରୂପ ବିଷୟଭୋଗ ପ୍ରତି ସେ ଆଦୌ ଆସକ୍ତ ହୁଏନାହିଁ ବା ସେଥିରୁ ଆନନ୍ଦ ଲାଭ କରେନାହିଁ ।

## ଶ୍ଲୋକ - ୧୮

**ନୈବ ତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ ।**
**ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥବ୍ୟପାଶ୍ରୟଃ ।। ୧୮ ।।**

## ଶବ୍ଦାନୁବାଦ

ନ=କଦାପି ନୁହେଁ; ଏବ=ନିଶ୍ଚିତ ଭାବେ; ତସ୍ୟ=ତା'ର; କୃତେନ=କର୍ତ୍ତବ୍ୟ କରିବା ଦ୍ୱାରା; ଅର୍ଥଃ=ଉଦ୍ଦେଶ୍ୟ; ନ=ନୁହେଁ; ଅକୃତେନ=କର୍ତ୍ତବ୍ୟ ନ କରିବା; ଇହ=ଇହଜଗତରେ; କଶ୍ଚନ=ଯାହାକିଛି; ନ=ନାହିଁ; ଚ=ଏବଂ; ଅସ୍ୟ=ଏହାର; ସର୍ବ-ଭୂତେଷୁ=ସମସ୍ତ ଜୀବଙ୍କ ଠାରେ; କଶ୍ଚିତ୍=କୌଣସି; ଅର୍ଥ=ଉଦ୍ଦେଶ୍ୟ; ବ୍ୟପ-ଆଶ୍ରୟଃ=ଆଶ୍ରୟ ନେବା ।

## ଅନୁବାଦ

**ଯେ ଆତ୍ମାନୁଭୂତି ଲାଭ କରିଛି ତା'ର କର୍ତ୍ତବ୍ୟ ସମ୍ପାଦନ କରି କୌଣସି ଉଦ୍ଦେଶ୍ୟ ସାଧନ କରିବାର ନାହିଁ କିମ୍ବା କର୍ତ୍ତବ୍ୟ ନକରିବାର କୌଣସି କାରଣ ନାହିଁ; କିମ୍ବା ଅନ୍ୟ କୌଣସି ଜୀବ ଉପରେ ନିର୍ଭର କରିବାର ତା'ର କୌଣସି ଆବଶ୍ୟକତା ନାହିଁ ।**

## ଭାବାର୍ଥ

ଯେ ଆତ୍ମାନୁଭୂତି ଲାଭ କରିଛି କୃଷ୍ଣଚେତନାରେ କର୍ମ କରିବା ବ୍ୟତୀତ, ତା'ର ଅନ୍ୟ କୌଣସି କର୍ତ୍ତବ୍ୟ ସମ୍ପାଦନ କରିବାର ନାହିଁ । କୃଷ୍ଣଚେତନା ନିଷ୍କ୍ରିୟତା ନୁହେଁ । ପରବର୍ତ୍ତୀ ଶ୍ଲୋକମାନଙ୍କରେ ଏକଥା ବୁଝାଇ କୁହାଯିବ । ଯେ କୃଷ୍ଣଚେତନଶୀଳ ସେ କୌଣସି ମାନବ କିମ୍ବା ଦେବତା କାହାରି ଉପରେ ନିର୍ଭର କରେନାହିଁ, କୃଷ୍ଣଚେତନାରେ ସେ ଯାହାକିଛି କରେ ତା'ର କର୍ତ୍ତବ୍ୟ ସମ୍ପାଦନରେ ତାହା ଯଥେଷ୍ଟ ଅଟେ ।

## ଶ୍ଲୋକ - ୧୯

**ତସ୍ମାଦସକ୍ତଃ ସତତଂ କାର୍ଯ୍ୟଂ କର୍ମ ସମାଚର ।**
**ଅସକ୍ତୋ ହ୍ୟାଚରନ୍କର୍ମ ପରମାପ୍ନୋତି ପୂରୁଷଃ ।। ୧୯ ।।**

## ଶବ୍ଦାନୁବାଦ

ତସ୍ମାତ୍=ତେଣୁ; ଅସକ୍ତଃ=ଅନାସକ୍ତ ବା ସଂଶ୍ଳିଷ୍ଟ ନରହି; ସତତମ୍=ବରାବର; କାର୍ଯ୍ୟମ୍=କର୍ତ୍ତବ୍ୟ ହିସାବରେ; କର୍ମ=କର୍ମ; ସମାଚର=କର; ଅସକ୍ତଃ=ଅନାସକ୍ତ; ହି=ନିଶ୍ଚିତଭାବେ; ଆଚରନ୍=ଆଚରଣ କର; କର୍ମ=କ୍ରିୟାନୁଷ୍ଠାନ; ପରମ୍=ପରମଗତି; ଆପ୍ନୋତି=ପ୍ରାପ୍ତହୁଏ; ପୂରୁଷଃ=ମାନବ ।

## ଅନୁବାଦ

**ତେଣୁ, କର୍ମଫଳ ପ୍ରତି ଆସକ୍ତ ନ ହୋଇ, ବ୍ୟକ୍ତି କର୍ତ୍ତବ୍ୟ ହିସାବରେ କର୍ମ କରିଯିବା ଉଚିତ୍; କାରଣ ଅନାସକ୍ତ ଭାବେ କର୍ମ କଲେ ସେ ପରମଗତି ପ୍ରାପ୍ତହେବ ।**

## ଭାବାର୍ଥ

ଭକ୍ତମାନଙ୍କର ପରମଗତି ହେଲେ ପରମପୁରୁଷ ଭଗବାନ୍ ଏବଂ ନିର୍ବିଶେଷବାଦୀମାନଙ୍କର ପରମଗତି ହେଲା ମୁକ୍ତି । ଏଣୁ ଯେଉଁ ବ୍ୟକ୍ତି କୃଷ୍ଣଙ୍କ ପାଇଁ କାମ କରୁଛି ବା ଉପଯୁକ୍ତ ଗୁରୁଙ୍କ ଅଧୀନରେ କୃଷ୍ଣଚେତନାରେ କର୍ମଫଳ ପ୍ରତି ଅନାସକ୍ତ ହୋଇ କର୍ମ କରୁଛି, ସେ ନିଶ୍ଚୟ ଜୀବନର ପରମଗତି ଲାଭ ଦିଗରେ ଅଗ୍ରଗତି କରୁଛି । କୃଷ୍ଣଙ୍କ ନିମିତ୍ତ କୁରୁକ୍ଷେତ୍ର ଯୁଦ୍ଧ କ୍ଷେତ୍ରରେ ଯୁଦ୍ଧ କରିବାକୁ ଅର୍ଜୁନଙ୍କୁ କୁହାଯାଉଛି, କାରଣ କୃଷ୍ଣଙ୍କର ଇଚ୍ଛା ଯେ ଅର୍ଜୁନ ଯୁଦ୍ଧ କରନ୍ତୁ । ଭଲ ମଣିଷ ହେବା ବା ଅହିଂସା ଆଚରଣ କରିବା ହେଉଛି ବ୍ୟକ୍ତିଗତ ଆସକ୍ତି, କିନ୍ତୁ ଭଗବାନଙ୍କ ପାଇଁ କାମ କରିବା ଅର୍ଥ ଫଳ ପ୍ରତି ଆସକ୍ତି ନରଖି କାମ କରିବା । ଏହା ହେଉଛି ସର୍ବୋତ୍କୃଷ୍ଟ କର୍ମ । ଏହା ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କଦ୍ୱାରା ଅନୁମୋଦିତ ହୋଇଅଛି । ଇନ୍ଦ୍ରିୟତୃପ୍ତି ନିମିତ୍ତ ମାନବ ଯେଉଁ ପାପ କର୍ମ କରିଥାଏ ସେ ଦୂଷିତ କର୍ମର ଫଳରୁ ମୁକ୍ତ ହେବା ନିମିତ୍ତ ବା ବିଶୁଦ୍ଧ ହେବା ନିମିତ୍ତ ତାକୁ ବୈଦିକ କର୍ମକାଣ୍ଡ ଅନୁଯାୟୀ ଯଜ୍ଞକର୍ମ କରିବାକୁ ପଡ଼େ । କିନ୍ତୁ କୃଷ୍ଣ ଚେତନାରେ ଯେଉଁ କର୍ମ କରାଯାଏ ତାହା ପୂର୍ଣ୍ଣକର୍ମ ଓ ପାପକର୍ମର ବହୁତ ଊର୍ଦ୍ଧ୍ୱରେ । କୃଷ୍ଣଚେତନଶୀଳ ବ୍ୟକ୍ତି କେବେହେଲେ କର୍ମଫଳ ପ୍ରତି ଆସକ୍ତ ହୁଏନାହିଁ । ସେ କେବଳ କୃଷ୍ଣଙ୍କପାଇଁ ହିଁ କର୍ମକରେ । ସେ (କୃଷ୍ଣଙ୍କପାଇଁ) ସବୁ ପ୍ରକାର କର୍ମକରେ, କିନ୍ତୁ ସଂପୂର୍ଣ୍ଣ ଅନାସକ୍ତ ଭାବରେ କରେ ।

## ଶ୍ଳୋକ - ୨୦

**କର୍ମଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ ।**
**ଲୋକ ସଂଗ୍ରହମେବାପି ସଂପଶ୍ୟନ୍‌କର୍ତ୍ତୁମର୍ହସି ।। ୨୦ ।।**

## ଶବ୍ଦାନୁବାଦ

କର୍ମଣା=କର୍ମଯୋଗେ; ଏବ=ଏପରିକି; ହି=ନିଶ୍ଚିତଭାବେ; ସଂସିଦ୍ଧିମ୍=ସମ୍ୟକ୍ ସିଦ୍ଧି; ଆସ୍ଥିତାଃ=ଅବସ୍ଥିତ (ବା ସ୍ଥିତ); ଜନକ-ଆଦୟଃ=ଜନକ ଆଦି ରାଜାମାନେ; ଲୋକ-ସଂଗ୍ରହମ୍=ଜନସାଧାରଣଙ୍କୁ ଶିକ୍ଷାଦେଇ; ଏବ=ମଧ୍ୟ; ଅପି=ନିମିତ୍ତ; ସଂପଶ୍ୟନ୍=ବିଗ୍ଚରକର; କର୍ତ୍ତୁମ୍ ଅର୍ହସି=କରିବା ଉଚିତ୍ ।

## ଅନୁବାଦ

ଏପରିକି ଜନକ ଆଦି ଆଦର୍ଶ ରାଜାମାନେ କର୍ତ୍ତବ୍ୟକର୍ମ କରି ସିଦ୍ଧିଲାଭ କରିଥିଲେ । ତେଣୁ ଜନସାଧାରଣଙ୍କୁ ଶିକ୍ଷାଦେବା ନିମିତ୍ତ ତୁମେ କର୍ତ୍ତବ୍ୟ କରିବା ଉଚିତ୍ ।

## ଭାବାର୍ଥ

ଜନକ ଆଦି ରାଜାମାନେ ଆତ୍ମତତ୍ତ୍ୱବିତ୍ ଥିଲେ । ତେଣୁ ସେମାନଙ୍କର ବେଦ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ କରିବାର କିଛି ନଥିଲା । ତା' ସତ୍ତ୍ୱେ ସେମାନେ ସମସ୍ତ କର୍ତ୍ତବ୍ୟ କର୍ମ ସମ୍ପାଦନ କରିଥିଲେ କାହିଁକି ? କେବଳ ଜନସାଧାଣଙ୍କୁ ଶିକ୍ଷାଦେବା ନିମିତ୍ତ ସେମାନେ କର୍ତ୍ତବ୍ୟ ସମ୍ପାଦନ କରିଥିଲେ । ଜନକ ହେଉଛନ୍ତି ସୀତା ଦେବୀଙ୍କର ପିତା ଏବଂ ଶ୍ରୀରାମଚନ୍ଦ୍ରଙ୍କର ଶ୍ୱଶୁର । ସେ ଭଗବାନଙ୍କର ଜଣେ ବିଶିଷ୍ଟ ଭକ୍ତ ଥିଲେ । ତେଣୁ ସେ ସର୍ବଦା ଦିବ୍ୟସ୍ତରରେ ଥିଲେ, କିନ୍ତୁ ସେ ମିଥିଳାର ରାଜା

ହୋଇଥିବାରୁ କିପରି ଧର୍ମ-ଯୁଦ୍ଧ କରିବାକୁ ହେବ ତାହା ସେ ପ୍ରଜାମାନଙ୍କୁ ଶିକ୍ଷା ଦେଉଥିଲେ । ଜନସାଧାରଣଙ୍କୁ ଶିକ୍ଷାଦେବା ପାଇଁ ସେ ଏବଂ ତାଙ୍କର ପ୍ରଜାମାନେ ଯୁଦ୍ଧ କରୁଥିଲେ ।ଯେତେବେଳେ, ଯେତେଭଲ ଉପଦେଶ ଦେଲେସୁଦ୍ଧା ବଦ୍‌ମାସ ଲୋକ ଗ୍ରହଣ ନକଲେ, ସେ ଅବସ୍ଥାରେ ହିଂସା ଆଚରଣ ଦରକାର ପଡ଼େ ।ଏହି କଥା ସେ ଯୁଦ୍ଧକରି ଶିକ୍ଷା ଦେଉଥିଲେ ।ସେହିପରି କୁରୁକ୍ଷେତ୍ର ଯୁଦ୍ଧ ପୂର୍ବରୁ ଅନେକ ପ୍ରକାରେ ପ୍ରଚେଷ୍ଟା କରାଯାଇଥିଲା ଯୁଦ୍ଧକୁ ଏଡ଼ାଇବା ପାଇଁ; ଏପରିକି ପରମପୁରୁଷ ଭଗବାନ୍ ନିଜେ ଚେଷ୍ଟା କରିଥିଲେ । କିନ୍ତୁ ଅପରପକ୍ଷ କିଛି ଶୁଣି ନଥିଲେ । ସେମାନେ ଯୁଦ୍ଧ କରିବେ ବୋଲି ଜିଦ୍ ଧରିଥିଲେ । ତେଣୁ ଧର୍ମ ନିମିତ୍ତ ଏ କ୍ଷେତ୍ରରେ ଯୁଦ୍ଧର ଆବଶ୍ୟକତା ଥିଲା ।ଯେ କୃଷ୍ଣଚେତନାରେ ସ୍ଥିର ହୋଇଛି ତାଙ୍କର ଏ ଦୁନିଆରେ କିଛି କରିବାର ନାହିଁ; ତଥାପି ଲୋକ ଶିକ୍ଷା ନିମିତ୍ତ ଅର୍ଥାତ୍ କିପରି ନୀତିମୟ ଜୀବନଯାପନ କରିବାକୁ ହେବ; କିପରି ସଦାଚାର ଅବଲମ୍ବନ କରିବାକୁ ହେବ, ଏସବୁ ଶିକ୍ଷା ଦେବା ନିମିତ୍ତ ସେ କାର୍ଯ୍ୟ କରେ । କୃଷ୍ଣଚେତନଶୀଳ ବିଶିଷ୍ଟ ଅନୁଭୂତି ସମ୍ପନ୍ନ ବ୍ୟକ୍ତିଗଣ ଏପରି କର୍ମ କରିବା ଉଚିତ୍, ଯେପରି ଅନ୍ୟମାନେ ସେମାନଙ୍କୁ ଅନୁସରଣ କରିବେ ।ଏହି କଥା ପରବର୍ତ୍ତୀ ଶ୍ଲୋକରେ କୁହାଯାଉଛି ।

## ଶ୍ଲୋକ - ୨୧

**ଯଦ୍ ଯଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।**
**ସ ଯତ୍‌ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ।। ୨୧ ।।**

## ଶବ୍ଦାନୁବାଦ

ଯତ୍=ଯାହା; ଯତ୍=ଯାହା; ଆଚରତି=ଆଚରଣ କରନ୍ତି; ଶ୍ରେଷ୍ଠଃ=ସମ୍ମାନନୀୟ ନେତା; ତତ୍=ତାହା; ତତ୍=ଏବଂ କେବଳ ତାହା; ଏବ=ନିଶ୍ଚିତଭାବେ; ଇତରଃ=ସାଧାରଣ; ଜନଃ=ଲୋକ; ସଃ=ସେ; ଯତ୍=ଯାହା; ପ୍ରମାଣମ୍=ପ୍ରମାଣ; କୁରୁତେ=କରନ୍ତି; ଲୋକଃ=ସମଗ୍ର ପୃଥିବୀ; ତତ୍=ତାହା; ଅନୁବର୍ତ୍ତତେ=ପଦାଙ୍କ ଅନୁସରଣ କରନ୍ତି ।

## ଅନୁବାଦ

**ଜଣେ ବିଶିଷ୍ଟ ବ୍ୟକ୍ତି ଯାହା କରନ୍ତି ସାଧାରଣ ଲୋକମାନେ ତାହା ଅନୁସରଣ କରନ୍ତି । ସେ ତାଙ୍କର ନିଜ ଆଚରଣ ଦ୍ୱାରା ଯେଉଁ ପ୍ରକାର କାର୍ଯ୍ୟ କରିଯା'ନ୍ତି (ବା କାର୍ଯ୍ୟର ଯେଉଁ ମାନ ନିର୍ଦ୍ଧାରଣ କରନ୍ତି) ସମଗ୍ର ପୃଥିବୀ ତାହା ଅନୁସରଣ କରେ ।**

## ଭାବାର୍ଥ

ଜନସାଧାରଣ ସର୍ବଦା ଏକ ନେତା ଦରକାର କରନ୍ତି, ଯେ'କି ତାଙ୍କର ଆଚରଣଦ୍ୱାରା ସେମାନଙ୍କୁ ଶିକ୍ଷା ଦେଇପାରିବ ।ଯଦି ନେତା ନିଜେ ଧୂମ୍ରପାନ କରୁଥା'ନ୍ତି ତାହାହେଲେ ସେ ଜନସାଧାରଣଙ୍କୁ କଦାପି ଧୂମ ପାନରୁ ବିରତ କରିପାରିବେ ନାହିଁ ।ଶ୍ରୀଚୈତନ୍ୟ ମହାପ୍ରଭୁ କହିଛନ୍ତି ଯେ ଶିକ୍ଷକ ଶିକ୍ଷା ଦେବା ପୂର୍ବରୁ ନିଜେ ସଦାଚାରୀ ହେବା ଉଚିତ୍ ।ଯେ ଏହି ପ୍ରକାର (ଅର୍ଥାତ୍ ନିଜ ଆଚରଣଦ୍ୱାରା) ଶିକ୍ଷା ଦିଅନ୍ତି ତାହାଙ୍କୁ ଆଚାର୍ଯ୍ୟ ବା ଆଦର୍ଶ ଶିକ୍ଷକ କୁହନ୍ତି । ତେଣୁ ଶିକ୍ଷକ ଶାସ୍ତ୍ରବିଧି ଅନୁସରଣ କରିବା ଉଚିତ୍ ।ତାହାହେଲେ ସେ ଜନସାଧାରଣଙ୍କୁ

ଶିକ୍ଷା ଦେଇପାରିବେ । ପ୍ରାମାଣିକ ଗ୍ରନ୍ଥ ବା ଶାସ୍ତ୍ରମାନଙ୍କରେ ଯେଉଁ ନୀତି ବୟାନ କରାଯାଇଛି, ସେଗୁଡ଼ିକୁ ଶିକ୍ଷକ କଦାପି ପରିବର୍ତ୍ତନ କରି ନୂତନ ନୀତି ପ୍ରଣୟନ କରି ପାରିବ ନାହିଁ । ମନୁସଂହିତାପରି ଗ୍ରନ୍ଥମାନ ମାନବ ସମାଜ ନିମିତ୍ତ ଉଦ୍ଦିଷ୍ଟ । ଏଗୁଡ଼ିକରେ ମାନବମାନଙ୍କର ଆଚରଣୀୟ ନୀତି ବା ନିୟମମାନ ଦିଆଯାଇଅଛି । ତେଣୁ ଆଗ୍ଚାର୍ଯ୍ୟମାନେ ଯାହା ଅନୁସରଣ କରିଯାଇଛନ୍ତି ତାହାହିଁ ନେତାମାନେ ଅନୁସରଣ କରିବା ଉଚିତ୍ । ଅର୍ଥାତ୍ ନେତାମାନଙ୍କର ଶିକ୍ଷା ସେହି ନୀତିମାନଙ୍କ ଉପରେ ଆଧାରିତ ହେବା ଉଚିତ୍ । ଶ୍ରୀମଦ୍ ଭାଗବତରେ ମଧ୍ୟ ଏକଥା କୁହାଯାଇଛି ଯେ ବ୍ୟକ୍ତି ବିଶିଷ୍ଟ ଭକ୍ତମାନଙ୍କର ପଦାଙ୍କ ଅନୁସରଣ କରିବା ଉଚିତ୍ ଏବଂ ଦିବ୍ୟାନୁଭୂତି ଲାଭ ମାର୍ଗରେ ଅଗ୍ରଗତି କରିବା ନିମିତ୍ତ ଏହାହିଁ ହେଉଛି ପ୍ରକୃଷ୍ଟ ପନ୍ଥା । ରାଜା କିମ୍ବା ରାଜ୍ୟର ଶାସନ ମୁଖ୍ୟ, ପିତା ଏବଂ ସ୍କୁଲ ଶିକ୍ଷକ-ଏହିମାନେ ସରଳ ଜନସାଧାରଣଙ୍କର ସାଧାରଣତଃ ନେତା ଅଟନ୍ତି । ଏହି ସ୍ୱାଭାବିକ ନେତାମାନଙ୍କର ଏକ ବିରାଟ ଦାୟିତ୍ୱ ଅଛି; କାରଣ ଏମାନଙ୍କ ଉପରେ ରାଜ୍ୟର ଲୋକମାନେ ନିର୍ଭର କରନ୍ତି । ଏମାନଙ୍କ ଉପରେ ଯେଉଁମାନେ ନିର୍ଭରଶୀଳ ସେମାନଙ୍କର ନୈତିକ ତଥା ଆଧ୍ୟାତ୍ମିକ ଉନ୍ନତି ଏହି ନେତାମାନଙ୍କ ଉପରେ ନିର୍ଭର କରେ । ତେଣୁ ଏ ନେତାମାନେ ପ୍ରାମାଣିକ ଗ୍ରନ୍ଥ, ନୀତିଶାସ୍ତ୍ର ଏବଂ ସେଥିରେ ଦିଆଯାଇଥିବା ଧର୍ମନୀତିମାନ ଭଲରକମ ଜାଣିବା ଉଚିତ୍ ।

## ଶ୍ଳୋକ - ୨୨

**ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ ।**
**ନାନବାପ୍ତମବାପ୍ତବ୍ୟଂ ବର୍ତ୍ତ ଏବ ଚ କର୍ମଣି ।। ୨୨ ।।**

## ଶବ୍ଦାନୁବାଦ

ନ=କିଛି ନାହିଁ; ମେ=ମୋର; ପାର୍ଥ=ହେ ପୃଥାପୁତ୍ର; ଅସ୍ତି=ଅଛି; କର୍ତ୍ତବ୍ୟମ୍=କୌଣସି କର୍ତ୍ତବ୍ୟ; ତ୍ରିଷୁ ଲୋକେଷୁ=ତ୍ରିଭୁବନରେ; କିଞ୍ଚନ=କୌଣସି; ନ=ନାହିଁ; ଅନବାପ୍ତମ୍=ଅଭାବ; ଅବାପ୍ତବ୍ୟମ୍=ପାଇବାକୁ; ବର୍ତ୍ତେ=ନିଯୁକ୍ତ; ଏବ=ନିଶ୍ଚିତଭାବେ; ଚ=ମଧ୍ୟ; କର୍ମଣି=କର୍ତ୍ତବ୍ୟ କର୍ମରେ ।

## ଅନୁବାଦ

**ହେ ପୃଥାପୁତ୍ର ! ଏ ତ୍ରିଭୁବନରେ ମୋର କୌଣସି କର୍ତ୍ତବ୍ୟ କର୍ମ ନାହିଁ; କିମ୍ବା ମୋର କିଛି ଅଭାବ ନାହିଁ କିମ୍ବା ମୁଁ କିଛି ଦରକାର କରେ ନାହିଁ—ତଥାପି ମୁଁ କର୍ମରେ ନିଯୁକ୍ତ ଅଛି ।**

## ଭାବାର୍ଥ

ପରମପୁରୁଷ ଭଗବାନଙ୍କ ବିଷୟରେ ନିମ୍ନମତେ ବୈଦିକ ସାହିତ୍ୟରେ ବର୍ଣ୍ଣନା ଅଛି-(ଶ୍ୱେତାଶ୍ୱତର ଉପନିଷଦରୁ ଉଦ୍ଧୃତ)

*ତମ୍ ଈଶ୍ୱରାଣାଂ ପରମଂ ମହେଶ୍ୱରଂ*
*ତଂ ଦେବତାନାମ୍ ପରମଂ ଚ ଦୈବତମ୍ ।*
*ପତିଂ ପତୀନାମ୍ ପରମଂ ପରସ୍ତାଦ୍*

*ବିଦାମ ଦେବଂ ଭୁବନେଶମ୍ ଈଡ୍ୟମ୍ ।।*
*ନ ତସ୍ୟ କାର୍ଯ୍ୟଂ କରଣଂ ଚ ବିଦ୍ୟତେ*
*ନ ତତ୍-ସମଶ୍ଚାଭ୍ୟାଧିକଶ୍ଚ ଦୃଶ୍ୟତେ ।*
*ପରାସ୍ୟ ଶକ୍ତିର୍ ବିବିଧୈବ ଶ୍ରୂୟତେ*
*ସ୍ୱାଭାବିକୀ ଜ୍ଞାନ-ବଳ-କ୍ରିୟା ଚ ।।*

ଅର୍ଥାତ୍-ପରମେଶ୍ୱର ହେଉଛନ୍ତି ସମସ୍ତ ଈଶ୍ୱରଙ୍କର ଈଶ୍ୱରଏବଂ ସମସ୍ତ ବିଭିନ୍ନ ଦେବତାଙ୍କର ସେ ହେଉଛନ୍ତି ପ୍ରଭୁ । ଅର୍ଥାତ୍ ବିଭିନ୍ନ ଲୋକରେ ଥିବା ଲୋକପାଳମାନଙ୍କର ସେ ହେଉଛନ୍ତି ପ୍ରଭୁ । ସମସ୍ତେ ତାଙ୍କ ଅଧୀନରେ । ପରମେଶ୍ୱର ସମସ୍ତ ଜୀବଙ୍କୁ କିଛି ଶକ୍ତି ପ୍ରଦାନ କରିଛନ୍ତି; କିନ୍ତୁ ସେମାନେ ପରମେଶ୍ୱର ନୁହଁନ୍ତି । ସମସ୍ତ ଦେବତା ତାଙ୍କୁ ପୂଜା କରନ୍ତି ଏବଂ ସେ ସବୁ ଈଶ୍ୱରଙ୍କର ପରମ ଈଶ୍ୱର ଅଟନ୍ତି । ସେଇଥିପାଇଁ ସେ ସମସ୍ତ ପ୍ରକାର ଏ ଜାଗତିକ ନେତା ବା ନିୟନ୍ତ୍ରଣକାରୀଙ୍କର ଊର୍ଦ୍ଧ୍ୱରେ ଅଛନ୍ତି ଏବଂ ସେ ସମସ୍ତଙ୍କର ପୂଜ୍ୟ ଅଟନ୍ତି । ତାଙ୍କଠାରୁ କେହି ବଡ଼ ନାହାନ୍ତି ଏବଂ ସେ ସମସ୍ତ କାରଣର କାରଣ ବା ପରମ କାରଣ ଅଟନ୍ତି ।

ଏକ ସାଧାରଣ ଜୀବର ଯେପରି ଶରୀର ଅଛି, ତାଙ୍କର ସେପରି ଶରୀର ନାହିଁ । ତାଙ୍କର ଆତ୍ମା ଓ ତାଙ୍କର ଶରୀର ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସେ ପରମ ଅଟନ୍ତି । ତାଙ୍କର ସମସ୍ତ ଇନ୍ଦ୍ରିୟ ଦିବ୍ୟେନ୍ଦ୍ରିୟ ଅଟେ । ତାଙ୍କର ଯେକୌଣସି ଇନ୍ଦ୍ରିୟ, ଅନ୍ୟ ଇନ୍ଦ୍ରିୟର କାର୍ଯ୍ୟ କରିପାରେ । ତେଣୁ ତାଙ୍କଠାରୁ କେହି ବଡ଼ ନୁହଁନ୍ତି କିମ୍ବା ତାଙ୍କ ସହିତ ସମାନ ନୁହଁନ୍ତି । ତାଙ୍କର ଅନନ୍ତ ଶକ୍ତିଅଛି ଏବଂ ଏଇଥିଯୋଗୁଁ ତାଙ୍କର ସମସ୍ତ କ୍ରିୟା ସ୍ୱାଭାବିକ ଭାବରେ ହୋଇଯାଉଛି । (ଶ୍ୱେତାଶ୍ୱତର ଉପନିଷଦ୬-୭-୮)

ଯେଣୁ ଭଗବାନଙ୍କର ସବୁ କିଛି ପରମ ଐଶ୍ୱର୍ଯ୍ୟପୂର୍ଣ୍ଣ ଏବଂ ତାହା ସବୁ ପରିପୂର୍ଣ୍ଣ ଭାବରେ ବିଦ୍ୟମାନ ତେଣୁ ପରମେଶ୍ୱରଙ୍କର କିଛି କରିବାକୁ ନାହିଁ । ଯାହାର କିଛି ପାଇବାକୁ ଅଛି, ତାହାର ନିଶ୍ଚୟ କିଛି କର୍ମ କରିବାକୁ ଅଛି । କିନ୍ତୁ ଏ ତ୍ରିଭୁବନରେ ଯାହାର କିଛି ପାଇବାର ନାହିଁ, ବାସ୍ତବିକ୍ ତାହାର କିଛି କରିବାର ନାହିଁ । ତଥାପି ଭଗବାନ୍ ଶ୍ରୀକୃଷ୍ଣ କୁରୁକ୍ଷେତ୍ର ଯୁଦ୍ଧ କ୍ଷେତ୍ରରେ କ୍ଷତ୍ରିୟମାନଙ୍କ ନେତା ହିସାବରେ ଯୁଦ୍ଧ କର୍ମରେ ନିଯୁକ୍ତ ଅଛନ୍ତି, କାରଣ କ୍ଷତ୍ରିୟମାନଙ୍କର କର୍ତ୍ତବ୍ୟ ହେଲା ବିପଦରେ ପଡ଼ିଥିବା ବା ଦୁଃଖରେ ପଡ଼ିଥିବା ବ୍ୟକ୍ତିଙ୍କୁ ସୁରକ୍ଷା ଦେବା । ଯଦିଓ ସେ ସମସ୍ତ ଶାସ୍ତ୍ର ନିର୍ଦ୍ଦେଶ (ବା ନୀତି) ଠାରୁ ଊର୍ଦ୍ଧ୍ୱରେ, ତଥାପି ସେ ଏପରି କିଛି କର୍ମ କରନ୍ତି ନାହିଁ, ଯାହା ଶାସ୍ତ୍ର ନିର୍ଦ୍ଦେଶକୁ ଲଘଂନ କରିବ ।

## ଶ୍ଳୋକ - ୨୩

**ଯଦି ହ୍ୟହଂ ନ ବର୍ତ୍ତେୟଂ ଜାତୁ କର୍ମଣ୍ୟତନ୍ଦ୍ରିତଃ ।**
**ମମ ବର୍ତ୍ମାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ।। ୨୩ ।।**

## ଶବ୍ଦାନୁବାଦ

ଯଦି=ଯଦି; ହି=ନିଶ୍ଚିତଭାବେ; ଅହମ୍=ମୁଁ; ନ ବର୍ତ୍ତେୟମ୍=ଏହିପରି ଭାବରେ କର୍ମରେ ନିଯୁକ୍ତ ନ ହୁଏ; ଜାତୁ=ସର୍ବଦା; କର୍ମଣି=କର୍ତ୍ତବ୍ୟ ସମ୍ପାଦନରେ; ଅତନ୍ଦ୍ରିତଃ=ଯତ୍ନର ସହିତ;

ମମ=ମୋର; ବର୍ତ୍ମ=ପଥ; ଅନୁବର୍ତନ୍ତେ=ଅନୁସରଣ କରିବେ; ମନୁଷ୍ୟାଃ=ମନୁଷ୍ୟମାନେ; ପାର୍ଥ=ହେ ପୃଥାପୁତ୍ର; ସର୍ବଶଃ=ସବୁ ପ୍ରକାରେ ।

## ଅନୁବାଦ

**ହେ ପାର୍ଥ ! ଯଦି ମୁଁ କର୍ମରେ ନିଯୁକ୍ତ ନହେବି, ତାହାହେଲେ ଲୋକେ ନିଶ୍ଚୟ ମୋ'ରି ପଥ ଅନୁସରଣ କରିବେ ।**

## ଭାବାର୍ଥ

ଆଧ୍ୟାତ୍ମିକ ଦିଗରେ ଉନ୍ନତି ନିମିତ୍ତ ସମାଜରେ ସମତା ରକ୍ଷା ଉଦ୍ଦେଶ୍ୟରେ ସଭ୍ୟମାନବ ନିମିତ୍ତ କେତେକ ମୌଳିକପନ୍ଥା ରହିଛି ।ଯଦିଓ ଏଗୁଡ଼ିକ ବଦ୍ଧଜୀବପାଇଁ ଉଦ୍ଦିଷ୍ଟ, କୃଷ୍ଣଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ, ତଥାପି ସେ ସେଗୁଡ଼ିକ ଅନୁସରଣ କରୁଥିଲେ, କାରଣ ସେ ଧର୍ମ ସଂସ୍ଥାପନ ନିମିତ୍ତ (ଲୋକଶିକ୍ଷା ଉଦ୍ଦେଶ୍ୟରେ) ଏ ଧରା ଧାମରେ ଅବତରଣ କରିଥିଲେ ।ତାହା ନହୋଇଥିଲେ ସାଧାରଣ ଲୋକ ତାଙ୍କ ପଥ ଅନୁସରଣ କରିଥିବେ, କାରଣ ସେ ହେଉଛନ୍ତି ସର୍ବୋତ୍ତମ ଅଧିକାରୀ । ଶ୍ରୀମଦ୍ ଭାଗବତରୁ ଏକଥା ଜଣାଯାଏ ଯେ ଭଗବାନ୍ ଶ୍ରୀକୃଷ୍ଣ ଏକ ଗୃହସ୍ଥ ହିସାବରେ ଘରେ ଓ ବାହାରେ ଯାହା ଆଚରଣ କରିବାର କଥା (ଅର୍ଥାତ୍ ଯେପରି ଧର୍ମ ନୀତି ଆଚରଣ କରିବାର କଥା) ତାହା କରୁଥିଲେ ।

## ଶ୍ଳୋକ - ୨୪

**ଉତ୍ସୀଦେୟୁରିମେ ଲୋକା ନ କୁର୍ଯ୍ୟାଂ କର୍ମ ଚେଦହମ୍ ।**
**ସଂକରସ୍ୟ ଚ କର୍ତ୍ତା ସ୍ୟାମୁପହନ୍ୟାମିମାଃ ପ୍ରଜାଃ ।। ୨୪ ।।**

## ଶବ୍ଦାନୁବାଦ

ଉତ୍ସୀଦେୟୁଃ=ଧ୍ୱଂସ ପଥରେ ପରିଚାଳିତ କରାଇବା; ଇମେ=ଏହି ସମସ୍ତ;ଲୋକାଃ=ଜଗତ; ନ=ନୁହେଁ; କୁର୍ଯ୍ୟାମ୍=କରେ; କର୍ମ=କର୍ତ୍ତବ୍ୟ; ଚେତ୍=ଯଦି; ଅହମ୍=ମୁଁ; ସଂକରସ୍ୟ=ବର୍ଣ୍ଣସଙ୍କରର; ଚ=ଏବଂ; କର୍ତ୍ତା=ସୃଷ୍ଟିକର୍ତ୍ତା; ସ୍ୟାମ୍=ହେବି; ଉପହନ୍ୟାମ୍=ଧ୍ୱଂସ କରିବି; ଇମାଃ=ଏହି ସବୁ; ପ୍ରଜାଃ=ଜୀବଗଣ ।

## ଅନୁବାଦ

**ଯଦି ମୁଁ କର୍ମ ବନ୍ଦ କରିଦିଏ, ତାହାହେଲେ ଏ ସମସ୍ତ ଜଗତ ଧ୍ୱଂସ ହୋଇଯିବ । ମୁଁ ମଧ୍ୟ ବର୍ଣ୍ଣସଙ୍କର ଉତ୍ପାଦନର କାରଣ ହେବି ଏବଂ ତଦ୍ଦ୍ୱାରା ମୁଁ ସମସ୍ତ ଜୀବଙ୍କର ସୁଖ-ଶାନ୍ତି ନଷ୍ଟ କରିଦେବି ।**

## ଭାବାର୍ଥ

ବର୍ଣ୍ଣସଙ୍କର କହିଲେ ଅନାବଶ୍ୟକ ଲୋକ ସମାଜକୁ ବୁଝାଏ ।ଏମାନେ ସାଧାରଣ ସମାଜର ସୁଖ-ଶାନ୍ତି ନଷ୍ଟ କରନ୍ତି ।ଏହିସବୁ ସାମାଜିକ ଅଶାନ୍ତିକୁ ରୋକିବା ନିମିତ୍ତ କେତେକ ନିର୍ଦ୍ଦିଷ୍ଟ ନୀତି ନିୟମ ଅଛି ।ସେ ନୀତି-ନିୟମଗୁଡ଼ିକ ପାଳନ କଲେ ଜନସମାଜ ସ୍ୱତଃ ଶାନ୍ତିଲାଭ କରିବେ ଏବଂ ଜୀବନର ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ଉପଯୁକ୍ତ ହୋଇଯିବେ ।ଯେତେବେଳେ ଭଗବାନ୍ ଶ୍ରୀକୃଷ୍ଣ ଅବତରଣ କରନ୍ତି, ସେତେବେଳେ ସେ ସାଧାରଣତଃ ଏହି ନୀତିନିୟମଗୁଡ଼ିକ ଆଚରଣ କରନ୍ତି

ଏବଂ ଲୋକମାନଙ୍କୁ ଆଚରଣ କରିବାକୁ ଦିଅନ୍ତି; କାରଣ ତଦ୍ୱାରା ସମାଜର ଶାନ୍ତିରକ୍ଷା ହୋଇ ପାରିବ ଏବଂ ମାନବ ସମାଜର ସମ୍ମାନ ମଧ୍ୟ ବୃଦ୍ଧି ହେବ । ଏ ପ୍ରକାରର ଧର୍ମାଚରଣର କି ଆବଶ୍ୟକତା ଅଛି ତାହା ମଧ୍ୟ ସେ ଶିକ୍ଷା ଦିଅନ୍ତି । ଭଗବାନ୍ ହେଉଛନ୍ତି ସମସ୍ତ ଜୀବଙ୍କର ପରମପିତା । ଯଦି ଜୀବଗଣ ପଥଭ୍ରଷ୍ଟ ହୁଅନ୍ତି, ତାହାହେଲେ ଦୋଷ ନିଶ୍ଚୟ ଭଗବାନଙ୍କ ଉପରକୁ ଯିବ । ତେଣୁ ଯେତେବେଳେ ଧର୍ମର ଗ୍ଲାନି ଘଟେ ଅଥାର୍ତ୍ ଜନସାଧାରଣ ଧର୍ମନୀତି ଆଚରଣ ନକରନ୍ତି; ସେତେବେଳେ ଭଗବାନ୍ ନିଜେ ଅବତରଣ କରନ୍ତି ଏବଂ ସମାଜକୁ ଠିକ୍ କରନ୍ତି । ଆମ୍ଭେମାନେ ଏକଥା ଭଲରକମ ମନେ ରଖିବା ଉଚିତ୍ ଯେ ଯଦିଓ ଆମ୍ଭେମାନେ ଭଗବାନଙ୍କର ଅନୁସରଣ କରିବା, ତଥାପି ଆମ୍ଭେମାନେ ତାଙ୍କୁ ଅନୁକରଣ କରି ପାରିବା ନାହିଁ ବା କରିବା ଉଚିତ୍ ନୁହେଁ । ଅନୁସରଣ କରିବା ଏବଂ ଅନୁକରଣ କରିବା ଏକାକଥା ନୁହେଁ । ଭଗବାନ୍ ପିଲାଦିନେ ଗୋବର୍ଦ୍ଧନ ପର୍ବତ ଟେକିଥିଲେ । ଆମ୍ଭେମାନେ ତାଙ୍କୁ ଅନୁକରଣ କରି ଗୋବର୍ଦ୍ଧନ ପର୍ବତ ଟେକି ପାରିବା ନାହିଁ । କୌଣସି ମାନବ ପକ୍ଷରେ ଏହା ସମ୍ଭବପର ନୁହେଁ, ଆମ୍ଭେମାନେ ତାଙ୍କର ଉପଦେଶକୁ ମାନିବା ଉଚିତ୍, କିନ୍ତୁ କେବେହେଲେ ତାଙ୍କୁ ଅନୁକରଣ କରିବା ଉଚିତ୍ ନୁହେଁ । ଶ୍ରୀମଦ୍ ଭାଗବତରେ କୁହାଯାଇଛି—

*ନୈତତ୍ ସମାଚରେଜ୍ ଜାତୁ ମନସାପି ହି ଅନୀଶ୍ୱରଃ*
*ବିନଶ୍ୟତି ଆଚରେନ୍ ମୌଢ୍ୟାଦ୍ ଯଥାଽରୁଦ୍ରୋଽବ୍ଧିଜଂ ବିଷମ୍ ।*
*ଈଶ୍ୱରାଣାମ୍ ବଚଃ ସତ୍ୟଂ ତଥୈବାଚରିତଂ କ୍ୱଚିତ୍*
*ତେଷାଂ ଯତ୍ ସ୍ୱବଚୋଯୁକ୍ତଂ ବୁଦ୍ଧିମାଂସ୍ତତ୍ ସମାଚରେତ୍ ।*

ଅର୍ଥାତ୍-ବ୍ୟକ୍ତି ଭଗବାନଙ୍କର ଏବଂ ତାଙ୍କର କ୍ଷମତା ପ୍ରାପ୍ତ ସେବକମାନଙ୍କର ଉପଦେଶ ଅନୁସରଣ କରିବା ଉଚିତ୍ । ସେମାନଙ୍କର ଉପଦେଶଗୁଡ଼ିକ ଆମ୍ଭମାନଙ୍କ ପ୍ରତି ମଙ୍ଗଳପ୍ରଦ ଏବଂ ପ୍ରତ୍ୟେକ ବୁଦ୍ଧିମାନ ଲୋକ ସେ ଉପଦେଶ ଅନୁଯାୟୀ କାର୍ଯ୍ୟ କରିବା ଉଚିତ୍, କିନ୍ତୁ ସେମାନଙ୍କୁ ଅନୁକରଣ କରିବା ଉଚିତ୍ ନୁହେଁ । ଏଥିପ୍ରତି ସାବଧାନ ହେବା ଉଚିତ୍ । ଶ୍ରୀ ଶିବଜୀଙ୍କୁ ଅନୁକରଣ କରି କେହି ବିଷସମୁଦ୍ର ପାନ କରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ (ଭାଗବତ-୧୦-୩୩-୩୦) ।

ଈଶ୍ୱରମାନଙ୍କର ସ୍ଥିତିକୁ ଆମ୍ଭେମାନେ ସର୍ବଦା ଉତ୍ତମ ସ୍ଥିତି ବୋଲି ମାନିବା ଉଚିତ୍ । (ଯେଉଁମାନେ ସୂର୍ଯ୍ୟ ଓ ଚନ୍ଦ୍ର ଆଦିଙ୍କର ଗତିକୁ ନିୟନ୍ତ୍ରଣ କରନ୍ତି ସେମାନେ ଈଶ୍ୱର ଅଟନ୍ତି ।) ସେପରି ଶକ୍ତିମାନ୍ ନହୋଇ କେହି ଈଶ୍ୱରମାନଙ୍କୁ ଅନୁକରଣ କରିବା ଉଚିତ୍ ନୁହେଁ, କାରଣ ସେମାନେ ଅସାଧାରଣ କ୍ଷମତାଶାଳୀ ଅଟନ୍ତି । ଶ୍ରୀ ଶିବଜୀ ସମୁଦ୍ର ମନ୍ଥନରୁ ଜାତ ବିଷକୁ (ଅର୍ଥାତ୍ ବିଷ ସମୁଦ୍ରକୁ) ପାନ କରିଦେଲେ, କିନ୍ତୁ ଯଦି କେହି ସାଧାରଣ ଲୋକ ସେ ବିଷରୁ ଟିକିଏ ସୁଦ୍ଧା ପାନକରେ ତାହାହେଲେ ସେ ନିଶ୍ଚୟ ମୃତ୍ୟୁବରଣ କରିବ । କେତେ ଶିବଭକ୍ତ ଅଛନ୍ତି ଯେଉଁମାନେ ଶ୍ରୀ ଶିବଜୀଙ୍କୁ ଅନୁକରଣ କରି ଗଞ୍ଜାଇ ଆଦି ମାଦକଦ୍ରବ୍ୟ ସେବନ କରୁଛନ୍ତି । ଏତଦ୍ୱାରା ସେମାନେ ସେମାନଙ୍କର ମୃତ୍ୟୁକୁ ଆହ୍ୱାନ କରୁଛନ୍ତି ବୋଲି ବୁଝିବାକୁ ପଡ଼ିବ । ଠିକ୍ ସେହିପରି କେତେକ କୃଷ୍ଣଭକ୍ତ ଅଛନ୍ତି (ଯେଉଁମାନେ ଭଣ୍ଡ ବା ମିଥ୍ୟାଗ୍ରହୀ) । ସେମାନେ ଭଗବାନଙ୍କର ରାସଲୀଳାକୁ ଅନୁକରଣ କରିବାକୁ ଚେଷ୍ଟା କରନ୍ତି । କିନ୍ତୁ ସେମାନେ ଭୁଲିଯା'ନ୍ତି ଯେ ସେମାନେ ଭଗବାନ୍ ଶ୍ରୀକୃଷ୍ଣ ନୁହଁନ୍ତି କି ଗୋବର୍ଦ୍ଧନ ପର୍ବତ ଟେକି ପାରିବେ ନାହିଁ । ତେଣୁ ଈଶ୍ୱରମାନଙ୍କର ବା

ଅସାଧାରଣ କ୍ଷମତାଶାଳୀ ପ୍ରଭୁମାନଙ୍କର କାର୍ଯ୍ୟକଳାପକୁ ଅନୁକରଣ ନକରି କିମ୍ବା ଉପଯୁକ୍ତ ଯୋଗ୍ୟତା ହାସଲ ନକରି ସେମାନଙ୍କର ପଦ ଗ୍ରହଣ କରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ । କେବଳ ସେମାନଙ୍କର ଉପଦେଶକୁ ଅନୁସରଣ କରିବା ଉଚିତ୍ । ଆଜିକାଲି ଅନେକ ନିଜକୁ ଭଗବାନ୍ ବା ଭଗବାନଙ୍କର ଅବତାର ବୋଲି କହି ହେଉଛନ୍ତି । ପରମପୁରୁଷ ଭଗବାନଙ୍କର କ୍ଷମତାର ଅଧିକାରୀ ନହୋଇ ନିଜକୁ ଭଗବାନଙ୍କର ଅବତାର ବୋଲି କହିବା ମୂର୍ଖାମି ମାତ୍ର ।

## ଶ୍ଳୋକ - ୨୫

**ସକ୍ତାଃ କର୍ମଣ୍ୟବିଦ୍ୱାଂସୋ ଯଥା କୁର୍ବନ୍ତି ଭାରତ ।**
**କୁର୍ଯ୍ୟାଦ୍ ବିଦ୍ୱାଂସ୍ତଥାସକ୍ତଶ୍ଚିକୀର୍ଷୁର୍ଲୋକସଂଗ୍ରହମ୍ ।। ୨୫ ।।**

## ଶବ୍ଦାନୁବାଦ

ସକ୍ତାଃ=ଆସକ୍ତ ହୋଇ; କର୍ମଣି=କର୍ତ୍ତବ୍ୟ କର୍ମ; ଅବିଦ୍ୱାଂସଃ=ଅଜ୍ଞ (ମୂର୍ଖ); ଯଥା=ଯେପରି; କୁର୍ବନ୍ତି=କରନ୍ତି; ଭାରତ=ହେ ଭରତବଂଶଜ; କୁର୍ଯ୍ୟାତ୍=କରିବା ଉଚିତ୍; ବିଦ୍ୱାନ୍=ପଣ୍ଡିତ (ବିଦ୍ୱାନ୍); ତଥା=ସେହିପରି; ଅସକ୍ତଃ=ଅନାସକ୍ତ ଭାବରେ; ଚିକୀର୍ଷୁଃ=ଉଦ୍ଦେଶ୍ୟରେ; ଲୋକ-ସଂଗ୍ରହମ୍=ଜନସାଧାରଣଙ୍କର ଶିକ୍ଷା (ଉଦ୍ଦେଶ୍ୟରେ) ।

## ଅନୁବାଦ

**ମୂର୍ଖ ବା ଅଜ୍ଞ ଲୋକମାନେ ଯେପରି ଫଳଲାଭ ଆଶାରେ କର୍ମ କରନ୍ତି, ଠିକ୍ ସେହିପରି ବିଦ୍ୱାନ୍ ବା ପଣ୍ଡିତମାନେ କର୍ମକରିବା ଉଚିତ୍; କିନ୍ତୁ ସେମାନେ ଅନାସକ୍ତ ଭାବରେ (ଫଳଭୋଗର କାମନା ନରଖି) କେବଳ ଲୋକମାନଙ୍କୁ ଉପଯୁକ୍ତ ଶିକ୍ଷାଦେବା ଉଦ୍ଦେଶ୍ୟରେ କର୍ମ କରିବା ଉଚିତ୍ ।**

## ଭାବାର୍ଥ

କୃଷ୍ଣଚେତନାରେ ଥିବା ବ୍ୟକ୍ତି ଓ କୃଷ୍ଣଚେତନା-ହୀନ ବ୍ୟକ୍ତିର କାମନା ଭିନ୍ନ ଭିନ୍ନ ପ୍ରକାରର । ସେହି କାମନାରୁ ହିଁ ସେମାନଙ୍କୁ ଚିହ୍ନିବ । କୃଷ୍ଣଚେତନା ବୃଦ୍ଧି ଦିଗରେ ଯାହା ସାହାଯ୍ୟ ନ କରିବ ତାହା କୃଷ୍ଣଚେତନଶୀଳ ବ୍ୟକ୍ତି ଆଦୌ କରିବ ନାହିଁ । ଯେପରି ଏକ ମୂର୍ଖ ବା ଅଜ୍ଞବ୍ୟକ୍ତି ଭୌତିକ କର୍ମରେ ସର୍ବଦା ବ୍ୟସ୍ତଥାଏ, ଠିକ୍ ସେହିପରି କୃଷ୍ଣଚେତନଶୀଳ ବ୍ୟକ୍ତି କୃଷ୍ଣଙ୍କ ଆନନ୍ଦ ବା ସନ୍ତୋଷବିଧାନ ନିମିତ୍ତ ସର୍ବଦା କର୍ମରେ ବ୍ୟସ୍ତଥାଏ । (ଏହାହିଁ ପାର୍ଥକ୍ୟ । ଜଣେ ଇନ୍ଦ୍ରିୟର ତୃପ୍ତିବିଧାନ ନିମିତ୍ତ ବ୍ୟସ୍ତ ଓ ଆଉଜଣେ କୃଷ୍ଣଙ୍କ ଆନନ୍ଦ ବା ସନ୍ତୋଷ ନିମିତ୍ତ ବ୍ୟସ୍ତ ) । ତେଣୁ କୃଷ୍ଣଚେତନଶୀଳ ବ୍ୟକ୍ତି ଜନସାଧାରଣଙ୍କୁ ଏଇ ଶିକ୍ଷାଦେବା ଉଚିତ୍ ଯେ କିପରି କର୍ମ କରିବାକୁ ହେବ ଏବଂ କୃଷ୍ଣଙ୍କ ନିମିତ୍ତ କର୍ମକରି କୃଷ୍ଣଚେତନା ବୃଦ୍ଧି ଦିଗରେ କର୍ମଫଳକୁ ବିନିଯୋଗ କରିବାକୁ ହେବ ।

## ଶ୍ଳୋକ - ୨୬

**ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମସଙ୍ଗିନାମ୍ ।**
**ଯୋଷୟେତ୍ସର୍ବକର୍ମାଣି ବିଦ୍ୱାନ୍ ଯୁକ୍ତଃ ସମାଚରନ୍ ।। ୨୬ ।।**

## ଶବ୍ଦାନୁବାଦ

ନ=କରିବା ଉଚିତ୍ ନୁହେଁ; ବୁଦ୍ଧି-ଭେଦମ୍=ବୁଦ୍ଧିକୁ ବିଚଳିତ କରିବା; ଜନୟେତ୍=କରିବା; ଅଜ୍ଞାନାମ୍=ଅଜ୍ଞ ବା ମୂର୍ଖର; କର୍ମ-ସଙ୍ଗିନାମ୍=ସକାମ କର୍ମରେ ଆସକ୍ତ; ଯୋଷୟେତ୍=ଲଗାଇବା; ସର୍ବ=ସମସ୍ତ; କର୍ମାଣି=କର୍ମ; ବିଦ୍ୱାନ୍=ବିଦ୍ୱାନ୍, ପଣ୍ଡିତ; ଯୁକ୍ତଃ=ଯୁକ୍ତ; ସମାଚରନ୍=ଅଭ୍ୟାସକରି ।

## ଅନୁବାଦ

**ଯେଉଁ ଅଜ୍ଞ ବା ମୂର୍ଖଲୋକମାନେ ସକାମ କର୍ମରେ ବ୍ୟସ୍ତ, ବିଦ୍ୱାନ୍ ବା ପଣ୍ଡିତମାନେ ସେମାନଙ୍କ ବୁଦ୍ଧିକୁ ବିଚଳିତ କରାଇବା ଉଚିତ୍ ନୁହେଁ । କର୍ମତ୍ୟାଗର ଉପଦେଶ ସେମାନଙ୍କୁ ନଦେଇ ଭକ୍ତିର ସହିତ କର୍ମରେ ନିଯୁକ୍ତ ହେବାକୁ ଉପଦେଶ ଦେବା ଉଚିତ୍ ।**

## ଭାବାର୍ଥ

*"ବେଦୈଶ୍ଚ ସର୍ବୈର୍ ଅହମ୍ ଏବ ବେଦ୍ୟଃ"*- ସମସ୍ତ ବୈଦିକ କର୍ମକାଣ୍ଡର ଏହାହିଁ ହେଉଛି ଉଦ୍ଦେଶ୍ୟ । ସମସ୍ତ ବୈଦିକ କର୍ମକାଣ୍ଡ, ସମସ୍ତ ଯଜ୍ଞାନୁଷ୍ଠାନ ଏବଂ ଭୌତିକ କର୍ମପନ୍ଥା ସମେତ ଯାହାକିଛି ବେଦରେ ସନ୍ନିବିଷ୍ଟ ହୋଇଅଛି, ସେସବୁର ଉଦ୍ଦେଶ୍ୟ ହେଲା କୃଷ୍ଣଙ୍କୁ ଜାଣିବା; କାରଣ କୃଷ୍ଣ ହେଉଛନ୍ତି ଜୀବନର ଅନ୍ତିମ ଲକ୍ଷ୍ୟ । ବଦ୍ଧ ଜୀବଗଣ ଇନ୍ଦ୍ରିୟତୃପ୍ତି ବ୍ୟତୀତ ଆଉ କିଛି ଜାଣି ନଥିବାରୁ ସେମାନେ ବେଦକୁ ସେହି ଦୃଷ୍ଟିକୋଣରୁ ପାଠ କରନ୍ତି । ଅବଶ୍ୟ ଇନ୍ଦ୍ରିୟ ସଂଯମ ଜରିଆରେ ବ୍ୟକ୍ତି କ୍ରମଶଃ କୃଷ୍ଣଚେତନା ସ୍ତରକୁ ଉନ୍ନୀତ ହୋଇପାରେ । ତେଣୁ ଯେ ଆତ୍ମତତ୍ତ୍ୱବିତ୍ ଯେ'କି କୃଷ୍ଣଚେତନାରେ ଅଛି; ସେ ଅନ୍ୟମାନଙ୍କର କର୍ମ ବା ଧାରଣାକୁ ହଠାତ୍ ବିଗିଡ଼ାଇଦେବା ଉଚିତ୍ ନୁହେଁ; ବରଂ ସେ ନିଜେ ଏପରି ଆଚରଣ କରିବ, ଯଦ୍ଦ୍ୱାରା ସେ ଦେଖାଇଦେବ ଯେ କିପରି ସମସ୍ତ କର୍ମର ଫଳକୁ କୃଷ୍ଣଙ୍କୁ ସମର୍ପଣ କରାଯାଇ ପାରିବ । ଏକ ବିଦ୍ୱାନ କୃଷ୍ଣଚେତନଶୀଳ ବ୍ୟକ୍ତି ଏପରି ଭାବରେ କର୍ମ କରିବ, ଯେପରି ଇନ୍ଦ୍ରିୟତୃପ୍ତି ନିମିତ୍ତ କର୍ମ କରୁଥିବା ଏକ ଅଜ୍ଞ ବା ମୂର୍ଖବ୍ୟକ୍ତି ତାଙ୍କର କର୍ମରୁ କିପରି କର୍ମ କରିବାକୁ ହେବ ଓ କିପରି ବ୍ୟବହାର କରିବାକୁ ହେବ, ତାହା ଶିକ୍ଷା କରି ପାରିବ । ଯଦିଓ ଏକ ମୂର୍ଖବ୍ୟକ୍ତିକୁ ବିଚଳିତ କରିବା ଉଚିତ୍ ନୁହେଁ, ତଥାପି ଯେ ଟିକିଏ ସୁଦ୍ଧା କୃଷ୍ଣଚେତନଶୀଳ ହୋଇଛି ସେ ଅନ୍ୟ ବୈଦିକ ପନ୍ଥାକୁ ଅପେକ୍ଷା ନକରି ସିଧାସଳଖ କୃଷ୍ଣ ସେବାରେ ନିଯୁକ୍ତ ହୋଇପାରେ । ଏପ୍ରକାର ଭାଗ୍ୟବାନ୍ ଲୋକପକ୍ଷରେ ବୈଦିକ କର୍ମକାଣ୍ଡ ପଦ୍ଧତି ଅନୁସରଣ କରିବାର କୌଣସି ଆବଶ୍ୟକତା ନାହିଁ, କାରଣ ବ୍ୟକ୍ତି ସିଧାସଳଖ କୃଷ୍ଣଚେତନଶୀଳ ହୋଇଗଲେ ସେ କେବଳ ତା'ର କର୍ତ୍ତବ୍ୟକର୍ମ ସମ୍ପାଦନ କରିବା ଦ୍ୱାରା ସବୁ ଫଳ ପାଇଯିବ ।

## ଶ୍ଳୋକ - ୨୭

**ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ ।**
**ଅହଙ୍କାରବିମୂଢ଼ାତ୍ମା କର୍ତ୍ତାହମିତି ମନ୍ୟତେ ।। ୨୭ ।।**

## ଶବ୍ଦାନୁବାଦ

ପ୍ରକୃତେଃ=ଭୂତପ୍ରକୃତିର; କ୍ରିୟମାଣାନି=କରାଯାଇଥିବା; ଗୁଣୈଃ=ଗୁଣ ଦ୍ୱାରା; କର୍ମାଣି=କର୍ମସବୁ; ସର୍ବଶଃ=ସମସ୍ତ ପ୍ରକାର; ଅହଙ୍କାର-ବିମୂଢ଼=ମିଥ୍ୟାହଙ୍କାର ଦ୍ୱାରା ବିଭ୍ରାନ୍ତ; ଆତ୍ମା=ଆତ୍ମା; କର୍ତ୍ତା=କର୍ତ୍ତା; ଅହମ୍=ମୁଁ; ଇତି=ଏହିପରି; ମନ୍ୟତେ=ଭାବେ ।

## ଅନୁବାଦ

**ଭୂତ ପ୍ରକୃତିର ତ୍ରିଗୁଣର ଅଧୀନ ହୋଇ ବିଭ୍ରାନ୍ତ ଜୀବାତ୍ମା ନିଜକୁ କର୍ତ୍ତାବୋଲି ଭାବେ । କିନ୍ତୁ ବାସ୍ତବରେ କର୍ମଗୁଡ଼ିକ ପ୍ରକୃତି ଦ୍ୱାରା ହିଁ କରାଯାଉଛି ।**

## ଭାବାର୍ଥ

ଦୁଇଟି ଲୋକ; ଜଣେ କୃଷ୍ଣଚେତନାରେ ଅଛି, ଆଉଜଣେ ଭୌତିକ ଚେତନାରେ ଅଛି ।ସେମାନେ ସମସ୍ତେ କର୍ମରତ ।ବାହାରକୁ ଜଣାଯାଏ ଦୁଇଜଣଯାକ ଏକ ସ୍ତରରେ କାମ କରୁଛନ୍ତି, କିନ୍ତୁ ଦୁହିଁଙ୍କର ଚେତନାସ୍ତର ମଧ୍ୟରେ ବିରାଟ ବ୍ୟବଧାନ ରହିଛି ।ଯେଉଁ ଲୋକ ଭୌତିକ ଚେତନାରେ ଅଛି, ସେ ମିଥ୍ୟା ଅହଂକାର ବଶବର୍ତ୍ତୀ ହୋଇ ଭାବୁଛି ଯେ ସେ ହେଉଛି କର୍ତ୍ତା ।ସେ ଏ କଥା ଜାଣେ ନାହିଁ ଯେ ଏ ଶରୀର ଭୂତ ପ୍ରକୃତିରୁ ଜାତ ।ଭୂତ ପ୍ରକୃତି ଭଗବାନଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରେ ।ଭୌତିକ ଚେତନାରେ ଥିବା ବ୍ୟକ୍ତିର ଏ ଜ୍ଞାନ ନାହିଁ ଯେ ସେ ସଂପୂର୍ଣ୍ଣରୂପେ କୃଷ୍ଣଙ୍କ ନିୟନ୍ତ୍ରଣାଧୀନରେ ଅଛି ।ଯେଉଁ ବ୍ୟକ୍ତି ମିଥ୍ୟାହଙ୍କାରର ବଶବର୍ତ୍ତୀ-ସେ ଭାବେ ଯେ ସେ ସବୁ କରୁଛି ଏବଂ ସେଥିପାଇଁ ସେ ବାହାଦୁରୀ ମଧ୍ୟ ନେଉଛି । ଏହା ହେଉଛି ତା'ର ଅଜ୍ଞାନତାର ଲକ୍ଷଣ ।ସେ ଏ କଥା ଜାଣିନାହିଁ ଯେ ପରମପୁରୁଷ ଭଗବାନଙ୍କ ନିର୍ଦ୍ଦେଶରେ ଭୂତ ପ୍ରକୃତି ତା'ର ସ୍ଥୂଳ ଓ ସୂକ୍ଷ୍ମ ଶରୀର ତିଆରି କରୁଛି ଏବଂ ସେଇଥିଯୋଗୁଁ ତା'ର ସମସ୍ତ ଶାରୀରିକ ଓ ମାନସିକ କର୍ମ କୃଷ୍ଣଚେତନାରେ -କୃଷ୍ଣସେବାରେ ପର୍ଯ୍ୟବସିତ ହେବା ଉଚିତ୍ ।ଅଜ୍ଞ ବ୍ୟକ୍ତି ଏ କଥା ଭୁଲି ଯାଇଛି, ପରମପୁରୁଷ ଭଗବାନ୍ ହେଉଛନ୍ତି ହୃଷୀକେଶ, ଅର୍ଥାତ୍ ସେ ହେଉଛନ୍ତି ଏ ଜଡ଼େନ୍ଦ୍ରିୟମାନଙ୍କର ପ୍ରଭୁ ।ସେ ବ୍ୟକ୍ତି ବହୁଜନ୍ମ ଧରି ତା'ର ଇନ୍ଦ୍ରିୟମାନଙ୍କୁ ଇନ୍ଦ୍ରିୟ ସୁଖରେ (ବିଷୟଭୋଗରେ) ଲଗାଇ ଇନ୍ଦ୍ରିୟମାନଙ୍କର ଅପବ୍ୟବହାର କରିଛି ।ସେଇଥିଯୋଗୁଁ ସେ ବର୍ତ୍ତମାନ ମିଥ୍ୟାହଙ୍କାରର ବଶବର୍ତ୍ତୀ ହୋଇ ନିଜକୁ କର୍ତ୍ତାବୋଲି ମନେ କରୁଛି ।ମିଥ୍ୟାହଙ୍କାର ତାକୁ ଭ୍ରମିତ କରାଉଛି ଏବଂ କୃଷ୍ଣଙ୍କ ସହିତ ଥିବା ତା'ର ଶାଶ୍ୱତ ସମ୍ବନ୍ଧରୁ ତାକୁ ଦୂରେଇ ନେଇ ତାକୁ ଭୁଲେଇ ଦେଇଛି ।

## ଶ୍ଳୋକ - ୨୮

**ତତ୍ତ୍ୱବିତ୍ତୁ ମହାବାହୋ ଗୁଣକର୍ମବିଭାଗୟୋଃ ।**
**ଗୁଣା ଗୁଣେଷୁ ବର୍ତନ୍ତ ଇତି ମତ୍ୱା ନ ସଜ୍ଜତେ ।। ୨୮ ।।**

## ଶବ୍ଦାନୁବାଦ

ତତ୍ତ୍ୱ-ବିତ୍=ଯେ ତତ୍ତ୍ୱଜାଣେ; ତୁ=କିନ୍ତୁ; ମହା-ବାହୋ=ହେ ମହାବାହୁ; ଗୁଣକର୍ମ=ଭୂତ ପ୍ରକୃତିଦ୍ୱାରା ପ୍ରଭାବିତ କର୍ମ; ବିଭାଗୟୋଃ=ପାର୍ଥକ୍ୟ; ଗୁଣାଃ=ଇନ୍ଦ୍ରିୟଗୁଡ଼ିକ; ଗୁଣେଷୁ=ଇନ୍ଦ୍ରିୟ

ସୁଖ ଭୋଗରେ; ବର୍ତ୍ତନ୍ତେ=ନିଯୁକ୍ତ ହୋଇଥା'ନ୍ତି; ଇତି=ଏହିପରି; ମତ୍ୱା=ଭାବି; ନ=ହୁଏ ନାହିଁ; ସଜ୍ଜତେ=ଆସକ୍ତ ।

## ଅନୁବାଦ

**ହେ ମହାବାହୁ, ଯେ ତତ୍ତ୍ୱଦର୍ଶୀ ଅର୍ଥାତ୍ ଯେ ଭଗବାନଙ୍କ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିଛି, ସେ ଇନ୍ଦ୍ରିୟତୃପ୍ତି ନିମିତ୍ତ କର୍ମ କରେ ନାହିଁ । ସକାମ କର୍ମ ଓ ନିଷ୍କାମ କର୍ମ (ଭଗବାନଙ୍କ ସେବା ନିମିତ୍ତ କର୍ମ ବା ଭକ୍ତି ଯୋଗରେ କରଣୀୟ କର୍ମ) ମଧ୍ୟରେ କି ପାର୍ଥକ୍ୟ ଅଛି; ତାହା ସେ ଭଲ ଭାବରେ ଜାଣିଥାଏ, ତେଣୁ ସେ ଇନ୍ଦ୍ରିୟତୃପ୍ତି ଜନିତ କର୍ମରେ ନିଯୁକ୍ତ ହୁଏ ନାହିଁ ।**

## ଭାବାର୍ଥ

ଯେ ତତ୍ତ୍ୱଦର୍ଶୀ ଜ୍ଞାନୀ ସେ ଭୌତିକ ସ୍ଥିତିରେ କି ଅସୁବିଧା-ଜନକ ପରିସ୍ଥିତିରେ ଅଛି ତାହା ସେ ଭଲରକମ ଜାଣିଛି । ସେ ଏକଥା ମଧ୍ୟ ଭଲ ଭାବରେ ଜାଣିଛି ଯେ ସେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଅଂଶବିଶେଷ ଅଟେ ଏବଂ ଭୌତିକ ସ୍ଥିତିରେ ଅବସ୍ଥାନ କରିବା ତା' ପକ୍ଷରେ ଉଚିତ୍ ନୁହେଁ । ସେ ସତ୍-ଚିତ୍-ଆନନ୍ଦମୟ ଭଗବାନଙ୍କର ଅଂଶବିଶେଷ, ଏହା ହେଉଛି ତା'ର ସ୍ୱରୂପସ୍ଥିତି । ସେ ଏହା ଜାଣିଛି । ପୁନଶ୍ଚ ଏହା ମଧ୍ୟ ସେ ଅନୁଭବ କରିପାରେ ଯେ କୌଣସି କାରଣରୁ ସେ ଭୌତିକ ବନ୍ଧନରେ ପଡ଼ିଯାଇଛି । ପୂର୍ବରୁ କୁହାଗଲା ଯେ ସେ ସତ୍-ଚିତ୍-ଆନନ୍ଦମୟ ଭଗବାନଙ୍କର ଅଂଶବିଶେଷ ଅଟେ । ତେଣୁ ଶୁଦ୍ଧସ୍ତରରେ ତା'ର ଅବସ୍ଥାନ । ଅତଏବ ତା'ର ସମସ୍ତ କର୍ମ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ସେବା ବା ପ୍ରୀତ୍ୟର୍ଥେ ବିନିଯୁକ୍ତ ହେବା ଉଚିତ୍ । ତେଣୁ ସେ କୃଷ୍ଣଚେତନାରେ କର୍ମ କରେ ବା କୃଷ୍ଣ କର୍ମରେ ନିଯୁକ୍ତ ହୁଏ ଏବଂ ସ୍ୱଭାବତଃ ସେ ଇନ୍ଦ୍ରିୟତୃପ୍ତି ଜନିତ ଭୌତିକ କର୍ମ ପ୍ରତି ଆସକ୍ତ ହୁଏନାହିଁ । ଭୌତିକ କର୍ମଗୁଡ଼ିକ ଭୂତ ପ୍ରକୃତି ଦ୍ୱାରା ପ୍ରଭାବିତ ଏବଂ କ୍ଷଣସ୍ଥାୟୀ । ସେ ଏକଥା ଜାଣେ ଯେ ତା'ର ଏ ଭୌତିକ ଜୀବନ ଭଗବାନଙ୍କର ପରମ ନିୟନ୍ତ୍ରଣାଧୀନ ଅଟେ । ଫଳତଃ ସେ କୌଣସି ପ୍ରକାର ଭୌତିକ ପ୍ରତିକ୍ରିୟାରେ ବିଚଳିତ ହୁଏନାହିଁ । ଭୌତିକ ପ୍ରତିକ୍ରିୟା ଗୁଡ଼ିକୁ ସେ ଭଗବାନଙ୍କର କୃପା ବୋଲି ଭାବେ । ଶ୍ରୀମଦ୍‌ଭାଗବତର ବାଣୀ ଅନୁଯାୟୀ ତତ୍ତ୍ୱବିତ୍ ଭଗବାନଙ୍କ ସମ୍ବନ୍ଧରେ ପୂର୍ଣ୍ଣଜ୍ଞାନ ଅର୍ଜନ କରିଥାଏ । ସେ ଭଗବାନଙ୍କର ତିନୋଟି ପ୍ରତୀତି ଅର୍ଥାତ୍ ବ୍ରହ୍ମ, ପରମାତ୍ମା ଓ ପରମପୁରୁଷ ଭଗବାନଙ୍କ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିଥାଏ । ଯାହାର ଏ ପ୍ରକାର ଜ୍ଞାନଥାଏ ସେ ହେଉଛି ତତ୍ତ୍ୱବିତ୍ । ପୁନଶ୍ଚ ପରମେଶ୍ୱରଙ୍କ ସହ କିପ୍ରକାର ସମ୍ବନ୍ଧରେ ସେ ସମ୍ବନ୍ଧିତ ସେ କଥା ମଧ୍ୟ ସେ ଜାଣିଥାଏ ।

## ଶ୍ଲୋକ - ୨୯

**ପ୍ରକୃତେର୍ଗୁଣସଂମୂଢ଼ାଃ ସଜ୍ଜନ୍ତେ ଗୁଣକର୍ମସୁ ।**
**ତାନକୃତ୍ସ୍ନବିଦୋ ମନ୍ଦାନ୍‌କୃତ୍ସ୍ନବିନ୍ନ ବିଚାଳୟେତ୍ ।। ୨୯ ।।**

## ଶବ୍ଦାନୁବାଦ

ପ୍ରକୃତେଃ=ଭୂତ ପ୍ରକୃତିର ଗୁଣଦ୍ୱାରା ତାଡ଼ିତ ହୋଇ; ଗୁଣ-ସଂମୂଢ଼ାଃ=ଜଡ଼ ଶରୀରକୁ ଆତ୍ମାବୋଲି ଭାବି ବିଭ୍ରାନ୍ତ ହୋଇଥିବା; ସଜ୍ଜନ୍ତେ=ନିଯୁକ୍ତ ହୁଅନ୍ତି; ଗୁଣ-କର୍ମସୁ=ଭୌତିକ କର୍ମରେ;

ତାନ୍=ଏସବୁ; ଅକୃତ୍ସ୍ନ-ବିଦଃ=ଅଳ୍ପଜ୍ଞାନସଂପନ୍ନ ବ୍ୟକ୍ତି; ମନ୍ଦାନ୍=ଆତ୍ମଜ୍ଞାନ କଥା ବା ଆତ୍ମାନୁଭୂତି କଥା ବୁଝିବାକୁ ଅକ୍ଷମ; କୃତ୍ସ୍ନ-ବିତ୍=ଯେ ପ୍ରକୃତ ଜ୍ଞାନ ହାସଲ କରିଛି; ନ=ନୁହେଁ; ବିଚାଳୟେତ୍=ବିଚଳିତ କରିବାକୁ ଚେଷ୍ଟା କରିବା।

## ଅନୁବାଦ

ଅଳ୍ପଜ୍ଞାନସମ୍ପନ୍ନ ମୂର୍ଖମାନେ ଭୂତ ପ୍ରକୃତିର (ତ୍ରି)ଗୁଣଦ୍ୱାରା ବିଭ୍ରାନ୍ତ ହୋଇ ସଂପୂର୍ଣ୍ଣରୂପେ ଭୌତିକ କର୍ମରେ ନିଯୁକ୍ତ ହୁଅନ୍ତି ଏବଂ ସେଥିପ୍ରତି ଆସକ୍ତ ହୋଇପଡ଼ନ୍ତି । ସେମାନଙ୍କର ପ୍ରକୃତ ଜ୍ଞାନ ନ ଥିବାରୁ ସେମାନେ ଏ ପ୍ରକାର ନୀଚକର୍ମରେ ନିଯୁକ୍ତ ହୁଅନ୍ତି । ଯଦିଓ ଏହା ନୀଚକର୍ମ ତଥାପି ଜ୍ଞାନୀମାନେ (ଯେଉଁମାନେ ପ୍ରକୃତରେ ଆତ୍ମଜ୍ଞାନ ଲାଭ କରିଛନ୍ତି) ସେମାନଙ୍କୁ ବିଚଳିତ କରିବା ଉଚିତ୍ ନୁହେଁ ।

## ଭାବାର୍ଥ

ଯେଉଁମାନଙ୍କର ପ୍ରକୃତ ଜ୍ଞାନ ନାହିଁ ସେମାନେ ଭ୍ରମବଶତଃ ଏ ଭୌତିକ ଶରୀରକୁ ଆତ୍ମାବୋଲି ଭାବନ୍ତି ଏବଂ ଭୌତିକ ଚେତନାରେ ରହନ୍ତି । ପୁନଶ୍ଚ ସେମାନେ ପାର୍ଥିବ ଉପାଧି ପ୍ରତି ବିଶେଷ ଚେତନଶୀଳ ହୋଇଥା'ନ୍ତି । ଏ ଶରୀର ହେଉଛି ଭୂତ ପ୍ରକୃତିର ଦାନ । ଯେ ଅତ୍ୟଧିକ ପରିମାଣରେ ଶାରୀରିକ ଚେତନାରେ ଅଛି, ତାକୁ 'ମନ୍ଦାନ୍' ବୋଲି କୁହାଯାଏ ।

ଅର୍ଥାତ୍ ସେ ଏକ ଆଳସ୍ୟପରାୟଣ ବ୍ୟକ୍ତି । ତା'ର ଆତ୍ମା ସମ୍ବନ୍ଧରେ କୌଣସି ଧାରଣା ନାହିଁ । ମୂର୍ଖମାନେ ଏ ଶରୀରକୁ ଆତ୍ମାବୋଲି ଭାବନ୍ତି । ଶାରୀରିକ ସମ୍ବନ୍ଧକୁ ସେମାନେ ଆତ୍ମୀୟ ସମ୍ବନ୍ଧ ବା ଆତ୍ମୀୟସ୍ୱଜନବୋଲି ଭାବନ୍ତି । ଯେଉଁ ଦେଶରେ ଏ ଶରୀର ଜନ୍ମ ହୋଇଛି, ସେ ଦେଶ (ଭୂଇଁ) ପୂଜ୍ୟ ବୋଲି ସେମାନେ ଭାବନ୍ତି ଏବଂ ଧର୍ମ ନାମରେ ଚଳୁଥିବା ପୂଜା ବିଧିବିଧାନକୁ ବା ବ୍ରତ-ବିଧି-ବିଧାନକୁ ସେମାନେ ଧାର୍ମିକ ସାଧନ ବୋଲି ଭାବନ୍ତି । ଏ ପ୍ରକାର ଭୌତିକବାଦୀଗଣ ବା ଭୌତିକ ଉପାଧି ଭୂଷିତ ବ୍ୟକ୍ତିଗଣ ସାମାଜିକ କର୍ମ, ଜାତୀୟତା ଏବଂ ପରୋପକାର ଆଦି କର୍ମରେ ନିଯୁକ୍ତ ରହନ୍ତି । ଏ ଭୌତିକ ଉପାଧି ମୋହରେ ମୋହିତହୋଇ ସେମାନେ ସର୍ବଦା ଭୌତିକ କର୍ମ କ୍ଷେତ୍ରରେ ବ୍ୟସ୍ତଥା'ନ୍ତି । ସେମାନେ ଭାବନ୍ତି ଯେ ଏ ଆତ୍ମାନୁଭୂତି ଲାଭ ବା ଆତ୍ମଜ୍ଞାନଲାଭ କଥା ପୁରାଣକଥା ବା କାଳ୍ପନିକ କଥା ଅଟେ ଏବଂ ସେଇଥିପାଇଁ ସେମାନେ ଏଥିପ୍ରତି ଆଗ୍ରହୀ ହୁଅନ୍ତି ନାହିଁ । ଏ ପ୍ରକାର ବିଭ୍ରାନ୍ତ ବ୍ୟକ୍ତିଗଣ ଅହିଂସା ଆଦି କେତେକ ମୌଳିକ ନୀତି ଜୀବନରେ ଆଚରଣ କରିପାରନ୍ତି କିମ୍ବା ତଦ୍ରୂପ କେତେକ ଭୌତିକ ଲୋକ ହିତକର କାର୍ଯ୍ୟରେ ନିଯୁକ୍ତ ହୋଇ ପାରନ୍ତି । ଅବଶ୍ୟ ଯେଉଁମାନେ ଆଧ୍ୟାତ୍ମିକ ଉନ୍ନତି କରିପାରିଛନ୍ତି ବା ଆତ୍ମଜ୍ଞାନ ଲାଭକରି ପାରିଛନ୍ତି, ସେମାନେ ଏ ପ୍ରକାର ଭୌତିକ ଚେତନଶୀଳ ବ୍ୟକ୍ତିମାନଙ୍କୁ ବିଚଳିତ କରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ ବରଂ ସେମାନେ ନୀରବରେ ସେମାନଙ୍କ ଆଧ୍ୟାତ୍ମିକ ସାଧନାରେ ବା କର୍ମରେ ରତ ହେବା ଉଚିତ୍ ।

ଅଜ୍ଞ ବା ମୂର୍ଖମାନେ କୃଷ୍ଣଚେତନାରେ କରାଯାଉଥିବା କର୍ମକୁ ପସନ୍ଦ କରିପାରନ୍ତି ନାହିଁ । ତେଣୁ ଭଗବାନ୍ ଶ୍ରୀକୃଷ୍ଣ ଆମ୍ଭମାନଙ୍କୁ ଉପଦେଶ ଦେଉଛନ୍ତି ଯେ ସେମାନଙ୍କୁ ବିଚଳିତ କରନାହିଁ । ଯଦ୍ଦ୍ୱାରା କେବଳ ଆମ୍ଭମାନଙ୍କର ବହୁମୂଲ୍ୟ ସମୟ ଅପଚୟ ହେବ, କିନ୍ତୁ ଭଗବାନଙ୍କର ଭକ୍ତମାନେ ଭଗବାନଙ୍କ ଅପେକ୍ଷା ଅଧିକ କାରୁଣିକ, କାରଣ ସେମାନେ ଭଗବାନଙ୍କର ଉଦ୍ଦେଶ୍ୟ

କ'ଣ ତାହା ଜାଣିପାରନ୍ତି । ଫଳତଃ ସେମାନେ ଅତ୍ୟନ୍ତ ନିଦାଘ ମୂର୍ଖମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ କୃଷ୍ଣଚେତନା ଦେବାପାଇଁ ଚେଷ୍ଟାକରନ୍ତି । ଏଥିପାଇଁ ଯେତେ ବାଧାବିଘ୍ନ ଓ ବିପଦ ଆସେ ସବୁକୁ ସେମାନେ ବରଣ କରନ୍ତି । କୃଷ୍ଣଚେତନା ଲାଭକରିବା ମାନବ ପକ୍ଷରେ ଏକାନ୍ତ ଆବଶ୍ୟକ । ତେଣୁ ଭକ୍ତମାନେ ସବୁ ବିପଦକୁ ବରଣକରି ନିଦାଘ ମୂର୍ଖମାନଙ୍କୁ ମଧ୍ୟ ଏ ଦିଗରେ ସଚେତନ କରାଇବାକୁ ଚେଷ୍ଟା କରନ୍ତି ।

## ଶ୍ଲୋକ-୩୦

**ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତସା ।**
**ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ ।। ୩୦ ।।**

## ଶବ୍ଦାନୁବାଦ

ମୟି=ମୋଠାରେ; ସର୍ବାଣି=ସମସ୍ତ ପ୍ରକାର; କର୍ମାଣି=କର୍ମ; ସନ୍ନ୍ୟସ୍ୟ=ପୂର୍ଣ୍ଣରୂପେ ସମର୍ପଣ କରି; ଅଧ୍ୟାତ୍ମ=ପୂର୍ଣ୍ଣ ଆତ୍ମଜ୍ଞାନରେ; ଚେତସା=ଚେତନା; ନିରାଶୀଃ=କୌଣସି ଫଳଲାଭ କାମନା ନାହିଁ; ନିର୍ମମଃ=ମମତ୍ୱହୀନତା; ଭୂତ୍ୱା=ହୋଇ; ଯୁଧ୍ୟସ୍ୱ=ଯୁଦ୍ଧକର; ବିଗତ-ଜ୍ୱରଃ=ଆଳସ୍ୟ ପରାୟଣ ବା ଜ୍ୱରାକ୍ରାନ୍ତ ମନୋବୃତ୍ତିବିଶିଷ୍ଟ ନହୋଇ ।

## ଅନୁବାଦ

**ଏଣୁ ହେ ଅର୍ଜୁନ ! ତୁମର ସମସ୍ତ କର୍ମ ମୋତେ ସମର୍ପଣକରି ତୁମର ମନ ମୋ'ଠାରେ ସ୍ଥିରକରି, କୌଣସି ଫଳକାମନା ନରଖି ଏବଂ ମିଥ୍ୟାହଙ୍କାର ଓ ଆଳସ୍ୟହୀନ ହୋଇ ଯୁଦ୍ଧକର ।**

## ଭାବାର୍ଥ

ଭଗବଦ୍ ଗୀତାର ଉଦ୍ଦେଶ୍ୟ କ'ଣ -ଏହା ଏକ ଶ୍ଲୋକରେ ପରିଷ୍କାର ଭାବରେ କୁହାଯାଇଅଛି । ଭଗବାନ୍ ଏଠାରେ ଉପଦେଶ ଦେଉଛନ୍ତି ଯେ ଠିକ୍ ଯୁଦ୍ଧ ବିଭାଗର କଠିନ ଶୃଙ୍ଖଳା ଅନୁଯାୟୀ ବ୍ୟକ୍ତି କର୍ତ୍ତବ୍ୟ ସମ୍ପାଦନ ନିମିତ୍ତ ପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ ହେବା ଉଚିତ୍ । ଅବଶ୍ୟ ଏ ପ୍ରକାର ନିର୍ଦ୍ଦେଶ ଟିକିଏ କଷ୍ଟକର ହୋଇପାରେ, କିନ୍ତୁ ସଂପୂର୍ଣ୍ଣରୂପେ କୃଷ୍ଣଙ୍କ ଉପରେ ନିର୍ଭରଶୀଳ ହୋଇ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ୍, କାରଣ ଏହାହିଁ ହେଉଛି ଜୀବର ସ୍ୱରୂପସ୍ଥିତି । ଭଗବାନଙ୍କ ଉପରେ ନିର୍ଭର ନକରି ଯଦି ଜୀବ ସ୍ୱାଧୀନ ଭାବରେ କର୍ମ କରେ, ତାହାହେଲେ ସେ କଦାପି ସୁଖୀ ହୋଇପାରିବ ନାହିଁ । ଭଗବାନଙ୍କ ଇଚ୍ଛାର ଅଧୀନ ହେବା ବା ତାଙ୍କ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବା ଜୀବ ପକ୍ଷରେ ଉଚିତ୍; କାରଣ ଜୀବ ନିତ୍ୟ କୃଷ୍ଣ ଦାସ । ଏହା ହେଉଛି ତା'ର ସ୍ୱରୂପସ୍ଥିତି । ଏଠାରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯୁଦ୍ଧ କରିବାକୁ ଆଦେଶ ଦେଉଛନ୍ତି, ସତେ ଯେପରି ସେ ହେଉଛନ୍ତି ଯୁଦ୍ଧର ପ୍ରଧାନ ସେନାପତି । ପରମେଶ୍ୱରଙ୍କର ସଦିଚ୍ଛା ଅନୁଯାୟୀ ବ୍ୟକ୍ତିକୁ ସମସ୍ତ ତ୍ୟାଗ କରି କର୍ମ କରିବାକୁ ପଡ଼ିବ ଏବଂ ତତ୍ସଙ୍ଗେସଙ୍ଗେ ମମତ୍ୱହୀନ ହୋଇ ତା'ର କର୍ତ୍ତବ୍ୟ ସମ୍ପାଦନ କରିବ । ଭଗବାନଙ୍କର ଆଦେଶକୁ ବିଗ୍ଚର କରିବାର କୌଣସି ଆବଶ୍ୟକତା ଅର୍ଜୁନଙ୍କର ନଥିଲା, କେବଳ ତାଙ୍କର ଆଦେଶକୁ ପାଳନ କରିବା କଥା ।

ଭଗବାନ୍ ହେଉଛନ୍ତି ସମସ୍ତ ଜୀବାତ୍ମାଙ୍କର ପରମାତ୍ମା, ତେଣୁ ଯେ କୌଣସି ପ୍ରକାର ବ୍ୟକ୍ତିଗତ ଭଲ ମନ୍ଦ ବିଗ୍ଚର ନକରି ସଂପୂର୍ଣ୍ଣ ରୂପେ ଭଗବାନଙ୍କ ଉପରେ ନିର୍ଭର କରେ, କିମ୍ବା ଅନ୍ୟ କଥାରେ ଯେ ସଂପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ ଅଟେ ତାଙ୍କୁ *'ଆଧ୍ୟାତ୍ମିକ ଚେତସା'* କୁହାଯାଏ । *''ନିରାଶୀଃ''* ଶବ୍ଦର ଅର୍ଥ ହେଲା ପ୍ରଭୁଙ୍କର ଆଦେଶ ଅନୁଯାୟୀ କର୍ମ କରିବା । କର୍ମକରି କୌଣସି ଫଳ କାମନା ରଖିବା ଉଚିତ୍ ନୁହେଁ । ଯେ କୋଷାଗାର ରକ୍ଷକ ସେ ତା'ର ପ୍ରଭୁ ନିମିତ୍ତ କୋଟି କୋଟି ଟଙ୍କା ଗଣିପାରେ, କିନ୍ତୁ ଏଥିପାଇଁ ସେ ପଇସାଟିଏ ନିଜର ବୋଲି ମଧ୍ୟ ଦାବୀ କରେ ନାହିଁ । ଠିକ୍ ସେହିପରି ବ୍ୟକ୍ତି ଏହା ଉପଲବ୍ଧି କରିବା ଉଚିତ୍ ଯେ ଏ ପୃଥିବୀରେ କିଛି ତା'ର ନୁହେଁ, ସବୁ ଭଗବାନଙ୍କର । 'ମୟି' ଶବ୍ଦର ପ୍ରକୃତ ତାତ୍ପର୍ଯ୍ୟ ହେଲା ଏଇକଥା, ଯେତେବେଳେ ବ୍ୟକ୍ତି ଏ ପ୍ରକାର କୃଷ୍ଣ ଚେତନାରେ କର୍ମ କରେ, ସେତେବେଳେ ସେ ନିଶ୍ଚିତରୂପେ କୌଣସିଟିକୁ ନିଜର ବୋଲି ଦାବୀ କରେ ନାହିଁ । ଏ ପ୍ରକାର ଚେତନାକୁ ନିର୍ମମ (ଅର୍ଥାତ୍ କିଛି ମୋର ନୁହେଁ) କୁହାଯାଏ । ଶାରୀରିକ ସମ୍ବନ୍ଧରୁ ତଥାକଥିତ ଭାଇ-ବନ୍ଧୁ-କୁଟୁମ୍ବ କଥା କିଛି ଭାବିବାର ନାହିଁ । ଏ ପ୍ରକାର ଏକ କଠିନ ଆଦେଶକୁ ପାଳନ କରିବାକୁ ଯଦି ବ୍ୟକ୍ତି କୁଣ୍ଠାବୋଧ କରେ, ତାହାହେଲେ ସେ ପ୍ରକାର କୁଣ୍ଠାବୋଧକୁ ତ୍ୟାଗ କରିବା ଉଚିତ୍ । ଏହାକଲେ ବ୍ୟକ୍ତି ବିଗତଜ୍ୱର ହୋଇପାରେ ଅର୍ଥାତ୍ ତା'ର ଜ୍ୱରାକ୍ରାନ୍ତ ମନୋବୃତ୍ତି ବା ଆଳସ୍ୟ ଦୂର ହୋଇଯାଇପାରେ । ବ୍ୟକ୍ତିର ଗୁଣ ଓ ସ୍ଥିତି ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିର ନିର୍ଦ୍ଦିଷ୍ଟ ପ୍ରକାରର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଅଛି ଏବଂ ସେ ସମସ୍ତ କର୍ତ୍ତବ୍ୟ ପୂର୍ବ ବର୍ଣ୍ଣନା ଅନୁଯାୟୀ କୃଷ୍ଣଚେତନାରେ ସମ୍ପାଦିତ ହେବା ଉଚିତ୍ । ତାହାହେଲେ ବ୍ୟକ୍ତି ମୁକ୍ତିପଥରେ ଅଗ୍ରଗତି କରି ପାରିବ ।

## ଶ୍ଳୋକ - ୩୧

**ଯେ ମେ ମତମିଦଂ ନିତ୍ୟମନୁତିଷ୍ଠନ୍ତି ମାନବାଃ ।**
**ଶ୍ରଦ୍ଧାବନ୍ତୋଽନସୂୟନ୍ତୋ ମୁଚ୍ୟନ୍ତେ ତେଽପି କର୍ମଭିଃ ।। ୩୧ ।।**

## ଶବ୍ଦାନୁବାଦ

ଯେ=ଯେଉଁମାନେ; ମେ=ମୋର; ମତମ୍=ଉପଦେଶ (ନିର୍ଦ୍ଦେଶ); ଇଦମ୍=ଏହି; ନିତ୍ୟମ୍=ନିତ୍ୟକ୍ରିୟା; ଅନୁତିଷ୍ଠନ୍ତି=ନିୟମିତଭାବରେ ପାଳନ କରନ୍ତି; ମାନବାଃ=ମାନବ; ଶ୍ରଦ୍ଧାବନ୍ତଃ=ବିଶ୍ୱାସ (ଶ୍ରଦ୍ଧା) ଓ ଭକ୍ତିସହକାରେ; ଅନସୂୟନ୍ତଃ=ଈର୍ଷାଶୂନ୍ୟ ଭାବେ; ମୁଚ୍ୟନ୍ତେ=ମୁକ୍ତ ହୁଅନ୍ତି; ତେ=ସେମାନେ ସମସ୍ତେ; ଅପି=ଏପରିକି; କର୍ମଭିଃ=କର୍ମବନ୍ଧନରୁ ।

## ଅନୁବାଦ

**ଯେ ମୋର ଉପଦେଶ (ବା ନିର୍ଦ୍ଦେଶ) ଅନୁଯାୟୀ କର୍ତ୍ତବ୍ୟ ସମ୍ପାଦନ କରେ ଏବଂ ଯେ ମୋର ଏହି ଶିକ୍ଷାକୁ ବିଶ୍ୱାସ ସହକାରେ ଈର୍ଷାଶୂନ୍ୟଭାବେ ଅନୁସରଣ କରେ, ସେ କର୍ମବନ୍ଧନରୁ ମୁକ୍ତ ହୁଏ ।**

## ଭାବାର୍ଥ

ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଉପଦେଶ ସମସ୍ତ ବୈଦିକ ଜ୍ଞାନର ସାରକଥା ଅଟେ ଏବଂ ସେଇଥିପାଇଁ ଏହା ଶାଶ୍ୱତଭାବେ ସତ୍ୟ ଓ ଅଦ୍ୱିତୀୟ ଜ୍ଞାନ ଅଟେ । ଯେହେତୁ

ବେଦ ସନାତନ ଅଟେ, ତେଣୁ ଏ କୃଷ୍ଣଭାବନା ବିଜ୍ଞାନ ମଧ୍ୟ ସନାତନ ଅଟେ । ଭଗବାନଙ୍କର ଏହି ଶିକ୍ଷା ବା ଉପଦେଶ ପ୍ରତି ବ୍ୟକ୍ତି ପୂର୍ଣ୍ଣଆସ୍ଥା ବା ବିଶ୍ୱାସ ସ୍ଥାପନ କରିବା ଉଚିତ୍, ସେ ଭଗବାନଙ୍କ ପ୍ରତି ଈର୍ଷାନ୍ୱିତ ହେବା ଉଚିତ୍ ନୁହେଁ । ଅନେକ ଦାର୍ଶନିକ ଭଗବଦ୍ ଗୀତା ଉପରେ ଭାଷ୍ୟ ଲେଖିଛନ୍ତି, କିନ୍ତୁ ସେମାନଙ୍କର ଭଗବାନ୍ ଶ୍ରୀକୃଷ୍ଣଙ୍କଠାରେ ବିଶ୍ୱାସ ନାହିଁ । ସେମାନେ କେବେହେଲେ କର୍ମ ବନ୍ଧନରୁ ମୁକ୍ତ ହୋଇ ପାରିବେ ନାହିଁ, କିନ୍ତୁ ଏକ ସାଧାରଣ ବ୍ୟକ୍ତିର ଯଦି ଭଗବାନଙ୍କର ଏ ଶାଶ୍ୱତ ଶିକ୍ଷା (ବା ଉପଦେଶ) ପ୍ରତି ଦୃଢ଼ବିଶ୍ୱାସ ଥାଏ, ସେ ଏ ଆଦେଶ ପାଳନ କରିବାକୁ ଅକ୍ଷମ ହେଲେ ସୁଦ୍ଧା, କର୍ମବନ୍ଧନରୁ ମୁକ୍ତ ହୋଇ ଯାଇପାରେ । ପ୍ରାରମ୍ଭରେ ବ୍ୟକ୍ତି ପୂର୍ଣ୍ଣରୂପେ ଭଗବାନଙ୍କର ନିର୍ଦ୍ଦେଶକୁ ପାଳନ କରି ନପାରେ, କିନ୍ତୁ ସେ ଯଦି ନିଷ୍ଠାସହକାରେ କାମ କରେ, ପରାଜୟ ଓ ନୈରାଶ୍ୟପ୍ରତି ଭ୍ରୂକ୍ଷେପ ନକରେ ଏବଂ ଭଗବାନଙ୍କର ଏ ନୀତିକୁ ଘୃଣା ନକରେ ତାହାହେଲେ ସେ ନିଶ୍ଚୟ ଶୁଦ୍ଧ କୃଷ୍ଣଚେତନାସ୍ତରକୁ ଉନ୍ନୀତ ହୋଇପାରିବ ।

## ଶ୍ଲୋକ - ୩୨

**ଯେ ତ୍ୱେତଦଭ୍ୟସୂୟନ୍ତୋ ନାନୁତିଷ୍ଠନ୍ତି ମେ ମତମ୍ ।**
**ସର୍ବଜ୍ଞାନବିମୂଢ଼ାଂସ୍ତାନ୍ ବିଦ୍ଧି ନଷ୍ଟାନଚେତସଃ ।। ୩୨ ।।**

## ଶବ୍ଦାନୁବାଦ

ଯେ=ଯେଉଁମାନେ; ତୁ=କିନ୍ତୁ; ଏତତ୍=ଏହି; ଅଭ୍ୟସୂୟନ୍ତଃ=ଈର୍ଷାଯୋଗୁଁ; ନ=କରନ୍ତି ନାହିଁ; ଅନୁତିଷ୍ଠନ୍ତି=ନିୟମିତଭାବେ ଆଚରଣ କରନ୍ତି; ମେ=ମୋର; ମତମ୍=ନିର୍ଦ୍ଦେଶ (ଉପଦେଶ); ସର୍ବ-ଜ୍ଞାନ=ସମସ୍ତ ପ୍ରକାର ଜ୍ଞାନ; ବିମୂଢ଼ାନ୍=ସମ୍ପୂର୍ଣ୍ଣରୂପେ ଭ୍ରାନ୍ତ; ତାନ୍=ସେମାନଙ୍କୁ; ବିଦ୍ଧି=ଭଲରୂପେ ଜାଣିରଖ; ନଷ୍ଟାନ୍=ନଷ୍ଟ; ଅଚେତସଃ=କୃଷ୍ଣଚେତନାହୀନ ।

## ଅନୁବାଦ

**କିନ୍ତୁ ଯେଉଁମାନେ ଈର୍ଷା ଯୋଗୁଁ ମୋର ଏ ଶିକ୍ଷାକୁ ଅସମ୍ମାନ ପ୍ରଦର୍ଶନ କରନ୍ତି ଏବଂ ନିୟମିତରୂପେ ଜୀବନରେ ଆଚରଣ କରନ୍ତି ନାହିଁ, ସେମାନେ ଜ୍ଞାନହୀନ, ଭ୍ରାନ୍ତ— ଅଜ୍ଞାନ ଅନ୍ଧକାର ଓ ମାୟାର ବନ୍ଧନରେ-ପଡ଼ି ନଷ୍ଟ ହୋଇଛନ୍ତି ବୋଲି ବୁଝିବାକୁ ପଡ଼ିବ ।**

## ଭାବାର୍ଥ

କୃଷ୍ଣଚେତନଶୀଳ ହେଲେ କ'ଣ ହୁଏ, ଏହା ଏଠାରେ ପରିଷ୍କାର ଭାବରେ କୁହାଯାଇଛି, ଦେଶର ଯେ ଶାସନମୁଖ୍ୟ ତା'ର ଆଦେଶକୁ ଅବମାନନା କଲେ ଯେପରି ଦଣ୍ଡ ଭୋଗକରିବାକୁ ପଡ଼େ, ଠିକ୍ ସେହିପରି ପରମପୁରୁଷ ଭଗବାନଙ୍କର ଆଦେଶକୁ ଅବମାନନା କଲେ ନିଶ୍ଚୟ ଦଣ୍ଡ ଭୋଗକରିବାକୁ ପଡ଼ିବ । ଯେ ଅବାଧ୍ୟ ବ୍ୟକ୍ତି ସେ ଯେତେ ବଡ଼ ହେଲେ'ବି, ଶୂନ୍ୟହୃଦୟ ଯୋଗୁଁ - ସେ ଜାଣେ ନାହିଁ ଆତ୍ମା କ'ଣ, ପରମବ୍ରହ୍ମ କ'ଣ, ପରମାତ୍ମା କ'ଣ ଏବଂ ପରମପୁରୁଷ ଭଗବାନ୍ କ'ଣ ? ତେଣୁ ତା'ର ଜୀବନର ପୂର୍ଣ୍ଣତାଲାଭର ଆଶା ନଥାଏ ।

## ଶ୍ଳୋକ - ୩୩

**ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।**
**ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି ।। ୩୩ ।।**

## ଶବ୍ଦାନୁବାଦ

ସଦୃଶମ୍=ଏହିପରି ଭାବରେ; ଚେଷ୍ଟତେ=ଚେଷ୍ଟାକରେ; ସ୍ୱସ୍ୟାଃ=ନିଜ ସ୍ୱଭାବ ବା ପ୍ରକୃତି ଅନୁଯାୟୀ; ପ୍ରକୃତେଃ=ପ୍ରାକୃତିକ ଗୁଣ; ଜ୍ଞାନବାନ୍=ଜ୍ଞାନୀ; ଅପି=ଯଦିଓ; ପ୍ରକୃତିମ୍=ପ୍ରକୃତି; ଯାନ୍ତି=ଯା'ନ୍ତି; ଭୂତାନି=ସମସ୍ତ ଜୀବ; ନିଗ୍ରହଃ=ନିଗ୍ରହ, ଦମନ; କିମ୍=କ'ଣ; କରିଷ୍ୟତି=କରିପାରେ ।

## ଅନୁବାଦ

**ଏପରିକି ଏକ ଜ୍ଞାନୀଲୋକ ମଧ୍ୟ ତା'ର ପ୍ରକୃତି ଅନୁଯାୟୀ କାର୍ଯ୍ୟ କରେ, କାରଣ ପ୍ରତ୍ୟେକ ନିଜ ନିଜ ପ୍ରକୃତି ଅନୁଯାୟୀ କାର୍ଯ୍ୟ କରନ୍ତି । ତାହାହେଲେ ନିଗ୍ରହ ଦ୍ୱାରା କ'ଣ ହୋଇପାରେ ?**

## ଭାବାର୍ଥ

ବ୍ୟକ୍ତି କୃଷ୍ଣଚେତନାର ଦିବ୍ୟସ୍ତରରେ ଅବସ୍ଥିତ ନହେଲେ ସେ କଦାପି ଭୂତପ୍ରକୃତିର ତ୍ରିଗୁଣରୁ ମୁକ୍ତ ହୋଇ ପାରିବ ନାହିଁ । ଏକଥା ଭଗବାନ୍ ସପ୍ତମ ଅଧ୍ୟାୟ(୭-୧୪)ରେ କହିଛନ୍ତି । ତେଣୁ ଏ ଭୌତିକ ଜଗତରେ ବ୍ୟକ୍ତି ଖୁବ୍ ଉଚ୍ଚଶିକ୍ଷିତ ହୋଇଥିଲେ ସୁଦ୍ଧା ସେ କେବଳ ପୁସ୍ତକଗତ ଜ୍ଞାନବଳରେ କିମ୍ବା ଆତ୍ମାକୁ ଶରୀରରୁ ଅଲଗା କରି ମାୟାର କବଳରୁ ମୁକ୍ତ ହେବା ଅସମ୍ଭବ, ଏପରି ଅନେକ ତଥାକଥିତ ଆଧ୍ୟାତ୍ମବାଦୀ ବା ଯୋଗୀ ଅଛନ୍ତି ଯେଉଁମାନେ ବାହାରକୁ ଖୁବ୍ ଉଚ୍ଚ ଆଧ୍ୟାତ୍ମବାଦୀ ବୋଲି ଜଣାପଡ଼ନ୍ତି । କିନ୍ତୁ ଭିତରେ ସେମାନେ ସଂପୂର୍ଣ୍ଣରୂପେ ଭୂତପ୍ରକୃତିର କୌଣସି ଏକ ଗୁଣର ଅଧୀନ ହୋଇଥା'ନ୍ତି । ତାହାକୁ ସେମାନେ ଅତିକ୍ରମ କରିବାକୁ ଅକ୍ଷମ ହୋଇ ପଡ଼ିଥା'ନ୍ତି । ବ୍ୟକ୍ତି ବିଶ୍ୱବିଦ୍ୟାଳୟରୁ ଖୁବ୍ ଉଚ୍ଚ ଡିଗ୍ରୀ ହାସଲ କରିଥାଇ ପାରେ, କିନ୍ତୁ ସେ ଦୀର୍ଘଦିନ ଧରି ଭୂତପ୍ରକୃତିର ସଂସ୍ପର୍ଶରେ ଆସିଥିବାରୁ ସେ ବନ୍ଧନରେ ପଡ଼ିଥାଏ । ବ୍ୟକ୍ତି କର୍ତ୍ତବ୍ୟ କର୍ମରେ ନିଯୁକ୍ତ ଥିଲେ ସୁଦ୍ଧା, କୃଷ୍ଣଚେତନା ତାକୁ ଏ ଭୌତିକ ବନ୍ଧନରୁ ମୁକ୍ତ ହେବାରେ ସାହାଯ୍ୟ କରେ । ତେଣୁ ବ୍ୟକ୍ତି ପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ ନହୋଇ ହଠାତ୍ ତା'ର କର୍ତ୍ତବ୍ୟ କର୍ମ ତ୍ୟାଗ କରିବା ଏବଂ କୃତ୍ରିମ ଢ଼ଙ୍ଗରେ ତଥାକଥିତ ଯୋଗୀ ବା ସନ୍ନ୍ୟାସୀ ସାଜିବା ଉଚିତ୍ ନୁହେଁ, ବରଂ ନିଜସ୍ଥିତିରେ ରହି ଗୁରୁଙ୍କ ନିର୍ଦ୍ଦେଶରେ କୃଷ୍ଣଚେତନା ଲାଭ କରିବା ଦିଗରେ ପ୍ରଯତ୍ନଶୀଳ ହେବା ଉଚିତ୍ । ଏହିପ୍ରକାର ବ୍ୟକ୍ତି ମାୟାର କବଳରୁ ମୁକ୍ତ ହୋଇପାରେ ।

## ଶ୍ଳୋକ - ୩୪

**ଇନ୍ଦ୍ରିୟସ୍ୟେନ୍ଦ୍ରିୟସ୍ୟାର୍ଥେ ରାଗଦ୍ୱେଷୌ ବ୍ୟବସ୍ଥିତୌ ।**
**ତୟୋର୍ନ ବଶମାଗଚ୍ଛେତ୍ତୌ ହ୍ୟସ୍ୟ ପରିପନ୍ଥିନୌ ।। ୩୪ ।।**

## ଶବ୍ଦାନୁବାଦ

ଇନ୍ଦ୍ରିୟସ୍ୟ=ଇନ୍ଦ୍ରିୟମାନଙ୍କର; ଇନ୍ଦ୍ରିୟସ୍ୟ ଅର୍ଥେ=ଇନ୍ଦ୍ରିୟଭୋଗ୍ୟ ବିଷୟ ବସ୍ତୁରେ; ରାଗ=ଆସକ୍ତି (ଅନୁରାଗ); ଦ୍ୱେଷୌ=ଅନାସକ୍ତିରେ ମଧ୍ୟ; ବ୍ୟବସ୍ଥିତୌ=ନିୟନ୍ତ୍ରଣାଧୀନରେ ରହିବା; ତୟୋଃ=ସେ ଦୁହିଁଙ୍କର; ନ=ନୁହେଁ; ବଶମ୍=ବଶୀଭୂତ (ନିୟନ୍ତ୍ରଣ); ଆଗଚ୍ଛେତ୍=ଆସିବା ଉଚିତ୍ (ବା ହେବାର ଉଚିତ୍); ତୌ=ସେ ଦୁହେଁ; ହି=ନିଶ୍ଚିତଭାବେ; ଅସ୍ୟ=ଏହାର; ପରିପନ୍ଥିନୌ=ପ୍ରତିବନ୍ଧକ ।

## ଅନୁବାଦ

**ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ ପ୍ରତି ଜୀବର ସାଧାରଣତଃ ରାଗଦ୍ୱେଷ ଥାଏ; କିନ୍ତୁ ବ୍ୟକ୍ତି ଇନ୍ଦ୍ରିୟ ଏବଂ ଇନ୍ଦ୍ରିୟଭୋଗ୍ୟ ବସ୍ତୁମାନଙ୍କର ନିୟନ୍ତ୍ରଣାଧୀନ ହେବା ଉଚିତ୍ ନୁହେଁ; କାରଣ ଏଗୁଡ଼ିକ ଆତ୍ମାନୁଭୂତି ଲାଭ ମାର୍ଗରେ ପ୍ରତିବନ୍ଧକ ଅଟନ୍ତି ।**

## ଭାବାର୍ଥ

ଯେଉଁମାନେ କୃଷ୍ଣଚେତନାରେ ଥା'ନ୍ତି ସେମାନେ ସାଧାରଣ ଭୌତିକ ଇନ୍ଦ୍ରିୟ ସୁଖଭୋଗରେ ମାତିବାକୁ ଭଲପା'ନ୍ତି ନାହିଁ । କିନ୍ତୁ ଯେଉଁମାନଙ୍କର ଏ ଚେତନା ନଥାଏ, ସେମାନେ ପ୍ରାମାଣିକ ଗ୍ରନ୍ଥ ବା ଶାସ୍ତ୍ର ନିର୍ଦ୍ଦେଶ ମାନିବା ଉଚିତ୍ । ଅସଂଯତ ଭାବରେ ଇନ୍ଦ୍ରିୟ ସୁଖଭୋଗକଲେ ବ୍ୟକ୍ତି ଭୌତିକ ବନ୍ଧନରେ ପଡ଼େ, କିନ୍ତୁ ଯେ ଶାସ୍ତ୍ରପ୍ରମାଣ ବା ଶାସ୍ତ୍ର ନିର୍ଦ୍ଦେଶକୁ ଗ୍ରହଣ କରି, ଜୀବନରେ ଆଚରଣକରେ ସେ ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁର ଆର୍କଷଣରେ ଆକୃଷ୍ଟ ହୁଏନାହିଁ କି ସେ ପାଲରେ ପଡ଼େନାହିଁ । ଉଦାହରଣ ସ୍ୱରୂପ ବଦ୍ଧଜୀବ ପକ୍ଷରେ ମୈଥୁନର ଆବଶ୍ୟକତା ଅଛି ଏବଂ ସେ ବିବାହକରି ବିବାହ ବନ୍ଧନରେ ବାନ୍ଧିହୋଇ ଏ ସୁଖ ଉପଭୋଗ କରିବାକୁ ତାକୁ ଅନୁମତି ଦିଆଯାଇଛି । ବ୍ୟକ୍ତି ନିଜର ବିବାହିତା ପତ୍ନୀ ବ୍ୟତୀତ ଅନ୍ୟ ସ୍ତ୍ରୀ ରମଣ କରିବାକୁ ଶାସ୍ତ୍ରରେ ମନା ଅଛି । ଅନ୍ୟ ସ୍ତ୍ରୀମାନଙ୍କ ପ୍ରତି ସେ ମାତୃତୁଲ୍ୟ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏସବୁ ଶାସ୍ତ୍ର ନିର୍ଦ୍ଦେଶ ସତ୍ତ୍ୱେ ପୁରୁଷ ଅନ୍ୟ ସ୍ତ୍ରୀ ସହିତ ଯୌନ ସମ୍ବନ୍ଧ ସ୍ଥାପନ କରିବାକୁ ଇଚ୍ଛାକରେ, କିନ୍ତୁ ଏ ପ୍ରକାର ମନୋବୃତ୍ତିକୁ ତ୍ୟାଗକରିବାକୁ ପଡ଼ିବ, ତା' ନହେଲେ ଏ ଆତ୍ମାନୁଭୂତି ଲାଭ ମାର୍ଗରେ ପ୍ରତିବନ୍ଧକ ସୃଷ୍ଟି କରିବେ । ଯେପର୍ଯ୍ୟନ୍ତ ଭୌତିକ ଶରୀର ଅଛି ସେପର୍ଯ୍ୟନ୍ତ ସେ ଶରୀରର ଆବଶ୍ୟକତା ଅଛି । ଶାସ୍ତ୍ର ନିର୍ଦ୍ଦେଶ ଅନୁଯାୟୀ ସଂଯତ ଭାବରେ ଇନ୍ଦ୍ରିୟ ସୁଖ ଉପଭୋଗ କରିବାକୁ ଅନୁମତି ଦିଆଯାଇଅଛି । ତଥାପି ଆମ୍ଭମାନଙ୍କୁ ଏପ୍ରକାର ଅନୁମତି ଉପରେ ଭରସା କରିବାର ନାହିଁ । ବ୍ୟକ୍ତି ଅନାସକ୍ତ ଭାବରେ ସେ ନିୟମଗୁଡ଼ିକ ପାଳନ କରିବା ଉଚିତ୍ । କାରଣ ନିୟମାନୁଯାୟୀ ଇନ୍ଦ୍ରିୟ-ସୁଖଭୋଗ କଲେ ସୁଦ୍ଧା ପଥଭ୍ରଷ୍ଟ ହେବାର ବହୁତ ସମ୍ଭାବନା ଅଛି । ଯେପରି ରାଜପଥରେ ମଧ୍ୟ ଆକସ୍ମିକ ଦୁର୍ଘଟଣାର ସମ୍ଭାବନା ଅଛି; ସେହିପରି ସଂଯତ ଭାବରେ ଇନ୍ଦ୍ରିୟ ସୁଖଭୋଗ କଲେ ସୁଦ୍ଧା ସ୍ଖଳନର ସମ୍ଭାବନା ଅଛି । ରାଜପଥରେ ଯେପରି ଦୁର୍ଘଟଣା ନ ଘଟେ ସେଥିପାଇଁ ବଡ଼ ଯତ୍ନ ମଧ୍ୟ ନିଆଯାଇଅଛି, ତଥାପି ଦୁର୍ଘଟଣା ଯେ ନଘଟିବ ଏ ଅଭୟବାଣୀ କେହି ଶୁଣାଇ ପାରିବେନାହିଁ । ବହୁତ ଜନ୍ମଧରି ଆମ୍ଭେମାନେ ଭୂତପ୍ରକୃତିର ସଂସ୍ପର୍ଶରେ ଆସୁଥିବାରୁ ଆମ୍ଭମାନଙ୍କ ମଧ୍ୟରେ ଇନ୍ଦ୍ରିୟ-ସୁଖଭୋଗ

ଲାଳସା ଖୁବ୍ ବଳବତୀ ହୋଇଅଛି । ସେଇଥିପାଇଁ ସଂଯତ ଭାବରେ ଇନ୍ଦ୍ରିୟ-ସୁଖଭୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ବା ବ୍ୟକ୍ତି ସଂଯତ ଭାବରେ ଇନ୍ଦ୍ରିୟ-ସୁଖ ଉପଭୋଗ କରୁଥିଲେ ସୁଦ୍ଧା ସ୍ଖଳନ ହେବାର ବହୁତ ସମ୍ଭାବନା ଅଛି ।ତେଣୁ ନିୟନ୍ତ୍ରିତ ଭାବରେ ଇନ୍ଦ୍ରିୟ-ସୁଖଭୋଗ କରିବା କାମନାକୁ ମଧ୍ୟ ତ୍ୟାଗକରିବା ଉଚିତ୍, କିନ୍ତୁ କୃଷ୍ଣସେବାରେ ରତ ହୋଇଗଲେ ବା କୃଷ୍ଣପ୍ରୀତି ଜାତହେଲେ ସମସ୍ତ ପ୍ରକାର ଇନ୍ଦ୍ରିୟ-ସୁଖ ଭୋଗଲାଳସା ଦୂରୀଭୂତ ହୋଇଯାଏ । ତେଣୁ ଜୀବନର କୌଣସି ଅବସ୍ଥାରେ ମଧ୍ୟ କୃଷ୍ଣଚେତନାରୁ ଦୂରେଇ ଯିବାକୁ ଚେଷ୍ଟାକରିବା ଉଚିତ୍ ନୁହେଁ । ସମସ୍ତ ପ୍ରକାର ଇନ୍ଦ୍ରିୟ-ସୁଖ-ଭୋଗରୁ ବିରତ ହେବା ବିଧି ପରିଣାମତଃ ବ୍ୟକ୍ତିକୁ କୃଷ୍ଣଚେତନା ସ୍ତରରେ ଉପନୀତ କରାଏ ।

## ଶ୍ଳୋକ - ୩୫

**ଶ୍ରେୟାନ୍‌ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍ ।**
**ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।। ୩୫ ।।**

## ଶବ୍ଦାନୁବାଦ

ଶ୍ରେୟାନ୍=ବରଂ ଉତ୍ତମ; ସ୍ୱ-ଧର୍ମଃ=ବ୍ୟକ୍ତିର ସ୍ୱଧର୍ମ ବା ନିର୍ଦ୍ଦିଷ୍ଟଧର୍ମ; ବିଗୁଣଃ=ଦୋଷଯୁକ୍ତ ହେଲେ ସୁଦ୍ଧା; ପର-ଧର୍ମାତ୍=ଅନ୍ୟ ନିମିତ୍ତ ନିର୍ଦ୍ଦିଷ୍ଟ ଧର୍ମ (ବା କର୍ତ୍ତବ୍ୟ) ଅପେକ୍ଷା; ସ୍ୱନୁଷ୍ଠିତାତ୍=ଭଲଭାବରେ କରିବା ଅପେକ୍ଷା; ସ୍ୱ-ଧର୍ମେ=ନିଜ ଧର୍ମରେ ଅର୍ଥାତ୍ ନିଜର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟରେ; ନିଧନମ୍=ମୃତ୍ୟୁ; ଶ୍ରେୟଃ=ଉତ୍ତମ; ପର-ଧର୍ମଃ=ଅନ୍ୟମାନଙ୍କ ନିମିତ୍ତ ନିର୍ଦ୍ଦିଷ୍ଟ ଧର୍ମ (ବା କର୍ତ୍ତବ୍ୟ); ଭୟ-ଆବହଃ=ଭୟାବହ ବା ବିପଦପୂର୍ଣ୍ଣ ।

## ଅନୁବାଦ

**ଅନ୍ୟର ଧର୍ମ (ବା କର୍ମ) ଆଚରଣ କରିବା ଅପେକ୍ଷା ନିଜର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ କର୍ମ (ବା ଧର୍ମ) ଯେତେ ଦୋଷଯୁକ୍ତ ହେଲେ ସୁଦ୍ଧା ତାହାକୁ ହିଁ ଆଚରଣ କରିବା ଉଚିତ୍ । ଅନ୍ୟ ଧର୍ମ ବା ଅନ୍ୟ ନିମିତ୍ତ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ଆଚରଣ କରିବା ଅପେକ୍ଷା ନିଜର କର୍ତ୍ତବ୍ୟ କର୍ମରେ ସ୍ଥିରରହି ମୃତ୍ୟୁବରଣ କରିବା ବରଂ ଭଲ, କାରଣ ଅନ୍ୟ ନିମିତ୍ତ ନିର୍ଦ୍ଦିଷ୍ଟ କର୍ମ (ବା ଧର୍ମ) ଅନୁସରଣ କରିବା ଭୟାବହ ଅଟେ ।**

## ଭାବାର୍ଥ

ବ୍ୟକ୍ତି ପୂର୍ଣ୍ଣକୃଷ୍ଣଚେତନାରେ ନିଜର କର୍ତ୍ତବ୍ୟକର୍ମ ସମ୍ପାଦନ କରିବା ଉଚିତ୍ ।ଅନ୍ୟ ନିମିତ୍ତ ନିର୍ଦ୍ଦିଷ୍ଟ କର୍ମ କରିବା ଅପେକ୍ଷା ନିଜର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ କୃଷ୍ଣଚେତନାରେ ସମ୍ପାଦନ କରିବା ଖୁବ୍ ଉତ୍ତମ ।ଭୂତପ୍ରକୃତିର ତ୍ରିଗୁଣର ବଶବର୍ତ୍ତୀହୋଇ ବ୍ୟକ୍ତି ନିଜର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ କର୍ମ ସମ୍ପାଦନ କଲେ ତାହା ତାହାର ଶାରୀରିକ ଓ ମାନସିକ ଅବସ୍ଥାକୁ ଠିକ୍ ରଖେ ।ଗୁରୁଙ୍କ ନିର୍ଦ୍ଦେଶରେ କୃଷ୍ଣସେବା ନିମିତ୍ତ ଆଧ୍ୟାତ୍ମିକ କର୍ମ କରାଯାଏ ।

ଉଭୟ କ୍ଷେତ୍ରରେ, ଭୌତିକ କ୍ଷେତ୍ରରେ ହେଉ ବା ଆଧ୍ୟାତ୍ମିକ ମାର୍ଗରେ ହେଉ ବ୍ୟକ୍ତି ଅନ୍ୟ ନିମିତ୍ତ ନିର୍ଦ୍ଦିଷ୍ଟ କର୍ମ ଆଚରଣ କରିବା ଉଚିତ୍ ନୁହେଁ, ବରଂ ନିଜର କର୍ତ୍ତବ୍ୟରେ

ସ୍ଥିରରହି ମୃତ୍ୟୁ ବରଣ କରିବା ଉଚିତ୍ । ଦିବ୍ୟ ସ୍ତରର କର୍ମ ଓ ଭୌତିକ ସ୍ତରର କର୍ମ ଭିନ୍ନ ହୋଇପାରେ, କିନ୍ତୁ ଯେପରି ନିର୍ଦ୍ଦେଶ ଦିଆଯାଇଅଛି ତାହା ଅନୁସରଣ କରିବା ସର୍ବଦା କର୍ତ୍ତା ପକ୍ଷରେ ମଙ୍ଗଳକର ଅଟେ । ଯେତେବେଳେ ବ୍ୟକ୍ତି ଭୌତିକ ଗୁଣାଧୀନ ହୋଇପଡ଼ିଛି, ସେତେବେଳେ ସେ ଯେଉଁ ସ୍ଥିତିରେ ଅଛି ସେ ସ୍ଥିତି ଅନୁଯାୟୀ ଯାହା ଯେପରି କରିବାର କଥା ସେହିପରି କରିବା ଉଚିତ୍ । ସେ ସ୍ଥିତିପାଇଁ ଯେପରି ନିୟମ ରହିଛି ସେ ନିୟମ ଅନୁସରଣ କରିବା ଉଚିତ୍ । ସେ ଅନ୍ୟକୁ ଅନୁକରଣ କରିବା ଉଚିତ୍ ନୁହେଁ । ଉଦାହରଣ ସ୍ୱରୂପ, ସାଧାରଣତଃ ବ୍ରାହ୍ମଣ ସତ୍ତ୍ୱଗୁଣାଧୀନ ହୋଇଥାଏ । ତେଣୁ ସ୍ୱଭାବତଃ ସେ ଅହିଂସା ବା ଶାନ୍ତପ୍ରକୃତିବିଶିଷ୍ଟ ହୁଏ, କିନ୍ତୁ କ୍ଷତ୍ରିୟ ରଜୋଗୁଣାଧୀନ ହୋଇଥିବାରୁ ହିଂସା ଆଚରଣ କରିବାକୁ ତାକୁ ଅନୁମତି ଦିଆଯାଏ । ଏଇଥିପାଇଁ କ୍ଷତ୍ରିୟ ବରଂ ହିଂସା ଆଚରଣ କରି ମୃତ୍ୟୁ ବରଣ କରିବା ଉଚିତ୍; କିନ୍ତୁ ଏକ ବ୍ରାହ୍ମଣକୁ ଅନୁକରଣକରି ଅହିଂସ ହେବା ଉଚିତ୍ ନୁହେଁ । (ବ୍ରାହ୍ମଣ ହିଁ ଅହିଂସା ନୀତି ଆଚରଣ କରେ) । ପ୍ରତ୍ୟେକ କ୍ରମେ କ୍ରମେ ହୃଦୟକୁ ବିଶୁଦ୍ଧ କରିବା ଉଚିତ୍, ହଠାତ୍ ନୁହେଁ । ଅବଶ୍ୟ ଯେ ତ୍ରିଗୁଣକୁ ଅତିକ୍ରମ କରି ଯାଇଛି ଏବଂ ପୂର୍ଣ୍ଣରୂପେ କୃଷ୍ଣଚେତନାରେ ଅଛି, ସେ ଗୁରୁଙ୍କ ନିର୍ଦ୍ଦେଶରେ ସବୁକିଛି କରିପାରେ । ପୂର୍ଣ୍ଣ କୃଷ୍ଣଚେତନାସ୍ତରରେ କ୍ଷତ୍ରିୟ, ବ୍ରାହ୍ମଣପରି ଓ ବ୍ରାହ୍ମଣ, କ୍ଷତ୍ରିୟପରି ଆଚରଣ କରିପାରେ । ଦିବ୍ୟ ସ୍ତରରେ ବ୍ରାହ୍ମଣ-କ୍ଷତ୍ରିୟ ଭେଦଭାବ ବିଗ୍ରହକୁ ନିଆଯାଏ ନାହିଁ । ଏହା ଭୌତିକ ସ୍ତରରେ ବିଚାର୍ଯ୍ୟ । ଉଦାହରଣ ସ୍ୱରୂପ, ବିଶ୍ୱାମିତ୍ର ପ୍ରଥମେ ଜଣେ କ୍ଷତ୍ରିୟ ଥିଲେ, କିନ୍ତୁ ପରେ ସେ ଜଣେ ବ୍ରାହ୍ମଣଭଳି କାର୍ଯ୍ୟ କରିଥିଲେ । ସେହିପରି ପର୍ଶୁରାମ ଜଣେ ବ୍ରାହ୍ମଣ ଥିଲେ, କିନ୍ତୁ ପରେ ସେ ଜଣେ କ୍ଷତ୍ରିୟଙ୍କ ଭଳି କାର୍ଯ୍ୟ କରିଥିଲେ । ଦିବ୍ୟ ସ୍ତରରେ ଅବସ୍ଥାନ କରିଥିବାରୁ ସେମାନେ ସେହିପରି କରିପାରୁଥିଲେ, କିନ୍ତୁ ଯେପର୍ଯ୍ୟନ୍ତ ବ୍ୟକ୍ତି ଭୌତିକ ସ୍ତରରେ ଅଛି ସେ ପର୍ଯ୍ୟନ୍ତ ସେ ଭୂତପ୍ରକୃତିର ଗୁଣାନୁଯାୟୀ କର୍ମକରିବା ଉଚିତ୍ । ତତ୍ ସଙ୍ଗେ ସଙ୍ଗେ ସେ ପୂର୍ଣ୍ଣ କୃଷ୍ଣଚେତନାରେ ରହିବା ଉଚିତ୍ ।

## ଶ୍ଳୋକ - ୩୬

## ଅର୍ଜୁନ ଉବାଚ

**ଅଥ କେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୂରୁଷଃ ।**
**ଅନିଚ୍ଛନ୍ନପି ବାର୍ଷ୍ଣେୟ ବଲାଦିବ ନିୟୋଜିତଃ ।। ୩୬ ।।**

## ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; ଅଥ=ଏଣୁ; କେନ=କାହାଦ୍ୱାରା; ପ୍ରଯୁକ୍ତଃ=ବାଧ୍ୟହୁଏ; ଅୟମ୍=ବ୍ୟକ୍ତି; ପାପମ୍=ପାପ; ଚରତି=ଆଚରଣକରେ; ପୂରୁଷଃ=ଏକ ବ୍ୟକ୍ତି; ଅନିଚ୍ଛନ୍=ଅନିଚ୍ଛାସତ୍ତ୍ୱେ; ଅପି=ଯଦିଓ; ବାର୍ଷ୍ଣେୟ=ହେ ବୃଷ୍ଣି ବଂଶଜ; ବଲାତ୍=ବଳପୂର୍ବକ; ଇବ=ଯେପରି; ନିୟୋଜିତଃ=ନିଯୁକ୍ତ ।

## ଅନୁବାଦ

ଅର୍ଜୁନ କହିଲେ, ‘‘ହେ ବାର୍ଷ୍ଣେୟ (ବୃଷ୍ଣି ବଂଶଜ) ! କାହିଁକି ବ୍ୟକ୍ତି ଅନିଚ୍ଛା ସତ୍ତ୍ୱେ ଯେପରି ବଳପୂର୍ବକ ନିଯୁକ୍ତ ହେଲାଭଳି ପାପକର୍ମ କରେ ।

## ଭାବାର୍ଥ

ଜୀବ ପରମେଶ୍ୱରଙ୍କର ଅଂଶବିଶେଷ ହୋଇଥିବାରୁ ସେ ସ୍ୱଭାବତଃ ଶୁଦ୍ଧ, ଦିବ୍ୟ ଏବଂ ସମସ୍ତ ପ୍ରକାର ଭୌତିକ ଦୋଷରୁ ମୁକ୍ତ । ତେଣୁ ସାଧାରଣତଃ ଯେ ଏ ଭୌତିକ ଦୋଷଦୁଷ୍ଟ ହୁଏନାହିଁ, କିନ୍ତୁ ସେ ଯେତେବେଳେ ଭୂତପ୍ରକୃତିର ସଂସ୍ପର୍ଶରେ ଆସେ, ସେତେବେଳେ ସେ ବିନାଦ୍ୱିଧାରେ ଅନେକ ପାପକର୍ମ କରିଥାଏ । ଏପରିକି ବେଳେବେଳେ ସେ ନିଜ ଇଚ୍ଛା ବିରୁଦ୍ଧରେ ମଧ୍ୟ ପାପକର୍ମକରେ । ତେଣୁ ଅର୍ଜୁନଙ୍କର ଏ ପ୍ରଶ୍ନ ଖୁବ୍ ଯୁକ୍ତିଯୁକ୍ତ । ଜୀବର କାହିଁକି ଏ ପ୍ରକାର ପ୍ରକୃତି ହୁଏ ? ବାସ୍ତବିକ୍ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ । ଯଦିଓ ଜୀବ ବେଳେବେଳେ ପାପକର୍ମ କରିବାକୁ ଇଚ୍ଛା କରେ ନାହିଁ, ତଥାପି ସେ ତାହା କରିବାକୁ ବାଧ୍ୟ ହୁଏ । ହୃଦୟରେ ଥିବା ପରମାତ୍ମା ଏହା କରିବାକୁ ଜୀବକୁ ପ୍ରେରଣା ଦିଅନ୍ତି ନାହିଁ, କିନ୍ତୁ ଏହାର ଅନ୍ୟ କାରଣ ଅଛି । ଭଗବାନ୍ ସେ କାରଣ ପରବର୍ତ୍ତୀ ଶ୍ଳୋକରେ କହୁଛନ୍ତି ।

## ଶ୍ଳୋକ - ୩୭

## ଶ୍ରୀ ଭଗବାନୁବାଚ

**କାମ ଏଷ କ୍ରୋଧ ଏଷ ରଜୋଗୁଣସମୁଦ୍ଭବଃ ।**
**ମହାଶନୋ ମହାପାପ୍ମା ବିଦ୍ଧ୍ୟେନମିହ ବୈରିଣମ୍ ।। ୩୭ ।।**

## ଶବ୍ଦାନୁବାଦ

ଶ୍ରୀଭଗବାନୁବାଚ=ପରମପୁରୁଷ ଭଗବାନ୍ କହିଲେ; କାମଃ=କାମନା; ଏଷଃ=ଏସବୁ; କ୍ରୋଧଃ=କ୍ରୋଧ; ଏଷଃ=ଏସବୁ; ରଜୋଗୁଣ=ରଜୋଗୁଣ; ସମୁଦ୍ଭବଃ=(ରୁ) ଜାତ; ମହାଶନଃ=ସର୍ବଗ୍ରାସୀ; ମହା-ପାପ୍ମା=ଅତ୍ୟନ୍ତ ପାପପୂର୍ଣ୍ଣ; ବିଦ୍ଧି=ଜାଣ; ଏନମ୍=ଏହାକୁ; ଇହ=ଏ ଭୌତିକ ଜଗତରେ; ବୈରିଣମ୍=ମହାନ୍ ଶତ୍ରୁ ।

## ଅନୁବାଦ

**ଶ୍ରୀଭଗବାନ୍ କହିଲେ - ହେ ଅର୍ଜୁନ ! ଏହା ହେଉଛି କାମନା । ଏହା ରଜୋଗୁଣରୁ ଜାତ ଏବଂ ପରେ ଏହା କ୍ରୋଧରେ ପରିଣତ ହୁଏ ଏବଂ ସେହି କାମ ଏହି ପୃଥିବୀରେ ଏକ ସର୍ବଗ୍ରାସୀ ମହାନ୍ ପାପକର୍ମା ଶତ୍ରୁ ଅଟେ ।**

## ଭାବାର୍ଥ

ଯେତେବେଳେ ଜୀବ ଏ ଭୌତିକ ସୃଷ୍ଟି ସଂସ୍ପର୍ଶରେ ଆସେ ସେତେବେଳେ ତା'ର ଶାଶ୍ୱତ କୃଷ୍ଣପ୍ରେମ ରଜୋଗୁଣ ସମ୍ପର୍କରେ ଆସି କାମରେ ପରିଣତ ହୋଇଥାଏ । ଅନ୍ୟ କଥାରେ ଏହା ହିଁ କୁହାଯାଇପାରେ ଯେ ଯେପରି ଦୁଗ୍ଧରେ ଅମ୍ଳ ମିଶ୍ରିତ ହେଲେ ତାହା ଦଧିରେ ପରିଣତ ହୁଏ, ଠିକ୍ ସେହିପରି ଜୀବର କୃଷ୍ଣପ୍ରେମ କାମରେ ପରିଣତ ହୋଇଥାଏ । ତତ୍ପରେ ଅସନ୍ତୋଷ ଯୋଗୁଁ କ୍ରୋଧରେ ପରିଣତ ହୁଏ, କ୍ରୋଧ ସଂମୋହରେ ପରିଣତ ହୁଏ ଏବଂ ସେହି ମୋହ ଏ ଭୌତିକ ସ୍ଥିତିରେ ବରାବର ରହିଥାଏ । ତେଣୁ ଏ କାମ ଜୀବର ଏକ ମହାନ୍ ଶତ୍ରୁ ଏବଂ ଏହି କାମ ହିଁ ବିଶୁଦ୍ଧ ଜୀବକୁ ଭୌତିକ ବନ୍ଧନରେ ପକାଇ ଏ ଭୌତିକ ଜଗତରେ

ରହିବାକୁ ପ୍ରେରଣା ଦିଏ । କ୍ରୋଧ ହେଉଛି ତମୋଗୁଣର ପ୍ରକାଶ । ଏହି ଗୁଣଗୁଡ଼ିକ କ୍ରୋଧ ଏବଂ ତଦ୍ରୂପ ଅନ୍ୟ ଭାବରେ ପ୍ରକାଶିତ ହୁଅନ୍ତି । ଯଦି ଏହି ରଜୋଗୁଣ ତମୋଗୁଣକୁ ଅଧୋପତିତ ନହୁଏ, ଅର୍ଥାତ୍ ଯଦି ଏହା ସଦାଗ୍ରର ଆଚରଣ ଦ୍ୱାରା ନିର୍ଦ୍ଦେଶିତ ସାତ୍ତ୍ୱିକ ଜୀବନଧାରା ଅବଲମ୍ବନ ଦ୍ୱାରା ସତ୍ତ୍ୱଗୁଣକୁ ଉନ୍ନୀତ ହୁଏ, ତାହାହେଲେ ବ୍ୟକ୍ତି ଆଧ୍ୟାତ୍ମିକ ଜୀବନଧାରା ଅବଲମ୍ବନ ଦ୍ୱାରା ନୀଚଗାମୀ କ୍ରୋଧ କବଳରୁ ରକ୍ଷାପାଏ ।

ପରମପୁରୁଷ ଭଗବାନ୍ ତାଙ୍କର କ୍ରମବର୍ଦ୍ଧମାନ ଦିବ୍ୟ ଆନନ୍ଦଲାଭ ନିମିତ୍ତ ଅନେକ ରୂପରେ ବିସ୍ତୃତ ହୁଅନ୍ତି ଏବଂ ଜୀବଗଣ ସେହି ଦିବ୍ୟ ଆନନ୍ଦର ଅଂଶ ବିଶେଷ ଅଟନ୍ତି । ସେମାନଙ୍କର ମଧ୍ୟ ଆଂଶିକ ସ୍ୱାଧୀନତା ଅଛି, କିନ୍ତୁ ସେମାନେ ଯେତେବେଳେ ସେହି ସ୍ୱାଧୀନତାର ଅପବ୍ୟବହାର କରନ୍ତି ସେତେବେଳେ ସେମାନଙ୍କର କୃଷ୍ଣସେବା ମନୋବୃତ୍ତି ଇନ୍ଦ୍ରିୟସୁଖ ଉପଭୋଗ ମନୋବୃତ୍ତିରେ ରୂପାନ୍ତରିତ ହୋଇଯାଏ ଏବଂ ସେଇଥିଯୋଗୁଁ ସେମାନେ କାମାଧୀନ ହୋଇପଡ଼ନ୍ତି । ଜୀବର ଏହି କାମ ପିପାସା ମେଣ୍ଟାଇବା ନିମିତ୍ତ ବଦ୍ଧଜୀବକୁ ଏହି ସୁବିଧା ଦେବା ନିମିତ୍ତ ଭଗବାନ୍ ଏହି ଭୌତିକ ସୃଷ୍ଟି କରିଛନ୍ତି, କିନ୍ତୁ ଯେତେବେଳେ ସେମାନେ ବାରମ୍ବାର କାମ ପିପାସାରେ ପ୍ରମୋଦିତ ହୋଇ ତଦ୍ରୂପ କର୍ମରେ ବରାବର ନିଯୁକ୍ତ ହୁଅନ୍ତି ଏବଂ ତଦ୍ଦ୍ୱାରା ପରିଣାମତଃ ସେମାନେ ପ୍ରତାରିତ ହୁଅନ୍ତି, ସେତେବେଳେ ସେମାନେ (ଅର୍ଥାତ୍ ଜୀବ) ସେମାନଙ୍କର ପ୍ରକୃତ ସ୍ଥିତି (ବା ସ୍ୱରୂପସ୍ଥିତି) ସମ୍ବନ୍ଧରେ ଜିଜ୍ଞାସା କରିବାକୁ ଆରମ୍ଭ କରନ୍ତି ।

ଏହି ଜିଜ୍ଞାସା ବେଦାନ୍ତ ସୂତ୍ରର ପ୍ରାରମ୍ଭ ଅଟେ । ସେଥିରେ କୁହାଯାଇଛି— *‘‘ଅଥାତୋ ବ୍ରହ୍ମ ଜିଜ୍ଞାସା’’* ଅର୍ଥାତ୍ ବ୍ୟକ୍ତି ବ୍ରହ୍ମଜିଜ୍ଞାସା କରିବା ଉଚିତ୍ । ଶ୍ରୀମଦ୍‌ଭାଗବତରେ ସେହି ପରଂବ୍ରହ୍ମଙ୍କର ବର୍ଣ୍ଣନା ଦିଆଯାଇ କୁହାଯାଇଛି- *‘‘ଜନ୍ମାଦ୍ୟସ୍ୟ ଯତୋଽନ୍ୱୟାଦ୍ ଇତରତଶ୍ଚ’’* ଅର୍ଥାତ୍ ପରଂବ୍ରହ୍ମ ହେଉଛନ୍ତି ସମସ୍ତଙ୍କର ଉଦ୍ଭବସ୍ଥଳ । ତେଣୁ ‘କାମ’ର ‘ଉତ୍ପତ୍ତିସ୍ଥଳ ମଧ୍ୟ ପରଂବ୍ରହ୍ମ ଅଟନ୍ତି । ତେଣୁ ଯଦି କାମ ଭଗବତ୍ ପ୍ରେମ ବା କୃଷ୍ଣଚେତନାରେ ରୂପାନ୍ତରିତ ହୋଇଯାଏ, ଅର୍ଥାତ୍ ବ୍ୟକ୍ତି ଯେତେବେଳେ ସବୁକିଛି କୃଷ୍ଣନିମିତ୍ତ ହିଁ କାମନା କରେ ସେତେବେଳେ ଉଭୟ କାମ ଓ କ୍ରୋଧ ଦିବ୍ୟଭାବାପନ୍ନ ହୋଇଯାଏ ।

ଶ୍ରୀରାମଚନ୍ଦ୍ର ଦେବଙ୍କର ପ୍ରଧାନ ସେବକ ଶ୍ରୀ ହନୁମାନଜୀ ଭଗବାନଙ୍କର ସନ୍ତୋଷ ବିଧାନ ନିମିତ୍ତ ତାଙ୍କର କ୍ରୋଧକୁ ଭଗବାନଙ୍କର ଶତ୍ରୁମାନଙ୍କ ଉପରେ ବ୍ୟବହାର କରୁଥିଲେ । ତେଣୁ କାମ ଓ କ୍ରୋଧ ଯେତେବେଳେ କୃଷ୍ଣଚେତନାରେ ବ୍ୟବହୃତ ହୁଏ, ସେତେବେଳେ ସେ (କାମ ଓ କ୍ରୋଧ) ଆମର ଶତ୍ରୁ ନହୋଇ ବନ୍ଧୁ ହୋଇଯା’ନ୍ତି ।

## ଶ୍ଳୋକ - ୩୮

**ଧୂମେନାବ୍ରିୟତେ ବହ୍ନିର୍ଯଥାଦର୍ଶୋ ମଳେନ ଚ ।**
**ଯଥୋଲ୍ବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍ ।। ୩୮ ।।**

## ଶବ୍ଦାନୁବାଦ

ଧୂମେନ=ଧୂଆଁଦ୍ୱାରା; ଆବ୍ରିୟତେ=ଆବୃତ; ବହ୍ନିଃ=ଅଗ୍ନି; ଯଥା=ଯେପରି; ଆଦର୍ଶଃ=ଦର୍ପଣ; ମଳେନ=ଧୂଳି ଦ୍ୱାରା; ଚ=ଏବଂ; ଯଥା=ଯେପରି; ଉଲ୍ବେନ=ଜରାୟୁଦ୍ୱାରା;

ଆବୃତଃ=ଆବୃତ; ଗର୍ଭଃ=ଗର୍ଭସ୍ଥିତ ଶିଶୁ; ତଥା=ସେହିପରି; ତେନ=ସେହି କାମଦ୍ୱାରା; ଇଦମ୍=ଏହି; ଆବୃତମ୍=ଆଚ୍ଛାଦିତ ।

## ଅନୁବାଦ

**ଯେପରି ଅଗ୍ନି ଧୂମଦ୍ୱାରା ଆବୃତ ହୋଇଥାଏ, ଦର୍ପଣ ଧୂଳିଦ୍ୱାରା ଆବୃତ୍ତ ହୋଇ ଥାଏ କିମ୍ବା ଗର୍ଭସ୍ଥିତ ଶିଶୁ ଯେପରି ଜରାୟୁ ଦ୍ୱାରା ଆବୃତ୍ତ ହୋଇଥାଏ, ଠିକ୍ ସେହିପରି ଜୀବ ବିଭିନ୍ନ ପ୍ରକାର କାମଦ୍ୱାରା ଆବୃତ ହୋଇଥାଏ ।**

## ଭାବାର୍ଥ

ଜୀବ ତିନିପ୍ରକାର ଆବରଣ ଦ୍ୱାରା ଆବୃତ । ତଦ୍ଦ୍ୱାରା ତା'ର ଶୁଦ୍ଧଚେତନା ଆବୃତ ହୋଇଯାଇଛି । ଏ ଆବରଣ ହେଉଛି କାମର ବିଭିନ୍ନ ପ୍ରକାର ଆବରଣ, ଯେପରି ବହ୍ନି ଧୂମଦ୍ୱାରା ଆବୃତ, ଦର୍ପଣ ଧୂଳିଦ୍ୱାରା ଆବୃତ ଏବଂ ଗର୍ଭସ୍ଥିତ ଶିଶୁ ଜରାୟୁଦ୍ୱାରା ଆବୃତ, ସେହିପରି ସେ କାମ, ଧୂମ ସହିତ ତୁଳନୀୟ ହୁଏ । ସେତେବେଳେ ଅନୁମିତ ହୁଏ ଯେ ଜୀବାତ୍ମାର ଦିବ୍ୟଜ୍ୟୋତି କିଛି ପରିମାଣରେ ପରିଦୃଶ୍ୟମାନ ହୋଇପାରେ । ଅନ୍ୟ କଥାରେ ଏହା ହିଁ କୁହାଯାଇପାରେ ଯେ ସେତେବେଳେ ଜୀବ କିଛି ପରିମାଣରେ କୃଷ୍ଣଚେତନା ପ୍ରଦର୍ଶନ କରେ, ସେତେବେଳେ ସେ ଧୂମଦ୍ୱାରା ଆବୃତ ଅଗ୍ନିପରି ଅଟେ । ଯେଉଁଠି ଧୂଆଁ ଅଛି ଅବଶ୍ୟ ସେଠାରେ ନିଆଁ ଅଛି । ପ୍ରାଥମିକ ଅବସ୍ଥାରେ ଅଗ୍ନିର ବିଶୁଦ୍ଧ ପ୍ରକାଶ ନଥାଏ । ଏ ଅବସ୍ଥା କୃଷ୍ଣଚେତନାର ପ୍ରାରମ୍ଭ ଅବସ୍ଥା ଅଟେ । ଦର୍ପଣକୁ ଆବୃତ କରିଥିବା ଧୂଳି ମନଃ ଦର୍ପଣର ପରିଷ୍କାର-କରଣ କଥାକୁ ବୁଝାଏ । ବିଭିନ୍ନ ପ୍ରକାର ବିଧିରେ ଚିତ୍ତଦର୍ପଣ ମାର୍ଜନ କଥାକୁ ଏହା ବୁଝାଏ । ସର୍ବୋତ୍ତମ ବିଧି ହେଲା ଭଗବାନଙ୍କର ଦିବ୍ୟନାମ କୀର୍ତ୍ତନ କରିବା । ଗର୍ଭସ୍ଥିତ ଶିଶୁର ଜରାୟୁଦ୍ୱାରା ଆବରଣ କଥାଟି ଏକ ନିଃସହାୟ ଅବସ୍ଥାକୁ ବୁଝାଏ, କାରଣ ଗର୍ଭରେ ଥିବା ଶିଶୁ ଏପରି ନିଃସହାୟ ଅବସ୍ଥାରେ ଥାଏ ଯେ ସେ ନିଜ ଇଚ୍ଛାନୁଯାୟୀ ବିଚରଣ କରିପାରେ ନାହିଁ । ଜୀବର ଏ ପ୍ରକାର ଅବସ୍ଥାକୁ ବୃକ୍ଷର ଅବସ୍ଥା ସହ ତୁଳନା କରାଯାଇପାରେ । ବୃକ୍ଷଗୁଡ଼ିକ ମଧ୍ୟ ଜୀବ ଅଟନ୍ତି, କିନ୍ତୁ ସେମାନେ ଏ ପ୍ରକାର ଏକ ଜୀବନ ଲାଭ କରିଛନ୍ତି ଯେ ସେ ଅବସ୍ଥାରେ ସେମାନେ ପ୍ରାୟ ସମସ୍ତପ୍ରକାର ଚେତନଶକ୍ତି ଶୂନ୍ୟ ହୋଇଯାଇଛନ୍ତି । କାମର ବିରାଟ ପ୍ରଦର୍ଶନ ଯୋଗୁଁ ସେମାନେ ଏ ଅବସ୍ଥା ଲାଭ କରିଛନ୍ତି । ଧୂଳିଦ୍ୱାରା ଆବୃତ ଦର୍ପଣ ପଶୁପକ୍ଷୀଙ୍କ ସହ ତୁଳନୀୟ ଏବଂ ଧୂମାବୃତ ଅଗ୍ନି ମାନବଙ୍କସହ ତୁଳନୀୟ । ମାନବ ଜନ୍ମରେ ଜୀବ କିଛି ପରିମାଣରେ କୃଷ୍ଣଚେତନା ଜାଗ୍ରତ କରିପାରେ ଏବଂ ଯଦି ସେ ସେଦିଗରେ ଅଧିକ ଉନ୍ନତି କରେ, ତାହାହେଲେ ଏହି ମାନବଜନ୍ମରେ ଦିବ୍ୟ ଜୀବନର ଅଗ୍ନି ପ୍ରଜ୍ୱଳିତ କରାଯାଇପାରେ, ଅଗ୍ନିକୁ ଆବୃତ କରିଥିବା ଧୂମକୁ ଯଦି ଭଲଭାବରେ ବିଞ୍ଚାବିଞ୍ଚିକରି ତଡ଼ି ଦିଆଯାଇପାରେ, ତାହାହେଲେ ଶୁଦ୍ଧ ଅଗ୍ନି ପ୍ରଜ୍ୱଳିତ ହୋଇ ଉଠିପାରେ । ତେଣୁ ଏ ଭୌତିକସ୍ଥିତି ରୂପକ ବନ୍ଧନରୁ ମୁକ୍ତ ହେବା ନିମିତ୍ତ ଏ ମାନବ ଜୀବନ ହେଉଛି ଏକ ସୁଯୋଗ । ଏହି ମାନବ ଜନ୍ମରେ ଜୀବ ଜଣେ ଉପଯୁକ୍ତ ଗୁରୁଙ୍କ ଅଧୀନରେ ସାଧନା କରି କୃଷ୍ଣଚେତନା ବୃଦ୍ଧି କରିବା ଦ୍ୱାରା ଏ କାମରୂପକ ଶତ୍ରୁକୁ ଜୟ କରି ପାରିବ ।

## ଶ୍ଲୋକ - ୩୯

**ଆବୃତଂ ଜ୍ଞାନମେତେନ ଜ୍ଞାନିନୋ ନିତ୍ୟବୈରିଣା ।**
**କାମରୂପେଣ କୌନ୍ତେୟ ଦୁଷ୍ପୂରେଣାନଲେନ ଚ ।। ୩୯ ।।**

## ଶବ୍ଦାନୁବାଦ

ଆବୃତମ୍=ଆବୃତ; ଜ୍ଞାନମ୍=ଶୁଦ୍ଧ ଚେତନା; ଏତେନ=ଏହାଦ୍ୱାରା; ଜ୍ଞାନିନଃ=ଜ୍ଞାନିର; ନିତ୍ୟ-ବୈରିଣା=ନିତ୍ୟବୈରି (ବା ଶତ୍ରୁ); କାମ-ରୂପେଣ=କାମରୂପରେ; କୌନ୍ତେୟ=ହେ କୁନ୍ତୀପୁତ୍ର; ଦୁଷ୍ପୂରେଣ=କେବେହେଲେ ସନ୍ତୁଷ୍ଟ ନୁହେଁ; ଅନଲେନ=ଅନଳ ଦ୍ୱାରା; ଚ=ମଧ୍ୟ ।

## ଅନୁବାଦ

**ଏହିପରି ଭାବରେ ମାନବର ଶୁଦ୍ଧଚେତନା ତା'ର ନିତ୍ୟଶତ୍ରୁ କାମ ଦ୍ୱାରା ଆବୃତ ହୋଇଥାଏ । ଏହି କାମ କେବେହେଲେ ସନ୍ତୁଷ୍ଟ ହୁଏନାହିଁ ଏବଂ ଏହା ଅଗ୍ନିପରି ଦହନ କରେ ।**

## ଭାବାର୍ଥ

ଅଗ୍ନିରେ ଯଦି ଇନ୍ଧନ ସଂଯୋଗ କରାଯାଇଥାଏ, ତାହାହେଲେ ତାହା ଯେପରି କଦାପି ନିର୍ବାପିତ ହୁଏନାହିଁ, ଠିକ୍ ସେହିପରି ଯେତେ ଇନ୍ଦ୍ରିୟ ସୁଖଭୋଗ କଲେ ସୁଦ୍ଧା 'କାମ' କଦାପି ସନ୍ତୁଷ୍ଟ ହୁଏନାହିଁ ।ଏହା ମନୁସ୍ମୃତିରେ ବର୍ଣ୍ଣନା କରାଯାଇଅଛି ।ଏ ଭୌତିକ ଜଗତରେ ମୈଥୁନକୁ କେନ୍ଦ୍ରକରି ସମସ୍ତ କର୍ମ କରାଯାଉଅଛି ।ତେଣୁ ଏ ଭୌତିକ ଜଗତକୁ ମୈଥୁନାଗାର ବୋଲି କୁହାଯାଏ । ଅର୍ଥାତ୍ ଏହା ଯୌନ ଜୀବନର କାରାଗାର । ସାଧାରଣତଃ ଏକ ବନ୍ଦୀଘରେ ଅପରାଧୀମାନଙ୍କୁ ବନ୍ଦୀଶାଳା ମଧ୍ୟରେ ବନ୍ଦକରି ରଖାଯାଇଥାଏ, ଠିକ୍ ସେହିପରି ଯେଉଁମାନେ ଭଗବାନଙ୍କ ନିୟମକୁ ଅମାନ୍ୟ କରିଥା'ନ୍ତି, ସେମାନଙ୍କୁ ଯୌନଜୀବନ ଦ୍ୱାରା ବାନ୍ଧି ରଖାଯାଇଥାଏ । ଇନ୍ଦ୍ରିୟସୁଖ ଉପରେ ଆଧାରିତ ଏହି ଭୌତିକ ସଭ୍ୟତାର ଅଭିବୃଦ୍ଧିର ଅର୍ଥ ଜୀବର ଭୌତିକ ସ୍ଥିତିକୁ ବୃଦ୍ଧି କରିବା ।ତେଣୁ ଏହି କାମ ଅଜ୍ଞତାର ପ୍ରତୀକ ।ଏହାଦ୍ୱାରା ଜୀବ ଏ ଭୌତିକ ଜଗତରେ ବନ୍ଧାହୋଇ ରହିଛି । ଯେତେବେଳେ ବ୍ୟକ୍ତି କିଛି ଇନ୍ଦ୍ରିୟସୁଖ ଭୋଗକରେ ସେତେବେଳେ ଅବଶ୍ୟ କିଛିପରିମାଣରେ ସେ ସୁଖ ଉପଭୋଗ କରିପାରେ, କିନ୍ତୁ ବାସ୍ତବରେ ସେ ସୁଖ ସୁଖ ନୁହେଁ, ଏହା ଉପଭୋଗକାରୀର ଶତ୍ରୁ ଅଟେ ।

## ଶ୍ଲୋକ - ୪୦

**ଇନ୍ଦ୍ରିୟାଣି ମନୋ ବୁଦ୍ଧିରସ୍ୟାଧିଷ୍ଠାନମୁଚ୍ୟତେ ।**
**ଏତୈର୍ବିମୋହୟତ୍ୟେଷ ଜ୍ଞାନମାବୃତ୍ୟ ଦେହିନମ୍ ।। ୪୦ ।।**

## ଶବ୍ଦାନୁବାଦ

ଇନ୍ଦ୍ରିୟାଣି=ଇନ୍ଦ୍ରିୟଗୁଡ଼ିକ; ମନଃ=ମନ; ବୁଦ୍ଧିଃ=ବୁଦ୍ଧି; ଅସ୍ୟ=କାମର; ଅଧିଷ୍ଠାନମ୍=ବସତିସ୍ଥାନ; ଉଚ୍ୟତେ=କୁହାଯାଏ; ଏତୈଃ=ଏମାନଙ୍କଦ୍ୱାରା;

ବିମୋହୟତି=ମୋହିତକରେ; ଏଷଃ=ଏହା; ଜ୍ଞାନମ୍=ଜ୍ଞାନ; ଆବୃତ୍ୟ=ଆବୃତକରି; ଦେହିନମ୍=ଦେହୀକୁ ।

## ଅନୁବାଦ

**ଇନ୍ଦ୍ରିୟ, ମନ ଓ ବୁଦ୍ଧି କାମର ବସତି ସ୍ଥାନ ଅଟନ୍ତି । ଏହି କାମ ଜୀବର ପ୍ରକୃତ ଜ୍ଞାନକୁ ଆବୃତ କରିପକାଏ ଏବଂ ଜୀବକୁ ସଂମୋହିତ କରେ ।**

## ଭାବାର୍ଥ

ବଦ୍ଧଜୀବର ଶରୀରରେ ଶତ୍ରୁ ବିଭିନ୍ନ ଘାଟିସ୍ଥାନମାନ ଅଧିକାର କରିନେଇଛି ଏବଂ ସେଇଥିପାଇଁ ଭଗବାନ୍ ଶ୍ରୀକୃଷ୍ଣ ସେହି ସ୍ଥାନମାନଙ୍କର ସୂଚନା ଦେଉଛନ୍ତି । ଯେଉଁ ବ୍ୟକ୍ତି ଶତ୍ରୁକୁ ଜୟ କରିବାକୁ ଇଚ୍ଛା କରିବ, ସେ ଜାଣିପାରିବ ଶତ୍ରୁ କେଉଁସ୍ଥାନରେ ଅଛି । ଇନ୍ଦ୍ରିୟମାନଙ୍କର ସମସ୍ତ କର୍ମର କେନ୍ଦ୍ର ହେଲା ମନ, ଏଣୁ ସମସ୍ତ ପ୍ରକାର ଇନ୍ଦ୍ରିୟସୁଖର ଆଧାରସ୍ଥଳୀ ହେଲା ମନ । ଫଳତଃ ମନ ଓ ଇନ୍ଦ୍ରିୟ କାମର ବସତି ସ୍ଥାନ ଅଟନ୍ତି । ତତ୍ପରେ ବୁଦ୍ଧିବିଭାଗ ସମସ୍ତ କାମକ୍ରିୟାର ରାଜଧାନୀ ହୋଇଉଠେ । ବୁଦ୍ଧି ଜୀବାତ୍ମାର ପାଖ ପଡ଼ିଶା ଅଟେ । କାମାସକ୍ତ ବୁଦ୍ଧି ଅହଂକାରକୁ ଅଧିକାର କରିବା ନିମିତ୍ତ, ନିଜକୁ ଜଡ଼ଭାବାପନ୍ନ କରିବାପାଇଁ ଜୀବାତ୍ମାକୁ ପ୍ରଭାବିତ କରେ ଏବଂ କ୍ରମେ ଏହିପରି ଭାବରେ ମନ ଓ ଇନ୍ଦ୍ରିୟର ବଶବର୍ତ୍ତୀ ହେବାକୁ ପ୍ରୋତ୍ସାହିତ କରେ । ଜୀବାତ୍ମା ଜଡ଼େନ୍ଦ୍ରିୟ ସୁଖ ଉପଭୋଗ କରିବାରେ ଲାଗିଯାଏ ଏବଂ ଭୁଲ୍‌ରେ ତାହାକୁ ପ୍ରକୃତ ସୁଖବୋଲି ଭାବେ । ଜୀବାତ୍ମାର ଏ ମିଥ୍ୟା ସ୍ୱରୂପତା (ମିଥ୍ୟାସାରୂପ୍ୟ) କଥାଟି ଶ୍ରୀମଦ୍ ଭାଗବତରେ ଅତିସୁନ୍ଦରଭାବରେ ବର୍ଣ୍ଣନା କରାଯାଇଅଛି ।

*ଯସ୍ୟାତ୍ମ ବୁଦ୍ଧିଃ କୁଣପେ ତ୍ରିଧାତୁକେ*
*ସ୍ୱଧୀଃ କଳାତ୍ରାଦିଷୁ ଭୌମ ଇଜ୍ୟଧୀଃ ।*
*ଯତ୍‌ତୀର୍ଥ ବୁଦ୍ଧିଃ ସଲିଳେ ନ କର୍ହିଚିତ୍*
*ଜନେଷୁ ଅଭିଜ୍ଞେଷୁ ସ ଏବ ଗୋଖରଃ ।।*

ଅର୍ଥାତ୍ ''ଯେଉଁ ବ୍ୟକ୍ତି ତ୍ରିଧାତୁ (ବାତ, ପିତ ଓ କଫ)ରେ ଗଢ଼ା ଏ ଶରୀରକୁ ଆତ୍ମାବୋଲି ଭାବେ, ଏ ଶରୀରଜାତ ସନ୍ତାନସନ୍ତତିକୁ ଆତ୍ମୀୟସ୍ୱଜନ ବୋଲି ଭାବେ, ଜନ୍ମଭୂମିକୁ ପୂଜ୍ୟବୋଲି ଭାବେ, ସେ କେବଳ ସ୍ନାନ କରିବା ନିମିତ୍ତ ତୀର୍ଥ ସ୍ଥାନକୁ ଯାତ୍ରା କରେ; କିନ୍ତୁ ସେଠାରେ ଥିବା ସାଧୁଙ୍କୁ ଦର୍ଶନ କରେ ନାହିଁ କିମ୍ବା ତାଙ୍କଠାରୁ ଦିବ୍ୟଜ୍ଞାନ ଗ୍ରହଣ କରେନାହିଁ, ସେ ଏକ ଗର୍ଦ୍ଦଭ କିମ୍ବା ଗାଭୀ (ଗୋ କିମ୍ବା ଖର) ସଦୃଶ ଅଟେ ।

## ଶ୍ଳୋକ - ୪୧

**ତସ୍ମାତ୍ତ୍ୱମିନ୍ଦ୍ରିୟାଣ୍ୟାଦୌ ନିୟମ୍ୟ ଭରତର୍ଷଭ ।**
**ପାପ୍ମାନଂ ପ୍ରଜହି ହ୍ୟେନଂ ଜ୍ଞାନବିଜ୍ଞାନନାଶନମ୍ ।। ୪୧ ।।**

## ଶବ୍ଦାନୁବାଦ

ତସ୍ମାତ୍=ତେଣୁ; ତ୍ୱମ୍=ତୁମେ; ଇନ୍ଦ୍ରିୟାଣି=ଇନ୍ଦ୍ରିୟଗୁଡ଼ିକୁ; ଆଦୌ=ପ୍ରାରମ୍ଭରୁ; ନିୟମ୍ୟ=ସଂଯତକରି; ଭରତର୍ଷଭ=ହେ ଭରତଶ୍ରେଷ୍ଠ; ପାପ୍ମାନମ୍=ପାପର ବିରାଟ ପ୍ରତୀକ;

ପ୍ରଜହି=ନାଶକର; ହି=ନିଶ୍ଚିତଭାବେ; ଏନମ୍=ଏହାକୁ; ଜ୍ଞାନ=ଜ୍ଞାନ; ବିଜ୍ଞାନ=ବିଜ୍ଞାନ (ବିଶୁଦ୍ଧ ଆତ୍ମାର ବିଜ୍ଞାନ); ନାଶନମ୍=ନାଶକାରୀ ।

## ଅନୁବାଦ

ତେଣୁ, ହେ ଅର୍ଜୁନ, ହେ ଭରତଶ୍ରେଷ୍ଠ ! ପ୍ରାରମ୍ଭରୁ ତୁମେ ଇନ୍ଦ୍ରିୟମାନଙ୍କୁ ସଂଯତକରି ପାପର ଏ ବିରାଟ ପ୍ରତୀକ (କାମ)କୁ ବିନାଶକର ଏବଂ ଜ୍ଞାନ-ବିଜ୍ଞାନର ତଥା ଆତ୍ମାନୁଭୂତି ନାଶକାରୀ ଏ କାମକୁ ହତ୍ୟାକର ।

## ଭାବାର୍ଥ

ପ୍ରାରମ୍ଭରୁ ଇନ୍ଦ୍ରିୟ ସଂଯମ କରିବା ନିମିତ୍ତ ଭଗବାନ୍ ଅର୍ଜୁନଙ୍କୁ ଉପଦେଶ ପ୍ରଦାନ କରୁଛନ୍ତି, ତାହାହେଲେ ଜ୍ଞାନ-ବିଜ୍ଞାନ ନାଶକାରୀ ବିରାଟ ଶତ୍ରୁ କାମକୁ ସେ ବିନାଶ କରିପାରିବେ । 'ଜ୍ଞାନ' କହିଲେ ଏଠାରେ ଆତ୍ମଜ୍ଞାନକୁ ବୁଝାଏ; ଏହା ଅନାତ୍ମଜ୍ଞାନ ନୁହେଁ । ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ, ଆତ୍ମା ଦେହ ନୁହେଁ - ଏହି ଜ୍ଞାନକୁ ବୁଝାଏ । 'ବିଜ୍ଞାନ' କହିଲେ ବିଶେଷକରି ଆତ୍ମା ସମ୍ବନ୍ଧୀୟ ବିଶେଷ ଜ୍ଞାନ ବ୍ୟକ୍ତିର ସ୍ୱରୂପସ୍ଥିତି ଏବଂ ପରମାତ୍ମାଙ୍କ ସହ ଥିବା ତା'ର ସମ୍ବନ୍ଧକୁ ବୁଝାଏ । ଏହା ନିମ୍ନପ୍ରକାରେ ଶ୍ରୀମଦ୍ ଭାଗବତରେ ବର୍ଣ୍ଣନା କରାଯାଇଅଛି—

*ଜ୍ଞାନଂ ପରମ-ଗୁହ୍ୟଂ ମେ ଯଦ୍ ବିଜ୍ଞାନ-ସମନ୍ୱିତମ୍*
*ସରହସ୍ୟଂ ତଦ୍ ଅଙ୍ଗମ୍ ଚ ଗୃହାଣ ଗଦିତଂ ମୟା ।।*

ଅର୍ଥାତ୍-''ଆତ୍ମା ଓ ପରମାତ୍ମା ସମ୍ବନ୍ଧୀୟ ଜ୍ଞାନ ଅତି ଗୁହ୍ୟତମ ଓ ରହସ୍ୟମୟ ଜ୍ଞାନ ଅଟେ । ମାୟାଦ୍ୱାରା ଆବୃତ ହୋଇଥିବାରୁ ଏ ଜ୍ଞାନ ଅତ୍ୟନ୍ତ ରହସ୍ୟମୟ ହୋଇଅଛି, କିନ୍ତୁ ଏ ଜ୍ଞାନ-ବିଜ୍ଞାନକୁ ଯଦି ସ୍ୱୟଂ ଭଗବାନ୍ ବ୍ୟାଖ୍ୟା କରନ୍ତି ତାହାହେଲେ ଏହା କିଛି ବୁଝାଯାଇପାରେ'' । ଭଗବଦ୍ ଗୀତା ଆମ୍ଭମାନଙ୍କୁ ସେହି ଜ୍ଞାନ ପ୍ରଦାନ କରେ, ବିଶେଷକରି ଆତ୍ମଜ୍ଞାନ ପ୍ରଦାନକରେ । ଜୀବଗଣ ଭଗବାନଙ୍କର ଅଂଶ ବିଶେଷ ଅଟନ୍ତି ଏବଂ ସେଇଥିପାଇଁ ସେମାନେ ଭଗବାନଙ୍କର କେବଳ ସେବା କରବାକୁ ଉଦ୍ଦିଷ୍ଟ । ଏହି ଚେତନାକୁ କୃଷ୍ଣଚେତନା କୁହାଯାଏ । ତେଣୁ ଜୀବନର ପ୍ରାରମ୍ଭରୁ ବ୍ୟକ୍ତିକୁ ଏହି କୃଷ୍ଣଚେତନା ଶିକ୍ଷା କରିବାକୁ ପଡ଼ିବ ଏବଂ ତଦ୍ଦ୍ୱାରା ସେ ପୂର୍ଣ୍ଣ କୃଷ୍ଣଚେତନଶୀଳ ହୋଇ ପାରିବ ଏବଂ ତଦନୁଯାୟୀ କାର୍ଯ୍ୟ କରିପାରିବ ।

ଏ 'କାମ' ଆଉ କିଛି ନୁହେଁ, ଏହା ହେଉଛି ଭଗବତ୍ ପ୍ରେମର ଏକ ଓଲଟା ପ୍ରତିଚ୍ଛବି । ଭଗବତ୍ ପ୍ରେମ ହେଉଛି ପ୍ରତ୍ୟେକ ଜୀବ ପକ୍ଷରେ ଏକ ସ୍ୱାଭାବିକ ପ୍ରବୃତ୍ତି । ଯଦି କୌଣସି ବ୍ୟକ୍ତି ପ୍ରାରମ୍ଭରୁ କୃଷ୍ଣଚେତନା ଲାଭ କରିବା ଦିଗରେ ଶିକ୍ଷାପାଏ, ତାହାହେଲେ ଜୀବର ଏ ସ୍ୱାଭାବିକ ଭଗବତ୍ ପ୍ରେମ କଦାପି କାମରେ ପରିଣତ ହେବ ନାହିଁ । ଯେବେ ଭଗବତ୍ ପ୍ରେମ, 'କାମ'ରେ ପରିଣତ ହୋଇଯାଏ, ତାହାହେଲେ ପୁଣି ତାକୁ ସ୍ୱାଭାବିକ ଅବସ୍ଥାକୁ ଆଣିବା ବଡ଼ କଷ୍ଟ ହୋଇପଡ଼େ । ସେ ଯାହାହେଉନା କାହିଁକି ଏ କୃଷ୍ଣଚେତନା ଏଡ଼େ ଶକ୍ତିଶାଳୀ ଯେ ବ୍ୟକ୍ତି ଯଦି ଖୁବ୍ ଡେରିରେ ଏହାକୁ ଗ୍ରହଣ କରେ, ତଥାପି ସେ ସାଧନ ଭକ୍ତି ପ୍ରଣାଳୀ ଅବଲମ୍ବନ କରି ଖୁବ୍ ଶୀଘ୍ର ଭଗବତ୍ ପ୍ରେମୀ ହୋଇ ପାରିବ । ତେଣୁ ଜୀବନର ଯେ କୌଣସି ଅବସ୍ଥାରେ ଏହାକୁ ଆରମ୍ଭ କଲେ କିମ୍ବା ଯେତେବେଳେ ଏହାର ଆବଶ୍ୟକତା ନିତାନ୍ତ ଉପଲବ୍ଧ ହେଲା

ସେତେବେଳେ ମଧ୍ୟ ଏହାକୁ ଆରମ୍ଭକଲେ, ଅର୍ଥାତ୍ ଇନ୍ଦ୍ରିୟମାନଙ୍କୁ ସଂଯତ କରି କୃଷ୍ଣଚେତନା ବା ଭଗବତ୍ ସେବାରେ ଲଗାଇଲେ କାମ, ଭଗବତ୍ ପ୍ରେମ (ଯାହାକି ମାନବ ଜୀବନରେ ସର୍ବୋତ୍ତମ ଗତି) ରେ ପରିଣତ ହୋଇ ପାରିବ ।

## ଶ୍ଳୋକ - ୪୨

**ଇନ୍ଦ୍ରିୟାଣି ପରାଣ୍ୟାହୁରିନ୍ଦ୍ରିୟେଭ୍ୟଃ ପରଂ ମନଃ ।**
**ମନସସ୍ତୁ ପରା ବୁଦ୍ଧିର୍ଯୋ ବୁଦ୍ଧେଃ ପରତସ୍ତୁ ସଃ ।। ୪୨ ।।**

## ଶବ୍ଦାନୁବାଦ

ଇନ୍ଦ୍ରିୟାଣି=ଇନ୍ଦ୍ରିୟଗୁଡ଼ିକ; ପରାଣି=ଉନ୍ନତତର; ଆହୁଃ=କୁହାଯାଏ; ଇନ୍ଦ୍ରିୟେଭ୍ୟଃ=ଇନ୍ଦ୍ରିୟମାନଙ୍କ ଠାରୁ ଅଧିକ; ପରମ୍=ଉନ୍ନତତର; ମନଃ=ମନ; ମନସଃ=ମନ ଠାରୁ ଅଧିକ; ତୁ=ମଧ୍ୟ; ପରା=ଉନ୍ନତତର; ବୁଦ୍ଧିଃ=ବୁଦ୍ଧି; ଯଃ=ଯେ; ବୁଦ୍ଧେଃ=ବୁଦ୍ଧି ଅପେକ୍ଷା ଅଧିକ; ପରତଃ=ଉନ୍ନତତର; ତୁ=କିନ୍ତୁ; ସଃ=ସେ (ଆତ୍ମା) ।

## ଅନୁବାଦ

କର୍ମେନ୍ଦ୍ରିୟଗୁଡ଼ିକ ନିର୍ଜୀବ ଭୌତିକ ପଦାର୍ଥଠାରୁ ଉନ୍ନତତର; ମନ ଇନ୍ଦ୍ରିୟମାନଙ୍କଠାରୁ ଅଧିକ ଉନ୍ନତ ଅଟେ । ବୁଦ୍ଧି, ମନ ଅପେକ୍ଷା ଅଧିକ ଉନ୍ନତ ଏବଂ ସେ (ଅର୍ଥାତ୍ ଆତ୍ମା) ବୁଦ୍ଧି ଅପେକ୍ଷା ଅଧିକ ଉନ୍ନତ ଅଟେ ।

## ଭାବାର୍ଥ

ଇନ୍ଦ୍ରିୟଗୁଡ଼ିକ 'କାମ'ର କର୍ମ ନିମିତ୍ତ ମାଧ୍ୟମ ଅଟନ୍ତି । ଶରୀର ମଧ୍ୟରେ କାମ ରହିଅଛି; କିନ୍ତୁ ଏହା ଇନ୍ଦ୍ରିୟମାନଙ୍କ ମାଧ୍ୟମରେ ପ୍ରକାଶିତ ହୁଏ । ତେଣୁ ଇନ୍ଦ୍ରିୟଗୁଡ଼ିକ ଶରୀର ଅପେକ୍ଷା ଅଧିକ ଉନ୍ନତ । ଯେତେବେଳେ ଉନ୍ନତ ଚେତନା ବା କୃଷ୍ଣଚେତନା ଥାଏ, ସେତେବେଳେ ଏ ମାଧ୍ୟମଗୁଡ଼ିକ ବ୍ୟବହୃତ ହୁଏ ନାହିଁ । କୃଷ୍ଣଚେତନାରେ ଆତ୍ମା ପରମପୁରୁଷ ଭଗବାନଙ୍କସହ ପ୍ରତ୍ୟକ୍ଷ ସଂଯୋଗ ସ୍ଥାପନ କରେ । ତେଣୁ ଏଠାରେ ବର୍ଣ୍ଣିତ ଶାରୀରିକ କ୍ରିୟା ପରିଣାମତଃ ପରମାତ୍ମାଙ୍କଠାରେ ଶେଷ ହୁଏ । ଶାରୀରିକ କ୍ରିୟା କହିଲେ - ଇନ୍ଦ୍ରିୟମାନଙ୍କ କ୍ରିୟାକୁ ବୁଝାଏ ଏବଂ ଇନ୍ଦ୍ରିୟନିରୋଧ କହିଲେ ଶାରୀରିକ କ୍ରିୟାକୁ ବନ୍ଦ କରିବା କଥା ବୁଝାଏ, ଯେହେତୁ ମନ ସର୍ବଦା ସକ୍ରିୟ ତେଣୁ ଶରୀର ନିଷ୍କ୍ରିୟ ହେଲେ ସୁଦ୍ଧା ବା ଶରୀର ବିଶ୍ରାମ କରୁଥିଲେ ସୁଦ୍ଧା ମନ କାମ କରୁଥାଏ । ଯେପରି ଶୟନାବସ୍ଥାରେ ସ୍ୱପ୍ନରେ'ବି ମନ କାମ କରେ, କିନ୍ତୁ ମନ ଉପରେ ବୁଦ୍ଧିର ସ୍ଥିରତା କଥା ଅଛି ଏବଂ ବୁଦ୍ଧି ଉପରେ ସ୍ୱୟଂ ଆତ୍ମା ଅଛି । ତେଣୁ ଯଦି ଆତ୍ମା ପ୍ରତ୍ୟକ୍ଷଭାବରେ ପରମାତ୍ମାଙ୍କସହ ସଂଯୁକ୍ତ ହୁଏ, ତାହାହେଲେ ଅନ୍ୟ ସମସ୍ତ ଅଧସ୍ତନ କର୍ମଗ୍ରରୀ ଅର୍ଥାତ୍ ବୁଦ୍ଧି, ମନ ଓ ଇନ୍ଦ୍ରିୟଗୁଡ଼ିକ ଏ ସମସ୍ତେ ସ୍ୱତଃ ନିଯୁକ୍ତ ହୋଇଯିବେ । କଠଉପନିଷଦରେ କୁହାଯାଇଅଛି, ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ ଇନ୍ଦ୍ରିୟମାନଙ୍କ ଅପେକ୍ଷା ଉନ୍ନତତର ଅଟେ । ତେଣୁ ଯଦି ମନ ପ୍ରତ୍ୟକ୍ଷ ଭାବରେ ଭଗବାନଙ୍କ ସେବାରେ ବରାବର ନିଯୁକ୍ତ ହୋଇଯାଏ, ତାହାହେଲେ ଇନ୍ଦ୍ରିୟଗୁଡ଼ିକ ଅନ୍ୟ କର୍ମରେ ନିଯୁକ୍ତ ହେବାର ଆଉ ଅବକାଶ ରହେ ନାହିଁ । ଏହି ମାନସିକ

କ୍ରିୟା କଥା ଆଗରୁ କୁହାଯାଇଅଛି ।ଯଦି ମନ, ଭଗବାନଙ୍କ ଦିବ୍ୟ ସେବାରେ ନିଯୁକ୍ତ ହୋଇଯାଏ, ତାହାହେଲେ ନୀଚତର କର୍ମରେ ନିଯୁକ୍ତ ହେବାର ଅବକାଶ ଆଉ ରହିବନାହିଁ ।କଠ ଉପନିଷଦରେ ଆତ୍ମାକୁ ମହାନ୍ ବୋଲି କୁହାଯାଇଅଛି । ତେଣୁ, ଆତ୍ମା ସମସ୍ତଙ୍କ ଉପରେ ଅର୍ଥାତ୍ ଏହା ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ ଇନ୍ଦ୍ରିୟ, ମନ ଓ ବୁଦ୍ଧି-ଏ ସମସ୍ତଙ୍କ ଉପରେ । ତେଣୁ ଆତ୍ମାର ସ୍ୱରୂପସ୍ଥିତିକୁ ଭଲଭାବରେ ବୁଝିଗଲେ ସମସ୍ତ ସମସ୍ୟାର ସମାଧାନ ହୋଇଯାଏ ।

ବୁଦ୍ଧି ସାହାଯ୍ୟରେ ବ୍ୟକ୍ତି ଆତ୍ମାର ସ୍ୱରୂପସ୍ଥିତି କଥାଟି ବୁଝିବା ଉଚିତ୍ ଏବଂ ତପରେ ମନକୁ ସର୍ବଦା କୃଷ୍ଣଚେତନାରେ ନିଯୁକ୍ତ ରଖିବା ଉଚିତ୍ । ତାହାହେଲେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ ।ଏକ ନୂତନ ବ୍ରହ୍ମଚାରୀକୁ ସାଧାରଣତଃ ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁଠାରୁ ଦୂରେଇନେବାକୁ ଉପଦେଶ ଦିଆଯାଏ ।ବୁଦ୍ଧି ସାହାଯ୍ୟରେ ମନକୁ ବଳିଷ୍ଠ କରିବା ଉଚିତ୍ । ଯଦି ବୁଦ୍ଧି ସାହାଯ୍ୟରେ ପରମପୁରୁଷ ଭଗବାନଙ୍କ ପାଦପଦ୍ମରେ ସଂପୂର୍ଣ୍ଣରୂପେ ଆତ୍ମସମର୍ପଣକରି ମନକୁ କୃଷ୍ଣଚେତନାରେ ନିଯୁକ୍ତ କରାଯାଏ, ତାହାହେଲେ ମନ ସ୍ୱତଃ ବଳିଷ୍ଠ ହୋଇଯାଏ । ଯଦିଓ ଇନ୍ଦ୍ରିୟଗୁଡ଼ିକ ସର୍ପମାନଙ୍କପରି ଖୁବ୍ ବଳିଷ୍ଠ ହୋଇଥା'ନ୍ତି, ତଥାପି ବିଷଦନ୍ତ ଭଙ୍ଗାଯାଇଥିବା ସର୍ପମାନଙ୍କ ଭଳି ସେଗୁଡ଼ିକ ଆଉ କିଛି କ୍ଷତି କରିପାରିବ ନାହିଁ ।ଯଦିଓ ଆତ୍ମା, ବୁଦ୍ଧି, ମନ ଓ ଇନ୍ଦ୍ରିୟମାନଙ୍କର ମଧ୍ୟ ପ୍ରଭୁ ଅଟେ, ତଥାପି ଯଦି ଏହା କୃଷ୍ଣଙ୍କ ସହ ସଂଯୋଗ ସ୍ଥାପନକରି କୃଷ୍ଣଚେତନାରେ ବଳିଷ୍ଠ ନହୁଏ, ତାହାହଲେ ବିଚଳିତ ମନଯୋଗୁଁ ଏହାର ଅଧୋପତନ ହେବାର ବହୁତ ସମ୍ଭାବନା ଅଛି ।

## ଶ୍ଳୋକ - ୪୩

**ଏବଂ ବୁଦ୍ଧେଃ ପରଂ ବୁଦ୍ଧ୍ୱା ସଂସ୍ତଭ୍ୟାତ୍ମାନମାତ୍ମନା ।**
**ଜହି ଶତ୍ରୁଂ ମହାବାହୋ କାମରୂପଂ ଦୁରାସଦମ୍ ।। ୪୩ ।।**

## ଶବ୍ଦାନୁବାଦ

ଏବମ୍=ଏହିପରି; ବୁଦ୍ଧେଃ=ବୁଦ୍ଧିର; ପରମ୍=ଉନ୍ନତ; ବୁଦ୍ଧ୍ୱା=ଏପରି ଜାଣି; ସଂସ୍ତଭ୍ୟ=ସ୍ଥିରକରେ; ଆତ୍ମାନମ୍=ମନ; ଆତ୍ମନା=ନିଶ୍ଚିତ ବୁଦ୍ଧିରେ; ଜହି=ଜୟକର; ଶତ୍ରୁମ୍=ଶ୍ରତ୍ରୁ; ମହା-ବାହୋ=ହେ ମହାବାହୁ; କାମ-ରୂପମ୍=କାମ ରୂପରେ ଥିବା; ଦୁରା ସଦମ୍=ଦୁର୍ଦ୍ଧର୍ଷ ।

## ଅନୁବାଦ

ଏହିପରି ଭାବରେ ବ୍ୟକ୍ତି ନିଜକୁ ଭାବିବ ଯେ, ସେ ଜଡ଼େନ୍ଦ୍ରିୟ ମନ ଏବଂ ବୁଦ୍ଧିଠାରୁ ଊର୍ଦ୍ଧ୍ୱରେ ଅବସ୍ଥିତ ।ସେ ଏହିପରି ଭାବି ତା'ର ନୀଚମନକୁ ଉଚ୍ଚମନ ସାହାଯ୍ୟରେ ନିୟନ୍ତ୍ରିତ କରିବା ଉଚିତ୍ ଏବଂ ଦିବ୍ୟଶକ୍ତି ବା ଆତ୍ମଶକ୍ତି ବଳରେ କାମରୂପରେ ପରିଚିତ ଏ ଦୁର୍ଦ୍ଧର୍ଷ ଶତ୍ରୁକୁ ଜୟ କରିବା ଉଚିତ୍ ।

## ଭାବାର୍ଥ

ଭଗବଦ୍ ଗୀତାରେ ଏ ତୃତୀୟ ଅଧ୍ୟାୟ କୃଷ୍ଣ-ଚେତନା ମାର୍ଗରେ ସ୍ଥିର-ସିଦ୍ଧାନ୍ତ ପ୍ରଦର୍ଶନ କରୁଛି । ବ୍ୟକ୍ତି ଏଥିରୁ ଜାଣିବ ଯେ ସେ ପରମ ପୁରୁଷ ଭଗବାନ୍‌ଙ୍କର ଶାଶ୍ୱତ ସେବକ

ଅଟେ । ସେ କଦାପି ଏହା ଭାବିବା ଉଚିତ୍ ନୁହେଁ ଯେ ଭଗବାନ୍ ହେଉଛନ୍ତି ନିର୍ବିଶେଷ ବା ନିରାକାର-ଶୂନ୍ୟ ଏବଂ ସେ ଶୂନ୍ୟତା ହିଁ ହେଉଛି ଚରମ ପରିଣତି । ଭୌତିକ ସ୍ଥିତିରେ ବ୍ୟକ୍ତି ନିଶ୍ଚିତଭାବେ କାମପୀଡ଼ାରେ ପ୍ରପୀଡ଼ିତ ହୁଏ ଏବଂ ଭୂତପ୍ରକୃତି ଉପରେ ଆଧିପତ୍ୟ ବିସ୍ତାର କରିବାର କାମନା ମଧ୍ୟ ତା' ମଧ୍ୟରେ ବଳବତୀ ହୁଏ । ଭୂତପ୍ରକୃତି ଉପରେ ଆଧିପତ୍ୟ ବିସ୍ତାର କରିବା ଏବଂ ଇନ୍ଦ୍ରିୟସୁଖ ଉପଭୋଗକରିବା କାମନା ହେଉଛି ବଦ୍ଧଜୀବର ପ୍ରଧାନଶତ୍ରୁ । କିନ୍ତୁ କୃଷ୍ଣ-ଚେତନା ବଳରେ ବ୍ୟକ୍ତି ଜଡ଼େନ୍ଦ୍ରିୟ ମନ ଏବଂ ବୁଦ୍ଧିକୁ ନିୟନ୍ତ୍ରଣ କରିପାରେ । ହଠାତ୍ କେହି କର୍ମ ତ୍ୟାଗ କରି ନପାରେ ବା କର୍ତ୍ତବ୍ୟ କର୍ମରୁ ଦୂରେଇ ଯାଇ ନପାରେ । କିନ୍ତୁ କୃଷ୍ଣଚେତନା ବୃଦ୍ଧି ହେଲେ ବ୍ୟକ୍ତି କ୍ରମଶଃ ଦିବ୍ୟ ସ୍ଥିତିରେ ଅବସ୍ଥାନ କରିପାରେ । ସେତେବେଳେ ସେ ଆଉ ଜଡ଼େନ୍ଦ୍ରିୟ ଓ ମନଦ୍ୱାରା ପ୍ରଭାବିତ ହୁଏ ନାହିଁ । ସେତେବେଳେ ତା'ର ସ୍ଥିରବୁଦ୍ଧି ଜାତହୋଇଯାଏ ଏବଂ ତାହାରି ବଳରେ ସେ ନିଜର ସ୍ୱରୂପ ସ୍ଥିତିରେ ଅବସ୍ଥାନ କରେ । ଏହା ହେଉଛି ଏ ଅଧ୍ୟାୟର ସାରକଥା । ଭୌତିକ ସ୍ଥିତିର ଅପରିପକ୍ୱ ଅବସ୍ଥାରେ ମନୋଧର୍ମ ଦାର୍ଶନିକ ଚିନ୍ତାଧାରା ଏବଂ ଇନ୍ଦ୍ରିୟସଂଯମ ନିମିତ୍ତ ତଥାକଥିତ ଆସନ ପ୍ରାଣାୟମ ଆଦି କୃତ୍ରିମ ପ୍ରଚେଷ୍ଟା କଦାପି ମାନବକୁ ଅଧ୍ୟାତ୍ମିକ ଜୀବନ ବା ଦିବ୍ୟ-ଜୀବନଯାପନ କରିବା ଦିଗରେ ସାହାଯ୍ୟ କରି ନପାରେ । ଉଚ୍ଚତର ବୁଦ୍ଧିରେ ପରିଚାଳିତ ହୋଇ କୃଷ୍ଣଚେତନା ବୃଦ୍ଧିଦିଗରେ ତା'କୁ ତାଲିମ ନେବାକୁ ପଡ଼ିବ ।

**ଭକ୍ତିବେଦାନ୍ତ ଭାଷ୍ୟର ଶ୍ରୀମଦ୍‌ଭଗବଦ୍‌ଗୀତାର ''କର୍ମଯୋଗ'' ଅର୍ଥାତ୍ ''କୃଷ୍ଣ ଚେତନାରେ କର୍ତ୍ତବ୍ୟ ସଂପାଦନ'' ଶୀର୍ଷକ ତୃତୀୟ ଅଧ୍ୟାୟ ସମାପ୍ତ ହେଲା ।**

—o—

# ଚତୁର୍ଥ ଅଧ୍ୟାୟ

# ଦିବ୍ୟଜ୍ଞାନ ଯୋଗ

## ଶ୍ରୀଭଗବାନୁବାଚ

## ଶ୍ଳୋକ - ୧

**ଶ୍ରୀଭଗବାନୁବାଚ**

**ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟମ୍ ।**
**ବିବସ୍ୱାନ୍ ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍ ।। ୧ ।।**

### ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ପରମପୁରୁଷ ଭଗବାନ୍ କହିଲେ; ଇମମ୍=ଏହାକୁ; ବିବସ୍ୱତେ=ସୂର୍ଯ୍ୟଦେବତା (ବିବସ୍ୱାନ୍); ଯୋଗମ୍=ଭଗବାନ୍‌ଙ୍କସହ ଥିବା ବ୍ୟକ୍ତିର ସମ୍ବନ୍ଧ ରୂପକ ବିଜ୍ଞାନ; ପ୍ରୋକ୍ତବାନ୍=ଉପଦେଶ ଦେଇଥିଲି; ଅହମ୍=ମୁଁ; ଅବ୍ୟୟମ୍=ଅବ୍ୟୟ; ବିବସ୍ୱାନ୍=ବିବସ୍ୱାନ୍, (ସୂର୍ଯ୍ୟ ଦେବତାଙ୍କ ନାମ); ମନବେ=ମନୁଙ୍କୁ, (ଅର୍ଥାତ୍ ମାନବମାନଙ୍କର ପିତାଙ୍କ ନାମ ହେଉଛି ବୈବସ୍ୱତ ମନୁ); ପ୍ରାହ=କହିଥିଲେ; ମନୁଃ=ମାନବମାନଙ୍କର ପିତା; ଇକ୍ଷ୍ୱାକବେ=ରାଜା ଇକ୍ଷ୍ୱାକୁଙ୍କୁ; ଅବ୍ରବୀତ୍=କହିଥିଲେ ।

### ଅନୁବାଦ

ଶ୍ରୀ ଭଗବାନ୍ କହିଲେ - ମୁଁ ଏହି ଯୋଗ (ଅକ୍ଷୟ ବିଜ୍ଞାନ ଯୋଗ)କୁ ପ୍ରଥମେ ସୂର୍ଯ୍ୟଦେବତା ବିବସ୍ୱାନଙ୍କୁ କହିଥିଲି, ବିବସ୍ୱାନ ଏହା ମାନବମାନଙ୍କର ପିତା ମନୁଙ୍କୁ ଶିକ୍ଷା ଦେଲେ ଏବଂ ମନୁ ଇକ୍ଷ୍ୱାକୁଙ୍କୁ ଶିକ୍ଷା ଦେଲେ ।

## ଭାବାର୍ଥ

ଏଠାରେ ଆମ୍ଭେମାନେ ଭଗବଦ୍ ଗୀତାର ଇତିହାସ ଦେଖିବାକୁ ପାଇବା ।ଏହା କିପରି ଅନାଦି କାଳରୁ ସମସ୍ତ ଜଗତର ରାଜାମାନଙ୍କୁ କୁହାଯାଇଅଛି, ତାହା ଏ ଶ୍ଳୋକରୁ ସୂଚିତ ହେଉଅଛି ।ବିଶେଷକରି ଏହି ବିଜ୍ଞାନ ଜଗତର ଅଧିବାସୀମାନଙ୍କର ସଂରକ୍ଷଣ ନିମିତ୍ତ ଉଦ୍ଦିଷ୍ଟ ଏବଂ ସେଇଥିପାଇଁ ଶାସନ ବିଭାଗରେ କାମ କରୁଥିବା ମୁଖ୍ୟ ବ୍ୟକ୍ତିମାନେ ବା ରାଜାମାନେ ଏହାକୁ ଜାଣିବା ଉଚିତ୍ ।ସେମାନେ ଏହା ଜାଣିଲେ ପ୍ରଜାମାନଙ୍କୁ ସେହି ଅନୁଯାୟୀ ଶାସନ କରିବେ ଏବଂ ସେମାନଙ୍କୁ ଭୌତିକ ବନ୍ଧନ (କର୍ମର ବନ୍ଧନରୁ) ରକ୍ଷା କରିପାରିବେ ।ମାନବ ପରମପୁରୁଷ ଭଗବାନଙ୍କ ସହ ନିତ୍ୟ ସମ୍ବନ୍ଧଯୁକ୍ତ ହୋଇ ଜୀବନରେ ଏ ଦିବ୍ୟଜ୍ଞାନ ଆହରଣ କରିବା ଉଚିତ୍ ।ରାଜ୍ୟର ଶାସନ ମୁଖ୍ୟଗଣ ଏବଂ ସମସ୍ତ ଗ୍ରହ ବା ଜଗତର ଅଧିଷ୍ଠାତ୍ରୀ ଦେବତାଗଣ ଏ ଜ୍ଞାନ ଆହରଣ କରି ଜଗତର ଅଧିବାସୀମାନଙ୍କୁ ଶିକ୍ଷାଦେବା ଉଚିତ୍ ।ସେମାନେ ପ୍ରଜାମାନଙ୍କୁ ଶିକ୍ଷା, ସଭ୍ୟତା, ସଂସ୍କୃତି ଓ ସେବା ଜରିଆରେ ଏହା ଶିକ୍ଷାଦେବା ଉଚିତ୍ । ଅନ୍ୟକଥାରେ ଏହା ହିଁ କୁହାଯାଇପାରେ, ଯେ ରାଜ୍ୟର ଶାସନ ମୁଖ୍ୟଗଣ ଏ କୃଷ୍ଣଚେତନା ବିଜ୍ଞାନକୁ ପ୍ରଚାର କରିବା ନିମିତ୍ତ ଉଦ୍ଦିଷ୍ଟ ।ରାଜ୍ୟର ଶାସନ ମୁଖ୍ୟଗଣ ଏ ଦାୟିତ୍ୱ ଗ୍ରହଣ କଲେ ଜନସାଧାରଣ ଏ ଜ୍ଞାନପ୍ରାପ୍ତିର ସୁଯୋଗ ଲାଭକରିବେ ଏବଂ ଫଳରେ ସେମାନେ ମାନବ ଜନ୍ମର ସାର୍ଥକତା ହାସଲକରି ଏକ ସଫଳ ଜୀବନଯାପନ କରିପାରିବେ ।

ଏ କଳ୍ପରେ ସୂର୍ଯ୍ୟଦେବତା ବିବସ୍ୱାନ ନାମରେ ପରିଚିତ ।ସୌରଜଗତରେ ଥିବା ସମସ୍ତ ଗ୍ରହର ସେ ହେଉଛନ୍ତି ମୂଳ ।ସେ ହେଉଛନ୍ତି ସୂର୍ଯ୍ୟଲୋକର ରାଜା ।ବ୍ରହ୍ମସଂହିତାରେ କୁହାଯାଇଇଛି —

*"ଯଚ୍ଚକ୍ଷୁରେଷ ସବିତା ସକଳ-ଗ୍ରହାଣାଂ ।*
*ରାଜା ସମସ୍ତ-ସୁର-ମୂର୍ତ୍ତିରଶେଷ ତେଜାଃ ।*
*ଯସ୍ୟାଜ୍ଞୟା ଭ୍ରମତି ସଂଭୃତକାଳଚକ୍ରୋ*
*ଗୋବିନ୍ଦମ୍ ଆଦିପୁରୁଷଂ ତମହଂ ଭଜାମି ।।*

ଅର୍ଥାତ୍-ଶ୍ରୀ ବ୍ରହ୍ମାଜୀ କହିଲେ, "ପରମପୁରୁଷ ଭଗବାନ୍ ଗୋବିନ୍ଦ (କୃଷ୍ଣ)ଙ୍କର ମୁଁ ପୂଜା କରୁଛି ।ସେ ହେଉଛନ୍ତି ଆଦିପୁରାଣପୁରୁଷ ।ତାଙ୍କ ଆଦେଶରେ ସମସ୍ତ ଗ୍ରହର ରାଜା ସୂର୍ଯ୍ୟ ପ୍ରଭୂତ ଶକ୍ତି ଓ ତେଜର ଅଧିକାରୀ ।ସୂର୍ଯ୍ୟ ହେଉଛନ୍ତି ଭଗବାନଙ୍କର ଚକ୍ଷୁ ସ୍ୱରୂପ ଏବଂ ଭଗବାନଙ୍କର ଆଦେଶ ମାନି ସେ ନିଜ କକ୍ଷପଥରେ ଗତିକରି ଚାଲିଛନ୍ତି ।"

ସୂର୍ଯ୍ୟ ହେଉଛନ୍ତି ସମସ୍ତ ଗ୍ରହର ରାଜା ଏବଂ ବର୍ତ୍ତମାନ ସୂର୍ଯ୍ୟ ଦେବତା (ଯେ'କି ବିବସ୍ୱାନ ନାମରେ ପରିଚିତ) ସୂର୍ଯ୍ୟଲୋକରେ ଶାସନ କରୁଛନ୍ତି ।ସେ ଆଲୋକ ଓ ଉତ୍ତାପ ଯୋଗାଇ ଅନ୍ୟ ଗ୍ରହଗୁଡ଼ିକୁ ନିୟନ୍ତ୍ରଣ କରୁଛନ୍ତି ।କୃଷ୍ଣଙ୍କର ଆଦେଶରେ ସେ କକ୍ଷପଥରେ ଗତି କରୁଛନ୍ତି ଏବଂ ଭଗବାନ୍ ଶ୍ରୀକୃଷ୍ଣ ଏ ଭଗବଦ୍ ଗୀତା-ବିଜ୍ଞାନ ଶିକ୍ଷା ଦେବା ନିମିତ୍ତ ବିବସ୍ୱାନଙ୍କୁ ତାଙ୍କର ପ୍ରଥମ ଶିଷ୍ୟକଲେ ।ତେଣୁ ଗୀତା ଅତି ନଗଣ୍ୟ ସାଂସାରିକ ପଣ୍ଡିତର କାଳ୍ପନିକ ନିବନ୍ଧ ନୁହେଁ, ଏହା ଅନାଦି କାଳରୁ ଗଡ଼ି ଆସୁଥିବା ଏକ ଶାଶ୍ୱତ ଜ୍ଞାନଗ୍ରନ୍ଥ ଅଟେ ।ମହାଭାରତର ଶାନ୍ତିପର୍ବ

(୩୪୮-୫୧-୫୨)ରୁ ଗୀତାର ଇତିହାସ ନିମ୍ନମତେ ନିର୍ଦ୍ଧାରଣ କରାଯାଇପାରେ ।

*"ତ୍ରେତାଯୁଗାଦୌଚ ତତୋ ବିବସ୍ୱାନ୍ ମନବେ ଦଦୌ*
*ମନୁଶ୍ଚ ଲୋକଭୃତ୍ୟର୍ଥଂ ସୁତାୟେ-କ୍ଷ୍ୱାକବେ ଦଦୌ*
*ଇକ୍ଷ୍ୱାକୁଣା ଚ କଥିତୋ ବ୍ୟାପ୍ୟ ଲୋକାନ୍ ଅବସ୍ଥିତାଃ ।"*

ଅର୍ଥାତ୍ -"ତ୍ରେତା ଯୁଗର ପ୍ରାରମ୍ଭରେ ଏ ଭଗବଦ୍ ଗୀତା-ବିଜ୍ଞାନ (ଅର୍ଥାତ୍ ଭଗବାନଙ୍କସହ ଥିବା ଆମର ସମ୍ବନ୍ଧ ସୂଚକ ବିଜ୍ଞାନ) ବିବସ୍ୱାନ ମନୁଙ୍କୁ ପ୍ରଦାନ କରିଥିଲେ । ମନୁ ମାନବଜାତିର ପିତା, ସେ ତାଙ୍କର ପୁତ୍ର ମହାରାଜା ଇକ୍ଷ୍ୱାକୁଙ୍କୁ ଏ ଜ୍ଞାନ ପ୍ରଦାନ କଲେ । ଇକ୍ଷ୍ୱାକୁ ଏ ପୃଥିବୀର ରାଜାଥିଲେ ଏବଂ ଯେଉଁ ରଘୁବଂଶରେ ଶ୍ରୀରାମଚନ୍ଦ୍ର ମହାପ୍ରଭୁ ଆବିର୍ଭୂତ ହୋଇଥିଲେ ସେହି ରଘୁବଂଶର ସେ ପିତୃପୁରୁଷ ଥିଲେ । ତେଣୁ ଭଗବଦ୍ ଗୀତା ମାନବ ସମାଜରେ ମହାରାଜା ଇକ୍ଷ୍ୱାକୁଙ୍କ ସମୟରୁ ରହିଆସିଅଛି ।"

କଳିଯୁଗ ୪, ୩୨, ୦୦୦ ବର୍ଷ । ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ଆମେ ପାଞ୍ଚ ହଜାରବର୍ଷରୁ ଉର୍ଦ୍ଧ୍ୱ ବର୍ଷ ବିତାଇ ସାରିଲୁଣି । ଏହା ପୂର୍ବରୁ ଦ୍ୱାପର ଯୁଗ ଥିଲା (୮,୬୪,୦୦୦ ବର୍ଷ) ଏବଂ ତତ୍ପୂର୍ବରୁ ତ୍ରେତାଯୁଗ (୧୨,୯୬,୦୦୦ ବର୍ଷ) ଥିଲା । ଏହିପରି ଭାବରେ ୨୧,୬୦,୦୦୦ ବର୍ଷ ପୂର୍ବେ ମନୁ ତାଙ୍କର ଶିଷ୍ୟ ଏବଂ ପୁତ୍ର (ଯେ'କି ଏହି ପୃଥିବୀର ରାଜାଥିଲେ) ମହାରାଜା ଇକ୍ଷ୍ୱାକୁଙ୍କୁ ଭଗବଦ୍ ଗୀତା କହିଥିଲେ । ବର୍ତ୍ତମାନ ଥିବା ମନୁଙ୍କର ରାଜୁତିକାଳ ୩୦, ୫୩, ୦୦, ୦୦୦ ବର୍ଷ । ତନ୍ମଧ୍ୟରୁ ୧୨,୦୪,୦୦,୦୦୦ ବର୍ଷ ବିତିଗଲାଣି । ମନୁଙ୍କର ଜନ୍ମ ପୂର୍ବରୁ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର ଶିଷ୍ୟ ବିବସ୍ୱାନଙ୍କୁ ଏ ଗୀତାବାଣୀ କହିଥିଲେ । ଏ କଥାକୁ ଆମେ ଯଦି ବିଗ୍ରହକୁ ନେବା ତାହାହେଲେ ମୋଟାମୋଟି ଭାବରେ ହିସାବ କଲେ ଜଣାପଡ଼ିବ ଯେ, ପ୍ରାୟ ୧୨,୦୪,୦୦,୦୦୦ ବର୍ଷ ପୂର୍ବେ ଗୀତା କୁହାଯାଇଥିଲା ଏବଂ ମାନବ ସମାଜରେ ଏହା ପ୍ରାୟ ଦୁଇ ନିୟୁତ ବର୍ଷ ହେଲା ରହି ଆସିଅଛି । ପ୍ରାୟ ପାଞ୍ଚ ହଜାର ବର୍ଷ ତଳେ ଏହା ପୁଣି ଥରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ । ଏହା ହେଉଛି ଗୀତାର ଇତିହାସର ଏକ ମୋଟାମୋଟି ହିସାବ । ଏ ହିସାବ ଗୀତାରୁ ଜଣାପଡ଼େ ଏବଂ ବକ୍ତା ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣଙ୍କର କଥାରୁ ଜଣାପଡ଼େ । ଏହା ସୂର୍ଯ୍ୟଦେବତା ବିବସ୍ୱାନଙ୍କୁ କୁହାଯାଇଥିଲା; କାରଣ ସେ ମଧ୍ୟ ଜଣେ କ୍ଷତ୍ରିୟ ଏବଂ ସମସ୍ତ କ୍ଷତ୍ରିୟଙ୍କର ପିତୃପୁରୁଷ ।

ଏ କ୍ଷତ୍ରିୟଗୁଡ଼ିକ ହେଉଛନ୍ତି ସୂର୍ଯ୍ୟବଂଶ କ୍ଷତ୍ରିୟ । ଏ ଭଗବଦ୍ ଗୀତା ଯେହେତୁ ବେଦ ତୁଲ୍ୟ ଏବଂ ପରମପୁରୁଷ ଭଗବାନ୍ ଏହାକୁ କହିଛନ୍ତି, ତେଣୁ ଏ ଜ୍ଞାନ ଅପୌରୁଷେୟ ଅଟେ । ଯେହେତୁ ବୈଦିକ ଜ୍ଞାନକୁ ମୌଳିକ ଭାବରେ ଯଥାନୁରୂପ ଗ୍ରହଣ କରାଯାଏ, ସେଥିରେ କୌଣସି ମାନବିକ ବ୍ୟାଖ୍ୟା ମିଶେ ନାହିଁ; ତେଣୁ ଭଗବଦ୍ ଗୀତାକୁ ସେହି ଅନୁଯାୟୀ କୌଣସିପ୍ରକାର ପାର୍ଥିବ ବ୍ୟାଖ୍ୟା ନମିଶାଇ ଗ୍ରହଣ କରିବାକୁ ପଡ଼ିବ । ଭୌତିକ ପଣ୍ଡିତଗଣ ଗୀତା ଉପରେ ମନନକରି ସେଥିରେ ସେମାନଙ୍କର ନିଜ ମନୋଧର୍ମକଥା ମିଶାଇ ପାରନ୍ତି, କିନ୍ତୁ ତାହା ଯଥାନୁରୂପ ଭଗବଦ୍ ଗୀତା ନୁହେଁ ବା ମୌଳିକ ରୂପରେ ଭଗବଦ୍ ଗୀତା ନୁହେଁ । ତେଣୁ ଗୁରୁ ପରମ୍ପରାରୁ ଭଗବଦ୍ ଗୀତାକୁ ମୌଳିକରୂପରେ ବା ଯଥାନୁରୂପ ଗ୍ରହଣ କରିବାକୁ ପଡ଼ିବ ଏବଂ ଏହି କଥା

ଏଠାରେ ହିଁ କୁହାଯାଇଅଛି ଯେ ଭଗବାନ୍, ସୂର୍ଯ୍ୟ ଦେବତାଙ୍କୁ ଏହା କହିଲେ, ସୂର୍ଯ୍ୟ ଦେବତା ତାଙ୍କ ପୁତ୍ର ମନୁଙ୍କୁ କହିଲେ ଏବଂ ମନୁ ତାଙ୍କ ପୁତ୍ର ଇକ୍ଷ୍ୱାକୁଙ୍କୁ କହିଲେ ।

## ଶ୍ଳୋକ - ୨

**ଏବଂ ପରମ୍ପରାପ୍ରାପ୍ତମିମଂ ରାଜର୍ଷୟୋ ବିଦୁଃ ।**
**ସ କାଳେନେହ ମହତା ଯୋଗୋ ନଷ୍ଟଃ ପରନ୍ତପ ।।୨।।**

## ଶବ୍ଦାନୁବାଦ

ଏବମ୍=ଏହିପରି ଭାବରେ; ପରମ୍ପରା=ଗୁରୁ-ଶିଷ୍ୟ ପରମ୍ପରା; ପ୍ରାପ୍ତମ୍=ପ୍ରାପ୍ତ; ଇମମ୍=ଏହି ବିଜ୍ଞାନ; ରାଜର୍ଷୟଃ=ରାଜର୍ଷିଗଣ; ବିଦୁଃ=ଜାଣିଥିଲେ; ସଃ=ସେହି; କାଳେନ=କାଳକ୍ରମେ; ଇହ=ଏ ପୃଥିବୀରେ; ମହତା=ମହାନ୍; ଯୋଗଃ=ଭଗବାନ୍‌ଙ୍କ ସହ ଥିବା ଆମର ସମ୍ବନ୍ଧସୂଚକ ଏ ବିଜ୍ଞାନ; ନଷ୍ଟଃ=ନଷ୍ଟ (ବିଖଣ୍ଡିତ); ପରନ୍ତପ=ହେ ଶତ୍ରୁ ନିସୂଦନକାରୀ ଅର୍ଜୁନ ।

## ଅନୁବାଦ

**ଏହିପରି ଭାବରେ ଏହି ପରମବିଜ୍ଞାନ ଗୁରୁ-ଶିଷ୍ୟ ପରମ୍ପରାରୁ ପ୍ରାପ୍ତ ହୋଇଛି ଏବଂ ରାଜର୍ଷିଗଣ ଏହାକୁ ଜାଣିଥିଲେ, କିନ୍ତୁ କାଳକ୍ରମେ ସେ ପରମ୍ପରା ବିଖଣ୍ଡିତ ହୋଇଗଲା ଏବଂ ସେଇଥିପାଇଁ ଏ ମୌଳିକ ବିଜ୍ଞାନ ନଷ୍ଟ ହେଲାପରି ପ୍ରତୀତ ହୁଏ ।**

## ଭାବାର୍ଥ

ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ ଏ ଭଗବଦ୍ ଗୀତା ବିଶେଷକରି ରାଜର୍ଷିମାନଙ୍କ ପ୍ରତି ଉଦ୍ଦିଷ୍ଟ, କାରଣ ସେମାନେ ପ୍ରଜାମାନଙ୍କୁ ଏହି ନୀତି ଅନୁଯାୟୀ ଶାସନକରି ଏହାର ଉଦ୍ଦେଶ୍ୟକୁ ସଫଳ କରିବେ । ବାସ୍ତବିକ୍ ଏ ଭଗବଦ୍ ଗୀତା ଅସୁରମାନଙ୍କ ପ୍ରତି ଉଦ୍ଦିଷ୍ଟ ନୁହେଁ; କାରଣ ସେମାନେ ଏହାର ଦୁରୁପଯୋଗ କରିବେ, ଫଳରେ ତାହା କାହାରି ଉପକାରରେ ଆସିବ ନାହିଁ ଏବଂ ସେମାନେ ମଧ୍ୟ ନିଜକୁ ସୁହାଇଲା ଭଳି ନାନାପ୍ରକାରେ ଏହାର ବ୍ୟାଖ୍ୟା କରିବେ । ଅନଧିକାରୀ ଭାଷ୍ୟକାରମାନେ ଯେତେବେଳେ ଗୀତା ଉପରେ ଭାଷ୍ୟଲେଖି ତାହାର ମୌଳିକ ଉଦ୍ଦେଶ୍ୟକୁ ବିଖଣ୍ଡିତ କରିପକାନ୍ତି, ସେତେବେଳେ ଗୁରୁପରମ୍ପରାକୁ ପୁନଃସ୍ଥାପନ କରିବା ନିମିତ୍ତ ଆବଶ୍ୟକତା ଉପଲବ୍ଧ ହୁଏ ।

ପାଞ୍ଚହଜାର ବର୍ଷ ତଳେ ସ୍ୱୟଂ ଭଗବାନ୍ କହିଥିଲେ ଯେ ଗୁରୁ ପରମ୍ପରା ଭାଙ୍ଗିଯାଇଛି ଏବଂ ସେଇଥିପାଇଁ ସେ ଘୋଷଣା କଲେ ଯେ ଗୀତାର ପ୍ରକୃତ ଉଦ୍ଦେଶ୍ୟ ନଷ୍ଟ ହୋଇଯାଇଛି । ଠିକ୍ ସେହିପରି ଭାବରେ ବର୍ତ୍ତମାନ ବିଶେଷକରି ଇଂରାଜୀ ଭାଷାରେ ଗୀତାର ଅନେକ ସଂସ୍କରଣ ଅଛି, କିନ୍ତୁ ପ୍ରାୟ ସେଗୁଡ଼ିକ ଗୁରୁପରମ୍ପରାରେ ଆସୁନାହାଁନ୍ତି । ବିଭିନ୍ନ ଜଡ଼ବାଦୀ ପଣ୍ଡିତ ମଧ୍ୟ ଭଗବଦ୍ ଗୀତା ଉପରେ ଅସଂଖ୍ୟ ଭାଷ୍ୟ ଲେଖିଛନ୍ତି, କିନ୍ତୁ ସେଗୁଡ଼ିକ ପ୍ରାୟ ସମସ୍ତେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଭଗବାନ୍ ହିସାବରେ ଗ୍ରହଣ କରନ୍ତି ନାହିଁ । ସେମାନେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଅମରବାଣୀ ଉପରେ ଏକ ସୁନ୍ଦର ବ୍ୟବସାୟ ଚଳାନ୍ତି । ଏ ପ୍ରକାର ମନୋବୃତ୍ତି ଆସୁରୀ ମନୋବୃତ୍ତି ଅଟେ; କାରଣ ଅସୁରମାନେ ଭଗବାନଙ୍କ ଉପରେ ବିଶ୍ୱାସ କରନ୍ତି ନାହିଁ । କେବଳ ସେମାନେ ଭଗବାନଙ୍କର ସମ୍ପତ୍ତିକୁ ଉପଭୋଗ କରନ୍ତି ।

ଯେପରି ଭାବରେ ଏ ଗୀତା-ଜ୍ଞାନ ଗୁରୁ-ଶିଷ୍ୟ ପରମ୍ପରାରୁ ପ୍ରାପ୍ତ ହୋଇଛି, ଠିକ୍ ସେହିପରିଭାବରେ ଏହାକୁ ପ୍ରକାଶ କରିବାର ଆବଶ୍ୟକତା ଉପଲବ୍ଧ ହେଉଅଛି ଏବଂ ଯେହେତୁ ଇଂରାଜୀରେ ଗୀତାର ଏକ ଶୁଦ୍ଧ ସଂସ୍କରଣର ମହାନ୍ ଆବଶ୍ୟକତା ଉପଲବ୍ଧ ହୋଇଅଛି, ତେଣୁ ସେହି ମହାନ୍ ଆବଶ୍ୟକତାକୁ ପୂରଣ କରିବା ନିମିତ୍ତ ଏକ ପ୍ରଚେଷ୍ଟା ଏଠାରେ କରାଯାଇଅଛି । ଭଗବଦ୍ ଗୀତା ମୌଳିକରୂପରେ ଅର୍ଥାତ୍ ଯଥାନୁରୂପ ମାନବ ସମାଜ ପ୍ରତି ଏକ ବିରାଟ ଆଶୀର୍ବାଦ । କିନ୍ତୁ ଯଦି ଏହାକୁ କେବଳ ଦାର୍ଶନିକମାନଙ୍କର ଏକ କାଳ୍ପନିକ ନିବନ୍ଧ ଭାବରେ ଗ୍ରହଣ କରାଯାଏ, ତାହାହେଲେ କେବଳ ଏହା ସମୟର ଅପଚୟ ହିଁ ହେବ ।

## ଶ୍ଳୋକ - ୩

**ସ ଏବାୟଂ ମୟା ତେଽଦ୍ୟ ଯୋଗଃ ପ୍ରୋକ୍ତଃ ପୁରାତନଃ ।**
**ଭକ୍ତୋଽସି ମେ ସଖା ଚେତି ରହସ୍ୟଂ ହ୍ୟେତଦୁତ୍ତମମ୍ ।।୩।।**

## ଶବ୍ଦାନୁବାଦ

ସଃ=ସେହି ପୁରାତନ; ଏବ=ନିଶ୍ଚିତଭାବେ; ଅୟମ୍=ଏହି; ମୟା=ମୋ'ଦ୍ୱାରା; ତେ=ତୁମକୁ; ଅଦ୍ୟ=ଆଜି; ଯୋଗଃ=ଯୋଗବିଜ୍ଞାନ; ପ୍ରୋକ୍ତଃ=କୁହାଯାଇଥିବା; ପୁରାତନଃ=ଅତ୍ୟନ୍ତ ପୁରୁଣା; ଭକ୍ତଃ=ଭକ୍ତ; ଅସି=ତୁମେ ଅଟ; ମେ=ମୋର; ସଖା=ବନ୍ଧୁ; ଚ=ମଧ୍ୟ; ଇତି=ତେଣୁ; ରହସ୍ୟମ୍=ଗୂଢ଼ତତ୍ତ୍ୱ; ହି=ନିଶ୍ଚିତଭାବେ; ଏତତ୍=ଏହି; ଉତ୍ତମମ୍=ଦିବ୍ୟ ।

## ଅନୁବାଦ

**ତୁମେ ମୋର ଭକ୍ତ ଏବଂ ସଖା ଅଟ; ତେଣୁ ମୁଁ ଆଜି ତୁମକୁ ସେହି ପୁରାତନ ଯୋଗ କଥା ଅର୍ଥାତ୍ ଜୀବର ଭଗବାନଙ୍କ ସହ ଥିବା ସମ୍ବନ୍ଧ-ବିଜ୍ଞାନ କଥା କହୁଛି । ତୁମେ ମୋର ଅତିପ୍ରିୟ ଭକ୍ତ ଓ ସଖା ହୋଇଥିବାରୁ ତୁମେ ଏ ବିଜ୍ଞାନର ଦିବ୍ୟ ରହସ୍ୟକୁ ବୁଝିପାରିବ ।**

## ଭାବାର୍ଥ

ଦୁଇପ୍ରକାର ଲୋକ ଅଛନ୍ତି-ଭକ୍ତ ଓ ଅସୁର । ଭଗବାନ୍ ଏ ବିରାଟ ବିଜ୍ଞାନକୁ ଶିକ୍ଷାଦେବା ନିମିତ୍ତ ଅର୍ଜୁନଙ୍କୁ ବାଛିଲେ, କାରଣ ସେ ହେଉଛନ୍ତି ଭଗବାନଙ୍କର ଜଣେ ପ୍ରିୟଭକ୍ତ; କିନ୍ତୁ ଯେ ଅସୁର - ସେ ଏ ରହସ୍ୟମୟ ମହାନ୍ ବିଜ୍ଞାନକୁ ବୁଝିପାରିବ ନାହିଁ, ତା'ପକ୍ଷରେ ଏହାକୁ ବୁଝିବା ସମ୍ଭବପର ନୁହେଁ । ଏହି ଭଗବଦ୍ ଗୀତା ବିଜ୍ଞାନ (ଏହି ମହାନ୍ ଗ୍ରନ୍ଥ)ର ଅସଂଖ୍ୟ ସଂସ୍କରଣ ଅଛି; କିନ୍ତୁ ସେଗୁଡ଼ିକ ମଧ୍ୟରୁ କେତେକ ଭକ୍ତମାନଙ୍କ ଦ୍ୱାରା ଲିଖିତ ଓ ଆଉକେତେକ ଅସୁରମାନଙ୍କ ଦ୍ୱାରା ଲିଖିତ । ଭକ୍ତମାନେ ଦେଇଥିବା ଭାଷ୍ୟ ହେଉଛି ପ୍ରକୃତ ଭାଷ୍ୟ, କିନ୍ତୁ ଅସୁରମାନଙ୍କର ଭାଷ୍ୟ ପ୍ରକୃତ ଭାଷ୍ୟନୁହେଁ; ଏହା ଅଦରକାରୀ ଅଟେ । ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପରମପୁରୁଷ ଭଗବାନ୍‌ରୂପେ ଗ୍ରହଣ କଲେ; ତେଣୁ ଅର୍ଜୁନଙ୍କ ପଦାଙ୍କ ଅନୁସରଣ କରୁଥିବା ଗୀତାର ଯେକୌଣସି ଭାଷ୍ୟ ପ୍ରକୃତ ଭକ୍ତିଯୋଗ ବିଜ୍ଞାନ ଅଟେ, କିନ୍ତୁ ଅସୁରମାନେ କୃଷ୍ଣଙ୍କ ସମ୍ବନ୍ଧରେ ଅନେକ ମନଗଢ଼ା କଥା ସେଥିରେ ଯୋଗ କରନ୍ତି ଏବଂ ସାଧାରଣଲୋକ ଓ ପାଠକମାନଙ୍କୁ ପଥଭ୍ରାନ୍ତ

କରାନ୍ତି । ଭଗବାନ୍ ଶ୍ରୀକୃଷ୍ଣଙ୍କର ପ୍ରକୃତ ଉପଦେଶ ସେମାନେ ଦିଅନ୍ତି ନାହିଁ । ତେଣୁ ବ୍ୟକ୍ତି ଅର୍ଜୁନଙ୍କଠାରୁ ଆରମ୍ଭ ହୋଇଥିବା ପରମ୍ପରାକୁ ଅନୁସରଣ କରିବାକୁ ଏବଂ ତଦ୍ଦ୍ୱାରା ଉପକୃତ ହେବାକୁ ଚେଷ୍ଟାକରିବା ଉଚିତ୍ ।

## ଶ୍ଲୋକ - ୪

## ଅର୍ଜୁନ ଉବାଚ

**ଅପରଂ ଭବତୋ ଜନ୍ମ ପରଂ ଜନ୍ମ ବିବସ୍ୱତଃ ।**
**କଥମେତଦ୍ୱିଜାନୀୟାଂ ତ୍ୱମାଦୌ ପ୍ରୋକ୍ତବାନିତି ।।୪।।**

## ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; ଅପରମ୍=ପରେ (ଅଳ୍ପଦିନ ତଳେ); ଭବତଃ=ଆପଣଙ୍କର; ଜନ୍ମ=ଜନ୍ମ; ପରମ୍=ପୂର୍ବରୁ (ବହୁତ ଆଗରୁ); ଜନ୍ମ=ଉତ୍ପତ୍ତି; ବିବସ୍ୱତଃ=ସୂର୍ଯ୍ୟଦେବତାଙ୍କର; କଥମ୍=କିପରି; ଏତତ୍=ଏହା; ବିଜାନୀୟାମ୍=ମୁଁ ଜାଣିବି; ତ୍ୱମ୍=ଆପଣ; ଆଦୌ=ପ୍ରାରମ୍ଭରେ; ପ୍ରୋକ୍ତବାନ୍=ଶିକ୍ଷା ଦେଇଥିଲେ; ଇତି=ଏହିପରିଭାବରେ ।

## ଅନୁବାଦ

**ଅର୍ଜୁନ କହିଲେ, ‘‘ସୂର୍ଯ୍ୟ ଦେବତା ବିବସ୍ୱାନ ଆପଣଙ୍କର ବହୁତ ଆଗରୁ ଜନ୍ମ ଲାଭ କରିଛନ୍ତି, ତାହାହେଲେ ମୁଁ କିପରି ବୁଝିପାରିବି ଯେ, ଆପଣ ପ୍ରଥମେ ଏ ଯୋଗବିଜ୍ଞାନ ତାଙ୍କୁ ଶିକ୍ଷା ଦେଇଥିଲେ ?’’**

## ଭାବାର୍ଥ

ଅର୍ଜୁନ ତ’ ଭଗବାନ୍ ଶ୍ରୀକୃଷ୍ଣଙ୍କର ଜଣେ ଅତିପ୍ରିୟ ଭକ୍ତ, ସେ କିପରି କୃଷ୍ଣଙ୍କ କଥାକୁ ବିଶ୍ୱାସ କରି ପାରୁନାହାନ୍ତି ? କଥାଟା ହେଉଛି, ଅର୍ଜୁନ ନିଜ ପାଇଁ ପଚାରୁନାହାନ୍ତି; ସେ ଅନ୍ୟମାନଙ୍କ ପାଇଁ ପଚାରୁଛନ୍ତି । ଯେଉଁମାନେ ପରମପୁରୁଷ ଭଗବାନଙ୍କୁ ବିଶ୍ୱାସ କରନ୍ତି ନାହିଁ କିମ୍ବା ଯେଉଁ ଅସୁରମାନେ ଏ କଥା ଗ୍ରହଣ କରି ପାରନ୍ତି ନାହିଁ ଯେ ଭଗବାନ୍ ଶ୍ରୀକୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍, ସେମାନଙ୍କ ପାଇଁ ସେ କଥାଟା ପଚାରୁଛନ୍ତି । ସେ ସେମାନଙ୍କ ପାଇଁ କଥାଟା ପଚାରୁଛନ୍ତି, ସତେଯେପରି ସେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଜାଣନ୍ତି ନାହିଁ । ଦଶମ ଅଧ୍ୟାୟରୁ ଏ କଥା ପରିଷ୍କାର ଭାବରେ ଜଣାଯିବ ଯେ, ଅର୍ଜୁନ ଭଲଭାବରେ ଜାଣନ୍ତି, କୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍ । ସେ ହେଉଛନ୍ତି ସମସ୍ତଙ୍କର ଉଦ୍ଭବସ୍ଥଳ ଏବଂ ଭଗବତ୍ ଅନୁଭୂତିର ଅନ୍ତିମ ସ୍ତର । ଅବଶ୍ୟ କୃଷ୍ଣ ଦେବକୀଙ୍କ ପୁତ୍ରରୂପେ ଏ ଧରାଧାମରେ ଅବତୀର୍ଣ୍ଣ ହୋଇଥିଲେ । ତାହାହେଲେ ସେହି କୃଷ୍ଣ କିପରି ପରମପୁରୁଷ ଭଗବାନ୍ ହିସାବରେ ଶାଶ୍ୱତ ଆଦିପୁରୁଷ ହିସାବରେ ରହିଲେ - ଏହା ସାଧାରଣ ଲୋକପକ୍ଷରେ ବୁଝିବା ବଡ଼ କଷ୍ଟ । ତେଣୁ ଏହି କଥାଟା ଭଲରକମ ବୁଝିବା ପାଇଁ ଅର୍ଜୁନ କୃଷ୍ଣଙ୍କୁ ଏ ପ୍ରଶ୍ନ ପଚାରୁଛନ୍ତି । ତାହାହେଲେ କୃଷ୍ଣ ନିଜେ କଥାଟିକୁ ଭଲରକମ ବୁଝାଇକରି କହିଦେବେ । ସେହି କୃଷ୍ଣ ହେଉଛନ୍ତି ପରମେଶ୍ୱର । ଏହାକୁ ସମଗ୍ର ପୃଥିବୀ ଗ୍ରହଣ କରିସାରିଛି । ବର୍ତ୍ତମାନ ଯେ ଏହା ଗ୍ରହଣ କରାଯାଉଛି ତାହାନୁହେଁ, କେଉଁ ଅନାଦିକାଳରୁ ଏହା ଗୃହୀତ ହୋଇ ସାରିଛି । କେବଳ ଅସୁରଗୁଡ଼ିକ ଏହାକୁ ଗ୍ରହଣ

କରନ୍ତି ନାହିଁ । ଯାହାହେଉ, କୃଷ୍ଣ ଯେ ପରମେଶ୍ୱର ଏହା ଗୃହୀତ ହୋଇ ସାରିଛି । ତେଣୁ ଅର୍ଜୁନ ସେହି ପରମେଶ୍ୱର ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନଟି ପଚାରୁଛନ୍ତି ।

ଫଳରେ କୃଷ୍ଣ ନିଜେ, ତାଙ୍କ କଥା ଭଲଭାବରେ କହିବେ । ଅସୁରମାନେ ସାଧାରଣତଃ ତାଙ୍କ ମନଇଚ୍ଛା ତାଙ୍କୁ ସୁହାଇଲାଭଳି ବା ତାଙ୍କର ଅନୁଚରମାନଙ୍କୁ ସୁହାଇଲାଭଳି କୃଷ୍ଣଙ୍କ ସମ୍ବନ୍ଧରେ ବର୍ଣ୍ଣନା କରନ୍ତି । ସେ ପ୍ରକାର ବର୍ଣ୍ଣନା ଯେପରି ସ୍ଥାନ ନ ପାଏ, ସେଇଥିପାଇଁ ଅର୍ଜୁନ ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନଟି ପଚାରୁଛନ୍ତି ଓ ତାଙ୍କ ଠାରୁ ତାଙ୍କ ନିଜ ବର୍ଣ୍ଣନାଟା ଶୁଣିବାକୁ ଇଚ୍ଛା କରୁଛନ୍ତି । ପ୍ରତ୍ୟେକ ନିଜର ସୁ ଗତି ନିମିତ୍ତ କୃଷ୍ଣବିଜ୍ଞାନ ଜାଣିବା ଉଚିତ୍ । ଏହା ଏକାନ୍ତ ଆବଶ୍ୟକ । ତେଣୁ କୃଷ୍ଣ ଯେତେବେଳେ ନିଜକଥା କହୁଛନ୍ତି ସେତେବେଳେ ଏହା ସମସ୍ତ ଜଗତ ପ୍ରତି ଶୁଭସୂଚକ ଅଟେ । ରାକ୍ଷସମାନଙ୍କୁ କୃଷ୍ଣଙ୍କର ଏ ସ୍ୱୀକାରୋକ୍ତି ଆଶ୍ଚର୍ଯ୍ୟଜନକ ବୋଧ ହୋଇପାରେ, କାରଣ ଅସୁରଗୁଡ଼ିକ ସର୍ବଦା ନିଜ ଦୃଷ୍ଟିକୋଣରୁ କୃଷ୍ଣଙ୍କୁ ଆଲୋଚନା କରନ୍ତି; କିନ୍ତୁ ଭକ୍ତମାନେ କୃଷ୍ଣଙ୍କର ଏପ୍ରକାର ସ୍ୱ-ମୁଖ-ନିଃସୃତବାଣୀକୁ ସର୍ବଦା ସ୍ୱାଗତ କରନ୍ତି । ଭକ୍ତଗଣ ନିଶ୍ଚୟ ସର୍ବଦା କୃଷ୍ଣଙ୍କର ଏ ପ୍ରକାର ସ୍ୱ-ମୁଖନିସୃତ ବାଣୀକୁ ଆରାଧନା ହିଁ କରିବେ, କାରଣ ସେମାନେ ସର୍ବଦା କୃଷ୍ଣଙ୍କ ସମ୍ବନ୍ଧରେ ଅଧିକ ଜାଣିବା ନିମିତ୍ତ ବ୍ୟଗ୍ର । ଯେଉଁ ନାସ୍ତିକ ଅସୁରଗଣ କୃଷ୍ଣଙ୍କୁ ଏକ ସାଧାରଣ ମାନବରୂପେ ଗ୍ରହଣ କରନ୍ତି, ସେମାନେ ଏତଦ୍ୱାରା ଜାଣିପାରିବେ ଯେ କୃଷ୍ଣ ହେଉଛନ୍ତି ପରମପୁରୁଷ, ସେ ହେଉଛନ୍ତି ସତ୍-ଚିତ୍-ଆନନ୍ଦମୟ ବିଗ୍ରହ ଅର୍ଥାତ୍ ଶାଶ୍ୱତ ଜ୍ଞାନ ଓ ଆନନ୍ଦମୟ ରୂପ । ସେ ହେଉଛନ୍ତି ଦିବ୍ୟ ଚିନ୍ମୟ । ପୁନଶ୍ଚ ସେମାନେ ଜାଣିପାରିବେ ଯେ ସେ ଭୂତପ୍ରକୃତିର ତ୍ରିଗୁଣର ବହୁତ ଉର୍ଦ୍ଧ୍ୱରେ । ସେ ଭୂତପ୍ରକୃତିର ତ୍ରିଗୁଣ ଏବଂ ସ୍ଥାନ-କାଳ ଆଦିଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ । ଅର୍ଜୁନଙ୍କ ଭଳି ଜଣେ ଭକ୍ତ କୃଷ୍ଣଙ୍କୁ ଭଲରକମ ଜାଣିଛନ୍ତି । କୃଷ୍ଣଙ୍କର ଦିବ୍ୟାବସ୍ଥାନ ସମ୍ବନ୍ଧରେ ତାଙ୍କର କୌଣସି ଭୁଲ ବୁଝାମଣା ବା ସନ୍ଦେହ ନାହିଁ । ସାଧାରଣତଃ ନାସ୍ତିକମାନେ କୃଷ୍ଣଙ୍କୁ ଏକ ସାଧାରଣ ମାନବ ଭଳି ଭୂତପ୍ରକୃତିର ତ୍ରିଗୁଣର ଅଧୀନବୋଲି ଭାବନ୍ତି । ନାସ୍ତିକମାନଙ୍କର ଏହି ଭାବନାକୁ ଖଣ୍ଡନ କରିବା ନିମିତ୍ତ ଅର୍ଜୁନ ଭଗବାନଙ୍କୁ ଏ ପ୍ରଶ୍ନ ପଚାରୁଛନ୍ତି ।

## ଶ୍ଲୋକ - ୫

## ଶ୍ରୀଭଗବାନୁବାଚ

**ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ ।**
**ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ ।।୫।।**

## ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ଶ୍ରୀଭଗବାନ୍ କହିଲେ; ବହୂନି=ଅନେକ; ମେ=ମୋର; ବ୍ୟତୀତାନି=ଚାଲିଯାଇଛି; ଜନ୍ମାନି=ଜନ୍ମ; ତବ=ତୁମର; ଚ=ମଧ୍ୟ; ଅର୍ଜୁନ=ହେ ଅର୍ଜୁନ; ତାନି=ସେସବୁ; ଅହମ୍=ମୁଁ; ବେଦ=ଜାଣେ; ସର୍ବାଣି=ସମସ୍ତ; ନ=ନୁହେଁ; ତ୍ୱମ୍=ତୁମେ; ବେତ୍ଥ=ଜାଣ; ପରନ୍ତପ=ହେ ଶତ୍ରୁଦମନକାରୀ ।

## ଅନୁବାଦ

**ଶ୍ରୀଭଗବାନ୍ କହିଲେ, "ହେ ଶତ୍ରୁଦମନକାରୀ ଅର୍ଜୁନ ! ତୁମର ଓ ମୋର ଅନେକ ଜନ୍ମ ବିତିଛି । ସେଗୁଡ଼ିକ ସବୁ ମୁଁ ମନେରଖିପାରିଛି, କିନ୍ତୁ ତୁମେ ତାହା ମନେରଖି ପାରିନାହଁ ।"**

## ଭାବାର୍ଥ

ବ୍ରହ୍ମସଂହିତାରେ କୁହାଯାଇଛି, କିପରି ଭଗବାନଙ୍କର ଅନେକ ଅବତାର ଅଛି ।

*ଅଦ୍ୱୈତ ମଚ୍ୟୁତମନାଦିମନନ୍ତରୂପ*
*ଆଦ୍ୟଂ ପୁରାଣପୁରୁଷଂ ନବଯୌବନଞ୍ଚ ।*
*ବେଦେଷୁ ଦୁର୍ଲ୍ଲଭମଦୁର୍ଲ୍ଲଭମାତ୍ମଭକ୍ତୌ ।*
*ଗୋବିନ୍ଦମ୍ ଆଦିପୁରୁଷଂ ତମହଂ ଭଜାମି ।।* (ବ୍ର.ସଂ. ୫-୩୩)

ଅର୍ଥାତ୍—ମୁଁ ପରମପୁରୁଷ ଭଗବାନ୍ ଗୋବିନ୍ଦ (ଶ୍ରୀକୃଷ୍ଣ)ଙ୍କୁ ଭଜନ କରୁଛି । ସେ ଅଦ୍ୱୈତ, ଅଚ୍ୟୁତ ଓ ଅନାଦି ଅଟନ୍ତି । ଯଦିଓ ସେ ଅନନ୍ତ ରୂପରେ ନିଜକୁ ବିସ୍ତାର କରିଛନ୍ତି, ତଥାପି ସେ ସେହି ଆଦିପୁରୁଷ ଓ ପୁରାଣପୁରୁଷ ଅଟନ୍ତି ଏବଂ ସେ ସର୍ବଦା ନବଯୌବନରୂପ ଧାରଣ କରିଥା'ନ୍ତି । ଭଗବାନଙ୍କର ସେ ଶାଶ୍ୱତ ଜ୍ଞାନମୟ ଓ ଆନନ୍ଦମୟ ରୂପଗୁଡ଼ିକୁ ବିଶିଷ୍ଟ ବେଦଜ୍ଞ ପଣ୍ଡିତମାନେ ସାଧାରଣତଃ ବୁଝିପାରନ୍ତି, କିନ୍ତୁ ଶୁଦ୍ଧ ଆତ୍ମଭକ୍ତଗଣଙ୍କ ନିକଟରେ ସେମାନେ ସର୍ବଦା ପ୍ରକାଶିତ ହୋଇଥା'ନ୍ତି ।" ପୁନଶ୍ଚ ବ୍ରହ୍ମସଂହିତାରେ କୁହାଯାଇଛି—

*ରାମାଦି ମୂର୍ତ୍ତିଷୁ କଳା-ନିୟମେନ ତିଷ୍ଠନ୍*
*ନାନାବତାରମକରୋଦ୍ ଭୁବନେଷୁ କିନ୍ତୁ ।*
*କୃଷ୍ଣଃସ୍ୱୟଂ ସମଭବତ୍ ପରମଃ ପୁମାନ୍ ଯୋ*
*ଗୋବିନ୍ଦମ୍ ଆଦିପୁରୁଷଂ ତମହଂ ଭଜାମି ।*

ଅର୍ଥାତ୍—ମୁଁ ପରମପୁରୁଷ ଭଗବାନ୍ ଗୋବିନ୍ଦ (ଶ୍ରୀକୃଷ୍ଣଙ୍କୁ) ଭଜନ କରୁଛି । ସେ ରାମ, ନୃସିଂହ ପ୍ରଭୃତି ନାନା ଅବତାରରୂପରେ ସର୍ବଦା ବିଦ୍ୟମାନ; କିନ୍ତୁ ସେ ଆଦିପୁରୁଷ କୃଷ୍ଣନାମରେ ପରିଚିତ ଏବଂ ସେ ମଧ୍ୟ ସ୍ୱୟଂ ଅବତୀର୍ଣ୍ଣ ହୁଅନ୍ତି ।

ବେଦରେ ମଧ୍ୟ ଏ କଥା କୁହାଯାଇଛି ଯେ, ଯଦିଓ ଭଗବାନ୍ ଏକ ଏବଂ ଅଦ୍ୱିତୀୟ, ତଥାପି ସେ ଅନନ୍ତରୂପରେ ନିଜକୁ ପ୍ରକାଶ କରନ୍ତି । ଯେପରି ବୈଦୁର୍ଯ୍ୟ ପ୍ରସ୍ତର ରଙ୍ଗ ପରିବର୍ତ୍ତନ କରେ, କିନ୍ତୁ ତା' ସତ୍ତ୍ୱେ ସେହି ଏକ ପ୍ରସ୍ତରରୂପେ ରହେ । ସେହିପରି ଭଗବାନ୍ ଶ୍ରୀକୃଷ୍ଣ ନାନା ଅବତାରରୂପରେ ନିଜକୁ ପ୍ରକାଶ କଲେ ସୁଦ୍ଧା ସେ ସେହି ଆଦିପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ରୂପରେ ହିଁ ରହନ୍ତି । ଭଗବାନଙ୍କର ଏ ଅନନ୍ତରୂପକୁ କେବଳ ଶୁଦ୍ଧଭକ୍ତବୃନ୍ଦ ହିଁ ବୁଝିପାରନ୍ତି । ଯେ ଭକ୍ତ ନୁହେଁ ସେ କେବଳ ବେଦପାଠକରି ଏହା ବୁଝିପାରିବ ନାହିଁ । *"ବେଦେଷୁ ଦୁର୍ଲ୍ଲଭଂ ଅଦୁର୍ଲ୍ଲଭଂ ଆତ୍ମଭକ୍ତୌ"* । ଅର୍ଜୁନଙ୍କ ଭଳି ଶୁଦ୍ଧଭକ୍ତଗଣ ଭଗବାନଙ୍କର ଚିରସହଚର ଅଟନ୍ତି । ଯେତେବେଳେ ଭଗବାନ୍ ଅବତୀର୍ଣ୍ଣ ହୁଅନ୍ତି; ସେତେବେଳେ ମଧ୍ୟ ତାଙ୍କର ପାର୍ଷଦ-ସହଚରଗଣ ବିଭିନ୍ନ ପ୍ରକାରେ ଭଗବାନଙ୍କର ସେବା କରିବାନିମିତ୍ତ ଅବତୀର୍ଣ୍ଣ ହୁଅନ୍ତି । ସେଇ ଭକ୍ତମାନଙ୍କ

ମଧ୍ୟରୁ ଅର୍ଜୁନ ଜଣେ । ଏହି ଶ୍ଳୋକରୁ ଜଣାଯାଉଛି ଯେ, ଲକ୍ଷ ଲକ୍ଷ ବର୍ଷ ପୂର୍ବେ ଯେତେବେଳେ ଭଗବାନ୍ ଶ୍ରୀକୃଷ୍ଣ, ସୂର୍ଯ୍ୟଦେବତା ବିବସ୍ୱାନଙ୍କୁ ଏ ଗୀତାବାଣୀ ଶିକ୍ଷା ଦେଉଥିଲେ, ସେତେବେଳେ ଅର୍ଜୁନ, ଏକ ଅନ୍ୟରୂପରେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଭଗବାନ୍ ଅର୍ଜୁନଙ୍କ ମଧ୍ୟରେ ଏହି ପାର୍ଥକ୍ୟ ଅଛି ଯେ ଭଗବାନ୍ ସେସବୁ ଘଟଣା ମନେ ରଖିଛନ୍ତି; କିନ୍ତୁ ଅର୍ଜୁନଙ୍କର ସେସବୁ କିଛି ମନେନାହିଁ । ଭଗବାନ୍ ଓ ଅଂଶସ୍ୱରୂପୀ ଜୀବ ମଧ୍ୟରେ ଏହା ହିଁ ପାର୍ଥକ୍ୟ । ଯଦିଓ ଅର୍ଜୁନଙ୍କୁ ଏଠାରେ ମହାବାହୁ ଓ ପରନ୍ତପ (ଶତ୍ରୁ ଦମନକାରୀ) ରୂପରେ ସମ୍ବୋଧନ କରାଯାଇଅଛି, ତଥାପି ପୂର୍ବଜନ୍ମମାନଙ୍କରେ କ'ଣ ଘଟିଛି, ତାହା ସେ ମନେ ରଖିବାକୁ ଅକ୍ଷମ । ତେଣୁ ଭୌତିକ ମାପକାଠିରେ ଜୀବ ଯେତେ ବଡ଼ ହେଉନା କାହିଁକି ସେ କେବେହେଲେ ପରମପୁରୁଷ ଭଗବାନଙ୍କସହ ସମାନ ହୋଇପାରିବ ନାହିଁ । ଯେ ଭଗବାନଙ୍କର ଚିରସହଚର ସେ ନିଶ୍ଚିତଭାବେ ଜଣେ ମୁକ୍ତପୁରୁଷ ଅଟେ, କିନ୍ତୁ ସେ ଭଗବାନଙ୍କସହ କଦାପି ସମାନ ହୋଇପାରିବ ନାହିଁ । ବ୍ରହ୍ମସଂହିତାରେ ଭଗବାନଙ୍କୁ ''ଅଚ୍ୟୁତ''ବୋଲି କୁହାଯାଇଅଛି; ଅର୍ଥାତ୍ ସେ ଭୂତପ୍ରକୃତିର ସଂସ୍ପର୍ଶରେ ଆସିଲେ ସୁଦ୍ଧା ସେ କେବେହେଲେ ନିଜକୁ ଭୁଲି ଯା'ନ୍ତି ନାହିଁ । ତେଣୁ ଜୀବ ଓ ଭଗବାନ୍ କେବେହେଲେ ସର୍ବତୋଭାବେ ସମାନ ହୋଇ ପାରିବେ ନାହିଁ । ଜୀବ ଅର୍ଜୁନଙ୍କ ସଦୃଶ ମୁକ୍ତଜୀବ ହୋଇପାରେ, କିନ୍ତୁ ସେ କଦାପି ଭଗବାନ୍ ହୋଇପାରିବ ନାହିଁ । ଯଦିଓ ଅର୍ଜୁନ ଭଗବାନଙ୍କର ଜଣେ ଭକ୍ତ, ତଥାପି ସେ ବେଳେବେଳେ ଭଗବାନଙ୍କର ପ୍ରକୃତିକୁ ଭୁଲିଯା'ନ୍ତି, କିନ୍ତୁ ଭଗବାନଙ୍କର ଅହୈତୁକୀ କୃପା ହେତୁ ଭକ୍ତ ସାଙ୍ଗେ ସାଙ୍ଗେ ଭଗବାନଙ୍କର ଅଚ୍ୟୁତ ଭାବକୁ ବୁଝିପାରେ; କିନ୍ତୁ ଏକ ଅଭକ୍ତ ବା ରାକ୍ଷସ ଭଗବାନଙ୍କର ଦିବ୍ୟ ପ୍ରକୃତିକୁ ବୁଝିପାରେ ନାହିଁ । ଫଳତଃ ଭଗବଦ୍ ଗୀତାର ଏ ବାଣୀ ଅସୁରମାନଙ୍କର ବୋଧଗମ୍ୟ ହୋଇପାରେ ନାହିଁ । ଲକ୍ଷ ଲକ୍ଷ ବର୍ଷ ପୂର୍ବେ କୃଷ୍ଣ କ'ଣ କରିଥିଲେ ତାହା ସେ ସବୁ ମନେରଖିଛନ୍ତି, କିନ୍ତୁ ଅର୍ଜୁନ ତାହା ମନେରଖିପାରି ନାହାନ୍ତି । କୃଷ୍ଣ ଓ ଅର୍ଜୁନ ଉଭୟେ ଶାଶ୍ୱତ ଅଟନ୍ତି, ତଥାପି ଅର୍ଜୁନ ଗତ ଜନ୍ମର କଥା ମନେ ରଖିପାରୁ ନାହାନ୍ତି । ଆମ୍ଭେମାନେ ଏଠାରେ ଏହା ମନେ ରଖିପାରିବା ଯେ, ଜୀବ ଶରୀର ପରିବର୍ତ୍ତନ କଲାକ୍ଷଣି ପୂର୍ବଜନ୍ମର ସବୁକଥା ଭୁଲିଯାଏ; କିନ୍ତୁ ଭଗବାନ୍ କିଛି ଭୁଲନ୍ତି ନାହିଁ, ସେ ସବୁକଥା ମନେରଖି ଥାଆନ୍ତି । କାରଣ ସେ ସତ୍-ଚିତ୍-ଆନନ୍ଦମୟ ଶରୀରକୁ ପରିବର୍ତ୍ତନ କରନ୍ତି ନାହିଁ । ସେ ହେଉଛନ୍ତି ''ଅଦ୍ୱୈତ'' ଅର୍ଥାତ୍ ତାଙ୍କ ଶରୀର ଓ ତାଙ୍କ ମଧ୍ୟରେ କୌଣସି ତଫାତ୍ ନାହିଁ । ତାଙ୍କର ସବୁକିଛି ଦିବ୍ୟ ଅଟେ; କିନ୍ତୁ ବଦ୍ଧଜୀବ ତା'ର ଜଡ଼ଶରୀରଠାରୁ ଭିନ୍ନ ଅଟେ । ଭଗବାନଙ୍କର ଶରୀର ଓ ଆତ୍ମା ଏକ ଓ ଅଭିନ୍ନ ହୋଇଥିବାରୁ ସେ ଭୌତିକ ଜଗତରେ ଅବତରଣ କଲେ ସୁଦ୍ଧା ସେ ସର୍ବଦା ସାଧାରଣତଃ ଜୀବଠାରୁ ସ୍ୱତନ୍ତ୍ର ଭାବରେ ଅବସ୍ଥାନ କରନ୍ତି । ଅସୁରମାନେ ଭଗବାନଙ୍କର ଏ ଦିବ୍ୟ ପ୍ରକୃତିକୁ ସହ୍ୟ କରିପାରନ୍ତି ନାହିଁ । ଏ କଥା ଭଗବାନ୍ ପରବର୍ତ୍ତୀ ଶ୍ଳୋକରେ କହୁଛନ୍ତି ।

## ଶ୍ଳୋକ - ୬

**ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।**
**ପ୍ରକୃତିଂ ସ୍ୱାମଧିଷ୍ଠାୟ ସଂଭବାମ୍ୟାତ୍ମମାୟୟା ।। ୬ ।।**

## ଶବ୍ଦାନୁବାଦ

ଅଜଃ=ଅଜ (ଯାହାର ଜନ୍ମନାହିଁ); ଅପି=ଯଦିଓ; ସନ୍=ହୋଇଥିବାରୁ; ଅବ୍ୟୟ=ଅବ୍ୟୟ; ଆତ୍ମା=ଶରୀର; ଭୂତାନାମ୍=ଯେଉଁମାନେ ଜନ୍ମ ହୋଇଛନ୍ତି (ଅର୍ଥାତ୍ ସମସ୍ତ ଜୀବ); ଈଶ୍ୱରଃ=ପରମେଶ୍ୱର; ଅପି=ଯଦିଓ; ସନ୍=ହୋଇଥିବାରୁ; ପ୍ରକୃତିମ୍=ଦିବ୍ୟରୂପ; ସ୍ୱାମ୍=ମୋର; ଅଧିଷ୍ଠାୟ=ଅଧିଷ୍ଠିତ ହୋଇ; ସମ୍ଭବାମି=ମୁଁ ଅବତୀର୍ଣ୍ଣ ହୁଏ; ଆତ୍ମ-ମାୟୟା=ମୋର ଅନ୍ତରଙ୍ଗା ଶକ୍ତି ସାହାଯ୍ୟରେ ।

## ଅନୁବାଦ

**ଯଦିଓ ମୁଁ ଅଜ ଏବଂ ମୋର ଦିବ୍ୟ ଶରୀର କଦାପି କ୍ଷୟ ହୁଏନାହିଁ ଏବଂ ଯଦିଓ ମୁଁ ସମସ୍ତ ଜୀବଙ୍କର ପ୍ରଭୁ, ତଥାପି ମୁଁ ମୋର ମୌଳିକ ଦିବ୍ୟ ରୂପରେ ପ୍ରତିକଳ୍ପରେ ଅବତୀର୍ଣ୍ଣ ହୁଏ ।**

## ଭାବାର୍ଥ

ଭଗବାନ୍ ଏଠାରେ ତାଙ୍କ ଜନ୍ମ ସମ୍ବନ୍ଧୀୟ ବିଚିତ୍ର କଥା କହିଛନ୍ତି । ଯଦିଓ ସେ ଏକ ସାଧାରଣ ପୁରୁଷ ହିସାବରେ ଆବିର୍ଭୂତ ହୁଅନ୍ତି, ତଥାପି ସେ ତାଙ୍କର ପୂର୍ବଜନ୍ମମାନଙ୍କର ସମସ୍ତ କଥା ମନେ ରଖିଥାଆନ୍ତି; କିନ୍ତୁ ଏକ ସାଧାରଣଲୋକ ଏହା ମନେରଖି ପାରିନଥାଏ । ପୂର୍ବଜନ୍ମକଥା ଛାଡ଼, କେତେକ ଘଣ୍ଟା ପୂର୍ବେ ସେ କ'ଣ କରିଥିଲା ତାହା'ବି ସେ ମନେ ରଖିପାରେନାହିଁ । ଯଦି କୌଣସି ବ୍ୟକ୍ତିକୁ ପଚରାଯାଏ, ସେ ଗତକାଲି ଠିକ୍ ଏହି ସମୟରେ କ'ଣ କରିଥିଲା, ସେ ତାହା ଠିକ୍‌ରୂପେ କହିପାରିବ ନାହିଁ । ସାଙ୍ଗେ ସାଙ୍ଗେ ଏହାର ଉତ୍ତର ଦେବା ତା'ପକ୍ଷରେ କଷ୍ଟକର ହୋଇଉଠିବ । ତାକୁ କିଛି ସମୟ ଏଥିପାଇଁ ଚିନ୍ତା କରିବାକୁ ପଡ଼ିବ ଓ ମନେ ପକାଇବାକୁ ପଡ଼ିବ, ଠିକ୍ ଏହି ସମୟରେ ଗତକାଲି ସେ କ'ଣ କରୁଥିଲା । ତଥାପି ଲୋକମାନେ ବେଳେବେଳେ ଦୁଃସାହସକରି ନିଜକୁ ଭଗବାନ୍ ବା କୃଷ୍ଣ ବୋଲି କହୁଛନ୍ତି । ଏ ପ୍ରକାର ଅଯଥା ଅର୍ଥହୀନ ଦାବୀକଥା ଶୁଣି କେହି କେବେ ପଥଭ୍ରାନ୍ତ ହେବା ଉଚିତ୍ ନୁହେଁ । ତତ୍ପରେ ଭଗବାନ୍ ତାଙ୍କର 'ପ୍ରକୃତି' ବା ରୂପକଥା କହୁଛନ୍ତି । ପ୍ରକୃତି କହିଲେ ବ୍ୟକ୍ତିର ସ୍ୱଭାବକୁ ବୁଝାଏ, ପୁନଶ୍ଚ ତା'ର ସ୍ୱରୂପ ବା ରୂପକୁ ମଧ୍ୟ ବୁଝାଏ । ଭଗବାନ୍ କହୁଛନ୍ତି ଯେ ସେ ତାଙ୍କ ନିଜ ଶରୀରଧରି ଅବତୀର୍ଣ୍ଣ ହୁଅନ୍ତି । ଯେପରି ଏକ ସାଧାରଣ ଜୀବ ଶରୀର ବଦଳାଏ, ଭଗବାନ୍ ସେପରି ବଦଳାନ୍ତି ନାହିଁ । ବଦ୍ଧଜୀବର ଏ ଜନ୍ମରେ ଗୋଟିଏ ପ୍ରକାର ଶରୀର ହୋଇଛି ତ ପରଜନ୍ମରେ ଅନ୍ୟ ଏକ ପ୍ରକାର ଶରୀର ସେ ପାଉଛି । ଭୌତିକ ଜଗତରେ ଜୀବର କୌଣସି ନିର୍ଦ୍ଦିଷ୍ଟ ଶରୀର ନାହିଁ । ଏଠାରେ ସେ ଗୋଟିକ ପରେ ଗୋଟିଏ ଶରୀର ବଦଳାଇ ଚାଲେ । କିନ୍ତୁ ଭଗବାନ୍ ଏପରି କରନ୍ତି ନାହିଁ । ଯେତେବେଳେ ସେ ତାଙ୍କର ଅନ୍ତରଙ୍ଗା ଶକ୍ତି ସାହାଯ୍ୟରେ ଅବତୀର୍ଣ୍ଣ ହୁଅନ୍ତି, ସେତେବେଳେ ସେ ତାଙ୍କର ମୌଳିକ ଶରୀର ଧରି ଆସନ୍ତି । ଅନ୍ୟ କଥାରେ ଏହା ହିଁ କୁହାଯାଇ ପାରେ ଯେ କୃଷ୍ଣ ଏ ଭୌତିକ ଜଗତରେ ତାଙ୍କର ମୌଳିକ ଶାଶ୍ୱତ ଶରୀର ଧରି ଅବତୀର୍ଣ୍ଣ ହୁଅନ୍ତି । ସେ ମୌଳିକ କୃଷ୍ଣରୂପରେ ଦ୍ୱିଭୁଜଧାରୀ ଓ ବଂଶୀଧାରୀ ଅଟନ୍ତି । ସେ ତାଙ୍କର ଶାଶ୍ୱତ ଶରୀରରେ ଅବତୀର୍ଣ୍ଣ ହୁଅନ୍ତି

ଏବଂ ଯଦିଓ ସେ ସମସ୍ତ ବ୍ରହ୍ମାଣ୍ଡର ଈଶ୍ୱର ତଥାପି ସେ ଏକ ସାଧାରଣ ଜୀବ ଜନ୍ମଗ୍ରହଣ କଲାଭଳି ପ୍ରତୀତ ହୁଅନ୍ତି । ଏସବୁ ସତ୍ତ୍ୱେ ଭଗବାନ୍ ଶ୍ରୀକୃଷ୍ଣ ଯଦିଓ ଶିଶୁ ଅବସ୍ଥାରୁ ବାଳକ ହୁଅନ୍ତି ଏବଂ ବାଳକରୁ ଯୁବକ ହୁଅନ୍ତି, ତଥାପି ଆଶ୍ଚର୍ଯ୍ୟର କଥା ଏହି ଯେ, ସେ ବରାବର ସେହି ଯୁବକ ଅବସ୍ଥାରେ ରହନ୍ତି, ସେ କେବେହେଲେ ବୁଢ଼ା ହୁଅନ୍ତି ନାହିଁ । କୁରୁକ୍ଷେତ୍ର ଯୁଦ୍ଧ ସମୟକୁ ତାଙ୍କର ଅନେକ ପୁଅ, ନାତି, ଅଣନାତି ଓ ପଣନାତି, ହୋଇସାରିଥିଲେ । ଅର୍ଥାତ୍ ଭୌତିକ ବର୍ଷ ଗଣନାରେ ତାଙ୍କୁ ସେତେବେଳକୁ ଅନେକ ବୟସ ହୋଇଥିଲା, ତଥାପି ସେ ସେତେବେଳେ ଠିକ୍ କୋଡ଼ିଏ-ପଚିଶି ବର୍ଷର ଯୁବକ ଭଳି ଦେଖାଯାଉଥିଲେ । ଆମ୍ଭେମାନେ ଭଗବାନ୍ ଶ୍ରୀକୃଷ୍ଣଙ୍କର ବୁଢ଼ା ବୟସର ଚିତ୍ର କେବେ ଦେଖିନାହୁଁ; କାରଣ ସେ ଆମ୍ଭମାନଙ୍କପରି ବୁଢ଼ା ହୁଅନ୍ତି ନାହିଁ । ଯଦିଓ ସେ ପୁରାଣପୁରୁଷ ଅଟନ୍ତି-ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ସବୁକାଳରେ ସେ ସମଗ୍ର ସୃଷ୍ଟି ମଧ୍ୟରେ ପୁରାଣପୁରୁଷ ଅଟନ୍ତି, ତଥାପି ସେ ଯୁବକଭଳି ଦେଖାଯାଉଥା'ନ୍ତି । ତାଙ୍କ ଶରୀର କିମ୍ବା ବୁଦ୍ଧି କିଛି କ୍ଷୟ ହୁଏନାହିଁ କିମ୍ବା ପରିବର୍ତ୍ତିତ ହୁଏନାହିଁ । ତେଣୁ ଏଥିରୁ ସ୍ପଷ୍ଟ ସୂଚିତ ହେଉଛି ଯେ, ସେ ଏ ଭୌତିକ ଜଗତରେ ଅବତୀର୍ଣ୍ଣ ହେଲେସୁଦ୍ଧା ସେ ଅଜ, ସେ ସେହି ସତ୍-ଚିତ୍ ଓ ଆନନ୍ଦମୟ ବିଗ୍ରହ ଏବଂ ସେହି ଅପରିବର୍ତ୍ତନୀୟ ଦିବ୍ୟ ଶରୀର ଓ ବୁଦ୍ଧିଧାରୀ ପୁରୁଷ । ବାସ୍ତବରେ ତାଙ୍କର ଆବିର୍ଭାବ ଓ ତିରୋଭାବ ଠିକ୍ ସୂର୍ଯ୍ୟଙ୍କର ଉଦୟ ଅସ୍ତଭଳି । ସୂର୍ଯ୍ୟ ଯେପରି ଉଦୟ ହୁଅନ୍ତି, ଆମ୍ଭମାନଙ୍କ ସମକ୍ଷରେ ଗତି କରନ୍ତି ଏବଂ ତପରେ ଆମର ଦୃଷ୍ଟିର ଅନ୍ତରାଳକୁ ଚାଲିଯାନ୍ତି, ସେତେବେଳେ ଆମେ ଭାବୁ ଯେ ସୂର୍ଯ୍ୟ ଅସ୍ତହୋଇଗଲେ ଏବଂ ଯେତେବେଳେ ସୂର୍ଯ୍ୟ ଆମ ଦୃଷ୍ଟି ସମକ୍ଷରେ ଥା'ନ୍ତି, ସେତେବେଳେ ସେ ଚକ୍ରବାଳରେ ଅଛନ୍ତି ବୋଲି ଆମେ ଭାବୁ । ବାସ୍ତବରେ ସୂର୍ଯ୍ୟ ସର୍ବଦା ତାଙ୍କ ସ୍ଥାନରେ ଅଛନ୍ତି, କିନ୍ତୁ ଆମ୍ଭମାନଙ୍କର ଦୋଷଯୁକ୍ତ ଓ ଅପୂର୍ଣ୍ଣ ଇନ୍ଦ୍ରିୟ ଯୋଗୁଁ ଆମେ ଆକାଶରେ ସୂର୍ଯ୍ୟଙ୍କର ଆବିର୍ଭାବ ଓ ତିରୋଭାବ କଥା ଗଣନାକରୁ । ଯେହେତୁ ଭଗବାନଙ୍କର ଆବିର୍ଭାବ ଓ ତିରୋଭାବ ଏକ ସାଧାରଣ ଜୀବର ଆବିର୍ଭାବ ଓ ତିରୋଭାବଠାରୁ ସଂପୂର୍ଣ୍ଣରୂପେ ଭିନ୍ନ, ଏହା ସୁସ୍ପଷ୍ଟ ଯେ, ସେ ତାଙ୍କର ଅନ୍ତରଙ୍ଗାଶକ୍ତିରେ ଶାଶ୍ୱତରୂପେ ଆନନ୍ଦମୟ ଓ ଜ୍ଞାନମୟ ଅଟନ୍ତି ଏବଂ ସେ କେବେହେଲେ ଭୂତ ପ୍ରକୃତିଦ୍ୱାରା ଦୂଷିତ ହୁଅନ୍ତି ନାହିଁ । ବେଦରେ ମଧ୍ୟ ଏକଥା ସ୍ୱୀକାର କରାଯାଇଛି ଯେ, ପରମପୁରୁଷ ଭଗବାନ୍ "ଅଜ" ଅଟନ୍ତି; ତଥାପି ସେ ଅନନ୍ତରୂପରେ ଜନ୍ମଗ୍ରହଣ କଲାଭଳି ପ୍ରତୀତ ହୁଅନ୍ତି ।

ବୈଦିକ ସାହିତ୍ୟଗୁଡ଼ିକ ମଧ୍ୟ ଏହା କହନ୍ତି ଯେ, ଯଦିଓ ଭଗବାନ୍ ଜନ୍ମଗ୍ରହଣ କଲାପରି ପ୍ରତୀତ ହୁଅନ୍ତି, ତଥାପି ତାଙ୍କର ଶରୀରର ପରିବର୍ତ୍ତନ ହୁଏ ନାହିଁ । ଭାଗବତରେ ବର୍ଣ୍ଣନା ଅଛି ଯେ, ସେ ତାଙ୍କ ମାତାଙ୍କ ସମ୍ମୁଖରେ ଚତୁର୍ଭୁଜଧାରୀ ଓ ଷଡ଼ୈଶ୍ୱର୍ଯ୍ୟ ପୂର୍ଣ୍ଣ ନାରାୟଣ ରୂପରେ ଆବିର୍ଭୂତ ହେଲେ । ବିଶ୍ୱକୋଷ ଅଭିଧାନ ଅନୁଯାୟୀ ତାଙ୍କର ମୌଳିକ ଶାଶ୍ୱତରୂପରେ ଆବିର୍ଭାବ ତାଙ୍କର ଅହୈତୁକୀ କୃପା ଅଟେ । ତାଙ୍କର ସମସ୍ତ ପୂର୍ବ ଆବିର୍ଭାବ ଓ ତିରୋଭାବ କଥା ସେ ମନେ ରଖିଥା'ନ୍ତି । କିନ୍ତୁ ଏକ ସାଧାରଣ ଜୀବ ଏକ ଶରୀର ତ୍ୟାଗକରି ଅନ୍ୟଶରୀର ଧାରଣ କଲାକ୍ଷଣି, ସେ ତା'ର ପୂର୍ବଜନ୍ମର ସମସ୍ତ କଥା ଭୁଲିଯାଏ । ଭଗବାନ୍ ସମସ୍ତ ଜୀବଙ୍କର ପ୍ରଭୁ । ସେ ଏ ଧରାଧାମରେ ପ୍ରକଟିତ ହୋଇଥିବା ସମୟରେ ନାନା ପ୍ରକାର ଅସାଧାରଣ

ଅତି-ମାନବ ଲୀଳା ପ୍ରକାଶ କରନ୍ତି । ତେଣୁ ଭଗବାନ୍ ସର୍ବଦା ସେହି ଅଦ୍ୱୟ-ଜ୍ଞାନ ଅଟନ୍ତି ଏବଂ ତାଙ୍କର ରୂପ ଓ ଆତ୍ମା ମଧ୍ୟରେ କୌଣସି ତଫାତ୍ ନଥାଏ । ତାଙ୍କର ରୂପ ଓ ଆତ୍ମା ଏକ ଓ ଅଭିନ୍ନ ଅଟନ୍ତି । ପୁନଶ୍ଚ ତାଙ୍କର ଗୁଣ ଓ ଶରୀର ମଧ୍ୟରେ କୌଣସି ପାର୍ଥକ୍ୟ ନଥାଏ । ବର୍ତ୍ତମାନ ଏହି ପ୍ରଶ୍ନ ଉଠିପାରେ, ଭଗବାନ୍ ଏ ଧରାଧାମରେ କାହିଁକି ଆବିର୍ଭୂତ ହୁଅନ୍ତି ଏବଂ ପୁଣି ତିରୋହିତ ହୁଅନ୍ତି । ଏହା ପରବର୍ତ୍ତୀ ଶ୍ଳୋକରେ କୁହାଯାଇଅଛି ।

## ଶ୍ଳୋକ - ୭

**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।**
**ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।। ୭ ।।**

## ଶବ୍ଦାନୁବାଦ

ଯଦା=ଯେତେବେଳେ; ଯଦା=ଯେଉଁଠାରେ; ହି=ନିଶ୍ଚିତଭାବେ; ଧର୍ମସ୍ୟ=ଧର୍ମର; ଗ୍ଲାନିଃ=ଅପଚୟ; ଭବତି=ହୁଏ, ଦେଖାଯାଏ; ଭାରତ=ହେ ଭରତ ବଂଶଜ; ଅଭ୍ୟୁତ୍‌ଥାନମ୍=ଅଭ୍ୟୁଥାନ; ଅଧର୍ମସ୍ୟ=ଅଧର୍ମର; ତଦା=ସେତେବେଳେ; ଆତ୍ମାନମ୍=ଆତ୍ମା; ସୃଜାମି=ପ୍ରକାଶିତ ହୁଏ; ଅହମ୍=ମୁଁ ।

## ଅନୁବାଦ

**ହେ ଭରତ ବଂଶଜ ! ଯେଉଁଠାରେ ଏବଂ ଯେତେବେଳେ ଧର୍ମର ଗ୍ଲାନି ଦେଖାଦିଏ ଏବଂ ଅଧର୍ମର ଅଭ୍ୟୁତ୍‌ଥାନ ହୁଏ, ସେତେବେଳେ ମୁଁ ଅବତରଣ କରେ ।**

## ଭାବାର୍ଥ

ଏଠାରେ ''ସୃଜାମି''ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ । ସୃଷ୍ଟି କରିବା ଅର୍ଥରେ ''ସୃଜାମି'' ଶବ୍ଦ ବ୍ୟବହୃତ ହୋଇ ପାରିବନାହିଁ । ପୂର୍ବ ଶ୍ଳୋକ ଅନୁଯାୟୀ ଭଗବାନଙ୍କର ରୂପ ବା ଶରୀରର ସୃଷ୍ଟି ନାହିଁ, କାହିଁକିନା ତାଙ୍କର ସମସ୍ତରୂପ ଶାଶ୍ୱତଭାବେ ବିଦ୍ୟମାନ । ତେଣୁ ''ସୃଜାମି'' ଶବ୍ଦର ଅର୍ଥ ହେଲା ଭଗବାନ୍ ତାଙ୍କର ମୌଳିକରୂପରେ ପ୍ରକାଶିତ ହୁଅନ୍ତି । ଯଦିଓ ଭଗବାନଙ୍କର ଆବିର୍ଭାବର ଏକ କାଳ ଅଛି ବା କାଳ ନିର୍ଦ୍ଧାରଣ କରାଯାଇଅଛି, ଅର୍ଥାତ୍ ଶ୍ରୀ ବ୍ରହ୍ମାଜୀଙ୍କର ଏକ ଦିବସ ମଧ୍ୟରେ ଅଷ୍ଟମ ମନୁଙ୍କର ଅଷ୍ଟବିଂଶ କଳ୍ପରେ ଦ୍ୱାପରଯୁଗ ଶେଷରେ ସେ ସାଧାରଣତଃ ଆବିର୍ଭୂତ ହୁଅନ୍ତି, ତଥାପି ସେ ଏ ପ୍ରକାର ନିୟମର ଅଧୀନ ନୁହଁନ୍ତି, କାରଣ ସେ ସଂପୂର୍ଣ୍ଣ ସ୍ୱାଧୀନ ଅଟନ୍ତି ଏବଂ ତାଙ୍କର ଇଚ୍ଛାନୁଯାୟୀ ସେ ନାନାଭାବରେ କର୍ମ କରିପାରନ୍ତି ।

ତେଣୁ ଯେତେବେଳେ ଧର୍ମର ଗ୍ଲାନି ଘଟେ ଓ ଅଧର୍ମର ଅଭ୍ୟୁତ୍‌ଥାନ ହୁଏ; ସେତେବେଳେ ସେ ତାଙ୍କ ଇଚ୍ଛାନୁଯାୟୀ ଆବିର୍ଭୂତ ହୁଅନ୍ତି । ବେଦରେ ଧର୍ମ-ନୀତିମାନ ବୟାନ କରାଯାଇଅଛି । ଯଦି ବ୍ୟକ୍ତି ବେଦନିର୍ଦ୍ଦିଷ୍ଟ ନୀତିକୁ ଯଥାର୍ଥରୂପେ ପାଳନ କରିବାରେ ବ୍ୟତିକ୍ରମ ପ୍ରଦର୍ଶନ କରେ, ତାହାହେଲେ ସେ ଅଧର୍ମାଚରଣ କରୁଛି ବୋଲି କୁହାଯାଏ । ଭାଗବତରେ କୁହାଯାଇଅଛି ଯେ, ଏ ନୀତିଗୁଡ଼ିକ ଭଗବାନଙ୍କର ନିୟମ ଅଟେ । କେବଳ ଭଗବାନ ହିଁ ଧର୍ମନୀତି ପ୍ରଣୟନ କରି ପାରନ୍ତି । ସ୍ୱୟଂ ଭଗବାନ୍ ଅନ୍ତରରୁ ଶ୍ରୀ ବ୍ରହ୍ମାଜୀଙ୍କୁ ବେଦ ଉପଦେଶ ଦେଇଛନ୍ତି । ତେଣୁ ବେଦ ସ୍ୱୟଂ ଭଗବାନଙ୍କ ଦ୍ୱାରା କଥିତ ହୋଇଛି ବୋଲି ସ୍ୱୀକୃତ ହୁଏ । ତେଣୁ ଧର୍ମନୀତିକୁ

ସ୍ୱୟଂ ପରମପୁରୁଷ ଭଗବାନ୍ ହିଁ ପ୍ରଣୟନ କରିଛନ୍ତି, *(ଧର୍ମଂ ତୁ ସାକ୍ଷାଦ୍ ଭଗବତ୍ -ପ୍ରଣୀତମ୍)* ସମଗ୍ର ଭଗବଦ୍ ଗୀତାରେ ଏହି ନୀତିଗୁଡ଼ିକ ହିଁ ପରିଷ୍କାର ଭାବରେ କୁହାଯାଇଅଛି ।ବେଦର ଉଦ୍ଦେଶ୍ୟହେଲା ଭଗବାନଙ୍କ ନିର୍ଦ୍ଦେଶ ଅନୁଯାୟୀ ଧର୍ମନୀତି ସ୍ଥାପନକରିବା ଏବଂ ଭଗବଦ୍ ଗୀତାର ଶେଷରେ ଭଗବାନ୍ ପ୍ରତ୍ୟକ୍ଷଭାବରେ ଆଦେଶଦେଲେ ସର୍ବୋତ୍ତମ ଧର୍ମନୀତି ହେଲା ସଂପୂର୍ଣ୍ଣରୂପେ ତାଙ୍କ ଶରଣରେ ଆସିବା, ଅନ୍ୟ କିଛି ନୁହେଁ ।ବୈଦିକ ନୀତିଗୁଡ଼ିକ ବ୍ୟକ୍ତିକୁ ଭଗବାନଙ୍କର ସଂପୂର୍ଣ୍ଣ ଶରଣରେ ଆସିବାକୁ ପ୍ରବର୍ତ୍ତାନ୍ତି ।ଯେତେବେଳେ ଅସୁରମାନେ ଏ ଧର୍ମନୀତିଗୁଡ଼ିକ ଭାଙ୍ଗିପକାନ୍ତି, ସେତେବେଳେ ଭଗବାନ୍ ଆବିର୍ଭୂତ ହୁଅନ୍ତି ।ଶ୍ରୀମଦ୍ ଭାଗବତରୁ ଆମ୍ଭେମାନେ ଜାଣିବାକୁ ପାଉ ଯେ ଭଗବାନ୍ ବୁଦ୍ଧ ଭଗବାନ୍ ଶ୍ରୀକୃଷ୍ଣଙ୍କର ଅବତାର ଅଟନ୍ତି । ଯେତେବେଳେ ଭୌତିକବାଦ ପ୍ରବଳଭାବରେ ବ୍ୟାପୀ ଯାଇଥିଲା ଏବଂ ଜଡ଼ବାଦୀମାନେ ବେଦକୁ ଆଳକରି ଅଧର୍ମାଚରଣ କରୁଥିଲେ ସେତିକିବେଳେ ଭଗବାନ୍ ବୁଦ୍ଧ ଆବିର୍ଭୂତ ହୋଇଥିଲେ । ଅବଶ୍ୟ ବେଦରେ କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ପଶୁବଳିର ବ୍ୟବସ୍ଥା ଦିଆଯାଇଅଛି; କିନ୍ତୁ ଏଥିନିମିତ୍ତ ଅନେକ ନିୟମଅଛି ।

ସେ ନିୟମ ଅନୁଯାୟୀ ସେସବୁ ଅନୁଷ୍ଠାନ କରାଯିବ ।ଏହାସତ୍ତ୍ୱେ ଅସୁରସ୍ୱଭାବସଂପନ୍ନ ଲୋକମାନେ ବୈଦିକନୀତି ନିର୍ଦ୍ଦେଶକୁ ଅବଜ୍ଞାକରି ପଶୁବଧ କରୁଥିଲେ ।ସେଥିପାଇଁ ଭଗବାନ୍ ବୁଦ୍ଧ ଆବିର୍ଭୂତ ହେଲେ - ଏ ପଶୁବଧ ବନ୍ଦ କରିବାକୁ ଏବଂ ବୈଦିକ ଅହିଂସାନୀତି ପ୍ରତିଷ୍ଠା କରିବା ନିମିତ୍ତ ସେ ଆସିଥିଲେ ।ତେଣୁ ଭଗବାନଙ୍କର ପ୍ରତ୍ୟେକ ଅବତାରଙ୍କର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଅଛି ଏବଂ ଏସବୁ କଥା ପ୍ରାମାଣିକ ଗ୍ରନ୍ଥମାନଙ୍କରେ ବର୍ଣ୍ଣନା କରାଯାଇଅଛି ।ଯାହାଙ୍କର ବର୍ଣ୍ଣନା ପ୍ରାମାଣିକ ଗ୍ରନ୍ଥମାନଙ୍କରେ ମିଳିବ ନାହିଁ , ତାଙ୍କୁ ଅବତାରବୋଲି ଗ୍ରହଣ କରାଯାଇ ପାରିବ ନାହିଁ ।କେବଳ ଯେ, ଭାରତ ଭୂମିରେ ଭଗବାନ୍ ଆବିର୍ଭୂତ ହୁଅନ୍ତି, ଅନ୍ୟତ୍ର ହୁଅନ୍ତି ନାହିଁ, ଏପରି କିଛି କଥା ନାହିଁ ।ସେ ଯେକୌଣସି ସ୍ଥାନରେ ତାଙ୍କର ଇଚ୍ଛାନୁଯାୟୀ ଆବିର୍ଭୂତ ହୋଇପାରନ୍ତି ।ତତ୍କାଳୀନ ପରିସ୍ଥିତି ଅନୁଯାୟୀ ଯାହା ସେ ସମୟରେ ଲୋକମାନଙ୍କର ବୋଧଗମ୍ୟ ହେବ କେବଳ ସେହି ଧର୍ମନୀତିହିଁ ସେ -ସେସମୟରେ ବୟାନ କରନ୍ତି ।କିନ୍ତୁ ଲକ୍ଷ୍ୟ ଏକ— ଲୋକମାନଙ୍କୁ ଭଗବଦ୍ ଚେତନା ଦେବା ଏବଂ ଧର୍ମନୀତି ମାନିବାକୁ କହିବା ।ବେଳେ ବେଳେ ସେ ନିଜେ ଆସନ୍ତି ଏବଂ ବେଳେବେଳେ ସେ ତାଙ୍କର ପ୍ରତିନିଧିଙ୍କୁ ତାଙ୍କର ପୁତ୍ରରୂପରେ କିମ୍ବା ସେବକରୂପରେ ପଠାନ୍ତି କିମ୍ବା ବେଳେବେଳେ ସେ ନିଜେ ଏକ ପ୍ରଚ୍ଛନ୍ନ ଅବତାର ରୂପରେ ଆବିର୍ଭୂତ ହୁଅନ୍ତି ।ଭଗବଦ୍ ଗୀତାବାଣୀ ଅର୍ଜୁନଙ୍କୁ କୁହାଯାଇଅଛି, ସେଇଥିପାଇଁ ଏହା ଅନ୍ୟ କେତେକ-ଅତ୍ୟନ୍ତ ଉନ୍ନତ ବ୍ୟକ୍ତିମାନଙ୍କୁ କୁହାଯାଇଅଛି ।ପୃଥିବୀର ଅନ୍ୟାନ୍ୟ ଅଂଶରେ ଥିବା ସାଧାରଣ ଲୋକମାନଙ୍କ ତୁଳନାରେ ଅର୍ଜୁନ ଖୁବ୍ ଉନ୍ନତ ଥିଲେ ।ଦୁଇ ସାଥିରେ ଦୁଇ ଯୋଗ କରାଗଲେ ଚାରି ହୁଏ ।ଏହା ଏକ ଗାଣିତିକ ସୂତ୍ର ଅଟେ ।ଏହା ସର୍ବତ୍ର ପ୍ରଯୁଜ୍ୟ ।ପ୍ରାଥମିକ ସ୍ତରର ଗଣିତ ଶିକ୍ଷାର୍ଥୀମାନଙ୍କ ପାଇଁ ଏହା ପ୍ରଯୁଜ୍ୟ ଏବଂ ଉଚ୍ଚତର ଶ୍ରେଣୀର ଗଣିତ ଶିକ୍ଷାର୍ଥୀମାନଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ ।ତାହାସତ୍ତ୍ୱେ ଉଚ୍ଚତର ଗଣିତ ଶିକ୍ଷା ଅଛି ।ସେଇଥିପାଇଁ ଭଗବାନଙ୍କର ସବୁ ଅବତାରରେ ସେହି ଏକ ନୀତି ହିଁ ଶିକ୍ଷା ଦିଆଯାଏ, କିନ୍ତୁ ପରିସ୍ଥିତି ଅନୁଯାୟୀ ସେଗୁଡ଼ିକ ଉଚ୍ଚତର ବା ନୀଚତରବୋଲି ପ୍ରତୀତ ହୁଅନ୍ତି ।ଚାରୋଟି ବର୍ଣ୍ଣାଶ୍ରମ ପଦ୍ଧତିକୁ ଗ୍ରହଣ କରିବାଦ୍ୱାରା

ଧର୍ମର ଉଚ୍ଚତର ନୀତିଗୁଡ଼ିକୁ ସ୍ୱୀକାର କରିବାର ଆରମ୍ଭ ହୁଏ । ଏହାପରେ ବର୍ଣ୍ଣନା କରାଯିବ । ସମସ୍ତ ଅବତାରବାଦର ଏକମାତ୍ର ଉଦ୍ଦେଶ୍ୟହେଲା ସର୍ବତ୍ର କୃଷ୍ଣଚେତନା ଉଦ୍ରେକ କରାଇବା । ବିଭିନ୍ନ ପରିସ୍ଥିତିରେ ଏ ପ୍ରକାର ଚେତନା କେବେ କେବେ ପ୍ରକାଶିତ ହୁଏ ଏବଂ କେବେ କେବେ ଅପ୍ରକାଶିତ ହୋଇ ରୁହେ ।

## ଶ୍ଲୋକ - ୮

**ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।।୮।।**

## ଶବ୍ଦାନୁବାଦ

ପରିତ୍ରାଣାୟ=ଉଦ୍ଧାରନିମିତ୍ତ; ସାଧୁନାମ୍=ସାଧୁମାନଙ୍କର ବା ଭକ୍ତମାନଙ୍କର; ବିନାଶାୟ=ବିନାଶନିମିତ୍ତ; ଚ=ମଧ୍ୟ; ଦୁଷ୍କୃତାମ୍=ଦୁର୍ବୃତ୍ତମାନଙ୍କର; ଧର୍ମ=ଧର୍ମନୀତି; ସଂସ୍ଥାପନ-ଅର୍ଥାୟ=ସଂସ୍ଥାପନ ନିମିତ୍ତ; ସମ୍ଭବାମି=ମୁଁ ଆବିର୍ଭୂତ ହୁଏ; ଯୁଗେ ଯୁଗେ=ଯୁଗେ ଯୁଗେ (କଳ୍ପ କଳ୍ପାନ୍ତରେ) ।

## ଅନୁବାଦ

**ସାଧୁ ବା ଭକ୍ତମାନଙ୍କର ପରିତ୍ରାଣ ନିମିତ୍ତ ଏବଂ ଦୁର୍ବୃତ୍ତମାନଙ୍କର ବିନାଶ ନିମିତ୍ତ ତଥା ଧର୍ମ ସଂସ୍ଥାପନ ନିମିତ୍ତ ମୁଁ ଯୁଗେ ଯୁଗେ ଅବତୀର୍ଣ୍ଣ ହୁଏ ।**

## ଭାବାର୍ଥ

ଭଗବଦ୍ ଗୀତା ଅନୁଯାୟୀ ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ହିଁ, ସାଧୁ ଅଟେ । ବାହାରକୁ କୌଣସି ବ୍ୟକ୍ତି ବିଧର୍ମୀବୋଲି ପ୍ରତୀତ ହୋଇପାରେ, କିନ୍ତୁ ସେ ଯଦି ସଂପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ ହୋଇଥାଏ, ବା ହେବାର ଯୋଗ୍ୟତା ଥାଏ, ତାହାହେଲେ ସେ ସାଧୁବୋଲି ଗୃହୀତ ହୁଏ । ଯେ କୃଷ୍ଣଚେତନଶୀଳ ନୁହେଁ, ବା ସେଥିପ୍ରତି ଭୃକ୍ଷେପ ନକରେ ସେ ଦୁଷ୍କୃତମ୍ ଅଟେ । ଏ ପ୍ରକାର ଦୁବୃର୍ତ୍ତ ବା ଦୁଷ୍କୃତମ୍‌ମାନେ ମୂର୍ଖ ଅଟନ୍ତି ଏବଂ ଅଧମମାନବଶ୍ରେଣୀୟ ଅଟନ୍ତି । ଏମାନେ ଖୁବ୍ ଉଚ୍ଚସ୍ତର ଭୌତିକ ଶିକ୍ଷାଦୀକ୍ଷା ବା ବିଶ୍ୱବିଦ୍ୟାଳୟର ଡିଗ୍ରୀପ୍ରାପ୍ତ ହୋଇପାରିଥାନ୍ତି, କିନ୍ତୁ ଯଦି ସେମାନେ କୃଷ୍ଣଚେତନଶୀଳ ନହୋଇ ଥା'ନ୍ତି ସେମାନେ ମୂଢ଼ ଅଟନ୍ତି । ଅନ୍ୟପକ୍ଷରେ ଯେଉଁ ବ୍ୟକ୍ତି ସଂପୂର୍ଣ୍ଣରୂପେ କୃଷ୍ଣଚେତଶୀଳ ଅଟନ୍ତି, ସେ ସାଧୁଅଟନ୍ତି । ଏ ପ୍ରକାର ବ୍ୟକ୍ତି ଖୁବ୍ ବିଦ୍ୱାନ୍ ବା ପଣ୍ଡିତ ନହୋଇପାରିଥା'ନ୍ତି, କିମ୍ବା ଭୌତିକ ମାପକାଠିରେ ଉଚ୍ଚ ସଭ୍ୟ ଶିକ୍ଷିତ ନହୋଇପାରିଥା'ନ୍ତି, କିନ୍ତୁ ସେ ଯଦି ସଂପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ ହୋଇଛନ୍ତି, ତାହାହେଲେ ସେ ସାଧୁ ଅଟନ୍ତି । ନାସ୍ତିକମାନଙ୍କର ବିନାଶ ନିମିତ୍ତ ଭଗବାନ୍ ତାଙ୍କର ମୌଳିକରୂପରେ ଆବିର୍ଭୂତ ହେବାର କୌଣସି ଆବଶ୍ୟକତା ନାହିଁ । ରାବଣ ଓ କଂସପରି ରାକ୍ଷସମାନଙ୍କର ବିନାଶ ନିମିତ୍ତ ଯେପରି ତାଙ୍କୁ ଅବତୀର୍ଣ୍ଣ ହେବାକୁ ପଡ଼ିଲା, ନାସ୍ତିକମାନଙ୍କର ବିନାଶ ନିମିତ୍ତ ସେପରି ହେବାର କୌଣସି ଆବଶ୍ୟକତା ନାହିଁ । ଭଗବାନଙ୍କର ଅନେକ ପ୍ରତିନିଧି ଅଛନ୍ତି । ସେମାନେ ଏ ରାକ୍ଷସମାନଙ୍କୁ ବିନାଶ କରିବା ନିମିତ୍ତ ଖୁବ୍ ଦକ୍ଷ ଓ ଯୋଗ୍ୟ ଅଟନ୍ତି । କିନ୍ତୁ

ଭଗବାନ୍ ବିଶେଷକରି ତାଙ୍କର ଶୁଦ୍ଧଭକ୍ତମାନଙ୍କୁ ଆନନ୍ଦଦେବା ନିମିତ୍ତ ଆସନ୍ତି । ଏ ଅସୁରମାନେ ସର୍ବଦା ଭକ୍ତମାନଙ୍କୁ ଦୁଃଖ ଦିଅନ୍ତି । ଅସୁର ସର୍ବଦା ଭକ୍ତଙ୍କୁ ଦୁଃଖ ଦିଏ । ଭକ୍ତ, ଅସୁରର ଆତ୍ମୀୟସ୍ୱଜନ ବା ଭାଇ-ବନ୍ଧୁ କୁଟୁମ୍ବ ହୋଇପାରେ; ତଥାପି ସେ ତାଙ୍କୁ ଦୁଃଖ ଦିଏ । ପ୍ରହ୍ଲାଦ ମହାରାଜ ହିରଣ୍ୟ କଶିପୁର ପୁତ୍ର; ତଥାପି ସେ ପିତାହୋଇ ତାଙ୍କୁ (ଅର୍ଥାତ୍ ପ୍ରହ୍ଲାଦଙ୍କୁ) ନାନା ଦୁଃଖ ଦେଇଛନ୍ତି । କୃଷ୍ଣଙ୍କର ମାତା ଦେବକୀ କଂସର ଭଉଣୀ ଥିଲେ । ତାଙ୍କୁ ଏବଂ ତାଙ୍କର ସ୍ୱାମୀ ବସୁଦେବଙ୍କୁ କଂସ ବହୁତ ଦୁଃଖ ଦେଇଛି; କାହିଁକିନା ସେମାନଙ୍କ କୋଳରେ କୃଷ୍ଣ ହିଁ ଜନ୍ମଲାଭ କରିବେ । ତେଣୁ ଭଗବାନ୍ ଶ୍ରୀକୃଷ୍ଣ କଂସକୁ ବଧ କରିବା ଅପେକ୍ଷା ଦେବକୀଙ୍କୁ ଉଦ୍ଧାରକରିବା ନିମିତ୍ତ ପ୍ରଧାନତଃ ଅବତୀର୍ଣ୍ଣ ହୋଇଥିଲେ; କିନ୍ତୁ ଉଭୟ କର୍ମ ଏକସଙ୍ଗରେ ଚାଲିଥିଲା । ସେଇଥିପାଇଁ ଏଠାରେ କୁହାଯାଉଛି ଯେ, ଭଗବାନ୍ ସାଧୁମାନଙ୍କର ପରିତ୍ରାଣ ଓ ଅସୁରମାନଙ୍କର ବିନାଶ ନିମିତ୍ତ ବିଭିନ୍ନ ଅବତାରରୂପରେ ଅବତୀର୍ଣ୍ଣ ହୁଅନ୍ତି ।

ଶ୍ରୀଳ କୃଷ୍ଣଦାସ କବିରାଜଙ୍କ କୃତ ଶ୍ରୀଚୈତନ୍ୟ ଚରିତାମୃତରେ ଭଗବାନଙ୍କର ଅବତାର ସମ୍ବନ୍ଧରେ ନିମ୍ନକଥା କୁହାଯାଇଅଛି—

*"ସୃଷ୍ଟିହେତୁ ଯେଇ ମୂର୍ତ୍ତି ପ୍ରପଞ୍ଚେ ଅବତରେ ।*
*ସେଇ ଈଶ୍ୱରମୂର୍ତ୍ତି "ଅବତାର" ନାମ ଧରେ ।।*
*ମାୟାତୀତ ପରବ୍ୟୋମେ ସବାର ଅବସ୍ଥାନ ।*
*ବିଶ୍ୱେ 'ଅବତରି' ଧରେ ଅବତାର ନାମ ।।"*

*(ଚୈ.ଚ.ମ ୨୦/୨୬୩-୨୬୪)*

ଅର୍ଥାତ୍ —"ଅବତାର (ଭଗବାନଙ୍କର ଅବତାର) ଭୌତିକ ପ୍ରକାଶ ନିମିତ୍ତ ଭଗବଦ୍ ସାମ୍ରାଜ୍ୟରୁ ଅବତରଣ କରନ୍ତି । ଭଗବାନଙ୍କର ଯେଉଁରୂପ ଅବତରଣ କରନ୍ତି ତାହାଙ୍କୁ ଅବତାରବୋଲି କୁହାଯାଏ । ପରବ୍ୟୋମରେ, ଭଗବତ୍ ସାମ୍ରାଜ୍ୟରେ ଏସବୁ ଅବତାରମାନେ ବିଦ୍ୟମାନ । ସେମାନେ ଯେତେବେଳେ ଏ ଭୌତିକ ସୃଷ୍ଟିରେ ଅବତରଣ କରନ୍ତି, ସେତେବେଳେ ଅବତାର ନାମ ଗ୍ରହଣ କରନ୍ତି ।"

ବିଭିନ୍ନ ପ୍ରକାରର ଅବତାର ଅଛି, ଯଥା- ପୁରୁଷାବତାର, ଗୁଣାବତାର, ଲୀଳାବତାର; ଶକ୍ତ୍ୟାବେଶ ଅବତାର, ମନ୍ୱନ୍ତରାବତାର ଓ ଯୁଗାବତାର । ଏ ସମସ୍ତ ଭିନ୍ନ ଭିନ୍ନ ନିର୍ଦ୍ଦିଷ୍ଟ ସମୟରେ ଏ ବିଶ୍ୱରେ ଅବତୀର୍ଣ୍ଣ ହୁଅନ୍ତି, କିନ୍ତୁ ଭଗବାନ୍ ଶ୍ରୀକୃଷ୍ଣ ହେଉଛନ୍ତି ଆଦିପୁରୁଷ-ପରମେଶ୍ୱର । ସେ ସମସ୍ତ ଅବତାରଙ୍କର ଉତ୍ପତ୍ତିସ୍ଥଳ । ବିଶେଷକରି ଶୁଦ୍ଧ ଭକ୍ତଙ୍କର ଦୁଃଖ ଦୂରକରିବା ନିମିତ୍ତ ଭଗବାନ୍ ଶ୍ରୀକୃଷ୍ଣ ଅବତୀର୍ଣ୍ଣ ହୁଅନ୍ତି । ଶୁଦ୍ଧ-ଭକ୍ତଗଣ ତାଙ୍କୁ ମୌଳିକରୂପରେ ତାଙ୍କର ବୃନ୍ଦାବନଲୀଳା ଦେଖିବାନିମିତ୍ତ ଖୁବ୍ ଆଗ୍ରହ ସହକାରେ ଅପେକ୍ଷାକରି ରହିଥା'ନ୍ତି । ତେଣୁ କୃଷ୍ଣ ଅବତାରର ମୁଖ୍ୟ ଉଦ୍ଦେଶ୍ୟହେଲା ଶୁଦ୍ଧ-ଭକ୍ତଙ୍କୁ ଆନନ୍ଦଦେବା ।

ଭଗବାନ୍ କହୁଛନ୍ତି ଯେ, ସେ ପ୍ରତି ଯୁଗରେ ଅବତୀର୍ଣ୍ଣ ହୁଅନ୍ତି । ଏଥିରୁ ସୂଚିତ ହେଉଛି ଯେ ସେ କଳିଯୁଗରେ ମଧ୍ୟ ଅବତୀର୍ଣ୍ଣ ହୁଅନ୍ତି । ଶ୍ରୀମଦ୍ ଭାଗବତରେ କୁହାଯାଇଛି ଯେ ଶ୍ରୀ ଚୈତନ୍ୟମହାପ୍ରଭୁ କଳିଯୁଗର ଅବତାର ଅଟନ୍ତି । ସେ ସଂକୀର୍ତ୍ତନ ଆନ୍ଦୋଳନ ଜରିଆରେ 'କୃଷ୍ଣଆରାଧନା' ଚାରିଆଡ଼େ ପ୍ରସାର କରିଥିଲେ ଏବଂ ସାରା ଭାରତରେ ସେ କୃଷ୍ଣଚେତନା

ପ୍ରଗ୍‌ର କରିଥିଲେ । ସେ ଭବିଷ୍ୟତବାଣୀ ଶୁଣାଇ ଯାଇଥିଲେ ଯେ, ପ୍ରତି ନଗର, ସହର ଓ ଗ୍ରାମରେ ସମଗ୍ର ପୃଥିବୀରେ ଏ ସଂକୀର୍ତ୍ତନ ଆନ୍ଦୋଳନ ପ୍ରସାରଲାଭ କରିବ । ଉପନିଷଦ, ମହାଭାରତ ଓ ଶ୍ରୀମଦ୍ ଭାଗବତ ଆଦି ପ୍ରାମାଣିକ ଗ୍ରନ୍ଥମାନଙ୍କରେ ଶ୍ରୀ ଚୈତନ୍ୟମହାପ୍ରଭୁଙ୍କର ଅବତାର କଥା ପ୍ରଚ୍ଛନ୍ନଭାବରେ ବର୍ଣ୍ଣନା କରାଯାଇଅଛି । ଶ୍ରୀ ଚୈତନ୍ୟମହାପ୍ରଭୁ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଯେ ଅବତାର ଏକଥା ପ୍ରାମାଣିକ ଗ୍ରନ୍ଥମାନଙ୍କରେ ପ୍ରଚ୍ଛନ୍ନଭାବରେ କୁହାଯାଇଅଛି; ପ୍ରତ୍ୟକ୍ଷଭାବରେ ନୁହେଁ । କୃଷ୍ଣଭକ୍ତଗଣ ଶ୍ରୀ ଚୈତନ୍ୟମହାପ୍ରଭୁଙ୍କର ସଂକୀର୍ତ୍ତନ ଆନ୍ଦୋଳନପ୍ରତି ବିଶେଷକରି ଆକୃଷ୍ଟ ହୁଅନ୍ତି । ଭଗବାନଙ୍କର ଏ ଅବତାର ଦୁର୍ବୃତ୍ତମାନଙ୍କୁ ବିନାଶ କରନ୍ତି ନାହିଁ, ସେ ସେମାନଙ୍କ ପ୍ରତି ଅହୈତୁକୀ କୃପା ପ୍ରଦର୍ଶନ କରି ସେମାନଙ୍କୁ ଉଦ୍ଧାର କରନ୍ତି ।

## ଶ୍ଲୋକ - ୯

**ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।**
**ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ ।। ୯ ।।**

## ଶବ୍ଦାନୁବାଦ

ଜନ୍ମ=ଉତ୍ପତ୍ତି; କର୍ମ=କାର୍ଯ୍ୟ; ଚ=ମଧ୍ୟ; ମେ=ମୋର; ଦିବ୍ୟମ୍=ଦିବ୍ୟ; ଏବମ୍=ଏହିପରି; ଯଃ=ଯେ; ବେତ୍ତି=ଜାଣେ; ତତ୍ତ୍ୱତଃ=ଯଥାର୍ଥଭାବରେ; ତ୍ୟକ୍ତ୍ୱା=ତ୍ୟାଗକରେ; ଦେହମ୍=ଏହି ଶରୀର; ପୁନଃ=ପୁନର୍ବାର; ଜନ୍ମ=ଜନ୍ମ; ନ=କଦାପି ନୁହେଁ; ଏତି=ପ୍ରାପ୍ତ ହୁଏ; ମାମ୍=ମୋତେ; ଏତି=ପ୍ରାପ୍ତହୁଏ; ସଃ=ସେ; ଅର୍ଜୁନ=ହେ ଅର୍ଜୁନ ।

## ଅନୁବାଦ

**ହେ ଅର୍ଜୁନ ! ଯେ ମୋର ଜନ୍ମ (ଅର୍ଥାତ୍ ଆବିର୍ଭାବ) ଓ କର୍ମର ବିଶୁଦ୍ଧଭାବକୁ ଜାଣେ - ସେ ଏ ଶରୀର ତ୍ୟାଗ କଲାପରେ ଏ ଭୌତିକ ଜଗତରେ ଆଉ ଜନ୍ମ ନିଏ ନାହିଁ, ସେ ମୋର ଦିବ୍ୟ ଶାଶ୍ୱତଧାମ ପ୍ରାପ୍ତହୁଏ ।**

## ଭାବାର୍ଥ

ଭଗବାନ୍ ଯେ ତାଙ୍କର ଦିବ୍ୟଧାମରୁ ଓହ୍ଲାଇ ଆସନ୍ତି, (ଅର୍ଥାତ୍ ଭଗବାନଙ୍କର ଅବତାର କଥା) ଏହା ଷଷ୍ଠ ଶ୍ଲୋକରେ ବର୍ଣ୍ଣନା କରାଯାଇଅଛି । ଯେ ପରମ ପୁରୁଷ ଭଗବାନଙ୍କର ଆବିର୍ଭାବତତ୍ତ୍ୱ ବୁଝିପାରେ ସେ ଭୌତିକ ବନ୍ଧନରୁ ମୁକ୍ତ ହୋଇଯାଏ, (ଯେ ଏହା ବୁଝିପାରିଛି, ସେ ମୁକ୍ତ ହୋଇସାରିଛି) ଏବଂ ସେଇଥିପାଇଁ ସେ ଏହି ଜଡ଼ଶରୀର ତ୍ୟାଗ କଲାପରେ ସାଙ୍ଗେ ସାଙ୍ଗେ ଭଗବଦ୍ ଧାମକୁ ଫେରିଯାଏ । ଜୀବର ଭୌତିକବନ୍ଧନରୁ ଏପ୍ରକାର ମୁକ୍ତି କିଛି ସହଜ କଥା ନୁହେଁ । ନିରାକାରବାଦୀ ଓ ଯୋଗୀଗଣ (ଅର୍ଥାତ୍ ଯେଉଁମାନେ ଅଷ୍ଟାଙ୍ଗଯୋଗ ସାଧନା କରି ଯୋଗସିଦ୍ଧି କାମନା ରଖିଥା'ନ୍ତି) ଅନେକ ଜନ୍ମବିତାଇ ଅନେକ କଷ୍ଟ ସହ୍ୟ କଲାପରେ ମୁକ୍ତିଲାଭ କରନ୍ତି । ତଥାପି ସେମାନେ ଯେଉଁ ମୁକ୍ତିପା'ନ୍ତି, ଅର୍ଥାତ୍ ସେମାନେ ଭଗବାନଙ୍କର ନିର୍ବିଶେଷ ବ୍ରହ୍ମଜ୍ୟୋତିରେ ଯେ ଲୀନହୁଅନ୍ତି, ତାହା ଆଂଶିକ ମୁକ୍ତିଅଟେ । ପୁନଶ୍ଚ ଏ ଭୌତିକ ଜଗତକୁ ପ୍ରତ୍ୟାବର୍ତ୍ତନ କରିବାର ବିପଦ ମଧ୍ୟ ସେଥିରେ ଅଛି । କିନ୍ତୁ

ଭକ୍ତ କେବଳ ଭଗବାନଙ୍କର ଶରୀର ଓ କର୍ମର ବିଶୁଦ୍ଧତା ବୁଝିପାରେ, ଏ ଭୌତିକଶରୀର ତ୍ୟାଗ କଲାପରେ ଭଗବଦ୍‌ଧାମରେ ପ୍ରବେଶ କରେ ଏବଂ ତା'ର ଆଉ ଏ ଭୌତିକଜଗତକୁ ଫେରିବାର ବିପଦ ନଥାଏ । ବ୍ରହ୍ମସଂହିତାରେ କୁହାଯାଇଅଛି ଯେ, ଭଗବାନଙ୍କର ଅନେକରୂପ ଓ ଅବତାର ଅଛି— *''ଅଦ୍ୱୈତଂ ଅଚ୍ୟୁତଂ ଅନାଦିଂ ଅନନ୍ତରୂପମ୍''* । ଯଦିଓ ଭଗବାନଙ୍କର ଅନେକ ଦିବ୍ୟରୂପ ଅଛି, ତଥାପି ସେମାନେ ସମସ୍ତେ ଏକ ଏବଂ ସେହି ଏକ ପରମ -ପୁରୁଷ ଭଗବାନ୍ । ବିଶ୍ୱାସ ସହକାରେ ଏହାକୁ ବୁଝିବାକୁ ପଡ଼ିବ । ଅବଶ୍ୟ ଭୌତିକ ପଣ୍ଡିତ ଓ ଦାର୍ଶନିକଗଣ ଏହାକୁ ସହଜରେ ବୁଝିପାରନ୍ତି ନାହିଁ । ବେଦରେ କୁହାଯାଇଛି —

*''ଏକୋ ଦେବୋ ନିତ୍ୟ-ଲୀଳାନୁରକ୍ତୋ ଭକ୍ତ-ବ୍ୟାପୀ ଅନ୍ତରାତ୍ମା''*

ଅର୍ଥାତ୍—''ପରମପୁରୁଷ ଭଗବାନ୍ ଏକ । ସେ ଅନେକ ଦିବ୍ୟରୂପରେ ତାଙ୍କର ଅନନ୍ୟ ଭକ୍ତମାନଙ୍କସହ ଶାଶ୍ୱତଭାବେ ସମ୍ବନ୍ଧିତ ହୋଇଛନ୍ତି ।'' ଏହି ବୈଦିକ ଉକ୍ତିଟି ଗୀତାର ଏହି ଶ୍ଲୋକରେ ସ୍ୱୟଂ ଭଗବାନଙ୍କ ଦ୍ୱାରା ସ୍ୱୀକୃତ ହୋଇଅଛି । ଯେ ଏହି ସତ୍ୟକୁ ବେଦବାଣୀରୂପେ ବିଶ୍ୱାସକରି ଗ୍ରହଣକରେ ଏବଂ ପରମପୁରୁଷ ଭଗବାନଙ୍କର ମୁଖନିସୃତ ବାଣୀରୂପେ ଗ୍ରହଣକରେ ଏବଂ ଅଯଥା ମନନରେ (ବା ଦାର୍ଶନିକ ଚିନ୍ତାଧାରାରେ) ସମୟ ନଷ୍ଟ ନକରେ ସେ ମୁକ୍ତିର ସର୍ବୋଚ୍ଚ ସିଦ୍ଧସ୍ତର ଲାଭକରେ । କେବଳ ବ୍ୟକ୍ତି ଦୃଢ଼ବିଶ୍ୱାସ ସହକାରେ ନିଃସନ୍ଦେହ ଚିତ୍ତରେ ଏହି ସତ୍ୟକୁ ଗ୍ରହଣ କରିବାଦ୍ୱାରା ମୁକ୍ତିଲାଭ କରିପାରେ । ବୈଦିକ ବାକ୍ୟ ''ତତ୍ତ୍ୱମସି'' ହିଁ ବାସ୍ତବରେ ଏହିଠାରେ ପ୍ରଯୁଜ୍ୟ । ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଯେ ପରମେଶ୍ୱର ରୂପରେ ବୁଝିପାରେ କିମ୍ବା ଯେ ଭଗବାନଙ୍କୁ କହେ, ''ଆପଣ ସେହି ପରମବ୍ରହ୍ମ, ପରମପୁରୁଷ ଭଗବାନ୍'', ସେ ସାଙ୍ଗେ ସାଙ୍ଗେ ମୁକ୍ତ ହୋଇଯାଏ ଏବଂ ଫଳତଃ ସେ ଭଗବାନଙ୍କ ଦିବ୍ୟଧାମରେ ପ୍ରବେଶ କରି ତାଙ୍କର ସାନ୍ନିଧ୍ୟ ଲାଭ କରିବା ନିମିତ୍ତ ଉପଯୁକ୍ତ ହୋଇଯାଏ ଏବଂ ସେ ଯେ ନିଶ୍ଚିତଭାବେ ଏହା ଲାଭକରିବ ଏଥିରେ କୌଣସି ସନ୍ଦେହ ନଥାଏ । ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ ଭଗବାନଙ୍କର ଏ ପ୍ରକାରର ଏକ ବିଶ୍ୱସ୍ତ ଭକ୍ତ ସିଦ୍ଧି ଲାଭ କରେ ଏବଂ ଏହା ନିମ୍ନଲିଖିତ ବୈଦିକ ବାଣୀଦ୍ୱାରା ସ୍ୱୀକୃତ ହୋଇଅଛି—

*''ତମ୍ ଏବ ବିଦିତ୍ୱାତିମୃତ୍ୟୁମେତି ନାନ୍ୟଃ ବିଦ୍ୟତେ ଅୟନାୟ ।''*

କେବଳ ପରମପୁରୁଷ ଭଗବାନଙ୍କୁ ଜାଣିବା ଦ୍ୱାରା ହିଁ ବ୍ୟକ୍ତି ଜନ୍ମ-ମୃତ୍ୟୁଚକ୍ରରୁ ମୁକ୍ତି ପାଇଯାଏ ଏବଂ ମୁକ୍ତିର ସର୍ବୋଚ୍ଚ ସ୍ତରରେ ଉପସ୍ଥିତ ହୋଇଯାଏ । ଏହାଛଡ଼ା ଅନ୍ୟ ପନ୍ଥା ନାହିଁ । ଯେଉଁ ବ୍ୟକ୍ତି କୃଷ୍ଣଙ୍କୁ ପରମପୁରୁଷ ଭଗବାନ୍ ହିସାବରେ ନ ଜାଣିଛି, ସେ ନିଶ୍ଚିତ ଭାବରେ ତମଗୁଣାଚ୍ଛନ୍ନ ହୋଇଛି ବୋଲି ବୁଝିବାକୁ ହେବ । ଫଳତଃ ସେ ମୁକ୍ତିଲାଭ କରିପାରିବ ନାହିଁ । ମହୁ ବୋତଲର ବାହାରକୁ ଗ୍ଚାଟିବା ଯାହା ଏ ପାର୍ଥିବ ପଣ୍ଡିତମାନଙ୍କର ବାଗାଡ଼ମ୍ବର ଦେଖାଇ ଭଗବଦ୍ ଗୀତାର ବ୍ୟାଖ୍ୟାକରିବା ସେଇଆ । ଏ ପ୍ରକାର ପାର୍ଥିବ ପଣ୍ଡିତଗଣ ବା ଦାର୍ଶନିକଗଣ ଭୌତିକ ଜଗତରେ ଖୁବ୍ ବଡ଼ ବା ଖ୍ୟାତି ସମ୍ପନ୍ନ ହୋଇପାରିଥାନ୍ତି, କିନ୍ତୁ ସେମାନେ ମୁକ୍ତିର ଅଧିକାରୀ ହୋଇପାରିବେ ନାହିଁ । ଏ ପ୍ରକାର ପାର୍ଥିବ ପଣ୍ଡିତଗଣ ଭଗବାନଙ୍କର ଏକ ଭକ୍ତର କୃପାଲାଭ ନକଲେ ମୁକ୍ତିଲାଭ କରିପାରିବେ ନାହିଁ । ସେମାନଙ୍କୁ ଏକ ଭକ୍ତଙ୍କର ଅହୈତୁକୀ କୃପାଲାଭ ନିମିତ୍ତ ଅପେକ୍ଷା କରିବାକୁ ପଡ଼ିବ । ତେଣୁ ବ୍ୟକ୍ତିକୁ ଦୃଢ଼ବିଶ୍ୱାସ, ଶ୍ରଦ୍ଧା

ଓ ଜ୍ଞାନ ମାଧ୍ୟମରେ କୃଷ୍ଣ-ଚେତନା ଲାଭ କରିବାକୁ ପଡ଼ିବ ଏବଂ ଏହିପରି ଭାବରେ ସେ ଜୀବନର ପରମ ଗତି ଲାଭ କରିପାରିବ ।

## ଶ୍ଳୋକ - ୧୦

**ବୀତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତାଃ ।**
**ବହବୋ ଜ୍ଞାନତପସା ପୂତା ମଦ୍‌ଭାବମାଗତାଃ ।।୧୦।।**

## ଶବ୍ଦାନୁବାଦ

ବୀତ=ମୁକ୍ତ; ରାଗ=ଅନୁରାଗ (ଆସକ୍ତି); ଭୟ=ଭୟ; କ୍ରୋଧାଃ=କ୍ରୋଧ; ମତ୍-ମୟାଃ=ସମ୍ପୂର୍ଣ୍ଣରୂପେ ମୋଠାରେ; ମାମ୍=ମୋତେ; ଉପାଶ୍ରିତାଃ=ସଂପୂର୍ଣ୍ଣରୂପେ ଅବସ୍ଥାନ କରି; ବହବଃ=ଅନେକ; ଜ୍ଞାନ=ଜ୍ଞାନ; ତପସା=ତପସ୍ୟାଦ୍ୱାରା; ପୂତାଃ=ପବିତ୍ର ହୋଇ; ମତ-ଭାବମ୍=ମୋ ପ୍ରତି ଦିବ୍ୟ ପ୍ରେମ; ଆଗତାଃ=ପ୍ରାପ୍ତ ହୋଇଥିଲେ ।

## ଅନୁବାଦ

**ଅତୀତରେ ଅନେକ ଲୋକ ରାଗ, ଦ୍ୱେଷ, ଭୟ ଓ କ୍ରୋଧରୁ ମୁକ୍ତ ହୋଇ, ମୋଠାରେ ସମ୍ପୂର୍ଣ୍ଣରୂପେ ଯୁକ୍ତହୋଇ ଏବଂ ସଂପୂର୍ଣ୍ଣରୂପେ ମୋର ଶରଣରେ ଆସି, ମୋ' ଜ୍ଞାନ ଲାଭକରି ବିଶୁଦ୍ଧ ହୋଇଛନ୍ତି ଏବଂ ଏହିପ୍ରକାରେ ସେମାନେ ସମସ୍ତେ ମୋର ଦିବ୍ୟପ୍ରେମ ଲାଭକରିଛନ୍ତି ।**

## ଭାବାର୍ଥ

ଯେଉଁବ୍ୟକ୍ତି ଅତ୍ୟନ୍ତ ଜଡ଼ବାଦୀ ଅଟେ, ଯେ ବିଶେଷ ପରିମାଣରେ ଭୂତପ୍ରକୃତି ସହ ଯୁକ୍ତ-ସେ ପରମସତ୍ୟ ଭଗବାନଙ୍କର ବ୍ୟକ୍ତିଗତ ପ୍ରକୃତି କଥା ବୁଝିପାରିବ ନାହିଁ; ଭଗବାନଙ୍କର ଯେ ଆକାର ଅଛି, ଭଗବାନ୍ ଯେ ଜଣେ ପୁରୁଷ-ଏସବୁ କଥା ବୁଝିବା ତା'ପକ୍ଷରେ ଅତ୍ୟନ୍ତ ଦୁରୁହ ।ଏହା ପୂର୍ବରୁ କୁହାଯାଇଅଛି ।ସାଧାରଣତଃ ଯେଉଁମାନେ ଦୈହିକ ଧାରଣାର ବଶବର୍ତ୍ତୀ, ସେମାନେ ଏତେଦୂର ଭୂତପ୍ରକୃତିସହ ଜଡ଼ିତ ଯେ, ସେମାନେ ଏକଥା ବୁଝିପାରନ୍ତି ନାହିଁ ଯେ ଭଗବାନଙ୍କର ଏକ ସତ୍-ଚିତ୍-ଆନନ୍ଦମୟ ବିଗ୍ରହ ଅଛି; ଭଗବାନଙ୍କର ଏକ ଦିବ୍ୟଶରୀର ଅଛି, ଯାହାକି ଅବ୍ୟୟ, ଜ୍ଞାନପୂର୍ଣ୍ଣ ଏବଂ ଶାଶ୍ୱତ-ଆନନ୍ଦମୟ, ଏହା ବୁଝିବା ସେମାନଙ୍କ ପକ୍ଷରେ ଅସମ୍ଭବ ଅଟେ ।ଆମର ଏ ଭୌତିକ ଶରୀର ଧ୍ୱଂସଶୀଳ ଏବଂ ସଂପୂର୍ଣ୍ଣରୂପେ ଅବିଦ୍ୟା ଓ ଦୁଃଖ ଯନ୍ତ୍ରଣାପୂର୍ଣ୍ଣ ।ତେଣୁ ସାଧାରଣଲୋକ ଯେତେବେଳେ ଭଗବାନଙ୍କର ଶରୀର ବା ଆକାର କଥା ଶୁଣେ, ସେତେବେଳେ ସେ ଭାବେ ଯେ, ଭଗବାନଙ୍କର ଶରୀର, ଠିକ୍ ତା' ନିଜ ଶରୀର ଭଳି ଏକ ଜଡ଼ ଶରୀର ଅଟେ ।ନିଜର ଦୈହିକ ଧାରଣାରୁ ସେ ଭଗବାନଙ୍କର ଶରୀର ସମ୍ବନ୍ଧରେ ଧାରଣା କରେ ।ଏ ପ୍ରକାର ଜଡ଼ବାଦୀମାନଙ୍କର ପକ୍ଷରେ ଏ ବିରାଟ ଭୌତିକ ପ୍ରକାଶହିଁ ଭଗବାନ୍ ଅଟନ୍ତି ।ପରିଣାମତଃ ସେମାନେ ଭଗବାନଙ୍କୁ ନିରାକାର ବୋଲି ଭାବନ୍ତି ।ଯେହେତୁ ସେମାନେ ଅତ୍ୟନ୍ତ ଜଡ଼ବାଦୀ ଅଟନ୍ତି ଓ ବିଶେଷ ପରିମାଣରେ ଭୂତପ୍ରକୃତିସହ ଜଡ଼ିତ, ତେଣୁ' ସେମାନେ ଏକଥା ବିଶ୍ୱାସ କରିପାରନ୍ତି ନାହିଁ ବା ଭାବିଲାବେଳକୁ ସେମାନଙ୍କ ହୃଦୟ ସ୍ପନ୍ଦିତ ହୋଇଉଠେ ଯେ, ଜଡ଼ତାରୁ ମୁକ୍ତହେଲା ପରେ ମଧ୍ୟ ବ୍ୟକ୍ତିତ୍ୱ ରହୁଛି । ଯେତେବେଳେ ସେମାନେ ଏକଥା ଶୁଣନ୍ତି ଯେ, ଦିବ୍ୟ ଜୀବନ ମଧ୍ୟ ବ୍ୟକ୍ତିଗତ ଜୀବନ ଅଟେ,

(ଅର୍ଥାତ୍ ଦିବ୍ୟସ୍ତରରେ ମଧ୍ୟ ବ୍ୟକ୍ତି ଏକ ସ୍ୱତନ୍ତ୍ର ଦିବ୍ୟ-ଜୀବନଯାପନ କରିପାରେ ଓ ଦିବ୍ୟଶରୀର ଧାରଣ କରି ରହିପାରେ) ସେତେବେଳେ ସେମାନେ ବଡ଼ ଭୀତତ୍ରସ୍ତ ହୋଇପଡ଼ନ୍ତି ଯେ, ଭୌତିକସ୍ତରରୁ ମୁକ୍ତ ହେଲାପରେ ମଧ୍ୟ ପୁଣି ସେମାନେ ଏକ ବ୍ୟକ୍ତିହୋଇ ଶରୀର ଧାରଣକରି ରହିବେ । ସେମାନେ ପୁଣି ଶରୀରଧାରଣକରି ଏକ ବ୍ୟକ୍ତି ହେବାକୁ ଭୟ କରନ୍ତି; ତେଣୁ ସେମାନେ ନିର୍ବିଶେଷ ବ୍ରହ୍ମରେ ଲୀନ ହୋଇଯିବାପାଇଁ ପସନ୍ଦ କରନ୍ତି । ସାଧାରଣତଃ ସେମାନେ ଜୀବମାନଙ୍କୁ ସମୁଦ୍ରର ପାଣିଫୋଟକା ଭାବନ୍ତି । ସେମାନେ ଭାବନ୍ତି ପାଣି ଫୋଟକା ଯେପରି ସମୁଦ୍ରରେ (ପାଣିରେ) ଲୀନ ହୋଇଯାଏ, ଜୀବଗଣ ସେହିପରି ବ୍ରହ୍ମରେ ଲୀନ ହୋଇଯିବେ । ସେମାନଙ୍କ ମତ ଅନୁଯାୟୀ, ଏହାହେଉଛି ଜୀବନର ସର୍ବୋଚ୍ଚ ସିଦ୍ଧି-ବ୍ୟକ୍ତିତ୍ୱ ହରାଇ ବ୍ରହ୍ମରେ ମିଶିଯିବା । ଏହା ଏକ ଭୀତିପୂର୍ଣ୍ଣ ଜୀବନ- ଏହା ପ୍ରକୃତ ଆତ୍ମଜ୍ଞାନ-ଶୂନ୍ୟ ଏକ ଜୀବନ ଅଟେ । ପୁନଶ୍ଚ ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଆଦୌ ଦିବ୍ୟସ୍ଥିତି କଥା ବୁଝିପାରନ୍ତି ନାହିଁ । ସେମାନେ ବିଭିନ୍ନ ପ୍ରକାର ସିଦ୍ଧାନ୍ତ ବା ଉପପତ୍ତି ଏବଂ ନାନାପ୍ରକାର ପରସ୍ପର-ବିପରୀତ ଦାର୍ଶନିକ ମତ ଶୁଣି ଶୁଣି ବଡ଼ ଗୋଳମାଳ ବା ଗୋଲୋକଧନ୍ଦାରେ ପଡ଼ି ଶେଷକୁ ବଡ଼ ବିରକ୍ତ ଓ କ୍ରୋଧାନ୍ୱିତହୋଇ ମୂର୍ଖଙ୍କଭଳି ମତପ୍ରକାଶ କରନ୍ତି ଯେ କୌଣସି ପରମ କାରଣ ନାହିଁ; ପରିଣାମତଃ ସବୁ ଶୂନ୍ୟ ଅଟେ । ଏ ପ୍ରକାର ଲୋକେ ଏକ ପ୍ରକାର ରୋଗାକ୍ରାନ୍ତ ଜୀବନ ଧାରଣ କରିଥା'ନ୍ତି । କେତେକ ଲୋକ ଅତ୍ୟଧିକ ଭାବେ, ଭୂତପ୍ରକୃତି ପ୍ରତି ଆସକ୍ତ ହୋଇପଡ଼ିଥା'ନ୍ତି ଏବଂ ସେଥିପାଇଁ ଦିବ୍ୟ ଜୀବନଯାପନ ପ୍ରତି ଧ୍ୟାନ ଦିଅନ୍ତିନାହିଁ; ଆଉ କେତେକ ପରମ କାରଣରେ ଲୀନ ହୋଇଯିବାକୁ ଇଚ୍ଛାକରନ୍ତି । ଆଉ କେତେକ ବଡ଼ ହତାଶବାଦୀ ହୋଇ ସମସ୍ତ ପ୍ରକାର ଆଧ୍ୟାତ୍ମିକ ଦର୍ଶନପ୍ରତି କ୍ରୋଧାନ୍ୱିତ ହୋଇ ଉଠନ୍ତି ଏବଂ ସବୁକୁ ଅବିଶ୍ୱାସ କରନ୍ତି । ଏହି ଶେଷ ଶ୍ରେଣୀର ଲୋକେ ଶେଷକୁ ନିଶା ଦ୍ରବ୍ୟର ଆଶ୍ରୟ ଗ୍ରହଣ କରନ୍ତି । ସେମାନେ ବେଳେବେଳେ ଅତ୍ୟଧିକ ନିଶା ସେବନକରି ଉନ୍ମାଦଗ୍ରସ୍ତ ହୋଇ ଏକପ୍ରକାର ଛାୟାଚିତ୍ର ଦର୍ଶନ କରନ୍ତି; ତାହାକୁ ସେମାନେ ଦିବ୍ୟ ଦର୍ଶନ ବା ଭଗବତ ଦର୍ଶନ ବୋଲି ମନେକରନ୍ତି । ବ୍ୟକ୍ତିକୁ ଏ ଭୌତିକ ଜଗତପ୍ରତି ଥିବା ଆସକ୍ତିର ତିନୋଟି ସ୍ତରରୁ ମୁକ୍ତ ହେବାକୁ ପଡ଼ିବ । ତିନୋଟି ସ୍ତର, ଯଥା - ଦିବ୍ୟ ଜୀବନଯାପନପ୍ରତି ଅବହେଳା ପ୍ରଦର୍ଶନ, ଦିବ୍ୟ ବ୍ୟକ୍ତିତ୍ୱପ୍ରତି ଭୀତି ଏବଂ ଜୀବନର ନୈରାଶ୍ୟ ଉତ୍ପାଦନକାରୀ ଶୂନ୍ୟ ଧାରଣା । ଭୌତିକ ଜୀବନ ଧାରଣାରେ ଏ ତିନୋଟି ସ୍ତରରୁ ମୁକ୍ତହେବା ନିମିତ୍ତ ବ୍ୟକ୍ତିକୁ ସଂପୂର୍ଣ୍ଣରୂପେ ଭଗବତ୍ ଚରଣାରବିନ୍ଦରେ ଆଶ୍ରୟ ଗ୍ରହଣ କରିବାକୁ ପଡିବ । ତାକୁ ଜଣେ ଉପଯୁକ୍ତ ଗୁରୁଙ୍କ ଅଧୀନରେ ରହି ସାଧନ ଭକ୍ତି ମାର୍ଗ ଅବଲମ୍ବନ କରିବାକୁ ପଡ଼ିବ । ଭକ୍ତିର ଶେଷସ୍ତର ହେଉଛି ଭାବ ବା ଭଗବଦ୍ ପ୍ରେମ । ''ଭକ୍ତି ରସାମୃତ ସିନ୍ଧୁ''ରେ ବର୍ଣ୍ଣିତ ଭକ୍ତିଯୋଗ ବିଜ୍ଞାନ—

*''ଆଦୌ ଶ୍ରଦ୍ଧା ତତଃ ସାଧୁସଙ୍ଗୋଽଥ ଭଜନକ୍ରିୟା ।*
*ତତୋଽନର୍ଥ-ନିବୃତ୍ତିଃ ସ୍ୟାଦ୍ ତତୋ ନିଷ୍ଠା ରୁଚିସ୍ତତଃ ।।*
*ଅଥାସକ୍ତିସ୍ତତୋ ଭାବସ୍ତତଃ ପ୍ରେମାଭ୍ୟୁଦଞ୍ଚତି ।*
*ସାଧକାନାମୟଂ ପ୍ରେମ୍ଣଃ ପ୍ରାଦୁର୍ଭାବେ ଭବେତ୍ କ୍ରମଃ ।।''*

ଅର୍ଥାତ୍-'ଆରମ୍ଭରେ ବ୍ୟକ୍ତିର ଆତ୍ମାନୁଭୂତିଲାଭ ନିମିତ୍ତ ପ୍ରାଥମିକ ଆକାଙ୍କ୍ଷା ରହିବା

ଉଚିତ୍ । ତାହାହେଲେ ସେ ସାଧୁସଙ୍ଗ କରିପାରିବ, ଏହି ଆକାଙ୍‌କ୍ଷା ତାକୁ ସାଧୁସଙ୍ଗ କରିବା ସ୍ତରକୁ ନେଇଯିବ । ତପରେ ସେ ଜଣେ ଉପଯୁକ୍ତ ଗୁରୁ ବା ଆର୍ଯ୍ୟଙ୍କ ଠାରୁ ଦୀକ୍ଷା ଗ୍ରହଣକରିବ ଏବଂ ତାଙ୍କ (ସେହି ଗୁରୁଙ୍କ) ନିର୍ଦ୍ଦେଶରେ ନବାଗତ ବ୍ରହ୍ମଚାରୀ ସାଧନ ଭକ୍ତିମାର୍ଗ ଅବଲମ୍ବନ କରିବାକୁ ଆରମ୍ଭ କରିବ । ଗୁରୁଙ୍କ ନିର୍ଦ୍ଦେଶରେ ଭଗବାନଙ୍କର ସେବାରତ ହେବାଦ୍ୱାରା ସେ ସମସ୍ତ ପ୍ରକାର ଭୌତିକ ଆସକ୍ତିରୁ ମୁକ୍ତ ହୋଇଯାଏ, ଆତ୍ମାନୁଭୂତି ଲାଭ ଦିଗରେ ସ୍ଥିରତା ଅର୍ଜନ କରେ ଏବଂ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଶ୍ରବଣକରିବା-ରୁଚି ଜାତହୁଏ । ଏହି ରୁଚି କ୍ରମେ ବର୍ଦ୍ଧିତ ହୋଇ କୃଷ୍ଣଚେତନା ବୃଦ୍ଧି କରାଏ । ତାହା କ୍ରମେ 'ଭାବ'ରେ ପର୍ଯ୍ୟବସିତ ହୁଏ । ଏହା ହେଉଛି ଦିବ୍ୟ ଭଗବତ୍ ପ୍ରେମର ପ୍ରାଥମିକ ଅବସ୍ଥା । ପ୍ରକୃତ ଭଗବତ୍ ପ୍ରେମକୁ 'ପ୍ରେମା' କୁହାଯାଏ । ଏହା ଭକ୍ତିଯୋଗ ମାର୍ଗରେ ସର୍ବୋଚ୍ଚ ସ୍ତରଅଟେ । 'ପ୍ରେମା' ସ୍ତରରେ ବ୍ୟକ୍ତି ସର୍ବଦା ଭଗବାନଙ୍କର ଦିବ୍ୟ ସେବାରେ ଲାଗିରହେ । ଜଣେ ଉପଯୁକ୍ତ ଗୁରୁଙ୍କ ନିର୍ଦ୍ଦେଶରେ ଧୀର ମନ୍ଥର ଗତିରେ ଭକ୍ତିଯୋଗ ମାର୍ଗରେ ଗମନକରି ବ୍ୟକ୍ତି ଭୌତିକ ସୁଖଭୋଗ କାମନାରୁ, ଦିବ୍ୟସ୍ତରରେ ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ରହୁଥିବା ଭୀତିରୁ ଏବଂ ଶୂନ୍ୟବାଦ ଦର୍ଶନରୁ ଜାତ ନୈରାଶ୍ୟରୁ, ମୁକ୍ତ ହୋଇ ସର୍ବୋଚ୍ଚସ୍ତର ଲାଭକରିପାରେ । ତପରେ ବ୍ୟକ୍ତି ପରିଣାମତଃ ଭଗବାନଙ୍କର ପରମଧାମ ଲାଭକରିପାରେ ।

## ଶ୍ଳୋକ - ୧୧

**ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।**
**ମମ ବର୍ତ୍ମାନୁବର୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ।।୧୧।।**

## ଶବ୍ଦାନୁବାଦ

ଯେ=ଯେଉଁମାନେ; ଯଥା=ଯେପରି; ମାମ୍=ମୋତେ; ପ୍ରପଦ୍ୟନ୍ତେ=ଶରଣରେ ଆସନ୍ତି; ତାନ୍=ସେମାନଙ୍କୁ; ତଥା=ସେହିପରି; ଏବ=ନିଶ୍ଚିତଭାବେ; ଭଜାମି=ପୁରସ୍କୃତ କରେ; ଅହମ୍=ମୁଁ; ମମ=ମୋର; ବର୍ତ୍ମ=ପଥ; ଅନୁବର୍ତନ୍ତେ=ଅନୁସରଣ କରନ୍ତି; ମନୁଷ୍ୟାଃ=ମନୁଷ୍ୟମାନେ; ପାର୍ଥ=ହେ ପୃଥାପୁତ୍ର; ସର୍ବଶଃ=ସର୍ବପ୍ରକାରେ ।

## ଅନୁବାଦ

**ଯେଉଁମାନେ ଯେପରି ଭାବରେ ମୋର ଶରଣରେ ଆସନ୍ତି, ସେହିପରି ଭାବରେ ମୁଁ ସେମାନଙ୍କୁ ପୁରସ୍କୃତ କରେ । ହେ ପାର୍ଥ (ପୃଥାପୁତ୍ର); ସମସ୍ତେ ସର୍ବପ୍ରକାରେ ମୋ ପଥ ହିଁ ଅନୁସରଣ କରନ୍ତି ।**

## ଭାବାର୍ଥ

ସମସ୍ତେ କୃଷ୍ଣଙ୍କୁ ଖୋଜୁଛନ୍ତି, କିନ୍ତୁ କୃଷ୍ଣଙ୍କର ବିଭିନ୍ନ ପ୍ରକାଶର ଜରିଆରେ ବିଭିନ୍ନ ପ୍ରକାରେ କୃଷ୍ଣଙ୍କୁ ଖୋଜୁଛନ୍ତି । କୃଷ୍ଣଙ୍କର ଦୁଇଟି ପ୍ରତୀତି ଯଥା ନିର୍ବିଶେଷ ବ୍ରହ୍ମଜ୍ୟୋତି ଓ ସର୍ବବ୍ୟାପକ ପରମାତ୍ମା । (କୃଷ୍ଣ, ପରମାତ୍ମା ରୂପରେ ପ୍ରତ୍ୟେକଙ୍କ ମଧ୍ୟରେ ବିଦ୍ୟମାନ), କିନ୍ତୁ ଏ ଦୁଇଟି ପ୍ରତୀତି ଅର୍ଥାତ୍ ନିର୍ବିଶେଷ ବ୍ରହ୍ମଜ୍ୟୋତି ଓ ସର୍ବବ୍ୟାପକ ପରମାତ୍ମା ଜରିଆରେ ସେ

ଆଂଶିକଭାବେ ଅନୁଭୂତ ହୁଅନ୍ତି । କିନ୍ତୁ ଶୁଦ୍ଧ ଭକ୍ତମାନଙ୍କ ଦ୍ୱାରା ସେ ସଂପୂର୍ଣ୍ଣରୂପେ ଅନୁଭୂତ ହୁଅନ୍ତି । ଫଳତଃ କୃଷ୍ଣ ହିଁ ପ୍ରତ୍ୟେକଙ୍କର ଅନୁଭୂତିର ବସ୍ତୁ ଅଟନ୍ତି ଏବଂ ଏହିପରି ଭାବରେ ପ୍ରତ୍ୟେକେ ନିଜ ନିଜର କୃଷ୍ଣ ପ୍ରାପ୍ତି କାମନାନୁଯାୟୀ ସନ୍ତୋଷଲାଭ କରନ୍ତି । ଦିବ୍ୟ ଜଗତ (ଅପ୍ରାକୃତ ଜଗତ)ରେ ମଧ୍ୟ କୃଷ୍ଣ, ତାଙ୍କର ଭକ୍ତମାନଙ୍କର କାମନାନୁଯାୟୀ ସେମାନଙ୍କ ସହ ଭାବର ଆଦାନପ୍ରଦାନ କରନ୍ତି । ଭକ୍ତ ତାଙ୍କୁ ଯେପରି ଭାବରେ ପାଇବାକୁ ଇଚ୍ଛାକରେ ସେ ସେହିପରି ଭାବରେ ଭକ୍ତଙ୍କୁ ପ୍ରାପ୍ତ ହୁଅନ୍ତି । କୌଣସି ଭକ୍ତ କୃଷ୍ଣଙ୍କୁ ପରମପ୍ରଭୁ ରୂପରେ ପାଇବାକୁ ଇଚ୍ଛା କରିପାରେ, ଆଉକେହି ତାଙ୍କୁ ବନ୍ଧୁରୂପରେ ପାଇବାକୁ ଇଚ୍ଛା କରିପାରେ, ଆଉକେହି ପୁତ୍ରରୂପରେ ପାଇବାକୁ ଇଚ୍ଛା କରିପାରେ ଏବଂ ଆଉକେହି ପ୍ରେମିକ ରୂପରେ ପାଇବାକୁ ଇଚ୍ଛା କରିପାରେ । କିନ୍ତୁ କୃଷ୍ଣ ସମସ୍ତଙ୍କୁ ସମାନ ଭାବରେ ପୁରସ୍କୃତ କରନ୍ତି । ଭକ୍ତର ପ୍ରେମ ବା ଭାବର ତୀବ୍ରତା ଅନୁଯାୟୀ କୃଷ୍ଣ ଭକ୍ତକୁ ପ୍ରାପ୍ତହୁଅନ୍ତି । ଭୌତିକ ଜଗତରେ ମଧ୍ୟ ତଦ୍ରୂପ ଭାବର ଆଦାନପ୍ରଦାନ ଅଛି ଏବଂ ଭଗବାନ୍ ମଧ୍ୟ ତାହା ଗ୍ରହଣକରନ୍ତି । ବିଭିନ୍ନ ପ୍ରକାର ଭକ୍ତ ବା ଆରାଧନାକାରୀ ଅଛନ୍ତି । ଭକ୍ତ ବା ଆରାଧନାକାରୀର ଭାବ ଅନୁଯାୟୀ ଭଗବାନ୍ ପ୍ରାପ୍ତ ହୁଅନ୍ତି । ଯେଉଁମାନେ ଶୁଦ୍ଧ-ଭକ୍ତ ସେମାନେ ଉଭୟତ୍ର (ଅର୍ଥାତ୍ ଏ ଭୌତିକ ଜଗତରେ ଏବଂ ବୈକୁଣ୍ଠ ଲୋକରେ ମଧ୍ୟ) ବ୍ୟକ୍ତିଗତ ଭାବରେ ଭଗବାନଙ୍କ ସଙ୍ଗଲାଭ କରିପାରନ୍ତି ଏବଂ ସ୍ୱହସ୍ତରେ ଭଗବାନଙ୍କ ସେବା କରିବାକୁ ସକ୍ଷମ ହୁଅନ୍ତି । ଏହିପରି ଭାବରେ ସେମାନେ (ଅର୍ଥାତ୍ ଭଗବାନଙ୍କର ସେବାକରି) ଦିବ୍ୟ ଆନନ୍ଦଲାଭ କରନ୍ତି । ଯେଉଁମାନେ ଶୂନ୍ୟବାଦୀ, ଅର୍ଥାତ୍ ଯେଉଁମାନେ ଇଚ୍ଛା କରନ୍ତି ଯେ, ସେମାନେ ଭଗବାନଙ୍କଠାରେ ଲୀନହୋଇ ସେମାନଙ୍କର ଆତ୍ମା ସତ୍ତାକୁ ହରାଇବେ, ସେମାନଙ୍କୁ ମଧ୍ୟ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର ବ୍ରହ୍ମଜ୍ୟୋତିରେ ଲୀନ ହେବାକୁ ସୁଯୋଗଦେଇ ସାହାଯ୍ୟ କରନ୍ତି । ଏ ପ୍ରକାର ନିର୍ବିଶେଷବାଦୀଗଣ ଭଗବାନଙ୍କର ସତ୍-ଚିତ୍ ଆନନ୍ଦମୟ ରୂପକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । ଫଳତଃ ସେମାନେ ନିଜର ବ୍ୟକ୍ତିଗତ ସତ୍ତା ହରାଇବା ଦ୍ୱାରା ଭଗବାନଙ୍କର ସେବାରୁ ମିଳୁଥିବା ଦିବ୍ୟ ଆନନ୍ଦଲାଭରୁ ବଞ୍ଚିତ ହୁଅନ୍ତି । ସେମାନଙ୍କ ମଧ୍ୟରୁ କେତେକ ନିର୍ବିଶେଷ ବ୍ରହ୍ମଜ୍ୟୋତିରେ ରହି ନପାରି ପୁଣି ଭୌତିକଜଗତକୁ ଫେରନ୍ତି । ସେମାନଙ୍କ ମଧ୍ୟରେ ଭୌତିକ କର୍ମରେ ନିଯୁକ୍ତ ହେବାର କାମନା ସୁପ୍ତଭାବରେ ଥାଏ । ତେଣୁ ତାହା ଚରିତାର୍ଥ କରିବା ନିମିତ୍ତ ସେମାନେ ପୁଣି ଭୌତିକ ଜଗତକୁ ଫେରନ୍ତି । ସେମାନଙ୍କୁ ବୈକୁଣ୍ଠ ଲୋକରେ ପ୍ରବେଶ ଅଧିକାର ଦିଆଯାଏ ନାହିଁ, କିନ୍ତୁ ପୁଣି ଥରେ ଏ ଭୌତିକ ଜଗତରେ କର୍ମ କରିବାକୁ ସେମାନଙ୍କୁ ସୁଯୋଗ ଦିଆଯାଏ । ଯେଉଁମାନେ ସକାମକର୍ମୀ ସେମାନଙ୍କୁ ଭଗବାନ୍ ଯଜ୍ଞେଶ୍ୱର ହିସାବରେ ଈପସିତ୍ ଫଳ ମଧ୍ୟ ପ୍ରଦାନ କରନ୍ତି । ଯେଉଁମାନେ ଯୋଗୀ, ଅର୍ଥାତ୍ ଯୋଗସିଦ୍ଧି କାମନା କରୁଥାଆନ୍ତି, ସେମାନେ ମଧ୍ୟ ତାହା ପ୍ରାପ୍ତହୁଅନ୍ତି । ଅନ୍ୟ କଥାରେ ଏହା ହିଁ କୁହାଯାଇପାରେ ଯେ, ପ୍ରତ୍ୟେକ ନିଜ ନିଜର କାର୍ଯ୍ୟରେ ସଫଳ କାମ ହେବା ନିମିତ୍ତ ତାଙ୍କର କୃପା ଉପରେ ନିର୍ଭର କରନ୍ତି । ବିଭିନ୍ନ ପ୍ରକାର ସାଧନବିଧି ଆଉ କିଛି ନୁହେଁ, ସେଗୁଡ଼ିକ ସେହି ଗୋଟିଏ ପଥରେ ସଫଳତା ଲାଭର ବିଭିନ୍ନ ପ୍ରକାର ସ୍ତର । ତେଣୁ ବ୍ୟକ୍ତି କୃଷ୍ଣଚେତନାରୂପ ସର୍ବୋଚ୍ଚ ସିଦ୍ଧସ୍ତରକୁ ନଆସିବା

ପର୍ଯ୍ୟନ୍ତ, ତା'ର ସମସ୍ତ ପ୍ରଚେଷ୍ଟା ଅପୂର୍ଣ୍ଣ ରହିଯାଏ । ତେଣୁ ଶ୍ରୀମଦ୍‌ଭାଗବତରେ କୁହାଯାଇଅଛି—

*"ଅକାମଃ ସର୍ବକାମୋ ବା ମୋକ୍ଷକାମୁଦାରଧୀଃ ।*
*ତୀବ୍ରେଣ ଭକ୍ତିଯୋଗେନ ଯଜେତ୍, ପୁରୁଷଂ ପରଂ ॥" (ଭା. ୨-୩-୧୦)*

ଅର୍ଥାତ୍ — ଭକ୍ତ ଯେପରି ହୋଇଥାଉନା କାହିଁକି, ସେ ଅକାମ ହୋଇ ଥାଇପାରେ, ଅର୍ଥାତ୍ ତା'ର କୌଣସି କାମନା ନଥାଇପାରେ, କିମ୍ବା ସମସ୍ତ କର୍ମର ଫଳ ଉପଭୋଗ କରିବାକୁ ଇଚ୍ଛା କରିଥାଇପାରେ, ସେ ଯାହା ହେଉନାକାହିଁକି ପୂର୍ଣ୍ଣତା ପ୍ରାପ୍ତି ନିମିତ୍ତ ତାକୁ ପରମପୁରୁଷ ଭଗବାନଙ୍କୁ ଆରାଧନା କରିବା ପାଇଁ ସମସ୍ତପ୍ରକାର ଚେଷ୍ଟା କରିବାକୁ ପଡ଼ିବ । ଏ ପୂର୍ଣ୍ଣତାପ୍ରାପ୍ତି ପରିଣାମତଃ କୃଷ୍ଣଚେତନାରେ ହିଁ ପର୍ଯ୍ୟବସିତ ହେବ । (ଅର୍ଥାତ୍ କୃଷ୍ଣଚେତନାସ୍ତର ବା ଭକ୍ତିଯୋଗ ସ୍ତର ହେଉଛି ସର୍ବଶେଷ ସ୍ତର ଏହି ସ୍ତରକୁ ସମସ୍ତଙ୍କୁ ଶେଷରେ ଆସିବାକୁ ପଡ଼ିବ)

## ଶ୍ଳୋକ - ୧୨

**କାଙ୍‌କ୍ଷନ୍ତଃ କର୍ମଣାଂ ସିଦ୍ଧିଂ ଯଜନ୍ତ ଇହ ଦେବତାଃ ।**
**କ୍ଷିପ୍ରଂ ହି ମାନୁଷେ ଲୋକେ ସିଦ୍ଧିର୍ଭବତି କର୍ମଜା ॥ ୧୨ ॥**

## ଶବ୍ଦାନୁବାଦ

କାଙ୍‌କ୍ଷନ୍ତଃ=ଇଚ୍ଛା କରୁଥିବା; କର୍ମଣାମ୍=ସକାମ କର୍ମର; ସିଦ୍ଧିମ୍=ସିଦ୍ଧି; ଯଜନ୍ତେ=ଯଜ୍ଞାନୁଷ୍ଠାନ କରି ପୂଜା କରନ୍ତି; ଇହ=ଭୌତିକ ଜଗତରେ; ଦେବତାଃ=ଦେବତାମାନଙ୍କୁ; କ୍ଷିପ୍ରମ୍=ଖୁବ୍ ଶୀଘ୍ର; ହି=ନିଶ୍ଚିତ ଭାବେ; ମାନୁଷେ=ମାନବ ସମାଜରେ; ଲୋକେ=ଏ ପୃଥିବୀରେ; ସିଦ୍ଧିଃ ଭବତି=କୃତକାର୍ଯ୍ୟ ହୁଏ; କର୍ମଜା=ସକାମ କର୍ମୀ ।

## ଅନୁବାଦ

**ଏ ଜଗତରେ ଲୋକମାନେ କରୁଥିବା କର୍ମରେ ସିଦ୍ଧିଲାଭ ନିମିତ୍ତ ଇଚ୍ଛା କରନ୍ତି ଏବଂ ସେଇଥିପାଇଁ ସେମାନେ ଦେବତାମାନଙ୍କୁ ପୂଜା କରନ୍ତି । ଅବଶ୍ୟ, ଲୋକମାନେ ଏ ଜଗତରେ ଖୁବ୍ ଶୀଘ୍ର ସେମାନଙ୍କର କର୍ମର ଫଳ ପାଇଯା'ନ୍ତି ।**

## ଭାବାର୍ଥ

ଏ ଭୌତିକ ଜଗତରେ ଲୋକମାନଙ୍କର ଦେବତାମାନଙ୍କ ସମ୍ବନ୍ଧରେ ବଡ଼ ଭ୍ରମଧାରଣା ଅଛି । ଏ ଜଗତରେ ଲୋକମାନେ ଯଦିଓ ଖୁବ୍ ବିଦ୍ୱାନ୍ ବା ପଣ୍ଡିତ ବୋଲି ପରିଗଣିତ ହୁଅନ୍ତି, ତଥାପି ସେମାନେ ବଡ଼ ନିର୍ବୁଦ୍ଧିଆ । ସେମାନେ ଦେବତାମାନଙ୍କୁ ଭଗବାନଙ୍କର ବିଭିନ୍ନରୂପ ବୋଲି ଭାବନ୍ତି । ବାସ୍ତବରେ ଦେବତାମାନେ ଭଗବାନଙ୍କର ବିଭିନ୍ନରୂପ ନୁହଁନ୍ତି, କିନ୍ତୁ ସେମାନେ ଭଗବାନଙ୍କର ବିଭିନ୍ନ ଅଂଶ ବିଶେଷ ଅଟନ୍ତି । ଭଗବାନ୍ ଏକ, କିନ୍ତୁ ତାଙ୍କର ଅଂଶ ଅନେକ । ବେଦରେ କୁହାଯାଇଛି, *"ନିତ୍ୟୋ ନିତ୍ୟାନାମ୍"* ଭଗବାନ୍ ଏକ । *"ଈଶ୍ୱରଃ ପରମଃ କୃଷ୍ଣଃ"* । ପରମେଶ୍ୱର ହେଉଛନ୍ତି ଏକ, ସେ ହେଉଛନ୍ତି, କୃଷ୍ଣ ଏବଂ ଭଗବାନ୍ । ଏହି ଭୌତିକ ଜଗତର ପରିଚାଳନା ନିମିତ୍ତ ସେ ଦେବତାମାନଙ୍କୁ କେତେକ କ୍ଷମତା ଦେଇଛନ୍ତି । ଏହି ଦେବତାମାନେ ହେଉଛନ୍ତି, ସମସ୍ତେ ଜୀବ (ନିତ୍ୟାନାମ୍) । ଏମାନେ କେତେକ ଭୌତିକ କ୍ଷମତାର ଅଧିକାରୀ ଅଟନ୍ତି ।

ସେମାନେ କେବେହେଲେ ପରମେଶ୍ୱର-ନାରାୟଣ, ବିଷ୍ଣୁ କିମ୍ବା କୃଷ୍ଣଙ୍କ ସହିତ ସମାନ ହୋଇପାରିବେ ନାହିଁ । ଯେ ଭାବେ ଯେ, ଭଗବାନ ଓ ଦେବତାଗଣ ଏକ ବା ଏକସ୍ତରର, ସେ ନାସ୍ତିକ ବା ପାଷଣ୍ଡୀ ଅଟେ । ଏପରିକି ବ୍ରହ୍ମା ଓ ଶିବ ପ୍ରଭୃତି ବିଶିଷ୍ଟ ଦେବତାଗଣ ମଧ୍ୟ ଭଗବାନଙ୍କର ତୁଳନୀୟ ହୋଇପାରନ୍ତି ନାହିଁ । ବାସ୍ତବରେ ବ୍ରହ୍ମା ଶିବ ଆଦି ଦେବତାଗଣ ମଧ୍ୟ ଭଗବାନଙ୍କୁ ପୂଜା କରନ୍ତି (ଶିବ-ବିରଞ୍ଚି-ନୁତମ୍) । ଏହା ଅତ୍ୟନ୍ତ କୌତୁକପ୍ରଦ କଥା ଯେ କେତେକ ମୂର୍ଖବ୍ୟକ୍ତି ନେତାମାନଙ୍କୁ ମଧ୍ୟ ଦେବତା ବୋଲି ଭାବି ପୂଜା କରୁଛନ୍ତି । ''ଇହ ଦେବତା'' କହିଲେ ଭୌତିକ ଜଗତର କୌଣସି ଶକ୍ତିଶାଳୀ ମାନବ କିମ୍ବା ଦେବତାଙ୍କୁ ବୁଝାଏ । କିନ୍ତୁ ନାରାୟଣ, ବିଷ୍ଣୁ କିମ୍ବା ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ଏ ଜଗତର ନୁହଁନ୍ତି । ସେ ଭୌତିକ ସୃଷ୍ଟିର ବହୁତ ଊର୍ଦ୍ଧ୍ୱରେ ଏପରିକି, ନିର୍ବିଶେଷବାଦୀ (ବା ମାୟାବାଦୀ)ମାନଙ୍କର ନେତା ଶ୍ରୀପାଦ ଶଙ୍କରାଚାର୍ଯ୍ୟ ମଧ୍ୟ ଏହା ସ୍ୱୀକାର କରିଛନ୍ତି ଯେ ନାରାୟଣ କିମ୍ବା କୃଷ୍ଣ ଏ ଭୌତିକ ସୃଷ୍ଟିର ବହୁତ ଊର୍ଦ୍ଧ୍ୱରେ ଅବସ୍ଥିତ । ସେ ଯାହାହେଉ ମୂର୍ଖମାନେ (ହୃତଜ୍ଞାନ) ସାଙ୍ଗେ ସାଙ୍ଗେ ଫଳଲାଭ କରନ୍ତି, ତେଣୁ ସେମାନେ ଦେବତାମାନଙ୍କୁ ପୂଜା କରନ୍ତି । ସେମାନେ କିଛି ଫଳଲାଭ କରନ୍ତି, କିନ୍ତୁ ସେମାନେ ଜାଣନ୍ତି ନାହିଁ ଯେ ଏଇଯେଉଁ ଫଳ ସେ ଲାଭକଲେ, ତାହା କ୍ଷଣସ୍ଥାୟୀ ଅଟେ ଏବଂ ବୁଦ୍ଧିହୀନ ଲୋକଙ୍କ ପାଇଁ ଏହା ଉଦ୍ଦିଷ୍ଟ, ଯେ ଚତୁର ସେ କୃଷ୍ଣଚେତନାରେ ଥାଏ ଏବଂ ତାତ୍କାଳିକ, କ୍ଷଣସ୍ଥାୟୀ ଫଳ ଲାଭ ଆଶାରେ ସେ କ୍ଷୁଦ୍ର ଦେବତାମାନଙ୍କୁ ପୂଜା କରେନାହିଁ । ଏ ଭୌତିକ ଜଗତ ଯେତେବେଳେ ଧ୍ୱଂସ ହୁଏ, ସେତେବେଳେ, ଏଥିରେ ଥିବା ଦେବତାଗଣ ଏବଂ ସେମାନଙ୍କର ଉପାସକବୃନ୍ଦ ମଧ୍ୟ ଧ୍ୱଂସ ହୁଅନ୍ତି ।

ଦେବତାମାନେ ଯେଉଁ ଫଳ ଦିଅନ୍ତି, ତାହା କ୍ଷଣସ୍ଥାୟୀ ଏବଂ ଭୌତିକ ଅଟେ । ଏ ଭୌତିକ ଜଗତ ଏବଂ ଏଥିରେ ଥିବା ଦେବତାବୃନ୍ଦ ଓ ସେମାନଙ୍କର ଉପାସକବୃନ୍ଦ ଏମାନେ ସମସ୍ତେ ଦିବ୍ୟ ସାଗରରେ ବୁଦ୍‌ବୁଦ ତୁଲ୍ୟ । ଏ ସଂସାରରେ ମାନବ ସମାଜ ଭୌତିକ ଐଶ୍ୱର୍ଯ୍ୟ ଯଥା-ଧନ-ସମ୍ପତ୍ତି, ଜମି-ବାଡ଼ି, ପୁତ୍ର-ସ୍ତ୍ରୀ, ପରିବାର ଓ ଅନ୍ୟାନ୍ୟ ଉପଭୋଗ୍ୟ ବିଷୟବସ୍ତୁଆଦି କ୍ଷଣିକପଦାର୍ଥ ପଛରେ ପାଗଳପରି ଧାବମାନ । ଏହିସବୁ କ୍ଷଣିକ ପଦାର୍ଥ ଲାଭ ଆଶାରେ ସେମାନେ ଦେବତାମାନଙ୍କୁ ପୂଜା କରନ୍ତି, କିମ୍ବା ସମାଜରେ ଥିବା କ୍ଷମତାଶାଳୀ ଲୋକମାନଙ୍କୁ ପୂଜାକରନ୍ତି । ଯଦି କୌଣସି ବ୍ୟକ୍ତି କୌଣସି ରାଜନୈତିକ ନେତାଙ୍କର ପୂଜାକରି ସରକାରୀ ଚାକିରୀ ଖଣ୍ଡେ ପାଇଗଲା, ତାହାହେଲେ ସେ ଭାବେ ଯେ, ସେ ଗୋଟାଏ ବଡ଼ ବର ପାଇଛି । ତେଣୁ ସେମାନେ ଏ କ୍ଷଣିକ ଆଶୀର୍ବାଦ ବା ଫଳଲାଭ କରିବା ନିମିତ୍ତ ତଥାକଥିତ ନେତାମାନଙ୍କୁ ପୂଜା କରନ୍ତି । ଏପରି ପୂଜାକରି ଅବଶ୍ୟ ସେମାନେ କିଛି ଫଳପା'ନ୍ତି । କିନ୍ତୁ, ଏ ନିର୍ବୋଧ ବ୍ୟକ୍ତିଗଣ, ସେମାନଙ୍କର ଏ ଦୁଃଖପୂର୍ଣ୍ଣ ଭୌତିକ ସ୍ଥିତିରୂପ ସମସ୍ୟାର ଚିରସ୍ଥାୟୀ ସମାଧାନ ନିମିତ୍ତ କୃଷ୍ଣଚେତନା ଲାଭ କରିବା ଦିଗରେ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ସେମାନେ ସମସ୍ତେ ଇନ୍ଦ୍ରିୟ ସୁଖ ପଛରେ ଧାବମାନ ଏବଂ କିଛି ପରିମାଣରେ ଇନ୍ଦ୍ରିୟ ସୁଖ ସୁବିଧା ଲାଭକରିବା ନିମିତ୍ତ ସେମାନେ କ୍ଷମତାଶାଳୀ ବ୍ୟକ୍ତି ତଥା ଦେବତାମାନଙ୍କୁ ପୂଜା କରିବାକୁ ଖୁବ୍ ଆଗ୍ରହ ପ୍ରକାଶ କରନ୍ତି । ଏ ଶ୍ଲୋକରୁ ଜଣାଯାଉଛି ଯେ, ଲୋକମାନେ ପ୍ରାୟ କୃଷ୍ଣଚେତନା

ଲାଭ ଦିଗରେ ଆଗ୍ରହୀ ନୁହଁନ୍ତି । ସେମାନେ ପ୍ରଧାନତଃ ଭୌତିକ ସୁଖ-ଭୋଗ ପଛରେ ଧାବମାନ ଏବଂ ସେଥିପାଇଁ ସେମାନେ କୌଣସି କ୍ଷମତାଶାଳୀ ବ୍ୟକ୍ତିକୁ ପୂଜାକରନ୍ତି ।

## ଶ୍ଲୋକ - ୧୩

**ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ ।**
**ତସ୍ୟ କର୍ତାରମପି ମାଂ ବିଦ୍ଧ୍ୟକର୍ତାରମବ୍ୟୟମ୍ ।।୧୩।।**

## ଶବ୍ଦାନୁବାଦ

ଚାତୁର୍ବର୍ଣ୍ୟମ୍=ମାନବ ସମାଜରେ ଥିବା ଚାରି ବର୍ଣ୍ଣବିଭାଗ; ମୟା=ମୋଦ୍ୱାରା; ସୃଷ୍ଟମ୍=ସୃଷ୍ଟ; ଗୁଣ=ଗୁଣ; କର୍ମ=କର୍ମ; ବିଭାଗଶଃ=ବିଭାଗ ଅନୁଯାୟୀ; ତସ୍ୟ=ତାହାର; କର୍ତାରମ୍=କର୍ତ୍ତା (ବା ପିତା); ଅପି=ଯଦିଓ; ମାମ୍=ମୋତେ; ବିଦ୍ଧି=ତୁମେ ଜାଣ; ଅକର୍ତାରମ୍=ଅକର୍ତ୍ତାରୂପେ; ଅବ୍ୟୟମ୍=ଅବ୍ୟୟ (ବା ଅପରିବର୍ତ୍ତନୀୟ) ହୋଇଥିବାଯୋଗୁଁ।

## ଅନୁବାଦ

**ଭୂତ-ପ୍ରକୃତିର ତ୍ରିଗୁଣ ଏବଂ ସେ ଗୁଣାନୁସାରେ କର୍ମାନୁଯାୟୀ ମାନବସମାଜରେ ଥିବା ଚାରି ବର୍ଣ୍ଣବିଭାଗ ମୋଦ୍ୱାରା ସୃଷ୍ଟ ହୋଇଅଛି । ଯଦିଓ ମୁଁ ଏ ବର୍ଣ୍ଣବିଭାଗର ସୃଷ୍ଟିକର୍ତ୍ତା, ତଥାପି ତୁମେ ଜାଣିରଖିବା ଉଚିତ୍ ଯେ, ମୁଁ ଅବ୍ୟୟ (ବା ଅପରିବର୍ତ୍ତନୀୟ) ହୋଇଥିବା ଯୋଗୁଁ ମୁଁ ଅକର୍ତ୍ତା ଅଟେ ।**

## ଭାବାର୍ଥ

ଭଗବାନ୍ ସମସ୍ତଙ୍କର ସୃଷ୍ଟିକର୍ତ୍ତା । ସବୁ ତାଙ୍କଠାରୁ ଜାତ, ସମସ୍ତେ ତାଙ୍କଦ୍ୱାରା ପରିପାଳିତ ହେଉଛନ୍ତି ଏବଂ ବିନାଶ (ବା ପ୍ରଳୟ) ପରେ ସମସ୍ତେ ତାଙ୍କଠାରେ ହିଁ ଆଶ୍ରୟ ନିଅନ୍ତି । ତେଣୁ ସେ ସମାଜରେ ଥିବା ଚାରିବର୍ଣ୍ଣର ସୃଷ୍ଟିକର୍ତ୍ତା ଅଟନ୍ତି । ପ୍ରଥମ ବର୍ଣ୍ଣ ହେଲା ବ୍ରାହ୍ମଣ (ବା ବୁଦ୍ଧିମାନ୍ ଶ୍ରେଣୀ) । ଏମାନେ ସତ୍ତ୍ୱଗୁଣରେ ଅବସ୍ଥାନ କରନ୍ତି । ଏଇଥିପାଇଁ ଏମାନଙ୍କୁ ବ୍ରାହ୍ମଣ କୁହାଯାଏ । ତତ୍‌ପରବର୍ତ୍ତୀ ଶ୍ରେଣୀ ହେଉଛନ୍ତି ଶାସକଶ୍ରେଣୀ ବା କ୍ଷତ୍ରିୟ । ଏମାନେ ରଜଗୁଣରେ ଅବସ୍ଥାନ କରୁଥିବାରୁ ଏମାନଙ୍କୁ କ୍ଷତ୍ରିୟ କୁହାଯାଏ । ତୃତୀୟଶ୍ରେଣୀ ହେଉଛନ୍ତି ବ୍ୟବସାୟୀଜାତି ବା ବୈଶ୍ୟ । ଏମାନେ ରଜୋଗୁଣ ଓ ତମୋଗୁଣ ମିଶ୍ରିତ ଗୁଣରେ ଅବସ୍ଥାନ କରନ୍ତି । ଚତୁର୍ଥଶ୍ରେଣୀ ହେଉଛନ୍ତି ଶୂଦ୍ର ବା ଶ୍ରମିକ ଶ୍ରେଣୀ । ଏମାନେ ଭୂତପ୍ରକୃତିର ତମୋଗୁଣରେ ଅବସ୍ଥାନ କରନ୍ତି । ଯଦିଓ ଭଗବାନ୍ ଶ୍ରୀକୃଷ୍ଣ ମାନବ-ସମାଜରେଏ ଚାରିବର୍ଣ୍ଣର ସୃଷ୍ଟିକର୍ତ୍ତା ଅଟନ୍ତି, ତଥାପି ସେ ଚାରିଗୋଟି ବର୍ଣ୍ଣବିଭାଗ ମଧ୍ୟରୁ କୌଣସିଟିର ଅନ୍ତର୍ଗତ ନୁହଁନ୍ତି, କାରଣ ସେ ବଦ୍ଧଜୀବ ନୁହଁନ୍ତି । ବଦ୍ଧଜୀବମାନଙ୍କୁ ନେଇ ଏ ମାନବ ସମାଜ ଗଠିତ ହୋଇଅଛି । ଯେ କୌଣସି ପଶୁସମାଜ ବା ପ୍ରାଣୀସମାଜପରି ମାନବସମାଜ ଏକ ସମାଜ ଅଟେ, କିନ୍ତୁ ମାନବମାନଙ୍କୁ ପଶୁସ୍ତରରୁ ଉନ୍ନତସ୍ତରକୁ ନେବାନିମିତ୍ତ ଏ ଚାରି ବର୍ଣ୍ଣବିଭାଗ ଭଗବାନ୍ ସୃଷ୍ଟିକରିଛନ୍ତି । କୃଷ୍ଣଚେତନା ମାର୍ଗରେ କ୍ରମୋନ୍ନତି ବିଧାନ ନିମିତ୍ତ ସେ ଏ ଚାରି ବର୍ଣ୍ଣବିଭାଗ ସୃଷ୍ଟି କରିଛନ୍ତି । ଏକ ନିର୍ଦ୍ଦିଷ୍ଟ ମାନବ କି କର୍ମ କରିବ, ତାହା ତା' ମଧ୍ୟରେ ଥିବା ଭୂତପ୍ରକୃତିର ଗୁଣର ପ୍ରାଧାନ୍ୟ ଅନୁଯାୟୀ ସ୍ଥିରୀକୃତ ହୁଏ । ଭୂତପ୍ରକୃତିର ବିଭିନ୍ନ ଗୁଣ ଅନୁଯାୟୀ କିପରି ବିଭିନ୍ନ ପ୍ରକାର

କର୍ମର ବ୍ୟବସ୍ଥା ଦିଆଯାଇ ଅଛି, ତାହା ଏ ପୁସ୍ତକର (ଅର୍ଥାତ୍ ଭଗବଦ୍ ଗୀତାର) ଅଷ୍ଟାଦଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି । ଅବଶ୍ୟ ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ବ୍ରାହ୍ମଣମାନଙ୍କଠାରୁ ଊର୍ଦ୍ଧ୍ୱରେ ଅବସ୍ଥିତ । ସାଧାରଣତଃ ବ୍ରାହ୍ମଣ ପରମସତ୍ୟ ବ୍ରହ୍ମଙ୍କ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିଥାଏ । ଅଧିକାଂଶ ବ୍ରାହ୍ମଣ, ଭଗବାନ୍ ଶ୍ରୀକୃଷ୍ଣଙ୍କର ନିର୍ବିଶେଷ ବ୍ରହ୍ମ ପ୍ରତୀତିରେ ଲୀନ ହେବାକୁ ଇଚ୍ଛା କରନ୍ତି; ଯେଉଁ ବ୍ୟକ୍ତି ବ୍ରାହ୍ମଣର ଏ ସୀମିତ ଜ୍ଞାନସ୍ତରକୁ ଟପିଯାଏ ଏବଂ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଜାଣିଯାଏ ବା ସେହି ଜ୍ଞାନସ୍ତରରେ ଉପନୀତ ହୋଇଯାଏ, ସେ କୃଷ୍ଣଚେତନଶୀଳ ବ୍ୟକ୍ତି ହୋଇଯାଏ । ଅନ୍ୟ କଥାରେ ତାଙ୍କୁ ବୈଷ୍ଣବ କୁହାଯାଏ । କୃଷ୍ଣଚେତନା କହିଲେ - ଏଥିମଧ୍ୟରେ ସବୁ ଯାଏ । ଅର୍ଥାତ୍ ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ସମସ୍ତଜ୍ଞାନ ଅର୍ଜନ କରିଥାଏ । ସେ ରାମ, ନୃସିଂହ, ବରାହ ପ୍ରଭୃତି କୃଷ୍ଣଙ୍କର ବିଭିନ୍ନ ବିସ୍ତୃତାଂଶ (ବା ସ୍ୱାଂଶ)ମାନଙ୍କ ସମ୍ବନ୍ଧରେ ମଧ୍ୟ ଜ୍ଞାନ ଅର୍ଜନ କରିଥାଏ । ଯେପରି କୃଷ୍ଣ ମାନବ ସମାଜରେ ଥିବା ଏ ଚାରିବର୍ଣ୍ଣ ବିଭାଗର ଊର୍ଦ୍ଧ୍ୱରେ ଅବସ୍ଥିତ, ସେହିପରି ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ଏ ଚାରିବର୍ଣ୍ଣ ବିଭାଗର ଊର୍ଦ୍ଧ୍ୱରେ ଅବସ୍ଥିତ । ଅନ୍ୟ କଥାରେ ଏହା ହିଁ କୁହାଯାଇପାରେ ଯେ, ଜଣେ ବୈଷ୍ଣବ, ସମାଜିକ ବର୍ଣ୍ଣବିଭାଗ, ଗୋଷ୍ଠୀ ବା ଜାତି ବିଭାଗର ଅନ୍ତର୍ଗତ ନୁହେଁ ।

## ଶ୍ଲୋକ - ୧୪

**ନ ମାଂ କର୍ମାଣି ଲିମ୍ପନ୍ତି ନ ମେ କର୍ମଫଳେ ସ୍ପୃହା ।**
**ଇତି ମାଂ ଯୋଽଭିଜାନାତି କର୍ମଭିର୍ନ ସ ବଧ୍ୟତେ ।। ୧୪ ।।**

## ଶବ୍ଦାନୁବାଦ

ନ=ନାହିଁ; ମାମ୍=ମୋତେ; କର୍ମାଣି=ସମସ୍ତ ପ୍ରକାର କର୍ମ; ଲିମ୍ପନ୍ତି=ଫଳଭୋଗ କରନ୍ତି; ନ=ନାହିଁ; ମେ=ମୋର; କର୍ମ-ଫଳେ=ସକାମ କର୍ମରେ; ସ୍ପୃହା=ଇଚ୍ଛା; ଇତି=ଏହିପରି; ମାମ୍=ମୋତେ; ଯଃ=ଯେ; ଅଭିଜାନାତି=ଜାଣେ; କର୍ମଭିଃ=କର୍ମର ପ୍ରତିକ୍ରିୟାରେ; ନ=ହୁଏନାହିଁ; ସଃ=ସେ ; ବଧ୍ୟତେ=ବନ୍ଧାହୁଏ ।

## ଅନୁବାଦ

**ଏପରି କୌଣସି କର୍ମନାହିଁ, ଯାହାର ଫଳ ମୋତେ ଭୋଗିବାକୁ ହୁଏ, କିମ୍ବା ମୁଁ କୌଣସି କର୍ମଫଳ ଭୋଗକରିବାକୁ ଇଚ୍ଛା କରେନାହିଁ । ଯେ ମୋ ସମ୍ବନ୍ଧୀୟ ଏହି ସତ୍ୟକୁ ଜାଣିପାରେ, ସେ ମଧ୍ୟ ତା'ର କର୍ମଫଳରେ ବାନ୍ଧିହୁଏ ନାହିଁ ବା କର୍ମଫଳ ଭୋଗ କରେନାହିଁ ।**

## ଭାବାର୍ଥ

ଯେପରି ଏ ଭୌତିକ ଜଗତରେ ଶାସନଗତ ନିୟମ ଏପରି ଅଛି ଯେ ରାଜା କିଛି ଭୁଲ କରିପାରନ୍ତି ନାହିଁ କିମ୍ବା ଶାସନଗତ ନିୟମ ରାଜାଙ୍କ ପ୍ରତି ପ୍ରଯୁଜ୍ୟ ନୁହେଁ, ଠିକ୍ ସେହିପରି ଭଗବାନ୍ ଏ ଭୌତିକ ଜଗତର ସୃଷ୍ଟିକର୍ତ୍ତା ହେଲେ ବି ଭୌତିକ ଜଗତର କ୍ରିୟା, କଳାପରେ ସେ ସଂପୃକ୍ତ ନୁହଁନ୍ତି ବା ଭୌତିକ ଜଗତର କ୍ରିୟାର ପ୍ରତିକ୍ରିୟା ତାଙ୍କୁ ଲାଗେନାହିଁ । ସେ ସୃଷ୍ଟି କରନ୍ତି ଏବଂ ସୃଷ୍ଟିରୁ ଅଲଗା ରୁହନ୍ତି; କିନ୍ତୁ ଜୀବଗଣ ଭୂତପ୍ରକୃତିକୁ ଉପଭୋଗ କରିବାକୁ

ଇଚ୍ଛା କରୁଥିବାରୁ ସେମାନେ କର୍ମବନ୍ଧନରେ ପଡ଼ନ୍ତି - କର୍ମର ପ୍ରତିକ୍ରିୟା ସେମାନେ ଭୋଗକରନ୍ତି । କୌଣସି ପ୍ରତିଷ୍ଠାନର ମାଲିକ, ପ୍ରତିଷ୍ଠାନର କାମ କରୁଥିବା ଶ୍ରମିକମାନଙ୍କର ଭଲମନ୍ଦ କାମପାଇଁ ଦାୟୀ ନୁହଁନ୍ତି । ଶ୍ରମିକମାନେ ନିଜେ ସେଥିପାଇଁ ଦାୟୀ । ଜୀବଗଣ ଇନ୍ଦ୍ରିୟତୃପ୍ତି-ବିଧାୟକ କର୍ମରେ ନିଯୁକ୍ତ ଏବଂ ଏହି କର୍ମମାନ ଭଗବାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏନାହିଁ । ଇନ୍ଦ୍ରିୟତୃପ୍ତି-ବିଧାୟକ କର୍ମରେ ଅଗ୍ରଗତି ନିମିତ୍ତ ଜୀବଗଣ ଏହି ଜଗତରେ କର୍ମରତ ଏବଂ ମୃତ୍ୟୁପରେ ସେମାନେ ସ୍ୱର୍ଗପ୍ରାପ୍ତି ଆଶାକରନ୍ତି । ଭଗବାନ୍ ସ୍ୱୟଂ ସମ୍ପୂର୍ଣ୍ଣ ହୋଇଥିବାରୁ ତାଙ୍କର ସ୍ୱର୍ଗସୁଖ ପ୍ରତି ଆସକ୍ତି ନଥାଏ । ସ୍ୱର୍ଗର ଦେବତାଗଣ ତାଙ୍କର ସେବକ ଅଟନ୍ତି । ଶ୍ରମିକମାନଙ୍କ ପରି ମାଲିକ ନିମ୍ନଶ୍ରେଣୀର ସୁଖ ଗ୍ରହନ୍ତି ନାହିଁ । ଭଗବାନ୍ ଭୌତିକ କ୍ରିୟା-ପ୍ରତିକ୍ରିୟାଠାରୁ ଦୂରେଇକରି ଥାଆନ୍ତି । ଉଦାହରଣସ୍ୱରୂପ, ଏହା ସ୍ୱତଃସିଦ୍ଧ କଥା ଯେ, ବର୍ଷା ନହେଲେ କୌଣସି ଶସ୍ୟ ଉତ୍ପନ୍ନ ହେବନାହିଁ, ତା' ସତ୍ତ୍ୱେ ପୃଥିବୀରେ ଯେଉଁ ବିଭିନ୍ନ ପ୍ରକାର ଶସ୍ୟ ଉତ୍ପନ୍ନ ହୁଏ, ଏଥିପାଇଁ ବର୍ଷା ଦାୟୀ ନୁହେଁ । ଏହା ବୈଦିକ ଶାସ୍ତ୍ରରେ ନିମ୍ନମତେ ସ୍ୱୀକୃତ ହୋଇଅଛି—

*"ନିମିତ୍ତ-ମାତ୍ରମ୍ ଏବାସୌ ସୃଜ୍ୟାନାଂ ସର୍ଗକର୍ମଣି ।*
*ପ୍ରଧାନକାରଣୀଭୂତା ଯତୋ ବୈ ସୃଜ୍ୟଶକ୍ତୟଃ ।।"*

ଭୌତିକ ସୃଷ୍ଟିରେ ଭଗବାନ୍ କେବଳ ପରମ କାରଣ ଅଟନ୍ତି; କିନ୍ତୁ ତାତ୍କାଳିକ କାରଣ ହେଉଛି ଭୂତ-ପ୍ରକୃତି । ତାହାରି ଯୋଗୁଁ ହିଁ ଏ ଭୌତିକ ଜଗତ ପରିଦୃଶ୍ୟମାନ ହୋଇଅଛି । ଜୀବଗୁଡ଼ିକ ବିଭିନ୍ନ ପ୍ରକାରର ଅଟନ୍ତି, ଯଥା-ଦେବତା, ମାନବ ଓ ମାନବେତର ପ୍ରାଣୀ ଏବଂ ଏମାନେ ସମସ୍ତେ ସେମାନଙ୍କର ଗତଜନ୍ମର ଶୁଭାଶୁଭ କର୍ମଫଳ ଭୋଗନ୍ତି । ଭଗବାନ୍ କେବଳ ସେମାନଙ୍କୁ ଏସବୁ କର୍ମନିମିତ୍ତ ଉପଯୁକ୍ତ ସୁବିଧାସୁଯୋଗ ଏବଂ ଭୌତିକଗୁଣ ଦିଅନ୍ତି, କିନ୍ତୁ ସେ ସେମାନଙ୍କର ଇହଜନ୍ମ ତଥା ପୂର୍ବଜନ୍ମର କର୍ମ ନିମିତ୍ତ ଦାୟୀ ନୁହଁନ୍ତି । ବେଦାନ୍ତ ସୂତ୍ରରେ କୁହାଯାଇଅଛି ଯେ, ଭଗବାନ୍ କାହାରି ପ୍ରତି ପକ୍ଷପାତିତା ଆଚରଣ କରନ୍ତିନାହିଁ । ଜୀବ ତା'ର ନିଜ କର୍ମପାଇଁ ଦାୟୀ । ଭଗବାନ୍ କେବଳ ତାଙ୍କର ବହିରଙ୍ଗା ଶକ୍ତି ଅର୍ଥାତ୍ ଭୂତପ୍ରକୃତି ଜରିଆରେ ତାକୁ ସୁବିଧା ସୁଯୋଗ ଦିଅନ୍ତି । ଯେଉଁ ବ୍ୟକ୍ତି ସକାମ କର୍ମ ବା କର୍ମଚକ୍ର ସମ୍ବନ୍ଧରେ ଟିକିନିଖି ସବୁ ଜାଣିଛି, ସେ କଦାପି ତା'ର କର୍ମଫଳରେ ଭାଗୀ ହୁଏନାହିଁ । ଅନ୍ୟ କଥାରେ ଏହା ହିଁ କୁହାଯାଇପାରେ ଯେ, ଯେଉଁ ବ୍ୟକ୍ତି ଭଗବାନଙ୍କର ଦିବ୍ୟ ପ୍ରକୃତିକୁ ବୁଝିଛି, ସେ ଏକ ଅଭିଜ୍ଞ କୃଷ୍ଣଚେତନଶୀଳ ବ୍ୟକ୍ତି ଅଟେ ଏବଂ ସେ କର୍ମଚକ୍ରରେ କେବେହେଲେ ପଡ଼େନାହିଁ । ଯେଉଁ ବ୍ୟକ୍ତି ଭଗବାନଙ୍କର ଦିବ୍ୟ ପ୍ରକୃତି କଥା ଜାଣେନାହିଁ ଏବଂ ଯେ ଭାବେ ଯେ ସାଧାରଣ ମାନବ ଯେପରି ସକାମ କର୍ମରେ ରତ, ଭଗବାନ୍ ସେହିପରି କର୍ମରତ, ସେ କର୍ମର ପ୍ରତିକ୍ରିୟାରେ ବାନ୍ଧିହୁଏ । କିନ୍ତୁ, ଯେ ପରମ ସତ୍ୟ ଭଗବାନଙ୍କୁ ଜାଣିଛି, ସେ କୃଷ୍ଣଚେତନାରେ ସ୍ଥିରଥିବା ଏକ ମୁକ୍ତଜୀବ ଅଟେ ।

## ଶ୍ଲୋକ - ୧୫

**ଏବଂ ଜ୍ଞାତ୍ୱା କୃତଂ କର୍ମ ପୂର୍ବୈରପି ମୁମୁକ୍ଷୁଭିଃ ।**
**କୁରୁ କର୍ମୈବ ତସ୍ମାତ୍ତ୍ୱଂ ପୂର୍ବୈଃ ପୂର୍ବତରଂ କୃତମ୍ ।।୧୫।।**

## ଶବ୍ଦାନୁବାଦ

ଏବମ୍=ଏହିପରି; ଜ୍ଞାତ୍ୱା=ଭଲ ରକମ ଜାଣି; କୃତମ୍=କୃତ; କର୍ମ=କର୍ମ; ପୂର୍ବୈଃ=ପୂର୍ବ ମହାଜନମାନଙ୍କ ଦ୍ୱାରା; ଅପି=ଯଦିଓ; ମୁମୁକ୍ଷୁଭିଃ=ଯେଉଁମାନେ ମୁକ୍ତିଲାଭ କରିଛନ୍ତି; କୁରୁ=କର; କର୍ମ=କର୍ତ୍ତବ୍ୟ (କର୍ମ); ଏବ=ନିଶ୍ଚିତଭାବେ; ତସ୍ମାତ୍=ତେଣୁ; ତ୍ୱମ୍=ତୁମେ; ପୂର୍ବୈଃ=ପୂର୍ବ ମହାଜନମାନଙ୍କ ଦ୍ୱାରା; ପୂର୍ବତରମ୍=ପୁରାତନ ମହାଜନମାନେ; କୃତମ୍=ଯେପରି କରିଯାଇଛନ୍ତି ।

## ଅନୁବାଦ

**ପୁରାକାଳର ମୁକ୍ତ ମହାଜନଗଣ ଏହା ଭଲରୂପେ ଜାଣି ତଦନୁଯାୟୀ କର୍ମକରି ଯାଇଛନ୍ତି ଏବଂ ପରିଣାମତଃ ମୁକ୍ତିଲାଭ କରିଛନ୍ତି । ତେଣୁ ସେହି ପୂର୍ବ ମହାଜନମାନଙ୍କପରି ତୁମେ ଏହି ଦିବ୍ୟଚେତନାରେ ତୁମର କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ୍ ।**

## ଭାବାର୍ଥ

ଦୁଇପ୍ରକାର ଲୋକ ଅଛନ୍ତି । କେତେକ ହେଉଛନ୍ତି ଭୌତିକ ଦୋଷଦୁଷ୍ଟ ଅର୍ଥାତ୍ ସେମାନେ କଳୁଷିତ-ହୃଦୟ ବିଶିଷ୍ଟ ଲୋକ ଏବଂ ଆଉ କେତେକ ଭୌତିକ ଦୋଷରୁ ମୁକ୍ତ । ଏ ଉଭୟ ପ୍ରକାର ଲୋକଙ୍କ ନିମିତ୍ତ କୃଷ୍ଣଭାବନା ସମଭାବରେ ମଙ୍ଗଳକାରୀ ଅଟେ । ଯେଉଁମାନଙ୍କର ହୃଦୟ କଳୁଷିତ ଦୋଷଦୁଷ୍ଟ ସେମାନେ ସାଧନ ଭକ୍ତିଯୋଗ ମାର୍ଗ ଅବଲମ୍ବନ କରି କୃଷ୍ଣଚେତନା ବିଧିରେ କ୍ରମଶଃ ହୃଦୟ ବିଶୁଦ୍ଧ କରିବା ପନ୍ଥା ଗ୍ରହଣ କରିପାରନ୍ତି । ଯେଉଁମାନେ ବିଶୁଦ୍ଧ ହୃଦୟ ହୋଇସାରିଛନ୍ତି, ସେମାନେ ଏହି କୃଷ୍ଣଚେତନା ବିଧିମାର୍ଗକୁ ବରାବର ଧରି ରଖିବା ଉଚିତ୍; କାରଣ ଏତଦ୍ୱାରା ସେମାନେ ନିଜ ଆଚରଣ ଜରିଆରେ ଅନ୍ୟମାନଙ୍କୁ ( ଏ କୃଷ୍ଣଚେତନା ବିଧି) ଶିକ୍ଷା ଦେଇପାରିବେ । ଫଳରେ ସେମାନେ ଅନ୍ୟମାନଙ୍କର ମହତ୍ ଉପକାର କରିପାରିବେ ବା ଅନ୍ୟମାନେ ଉପକୃତ ହେବେ । କେତେ ମୂର୍ଖଲୋକ ଅଛନ୍ତି କିମ୍ବା କୃଷ୍ଣଚେତନା ବିଧି ମାର୍ଗ ଅବଲମ୍ବନ କରିବାକୁ ଆରମ୍ଭ କରିଥିବା ନୂତନ ସାଧକଗଣ କୃଷ୍ଣଚେତନା ବିଜ୍ଞାନକୁ ଭଲରକମ ନଜାଣି କର୍ମରୁ ବିରତ ହେବାକୁ ଇଚ୍ଛା କରନ୍ତି । ଅର୍ଜୁନ ଚାହୁଁଥିଲେ ଯୁଦ୍ଧ କର୍ମରୁ ନିବୃତ୍ତ ହେବେ; କିନ୍ତୁ ଭଗବାନ୍ ଶ୍ରୀକୃଷ୍ଣ ତାହା ପସନ୍ଦ କରୁନଥିଲେ । ବ୍ୟକ୍ତି କେବଳ କର୍ମ କୌଶଳ ଶିକ୍ଷାକରିବା ଉଚିତ୍, କିପରି କର୍ମ କରିବାକୁ ହେବ, ସେତିକି ଜାଣିବା ଦରକାର, କର୍ମତ୍ୟାଗ କରିବାର ପ୍ରଶ୍ନନାହିଁ । କୃଷ୍ଣଙ୍କ ନିମିତ୍ତ ସର୍ବଦା କର୍ମରତ ହେବା ସର୍ବୋତ୍କୃଷ୍ଟ ପନ୍ଥା ଅଟେ । କର୍ମରୁ ବିରତହୋଇ,ଗୋଟିଏ ସ୍ଥାନରେ ନିଷ୍କ୍ରିୟହୋଇ ବସିପଡ଼ି କେବଳ ବାହାରକୁ ନିଜକୁ କୃଷ୍ଣଚେତନଶୀଳ ବୋଲି ଦେଖାଇ ହେବା ଉଚିତ୍ ନୁହେଁ । ଏହା ଅଧମ ପନ୍ଥା ଅଟେ । କୃଷ୍ଣଚେତନାରେ କର୍ମକରିବା ନିମିତ୍ତ ଏଠାରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେଇଛନ୍ତି । ତାଙ୍କର ପୂର୍ବତନ ଶିଷ୍ୟଗଣ ଅର୍ଥାତ୍ ବିବସ୍ୱାନ ଆଦି ଯେପରି କର୍ମରତ ଅଛନ୍ତି, ସେହିପରି କର୍ମରତ ହେବାକୁ ସେ ଅର୍ଜୁନଙ୍କୁ ଉପଦେଶ ଦେଉଛନ୍ତି । ସେମାନଙ୍କର ପଦାଙ୍କ ଅନୁସରଣ କରିବାକୁ କୁହାଯାଉଅଛି । ଭଗବାନ୍ ସବୁକିଛି ଜାଣନ୍ତି; ତାଙ୍କର ପୂର୍ବ କର୍ମକଥା ସେ ଜାଣନ୍ତି ଏବଂ ପୂର୍ବେ ଯେଉଁମାନେ କୃଷ୍ଣଚେତନାରେ କର୍ମକରି ଯାଇଛନ୍ତି ସେମାନଙ୍କ କଥା ମଧ୍ୟ ସେ ଜାଣନ୍ତି । ତେଣୁ ସେ ଏଠାରେ ସୂର୍ଯ୍ୟଦେବତାଙ୍କୁ କହି ତଦନୁଯାୟୀ କର୍ମକରିବାକୁ ଉପଦେଶ

ଦେଉଛନ୍ତି । ସୂର୍ଯ୍ୟଦେବତା ଲକ୍ଷ ଲକ୍ଷ ବର୍ଷ ପୂର୍ବେ ଏ ଯୋଗ କର୍ମ-କୌଶଳ ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣଙ୍କ ଠାରୁ ଶିକ୍ଷା କରିଥିଲେ । ଭଗବାନ୍ ଶ୍ରୀକୃଷ୍ଣଙ୍କର ଏହି ଶିଷ୍ୟମାନଙ୍କୁ ଏଠାରେ ପୂର୍ବତନ ମୁକ୍ତଜୀବ ବୋଲି କୁହାଯାଉଛି । ଏମାନେ କୃଷ୍ଣଙ୍କଦ୍ୱାରା ନିର୍ଦ୍ଦିଷ୍ଟ ନିଜ ନିଜର କର୍ତ୍ତବ୍ୟ (କର୍ମ)ରେ ବରାବର ନିଯୁକ୍ତ ଅଛନ୍ତି ।

## ଶ୍ଲୋକ - ୧୬

**କିଂ କର୍ମ କିମକର୍ମେତି କବୟୋଽପ୍ୟତ୍ର ମୋହିତାଃ ।**
**ତତ୍ତେ କର୍ମ ପ୍ରବକ୍ଷ୍ୟାମି ଯଜ୍‌ଜ୍ଞାତ୍ୱା ମୋକ୍ଷସେଽଶୁଭାତ୍ ।।୧୬।।**

## ଶବ୍ଦାନୁବାଦ

କିମ୍=କ'ଣ; କର୍ମ=କର୍ମ; କିମ୍=କ'ଣ; ଅକର୍ମ=ଅକର୍ମ; ଇତି=ଏହିପରି; କବୟଃ=ବୁଦ୍ଧିମାନ୍ ଲୋକମାନେ; ଅପି=ମଧ୍ୟ; ଅତ୍ର=ଏହି ଘଟଣାରେ; ମୋହିତାଃ=ମୋହିତ; ତତ୍=ତାହା; ତେ=ତୁମକୁ; କର୍ମ=କର୍ମ; ପ୍ରବକ୍ଷ୍ୟାମି=ମୁଁ ଉତ୍ତମଭାବେ ବର୍ଣ୍ଣନା କରିବି; ଯତ୍=ଯାହା; ଜ୍ଞାତ୍ୱା=ଜାଣି; ମୋକ୍ଷସେ=ମୋକ୍ଷହେବ; ଅଶୁଭାତ୍=ଦୁର୍ଭାଗ୍ୟରୁ (ଅଶୁଭରୁ) ।

## ଅନୁବାଦ

**କର୍ମ କ'ଣ ଓ ଅକର୍ମ କ'ଣ, ଅତି ବୁଦ୍ଧିମାନ ଲୋକମାନେ ମଧ୍ୟ ସ୍ଥିରକରି ପାରନ୍ତି ନାହିଁ । ବର୍ତ୍ତମାନ ତୁମକୁ ଏହି କର୍ମ ସମ୍ବନ୍ଧରେ ଭଲଭାବରେ କହିବି; ଯାହା ଜାଣିଲେ ତୁମେ ସମସ୍ତପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇଯିବ ।**

## ଭାବାର୍ଥ

ପୂର୍ବେ ଭକ୍ତଗଣ ଯେପରି କର୍ମକରି ଯାଇଛନ୍ତି ସେହିପରି କର୍ମ କୃଷ୍ଣଚେତନାରେ କରାଯିବା ଉଚିତ୍ । ଏହା ପଞ୍ଚଦଶ ଶ୍ଲୋକରେ କୁହାଯାଇଅଛି । ଏପ୍ରକାର କର୍ମ କାହିଁକି ସ୍ୱାଧୀନଭାବରେ କରାନଯିବ, ସେକଥା ପରେ ପରେ କୁହାଯାଉଅଛି ।

କୃଷ୍ଣଚେତନାରେ କାମ କରିବାକୁ ହେଲେ ବ୍ୟକ୍ତିକୁ ଗୁରୁପରମ୍ପରାରେ ଆସୁଥିବା ଉପଯୁକ୍ତ ଆଚାର୍ଯ୍ୟଙ୍କୁ ଅନୁସରଣ କରିବା ଉଚିତ୍, ଏହା ଏହି ଅଧ୍ୟାୟର ପ୍ରାରମ୍ଭରେ କୁହାଯାଇଅଛି । ଏହି କୃଷ୍ଣଚେତନା ବିଜ୍ଞାନ ପ୍ରଥମେ ସୂର୍ଯ୍ୟଦେବତାଙ୍କୁ କୁହାଯାଇଥିଲା; ସୂର୍ଯ୍ୟଦେବତା ଏହାକୁ ତାଙ୍କ ପୁତ୍ର ମନୁଙ୍କୁ କହିଲେ, ମନୁ ତାଙ୍କପୁତ୍ର ଇକ୍ଷ୍ୱାକୁଙ୍କୁ କହିଲେ । ଏହି ପଦ୍ଧତିଟି ଆବହମାନ କାଳରୁ ଏ ପୃଥିବୀରେ ଚଳି ଆସୁଅଛି । ତେଣୁ ବ୍ୟକ୍ତିକୁ ଗୁରୁପରମ୍ପରାରେ ଆସୁଥିବା ପୂର୍ବ ଆଚାର୍ଯ୍ୟମାନଙ୍କୁ ଏ ସମ୍ବନ୍ଧରେ ଅନୁସରଣ କରିବା ଉଚିତ୍ । ତାହା ନହେଲେ ଅତ୍ୟନ୍ତ ବୁଦ୍ଧିମାନ ଓ ଜ୍ଞାନୀବ୍ୟକ୍ତି ମଧ୍ୟ ଭ୍ରମିତ ହୋଇଯାଏ । ସେ ଜାଣିପାରେ ନାହିଁ, କେଉଁଟି ପ୍ରକୃତରେ କୃଷ୍ଣକର୍ମ । ଏହି କାରଣରୁ ଭଗବାନ୍ ଇଚ୍ଛାକଲେ ଯେ, ସେ ନିଜେ ଅର୍ଜୁନଙ୍କୁ ଏ ସମ୍ବନ୍ଧରେ (କୃଷ୍ଣଚେତନାମାର୍ଗ ବା କୃଷ୍ଣକର୍ମ ସମ୍ବନ୍ଧରେ) ଶିକ୍ଷାଦେବେ । ଶ୍ରୀଭଗବାନ୍ ପ୍ରତ୍ୟକ୍ଷଭାବରେ ଅର୍ଜୁନଙ୍କୁ ଏ ଶିକ୍ଷା ଦେଇଥିବାରୁ ଯେଉଁବ୍ୟକ୍ତି ଅର୍ଜୁନଙ୍କ ପଦାଙ୍କ ଅନୁସରଣ କରିବ ସେ କଦାପି ଭ୍ରମିତ ହେବନାହିଁ ।

କଥିତ ଅଛି, ବ୍ୟକ୍ତି କେବଳ ଅପୂର୍ଣ୍ଣ ପ୍ରୟୋଗସିଦ୍ଧ ଜ୍ଞାନବଳରେ ଧର୍ମନୀତି ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିପାରିବ ନାହିଁ । ବାସ୍ତବରେ ସ୍ୱୟଂ ଭଗବାନଙ୍କ ଦ୍ୱାରାହିଁ ଧର୍ମ ପ୍ରଣୀତ ହୋଇପାରେ ।

*"ଧର୍ମଂ ତୁ ସାକ୍ଷାଦ୍ ଭଗବତ୍ ପ୍ରଣୀତଂ"*। (ଅପୂର୍ଣ୍ଣ) ଦୋଷଯୁକ୍ତ ମାନସିକ କଳ୍ପନା ବା ମନନବଳରେ କେହି ଧର୍ମନୀତି ପ୍ରଣୟନ କରିପାରିବେ ନାହିଁ। ବ୍ୟକ୍ତିକୁ ଏସମ୍ବନ୍ଧରେ ମହାଜନମାନଙ୍କର ପଦାଙ୍କ ଅନୁସରଣ କରିବାକୁ ପଡ଼ିବ, ଯଥା- ବ୍ରହ୍ମା, ଶିବ, ନାରଦ, ମନୁ, କୁମାର, କପିଳ, ପ୍ରହ୍ଲାଦ, ଭୀଷ୍ମ, ଶୁକଦେବ ଗୋସ୍ୱାମୀ, ଯମରାଜ, ଜନକ ଆଦି ମହାଜନମାନଙ୍କର ପଦାଙ୍କ ଅନୁସରଣ କରିବାକୁ ପଡ଼ିବ। କେବଳ ମାନସିକ କଳ୍ପନା ବା ମନନକରି କେହି ସ୍ଥିରକରି ପାରିବନାହିଁ, ଧର୍ମ କ'ଣ ବା ଆତ୍ମାନୁଭୂତି କ'ଣ। ତେଣୁ ତାଙ୍କର ଅହୈତୁକୀ କୃପାବଶତଃ ଭଗବାନ୍ ନିଜେ ଅର୍ଜୁନଙ୍କୁ କର୍ମ ଓ ଅକର୍ମ ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରୁଛନ୍ତି। କେବଳ କୃଷ୍ଣଚେତନାରେ କର୍ମକଲେ ବ୍ୟକ୍ତି ଭୌତିକସ୍ଥିତିରୁ ମୁକ୍ତ ହୋଇପାରିବ।

## ଶ୍ଲୋକ - ୧୭

**କର୍ମଣୋ ହ୍ୟପି ବୋଦ୍ଧବ୍ୟଂ ବୋଦ୍ଧବ୍ୟଂ ଚ ବିକର୍ମଣଃ ।**
**ଅକର୍ମଣଶ୍ଚ ବୋଦ୍ଧବ୍ୟଂ ଗହନା କର୍ମଣୋ ଗତିଃ ।।୧୭।।**

## ଶବ୍ଦାନୁବାଦ

କର୍ମଣଃ=କର୍ମକରିବା ପନ୍ଥା; ହି=ନିଶ୍ଚିତଭାବେ; ଅପି=ମଧ୍ୟ; ବୋଦ୍ଧବ୍ୟମ୍=ବୁଝିବା ଉଚିତ୍; ବୋଦ୍ଧବ୍ୟମ୍=ବୁଝିବା ଉଚିତ୍; ଚ=ମଧ୍ୟ; ବିକର୍ମଣଃ=ନିଷିଦ୍ଧକର୍ମର; ଅକର୍ମଣଃ=ଅକର୍ମର; ଚ=ମଧ୍ୟ; ବୋଦ୍ଧବ୍ୟମ୍=ବୁଝିବା ଉଚିତ୍; ଗହନା=ଅତି ଜଟିଳ; କର୍ମଣଃ=କର୍ମକରିବା ପନ୍ଥା; ଗତିଃ=ପ୍ରବେଶ କରିବ, (ଗତି)।

## ଅନୁବାଦ

**କର୍ମକରିବା ପନ୍ଥା ଅତି ଜଟିଳ, ତାକୁ ବୁଝିବା ବଡ଼ କଠିନ। ତେଣୁ ବ୍ୟକ୍ତିକୁ ଭଲରକମ ବୁଝିବାକୁ ପଡ଼ିବ କର୍ମ କ'ଣ,ବିକର୍ମ କ'ଣ ଓ ଅକର୍ମ କ'ଣ।**

## ଭାବାର୍ଥ

କିପରି ଏ ଭୌତିକ ବନ୍ଧନରୁ ମୁକ୍ତି ପାଇବାକୁ ହେବ, ଏ ବିଷୟରେ ଯଦି କୌଣସି ବ୍ୟକ୍ତି ନିଷ୍ଠା ସହକାରେ ବୁଝିବାକୁ ଚାହେଁ ବା ଏ ପ୍ରଶ୍ନ ଉପରେ ଗୁରୁତ୍ୱ ଆରୋପ କରେ, ତାହାହେଲେ ତାକୁ କର୍ମ, ଅକର୍ମ ଓ ବିକର୍ମ (ନିଷିଦ୍ଧ କର୍ମ) ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିବାକୁ ପଡ଼ିବ। ବ୍ୟକ୍ତିକୁ କର୍ମ, କର୍ମର ପ୍ରତିକ୍ରିୟା ଓ ନିଷିଦ୍ଧ କର୍ମ ଆଦିର ବ୍ୟାଖ୍ୟା ବା ବିଶ୍ଳେଷଣ ପ୍ରତି ଧ୍ୟାନଦେଇ ଭଲରକମ ବୁଝିବାକୁ ପଡ଼ିବ, କାରଣ ଏହା ହେଉଛି ବଡ଼ କଠିନ ବିଷୟ। କୃଷ୍ଣଚେତନା କ'ଣ ଏବଂ ପ୍ରାକୃତିକ ଗୁଣ ଅନୁଯାୟୀ କାର୍ଯ୍ୟ କରିବା କ'ଣ,ଏହା ଜାଣିବାକୁ ହେଲେ ବ୍ୟକ୍ତିର ଭଗବାନଙ୍କ ସହ ଥିବା ସମ୍ବନ୍ଧ କଥାଟାକୁ ବୁଝିବାକୁ ପଡ଼ିବ। ଯେ ଏହାର ତତ୍ତ୍ୱ ବୁଝିଛି, ସେ ଭଲରକମ ଏକଥା ଜାଣେ ଯେ ପ୍ରତ୍ୟେକ ଜୀବ ଭଗବାନଙ୍କର ଶାଶ୍ୱତ ସେବକ ଅଟେ ଏବଂ ଫଳତଃ ତାକୁ କୃଷ୍ଣଚେତନାରେ କର୍ମକରିବାକୁ ପଡ଼ିବ। ସମଗ୍ର ଭଗବଦ୍ ଗୀତା ଏହି ସିଦ୍ଧାନ୍ତହିଁ ଦେଇଛି। ଏହାଛଡ଼ା ଅନ୍ୟ ଯେଉଁସବୁ ସିଦ୍ଧାନ୍ତ ଓ ଅନୁସିଦ୍ଧାନ୍ତ କୃଷ୍ଣଚେତନାର ବିରୁଦ୍ଧାଚରଣ କରେ ସେସବୁ ବିକର୍ମ ବା ନିଷିଦ୍ଧ କର୍ମଅଟେ। ଏସବୁ ଗହନ ବିଷୟ ଭଲଭାବରେ ବୁଝିବାକୁ ହେଲେ ବ୍ୟକ୍ତିକୁ କୃଷ୍ଣଚେତନା ବିଜ୍ଞାନରେ (ବା କୃଷ୍ଣବିଜ୍ଞାନରେ) ପାରଦର୍ଶିତା ଲାଭ କରିଥିବା ସୁଯୋଗ୍ୟବ୍ୟକ୍ତି ବା ଆଚାର୍ଯ୍ୟମାନଙ୍କର

ସଙ୍ଗଲାଭ କରିବାକୁ ହେବ ଏବଂ ସେମାନଙ୍କଠାରୁ ଏହାର ରହସ୍ୟ ବୁଝିବାକୁ ପଡ଼ିବ । ଆଚାର୍ଯ୍ୟମାନଙ୍କଠାରୁ ଏହା ଶିକ୍ଷାକରିବା ଯାହା, ଭଗବାନଙ୍କ ଠାରୁ ପ୍ରତ୍ୟକ୍ଷଭାବରେ ଶିକ୍ଷା କରିବା ସେଇଆ । ତାହା ନହେଲେ ଅତି ବୁଦ୍ଧିମାନ ବ୍ୟକ୍ତି ମଧ୍ୟ ଭ୍ରମିତ ହେବ ।

## ଶ୍ଳୋକ - ୧୮

**କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ ।**
**ସ ବୁଦ୍ଧିମାନ୍ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନକର୍ମକୃତ୍ ।।୧୮।।**

## ଶବ୍ଦାନୁବାଦ

କର୍ମଣି=କର୍ମରେ; ଅକର୍ମ=ଅକର୍ମ; ଯଃ=ଯେ; ପଶ୍ୟେତ୍=ଦେଖେ; ଅକର୍ମଣି=ଅକର୍ମରେ; ଚ=ମଧ୍ୟ; କର୍ମ=ସକାମକର୍ମ; ଯଃ=ଯେ; ସଃ=ସେ; ବୁଦ୍ଧିମାନ୍=ବୁଦ୍ଧିମାନ୍ ଅଟେ; ମନୁଷ୍ୟେଷୁ=ମାନବ ସମାଜରେ; ସଃ=ସେ; ଯୁକ୍ତଃ=(ସେ) ଦିବ୍ୟସ୍ତରରେ ଅଛି; କୃତ୍ସ୍ନ-କର୍ମ-କୃତ୍=ଯଦିଓ ସେ ସମସ୍ତପ୍ରକାର କର୍ମରେ ନିଯୁକ୍ତ ଥାଏ ।

## ଅନୁବାଦ

**ଯେ କର୍ମରେ ଅକର୍ମ ଏବଂ ଅକର୍ମରେ କର୍ମ ଦେଖେ ସେ ମନୁଷ୍ୟ ସମାଜରେ ବୁଦ୍ଧିମାନ୍ ଅଟେ ଏବଂ ଯଦିଓ ସେ ସମସ୍ତ ପ୍ରକାର କର୍ମରେ ନିଯୁକ୍ତ ଥାଏ, ତଥାପି ସେ ଦିବ୍ୟସ୍ତରରେ ଅବସ୍ଥାନ କରୁଥାଏ ।**

## ଭାବାର୍ଥ

ଯେଉଁବ୍ୟକ୍ତି କୃଷ୍ଣଚେତନାରେ କର୍ମ କରୁଥାଏ, ସେ ସ୍ୱଭାବତଃ କର୍ମ-ବନ୍ଧନରୁ ମୁକ୍ତ ହୋଇଥାଏ । ସେ ସମସ୍ତକର୍ମ କୃଷ୍ଣଙ୍କ ପାଇଁ ହିଁ କରେ, ତେଣୁ ସେ ତା'ର କର୍ମଫଳରେ ଭାଗୀ ହୁଏନାହିଁ-ତା'ର କର୍ମନିମିତ୍ତ ସେ ସୁଫଳ ବା କୁଫଳ ଭୋଗକରେନାହିଁ । ଫଳତଃ ସେ ମାନବ ସମାଜରେ ବୁଦ୍ଧିମାନ ମାନବ ଅଟେ । ଯଦିଓ ସେ କୃଷ୍ଣଙ୍କ ପାଇଁ ସମସ୍ତପ୍ରକାର କର୍ମରେ ନିଯୁକ୍ତ ହୋଇଥାଏ ତଥାପି ସେ କର୍ମଫଳରେ ଭାଗୀ ହୁଏନାହିଁ, ସେ ବୁଦ୍ଧିମାନ୍ ବ୍ୟକ୍ତି ଅଟେ । ଅକର୍ମର ଅର୍ଥହେଉଛି କର୍ମର ପ୍ରତିକ୍ରିୟାରହିତ । ନିର୍ବିଶେଷବାଦୀ ଭୟଯୋଗୁଁ କର୍ମରୁ ବିରତହୁଏ, ତାହାହେଲେ କର୍ମର ପ୍ରତିକ୍ରିୟା ତା'ର ଆତ୍ମାନୁଭୂତି ଲାଭ ମାର୍ଗରେ ପ୍ରତିବନ୍ଧକ ସୃଷ୍ଟି କରିବନାହିଁ; କିନ୍ତୁ ସାକାରବାଦୀ ଏହା ଭଲରକମ ଜାଣିଥାଏ ଯେ, ସେ ପରମପୁରୁଷ ଭଗବାନଙ୍କର ଶାଶ୍ୱତ ସେବକ ଅଟେ । ତେଣୁ ସେ ସର୍ବଦା କୃଷ୍ଣକର୍ମରେ ନିଯୁକ୍ତ ହୋଇଥାଏ । ଯେଣୁ ସେସବୁ କର୍ମ କୃଷ୍ଣଙ୍କପାଇଁ କରୁଥାଏ, ତେଣୁ ସେ କୃଷ୍ଣସେବାରେ ଦିବ୍ୟ-ଆନନ୍ଦ ଲାଭକରେ । ଯେଉଁମାନେ ଏହିପରି ଭାବରେ କର୍ମରେ (ଅର୍ଥାତ୍ କୃଷ୍ଣସେବାରେ) ନିଯୁକ୍ତ ଥା'ନ୍ତି ସେମାନଙ୍କୁ ନିଷ୍କାମ କୁହାଯାଏ, ଅର୍ଥାତ୍ ସେମାନଙ୍କର ଇନ୍ଦ୍ରିୟ-ସୁଖଭୋଗ କାମନା ନଥାଏ । 'ଜୀବ ନିତ୍ୟ କୃଷ୍ଣଦାସ'— ଏହି ଭାବନା ବ୍ୟକ୍ତିକୁ ସମସ୍ତପ୍ରକାର କର୍ମର ପ୍ରତିକ୍ରିୟାରୁ ମୁକ୍ତକରେ ।

## ଶ୍ଳୋକ - ୧୯

**ଯସ୍ୟ ସର୍ବେ ସମାରମ୍ଭାଃ କାମସଙ୍କଳ୍ପବର୍ଜିତାଃ ।**
**ଜ୍ଞାନାଗ୍ନିଦଗ୍ଧକର୍ମାଣଂ ତମାହୁଃ ପଣ୍ଡିତଂ ବୁଧାଃ ।।୧୯।।**

## ଶବ୍ଦାନୁବାଦ

ଯସ୍ୟ=ଯାହାର; ସର୍ବେ=ସମସ୍ତପ୍ରକାର; ସମାରମ୍ଭାଃ=ସମସ୍ତ ପ୍ରଚେଷ୍ଟାରେ; କାମ=ଇନ୍ଦ୍ରିୟ ତୃପ୍ତି କାମନା; ସଙ୍କଳ୍ପ=ଦୃଢ଼ତା; ବର୍ଜିତାଃ=ବର୍ଜିତ; ଜ୍ଞାନ=ପୂର୍ଣ୍ଣ ଜ୍ଞାନର; ଅଗ୍ନି=ଅଗ୍ନି; ଦଗ୍ଧ=ଦଗ୍ଧ; କର୍ମାଣମ୍=କର୍ତ୍ତା; ତମ୍=ତାଙ୍କୁ; ଆହୁଃ=କୁହାଯାଏ; ପଣ୍ଡିତମ୍=ପଣ୍ଡିତ; ବୁଧାଃ=ଯେଉଁମାନେ ଜାଣନ୍ତି ।

## ଅନୁବାଦ

**ଯାହାଙ୍କର ସମସ୍ତ କର୍ମ କାମ-ସଙ୍କଳ୍ପ ବର୍ଜିତ, ଅର୍ଥାତ୍ ଇନ୍ଦ୍ରିୟ ତୃପ୍ତି କାମନାରହିତ, ସେ ପୂର୍ଣ୍ଣ ଜ୍ଞାନଲାଭ କରିଛନ୍ତି ବୋଲି ବୁଝିବାକୁ ହେବ । ପଣ୍ଡିତମାନେ କୁହନ୍ତି ଯେ ତାଙ୍କର ସମସ୍ତ କର୍ମଫଳ ଜ୍ଞାନାଗ୍ନି ଦ୍ୱାରା ଦଗ୍ଧୀଭୂତ ହୋଇଅଛି ।**

## ଭାବାର୍ଥ

ଯେଉଁ ବ୍ୟକ୍ତି ପୂର୍ଣ୍ଣ ଜ୍ଞାନପ୍ରାପ୍ତ ହୋଇଛି, ସେ ହିଁ ଏକ କୃଷ୍ଣଚେତନଶୀଳ ବ୍ୟକ୍ତିର କାର୍ଯ୍ୟକଳାପକୁ ବୁଝିପାରିବ । କାରଣ କୃଷ୍ଣଚେତନାରେ ଥିବା ବ୍ୟକ୍ତିର କୌଣସି ପ୍ରକାର ଇନ୍ଦ୍ରିୟ ତୃପ୍ତିଜନକ କାମନା ନଥାଏ । ସେ ପୂର୍ଣ୍ଣଜ୍ଞାନ ଲାଭ କରିଥାଏ । ତେଣୁ ଜ୍ଞାନାଗ୍ନି ଦ୍ୱାରା ସେ ତା'ର ସମସ୍ତ କର୍ମର ପ୍ରତିକ୍ରିୟାକୁ ଧ୍ୱଂସକରି ଦେଇଥାଏ । ସେ ଭଲଭାବରେ ଏହି ଜ୍ଞାନଲାଭ କରିଥାଏ ଯେ, ସେ ହେଉଛି ପରମପୁରୁଷ ଭଗବାନଙ୍କର ଶାଶ୍ୱତ ସେବକ । ତା'ର ଏ ସ୍ୱରୂପ ସ୍ଥିତିକଥା ସେ ଭଲଭାବରେ ଜାଣିଥାଏ । (ଏହାକୁ ସମ୍ବନ୍ଧଜ୍ଞାନ କୁହାଯାଏ) । ଯେ ଏପ୍ରକାର ଜ୍ଞାନଲାଭ କରିପାରିଥାଏ, ବାସ୍ତବରେ ସେ ହିଁ ପଣ୍ଡିତ-ସେ ହିଁ ଜ୍ଞାନୀ । ଏହି ଜ୍ଞାନର ଅଭିବୃଦ୍ଧି (ଅର୍ଥାତ୍ ଜୀବ ନିତ୍ୟ କୃଷ୍ଣ-ଦାସ-ଏ ସମ୍ବନ୍ଧ ଜ୍ଞାନର ଅଭିବୃଦ୍ଧି) ଅଗ୍ନି ସହିତ ତୁଳନୀୟ । ଏହି ଅଗ୍ନି ଥରେ ପ୍ରଜ୍ୱଳିତ ହେଲେ ସମସ୍ତ କର୍ମର ପ୍ରତିକ୍ରିୟାକୁ ପୋଡ଼ିଜାଳି ଧ୍ୱଂସ କରିଦେବ ।

## ଶ୍ଳୋକ - ୨୦

**ତ୍ୟକ୍ତ୍ୱା କର୍ମଫଳାସଙ୍ଗମ୍ ନିତ୍ୟ ତୃପ୍ତୋ ନିରାଶ୍ରୟଃ ।**
**କର୍ମଣ୍ୟଭିପ୍ରବୃତ୍ତୋଽପି ନୈବ କିଞ୍ଚିତ୍କରୋତି ସଃ ।।୨୦।।**

## ଶବ୍ଦାନୁବାଦ

ତ୍ୟକ୍ତ୍ୱା=ତ୍ୟାଗକରି; କର୍ମ-ଫଳ-ଆସଙ୍ଗମ୍=କର୍ମଫଳ ପ୍ରତି ଆସକ୍ତି; ନିତ୍ୟ=ସର୍ବଦା; ତୃପ୍ତଃ=ତୃପ୍ତ; ନିରାଶ୍ରୟଃ=ଆଶ୍ରୟହୀନ; (କୌଣସି ଆଶ୍ରୟ ନଥିବା); କର୍ମଣି=କର୍ମରେ; ଅଭିପ୍ରବୃତ୍ତଃ=ସମ୍ପୂର୍ଣ୍ଣରୂପେ ନିଯୁକ୍ତହୋଇ; ଅପି=ସତ୍ତ୍ୱେ; ନ=ନୁହେଁ; ଏବ=ନିଶ୍ଚିତଭାବେ; କିଞ୍ଚିତ୍=କିଛି; କରୋତି=କରେ; ସଃ=ସେ ।

## ଅନୁବାଦ

**ଯଦିଓ ସେ ସମସ୍ତପ୍ରକାର କର୍ମରେ ନିଯୁକ୍ତ ଥାଏ; ତଥାପି ସେ ତା'ର କର୍ମଫଳ ପ୍ରତି କୌଣସି ପ୍ରକାର ଆସକ୍ତି ନରଖି, ନିତ୍ୟତୃପ୍ତ ହୋଇ ସ୍ୱାଧୀନଭାବରେ କର୍ମକରେ; କିନ୍ତୁ କୌଣସି ପ୍ରକାର ସକାମ କର୍ମରେ ସେ ନିଯୁକ୍ତ ହୁଏ ନାହିଁ ।**

## ଭାବାର୍ଥ

ଯେତେବେଳେ ବ୍ୟକ୍ତି କୃଷ୍ଣଙ୍କପାଇଁ କର୍ମକରେ ସେତେବେଳେ ସେ କର୍ମବନ୍ଧନରୁ ମୁକ୍ତ ହୋଇଯାଏ । କୃଷ୍ଣଚେତନାରେ ହିଁ କେବଳ ବନ୍ଧନରୁ ମୁକ୍ତି ସମ୍ଭବ । କୃଷ୍ଣଚେତନଶୀଳ ବ୍ୟକ୍ତି ଭଗବତ୍ ପ୍ରେମରେ ଉଦ୍‌ବୁଦ୍ଧ ହୋଇ କର୍ମକରେ ଏବଂ ସେଇଥିପାଇଁ ତାହାର କର୍ମଫଳ ପ୍ରତି ଆସକ୍ତି ନଥାଏ । ଏପରିକି ସେ ନିଜର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ କିଛି ଚିନ୍ତା କରେନାହିଁ । ସେ ସବୁ ଅବସ୍ଥାରେ କୃଷ୍ଣଙ୍କ ଉପରେ ନିର୍ଭରକରେ । ସେ କିଛି ପାଇବାକୁ କିମ୍ବା ତା'ର ଅଧୀନରେ ଥିବା ପଦାର୍ଥର ରକ୍ଷାକରିବାକୁ ଇଚ୍ଛାକରେ ନାହିଁ । ସେ ଯତ୍‌ପରୋନାସ୍ତି ଚେଷ୍ଟାକରି ତା'ର କର୍ତ୍ତବ୍ୟ ସମ୍ପାଦନ-କରେ ଏବଂ ଫଳ କୃଷ୍ଣଙ୍କୁ ଅର୍ପଣ କରେ -ସିଦ୍ଧି, ଅସିଦ୍ଧି କଥାଟି ସେ କୃଷ୍ଣଙ୍କ ଉପରେ ଛାଡ଼ିଦିଏ । ଏପ୍ରକାର ଏକ ଆସକ୍ତିହୀନ ବ୍ୟକ୍ତି ସର୍ବଦା ସମସ୍ତ ପ୍ରକାର ଭଲମନ୍ଦ ଫଳରୁ ମୁକ୍ତଥାଏ; ଯେପରିକି ସେ କିଛି କରୁନାହିଁ-ଏହିପରି ଭାବରେ ସେ ଥାଏ । ଏହା ହେଉଛି ଅକର୍ମ-ଫଳାକାଙ୍‌କ୍ଷାହୀନ କର୍ମର ଲକ୍ଷଣ । ତେବେ ଏତଦ୍ ବ୍ୟତୀତ ଅନ୍ୟ ସମସ୍ତ କର୍ମ, ଯାହା କୃଷ୍ଣଚେତନାରେ ନକରାଯାଏ, କର୍ତ୍ତାକୁ ବନ୍ଧନରେ ପକାଏ ଏବଂ ଏହା ହେଉଛି ବିକର୍ମର ପ୍ରକୃତରୂପ । ଏକଥା ପୂର୍ବରୁ କୁହାଯାଇ ସାରିଛି ।

## ଶ୍ଳୋକ - ୨୧

**ନିରାଶୀର୍ଯତଚିତ୍ତାତ୍ମା ତ୍ୟକ୍ତ ସର୍ବପରିଗ୍ରହଃ ।**
**ଶାରୀରଂ କେବଳଂ କର୍ମ କୁର୍ବନ୍ନାପ୍ନୋତି କିଲ୍‌ବିଷମ୍ ।।୨୧।।**

## ଶବ୍ଦାନୁବାଦ

ନିରାଶୀଃ=ଫଳକାମନାହୀନ; ଯତ=ସଂଯତ; ଚିତ୍ତ-ଆତ୍ମା=ମନ ଏବଂ ବୁଦ୍ଧି; ତ୍ୟକ୍ତ=ତ୍ୟାଗକରି; ସର୍ବ=ସମସ୍ତ; ପରିଗ୍ରହଃ=ଯାହା ତା'ର ଅଛି, ତା'ଉପରେ ମାଲିକାନା ବା ଅଧିକାରୀଭାବ; ଶାରୀରମ୍=ଶରୀର ଏବଂ ଆତ୍ମାକୁ ଠିକ୍ ରଖିବାରେ; କେବଳମ୍=କେବଳ; କର୍ମ=କର୍ମ; କୁର୍ବନ୍=ଏପରି କରି; ନ=ନୁହେଁ; ଆପ୍ନୋତି=ଅର୍ଜନ କରେ ନାହିଁ; କିଲ୍‌ବିଷମ୍=ପାପକର୍ମର ପ୍ରତିକ୍ରିୟା ।

## ଅନୁବାଦ

**ଏ ପ୍ରକାର ଜ୍ଞାନୀବ୍ୟକ୍ତି ମନ ଓ ବୁଦ୍ଧିକୁ ସମ୍ପୂର୍ଣ୍ଣରୂପେ ସଂଯତକରି କର୍ମକରେ । ସେ ତା'ର ଅଧିକାରରେ ଥିବା ସମସ୍ତ ବିଷୟବସ୍ତୁ ଉପରୁ ମାଲିକାନା ବା ଅଧିକାରୀଭାବ ତ୍ୟାଗକରେ ଏବଂ କେବଳ ଜୀବନଧାରଣ ପାଇଁ ଯେତିକି ନିହାତି ଦରକାର ସେତିକି ପାଇବା ନିମିତ୍ତ କାର୍ଯ୍ୟକରେ । ଏହିପରି କର୍ମ କରିବାଦ୍ୱାରା ସେ ପାପକର୍ମର ପ୍ରତିକ୍ରିୟାରେ ଭାଗୀ ହୁଏନାହିଁ ।**

## ଭାବାର୍ଥ

ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ତା'ର କର୍ମର ଭଲମନ୍ଦ ଫଳ ଆଶାକରେ ନାହିଁ । ତା'ର ମନ ଓ ବୁଦ୍ଧି ସମ୍ପୂର୍ଣ୍ଣଭାବେ ସଂଯତ ହୋଇଥା'ନ୍ତି । ସେ ଏକଥା ଜାଣିଥାଏ ଯେ, ସେ ଭଗବାନଙ୍କର ଅଂଶବିଶେଷ ଅଟେ; ତେଣୁ ସେ ପୂର୍ଣ୍ଣର ଅଂଶରୂପେ କର୍ମକରେ । ସେ ପୂର୍ଣ୍ଣର ଅଂଶରୂପେ ଯେତେବେଳେ କର୍ମକରେ, ସେତେବେଳେ ସେ ମନଇଚ୍ଛା କିଛି କରେ ନାହିଁ । ଯାହା ପରମେଶ୍ୱର

ଆଦେଶ କରିଥା'ନ୍ତି ତାହାହିଁ କରେ ଏବଂ ସେ ତାହା ଭଗବାନଙ୍କ ହସ୍ତରେ ନିମିତ୍ତ ହୋଇକରେ । ଯେତେବେଳେ ଆମର ହାତ କାମ କରେ, ସେତେବେଳେ ସେ ନିଜ ମନକୁ କିଛି କରେନାହିଁ । ସମୁଦାୟ ଶରୀର ଯାହା ଚାହେଁ, ସେହି ଅନୁଯାୟୀ ସେ କର୍ମକରେ । ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ସର୍ବଦା ପରମେଶ୍ୱରଙ୍କର ଇଚ୍ଛାନୁଯାୟୀ କାର୍ଯ୍ୟକରେ, କାରଣ ତା'ର ବ୍ୟକ୍ତିଗତ କୌଣସି କାମନା ନଥାଏ, ଅର୍ଥାତ୍ ତା'ର ଇନ୍ଦ୍ରିୟ ଭୋଗବିଳାସ କାମନା ନଥାଏ । ଏକ ବିରାଟ ଯନ୍ତ୍ରର ଏକ କ୍ଷୁଦ୍ର ଅଂଶ ସ୍ୱରୂପ ସେ କର୍ମ କରେ । ଯନ୍ତ୍ରର ଅଂଶକୁ ଠିକ୍ ରଖିବାପାଇଁ ତାକୁ ବରାବର ତୈଳ ଦେବାକୁ ପଡ଼େ ଓ ସଫା କରିବାକୁ ପଡ଼େ । ଠିକ୍ ସେହିପରି ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ଦିବ୍ୟପ୍ରେମରେ ଉଦ୍‌ବୁଦ୍ଧ ହୋଇ ଭଗବାନଙ୍କର ସେବା କରିବା ନିମିତ୍ତ ନିଜକୁ ଠିକ୍ ରଖିବାପାଇଁ ସର୍ବଦା କର୍ମରତ ଥାଏ ଏବଂ ସେହି ଅନୁଯାୟୀ ନିଜକୁ କର୍ମକ୍ଷମ କରେ । ତେଣୁ ସେ ତା'ର ସମସ୍ତପ୍ରକାର କର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇଥାଏ । ଏକ ପଶୁପରି, ତା'ର ମଧ୍ୟ ଶରୀର ଉପରେ ମାଲିକାନା ନଥାଏ । ଏକ କ୍ରୂର ମାଲିକ ବେଳେବେଳେ ତା'ର ଅଧୀନରେ ଥିବା ପ୍ରାଣୀକୁ ବଧକରେ; ତଥାପି ସେ ପ୍ରାଣୀ ତାହାର ପ୍ରତିବାଦ କରେନାହିଁ । ତା'ର ମଧ୍ୟ କୌଣସି ସ୍ୱାଧୀନତା ନଥାଏ । ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ସମ୍ପୂର୍ଣ୍ଣରୂପେ ଆତ୍ମ-ଜ୍ଞାନ ଲାଭ ଦିଗରେ ବ୍ୟସ୍ତଥାଏ; ତେଣୁ କୌଣସି ଭୌତିକ ବିଷୟବସ୍ତୁ ଉପରେ ମାଲିକାନା ଜାରିକରିବାକୁ ତା'ର ଆଦୌ ସମୟ ନଥାଏ । ଶରୀର ଓ ଆତ୍ମାକୁ ଠିକ୍ ରଖିବାନିମିତ୍ତ ସେ ଅସତ୍ ଉପାୟରେ ଧନସଂଗ୍ରହ କରିବାକୁ ଇଚ୍ଛା କରେନାହିଁ ବା ତାହା ଆବଶ୍ୟକ କରେନାହିଁ । ତେଣୁ ସେ ଏପ୍ରକାର ଭୌତିକ ପାପକର୍ମ ଦ୍ୱାରା ଦୂଷିତ ହୁଏନାହିଁ । ସେ ତା'ର ସମସ୍ତ କର୍ମର ପ୍ରତିକ୍ରିୟାରୁ ମୁକ୍ତଥାଏ ।

## ଶ୍ଳୋକ - ୨୨

**ଯଦୃଚ୍ଛାଲାଭସନ୍ତୁଷ୍ଟୋ ଦ୍ୱନ୍ଦ୍ୱାତୀତୋ ବିମତ୍ସରଃ ।**
**ସମଃ ସିଦ୍ଧାବସିଦ୍ଧୌ ଚ କୃତ୍ୱାପି ନ ନିବଧ୍ୟତେ ।।୨୨।।**

## ଶବ୍ଦାନୁବାଦ

ଯଦୃଚ୍ଛା=ସ୍ୱତଃ, ଆପେଆପେ; ଲାଭ=ଲାଭ; ସନ୍ତୁଷ୍ଟଃ=ସନ୍ତୁଷ୍ଟ; ଦ୍ୱନ୍ଦ୍ୱ=ଦ୍ୱନ୍ଦ୍ୱଭାବ; ଅତୀତଃ=ଅତୀତ; ବିମତ୍ସରଃ=ଈର୍ଷାଶୂନ୍ୟ; ସମଃ=ସ୍ଥିର; ସିଦ୍ଧୌ=ସିଦ୍ଧିରେ ବା ବିଜୟରେ; ଅସିଦ୍ଧୌ=ଅସିଦ୍ଧିରେ ବା ପରାଜୟରେ; ଚ=ମଧ୍ୟ; କୃତ୍ୱା=କରି; ଅପି=ଯଦିଓ; ନ=ନୁହେଁ; ନିବଧ୍ୟତେ=ଭାଗୀହୁଏ ।

## ଅନୁବାଦ

**ଯାହା ମିଳିଲା ସେଥିରେ ଯେ ସନ୍ତୁଷ୍ଟ ରହେ, ଯେ ଦ୍ୱନ୍ଦ୍ୱଭାବରୁ ମୁକ୍ତ ଏବଂ ଯେ ଜୟ-ପରାଜୟ ବା ସିଦ୍ଧି-ଅସିଦ୍ଧି ଉଭୟ ପରିସ୍ଥିତିରେ ସ୍ଥିରଭାବରେ ରହେ ଏବଂ କାହାରି ପ୍ରତି ଈର୍ଷାନ୍ୱିତ ହୁଏ ନାହିଁ, ସେ ସମସ୍ତ ପ୍ରକାର କର୍ମ କରୁଥିଲେ ସୁଦ୍ଧା କୌଣସିଥିରେ ଭାଗୀ ହୁଏନାହିଁ ।**

## ଭାବାର୍ଥ

ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ତା'ର ଶରୀର ରକ୍ଷା ପାଇଁ ମଧ୍ୟ ବିଶେଷ ଚେଷ୍ଟା କରେ ନାହିଁ । ଯାହା ଆପେ ଆପେ ମିଳିଗଲା, ସେହିଥିରେ ସେ ସନ୍ତୁଷ୍ଟ ରହେ । ସେ କାହାରିକୁ

କିଛି ମାଗେ ନାହିଁ, କିମ୍ବା ଧାର କରେ ନାହିଁ । ସାଧୁ ଉପାୟରେ ତା'ର ଶକ୍ତି ମୁତାବକ ସେ ଅର୍ଜନ କରେ ଏବଂ ତଦ୍ଦ୍ୱାରା ସେ ଯାହାପାଏ, ସେହିଥିରେ ସେ ସନ୍ତୁଷ୍ଟ ରହେ । ତେଣୁ ସେ ତା'ର ଜୀବନଯାତ୍ରା ଦିଗରେ ସ୍ୱାଧୀନ ଅଟେ । ନିଜର କୃଷ୍ଣସେବାରେ ବାଧା ଜନ୍ମାଇଲାଭଳି କାର୍ଯ୍ୟ କରିବାକୁ ସେ ଅନ୍ୟକୁ ଦିଏନାହିଁ । ଅବଶ୍ୟ ଭୌତିକ ଜଗତର ଦ୍ୱନ୍ଦ୍ୱଭାବରେ ସେ ବିଚଳିତ ନହୋଇ ଭଗବାନଙ୍କ ସେବା ନିମିତ୍ତ ଯାହା ଦରକାର ତାହା ସେ କରେ । ଶୀତ-ଉଷ୍ମ ଓ ସୁଖ-ଦୁଃଖ ଆଦିରେ ଭୌତିକ ଜଗତର ଦ୍ୱନ୍ଦ୍ୱଭାବ ଅନୁଭୂତ ହୁଏ । ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ଦ୍ୱନ୍ଦ୍ୱଭାବର ବହୁ ଉର୍ଦ୍ଧ୍ୱରେ ଥାଏ, କାରଣ କୃଷ୍ଣଙ୍କର ସନ୍ତୋଷ ବିଧାନ ନିମିତ୍ତ ଯାହା ଦରକାର ତାହା କରିବାକୁ ସେ ପଛାଏ ନାହିଁ । ସେଇଥିପାଇଁ ସେ ସିଦ୍ଧି-ଅସିଦ୍ଧି ଓ ଜୟ-ପରାଜୟ ଉଭୟ ପରିସ୍ଥିତିରେ ଅବିଚଳିତ ଥାଏ । ବ୍ୟକ୍ତି ଯେତେବେଳେ ଦିବ୍ୟଜ୍ଞାନ ଲାଭ କରେ ବା ସମ୍ପୂର୍ଣ୍ଣରୂପେ ଦିବ୍ୟଜ୍ଞାନ ସ୍ତରରେ ଅବସ୍ଥାନ କରେ, ସେତେବେଳେ ଏ ଲକ୍ଷଣ ସବୁ ତା'ଠାରେ ପ୍ରକାଶ ପାଏ ।

## ଶ୍ଳୋକ - ୨୩

**ଗତସଙ୍ଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ ।**
**ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ।।୨୩।।**

## ଶବ୍ଦାନୁବାଦ

ଗତ-ସଙ୍ଗସ୍ୟ=ଭୂତପ୍ରକୃତିର ତ୍ରିଗୁଣପ୍ରତି ଅନାସକ୍ତ; ମୁକ୍ତସ୍ୟ=ମୁକ୍ତର; ଜ୍ଞାନ-ଅବସ୍ଥିତ=ଦିବ୍ୟସ୍ତରରେ ଅବସ୍ଥିତ; ଚେତସଃ=ଏ ପ୍ରକାର ଜ୍ଞାନର; ଯଜ୍ଞାୟ=ଯଜ୍ଞ (ଅର୍ଥାତ୍ କୃଷ୍ଣଙ୍କ) ନିମିତ୍ତ; ଆଚରତଃ=ଏପରି ଆଚରଣ କରି; କର୍ମ=କର୍ମ; ସମଗ୍ରମ୍=ସମଗ୍ରଭାବରେ; ପ୍ରବିଲୀୟତେ=ସମ୍ପୂର୍ଣ୍ଣରୂପେ ଲୀନ ହୋଇଯାଏ ।

## ଅନୁବାଦ

**ଯେଉଁ ବ୍ୟକ୍ତି ଭୂତପ୍ରକୃତିର ତ୍ରିଗୁଣ ପ୍ରତି ଅନାସକ୍ତ ଏବଂ ଯେ ସମ୍ପୂର୍ଣ୍ଣରୂପେ ଦିବ୍ୟଜ୍ଞାନ ସ୍ତରରେ ଅବସ୍ଥିତ ସେ ବ୍ୟକ୍ତିର କର୍ମ ସମ୍ପୂର୍ଣ୍ଣରୂପେ ଦିବ୍ୟତାରେ ହିଁ ଲୀନ ହୋଇଯାଏ ।**

## ଭାବାର୍ଥ

ପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ ହୋଇଗଲେ ବ୍ୟକ୍ତି ଦ୍ୱନ୍ଦ୍ୱଭାବରୁ ମୁକ୍ତ ହୋଇଯାଏ ଏବଂ ଏହିପରି ଭାବରେ ସେ ଭୂତପ୍ରକୃତିର ଗୁଣଜନିତ ଦୋଷରୁ ମଧ୍ୟ ମୁକ୍ତ ହୋଇଯାଏ । ସେ ମୁକ୍ତ ହୋଇପାରେ, କାରଣ ସେ ତାର ସ୍ୱରୂପ ସ୍ଥିତି ଜାଣିଛି, କୃଷ୍ଣଙ୍କ ସହିତ ତା'ର କି ସମ୍ବନ୍ଧ ଅଛି, ତାହା ସେ ଜାଣିଛି । ତେଣୁ ତା'ର ମନ କଦାପି କୃଷ୍ଣଚେତନାରୁ ଦୂରେଇ ଯାଏ ନାହିଁ । ଫଳତଃ ସେ ଯାହାକରେ, ତାହା ସେ ଆଦି ବିଷ୍ଣୁ କୃଷ୍ଣଙ୍କ ନିମିତ୍ତ ହିଁ କରେ । ତେଣୁ ତା'ର ସମସ୍ତ କର୍ମ ଯଜ୍ଞକର୍ମ ଅଟେ, କାରଣ ଯଜ୍ଞଦ୍ୱାରା ହିଁ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ସନ୍ତୋଷ ବିଧାନ କରାଯାଏ । ଏ ସମସ୍ତ କର୍ମର ଫଳ ବା ପ୍ରତିକ୍ରିୟା ବାସ୍ତବରେ ଦିବ୍ୟତାରେ ହିଁ ନିମଜ୍ଜିତ ହୁଏ; ତେଣୁ ବ୍ୟକ୍ତି ଏ କର୍ମଫଳ ଆଉ ଭୋଗକରେ ନାହିଁ ।

## ଶ୍ଳୋକ - ୨୪

**ବ୍ରହ୍ମାର୍ପଣଂ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।**
**ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା ।।୨୪।।**

## ଶବ୍ଦାନୁବାଦ

ବ୍ରହ୍ମ=ଦିବ୍ୟ ପ୍ରକୃତି; ଅର୍ପଣମ୍=ଅର୍ପଣ; ବ୍ରହ୍ମ=ପରମେଶ୍ୱର; ହବିଃ=ଘୃତ; ବ୍ରହ୍ମ=ଦିବ୍ୟ; ଅଗ୍ନୌ=ଅଗ୍ନିରେ; ବ୍ରହ୍ମଣା=ଚିଦାତ୍ମାଦ୍ୱାରା; ହୁତମ୍=ଅର୍ପିତ; ବ୍ରହ୍ମ=ଚିଦ୍ ଜଗତ; ଏବ=ନିଶ୍ଚିତଭାବେ; ତେନ=ତାଙ୍କଦ୍ୱାରା; ଗନ୍ତବ୍ୟମ୍=ପ୍ରାପ୍ତହେବ; ବ୍ରହ୍ମ=ଦିବ୍ୟ; କର୍ମ=କର୍ମ; ସମାଧିନା=ପୂର୍ଣ୍ଣ ସମାଧିରେ ।

## ଅନୁବାଦ

**ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣରୂପେ କୃଷ୍ଣଚେତନାରେ ଅଛି, ସେ ନିଶ୍ଚୟ ଚିଦ୍ ଜଗତକୁ ଯିବ, କାରଣ ସେ ସମ୍ପୂର୍ଣ୍ଣରୂପେ ଦିବ୍ୟ କର୍ମରେ ହିଁ ଆତ୍ମସମର୍ପଣ କରିଛି, ଯେଉଁଥିରେକି ପୂର୍ଣ୍ଣାର୍ପଣଭାବ ରହିଛି ଏବଂ ଯାହା ଅର୍ପିତ ହେଲା, ତାହା ମଧ୍ୟ ସେହି ଦିବ୍ୟ ଭାବାପନ୍ନ ଅଟେ ।**

## ଭାବାର୍ଥ

କୃଷ୍ଣଚେତନାରେ କର୍ମକଲେ କିପରି ବ୍ୟକ୍ତି ପରମଗତି ଲାଭକରେ ତାହା ଏଠାରେ ବର୍ଣ୍ଣନା କରାଯାଇଅଛି ।କୃଷ୍ଣଚେତନା ମାର୍ଗ ବା ଭକ୍ତିଯୋଗ ମାର୍ଗରେ ବିବିଧ କର୍ମ ଅଛି ଏବଂ ସେ ସବୁକଥା ପରବର୍ତ୍ତୀ ଶ୍ଳୋକମାନଙ୍କରେ ବର୍ଣ୍ଣନା କରାଯିବ, କିନ୍ତୁ ବର୍ତ୍ତମାନ କେବଳ କୃଷ୍ଣଚେତନା ବିଧି ହିଁ ବର୍ଣ୍ଣନା କରାଯାଇଅଛି ।ଭୌତିକ ଦୋଷ ଦୁଷ୍ଟ ଏକ ବଦ୍ଧଜୀବ ନିଶ୍ଚିତଭାବେ, ଭୌତିକ ସ୍ତରରେ ହିଁ କର୍ମ କରିବ ଏବଂ ତାକୁ ସେ ପରିବେଶରୁ ମୁକ୍ତ ହେବାକୁ ପଡ଼ିବ । ଯେଉଁ ଉପାୟ ଅବଲମ୍ବନ କଲେ ବ୍ୟକ୍ତି ଭୌତିକସ୍ଥିତିରୁ ମୁକ୍ତହେବ, ତାହା ହେଉଛି କୃଷ୍ଣଚେତନା ବିଧି ।ଉଦାହରଣ ସ୍ୱରୂପ, ଯେଉଁ ରୋଗୀ ଅତ୍ୟଧିକ ଦୁଗ୍ଧ ପାନକରି ଉଦର ଯନ୍ତ୍ରଣା ଭୋଗ କରୁଛି, ସେ ସେହି ଦୁଗ୍ଧଜାତ ପଦାର୍ଥ ଅର୍ଥାତ୍ ଦଧିସେବନ କଲେ ଯନ୍ତ୍ରଣା ମୁକ୍ତ ହେବ । ଭୌତିକ ଦୋଷଦୁଷ୍ଟ ବଦ୍ଧଜୀବ କୃଷ୍ଣଚେତନା ବିଧି ଗ୍ରହଣ କଲେ ଭୌତିକ ଦୁଃଖ ଯନ୍ତ୍ରଣାରୁ ମୁକ୍ତ ହୋଇପାରିବ ।ଗୀତାରେ ଏହି କଥା ହିଁ ଏଠାରେ କୁହାଯାଇଛି ।ଏହାକୁ ସାଧାରଣତଃ ଯଜ୍ଞକର୍ମ ଅର୍ଥାତ୍ ଯଜ୍ଞପୁରୁଷ ଭଗବାନ୍ ବିଷ୍ଣୁ ବା କୃଷ୍ଣଙ୍କର ସନ୍ତୋଷ ବିଧାନ ନିମିତ୍ତ କରଣୀୟ କର୍ମବୋଲି କୁହାଯାଉଅଛି ।ତୁମ୍ଭେମାନେ ଯେତେ ଅଧିକ ପରିମାଣରେ ଏ ଭୌତିକ ଜଗତରେ କୃଷ୍ଣଚେତନାରେ କର୍ମ କରିବ, ଅର୍ଥାତ୍ ଭଗବାନ୍ ବିଷ୍ଣୁଙ୍କର ସନ୍ତୋଷ ବିଧାନ ନିମିତ୍ତ ଯେତେ ଅଧିକ କର୍ମ କରିବ, ବାୟୁମଣ୍ଡଳ ସେତେ ଅଧିକ ପରିମାଣରେ (କୃଷ୍ଣଚେତନା ଯୋଗୁଁ) ବିଶୁଦ୍ଧ ହେବ ।'ବ୍ରହ୍ମନ୍' କହିଲେ ଦିବ୍ୟଭାବକୁ ବୁଝାଏ ।ଭଗବାନ୍ ହେଉଛନ୍ତି ଦିବ୍ୟ ଏବଂ ତାଙ୍କର ଦିବ୍ୟ ଶରୀରରୁ ଯେଉଁ ଜ୍ୟୋତି ବାହାରୁଛି, ତାକୁ ବ୍ରହ୍ମଜ୍ୟୋତି କୁହାଯାଏ ।ସବୁ କିଛି ବ୍ରହ୍ମଜ୍ୟୋତିରେ ଅବସ୍ଥିତ, କିନ୍ତୁ ସେ ଜ୍ୟୋତି ଯେତେବେଳେ ମାୟା ବା ଇନ୍ଦ୍ରିୟ ତୃପ୍ତିରେ ଆଚ୍ଛାଦିତ ହୋଇଯାଏ, ସେତେବେଳେ ତାହା ଭୌତିକ ନାମରେ କଥିତ ହୁଏ ।ଏହି ଭୌତିକ ଆବରଣ କୃଷ୍ଣଚେତନା ବୃଦ୍ଧିରେ ସାଙ୍ଗେ ସାଙ୍ଗେ ଦୂରୀଭୂତ ହୋଇଯାଏ ।ତେଣୁ ଏହିପରି ଭାବରେ କୃଷ୍ଣଚେତନାରେ

ଉଦ୍‌ବୁଦ୍ଧ ହୋଇ ଯାହା କୃଷ୍ଣଙ୍କୁ ଅର୍ପଣ କରାଯାଏ ତାହା ଏବଂ ଯେଉଁଥିରେ ତାହା ଅର୍ପିତ ହୁଏ ଅର୍ପିତ ବସ୍ତୁ, ଅର୍ପଣ ବିଧି, ଯେ ଅର୍ପଣକରେ-ଅର୍ଥାତ୍ ହୋତା ଏବଂ ତତ୍‌ଲଭ୍ୟ ଫଳ ଏସବୁ ଏକତ୍ର ବ୍ରହ୍ମନ୍ ବା ପରମ ସତ୍ୟ ପରଂବ୍ରହ୍ମ ଅଟନ୍ତି । ମାୟାଦ୍ୱାରା ଆବୃତ ବ୍ରହ୍ମକୁ ଭୌତିକ ବସ୍ତୁ କୁହାଯାଏ । ଯେତେବେଳେ ବସ୍ତୁ ଭଗବାନଙ୍କ ସେବାରେ ବ୍ୟବହୃତ ହୁଏ, ସେତେବେଳେ ସେ ଦିବ୍ୟଭାବ ପ୍ରାପ୍ତ ହୁଏ । ମାୟିକ ଚେତନାକୁ ବ୍ରହ୍ମଚେତନା ବା ଦିବ୍ୟଚେତନାରେ ପରିଣତ କରିବାର ଉପାୟ ହେଲା କୃଷ୍ଣଚେତନା । ଯେତେବେଳେ ମନ ସଂପୂର୍ଣ୍ଣରୂପେ କୃଷ୍ଣଚେତନାରେ ମଜ୍ଜିଯାଏ, ସେତେବେଳେ ସେ ଅବସ୍ଥାକୁ ସମାଧି ବୋଲି କୁହାଯାଏ । ଏହି ପ୍ରକାର ଦିବ୍ୟ ଚେତନାରେ ବଶୀଭୂତ ହୋଇ ଯାହା କରାଯାଏ, ତାହାକୁ ଯଜ୍ଞ କୁହାଯାଏ ବା ଭଗବଦ୍ କର୍ମ କୁହାଯାଏ ବା ଭଗବାନଙ୍କ ନିମିତ୍ତ ତ୍ୟାଗବୋଲି କୁହାଯାଏ । ସେ ପ୍ରକାର ଦିବ୍ୟଚେତନଶୀଳ ଅବସ୍ଥାରେ ଦାନୀ, ଦାନ, ବ୍ୟବହୃତ ପଦାର୍ଥ, କର୍ତ୍ତା ବା ଯଜ୍ଞକର୍ତ୍ତା ଏବଂ ଅନ୍ତିମ ପରିଣତି ବା ଫଳ ସବୁକିଛି ଭଗବାନ୍ ବା ପରଂବ୍ରହ୍ମଙ୍କ ସହ ଏକ ହୋଇ ଯାଏ । ଏହା ହେଉଛି କୃଷ୍ଣଚେତନା ବିଧି ।

## ଶ୍ଳୋକ - ୨୫

**ଦୈବମେବାପରେ ଯଜ୍ଞଂ ଯୋଗିନଃ ପର୍ଯ୍ୟୁପାସତେ ।**
**ବ୍ରହ୍ମାଗ୍ନାବପରେ ଯଜ୍ଞଂ ଯଜ୍ଞେନୈବୋପଜୁହ୍ୱତି ।।୨୫।।**

## ଶବ୍ଦାନୁବାଦ

ଦୈବମ୍=ଦେବତାମାନଙ୍କୁ ପୂଜା କରିବାରେ; ଏବ=ଏହିପରି; ଅପରେ=କେତେକ; ଯଜ୍ଞମ୍=ଯଜ୍ଞ; ଯୋଗିନଃ=ଯୋଗୀମାନେ; ପର୍ଯ୍ୟୁପାସତେ=ଭଲଭାବରେ ପୂଜା କରନ୍ତି; ବ୍ରହ୍ମ=ପରମସତ୍ୟ (ବ୍ରହ୍ମ); ଅଗ୍ନୌ=ଅଗ୍ନିରେ; ଅପରେ=ଅନ୍ୟମାନେ; ଯଜ୍ଞମ୍=ଯଜ୍ଞ; ଯଜ୍ଞେନ=ଯଜ୍ଞଦ୍ୱାରା; ଏବ=ଏହିପରି ଭାବରେ; ଉପଜୁହ୍ୱତି=ପୂଜାକରନ୍ତି ।

## ଅନୁବାଦ

**କେତେକ ଯୋଗୀ ବିଭିନ୍ନପ୍ରକାର ଯଜ୍ଞକରି ଦେବତାମାନଙ୍କୁ ଭଲଭାବରେ ପୂଜା କରନ୍ତି ଏବଂ ସେମାନଙ୍କ ମଧ୍ୟରୁ ଆଉ କେତେକ ବ୍ରହ୍ମାଗ୍ନିରେ ଯଜ୍ଞାନୁଷ୍ଠାନ କରନ୍ତି ।**

## ଭାବାର୍ଥ

ପୂର୍ବ ବର୍ଣ୍ଣନା ଅନୁଯାୟୀ ଯେଉଁ ବ୍ୟକ୍ତି କୃଷ୍ଣଚେତନାରେ କର୍ମ କରୁଥାଏ, ତାହାଙ୍କୁ ମଧ୍ୟ ଏକ ସିଦ୍ଧ ଯୋଗୀବୋଲି କୁହାଯାଏ । ଏହାଛଡ଼ା ଆଉ କେତେକ ଅଛନ୍ତି, ଯେଉଁମାନେ ଦେବତାମାନଙ୍କର ପୂଜାନିମିତ୍ତ ତଦ୍ରୂପ ଯଜ୍ଞାନୁଷ୍ଠାନ କରନ୍ତି । ଏହାଛଡ଼ା ଆହୁରି କେତେକ (ଯୋଗୀ) ଅଛନ୍ତି, ଯେଉଁମାନେ ଯଜ୍ଞାନୁଷ୍ଠାନ କରି ପରଂବ୍ରହ୍ମ ବା ଭଗବାନ୍‌ଙ୍କର ନିର୍ବିଶେଷ ପ୍ରତୀତିକୁ ପୂଜା କରନ୍ତି । ତେଣୁ ବିଭିନ୍ନ ପ୍ରକାର ପୂଜକ ବା ଯୋଗୀଙ୍କ ନିମିତ୍ତ ବିଭିନ୍ନପ୍ରକାର ଯଜ୍ଞକର୍ମ ଅଛି । ଏ ଯେଉଁ ବିଭିନ୍ନପ୍ରକାର ଯଜ୍ଞ କଥା କୁହାଗଲା ଏଗୁଡ଼ିକ କେବଳ ବାହ୍ୟତଃ ବିଭିନ୍ନପ୍ରକାର ଯଜ୍ଞକର୍ମ ଅଟେ; କିନ୍ତୁ ବାସ୍ତବ ଯଜ୍ଞକର୍ମର ଉଦ୍ଦେଶ୍ୟ ହେଲା ଯଜ୍ଞପୁରୁଷ ଭଗବାନ୍ ବିଷ୍ଣୁଙ୍କୁ ସନ୍ତୁଷ୍ଟ କରିବା । ଏ ସବୁ ବିଭିନ୍ନ ପ୍ରକାର ଯଜ୍ଞକୁ ପ୍ରଧାନତଃ ଦୁଇଟି ବିଭାଗରେ ବିଭକ୍ତ କରାଯାଇପାରେ, ଯଥା — ଦ୍ରବ୍ୟମୟ ଯଜ୍ଞ, ଅର୍ଥାତ୍ ଭୌତିକ ବିଷୟବସ୍ତୁ ତ୍ୟାଗ ଏବଂ ଜ୍ଞାନଯଜ୍ଞ ଅର୍ଥାତ୍ ଦିବ୍ୟ ଜ୍ଞାନଲାଭ

ଉଦ୍ଦେଶ୍ୟରେ ଯଜ୍ଞ । ଯେଉଁମାନେ କୃଷ୍ଣଚେତନାରେ ଥାଆନ୍ତି ସେମାନେ ଭଗବାନଙ୍କର ସନ୍ତୋଷ ବିଧାନ ନିମିତ୍ତ ସେମାନଙ୍କର ସମସ୍ତ ଭୌତିକ ବିଷୟବସ୍ତୁ ଯଜ୍ଞାର୍ପଣ କରନ୍ତି ବା ତ୍ୟାଗ କରନ୍ତି, କିନ୍ତୁ ଅନ୍ୟମାନେ ଅର୍ଥାତ୍ ଯେଉଁମାନେ କ୍ଷଣିକ ବିଷୟଭୋଗ ବା ଭୌତିକ ସୁଖ-ସମ୍ପଦ ଇଚ୍ଛା କରନ୍ତି, ସେମାନେ ଇନ୍ଦ୍ର, ଚନ୍ଦ୍ର ଓ ସୂର୍ଯ୍ୟ ଆଦି ଦେବତାମାନଙ୍କର ସନ୍ତୋଷ ବିଧାନ ନିମିତ୍ତ ସେମାନଙ୍କର ଭୌତିକ ବିଷୟବସ୍ତୁକୁ ଯଜ୍ଞାର୍ପଣ କରନ୍ତି । ଏହା ଛଡ଼ା ଯେଉଁମାନେ ନିର୍ବିଶେଷବାଦୀ ସେମାନେ ନିଜର ବ୍ୟକ୍ତିତ୍ୱ ହରାଇ ନିର୍ବିଶେଷ ବ୍ରହ୍ମରେ ଲୀନହେବାକୁ ଇଚ୍ଛାକରି ବ୍ରହ୍ମଯଜ୍ଞ କରନ୍ତି ବା ବ୍ରହ୍ମାଗ୍ନିରେ ନିଜକୁ ଅର୍ପଣ କରନ୍ତି । ଦେବତାମାନେ ଶକ୍ତିଶାଳୀ ଜୀବ ଅଟନ୍ତି । ଭଗବାନ୍ ସେମାନଙ୍କୁ କେତେକ ବିଶେଷ କ୍ଷମତା ପ୍ରଦାନକରି ଏ ଭୌତିକ ଜଗତର ପରିଚାଳନା ଦାୟିତ୍ୱ ଦେଇଛନ୍ତି । ଏ ଭୌତିକ ଜଗତକୁ କିପରି ଆଲୋକ, ଉତ୍ତାପ ଓ ଜଳ ଆଦି ମିଳିବ ଏ ସବୁର ଦାୟିତ୍ୱ ଭଗବାନ୍ ସେମାନଙ୍କୁ ପ୍ରଦାନ କରିଛନ୍ତି । ଯେଉଁମାନେ ଭୌତିକ ସୁଖ ବା ଭୌତିକଲାଭ ପାଇବାପାଇଁ ଆଗ୍ରହୀ ସେମାନେ ବୈଦିକ କର୍ମକାଣ୍ଡ ଅନୁଯାୟୀ ବିଭିନ୍ନପ୍ରକାର ଯଜ୍ଞାନୁଷ୍ଠାନ କରି ଦେବତାମାନଙ୍କୁ ପୂଜାକରନ୍ତି । ସେମାନଙ୍କୁ ବହୁ-ଈଶ୍ୱରବାଦୀ ବୋଲି କୁହାଯାଏ, କିନ୍ତୁ ଅନ୍ୟମାନେ, ଯେଉଁମାନେ ଭଗବାନଙ୍କର ନିର୍ବିଶେଷ ପ୍ରତୀତିକୁ ପୂଜାକରନ୍ତି ଏବଂ ଦେବତାମାନଙ୍କୁ କ୍ଷଣସ୍ଥାୟୀ ବୋଲି ଭାବନ୍ତି, ସେମାନେ ବ୍ରହ୍ମାଗ୍ନିରେ ନିଜକୁ ଅର୍ପଣ କରନ୍ତି ଏବଂ ଏହିପରି ଭାବରେ ସେମାନେ ନିର୍ବିଶେଷ ବ୍ରହ୍ମରେ ଲୀନହୋଇ ସେମାନଙ୍କର ବ୍ୟକ୍ତିଗତ ସତ୍ତା ହରାନ୍ତି । ଏ ନିର୍ବିଶେଷବାଦୀଗଣ ଭଗବାନଙ୍କର ଦିବ୍ୟ ପ୍ରକୃତିକୁ ବୁଝିବା ନିମିତ୍ତ ଅଯଥା ମାନସିକ କଳ୍ପନାଜଳ୍ପନାରେ ସେମାନଙ୍କର ସମୟ ବିତାନ୍ତି । ଅନ୍ୟକଥାରେ ଏହାହିଁ କୁହାଯାଇପାରେ ଯେ, ସକାମ କର୍ମୀଗଣ ଭୌତିକ ସୁଖଭୋଗ ନିମିତ୍ତ ସେମାନଙ୍କ ଭୌତିକ ସମ୍ପତ୍ତିକୁ ଯଜ୍ଞାର୍ପଣ କରନ୍ତି, କିନ୍ତୁ ନିର୍ବିଶେଷବାଦୀଗଣ ନିର୍ବିଶେଷ ବ୍ରହ୍ମରେ ଲୀନହେବା ନିମିତ୍ତ ସେମାନଙ୍କର ଭୌତିକ ଉପାଧିକୁ ଯଜ୍ଞରେ ଅର୍ପଣ କରନ୍ତି । ନିର୍ବିଶେଷବାଦୀ ପକ୍ଷରେ ପରଂବ୍ରହ୍ମ ହେଉଛନ୍ତି ଯଜ୍ଞାଗ୍ନିରେ ବେଦି ଏବଂ ଆତ୍ମାହେଉଛି ଅର୍ପିତ ବସ୍ତୁ, ଯାହାକୁ କି ସେମାନେ ବ୍ରହ୍ମାଗ୍ନିରେ ଅର୍ପଣ କରନ୍ତି । ଅର୍ଜୁନଙ୍କପରି ଏକ କୃଷ୍ଣଚେତନଶୀଳ ବ୍ୟକ୍ତି କୃଷ୍ଣଙ୍କର ସନ୍ତୋଷବିଧାନ ନିମିତ୍ତ ସବୁକିଛି ଅର୍ପଣ କରନ୍ତି । ସେ ତାଙ୍କର ସମସ୍ତ ଭୌତିକ ସମ୍ପତ୍ତି ତଥା ଆତ୍ମାକୁ ମଧ୍ୟ କୃଷ୍ଣଙ୍କ ନିମିତ୍ତ ଅର୍ପଣ କରନ୍ତି । ଏହିପରି ଭାବରେ ସେ ପ୍ରଥମ ଶ୍ରେଣୀୟ ଯୋଗୀ ଅଟନ୍ତି, କିନ୍ତୁ ସେ ନିଜର ବ୍ୟକ୍ତିଗତ ସତ୍ତା ହରାନ୍ତିନାହିଁ ।

## ଶ୍ଲୋକ - ୨୬

**ଶ୍ରୋତ୍ରାଦୀନୀନ୍ଦ୍ରିୟାଣ୍ୟନ୍ୟେ ସଂଯମାଗ୍ନିଷୁ ଜୁହ୍ୱତି ।**
**ଶବ୍ଦାଦୀନ୍ ବିଷୟାନନ୍ୟ ଇନ୍ଦ୍ରିୟାଗ୍ନିଷୁ ଜୁହ୍ୱତି ॥ ୨୬॥**

## ଶବ୍ଦାନୁବାଦ

ଶ୍ରୋତ୍ର-ଆଦୀନି=ଶ୍ରବଣ କ୍ରିୟା; ଇନ୍ଦ୍ରିୟାଣି=ଇନ୍ଦ୍ରିୟମାନେ; ଅନ୍ୟେ=ଅନ୍ୟମାନେ; ସଂଯମ=ସଂଯମ; ଅଗ୍ନିଷୁ=ଅଗ୍ନିରେ; ଜୁହ୍ୱତି=ଅର୍ପଣ କରନ୍ତି; ଶବ୍ଦ-ଆଦୀନ୍=ଶବ୍ଦତରଙ୍ଗ ଆଦି; ବିଷୟାନ୍=ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ; ଅନ୍ୟେ=ଅନ୍ୟମାନେ; ଇନ୍ଦ୍ରିୟ= ଇନ୍ଦ୍ରିୟମାନଙ୍କର; ଅଗ୍ନିଷୁ=ଅଗ୍ନିରେ; ଜୁହ୍ୱତି=ଅର୍ପଣ କରନ୍ତି ।

## ଅନୁବାଦ

**କେତେକ ମନ ସଂଯମରୂପ ସଂଯମାଗ୍ନିରେ ଶ୍ରବଣ କ୍ରିୟା ଓ ଇନ୍ଦ୍ରିୟମାନଙ୍କୁ ଅର୍ପଣ କରନ୍ତି ଏବଂ ଅନ୍ୟମାନେ ଶବ୍ଦାଦି ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁମାନଙ୍କୁ ଇନ୍ଦ୍ରିୟାଗ୍ନିରେ ଅର୍ପଣ କରନ୍ତି ।**

## ଭାବାର୍ଥ

ମାନବ ସମାଜରେ ଥିବା ଚାରି ଆଶ୍ରମ ବିଭାଗ, ଯଥା - ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥୀ ଓ ସନ୍ନ୍ୟାସୀ ଏମାନେ ସମସ୍ତେ ଲୋକମାନଙ୍କୁ ଉପଯୁକ୍ତ ଯୋଗୀହେବାରେ ସାହାଯ୍ୟ କରିବା ଉଚିତ୍ । ମାନବ ଜୀବନ ପଶୁମାନଙ୍କପରି ଇନ୍ଦ୍ରିୟ ସୁଖ ଉପଭୋଗ କରିବା ପାଇଁ ହୋଇନାହିଁ, ତେଣୁ ଏ ଚାରୋଟି ଆଶ୍ରମ ବିଭାଗ ଏ ପ୍ରକାର ଭାବରେ ବ୍ୟବସ୍ଥା କରାଯାଇଛି ଯେ, ଏହାକୁ ଅନୁସରଣ କଲେ ମାନବ ଅଧ୍ୟାତ୍ମ ମାର୍ଗ ବା ଦିବ୍ୟ-ଜୀବନ-ମାର୍ଗରେ ଉନ୍ନତି କରି ପରମଗତି ଲାଭ କରିପାରିବ । ଜଣେ ଉପଯୁକ୍ତ ଗୁରୁଙ୍କ ଅଧୀନରେ ଥିବା ବ୍ରହ୍ମଚାରୀଗଣ ଇନ୍ଦ୍ରିୟ-ସୁଖରୁ ଦୂରରେ ରହି ମନ ସଂଯମ କରନ୍ତି । ଏ ଶ୍ଳୋକରେ ସେମାନଙ୍କ କଥା କୁହାଯାଇଛି । ସେମାନେ ଶ୍ରବଣ କ୍ରିୟା ଓ ଇନ୍ଦ୍ରିୟମାନଙ୍କୁ ମନ-ସଂଯମ-ରୂପକ ସଂଯମାଗ୍ନିରେ ଅର୍ପଣ କରନ୍ତି ବୋଲି କୁହାଯାଉଛି । ବ୍ରହ୍ମଚାରୀ କୃଷ୍ଣଚେତନା ସମ୍ବନ୍ଧୀୟ ବିଜ୍ଞାନ ଶ୍ରବଣ କରେ । କୃଷ୍ଣବିଜ୍ଞାନକୁ ବୁଝିବା ନିମିତ୍ତ ଶ୍ରବଣ ହେଉଛି ମୌଳିକ ପନ୍ଥା ଏବଂ ସେଇଥିପାଇଁ ଜଣେ ବ୍ରହ୍ମଚାରୀ (ଶୁଦ୍ଧ ବ୍ରହ୍ମଚାରୀ) ସର୍ବଦା *"ହରେର୍ନାମାନୁକୀର୍ତ୍ତନ"* ଅର୍ଥାତ୍ ହରିନାମ କୀର୍ତ୍ତନ ବା ଭଗବାନଙ୍କର ଲୀଳାଗୁଣ କୀର୍ତ୍ତନରେ ରତଥାଏ । ସେ ହରିକଥା ଶ୍ରବଣ କରୁଥାଏ ଓ ହରିନାମ କୀର୍ତ୍ତନ କରୁଥାଏ । ଭୌତିକ ଧ୍ୱନି ଶ୍ରବଣରୁ ସେ ତା'ର ଇନ୍ଦ୍ରିୟକୁ ନିରୋଧ କରିଥାଏ, ସେ ସର୍ବଦା, *"ହରେକୃଷ୍ଣ ହରେକୃଷ୍ଣ"* ଏହି ଦିବ୍ୟଧ୍ୱନି ଶ୍ରବଣରେ ନିଯୁକ୍ତ ଥାଏ । ଠିକ୍ ସେହିପରି ଇନ୍ଦ୍ରିୟ ସୁଖଭୋଗ କରିବାକୁ ଅନୁମତି ପାଇଥିବା ଗୃହସ୍ଥମାନେ ଖୁବ୍ ସଂଯତ ହୋଇ ଏ ସବୁ କ୍ରିୟା କରନ୍ତି । ଯୌନ ଜୀବନ, ନିଶାସେବନ ଏବଂ ମାଂସ ଭକ୍ଷଣ-ଏ ହେଉଛି ମାନବ ସମାଜର ସାଧାରଣ ପ୍ରବୃତ୍ତି, କିନ୍ତୁ ଏକ ସଂଯତ ଗୃହସ୍ଥ ଅର୍ଥାତ୍ ଯେ ଇନ୍ଦ୍ରିୟ ସଂଯମ କରିଛି ସେ ଅସଂଯତ ଭାବରେ ଅନ୍ୟାନ୍ୟ ଇନ୍ଦ୍ରିୟସୁଖ ଉପଭୋଗ କରେନାହିଁ । ସେଇଥିପାଇଁ ବର୍ତ୍ତମାନ ସୁଦ୍ଧା ସଭ୍ୟ ମାନବ ସମାଜରେ ଧର୍ମନୀତି ଉପରେ ଆଧାରିତ ବିବାହ ବ୍ୟବସ୍ଥା ପ୍ରଚଳିତ ଅଛି, କାରଣ ଏହା ହେଉଛି ସଂଯତ ଯୌନଜୀବନ ଯାପନ କରିବାର ବିଧି । ଏହିପ୍ରକାର ସଂଯତ, ଅନାସକ୍ତ ଯୌନଜୀବନ ଯାପନ ମଧ୍ୟ ଏକ ପ୍ରକାର ଯଜ୍ଞ ଅଟେ, କାରଣ ସଂଯତ ଗୃହସ୍ଥ ତା'ର ଇନ୍ଦ୍ରିୟ ସୁଖ ଉପଭୋଗ କରିବା ପ୍ରବୃତ୍ତିକୁ ଉଚ୍ଚତର ଦିବ୍ୟ ଜୀବନଯାପନ କରିବା ଉଦ୍ଦେଶ୍ୟରେ ଇନ୍ଦ୍ରିୟ ସଂଯମାଗ୍ନିରେ ଅର୍ପଣ କରେ ।

## ଶ୍ଳୋକ - ୨୭

**ସର୍ବାଣୀନ୍ଦ୍ରିୟକର୍ମାଣି ପ୍ରାଣକର୍ମାଣି ଚାପରେ ।**
**ଆତ୍ମସଂଯମଯୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ ।। ୨୭ ।।**

## ଶବ୍ଦାନୁବାଦ

ସର୍ବାଣି=ସମସ୍ତ; ଇନ୍ଦ୍ରିୟ=ଇନ୍ଦ୍ରିୟ; କର୍ମାଣି=କର୍ମ; ପ୍ରାଣ-କର୍ମାଣି=ପ୍ରାଣବାୟୁର କର୍ମ; ଚ=ମଧ୍ୟ; ଅପରେ=ଅନ୍ୟମାନେ; ଆତ୍ମ-ସଂଯମ=ମନ ସଂଯମକରି; ଯୋଗ=ଯୋଗ;

ଅଗ୍ନୌ=ଅଗ୍ନିରେ; ଜୁହ୍ୱତି=ଅର୍ପଣକରେ; ଜ୍ଞାନ-ଦୀପିତେ=ଆତ୍ମାନୁଭୂତି ଲାଭଦିଗରେ ଆଗ୍ରହୀ ଯୋଗୁଁ ।

## ଅନୁବାଦ

**ଯେଉଁମାନେ ମନ ଓ ଇନ୍ଦ୍ରିୟ ସଂଯମକରି ଆତ୍ମାନୁଭୂତି ଲାଭଦିଗରେ ଆଗ୍ରହୀ ସେମାନେ ସମସ୍ତ ଇନ୍ଦ୍ରିୟକର୍ମ ତଥା ପ୍ରାଣବାୟୁର କର୍ମ-ମନ-ସଂଯମରୂପକ ଅଗ୍ନିରେ ଆହୁତିରୂପେ ଅର୍ପଣ କରନ୍ତି ।**

## ଭାବାର୍ଥ

ପାତଞ୍ଜଳିଙ୍କର ଯୋଗସୂତ୍ରରେ ଆତ୍ମାକୁ 'ପ୍ରତ୍ୟୟ ଆତ୍ମା' ଏବଂ ପରଗ୍‌ଆତ୍ମା' ବୋଲି କୁହାଯାଏ ।ଯେପର୍ଯ୍ୟନ୍ତ ଆତ୍ମା ଇନ୍ଦ୍ରିୟ ସୁଖପ୍ରତି ଆସକ୍ତଥାଏ, ସେପର୍ଯ୍ୟନ୍ତ ତାକୁ 'ପରଗ୍‌ଆତ୍ମା' ବୋଲି କୁହାଯାଏ ।ଶରୀର ମଧ୍ୟରେ କର୍ମ କରୁଥିବା ଦଶପ୍ରକାର ବାୟୁର କର୍ମରେ ଆତ୍ମା ସଂପୃକ୍ତ ଥାଏ ଏବଂ ଶ୍ୱାସ-ପ୍ରଶ୍ୱାସ କ୍ରିୟାରୁ ପ୍ରାଣବାୟୁମାନଙ୍କର କର୍ମ ଜଣାଯାଏ ।ପାତଞ୍ଜଳିଙ୍କର ଯୋଗସୂତ୍ରରେ ପ୍ରାଣବାୟୁର ସଂଯମ କ୍ରିୟାକଥା ବର୍ଣ୍ଣନା କରାଯାଇଅଛି ।(ତାହାକୁ ପାରିଭାଷିକ ଶବ୍ଦରେ ପ୍ରାଣାୟାମ କ୍ରିୟା ବୋଲି କୁହାଯାଏ) ।ତଦ୍ଦ୍ୱାରା ଶରୀର ମଧ୍ୟସ୍ଥ ସମସ୍ତ ପ୍ରାଣବାୟୁର କ୍ରିୟା ସଂଯତହୋଇ ପରିଣାମରେ ଆତ୍ମାକୁ ଭୌତିକ ଦୋଷରୁ ମୁକ୍ତ କରିବାରେ ସହାୟକ ହୁଏ ।ଏହି ଯୋଗବିଧି ଅନୁଯାୟୀ *'ପ୍ରତ୍ୟଗ୍ ଆତ୍ମା'* ହେଉଛି ଅନ୍ତିମ ଲକ୍ଷ୍ୟ ।ଏହି *'ପ୍ରତ୍ୟଗ୍ ଆତ୍ମା'* ଭୌତିକର୍ମରୁ ଏକ ଅପସାରଣ ଅଟେ ।ଇନ୍ଦ୍ରିୟଗୁଡ଼ିକ ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁସହ ଜଡ଼ିତ; ଯଥା— କର୍ଣ୍ଣ ଶ୍ରବଣକ୍ରିୟାରେ ଜଡ଼ିତ, ଚକ୍ଷୁ ଦର୍ଶନ କ୍ରିୟାରେ ଜଡ଼ିତ, ନାସିକା ଆଘ୍ରାଣକ୍ରିୟାରେ, ଜିହ୍ୱା ଆସ୍ୱାଦନ କ୍ରିୟାରେ ଏବଂ ହସ୍ତ ସ୍ପର୍ଶ କ୍ରିୟାରେ ଜଡ଼ିତ ।ଏହିପରି ଭାବରେ ଏମାନେ ସମସ୍ତେ ଆତ୍ମାବାହାରେ କର୍ମରତ ।ଏଗୁଡ଼ିକୁ ପ୍ରାଣବାୟୁର କର୍ମବୋଲି କୁହାଯାଏ ।'ଅପାନ' ବାୟୁ ଅଧୋଗତି କରେ ।'ବ୍ୟାନ' ବାୟୁ ଆକୁଞ୍ଚନ ଓ ସଂପ୍ରସାରଣ ଦିଗରେ କାର୍ଯ୍ୟକରେ, 'ସମାନ' ବାୟୁ ସମତା ରକ୍ଷାଦିଗରେ କାର୍ଯ୍ୟକରେ; ଉଦାନ ବାୟୁ ଊର୍ଦ୍ଧ୍ୱଗତି କରେ ।କିନ୍ତୁ ଯେତେବେଳେ ବ୍ୟକ୍ତି ଜ୍ଞାନାଲୋକ ଲାଭକରେ, ସେତେବେଳେ ସେ ଏମାନଙ୍କୁ ଆତ୍ମାନୁଭୂତି ଲାଭ ଦିଗରେ ବ୍ୟବହାର କରେ ।

## ଶ୍ଲୋକ - ୨୮

**ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା ଯୋଗଯଜ୍ଞାସ୍ତଥାପରେ ।**
**ସ୍ୱାଧ୍ୟାୟଜ୍ଞାନଯଜ୍ଞାଶ୍ଚ ଯତୟଃ ସଂଶିତବ୍ରତାଃ ।।୨୮।।**

## ଶବ୍ଦାନୁବାଦ

ଦ୍ରବ୍ୟ-ଯଜ୍ଞାଃ=ବ୍ୟକ୍ତି ନିଜ ଅଧିକାରରେ ଥିବା ସମସ୍ତ ପଦାର୍ଥ ତ୍ୟାଗକରିବା (ବା ଯଜ୍ଞାର୍ପଣ କରିବା); ତପୋଯଜ୍ଞାଃ=ତପସ୍ୟାରୂପକ ଯଜ୍ଞ; ଯୋଗ-ଯଜ୍ଞାଃ=ଅଷ୍ଟାଙ୍ଗ ଯୋଗ ସାଧନାରୂପକ ଯଜ୍ଞ; ତଥା=ସେହିପରି;ଅପରେ=ଅନ୍ୟମାନେ; ସ୍ୱାଧ୍ୟାୟ=ବେଦପାଠରୂପକ (ସ୍ୱାଧ୍ୟାୟ) ଯଜ୍ଞ; ଜ୍ଞାନ-ଯଜ୍ଞାଃ=ଦିବ୍ୟଜ୍ଞାନ-ବୃଦ୍ଧିରୂପକ ଯଜ୍ଞ; ଚ=ମଧ୍ୟ; ଯତୟଃ=ଦିବ୍ୟାଲୋକପ୍ରାପ୍ତ ଯତିମାନେ; ସଂଶିତ=କଠିନ; ବ୍ରତାଃ=ବ୍ରତ ।

## ଅନୁବାଦ

**ଆଉ କେତେକ ଏପରି (ଯୋଗୀ) ଅଛନ୍ତି, ଯେଉଁମାନେ କଠିନ ବ୍ରତବିଧି ଆଚରଣ ଓ ତପଶ୍ଚରଣ କରି ସେମାନଙ୍କର ସମସ୍ତ ଭୌତିକ ବିଷୟବସ୍ତୁ ତ୍ୟାଗକରି (ବା ଯଜ୍ଞାର୍ପଣ କରି) ଦିବ୍ୟାଲୋକ ପ୍ରାପ୍ତ ହୁଅନ୍ତି ଏବଂ ସେମାନେ କଠିନ ସାଧନାକରି ଅଷ୍ଟାଙ୍ଗଯୋଗ ଅଭ୍ୟାସ କରନ୍ତି । ଆଉ କେତେକ ଅଛନ୍ତି, ଯେଉଁମାନେ ଦିବ୍ୟଜ୍ଞାନ ଲାଭ ନିମିତ୍ତ ବେଦପାଠରୂପ ସ୍ୱାଧ୍ୟାୟ ଜ୍ଞାନ ଯଜ୍ଞ କରନ୍ତି ।**

## ଭାବାର୍ଥ

ଏସବୁ ଯଜ୍ଞ କର୍ମକୁ ବିଭିନ୍ନ ବିଭାଗରେ ବିଭକ୍ତ କରାଯାଇପାରେ । ଏପରି କେତେକ ଲୋକ ଅଛନ୍ତି, ଯେଉଁମାନେ ଦାନ-ଦକ୍ଷିଣା ଆଦି ରୂପରେ ସେମାନଙ୍କର ଭୌତିକ ବିଷୟବସ୍ତୁକୁ ଯଜ୍ଞାର୍ପଣ କରନ୍ତି । ଭାରତରେ ଥିବା ବ୍ୟବସାୟୀ ଗୋଷ୍ଠୀ କିମ୍ବା ରାଜପରିବାର ଲୋକମାନେ ଧର୍ମଶାଳା, ଅନ୍ନକ୍ଷେତ୍ର, ଅତିଥିଶାଳା, ଅନାଥାଳୟ ଓ ବିଦ୍ୟାପୀଠ ଆଦି ବିଭିନ୍ନ ପ୍ରକାର ଦାତବ୍ୟ ଅନୁଷ୍ଠାନ ଖୋଲିଥା'ନ୍ତି । ଅନ୍ୟ ଦେଶମାନଙ୍କରେ ମଧ୍ୟ ଅନେକ ଦାତବ୍ୟ ଚିକିତ୍ସାଳୟ, ବୃଦ୍ଧମାନଙ୍କର ଅବସର ବିନୋଦନ କେନ୍ଦ୍ର ଆଦି ଅଛି । ଏହିପରି ଆହୁରି ଅନେକ ଦାତବ୍ୟ ଅନୁଷ୍ଠାନ ଅଛି, ଯେଉଁଠାରେ ଗରିବମାନଙ୍କୁ ବିନା ମୂଲ୍ୟରେ ଖାଦ୍ୟ ବିତରଣ କରାଯାଉଛି, ଶିକ୍ଷା ଦିଆଯାଉଛି ଏବଂ ଚିକିତ୍ସା ମଧ୍ୟ କରାଯାଉଛି । ଏ ସମସ୍ତ ଦାନ-କ୍ରିୟାକୁ ଦ୍ରବ୍ୟମୟ ଯଜ୍ଞ କୁହାଯାଏ । ଆଉ କେତେକ ଅଛନ୍ତି ସେମାନେ ସ୍ୱର୍ଗପ୍ରାପ୍ତି ଇଚ୍ଛା କରନ୍ତି; ତେଣୁ ସେମାନେ ସ୍ୱେଚ୍ଛାକ୍ରମେ ନାନା ପ୍ରକାର କଠିନ ବ୍ରତବିଧି, ଯଥା- 'ଚାନ୍ଦ୍ରାୟଣ' ଓ 'ଚାତୁର୍ମାସ୍ୟ' ଆଦି ବ୍ରତ ଆଚରଣ କରନ୍ତି । ଏ ସବୁରେ ଅତି କଠିନ ନିୟମ ଆଦି ପାଳନ କରିବାକୁ ପଡ଼େ । ଉଦାହରଣ ସ୍ୱରୂପ ଯେଉଁମାନେ 'ଚାତୁର୍ମାସ୍ୟା' ବ୍ରତ ପାଳନ କରନ୍ତି, ସେମାନେ ଚାରିମାସକାଳ କ୍ଷୌର ହୁଅନ୍ତି ନାହିଁ, ସେମାନେ କେତେକ ଖାଦ୍ୟ ଗ୍ରହଣ କରନ୍ତି ନାହିଁ, ଦିନକୁ ଦୁଇଥର ଖାଆନ୍ତି ନାହିଁ ଏବଂ ଗୃହତ୍ୟାଗ କରନ୍ତି ନାହିଁ । (ଏହିପରି କେତେକ କଠିନ ନିୟମ ସେମାନେ ପାଳନ କରନ୍ତି) । ଜୀବନର ଏ ଆରାମ ବା ସୁଖକୁ ତ୍ୟାଗ କରିବାକୁ ତପୋମୟ ଯଜ୍ଞ କୁହାଯାଏ । ଆଉ କେତେକ ଯୋଗୀ ଅଛନ୍ତି, ଯେଉଁମାନେ ନିର୍ବିଶେଷ ବ୍ରହ୍ମରେ ମିଶିଯିବା ନିମିତ୍ତ ପାତଞ୍ଜଳିଙ୍କର ଅଷ୍ଟାଙ୍ଗ ଯୋଗସାଧନା କିମ୍ବା ହଠଯୋଗ ସାଧନା କିମ୍ବା କୌଣସିପ୍ରକାର ଯୋଗସିଦ୍ଧି ଲାଭ ନିମିତ୍ତ ବିଭିନ୍ନ ଯୋଗସାଧନାରେ ରତ । ଆଉ କେତେକ ଅଛନ୍ତି, ଯେଉଁମାନେ ନାନା ତୀର୍ଥସ୍ଥାନ ଭ୍ରମଣରେ ରତ । ଏସବୁକୁ 'ଯୋଗଯଜ୍ଞ' କୁହାଯାଏ । ଭୌତିକ ଜଗତରେ କୌଣସି ଏକପ୍ରକାର ସିଦ୍ଧିଲାଭ ନିମିତ୍ତ ଏସବୁ ଯଜ୍ଞ କରାଯାଏ । ଆଉ କେତେକ ଅଛନ୍ତି, ଯେଉଁମାନେ କି ଉପନିଷଦ, ବେଦାନ୍ତ ସୂତ୍ର କିମ୍ବା ସାଂଖ୍ୟ-ଦର୍ଶନ ଆଦି ବୈଦିକ ସାହିତ୍ୟମାନ ଅଧ୍ୟୟନ କରିବାରେ ରତ । ଏ ସବୁକୁ 'ସ୍ୱାଧ୍ୟାୟ' ଯଜ୍ଞ ବୋଲି କୁହାଯାଏ । ଏ ସମସ୍ତ ଯୋଗୀ ଅତି ନିଷ୍ଠାସହକାରେ ବିଭିନ୍ନ ପ୍ରକାର ଯଜ୍ଞକର୍ମରେ ରତ ଏବଂ ଏମାନେ ଉଚ୍ଚତର ଜୀବନଲାଭ କରିବାକୁ ଇଚ୍ଛୁକ; କିନ୍ତୁ କୃଷ୍ଣଚେତନା ଏ ସବୁଠାରୁ ଭିନ୍ନ, କାରଣ ଏହା ଭଗବାନଙ୍କର ପ୍ରତ୍ୟକ୍ଷ ସେବା ଅଟେ । ଉପରବର୍ଣ୍ଣିତ ଯଜ୍ଞାନୁଷ୍ଠାନକାରୀମାନଙ୍କ ମଧ୍ୟରୁ କେହି କୃଷ୍ଣଚେତନା ଲାଭ କରିପାରିବେ ନାହିଁ- ଏସବୁ ଯଜ୍ଞାନୁଷ୍ଠାନ ବ୍ୟକ୍ତିକୁ କୃଷ୍ଣଚେତନା ଦେଇ ପାରିବ ନାହିଁ; କେବଳ

ଭଗବାନଙ୍କର କୃପାହେଲେ କିମ୍ବା ଜଣେ ଶୁଦ୍ଧଭକ୍ତଙ୍କର କୃପାଲାଭ କଲେ ବ୍ୟକ୍ତି ତାହା ଲାଭକରି ପାରିବ । ଏଣୁ କୃଷ୍ଣଚେତନା ବିଧି ଦିବ୍ୟ ଅଟେ । ଭୌତିକ ନୁହେଁ ।

## ଶ୍ଳୋକ - ୨୯

**ଅପାନେ ଜୁହ୍ୱତି ପ୍ରାଣଂ ପ୍ରାଣେଽପାନଂ ତଥାପରେ ।**
**ପ୍ରାଣାପାନଗତୀ ରୁଦ୍ଧ୍ୱା ପ୍ରାଣାୟାମପରାୟଣାଃ ।**
**ଅପରେ ନିୟତାହାରାଃ ପ୍ରାଣାନ୍ ପ୍ରାଣେଷୁ ଜୁହ୍ୱତି ।।୨୯।।**

## ଶବ୍ଦାନୁବାଦ

ଅପାନେ=ଅପାନ ବାୟୁ, ଯାହା ଅଧୋଗତି କରେ; ଜୁହ୍ୱତି=ଅର୍ପଣ କରେ; ପ୍ରାଣମ୍=ପ୍ରାଣବାୟୁ; ଯାହା ବାହାରେ କ୍ରିୟାକରେ; ପ୍ରାଣେ=ବାହାରକୁ ଯାଉଥିବା ବାୟୁରେ; ଅପାନମ୍=ଅଧୋଗତି କରୁଥିବା ବାୟୁ; ତଥା=ତଥା; ଅପରେ=ଅନ୍ୟଗୁଡ଼ିକ; ପ୍ରାଣ=ବାହାରକୁ ଯାଉଥିବା ବାୟୁ; ଅପାନ=ଅଧୋଗତି କରୁଥିବା ବାୟୁ; ଗତୀ=ଗତି; ରୁଦ୍ଧ୍ୱା=ରୁଦ୍ଧକରି; ପ୍ରାଣାୟାମ=ପ୍ରାଣାୟାମ; ପରାୟଣାଃ=ପରାୟଣ; ଅପରେ=ଅନ୍ୟମାନେ; ନିୟତ=ସଂଯତ; ଆହାରାଃ=ଆହାର; ପ୍ରାଣାନ୍=ବାହାରକୁ ଯାଉଥିବା ବାୟୁ; ପ୍ରାଣେଷୁ=ବାହାରକୁ ଯାଉଥିବା ବାୟୁରେ; ଜୁହ୍ୱତି=ଅର୍ପଣକରେ ।

## ଅନୁବାଦ

**ଆଉ କେତେକ ଅଛନ୍ତି ଯେଉଁମାନେ ପ୍ରାଣାୟାମ ପରାୟଣ ଅଟନ୍ତି, ଅର୍ଥାତ୍ ସମାଧିସ୍ଥ ହେବା ନିମିତ୍ତ ପ୍ରାଣାୟାମ କରନ୍ତି । ସେମାନେ ପ୍ରାଣ ଓ ଅପାନ ବାୟୁର କ୍ରିୟା ବନ୍ଦକରି ପ୍ରାଣାୟାମ ଅଭ୍ୟାସ କରନ୍ତି ଏବଂ ଏହିପରି ଭାବରେ ଶେଷରେ ସମାଧିସ୍ଥ ହୁଅନ୍ତି । ଆଉ କେତେକ ଆହାର ସଂଯତକରି ପ୍ରାଣବାୟୁକୁ ସେଥିରେ ଅର୍ପଣ କରନ୍ତି ।**

## ଭାବାର୍ଥ

ଏ ପ୍ରକାର ଯୋଗ ପଦ୍ଧତିକୁ ପ୍ରାଣାୟାମ କୁହାଯାଏ ଏବଂ ପ୍ରାରମ୍ଭରେ ଏହା ଯୋଗ ମାଧ୍ୟମରେ—ବିଭିନ୍ନ ପ୍ରକାର ଆସନ ଅଭ୍ୟାସ ଜରିଆରେ ଅଭ୍ୟାସ କରାଯାଏ । ଏଗୁଡ଼ିକ ଇନ୍ଦ୍ରିୟ ସଂଯମ ଓ ଦିବ୍ୟାନୁଭୂତି ଲାଭ ଦିଗରେ ଅଗ୍ରଗତି କରିବା ନିମିତ୍ତ ଉଦ୍ଦିଷ୍ଟ । ଏ ପ୍ରକାର ସାଧନାରେ ଶରୀର ମଧ୍ୟରେ ଥିବା ବାୟୁକୁ ନିୟନ୍ତ୍ରଣ କରାଯାଏ । ତଦ୍ଦ୍ୱାରା ସେ ବାୟୁ ବିପରୀତ ଦିଗରେ ଗତିକରେ । ଅପାନ ବାୟୁ ଅଧୋଗତି କରେ ଏବଂ ପ୍ରାଣବାୟୁ ଊର୍ଦ୍ଧ୍ୱଗତି କରେ । ପ୍ରାଣାୟାମ ଯୋଗୀ ବାୟୁକୁ ବିପରୀତ ଦିଗରେ ଗତି କରାଇବା ନିମିତ୍ତ ପ୍ରାଣାୟାମ ଅଭ୍ୟାସ କରେ । କ୍ରମେ ତାହା ପୂରକ (ବା ସମତା) ରେ ପରିଣତ ହୁଏ । ଠିକ୍ ସେହିପରି ଯେତେବେଳେ ବହିର୍ଗତ ଶ୍ୱାସ (ବା ନିଶ୍ୱାସ) ଅନ୍ତର୍ଗତ ଶ୍ୱାସ (ବା ପ୍ରଶ୍ୱାସ)ରେ ଅର୍ପିତ ହୁଏ, ସେତେବେଳେ ତାହାକୁ ରେଚକ କୁହାଯାଏ । ଯେତେବେଳେ 'ପୂରକ' ଓ 'ରେଚକ' ଉଭୟ ସମ୍ପୂର୍ଣ୍ଣରୂପେ ବନ୍ଦ ହୋଇଯାଏ ସେତେବେଳେ ତାହାକୁ 'କୁମ୍ଭକ' ଯୋଗ କୁହାଯାଏ । 'କୁମ୍ଭକ' ଯୋଗ ଅଭ୍ୟାସ କଲେ ଯୋଗୀର ଆୟୁଷ ବୃଦ୍ଧିହୁଏ, କିନ୍ତୁ ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ସର୍ବଦା କୃଷ୍ଣସେବାରେ

ନିଯୁକ୍ତ ରହି ଦିବ୍ୟସ୍ତରରେ ଅବସ୍ଥାନ କରୁଥିବାରୁ ତାଙ୍କର ଇନ୍ଦ୍ରିୟଗୁଡ଼ିକ ସ୍ୱତଃ ସଂଯତ ହୋଇଯା'ନ୍ତି । ତାଙ୍କର ଇନ୍ଦ୍ରିୟଗୁଡ଼ିକ ସର୍ବଦା କୃଷ୍ଣସେବାରେ ନିଯୁକ୍ତଥିବାରୁ ଅନ୍ୟଥା ନିଯୁକ୍ତ ହେବାର ଅବସର ନଥାଏ । ତେଣୁ ଜୀବନର ଅନ୍ତକାଳରେ ସେ ସାଧାରଣତଃ କୃଷ୍ଣଙ୍କର ଦିବ୍ୟଧାମକୁ ସ୍ଥାନାନ୍ତରିତ ହୋଇଯାଏ; ଫଳତଃ ସେ ଆୟୁଷ ବୃଦ୍ଧି ନିମିତ୍ତ କୌଣସି ଚେଷ୍ଟା କରେନାହିଁ । ସେ ସାଙ୍ଗେ ସାଙ୍ଗେ ମୁକ୍ତିସ୍ତରକୁ ଉନ୍ନୀତ ହୋଇଯାଏ । ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ଦିବ୍ୟ ସ୍ତରରୁ ହିଁ ସାଧନା ଆରମ୍ଭ କରେ ଏବଂ ସେ ବରାବର ସେହି ଚେତନାରେ ରହେ । ତେଣୁ ପତନର ଆଶଙ୍କା ନଥାଏ ଏବଂ ଶେଷରେ ସେ ଅବିଳମ୍ବେ ଭଗବଦ୍ ଧାମରେ ପ୍ରବେଶ କରେ । ଯେତେବେଳେ ବ୍ୟକ୍ତି କୃଷ୍ଣପ୍ରସାଦ ସେବନ କରେ, ସେତେବେଳେ ସ୍ୱତଃ ସେ ମିତାହାରୀ ହୋଇଯାଏ । ଖାଦ୍ୟ କମାଇବା ଦ୍ୱାରା ବା ମିତାହାରୀ ହେବାଦ୍ୱାରା ବ୍ୟକ୍ତି ଇନ୍ଦ୍ରିୟ ସଂଯମ କରିବାକୁ ସକ୍ଷମ ହୁଏ ବା ମିତାହାର କ୍ରିୟା ଇନ୍ଦ୍ରିୟ ସଂଯମ ଦିଗରେ ବ୍ୟକ୍ତିକୁ ସାହାଯ୍ୟ କରେ । ଇନ୍ଦ୍ରିୟ ସଂଯମ ନକଲେ ବ୍ୟକ୍ତି କଦାପି ଭୌତିକସ୍ଥିତିରୁ ମୁକ୍ତ ହୋଇପାରିବ ନାହିଁ ।

## ଶ୍ଳୋକ - ୩୦

**ସର୍ବେଽପ୍ୟେତେ ଯଜ୍ଞବିଦୋ ଯଜ୍ଞକ୍ଷପିତକଲ୍ମଷାଃ ।**
**ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍ ।। ୩୦ ।।**

## ଶବ୍ଦାନୁବାଦ

ସର୍ବେ=ସମସ୍ତେ; ଅପି=ଯଦିଓ ବିଭିନ୍ନ ପ୍ରକାରର; ଏତେ=ଏ ସମସ୍ତେ; ଯଜ୍ଞ-ବିଦଃ=ଯଜ୍ଞକ୍ରିୟା ସମ୍ବନ୍ଧରେ ଅଭିଜ୍ଞ; ଯଜ୍ଞ=ଯଜ୍ଞ; କ୍ଷପିତ=ଏ ପ୍ରକାର ଅନୁଷ୍ଠାନଦ୍ୱାରା ବିଶୁଦ୍ଧି-କୃତ; କଲ୍ମଷାଃ=ପାପକର୍ମର ପ୍ରତିକ୍ରିୟା; ଯଜ୍ଞ-ଶିଷ୍ଟ=ଏପ୍ରକାର ଯଜ୍ଞାନୁଷ୍ଠାନର ଫଳସ୍ୱରୂପ; ଅମୃତ-ଭୁଜଃ=ଯେଉଁମାନେ ଏ ପ୍ରକାର ଅମୃତ ଆସ୍ୱାଦନ କରିଛନ୍ତି; ଯାନ୍ତି=ଯା'ନ୍ତି; ବ୍ରହ୍ମ=ପରମ; ସନାତନମ୍=ସନାତନ ସ୍ତର ।

## ଅନୁବାଦ

**ଯଜ୍ଞାନୁଷ୍ଠାନ କରିବାର ଉଦ୍ଦେଶ୍ୟ ଜାଣିଥିବା ଏ ଯଜ୍ଞାନୁଷ୍ଠାନକାରୀଗଣ ପାପକ୍ରିୟାର ପ୍ରତିକ୍ରିୟାରୁ ବିଶୁଦ୍ଧ ହୋଇଯା'ନ୍ତି ଏବଂ ଯଜ୍ଞକର୍ମପରେ ଅବଶିଷ୍ଟ ଯେଉଁ ପ୍ରସାଦ ମିଳେ ସେହି ପ୍ରସାଦ ବା ଅମୃତ ସେମାନେ ଆସ୍ୱାଦନ କରିଥିବା ହେତୁ ସେମାନେ ପରମ ସନାତନ ସ୍ତର ବା ବ୍ରାହ୍ମୀସ୍ଥିତି ପ୍ରାପ୍ତ ହୁଅନ୍ତି ।**

## ଭାବାର୍ଥ

ପୂର୍ବରୁ ଯେଉଁସବୁ ବିଭିନ୍ନପ୍ରକାର ଯଜ୍ଞକର୍ମର (ଯଥା-ଦ୍ରବ୍ୟମୟ ଯଜ୍ଞ, ବେଦ ପାଠ ବା ସ୍ୱାଧ୍ୟାୟ ଯଜ୍ଞ ଏବଂ ଯୋଗ ଯଜ୍ଞ ଆଦିର) ବର୍ଣ୍ଣନା ଦିଆଗଲା, ସେଥିରୁ ସୂଚିତ ହେଉଛି ଯେ, ଏସବୁର ସାଧାରଣ ଲକ୍ଷ୍ୟ ହେଲା ଇନ୍ଦ୍ରିୟ ସଂଯମ, ଭୌତିକସ୍ଥିତିର ମୂଳକାରଣ ହେଲା ଇନ୍ଦ୍ରିୟ ତୃପ୍ତି । ତେଣୁ ଯେପର୍ଯ୍ୟନ୍ତ ବ୍ୟକ୍ତି ଇନ୍ଦ୍ରିୟ ତୃପ୍ତି ବିଧାୟକ ସ୍ତରରୁ ଦୂରେଇ ନଯାଇଛି, ସେପର୍ଯ୍ୟନ୍ତ

ସେ ଦିବ୍ୟସ୍ତରକୁ ଅର୍ଥାତ୍ ସତ୍, ଚିତ୍ ଓ ଆନନ୍ଦମୟ ସ୍ତରକୁ ଉନ୍ନୀତ ହେବାର ସମ୍ଭାବନା ନାହିଁ । ଏହା ପରମ ସନାତନ ସ୍ତରରେ ଅବସ୍ଥିତ ବା ଏହା ବ୍ରାହ୍ମୀସ୍ଥିତି ଅଟେ । ପୂର୍ବ ବର୍ଣ୍ଣିତ ଯଜ୍ଞକର୍ମଗୁଡ଼ିକ ବ୍ୟକ୍ତିକୁ ଭୌତିକସ୍ଥିତିରୂପ ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହେବାକୁ ସାହାଯ୍ୟ କରନ୍ତି । ଜୀବନରେ ଅଧ୍ୟାତ୍ମ ମାର୍ଗରେ ଏ ପ୍ରକାର ଅଗ୍ରଗତି କଲେ ବ୍ୟକ୍ତି ଯେ କେବଳ ସୁଖ ସମୃଦ୍ଧି ଲାଭକରେ ତାହାନୁହେଁ, ଶେଷରେ ସେ ନିର୍ବିଶେଷ ବ୍ରହ୍ମରେ ଲୀନହୋଇ କିମ୍ବା ପରମପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କର ସଙ୍ଗଲାଭ କରି ଶାଶ୍ୱତ ଦିବ୍ୟ ଭଗବଦ୍ ଧାମରେ ପ୍ରବେଶ କରେ ।

## ଶ୍ଳୋକ - ୩୧

**ନାୟଂ ଲୋକୋଽସ୍ତ୍ୟଯଜ୍ଞସ୍ୟ କୁତୋଽନ୍ୟଃ କୁରୁସତ୍ତମ ।। ୩୧ ।।**

## ଶବ୍ଦାନୁବାଦ

ନ=ନାହିଁ; ଅୟମ୍=ଏହି; ଲୋକଃ=ଲୋକ; ଅସ୍ତି=ଅଛି; ଅଯଜ୍ଞସ୍ୟ=ମୂର୍ଖର; କୁତଃ=କେଉଁଠି ଅଛି, ଅନ୍ୟଃ=ଅନ୍ୟ; କୁରୁ-ସତ୍ତମ=ହେ କୁରୁଶ୍ରେଷ୍ଠ ।

## ଅନୁବାଦ

**ହେ କୁରୁଶ୍ରେଷ୍ଠ ! ଯଜ୍ଞ ବିନା କେହି ଇହଲୋକରେ ଅର୍ଥାତ୍ ଏ ଜୀବନରେ ସୁଖରେ ରହିପାରିବ ନାହିଁ, ଆଉ ପରଲୋକ ବା ପରଜନ୍ମ କଥା କ'ଣ କହିବା ?**

## ଭାବାର୍ଥ

ଏ ଭୌତିକ ସ୍ଥିତିରେ ଜୀବ ଯେକୌଣସି ଯୋନିଲାଭ କରିଥାଉନା କାହିଁକି, ସେ ତା'ର ସ୍ୱରୂପସ୍ଥିତି ସମ୍ବନ୍ଧରେ ଅଜ୍ଞ ଅଟେ । ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ ଆମ୍ଭମାନଙ୍କର ପାପକର୍ମର ପ୍ରତିକ୍ରିୟାର ଫଳ ହେଉଛି ଏ ଭୌତିକ ଜଗତରେ ଅବସ୍ଥାନ । ପାପପୂର୍ଣ୍ଣ ଜୀବନଯାପନ କରିବାର କାରଣ ହେଲା ଅଜ୍ଞତା ଏବଂ ଏହି ପାପପୂର୍ଣ୍ଣ ଜୀବନ ଯୋଗୁଁ ବ୍ୟକ୍ତି ଭୌତିକସ୍ଥିତିରେ ରହିବାକୁ ବାଧ୍ୟ ହେଉଛି । ମାନବ ଜୀବନ ହେଉଛି ଏକମାତ୍ର ସୁଯୋଗ, ଯେଉଁଥିରେ ବ୍ୟକ୍ତି ଏ ଭୌତିକ ବନ୍ଧନରୁ ମୁକ୍ତ ହୋଇ ପାରିବ । ଏଥିପାଇଁ ବେଦ ଆମ୍ଭମାନଙ୍କୁ ସୁଯୋଗ ଦେଇଛି, ଆମ୍ଭମାନଙ୍କୁ ପନ୍ଥା ନିର୍ଦ୍ଦେଶ କରୁଛି କିପରି ଆମ୍ଭେମାନେ ଏଥିରୁ ଉଦ୍ଧାର ପାଇବା । ବେଦ ଆମ୍ଭମାନଙ୍କୁ ଧର୍ମ, ଅର୍ଥ ଓ କାମ (ଅର୍ଥାତ୍ ସଂଯତ ଯୌନଜୀବନ ବା ଇନ୍ଦ୍ରିୟତୃପ୍ତି)ର ମାର୍ଗ ଏବଂ ପରିଣାମରେ ସମ୍ପୂର୍ଣ୍ଣରୂପେ ଦୁଃଖରୁ ନିବୃତ୍ତ ହେବାର ମାର୍ଗ ପ୍ରଦର୍ଶନ କରି ଆମ୍ଭମାନଙ୍କୁ ଭୌତିକ ବନ୍ଧନରୁ ଉଦ୍ଧାର ପାଇବାକୁ ଏକ ସୁଯୋଗ ଦିଏ । ପୂର୍ବରୁ ଯେଉଁସବୁ ଯଜ୍ଞକର୍ମର ବର୍ଣ୍ଣନା କରାଗଲା ସେ ସବୁ ଅନୁଷ୍ଠାନ କଲେ, ତାହା ସ୍ୱତଃ ଆମ୍ଭମାନଙ୍କର ଆର୍ଥିକ ସମସ୍ୟାର ସମାଧାନ କରିଦେବ । ଯଜ୍ଞାନୁଷ୍ଠାନ କଲେ ଆମ୍ଭେମାନେ ଲୋକସଂଖ୍ୟା ବୃଦ୍ଧି ସତ୍ତ୍ୱେ ଯଥେଷ୍ଟ ପରିମାଣରେ ଖାଦ୍ୟ ପଦାର୍ଥ ଓ ଦୁଗ୍ଧଆଦି ପାଇପାରିବା । ଯେତେବେଳେ ଶରୀର ତା'ର ସମସ୍ତ ଆବଶ୍ୟକ ପଦାର୍ଥ ପାଇଯାଏ, ସେତେବେଳେ ପରବର୍ତ୍ତୀ କଥା ହେଉଛି ଇନ୍ଦ୍ରିୟ ତୃପ୍ତି । ସେଇଥିପାଇଁ ସଂଯତ ଭାବରେ ଇନ୍ଦ୍ରିୟ ସୁଖ ଉପଭୋଗ କରିବା ନିମିତ୍ତ ବେଦରେ ବିଶୁଦ୍ଧ-ପବିତ୍ର ବିବାହ ବ୍ୟବସ୍ଥାର ନିର୍ଦ୍ଦେଶ ଦିଆଯାଇଅଛି । ତେଣୁ ବ୍ୟକ୍ତି କ୍ରମଶଃ ମୁକ୍ତ ସ୍ତର (ଭୌତିକ ବନ୍ଧନରୁ

ମୁକ୍ତ)କୁ ଉନ୍ନୀତ ହୁଏ ଏବଂ ମୁକ୍ତ ଜୀବନର ସର୍ବୋଚ୍ଚ ସ୍ଥିତି ହେଉଛି ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିବା । ପୂର୍ବ ବର୍ଣ୍ଣିତ ଯଜ୍ଞବିଧି ଆଚରଣ କଲେ ବ୍ୟକ୍ତି ଜୀବନରେ ପୂର୍ଣ୍ଣତା ବା ସିଦ୍ଧି ଲାଭ କରେ । ଏଣୁ, ଯଦି ବ୍ୟକ୍ତି ବୈଦିକ ନିର୍ଦ୍ଦେଶ ଅନୁଯାୟୀ ଯଜ୍ଞାନୁଷ୍ଠାନରେ ବ୍ରତୀ ନ ହୁଏ, ତାହାହେଲେ ସେ କିପରି ସୁଖକର ଜୀବନଯାପନ କରିବାକୁ ଆଶା କରିବ ? ବିଭିନ୍ନ ଦେବଲୋକରେ ବିଭିନ୍ନ ପ୍ରକାର ଭୌତିକ ସୁଖ ଅଛି ଏବଂ ପ୍ରତ୍ୟେକ ସ୍ଥଳରେ ଯଜ୍ଞାନୁଷ୍ଠାନକାରୀ ଯଥେଷ୍ଟ ସୁଖ ଉପଭୋଗ କରେ, କିନ୍ତୁ ସବୁଠାରୁ ଅତି ଉନ୍ନତ ସୁଖ ପାଇବ, ଯଦି ବ୍ୟକ୍ତି କୃଷ୍ଣଚେତନା ଅଭ୍ୟାସ କରି ବୈକୁଣ୍ଠ ଲୋକକୁ ଯାଇପାରେ । ତେଣୁ ଏ ଭୌତିକ ସ୍ଥିତିର ସମସ୍ତ ପ୍ରକାର ସମସ୍ୟାର ସମାଧାନର ପନ୍ଥାହେଲା ଜୀବନରେ କୃଷ୍ଣଚେତନା ଅଭ୍ୟାସ କରିବା ।

## ଶ୍ଳୋକ - ୩୨

**ଏବଂ ବହୁବିଧା ଯଜ୍ଞା ବିତତା ବ୍ରହ୍ମଣୋ ମୁଖେ ।**
**କର୍ମଜାନ୍ୱିଦ୍ଧି ତାନ୍ ସର୍ବାନେବଂ ଜ୍ଞାତ୍ୱା ବିମୋକ୍ଷ୍ୟସେ ।। ୩୨ ।।**

## ଶବ୍ଦାନୁବାଦ

ଏବମ୍=ଏହିପରି; ବହୁ-ବିଧାଃ=ବିଭିନ୍ନପ୍ରକାର; ଯଜ୍ଞାଃ=ଯଜ୍ଞକର୍ମ; ବିତତାଃ=ପରିବ୍ୟାପ୍ତ; ବ୍ରହ୍ମଣଃ=ବେଦର; ମୁଖେ=ମୁଖରେ; କର୍ମ-ଜାନ୍=କର୍ମରୁ ଜାତ; ବିଦ୍ଧି=ତୁମେ ଜାଣିରଖ; ତାନ୍=ସେଗୁଡ଼ିକୁ; ସର୍ବାନ୍=ସମସ୍ତ; ଏବମ୍=ଏହିପରି; ଜ୍ଞାତ୍ୱା=ଜାଣି; ବିମୋକ୍ଷ୍ୟସେ=ମୁକ୍ତ ହୁଅ ।

## ଅନୁବାଦ

**ଏ ସମସ୍ତ ବିଭିନ୍ନପ୍ରକାର ଯଜ୍ଞ କର୍ମ ବେଦରେ ଅନୁମୋଦିତ ହୋଇଛି ଏବଂ ଏଗୁଡ଼ିକ ବିଭିନ୍ନପ୍ରକାର କର୍ମରୁ ଜାତ । ଏଗୁଡ଼ିକୁ ଏହିପରି ଭାବରେ ଜାଣି ତୁମେ ମୁକ୍ତ ହେବ ।**

## ଭାବାର୍ଥ

ପୂର୍ବରୁ ଯେଉଁ ସବୁ ବିଭିନ୍ନପ୍ରକାର ଯଜ୍ଞକର୍ମର ବର୍ଣ୍ଣନା କରାଗଲା ସେଗୁଡ଼ିକ ସବୁ ବେଦରେ କୁହାଯାଇଅଛି । ବିଭିନ୍ନ ପ୍ରକାର ଲୋକଙ୍କୁ ସୁହାଇଲା ଭଳି ଏଗୁଡ଼ିକ କରାଯାଇଅଛି । ଲୋକମାନେ ଏତେଦୂର ଦେହଧର୍ମୀ ହୋଇଯାଇଛନ୍ତି ଅର୍ଥାତ୍ ଦୈହିକ ଧାରଣାରେ ଅଛନ୍ତି ଯେ, ଏ ଯଜ୍ଞକର୍ମଗୁଡ଼ିକ ସେମାନଙ୍କୁ ସୁହାଇଲା ଭଳି ବ୍ୟବସ୍ଥା କରାଯାଇଅଛି । ବ୍ୟକ୍ତି ଦୈହିକ ଧାରଣାରେ କିମ୍ବା ମାନସିକ ଧାରଣାରେ କିମ୍ବା ବୌଦ୍ଧିକ ଧାରଣାରେ ରହି ଏ ଯଜ୍ଞ କର୍ମ କରିପାରେ, କିନ୍ତୁ ଏ ସବୁର ଅନ୍ତିମ ଲକ୍ଷ୍ୟ ହେଉଛି ବ୍ୟକ୍ତିକୁ ଦୈହିକ ଧାରଣାରୁ ମୁକ୍ତ କରାଇବା । ଏଠାରେ ଭଗବାନ୍ ସ୍ୱୟଂ ନିଜ ମୁଖରେ ପ୍ରକାଶ କରୁଛନ୍ତି ।

## ଶ୍ଳୋକ - ୩୩

**ଶ୍ରେୟାନ୍ ଦ୍ରବ୍ୟମୟାଦ୍‌ଯଜ୍ଞାଜ୍ ଜ୍ଞାନଯଜ୍ଞଃ ପରନ୍ତପ ।**
**ସର୍ବଂ କର୍ମାଖିଳଂ ପାର୍ଥ ଜ୍ଞାନେ ପରିସମାପ୍ୟତେ ।। ୩୩ ।।**

## ଶବ୍ଦାନୁବାଦ

ଶ୍ରେୟାନ୍=ଉନ୍ନତତର ବା ଅଧିକ; ଦ୍ରବ୍ୟମୟାତ୍=ଦ୍ରବ୍ୟମୟ ଯଜ୍ଞ ଅପେକ୍ଷା; ଯଜ୍ଞାତ୍=ଯଜ୍ଞ ଅପେକ୍ଷା; ଜ୍ଞାନ-ଯଜ୍ଞଃ=ଜ୍ଞାନଯଜ୍ଞ; ପରନ୍ତପ=ହେ ଶତ୍ରୁ ଦମନକାରୀ; ସର୍ବମ୍=ସମସ୍ତ; କର୍ମ=କର୍ମ; ଅଖିଳମ୍=ସମଗ୍ର ଭାବରେ; ପାର୍ଥ=ହେ ପାର୍ଥ (ହେ ପୃଥାପୁତ୍ର); ଜ୍ଞାନେ=ଜ୍ଞାନରେ; ପରିସମାପ୍ୟତେ=ପରିସମାପ୍ତ ହୁଏ ।

## ଅନୁବାଦ

**ହେ ଶତ୍ରୁ ଦମନକାରୀ ! ଦ୍ରବ୍ୟମୟ ଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞ ଉନ୍ନତତର ଅଟେ । ହେ ପୃଥାପୁତ୍ର ! ସମସ୍ତ କର୍ମ ଦିବ୍ୟଜ୍ଞାନରେ ସମାପ୍ତ ହୁଏ ।**

## ଭାବାର୍ଥ

ସମସ୍ତ ଯଜ୍ଞର ଉଦ୍ଦେଶ୍ୟ ହେଲା ପୂର୍ଣ୍ଣ ଜ୍ଞାନାବସ୍ଥା ପ୍ରାପ୍ତହେବା, ତପରେ ଭୌତିକ ଦୁଃଖ-ନିବୃତ୍ତି ଏବଂ ଶେଷରେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଦିବ୍ୟସେବାରେ ନିଯୁକ୍ତ ହେବା । ଏସବୁ ବିଭିନ୍ନ ଯଜ୍ଞକର୍ମର ଅନ୍ତରାଳରେ ଏକ ରହସ୍ୟ ଅଛି ଏବଂ ବ୍ୟକ୍ତିକୁ ସେ ରହସ୍ୟକୁ ଜାଣିବାକୁ ପଡ଼ିବ । କର୍ତ୍ତାର ବିଶ୍ୱାସ ବା ଶ୍ରଦ୍ଧା ଅନୁଯାୟୀ ବେଳେବେଳେ ଏ ଯଜ୍ଞ ବିଭିନ୍ନ ରୂପନିଏ ।ଯେତେବେଳେ ବ୍ୟକ୍ତିର ଶ୍ରଦ୍ଧା ବା ବିଶ୍ୱାସ ଦିବ୍ୟଜ୍ଞାନ ସ୍ତରରେ ପହଞ୍ଚେ, ସେତେବେଳେ ଯଜ୍ଞାନୁଷ୍ଠାନକାରୀକୁ ଅତ୍ୟନ୍ତ ଉନ୍ନତ ବୋଲି ବିଗ୍ରର କରାଯାଏ । ପ୍ରକୃତ ଜ୍ଞାନଲାଭ ନକରି ଯେଉଁମାନେ ଦ୍ରବ୍ୟମୟ ଯଜ୍ଞ କରନ୍ତି, ସେମାନଙ୍କ ଅପେକ୍ଷା ପ୍ରକୃତ ଜ୍ଞାନଲାଭ କରି ଯଜ୍ଞ କରୁଥିବା ବ୍ୟକ୍ତି ଉନ୍ନତତର ଅଟେ । କାରଣ ଜ୍ଞାନଲାଭ ନକଲେ ଯଜ୍ଞକର୍ମ କେବଳ ଭୌତିକ ସ୍ତରରେ ରହିଯାଏ ଏବଂ ସେଥିରୁ କୌଣସି ଦିବ୍ୟାନୁଭୂତି ମିଳେ ନାହିଁ କିମ୍ବା ସେ ଯଜ୍ଞାନୁଷ୍ଠାନ ବ୍ୟକ୍ତିକୁ କୌଣସି ଦିବ୍ୟଫଳ ପ୍ରଦାନ କରେ ନାହିଁ । ପ୍ରକୃତ ଜ୍ଞାନର ପରିଣତି ହେଉଛି କୃଷ୍ଣଚେତନା ବୃଦ୍ଧି । ତାହା ହେଉଛି ଦିବ୍ୟଜ୍ଞାନର ସର୍ବୋଚ୍ଚ ସ୍ତର । ଜ୍ଞାନବୃଦ୍ଧି ବ୍ୟତିରେକେ ଏ ଯଜ୍ଞକର୍ମ କେବଳ ଭୌତିକ କର୍ମ ଅଟେ । କିନ୍ତୁ ଯେତେବେଳେ ଏସବୁ ଦିବ୍ୟଜ୍ଞାନ-ସ୍ତରକୁ ଉନ୍ନୀତ ହୋଇଯାଏ, ସେତେବେଳେ ଏ ସମସ୍ତ କର୍ମ ଦିବ୍ୟକର୍ମରେ ପର୍ଯ୍ୟବସିତ ହୋଇଯାଏ ବା ଦିବ୍ୟସ୍ତରରେ ଅନୁଷ୍ଠିତ ହୁଏ । ଚେତନାର ତାରତମ୍ୟ ଅନୁଯାୟୀ ଯଜ୍ଞକର୍ମକୁ ବେଳେବେଳେ କର୍ମକାଣ୍ଡ ଓ ବେଳେବେଳେ ଜ୍ଞାନକାଣ୍ଡ ବୋଲି କୁହାଯାଏ । ଯେତେବେଳେ ଏହା ଜ୍ଞାନରେ ପର୍ଯ୍ୟବସିତ ହୁଏ, ସେତେବେଳେ ଏହା ଉତ୍ତମ ବୋଲି ବିବେଚିତ ହୁଏ ।

## ଶ୍ଲୋକ - ୩୪

**ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।**
**ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ।।୩୪।।**

## ଶବ୍ଦାନୁବାଦ

ତତ୍=ବିଭିନ୍ନ ଯଜ୍ଞକର୍ମରେ ସେ ଜ୍ଞାନ; ବିଦ୍ଧି=ବୁଝିବାକୁ ଚେଷ୍ଟାକର; ପ୍ରଣିପାତେନ=ଏକ ଗୁରୁ ବା ଆଗ୍ରର୍ଯ୍ୟଙ୍କ ନିକଟକୁ ଯାଇ; ପରିପ୍ରଶ୍ନେନ=ବିନୟ ସହକାରେ ପ୍ରଶ୍ନକରି;

ସେବୟା=ସେବାକରି; ଉପଦେକ୍ଷ୍ୟନ୍ତି=ଦୀକ୍ଷା ଦିଅନ୍ତି; ତେ=ତୁମକୁ; ଜ୍ଞାନମ୍=ଜ୍ଞାନ; ଜ୍ଞାନିନଃ=ଆତ୍ମଦର୍ଶୀ ଜ୍ଞାନୀ; ତତ୍ତ୍ୱ=ସତ୍ୟ (ତତ୍ତ୍ୱ); ଦର୍ଶିନଃ=ଦ୍ରଷ୍ଟା ।

## ଅନୁବାଦ

**ଏକ ଗୁରୁଙ୍କ ନିକଟକୁ ଯାଇ ତତ୍ତ୍ୱଜ୍ଞାନ ଶିକ୍ଷା କରିବାକୁ ଚେଷ୍ଟାକର । ତାଙ୍କର ସେବାକର ଏବଂ ବିନମ୍ରସହକାରେ ତାଙ୍କୁ ପ୍ରଶ୍ନକରି ତାଙ୍କଠାରୁ ଜ୍ଞାନଲାଭ କର । ତତ୍ତ୍ୱଦର୍ଶୀ ଜ୍ଞାନୀ ତୁମକୁ ଜ୍ଞାନ ପ୍ରଦାନ କରିପାରିବେ । କାରଣ ସେ ତତ୍ତ୍ୱଦର୍ଶୀ ଅଟନ୍ତି ବା ସତ୍ୟଦର୍ଶନ କରିଛନ୍ତି ।**

## ଭାବାର୍ଥ

ଏହା ନିଃସନ୍ଦେହ ଯେ, ଆତ୍ମ-ଜ୍ଞାନ-ଲାଭପଥ ଦୁର୍ଗମ ଅଟେ । ତେଣୁ ଭଗବାନ୍ ଜଣେ ଉପଯୁକ୍ତ ଗୁରୁଙ୍କ ନିକଟକୁ ଯିବାକଥା କହୁଛନ୍ତି । ଗୁରୁ, ସ୍ୱୟଂ ଭଗବାନଙ୍କଠାରୁ ଆରମ୍ଭ ହୋଇଥିବା ଗୁରୁ ପରମ୍ପରାରେ ଆସୁଥିବା ଉଚିତ୍ । ଯେ ଗୁରୁ ପରମ୍ପରାରେ ନ ଆସନ୍ତି ସେ ଗୁରୁହୋଇ ପାରିବେ ନାହିଁ । ଭଗବାନ୍ ହେଉଛନ୍ତି ଆଦିଗୁରୁ ଏବଂ ଗୁରୁ ପରମ୍ପରାରେ ଆସୁଥିବା ବ୍ୟକ୍ତି ଭଗବାନଙ୍କର ବାଣୀକୁ ଯଥାନୁରୂପ ଶିଷ୍ୟଙ୍କୁ ପ୍ରଦାନ କରିପାରନ୍ତି । ନିଜର ମନଗଢ଼ା କଥା କହିବା ପନ୍ଥା ଗ୍ରହଣକରି କେହି ଆତ୍ମାନୁଭୂତି ଲାଭ କରିପାରିବେ ନାହିଁ । କେତେକ ମୂର୍ଖ ଛଳନାକାରୀ ଆଜିକାଲି ଏପରି ଢ଼ଙ୍ଗ ଦେଖାଉଛନ୍ତି । ଭାଗବତରେ କୁହାଯାଇଛି, *''ଧର୍ମଂ ତୁ ସାକ୍ଷାଦ୍‌ଭଗବତ୍-ପ୍ରଣୀତମ୍''*— ଧର୍ମନୀତି ସ୍ୱୟଂ ଭଗବାନ୍ ହିଁ ପ୍ରଣୟନ କରିଛନ୍ତି । ତେଣୁ, ମନୋଧର୍ମ ବା ମାନସିକ କଳ୍ପନା-ଜଳ୍ପନା କିମ୍ବା ଶୁଷ୍କ ଦର୍ଶନ-ଯୁକ୍ତିତର୍କ ବ୍ୟକ୍ତିକୁ ଅଧ୍ୟାତ୍ମ ମାର୍ଗରେ ଉନ୍ନତି କରିବାକୁ ଦିଏନାହିଁ । ତେଣୁ ବ୍ୟକ୍ତିକୁ ଜ୍ଞାନଲାଭ ନିମିତ୍ତ ଏକ ଉପଯୁକ୍ତ ଗୁରୁଙ୍କ ନିକଟକୁ ଯିବା ଉଚିତ୍ । ଗୁରୁଙ୍କ ନିକଟକୁଯାଇ ସେଠାରେ ସଂପୂର୍ଣ୍ଣରୂପେ ଆତ୍ମସମର୍ପଣ କରିବା ଉଚିତ୍ । ବ୍ୟକ୍ତି ମିଥ୍ୟାହଙ୍କାର ତ୍ୟାଗକରି ଏକ ଦୀନସେବକ (ଭୃତ୍ୟ) ସଦୃଶ ଗୁରୁଙ୍କର ସେବା କରିବା ଉଚିତ୍ । ଏ ସାଧନାରେ ସିଦ୍ଧିଲାଭ କରିବାର ଗୁପ୍ତ ରହସ୍ୟ ହେଲା ତତ୍ତ୍ୱଦର୍ଶୀ ଗୁରୁଙ୍କର ସନ୍ତୋଷ ବିଧାନ । ପରିପ୍ରଶ୍ନ ଓ ସେବା ତତ୍ତ୍ୱଜ୍ଞାନ ଆହରଣ କରିବାର ଉପଯୁକ୍ତ ସମ୍ମିଶ୍ରଣ ଅଟେ । ପରିପ୍ରଶ୍ନ ସହ ବିନୟଭାବ ମିଶିଲେ ତତ୍ତ୍ୱଜ୍ଞାନ ମିଳେ । ବିନୟଭାବ ଓ ସେବା ଏ ଦୁଇଟି ଯଦି ନଥିବ, ତାହାହେଲେ ତତ୍ତ୍ୱଜ୍ଞ ଗୁରୁ ବା ଆଚାର୍ଯ୍ୟଙ୍କଠାରୁ ଠିକ୍ ଉତ୍ତର ମିଳିପାରିବ ନାହିଁ । ଶିଷ୍ୟକୁ ଗୁରୁଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ ଏବଂ ଯେତେବେଳେ ଗୁରୁଶିଷ୍ୟର ଉପଯୁକ୍ତ କାମନାକୁ ଉପଲବ୍ଧି କରିପାରିବେ, ସେତେବେଳେ ଶିଷ୍ୟଉପରେ ସ୍ୱତଃ ଆଶୀର୍ବାଦ ବର୍ଷିଯିବ, ଫଳରେ ଶିଷ୍ୟ ତତ୍ତ୍ୱଜ୍ଞାନ ଲାଭ କରିପାରିବ । ଏ ଶ୍ଳୋକରେ ଅନ୍ଧ-ଅନୁକରଣ ଏବଂ ବିତଣ୍ଡା ଯୁକ୍ତିକୁ ନିନ୍ଦା କରାଯାଇଅଛି । କେବଳ ଯେ ଶିଷ୍ୟ ଗୁରୁଙ୍କଠାରୁ ଶୁଣିଯିବ ତାହା ନୁହେଁ, ସେ ଗୁରୁଙ୍କ ସେବାକରି ଏବଂ ବିନୟସହକାରେ ପ୍ରଶ୍ନକରି କଥାଟିକୁ ଭଲରକମ ବୁଝିବାକୁ ଚେଷ୍ଟା କରିବ । ଗୁରୁ ସାଧାରଣତଃ ଶିଷ୍ୟପ୍ରତି ଅତ୍ୟନ୍ତ ଦୟାର୍ଦ୍ର ହୋଇଥା'ନ୍ତି । ତେଣୁ ଗୁରୁ ଯେତେବେଳେ ଦେଖନ୍ତି ଯେ ଶିଷ୍ୟ ବିନୟୀ ଏବଂ ସେବାପାଇଁ ବରାବର ତତ୍ପର, ସେତେବେଳେ ସ୍ୱତଃ ଗୁରୁଙ୍କଠାରୁ ଜ୍ଞାନପ୍ରବାହ ଛୁଟିଆସେ ଅର୍ଥାତ୍ ଶିଷ୍ୟର ବିନୀତ ପ୍ରଶ୍ନଗୁଡ଼ିକର ଉତ୍ତର ଯଥାଯଥରୂପରେ ତାକୁ ମିଳିଯାଏ ।

## ଶ୍ଲୋକ - ୩୫

**ଯଜ୍‌ଜ୍ଞାତ୍ୱା ନ ପୁନର୍ମୋହମେବଂ ଯାସ୍ୟସି ପାଣ୍ଡବ ।**
**ଯେନ ଭୂତାନ୍ୟଶେଷାଣି ଦ୍ରକ୍ଷ୍ୟସ୍ୟାତ୍ମନ୍ୟଥୋ ମୟି ।।୩୫।।**

## ଶବ୍ଦାନୁବାଦ

ଯତ୍=ଯାହା; ଜ୍ଞାତ୍ୱା=ଜାଣି; ନ=କେବେନୁହେଁ; ପୁନଃ=ପୁନର୍ବାର; ମୋହମ୍=ଅଜ୍ଞାନ; ଏବମ୍=ଏହିପରି; ଯାସ୍ୟସି=ଯିବ; ପାଣ୍ଡବ=ହେ ପାଣ୍ଡୁପୁତ୍ର; ଯେନ=ଯାହାଦ୍ୱାରା; ଭୂତାନି=ସମସ୍ତ ପ୍ରାଣୀ; ଅଶେଷାଣି=ସମଗ୍ରଭାବେ; ଦ୍ରକ୍ଷ୍ୟସି=ତୁମେ ଦେଖିବ; ଆତ୍ମନି=ପରମାତ୍ମାଙ୍କଠାରେ; ଅଥୋ=କିମ୍ବା, ଅନ୍ୟକଥାରେ; ମୟି=ମୋ'ଠାରେ ।

## ଅନୁବାଦ

**ଯେତେବେଳେ ତୁମେ ଏହିପରି ଭାବରେ ତତ୍ତ୍ୱଜ୍ଞାନ ଅର୍ଜନ କରିବ ସେତେବେଳେ ତୁମେ ଜାଣିବ ଯେ, ସମସ୍ତ ପ୍ରାଣୀ ମୋର ଅଂଶବିଶେଷ ଅଟନ୍ତି ଏବଂ ସେମାନେ ମୋ'ଠାରେ ଅଛନ୍ତି ଏବଂ ମୋର ଅଟନ୍ତି ।**

## ଭାବାର୍ଥ

ତତ୍ତ୍ୱଦର୍ଶୀ ଗୁରୁ ବା ଯେ ତତ୍ତ୍ୱଜ୍ଞାନ ଅର୍ଜନ କରିଛନ୍ତି ଓ ଠିକ୍‌ଭାବରେ ସବୁ କଥା ଜାଣିଛନ୍ତି ତାଙ୍କ ଠାରୁ ତତ୍ତ୍ୱଜ୍ଞାନ ଅର୍ଜନକଲେ ବ୍ୟକ୍ତି ଜାଣିପାରିବ ଯେ ସମସ୍ତ ଜୀବ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଅଂଶବିଶେଷ ଅଟନ୍ତି ।କୃଷ୍ଣଙ୍କଠାରୁ ବିଛିନ୍ନହୋଇ ରହିବାକୁ ''ମାୟା'' କୁହାଯାଏ (ମା'ର ଅର୍ଥ ନୁହେଁ, ୟା'ର ଅର୍ଥ ଏହା) କେତେକ ଭାବନ୍ତି ଯେ, ଆମର କୃଷ୍ଣଙ୍କ ସହିତ କିଛି କାରବାର ନାହିଁ, ପୁଣି କେତେକ କହନ୍ତି କୃଷ୍ଣ ହେଉଛନ୍ତି ଜଣେ ଇତିହାସ ପ୍ରସିଦ୍ଧ ପୁରୁଷ ଏବଂ ଭଗବାନ୍ ହେଉଛନ୍ତି ନିର୍ବିଶେଷ ବ୍ରହ୍ମ ।ବାସ୍ତବରେ ଭଗବଦ୍ ଗୀତାର କଥନ ଅନୁଯାୟୀ ନିର୍ବିଶେଷ ବ୍ରହ୍ମ ଭଗବାନ୍ ଶ୍ରୀକୃଷ୍ଣଙ୍କର ଅଙ୍ଗକାନ୍ତି ଅଟେ ।ପରମପୁରୁଷ ଭଗବାନ୍ ହିସାବରେ କୃଷ୍ଣ ସମସ୍ତଙ୍କର କାରଣ ଅଟନ୍ତି ।ବ୍ରହ୍ମସଂହିତାରେ ପରିଷ୍କାର ଭାବରେ କୁହାଯାଇଛି ଯେ, କୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍ ଏବଂ ସର୍ବକାରଣର କାରଣ ।

ଏପରିକି ଲକ୍ଷ ଲକ୍ଷ ଅବତାରଗଣ ତାଙ୍କର କେବଳ ବିଭିନ୍ନ ବିସ୍ତୃତାଂଶ ଅଟନ୍ତି ।ଠିକ୍ ସେହିପରି ଜୀବଗୁଡ଼ିକ ମଧ୍ୟ କୃଷ୍ଣଙ୍କର ଅଂଶବିଶେଷ ଅଟନ୍ତି ।ମାୟାବାଦୀ ଦାର୍ଶନିକଗଣ ଭ୍ରମରେ ବଶବର୍ତ୍ତୀହୋଇ ଭାବନ୍ତି ଯେ, କୃଷ୍ଣ ଅନେକ ରୂପରେ ନିଜକୁ ବିସ୍ତାରକରି ନିଜର ବ୍ୟକ୍ତିଗତ ଅସ୍ତିତ୍ୱ ହରାନ୍ତି ।ଏପ୍ରକାର ଭାବନା ଭୌତିକ-ଭାବନା ଅଟେ ।ଭୌତିକ ଜଗତରେ ଆମ୍ଭମାନଙ୍କର ଏ ଅଭିଜ୍ଞତା ଅଛି, ଯେତେବେଳେ କୌଣସି ଏକ ପଦାର୍ଥକୁ ଟିକି ଟିକି କରି ଭାଙ୍ଗି ଦିଆଯାଏ, ସେତେବେଳେ ପଦାର୍ଥଟି ତା'ର ମୂଳରୂପକୁ ହରାଏ ।(ଏ କଥା ମନେରଖିବାକୁ ହେବ ଯେ, ଏ ନୀତିଟି ଭଗବାନଙ୍କ ପକ୍ଷରେ ପ୍ରଯୁଜ୍ୟ ନୁହେଁ) ।କିନ୍ତୁ ମାୟାବାଦୀ ଦାର୍ଶନିକଗଣ ଏକଥା ବୁଝିପାରନ୍ତି ନାହିଁ ଯେ, ଅଦ୍ୱୟଜ୍ଞାନ ଭଗବାନଙ୍କର ଅର୍ଥ ଏକ ଏବଂ ସେଥିରେ ଏକ ଯୋଗ ହେଲେ ଏକ ହୁଏ ଏବଂ ସେ ଏକରୁ ଏକ ବିୟୋଗକଲେ ମଧ୍ୟ ଏକ ହୁଏ ।ଏହା ଚିଦ୍ ଜଗତରେ ପ୍ରଯୁଜ୍ୟ (ଭୌତିକ ଜଗତରେ ଏହା ସମ୍ଭବ ନୁହେଁ) ।

ଏ ଭଗବଦ୍ ବିଜ୍ଞାନରେ ଆମ୍ଭମାନଙ୍କର ଯଥେଷ୍ଟ ଜ୍ଞାନ ନଥିବା ଯୋଗୁଁ ଆମ୍ଭେମାନେ ମାୟାଗ୍ରସ୍ତ ହୋଇ ପଡ଼ିଅଛୁ ଏବଂ ସେଇଥିପାଇଁ ଆମ୍ଭେମାନେ ଭାବୁଛୁ, ଆମ୍ଭେମାନେ କୃଷ୍ଣଙ୍କଠାରୁ ପୃଥକ୍ । ଯଦିଓ ଆମ୍ଭେମାନେ କୃଷ୍ଣଙ୍କର ବିଭିନ୍ନାଂଶ ଅଟୁ, ତଥାପି ଆମ୍ଭେମାନେ ତାଙ୍କଠାରୁ ଅଲଗା ନୋହୁଁ । ଜୀବମାନଙ୍କର ଯେଉଁ ଶାରୀରିକ ବିଭିନ୍ନତା ଅଛି, ତାହା ମାୟା ଅଟେ, ଅର୍ଥାତ୍ ତାହା ବାସ୍ତବ ନୁହେଁ । ଆମ୍ଭେମାନେ ସମସ୍ତେ କୃଷ୍ଣଙ୍କୁ ସନ୍ତୁଷ୍ଟ କରିବା ନିମିତ୍ତ ଉଦ୍ଦିଷ୍ଟ । କେବଳ 'ମାୟା' (ବା ମାୟାର ପ୍ରଭାବ) ଯୋଗୁଁ ହିଁ ଅର୍ଜୁନ ଭାବିଲେ ଯେ, ତାଙ୍କର ଆତ୍ମୀୟଜନମାନଙ୍କ ସହ ଏ ଯେଉଁ ଅସ୍ଥାୟୀ ଶାରୀରିକ ସମ୍ବନ୍ଧ ଅଛି, ତାହା ଭଗବାନ୍ ଶ୍ରୀକୃଷ୍ଣଙ୍କସହ ଥିବା ଶାଶ୍ୱତ ଦିବ୍ୟ ସମ୍ବନ୍ଧଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ । ଜୀବ, ଭଗବାନଙ୍କର ନିତ୍ୟଦାସ ହିସାବରେ, କୃଷ୍ଣଙ୍କଠାରୁ କଦାପି ବିଚ୍ଛିନ୍ନହୋଇ ପାରିବ ନାହିଁ ଏବଂ ନିଜକୁ କୃଷ୍ଣଙ୍କ ଠାରୁ ଅଲଗା ଭାବିବା ହିଁ ହେଉଛି "ମାୟା" । ଗୀତାର ସମୁଦାୟ ଶିକ୍ଷା ହିଁ ଏହି କଥାକୁ ଲକ୍ଷ୍ୟକରି ଦିଆଯାଇଅଛି । ଭଗବାନଙ୍କର ବିଭିନ୍ନାଂଶ ହିସାବରେ ଜୀବଗଣଙ୍କର ଏକ ଉଦ୍ଦେଶ୍ୟ ପୂର୍ଣ୍ଣକରିବାକୁ ଅଛି । ସେହି ଉଦ୍ଦେଶ୍ୟକୁ ଭୁଲି ଯାଇଥିବାରୁ କେଉଁ ଅବିସ୍ମରଣୀୟ କାଳରୁ ଏମାନେ (ଜୀବଗଣ) ମାନବ, ପଶୁ, ପକ୍ଷୀ ଓ ଦେବତା ଆଦି ବିଭିନ୍ନ ଶରୀର ଧାରଣକରି ରହିଛନ୍ତି । ଭଗବାନଙ୍କର ଦିବ୍ୟ ସେବାକୁ ଭୁଲିଯାଇଥିବା ଯୋଗୁଁ ଏ ପ୍ରକାର ଶାରୀରିକ ବିଭିନ୍ନତା ସୃଷ୍ଟି ହୋଇଅଛି । କିନ୍ତୁ ଯେତେବେଳେ ବ୍ୟକ୍ତି କୃଷ୍ଣଚେତନାରେ ଭଗବାନଙ୍କର ଦିବ୍ୟସେବାରେ ନିଯୁକ୍ତ ହୋଇଯାଏ, ସେତେବେଳେ ସେ ସାଙ୍ଗେ ସାଙ୍ଗେ ଏ ମାୟାରୁ ମୁକ୍ତ ହୋଇଯାଏ । ଏକ ଉପଯୁକ୍ତ ଗୁରୁ ବା ଆଚାର୍ଯ୍ୟଙ୍କଠାରୁ ହିଁ ବ୍ୟକ୍ତି ଏପ୍ରକାର ଶୁଦ୍ଧ ଜ୍ଞାନଲାଭ କରିପାରେ ଏବଂ ତଦ୍ଦ୍ୱାରା ହିଁ ସେ ଏ ମାୟାରୁ ମୁକ୍ତ ହୋଇଯିବ । (ଜୀବ କୃଷ୍ଣଙ୍କ ସହ ସମାନ- ଏ ଯେଉଁ ଜ୍ଞାନ, ଏହା ମାୟିକ ଜ୍ଞାନ ଅଟେ) । ପରମାତ୍ମା କୃଷ୍ଣ, ସମସ୍ତ ଜୀବଙ୍କର ପରମଗତି ଅଟନ୍ତି-ପରମ ଆଶ୍ରୟସ୍ଥଳ ଅଟନ୍ତି । ଏହା ହେଉଛି ପୂର୍ଣ୍ଣ ଶୁଦ୍ଧଜ୍ଞାନ । ଯେତେବେଳେ ଜୀବ ଏପ୍ରକାର ଆଶ୍ରୟକୁ ତ୍ୟାଗକରେ, ସେତେବେଳେ ସେ ଭୌତିକ ବା ମାୟାଶକ୍ତି ଦ୍ୱାରା ବିମୋହିତ ହୋଇଯାଏ ଏବଂ ସେହି ଅବସ୍ଥାରେ ସେ ଭାବେ ଯେ, ସେ ସ୍ୱତନ୍ତ୍ର ଅଟେ । ଏହିପରିଭାବରେ ବିଭିନ୍ନ ପ୍ରକାର ଭୌତିକ ସ୍ତରରେ ରହି ଜୀବଗଣ କୃଷ୍ଣଙ୍କୁ ଭୁଲିଯା'ନ୍ତି ବା କୃଷ୍ଣ ବହିର୍ମୁଖ ହୋଇଯା'ନ୍ତି । କିନ୍ତୁ ଯେତେବେଳେ ଏପ୍ରକାର ବିମୋହିତ ଜୀବଗଣ କୃଷ୍ଣଚେତନା ସ୍ତରକୁ ଆସିଯା'ନ୍ତି, ସେତେବେଳେ ସେମାନେ ମୁକ୍ତିପଥକୁ ଆସିଗଲେ ବୋଲି ବୁଝିବାକୁ ପଡ଼ିବ । ଏହା ଭାଗବତରେ ସ୍ୱୀକୃତ ହୋଇଅଛି— *"ମୁକ୍ତିର୍ହିତ୍ୱାନ୍ୟଥାରୂପଂ ସ୍ୱରୂପେଣ ବ୍ୟବସ୍ଥିତିଃ ।"*(ଭା. ୨-୧୦-୬) ମୁକ୍ତିର ଅର୍ଥ ନିଜର ସ୍ୱରୂପସ୍ଥିତିରେ ରହିବା ଅର୍ଥାତ୍ *'ଜୀବ ନିତ୍ୟ କୃଷ୍ଣଦାସ*- ଏହି ଭାବନା ବା ଚେତନାସ୍ତରରେ ରହିବା । (ଅନ୍ୟ କଥାରେ ଏହାକୁ କୃଷ୍ଣଚେତନାରେ ରହିବା କଥା କୁହାଯାଏ) ।

## ଶ୍ଲୋକ - ୩୬

**ଅପି ଚେଦସି ପାପେଭ୍ୟଃ ସର୍ବେଭ୍ୟଃ ପାପକୃତ୍ତମଃ ।**
**ସର୍ବଂ ଜ୍ଞାନପ୍ଲବେନୈବ ବୃଜିନଂ ସନ୍ତରିଷ୍ୟସି ।।୩୬।।**

## ଶବ୍ଦାନୁବାଦ

ଅପି=ଏପରିକି; ଚେତ୍=ଯଦି; ଅସି=ତୁମେ ଅଟ; ପାପେଭ୍ୟଃ=ପାପୀମାନଙ୍କ ମଧ୍ୟରେ; ସର୍ବେଭ୍ୟଃ=ସମସ୍ତଙ୍କ ମଧ୍ୟରେ; ପାପ-କୃତ୍ତମଃ=ମହାପାପୀ; ସର୍ବମ୍=ଏ ସବୁ ପାପକର୍ମ; ଜ୍ଞାନ-

ପ୍ଲବେନ=ଦିବ୍ୟଜ୍ଞାନରୂପକ ନୌକା ସାହାଯ୍ୟରେ; ଏବ=ନିଶ୍ଚିତଭାବେ; ବୃଜିନମ୍=ଦୁଃଖାର୍ଣ୍ଣବ; ସନ୍ତରିଷ୍ୟସି=ତୁମେ ସମ୍ପୂର୍ଣ୍ଣରୂପେ ପାର ହୋଇଯିବ ।

## ଅନୁବାଦ

**ଏପରିକି ଯଦି ତୁମେ ପାପୀମାନଙ୍କ ମଧ୍ୟରେ ମହାପାପୀ ବୋଲି ବିବେଚିତ ହୁଅ, ତଥାପି ତୁମେ ଯେତେବେଳେ ଦିବ୍ୟଜ୍ଞାନରୂପକ ନୌକାରେ ଆରୋହଣ କରିବ ସେତେବେଳେ ତୁମେ ଦୁଃଖାର୍ଣ୍ଣବ ଅତିକ୍ରମ କରିବାକୁ ସକ୍ଷମ ହୋଇଯିବ ।**

## ଭାବାର୍ଥ

ବ୍ୟକ୍ତି ତା'ର ସ୍ୱରୂପସ୍ଥିତିକୁ ଭଲଭାବରେ ବୁଝିବା, ଅର୍ଥାତ୍ କୃଷ୍ଣଙ୍କସହିତ ତା'ର କି ସମ୍ବନ୍ଧ ଅଛି, ଏହି ସମ୍ବନ୍ଧ ଜ୍ଞାନ ଅର୍ଜନ କରିବା ଏଡ଼େ ସୁନ୍ଦର କଥା ଯେ, ଏହାକୁ ବୁଝିଗଲେ ବ୍ୟକ୍ତି ସାଙ୍ଗେ ସାଙ୍ଗେ ଏ ଅବିଦ୍ୟାସାଗରରେ ଗ୍ରସିଥିବା ଜୀବନ ସଂଗ୍ରାମରୁ ଉଦ୍ଧାର ପାଇଯାଏ । ଏ ଭୌତିକ ଜଗତକୁ ବେଳେବେଳେ ଅବିଦ୍ୟାସାଗର ଏବଂ ବେଳେବେଳେ ସଂସାର ଦାବାନଳ ବୋଲି କୁହାଯାଏ । ସନ୍ତରଣକାରୀ ଯେତେ ଦକ୍ଷ ହୋଇଥାଉନା କାହିଁକି ସମୁଦ୍ର ପାରହେଲାବେଳେ ତାକୁ ଅତି ମହାନ୍ ବିପଦର ସମ୍ମୁଖୀନ ହେବାକୁ ପଡ଼େ- ଖୁବ୍ କଠିନ ସଂଗ୍ରାମ କରିବାକୁ ପଡ଼େ । ଯଦି ସେହି ସମୟରେ କେହି ଜଣେ ଆସି ସଂଗ୍ରାମରତ ସନ୍ତରଣକାରୀକୁ ସମୁଦ୍ରରୁ ଉଦ୍ଧାରକରେ, ତାହାହେଲେ ସେ ସର୍ବୋତ୍ତମ ତ୍ରାଣକର୍ତ୍ତା ଅଟେ ବୋଲି ବୁଝିବାକୁ ପଡ଼ିବ । ପରମପୁରୁଷ ଭଗବାନଙ୍କ ଠାରୁ ପ୍ରାପ୍ତ ପୂର୍ଣ୍ଣଜ୍ଞାନ ହିଁ ମୁକ୍ତିପଥ ଅଟେ । କୃଷ୍ଣଭାବନାରୂପକ ନୌକା ଅତି ସରଳ ଏବଂ ତତ୍ ସଙ୍ଗେ ସଙ୍ଗେ ଅତି ଦିବ୍ୟ ମଧ୍ୟ ଅଟେ ।

## ଶ୍ଲୋକ - ୩୭

**ଯଥୈଧାଂସି ସମିଦ୍ଧୋଽଗ୍ନିର୍ଭସ୍ମସାତ୍ କୁରୁତେଽର୍ଜୁନ ।**
**ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା ।।୩୭।।**

## ଶବ୍ଦାନୁବାଦ

ଯଥା=ଯେପରି; ଏଧାଂସି=ଜାଳେଣି କାଠ; ସମିଦ୍ଧଃ=ପ୍ରଜ୍ୱଳିତ; ଅଗ୍ନିଃ=ଅଗ୍ନି; ଭସ୍ମସାତ୍=ଭସ୍ମୀଭୂତ; କୁରୁତେ=କରେ; ଅର୍ଜୁନ=ହେ ଅର୍ଜୁନ; ଜ୍ଞାନ-ଅଗ୍ନିଃ=ଜ୍ଞାନାଗ୍ନି; ସର୍ବ-କର୍ମାଣି=ସମସ୍ତ ଭୌତିକ କର୍ମର ପ୍ରତିକ୍ରିୟା; ଭସ୍ମସାତ୍=ଭସ୍ମୀଭୂତ; କୁରୁତେ=କରେ; ତଥା=ସେହିପରି ।

## ଅନୁବାଦ

**ହେ ଅର୍ଜୁନ ! ଯେପରି ପ୍ରଦୀପ୍ତ ଅଗ୍ନି ଜାଳେଣି କାଠକୁ ଭସ୍ମସାତ୍ କରିଦିଏ, ଠିକ୍ ସେହିପରି ଜ୍ଞାନାଗ୍ନି ସମସ୍ତ ଭୌତିକ କର୍ମର ପ୍ରତିକ୍ରିୟାକୁ ପୋଡ଼ିଜାଳି ଭସ୍ମସାତ୍ କରିଦିଏ ।**

## ଭାବାର୍ଥ

ଆତ୍ମା ଓ ପରମାତ୍ମାଙ୍କ ସମ୍ବନ୍ଧୀୟ ପୂର୍ଣ୍ଣଜ୍ଞାନକୁ ଏଠାରେ ଅଗ୍ନି ସହିତ ତୁଳନା କରାଯାଇଅଛି । ଏ ଅଗ୍ନି ଯେ କେବଳ ପାପକର୍ମର ପ୍ରତିକ୍ରିୟାକୁ ପୋଡ଼ିଜାଳି ଭସ୍ମ କରିଦିଏ ତାହା ନୁହେଁ, ସମସ୍ତ

ପୁଣ୍ୟକର୍ମର ପ୍ରତିକ୍ରିୟାକୁ ମଧ୍ୟ ଭସ୍ମସାତ୍ କରିଦିଏ । ପ୍ରତିକ୍ରିୟାର ଅନେକ ସ୍ତର ଅଛି, ଯଥା - ତିଆରି ହେଉଥିବା ପ୍ରତିକ୍ରିୟା, ମୁକୁଳିତ ପ୍ରତିକ୍ରିୟା (ଅର୍ଥାତ୍ ଭୋଗୁଥିବା ପ୍ରତିକ୍ରିୟା), ଭୋଗିସାରିଥିବା ପ୍ରତିକ୍ରିୟା ଏବଂ ପୂର୍ବ ପ୍ରତିକ୍ରିୟା । କିନ୍ତୁ ଜୀବର ସ୍ୱରୂପସ୍ଥିତି ସମ୍ବନ୍ଧୀୟ ଜ୍ଞାନ ସବୁକୁ (ସବୁ ପ୍ରତିକ୍ରିୟାକୁ) ପୋଡ଼ିଜାଳି ଭସ୍ମସାତ୍ କରିଦିଏ । ଯେତେବେଳେ ବ୍ୟକ୍ତି ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୋଇଯାଏ ବା ପୂର୍ଣ୍ଣଜ୍ଞାନ ସ୍ତରରେ ରହେ, ସେତେବେଳେ ପୂର୍ବ ଓ ପର ଉଭୟବିଧ ପ୍ରତିକ୍ରିୟା ଭସ୍ମସାତ୍ ହୋଇଯାଏ । ବେଦରେ କୁହାଯାଇଅଛି—

*"ଉଭେ ଉହୈବୈଷଂ ଏତେ ତରତ୍ୟମୃତଃ ସାଧ୍ୱସାଧୂନୀ ।"*

ଅର୍ଥାତ୍ ବ୍ୟକ୍ତି ଉଭୟ ପୁଣ୍ୟକର୍ମ ଓ ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇଯାଏ ।

## ଶ୍ଳୋକ - ୩୮

**ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।**
**ତତ୍ ସ୍ୱୟଂ ଯୋଗସଂସିଦ୍ଧଃ କାଳେନାତ୍ମନି ବିନ୍ଦତି ।।୩୮।।**

## ଶବ୍ଦାନୁବାଦ

ନ=ନାହିଁ; ହି=ନିଶ୍ଚିତଭାବେ; ଜ୍ଞାନେନ=ଜ୍ଞାନସହିତ; ସଦୃଶମ୍=ସଦୃଶ; ପବିତ୍ରମ୍=ପବିତ୍ର; ଇହ=ଇହ ଜଗତରେ; ବିଦ୍ୟତେ=ଅଛି; ତତ୍=ତାହା; ସ୍ୱୟମ୍=ସ୍ୱୟଂ; ଯୋଗ=ଭକ୍ତିଯୋଗ; ସଂସିଦ୍ଧଃ=ପରିପକ୍ୱ; କାଳେନ=କାଳକ୍ରମେ; ଆତ୍ମନି=ତା'ଠାରେ; ବିନ୍ଦତି=ଉପଭୋଗ କରେ ।

## ଅନୁବାଦ

**ଇହଜଗତରେ ଦିବ୍ୟଜ୍ଞାନ ସଦୃଶ ଦିବ୍ୟ ଓ ପବିତ୍ର ଆଉ କିଛି ନାହିଁ । ସମସ୍ତ ଯୋଗର ପରିପକ୍ୱ ଫଳ ହେଉଛି-ଏ ଦିବ୍ୟଜ୍ଞାନ । ଯେ ଏହା ପ୍ରାପ୍ତ ହୋଇଛି, ସେ କାଳକ୍ରମେ ନିଜ ଆତ୍ମାରେ ବିହାରକରେ ।**

## ଭାବାର୍ଥ

ଆମ୍ଭେମାନେ ଯେତେବେଳେ ଦିବ୍ୟଜ୍ଞାନ କଥା କହୁ, ସେତେବେଳେ ଦିବ୍ୟ ଧାରଣାର ବଶବର୍ତ୍ତୀହୋଇ କଥାକହୁ । ତେଣୁ ଏ ଦିବ୍ୟଜ୍ଞାନ ଭଳି ଦିବ୍ୟ ଓ ପବିତ୍ର ଆଉ କିଛି ନାହିଁ । ଅଜ୍ଞତା ହେଉଛି ଆମର ବନ୍ଧନର କାରଣ ଏବଂ ଜ୍ଞାନ ହେଉଛି ଆମର ମୁକ୍ତିର କାରଣ । ଭକ୍ତିର ପରିପକ୍ୱ ଫଳ ହେଉଛି- ଏ ଜ୍ଞାନ । ଯେତେବେଳେ ବ୍ୟକ୍ତି ଦିବ୍ୟଜ୍ଞାନ ସ୍ତରରେ ଅବସ୍ଥାନ କରେ, ସେତେବେଳେ ସେ ଆଉ ଅନ୍ୟତ୍ର ଶାନ୍ତିର ଅନ୍ୱେଷଣ କରିବା ଦରକାର ନାହିଁ, କାରଣ ନିଜ ମଧ୍ୟରେ ହିଁ ଶାନ୍ତି ପାଏ । ଅନ୍ୟକଥାରେ ଏହାହିଁ କୁହାଯାଇପାରେ, ଏହି ଜ୍ଞାନ ଓ ଶାନ୍ତି କୃଷ୍ଣଚେତନାରେ ହିଁ ପର୍ଯ୍ୟବସିତ ହୁଏ । ତାହା ହେଉଛି ଭଗବଦ୍ ଗୀତାର ଶେଷକଥା ।

## ଶ୍ଳୋକ - ୩୯

**ଶ୍ରଦ୍ଧାବାଁଲ୍ଲଭତେ ଜ୍ଞାନଂ ତତ୍ପରଃ ସଂଯତେନ୍ଦ୍ରିୟଃ ।**
**ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତିମଚିରେଣାଧିଗଚ୍ଛତି ।।୩୯।।**

## ଶବ୍ଦାନୁବାଦ

ଶ୍ରଦ୍ଧାବାନ୍=ଏକ ଶ୍ରଦ୍ଧାବାନ୍ ବା ବିଶ୍ୱସ୍ତ ପୁରୁଷ; ଲଭତେ=ଲାଭକରେ; ଜ୍ଞାନମ୍=ଜ୍ଞାନ; ତତ୍-ପରଃ=ଏଥିପ୍ରତି ଅତ୍ୟନ୍ତ ଆସକ୍ତ; ସଂଯତ=ସଂଯତ; ଇନ୍ଦ୍ରିୟଃ=ଇନ୍ଦ୍ରିୟଗୁଡ଼ିକ; ଜ୍ଞାନମ୍=ଜ୍ଞାନ; ଲବ୍ଧ୍ୱା=ଲାଭକରି; ପରାମ୍=ଦିବ୍ୟ; ଶାନ୍ତିମ୍=ଶାନ୍ତି; ଅଚିରେଣ=ଖୁବ୍ ଶୀଘ୍ର; ଅଧିଗଚ୍ଛତି=ଲାଭକରେ ।

## ଅନୁବାଦ

**ଯେଉଁବ୍ୟକ୍ତି ଜ୍ଞାନଲାଭ ଦିଗରେ ଶ୍ରଦ୍ଧାବାନ୍ ବା ବିଶ୍ୱସ୍ତ ଏବଂ ଦିବ୍ୟଜ୍ଞାନରେ ତଲ୍ଲୀନ ହୋଇଛି ଏବଂ ଇନ୍ଦ୍ରିୟଗୁଡ଼ିକୁ ସଂଯତ କରିଅଛି, ସେ ଖୁବ୍‌ଶୀଘ୍ର ପରମ ଦିବ୍ୟଶାନ୍ତି ଲାଭକରେ ।**

## ଭାବାର୍ଥ

ଯେଉଁ ଶ୍ରଦ୍ଧାବାନ୍ ବ୍ୟକ୍ତି କୃଷ୍ଣଙ୍କଠାରେ ଦୃଢ଼ ନିଷ୍ଠା ଓ ବିଶ୍ୱାସ ସ୍ଥାପନ କରି ପାରିଛି - ସେ କୃଷ୍ଣଚେତନା ବା କୃଷ୍ଣଙ୍କ ସମ୍ବନ୍ଧୀୟ ଦିବ୍ୟଜ୍ଞାନ ଖୁବ୍ ସହଜରେ ଲାଭ କରିପାରେ ।ଯେଉଁ ବ୍ୟକ୍ତି ଭାବେ ଯେ, କେବଳ କୃଷ୍ଣଚେତନାରେ କର୍ମକଲେ ସେ ପରମଗତି ଲାଭକରିପାରିବ, ସେ ହିଁ ଶ୍ରଦ୍ଧାବାନ୍ ଓ ବିଶ୍ୱସ୍ତ ବ୍ୟକ୍ତି ଅଟେ ।ଭକ୍ତିଯୋଗ ଆଚରଣ କଲେ ଏବଂ *"ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେରାମ ହରେରାମ ରାମ ରାମ ହରେ ହରେ"* କୀର୍ତ୍ତନକଲେ ଏ ଶ୍ରଦ୍ଧା ବା ବିଶ୍ୱାସ ଉପୁଜେ ।ଏ 'ହରେକୃଷ୍ଣ' କୀର୍ତ୍ତନ ବ୍ୟକ୍ତିର ହୃଦୟରୁ ସମସ୍ତପ୍ରକାର ଭୌତିକ ଦୋଷ ବା ମଇଳାକୁ ଦୂରକରେ ।ଏତଦ୍ ବ୍ୟତୀତ ବ୍ୟକ୍ତିକୁ ଇନ୍ଦ୍ରିୟସଂଯମ କରିବାକୁ ପଡ଼ିବ । ଯେଉଁ ବ୍ୟକ୍ତିର କୃଷ୍ଣଙ୍କଠାରେ ଗଭୀର ବିଶ୍ୱାସ ଜନ୍ମିଛି ବା ଶ୍ରଦ୍ଧା ଉପୁଜିଛି ଏବଂ ଯେ ଇନ୍ଦ୍ରିୟସଂଯମ କରିପାରିଛି ସେଖୁବ୍ ଶୀଘ୍ର ପୂର୍ଣ୍ଣ କୃଷ୍ଣବିଜ୍ଞାନ ବା ଦିବ୍ୟଜ୍ଞାନ ଲାଭ କରିପାରେ ।

## ଶ୍ଳୋକ - ୪୦

**ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି ।**
**ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ ।।୪୦।।**

## ଶବ୍ଦାନୁବାଦ

ଅଜ୍ଞଃ=ଅଜ୍ଞ ବା ମୂର୍ଖ (ଯେଉଁମାନଙ୍କର ଶାସ୍ତ୍ରଜ୍ଞାନ ନଥାଏ); ଚ=ଏବଂ; ଅ-ଶ୍ରଦ୍ଦଧାନଃ=ପ୍ରାମାଣିକ ଗ୍ରନ୍ଥ ବା ଶାସ୍ତ୍ର ବାଣୀରେ ବିଶ୍ୱାସ ନଥିବା; ଚ=ମଧ୍ୟ; ସଂଶୟ=ସଂଶୟ (ସନ୍ଦେହ); ଆତ୍ମା=ବ୍ୟକ୍ତି (ପୁରୁଷ); ବିନଶ୍ୟତି=ବିନଷ୍ଟ ହୁଏ; ନ=ନାହିଁ; ଅୟମ୍=ଏହି; ଲୋକଃ=ପୃଥିବୀ; ଅସ୍ତି=ଅଛି; ନ=କିମ୍ବା ନାହିଁ; ପରଃ=ପରଜନ୍ମ; ନ=ନାହିଁ; ସୁଖମ୍=ସୁଖ; ସଂଶୟ=ସନ୍ଦିଗ୍ଧମନା; ଆତ୍ମନଃ=ବ୍ୟକ୍ତିର ।

## ଅନୁବାଦ

ଯେଉଁ ମୂର୍ଖ ଓ ଶ୍ରଦ୍ଧାହୀନ ବ୍ୟକ୍ତିମାନଙ୍କର ପ୍ରାମାଣିକ ଗ୍ରନ୍ଥ ବା ଶାସ୍ତ୍ରବାଣୀରେ ବିଶ୍ୱାସ ନଥାଏ ସେମାନେ ଭଗବତ୍ ଚେତନା ଲାଭ କରିପାରନ୍ତି ନାହିଁ ।ସନ୍ଦିଗ୍ଧମନା ବ୍ୟକ୍ତିର ଇହଲୋକ ତଥା ପରଲୋକରେ ସୁଖ ନାହିଁ ।

## ଭାବାର୍ଥ

ବହୁ ପ୍ରାମାଣିକ ଗ୍ରନ୍ଥ ମଧ୍ୟରେ ଭଗବଦ୍ ଗୀତା ସର୍ବୋତ୍ତମ ଅଟେ । ଯେଉଁ ବ୍ୟକ୍ତିଗଣ ପଶୁତୁଲ୍ୟ, ସେମାନଙ୍କର ଏ ପ୍ରାମାଣିକ ଗ୍ରନ୍ଥରେ ବିଶ୍ୱାସ ନଥାଏ, କିମ୍ବା ସେମାନଙ୍କର ଶାସ୍ତ୍ର-ଜ୍ଞାନ ନଥାଏ । ଆଉ କେତେକ ଏପରି ଅଛନ୍ତି, ସେମାନଙ୍କର ଯଦିଓ କିଛି ପରିମାଣରେ ଶାସ୍ତ୍ରଜ୍ଞାନ ଥାଏ ବା କିଛି ପରିମାଣରେ ଶାସ୍ତ୍ରବାଣୀ ଉଦ୍ଧାର କରିପାରନ୍ତି, ତଥାପି ସେମାନଙ୍କର ସେ ବାଣୀରେ ପୂର୍ଣ୍ଣବିଶ୍ୱାସ ନଥାଏ । ପୁନଶ୍ଚ ଆଉ କେତେକ ଏପରି ଅଛନ୍ତି, ଯେଉଁମାନଙ୍କର ଭଗବଦ୍‌ଗୀତା ଭଳି ଶାସ୍ତ୍ରମାନଙ୍କରେ ବିଶ୍ୱାସ ଅଛି, କିନ୍ତୁ ସେମାନେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବିଶ୍ୱାସ କରନ୍ତି ନାହିଁ, କିମ୍ବା ତାଙ୍କୁ ପୂଜା କରନ୍ତି ନାହିଁ । ଏ ପ୍ରକାର ବ୍ୟକ୍ତିମାନଙ୍କର କୃଷ୍ଣଚେତନାରେ କୌଣସି ଜ୍ଞାନ ନଥାଏ, ସେମାନଙ୍କର ପତନ ହୁଏ । ଏ ସମସ୍ତ ବ୍ୟକ୍ତିଙ୍କ ମଧ୍ୟରେ ଯେଉଁମାନଙ୍କର କୃଷ୍ଣଙ୍କଠାରେ କିମ୍ବା କୃଷ୍ଣଙ୍କବାଣୀରେ ପୂର୍ଣ୍ଣ ବିଶ୍ୱାସ ନଥାଏ ଏବଂ ଯେଉଁମାନେ ବରାବର ସନ୍ଦିଗ୍ଧମନା ହୋଇ ରହନ୍ତି ସେମାନେ ଅଧ୍ୟାତ୍ମମାର୍ଗରେ ଆଦୌ ଉନ୍ନତି କରି ପାରନ୍ତିନାହିଁ । ଯେଉଁମାନଙ୍କର ଭଗବାନଙ୍କଠାରେ କିମ୍ବା ତାଙ୍କ ବାଣୀରେ (ପ୍ରାମାଣିକ ଶାସ୍ତ୍ରମାନଙ୍କରେ) ବିଶ୍ୱାସ ନଥାଏ ସେମାନଙ୍କର ଇହଲୋକ କିମ୍ବା ପରଲୋକରେ କୌଣସି ମଙ୍ଗଳ ହୁଏ ନାହିଁ । କୌଣସିଠାରେ ସେମାନଙ୍କର ସୁଖ ନାହିଁ । ତେଣୁ ବ୍ୟକ୍ତିକୁ ଶାସ୍ତ୍ର ବାଣୀରେ (ପ୍ରାମାଣିକ ଗ୍ରନ୍ଥମାନଙ୍କରେ) ବିଶ୍ୱାସ କରିବାକୁ ପଡ଼ିବ ଏବଂ ଶ୍ରଦ୍ଧା ଓ ବିଶ୍ୱାସର ସହିତ ଶାସ୍ତ୍ରନିର୍ଦ୍ଦେଶ ପାଳନ କରିବାକୁ ପଡ଼ିବ; ତାହାହେଲେ ସେ ଦିବ୍ୟଜ୍ଞାନ ସ୍ତରକୁ ଉନ୍ନୀତ ହେବ । ଏହି ଜ୍ଞାନ ହିଁ ବ୍ୟକ୍ତିକୁ ଦିବ୍ୟସ୍ତରକୁ ଯିବାରେ ସାହାଯ୍ୟ କରିବ । ଅନ୍ୟକଥାରେ ଏହାହିଁ କୁହାଯାଇପାରେ ଯେ, ସନ୍ଦିଗ୍ଧମନା ବ୍ୟକ୍ତିମାନଙ୍କର ଦିବ୍ୟସ୍ତରରେ କୌଣସି ସ୍ଥାନ ନାହିଁ । ତେଣୁ ବ୍ୟକ୍ତିକୁ ଗୁରୁପରମ୍ପରାରେ ଆସୁଥିବା ବିଶିଷ୍ଟ ଆଚାର୍ଯ୍ୟମାନଙ୍କର ପନ୍ଥା ଅନୁସରଣ କରିବାକୁ ପଡ଼ିବ, ତାହାହେଲେ ସେମାନେ ସିଦ୍ଧିଲାଭ କରିପାରିବେ ।

## ଶ୍ଳୋକ - ୪୧

**ଯୋଗସନ୍ନ୍ୟସ୍ତକର୍ମାଣଂ ଜ୍ଞାନସଂଛିନ୍ନସଂଶୟମ୍ ।**
**ଆତ୍ମବନ୍ତଂ ନ କର୍ମାଣି ନିବଧ୍ନନ୍ତି ଧନଞ୍ଜୟ ।।୪୧।।**

## ଶବ୍ଦାନୁବାଦ

ଯୋଗ=କର୍ମଯୋଗ ମାଧ୍ୟମରେ ଭଗବଦ୍ ସେବା (ଭକ୍ତି); ସନ୍ନ୍ୟସ୍ତ=ଉତ୍ତମ ଭାବରେ ଆଧାରିତ; କର୍ମାଣମ୍=କର୍ତ୍ତାମାନଙ୍କର; ଜ୍ଞାନ=ଜ୍ଞାନ; ସଂଛିନ୍ନ=ଜ୍ଞାନବୃଦ୍ଧି ଦ୍ୱାରା ଛିନ୍ନ; ସଂଶୟମ୍=ସଂଶୟ; ଆତ୍ମବନ୍ତମ୍=ଆତ୍ମାରେ ଅବସ୍ଥିତ; ନ=ନାହିଁ; କର୍ମାଣି=କର୍ମ; ନିବଧ୍ନନ୍ତି=ବାନ୍ଧେ; ଧନଞ୍ଜୟ=ହେ ଧନଞ୍ଜୟ ।

## ଅନୁବାଦ

**ତେଣୁ, ହେ ଧନଞ୍ଜୟ ! ଯେ ତା'ର କର୍ମଫଳକୁ ତ୍ୟାଗ କରିଛି, ଦିବ୍ୟଜ୍ଞାନ ବୃଦ୍ଧିଯୋଗୁଁ ଯାହାର ସନ୍ଦେହ ଦୂରୀଭୂତ ହୋଇଅଛି ଏବଂ ଯେ ଆତ୍ମାରେ ଦୃଢ଼ଭାବରେ ଅବସ୍ଥିତ, ସେ କର୍ମରେ ବାନ୍ଧି ହୁଏନାହିଁ ।**

## ଭାବାର୍ଥ

ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ଗୀତାରେ ଯେଉଁ ଉପଦେଶ ଦେଇଛନ୍ତି, ତାହାକୁ ଯେଉଁ ବ୍ୟକ୍ତି ଅନୁସରଣ କରେ, ସେ ଦିବ୍ୟଜ୍ଞାନ ଲାଭ କରେ ଏବଂ ସେହି ଜ୍ଞାନବୃଦ୍ଧିରୂପକ କୃପାଯୋଗୁଁ ସେ ସମସ୍ତପ୍ରକାର ସନ୍ଦେହରୁ ମୁକ୍ତ ହୁଏ । ସେ ଭଗବାନଙ୍କର ଅଂଶ ରୂପେ ପୂର୍ଣ୍ଣ କୃଷ୍ଣଚେତନାରେ ଆତ୍ମଜ୍ଞାନରେ ସ୍ଥିର ହୋଇଥାଏ । ଏଣୁ ସେ ନିଃସନ୍ଦେହ ଭାବରେ କର୍ମ ବନ୍ଧନର ବହୁ ଊର୍ଦ୍ଧ୍ୱରେ ଥାଏ ।

## ଶ୍ଲୋକ - ୪୨

**ତସ୍ମାଦଜ୍ଞାନସମ୍ଭୂତଂ ହୃତ୍‌ସ୍ଥଂ ଜ୍ଞାନାସିନାତ୍ମନଃ ।**
**ଛିତ୍ତ୍ୱୈନଂ ସଂଶୟଂ ଯୋଗମାତିଷ୍ଠୋତ୍ତିଷ୍ଠ ଭାରତ ।।୪୨।।**

## ଶବ୍ଦାନୁବାଦ

ତସ୍ମାତ୍=ତେଣୁ; ଅଜ୍ଞାନ-ସମ୍ଭୂତମ୍=ଅଜ୍ଞାନ-ଜାତ; ହୃତ୍‌ସ୍ଥମ୍=ହୃଦୟରେ ଅବସ୍ଥିତ; ଜ୍ଞାନ=ଜ୍ଞାନ; ଅସିନା=ଶସ୍ତ୍ରଦ୍ୱାରା; ଆତ୍ମନଃ=ଆତ୍ମାର; ଛିତ୍ତ୍ୱା=ଛିନ୍ନକରି; ଏନମ୍=ଏହାକୁ; ସଂଶୟମ୍=ସଂଶୟ (ସନ୍ଦେହ); ଯୋଗମ୍=ଯୋଗରେ; ଆତିଷ୍ଠ=ଅବସ୍ଥିତ; ଉତ୍ତିଷ୍ଠ=ଯୁଦ୍ଧ କରିବାକୁ ଦଣ୍ଡାୟମାନ ହୁଅ; ଭାରତ=ହେ ଭରତବଂଶଜ ।

## ଅନୁବାଦ

**ତେଣୁ, ଅଜ୍ଞାନତା ଯୋଗୁଁ ତୁମ ହୃଦୟରେ ଯେଉଁ ସଂଶୟ ଉପୁଜିଛି, ତାହାକୁ ଜ୍ଞାନରୂପକ ଅସି (ଖଣ୍ଡା) ଦ୍ୱାରା ଛିନ୍ନ କରିବା ଉଚିତ୍ । ହେ ଭରତ ବଂଶଜ ! ଯୋଗ ଯୁକ୍ତ ହୋଇ ଦଣ୍ଡାୟମାନ ହୁଅ ଓ ଯୁଦ୍ଧକର ।**

## ଭାବାର୍ଥ

ଏହି ଅଧ୍ୟାୟରେ ଯେଉଁ ଯୋଗ-ବିଧି କଥା କୁହାଯାଇଛି, ତାହାକୁ ସନାତନ ଯୋଗ ବା ଜୀବର ସନାତନ କର୍ମବୋଲି କୁହାଯାଏ । ଏହି ଯୋଗର ଦୁଇଟି ଯଜ୍ଞବିଭାଗ ଅଛି, ତଥା- ଗୋଟିକୁ ଦ୍ରବ୍ୟମୟ ଯଜ୍ଞ କୁହାଯାଏ (ଏଥିରେ ବ୍ୟକ୍ତି ତା'ର ଭୌତିକ ସମ୍ପତ୍ତି ତ୍ୟାଗକରେ) ଏବଂ ଅନ୍ୟଟିକୁ ଜ୍ଞାନଯଜ୍ଞ ବା ଆତ୍ମଜ୍ଞାନ ବୋଲି କୁହାଯାଏ; ତାହା ଶୁଦ୍ଧ ଦିବ୍ୟକର୍ମଅଟେ । ଯଦି ବ୍ୟକ୍ତି ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ବା ଆତ୍ମାନୁଭୂତିଲାଭ ନିମିତ୍ତ ଦ୍ରବ୍ୟମୟ ଯଜ୍ଞ ନକରେ, ତାହାହେଲେ ସେ ଯଜ୍ଞ ଭୌତିକ ଯଜ୍ଞ ହୋଇଯାଏ । କିନ୍ତୁ ଯେ ଆତ୍ମାନୁଭୂତିଲାଭ ଲକ୍ଷ୍ୟରେ ଯଜ୍ଞ କରେ ବା ଭକ୍ତିଯୋଗରେ କର୍ମକରେ, ସେ ଠିକ୍ ଯଜ୍ଞକଲା ବୋଲି ବୁଝିବାକୁ ପଡ଼ିବ । ଆମ୍ଭେମାନେ ଯେତେବେଳେ ଦିବ୍ୟକର୍ମ କଥା ବିଚାର କରୁ, ସେତେବେଳେ ଆମ୍ଭେମାନେ ମଧ୍ୟ ଦେଖୁ ଯେ, ଏହା ଦୁଇଭାଗରେ ବିଭକ୍ତ, ଯଥା- ପ୍ରଥମତଃ-ନିଜ ଆତ୍ମାକୁ ଜାଣିବା ବା ସ୍ୱରୂପସ୍ଥିତିକୁ ଜାଣିବା ଏବଂ ପରମପୁରୁଷ ଭଗବାନଙ୍କ ସମ୍ବନ୍ଧୀୟ ସତ୍ୟ (ବା ତତ୍ତ୍ୱ) କୁ ଜାଣିବା । ଯେ ଗୀତାର ମୌଳିକ ପଥକୁ ଅନୁସରଣ କରେ, ସେ ଅତି ସହଜରେ ଦିବ୍ୟଜ୍ଞାନର ଏ ଦୁଇଟି ପ୍ରଧାନ ବିଭାଗକୁ ବୁଝିପାରେ । ଭଗବାନଙ୍କର ଅଂଶ ବିଶେଷରୂପେ ଆତ୍ମଜ୍ଞାନ ଲାଭ କରିବାରେ ତା'ପକ୍ଷରେ କୌଣସି ଅସୁବିଧା ହୁଏନାହିଁ । ଯେ ଅତି ସହଜରେ ଭଗବାନଙ୍କର ଦିବ୍ୟଲୀଳାକୁ

ବୁଝିପାରେ ତା' ପକ୍ଷରେ ଏପ୍ରକାର ବୋଧଜ୍ଞାନ ଲାଭ ଉପକାରୀ ଅଟେ । ଏହି ଅଧ୍ୟାୟରେ ପ୍ରାରମ୍ଭରେ ପରମପୁରୁଷ ଭଗବାନ୍ ସ୍ୱୟଂ ତାଙ୍କର ଦିବ୍ୟକର୍ମର ବର୍ଣ୍ଣନା କରିଛନ୍ତି । ଯେ ଗୀତାର ଉପଦେଶ ବୁଝେ ନାହିଁ ସେ ଶ୍ରଦ୍ଧାହୀନ ଅବିଶ୍ୱାସୀ ଅଟେ । ଭଗବାନ୍ ତାକୁ ଦେଇଥିବା ସାମାନ୍ୟ ସ୍ୱାଧୀନତାର ସେ ଅପବ୍ୟବହାର କରୁଛି ବୋଲି ବୁଝିବାକୁ ପଡ଼ିବ । ଏସବୁ ଉପଦେଶ ସତ୍ତ୍ୱେ ଯେ ଭଗବାନଙ୍କର ପ୍ରକୃତ ସ୍ୱରୂପକୁ ବୁଝିପାରେ ନାହିଁ, ଭଗବାନ୍ ଯେ ସତ୍-ଚିଦ୍ ଆନନ୍ଦମୟ ଅଟନ୍ତି, ସର୍ବଜ୍ଞ ପରମପୁରୁଷ ଭଗବାନ୍ ଅଟନ୍ତି - ଏକଥା ଯେ ବୁଝିପାରେ ନାହିଁ ସେ ଯେ ପହିଲା ନମ୍ବର ମୂର୍ଖ ଅଟେ, ଏଥିରେ ଆଉ ମତଦ୍ୱୈଧ କରିବାର କ'ଣ ଅଛି । କୃଷ୍ଣଚେତନା ବିଧି ଗ୍ରହଣ କଲେ କ୍ରମଶଃ ଅଜ୍ଞାନ ଦୂରୀଭୂତ ହୋଇଯିବ । ବିଭିନ୍ନ ପ୍ରକାର ଯଜ୍ଞକର୍ମର ଅନୁଷ୍ଠାନ ଦ୍ୱାରା କୃଷ୍ଣଚେତନା ଜାଗ୍ରତ ହୁଏ । ବିଭିନ୍ନ ପ୍ରକାର ଯଜ୍ଞ କର୍ମ, ଯଥା- ଦେବତାମାନଙ୍କ ସନ୍ତୁଷ୍ଟନିମିତ୍ତ ଜ୍ଞାନ, ବ୍ରହ୍ମଯଜ୍ଞ, ବ୍ରହ୍ମଚର୍ଯ୍ୟ ପାଳନରୂପକ ଯଜ୍ଞ, ଗୃହସ୍ଥାଶ୍ରମରେରହି ଗୃହସ୍ଥ ନିମିତ୍ତ ଉଦ୍ଦିଷ୍ଟ ଯଜ୍ଞ, ଇନ୍ଦ୍ରିୟ ସଂଯମରୂପକ ଯଜ୍ଞ, ଯୋଗସାଧନ ଓ ତପଶ୍ଚରଣ ଯଜ୍ଞ, ଦ୍ରବ୍ୟମୟ ଯଜ୍ଞ, ବେଦାଧ୍ୟୟନରୂପକ ସ୍ୱାଧ୍ୟାୟ ଯଜ୍ଞ ଏବଂ ବର୍ଣ୍ଣାଶ୍ରମ ଧର୍ମାଚରଣ ରୂପକ ଯଜ୍ଞ ଏସବୁ ଯଜ୍ଞକର୍ମ ବ୍ୟକ୍ତିକୁ କୃଷ୍ଣଚେତନା ବୃଦ୍ଧିଦିଗରେ ସାହାଯ୍ୟ କରନ୍ତି । ଏସବୁ ହେଉଛି ଯଜ୍ଞକର୍ମ ଏବଂ ଏସବୁ ସଂଯତ କ୍ରିୟା ଉପରେ ଆଧାରିତ । କିନ୍ତୁ ଏସବୁ କର୍ମ ମଧ୍ୟରେ ପ୍ରଧାନ କର୍ମ ବା ଗୁରୁତ୍ୱପୂର୍ଣ୍ଣ କର୍ମ ହେଉଛି ଆତ୍ମାନୁଭୂତିଲାଭ । ଯେ ଏହି ଲକ୍ଷ୍ୟ ସାଧନ ନିମିତ୍ତ ଆଗ୍ରହୀ ସେ ହିଁ ଭଗବଦ୍ ଗୀତାର ପ୍ରକୃତ ଛାତ୍ର ଅଟେ, କିନ୍ତୁ ଯେ କୃଷ୍ଣଙ୍କର ପ୍ରଭୁପଣିଆରେ ସନ୍ଦେହ କରେ, ସେ ଅଧୋପତିତ ହୁଏ । ଏଣୁ ଏକ ଉପଯୁକ୍ତ ଗୁରୁ ବା ଆଚାର୍ଯ୍ୟଙ୍କ ଅଧୀନରେ ପୂର୍ଣ୍ଣ ଆତ୍ମସମର୍ପଣ କରି ଏବଂ ସେବାରତ ହୋଇ ଭଗବଦ୍ ଗୀତା କିମ୍ବା ଯେକୌଣସି ବୈଦିକ ଶାସ୍ତ୍ର ଅଧ୍ୟୟନ କରିବା ଉଚିତ୍ । ଯେ ଉପଯୁକ୍ତ ଗୁରୁ ବା ଆଚାର୍ଯ୍ୟ ସେ ଅନନ୍ତ କାଳରୁ ଗଡ଼ି ଆସୁଥିବା ଗୁରୁପରମ୍ପରାରେ ଆସନ୍ତି ଏବଂ ସେ ଭଗବାନଙ୍କର ଉପଦେଶରୁ ଟିକିଏ ବି ବିଚ୍ୟୁତ ହୁଅନ୍ତି ନାହିଁ । ଭଗବାନ୍ ଯେଉଁ ଉପଦେଶ ଲକ୍ଷ ଲକ୍ଷ ବର୍ଷ ପୂର୍ବେ ସୂର୍ଯ୍ୟଦେବତାଙ୍କୁ ଦେଇଥିଲେ, ସେ ଉପଦେଶକୁ ସେ ଅକ୍ଷରେ ଅକ୍ଷରେ ପାଳନ କରନ୍ତି ଏବଂ ଶିଷ୍ୟକୁ ଠିକ୍ ସେହିପରିଭାବରେ ହିଁ ପ୍ରଦାନ କରନ୍ତି । ଭଗବାନ୍ ସୂର୍ଯ୍ୟଦେବତାଙ୍କୁ ଭଗବଦ୍ ଗୀତାର ଯେଉଁ ଉପଦେଶ ଦେଇଥିଲେ, ତାହା ସୂର୍ଯ୍ୟଦେବତାଙ୍କଠାରୁ ହିଁ ଗୁରୁପରମ୍ପରା କ୍ରମେ ଏ ଧରାଧାମକୁ ଆସିଛି । ତେଣୁ ବ୍ୟକ୍ତିକୁ ଭଗବଦ୍ ଗୀତାର ପନ୍ଥା ହିଁ ଅନୁସରଣ କରିବାକୁ ହେବ । ଗୀତା ଉପଦେଶକୁ ବୁଝିବା ବା ଭଗବାନଙ୍କୁ ବୁଝିବା ନିମିତ୍ତ ଗୀତାରେ ଯେଉଁ ନିର୍ଦ୍ଦେଶ ଦିଆଯାଇଛି ତାହାକୁ ହିଁ ଗ୍ରହଣ କରିବାକୁ ପଡିବ । କେତେକ ନିଜର ବାହାଦୁରୀ ଦେଖାଇବା ପାଇଁ ଗୀତା ଉପରେ ଭାଷ୍ୟ ଲେଖନ୍ତି, ସେମାନେ ଗୀତାର ନିର୍ଦ୍ଦେଶକୁ ପାଳନ କରନ୍ତି ନାହିଁ, ସେମାନେ ଲୋକମାନଙ୍କୁ ପ୍ରକୃତ ପଥରୁ ବିଚ୍ୟୁତ କରାନ୍ତି । ଏପ୍ରକାର ଲୋକମାନଙ୍କ ପ୍ରତି ସାବଧାନ ହେବା ଉଚିତ୍ । ଭଗବାନ୍ ହେଉଛନ୍ତି ନିଶ୍ଚିତରୂପେ ପରମପୁରୁଷ ଏବଂ ତାଙ୍କର କର୍ମ ବା ଲୀଳା ସବୁ ଦିବ୍ୟ । ଯେ ଏକଥାକୁ ବୁଝିପାରେ, ସେ ଭଗବଦ୍ ଗୀତାର ଅଧ୍ୟୟନର ଆରମ୍ଭରୁ ହିଁ ମୁକ୍ତପୁରୁଷ ହୋଇଯାଏ ।

**ଭକ୍ତିବେଦାନ୍ତ ଭାଷ୍ୟର ଭଗବଦ୍‌ଗୀତାର "ଜ୍ଞାନବିଭାଗ ଯୋଗ-ଦିବ୍ୟଜ୍ଞାନ ଯୋଗ" ଶୀର୍ଷକ ଚତୁର୍ଥ ଅଧ୍ୟାୟ ଶେଷହେଲା ।**

—୦—

# ପଞ୍ଚମ ଅଧ୍ୟାୟ

# କର୍ମଯୋଗ

## (କୃଷ୍ଣ ଚେତନାରେ କର୍ମ)

### ଶ୍ଳୋକ - ୧

**ଅର୍ଜୁନ ଉବାଚ**

**ସନ୍ନ୍ୟାସଂ କର୍ମଣାଂ କୃଷ୍ଣ ପୁନର୍ଯୋଗଂ ଚ ଶଂସସି ।**
**ଯଚ୍ଛ୍ରେୟ ଏତୟୋରେକଂ ତନ୍ମେ ବ୍ରୂହି ସୁନିଶ୍ଚିତମ୍ ।।୧।।**

### ଶବ୍ଦାନୁବାଦ

ଅର୍ଜୁନଃ ଉବାଚ = ଅର୍ଜୁନ କହିଲେ; ସନ୍ନ୍ୟାସମ୍=ସନ୍ନ୍ୟାସ (ତ୍ୟାଗ); କର୍ମଣାମ୍=ସମସ୍ତ କର୍ମର; କୃଷ୍ଣ=ହେ କୃଷ୍ଣ; ପୁନଃ=ପୁନଶ୍ଚ; ଯୋଗମ୍=ଭକ୍ତିଯୋଗ (ଭଗବଦ୍ ସେବା); ଚ=ମଧ୍ୟ; ଶଂସସି=ଆପଣ ପ୍ରଶଂସା କରୁଛନ୍ତି; ଯତ୍=ଯାହା; ଶ୍ରେୟଃ=ଶ୍ରେୟ; ଏତୟୋଃ=ଏ ଦୁଇଟି ମଧ୍ୟରୁ; ଏକମ୍=ଗୋଟିଏ; ତତ୍=ତାହା; ମେ=ମୋତେ; ବ୍ରୂହି=ଦୟାକରି କୁହନ୍ତୁ; ସୁନିଶ୍ଚିତମ୍=ନିଶ୍ଚିତଭାବରେ ।

### ଅନୁବାଦ

ଅର୍ଜୁନ କହିଲେ, ‘‘ହେ କୃଷ୍ଣ ! ପ୍ରଥମେ ଆପଣ ମୋତେ କର୍ମତ୍ୟାଗ କରିବା କଥା କହିଲେ ଏବଂ ତପରେ ପୁଣି ଭକ୍ତିଯୋଗରେ କର୍ମ କରିବାକୁ କହୁଛନ୍ତି । ତାହାହେଲେ ଆପଣ ଦୟାକରି ମୋତେ କହିବେ କି ? ଏ ଦୁଇଟି ମଧ୍ୟରୁ କେଉଁଟି ନିଶ୍ଚିତ ଭାବରେ ଶ୍ରେୟସ୍କର ଅଟେ ?

## ଭାବାର୍ଥ

ଭଗବଦ୍‌ଗୀତାର ଏହି ଅଧ୍ୟାୟ ଅର୍ଥାତ୍ ପଞ୍ଚମ ଅଧ୍ୟାୟରେ ଭଗବାନ୍ କହିଛନ୍ତି ଯେ, ଶୁଷ୍କ ମାନସିକ କଳ୍ପନା ବା ମନନ ଅପେକ୍ଷା ଭକ୍ତିଯୋଗରେ କର୍ମ କରିବା ଶ୍ରେୟସ୍କର ଅଟେ । ଅନ୍ୟଟି ଅପେକ୍ଷା (ଅର୍ଥାତ୍ ଶୁଷ୍କମନନ ଅପେକ୍ଷା) ଭକ୍ତିଯୋଗରେ କର୍ମ କରିବା ସହଜତର ଅଟେ; ଏ କର୍ମ ଦିବ୍ୟକର୍ମ ହୋଇଥିବାରୁ ଏହା ବ୍ୟକ୍ତିକୁ କର୍ମର ପ୍ରତିକ୍ରିୟାରୁ ମୁକ୍ତ କରେ । ଦ୍ୱିତୀୟ ଅଧ୍ୟାୟରେ ଆତ୍ମା କ'ଣ ଓ ଆତ୍ମା କିପରି ଜଡ଼ ଶରୀର ସହ ସଂପୃକ୍ତ- ଏ ସମ୍ବନ୍ଧରେ ପ୍ରାଥମିକ ଜ୍ଞାନ ଦିଆଯାଇଅଛି । କିପରି ଏହି ଭୌତିକ ବନ୍ଧନରୁ ବୁଦ୍ଧିଯୋଗ ଜରିଆରେ ବା ଭକ୍ତିଯୋଗ ବଳରେ ବ୍ୟକ୍ତି ଉଦ୍ଧାର ପାଇପାରିବ ସେ କଥା ମଧ୍ୟ ସେ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି । ତୃତୀୟ ଅଧ୍ୟାୟରେ କୁହାଯାଇଛି ଯେ, ଯେଉଁ ବ୍ୟକ୍ତି ଜ୍ଞାନ ସ୍ତରରେ ଅବସ୍ଥାନ କରୁଛି, ତା'ର ଆଉ କୌଣସି କର୍ତ୍ତବ୍ୟ କରିବାକୁ ନାହିଁ । ଚତୁର୍ଥ ଅଧ୍ୟାୟରେ ଭଗବାନ୍ ଅର୍ଜୁନଙ୍କୁ କହିଲେ ଯେ, ସମସ୍ତ ପ୍ରକାର ଯଜ୍ଞକର୍ମର ପରିଣତି ହେଉଛି ଜ୍ଞାନ । ସେ ଯାହାହେଉ, ଚତୁର୍ଥ ଅଧ୍ୟାୟର ଶେଷରେ ଭଗବାନ୍ ଅର୍ଜୁନଙ୍କୁ ଉପଦେଶ ଦେଲେ ଯେ, ଠିଆହୁଅ ଏବଂ ପୂର୍ଣ୍ଣ ଜ୍ଞାନସ୍ତରରେ ରହି ଯୁଦ୍ଧକର । ତେଣୁ ଏକ ସଙ୍ଗରେ ଭକ୍ତିଯୋଗରେ କର୍ମ କରିବାକୁ କହି ପୁଣି ଜ୍ଞାନରେ ନୈଷ୍କର୍ମ୍ୟ କଥା କହିବାରୁ ଅର୍ଜୁନଙ୍କର ବିଗ୍ରହଧାରାରେ ଗୋଳମାଳ ସୃଷ୍ଟି ହୋଇଗଲା । ସେ ବଡ଼ ଗୋଲୋକ ଧନ୍ଦାରେ ପଡ଼ିଗଲେ । ସେ ଯେଉଁ ଲକ୍ଷ୍ୟ କରିଥିଲେ ଭଗବାନ୍ ଶ୍ରୀକୃଷ୍ଣ ସେଥିରେ ଗୋଳମାଳ ସୃଷ୍ଟି କରିଦେଲେ । ଅର୍ଜୁନ ଏ କଥା ବୁଝିପାରିଲେ ଯେ, ଜ୍ଞାନସ୍ତରରେ ରହି ତ୍ୟାଗ କରିବାର ଅର୍ଥ ହେଲା - ଇନ୍ଦ୍ରିୟତୃପ୍ତି ନିମିତ୍ତ କରଣୀୟ ସମସ୍ତ ପ୍ରକାର କର୍ମକୁ ବନ୍ଦ କରିବା । କିନ୍ତୁ ଯଦି ବ୍ୟକ୍ତି ଭକ୍ତିଯୋଗରେ କର୍ମକରେ, ତାହାହେଲେ କର୍ମ କିପରି ବନ୍ଦହେବ? ଅନ୍ୟ କଥାରେ ସେ ଭାବିଲେ, ଜ୍ଞାନସ୍ତରରେ ରହି କର୍ମତ୍ୟାଗ କରିବାର ଅର୍ଥ, ଅର୍ଥାତ୍ ସନ୍ନ୍ୟାସ ଅର୍ଥ ସମସ୍ତ ପ୍ରକାର କର୍ମତ୍ୟାଗ, କାରଣ କର୍ମ ଓ ସନ୍ନ୍ୟାସ ଏ ଦୁଇଟି କଥା କିପରି ତାଙ୍କୁ ବଡ଼ ଅସଙ୍ଗତ ବୋଧହେଲା । ଏଥିରୁ ଜଣାଯାଉଛି ଯେ ସେ, 'ସନ୍ନ୍ୟାସ' ଓ କର୍ମତ୍ୟାଗ ଏ ଦୁଇଟି କଥା ଭଲରକମ ବୁଝିନାହାନ୍ତି । ପୂର୍ଣ୍ଣଜ୍ଞାନ ସ୍ତରରେ ରହି କର୍ମକଲେ - କର୍ମର ପ୍ରତିକ୍ରିୟା ଯେ ଆଉ କିଛି ରହେ ନାହିଁ ଏବଂ ସେଇଥିପାଇଁ ତାହା ନୈଷ୍କର୍ମ୍ୟ ସଙ୍ଗେ ସମାନ - ଏ କଥାଟି ସେ ଭଲରକମ ବୁଝିନାହାନ୍ତି । ତେଣୁ ସେ ପ୍ରଶ୍ନ କରୁଛନ୍ତି, ସେ ସଂପୂର୍ଣ୍ଣରୂପେ କର୍ମତ୍ୟାଗ କରିବେ ନା' ପୂର୍ଣ୍ଣଜ୍ଞାନରେ କର୍ମ କରିବେ- କେଉଁଟି ଦରକାର ?

## ଶ୍ଳୋକ - ୨

## ଶ୍ରୀଭଗବାନୁବାଚ

**ସନ୍ନ୍ୟାସଃ କର୍ମଯୋଗଶ୍ଚ ନିଃଶ୍ରେୟସକରାବୁଭୌ ।**
**ତୟୋସ୍ତୁ କର୍ମସନ୍ନ୍ୟାସାତ୍କର୍ମଯୋଗୋ ବିଶିଷ୍ୟତେ ।। ୨ ।।**

## ଶବ୍ଦାନୁବାଦ

ଶ୍ରୀଭଗବାନ୍ ଉବାଚ=ପରମପୁରୁଷ ଭଗବାନ୍ କହିଲେ; ସନ୍ନ୍ୟାସଃ=କର୍ମ ସନ୍ନ୍ୟାସ; କର୍ମ-ଯୋଗଃ=ଭକ୍ତିଯୋଗରେ କର୍ମ; ଚ=ମଧ୍ୟ; ନିଃଶ୍ରେୟସ-କରୌ=ସମସ୍ତ ମୁକ୍ତିପଥଗାମୀ;

ଉଭୌ=ଉଭୟ; ତୟୋଃ=ଦୁଇଟି ମଧ୍ୟରେ; ତୁ=କିନ୍ତୁ; କର୍ମ-ସନ୍ନ୍ୟାସାତ୍=ସକାମ କର୍ମ ସନ୍ନ୍ୟାସ ତୁଳନାରେ; କର୍ମ-ଯୋଗଃ=ଭକ୍ତିଯୋଗରେ କର୍ମ; ବିଶିଷ୍ୟତେ=ଶ୍ରେୟସ୍କର ଅଟେ ବା ବଡ଼ ଅଟେ ।

## ଅନୁବାଦ

**ଶ୍ରୀଭଗବାନ୍ କହିଲେ, ''କର୍ମତ୍ୟାଗ ଏବଂ ଭକ୍ତିଯୋଗ''ର କର୍ମ ଉଭୟ ମୁକ୍ତି ନିମିତ୍ତ ଭଲ; କିନ୍ତୁ ଏ ଦୁଇଟି ମଧ୍ୟରୁ କର୍ମତ୍ୟାଗ ଅପେକ୍ଷା ଭକ୍ତିଯୋଗରେ କର୍ମ କରିବା ଉତ୍ତମ ଅଟେ ।**

## ଭାବାର୍ଥ

ସକାମ କର୍ମ (ଇନ୍ଦ୍ରିୟ ତୃପ୍ତିର ଅନ୍ୱେଷଣ) ଭୌତିକ ବନ୍ଧନର ହେତୁ ଅଟେ ।ଯେ ପର୍ଯ୍ୟନ୍ତ ବ୍ୟକ୍ତି ଶରୀରର ସୁଖ-ସ୍ୱାଚ୍ଛନ୍ଦ୍ୟ ବୃଦ୍ଧି ଦିଗରେ ଲକ୍ଷ୍ୟରଖି କର୍ମ କରୁଥାଏ, ସେ ପର୍ଯ୍ୟନ୍ତ ସେ ବିଭିନ୍ନପ୍ରକାର ଶରୀର ଲାଭକରି ଚାଲିଥିବ ।ଏତଦ୍ଦ୍ୱାରା ସେ ଭୌତିକ ବନ୍ଧନରେ ବରାବର ବାନ୍ଧି ହେଉଥିବ ।ଏକଥା ନିମ୍ନମତେ ଶ୍ରୀମଦ୍ ଭାଗବତମ୍‌ରେ ସ୍ୱୀକୃତ ହୋଇଅଛି ।

*ନୂନଂ ପ୍ରମତ୍ତଃ କୁରୁତେ ବିକର୍ମ ଯଦ୍‌ଇନ୍ଦ୍ରିୟପ୍ରୀତୟ ଆପୃଣୋତି ।*
*ନ ସାଧୁମନ୍ୟେ ଯତ ଆତ୍ମନୋଽୟଂ ଅସନ୍ନ ଅପି କ୍ଳେଶଦ ଆସ ଦେହଃ ।।*
*ପରାଭବସ୍ତାବଦ୍ ଅବୋଧଜାତୋ ଯାବନ୍ନ ଜିଜ୍ଞାସତ୍ ଆତ୍ମତତ୍ତ୍ୱମ୍ ।*
*ଯାବତ୍ କ୍ରିୟାସ୍ତାବଦ୍ ଇଦଂ ମନୋ ବୈ କର୍ମାତ୍ମକଂ ଯେନ ଶରୀରବନ୍ଧଃ ।।*
*ଏବଂ ମନଃ କର୍ମବଶଂ ପ୍ରଯୁଙ୍‌କ୍ତେ ଅବିଦ୍ୟୟାତ୍ମନ୍ୟପଧୀୟମାନେ ।*
*ପ୍ରୀତି ନ ଯାବନ୍ ମୟି ବାସୁଦେବେ ନ ମୁଚ୍ୟତେ ଦେହଯୋଗେନ ତାବତ୍ ।।*

''ଲୋକମାନେ ଇନ୍ଦ୍ରିୟତୃପ୍ତି ନିମିତ୍ତ ପାଗଳ ଏବଂ ସେମାନେ ଜାଣନ୍ତି ନାହିଁ ଦୁଃଖପୂର୍ଣ୍ଣ, ବ୍ୟାଧିପୂର୍ଣ୍ଣ - ଏ ଶରୀର ଗତଜନ୍ମର ସକାମ କର୍ମର ଫଳ ଅଟେ ।ଯଦିଓ ଏ ଶରୀର କ୍ଷଣସ୍ଥାୟୀ ଅଟେ, ତଥାପି ଏହା ବ୍ୟକ୍ତିକୁ ନାନାପ୍ରକାର କଷ୍ଟ ଦେଉଛି ।ତେଣୁ, ଇନ୍ଦ୍ରିୟତୃପ୍ତି ନିମିତ୍ତ କର୍ମ କରିବା ଭଲ ନୁହେଁ ।ସକାମ କର୍ମ କଲେ କ'ଣ ଫଳ ହୁଏ-ଏ ସମ୍ବନ୍ଧରେ ଯେ ପର୍ଯ୍ୟନ୍ତ ବ୍ୟକ୍ତି ପ୍ରଶ୍ନ ନ କରିଛି ସେପର୍ଯ୍ୟନ୍ତ ତା'ର ଜୀବନ ବୃଥା ହୋଇଗଲା ବୋଲି ବୁଝିବାକୁ ପଡ଼ିବ; କାରଣ ଯେ ପର୍ଯ୍ୟନ୍ତେ ବ୍ୟକ୍ତି ଦୈହିକ ଧାରଣାରେ ଅଛି, ଅର୍ଥାତ୍ ଇନ୍ଦ୍ରିୟ ତୃପ୍ତିଜନିତ କର୍ମରେ ଲିପ୍ତ ଅଛି, ସେପର୍ଯ୍ୟନ୍ତ ତାକୁ ଗୋଟିଏ ଶରୀରରୁ ଅନ୍ୟ ଶରୀରକୁ ଯିବାକୁ ହେବ ।ଯଦିଓ ମନ ସକାମ କର୍ମରେ ନିଯୁକ୍ତ ହୋଇପାରେ ଏବଂ ଅବିଦ୍ୟାଦ୍ୱାରା ପ୍ରଭାବିତ ହୋଇପାରେ, ତଥାପି ବ୍ୟକ୍ତି ବାସୁଦେବଙ୍କ ସେବା ପ୍ରତି ଆଗ୍ରହୀ ହେବା ଉଚିତ୍ ।ତାହାହେଲେ ସେ ଭୌତିକ ସ୍ଥିତିରୂପକ ବନ୍ଧନରୁ ମୁକ୍ତି ପାଇବାର ସୁଯୋଗ ପାଇ ପାରିବ ।
(ଭାଗବତମ୍ ୫-୫-୪/୬)

ଏଣୁ ମୁକ୍ତି ପାଇବା ପାଇଁ କେବଳ ଜ୍ଞାନ (ମୁଁ ଏ ଜଡ଼ ଶରୀର ନୁହେଁ, ମୁଁ ଚିଦାତ୍ମା ଏହି ଜ୍ଞାନ) ପର୍ଯ୍ୟାପ୍ତ ନୁହେଁ ।ବ୍ୟକ୍ତିକୁ ଚିଦାତ୍ମା ହିସାବରେ କାମ କରିବାକୁ ହେବ, ତା ନହେଲେ ଭୌତିକ ବନ୍ଧନରୁ ମୁକ୍ତି ପାଇବାର ଅନ୍ୟ ବାଟ ନାହିଁ ।କୃଷ୍ଣଚେତନାରେ ଯେଉଁ କର୍ମ କରାଯାଏ, ତାହା ସକାମ କର୍ମ ନୁହେଁ ।ପୂର୍ଣ୍ଣଜ୍ଞାନ ସ୍ତରରେ ରହି ଯେଉଁ କର୍ମ କରାଯାଏ, ତାହା

ପ୍ରକୃତ ଜ୍ଞାନମାର୍ଗରେ ଅଗ୍ରଗତି କରିବା ନିମିତ୍ତ ବ୍ୟକ୍ତିକୁ ଅଧିକ ଶକ୍ତିଶାଳୀ କରାଏ । କୃଷ୍ଣଚେତନା ବୃଦ୍ଧି ନକରି କେବଳ ସକାମ କର୍ମ ତ୍ୟାଗକଲେ ବଦ୍ଧଜୀବର ହୃଦୟ ବାସ୍ତବରେ ବିଶୁଦ୍ଧ ହୁଏ ନାହିଁ । ଯେ ପର୍ଯ୍ୟନ୍ତ ହୃଦୟ ବିଶୁଦ୍ଧ ନ ହୋଇଛି, ସେ ପର୍ଯ୍ୟନ୍ତ ବ୍ୟକ୍ତିକୁ ସକାମ କର୍ମ ସ୍ତରରେ କର୍ମ କରିବାକୁ ପଡ଼ିବ । କିନ୍ତୁ କୃଷ୍ଣଚେତନାରେ ଯେଉଁ କର୍ମ କରାଯାଏ, ତାହା ସ୍ୱତଃ ବ୍ୟକ୍ତିକୁ କର୍ମଫଳ ଭୋଗରୁ ମୁକ୍ତ କରିବାରେ ସାହାଯ୍ୟ କରେ; ତେଣୁ ବ୍ୟକ୍ତିକୁ ଆଉ ଭୌତିକ ସ୍ଥିତିକୁ ଅବତରଣ କରିବାର ଦରକାର ପଡ଼େ ନାହିଁ । ତେଣୁ କୃଷ୍ଣଚେତନାରେ କରଣୀୟ କର୍ମ ସର୍ବଦା ତ୍ୟାଗ ଅପେକ୍ଷା ଉନ୍ନତତର ଅଟେ; କାରଣ ତ୍ୟାଗରେ ଅଧୋପତିତ ହେବାର ବିପଦ ଅଛି । କୃଷ୍ଣଚେତନାରହିତ ତ୍ୟାଗ ଅସଂପୂର୍ଣ୍ଣ ଅଟେ । ଏହା ଶ୍ରୀଳ ରୂପଗୋସ୍ୱାମୀ ତାଙ୍କ ଚରିତ 'ଭକ୍ତିରସାମୃତ ସିନ୍ଧୁ'ରେ ସ୍ୱୀକାର କରିଛନ୍ତି—

*"ପ୍ରାପଞ୍ଚିକତୟା ବୁଦ୍ଧ୍ୟା ହରି-ସମ୍ବନ୍ଧି ବସ୍ତୁନଃ ।*
*ମୁମୁକ୍ଷୁଭିଃ ପରିତ୍ୟାଗୋ ବୈରାଗ୍ୟଂ ଫଲ୍‌ଗୁ କଥ୍ୟତେ ।"*

ଅର୍ଥାତ୍—ହରି ସମ୍ବନ୍ଧୀ ବସ୍ତୁରୁ ମୁକ୍ତି ପାଇବାକୁ ଇଚ୍ଛା କରୁଥିବା ବ୍ୟକ୍ତିଗଣ ଯେଉଁ ତ୍ୟାଗ କରନ୍ତି, ତାହା ଅସଂପୂର୍ଣ୍ଣ ତ୍ୟାଗ ଅଟେ । ଯେତେବେଳେ ବ୍ୟକ୍ତିର ଏହି ଜ୍ଞାନ ଜାତ ହୁଏ ଯେ, ଯାହା ସବୁ ଅଛି ତାହା ସବୁ ଭଗବାନଙ୍କର ସେତେବେଳେ ବ୍ୟକ୍ତି କୌଣସିଟିକୁ ନିଜର ବୋଲି ଦାବୀ କରିବା ଉଚିତ୍ ନୁହେଁ । ଯେତେବେଳେ ଏହି ଜ୍ଞାନର ବଶବର୍ତ୍ତୀ ହୋଇ ବ୍ୟକ୍ତି ତ୍ୟାଗ କରେ, ସେତେବେଳେ ତ୍ୟାଗ ସମ୍ପୂର୍ଣ୍ଣ ହୁଏ । ଏ କଥା ବ୍ୟକ୍ତିକୁ ବୁଝିବାକୁ ପଡ଼ିବ ଯେ, ବାସ୍ତବରେ କୌଣସି ବସ୍ତୁ ବା ପଦାର୍ଥ କୌଣସି ବ୍ୟକ୍ତିର ନୁହେଁ । ତାହାହେଲେ ତ୍ୟାଗର ପ୍ରଶ୍ନ କେଉଁଠି ଅଛି ? ଯେଉଁ ବ୍ୟକ୍ତି ଜାଣେ ଯେ, ସବୁ ହେଉଛି କୃଷ୍ଣଙ୍କର ସମ୍ପତ୍ତି, ସେ ସର୍ବଦା ତ୍ୟାଗ ସ୍ତରରେ ଅଛି ବୋଲି ବୁଝିବାକୁ ପଡ଼ିବ । ଯେଣୁ ସବୁ କୃଷ୍ଣଙ୍କର, ତେଣୁ ସବୁ ତାଙ୍କ ସେବାରେ ଲାଗିବା ଉଚିତ୍ । ମାୟାବାଦୀ ସନ୍ନ୍ୟାସୀର କୃତ୍ରିମ ତ୍ୟାଗ ଅପେକ୍ଷା କୃଷ୍ଣଚେତନାରେ କରଣୀୟ କର୍ମ ଯଥେଷ୍ଟ ଉନ୍ନତତର ଅଟେ ।

## ଶ୍ଲୋକ - ୩

**ଜ୍ଞେୟଃ ସ ନିତ୍ୟସନ୍ନ୍ୟାସୀ ଯୋ ନ ଦ୍ୱେଷ୍ଟି ନ କାଙ୍‌କ୍ଷତି ।**
**ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ ସୁଖଂ ବନ୍ଧାତ୍ ପ୍ରମୁଚ୍ୟତେ ।।୩।।**

## ଶବ୍ଦାନୁବାଦ

ଜ୍ଞେୟଃ=ଜାଣିବା ଉଚିତ୍; ସଃ=ସେ; ନିତ୍ୟ=ନିତ୍ୟ, ବରାବର; ସନ୍ନ୍ୟାସୀ=ସନ୍ନ୍ୟାସୀ; ଯଃ=ଯେ; ନ=ନାହିଁ; ଦ୍ୱେଷ୍ଟି=ଘୃଣାକରେ; ନ=ନାହିଁ; କାଙ୍‌କ୍ଷତି=କାମନା କରେ; ନିର୍ଦ୍ୱନ୍ଦ୍ୱଃ=ସମସ୍ତ ପ୍ରକାର ଦ୍ୱନ୍ଦ୍ୱଭାବରୁ ମୁକ୍ତ; ହି=ନିଶ୍ଚିତଭାବେ; ମହା-ବାହୋ=ହେ ପ୍ରବଳ ପରାକ୍ରମୀ; ସୁଖମ୍=ସୁଖୀ; ବନ୍ଧାତ୍=ବନ୍ଧନରୁ; ପ୍ରମୁଚ୍ୟତେ=ସଂପୂର୍ଣ୍ଣରୂପେ ମୁକ୍ତ ।

## ଅନୁବାଦ

**ଯେ ତା'ର କର୍ମଫଳକୁ ଘୃଣା କରେ ନାହିଁ କିମ୍ବା ଭୋଗକରିବାର କାମନା ରଖେ ନାହିଁ, ସେ ସର୍ବଦା ଜଣେ ସନ୍ନ୍ୟାସୀ ବୋଲି ବୁଝିବାକୁ ପଡ଼ିବ । ହେ ମହାବାହୁ,**

**ଅର୍ଜୁନ ! ସମସ୍ତପ୍ରକାର ଦ୍ୱନ୍ଦ୍ୱ ମୋହରୁ ମୁକ୍ତ ଏ ପ୍ରକାର ବ୍ୟକ୍ତି ସହଜରେ ଭୌତିକ ବନ୍ଧନରୁ ମୁକ୍ତ ହୋଇଯାଏ ଏବଂ ସେ ସଂପୂର୍ଣ୍ଣରୂପେ ମୁକ୍ତ ଅଟେ ।**

## ଭାବାର୍ଥ

ଯେ ସଂପୂର୍ଣ୍ଣରୂପେ କୃଷ୍ଣଚେତନାରେ ଅଛି, ସେ ବରାବର ଜଣେ ସନ୍ନ୍ୟାସୀ ଅଟେ, କାରଣ ସେ ତା'ର କର୍ମଫଳକୁ ଘୃଣା କରେ ନାହିଁ କିମ୍ବା ଉପଭୋଗ କରିବାର କାମନା ରଖେ ନାହିଁ । ଏ ପ୍ରକାର ଏକ ସନ୍ନ୍ୟାସୀ, ଯେ କି ଭଗବାନଙ୍କ ସେବାରେ ଆତ୍ମ ସମର୍ପଣ କରିଛି, ସେ ପୂର୍ଣ୍ଣଜ୍ଞାନ ଲାଭ କରିଛି ବୋଲି ବୁଝିବାକୁ ପଡ଼ିବ, କାରଣ ସେ ତା'ର ସ୍ୱରୂପସ୍ଥିତିକୁ ବୁଝି ପାରିଛି - କୃଷ୍ଣଙ୍କ ସହ ତା'ର କି ସମ୍ବନ୍ଧ ଅଛି, ତାହା ସେ ଜାଣି ପାରିଛି । ସେ ଏହା ଭଲରକମ ଜାଣେ ଯେ, କୃଷ୍ଣ ହେଉଛନ୍ତି 'ପୂର୍ଣ୍ଣ' ଏବଂ ସେ କୃଷ୍ଣଙ୍କର ଅଂଶବିଶେଷ ଅଟେ । ଏ ପ୍ରକାର ଜ୍ଞାନ ହିଁ ଶୁଦ୍ଧଜ୍ଞାନ ଅଟେ, କାରଣ ଏହା ଗୁଣାତ୍ମକଭାବେ ଓ ପରିମାଣାତ୍ମକଭାବେ ଠିକ୍ । କୃଷ୍ଣଙ୍କ ସହ ମିଶି ଏକ ହେବା -ଏହି ଯେଉଁ ଧାରଣା, ଏହା ଭୁଲ ଅଟେ; କାରଣ ଅଂଶ କେବେହେଲେ ପୂର୍ଣ୍ଣସହ ସମାନ ହୋଇପାରିବ ନାହିଁ । ଜୀବ, ଭଗବାନଙ୍କ ସହ ଗୁଣାତ୍ମକଭାବେ ସମାନ; କିନ୍ତୁ ପରିମାଣରେ (ବା ପରିମାଣାତ୍ମକଭାବେ) ଭିନ୍ନ-ଏହା ହେଉଛି ଶୁଦ୍ଧଜ୍ଞାନ । ଯେ ଏହି ଦିବ୍ୟଜ୍ଞାନ ଲାଭ କରେ, ସେ ପୂର୍ଣ୍ଣଜ୍ଞାନ ଲାଭ କରେ । ସେ ନିଜ ମଧ୍ୟରେ ପୂର୍ଣ୍ଣତା ଉପଲବ୍ଧି କରେ, ଆଉ କିଛି ପାଇବାକୁ ଆଶାକରେ ନାହିଁ କିମ୍ବା କୌଣସି ବସ୍ତୁର ଅଭାବ ନିମିତ୍ତ ଦୁଃଖ ପ୍ରକାଶ କରେ ନାହିଁ । ତା'ର ମନରେ ଦ୍ୱନ୍ଦ୍ୱଭାବ ନଥାଏ, କାରଣ ସେ ଯାହା କିଛି କରେ, ସବୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ନିମିତ୍ତ କରେ । ଏହିପରିଭାବରେ ଦ୍ୱନ୍ଦ୍ୱଭାବରୁ ମୁକ୍ତ ହୋଇ ସେ ଏହି ଭୌତିକ ଜଗତରେ ଥିଲେ ସୁଦ୍ଧା ମୁକ୍ତ ଅଟେ ।

## ଶ୍ଲୋକ - ୪

**ସାଂଖ୍ୟଯୋଗୌ ପୃଥଗ୍ ବାଲାଃ ପ୍ରବଦନ୍ତି ନ ପଣ୍ଡିତାଃ ।**
**ଏକମପ୍ୟାସ୍ଥିତଃ ସମ୍ୟଗୁଭୟୋର୍ବିନ୍ଦତେ ଫଳମ୍ ।।୪।।**

## ଶବ୍ଦାନୁବାଦ

ସାଂଖ୍ୟ=ଭୌତିକ ଜଗତର ବିଶ୍ଳେଷଣାତ୍ମକ ଅଧ୍ୟୟନ; ଯୋଗୌ=ଭକ୍ତିଯୋଗରେ କର୍ମ; ପୃଥକ୍=ପୃଥକ୍; ବାଲାଃ=ଅଳ୍ପବୁଦ୍ଧିସଂପନ୍ନ ବ୍ୟକ୍ତିଗଣ; ପ୍ରବଦନ୍ତି=କୁହନ୍ତି; ନ=ନାହିଁ; ପଣ୍ଡିତାଃ=ପଣ୍ଡିତମାନେ; ଏକମ୍=ଗୋଟିକରେ; ଅପି=ଯଦିଓ; ଆସ୍ଥିତଃ=ସ୍ଥିରରହି; ସମ୍ୟକ୍=ସଂପୂର୍ଣ୍ଣ; ଉଭୟୋଃ=ଉଭୟର; ବିନ୍ଦତେ=ଉପଭୋଗ କରେ; ଫଳମ୍=ଫଳ ।

## ଅନୁବାଦ

**ଯେଉଁମାନେ ଅଳ୍ପବୁଦ୍ଧିସମ୍ପନ୍ନ ସେହିମାନେ କୁହନ୍ତି ଯେ, କର୍ମଯୋଗ ଓ ଭକ୍ତିଯୋଗ, ସାଂଖ୍ୟଯୋଗ (ଅର୍ଥାତ୍ ଭୌତିକ ଜଗତର ବିଶ୍ଳେଷଣାତ୍ମକ ଅଧ୍ୟୟନ) ଠାରୁ ପୃଥକ୍ । କିନ୍ତୁ ଯେଉଁମାନେ ପ୍ରକୃତରେ ପଣ୍ଡିତ, ସେମାନେ କୁହନ୍ତି ଯେ, ଯଦି କେହି—ଏ ଦୁଇ ଯୋଗ ମାର୍ଗ ମଧ୍ୟରୁ ଗୋଟିକୁ ଅନୁସରଣ କରେ ସେ ଉଭୟର ଫଳ ପାଏ ।**

## ଭାବାର୍ଥ

ଭୌତିକ ଜଗତର ବିଶ୍ଳେଷଣାତ୍ମକ ଅଧ୍ୟୟନ (ଅର୍ଥାତ୍ ସାଂଖ୍ୟଯୋଗ)ର ଉଦ୍ଦେଶ୍ୟ ହେଲା ଭୌତିକ ସ୍ଥିତିର ଆତ୍ମାକୁ ଖୋଜି ପାଇବା । ଭୌତିକ ଜଗତର ଆତ୍ମା ହେଉଛନ୍ତି ବିଷ୍ଣୁ ବା ପରମାତ୍ମା । ଭଗବାନଙ୍କ ସେବା ପରମାତ୍ମାଙ୍କ ସେବାର ପ୍ରବନ୍ଧ କରେ । ଗୋଟିଏ ପନ୍ଥା ହେଉଛି ବୃକ୍ଷର ମୂଳକୁ ଖୋଜି ପାଇବା ଏବଂ ଅନ୍ୟଟି ହେଉଛି ମୂଳରେ ଜଳସେଚନ କରିବା । ଯେ ସାଂଖ୍ୟଦର୍ଶନର ପ୍ରକୃତ ଛାତ୍ର ସେ ଏ ଭୌତିକ ଜଗତର ମୂଳ ଖୋଜିକରି ପାଏ । ସେ ହେଉଛନ୍ତି ବିଷ୍ଣୁ । ତପରେ ସେ ପୂର୍ଣ୍ଣଜ୍ଞାନ ସ୍ତରରେ ରହି ଭଗବାନଙ୍କର ସେବାରେ ନିଯୁକ୍ତ ହୁଏ । ତେଣୁ ତତ୍ତ୍ୱତଃ ଏ ଦୁଇଟି ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ, କାରଣ ଏ ଉଭୟ ମାର୍ଗର ଲକ୍ଷ୍ୟ ହେଲେ ବିଷ୍ଣୁ । ଯେଉଁମାନେ ଅନ୍ତିମ ଲକ୍ଷ୍ୟ କ'ଣ ଜାଣନ୍ତି ନାହିଁ ସେହିମାନେ କୁହନ୍ତି ଯେ, ସାଂଖ୍ୟଯୋଗ ଓ କର୍ମଯୋଗର ଉଦ୍ଦେଶ୍ୟ ଏକା ନୁହେଁ; କିନ୍ତୁ ଯେ ପ୍ରକୃତରେ ପଣ୍ଡିତ ସେ ଏ ସବୁ ବିଭିନ୍ନ ପନ୍ଥାର ଅନ୍ତିମ ଐକ୍ୟ କଥା ବା ଅନ୍ତିମ ଲକ୍ଷ୍ୟ କଥା ଜାଣେ ।

## ଶ୍ଳୋକ - ୫

**ଯତ୍ସାଂଖ୍ୟୈଃ ପ୍ରାପ୍ୟତେ ସ୍ଥାନଂ ତଦ୍ ଯୋଗୈରପି ଗମ୍ୟତେ ।**
**ଏକଂ ସାଂଖ୍ୟଂ ଚ ଯୋଗଂ ଚ ଯଃ ପଶ୍ୟତି ସ ପଶ୍ୟତି ॥୫॥**

## ଶବ୍ଦାନୁବାଦ

ଯତ୍=ଯାହା; ସାଂଖ୍ୟୈଃ=ସାଂଖ୍ୟ ଦର୍ଶନଦ୍ୱାରା; ପ୍ରାପ୍ୟତେ=ପ୍ରାପ୍ତହୁଏ; ସ୍ଥାନମ୍=ସ୍ଥାନ; ତତ୍=ତାହା; ଯୋଗୈଃ=ଭକ୍ତି ଯୋଗରେ; ଅପି=ମଧ୍ୟ; ଗମ୍ୟତେ=ବ୍ୟକ୍ତି ଲାଭ କରିପାରେ; ଏକମ୍=ଏକ; ସାଂଖ୍ୟମ୍=ସାଂଖ୍ୟ ଦର୍ଶନ ବା ବିଶ୍ଳେଷଣାତ୍ମକ ଅଧ୍ୟୟନ; ଚ=ଏବଂ; ଯୋଗମ୍=ଭକ୍ତିଯୋଗରେ କର୍ମ; ଚ=ଏବଂ; ଯଃ=ଯେ; ପଶ୍ୟତି=ଦେଖେ; ସଃ=ସେ; ପଶ୍ୟତି=ପ୍ରକୃତରେ ଦେଖେ ।

## ଅନୁବାଦ

**ଯେ ଏକଥା ଜାଣେ ଯେ, ତ୍ୟାଗ (ବା ସନ୍ନ୍ୟାସ) ଦ୍ୱାରା ଯାହା ଲାଭ କରାଯାଏ, ତାହା ମଧ୍ୟ ଭକ୍ତିଯୋଗରେ ଲାଭ କରାଯାଇପାରେ ଏବଂ ସେଇଥିପାଇଁ ଯେ ଭକ୍ତି ଯୋଗରେ କର୍ମ ଏବଂ ସନ୍ନ୍ୟାସ - ଏ ଉଭୟକୁ ଏକ ବୋଲି ଦେଖେ ସେ ହିଁ ପ୍ରକୃତରେ ବସ୍ତୁମାନଙ୍କର ପ୍ରକୃତ ସ୍ୱରୂପକୁ ଦେଖିପାରେ ।**

## ଭାବାର୍ଥ

ଜୀବନର ଅନ୍ତିମ ଲକ୍ଷ୍ୟ କ'ଣ ତାହାକୁ ଖୋଜି ବାହାର କରିବା ହେଲା ଦାର୍ଶନିକ ଗବେଷଣାର ଉଦ୍ଦେଶ୍ୟ । ଜୀବନର ଅନ୍ତିମ ଲକ୍ଷ୍ୟ ହେଲା ଆତ୍ମାନୁଭୂତିଲାଭ; ତେଣୁ ଏ ଦୁଇମାର୍ଗରୁ ଯେଉଁ ସିଦ୍ଧାନ୍ତ ମିଳେ ସେମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ସାଂଖ୍ୟ ଦର୍ଶନର ଗବେଷଣାରୁ ଏହି ସିଦ୍ଧାନ୍ତ ମିଳେ ଯେ, ଜୀବ ଭୌତିକ ଜଗତର ଅଂଶବିଶେଷ ନୁହେଁ । ସେ ପରମ ପୁରୁଷ ବା ପରିପୂର୍ଣ୍ଣଙ୍କର ଅଂଶବିଶେଷ ଅଟେ । ପରିଣାମତଃ ଦିବ୍ୟାତ୍ମାର ଏ ଭୌତିକ ଜଗତରେ କିଛି କରିବାର ନାହିଁ । ତା'ର ସମସ୍ତ କର୍ମ ଭଗବାନଙ୍କ ସମ୍ବନ୍ଧୀୟ

ହେବା ଉଚିତ୍ । ସେ ଯେତେବେଳେ କୃଷ୍ଣ ଚେତନାରେ କର୍ମ କରେ, ସେତେବେଳେ ସେ ପ୍ରକୃତରେ ତା'ର ସ୍ୱରୂପସ୍ଥିତିରେ ଥାଏ । ପ୍ରଥମେ ସାଂଖ୍ୟଯୋଗ ମାର୍ଗରେ ବ୍ୟକ୍ତିକୁ ଭୌତିକ ବିଷୟବସ୍ତୁରୁ ଦୂରେଇ ଯିବାକୁ ପଡ଼ିବ ଏବଂ ଭକ୍ତିଯୋଗ ମାର୍ଗରେ ତାକୁ କୃଷ୍ଣକର୍ମରେ ନିଯୁକ୍ତ ହେବାକୁ ପଡ଼ିବ । ବାସ୍ତବରେ ଉଭୟ ମାର୍ଗ ବା ପନ୍ଥା ଏକ ଅଟେ, କିନ୍ତୁ ବାହ୍ୟତଃ ଗୋଟିଏ ମାର୍ଗ, ତ୍ୟାଗ କଥା କହୁଛି ତ' ଅନ୍ୟଟି ଯୋଗ କଥା କହୁଛି । ଅବଶ୍ୟ ଭୌତିକ ବିଷୟବସ୍ତୁକୁ ତ୍ୟାଗ କରିବା ଏବଂ କୃଷ୍ଣଙ୍କ ସହିତ ଯୁକ୍ତ ହେବା ଏକା କଥା ଅଟେ । ଯେ ଏହା ଦେଖିପାରେ ସେ ହିଁ ବସ୍ତୁର ପ୍ରକୃତ ସ୍ୱରୂପ ଦେଖିପାରେ ।

## ଶ୍ଳୋକ - ୬

**ସନ୍ନ୍ୟାସସ୍ତୁ ମହାବାହୋ ଦୁଃଖମାପ୍ତୁମଯୋଗତଃ ।**
**ଯୋଗଯୁକ୍ତୋ ମୁନିର୍ବ୍ରହ୍ମ ନ ଚିରେଣାଧିଗଚ୍ଛତି ।। ୬ ।।**

## ଶବ୍ଦାନୁବାଦ

ସନ୍ନ୍ୟାସଃ=ସନ୍ନ୍ୟାସ; ତୁ=କିନ୍ତୁ; ମହା-ବାହୋ=ହେ ମହାବାହୁ; ଦୁଃଖମ୍=ଦୁଃଖ; ଆପ୍ତୁମ୍=ଲାଭ କରିବା; ଅଯୋଗତଃ=ଭକ୍ତିଯୋଗ ବିନା; ଯୋଗ-ଯୁକ୍ତଃ=ଭକ୍ତି ଯୋଗରେ ସେବାରତ ହୋଇଥିବା; ମୁନିଃ=ମନନଶୀଳ ଦାର୍ଶନିକ ବା ମୁନି; ବ୍ରହ୍ମ=ପରମେଶ୍ୱର ବା ପରଂବ୍ରହ୍ମ; ନ=ବିନା; ଚିରେଣ=ବିଳମ୍ବେ; ଅଧିଗଚ୍ଛତି=ପ୍ରାପ୍ତହୁଏ ।

## ଅନୁବାଦ

**ବ୍ୟକ୍ତି ଭଗବାନଙ୍କ ସେବାରେ ନିଯୁକ୍ତ ନ ହୋଇ କେବଳ କର୍ମ ତ୍ୟାଗ କଲେ ସୁଖୀ ହୋଇପାରିବ ନାହିଁ । ଭଗବାନଙ୍କ ସେବାରତ ହୋଇ ମୁନି-ଋଷିବୃନ୍ଦ ବିଶୁଦ୍ଧ ହୁଅନ୍ତି ଏବଂ ଅବିଳମ୍ବେ ପରଂବ୍ରହ୍ମଙ୍କୁ ଲାଭ କରନ୍ତି ।**

## ଭାବାର୍ଥ

ଦୁଇ ପ୍ରକାର ସନ୍ନ୍ୟାସୀ ଅଛନ୍ତି; (ଯଥା-ମାୟାବାଦୀ ସନ୍ନ୍ୟାସୀ ଓ ବୈଷ୍ଣବ ସନ୍ନ୍ୟାସୀ) । ମାୟାବାଦୀ ସନ୍ନ୍ୟାସୀଗଣ ସାଂଖ୍ୟ ଦର୍ଶନ ଅଧ୍ୟୟନରେ ରତ ଥା'ନ୍ତି, କିନ୍ତୁ ବୈଷ୍ଣବ ସନ୍ନ୍ୟାସୀଗଣ ଭାଗବତ ପାଠରେ ରତ ଥା'ନ୍ତି । ଭାଗବତ, ବେଦାନ୍ତ ସୂତ୍ରର ଉପଯୁକ୍ତ ଭାଷ୍ୟ ଅଟେ । ମାୟାବାଦୀ ସନ୍ନ୍ୟାସୀଗଣ ମଧ୍ୟ ବେଦାନ୍ତ ସୂତ୍ର ଅଧ୍ୟୟନ କରନ୍ତି, କିନ୍ତୁ ସେମାନେ ସେମାନଙ୍କର ନିଜ ଭାଷ୍ୟ ଅର୍ଥାତ୍ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଲିଖିତ ଶାରୀରିକ ଭାଷ୍ୟ ପାଠ କରନ୍ତି, କିନ୍ତୁ ଭାଗବତ ଅଧ୍ୟୟନକାରୀ ଛାତ୍ରଗଣ ପଞ୍ଚରାତ୍ରିକୀ ବିଧି ଅନୁଯାୟୀ ଭଗବାନଙ୍କ ସେବାରେ ନିଯୁକ୍ତ ହୁଅନ୍ତି । ସେଇଥିପାଇଁ ବୈଷ୍ଣବ ସନ୍ନ୍ୟାସୀମାନଙ୍କର ବିଭିନ୍ନ ଧନ୍ଦା ଥାଏ । ଭଗବାନଙ୍କ ଦିବ୍ୟ ସେବା ଉଦ୍ଦେଶ୍ୟରେ ସେମାନେ ବିଭିନ୍ନ ଧନ୍ଦାରେ ନିଯୁକ୍ତ ଥା'ନ୍ତି । ବୈଷ୍ଣବ ସନ୍ନ୍ୟାସୀଙ୍କର କୌଣସି ଭୌତିକ କର୍ମ ନଥାଏ । ସେମାନେ ଭଗବାନଙ୍କ ସେବା ଉଦ୍ଦେଶ୍ୟରେ ବିଭିନ୍ନ କର୍ମ କରନ୍ତି । କିନ୍ତୁ ସାଂଖ୍ୟ ଏବଂ ବେଦାନ୍ତ ଦର୍ଶନ ଅଧ୍ୟୟନ ରତ ମନନଶୀଳ ମାୟାବାଦୀ ସନ୍ନ୍ୟାସୀଗଣ ଭଗବାନଙ୍କର ଦିବ୍ୟସେବାରେ ଯେ କି ଆନନ୍ଦ ଅଛି, ତାହା ଅନୁଭବ କରି ପାରନ୍ତି ନାହିଁ । ସେମାନେ ବେଦାନ୍ତ ଅଧ୍ୟୟନ କରି କ୍ଲାନ୍ତ ହୋଇ ପଡ଼ନ୍ତି, ତେଣୁ ସେମାନେ

ବେଳେବେଳେ ବ୍ରହ୍ମଚିନ୍ତନରେ ମଧ୍ୟ କ୍ଳାନ୍ତ ହୋଇ ପଡ଼ନ୍ତି ଏବଂ ସେମାନେ ଶ୍ରୀମଦ୍ ଭାଗବତମ୍‌ର ଆଶ୍ରୟ ଗ୍ରହଣ କରନ୍ତି । ସେମାନେ ଭାଗବତମ୍‌କୁ ଭଲରକମ ବୁଝି ନ ପାରି ସୁଦ୍ଧା 'ଭାଗବତମ୍'ର ଆଶ୍ରୟ ଗ୍ରହଣ କରନ୍ତି । ଫଳତଃ ସେମାନଙ୍କର ଭାଗବତମ୍ ଅଧ୍ୟୟନ ଯନ୍ତ୍ରଣାଦାୟକ ହୁଏ । ମାୟାବାଦୀ ସନ୍ନ୍ୟାସୀର ଶୁଷ୍କ ମାନସିକ କଳ୍ପନା ବା ମନନ ଏବଂ କୃତ୍ରିମ ଉପାୟରେ କରୁଥିବା ନିର୍ବିଶେଷ ବ୍ୟାଖ୍ୟା ବୃଥା ଅଟେ । ବୈଷ୍ଣବ ସନ୍ନ୍ୟାସୀମାନେ ସର୍ବଦା ଭଗବତ୍ ସେବାରେ ନିଯୁକ୍ତ ଥିବାରୁ ସେମାନେ ସର୍ବଦା ଦିବ୍ୟ ସେବାରେ ଆନନ୍ଦ ଅନୁଭବ କରନ୍ତି ଏବଂ ତଦ୍ଦ୍ୱାରା ସେମାନେ ଯେ ପରିମାଣରେ ଭଗବତ୍ ସାମ୍ରାଜ୍ୟରେ ପ୍ରବେଶାଧିକାର ଲାଭ କରିବେ ଏଥିରେ ଆଉ କୌଣସି ପ୍ରକାର ସନ୍ଦେହ ରହେ ନାହିଁ । ବେଳେବେଳେ ମାୟାବାଦୀ ସନ୍ନ୍ୟାସୀଗଣଙ୍କର ଦିବ୍ୟସ୍ତରରୁ ଅଧୋପତନ ହୁଏ ଏବଂ ସେମାନେ ପୁନର୍ବାର ଲୋକସେବାମୂଳକ ଭୌତିକ କର୍ମରେ ନିଯୁକ୍ତ ହୁଅନ୍ତି । ସମାଜ ସେବା ବା ଲୋକସେବା ମୂଳକ କର୍ମ ଭୌତିକ କର୍ମ (ବ୍ର.ସୂ. [illegible]) ବ୍ୟତୀତ ଆଉ କିଛି ନୁହେଁ । ତେଣୁ ସିଦ୍ଧାନ୍ତ ହେଲା - ବ୍ରହ୍ମଚିନ୍ତନରେ ନିଯୁକ୍ତ ଥିବା ସନ୍ନ୍ୟାସୀମାନଙ୍କ ଅପେକ୍ଷା କୃଷ୍ଣଚେତନାରେ କର୍ମରତ ଥିବା ଭକ୍ତଗଣ ଉନ୍ନତତର ସ୍ତରରେ ଅବସ୍ଥାନ କରନ୍ତି । ଯଦିଓ ବ୍ରହ୍ମବାଦୀ ସନ୍ନ୍ୟାସୀଗଣ ବହୁତ ଜନ୍ମପରେ କୃଷ୍ଣଚେତନା ସ୍ତରକୁ ଆସନ୍ତି, ତଥାପି ସେମାନେ କୃଷ୍ଣଚେତନଶୀଳ ଭକ୍ତମାନଙ୍କ ଅପେକ୍ଷା ଉନ୍ନତତର ନୁହଁନ୍ତି ।

## ଶ୍ଳୋକ - ୭

**ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟଃ ।**
**ସର୍ବଭୂତାତ୍ମଭୂତାତ୍ମା କୁର୍ବନ୍ନପି ନ ଲିପ୍ୟତେ ।।୭।।**

## ଶବ୍ଦାନୁବାଦ

ଯୋଗ-ଯୁକ୍ତଃ=ଭକ୍ତିଯୋଗରେ ସେବାରତ; ବିଶୁଦ୍ଧ-ଆତ୍ମା=ଏକ ବିଶୁଦ୍ଧ ଆତ୍ମା; ବିଜିତ-ଆତ୍ମା=ଆତ୍ମଜିତ; ଜିତ-ଇନ୍ଦ୍ରିୟଃ=ଇନ୍ଦ୍ରିୟମାନଙ୍କୁ ଜୟ କରିଥିବା; ସର୍ବ-ଭୂତ-ଆତ୍ମଭୂତ-ଆତ୍ମା=ସମସ୍ତ ଜୀବପ୍ରତି ସହାନୁଭୂତିଶୀଳ; କୁର୍ବନ୍ ଅପି=ଯଦିଓ କର୍ମରତ; ନ=ହୁଏ ନାହିଁ; ଲିପ୍ୟତେ=ଆସକ୍ତ ହୁଏ ।

## ଅନୁବାଦ

**ଯେ ଭକ୍ତିଯୋଗରେ କର୍ମ କରେ, ଯେ ବିଶୁଦ୍ଧ ଆତ୍ମା ଏବଂ ଯେ ନିଜର ମନ ଓ ଆତ୍ମାକୁ ସଂଯତ କରିଥାଏ, ସେ ସମସ୍ତଙ୍କର ପ୍ରିୟ ଅଟେ ଏବଂ ସମସ୍ତେ ତା'ର ପ୍ରିୟ ଅଟନ୍ତି । ଏ ପ୍ରକାର ବ୍ୟକ୍ତି ସର୍ବଦା କର୍ମରତ ଥିଲେ ସୁଦ୍ଧା କଦାପି କର୍ମଫଳରେ ଲିପ୍ତ ହୁଏ ନାହିଁ ।**

## ଭାବାର୍ଥ

ଯେ କୃଷ୍ଣଚେତନାରେ ରହି ମୁକ୍ତିପଥର ପଥିକ ହୋଇଛି, ସେ ସମସ୍ତଙ୍କର ଅତି ପ୍ରିୟ ଅଟେ ଏବଂ ସମସ୍ତେ ତା'ର ପ୍ରିୟ ଅଟନ୍ତି । ଏହା ହେଉଛି ତା'ର କୃଷ୍ଣଚେତନାର ଫଳ । ଏ ପ୍ରକାର ଲୋକ କୌଣସି ଜୀବକୁ କୃଷ୍ଣଙ୍କଠାରୁ ଭିନ୍ନବୋଲି ଭାବିବ ନାହିଁ । ଯେପରି ବୃକ୍ଷର ଶାଖା-ପ୍ରଶାଖା ଓ ପତ୍ରଗୁଡ଼ିକ ବୃକ୍ଷଠାରୁ ଭିନ୍ନ ନୁହଁନ୍ତି, ଠିକ୍ ସେହିପରି ଜୀବଗଣ କୃଷ୍ଣଙ୍କଠାରୁ

ଭିନ୍ନ ନୁହଁନ୍ତି । ସେ ଏକଥା ଭଲଭାବରେ ଜାଣେ ଯେ, ଗଛମୂଳରେ ପାଣି ଢ଼ାଳିଲେ ଗଛର ସମସ୍ତ ଶାଖା-ପ୍ରଶାଖା ଓ ପତ୍ର, ଜଳ ପାଇପାରିବେ କିମ୍ବା ଉଦରକୁ ଖାଦ୍ୟ ଯୋଗାଇଲେ ସମଗ୍ର ଶରୀରରେ ଶକ୍ତି ସଞ୍ଚାରିତ ହୋଇପାରିବ । ଯେ କୃଷ୍ଣଚେତନାରେ କାର୍ଯ୍ୟ କରେ ସେ ସମସ୍ତଙ୍କର ସେବକ; ତେଣୁ ସେ ସମସ୍ତଙ୍କର ଅତି ପ୍ରିୟ । ଯେଣୁ ସମସ୍ତେ ତା' କର୍ମରେ ସନ୍ତୁଷ୍ଟ, ତେଣୁ ତା'ର ଚେତନା ଶୁଦ୍ଧ ବୋଲି ବୁଝିବାକୁ ପଡ଼ିବ । ତା'ର ଚେତନା ଶୁଦ୍ଧ ହୋଇଥିବାରୁ ତା'ର ମନ ସଂପୂର୍ଣ୍ଣରୂପେ ସଂଯତ ହୋଇଥାଏ । ଯେଣୁ ତା'ର ମନ ସଂଯତ, ତେଣୁ ତା'ର ଇନ୍ଦ୍ରିୟଗୁଡ଼ିକ ମଧ୍ୟ ସଂଯତ । ତା'ର ମନ ସର୍ବଦା କୃଷ୍ଣଙ୍କଠାରେ ସ୍ଥିର ହୋଇଥିବାରୁ ତା'ର କୃଷ୍ଣଙ୍କଠାରୁ ବିଚ୍ୟୁତ ହେବାର ସମ୍ଭାବନା ପ୍ରାୟ ନଥାଏ କିମ୍ବା ଏପରି ସମ୍ଭାବନା ମଧ୍ୟ ନଥାଏ ଯେ, ତା'ର ଇନ୍ଦ୍ରିୟଗୁଡ଼ିକ କୃଷ୍ଣସେବା ବ୍ୟତୀତ ଅନ୍ୟ କୌଣସି ସେବାରେ ନିଯୁକ୍ତ ହେବେ । କୃଷ୍ଣକଥା ବ୍ୟତୀତ ଅନ୍ୟକିଛି ଶୁଣିବାକୁ ସେ ଭଲ ପାଏ ନାହିଁ, ସେ ଏପରି ଖାଦ୍ୟ ଗ୍ରହଣ କରିବାକୁ ଇଚ୍ଛା କରେନାହିଁ-ଯାହା କୃଷ୍ଣଙ୍କୁ ଅର୍ପିତ ହୋଇ ନଥାଏ ଏବଂ ସେ ଏପରି ସ୍ଥାନକୁ ଯିବାକୁ ଇଚ୍ଛା କରେନାହିଁ ଯାହା କୃଷ୍ଣଙ୍କର ଲୀଳାକ୍ଷେତ୍ର ନୁହେଁ । ତେଣୁ ତା'ର ଇନ୍ଦ୍ରିୟଗୁଡ଼ିକ ସଂଯତ ହୋଇଥା'ନ୍ତି । ଯେ, ସଂଯତେନ୍ଦ୍ରିୟ, ସେ କାହାରିପ୍ରତି ଅସଦାଚରଣ କରେ ନାହିଁ ବା ଅପରାଧୀ ହୁଏନାହିଁ । ତେଣୁ କେହି ଏପରି ପ୍ରଶ୍ନ କରିପାରେ, "ଯୁଦ୍ଧକ୍ଷେତ୍ରରେ ଅର୍ଜୁନ ଅନ୍ୟମାନଙ୍କ ପ୍ରତି ଅପରାଧ ଆଚରଣ କରୁଥିଲେ କାହିଁକି ? ସେ କ'ଣ କୃଷ୍ଣଚେତନାରେ ନଥିଲେ ?" ଅର୍ଜୁନ କାହିଁକି ଏପରି କରୁଥିଲେ - ସେ କଥା ଦ୍ୱିତୀୟ ଅଧ୍ୟାୟରେ କୁହାଯାଇଛି । କେବଳ ବାହାରକୁ ଦେଖାଇବା ପାଇଁ ଅର୍ଜୁନ ଅପରାଧ ଆଚରଣ କରୁଥିଲେ । ଏହା ଦ୍ୱିତୀୟ ଅଧ୍ୟାୟରେ କୁହାଯାଇଛି ଯେ, ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି ପରେ ମଧ୍ୟ ରହିବେ, ସେମାନଙ୍କର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ରହିବ; କାରଣ ଆତ୍ମାକୁ ବିନାଶ କରାଯାଇ ପାରିବ ନାହିଁ । ତେଣୁ ଆଧ୍ୟାତ୍ମିକ ଦିଗରୁ ବିଚାର କଲେ ଜଣାଯିବ ଯେ, କୁରୁକ୍ଷେତ୍ର ଯୁଦ୍ଧକ୍ଷେତ୍ରରେ କେହି ବିନଷ୍ଟ ହୋଇ ନଥିଲେ । କେବଳ କୃଷ୍ଣଙ୍କ ଆଦେଶରେ ସେମାନଙ୍କର ପୋଷାକ ପରିବର୍ତ୍ତନ କରାଯାଇଥିଲା । କୃଷ୍ଣ ସ୍ୱୟଂ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ରହି ଅର୍ଜୁନଙ୍କୁ ପୋଷାକ ପରିବର୍ତ୍ତନ କର୍ମ କରିବାକୁ ଆଦେଶ ଦେଇଥିଲେ । ତେଣୁ କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜୁନ ଯୁଦ୍ଧ କରୁଥିଲାବେଳେ ବାହାରକୁ ଦେଖାଇବା ପାଇଁ ଯୁଦ୍ଧ କରୁଥିଲେ, କିନ୍ତୁ ପ୍ରକୃତରେ ସେ ଯୁଦ୍ଧ କରୁନଥିଲେ । ସେ କେବଳ ପୂର୍ଣ୍ଣ କୃଷ୍ଣଚେତନାରେ ରହି କୃଷ୍ଣଙ୍କର ଆଦେଶପାଳନ କରୁଥିଲେ । ଏପ୍ରକାର ବ୍ୟକ୍ତି କର୍ମର ପ୍ରତିକ୍ରିୟାର ଭୋଗ କରେନାହିଁ ।

## ଶ୍ଲୋକ - ୮-୯

**ନୈବ କିଞ୍ଚିତ୍କରୋମୀତି ଯୁକ୍ତୋ ମନ୍ୟେତ ତତ୍ତ୍ୱବିତ୍ ।**
**ପଶ୍ୟନ୍ଶୃଣ୍ୱନ୍ ସ୍ପୃଶଞ୍ଜିଘ୍ରନ୍ନଶ୍ନନ୍ଗଚ୍ଛନ୍ ସ୍ୱପନ୍ଶ୍ୱସନ୍ ।। ୮ ।।**
**ପ୍ରଲପନ୍ବିସୃଜନ୍ ଗୃହ୍ଣନ୍ନୁନ୍ମିଷନ୍ ନିମିଷନ୍ନପି ।**
**ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ ବର୍ତନ୍ତ ଇତି ଧାରୟନ୍ ।। ୯ ।।**

## ଶବ୍ଦାନୁବାଦ

ନ=ନୁହେଁ; ଏବ=ନିଶ୍ଚିତଭାବେ; କିଞ୍ଚିତ୍=କିଛି; କରୋମି=ମୁଁ କରେ; ଇତି=ଏହିପରି; ଯୁକ୍ତଃ=ଦିବ୍ୟଚେତନାରେ ଯୁକ୍ତ; ମନ୍ୟେତ=ଭାବେ; ତତ୍ତ୍ୱ-ବିତ୍=ଯେ ତତ୍ତ୍ୱ ଜାଣିଛି; ପଶ୍ୟନ୍=ଦେଖି ଦେଖି; ଶୃଣ୍ୱନ୍=ଶ୍ରବଣକରି; ସ୍ପୃଶନ୍=ସ୍ପର୍ଶକରି; ଜିଘ୍ରନ୍=ଆଘ୍ରାଣକରି; ଅଶ୍ନନ୍=ଭୋଜନ କରି; ଗଚ୍ଛନ୍=ଗମନ କରି; ସ୍ୱପନ୍=ସ୍ୱପ୍ନ ଦେଖି; ଶ୍ୱସନ୍=ଶ୍ୱାସପ୍ରଶ୍ୱାସ ନେଇ; ପ୍ରଳପନ୍=କଥା କହି; ବିସୃଜନ୍=ତ୍ୟାଗକରି; ଗୃହ୍ଣନ୍=ଗ୍ରହଣ କରି; ଉନ୍ମିଷନ୍=ଖୋଲି; ନିମିଷନ୍=ବନ୍ଦକରି; ଅପି=ସତ୍ତ୍ୱେ; ଇନ୍ଦ୍ରିୟାଣି=ଇନ୍ଦ୍ରିୟଗୁଡ଼ିକ; ଇନ୍ଦ୍ରିୟ-ଅର୍ଥେଷୁ=ଇନ୍ଦ୍ରିୟତୃପ୍ତିରେ; ବର୍ତନ୍ତେ=ସେମାନେ ନିଯୁକ୍ତ ହୁଅନ୍ତି; ଇତି=ଏହିପରି; ଧାରୟନ୍=ବିଗ୍ରହ କରି ।

## ଅନୁବାଦ

**ଯେ ଦିବ୍ୟଚେତନାରେ ଅଛି, ସେ ଦେଖୁଥିଲେ, ଶୁଣୁଥିଲେ, ସ୍ପର୍ଶ କରୁଥିଲେ, ଆଘ୍ରାଣ କରୁଥିଲେ, ଭୋଜନ କରୁଥିଲେ, ଗମନାଗମନ କରୁଥିଲେ, ଶୟନ କରୁଥିଲେ ଏବଂ ଶ୍ୱାସ ପ୍ରଶ୍ୱାସ ନେଉଥିଲେ ସୁଦ୍ଧା, ସେ ଏକଥା ଭଲରକମ ଜାଣେ ଯେ, ସେ ପ୍ରକୃତରେ କିଛି କରୁନାହିଁ । ସେ ଏକଥା ଭଲରକମ ଜାଣେ ଯେ, ସେ ଯେତେବେଳେ କଥା କହୁଛି, କିଛି ଗ୍ରହଣ କରୁଛି ବା କିଛି ତ୍ୟାଗ କରୁଛି, ଚକ୍ଷୁ ଖୋଲୁଛି ବା ବନ୍ଦ କରୁଛି, ସେତେବେଳେ ଏ ଜଡ଼େନ୍ଦ୍ରିୟଗୁଡ଼ିକ ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁରେ ହିଁ କେବଳ ଲାଗିଛନ୍ତି; କିନ୍ତୁ ସେ ଏ ସବୁଥିରୁ ଅଲଗା ।**

## ଭାବାର୍ଥ

କୃଷ୍ଣଚେତନାରେ ଥିବା ବ୍ୟକ୍ତି ସର୍ବଦା ବିଶୁଦ୍ଧ ସ୍ଥିତିରେ ଥାଏ, ଫଳତଃ ତା'ର କିଛି କରିବାର ନଥାଏ । କାର୍ଯ୍ୟ ସାଧାରଣତଃ ପାଞ୍ଚୋଟି ତତ୍କାଳିକ ଏବଂ ପରକାଳିକ କାରଣ ଉପରେ ନିର୍ଭର କରେ । କର୍ତ୍ତା, କର୍ମ, ପରିସ୍ଥିତି, ପ୍ରଚେଷ୍ଟା ଏବଂ ଦୈବ-ଏଇ ପାଞ୍ଚୋଟି କାରଣ ଉପରେ କାର୍ଯ୍ୟ ନିର୍ଭରକରେ । କିନ୍ତୁ କୃଷ୍ଣ ଚେତନଶୀଳ ବ୍ୟକ୍ତିର ଏସବୁ ସହିତ କୌଣସି ସମ୍ପର୍କ ନଥାଏ । ଏହାର କାରଣ ହେଉଛି, ସେ ସର୍ବଦା ଭଗବାନ୍ ଶ୍ରୀକୃଷ୍ଣଙ୍କର ଦିବ୍ୟସେବାରେ ନିଯୁକ୍ତ ଥାଏ । ଯଦିଓ ସେ ତା'ର ଶରୀର ଓ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ କର୍ମ କରୁଥାଏ, ତଥାପି ସେ ସର୍ବଦା ତା'ର ସ୍ୱରୂପସ୍ଥିତି ପ୍ରତି ସଚେତନ ଥାଏ । ତାହା ହେଉଛି ଦିବ୍ୟ ଭଗବତ୍ ସେବାରେ ନିଯୁକ୍ତ । ଭୌତିକ ଚେତନାରେ ବ୍ୟକ୍ତିର ଇନ୍ଦ୍ରିୟଗୁଡ଼ିକ ଇନ୍ଦ୍ରିୟ ସୁଖଭୋଗରେ ନିଯୁକ୍ତ ଥା'ନ୍ତି, କିନ୍ତୁ କୃଷ୍ଣଚେତନାରେ ଇନ୍ଦ୍ରିୟଗୁଡ଼ିକ କୃଷ୍ଣଙ୍କର ଇନ୍ଦ୍ରିୟମାନଙ୍କୁ ସୁଖଦେବାରେ ନିଯୁକ୍ତ ଥା'ନ୍ତି । ତେଣୁ କୃଷ୍ଣଚେତନଶୀଳ ବ୍ୟକ୍ତି ସର୍ବଦା ମୁକ୍ତ ଥାଏ; ଯଦିଓ ସେ ଇନ୍ଦ୍ରିୟ କର୍ମରେ ନିଯୁକ୍ତ ଥିଲା ଭଳି ବାହାରକୁ ଜଣାପଡ଼େ, ତଥାପି ସେ ସେପରି ନୁହେଁ । ଶ୍ରବଣ, ଦର୍ଶନ, କଥନ, ବର୍ଜନ ଆଦି କର୍ମ ଇନ୍ଦ୍ରିୟମାନଙ୍କର କର୍ମ ଅଟେ । କିନ୍ତୁ କୃଷ୍ଣଚେତନଶୀଳ ବ୍ୟକ୍ତିର ଏ କର୍ମଗୁଡ଼ିକ ଇନ୍ଦ୍ରିୟ କର୍ମ ନୁହେଁ । ସେ ଏପ୍ରକାର ଇନ୍ଦ୍ରିୟ କର୍ମରେ ପ୍ରଭାବିତ ହୁଏନାହିଁ । ସେ କୃଷ୍ଣସେବା ବ୍ୟତୀତ ଅନ୍ୟ କୌଣସି କର୍ମ କରିପାରେ ନାହିଁ; କାରଣ ସେ ଜାଣେ ଯେ ସେ କୃଷ୍ଣଙ୍କର ନିତ୍ୟ ଦାସ ଅଟେ ।

## ଶ୍ଳୋକ - ୧୦

**ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗମ୍ ତ୍ୟକ୍ତ୍ୱା କରୋତି ଯଃ ।**
**ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା ।।୧୦।।**

## ଶବ୍ଦାନୁବାଦ

ବ୍ରହ୍ମଣି=ପରମପୁରୁଷ ଭଗବାନ୍; ଆଧାୟ=ନିର୍ଭର କରି; କର୍ମାଣି=ସମସ୍ତ କର୍ମ; ସଙ୍ଗମ୍=ସଙ୍ଗ ବା ଆସକ୍ତି; ତ୍ୟକ୍ତ୍ୱା=ତ୍ୟାଗକରି; କରୋତି=କରେ; ଯଃ=ଯେ; ଲିପ୍ୟତେ=ଲିପ୍ତ ହୁଏ; ନ=ନାହିଁ; ସଃ=ସେ; ପାପେନ=ପାପରେ; ପଦ୍ମ-ପତ୍ରମ୍=ପଦ୍ମପତ୍ର; ଇବ=ପରି; ଅମ୍ଭସା=ଜଳରେ ।

## ଅନୁବାଦ

**ଯେଉଁ ବ୍ୟକ୍ତି ଭଗବାନଙ୍କ ଉପରେ ନିର୍ଭର କରେ ବା କର୍ମର ଫଳ ଭଗବାନଙ୍କୁ ଅର୍ପଣ କରି ଅନାସକ୍ତ ଭାବରେ କର୍ମ କରେ, ସେ ପାପକର୍ମର ପ୍ରତିକ୍ରିୟା ଭୋଗକରେ ନାହିଁ । ପଦ୍ମପତ୍ର ଜଳ ମଧ୍ୟରେ ଥିଲେ ସୁଦ୍ଧା ଯେପରି ଜଳ ତାକୁ ସ୍ପର୍ଶ କରିପାରେ ନାହିଁ, ସେହିପରି କୃଷ୍ଣଚେତନଶୀଳ ବ୍ୟକ୍ତିକୁ ପାପକର୍ମର ପ୍ରତିକ୍ରିୟା ସ୍ପର୍ଶ କରିପାରେ ନାହିଁ ।**

## ଭାବାର୍ଥ

ଏଠାରେ 'ବ୍ରହ୍ମଣି' କହିଲେ କୃଷ୍ଣଚେତନା କଥା ବୁଝାଏ । ଏ ଭୌତିକ ଜଗତ ଭୂତପ୍ରକୃତିର ତ୍ରିଗୁଣର ପ୍ରକାଶ ଅଟେ । ଏହାକୁ ପାରିଭାଷିକ ଶବ୍ଦରେ 'ପ୍ରଧାନ' ବୋଲି କୁହାଯାଏ । ବୈଦିକ ମନ୍ତ୍ର କହେ, *ସର୍ବଂ ଏତଦ୍ ବ୍ରହ୍ମ (ମାଣ୍ଡୁକ୍ୟ ଉପନିଷଦ୍-୨), ତସ୍ମାଦେତଦ୍ ବ୍ରହ୍ମ ନାମରୂପମନ୍ନଂ ଚ ଜାୟତେ* (ମୁଣ୍ଡକ ଉପନିଷଦ୍ ୧-୧-୯)'' ଏବଂ ଭଗବଦ୍ ଗୀତା କହେ, *''ମମ ଯୋନିର୍ ମହଦ୍ ବ୍ରହ୍ମ''* । ଏସବୁରୁ ସୂଚିତ ହୁଏ ଯେ ଏ ଭୌତିକ ଜଗତର ସବୁକିଛି ବ୍ରହ୍ମର ପ୍ରକାଶ ଅଟେ । ଯଦିଓ ଫଳ ଭିନ୍ନରୂପେ ପ୍ରକାଶିତ ହୁଏ, ତଥାପି ସେମାନେ କାରଣରୁ ଭିନ୍ନ ନୁହଁନ୍ତି । ଈଶୋପନିଷଦ୍‌ରେ କୁହାଯାଇଛି ଯେ ସବୁ କିଛି ପରଂବ୍ରହ୍ମ ବା କୃଷ୍ଣଙ୍କ ସହ ସଂପୃକ୍ତ ଏବଂ ଏହିପରି ଭାବରେ ସବୁ ପଦାର୍ଥ ତାଙ୍କର (ଭଗବାନଙ୍କର) ଅଟେ । ଯେଉଁ ବ୍ୟକ୍ତି ଏକଥା ଭଲଭାବରେ ଜାଣିଛି ଯେ ସବୁ କୃଷ୍ଣଙ୍କର, ସେ ସବୁର ମାଲିକ, ତେଣୁ ସବୁ ତାଙ୍କ ସେବାରେ ଲାଗିବା ଉଚିତ୍, ବାସ୍ତବରେ ତା'ର କର୍ମଫଳରେ କୌଣସି ଆବଶ୍ୟକତା ନଥାଏ । ପାପକର୍ମ ହେଉ ବା ପୁଣ୍ୟକର୍ମ ହେଉ କୌଣସି କର୍ମର ଫଳରେ ତା'ର କିଛି ଦରକାର ନଥାଏ । ବ୍ୟକ୍ତିର ଏ ଜଡ଼ ଶରୀର ଭଗବାନଙ୍କର ଦାନ ଅଟେ । ଏକ ନିର୍ଦ୍ଦିଷ୍ଟ କର୍ମ କରିବାପାଇଁ ଭଗବାନ୍ ଏହା ଜୀବକୁ ପ୍ରଦାନ କରିଛନ୍ତି । ତେଣୁ ଏହାକୁ କୃଷ୍ଣଚେତନା ବୃଦ୍ଧି ଦିଗରେ ବା କୃଷ୍ଣକର୍ମରେ ନିଯୁକ୍ତ କରାଯାଇପାରେ । ଯେପରି ପଦ୍ମପତ୍ର ଜଳ ମଧ୍ୟରେ ଥାଇ ସୁଦ୍ଧା ଜଳକୁ ସ୍ପର୍ଶ କରେନାହିଁ, ବା ଜଳ ତାହାକୁ ସ୍ପର୍ଶ କରିପାରେ ନାହିଁ, ସେହିପରି ଏ ଜଡ଼ ଶରୀର ପାପକର୍ମର ପ୍ରତିକ୍ରିୟାର ବହୁତ ଊର୍ଦ୍ଧ୍ୱରେ ରହିପାରେ ବା ପାପକର୍ମର ପ୍ରତିକ୍ରିୟା ଏହାକୁ ସ୍ପର୍ଶ କରି ନପାରେ, ଯଦି ଏହା କୃଷ୍ଣ କର୍ମରେ ନିଯୁକ୍ତ ହୋଇପାରେ । ଭଗବାନ୍ ମଧ୍ୟ ଗୀତାରେ

କହିଛନ୍ତି, *''ମୟି ସର୍ବାଣି କର୍ମାଣି ସନ୍ନ୍ୟସ୍ୟ''* । ଅର୍ଥାତ୍ ''ତୁମର ସମସ୍ତ କର୍ମ ମୋ' ଠାରେ (କୃଷ୍ଣଙ୍କୁ)ସମର୍ପଣ କର ।'' ସିଦ୍ଧାନ୍ତ ହେଲା - ଯେଉଁ ବ୍ୟକ୍ତି କୃଷ୍ଣଚେତନଶୀଳ ନୁହେଁ, ସେ ଏ ଜଡ଼ ଶରୀର ଓ ଜଡ଼େନ୍ଦ୍ରିୟ ଧାରଣାରେ କର୍ମ କରେ, କିନ୍ତୁ ଯେ କୃଷ୍ଣଚେତନଶୀଳ - ସେ କୃଷ୍ଣଚେତନାରେ କର୍ମକରେ, ଅର୍ଥାତ୍ ସେ ଏହି ଜ୍ଞାନଲାଭ କରିଥାଏ ଯେ ଏ ଶରୀର ହେଉଛି କୃଷ୍ଣଙ୍କର ସମ୍ପତ୍ତି ଏବଂ ସେଇଥିଯୋଗୁଁ ଏହା କୃଷ୍ଣ ସେବାରେ ହିଁ ବିନିଯୁକ୍ତ ହେବା ଉଚିତ୍ ।

## ଶ୍ଳୋକ - ୧୧

**କାୟେନ ମନସା ବୁଦ୍ଧ୍ୟା କେବଲୈରିନ୍ଦ୍ରିୟୈରପି ।**
**ଯୋଗିନଃ କର୍ମ କୁର୍ବନ୍ତି ସଙ୍ଗମ୍ ତ୍ୟକ୍ତ୍ୱାତ୍ମଶୁଦ୍ଧୟେ ।।୧୧।।**

## ଶବ୍ଦାନୁବାଦ

କାୟେନ=ଶରୀର ସାହାଯ୍ୟରେ; ମନସା=ମନରେ; ବୁଦ୍ଧ୍ୟା=ବୁଦ୍ଧିବଳରେ; କେବଲୈଃ=ବିଶୁଦ୍ଧ; ଇନ୍ଦ୍ରିୟୈଃ=ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ; ଅପି=ଏପରିକି; ଯୋଗିନଃ=କୃଷ୍ଣଚେତନଶୀଳ ବ୍ୟକ୍ତିଗଣ; କର୍ମ=କର୍ମ; କୁର୍ବନ୍ତି=କରନ୍ତି; ସଙ୍ଗମ୍=ସଙ୍ଗ ବା ଆସକ୍ତି; ତ୍ୟକ୍ତ୍ୱା=ତ୍ୟାଗକରି; ଆତ୍ମ=ଆତ୍ମା; ଶୁଦ୍ଧୟେ=ବିଶୁଦ୍ଧିକରଣ ନିମିତ୍ତ ।

## ଅନୁବାଦ

**ସଙ୍ଗ ବା ଆସକ୍ତି ତ୍ୟାଗକରି ଯୋଗୀମାନେ କେବଳ ବିଶୁଦ୍ଧିକରଣ ନିମିତ୍ତ ଶରୀର, ମନ, ବୁଦ୍ଧି, ଏପରିକି ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ କର୍ମ କରନ୍ତି ।**

## ଭାବାର୍ଥ

କୃଷ୍ଣଚେତନାରେ କର୍ମ କଲେ, କୃଷ୍ଣଙ୍କର ଇନ୍ଦ୍ରିୟକୁ ତୃପ୍ତିଦେବା ନିମିତ୍ତ ତୁମର ଶରୀର, ମନ, ବୁଦ୍ଧି କିମ୍ବା ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ଯାହାକିଛି କର୍ମ କରାଯାଏ, ତାହା ସବୁ ଦିବ୍ୟ କର୍ମ ଅଟେ; ସେଥିରେ କୌଣସି ପ୍ରକାର ଭୌତିକ ଦୋଷ ନଥାଏ । କୃଷ୍ଣଚେତନଶୀଳ ବ୍ୟକ୍ତିର କର୍ମରେ କୌଣସି ପ୍ରକାର ଭୌତିକ ପ୍ରତିକ୍ରିୟା ନଥାଏ । ତେଣୁ କୃଷ୍ଣଚେତନାରେ କର୍ମ କଲେ ବ୍ୟକ୍ତି ସ୍ୱତଃ ସଦାଗ୍ରରୀ ହୋଇଯାଏ ବା ସଦାଗ୍ରର ଅବଲମ୍ବନ କରେ; ଅର୍ଥାତ୍ ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ, କୃଷ୍ଣଚେତନାରେ କର୍ମକଲେ ବ୍ୟକ୍ତି ଅତି ସହଜରେ ବିଶୁଦ୍ଧ କର୍ମ କରିପାରେ । ଶ୍ରୀରୂପ ଗୋସ୍ୱାମୀ ତାଙ୍କର ''ଭକ୍ତିରସାମୃତସିନ୍ଧୁ'' ପୁସ୍ତକରେ ନିମ୍ନମତେ ବର୍ଣ୍ଣନା କରିଛନ୍ତି—

*''ଈହା ଯସ୍ୟ ହରେର୍ଦାସ୍ୟେ କର୍ମଣା ମନସା ଗିରା ।*
*ନିଖିଳାସ୍ୱପ୍ୟବସ୍ଥାସୁ ଜୀବନ୍ମୁକ୍ତଃ ସ ଉଚ୍ୟତେ ।।''*

ଅଥାର୍ତ୍ ଯେଉଁ ବ୍ୟକ୍ତି କୃଷ୍ଣଚେତନଶୀଳ ଅର୍ଥାତ୍ କୃଷ୍ଣସେବାରେ ନିଯୁକ୍ତ ଅଛି, ସେ ମୁକ୍ତ ପୁରୁଷ ଅଟେ । ଯେଉଁ ବ୍ୟକ୍ତି କାୟମନୋବାକ୍ୟରେ ବରାବର କୃଷ୍ଣସେବାରେ ନିଯୁକ୍ତ ଅଛି, ସେ ଏ ଭୌତିକ ଜଗତରେ ନାନାବିଧ ତଥାକଥିତ ଭୌତିକ କର୍ମରେ ରତ ଥିଲେ ସୁଦ୍ଧା ସେ ଏକ ମୁକ୍ତ ପୁରୁଷ ଅଟେ । ତାହାର ମିଥ୍ୟାହଙ୍କାର ନଥାଏ, କିମ୍ବା ସେ ଯେ ଜଡ଼ ଶରୀର-ଏକଥା ବିଶ୍ୱାସ କରେନାହିଁ । କିମ୍ବା ସେ ଯେ, ଏ ଶରୀରର ଅଧିକାରୀ ଏହା ସେ ଧାରଣା

କରେନାହିଁ । ସେ ଏକଥା ଭଲରକମ ଜାଣେ ଯେ, ଏ ଶରୀର ତା'ର ନୁହେଁ । ସେ କୃଷ୍ଣଙ୍କର ଏବଂ ଏ ଶରୀର ମଧ୍ୟ କୃଷ୍ଣଙ୍କର । ତା'ର ଯାହା କିଛି ଅଛି, ସବୁକୁ ସେ ଯେତେବେଳେ କୃଷ୍ଣସେବାରେ ଲଗାଏ, ସେତେବେଳେ ସେ ସମ୍ପୂର୍ଣ୍ଣରୂପେ କୃଷ୍ଣଙ୍କର ହୋଇଯାଏ; ତା'ର ଶରୀର, ମନ, ବୁଦ୍ଧି, ବାକ୍ୟ, ଧନ, ଜୀବନ ଆଦିରୁ ଯାହା ତାକୁ ପ୍ରାପ୍ତ ହୋଇଛି ସବୁକୁ ଯେତେବେଳେ ସେ କୃଷ୍ଣସେବାରେ ଲଗାଏ, ସେତେବେଳେ ସେ କୃଷ୍ଣଙ୍କ ସହିତ ଯୁକ୍ତ ହୋଇଯାଏ; ସେତେବେଳେ ସେ କୃଷ୍ଣଙ୍କ ସହ ଏକ ହୋଇଯାଏ ଏବଂ ଯେଉଁ ମିଥ୍ୟା ଅହଙ୍କାର ବ୍ୟକ୍ତିକୁ ଏ ଶରୀର ବୋଲି ଧାରଣା ଦେଉଛି ସେ ମିଥ୍ୟା ଅହଙ୍କାରରୁ ସେ ମୁକ୍ତ ହୋଇଯାଏ । ଏହା ହେଉଛି କୃଷ୍ଣଚେତନାର ଉପଯୁକ୍ତ ସ୍ତର ।

## ଶ୍ଲୋକ - ୧୨

**ଯୁକ୍ତଃ କର୍ମଫଳଂ ତ୍ୟକ୍ତ୍ୱା ଶାନ୍ତିମାପ୍ନୋତି ନୈଷ୍ଠିକୀମ୍ ।**
**ଅଯୁକ୍ତଃ କାମକାରେଣ ଫଳେ ସକ୍ତୋ ନିବଧ୍ୟତେ ।୧୨।।**

## ଶବ୍ଦାନୁବାଦ

ଯୁକ୍ତଃ=ଯେ ଭଗବାନ୍‌ଙ୍କ ସେବାରେ ନିଯୁକ୍ତ; କର୍ମ-ଫଳମ୍=କର୍ମଫଳ; ତ୍ୟକ୍ତ୍ୱା=ତ୍ୟାଗକରି; ଶାନ୍ତିମ୍=ପୂର୍ଣ୍ଣଶାନ୍ତି; ଆପ୍ନୋତି=ପ୍ରାପ୍ତହୁଏ; ନୈଷ୍ଠିକୀମ୍=ଅନନ୍ୟ, ସ୍ଥିର; ଅଯୁକ୍ତଃ=ଯେ କୃଷ୍ଣଚେତନାରେ ନାହିଁ ; କାମ-କାରେଣ=କର୍ମଫଳ ଉପଭୋଗ ନିମିତ୍ତ; ଫଳେ=ଫଳରେ; ସକ୍ତଃ=ଆସକ୍ତ; ନିବଧ୍ୟତେ=ବାନ୍ଧିହୁଏ ।

## ଅନୁବାଦ

**ଯେଉଁ ବ୍ୟକ୍ତି ଦୃଢ଼ଭାବରେ ମୋ' ସହିତ ଯୁକ୍ତ ହୋଇଥାଏ (ଅର୍ଥାତ୍ ଏକ ଭକ୍ତ୍ୟାପ୍ଲୁତ ଆତ୍ମା) ସେ ବିଶୁଦ୍ଧ ଶାନ୍ତିଲାଭ କରେ, କାରଣ ସେ ତା'ର ସମସ୍ତ କର୍ମଫଳ ମୋତେ ସମର୍ପଣ କରେ, କିନ୍ତୁ ଯେ, ମୋଠାରେ ଯୁକ୍ତହୋଇ ନଥାଏ (ଅର୍ଥାତ୍ ଭଗବାନଙ୍କ ଠାରେ ଯୁକ୍ତହୋଇ ନଥାଏ), ଯେ ତା'ର କର୍ମଫଳ ଉପଭୋଗ କରିବାପାଇଁ ଅତ୍ୟନ୍ତ ଲୋଲୁପ ହୋଇ ଉଠିଥାଏ, ସେ କର୍ମଫଳରେ ବାନ୍ଧିହୁଏ ।**

## ଭାବାର୍ଥ

ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ଏବଂ ଏକ ଶରୀରଚେତନଶୀଳ ବ୍ୟକ୍ତି ମଧ୍ୟରେ ଏହାହିଁ ହେଉଛି ପାର୍ଥକ୍ୟ ଯେ, କୃଷ୍ଣଚେତନଶୀଳ ବ୍ୟକ୍ତି କୃଷ୍ଣଙ୍କ ପ୍ରତି ଆସକ୍ତ ହୋଇଥାଏ ଏବଂ ଶରୀର-ଧର୍ମୀ ବ୍ୟକ୍ତି ତା'ର କର୍ମଫଳ ପ୍ରତି ଆସକ୍ତ ହୋଇଥାଏ । ଯେଉଁ ବ୍ୟକ୍ତି କୃଷ୍ଣଙ୍କ ପ୍ରତି ଆସକ୍ତ ଏବଂ ସର୍ବଦା ତାଙ୍କ ପାଇଁ କର୍ମରତ, ସେ ହିଁ ବାସ୍ତବରେ ମୁକ୍ତ ପୁରୁଷ ଅଟେ ଏବଂ ସେ କେବେହେଲେ କର୍ମଫଳ ଉପଭୋଗ କରିବାପାଇଁ ଲାଳାୟିତ ହୁଏ ନାହିଁ । ବ୍ୟକ୍ତି କାହିଁକି କର୍ମଫଳ ଉପଭୋଗ କରିବାକୁ ଉଦ୍‌ଗ୍ରୀବ ହୋଇଥାଏ, ତାହାର କାରଣ ଭାଗବତମ୍‌ରେ ଦର୍ଶାଇ ଦିଆଯାଇଅଛି । ସେଥିରେ କୁହାଯାଇଛି ଯେ, ବ୍ୟକ୍ତି ଦ୍ୱନ୍ଦ୍ୱଭାବାପନ୍ନ ହୋଇ କର୍ମ କରୁଥିବାରୁ ଏପରି ଉଦ୍‌ବିଗ୍ନ ପ୍ରକାଶ କରେ; ଅର୍ଥାତ୍ ଭଗବାନଙ୍କ ସମ୍ବନ୍ଧରେ ତା'ର ଜ୍ଞାନ ନଥିବାରୁ ସେ ଏପରି ଶଙ୍କାକୁଳ ହୋଇ ଉଠେ । କୃଷ୍ଣ ହେଉଛନ୍ତି ଅଦ୍ୱୟ ଜ୍ଞାନ, ପରମପୁରୁଷ

ଭଗବାନ୍ । କୃଷ୍ଣଚେତନାରେ ଦ୍ୱନ୍ଦ୍ୱ ଭାବ ନାହିଁ । ଯାହା କିଛି ଅଛି ସବୁ କୃଷ୍ଣଙ୍କର ଶକ୍ତିର ପ୍ରକାଶ ଏବଂ କୃଷ୍ଣ ହେଉଛନ୍ତି ସର୍ବମଙ୍ଗଳମୟ । ତେଣୁ କୃଷ୍ଣଚେତନାରେ ଯେଉଁ କର୍ମ କରାଯାଏ, ତାହା ଦିବ୍ୟସ୍ତରରେ କରାଯାଏ । ସେ କର୍ମସବୁ ଦିବ୍ୟ କର୍ମ ଅଟେ, ସେଗୁଡ଼ିକର କୌଣସି ଭୌତିକ ଫଳ ନଥାଏ । ତେଣୁ ବ୍ୟକ୍ତି କୃଷ୍ଣଚେତନାରେ ରହିଲେ ଶାନ୍ତି ଲାଭ କରେ । କିନ୍ତୁ ଯେ କର୍ମ କରି ଲାଭକ୍ଷତି ହିସାବ କରେ ଅର୍ଥାତ୍ କେତେଦୂର ସେ (ଏ କର୍ମରେ-କୌଣସି କର୍ମରେ) ଇନ୍ଦ୍ରିୟ ତୃପ୍ତିଲାଭ କରିବ- ଏହି ହିସାବ କରେ, ସେ କଦାପି ଶାନ୍ତି ପାଇ ପାରିବ ନାହିଁ । ଏହା ହିଁ ହେଉଛି କୃଷ୍ଣଚେତନାର ଗୁପ୍ତ ରହସ୍ୟ-କୃଷ୍ଣଙ୍କ ବ୍ୟତୀତ ଆଉ କିଛି ନାହିଁ -ଏହି ଅନୁଭୂତି ଲାଭ ହିଁ ହେଉଛି ଦିବ୍ୟସ୍ତର, ଯେଉଁଠାରେ କୌଣସି ଭୟ ବା ଉଦ୍‌ବିଗ୍ନତାର ପ୍ରଶ୍ନ ନଥାଏ, ବ୍ୟକ୍ତି କେବଳ ସେହିଠାରେ ହିଁ ଶାନ୍ତି ଲାଭକରେ ।

## ଶ୍ଳୋକ - ୧୩

**ସର୍ବକର୍ମାଣି ମନସା ସନ୍ନ୍ୟସ୍ୟାସ୍ତେ ସୁଖଂ ବଶୀ ।**
**ନବଦ୍ୱାରେ ପୁରେ ଦେହୀ ନୈବ କୁର୍ବନ୍ନ କାରୟନ୍ ।।୧୩।।**

## ଶବ୍ଦାନୁବାଦ

ସର୍ବ=ସମସ୍ତ; କର୍ମାଣି=କର୍ମ; ମନସା=ମନରେ; ସନ୍ନ୍ୟସ୍ୟ=ତ୍ୟାଗକରି; ଆସ୍ତେ=ରୁହେ; ସୁଖମ୍=ସୁଖରେ; ବଶୀ=ଯେ ସଂଯତ; ନବ-ଦ୍ୱାରେ=ନ'ଟି ଦ୍ୱାରଥିବା ସ୍ଥାନରେ; ପୁରେ=ପୁରରେ; ଦେହୀ=ଦେହୀ (ଆତ୍ମା); ନ=କେବେ ନୁହେଁ; ଏବ=ନିଶ୍ଚିତ ଭାବେ; କୁର୍ବନ୍=କରେ; ନ=ନାହିଁ; କାରୟନ୍=କରିବାର କାରଣ ହେବା ।

## ଅନୁବାଦ

**ଯେତେବେଳେ ଦେହୀ ତା'ର ପ୍ରକୃତିକୁ ସଂଯତକରେ ଏବଂ ମାନସିକ ସ୍ତରରେ ସମସ୍ତ କର୍ମ ତ୍ୟାଗ କରେ, ସେତେବେଳେ ସେ ନ'ଟି ଦ୍ୱାରଥିବା ଏ ପୁରରେ (ଅଥାର୍ତ୍ ଏ ଜଡ଼ ଶରୀରରେ ) କିଛି ନକରି କିମ୍ବା କରିବାର କାରଣ ନହୋଇ ଆନନ୍ଦରେ ବାସକରେ ।**

## ଭାବାର୍ଥ

ଦେହୀ ବା ଜୀବାତ୍ମା ନବଦ୍ୱାର ବିଶିଷ୍ଟ ଏକ ପୁରରେ ବାସ କରେ । ଏ ଶରୀର ସାହାଯ୍ୟରେ ଯେଉଁ କର୍ମମାନ କରାଯାଉଛି, ସେଗୁଡ଼ିକ ସ୍ୱତଃ ଭୂତପ୍ରକୃତିର ନିର୍ଦ୍ଦିଷ୍ଟ ଗୁଣ ଅନୁଯାୟୀ କ୍ରିୟମାଣ ହେଉଛି । ଯଦିଓ ଆତ୍ମା ଏ ଶରୀର ମଧ୍ୟରେ ବନ୍ଧା ହୋଇ ରହିଅଛି, ତଥାପି ସେ ଯଦି ଇଚ୍ଛାକରେ, ସେ ଏ ବନ୍ଧନରୁ ମୁକ୍ତ ହୋଇପାରିବ । ସେ ତା'ର ଉନ୍ନତ-ପ୍ରକୃତି କଥା ଭୁଲି ଯାଇଥିବା ଯୋଗୁଁ ସେ ନିଜକୁ ଏ ଜଡ଼ ଶରୀର ବୋଲି ଭାବୁଛି ଏବଂ ସେଇଥିପାଇଁ ଦୁଃଖ ଭୋଗ କରୁଛି । କୃଷ୍ଣଚେତନା ବଳରେ ସେ ତା'ର ପ୍ରକୃତ ସ୍ୱରୂପ ପ୍ରାପ୍ତ ହୋଇପାରିବ ଏବଂ ଏ ବନ୍ଧନରୁ ମଧ୍ୟ ମୁକ୍ତ ହୋଇପାରିବ । ତେଣୁ ଯେତେବେଳେ ବ୍ୟକ୍ତି କୃଷ୍ଣଚେତନା ବିଧି ଗ୍ରହଣ କରେ, ସେତେବେଳେ ସେ ସାଙ୍ଗେ ସାଙ୍ଗେ ସଂପୂର୍ଣ୍ଣରୂପେ ଶରୀର ସମ୍ବନ୍ଧୀୟ କର୍ମରୁ ଅଲଗା ହୋଇଯାଏ । ଏ ପ୍ରକାର ସଂଯତ ଜୀବନ ଯାପନ କଲେ ତା'ର

ଚିନ୍ତାଧାରା ବଦଳି ଯାଏ ଏବଂ ସେ -ଏ ନବଦ୍ୱାର ବିଶିଷ୍ଟ ପୁରରେ ଆନନ୍ଦରେ ବାସ କରେ । ନବଦ୍ୱାର କଥା ନିମ୍ନମତେ ବର୍ଣ୍ଣନା କରାଯାଇଛି—

*"ନବଦ୍ୱାରେ ପୁରେ ଦେହୀ ହଂସୋ ଲୀଳାୟତେ ବହିଃ ।*
*ବଶୀ ସର୍ବସ୍ୟ ଲୋକସ୍ୟ ସ୍ଥାବରସ୍ୟ ଚରସ୍ୟ ଚ ।।"*

ଅର୍ଥାତ୍ - ଜୀବର ଶରୀର ମଧ୍ୟରେ ଥିବା ପରମପୁରୁଷ ଭଗବାନ୍ (ବା ପରମାତ୍ମା) ସମଗ୍ର ବ୍ରହ୍ମାଣ୍ଡରେ ସମସ୍ତ ଜୀବଙ୍କର ନିୟନ୍ତ୍ରଣକାରୀ ଅଟନ୍ତି । ଶରୀରରେ ନ'ଟି ଦ୍ୱାର ଅଛି, ଯଥା -ଦୁଇଟି ଚକ୍ଷୁ, ଦୁଇଟି ନାକ ପୁଡ଼ା, ଦୁଇଟି କର୍ଣ୍ଣ, ଏକ ମୁଖ, ମୂତ୍ରଦ୍ୱାର ଓ ମଳଦ୍ୱାର । ଜୀବ ବଦ୍ଧାବସ୍ଥାରେ ନିଜକୁ ଶରୀର ବୋଲି ଭାବେ, କିନ୍ତୁ ସେ ଯେତେବେଳେ ତା' ମଧ୍ୟରେ ଥିବା ଭଗବାନଙ୍କ ସହ ନିଜକୁ ସଂପୃକ୍ତ ବୋଲି ଭାବେ, ସେତେବେଳେ ସେ -ଏ ଶରୀର ମଧ୍ୟରେ ଥିଲେ ସୁଦ୍ଧା ଭଗବାନଙ୍କ ସଦୃଶ ମୁକ୍ତ ହୋଇଯାଏ ।" (ଶ୍ୱେତ :୩-୧୮) ତେଣୁ ଏକ କୃଷ୍ଣଚେତନଶୀଳ ବ୍ୟକ୍ତି - ଏ ଜଡ଼ ଶରୀର ଦ୍ୱାରା କରାଯାଉଥିବା ଉଭୟ ପ୍ରକାର କର୍ମ, ଅର୍ଥାତ୍ ଅନ୍ତର୍ବାହ୍ୟ କର୍ମ ଫଳରୁ ମୁକ୍ତ ଅଟେ ।

## ଶ୍ଳୋକ - ୧୪

**ନ କର୍ତ୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ ।**
**ନ କର୍ମଫଳସଂଯୋଗଂ ସ୍ୱଭାବସ୍ତୁ ପ୍ରବର୍ତ୍ତତେ ।।୧୪।।**

## ଶବ୍ଦାନୁବାଦ

ନ=ନୁହେଁ; କର୍ତ୍ତୃତ୍ୱମ୍=ଅଧିକାରଭାବ; ନ=ନୁହେଁ; କର୍ମାଣି=କର୍ମ; ଲୋକସ୍ୟ=ଲୋକର; ସୃଜତି=ସୃଷ୍ଟିକରେ; ପ୍ରଭୁଃ=ଶରୀରୂପକ ନଗରର ପ୍ରଭୁ; ନ=ନୁହେଁ; କର୍ମଫଳ=କର୍ମଫଳ; ସଂଯୋଗମ୍=ମିଳନ; ସ୍ୱଭାବଃ=ଭୂତପ୍ରକୃତିର ଗୁଣ; ତୁ=କିନ୍ତୁ; ପ୍ରବର୍ତ୍ତତେ=କାମ କରେ ।

## ଅନୁବାଦ

**ଏହି ଶରୀରରୂପକ ନଗରର ପ୍ରଭୁ (ଅର୍ଥାତ୍ ଆତ୍ମା) କୌଣସି କର୍ମ ସୃଷ୍ଟି କରେ ନାହିଁ, କିମ୍ବା ସେ ଲୋକମାନଙ୍କୁ କାମ କରିବାକୁ ପ୍ରେରଣା ଦିଏ ନାହିଁ; କିମ୍ବା ସେ କର୍ମଫଳ ସୃଷ୍ଟି କରେ ନାହିଁ । ଏସବୁ ଭୂତପ୍ରକୃତିର ତ୍ରିଗୁଣ ଦ୍ୱାରା କରାଯାଉଛି ।**

## ଭାବାର୍ଥ

ସପ୍ତମ ଅଧ୍ୟାୟରେ କୁହାଯିବ ଯେ ଜୀବ ଭଗବାନଙ୍କ ସହ ଗୁଣରେ ସମାନ । ଏହା ଜଡ଼ ପଦାର୍ଥଠାରୁ ଭିନ୍ନ । ଜୀବ-ଶକ୍ତି ଭଗବାନଙ୍କର ଏକ ଶକ୍ତି ଅଟେ । ଏହା ଭଗବାନଙ୍କର ଭୌତିକ ଶକ୍ତିଠାରୁ ଭିନ୍ନ । ଭୌତିକ ଶକ୍ତି ନୀଚତର ଶକ୍ତି ଅଟେ । (ଜୀବ ଶକ୍ତି ଉଚ୍ଚତର ଅଟେ) । କିନ୍ତୁ କୌଣସି କାରଣବଶତଃ, ଜୀବ କେଉଁ ଅବିସ୍ମରଣୀୟ କାଳରୁ ଭୂତପ୍ରକୃତିର ସଂସ୍ପର୍ଶରେ ଆସିଯାଇଛି । ସେ ବର୍ତ୍ତମାନ, ଏ ଯେଉଁ ଭୌତିକ ଜଡ଼ ଶରୀର - ଏକ ଅସ୍ଥାୟୀ ଶରୀର ଲାଭ କରିଛି, ତାହା ତାହାର ଗତକର୍ମର ପ୍ରତିକ୍ରିୟା ଅଟେ । ସେହି ପ୍ରତିକ୍ରିୟା ସ୍ୱରୂପ ସେ - ଏ ଶରୀର ଲାଭ କରିଛି । ଏ ପ୍ରକାର ଏକ ବଦ୍ଧ ପରିବେଶ ଭିତରେ ରହି ସେ କର୍ମଫଳ ଭୋଗ କରୁଛି । ସେ ଅବିଦ୍ୟାର ବଶବର୍ତ୍ତୀ ହୋଇ ନିଜକୁ ଏ ଜଡ଼ ଶରୀର ବୋଲି

ଭାବି ଶାରୀରିକ କର୍ମର ପ୍ରତିଫଳ ଭୋଗୁଛି । କେଉଁ ଅବିସ୍ମରଣୀୟ କାଳରୁ ସେ -ଏ ଅବିଦ୍ୟାର ବଶବର୍ତ୍ତୀ ହୋଇଛି । ସେଇଥିପାଇଁ ସେ ଶାରୀରିକ ଦୁଃଖଯନ୍ତ୍ରଣା ଭୋଗକରୁଛି । ଯେତେବେଳେ ଜୀବ ଶାରୀରିକ କ୍ରିୟାରୁ ଅଲଗା ହୋଇଯାଏ, ସେତେବେଳେ ସେ ଶାରୀରିକ କର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇଯାଏ । ଯେ ପର୍ଯ୍ୟନ୍ତ ସେ ଏ ଶରୀରରୂପକ ନଗରରେ ଅଛି, ସେ ପର୍ଯ୍ୟନ୍ତ ସେ ଏହାର ମାଲିକ ବୋଲି ପ୍ରତିଭାତ ହେଉଛି; କିନ୍ତୁ ବାସ୍ତବରେ ସେ ଏହାର ମାଲିକ ନୁହେଁ । ସେ କେବଳ ଏ ଭବସାଗରରେ ଜୀବନ ସଂଗ୍ରାମରେ ରତ ଅଛି । ଏ ଭବସାଗରର ଉତ୍ତାଳ ତରଙ୍ଗମାଳା ତାକୁ ସମୁଦ୍ରରେ ଉଠାଉଛନ୍ତି ଓ ପକାଉଛନ୍ତି; ସେ ସମୁଦ୍ରରେ ହାବୁଡ୍ଡୁବୁ ଖାଉଛି ଏବଂ ତାହାର ଏହା ଉପରେ କୌଣସି କର୍ତ୍ତୃତ୍ୱ ନାହିଁ । ଦିବ୍ୟ କୃଷ୍ଣଚେତନା ବଳରେ ଏ ଭବସାଗରରୁ ଉଦ୍ଧାର ହେବା ହିଁ ତା'ର ଏକମାତ୍ର ଉପାୟ ଅଟେ । ତାହା (କୃଷ୍ଣଚେତନା) ହିଁ ତାକୁ ସମସ୍ତ ଦୁଃଖ-ଦୁର୍ବିପାକରୁ ରକ୍ଷା କରିବ ।

## ଶ୍ଳୋକ - ୧୫

**ନାଦତ୍ତେ କସ୍ୟଚିତ୍ପାପଂ ନ ଚୈବ ସୁକୃତଂ ବିଭୁଃ ।**
**ଅଜ୍ଞାନେନାବୃତଂ ଜ୍ଞାନଂ ତେନ ମୁହ୍ୟନ୍ତି ଜନ୍ତବଃ ।।୧୫।।**

## ଶବ୍ଦାନୁବାଦ

ନ=ନାହିଁ; ଆଦତ୍ତେ=ଗ୍ରହଣ କରନ୍ତି; କସ୍ୟଚିତ୍=କାହାରି; ପାପମ୍=ପାପ; ନ=ନାହିଁ; ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ସୁକୃତମ୍=ପୁଣ୍ୟ କର୍ମ; ବିଭୁଃ=ପରମେଶ୍ୱର; ଅଜ୍ଞାନେନ=ଅଜ୍ଞାନ ବା ଅବିଦ୍ୟାଦ୍ୱାରା; ଆବୃତମ୍=ଆଚ୍ଛାଦିତ; ଜ୍ଞାନମ୍=ଜ୍ଞାନ; ତେନ=ତଦ୍ଦ୍ୱାରା; ମୁହ୍ୟନ୍ତି=ବଶୀଭୂତ ହୁଅନ୍ତି; ଜନ୍ତବଃ=ଜୀବଗଣ ।

## ଅନୁବାଦ

ଭଗବାନ୍ କାହାରି ପୁଣ୍ୟ କର୍ମର କିମ୍ବା ପାପକର୍ମର ଫଳ ଗ୍ରହଣ କରନ୍ତି ନାହିଁ। ଜୀବଗଣଙ୍କର ଜ୍ଞାନ, ଅବିଦ୍ୟା ବା ଅଜ୍ଞାନତା ଦ୍ୱାରା ଆଚ୍ଛାଦିତ ହୋଇଥିବାରୁ ମୁହ୍ୟମାନ ହୁଅନ୍ତି।

## ଭାବାର୍ଥ

'ବିଭୁଃ' - ଏହି ସଂସ୍କୃତ ଶବ୍ଦର ଅର୍ଥ ହେଲା ପରମେଶ୍ୱର । ସେ ଅନନ୍ତ ଜ୍ଞାନ, ଧନ, ବଳ, ଯଶ, ସୌନ୍ଦର୍ଯ୍ୟ ଏବଂ ତ୍ୟାଗର ଅଧିକାରୀ ଅଟନ୍ତି । ସେ ସର୍ବଦା ନିଜ ଆତ୍ମାରେ ରମଣ କରନ୍ତି- ସେ ସ୍ୱୟଂ ସଂପୂର୍ଣ୍ଣ । ସେ କାହାରି ପାପକର୍ମ ବା ପୁଣ୍ୟକର୍ମରେ ବିଚଳିତ ହୁଅନ୍ତି ନାହିଁ । ସେ କୌଣସି ଜୀବପାଇଁ କୌଣସି ପରିସ୍ଥିତି ସୃଷ୍ଟି କରନ୍ତି ନାହିଁ, କିନ୍ତୁ ଜୀବ ଅବିଦ୍ୟାଦ୍ୱାରା ଆଚ୍ଛାଦିତ ଓ ମୁହ୍ୟମାନ ହୋଇ ପରିସ୍ଥିତିର ବଶ ହେବା ପାଇଁ ଇଚ୍ଛାକରେ, ଜୀବନରେ କେତେକ ନିର୍ଦ୍ଦିଷ୍ଟ ଅବସ୍ଥା ଭୋଗକରିବାକୁ ଇଚ୍ଛାକରେ ଏବଂ ସେଇଥିପାଇଁ ତା'ର କ୍ରିୟା-ପ୍ରତିକ୍ରିୟାର ଧାରା ସୃଷ୍ଟି ହୁଏ । ଜୀବ ଭଗବାନଙ୍କର ଉଚ୍ଚତର ଶକ୍ତି ଅଟେ; ତେଣୁ ସେ ଜ୍ଞାନପୂର୍ଣ୍ଣ ଅଟେ । କିନ୍ତୁ ତା'ର ସୀମିତ ଶକ୍ତି ଯୋଗୁଁ ସେ ଅବିଦ୍ୟାର ବଶବର୍ତ୍ତୀ ହୋଇପଡ଼େ । ଭଗବାନ୍ ସର୍ବ ଶକ୍ତିମାନ, କିନ୍ତୁ ଜୀବ ତାହା ନୁହେଁ । ଭଗବାନ୍ ହେଉଛନ୍ତି ବିଭୁ (ବିଭୁ ଚୈତନ୍ୟ) ତ୍ରିକାଳଦର୍ଶୀ, କିନ୍ତୁ ଜୀବ ହେଉଛି ଅଣୁ । ସେ (ଜୀବ) ଜୀବାତ୍ମା ହୋଇଥିବାରୁ ସ୍ୱାଧୀନଭାବରେ

କାମନା ପୋଷଣ କରିବାର ଶକ୍ତି ତା'ର ଅଛି । ଏ ପ୍ରକାର କାମନା ସର୍ବଶକ୍ତିମାନ ଭଗବାନଙ୍କ ଦ୍ୱାରା ହିଁ ପୂର୍ଣ୍ଣ ହୁଏ । ସେଇଥିପାଇଁ ଜୀବ ଯେତେବେଳେ କାମନାର ବଶବର୍ତ୍ତୀ ହୋଇ ମୁହ୍ୟମାନ ହୋଇପଡ଼େ, ସେତେବେଳେ ଭଗବାନ୍ ତା'ର ସେ କାମନା ପୂର୍ଣ୍ଣ କରିବାକୁ ଅନୁମତି ଦିଅନ୍ତି, କିନ୍ତୁ ଭଗବାନ୍ ପରିସ୍ଥିତି ପାଇଁ ଦାୟୀ ନୁହଁନ୍ତି । କାମନା ଯୋଗୁଁ ଜୀବ ଯେଉଁ ପରିସ୍ଥିତି ସୃଷ୍ଟି କରେ ଏବଂ ତା'ର କର୍ମର ଯେଉଁ ପ୍ରତିକ୍ରିୟା ଆଦି ସୃଷ୍ଟି ହୁଏ -ଏଥିପାଇଁ ଭଗବାନ୍ ଦାୟୀ ହୁଅନ୍ତି ନାହିଁ । ଜୀବ ମୁହ୍ୟମାନ ଅବସ୍ଥାରେ ପଡ଼ିଥିବାରୁ ସେ ଅବସ୍ଥାର ବଶ- ଏ ଜଡ଼ ଶରୀରକୁ ଆତ୍ମା ବୋଲି ଭାବେ ଏବଂ ସେଇଥିପାଇଁ ଜୀବନର କ୍ଷଣିକ ସୁଖ ଦୁଃଖରେ ସେ ଭାଗୀ ହୁଏ । ଭଗବାନ୍ ପରମାତ୍ମା ରୂପରେ ବରାବର ଜୀବାତ୍ମା ସାଥିରେ ଅଛନ୍ତି ଏବଂ ସେଇଥିପାଇଁ ସେ ଜୀବର କାମନାକୁ ବୁଝିପାରନ୍ତି । ଯେପରି ବ୍ୟକ୍ତି ଫୁଲ ନିକଟରେ ରହିଲେ - ଫୁଲର ବାସନା ବାରିପାରେ, ସେହିପରି ଭଗବାନ୍ ଜୀବାତ୍ମା ନିକଟରେ ବରାବର ପରମାତ୍ମା ରୂପରେ ରହିଥିବାରୁ ଜୀବ କ'ଣ ଚାହୁଁଛି ତାହା ଜାଣି ପାରନ୍ତି । କାମନା ଜୀବର ବନ୍ଧନର ଏକ ସୂକ୍ଷ୍ମରୂପ ଅଟେ । ଜୀବର ଯୋଗ୍ୟତା ଅନୁଯାୟୀ ଭଗବାନ୍ ତା'ର କାମନା ପୂରଣ କରନ୍ତି । ମଣିଷ କାମନା କରେ, କିନ୍ତୁ ଭଗବାନ୍ ତାହା ପୂରଣ କରନ୍ତି । ତେଣୁ ଜୀବ କାମନା ଚରିତାର୍ଥ କରିବା ଦିଗରେ ସର୍ବଶକ୍ତିମାନ ନୁହେଁ । ଅବଶ୍ୟ ଭଗବାନ୍ ସମସ୍ତ ପ୍ରକାର କାମନା ପରିପୂର୍ଣ୍ଣ କରିପାରନ୍ତି, କିନ୍ତୁ ଭଗବାନ୍ ସମସ୍ତଙ୍କ ପ୍ରତି ସମଭାବାପନ୍ନ ହୋଇଥିବାରୁ (ଅର୍ଥାତ୍ ତାଙ୍କର କେହି ଶତ୍ରୁ -ମିତ୍ର ନ ଥା'ନ୍ତି) ସେ କାହାରି ସ୍ୱାଧୀନ ଚିନ୍ତାରେ ହସ୍ତକ୍ଷେପ କରନ୍ତି ନାହିଁ- ଅଣୁଚୈତନ୍ୟ ସ୍ୱାଧୀନ ଜୀବାତ୍ମାର ସ୍ୱାଧୀନ କାମନା ପୋଷଣରେ ସେ ହସ୍ତକ୍ଷେପ କରନ୍ତି ନାହିଁ । କିନ୍ତୁ ଯେତେବେଳେ ଜୀବ କୃଷ୍ଣ ପ୍ରାପ୍ତି ଇଚ୍ଛାକରେ, ସେତେବେଳେ ଭଗବାନ୍ ତା'ର ସ୍ୱତନ୍ତ୍ର ଯତ୍ନ ନିଅନ୍ତି ଏବଂ ବ୍ୟକ୍ତିକୁ ସେ ପ୍ରକାର କାମନା ପୋଷଣ କରିବାକୁ ଏପରି ପ୍ରୋତ୍ସାହନ ଦିଅନ୍ତି, ଯେପରିକି ସେ ତାଙ୍କୁ ପାଇପାରିବ ଏବଂ ଶାଶ୍ୱତ ଶାନ୍ତିଲାଭ କରିପାରିବ । ତେଣୁ ବେଦମନ୍ତ୍ରରେ କୁହାଯାଇଅଛି—

*''ଏଷ ଉହ୍ୟେବ ସାଧୁ କର୍ମ କାରୟତି ତଂ ଯମେଭ୍ୟୋ ଲୋକେଭ୍ୟ ଉନ୍ନିନୀଷତେ ।*
*ଏଷ ଉ ଏବାସାଧୁ କର୍ମ କାରୟତି ଯମଧୋ ନିନୀଷତେ ॥*
*ଅଜ୍ଞୋ ଜନ୍ତୁର୍ ଅନୀଶୋଽୟମ୍ ଆତ୍ମନଃ ସୁଖଦୁଃଖୟୋଃ ।*
*ଈଶ୍ୱର-ପ୍ରେରିତୋ ଗଚ୍ଛେତ୍ ସ୍ୱର୍ଗଂ ବାଶ୍ୱଭ୍ରମ୍ ଏବ ଚ ॥''*

ଅର୍ଥାତ୍—''ଭଗବାନ୍ ଜୀବର ଉନ୍ନତି ନିମିତ୍ତ ତାକୁ ପୁଣ୍ୟ କର୍ମରେ ଲଗାନ୍ତି; ଏବଂ ଜୀବର ନର୍କଗତି ନିମିତ୍ତ ସେ ତାକୁ ପାପକର୍ମରେ ଲଗାନ୍ତି । ଜୀବ ତା'ର ସୁଖ ଦୁଃଖରେ ସଂପୂର୍ଣ୍ଣରୂପେ ନିର୍ଭରଶୀଳ ଅଟେ । ଭଗବାନଙ୍କ ଇଚ୍ଛା ଅନୁଯାୟୀ ଯେ ସ୍ୱର୍ଗକୁ ବା ନର୍କକୁ ଯାଇପାରେ । ଯେପରି ପବନର ଗତି ଅନୁଯାୟୀ ମେଘ ଭାସି ବୁଲେ ସେହିପରି ଭଗବାନଙ୍କ ଇଚ୍ଛାଅନୁଯାୟୀ ଜୀବର ସ୍ୱର୍ଗ-ନର୍କ ଗତି ହୁଏ ।''

ତେଣୁ ଜୀବ କେଉଁ ଅବିସ୍ମରଣୀୟ କାଳରୁ କୃଷ୍ଣଙ୍କୁ ଭୁଲିଯିବାକୁ କାମନା କରୁ ଥିବାରୁ ମୁହ୍ୟମାନ ଅବସ୍ଥା ପ୍ରାପ୍ତ ହୁଏ । ପରିଣାମତଃ, ସେ ଯଦିଓ ଶାଶ୍ୱତଭାବେ ଆନନ୍ଦମୟ ଏବଂ ଚେତନଶୀଳ ଅଟେ, ତଥାପି ତା'ର ସୀମିତ ଶକ୍ତି ଯୋଗୁଁ ସେ ତା'ର ସ୍ୱରୂପସ୍ଥିତିକୁ (ଅର୍ଥାତ୍

ସେ ଯେ ନିତ୍ୟ କୃଷ୍ଣଦାସ, ଏହି କଥା) ଭୁଲିଯାଏ ଏବଂ ସେଇଥିଯୋଗୁଁ ସେ ଅବିଦ୍ୟାର ବଶବର୍ତ୍ତୀ ହୋଇପଡ଼େ ଏବଂ ଏହି ଅବିଦ୍ୟାଯୋଗୁଁ ସେ ଭାବେ ଯେ, ତା'ର ଏ ବଦ୍ଧାବସ୍ଥାପାଇଁ ଭଗବାନ୍ ହିଁ ଦାୟୀ ଅଟନ୍ତି । ବେଦାନ୍ତ ସୂତ୍ରରେ ମଧ୍ୟ ଏହା ସ୍ୱୀକାର କରାଯାଇଅଛି' । *''ବୈଷମ୍ୟ-ନୈର୍ଘୃଣ୍ୟେ ନ ସାପେକ୍ଷତ୍ୱାତ୍ ତଥା ହି ଦର୍ଶୟତି ।''* ଅର୍ଥାତ୍, ଭଗବାନ୍ ବାସ୍ତବରେ କାହାରିକୁ ଆଦର କରନ୍ତି ନାହିଁ କିମ୍ବା ଘୃଣା କରନ୍ତି ନାହିଁ, କିନ୍ତୁ ସେ ବାହାରକୁ ସେପରି ଜଣାପଡ଼ନ୍ତି ।''

## ଶ୍ଳୋକ - ୧୬

**ଜ୍ଞାନେନ ତୁ ତଦଜ୍ଞାନଂ ଯେଷାଂ ନାଶିତମାତ୍ମନଃ ।**
**ତେଷାମାଦିତ୍ୟବଜ୍‌ଜ୍ଞାନଂ ପ୍ରକାଶୟତି ତତ୍ପରମ୍ ।।୧୬।।**

## ଶବ୍ଦାନୁବାଦ

ଜ୍ଞାନେନ=ଜ୍ଞାନରେ; ତୁ=କିନ୍ତୁ; ତତ୍=ତାହା; ଅଜ୍ଞାନମ୍=ଅଜ୍ଞାନ, ଅବିଦ୍ୟା; ଯେଷାମ୍=ଯେଉଁମାନଙ୍କର; ନାଶିତମ୍=ନଷ୍ଟହୁଏ; ଆତ୍ମନଃ=ଜୀବର; ତେଷାମ୍=ସେମାନଙ୍କର; ଆଦିତ୍ୟବତ୍=ଉଦିତ ସୂର୍ଯ୍ୟଭଳି; ଜ୍ଞାନମ୍=ଜ୍ଞାନ; ପ୍ରକାଶୟତି=ପ୍ରକାଶିତ ହୁଏ; ତତ୍ପରମ୍=କୃଷ୍ଣଚେତନାରେ ।

## ଅନୁବାଦ

**ଦିବସରେ ସୂର୍ଯ୍ୟ ଉଦିତ ହେଲେ ଯେପରି ସବୁ ଆଲୋକିତ ହୋଇଯାଏ, ଠିକ୍ ସେହିପରି ଯେତେବେଳେ ବ୍ୟକ୍ତି ଅଜ୍ଞାନ ବିଧ୍ୱଂସନକାରୀ ଜ୍ଞାନାଲୋକ ଲାଭକରେ, ସେତେବେଳେ ସେ ଜ୍ଞାନାଲୋକରେ ସବୁ ତା' ସମକ୍ଷରେ ଉଦ୍ଭାସିତ ହୋଇଉଠେ ।**

## ଭାବାର୍ଥ

ଯେଉଁମାନେ କୃଷ୍ଣଙ୍କୁ ଭୁଲିଯାଇଛନ୍ତି ସେମାନେ ନିଶ୍ଚୟ ଭ୍ରମିତ ହେବେ; କିନ୍ତୁ ଯେଉଁମାନେ କୃଷ୍ଣଚେତନାରେ ଅଛନ୍ତି ସେମାନେ କେବେହେଲେ ଭ୍ରମିତ ହୁଅନ୍ତି ନାହିଁ । ଭଗବଦ୍ ଗୀତାରେ କୁହାଯାଇଅଛି , *''ସର୍ବମ୍ ଜ୍ଞାନ ପ୍ଲବେନ, ଜ୍ଞାନାଗ୍ନିଃ ସର୍ବ କର୍ମାଣି''* ଏବଂ *''ନ ହି ଜ୍ଞାନେନ ସଦୃଶମ୍''* । ସର୍ବଦା ଜ୍ଞାନର ପ୍ରଶଂସା କରାଯାଇଛି । ସେ ଜ୍ଞାନ କ'ଣ ? ଯେତେବେଳେ ବ୍ୟକ୍ତି କୃଷ୍ଣଙ୍କଠାରେ ଆତ୍ମସମର୍ପଣ କରେ, ସେତେବେଳେ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୁଏ । ଗୀତାର ସପ୍ତମ ଅଧ୍ୟାୟ ୧୯ଶ ଶ୍ଳୋକରେ କୁହାଯାଇଛି, *''ବହୂନାମ୍ ଜନ୍ମନାମ୍ ଅନ୍ତେ ଜ୍ଞାନବାନ୍ ମାମ୍ ପ୍ରପଦ୍ୟତେ ।''* ଅନେକ ଜନ୍ମ ବିତାଇଲା ପରେ ବ୍ୟକ୍ତି ଯେତେବେଳେ ପୂର୍ଣ୍ଣଜ୍ଞାନ ଲାଭ କରେ ସେତେବେଳେ ସେ କୃଷ୍ଣଙ୍କଠାରେ ଆତ୍ମସମର୍ପଣ କରେ, ଅର୍ଥାତ୍ ଯେତେବେଳେ ବ୍ୟକ୍ତି କୃଷ୍ଣଚେତନା ଲାଭ କରେ, ସେତେବେଳେ ଦିବସରେ ସୂର୍ଯ୍ୟାଲୋକରେ ସବୁ ଉଦ୍ଭାସିତ ହେଲାଭଳି, ତା' ସମକ୍ଷରେ ସବୁ ଉଦ୍ଭାସିତ ହୋଇଉଠେ । ଜୀବ ଅନେକ ପ୍ରକାରେ ଭ୍ରମିତ ହୁଏ । ଉଦାହରଣ ସ୍ୱରୂପ, ଯେତେବେଳେ ସେ ନିଜକୁ ଭୁଲରେ ଭଗବାନ୍ ବୋଲି ଭାବେ, ସେତେବେଳେ ସେ ବାସ୍ତବରେ ମାୟାର ଶେଷ ଯନ୍ତାରେ ପଡ଼େ । ଯଦି ଜୀବ ଭଗବାନ୍ ଅଟେ, ତେବେ ସେ କିପରି ଅବିଦ୍ୟାରେ ଭ୍ରମିତ ହୁଏ ? ଭଗବାନ୍ କ'ଣ କେତେବେଳେ ଅବିଦ୍ୟାରେ ଭ୍ରମିତ ହୁଅନ୍ତି ? ଯଦି ତାହା ହୁଅନ୍ତା, ତାହାହେଲେ

ଅବିଦ୍ୟା ବା ସୈତାନ ଭଗବାନଙ୍କ ଠାରୁ ବଡ଼ ହୋଇଯା'ନ୍ତା ।ଯେ ପୂର୍ଣ୍ଣ କୃଷ୍ଣଚେତନାରେ ଅଛି, ତାଙ୍କରି ଠାରୁ ହିଁ ପ୍ରକୃତ ଜ୍ଞାନ ଲାଭ କରାଯାଇପାରେ ।ତେଣୁ ବ୍ୟକ୍ତିକୁ ଏ ପ୍ରକାର ଏକ ଉପଯୁକ୍ତ ଗୁରୁ ଖୋଜିବାକୁ ହେବ ଏବଂ ତାଙ୍କ ଅଧୀନରେ ସେ କୃଷ୍ଣଚେତନା ବିଜ୍ଞାନ ଅଧ୍ୟୟନ କରିବ । ସୂର୍ଯ୍ୟ ଯେପରି ଅନ୍ଧକାର ଦୂର କରି ଦିଅନ୍ତି, ଠିକ୍ ସେହିପରି ସଦ୍‌ଗୁରୁ ବ୍ୟକ୍ତିର ଅବିଦ୍ୟା ଦୂର କରିଦେଇ ପାରନ୍ତି ।ବ୍ୟକ୍ତି ପୂର୍ଣ୍ଣଜ୍ଞାନରେ ଥାଇପାରେ ଯେ, ସେ ଏ ଶରୀର ନୁହେଁ, ସେ ଦିବ୍ୟ ଆତ୍ମା ଅଟେ, ସେ ଏ ଜଡ଼ ଶରୀରଠାରୁ ବହୁତ ଉର୍ଦ୍ଧ୍ୱରେ ଅବସ୍ଥିତ, ଏ ଜ୍ଞାନ ତା'ର ଥାଇପାରେ, ତା' ସତ୍ତ୍ୱେ ସେ ଆତ୍ମା ଓ ପରମାତ୍ମାଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ଉପଲବ୍ଧି କରି ନପାରେ ।ସେ ଯଦି ଏକ ଉପଯୁକ୍ତ କୃଷ୍ଣଚେତନଶୀଳ ଗୁରୁଙ୍କର ଶରଣରେ ଆସେ, ତାହାହେଲେ ସେ ସବୁ ଜାଣି ପାରିବ ।ଯେତେବେଳେ ବ୍ୟକ୍ତି ବାସ୍ତବରେ ଭଗବାନଙ୍କ ପ୍ରତିନିଧି (ବା ଗୁରୁ)ଙ୍କୁ ଭେଟେ, ସେତେବେଳେ ସେ ଜାଣିପାରେ, ଭଗବାନ୍ କ'ଣ ଏବଂ ଭଗବାନଙ୍କ ସହିତ ତା'ର କି ସମ୍ବନ୍ଧ ଅଛି ।ଯେ ଭଗବାନଙ୍କର ପ୍ରତିନିଧି ସେ କଦାପି କୁହନ୍ତି ନାହିଁ ଯେ, ସେ ଭଗବାନ୍ ବୋଲି । ଭଗବାନଙ୍କୁ ଯେପରି ସମ୍ମାନ ପ୍ରଦର୍ଶନ କରାଯାଏ, ଗୁରୁଙ୍କୁ ସେହିପରି ସମ୍ମାନ ପ୍ରଦର୍ଶନ କରାଯାଏ, କାରଣ ଭଗବାନଙ୍କ ସମ୍ବନ୍ଧରେ ତାଙ୍କର ଜ୍ଞାନ ଅଛି ତଥାପି ସେ କହନ୍ତି ନାହିଁ ଯେ, ସେ ଭଗବାନ୍ ବୋଲି ।ବ୍ୟକ୍ତିକୁ ଜୀବ ଓ ଭଗବାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିବାକୁ ପଡ଼ିବ ।ତେଣୁ ଭଗବାନ୍ ଶ୍ରୀକୃଷ୍ଣ ଗୀତାର ଦ୍ୱିତୀୟ ଅଧ୍ୟାୟରେ କହିଛନ୍ତି (ଗୀତା୨।୧୨), ପ୍ରତ୍ୟେକ ଜୀବର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଅଛି ଏବଂ ଭଗବାନଙ୍କର ମଧ୍ୟ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଅଛି ।ଅତୀତରେ ସେମାନେ ସ୍ୱତନ୍ତ୍ର ବ୍ୟକ୍ତି ରୂପରେ ଥିଲେ ବର୍ତ୍ତମାନ ଅଛନ୍ତି ଏବଂ ଭବିଷ୍ୟତରେ ରହିବେ, ଏପରିକି ମୁକ୍ତିଲାଭ କଲାପରେ ମଧ୍ୟ ସ୍ୱତନ୍ତ୍ର ବ୍ୟକ୍ତି ରୂପରେ ରହିବେ ।ରାତ୍ରିରେ ଅନ୍ଧକାରରେ ଆମ୍ଭେମାନେ ସବୁ ପଦାର୍ଥକୁ ଅନ୍ଧାର ସହିତ ଏକ ବୋଲି ଦେଖୁ, କିନ୍ତୁ ଦିନରେ ଯେତେବେଳେ ସୂର୍ଯ୍ୟ ଉଦୟ ହୁଅନ୍ତି; ସେତେବେଳେ ଆମ୍ଭେମାନେ ପଦାର୍ଥମାନଙ୍କର ପ୍ରକୃତ ସ୍ୱରୂପ ଦେଖିପାରୁ ।ଦିବ୍ୟ ଜୀବନରେ ବ୍ୟକ୍ତି-ସ୍ୱାତନ୍ତ୍ର୍ୟ ଜ୍ଞାନ ହିଁ ପ୍ରକୃତ ଜ୍ଞାନ ଅଟେ ।

## ଶ୍ଳୋକ - ୧୭

**ତଦ୍‌ବୁଦ୍ଧୟସ୍ତଦାତ୍ମାନସ୍ତନ୍ନିଷ୍ଠାସ୍ତତ୍ପରାୟଣାଃ ।**
**ଗଚ୍ଛନ୍ତ୍ୟପୁନରାବୃତ୍ତିଂ ଜ୍ଞାନନିର୍ଧୂତକଲ୍ମଷାଃ ।।୧୭।।**

## ଶବ୍ଦାନୁବାଦ

ତଦ୍ ବୁଦ୍ଧୟଃ=ଯାହାର ବୁଦ୍ଧି ସର୍ବଦା ଭଗବାନ୍‌ଙ୍କ ପାଇଁ ଲାଗିଥାଏ; ତଦ୍ ଆତ୍ମାନଃ=ଯାହାର ମନ ସର୍ବଦା ଭଗବାନ୍‌ଙ୍କଠାରେ ଥାଏ; ତଦ୍-ନିଷ୍ଠାଃ=ଯାହାଙ୍କର ମନ କେବଳ ଭଗବାନ୍‌ଙ୍କ ନିମିତ୍ତ ହିଁ ଉଦ୍ଦିଷ୍ଟ; ତତ୍-ପରାୟଣାଃ=ଯେ ସଂପୂର୍ଣ୍ଣରୂପେ ତାଙ୍କର (ଭଗବାନ୍‌ଙ୍କର) ଶରଣରେ ଆସିଛି; ଗଚ୍ଛନ୍ତି=ଯା'ନ୍ତି; ଅପୁନଃ-ଆବୃତ୍ତିମ୍=ମୁକ୍ତି; ଜ୍ଞାନ=ଜ୍ଞାନ; ନିର୍ଧୂତ=ଧୌତ; କଲ୍ମଷାଃ=କଲୁଷ, ପାପ।

## ଅନୁବାଦ

**ଯେତେବେଳେ ବ୍ୟକ୍ତିର ମନ, ବୁଦ୍ଧି, ଶ୍ରଦ୍ଧା (ବା ବିଶ୍ୱାସ) ଏବଂ ଶରଣାଗତି ଭଗବାନଙ୍କ ଠାରେ ସ୍ଥିର ବା ଦୃଢ଼ ହୋଇଯାଏ; ସେତେବେଳେ ସେ ପୂର୍ଣ୍ଣଜ୍ଞାନବଳରେ**

**ସଂପୂର୍ଣ୍ଣରୂପେ ପାପ ବିମୁକ୍ତ ହୋଇଯାଏ ଏବଂ ଏହିପରିଭାବରେ ସେ ସିଧା ମୁକ୍ତିପଥର ପଥିକ ହୁଏ ।**

## ଭାବାର୍ଥ

ପରମତତ୍ତ୍ୱ ହେଉଛନ୍ତି ଭଗବାନ୍ ଶ୍ରୀକୃଷ୍ଣ । ସମଗ୍ର ଭଗବଦ୍ ଗୀତାରେ ଏହା ହିଁ ଘୋଷଣା କରି କହି ଦିଆଯାଇଛି ଯେ, କୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍ । ସମସ୍ତ ବୈଦିକ ସାହିତ୍ୟର ଏହା ହିଁ ଅଭିମତ । 'ପରତତ୍ତ୍ୱ'ର ଅର୍ଥ ହେଉଛି ପରମ ସତ୍ୟ । ଏହାକୁ ତତ୍ତ୍ୱଦର୍ଶୀମାନେ ବ୍ରହ୍ମ, ପରମାତ୍ମା ଓ ଭଗବାନ୍ ବୋଲି ଜାଣିଥା'ନ୍ତି । ଭଗବାନ୍ ବା ପରମପୁରୁଷ ଭଗବାନ୍ ପରତତ୍ତ୍ୱର ଶେଷକଥା । ଏହା ଠାରୁ ଅଧିକ ଆଉ କିଛି ନାହିଁ । ଭଗବାନ୍ କହିଛନ୍ତି - *''ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିତ୍ ଅସ୍ତି ଧନଞ୍ଜୟ ।''* ନିର୍ବିଶେଷ ବ୍ରହ୍ମକଥା ମଧ୍ୟ କୃଷ୍ଣ କହିଛନ୍ତି - *''ବ୍ରହ୍ମଣୋ ପ୍ରତିଷ୍ଠାହମ୍''* । ତେଣୁ ସର୍ବପ୍ରକାରେ କୃଷ୍ଣ ହିଁ ପରତତ୍ତ୍ୱ ଅଟନ୍ତି । ଯାହାର ମନ, ବୁଦ୍ଧି, ଶ୍ରଦ୍ଧା ବା ବିଶ୍ୱାସ ଏବଂ ଆଶ୍ରୟ ସର୍ବଦା କୃଷ୍ଣଙ୍କଠାରେ ରହିଛି, ଅର୍ଥାତ୍ ଅନ୍ୟକଥାରେ, ଯେ, ସଂପୂର୍ଣ୍ଣରୂପେ କୃଷ୍ଣଚେତନାରେ ଅଛି, ସେ ନିଃସନ୍ଦେହ ଭାବରେ ସମସ୍ତ ପାପରୁ ମୁକ୍ତ ହୋଇଯାଇଛି ଏବଂ ସେ ପୂର୍ଣ୍ଣ ଜ୍ଞାନଲାଭ କରିଛି ବୋଲି କହିବାକୁ ହେବ-ସେ ଦିବ୍ୟଜ୍ଞାନ ଲାଭ କରିଛି ବୋଲି ବୁଝିବାକୁ ପଡ଼ିବ । ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ଭଲଭାବରେ ଏକଥା ବୁଝିପାରି ଥାଏ ଯେ କୃଷ୍ଣଙ୍କଠାରେ ଭେଦାଭେଦ ଅଛି (ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱ) । ବ୍ୟକ୍ତି ଏହି ଦିବ୍ୟଜ୍ଞାନର ଅଧିକାରୀ ହେଲେ ମୁକ୍ତି ପଥରେ ଦୃଢ଼ଭାବରେ ଅଗ୍ରଗତି କରିପାରିବ ।

## ଶ୍ଲୋକ - ୧୮

**ବିଦ୍ୟାବିନୟସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।**
**ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ ।।୧୮।।**

## ଶବ୍ଦାନୁବାଦ

ବିଦ୍ୟା=ବିଦ୍ୟା (ବା ଶିକ୍ଷା); ବିନୟ=ବିନୟଭାବ; ସମ୍ପନ୍ନେ=ପୂର୍ଣ୍ଣଭାବେ ଅଧିକୃତ; ବ୍ରାହ୍ମଣେ=ବ୍ରାହ୍ମଣଙ୍କଠାରେ; ଗବି=ଗାଭୀଠାରେ; ହସ୍ତିନି=ହାତୀଠାରେ; ଶୁନି=କୁକୁରଠାରେ; ଚ=ଏବଂ; ଏବ=ନିଶ୍ଚିତଭାବେ; ଶ୍ୱପାକେ=କୁକୁରମାଂସ ଭୋଜୀ ଚଣ୍ଡାଳଠାରେ; ଚ=ଯଥାକ୍ରମେ; ପଣ୍ଡିତାଃ=ପଣ୍ଡିତଗଣ; ସମ-ଦର୍ଶିନଃ=ସମାନ ଦୃଷ୍ଟିରେ ଦେଖନ୍ତି ।

## ଅନୁବାଦ

**ଏକ ବିଦ୍ୱାନ ଓ ବିନୟୀ ସାଧୁ ପ୍ରକୃତ ଜ୍ଞାନ ବଳରେ ଏକ ବ୍ରାହ୍ମଣ, ଗାଭୀ, ହସ୍ତୀ, କୁକୁର ଏବଂ କୁକୁରମାଂସ ଭୋଜୀ ଚଣ୍ଡାଳକୁ ସମଦୃଷ୍ଟିରେ ଦେଖନ୍ତି ।**

## ଭାବାର୍ଥ

ଯେଉଁ ବ୍ୟକ୍ତି ପୂର୍ଣ୍ଣ କୃଷ୍ଣଚେତନାରେ ଅଛି, ସେ ବିଭିନ୍ନ ପ୍ରାଣୀ ଓ ଜାତି ମଧ୍ୟରେ କୌଣସି ପାର୍ଥକ୍ୟ ଦେଖେ ନାହିଁ । ବ୍ରାହ୍ମଣ ଓ ଚଣ୍ଡାଳ ମଧ୍ୟରେ ସାମାଜିକ ସ୍ଥିତିରେ ଭେଦ ରହିପାରେ । କୁକୁର, ଗାଈ ଓ ହାତୀ ମଧ୍ୟରେ ପ୍ରାଣୀ ହିସାବରେ ଭେଦ ରହିପାରେ; କିନ୍ତୁ

ଏକ ବିଦ୍ୱାନ ଯୋଗୀ ବା କୃଷ୍ଣଚେତନଶୀଳ ବ୍ୟକ୍ତି ପକ୍ଷରେ ଏ ଶାରୀରିକ ଭେଦଭାବର କିଛି ଅର୍ଥ ନାହିଁ । ସେମାନଙ୍କର ଭଗବାନଙ୍କ ସହ ସମ୍ବନ୍ଧ ଯୋଗୁଁ ଏପରି ହୋଇଛି । ଭଗବାନ୍ ପରମାତ୍ମାରୂପରେ ସମସ୍ତଙ୍କ ହୃଦୟରେ ବିଦ୍ୟମାନ । ଭଗବାନଙ୍କ ସମ୍ବନ୍ଧୀୟ ଏ ଜ୍ଞାନ ହେଉଛି ପ୍ରକୃତ ଜ୍ଞାନ । ବିଭିନ୍ନ ଜାତି ବା ବିଭିନ୍ନ ପ୍ରାଣୀଙ୍କର ଶରୀର ଭିନ୍ନ ଭିନ୍ନ; କିନ୍ତୁ ଭଗବାନ୍ ସମସ୍ତଙ୍କ ପ୍ରତି ସମାନ ଭାବରେ ଦୟାଳୁ ଅଟନ୍ତି; କାରଣ ସେ ପ୍ରତ୍ୟେକ ଜୀବକୁ ବନ୍ଧୁଭାବରେ ଗ୍ରହଣ କରନ୍ତି ଏବଂ ତତ୍ ସଙ୍ଗେ ସଙ୍ଗେ ନିଜକୁ ପରମାତ୍ମାରୂପେ ରଖନ୍ତି । ଜୀବ ଯେଉଁସ୍ତରର, ଯେଉଁ ଜାତିର ବା ଯେଉଁ ବିଭାଗର ହେଉପଛେ ସେ ସମସ୍ତଙ୍କ ହୃଦୟରେ ପରମାତ୍ମାରୂପରେ ରହିଥା'ନ୍ତି । (ତାଙ୍କ ପାଖରେ ଶାରୀରିକ ଭେଦଭାବ କିଛି ନଥାଏ) । ବ୍ରାହ୍ମଣର ଶରୀର ଓ ଚଣ୍ଡାଳର ଶରୀର ଏକା ପ୍ରକାର ନୁହେଁ, ତଥାପି ଭଗବାନ୍ ପରମାତ୍ମା ରୂପରେ ଉଭୟଙ୍କ ଶରୀର ମଧ୍ୟରେ ଥା'ନ୍ତି । ଭୂତପ୍ରକୃତିର ବିଭିନ୍ନ ଗୁଣର ଅବଦାନ ହେଉଛି ବିଭିନ୍ନ ଶରୀର; କିନ୍ତୁ ଶରୀର ମଧ୍ୟରେ ଥିବା ଆତ୍ମା ଓ ପରମାତ୍ମା ଉଭୟେ ଚିନ୍ମୟ ଅଟନ୍ତି । ଆତ୍ମା ଓ ପରମାତ୍ମା ଗୁଣରେ ସମାନ, କିନ୍ତୁ ପରିମାଣରେ ସମାନ ନୁହଁନ୍ତି; କାରଣ ଜୀବାତ୍ମା ଏକ ନିର୍ଦ୍ଦିଷ୍ଟ ଶରୀର ମଧ୍ୟରେ ଥାଏ, କିନ୍ତୁ ପରମାତ୍ମା ପ୍ରତ୍ୟେକ ଶରୀର ମଧ୍ୟରେ ଥା'ନ୍ତି । ଏକ କୃଷ୍ଣଚେତନଶୀଳ ବ୍ୟକ୍ତିର ଏ ସମ୍ବନ୍ଧରେ ପୂର୍ଣ୍ଣ ଜ୍ଞାନ ଥାଏ ଏବଂ ସେଇଥିପାଇଁ ସେ ହେଉଛନ୍ତି ପ୍ରକୃତରେ ବିଦ୍ୱାନ୍ ବା ପଣ୍ଡିତ ଏବଂ ତାଙ୍କର ସମଦୃଷ୍ଟି ଥାଏ । ଆତ୍ମା ଓ ପରମାତ୍ମା ଉଭୟେ ଚେତନଶୀଳ, ଶାଶ୍ୱତ ଏବଂ ଆନନ୍ଦମୟ ଅଟନ୍ତି । ଏହା ହେଉଛି ଉଭୟଙ୍କ ମଧ୍ୟରେ ସାମ୍ୟଭାବ । ଜୀବାତ୍ମା ଏକ ନିର୍ଦ୍ଦିଷ୍ଟ ସୀମିତ ଶରୀର ସମ୍ବନ୍ଧରେ ଚେତନଶୀଳ ଅଟେ, କିନ୍ତୁ ପରମାତ୍ମା ସମସ୍ତ ପ୍ରକାର ଶରୀର ବା ସମସ୍ତଙ୍କ ଶରୀର ସମ୍ବନ୍ଧରେ ଚେତନଶୀଳ ଅଟନ୍ତି । ଏହା ହେଉଛି ଆତ୍ମା ଓ ପରମାତ୍ମା ମଧ୍ୟରେ ପାର୍ଥକ୍ୟ ବା ବୈଷମ୍ୟଭାବ । କୌଣସି ପ୍ରକାର ବାଛ ବିଚାର ନ କରି ପରମାତ୍ମା ସମସ୍ତଙ୍କ ଶରୀର ମଧ୍ୟରେ ବିଦ୍ୟମାନ ଥା'ନ୍ତି ।

## ଶ୍ଲୋକ - ୧୯

**ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ ।**
**ନିର୍ଦ୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍‌ବ୍ରହ୍ମଣି ତେ ସ୍ଥିତାଃ ।।୧୯।।**

## ଶବ୍ଦାନୁବାଦ

ଇହ=ଏହି ଜୀବନରେ; ଏବ=ନିଶ୍ଚିତଭାବେ; ତୈଃ=ସେମାନଙ୍କ ଦ୍ୱାରା; ଜିତଃ=ବିଜିତ; ସର୍ଗଃ=ଜନ୍ମ ଏବଂ ମୃତ୍ୟୁ; ଯେଷାମ୍=ଯେଉଁମାନଙ୍କର; ସାମ୍ୟେ=ସମଭାବରେ; ସ୍ଥିତମ୍=ସ୍ଥିତ; ମନଃ=ମନ; ନିର୍ଦ୍ଦୋଷମ୍=ନିର୍ଦ୍ଦୋଷ; ହି=ନିଶ୍ଚିତଭାବେ; ସମମ୍=ସମଭାବରେ; ବ୍ରହ୍ମ=ବ୍ରହ୍ମ; ତସ୍ମାତ୍=ତେଣୁ; ବ୍ରହ୍ମଣି=ବ୍ରହ୍ମରେ; ତେ=ସେମାନେ; ସ୍ଥିତାଃ=ଅବସ୍ଥିତ ।

## ଅନୁବାଦ

**ଯେଉଁମାନଙ୍କର ମନ ସମଭାବରେ ସ୍ଥିର ହୋଇଯାଇଛି ସେମାନେ ଜନ୍ମ-ମୃତ୍ୟୁ ବନ୍ଧନରୁ ମୁକ୍ତ ହୋଇଯାଇଛନ୍ତି । ବ୍ରହ୍ମଙ୍କ ସଦୃଶ ସେମାନେ ନିର୍ଦ୍ଦୋଷ ଅଟନ୍ତି ଏବଂ ଏହିପରି ଭାବରେ ସେମାନେ ବ୍ରହ୍ମରେ ଅବସ୍ଥାନ କରିସାରିଛନ୍ତି ।**

## ଭାବାର୍ଥ

ପୂର୍ବେ ଯେଉଁ ମାନସିକ ସମତା କଥା କୁହାଗଲା, ତାହା ଆତ୍ମାନୁଭୂତି ଲାଭର ଚିହ୍ନ ଅଟେ । ଯେଉଁମାନେ ବାସ୍ତବରେ ଏହି ଅବସ୍ଥା ପ୍ରାପ୍ତ ହୋଇଛନ୍ତି, ସେମାନେ ଭୌତିକ ବନ୍ଧାବସ୍ଥା, ବିଶେଷକରି ଜନ୍ମ-ମୃତ୍ୟୁ ଚକ୍ରରୁ ଉଦ୍ଧାର ପାଇଯାଇଛନ୍ତି ବୋଲି ବୁଝିବାକୁ ହେବ । ଯେ ପର୍ଯ୍ୟନ୍ତ ବ୍ୟକ୍ତି ନିଜକୁ ଶରୀରବୋଲି ଭାବୁଥାଏ, ସେ ପର୍ଯ୍ୟନ୍ତ ସେ ବଦ୍ଧଜୀବ ବୋଲି ବୁଝିବାକୁ ହେବ, କିନ୍ତୁ ଯେତେବେଳେ ସେ ଆତ୍ମାନୁଭୂତି ଲାଭକରି ସମଭାବାପନ୍ନ ହୋଇଯାଏ ବା ସେହି ସ୍ତରକୁ ଉନ୍ନୀତ ହୋଇଯାଏ, ସେତେବେଳେ ସେ ବନ୍ଧାବସ୍ଥାରୁ ମୁକ୍ତ ହୋଇଯାଏ । ଅନ୍ୟକଥାରେ ଏହା ହିଁ କୁହାଯିବ ଯେ ସେ ଆଉ ଏ ଭୌତିକ ଜଗତରେ ଜନ୍ମ ନିଏ ନାହିଁ; ସେ ମୃତ୍ୟୁପରେ ପରବ୍ୟୋମରେ ପ୍ରବେଶ କରେ । ଭଗବାନ୍ ହେଉଛନ୍ତି ନିର୍ଦ୍ଦୋଷ; କାରଣ ସେ ରାଗ-ଦ୍ୱେଷଠାରୁ ବହୁ ଊର୍ଦ୍ଧ୍ୱରେ । ଠିକ୍ ସେହିପରି ଯେତେବେଳେ ବ୍ୟକ୍ତି ରାଗ-ଦ୍ୱେଷହୀନ ହୋଇଯାଏ, ସେତେବେଳେ ସେ ମଧ୍ୟ ନିର୍ଦ୍ଦୋଷ ହୋଇଯାଏ ଏବଂ ପରବ୍ୟୋମରେ ପ୍ରବେଶ କରିବାକୁ ଉପଯୁକ୍ତ ହୋଇଯାଏ । ଏ ପ୍ରକାର ବ୍ୟକ୍ତିମାନଙ୍କୁ ମୁକ୍ତଜୀବ ବୋଲି ବୁଝିବାକୁ ହେବ ଏବଂ ସେମାନଙ୍କର ଲକ୍ଷଣ ନିମ୍ନରେ ବର୍ଣ୍ଣନା କରାଯାଉଛି ।

## ଶ୍ଳୋକ - ୨୦

**ନ ପ୍ରହୃଷ୍ୟେତ୍ପ୍ରିୟଂ ପ୍ରାପ୍ୟ ନୋଦ୍ୱିଜେତ୍ପ୍ରାପ୍ୟ ଚାପ୍ରିୟଂ ।**
**ସ୍ଥିରବୁଦ୍ଧିରସଂମୂଢ଼ୋ ବ୍ରହ୍ମବିଦ୍‌ବ୍ରହ୍ମଣି ସ୍ଥିତଃ ।।୨୦।।**

## ଶବ୍ଦାନୁବାଦ

ନ=ହୁଏ ନାହିଁ; ପ୍ରହୃଷ୍ୟେତ୍=ହୃଷ୍ଟ; ପ୍ରିୟମ୍=ପ୍ରିୟ; ପ୍ରାପ୍ୟ=ପ୍ରାପ୍ତହୋଇ; ନ=ହୁଏ ନାହିଁ; ଉଦ୍ୱିଜେତ୍=ବିଚଳିତ; ପ୍ରାପ୍ୟ=ପ୍ରାପ୍ତହୋଇ; ଚ=ମଧ୍ୟ; ଅପ୍ରିୟମ୍=ଅପ୍ରିୟ; ସ୍ଥିର-ବୁଦ୍ଧିଃ=ସ୍ଥିର ବୁଦ୍ଧି; ଅସଂମୂଢ଼ଃ=ବିମୋହିତ ନୁହେଁ; ବ୍ରହ୍ମ-ବିତ୍=ବ୍ରହ୍ମଜ୍ଞାନୀ ଅର୍ଥାତ୍ ଯେ ଭଗବାନ୍‌ଙ୍କୁ ଭଲରକମ ଜାଣିଛି; ବ୍ରହ୍ମଣି=ବ୍ରହ୍ମସ୍ତର ବା ଦିବ୍ୟସ୍ତର; ସ୍ଥିତଃ=ଅବସ୍ଥିତ ।

## ଅନୁବାଦ

**ଯେଉଁ ବ୍ୟକ୍ତି ପ୍ରିୟ ପଦାର୍ଥ ପାଇଲେ ହୃଷ୍ଟ ହୁଏନାହିଁ କିମ୍ବା ଅପ୍ରିୟ ପଦାର୍ଥ ପାଇଲେ କ୍ଷୁବ୍ଧ ହୁଏ ନାହିଁ, ସେ ସ୍ଥିର ବୁଦ୍ଧି ଏବଂ ଭଲଭାବରେ ଭଗବଦ୍ ବିଜ୍ଞାନ ଜାଣିଛି ଓ ବିମୋହିତ ନୁହେଁ, ସେ ବ୍ରହ୍ମସ୍ତର ବା ଦିବ୍ୟସ୍ତରରେ ରହିଛି ବୋଲି ବୁଝିବାକୁ ପଡ଼ିବ ।**

## ଭାବାର୍ଥ

ଆତ୍ମାନୁଭୂତି ଲାଭ କରିଥିବା ବ୍ୟକ୍ତିର ଲକ୍ଷଣ ଏଠାରେ ଦିଆଯାଇଛି । ପ୍ରଥମ ଲକ୍ଷଣ ହେଲା, ସେ ଭୁଲରେ ଏ ଶରୀରକୁ ଆତ୍ମାବୋଲି ଭାବେନାହିଁ କିମ୍ବା ତଦ୍ଦ୍ୱାରା ବିମୋହିତ ହୁଏ ନାହିଁ । ସେ ଭଲଭାବରେ ଜାଣିଥାଏ ଯେ, ସେ ଏ ଶରୀର ନୁହେଁ, ସେ ପରମ ପୁରୁଷ ଭଗବାନଙ୍କର କ୍ଷୁଦ୍ର ଅଂଶବିଶେଷ ଅଟେ । ତେଣୁ ସେ, ଏ ଶରୀରର ସୁଖକାରୀ କୌଣସି ପଦାର୍ଥ ପାଇଲେ ଖୁସି ହୁଏନାହିଁ କିମ୍ବା ଏ ଶରୀର ସମ୍ବନ୍ଧୀୟ କିଛି ପଦାର୍ଥ ହରାଇଲେ ଦୁଃଖିତ

ହୁଏନାହିଁ । ଏପ୍ରକାର ମାନସିକ ସ୍ଥିରତାକୁ 'ସ୍ଥିରବୁଦ୍ଧି' କୁହାଯାଏ । ସେ ଏ ସ୍ଥୂଳ ଶରୀରକୁ ଆତ୍ମାବୋଲି ଭାବି କେବେହେଲେ ବିମୋହିତ ହୁଏ ନାହିଁ କିମ୍ବା ସେ, ଏ ଶରୀରକୁ ସ୍ଥାୟୀ ପଦାର୍ଥ ବୋଲି ଭାବେ ନାହିଁ ଏବଂ ଆତ୍ମାର ଅସ୍ତିତ୍ୱକୁ ଅସ୍ୱୀକାର କରେ ନାହିଁ । ଏହି ଜ୍ଞାନ, ତାକୁ ଭଗବାନଙ୍କ ସମ୍ବନ୍ଧରେ ପୂର୍ଣ୍ଣ ଜ୍ଞାନ ହାସଲ କରିବା ଦିଗରେ ସାହାଯ୍ୟ କରେ, ଅର୍ଥାତ୍ ଉଚ୍ଚ ଜ୍ଞାନସ୍ତରକୁ ତାକୁ ଉନ୍ନୀତ କରେ; ଫଳରେ ସେ ଅଦ୍ୱୟଜ୍ଞାନ ଭଗବାନଙ୍କୁ ଜାଣିପାରେ ଅର୍ଥାତ୍ ଭଗବାନଙ୍କ ସମ୍ବନ୍ଧୀୟ ପୂର୍ଣ୍ଣ ଜ୍ଞାନ-ବ୍ରହ୍ମ, ପରମାତ୍ମା ଓ ଭଗବାନଙ୍କ ସମ୍ବନ୍ଧୀୟ ଜ୍ଞାନ-ପ୍ରାପ୍ତ ହୋଇପାରେ । ଏହିପରି ଭାବରେ ସେ ଭଲଭାବରେ ତା'ର ସ୍ୱରୂପସ୍ଥିତିକୁ ବୁଝିପାରେ । ସେ ଆଉ ଭ୍ରମରେ ସବୁଦିଗରୁ ଭଗବାନଙ୍କ ସହ ଏକ ହେବାକୁ ଚେଷ୍ଟା କରେ ନାହିଁ । ଏହାକୁ ବ୍ରହ୍ମାନୁଭୂତିଲାଭ ବା ଆତ୍ମାନୁଭୂତିଲାଭ ବୋଲି କୁହାଯାଏ । ଏପ୍ରକାର ସ୍ଥିର ଚେତନାକୁ କୃଷ୍ଣଚେତନା ବୋଲି କୁହାଯାଏ ।

## ଶ୍ଳୋକ - ୨୧

**ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା ବିନ୍ଦତ୍ୟାତ୍ମନି ଯତ୍ସୁଖଂ ।**
**ସ ବ୍ରହ୍ମଯୋଗଯୁକ୍ତାତ୍ମା ସୁଖମକ୍ଷୟମଶ୍ନୁତେ ।। ୨୧ ।।**

## ଶବ୍ଦାନୁବାଦ

ବାହ୍ୟ-ସ୍ପର୍ଶେଷୁ=ବାହ୍ୟ ଇନ୍ଦ୍ରିୟ-ସୁଖରେ; ଅସକ୍ତ-ଆତ୍ମା=ଯେ ଏତେ ଆସକ୍ତ ନୁହେଁ; ବିନ୍ଦତି=ଉପଭୋଗ କରେ; ଆତ୍ମନି=ଆତ୍ମାରେ; ଯତ୍=ଯାହା; ସୁଖମ୍=ସୁଖ; ସଃ=ସେ; ବ୍ରହ୍ମ-ଯୋଗ=ବ୍ରହ୍ମରେ ଯୁକ୍ତ; ଯୁକ୍ତ-ଆତ୍ମା=ସ୍ୱୟଂଯୁକ୍ତ; ସୁଖମ୍=ସୁଖ; ଅକ୍ଷୟମ୍=ଅନନ୍ତ; ଅଶ୍ନୁତେ=ଉପଭୋଗ କରେ ।

## ଅନୁବାଦ

**ଏ ପ୍ରକାର ଏକ ମୁକ୍ତପୁରୁଷ, ଜଡ଼େନ୍ଦ୍ରିୟ-ସୁଖ ପ୍ରତି କିମ୍ବା ବାହ୍ୟ ବସ୍ତୁପ୍ରତି ଆସକ୍ତ ହୁଏ ନାହିଁ; ସେ ସର୍ବଦା ସମାଧିରେ ଥାଏ; ସର୍ବଦା ଅନ୍ତରରେ ଆନନ୍ଦ ଅନୁଭବ କରୁଥାଏ । ଏହିପରି ଭାବରେ ଆତ୍ମାନୁଭୂତି ଲାଭ କରିଥିବା ବ୍ୟକ୍ତି ଅପାରସୁଖ ଅନୁଭବକରେ, କାରଣ ସେ ବ୍ରହ୍ମରେ ମନୋନିବେଶ କରିଥାଏ ।**

## ଭାବାର୍ଥ

ଭଗବାନଙ୍କର ଏକ ବଡ଼ ଭକ୍ତ ଶ୍ରୀ ଯମୁନାଚାର୍ଯ୍ୟ କହିଲେ—

*'ଯଦାବଧି ମମ ଚେତଃ କୃଷ୍ଣ-ପଦାରବିନ୍ଦେ*
*ନବ-ନବ ରସ-ଧାମନୁଦ୍ୟତରନ୍ତୁମ୍ ଆସୀତ୍*
*ତଦାବଧି ବତ ନାରୀ-ସଂଗମେ ସ୍ମର୍ଯ୍ୟମାନେ*
*ଭବତି ମୁଖ-ବିକାରଃ ସୁଷ୍ଠୁ ନିଷ୍ଠୀବନଂ ଚ ।।''*

ଅର୍ଥାତ୍ - ''କୃଷ୍ଣଙ୍କର ଦିବ୍ୟସେବାରେ ମୁଁ ସର୍ବଦା ବ୍ୟସ୍ତଥିବାରୁ ଏବଂ ତଦ୍ୱାରା ନିତ୍ୟନୂତନ ସୁଖ ଉପଭୋଗ କରୁଥିବାରୁ ଯେତେବେଳେ ଯୌନସୁଖ କଥା ଚିନ୍ତାରାଜ୍ୟକୁ ଆସେ,

ସେତେବେଳେ ସେ ଚିନ୍ତାକୁ ଛେପ ପକାଏ ଏବଂ ଓଷ୍ଠ ଘୃଣାରେ ବିକୃତ ହୋଇଉଠେ ।’’ ଯେଉଁବ୍ୟକ୍ତି ବ୍ରହ୍ମଯୋଗ ବା କୃଷ୍ଣଚେତନାରେ ଅଛି, ସେ କୃଷ୍ଣଙ୍କ ସେବାରେ ଏପରି ଆତ୍ମନିୟୋଗ କରିଛି ଯେ, ସେ ସଂପୂର୍ଣ୍ଣରୂପେ ଭୌତିକ ଇନ୍ଦ୍ରିୟସୁଖକୁ ଭୁଲି ଯାଇଛି । ଭୌତିକ ସୁଖ ମଧ୍ୟରେ ସବୁଠାରୁ ଉଚ୍ଚତର ସୁଖ ହେଲା ଯୌନସୁଖ । ସମଗ୍ର ପୃଥିବୀ ଏହାର ମୋହିନୀଶକ୍ତିରେ ଘୂରୁଛି ଏବଂ ଏକ ଭୌତିକବାଦୀ ବ୍ୟକ୍ତି ଏହାର ଆକର୍ଷଣ ବିନା ଆଦୌ କାମ କରିପାରିବ ନାହିଁ, କିନ୍ତୁ ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ଯୌନସୁଖ ବିନା ଅଧିକ ଉତ୍ସାହ ଓ ଆଗ୍ରହରେ କର୍ମ କରିପାରେ, କାରଣ ସେ ସୁଖକୁ ତ୍ୟାଗ କରିଥାଏ । ଦିବ୍ୟ ଅନୁଭୂତି ଲାଭଦିଗରେ ଏହା ହିଁ ହେଉଛି ଏକ ପ୍ରମାଣ । ଆତ୍ମାନୁଭୂତିଲାଭ ଓ ଯୌନ ସୁଖଲାଭ-ଏ ଦୁଇଟି ପରସ୍ପର ବିପରୀତ ଅଟେ । ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ମୁକ୍ତ ପୁରୁଷ ହୋଇଥିବାରୁ କୌଣସି ପ୍ରକାର ଇନ୍ଦ୍ରିୟ ସୁଖପ୍ରତି ଆକୃଷ୍ଟ ହୁଏନାହିଁ ।

## ଶ୍ଲୋକ - ୨୨

**ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବ ତେ ।**
**ଆଦ୍ୟନ୍ତବନ୍ତଃ କୌନ୍ତେୟ ନ ତେଷୁ ରମତେ ବୁଧଃ ।।୨୨।।**

## ଶବ୍ଦାନୁବାଦ

ଯେ=ଯେଉଁମାନେ; ହି=ନିଶ୍ଚିତଭାବେ; ସଂସ୍ପର୍ଶ-ଜାଃ=ଜଡ଼େନ୍ଦ୍ରିୟ ସଂସ୍ପର୍ଶଦ୍ୱାରା; ଭୋଗାଃ=ଭୋଗସମୂହ; ଦୁଃଖ=ଦୁଃଖ; ଯୋନୟଃ=ମୂଳ; ଏବ=ନିଶ୍ଚିତଭାବେ; ତେ=ସେମାନେ; ଆଦି=ଆରମ୍ଭରେ; ଅନ୍ତବନ୍ତଃ=ଶେଷ; କୌନ୍ତେୟ=ହେ କୁନ୍ତୀପୁତ୍ର; ନ=କେବେ ନୁହେଁ; ତେଷୁ=ସେଗୁଡ଼ିକରେ; ରମତେ=ଆନନ୍ଦିତ ହୁଏ; ବୁଧଃ=ବୁଦ୍ଧିମାନ୍ ବ୍ୟକ୍ତି ।

## ଅନୁବାଦ

**ଯାହାର ସଂସ୍ପର୍ଶରେ ଆସିଲେ ଦୁଃଖ ହିଁ ମିଳିବ, ବୁଦ୍ଧିମାନ ବ୍ୟକ୍ତି ତାହାର ସଂସ୍ପର୍ଶରେ ଆସେ ନାହିଁ । ଜଡ଼େନ୍ଦ୍ରିୟର ସଂସ୍ପର୍ଶରେ ଆସିଲେ ତୁମେ ଦୁଃଖ ହିଁ ପାଇବ । (ଇନ୍ଦ୍ରିୟ ସୁଖ ହିଁ ଦୁଃଖର କାରଣ) । ହେ କୁନ୍ତିପୁତ୍ର ! ଏ ପ୍ରକାର ସୁଖର (ଅର୍ଥାତ୍ ଇନ୍ଦ୍ରିୟ ସୁଖର) ଆରମ୍ଭ ଓ ଶେଷ ଅଛି ଏବଂ ସେଇଥିପାଇଁ ବୁଦ୍ଧିମାନ୍ ବ୍ୟକ୍ତି ଏଥିରେ ଆନନ୍ଦିତ ହୁଏ ନାହିଁ ।**

## ଭାବାର୍ଥ

ଜଡ଼େନ୍ଦ୍ରିୟ ସଂସ୍ପର୍ଶ ହେଲା ଭୌତିକ ସୁଖର କାରଣ । ଏ ପ୍ରକାର ସୁଖ କ୍ଷଣସ୍ଥାୟୀ ଅଟେ, କାରଣ ଏ ଜଡ଼ ଶରୀର ହିଁ କ୍ଷଣସ୍ଥାୟୀ । ଯାହା କ୍ଷଣସ୍ଥାୟୀ ସେଥିରେ କେବେହେଲେ ମୁକ୍ତ ଜୀବ ଭାଗୀ ହୁଏ ନାହିଁ । ମୁକ୍ତ ଜୀବ ଭଲଭାବରେ ଜାଣିଛି ଦିବ୍ୟସୁଖ ଓ ଦିବ୍ୟ ଆନନ୍ଦ କ’ଣ । ଯେ ଏହା ଜାଣିଛି, ସେ କିପରି ମିଥ୍ୟା ସୁଖ ବା କ୍ଷଣିକ ସୁଖ ଭୋଗରେ ମାତିବ ? ପଦ୍ମପୁରାଣରେ କୁହାଯାଇଛି—

*‘‘ରମନ୍ତେ ଯୋଗିନୋଽନନ୍ତେ ସତ୍ୟାନନ୍ଦ-ଚିଦ୍ ଆତ୍ମନି ।*
*ଇତି-ରାମ-ପଦେ-ନାସୌ ପରଂ ବ୍ରହ୍ମାଭିଧୀୟତେ ।।’’*

ଅର୍ଥାତ୍ -ଯୋଗୀମାନେ ପରଂବ୍ରହ୍ମ ଭଗବାନଙ୍କ ଠାରୁ ଅନନ୍ତ ଦିବ୍ୟ ସୁଖ ଲାଭ-କରନ୍ତି ଏବଂ ସେଇଥିପାଇଁ ପରତତ୍ତ୍ୱ, ପରମପୁରୁଷ ଭଗବାନ୍ 'ରାମ' ନାମରେ ପରିଚିତ । ଶ୍ରୀମଦ୍ ଭାଗବତମ୍‌ରେ ମଧ୍ୟ କୁହାଯାଇଛି–

*''ନାୟଂ ଦେହୋ ଦେହ ଭାଜାଂ ନୃଲୋକେ*
*କଷ୍ଟାନ୍ କାମାନର୍ହେତ ବିଡ୍-ଭୁଜାଂ ଯେ ।*
*ତପୋ ଦିବ୍ୟଂ ପୁତ୍ର କା ଯେନ ସତ୍ତ୍ୱଂ*
*ଶୁଦ୍ଧ୍ୟେଦ୍ ଯସ୍ମାଦ୍ ବ୍ରହ୍ମ ସୌଖ୍ୟଂ ତୁ ଅନନ୍ତମ୍ ।।''*

ଅର୍ଥାତ୍–''ହେ ମୋର ପ୍ରିୟ ପୁତ୍ରଗଣ ! ଏ ମାନବ ଜୀବନରେ ଇନ୍ଦ୍ରିୟ ସୁଖ ପାଇବା ନିମିତ୍ତ କଠିନ ପରିଶ୍ରମ କରିବାର କୌଣସି କାରଣ ନାହିଁ । ବିଷ୍ଠାଭୋଜନକାରୀ ଘୁଷୁରୀମାନେ'ତ ଏ ସୁଖ ପାଉଛନ୍ତି ବରଂ ତୁମ୍ଭେମାନେ ଏ ଜୀବନରେ ତପଶ୍ଚରଣ କର, ଯାହାଫଳରେ ତୁମ୍ଭେମାନେ ବିଶୁଦ୍ଧ ହେବ ଏବଂ ଫଳତଃ ତୁମ୍ଭେମାନେ ଅନନ୍ତ ଦିବ୍ୟ ସୁଖ ଓ ଆନନ୍ଦ ଉପଭୋଗ କରିବାକୁ ସକ୍ଷମ ହେବ ।'' (ଭା.୫-୫-୧)

ସେଇଥିପାଇଁ ଯେଉଁମାନେ ପ୍ରକୃତ ଯୋଗୀ ବା ପଣ୍ଡିତ ସେମାନେ କେବେହେଲେ ଇନ୍ଦ୍ରିୟ ସୁଖ ପାଇଁ ଆସକ୍ତ ହୁଅନ୍ତି ନାହିଁ, କାରଣ ଏ ଇନ୍ଦ୍ରିୟ ସୁଖ ବରାବର ଭୌତିକ ସ୍ଥିତିର ହେତୁ ଅଟେ । ବ୍ୟକ୍ତି ଯେତେ ଅଧିକ ପରିମାଣରେ ଇନ୍ଦ୍ରିୟସୁଖ ପ୍ରତି ଆସକ୍ତ ହେବ, ସେତେ ଅଧିକ ଭୌତିକ ଦୁଃଖ ଭୋଗିବ ।

## ଶ୍ଳୋକ - ୨୩

**ଶକ୍ନୋତୀହୈବ ଯଃ ସୋଢୁଂ ପ୍ରାକ୍‌ଶରୀରବିମୋକ୍ଷଣାତ୍ ।**
**କାମକ୍ରୋଧୋଦ୍ଭବଂ ବେଗଂ ସ ଯୁକ୍ତଃ ସ ସୁଖୀ ନରଃ ।।୨୩।।**

## ଶବ୍ଦାନୁବାଦ

ଶକ୍ନୋତି=ସକ୍ଷମ ହୁଏ; ଇହ ଏବ=ଏହି ଶରୀରରେ ବା ନିଶ୍ଚିତଭାବରେ; ଯଃ=ଯେ; ସୋଢୁମ୍=ସହ୍ୟ କରିବାକୁ; ପ୍ରାକ୍=ପୂର୍ବରୁ; ଶରୀର=ଶରୀର; ବିମୋକ୍ଷଣାତ୍=ତ୍ୟାଗ କରିବା; କାମ=କାମନା; କ୍ରୋଧ=କ୍ରୋଧ; ଉଦ୍ଭବମ୍=(କାମ କ୍ରୋଧ)ରୁ ଜାତ; ବେଗମ୍=ବେଗ; ସଃ=ସେ; ଯୁକ୍ତଃ=ସମାଧିରେ (ଯୁକ୍ତ); ସଃ=ସେ; ସୁଖୀ=ସୁଖୀ; ନରଃ=ମାନବ ।

## ଅନୁବାଦ

**ଏହି ଶରୀର ତ୍ୟାଗ କରିବା ପୂର୍ବରୁ ଯେଉଁ ବ୍ୟକ୍ତି ଇନ୍ଦ୍ରିୟମାନଙ୍କର ବେଗ ଏବଂ କାମ-କ୍ରୋଧର ବେଗ ସହନ କରିବାକୁ ସକ୍ଷମ ହୁଏ, ସେ ଯୋଗୀ ଅଟେ ଏବଂ ଏ ପୃଥିବୀରେ ସେ ସୁଖୀ ଅଟେ ।**

## ଭାବାର୍ଥ

ଯଦି କେହି ଆତ୍ମାନୁଭୂତି ଲାଭ ମାର୍ଗରେ ଉନ୍ନତି କରିବାକୁ ଇଚ୍ଛାକରେ, ତାହାହେଲେ ତାକୁ ଏ ଜଡ଼େନ୍ଦ୍ରିୟମାନଙ୍କର ବେଗକୁ ଦମନ କରିବାକୁ ପଡ଼ିବ । କଥା କହିବା ବେଗ, କ୍ରୋଧର ବେଗ, ମନର ବେଗ, ଉଦରର ବେଗ, ଜନନେନ୍ଦ୍ରିୟର ବେଗ ଏବଂ ଜିହ୍ୱାର ବେଗ–ଏହି

ଛ'ପ୍ରକାର ବେଗ ଅଛି । ଏସବୁ ବେଗକୁ ଦମନ କରିବାକୁ ପଡ଼ିବ । ଯେ ଏସବୁ ଇନ୍ଦ୍ରିୟମାନଙ୍କର ବେଗ ବା ମନର ବେଗକୁ ଦମନ କରିପାରନ୍ତି, ତାଙ୍କୁ 'ଗୋସ୍ୱାମୀ' ବା 'ସ୍ୱାମୀ' କୁହାଯାଏ । ଏ ଗୋସ୍ୱାମୀମାନେ ସଂଯତ ଜୀବନ ଯାପନ କରନ୍ତି ଏବଂ ଇନ୍ଦିୟମାନଙ୍କ ବେଗକୁ ସଂପୂର୍ଣ୍ଣରୂପେ ଦମନ କରିଥା'ନ୍ତି । ଯେତେବେଳେ ଭୌତିକ କାମନା ପରିତୃପ୍ତ ନହୁଏ, ସେତେବେଳେ କ୍ରୋଧ ଜାତ ହୁଏ ଏବଂ ଫଳରେ ମନ, ଚକ୍ଷୁ ଏବଂ ବକ୍ଷ କମ୍ପିତ ହେବାକୁ ଲାଗେ । ତେଣୁ ବ୍ୟକ୍ତି ଏ ଜଡ଼ ଶରୀର ତ୍ୟାଗ କରିବା ପୂର୍ବରୁ ଏଗୁଡ଼ିକ ଦମନ କରିବାକୁ ଅଭ୍ୟାସ କରିବା ଉଚିତ୍ । ଯେ ଏହା କରିପାରନ୍ତି, ସେ ଆତ୍ମଜ୍ଞାନୀ ଅଟନ୍ତି ବୋଲି ବୁଝିବାକୁ ପଡ଼ିବ, ସେ ଆତ୍ମାନୁଭୂତି ଲାଭ କରିଛନ୍ତି ବୋଲି ବୁଝିବାକୁ ପଡ଼ିବ ଏବଂ ସେ ଆତ୍ମଜ୍ଞାନ ସ୍ତରରେ ଥିବାରୁ ସୁଖୀ ଅଟନ୍ତି । ଖୁବ୍ ଦୃଢ଼ତା ଓ ଯତ୍ନ ସହକାରେ କାମ ଓ କ୍ରୋଧର ବେଗକୁ ଦମନ କରିବାକୁ ଚେଷ୍ଟା କରିବା ହେଉଛି ଯୋଗୀର କର୍ତ୍ତବ୍ୟ ।

## ଶ୍ଳୋକ - ୨୪

**ଯୋଽନ୍ତଃସୁଖୋଽନ୍ତରାରାମସ୍ତଥାନ୍ତର୍ଜ୍ୟୋତିରେବ ଯଃ ।**
**ସ ଯୋଗୀ ବ୍ରହ୍ମନିର୍ବାଣଂ ବ୍ରହ୍ମଭୂତୋଽଧିଗଚ୍ଛତି ।। ୨୪ ।।**

## ଶବ୍ଦାନୁବାଦ

ଯଃ=ଯେ; ଅନ୍ତଃ-ସୁଖଃ=ଅନ୍ତରରୁ ସୁଖୀ; ଅନ୍ତଃ-ଆରାମଃ=ଅନ୍ତରରେ କର୍ମଠ; ତଥା=ପୁନଶ୍ଚ; ଅନ୍ତଃ-ଜ୍ୟୋତିଃ=ଅନ୍ତରକୁ ଲକ୍ଷ୍ୟ କରି; ଏବ=ନିଶ୍ଚିତଭାବେ; ଯଃ=ଯେ; ସଃ=ସେ; ଯୋଗୀ=ଯୋଗୀ; ବ୍ରହ୍ମ-ନିର୍ବାଣମ୍=ବ୍ରହ୍ମ ବା ଭଗବାନ୍‌ଙ୍କଠାରେ ମୁକ୍ତି; ବ୍ରହ୍ମ-ଭୂତଃ=ଆତ୍ମାନୁଭୂତି ଲାଭ କରିଥିବା; ଅଧିଗଚ୍ଛତି=ପ୍ରାପ୍ତ ହୁଏ ।

## ଅନୁବାଦ

**ଯେ ଅନ୍ତରରେ ସୁଖୀ, ଅନ୍ତରରେ କର୍ମଠ, ଯେ ଅନ୍ତରରେ ଆନନ୍ଦ ପାଏ ଏବଂ ଅନ୍ତରରେ ଆଲୋକ ପ୍ରାପ୍ତ ହୁଏ, ସେ ବାସ୍ତବରେ ଜଣେ ପ୍ରସିଦ୍ଧ ଯୋଗୀ ଅଟେ । ସେ ପରଂବ୍ରହ୍ମ ବା ଭଗବାନ୍‌ଙ୍କଠାରେ ମୁକ୍ତ ଏବଂ ପରିଣାମତଃ ସେ ପରଂବ୍ରହ୍ମ ବା ଭଗବାନ୍‌ଙ୍କୁ ପ୍ରାପ୍ତ ହୁଏ ।**

## ଭାବାର୍ଥ

ବ୍ୟକ୍ତି ଅନ୍ତରରେ ସୁଖ ଅନୁଭବ କରିନପାରିଲେ ସେ କିପରି ବାହ୍ୟ ସୁଖପାଇଁ ଉଦ୍ଦିଷ୍ଟ-ବାହ୍ୟ କ୍ରିୟାରୁ ବିରତ ହୋଇପାରିବ ? ବାସ୍ତବ ଅନୁଭୂତି ଲାଭ କରି ମୁକ୍ତ ପୁରୁଷ ସୁଖ ଅନୁଭବ କରେ । ତେଣୁ ସେ ନୀରବରେ ଯେ କୌଣସି ସ୍ଥାନରେ ବସି ପାରିବ ଏବଂ ଅନ୍ତରରୁ ଜୀବନ-କର୍ମକୁ ଉପଭୋଗ କରିପାରିବ । ଏ ପ୍ରକାର ମୁକ୍ତ ପୁରୁଷ ଆଉ ବାହ୍ୟ ଭୌତିକ ସୁଖ ଆଶା କରେ ନାହିଁ । ଏ ଅବସ୍ଥାକୁ ବ୍ରହ୍ମଭୂତ ଅବସ୍ଥା କୁହାଯାଏ । ଏ ଅବସ୍ଥା ପ୍ରାପ୍ତ ହେଲେ, ବ୍ୟକ୍ତି ଭଗବାନଙ୍କ ନିକଟକୁ-ଭଗବଦ୍‌ଧାମକୁ ଯିବାକୁ ନିଶ୍ଚିତରୂପେ ସକ୍ଷମ ହୁଏ ।

## ଶ୍ଳୋକ - ୨୫

**ଲଭନ୍ତେ ବ୍ରହ୍ମନିର୍ବାଣମୃଷୟଃ କ୍ଷୀଣକଲ୍ମଷାଃ ।**
**ଛିନ୍ନଦ୍ୱୈଧା ଯତାତ୍ମାନଃ ସର୍ବଭୂତହିତେ ରତାଃ ।।୨୫।।**

## ଶବ୍ଦାନୁବାଦ

ଲଭନ୍ତେ=ପ୍ରାପ୍ତ ହୁଅନ୍ତି; ବ୍ରହ୍ମ-ନିର୍ବାଣମ୍=ବ୍ରହ୍ମ ନିର୍ବାଣ; ଋଷୟଃ=ଯେଉଁମାନେ ଅନ୍ତରରେ କର୍ମଠ; କ୍ଷୀଣ-କଲ୍ମଷାଃ=ଯେଉଁମାନେ ସମସ୍ତ ପାପରୁ ବିମୁକ୍ତ; ଛିନ୍ନ=ଛିନ୍ନ; ଦ୍ୱୈଧାଃ=ଦ୍ୱନ୍ଦ୍ୱଭାବ; ଯତ୍-ଆତ୍ମାନଃ=ଆତ୍ମାନୁଭୂତିଲାଭ-ମାର୍ଗରେ ନିଯୁକ୍ତ; ସର୍ବ-ଭୂତ=ସମସ୍ତ ଜୀବଙ୍କର; ହିତେ=ମଙ୍ଗଳ କର୍ମରେ; ରତାଃ=ନିଯୁକ୍ତ (ରତ) ।

## ଅନୁବାଦ

**ଯାହାଙ୍କର କୌଣସି ଦ୍ୱନ୍ଦ୍ୱଭାବ ନାହିଁ, ଯେ ସମସ୍ତ ସଂଶୟ ଛିନ୍ନ କରିଛନ୍ତି, ଯେ ଅନ୍ତରରେ କର୍ମଠ, ଯେ ସମସ୍ତ ଜୀବଙ୍କର ମଙ୍ଗଳ ନିମିତ୍ତ ସର୍ବଦା ବ୍ୟସ୍ତ ଏବଂ ଯେ ସମସ୍ତ ପାପରୁ ବିମୁକ୍ତ, ସେ ବ୍ରହ୍ମନିର୍ବାଣ ଲାଭ କରନ୍ତି ।**

## ଭାବାର୍ଥ

ଯେଉଁ ବ୍ୟକ୍ତି ପୂର୍ଣ୍ଣ କୃଷ୍ଣଚେତନାରେ ଥା'ନ୍ତି, ସେ ହିଁ (ସର୍ବଭୂତ ହିତେ ରତାଃ) ଓ ସମସ୍ତ ଜୀବଙ୍କର ମଙ୍ଗଳ ନିମିତ୍ତ ନିଯୁକ୍ତ ଥା'ନ୍ତି ବୋଲି କୁହାଯାଇ ପାରିବ । ଯେତେବେଳେ ବ୍ୟକ୍ତି ଭଲଭାବରେ ଜାଣିଯାଏ ଯେ, କୃଷ୍ଣ ହେଉଛନ୍ତି ସମସ୍ତଙ୍କର ଉଦ୍ଭବସ୍ଥଳ ଏବଂ ସେହି ଜ୍ଞାନ ବଳରେ ସେ କର୍ମ କରେ, ସେତେବେଳେ ସେ ସମସ୍ତଙ୍କର ମଙ୍ଗଳ ନିମିତ୍ତ କର୍ମ କରେ । କୃଷ୍ଣ ହେଉଛନ୍ତି ପରମ ଭୋକ୍ତା, ପରମ ପ୍ରଭୁ ଏବଂ ପରମ ସୁହୃଦ–ଏହି କଥା ଜୀବ ଭୁଲିଯାଇଥିବାରୁ ଦୁଃଖୀ ପାଉଛି । ତେଣୁ ମାନବ ସମାଜରେ ଏହି ଚେତନାକୁ ଜାଗ୍ରତ କରାଇବା ହେଉଛି ସର୍ବୋତ୍ତମ ଜନମଙ୍ଗଳ କାର୍ଯ୍ୟ । ବ୍ୟକ୍ତି ବ୍ରହ୍ମନିର୍ବାଣ ପ୍ରାପ୍ତ ନ ହୋଇ କଦାପି ସର୍ବୋତ୍ତମ ଜନମଙ୍ଗଳ କାର୍ଯ୍ୟରେ ନିଯୁକ୍ତ ହୋଇପାରିବ ନାହିଁ । ଏକ କୃଷ୍ଣଚେତନଶୀଳ ବ୍ୟକ୍ତିଙ୍କର କୃଷ୍ଣଙ୍କର ପରମ-ପ୍ରଭୁତ୍ୱ ସମ୍ବନ୍ଧରେ କୌଣସି ସନ୍ଦେହ ନଥାଏ । ସେ ସଂପୂର୍ଣ୍ଣରୂପେ ସମସ୍ତ ପାପରୁ ବିମୁକ୍ତ ହୋଇଥିବାରୁ ତାଙ୍କର କୌଣସି ସନ୍ଦେହ ନଥାଏ । ଏହା ହେଉଛି ଦିବ୍ୟପ୍ରେମର ଅବସ୍ଥା ।

ଯେଉଁବ୍ୟକ୍ତି ମାନବ ସମାଜରେ କେବଳ ଶାରୀରିକ ଉନ୍ନତି କିପରି ହେବ–ଏହି କର୍ମରେ ନିଯୁକ୍ତ ଅଛି, ସେ ବାସ୍ତବରେ କାହାରି ମଙ୍ଗଳ କରିପାରନ୍ତି ନାହିଁ । ବାହ୍ୟ ଶରୀର ଓ ମନର କ୍ଷଣିକ ସୁଖ ବା ଅସ୍ଥାୟୀ ସୁଖ ଆଦୌ ସନ୍ତୋଷଜନକ ନୁହେଁ । କଠିନ ଜୀବନ ସଂଗ୍ରାମରେ ବ୍ୟକ୍ତି ଯେଉଁ ଯନ୍ତ୍ରଣା ଭୋଗ କରୁଛି, ତାହାର ପ୍ରକୃତ କାରଣ ହେଉଛି ସେ ଭଗବାନଙ୍କ ସହ ଥିବା ତା'ର ସମ୍ବନ୍ଧକୁ ଭୁଲିଯାଇଛି । ଯେତେବେଳେ ବ୍ୟକ୍ତି କୃଷ୍ଣଙ୍କ ସହ ଥିବା ତା'ର ସଂପର୍କ ସମ୍ବନ୍ଧରେ ପୂର୍ଣ୍ଣଚେତନଶୀଳ ହୋଇଯାଏ, ସେତେବେଳେ ସେ ଭୌତିକ ଜଗତରେ ଥିଲେ ସୁଦ୍ଧା ଏକ ମୁକ୍ତ ପୁରୁଷ ଅଟେ ।

## ଶ୍ଲୋକ - ୨୬

**କାମକ୍ରୋଧବିମୁକ୍ତାନାଂ ଯତୀନାଂ ଯତଚେତସାମ୍ ।**
**ଅଭିତୋ ବ୍ରହ୍ମନିର୍ବାଣଂ ବର୍ତ୍ତତେ ବିଦିତାତ୍ମନାମ୍ ।।୨୬।।**

## ଶବ୍ଦାନୁବାଦ

କାମ=କାମନା; କ୍ରୋଧ=କ୍ରୋଧ; ବିମୁକ୍ତାନାମ୍=ଯେଉଁମାନେ ଏ ସବୁଥିରୁ ମୁକ୍ତ; ଯତୀନାମ୍=ଯତି ବା ମୁନିମାନଙ୍କର; ଯତ-ଚେତସାମ୍=ଯେଉଁମାନେ ସଂପୂର୍ଣ୍ଣରୂପେ ମନସଂଯମ କରିଛନ୍ତି ସେମାନଙ୍କର; ଅଭିତଃ=ନିକଟ ଭବିଷ୍ୟତରେ ନିଶ୍ଚୟ ପାଇବେ; ବ୍ରହ୍ମ-ନିର୍ବାଣମ୍=ବ୍ରହ୍ମ ନିର୍ବାଣ; ବର୍ତ୍ତତେ=ଅଛି; ବିଦିତ-ଆତ୍ମନାମ୍=ଯେଉଁମାନେ ଆତ୍ମାନୁଭୂତି ଲାଭ କରିଛନ୍ତି ସେମାନଙ୍କର ।

## ଅନୁବାଦ

**ଯେଉଁମାନେ ଭୌତିକ କାମନା ଓ କ୍ରୋଧରୁ ମୁକ୍ତ, ଯେଉଁମାନେ ଆତ୍ମାନୁଭୂତି ଲାଭ କରିଛନ୍ତି, ଯେଉଁମାନେ ଆତ୍ମସଂଯମୀ ଏବଂ ପୂର୍ଣ୍ଣତା ଲାଭ ନିମିତ୍ତ ସତତ ପ୍ରଯତ୍ନ କରୁଛନ୍ତି, ସେମାନେ ନିକଟ ଭବିଷ୍ୟତରେ ନିଶ୍ଚିତଭାବେ ବ୍ରହ୍ମନିର୍ବାଣ ଲାଭ କରିବେ ।**

## ଭାବାର୍ଥ

ଯେଉଁ ସାଧୁ-ସନ୍ଥ, ଯୋଗୀ-ଋଷିମାନେ ସତତ ମୁକ୍ତି ପାଇବା ନିମିତ୍ତ ପ୍ରଯତ୍ନଶୀଳ, ସେମାନଙ୍କ ମଧ୍ୟରେ ଯେ କୃଷ୍ଣଚେତନାରେ ଥା'ନ୍ତି ସେ ହିଁ ସର୍ବୋତ୍ତମ ଯୋଗୀ ଅଟନ୍ତି । ଭାଗବତମ୍‌ରେ ଏହା ନିମ୍ନମତେ ସ୍ୱୀକୃତ ହୋଇଅଛି—

*ଯତ୍ -ପାଦ -ପଙ୍କଜ-ପଳାଶ-ବିଳାସ-ଭକ୍ତ୍ୟା*
*କର୍ମାଶୟଂ ଗ୍ରଥିତମ୍ ଉଦ୍‌ଗ୍ରଥୟନ୍ତି ସନ୍ତଃ ।*
*ତଦ୍‌ବନ୍ ନ ରିକ୍ତ-ମତୟୋ ଯତୟୋଽପି ରୁଦ୍ଧ-*
*ସ୍ରୋତୋଗଣାସ୍ ତମ୍ ଅରଣଂ ଭଜ ବାସୁଦେବମ୍ ।।*

ଅର୍ଥାତ୍—"ପରମପୁରୁଷ ଭଗବାନ୍ ବାସୁଦେବଙ୍କୁ ଭକ୍ତିରେ ସେବା ଓ ପୂଜା କରିବାକୁ ଚେଷ୍ଟାକର । ଏପରିକି ବିଶିଷ୍ଟ ଯୋଗୀଋଷି—ମୁନିମାନେ ଉପଯୁକ୍ତ ଭାବେ ଇନ୍ଦ୍ରିୟମାନଙ୍କର ବେଗ ଦମନ କରିବାକୁ ସକ୍ଷମ ନୁହନ୍ତି, ଯେପରି ଭକ୍ତମାନେ ସକ୍ଷମ ଅଟନ୍ତି । ଭଗବାନଙ୍କର ଭକ୍ତମାନେ ଅତି ଦୃଢ଼ ଫଳଭୋଗ କାମନାକୁ ଦୂର କରି ଭଗବାନଙ୍କର ପାଦ-ପଦ୍ମ-ସେବାରେ ସର୍ବଦା ନିଯୁକ୍ତ ଥା'ନ୍ତି ଏବଂ ତଦ୍ୱାରା ସେମାନେ ଦିବ୍ୟ ଆନନ୍ଦ ଅନୁଭବ କରୁଥା'ନ୍ତି । ଏହି ଭକ୍ତମାନେ ଯେପରି ସୁନ୍ଦରଭାବରେ ଇନ୍ଦ୍ରିୟମାନଙ୍କୁ ଦମନ କରିପାରନ୍ତି, ବିଶିଷ୍ଟ ଯୋଗୀ-ଋଷି-ମୁନିମାନେ ସେପରି କରିପାରନ୍ତି ନାହିଁ ।" (ଭାଗବତମ୍—୪।୨୨।୩୯) ।

ବଦ୍ଧଜୀବମଧ୍ୟରେ ଫଳଭୋଗ-କାମନା ଏତେ ଦୃଢ଼ଭାବରେ ଥାଏ ଯେ, ତାକୁ ଉପାଡ଼ିବା ସହଜ ନୁହେଁ, ଏପରିକି ବିଶିଷ୍ଟ ଯୋଗୀ-ଋଷି-ମୁନିମାନେ କଠିନ ଚେଷ୍ଟା ସତ୍ତ୍ୱେ—ଏ କାମନାରୁ ବିମୁକ୍ତ ହୋଇ ପାରନ୍ତି ନାହିଁ । କିନ୍ତୁ ଭଗବାନ୍‌ଙ୍କର ଏକ ଭକ୍ତ, ଯେ କି, ସତତ କୃଷ୍ଣଚେତନାରେ

କୃଷ୍ଣସେବାରେ ନିଯୁକ୍ତ ହୋଇଥାଏ ଏବଂ ପୂର୍ଣ୍ଣ ଆତ୍ମାନୁଭୂତି ଲାଭ କରିଥାଏ, ସେ ଖୁବ୍ ଶୀଘ୍ର ବ୍ରହ୍ମନିର୍ବାଣ ଲାଭ କରେ । ପୂର୍ଣ୍ଣ ଆତ୍ମ-ଜ୍ଞାନ ଲାଭ କରିଥିବା ହେତୁ, ସେ ସର୍ବଦା ସମାଧିରେ ଥା'ନ୍ତି । ଏହାର ଏକ ଉଦାହରଣ ନିମ୍ନରେ ଦିଆଗଲା ।

*''ଦର୍ଶନ-ଧ୍ୟାନ-ସଂସ୍ପର୍ଶୈର୍ ମତ୍ସ୍ୟ-କୂର୍ମ-ବିହଙ୍ଗମାଃ ।*
*ସ୍ୱାନ୍ୟ ପତ୍ୟାନି ପୁଷ୍ଣନ୍ତି ତଥାହମ୍ ଅପି ପଦ୍ମଜ ।।*

ଅର୍ଥାତ୍—''ଦର୍ଶନ, ଧ୍ୟାନ ଏବଂ ସ୍ପର୍ଶଦ୍ୱାରା ମତ୍ସ୍ୟ, କୂର୍ମ ଏବଂ ପକ୍ଷୀଗଣ ଯଥାକ୍ରମେ ସେମାନଙ୍କର ସନ୍ତାନମାନଙ୍କୁ ପାଳନ କରନ୍ତି । ଠିକ୍ ସେହିପରି ହେ ପଦ୍ମଜ ! ମୁଁ ମଧ୍ୟ କରେ ।''

ମତ୍ସ୍ୟ କେବଳ ତା'ର ସନ୍ତାନମାନଙ୍କ ଉପରେ ଦୃଷ୍ଟିନିକ୍ଷେପ କରି ସେମାନଙ୍କୁ ପାଳନ କରେ । କୂର୍ମ କେବଳ ଧ୍ୟାନ କରି ତା'ର ସନ୍ତାନମାନଙ୍କୁ ପାଳନ କରେ । ସ୍ଥଳ ଭାଗରେ କୂର୍ମ ଅଣ୍ଡା ଦିଏ ଏବଂ ସେ ଜଳଭାଗରେ ରହି ସେମାନଙ୍କୁ ଧ୍ୟାନ କରେ । ଠିକ୍ ସେହିପରି କୃଷ୍ଣଚେତନାରେ ଥିବା ଏକ ଭକ୍ତ, ଭଗବାନ୍ଙ୍କର ଧାମଠାରୁ ବହୁ ଦୂରରେ ଥିଲେ ସୁଦ୍ଧା, କେବଳ ତାଙ୍କୁ ସ୍ମରଣ କରେ—ତାଙ୍କର ସେବାରତ ହୋଇ ସେ ସ୍ତରକୁ ନିଜକୁ ଉନ୍ନୀତ କରିପାରେ । ସେ ଭୌତିକ ଦୁଃଖ-ଯନ୍ତ୍ରଣା ଅନୁଭବ କରେ ନାହିଁ । ଜୀବନର ଏହି ଅବସ୍ଥାକୁ ବ୍ରହ୍ମ-ନିର୍ବାଣ କୁହାଯାଏ; ଅର୍ଥାତ୍ ଭକ୍ତ ବରାବର ଭଗବାନଙ୍କ ଧ୍ୟାନରେ ମଗ୍ନ ହୋଇଥିବାରୁ ଭୌତିକ ଦୁଃଖ-ଯନ୍ତ୍ରଣା ଅନୁଭବ କରିପାରେ ନାହିଁ । ଅନ୍ୟ କଥାରେ ଏହା ହିଁ କୁହାଯାଇପାରେ ଯେ, ତାଙ୍କର ଭୌତିକ ଦୁଃଖ ନଥାଏ ।

## ଶ୍ଲୋକ - ୨୭-୨୮

**ସ୍ପର୍ଶାନ୍‌କୃତ୍ୱା ବହିର୍ବାହ୍ୟାଂଶ୍ଚକ୍ଷୁଶ୍ଚୈବାନ୍ତରେ ଭ୍ରୁବୋଃ ।**
**ପ୍ରାଣାପାନୌ ସମୌ କୃତ୍ୱା ନାସାଭ୍ୟନ୍ତରଚାରିଣୌ ।। ୨୭ ।।**
**ଯତେନ୍ଦ୍ରିୟମନୋବୁଦ୍ଧିର୍ମୁନିର୍ମୋକ୍ଷପରାୟଣଃ ।**
**ବିଗତେଚ୍ଛାଭୟକ୍ରୋଧୋ ଯଃ ସଦା ମୁକ୍ତ ଏବ ସଃ ।। ୨୮ ।।**

## ଶବ୍ଦାନୁବାଦ

ସ୍ପର୍ଶାନ୍=ଶବ୍ଦ ଆଦି ବାହ୍ୟ ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ; କୃତ୍ୱା=ଏପରି କରି; ବହିଃ=ବାହ୍ୟ; ବାହ୍ୟାନ୍=ଅଯଥା; ଚକ୍ଷୁଃ=ଚକ୍ଷୁ; ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ଅନ୍ତରେ=ଅନ୍ତରରେ; ଭ୍ରୁବୋଃ=ଦୁଇ ଭ୍ରୂ ମଧ୍ୟରେ; ପ୍ରାଣ-ଅପାନୌ=ପ୍ରାଣ ଓ ଅପାନ ବାୟୁ; ସମୌ=ବନ୍ଦକରି; କୃତ୍ୱା=ଏପରି କରି; ନାସା-ଅଭ୍ୟନ୍ତର=ନାସା ମଧ୍ୟରେ; ଚାରିଣୌ=ଗତାଗତ କରୁଥିବା; ଯତ=ସଂଯତ; ଇନ୍ଦ୍ରିୟ=ଇନ୍ଦ୍ରିୟଗୁଡ଼ିକ; ମନଃ=ମନ; ବୁଦ୍ଧିଃ=ବୁଦ୍ଧି; ମୁନିଃ=ମୁନି ବା ଯୋଗୀ; ମୋକ୍ଷ=ମୋକ୍ଷ; ପରାୟଣଃ=ରତ; ବିଗତ=ତ୍ୟକ୍ତ; ଇଚ୍ଛା=ଇଚ୍ଛା; ଭୟ=ଭୟ; କ୍ରୋଧଃ=କ୍ରୋଧ; ଯଃ=ଯେ; ସଦା=ସର୍ବଦା; ମୁକ୍ତଃ=ମୁକ୍ତ; ଏବ=ନିଶ୍ଚିତଭାବେ; ସଃ=ସେ ।

## ଅନୁବାଦ

**ସମସ୍ତ ବାହ୍ୟ-ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁକୁ ତ୍ୟାଗ କରି, ଚକ୍ଷୁ ବା ଦୃଷ୍ଟିକୁ ଦୁଇ ଭ୍ରୂ ମଧ୍ୟରେ ସ୍ଥିରକରି, ନାସା ମଧ୍ୟରେ ପ୍ରାଣ ଓ ଅପାନ ବାୟୁକୁ ରୁଦ୍ଧକରି ଅର୍ଥାତ୍ ଯୋଗୀ—ମନ, ବୁଦ୍ଧି ଓ ଇନ୍ଦ୍ରିୟଗୁଡ଼ିକୁ ଏହିପରି ଭାବରେ ସଂଯତ କରି କାମ କ୍ରୋଧ ଓ ଭୟରୁ ମୁକ୍ତ ହୁଅନ୍ତି । ଯେ ସର୍ବଦା ଏହି ଅବସ୍ଥାରେ ଥା'ନ୍ତି, ସେ ବାସ୍ତବରେ ମୁକ୍ତ ଅଟନ୍ତି ।**

## ଭାବାର୍ଥ

ସର୍ବଦା କୃଷ୍ଣଚେତନାରେ ରହିଲେ ବ୍ୟକ୍ତି ସାଙ୍ଗେ ସାଙ୍ଗେ ତା'ର ଦିବ୍ୟସ୍ଥିତି କଥା ବୁଝିପାରିବ—ସେ ଯେ ଦିବ୍ୟ ଆତ୍ମା ଏହା ସେ ଅତି ସହଜରେ ବୁଝିପାରିବ ଏବଂ ତତ୍ପରେ ସେ ଭକ୍ତିଯୋଗ ମାର୍ଗରେ ବା ସେବା ଜରିଆରେ ଭଗବାନଙ୍କୁ ବୁଝି ପାରିବ । ଯେତେବେଳେ ବ୍ୟକ୍ତି ଭକ୍ତିଯୋଗ ମାର୍ଗରେ ସ୍ଥିର ହୋଇଯାଏ, ସେତେବେଳେ ସେ ଦିବ୍ୟସ୍ଥିତିକୁ ଆସିଯାଏ, ସେତେବେଳେ ସେ ତା'ର କର୍ମ-କ୍ଷେତ୍ରରେ ଭଗବାନ୍‌ଙ୍କର ଉପସ୍ଥିତିକୁ ଅନୁଭବ କରିବାକୁ ଯୋଗ୍ୟ ହୋଇଯାଏ । ଏହି ସ୍ଥିତିକୁ ବ୍ରହ୍ମନିର୍ବାଣ ବୋଲି କୁହାଯାଏ । ବ୍ରହ୍ମନିର୍ବାଣର ଏ ପନ୍ଥା ବୁଝାଇ ସାରିଲା ପରେ ଭଗବାନ୍ ଅର୍ଜୁନଙ୍କୁ ବୁଝାଉଛନ୍ତି, କିପରି ଅଷ୍ଟାଙ୍ଗ ଯୋଗ ମାର୍ଗ ଅବଲମ୍ବନ କରି ବ୍ୟକ୍ତି ସେହି ସ୍ଥିତିକୁ ଆସିପାରିବ । ଅଷ୍ଟାଙ୍ଗ ଯୋଗ କହିଲେ ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଏବଂ ସମାଧି ଆଦି ଯୋଗର ଆଠଟି ଅଙ୍ଗକୁ ବୁଝାଏ । ଷଷ୍ଠ ଅଧ୍ୟାୟରେ ଏ ଯୋଗମାର୍ଗ କଥା ଭଲଭାବରେ ବର୍ଣ୍ଣନା କରାଯାଇଅଛି ଏବଂ ପଞ୍ଚମ ଅଧ୍ୟାୟର ଶେଷରେ ଏହାର ଏକ ସୂଚନା କେବଳ ଦିଆଯାଇଅଛି । ବ୍ୟକ୍ତି 'ପ୍ରତ୍ୟାହାର' ଅଭ୍ୟାସ କରି ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଆଦି ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁକୁ ତ୍ୟାଗ କରିବ ଏବଂ ତତ୍ପରେ ଦୁଇ ଭ୍ରୂଲତା ମଧ୍ୟରେ ଦୃଷ୍ଟିକୁ ସ୍ଥିର କରିବ ଏବଂ ଅର୍ଦ୍ଧନିମୀଳିତ ଚକ୍ଷୁ ସାହାଯ୍ୟରେ ନାସିକାଗ୍ର ଦୃଷ୍ଟି କରିବ । ଆଖି ସଂପୂର୍ଣ୍ଣରୂପେ ବନ୍ଦ କରିବା ଉଚିତ ନୁହେଁ, କାରଣ ଏପରି କଲେ ନିଦ୍ରାଭିଭୂତ ହୋଇଯିବାର ବହୁତ ଆଶଙ୍କା ଅଛି । ପୁନଶ୍ଚ ସଂପୂର୍ଣ୍ଣରୂପେ ଆଖି ଖୋଲିବା ମଧ୍ୟ ଉଚିତ୍ ନୁହେଁ, କାରଣ ତଦ୍ଦ୍ୱାରା ଇନ୍ଦ୍ରିୟ ଭୋଗ୍ୟ ବିଷୟବସ୍ତୁ ପ୍ରତି ଆକର୍ଷିତ ହେବାର ଆଶଙ୍କା ଅଛି । ପ୍ରାଣ ଓ ଅପାନ ବାୟୁକୁ ନାସାଦ୍ୱାରରେ ରୁଦ୍ଧକରି ଶ୍ୱାସ ପ୍ରଶ୍ୱାସ କ୍ରିୟାକୁ ସଂଯତ କରାଯାଏ । ଏହି ଅଷ୍ଟାଙ୍ଗ ଯୋଗ ଅଭ୍ୟାସ କରି ବ୍ୟକ୍ତି ଇନ୍ଦ୍ରିୟସଂଯମ କରିପାରେ, ବାହ୍ୟ ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁରୁ ଦୂରେଇ ଯାଇପାରେ ଏବଂ ଏହିପରି ଭାବରେ ସେ ବ୍ରହ୍ମନିର୍ବାଣ ଲାଭ କରିବା ନିମିତ୍ତ ନିଜକୁ ପ୍ରସ୍ତୁତ କରେ ।

ଏହି ଯୋଗ ପଦ୍ଧତି, ବ୍ୟକ୍ତିକୁ ସମସ୍ତ ପ୍ରକାର ଭୟ ଓ କ୍ରୋଧରୁ ମୁକ୍ତ ହେବାରେ ଏବଂ ଦିବ୍ୟସ୍ତରରେ ପରମାତ୍ମାଙ୍କ ଉପସ୍ଥିତିକୁ ଅନୁଭବ କରିବାରେ ସାହାଯ୍ୟ କରେ । ଅନ୍ୟ କଥାରେ ଏହା ହିଁ କୁହାଯାଇପାରେ ଯେ, କୃଷ୍ଣଚେତନାମାର୍ଗ, ଯୋଗ-ପଦ୍ଧତି ଅବଲମ୍ବନ କରିବା ଦିଗରେ ସବୁଠାରୁ ଅଧିକ ସୁଗମ ମାର୍ଗ ଅଟେ । ଏ ସମ୍ବନ୍ଧରେ ପରବର୍ତ୍ତୀ ଅଧ୍ୟାୟରେ ଭଲଭାବରେ ଆଲୋଚନା କରାଯିବ । ଯେଉଁ ବ୍ୟକ୍ତି କୃଷ୍ଣଚେତନଶୀଳ, ସେ ସର୍ବଦା କୃଷ୍ଣଙ୍କର ଦିବ୍ୟ ସେବାରେ ନିୟୁକ୍ତ ହୋଇଥାଏ । କୃଷ୍ଣସେବା ବ୍ୟତୀତ ଅନ୍ୟ କୌଣସି ସେବାରେ ତା'ର

ଇନ୍ଦ୍ରିୟମାନଙ୍କୁ ବିନିଯୋଗ କରେ ନାହିଁ । ଅଷ୍ଟାଙ୍ଗଯୋଗ ସାହାଯ୍ୟରେ ଇନ୍ଦ୍ରିୟଦମନ କରିବା ଅପେକ୍ଷା ଏ ପ୍ରକାର କୃଷ୍ଣଚେତନା ମାର୍ଗରେ ଇନ୍ଦ୍ରିୟଦମନ କରିବା ଅଧିକ ସୁଗମ ପନ୍ଥା ଅଟେ ।

## ଶ୍ଳୋକ - ୨୯

**ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକମହେଶ୍ୱରମ୍ ।**
**ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ୱା ମାଂ ଶାନ୍ତିମୃଚ୍ଛତି ।।୨୯।।**

## ଶବ୍ଦାନୁବାଦ

ଭୋକ୍ତାରମ୍=ଧର୍ମସ୍ୱ ପ୍ରାପ୍ତକର୍ତ୍ତା; ଯଜ୍ଞ=ଯଜ୍ଞ; ତପସାମ୍=ତପସ୍ୟା ଓ ବ୍ରତାନୁଷ୍ଠାନ-ମାନଙ୍କର; ସର୍ବଲୋକ=ସମସ୍ତଲୋକ ଏବଂ ସେଗୁଡ଼ିକରେ ଥିବା ଦେବତାବୃନ୍ଦ; ମହେଶ୍ୱରମ୍=ମହେଶ୍ୱର, ପରମେଶ୍ୱର; ସୁହୃଦମ୍=ସୁହୃଦ; ସର୍ବ=ସମସ୍ତ; ଭୂତାନାମ୍=ଜୀବମାନଙ୍କର; ଜ୍ଞାତ୍ୱା=ଏହିପରି ଜାଣି; ମାମ୍=ମୋତେ (ଭଗବାନ୍ ଶ୍ରୀକୃଷ୍ଣଙ୍କୁ); ଶାନ୍ତିମ୍=ଭୌତିକ ଦୁଃଖ-ଯନ୍ତ୍ରଣାରୁ ମୁକ୍ତି; ଋଚ୍ଛତି=ପ୍ରାପ୍ତ ହୁଏ ।

## ଅନୁବାଦ

**ସାଧୁ-ସନ୍ଥ-ମହାତ୍ମାଗଣ ମୋତେ ସମସ୍ତ ଯଜ୍ଞ କର୍ମ, ତପସ୍ୟା ଓ ବ୍ରତାଦିର ଅନ୍ତିମ ଉଦ୍ଦେଶ୍ୟ, ସମସ୍ତ ଲୋକ ଓ ଦେବତାମାନଙ୍କର ଈଶ୍ୱର ଏବଂ ସମସ୍ତ ଜୀବର ଉପକାରୀ ଓ ମଙ୍ଗଳାକାଙ୍କ୍ଷୀ ବନ୍ଧୁବୋଲି ଜାଣି ଭୌତିକ ଦୁଃଖ-ଯନ୍ତ୍ରଣାରୁ ମୁକ୍ତ ହୋଇ ଶାନ୍ତି ପ୍ରାପ୍ତ ହୁଅନ୍ତି ।**

## ଭାବାର୍ଥ

ସମସ୍ତ ମାୟାବଦ୍ଧ ଜୀବ ଏ ଭୌତିକ ଜଗତରେ ଶାନ୍ତି ପାଇବାକୁ ଖୁବ୍ ଉଦ୍‌ବିଗ୍ନ, କିନ୍ତୁ ସେମାନେ ଶାନ୍ତିପ୍ରାପ୍ତିର ସୂତ୍ର ଜାଣନ୍ତି ନାହିଁ । ଏହା ଭଗବଦ୍‌ଗୀତାର ଏହି ଅଂଶରେ ବର୍ଣ୍ଣିତ ହୋଇଅଛି । ସର୍ବୋତ୍ତମ ଶାନ୍ତିସୂତ୍ର ଅତି ସରଳଭାବରେ ନିମ୍ନ ପ୍ରକାରର ଅଟେ । ଭଗବାନ୍ ଶ୍ରୀକୃଷ୍ଣ ସମସ୍ତ ମାନବ କର୍ମ ମଧ୍ୟରେ ଧର୍ମସ୍ୱ ପ୍ରାପ୍ତ କର୍ତ୍ତା ଅଟନ୍ତି । କର୍ମ ଜରିଆରେ ମାନବ ଭଗବାନ୍‌ଙ୍କୁ ସେବା ଅର୍ପଣ କରିବା ଉଚିତ୍; କାରଣ ସେ ସମସ୍ତ ଲୋକ ଓ ତାହାର ଅଧିବାସୀଗଣଙ୍କର ଈଶ୍ୱର ଅଟନ୍ତି । କେହି ତାଙ୍କଠାରୁ ବଡ଼ ନୁହନ୍ତି । ଶ୍ରୀ ଶିବ ଓ ବ୍ରହ୍ମା ଆଦି ବିଶିଷ୍ଟ ଦେବତାଙ୍କ ଅପେକ୍ଷା ସେ ମହାନ୍ ଅଟନ୍ତି । ବେଦରେ ଭଗବାନଙ୍କୁ *"ତଂ ଈଶ୍ୱରାଣାମ୍ ପରମଂ ମହେଶ୍ୱରମ୍"* ବୋଲି ବର୍ଣ୍ଣନା କରାଯାଇଅଛି । ମାୟାବଦ୍ଧ ହୋଇ ଜୀବଗଣ ଭାବୁଛନ୍ତି ଯେ, ଯାହା ସେମାନଙ୍କର ଅଧିକାରରେ ଅଛି ବା ଯାହା ସେମାନେ ଦେଖୁଛନ୍ତି, ସେ ସମସ୍ତଙ୍କର ସେମାନେ ମାଲିକ ଅଟନ୍ତି, କିନ୍ତୁ ବାସ୍ତବରେ ସେମାନେ ଭଗବାନଙ୍କର ଭୌତିକ ଶକ୍ତିର ଅଧୀନ ହୋଇ ପଡ଼ିଛନ୍ତି । ଭଗବାନ୍ ଭୂତପ୍ରକୃତିର ପ୍ରଭୁ ଅଟନ୍ତି ଏବଂ ବଦ୍ଧଜୀବଗଣ ଭୂତପ୍ରକୃତିର କଠିନ ନିୟମର ଅଧୀନ ଅଟନ୍ତି । ଏହି କେତୋଟି ସାଧାରଣ କଥାକୁ ଯଦି କେହି ବୁଝି ନପାରନ୍ତି, ତେବେ ବ୍ୟକ୍ତିଗତଭାବରେ ହେଉ ବା ସମଷ୍ଟିଗତଭାବରେ ହେଉ ପୃଥିବୀରେ ଶାନ୍ତି ପ୍ରାପ୍ତିହେବା ଅସମ୍ଭବ ଅଟେ । ଏହା ହେଉଛି କୃଷ୍ଣଚେତନା କଥା । ଭଗବାନ୍ ଶ୍ରୀକୃଷ୍ଣ

ସର୍ବଶକ୍ତିମାନ୍ । ସମସ୍ତ ଜୀବ ତଥା ସମସ୍ତ ବିଶିଷ୍ଟ ଦେବତା ତାଙ୍କର ଅଧୀନ ଅଟନ୍ତି । ପୂର୍ଣ୍ଣ କୃଷ୍ଣଚେତନାରେ ବ୍ୟକ୍ତି ଶାନ୍ତି ପ୍ରାପ୍ତ ହୋଇପାରେ ।

ଏ ପଞ୍ଚମ ଅଧ୍ୟାୟ କୃଷ୍ଣଚେତନାର ଏକ ବାସ୍ତବ ବ୍ୟାଖ୍ୟା ଅଟେ । ଏହା ସାଧାରଣତଃ 'କର୍ମଯୋଗ' ନାମରେ ପରିଚିତ । ସାଧାରଣ ମାନବ ମନରେ ଏହି ପ୍ରଶ୍ନ ଉଠେ–କିପରି କର୍ମଯୋଗ ମାନବକୁ ମୁକ୍ତି ପ୍ରଦାନ କରିପାରେ ? ଏ ପ୍ରଶ୍ନର ଉତ୍ତର ଏ ଅଧ୍ୟାୟରେ ଦିଆଯାଇଅଛି । କୃଷ୍ଣଚେତନାରେ କାର୍ଯ୍ୟ କରିବା ଅର୍ଥ–ଭଗବାନ୍ ଶ୍ରୀକୃଷ୍ଣ ଯେ ସର୍ବଶକ୍ତିମାନ ଅଟନ୍ତି, ଏହି ଜ୍ଞାନର ବଶବର୍ତ୍ତୀ ହୋଇ କାର୍ଯ୍ୟ କରିବା । ଏ ପ୍ରକାର କର୍ମ ଦିବ୍ୟଜ୍ଞାନଠାରୁ ଭିନ୍ନ ନୁହେଁ, ସିଧାସଳଖ କୃଷ୍ଣଚେତନା ହେଉଛି ଭକ୍ତିଯୋଗ । ଜ୍ଞାନଯୋଗ–ଭକ୍ତିଯୋଗ ଆଡ଼କୁ ମାର୍ଗ ନିର୍ଦ୍ଦେଶ କରେ । କୃଷ୍ଣଚେତନାର ଅର୍ଥ ହେଲା, ବ୍ୟକ୍ତିର ଭଗବାନଙ୍କ ସହ ସଂପର୍କ କ'ଣ, ଏହି ସଂପର୍କକୁ ପୂର୍ଣ୍ଣ ଜ୍ଞାନ ବଳରେ ଉପଲବ୍ଧି କରି ସେହି ଚେତନାରେ କର୍ମ କରିବା । ଏହି ଚେତନାରେ ପୂର୍ଣ୍ଣତା ପ୍ରାପ୍ତିହୁଏ–ଭଗବାନ୍ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ପୂର୍ଣ୍ଣଜ୍ଞାନ ଅର୍ଜନ କରିବାରେ, ଏକ ବିଶୁଦ୍ଧ ଆତ୍ମା ଭଗବାନଙ୍କର ଅଂଶ ସ୍ୱରୂପ ଏକ ଚିରନ୍ତନ ସେବକ ଅଟେ । ମାୟା ଉପରେ ପ୍ରଭୁତ୍ୱ ବିସ୍ତାର କରି ବା କାମନାର ବଶବର୍ତ୍ତୀହୋଇ, ସେ ମାୟା ସଂସ୍ପର୍ଶରେ ଆସେ ଏବଂ ତାହା ହିଁ ତାହାର ଭୌତିକ ଦୁଃଖ-ଯନ୍ତ୍ରଣାର କାରଣ । ଯେ ପର୍ଯ୍ୟନ୍ତ ସେ ଭୌତିକ ବସ୍ତୁର ସଂସ୍ପର୍ଶରେ ଅଛି, ସେ ପର୍ଯ୍ୟନ୍ତ ତାକୁ ଭୌତିକ ଆବଶ୍ୟକତାନୁଯାୟୀ କାର୍ଯ୍ୟ କରିବାକୁ ହେବ । ବ୍ୟକ୍ତି ଭୌତିକ ଜଗତରେ ରହିଥିଲେ ସୁଦ୍ଧା କୃଷ୍ଣଚେତନଶୀଳ ହେଲେ ସେ ଆଧ୍ୟାତ୍ମିକ ଜୀବନସ୍ତରରେ ଉପନୀତ ହୁଏ; କାରଣ ଏହାର ଅଭ୍ୟାସ ଦ୍ୱାରା ବ୍ୟକ୍ତି ଭୌତିକ ଜଗତରେ ଆଧ୍ୟାତ୍ମିକ ଜାଗରଣ ଲାଭ କରେ । ବ୍ୟକ୍ତି ଯେତେ ଆଧ୍ୟାତ୍ମିକତା ଦିଗରେ ଅଗ୍ରଗତି କରେ, ସେ ସେତେ ଭୌତିକ ପଦାର୍ଥର ସଂସ୍ପର୍ଶରୁ ମୁକ୍ତିଲାଭ କରେ । ଭଗବାନ୍ ନିରପେକ୍ଷ ଅଟନ୍ତି । ସେ କାହାରି ପ୍ରତି ବିଶେଷ ପକ୍ଷପାତିତା ଆଚରଣ କରନ୍ତି ନାହିଁ । ବ୍ୟକ୍ତି କେତେଦୂର ଇନ୍ଦ୍ରିୟ ଦମନରେ ସମର୍ଥ ହୋଇଛି ଏବଂ କେତେଦୂର କାମନା ଓ କ୍ରୋଧ ଦମନ କରିବାକୁ ସମର୍ଥ ହୋଇଛି–ଏହାରି ଉପରେ ବାସ୍ତବ କ୍ଷେତ୍ରରେ ତାହାର କର୍ତ୍ତବ୍ୟ ସଂପାଦନ କରିବା ନିର୍ଭର କରେ । ଉପର୍ଯ୍ୟୁକ୍ତ ପ୍ରବୃତ୍ତିକୁ ଦମନ କରି କୃଷ୍ଣଚେତନଶୀଳ ହୋଇ ବ୍ୟକ୍ତି ବ୍ରହ୍ମନିର୍ବାଣ ଲାଭ କରିପାରେ । କୃଷ୍ଣଚେତନାରେ ଅଷ୍ଟାଙ୍ଗ ଯୋଗ ଆପେ ଆପେ ସାଧିତ ହୁଏ; କାରଣ ଏତଦ୍ଦ୍ୱାରା ଅନ୍ତିମ ଲକ୍ଷ୍ୟ ହିଁ ସାଧିତ ହୁଏ । ଯମ, ନିୟମ, ଆସନ, ପ୍ରତ୍ୟାହାର, ଧ୍ୟାନ, ଧାରଣା, ପ୍ରାଣାୟାମ ଏବଂ ସମାଧି ଅଭ୍ୟାସ ଦ୍ୱାରା ଯୋଗ ପଥରେ ଏକ କ୍ରମିକ ଉନ୍ନତି ଲାଭ କରାଯାଏ; କିନ୍ତୁ ଭକ୍ତିଯୋଗ ମାର୍ଗରେ ଅର୍ଥାତ୍ ଭକ୍ତିପୂର୍ଣ୍ଣ ସେବା ଜରିଆରେ ଏଗୁଡ଼ିକର ସମସ୍ତ ପୂର୍ଣ୍ଣତା ଲାଭ କରାଯାଇପାରେ ଏବଂ ଏହି ଭକ୍ତିଯୋଗ ମାର୍ଗହିଁ ମାନବକୁ ଶାନ୍ତି ପ୍ରଦାନ କରିପାରେ । ଏହା ହେଉଛି ଜୀବର ସର୍ବୋଚ୍ଚ ପୂର୍ଣ୍ଣତା ପ୍ରାପ୍ତି ।

**ଭକ୍ତିବେଦାନ୍ତ ଭାଷ୍ୟର ଭଗବଦ୍‌ଗୀତାର "କର୍ମଯୋଗ-କୃଷ୍ଣଚେତନାରେ କର୍ମ" ଶୀର୍ଷକ ପଞ୍ଚମ ଅଧ୍ୟାୟ ଶେଷହେଲା ।**

—○—

# ଷଷ୍ଠ ଅଧ୍ୟାୟ

## ଧ୍ୟାନଯୋଗ

### ଶ୍ରୀଭଗବାନୁବାଚ

### ଶ୍ଲୋକ - ୧

**ଅନାଶ୍ରିତଃ କର୍ମଫଳଂ କାର୍ଯ୍ୟଂ କର୍ମ କରୋତି ଯଃ ।**
**ସ ସନ୍ନ୍ୟାସୀ ଚ ଯୋଗୀ ଚ ନ ନିରଗ୍ନିର୍ନ ଚାକ୍ରିୟଃ ।।୧।।**

### ଶବ୍ଦାନୁବାଦ

ଶ୍ରୀ-ଭଗବାନ୍ ଉବାଚ=ଶ୍ରୀ ଭଗବାନ୍ କହିଲେ; ଅନାଶ୍ରିତଃ=ଆଶ୍ରୟହୀନ; କର୍ମ-ଫଳମ୍=କର୍ମଫଳ; କାର୍ଯ୍ୟମ୍=କର୍ତ୍ତବ୍ୟ କର୍ମ; କର୍ମ=କର୍ମ; କରୋତି=କରେ; ଯଃ=ଯେ; ସଃ=ସେ; ସନ୍ନ୍ୟାସୀ=ସନ୍ନ୍ୟାସୀ; ଚ=ମଧ୍ୟ; ଯୋଗୀ=ଯୋଗୀ; ଚ=ମଧ୍ୟ; ନ=ନୁହେଁ; ନିର୍=ବିନା; ଅଗ୍ନିଃ=ଅଗ୍ନି; ନ=କିମ୍ବା ନୁହେଁ; ଚ=ମଧ୍ୟ; ଅକ୍ରିୟଃ=କର୍ତ୍ତବ୍ୟହୀନ ।

### ଅନୁବାଦ

ଶ୍ରୀ ଭଗବାନ୍ କହିଲେ, ''ଯେ ତା'ର କର୍ମଫଳ ପ୍ରତି ଅନାସକ୍ତ ଏବଂ ଯେ ତା'ର କର୍ତ୍ତବ୍ୟ କର୍ମ କରେ, ସେ ସନ୍ନ୍ୟାସୀ ଅଟେ ଏବଂ ପ୍ରକୃତରେ ଜଣେ ଯୋଗୀ ଅଟେ । ଯେ ନିରଗ୍ନି ଅଟେ କିମ୍ବା କର୍ତ୍ତବ୍ୟ କର୍ମକରେ ନାହିଁ, ସେ ସନ୍ନ୍ୟାସୀ ନୁହେଁ କିମ୍ବା ଯୋଗୀ ନୁହେଁ ।

## ଭାବାର୍ଥ

ଏହି ଅଧ୍ୟାୟରେ ଭଗବାନ୍ ଅଷ୍ଟାଙ୍ଗ ଯୋଗ ସମ୍ବନ୍ଧରେ କହୁଛନ୍ତି । ସେ କହୁଛନ୍ତି, ଏହା ମନ ଓ ଇନ୍ଦ୍ରିୟକୁ ଜୟ କରିବାର ଏକ ପନ୍ଥା ଅଟେ । କିନ୍ତୁ ଏ କଳିଯୁଗରେ ସର୍ବସାଧାରଣଙ୍କ ପକ୍ଷରେ–ଏ ଯୋଗବିଧି ଅବଲମ୍ବନ କରିବା ଅତ୍ୟନ୍ତ କଠିନ ବ୍ୟାପାର ଅଟେ । ଯଦିଓ ଏ ଅଧ୍ୟାୟରେ ଭଗବାନ୍, ଅଷ୍ଟାଙ୍ଗ ଯୋଗବିଧି କଥା କହିଛନ୍ତି, ତଥାପି ଭଗବାନ୍ କର୍ମଯୋଗ ବା କୃଷ୍ଣଚେତନାରେ କର୍ମକରିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଏ ପୃଥିବୀରେ ପ୍ରତ୍ୟେକ ନିଜ ନିଜର ପରିବାର ପୋଷଣ ନିମିତ୍ତ ଏବଂ ପରିବାରର ସମ୍ପତ୍ତି ରକ୍ଷଣାବେକ୍ଷଣ ନିମିତ୍ତ କର୍ମ କରନ୍ତି । କେହି ବିନା ସ୍ୱାର୍ଥରେ କର୍ମ କରୁନାହାଁନ୍ତି । ଯେ କୌଣସି କର୍ମ ହେଉନା କାହିଁକି କିଛି ନା' କିଛି ସ୍ୱାର୍ଥସିଦ୍ଧିର କାମନା ଅଛି । କୃଷ୍ଣଚେତନାରେ କର୍ମଫଳ ପ୍ରତି ବୀତସ୍ପୃହ ହୋଇ କର୍ମ କରିବା ହେଉଛି ପ୍ରକୃତ କର୍ମ । କର୍ମଫଳ ଭୋଗ କରିବା କାମନା ରଖି–କର୍ମକରିବା ପ୍ରକୃତ କର୍ମ ନୁହେଁ । କୃଷ୍ଣଚେତନାରେ କର୍ମ କରିବା ପ୍ରତ୍ୟେକ ଜୀବର କର୍ତ୍ତବ୍ୟ, କାରଣ ପ୍ରତ୍ୟେକ ଭଗବାନଙ୍କର ଅଂଶବିଶେଷ ଅଟନ୍ତି । ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ସମଗ୍ର ଶରୀରର ହିତାର୍ଥେ କର୍ମ କରନ୍ତି । ଶରୀରର ଅଙ୍ଗପ୍ରତ୍ୟଙ୍ଗ ଗୁଡ଼ିକ ନିଜ ନିଜର ତୃପ୍ତି ନିମିତ୍ତ କର୍ମ କରନ୍ତି ନାହିଁ; ସେମାନେ ସମଗ୍ର ଶରୀରର ତୃପ୍ତି ବିଧାନ ନିମିତ୍ତ କର୍ମ କରନ୍ତି । ଠିକ୍ ସେହିପରି ଯେଉଁ ବ୍ୟକ୍ତି ନିଜର ବ୍ୟକ୍ତିଗତ ସନ୍ତୋଷ ବିଧାନ ନିମିତ୍ତ କର୍ମ ନକରନ୍ତି, ପରଂବ୍ରହ୍ମ ବା ପରମେଶ୍ୱରଙ୍କ ସନ୍ତୋଷ ବିଧାନ ନିମିତ୍ତ କର୍ମ କରନ୍ତି, ସେ ପ୍ରକୃତରେ ଜଣେ ସନ୍ନ୍ୟାସୀ ବା ଯୋଗୀ ଅଟନ୍ତି ।

ବେଳେବେଳେ କେତେକ ସନ୍ନ୍ୟାସୀ ଭାବନ୍ତି ଯେ, ସେମାନେ ସମସ୍ତପ୍ରକାର ଭୌତିକ କର୍ମରୁ ମୁକ୍ତହୋଇ ଯାଇଛନ୍ତି ଏବଂ ସେଇଥିପାଇଁ ସେମାନେ ଅଗ୍ନିହୋତ୍ର ଆଦି (ଯଜ୍ଞ) କର୍ମ କରନ୍ତି ନାହିଁ; କିନ୍ତୁ ପ୍ରକୃତରେ ସେମାନଙ୍କର ସ୍ୱାର୍ଥସିଦ୍ଧି କାମନା ଥାଏ, କାରଣ ନିର୍ବିଶେଷ ବ୍ରହ୍ମରେ ମିଶି ଏକ ହୋଇଯିବା କାମନା ସେମାନଙ୍କର ଥାଏ । ଯେକୌଣସି ଭୌତିକ କାମନାଠାରୁ ଏ କାମନା ଏକ ବୃହତ୍ତର କାମନା ଅଟେ, କିନ୍ତୁ ଏହା ସ୍ୱାର୍ଥରହିତ ନୁହେଁ । ଠିକ୍ ସେହିପରି ଯେଉଁ ଯୋଗୀ (ଅଷ୍ଟାଙ୍ଗ ଯୋଗବିଧି ଅବଲମ୍ବନ କରୁଥିବା ଯୋଗୀ) ସମସ୍ତ ଭୌତିକ କର୍ମତ୍ୟାଗ କରି ଅର୍ଦ୍ଧନିମୀଳିତ ଚକ୍ଷୁରେ ଯୋଗ ସାଧନା କରୁଥାଏ, ସେ କିଛି ବ୍ୟକ୍ତିଗତ ସ୍ୱାର୍ଥସିଦ୍ଧି କାମନା ରଖିଥାଏ । କିନ୍ତୁ ଯେଉଁ ବ୍ୟକ୍ତି କୌଣସି ପ୍ରକାର ସ୍ୱାର୍ଥସିଦ୍ଧି କାମନା ନରଖି କୃଷ୍ଣଚେତନାରେ କର୍ମକରେ, ସେ ପରମେଶ୍ୱରଙ୍କର ସନ୍ତୋଷ ବିଧାନ ନିମିତ୍ତ କର୍ମକରେ । ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ନିଜର ସନ୍ତୋଷ ବିଧାନ ନିମିତ୍ତ କର୍ମ କରେ ନାହିଁ, ତାହାର ସେ କାମନା ନଥାଏ । ତାଙ୍କର କର୍ମର ଲକ୍ଷ୍ୟ ହେଲା କୃଷ୍ଣଙ୍କର ସନ୍ତୋଷ ବିଧାନ । ତାହାରି ଉପରେ ହିଁ ତାଙ୍କର କର୍ମର ବିଜୟ ନିର୍ଭର କରେ ଏବଂ ଏହିପରି ଭାବରେ ବିଗ୍ରର କଲେ ଜଣାଯିବ ଯେ, ସେ ହିଁ ପ୍ରକୃତରେ ଏକ ସନ୍ନ୍ୟାସୀ କିମ୍ବା ଯୋଗୀ ଅଟନ୍ତି । ଶ୍ରୀ ଚୈତନ୍ୟ ମହାପ୍ରଭୁ (ଯେ କି ସନ୍ନ୍ୟାସର ଚରମ ପ୍ରତୀକ) ନିମ୍ନମତେ ପ୍ରାର୍ଥନା କରିଛନ୍ତି–

*"ନ ଧନଂ ନ ଜନଂ ନ ସୁନ୍ଦରୀଂ କବିତାଂ ବା ଜଗଦୀଶ କାମୟେ ।*
*ମମ ଜନ୍ମନି ଜନ୍ମନୀଶ୍ୱରେ ଭବତାଦ୍ ଭକ୍ତିର୍ ଅହୈତୁକୀ ତ୍ୱୟି ।।"*

ଅର୍ଥାତ୍–''ହେ ସର୍ବଶକ୍ତିମାନ୍ ଭଗବାନ୍ ! ମୋର ଧନ ସଂଗ୍ରହ କରିବାର କାମନା ନାହିଁ କିମ୍ବା ସୁନ୍ଦରୀ ସ୍ତ୍ରୀ ଉପଭୋଗ କରିବାର କାମନା ନାହିଁ, କିମ୍ବା ମୁଁ କୌଣସି ଅନୁଗାମୀ ଚାହେଁ ନାହିଁ । କେବଳ ମୁଁ ଏତିକି ଚାହେଁ–ଜନ୍ମେ ଜନ୍ମେ ମୋତେ ଆପଣଙ୍କର ଅହୈତୁକୀ ଭକ୍ତି ପ୍ରାପ୍ତ ହେଉ ।''

## ଶ୍ଲୋକ - ୨

**ଯଂ ସନ୍ନ୍ୟାସମିତି ପ୍ରାହୁର୍ଯୋଗଂ ତଂ ବିଦ୍ଧି ପାଣ୍ଡବ ।**
**ନ ହ୍ୟସନ୍ନ୍ୟସ୍ତସଂକଳ୍ପୋ ଯୋଗୀ ଭବତି କଶ୍ଚନ ।। ୨ ।।**

## ଶବ୍ଦାନୁବାଦ

ଯମ୍=ଯାହାକୁ; ସନ୍ନ୍ୟାସମ୍=ସନ୍ନ୍ୟାସୀ; ଇତି=ଏହିପରି; ପ୍ରାହୁଃ=ସେମାନେ କହନ୍ତି; ଯୋଗମ୍=ଭଗବାନଙ୍କ ସହ ଯୁକ୍ତ ହେବା; ତମ୍=ତାହାକୁ; ବିଦ୍ଧି=ତୁମେ ଜାଣିରଖ; ପାଣ୍ଡବ=ହେ ପାଣ୍ଡୁପୁତ୍ର; ନ=କେବେ ନୁହେଁ; ହି=ନିଶ୍ଚିତଭାବେ; ଅସନ୍ନ୍ୟସ୍ତ=ତ୍ୟାଗବିନା; ସଂକଳ୍ପଃ=ଆତ୍ମ-ସନ୍ତୋଷ; ଯୋଗୀ=ଯୋଗୀ; ଭବତି=ହୁଏ; କଶ୍ଚନ=କେହି ।

## ଅନୁବାଦ

**ଯାହାକୁ ସନ୍ନ୍ୟାସ କୁହାଯାଏ, ତାହାକୁ ହିଁ ଯୋଗ କୁହାଯାଏ । ଯୋଗର ଅର୍ଥ ଭଗବାନଙ୍କ ସହ ଯୁକ୍ତ ହେବା, କାରଣ ବ୍ୟକ୍ତି ଇନ୍ଦ୍ରିୟ-ସୁଖ-ଭୋଗ-କାମନା ତ୍ୟାଗ ନ କଲେ କଦାପି ଯୋଗୀ ହୋଇପାରିବ ନାହିଁ ।**

## ଭାବାର୍ଥ

ବ୍ୟକ୍ତି ତା'ର ସ୍ୱରୂପସ୍ଥିତି (ଅର୍ଥାତ୍ ସେ ଏକ ଜୀବ, ଏହି ସ୍ଥିତି)କୁ ଜାଣିବା ଉଚିତ ଏବଂ ତଦନୁଯାୟୀ କାର୍ଯ୍ୟ କରିବା ଉଚିତ୍ । ଏହାକୁ ପ୍ରକୃତ ସନ୍ନ୍ୟାସଯୋଗ ବା ଭକ୍ତି କୁହାଯାଏ । ଜୀବର ସ୍ୱତନ୍ତ୍ରତା ନାହିଁ । ସେ ଭଗବାନଙ୍କର ତଟସ୍ଥା ଶକ୍ତି ଅଟେ । ସେ ଯେତେବେଳେ ଭୂତପ୍ରକୃତିର ଯନ୍ତାରେ ପଡ଼ିଯାଏ ସେତେବେଳେ ସେ ବଦ୍ଧଜୀବ ହୋଇଯାଏ; କିନ୍ତୁ ସେ ଯେତେବେଳେ କୃଷ୍ଣଚେତନଶୀଳ ହୋଇଯାଏ, ଅର୍ଥାତ୍ ଦିବ୍ୟଶକ୍ତି ସମ୍ବନ୍ଧରେ ସଚେତନ ହୋଇଯାଏ, ସେତେବେଳେ ସେ ତା'ର ପ୍ରକୃତ ସ୍ଥିତି ବା ସ୍ୱରୂପସ୍ଥିତିରେ ରହେ ବୋଲି ବୁଝିବାକୁ ହେବ । ତେଣୁ ଯେତେବେଳେ ବ୍ୟକ୍ତି ପୂର୍ଣ୍ଣଜ୍ଞାନ ସ୍ତରରେ ରହେ, ସେତେବେଳେ ସେ ସମସ୍ତ ଜଡ଼େନ୍ଦ୍ରିୟ ସୁଖ ବା ସୁଖ କାମନା ତଥା ସମସ୍ତ ପ୍ରକାର ଇନ୍ଦ୍ରିୟ ସୁଖୋତ୍ପାଦକ କର୍ମ ତ୍ୟାଗ କରେ । ଯେଉଁ ଯୋଗୀମାନେ ଭୌତିକ ସଂସ୍ପର୍ଶରୁ ଇନ୍ଦ୍ରିୟମାନଙ୍କୁ ଦୂରେଇ ରଖିଥା'ନ୍ତି, ସେମାନେ ଏହା ଅଭ୍ୟାସ କରନ୍ତି । କିନ୍ତୁ ଏକ କୃଷ୍ଣଚେତନଶୀଳ ବ୍ୟକ୍ତିର ଅବକାଶ ନଥାଏ, ତା'ର ଇନ୍ଦ୍ରିୟମାନଙ୍କୁ କୃଷ୍ଣ କର୍ମ ବ୍ୟତୀତ ଅନ୍ୟ କର୍ମରେ ବିନିଯୁକ୍ତ କରିବାକୁ । ତେଣୁ ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ଏକ ସଙ୍ଗରେ ଜଣେ ସନ୍ନ୍ୟାସୀ ଏବଂ ଯୋଗୀ ଅଟେ । 'ଜ୍ଞାନ' ଓ 'ଯୋଗ' ମାର୍ଗରେ ନିର୍ଦ୍ଦିଷ୍ଟ 'ଜ୍ଞାନ' ଓ ଇନ୍ଦ୍ରିୟ ସଂଯମର ଉଦ୍ଦେଶ୍ୟ କ'ଣ ତାହା ସ୍ୱତଃ କୃଷ୍ଣଚେତନା ମାର୍ଗରେ ପରିସ୍ଫୁଟ ହୋଇଯାଏ । ଯଦି ବ୍ୟକ୍ତି ତା'ର ସ୍ୱାର୍ଥାନୁକୂଳ କର୍ମକୁ ତ୍ୟାଗ କରିବାକୁ

ଅକ୍ଷମ ହୁଏ, ତାହାହେଲେ 'ଜ୍ଞାନ' ଓ 'ଯୋଗ'ର ମୂଲ୍ୟ ତା'ପକ୍ଷରେ କିଛି ନାହିଁ । ପ୍ରକୃତ ଲକ୍ଷ୍ୟ ହେଲା ବ୍ୟକ୍ତି ତା'ର ଆତ୍ମସନ୍ତୋଷଜନକ କର୍ମ ତ୍ୟାଗକରି ଭଗବାନଙ୍କର ସନ୍ତୋଷ ବିଧାନ ଜନକ ସମସ୍ତ କର୍ମ କରିବାକୁ ପ୍ରସ୍ତୁତ ହେବା ଉଚିତ୍ । ଯେ କୃଷ୍ଣ ଚେତନଶୀଳ, ତା'ର ଇନ୍ଦ୍ରିୟ ସୁଖ ଭୋଗ କାମନା ଆଦୌ ନଥାଏ । ସେ ସର୍ବଦା ଭଗବାନଙ୍କର ସନ୍ତୋଷ ବିଧାନ କର୍ମରେ ନିଯୁକ୍ତ ଥାଏ । ଯେ ଭଗବାନଙ୍କ କଥା ନଜାଣିଛି ବା ଭଗବାନଙ୍କ ସମ୍ବନ୍ଧରେ ଯାହାର ଧାରଣା ନାହିଁ, ତା'ପକ୍ଷରେ ଆତ୍ମସୁଖ ନିମିତ୍ତ କର୍ମ କରିବା ଉଚିତ୍; କାରଣ କେହି କର୍ମ ନକରି ରହିପାରିବେ ନାହିଁ । କୃଷ୍ଣଚେତନା ଅଭ୍ୟାସ କଲେ ଏ ସମସ୍ତ ଉଦ୍ଦେଶ୍ୟ ସ୍ୱତଃ ସାଧିତ ହୋଇଯାଏ ।

## ଶ୍ଳୋକ - ୩

**ଆରୁରୁକ୍ଷୋର୍ମୁନେର୍ଯୋଗଂ କର୍ମ କାରଣମୁଚ୍ୟତେ ।**
**ଯୋଗାରୂଢ଼ସ୍ୟ ତସ୍ୟୈବ ଶମଃ କାରଣମୁଚ୍ୟତେ ।।୩।।**

## ଶବ୍ଦାନୁବାଦ

ଆରୁରୁକ୍ଷୋଃ=ଯେ ଯୋଗସାଧନା ଆରମ୍ଭ କରିଛି ତାହାର; ମୁନେଃ=ମୁନିଙ୍କର; ଯୋଗମ୍=ଅଷ୍ଟାଙ୍ଗଯୋଗ ବିଧି; କର୍ମ=କର୍ମ; କାରଣମ୍=କାରଣ; ଉଚ୍ୟତେ=କୁହାଯାଏ; ଯୋଗ=ଅଷ୍ଟାଙ୍ଗଯୋଗ; ଆରୁଢ଼ସ୍ୟ=ଯେ ପ୍ରାପ୍ତ ହୋଇଛି; ତସ୍ୟ=ତାହାର; ଏବ=ନିଶ୍ଚିତଭାବେ; ଶମଃ=ସମସ୍ତ ଭୌତିକ କର୍ମ ବନ୍ଦକରିବା; କାରଣମ୍=କାରଣ; ଉଚ୍ୟତେ=କୁହାଯାଏ ।

## ଅନୁବାଦ

**ଅଷ୍ଟାଙ୍ଗ ଯୋଗ ସାଧନା କରିବାକୁ ଯେ ଆରମ୍ଭ କରିଛି, ତାହାପାଇଁ କର୍ମ ହେଉଛି ମାଧ୍ୟମ ଏବଂ ଯେ ଯୋଗାବସ୍ଥା ପ୍ରାପ୍ତ ହୋଇଛି, ତା'ପାଇଁ ସମସ୍ତ ପ୍ରକାର ଭୌତିକ କର୍ମକୁ ବନ୍ଦ କରିବା ମାଧ୍ୟମ ଅଟେ ବୋଲି କୁହାଯାଏ ।**

## ଭାବାର୍ଥ

ଭଗବାନଙ୍କ ସହ ସଂଯୋଗ ସ୍ଥାପନ କରିବା ବିଧିକୁ 'ଯୋଗ' କୁହାଯାଏ । ଏହାକୁ ଏକ ସିଡ଼ି ସହ ତୁଳନା କରାଯାଇପାରେ । ସିଡ଼ିରେ ଚଢ଼ି ଲୋକ ଯେପରି ଅଗ୍ରଭାଗକୁ ଯାଏ, ଠିକ୍ ସେହିପରି ଏ ଯୋଗବିଧି ଅଭ୍ୟାସ କରି ବ୍ୟକ୍ତି କ୍ରମଶଃ ଆତ୍ମାନୁଭୂତି ଲାଭର ଶେଷ ସ୍ତରକୁ ଯାଏ । ଏହି ସିଡ଼ି ବ୍ୟକ୍ତିର ସର୍ବନିମ୍ନ ଭୌତିକସ୍ଥିତିରୁ ଆରମ୍ଭ ହୁଏ ଏବଂ କ୍ରମଶଃ ବିଶୁଦ୍ଧ ଦିବ୍ୟ ଜୀବନ ମାର୍ଗରେ ଗତିକରି ପୂର୍ଣ୍ଣ ଆତ୍ମାନୁଭୂତି ଲାଭରେ ପର୍ଯ୍ୟବସିତ ହୁଏ । ବିଭିନ୍ନ ଉନ୍ନତି ଅନୁଯାୟୀ ଏ ସିଡ଼ିର ବିଭିନ୍ନ ଅଂଶକୁ ବିଭିନ୍ନ ନାମ ଦିଆଯାଇଅଛି । କିନ୍ତୁ ସ୍ଥୂଳତଃ ଏ ସମଗ୍ର ସିଡ଼ିକୁ 'ଯୋଗ' କୁହାଯାଏ ଏବଂ ଏହାକୁ ସାଧାରଣତଃ ତିନିଭାଗରେ ବିଭକ୍ତ କରାଯାଇ ପାରେ, ଯଥା-ଜ୍ଞାନଯୋଗ, ଧ୍ୟାନଯୋଗ ଓ ଭକ୍ତିଯୋଗ । ସିଡ଼ିର ମୂଳଦେଶକୁ (ବା ଆରମ୍ଭକୁ) ଯୋଗାରୁରୁକ୍ଷ ସ୍ତର ଏବଂ ଏହାର ସର୍ବୋଚ୍ଚ ପ୍ରଦେଶକୁ 'ଯୋଗାରୂଢ଼' ସ୍ତର ବୋଲି କୁହାଯାଏ ।

ଏହି ଅଷ୍ଟାଙ୍ଗ ଯୋଗ ବିଧି ସାଧନା ଯେ ଆରମ୍ଭ କରେ, ସେ ପ୍ରଥମେ ବିଧିବିଧାନ ଅନୁଯାୟୀ ବିଭିନ୍ନ ପ୍ରକାର ଆସନ ଅଭ୍ୟାସ କରେ ଏବଂ କ୍ରମଶଃ ସେହି ଅଭ୍ୟାସ ବଳରେ ସେ ଧ୍ୟାନାବସ୍ଥା ପ୍ରାପ୍ତ ହେବ । ସାଧକ ଏହି ଯେଉଁ ଯୌଗିକ ଆସନ, ଏ ଯୋଗ ମାର୍ଗରେ ଅଭ୍ୟାସ କରେ, ତାହା ଅଳ୍ପବହୁତ ଶାରୀରିକ କ୍ରିୟା ଅଟେ । ପ୍ରାରମ୍ଭିକ ସ୍ତରରେ ଏ ସମସ୍ତ କ୍ରିୟା ସକାମ ଭୌତିକ କର୍ମ ବୋଲି ବିବେଚିତ ହୁଏ । ଏ ସମସ୍ତ କ୍ରିୟାର ଉଦ୍ଦେଶ୍ୟ ହେଲା ଇନ୍ଦ୍ରିୟ ସଂଯମ କରିବା ଏବଂ ମାନସିକ ସମତା ପ୍ରାପ୍ତ ହେବା । ଯେତେବେଳେ ବ୍ୟକ୍ତି ଧ୍ୟାନ କରିବାକୁ ଅଭ୍ୟାସ କରି ଧ୍ୟାନାବସ୍ଥା ପ୍ରାପ୍ତ ହୋଇଯାଏ, ସେତେବେଳେ ତା'ର ସମସ୍ତ ବିକ୍ଷିପ୍ତ ମାନସିକ କ୍ରିୟା ବନ୍ଦ ହୋଇଯାଏ ।

ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ପ୍ରାରମ୍ଭରୁ ହିଁ ଧ୍ୟାନାବସ୍ଥାରେ ଥାଏ, କାରଣ ସେ ସର୍ବଦା କୃଷ୍ଣଙ୍କୁ ହିଁ ଚିନ୍ତା କରୁଥାଏ ଏବଂ ସେ ସର୍ବଦା କୃଷ୍ଣ ସେବାରେ ନିଯୁକ୍ତ ଥିବାରୁ ସମସ୍ତ ପ୍ରକାର ଭୌତିକ କର୍ମରୁ ବିରତ ହୋଇ ଯାଇଥାଏ ।

## ଶ୍ଳୋକ - ୪

**ଯଦା ହି ନେନ୍ଦ୍ରିୟାର୍ଥେଷୁ ନ କର୍ମସ୍ୱନୁଷଜ୍ଜତେ ।**
**ସର୍ବସଂକଳ୍ପସନ୍ନ୍ୟାସୀ ଯୋଗାରୂଢ଼ସ୍ତଦୋଚ୍ୟତେ ।।୪।।**

## ଶବ୍ଦାନୁବାଦ

ଯଦା=ଯେତେବେଳେ; ହି=ନିଶ୍ଚିତଭାବେ; ନ=ହୁଏନାହିଁ; ଇନ୍ଦ୍ରିୟ-ଅର୍ଥେଷୁ=ଇନ୍ଦ୍ରିୟ ସୁଖରେ; ନ=କେବେ ନୁହେଁ; କର୍ମସୁ=ସକାମ କର୍ମରେ; ଅନୁଷଜ୍ଜତେ=ନିଯୁକ୍ତ ହୁଏ; ସର୍ବ-ସଂକଳ୍ପ=ସମସ୍ତ ଭୌତିକ କାମନା; ସନ୍ନ୍ୟାସୀ=ସନ୍ନ୍ୟାସୀ; ଯୋଗ-ଆରୂଢ଼ଃ=ଯୋଗାସୀନ; ତଦା=ସେତେବେଳେ; ଉଚ୍ୟତେ=କୁହାଯାଏ ।

## ଅନୁବାଦ

**ଯେତେବେଳେ ବ୍ୟକ୍ତି ସମସ୍ତ ପ୍ରକାର ଭୌତିକ କାମନାକୁ ତ୍ୟାଗ କରେ, ଯେତେବେଳେ ସେ ଇନ୍ଦ୍ରିୟ ତୃପ୍ତି ନିମିତ୍ତ କର୍ମ କରେନାହିଁ କିମ୍ବା ସକାମ କର୍ମରେ ନିଯୁକ୍ତ ହୁଏନାହିଁ, ସେତେବେଳେ ସେ ଯୋଗାରୂଢ଼ ଅବସ୍ଥା ପ୍ରାପ୍ତ ହୋଇଛି ବୋଲି କୁହାଯିବ ।**

## ଭାବାର୍ଥ

ଯେତେବେଳେ ବ୍ୟକ୍ତି ଭଗବାନଙ୍କର ଦିବ୍ୟ ସେବାରେ ସଂପୂର୍ଣ୍ଣରୂପେ ନିଯୁକ୍ତ ହୋଇଯାଏ, ସେତେବେଳେ ସେ ଆତ୍ମାରେ ସନ୍ତୋଷ ଲାଭକରେ ଏବଂ ଏହିପରି ଭାବରେ ସେ ଆଉ ଇନ୍ଦ୍ରିୟ ସୁଖରେ ମାତେ ନାହିଁ କିମ୍ବା ସକାମ କର୍ମରେ ନିଯୁକ୍ତ ହୁଏ ନାହିଁ । ତା'ନହେଲେ ସେ ଇନ୍ଦ୍ରିୟ ସୁଖରେ ମାତିବ; କାରଣ କର୍ମ ତ୍ୟାଗକରି ବ୍ୟକ୍ତି କଦାପି ରହିପାରିବ ନାହିଁ । ବ୍ୟକ୍ତି କୃଷ୍ଣଚେତନଶୀଳ ନହେଲେ ସର୍ବଦା ନିଜର ସ୍ୱାର୍ଥସିଦ୍ଧି କାମନାରେ ମନୋନିବେଶ କରିବ ଓ

ତାହାର ସୁଯୋଗ ଖୋଜିବାରେ ଲାଗିବ । କିନ୍ତୁ ଏକ କୃଷ୍ଣଚେତନଶୀଳ ବ୍ୟକ୍ତି କୃଷ୍ଣଙ୍କର ସନ୍ତୋଷ ବିଧାନ ନିମିତ୍ତ ଯାହା ଇଚ୍ଛା ତାହା କରିପାରେ ଏବଂ ତଦ୍ଦ୍ୱାରା ସେ ସଂପୂର୍ଣ୍ଣରୂପେ ଇନ୍ଦ୍ରିୟ-ସୁଖଭୋଗରୁ ବିରତ ହୋଇପାରିବ । ଯାହାର ଏ ପ୍ରକାର ଅନୁଭୂତି ନାହିଁ ସେ ଯୋଗାରୂଢ଼ ଅବସ୍ଥା ପ୍ରାପ୍ତ ହେବା ପୂର୍ବରୁ ଅର୍ଥାତ୍ ଯୋଗ ସିଡ଼ିର ଶେଷ ପାହାଚରେ ଉପସ୍ଥିତ ହେବା ପୂର୍ବରୁ ନିଶ୍ଚୟ କୃତ୍ରିମ ଉପାୟରେ ବାହାରକୁ ଦେଖାଇବା ପାଇଁ ଭୌତିକ କାମନାରୁ ଦୂରେଇ ଯିବାପାଇଁ ଚେଷ୍ଟା କରିବ ।

## ଶ୍ଳୋକ - ୫

**ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମବସାଦୟେତ୍**
**ଆତ୍ମୈବ ହ୍ୟାତ୍ମନୋ ବନ୍ଧୁରାତ୍ମୈବ ରିପୁରାତ୍ମନଃ ।।୫।।**

## ଶବ୍ଦାନୁବାଦ

ଉଦ୍ଧରେତ୍=ବ୍ୟକ୍ତି ନିଜକୁ ଉଦ୍ଧାର କରିବା ଉଚିତ୍; ଆତ୍ମନା=ମନ ସାହାଯ୍ୟରେ; ଆତ୍ମାନମ୍=ବଦ୍ଧ ଜୀବାତ୍ମାକୁ; ନ=କେବେ ନୁହେଁ; ଆତ୍ମାନମ୍=ବଦ୍ଧ ଜୀବାତ୍ମା; ଅବସାଦୟେତ୍= ଅଧୋଗତି କରାଇବା; ଆତ୍ମା=ମନ; ଏବ=ନିଶ୍ଚିତଭାବେ; ହି=ବାସ୍ତବିକ୍; ଆତ୍ମନଃ=ବଦ୍ଧ ଜୀବାତ୍ମାର; ବନ୍ଧୁଃ=ବନ୍ଧୁ; ଆତ୍ମା=ମନ; ଏବ=ନିଶ୍ଚିତଭାବେ; ରିପୁଃ=ଶତ୍ରୁ; ଆତ୍ମନଃ=ବଦ୍ଧ ଜୀବାତ୍ମାର ।

## ଅନୁବାଦ

**ବ୍ୟକ୍ତି ମନ ସାହାଯ୍ୟରେ ନିଜକୁ ଉପରକୁ ଉଠାଇବା ଉଚିତ୍, ତଳକୁ ନେବା ଉଚିତ୍ ନୁହେଁ । ମନ ବଦ୍ଧ ଜୀବାତ୍ମାର ବନ୍ଧୁ ତଥା ଶତ୍ରୁ ମଧ୍ୟ ଅଟେ ।**

## ଭାବାର୍ଥ

'ଆତ୍ମା' ଶବ୍ଦ ବିଭିନ୍ନ ସ୍ଥଳରେ ବିଭିନ୍ନ ଅର୍ଥରେ–ଶରୀର, ମନ ଓ ଆତ୍ମା; ଏହି ଅର୍ଥରେ- ବ୍ୟବହୃତ ହୁଏ । ଯୋଗମାର୍ଗରେ ମନ ଓ ବଦ୍ଧ ଜୀବାତ୍ମା ବଡ଼ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଯୋଗମାର୍ଗରେ ମନ ହେଉଛି ପ୍ରଧାନ । ଏଠାରେ 'ଆତ୍ମା' କହିଲେ ମନକୁ ବୁଝାଉଛି । ଯୋଗ-ସାଧନାର ଉଦ୍ଦେଶ୍ୟ ହେଲା–ମନ-ସଂଯମ କରିବା ଏବଂ ଇନ୍ଦ୍ରିୟ ଭୋଗ୍ୟ ବିଷୟବସ୍ତୁରୁ ଏହାକୁ ଦୂରେଇ ଆଣିବା । ଏଠାରେ ଜୋରଦେଇ କୁହାଯାଇଛି ଯେ, ମନକୁ ଏପରି ତାଲିମ୍ କରିବାକୁ ପଡ଼ିବ, ଯେପରିକି ଏହା ବଦ୍ଧ ଜୀବାତ୍ମାକୁ ଅବିଦ୍ୟା-ରୂପକ ଘନାନ୍ଧକାରରୁ ଉଦ୍ଧାର କରିପାରିବ । ଭୌତିକ ସ୍ଥିତିରେ ବ୍ୟକ୍ତି ମନ ଓ ଇନ୍ଦ୍ରିୟର ବଶୀଭୂତ ହୋଇ ପଡ଼ିଥାଏ । ବାସ୍ତବରେ ବିଶୁଦ୍ଧ ଆତ୍ମା ଏ ଭୌତିକ ଜଗତର ବନ୍ଧନରେ ପଡ଼ିଯାଇଛି । ମନର ଅହଙ୍କାର ଭୂତପ୍ରକୃତିକୁ ଉପଭୋଗ କରିବାକୁ ଇଚ୍ଛା କରିବାରୁ ଆତ୍ମା ଏପରି ବନ୍ଧନ-ଦଶା ଭୋଗ କରୁଛି । ଏଣୁ ମନକୁ ଏପରି ତାଲିମ୍ ଦେବାକୁ ପଡ଼ିବ, ଯେପରି ଏହା ଭୂତପ୍ରକୃତିର ମୋହିନୀ ଶକ୍ତିରେ ଆକୃଷ୍ଟ ହେବନାହିଁ ଏବଂ ଏହିପରି ଭାବରେ ବଦ୍ଧ ଜୀବାତ୍ମାକୁ ବନ୍ଧନରୁ ରକ୍ଷା କରାଯାଇପାରେ । ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ ପ୍ରତି ଆକୃଷ୍ଟ ହୋଇ ବ୍ୟକ୍ତି ନିଜକୁ ନିମ୍ନସ୍ତରକୁ ନେବା ଉଚିତ୍ ନୁହେଁ । ବ୍ୟକ୍ତି ଯେତେ ଅଧିକ ପରିମାଣରେ ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ ପ୍ରତି ଆକୃଷ୍ଟ ହେବ, ସେ ସେତିକି

ପରିମାଣରେ ଭୌତିକ ବନ୍ଧନରେ ପଡ଼ିବ । ବନ୍ଧନରୁ ମୁକ୍ତ ହେବାର ସର୍ବୋତ୍ତମ ପନ୍ଥା ହେଉଛି ମନକୁ କୃଷ୍ଣଙ୍କଠାରେ ଲଗାଇବା । ଏଠାରେ 'ହି' ଶବ୍ଦ ପ୍ରୟୋଗର ତାତ୍ପର୍ଯ୍ୟ ହେଲା ଏହି କଥା ଉପରେ ଜୋର ଦେବା, ଅର୍ଥାତ୍ ବ୍ୟକ୍ତି ଏହା କରିବା ଉଚିତ୍ । କଥିତ ଅଛି–

*''ମନ ଏବ ମନୁଷ୍ୟାଣାଂ କାରଣଂ ବନ୍ଧ-ମୋକ୍ଷୟୋଃ ।*
*ବନ୍ଧାୟ ବିଷୟାସଙ୍ଗୋ ମୁକ୍ତ୍ୟୈ ନିର୍ବିଷୟଂ ମନଃ ।।''*

ଅର୍ଥାତ୍–''ମାନବ ପକ୍ଷରେ ମନ, ବନ୍ଧନ ତଥା ମୁକ୍ତିର କାରଣ ଅଟେ । ମନ ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁରେ ନିମଜ୍ଜିତ ହେଲେ, ତାହା ବନ୍ଧନର କାରଣ ହୁଏ ଏବଂ ତାହା ସେଗୁଡ଼ିକରୁ ଦୂରେଇ ଗଲେ ତାହା ମୁକ୍ତିର କାରଣ ହୁଏ ।'' ତେଣୁ ଯେଉଁ ମନ ସର୍ବଦା କୃଷ୍ଣଚେତନାରେ ଅଛି, ତାହା ପରମ ମୁକ୍ତିର କାରଣ ଅଟେ ବୋଲି ବୁଝିବାକୁ ପଡ଼ିବ ।

## ଶ୍ଲୋକ - ୬

**ବନ୍ଧୁରାତ୍ମାତ୍ମନସ୍ତସ୍ୟ ଯେନାତ୍ମୈବାତ୍ମନା ଜିତଃ ।**
**ଅନାତ୍ମନସ୍ତୁ ଶତ୍ରୁତ୍ୱେ ବର୍ତେତାତ୍ମୈବ ଶତ୍ରୁବତ୍ ।। ୬ ।।**

## ଶବ୍ଦାନୁବାଦ

ବନ୍ଧୁଃ=ବନ୍ଧୁ; ଆତ୍ମା=ମନ; ଆତ୍ମନଃ=ଜୀବର; ତସ୍ୟ=ତାହାର; ଯେନ=ଯାହାଦ୍ୱାରା; ଆତ୍ମା=ମନ; ଏବ=ନିଶ୍ଚିତଭାବେ; ଆତ୍ମନା=ଜୀବଦ୍ୱାରା; ଜିତଃ=ବିଜିତ; ଅନାତ୍ମନଃ=ମନ ସଂଯମ ନକରିଥିବା ବ୍ୟକ୍ତିର; ତୁ=କିନ୍ତୁ; ଶତ୍ରୁତ୍ୱେ=ଶତ୍ରୁତାଯୋଗୁଁ; ବର୍ତେତ=ରହେ; ଆତ୍ମା ଏବ=ସେହି ମନ; ଶତ୍ରୁବତ୍=ଏକ ଶତ୍ରୁପରି ।

## ଅନୁବାଦ

**ଯେ ମନକୁ ଜୟ କରିଛି, ତା' ପକ୍ଷରେ ମନ ହେଉଛି ଉତ୍ତମ ବନ୍ଧୁ; କିନ୍ତୁ ଯେ ଏହା କରି ନପାରିଛି, ତା'ପକ୍ଷରେ ସେହି ମନ ଏକ ସାଂଘାତିକ ଶତ୍ରୁ ଅଟେ ।**

## ଭାବାର୍ଥ

ଅଷ୍ଟାଙ୍ଗ ଯୋଗ ଅଭ୍ୟାସ କରିବାର ଉଦ୍ଦେଶ୍ୟ ହେଲା, ମନ ସଂଯମ କରିବା । ମାନବ ଜୀବନର ଉଦ୍ଦେଶ୍ୟ ସାଧନ ନିମିତ୍ତ ମନ ସଂଯମ କରିବା ଏକାନ୍ତ ଆବଶ୍ୟକ ଏବଂ ସଂଯତ ମନ ମାନବର ବନ୍ଧୁ ଅଟେ । ମନ ସଂଯତ ନହେଲେ ବାହାରକୁ ଦେଖାଇବା ପାଇଁ ଯେଉଁ ଯୋଗ କରାଯାଏ, ତାହା କେବଳ ବୃଥା ସମୟ ନଷ୍ଟ ହିଁ ଅଟେ । ଯେ ମନକୁ ସଂଯତ କରିପାରିନାହିଁ, ସେ ଏକ ବିରାଟ ଶତ୍ରୁ ସହିତ ବାସ କରୁଛି ବୋଲି ବୁଝିବାକୁ ପଡ଼ିବ ଏବଂ ତଦ୍ଦ୍ୱାରା ତା'ର ଜୀବନ ଓ ଜୀବନ ଧାରଣର ଉଦ୍ଦେଶ୍ୟ ମଧ୍ୟ ସବୁ ବୃଥା । ଜୀବର ସ୍ୱରୂପସ୍ଥିତ ହେଲା ମାଲିକର ଆଦେଶ ମାନିବା । ଯେ ପର୍ଯ୍ୟନ୍ତ ମାନବର ମନ ଅସଂଯତ ଅବସ୍ଥାରେ ଅଛି, ସେ ପର୍ଯ୍ୟନ୍ତ ସେ କାମ, କ୍ରୋଧ, ଲୋଭ ଓ ମୋହ ଆଦିର ବଶବର୍ତ୍ତୀ ହୋଇଛି ବା ସେମାନଙ୍କ ଆଦେଶ ମାନୁଛି ବୋଲି ବୁଝିବାକୁ ପଡ଼ିବ । କିନ୍ତୁ ଯେତେବେଳେ ବ୍ୟକ୍ତି ମନକୁ ଆୟତ୍ତ କରିନିଏ, ସେ ସେତେବେଳେ ସ୍ୱେଚ୍ଛାକ୍ରମେ ଭଗବାନଙ୍କ ଆଦେଶ ମାନିବାକୁ ପ୍ରସ୍ତୁତ ହୋଇଯାଏ । ଭଗବାନ୍ ପ୍ରତ୍ୟେକଙ୍କ

ହୃଦୟରେ ପରମାତ୍ମା ରୂପରେ ବିଦ୍ୟମାନ । ଯାହାର ମନ ସଂଯତ ହୋଇଯାଇଛି, ସେ ପରମାତ୍ମାଙ୍କ ଆଦେଶ ମାନିବାକୁ ପ୍ରସ୍ତୁତ ହୋଇଯାଇଛି ବୋଲି ବୁଝିବାକୁ ପଡ଼ିବ । ହୃଦୟରେ ବିଦ୍ୟମାନ ଥିବା ପରମାତ୍ମାଙ୍କର ସାକ୍ଷାତ୍‌କାର କରିବା ଏବଂ ତାଙ୍କର ଆଦେଶ ମାନିବା ହେଉଛି ପ୍ରକୃତ ଯୋଗ । ଯେ ସିଧା କୃଷ୍ଣଚେତନା ମାର୍ଗ ଅବଲମ୍ବନ କରୁଛି, ତା' ପକ୍ଷରେ ଭଗବାନଙ୍କର ଆଦେଶ ମାନିବା ସ୍ୱତଃସାଧିତ ହେଉଛି । ଭଗବାନଙ୍କର ଆଦେଶ ମାନିବା ହେଉଛି ପ୍ରକୃତ ଶରଣାଗତି ।

## ଶ୍ଳୋକ - ୭

**ଜିତାତ୍ମନଃ ପ୍ରଶାନ୍ତସ୍ୟ ପରମାତ୍ମା ସମାହିତଃ ।**
**ଶୀତୋଷ୍ଣସୁଖଦୁଃଖେଷୁ ତଥା ମାନାପମାନୟୋଃ ।। ୭ ।।**

## ଶବ୍ଦାନୁବାଦ

ଜିତ-ଆତ୍ମନଃ=ଯେ ମନୋଜୟ କରିଛି ତାହାର; ପ୍ରଶାନ୍ତସ୍ୟ=ଯେ ମନ ସଂଯମ ଅଭ୍ୟାସକରି ପ୍ରଶାନ୍ତଭାବ ଲାଭକରିଛି ତାହାର; ପରମାତ୍ମା=ପରମାତ୍ମା; ସମାହିତଃ=ଜିତେନ୍ଦ୍ରିୟ; ଶୀତ=ଶୀତ; ଉଷ୍ଣ=ଉତ୍ତାପ; ସୁଖ=ସୁଖରେ; ଦୁଃଖେଷୁ=ଦୁଃଖରେ; ତଥା=ମଧ୍ୟ; ମାନ=ସମ୍ମାନ; ଅପମାନୟୋଃ=ଅପମାନରେ ।

## ଅନୁବାଦ

**ଯେ ମନ ସଂଯମ କରିଛି, ସେ ପ୍ରଶାନ୍ତଭାବ ଲାଭ କରିଛି, ତେଣୁ ସେ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଛି ବୋଲି ବୁଝିବାକୁ ହେବ । ଏ ପ୍ରକାର ବ୍ୟକ୍ତି ପକ୍ଷରେ ଶୀତ-ଉଷ୍ଣ ସୁଖ-ଦୁଃଖ ଏବଂ ମାନ ଅପମାନ ସମାନ ଅଟେ ।**

## ଭାବାର୍ଥ

ପ୍ରତ୍ୟେକ ଜୀବର ହୃଦୟରେ ପରମପୁରୁଷ ଭଗବାନ୍ ପରମାତ୍ମାରୂପରେ ରହିଛନ୍ତି । ତାଙ୍କର ଆଦେଶ ମାନିବା ପ୍ରତ୍ୟେକ ଜୀବର କର୍ତ୍ତବ୍ୟ । ଯେତେବେଳେ ବ୍ୟକ୍ତିର ମନ ବହିରଙ୍ଗା ଶକ୍ତିଦ୍ୱାରା ବିଚଳିତ ହୋଇଯାଏ, ସେତେବେଳେ ବ୍ୟକ୍ତି ଭୌତିକ କର୍ମରେ ଛନ୍ଦି ହୋଇଯାଏ । ତେଣୁ ଯେତେବେଳେ ବ୍ୟକ୍ତି କୌଣସି ଏକ ଯୋଗପଦ୍ଧତି ଅବଲମ୍ବନ କରି ମନ ସଂଯମ କରେ, ସେତେବେଳେ ସେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ଯାଇଛି ବୋଲି ବୁଝିବାକୁ ପଡ଼ିବ । ବ୍ୟକ୍ତିକୁ ପରମାତ୍ମାଙ୍କର ନିର୍ଦ୍ଦେଶ ମାନିବାକୁ ପଡ଼ିବ । ଯେତେବେଳେ ବ୍ୟକ୍ତିର ମନ ଉଚ୍ଚତର ଶକ୍ତିରେ ସ୍ଥିର ହୋଇଯାଏ ସେତେବେଳେ ପରମାତ୍ମାଙ୍କର ନିର୍ଦ୍ଦେଶ ମାନିବା ବ୍ୟତୀତ ତାହାର ଅନ୍ୟ ପନ୍ଥା ନଥାଏ । ମନର ପ୍ରକୃତି ହେଲା ଏକ ଉଚ୍ଚତର ଆଦେଶକୁ ମାନିବା ଓ ତଦନୁଯାୟୀ କର୍ମ କରିବା । ମନ-ସଂଯମର ଫଳ ହେଲା ପରମାତ୍ମାଙ୍କର ଆଦେଶ ମାନିବା । ମନ ସଂଯତ ହୋଇଗଲେ ବ୍ୟକ୍ତି ସ୍ୱତଃ ଭଗବାନଙ୍କର ଆଦେଶ ମାନିଯାଏ । ବ୍ୟକ୍ତି କୃଷ୍ଣଚେତନଶୀଳ ହୋଇଗଲେ ସାଙ୍ଗେ ସାଙ୍ଗେ ଏ ଦିବ୍ୟସ୍ଥିତି ପ୍ରାପ୍ତ ହୋଇଯାଏ । ଏଇଥିଯୋଗୁଁ ଭକ୍ତ ଶୀତ-ଉଷ୍ଣ, ସୁଖ-ଦୁଃଖ ଆଦି ଭୌତିକ ସ୍ଥିତିର ଦ୍ୱନ୍ଦ୍ୱଭାବକୁ ସହି ନିଏ, ତଦ୍ଦ୍ୱାରା ସେ ପ୍ରଭାବିତ ହୁଏ ନାହିଁ । ଏହା ହେଉଛି ବାସ୍ତବ ସମାଧି ଅବସ୍ଥା—ଭଗବଦ୍ ଭାବରେ ବିହ୍ୱଳିତ ହେବାର ଅବସ୍ଥା ।

## ଶ୍ଲୋକ - ୮

**ଜ୍ଞାନବିଜ୍ଞାନତୃପ୍ତାତ୍ମା କୂଟସ୍ଥୋ ବିଜିତେନ୍ଦ୍ରିୟଃ ।**
**ଯୁକ୍ତ ଇତ୍ୟୁଚ୍ୟତେ ଯୋଗୀ ସମଲୋଷ୍ଟ୍ରାଶ୍ମକାଞ୍ଚନଃ ।। ୮ ।।**

## ଶବ୍ଦାନୁବାଦ

ଜ୍ଞାନ=ଆହୃତଜ୍ଞାନ; ବିଜ୍ଞାନ=ଅନୁଭୂତ ଜ୍ଞାନ; ତୃପ୍ତ=ତୃପ୍ତ; ଆତ୍ମା=ଜୀବ; କୂଟ-ସ୍ଥଃ=ଦିବ୍ୟସ୍ତରରେ ଅବସ୍ଥିତ; ବିଜିତ-ଇନ୍ଦ୍ରିୟଃ=ଇନ୍ଦ୍ରିୟମାନଙ୍କୁ ସଂଯତ କରିଥିବା; ଯୁକ୍ତଃ=ଯୁକ୍ତ, ଅର୍ଥାତ୍ ଅତ୍ମାନୁଭୂତି ଲାଭ କରିବା ନିମିତ୍ତ ଉପଯୁକ୍ତ; ଇତି=ଏହିପରି; ଉଚ୍ୟତେ=କୁହାଯାଏ; ଯୋଗୀ=ଯୋଗୀ; ସମ=ସମଭାବାପନ୍ନ; ଲୋଷ୍ଟ୍ର=ଟେକା; ଅଶ୍ମ=ପଥର; କାଞ୍ଚନଃ=ସୁନା ।

## ଅନୁବାଦ

**ଯେତେବେଳେ ବ୍ୟକ୍ତି ତା'ର ଆହୃତଜ୍ଞାନ ତଥା ଅନୁଭୂତ-ଜ୍ଞାନ ବଳରେ ସଂପୂର୍ଣ୍ଣରୂପେ ଆତ୍ମସନ୍ତୋଷ ଲାଭକରେ, ସେତେବେଳେ ତାକୁ ଆତ୍ମଜ୍ଞାନୀ (ଅର୍ଥାତ୍ ଆତ୍ମ-ଜ୍ଞାନ ବା ଆତ୍ମାନୁଭୂତିରୁ ଲବ୍ଧ ଜ୍ଞାନରେ ସ୍ଥିର ହୋଇଥିବା ବ୍ୟକ୍ତି) ଏବଂ ଯୋଗୀ ବୋଲି କୁହାଯାଏ । ଏ ପ୍ରକାର ବ୍ୟକ୍ତି ସର୍ବଦା ଦିବ୍ୟସ୍ତରରେ ଥା'ନ୍ତି ଏବଂ ଆତ୍ମଜିତ୍ ବା ସଂଯତ ଇନ୍ଦ୍ରିୟ ହୋଇଥା'ନ୍ତି । ସେ ଟେକା, ପଥର ଓ ସୁନା—ସବୁ ପଦାର୍ଥକୁ ସମାନ ଦୃଷ୍ଟିରେ ଦେଖନ୍ତି ।**

## ଭାବାର୍ଥ

ଭଗବତ୍ ଅନୁଭୂତିହୀନ ପୁସ୍ତକଜ୍ଞାନ ବା ପୋଥିଗତ ବିଦ୍ୟାର କି ଆବଶ୍ୟକତା ଅଛି ? ଏହାର ନିମ୍ନ ପ୍ରମାଣ ଦେଖ—

*"ଅତଃ ଶ୍ରୀକୃଷ୍ଣନାମାଦି ନ ଭବେଦ୍ ଗ୍ରାହ୍ୟମ୍ ଇନ୍ଦ୍ରିୟୈଃ ।*
*ସେବୋନ୍ମୁଖେ ହି ଜିହ୍ୱାଦୌ ସ୍ୱୟମେବ ସ୍ଫୁରତି ଅଦଃ ।।"*

ଅର୍ଥାତ୍—"କେହି ଜଡ଼େନ୍ଦ୍ରିୟ ଅର୍ଥାତ୍ ଭୌତିକ ଦୋଷଦୁଷ୍ଟ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ଭଗବାନ୍ ଶ୍ରୀକୃଷ୍ଣଙ୍କର ନାମ, ରୂପ, ଗୁଣ ଓ ଲୀଳା ଆଦିର ଦିବ୍ୟଭାବକୁ ବୁଝିପାରିବେ ନାହିଁ । ଯେତେବେଳେ ବ୍ୟକ୍ତି ଭଗବାନଙ୍କର ଦିବ୍ୟସେବାରେ ନିଯୁକ୍ତି ହୋଇ ବିଶୁଦ୍ଧ ହୋଇଯାଏ ଏବଂ ଦିବ୍ୟଭାବାପନ୍ନ ହୋଇଯାଏ, ସେତେବେଳେ ଭଗବାନଙ୍କର ଦିବ୍ୟନାମ, ରୂପ, ଗୁଣ ଓ ଲୀଳା ତା' ସମକ୍ଷରେ ଉଦ୍ଭାସିତ ହୋଇଉଠେ ।" (ଭକ୍ତିରସାମୃତ ସିନ୍ଧୁ)

ଏ ଭଗବଦ୍ଗୀତା କୃଷ୍ଣଚେତନା ବିଜ୍ଞାନ ଅଟେ । କେବଳ ଭୌତିକ ପାଣ୍ଡିତ୍ୟ ଲାଭକରି କେହି କୃଷ୍ଣଚେତନଶୀଳ ହୋଇ ପାରିବେ ନାହିଁ । ଯେ ଭାଗ୍ୟବାନ୍ ସେ ଭଗବାନଙ୍କର ଏକ ଶୁଦ୍ଧ ଭକ୍ତଙ୍କର ସଙ୍ଗ ଲାଭ କରେ । ଶୁଦ୍ଧଭକ୍ତ ସର୍ବଦା ଶୁଦ୍ଧ ଚେତନାରେ ଥାଏ । କୃଷ୍ଣଙ୍କ କୃପାରୁ ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ଅନୁଭୂତ ଜ୍ଞାନ ଲାଭ କରିଥାଏ । ସେ ସର୍ବଦା ଭଗବାନଙ୍କର ଦିବ୍ୟସେବାରେ ନିଯୁକ୍ତ ହୋଇ ଏକ ଦିବ୍ୟ ଆତ୍ମସନ୍ତୋଷ ଲାଭ କରିଥାଏ ଏବଂ ତଦ୍ୱାରା ସେ ଭଗବାନଙ୍କର କୃପାଲାଭ କରିଥାଏ । ଭଗବାନଙ୍କର କୃପାହିଁ ତାହା ମଧ୍ୟରେ ଜ୍ଞାନର ସ୍ଫୁରଣ କରେ । ଅନୁଭୂତିସିଦ୍ଧ ଜ୍ଞାନ ଲାଭ କରି ବ୍ୟକ୍ତି ବିଶୁଦ୍ଧ ହୋଇଯାଏ । ଆତ୍ମାନୁଭୂତି ଲବ୍ଧଜ୍ଞାନ

ଲାଭକରି ବ୍ୟକ୍ତି ନିଜର ବିଶ୍ୱାସ ବା ଧାରଣାରେ ଦୃଢ଼ ରହିପାରେ, କିନ୍ତୁ କେବଳ ଭୌତିକ ଜ୍ଞାନଲାଭ କରି ସେ ଏ ପ୍ରକାର ସ୍ଥିରତା ଲାଭକରି ପାରିବ ନାହିଁ। ଭୌତିକ ଜ୍ଞାନ ପ୍ରତ୍ୟକ୍ଷ ଭାବରେ ପରସ୍ପର ବିରୁଦ୍ଧ ସିଦ୍ଧାନ୍ତରେ ପରିପୂର୍ଣ୍ଣ। ବ୍ୟକ୍ତି ଏ ଜ୍ଞାନ ଲାଭକରି ଖୁବ୍ ସହଜରେ ଭ୍ରମିତ ହୁଏ। ଆତ୍ମଜ୍ଞାନୀ ବା ଆତ୍ମତତ୍ତ୍ୱବିତ୍ ହିଁ ପ୍ରକୃତରେ ଆତ୍ମଜିତ୍ ଅଟେ, କାରଣ ସେ କୃଷ୍ଣଙ୍କର ପାଦପଦ୍ମରେ ସଂପୂର୍ଣ୍ଣରୂପେ ଆତ୍ମସମର୍ପଣ କରିଛି। ସେ ଦିବ୍ୟସ୍ତରରେ ଅବସ୍ଥିତ, କାରଣ ଭୌତିକ ଜ୍ଞାନ ବା ପାଣ୍ଡିତ୍ୟରେ ତାହାର କିଛି ଆବଶ୍ୟକତା ନଥାଏ। ଭୌତିକ ଜ୍ଞାନ ବା ପାଣ୍ଡିତ୍ୟ ଏବଂ ମାନସିକ କଳ୍ପନା ବା ମନନ (ବା ତଥାକଥିତ ଦର୍ଶନ) ଅନ୍ୟମାନଙ୍କ ପକ୍ଷରେ ସ୍ୱର୍ଣ୍ଣପରି ଲୋଭନୀୟ ହୋଇପାରେ, କିନ୍ତୁ ଏକ ଆତ୍ମଜ୍ଞାନୀ ପକ୍ଷରେ ଏହା ବାଲିଗରଡ଼ା ବା ପ୍ରସ୍ତର ଖଣ୍ଡଠାରୁ ଅଧିକ କିଛି ନୁହେଁ।

## ଶ୍ଲୋକ - ୯

**ସୁହୃନ୍ମିତ୍ରାର୍ଯ୍ୟୁଦାସୀନମଧ୍ୟସ୍ଥଦ୍ୱେଷ୍ୟବନ୍ଧୁଷୁ ।**
**ସାଧୁଷ୍ୱପି ଚ ପାପେଷୁ ସମବୁଦ୍ଧିର୍ବିଶିଷ୍ୟତେ ।।୯।।**

## ଶବ୍ଦାନୁବାଦ

ସୁହୃତ୍ =ସ୍ୱାଭାବିକଭାବେ ମଙ୍ଗଳାକାଙ୍କ୍ଷୀ; ମିତ୍ର=ବନ୍ଧୁ; ଅରି=ଶତ୍ରୁ; ଉଦାସୀନ=ଶତ୍ରୁଭାବାପନ୍ନ ଦୁଇ ପକ୍ଷ ମଧ୍ୟରେ ଯେ କୌଣସି ପକ୍ଷ ସମର୍ଥନ ନ କରି ସମଭାବପନ୍ନ ହୋଇ ରହେ; ମଧ୍ୟସ୍ଥ=ଶତ୍ରୁଭାବାପନ୍ନ ଦୁଇପକ୍ଷ ମଧ୍ୟରେ ଯେ ଶାନ୍ତିସ୍ଥାପନ କରିବାକୁ ଚେଷ୍ଟାକରେ; ଦ୍ୱେଷ୍ୟ=ଈର୍ଷାଳୁ; ବନ୍ଧୁଷୁ=ବନ୍ଧୁବାନ୍ଧବଙ୍କ ମଧ୍ୟରେ; ସାଧୁଷୁ=ସାଧୁମାନଙ୍କ ମଧ୍ୟରେ; ଅପି=ପୁନଶ୍ଚ; ଚ=ଏବଂ; ପାପେଷୁ=ପାପୀମାନଙ୍କ ମଧ୍ୟରେ; ସମ-ବୁଦ୍ଧିଃ=ସମବୁଦ୍ଧିସଂପନ୍ନ; ବିଶିଷ୍ୟତେ=ଅଧିକ ଉନ୍ନତ।

## ଅନୁବାଦ

**ଯେଉଁବ୍ୟକ୍ତି, ସମସ୍ତ ମଙ୍ଗଳାକାଙ୍କ୍ଷୀ-ବନ୍ଧୁ, ଆତ୍ମୀୟସ୍ୱଜନ, ଶତ୍ରୁ-ମିତ୍ର, ଈର୍ଷାଳୁ, ପୁଣ୍ୟକର୍ମା ସାଧୁ, ପାପୀ, ଉଦାସୀନ, ମଧ୍ୟସ୍ଥ ଆଦି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖେ ଏବଂ ସମସ୍ତଙ୍କ ପ୍ରତି ସମଭାବାପନ୍ନ ହୁଏ, ସେ ଦିବ୍ୟଚେତନା ଲାଭ ଦିଗରେ ଅଧିକ ଉନ୍ନତି କରିଛି ବୋଲି ବୁଝିବାକୁ ପଡ଼ିବ।**

## ଶ୍ଲୋକ - ୧୦

**ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ରହସି ସ୍ଥିତଃ ।**
**ଏକାକୀ ଯତଚିତ୍ତାତ୍ମା ନିରାଶୀରପରିଗ୍ରହଃ ।।୧୦।।**

## ଶବ୍ଦାନୁବାଦ

ଯୋଗୀ=ଯୋଗୀ; ଯୁଞ୍ଜୀତ=କୃଷ୍ଣଚେତନାରେ ମନକୁ ଏକାଗ୍ର କରିବା; ସତତମ୍=ସର୍ବଦା, ବରାବର; ଆତ୍ମାନମ୍=ନିଜକୁ (କାୟ-ମନୋ-ବାକ୍ୟରେ); ରହସି=ଏକ ଏକାନ୍ତ ସ୍ଥାନରେ;

ସ୍ଥିତଃ=ସ୍ଥିର ହୋଇ; ଏକାକୀ=ଏକାକୀ; ଯତ-ଚିତ୍ତାତ୍ମା=ସର୍ବଦା ମନରେ ସାବଧାନ; ନିରାଶୀଃ=ଅନ୍ୟ କୌଣସି ପ୍ରତି ଆକୃଷ୍ଟ ନହୋଇ; ଅପରିଗ୍ରହଃ='ମୁଁ ଅଧିକାରୀ' ଏହି ଭାବନାରୁ ମୁକ୍ତ ।

## ଅନୁବାଦ

**ଯୋଗୀ ସର୍ବଦା ପରମାତ୍ମାଙ୍କଠାରେ ମନକୁ ଏକାଗ୍ର କରିବା ନିମିତ୍ତ ଚେଷ୍ଟା କରିବା ଉଚିତ୍ । ସେ ଏକ ଏକାନ୍ତ ସ୍ଥାନରେ ଏକାକୀ ବାସକରି ବଡ଼ ସାବଧାନତା ସହକାରେ ସର୍ବଦା ମନ ସଂଯମ କରିବା ଉଚିତ୍ । ସେ ସମସ୍ତ ଭୌତିକ କାମନା ଓ ଅଧିକାରୀତ୍ୱଭାବରୁ ମୁକ୍ତ ହେବା ଉଚିତ୍ ।**

## ଭାବାର୍ଥ

କୃଷ୍ଣ–ବ୍ରହ୍ମ, ପରମାତ୍ମା ଓ ପରମପୁରୁଷ ଭଗବାନ୍ ହିସାବରେ ଅନୁଭୂତ ହୁଅନ୍ତି । କୃଷ୍ଣଚେତନା କହିଲେ, ସର୍ବଦା କୃଷ୍ଣଙ୍କର ଦିବ୍ୟ ସେବାରେ ନିୟୁକ୍ତ ହେବାକୁ ବୁଝାଏ, କିନ୍ତୁ ଯେଉଁମାନେ ନିର୍ବିଶେଷ ବ୍ରହ୍ମଙ୍କପ୍ରତି ଆକୃଷ୍ଟ କିମ୍ବା ହୃଦୟସ୍ଥିତ ପରମାତ୍ମାଙ୍କ ପ୍ରତି ଆକୃଷ୍ଟ ସେମାନେ ମଧ୍ୟ ଆଂଶିକଭାବେ କୃଷ୍ଣଚେତନଶୀଳ, କାରଣ ନିର୍ବିଶେଷ ବ୍ରହ୍ମ କୃଷ୍ଣଙ୍କର ଦିବ୍ୟ-ତେଜ ଅଟେ ଏବଂ ପରମାତ୍ମା— କୃଷ୍ଣଙ୍କର ସର୍ବବ୍ୟାପକ ଆଂଶିକ ବିସ୍ତୃତାଂଶ ଅଟନ୍ତି । ଏହିପରିଭାବରେ ନିରାକାରବାଦୀ ଓ ଧ୍ୟାନଯୋଗୀ (ପରମାତ୍ମାଙ୍କୁ ଧ୍ୟାନ କରୁଥିବା ଯୋଗୀ) ମଧ୍ୟ (ଯଦିଓ ପ୍ରତ୍ୟକ୍ଷଭାବରେ ନୁହନ୍ତି) କୃଷ୍ଣଚେତନଶୀଳ ଅଟନ୍ତି, କିନ୍ତୁ ଯେ ପ୍ରତ୍ୟକ୍ଷଭାବରେ କୃଷ୍ଣଚେତନଶୀଳ, ସେ ସର୍ବୋତ୍ତମ ଯୋଗୀ ଅଟନ୍ତି । କାରଣ ଏ ପ୍ରକାର ଏକ ଭକ୍ତ ଭଲଭାବରେ ଜାଣନ୍ତି 'ବ୍ରହ୍ମ' କ'ଣ ଓ ପରମାତ୍ମା କ'ଣ । ତାଙ୍କର ଭଗବାନଙ୍କ ସମ୍ବନ୍ଧୀୟ ଜ୍ଞାନ ପୂର୍ଣ୍ଣଜ୍ଞାନ ଅଟେ; କିନ୍ତୁ ନିରାକାରବାଦୀ ଓ ଧ୍ୟାନଯୋଗୀଙ୍କର ଜ୍ଞାନ ପରିପୂର୍ଣ୍ଣ-ଜ୍ଞାନ ନୁହେଁ; ସେମାନେ ଆଂଶିକଭାବେ କୃଷ୍ଣଚେତନଶୀଳ ।

ସେ ଯାହାହେଉ, ଏମାନେ ସମସ୍ତେ ନିଜ ନିଜର ପନ୍ଥାରେ ବରାବର ନିୟୁକ୍ତ ରହିବା ଉଚିତ୍ ବୋଲି ଏଠାରେ ଉପଦେଶ ଦିଆଯାଉଅଛି; ତାହାହେଲେ ସେମାନେ ପରିଣାମତଃ ଚରମ ପୂର୍ଣ୍ଣତା ଲାଭ କରିବେ । ଯୋଗୀର ପ୍ରଥମ କାମ ହେଲା–ସର୍ବଦା କୃଷ୍ଣଙ୍କଠାରେ ମନକୁ ସ୍ଥିର ରଖିବା ଏବଂ ସର୍ବଦା କୃଷ୍ଣଙ୍କୁ ସ୍ମରଣ କରିବା ଉଚିତ୍; ଏକ ମୁହୂର୍ତ୍ତକ ପାଇଁ ସୁଦ୍ଧା ତାଙ୍କୁ ଭୁଲିଯିବା ଉଚିତ୍ ନୁହେଁ । ପରମେଶ୍ୱର ବା ପରମାତ୍ମାଙ୍କଠାରେ ମନକୁ ଏକାଗ୍ର କରିବାକୁ ସମାଧି କୁହାଯାଏ । ମନ ଏକାଗ୍ର କରିବାକୁ ହେଲେ ବ୍ୟକ୍ତିକୁ ସର୍ବଦା ଏକ ଏକାନ୍ତ ସ୍ଥାନରେ ବାସ କରିବାକୁ ପଡ଼ିବ ଏବଂ ବାହ୍ୟ ବିଷୟ ବସ୍ତୁରୁ ଧ୍ୟାନ ତୁଟାଇବାକୁ ପଡ଼ିବ । ତା'ର ସାଧନା ଦିଗରେ ଯାହା ପ୍ରତିକୂଳ ତାହାକୁ ତ୍ୟାଗ କରିବା ଦିଗରେ ଏବଂ ସାଧନା ଦିଗରେ ଯାହା ଅନୁକୂଳ ତାହା ଗ୍ରହଣ କରିବା ଦିଗରେ ସେ ବଡ଼ ସାବଧାନ ହେବା ଉଚିତ୍ । ଅନ୍ୟଥା ଭୌତିକ ବିଷୟବସ୍ତୁ ଅଧିକାର କରିବାକୁ ପ୍ରୟାସୀ ହେବା ଉଚିତ୍ ନୁହେଁ । ଏହାଦ୍ୱାରା ତା'ର ଅଧିକାରୀତ୍ୱଭାବ ବୃଦ୍ଧିପାଇବ । ଏହି ଅଧିକାରୀତ୍ୱ ଭାବକୁ ତ୍ୟାଗ କରିବା ଉଚିତ୍, ଏ ଦିଗରେ ସେ ଦୃଢ଼ନିଶ୍ଚିତ ହେବା ଉଚିତ୍ ।

ଯେତେବେଳେ ବ୍ୟକ୍ତି ପ୍ରତ୍ୟକ୍ଷଭାବରେ କୃଷ୍ଣଚେତନାରେ ରହେ, ସେତେବେଳେ ଏ ସମସ୍ତ ସିଦ୍ଧି ଏବଂ ଚେତାବନୀ ଉପଯୁକ୍ତଭାବେ କାମ କରେ; କାରଣ ପ୍ରତ୍ୟକ୍ଷ କୃଷ୍ଣଚେତନାର ଅର୍ଥ ଆତ୍ମତ୍ୟାଗ । ଏ ଅବସ୍ଥାରେ ବ୍ୟକ୍ତିପକ୍ଷରେ ଭୌତିକ ପଦାର୍ଥର ଅଧିକାରୀ ହେବା ସମ୍ଭବପର ନୁହେଁ । ଶ୍ରୀଳ ରୂପଗୋସ୍ୱାମୀ ନିମ୍ନମତେ କୃଷ୍ଣଚେତନାର ପ୍ରକୃତି ନିର୍ଦ୍ଧାରଣ କରିଛନ୍ତି ।

*''ଅନାସକ୍ତସ୍ୟ ବିଷୟାନ୍ ଯଥାର୍ହମ୍ ଉପଯୁଞ୍ଜତଃ ।*
*ନିର୍ବନ୍ଧଃ କୃଷ୍ଣ-ସମ୍ବନ୍ଧେ ଯୁକ୍ତମ୍ ବୈରାଗ୍ୟମ୍ ଉଚ୍ୟତେ ।।*
*ପ୍ରାପଞ୍ଚିକତୟା ବୁଦ୍ଧ୍ୟା ହରି-ସମ୍ବନ୍ଧୀ-ବସ୍ତୁନଃ ।*
*ମୁମୁକ୍ଷୁଭିଃ ପରିତ୍ୟାଗୋ ବୈରାଗ୍ୟମ୍ ଫଲ୍‌ଗୁ କଥ୍ୟତେ ।।''*

(ଭକ୍ତିରସାମୃତସିନ୍ଧୁ)

ଅର୍ଥାତ୍—ଯେତେବେଳେ ବ୍ୟକ୍ତିର ଭୌତିକ ବିଷୟବସ୍ତୁ ପ୍ରତି କୌଣସିପ୍ରକାର ଆସକ୍ତି ନଥାଏ; କିନ୍ତୁ ତତ୍‌ସଙ୍ଗେ ସଙ୍ଗେ ସେ କୃଷ୍ଣଙ୍କପାଇଁ ସବୁକିଛି ଗ୍ରହଣକରେ ସେତେବେଳେ ସେ ଅଧିକାରୀତ୍ୱଭାବରୁ ବହୁ ଉର୍ଦ୍ଧ୍ୱରେ ଅବସ୍ଥିତ ବୋଲି ବୁଝିବାକୁ ପଡ଼ିବ । ଅନ୍ୟପକ୍ଷରେ ଯଦି ବ୍ୟକ୍ତି କୃଷ୍ଣ-ସମ୍ବନ୍ଧ ଜ୍ଞାନ ଅର୍ଜନ ନକରି ଭୌତିକ ବିଷୟ ବସ୍ତୁକୁ ''ମାୟା' ବୋଲି କହି ତ୍ୟାଗକରେ, ତେବେ ତାହାର ବୈରାଗ୍ୟ ପୂର୍ଣ୍ଣତା ଲାଭ କରିନାହିଁ ବୋଲି ବୁଝିବାକୁ ପଡ଼ିବ; ଅର୍ଥାତ୍ ବ୍ୟକ୍ତି ଯଦି ବୁଝି ନପାରେ ଯେ (ଏ)ଭୌତିକ ପଦାର୍ଥଗୁଡ଼ିକ କିପରି କୃଷ୍ଣଙ୍କ ସେବାରେ ନିୟୁକ୍ତ ହୋଇପାରିବ ବା ଏଗୁଡ଼ିକର କୃଷ୍ଣଙ୍କ ସହିତ କି ସମ୍ବନ୍ଧ ଅଛି, ତାହାହେଲେ ତା'ର ସମ୍ବନ୍ଧ ଜ୍ଞାନ ନାହିଁ ବୋଲି ବୁଝିବାକୁ ପଡ଼ିବ ଏବଂ ଏହି ସମ୍ବନ୍ଧଜ୍ଞାନ ନଥାଇ ସେ ଯଦି ଏ ଭୌତିକ ବିଷୟବସ୍ତୁ ଗୁଡ଼ିକୁ ତ୍ୟାଗକରେ, ତାହାହେଲେ ତା'ର ବୈରାଗ୍ୟକୁ ''ଫଲ୍‌ଗୁ'' ବୈରାଗ୍ୟ ବା ବ୍ୟର୍ଥ ବୈରାଗ୍ୟ ବୋଲି କୁହାଯିବ ।

ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ଏକଥା ଭଲରକମ ଜାଣେ ଯେ ସବୁ କୃଷ୍ଣଙ୍କର, କିଛି ତା'ର ନୁହେଁ । ତେଣୁ ସେ ଅଧିକାରୀତ୍ୱଭାବରୁ ମୁକ୍ତ ହୋଇ ଯାଇଥାଏ । ନିଜପାଇଁ ମଧ୍ୟ ସେ କିଛି ଇଚ୍ଛା କରେ ନାହିଁ । କୃଷ୍ଣଙ୍କ ପାଇଁ ବା କୃଷ୍ଣଚେତନା ବୃଦ୍ଧି ନିମିତ୍ତ କିପରି ବସ୍ତୁଗୁଡ଼ିକ ଗ୍ରହଣ କରିବାକୁ ପଡ଼ିବ ଏବଂ କୃଷ୍ଣଚେତନା ହାନି କରାଉଥିବା ବସ୍ତୁଗୁଡ଼ିକୁ କିପରି ତ୍ୟାଗ କରିବାକୁ ପଡ଼ିବ, ଏହା ସେ ଭଲରକମ ଜାଣିଥାଏ, ସେ ସର୍ବଦା ଭୌତିକ ବିଷୟବସ୍ତୁଠାରୁ ଦୂରରେ ଥାଏ, କାରଣ ସେ ସର୍ବଦା ଦିବ୍ୟସ୍ତରରେ ଥାଏ । ପୁନଶ୍ଚ ସେ ମଧ୍ୟ ସର୍ବଦା ଏକାକୀ ବାସକରେ, କାରଣ ଅଭକ୍ତମାନଙ୍କସହ (ଅର୍ଥାତ୍ ଯେଉଁମାନେ କୃଷ୍ଣଚେତନଶୀଳ ନୁହନ୍ତି ସେମାନଙ୍କସହ) ତା'ର କୌଣସି କାମ ନଥାଏ । ତେଣୁ କୃଷ୍ଣଚେତନାରେ ଥିବା ବ୍ୟକ୍ତି ହିଁ ଏକ ସିଦ୍ଧିଯୋଗୀ ଅଟେ ।

## ଶ୍ଳୋକ - ୧୧-୧୨

**ଶୁଚୌ ଦେଶେ ପ୍ରତିଷ୍ଠାପ୍ୟ ସ୍ଥିରମାସନମାତ୍ମନଃ ।**
**ନାତ୍ୟୁଚ୍ଛ୍ରିତଂ ନାତିନୀଚଂ ଚୈଲାଜିନକୁଶୋତ୍ତରମ୍ ।। ୧୧ ।।**
**ତତ୍ରୈକାଗ୍ରଂ ମନଃ କୃତ୍ୱା ଯତଚିତ୍ତେନ୍ଦ୍ରିୟକ୍ରିୟଃ ।**
**ଉପବିଶ୍ୟାସନେ ଯୁଞ୍ଜ୍ୟାଦ୍‌ଯୋଗମାତ୍ମବିଶୁଦ୍ଧୟେ ।। ୧୨ ।।**

## ଶବ୍ଦାନୁବାଦ

ଶୁଚୌ=ପବିତ୍ର ସ୍ଥାନରେ; ଦେଶେ=ଦେଶରେ; ପ୍ରତିଷ୍ଠାପ୍ୟ=ସ୍ଥାପନକରି; ସ୍ଥିରମ୍=ସ୍ଥିର; ଆସନମ୍=ଆସନ; ଆତ୍ମନଃ=ଆତ୍ମନିର୍ଭରଶୀଳ; ନ=ନୁହେଁ; ଅତି=ଅତି; ଉଚ୍ଛ୍ରିତମ୍=ଉଚ୍ଚ; ନ=କିମ୍ବା ନୁହେଁ; ଅତି=ଅତି; ନୀଚମ୍=ନୀଚ; ଚୈଳ-ଅଜିନ=କୋମଳ ବସ୍ତ୍ର ଏବଂ ମୃଗ ଚର୍ମ; କୁଶୋତ୍ତରମ୍=କୁଶ ଘାସ; ତତ୍ର=ତା'ଉପରେ; ଏକାଗ୍ରମ୍=ଏକାଗ୍ର ଚିତ୍ତରେ; ମନଃ=ମନ; କୃତ୍ୱା=କରି; ଯତ-ଚିତ୍ତ=ମନ ସଂଯମ କରି; ଇନ୍ଦ୍ରିୟ=ଇନ୍ଦ୍ରିୟଗୁଡ଼ିକୁ; କ୍ରିୟଃ=କର୍ମ; ଉପବିଶ୍ୟ=ବସି; ଆସନେ=ଆସନରେ; ଯୁଞ୍ଜ୍ୟାତ୍=କରେ; ଯୋଗମ୍=ଯୋଗ, ଅଭ୍ୟାସ; ଆତ୍ମ=ହୃଦୟ; ବିଶୁଦ୍ଧୟେ=ବିଶୁଦ୍ଧିକରଣ ନିମିତ୍ତ ।

## ଅନୁବାଦ

**ଯୋଗାଭ୍ୟାସ ନିମିତ୍ତ ବ୍ୟକ୍ତିକୁ ଏକ ଏକାନ୍ତ ସ୍ଥାନକୁ ଯିବାକୁ ପଡ଼ିବ । ସେଠାରେ ଭୂମି ଉପରେ କୁଶଘାସ ବିଛାଇ ତାହାକୁ କୋମଳ ବସ୍ତ୍ର ଏବଂ ମୃଗଚର୍ମରେ ଆବୃତ କରିବାକୁ ପଡ଼ିବ। ଆସନଟି ଅତି ଉଚ୍ଚ କିମ୍ବା ଅତି ନୀଚ ହେବା ଉଚିତ୍ ନୁହେଁ। ଏହା ଏକ ପବିତ୍ର ସ୍ଥାନରେ ସ୍ଥାପିତ ହେବା ଉଚିତ୍ । ଯୋଗୀ ସେ ଆସନରେ ସ୍ଥିରଭାବରେ ଉପବେଶନ କରିବା ଉଚିତ୍ ଏବଂ ତତ୍ପରେ ମନ ଓ ଇନ୍ଦ୍ରିୟଗୁଡ଼ିକୁ ସଂଯମ କରି, ହୃଦୟକୁ ବିଶୁଦ୍ଧ କରି ଏବଂ ମନକୁ ଏକାଗ୍ର କରି ଯୋଗ ଅଭ୍ୟାସ କରିବା ଉଚିତ୍ ।**

## ଭାବାର୍ଥ

ପବିତ୍ର ସ୍ଥାନ କହିଲେ ଏଠାରେ ତୀର୍ଥସ୍ଥାନକୁ ବୁଝାଏ । ଭାରତରେ ଯୋଗୀଗଣ ବା ଭକ୍ତଗଣ ଗୃହତ୍ୟାଗ କରନ୍ତି ଏବଂ ପ୍ରୟାଗ, ମଥୁରା, ବୃନ୍ଦାବନ, ହୃଷୀକେଶ ଓ ହରିଦ୍ୱାର ଆଦି ପବିତ୍ର ସ୍ଥାନମାନଙ୍କରେ ବାସ କରନ୍ତି । ଯେଉଁଠାରେ ଗଙ୍ଗା ଓ ଯମୁନାପରି ପବିତ୍ର ନଦୀ ପ୍ରବାହିତ ହେଉଥା'ନ୍ତି, ସେହି ସ୍ଥାନରେ ଏକ ଏକାନ୍ତ ସ୍ଥାନରେ ସେମାନେ ଯୋଗ ଅଭ୍ୟାସ କରନ୍ତି । କିନ୍ତୁ ସବୁ ସମୟରେ ବିଶେଷ କରି ପାଶ୍ଚତ୍ୟ ଦେଶର ଅଧିବାସୀମାନଙ୍କ ପକ୍ଷରେ ଏହା ସମ୍ଭବପର ନୁହେଁ । ବଡ଼ ବଡ଼ ସହରମାନଙ୍କରେ ଥିବା ତଥାକଥିତ ଯୋଗ ସଂଘମାନ ଭୌତିକ ଲାଭ ଉଠାଇବା ଦିଗରେ କୃତକାର୍ଯ୍ୟ ହୋଇପାରନ୍ତି, କିନ୍ତୁ ପ୍ରକୃତ ଯୋଗ ଅଭ୍ୟାସ ଦିଗରେ ସେଗୁଡ଼ିକ ଉପଯୁକ୍ତ ନୁହନ୍ତି । ଯେ ଆତ୍ମସଂଯମ ନକରିଛି ଏବଂ ଯାହାର ମନ ସ୍ଥିର ନ ହୋଇଛି ସେ କଦାପି ଧ୍ୟାନଯୋଗ ଅଭ୍ୟାସ କରିପାରିବ ନାହିଁ । ତେଣୁ ବୃହନ୍ନାରଦୀୟ ପୁରାଣରେ କୁହାଯାଇଛି ଯେ, କଳିଯୁଗରେ ସାଧାରଣ ଲୋକେ ଅଳ୍ପାୟୁଷ, ଆଧ୍ୟାତ୍ମିକ ସାଧନା ଦିଗରେ ଅତି ମନ୍ଦ ଏବଂ ସର୍ବଦା ନାନା ତାପରେ ତାପିତ । ଏମାନଙ୍କ ନିମିତ୍ତ ଭଗବାନ୍‌ଙ୍କର ଦିବ୍ୟନାମ କୀର୍ତ୍ତନ ହିଁ ସର୍ବୋତ୍ତମ ଯୋଗସାଧନ ପନ୍ଥା ଅଟେ ।

*''ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳମ୍ ।*
*କଳୌ ନାସ୍ତ୍ୟେବ ନାସ୍ତ୍ୟେବ ନାସ୍ତ୍ୟେବ ଗତିରନ୍ୟଥା ।।''*

''ଏ କଳିଯୁଗରେ ଭଗବାନ୍‌ଙ୍କର ଦିବ୍ୟନାମ କୀର୍ତ୍ତନ ହିଁ ମୁକ୍ତିର ଏକମାତ୍ର ପନ୍ଥା ଅଟେ । ଏତଦ୍‌ବ୍ୟତୀତ ଅନ୍ୟ ପନ୍ଥା ନାହିଁ, ଅନ୍ୟ ପନ୍ଥା ନାହିଁ, ଅନ୍ୟପନ୍ଥା ନାହିଁ ।''

## ଶ୍ଳୋକ - ୧୩-୧୪

**ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଳଂ ସ୍ଥିରଃ ।**
**ସଂପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍ ।।୧୩।।**
**ପ୍ରଶାନ୍ତାତ୍ମା ବିଗତଭୀର୍ବ୍ରହ୍ମଚାରିବ୍ରତେ ସ୍ଥିତଃ ।**
**ମନଃ ସଂୟମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍‌ପରଃ ।।୧୪।।**

## ଶବ୍ଦାନୁବାଦ

ସମମ୍=ସିଧା; କାୟ-ଶିରଃ=ଶରୀର ଏବଂ ମସ୍ତକ; ଗ୍ରୀବମ୍=ବେକ; ଧାରୟନ୍=ଧରିରଖି; ଅଚଳମ୍=ନିଶ୍ଚଳ; ସ୍ଥିରଃ=ସ୍ଥିର; ସଂପ୍ରେକ୍ଷ୍ୟ=ଉତ୍ତମ ଭାବରେ ଦେଖି; ନାସିକା-ଅଗ୍ରମ୍=ନାକର ଅଗ୍ରଭାଗକୁ; ସ୍ୱମ୍=ନିଜକୁ; ଦିଶଃ=ଚତୁର୍ଦ୍ଦିଗ; ଚ=ମଧ୍ୟ; ଅନବଲୋକୟନ୍=ନଦେଖି; ପ୍ରଶାନ୍ତ=ଶୁଦ୍ଧଚିତ୍ତ; ଆତ୍ମା=ମନ; ବିଗତ-ଭୀଃ=ଭୀତିଶୂନ୍ୟ; ବ୍ରହ୍ମଚାରି-ବ୍ରତେ=ବ୍ରହ୍ମଚାରୀ ବ୍ରତରେ; ସ୍ଥିତଃ=ରହି; ମନଃ=ମନ; ସଂୟମ୍ୟ=ସଂପୂର୍ଣ୍ଣରୂପେ ସଂଯମକରି; ମତ୍=ମୋ'ଠାରେ(କୃଷ୍ଣଙ୍କଠାରେ); ଚିତ୍ତଃ=ଚିତ୍ତ (ମୋ'ଠାରେ) ନିବେଶକରି; ଯୁକ୍ତଃ=ଯୁକ୍ତ (ପ୍ରକୃତ ଯୋଗୀ); ଆସୀତ=ଏହିପରିଭାବରେ ବସି; ମତ୍=ମୋତେ; ପରଃ=ଅନ୍ତିମ ଲକ୍ଷ୍ୟ ।

## ଅନୁବାଦ

**ଶରୀର, ଗ୍ରୀବା (ବେକ) ଓ ମସ୍ତକକୁ ସିଧା ରଖିବାକୁ ପଡ଼ିବ ଏବଂ ନାସିକାର ଅଗ୍ରଭାଗକୁ ଦୃଷ୍ଟିଦେବାକୁ ପଡ଼ିବ । ଏହିପରି ଭାବରେ ସଂଯତ ଓ ସ୍ଥିର ମନରେ, ଭୟଶୂନ୍ୟ ଭାବରେ ସଂପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ବ୍ରତ ଅବଲମ୍ବନ କରି ବ୍ୟକ୍ତିକୁ ସ୍ଥିର ହୃଦୟରେ ମୋତେ ଧ୍ୟାନ କରିବାକୁ ପଡ଼ିବ ଏବଂ ମୋତେ ହିଁ ଜୀବନର ଅନ୍ତିମ ଲକ୍ଷ୍ୟବୋଲି ସ୍ଥିର କରିବାକୁ ପଡ଼ିବ ।**

## ଭାବାର୍ଥ

ଭଗବାନ୍ ଶ୍ରୀକୃଷ୍ଣ ପ୍ରତ୍ୟେକଙ୍କ ହୃଦୟରେ ପରମାତ୍ମାରୂପରେ ବିଦ୍ୟମାନ । ଚତୁର୍ଭୁଜଧାରୀ ବିଷ୍ଣୁଙ୍କ ରୂପ ହେଉଛି ପରମାତ୍ମାରୂପ । ସେହି ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଜାଣିବା ହିଁ ଜୀବନର ପରମ ଲକ୍ଷ୍ୟ । ଯେଉଁମାନେ ଧ୍ୟାନଯୋଗୀ ଅର୍ଥାତ୍ ଧ୍ୟାନଯୋଗ-ସାଧନାରତ, ସେମାନେ ହୃଦୟସ୍ଥିତ ପରମାତ୍ମାଙ୍କୁ ଦେଖିବା ପାଇଁ ପ୍ରଯତ୍ନଶୀଳ । ସେମାନଙ୍କର ଯୋଗସାଧନା—ଏଥି ନିମିତ୍ତ ହିଁ ଉଦ୍ଦିଷ୍ଟ । ଏତଦ୍‌ବ୍ୟତୀତ ଏ ଯୋଗ ସାଧନାର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ । ହୃଦୟସ୍ଥିତ ବିଷ୍ଣୁମୂର୍ତ୍ତି ଭଗବାନ୍ ଶ୍ରୀକୃଷ୍ଣଙ୍କର ଅଂଶ ଅଟନ୍ତି । ସେ ପ୍ରତ୍ୟେକଙ୍କ ହୃଦୟରେ ପରମାତ୍ମା ରୂପରେ ବାସ କରନ୍ତି । ଯେଉଁ ଯୋଗୀ ଏହି ବିଷ୍ଣୁ ମୂର୍ତ୍ତିକୁ ଅନୁଭବ କରିବା ନିମିତ୍ତ ପ୍ରଯତ୍ନଶୀଳ ନୁହେଁ, ତାହାର ଯୋଗ ସାଧନା ମିଥ୍ୟା ଅଟେ । ସେ ବୃଥା ସମୟ ନଷ୍ଟ କରୁଛି ବୋଲି ବୁଝିବାକୁ ପଡ଼ିବ । କୃଷ୍ଣ ହେଉଛନ୍ତି ଜୀବନର ପରମ ଲକ୍ଷ୍ୟ ଏବଂ ହୃଦୟରେ ବିଦ୍ୟମାନ ଥିବା ବିଷ୍ଣୁ ମୂର୍ତ୍ତିଙ୍କୁ ଜାଣିବା ହେଉଛି ଯୋଗ ସାଧନାର ଲକ୍ଷ୍ୟ । ହୃଦୟରେ ବିଦ୍ୟମାନ ଥିବା ବିଷ୍ଣୁମୂର୍ତ୍ତିକୁ ଜାଣିବାକୁ ହେଲେ ବ୍ୟକ୍ତିକୁ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ବ୍ରତ ଅବଲମ୍ବନ କରିବାକୁ ପଡ଼ିବ, ସମ୍ପୂର୍ଣ୍ଣରୂପେ ସ୍ତ୍ରୀ-ସଂସର୍ଗରୁ

ଦୂରେଇ ଯିବାକୁ ପଡ଼ିବ; ତେଣୁ ତାକୁ ଗୃହତ୍ୟାଗ କରିବାକୁ ପଡ଼ିବ ଏବଂ ଏକ ଏକାନ୍ତ ସ୍ଥାନରେ ପୂର୍ବ ବର୍ଣ୍ଣନା ଅନୁଯାୟୀ ବାସ କରିବାକୁ ପଡ଼ିବ । ଗୃହରେ ଥାଅ ବା ଯେ କୌଣସି ସ୍ଥାନରେ ଥାଅ, କିଛି ଯାଏ ଆସେ ନାହିଁ, କିନ୍ତୁ ପ୍ରତିଦିନ ସ୍ତ୍ରୀ-ସଙ୍ଗ କରି ତଥାକଥିତ ଯୋଗ ଶ୍ରେଣୀରେ ଯୋଗଦେଇ ଯୋଗ ଅଭ୍ୟାସ କରି ଯୋଗୀ ହେବାର ଚେଷ୍ଟା କରିବା ବୃଥା ଅଟେ । ଏପରି କେହି କେବେହେଲେ ଯୋଗୀ ହୋଇ ପାରିବ ନାହିଁ । ଯୋଗୀ ହେବାକୁ ହେଲେ ବ୍ୟକ୍ତିକୁ ମନ ଓ ଇନ୍ଦ୍ରିୟଗୁଡ଼ିକୁ ସମ୍ପୂର୍ଣ୍ଣରୂପେ ଆୟତ୍ତ କରିବାକୁ ପଡ଼ିବ ଏବଂ ସମସ୍ତପ୍ରକାର ଇନ୍ଦ୍ରିୟସୁଖ ପରିତ୍ୟାଗ କରିବାକୁ ପଡ଼ିବ । ଇନ୍ଦ୍ରିୟସୁଖ ମଧ୍ୟରେ ସ୍ତ୍ରୀ ସମ୍ଭୋଗ ସୁଖ ହେଉଛି 'ମୁଖ୍ୟ' । ବ୍ରହ୍ମଚର୍ଯ୍ୟ ବ୍ରତ ସମ୍ବନ୍ଧରେ ବିଶିଷ୍ଟ ମୁନି ଯାଜ୍ଞବଲ୍‌କ୍ୟ କହିଛନ୍ତି–

*''କର୍ମଣା ମନସା ବାଗ୍ଭି ସର୍ବାବସ୍ଥାସୁ ସର୍ବଦା ।*
*ସର୍ବତ୍ର ମୈଥୁନ-ତ୍ୟାଗୋ ବ୍ରହ୍ମଚର୍ଯ୍ୟଂ ପ୍ରଚକ୍ଷତେ ।''*

ଅର୍ଥାତ୍– ''ବ୍ରହ୍ମଚର୍ଯ୍ୟ ବ୍ରତ କହିଲେ କ'ଣ ବୁଝାଏ ? ସର୍ବତ୍ର, ସର୍ବଦା ଓ ସବୁ ପରିସ୍ଥିତିରେ– କାର୍ଯ୍ୟରେ, ମନରେ ଓ ବାକ୍ୟରେ–ସର୍ବ ପ୍ରକାରେ ମୈଥୁନ ତ୍ୟାଗକୁ ବୁଝାଏ ।'' ମୈଥୁନରତ ହୋଇ କେହି ପ୍ରକୃତ ଯୋଗାଭ୍ୟାସ କରିପାରିବ ନାହିଁ । ତେଣୁ ଶୈଶବରୁ ଶିଶୁକୁ ବ୍ରହ୍ମଚର୍ଯ୍ୟ ଶିକ୍ଷା ଦିଆଯାଏ । ଯେତେବେଳେ ଶିଶୁ ଜାଣି ନଥାଏ ମୈଥୁନ କ'ଣ ସେତିକିବେଳେ ବା ସେହି ସମୟଠାରୁ ଶିଶୁକୁ ବ୍ରହ୍ମଚର୍ଯ୍ୟ କଥା ଶିକ୍ଷା ଦିଆଯାଏ । ପିଲାମାନଙ୍କୁ ପାଞ୍ଚବର୍ଷ ବୟସରୁ ଗୁରୁକୁଳକୁ ପଠାଇ ଦିଆଯାଏ । ସେଠାରେ ଗୁରୁ ସେମାନଙ୍କୁ କଠିନ ବ୍ରହ୍ମଚର୍ଯ୍ୟ ବ୍ରତ କିପରି ପାଳନ କରିବାକୁ ହେବ, ସେ ସମ୍ବନ୍ଧରେ ତାଲିମ ଦିଅନ୍ତି । ଏ ଅଭ୍ୟାସ ବିନା କେହି କୌଣସି ପ୍ରକାର ଯୋଗ ସାଧନାରେ–ଧ୍ୟାନ-ଯୋଗ, ଜ୍ଞାନଯୋଗ ବା ଭକ୍ତିଯୋଗ ସାଧନାରେ ଅଗ୍ରଗତି କରିପାରିବେ ନାହିଁ । ଗୃହସ୍ଥାଶ୍ରମରେ ଗୃହସ୍ଥ ସଂଯତଭାବରେ ଶାସ୍ତ୍ରନିର୍ଦ୍ଦେଶ ଅନୁଯାୟୀ ସ୍ତ୍ରୀ ସଙ୍ଗ କଲେ ତାକୁ ମଧ୍ୟ ବ୍ରହ୍ମଚାରୀ କୁହାଯାଏ । ଏ ପ୍ରକାର ସଂଯତ ଗୃହସ୍ଥ ବ୍ରହ୍ମଚାରୀଙ୍କୁ ଭକ୍ତିଯୋଗ ମାର୍ଗରେ ଗ୍ରହଣ କରାଯାଇପାରେ, କିନ୍ତୁ ଜ୍ଞାନ ଓ ଧ୍ୟାନଯୋଗ ମାର୍ଗରେ ଏମାନଙ୍କୁ ଗ୍ରହଣ କରାଯାଏ ନାହିଁ । ସେ ମାର୍ଗରେ ସଂପୂର୍ଣ୍ଣରୂପେ ମୈଥୁନ ତ୍ୟାଗ ଆବଶ୍ୟକ । ଭକ୍ତିଯୋଗ ମାର୍ଗରେ ବିବାହିତ ବ୍ରହ୍ମଚାରୀଙ୍କୁ ସଂଯତ ଯୌନ ଜୀବନଯାପନ କରିବାକୁ ଅନୁମତି ଦିଆଯାଏ, କାରଣ 'ଭକ୍ତିଯୋଗ' ଏପରି ଶକ୍ତିଶାଳୀ ଯେ ଏ ମାର୍ଗରେ ବ୍ୟକ୍ତି ସ୍ୱତଃ ଯୌନ ଆକର୍ଷଣରୁ ମୁକ୍ତ ହୋଇଯାଏ । ସେ ସର୍ବଦା ଭଗବାନଙ୍କର ଦିବ୍ୟ ସେବାରେ ଆତ୍ମନିୟୋଗ କରିବା ହେତୁ ସ୍ୱତଃ ଯୌନ ସମ୍ବନ୍ଧରୁ ବିରତ ହୋଇଯାଏ । ଭଗବଦ୍‌ଗୀତାରେ କୁହାଯାଇଅଛି–

*''ବିଷୟା ବିନିବର୍ତନ୍ତେ ନିରାହାରସ୍ୟ ଦେହିନଃ ।*
*ରସବର୍ଜମ୍ ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତତେ ।''*

ଅନ୍ୟମାନେ ଜବରଦସ୍ତି ଇନ୍ଦ୍ରିୟମାନଙ୍କୁ ଭୋଗ୍ୟବସ୍ତୁରୁ ଦୂରେଇ ରଖନ୍ତି; କିନ୍ତୁ ଭଗବାନଙ୍କର ଭକ୍ତ ଏକ ଉନ୍ନତତର ସ୍ୱାଦୁ ଗ୍ରହଣ କରୁଥିବାରୁ ସ୍ୱତଃ ଇନ୍ଦ୍ରିୟସୁଖରୁ ଦୂରେଇ ଯାଏ । ଭକ୍ତ ବ୍ୟତୀତ ଅନ୍ୟକେହି ସେ ଉନ୍ନତତର ସ୍ୱାଦୁକଥା ଜାଣି ନଥାଏ ।

'ବିଗତଭୀଃ'–ବ୍ୟକ୍ତି ସଂପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ ନହେଲେ ନିର୍ଭୀକ ହୋଇ ପାରିବ ନାହିଁ । ବଦ୍ଧଜୀବ ସର୍ବଦା ଭୀତତ୍ରସ୍ତ ହେଉଥାଏ, କାହିଁକି ନା, କୃଷ୍ଣଙ୍କ ସହ ଥିବା ତା'ର ଶାଶ୍ୱତ

ସମ୍ବନ୍ଧକୁ ସେ ଭୁଲି ଯାଇଛି । ତା'ର ଏହି ବିସ୍ମୃତି ଅବସ୍ଥା ଯୋଗୁଁ ସେ ଭୀତତ୍ରସ୍ତ ହେଉଥାଏ । ଶ୍ରୀମଦ୍ ଭାଗବତମ୍‌ରେ କୁହାଯାଇଛି–

*"ଭୟଂ ଦ୍ୱିତୀୟାଭିନିବେଶତଃ ସ୍ୟାଦ୍ –*
*ଈଶାଦ୍ ଅପେତସ୍ୟ ବିପର୍ଯ୍ୟୟୋଽସ୍ମୃତିଃ ।"*

ନିର୍ଭୀକ ହେବାର ଏକାମତ୍ର ପନ୍ଥା ହେଉଛି କୃଷ୍ଣଚେତନଶୀଳ ହେବା । ତେଣୁ ଯେଉଁବ୍ୟକ୍ତି କୃଷ୍ଣଚେତନଶୀଳ, ସେ ନିର୍ଭୀକ ହୋଇପାରିବ ବା ନିର୍ଭୀକ ହେବା ତା' ପକ୍ଷରେ ସମ୍ଭବପର । ଯୋଗାଭ୍ୟାସର ଅନ୍ତିମ ଲକ୍ଷ୍ୟ ହେଲା ହୃଦୟରେ ଥିବା ଭଗବାନଙ୍କୁ ଦର୍ଶନ କରିବା । ଏହି ଦୃଷ୍ଟିରୁ କୃଷ୍ଣଚେତନଶୀଳ ବ୍ୟକ୍ତି ସର୍ବୋତ୍ତମ ଯୋଗୀ ଅଟେ । ଏଠାରେ ଯେଉଁ ଯୋଗବିଧି କଥା ବର୍ଣ୍ଣନା କରାଯାଇଅଛି; ତାହା ତଥାକଥିତ ଲୋକପ୍ରିୟ ଯୋଗ ସମିତିର ଯୋଗବିଧିଠାରୁ ଭିନ୍ନ ଅଟେ ।

## ଶ୍ଲୋକ - ୧୫

**ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତମାନସଃ ।**
**ଶାନ୍ତିଂ ନିର୍ବାଣପରମାଂ ମତ୍‌ସଂସ୍ଥାମଧିଗଚ୍ଛତି ।। ୧୫ ।।**

## ଶବ୍ଦାନୁବାଦ

ଯୁଞ୍ଜନ୍=ଏହିପରି ଅଭ୍ୟାସ କରି; ଏବମ୍=ଯେପରି ଉପରେ କୁହାଗଲା; ସଦା=ବରାବର; ଆତ୍ମାନମ୍=ଶରୀର, ମନ ଏବଂ ଆତ୍ମା; ଯୋଗୀ=ଯୋଗୀ; ନିୟତ-ମାନସଃ=ସଂଯତ ମନ; ଶାନ୍ତିମ୍=ଶାନ୍ତି; ନିର୍ବାଣ-ପରମାମ୍=ଭୌତିକ ସ୍ଥିତିର ଯବନିକା; ମତ୍-ସଂସ୍ଥାମ୍=ପରବ୍ୟୋମକୁ (ଭଗବତ୍ ସାମ୍ରାଜ୍ୟକୁ); ଅଧିଗଚ୍ଛତି=ପ୍ରାପ୍ତ ହୁଏ ।

## ଅନୁବାଦ

**ଏହି ପ୍ରକାରେ ଶରୀର, ମନ ଓ କର୍ମକୁ ସଂଯତ କରି ଭୌତିକ ସ୍ଥିତିର ଯବନିକାପାତ କରି ଯୋଗୀ ଭଗବତ୍ ସାମ୍ରାଜ୍ୟ (ବା କୃଷ୍ଣଙ୍କ ଧାମ) ପ୍ରାପ୍ତ ହୁଏ ।**

## ଭାବାର୍ଥ

ଯୋଗାଭ୍ୟାସର ଅନ୍ତିମ ଲକ୍ଷ୍ୟ କ'ଣ, ତାହା ବର୍ତ୍ତମାନ ଏଠାରେ କୁହାଯାଉଛି । ଯୋଗାଭ୍ୟାସର ଅର୍ଥ ନୁହେଁ, କୌଣସି ପ୍ରକାର ଭୌତିକ ଲାଭ ଉଠାଇବା ବରଂ ଏହା ଅଭ୍ୟାସକାରୀକୁ ଭୌତିକ ସ୍ଥିତିରେ ଯବନିକାପାତ କରିବାରେ ସାହାଯ୍ୟ କରେ । ଭଗବଦ୍‌ଗୀତା ଅନୁଯାୟୀ ଯେ ସ୍ୱାସ୍ଥ୍ୟର ଉନ୍ନତି ଚାହେଁ କିମ୍ବା ଭୌତିକ ସିଦ୍ଧି ଚାହେଁ ସେ ଯୋଗୀ ନୁହେଁ । ଭୌତିକ ସ୍ଥିତିରେ ଯବନିକାପାତ କଲେ ଯେ ବ୍ୟକ୍ତି ନିର୍ବିଶେଷ ବ୍ରହ୍ମରେ ପ୍ରବେଶ କରିଯିବ, ଏପରି କିଛି କଥା ନାହିଁ । ଏହା କେବଳ ମାୟା ଅଟେ । ଭଗବାନଙ୍କ ସୃଷ୍ଟିରେ କୌଣସିଠାରେ 'ଶୂନ୍ୟ' ନାହିଁ । (ଶୂନ୍ୟବାଦ ହେଉଛି ମାୟାବାଦ) ବରଂ ଭୌତିକ ସ୍ଥିତିରେ ଯବନିକାପାତ କରିପାରିଲେ ବ୍ୟକ୍ତି ଭଗବଦ୍‌ଧାମ ବା ପରବ୍ୟୋମରେ ପ୍ରବେଶ କରିପାରିବ । ଭଗବଦ୍‌ଗୀତାରେ ଭଗବାନଙ୍କ ଧାମ ସମ୍ବନ୍ଧରେ ପରିଷ୍କାର ଭାବରେ ବର୍ଣ୍ଣନା କରାଯାଇଅଛି–ଭଗବଦ୍‌ଗୀତାରେ କୁହାଯାଇଛି ଯେ

ଭଗବଦ୍‌ଧାମରେ ସୂର୍ଯ୍ୟ, ଚନ୍ଦ୍ର କିମ୍ବା ବିଦ୍ୟୁତ୍ ଆଲୋକର କୌଣସି ଆବଶ୍ୟକତା ନାହିଁ । ଭୌତିକ ଆକାଶରେ ଥିବା ସୂର୍ଯ୍ୟ ଯେପରି ସ୍ୱୟଂପ୍ରଭ ବା ସ୍ୱୟଂ ଆଲୋକମୟ, ସେହିପରି ଭଗବାନଙ୍କ ସାମ୍ରାଜ୍ୟରେ ଥିବା ସମସ୍ତ ଗ୍ରହ (ବା ଲୋକ) ସ୍ୱୟଂପ୍ରଭ ବା ଆଲୋକମୟ । ସବୁ ହେଉଛି ଭଗବାନଙ୍କ ରାଜ୍ୟ, କିନ୍ତୁ ପରବ୍ୟୋମ ଓ ସେଥିରେ ଥିବା ଗ୍ରହ ବା ବୈକୁଣ୍ଠଲୋକଗୁଡ଼ିକୁ ''ପରଂଧାମ'' ବୋଲି କୁହାଯାଏ ।

ଏକ ସିଦ୍ଧଯୋଗୀ, ଅର୍ଥାତ୍ ଯେ କୃଷ୍ଣଙ୍କୁ ଭଲଭାବରେ ବୁଝିପାରିଛି ସେ ପ୍ରକୃତ ଶାନ୍ତିଲାଭ କରିପାରେ ଏବଂ ପରିଣାମରେ ଭଗବାନଙ୍କର ପରମଧାମ ବା ଗୋଲୋକ ବୃନ୍ଦାବନ ନାମରେ ପରିଚିତ କୃଷ୍ଣ ଲୋକରେ ପ୍ରବେଶ କରିପାରେ । ଏ ପ୍ରକାର ଏକ ସିଦ୍ଧ ଯୋଗୀଙ୍କୁ ଏଠାରେ ଭଗବାନ୍ ଶ୍ରୀକୃଷ୍ଣ ''ମଚ୍ଚିତ୍ତ, ମତ୍ପରଃ, ମତ୍-ସ୍ଥାନମ୍'', ବୋଲି କହୁଛନ୍ତି । ବ୍ରହ୍ମସଂହିତାରେ ମଧ୍ୟ ପରିଷ୍କାର ଭାବରେ କୁହାଯାଇଛି-

*''ଗୋଲୋକ ଏବ ନିବସତି ଅଖିଳାତ୍ମଭୂତଃ''*

ଅର୍ଥାତ୍, ଯଦିଓ ଭଗବାନ୍ ତାଙ୍କର ପରମଧାମ ଗୋଲୋକରେ ସର୍ବଦା ରହିଥା'ନ୍ତି, ତଥାପି ତାଙ୍କର ଯୋଗମାୟା ବଳରେ ସେ ସର୍ବବ୍ୟାପକ ବ୍ରହ୍ମ ଏବଂ ହୃଦୟସ୍ଥିତ ପରମାତ୍ମା ମଧ୍ୟ ଅଟନ୍ତି । କୃଷ୍ଣଙ୍କୁ ଏବଂ ତାଙ୍କର ସ୍ୱାଂଶ ବିଷ୍ଣୁଙ୍କୁ ଯେ ଭଲଭାବରେ ନ ବୁଝିଛି, ସେ କଦାପି ପରବ୍ୟୋମରେ କିମ୍ବା ଭଗବାନଙ୍କର ଶାଶ୍ୱତଧାମରେ (ଅର୍ଥାତ୍ ବୈକୁଣ୍ଠ ଲୋକ ବା ଗୋଲୋକ ବୃନ୍ଦାବନରେ) ପ୍ରବେଶ କରିପାରିବ ନାହିଁ । ତେଣୁ ଯେଉଁ ବ୍ୟକ୍ତି କୃଷ୍ଣଚେତନାରେ କର୍ମ କରୁଛି- ସେ ଜଣେ ପ୍ରସିଦ୍ଧ ଯୋଗୀ ଅଟେ; କାରଣ ତାଙ୍କର ମନ ସର୍ବଦା କୃଷ୍ଣ କର୍ମରେ ବ୍ୟସ୍ତଥାଏ - *''ସ ବୈ ମନଃ କୃଷ୍ଣ ପଦାରବିନ୍ଦୟୋଃ''* । ବେଦରେ ମଧ୍ୟ କୁହାଯାଇଛି-

*''ତମ୍ ଏବ ବିଦିତ୍ୱାତିମୃତ୍ୟୁମ୍ ଏତି ।''*

ଅର୍ଥାତ୍-''କେବଳ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବୁଝିପାରିଲେ ବ୍ୟକ୍ତି ଜନ୍ମ-ମୃତ୍ୟୁ ଚକ୍ରକୁ ଅତିକ୍ରମ କରିଯିବ'' । ଅନ୍ୟ କଥାରେ ଏହାହିଁ କୁହାଯାଇପାରେ ଯେ ଭୌତିକସ୍ଥିତିରୁ ମୁକ୍ତି ହିଁ ଯୋଗର ପୂର୍ଣ୍ଣତା ଅଟେ । କେତେକ ଯାଦୁକାରୀ ବିଦ୍ୟା ପ୍ରଦର୍ଶନ କିମ୍ବା ଶାରୀରିକ କ୍ରିୟା କୌଶଳ ପ୍ରଦର୍ଶନ କରି ସରଳ ଲୋକମାନଙ୍କୁ ବୋକା ବନାଇବା ଯୋଗର ପୂର୍ଣ୍ଣତା ନୁହେଁ ।

## ଶ୍ଳୋକ - ୧୬

**ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ ।**
**ନ ଚାତିସ୍ୱପ୍ନଶୀଳସ୍ୟ ଜାଗ୍ରତୋ ନୈବ ଚାର୍ଜୁନ ।।୧୬।।**

## ଶବ୍ଦାନୁବାଦ

ନ=କେବେ ନୁହେଁ; ଅତି=ଅତ୍ୟନ୍ତ; ଅଶ୍ନତଃ=ଯେ ଅଧିକ ଭୋଜନ କରେ ତାହାର; ତୁ=କିନ୍ତୁ; ଯୋଗଃ=ଯୋଗ, ଭଗବାନ୍‌ଙ୍କ ସହ ସଂଯୋଗ; ଅସ୍ତି=ଅଛି, ନ=କିମ୍ବା (ନୁହେଁ); ଚ=ମଧ୍ୟ; ଏକାନ୍ତମ୍=ଖୁବ୍ କମ୍; ଅନଶ୍ନତଃ=ଭୋଜନ ତ୍ୟାଗ; ନ=କିମ୍ବା ନୁହେଁ; ଚ=ମଧ୍ୟ; ଅତି=ଅତ୍ୟନ୍ତ; ସ୍ୱପ୍ନ-ଶୀଳସ୍ୟ=ଯେ ଅଧିକ ଶୟନ କରେ ତାହାର; ଜାଗ୍ରତଃ=କିମ୍ବା ଯେ ଅଧିକ ରାତ୍ରି ଜାଗରଣ କରେ, ନ=ନୁହେଁ; ଏବ=କେବେ; ଚ=ଏବଂ; ଅର୍ଜୁନ=ହେ ଅର୍ଜୁନ ।

## ଅନୁବାଦ

**ହେ ଅର୍ଜୁନ ! ଯଦି କେହି ଅତ୍ୟଧିକ ଭୋଜନ କରେ, କିମ୍ବା ଖୁବ୍ କମ୍ ଭୋଜନ କରେ, ଅତ୍ୟଧିକ ଶୟନ କରେ କିମ୍ବା ଯଥେଷ୍ଟ ପରିମାଣରେ ଶୟନ ନ କରେ ତା'ପକ୍ଷରେ ଯୋଗୀ ହେବା ସମ୍ଭବପର ନୁହେଁ ।**

## ଭାବାର୍ଥ

ଯୋଗୀମାନଙ୍କ ନିମିତ୍ତ ଆହାର ନିଦ୍ରାରେ କିପରି ସଂଯମ ଅଭ୍ୟାସ କରିବାକୁ ହେବ, ସେହିକଥା ଏଠାରେ କୁହାଯାଇଅଛି । ଶରୀର ଓ ଆତ୍ମାକୁ ସୁସ୍ଥ ରଖିବା ନିମିତ୍ତ ଯେତିକି ଭୋଜନ ଦରକାର, ତାହା ଅପେକ୍ଷା ଅଧିକ ଭୋଜନକୁ 'ଅଧିକ ଭୋଜନ'' ବୋଲି କୁହାଯାଏ । ମାନବପକ୍ଷରେ ପଶୁ ମାଂସ ଭକ୍ଷଣର କୌଣସି ଆବଶ୍ୟକତା ନାହିଁ; କାରଣ ଶସ୍ୟ, ଶାକସବ୍‌ଜି, ଫଳ ଓ ଦୁଗ୍‌ଧ ପ୍ରଚୁର ପରିମାଣରେ ଯୋଗାଇ ଦିଆଯାଉଛି । ଭଗବଦ୍‌ଗୀତା ଅନୁଯାୟୀ ଏହି ସରଳ ଖାଦ୍ୟକୁ ''ସାତ୍ତ୍ୱିକ ଖାଦ୍ୟ'' ବୋଲି କୁହାଯାଏ । ଯେଉଁମାନେ ତମୋଗୁଣ ବିଶିଷ୍ଟ ସେମାନେ ପଶୁମାଂସ ଭକ୍ଷଣ କରନ୍ତି । ତେଣୁ ଯେଉଁମାନେ ପଶୁମାଂସ ଭକ୍ଷଣ କରନ୍ତି, ମଦ୍ୟପାନ କରନ୍ତି ଏବଂ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଅର୍ପିତ ହୋଇ ନଥିବା ଖାଦ୍ୟ ଗ୍ରହଣ କରନ୍ତି, ସେମାନେ ପାପକର୍ମ ପ୍ରତିକ୍ରିୟା ଭୋଗ କରନ୍ତି । କାରଣ ସେମାନେ ଦୂଷିତ ଖାଦ୍ୟ ଗ୍ରହଣ କରିଥା'ନ୍ତି । *'ଭୁଞ୍ଜତେ ତେ ତୁ ଅଘଂ ପାପା ଯେ ପଚନ୍ତି ଆତ୍ମ-କାରଣାତ୍ ।''* ଯେ ଇନ୍ଦ୍ରିୟ ତୃପ୍ତି ନିମିତ୍ତ ଭୋଜନ କରେ କିମ୍ବା ନିଜପାଇଁ ରାନ୍ଧେ, ଖାଦ୍ୟ କୃଷ୍ଣଙ୍କୁ ଅର୍ପଣ କରେ ନାହିଁ, ସେ କେବଳ ପାପ ଭୋଜନ କରେ ଏବଂ ଯେ ପାପ ଭୋଜନ କରେ ତା'ର ''ଭାଗ'' ଅପେକ୍ଷା ଅଧିକ ଭୋଜନ କରେ, ସେ କଦାପି ଉପଯୁକ୍ତ ଯୋଗସାଧନା କରିପାରିବ ନାହିଁ । କୃଷ୍ଣଙ୍କୁ ଅର୍ପିତ ଖାଦ୍ୟ ବା ମହାପ୍ରସାଦ ଗ୍ରହଣ କରିବା ହିଁ ସର୍ବୋତ୍ତମ ଭୋଜନ ଅଟେ । କୃଷ୍ଣଚେତନଶୀଳ ବ୍ୟକ୍ତି କୃଷ୍ଣଙ୍କୁ ଅର୍ପିତ ଖାଦ୍ୟ ବିନା ଅନ୍ୟକିଛି ଗ୍ରହଣ କରେ ନାହିଁ । ତେଣୁ କେବଳ କୃଷ୍ଣଚେତନଶୀଳ ବ୍ୟକ୍ତି ହିଁ ଯୋଗ ସାଧନାରେ ପୂର୍ଣ୍ଣତା ଲାଭ କରିପାରେ । ଯେ ତା'ର ମନକୁ ମନ ବା ନିଜର ମନ ମୁତାବକ ଅନଶନ କରେ କିମ୍ବା କୃତ୍ରିମ ଉପାୟରେ ଖାଦ୍ୟତ୍ୟାଗ କରେ ସେ ଯୋଗାଭ୍ୟାସ କରି ପାରିବ ନାହିଁ । କୃଷ୍ଣଚେତନଶୀଳ ବ୍ୟକ୍ତି ଶାସ୍ତ୍ରନିର୍ଦ୍ଦେଶ ଅନୁଯାୟୀ ଉପବାସ କରେ, ଯେତିକି ଦରକାର ତାହାପେକ୍ଷା ସେ ଅଧିକ ଉପବାସ ବା ଅଧିକ ଭୋଜନ କରେ ନାହିଁ ଏବଂ ସେ ହିଁ ଯୋଗସାଧନା ନିମିତ୍ତ ଉପଯୁକ୍ତ ବ୍ୟକ୍ତି ଅଟେ । ଯେ ଅଧିକ ଭୋଜନ କରେ, ସେ ଶୟନାବସ୍ଥାରେ ନିଶ୍ଚୟ ଅଧିକ ସ୍ୱପ୍ନ ଦେଖିବ ଏବଂ ସେ ମଧ୍ୟ ଆବଶ୍ୟକତାଠାରୁ ଅଧିକ ଶୟନ କରିବ । କେହି ଦୈନିକ ଛଘଣ୍ଟାରୁ ଅଧିକ ଶୟନ କରିବା ଉଚିତ ନୁହେଁ । ଚବିଶ ଘଣ୍ଟା ମଧ୍ୟରୁ ଯେ ଛ' ଘଣ୍ଟାରୁ ଅଧିକ ଶୟନ କରେ, ସେ ତମୋଗୁଣର ଅଧୀନ ହୋଇଛି ବୋଲି ବୁଝିବାକୁ ପଡ଼ିବ । ଏକ ତମୋଗୁଣ ବିଶିଷ୍ଟ ବ୍ୟକ୍ତି ସ୍ୱଭାବତଃ ଆଳସ୍ୟ ପରାୟଣ ଏବଂ ସେ ମଧ୍ୟ ଅଧିକ ଶୟନ କରେ । ଏ ପ୍ରକାର ବ୍ୟକ୍ତି କଦାପି ଯୋଗସାଧନ କରିପାରିବ ନାହିଁ ।

## ଶ୍ଳୋକ - ୧୭

**ଯୁକ୍ତାହାରବିହାରସ୍ୟ ଯୁକ୍ତଚେଷ୍ଟସ୍ୟ କର୍ମସୁ ।**
**ଯୁକ୍ତସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା ।।୧୭।।**

## ଶବ୍ଦାନୁବାଦ

ଯୁକ୍ତ=ନିୟନ୍ତ୍ରିତ, ସଂଯତ; ଆହାର=ଭୋଜନ; ବିହାରସ୍ୟ=ବିହାର; ଯୁକ୍ତ=ନିୟନ୍ତ୍ରିତ, ସଂଯତ; ଚେଷ୍ଟସ୍ୟ=ଯେ ପରିପୋଷଣ ନିମିତ୍ତ କର୍ମକରେ ତା'ର; କର୍ମସୁ=କର୍ତ୍ତବ୍ୟ ସଂପାଦନ କରିବାରେ; ଯୁକ୍ତ=ସଂଯତ ବା ନିୟନ୍ତ୍ରିତ; ସ୍ୱପ୍ନ-ଅବବୋଧସ୍ୟ=ସଂଯତ ନିଦ୍ରା ଓ ଜାଗରଣ; ଯୋଗଃ=ଯୋଗ ଅଭ୍ୟାସ; ଭବତି=ହୁଏ; ଦୁଃଖ-ହା=ଦୁଃଖ ଦୂରକରିବା ।

## ଅନୁବାଦ

**ଯେ ଆହାର, ନିଦ୍ରା, କର୍ମ ଓ ବିହାର କ୍ଷେତ୍ରରେ ସଂଯମ ଆଚରଣ କରେ, ଅର୍ଥାତ୍ ସଂଯତଭାବରେ ଏ ସବୁ ଆଚରଣ କରେ ସେ ଯୋଗ ଅଭ୍ୟାସଦ୍ୱାରା ସମସ୍ତ ପ୍ରକାର ଭୌତିକ ଦୁଃଖ ଯନ୍ତ୍ରଣାରୁ ମୁକ୍ତ ହୋଇପାରେ ।**

## ଭାବାର୍ଥ

ଖାଇବା, ଶୋଇବା, ପ୍ରତିରୋଧ କରିବା ଏବଂ ସ୍ତ୍ରୀସଙ୍ଗ କରିବା–ଏସବୁ ଶାରୀରିକ ଆବଶ୍ୟକତା ଅଟେ, କିନ୍ତୁ ଏସବୁ ଅତ୍ୟଧିକ ଅଭ୍ୟାସକଲେ ଯୋଗମାର୍ଗରେ ଅଗ୍ରଗତି ବ୍ୟାହତ ହୁଏ । ଖାଦ୍ୟରେ ସଂଯମ ଆଚରଣର ଅର୍ଥ ହେଲା କେବେଳ ବିଶୁଦ୍ଧ ଖାଦ୍ୟ–କୃଷ୍ଣପ୍ରସାଦ ଗ୍ରହଣ କରିବା । ଯେତେବେଳେ ବ୍ୟକ୍ତି ଏହି ଅଭ୍ୟାସ କରିବ ଯେ, ସେ କେବଳ କୃଷ୍ଣଙ୍କୁ ଅର୍ପିତ ଖାଦ୍ୟ ହିଁ ଗ୍ରହଣ କରିବ, ଅନ୍ୟ କିଛି ଗ୍ରହଣ କରିବ ନାହିଁ, ସେତେବେଳେ ସେ ଖାଦ୍ୟରେ ସଂଯମ ଆଚରଣ କରିପାରିବ । ଭଗବଦ୍ଗୀତାର ୯ମ ଅଧ୍ୟାୟ ୨୬ଶ ଶ୍ଳୋକ ଅନୁଯାୟୀ ଭଗବାନ୍ ଶ୍ରୀକୃଷ୍ଣ ପତ୍ର, ପୁଷ୍ପ, ଫଳ, ତୋୟ ଅର୍ଥାତ୍ ଶାକସବ୍ଜି, ଫୁଲ, ଫଳ, ଶସ୍ୟ ଏବଂ ଦୁଗ୍ଧ ଆଦି ଗ୍ରହଣ କରନ୍ତି । ତେଣୁ ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ସ୍ୱତଃ ସାତ୍ତ୍ୱିକ ଖାଦ୍ୟ ଗ୍ରହଣରେ ଅଭ୍ୟସ୍ତ ହୋଇଯାଏ । ଯାହା ମାନବ ଖାଦ୍ୟ ନୁହେଁ ସେ ତାହା ଗ୍ରହଣକରେ ନାହିଁ । ଅର୍ଥାତ୍–ଯାହା ସାତ୍ତ୍ୱିକ ଖାଦ୍ୟ ନୁହେଁ, ସେ ତାହା ଗ୍ରହଣ କରେ ନାହିଁ । କୃଷ୍ଣଚେତନଶୀଳ ବ୍ୟକ୍ତି କୃଷ୍ଣକର୍ମରେ ସର୍ବଦା ବ୍ୟସ୍ତ; ତେଣୁ ଅଯଥା ଶୋଇ ସମୟ ନଷ୍ଟ କରିବାକୁ ସେ ଚାହେଁ ନାହିଁ । ଏତଦ୍ୱାରା ତା'ର ସମୟ ଅଯଥା ନଷ୍ଟ ହେଲା ବୋଲି ସେ ଭାବେ । ସେ ଜୀବନର ଗୋଟିଏ ମିନିଟ୍ ସୁଦ୍ଧା ଅଯଥା ନଷ୍ଟ ଅର୍ଥାତ୍ କୃଷ୍ଣ କର୍ମରେ ବିନିଯୋଗ ନକରି ନଷ୍ଟ କରିବାକୁ ଚାହେଁ ନାହିଁ । ତେଣୁ ସେ ଖୁବ୍ କମ୍ ସମୟ ଶୁଏ । ଏ ସମ୍ବନ୍ଧରେ ତା'ର ଆଦର୍ଶ ହେଉଛନ୍ତି ଶ୍ରୀଳ ରୂପ ଗୋସ୍ୱାମୀ । ସେ ସର୍ବଦା କୃଷ୍ଣ ସେବାରେ ନିଯୁକ୍ତ ଥା'ନ୍ତି; ତେଣୁ ସେ ଦୁଇଘଣ୍ଟାରୁ ଅଧିକ ସମୟ ପ୍ରାୟ ଶୁଅନ୍ତି ନାହିଁ । ବେଳେବେଳେ ଏପରି ବି ହୁଏ, ସେ ଦୁଇଘଣ୍ଟା ସମୟ ମଧ୍ୟ ମିଳେ ନାହିଁ ଶୋଇବା ପାଇଁ । ଠାକୁର ହରିଦାସ ଦୈନିକ ତିନିଲକ୍ଷ ନାମ ଜପମାଳାରେ ଜପ କରୁଥିଲେ । ସେ ସେତକ ନ ସାରିଲେ ପ୍ରସାଦ ଗ୍ରହଣ କରିବେ ନାହିଁ କିମ୍ବା ଶୋଇବେ ନାହିଁ । ଏପରି କଠିନ ବ୍ରତ ସେ ଅବଲମ୍ବନ କରୁଥିଲେ । ପୁନଶ୍ଚ କୃଷ୍ଣଚେତନଶୀଳ ବ୍ୟକ୍ତି ଏପରି କର୍ମ କରେ ନାହିଁ; ଯାହା କୃଷ୍ଣଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ଏହିପରି ଭାବରେ ସେ ସର୍ବଦା ତା'ର କର୍ମରେ ସଂଯମ ଆଚରଣ କରେ । ଇନ୍ଦ୍ରିୟ ସୁଖ ଭୋଗ ନିମିତ୍ତ ସେ କୌଣସି କର୍ମ କରେ ନାହିଁ; ଅର୍ଥାତ୍ ତା'ର କର୍ମ ଇନ୍ଦ୍ରିୟ ସୁଖ ଭୋଗ ଜନିତ ଭୌତିକ ଦୋଷଦୁଷ୍ଟ ନୁହେଁ,

ତା'ର ସମସ୍ତ କର୍ମ ଦିବ୍ୟକର୍ମ ଅଟେ । କୃଷ୍ଣଚେତନଶୀଳ ବ୍ୟକ୍ତି ଇନ୍ଦ୍ରିୟସୁଖରେ ମାତେ ନାହିଁ ବା ଇନ୍ଦ୍ରିୟସୁଖର ପ୍ରଶ୍ନ ତା'ପକ୍ଷରେ ନଥାଏ । ତେଣୁ ବିହାର ବା ଭୌତିକ ଅବସର ବିନୋଦନ ତା'ର ନଥାଏ । ତାହାର ଖାଇବା-ପିଇବା, ଶୋଇବା; ଜାଗିବା; କଥା କହିବା; କାର୍ଯ୍ୟ କରିବା ଏବଂ ଅନ୍ୟ ସମସ୍ତ ଶାରୀରିକ କର୍ମ ନିୟନ୍ତ୍ରିତ ହୋଇଥିବାରୁ ଭୌତିକ ଦୁଃଖ-ଯନ୍ତ୍ରଣା ତାକୁ ଆଉ ଭୋଗିବାକୁ ପଡ଼େ ନାହିଁ ।

## ଶ୍ଳୋକ - ୧୮

**ଯଦା ବିନିୟତଂ ଚିତ୍ତମାତ୍ମନ୍ୟେବାବତିଷ୍ଠତେ ।**
**ନିସ୍ପୃହଃ ସର୍ବକାମେଭ୍ୟୋ ଯୁକ୍ତ ଇତ୍ୟୁଚ୍ୟତେ ତଦା ।। ୧୮ ।।**

## ଶବ୍ଦାନୁବାଦ

ଯଦା=ଯେତେବେଳେ; ବିନିୟତମ୍=ବିଶେଷକରି ସଂଯତ; ଚିତ୍ତମ୍=ମନ ଓ ତା'ର କର୍ମ; ଆତ୍ମନି=ଦିବ୍ୟତାରେ; ଏବ=ନିଶ୍ଚିତଭାବେ; ଅବତିଷ୍ଠତେ=ପ୍ରତିଷ୍ଠିତ ହୁଏ; ନିସ୍ପୃହଃ=ସ୍ପୃହାହୀନ; ସର୍ବ=ସମସ୍ତ ପ୍ରକାର; କାମେଭ୍ୟଃ=ଭୌତିକ କାମନା; ଯୁକ୍ତଃ=ଯୋଗରେ ସ୍ଥିର; ଇତି=ଏହିପରି; ଉଚ୍ୟତେ=କୁହାଯାଏ; ତଦା=ସେ ସମୟରେ ।

## ଅନୁବାଦ

**ଯେତେବେଳେ ଯୋଗୀ ଯୋଗାଭ୍ୟାସଦ୍ୱାରା ମାନସିକ କାର୍ଯ୍ୟାବଳୀକୁ ସଂଯତ କରେ ଏବଂ ସମସ୍ତ ପ୍ରକାର ଭୌତିକ କାମନାଶୂନ୍ୟ ହୋଇ ଦିବ୍ୟତାରେ ପ୍ରତିଷ୍ଠିତ ହୁଏ; ସେତେବେଳେ ସେ ପ୍ରକୃତ ଯୋଗାବସ୍ଥା ଲାଭ କରିଛି ବୋଲି କୁହାଯାଏ ।**

## ଭାବାର୍ଥ

ଯୋଗୀର କର୍ମ ଯେ ଏକ ସାଧାରଣ କର୍ମୀର କର୍ମଠାରୁ ଭିନ୍ନ ତାହା ଏଠାରେ କୁହାଯାଉଛି । ସାଧାରଣ କର୍ମୀର ଅନେକ ପ୍ରକାର ଭୌତିକ କାମନା ଥାଏ । ତନ୍ମଧ୍ୟରେ ଯୌନସୁଖଭୋଗ କାମନା ମୁଖ୍ୟ ଅଟେ, କିନ୍ତୁ ଯୋଗୀର କୌଣସି ପ୍ରକାର ଭୌତିକ କାମନା ନଥାଏ । ସେ ସମସ୍ତ ପ୍ରକାର ଭୌତିକ କାମନାରୁ ମୁକ୍ତ ହୋଇଥାଏ । ଏହା ହିଁ ହେଉଛି ତା'ର ବିଶେଷତ୍ୱ । ତେଣୁ ତା'ର କାର୍ଯ୍ୟାବଳୀ ଭୌତିକ କାମନା ପ୍ରଣୋଦିତ ନୁହେଁ । ଯେ ସିଦ୍ଧଯୋଗୀ ସେ କୌଣସି ପ୍ରକାର ଭୌତିକ କାମନାରେ ବିଚଳିତ ହୁଏ ନାହିଁ । ସେ ତା'ର ମନ ବା ମାନସିକ କାର୍ଯ୍ୟାବଳୀକୁ ଏପରି ସଂଯତ କରିଥାଏ ଯେ, ସେ କୌଣସି ପ୍ରକାର ଭୌତିକ କାମନାରେ ବିଚଳିତ ହୁଏ ନାହିଁ । ଯେଉଁମାନେ କୃଷ୍ଣଚେତନଶୀଳ ସେମାନେ ସ୍ୱତଃ ଏ ସିଦ୍ଧାବସ୍ଥା ଲାଭ କରିପାରନ୍ତି । ଏହା ଶ୍ରୀମଦ୍-ଭାଗବତମ୍ (୯-୪-୧୮-୨୦)ରେ କୁହାଯାଇଅଛି–

*"ସ ବୈ ମନଃ କୃଷ୍ଣ ପଦାରବିନ୍ଦୟୋର୍ ବାଚାଂସି ବୈକୁଣ୍ଠ-ଗୁଣାନୁବର୍ଣ୍ଣନେ ।*
*କରୌ ହରେର୍ ମନ୍ଦିର ମାର୍ଜନାଦିଷୁ ଶ୍ରୁତିଂ ଚକାରାଚ୍ୟୁତ-ସତ୍-କଥୋଦୟେ ।।*
*ମୁକୁନ୍ଦ-ଲିଙ୍ଗାଳୟ-ଦର୍ଶନେ ଦୃଶୌ ତଦ୍-ଭୃତ୍ୟା-ଗାତ୍ର-ସ୍ପର୍ଶେଽଙ୍ଗ -ସଙ୍ଗମମ୍ ।*
*ଘ୍ରାଣଂ ଚ ତତ୍-ପାଦ-ସରୋଜସୌରଭେ ଶ୍ରୀମଦ୍ ତୁଳସ୍ୟା ରସନାଂ ତଦ୍-ଅର୍ପିତେ ।।*

*ପାଦୌ ହରେଃ କ୍ଷେତ୍ର-ପଦାନୁସର୍ପଣେ ଶିରୋ ହୃଷୀକେଶ ପଦାଭିବନ୍ଦନେ ।*
*କାମଂ ଚ ଦାସ୍ୟେ ନ ତୁ କାମ-କାମ୍ୟୟା ଯଥୋତ୍ତମ-ଶ୍ଲୋକ-ଜନାଶ୍ରୟା ରତିଃ ।।"*

ଅର୍ଥାତ୍–ରାଜା ଅମ୍ବରୀଷ ତାଙ୍କର ମନକୁ କୃଷ୍ଣଙ୍କର ପଦାରବିନ୍ଦରେ ପ୍ରଥମେ ନିଯୁକ୍ତ କରନ୍ତି, ତା'ପରେ ଅନ୍ୟ ଇନ୍ଦ୍ରିୟଗୁଡ଼ିକୁ ଗୋଟିଏ ପରେ ଗୋଟିଏ କୃଷ୍ଣକର୍ମ ବା ସେବାରେ ନିଯୁକ୍ତ କରନ୍ତି, ଯଥା–ଭଗବାନଙ୍କର ଦିବ୍ୟଗୁଣ କୀର୍ତ୍ତନରେ ବାକ୍ୟକୁ ବ୍ୟବହାର କରନ୍ତି, ହସ୍ତକୁ ଭଗବାନଙ୍କର ମନ୍ଦିର ମାର୍ଜନାରେ ନିଯୁକ୍ତ କରନ୍ତି, କର୍ଣ୍ଣକୁ ଭଗବାନଙ୍କର ଦିବ୍ୟ ଲୀଳା ଶ୍ରବଣରେ ନିଯୁକ୍ତ କରନ୍ତି, ଚକ୍ଷୁକୁ ଭଗବାନଙ୍କର ଦିବ୍ୟ ବିଗ୍ରହ ଦର୍ଶନରେ ନିଯୁକ୍ତ କରନ୍ତି, ଶରୀରକୁ ଭକ୍ତମାନଙ୍କର ଅଙ୍ଗସ୍ପର୍ଶରେ ନିଯୁକ୍ତ କରନ୍ତି । କୃଷ୍ଣଙ୍କର ପାଦପଦ୍ମରେ ଅର୍ପିତ ପଦ୍ମପୁଷ୍ପର ଗନ୍ଧକୁ ଆଘ୍ରାଣ କରିବାରେ ନାସିକାକୁ ନିଯୁକ୍ତ କରନ୍ତି । ଭଗବାନଙ୍କର ପଦାରବିନ୍ଦରେ ଅର୍ପିତ ତୁଳସୀ ସେବନରେ ଜିହ୍ୱାକୁ ନିଯୁକ୍ତ କରନ୍ତି, ତୀର୍ଥସ୍ଥାନ ଓ ଭଗବାନଙ୍କ ମନ୍ଦିର ଗମନରେ ପାଦକୁ ନିଯୁକ୍ତ କରନ୍ତି, ଭଗବାନଙ୍କୁ ପ୍ରଣାମ ଜଣାଇବାରେ ମସ୍ତିଷ୍କକୁ ନିଯୁକ୍ତ କରନ୍ତି ଏବଂ ଭଗବାନଙ୍କର ଉଦ୍ଦେଶ୍ୟ ପୂରଣରେ ତାଙ୍କର କାମନାକୁ ନିଯୁକ୍ତ କରନ୍ତି । ଏକ ଶୁଦ୍ଧ ଭକ୍ତ ହିଁ ଏ ପ୍ରକାର ଦିବ୍ୟ କର୍ମରେ ସର୍ବଦା ନିଯୁକ୍ତ ହୋଇଥାଏ । ତାଙ୍କ ପକ୍ଷରେ ଏସବୁ ହେଉଛି ଉପଯୁକ୍ତ କର୍ମ ।"

ଯେଉଁମାନେ ନିର୍ବିଶେଷବାଦୀ ସେମାନଙ୍କ ପକ୍ଷରେ ଏହା ଆଚରଣକରିବା କଷ୍ଟକର ହୋଇପାରେ, କିନ୍ତୁ ଯେଉଁମାନେ କୃଷ୍ଣଚେତନଶୀଳ (ଅର୍ଥାତ୍ ଭକ୍ତ) ସେମାନଙ୍କ ପକ୍ଷରେ ଏହା ଆଚରଣ କରିବା ଅତି ସହଜ । ମହାରାଜ ଅମ୍ବରୀଷଙ୍କର ଜୀବନୀ ବା ଦୈନନ୍ଦିନ କାର୍ଯ୍ୟାବଳୀରୁ ଏହା ପରିସ୍ଫୁଟ ହେଉଅଛି । ଭଗବାନଙ୍କୁ ସତତ ସ୍ମରଣ କରି ମନକୁ ତାଙ୍କର ପାଦପଦ୍ମରେ ସ୍ଥିର ନ କଲେ–ଏ ପ୍ରକାର ଦିବ୍ୟସେବାରେ ନିଯୁକ୍ତ ହେବା ସମ୍ଭବପର ନୁହେଁ, ଅର୍ଥାତ୍ ବାସ୍ତବ କ୍ଷେତ୍ରରେ ଏହା ସମ୍ଭବପର ହୋଇପାରିବ ନାହିଁ । ତେଣୁ ଭକ୍ତିଯୋଗ ମାର୍ଗରେ ଏହାକୁ ଅର୍ଚ୍ଚନା କୁହାଯାଏ, ଅର୍ଥାତ୍ ଭଗବାନଙ୍କର ସେବାରେ ସମସ୍ତ ଇନ୍ଦ୍ରିୟଙ୍କୁ ନିଯୁକ୍ତ କରିବା । ମନ ଓ ଇନ୍ଦ୍ରିୟଗୁଡ଼ିକୁ କର୍ମରେ ନିଯୁକ୍ତ ହେବାକୁ ଚ୍ହାଁନ୍ତି । କର୍ମତ୍ୟାଗ ବାସ୍ତବ ପନ୍ଥା ନୁହେଁ । ତେଣୁ ବିଶେଷକରି ଯେଉଁମାନେ ସନ୍ନ୍ୟାସୀ ନୁହନ୍ତି–ଅର୍ଥାତ୍ ସାଧାରଣଲୋକଙ୍କ ପକ୍ଷରେ ଉପରବର୍ଣ୍ଣିତ ମତେ ମନ ଓ ଇନ୍ଦ୍ରିୟଗୁଡ଼ିକ ଭଗବାନଙ୍କର ଦିବ୍ୟ ସେବାରେ ନିଯୁକ୍ତ କରିବା ବାସ୍ତବ ପନ୍ଥା ଅଟେ । ଦିବ୍ୟସ୍ଥିତି ଲାଭ କରିବା ଦିଗରେ ଯାହାକୁ ଭଗବଦ୍‌ଗୀତାରେ ଯୁକ୍ତାବସ୍ଥା ବୋଲି କୁହାଯାଇଛି, ତାହା ଲାଭ କରିବା ଦିଗରେ– ଏହାହିଁ ହେଉଛି ଉପଯୁକ୍ତ ପନ୍ଥା ।

## ଶ୍ଲୋକ - ୧୯

**ଯଥା ଦୀପୋ ନିବାତସ୍ଥୋ ନେଙ୍ଗତେ ସୋପମା ସ୍ମୃତା ।**
**ଯୋଗିନୋ ଯତଚିତ୍ତସ୍ୟ ଯୁଞ୍ଜତୋ ଯୋଗମାତ୍ମନଃ ।। ୧୯ ।।**

## ଶବ୍ଦାନୁବାଦ

ଯଥା=ଯେପରି; ଦୀପଃ=ଦୀପ; ନିବାତ-ସ୍ଥଃ=ପବନ ବହୁ ନଥିବା ସ୍ଥାନରେ; ନ ଇଙ୍ଗତେ=ହଲଚଲ ହୁଏନାହିଁ; ସା ଉପମା=ସେହି ତୁଳନାରେ; ସ୍ମୃତା=ପରି; ଯୋଗିନଃ=ଯୋଗୀର; ଯତ-ଚିତ୍ତସ୍ୟ=ଯାହାର ମନ ସଂଯତ; ଯୁଞ୍ଜତଃ=ସତତ ଯୁକ୍ତ; ଯୋଗମ୍=ଧ୍ୟାନ; ଆତ୍ମନଃ=ଦିବ୍ୟ ଆତ୍ମାରେ ।

## ଅନୁବାଦ

**ପବନ ନଥିବା ସ୍ଥାନରେ ଦୀପଟି ଯେପରି ସ୍ଥିର ଭାବରେ ଜଳେ, ଟିକିଏ ସୁଦ୍ଧା ହଲଚଲ ହୁଏ ନାହିଁ, ସେହିପରି ମନ ସଂଯମ କରିଥିବା ଯୋଗୀ ସତତ ସ୍ଥିର ଚିତ୍ତରେ ପରମାତ୍ମାଙ୍କ ଧ୍ୟାନରେ ରହେ । ସେ ଟିକିଏ ହେଲେ ଧ୍ୟାନରୁ ବିଚଳିତ ହୁଏ ନାହିଁ ।**

## ଭାବାର୍ଥ

ଯେ ପ୍ରକୃତରେ କୃଷ୍ଣଚେତନଶୀଳ, ସେ ସର୍ବଦା ପରମାତ୍ମାଙ୍କ ଧ୍ୟାନରେ ଥାଏ । ସେ ତା'ର ଆରାଧ୍ୟ ଭଗବାନଙ୍କ ଧ୍ୟାନରେ ବରାବର ଅବିଚଳିତ ଭାବରେ ଥାଏ । ସେ କୃଷ୍ଣଚେତନଶୀଳ ଯୋଗୀ ଠିକ୍ ନିବାତସ୍ଥ ଦୀପ ଭଳି ।

## ଶ୍ଳୋକ - ୨୦ - ୨୩

**ଯତ୍ରୋପରମତେ ଚିତ୍ତଂ ନିରୁଦ୍ଧଂ ଯୋଗସେବୟା ।**
**ଯତ୍ର ଚୈବାତ୍ମନାତ୍ମାନଂ ପଶ୍ୟନ୍ନାତ୍ମନି ତୁଷ୍ୟତି ।।୨୦।।**
**ସୁଖମାତ୍ୟନ୍ତିକଂ ଯତ୍ତଦ୍‌ବୁଦ୍ଧିଗ୍ରାହ୍ୟମତୀନ୍ଦ୍ରିୟମ୍ ।**
**ବେତ୍ତି ଯତ୍ର ନ ଚୈବାୟଂ ସ୍ଥିତଶ୍ଚଳତି ତତ୍ତ୍ୱତଃ ।।୨୧।।**
**ଯଂ ଲବ୍ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ ।**
**ଯସ୍ମିନ୍‌ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ।।୨୨।।**
**ତଂ ବିଦ୍ୟାଦ୍ଦୁଃଖସଂଯୋଗବିୟୋଗଂ ଯୋଗସଂଜ୍ଞିତମ୍ ।।୨୩।।**

## ଶବ୍ଦାନୁବାଦ

ଯତ୍ର=ଯେଉଁ ଅବସ୍ଥାରେ; ଉପରମତେ=ଯେତେବେଳେ ବ୍ୟକ୍ତି ଦିବ୍ୟ ଆନନ୍ଦ ଅନୁଭବ କରେ; ଚିତ୍ତମ୍=ମାନସିକ କ୍ରିୟା; ନିରୁଦ୍ଧମ୍=ଭୌତିକ ବସ୍ତୁରୁ ବିଚ୍ଛିନ୍ନ; ଯୋଗ-ସେବୟା=ଯୋଗ ଅଭ୍ୟାସଦ୍ୱାରା; ଯତ୍ର=ଯେଉଁଥିରେ; ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ଆତ୍ମନା=ଶୁଦ୍ଧ ମନରେ; ଆତ୍ମାନମ୍=ଆତ୍ମା; ପଶ୍ୟନ୍=ଅନୁଭବ କରି; ଆତ୍ମନି=ଆତ୍ମାରେ; ତୁଷ୍ୟତି=ସନ୍ତୁଷ୍ଟ ହୁଏ; ସୁଖମ୍=ସୁଖ; ଆତ୍ୟନ୍ତିକମ୍=ଅଧିକ; ଯତ୍=ଯେଉଁଥିରେ; ତତ୍=ତାହା; ବୁଦ୍ଧି=ବୁଦ୍ଧି;

ଗ୍ରାହ୍ୟମ୍=ଗ୍ରାହ୍ୟ; ଅତୀନ୍ଦ୍ରିୟମ୍=ଅତୀନ୍ଦ୍ରିୟ ଅର୍ଥାତ୍ ଦିବ୍ୟ; ବେତ୍ତି=ଜାଣେ; ଯତ୍ର=ଯେଉଁଠାରେ; ନ=ନୁହେଁ; ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ଅୟମ୍=ଏଥିରେ; ସ୍ଥିତଃ=ସ୍ଥିତ; ଚଳତି=ବିଚଳିତ ହୁଏ; ତତ୍ତ୍ୱତଃ=ତତ୍ତ୍ୱରୁ; ଯମ୍=ଯାହାକୁ; ଲବ୍ଧ୍ୱା=ଲାଭକରି; ଚ=ମଧ୍ୟ; ଅପରମ୍=ଅନ୍ୟ; ଲାଭମ୍=ଲାଭ; ମନ୍ୟତେ=ମନେକରେ ନାହିଁ; ନ=ନୁହେଁ; ଅଧିକମ୍=ଅଧିକ;ତତଃ=ତାହାଠାରୁ; ଯସ୍ମିନ୍=ଯେଉଁଥିରେ; ସ୍ଥିତଃ=ସ୍ଥିରହୋଇ; ନ=ନୁହେଁ; ଦୁଃଖେନ=ଦୁଃଖରେ; ଗୁରୁଣାପି=ଯଦିଓ ଭାରି କଷ୍ଟ; ବିଚାଲ୍ୟତେ=ବିଚଳିତ ହୁଏ; ତମ୍=ତାହାକୁ; ବିଦ୍ୟାତ୍=ତୁମେ ଜାଣିବା ଉଚିତ୍; ଦୁଃଖ-ସଂଯୋଗ=ଭୌତିକ ସଂସ୍ପର୍ଶ ଜନିତ ଦୁଃଖ; ବିୟୋଗମ୍=ବିଯୋଗ; ଯୋଗ-ସଂଜ୍ଞିତମ୍=ଯୋଗରେ ସମାଧି ।

## ଅନୁବାଦ

**ଯେତେବେଳେ ବ୍ୟକ୍ତିର ମନ ଯୋଗାଭ୍ୟାସ ଦ୍ୱାରା ସଂଯତ ହୋଇ ସମ୍ପୂର୍ଣ୍ଣରୂପେ ଭୌତିକ କର୍ମରୁ ବିରତ ହୋଇଯାଏ, ସେତେବେଳେ ବ୍ୟକ୍ତି ଯେଉଁ ସ୍ଥିତି ଲାଭକରେ, ତାହାକୁ ସମାଧି ଅବସ୍ଥା କୁହାଯାଏ । ଏ ଅବସ୍ଥାରେ ବ୍ୟକ୍ତି ଶୁଦ୍ଧ ମନରେ ଆତ୍ମଦର୍ଶନ କରିବାର କ୍ଷମତା ଲାଭରେ ଏବଂ ଆତ୍ମାରେ ଆନନ୍ଦ ଅନୁଭବ କରେ । ସେ ଆନନ୍ଦାବସ୍ଥାରେ ବ୍ୟକ୍ତି ଅସୀମ ଦିବ୍ୟ ଆନନ୍ଦ ଲାଭକରେ ଏବଂ ଦିବ୍ୟେନ୍ଦ୍ରିୟ ସାହାଯ୍ୟରେ ଆତ୍ମାରେ ଆନନ୍ଦ ଅନୁଭବ କରେ । ଏହି ସ୍ଥିତିରେ ସ୍ଥିର ହୋଇ ବ୍ୟକ୍ତି କେବେହେଲେ ସତ୍ୟରୁ ବିଚଳିତ ହୁଏ ନାହିଁ । ଯେତେବେଳେ ସେ ଏହି ଲାଭପାଏ, ସେତେବେଳେ ସେ ଭାବେ ଯେ ଏହାଠାରୁ ଅଧିକ ଲାଭ ଆଉ କିଛି ନାହିଁ । ଯେତେବେଳେ ବ୍ୟକ୍ତି ଏ ପ୍ରକାର ସ୍ଥିତିରେ ରହେ, ସେତେବେଳେ ଯେତେ ବିରାଟ ଦୁଃଖର ସମ୍ମୁଖୀନ ହେଲେ ସୁଦ୍ଧା ସେ ଟିକିଏ ହେଲେ ବିଚଳିତ ହୁଏ ନାହିଁ । ଏହା ହିଁ ପ୍ରକୃତରେ ଭୌତିକ ସ୍ଥିତିଜନିତ ଦୁଃଖରୁ ମୁକ୍ତି ।**

## ଭାବାର୍ଥ

ଯୋଗାଭ୍ୟାସ ଦ୍ୱାରା ବ୍ୟକ୍ତି କ୍ରମଶଃ ଭୌତିକ ଧାରଣାରୁ ଦୂରେଇ ଯାଏ, ଏହା ହେଉଛି ଯୋଗ ପନ୍ଥାର ପ୍ରାଥମିକ କଥା । ଏହାପରେ ବ୍ୟକ୍ତି ସମାଧିରେ ରୁହେ । ଏହାର ଅର୍ଥ, ଦିବ୍ୟ-ମନ ଓ ବୁଦ୍ଧି ବଳରେ ଯୋଗୀ ପରମାତ୍ମାଙ୍କୁ ଅନୁଭବ କରେ । ଏ ପରମାତ୍ମା ଅନୁଭୂତି କହିଲେ ଆତ୍ମା ଓ ପରମାତ୍ମା ଉଭୟଙ୍କ କଥା ବୁଝାଏ । ଯେ ଆତ୍ମା, ସେ ପରମାତ୍ମା—ଏ ପ୍ରକାର ଭ୍ରମ ଏଥିରେ ନଥାଏ । ଯେ ପ୍ରକୃତରେ ପରମାତ୍ମା ଅନୁଭୂତି ଲାଭ କରିଛି, ସେ ଆତ୍ମାକୁ ପରମାତ୍ମା ବୋଲି ଜ୍ଞାନ କରେ ନାହିଁ । ଯୋଗାଭ୍ୟାସ କହିଲେ ସାଧାରଣତଃ ପାତଞ୍ଜଳିଙ୍କର ଅଷ୍ଟାଙ୍ଗ ଯୋଗ ବିଧିକୁ ବୁଝାଏ । କେତେକ ଅନଧିକାର ଭାଷ୍ୟକାର ଆତ୍ମାସହିତ ପରମାତ୍ମାଙ୍କୁ ସମାନ କରିବାକୁ ଚେଷ୍ଟା କରନ୍ତି ଏବଂ ବ୍ରହ୍ମବାଦୀଗଣ ଏହାକୁ ମୋକ୍ଷ ବୋଲି ଭାବନ୍ତି; କିନ୍ତୁ ସେମାନେ ପାତଞ୍ଜଳିଙ୍କର ଯୋଗ ବିଧିର ପ୍ରକୃତ ଉଦ୍ଦେଶ୍ୟ କ'ଣ ତାହା ଜାଣନ୍ତି ନାହିଁ । ପାତଞ୍ଜଳିଙ୍କର ଯୋଗ ବିଧିରେ ଏକ ଦିବ୍ୟ ଆନନ୍ଦ ଗ୍ରହଣ କରିବାର କଥାଅଛି, କିନ୍ତୁ ବ୍ରହ୍ମବାଦୀଗଣ ଏ ଦିବ୍ୟ ଆନନ୍ଦକୁ ଗ୍ରହଣ

କରନ୍ତି ନାହିଁ; କାରଣ ସେମାନେ ଆଶଙ୍କା କରନ୍ତି ଯେ ଏତଦ୍ଦ୍ୱାରା ଐକ୍ୟ ସିଦ୍ଧାନ୍ତରେ ହାନି ଘଟିବ । ଅଦ୍ୱୈତବାଦୀ, ଜ୍ଞାନ ଓ ଜ୍ଞାତା—ଏ ଦୁଇ କଥାକୁ ଗ୍ରହଣ କରନ୍ତି ନାହିଁ; କିନ୍ତୁ ଏ ଶ୍ଳୋକରେ ଦିବ୍ୟେନ୍ଦ୍ରିୟ ସାହାଯ୍ୟରେ ଅନୁଭୂତ ହେଉଥିବା ଦିବ୍ୟଆନନ୍ଦ ଗ୍ରହଣ କଥା ସ୍ୱୀକାର କରାଯାଇଛି । ଏହାକୁ ମଧ୍ୟ ଯୋଗବିଧିର ପ୍ରସିଦ୍ଧ ପ୍ରଣେତା ପାତଞ୍ଜଳି ମୁନି ସ୍ୱୀକାର କରିଛନ୍ତି । ସେ ତାଙ୍କର ଯୋଗସୂତ୍ରରେ କହିଛନ୍ତି—

*''ପୁରୁଷାର୍ଥ ଶୂନ୍ୟାନାଂ ଗୁଣାନାଂ ପ୍ରତି ପ୍ରସବଃ ।*
*କୈବଲ୍ୟ ସ୍ୱରୂପ-ପ୍ରତିଷ୍ଠା ବା ଚିତି-ଶକ୍ତିରିତି ।।''*

ଏହି ଚିତ୍‌ଶକ୍ତି ଅର୍ଥାତ୍ ଅନ୍ତରଙ୍ଗା ଶକ୍ତି—ଦିବ୍ୟଶକ୍ତି ଅଟେ । 'ପୁରୁଷାର୍ଥ'ର ଅର୍ଥହେଲା—ଧର୍ମ, ଅର୍ଥ, କାମ ଓ ମୋକ୍ଷ ପ୍ରାପ୍ତି । (ଧର୍ମ କହିଲେ ଭୌତିକସ୍ଥିତିରେ ବୈଦିକ କର୍ମକାଣ୍ଡ ଅନୁଯାୟୀ ଲୋକମାନେ ଯେଉଁ ଧର୍ମ-କର୍ମ କରନ୍ତି; ତାହାକୁ ଏଠାରେ ବୁଝାଏ, 'ଅର୍ଥ' କହିଲେ ଆର୍ଥିକ ଅଭିବୃଦ୍ଧି ସାଧନକୁ ବୁଝାଏ, 'କାମ' କହିଲେ ଇନ୍ଦ୍ରିୟସୁଖକୁ ବୁଝାଏ ଏବଂ *''ମୋକ୍ଷ''* କହିଲେ ଭଗବାନଙ୍କ ସହ ମିଶି ଏକ ହୋଇଯିବା ପ୍ରଚେଷ୍ଟାକୁ ବୁଝାଏ) । ଏହାକୁ ଅର୍ଥାତ୍ ଭଗବାନଙ୍କ ସହ ମିଶି ଏକ ହୋଇଯିବାକୁ ବେଦାନ୍ତବାଦୀ *''କୈବଲ୍ୟମ୍''* ବୋଲି କହେ, କିନ୍ତୁ ପାତଞ୍ଜଳିଙ୍କ ମତାନୁଯାୟୀ ଏହି *''କୈବଲ୍ୟମ୍''* ହେଉଛି ଏକ ଅନ୍ତରଙ୍ଗା ଶକ୍ତି ବା ଦିବ୍ୟଶକ୍ତି । ଏହା ସାହାଯ୍ୟରେ ଜୀବ ତା'ର ସ୍ୱରୂପସ୍ଥିତି କଥା ଜାଣିପାରେ । ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଭାଷାରେ ଏହା ହେଉଛି *''ଚେତୋଦର୍ପଣ-ମାର୍ଜନମ୍''* ଅର୍ଥାତ୍ ଏହାଦ୍ୱାରା ମନରୂପକ ଦର୍ପଣ ଉପରୁ ମଇଳା ସଫା ହୋଇଯାଏ । ଏହି 'ସଫାହେବା' ହେଉଛି ପ୍ରକୃତ 'ମୁକ୍ତି' ଅର୍ଥାତ୍ ଏହା ହେଉଛି – *''ଭବ-ମହାଦାବାଗ୍ନି ନିର୍ବାପଣମ୍''* । ନିର୍ବାଣ କଥା ମଧ୍ୟ ଏହିପରି ପ୍ରାଥମିକ ଅଟେ । ଭାଗବତମ୍‌ରେ ଏହାକୁ *''ସ୍ୱରୂପେଣ ବ୍ୟବସ୍ଥିତିଃ''* ବୋଲି କୁହାଯାଇଛି । ଏ ଅବସ୍ଥାକୁ ଏ ଶ୍ଳୋକରେ ଭଗବଦ୍‌ଗୀତାରେ ସ୍ୱୀକାର କରାଯାଇଅଛି ।

'ନିର୍ବାଣ' କହିଲେ ଭୌତିକ ସ୍ଥିତିର ଯବନିକାପାତ'କୁ ବୁଝାଏ । 'ନିର୍ବାଣ'ର ପରବର୍ତ୍ତୀ ଅବସ୍ଥା ହେଉଛି ଭଗବାନଙ୍କର ଦିବ୍ୟ ସେବାରେ ନିଯୁକ୍ତ ହେବା । ଏହାକୁ କୃଷ୍ଣଚେତନା କୁହାଯାଏ । ଭାଗବତମ୍‌ର କଥା– *''ସ୍ୱରୂପେଣ ବ୍ୟବସ୍ଥିତିଃ''*– ଏହା ହେଉଛି ଜୀବର ପ୍ରକୃତ ଜୀବନ । ''ମାୟା'' ଦିବ୍ୟଜୀବନର ସର୍ତ୍ତ ଅଟେ, କିନ୍ତୁ ଏହା ଭୌତିକ ଦୋଷଦୁଷ୍ଟ ଅଟେ । ଏ ଭୌତିକ ଦୋଷରୁ ମୁକ୍ତ ହେବାର ଅର୍ଥ ନୁହେଁ—ଜୀବର ମୌଳିକ ଶାଶ୍ୱତ ସ୍ଥିତିକୁ ବିନାଶ କରିବା । ପାତଞ୍ଜଳି ମୁନି ମଧ୍ୟ ଏହାକୁ ସ୍ୱୀକାର କରି କହିଛନ୍ତି, ''କେବଲ୍ୟମ୍ ସ୍ୱରୂପ ପ୍ରତିଷ୍ଠା ବା ଚିତି-ଶକ୍ତିର ଇତି ।'' ଏହି ''ଚିତିଶକ୍ତି'' ବା ଦିବ୍ୟ ଆନନ୍ଦ ହେଉଛି ପ୍ରକୃତ ଜୀବନ । 'ବେଦାନ୍ତ ସୂତ୍ର'ରେ ମଧ୍ୟ ଏହା ସ୍ୱୀକାର କରାଯାଇଛି, *''ଆନନ୍ଦମୟୋଽଭ୍ୟାସାତ୍ ।''* ଏହି ସ୍ୱାଭାବିକ ଦିବ୍ୟ ଆନନ୍ଦ ଲାଭ ହିଁ ଯୋଗର ଅନ୍ତିମ ଲକ୍ଷ୍ୟ । ଭଗବାନଙ୍କର ଦିବ୍ୟ ସେବାରେ ନିଯୁକ୍ତ ହେଲେ ବା ଭକ୍ତିଯୋଗ ଆଚରଣ କଲେ ଏ 'ଦିବ୍ୟ ଆନନ୍ଦ' ଖୁବ୍ ସହଜରେ ଲାଭ କରିହୁଏ । ଭଗବଦ୍‌ଗୀତାରେ ସପ୍ତମ ଅଧ୍ୟାୟରେ ଏ ଭକ୍ତିଯୋଗ କଥା ଭଲଭାବରେ ବର୍ଣ୍ଣନା କରାଯିବ ।

ଏ ଅଧ୍ୟାୟରେ ବର୍ଣ୍ଣନା କରାଯାଇଥିବା ଯୋଗ ବିଧିରେ ଦୁଇ ପ୍ରକାର ସମାଧି ଅବସ୍ଥା ଅଛି, ଯଥା–ସମ୍ପ୍ରଜ୍ଞାତ ସମାଧି ଏବଂ ଅସମ୍ପ୍ରଜ୍ଞାତ ସମାଧି । ଯେତେବେଳେ ବ୍ୟକ୍ତି ବିଭିନ୍ନ ପ୍ରକାର ଦାର୍ଶନିକ ଗବେଷଣା କରି ଦିବ୍ୟସ୍ଥିତିରେ ଅବସ୍ଥାନ କରେ, ସେତେବେଳେ ତାହାକୁ ସମ୍ପ୍ରଜ୍ଞାତ ସମାଧି ବୋଲି କୁହାଯାଏ । ଅସମ୍ପ୍ରଜ୍ଞାତ ସମାଧି ଅବସ୍ଥାରେ ଭୌତିକ ସୁଖ ସହିତ କୌଣସି ସମ୍ପର୍କ ନ ଥାଏ, କାରଣ ସେ ଅବସ୍ଥାରେ ବ୍ୟକ୍ତି ସମସ୍ତ ପ୍ରକାର ଇନ୍ଦ୍ରିୟ ସୁଖର ବହୁ ଉର୍ଦ୍ଧ୍ୱରେ ଥାଏ । ଯେତେବେଳେ ଯୋଗୀ ଥରେ ଏହି ଦିବ୍ୟସ୍ଥିତିରେ ରହିଯାଏ, ସେତେବେଳେ ସେ ଆଉ ସେଥିରୁ ବିଚ୍ୟୁତ ହୁଏ ନାହିଁ । ଯେ ପର୍ଯ୍ୟନ୍ତ ଯୋଗୀ ଏ ସ୍ଥିତି ଲାଭ ନ କରିଛି, ସେ ପର୍ଯ୍ୟନ୍ତ ସେ କୃତକାର୍ଯ୍ୟ ହୋଇନାହିଁ ବୋଲି ବୁଝିବାକୁ ପଡ଼ିବ ।

ଆଜିକାଲି ଯେଉଁ ତଥାକଥିତ ଯୋଗାଭ୍ୟାସ ଦେଖାଯାଉଛି, ସେଥିରେ ନାନାପ୍ରକାର ଇନ୍ଦ୍ରିୟସୁଖ ଜଡ଼ିତ ଅଛି । ଏହା ବଡ଼ ବିରୁଦ୍ଧାତ୍ମକ ଅଟେ । ଯୋଗୀ ହୋଇ ନିଶା ସେବନ କରିବ ଏବଂ ସ୍ତ୍ରୀ ସମ୍ଭୋଗ କରିବ; ଏହା ବଡ଼ ହାସ୍ୟାସ୍ପଦ କଥା ଅଟେ । ଏପରିକି ଯେଉଁ ଯୋଗୀଗଣ ସିଦ୍ଧିକାମୀ ସେମାନେ ମଧ୍ୟ ପ୍ରକୃତ ଯୋଗସିଦ୍ଧି ଲାଭକରି ନଥା'ନ୍ତି । ଯଦି 'ଯୋଗୀ' ଯୋଗଜାତ ଫଳ ବା ସିଦ୍ଧିପ୍ରତି ଆକୃଷ୍ଟ ହୁଏ, ତାହାହେଲେ ସେ ପ୍ରକୃତ ଯୋଗସ୍ଥିତି (ଯାହାକି ଏ ଅଧ୍ୟାୟରେ ବର୍ଣ୍ଣନା କରାଯାଉଛି) ଲାଭ କରିନାହିଁ ବୋଲି ବୁଝିବାକୁ ପଡ଼ିବ । ତେଣୁ ଯେଉଁ ଲୋକମାନେ ବାହାରକୁ ଦେଖାଇବା ପାଇଁ ଶାରୀରିକ ଅଙ୍ଗଚାଳନ କ୍ରିୟା ବା ଆସନ-ପ୍ରାଣାୟମ ଆଦି ଅଭ୍ୟାସ କରିନ୍ତି କିମ୍ବା ସିଦ୍ଧି ପ୍ରତି ଆକୃଷ୍ଟ ହୁଅନ୍ତି, ସେମାନେ ଜାଣିରଖିବା ଉଚିତ୍ ଯେ' ଯୋଗ ସାଧନାର ଲକ୍ଷ୍ୟ ପଥରୁ ସେମାନେ ଭ୍ରଷ୍ଟ ହୋଇଯାଇଛନ୍ତି ।

ଏ ଯୁଗରେ ସର୍ବୋତ୍ତମ ଯୋଗପଦ୍ଧତି ହେଉଛି କୃଷ୍ଣଚେତନା ଯୋଗ ବା ଭକ୍ତିଯୋଗ । ଏହା କଦାପି ନୈରାଶ୍ୟଜନକ ନୁହେଁ । ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ତା' ଧନ୍ଦାରେ ଏପରି ଅନୁଭବ କରେ ଯେ, ସେ ଆଉ କୌଣସି ସୁଖ ପଛରେ ଧାବମାନ ହୁଏ ନାହିଁ । ବିଶେଷ କରି ଏ କଳହ ଧୋକାବାଜ ଯୁଗରେ 'ହଠଯୋଗ' 'ଧ୍ୟାନଯୋଗ' ଓ ଜ୍ଞାନଯୋଗ' ଆଦି ଅଭ୍ୟାସ କରିବାରେ ଅନେକ ପ୍ରତିବନ୍ଧକ ଅଛି, କିନ୍ତୁ 'କର୍ମଯୋଗ' ବା 'ଭକ୍ତିଯୋଗ' ଅଭ୍ୟାସ କରିବାରେ ସେପରି ସମସ୍ୟା ନାହିଁ ।

ଯେ ପର୍ଯ୍ୟନ୍ତ ଏ ଜଡ଼ ଶରୀର ଅଛି, ସେ ପର୍ଯ୍ୟନ୍ତ ଖାଇବା, ପିଇବା, ଶୋଇବା, ପ୍ରତିରୋଧ କରିବା ଏବଂ ଯୌନ ସୁଖ ଉପଭୋଗ କରିବାର ଆବଶ୍ୟକତା ରହିଛି, କିନ୍ତୁ ଯେଉଁ ବ୍ୟକ୍ତି ଶୁଦ୍ଧ ଭକ୍ତିଯୋଗ ବା କୃଷ୍ଣଚେତନାରେ ଅଛି, ସେ ଜଡ଼ ଶରୀରର–ଏ ଆବଶ୍ୟକତା ମେଣ୍ଟାଇବା ଦିଗରେ ବିଚଳିତ ହୁଏ ନାହିଁ । ତା'ର ଇନ୍ଦ୍ରିୟଗୁଡ଼ିକ ଏପରି ସଂଯତ ଯେ ଜଡ଼ ଶରୀରର ଆବଶ୍ୟକତା ମେଣ୍ଟାଇବା ନିମନ୍ତେ ସେମାନେ କୃଷ୍ଣଚେତନଶୀଳ ବ୍ୟକ୍ତିକୁ ବ୍ୟତିବସ୍ତ କରାଇ ପାରନ୍ତି ନାହିଁ, ବରଂ ସେ ଜଡ଼ ଶରୀର ନିମିତ୍ତ ଅତି କମ୍‌ରେ ଯେତିକି ଆବଶ୍ୟକ ସେତିକ ସେ ଗ୍ରହଣ କରେ । ବସ୍ତୁଟି ଯେତେ ଖରାପ ହେଉ ପଛେ, ସେ ତା'ର ଉପଯୁକ୍ତ ବ୍ୟବହାର କରେ, (ଅର୍ଥାତ୍ ସବୁକୁ ସେ କୃଷ୍ଣସେବାରେ ଲଗାଇ ବସ୍ତୁଟିର ଉପଯୁକ୍ତ ବ୍ୟବହାର କରେ, ଫଳରେ ବସ୍ତୁଟି ଉତ୍ତମ ବା ଦିବ୍ୟ ହୋଇଯାଏ), ଏତଦ୍ଦ୍ୱାରା ସେ କୃଷ୍ଣଚେତନାର ଦିବ୍ୟ

ଆନନ୍ଦ ବା ସୁଖ ଅନୁଭବ କରେ । ଆକସ୍ମିକ ଘଟଣା ଯଥା—ଆକସ୍ମିକ ଦୁର୍ଘଟଣା, ବ୍ୟାଧି, ଅଭାବ-ଅନାଟନ, ଏପରିକି ଅତିପ୍ରିୟ ବନ୍ଧୁ ବା ଆତ୍ମୀୟ-ସ୍ୱଜନର ମୃତ୍ୟୁରେ ସେ ଆଦୌ ବିଚଳିତ ହୁଏ ନାହିଁ ବା ସେଥିପ୍ରତି ବିଶେଷ ଧ୍ୟାନ ଦିଏ ନାହିଁ । ସେ ସର୍ବଦା କୃଷ୍ଣଚେତନାରେ ତା'ର କର୍ମ ସମ୍ପାଦନରେ ବା ଭକ୍ତିଯୋଗ ସାଧନାରେ ତତ୍ପର ଥାଏ । ଆକସ୍ମିକ ଦୁର୍ଘଟଣା ତାକୁ ତା'ର କର୍ତ୍ତବ୍ୟ ପଥରୁ ବିଚ୍ୟୁତ କରିପାରେ ନାହିଁ । ଭଗବଦ୍‌ଗୀତା(୨-୪)ରେ କୁହାଯାଇଛି, *"ଆଗମା ପାୟି-ନୋଽନିତ୍ୟାସ୍ତାଂସ୍ତିତିକ୍ଷସ୍ୱ ଭାରତ"* । ସେ ଏସବୁ ଆକସ୍ମିକ ଦୁର୍ଘଟଣାମାନ ସହି ନିଏ, କାରଣ ସେ ଜାଣିଥାଏ ଯେ, ଏଗୁଡ଼ିକ ଆସିବେ ଏବଂ ଯିବେ । ଏମାନେ ତା'ର କର୍ତ୍ତବ୍ୟ ସଂପାଦନରେ କୌଣସି ବାଧା ସୃଷ୍ଟି କରିପାରିବେ ନାହିଁ । ଏହିପରି ଭାବରେ ସେ ଯୋଗ ସାଧନାର ସର୍ବୋଚ୍ଚ ସିଦ୍ଧି ଲାଭ କରେ ।

## ଶ୍ଳୋକ - ୨୪

**ସ ନିଶ୍ଚୟେନ ଯୋକ୍ତବ୍ୟୋ ଯୋଗୋଽନିର୍ବିଣ୍ଣଚେତସା ।**
**ସଂକଳ୍ପପ୍ରଭବାନ୍ କାମାଂସ୍ତ୍ୟକ୍ତ୍ୱା ସର୍ବାନଶେଷତଃ ।**
**ମନସୈବେନ୍ଦ୍ରିୟଗ୍ରାମଂ ବିନିୟମ୍ୟ ସମନ୍ତତଃ ।।୨୪।।**

## ଶବ୍ଦାନୁବାଦ

ସଃ=ଯୋଗୀ; ନିଶ୍ଚୟେନ=ଦୃଢ଼ତାର ସହିତ; ଯୋକ୍ତବ୍ୟଃ=ଅଭ୍ୟାସ କରାଯିବା ଉଚିତ୍; ଯୋଗଃ=ଏ ପ୍ରକାର ଅଭ୍ୟାସରେ; ଅ-ନିର୍ବିଣ୍ଣ-ଚେତସା=କୌଣସି ପ୍ରକାର ବ୍ୟତିକ୍ରମ ନ କରି; ସଂକଳ୍ପ=ଭୌତିକ କାମନା; ପ୍ରଭବାନ୍=ଜାତ; କାମାନ୍=ଇନ୍ଦ୍ରିୟସୁଖ; ତ୍ୟକ୍ତ୍ୱା=ତ୍ୟାଗକରି; ସର୍ବାନ୍=ସମସ୍ତ ପ୍ରକାର; ଅଶେଷତଃ=ସଂପୂର୍ଣ୍ଣରୂପେ; ମନସା=ମନରେ; ଏବ=ନିଶ୍ଚିତଭାବେ; ଇନ୍ଦ୍ରିୟ-ଗ୍ରାମମ୍=ସମସ୍ତ ଇନ୍ଦ୍ରିୟଙ୍କୁ; ବିନିୟମ୍ୟ=ସଂଯତ କରି; ସମନ୍ତତଃ=ସବୁଦିଗରୁ ।

## ଅନୁବାଦ

**ଦୃଢ଼ତାର ଓ ଅଖଣ୍ଡ ବିଶ୍ୱାସ ସହକାରେ ବ୍ୟକ୍ତି ଯୋଗ ସାଧନାରେ ନିଯୁକ୍ତ ହେବା ଉଚିତ୍ । ସେ ମିଥ୍ୟାହଙ୍କାର ଜାତ ସମସ୍ତ ପ୍ରକାର ଭୌତିକ କାମନାକୁ ତ୍ୟାଗ କରିବା ଉଚିତ ଏବଂ ଏହିପରି ଭାବରେ ମନରେ ସମସ୍ତ ଇନ୍ଦ୍ରିୟଙ୍କୁ ସବୁଦିଗରୁ ସଂଯତ କରିବା ଉଚିତ୍ ।**

## ଭାବାର୍ଥ

ସାଧକ ଖୁବ୍ ଦୃଢ଼ହେବା ଉଚିତ୍ ଏବଂ ଧୈର୍ଯ୍ୟ ସହକାରେ ଅବିଚଳିତଭାବରେ ଯୋଗାଭ୍ୟାସ କରିବା ଉଚିତ୍ । ସେ ପରିଣାମରେ ଯେ ବିଜୟମଣ୍ଡିତ ହେବ—ଏ ଭରସା ରଖିବା ଉଚିତ୍ । ସେ ବଡ଼ ଅଧ୍ୟବସାୟୀ ଓ ପ୍ରଯତ୍ନଶୀଳ ହୋଇ ସାଧନାରେ ନିଯୁକ୍ତ ହେବା ଉଚିତ୍ । ଯଦି ବିଜୟ ହାସଲରେ ବିଳମ୍ବ ହୁଏ, ତାହାହେଲେ ବି ହତୋତ୍ସାହ ହେବା ଉଚିତ୍ ନୁହେଁ । ଯେ ଦୃଢ଼ବ୍ରତ ତା' ପକ୍ଷରେ ବିଜୟ ସୁନିଶ୍ଚିତ, ଏଥିରେ କୌଣସି ସନ୍ଦେହ ନାହିଁ । ଭକ୍ତିଯୋଗ ସମ୍ବନ୍ଧରେ

ଶ୍ରୀଳ ରୂପଗୋସ୍ୱାମୀ କହିଛନ୍ତି–

*"ଉତ୍ସାହାନ୍ନିଶ୍ଚୟାଦ୍ଧୈର୍ଯ୍ୟାତ୍ ତତ୍-ତତ୍-କର୍ମ- ପ୍ରବର୍ତନାତ୍ ।*
*ସଙ୍ଗତ୍ୟାଗାତ୍ ସତୋ ବୃତ୍ତେଃ ଷଡ଼ଭିର୍ ଭକ୍ତିଃ ପ୍ରସିଦ୍ଧ୍ୟତି ।"*

ଅର୍ଥାତ୍–ପୂର୍ଣ୍ଣ ଉତ୍ସାହ ସହକାରେ, ଦୃଢ଼ନିଶ୍ଚୟ ହୋଇ, ଧୈର୍ଯ୍ୟଧରି, ସିଦ୍ଧାନ୍ତକୁ ଠିକ୍‌ରୂପେ ଆଚରଣ କରି, ଅଭକ୍ତ ସଙ୍ଗ ତ୍ୟାଗକରି, ଭକ୍ତ ସଙ୍ଗକରି ଏବଂ ପୂର୍ବବର୍ତ୍ତୀ ଆଚାର୍ଯ୍ୟମାନଙ୍କର ପଦାଙ୍କ ଅନୁସରଣ କରି ସଂପୂର୍ଣ୍ଣରୂପେ ପୁଣ୍ୟକର୍ମରେ ଲାଗିରହିଲେ ଭକ୍ତିଯୋଗରେ ସିଦ୍ଧିଲାଭ କରାଯାଇ ପାରିବ ।

ଦୃଢ଼ତା ଓ ଧୈର୍ଯ୍ୟ ସମ୍ବନ୍ଧରେ 'ଘରଚଟିଆ'ର କାହାଣୀ ଶୁଣ ଏବଂ ତାହା ଅନୁସରଣ କରିବା ଉଚିତ୍ । ଥରେ ଗୋଟିଏ ଘରଚଟିଆ ସମୁଦ୍ର ତରଙ୍ଗରେ ତା'ର ଅଣ୍ଡାକୁ ହରାଇଲା । ସେ ସମୁଦ୍ର କୂଳରେ ଅଣ୍ଡା ଦେଇଥିଲା, କିନ୍ତୁ ଢେଉଆସି ତା'ଅଣ୍ଡାଗୁଡ଼ିକୁ ସମୁଦ୍ର ଗର୍ଭକୁ ନେଇଗଲା । ଘରଚଟିଆଟି ଏଥିରେ ବଡ଼ ବିକ୍ଷୁବ୍ଧ ହୋଇ ପଡ଼ିଲା ଏବଂ ସମୁଦ୍ରକୁ ତା'ର ଅଣ୍ଡା ଫେରାଇ ଦେବାପାଇଁ କହିଲା । ସମୁଦ୍ର କିନ୍ତୁ ତା'ର କଥା ଶୁଣିଲା ନାହିଁ । ତେଣୁ ସେ ଠିକ୍ କଲା ଯେ ସମୁଦ୍ରକୁ ଶୁଖାଇଦେବ । ଏହା ନିଶ୍ଚୟକରି ସେ ତା'ର ଛୋଟ ଥଣ୍ଟରେ ପାଣି ବୁହାଇବାକୁ ଆରମ୍ଭ କଲା । ତାହାର ଏ ପ୍ରକାର ଅସମ୍ଭବ ଦୃଢ଼ତା ଦେଖି ସମସ୍ତେ ହସିବାକୁ ଆରମ୍ଭ କଲେ । ତାହାର ଏ କାହାଣୀ ଚାରିଆଡ଼େ ବ୍ୟାପିଗଲା ଏବଂ ଶେଷରେ ଶ୍ରୀ ବିଷ୍ଣୁଙ୍କର ବାହାନ ଗରୁଡ଼ ଏକଥା ଶୁଣିଲେ । ଏକଥା ଶୁଣି ସେ ତାଙ୍କର ସାନଭଉଣୀ ଘରଚଟିଆଟି ପ୍ରତି ବଡ଼ ସହାନୁଭୂତିଶୀଳ ହୋଇ ପଡ଼ିଲେ ଏବଂ ସେ ଘରଚଟିଆଟିକୁ ଦେଖିବାକୁ ଆସିଲେ । ଛୋଟ ଘରଚଟିଆଟିର ଦୃଢ଼ତା ଓ ଧୈର୍ଯ୍ୟ ଦେଖି ଗରୁଡ଼ ଭାରି ଖୁସି ହୋଇଗଲେ ଏବଂ ତାକୁ ସାହାଯ୍ୟ କରିବାକୁ ପ୍ରତିଜ୍ଞା କଲେ । ତା'ପରେ ଗରୁଡ଼ ଘରଚଟିଆର ଅଣ୍ଡା ଫେରାଇ ଦେବାପାଇଁ ସମୁଦ୍ରକୁ ଅନୁରୋଧ କଲେ ଏବଂ କହିଲେ ସେ ଯଦି ଘରଚଟିଆର ଅଣ୍ଡା ଫେରାଇ ନ ଦିଅନ୍ତି, ତାହାହେଲେ ସେ (ଗରୁଡ଼) ନିଜେ ଘରଚଟିଆର କାମ ଗ୍ରହଣ କରିବେ ଅର୍ଥାତ୍ ସମୁଦ୍ରକୁ ଶୁଖାଇଦେବେ । ଏହାଶୁଣି ସମୁଦ୍ର ଖୁବ୍ ଡରିଗଲେ ଏବଂ ଘରଚଟିଆର ଅଣ୍ଡା ଫେରାଇ ଦେଲେ । ଗରୁଡ଼ କୃପାରୁ ଘରଚଟିଆଟି ଖୁସିହେଲା ।

ଠିକ୍ ସେହିପରି ଯୋଗାଭ୍ୟାସ, ବିଶେଷକରି କୃଷ୍ଣଚେତନାରେ ଭକ୍ତିଯୋଗ ଅଭ୍ୟାସ ଖୁବ୍ କଷ୍ଟକର ବୋଧ ହୋଇପାରେ, କିନ୍ତୁ ଯଦି କେହି ସାଧନ ଭକ୍ତି ପ୍ରଣାଳୀକୁ ଖୁବ୍ ଦୃଢ଼ତା ସହକାରେ ଓ ଧୈର୍ଯ୍ୟର ସହିତ ଅନୁସରଣ କରେ, ତାହାହେଲେ ସେ ନିଶ୍ଚୟ ଭଗବାନଙ୍କର ସାହାଯ୍ୟ ପ୍ରାପ୍ତ ହେବ । ଯେଉଁମାନେ ନିଜକୁ ନିଜେ ସାହାଯ୍ୟ କରନ୍ତି, ସେମାନଙ୍କୁ ଭଗବାନ୍ ସାହାଯ୍ୟ କରନ୍ତି ।

## ଶ୍ଳୋକ - ୨୫

**ଶନୈଃ ଶନୈରୁପରମେଦ୍ ବୁଦ୍ଧ୍ୟା ଧୃତିଗୃହୀତୟା ।**
**ଆତ୍ମସଂସ୍ଥଂ ମନଃ କୃତ୍ୱା ନ କିଞ୍ଚିଦପି ଚିନ୍ତୟେତ୍ ।। ୨୫ ।।**

## ଶବ୍ଦାନୁବାଦ

ଶନୈଃ=କ୍ରମଶଃ; ଶନୈଃ=କ୍ରମେ କ୍ରମେ; ଉପରମେତ୍=ଶାନ୍ତହେବା; ବୁଦ୍ଧ୍ୟା=ବୁଦ୍ଧିବଳରେ; ଧୃତି-ଗୃହୀତୟା=ଦୃଢ଼ ଧାରଣାର ବଶବର୍ତ୍ତୀ ହୋଇ; ଆତ୍ମ-ସଂସ୍ଥମ୍=ଆତ୍ମାରେ ବା ଦିବ୍ୟଭାବରେ ସ୍ଥିର ହୋଇ; ମନଃ=ମନ; କୃତ୍ୱା=ଏପରିକରି; ନ=ଅନ୍ୟ କିଛିନୁହେଁ; କିଞ୍ଚିତ୍=କିଛିହେଲେ; ଅପି=ଏପରି କି; ଚିନ୍ତୟେତ୍=ଚିନ୍ତାକରି ।

## ଅନୁବାଦ

**ବ୍ୟକ୍ତି କ୍ରମଶଃ ପୂର୍ଣ୍ଣ ବିଶ୍ୱାସର ସହିତ ବୁଦ୍ଧିବଳରେ ସମାଧିରେ ସ୍ଥିରହେବ ଏବଂ ଏହିପରି ଭାବରେ ମନକୁ ଆତ୍ମାରେ ସ୍ଥିର କରିବାକୁ ହେବ ଏବଂ ଅନ୍ୟକିଛି ଭାବିବାକୁ ପଡ଼ିବ ନାହିଁ ।**

## ଭାବାର୍ଥ

ଦୃଢ଼ ବିଶ୍ୱାସ ଓ ବୁଦ୍ଧିବଳରେ ବ୍ୟକ୍ତିକୁ କ୍ରମଶଃ ଇନ୍ଦ୍ରିୟ କ୍ରିୟା ବନ୍ଦ କରିବାକୁ ପଡ଼ିବ । ଏହାକୁ ପ୍ରତ୍ୟାହାର କୁହାଯାଏ । ଦୃଢ଼ ବିଶ୍ୱାସ, ଧ୍ୟାନ ଓ ଇନ୍ଦ୍ରିୟ ନିରୋଧ ବଳରେ ମନ ସଂଯତ ହୋଇ ସମାଧିରେ ସ୍ଥିର ହେବା ଉଚିତ୍ । ସେ ସମୟରେ ବା ସେ ଅବସ୍ଥାରେ ଆଉ ଭୌତିକ ଜୀବନଯାପନର କୌଣସି ଆଶଙ୍କା ନଥାଏ । ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ, ଯଦିଓ ଏ ଭୌତିକ ଶରୀର ଥିବା ପର୍ଯ୍ୟନ୍ତ ବ୍ୟକ୍ତି ଭୌତିକ ବିଷୟବସ୍ତୁ ସହିତ ସଂଶ୍ଲିଷ୍ଟ ହେଉଥାଏ, ତଥାପି ସେ ଇନ୍ଦ୍ରିୟ ତୃପ୍ତି କଥା ଚିନ୍ତା କରିବା ଉଚିତ୍ ନୁହେଁ । ଭଗବାନଙ୍କର ଆନନ୍ଦ ବା ତୃପ୍ତି ବ୍ୟତୀତ ଅନ୍ୟ କୌଣସି ପ୍ରକାର ଆନନ୍ଦ ବା ତୃପ୍ତି କଥା ଚିନ୍ତା କରିବା ଉଚିତ୍ ନୁହେଁ । ସିଧାସଳଖ କୃଷ୍ଣଚେତନା ଅଭ୍ୟାସ କଲେ ଏ ପ୍ରକାର ଅବସ୍ଥା ପ୍ରାପ୍ତ ହୋଇଯାଏ ।

## ଶ୍ଳୋକ - ୨୬

**ଯତୋ ଯତୋ ନିଶ୍ଚଳତି ମନଶ୍ଚଞ୍ଚଳମସ୍ଥିରମ୍ ।**
**ତତସ୍ତତୋ ନିୟମ୍ୟୈତଦାତ୍ମନ୍ୟେବ ବଶଂ ନୟେତ୍ ।।୨୬।।**

## ଶବ୍ଦାନୁବାଦ

ଯତଃ=ଯେଣୁ; ଯତଃ=ଯେଣୁ; ନିଶ୍ଚଳତି=ବିଚଳିତ ହୁଏ; ମନଃ=ମନ; ଚଞ୍ଚଳମ୍=ଚଞ୍ଚଳ; ଅସ୍ଥିରମ୍=ଅସ୍ଥିର; ତତଃ=ତେଣୁ; ତତଃ=ଏବଂ ତତ୍ପରେ; ନିୟମ୍ୟ=ନିୟନ୍ତ୍ରିତ କରି; ଏତତ୍=ଏହାକୁ; ଆତ୍ମନି=ଆତ୍ମାରେ; ଏବ=ନିଶ୍ଚିତଭାବେ; ବଶମ୍=ଅଧୀନ; ନୟେତ୍=ଆଣିବା ଉଚିତ୍ ।

## ଅନୁବାଦ

**ମନ ଅତି ଚଞ୍ଚଳ ଓ ଅସ୍ଥିର । ତା'ର ଏହି ସ୍ୱଭାବ ଯୋଗୁଁ ଯଦି ମନ ବିଚଳିତ ହୁଏ, ଅର୍ଥାତ୍ ଅନ୍ୟତ୍ର ଗୁଳିଯାଏ, ଧ୍ୟାନର ବସ୍ତୁଠାରୁ ଦୂରେଇଯାଏ, ତାହାହେଲେ ବ୍ୟକ୍ତି ସେଠାରୁ ତାକୁ ଫେରାଇ ଆଣିବା ଉଚିତ୍ ଏବଂ ଆତ୍ମାର ଅଧୀନରେ ପୁଣି ଅବସ୍ଥାପିତ କରିବା ଉଚିତ୍ ।**

## ଭାବାର୍ଥ

ମନର ସ୍ୱଭାବ ହେଲା ସେ ଅତି ଚଞ୍ଚଳ ଓ ଅସ୍ଥିର, କିନ୍ତୁ ଆତ୍ମାନୁଭୂତି ଲାଭ କରିଥିବା ଯୋଗୀ ମନକୁ ବଶୀଭୂତ କରିବ, ନିଜେ ମନର ବଶୀଭୂତ ହେବନାହିଁ । ଯେ ମନ ଓ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରିପାରିଛି ସେ ଗୋସ୍ୱାମୀ ବା ସ୍ୱାମୀ ଅଟେ; କିନ୍ତୁ ଯେ ମନର ବଶ ଅଟେ, ତାକୁ 'ଗୋଦାସ' ବା ମନର ଦାସ ବୋଲି କୁହାଯାଏ । ଇନ୍ଦ୍ରିୟ ସୁଖ କେତେଦୂର ବା କେତେ ପରିମାଣରେ କରାଯାଇ ପାରିବ, ତାହା ଗୋସ୍ୱାମୀ ଜାଣନ୍ତି । ଦିବ୍ୟ ଇନ୍ଦ୍ରିୟ ସୁଖରେ ଇନ୍ଦ୍ରିୟଗୁଡ଼ିକ ହୃଷୀକେଶ, ଅର୍ଥାତ୍ ଇନ୍ଦ୍ରିୟମାନଙ୍କର ପ୍ରଭୁ କୃଷ୍ଣଙ୍କର ସେବାରେ ନିଯୁକ୍ତ ହେବା ଉଚିତ୍ । ବିଶୁଦ୍ଧ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ କୃଷ୍ଣଙ୍କର ସେବାକଲେ, ତାହାକୁ କୃଷ୍ଣଚେତନା କୁହାଯାଏ । ଇନ୍ଦ୍ରିୟମାନଙ୍କୁ ସଂପୂର୍ଣ୍ଣ ରୂପେ ଆୟତ୍ତ କରିବାର ଏହାହିଁ ହେଉଛି ଉପାୟ । ଆଉ ଅଧିକ କ'ଣ ? ଏହା ହେଉଛି ଯୋଗ ସାଧନାର ସର୍ବୋଚ୍ଚ ସିଦ୍ଧି ।

## ଶ୍ଳୋକ - ୨୭

**ପ୍ରଶାନ୍ତମନସଂ ହ୍ୟେନଂ ଯୋଗିନଂ ସୁଖମୁତ୍ତମମ୍ ।**
**ଉପୈତି ଶାନ୍ତରଜସଂ ବ୍ରହ୍ମଭୂତମକଲ୍ମଷମ୍ ।। ୨୭ ।।**

## ଶବ୍ଦାନୁବାଦ

ପ୍ରଶାନ୍ତ=କୃଷ୍ଣଙ୍କର ପଦାରବିନ୍ଦରେ ମନ ସ୍ଥିର; ମନସମ୍=ଯାହାର ମନ ସ୍ଥିର ହୋଇଛି ତାହାର; ହି=ନିଶ୍ଚିତଭାବେ; ଏନମ୍=ଏହାକୁ; ଯୋଗିନମ୍=ଯୋଗୀ; ସୁଖମ୍=ସୁଖ; ଉତ୍ତମମ୍= ସର୍ବୋତ୍ତମ; ଉପୈତି=ପ୍ରାପ୍ତ ହୁଏ; ଶାନ୍ତ-ରଜସମ୍=ଶାନ୍ତରଜ; ବ୍ରହ୍ମ-ଭୂତମ୍=ବ୍ରହ୍ମ ବା ଭଗବାନ୍‌ଙ୍କ ସହ ଏକ ହୋଇ ମୁକ୍ତ ହେବା; ଅ-କଲ୍ମଷମ୍=ସମସ୍ତ ବିଗତ ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ।

## ଅନୁବାଦ

**ଯେଉଁ ଯୋଗୀର ମନ ମୋ'ଠାରେ ସ୍ଥିର ହୋଇଛି, ସେ ବାସ୍ତବରେ ସର୍ବୋତ୍ତମ ସୁଖ ଲାଭ କରିଛି । ଯୋଗୀ ବ୍ରହ୍ମସହ ଏକ ହୋଇଥିବା ଗୁଣଯୋଗୁଁ ମୁକ୍ତ ହୋଇଯାଏ, ତା'ର ମନ ଶାନ୍ତ ହୋଇଯାଏ, ରଜ ଶାନ୍ତ ହୋଇଯାଏ ଏବଂ ସେ ପାପରୁ ମୁକ୍ତ ହୋଇଯାଏ ।**

## ଭାବାର୍ଥ

'ବ୍ରହ୍ମଭୂତ' ଅବସ୍ଥା କହିଲେ ଭୌତିକ ଦୋଷରୁ ମୁକ୍ତ ହୋଇ ଭଗବାନଙ୍କର ଦିବ୍ୟ ସେବାରେ ନିଯୁକ୍ତ ହେବା ଅବସ୍ଥାକୁ ବୁଝାଏ । *''ମଦ୍‌ଭକ୍ତିଂ ଲଭତେ ପରାମ୍ ।''* (ଗୀତା ୧୮-୫୪) । ଯୋଗୀର ମନ ଭଗବାନଙ୍କର ପଦାରବିନ୍ଦରେ ସ୍ଥିର ନହେଲେ ସେ କଦାପି ବ୍ରହ୍ମଙ୍କ ସହ ଗୁଣରେ ସମାନ ହୋଇପାରିବ ନାହିଁ ବା ସେ ଅବସ୍ଥାରେ ରହିପାରିବ ନାହିଁ । *''ସ ବୈ ମନଃ କୃଷ୍ଣ ପଦାରବିନ୍ଦୟୋଃ ।''* ସର୍ବଦା ଭଗବାନଙ୍କର ଦିବ୍ୟ ସେବାରେ ନିଯୁକ୍ତ ହୋଇ ରହିବା ଅର୍ଥାତ୍ କୃଷ୍ଣଚେତନାରେ ରହିବା ହିଁ ହେଉଛି ବ୍ରହ୍ମଭୂତ ଅବସ୍ଥା । ଏହି ଅବସ୍ଥାରେ

ରହିଲେ ବ୍ୟକ୍ତି ବାସ୍ତବରେ ରଜୋଗୁଣରୁ ଏବଂ ସମସ୍ତପ୍ରକାର ଭୌତିକ ଦୋଷରୁ ମୁକ୍ତ ହୋଇଯାଏ ।

## ଶ୍ଲୋକ - ୨୮

**ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ବିଗତକଳ୍ମଷଃ ।**
**ସୁଖେନ ବ୍ରହ୍ମସଂସ୍ପର୍ଶମତ୍ୟନ୍ତଂ ସୁଖମଶ୍ନୁତେ ।। ୨୮ ।।**

## ଶବ୍ଦାନୁବାଦ

ଯୁଞ୍ଜନ୍=ଏହିପରି ଯୋଗାଭ୍ୟାସ କରି; ଏବମ୍=ଏହିପରି; ସଦା=ସର୍ବଦା; ଆତ୍ମାନମ୍=ଆତ୍ମା; ଯୋଗୀ=ଯେ ପରମାତ୍ମାଙ୍କ ସହିତ ଯୁକ୍ତ ହୋଇଛି; ବିଗତ=ମୁକ୍ତ; କଳ୍ମଷଃ=ସମସ୍ତପ୍ରକାର ଭୌତିକ ଦୋଷ; ସୁଖେନ=ଦିବ୍ୟ ସୁଖରେ; ବ୍ରହ୍ମ-ସଂସ୍ପର୍ଶମ୍=ବରାବର ଭଗବାନ୍‌ଙ୍କ ସହ ସଂଯୁକ୍ତ ହୋଇ; ଅତ୍ୟନ୍ତମ୍=ସର୍ବୋଚ୍ଚ; ସୁଖମ୍=ସୁଖ; ଅଶ୍ନୁତେ=ଭୋଗକରେ ।

## ଅନୁବାଦ

**ଯୋଗୀ ସମସ୍ତପ୍ରକାର ଭୌତିକ ଦୋଷରୁ ମୁକ୍ତ ହୋଇ. ଆତ୍ମାରେ ସ୍ଥିର ରହି ପରମାତ୍ମାଙ୍କ ସହ ବରାବର ଯୁକ୍ତ ହୋଇ ସର୍ବୋଚ୍ଚ ସିଦ୍ଧିଲାଭ କରେ ।**

## ଭାବାର୍ଥ

ଅତ୍ମାନୁଭୂତି ଲାଭର ଅର୍ଥ ହେଲା ପରମାତ୍ମାଙ୍କ ସହ ଜୀବାତ୍ମାର କି ସମ୍ପର୍କ ଅଛି ତାହା ଜାଣି ସ୍ୱରୂପସ୍ଥିତିରେ ରହିବା । ଜୀବାତ୍ମା ପରମାତ୍ମାଙ୍କର ଅଂଶବିଶେଷ ଅଟେ ଏବଂ ଭଗବାନଙ୍କର ଦିବ୍ୟ ସେବାରେ ନିଯୁକ୍ତ ହେବା ହେଉଛି ତା'ର କାମ । ଭଗବାନଙ୍କ ସହ ଏ ଦିବ୍ୟ ସଂପର୍କ ସ୍ଥାପନ କରିବାକୁ ବ୍ରହ୍ମସଂସ୍ପର୍ଶ ବୋଲି କୁହାଯାଏ ।

## ଶ୍ଲୋକ - ୨୯

**ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।**
**ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ।। ୨୯ ।।**

## ଶବ୍ଦାନୁବାଦ

ସର୍ବ-ଭୂତ-ସ୍ଥମ୍=ସମସ୍ତ ଜୀବମଧ୍ୟରେ ଅବସ୍ଥିତ; ଆତ୍ମାନମ୍=ପରମାତ୍ମା; ସର୍ବ=ସମସ୍ତ; ଭୂତାନି=ଜୀବ; ଚ=ମଧ୍ୟ; ଆତ୍ମନି=ଆତ୍ମାରେ; ଈକ୍ଷତେ=ଦେଖେ; ଯୋଗ-ଯୁକ୍ତ-ଆତ୍ମା=ଯେ କୃଷ୍ଣଚେତନଶୀଳ; ସର୍ବତ୍ର=ସବୁଠାରେ; ସମ-ଦର୍ଶନଃ=ସମାନଭାବରେ ଦେଖିବା ।

## ଅନୁବାଦ

**ଯେ ପ୍ରକୃତ ଯୋଗୀ ସେ ମୋତେ ସମସ୍ତଙ୍କଠାରେ ଦେଖେ, ପୁନଶ୍ଚ ସବୁ ଜୀବଙ୍କୁ ମୋ'ଠାରେ ଦେଖେ । ବାସ୍ତବରେ ଏକ ଆତ୍ମତତ୍ତ୍ୱବିତ୍ ଯୋଗୀ ସର୍ବତ୍ର ମୋତେ ହିଁ ଦେଖେ ।**

## ଭାବାର୍ଥ

ଯେ କୃଷ୍ଣଚେତନଶୀଳ ଯୋଗୀ, ସେ ଦିବ୍ୟଦ୍ରଷ୍ଟା ଅଟେ, କାରଣ ସେ କୃଷ୍ଣଙ୍କୁ ହିଁ ଦେଖେ। ସେ ଦେଖେ ଯେ କୃଷ୍ଣ ସମସ୍ତଙ୍କ ହୃଦୟରେ ପରମାତ୍ମାରୂପେ ବିଦ୍ୟମାନ । *"ଈଶ୍ୱରଃ ସର୍ବଭୂତାନାମ୍ ହୃଦ୍ଦେଶେଽର୍ଜୁନ ତିଷ୍ଠତି ।"* ଭଗବାନ୍ ପରମାତ୍ମା ରୂପରେ କୁକୁର ଓ ବ୍ରାହ୍ମଣ ଉଭୟଙ୍କ ହୃଦୟରେ ବିଦ୍ୟମାନ । ଯେ ପ୍ରକୃତ ଯୋଗୀ ସେ ଏକଥା ଭଲଭାବରେ ଜାଣେ ଯେ, ଭଗବାନ ଶାଶ୍ୱତଭାବେ ଦିବ୍ୟ ଅଟନ୍ତି । ସେ କୁକୁର କିମ୍ବା ବ୍ରାହ୍ମଣ ହୃଦୟରେ ଅବସ୍ଥାନ କଲେ ସୁଦ୍ଧା ଭୌତିକ ଦୋଷଦୁଷ୍ଟ ହୁଅନ୍ତି ନାହିଁ । ଏହା ହେଉଛି ଭଗବାନଙ୍କର ପରମ ନିରପେକ୍ଷତା । ଆତ୍ମା ମଧ୍ୟ ପ୍ରତ୍ୟେକ ଜୀବ ମଧ୍ୟରେ ବିଦ୍ୟମାନ; କିନ୍ତୁ ସେ ସମସ୍ତଙ୍କ ହୃଦୟରେ ନଥା'ନ୍ତି । (ଅର୍ଥାତ୍ ଏକ ଆତ୍ମା ଏକ ନିର୍ଦ୍ଦିଷ୍ଟ ଜୀବ ହୃଦୟରେ ବିଦ୍ୟମାନ ଥାଏ, କିନ୍ତୁ ସେ ଆତ୍ମା ସବୁ ହୃଦୟରେ ନଥା'ନ୍ତି । ପରମାତ୍ମା ସମସ୍ତଙ୍କ ହୃଦୟରେ ଥା'ନ୍ତି) । ଏହାହିଁ ହେଉଛି ଜୀବାତ୍ମା ଓ ପରମାତ୍ମାଙ୍କ ମଧ୍ୟରେ ପାର୍ଥକ୍ୟ । ଯେ ପ୍ରକୃତ ଯୋଗ ସାଧନା ନ କରୁଥାଏ, ସେ କଦାପି ଏହା ପରିଷ୍କାର ଭାବରେ ଦେଖି ପାରିବ ନାହିଁ । ଯେ କୃଷ୍ଣଚେତନଶୀଳ, ସେ ଆସ୍ତିକ ଓ ନାସ୍ତିକ ଉଭୟଙ୍କ ହୃଦୟରେ କୃଷ୍ଣଙ୍କୁ ଦେଖିପାରେ । 'ସ୍ମୃତି'ରେ ଏହା ନିମ୍ନମତେ ସ୍ୱୀକୃତ ହୋଇଅଛି –

*"ଆତତ୍ତ୍ୱାତ୍ ଚ ମାତୃତ୍ୱାଦ୍ ଆତ୍ମା ହି ପରମୋ ହରିଃ ।"*

ଭଗବାନ୍ ହେଉଛନ୍ତି ସମସ୍ତ ଜୀବର ମୂଳ ବୀଜ, ତେଣୁ ସେ ହେଉଛନ୍ତି ମା'ଙ୍କ ପରି ଏବଂ ସେ ହେଉଛନ୍ତି ପାଳନକର୍ତ୍ତା । ଯେପରି ମା' ସବୁ ପିଲାଙ୍କ ପ୍ରତି ନିରପେକ୍ଷ ବ୍ୟବହାର କରେ, ଠିକ୍ ସେହିପରି ପରମପିତା (ବା ମାତା) ସମସ୍ତଙ୍କ ପ୍ରତି ନିରପେକ୍ଷ ବ୍ୟବହାର କରନ୍ତି। ଫଳତଃ ପରମାତ୍ମା ସର୍ବଦା ପ୍ରତ୍ୟେକ ଜୀବ ମଧ୍ୟରେ ଅଛନ୍ତି । ବାହ୍ୟତଃ ପ୍ରତ୍ୟେକ ଜୀବ ମଧ୍ୟ ଭଗବାନଙ୍କର ଶକ୍ତିରେ ଅବସ୍ଥିତ । ସପ୍ତମ ଅଧ୍ୟାୟରେ କୁହାଯାଇଛି, ଭଗବାନଙ୍କର ପ୍ରଧାନତଃ ଦୁଇଟି ଶକ୍ତି ଅଛି - ପରା ପ୍ରକୃତି (ଦିବ୍ୟଶକ୍ତି ବା ଉଚ୍ଚତର ଶକ୍ତି) ଏବଂ ଅପରା ପ୍ରକୃତି ଭୌତିକ ଶକ୍ତି (ବା ନୀଚତର ଶକ୍ତି) । ଯଦିଓ ଜୀବ ଭଗବାନଙ୍କର ଉଚ୍ଚତର ଶକ୍ତିର ଅଂଶ, ତଥାପି ସେ ନୀଚତର ଶକ୍ତିଦ୍ୱାରା ବନ୍ଧା ହୋଇଛି । ଜୀବ ସର୍ବଦା ଭଗବାନଙ୍କ ଶକ୍ତିରେ ରହିଛି । ଦୁଇଟି ଶକ୍ତି ମଧ୍ୟରୁ ଯେ-କୌଣସି ଗୋଟିଏ ଶକ୍ତି ମଧ୍ୟରେ ଜୀବ ବରାବର ଅଛି । ଯୋଗୀ ସମଦର୍ଶୀ ଅଟନ୍ତି, କାରଣ ସେ ଜାଣିଥାନ୍ତି ଯେ ଯଦିଓ ଜୀବଗଣ ସେମାନଙ୍କ କର୍ମଫଳ ଯୋଗୁଁ ବିଭିନ୍ନ ସ୍ଥିତିରେ ଅଛନ୍ତି, ତଥାପି ପ୍ରତ୍ୟେକ ସ୍ଥିତିରେ ସେମାନେ ଭଗବାନଙ୍କର ସେବକ ଅଟନ୍ତି । ଜୀବ ଭୌତିକ ସ୍ଥିତିରେ ଥିଲାବେଳେ ଜଡ଼େନ୍ଦ୍ରିୟର ସେବାକରେ, କିନ୍ତୁ ସେ ଯେତେବେଳେ ଦିବ୍ୟ ଶକ୍ତିରେ (ବା ଉଚ୍ଚତର ଶକ୍ତିରେ) ଅବସ୍ଥାନ କରେ ସେତେବେଳେ ସିଧାସଳଖ ଭଗବାନଙ୍କର ସେବା କରେ । ଯେପରି ହେଉ ଜୀବ ଭଗବାନଙ୍କର ସେବକ ଅଟେ । ଯେଉଁ ବ୍ୟକ୍ତି କୃଷ୍ଣଚେତନାରେ ଅଛନ୍ତି, ତାଙ୍କର ଏ ସମଦୃଷ୍ଟି ରହିଛି ।

## ଶ୍ଳୋକ - ୩୦

**ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।**
**ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି ।।୩୦।।**

## ଶବ୍ଦାନୁବାଦ

ଯଃ=ଯେ; ମାମ୍=ମୋତେ; ପଶ୍ୟତି=ଦେଖେ; ସର୍ବତ୍ର=ସବୁଠାରେ; ସର୍ବମ୍=ସବୁ; ଚ=ଏବଂ; ମୟି=ମୋଠାରେ; ପଶ୍ୟତି=ଦେଖେ; ତସ୍ୟ=ତାହାର; ଅହମ୍=ମୁଁ; ନ=ନାହିଁ; ପ୍ରଣଶ୍ୟାମି=ହଜିଯାଏ; ସଃ=ସେ; ଚ=ମଧ୍ୟ; ମେ=ମୋତେ; ନ=ନାହିଁ; ପ୍ରଣଶ୍ୟତି=ହଜିଯାଏ ।

## ଅନୁବାଦ

**ଯେ ମୋତେ ସବୁଠାରେ ଦେଖେ ଏବଂ ସବୁକିଛି ମୋ'ଠାରେ ଦେଖେ, ସେ କେବେହେଲେ ମୋ'ଠୁ ହଜିଯାଏ ନାହିଁ କିମ୍ବା ମୁଁ ତା'ଠାରେ ହଜିଯାଏ ନାହିଁ ।**

## ଭାବାର୍ଥ

ଯେଉଁ ବ୍ୟକ୍ତି କୃଷ୍ଣଚେତନାରେ ଅଛି, ସେ ବାସ୍ତବିକ୍ ଭଗବାନ୍ ଶ୍ରୀ କୃଷ୍ଣଙ୍କୁ ସବୁଠାରେ ଦେଖେ ଏବଂ ସବୁ କିଛି କୃଷ୍ଣଙ୍କଠାରେ ଦେଖେ । ଏ ପ୍ରକାର ବ୍ୟକ୍ତି ଭୂତ-ପ୍ରକୃତିର ବିଭିନ୍ନ ପ୍ରକାଶକୁ ଦେଖିପାରେ, କିନ୍ତୁ ପ୍ରତ୍ୟେକ ସ୍ଥଳରେ ସେ କୃଷ୍ଣଚେତନା ହିଁ ଲାଭକରେ, କାରଣ ସେ ଜାଣିଥାଏ ଯେ ପ୍ରତ୍ୟେକଟି କୃଷ୍ଣଙ୍କର ଶକ୍ତିର ପ୍ରକାଶ । କୃଷ୍ଣଙ୍କୁ ଛାଡ଼ି କିଛି ରହିପାରିବ ନାହିଁ ଏବଂ କୃଷ୍ଣ ହିଁ ସମସ୍ତଙ୍କର ପ୍ରଭୁ—ଏହା ହେଉଛି କୃଷ୍ଣଚେତନାର ମୂଳନୀତି । କୃଷ୍ଣଚେତନା କହିଲେ କୃଷ୍ଣ-ପ୍ରେମ-ବୁଦ୍ଧିକୁ ବୁଝାଏ । ଏହା ଭୌତିକ ମୁକ୍ତାବସ୍ଥାଠାରୁ ଆହୁରି ଊର୍ଦ୍ଧ୍ୱରେ ଅବସ୍ଥିତ । ଏ ଅବସ୍ଥା ଆତ୍ମାନୁଭୂତିର ବହୁ ଊର୍ଦ୍ଧ୍ୱରେ ।

ଏ ଅବସ୍ଥାରେ ଭକ୍ତ ପାଖରେ କୃଷ୍ଣ ହେଉଛନ୍ତି ସବୁ ଏବଂ ଭକ୍ତ କୃଷ୍ଣ ପ୍ରେମରେ ପରିପୂର୍ଣ୍ଣ ହୋଇଯାଏ—ଏହି ଅର୍ଥରେ ଏ ଅବସ୍ଥାରେ ଭକ୍ତ କୃଷ୍ଣଙ୍କ ସହ ସମାନ ହୋଇଯାଏ । ଯେତେବେଳେ ଏ ଅବସ୍ଥା ହୋଇଯାଏ ସେତେବେଳେ ଭଗବାନ୍ ଓ ଭକ୍ତଙ୍କ ମଧ୍ୟରେ ଏକ ଦୃଢ଼ ସମ୍ପର୍କ ସ୍ଥାପିତ ହୋଇଯାଏ । ଏ ଅବସ୍ଥାରେ ଜୀବ ଅମରତ୍ୱ ଲାଭ କରେ । ସେତେବେଳେ ଭଗବାନ୍ କେବେହେଲେ ଭକ୍ତର ଦୃଷ୍ଟିର ଅନ୍ତରାଳରେ ରହନ୍ତି ନାହିଁ । କୃଷ୍ଣଙ୍କ ସହ ମିଶିଯିବା ଦିବ୍ୟତାର ବିନାଶ ଅଟେ । ଭକ୍ତ ଏ ବିପଦ ବରଣ କରେ ନାହିଁ । ବ୍ରହ୍ମସଂହିତାରେ କୁହାଯାଇଛି—

*"ପ୍ରେମାଞ୍ଜନ ଚ୍ଛୁରିତ-ଭକ୍ତି ବିଲୋଚନେନ*
*ସନ୍ତଃ ସଦୈବ ହୃଦୟେଷୁ ବିଲୋକୟନ୍ତି ।*
*ଯଂ ଶ୍ୟାମସୁନ୍ଦରଂ ଅଚିନ୍ତ୍ୟ ଗୁଣ ସ୍ୱରୂପମ୍*
*ଗୋବିନ୍ଦମାଦିପୁରୁଷଂ ତମହଂ ଭଜାମି ।।"*

ଅର୍ଥାତ୍—"ଯେଉଁ ଆଦିପୁରୁଷ ଗୋବିନ୍ଦଙ୍କୁ ଭକ୍ତ ପ୍ରେମାଞ୍ଜନଚ୍ଛୁରିତ ନେତ୍ରରେ ଦେଖେ ତାଙ୍କୁ ମୁଁ ବନ୍ଦନା କରୁଛି । ଭକ୍ତର ହୃଦୟରେ ସେ ତାଙ୍କର ଶାଶ୍ୱତ ଶ୍ୟାମସୁନ୍ଦର ରୂପରେ ବିଦ୍ୟମାନ ଥିବାର ଦେଖାଯା'ନ୍ତି ।"

ଏ ଅବସ୍ଥାରେ ଭଗବାନ୍ ଶ୍ରୀକୃଷ୍ଣ କେବେହେଲେ ଭକ୍ତର ଦୃଷ୍ଟିର ଅନ୍ତରାଳକୁ ଯା'ନ୍ତି ନାହିଁ କିମ୍ବା ଭକ୍ତ ଭଗବାନଙ୍କର ଦୃଷ୍ଟିର ଅନ୍ତରାଳକୁ ଯାଏ ନାହିଁ । ଯେଉଁ ଯୋଗୀ ଭଗବାନ୍‌ଙ୍କୁ ପରମାତ୍ମା ରୂପରେ ହୃଦୟରେ ଧ୍ୟାନ କରୁଛି ତା' ପକ୍ଷରେ ମଧ୍ୟ ଏହା ପ୍ରଯୁଜ୍ୟ । ଏ ପ୍ରକାର ଯୋଗୀ ଏକ ଶୁଦ୍ଧ ଭକ୍ତ ହୋଇଯାଏ ଏବଂ ଗୋଟିଏ ମୁହୂର୍ତ୍ତକ ପାଇଁ ଭଗବାନଙ୍କୁ ନିଜମଧ୍ୟରେ ନ ଦେଖି ସେ ରହିପାରନ୍ତି ନାହିଁ ।

## ଶ୍ଳୋକ - ୩୧

**ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।**
**ସର୍ବଥା ବର୍ତମାନୋଽପି ସ ଯୋଗୀ ମୟି ବର୍ତତେ ।।୩୧।।**

## ଶବ୍ଦାନୁବାଦ

ସର୍ବ-ଭୂତ-ସ୍ଥିତମ୍=ସମସ୍ତଙ୍କର ହୃଦୟରେ ଅବସ୍ଥିତ; ଯଃ=ଯେ; ମାମ୍=ମୋତେ; ଭଜତି=ସେବାକରେ (ଭକ୍ତି ଯୋଗରେ ସେବା କରେ ବା ଭଜନ କରେ); ଏକତ୍ୱମ୍= ଏକତ୍ୱ; ଆସ୍ଥିତଃ=ଏହିପରି ଭାବରେ ରହି; ସର୍ବଥା=ସବୁପ୍ରକାରେ; ବର୍ତ୍ତମାନଃ=ବିଦ୍ୟମାନ ରହି; ଅପି=ସତ୍ତ୍ୱେ; ସଃ=ସେ; ଯୋଗୀ=ଯୋଗୀ; ମୟି=ମୋ'ଠାରେ; ବର୍ତତେ=ରହେ ।

## ଅନୁବାଦ

**ଯେଉଁ ଯୋଗୀ ମୋତେ ଏବଂ ସମସ୍ତଙ୍କର ହୃଦୟରେ ଥିବା ପରମାତ୍ମାଙ୍କୁ ଏକ ବୋଲି ଜାଣେ, ସେ ମୋର ପୂଜା କରେ ଏବଂ ସବୁ ପରିସ୍ଥିତିରେ ବା ସର୍ବଦା ମୋ'ଠାରେ ହିଁ ରହିଥାଏ ।**

## ଭାବାର୍ଥ

ଯେଉଁ ଯୋଗୀ ହୃଦୟରେ ଥିବା ପରମାତ୍ମାଙ୍କୁ ଧ୍ୟାନ କରନ୍ତି, ସେ କୃଷ୍ଣଙ୍କର ସ୍ୱାଂଶ ପ୍ରକାଶ ଚତୁର୍ଭୁଜଧାରୀ–ଶଙ୍ଖ, ଚକ୍ର, ଗଦା ଓ ପଦ୍ମଧାରୀ ବିଷ୍ଣୁରୂପକୁ ନିଜ ମଧ୍ୟରେ ଦେଖନ୍ତି । ଯୋଗୀ ଏହା ଜାଣିବା ଉଚିତ୍ ଯେ, ବିଷ୍ଣୁ କୃଷ୍ଣଙ୍କଠାରୁ ଭିନ୍ନ ନୁହନ୍ତି । କୃଷ୍ଣ, ପରମାତ୍ମାରୂପରେ ପ୍ରତ୍ୟେକଙ୍କ ହୃଦୟରେ ବିଦ୍ୟମାନ; ପୁନଶ୍ଚ ଅସଂଖ୍ୟ ଜୀବଙ୍କ ହୃଦୟରେ ଯେଉଁ ଅସଂଖ୍ୟ ପରମାତ୍ମା ବିଦ୍ୟମାନ ଅଛନ୍ତି ସେମାନେ ବିଭିନ୍ନ ନୁହନ୍ତି । ସେମାନେ ଏକ ଏବଂ ଅଭିନ୍ନ । ଯେଉଁ କୃଷ୍ଣ ଚେତନଶୀଳ ବ୍ୟକ୍ତି କୃଷ୍ଣଙ୍କର ଦିବ୍ୟ ସେବାରେ ସର୍ବଦା ନିଯୁକ୍ତ ଅଛନ୍ତି ଏବଂ ଯେଉଁ ସିଦ୍ଧ ଯୋଗୀ ପରମାତ୍ମାଙ୍କ ଧ୍ୟାନରେ ରତ ଅଛନ୍ତି ଏମାନେ ଏକ ଏବଂ ଅଭିନ୍ନ । ଏମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । କୃଷ୍ଣଚେତନଶୀଳ ଯୋଗୀ ଯଦିଓ ଭୌତିକ ସ୍ଥିତିରେ ଥିଲାବେଳେ ବିଭିନ୍ନ ପ୍ରକାର କର୍ମରେ ନିଯୁକ୍ତ ହୋଇଥାଏ, ତଥାପି ସେ ସର୍ବଦା କୃଷ୍ଣଙ୍କଠାରେ ହିଁ ଥାଏ । ଶ୍ରୀଲ ରୂପଗୋସ୍ୱାମୀଙ୍କର ଭକ୍ତିରସାମୃତ ସିନ୍ଧୁରେ ଏହା ସ୍ୱୀକୃତ ହୋଇଅଛି । *''ନିଖିଳାସ୍ୱପ୍ୟ ଅବସ୍ଥାସୁ ଜୀବନ୍ମୁକ୍ତଃ ସ ଉଚ୍ୟତେ ।''* ଭଗବାନଙ୍କର ଯେଉଁ ଭକ୍ତ ସର୍ବଦା କୃଷ୍ଣଚେତନାରେ କର୍ମ କରୁଛି, ସେ ସ୍ୱତଃ ମୁକ୍ତ ଅଟେ । ନାରଦ ପଞ୍ଚରାତ୍ରରେ ଏହା ନିମ୍ନମତେ ସ୍ୱୀକୃତ ହୋଇଅଛି–

*''ଦିକ୍-କାଳାଦି ଅନବଚ୍ଛିନ୍ନେ କୃଷ୍ଣେ ଚେତୋ ବିଧାୟ ଚ ।*
*ତନ୍ମୟୋ ଭବତି କ୍ଷିପ୍ରଂ ଜୀବୋ ବ୍ରହ୍ମଣି ଯୋଜୟେତ୍ ।''*

ଅର୍ଥାତ୍–''କୃଷ୍ଣ ସର୍ବବ୍ୟାପକ ଏବଂ ସ୍ଥାନ ଓ କାଳର ବହୁ ଉର୍ଦ୍ଧ୍ୱରେ ଅବସ୍ଥିତ । କୃଷ୍ଣଙ୍କର ଦିବ୍ୟରୂପରେ ମନକୁ ଏକାଗ୍ର କରି ବ୍ୟକ୍ତି କୃଷ୍ଣଚିନ୍ତାରେ ମଗ୍ନ ହୋଇଯାଏ ଏବଂ ତପରେ ସେ କୃଷ୍ଣସଙ୍ଗଜନିତ ଦିବ୍ୟ ଆନନ୍ଦମୟ ସ୍ଥିତି ଲାଭକରେ ।''

ଯୋଗ ସାଧନା ମାର୍ଗରେ କୃଷ୍ଣଚେତନା ହେଉଛି ସର୍ବୋଚ୍ଚ ସମାଧି ଅବସ୍ଥା । କୃଷ୍ଣ ସମସ୍ତଙ୍କ ହୃଦୟରେ ପରମାତ୍ମାରୂପରେ ବିଦ୍ୟମାନ–ଏହି ଧାରଣା ଯୋଗୀକୁ ବିଶୁଦ୍ଧ କରେ । ଭଗବାନଙ୍କର ଏ ଅଚିନ୍ତ୍ୟ ଶକ୍ତି ବିଷୟରେ ବେଦ ନିମ୍ନମତେ କହେ–

*"ଏକୋଽପି ସନ ବହୁଧା ଯୋଽବଭାତି*
*ଐଶ୍ୱର୍ଯ୍ୟାଦ୍ ରୂପମ୍ ଏକଂ ଚ ସୂର୍ଯ୍ୟବଦ୍ ବହୁଧେୟତେ ।"*

ଅର୍ଥାତ୍–"ବିଷ୍ଣୁ ହେଉଛନ୍ତି ଏକ, କିନ୍ତୁ ସେ ସର୍ବବ୍ୟାପକ । ସେ ଯଦିଓ ଏକ, ତଥାପି ତାଙ୍କର ଅଚିନ୍ତ୍ୟ ଶକ୍ତି ଯୋଗୁଁ ସେ ସର୍ବତ୍ର ବିଦ୍ୟମାନ । ସୂର୍ଯ୍ୟଙ୍କ ଭଳି ସେ ଏକ ସମୟରେ ଅନେକ ସ୍ଥାନରେ ପ୍ରକାଶିତ ହୁଅନ୍ତି ।"

## ଶ୍ଳୋକ - ୩୨

**ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।**
**ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ ।।୩୨।।**

## ଶବ୍ଦାନୁବାଦ

ଆତ୍ମ=ଆତ୍ମା; ଔପମ୍ୟେନ=ଉପମାଦ୍ୱାରା, ନିଜ ତୁଳନାରେ; ସର୍ବତ୍ର=ସବୁଠାରେ; ସମମ୍=ସମାନଭାବେ; ପଶ୍ୟତି=ଦେଖେ; ଯଃ=ଯେ; ଅର୍ଜୁନ=ହେ ଅର୍ଜୁନ; ସୁଖମ୍=ସୁଖ; ବା=କିମ୍ବା; ଯଦି=ଯଦି; ବା=କିମ୍ବା; ଦୁଃଖମ୍=ଦୁଃଖ; ସଃ=ସେ; ଯୋଗୀ=ଯୋଗୀ; ପରମଃ=ଶ୍ରେଷ୍ଠ; ମତଃ=ଗୃହୀତ ହୁଏ ।

## ଅନୁବାଦ

**ହେ ଅର୍ଜୁନ ! ଯେଉଁ ଯୋଗୀ ପ୍ରାଣୀମାନଙ୍କର ସୁଖ-ଦୁଃଖରେ ନିଜ ଆତ୍ମାଭଳି ସେମାନଙ୍କୁ ସମାନ ଦେଖେ ସେ ଶ୍ରେଷ୍ଠ ଯୋଗୀ ଅଟେ ।**

## ଭାବାର୍ଥ

ଯେ କୃଷ୍ଣଚେତନଶୀଳ ସେ ପ୍ରକୃତ ଯୋଗୀ ଅଟେ । ସେ ନିଜର ଆତ୍ମାନୁଭୂତିବଳରେ ସମସ୍ତଙ୍କର ସୁଖ-ଦୁଃଖ କଥା ଜାଣିପାରନ୍ତି । ଜୀବ, କୃଷ୍ଣଙ୍କ ସହିତ ଥିବା ତା'ର ସମ୍ବନ୍ଧକୁ ଭୁଲିଗଲେ ଦୁଃଖପାଏ । କୃଷ୍ଣ, ମାନବର ସମସ୍ତ କର୍ମ-ଫଳର ପରମଭୋକ୍ତା ଅଟନ୍ତି, ଏହି କଥା ଜାଣିଲେ ମାନବ ସୁଖୀ ହେବ । ସମଗ୍ର ପୃଥିବୀ, ଗ୍ରହ, ଉପଗ୍ରହ ଆଦି ସମସ୍ତ ଲୋକର ମାଲିକ ହେଉଛନ୍ତି ଭଗବାନ୍ ଶ୍ରୀକୃଷ୍ଣ । ଯେ ପ୍ରକୃତ ଯୋଗୀ ସେ ସମସ୍ତ ଜୀବର ପରମବନ୍ଧୁ ଅଟନ୍ତି । ଜୀବ କାହିଁକି ଦୁଃଖ ଅନୁଭବ କରୁଛି ସେ ତାହା ଜାଣିଥା'ନ୍ତି । ଜୀବ କୃଷ୍ଣଙ୍କ ସହିତ ଥିବା ତା'ର ସମ୍ବନ୍ଧକୁ ଭୁଲି ଯାଇଥିବା ହେତୁ ଭୂତ ପ୍ରକୃତିର ତ୍ରିଗୁଣଦ୍ୱାରା ବନ୍ଧାହୋଇ ଏ ଭୌତିକ ଜଗତରେ ତ୍ରିତାପରେ ଦଗ୍‌ଧିଭୂତ ହେଉଅଛି । ଯେ କୃଷ୍ଣ ଚେତନଶୀଳ ସେ ସୁଖୀ, କାରଣ ସେ ସର୍ବତ୍ର କୃଷ୍ଣୋପଦେଶ ବାଣ୍ଟିବାକୁ ଚେଷ୍ଟାକରେ । ଯେ ପ୍ରକୃତ ଯୋଗୀ ସେ ଏହାହିଁ କରନ୍ତି । କୃଷ୍ଣଚେତନାର ଗୁରୁତ୍ୱ ସେ ଉପଲବ୍ଧି କରିଥା'ନ୍ତି ଏବଂ ଏହାକୁ ପ୍ରଚାର କରିବା ନିମିତ୍ତ ସେ ଚେଷ୍ଟା କରନ୍ତି । ଯେଉଁ ଯୋଗୀ ଏହା କରନ୍ତି ସେ ଏ ପୃଥିବୀରେ ସର୍ବଶ୍ରେଷ୍ଠ ଲୋକହିତକାରୀ ଅଟନ୍ତି ଏବଂ ସେ ଭଗବାନଙ୍କର ଏକ ପ୍ରିୟ ଭକ୍ତ ବା ସେବକ ଅଟନ୍ତି । *"ନ ତସ୍ମାତ୍ କଶ୍ଚିତ୍ ମେ ପ୍ରିୟକୃତ୍ତମଃ ।"* ଅନ୍ୟ କଥାରେ ଏହାହିଁ କୁହାଯାଇପାରେ ଯେ, ଯେ ଭଗବାନଙ୍କର ଭକ୍ତ ସେ ସର୍ବଦା ସମସ୍ତଙ୍କର ମଙ୍ଗଳ କାମନା କରନ୍ତି ଏବଂ ଏହିପରି ଭାବରେ ସେ ବାସ୍ତବରେ ପ୍ରତ୍ୟେକଙ୍କର ବନ୍ଧୁ । ସେ ହେଉଛନ୍ତି ସର୍ବୋତ୍ତମ ଯୋଗୀ; କାରଣ ସେ ନିଜର ବ୍ୟକ୍ତିଗତ ସୁଖ-ସୁବିଧା ନିମିତ୍ତ ଯୋଗସିଦ୍ଧି କାମନା କରନ୍ତି ନାହିଁ, ସେ ଅନ୍ୟମାନଙ୍କର ଦୁଃଖ ଅପନୋଦନ ନିମିତ୍ତ ଚେଷ୍ଟା କରନ୍ତି । ସେ

କୌଣସି ଜୀବପ୍ରତି ଈର୍ଷାନ୍ୱିତ ହୁଅନ୍ତି ନାହିଁ । ଭଗବାନଙ୍କର ଏକ ପ୍ରିୟ ଭକ୍ତ ଏବଂ ନିଜର ବ୍ୟକ୍ତିଗତ ସୁଖ-ସୁବିଧା ବା ଉନ୍ନତି ନିମିତ୍ତ ଯୋଗସିଦ୍ଧି କାମନା କରୁଥିବା ଯୋଗୀ ମଧ୍ୟରେ ଏହାହିଁ ହେଉଛି ପାର୍ଥକ୍ୟ । ଯେଉଁ ଯୋଗୀ ଭଲଭାବରେ ଧ୍ୟାନ କରିବା ନିମିତ୍ତ ଏକାନ୍ତ ସ୍ଥାନକୁ ଯା'ନ୍ତି, ସେ ଭଗବାନଙ୍କର ଶୁଦ୍ଧ ଭକ୍ତଙ୍କ ଭଳି ଶ୍ରେଷ୍ଠ ଯୋଗୀ ନୁହନ୍ତି; କାରଣ ଭକ୍ତ ସମସ୍ତଙ୍କୁ କୃଷ୍ଣଚେତନଶୀଳ କରାଇବା ପାଇଁ ତାଙ୍କର ଯଥାସାଧ୍ୟ ଚେଷ୍ଟା କରନ୍ତି ।

## ଶ୍ଳୋକ - ୩୩

## ଅର୍ଜୁନ ଉବାଚ

**ଯୋଽୟଂ ଯୋଗସ୍ତ୍ୱୟା ପ୍ରୋକ୍ତଃ ସାମ୍ୟେନ ମଧୁସୂଦନ ।**
**ଏତସ୍ୟାହଂ ନ ପଶ୍ୟାମି ଚଞ୍ଚଳତ୍ୱାତ୍‌ସ୍ଥିତିଂ ସ୍ଥିରାମ୍ ।। ୩୩ ।।**

## ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; ଯଃ=ଯେ (ଯେଉଁ ବିଧି); ଅୟମ୍=ଏହି; ଯୋଗଃ=ଯୋଗ; ତ୍ୱୟା=ଆପଣଙ୍କ ଦ୍ୱାରା; ପ୍ରୋକ୍ତଃ=କୁହାଗଲା; ସାମ୍ୟେନ=ସାଧାରଣତଃ; ମଧୁସୂଦନ=ହେ ମଧୁସୂଦନ; ଏତସ୍ୟ=ଏହାର; ଅହମ୍=ମୁଁ; ନ=ନାହିଁ; ପଶ୍ୟାମି=ଦେଖେ; ଚଞ୍ଚଳତ୍ୱାତ୍=ଚାଞ୍ଚଲ୍ୟ ଯୋଗୁଁ; ସ୍ଥିତିମ୍=ସ୍ଥିତି; ସ୍ଥିରାମ୍=ସ୍ଥିର ।

## ଅନୁବାଦ

**ଅର୍ଜୁନ କହିଲେ, ''ହେ ମଧୁସୂଦନ ! ଆପଣ ଏ ଯେଉଁ ଯୋଗବିଧି କଥା କହିଲେ, ତାହା ମୋ'ପକ୍ଷରେ ଅସମ୍ଭବ ଓ ଅସହ୍ୟ ବୋଧ ହେଉଛି, କାରଣ ଏ ମନ ବଡ଼ ଚଞ୍ଚଳ ଓ ଅସ୍ଥିର ଅଟେ ।**

## ଭାବାର୍ଥ

ଯେଉଁ ଯୋଗବିଧି କଥା ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ (ଯେଉଁ ଯୋଗ ବିଧି କଥା *'ଶୁଚୌଦେଶେ'* ଶବ୍ଦରୁ ଆରମ୍ଭ ହୋଇ *'ଯୋଗୀ ପରମଃ'* ଶବ୍ଦରେ ଶେଷ ହୋଇଛି) ତାହା ଏଠାରେ ଅର୍ଜୁନଙ୍କ ଦ୍ୱରା ପ୍ରତ୍ୟାଖ୍ୟାନ ହେଉଅଛି । ଅର୍ଜୁନ ମନାକରି ଦେଉଛନ୍ତି ଯେ, ସେ ତାହା ଆଚରଣ କରିବାକୁ ଅକ୍ଷମ । ଏ କଳିଯୁଗରେ ଏହା ସମ୍ଭବ ନୁହେଁ । ଏ ଯୁଗରେ ଏକ ସାଧାରଣ ଲୋକ ଘରଦ୍ୱାର ଛାଡ଼ି ଜଙ୍ଗଲରେ କିମ୍ବା ପାହାଡ଼ ପର୍ବତରେ ଥିବା ଏକ ଏକାନ୍ତ ସ୍ଥାନକୁ ଯାଇ ଯୋଗ ସାଧନା କରିବ, ଏହା ସମ୍ଭବପର ନୁହେଁ । ଏ ଯୁଗରେ ଲୋକମାନଙ୍କର ଆୟୁଷ ଖୁବ୍ କମ୍, ପୁଣି ଜୀବନ ସଂଗ୍ରାମ ଅତି ତୀବ୍ର । ଏକ ସରଳ ବା ସହଜ ସାଧନ ବିଧିରେ ଯୋଗ ସାଧନା କରିବା ନିମିତ୍ତ ବା ଆତ୍ମାନୁଭୂତି ଲାଭ ନିମିତ୍ତ ଲୋକମାନେ ଆଗ୍ରହୀ ନୁହନ୍ତି । ଯେତେବେଳେ ଲୋକମାନେ ସହଜ ସାଧନ ପନ୍ଥା ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି, ସେତେବେଳେ ଏ କଠିନ ଯୋଗ ବିଧି କଥା ବା କ'ଣ କହିବା ? ଏ କଠିନ ଯୋଗବିଧିରେ ଏକାନ୍ତ ସ୍ଥାନ ନିର୍ବାଚନ, ଜୀବନଯାତ୍ରା ଢ଼ଙ୍ଗ, ବସିବା ଢ଼ଙ୍ଗ, କଥା ଏବଂ ମନକୁ ବିଷୟସୁଖରୁ ନିବୃତ୍ତ କରିବା କଥା କୁହାଯାଇଛି । ଏକ ବାସ୍ତବ-ପନ୍ଥୀ ମାନବ ହିସାବରେ ଅର୍ଜୁନ ଭାବିଲେ ଯେ, ଏ ଯୋଗବିଧି ଅନୁସରଣ କରିବା ଅସମ୍ଭବ ଅଟେ । ଅର୍ଜୁନ ସାଧାରଣ ବ୍ୟକ୍ତି ନଥିଲେ । ସେ ଅନେକ ସୁବିଧା ପାଇଥିଲେ । ତାହା ସତ୍ତ୍ୱେ ଏ ଯୋଗବିଧିକୁ ପ୍ରତ୍ୟାଖ୍ୟାନ କଲେ । ସେ ରାଜବଂଶୀୟ ଥିଲେ ଏବଂ ତାଙ୍କର ଅନେକ ସଦ୍‌ଗୁଣ

ଥିଲା । ସେ ଜଣେ ବିଶିଷ୍ଟ ଯୋଦ୍ଧା ଥିଲେ । ସେ ଦୀର୍ଘାୟୁ ଥିଲେ ଏବଂ ସର୍ବୋପରି ସେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଅନ୍ତରଙ୍ଗ ବନ୍ଧୁ ଥିଲେ । ବର୍ତ୍ତମାନ ଏ ଯୁଗରେ ଆମ୍ଭମାନଙ୍କର ଯେଉଁ ସୁବିଧା ଅଛି, ତା' ଅପେକ୍ଷା ଯଥେଷ୍ଟ ଅଧିକ ସୁବିଧା ପାଞ୍ଚହଜାର ବର୍ଷ ପୂର୍ବେ ଅର୍ଜୁନ ପାଇଥିଲେ; ତଥାପି ସେ ଏ ଯୋଗବିଧିକୁ ପ୍ରତ୍ୟାଖ୍ୟାନ କଲେ । ବାସ୍ତବରେ ଇତିହାସରେ ଅର୍ଜୁନଙ୍କର ଏ ଯୋଗସାଧନା ସମ୍ବନ୍ଧରେ କିଛି ବିବରଣ ଦେଖିବାକୁ ମିଳେ ନାହିଁ । ତେଣୁ ଏ କଳିଯୁଗରେ ଏ ଯୋଗବିଧି ଅନୁସରଣ ସାଧାରଣତଃ ଅସମ୍ଭବ ଅଟେ । ଅବଶ୍ୟ ଅଳ୍ପ କେତେଲୋକ ଏହାକୁ ଅବଲମ୍ବନ କରି ପାରନ୍ତି, କିନ୍ତୁ ସାଧାରଣ ଲୋକଙ୍କ ପକ୍ଷରେ ଏହା ଅସମ୍ଭବ ଅଟେ । ପାଞ୍ଚହଜାର ବର୍ଷତଳେ ଯଦି ଏହାହେଲା, ତାହାହେଲେ ବର୍ତ୍ତମାନ ବା ଆଉ କ'ଣ କହିବା ? ଯେଉଁମାନେ ତଥାକଥିତ ଯୋଗ ବିଦ୍ୟାଳୟ ବା ସଂଘରେ ଏ ଯୋଗବିଧି ଅନୁକରଣ କରୁଛନ୍ତି, ସେମାନେ ବାସ୍ତବରେ ସମୟର ଅପଚୟ ହିଁ କରୁଛନ୍ତି । ପରମ ଲକ୍ଷ୍ୟ କ'ଣ ତାହା ସେମାନଙ୍କୁ ଜଣାନାହିଁ । ଏ ଦିଗରେ ସେମାନେ ସଂପୂର୍ଣ୍ଣରୂପେ ଅନ୍ଧ ଅଟନ୍ତି ।

## ଶ୍ଳୋକ - ୩୪

**ଚଞ୍ଚଳଂ ହି ମନଃ କୃଷ୍ଣ ପ୍ରମାଥି ବଳବଦ୍‌ଦୃଢ଼ମ୍ ।**
**ତସ୍ୟାହଂ ନିଗ୍ରହଂ ମନ୍ୟେ ବାୟୋରିବ ସୁଦୁଷ୍କରମ୍ ।। ୩୪ ।।**

## ଶବ୍ଦାନୁବାଦ

ଚଞ୍ଚଳମ୍=ଚଞ୍ଚଳ; ହି=ନିଶ୍ଚିତଭାବେ; ମନଃ=ମନ; କୃଷ୍ଣ=ହେ କୃଷ୍ଣ; ପ୍ରମାଥି=ବଡ଼ ଦୁର୍ଦ୍ଦାନ୍ତ, ବଡ଼ ଗୋଳମାଳିଆ; ବଳବତ୍=ବଳିଷ୍ଠ; ଦୃଢ଼ମ୍=କଠିନ; ତସ୍ୟ=ତାହାର; ଅହମ୍=ମୁଁ; ନିଗ୍ରହମ୍=ଦମନ; ମନ୍ୟେ=ଭାବୁଛି; ବାୟୋଃ=ବାୟୁ; ଇବ=ପରି; ସୁଦୁଷ୍କରମ୍=ଅତ୍ୟନ୍ତ କଠିନ ।

## ଅନୁବାଦ

**ହେ କୃଷ୍ଣ ! ଏ ମନ ବଡ଼ ଚଞ୍ଚଳ, ଦୁର୍ଦ୍ଦାନ୍ତ, ଉଦ୍ଧତ ଏବଂ ଖୁବ୍ ବଳିଷ୍ଠ ଅଟେ । ଏହାକୁ ଦମନ କରିବା ମୋ'ବିଗ୍ୱରରେ ବାୟୁକୁ ଅଟକାଇବା ଭଳି ଅତ୍ୟନ୍ତ କଠିନ ବ୍ୟାପାର ଅଟେ ।**

## ଭାବାର୍ଥ

ମନ ଏଡ଼େ ବଳିଷ୍ଠ ଓ ଅବାଧ୍ୟ ଯେ, ବେଳେବେଳେ ଏହା ବୁଦ୍ଧିକୁ ଟପିଯାଏ । ଯଦିଓ ଏହା ବୁଦ୍ଧିର ଅଧୀନ, ତଥାପି ଏହା ବେଳେବେଳେ ତାକୁ ମାନେ ନାହିଁ । ଏ ବାସ୍ତବ ଦୁନିଆରେ ଏକ ସାଧାରଣ ମାନବକୁ ଜୀବନ ସଂଗ୍ରାମ କ୍ଷେତ୍ରରେ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡୁଛି । ଏପରି କ୍ଷେତ୍ରରେ ଏ ମନକୁ ସଂଯତ କରିବା ତା'ପକ୍ଷରେ ବାସ୍ତବିକ୍ ବଡ଼ କଷ୍ଟକର । କୃତ୍ରିମ ଢ଼ଙ୍ଗରେ ବାହାରକୁ ଦେଖାଇବା ପାଇଁ କେହି କେହି ଶତ୍ରୁ ଓ ମିତ୍ର ଉଭୟଙ୍କ ପ୍ରତି ମାନସିକ ସମତା ଆଚରଣ କରି ପାରନ୍ତି; କିନ୍ତୁ କେହି ସଂସାରୀଲୋକ ବାସ୍ତବରେ ଏହା ଆଚରଣ କରିପାରିବ ନାହିଁ; କାରଣ ପ୍ରବାହମାନ ବାୟୁକୁ ରୁଦ୍ଧ କରିବାଠାରୁ ଏହା ଅଧିକ କଷ୍ଟକର ବ୍ୟାପାର ଅଟେ । ବୈଦିକ ସାହିତ୍ୟରେ କୁହାଯାଇଛି–

*ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମ୍ ଏବ ଚ ।*
*ବୁଦ୍ଧିମ୍ ତୁ ସାରଥିଂ ବିଦ୍ଧି ମନଃ ପ୍ରଗ୍ରହମ୍ ଏବ ଚ ।।*

*ଇନ୍ଦ୍ରିୟାଣି ହୟାନାହୁର୍ ବିଷୟାଂସ୍ ତେଷୁ ଗୋଚରାନ୍ ।*
*ଆତ୍ମେନ୍ଦ୍ରିୟ-ମନୋ ଯୁକ୍ତୋ ଭୋକ୍ତେତି ଆହୁର୍ ମନୀଷିଣଃ ।।*

ଅର୍ଥାତ୍—ଏ ଶରୀରରୂପକ ରଥରେ ଜୀବ ହେଉଛି ରଥୀ ଏବଂ ବୁଦ୍ଧି ହେଉଛି ସାରଥି । ମନ ହେଉଛି ଲଗାମ (ବା ଚାଳନ-ଯନ୍ତ୍ର) ଏବଂ ଇନ୍ଦ୍ରିୟଗୁଡ଼ିକ ଘୋଡ଼ା ଅଟନ୍ତି । ଏହିପରି ଭାବରେ ଆତ୍ମା, ମନ ଓ ଇନ୍ଦ୍ରିୟମାନଙ୍କର ସଂସ୍ପର୍ଶରେ ଆସି ସୁଖ କିମ୍ବା ଦୁଃଖ ଭୋଗ କରେ । ବିଶିଷ୍ଟ ମନୀଷିବୃନ୍ଦ ଏହିପରି ଭାବରେ ଜାଣିଛନ୍ତି । ବୁଦ୍ଧି, ମନକୁ ନିର୍ଦ୍ଦେଶ ଦେବାର କଥା, କିନ୍ତୁ ଏ ମନ ଏଡ଼େ ବଳବାନ୍ ଓ ଅବାଧ୍ୟ ଯେ, ଏହା ଅଧିକାଂଶ ସମୟରେ ବୁଦ୍ଧିର ନିର୍ଦ୍ଦେଶକୁ ମାନେନାହିଁ । ଏ ପ୍ରକାର ବଳିଷ୍ଠ ମନକୁ ଯୋଗାଭ୍ୟାସ ଦ୍ୱାରା ସଂଯତ କରାଯିବାର କଥା, କିନ୍ତୁ ଅର୍ଜୁନଙ୍କ ଭଳି ଏକ ସଂସାରୀ ଲୋକ ପକ୍ଷରେ ଯୋଗାଭ୍ୟାସ ସମ୍ଭବପର ନୁହେଁ । ଅର୍ଜୁନଙ୍କର ଯେତେବେଳେ ଏଭଳି ଅବସ୍ଥା, ସେ ସ୍ଥଳରେ ଆଧୁନିକ ମାନବ କଥା ବା କ'ଣ କହିବା ? ଏଠାରେ ଯେଉଁ ଉପମା ଦିଆଯାଇଛି, ତାହା ବଡ଼ ଉପଯୁକ୍ତ ଅଟେ । ପ୍ରବହମାନ ବାୟୁକୁ କେହି ଧରିରଖି ପାରିବେ ନାହିଁ । ଏହା ଅପେକ୍ଷା ଚଞ୍ଚଳ ମନକୁ ସଂଯତ କରିବା ଅଧିକ କଠିନ ଅଟେ । ଏ ଚଞ୍ଚଳ ମନକୁ ସଂଯତ କରିବାର ଏକ ସହଜତମ ଉପାୟ ଶ୍ରୀଚୈତନ୍ୟ ମହାପ୍ରଭୁ ଦେଖାଇ ଦେଇ ଯାଇଛନ୍ତି । ଏହା ହେଉଛି "ହରେକୃଷ୍ଣ" ମହାମନ୍ତ୍ର କୀର୍ତ୍ତନ କରିବା । ଏହା ହେଉଛି ସମଗ୍ର ମାନବ ଜାତିର ପାବନ ମନ୍ତ୍ର ବା ମୁକ୍ତି ମନ୍ତ୍ର । *"ସ ବୈ ମନଃ କୃଷ୍ଣ ପଦାରବିନ୍ଦୟୋଃ"*—ଏହା ହେଉଛି ନିର୍ଦ୍ଦିଷ୍ଟ ପ୍ରଣାଳୀ । ବ୍ୟକ୍ତି ସଂପୂର୍ଣ୍ଣରୂପେ ତା'ର ମନକୁ କୃଷ୍ଣଙ୍କଠାରେ ନିଯୁକ୍ତ କରିବା ଉଚିତ୍ । ତାହାହେଲେ ମନ ଆଉ କେଉଁଆଡ଼େ ଯିବନାହିଁ କିମ୍ବା ବିଚଳିତ ହେବ ନାହିଁ ।

## ଶ୍ଲୋକ - ୩୫

## ଶ୍ରୀଭଗବାନୁବାଚ

**ଅସଂଶୟଂ ମହାବାହୋ ମନୋ ଦୁର୍ନିଗ୍ରହଂ ଚଳମ୍ ।**
**ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ ।। ୩୫ ।।**

## ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ପରମପୁରୁଷ ଭଗବାନ୍ କହିଲେ; ଅ-ସଂଶୟମ୍=ନିଃସନ୍ଦେହ ଭାବରେ; ମହା-ବାହୋ=ହେ ପରମଶକ୍ତିଶାଳୀ; ମନଃ=ମନ; ଦୁର୍ନିଗ୍ରହମ୍=ଦମନ କରିବା କଷ୍ଟ; ଚଳମ୍=ଚଞ୍ଚଳ; ଅଭ୍ୟାସେନ=ଅଭ୍ୟାସଦ୍ୱାରା; ତୁ=କିନ୍ତୁ; କୌନ୍ତେୟ=ହେ କୁନ୍ତୀପୁତ୍ର; ବୈରାଗ୍ୟେଣ=ବୈରାଗ୍ୟଦ୍ୱାରା; ଚ=ମଧ୍ୟ; ଗୃହ୍ୟତେ=ସଂଯତ କରାଯାଇପାରେ ।

## ଅନୁବାଦ

**ଶ୍ରୀ ଭଗବାନ୍ କହିଲେ, "ହେ ମହାବାହୁ କୁନ୍ତୀପୁତ୍ର ! ଏ ଚଞ୍ଚଳ ମନକୁ ସଂଯତ କରିବା ବାସ୍ତବିକ୍ ବଡ଼ କଠିନ, କିନ୍ତୁ (ଅସମ୍ଭବ ନୁହେଁ) ବରାବର ଅଭ୍ୟାସ ଓ ବୈରାଗ୍ୟ ବଳରେ ଏହା ସମ୍ଭବପର ।**

## ଭାବାର୍ଥ

ଏ ଚଞ୍ଚଳ ଓ ଅବାଧ୍ୟ ମନକୁ ସ୍ଥିର କରିବା ବା ସଂଯତ କରିବା, ବାସ୍ତବିକ ବଡ଼ କଠିନ । ଏ ବିଷୟରେ ଯାହା ଅର୍ଜୁନ କହିଲେ, ତାହା ଭଗବାନ୍ ସ୍ୱୀକାର କଲେ, କିନ୍ତୁ ତତ୍ ସଙ୍ଗେ ସଙ୍ଗେ ସେ

କହିଲେ ଯେ ଅଭ୍ୟାସ ଓ ବୈରାଗ୍ୟ ବଳରେ ଏହା ସମ୍ଭବପର । ସେ ଅଭ୍ୟାସ କ'ଣ ? ଆଧୁନିକ ଯୁଗରେ କେହି କଠିନ ନିୟମ ବା ବିଧି-ବିଧାନ ଯଥା– ତୀର୍ଥ ସ୍ଥାନରେ ବାସ କରିବା, ପରମାତ୍ମାଙ୍କଠାରେ ମନୋନିବେଶ କରିବା, ମନ ଓ ଇନ୍ଦ୍ରିୟକୁ ସଂଯମ କରିବା, ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରିବା ଏବଂ ଏକାନ୍ତ ବାସ କରିବା ଆଦି ପାଳନ କରିପାରୁ ନାହାନ୍ତି । କିନ୍ତୁ କୃଷ୍ଣଚେତନା ଅଭ୍ୟାସ କଲେ ବ୍ୟକ୍ତି ନବଧା ଭକ୍ତି ଆଚରଣ କରେ ବା ଭଗବାନଙ୍କ ସେବାରେ ନିଯୁକ୍ତ ହୋଇଯାଏ । ଏ ନବଧା ଭକ୍ତି ମଧ୍ୟରୁ ସର୍ବ ପ୍ରଥମ ହେଲା 'ଶ୍ରବଣଂ' ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଶୁଣିବା । ମନରୁ ସବୁ ମଇଳା ଦୂର କରିବା ନିମିତ୍ତ ଏହା ହେଉଛି ଏକ ଶକ୍ତିଶାଳୀ ଦିବ୍ୟପନ୍ଥା । ବ୍ୟକ୍ତି ଯେତେ ଅଧିକ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଶୁଣିବ, ସେ ସେତେ ଅଧିକ ଦିବ୍ୟଜ୍ଞାନ ପ୍ରାପ୍ତ ହେବ ଏବଂ ବିଷୟବାସନାରୁ ନିବୃତ୍ତ ହେବ, ଅର୍ଥାତ୍ ଯାହାସବୁ ତା'ର ମନକୁ କୃଷ୍ଣଙ୍କଠାରୁ ଦୂରେଇ ନିଅନ୍ତି ସେ ସବୁଥିରୁ ନିବୃତ୍ତ ହେବ । ଯାହା ଭଗବାନଙ୍କ ସମ୍ବନ୍ଧୀୟ ନୁହେଁ, ସେଥିରୁ ମନକୁ ଦୂରେଇ ନେଲେ ବ୍ୟକ୍ତି ଅତି ସହଜରେ ବୈରାଗ୍ୟ ଅଭ୍ୟାସ କରିପାରେ । ବୈରାଗ୍ୟ କହିଲେ ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁରୁ ଦୂରେଇ ନେବା ଏବଂ ଭଗବାନଙ୍କଠାରେ ଲଗାଇବାକୁ ବୁଝାଏ । ଭଗବାନଙ୍କର ସର୍ବିଶେଷରୂପ ବା କୃଷ୍ଣରୂପରେ ମନୋନିବେଶ କରିବା ଅପେକ୍ଷା ଭଗବାନଙ୍କର ନିର୍ବିଶେଷ ରୂପରେ ମନୋନିବେଶ କରି ବୈରାଗ୍ୟ ଆଚରଣ କରିବା ଅଧିକ କଠିନ ଅଟେ । ଏହା ବାସ୍ତବ ପନ୍ଥା ଅଟେ, କାରଣ ଭଗବାନ୍ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଶ୍ରବଣ କଲେ ବ୍ୟକ୍ତି ସ୍ୱତଃ ପରମାତ୍ମାଙ୍କ ପ୍ରତି ଆକୃଷ୍ଟ ହୁଏ । ଏ ପ୍ରକାର ଆସକ୍ତିକୁ *'ପରେଶାନୁଭୂତି'* ବା ଦିବ୍ୟାନୁଭୂତି ବା ଦିବ୍ୟ ସନ୍ତୋଷ ବୋଲି କୁହାଯାଏ । କ୍ଷୁଧାର୍ତ୍ତ ବ୍ୟକ୍ତି ଖାଦ୍ୟ ଖାଇଲା ବେଳେ ପଦେ ପଦେ ଯେପରି ସନ୍ତୋଷ ଲାଭ କରେ, ଠିକ୍ ସେହିପରି ସନ୍ତୋଷ ମିଳେ ଭଗବାନ୍ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଶୁଣିଲେ ବା ଭଗବାନଙ୍କ ସେବାରେ ନିଯୁକ୍ତ ହୋଇଗଲେ । କାରଣ ମନ ଏତଦ୍ୱାରା ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁରୁ ଦୂରେଇ ଯାଏ । ଏହା ହେଉଛି ଉପଯୁକ୍ତ ଚିକିତ୍ସା ଓ ପଥ୍ୟ ଯୋଗେ ରୋଗ ନିରାକରଣ ସଦୃଶ । ଭଗବାନ୍ ଶ୍ରୀକୃଷ୍ଣଙ୍କର ଦିବ୍ୟଲୀଳା ଶ୍ରବଣ, ପାଗଳ ମନର ପାଗଳାମି ଦୂର କରିବା ଦିଗରେ ଏକ ଉପଯୁକ୍ତ ଚିକିତ୍ସା ଅଟେ ଏବଂ କୃଷ୍ଣ ପ୍ରସାଦ ସେ ପାଗଳ ରୋଗୀ ନିମିତ୍ତ ଉପଯୁକ୍ତ ପଥ୍ୟ ଅଟେ । ଏ ଚିକିତ୍ସା ହେଉଛି କୃଷ୍ଣ ଚେତନା ପ୍ରଣାଳୀ ।

## ଶ୍ଲୋକ - ୩୬

**ଅସଂଯତାତ୍ମନା ଯୋଗୋ ଦୁଷ୍ପ୍ରାପ ଇତି ମେ ମତିଃ ।**
**ବଶ୍ୟାତ୍ମନା ତୁ ଯତତା ଶକ୍ୟୋଽବାପ୍ତୁମୁପାୟତଃ ।। ୩୬ ।।**

## ଶବ୍ଦାନୁବାଦ

ଅସଂଯତ=ଜିତେନ୍ଦ୍ରିୟ ନହୋଇ; ଆତ୍ମନା=ମନରେ; ଯୋଗଃ=ଯୋଗ (ବା ଆତ୍ମାନୁଭୂତି ଲାଭ); ଦୁଷ୍ପ୍ରାପଃ=ଦୁଷ୍ପ୍ରାପ୍ୟ (ବା ଲାଭକରିବା କଠିନ); ଇତି=ଏହିପରି; ମେ=ମୋର; ମତିଃ=ମତ; ବଶ୍ୟ=ସଂଯତ; ଆତ୍ମନା=ମନରେ; ତୁ=କିନ୍ତୁ; ଯତତା=ପ୍ରଯତ୍ନ କରୁଥିଲା ବେଳେ; ଶକ୍ୟଃ=ବାସ୍ତବ; ଅବାପ୍ତୁମ୍=ପାଇବାକୁ; ଉପାୟତଃ=ଉପଯୁକ୍ତ ପନ୍ଥା ।

## ଅନୁବାଦ

**ଯାହାର ମନ ଅସଂଯତ ତା'ପକ୍ଷରେ ଯୋଗ ସାଧନା ବା ଆତ୍ମାନୁଭୂତି ଲାଭ କଷ୍ଟକର ବ୍ୟାପାର । କିନ୍ତୁ ଯାହାର ମନ ସଂଯତ ଏବଂ ଯେ ଠିକ୍ ମାର୍ଗରେ ସାଧନା**

**କରେ ବା ପ୍ରଯତ୍ନଶୀଳ ହୁଏ, ସେ ନିଶ୍ଚୟ କୃତକାର୍ଯ୍ୟ ହୁଏ ବା ସାଧନାରେ ସିଦ୍ଧିଲାଭ କରେ । ଏହା ମୋର ଅଭିମତ ।**

## ଭାବାର୍ଥ

ଏଠାରେ ପରମପୁରୁଷ ଭଗବାନ୍ ଘୋଷଣା କରି କହୁଛନ୍ତି, ମନକୁ ଭୌତିକ ସଂସ୍ପର୍ଶରୁ ଦୂରେଇ ନେବା ଦିଗରେ ଯେ ଠିକ୍ ମାର୍ଗରେ ସାଧନା ନକରେ ବା ମନକୁ ଭବରୋଗରୁ ମୁକ୍ତ କରିବା ନିମିତ୍ତ ଯେ ଉପଯୁକ୍ତ ଚିକିତ୍ସା ପ୍ରଣାଳୀ ଗ୍ରହଣ ନକରେ, ସେ ଆତ୍ମାନୁଭୂତି ଲାଭ ଦିଗରେ କୃତକାର୍ଯ୍ୟ ହୋଇପାରିବ ନାହିଁ । ଗୋଟିଏ ଦିଗରେ ମନକୁ ବିଷୟ ଭୋଗରେ ଲଗାଇ ଅନ୍ୟଦିଗରେ ଯୋଗ ସାଧନା କରିବା ଯାହା, କାଠ ଉପରେ ପାଣି ଢ଼ାଳି ନିଆଁ ଲଗାଇବାକୁ ଚେଷ୍ଟା କରିବା ତାହା । ଠିକ୍ ସେହିପରି ମନକୁ ସଂଯତ ନକରି ଯୋଗାଭ୍ୟାସ କରିବା କେବଳ ସମୟର ଅପଚୟ ଅଟେ । ବାହାରକୁ ଦେଖାଇବା ପାଇଁ ଏ ପ୍ରକାର ଯୋଗାଭ୍ୟାସ ଭୌତିକ ଲାଭ ଉଠାଇବା ଦିଗରେ ସହାୟକ ହୋଇପାରେ, କିନ୍ତୁ ଆତ୍ମାନୁଭୂତି ଲାଭ ଦିଗରେ ସୁଫଳପ୍ରଦ ନୁହେଁ । ତେଣୁ ମନକୁ ବରାବର ଭଗବାନଙ୍କର ଦିବ୍ୟସେବାରେ ଲଗାଇ ରଖି ସଂଯତ କରିବା ଉଚିତ୍ । ବ୍ୟକ୍ତି କୃଷ୍ଣଚେତନଶୀଳ ନହେଲେ ବା କୃଷ୍ଣଚେତନାରେ ନିଯୁକ୍ତ ନହେଲେ, ମନକୁ ସ୍ଥିର କରିପାରିବ ନାହିଁ । ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ଖୁବ୍ ସହଜରେ ଯୋଗାଭ୍ୟାସର ଫଳ ଲାଭ କରିପାରେ, ତାକୁ ଆଉ ସ୍ୱତନ୍ତ୍ର ଚେଷ୍ଟା କରିବାକୁ ପଡ଼େନାହିଁ, କିନ୍ତୁ ଏକ ଯୋଗାଭ୍ୟାସକାରୀ ବ୍ୟକ୍ତି କୃଷ୍ଣଚେତନଶୀଳ ନହେଲେ କଦାପି ଯୋଗ ସାଧନାରେ ସିଦ୍ଧିଲାଭ କରିପାରିବ ନାହିଁ ।

## ଶ୍ଳୋକ - ୩୭

## ଅର୍ଜୁନ ଉବାଚ

**ଅଯତିଃ ଶ୍ରଦ୍ଧୟୋପେତୋ ଯୋଗାଚ୍ଚଲିତମାନସଃ ।**
**ଅପ୍ରାପ୍ୟ ଯୋଗସଂସିଦ୍ଧିଂ କାଂ ଗତିଂ କୃଷ୍ଣ ଗଚ୍ଛତି ।। ୩୭ ।।**

## ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; ଅଯତିଃ=ଯୋଗଭ୍ରଷ୍ଟ ବା ଯୋଗ ସାଧନାରେ ଅକୃତକାର୍ଯ୍ୟ ହୋଇଥିବା ଯୋଗୀ; ଶ୍ରଦ୍ଧୟା=ଶ୍ରଦ୍ଧା ବା ବିଶ୍ୱାସ ସହକାରେ; ଉପେତଃ=ନିଯୁକ୍ତ, ଯୋଗାତ୍=ଯୋଗ ପଥରୁ; ଚଳିତ=ଭ୍ରଷ୍ଟ; ମାନସଃ=ଯାହାର ଏ ପ୍ରକାର ମନ ଅଛି; ଅପ୍ରାପ୍ୟ=ନପାଇପାରି; ଯୋଗ-ସଂସିଦ୍ଧିମ୍=ଯୋଗ ସିଦ୍ଧି ବା ଯୋଗର ପୂର୍ଣ୍ଣାବସ୍ଥା; କାମ୍=କି ପ୍ରକାର; ଗତିମ୍=ଗତି; କୃଷ୍ଣ=ହେ କୃଷ୍ଣ; ଗଚ୍ଛତି=ପ୍ରାପ୍ତ ହୁଏ ।

## ଅନୁବାଦ

**ଅର୍ଜୁନ କହିଲେ, "ଯେଉଁ ଯୋଗୀ ପ୍ରଥମେ ଯୋଗସାଧନା ପଥରେ ଗତି କରିଥାଏ, ଅର୍ଥାତ୍ ପ୍ରଥମେ ଖୁବ୍ ଶ୍ରଦ୍ଧା ସହକାରେ ଯୋଗସାଧନାରେ ରତ ହୋଇଥାଏ, କିନ୍ତୁ ପରେ ବିଶେଷ ଚେଷ୍ଟା ଆଉ କରେନାହିଁ; ଯେ ପରେ ପାର୍ଥିବ ମନୋବୃତ୍ତି ଯୋଗୁଁ ଯୋଗ ପଥରୁ ଭ୍ରଷ୍ଟ ହୋଇଯାଏ ଏବଂ ଏଇଥିପାଇଁ ଯୋଗରେ ସିଦ୍ଧି ବା ପୂର୍ଣ୍ଣତା ଲାଭ କରିପାରେ ନାହିଁ, ତାହାର କି ଗତି ହୁଏ ?**

## ଭାବାର୍ଥ

ଭଗବଦ୍ ଗୀତାରେ ଯୋଗସାଧନା ପଦ୍ଧତି ବା ଆତ୍ମାନୁଭୂତିଲାଭର ମାର୍ଗ କଥା କୁହାଯାଇଅଛି। ଆତ୍ମାନୁଭୂତି ଲାଭ ଦିଗରେ ପ୍ରଥମ କଥା ହେଲା, ''ଜୀବ ଏ ଜଡ଼ ଶରୀର ନୁହେଁ, ସେ ଏହାଠାରୁ ଭିନ୍ନ ଏବଂ ସେ ଦିବ୍ୟ ଶାଶ୍ୱତ, ଆନନ୍ଦମୟ ଓ ଜ୍ଞାନମୟ ଜୀବନରେ ହିଁ ପାଇବ ଆନନ୍ଦ''–ଏହି ଜ୍ଞାନ ଲାଭ କରିବା। ଏ ସବୁ ହେଉଛି ଦିବ୍ୟ, ଏହା ଶରୀର ଓ ମନର ବହୁ ଊର୍ଦ୍ଧ୍ୱରେ। ଜ୍ଞାନମାର୍ଗ ଅଷ୍ଟାଙ୍ଗ ଯୋଗମାର୍ଗ କିମ୍ବା ଭକ୍ତିଯୋଗମାର୍ଗ ଅବଲମ୍ବନକରି ବ୍ୟକ୍ତି ଆତ୍ମାନୁଭୂତି ଲାଭ କରିପାରେ। ଏ ପ୍ରତ୍ୟେକ ମାର୍ଗରେ ଜୀବକୁ ସ୍ୱରୂପସ୍ଥିତି କଥା ବୁଝିବାକୁ ପଡ଼ିବ, ତାହାର ଭଗବାନଙ୍କ ସହିତ କି ସମ୍ବନ୍ଧ ଅଛି ଏବଂ କି ପ୍ରକାର କର୍ମ କଲେ ସେ ଭଗବାନଙ୍କ ସହିତ ତା'ର ଛିନ୍ନ ସଂପର୍କକୁ ପୁଣି ଯୋଡ଼ିପାରିବ ଏବଂ କୃଷ୍ଣଚେତନାର ସର୍ବୋଚ୍ଚ ସ୍ତର ଲାଭ କରିପାରିବ–ଏସବୁ କଥା ତା'କୁ ଜାଣିବାକୁ ପଡ଼ିବ। ଏ ତିନୋଟି ମାର୍ଗ ମଧ୍ୟରୁ ଯେ କୌଣସି ଗୋଟିଏ ମାର୍ଗ ଅବଲମ୍ବନ କଲେ ବ୍ୟକ୍ତି ନିଶ୍ଚୟ ପରିଣାମରେ ପରମ ଗତି ଲାଭ କରିପାରିବ, ଏଥିରେ କୌଣସି ସନ୍ଦେହ ନାହିଁ । ଦ୍ୱିତୀୟ ଅଧ୍ୟାୟରେ ଭଗବାନ୍ ଏ କଥା କହିଛନ୍ତି। ସେ କହିଛନ୍ତି ଯେ, ଏ ଦିଗରେ ସ୍ୱଳ୍ପଚେଷ୍ଟା କରିଥିଲେ ସୁଦ୍ଧା, ତାହା ବ୍ୟକ୍ତିକୁ ଭୟଙ୍କର ବିପଦରୁ ରକ୍ଷାକରି ମୁକ୍ତିର ମାର୍ଗ ଦେଖାଇପାରିବ। ଏ ତିନୋଟି ମାର୍ଗ ମଧ୍ୟରୁ ଭକ୍ତିଯୋଗ ମାର୍ଗ ବିଶେଷ କରି ଏ ଯୁଗପାଇଁ ଉପଯୁକ୍ତ ମାର୍ଗ ଅଟେ, କାରଣ ଭଗବତ୍ ଅନୁଭୂତି ଲାଭ କରିବାର ଏହା ହେଉଛି ଏକ ପ୍ରତ୍ୟକ୍ଷ ପନ୍ଥା ଏହାଠାରୁ ବଳି ସିଧାସଳଖ ପନ୍ଥା ଆଉ କିଛି ନାହିଁ । ଭଗବାନ୍ ଶ୍ରୀକୃଷ୍ଣ ଯାହା ଆଗରୁ କହିଛନ୍ତି, ତାହା କେତେଦୂର ସତ୍ୟ, ତାହା ଜାଣିବା ପାଇଁ ବର୍ତ୍ତମାନ ଅର୍ଜୁନ ଏ ପ୍ରଶ୍ନ ପଚାରୁଛନ୍ତି। ତାଙ୍କ କଥାର ସତ୍ୟତା ସମ୍ବନ୍ଧରେ ନିଃସନ୍ଦେହ ହେବା ନିମିତ୍ତ ସେ ବର୍ତ୍ତମାନ ଏ ପ୍ରଶ୍ନ କରୁଛନ୍ତି। ବ୍ୟକ୍ତି ନିଷ୍ଠା ସହକାରେ ଆତ୍ମାନୁଭୂତି ଲାଭ ମାର୍ଗ ଗ୍ରହଣ କରିପାରେ, କିନ୍ତୁ ଜ୍ଞାନଯୋଗ ମାର୍ଗ ଏବଂ ଅଷ୍ଟାଙ୍ଗଯୋଗ ସାଧନା ମାର୍ଗ ସାଧାରଣତଃ ଏ ଯୁଗ ପାଇଁ ଅତ୍ୟନ୍ତ କଠିନ ଅଟେ। ତେଣୁ ସତତ ଚେଷ୍ଟା କରିବା ସତ୍ତ୍ୱେ ବ୍ୟକ୍ତି ନାନା କାରଣରୁ ଅକୃତ କାର୍ଯ୍ୟ ହୁଏ। ପ୍ରଥମତଃ ବ୍ୟକ୍ତି ଏ ପନ୍ଥାକୁ ଠିକ୍ ଭାବରେ ଅନୁସରଣ କରୁ ନଥାଇପାରେ। ସାଧନ ମାର୍ଗ ବା ଏ ଦିବ୍ୟ ପନ୍ଥା ଅବଲମ୍ବନ କରିବାର ଅର୍ଥ ମାୟାଶକ୍ତି ବିରୁଦ୍ଧରେ ଯୁଦ୍ଧ କରିବା, ଫଳତଃ ଯେତେବେଳେ ବ୍ୟକ୍ତି ମାୟାଶକ୍ତି କବଳରୁ ମୁକ୍ତ ହେବାକୁ ଚେଷ୍ଟାକରେ, ସେତେବେଳେ ମାୟା ସାଧକକୁ ନାନା ପ୍ରଲୋଭନ ଦେଖାଇ ପରାସ୍ତ କରିବାକୁ ଚେଷ୍ଟାକରେ। ବଦ୍ଧଜୀବ ଭୂତପ୍ରକୃତିର ତ୍ରିଗୁଣଦ୍ୱାରା ବନ୍ଧା ହୋଇସାରିଛି ଏବଂ ତା'ର ସମସ୍ତ ସାଧନା ସତ୍ତ୍ୱେ ପୁଣି ପ୍ରଲୋଭିତ ହେବାର ବହୁତ ଅବକାଶ ରହିଛି। ଏହାକୁ *''ଯୋଗାତ୍ ଚଳିତ-ମାନସଃ''* କୁହାଯାଏ, ଅର୍ଥାତ୍ ଯୋଗପଥରୁ 'ବିଚ୍ୟୁତ ହେବା' ବୋଲି କୁହାଯାଏ। ଏପରି ଯୋଗ ପଥରୁ ବିଚ୍ୟୁତ ହେବାର ଫଳ କ'ଣ ହେବ ତାହା ଜାଣିବା ପାଇଁ ଅର୍ଜୁନ ଖୁବ୍ ଆଗ୍ରହୀ ହୋଇ ଉଠିଛନ୍ତି।

## ଶ୍ଳୋକ - ୩୮

**କଚ୍ଚିନ୍ନୋଭୟବିଭ୍ରଷ୍ଟଶ୍ଛିନ୍ନାଭ୍ରମିବ ନଶ୍ୟତି ।**
**ଅପ୍ରତିଷ୍ଠୋ ମହାବାହୋ ବିମୂଢ଼ୋ ବ୍ରହ୍ମଣଃ ପଥି ।। ୩୮ ।।**

## ଶବ୍ଦାନୁବାଦ

କଚ୍ଚିତ୍=କେହି; ନ=ନୁହେଁ; ଉଭୟ=ଉଭୟ; ବିଭ୍ରଷ୍ଟଃ=ଭ୍ରଷ୍ଟ; ଛିନ୍ନ=ଛିନ୍ନ, ପତିତ; ଅଭ୍ରମ୍=ମେଘ; ଇବ=ପରି; ନଶ୍ୟତି=ନଷ୍ଟହୁଏ; ଅପ୍ରତିଷ୍ଠଃ=କୌଣସି ପ୍ରକାରସ୍ଥିତି ନଥାଇ; ମହା-ବାହୋ=ହେ ମହାବାହୁ କୃଷ୍ଣ; ବିମୂଢ଼ଃ=ବିଭ୍ରାନ୍ତ; ବ୍ରହ୍ମଣଃ=ବ୍ରହ୍ମର; ପଥି=ପଥରେ।

## ଅନୁବାଦ

**ହେ ମହାବାହୁ କୃଷ୍ଣ ! ଏ ପ୍ରକାର ବ୍ୟକ୍ତି ଯୋଗପଥରୁ ଭ୍ରଷ୍ଟ ହୋଇ, କୌଣସି ସ୍ଥାନରେ ସ୍ଥାନ ନପାଇ ଏକ ଛିନ୍ନ ମେଘଖଣ୍ଡ ପରି ନଷ୍ଟ ହୁଏ ନାହିଁକି ?**

## ଭାବାର୍ଥ

ଉନ୍ନତିର ଦୁଇଟି ମାର୍ଗ ଅଛି । ଯେଉଁମାନେ ଭୌତିକବାଦୀ ସେମାନଙ୍କର ବ୍ରହ୍ମ ବା ଦିବ୍ୟତାରେ ଆଗ୍ରହ ନଥାଏ; ତେଣୁ ସେମାନେ ଆର୍ଥିକ ଅଭିବୃଦ୍ଧି ବା ଭୌତିକ ସମୃଦ୍ଧି ପ୍ରତି ଆଗ୍ରହୀ ହୁଅନ୍ତି କିମ୍ବା ପୁଣ୍ୟକର୍ମ କରି ସ୍ୱର୍ଗପ୍ରାପ୍ତି ନିମିତ୍ତ ଆଗ୍ରହ ପ୍ରକାଶ କରନ୍ତି । ତେଣୁ ଯେତେବେଳେ ବ୍ୟକ୍ତି ଯୋଗପଥର ପଥିକ ହୁଏ; ଅର୍ଥାତ୍ ଆତ୍ମାନୁଭୂତି ଲାଭ ମାର୍ଗରେ ଗତି କରେ, ସେତେବେଳେ ତାକୁ ସମସ୍ତପ୍ରକାର ଭୌତିକ କର୍ମ ଏବଂ ତଥାକଥିତ ଭୌତିକ ସୁଖ ତ୍ୟାଗ କରିବାକୁ ପଡ଼ିବ । ଯଦି ସାଧକ ଏ ସାଧନା କରିବାକୁ ସକ୍ଷମ ନ ହୁଏ, ତାହାହେଲେ ସେ ଉଭୟ ପଥରୁ ଭ୍ରଷ୍ଟ ହୁଏ । ଅନ୍ୟକଥାରେ ଏହାହିଁ କୁହାଯାଇପାରେ, ସେ ଭୌତିକ ସୁଖ କିମ୍ବା ଦିବ୍ୟ ସୁଖ କୌଣସିଟି ଉପଭୋଗ କରିପାରେ ନାହିଁ । ତାହାର କୌଣସି ସ୍ଥିତି ରହେ ନାହିଁ । ସେ ଏକ ଛିନ୍ନ ମେଘଖଣ୍ଡ ସଦୃଶ ହୋଇଯାଏ । ବେଳେବେଳେ ଆକାଶରେ ଗୋଟିଏ ମେଘ ଏକ କ୍ଷୁଦ୍ର ମେଘରୁ ବିଚ୍ୟୁତ ହୋଇଯାଏ ଏବଂ ଏକ ବୃହତ୍ ମେଘଖଣ୍ଡରେ ଯୋଗଦିଏ । ଯଦି ଏହା ଏକ ବୃହତ୍ ଖଣ୍ଡରେ ଯୋଗ ନ ଦେଇ ପାରିବ, ତାହାହେଲେ ପବନରେ ତଡ଼ି ହୋଇଯିବ ଏବଂ ଆକାଶରେ ନିଜର ସ୍ଥିତି ହରାଇବ । 'ବ୍ରହ୍ମଣଃ ପଥି' କହିଲେ ଦିବ୍ୟାନୁଭୂତି ଲାଭର ମାର୍ଗକୁ ବୁଝାଏ । ବ୍ୟକ୍ତି ଯେତେବେଳେ ଜାଣେ ଯେ, ସେ ହେଉଛି ଦିବ୍ୟ ଆତ୍ମା, ପରମ-ପୁରୁଷ ଭଗବାନଙ୍କର ଅଂଶବିଶେଷ, ଯେଉଁ ଭଗବାନ୍ ବ୍ରହ୍ମ; ପରମାତ୍ମା ଓ ଭଗବାନ୍ ରୂପରେ ପ୍ରକାଶିତ ହୋଇଛନ୍ତି, ତାଙ୍କର ଅଂଶବିଶେଷ । ଭଗବାନ୍ ଶ୍ରୀକୃଷ୍ଣ-ଅଦ୍ୱୟଜ୍ଞାନର ପୂର୍ଣ୍ଣପ୍ରକାଶ ଅଟନ୍ତି, ତେଣୁ ଯେଉଁ ବ୍ୟକ୍ତି ସେହି ପରମପୁରୁଷ ଭଗବାନଙ୍କଠାରେ ସଂପୂର୍ଣ୍ଣରୂପେ ଆତ୍ମସମର୍ପଣ କରେ, ସେ ଏକ ସଫଳ ଯୋଗୀ ଅଟେ । ବ୍ରହ୍ମ ଓ ପରମାତ୍ମା ଅନୁଭୂତି ବଳରେ ଏହି ଗତି ଲାଭକରିବା ସହଜ ନୁହେଁ । ଏଥିପାଇଁ ଅନେକ ଜନ୍ମ ବିତାଇବାକୁ ପଡ଼େ– *''ବହୂନାଂ ଜନ୍ମନାମନ୍ତେ''* । ତେଣୁ ପରମଗତି ଲାଭ କରିବାର ପ୍ରକୃଷ୍ଟ ମାର୍ଗ ବା ସର୍ବଶ୍ରେଷ୍ଠ ମାର୍ଗ ହେଲା– କୃଷ୍ଣଚେତନା ମାର୍ଗ ବା ଭକ୍ତିଯୋଗ ମାର୍ଗ । ଏହା ଏକ ସିଧାସଳଖ ପନ୍ଥା ଅଟେ ।

## ଶ୍ଳୋକ - ୩୯

**ଏତନ୍ମେ ସଂଶୟଂ କୃଷ୍ଣ ଛେତ୍ତୁମର୍ହସ୍ୟଶେଷତଃ ।**
**ତ୍ୱଦନ୍ୟଃ ସଂଶୟସ୍ୟାସ୍ୟ ଛେତ୍ତା ନ ହ୍ୟୁପପଦ୍ୟତେ ।। ୩୯ ।।**

## ଶବ୍ଦାନୁବାଦ

ଏତତ୍=ଏହା; ମେ=ମୋର; ସଂଶୟମ୍=ସନ୍ଦେହ; କୃଷ୍ଣ=ହେ କୃଷ୍ଣ; ଛେତ୍ତୁମ୍=ଦୂର କରିବା ନିମିତ୍ତ; ଅର୍ହସି=ଯୋଗ୍ୟ ଅଟନ୍ତି; ଅ-ଶେଷତଃ=ସଂପୂର୍ଣ୍ଣରୂପେ; ତ୍ୱତ୍=ଆପଣ; ଅନ୍ୟଃ=ଅନ୍ୟ (ଆପଣଙ୍କ ବିନା ଆଉ କେହି); ସଂଶୟସ୍ୟ=ସଂଶୟର; ଅସ୍ୟ=ଏହାର; ଛେତ୍ତା=ଯେ ଦୂର କରିପାରିବ; ନ=ନାହିଁ; ହି=ନିଶ୍ଚିତଭାବେ; ଉପପଦ୍ୟତେ=ମିଳିବ ।

## ଅନୁବାଦ

**ହେ କୃଷ୍ଣ ! ଏହା ମୋର ସନ୍ଦେହ ଏବଂ ଏହାକୁ ସଂପୂର୍ଣ୍ଣରୂପେ ଦୂର କରିବା ନିମିତ୍ତ ମୁଁ ଆପଣଙ୍କୁ ଅନୁରୋଧ କରୁଛି । ଆପଣଙ୍କ ବ୍ୟତୀତ ଆଉ କାହାକୁ ମୁଁ ଦେଖୁନାହିଁ, ଯେ କି ମୋର ଏ ସନ୍ଦେହ ଦୂର କରିପାରିବ ।**

## ଭାବାର୍ଥ

କୃଷ୍ଣ ହିଁ ଭୂତ, ଭବିଷ୍ୟତ ଓ ବର୍ତ୍ତମାନ—ଏ ତ୍ରିକାଳର କଥା ଭଲଭାବରେ ଜାଣନ୍ତି । ଭଗବଦ୍‌ଗୀତାର ପ୍ରାରମ୍ଭରେ ଭଗବାନ୍ କହିଛନ୍ତି ଯେ, ସମସ୍ତ ଜୀବ ଅତୀତରେ ସ୍ୱତନ୍ତ୍ରଭାବରେ ଥିଲେ, ବର୍ତ୍ତମାନ ଅଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ବ୍ୟକ୍ତିଗତ ଭାବରେ ରହିବେ । ଏପରିକି ଭୌତିକ ବନ୍ଧନରୁ ମୁକ୍ତ ହେଲାପରେ ମଧ୍ୟ ସେମାନେ ବ୍ୟକ୍ତିଗତ ଭାବରେ ରହିବେ । ଜୀବର ଭବିଷ୍ୟତ ସମ୍ବନ୍ଧୀୟ ପ୍ରଶ୍ନ ସେ ଆଗରୁ ସଫା କରି ଦେଇଛନ୍ତି । ବର୍ତ୍ତମାନ ଅର୍ଜୁନ ଯୋଗଭ୍ରଷ୍ଟର ଭବିଷ୍ୟତ ସମ୍ବନ୍ଧରେ ଜାଣିବାକୁ ଚାହୁଁଛନ୍ତି । କେହି କୃଷ୍ଣଙ୍କ ସହିତ ସମାନ ନୁହନ୍ତି । ତେଣୁ ତଥାକଥିତ ବିଶିଷ୍ଟ ମୁନିଋଷିଗଣ ଏବଂ ଦାର୍ଶନିକଗଣ (ଯେଉଁମାନେ'କି ଭୂତପ୍ରକୃତିର କୃପାପାତ୍ର ଅଟନ୍ତି) ବାସ୍ତବିକ ତାଙ୍କ ସହ କଦାପି ସମାନ ହୋଇପାରିବେ ନାହିଁ । ତେଣୁ କୃଷ୍ଣଙ୍କବାଣୀ ହେଉଛି ଶେଷବାଣୀ ଏବଂ ସମସ୍ତ ସଂଶୟ ବା ପ୍ରଶ୍ନର ପୂର୍ଣ୍ଣ ଉତ୍ତର ସେଥିରେ ଅଛି, କାରଣ ସେ ଭୂତ, ଭବିଷ୍ୟତ ଓ ବର୍ତ୍ତମାନ—ତ୍ରିକାଳର କଥା ଭଲଭାବରେ ଜାଣନ୍ତି, କିନ୍ତୁ କେହି ତାଙ୍କୁ ଜାଣି ପାରନ୍ତି ନାହିଁ । ଏଣୁକରି କୃଷ୍ଣ ଏବଂ କୃଷ୍ଣଚେତନଶୀଳ ଭକ୍ତବୃନ୍ଦ ଜାଣନ୍ତି, କିଏ କ'ଣ ?

## ଶ୍ଳୋକ - ୪୦

## ଶ୍ରୀଭଗବାନୁବାଚ

**ପାର୍ଥ ନୈବେହ ନାମୁତ୍ର ବିନାଶସ୍ତସ୍ୟ ବିଦ୍ୟତେ ।**
**ନ ହି କଲ୍ୟାଣକୃତ୍ କଶ୍ଚିଦ୍ଦୁର୍ଗତିଂ ତାତ ଗଚ୍ଛତି ।।୪୦।।**

## ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ପରମପୁରୁଷ ଭଗବାନ୍ କହିଲେ; ପାର୍ଥ=ହେ ପୃଥାପୁତ୍ର; ନ ଏବ=ଏହା କେବେ ନୁହେଁ; ଇହ=ଏ ଭୌତିକ ଜଗତରେ; ନ=ନୁହେଁ; ଅମୁତ୍ର=ପର ଜୀବନରେ; ବିନାଶଃ=ବିନାଶ; ତସ୍ୟ=ତାହାର; ବିଦ୍ୟତେ=ଅଛି; ନ=ନାହିଁ; ହି=ନିଶ୍ଚିତ-ଭାବେ; କଲ୍ୟାଣ-କୃତ୍=ଯେ ମଙ୍ଗଳମୟକାର୍ଯ୍ୟରେ ନିଯୁକ୍ତ; କଶ୍ଚିତ୍=କାହାରି; ଦୁର୍ଗତିମ୍=ଦୁର୍ଗତି ବା ପତନ; ତାତ=ହେ ସଖେ; ଗଚ୍ଛତି=ଯାଏ ।

## ଅନୁବାଦ

**ଶ୍ରୀ ଭଗବାନ୍ କହିଲେ, ହେ ପୃଥାପୁତ୍ର ! ଯେଉଁ ଯୋଗୀ ମଙ୍ଗଳମୟ କର୍ମରେ ନିଯୁକ୍ତ ସେ କେବେହେଲେ ଇହ ଜଗତରେ କିମ୍ବା ପର ଜଗତରେ (ବା ଚିଦ୍ ଜଗତରେ) ଧ୍ୱଂସ ହୁଏ ନାହିଁ । ହେ ପ୍ରିୟ ବନ୍ଧୁ ! ଯେ ଭଲ କରେ, ତା'ର କଦାପି ଅମଙ୍ଗଳ ହୁଏ ନାହିଁ ।**

## ଭାବାର୍ଥ

ଶ୍ରୀମଦ୍ ଭାଗବତମ୍ (୧-୫-୧୭)ରେ ଶ୍ରୀ ନାରଦ ମୁନି ଶ୍ରୀଲ ବ୍ୟାସଦେବଙ୍କୁ ନିମ୍ନମତେ ଉପଦେଶ ଦେଇ କହୁଛନ୍ତି–

*ତ୍ୟକ୍ତ୍ୱା ସ୍ୱଧର୍ମଂ ଚରଣାମ୍ବୁଜଂ ହରେର୍-*
*ଭଜନ୍ନପକ୍ୱୋଽଥ ପତେତ୍ ତତୋ ଯଦି ।*
*ଯତ୍ର କ୍ୱ ବାଭଦ୍ରମ୍ ଅଭୂଦ୍ ଅମୁଷ୍ୟ କିଂ*
*କୋ ବାର୍ଥ ଆପ୍ତୋଽଭଜତାଂ ସ୍ୱ-ଧର୍ମତଃ ।।*

ଅର୍ଥାତ୍–''ଯଦି କେହି ସମସ୍ତ ପ୍ରକାର ଭୌତିକ କର୍ମ ଓ ସମୃଦ୍ଧି ତ୍ୟାଗ କରି ସଂପୂର୍ଣ୍ଣରୂପେ ପରମପୁରୁଷ ଭଗବାନଙ୍କର ଚରଣାରବିନ୍ଦରେ ଶରଣ ନିଏ, ତାହାହେଲେ ସେଥିରେ କୌଣସି ପ୍ରକାର କ୍ଷତି ହୁଏ ନାହିଁ କିମ୍ବା ତା'ର ପତନ ହୁଏ ନାହିଁ । ଅନ୍ୟପକ୍ଷରେ ଅଭକ୍ତ ତା'ର ଧନ୍ଦାରେ (ସାଂସାରିକ କର୍ମରେ) ସଂପୂର୍ଣ୍ଣରୂପେ ଆତ୍ମନିୟୋଗ କରିପାରେ, କିନ୍ତୁ ସେଥିରେ କୌଣସି ଲାଭ ମିଳେ ନାହିଁ ।'' ଭୌତିକ ସମୃଦ୍ଧି ନିମିତ୍ତ ଉଭୟ ଶାସ୍ତ୍ରୀୟ ଓ ପ୍ରଚଳିତ ରୀତିରେ ଅନେକ ପ୍ରକାର କର୍ମ ଅଛି । କିନ୍ତୁ ଯୋଗୀ ଜୀବନରେ କୃଷ୍ଣଚେତନା ମାର୍ଗରେ ଅଗ୍ରଗତି ଲାଭ କରିବା ନିମିତ୍ତ ସମସ୍ତପ୍ରକାର ଭୌତିକ କର୍ମକୁ ତ୍ୟାଗ କରିବା ଉଚିତ୍ । କେହି ଏପରି ଯୁକ୍ତି କରିପାରେ– କୃଷ୍ଣଚେତନାରେ ପୂର୍ଣ୍ଣତା ଲାଭ କଲେ ବ୍ୟକ୍ତି ପରମଗତି ଲାଭ କରିପାରେ, କିନ୍ତୁ ଯଦି ସେ ପୂର୍ଣ୍ଣତା ଲାଭ ନକରେ, ତାହାହେଲେ ସେ ଭୌତିକ ଓ ଆଧ୍ୟାତ୍ମିକ ଉଭୟ ଦିଗରୁ କ୍ଷତିଗ୍ରସ୍ତ ହୁଏ । ଶାସ୍ତ୍ରରେ କୁହାଯାଇଛି ଯେ, ଯେ ତା'ର କର୍ତ୍ତବ୍ୟ ଠିକ୍ ଭାବରେ ନକରେ, ସେ ଦଣ୍ଡ ଭୋଗକରେ । ତେଣୁ ଯେ ଏ ଦିବ୍ୟକର୍ମ ବା ଭଗବାନଙ୍କ କାମ ଠିକ୍ ଭାବରେ ନ କରେ, ସେ ମଧ୍ୟ ତା'ର ପ୍ରତିକ୍ରିୟା ଭୋଗକରେ । ଭାଗବତମ୍‌ରେ କୁହାଯାଇଛି, ଯୋଗଭ୍ରଷ୍ଟ ବ୍ୟଥିତ ହେବା ଉଚିତ୍ ନୁହେଁ । ସେ ଠିକ୍ ଭାବରେ ତା'ର ସେବା ବା ଭଗବତ୍ କର୍ମକରି ନଥିବା ଯୋଗୁ ଯଦି ଦଣ୍ଡଭୋଗ କରେ, ତଥାପି ତା'ର କିଛି କ୍ଷତି ହୁଏ ନାହିଁ, କାରଣ ମଙ୍ଗଳମୟ କୃଷ୍ଣଚେତନା ବା କୃଷ୍ଣ କର୍ମ କେବେହେଲେ ନଷ୍ଟ ହୁଏ ନାହିଁ ଏବଂ ଯୋଗୀ (ଯେ ଏପରି କର୍ମରେ ନିଯୁକ୍ତ ଅଛି) ସେ ପରଜନ୍ମରେ ନୀଚ କୁଳରେ ଜାତ ହେଲେ ସୁଦ୍ଧା ନିଶ୍ଚୟ ପୂର୍ବପରି ଭଗବତ୍ କର୍ମରେ ନିଯୁକ୍ତ ହେବ । ଅନ୍ୟପକ୍ଷରେ ଯେ କଡ଼ାକଡ଼ି ଭାବରେ କର୍ତ୍ତବ୍ୟ ସଂପାଦନ କରେ, କିନ୍ତୁ ସେ ଯଦି କୃଷ୍ଣଚେତନଶୀଳ ନ ହୁଏ, ତାହାହେଲେ ତା'ର ଶୁଭଫଳ ପ୍ରାପ୍ତିର କୌଣସି ଆବଶ୍ୟକତା ନାହିଁ ।

ଏହାର ତାତ୍ପର୍ଯ୍ୟ ନିମ୍ନ ପ୍ରକାର ଅଟେ । ମାନବମାନଙ୍କୁ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ, ଯଥା–ସଂଯତ ଓ ଅସଂଯତ । ଯେଉଁମାନଙ୍କର ପରଜନ୍ମ ସମ୍ବନ୍ଧରେ ଜ୍ଞାନ ନାହିଁ, କିମ୍ବା ଦିବ୍ୟ ମୁକ୍ତି ସମ୍ବନ୍ଧରେ ଜ୍ଞାନ ନାହିଁ, ଯେଉଁମାନେ କେବଳ ପଶୁପରି ଇନ୍ଦ୍ରିୟ ସୁଖରେ ବ୍ୟସ୍ତ ସେମାନେ, 'ଅସଂଯତ' ବିଭାଗର ଅଟନ୍ତି । ଯେଉଁମାନେ ଶାସ୍ତ୍ରୀୟ ବିଧି-ବିଧାନ ମାନନ୍ତି ସେମାନେ 'ସଂଯତ' ଶ୍ରେଣୀୟ ଅଟନ୍ତି । ଅସଂଯତ ଶ୍ରେଣୀରେ ଥିବା ଉଭୟ ସଭ୍ୟ ଓ ଅସଭ୍ୟ, ଶିକ୍ଷିତ ଓ ଅଶିକ୍ଷିତ, ବଳବାନ୍ ଓ ଦୁର୍ବଳ ପଶୁ ପ୍ରକୃତି ବିଶିଷ୍ଟ ଅଟନ୍ତି । ସେମାନଙ୍କର କର୍ମ କେବେହେଲେ ଶୁଭକର୍ମ ନୁହେଁ, କାରଣ ସେମାନେ ପଶୁ-ପ୍ରବୃତ୍ତିର ବଶବର୍ତ୍ତୀ ହୋଇ କେବଳ ଖାଇବା, ଶୋଇବା, ସ୍ତ୍ରୀ-ସଙ୍ଗ କରିବା ଓ ଆତ୍ମରକ୍ଷା କରିବାରେ ମାତିଥିବାରୁ ସେମାନେ

ବରାବର ଦୁଃଖପୂର୍ଣ୍ଣ ଭୌତିକ ସ୍ଥିତିରେ ହିଁ ରହନ୍ତି । ଅନ୍ୟପକ୍ଷରେ ଯେଉଁମାନେ ଶାସ୍ତ୍ରୀୟ ବିଧି-ବିଧାନ ମାନି ସଂଯତ ଜୀବନଯାପନ କରୁଥା'ନ୍ତି ଏବଂ କ୍ରମଶଃ କୃଷ୍ଣଚେତନା ଲାଭ କରୁଥା'ନ୍ତି ସେମାନେ ନିଶ୍ଚୟ ଜୀବନରେ ଉନ୍ନତି କରନ୍ତି ।

ଯେଉଁମାନେ ଏ ମଙ୍ଗଳମୟ ପଥର ପଥିକ ସେମାନଙ୍କୁ ତିନି ଭାଗରେ ବିଭକ୍ତ କରାଯାଇ ପାରେ, ଯଥା– (୧) ଗୋଟିଏ ଦଳ ଅଛନ୍ତି ଯେଉଁମାନେ ଶାସ୍ତ୍ରୀୟ ବିଧି-ବିଧାନ ମାନି ଚଳନ୍ତି କିନ୍ତୁ ଭୌତିକ ସୁଖ-ସମୃଦ୍ଧି ଉପଭୋଗ କରନ୍ତି, (୨) ଗୋଟିଏ ଦଳ ଅଛନ୍ତି, ଯେଉଁମାନେ ଭୌତିକ ସ୍ଥିତିରୁ ମୁକ୍ତି ପାଇବାର ପନ୍ଥା ଖୋଜୁଥା'ନ୍ତି ଏବଂ (୩) ଗୋଟିଏ ଦଳ ଅଛନ୍ତି ଯେଉଁମାନେ କୃଷ୍ଣଭକ୍ତ ଅଟନ୍ତି । ଯେଉଁମାନେ ଭୌତିକ ସୁଖ-ସମୃଦ୍ଧି ଲାଭ କରିବା ନିମିତ୍ତ ଶାସ୍ତ୍ରୀୟ ବିଧି-ବିଧାନ ପାଳନ କରନ୍ତି, ସେମାନଙ୍କୁ ପୁଣି ଦୁଇଭାଗରେ ବିଭକ୍ତ କରାଯାଇ ପାରେ, ଯଥା– ସକାମ କର୍ମୀ ଅର୍ଥାତ୍ ଯେଉଁମାନଙ୍କର ଫଳଭୋଗ କାମନା ଅଛି ଏବଂ ଦ୍ୱିତୀୟ ପ୍ରକାରର ହେଉଛନ୍ତି ସେମାନେ, ଯେଉଁମାନେ ଇନ୍ଦ୍ରିୟ ସୁଖ ନିମିତ୍ତ କୌଣସି ଫଳଭୋଗ ଇଚ୍ଛା କରନ୍ତି ନାହିଁ । ଯେଉଁମାନଙ୍କର ଇନ୍ଦ୍ରିୟ ସୁଖଭୋଗର କାମନା ଥାଏ ଏବଂ ତଦନୁଯାୟୀ ଶାସ୍ତ୍ରୀୟ କର୍ମ କରନ୍ତି, ସେମାନେ ଉଚ୍ଚତର ଜୀବନ ଲାଭ କରିପାରନ୍ତି–ଏପରିକି ସ୍ୱର୍ଗଲୋକ ଲାଭ କରିପାରନ୍ତି; କିନ୍ତୁ ସେମାନେ ଭୌତିକ ସ୍ଥିତିରୁ ମୁକ୍ତ ନ ହୋଇଥିବା ଯୋଗୁଁ ସେମାନଙ୍କର ଅନୁସୃତ ପଥ ପ୍ରକୃତରେ ମଙ୍ଗଳମୟ ପଥ ବୋଲି ବିବେଚିତ ହୁଏ ନାହିଁ । ଯେଉଁ କର୍ମ ମାନବକୁ ମୁକ୍ତି ପଥାନୁଗାମୀ କରେ, ତାହାହିଁ ବାସ୍ତବରେ ମଙ୍ଗଳମୟ କର୍ମ ଅଟେ । ଯାହା ମାନବକୁ ଆତ୍ମାନୁଭୂତି ଲାଭ ମାର୍ଗରେ ନ ନିଏ କିମ୍ବା ଦୈହିକ ଧାରଣାରୁ ମୁକ୍ତ ନ କରାଏ ତାହା କେବେହେଲେ ମଙ୍ଗଳମୟ କର୍ମ ନୁହେଁ । କୃଷ୍ଣଚେତନାରେ ଯେଉଁ କର୍ମ କରାଯାଏ ତାହାହିଁ ମଙ୍ଗଳମୟ କର୍ମ ଅଟେ । କୃଷ୍ଣଚେତନା ବୃଦ୍ଧି ପାଇଁ ଯେ ସ୍ୱେଚ୍ଛାକ୍ରମେ ସମସ୍ତପ୍ରକାର ଶାରୀରିକ କ୍ଳେଶ ସହ୍ୟକରେ, ସେ କଠିନ ବ୍ରତ ଅବଲମ୍ବନ କରୁଥିବା ଏକ ପ୍ରକୃତ ଯୋଗୀ ଅଟେ । ଅଷ୍ଟାଙ୍ଗ ଯୋଗ ପଦ୍ଧତି ଅନ୍ତିମ ଲକ୍ଷ୍ୟ କୃଷ୍ଣଚେତନା ବୃଦ୍ଧି ହୋଇଥିବାରୁ, ତାହା ମଧ୍ୟ ମଙ୍ଗଳମୟ ଅଟେ; କିନ୍ତୁ ଯେ ଏ ମାର୍ଗ ଅବଲମ୍ବନ କରେ, କୃଷ୍ଣଚେତନା ବୃଦ୍ଧି ନିମିତ୍ତ ଯଥାସାଧ୍ୟ ଚେଷ୍ଟା ନ କରେ, ତାହାର ପତନ ହେବାର ବହୁତ ସମ୍ଭାବନା ଅଛି ।

## ଶ୍ଲୋକ - ୪୧

**ପ୍ରାପ୍ୟ ପୁଣ୍ୟକୃତାଂ ଲୋକାନୁଷିତ୍ୱା ଶାଶ୍ୱତୀଃ ସମାଃ ।**
**ଶୁଚୀନାଂ ଶ୍ରୀମତାଂ ଗେହେ ଯୋଗଭ୍ରଷ୍ଟୋଽଭିଜାୟତେ ।।୪୧।।**

## ଶବ୍ଦାନୁବାଦ

ପ୍ରାପ୍ୟ=ପ୍ରାପ୍ତ ହୋଇ; ପୁଣ୍ୟ-କୃତାମ୍=ପୁଣ୍ୟକର୍ମୀମାନଙ୍କର; ଲୋକାନ୍=ଲୋକ; ଉଷିତ୍ୱା=ବାସ କରିବାପରେ; ଶାଶ୍ୱତୀଃ=ଅନେକ; ସମାଃ=ବର୍ଷ; ଶୁଚୀନାମ୍=ପୁଣ୍ୟ-କର୍ମୀମାନଙ୍କର; ଶ୍ରୀମତାମ୍=ଶ୍ରୀମନ୍ତମାନଙ୍କର; ଗେହେ=ଗୃହରେ; ଯୋଗ-ଭ୍ରଷ୍ଟଃ=ଯୋଗଭ୍ରଷ୍ଟ (ଯେ କି ଯୋଗ ପଥରୁ ପତିତ ହୋଇଥାଏ); ଅଭିଜାୟତେ=ଜନ୍ମ ଲାଭ କରେ ।

## ଅନୁବାଦ

**ଯୋଗଭ୍ରଷ୍ଟ ଅନେକ ବର୍ଷଧରି ପୁଣ୍ୟକର୍ମୀମାନଙ୍କର ଲୋକରେ ବାସକରି ସେଠାରେ ନାନା ସୁଖ ଉପଭୋଗ କରେ ଏବଂ ତତ୍ପରେ ସେ ପୁଣ୍ୟକର୍ମୀମାନଙ୍କର କିମ୍ବା ଶ୍ରୀମନ୍ତମାନଙ୍କର ପରିବାରରେ ଜନ୍ମଲାଭ କରେ ।**

## ଭାବାର୍ଥ

ଯୋଗଭ୍ରଷ୍ଟମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଏ, ଯଥା—ଅଳ୍ପ ପ୍ରଗତି କଲାପରେ ଗୋଟିଏ ପ୍ରକାରର ଯୋଗୀ ପତିତ ହୋଇଥା'ନ୍ତି ଏବଂ ଅନ୍ୟ ପ୍ରକାରର ଯୋଗୀମାନେ ବହୁତ ଦିନ ଧରି ଯୋଗାଭ୍ୟାସ କଲାପରେ ପତିତ ହୋଇଥା'ନ୍ତି । ଯେଉଁ ଯୋଗୀ ଅଳ୍ପ ସମୟ ଯୋଗାଭ୍ୟାସ କଲାପରେ ପତିତ ହୁଅନ୍ତି, ସେ ଉଚ୍ଚତର ଲୋକ ଲାଭକରନ୍ତି, ଯେଉଁଠାରେ ପୁଣ୍ୟକର୍ମୀ ଲୋକମାନେ ବାସ କରନ୍ତି ସେଠାକୁ ସେ ଯା'ନ୍ତି ।ସେଠାରେ ବହୁତ ଦିନ ରହିଲାପରେ ତାଙ୍କୁ ପୁଣି ଏ ଧରାଧାମକୁ ପଠାଇ ଦିଆଯାଏ ।ସେ ଏଠାରେ ପୁଣ୍ୟକର୍ମୀ ବ୍ରାହ୍ମଣ, ବୈଷ୍ଣବ ପରିବାରରେ ଜନ୍ମଗ୍ରହଣ କରନ୍ତି କିମ୍ବା ସମ୍ଭ୍ରାନ୍ତ ବଣିକ କୁଳରେ ଜନ୍ମଗ୍ରହଣ କରନ୍ତି । ଯୋଗାଭ୍ୟାସର ପ୍ରକୃତ ଉଦ୍ଦେଶ୍ୟ ହେଲା କୃଷ୍ଣ-ଚେତନାରେ ପୂର୍ଣ୍ଣତା ଲାଭ କରିବା, କିନ୍ତୁ ଯେଉଁମାନେ ସାଧନା କରି ସେ ପର୍ଯ୍ୟନ୍ତ ଯାଇ ନ ପାରନ୍ତି ଏବଂ ଭୂତପ୍ରକୃତିର ମୋହିନୀ ଶକ୍ତିର ଆକର୍ଷଣରେ ଆକୃଷ୍ଟ ହୋଇ ଯୋଗପଥରୁ ଭ୍ରଷ୍ଟ ହୁଅନ୍ତି, ସେମାନେ ଭଗବାନଙ୍କ କୃପାଯୋଗୁ ସେମାନଙ୍କର ଭୌତିକ କାମନା ଚରିତାର୍ଥ କରିବାକୁ ସୁଯୋଗ ପା'ନ୍ତି । ତତ୍ପରେ ସେମାନେ ପୁଣ୍ୟକର୍ମୀ ବ୍ରାହ୍ମଣ, ବୈଷ୍ଣବ ପରିବାରରେ କିମ୍ବା ସମ୍ଭ୍ରାନ୍ତ ବଣିକ ପରିବାରରେ ଜନ୍ମ ଗ୍ରହଣ କରି ସମୃଦ୍ଧ ଜୀବନଯାପନ କରିବାକୁ ସୁଯୋଗ ପା'ନ୍ତି ।ଯେଉଁମାନେ ଏ ପ୍ରକାର ପରିବାରରେ ଜନ୍ମଲାଭ କରିଥା'ନ୍ତି ସେମାନେ ଅନେକ ସୁବିଧା ସୁଯୋଗ ପା'ନ୍ତି ଏବଂ ସେମାନେ ପୂର୍ଣ୍ଣ କୃଷ୍ଣଚେତନା ଲାଭ କରିବା ନିମିତ୍ତ ଯତ୍ନଶୀଳ ହୋଇ ପାରନ୍ତି ।

## ଶ୍ଲୋକ - ୪୨

**ଅଥବା ଯୋଗିନାମେବ କୁଳେ ଭବତି ଧୀମତାମ୍ ।**
**ଏତଦ୍ଧି ଦୁର୍ଲଭତରଂ ଲୋକେ ଜନ୍ମ ଯଦୀଦୃଶମ୍ ।।୪୨।।**

## ଶବ୍ଦାନୁବାଦ

ଅଥବା=କିମ୍ବା; ଯୋଗିନାମ୍=ଯୋଗୀମାନଙ୍କର; ଏବ=ନିଶ୍ଚିତଭାବେ, କୁଳେ=କୁଳରେ ବା ପରିବାରରେ; ଭବତି=ଜନ୍ମଲାଭ କରନ୍ତି; ଧୀମତାମ୍=ଯେଉଁମାନେ ଅତ୍ୟନ୍ତ ଜ୍ଞାନୀ ବା ଧୀ-ଶକ୍ତି ସଂପନ୍ନ ସେମାନଙ୍କର; ଏତତ୍=ଏହା; ହି=ନିଶ୍ଚିତଭାବେ; ଦୁର୍ଲଭତରମ୍=ଅତ୍ୟନ୍ତ ଦୁର୍ଲ୍ଲଭ; ଲୋକେ=ଏ ପୃଥିବୀରେ; ଜନ୍ମ=ଜନ୍ମ; ଯତ୍=ଯାହା; ଈଦୃଶମ୍=ଏପରି ।

## ଅନୁବାଦ

**କିମ୍ବା ଖୁବ୍ ଜ୍ଞାନୀ ଯୋଗୀମାନଙ୍କ ଗୃହରେ ସେ ଜନ୍ମ ନିଅନ୍ତି। ବାସ୍ତବିକ୍ ଏ ପ୍ରକାର ଜନ୍ମ ଏ ପୃଥିବୀରେ ବଡ଼ ଦୁର୍ଲ୍ଲଭ।**

## ଭାବାର୍ଥ

ଯୋଗୀ ପରିବାରରେ (ଯେଉଁ ଯୋଗୀଗଣ ଖୁବ୍ ଜ୍ଞାନୀ ସେମାନଙ୍କ ପରିବାରରେ) ଜନ୍ମକୁ ଏଠାରେ ପ୍ରଶଂସା କରାଯାଉଛି । କାରଣ ଏ ପ୍ରକାର ପରିବାରରେ ଜନ୍ମଗ୍ରହଣ କରିଥିବା ପିଲା ଶୈଶବ କାଳରୁ ଆଧ୍ୟାତ୍ମିକ ପ୍ରେରଣା ଲାଭ କରେ । ବିଶେଷକରି ଆଚାର୍ଯ୍ୟ ବା ଗୋସ୍ୱାମୀ ପରିବାରରେ ଏହା ଘଟେ । ଏ ପରିବାରର ଲୋକେ ସାଧାରଣତଃ ଅତ୍ୟନ୍ତ ଜ୍ଞାନୀ ଏବଂ ସେମାନେ ଉତ୍ତମ ତାଲିମ ପାଇଥା'ନ୍ତି । ଫଳରେ ସେମାନେ 'ଗୁରୁ' ହୁଅନ୍ତି । ଭାରତବର୍ଷରେ ଏ ପ୍ରକାର ଆଚାର୍ଯ୍ୟ ପରିବାର ଅନେକ ଅଛି; କିନ୍ତୁ ଆଜିକାଲି ଉପଯୁକ୍ତ ଶିକ୍ଷା ଓ ତାଲିମ ଅଭାବରୁ ସେମାନଙ୍କର ପତନ ହୋଇଛି । ତଥାପି, ଭଗବାନଙ୍କ କୃପାରୁ ଏ ପ୍ରକାର ପରିବାର କେତେକ ଅଛି, ଯେ'କି ଯୋଗୀ ଉତ୍ପାଦନ କରୁଛନ୍ତି । ବାସ୍ତବିକ୍ ଏ ପ୍ରକାର ପରିବାରରେ ଜନ୍ମଲାଭ କରିବା ବଡ଼ ସୌଭାଗ୍ୟର କଥା ଅଟେ । ସୌଭାଗ୍ୟକ୍ରମେ ଆମର ଦୁଇଜଣଯାକ ଆଚାର୍ଯ୍ୟ ଓଁ ବିଷ୍ଣୁପାଦ ଶ୍ରୀ ଶ୍ରୀମଦ୍ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ମହାରାଜ ଏବଂ ଭକ୍ତିବେଦାନ୍ତ ସ୍ୱାମୀ (ଗ୍ରନ୍ଥକାର) ମହାରାଜ ଏ ପ୍ରକାର ପରିବାରରେ ଜନ୍ମଗ୍ରହଣ କରିବାର ସୌଭାଗ୍ୟ ଲାଭ କରିଥିଲେ । ଭଗବାନଙ୍କ କୃପାରୁ ଉଭୟେ ଶୈଶବକାଳରୁ ଭକ୍ତିଯୋଗ ମାର୍ଗରେ ତାଲିମ ପାଇଥିଲେ । ପରେ ସେ ଦୁହେଁ ଯୋଗବିଧି ଅନୁଯାୟୀ ପରସ୍ପରକୁ ଭେଟିଲେ ।

## ଶ୍ଳୋକ - ୪୩

**ତତ୍ର ତଂ ବୁଦ୍ଧିସଂଯୋଗଂ ଲଭତେ ପୌର୍ବଦେହିକମ୍ ।**
**ଯତତେ ଚ ତତୋ ଭୂୟଃ ସଂସିଦ୍ଧୌ କୁରୁନନ୍ଦନ ।। ୪୩ ।।**

## ଶବ୍ଦାନୁବାଦ

ତତ୍ର=ସେଠାରେ; ତମ୍=ତାକୁ; ବୁଦ୍ଧି-ସଂଯୋଗମ୍=ଏ ଚେତନାର ପୁନରୁତ୍‌ଥାନ; ଲଭତେ=ଲାଭ କରେ; ପୌର୍ବ=ପୂର୍ବ; ଦେହିକମ୍=ଶାରୀରିକ ଚେତନା; ଯତତେ=ଯତ୍ନ କରେ; ଚ=ମଧ୍ୟ; ତତଃ=ତତ୍ପରେ; ଭୂୟଃ=ପୁଣି; ସଂସିଦ୍ଧୌ=ସିଦ୍ଧି ନିମିତ୍ତ; କୁରୁ-ନନ୍ଦନ=ହେ କରୁନନ୍ଦନ ।

## ଅନୁବାଦ

**ହେ କୁରୁନନ୍ଦନ ! (ହେ କରୁବଂଶ ଆନନ୍ଦଦାୟକ) ଏ ପ୍ରକାର ଜନ୍ମ ନେଇ ସେ ପୁଣି ତା'ର ପୂର୍ବଜନ୍ମର ସେ ଦିବ୍ୟଚେତନାକୁ ପୁନରୁତ୍‌ଥାନ କରାନ୍ତି ଏବଂ ପୂର୍ଣ୍ଣସିଦ୍ଧି ଲାଭ କରିବା ନିମିତ୍ତ ସେ ଅଧିକ ପ୍ରଯତ୍ନଶୀଳ ହୁଅନ୍ତି ।**

## ଭାବାର୍ଥ

ରାଜା ଭରତ ତାଙ୍କର ତୃତୀୟ ଜନ୍ମରେ ଏକ ଉଚ୍ଚ ବ୍ରାହ୍ମଣ ପରିବାରରେ ଜନ୍ମଲାଭ କରିଥିଲେ । କିପରି ବ୍ୟକ୍ତି ପୂର୍ବ ଦିବ୍ୟ ଚେତନା (ବା ଦିବ୍ୟ ସଂସ୍କାର) ପରଜନ୍ମରେ ପୁଣି ଲାଭକରେ, ତାହାର ଏହା ହେଉଛି ଏକ ଉଦାହରଣ । ରାଜା ଭରତ ପରଜନ୍ମରେ ଉଚ୍ଚ ବ୍ରାହ୍ମଣ କୁଳରେ ଜନ୍ମଲାଭକରି ପୂର୍ବ ଦିବ୍ୟ ଚେତନାର ପୁନରୁତ୍‌ଥାନ କରାଇ ପାରିଥିଲେ । ରାଜା ଭରତ ଏ ପୃଥିବୀର ସମ୍ରାଟ ଥିଲେ । ସେହି ଦିନଠାରୁ ଏ ପୃଥିବୀ ଦେବତାମାନଙ୍କ ମଧ୍ୟରେ ଭାରତବର୍ଷ ବୋଲି ପରିଚିତ ହୋଇ ଆସୁଛି । ପୂର୍ବରୁ ଏହା 'ଇଳାବର୍ତବର୍ଷ' ନାମରେ ପରିଚିତ

ଥିଲା । ସମ୍ରାଟ ଖୁବ୍ କମ୍ ବୟସରେ ରାଜ୍ୟ ତ୍ୟାଗକରି ଆଧ୍ୟାତ୍ମିକ ସାଧନା ନିମିତ୍ତ ବନ ଗମନ କଲେ, କିନ୍ତୁ ସିଦ୍ଧିଲାଭ କରି ପାରିଲେ ନାହିଁ । ପରଜନ୍ମରେ ସେ ଏକ ଉଚ୍ଚବ୍ରାହ୍ମଣ ପରିବାରରେ ଜନ୍ମଲାଭ କଲେ ଏବଂ 'ଜଡ଼ଭରତ' ନାମରେ ପରିଚିତ ହେଲେ । ସେ ଏକାନ୍ତ ସ୍ଥାନରେ ବାସ କରୁଥିଲେ ଏବଂ ମୌନ ରହୁଥିଲେ—କାହାରି ସହିତ କଥାବାର୍ତ୍ତା କରୁ ନଥିଲେ । ଏଣୁ ତାଙ୍କୁ 'ଜଡ଼ଭରତ' ବୋଲି କୁହାଯାଉଥିଲା । ପରେ ରାଜା ରହୂଗଣ ଜାଣି ପାରିଲେ ଯେ, ସେ ହେଉଛନ୍ତି ଜଣେ ମହାନ୍ ଯୋଗୀ । ତାଙ୍କର ଜୀବନୀରୁ ଜଣାଯାଉଛି ଯେ ସାଧନ ବା ଯୋଗାଭ୍ୟାସ କେବେହେଲେ ବୃଥା ଯାଏ ନାହିଁ । ଭଗବାନଙ୍କ କୃପାରୁ ଯୋଗୀ ପୂର୍ଣ୍ଣ କୃଷ୍ଣଚେତନା ଲାଭ କରିବା ନିମିତ୍ତ ବାରମ୍ବାର ସୁଯୋଗ ପାଏ ।

## ଶ୍ଳୋକ - ୪୪

**ପୂର୍ବାଭ୍ୟାସେନ ତେନୈବ ହ୍ରିୟତେ ହ୍ୟବଶୋଽପି ସଃ ।**
**ଜିଜ୍ଞାସୁରପି ଯୋଗସ୍ୟ ଶବ୍ଦବ୍ରହ୍ମାତିବର୍ତତେ ।।୪୪।।**

## ଶବ୍ଦାନୁବାଦ

ପୂର୍ବ=ପୂର୍ବ; ଅଭ୍ୟାସେନ=ଅଭ୍ୟାସହେତୁ; ତେନ=ତତ୍‌ପ୍ରଭାବ ଯୋଗୁଁ; ଏବ=ନିଶ୍ଚିତଭାବେ; ହ୍ରିୟତେ=ଆକୃଷ୍ଟ; ହି=ନିଶ୍ଚିତଭାବେ; ଅବଶଃ=ଅସହାୟ; ଅପି=ମଧ୍ୟ; ସଃ=ସେ; ଜିଜ୍ଞାସୁଃ=ଜାଣିବାକୁ ଇଚ୍ଛୁକ; ଅପି=ମଧ୍ୟ; ଯୋଗସ୍ୟ=ଯୋଗର; ଶବ୍ଦ-ବ୍ରହ୍ମ=ବେଦର କର୍ମକାଣ୍ଡ ଅନୁଯାୟୀ ପୂଜା-ବ୍ରତ-ବିଧି ବିଧାନ; ଅତିବର୍ତତେ=ଅତିକ୍ରମ କରାଯାଏ ।

## ଅନୁବାଦ

**ପୂର୍ବ ଜନ୍ମରେ ତା'ର (ସାଧକର) ଦିବ୍ୟଚେତନା ଥିଲା । ସେଇଥିଯୋଗୁଁ ସେ ଏ ଜନ୍ମରେ ସ୍ୱତଃ ଯୋଗସାଧନା ପ୍ରତି ଆକୃଷ୍ଟ ହୁଏ । ସେ ସେଗୁଡ଼ିକୁ ନ ଗ୍ରହୁଁଥିଲେ ସୁଦ୍ଧା, ସେଗୁଡ଼ିକ ବଳେ ବଳେ ତା' ପାଖକୁ ଆସନ୍ତି । ଏ ପ୍ରକାର ଏକ ଜିଜ୍ଞାସୁ ଯୋଗୀ (ଯେ'କି ଯୋଗ ପ୍ରତି ଆସକ୍ତ) ସର୍ବଦା ବେଦର କର୍ମକାଣ୍ଡ ପଦ୍ଧତି ଅନୁଯାୟୀ କରଣୀୟ ବ୍ରତବିଧିର ବହୁତ ଉର୍ଦ୍ଧ୍ୱରେ ଥା'ନ୍ତି ।**

## ଭାବାର୍ଥ

ଯେଉଁମାନେ ଅତି ଉଚ୍ଚସ୍ତରର ଯୋଗୀ, ସେମାନେ ବେଦର କର୍ମକାଣ୍ଡରେ ଦିଆଯାଇଥିବା ବ୍ରତ-ବିଧି-ବିଧାନ ପ୍ରତି ବିଶେଷ ଆକୃଷ୍ଟ ହୁଅନ୍ତି ନାହିଁ, କିନ୍ତୁ ସେମାନେ ସ୍ୱତଃ ସର୍ବୋଚ୍ଚ ଯୋଗ ପଦ୍ଧତି ଅର୍ଥାତ୍ କୃଷ୍ଣଚେତନା ମାର୍ଗ ପ୍ରତି ଆକୃଷ୍ଟ ହୁଅନ୍ତି । କାରଣ ଏହା ସେମାନଙ୍କୁ ପୂର୍ଣ୍ଣ କୃଷ୍ଣଚେତନା ଲାଭ କରିବା ଦିଗରେ ଅଗ୍ରଗତି କରିବାରେ ସାହାଯ୍ୟ କରିବ । ଉଚ୍ଚସ୍ତରର ଯୋଗୀମାନେ କିପରି ଏହାକୁ ପ୍ରତ୍ୟାଖ୍ୟାନ କରନ୍ତି ତାହା ଶ୍ରୀମଦ୍ ଭାଗବତମ୍ (୩-୩୩-୮)ରେ ଦିଆଯାଇଅଛି—

*"ଅହୋ ବତ୍ ଶ୍ୱପଚୋଽତୋ ଗରୀୟାନ୍*
*ଯଦ୍ ଜିହ୍ୱାଗ୍ରେ ବର୍ତତେ ନାମ ତୁଭ୍ୟମ୍ ।*

*ତେପୁସ୍ତ ତପସ୍ତେ ଜୁହୁବୁଃ ସସ୍ନୁର୍ ଆର୍ଯ୍ୟା*
*ବ୍ରହ୍ମାନୂଚୁର୍ ନାମ ଗୃଣନ୍ତି ଯେ ତେ ।''*

ଅର୍ଥାତ୍–''ହେ ଭଗବାନ୍ ! ଯେଉଁମାନେ ଆପଣଙ୍କର ଦିବ୍ୟନାମ କୀର୍ତ୍ତନ କରନ୍ତି ସେମାନେ ଚଣ୍ଡାଳ କୁଳରେ ଜନ୍ମ ହେଲେ ସୁଦ୍ଧା ଆଧ୍ୟାତ୍ମିକ ମାର୍ଗରେ ଖୁବ୍ ଅଗ୍ରଗତି କରିଥା'ନ୍ତି । ଏ କୀର୍ତ୍ତନକାରୀଗଣ ନିଃସନ୍ଦେହଭାବେ ସମସ୍ତପ୍ରକାର ଯଜ୍ଞାନୁଷ୍ଠାନ ଓ ବ୍ରତବିଧି ଆଚରଣ କରି ସାରିଛନ୍ତି, ସମସ୍ତ ତୀର୍ଥ ସ୍ଥାନରେ ସ୍ନାନକରି ସାରିଛନ୍ତି ଏବଂ ସମସ୍ତ ବେଦାଧ୍ୟୟନ କରି ସାରିଛନ୍ତି ।

ଏହାର ଏକ ପ୍ରସିଦ୍ଧ ଉଦାହରଣ ଶ୍ରୀଚୈତନ୍ୟ ମହାପ୍ରଭୁ ଦେଇଛନ୍ତି । ସେ ଠାକୁର ହରିଦାସଙ୍କୁ ତାଙ୍କର ଏକ ପ୍ରସିଦ୍ଧ ଶିଷ୍ୟରୂପେ (ନାମାଗ୍ରର୍ଯ୍ୟରୂପେ) ଗ୍ରହଣ କରି ଏହାର ପ୍ରମାଣ ଦେଇଯାଇଛନ୍ତି । ଠାକୁର ହରିଦାସ ମୁସଲମାନ୍ ପରିବାରରେ ଜନ୍ମ-ଗ୍ରହଣ କରିଥିଲେ, କିନ୍ତୁ ସେ ଦୈନିକ ତିନିଲକ୍ଷ ନାମ– *''ହରେକୃଷ୍ଣ ହରେକୃଷ୍ଣ, କୃଷ୍ଣକୃଷ୍ଣ ହରେ ହରେ, ହରେରାମ ହରେରାମ, ରାମ ରାମ ହରେ ହରେ''*–ଜପ କରୁଥିଲେ । ସେ ଏହାକୁ ବଡ଼ କଡ଼ାକଡ଼ି ଭାବରେ ପାଳନ କରୁଥିଲେ, ଟିକିଏ ସୁଦ୍ଧା ବ୍ୟତିକ୍ରମ କରୁ ନଥିଲେ । ସେଇଥିପାଇଁ ଶ୍ରୀଚୈତନ୍ୟ ମହାପ୍ରଭୁ ତାଙ୍କୁ ନାମାଗ୍ରର୍ଯ୍ୟ ପଦକୁ ଉନ୍ନୀତ କରାଇଥିଲେ । ସେ ସତତ ଭଗବାନଙ୍କର ଦିବ୍ୟନାମ କୀର୍ତ୍ତନ କରୁଥିବାରୁ ସୂଚିତ ହେଉଛି ଯେ, ସେ ପୂର୍ବ ଜନ୍ମରେ 'ଶବ୍ଦବ୍ରହ୍ମ' ନାମରେ କଥିତ ବେଦରେ ବର୍ଣ୍ଣିତ ସମସ୍ତ ବ୍ରତ-ବିଧି-ବିଧାନ ପାଳନ କରିସାରିଛନ୍ତି । ତାହା ନ ହୋଇଥିଲେ, ଅର୍ଥାତ୍ ବ୍ୟକ୍ତି ବିଶୁଦ୍ଧ ନ ହୋଇଥିଲେ ସେ କଦାପି ଏ କୃଷ୍ଣଚେତନା ମାର୍ଗ ଗ୍ରହଣ କରି ପାରିବ ନାହିଁ, କିମ୍ବା ହରେକୃଷ୍ଣ ମନ୍ତ୍ର କୃଷ୍ଣଙ୍କର ଦିବ୍ୟ ନାମ କୀର୍ତ୍ତନରେ ରତ ହୋଇ ପାରିବ ନାହିଁ ।

## ଶ୍ଲୋକ - ୪୫

**ପ୍ରୟତ୍ନାଦ୍‌ଯତମାନସ୍ତୁ ଯୋଗୀ ସଂଶୁଦ୍ଧକିଲ୍‌ବିଷଃ ।**
**ଅନେକଜନ୍ମସଂସିଦ୍ଧସ୍ତତୋ ଯାତି ପରାଂ ଗତିମ୍ ।।୪୫।।**

## ଶବ୍ଦାନୁବାଦ

ପ୍ରୟତ୍ନାତ୍=କଠିନ ସାଧନା କରି; ଯତମାନଃ=ଯେ ଚେଷ୍ଟାକରେ; ତୁ=କିନ୍ତୁ; ଯୋଗୀ=ଏ ପ୍ରକାର ଯୋଗୀ; ସଂଶୁଦ୍ଧ=ଶୁଦ୍ଧ; କିଲ୍‌ବିଷଃ=ସମସ୍ତପ୍ରକାର ପାପ; ଅନେକ=ଅନେକ; ଜନ୍ମ=ଜନ୍ମ; ସଂସିଦ୍ଧଃ=ଏହିପରି ଭାବରେ ପ୍ରାପ୍ତହୋଇଥିବା ସିଦ୍ଧି; ତତଃ=ତପରେ; ଯାତି=ପ୍ରାପ୍ତ ହୁଏ; ପରାମ୍=ପରମ; ଗତିମ୍=ଗତି ।

## ଅନୁବାଦ

**କିନ୍ତୁ ଯେତେବେଳେ ଯୋଗୀ ଯୋଗ ପଥରେ ଅଗ୍ରଗତି କରିବା ନିମିତ୍ତ ଖୁବ୍ ନିଷ୍ଠା ସହକାରେ ଯୋଗାଭ୍ୟାସ କରିବାକୁ ଲାଗିପଡ଼େ, ସେତେବେଳେ ସେ ସମସ୍ତପ୍ରକାର ପାପରୁ ମୁକ୍ତ ହୋଇଯାଏ ଏବଂ ପରିଶେଷରେ ଅନେକ ଜନ୍ମର ଯୋଗାଭ୍ୟାସ ଫଳରେ ସେ ପରମଗତି ଲାଭକରେ ।**

## ଭାବାର୍ଥ

ବିଶେଷ କରି ଏକ ପୁଣ୍ୟକର୍ମ ସମ୍ଭ୍ରାନ୍ତ ବଂଶରେ ଜନ୍ମ ହୋଇଥିବା ବ୍ୟକ୍ତି ଯୋଗାଭ୍ୟାସ ନିମିତ୍ତ ପାଇଥିବା ଅନୁକୂଳ ବାତାବରଣ ପ୍ରତି ସଚେତନ ହୋଇଉଠେ । ତେଣୁ ସେ ଦୃଢ଼ତା

ସହକାରେ ତା'ର ଅସଂପୂର୍ଣ୍ଣ କାର୍ଯ୍ୟ ଶେଷ କରିବାରେ ଲାଗିପଡ଼େ ଏବଂ ଏହିପରି ଭାବରେ ସେ ସଂପୂର୍ଣ୍ଣରୂପେ ସମସ୍ତପ୍ରକାର ଭୌତିକ ଦୋଷରୁ ମୁକ୍ତ ହୋଇଯାଏ । ଯେତେବେଳେ ସେ ସଂପୂର୍ଣ୍ଣରୂପେ ଦୋଷମୁକ୍ତ ହୋଇଯାଏ, ସେତେବେଳେ ସେ ପରମ ସିଦ୍ଧି (କୃଷ୍ଣଚେତନା) ଲାଭକରେ । କୃଷ୍ଣଚେତନା ହେଉଛି ସମସ୍ତ ଦୋଷରୁ ମୁକ୍ତ ହେବାର ଉପଯୁକ୍ତ ସ୍ତର । ଏହା ଭଗବଦ୍ ଗୀତାରେ ସ୍ୱୀକୃତ ହୋଇଅଛି–

*"ଯେଷାନ୍ତ୍ୱନ୍ତଗତଂ ପାପଂ ଜନାନାଂ ପୁଣ୍ୟ କର୍ମଣାମ୍ ।*
*ତେ ଦ୍ୱନ୍ଦ୍ୱମୋହନିର୍ମୁକ୍ତା ଭଜନ୍ତେ ମାଂ ଦୃଢ଼ବ୍ରତାଃ ।।"*

ଅର୍ଥାତ୍–"ଅନେକ ଜନ୍ମଧରି ପୁଣ୍ୟକର୍ମ କଲାପରେ ଯେତେବେଳେ ବ୍ୟକ୍ତି ସଂପୂର୍ଣ୍ଣରୂପେ ସମସ୍ତ ଦୋଷରୁ ଏବଂ ସମସ୍ତ ମାୟାମୋହପୂର୍ଣ୍ଣ ଦ୍ୱନ୍ଦ୍ୱଭାବରୁ ମୁକ୍ତ ହୋଇଯାଏ, ସେତେବେଳେ ସେ ଭଗବାନଙ୍କର ଦିବ୍ୟସେବାରେ ନିଯୁକ୍ତ ହୋଇଯାଏ ।

## ଶ୍ଳୋକ - ୪୬

**ତପସ୍ୱିଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ ।**
**କର୍ମିଭ୍ୟଶ୍ଚାଧିକୋ ଯୋଗୀ ତସ୍ମାଦ୍‌ଯୋଗୀ ଭବାର୍ଜୁନ ।।୪୬।।**

## ଶବ୍ଦାନୁବାଦ

ତପସ୍ୱିଭ୍ୟଃ=ତପସ୍ୱୀ ଅପେକ୍ଷା; ଅଧିକଃ=ଅଧିକ; ଯୋଗୀ=ଯୋଗୀ; ଜ୍ଞାନିଭ୍ୟଃ=ଜ୍ଞାନୀ ଅପେକ୍ଷା; ଅପି=ମଧ୍ୟ; ମତଃ=ବିଚାର କରାଯାଏ; ଅଧିକଃ=ଅଧିକ; କର୍ମିଭ୍ୟଃ=କର୍ମୀ ଅପେକ୍ଷା; ଚ=ମଧ୍ୟ; ଅଧିକଃ=ଅଧିକ; ଯୋଗୀ=ଯୋଗୀ;ତସ୍ମାତ୍=ତେଣୁ;ଯୋଗୀ=ଯୋଗୀ; ଭବ=ହୁଅ; ଅର୍ଜୁନ=ହେ ଅର୍ଜୁନ ।

## ଅନୁବାଦ

**ତପସ୍ୱୀ ଅପେକ୍ଷା ଯୋଗୀ ବଡ଼, ଜ୍ଞାନୀ ଅପେକ୍ଷା ମଧ୍ୟ ଯୋଗୀ ବଡ଼ ଏବଂ କର୍ମୀ (ସକାମ କର୍ମୀ) ଅପେକ୍ଷା ମଧ୍ୟ ଯୋଗୀ ବଡ଼ । ତେଣୁ ହେ ଅର୍ଜୁନ ! ସବୁ ଅବସ୍ଥାରେ ତୁମେ ଏକ ଯୋଗୀ ହୁଅ ।**

## ଭାବାର୍ଥ

ଆମେ ଯେତେବେଳେ 'ଯୋଗ' କଥା କହୁ ସେତେବେଳେ ବୁଝିବାକୁ ହେବ ଯେ, ଆମର ଚେତନାକୁ ପରମ ସତ୍ୟ ଭଗବାନଙ୍କ ସହ ସଂଯୋଗ କରିବା କଥା କହୁଛୁ । ଏହାକୁ ବିଭିନ୍ନ ସାଧକ ବିଭିନ୍ନ ନାମରେ ନାମିତ କରିଛନ୍ତି । ଯେତେବେଳେ ଏହି ଯୋଗ ସକାମ କର୍ମରେ ପର୍ଯ୍ୟବସିତ ହୁଏ, ସେତେବେଳେ ଏହାକୁ କର୍ମଯୋଗ କୁହାଯାଏ, ଯେତେବେଳେ ଜ୍ଞାନରେ ପର୍ଯ୍ୟବସିତ ହୁଏ, ସେତେବେଳେ ଏହାକୁ ଜ୍ଞାନଯୋଗ କୁହାଯାଏ ଏବଂ ଯେତେବେଳେ ଏହା ଭଗବାନଙ୍କ ସେବାରେ ପର୍ଯ୍ୟବସିତ ହୁଏ, ସେତେବେଳେ ଏହାକୁ 'ଭକ୍ତିଯୋଗ' କୁହାଯାଏ । 'ଭକ୍ତିଯୋଗ' ବା କୃଷ୍ଣଚେତନା ହେଉଛି ସମସ୍ତ ଯୋଗର ଅନ୍ତିମ ସ୍ଥିତି । ଏହା ପରବର୍ତ୍ତୀ ଶ୍ଳୋକରେ କୁହାଯିବ । ଏଠାରେ ଭଗବାନ୍ ଯୋଗର ଗୁରୁତ୍ୱ କଥା କହିଛନ୍ତି, କିନ୍ତୁ ସେ ଏହାକୁ

ଭକ୍ତିଯୋଗଠାରୁ ଉତ୍ତମ ବୋଲି କହିନାହାନ୍ତି । ଭକ୍ତିଯୋଗ ଦିବ୍ୟଜ୍ଞାନରେ ପରିପୂର୍ଣ୍ଣ, ତେଣୁ କେହି ଏହାକୁ ବଳିପାରିବେ ନାହିଁ । ଆତ୍ମ-ଜ୍ଞାନ ବ୍ୟତୀତ ତପଃ ସାଧନା ଅପୂର୍ଣ୍ଣ ଅଟେ । ଜ୍ଞାନଯୋଗ ସାଧନା କରି ଭଗବାନଙ୍କଠାରେ ସଂପୂର୍ଣ୍ଣରୂପେ ଆତ୍ମସମର୍ପଣ ନ କଲେ, ତାହା ମଧ୍ୟ ଅସଂପୂର୍ଣ୍ଣ ଅବସ୍ଥାରେ ରହେ ।

ପୁନଶ୍ଚ କୃଷ୍ଣଚେତନାରହିତ ସକାମ କର୍ମ ମଧ୍ୟ ବୃଥା ସମୟର ଅପଚୟ ଅଟେ । ତେଣୁ ଏଠାରେ ଯେଉଁ 'ଯୋଗ'କୁ ଖୁବ୍ ପ୍ରଶଂସା କରାଯାଇଛି ତାହା ହେଉଛି 'ଭକ୍ତିଯୋଗ' ଏବଂ ଏହି କଥା ଆହୁରି ଭଲଭାବରେ ପରବର୍ତ୍ତୀ ଶ୍ଲୋକରେ କୁହାଯାଉଅଛି ।

## ଶ୍ଳୋକ - ୪୭

**ଯୋଗିନାମପି ସର୍ବେଷାଂ ମଦ୍‌ଗତେନାନ୍ତରାତ୍ମନା ।**
**ଶ୍ରଦ୍ଧାବାନ୍‌ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ ।।୪୭।।**

## ଶବ୍ଦାନୁବାଦ

ଯୋଗିନାମ୍=ଯୋଗୀମାନଙ୍କ ମଧ୍ୟରେ; ଅପି=ମଧ୍ୟ; ସର୍ବେଷାମ୍=ସମସ୍ତପ୍ରକାର; ମତ୍-ଗତେନ=ମୋ'ଠାରେ ନିଯୁକ୍ତ ରହି; ଅନ୍ତଃ-ଆତ୍ମନା=ସର୍ବଦା ହୃଦୟରେ ମୋତେ ଚିନ୍ତାକରି; ଶ୍ରଦ୍ଧାବାନ୍=ପୂର୍ଣ୍ଣ ବିଶ୍ୱାସ ସହକାରେ; ଭଜତେ=ଦିବ୍ୟ ପ୍ରେମପୂର୍ଣ୍ଣ ସେବାକରେ; ଯଃ=ଯେ; ମାମ୍=ମୋତେ, (ଭଗବାନ୍); ସଃ=ସେ; ମେ=ମୋର; ଯୁକ୍ତତମଃ=ସର୍ବୋତ୍ତମ ଯୋଗୀ; ମତଃ=ବିଗ୍ରର କରାଯାଏ ।

## ଅନୁବାଦ

**ଯୋଗୀମାନଙ୍କ ମଧ୍ୟରେ, ଯେ ସର୍ବଦା ପୂର୍ଣ୍ଣବିଶ୍ୱାସର ସହିତ ମୋ'ଠାରେ ଯୁକ୍ତ ହୋଇଥାଏ, ଦିବ୍ୟ ପ୍ରେମପୂର୍ଣ୍ଣ ସେବା କରି ମୋର ପୂଜା କରେ, ସେ ଅତି ଘନିଷ୍ଠ ଭାବରେ ମୋ'ସହିତ ଯୁକ୍ତ ହୋଇଥାଏ ବା ଯୋଗରେ ଥାଏ ଏବଂ ସେ ସର୍ବୋତ୍ତମ ଯୋଗୀ ଅଟେ ।**

## ଭାବାର୍ଥ

ଏଠାରେ 'ଭଜତେ' ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ । 'ଭଜତେ' 'ଭଜ୍' ଧାତୁରୁ ଉତ୍ପନ୍ନ; ଯେତେବେଳେ ସେବାର ଆବଶ୍ୟକ ପଡ଼େ ସେତେବେଳେ ଏହା ବ୍ୟବହୃତ ହୁଏ । ଇଂରାଜୀ ଶବ୍ଦ 'ଓର୍‌ସିପ୍'କୁ ଆମ୍ଭେମାନେ ସେ ଅର୍ଥରେ ବ୍ୟବହାର କରିପାରିବା ନାହିଁ । 'ଓର୍‌ସିପ୍' ଶବ୍ଦର ଅର୍ଥ ପୂଜା କରିବା ବା ଜଣେ ଯୋଗ୍ୟ ବ୍ୟକ୍ତିକୁ ସମ୍ମାନ ପ୍ରଦର୍ଶନ କରିବା । କିନ୍ତୁ ପୂର୍ଣ୍ଣ ପ୍ରେମ ଓ ବିଶ୍ୱାସର ସହିତ ସେବା କରିବା କଥା କେବଳ ପରମ-ପୁରୁଷ ଭଗବାନଙ୍କ ପ୍ରତି ପ୍ରଯୁଜ୍ୟ । ବ୍ୟକ୍ତି ଏକ ସମ୍ମାନସ୍ପଦ ବ୍ୟକ୍ତି କିମ୍ବା ଦେବତାଙ୍କୁ ପୂଜା ନ କରିପାରରେ ବା ଅବମାନନା କରିପାରେ ଏବଂ ସେଥିଯୋଗୁଁ ତା'କୁ ଅଭଦ୍ର ବୋଲି କୁହାଯାଇପାରେ, କିନ୍ତୁ ଭଗବାନଙ୍କୁ ପୂଜା କରିବା ବା ସେବା କରିବାକୁ ସେ ଅବମାନନା କରିପାରିବ ନାହିଁ; ଯଦି କରେ ତାହାହେଲେ ତା'କୁ ଘୃଣା କରାଯିବ । ପ୍ରତ୍ୟେକ ଜୀବ ପରମପୁରୁଷ ଭଗବାନଙ୍କର ଅଂଶ ବିଶେଷ ଅଟନ୍ତି ଏବଂ ସେଇଥିଯୋଗୁଁ ପ୍ରତ୍ୟେକ ଜୀବ ନିଜର ସ୍ଥିତି ଅନୁଯାୟୀ ଭଗବାନଙ୍କର

ସେବାକରିବା ଉଚିତ୍ । ସେ ତାହା ନକଲେ, ତାହାର ପତନ ହେବ । ଏହା ନିମ୍ନମତେ ଭାଗବତମ୍‌ରେ ସ୍ୱୀକୃତ ହୋଇଅଛି–

*"ଯ ଏଷାଂ ପୁରୁଷଂ ସାକ୍ଷାଦ୍ ଆତ୍ମ-ପ୍ରଭବମ୍ ଈଶ୍ୱରମ୍ ।*
*ନ ଭଜନ୍ତି ଅବଜାନନ୍ତି ସ୍ଥାନାଦ୍ ଭ୍ରଷ୍ଟା ପତନ୍ତି ଅଧଃ ।।"*

ଅର୍ଥାତ୍–"ପରମପୁରୁଷ ଭଗବାନ୍ ହେଉଛନ୍ତି ସମସ୍ତ ଜୀବଙ୍କର ଉଦ୍ଭବ ସ୍ଥଳ । ଯେ, ସେ ପରମପୁରୁଷ ଭଗବାନଙ୍କର ସେବା ନକରେ ଏବଂ ତାଙ୍କ ପ୍ରତି ଥିବା କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରେ, ସେ ନିଶ୍ଚୟ ତା'ର ସ୍ୱରୂପସ୍ଥିତିରୁ ଅଧୋପତିତ ହୁଏ ।"

ଏ ଶ୍ଳୋକରେ ମଧ୍ୟ *'ଭଜନ୍ତି'* ଶବ୍ଦ ବ୍ୟବହୃତ ହୋଇଅଛି । ତେଣୁ *'ଭଜନ୍ତି'* ଶବ୍ଦ କେବଳ ଭଗବାନଙ୍କ ପ୍ରତି ପ୍ରଯୁଜ୍ୟ, କିନ୍ତୁ ଇଂରାଜୀ ଶବ୍ଦ 'ଓର୍‌ସିପ୍' (ବା ପୂଜା କରିବା) ଶବ୍ଦ ଦେବତାମାନଙ୍କ ପ୍ରତି କିମ୍ବା ଏକ ସାଧାରଣ ଜୀବ ପ୍ରତି ପ୍ରଯୁଜ୍ୟ ହୋଇପାରେ । ଶ୍ରୀମଦ୍ ଭାଗବତମ୍‌ରେ ଏ ଶ୍ଳୋକରେ ବ୍ୟବହୃତ ହୋଇଥିବା *'ଅବଜାନନ୍ତି'* ଶବ୍ଦ ମଧ୍ୟ ଭଗବଦ୍ ଗୀତାରେ ଦେଖିବାକୁ ମିଳେ– *"ଅବଜାନନ୍ତି ମାଂ ମୂଢ଼ାଃ ।"* ଅର୍ଥାତ୍ "କେବଳ ମୂର୍ଖ ଓ ବଦ୍‌ମାସଗଣ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଅବମାନନା କରନ୍ତି ।" ଏ ମୂର୍ଖମାନେ ଭଗବତ୍ ସେବା ମନୋବୃତ୍ତି ପୋଷଣ ନକରି ଭଗବଦ୍ ଗୀତା ଉପରେ ଭାଷ୍ୟ ଲେଖନ୍ତି । ଫଳତଃ ସେମାନେ *'ଭଜନ୍ତି'* (ସଂସ୍କୃତ ଶବ୍ଦ) ଏବଂ ଇଂରାଜୀ ଶବ୍ଦ ଓର୍‌ସିପ୍ ମଧ୍ୟରେ ପାର୍ଥକ୍ୟ ନିର୍ଦ୍ଧାରଣ କରିପାରନ୍ତି ନାହିଁ ।

ସମସ୍ତପ୍ରକାର ଯୋଗାଭ୍ୟାସର ଶେଷ ପରିଣତି ହେଲା ଭକ୍ତିଯୋଗ । ଅନ୍ୟ ସମସ୍ତ ଯୋଗ ସାଧନା ସାଧକକୁ ଶେଷକୁ ଭକ୍ତିଯୋଗ ସ୍ତରକୁ ଆଣନ୍ତି । ପ୍ରକୃତରେ ଯୋଗ କହିଲେ ଭକ୍ତିଯୋଗକୁ ବୁଝାଏ, ଅନ୍ୟ ସମସ୍ତ ଯୋଗ ସାଧକକୁ ଭକ୍ତିଯୋଗ ଆଡ଼କୁ ନିଅନ୍ତି । କର୍ମଯୋଗରୁ ଆରମ୍ଭକରି ଭକ୍ତିଯୋଗ ପର୍ଯ୍ୟନ୍ତ ପଥ, ଆତ୍ମାନୁଭୂତି ଲାଭର ଏକ ଦୀର୍ଘ ପଥ ଅଟେ । ଫଳ କାମନା ନରଖି ଯେଉଁ କର୍ମଯୋଗ ଆଚରଣ କରାଯାଏ, ତାହା ହେଉଛି ଏହି ପଥର (ଅର୍ଥାତ୍ ଭକ୍ତିଯୋଗ ଆଡ଼କୁ ଯାଇଥିବା ପଥର) ପ୍ରାରମ୍ଭ । ଯେତେବେଳେ କର୍ମଯୋଗ କ୍ରମେ ବୃଦ୍ଧି ଲାଭକରି ଜ୍ଞାନ ଓ ତ୍ୟାଗରେ ପର୍ଯ୍ୟବସିତ ହୁଏ, ସେତେବେଳେ ତା'କୁ ଜ୍ଞାନଯୋଗ କୁହାଯାଏ ।

ଯେତେବେଳେ ସାଧକ କେତେକ ଶାରୀରିକ କ୍ରିୟା ସାହାଯ୍ୟରେ ଜ୍ଞାନ ଯୋଗକୁ ବୃଦ୍ଧିକରି ପରମାତ୍ମାଙ୍କ ଧ୍ୟାନରେ ମଗ୍ନ ହୁଏ ଏବଂ ତାଙ୍କଠାରେ ମନୋନିବେଶ କରେ, ସେତେବେଳେ ତାହାକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ । ଯେତେବେଳେ ବ୍ୟକ୍ତି ଅଷ୍ଟାଙ୍ଗ ଯୋଗ-ସ୍ତର ଅତିକ୍ରମ କରି ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ଭଜନସ୍ତରକୁ ଆସିଯାଏ ସେତେବେଳେ ତାହାକୁ ଶେଷସ୍ତର ଭକ୍ତିଯୋଗ କୁହାଯାଏ । ବାସ୍ତବରେ 'ଭକ୍ତିଯୋଗ' ହେଉଛି ଅନ୍ତିମ ସ୍ତର । ବ୍ୟକ୍ତି ଏହି ଭକ୍ତିଯୋଗକୁ ଭଲଭାବରେ ବିଶ୍ଳେଷଣ କଲେ, ଅନ୍ୟ ଯୋଗ କଥା ତାକୁ ବୁଝିବାକୁ ପଡ଼ିବ । ଯେଉଁ ଯୋଗୀ ଅଗ୍ରଗତି କରିଚାଲିଛି ସେ ଶାଶ୍ୱତ ସୌଭାଗ୍ୟର ପଥରେ ଅଛି ବୋଲି ବୁଝିବାକୁ ପଡ଼ିବ । କିନ୍ତୁ ଯେଉଁ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟସ୍ତରରେ ରହିଯାଏ, ଆଉ ଅଗ୍ରଗତି କରେନାହିଁ, ତାକୁ ସେହି ସ୍ତର ଅନୁଯାୟୀ ଏକ ଯୋଗୀ ନାମରେ ନାମିତ କରାଯାଏ, ଅର୍ଥାତ୍ ତାକୁ କର୍ମଯୋଗୀ, ଜ୍ଞାନଯୋଗୀ କିମ୍ବା ଧ୍ୟାନଯୋଗୀ, ରାଜଯୋଗୀ ବା ହଠଯୋଗୀ ବୋଲି କୁହାଯାଏ । ଯଦି କୌଣସି ବ୍ୟକ୍ତି ସୌଭାଗ୍ୟବଶତଃ ଭକ୍ତି ଯୋଗସ୍ତରକୁ ଆସିଯାଏ, ତାହାହେଲେ ବୁଝିବାକୁ ହେବ ଯେ, ସେ ଅନ୍ୟ ସମସ୍ତ ଯୋଗସ୍ତରକୁ ଅତିକ୍ରମ କରିଯାଇଛି । ତେଣୁ କୃଷ୍ଣଚେତନଶୀଳ ହେବା ଅର୍ଥ,

ଯୋଗର ସର୍ବୋଚ୍ଚ ସ୍ତରରେ ପହଞ୍ଚିବା । ଯେପରି ଆମ୍ଭେମାନେ ହିମାଳୟ କଥା କହିଲେ ବୁଝୁ ଯେ, ପୃଥିବୀର ସର୍ବୋଚ୍ଚ ପର୍ବତ କଥା କୁହାଯାଉଛି, ଯେଉଁଥିରେ ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଅବସ୍ଥିତ । ତାହା ହେଉଛି ସର୍ବୋଚ୍ଚ ସ୍ତର ।

ଯେତେବେଳେ ବ୍ୟକ୍ତି ବୈଦିକ ନିର୍ଦ୍ଦେଶ ଅନୁଯାୟୀ କୃଷ୍ଣଚେତନଶୀଳ ହୋଇ ଭକ୍ତିଯୋଗମାର୍ଗକୁ ଆସିଯାଏ, ସେତେବେଳେ ବୁଝିବାକୁ ହେବ ଯେ, ସେ ବଡ଼ ଭାଗ୍ୟବାନ ଅଟେ । ଯେ ଆଦର୍ଶ ଯୋଗୀ, ସେ ସର୍ବଦା କୃଷ୍ଣଙ୍କୁ ହିଁ ଧ୍ୟାନ କରୁଥାଏ । କୃଷ୍ଣ, ଶ୍ୟାମସୁନ୍ଦର ନାମରେ କଥିତ । ତାଙ୍କର ଶରୀରର ବର୍ଣ୍ଣ ସୁନ୍ଦର ମେଘବର୍ଣ୍ଣ ପରି । ତାହାଙ୍କର ପଦ୍ମମୁଖ ସୂର୍ଯ୍ୟଙ୍କ ପରି ଉଜ୍ଜ୍ୱଳ । ସେ ମଣିମୁକ୍ତା ଖଚିତ ପୋଷାକ ଧାରଣ କରିଥା'ନ୍ତି ଏବଂ ପୁଷ୍ପହାରରେ ଭୂଷିତ ହୋଇଥା'ନ୍ତି । ଚାରିଆଡ଼େ ତାଙ୍କର ପ୍ରଭାବରେ ଦୀପ୍ତିମନ୍ତ ହେଉଥାଏ । ଏହି ଦୀପ୍ତିକୁ ବ୍ରହ୍ମଜ୍ୟୋତି କୁହାଯାଏ । ସେ ରାମ, ନୃସିଂହ, ବରାହରୂପରେ ଏବଂ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ରୂପରେ ଅବତରଣ କରନ୍ତି ଏବଂ ସେ ମା' ଯଶୋଦାଙ୍କର ପୁତ୍ର ରୂପରେ ଏକ ମାନବ ଶରୀର ଧାରଣ କରି ଅବତରଣ କରନ୍ତି । ସେ କୃଷ୍ଣ, ଗୋବିନ୍ଦ ଓ ବାସୁଦେବ ରୂପରେ ପରିଚିତ । ସେ ଏକ ଆଦର୍ଶ ପୁତ୍ର, ସ୍ୱାମୀ, ବନ୍ଧୁ ଏବଂ ପ୍ରଭୁ ଅଟନ୍ତି ଏବଂ ସେ ଦିବ୍ୟ ଗୁଣାବଳୀ ଓ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ । ଯେ ଭଗବାନଙ୍କର ଏହିସବୁ ପ୍ରକାଶ ଓ ଗୁଣ ପ୍ରତି ପୂର୍ଣ୍ଣଭାବେ ସଚେତନ ରହେ, ସେ ସର୍ବୋତ୍ତମ ଯୋଗୀ ଅଟେ ।

ଯୋଗର ଏହି ପୂର୍ଣ୍ଣାବସ୍ଥା କେବଳ ଭକ୍ତିଯୋଗ ବଳରେ ହିଁ ଲଭ୍ୟ । ଏହା ବୈଦିକ ସାହିତ୍ୟରେ ସ୍ୱୀକୃତ ହୋଇଅଛି, ଯଥା–

*''ଯସ୍ୟ ଦେବେ ପରା ଭକ୍ତିଯଥା ଦେବେ ତଥା ଗୁରୌ ।*
*ତସ୍ୟୈତେ କଥିତା ହ୍ୟର୍ଥାଃ ପ୍ରକାଶନ୍ତେ ମହାତ୍ମନଃ ।।''*

(ଶ୍ୱେତାଶ୍ୱେତ ଉପନିଷଦ ୬-୨୩)

ଅର୍ଥାତ୍–''ଯେଉଁମାନଙ୍କର ଉଭୟ ଭଗବାନ୍ ଏବଂ ଗୁରୁଙ୍କଠାରେ ପୂର୍ଣ୍ଣ ଶ୍ରଦ୍ଧା ବା ବିଶ୍ୱାସ ଥାଏ, ସେହି ମହାତ୍ମାମାନଙ୍କର ହୃଦୟରେ ସ୍ୱତଃ ସମସ୍ତ ବୈଦକ ଜ୍ଞାନତତ୍ତ୍ୱ ପ୍ରକାଶିତ ହୁଏ ।''

*''ଭକ୍ତିର୍ ଅସ୍ୟ ଭଜନଂ ତଦହାମୁତ୍ରୋପାଧି ନୈରାସ୍ୟେନାମୁଷ୍ମିନ୍ ମନଃ କଳ୍ପନମ୍ ଏତଦ୍ ଏବ ନୈଷ୍କର୍ମ୍ୟମ୍ ।''* (ଗୋପାଳତାପନୀ ଉପନିଷଦ ୧-୧୫)

ଭକ୍ତିର୍ ଅର୍ଥ ଭଗବତ୍ ସେବା । ଭକ୍ତ ଏହି ସେବା କଲାବେଳେ ଇହଜନ୍ମରେ ହେଉ ବା ପରଜନ୍ମରେ ହେଉ କୌଣସି ପ୍ରକାର ଭୌତିକ ଲାଭ ପାଇବାର କାମନାରଖି ସେବା କରିବା ଉଚିତ୍ ନୁହେଁ । ସେବା ଏହିପରି କାମନାରହିତ ହେଲେ, ତାହା ଭକ୍ତି ବୋଲି କଥିତ ହୁଏ । ଏହିପରି କାମନାଶୂନ୍ୟହୋଇ ବ୍ୟକ୍ତି ସଂପୂର୍ଣ୍ଣରୂପେ ମନକୁ ଭଗବାନଙ୍କଠାରେ ଲଗାଇବା ଉଚିତ୍ । ଏହା ହେଉଛି ''ନୈଷ୍କର୍ମ୍ୟ''ର ଉଦ୍ଦେଶ୍ୟ ।

ଭକ୍ତିଯୋଗ ବା କୃଷ୍ଣଚେତନା ସମସ୍ତ ଯୋଗପଦ୍ଧତିର ଅନ୍ତିମ ସ୍ତର ଅଟେ । ଉପରେ ଯାହାସବୁ କୁହାଗଲା, ତାହା ଭକ୍ତିଯୋଗ ଅବଲମ୍ବନର କେତେକ ପନ୍ଥା ଅଟେ ।

**ଭକ୍ତିବେଦାନ୍ତ ଭାଷ୍ୟର ଶ୍ରୀମଦ୍ ଭଗବଦ୍ ଗୀତାର ''ଧ୍ୟାନଯୋଗ'' ଶୀର୍ଷକ ଷଷ୍ଠ ଅଧ୍ୟାୟ ଶେଷ ହେଲା ।**

—○—

# ସପ୍ତମ ଅଧ୍ୟାୟ

# ଜ୍ଞାନବିଜ୍ଞାନଯୋଗ

(ଭଗବଦ୍ ବିଜ୍ଞାନ)

**ଶ୍ରୀଭଗବାନୁବାଚ**

**ଶ୍ଳୋକ -୧**

**ମୟ୍ୟାସକ୍ତମନାଃ ପାର୍ଥ ଯୋଗଂ ଯୁଞ୍ଜନ୍ମଦାଶ୍ରୟଃ ।**
**ଅସଂଶୟଂ ସମଗ୍ରଂ ମାଂ ଯଥା ଜ୍ଞାସ୍ୟସି ତଚ୍ଛୃଣୁ ।।୧।।**

**ଶବ୍ଦାନୁବାଦ**

ଶ୍ରୀ ଭଗବାନ୍ ଉବାଚ=ଶ୍ରୀ ଭଗବାନ୍ କହିଲେ; ମୟି=ମୋ'ଠାରେ; ଆସକ୍ତ-ମନାଃ=ମନ ନିଯୁକ୍ତ; ପାର୍ଥ=ହେ ପୃଥା ପୁତ୍ର; ଯୋଗମ୍=ଆତ୍ମାନୁଭୂତି; ଯୁଞ୍ଜନ୍=ଏପରି ଅଭ୍ୟାସ କରି; ମତ୍-ଆଶ୍ରୟଃ=ମୋ' ଚେତନାରେ (କୃଷ୍ଣଚେତନାରେ); ଅସଂଶୟମ୍=ନିଃସନ୍ଦେହ ଭାବରେ; ସମଗ୍ରମ୍=ସଂପୂର୍ଣ୍ଣରୂପେ; ମାମ୍=ମୋତେ; ଯଥା=ଯେପରି; ଜ୍ଞାସ୍ୟସି=ତୁମେ ଜାଣି ପାରିବ; ତତ୍=ତାହା; ଶୃଣୁ=ଶୁଣ ।

**ଅନୁବାଦ**

ହେ ପୃଥାପୁତ୍ର (ଅର୍ଜୁନ) ! କିପରି ସଂପୂର୍ଣ୍ଣରୂପେ ମୋ'ଚେତନାରେ ରହି ଯୋଗାଭ୍ୟାସ କରି, ମୋଠାରେ ମନୋନିବେଶ କରି, ନିଃସନ୍ଦେହ ଭାବରେ ମୋତେ ସଂପୂର୍ଣ୍ଣଭାବେ ଜାଣିପାରିବ, ତାହା ବର୍ତ୍ତମାନ ଶୁଣ ।

## ଭାବାର୍ଥ

ଭଗବଦ୍ ଗୀତାର, ଏ ସପ୍ତମ ଅଧ୍ୟାୟରେ କୃଷ୍ଣଚେତନାର ପ୍ରକୃତି କଥା ଭଲ ଭାବରେ ବର୍ଣ୍ଣନା କରାଯାଇଅଛି । କୃଷ୍ଣ ସମସ୍ତ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ଏବଂ କିପରି ଭାବରେ ସେ ଐଶ୍ୱର୍ଯ୍ୟଗୁଡ଼ିକ ପ୍ରଦର୍ଶନ କରନ୍ତି ତାହା ଏଠାରେ ବର୍ଣ୍ଣନା କରାଯାଇଛି । ଏ ଅଧ୍ୟାୟରେ ମଧ୍ୟ ବର୍ଣ୍ଣନା କରାଯାଇଛି, କିପରି ଚାରିପ୍ରକାର ଭାଗ୍ୟବାନ୍ ଲୋକ କୃଷ୍ଣଙ୍କ ପ୍ରତି ଆସକ୍ତି ହୁଅନ୍ତି ଓ କିପରି ଚାରିପ୍ରକାର ହତଭାଗା କୃଷ୍ଣଚେତନା ଗ୍ରହଣ କରନ୍ତି ନାହିଁ ।

ଭଗବଦ୍ ଗୀତାର ପ୍ରଥମ 'ଛ' ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ଯେ ଜୀବ ଅପ୍ରାକୃତ ଦିବ୍ୟ ଆତ୍ମା ଅଟେ । ସେ ବିଭିନ୍ନପ୍ରକାର ଯୋଗାଭ୍ୟାସ କରି ଆତ୍ମାନୁଭୂତି ଲାଭ ସ୍ତରକୁ ଉନ୍ନୀତ ହୋଇପାରେ । ଷଷ୍ଠ ଅଧ୍ୟାୟର ଶେଷରେ ପରିଷ୍କାର ଭାବରେ କୁହାଯାଇଛି ଯେ କୃଷ୍ଣଚେତନା (ଅର୍ଥାତ୍ କୃଷ୍ଣଙ୍କଠାରେ ମନକୁ ସ୍ଥିର ରଖିବା) ସର୍ବୋତ୍ତମ ଯୋଗ ଅଟେ । କେବଳ କୃଷ୍ଣଙ୍କଠାରେ ମନ ସ୍ଥିର ରଖିଲେ ବ୍ୟକ୍ତି ସଂପୂର୍ଣ୍ଣରୂପେ ଅଦ୍ୱୟଜ୍ଞାନ ଭଗବାନ୍‌ଙ୍କୁ ଜାଣି ପାରିବ, ଅନ୍ୟଥା ସମ୍ଭବପର ନୁହେଁ । ନିର୍ବିଶେଷ ବ୍ରହ୍ମଜ୍ୟୋତି (ବା ବ୍ରହ୍ମାନୁଭୂତି) କିମ୍ବା ହୃଦୟସ୍ଥିତ ପରମାତ୍ମା ଅନୁଭୂତି ଭଗବାନଙ୍କ ସମ୍ବନ୍ଧୀୟ ସଂପୂର୍ଣ୍ଣ ଜ୍ଞାନ ନୁହେଁ; ଏହା ଆଂଶିକ ଜ୍ଞାନ ଅଟେ । ପୂର୍ଣ୍ଣ ଜ୍ଞାନ ଓ ବିଜ୍ଞାନ ହେଉଛନ୍ତି କୃଷ୍ଣ ଏବଂ ପୂର୍ଣ୍ଣ କୃଷ୍ଣଚେତନାରେ ଥିବା ବ୍ୟକ୍ତି ପକ୍ଷରେ ସବୁ ପରିସ୍ଫୁଟ ହୋଇଉଠେ । ପୂର୍ଣ୍ଣ କୃଷ୍ଣ ଚେତନାରେ ଥିବା ବ୍ୟକ୍ତି ଜାଣିଥାଏ, ଯେ ନିଃସନ୍ଦେହ ଭାବେ କୃଷ୍ଣ ହେଉଛନ୍ତି ଅନ୍ତିମ ଜ୍ଞାନ । କୃଷ୍ଣଚେତନା ମାର୍ଗରେ ବିଭିନ୍ନ ଯୋଗପଦ୍ଧତି ହେଉଛି ଗୋଟିଏ ଗୋଟିଏ ପାବଚ୍ଛ । ଯେ ସିଧାସଳଖ କୃଷ୍ଣଚେତନା ମାର୍ଗ ଗ୍ରହଣକରେ, ସେ ସ୍ୱତଃ ବ୍ରହ୍ମଜ୍ୟୋତି ଓ ପରମାତ୍ମାଙ୍କ ସମ୍ବନ୍ଧୀୟ ପୂର୍ଣ୍ଣଜ୍ଞାନ ଲାଭ କରିଥାଏ । କୃଷ୍ଣଚେତନା ଯୋଗ ଅଭ୍ୟାସ କଲେ ବ୍ୟକ୍ତି ସମସ୍ତ ବିଷୟରେ ପୂର୍ଣ୍ଣଜ୍ଞାନ ଲାଭ କରିପାରେ, ଅର୍ଥାତ୍–ଅଦ୍ୱୟଜ୍ଞାନ ଭଗବାନ୍, ଜୀବ, ଭୂତପ୍ରକୃତି ଏବଂ ଏମାନଙ୍କର ବିଭିନ୍ନ ପ୍ରକାଶ–ଏ ସମସ୍ତ ଜ୍ଞାନ ସେ ଲାଭକରେ ।

ତେଣୁ ଷଷ୍ଠ ଅଧ୍ୟାୟର ଶେଷ ଶ୍ଲୋକରେ କୁହାଗଲା, ସେହିପରି ଭାବରେ ଯୋଗାଭ୍ୟାସ କରିବାକୁ ଆରମ୍ଭ କରିବା ଉଚିତ୍ । ନବଧା ଭକ୍ତି (ଯାହା ମଧ୍ୟରେ 'ଶ୍ରବଣ" ହେଉଛି ପ୍ରଥମ ଓ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ) ଅଭ୍ୟାସ କଲେ ଭଗବାନ୍ ଶ୍ରୀକୃଷ୍ଣଙ୍କଠାରେ ମନୋନିବେଶ କରିବା ସମ୍ଭବପର ହୁଏ । ତେଣୁ ଭଗବାନ୍ ଅର୍ଜୁନଙ୍କୁ କହୁଛନ୍ତି ''ତତ୍ ଶୃଣୁ' ଅର୍ଥାତ୍ ମୋ'ଠାରୁ ଶୁଣ । ଭଗବାନ୍ ଶ୍ରୀକୃଷ୍ଣ ଏ ବିଷୟରେ ହେଉଛନ୍ତି ସର୍ବଶ୍ରେଷ୍ଠ ଅଧିକାରୀ, ତାଙ୍କଠାରୁ ବଳି ଅଧିକାରୀ ଆଉ କେହି ନାହାନ୍ତି । ତେଣୁ ବ୍ୟକ୍ତି ତାଙ୍କଠାରୁ ଶୁଣିଲେ, କୃଷ୍ଣଚେତନା ମାର୍ଗରେ ଅଗ୍ରଗତି କରିବା ନିମିତ୍ତ ସବୁଠାରୁ ଅଧିକ ସୁବିଧା ପାଏ । ତେଣୁ ବ୍ୟକ୍ତି ସିଧା କୃଷ୍ଣଙ୍କଠାରୁ କିମ୍ବା କୃଷ୍ଣଙ୍କର ଏକ ଶୁଦ୍ଧ ଭକ୍ତଙ୍କଠାରୁ ଶୁଣିବା ଉଚିତ୍ ବା ଏ ଯୋଗ ଶିକ୍ଷା କରିବା ଉଚିତ୍; ଯେ ବିଶ୍ୱବିଦ୍ୟାଳୟ ଶିକ୍ଷାଦୀକ୍ଷା–ଭୌତିକ ଜ୍ଞାନ ଲାଭକରି ଖୁବ୍ ଗର୍ବୋନ୍ମତ୍ତ ବା ଉଦ୍ଧତ ହୋଇ ପଡ଼ିଛି, ତା'ଠାରୁ ଶୁଣିବା ଉଚିତ୍ ନୁହେଁ ।

ଶ୍ରୀମଦ୍ ଭାଗବତମ୍‌ର ପ୍ରଥମସ୍କନ୍ଧ ଦ୍ୱିତୀୟ ଅଧ୍ୟାୟରେ ପରମପୁରୁଷ ଅଦ୍ୱୟଜ୍ଞାନ, ଭଗବାନ ଶ୍ରୀକୃଷ୍ଣଙ୍କୁ ଜାଣିବା ବିଷୟରେ ନିମ୍ନମତେ ବର୍ଣ୍ଣନା ଅଛି–

*ଶୃଣ୍ୱତାଂ ସ୍ୱ-କଥାଂ କୃଷ୍ଣଃ ପୁଣ୍ୟ-ଶ୍ରବଣ-କୀର୍ତ୍ତନଃ ।*
*ହୃଦ୍ୟନ୍ତଃସ୍ଥୋ ହି ଅଭଦ୍ରାଣି ବିଧୁନୋତି ସୁହୃତ୍ ସତାମ୍ ।।*
*ନଷ୍ଟ-ପ୍ରାୟେଷୁ ଅଭଦ୍ରେଷୁ ନିତ୍ୟଂ ଭାଗବତ ସେବୟା ।*
*ଭଗବତି ଉତ୍ତମ-ଶ୍ଳୋକେ ଭକ୍ତିର୍ ଭବତି ନୈଷ୍ଠିକୀ ।।*
*ତଦା ରଜସ-ତମୋ-ଭାବାଃ କାମ-ଲୋଭାଦୟଶ୍ଚ ଯେ ।*
*ଚେତ ଏତୈର୍ ଅନାବିଦ୍ଧଂ ସ୍ଥିତଂ ସତ୍ତ୍ୱେ ପ୍ରସୀଦତି ।।*
*ଏବମ୍ ପ୍ରସନ୍ନ-ମନସୋ ଭଗବଦ୍-ଭକ୍ତି-ଯୋଗତଃ ।*
*ଭଗବତ୍-ତତ୍ତ୍ୱ-ବିଜ୍ଞାନଂ ମୁକ୍ତ-ସଙ୍ଗସ୍ୟ-ଜାୟତେ ।।*
*ଭିଦ୍ୟତେ ହୃଦୟ-ଗ୍ରନ୍ଥିଶ୍ ଛିଦ୍ୟନ୍ତେ ସର୍ବ-ସଂଶୟାଃ ।*
*କ୍ଷୀୟନ୍ତେ ଚାସ୍ୟ କର୍ମାଣି ଦୃଷ୍ଟ ଏବାତ୍ମନୀଶ୍ୱରେ ।।*

ଅର୍ଥାତ୍—ବୈଦିକ ସାହିତ୍ୟମାନଙ୍କରୁ କୃଷ୍ଣ କଥା ଶୁଣିବା, କିମ୍ବା ତାଙ୍କଠାରୁ (କୃଷ୍ଣଙ୍କଠାରୁ) ସିଧାସଳଖ ଭଗବଦ୍ ଗୀତା ଜରିଆରେ ଶୁଣିବା ପୁଣ୍ୟକର୍ମ ଅଟେ । ଯେ କୃଷ୍ଣଙ୍କ କଥା ଶୁଣେ, ତା'ପାଇଁ ସମସ୍ତଙ୍କ ହୃଦୟରେ ପରମାତ୍ମାରୂପରେ ଥିବା ଭଗବାନ୍ ଶ୍ରୀକୃଷ୍ଣ ସର୍ବୋତ୍ତମ ମଙ୍ଗଳାକାଙ୍କ୍ଷୀ ବନ୍ଧୁରୂପରେ କାର୍ଯ୍ୟ କରନ୍ତି ଏବଂ ଯେଉଁ ଭକ୍ତ ସର୍ବଦା କୃଷ୍ଣ କଥା ଶୁଣିବାରେ ବ୍ୟସ୍ତ ଅଛି, ତା'କୁ ଭଗବାନ୍ ଶ୍ରୀକୃଷ୍ଣ ବିଶୁଦ୍ଧ କରି ଦିଅନ୍ତି । ଏହିପରି ଭାବରେ ଭକ୍ତ ସାଧାରଣତଃ ତା'ର ସୁପ୍ତ ଦିବ୍ୟଜ୍ଞାନକୁ ଜାଗ୍ରତ କରାଏ । ଶ୍ରୀମଦ୍ ଭାଗବତମ୍ ଏବଂ ଭକ୍ତମାନଙ୍କ ମୁଖରୁ ସେ ଯେତେ ଅଧିକ କୃଷ୍ଣ କଥା ଶୁଣିବ, ସେ ସେତେ ଅଧିକ ଭଗବାନଙ୍କ ସେବାରେ ଦୃଢ଼ ହେବ । ଭକ୍ତିଯୋଗ ମାର୍ଗରେ ବ୍ୟକ୍ତି କ୍ରମେ ଉନ୍ନତି କଲେ ରଜ ଓ ତମୋଗୁଣରୁ ସେ ମୁକ୍ତ ହୋଇଯାଏ ଏବଂ ଏହିପରି ଭାବରେ ଭୌତିକ କାମନା ଓ ଲୋଭ କ୍ରମେ ଦୂରୀଭୂତ ହୁଏ । ଯେତେବେଳେ ଏ ଦୋଷଗୁଡ଼ିକ କଟିଯାଏ, ସେତେବେଳେ ବ୍ୟକ୍ତି ଶୁଦ୍ଧ ସତ୍ତ୍ୱସ୍ତରରେ ସ୍ଥିରଭାବରେ ଅବସ୍ଥାନ କରେ, ଭଗବତ୍ ସେବାରେ ନିଯୁକ୍ତ ହୋଇ ସେ ଦିବ୍ୟ ଜୀବନ ପ୍ରାପ୍ତ ହୁଏ ଏବଂ ଭଗବଦ୍ ବିଜ୍ଞାନ ଭଲଭାବରେ ବୁଝିପାରେ । ଏହିପରି ଭାବରେ ଭକ୍ତିଯୋଗ ଭୌତିକତାର ଦୃଢ଼ ବନ୍ଧନ ବା ଭୌତିକତାର ଦୃଢ଼ ସ୍ନେହ-ସମ୍ବନ୍ଧକୁ ଛେଦନ କରେ ଏବଂ ବ୍ୟକ୍ତିକୁ 'ଅସଂଶୟଂ ସମଗ୍ରମ୍' ସ୍ତରକୁ ସାଙ୍ଗେ ସାଙ୍ଗେ ଆଣିଦିଏ । ଅର୍ଥାତ୍ ବ୍ୟକ୍ତି ଅଦ୍ୱୟଜ୍ଞାନ ପରମପୁରୁଷ ଭଗବାନଙ୍କୁ ଭଲଭାବରେ ଜାଣିପାରେ ।" (ଭାଗବତମ୍ ୧-୨/୧୭-୨୧) ।

ତେଣୁ କେବଳ କୃଷ୍ଣଙ୍କଠାରୁ ଶୁଣିଲେ କିମ୍ବା କୃଷ୍ଣଚେତନାରେ ଥିବା ତାଙ୍କର ଶୁଦ୍ଧ ଭକ୍ତଙ୍କଠାରୁ ଶୁଣିଲେ ବ୍ୟକ୍ତି କୃଷ୍ଣ ବିଜ୍ଞାନକୁ ବୁଝିପାରିବ ।

## ଶ୍ଲୋକ - ୨

**ଜ୍ଞାନଂ ତେଽହଂ ସବିଜ୍ଞାନମିଦଂ ବକ୍ଷ୍ୟାମ୍ୟଶେଷତଃ**
**ଯଜ୍‌ଜ୍ଞାତ୍ୱା ନେହ ଭୂୟୋଽନ୍ୟଜ୍‌ଜ୍ଞାତବ୍ୟମବଶିଷ୍ୟତେ ।। ୨ ।।**

## ଶବ୍ଦାନୁବାଦ

ଜ୍ଞାନମ୍=ଦୃଶ୍ୟ ଜାଗତିକ ଜ୍ଞାନ (ଅର୍ଥାତ୍ ଯାହା ଆମେ ଆଖି ଆଗରେ ଦେଖୁଛୁ ସେ ସମ୍ବନ୍ଧରେ ଜ୍ଞାନ); ତେ=ତୁମକୁ; ଅହମ୍=ମୁଁ; ସ=ସହିତ; ବିଜ୍ଞାନମ୍=ଅଜ୍ଞାତ ଜ୍ଞାନ(ଅର୍ଥାତ୍

ଯାହା ଆମେ ଜାଣି ପାରୁନାହୁଁ ସେ ସମ୍ବନ୍ଧରେ ଜ୍ଞାନ); ଇଦମ୍=ଏହା; ବକ୍ଷ୍ୟାମି=କହିବି, ବ୍ୟାଖ୍ୟା କରିବି; ଅଶେଷତଃ=ପୂର୍ଣ୍ଣଭାବରେ; ଯତ୍=ଯାହା; ଜ୍ଞାତ୍ୱା=ଜାଣି; ନ=ନାହିଁ; ଇହ=ଏହି ପୃଥିବୀରେ; ଭୂୟଃ=ପୁଣି; ଅନ୍ୟତ୍=ଆଉ କିଛି ଅଧିକ; ଜ୍ଞାତବ୍ୟମ୍=ଜାଣିବା ଯୋଗ୍ୟ; ଅବଶିଷ୍ୟତେ=ଜାଣିବାକୁ ବାକିରହେ ।

## ଅନୁବାଦ

**ବର୍ତ୍ତମାନ ମୁଁ ତୁମକୁ ଜ୍ଞାନ ଓ ବିଜ୍ଞାନ କଥା (ଅର୍ଥାତ୍ ଦୃଶ୍ୟ ଜଗତ ସମ୍ବନ୍ଧୀୟ ଜ୍ଞାନ ଏବଂ ତାହାର ପରପାରରେ ଥିବା ବା ଜୀବର ଅଗୋଚରରେ ଥିବା ବିଷୟବସ୍ତୁ ସମ୍ବନ୍ଧୀୟ ଜ୍ଞାନ) ବିଶଦ ଭାବରେ କହିବି, ଯାହା ଜାଣିଲେ ଆଉ ତୁମକୁ ଜାଣିବାକୁ କିଛି ବାକି ରହିବ ନାହିଁ ।**

## ଭାବାର୍ଥ

ପୂର୍ଣ୍ଣଜ୍ଞାନ କହିଲେ, ଏହି ଦୃଶ୍ୟ ଜଗତ ସମ୍ବନ୍ଧୀୟ ଜ୍ଞାନ ଏବଂ ତାହାର ଅନ୍ତରାଳରେ ଥିବା ଭଗବାନଙ୍କ ସମ୍ବନ୍ଧୀୟ ଜ୍ଞାନକୁ ବୁଝାଏ । ଏ ଉଭୟ ଜ୍ଞାନର ଉତ୍ପତ୍ତି ହେଉଛି ଦିବ୍ୟଜ୍ଞାନରୁ । ବର୍ତ୍ତମାନ ଭଗବାନ୍, ଉପରେ କୁହାଯାଇଥିବା ଜ୍ଞାନ କଥା ଅର୍ଜୁନଙ୍କୁ କହିବାକୁ ଇଚ୍ଛା କରୁଛନ୍ତି; କାରଣ ଅର୍ଜୁନ କୃଷ୍ଣଙ୍କର ଅତି ବିଶ୍ୱସ୍ତ ବନ୍ଧୁ ଓ ଭକ୍ତ । ଚତୁର୍ଥ ଅଧ୍ୟାୟର ପ୍ରାରମ୍ଭରେ ଭଗବାନ୍ ଏକଥା କହିଛନ୍ତି ଏବଂ ପୁଣି ଥରେ ଏଠାରେ ଏହା କୁହାଯାଉଛି, ଯେ ଭଗବାନଙ୍କର ଭକ୍ତ ସେ ହିଁ କେବଳ ପୂର୍ଣ୍ଣଜ୍ଞାନ ଲାଭ କରିପାରେ । ସେ ସିଧାସଳଖ ଗୁରୁପରମ୍ପରାରୁ– ଭଗବାନଙ୍କଠାରୁ ଏ ଜ୍ଞାନ ଲାଭ କରିପାରେ । ତେଣୁ ବୁଦ୍ଧିମାନ ବ୍ୟକ୍ତି ସମସ୍ତ ଜ୍ଞାନର ମୂଳକୁ ଜାଣିବାକୁ ଚେଷ୍ଟା କରିବା ଉଚିତ୍ । ଯେ ସମସ୍ତ ଜ୍ଞାନର ମୂଳ, ସେ ହେଉଛନ୍ତି ସମସ୍ତ କାରଣର କାରଣ ଏବଂ ସମସ୍ତ ପ୍ରକାର ଯୋଗର ଏକମାତ୍ର ଧ୍ୟାନବସ୍ତୁ । ଯେତେବେଳେ ସମସ୍ତ କାରଣର କାରଣ ବା ପରମ କାରଣ ଜଣାଯା'ନ୍ତି, ସେତେବେଳେ ସବୁ ଜଣା ପଡ଼ିଯାଏ, ଆଉ କିଛି ଜାଣିବାକୁ ବାକି ରହେ ନାହିଁ । ବେଦରେ କୁହାଯାଇଛି, *''ଯସ୍ମିନ୍ ବିଜ୍ଞତେ ସର୍ବମ୍ ଏବ ବିଜ୍ଞତମ୍ ଭବନ୍ତି ।''*

## ଶ୍ଳୋକ - ୩

**ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍‌ଯତତି ସିଦ୍ଧୟେ ।**
**ଯତତାମପି ସିଦ୍ଧାନାଂ କଶ୍ଚିନ୍ମାଂ ବେତ୍ତି ତତ୍ତ୍ୱତଃ ।।୩।।**

## ଶବ୍ଦାନୁବାଦ

ମନୁଷ୍ୟାଣାମ୍=ମନୁଷ୍ୟମାନଙ୍କ ମଧ୍ୟରେ; ସହସ୍ରେଷୁ=ହଜାର ହଜାର ମନୁଷ୍ୟ ମଧ୍ୟରେ; କଶ୍ଚିତ୍=କେହି; ଯତତି=ଚେଷ୍ଟାକରେ; ସିଦ୍ଧୟେ=ସିଦ୍ଧି ନିମିତ୍ତ; ଯତତାମ୍=ଯେଉଁମାନେ ଏପରି ଚେଷ୍ଟା କରନ୍ତି ସେମାନଙ୍କ ମଧ୍ୟରେ; ଅପି=ବାସ୍ତବିକ୍; ସିଦ୍ଧାନାମ୍=ଯେଉଁମାନେ ସିଦ୍ଧିଲାଭ କରିଛନ୍ତି ସେମାନଙ୍କ ମଧ୍ୟରୁ; କଶ୍ଚିତ୍=କେହି; ମାମ୍=ମୋତେ; ବେତ୍ତି=ଜାଣେ; ତତ୍ତ୍ୱତଃ=ତତ୍ତ୍ୱରେ (ଯଥାର୍ଥ ଭାବରେ) ।

## ଅନୁବାଦ

**ହଜାର ହଜାର ମାନବମାନଙ୍କ ମଧ୍ୟରୁ କେହି ଜଣେ ସିଦ୍ଧି (ବା ଯୋଗର ପୂର୍ଣ୍ଣତା) ନିମିତ୍ତ ଚେଷ୍ଟାକରେ ଏବଂ ଯେଉଁମାନେ ସିଦ୍ଧିପ୍ରାପ୍ତ ହୋଇଛନ୍ତି, ସେମାନଙ୍କ ମଧ୍ୟରେ କ୍ୱଚିତ୍ କେହି ଜଣେ ମୋତେ ତତ୍ତ୍ୱରେ (ଯଥାର୍ଥ ଭାବରେ) ଜାଣନ୍ତି ।**

## ଭାବାର୍ଥ

ବିଭିନ୍ନ ପ୍ରକାରର (ବିଭିନ୍ନ ଚେତନା ସ୍ତରର) ମାନବ ଅଛନ୍ତି । ଏହିପରି ହଜାର ହଜାର ମାନବଙ୍କ ମଧ୍ୟରେ କେହି ଜଣେ ଜଣେ ଭଗବଦ୍ ଅନୁଭୂତି ବା ଦିବ୍ୟାନୁଭୂତି ଲାଭ ଦିଗରେ ଆଗ୍ରହ ପ୍ରକାଶ କରନ୍ତି । ଆତ୍ମା କ'ଣ, ଶରୀର କ'ଣ ଏବଂ ଅଦ୍ୱୟଜ୍ଞାନ ଭଗବାନ୍ କ'ଣ–ଏ ବିଷୟରେ ଜାଣିବାକୁ ସେ ଆଗ୍ରହୀ ହୁଅନ୍ତି । ସାଧାରଣତଃ ମାନବମାନେ ପଶୁପ୍ରବୃତ୍ତି, ଅର୍ଥାତ୍– ଖାଇବା, ଶୋଇବା, ଆତ୍ମରକ୍ଷା କରିବା ଓ ଯୌନକ୍ରିୟା କରିବାରେ ବ୍ୟସ୍ତ । କ୍ୱଚିତ୍ କେହି କେହି ଏ ଦିବ୍ୟଜ୍ଞାନ ଲାଭ ଦିଗରେ ଆଗ୍ରହୀ, ଆତ୍ମା ଓ ପରମାତ୍ମା କ'ଣ ଜାଣିବା ଦିଗରେ ଆଗ୍ରହୀ, ଅର୍ଥାତ୍–ଯେଉଁମାନେ ଜ୍ଞାନଯୋଗ ଓ ଧ୍ୟାନଯୋଗ ଜରିଆରେ ଆତ୍ମାନୁଭୂତି ଲାଭ କରିବାକୁ ଆଗ୍ରହୀ ଏବଂ ଜଡ଼ ଓ ଚେତନ ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରିବାରେ ଆଗ୍ରହୀ, ସେମାନଙ୍କ ନିମିତ୍ତ ଗୀତାର ପ୍ରଥମ ଛ'ଟି ଅଧ୍ୟାୟ ଉଦ୍ଦିଷ୍ଟ । ସେ ଯାହାହେଉ, ଯେଉଁମାନେ କୃଷ୍ଣଚେତନଶୀଳ, ସେହିମାନେ ହିଁ କେବଳ କୃଷ୍ଣଙ୍କୁ ଜାଣିପାରିବେ । ଅନ୍ୟ ଯୋଗୀମାନେ ନିର୍ବିଶେଷ ବ୍ରହ୍ମାନୁଭୂତି ଲାଭ କରିପାରନ୍ତି, କାରଣ କୃଷ୍ଣଙ୍କୁ ଜାଣିବା ଅପେକ୍ଷା ନିର୍ବିଶେଷ ବ୍ରହ୍ମଙ୍କୁ ଜାଣିବା ଅତି ସହଜ । କୃଷ୍ଣ ହେଉଛନ୍ତି ପରମପୁରୁଷ, କିନ୍ତୁ ତତ୍ ସଙ୍ଗେ ସଙ୍ଗେ ସେ ବ୍ରହ୍ମ ଓ ପରମାତ୍ମା ଜ୍ଞାନର ବହୁ ଉର୍ଦ୍ଧ୍ୱରେ ଅବସ୍ଥିତ । ଯୋଗୀ ଓ ଜ୍ଞାନୀଗଣ କୃଷ୍ଣଙ୍କୁ ବୁଝିବାକୁ ଚେଷ୍ଟାକରି ବିଫଳ ହୋଇଛନ୍ତି, ଗୋଳମାଳରେ ପଡ଼ିଛନ୍ତି । ଯଦିଓ ନିର୍ବିଶେଷବାଦୀ (ମାୟାବାଦୀ)ମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଶ୍ରୀପାଦ ଶଙ୍କରାଚାର୍ଯ୍ୟ, ତାଙ୍କର ଗୀତା ଭାଷ୍ୟରେ ସ୍ୱୀକାର କରିଛନ୍ତି ଯେ କୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍, ତଥାପି ମାୟାବାଦୀମାନେ ଗୋଳମାଳରେ ପଡ଼ିଛନ୍ତି । କିନ୍ତୁ ତାଙ୍କର ଅନୁଗାମୀଗଣ (ଶିଷ୍ୟଗଣ) କୃଷ୍ଣଙ୍କୁ ଭଗବାନ୍ ବୋଲି ମାନନ୍ତି ନାହିଁ, କାରଣ କୃଷ୍ଣଙ୍କୁ ଜାଣିବା ବଡ଼ କଠିନ । ବ୍ୟକ୍ତି ନିର୍ବିଶେଷ ବ୍ରହ୍ମାନୁଭୂତି ଲାଭ କରିପାରେ, କିନ୍ତୁ କୃଷ୍ଣଙ୍କୁ ଜାଣିବା ସହଜ ନୁହେଁ ।

ଭଗବାନ୍ ଶ୍ରୀକୃଷ୍ଣ ପରମପୁରୁଷ ଭଗବାନ୍ ଅଟନ୍ତି, ସେ ସର୍ବ କାରଣର କାରଣ ଓ ଆଦି ପୁରୁଷ ଗୋବିନ୍ଦ ଅଟନ୍ତି । *"ଈଶ୍ୱରଃ ପରମଃ କୃଷ୍ଣଃ ସଚ୍ଚିଦାନନ୍ଦ ବିଗ୍ରହଃ । ଅନାଦିର୍ ଆଦିର୍ ଗୋବିନ୍ଦଃ ସର୍ବ କାରଣ କାରଣମ୍ ।।"* ଯେଉଁମାନେ ଅଭକ୍ତ ସେମାନେ କୃଷ୍ଣଙ୍କୁ ଜାଣିପାରିବେ ନାହିଁ । କୃଷ୍ଣଙ୍କୁ ଜାଣିବା ବଡ଼ କଷ୍ଟକର । ଯଦିଓ ଅଭକ୍ତଗଣ କହନ୍ତି ଯେ ଭକ୍ତିପଥ ବଡ଼ ସୁଗମ, ତଥାପି ସେମାନେ ସେ ପଥର ପଥିକ ହୁଅନ୍ତି ନାହିଁ, ଅର୍ଥାତ୍ ସେମାନେ ତାହା ଅଭ୍ୟାସ କରିପାରନ୍ତି ନାହିଁ । ଯଦି ସେମାନଙ୍କ କହିବା ଅନୁଯାୟୀ ଭକ୍ତିପଥ ସହଜ ବା ସୁଗମ, ତାହାହେଲେ ସେମାନେ କାହିଁକି ତାହା ଗ୍ରହଣ ନକରି ଦୁର୍ଗମ ପଥର ପଥିକ ହେଉଛନ୍ତି ? ବାସ୍ତବରେ ଭକ୍ତିପଥ ସହଜ ନୁହେଁ । ଭକ୍ତି ସମ୍ବନ୍ଧରେ ଜ୍ଞାନ ନଥିବା ବ୍ୟକ୍ତି ଅନଧିକାର ଚର୍ଚ୍ଚା କରି ଯେଉଁ ତଥାକଥିତ ଭକ୍ତିଯୋଗମାର୍ଗ ଅବଲମ୍ବନ କରେ, ତାହା ସହଜ ହୋଇପାରେ, କିନ୍ତୁ ଯେତେବେଳେ

ଏହାର ବିଧିବିଧାନ ପାଳନ କରି ପ୍ରକୃତରେ ସାଧନା କରିବାକୁ କୁହାଯାଏ, ସେତେବେଳେ କଳ୍ପନାବିଳାସୀ ପଣ୍ଡିତ ଓ ଦାର୍ଶନିକଗଣ ଏ ପଥରୁ ବିଚ୍ୟୁତ ହୋଇ ପଡ଼ନ୍ତି । ଶ୍ରୀଳ ରୂପ ଗୋସ୍ୱାମୀ ଭକ୍ତିରସାମୃତ ସିନ୍ଧୁରେ ଲେଖିଛନ୍ତି–

*''ଶ୍ରୁତି ସ୍ମୃତି ପୁରାଣାଦି ପଞ୍ଚରାତ୍ରବିଧିଂ ବିନା ।*
*ଐକାନ୍ତିକୀ ହରେର୍ ଭକ୍ତିର୍ ଉତ୍ପାତାୟୈବ କଳ୍ପତେ ।।''*

ଅର୍ଥାତ୍–''ଉପନିଷଦ, ପୁରାଣ, ନାରଦ ପଞ୍ଚରାତ୍ର ଆଦି ପ୍ରାମାଣିକ ବୈଦିକ ସାହିତ୍ୟକୁ ଅବଜ୍ଞା କରାଯାଇ ଯେଉଁ ଭକ୍ତିପଥ ଅବଲମ୍ବନ କରାଯାଏ, ତାହା ସମାଜରେ କେବଳ ଉତ୍ପାତ ହିଁ ସୃଷ୍ଟି କରେ ।''

ବ୍ରହ୍ମାନୁଭୂତି ଲାଭ କରିଥିବା ନିର୍ବିଶେଷବାଦୀ ପକ୍ଷରେ କିମ୍ବା 'ପରମାତ୍ମା' ଅନୁଭୂତି ଲାଭ କରିଥିବା ଯୋଗୀ ପକ୍ଷରେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ମା' ଯଶୋଦାଙ୍କର ପୁତ୍ର ହିସାବରେ କିମ୍ବା ପାର୍ଥ-ସାରଥି ହିସାବରେ ବୁଝିବା ସମ୍ଭବପର ନୁହେଁ । ଏପରିକି ବେଳେବେଳେ ବିଶିଷ୍ଟ ଦେବତାଗଣ କୃଷ୍ଣଙ୍କ ସମ୍ବନ୍ଧରେ ବଡ଼ ଗୋଳମାଳରେ ପଡ଼ନ୍ତି । *''ମୁହ୍ୟନ୍ତି ଯତ୍ ସୂରୟଃ'', ''ମାମ୍ ତୁ ବେଦ ନ କଶ୍ଚନ''* । ଭଗବାନ୍ କହିଲେ ''ମୋର ପ୍ରକୃତ ସ୍ୱରୂପରେ ମୋତେ କେହି ଜାଣନ୍ତି ନାହିଁ ।'' ଯଦି ତାଙ୍କୁ କେହି ଜାଣି ପାରିଲା, ତାହାହେଲେ ସେ ଜଣେ ମହାତ୍ମା ହୋଇଯାଏ– *''ସ ମହାତ୍ମା ସୁଦୁର୍ଲଭଃ ।''* ''ଏ ପ୍ରକାର-ମହାତ୍ମା ଅତ୍ୟନ୍ତ ଦୁର୍ଲ୍ଲଭ ।'' ତେଣୁ କୃଷ୍ଣଙ୍କର ସେବା ନ କଲେ ବା ଭକ୍ତିଯୋଗ ଆଚରଣ ନ କଲେ କେହି କୃଷ୍ଣଙ୍କୁ ତତ୍ତ୍ୱତଃ ଜାଣି ପାରିବ ନାହିଁ । ବ୍ୟକ୍ତି ଖୁବ୍ ବଡ଼ ପଣ୍ଡିତ ହୋଇପାରେ ବା ଦାର୍ଶନିକ ହୋଇପାରେ, କିନ୍ତୁ ସେ ଯଦି କୃଷ୍ଣଙ୍କ ସେବାରେ ନିଯୁକ୍ତ ନ ହୋଇଛି, ତାହାହେଲେ ସେ କୃଷ୍ଣଙ୍କୁ ତତ୍ତ୍ୱରେ ଜାଣି ପାରିବ ନାହିଁ । କେବଳ ଶୁଦ୍ଧ ଭକ୍ତଗଣ କୃଷ୍ଣଙ୍କର ଅଚିନ୍ତ୍ୟ ଦିବ୍ୟଗୁଣାବଳୀ ସମ୍ବନ୍ଧରେ କିଛି ଜାଣି ପାରନ୍ତି । ସେ କିପରି ସର୍ବ କାରଣରକାରଣ, ସେ କିପରି ଷଡ଼ୈଶ୍ୱର୍ଯ୍ୟପୂର୍ଣ୍ଣରେ ପରିପୂର୍ଣ୍ଣ ତାହା ହେଉଛି - ସର୍ବ-ଶକ୍ତିମାନ୍, ସର୍ବ ଐଶ୍ୱର୍ଯ୍ୟଶାଳୀ ଏବଂ ସେ କିପରି ଧନ, ଯଶ, ବଳ, ସୌନ୍ଦର୍ଯ୍ୟ, ଜ୍ଞାନ ଓ ତ୍ୟାଗର ଅଧିକାରି- ଏ ସବୁ କଥା କିଛି ପରିମାଣରେ ଶୁଦ୍ଧ ଭକ୍ତଗଣ ଜାଣି ପାରନ୍ତି, କାରଣ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର ଭକ୍ତମାନଙ୍କ ପ୍ରତି ଅତ୍ୟନ୍ତ ଆକୃଷ୍ଟ । ବ୍ରହ୍ମାନୁଭୂତି ଲାଭ ମାର୍ଗରେ ସେ ହେଉଛନ୍ତି ଅନୁଭୂତିର ଅନ୍ତିମ ସ୍ତର ଏବଂ ଭକ୍ତଗଣ ହିଁ କେବଳ ତାଙ୍କୁ ତତ୍ତ୍ୱତଃ ଜାଣିପାରନ୍ତି । ତେଣୁ କୁହାଯାଇଛି–

*''ଅତଃ ଶ୍ରୀକୃଷ୍ଣ ନାମାଦି ନ ଭବେଦ୍ ଗ୍ରାହ୍ୟମ୍ ଇନ୍ଦ୍ରିୟୈଃ ।*
*ସେବୋନ୍ ମୁଖେ ହି ଜିହ୍ୱାଦୌ ସ୍ୱୟମ୍ ଏବ ସ୍ଫୁରତିଅଦଃ ।।*

ଅର୍ଥାତ୍–''ଜଡ଼େନ୍ଦ୍ରିୟ ସାହାଯ୍ୟରେ କେହି କୃଷ୍ଣଙ୍କୁ ତାଙ୍କର ମୌଳିକ ସ୍ୱରୂପରେ ବୁଝିପାରିବ ନାହିଁ; କିନ୍ତୁ ଯେଉଁ ଭକ୍ତଗଣ ଦିବ୍ୟ ପ୍ରେମଭାବରେ ଉଦ୍‌ବୁଦ୍ଧ ହୋଇ ତାଙ୍କ ସେବାରେ ନିଯୁକ୍ତ ହୋଇଥା'ନ୍ତି, ସେହି ଭକ୍ତମାନଙ୍କ ଉପରେ ସନ୍ତୁଷ୍ଟ ହୋଇ ସେ ସେମାନଙ୍କ ନିକଟରେ ନିଜକୁ ପ୍ରକାଶ କରନ୍ତି ।''

## ଶ୍ଲୋକ - ୪

**ଭୂମିରାପୋଽନଲୋ ବାୟୁଃ ଖଂ ମନୋ ବୁଦ୍ଧିରେବ ଚ ।**
**ଅହଂକାର ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା ।।୪।।**

## ଶବ୍ଦାନୁବାଦ

ଭୂମିଃ=ଭୂମି; ଆପଃ=ଜଳ; ଅନଳଃ=ଅଗ୍ନି; ବାୟୁଃ=ବାୟୁ; ଖମ୍=ଆକାଶ; ମନଃ=ମନ; ବୁଦ୍ଧିଃ=ବୁଦ୍ଧି; ଏବ=ନିଶ୍ଚିତଭାବେ; ଚ=ଏବଂ; ଅହଂକାରଃ=ମିଥ୍ୟାହଙ୍କାର; ଇତି=ଏହିପରି; ଇୟମ୍=ଏସବୁ; ମେ=ମୋର; ଭିନ୍ନା=ଭିନ୍ନ (ଅଲଗା); ପ୍ରକୃତିଃ=ଶକ୍ତି; ଅଷ୍ଟଧା=ସମୁଦାୟ ଆଠ।

## ଅନୁବାଦ

**ଭୂମି, ଜଳ, ଅଗ୍ନି, ବାୟୁ, ଆକାଶ, ମନ, ବୁଦ୍ଧି ଏବଂ ଅହଙ୍କାର ସର୍ବମୋଟ ଆଠଟି; ଏହା ମୋର ଭିନ୍ନା ଭୌତିକ ପ୍ରକୃତି (ବା ଶକ୍ତି) ଅଟନ୍ତି।**

## ଭାବାର୍ଥ

ଭଗବଦ୍ ବିଜ୍ଞାନରେ ଭଗବାନଙ୍କର ସ୍ୱରୂପସ୍ଥିତି ଏବଂ ତାଙ୍କର ବିଭିନ୍ନଶକ୍ତି ସମ୍ବନ୍ଧରେ ବିଶ୍ଳେଷଣ କରାଯାଇଛି ।ଭୂତପ୍ରକୃତିକୁ ଭଗବାନଙ୍କର ବିଭିନ୍ନ ପୁରୁଷ ଅବତାରରେ ଶକ୍ତି ବୋଲି କୁହାଯାଉଛି ।ସାତ୍ୱତ ତନ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି–

*"ବିଷ୍ଣୋସ୍ତୁ ତ୍ରୀଣି ରୂପାଣି ପୁରୁଷାଖ୍ୟାନି ଅଥୋ ବିଦୁଃ ।*
*ଏକନ୍ତୁ ମହତଃ ସ୍ରଷ୍ଟୃ ଦ୍ୱିତୀୟଂ ତୁ ଅଣ୍ଡ-ସଂସ୍ଥିତମ୍ ।*
*ତୃତୀୟଂ ସର୍ବଭୂତସ୍ଥଂ ତାନି ଜ୍ଞାତ୍ୱା ବିମୁଚ୍ୟତେ ।"*

ଅର୍ଥାତ୍–"ଭୌତିକ ସୃଷ୍ଟି ନିମିତ୍ତ ଭଗବାନ୍ ଶ୍ରୀକୃଷ୍ଣଙ୍କର ସ୍ୱାଂଶବିସ୍ତାର ତିନୋଟି ବିଷ୍ଣୁରୂପ ଧରନ୍ତି ।ପ୍ରଥମ ହେଲେ ମହାବିଷ୍ଣୁ, ସେ ସମଗ୍ର ଭୌତିକ ଶକ୍ତି ସୃଷ୍ଟି କରନ୍ତି ।ଏହାକୁ ମହତ୍ ତତ୍ତ୍ୱ କୁହାଯାଏ ।ଦ୍ୱିତୀୟ ପୁରୁଷାବତାର ହେଲେ ଗର୍ଭୋଦକଶାୟୀ ବିଷ୍ଣୁ ।ବ୍ରହ୍ମାଣ୍ଡମାନଙ୍କରେ ବିଭିନ୍ନ ସୃଷ୍ଟି କରିବା ନିମିତ୍ତ ସେ ପ୍ରତ୍ୟେକ ବ୍ରହ୍ମାଣ୍ଡ ମଧ୍ୟରେ ପ୍ରବେଶ କରନ୍ତି ।ତୃତୀୟ ହେଉଛନ୍ତି କ୍ଷୀରୋଦକଶାୟୀ ବିଷ୍ଣୁ ।ସମସ୍ତ ବ୍ରହ୍ମାଣ୍ଡରେ ସେ ସର୍ବବ୍ୟାପକ ପରମାତ୍ମା ରୂପରେ ପରିବ୍ୟାପ୍ତ ହୋଇଛନ୍ତି ।ସେ ପରମାତ୍ମା ନାମରେ ପରିଚିତ ଏବଂ ସେ ସର୍ବତ୍ର ବିଦ୍ୟମାନ, ଏପରିକି କ୍ଷୁଦ୍ର ଅଣୁ ମଧ୍ୟରେ ସେ ବିଦ୍ୟମାନ ।ଯେ ଏହି ତିନି ବିଷ୍ଣୁଙ୍କ କଥା ଜାଣେ, ସେ ଭୌତିକ ବନ୍ଧନରୁ ମୁକ୍ତ ହୋଇ ଯାଇପାରେ ।"

ଭଗବାନଙ୍କର ଅନେକ ଶକ୍ତି ଅଛି ।ତନ୍ମଧ୍ୟରୁ ଏକ ଶକ୍ତିର କ୍ଷଣିକ ପ୍ରକାଶ ଅଟେ ଏ ଭୌତିକ ଜଗତ ।ଭୌତିକ ଜଗତର ସମସ୍ତ କର୍ମ, ଭଗବାନ୍ ଶ୍ରୀକୃଷ୍ଣଙ୍କର ଏହି ତିନୋଟି ବିଷ୍ଣୁ ଅବତାରମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି ।ଏହି ପୁରୁଷମାନଙ୍କୁ ଅବତାର କୁହାଯାଏ ।ସାଧାରଣତଃ ଯେ ଭଗବଦ୍ ବିଜ୍ଞାନ (ବା କୃଷ୍ଣ ବିଜ୍ଞାନ) ଜାଣି ନାହିଁ, ସେ ଭାବେ ଯେ ଏ ଭୌତିକ ଜଗତ୍ ଜୀବମାନଙ୍କର ଉପଭୋଗ ପାଇଁ ଉଦ୍ଦିଷ୍ଟ, ଜୀବଗଣ ହେଉଛନ୍ତି କାରଣ (ବା ପୁରୁଷ) ଏବଂ ଭୂତପ୍ରକୃତିର ନିୟନ୍ତ୍ରଣକାରୀ ଓ ଉପଭୋଗକାରୀ। ଭଗବଦ୍‌ଗୀତା ଅନୁଯାୟୀ ଏହା ନାସ୍ତିକ ସିଦ୍ଧାନ୍ତ ଅଟେ ଓ ମିଥ୍ୟା ଅଟେ ।ଏ ଶ୍ଳୋକରେ କୁହାଯାଇଛି ଯେ ଭଗବାନ୍ କୃଷ୍ଣ ହେଉଛନ୍ତି ଭୌତିକ ପ୍ରକାଶର ମୂଳକାରଣ ।ଶ୍ରୀମଦ୍ ଭାଗବତରେ ମଧ୍ୟ ଏହା ସ୍ୱୀକୃତ ହୋଇଅଛି ।ଏ ଭୌତିକ ପ୍ରକାଶର ଉପାଦାନଗୁଡ଼ିକ ଭଗବାନଙ୍କର ଭିନ୍ନା ପ୍ରକୃତି (ବା ଶକ୍ତି) ଅଟନ୍ତି ।ଏପରିକି ନିର୍ବିଶେଷବାଦୀ ବା ମାୟାବାଦୀମାନଙ୍କର ଅନ୍ତିମ ଲକ୍ଷ୍ୟ ନିର୍ବିଶେଷ ବ୍ରହ୍ମଜ୍ୟୋତି ମଧ୍ୟ ପରବ୍ୟୋମରେ ପ୍ରକାଶିତ

ଭଗବାନଙ୍କର ଏକ ଚିତ୍ ଶକ୍ତି ଅଟେ । ବୈକୁଣ୍ଠଲୋକମାନଙ୍କରେ ଯେପରି ଦିବ୍ୟ ବିଭିନ୍ନତା ଅଛି, ବ୍ରହ୍ମଜ୍ୟୋତିରେ ସେପରି ନାହିଁ । ମାୟାବାଦୀ ଏହି ବ୍ରହ୍ମଜ୍ୟୋତିକୁ ଅନ୍ତିମ ଲକ୍ଷ୍ୟ ବୋଲି ଗ୍ରହଣ କରେ । ପରମାତ୍ମା ପ୍ରକାଶ ମଧ୍ୟ କ୍ଷୀରୋଦକଶାୟୀ ବିଷ୍ଣୁଙ୍କର ଏକ କ୍ଷଣସ୍ଥାୟୀ ସର୍ବବ୍ୟାପକ ପ୍ରତୀତି ଅଟେ । ଚିଦ୍ ଜଗତରେ ପରମାତ୍ମା ପ୍ରକାଶ ଶାଶ୍ୱତ ପ୍ରକାଶ ନୁହେଁ । ତେଣୁ ପ୍ରକୃତ ଅଦ୍ୱୟ ଜ୍ଞାନତତ୍ତ୍ୱ ହେଉଛନ୍ତି ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ । ସେ ହେଉଛନ୍ତି ପୂର୍ଣ୍ଣ ଶକ୍ତିମାନ୍ ପୁରୁଷ ଏବଂ ସେ ବିଭିନ୍ନ ବହିରଙ୍ଗା (ବିଭିନ୍ନା) ଓ ଅନ୍ତରଙ୍ଗା ଶକ୍ତିର ଅଧିକାରୀ ଅଟନ୍ତି ।

ଭୌତିକ ଶକ୍ତିର ଆଠଟି ହେଉଛି ପ୍ରଧାନ ପ୍ରକାଶ । ଏହା ଉପରେ କୁହାଯାଉଛି । ଏମାନଙ୍କ ମଧ୍ୟରେ ପ୍ରଥମ ପାଞ୍ଚୋଟି ପ୍ରକାଶ, ଅର୍ଥାତ୍-କ୍ଷିତ, ଅପ୍, ତେଜ, ମରୁତ୍ ଓ ବ୍ୟୋମକୁ ପଞ୍ଚମହାଭୂତ ବା ସ୍ଥୂଳ ସୃଷ୍ଟି ବୋଲି କୁହାଯାଏ, ଏଥିମଧ୍ୟରେ ପଞ୍ଚଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ ଅନ୍ତର୍ଗତ । ସେଗୁଡ଼ିକ ହେଉଛନ୍ତି ଶବ୍ଦ, ରୂପ, ରସ, ସ୍ପର୍ଶ ଓ ଗନ୍ଧ; ଭୂତ ବିଜ୍ଞାନରେ ଏହି ଦଶଟି କଥା ଅଛି, ଆଉ ଅଧିକା କିଛି ନାହିଁ । କିନ୍ତୁ ଅନ୍ୟ ତିନୋଟି ଉପାଦାନ ଅର୍ଥାତ୍—ମନ, ବୁଦ୍ଧି ଓ ଅହଂକାରକୁ ଭୌତିକବାଦୀମାନେ ଅବହେଳା ପ୍ରଦର୍ଶନ କରିଛନ୍ତି । ଯେଉଁ ଦାର୍ଶନିକଗଣ ମାନସିକ କ୍ରିୟା ସମ୍ବନ୍ଧରେ ଗବେଷଣା କରନ୍ତି ସେମାନେ ପୂର୍ଣ୍ଣଜ୍ଞାନ ଲାଭକରି ନାହାନ୍ତି । ଅହଂକାର—ମୁଁ, ମୋର—ଏହା ହେଉଛି ଭୌତିକ ସ୍ଥିତିର ମୌଳିକ ନୀତି । ଏଥିମଧ୍ୟରେ ଭୌତିକ କର୍ମ ନିମିତ୍ତ ଦଶଇନ୍ଦ୍ରିୟ ରହିଛି । ବୁଦ୍ଧି, ମହତ୍‌ତତ୍ତ୍ୱ ନାମରେ କଥିତ ଭୌତିକ ସୃଷ୍ଟିରୁ ସମଷ୍ଟି ସମ୍ପର୍କୀୟ ଅଟେ । ତେଣୁ ଭଗବାନଙ୍କର ଏ ଆଠଟି ଭିନ୍ନା ପ୍ରକୃତି (ବା ଶକ୍ତି)ରୁ ଭୌତିକ ଜଗତର 'ଚବିଶ ତତ୍ତ୍ୱ' ପ୍ରକାଶିତ ହୋଇଛି । ଏହା ହେଉଛି ନାସ୍ତିକ ସାଂଖ୍ୟ ଦର୍ଶନର ବିଷୟବସ୍ତୁ । ଏଗୁଡ଼ିକ ମୂଳତଃ ଭଗବାନ୍ ଶ୍ରୀକୃଷ୍ଣଙ୍କର ଶକ୍ତିରୁ ସମ୍ଭୂତ ଏବଂ ଏମାନେ ତାଙ୍କଠାରୁ ଭିନ୍ନ, କିନ୍ତୁ ନାସ୍ତିକ ସାଂଖ୍ୟ ଦାର୍ଶନିକଗଣ ଜ୍ଞାନର ସ୍ୱଳ୍ପତା ହେତୁ କୃଷ୍ଣଙ୍କୁ ସର୍ବକାରଣର କାରଣ ବୋଲି ଜାଣନ୍ତି ନାହିଁ । ସାଂଖ୍ୟ ଦର୍ଶନର ବିଷୟବସ୍ତୁ ହେଲା କୃଷ୍ଣଙ୍କର ବହିରଙ୍ଗା ଶକ୍ତିର ପ୍ରକାଶ । ଏହା ଭଗବଦ୍ ଗୀତାରେ ବର୍ଣ୍ଣନା କରାଯାଇଅଛି ।

## ଶ୍ଳୋକ - ୫

**ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାମ୍ ।**
**ଜୀବଭୂତାଂ ମହାବାହୋ ଯୟେଦଂ ଧାର୍ଯ୍ୟତେ ଜଗତ୍ ।।୫।।**

## ଶବ୍ଦାନୁବାଦ

ଅପରା=ନୀଚତର; ଇୟମ୍=ଏହା; ଇତଃ=ଏହାଛଡ଼ା; ତୁ=କିନ୍ତୁ; ଅନ୍ୟାମ୍=ଅନ୍ୟ; ପ୍ରକୃତିମ୍=ଶକ୍ତି; ବିଦ୍ଧି=ବୁଝିବାକୁ ଚେଷ୍ଟାକର; ମେ=ମୋର; ପରାମ୍=ଉଚ୍ଚତର; ଜୀବ-ଭୂତାମ୍=ଜୀବଗଣ; ମହା-ବାହୋ=ହେ ମହାବାହୁ; ଯୟା=ଯାହାଙ୍କ ଦ୍ୱାରା; ଇଦମ୍=ଏହି; ଧାର୍ଯ୍ୟତେ=ବ୍ୟବହୃତ ହେଉଛି; ଜଗତ୍=ଭୌତିକ ଜଗତ ।

## ଅନୁବାଦ

**ହେ ମହାବାହୁ (ଅର୍ଜୁନ) ! ମୋର ଏହି ଅପରା ପ୍ରକୃତି (ବା ନୀଚତର ଶକ୍ତି) ବ୍ୟତୀତ ମୋର ଏକ ପରା ପ୍ରକୃତି (ବା ଉଚ୍ଚତର ଶକ୍ତି) ଅଛି । ସେଗୁଡ଼ିକ ହେଉଛନ୍ତି**

**ସମସ୍ତ ଜୀବ । ସେମାନେ ଭୂତପ୍ରକୃତି ସହିତ ଯୁଦ୍ଧ କରୁଛନ୍ତି ଏବଂ ଏ ଜଗତକୁ ଜୀବିତ ରଖିଛନ୍ତି ।**

## ଭାବାର୍ଥ

ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ ଜୀବଗଣ, ଭଗବାନ୍‌ଙ୍କର ପରାପ୍ରକୃତି (ବା ଉଚ୍ଚତର ଶକ୍ତି)ର ଅନ୍ତର୍ଗତ । ପୃଥିବୀ, ଅପ୍, ତେଜ, ମରୁତ୍, ବ୍ୟୋମ, ମନ, ବୁଦ୍ଧି ଓ ଅହଙ୍କାର ଆଦି ବିଭିନ୍ନ ଉପାଦାନ ରୂପରେ ଭୂତପ୍ରକୃତି (ବା ନୀଚତର ଶକ୍ତି) ପ୍ରକାଶିତ ହୋଇଛି । ଭୂତପ୍ରକୃତିରେ ଉଭୟ ରୂପ ଅର୍ଥାତ୍ ସ୍ଥୂଳ (ପୃଥିବୀ ଆଦି) ଓ ସୂକ୍ଷ୍ମ (ମନ ଆଦି) ଭଗବାନଙ୍କର ନୀଚତର ଶକ୍ତିରୁ ଜାତ । ଯେଉଁ ଜୀବଗଣ ବିଭିନ୍ନ ଉଦ୍ଦେଶ୍ୟରେ ଭଗବାନଙ୍କର ଏ ଅପରା ପ୍ରକୃତି ବା (ନୀଚତର ଶକ୍ତି)କୁ ବ୍ୟବହାର କରୁଛନ୍ତି, ସେମାନେ ଭଗବାନଙ୍କର ଉଚ୍ଚତର ଶକ୍ତି ଅଟନ୍ତି ଏବଂ ଏହି ଶକ୍ତି ଯୋଗୁଁ (ବା ଏମାନଙ୍କ ଯୋଗୁଁ) ସମଗ୍ର ଭୌତିକ ଜଗତ କ୍ରିୟାଶୀଳ ହୋଇ ଉଠିଛି । ଉଚ୍ଚତର ଶକ୍ତି ଅର୍ଥାତ୍ ଜୀବଗଣ ଏହାକୁ କ୍ରିୟାଶୀଳ ନ କଲେ ଏ ଦୃଶ୍ୟ ଜଗତ ତା'ମନକୁ କ୍ରିୟାଶୀଳ ହୋଇ ପାରିବନାହିଁ । ଶକ୍ତିଗୁଡ଼ିକ ସର୍ବଦା ଶକ୍ତିମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଅନ୍ତି । ସେଇଥିପାଇଁ ଜୀବଗଣ ସର୍ବଦା ଭଗବାନଙ୍କ ଦ୍ୱାରା ହିଁ ନିୟନ୍ତ୍ରିତ ହେଉଛନ୍ତି । ସେମାନଙ୍କର ସ୍ୱତନ୍ତ୍ର ସ୍ଥିତି ନାହିଁ । ସେମାନେ ଭଗବାନଙ୍କ ପରି ଶକ୍ତିଶାଳୀ ନୁହନ୍ତି । କେତେକ ତଥାକଥିତ ବୁଦ୍ଧିମାନ ଲୋକ ଯେପରି ଭାବନ୍ତି (ଅର୍ଥାତ୍ ଜୀବ ହିଁ ଭଗବାନ୍), ସେପରି ନୁହେଁ । ଶ୍ରୀମଦ୍‌ଭାଗବତମ୍ (୧୦-୮୭-୩୦)ରେ ଜୀବ ଓ ଭଗବାନ୍‌ଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ନିମ୍ନମତେ ବର୍ଣ୍ଣନା କରାଯାଇଛି—

*''ଅପରିମିତା ଧ୍ରୁବାସ୍ ତନୁଭୃତୋ ଯଦି ସର୍ବ-ଗତାସ୍-*
*ତର୍ହି ନ ଶାସ୍ୟତେତି ନିୟମୋ ଧ୍ରୁବ ନେତରଥା ।*
*ଅଜନି ଚ ଯନ୍ମୟଂ ତଦ୍ ଅବିମୁଚ୍ୟ ନିୟନ୍ତୃ ଭବେତ୍*
*ସମମ ଅନୁଜାନତାଂ ଯଦ୍-ଅମତଂ ମତ-ଦୁଷ୍ଟତୟା ।।''*

ଅର୍ଥାତ୍—''ହେ ପରମଶାଶ୍ୱତ ଭଗବାନ୍ ! ଯଦି ଜୀବଗଣ ଆପଣଙ୍କ ପରି ଶାଶ୍ୱତ ଓ ସର୍ବବ୍ୟାପକ ହୋଇଥା'ନ୍ତେ, ତାହାହେଲେ ସେମାନେ ଆପଣଙ୍କ ଅଧୀନରେ ରହନ୍ତେ ନାହିଁ । କିନ୍ତୁ ଯଦି ସେମାନଙ୍କୁ ଆପଣଙ୍କର ସୂକ୍ଷ୍ମ ଶକ୍ତିରୂପେ ଗ୍ରହଣ କରାଯାଏ, ତାହାହେଲେ ସାଙ୍ଗେ ସାଙ୍ଗେ ସେମାନେ ଆପଣଙ୍କର ପରମ ନିୟନ୍ତ୍ରଣର ଅଧୀନ ହୋଇଯିବେ । ତେଣୁ ଜୀବଗଣ ଆପଣଙ୍କର ନିୟନ୍ତ୍ରଣାଧୀନକୁ ଆସି ଆପଣଙ୍କଠାରେ ସଂପୂର୍ଣ୍ଣରୂପେ ଆତ୍ମସମର୍ପଣ କରିବା ହିଁ ପ୍ରକୃତ ମୁକ୍ତି ଅଟେ ଏବଂ ସେହି ଆତ୍ମସମର୍ପଣ ହିଁ ସେମାନଙ୍କୁ ସୁଖୀ କରାଇବ । ଏହି ସ୍ୱରୂପସ୍ଥିତିରେ ରହିଲେ ସେମାନେ ନିୟନ୍ତ୍ରଣକାରୀ ହୋଇ ପାରିବେ । ତେଣୁ ସୀମିତ ଜ୍ଞାନ ଅର୍ଜନ କରିଥିବା ବ୍ରହ୍ମବାଦୀଗଣ, ଅର୍ଥାତ୍—ଯେଉଁମାନେ କହନ୍ତି ଯେ ଜୀବ ଓ ଭଗବାନ୍ ସବୁ ପ୍ରକାରେ ସମାନ, ସେମାନେ ବାସ୍ତବରେ ନିଜକୁ ଏବଂ ଅନ୍ୟମାନଙ୍କୁ ଭ୍ରମିତ କରାଉଛନ୍ତି ।''

ପରମେଶ୍ୱର ଭଗବାନ୍ ଶ୍ରୀକୃଷ୍ଣ ହେଉଛନ୍ତି ଏକମାତ୍ର ନିୟନ୍ତ୍ରଣକାରୀ ଏବଂ ସମସ୍ତ ଜୀବ ତାଙ୍କଦ୍ୱାରା ନିୟନ୍ତ୍ରିତ ହେଉଛନ୍ତି । ଏ ଜୀବଗଣ ତାଙ୍କର (ଭଗବାନଙ୍କର) ଉଚ୍ଚତର ଶକ୍ତି ଅଟନ୍ତି, କାରଣ ସେମାନେ ଗୁଣରେ ଭଗବାନଙ୍କ ସହ ସମାନ, କିନ୍ତୁ ସେମାନେ ଶକ୍ତିର ପରିମାଣ ଅନୁସାରେ

ଭଗବାନଙ୍କ ସହ ସମାନ ନୁହନ୍ତି । ଯେତେବେଳେ ଜୀବ (ଭଗବାନଙ୍କର ଉଚ୍ଚତର ଶକ୍ତି ଜୀବ) ସ୍ଥୂଳ ଓ ସୂକ୍ଷ୍ମ ନୀଚତର ଶକ୍ତି (ବା ଭୂତପ୍ରକୃତିକୁ) ବ୍ୟବହାର କରନ୍ତି, ସେତେବେଳେ ସେମାନେ ସେମାନଙ୍କର ପ୍ରକୃତ ଦିବ୍ୟ ମନ ଓ ବୁଦ୍ଧି କଥାଟି ଭୁଲିଯା'ନ୍ତି । ଭୂତପ୍ରକୃତିର ଜୀବମାନଙ୍କ ଉପରେ ପ୍ରଭାବ ଯୋଗୁଁ ଏ ବିସ୍ମୃତି ଜାତ ହୁଏ । କିନ୍ତୁ ଯେତେବେଳେ ଜୀବ ମାୟିକ ଭୌତିକ ଶକ୍ତି କବଳରୁ ମୁକ୍ତ ହୋଇଯାଏ, ସେତେବେଳେ ସେ ମୁକ୍ତି ଲାଭ କରେ । ଭୌତିକ ମାୟାଶକ୍ତି ଅଧୀନରେ ଥିବା ଅହଂକାର ଯୋଗୁଁ ଭାବେ ଯେ "ମୁଁ ହେଉଛି ଭୌତିକ ପଦାର୍ଥ ଏବଂ ଯାହା ସବୁ ଭୌତିକ ବିଷୟବସ୍ତୁ ମୁଁ ସଂଗ୍ରହ କରିଛି, ସେ ସବୁ ମୋର ।" ଯେତେବେଳେ ସେ ସମସ୍ତପ୍ରକାର ଭୌତିକ ଧାରଣାରୁ ମୁକ୍ତ ହୋଇଯାଏ, ସେତେବେଳେ ସେ ତା'ର ସ୍ୱରୂପସ୍ଥିତିକୁ ଉପଲବ୍ଧି କରେ । "ମୁଁ ଭଗବାନଙ୍କ ସହ ସବୁ ପ୍ରକାର ସମାନ ବା ମୁଁ ଭଗବାନ୍"– ଏ ଧାରଣା ମଧ୍ୟ ଭୌତିକ ଧାରଣା ଅଟେ । (ଏ ଧାରଣାରୁ ମଧ୍ୟ ମୁକ୍ତ ହେବାକୁ ପଡ଼ିବ) ।ତେଣୁ ଏହି ସିଦ୍ଧାନ୍ତରେ ବ୍ୟକ୍ତି ପହଞ୍ଚି ପାରେ (ଗୀତା ସ୍ୱୀକାର କରୁଛି) ଯେ ଜୀବ ଭଗବାନଙ୍କର ବହୁବିଧ ଶକ୍ତିମାନଙ୍କ ମଧ୍ୟରୁ ଏକ ଶକ୍ତି ଅଟେ ଏବଂ ଯେତେବେଳେ ଏ ଶକ୍ତି ଭୌତିକ ଦୋଷରୁ ମୁକ୍ତ ହୋଇଯାଏ, ସେତେବେଳେ ଏହା ସଂପୂର୍ଣ୍ଣ ରୂପେ କୃଷ୍ଣଚେତନଶୀଳ ବା ମୁକ୍ତ ହୋଇଯାଏ ।

## ଶ୍ଳୋକ - ୬

**ଏତଦ୍‌ଯୋନୀନି ଭୂତାନି ସର୍ବାଣୀତ୍ୟୁପଧାରୟ ।**
**ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା ।।୬।।**

## ଶବ୍ଦାନୁବାଦ

ଏତତ୍=ଏ ଦୁଇ ପ୍ରକୃତି ବା ଶକ୍ତି; ଯୋନୀନି=ଜନ୍ମର ମୂଳ; ଭୂତାନି=ସମସ୍ତ ସୃଷ୍ଟ ପଦାର୍ଥ ବା ପ୍ରାଣୀ; ସର୍ବାଣି=ସମସ୍ତ; ଇତି=ଏହିପରି; ଉପଧାରୟ=ଜାଣ; ଅହମ୍=ମୁଁ; କୃତ୍ସ୍ନସ୍ୟ=ସମଗ୍ର; ଜଗତଃ=ଜଗତର; ପ୍ରଭବଃ=ମୂଳ; ପ୍ରଳୟଃ=ପ୍ରଳୟ ବା ଧ୍ୱଂସ; ତଥା=ତଥା ।

## ଅନୁବାଦ

**ଜାଣିରଖ, ଏ ଜଗତରେ ଯାହାସବୁ ଅଚିତ୍ ବା ଜଡ଼ ଏବଂ ଚିତ୍ ବା ଦିବ୍ୟ ପଦାର୍ଥ ଅଛି, ସେ ସବୁର ମୁଁ ହେଉଛି ମୂଳ ଏବଂ ଶେଷ, ଅର୍ଥାତ୍ ସେସବୁ ମୋ'ଠାରୁ ଜାତ ହୁଅନ୍ତି ଏବଂ ମୋଠାରେ ଲୀନ ହୁଅନ୍ତି ।**

## ଭାବାର୍ଥ

ଯାହାସବୁ ଦେଖୁଛ ବା ଯାହାସବୁ ରହିଛି, ସେ ସବୁ ଚିତ୍ ଓ ଅଚିତ୍ ବା ଜଡ଼ ଓ ଚେତନାର ଫଳ ।ଚିତ୍ ବା ଚେତନ ହେଉଛି ସୃଷ୍ଟିର ମୂଳାଧାର ଏବଂ ଅଚିତ୍ ବା ଜଡ଼ ପଦାର୍ଥ ଚେତନ ଦ୍ୱାରା ସୃଷ୍ଟି ଅଟେ । ଚିତ୍ ପଦାର୍ଥ (ବା ଚେତନ) ଭୌତିକ ଅଭିବୃଦ୍ଧିର କୌଣସି ସ୍ତରରେ ସୃଷ୍ଟି ହୁଏ ନାହିଁ; ବରଂ ଏ ଭୌତିକ ଜଗତ ଚିତ୍‌ଶକ୍ତି ବଳରେ ହିଁ ପ୍ରକାଶିତ ହୋଇଛି । ଏ ଭୌତିକ ଶରୀର ଦିନକୁଦିନ ବୃଦ୍ଧିଲାଭ କରୁଛି, ତାହାର କାରଣ ହେଲା ଚିତ୍ ବା ଚେତନା ଜଡ଼ ମଧ୍ୟରେ ବିଦ୍ୟମାନ । ଶିଶୁଟି କ୍ରମେ ବାଳକ ହେଉଛି, ତପରେ କ୍ରମେ ଯୁବକ ହେଉଛି; ଏହାର କାରଣ ଉଚ୍ଚତର ଶକ୍ତି,

ଦିବ୍ୟ ଆତ୍ମା ତାହା ମଧ୍ୟରେ ଅଛି । ଠିକ୍ ସେହିପରି ଏ ସମଗ୍ର ଦୃଶ୍ୟ-ଜଗତ ବା ବିଶ୍ୱ-ବ୍ରହ୍ମାଣ୍ଡ ବୃଦ୍ଧିଲାଭ କରୁଛି; ତାହାର କାରଣ ପରମାତ୍ମା ବିଷ୍ଣୁ ତନ୍ମଧ୍ୟରେ ବିଦ୍ୟମାନ । ଜଡ଼ ଓ ଚେତନର ସମାହାରରେ ଏ ବିରାଟ ବିଶ୍ୱରୂପ ପ୍ରକାଶିତ ହୋଇଅଛି । ସେହି ଜଡ଼ ଓ ଚେତନ ଭଗବାନଙ୍କର ଦୁଇଟି ଶକ୍ତି ଅଟନ୍ତି ଏବଂ ଫଳତଃ ଭଗବାନ୍ ହିଁ ପ୍ରତ୍ୟେକଙ୍କର ମୂଳ କାରଣ ଅଟନ୍ତି । ଜୀବ, ଭଗବାନଙ୍କର ଏକ କ୍ଷୁଦ୍ର ଅଂଶ ବିଶେଷ ଅଟେ । ସେହି ଜୀବ, ଭୌତିକ ଶକ୍ତିକୁ ବ୍ୟବହାର କରି ଏକ ନଭଶ୍ଚୁମ୍ବୀ ପ୍ରାସାଦ, କାରଖାନା ବା ନଗର ନିର୍ମାଣ କରିପାରେ, କିନ୍ତୁ ସେ ଜଡ଼ପଦାର୍ଥ ସୃଷ୍ଟି କରି ପାରିବ ନାହିଁ ଏବଂ ଏହା ନିଶ୍ଚିତ ଯେ ସେ ଏକ ଗ୍ରହ ବା ବ୍ରହ୍ମାଣ୍ଡ ତିଆରି କରି ପାରିବ ନାହିଁ । ବ୍ରହ୍ମାଣ୍ଡର କାରଣ ହେଲେ ପରମାତ୍ମା କୃଷ୍ଣ, ଯେ'କି ସମସ୍ତ ଜୀବର ପରମ ସୃଷ୍ଟିକର୍ତ୍ତା ଅଟନ୍ତି ଏବଂ ସମସ୍ତ କାରଣର ମୂଳ କାରଣ ଅଟନ୍ତି । କଠ ଉପନିଷଦରେ ଏହା ସ୍ୱୀକୃତ ହୋଇଅଛି– *''ନିତ୍ୟୋ ନିତ୍ୟାନାମ ଚେତନଶ୍ଚେତନାନାମ୍ ।''*

## ଶ୍ଳୋକ - ୭

**ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି ଧନଞ୍ଜୟ ।**
**ମୟି ସର୍ବମିଦଂ ପ୍ରୋତଂ ସୂତ୍ରେ ମଣିଗଣା ଇବ ।। ୭ ।।**

## ଶବ୍ଦାନୁବାଦ

ମତ୍ତଃ=ମୋ'ଠାରୁ; ପରତରମ୍=ଉନ୍ନତ; ନ=ନାହିଁ; ଅନ୍ୟତ୍=ଅନ୍ୟ କିଛି; କିଞ୍ଚିତ୍=କିଛି; ଅସ୍ତି=ଅଛି; ଧନଞ୍ଜୟ=ହେ ଧନଞ୍ଜୟ; ମୟି=ମୋ'ଠାରେ; ସର୍ବମ୍=ସମସ୍ତ ବା ସବୁକିଛି; ଇଦମ୍=ଯାହାକୁ ଆମେ ଦେଖୁଛୁ; ପ୍ରୋତମ୍=ଗୁନ୍ଥା ହୋଇଛି; ସୂତ୍ରେ=ସୂତାରେ; ମଣି-ଗଣାଃ=ମଣି ସବୁ; ଇବ=ପରି ।

## ଅନୁବାଦ

**ହେ ଧନଞ୍ଜୟ (ଅର୍ଜୁନ)! ମୋ'ଠାରୁ ଅଧିକ ସତ୍ୟ ବା ଉନ୍ନତ ସତ୍ୟ କେହି ନାହିଁ । ସୂତାରେ ମଣି ଗୁନ୍ଥା ହେଲାପରି ସବୁ ମୋ'ଠାରେ ଗୁନ୍ଥା ହୋଇଛି ବା ମୋ'ଠାରେ ଆଶ୍ରିତ ।**

## ଭାବାର୍ଥ

ଅଦ୍ୱୟଜ୍ଞାନ ଭଗବାନ୍ ସାକାର ନା'ନିରାକାର–ବ୍ୟକ୍ତିବିଶେଷ ନା'ନିର୍ବିଶେଷ ? ଏହା ଏକ ସାଧାରଣ ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ । ଭଗବଦ୍ ଗୀତାର ତଥ୍ୟ ଅନୁଯାୟୀ ଅଦ୍ୱୟଜ୍ଞାନ (ପରମ ସତ୍ୟ) ହେଉଛନ୍ତି ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ଏବଂ ଏହା ଗୀତାର ପ୍ରତି ପଦକ୍ଷେପରେ ବର୍ଣ୍ଣନା କରାଯାଇଛି । ବିଶେଷକରି ଏ ଶ୍ଳୋକରେ ଖୁବ୍ ଜୋର୍‌ଦେଇ କୁହାଯାଇଛି ଯେ ଅଦ୍ୱୟଜ୍ଞାନ ହେଉଛନ୍ତି ଜଣେ ବ୍ୟକ୍ତି ବା ପୁରୁଷ । ଭଗବାନ୍ ଯେ ପରମ ସତ୍ୟ (ଅଦ୍ୱୟଜ୍ଞାନ), ଏହା ବ୍ରହ୍ମସଂହିତାରେ ମଧ୍ୟ ସ୍ୱୀକୃତ ହୋଇଅଛି– *''ଈଶ୍ୱରଃ ପରମଃ କୃଷ୍ଣ ସଚ୍ଚିଦାନନ୍ଦ ବିଗ୍ରହଃ ।''* ତାହାର ଅର୍ଥ ପରମେଶ୍ୱର ହେଉଛନ୍ତି ଶ୍ରୀକୃଷ୍ଣ, ଯେ'କି ଆଦିପୁରୁଷ, ସମସ୍ତ ଆନନ୍ଦର ଆଧାର, ସେ ହେଉଛନ୍ତି ଗୋବିନ୍ଦ ଏବଂ ତାଙ୍କର ରୂପ ସତ୍-ଚିତ୍-ଆନନ୍ଦମୟ ଅଟେ । ଏଥିରୁ ଏହା ନିଃସନ୍ଦେହ ଭାବରେ ପ୍ରମାଣିତ ହେଉଛି

ଯେ ଭଗବାନ୍ ହେଉଛନ୍ତି ପରମପୁରୁଷ ଏବଂ ସେ ସର୍ବ କାରଣର କାରଣ ଅଟନ୍ତି । ମାୟାବାଦୀମାନେ ଶ୍ୱେତାଶ୍ୱେତର ଉପନିଷଦରେ ଦିଆଯାଇଥିବା ନିମ୍ନଲିଖିତ ମନ୍ତ୍ର ଉଦ୍ଧାର କରି ଅବଶ୍ୟ ଯୁକ୍ତି କରନ୍ତି ଯେ ଭଗବାନ୍ ନିରାକାର ।

*''ତତୋ ଯଦ୍ ଉତ୍ତରତରଂ ତଦ୍ ଅରୂପମ୍ ଅନାମୟଂ ଯ ଏତଦ୍ ବିଦୁର*
*ଅମୃତାସ୍ ତେ ଭବନ୍ତି ଅଥେତରେ ଦୁଃଖମ୍ ଏବାପିୟନ୍ତି ।''*

ଅର୍ଥାତ୍–''ଭୌତିକ ଜଗତରେ ପ୍ରଥମ ଜୀବ ବ୍ରହ୍ମା, ଦେବତା, ମାନବ ଓ ମାନବେତର ପ୍ରାଣୀମାନଙ୍କ ମଧ୍ୟରେ ପ୍ରଧାନ ଅଟନ୍ତି । କିନ୍ତୁ ବ୍ରହ୍ମାଙ୍କ ଉପରେ ଭଗବାନ୍ ଅଛନ୍ତି; ତାଙ୍କର ଭୌତିକ ରୂପ ନାହିଁ ଏବଂ ସେ ସମସ୍ତପ୍ରକାର ଭୌତିକ ଦୋଷରୁ ମୁକ୍ତ ଅଟନ୍ତି । ଯେ ତାଙ୍କୁ ଜାଣିପାରେ ସେ ମଧ୍ୟ ଦିବ୍ୟ ହୋଇଯାଏ, କିନ୍ତୁ ଯେଉଁମାନେ ତାଙ୍କୁ ଜାଣି ନ ପାରନ୍ତି ସେହିମାନେ ହିଁ ଏ ଭୌତିକ ଜଗତରେ ଦୁଃଖ ଭୋଗକରନ୍ତି ।''

ମାୟାବାଦୀ ଏ ଶ୍ଳୋକରେ ଥିବା 'ଅରୂପମ୍' ଶବ୍ଦ ଉପରେ ଅଧିକ ଗୁରୁତ୍ୱ ଆରୋପ କରନ୍ତି । କିନ୍ତୁ ଏ 'ଅରୂପମ୍'ର ଅର୍ଥ ନିରାକାର ନୁହେଁ । ଏହା ବ୍ରହ୍ମସଂହିତାରେ ବର୍ଣ୍ଣିତ 'ସତ୍-ଚିତ୍-ଆନନ୍ଦମୟ' ରୂପ କଥା କହୁଛି । ଶ୍ୱେତାଶ୍ୱେତର ଉପନିଷଦରେ ଦିଆଯାଇଥିବା ଅନ୍ୟ ଶ୍ଳୋକମାନଙ୍କରୁ ମଧ୍ୟ ଏହାର ପ୍ରମାଣ ମିଳୁଛି । ଯଥା–

*''ବେଦାହମ୍ ଏତାଂ ପୁରୁଷଂ ମହାନ୍ତମ୍ ଆଦିତ୍ୟ-ବର୍ଣ୍ଣଂ ତମସଃ ପରସ୍ତାତ୍*
*ତମ୍ ଏବ ବିଦିତ୍ୱା ଅମୃତ ଇହ ଭବତି ନାନ୍ୟଃ ପନ୍ଥା ବିଦ୍ୟତେ ଅୟନାୟ ।*
*ଯସ୍ମାତ୍ ପରଂ ନା ପରମ୍ ଅସ୍ତି କିଞ୍ଚିଦ୍ ଯସ୍ମାନ୍ନଣୀୟୋ ନ ଜ୍ୟାୟୋଽସ୍ତି କିଞ୍ଚିତ୍ ।।''*

ଅର୍ଥାତ୍–''ମୁଁ ସେ ପରମ ପୁରୁଷ ଭଗବାନଙ୍କୁ ଜାଣେ । ସେ ସମସ୍ତ ଭୌତିକ ଅନ୍ଧ ଧାରଣାରେ ଉର୍ଦ୍ଧ୍ୱରେ ବିଦ୍ୟମାନ । ଯେ ତାଙ୍କୁ ଜାଣେ ସେ ଜନ୍ମ-ମୃତ୍ୟୁ ଚକ୍ରରୁ ଉଦ୍ଧାର ପାଇଯାଏ । ସେହି ପରମପୁରୁଷ ଭଗବାନଙ୍କର ଜ୍ଞାନ ବିନା ମୁକ୍ତିର ଅନ୍ୟ ପନ୍ଥା ନାହିଁ ।''

''ସେ ପରମପୁରୁଷଙ୍କ ଅପେକ୍ଷା ଅଧିକ ଉନ୍ନତ ସତ୍ୟ ଆଉ କିଛି ନାହିଁ, କାରଣ ସେ ପରମ ସତ୍ୟ ଅଟନ୍ତି । ସେ କ୍ଷୁଦ୍ରତମ (ଅଣୁ) ଅପେକ୍ଷା କ୍ଷୁଦ୍ରତର ଏବଂ ବୃହତ୍ତମ ଅପେକ୍ଷା ବୃହତ୍ତର ଅଟନ୍ତି । ସେ ଏକ ନୀରବ ବୃକ୍ଷରୂପେ ଦଣ୍ଡାୟମାନ ଏବଂ ସେ ପରବ୍ୟୋମକୁ ଦୀପ୍ତିମନ୍ତ (ବା ଆଲୋକିତ) କରନ୍ତି । ବୃକ୍ଷ ଯେପରି ତା'ର ଚେରକୁ ଚ୍ତରିଆଡ଼େ ବିସ୍ତାର କରେ, ସେହିପରି ସେ ତାଙ୍କର ବ୍ୟାପକ ଶକ୍ତିକୁ ଚ୍ତରିଆଡ଼େ ବିସ୍ତାର କରନ୍ତି ।''

ଏ ଶ୍ଳୋକମାନଙ୍କରୁ ଏହି ସିଦ୍ଧାନ୍ତ ମିଳିଛି ଯେ ଅଦ୍ୱୟଜ୍ଞାନ-ପରମସତ୍ୟ ହେଉଛନ୍ତି, ପରମପୁରୁଷ ଭଗବାନ୍ । ସେ ତାଙ୍କର ଉଭୟ ଚିତ୍ ଓ ଅଚିତ୍ (ବା ଦିବ୍ୟ ଓ ଜଡ଼) ଅନନ୍ତ ଶକ୍ତି ସାହାଯ୍ୟରେ ସର୍ବ ବ୍ୟାପକ ଅଟନ୍ତି ।

## ଶ୍ଳୋକ - ୮

**ରସୋଽହମପ୍ସୁ କୌନ୍ତେୟ ପ୍ରଭାସ୍ମି ଶଶିସୂର୍ଯ୍ୟୟୋଃ ।**
**ପ୍ରଣବଃ ସର୍ବବେଦେଷୁ ଶବ୍ଦଃ ଖେ ପୌରୁଷଂ ନୃଷୁ ।।୮।।**

## ଶବ୍ଦାନୁବାଦ

ରସଃ=ରସ (ସ୍ୱାଦୁ); ଅହମ୍=ମୁଁ; ଅପ୍‌ସୁ=ଜଳରେ; କୌନ୍ତେୟ=ହେ କୁନ୍ତୀପୁତ୍ର; ପ୍ରଭା ଅସ୍ମି=ମୁଁ ପ୍ରଭା ବା ଆଲୋକ; ଶଶି-ସୂର୍ଯ୍ୟୟୋଃ=ସୂର୍ଯ୍ୟ ଏବଂ ଚନ୍ଦ୍ରରେ; ପ୍ରଣବଃ=ତିନୋଟି ଅକ୍ଷର ଅ, ଉ, ମ (ଓଁକାର); ସର୍ବ=ସମସ୍ତ; ବେଦେଷୁ=ବେଦରେ; ଶବ୍ଦଃ=ଧ୍ୱନି ତରଙ୍ଗ; ଖେ=ଅନ୍ତରୀକ୍ଷରେ; ପୌରୁଷମ୍=ପୁରୁଷକାର; ନୃଷୁ=ମାନବଠାରେ ।

## ଅନୁବାଦ

**ହେ କୁନ୍ତୀପୁତ୍ର (ଅର୍ଜୁନ) ! ମୁଁ ଜଳରେ ରସ ବା ସ୍ୱାଦୁ, ସୂର୍ଯ୍ୟ ଓ ଚନ୍ଦ୍ରଠାରେ ଥିବା ଆଲୋକ, ବୈଦିକ ମନ୍ତ୍ରରେ ମୁଁ ହେଉଛି ଓଁକାର, ଆକାଶରେ ମୁଁ ଶବ୍ଦ ଏବଂ ମାନବଠାରେ ଥିବା ପୌରୁଷ ଅଟେ ।**

## ଭାବାର୍ଥ

ଭଗବାନ୍ ତାଙ୍କର ବିଭିନ୍ନ ଚିତ୍ ଓ ଅଚିତ୍ ଶକ୍ତି (ଅର୍ଥାତ୍ ଦିବ୍ୟଶକ୍ତି ଓ ଭୌତିକ ଶକ୍ତି) ସାହାଯ୍ୟରେ କିପରି ସର୍ବବ୍ୟାପକ ହୋଇଛନ୍ତି ସେହି କଥା ଏ ଶ୍ଲୋକରେ କୁହାଯାଉଛି । ଭଗବାନ୍ ତାଙ୍କର ବିଭିନ୍ନ ଶକ୍ତି ସାହାଯ୍ୟରେ ପ୍ରଥମତଃ ଜଣାଯାଇ ପାରନ୍ତି ଏବଂ ଏହିପରି ଭାବରେ ସେ ନିର୍ବିଶେଷ ଭାବେ ଅନୁଭୂତ ହୁଅନ୍ତି । ଯେପରି ସୂର୍ଯ୍ୟଦେବତା ଜଣେ ବ୍ୟକ୍ତି (ବା ପୁରୁଷ) ଏବଂ ସେ ତାଙ୍କର ସର୍ବବ୍ୟାପକ ଶକ୍ତି– 'ସୂର୍ଯ୍ୟକିରଣ' ସାହାଯ୍ୟରେ ଜଣାଯା'ନ୍ତି, ଠିକ୍ ସେହିପରି ଭଗବାନ୍ ତାଙ୍କର ଦିବ୍ୟ ଶାଶ୍ୱତ ଧାମରେ ରହିଥିଲେ ସୁଦ୍ଧା ତାଙ୍କର ସର୍ବବ୍ୟାପକ ବିଭିନ୍ନ ଶକ୍ତି ସାହାଯ୍ୟରେ ସେ ଜଣାଯା'ନ୍ତି । ଜଳର ସ୍ୱାଦୁ ଜଳର କ୍ରିୟାଶୀଳ ଶକ୍ତି ଅଟେ । ସମୁଦ୍ରର ଜଳ କେହି ପାନ କରିବାକୁ ଭଲପା'ନ୍ତି ନାହିଁ; କାରଣ ସେ ଜଳରେ ଜଳର ବିଶୁଦ୍ଧ ସ୍ୱାଦୁ ସହିତ ଲବଣ ମିଶିଛି । ଜଳର ସ୍ୱାଦୁର ଶୁଦ୍ଧତା ଉପରେ ଜଳର ଆକର୍ଷଣ ନିର୍ଭର କରେ ଏବଂ ଜଳର ଏହି ଶୁଦ୍ଧ ସ୍ୱାଦୁ ହିଁ ଭଗବାନଙ୍କର ଏକ ଶକ୍ତି ଅଟେ । ନିର୍ବିଶେଷବାଦୀ ଜଳରେ ସ୍ୱାଦୁ ଜରିଆରେ ଭଗବାନଙ୍କର ଉପସ୍ଥିତି ଅନୁଭବ କରେ ଏବଂ ସାକାରବାଦୀ ମଧ୍ୟ ଭଗବାନଙ୍କର ଜୟଗାନ କରେ, କାରଣ ସେ ଦୟାକରି ତୃଷା ନିବାରଣ କରିବା ନିମିତ୍ତ ଜଳ ଯୋଗାଇଛନ୍ତି । ଭଗବାନଙ୍କୁ ଜାଣିବାରେ ଏହା ହେଉଛି ପନ୍ଥା । ବାସ୍ତବରେ କହିବାକୁ ଗଲେ ସାକାରବାଦ ଓ ନିରକାରବାଦ ମଧ୍ୟରେ ଦ୍ୱନ୍ଦ୍ୱଭାବ ନାହିଁ । ଯେ ଭଗବାନଙ୍କୁ ଜାଣିଛି, ସେ ଏକଥା ଜାଣିଛି ଯେ ସାକାର ଓ ନିରାକାରବାଦ ଏକ ସଙ୍ଗରେ ପ୍ରତ୍ୟେକ ବସ୍ତୁରେ ଅଛି ଏବଂ ଏଥିରେ କୌଣସି ଦ୍ୱନ୍ଦ୍ୱଭାବ ନାହିଁ । ତେଣୁ ଶ୍ରୀଚୈତନ୍ୟ ମହାପ୍ରଭୁ ତାଙ୍କର ଦିବ୍ୟ ସିଦ୍ଧାନ୍ତ ଅଚିନ୍ତ୍ୟ ଭେଦ ଓ ଅଭେଦ ତତ୍ତ୍ୱ ପ୍ରତିଷ୍ଠା କଲେ ।

ସୂର୍ଯ୍ୟ ଓ ଚନ୍ଦ୍ରରେ ଥିବା ଆଲୋକ ମୌଳିକତଃ ବ୍ରହ୍ମଜ୍ୟୋତିରୁ ହିଁ ନିର୍ଗତ ହେଉଛି । ବ୍ରହ୍ମଜ୍ୟୋତି, ଭଗବାନଙ୍କର ନିର୍ବିଶେଷ ଜ୍ୟୋତି ଅଟେ । ଠିକ୍ ସେହିପରି ପ୍ରତ୍ୟେକ ବେଦମନ୍ତ୍ରର ଆରମ୍ଭରେ ଥିବା ପ୍ରଣବ ବା ଓଁକାର (ଦିବ୍ୟ ଧ୍ୱନି) ଭଗବାନଙ୍କଠାରୁ ହିଁ ବାହାରେ । (ବେଦ ମନ୍ତ୍ରଗୁଡ଼ିକ ଭଗବାନଙ୍କୁ ସମ୍ବୋଧନ କରିବାପାଇଁ ବ୍ୟବହୃତ ହୁଏ) । ମାୟାବାଦୀ ଓ ନିରାକାରବାଦୀଗଣ ଭଗବାନଙ୍କୁ ତାଙ୍କର ଅନନ୍ତ ନାମ ମଧ୍ୟରୁ ଏକ ନାମ କୃଷ୍ଣ ନାମରେ ଡାକିବାକୁ ଅତ୍ୟନ୍ତ ଭୟ କରନ୍ତି; ତେଣୁ ସେମାନେ

ଏ ଦିବ୍ୟଧ୍ୱନି ଓଁକାର ଉଚ୍ଚାରଣ କରିବାକୁ ଭଲପା'ନ୍ତି । କିନ୍ତୁ ସେମାନେ ଏକଥା ଜାଣନ୍ତି ନାହିଁ ଯେ, ଏ ଓଁକାର ହେଉଛି ଭଗବାନ୍ ଶ୍ରୀକୃଷ୍ଣଙ୍କର ଧ୍ୱନି-ପ୍ରତୀକ ବା ଧ୍ୱନି-ରୂପ । କୃଷ୍ଣଚେତନା ସ୍ତର ଗ୍ରିଆଡ଼େ ବ୍ୟାପିଛି ଏବଂ ଯେ କୃଷ୍ଣଚେତନଶୀଳ ବା ଯେ କୃଷ୍ଣଚେତନା ବିଜ୍ଞାନ ଜାଣନ୍ତି ସେ ଭାଗ୍ୟବାନ ବା ଭଗବାନଙ୍କର ମହାନ୍ ଆଶୀର୍ବାଦ ଲାଭ କରିଛନ୍ତି ବୋଲି ବୁଝିବାକୁ ପଡ଼ିବ । ତେଣୁ ଯେଉଁମାନେ କୃଷ୍ଣଙ୍କୁ ଜାଣନ୍ତି ନାହିଁ ସେମାନେ ଅବିଦ୍ୟା ବା ମାୟାରେ ଅଛନ୍ତି ଏବଂ ସେଇଥିପାଇଁ କୃଷ୍ଣଙ୍କ ସମ୍ବନ୍ଧୀୟ ଜ୍ଞାନ ବା କୃଷ୍ଣ-ବିଜ୍ଞାନ ମୁକ୍ତି ଅଟେ ଏବଂ ତାଙ୍କ ସମ୍ବନ୍ଧୀୟ ଅଜ୍ଞାନତା ହେଉଛି ବନ୍ଧନ ।

## ଶ୍ଲୋକ - ୯

**ପୁଣ୍ୟୋ ଗନ୍ଧଃ ପୃଥିବ୍ୟାଂ ଚ ତେଜଶ୍ଚାସ୍ମି ବିଭାବସୌ ।**
**ଜୀବନଂ ସର୍ବଭୂତେଷୁ ତପଶ୍ଚାସ୍ମି ତପସ୍ୱିଷୁ ।। ୯ ।।**

## ଶବ୍ଦାନୁବାଦ

ପୁଣ୍ୟଃ=ମୌଳିକ; ଗନ୍ଧଃ=ଗନ୍ଧ; ପୃଥିବ୍ୟାମ୍=ପୃଥିବୀରେ; ଚ=ମଧ୍ୟ; ତେଜଃ=ଉତ୍ତାପ; ଚ=ମଧ୍ୟ; ଅସ୍ମି=ମୁଁ; ବିଭାବସୌ=ଅଗ୍ନିରେ; ଜୀବନମ୍=ଜୀବନ; ସର୍ବ=ସମସ୍ତ; ଭୂତେଷୁ=ଜୀବଙ୍କଠାରେ; ତପଃ=ତପସ୍ୟା; ଚ=ମଧ୍ୟ; ଅସ୍ମି=ମୁଁ; ତପସ୍ୱିଷୁ=ତପସ୍ୱୀମାନଙ୍କଠାରେ ।

## ଅନୁବାଦ

**ମୁଁ ପୃଥିବୀର ମୌଳିକ ଗନ୍ଧ ଅଟେ ଏବଂ ମୁଁ ଅଗ୍ନିରେ ଉତ୍ତାପ ଅଟେ । ମୁଁ ସମସ୍ତ ଜୀବଙ୍କର ଜୀବନ ଅଟେ ଏବଂ ମୁଁ ତପସ୍ୱୀମାନଙ୍କର ତପସ୍ୟା ଅଟେ ।**

## ଭାବାର୍ଥ

'ପୁଣ୍ୟ'ର ଅର୍ଥ 'ଯାହା ଦୂଷିତ ହୋଇନାହିଁ', ପୁଣ୍ୟ ହେଉଛି ମୌଳିକ । ଏ ଭୌତିକ ଜଗତରେ ପ୍ରତ୍ୟେକର ଗୋଟିଏ ଗନ୍ଧ ବା ବାସନା ଅଛି, ଯଥା–ଫୁଲର ବାସନା କିମ୍ବା ପୃଥିବୀର ଗନ୍ଧ, ଜଳ, ଅଗ୍ନି ଓ ବାୟୁର ବାସନା ଆଦି । ପ୍ରତ୍ୟେକ ପଦାର୍ଥର ବିଶୁଦ୍ଧ ଗନ୍ଧ ବା ମୌଳିକ ଗନ୍ଧ ହେଉଛନ୍ତି କୃଷ୍ଣ । ଠିକ୍ ସେହିପରି ପ୍ରତ୍ୟେକ ପଦାର୍ଥର ଏକ ନିର୍ଦ୍ଦିଷ୍ଟ ପ୍ରକାର ସ୍ୱାଦୁ ଅଛି ଏବଂ ରାସାୟନିକ ପଦାର୍ଥର ମିଶ୍ରଣରେ ଏ ସ୍ୱାଦୁ ପରିବର୍ତ୍ତିତ ହୋଇପାରେ । ତେଣୁ ପ୍ରତ୍ୟେକ ମୌଳିକ ବସ୍ତୁର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାରର ଗନ୍ଧ, ବାସନା ଓ ସ୍ୱାଦୁ ଅଛି । 'ବିଭାବ' ଶବ୍ଦର ଅର୍ଥ ଅଗ୍ନି । ଅଗ୍ନି ବିନା ଆମ୍ଭେମାନେ କଳକାରଖାନା ଚଳାଇ ପାରିବା ନାହିଁ । ଆମ୍ଭେମାନେ ରୋଷେଇ କରି ପାରିବା ନାହିଁ ଏବଂ ସେହି ଅଗ୍ନି ହେଉଛନ୍ତି କୃଷ୍ଣ । ଅଗ୍ନିରେ ଥିବା ଉତ୍ତାପ ହେଉଛନ୍ତି କୃଷ୍ଣ, ବୈଦିକ ଔଷଧ ଅନୁଯାୟୀ ଉଦରର ଅଗ୍ନିମାନ୍ଦ୍ୟ ଯୋଗୁଁ ଅଜୀର୍ଣ୍ଣ ହୁଏ । ତେଣୁ ଖାଦ୍ୟ ଜୀର୍ଣ୍ଣ କରିବାପାଇଁ ମଧ୍ୟ ଅଗ୍ନି ଆବଶ୍ୟକ । କୃଷ୍ଣଚେତନାରେ ଆମ୍ଭେମାନେ ଜାଣିଛୁ, ପୃଥିବୀ, ଜଳ, ଅଗ୍ନି, ବାୟୁ ଏବଂ ସମସ୍ତ କ୍ରିୟାଶୀଳ ଶକ୍ତି, ସମସ୍ତ ରାସାୟନିକ ବସ୍ତୁ ଏବଂ ସମସ୍ତ ଭୌତିକ ଉପାଦାନ– ଏ ସବୁ କୃଷ୍ଣଙ୍କ ଯୋଗୁଁ ହିଁ ରହିଛି । କୃଷ୍ଣଙ୍କ ଯୋଗୁଁ ହିଁ ମାନବର ଆୟୁଷ ମଧ୍ୟ । ତେଣୁ କୃଷ୍ଣଙ୍କ କୃପାହେଲେ ମାନବର ଆୟୁଷ ବୃଦ୍ଧି ହୋଇପାରେ କିମ୍ବା କୃଷ୍ଣ ଇଚ୍ଛାକଲେ ଆୟୁଷ କ୍ଷୟ ହୋଇପାରେ । ତେଣୁ ପ୍ରତ୍ୟେକ ସ୍ତରରେ କୃଷ୍ଣଚେତନା ହିଁ କ୍ରିୟାଶୀଳ ଅଟେ ।

## ଶ୍ଳୋକ - ୧୦

**ବୀଜଂ ମାଂ ସର୍ବଭୂତାନାଂ ବିଦ୍ଧି ପାର୍ଥ ସନାତନମ୍ ।**
**ବୁଦ୍ଧିର୍ବୁଦ୍ଧିମତାମସ୍ମି ତେଜସ୍ତେଜସ୍ୱିନାମହମ୍ ।।୧୦।।**

## ଶବ୍ଦାନୁବାଦ

ବୀଜମ୍=ବୀଜ; ମାମ୍=ମୋତେ; ସର୍ବ-ଭୂତାନାମ୍=ସମସ୍ତଜୀବଙ୍କର; ବିଦ୍ଧି=ବୁଝିବାକୁ ଚେଷ୍ଟାକର; ପାର୍ଥ=ହେ ପୃଥାପୁତ୍ର; ସନାତନମ୍=ଶାଶ୍ୱତ,ମୌଳିକ; ବୁଦ୍ଧିଃ=ବୁଦ୍ଧି; ବୁଦ୍ଧି-ମତାମ୍=ବୁଦ୍ଧିମାନ୍‌ମାନଙ୍କର; ଅସ୍ମି=ମୁଁ ଅଟେ; ତେଜଃ=ତେଜ ବା ଶକ୍ତି; ତେଜସ୍ୱିନାମ୍=ତେଜସ୍ୱୀ ବା ଶକ୍ତିଶାଳୀମାନଙ୍କର; ଅହମ୍=ମୁଁ ।

## ଅନୁବାଦ

**ହେ ପୃଥାପୁତ୍ର ! ଜାଣିରଖ ମୁଁ ସମସ୍ତ ଜୀବଙ୍କର ମୌଳିକ ବୀଜ ଅଟେ, ମୁଁ ବୁଦ୍ଧିମାନମାନଙ୍କର ବୁଦ୍ଧି ଏବଂ ଶକ୍ତିଶାଳୀମାନଙ୍କର ଶକ୍ତି ଅଟେ।**

## ଭାବାର୍ଥ

'ବିଜମ୍' ଶବ୍ଦର ଅର୍ଥ ବୀଜ ବା ମଞ୍ଜି । କୃଷ୍ଣ ସମସ୍ତଙ୍କର ବୀଜ ଅଟନ୍ତି । ଭୂତପ୍ରକୃତିର ସଂସ୍ପର୍ଶରେ ଆସିଲେ ବୀଜରୁ ବିଭିନ୍ନ ପ୍ରକାର ଜୀବ–ସ୍ଥାବର ଓ ଜଙ୍ଗମ ଜାତ ହୁଅନ୍ତି । ପଶୁ, ପକ୍ଷୀ, ମାନବ ଏବଂ ଅନ୍ୟ ଜୀବନ୍ତ ପ୍ରାଣୀଗଣ 'ଜଙ୍ଗମ' ଶ୍ରେଣୀର ଅଟନ୍ତି । ବୃକ୍ଷଲତା ସ୍ଥାବର ଶ୍ରେଣୀର ଅଟନ୍ତି, କାରଣ ଏମାନେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯାଇ ପାରନ୍ତି ନାହିଁ, ସେମାନେ କେବଳ ଏକ ସ୍ଥାନରେ ଦଣ୍ଡାୟମାନ ହୋଇ ରୁହନ୍ତି । ପ୍ରତ୍ୟେକ ଜୀବ ୮୪ ଲକ୍ଷ ଜୀବ ଯୋନୀର ଅନ୍ତର୍ଗତ । ଏମାନଙ୍କ ମଧ୍ୟରୁ କେତେକ ସ୍ଥାବର ଓ କେତକ ଜଙ୍ଗମ (ଅର୍ଥାତ୍ କେତେକ ଅଚଳ ଓ କେତେକ ଚଳନଶୀଳ) । ଅବଶ୍ୟ ପ୍ରତ୍ୟେକ ଅବସ୍ଥାରେ କୃଷ୍ଣ ହେଉଛନ୍ତି ସେମାନଙ୍କର ବୀଜ । ବୈଦିକ ସାହିତ୍ୟରେ କୁହାଯାଇଛି ଯେ, ବ୍ରହ୍ମ ବା ଭଗବାନଙ୍କଠାରୁ ସବୁ ବାହାରିଛି । କୃଷ୍ଣ ହେଉଛନ୍ତି 'ପରଂବ୍ରହ୍ମ'; 'ବ୍ରହ୍ମ' ନିର୍ବିଶେଷ ବା ନିରାକାର ଏବଂ ପରଂବ୍ରହ୍ମ ସାକାର ବା ସବିଶେଷ । ନିର୍ବିଶେଷ ବ୍ରହ୍ମ, ସବିଶେଷ ପରଂବ୍ରହ୍ମଙ୍କଠାରେ ସ୍ଥିତ । ଏହା ଭଗବଦ୍‌ଗୀତାରେ କୁହାଯାଇଛି । ତେଣୁ କୃଷ୍ଣ ହେଉଛନ୍ତି ସମସ୍ତଙ୍କର ମୂଳ । ସେ ମୂଳ ଯେପରି ଗଛର ମୂଳ ସମଗ୍ର ଗଛକୁ ଧରି ରଖିଛି, ଠିକ୍ ସେହିପରି କୃଷ୍ଣ ସମସ୍ତଙ୍କର ମୂଳ ହୋଇଥିବାରୁ ଏ ଭୌତିକ ଜଗତରେ ସମସ୍ତଙ୍କୁ ଧରି ରଖିଛନ୍ତି । ଏହା ମଧ୍ୟ ବୈଦିକ ସାହିତ୍ୟରେ କୁହାଯାଇଛି । *"ଯତୋ ବା ଇମାନି ଭୂତାନି ଜାୟନ୍ତେ ।"* ଭଗବାନ୍ ହେଉଛନ୍ତି ସେହି, ଯାହାଙ୍କଠାରୁ ସମସ୍ତେ ଜାତ ହୁଅନ୍ତି । ସମସ୍ତ ସନାତନ ମଧ୍ୟରେ ସେ ପରମ ସନାତନ । ସମସ୍ତ ଜୀବ ମଧ୍ୟରେ ସେ ପରମ ଜୀବ ଏବଂ ସେହି ଏକମାତ୍ର ସମସ୍ତଙ୍କ ଜୀବନର ମୂଳାଧାର । କୃଷ୍ଣ ମଧ୍ୟ କହିଛନ୍ତି ଯେ ସେ ସମସ୍ତ ବୁଦ୍ଧିର ମୂଳ ଅଟନ୍ତି । ବ୍ୟକ୍ତି ବୁଦ୍ଧିମାନ ନ ହୋଇଥିଲେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବୁଝି ପାରିବ ନାହିଁ ।

## ଶ୍ଳୋକ - ୧୧

**ବଳଂ ବଳବତାଂ ଗୃହଂ କାମରାଗବିବର୍ଜିତମ୍ ।**
**ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତର୍ଷଭ ।।୧୧।।**

## ଶବ୍ଦାନୁବାଦ

ବଲମ୍=ବଳ; ବଲବତାମ୍=ବଳବାନ୍‌ମାନଙ୍କର; ଚ=ଏବଂ; ଅହମ୍=ମୁଁ; କାମ=କାମ; ରାଗ=ଆସକ୍ତି (ରାଗ); ବିବର୍ଜିତମ୍=ବିବର୍ଜିତ; ଧର୍ମ-ଅବିରୁଦ୍ଧଃ=ଯାହା ଧର୍ମନୀତିର ବିରୁଦ୍ଧାଚରଣ କରେ ନାହିଁ; ଭୂତେଷୁ=ସମସ୍ତ ଜୀବଙ୍କଠାରେ; କାମଃ=କନ୍ଦର୍ପ (ଯୌନ-ଜୀବନ); ଅସ୍ମି=ମୁଁ; ଭରତର୍ଷଭ=ହେ ଭରତଶ୍ରେଷ୍ଠ ।

## ଅନୁବାଦ

**ହେ ଭରତଶ୍ରେଷ୍ଠ (ଅର୍ଜୁନ) ! ମୁଁ ବଳବାନର କାମ-ରାଗ ବିବର୍ଜିତ ବଳ ଏବଂ ମୁଁ ଧର୍ମନୀତିର ବିରୁଦ୍ଧାଚରଣ ନ କରୁଥିବା ଯୌନଜୀବନ (ବା କନ୍ଦର୍ପ) ଅଟେ ।**

## ଭାବାର୍ଥ

ବଳବାନର ବଳ ଦୁର୍ବଳର ସୁରକ୍ଷା ନିମିତ୍ତ ବ୍ୟବହୃତ ହେବା ଉଚିତ୍ । ଅନ୍ୟ ଉପରେ ଅତ୍ୟାଗ୍ରହ କରିବା ନିମିତ୍ତ ବଳବାନ୍ ତା'ର ବଳକୁ ପ୍ରୟୋଗ କରିବା ଉଚିତ୍ ନୁହେଁ । ଠିକ୍ ସେହିପରି ଧର୍ମନୀତି ଅନୁଯାୟୀ ଯୌନକ୍ରିୟା କେବଳ ପୁତ୍ରୋତ୍ପାଦନ ନିମିତ୍ତ କରଣୀୟ, ଅନ୍ୟଥା ନୁହେଁ । ତେଣୁ ପିତାମାତାଙ୍କ ଦାୟିତ୍ୱ ହେଉଛି ସନ୍ତାନମାନଙ୍କୁ କୃଷ୍ଣଚେତନଶୀଳ କରାଇବା ।

## ଶ୍ଳୋକ - ୧୨

**ଯେ ଚୈବ ସାତ୍ତ୍ୱିକା ଭାବା ରାଜସାସ୍ତାମସାଶ୍ଚ ଯେ ।**
**ମତ୍ତ ଏବେତି ତାନ୍‌ବିଦ୍ଧି ନ ତ୍ୱହଂ ତେଷୁ ତେ ମୟି ।।୧୨।।**

## ଶବ୍ଦାନୁବାଦ

ଯେ=ଯେଉଁମାନେ; ଚ=ଏବଂ; ଏବ=ନିଶ୍ଚିତଭାବେ; ସାତ୍ତ୍ୱିକାଃ=ସତ୍ତ୍ୱଗୁଣରେ; ଭାବାଃ=ଭାବ; ରାଜସାଃ=ରଜଗୁଣ; ତାମସାଃ=ତମଗୁଣ; ଚ=ମଧ୍ୟ; ଯେ=ଯଦିଓ; ମତ୍ତଃ=ମୋ'ଠାରୁ; ଏବ=ନିଶ୍ଚିତଭାବେ; ଇତି=ଏହିପରି; ତାନ୍=ସେମାନଙ୍କୁ; ବିଦ୍ଧି=ଜାଣ; ନ=ନୁହେଁ; ତୁ=କିନ୍ତୁ; ଅହମ୍=ମୁଁ; ତେଷୁ=ସେମାନଙ୍କଠାରେ; ତେ=ସେମାନେ; ମୟି=ମୋ'ଠାରେ ।

## ଅନୁବାଦ

**ସମସ୍ତ ପ୍ରକାର ଭାବ—ଅର୍ଥାତ୍ ସାତ୍ତ୍ୱିକ, ରାଜସିକ ବା ତାମସିକ—ମୋର ଶକ୍ତିଦ୍ୱାରା ପ୍ରକାଶିତ । ଗୋଟିଏ ଦିଗରୁ ମୁଁ ହେଉଛି ସବୁ; କିନ୍ତୁ ମୁଁ ସ୍ୱତନ୍ତ୍ର ଅଟେ । ମୁଁ କେବେହେଲେ ଭୂତପ୍ରକୃତିର ଗୁଣର ଅଧୀନ ନୁହେଁ ।**

## ଭାବାର୍ଥ

ଏ ଜଗତରେ ସମସ୍ତ ଭୌତିକ କର୍ମ ଭୂତପ୍ରକୃତିର ତ୍ରିଗୁଣଦ୍ୱାରା ସମ୍ପାଦିତ ହୁଏ । ଯଦିଓ ଭୂତପ୍ରକୃତିର ଏ ଗୁଣଗୁଡ଼ିକ ଭଗବାନ୍ ଶ୍ରୀକୃଷ୍ଣଙ୍କଠାରୁ ସମ୍ଭୂତ, ତଥାପି ସେ ଏମାନଙ୍କର ଅଧୀନ ନୁହନ୍ତି । ଉଦାହରଣ ସ୍ୱରୂପ, ସରକାରଙ୍କ ନିୟମ ବା ରାଜାଙ୍କ ନିୟମ ଅନୁଯାୟୀ ବ୍ୟକ୍ତି ଦଣ୍ଡିତ ହୋଇପାରେ, କିନ୍ତୁ ଆଇନ ପ୍ରଣୟନକାରୀ ରାଜା ସେ ନିୟମର ଅଧୀନ ନୁହନ୍ତି । ଠିକ୍ ସେହିପରି ଭୂତପ୍ରକୃତିର ତ୍ରିଗୁଣ, ଅର୍ଥାତ୍ ସତ୍ତ୍ୱ, ରଜ ଓ ତମ ଭଗବାନ୍ ଶ୍ରୀକୃଷ୍ଣଙ୍କଠାରୁ ସମ୍ଭୂତ, କିନ୍ତୁ କୃଷ୍ଣ,

ଭୂତପ୍ରକୃତିର ଅଧୀନ ନୁହନ୍ତି । ତେଣୁ ସେ ନିର୍ଗୁଣ ଅଟନ୍ତି, ଏହାର ଅର୍ଥ, ଯଦିଓ ଏ ଗୁଣଗୁଡ଼ିକ ତାଙ୍କଠାରୁ ଜାତ, ତଥାପି ସେ ଏମାନଙ୍କଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ । ଏହା ହେଉଛି ପରମପୁରୁଷ ଭଗବାନଙ୍କର ଏକ ବିଶେଷତ୍ୱ ।

## ଶ୍ଲୋକ - ୧୩

**ତ୍ରିଭିର୍ଗୁଣମୟୈର୍ଭାବୈରେଭିଃ ସର୍ବମିଦଂ ଜଗତ୍ ।**
**ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ ।।୧୩।।**

## ଶବ୍ଦାନୁବାଦ

ତ୍ରିଭିଃ=ତିନି; ଗୁଣମୟୈଃ=ତ୍ରିଗୁଣଦ୍ୱାରା; ଭାବୈଃ=ଭାବମାନଙ୍କ-ଦ୍ୱାରା; ଏଭିଃ=ଏସବୁ; ସର୍ବମ୍=ସମସ୍ତ ଜଗତ୍; ଇଦମ୍=ଏହି ଜଗତରେ; ଜଗତ୍=ବ୍ରହ୍ମାଣ୍ଡ; ମୋହିତମ୍=ମୋହିତ; ନ ଅଭିଜାନାତି=ଜାଣନ୍ତି ନାହିଁ; ମାମ୍=ମୋତେ; ଏଭ୍ୟଃ=ଏମାନଙ୍କଠାରୁ; ପରମ୍=ପରମ; ଅବ୍ୟୟମ୍=ଅବ୍ୟୟ ।

## ଅନୁବାଦ

**(ସତ୍ତ୍ୱ, ରଜ ଓ ତମ) ଏ ତ୍ରିଗୁଣଦ୍ୱାରା ମୋହିତ ହୋଇ ଏ ସମସ୍ତ ଜଗତ୍ ମୋତେ ଜାଣନ୍ତି ନାହିଁ । ମୁଁ ଯେ, ଏ ତ୍ରିଗୁଣର ବହୁତ ଉର୍ଦ୍ଧ୍ୱରେ ଏବଂ ଅବ୍ୟୟ ଅଟେ, ଏହା ଏମାନେ (ଏ ଜଗତ) ଜାଣନ୍ତି ନାହିଁ ।**

## ଭାବାର୍ଥ

ସମଗ୍ର ଜଗତ ଭୂତ ପ୍ରକୃତିର ତ୍ରିଗୁଣ ଦ୍ୱାରା ମୋହିତ । ଯେଉଁମାନେ ଏ ତ୍ରିଗୁଣଦ୍ୱାରା ମୋହିତ ସେମାନେ ବୁଝିପାରନ୍ତି ନାହିଁ ଯେ ଏ ତ୍ରିଗୁଣର ବହୁ ଉର୍ଦ୍ଧ୍ୱରେ ହେଉଛନ୍ତି ଭଗବାନ୍ ଶ୍ରୀକୃଷ୍ଣ । ଏ ଭୌତିକ ଜଗତରେ ପ୍ରତ୍ୟେକ ଏ ତ୍ରିଗୁଣର ଅଧୀନ ଏବଂ ଏହିପରି ଭାବରେ ମୋହିତ ହୁଅନ୍ତି ।

ସ୍ୱଭାବତଃ ଜୀବମାନଙ୍କର ନିର୍ଦ୍ଦିଷ୍ଟ ପ୍ରକାରର ଶରୀର ଅଛି, ନିର୍ଦ୍ଦିଷ୍ଟ ପ୍ରକାର ମନୋବୃତ୍ତି ଅଛି ଏବଂ ତଦନୁଯାୟୀ ଶାରୀରିକ କାର୍ଯ୍ୟାବଳୀ ଅଛି । ପ୍ରକୃତିର ତ୍ରିଗୁଣରେ କାର୍ଯ୍ୟ କରୁଥିବା ଚାରିପ୍ରକାର ମାନବ ଅଛନ୍ତି । ଯେଉଁମାନେ କେବଳ ସତ୍ତ୍ୱଗୁଣରେ ଥା'ନ୍ତି ସେମାନଙ୍କୁ ବ୍ରାହ୍ମଣ କୁହାଯାଏ । ଯେଉଁମାନେ କେବଳ ରଜଗୁଣରେ ଥା'ନ୍ତି ସେମାନଙ୍କୁ କ୍ଷତ୍ରିୟ କୁହାଯାଏ । ଯେଉଁମାନେ ରଜ ଓ ତମ ଗୁଣରେ ଥା'ନ୍ତି ସେମାନଙ୍କୁ ବୈଶ୍ୟ କୁହାଯାଏ । ଯେଉଁମାନେ ସଂପୂର୍ଣ୍ଣରୂପେ ତମଗୁଣରେ ଥା'ନ୍ତି ସେମାନଙ୍କୁ ଶୂଦ୍ର କୁହାଯାଏ । ଯେଉଁମାନେ ସେମାନଙ୍କଠାରୁ ହୀନ, ସେମାନେ ପଶୁ ଅଟନ୍ତି । ଅବଶ୍ୟ ଏ ଉପାଧିଗୁଡ଼ିକ ଚିରସ୍ଥାୟୀ ନୁହେଁ । ମୁଁ ବ୍ରାହ୍ମଣ ହୋଇପାରେ, କିମ୍ବା କ୍ଷତ୍ରିୟ ହୋଇପାରେ କିମ୍ବା ବୈଶ୍ୟ ହୋଇପାରେ କିମ୍ବା ଆଉ କିଛି ହୋଇପାରେ, ଯାହା ହେଉନା କାହିଁକି—ଏ ଜୀବନ କ୍ଷଣସ୍ଥାୟୀ ଅଟେ । ଯଦିଓ ଏ ଜୀବନ କ୍ଷଣସ୍ଥାୟୀ ଏବଂ ଯଦିଓ ଆମେ ଜାଣୁ ନାହୁଁ ଆମର ପରଜନ୍ମ କ'ଣ ହେବ, ତଥାପି ଏ ମାୟାଶକ୍ତିର ପ୍ରଭାବ ଯୋଗୁଁ ଆମ୍ଭେମାନେ ଦେହ ଧାରଣରେ ଆମ୍ଭମାନଙ୍କୁ ବିଚାର କରୁ ଏବଂ ଏହିପରି ଭାବରେ ଆମ୍ଭେମାନେ ଆମ୍ଭମାନଙ୍କୁ ଆମେରିକାନ୍, ଭାରତୀୟ, ଋଷୀୟ, କିମ୍ବା ବ୍ରାହ୍ମଣ, ହିନ୍ଦୁ, ମୁସଲମାନ ଇତ୍ୟାଦି ଭାବୁ । ଯଦି ଆମ୍ଭେମାନେ

ଭୂତପ୍ରକୃତି ସହ ସଂଶ୍ଳିଷ୍ଟ ହେବା ତାହାହେଲେ, ସେ ପ୍ରକୃତିର ଅନ୍ତରାଳରେ ଥିବା ପରମପୁରୁଷ ଭଗବାନଙ୍କୁ ଭୁଲିଯିବା । ତେଣୁ ଭଗବାନ୍ ଶ୍ରୀକୃଷ୍ଣ କହୁଛନ୍ତି ଯେଉଁ ମାନବମାନେ ପ୍ରକୃତିର ଏ ତ୍ରିଗୁଣଦ୍ୱାରା ମୋହିତ ହୋଇଥା'ନ୍ତି, ସେମାନେ ଜାଣି ପାରନ୍ତି ନାହିଁ ଯେ ଭୂତପ୍ରକୃତିର ଅନ୍ତରାଳରେ ପରମପୁରୁଷ ଭଗବାନ୍ ଅଛନ୍ତି ।

ବିଭିନ୍ନ ପ୍ରକାର ଜୀବ ଅଛନ୍ତି, ଯଥା—ମାନବ, ଦେବତା ଓ ମାନବେତର ପ୍ରାଣୀ ଆଦି । ଏମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଭୂତପ୍ରକୃତିର ଅଧୀନ ଏବଂ ଏମାନେ ସମସ୍ତେ ଭଗବାନଙ୍କୁ ଭୁଲି ଯାଇଛନ୍ତି । ଯେଉଁମାନେ ରଜଗୁଣରେ ଓ ତମଗୁଣରେ ଅଛନ୍ତି, ଏପରିକି ଯେଉଁମାନେ ସତ୍ତ୍ୱଗୁଣରେ ଅଛନ୍ତି, ସେମାନେ ଭଗବାନଙ୍କର ନିର୍ବିଶେଷ ବ୍ରହ୍ମଜ୍ୟୋତି ଧାରଣାର ଊର୍ଦ୍ଧ୍ୱକୁ ଯାଇପାରନ୍ତି ନାହିଁ । ଭଗବାନଙ୍କର ସାକାର ରୂପ, ସମସ୍ତ ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ, ଜ୍ଞାନ, ବଳ, ଯଶ ଏବଂ ତ୍ୟାଗରେ ପରିପୂର୍ଣ୍ଣ । ଏମାନେ (ନିରାକାରବାଦୀମାନେ) ଭଗବାନଙ୍କର ଏ ସାକାରରୂପ ସମକ୍ଷରେ ବିମୋହିତ ହୋଇ ପଡ଼ନ୍ତି । ଏପରିକି ଯେଉଁମାନେ ସତ୍ତ୍ୱଗୁଣରେ ଅଛନ୍ତି ସେମାନେ ଯେତେବେଳେ ଭଗବାନଙ୍କୁ ବୁଝିପାରୁନାହାନ୍ତି, ସେତେବେଳେ ଯେଉଁମାନେ ରଜ ଓ ତମଗୁଣରେ ଅଛନ୍ତି ସେମାନଙ୍କ କଥା ବା କ'ଣ କହିବ ? କୃଷ୍ଣଚେତନା ଭୂତପ୍ରକୃତିର ଏ ତ୍ରିଗୁଣର ବହୁ ଊର୍ଦ୍ଧ୍ୱରେ ଏବଂ ଯେଉଁମାନେ କୃଷ୍ଣଚେତନାରେ ସ୍ଥିର (ବା ଦୃଢ଼) ସେମାନେ ବାସ୍ତବିକ୍ ମୁକ୍ତ ଅଟନ୍ତି ।

## ଶ୍ଳୋକ - ୧୪

**ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା ।**
**ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ।।୧୪।।**

## ଶବ୍ଦାନୁବାଦ

ଦୈବୀ=ଦୈବୀ; ହି=ନିଶ୍ଚିତଭାବେ; ଏଷା=ଏହି; ଗୁଣମୟୀ=(ଭୂତପ୍ରକୃତିର) ତ୍ରିଗୁଣମୟୀ; ମମ=ମୋର; ମାୟା=ଶକ୍ତି; ଦୁରତ୍ୟୟା=ଅତିକ୍ରମ କରିବା ବଡ଼ କଠିନ; ମାମ୍=ମୋତେ; ଏବ=ନିଶ୍ଚିତଭାବେ; ଯେ=ଯେଉଁମାନେ; ପ୍ରପଦ୍ୟନ୍ତେ=ଶରଣରେ ଆସନ୍ତି; ମାୟାମ୍ ଏତାମ୍=ଏହି ମାୟା ଶକ୍ତିକୁ; ତରନ୍ତି=ଅତିକ୍ରମ କରିଯା'ନ୍ତି; ତେ=ସେମାନେ ।

## ଅନୁବାଦ

**ଭୂତପ୍ରକୃତିର ତ୍ରିଗୁଣ ଯୁକ୍ତ ମୋର ଏହି ଦୈବୀ ମାୟାଶକ୍ତିକୁ ଅତିକ୍ରମ କରିବା ବଡ଼ କଠିନ, କିନ୍ତୁ ଯେଉଁମାନେ ମୋର ଶରଣରେ ଆସିଥା'ନ୍ତି ସେମାନେ ଅତି ସହଜରେ ଏହାକୁ ଅତିକ୍ରମ କରିଯା'ନ୍ତି ।**

## ଭାବାର୍ଥ

ପରମପୁରୁଷ ଭଗବାନଙ୍କର ଅନନ୍ତ ଶକ୍ତି ଅଛି ଏବଂ ଏସବୁ ଦୈବୀ ଶକ୍ତି (ବା ଦିବ୍ୟଶକ୍ତି) ଅଟେ । ଯଦିଓ ଜୀବଗଣ ଭଗବାନଙ୍କ ଶକ୍ତିର ଅଂଶ ଅଟନ୍ତି, ଏବଂ ସେଇଥି ଯୋଗୁ ସେମାନେ ମଧ୍ୟ ଦିବ୍ୟ ଅଟନ୍ତି; ତଥାପି ସେମାନେ ଭୂତପ୍ରକୃତିର ସଂସ୍ପର୍ଶରେ ଆସୁଥିବା ଯୋଗୁଁ ସେମାନଙ୍କର ମୌଳିକ ଉଚ୍ଚତର ଶକ୍ତି ଆଚ୍ଛନ୍ନ ହୋଇ ପଡ଼ିଛି । ଏହିପରି ଭାବରେ ଭୂତପ୍ରକୃତି ଦ୍ୱାରା ଆଚ୍ଛନ୍ନ

ହୋଇଥିବା ଯୋଗୁଁ, ବ୍ୟକ୍ତି ତା'ର ପ୍ରଭାବରୁ ମୁକ୍ତ ହୋଇପାରୁନାହିଁ । ପୂର୍ବରୁ କୁହାଯାଇଛି ଯେ ଉଭୟେ ପରା ପ୍ରକୃତି ଓ ଅପରାପ୍ରକୃତି ଭଗବାନଙ୍କଠାରୁ ନିର୍ଗତ ହୋଇଥିବା ଯୋଗୁଁ ଶାଶ୍ୱତ ଅଟନ୍ତି । ଜୀବ ଶକ୍ତି ଭଗବାନଙ୍କର ଶାଶ୍ୱତ ପରାପ୍ରକୃତି (ବା ଦିବ୍ୟଶକ୍ତି)ର ଅନ୍ତର୍ଗତ ଅଟେ, କିନ୍ତୁ ଅପରାପ୍ରକୃତି, ନୀଚତର ଶକ୍ତି ବା ଭୌତିକ ଶକ୍ତିର ସଂସ୍ପର୍ଶରେ ଆସିବା ଯୋଗୁଁ ସେମାନେ ମାୟାଚ୍ଛନ୍ନ ହୋଇଛନ୍ତି ଏବଂ ଏଇଥିଯୋଗୁଁ ଏହା ମଧ୍ୟ ଶାଶ୍ୱତ ଅଟେ । ତେଣୁ ବଦ୍ଧ ଜୀବାତ୍ମାକୁ ନିତ୍ୟବଦ୍ଧ ବୋଲି କୁହାଯାଏ । କେଉଁଦିନଠାରୁ ସେ ଏପରି ବଦ୍ଧାବସ୍ଥା ପ୍ରାପ୍ତ ହେଲା, ତାହାର ଇତିହାସ କେହି ନିର୍ଣ୍ଣୟ କରିପାରିବେ ନାହିଁ । ଫଳତଃ, ଯଦିଓ ଏ ଭୌତିକ ଶକ୍ତି ଭଗବାନଙ୍କର ନୀଚତର ଶକ୍ତି ଅଟେ, ତଥାପି ଏହାର କବଳରୁ ରକ୍ଷା ପାଇବା ବଡ଼ କଠିନ ଅଟେ, କାରଣ ଏ ଭୂତ ପ୍ରକୃତି ଭଗବାନଙ୍କ ଇଚ୍ଛାନୁଯାୟୀ କାର୍ଯ୍ୟ କରୁଛି, ତେଣୁ ଜୀବ ଏହାକୁ ଅତିକ୍ରମ କରିବା ବଡ଼ କଠିନ । ଏ ନୀଚତର ଭୌତିକ ଶକ୍ତିକୁ ଏଠାରେ ଦୈବୀ ଶକ୍ତି ବୋଲି କୁହାଯାଇଛି । ଏହା ଭଗବାନଙ୍କ ଇଚ୍ଛାନୁଯାୟୀ କାର୍ଯ୍ୟ କରୁଥିବାରୁ ଏହାକୁ ଏପରି କୁହାଯାଇଛି । ଭଗବାନଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିବା ହେତୁ ଏ ଭୌତିକ ଶକ୍ତି ନୀଚତର ଶକ୍ତି ହୋଇଥିବା ସତ୍ତ୍ୱେ ବଡ଼ ଆଶ୍ଚର୍ଯ୍ୟଜନକ ଭାବେ କାର୍ଯ୍ୟ କରୁଛି । ଏହାଦ୍ୱାରା ସାଧିତ ହୋଇଥିବା ଏ ଭୌତିକ ଜଗତର ଗଠନ ଓ ଧ୍ୱଂସ କ୍ରିୟା ଅତି ଆଶ୍ଚର୍ଯ୍ୟଜନକ ଅଟେ । ବେଦରେ ନିମ୍ନମତେ ଏହା ସ୍ୱୀକୃତ ହୋଇଅଛି–

*"ମାୟାଂ ତୁ ପ୍ରକୃତିମ୍ ବିଦ୍ୟାନ୍ ମାୟିନଂ ତୁ ମହେଶ୍ୱରମ୍ ।"*

ଅର୍ଥାତ୍–ଯଦିଓ ମାୟା ମିଥ୍ୟା ବା କ୍ଷଣସ୍ଥାୟୀ ଅଟେ, ତଥାପି ମାୟାର ଅନ୍ତରାଳରେ ଥିବା ପରମ ଯାଦୁକର, ପରମପୁରୁଷ ଭଗବାନ୍ ମହେଶ୍ୱର ଅଟନ୍ତି ଅର୍ଥାତ୍ ସେ ପରମ ନିୟନ୍ତ୍ରଣକାରୀ ଅଟନ୍ତି ।

'ଗୁଣ' ଶବ୍ଦର ଅନ୍ୟ ଗୋଟିଏ ଅର୍ଥ ହେଉଛି 'ରଜ୍ଜୁ' । ବୁଝିବାକୁ ହେବ ଯେ ବଦ୍ଧଜୀବ ମାୟାରଜ୍ଜୁ ଦ୍ୱାରା ଦୃଢ଼ଭାବରେ ବନ୍ଧା ହୋଇଛି । ଯେଉଁ ଲୋକର ହାତ-ଗୋଡ଼ ବନ୍ଧା ହୋଇଛି, ସେ କିପରି ଆପେ ସେଥିରୁ (ଅର୍ଥାତ୍ ବନ୍ଧନରୁ) ମୁକ୍ତ ହୋଇ ପାରିବ ? ସେ ନିଜେ ନିଜେ ବନ୍ଧନରୁ ମୁକ୍ତହୋଇ ପାରିବ ନାହିଁ । ବନ୍ଧା ନ ହୋଇଥିବା ଏକ ବ୍ୟକ୍ତି, ଅର୍ଥାତ୍ ଏକ ମୁକ୍ତ ଜୀବ ତାକୁ ସାହାଯ୍ୟ ନ କଲେ ସେ ବନ୍ଧନରୁ ମୁକ୍ତ ହୋଇ ପାରିବ ନାହିଁ । ଯେଣୁ ଏକ ବଦ୍ଧଜୀବ ଅନ୍ୟ ଏକ ବଦ୍ଧଜୀବକୁ ବନ୍ଧନ ମୁକ୍ତି ଦିଗରେ ସାହାଯ୍ୟ କରିପାରିବ ନାହିଁ, ତେଣୁ ଯେ ମୁକ୍ତ କରାଇ ଦେଇପାରିବ, ସେ ମୁକ୍ତ-ଜୀବ ହେବା ଉଚିତ୍ । ତେଣୁ କେବଳ ଭଗବାନ୍ ଶ୍ରୀକୃଷ୍ଣ ବା ତାଙ୍କର ବିଶ୍ୱସ୍ତ ପ୍ରତିନିଧି ଅର୍ଥାତ୍ ଗୁରୁ ବା ଆଚାର୍ଯ୍ୟ ବଦ୍ଧଜୀବକୁ ବନ୍ଧନରୁ ମୁକ୍ତ କରାଇ ପାରିବେ । ଏପ୍ରକାର ଏକ ଉଚ୍ଚତର ସହାୟକଙ୍କ ସାହାଯ୍ୟ ବିନା ବ୍ୟକ୍ତି କଦାପି ଭୌତିକ ବନ୍ଧନରୁ ମୁକ୍ତ ହୋଇ ପାରିବ ନାହିଁ । ଭକ୍ତିଯୋଗ ବା କୃଷ୍ଣଚେତନା ଏ ପ୍ରକାର ମୁକ୍ତିରେ ସହାୟକ ହୋଇପାରେ । ଭଗବାନ୍ ଶ୍ରୀକୃଷ୍ଣ ମାୟାଶକ୍ତିର ପ୍ରଭୁ ହୋଇଥିବାରୁ, ସେ ମାୟାଶକ୍ତିକୁ (ଏ ଦୁରାତ୍ୟୟା ମାୟାଶକ୍ତିକୁ) ଆଦେଶ ଦେଇ ପାରିବେ । ବଦ୍ଧଜୀବକୁ ମୁକ୍ତି ଦେବା ପାଇଁ ଭଗବାନ୍ ହିଁ ମାୟାଶକ୍ତିକୁ ଆଦେଶ ଦେଇ ପାରିବେ । ଶରଣାଗତ ଜୀବପ୍ରତି ଭଗବାନଙ୍କର ଅହୈତୁକୀ କୃପାର ପ୍ରତୀକ ହେଉଛି ଏ ଆଦେଶ । ପୁନଶ୍ଚ ଭଗବାନ୍ ଶ୍ରୀକୃଷ୍ଣ ହେଉଛନ୍ତି ପରମ ପିତା । ସମସ୍ତେ ତାଙ୍କର ସନ୍ତାନ, ତେଣୁ

ଏ ଶ୍ଳୋକରେ ଥିବା *''ମାମ୍ ଏବ''* ଶବ୍ଦଗୁଡ଼ିକ ମଧ୍ୟ ଅର୍ଥପୂର୍ଣ୍ଣ ଅଟେ । 'ମାମ୍ କହିଲେ କେବଳ କୃଷ୍ଣଙ୍କୁ (ବା ବିଷ୍ଣୁଙ୍କୁ) ବୁଝାଏ, ବ୍ରହ୍ମା କିମ୍ବା ଶିବଙ୍କୁ ବୁଝାଏ ନାହିଁ । ଯଦିଓ ବ୍ରହ୍ମା ଓ ଶିବ ବିଶିଷ୍ଟ ଦେବତା ଅଟନ୍ତି, ଖୁବ୍ ଉନ୍ନତ ଅଟନ୍ତି ଏବଂ ପ୍ରାୟ ବିଷ୍ଣୁଙ୍କ ସମକକ୍ଷ ଅଟନ୍ତି, ତଥାପି ଏମାନେ ଜୀବକୁ ମାୟା କବଳରୁ ଉଦ୍ଧାର କରି ପାରିବେ ନାହିଁ । ରଜୋଗୁଣ ଅବତାର ବ୍ରହ୍ମା ଓ ତମୋଗୁଣ ଅବତାର ଶିବଙ୍କ ପକ୍ଷରେ ଜୀବକୁ ମାୟା କବଳରୁ ଉଦ୍ଧାର କରିବା ସମ୍ଭବପର ନୁହେଁ । ଅନ୍ୟ କଥାରେ ଏହା ହିଁ କୁହାଯାଇ ପାରେ ଯେ ଉଭୟେ ବ୍ରହ୍ମା ଓ ଶିବ ମାୟା କବଳିତ ଅଟନ୍ତି । କେବଳ ବିଷ୍ଣୁ ହିଁ ମାୟାର ପ୍ରଭୁ ଅଟନ୍ତି, ତେଣୁ ସେ ହିଁ କେବଳ ଜୀବକୁ ମାୟା କବଳରୁ ଉଦ୍ଧାର କରି ପାରିବେ । ବେଦରେ *''ତମ୍ ଏବ ବିଦିତ୍ୱା''* କହି ଏହା ସ୍ୱୀକାର କରା ଯାଇଅଛି; ଅର୍ଥାତ୍–''କେବଳ କୃଷ୍ଣଙ୍କୁ ବୁଝିଲେ ହିଁ ମୁକ୍ତି ସମ୍ଭବପର ହେବ ।'' ଏପରିକି ଶ୍ରୀ ଶିବଜୀ ମଧ୍ୟ କହିଛନ୍ତି ଯେ କେବଳ ଭଗବାନ୍ ବିଷ୍ଣୁଙ୍କର କୃପା ହେଲେ ହିଁ ମୁକ୍ତି ମିଳିବ । ଶ୍ରୀ ଶିବଜୀ କହିଛନ୍ତି– *''ମୁକ୍ତି ପ୍ରଦାତା ସର୍ବେଷାମ୍ ବିଷ୍ଣୁରେବ ନ ସଂଶୟ''* ଅର୍ଥାତ୍– ଭଗବାନ୍ ବିଷ୍ଣୁ ହିଁ ଏକମାତ୍ର ମୁକ୍ତି ପ୍ରଦାନକାରୀ ଅଟନ୍ତି । ଏଥିରେ କିଛି ସନ୍ଦେହ ନାହିଁ ।

## ଶ୍ଳୋକ - ୧୫

**ନ ମାଂ ଦୁଷ୍କୃତିନୋ ମୂଢ଼ାଃ ପ୍ରପଦ୍ୟନ୍ତେ ନରାଧମାଃ ।**
**ମାୟୟାପହୃତଜ୍ଞାନା ଆସୁରଂ ଭାବମାଶ୍ରିତାଃ ।। ୧୫ ।।**

## ଶବ୍ଦାନୁବାଦ

ନ=ନାହିଁ; ମାମ୍=ମୋତେ; ଦୁଷ୍କୃତିନଃ=ଦୁର୍ବୃତ୍ତଗଣ; ମୂଢ଼ାଃ=ମୂର୍ଖମାନେ; ପ୍ରପଦ୍ୟନ୍ତେ=ଶରଣରେ ଆସନ୍ତି; ନରାଧମାଃ=ନରାଧମ (ମୂଢ଼ ମାନବଗଣ); ମାୟୟା=ମାୟାଶକ୍ତି ଦ୍ୱାରା; ଅପହୃତ=ମାୟାଦ୍ୱାରା ଅପହୃତ; ଜ୍ଞାନାଃ=ଜ୍ଞାନ; ଆସୁରମ୍=ଅସୁର; ଭାବମ୍=ଭାବ; ଆଶ୍ରିତାଃ=ଯୁକ୍ତ ।

## ଅନୁବାଦ

**ଗଣ୍ଡମୂର୍ଖ ଦୁର୍ବୃତ୍ତଗଣ, ନରାଧମମାନେ, ଯେଉଁମାନଙ୍କର ଜ୍ଞାନ ମାୟା ଗ୍ରେରିକରି ନେଇଛି ସେମାନେ ଏବଂ ଅସୁର ସ୍ୱଭାବସଂପନ୍ନ ବ୍ୟକ୍ତିମାନେ ମୋ'ଠାରେ ଆତ୍ମସମର୍ପଣ କରନ୍ତି ନାହିଁ କିମ୍ବା ଶରଣରେ ଆସନ୍ତି ନାହିଁ ।**

## ଭାବାର୍ଥ

ଭଗବଦ୍ ଗୀତାରେ କୁହାଗଲା କେବଳ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କଠାରେ ଆତ୍ମସମର୍ପଣ କଲେ ବା ତାଙ୍କର ପାଦପଦ୍ମରେ ଆଶ୍ରିତ ହେଲେ ବ୍ୟକ୍ତି ଭୂତପ୍ରକୃତିର କଠିନ ନିୟମକୁ ଅତିକ୍ରମ କରିଯାଏ । ଏଠାରେ ଗୋଟିଏ ପ୍ରଶ୍ନ ଉଠେ, ''ତାହାହେଲେ କାହିଁକି ଶିକ୍ଷିତ ଦାର୍ଶନିକଗଣ,

ବୈଜ୍ଞାନିକଗଣ, ବ୍ୟବସାୟୀ ଗୋଷ୍ଠୀ, ଶାସକଗଣ ଏବଂ ଜନନେତାଗଣ ସର୍ବଶକ୍ତିମାନ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ନ ହେଉଛନ୍ତି'' ? ଏ ଜନ-ନେତାଗଣ ଭୂତପ୍ରକୃତି କବଳରୁ ମୁକ୍ତି ପାଇବା ନିମିତ୍ତ କେତେ ପ୍ରକାର ଚେଷ୍ଟା ନ କରୁଛନ୍ତି ? ଏମାନେ ଏଥିନିମିତ୍ତ ଜନ୍ମ-ଜନ୍ମ ଧରି, ବର୍ଷ ବର୍ଷ ଧରି କେତେ ଯୋଜନା କରୁଛନ୍ତି, କେତେ ପରିଶ୍ରମ କରୁଛନ୍ତି, କିନ୍ତୁ ମୁକ୍ତି ପାଇପାରୁ ନାହାଁନ୍ତି । ଯଦି କେବଳ ପରମପୁରୁଷ ଭଗବାନଙ୍କର ପାଦପଦ୍ମରେ ଶରଣାଗତ ହେଲେ ମୁକ୍ତି ମିଳିଯାଉଛି, ତାହାହେଲେ ଏ ବୁଦ୍ଧିମାନ ଓ ପରିଶ୍ରମୀ ଜନନେତାଗଣ ଏ ସହଜ ପନ୍ଥାକୁ କାହିଁକି ଗ୍ରହଣ ନ କରୁଛନ୍ତି ?

ଗୀତା ଏ ପ୍ରଶ୍ନର ସ୍ପଷ୍ଟ ଉତ୍ତର ଦେଇଛି । ଯେଉଁମାନେ ବାସ୍ତବରେ ପଣ୍ଡିତ, ପ୍ରକୃତ ଜନନେତା, ଯଥା—ବ୍ରହ୍ମା, ଶିବ, କପିଳ, କୁମାରଗଣ, ମନୁ, ବ୍ୟାସ, ଦେବଳ, ଅସିତ, ଜନକ, ପ୍ରହ୍ଲାଦ, ବଳି ଓ ପରବର୍ତ୍ତୀ ଯୁଗରେ ମାଧ୍ୱାଚାର୍ଯ୍ୟ ରାମାନୁଜାଚାର୍ଯ୍ୟ, ଶ୍ରୀଚୈତନ୍ୟ ମହାପ୍ରଭୁ ଏବଂ ସେହିପରି ଆହୁରି ଅନେକ, ଯେଉଁମାନେ'କି ବିଶ୍ୱସ୍ତ ଦାର୍ଶନିକ, ରାଜନୀତିଜ୍ଞ, ଶିକ୍ଷାବିତ୍ ଓ ବୈଜ୍ଞାନିକ ଆଦି ଅଟନ୍ତି, ସେମାନେ ସମସ୍ତେ ସର୍ବଶକ୍ତିମାନ ଭଗବାନଙ୍କର ଚରଣାରବିନ୍ଦରେ ଶରଣାପନ୍ନ ହୋଇଛନ୍ତି । ଯେଉଁମାନେ ପ୍ରକୃତରେ ଦାର୍ଶନିକ, ବୈଜ୍ଞାନିକ, ଶିକ୍ଷାବିତ୍, ଶାସକ ଆଦି ନୁହଁନ୍ତି, କିନ୍ତୁ ବାହାରକୁ ଦେଖାଇବା ପାଇଁ ଭୌତିକ ଲାଭ ଉଠାଇବା ପାଇଁ ନେତା ସାଜନ୍ତି ବା ବୈଜ୍ଞାନିକ ବା ଦାର୍ଶନିକ ହୁଅନ୍ତି, ସେମାନେ ଭଗବାନଙ୍କର ପନ୍ଥା ବା ଯୋଜନାକୁ ଗ୍ରହଣ କରନ୍ତି ନାହିଁ । ସେମାନଙ୍କର ଭଗବାନଙ୍କ ସମ୍ବନ୍ଧରେ କୌଣସି ଧାରଣା ନଥାଏ । ସେମାନେ ନିଜର ସୁବିଧାନୁଯାୟୀ ପାର୍ଥିବ ଯୋଜନା ଗଢ଼ନ୍ତି ଏବଂ ଫଳରେ ସେମାନେ ନିଜ ପ୍ରଚେଷ୍ଟାରେ ସମସ୍ୟାର ସମାଧାନ କରିବାକୁ ଯାଇ ସମସ୍ୟାକୁ ଜଟିଳତର କରନ୍ତି, ସମାଧାନ କରିପାରନ୍ତି ନାହିଁ । ଭୂତପ୍ରକୃତି ଏଡ଼େ ଶକ୍ତିଶାଳୀ ଯେ, ସେ ଏ ନାସ୍ତିକମାନଙ୍କର ମନଗଢ଼ା ଯୋଜନାକୁ ଭଣ୍ଡୁର କରିଦିଏ ଏବଂ ଯୋଜନା କମିଶନରମାନଙ୍କର ମୁଣ୍ଡ ଗୋଳମାଳ କରିଦିଏ ।

ନାସ୍ତିକ ଯୋଜନାକାରୀମାନଙ୍କୁ ଏଠାରେ 'ଦୁଷ୍କୃତିନ' ଶବ୍ଦଦ୍ୱାରା ବର୍ଣ୍ଣନା କରାଯାଇଛି । ଯେଉଁମାନେ କିଛି ଭଲ କାମ କରନ୍ତି ସେମାନଙ୍କୁ 'କୃତିନ' କୁହାଯାଏ । ନାସ୍ତିକ ଯୋଜନାକାରୀଗଣ ବେଳେବେଳେ ଖୁବ୍ ବୁଦ୍ଧିଆ ଓ ମେଧାବୀ ହୋଇଥା'ନ୍ତି, କାରଣ ବୁଦ୍ଧି ନଥିଲେ ସେମାନେ ଏଡ଼େ ବଡ଼ ବଡ଼ ଯୋଜନା କରିପାରିବେ ନାହିଁ । ଭଗବାନଙ୍କର ଯୋଜନାକୁ ଭଣ୍ଡୁର କରିବା ନିମିତ୍ତ ଏ ନାସ୍ତିକ ଯୋଜନାକାରୀଗଣ ଯୋଜନା କରୁଥିବାରୁ ସେମାନଙ୍କର ବୁଦ୍ଧି ବିପରୀତ ଦିଗରେ ପରିଚାଳିତ ହୋଇଥାଏ । ତେଣୁ ଏମାନଙ୍କୁ 'ଦୁଷ୍କୃତିନ' କୁହାଯାଇଛି । ଏଥିରୁ ସୂଚିତ ହେଉଛି, ସେମାନଙ୍କର ବୁଦ୍ଧି ଓ ପ୍ରଚେଷ୍ଟା ବିପଥଗାମୀ ହୋଇଛି ।

ଗୀତାରେ ପରିଷ୍କାର ଭାବରେ କୁହାଯାଇଛି ଯେ ଭୂତପ୍ରକୃତି ସଂପୂର୍ଣ୍ଣରୂପେ ଭଗବାନଙ୍କ ନିର୍ଦ୍ଦେଶରେ କାର୍ଯ୍ୟକରେ । ଏହା ସ୍ୱାଧୀନ ନୁହେଁ । ବସ୍ତୁ ଗତିକଲେ ଯେପରି ତା'ର ଛାୟା ଗତିକରେ, ଠିକ୍ ସେହିପରି ଏହା କାର୍ଯ୍ୟକରେ । ତଥାପି ଏ ଭୌତିକ ଶକ୍ତି ଅତ୍ୟନ୍ତ ଶକ୍ତିଶାଳୀ । ନାସ୍ତିକର ଈଶ୍ୱର ଭାବନା ନଥିବାରୁ ସେ ଜାଣିପାରେ ନାହିଁ, ଏ ଶକ୍ତି କିପରି କାର୍ଯ୍ୟକରୁଛି ଏବଂ ଭଗବାନଙ୍କର ଯୋଜନା କ'ଣ ତାହା ମଧ୍ୟ ତାକୁ ଜଣା ଯାଏ ନାହିଁ । ସେମାନେ ମାୟାମୋହିତ

ହୋଇଥିବା ଯୋଗୁଁ ରଜୋଗୁଣ ଓ ତମୋଗୁଣାଧୀନ ହୋଇଥିବା ଯୋଗୁଁ ସେମାନଙ୍କର ସମସ୍ତ ଯୋଜନା ଭଙ୍ଗୁର ହୋଇଯାଏ । ଉଦାହରଣ ସ୍ୱରୂପ, ହିରଣ୍ୟକଶିପୁ ଓ ରାବଣର ଯୋଜନା । ଏମାନଙ୍କର ଯୋଜନା ସବୁ ଧୂଳିସାତ୍ ହୋଇଯାଇଛି । ଯଦିଓ ଏମାନେ ବଡ଼ ଭୌତିକ ଏଶ୍ୱର୍ଯ୍ୟଶାଳୀ ଥିଲେ; ବିଦ୍ୱାନ୍, ବୁଦ୍ଧିମାନ, ଦାର୍ଶନିକ ଓ ଦକ୍ଷ ଶାସକ ଥିଲେ, ତଥାପି ସେମାନଙ୍କର ସବୁ ଯୋଜନା ଭଙ୍ଗୁର ହୋଇଯାଇଛି । ଏ ଦୁଷ୍କୃତିନ ହେଉଛନ୍ତି ଚାରି ଶ୍ରେଣୀର । ଏହା ନିମ୍ନରେ ବର୍ଣ୍ଣନା କରାଗଲା ।

(୧) ଯେଉଁମାନେ ଅତ୍ୟନ୍ତ ଗଣ୍ଡମୂର୍ଖ, ସେମାନଙ୍କୁ 'ମୂଢ଼' କୁହାଯାଏ । ଏମାନେ ଗଧପରି ଖଟନ୍ତି, ଏମାନେ ସେମାନଙ୍କର ପରିଶ୍ରମର ଫଳ ନିଜେ ଉପଭୋଗ କରିବାକୁ ଚାହାନ୍ତି, ଭଗବାନଙ୍କୁ ଦେବାକୁ ଚାହାନ୍ତି ନାହିଁ । ଭାରବାହୀ ପଶୁର ଉଦାହରଣ ହେଲା ଗଧ । ଗଧର ମାଲିକ ଗଧକୁ ଖୁବ୍ ଖଟାଏ । ବିଚରା ଗଧ ଜାଣେ ନାହିଁ, ସେ କାହାପାଇଁ ରାତି-ଦିନ ଏତେ ଖଟୁଛି । ବିଡ଼ାଏ ଘାସ ଖାଇ ଉଦର ପୂର୍ତ୍ତିକରି ସେ ସନ୍ତୁଷ୍ଟ ରହେ । ତା'ର ଭୟ ମାଲିକଠାରୁ ପିଟା ଖାଇବ—ଏହି ଭୟରେ ସେ ଟିକେ ଶୋଇପଡ଼େ । ଏଇଥିରେ ସେ ସନ୍ତୁଷ୍ଟ ରହେ । ସ୍ତ୍ରୀ ଗଧଠାରୁ ବାରମ୍ବାର ଗୋଇଠା ଖାଇ ମଧ୍ୟ ସେ ତା'ର ଯୌନକ୍ରିୟା ସଂପାଦନ କରି ସନ୍ତୁଷ୍ଟ ହୁଏ । ଏ ଗଧ ବେଳେବେଳେ ଗୀତ ଗାଏ ଓ ଦର୍ଶନ କହେ, କିନ୍ତୁ ଗଧର ଏ ଗାନ କେବଳ ଅନ୍ୟକୁ ବ୍ୟତିବସ୍ତ କରାଏ, ଅନ୍ୟର ଶାନ୍ତିଭଙ୍ଗ ହିଁ କରେ । ମୂର୍ଖ ସକାମ କର୍ମୀର ଏହାହିଁ ହେଉଛି ଅବସ୍ଥା । ସେ ଜାଣେ ନାହିଁ କାହାପାଇଁ ସେ କାମ କରିବ । ସେ ଜାଣେ ନାହିଁ ଯେ, କର୍ମ-ଯଜ୍ଞାର୍ଥେ ହେବା ଉଚିତ୍ ।

ଏ ଦୁନିଆରେ ଯେଉଁମାନେ ଗଧପରି ଖଟୁଛନ୍ତି ଏବଂ କହୁଛନ୍ତି ଯେ ସେମାନେ କର୍ତ୍ତବ୍ୟ କରୁଛନ୍ତି, ସେମାନେ ଅଧିକାଂଶ ସମୟରେ କହିବାର ଶୁଣାଯାଏ ଆତ୍ମାର ଅମରତା ସମ୍ବନ୍ଧରେ ଶୁଣିବାପାଇଁ ସେମାନଙ୍କର ବେଳ ନାହିଁ । ସେମାନେ ଜାଣନ୍ତି ନାହିଁ ସେମାନଙ୍କର କର୍ତ୍ତବ୍ୟ କ'ଣ । ସେମାନଙ୍କ କର୍ତ୍ତବ୍ୟ ସେମାନେ ନିଜେ ଠିକ୍ କରିଥା'ନ୍ତି ଏବଂ ସେହି କର୍ତ୍ତବ୍ୟ ଭାରରୁ ମୁକ୍ତ ହେବାପାଇଁ ସେମାନେ ଗଧପରି ଖଟୁଥା'ନ୍ତି । ଏ ପ୍ରକାର ମୂଢ଼ (ବା ମୂର୍ଖ)ମାନଙ୍କ ପକ୍ଷରେ ଧ୍ୱଂସଶୀଳ ଭୌତିକ ଲାଭ ଜୀବନର ସର୍ବସ୍ୱ ଅଟେ । ଯଦିଓ ଏ ମୂଢ଼ମାନେ ସେମାନଙ୍କର ପରିଶ୍ରମର ଫଳର ଏକ ଅତି କ୍ଷୁଦ୍ର ଅଂଶ ଉପଭୋଗ କରନ୍ତି, ତଥାପି ତାହାକୁ ସେମାନେ ଜୀବନର ସର୍ବସ୍ୱ ବୋଲି ଭାବନ୍ତି । ବେଳେବେଳେ ସେମାନେ ଭୌତିକ-ଲାଭ ନିମିତ୍ତ ଦିବା ରାତ୍ର ଅନିଦ୍ରା ହୋଇ ଖଟନ୍ତି । ପୁନଶ୍ଚ ଯଦିଓ ସେମାନଙ୍କର ଅଜୀର୍ଣ୍ଣ ହେଉଥାଏ ବା ଉଦରାମୟ ପୀଡ଼ାଥାଏ ଏବଂ ଯଦିଓ ସେମାନେ ଖୁବ୍ କମ୍ ଆହାର କରି ସନ୍ତୁଷ୍ଟ ହେଉଥା'ନ୍ତି, ତଥାପି ସେମାନେ କୃପଣ—ଦୁର୍ଜନ (ମାୟିକ ଜଗତର ମାୟିକ ପ୍ରଭୁ) ମାନଙ୍କର ସୁଖ-ସୁବିଧା ନିମିତ୍ତ ଦିନରାତି ଖଟୁଥା'ନ୍ତି । ସେମାନଙ୍କର ପ୍ରକୃତ ପ୍ରଭୁ କିଏ ? ସେମାନେ ଜାଣି ନଥା'ନ୍ତି । ଏ ମୂର୍ଖ ଶ୍ରମିକମାନେ ଧନୀ କୁବେରମାନଙ୍କର ସେବାରେ ସେମାନଙ୍କର ମୂଲ୍ୟବାନ ସମୟ ନଷ୍ଟ କରୁଥା'ନ୍ତି । ଦୁର୍ଭାଗ୍ୟବଶତଃ ଏମାନେ ସମସ୍ତ ପ୍ରଭୁଙ୍କର ପରମପ୍ରଭୁ ବା ସମସ୍ତ ଈଶ୍ୱରଙ୍କର ବା ପରମେଶ୍ୱରଙ୍କର ଶରଣରେ ଆସନ୍ତି ନାହିଁ, ଅର୍ଥାତ୍ ତାଙ୍କଠାରେ ଆତ୍ମସମର୍ପଣ କରନ୍ତି ନାହିଁ, କିମ୍ବା ଉପଯୁକ୍ତ ଅଧିକାରୀଙ୍କଠାରୁ ତାଙ୍କ କଥା ଶୁଣିବାକୁ ସମୟ ଦିଅନ୍ତି ନାହିଁ । ଯେଉଁ ଘୁଷୁରୀ ବିଷ୍ଠା ଭକ୍ଷଣ କରୁଛି, ସେ ଚିନି ଓ ଘିଅରେ ପ୍ରସ୍ତୁତ ସୁନ୍ଦର ସୁମିଷ୍ଟ ମିଠାଇ ଖାଇବାକୁ ମନ ବଳାଏ ନାହିଁ । ଠିକ୍ ସେହିପରି ଏ ମୂର୍ଖ ଶ୍ରମିକଗଣ ଇନ୍ଦ୍ରିୟ-ସୁଖୋଦ୍ଦୀପକ ବାର୍ତ୍ତା ଶୁଣିବାରେ

ବରଂ ସମୟ ଦେବେ, କିନ୍ତୁ ଭଗବାନଙ୍କ କଥା ଶୁଣିବାପାଇଁ ସମୟ ଦେଇପାରିବେ ନାହିଁ। ଯେଉଁ ଭୌତିକ ଶକ୍ତି ଏ ଭୌତିକ ଜଗତକୁ କ୍ରିୟାଶୀଳ କରିଛି, ତାହାର କାହାଣୀ ଏମାନେ ଅକ୍ଳାନ୍ତ ଭାବରେ ବରଂ ଶୁଣିବେ, କିନ୍ତୁ ଭଗବାନଙ୍କ କଥା ଶୁଣିବେ ନାହିଁ।

(୨) ଆଉ ଗୋଟିଏ ପ୍ରକାର 'ଦୁଷ୍କୃତିନ'ଙ୍କୁ ନରାଧମ କୁହାଯାଏ । ସେମାନେ ନରମାନଙ୍କ ମଧ୍ୟରେ ନିକୃଷ୍ଟ ଜାତିର ଅଟନ୍ତି । ୮୪,୦୦,୦୦୦ ଜୀବ-ଯୋନୀ ମଧ୍ୟରେ ୪,୦୦,୦୦୦ ପ୍ରକାରର ମାନବ ଅଛନ୍ତି । ଏମାନଙ୍କ ମଧ୍ୟରେ ଅନେକ ଅସଭ୍ୟ ନିମ୍ନ ଶ୍ରେଣୀର ମାନବ ଅଟନ୍ତି । ମାନବମାନଙ୍କ ମଧ୍ୟରେ ଯେଉଁମାନଙ୍କର ବ୍ୟବହାର ସଂଯତ ଓ ଯେଉଁମାନେ ସାମାଜିକ, ରାଜନୈତିକ ଏବଂ ଧାର୍ମିକ କ୍ଷେତ୍ରରେ ସଂଯତ ଜୀବନଯାପନ କରନ୍ତି ସେମାନଙ୍କୁ ସଭ୍ୟ ମାନବ ବୋଲି କୁହାଯାଏ। ଯେଉଁମାନେ କେବଳ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଉନ୍ନତି କରିଛନ୍ତି, କିନ୍ତୁ ଧର୍ମନୀତି ଅବଲମ୍ବନ କରନ୍ତି ନାହିଁ ସେମାନେ ନରାଧମ ଅଟନ୍ତି । ଭଗବାନଙ୍କୁ ଛାଡ଼ି ଧର୍ମ ନାହିଁ । ଧର୍ମନୀତି ଅବଲମ୍ବନ କରିବାର ଉଦ୍ଦେଶ୍ୟ ହେଲା ପରମ ସତ୍ୟ ଭଗବାନଙ୍କୁ ଜାଣିବା ଏବଂ ମାନବର ତାଙ୍କ ସହିତ କି ସମ୍ବନ୍ଧ ଅଛି, ତାହା ଜାଣିବା । ଗୀତାରେ ଭଗବାନ୍ ପରିଷ୍କାର ଭାବରେ କହିଛନ୍ତି ଯେ, ତାଙ୍କଠାରୁ କେହି ବଡ଼ ନାହାନ୍ତି ଏବଂ ସେ ହେଉଛନ୍ତି ପରମ ସତ୍ୟ । ମାନବମାନଙ୍କ ମଧ୍ୟରେ ଯେଉଁମାନଙ୍କର ଏହି କୃଷ୍ଣଚେତନା ବା ଭଗବତ୍ ଚେତନା ଅଛି, ଯେଉଁମାନେ ପରମସତ୍ୟ ଭଗବାନ୍ ଶ୍ରୀକୃଷ୍ଣ ବା ସର୍ବଶକ୍ତିମାନ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ସେମାନଙ୍କର ଶାଶ୍ୱତ ସମ୍ବନ୍ଧକୁ ଯୋଡ଼ି ରଖିପାରନ୍ତି ସେମାନେ ସଭ୍ୟମାନବ ଅଟନ୍ତି । ଯେଉଁମାନେ ଏହି ଚେତନାକୁ ପୁନଃଜାଗ୍ରତ କରାଇପାରିଛନ୍ତି, ସେମାନେ ମଧ୍ୟ ସଭ୍ୟ ମାନବଶ୍ରେଣୀର ଅଟନ୍ତି । ଯେଉଁମାନେ ଏ ସୁଯୋଗ ହରାଇଛନ୍ତି, ସେମାନେ ନରାଧମ ଶ୍ରେଣୀର ଅଟନ୍ତି। ପ୍ରାମାଣିକ ଗ୍ରନ୍ଥ ବା ଶାସ୍ତ୍ରମାନଙ୍କରୁ ଆମ୍ଭେମାନେ ଏ ପ୍ରମାଣ ପାଇଛୁ ଯେ ଯେତେବେଳେ ଶିଶୁ ମାତୃଗର୍ଭରେ ଥାଏ, ସେତେବେଳେ ସେ ଭଗବାନଙ୍କୁ ପ୍ରାର୍ଥନା କରେ, ‘‘ହେ ଭଗବାନ୍ ! ମୋତେ ଏ ଯନ୍ତ୍ରଣାଦାୟକ ପରିସ୍ଥିତିରୁ ଉଦ୍ଧାର କରନ୍ତୁ । ମୁଁ ଏଥିରୁ ଉଦ୍ଧାର ପାଇଲେ କେବଳ ଆପଣଙ୍କର ପୂଜା କରିବି, ଆପଣଙ୍କର ଭଜନ କରିବି । (ମାତୃଗର୍ଭ ଅତ୍ୟନ୍ତ ଯନ୍ତ୍ରଣାଦାୟକ ସ୍ଥାନ ଅଟେ । ସେଠାରେ ଶିଶୁ ଥିଲାବେଳେ ବଡ଼ ଯନ୍ତ୍ରଣା ଅନୁଭବ କରେ) । ଯେତେବେଳେ ଜୀବ ବିପଦରେ ପଡ଼ିଥାଏ, ବା ଦୁଃଖଯନ୍ତ୍ରଣା ଭୋଗ କରୁଥାଏ, ସେତେବେଳେ ସେ ଭଗବାନଙ୍କୁ ପ୍ରାର୍ଥନା କରେ । ଏହା ହେଉଛି ସ୍ୱାଭାବିକ କଥା, କାରଣ ସେ ଶାଶ୍ୱତଭାବେ ଭଗବାନଙ୍କ ସହ ସମ୍ବନ୍ଧିତ ଅଟେ । କିନ୍ତୁ ଜନ୍ମହେଲାପରେ ଶିଶୁ ମାୟାଶକ୍ତିର ସଂସ୍ପର୍ଶରେ ଆସି ଜନ୍ମକାଳୀନ ଦୁଃଖଯନ୍ତ୍ରଣାକୁ ଭୁଲିଯାଏ ଏବଂ ତା'ର ତ୍ରାଣକର୍ତ୍ତାଙ୍କୁ ମଧ୍ୟ ଭୁଲିଯାଏ ।

ଶିଶୁମାନଙ୍କ ମଧ୍ୟରେ ସୁପ୍ତ ଥିବା ଭଗବତ୍ ଚେତନାକୁ ଜାଗ୍ରତ କରାଇବା ହେଉଛି ପିତାମାତାଙ୍କର କର୍ତ୍ତବ୍ୟ । ମନୁସ୍ମୃତିରେ ଦଶବିଧ ସଂସ୍କାର ପଦ୍ଧତି ବର୍ଣ୍ଣନା କରାଯାଇଅଛି। ଏଗୁଡ଼ିକ ହେଉଛି ଧର୍ମନୀତି । ବର୍ଣ୍ଣାଶ୍ରମ ଧର୍ମରେ ଭଗବତ୍ ଚେତନା ଜାଗ୍ରତ କରିବା ନିମିତ୍ତ ଏଗୁଡ଼ିକର ଆବଶ୍ୟକତା ରହିଛି । ସେଇଥିପାଇଁ ଏଗୁଡ଼ିକର ବ୍ୟବସ୍ଥା ଦିଆଯାଇଅଛି। ବର୍ତ୍ତମାନ ପୃଥିବୀର କୌଣସି ଅଂଶରେ ଏ ସଂସ୍କାର ପଦ୍ଧତି ଅନୁସୃତ ହେଉନାହିଁ, ତେଣୁ ଶତକଡ଼ା ୯୯.୯ ଭାଗ ଲୋକ ନରାଧମ ଅଟନ୍ତି ।

ଯେତେବେଳେ ସମଗ୍ର ମାନବସମାଜ ନରାଧମମାନଙ୍କଦ୍ୱାରା ପରିପୂର୍ଣ୍ଣ ହୋଇଯାଏ, ସେତେବେଳେ ଶକ୍ତିଶାଳୀ ଭୂତପ୍ରକୃତି ଏମାନଙ୍କର ତଥାକଥିତ ଶିକ୍ଷାକୁ ପଣ୍ଡ କରିଦିଏ । ଗୀତାର ଶିକ୍ଷା ଅନୁଯାୟୀ ଯେ ବ୍ରାହ୍ମଣ, ଗାଭୀ, ହସ୍ତୀ, ଶ୍ୱାନ ଏବଂ ଚଣ୍ଡାଳଙ୍କୁ ସମଦୃଷ୍ଟିରେ ଦେଖନ୍ତି, ସେ ପ୍ରକୃତରେ ଜ୍ଞାନୀ ବା ପଣ୍ଡିତ ଅଟନ୍ତି । ଏହା ହେଉଛି ଏକ ପ୍ରକୃତ ଭକ୍ତର ଦୃଷ୍ଟି । ଭଗବାନଙ୍କର ଅବତାର ଶ୍ରୀନିତ୍ୟାନନ୍ଦପ୍ରଭୁ ଦୁଇଜଣ ନରାଧମ-ଜଗାଇ ଓ ମାଧାଇ ଦୁଇଭାଇଙ୍କୁ ଅହୈତୁକୀ କୃପା ପ୍ରଦର୍ଶନ କରି ଉଦ୍ଧାର କରିଦେଲେ । କିପରି ପତିତଜନ ଉପରେ ଭକ୍ତର କୃପା ପ୍ରଦର୍ଶନ କରାଯାଇପାରେ, ତାହା ସେ ଦେଖାଇଦେଲେ । ଯେଉଁ ନରାଧମମାନଙ୍କୁ ଭଗବାନ୍ ଏଠାରେ ଘୃଣା କରିଛନ୍ତି, ସେମାନେ ଯଦି ଏକ ଶୁଦ୍ଧ ଭକ୍ତଙ୍କର କୃପାଲାଭ କରନ୍ତି, ତାହାହେଲେ ସେମାନଙ୍କର ଦିବ୍ୟଚେତନା ପୁଣି ଜାଗି ଉଠିବ ।

ଶ୍ରୀ ଚୈତନ୍ୟ ମହାପ୍ରଭୁ ଭାଗବତ ଧର୍ମ ପ୍ରଚାର କରି କହିଯାଇଛନ୍ତି ଯେ ଲୋକମାନେ ବିନୟ ସହକାରେ ଭଗବାନଙ୍କର ବାଣୀ ଶ୍ରବଣ କରିବା ଉଚିତ୍ । ଏ ବାଣୀର ସାର ହେଲା ଭଗବଦଗୀତା । ନରାଧମମାନେ ଏହିପରି ବିନୟ ସହକାରେ ଶ୍ରବଣ କଲେ ମୁକ୍ତି ପାଇପାରିବେ । କିନ୍ତୁ ଦୁର୍ଭାଗ୍ୟର କଥା ସେମାନେ ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି । ଏପରି ସ୍ଥଳେ ଭଗବାନଙ୍କର ଶରଣାପନ୍ନ ହେବା କଥା ବା କ'ଣ କହିବା ? ନରାଧମମାନେ ମାନବର ପରମ କର୍ତ୍ତବ୍ୟ ପ୍ରତି ସଂପୂର୍ଣ୍ଣରୂପେ ଅବହେଳା ପ୍ରଦର୍ଶନ କରନ୍ତି ।

(୩) ତୃତୀୟ ଶ୍ରେଣୀର ଦୁଷ୍କୃତିନମାନଙ୍କୁ ''ମାୟୟାପହୃତ ଜ୍ଞାନ'' ବୋଲି କୁହାଯାଏ । ଏମାନଙ୍କର ଜ୍ଞାନକୁ ମାୟା ଚୋରିକରି ନେଇଛି, ଏମାନଙ୍କର ଜ୍ଞାନ ମାୟାଶକ୍ତି ପ୍ରଭାବରେ ପଣ୍ଡ ହୋଇଯାଇଛି । ସାଧାରଣତଃ ଏମାନେ ବଡ଼ ଜ୍ଞାନୀ ଅଟନ୍ତି ଏମାନେ ବିଶିଷ୍ଟ ଦାର୍ଶନିକ, କବି, ସାହିତ୍ୟିକ ଓ ବୈଜ୍ଞାନିକ ଆଦି ଅଟନ୍ତି, କିନ୍ତୁ ମାୟାଶକ୍ତି ଏମାନଙ୍କୁ ପଥଭ୍ରାନ୍ତ କରି ଦେଇଛି । ଏଇଥିପାଇଁ ଏମାନେ ଭଗବାନଙ୍କୁ ଅମାନ୍ୟ କରିଛନ୍ତି ।

ଆଜିକାଲି ଏମାନଙ୍କର ସଂଖ୍ୟା (ମାୟୟାପହୃତଜ୍ଞାନଙ୍କ ସଂଖ୍ୟା) ଖୁବ୍ ବେଶୀ । ଏପରିକି ଗୀତା ଜାଣିଥିବା ପଣ୍ଡିତମାନଙ୍କ ମଧ୍ୟରେ ଏମାନେ ଅଛନ୍ତି । ଗୀତାରେ ଅତି ସରଳଭାବରେ କୁହାଯାଇଛି ଯେ ଶ୍ରୀକୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍ । ତାଙ୍କ ସହିତ କେହି ସମାନ ନୁହନ୍ତି କିମ୍ବା ତାଙ୍କଠାରୁ କେହି ବଡ଼ ନୁହନ୍ତି । ବ୍ରହ୍ମା ହେଉଛନ୍ତି ସମସ୍ତ ମାନବ ଜାତିର ମୂଳ ପିତା ଏବଂ କୃଷ୍ଣ ହେଉଛନ୍ତି ବ୍ରହ୍ମାଙ୍କର ପିତା । କୁହାଯାଇଛି– କୃଷ୍ଣ ଯେ କେବଳ ବ୍ରହ୍ମାଙ୍କର ପିତା, ତାହା ନୁହେଁ, ସେ ସମସ୍ତ ଜୀବ-ଜଗତର ପିତା । ସେ ନିର୍ବିଶେଷ ବ୍ରହ୍ମ ଓ ପରମାତ୍ମାଙ୍କର ମୂଳ ଅଟନ୍ତି । ପ୍ରତ୍ୟେକଙ୍କ ହୃଦୟରେ ଥିବା ପରମାତ୍ମା ତାଙ୍କର ଅଂଶ ଅଟନ୍ତି । ସେ ସମସ୍ତଙ୍କର ଉଦ୍ଭବସ୍ଥଳ ଅଟନ୍ତି ଏବଂ ସେଇଥିପାଇଁ ପ୍ରତ୍ୟେକେ ତାଙ୍କ ପାଦପଦ୍ମରେ ଆଶ୍ରିତ ହେବାପାଇଁ ଉପଦେଶ ଦିଆଯାଇଛି । ସବୁ କଥା ସତ୍ତ୍ୱେ ''ମାୟୟାପହୃତଜ୍ଞାନ (ବ୍ୟକ୍ତି)ଗଣ'' ପରମପୁରୁଷ ଭଗବାନଙ୍କ ଅବମାନନା କରନ୍ତି ଏବଂ ତାଙ୍କୁ ଏକ ସାଧାରଣ ମାନବ ବୋଲି ବିଚାର କରନ୍ତି । ଭଗବାନଙ୍କର ଶାଶ୍ୱତ ଓ ଦିବ୍ୟ ସତ୍ତା ଅନୁଯାୟୀ ଯେ ଦୁର୍ଲ୍ଲଭ ମାନବଜୀବନ ଗଢ଼ାଯାଇଛି, ଏହା ସେମାନେ ଜାଣନ୍ତି ନାହିଁ ।

ଏ ''ମାୟୟାପହୃତ ଜ୍ଞାନ'' (ବ୍ୟକ୍ତି) ଗଣ ପ୍ରକୃତ ଗୁରୁପରମ୍ପରାରେ ଆସୁନାହାନ୍ତି ।

ଏମାନଙ୍କଦ୍ୱାରା ଯେଉଁ ଗୀତା ପ୍ରଣୟନ କରାଯାଇଛି, ସେଗୁଡ଼ିକ ପ୍ରାମାଣିକ ଭାଷ୍ୟ ନୁହେଁ । ଏସବୁ ଆତ୍ମାନୁଭୂତି ଲାଭମାର୍ଗରେ ଅନେକ ପ୍ରତିବନ୍ଧକ ଅଟନ୍ତି । ଏମାନେ ଭଗବାନ୍ ଶ୍ରୀକୃଷ୍ଣଙ୍କର ପାଦପଦ୍ମରେ ଶରଣ ନିଅନ୍ତି ନାହିଁ, କିମ୍ବା ଅନ୍ୟମାନଙ୍କୁ ଏ ଶିକ୍ଷା ଦିଅନ୍ତି ନାହିଁ ।

(୪) ଶେଷ ଶ୍ରେଣୀର ବା ଚତୁର୍ଥ ଶ୍ରେଣୀର 'ଦୁଷ୍କୃତିନ' ହେଉଛନ୍ତି *''ଅସୁରଂ ଭାବମ୍ ଆଶ୍ରିତ'',* ଅର୍ଥାତ୍ ଅସୁର ସ୍ୱଭାବସଂପନ୍ନ ବ୍ୟକ୍ତି । ଏମାନେ ପରିଷ୍କାର ଭାବରେ ନାସ୍ତିକ ଅଟନ୍ତି । ସେମାନଙ୍କ ମଧ୍ୟରୁ କେହି କେହି ଯୁକ୍ତି କରନ୍ତି ଯେ ଭଗବାନ୍ କେବେହେଲେ ଏ ଧରାଧାମରେ ଅବତୀର୍ଣ୍ଣ ହୋଇପାରିବେ ନାହିଁ, କିନ୍ତୁ ଏହାର କୌଣସି ଯୁକ୍ତି ଯୁକ୍ତ କାରଣ ସେମାନେ ଦର୍ଶାଇ ପାରନ୍ତି ନାହିଁ । ଆଉ କେତେକ ଅଛନ୍ତି, ଯେଉଁମାନେ କହନ୍ତି, ସେ ଭଗବାନ୍ (କୃଷ୍ଣ) ହେଉଛନ୍ତି ନିର୍ବିଶେଷ ବ୍ରହ୍ମର ଅଧୀନ, କିନ୍ତୁ ଗୀତାରେ ଓଲଟା କୁହାଯାଇଛି, ଅର୍ଥାତ୍ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି, ନିର୍ବିଶେଷ ବ୍ରହ୍ମ ତାଙ୍କଠାରେ ଆଶ୍ରିତ ଅଟେ । ଏ ନାସ୍ତିକଗଣ ପରମପୁରୁଷ ଭଗବାନଙ୍କୁ ଈର୍ଷା କରନ୍ତି । ସେମାନେ ସେମାନଙ୍କ ମନଗଢ଼ା ଅନେକ ଅବୈଧ ଅବତାର ସୃଷ୍ଟି କରନ୍ତି ଏବଂ ସେଗୁଡ଼ିକୁ ଭଗବାନଙ୍କର ଅବତାର ବୋଲି କହନ୍ତି । ଏମାନଙ୍କର ନୀତି ହେଲା ଭଗବାନଙ୍କୁ ନିନ୍ଦା କରିବା । ଏମାନେ କଦାପି ଭଗବାନ୍ ଶ୍ରୀକୃଷ୍ଣଙ୍କର ପାଦପଦ୍ମରେ ଶରଣ ନେଇ ପାରିବେ ନାହିଁ ।

ଦକ୍ଷିଣଭାରତର ଶ୍ରୀଯମୁନାଚାର୍ଯ୍ୟ ଅଲବନ୍ଦ୍ର କହିଛନ୍ତି, ''ହେ ଭଗବାନ୍ ! ଆପଣ ନାସ୍ତିକମାନଙ୍କର ଅଗମ୍ୟ । ଆପଣଙ୍କର ଲୀଳା, ଗୁଣ ଓ ସ୍ୱଭାବ ଅସାଧାରଣ ଅଟେ । ସମସ୍ତ ପ୍ରାମାଣିକ ଗ୍ରନ୍ଥମାନଙ୍କରେ ଆପଣଙ୍କୁ ଭଗବାନ୍ ବୋଲି କୁହାଯାଇଛି । ଆପଣ ଶୁଦ୍ଧ ସତ୍ତ୍ୱ ସ୍ତରରେ ଅବସ୍ଥିତ ଭଗବାନ୍ ଅଟନ୍ତି । ଏହା ସମସ୍ତ ବୈଦିକଶାସ୍ତ୍ରରେ କୁହାଯାଇଛି । ଭଗବଦ୍ ବିଜ୍ଞାନ ବା ଆପଣଙ୍କ ତତ୍ତ୍ୱ ଜାଣିଥିବା ଦୈବଗୁଣର ଅଧିକାରୀ ହୋଇଥିବା ପ୍ରସିଦ୍ଧ ଜ୍ଞାନୀ, ଯୋଗୀ, ଋଷି, ମୁନିଗଣ ଆପଣଙ୍କୁ ଭଗବାନ୍ ବୋଲି ସ୍ୱୀକାର କରି ଯାଇଛନ୍ତି । ଏସବୁ ସତ୍ତ୍ୱେ ଏ ନାସ୍ତିକଗଣ ଆପଣଙ୍କୁ ଜାଣିପାରନ୍ତି ନାହିଁ ।

ତେଣୁ (୧) ଗଣ୍ଡମୂର୍ଖଗଣ (୨) ନରାଧମଗଣ (୩) ମାୟୟାପହୃତଜ୍ଞାନ (ବ୍ୟକ୍ତି)ଗଣ ଏବଂ (୪) ଅସୁର ସ୍ୱଭାବସଂପନ୍ନ ନାସ୍ତିକଗଣ (ଯାହାସବୁ ଉପରେ କୁହାଗଲା) ସମସ୍ତପ୍ରକାର ଶାସ୍ତ୍ରପ୍ରମାଣ, ସାଧୁସନ୍ଥ ଆଚାର୍ଯ୍ୟମାନଙ୍କର ପ୍ରମାଣ ସତ୍ତ୍ୱେ ପରମପୁରୁଷ ଭଗବାନଙ୍କର ପାଦପଦ୍ମରେ କେବେହେଲେ ଶରଣ ନିଅନ୍ତି ନାହିଁ ।

## ଶ୍ଲୋକ - ୧୬

**ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ ।**
**ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ।।୧୬।।**

## ଶବ୍ଦାନୁବାଦ

ଚତୁର୍ବିଧାଃ=ଚାରିପ୍ରକାର; ଭଜନ୍ତେ=ଭଜନ କରନ୍ତି (ବା ସେବା କରନ୍ତି); ମାମ୍=ମୋତେ; ଜନାଃ=ଲୋକମାନେ; ସୁକୃତିନଃ=ଯେଉଁମାନେ ଧାର୍ମିକ (ସୁକୃତିବାନ୍); ଅର୍ଜୁନ=ହେ ଅର୍ଜୁନ; ଆର୍ତ୍ତଃ=ପୀଡ଼ିତ; ଜିଜ୍ଞାସୁଃ=ଜିଜ୍ଞାସୁ (ଯେ ଜାଣିବାକୁ ଇଚ୍ଛାକରେ); ଅର୍ଥ-ଅର୍ଥୀ=ଯେ ଅର୍ଥ ଇଚ୍ଛାକରେ

(ଯେ ଭୌତିକ ଲାଭ ଇଚ୍ଛାକରେ); ଜ୍ଞାନୀ=ଜ୍ଞାନୀ (ଅର୍ଥାତ୍ ଯେ ସମସ୍ତ ବିଷୟବସ୍ତୁର ସ୍ୱରୂପ ଜାଣେ); ଚ=ମଧ୍ୟ; ଭରତର୍ଷଭ=ହେ ଭରତଶ୍ରେଷ୍ଠ ।

## ଅନୁବାଦ

**ହେ ଭରତ ଶ୍ରେଷ୍ଠ (ଅର୍ଜୁନ) ! ଚାରିପ୍ରକାର ଧାର୍ମିକ ଲୋକ ମୋର ଭଜନ କରନ୍ତି ବା ସେବା କରନ୍ତି । ସେମାନେ ହେଉଛନ୍ତି—ଆର୍ତ୍ତ (ଦୁଃଖ ବା ବିପଦରେ ପଡ଼ିଥିବା ବ୍ୟକ୍ତି), ଧନ କାମନା କରୁଥିବା ବ୍ୟକ୍ତି, ଜିଜ୍ଞାସୁ ଏବଂ ଜ୍ଞାନୀ (ଅର୍ଥାତ୍ ଯେ ଭଗବାନ୍‌ଙ୍କ ସମ୍ବନ୍ଧରେ ଜାଣିବାକୁ ଇଚ୍ଛା କରୁଛି) ।**

## ଭାବାର୍ଥ

ଏମାନେ *'ଦୁଷ୍କୃତିନ'* ନୁହନ୍ତି, ଏମାନେ *'ସୁକୃତିନ'*; ଏମାନେ ଶାସ୍ତ୍ର ନିର୍ଦ୍ଦେଶ ମାନନ୍ତି । ଶାସ୍ତ୍ର ନିର୍ଦ୍ଦେଶ, ନୈତିକ ତଥା ସାମାଜିକ ବିଧି-ବିଧାନ ମାନନ୍ତି ଏବଂ ଅଳ୍ପ ବହୁତେ ଭଗବାନଙ୍କର ଭକ୍ତ ଅଟନ୍ତି । ଏମାନଙ୍କ ମଧ୍ୟରେ ଚାରିଶ୍ରେଣୀର ଲୋକ ଅଛନ୍ତି, ଯଥା- ଯେଉଁମାନେ ଆର୍ତ୍ତ ଅର୍ଥାତ୍ ଦୁଃଖୀ ଭୋଗ କରୁଥା'ନ୍ତି, ଯେଉଁମାନେ କିଛି ଅର୍ଥ ଆବଶ୍ୟକ କରୁଥା'ନ୍ତି, ଯେଉଁମାନେ ଭଗବାନଙ୍କ ସମ୍ବନ୍ଧରେ ଜାଣିବାକୁ ଇଚ୍ଛା କରୁଥା'ନ୍ତି ଏବଂ ଯେଉଁମାନେ ଭଗବାନଙ୍କ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିବାକୁ ଇଚ୍ଛା କରୁଥାନ୍ତି । ଏମାନେ ବିଭିନ୍ନ ସର୍ତ୍ତ ନେଇ ଭଗବାନଙ୍କର ସେବା କରିବାକୁ ଆସନ୍ତି । ଏମାନେ ଶୁଦ୍ଧ ଭକ୍ତ ନୁହନ୍ତି, କାରଣ ଏମାନେ ଭଗବାନଙ୍କ ସେବାକରି ତା'ବଦଳରେ କିଛି କାମନା ଚରିତାର୍ଥ କରିବାକୁ ଇଚ୍ଛା କରନ୍ତି । ଶୁଦ୍ଧଭକ୍ତି କହିଲେ, ସେଥିରେ କୌଣସି ପ୍ରକାର କାମନା ନଥାଏ । ସେଥିରେ ଭକ୍ତ କୌଣସିପ୍ରକାର ଭୌତିକ ଲାଭ ଆଶା ରଖେନାହିଁ । ଭକ୍ତିରସାମୃତ ସିନ୍ଧୁରେ ଶୁଦ୍ଧ ଭକ୍ତି ସମ୍ବନ୍ଧରେ ନିମ୍ନମତେ କୁହାଯାଇଛି ।

*''ଅନ୍ୟାଭିଳାଷିତାଶୂନ୍ୟଂ ଜ୍ଞାନ-କର୍ମାଦି-ଅନାବୃତମ୍ ।*
*ଆନୁକୂଲ୍ୟେନ କୃଷ୍ଣାନୁଶୀଳନଂ ଭକ୍ତିର୍ ଉତ୍ତମା ।।''*

ଅର୍ଥାତ୍—''ବିନା ସର୍ତ୍ତରେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ସେବାରେ ନିଯୁକ୍ତ ହେବା ଉଚିତ୍ । ଯାହା କୃଷ୍ଣଙ୍କର ଅନୁକୂଳ ସେହି ସେବାହିଁ କରିବା ଉଚିତ୍, ସକାମକର୍ମ କିମ୍ବା ଦାର୍ଶନିକର କଳ୍ପନା ବିଳାସ (ମନୋଧର୍ମ) ଜରିଆରେ କୃଷ୍ଣସେବାରୁ କୌଣସି ପ୍ରକାର ଭୌତିକ ଲାଭ ଉଠାଇବାକୁ ଇଚ୍ଛା କରିବା ଉଚିତ ନୁହେଁ । ଏହାକୁ ଶୁଦ୍ଧ ଭକ୍ତି କୁହାଯାଏ ।''

ଯେତେବେଳେ ଏ ଚାରିପ୍ରକାର ବ୍ୟକ୍ତି ସେବାରେ ନିଯୁକ୍ତ ହେବା ନିମିତ୍ତ ଭଗବାନ୍‌ଙ୍କ ନିକଟକୁ ଆସନ୍ତି ଏବଂ ଏକ ଶୁଦ୍ଧ ଭକ୍ତଙ୍କର ସଂସ୍ପର୍ଶରେ ଆସି ସଂପୂର୍ଣ୍ଣରୂପେ ବିଶୁଦ୍ଧ ହୋଇଯା'ନ୍ତି ସେତେବେଳେ ଏ ଦୁଷ୍କୃତିମାନଙ୍କ ପକ୍ଷରେ ଭକ୍ତିଯୋଗ (ବା ଭଗବାନଙ୍କ ସେବାରେ ନିଯୁକ୍ତ ହେବା) କଷ୍ଟକର ବ୍ୟାପାର ଅଟେ, କାରଣ ସେମାନଙ୍କର ଜୀବନ ଅସଂଯତ, ଅନିୟମିତ, ସ୍ୱାର୍ଥପର ଏବଂ ଆତ୍ମାନୁଭୂତି ଲାଭ କରିବା ଲକ୍ଷ୍ୟ ସେମାନଙ୍କର ନଥାଏ, କିନ୍ତୁ ଦୈବଯୋଗେ ସେମାନଙ୍କ ମଧ୍ୟରୁ ଯଦି କେହି କେହି ଏକ ଶୁଦ୍ଧ ଭକ୍ତଙ୍କର ସଂସ୍ପର୍ଶରେ ଆସିଯା'ନ୍ତି, ତେବେ ସେମାନେ ମଧ୍ୟ ଶୁଦ୍ଧ ଭକ୍ତ ହୋଇଯା'ନ୍ତି ।

ଯେଉଁମାନେ ସର୍ବଦା ସକାମ କର୍ମରେ ଲିପ୍ତଥା'ନ୍ତି କିନ୍ତୁ ଏ ଭୌତିକ ଜଗତରେ ଦୁଃଖ ଦୁର୍ବିପାକରେ ପ୍ରପୀଡ଼ିତ ହୋଇ ଭଗବାନଙ୍କ ନିକଟକୁ ଆସନ୍ତି ଏବଂ ତତ୍ ସଙ୍ଗେ ସଙ୍ଗେ ଶୁଦ୍ଧ

ଭକ୍ତଙ୍କର ସଙ୍ଗଲାଭ କରନ୍ତି, ସେମାନେ ସେହି ଦୁଃଖରେ ଭଗବାନଙ୍କର ଭକ୍ତ ହୋଇଯା'ନ୍ତି। ଯେଉଁମାନେ ଜୀବନରେ ହତାଶ ହେଉଛନ୍ତି ସେମାନେ ମଧ୍ୟ ବେଳେବେଳେ ଶୁଦ୍ଧ ଭକ୍ତଙ୍କର ସଙ୍ଗଲାଭ କରିବା ନିମିତ୍ତ ଆସିଯା'ନ୍ତି ଏବଂ ଭଗବାନଙ୍କ ସମ୍ବନ୍ଧରେ ଜାଣିବାପାଇଁ ଖୁବ୍ ଆଗ୍ରହୀ ହୋଇ ଉଠନ୍ତି। ଠିକ୍ ସେହିପରି, ଯେତେବେଳେ ଶୁଷ୍କ-ତାର୍କିକ-ଦାର୍ଶନିକଗଣ ଶୁଷ୍କ ମନନ କରିକରି ଜ୍ଞାନମାର୍ଗରେ ହତାଶ ହୁଅନ୍ତି, ସେତେବେଳେ ସେମାନେ ମଧ୍ୟ ବେଳେବେଳେ ଭଗବାନଙ୍କ ସମ୍ବନ୍ଧରେ ଜାଣିବାକୁ ଇଚ୍ଛା କରନ୍ତି ଏବଂ ସେବା କରିବା ନିମିତ୍ତ ଭଗବାନଙ୍କ ନିକଟକୁ ଆସନ୍ତି। ଏହିପରି ଭାବରେ ସେମାନେ ନିର୍ବିଶେଷ ବ୍ରହ୍ମ-ଜ୍ଞାନ ଏବଂ ପ୍ରାଦେଶ ପରିମିତ ପୁରୁଷ ଅର୍ଥାତ୍ ପରମାତ୍ମା ଜ୍ଞାନର ଊର୍ଦ୍ଧ୍ୱକୁ ଯା'ନ୍ତି ଏବଂ ଭଗବାନଙ୍କ କୃପା କିମ୍ବା ତାଙ୍କର ଶୁଦ୍ଧ ଭକ୍ତଙ୍କର କୃପାଲାଭ କରି ଭଗବାନଙ୍କ ସମ୍ବନ୍ଧରେ ଧାରଣା କରି ପାରନ୍ତି। ଅର୍ଥାତ୍ ବର୍ତ୍ତମାନ ଆମେ ଏହାହିଁ କହିପାରିବା ଯେ ଯେତେବେଳେ ଏ ଚାରିପ୍ରକାର ବ୍ୟକ୍ତି-ଆର୍ତ୍ତ, ଜିଜ୍ଞାସୁ, ଜ୍ଞାନୀ ଏବଂ ଅର୍ଥପିପାସୁ-ସମସ୍ତ ପ୍ରକାର ଭୌତିକ କାମନାରୁ ମୁକ୍ତ ହୋଇଯା'ନ୍ତି ଏବଂ ଯେତେବେଳେ ସେମାନେ ଭଲ ଭାବରେ ଜାଣି ପାରନ୍ତି ଯେ ଭୌତିକ ଲାଭ କୌଣସି ପ୍ରକାରେ ଆତ୍ମାନୁଭୂତି ଲାଭ ଦିଗରେ ସହାୟକ ହୋଇ ପାରିବ ନାହିଁ, ସେତେବେଳେ ସେମାନେ ଶୁଦ୍ଧ ଭକ୍ତ ହୋଇ ଯା'ନ୍ତି । ଯେପର୍ଯ୍ୟନ୍ତ ସେମାନେ ଏ ପ୍ରକାର ଶୁଦ୍ଧସ୍ତରରେ ନ ପହଞ୍ଚିଛନ୍ତି, ସେପର୍ଯ୍ୟନ୍ତ ସେମାନେ ସକାମ କର୍ମର ଫଳ ଭୋଗ କରୁଥା'ନ୍ତି ଏବଂ ଭୌତିକ ଜ୍ଞାନ ଆହରଣ ଦିଗରେ ପ୍ରୟାସୀ ହୋଇଥା'ନ୍ତି। ତେଣୁ ଏ ବ୍ୟକ୍ତି ଶୁଦ୍ଧ ଭକ୍ତିଯୋଗ ସ୍ତରକୁ ଆସିବା ପୂର୍ବରୁ ଏ ସବୁକୁ ଅତିକ୍ରମ କରିବା ଉଚିତ ।

## ଶ୍ଲୋକ - ୧୭

**ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ ଏକଭକ୍ତିର୍ବିଶିଷ୍ୟତେ ।**
**ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ ସ ଚ ମମ ପ୍ରିୟଃ ।।୧୭।।**

## ଶବ୍ଦାନୁବାଦ

ତେଷାମ୍=ସେମାନଙ୍କ ମଧ୍ୟରେ; ଜ୍ଞାନୀ=ଯେ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୋଇଛି; ନିତ୍ୟ-ଯୁକ୍ତଃ= ନିତ୍ୟଯୁକ୍ତ, ସର୍ବଦା ନିଯୁକ୍ତ; ଏକ=ଏକମାତ୍ର; ଭକ୍ତିଃ=ଭକ୍ତି; ବିଶିଷ୍ୟତେ=ପ୍ରଧାନ ଅଟେ; ପ୍ରିୟଃ=ଅତ୍ୟନ୍ତ ପ୍ରିୟ; ହି=ନିଶ୍ଚିତଭାବେ; ଜ୍ଞାନିନଃ=ଜ୍ଞାନୀମାନଙ୍କର; ଅତ୍ୟର୍ଥମ୍=ଅତ୍ୟନ୍ତ; ଅହମ୍=ମୁଁ; ସଃ=ସେ; ଚ=ମଧ୍ୟ; ମମ=ମୋର; ପ୍ରିୟଃ=ପ୍ରିୟ ।

## ଅନୁବାଦ

**ଏମାନଙ୍କ ମଧ୍ୟରେ ଯେ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୋଇଥାଏ, ଅର୍ଥାତ୍ ଜ୍ଞାନୀ, ଯେ କି ସର୍ବଦା ଶୁଦ୍ଧ ଭକ୍ତିଯୋଗରେ ମୋ ସହିତ ଯୁକ୍ତ ହୋଇଥାଏ, ସେ ସର୍ବୋତ୍ତମ ଅଟେ। କାରଣ ମୁଁ ତା'ର ଅତି ପ୍ରିୟ ଏବଂ ସେ ମୋର ଅତି ପ୍ରିୟ ଅଟେ।**

## ଭାବାର୍ଥ

ଆର୍ତ୍ତ, ଅର୍ଥାର୍ଥୀ, ଜିଜ୍ଞାସୁ ଏବଂ ଜ୍ଞାନୀ (ଭଗବାନଙ୍କ ସମ୍ବନ୍ଧରେ ଯେ ଜାଣିବାକୁ ଆଗ୍ରହୀ)– ଏମାନେ ସମସ୍ତେ ଯେତେବେଳେ ସମସ୍ତ ପ୍ରକାର ଭୌତିକ କାମନାରୁ ମୁକ୍ତ ହୋଇଯିବେ,

ସେତେବେଳେ ଶୁଦ୍ଧଭକ୍ତ ହୋଇ ପାରିବେ । କିନ୍ତୁ ସେମାନଙ୍କ ମଧ୍ୟରୁ ଯେ ଜ୍ଞାନୀ, ଅର୍ଥାତ୍ ଯେ ଭଗବାନଙ୍କ ସମ୍ବନ୍ଧରେ କିଛି ଜ୍ଞାନଲାଭ କରିଛି ଏବଂ ତା'ର କୌଣସି ପ୍ରକାର ଭୌତିକ କାମନା ନାହିଁ, ସେ ବାସ୍ତବରେ ଭଗବାନଙ୍କର ଜଣେ ଶୁଦ୍ଧ ଭକ୍ତ ଅଟେ । ଏ ଚାରିପ୍ରକାର ଭକ୍ତଙ୍କ ମଧ୍ୟରୁ ଯେଉଁ ଭକ୍ତ ପୂର୍ଣ୍ଣଜ୍ଞାନରେ ଅଛି ଏବଂ ତତ୍ ସଙ୍ଗେ ସଙ୍ଗେ ଭଗବାନଙ୍କର ସେବାରେ ନିଯୁକ୍ତ ହୋଇଯାଇଛି, ସେ ସର୍ବୋତ୍ତମ ଅଟେ । ଏହା ଭଗବାନଙ୍କର ମତ । ଜ୍ଞାନାନୁଶୀଳନ କରି ଜ୍ଞାନୀ କ୍ରମେ ଜାଣିପାରେ ଯେ ତା'ର ଆତ୍ମା ଏ ଜଡ଼ ଶରୀରଠାରୁ ଭିନ୍ନ ଅଟେ ଏବଂ ସେ ଯେତେବେଳେ ଅଧିକ ଉନ୍ନତି କରେ ସେତେବେଳେ ସେ ନିର୍ବିଶେଷ ବ୍ରହ୍ମ ଓ ପରମାତ୍ମାଙ୍କ ସମ୍ବନ୍ଧରେ ଜାଣିପାରେ । ଯେତେବେଳେ ସେ ସଂପୂର୍ଣ୍ଣରୂପେ ବିଶୁଦ୍ଧ ହୋଇଯାଏ, ସେତେବେଳେ ସେ ତା'ର ସ୍ୱରୂପସ୍ଥିତି କଥା; ଅର୍ଥାତ୍ ସେ ଯେ ନିତ୍ୟ କୃଷ୍ଣଦାସ—ଏହା ଜାଣିପାରେ । ତେଣୁ ଶୁଦ୍ଧଭକ୍ତଙ୍କର ସଙ୍ଗଲାଭ କରି ଆର୍ତ୍ତ, ଅର୍ଥାର୍ଥୀ, ଜିଜ୍ଞାସୁ ଓ ଜ୍ଞାନୀ—ଏମାନେ ସମସ୍ତେ ଶୁଦ୍ଧଭକ୍ତ ହୋଇ ଯା'ନ୍ତି, କିନ୍ତୁ ପ୍ରାଥମିକ ସ୍ତରରେ ଯେଉଁ ଭକ୍ତ ଭଗବାନଙ୍କ ସମ୍ବନ୍ଧରେ ପୂର୍ଣ୍ଣଜ୍ଞାନ ଲାଭ କରିଥାଏ ଏବଂ ତତ୍ ସଙ୍ଗେ ସଙ୍ଗେ ଭଗବାନଙ୍କର ସେବାରେ ନିଯୁକ୍ତ ହୋଇଥାଏ, ସେ ଭଗବାନଙ୍କର ଅତିପ୍ରିୟ ଅଟେ । ଯେ ଭଗବାନଙ୍କ ସମ୍ବନ୍ଧରେ ଶୁଦ୍ଧ ଜ୍ଞାନଲାଭ କରିଛି ବା ଶୁଦ୍ଧ ଜ୍ଞାନ ସ୍ତରରେ ଅଛି ସେ ଏପରି ସୁରକ୍ଷିତ ଯେ ଭୌତିକ ଦୋଷ ତାକୁ ସ୍ପର୍ଶ କରି ପାରିବ ନାହିଁ ।

## ଶ୍ଲୋକ - ୧୮

**ଉଦାରାଃ ସର୍ବେ ଏବୈତେ ଜ୍ଞାନୀ ତ୍ୱାତ୍ମୈବ ମେ ମତମ୍ ।**
**ଆସ୍ଥିତଃ ସ ହି ଯୁକ୍ତାତ୍ମା ମାମେବାନୁତ୍ତମାଂ ଗତିମ୍ ।। ୧୮ ।।**

## ଶବ୍ଦାନୁବାଦ

ଉଦାରାଃ=ଉଦାର ପ୍ରକୃତିର; ସର୍ବେ=ସମସ୍ତେ; ଏବ=ନିଶ୍ଚିତଭାବେ; ଏତେ=ଏମାନେ; ଜ୍ଞାନୀ=ଜ୍ଞାନୀ (ଯେ ଜ୍ଞାନରେ ଅଛି); ତୁ=କିନ୍ତୁ; ଆତ୍ମା ଏବ=ମୋ ପରି; ମେ=ମୋର; ମତମ୍=ଅଭିମତ; ଆସ୍ଥିତଃ=ଅବସ୍ଥିତ; ସଃ=ସେ; ହି=ନିଶ୍ଚିତଭାବେ; ଯୁକ୍ତ-ଆତ୍ମା=ସେବାରେ ନିଯୁକ୍ତ; ମାମ୍=ମୋ ପ୍ରତି; ଏବ=ନିଶ୍ଚିତଭାବେ; ଅନୁତ୍ତମାମ୍=ପରମଗତି; ଗତିମ୍=ଗତି ।

## ଅନୁବାଦ

**ଏ ସମସ୍ତ ଭକ୍ତ ନିଃସନ୍ଦେହ ଭାବରେ ବଡ଼ ଉଦାର ପ୍ରକୃତିର ଅଟନ୍ତି; କିନ୍ତୁ ସେମାନଙ୍କ ମଧ୍ୟରୁ ଯେଉଁ ଭକ୍ତ ମୋ ସମ୍ବନ୍ଧରେ ଜ୍ଞାନଲାଭ କରି ଜ୍ଞାନ ସ୍ତରରେ ରହିଛି ସେ ମୋ'ଠାରେ ରହିଛି ବୋଲି ମୁଁ ବିଚାର କରେ । ସେ ମୋର ଦିବ୍ୟ ସେବାରେ ନିଯୁକ୍ତ ହୋଇଥିବା ଯୋଗୁଁ ସେ ମୋତେ ପ୍ରାପ୍ତ ହୁଏ ।**

## ଭାବାର୍ଥ

କଥା ଏପରି ନୁହେଁ ଯେ ଯେଉଁ ଭକ୍ତଗଣ ପୂର୍ଣ୍ଣଜ୍ଞାନ ଲାଭ ନ କରିଛନ୍ତି, ସେମାନେ ଭଗବାନଙ୍କର ପ୍ରିୟ ନୁହନ୍ତି । ଭଗବାନ କହୁଛନ୍ତି, ଏମାନେ ସମସ୍ତେ ଉଦାର, କାରଣ ଯେକୌଣସି ଉଦ୍ଦେଶ୍ୟ

ନେଇ ଭଗବାନଙ୍କ ପାଖକୁ ଆସୁନା କାହିଁକି ସେ ଜଣେ ମହାତ୍ମା ଅଟେ । ଯେଉଁ ଭକ୍ତମାନେ ଭଗବାନଙ୍କର ସେବାକରି କିଛି ଲାଭ ପାଇବାକୁ ଇଚ୍ଛା କରନ୍ତି, ସେମାନଙ୍କୁ ମଧ୍ୟ ସେ ଗ୍ରହଣ କରନ୍ତି, କାରଣ ଭଗବାନ୍ ଓ ଭକ୍ତଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ ଅଛି । ସେହି ଭାବ ବା ସ୍ନେହବଶତଃ ସେମାନେ ଭଗବାନଙ୍କୁ କିଛି ଭୌତିକ ଲାଭ ମାଗନ୍ତି ଏବଂ ସେମାନେ ଯେତେବଳେ ତାହା ପା'ନ୍ତି, ସେତେବେଳେ ସେମାନେ ଏତେ ଖୁସି ହୁଅନ୍ତି, ଯେ ସେମାନେ ଭକ୍ତି ଯୋଗ ମାର୍ଗରେ ମଧ୍ୟ ଅଗ୍ରଗତି କରନ୍ତି । କିନ୍ତୁ ଯେଉଁ ଭକ୍ତ ପୂର୍ଣ୍ଣଜ୍ଞାନରେ ଅଛି, ସେ ଭଗବାନଙ୍କର ଅତି ପ୍ରିୟ ବୋଲି ବିବେଚିତ ହୁଏ, କାରଣ ତା'ର ଏକମାତ୍ର ଉଦ୍ଦେଶ୍ୟ ହେଉଛି ପ୍ରେମ ଓ ଭକ୍ତିରେ ଭଗବାନଙ୍କର ସେବା କରିବା । ଏ ପ୍ରକାର ଭକ୍ତ ଏକ ସେକେଣ୍ଡ ବା ମୁହୂର୍ତ୍ତ ସୁଦ୍ଧା ଭଗବାନଙ୍କଠାରୁ ବିଯୁକ୍ତ ହୋଇପାରେ ନାହିଁ । ଠିକ୍ ସେହିପରି ଭଗବାନ୍ ମଧ୍ୟ ତାଙ୍କ ଭକ୍ତଙ୍କର ଅତି ପ୍ରିୟ ଏବଂ ସେ ବି ସେମାନଙ୍କଠାରୁ ଦୂରେଇ ଯା'ନ୍ତି ନାହିଁ । ଶ୍ରୀମଦ୍ ଭାଗବତମ୍ (୯-୪-୫୭)ରେ ଭଗବାନ୍ କହିଛନ୍ତି–

*''ଅହଂ ଭକ୍ତ-ପରାଧୀନୋ ହି ଅସ୍ୱତନ୍ତ୍ର ଇବ ଦ୍ୱିଜ ।*
*ସାଧୁଭିର୍ଗ୍ରସ୍ତ-ହୃଦୟୋ ଭକ୍ତୈର୍ଭକ୍ତ-ଜନ-ପ୍ରିୟଃ ।।''*

ଅର୍ଥାତ୍–''ଭକ୍ତଗଣ ସର୍ବଦା ମୋର ହୃଦୟରେ ଥା'ନ୍ତି ଏବଂ ମୁଁ ମଧ୍ୟ ଭକ୍ତମାନଙ୍କର ହୃଦୟରେ ଥାଏ । ଭକ୍ତ ମୋ ଛଡ଼ା ଆଉକିଛି ଜାଣେ ନାହିଁ ଏବଂ ମୁଁ ମଧ୍ୟ ଭକ୍ତକୁ ଭୁଲିପାରେ ନାହିଁ । ଶୁଦ୍ଧଭକ୍ତ ଓ ମୋ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ଅଛି । ଯେଉଁ ଶୁଦ୍ଧ ଭକ୍ତଗଣ ପୂର୍ଣ୍ଣଜ୍ଞାନରେ ଥା'ନ୍ତି ସେମାନେ କଦାପି ମୋ'ଠାରୁ ଦୂରେଇ ଯା'ନ୍ତି ନାହିଁ ଏବଂ ସେଇଥିପାଇଁ ସେମାନେ ମୋର ଅତ୍ୟନ୍ତ ପ୍ରିୟ ।''

## ଶ୍ଳୋକ - ୧୯

**ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ ମାଂ ପ୍ରପଦ୍ୟତେ ।**
**ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ ।। ୧୯ ।।**

## ଶବ୍ଦାନୁବାଦ

ବହୂନାମ୍=ଅନେକ; ଜନ୍ମନାମ୍=ଜନ୍ମ; ଅନ୍ତେ=ପରେ; ଜ୍ଞାନବାନ୍=ଜ୍ଞାନବାନ୍ ଅର୍ଥାତ୍ ଯେ ଜ୍ଞାନ ଅର୍ଜନ କରିଛି; ମାମ୍=ମୋତେ; ପ୍ରପଦ୍ୟତେ=ଶରଣରେ ଆସେ; ବାସୁଦେବଃ= ସମସ୍ତ କାରଣର କାରଣ; ସର୍ବମ୍=ସବୁ; ଇତି=ଏହିପରି; ସଃ=ସେ; ମହାତ୍ମା=ମହାତ୍ମା; ସୁଦୁର୍ଲଭଃ=ଅତ୍ୟନ୍ତ ଦୁର୍ଲ୍ଲଭ ।

## ଅନୁବାଦ

**ଯେ ପ୍ରକୃତରେ ଜ୍ଞାନସ୍ତରରେ ଅଛି (ଜ୍ଞାନବାନ୍)ସେ ବହୁତ ଜନ୍ମପରେ ଅର୍ଥାତ୍ ଅନେକବାର ଜନ୍ମ-ମୃତ୍ୟୁ ଚକ୍ରରେ ଘୂରିଲାପରେ ମୋତେ ସବୁ କାରଣର କାରଣ ବୋଲି ଜାଣି ମୋର ଶରଣରେ ଆସେ । ଏ ପ୍ରକାର ମହାତ୍ମା ଅତ୍ୟନ୍ତ ଦୁର୍ଲ୍ଲଭ ।**

## ଭାବାର୍ଥ

ଜୀବ ବହୁତ ବର୍ଷ ଧରି ଅର୍ଥାତ୍ ଅନେକ ଜନ୍ମ ଜନ୍ମାନ୍ତର ଧରି ଭଗବାନଙ୍କ ସେବା କଲାପରେ କିମ୍ବା ବୈଦିକ ବ୍ରତ ବିଧିବିଧାନ ପାଳନ କଲାପରେ ପ୍ରକୃତ ଦିବ୍ୟଜ୍ଞାନ ସ୍ତରକୁ ଆସିପାରେ ଏବଂ ଜାଣିପାରେ ଯେ ପରମପୁରୁଷ ଭଗବାନ୍ ହିଁ ହେଉଛନ୍ତି ଦିବ୍ୟାନୁଭୂତି ଲାଭର ଅନ୍ତିମ ଲକ୍ଷ୍ୟ । ଆତ୍ମାନୁଭୂତି ଲାଭର ପ୍ରାଥମିକ ଅବସ୍ଥାରେ, ବ୍ୟକ୍ତି ଯେତେବେଳେ ଭୌତିକ ସମ୍ବନ୍ଧ ବା ଆସକ୍ତି ତୁଟାଇବାକୁ ଚେଷ୍ଟା କରୁଥାଏ, ସେତେବେଳେ ସେ ନିର୍ବିଶେଷବାଦ ଆଡ଼କୁ ଢ଼ଳିବାର କେତେକ ଆଶଙ୍କା ଥାଏ, କିନ୍ତୁ ଯେତେବେଳେ ସେ, ସେ ମାର୍ଗରେ (ଆତ୍ମାନୁଭୂତି ଲାଭ ମାର୍ଗରେ) ଅଧିକ ଅଗ୍ରଗତି କରେ ସେତେବେଳେ ସେ ବୁଝିପାରେ ଯେ ଏ ମାର୍ଗରେ ମଧ୍ୟ କର୍ମ କରିବାର ଅଛି ଏବଂ ଏ କର୍ମ ହେଉଛି ଭଗବତ୍ ସେବା । ଯେତେବେଳେ ସେ ଏହା ଜାଣିପାରେ, ସେତେବେଳେ ସେ ପରମ ପୁରୁଷ ଭଗବାନଙ୍କ ପ୍ରତି ଆସକ୍ତ ହୁଏ ଏବଂ ତାଙ୍କର ଶରଣରେ ଆସେ । ସେତେବେଳେ ସେ ବୁଝିପାରେ ଯେ ଭଗବାନ୍ ଶ୍ରୀକୃଷ୍ଣଙ୍କର କୃପା ହିଁ ସବୁ ଏବଂ ସେ ସମସ୍ତ କାରଣର କାରଣ ଏବଂ ଏ ଭୌତିକ ପ୍ରକାଶ ତାଙ୍କଠାରୁ ସ୍ୱତନ୍ତ୍ର ନୁହେଁ । ସେ ମଧ୍ୟ ଏହା ଜାଣିପାରେ ଯେ ଏ ଭୌତିକ ଜଗତ ଦିବ୍ୟଜଗତର ଏକ ଓଲଟା ପ୍ରତିଛବି ଏବଂ ପ୍ରତ୍ୟେକଟିରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଏକ ସମ୍ବନ୍ଧ ଅଛି । ଏହିପରି ଭାବରେ ସେ ସବୁକୁ ବାସୁଦେବ ବା କୃଷ୍ଣଙ୍କର ସମ୍ବନ୍ଧରେ ଚିନ୍ତାକରେ । ସବୁଠାରେ ବାସୁଦେବଙ୍କୁ ଦେଖିବା ଦ୍ୱାରା ଅର୍ଥାତ୍ ଏହିପରି ବାସୁଦେବଙ୍କର ବିଶ୍ୱରୂପ ଦର୍ଶନରେ ଭକ୍ତ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଜୀବନର ପରମଗତି ବୋଲି ଜାଣି ତାଙ୍କ ପାଦପଦ୍ମରେ ସଂପୂର୍ଣ୍ଣରୂପେ ଆତ୍ମସମର୍ପଣ କରେ । ଏ ପ୍ରକାର ପୂର୍ଣ୍ଣ ଶରଣରେ ଆସିଥିବା ମହାତ୍ମା ଅତ୍ୟନ୍ତ ଦୁର୍ଲ୍ଲଭ ।

ଏହି ଶ୍ଳୋକଟି ଶ୍ୱେତାଶ୍ୱେତର ଉପନିଷଦର ତୃତୀୟ ଅଧ୍ୟାୟରେ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି । ସେଥିରେ କୁହାଯାଇଛି, ''ଏହି ଶରୀରରେ ଦେଖିବା, ଶୁଣିବା, କହିବା, ଚିନ୍ତାକରିବା ଆଦି ଶକ୍ତି ଅଛି, କିନ୍ତୁ ଯଦି ଏଗୁଡ଼ିକ ଭଗବାନଙ୍କ ସହ ସମ୍ବନ୍ଧିତ ନ ହୁଅନ୍ତି, ତାହାହେଲେ ଏଗୁଡ଼ିକର କୌଣସି ଗୁରୁତ୍ୱ ନାହିଁ । ଯେହେତୁ ବାସୁଦେବ ହେଉଛନ୍ତି ସର୍ବବ୍ୟାପକ ଏବଂ ସବୁ ହିଁ ବାସୁଦେବ, ତେଣୁ ଭକ୍ତ ତାଙ୍କଠାରେ ପୂର୍ଣ୍ଣଜ୍ଞାନରେ ଆତ୍ମସମର୍ପଣ କରେ ।''

## ଶ୍ଳୋକ - ୨୦

**କାମୈସ୍ତୈସ୍ତୈର୍ହୃତଜ୍ଞାନାଃ ପ୍ରପଦ୍ୟନ୍ତେଽନ୍ୟଦେବତାଃ ।**
**ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା ।।୨୦।।**

## ଶବ୍ଦାନୁବାଦ

କାମୈଃ=କାମନା ଦ୍ୱାରା; ତୈଃ=ସେହି; ତୈଃ=ସେହି; ହୃତ=ହୃତ; ଜ୍ଞାନାଃ=ଜ୍ଞାନ; ପ୍ରପଦ୍ୟନ୍ତେ=ଶରଣ ନିଅନ୍ତି; ଅନ୍ୟ=ଅନ୍ୟ; ଦେବତାଃ=ଦେବତାମାନଙ୍କୁ; ତମ୍=ସେହି; ତମ୍=ସେହି; ନିୟମମ୍=ନିୟମ; ଆସ୍ଥାୟ=ଅନୁସରଣ କରି; ପ୍ରକୃତ୍ୟା=ପ୍ରକୃତି ଅନୁଯାୟୀ; ନିୟତାଃ=ନିୟନ୍ତ୍ରିତ; ସ୍ୱୟା=ନିଜର ।

## ଅନୁବାଦ

**ଯେଉଁମାନଙ୍କ ମନରେ ଭୌତିକ କାମନା ପଶି ବିକୃତ ହୋଇଛି, ସେମାନେ ଦେବତାମାନଙ୍କର ଶରଣାପନ୍ନ ହୁଅନ୍ତି ଏବଂ ସେମାନଙ୍କର ପ୍ରକୃତି ଅନୁଯାୟୀ ନିର୍ଦ୍ଦିଷ୍ଟ ପୂଜାବିଧି ଓ ନିୟମମାନ ଅନୁସରଣ କରନ୍ତି ।**

## ଭାବାର୍ଥ

ଯେଉଁମାନେ ସମସ୍ତ ପ୍ରକାର ଭୌତିକ ସଂସ୍ପର୍ଶରୁ ମୁକ୍ତ ସେମାନେ ଭଗବାନଙ୍କର ଶରଣାପନ୍ନ ହୁଅନ୍ତି ଏବଂ ଭଗବାନଙ୍କ ସେବାରେ ନିଯୁକ୍ତ ହୁଅନ୍ତି । ଯେ ପର୍ଯ୍ୟନ୍ତ ଭୌତିକ ସଂସ୍ପର୍ଶ ପୂର୍ଣ୍ଣରୂପେ ନିଶ୍ଚିହ୍ନ ନ ହୋଇଛି ସେ ପର୍ଯ୍ୟନ୍ତ ବ୍ୟକ୍ତି ଭଗବାନଙ୍କ ଭକ୍ତ ହୋଇପାରିବ ନାହିଁ; ସ୍ୱଭାବତଃ ସେ ଅଭକ୍ତ । ତଥାପି ଯେଉଁମାନଙ୍କର ଭୌତିକ କାମନା ଅଛି ଏବଂ ଯେଉଁମାନେ ଭଗବାନଙ୍କର ଶରଣାପନ୍ନ ହୋଇଛନ୍ତି, ସେମାନେ ବାହ୍ୟ ପ୍ରକୃତି ଦ୍ୱାରା ବିଶେଷ ଆକୃଷ୍ଟ ହୁଅନ୍ତି ନାହିଁ, କାରଣ ସେମାନେ ଠିକ୍ ଲକ୍ଷ୍ୟରେ ପହଞ୍ଚିଛନ୍ତି, ସେଇଥିପାଇଁ ସେମାନେ ଖୁବ୍‌ଶୀଘ୍ର ସମସ୍ତ ପ୍ରକାର ଭୌତିକ କାମନାରୁ ମୁକ୍ତ ହୋଇଯା'ନ୍ତି । ଶ୍ରୀମଦ୍ ଭାଗବତମ୍‌ରେ ଏହା ଅନୁମୋଦିତ ହୋଇଅଛି ଯେ ବ୍ୟକ୍ତି ସମସ୍ତ ପ୍ରକାର ଭୌତିକ କାମନାରୁ ମୁକ୍ତ କିମ୍ବା ଭୌତିକ କାମନାରେ ପୂର୍ଣ୍ଣ ଥାଇପାରେ କିମ୍ବା ଭୌତିକ ସଂସ୍ପର୍ଶରୁ ମୁକ୍ତ ହେବା ନିମିତ୍ତ କାମନା କରିପାରେ କିମ୍ବା ଏକ ଶୁଦ୍ଧ ଭକ୍ତ ହୋଇପାରେ ଏବଂ ଭୌତିକ ଇନ୍ଦ୍ରିୟ ସୁଖଭୋଗ କାମନା ନ ଥାଇପାରେ - ଯେ କୌଣସି ସ୍ତରରେ ସେ ଥାଉନା କାହିଁକି ସେ ବାସୁଦେବଙ୍କର ଶରଣାପନ୍ନ ହେବା ଉଚିତ୍ ଏବଂ ତାଙ୍କର ପୂଜା କରିବା ଉଚିତ୍ ।

ଭାଗବତମ୍‌ରେ ଏକଥା ମଧ୍ୟ କୁହାଯାଇଛି ଯେ ଅଳ୍ପବୁଦ୍ଧିସଂପନ୍ନ ଲୋକ, ଯେଉଁମାନେ ଆଧ୍ୟାତ୍ମିକ ଭାବ ହରାଇଛନ୍ତି, ସେମାନେ ସେମାନଙ୍କର ଭୌତିକ କାମନା ଚରିତାର୍ଥ ନିମିତ୍ତ ଦେବତାମାନଙ୍କର ଶରଣାପନ୍ନ ହୁଅନ୍ତି । ସାଧାରଣତଃ ଏପ୍ରକାର ଲୋକ ଭଗବାନଙ୍କ ନିକଟକୁ ଯା'ନ୍ତି ନାହିଁ, କାରଣ ସେମାନେ ନିର୍ଦ୍ଦିଷ୍ଟ ଗୁଣ (ରଜୋଗୁଣ ଓ ତମୋଗୁଣ)ର ଅଧୀନ ହୋଇଥା'ନ୍ତି ଏବଂ ସେଇଥିପାଇଁ ସେମାନେ ବିଭିନ୍ନ ଦେବତାଙ୍କର ପୂଜା କରନ୍ତି । ପୂଜା ବିଧି ଓ ନିୟମ ପାଳନ କରି ସେମାନେ ସନ୍ତୁଷ୍ଟ ହୁଅନ୍ତି । ଦେବତା ପୂଜକମାନେ କ୍ଷୁଦ୍ରକ୍ଷୁଦ୍ର କାମନାର ବଶବର୍ତ୍ତୀ ହୋଇଥା'ନ୍ତି ଏବଂ କିପରି ଅନ୍ତିମ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ହେବ ସେମାନେ ତାହା ଜାଣନ୍ତି ନାହିଁ; କିନ୍ତୁ ଭଗବାନଙ୍କର ଏକ ଭକ୍ତ କଦାପି ପଥଭ୍ରଷ୍ଟ ହୁଏ ନାହିଁ । ବିଭିନ୍ନ ଉଦ୍ଦେଶ୍ୟ ପୂରଣ ନିମିତ୍ତ ବିଭିନ୍ନ ଦେବା-ଦେବୀଙ୍କୁ ପୂଜା କରିବା ବିଧି ବୈଦିକ ସାହିତ୍ୟରେ ଦିଆଯାଇଅଛି, (ଉଦାହରଣ ସ୍ୱରୂପ, ଏକ ରୋଗୀକୁ ସୂର୍ଯ୍ୟପୂଜା କରିବାକୁ ନିର୍ଦ୍ଦେଶ ଦିଆଯାଇଅଛି); ଯେଉଁମାନେ ଭଗବାନଙ୍କ ଭକ୍ତ ନୁହନ୍ତି, ସେମାନେ ଭାବନ୍ତି ଯେ କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ନିମିତ୍ତ ଦେବତା ପୂଜା କରଣୀୟ ଏବଂ ଏହି ସଂପର୍କରେ ଦେବତାମାନେ ଭଗବାନଙ୍କଠାରୁ ଉତ୍କୃଷ୍ଟ ଅଟନ୍ତି । କିନ୍ତୁ ଏକ ଶୁଦ୍ଧଭକ୍ତ ଭଲରକମ ଜାଣିଥାଏ ଯେ ଭଗବାନ୍ ଶ୍ରୀକୃଷ୍ଣ ସମସ୍ତଙ୍କର ପ୍ରଭୁ ଅଟନ୍ତି । ଶ୍ରୀ ଚୈତନ୍ୟ ଚରିତାମୃତରେ ଏ କଥା କୁହାଯାଇଅଛି ଯେ ଭଗବାନ୍ ଶ୍ରୀକୃଷ୍ଣ ହେଉଛନ୍ତି ସମସ୍ତଙ୍କର ପ୍ରଭୁ ବା ମାଲିକ ଏବଂ ଅନ୍ୟ ସମସ୍ତେ ତାଙ୍କର ସେବକ ଅଟନ୍ତି । ତେଣୁ ଏକ ଶୁଦ୍ଧଭକ୍ତ ନିଜର ଭୌତିକ କାମନା ଚରିତାର୍ଥ ନିମିତ୍ତ କଦାପି ଦେବତାମାନଙ୍କ ପାଖକୁ ଯାଏ ନାହିଁ । ସେ ଏକମାତ୍ର ଭଗବାନଙ୍କ ଉପରେ ନିର୍ଭର କରେ ଏବଂ ଏକ ଶୁଦ୍ଧ ଭକ୍ତକୁ ଭଗବାନ୍ ଯାହା ଦିଅନ୍ତି ସେ ସେଥିରେ ସନ୍ତୁଷ୍ଟ ରହେ ।

## ଶ୍ଳୋକ - ୨୧

**ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚ୍ଚିତୁମିଚ୍ଛତି ।**
**ତସ୍ୟ ତସ୍ୟାଚଳାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ ।।୨୧।।**

## ଶବ୍ଦାନୁବାଦ

ଯଃ=ଯେ; ଯଃ=ଯେ; ଯାମ୍=ଯାହାକୁ; ଯାମ୍=ଯାହାକୁ; ତନୁମ୍=ଦେବତାରୂପ, ଭକ୍ତଃ=ଭକ୍ତ; ଶ୍ରଦ୍ଧୟା=ଶ୍ରଦ୍ଧା ଓ ବିଶ୍ୱାସର ସହିତ; ଅର୍ଚ୍ଚିତୁମ୍=ପୂଜା କରିବାକୁ; ଇଚ୍ଛତି=ଇଚ୍ଛାକରେ; ତସ୍ୟ=ସେହି ପ୍ରକାର; ତସ୍ୟ=ସେହି ପ୍ରକାର; ଅଚଳାମ୍=ସ୍ଥିର; ଶ୍ରଦ୍ଧାମ୍=ଶ୍ରଦ୍ଧା ବିଶ୍ୱାସ; ତାମ୍=ତାଙ୍କୁ; ଏବ=ନିଶ୍ଚିତରୂପେ; ବିଦଧାମି=ଦିଏ; ଅହମ୍=ମୁଁ ।

## ଅନୁବାଦ

**ମୁଁ ପ୍ରତ୍ୟେକଙ୍କ ହୃଦୟରେ ପରମାତ୍ମା ରୂପରେ ବିଦ୍ୟମାନ। ଯେତେବେଳେ ବ୍ୟକ୍ତି ଦେବତାମାନଙ୍କୁ ପୂଜା କରିବାକୁ ଇଚ୍ଛା କରେ; ମୁଁ ସେତେବେଳେ ତା'ର ବିଶ୍ୱାସକୁ ଦୃଢ଼କରେ; ଯେପରି କି ସେ ଏକ ନିର୍ଦ୍ଦିଷ୍ଟ ଦେବତାଙ୍କ ପ୍ରତି ଆକୃଷ୍ଟ ହୋଇପାରିବ।**

## ଭାବାର୍ଥ

ଭଗବାନ୍ ସମସ୍ତଙ୍କୁ ସ୍ୱାଧୀନତା ଦେଇଛନ୍ତି । ତେଣୁ ଯଦି କୌଣସି ବ୍ୟକ୍ତି ଭୌତିକ ସୁଖ ଇଚ୍ଛାକରେ ଏବଂ ଭୌତିକ ଦେବତାମାନଙ୍କଠାରୁ ଏ ପ୍ରକାର ସୁବିଧା ପାଇବାକୁ ଏକାନ୍ତ ଭାବରେ କାମନା କରେ, ପ୍ରତ୍ୟେକଙ୍କ ହୃଦୟରେ ପରମାତ୍ମାରୂପରେ ବିଦ୍ୟମାନ ଥିବା ଭଗବାନ୍ ଏକଥା ଜାଣି ପାରନ୍ତି ଏବଂ ସେ ସେ ପ୍ରକାର ଲୋକଙ୍କୁ ସେ ପ୍ରକାର ସୁବିଧା ଦିଅନ୍ତି । ତେଣୁ ସେ ସମସ୍ତ ଜୀବଙ୍କର ପରମପିତା ଅଟନ୍ତି, ସେ ସେମାନଙ୍କର ସ୍ୱାଧୀନତା ଉପରେ ହସ୍ତକ୍ଷେପ କରନ୍ତି ନାହିଁ, କିନ୍ତୁ ସେମାନଙ୍କୁ ସବୁ ପ୍ରକାର ସୁବିଧା ଦିଅନ୍ତି, ଯେପରିକି ସେମାନେ ସେମାନଙ୍କର ଭୌତିକ କାମନା ଚରିତାର୍ଥ କରିପାରିବେ । କେହି ଏପରି ପ୍ରଶ୍ନ କରିପାରନ୍ତି– "କାହିଁକି ସର୍ବଶକ୍ତିମାନ୍ ଭଗବାନ୍ ଜୀବମାନଙ୍କୁ ଏ ଭୌତିକ ଜଗତକୁ ଉପଭୋଗ କରିବାକୁ ସୁବିଧା ଦିଅନ୍ତି ଏବଂ ଏତଦ୍ଦ୍ୱାରା ସେ ସେମାନଙ୍କୁ ମାୟାଶକ୍ତିର କବଳରେ ପତିତ ହେବାକୁ ଦିଅନ୍ତି । ଏହାର ଉତ୍ତର ହେଉଛି ଯଦି ପରମାତ୍ମା ରୂପରେ ଭଗବାନ୍ ଏ ପ୍ରକାର ସୁବିଧା ନ ଦିଅନ୍ତି, ତେବେ ସ୍ୱାଧୀନତାର ମାନେ କିଛି ରହିବ ନାହିଁ । ତେଣୁ ସେ ପ୍ରତ୍ୟେକଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି ଯେପରି ବ୍ୟକ୍ତି ଇଚ୍ଛାକରେ, କିନ୍ତୁ ତାଙ୍କର ଅନ୍ତିମ ଉପଦେଶ ଆମେ ଭଗବଦଗୀତାରେ ପାଉ– ବ୍ୟକ୍ତି ସବୁ ତ୍ୟାଗ କରି ପୂର୍ଣ୍ଣରୂପେ ତାଙ୍କ ଶରଣରେ ଆସିଯିବା ଉଚିତ୍ । ତାହାହିଁ ମାନବକୁ ସୁଖୀ କରାଇବ ।

ଜୀବ ଏବଂ ଦେବତା ଉଭୟେ ଭଗବତ୍ ଇଚ୍ଛାର ଅଧୀନ ଅଟନ୍ତି; ତେଣୁ ଜୀବ ନିଜ ଇଚ୍ଛାନୁଯାୟୀ ଦେବତା ପୂଜା କରିପାରିବ ନାହିଁ କିମ୍ବା ଦେବତା ଭଗବାନଙ୍କ ଇଚ୍ଛା ବିନା କୌଣସି ପ୍ରକାର ବରଦାନ କରିପାରିବେ ନାହିଁ । ଏପରି କଥିତ ଅଛି ଯେ ଭଗବତ୍ ଇଚ୍ଛାବିନା ଘାସ ପତ୍ରଟିଏ ସୁଦ୍ଧା ହଲିପାରିବ ନାହିଁ । ସାଧାରଣତଃ, ବୈଦିକ ସାହିତ୍ୟର ଉପଦେଶ ଅନୁଯାୟୀ ଯେଉଁ ଲୋକମାନେ ଭୌତିକ ଜଗତରେ ଦୁଃଖ ପାଇଥା'ନ୍ତି, ସେହିମାନେ ଦେବତାମାନଙ୍କ

ପାଖକୁ ଯା'ନ୍ତି । କୌଣସି ବ୍ୟକ୍ତି କୌଣସି ନିର୍ଦ୍ଦିଷ୍ଟ କାମନା ପୂର୍ତ୍ତିନିମିତ୍ତ ନିର୍ଦ୍ଦିଷ୍ଟ ଦେବତାଙ୍କୁ ପୂଜା କରିପାରେ । ଉଦାହରଣ ସ୍ୱରୂପ, ରୋଗୀକୁ ରୋଗରୁ ମୁକ୍ତ ହେବାପାଇଁ ସୂର୍ଯ୍ୟପୂଜା କରିବାକୁ ନିର୍ଦ୍ଦେଶ ଦିଆଯାଇପାରେ । ବିଦ୍ୟାଲାଭ କରିବାକୁ ଇଚ୍ଛା କରୁଥିବା ବ୍ୟକ୍ତି, ବିଦ୍ୟାଦାତ୍ରୀ ଦେବୀ ସରସ୍ୱତୀଙ୍କୁ ପୂଜା କରିପାରେ । ଯେଉଁ ବ୍ୟକ୍ତି ସୁନ୍ଦରୀ ସ୍ତ୍ରୀ ପାଇବକୁ ଇଚ୍ଛା କରେ, ସେ ଶିବଙ୍କ ସ୍ତ୍ରୀ ଉମାଙ୍କୁ ପୂଜା କରିପାରେ । ଏହି ପ୍ରକାରେ ଶାସ୍ତ୍ରମାନଙ୍କରେ (ବୈଦିକ ସାହିତ୍ୟରେ) ବିଭିନ୍ନ ଦେବ-ଦେବୀଙ୍କ ନିମିତ୍ତ ବିଭିନ୍ନ ପୂଜାବିଧି ଅଛି । ଯେଣୁ ଏକ ନିର୍ଦ୍ଦିଷ୍ଟ ଜୀବ ଏକ ନିର୍ଦ୍ଦିଷ୍ଟ ଭୌତିକ ସୁବିଧା ଉପଭୋଗ କରିବାକୁ ଚାହେଁ, ସେଇଥିପାଇଁ ଭଗବାନ୍ ତାକୁ ସେହିପ୍ରକାର ପ୍ରେରଣା ଦିଅନ୍ତି, ଯେପରିକି ସେ ନିର୍ଦ୍ଦିଷ୍ଟ ଦେବତାଙ୍କଠାରୁ ନିର୍ଦ୍ଦିଷ୍ଟ ବରଲାଭ ନିମିତ୍ତ ଏକ ଦୃଢ଼ ଆଶାପୋଷଣ କରିବ ଏବଂ ସେ ପ୍ରକାର ବରଲାଭ କରିବାରେ କୃତକାର୍ଯ୍ୟ ହୋଇପାରିବ । ଜୀବର ନିର୍ଦ୍ଦିଷ୍ଟ ଦେବତାଙ୍କ ପ୍ରତି ଭକ୍ତି ଉଦ୍ରେକ ନିମିତ୍ତ ବ୍ୟବସ୍ଥା ମଧ୍ୟ ଭଗବାନଙ୍କ ଦ୍ୱାରା କରାଯାଏ । ଦେବତାମାନେ ଜୀବମାନଙ୍କ ହୃଦୟରେ ଏପ୍ରକାର ପ୍ରେରଣା ଜାଗ୍ରତ କରାଇ ପାରିବେ ନାହିଁ, (କାହିଁକି ?) କାରଣ ସେ (ଭଗବାନ୍) ପରମାତ୍ମାରୂପରେ ସମସ୍ତଙ୍କ ହୃଦୟରେ ବିଦ୍ୟମାନ, ତେଣୁ କୃଷ୍ଣ ମାନବକୁ ନିର୍ଦ୍ଦିଷ୍ଟ ଦେବତା ପୂଜା କରିବା ପାଇଁ ପ୍ରେରଣା ଦିଅନ୍ତି । ବାସ୍ତବରେ ଦେବତାମାନେ ଭଗବାନଙ୍କର ବିଶ୍ୱରୂପର (ବିଶ୍ୱବ୍ୟାପକ ଶରୀରର) ବିଭିନ୍ନ ଅଂଶ ଅଟନ୍ତି; ତେଣୁ ସେମାନଙ୍କର ସ୍ୱାଧୀନତା ନାହିଁ । ବୈଦିକ ସାହିତ୍ୟରେ (ତୈତିରୀୟ ଉପନିଷଦ୍, ପ୍ରଥମ ଅନୁବାକରେ) କୁହାଯାଇଅଛି, ''ଭଗବାନ୍ ପରମାତ୍ମା ରୂପରେ ଦେବତା ହୃଦୟରେ ମଧ୍ୟ ବିଦ୍ୟମାନ) । ତେଣୁ ଜୀବର କାମନା ପୂରଣ ନିମିତ୍ତ ସେ ଦେବତାଙ୍କ ଜରିଆରେ ବ୍ୟବସ୍ଥା କରନ୍ତି । କିନ୍ତୁ ଜୀବ ଓ ଦେବତା ଉଭୟେ ଭଗବତ୍ ଇଚ୍ଛା ଉପରେ ନିର୍ଭରଶୀଳ ଅଟନ୍ତି । ସେମାନେ ସ୍ୱାଧୀନ ନୁହନ୍ତି ।''

## ଶ୍ଳୋକ - ୨୨

**ସ ତୟା ଶ୍ରଦ୍ଧୟା ଯୁକ୍ତସ୍ତସ୍ୟାରାଧନମୀହତେ ।**
**ଲଭତେ ଚ ତତଃ କାମାନ୍ମୟୈବ ବିହିତାନ୍ହି ତାନ୍ ।। ୨୨ ।।**

## ଶବ୍ଦାନୁବାଦ

ସଃ=ସେ; ତୟା=ତାହାଦ୍ୱାରା; ଶ୍ରଦ୍ଧୟା=ଶ୍ରଦ୍ଧା ବା ବିଶ୍ୱାସର ସହିତ; ଯୁକ୍ତଃ= ଯୁକ୍ତହୋଇ; ତସ୍ୟ=ତାଙ୍କର; ଆରାଧନମ୍=ଆରାଧନା, ପୂଜା; ଈହତେ=ପାଇବାକୁ ଇଚ୍ଛା କରେ; ଲଭତେ=ପ୍ରାପ୍ତହୁଏ; ଚ=ଏବଂ; ତତଃ=ତେଣୁ; କାମାନ୍=କାମନା ସବୁ; ମୟା= ମୋ'ଦ୍ୱାରା; ଏବ=କେବଳ; ବିହିତାନ୍=ନିୟନ୍ତ୍ରିତ; ହି=ପାଇଁ; ତାନ୍=ସେଗୁଡ଼ିକୁ ।

## ଅନୁବାଦ

**ଏ ପ୍ରକାର ଶ୍ରଦ୍ଧା ବା ବିଶ୍ୱାସ ଯୁକ୍ତ ହୋଇ ସେ ଏକ ନିର୍ଦ୍ଦିଷ୍ଟ ଦେବତାଙ୍କର ଅନୁଗ୍ରହ ପ୍ରାର୍ଥନା କରେ ଏବଂ ତା'ର କାମନା ଚରିତାର୍ଥ କରେ । କିନ୍ତୁ ବାସ୍ତବରେ ଏସବୁ ସୁବିଧା କେବଳ ମୋ'ଦ୍ୱାରା ହିଁ ପ୍ରଦତ୍ତ ହୋଇଥାଏ ।**

## ଭାବାର୍ଥ

ଭଗବାନଙ୍କ ଅନୁମତି ବିନା ଦେବତାମାନେ କଦାପି ଭକ୍ତମାନଙ୍କୁ ବର ଦେଇ ପାରିବେ ନାହିଁ। ଜୀବ ଏ କଥା ଭୁଲିଯାଇପାରେ ଯେ ସବୁକିଛି ଭଗବାନଙ୍କର ସମ୍ପତ୍ତି ଅଟେ, କିନ୍ତୁ ଦେବତାମାନେ ଭୁଲିଯାନ୍ତି ନାହିଁ । ତେଣୁ ଦେବତା ପୂଜା ଏବଂ ଅଭିଳଷିତ ଫଳଲାଭ ଦେବତାମାନଙ୍କ ଯୋଗୁଁ ହୁଏ ନାହିଁ, କେବଳ ଭଗବାନଙ୍କ ବ୍ୟବସ୍ଥା ଯୋଗୁଁ ତାହା ହୁଏ । ଅଳ୍ପବୁଦ୍ଧି ସଂପନ୍ନ ଲୋକ ଏକଥା ଜାଣନ୍ତି ନାହିଁ ଏବଂ ସେଇଥିପାଇଁ ସେ ନିର୍ବୋଧଭାବେ କିଛି ଫଳଲାଭ ଆଶାରେ ଦେବତାଙ୍କ ନିକଟକୁ ଯାଏ। କିନ୍ତୁ ଏକ ଶୁଦ୍ଧ ଭକ୍ତ, ଯେତେବେଳେ କିଛି ଆବଶ୍ୟକ କରେ, କେବଳ ଭଗବାନଙ୍କୁ ହିଁ ପ୍ରାର୍ଥନା କରେ । ଭୌତିକ ଲାଭ ନିମିତ୍ତ ପ୍ରାର୍ଥନା କରିବା ଏକ ଶୁଦ୍ଧ ଭକ୍ତର ଲକ୍ଷଣ ନୁହେଁ । ଜୀବ ସାଧାରଣତଃ ଦେବତାମାନଙ୍କ ପାଖକୁ ଯାଏ, କାରଣ ସେ ତା'ର କାମନା ପୂରଣ କରିବା ନିମିତ୍ତ ପାଗଳ ହୋଇ ଯାଇଥାଏ । ଯେତେବେଳେ ଜୀବ କିଛି ଅପ୍ରାପ୍ତ ବସ୍ତୁ ପ୍ରାପ୍ତ ହେବାକୁ ଇଚ୍ଛାକରେ, ସେତେବେଳେ ଏପରି ହୁଏ ଏବଂ ଭଗବାନ୍ ନିଜେ ତା'ର ସେ ଅଭିଳାଷ ପୂରଣ କରନ୍ତି ନାହିଁ । ଚୈତନ୍ୟ ଚରିତାମୃତରେ ଏପରି କୁହାଯାଇଛି ଯେ ଯେ ଭଗବାନଙ୍କର ପୂଜା କରେ ଏବଂ ତତ୍ ସଙ୍ଗେ ସଙ୍ଗେ ଭୌତିକ ସୁଖ ଇଚ୍ଛାକରେ, ସେ ଦ୍ୱନ୍ଦ୍ୱାତ୍ମକ କାମନା-ସଂପନ୍ନ ଅଟେ । ଭଗବାନଙ୍କ ସେବା ଏବଂ ଦେବତା ପୂଜା ଏକାସ୍ତରରେ ରହିପାରିବ ନାହିଁ, କାରଣ ଦେବତା ପୂଜା ଭୌତିକ ଅଟେ ଏବଂ ଭଗବାନଙ୍କ ପ୍ରତି ଉତ୍ସର୍ଗୀକୃତ ସେବା ସଂପୂର୍ଣ୍ଣରୂପେ ଦିବ୍ୟସେବା ଅଟେ ।

ଯେଉଁ ଜୀବ ଭଗବତ୍ ଧାମକୁ ଫେରିଯିବାକୁ ଇଚ୍ଛାକରେ, ତା' ପକ୍ଷରେ ଭୌତିକ ସୁଖ କାମନା ପ୍ରତିବନ୍ଧକ ଅଟେ । ତେଣୁ ଭଗବାନଙ୍କର ଶୁଦ୍ଧ ଭକ୍ତକୁ ଭୌତିକ ସୁଖ ସୁବିଧା କିଛି ଦିଆଯାଏ ନାହିଁ । ଭୌତିକ ସୁଖ-ସୁବିଧା କେବଳ ଅଳ୍ପ ବୁଦ୍ଧିସଂପନ୍ନ ବ୍ୟକ୍ତି ଇଚ୍ଛାକରେ । ସେ ଭଗବାନଙ୍କ ସେବାରେ ନିଯୁକ୍ତ ନ ହୋଇ, ଭୌତିକ ଜଗତର ଦେବତାମାନଙ୍କ ପୂଜାକୁ ପସନ୍ଦ କରେ ।

## ଶ୍ଳୋକ - ୨୩

**ଅନ୍ତବତ୍ତୁ ଫଳଂ ତେଷାଂ ତଦ୍‌ଭବତ୍ୟଳ୍ପମେଧସାମ୍ ।**
**ଦେବାନ୍‌ଦେବଯଜୋ ଯାନ୍ତି ମଦ୍‌ଭକ୍ତା ଯାନ୍ତି ମାମପି ।। ୨୩ ।।**

## ଶବ୍ଦାନୁବାଦ

ଅନ୍ତବତ୍ ତୁ=ସୀମିତ ଏବଂ ଅସ୍ଥାୟୀ; ଫଳମ୍=ଫଳ; ତେଷାମ୍=ସେମାନଙ୍କର; ତତ୍=ତାହା; ଭବତି=ହୁଏ; ଅଳ୍ପ-ମେଧସାମ୍=ଯେଉଁମାନେ ଅଳ୍ପବୁଦ୍ଧିସଂପନ୍ନ ସେଇମାନଙ୍କର; ଦେବାନ୍=ଦେବଲୋକଙ୍କୁ; ଦେବ-ଯଜଃ=ଦେବତା ପୂଜକ; ଯାନ୍ତି=ପ୍ରାପ୍ତ ହୁଅନ୍ତି; ମତ୍=ମୋର; ଭକ୍ତାଃ=ଭକ୍ତଗଣ; ଯାନ୍ତି=ପ୍ରାପ୍ତ ହୁଅନ୍ତି; ମାମ୍=ମୋତେ; ଅପି=ନିଶ୍ଚିତଭାବେ ।

## ଅନୁବାଦ

**ଅଳ୍ପବୁଦ୍ଧିସଂପନ୍ନ ଲୋକେ ଦେବତା ପୂଜା କରନ୍ତି ଏବଂ ସେ ପୂଜାର ଫଳ ସୀମିତ ଏବଂ ଅସ୍ଥାୟୀ । ଯେଉଁମାନେ ଦେବତା ପୂଜା କରନ୍ତି ସେମାନେ ଦେବଲୋକ ପ୍ରାପ୍ତ ହୁଅନ୍ତି; କିନ୍ତୁ ମୋର ଭକ୍ତଗଣ ପରିଣାମରେ ମୋର ସର୍ବୋଚ୍ଚ ଧାମରେ ପହଞ୍ଚନ୍ତି ।**

# ଭାବାର୍ଥ

ଗୀତାର କେତେକ ଭାଷ୍ୟକାର ଏପରି କହନ୍ତି ଯେ, ଯେ ଦେବତା ପୂଜାକରେ ସେ ମଧ୍ୟ ଭଗବାନଙ୍କ ପାଖରେ ପହଞ୍ଚି ପାରିବ; କିନ୍ତୁ ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ ଦେବତା ପୂଜକମାନେ ବିଭିନ୍ନ ଦେବଲୋକକୁ ଯା'ନ୍ତି ।ଯେପରି ସୂର୍ଯ୍ୟଙ୍କ ଉପାସକ ସୂର୍ଯ୍ୟଲୋକ ପ୍ରାପ୍ତ ହୁଏ କିମ୍ବା ଚନ୍ଦ୍ର ପୂଜକ ଚନ୍ଦ୍ରଲୋକ ପ୍ରାପ୍ତ ହୁଏ ।ଠିକ୍ ସେହିପରି ଯେ ଇନ୍ଦ୍ରଦେବତାଙ୍କର ପୂଜା କରିବାକୁ ଇଚ୍ଛାକରେ ସେ ସେହି ନିର୍ଦ୍ଦିଷ୍ଟ ଦେବତାଙ୍କ ଆସ୍ଥାନ ବା ଲୋକ ପ୍ରାପ୍ତ ହୋଇପାରେ । ତେଣୁ ବ୍ୟକ୍ତି ଯେକୌଣସି ଦେବତାଙ୍କର ପୂଜା କଲେ ସୁଦ୍ଧା ସେ ଯେ ଭଗବାନଙ୍କ ନିକଟରେ ପହଞ୍ଚିବ ଏପରି କଥା ନୁହେଁ । ଏହା ଏଠାରେ ମନା କରାଯାଇଛି । ଏଠାରେ ସ୍ପଷ୍ଟ ଭାବରେ କୁହାଯାଉଛି ଯେ ବିଭିନ୍ନ ଦେବତା ପୂଜକମାନେ ଭୌତିକ ବ୍ରହ୍ମାଣ୍ଡରେ ଥିବା ସେହି ସେହି ଦେବତାମାନଙ୍କ ଲୋକ ପ୍ରାପ୍ତ ହେବେ, କିନ୍ତୁ ଭଗବାନଙ୍କର ଭକ୍ତ ସିଧା ଭଗବତ୍ ଧାମ—ଭଗବାନଙ୍କର ପରମ ଧାମକୁ ଯାଏ ।

ଏଠାରେ ଏହି ପ୍ରଶ୍ନ ଉଠିପାରେ ଯେ ଯେହେତୁ ବିଭିନ୍ନ ଦେବତାଗଣ ଭଗବାନଙ୍କର ଶରୀର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଅଟନ୍ତି; ତେଣୁ ସେମାନଙ୍କୁ ପୂଜାକଲେ ସେଇ ଏକ ଲକ୍ଷ୍ୟ ପ୍ରାପ୍ତ ନହେବ କାହିଁକି ? ଅବଶ୍ୟ ଦେବତା ପୂଜକମାନେ ଅଳ୍ପବୁଦ୍ଧିସଂପନ୍ନ ଅଟନ୍ତି ।ସେମାନେ ଜାଣନ୍ତି ନାହିଁ ଶରୀରର କେଉଁ ଅଂଶକୁ ଖାଦ୍ୟ ଯୋଗାଇ ଦିଆଯିବା ଉଚିତ୍ ।ସେମାନଙ୍କ ମଧ୍ୟରୁ କେତେକ ଏତେ ନିର୍ବୋଧ ଯେ ସେମାନେ କହନ୍ତି —ଖାଦ୍ୟ ଯୋଗାଇବା ପାଇଁ ଅନେକ ଅଂଶ ଓ ଅନେକ ବାଟ ଅଛି ।ଏହା ଠିକ୍ ଯୁକ୍ତି ନୁହେଁ ।କାନ କିମ୍ବା ଆଖି ବାଟ ଦେଇ ତୁମେ ଶରୀରକୁ ଖାଦ୍ୟ ଯୋଗାଇ ପାରିବ କି ? ସେମାନେ ଏକଥା ଜାଣନ୍ତି ନାହିଁ, ଏ ଦେବତାଗଣ ଭଗବାନଙ୍କ ବିଶ୍ୱରୂପ ବିଶ୍ୱଶରୀରର ବିଭିନ୍ନ ଅଂଶ ଅଟନ୍ତି ଏବଂ ସେମାନଙ୍କ ଅଜ୍ଞତା ଯୋଗୁଁ ସେମାନେ ବିଶ୍ୱାସ କରନ୍ତି ଯେ ପ୍ରତ୍ୟେକ ଦେବତା ଗୋଟିଏ ଗୋଟିଏ ଭଗବାନ୍ ଅଟନ୍ତି ଏବଂ ସେମାନେ ପରମେଶ୍ୱର ଭଗବାନଙ୍କର ପ୍ରତିଦ୍ୱନ୍ଦୀ ଅଟନ୍ତି ।

କେବଳ ଯେ ଦେବତାମାନେ ଭଗବାନଙ୍କର ଅଂଶ, ତାହା ନୁହେଁ, ସାଧାରଣ ଜୀବ ମଧ୍ୟ । ଶ୍ରୀମଦ୍ ଭାଗବତମ୍‌ରେ ଏକଥା କୁହାଯାଇଛି ଯେ ବ୍ରାହ୍ମଣମାନେ ଭଗବାନଙ୍କର ମସ୍ତିଷ୍କ ଅଟନ୍ତି, କ୍ଷତ୍ରିୟମାନେ ବାହୁ, ବୈଶ୍ୟମାନେ ବକ୍ଷସ୍ଥଳ ଓ ଶୁଦ୍ରମାନେ ପଦ ଅଟନ୍ତି । ଏବଂ ସମସ୍ତେ ବିଭିନ୍ନ କାର୍ଯ୍ୟ କରନ୍ତି ।ଅବସ୍ଥିତି ନିର୍ବିଶେଷରେ, ଯଦି ବ୍ୟକ୍ତି ଭଲଭାବରେ ଜାଣିପାରେ ଯେ ଦେବତା ଓ ସେ ଉଭୟେ ଭଗବାନଙ୍କର ଅଂଶବିଶେଷ ଅଟନ୍ତି, ତେବେ ସେ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୋଇଛି ବୋଲି କୁହାଯିବ ।ଯଦି ସେ ଏକଥା ବୁଝି ନପାରେ ତେବେ ସେ ବିଭିନ୍ନ ଦେବଲୋକ, ଯେଉଁଠାରେ ଦେବତାମାନେ ରହନ୍ତି, ପ୍ରାପ୍ତ ହେବ ।ଏହା ସେହି ଏକ (ପରମ) ଲକ୍ଷ୍ୟସ୍ଥଳ ନୁହେଁ, ଯାହା ଏକ ଭକ୍ତ ପ୍ରାପ୍ତ ହୁଏ ।

ଦେବତାମାନଙ୍କଠାରୁ ପ୍ରାପ୍ତ ଫଳ ବା ଅନୁକମ୍ପା ଅସ୍ଥାୟୀ ଓ ନାଶଶୀଳ ଅଟେ, କାରଣ ଏହି ଭୌତିକ ବ୍ରହ୍ମାଣ୍ଡରେ ଦେବଲୋକ, ଦେବତା ଏବଂ ସେମାନଙ୍କର ଉପାସକ ସମସ୍ତେ ନାଶଶୀଳ ଅଟନ୍ତି ।ସେଇଥିପାଇଁ ଏ ଶ୍ଲୋକରେ ସ୍ପଷ୍ଟଭାବରେ କୁହାଯାଇଛି ଯେ ଦେବତା ପୂଜାର ସମସ୍ତ ଫଳ ନାଶଶୀଳ ଅଟେ ଏବଂ ସେଇଥିପାଇଁ ଏ ପ୍ରକାର ପୂଜାନୁଷ୍ଠାନ (ଅର୍ଥାତ୍ ଦେବତା ପୂଜା) କେବଳ ଅଳ୍ପବୁଦ୍ଧିସଂପନ୍ନ ଲୋକମାନଙ୍କଦ୍ୱାରା କରାଯାଏ ।ଯେଣୁ କୃଷ୍ଣଚେତନଶୀଳ ଏକ ଶୁଦ୍ଧଭକ୍ତ ଭକ୍ତିଯୋଗ ମାର୍ଗରେ ସର୍ବଦା କୃଷ୍ଣସେବାରେ ବ୍ୟସ୍ତ, ସେ ଶାଶ୍ୱତ ଆନନ୍ଦମୟ ସ୍ଥିତି ପ୍ରାପ୍ତ ହୁଏ,

ଯାହାକି ଜ୍ଞାନପୂର୍ଣ୍ଣ ଅଟେ । ତେଣୁ ଏହି ଦୃଷ୍ଟିରୁ ଏକ ଭକ୍ତର ଅନ୍ତିମ ପ୍ରାପ୍ତି ଓ ଅନ୍ୟ ଦେବତା ପୂଜକଙ୍କର ପ୍ରାପ୍ତସ୍ଥାନ ଏକ ନୁହେଁ- ଭିନ୍ନ ଅଟେ । ଭଗବାନ୍ ହେଉଛନ୍ତି ଅସୀମ, ତାଙ୍କର ଦୟା ଅସୀମ, ତାଙ୍କର ଅନୁକମ୍ପା ଅସୀମ । ତେଣୁ ଶୁଦ୍ଧ ଭକ୍ତ ପ୍ରତି ଭଗବାନଙ୍କର ଦୟା ଅସୀମ ଅଟେ ।

## ଶ୍ଳୋକ - ୨୪

**ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ ।**
**ପରଂ ଭାବମଜାନନ୍ତୋ ମମାବ୍ୟୟମନୁତ୍ତମମ୍ ।। ୨୪ ।।**

## ଶବ୍ଦାନୁବାଦ

ଅବ୍ୟକ୍ତମ୍=ଅପ୍ରକଟ; ବ୍ୟକ୍ତିମ୍=ବ୍ୟକ୍ତିତ୍ୱ; ଆପନ୍ନମ୍=ପ୍ରାପ୍ତ; ମନ୍ୟନ୍ତେ=ମାନନ୍ତି (ମନେ କରନ୍ତି); ମାମ୍=ମୋତେ; ଅବୁଦ୍ଧୟଃ=ଅଳ୍ପବୁଦ୍ଧିସଂପନ୍ନ ଲୋକେ; ପରମ୍=ପରମ; ଭାବମ୍=ଭାବ; ଅଜାନନ୍ତଃ=ନଜାଣି; ମମ=ମୋର; ଅବ୍ୟୟମ୍=ଅବ୍ୟୟ; ଅନୁତ୍ତମମ୍= ସୂକ୍ଷ୍ମତମ ।

## ଅନୁବାଦ

**ଯେଉଁ ଅଳ୍ପବୁଦ୍ଧିସଂପନ୍ନ ଲୋକମାନେ ମୋତେ ଜାଣନ୍ତି ନାହିଁ, ସେମାନେ ଭାବନ୍ତି ଯେ, ମୁଁ ଏଇରୂପ ଓ ବ୍ୟକ୍ତିତ୍ୱ ଧାରଣ କରିଛି । ସେମାନଙ୍କର ଅତି ସୀମିତ ଜ୍ଞାନ ହେତୁ ସେମାନେ ମୋର ଅପରିବର୍ତ୍ତିତ ଏବଂ ପରମଶକ୍ତି ଅର୍ଥାତ୍ ଉଚ୍ଚତର ପ୍ରକୃତିକୁ ଜାଣନ୍ତି ନାହିଁ ।**

## ଭାବାର୍ଥ

ଯେଉଁମାନେ ଅନ୍ୟ ଦେବତା ପୂଜକ ସେମାନଙ୍କୁ ଅଳ୍ପବୁଦ୍ଧିସଂପନ୍ନ ବୋଲି ବର୍ଣ୍ଣନା କରାଯାଇଅଛି । ଏଠାରେ ମାୟାବାଦୀମାନଙ୍କୁ ସେହିପ୍ରକାରେ ବର୍ଣ୍ଣନା କରାଯାଇଅଛି । ଭଗବାନ୍ ଶ୍ରୀକୃଷ୍ଣ ଏଠାରେ ତାଙ୍କର ବ୍ୟକ୍ତିଗତ ସ୍ୱରୂପରେ ଅର୍ଜୁନଙ୍କ ଆଗରେ କହୁଛନ୍ତି ଏବଂ ତଥାପି ଅଜ୍ଞତା ହେତୁ ମାୟାବାଦୀଗଣ ଯୁକ୍ତି କରନ୍ତି ଯେ ଭଗବାନଙ୍କର ଆକାର ନାହିଁ । ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଗୁରୁପରମ୍ପରାରେ ଆସୁଥିବା ଯମୁନାଚାର୍ଯ୍ୟ ନାମକ ଭଗବାନଙ୍କର ଏକ ବିଶିଷ୍ଟ ଭକ୍ତ ଏ ସମ୍ବନ୍ଧରେ ଅତି ସୁନ୍ଦର ଦୁଇପଦ ଶ୍ଳୋକ ଲେଖିଛନ୍ତି ।

*"ତ୍ୱାଂ ଶୀଳରୂପ ଚରିତୈଃ ପରମ ପ୍ରକୃଷ୍ଟୈଃ*
*ସତ୍ତ୍ୱେନ ସାତ୍ତ୍ୱିକ ତୟା ପ୍ରବଳୈଶ୍ଚ ଶାସ୍ତ୍ରୈଃ*
*ପ୍ରଖ୍ୟାତ ଦୈବ ପରମାର୍ଥ ବିଦାଂ ମାତୈଶ୍ଚ*
*ନୈବାସୁର ପ୍ରକୃତୟଃ ପ୍ରଭବନ୍ତି ବୋଧୁମ୍"*

ସେ କହିଛନ୍ତି, "ହେ ମୋର ପ୍ରିୟ ଭଗବାନ୍, ବ୍ୟାସଦେବ ଓ ନାରଦ ମୁନିଙ୍କପରି ଭକ୍ତଗଣ ଆପଣଙ୍କୁ ଭଗବାନ୍ ବୋଲି ଜାଣିଛନ୍ତି । ବିଭିନ୍ନ ବୈଦିକ ସାହିତ୍ୟକୁ ଜାଣିପାରିଲେ ବ୍ୟକ୍ତି ଆପଣଙ୍କର ପ୍ରକୃତି, ଆକାର ଏବଂ ଲୀଳା ସମ୍ବନ୍ଧରେ ଜାଣିପାରିବ ଏବଂ ଏହି ପ୍ରକାରେ ସେ ଜାଣିପାରିବ ଯେ ଆପଣ ହେଉଛନ୍ତି ଭଗବାନ୍ । କିନ୍ତୁ ଯେଉଁମାନେ ରଜୋଗୁଣ ଓ ତମୋଗୁଣ ବିଶିଷ୍ଟ ଏବଂ ଯେଉଁମାନେ ରାକ୍ଷସ, ଅଭକ୍ତ ସେମାନେ ଆପଣଙ୍କୁ ବୁଝିପାରନ୍ତି ନାହିଁ । ସେମାନେ

ଆପଣଙ୍କୁ ବୁଝିବାକୁ ଅକ୍ଷମ । ଏ ଅଭକ୍ତଗଣ ବେଦାନ୍ତ ଓ ଉପନିଷଦ ଏବଂ ଅନ୍ୟ ବୈଦିକ ସାହିତ୍ୟ ବ୍ୟାଖ୍ୟା କରିବାରେ ଯେତେ ପ୍ରବୀଣ ହେଲେ'ବି ଭଗବାନଙ୍କୁ ବୁଝିବା ସେମାନଙ୍କ ପକ୍ଷରେ ସମ୍ଭବପର ନୁହେଁ ।''

ବ୍ରହ୍ମସଂହିତାରେ ଏକଥା କୁହାଯାଇଛି ଯେ କେବଳ ବେଦାନ୍ତ ଅଧ୍ୟୟନ କଲେ ଭଗବାନଙ୍କୁ ବୁଝିପାରିବ ନାହିଁ । କେବଳ ଭଗବାନଙ୍କ ଦୟା ବା ଅନୁକମ୍ପା ଲାଭକଲେ ତାଙ୍କୁ ବୁଝିପାରିବ । ତେଣୁ ଏ ଶ୍ଳୋକରେ ସ୍ପଷ୍ଟଭାବେ କୁହାଯାଇଛି ଯେ କେବଳ ଯେ ଦେବତା ପୂଜକମାନେ ଅଳ୍ପବୁଦ୍ଧିସଂପନ୍ନ ତାହା ନୁହେଁ, ଯେଉଁମାନେ ଅଭକ୍ତ, ଅର୍ଥାତ୍ ଯେଉଁମାନେ ବାସ୍ତବ କୃଷ୍ଣଚେତନା ଲାଭ ନକରି କେବଳ ବେଦାନ୍ତ ଅଧ୍ୟୟନ ଏବଂ ବୈଦିକ ସାହିତ୍ୟ ଉପରେ ଚିନ୍ତା କରିବାରେ ରତ, ସେମାନେ ମଧ୍ୟ ଅଳ୍ପବୁଦ୍ଧି ସଂପନ୍ନ ଅଟନ୍ତି । ସେମାନଙ୍କ ପକ୍ଷରେ ଭଗବାନଙ୍କର ବ୍ୟକ୍ତିଗତ ପ୍ରକୃତିକୁ ବୁଝିବା ସମ୍ଭବପର ନୁହେଁ । ଯେଉଁ ଲୋକମାନେ ଏଇ ଧାରଣାର ବଶବର୍ତ୍ତୀ ଯେ ପରମସତ୍ୟ (ଭଗବାନ୍) ନିର୍ବିଶେଷ ବ୍ରହ୍ମ ଅଟନ୍ତି ସେମାନଙ୍କୁ ଅସୁର କୁହାଯାଏ । ଏହାର ତାତ୍ପର୍ଯ୍ୟ ଏହା ଯେ ସେ ପ୍ରକାର ବ୍ୟକ୍ତି ପରମସତ୍ୟ ଭଗବାନଙ୍କର ଅନ୍ତିମ ଆକାର ସମ୍ବନ୍ଧରେ କିଛି ଜାଣେ ନାହିଁ ଶ୍ରୀମଦ୍ ଭାଗବତମ୍‌ରେ ଏକଥା ବର୍ଣ୍ଣନା କରାଯାଇଛି ଯେ, ନିର୍ବିଶେଷ ବ୍ରହ୍ମାନୁଭୂତିରୁ ହିଁ ଭଗବତ୍ ଅନୁଭୂତି ଆରମ୍ଭ ହୁଏ ଏବଂ ତପରେ ଏହା ହୃଦୟସ୍ଥିତ ପରମାତ୍ମା ଅନୁଭୂତିକୁ ଉନ୍ନୀତ ହୁଏ, କିନ୍ତୁ ପରମ ସତ୍ୟର ଅନ୍ତିମ ଶବ୍ଦ ହେଉଛି ଭଗବାନ୍ । ଆଧୁନିକ ମାୟାବାଦୀଗଣ ତଥାପି ଅଳ୍ପବୁଦ୍ଧିସଂପନ୍ନ, କାରଣ ସେମାନେ ସେମାନଙ୍କର ପରମଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ମଧ୍ୟ ଅନୁସରଣ କରନ୍ତି ନାହିଁ, କାହିଁକି ନା' ଶଙ୍କରାଚାର୍ଯ୍ୟ ବିଶେଷଭାବରେ କହିଯାଇଛନ୍ତି ଯେ, ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ୍ । ତେଣୁ ମାୟାବଦୀଗଣ ପରମ ସତ୍ୟକୁ ନଜାଣିପାରି ଶ୍ରୀକୃଷ୍ଣଙ୍କୁ କେବଳ ଦେବକୀ-ବସୁଦେବଙ୍କର ପୁତ୍ର କିମ୍ବା ଜଣେ ରାଜପୁତ୍ର କିମ୍ବା ଅତ୍ୟନ୍ତ କ୍ଷମତାଶାଳୀ ବ୍ୟକ୍ତି ବୋଲି ଭାବନ୍ତି । ଏହାକୁ ମଧ୍ୟ ଭଗବଦ୍ ଗୀତାରେ ନିନ୍ଦା କରାଯାଇଅଛି—

*ଅବଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍ ।*
*ପରଂ ଭାବମଜାନନ୍ତୋ ମମ ଭୂତମହେଶ୍ୱରମ୍ ।।*

''କେବଳ ଯେଉଁମାନେ ମୂଢ଼, ଅଜ୍ଞାନ, ସେହିମାନେ ହିଁ ମୋତେ ସାଧାରଣ ମାନବ ବୋଲି ଭାବନ୍ତି ।'' ପ୍ରକୃତ କଥା ହେଉଛି ଭକ୍ତିଯୋଗ ମାର୍ଗ ଅବଲମ୍ବନ କରି କୃଷ୍ଣସେବା ନକଲେ ଏବଂ କୃଷ୍ଣଚେତନଶୀଳ ନହଲେ କେହି ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବୁଝିପାରିବ ନାହିଁ । ଏକଥା ଶ୍ରୀମଦ୍ ଭାଗବତମ୍‌ରେ ସ୍ୱୀକୃତ ହୋଇଅଛି ।

*ଅଥାପି ତେ ଦେବ ପଦାମ୍ବୁଜ ଦ୍ୱୟ*
*ପ୍ରସାଦ ଲେଶାନୁ ଗୃହୀତ ଏବ ହି*
*ଜାନାତି ତତ୍ତ୍ୱଂ ଭଗବନ୍ ମହିମ୍ନୋ*
*ନ ଚାନ୍ୟ ଏକୋଽପି ଚିରଂ ବିଚିନ୍ୱନ୍*

କେବଳ ମାନସିକ ଅନୁଶୀଳନ (ମନରେ ଚିନ୍ତା କରିବା) ଦ୍ୱାରା କିମ୍ବା ବୈଦିକ ସାହିତ୍ୟର ଆଲୋଚନା ଦ୍ୱାରା କେହି ଭଗବାନ୍ ଶ୍ରୀକୃଷ୍ଣ, ତାଙ୍କର ରୂପ, ଗୁଣ କିମ୍ବା ନାମକୁ ବୁଝି ପାରିବେ ନାହିଁ । କେବଳ କୃଷ୍ଣସେବା ବା ଭକ୍ତିଯୋଗ ମାର୍ଗରେ କୃଷ୍ଣକର୍ମ କରିଆରେ ହିଁ ବ୍ୟକ୍ତି ତାଙ୍କୁ ବୁଝି

ପାରିବ । ଯେତେବେଳେ ବ୍ୟକ୍ତି ହରେକୃଷ୍ଣ ମହାମନ୍ତ୍ର *“ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ”*– କୀର୍ତ୍ତନ କରି ବା ଜପ କରି କୃଷ୍ଣଚେତନଶୀଳ ହେବାକୁ ଆରମ୍ଭକରେ ଏବଂ ପରିଣାମତଃ ସଂପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ ହୋଇ ସତତ ନିଜକୁ କୃଷ୍ଣସେବାରେ ନିୟୁକ୍ତ ରଖେ, ସେତେବେଳେ ସେ ଭଗବାନଙ୍କୁ ବୁଝିପାରେ । ଅଭକ୍ତ ମାୟାବାଦୀଗଣ ଭାବନ୍ତି ଯେ ଶ୍ରୀକୃଷ୍ଣଙ୍କର ଏକ ଭୌତିକ ଶରୀର ଅଛି ଏବଂ ତାଙ୍କର ସମସ୍ତ ଲୀଳା କାର୍ଯ୍ୟକଳାପ, ରୂପ ଏବଂ ତାଙ୍କର ସବୁକିଛି 'ମାୟା' ଅଟେ । ଏମାନେ ମାୟାବାଦୀ ରୂପରେ ପରିଚିତ । ସେମାନେ ପରମସତ୍ୟକୁ ଜାଣନ୍ତି ନାହିଁ ।

ବିଂଶ ଶ୍ଳୋକରେ ଏକଥା ପରିଷ୍କାରଭାବରେ କୁହାଯାଇଅଛି ''ଯେଉଁମାନେ ନାନା କାମନାର ବଶୀଭୂତ ହୋଇ ଅନ୍ଧ ହୋଇ ଯାଇଛନ୍ତି, ସେମାନେ ବିଭିନ୍ନ ଦେବ-ଦେବୀଙ୍କର ଶରଣାପନ୍ନ ହୁଅନ୍ତି ।''ଏକଥା ସ୍ୱୀକୃତ ହୋଇଅଛି ଯେ ଭଗବାନଙ୍କ ବ୍ୟତୀତ ଅନେକ ଦେବା-ଦେବୀ ଅଛନ୍ତି ଏବଂ ସେମାନଙ୍କର ସ୍ୱତନ୍ତ୍ର ଆବାସସ୍ଥଳ ବା ଲୋକ ଅଛି ଏବଂ ଭଗବାନଙ୍କର ମଧ୍ୟ ଏକ ଧାମ ଅଛି । ଏହା ମଧ୍ୟ କୁହାଯାଇଛି ଯେ ଦେବତା ପୂଜକମାନେ, ସେହି ସେହି ଦେବଲୋକ ପ୍ରାପ୍ତ ହୁଅନ୍ତି (ଯେଉଁ ଦେବତାଙ୍କୁ ସେମାନେ ପୂଜା କରୁଥା'ନ୍ତି) ଏବଂ ଯେଉଁମାନେ କୃଷ୍ଣଭକ୍ତ ସେମାନେ କୃଷ୍ଣଲୋକ (ଗୋଲୋକବୃନ୍ଦାବନ)କୁ ଯା'ନ୍ତି । ଯଦିଓ ଏକଥା ପରିଷ୍କାର ଭାବରେ କୁହାଯାଇଅଛି, ତଥାପି ମୂର୍ଖ ମାୟାବାଦୀଗଣ କୁହନ୍ତି ଯେ ଭଗବାନ୍ ନିରାକାର ଏବଂ ଏ ଆକାରମାନ କାଳ୍ପନିକ ବା ମିଥ୍ୟା ଅଟେ । ଗୀତା ଅଧ୍ୟୟନରୁ ଏକଥା କ'ଣ ଜଣାଯାଉଛି ଯେ ଦେବତାଗଣ ଏବଂ ସେମାନଙ୍କ ଆବାସସ୍ଥଳ ନିର୍ବିଶେଷ ବା ଶୂନ୍ୟ ଅଟେ ? ଏହା ସୁସ୍ପଷ୍ଟ ଯେ ଦେବତାଗଣ କିମ୍ବା ଭଗବାନ୍ ଶ୍ରୀକୃଷ୍ଣ କେହି ନିରାକାର ବା ନିର୍ବିଶେଷ ନୁହନ୍ତି । ସେମାନେ ସମସ୍ତେ ପୁରୁଷ; ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ୍ ଏବଂ ତାଙ୍କର ନିଜଧାମ ଅଛି ଏବଂ ଦେବତାମାନଙ୍କର ମଧ୍ୟ ନିଜ ନିଜ ଧାମ ବା ଆବାସ ସ୍ଥଳ ଅଛି ।

ତେଣୁ ନିରାକାରବାଦୀଙ୍କର ଯୁକ୍ତି ପରମ ସତ୍ୟ (ଭଗବାନ) ନିରାକାର ଅଟନ୍ତି ଏବଂ ତାଙ୍କର ଆକାର କେବଳ ଲଦି ଦିଆଯାଇଛି–ଏହି ଯୁକ୍ତି ଆଦୌ ଠିକ୍ ନୁହେଁ । ଏହା ଏଠାରେ ପରିଷ୍କାରଭାବରେ କୁହାଯାଇଛି ଯେ ଏହା ଆଦୌ ଲଦି ଦିଆଯାଇନାହିଁ । ଗୀତାରୁ ଏକଥା ଆମେ ଭଲଭାବରେ ଜାଣିପାରୁ ଯେ ଦେବତାମାନଙ୍କର ଆକାର ଏବଂ ଭଗବାନଙ୍କର ଆକାର ବରାବର ଅଛି ଏବଂ ଭଗବାନ୍ ଶ୍ରୀକୃଷ୍ଣ ହେଉଛନ୍ତି ସତ୍-ଚିତ୍ ଆନନ୍ଦ ବା ଶାଶ୍ୱତ-ଆନନ୍ଦମୟ-ଜ୍ଞାନପୂର୍ଣ୍ଣ । ବେଦରେ ମଧ୍ୟ ଏକଥା ସ୍ୱୀକୃତ ହୋଇଅଛି ଯେ ପରମ ସତ୍ୟ (ଭଗବାନ୍) ଆନନ୍ଦମୟ ଅଟନ୍ତି ଏବଂ ସେ *“ଅଭ୍ୟାସାତ୍”* ଅଟନ୍ତି, ଅର୍ଥାତ୍–ସ୍ୱଭାବତଃ ସେ ଅନନ୍ତ ସୁଗୁଣର ସାଗର ଅଟନ୍ତି । ଗୀତାରେ ଏକଥା ମଧ୍ୟ ଭଗବାନ୍ କହିଛନ୍ତି ଯେ ସେ 'ଅଜ' (ଅଜନ୍ମା) ଅଟନ୍ତି, ତଥାପି ସେ ଆବିର୍ଭୂତ ହୁଅନ୍ତି । ଏସବୁ କଥା ଆମେ ଗୀତାରୁ ବୁଝିବା ଉଚିତ୍ । ଆମେ ଆଦୌ ବୁଝିପାରୁନାହୁଁ ଭଗବାନ୍ କିପରି ନିର୍ବିଶେଷ ବା ନିରାକାର ହୋଇ ପାରନ୍ତି । ଗୀତାର ବର୍ଣ୍ଣନାନୁଯାୟୀ ନିର୍ବିଶେଷବାଦୀ–ନିରାକାରବାଦୀମାନଙ୍କର କଥା, ଅର୍ଥାତ୍ ଭଗବାନଙ୍କ ଉପରେ ଆକାରକୁ ଲଦି ଦିଆଯାଇଅଛି–ଏଇ କଥା ମିଥ୍ୟା ଅଟେ । ଏଠାରେ ସୁସ୍ପଷ୍ଟ ଭାବରେ କୁହାଯାଇଅଛି ଯେ ପରମସତ୍ୟ ଭଗବାନ୍ ଶ୍ରୀକୃଷ୍ଣଙ୍କର ଆକାର ଅଛି ଏବଂ ବ୍ୟକ୍ତିତ୍ୱ ମଧ୍ୟ ଅଛି ।

## ଶ୍ଳୋକ - ୨୫

**ନାହଂ ପ୍ରକାଶଃ ସର୍ବସ୍ୟ ଯୋଗମାୟାସମାବୃତଃ ।**
**ମୂଢ଼ୋଽୟଂ ନାଭିଜାନାତି ଲୋକୋ ମାମଜମବ୍ୟୟମ୍ ।। ୨୫ ।।**

## ଶବ୍ଦାନୁବାଦ

ନ=ନୁହେଁ; ଅହମ୍=ମୁଁ; ପ୍ରକାଶଃ=ପ୍ରକାଶିତ; ସର୍ବସ୍ୟ=ପ୍ରତ୍ୟେକଙ୍କ ପାଖରେ; ଯୋଗ-ମାୟା=ଅନ୍ତରଙ୍ଗା ଶକ୍ତି; ସମାବୃତଃ=ଆଚ୍ଛାଦିତ; ମୂଢ଼ଃ=ନିର୍ବୋଧ, ଅଜ୍ଞାନ; ଅୟମ୍=ଏହା; ନ=ନାହିଁ; ଅଭିଜାନାତି=ବୁଝିପାରେ; ଲୋକଃ=ଏ ପ୍ରକାର ଅଳ୍ପବୁଦ୍ଧିସଂପନ୍ନ ଲୋକେ; ମାମ୍=ମୋତେ; ଅଜମ୍=ଅଜନ୍ମା; ଅବ୍ୟୟମ୍=ଅବ୍ୟୟ (ଅଚ୍ୟୁତ) ।

## ଅନୁବାଦ

**ନିର୍ବୋଧ ଓ ଅଳ୍ପବୁଦ୍ଧିସଂପନ୍ନ ଲୋକମାନଙ୍କ ପାଖରେ ମୁଁ କଦାପି ପ୍ରକାଶିତ ହୁଏ ନାହିଁ। ସେମାନଙ୍କ ପାଖରେ ମୁଁ ମୋର ଶାଶ୍ୱତ ସୃଷ୍ଟିକାରୀ ଶକ୍ତି (ଯୋଗମାୟା) ଦ୍ୱାରା ଆବୃତ୍ତ ହୋଇଥାଏ, ତେଣୁ ମାୟା-ମୋହିତ ଜଗତ ମୋତେ-ମୁଁ ଯେ ଅଜନ୍ମା (ଅଜ) ଏବଂ ଅଚ୍ୟୁତ ଏହା ଜାଣିପାରେ ନାହିଁ।**

## ଭାବାର୍ଥ

ଏପରି ଯୁକ୍ତି କରାଯାଇପାରେ ଯେ କୃଷ୍ଣ'ତ ଏଇ ଜଗତରେ ଥିଲେ ଏବଂ ପ୍ରତ୍ୟେକେ ତାଙ୍କୁ ଦେଖୁଥିଲେ, ତେବେ ଏ କିପରି କଥା ଯେ ସେ ସମସ୍ତଙ୍କ ପାଖରେ ପ୍ରକାଶିତ ହୁଅନ୍ତି ନାହିଁ ? ବାସ୍ତବରେ ସେ ପ୍ରତ୍ୟେକଙ୍କ ପାଖରେ ପ୍ରକାଶିତ ହେଉ ନଥିଲେ । ଯେତେବେଳେ ଶ୍ରୀକୃଷ୍ଣ ଏଠାରେ ଉପସ୍ଥିତ ଥିଲେ, ବାସ୍ତବିକ୍ ଅଳ୍ପ କେତେକ ଲୋକ ତାଙ୍କୁ ଭଗବାନ୍ ବୋଲି ଜାଣି ପାରିଥିଲେ । କୁରୁସଭାରେ ଯେତେବେଳେ ଶିଶୁପାଳ କୃଷ୍ଣଙ୍କୁ ନେତା ନିର୍ବାଚିତ ହେବାଯୋଗୁଁ ଗାଳିଗୁଲଜ କଲା, ସେତେବେଳେ ଭୀଷ୍ମଦେବ ତାଙ୍କୁ (ଭଗବାନ୍ ଶ୍ରୀକୃଷ୍ଣଙ୍କୁ) ଅନୁମୋଦନ କଲେ ଏବଂ ଘୋଷଣା କଲେ ଯେ ସେ ଭଗବାନ୍, ସେହିପରି ପାଣ୍ଡବମାନେ ଏବଂ ଆଉ ଅଳ୍ପ କେତେକ ଲୋକ ଜାଣିଥିଲେ ଯେ ସେ ଭଗବାନ୍ । ସମସ୍ତେ ଏହା ଜାଣି ନଥିଲେ । ସେ ଅଭକ୍ତ ଏବଂ ସାଧାରଣ ଲୋକଙ୍କ ପାଖରେ ପ୍ରକାଶିତ ହେଉନଥିଲେ । ତେଣୁ ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି କେବଳ ତାଙ୍କର ଶୁଦ୍ଧ ଭକ୍ତଙ୍କ ବ୍ୟତୀତ ଅନ୍ୟ ସମସ୍ତେ ତାଙ୍କୁ ନିଜପରି ଅର୍ଥାତ୍ ସାଧାରଣ ମାନବ ପରି ଭାବନ୍ତି । ସେ କେବଳ ତାଙ୍କର ଭକ୍ତମାନଙ୍କ ପାଖରେ ଆନନ୍ଦ ସରୋବର ହିସାବରେ ପ୍ରକାଶିତ ହୁଅନ୍ତି । ଅନ୍ୟମାନଙ୍କ ପାଖରେ (ଅଳ୍ପବୁଦ୍ଧିସଂପନ୍ନ ଅଭକ୍ତମାନଙ୍କ ପାଖରେ) ସେ ତାଙ୍କର ଶାଶ୍ୱତ ଅନ୍ତରଙ୍ଗା ଶକ୍ତି ଦ୍ୱାରା ଆଚ୍ଛାଦିତ ହୁଅନ୍ତି ।

ଶ୍ରୀମଦ୍ ଭାଗବତମ୍‌ରେ ଦିଆଯାଇଥିବା କୁନ୍ତୀଙ୍କ ପ୍ରାର୍ଥନା (୧-୮-୧୮)ରେ ଏହା କୁହାଯାଇଛି ଯେ ଭଗବାନ୍ ଯୋଗମାୟା ଦ୍ୱାରା ଆଚ୍ଛାଦିତ, ତେଣୁ ସାଧାରଣ ଲୋକେ ତାଙ୍କୁ ବୁଝିପାରନ୍ତି ନାହିଁ । ଈଶୋପନିଷଦ ମନ୍ତ୍ର -୧୫ରେ ମଧ୍ୟ ଏ ଯୋଗମାୟା ଆବରଣ କଥା ବର୍ଣ୍ଣନା କରାଯାଇଅଛି ।

*ହିରଣ୍ମୟେଣ ପାତ୍ରେଣ ସତ୍ୟସ୍ୟା ପିହିତଂ ମୁଖମ୍*
*ତତ୍ତ୍ୱଂ ପୁଷନ୍ନ ପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟୋ*

"ହେ ଭଗବାନ୍ ! ଆପଣ ସମସ୍ତ ବ୍ରହ୍ମାଣ୍ଡର ପାଳନକର୍ତ୍ତା ଅଟନ୍ତି ଏବଂ ଭକ୍ତିଯୋଗ ମାର୍ଗ ହିଁ ଆପଣଙ୍କୁ ଜାଣିବା ନିମିତ୍ତ ସର୍ବୋଚ୍ଚ ମାର୍ଗ ବା ଧର୍ମନୀତି ଅଟେ । ତେଣୁ ମୁଁ ପ୍ରାର୍ଥନା କରେ ଯେ ଆପଣ ମଧ୍ୟ ମୋତେ ପାଳନ କରିବେ । ଆପଣଙ୍କ ଦିବ୍ୟରୂପ ଯୋଗମାୟା ଦ୍ୱାରା ଆବୃତ । ବ୍ରହ୍ମଜ୍ୟୋତି (ଆପଣଙ୍କର) ଅନ୍ତରଙ୍ଗା ଶକ୍ତିର ଆଚ୍ଛାଦନକାରୀ ଅଟେ । ଆପଣ ଦୟାକରି ଆପଣଙ୍କର ଏ ଅତି ଉଜ୍ଜ୍ୱଳ ଦୀପ୍ତି (ବ୍ରହ୍ମଜ୍ୟୋତି)କୁ ନିବାରଣ କରିବେ କି ? କାରଣ ଏହା ଆପଣଙ୍କର ସେ ସଚ୍ଚିଦାନନ୍ଦ ବିଗ୍ରହ ବା ଶାଶ୍ୱତ ଆନନ୍ଦମୟ ଓ ଜ୍ଞାନପୂର୍ଣ୍ଣ ରୂପକୁ ଦେଖିବାରେ ମୋର ଦୃଷ୍ଟିପଥରେ ଅନ୍ତରାୟ ସୃଷ୍ଟି କରୁଛି । ଭଗବାନ୍ ତାଙ୍କର ଦିବ୍ୟ ଆନନ୍ଦମୟ ଓ ଜ୍ଞାନପୂର୍ଣ୍ଣ ରୂପରେ ବ୍ରହ୍ମଜ୍ୟୋତିରୂପକ ଶାଶ୍ୱତ ଶକ୍ତିଦ୍ୱାରା ଆଚ୍ଛାଦିତ ଏବଂ ଏଇଥିଯୋଗୁ କମ୍ ବୁଦ୍ଧିସଂପନ୍ନ ମାୟାବାଦୀଗଣ ଭଗବାନଙ୍କୁ ଦେଖି ପାରନ୍ତି ନାହିଁ ।

ଆହୁରି ମଧ୍ୟ ଶ୍ରୀମଦ ଭାଗବତମ୍ (୧୦-୧୪-୭) ରେ ବ୍ରହ୍ମା ପ୍ରାର୍ଥନା କରିଛନ୍ତି, "ହେ ଭଗବାନ୍, ହେ ପରମାତ୍ମା, ହେ ଯୋଗେଶ୍ୱର ! ଏ ଜଗତରେ କିଏ ଆପଣଙ୍କର ଶକ୍ତି ଓ ଲୀଳାକୁ ହିସାବ କରିପାରିବ ? ଆପଣ ସର୍ବଦା ଆପଣଙ୍କ ଶାଶ୍ୱତ ଶକ୍ତିକୁ ବିସ୍ତାର କରି ଚାଲିଛନ୍ତି; ତେଣୁ କେହି ଆପଣଙ୍କୁ ବୁଝି ପାରୁନାହାନ୍ତି । ପ୍ରସିଦ୍ଧ ବୈଜ୍ଞାନିକଗଣ ଏବଂ ପ୍ରସିଦ୍ଧ ପଣ୍ଡିତଗଣ ଭୌତିକ ଜଗତର ଆଣବିକ ଗଠନକୁ ପରୀକ୍ଷା କରି ପାରନ୍ତି କିମ୍ବା ଏପରିକି ଗ୍ରହମାନଙ୍କୁ ପରୀକ୍ଷା କରି ପାରନ୍ତି, ଯଦିଓ ଆପଣ ସେମାନଙ୍କ ସମକ୍ଷରେ ଉପସ୍ଥିତ ଅଛନ୍ତି, ତଥାପି ସେମାନେ ଆପଣଙ୍କର ଶକ୍ତିକୁ କଳ୍ପନା କରିବାକୁ ଅକ୍ଷମ" ଭଗବାନ୍ ଶ୍ରୀକୃଷ୍ଣ କେବଳ ଯେ ଅଜ (ଅଜନ୍ମା) ତାହା ନୁହେଁ; ସେ ମଧ୍ୟ ଅବ୍ୟୟ (ଅଚ୍ୟୁତ) ଅଟନ୍ତି । ତାଙ୍କର ଶାଶ୍ୱତ ରୂପ ହେଉଛି ଆନନ୍ଦମୟ ଓ ଜ୍ଞାନପୂର୍ଣ୍ଣ ଏବଂ ତାଙ୍କର ସମସ୍ତ ଶକ୍ତି ଅସରନ୍ତି ଅଟନ୍ତି ।

## ଶ୍ଳୋକ - ୨୬

**ବେଦାହଂ ସମତୀତାନି ବର୍ତ୍ତମାନାନି ଚାର୍ଜୁନ ।**
**ଭବିଷ୍ୟାଣି ଚ ଭୂତାନି ମାଂ ତୁ ବେଦ ନ କଶ୍ଚନ ।। ୨୬ ।।**

## ଶବ୍ଦାନୁବାଦ

ବେଦ=ଜାଣେ; ଅହମ୍=ମୁଁ; ସମ=ସମାନଭାବରେ; ଅତୀତାନି=ଅତୀତ; ବର୍ତ୍ତମାନାନି=ବର୍ତ୍ତମାନ; ଚ=ଏବଂ; ଅର୍ଜୁନ=ହେ ଅର୍ଜୁନ; ଭବିଷ୍ୟାଣି=ଭବିଷ୍ୟତ; ଚ= ମଧ୍ୟ; ଭୂତାନି=ଜୀବଗଣ; ମାମ୍=ମୋତେ; ତୁ=କିନ୍ତୁ; ବେଦ=ଜାଣନ୍ତି; ନ=ନାହିଁ; କଶ୍ଚନ=କେହି ।

## ଅନୁବାଦ

**ହେ ଅର୍ଜୁନ ! ଭଗବାନ୍ ହିସାବରେ, ଅତୀତରେ କ'ଣ ଘଟିଥିଲା, ବର୍ତ୍ତମାନ କ'ଣ ଘଟୁଛି ଏବଂ ଭବିଷ୍ୟତରେ କ'ଣ ଘଟିବ—ସବୁ ମୁଁ ଜାଣେ । ମୁଁ ମଧ୍ୟ ସମସ୍ତ ଜୀବଙ୍କୁ ଜାଣେ; କିନ୍ତୁ କେହି ମୋତେ ଜାଣନ୍ତି ନାହିଁ ।**

## ଭାବାର୍ଥ

ଏଠାରେ ଭଗବାନଙ୍କର ବ୍ୟକ୍ତିତ୍ୱ (ସାକାର) ଏବଂ ନିରାକାର ପ୍ରଶ୍ନ ପରିଷ୍କାର ଭାବରେ ବର୍ଣ୍ଣନା କରାଯାଇଅଛି । ଯଦି ଭଗବାନ୍ ଶ୍ରୀକୃଷ୍ଣ ମାୟାବାଦୀମାନଙ୍କ ମତାନୁଯାୟୀ 'ମାୟା' ହୁଅନ୍ତି, ବା

ଭୌତିକ ଶରୀରଧାରୀ ହୁଅନ୍ତି, ତେବେ ସେ ସାଧାରଣ ଜୀବଙ୍କ ପରି ଶରୀର ପରିବର୍ତ୍ତନ କରିବେ ଏବଂ ତାଙ୍କର ଅତୀତ ଜୀବନର ସବୁକଥା ଭୁଲିଯିବେ । ଭୌତିକ ଶରୀରଧାରୀ କେହି ଅତୀତ ଜନ୍ମ କଥା ମନେ ରଖି ପାରିବେ ନାହିଁ, ଭବିଷ୍ୟତ ଜୀବନ କଥା ମଧ୍ୟ କହି ପାରିବେ ନାହିଁ ଏବଂ ବର୍ତ୍ତମାନ ଜୀବନରେ କ'ଣ ହେବ– ତାହା ମଧ୍ୟ କହି ପାରିବେ ନାହିଁ, ତେଣୁ ସେ ଭୂତ, ଭବିଷ୍ୟତ ଓ ବର୍ତ୍ତମାନରେ କ'ଣ ଘଟିଥିଲା, କ'ଣ ଘଟିବ ଏବଂ କ'ଣ ଘଟୁଛି ଜାଣିପାରେ ନାହିଁ । ବ୍ୟକ୍ତି ଭୌତିକତାର ସଂସ୍ପର୍ଶରୁ ମୁକ୍ତ ନହେଲେ ସେ କଦାପି ଭୂତ, ଭବିଷ୍ୟତ ଓ ବର୍ତ୍ତମାନ କଥା ଜାଣିପାରିବ ନାହିଁ ।

ଭଗବାନ୍ ଶ୍ରୀକୃଷ୍ଣ ସାଧାରଣ ଲୋକଙ୍କ ପରି ନୁହନ୍ତି । ସେ ଏଠାରେ ପରିଷ୍କାର ଭାବରେ କହୁଛନ୍ତି ଯେ ସେ ଭୂତ, ଭବିଷ୍ୟତ ଓ ବର୍ତ୍ତମାନରେ କ'ଣ ଘଟିଥିଲା, କ'ଣ ଘଟିବ ଏବଂ କ'ଣ ଘଟିଛି ସବୁ ଭଲଭାବରେ ଜାଣିଛନ୍ତି । ଚତୁର୍ଥ ଅଧ୍ୟାୟରେ ଆମେ ଦେଖିଛୁ ଯେ ଭଗବାନ୍ ଶ୍ରୀକୃଷ୍ଣ କୋଟି କୋଟି ବର୍ଷ ପୂର୍ବେ ବିବସ୍ୱାନଙ୍କୁ ଏ ଶିକ୍ଷା ଦେଇଥିବା କଥା ମନେ ରଖିଛନ୍ତି । ଭଗବାନ୍ ଶ୍ରୀକୃଷ୍ଣ ପ୍ରତ୍ୟେକ ଜୀବକୁ ଜାଣନ୍ତି, କାରଣ ସେ ପ୍ରତ୍ୟେକ ଜୀବର ହୃଦୟରେ ପରମାତ୍ମା ରୂପରେ ବିଦ୍ୟମାନ । ପ୍ରତ୍ୟେକ ଜୀବ ଦେହରେ ସେ ପରମାତ୍ମା ରୂପରେ ବିଦ୍ୟମାନ ଏବଂ ଭୌତିକ ଆକାଶର ଊର୍ଦ୍ଧ୍ୱରେ ସେ ଭଗବାନ୍ ରୂପରେ ବିଦ୍ୟମାନ, ଏହା ସତ୍ତ୍ୱେ ଅଳ୍ପବୁଦ୍ଧିସଂପନ୍ନ ଲୋକେ ତାଙ୍କୁ ଭଗବାନ୍ ବୋଲି ଜାଣି ପାରନ୍ତି ନାହିଁ । ବାସ୍ତବିକ୍ ଶ୍ରୀକୃଷ୍ଣଙ୍କର ଦିବ୍ୟ ଶରୀର ନାଶଶୀଳ ନୁହେଁ। ସେ ଠିକ୍ ସୂର୍ଯ୍ୟ ସଦୃଶ ଏବଂ ମାୟା ମେଘ (ବାଦଲ) ସଦୃଶ । ଭୌତିକ ଜଗତରେ ଆମେ ଦେଖିପାରୁ ଯେ ସୂର୍ଯ୍ୟ ଅଛନ୍ତି, ବାଦଲ ଅଛି ଏବଂ ବିଭିନ୍ନ ଗ୍ରହ, ଉପଗ୍ରହ ଓ ତାରକା ଅଛନ୍ତି । ବାଦଲ ଅଳ୍ପ ସମୟ ପାଇଁ ଆକାଶରେ ଏମାନଙ୍କୁ ଆଚ୍ଛାଦିତ କରିପାରେ, କିନ୍ତୁ ଏ ଆଚ୍ଛାଦନ ଆମର ସୀମିତ ଦୃଷ୍ଟିରେ ଦୃଶ୍ୟମାନ ହୁଏ । ସୂର୍ଯ୍ୟ, ଚନ୍ଦ୍ର ଓ ତାରକାଗଣ ବାସ୍ତବରେ ଆଚ୍ଛାଦିତ ହୋଇ ନଥା'ନ୍ତି । ଠିକ୍ ସେହିପରି ମାୟା କଦାପି ଭଗବାନଙ୍କୁ ଆଚ୍ଛାଦନ କରିପାରିବ ନାହିଁ। ଅଳ୍ପବୁଦ୍ଧିସଂପନ୍ନ ଲୋକଙ୍କ ପାଖରେ ସେ ତାଙ୍କ ଅନ୍ତରଙ୍ଗା ଶକ୍ତି ବଳରେ ପ୍ରକାଶିତ ହୁଅନ୍ତି ନାହିଁ । ଏହି ଅଧ୍ୟାୟର ତୃତୀୟ ଶ୍ଲୋକରେ କୁହାଯାଇଅଛି ଯେ ସହସ୍ର ସହସ୍ର ମାନବଙ୍କ ମଧ୍ୟରୁ ଅଳ୍ପ କେତେଜଣ ଏଇ ମାନବ ଜୀବନରେ ସିଦ୍ଧିଲାଭ କରିବାକୁ ଚେଷ୍ଟା କରନ୍ତି ଏବଂ ଏ ପ୍ରକାର ସହସ୍ର ସହସ୍ର ସିଦ୍ଧ ପୁରୁଷଙ୍କ ମଧ୍ୟରୁ କେହି ଜଣେ ଜାଣିପାରେ ଯେ ଭଗବାନ୍ ଶ୍ରୀକୃଷ୍ଣ କ'ଣ ? ଏପରିକି ଯଦି କେହି ନିର୍ବିଶେଷ ବ୍ରହ୍ମାନୁଭୂତି ବା ହୃଦୟସ୍ଥିତ ପରମାତ୍ମା ଅନୁଭୂତି ଲାଭ କରିଥାଏ, ତଥାପି ସେ କୃଷ୍ଣଚେତନା ବିନା କଦାପି ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବୁଝିପାରିବ ନାହିଁ ।

## ଶ୍ଲୋକ - ୨୭

**ଇଚ୍ଛାଦ୍ୱେଷସମୁତ୍‌ଥେନ ଦ୍ୱନ୍ଦ୍ୱମୋହେନ ଭାରତ ।**
**ସର୍ବଭୂତାନି ସଂମୋହଂ ସର୍ଗେ ଯାନ୍ତି ପରନ୍ତପ ।।୨୭।।**

## ଶବ୍ଦାନୁବାଦ

ଇଚ୍ଛା=କାମନା; ଦ୍ୱେଷ=ଘୃଣାକରିବା; ସମୁତ୍‌ଥେନ=ଜାତ; ଦ୍ୱନ୍ଦ୍ୱ=ଦ୍ୱନ୍ଦ୍ୱ (ଦ୍ୱୈତ-ଭାବ); ମୋହେନ=ମୋହଦ୍ୱାରା (ଅଧିକୃତ); ଭାରତ=ହେ ଭରତବଂଶଜ; ସର୍ବ=ସମସ୍ତ;

ଭୂତାନି=ଜୀବଗଣ; ସଂମୋହମ୍=ଅଜ୍ଞାନକୁ; ସର୍ଗେ=ସୃଷ୍ଟିରେ; ଯାନ୍ତି=ଗତି କରନ୍ତି; ପରନ୍ତପ=ହେ ଶତ୍ରୁବିଜେତା ।

## ଅନୁବାଦ

**ହେ ଭରତବଂଶଜ (ଅର୍ଜୁନ) ! ହେ ଶତ୍ରୁ ବିଜେତା, ସମସ୍ତ ଜୀବ ଇଚ୍ଛା-ଦ୍ୱେଷ–ଏଇ ଦ୍ୱୈତଭାବ ଦ୍ୱାରା ଅଧିକୃତ ହୋଇ ମୋହାଚ୍ଛନ୍ନ ହୋଇଛନ୍ତି ।**

## ଭାବାର୍ଥ

ଜୀବର ବାସ୍ତବ ସ୍ୱରୂପ ହେଉଛି, ସେ ଶୁଦ୍ଧଜ୍ଞାନ ସ୍ୱରୂପ ଭଗବାନଙ୍କର ଅଧୀନ ଅଟେ । ଯେତେବେଳେ ଜୀବ ଏଇ ଶୁଦ୍ଧ ଜ୍ଞାନଠାରୁ ଅଲଗା ହୋଇଯାଇ ମୋହିତ ହୋଇଯାଏ, ସେତେବେଳେ ସେ ମାୟାଶକ୍ତି ଦ୍ୱାରା ନିୟନ୍ତ୍ରିତ ହୁଏ ଏବଂ ଭଗବାନଙ୍କୁ ବୁଝି ପାରେ ନାହିଁ । ଇଚ୍ଛା-ଦ୍ୱେଷ–ଏଇ ଦ୍ୱୈତଭାବ ଜରିଆରେ ମାୟାଶକ୍ତି ପ୍ରକାଶିତ ହେଉଅଛି । ଏଇ ଇଚ୍ଛା-ଦ୍ୱେଷ ଯୋଗୁଁ ଅଜ୍ଞବ୍ୟକ୍ତି ଭଗବାନଙ୍କ ସହିତ ଏକ ହେବାକୁ ଇଚ୍ଛା କରେ ଏବଂ ଭଗବାନ୍ ହିସାବରେ ଶ୍ରୀକୃଷ୍ଣଙ୍କୁ ହିଂସା କରେ । ଯେଉଁ ଶୁଦ୍ଧ ଭକ୍ତଗଣ ଇଚ୍ଛା-ଦ୍ୱେଷଦ୍ୱାରା ମୋହିତ ବା ଦୂଷିତ ହୁଅନ୍ତି ନାହିଁ ସେମାନେ ଜାଣିପାରନ୍ତି ଯେ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର ଅନ୍ତରଙ୍ଗା ଶକ୍ତି ସାହାଯ୍ୟରେ ଆବିର୍ଭୂତ ହୁଅନ୍ତି; କିନ୍ତୁ ଯେଉଁମାନେ ଏଇ ଇଚ୍ଛା ଦ୍ୱେଷ (ଦ୍ୱନ୍ଦ୍ୱ) ଏବଂ ଅଜ୍ଞାନତା ଦ୍ୱାରା ମୋହିତ ସେମାନେ ଭାବନ୍ତି ଯେ ଭଗବାନ୍ ଭୌତିକ ଶକ୍ତିଦ୍ୱାରା ସୃଷ୍ଟ । ଏହା ସେମାନଙ୍କର ଦୁର୍ଭାଗ୍ୟ ଅଟେ । ଏ ପ୍ରକାର ମାୟାମୋହିତ ବ୍ୟକ୍ତିଗଣ ସତତ ମାନ-ଅପମାନରୂପକ ଦ୍ୱନ୍ଦ୍ୱ, ସୁଖ-ଦୁଃଖ-ରୂପକ ଦ୍ୱନ୍ଦ୍ୱ, ସ୍ତ୍ରୀ-ପୁରୁଷରୂପକ ଦ୍ୱନ୍ଦ୍ୱ, ଭଲ-ମନ୍ଦରୂପକ ଦ୍ୱନ୍ଦ୍ୱ ଆନନ୍ଦ-ନିରାନନ୍ଦରୂପକ ଦ୍ୱନ୍ଦ୍ୱରେ ବାସ କରନ୍ତି । ସେମାନେ ଭାବନ୍ତି, "ଏ ମୋର ସ୍ତ୍ରୀ, ଏ ମୋର ଘର, ମୁଁ ଏ ଘରର ମାଲିକ, ମୁଁ ଏ ସ୍ତ୍ରୀର ସ୍ୱାମୀ...... ଇତ୍ୟାଦି ।" ଏ ସବୁ ହେଉଛି ମାୟା-ମୋହରୂପକ ଦ୍ୱନ୍ଦ୍ୱ । ଯେଉଁମାନେ ଏପ୍ରକାରେ ଦ୍ୱନ୍ଦ୍ୱାଭିଭୂତ ସେମାନେ ସଂପୂର୍ଣ୍ଣରୂପେ ନିର୍ବୋଧ ଏବଂ ସେଇଥିପାଇଁ ସେମାନେ ଭଗବାନଙ୍କୁ ବୁଝି ପାରନ୍ତି ନାହିଁ ।

## ଶ୍ଳୋକ - ୨୮

**ଯେଷାଂ ତ୍ୱନ୍ତଗତଂ ପାପଂ ଜନାନାଂ ପୁଣ୍ୟକର୍ମଣାମ୍ ।**
**ତେ ଦ୍ୱନ୍ଦ୍ୱମୋହନିର୍ମୁକ୍ତା ଭଜନ୍ତେ ମାଂ ଦୃଢ଼ବ୍ରତାଃ ।। ୨୮ ।।**

## ଶବ୍ଦାନୁବାଦ

ଯେଷାମ୍=ଯେଉଁମାନଙ୍କର; ତୁ=କିନ୍ତୁ; ଅନ୍ତ-ଗତମ୍=ସଂପୂର୍ଣ୍ଣରୂପେ ଦୂର ହୋଇଅଛି; ପାପମ୍=ପାପ; ଜନାନାମ୍=ଲୋକମାନଙ୍କର; ପୁଣ୍ୟ=ପୁଣ୍ୟ; କର୍ମଣାମ୍=ପୂର୍ବ କର୍ମମାନ; ତେ=ସେମାନେ; ଦ୍ୱନ୍ଦ୍ୱ=ଦ୍ୱନ୍ଦ୍ୱ (ଦୈତଭାବ); ମୋହ=ମୋହ; ନିର୍ମୁକ୍ତାଃ=ନିର୍ମୁକ୍ତ; ଭଜନ୍ତେ=ଭଜନ କରନ୍ତି ବା ପୂଜା କରନ୍ତି; ମାମ୍=ମୋତେ; ଦୃଢ଼-ବ୍ରତାଃ=ଦୃଢ଼ତାର ସହିତ ।

## ଅନୁବାଦ

**ଯେଉଁଲୋକମାନେ ପୂର୍ବଜନ୍ମରେ ତଥା ଏହି ଜନ୍ମରେ ପୁଣ୍ୟକର୍ମ କରିଛନ୍ତି ଏବଂ ଯେଉଁମାନଙ୍କର ପାପ ସଂପୂର୍ଣ୍ଣରୂପେ ଦୂର ହୋଇ ଯାଇଅଛି ଏବଂ ଯେଉଁମାନେ ଦ୍ୱନ୍ଦ୍ୱ-**

**ମୋହରୁ ମୁକ୍ତ, ସେହିମାନେ ହିଁ ଦୃଢ଼ତାର ସହିତ ମୋତେ ଭଜନ କରନ୍ତି ବା ପୂଜା କରନ୍ତି ।**

## ଭାବାର୍ଥ

ଯେଉଁମାନେ ଦିବ୍ୟ-ସ୍ତରକୁ ଉନ୍ନୀତ ହେବାକୁ ଯୋଗ୍ୟ ସେହିମାନଙ୍କ କଥା ଏ ଶ୍ଳୋକରେ ବର୍ଣ୍ଣନା କରାଯାଇଅଛି । ଯେଉଁମାନେ ପାପୀ, ନାସ୍ତିକ, ନିର୍ବୋଧ ଏବଂ ଧୋକାବାଜ ଅଟନ୍ତି, ସେମାନଙ୍କ ପକ୍ଷରେ ଦ୍ୱନ୍ଦ୍ୱ-ମୋହ ଏବଂ ଘୃଣାରୁ ମୁକ୍ତ ହେବା ବଡ଼ କଷ୍ଟକର । ଯେଉଁମାନେ ଜୀବନରେ ଧର୍ମନୀତି ଅନୁସରଣ କରି ଜୀବନ ବିତାଇଛନ୍ତି ବା ବିତାଉଛନ୍ତି ଏବଂ ଯେଉଁମାନେ ପୁଣ୍ୟକର୍ମ କରିଛନ୍ତି ଏବଂ ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇ ଯାଇଛନ୍ତି, ସେହିମାନେ ହିଁ ଭକ୍ତିଯୋଗ ମାର୍ଗକୁ ଗ୍ରହଣ କରି ପାରନ୍ତି ଏବଂ କ୍ରମଶଃ ଭଗବତ୍ ବିଜ୍ଞାନ ଲାଭ କରିବା ନିମିତ୍ତ ନିଜକୁ ଉପରକୁ ଉଠାଇ ପାରନ୍ତି । ତତ୍ପରେ ସେମାନେ ଭଗବାନଙ୍କ ଉପରେ ଧ୍ୟାନ କରିପାରନ୍ତି । ଦିବ୍ୟସ୍ତରରେ ଅବସ୍ଥାନ କରିବାର ଏହାହିଁ ହେଉଛି ବିଧି । ଏ ପ୍ରକାର ଉନ୍ନତି ଶୁଦ୍ଧ ଭକ୍ତମେଳରେ-ସାଧୁସଙ୍ଗରେ କୃଷ୍ଣଚେତନାରେ ହିଁ ସମ୍ଭବପର; କାରଣ ଶୁଦ୍ଧ ଭକ୍ତ ବା ସାଧୁ ହିଁ ବ୍ୟକ୍ତିକୁ ଦ୍ୱନ୍ଦ୍ୱ-ମୋହରୁ ମୁକ୍ତ କରାଇପାରେ ।

ଭାଗବତରେ ଏହା କୁହାଯାଇଛି ଯେ ଯଦି କେହି ପ୍ରକୃତରେ ମୁକ୍ତ ହେବାକୁ ଇଚ୍ଛା କରେ, ତାକୁ ନିଶ୍ଚୟ ଭକ୍ତର ସେବା କରିବାକୁ ପଡ଼ିବ; କିନ୍ତୁ ଯେ ଭୌତିକବାଦୀ ବା ସଂସାରୀ ଲୋକଙ୍କ ସାଥିରେ ବାସକରେ, ସେ ଏକ ଅଜ୍ଞାନ ଅନ୍ଧକାରମୟ ସ୍ଥାନକୁ ଗତିକରୁଛି ବୋଲି କୁହାଯିବ । କେବଳ ବଦ୍ଧଜୀବକୁ ଦ୍ୱନ୍ଦ୍ୱ-ମୋହରୁ ମୁକ୍ତ କରିବା ନିମିତ୍ତ ଭକ୍ତମାନେ ଏ ପୃଥିବୀରେ ବିଚରଣ କରନ୍ତି । ମାୟାବଦୀମାନେ ଏକଥା ଜାଣନ୍ତି ନାହିଁ ଯେ *'ଜୀବ ନିତ୍ୟ କୃଷ୍ଣଦାସ'* ଅର୍ଥାତ୍ ଜୀବର ସ୍ୱରୂପ କ'ଣ ? ଏହି କଥାକୁ ଭୁଲିଯିବା ଅର୍ଥ ଭଗବାନଙ୍କ ନିୟମର ଏକ ବିରାଟ ଉଲ୍ଲଘଂନ ଅଟେ । ଯେ ପର୍ଯ୍ୟନ୍ତ ବ୍ୟକ୍ତି ନିଜ ସ୍ୱରୂପରେ ଅବସ୍ଥାନ ନ କରିଛି, ସେ ପର୍ଯ୍ୟନ୍ତ ଭଗବାନଙ୍କୁ ବୁଝିବା ସମ୍ଭବପର ନୁହେଁ କିମ୍ବା ଦୃଢ଼ବ୍ରତର ସହିତ ଭକ୍ତିଯୋଗ ମାର୍ଗରେ କୃଷ୍ଣସେବାରେ ନିଯୁକ୍ତ ହେବା ସମ୍ଭବପର ନୁହେଁ ।

## ଶ୍ଳୋକ - ୨୯

**ଜରାମରଣମୋକ୍ଷାୟ ମାମାଶ୍ରିତ୍ୟ ଯତନ୍ତି ଯେ ।**
**ତେ ବ୍ରହ୍ମ ତଦ୍‌ବିଦୁଃ କୃତ୍ସ୍ନମଧ୍ୟାତ୍ମଂ କର୍ମ ଚାଖିଳମ୍ ।। ୨୯ ।।**

## ଶବ୍ଦାନୁବାଦ

ଜରା=ବୃଦ୍ଧାବସ୍ଥା; ମରଣ=ମୃତ୍ୟୁ; ମୋକ୍ଷାୟ=ମୋକ୍ଷ ଉଦ୍ଦେଶ୍ୟରେ; ମାମ୍=ମୋତେ; ଆଶ୍ରିତ୍ୟ=ଆଶ୍ରୟକରି; ଯତନ୍ତି=ଚେଷ୍ଟା କରନ୍ତି; ଯେ=ଯେଉଁମାନେ; ତେ=ସେମାନେ; ବ୍ରହ୍ମ=ବ୍ରହ୍ମ; ତତ୍=ବାସ୍ତବରେ ତାହା; ବିଦୁଃ=ସେମାନେ ଜାଣନ୍ତି; କୃତ୍ସ୍ନମ୍=ସବୁକିଛି; ଅଧ୍ୟାତ୍ମମ୍=ଦିବ୍ୟ; କର୍ମ=ସକାମକର୍ମ; ଚ=ମଧ୍ୟ; ଅଖିଳମ୍=ସମଗ୍ରଭାବେ ।

## ଅନୁବାଦ

**ଯେଉଁ ବୁଦ୍ଧିମାନ ଲୋକେ ବୃଦ୍ଧାବସ୍ଥା ଏବଂ ମୃତ୍ୟୁରୁ ରକ୍ଷାପାଇବାକୁ ଚେଷ୍ଟା କରୁଥା'ନ୍ତି, ସେମାନେ ଭକ୍ତିଯୋଗ ମାର୍ଗରେ ସେବାରତ ହୋଇ ମୋ'ଠାରେ ଆଶ୍ରୟ ଗ୍ରହଣ କରନ୍ତି ।**

**ବାସ୍ତବରେ ସେମାନେ 'ବ୍ରହ୍ମ' କଣ ଏବଂ ଭଲ ଭାବରେ ଦିବ୍ୟ କର୍ମ ତଥା ସକାମ କର୍ମ ସମ୍ବନ୍ଧରେ ସବୁକିଛି ଜାଣି ଥା'ନ୍ତି ।**

## ଭାବାର୍ଥ

ଜନ୍ମ, ମୃତ୍ୟୁ, ଜରା ଓ ବ୍ୟାଧି ଏ ଭୌତିକ ଶରୀରରେ ଅନୁଭୂତ ହୁଅନ୍ତି, ଅର୍ଥାତ୍ ଏ ଭୌତିକ ଶରୀର ଏ ଦୁଃଖଭୋଗ କରେ, କିନ୍ତୁ ଦିବ୍ୟ ଶରୀର ଏଥିରେ ଆକ୍ରାନ୍ତ ହୁଏ ନାହିଁ । ଦିବ୍ୟ ଶରୀରର ଜନ୍ମ, ମୃତ୍ୟୁ, ଜରା-ବ୍ୟାଧି ନାହିଁ । ତେଣୁ ଯେ ଦିବ୍ୟ ଶରୀର ପ୍ରାପ୍ତ ହୁଏ, ସେ ଭଗବାନଙ୍କର ଏକ ଚିରନ୍ତନ ସାଥି ହୋଇଯାଏ ଏବଂ ଶାଶ୍ୱତ ସେବା (କୃଷ୍ଣସେବା)ରେ ନିଯୁକ୍ତ ହୁଏ । ସେ ହିଁ ବାସ୍ତବରେ ମୁକ୍ତ ଅଟେ । *''ଅହଂ ବ୍ରହ୍ମାସ୍ମି''*– ମୁଁ ବ୍ରହ୍ମ ଅଟେ । ପ୍ରତ୍ୟେକ ଏହା ବୁଝିବା ଉଚିତ୍ ଯେ ସେ 'ବ୍ରହ୍ମ' ଅଟେ । ଜୀବନରେ ଏହି ବ୍ରହ୍ମ-ଧାରଣା ଭକ୍ତିଯୋଗ ମାର୍ଗରେ ମଧ୍ୟ ଅଛି । ଏହା ଏହି ଶ୍ଳୋକରେ ବର୍ଣ୍ଣନା କରାଯାଇଛି । ଶୁଦ୍ଧ ଭକ୍ତବୃନ୍ଦ ଦିବ୍ୟଭାବରେ 'ବ୍ରହ୍ମସ୍ତରରେ' ଅବସ୍ଥାନ କରନ୍ତି ଏବଂ ସେମାନେ ଦିବ୍ୟ କର୍ମ ତଥା ସକାମ କର୍ମ ସମ୍ବନ୍ଧରେ ସବୁକିଛି ଜାଣନ୍ତି ।

ଚାରିପ୍ରକାର ଭକ୍ତ, ଯେଉଁମାନେ ବିଶୁଦ୍ଧ ନୁହଁନ୍ତି, କିନ୍ତୁ କୃଷ୍ଣସେବାରେ ନିଜକୁ ନିଯୁକ୍ତ କରିଥା'ନ୍ତି, ସେମାନେ ନିଜେ ନିଜର ଲକ୍ଷ୍ୟ ମଧ୍ୟ ପ୍ରାପ୍ତ ହୁଅନ୍ତି ଏବଂ ଭଗବାନଙ୍କ କୃପାରୁ, ଯେତେବେଳେ ସେମାନେ ପୂର୍ଣ୍ଣତଃ କୃଷ୍ଣଚେତନଶୀଳ ହୁଅନ୍ତି, ସେତେବେଳେ ସେମାନେ ବାସ୍ତବରେ ଭଗବତ୍ ସଙ୍ଗ ବା ଦିବ୍ୟସଙ୍ଗ ବା ସତ୍‌ସଙ୍ଗ ଲାଭ କରନ୍ତି । କିନ୍ତୁ ଯେଉଁମାନେ ଅନ୍ୟ ଦେବତା ପୂଜକ ସେମାନେ କଦାପି ପରମ ଧାମରେ ଅବସ୍ଥାନ କରୁଥିବା ଭଗବାନଙ୍କ ନିକଟରେ ପହଞ୍ଚି ପାରିବେ ନାହିଁ । ଏପରିକି ଅଳ୍ପବୁଦ୍ଧିସଂପନ୍ନ ବ୍ରହ୍ମାନୁଭୂତି ଲାଭ କରିଥିବା ବ୍ୟକ୍ତିଗଣ, ଗୋଲକ ବୃନ୍ଦାବନ ନାମରେ ପରିଚିତ ଶ୍ରୀକୃଷ୍ଣଙ୍କର ପରମ ଧାମରେ ପହଞ୍ଚିପାରିବେ ନାହିଁ । କେବଳ ସେହି ଲୋକମାନେ, ଯେଉଁମାନେ (ମାମ୍ ଆଶ୍ରିତ୍ୟ) କୃଷ୍ଣଚେତନଶୀଳ ହୋଇ ସର୍ବଦା କୃଷ୍ଣ ସେବାରତ, ବାସ୍ତବରେ 'ବ୍ରହ୍ମ' ପଦବାଚ୍ୟ ଅଟନ୍ତି, କାରଣ ସେହିମାନେ ହିଁ ପ୍ରକୃତରେ କୃଷ୍ଣଲୋକରେ ପ୍ରବେଶ କରିବାକୁ ଚେଷ୍ଟା କରୁଛନ୍ତି । ଏ ପ୍ରକାର ବ୍ୟକ୍ତିମାନଙ୍କର ଶ୍ରୀକୃଷ୍ଣ ସମ୍ବନ୍ଧରେ କୌଣସି ପ୍ରକାର ମତଦ୍ୱୈଧ ନାହିଁ, ତେଣୁ ବାସ୍ତବରେ ସେମାନେ 'ବ୍ରହ୍ମ' ପଦବାଚ୍ୟ ଅଟନ୍ତି ।

ଯେଉଁମାନେ ଭଗବାନଙ୍କର ଅର୍ଚ୍ଚାମୂର୍ତ୍ତି ବା ବିଗ୍ରହ-ପୂଜା କରନ୍ତି କିମ୍ବା ଯେଉଁମାନେ କେବଳ ଭୌତିକ ବନ୍ଧନରୁ ମୁକ୍ତ ହେବା ନିମିତ୍ତ ଭଗବାନଙ୍କୁ ଧ୍ୟାନ କରି ଚାଲିଛନ୍ତି, ଭଗବତ୍ କୃପାରୁ, ସେମାନେ ମଧ୍ୟ ପରବର୍ତ୍ତୀ ଶ୍ଳୋକରେ ଭଗବାନଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଥିବା 'ବ୍ରହ୍ମ' ଅଧିଭୂତ ଆଦି ସମ୍ବନ୍ଧୀୟ ତତ୍ତ୍ୱ ଜାଣନ୍ତି ।

## ଶ୍ଳୋକ - ୩୦

**ସାଧିଭୂତାଧିଦୈବଂ ମାଂ ସାଧିଯଜ୍ଞଂ ଚ ଯେ ବିଦୁଃ ।**
**ପ୍ରୟାଣକାଲେଽପି ଚ ମାଂ ତେ ବିଦୁର୍ଯୁକ୍ତଚେତସଃ ।।୩୦।।**

## ଶବ୍ଦାନୁବାଦ

ସ-ଅଧିଭୂତ=ଭୌତିକ ପ୍ରକାଶର ନିୟନ୍ତ୍ରଣକାରୀ ବିଧି; ଅଧିଦୈବମ୍=ସମସ୍ତ ଦେବତାଙ୍କ ନିୟନ୍ତ୍ରଣକାରୀ; ମାମ୍=ମୋତେ; ସ-ଅଧିଯଜ୍ଞମ୍=ସମସ୍ତ ଯଜ୍ଞକୁ ରକ୍ଷା କରୁଥିବା; ଚ=ଏବଂ; ଯେ=ଯେଉଁମାନେ; ବିଦୁଃ=ଜାଣନ୍ତି; ପ୍ରୟାଣ-କାଳେ=ମୃତ୍ୟୁ ସମୟରେ; ଅପି=ଏପରିକି; ଚ=ଏବଂ; ମାମ୍=ମୋତେ; ତେ=ସେମାନେ; ବିଦୁଃ=ଜାଣନ୍ତି; ଯୁକ୍ତ-ଚେତସଃ=ଦୃଢ଼ ମନୋବୃତ୍ତିସଂପନ୍ନ ବ୍ୟକ୍ତିଗଣ ।

## ଅନୁବାଦ

**ଯେଉଁମାନେ ମୋତେ ପରମେଶ୍ୱର ରୂପେ ଜାଣନ୍ତି, ଭୌତିକ ପ୍ରକାଶର ନିୟନ୍ତ୍ରଣକାରୀ ବିଧିରୂପେ ଜାଣନ୍ତି, ଯେଉଁମାନେ ମୋତେ ସମସ୍ତ ଦେବତାଙ୍କର ନିୟନ୍ତ୍ରଣକାରୀ ରୂପେ ଜାଣନ୍ତି ଏବଂ ସମସ୍ତ ଯଜ୍ଞର ରକ୍ଷାକର୍ତ୍ତାରୂପେ ଜାଣନ୍ତି ସେହିମାନେ ହିଁ ଦୃଢ଼ମନରେ ମୋତେ ଜାଣିପାରନ୍ତି ଏବଂ ଏପରିକି ମୃତ୍ୟୁ ସମୟରେ ମଧ୍ୟ ମୋତେ ଜାଣି ପାରନ୍ତି ।**

## ଭାବାର୍ଥ

ଯେଉଁମାନେ କୃଷ୍ଣଚେତନାରେ କାର୍ଯ୍ୟକରନ୍ତି, ସେମାନେ କଦାପି ସଂପୂର୍ଣ୍ଣରୂପେ ପରମପୁରୁଷ ଭଗବାନଙ୍କୁ ବୁଝିବା ମାର୍ଗରୁ ଦୂରେଇ ଯା'ନ୍ତି ନାହିଁ । ବ୍ୟକ୍ତି ଯଦି କୃଷ୍ଣଚେତନଶୀଳ ସାଧୁମାନଙ୍କର ଦିବ୍ୟସଙ୍ଗ ଲାଭ କରିପାରେ, ତେବେ ସେ ବୁଝିପାରିବ କିପରି ପରମେଶ୍ୱର ଭୌତିକ ପ୍ରକାଶ ତଥା ଦେବତାମାନଙ୍କର ନିୟନ୍ତ୍ରଣକାରୀ ଶକ୍ତିରୂପେ କାର୍ଯ୍ୟ କରୁଛନ୍ତି । କ୍ରମଶଃ ଏ ପ୍ରକାର ସତ୍‌ସଙ୍ଗ ଲାଭଦ୍ୱାରା ବ୍ୟକ୍ତି ପରମପୁରୁଷ ଭଗବାନଙ୍କୁ ଭଲରକମ ବୁଝି ପାରିବ ଏବଂ ମୃତ୍ୟୁ ସମୟରେ ଏ ପ୍ରକାର କୃଷ୍ଣଚେତନଶୀଳ ବ୍ୟକ୍ତି କଦାପି ଶ୍ରୀକୃଷ୍ଣଙ୍କୁ ଭୁଲି ପାରିବ ନାହିଁ । ଫଳତଃ ସେ ଏହି ପ୍ରକାରେ ଭଗବାନଙ୍କର ପରମଧାମ ଗୋଲକ ବୃନ୍ଦାବନକୁ ଉନ୍ନୀତ ହେବ ।

ଏହି ସପ୍ତମ ଅଧ୍ୟାୟରେ ବିଶେଷ କରି ବର୍ଣ୍ଣନା କରାଯାଇଛି, କିପରି ବ୍ୟକ୍ତି ସଂପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ ହୋଇପାରିବ । କୃଷ୍ଣଚେତନଶୀଳ ମହାତ୍ମାମାନଙ୍କର ସଙ୍ଗଲାଭ ହେଉଛି ପ୍ରଥମ କାମ । ଏତଦ୍ଦ୍ୱାରା ବ୍ୟକ୍ତି କୃଷ୍ଣଚେତନଶୀଳ ହେବାକୁ ଆରମ୍ଭକରେ । ଏ ପ୍ରକାର ସଙ୍ଗ ଦିବ୍ୟସଙ୍ଗ ବା ସତ୍‌ସଙ୍ଗ ଅଟେ ଏବଂ ଏହା ବ୍ୟକ୍ତିକୁ ପ୍ରତ୍ୟକ୍ଷଭାବରେ ଭଗବାନଙ୍କ ସଂସ୍ପର୍ଶରେ ଆଣେ ଏବଂ ସେହି ଭଗବାନଙ୍କ ଦୟାରୁ ବ୍ୟକ୍ତି ଶ୍ରୀକୃଷ୍ଣଙ୍କୁ ଭଗବାନରୂପେ ଜାଣିପାରେ । ଆହୁରି ମଧ୍ୟ ସେଥି ସଙ୍ଗେ ସଙ୍ଗେ ବ୍ୟକ୍ତି ଜୀବର ସ୍ୱରୂପ ସମ୍ବନ୍ଧରେ ଅବଗତ ହୋଇପାରେ ଏବଂ ଜୀବ କିପରି ଶ୍ରୀକୃଷ୍ଣଙ୍କୁ ଭୁଲି ଯାଏ ଏବଂ ଭୌତିକ କର୍ମରେ ଆସକ୍ତ ହୋଇଯାଏ, ଏକଥା ମଧ୍ୟ ସେ ଜାଣିପାରେ । ସତତ ସାଧୁସଙ୍ଗ ଦ୍ୱାରା ବ୍ୟକ୍ତି କ୍ରମଶଃ କୃଷ୍ଣଚେତନା ମାର୍ଗ (ଭକ୍ତିଯୋଗ)ରେ ଅଗ୍ରଗତି କଲେ ବୁଝିପାରେ ଯେ ଶ୍ରୀକୃଷ୍ଣଙ୍କୁ ଭୁଲିଯିବା ଯୋଗୁଁ ଜୀବ ଭୌତିକ ଶକ୍ତିର ଅଧୀନସ୍ଥ ହୋଇଯାଏ । ସେ ମଧ୍ୟ ଏହା ବୁଝିପାରେ ଯେ ଏ ମାନବ ଜୀବନ କୃଷ୍ଣଚେତନା ଲାଭ କରିବା

ଏହି ଅଧ୍ୟାୟରେ ଅନେକ ବିଷୟ ବର୍ଣ୍ଣନା କରାଯାଇଛି; ଶୋକାର୍ତ୍ତ ବ୍ୟକ୍ତି ଜିଜ୍ଞାସୁ, ଭୌତିକ ଆବଶ୍ୟକତା ପୂରଣ ନିମିତ୍ତ ପ୍ରାର୍ଥୀ ମାନବ, ବ୍ରହ୍ମ-ଜ୍ଞାନ, ପରମାତ୍ମାଙ୍କ ସମ୍ବନ୍ଧୀୟ ଜ୍ଞାନ, ଜନ୍ମ-ମୃତ୍ୟୁ ଓ ବ୍ୟାଧିରୁ ମୁକ୍ତି ଏବଂ ପରମେଶ୍ୱରଙ୍କ ପୂଜା ଇତ୍ୟାଦି ସେ ଯାହାହେଉ, ଯେଉଁବ୍ୟକ୍ତି ବାସ୍ତବରେ କୃଷ୍ଣଚେତନାମାର୍ଗରେ ଉନ୍ନତି କରିଛି, ସେ କଦାପି ଅନ୍ୟ ବିଧିକୁ ପସନ୍ଦ କରିବ ନାହିଁ । ସେ କେବଳ ସିଧାସଳଖଭାବେ କୃଷ୍ଣ ସେବାରେ-କୃଷ୍ଣ-କର୍ମରେ ହିଁ ନିଯୁକ୍ତ ରହିବ ଏବଂ ତଦ୍ଦ୍ୱାରା ସେ ଆପଣାର ସ୍ୱରୂପ ଅର୍ଥାତ୍ ଜୀବ ନିତ୍ୟ କୃଷ୍ଣଦାସ—ଏହା ବୁଝିପାରିବ । ଏ ପ୍ରକାର ଅବସ୍ଥାରେ ଶୁଦ୍ଧ ଭକ୍ତି ଯୋଗମାର୍ଗରେ ପରମେଶ୍ୱରଙ୍କର ଦିବ୍ୟନାମ ଓ ଗୁଣ ଶ୍ରବଣ କୀର୍ତ୍ତନରେ ସେ ଆନନ୍ଦ ଅନୁଭବ କରିବ । ସେ ଏହା ଭଲରକମ ହୃଦୟଙ୍ଗମ କରିପାରିଥାଏ ଯେ ଏତଦ୍ଦ୍ୱାରା (ଭଗବାନଙ୍କ ଦିବ୍ୟନାମ ଶ୍ରବଣ-କୀର୍ତ୍ତନ ଦ୍ୱାରା)ତା'ର ସମସ୍ତ ଲକ୍ଷ୍ୟ ସାଧିତ ହେବ । ଏପ୍ରକାର ଦୃଢ଼ ବିଶ୍ୱାସକୁ ଦୃଢ଼-ବ୍ରତ କୁହାଯାଏ ଏବଂ ଏହା ଭକ୍ତି-ଯୋଗର ପ୍ରାରମ୍ଭ ଅଟେ, ଅର୍ଥାତ୍—ଦିବ୍ୟସେବାରେ ନିଯୁକ୍ତ ହେବାର ପ୍ରାଥମିକ ସ୍ତର ଅଟେ । ଏହା ସମସ୍ତ ଗ୍ରନ୍ଥର ବାଣୀ ଅଟେ । ଗୀତାର ସପ୍ତମ ଅଧ୍ୟାୟ ସେ ବିଶ୍ୱାସର ସାରାଂଶ ଅଟେ ।

**ଭକ୍ତିବେଦାନ୍ତ ଭାଷ୍ୟର ଶ୍ରୀମଦ ଭଗବଦ୍ ଗୀତାର ''ଜ୍ଞାନବିଜ୍ଞାନଯୋଗ'' ଶୀର୍ଷକ ସପ୍ତମ ଅଧ୍ୟାୟ ଶେଷ ହେଲା ।**

—୦—

# ଅଷ୍ଟମ ଅଧ୍ୟାୟ

## ଅକ୍ଷରବ୍ରହ୍ମଯୋଗ

(ଭଗବତ୍ ପ୍ରାପ୍ତି)

### ଶ୍ଳୋକ - ୧

କିଂ ତଦ୍ ବ୍ରହ୍ମ କିମଧ୍ୟାତ୍ମଂ କିଂ କର୍ମ ପୁରୁଷୋତ୍ତମ ।
ଅଧିଭୂତଂ ଚ କିଂ ପ୍ରୋକ୍ତମଧିଦୈବଂ କିମୁଚ୍ୟତେ ।। ୧ ।।

### ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; କିମ୍=କ'ଣ; ତତ୍=ସେ; ବ୍ରହ୍ମ=ବ୍ରହ୍ମ; କିମ୍=କ'ଣ; ଅଧ୍ୟାତ୍ମମ୍=ଆତ୍ମା; କିମ୍=କ'ଣ; କର୍ମ=ସକାମ କର୍ମ; ପୁରୁଷୋତ୍ତମ=ହେ ପରମପୁରୁଷ; ଅଧିଭୂତମ୍=ଭୌତିକ ପ୍ରକାଶ; ଚ=ଏବଂ; କିମ୍=କ'ଣ; ପ୍ରୋକ୍ତମ୍=କୁହାଯାଏ; ଅଧିଦୈବମ୍=ଦେବତାଗଣ; କିମ୍=କ'ଣ; ଉଚ୍ୟତେ=କୁହାଯାଏ ।

### ଅନୁବାଦ

ଅର୍ଜୁନ ପଚ୍ଚାରିଲେ, ''ହେ ପ୍ରଭୁ ! ହେ ପରମପୁରୁଷ ! ବ୍ରହ୍ମ କ'ଣ ? ଆତ୍ମା କ'ଣ ? ସକାମ କର୍ମ କ'ଣ ? ଭୌତିକ ପ୍ରକାଶ କ'ଣ ? ଦେବତାବୃନ୍ଦ କ'ଣ ? ଦୟା କରି ଏସବୁ ମୋତେ ବୁଝାଇ ଦିଅନ୍ତୁ ।''

## ଭାବାର୍ଥ

ଏହି ଅଧ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଉଛନ୍ତି। ଅର୍ଜୁନଙ୍କର ପ୍ରଥମ ପ୍ରଶ୍ନ ହେଉଛି ବ୍ରହ୍ମ କ'ଣ ? ଭଗବାନ୍ ମଧ୍ୟ ବୁଝାଇକରି କହିଛନ୍ତି, କର୍ମ-ସକାମକର୍ମ କ'ଣ, ଭକ୍ତି ଏବଂ ଯୋଗବିଧି କ'ଣ ଏବଂ ବିଶୁଦ୍ଧ ଭକ୍ତି କ'ଣ ? ଶ୍ରୀମଦ୍ ଭାଗବତମ୍‌ରେ କୁହାଯାଇଅଛି ଯେ ପରମ ସତ୍ୟ, ବ୍ରହ୍ମ, ପରମାତ୍ମା ଏବଂ ଭଗବାନ୍ ନାମରେ ପରିଚିତ । ଅଧିକନ୍ତୁ (ଜୀବ) ଜୀବାତ୍ମାକୁ ମଧ୍ୟ ବ୍ରହ୍ମ କୁହାଯାଏ । ଅର୍ଜୁନ ମଧ୍ୟ ଆତ୍ମା ସମ୍ବନ୍ଧରେ ପ୍ରଶ୍ନ କରିଛନ୍ତି । ଆତ୍ମା କହିଲେ ସାଧାରଣତଃ ଶରୀର, ଆତ୍ମା ଓ ମନକୁ ବୁଝାଏ । ବୈଦିକ ଅଭିଧାନ ଅନୁସାରେ 'ଆତ୍ମା', ମନ, ଆତ୍ମା, ଶରୀର ଏବଂ ଇନ୍ଦ୍ରିୟମାନଙ୍କୁ ବୁଝାଏ ।

ଅର୍ଜୁନ ଏଠାରେ ଭଗବାନଙ୍କୁ ପୁରୁଷୋତ୍ତମ-ପରମପୁରୁଷ ନାମରେ ସଂବୋଧନ କରିଛନ୍ତି। ଏହାର ତାତ୍ପର୍ଯ୍ୟ ହେଉଛି ଏହା ଯେ ସେ ତାଙ୍କର ଜଣେ ସଖା ବା ବନ୍ଧୁଙ୍କୁ ଏ ପ୍ରଶ୍ନମାନ ପଚାରି ନାହାନ୍ତି । ସେ ପରମପୁରୁଷ ଭଗବାନଙ୍କୁ ଏ ପ୍ରଶ୍ନ ପଚାରିଛନ୍ତି; କାରଣ ସେ ଜାଣିଛନ୍ତି ଯେ ସେ ହେଉଛନ୍ତି ପରମ ଅଧିକାରୀ ଯେ'କି ଏ ପ୍ରଶ୍ନ ଗୁଡ଼ିକର ଯଥାର୍ଥ ଉତ୍ତର ଦେବାକୁ ସକ୍ଷମ ।

## ଶ୍ଲୋକ - ୨

**ଅଧିଯଜ୍ଞଃ କଥଂ କୋଽତ୍ର ଦେହେଽସ୍ମିନ୍ ମଧୁସୂଦନ ।**
**ପ୍ରୟାଣକାଳେ ଚ କଥଂ ଜ୍ଞେୟୋଽସି ନିୟତାତ୍ମଭିଃ ।। ୨ ।।**

## ଶବ୍ଦାନୁବାଦ

ଅଧିଯଜ୍ଞଃ=ଯଜ୍ଞେଶ୍ୱର (ଯଜ୍ଞର ଈଶ୍ୱର); କଥମ୍=କିପରି; କଃ=କିଏ; ଅତ୍ର=ଏଠାରେ; ଦେହେ=ଦେହରେ; ଅସ୍ମିନ୍=ଏହି; ମଧୁ-ସୂଦନ=ହେ ମଧୁସୂଦନ; ପ୍ରୟାଣ-କାଳେ=ମୃତ୍ୟୁ ସମୟରେ; ଚ=ଏବଂ; କଥମ୍=କିପରି; ଜ୍ଞେୟଃ=ଜଣାଯାଇ ପାରିବ; ଅସି=ଆପଣ; ନିୟତ-ଆତ୍ମଭିଃ=ଆତ୍ମଜିତ୍‌ମାନଙ୍କ ଦ୍ୱାରା।

## ଅନୁବାଦ

**ହେ ମଧୁସୂଦନ ! ଯଜ୍ଞେଶ୍ୱର କିପରି ଏହି ଶରୀରରେ ବାସ କରନ୍ତି ଏବଂ ସେ କେଉଁ ଅଂଶରେ ବାସ କରନ୍ତି ? ଏବଂ ଯେଉଁମାନେ ଭକ୍ତିଯୋଗ ମାର୍ଗରେ ସେବାରତ ସେମାନେ କିପରି ମୃତ୍ୟୁ ସମୟରେ ଆପଣଙ୍କୁ ଜାଣିପାରିବେ ?**

## ଭାବାର୍ଥ

ଯଜ୍ଞେଶ୍ୱର (ଯଜ୍ଞର ପ୍ରଭୁ); ଇନ୍ଦ୍ର ଏବଂ ବିଷ୍ଣୁଙ୍କୁ ସ୍ୱୀକାର କରନ୍ତି । ବ୍ରହ୍ମା ଓ ଶିବଙ୍କ ସମେତ ଆଦି-ଦେବତାମାନଙ୍କ ମଧ୍ୟରେ ବିଷ୍ଣୁ ପ୍ରଧାନ ଅଟନ୍ତି ଏବଂ ଶାସନକାରୀ ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ରପ୍ରଧାନ ଅଟନ୍ତି । ଯଜ୍ଞରେ ଉଭୟ ଇନ୍ଦ୍ର ଓ ବିଷ୍ଣୁଙ୍କୁ ପୂଜା କରାଯାଏ । କିନ୍ତୁ ଏଠାରେ ଅର୍ଜୁନ ପଚାରୁଛନ୍ତି କିଏ ପ୍ରକୃତରେ ଯଜ୍ଞର ଈଶ୍ୱର ଅଟନ୍ତି ଏବଂ ଜୀବର ଶରୀରରେ ଈଶ୍ୱର କିପରି ଭାବରେ ବାସ କରୁଛନ୍ତି ।

ଏଠାରେ ଅର୍ଜୁନ ଭଗବାନଙ୍କୁ ମଧୁସୂଦନ ନାମରେ ସମ୍ବୋଧନ କରିଛନ୍ତି, କାରଣ ଏକଦା ଶ୍ରୀକୃଷ୍ଣ ମଧୁ ନାମକ ଏକ ଦୈତ୍ୟକୁ ବିନାଶ କରିଥିଲେ । ବାସ୍ତବରେ ଏଇସବୁ ପ୍ରଶ୍ନ, ଯାହାକି

ସଂଶୟାତ୍ମକ ଅଟେ, ଅର୍ଜୁନଙ୍କ ମନରେ ଉଠି ନଥା'ନ୍ତା: କାରଣ ଅର୍ଜୁନ କୃଷ୍ଣଚେତନଶୀଳ ଏକ ଭକ୍ତ ଅଟନ୍ତି । ଯେଣୁ ଶ୍ରୀକୃଷ୍ଣ ଦୈତ୍ୟମାନଙ୍କୁ ବିନାଶ କରିବାରେ ଅତ୍ୟନ୍ତ ଦକ୍ଷ, ତେଣୁ ଅର୍ଜୁନ ଭଗବାନଙ୍କୁ ଏଠାରେ ମଧୁସୂଦନ ନାମରେ ସମ୍ବୋଧନ କରୁଛନ୍ତି, କାରଣ ଅର୍ଜୁନଙ୍କ ମନରେ ଉଦିତ ହୋଇଥିବା ଆସୁର-ସନ୍ଦେହମାନଙ୍କୁ ଶ୍ରୀକୃଷ୍ଣ ବିନାଶ କରିଦେଇ ପାରନ୍ତି ।

ଏ ଶ୍ଳୋକରେ ବ୍ୟବହୃତ *'ପ୍ରୟାଣ କାଳେ'* ଶବ୍ଦ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ; କାରଣ ଆମେ ଜୀବନକାଳ ମଧ୍ୟରେ ଯାହାକରୁ, ତାହାର ପରୀକ୍ଷା ମୃତ୍ୟୁ ସମୟରେ ହୁଏ । ଅର୍ଜୁନଙ୍କର ଏହି ଆଶଙ୍କା ଜାତ ହୋଇଛି ଯେ କୃଷ୍ଣଚେତନଶୀଳ ବ୍ୟକ୍ତିମାନେ ମୃତ୍ୟୁ ସମୟରେ ଭଗବାନଙ୍କୁ ଭୁଲିଯିବେ, କାରଣ ସେ ସମୟରେ ଶାରୀରିକ କ୍ରିୟା ବନ୍ଦହୋଇଯାଏ ଏବଂ ମନ ଅତ୍ୟନ୍ତ ଶୋକାକୂଳ ଅବସ୍ଥାରେ ରହିପାରେ । ତେଣୁ ଏକ ବିଶିଷ୍ଟ ଭକ୍ତ ମହାରାଜ 'କୁଳଶେଖର' ପ୍ରାର୍ଥନା କରିଛନ୍ତି, ''ହେ ମୋର ପ୍ରିୟ ପ୍ରଭୁ ! ମୁଁ ବର୍ତ୍ତମାନ ସାଙ୍ଗେ ସାଙ୍ଗେ ମରିଯା'ନ୍ତି କି, କାରଣ ବର୍ତ୍ତମାନ ମୁଁ ସୁସ୍ଥ ଅଛି, ତେଣୁ ମୋର ମାନସ ହଂସ ଆପଣଙ୍କର ପାଦପଦ୍ମର ମୃଣାଳ ମଧ୍ୟରେ ପ୍ରବେଶ କରିଯାଇପାରେ ।'' ଏ ରୂପକ ବ୍ୟବହାର କରିବାର କାରଣ ହେଲା ଏହି ଯେ ହଂସ ସର୍ବଦା ପଦ୍ମ-ମୃଣାଳ ମଧ୍ୟରେ ପ୍ରବେଶ କରିବାକୁ ସୁଖକର ମନେକରେ । ସେହିପରି ଶୁଦ୍ଧ ଭକ୍ତର ମନ ସର୍ବଦା ଭଗବାନଙ୍କ ପାଦ-ପଦ୍ମ ଆଡ଼କୁ ଆକର୍ଷିତ ହୁଏ । ମହାରାଜ କୁଳଶେଖର ଆଶଙ୍କା କରୁଛନ୍ତି ଯେ ମୃତ୍ୟୁ ସମୟରେ ଏପରି ଭାବରେ ତାଙ୍କର ଶ୍ୱାସରୁଦ୍ଧ ହୋଇଯାଇପାରେ, ଯାହା ଫଳରେ ସେ ଭଗବାନଙ୍କର ଦିବ୍ୟନାମ କୀର୍ତ୍ତନ କରିବାକୁ ସକ୍ଷମ ହୋଇ ନ ପାରନ୍ତି; ତେଣୁ ସାଙ୍ଗେ ସାଙ୍ଗ ମରିଯିବା ଉଚିତ୍ । ଅର୍ଜୁନଙ୍କର ପ୍ରଶ୍ନ ହେଉଛି ସେ ସମୟରେ (ଅର୍ଥାତ୍ ମୃତ୍ୟୁ ସମୟରେ) ବ୍ୟକ୍ତିର ମନ କିପରି ଭଗବାନ୍ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ସ୍ଥିର ହୋଇପାରିବ ।

## ଶ୍ଳୋକ - ୩

## ଶ୍ରୀଭଗବାନୁବାଚ

**ଅକ୍ଷରଂ ବ୍ରହ୍ମ ପରମଂ ସ୍ୱଭାବୋଽଧ୍ୟାତ୍ମମୁଚ୍ୟତେ ।**
**ଭୂତଭାବୋଭବକରୋ ବିସର୍ଗଃ କର୍ମସଂଜ୍ଞିତଃ ।।୩।।**

## ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ଶ୍ରୀ ଭଗବାନ୍ କହିଲେ; ଅକ୍ଷରମ୍=ଅବିନାଶୀ, (ଯାହା ନାଶଶୀଳ ନୁହେଁ); ବ୍ରହ୍ମ=ବ୍ରହ୍ମ; ପରମମ୍=ପରମ, (ଦିବ୍ୟ); ସ୍ୱ-ଭାବଃ=ଶାଶ୍ୱତ ପ୍ରକୃତି; ଅଧ୍ୟାତ୍ମମ୍=ଆତ୍ମା; ଉଚ୍ୟତେ=କୁହାଯାଏ; ଭୂତ-ଭାବ-ଉଦ୍ଭବ-କରଃ=ଜୀବମାନଙ୍କର ଭୌତିକ ଶରୀରକୁ ଜାତ କରାଉଥିବା କାର୍ଯ୍ୟ; ବିସର୍ଗଃ=ସୃଷ୍ଟି; କର୍ମ=ସକାମକର୍ମ; ସଂଜ୍ଞିତଃ=କୁହାଯାଏ ।

## ଅନୁବାଦ

**ଭଗବାନ କହିଲେ; ''ଅବିନାଶୀ ଦିବ୍ୟ ଜୀବାତ୍ମାକୁ ହିଁ ବ୍ରହ୍ମ କୁହାଯାଏ ଏବଂ ତା'ର ଶାଶ୍ୱତ ପ୍ରକୃତିକୁ ଆଧ୍ୟାତ୍ମା କୁହାଯାଏ । ଏ ଭୌତିକ ଶରୀରମାନଙ୍କର ଅଭିବୃଦ୍ଧି ନିମିତ୍ତ ଯେଉଁ କାର୍ଯ୍ୟ କରାଯାଏ ତାହାକୁ ହିଁ କର୍ମ ଅର୍ଥାତ୍ ସକାମ କର୍ମ କୁହାଯାଏ ।''**

## ଭାବାର୍ଥ

'ବ୍ରହ୍ମ' ହେଉଛି ଅବିନାଶୀ ଏବଂ ତାହା ଶାଶ୍ୱତଭାବେ ରହିଅଛି । ଆହୁରି ମଧ୍ୟ କେବେହେଲେ ଏହାର ଗଠନରେ (ଏଥିରେ) କୌଣସି ପରିବର୍ତ୍ତନ ହୁଏ ନାହିଁ । 'ବ୍ରହ୍ମ'ର ଊର୍ଦ୍ଧ୍ୱରେ 'ପରଂ ବ୍ରହ୍ମ' ଅବସ୍ଥିତ । ଜୀବାତ୍ମାକୁ 'ବ୍ରହ୍ମ' ଏବଂ ଭଗବାନ୍‌ଙ୍କୁ 'ପରଂ ବ୍ରହ୍ମ' କୁହାଯାଏ । ଜୀବ ଏ ଭୌତିକ ଜଗତରେ ଯେଉଁ ଭାବରେ ଅବସ୍ଥାନ କରେ, ତାହା ତାହାର ପ୍ରକୃତ ସ୍ୱ ରୂପଠାରୁ ଭିନ୍ନ ଅଟେ । ଭୌତିକ ଚେତନାରେ ତା'ର ସ୍ୱଭାବ ହେଉଛି ଏହା ଯେ ସେ ଭୂତପ୍ରକୃତି ଉପରେ ମାଲିକ ହେବାକୁ ଚେଷ୍ଟାକରେ, କିନ୍ତୁ ଆଧ୍ୟାତ୍ମିକ ଚେତନା (କୃଷ୍ଣଚେତନା)ରେ; ତା'ର ପ୍ରକୃତ ସ୍ୱରୂପ ହେଉଛି — ସେ ଭଗବାନଙ୍କର ସେବକ ଅଟେ । ଯେତେବେଳେ ଜୀବ ଭୌତିକ ଚେତନାରେ ଅଛି, ସେତେବେଳେ ତାକୁ ଭୌତିକ ଜଗତରେ ବିଭିନ୍ନ ଶରୀର ଗ୍ରହଣ କରିବାକୁ ହୁଏ । ଏହାକୁ ହିଁ କର୍ମ କୁହାଯାଏ, ଅର୍ଥାତ୍ ଏହି ଭୌତିକ ଚେତନା ଯୋଗୁଁ ବିଭିନ୍ନ ସୃଷ୍ଟି ସମ୍ଭବ ଅଟେ । ବୈଦିକ ସାହିତ୍ୟରେ ଜୀବକୁ 'ଜୀବାତ୍ମା' ଏବଂ ବ୍ରହ୍ମ ବୋଲି କୁହାଯାଇଅଛି । ତାକୁ କଦାପି ପରଂବ୍ରହ୍ମ ବୋଲି କୁହାଯାଇନାହିଁ । ଜୀବ (ଜୀବାତ୍ମା) ବିଭିନ୍ନ ଅବସ୍ଥାରେ ଅବସ୍ଥାନ କରେ-ବେଳେବେଳେ ସେ ନିଜକୁ ଅନ୍ଧକାରମୟ ଭୌତିକ ପ୍ରକୃତିରେ ମିଶାଇ ଦିଏ ଏବଂ ନିଜକୁ ଭୌତିକ ପଦାର୍ଥ ସହିତ ଏକ ବୋଲି ମନେକରେ ଏବଂ ବେଳେବେଳେ ସେ ନିଜକୁ ଉଚ୍ଚତର ଆଧ୍ୟାତ୍ମିକ ପ୍ରକୃତି ସହିତ ମିଶାଇ ଦିଏ । ତେଣୁ ତାକୁ ଭଗବାନଙ୍କର ତଟସ୍ଥା ଶକ୍ତି ବୋଲି କୁହାଯାଏ । ଭୌତିକ କିମ୍ବା ଆଧ୍ୟାତ୍ମିକ ପ୍ରକୃତି ସହିତ ଏକ ହେବା ଯୋଗୁଁ ସେ ଭୌତିକ କିମ୍ବା ଆଧ୍ୟାତ୍ମିକ ଶରୀର ଲାଭ କରେ, (ଅର୍ଥାତ୍ ସେ ଯେତେବେଳେ ନିଜକୁ ଭୂତପ୍ରକୃତି ସହିତ ଏକ ବୋଲି ଭାବେ, ସେତେବେଳେ ସେ ଭୌତିକ ଶରୀର ପ୍ରାପ୍ତ ହୁଏ ଏବଂ ଯେତେବେଳେ ନିଜକୁ ଭଗବାନଙ୍କର ଦିବ୍ୟ ପ୍ରକୃତି ବା ଉଚ୍ଚତର ପ୍ରକୃତି ସହିତ ଏକ ବୋଲି ଭାବେ, ସେତେବେଳେ ସେ ଦିବ୍ୟଶରୀର ପ୍ରାପ୍ତ ହୁଏ । ଭୂତପ୍ରକୃତିର ସେ ୮୪ଲକ୍ଷ ଜୀବ-ଯୋନି ମଧ୍ୟରୁ ଗୋଟିଏ ଯୋନି ଲାଭକରେ, କିନ୍ତୁ ଦିବ୍ୟ ପ୍ରକୃତିରେ (ଉଚ୍ଚତର ପ୍ରକୃତିରେ) ସେ ଗୋଟିଏ ମାତ୍ର ଶରୀର ଲାଭକରେ । ଭୂତପ୍ରକୃତିରେ ନିଜର କର୍ମ ଅନୁଯାୟୀ ସେ ବେଳେବେଳେ ମାନବ, ଦେବତା, ପ୍ରାଣୀ, ପଶୁପକ୍ଷୀ ଆଦିରୂପରେ ପ୍ରକାଶ ଲାଭକରେ । ଭୌତିକ ଉଚ୍ଚତର ଲୋକ ପ୍ରାପ୍ତହେବା ନିମିତ୍ତ ଏବଂ ଅଧିକ ସୁଖ-ସୁବିଧା ଉପଭୋଗ କରିବା ନିମିତ୍ତ ସେ ବେଳବେଳେ ଯଜ୍ଞକର୍ମ କରେ; କିନ୍ତୁ ଯେତେବେଳେ ସେ ଯଜ୍ଞକର୍ମର ସୁଫଳ ଶେଷ ହୋଇଯାଏ, ସେତେବେଳେ ସେ ପୁଣି ଏହି ପାର୍ଥିବ ଜଗତକୁ ମାନବରୂପରେ ପ୍ରତ୍ୟାବର୍ତ୍ତନ କରେ ।

ନିର୍ଦ୍ଦିଷ୍ଟ ସ୍ୱର୍ଗଲୋକ ପ୍ରାପ୍ତହେବା ନିମିତ୍ତ ଜୀବ ନିର୍ଦ୍ଦିଷ୍ଟ ଯଜ୍ଞାନୁଷ୍ଠାନ କରେ ଏବଂ ଫଳ ସ୍ୱରୂପ ସେ ନିର୍ଦ୍ଦିଷ୍ଟ ସ୍ୱର୍ଗଲୋକ ପ୍ରାପ୍ତ ହୁଏ । ଯେତେବେଳେ ଯଜ୍ଞ କର୍ମର ସୁଫଳ ଶେଷ ହୋଇଯାଏ, ସେତେବେଳେ ଜୀବ ବୃଷ୍ଟି-ଜଳରୂପରେ ଏ ଧରାଧାମରେ ଅବତରଣ କରେ । ତପରେ ସେ ଶସ୍ୟ ଆକାର ଧାରଣ କରେ ଏବଂ ମାନବ ଶସ୍ୟକୁ ଭକ୍ଷଣ କରେ ଓ ତାହା ମାନବ ଶରୀରରେ ବୀର୍ଯ୍ୟରେ ପରିଣତ ହୁଏ । ତାହା ସ୍ତ୍ରୀକୁ ଗର୍ଭବତୀ କରାଏ ଏବଂ ଏହି ପ୍ରକାରେ ଜୀବ ପୁନର୍ବାର ଯଜ୍ଞ କର୍ମାନୁଷ୍ଠାନ ନିମିତ୍ତ ମାନବ ଶରୀର ପ୍ରାପ୍ତ ହୁଏ । ଏହି ପ୍ରକାରରେ ସେ (ଜୀବ) ଜନ୍ମ-ମୃତ୍ୟୁ ଚକ୍ରରେ ଘୂରି ବୁଲେ । ଏହି ପ୍ରକାର ଜୀବ ବରାବର ଭୌତିକ ପଥରେ ଯିବା ଆସିବା କରେ । କିନ୍ତୁ କୃଷ୍ଣଚେତନଶୀଳ ବ୍ୟକ୍ତି ଏ ପ୍ରକାର ଯଜ୍ଞ କର୍ମାନୁଷ୍ଠାନ

କରେ ନାହିଁ । ସେ ସିଧା କୃଷ୍ଣଚେତନା ଲାଭ କରିବା ନିମିତ୍ତ ଚେଷ୍ଟାକରେ ଏବଂ ତଦ୍ଦ୍ୱାରା ସେ ଭଗବତ୍ ଧାମକୁ ଫେରିଯିବା ନିମିତ୍ତ ନିଜକୁ ପ୍ରସ୍ତୁତ କରେ ।

ଗୀତାର ମାୟାବାଦୀ ଭାଷ୍ୟକାରଗଣ ଅଯୁକ୍ତିକର ଭାବରେ କୁହନ୍ତି ଯେ ବ୍ରହ୍ମ, ଭୌତିକ ଜଗତରେ ଜୀବ ଆକାର ଧାରଣ କରେ ଏବଂ ଏହି ଯୁକ୍ତିକୁ ବଳିଷ୍ଠ କରିବା ନିମିତ୍ତ ସେମାନେ ଭଗବତ୍ ଗୀତାର ୧୫ଶ ଅଧ୍ୟାୟର ୭ମ ଶ୍ଳୋକ ଉଦ୍ଧାର କରନ୍ତି । *(ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ)* । କିନ୍ତୁ ଏ ଶ୍ଳୋକ ଏକଥା କହେ ଯେ ଜୀବ ‘‘ମୋର ସନାତନ ଅଂଶ ଅଟେ ।’’ ଭଗବାନଙ୍କର ଅଂଶ–ଜୀବ, ଭୌତିକ ଜଗତରେ ପତିତ ହୋଇପାରେ, କିନ୍ତୁ ଭଗବାନ୍ (ଅଚ୍ୟୁତ) କଦାପି ପତିତ ହୁଅନ୍ତି ନାହିଁ । ଅତଏବ ଏଇ ଯେଉଁ ଧାରଣା ବା ଯୁକ୍ତି ଯେ ପରଂବ୍ରହ୍ମ ଜୀବ ଆକାର ଧାରଣ କରନ୍ତି ଆଦୌ ଗ୍ରାହ୍ୟ (ଗ୍ରହଣ ଯୋଗ୍ୟ) ନୁହେଁ । ଏକଥା ଭଲଭାବେ ସ୍ମରଣ ରଖିବା ଉଚିତ୍ ଯେ ବୈଦିକ ସାହିତ୍ୟରେ ବ୍ରହ୍ମ (ଜୀବ), ପରଂବ୍ରହ୍ମ (ଭଗବାନ୍)ଙ୍କଠାରୁ ଭିନ୍ନ ଅଟେ ।

## ଶ୍ଳୋକ - ୪

**ଅଧିଭୂତଂ କ୍ଷରୋ ଭାବଃ ପୁରୁଷଶ୍ଚାଧିଦୈବତମ୍ ।**
**ଅଧିଯଜ୍ଞୋଽହମେବାତ୍ର ଦେହେ ଦେହଭୃତାଂ ବର ।।୪।।**

## ଶବ୍ଦାନୁବାଦ

ଅଧିଭୂତମ୍=ଶାରୀରିକ ପ୍ରକାଶ; କ୍ଷରଃ=ବରାବର ପରିବର୍ତ୍ତନଶୀଳ; ଭାବଃ=ପ୍ରକୃତି; ପୁରୁଷଃ=ବିଶ୍ୱରୂପ; ଚ=ଏବଂ; ଅଧିଦୈବତମ୍=ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ପରି ସମସ୍ତ ଦେବତାଙ୍କ ସମେତ; ଅଧିଯଜ୍ଞଃ=ପରମାତ୍ମା; ଅହମ୍=ମୁଁ (କୃଷ୍ଣ); ଏବ=ନିଶ୍ଚିତରୂପେ; ଅତ୍ର=ଏହି; ଦେହେ=ଶରୀରରେ; ଦେହ-ଭୃତାମ୍=ଦେହୀମାନଙ୍କର; ବର=ହେ ପରମ ।

## ଅନୁବାଦ

**ଭୌତିକ ପ୍ରକୃତି ବରାବର ପରିବର୍ତ୍ତନଶୀଳ । ଏ ବ୍ରହ୍ମାଣ୍ଡ, ପରମେଶ୍ୱରଙ୍କର ପ୍ରକାଶମାନ ଆକାର ଅଟେ ଏବଂ ମୁଁ ସେହି ଈଶ୍ୱର, ଯେ'କି ପ୍ରତ୍ୟେକ ଜୀବର ହୃଦୟରେ ପରମାତ୍ମାରୂପରେ ଅବସ୍ଥାନ କରୁଅଛି ।**

## ଭାବାର୍ଥ

ଭୂତପ୍ରକୃତି ବରାବର ପରିବର୍ତ୍ତିତ ହେଉଅଛି । ଏ ଭୌତିକ ଶରୀରମାନ ସାଧାରଣତଃ ‘ଛ’ଟି ସ୍ତର ମଧ୍ୟଦେଇ ଗତି କରୁଛନ୍ତି, ଯଥା–ସେଗୁଡ଼ିକ ଜନ୍ମ ହେଉଛନ୍ତି, ବଢ଼ୁଛନ୍ତି, କିଛି ସମୟ ରହୁଛନ୍ତି (କିଛି ରହଣି କାଳ ଅଛି); ବଂଶବୃଦ୍ଧି କରୁଛନ୍ତି, ହ୍ରାସ ହେଉଛନ୍ତି ଏବଂ ଶେଷରେ ଧ୍ୱଂସ ହେଉଛନ୍ତି । ଏହି ଶାରୀରିକ ପ୍ରକୃତିକୁ *‘ଅଧିଭୂତ’’* କୁହାଯାଏ; କାରଣ ଏହା ଏକ ନିର୍ଦ୍ଦିଷ୍ଟ ସ୍ତରରେ ସୃଷ୍ଟି ହୋଇଛି ଏବଂ ଏକ ନିର୍ଦ୍ଦିଷ୍ଟ ସ୍ତରରେ ବିନଷ୍ଟ ହେବ । ପରମେଶ୍ୱରଙ୍କର ବିଶ୍ୱରୂପ, ଯାହାକି ସମସ୍ତ ଦେବତା ଏବଂ ସେମାନଙ୍କ ଆବାସ ସ୍ଥଳୀ ବିଭିନ୍ନ ଲୋକକୁ ନେଇ ଗଠିତ, ତାହାକୁ *‘ଅଧିଦୈବତ’’* କୁହାଯାଏ । ଜୀବାତ୍ମା (ଜୀବ) ଶରୀରକୁ ଅନୁସରଣ କରେ । ଭଗବାନ୍ ଶ୍ରୀକୃଷ୍ଣଙ୍କର ପ୍ରତ୍ୟକ୍ଷାଂଶକୁ ପରମାତ୍ମା କିମ୍ବା ‘ଅଧିଯଜ୍ଞ’ କୁହାଯାଏ ଏବଂ ସେ ହୃଦୟରେ

ଅବସ୍ଥାନ କରନ୍ତି । ଏ ଶ୍ଳୋକରେ ବ୍ୟବହୃତ 'ଏବ' ଶବ୍ଦ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ, କାରଣ ଏହି ଶବ୍ଦଦ୍ୱାରା ଭଗବାନ୍ ଜୋରଦେଇ କହୁଛନ୍ତି ଯେ ପରମାତ୍ମା ତାଙ୍କଠାରୁ ଭିନ୍ନ ନୁହନ୍ତି । ଭଗବାନ୍ ପରମାତ୍ମାରୂପରେ ଜୀବାତ୍ମା ପାଖରେ ବସିଛନ୍ତି ଏବଂ ସେ ଜୀବାତ୍ମାର କାର୍ଯ୍ୟକଳାପର ସାକ୍ଷୀ ଅଟନ୍ତି ଏବଂ ଚେତନାର ମୂଳ ଅଟନ୍ତି । ପରମାତ୍ମା ଜୀବକୁ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାକୁ ଏକ ସୁଯୋଗ ଦିଅନ୍ତି ଏବଂ ସେ ତା'ର କାର୍ଯ୍ୟକଳାପକୁ ଦେଖୁଥା'ନ୍ତି । ଏକ ଶୁଦ୍ଧ କୃଷ୍ଣ ଭକ୍ତ, ଯେ'କି ସତତ ଭକ୍ତିଯୋଗ ମାର୍ଗରେ କୃଷ୍ଣଙ୍କ ଦିବ୍ୟ ସେବାରେ ନିଯୁକ୍ତ ଅଛନ୍ତି, ତାଙ୍କୁ ହିଁ ପରମେଶ୍ୱରଙ୍କର ଏସବୁ ବିଭିନ୍ନ ପ୍ରକାଶର କ୍ରିୟାକଳାପମାନ ଆପେ ଆପେ ଦେଖାଯାଏ ଅର୍ଥାତ୍ ଏକ ଶୁଦ୍ଧ ଭକ୍ତ ପାଖରେ ଭଗବାନଙ୍କର ଏ କ୍ରିୟା କଳାପମାନ ସ୍ୱତଃ ପରିସ୍ଫୁଟ ହୁଏ । ପରମେଶ୍ୱରଙ୍କର ବିରାଟ ବିଶ୍ୱରୂପକୁ *'ଅଧିଦୈବତଂ'* କୁହାଯାଏ । ନୂତନ ଶିଷ୍ୟ; ଯେ'କି ଆଧ୍ୟାତ୍ମିକ ମାର୍ଗରେ ଅଧିକ ଉନ୍ନତି କରିନାହିଁ, ଅର୍ଥାତ୍ ଭଗବାନଙ୍କର ପରମାତ୍ମାରୂପରେ ଅନୁଭୂତି ଲାଭ କରିନାହିଁ, ସେ ହିଁ ଭଗବାନଙ୍କର ଏ ବିଶ୍ୱରୂପକୁ ଚିନ୍ତାକରେ । ଭଗବାନଙ୍କର ଏ ବିଶ୍ୱରୂପକୁ ଚିନ୍ତାକରିବାକୁ ନୂତନ ଶିଷ୍ୟକୁ ଉପଦେଶ ଦିଆଯାଇଥାଏ । ନିମ୍ନତର ଲୋକଗୁଡ଼ିକ ଭଗବାନଙ୍କର ବିଶ୍ୱରୂପର ପାଦ ସଦୃଶ ଅଟନ୍ତି ଏବଂ ସୂର୍ଯ୍ୟ ଓ ଚନ୍ଦ୍ର ତାଙ୍କର ଚକ୍ଷୁ ସଦୃଶ ଅଟନ୍ତି ଏବଂ ଉଚ୍ଚତର ଲୋକଗୁଡ଼ିକ ତାଙ୍କର ମସ୍ତିଷ୍କ ସଦୃଶ ଅଟନ୍ତି ।

## ଶ୍ଳୋକ - ୫

**ଅନ୍ତକାଳେ ଚ ମାମେବ ସ୍ମରନ୍‌ମୁକ୍ତ୍ୱା କଳେବରମ୍ ।**
**ଯଃ ପ୍ରୟାତି ସ ମଦ୍‌ଭାବଂ ଯାତି ନାସ୍ତ୍ୟତ୍ର ସଂଶୟଃ ।।୫।।**

## ଶବ୍ଦାନୁବାଦ

ଅନ୍ତ-କାଳେ=ଜୀବନର ଶେଷ ସମୟରେ; ଚ=ମଧ୍ୟ; ମାମ୍=ମୋତେ; ଏବ=ନିଶ୍ଚିତରୂପେ; ସ୍ମରନ୍=ସ୍ମରଣ କରି କରେ; ମୁକ୍ତ୍ୱା=ତ୍ୟାଗକରି; କଳେବରମ୍=ଶରୀର; ଯଃ=ଯେ; ପ୍ରୟାତି=ଯାଏ; ସଃ=ସେ; ମଦ୍-ଭାବମ୍=ମୋ ପ୍ରକୃତି; ଯାତି=ପ୍ରାପ୍ତ ହୁଏ; ନାସ୍ତି=ନାହିଁ; ଅତ୍ର=ଏଠାରେ; ସଂଶୟଃ=ସନ୍ଦେହ ।

## ଅନୁବାଦ

**ଯେ ମୃତ୍ୟୁ ସମୟରେ କେବଳ ମୋତେ ସ୍ମରଣ କରି ଶରୀର ତ୍ୟାଗ କରେ, ସେ ସାଙ୍ଗେ ସାଙ୍ଗେ ମୋ ପ୍ରକୃତିକୁ ପ୍ରାପ୍ତ ହୁଏ । ଏଥିରେ କୌଣସି ସନ୍ଦେହ ନାହିଁ ।**

## ଭାବାର୍ଥ

ଏହି ଶ୍ଳୋକରେ କୃଷ୍ଣଚେତନାର ବିଶେଷତ୍ୱ କଥା କୁହାଯାଇଅଛି । ଯେ କେହି କୃଷ୍ଣଚେତନାରେ ଶରୀର ତ୍ୟାଗକଲେ ସାଙ୍ଗେ ସାଙ୍ଗେ ପରମେଶ୍ୱରଙ୍କର ଦିବ୍ୟଧାମକୁ ସ୍ଥାନାନ୍ତରିତ ହୁଏ । *'ସ୍ମରନ୍'* ଶବ୍ଦ ଏଠାରେ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ । ଯେ ଭକ୍ତିଯୋଗ ମାର୍ଗରେ ସେବାରତ ହୋଇ କୃଷ୍ଣଭାବନା ଅଭ୍ୟାସ ନ କରିଛି, ସେ ପ୍ରକାର ଅବିଶୁଦ୍ଧ ଜୀବାତ୍ମା ପକ୍ଷରେ କୃଷ୍ଣଙ୍କୁ ସ୍ମରଣ କରିବା ସମ୍ଭବପର ନୁହେଁ । କୃଷ୍ଣଙ୍କୁ ସ୍ମରଣ କରିବାକୁ ହେଲେ ବ୍ୟକ୍ତିକୁ ମହାମନ୍ତ୍ର– *''ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ*

*ହରେ ।''* ଅଖଣ୍ଡଭାବରେ ଜପ କରିବାକୁ ହେବ । ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ପଦାଙ୍କ ଅନୁସରଣ କରି, ବୃକ୍ଷଠାରୁ ଅଧିକ ସହନଶୀଳ, ଘାସଠାରୁ ଅଧିକ ନମ୍ର ହୋଇ ଏବଂ ପ୍ରତିବଦଳରେ ନିଜେ ସମ୍ମାନ ଦାବୀ ନ କରି ଅନ୍ୟକୁ ସମ୍ମାନ ଦେଇ ଏ ମନ୍ତ୍ର ଜପ କରିବାକୁ ହେବ । ଏହି ପ୍ରକାରେ ବ୍ୟକ୍ତି ସଫଳ ଭାବରେ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରି ଶରୀର ତ୍ୟାଗ କରିବାକୁ ସକ୍ଷମ ହେବ ଏବଂ ତଦ୍ଦ୍ୱାରା ସେ ପରମ ଲକ୍ଷ୍ୟ ପ୍ରାପ୍ତ ହେବ ।

## ଶ୍ଲୋକ - ୬

**ଯଂ ଯଂ ବାପି ସ୍ମରନ୍‌ଭାବଂ ତ୍ୟଜତ୍ୟନ୍ତେ କଳେବରମ୍ ।**
**ତଂ ତମେବୈତି କୌନ୍ତେୟ ସଦା ତଦ୍‌ଭାବଭାବିତଃ ।।୬।।**

## ଶବ୍ଦାନୁବାଦ

ଯମ୍ ଯମ୍=ଯେଉଁ ଯେଉଁ; ବା=ଯେ କୌଣସିଟିକୁ; ଅପି=ମଧ୍ୟ; ସ୍ମରନ୍=ସ୍ମରଣ କରି; ଭାବମ୍=ପ୍ରକୃତି; ତ୍ୟଜତି=ତ୍ୟାଗ କରେ; ଅନ୍ତେ=ଶେଷରେ; କଳେବରମ୍=ଏହି ଶରୀର; ତମ୍ ତମ୍=ସେହିପରି; ଏବ=ନିଶ୍ଚିତଭାବେ; ଏତି=ପ୍ରାପ୍ତ ହୁଏ; କୌନ୍ତେୟ=ହେ କୁନ୍ତୀପୁତ୍ର; ସଦା=ସର୍ବଦା; ତତ୍=ସେହି; ଭାବ=ଭାବ; ଭାବିତଃ=ସ୍ମରଣ କରି ।

## ଅନୁବାଦ

**ଏ ଶରୀର ତ୍ୟାଗ କଲାବେଳେ ବ୍ୟକ୍ତି ଯେଉଁ ଭାବ ମନରେ ପୋଷଣ କରେ, ସେ ନିଶ୍ଚିତରୂପେ ସେଇ ଭାବ ହିଁ ପ୍ରାପ୍ତ ହୁଏ ।**

## ଭାବାର୍ଥ

ମୃତ୍ୟୁକାଳର ବିଷମ ମୁହୂର୍ତ୍ତରେ କିପରି ବ୍ୟକ୍ତି ତା'ର ପ୍ରକୃତି ପରିବର୍ତ୍ତନ କରି ପାରିବ, ସେଇ ବିଧି ହିଁ ଏଠାରେ କୁହାଯାଇଅଛି । କିପରି ବ୍ୟକ୍ତି ଉପଯୁକ୍ତ ମାନସିକ ଭାବନେଇ ମୃତ୍ୟୁବରଣ କରିପାରେ ? ମହାରାଜ ଭରତ ମୃତ୍ୟୁ ସମୟରେ ଏକ ମୃଗର ଚିନ୍ତା କରିଥିଲେ । ତେଣୁ ସେ ମୃତ୍ୟୁପରେ ସେଇ ଜୀବନ ପ୍ରାପ୍ତ ହେଲେ । ଅବଶ୍ୟ ଏକ ମୃଗ ରୂପରେ, ମହାରାଜ ଭରତ ତାଙ୍କର ଗତ ଜୀବନର କ୍ରିୟାକଳାପକୁ ମନେପକାଇ ପାରୁଥିଲେ । ବ୍ୟକ୍ତି ଜୀବନକାଳ ମଧ୍ୟରେ ଯେଉଁ ପ୍ରକାର କ୍ରିୟାକଳାପ ଭାବନାରେ ନିଯୁକ୍ତ ଥାଏ, ସେହି ପ୍ରକାର ଭାବନା ହିଁ ମୃତ୍ୟୁ ସମୟରେ ଆସେ । ଅତଏବ ଏହି ଜୀବନର କାର୍ଯ୍ୟକଳାପ ହିଁ ବ୍ୟକ୍ତିର ଭବିଷ୍ୟତ ଜୀବନ ନିର୍ଦ୍ଧାରଣ କରେ । ଯଦି ବ୍ୟକ୍ତି ଏଇ ଜୀବନରେ ଦିବ୍ୟ କୃଷ୍ଣ ସେବାରେ ବରାବର ନିଯୁକ୍ତ ଅଛି, ତେବେ ମୃତ୍ୟୁପରେ ସେ ନିଶ୍ଚୟ ଦିବ୍ୟ ଶରୀର ପ୍ରାପ୍ତ ହେବ, ଆଉ ଭୌତିକ ଶରୀର ପ୍ରାପ୍ତ ହେବ ନାହିଁ । ତେଣୁ ବ୍ୟକ୍ତି ତା'ର ବର୍ତ୍ତମାନ ଭାବକୁ ସଫଳ ଭାବରେ ଦିବ୍ୟଭାବକୁ ପରିବର୍ତ୍ତନ କରିବାର ଏକମାତ୍ର ସର୍ବୋତ୍ତମ ବିଧିହେଲା 'ହରେକୃଷ୍ଣ' କୀର୍ତ୍ତନ ।

## ଶ୍ଲୋକ - ୭

**ତସ୍ମାତ୍ସର୍ବେଷୁ କାଳେଷୁ ମାମନୁସ୍ମର ଯୁଧ୍ୟ ଚ ।**
**ମୟ୍ୟର୍ପିତ ମନୋବୁଦ୍ଧିର୍ମାମେବୈଷ୍ୟସ୍ୟସଂଶୟଃ ।।୭।।**

## ଶବ୍ଦାନୁବାଦ

ତସ୍ମାତ୍=ତେଣୁ; ସର୍ବେଷୁ=ସର୍ବଦା; କାଳେଷୁ=ସବୁ ସମୟରେ; ମାମ୍=ମୋତେ; ଅନୁସ୍ମର=ସ୍ମରଣ କରି ଚାଲ; ଯୁଧ୍ୟ=ଯୁଦ୍ଧ; ଚ=ମଧ୍ୟ; ମୟି=ମୋ'ଠାରେ; ଅର୍ପିତ=ଅର୍ପିତ; ମନଃ=ମନ; ବୁଦ୍ଧିଃ=ବୁଦ୍ଧି; ମାମ୍=ମୋତେ; ଏବ=ନିଶ୍ଚିତଭାବେ; ଏଷ୍ୟସି=ପ୍ରାପ୍ତ ହେବ; ଅସଂଶୟଃ=ନିଃସନ୍ଦେହରୂପେ।

## ଅନୁବାଦ

**ତେଣୁ ହେ ଅର୍ଜୁନ ! ତୁମେ ସର୍ବଦା ମୋତେ କୃଷ୍ଣରୂପରେ ଚିନ୍ତାକରିବା ଉଚିତ୍ ଏବଂ ତତ୍ ସଙ୍ଗେସଙ୍ଗେ ତୁମର କର୍ତ୍ତବ୍ୟ ଯୁଦ୍ଧ-କର୍ମ କରିଚାଲ। ତୁମର କର୍ମକୁ ମୋତେ ସମର୍ପଣ କଲେ ଏବଂ ମନ ଓ ବୁଦ୍ଧିକୁ ମୋ'ଠାରେ ସ୍ଥିର ରଖିଲେ, ତୁମେ ନିଃସନ୍ଦେହ ଭାବରେ ମୋତେ ହିଁ ପ୍ରାପ୍ତ ହେବ।**

## ଭାବାର୍ଥ

ଅର୍ଜୁନଙ୍କୁ ଦିଆଯାଇଥିବ ଏ ଉପଦେଶ ଭୌତିକ କର୍ମରେ ନିଯୁକ୍ତ ଥିବା ସମସ୍ତ ମାନବ ସମାଜ ପ୍ରତି ଅତ୍ୟନ୍ତ ମହତ୍ତ୍ୱ ପୂର୍ଣ୍ଣ ଅଟେ। ଭଗବାନ୍ ଏକଥା କଦାପି କହୁନାହାନ୍ତି ଯେ ମାନବ ତା'ର କର୍ତ୍ତବ୍ୟ ତ୍ୟାଗକରି ପଳାଇଯିବ। ବ୍ୟକ୍ତି ତା'ର କର୍ତ୍ତବ୍ୟ କର୍ମରେ ନିଯୁକ୍ତ ରହି ହରେକୃଷ୍ଣ ମନ୍ତ୍ର ଜପ ବା କୀର୍ତ୍ତନ କରି ସର୍ବଦା ଶ୍ରୀକୃଷ୍ଣଙ୍କୁ ଚିନ୍ତା କରିବା ଉଚିତ୍। ଏତଦ୍ଦ୍ୱାରା ସେ ଭୌତିକ ସଂସ୍ପର୍ଶରୁ ମୁକ୍ତ ହୋଇ ପାରିବ ଏବଂ ତା'ର ମନ ଓ ବୁଦ୍ଧିକୁ କୃଷ୍ଣଙ୍କଠାରେ ଲଗାଇ ପାରିବ। ଏହା ନିଃସନ୍ଦେହ ଯେ ଶ୍ରୀକୃଷ୍ଣଙ୍କ ଦିବ୍ୟ ନାମ କୀର୍ତ୍ତନ କରି ବ୍ୟକ୍ତି ପରମଧାମ କୃଷ୍ଣଲୋକକୁ ସ୍ଥାନାନ୍ତରିତ ହୋଇ ପାରିବ।

## ଶ୍ଳୋକ - ୮

**ଅଭ୍ୟାସଯୋଗଯୁକ୍ତେନ ଚେତସା ନାନ୍ୟଗାମିନା ।**
**ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାନୁଚିନ୍ତୟନ୍ ।।୮।।**

## ଶବ୍ଦାନୁବାଦ

ଅଭ୍ୟାସ=ଅଭ୍ୟାସ; ଯୋଗ-ଯୁକ୍ତେନ=ଧ୍ୟାନରେ ମଗ୍ନ; ଚେତସା=ମନ ଓ ବୁଦ୍ଧି ଦ୍ୱାରା; ନ ଅନ୍ୟ-ଗାମିନା=ଆଦୌ ବିଚ୍ୟୁତ ନ ହୋଇ; ପରମମ୍=ପରମ; ପୁରୁଷମ୍=ପରମପୁରୁଷ ଭଗବାନ୍; ଦିବ୍ୟମ୍=ଦିବ୍ୟ; ଯାତି=ପ୍ରାପ୍ତ ହୁଏ; ପାର୍ଥ=ହେ ପୃଥାପୁତ୍ର; ଅନୁଚିନ୍ତୟନ୍= ବାରମ୍ବାର ସ୍ମରଣ କରେ।

## ଅନୁବାଦ

**ହେ ପାର୍ଥ (ଅର୍ଜୁନ) ! ଯେ ପରମପୁରୁଷ ଭଗବାନଙ୍କୁ ଧ୍ୟାନ କରୁଥାଏ, ତା'ର ମନ ଧ୍ୟାନମାର୍ଗରୁ ବିଚ୍ୟୁତ ନ ହୋଇ ସର୍ବଦା ମୋତେ ସ୍ମରଣ କରିବାରେ ଲାଗିଥାଏ, ସେ ନିଶ୍ଚୟ ମୋ'ପାଖରେ ପହଞ୍ଚିବ।**

## ଭାବାର୍ଥ

ଏହି ଶ୍ଳୋକରେ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କୁ ସ୍ମରଣ କରିବା ବିଷୟରେ ଖୁବ୍ ଜୋର୍‌ଦେଇ କହୁଛନ୍ତି। ହରେକୃଷ୍ଣ ମହାମନ୍ତ୍ର କୀର୍ତ୍ତନ କଲେ କୃଷ୍ଣ ସ୍ମୃତି ଜାଗ୍ରତ ହୁଏ। ହରେ କୃଷ୍ଣ ମହାମନ୍ତ୍ର

ଶ୍ରବଣ କୀର୍ତ୍ତନ ଅଭ୍ୟାସର ଅର୍ଥ ଭଗବାନଙ୍କର ଦିବ୍ୟ ନାମର ଧ୍ୱନି ତରଙ୍ଗରେ ଶ୍ରବଣ କୀର୍ତ୍ତନର ଅଭ୍ୟାସ । ଏତଦ୍ୱାରା ବ୍ୟକ୍ତିର କର୍ଣ୍ଣ, ଜିହ୍ୱା ଏବଂ ମନ ନିଯୁକ୍ତ ହୁଏ । ଏହି ଗହନ ଧ୍ୟାନବିଧି ଅଭ୍ୟାସ କରିବା ଅତି ସହଜ ଏବଂ ଏହା ବ୍ୟକ୍ତିକୁ ଭଗବାନଙ୍କୁ ପାଇବାରେ ସାହାଯ୍ୟ କରେ । ଏଠାରେ 'ପୁରୁଷଂ' ଶବ୍ଦର ଅର୍ଥ ଭୋକ୍ତା । ଯଦିଓ ଜୀବଗଣ ଭଗବାନଙ୍କର ତଟସ୍ଥା ଶକ୍ତିର ଅନ୍ତର୍ଗତ, ତଥାପି ସେମାନେ ଭୌତିକ ସଂସ୍ପର୍ଶରେ ଆସିଥା'ନ୍ତି । ସେମାନେ ନିଜକୁ ଭୋକ୍ତା ବୋଲି ଭାବନ୍ତି; କିନ୍ତୁ ସେମାନେ ପରମ ଭୋକ୍ତା ନୁହନ୍ତି । ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ ପରମପୁରୁଷ ଭଗବାନ୍, ତାଙ୍କର ବିଭିନ୍ନ ପ୍ରକାଶ ଏବଂ ନାରାୟଣ, ବାସୁଦେବ ପ୍ରଭୃତି ବିଭିନ୍ନ ପ୍ରତ୍ୟାକ୍ଷାଂଶ ରୂପରେ ପରମ ଭୋକ୍ତା ଅଟନ୍ତି ।

ଭକ୍ତବୃନ୍ଦ ହରେକୃଷ୍ଣ ମନ୍ତ୍ର କୀର୍ତ୍ତନ କରି ନାରାୟଣ, କୃଷ୍ଣ, ରାମ ପ୍ରଭୃତି ଭଗବାନଙ୍କର ଯେ କୌଣସି ପ୍ରକାଶ ରୂପରେ ପୂଜାର ଦେବତା ଭଗବାନଙ୍କୁ ବରାବର ଚିନ୍ତା କରି ପାରନ୍ତି । ଏହି ଅଭ୍ୟାସ (ଏହି ହରେକୃଷ୍ଣ ମନ୍ତ୍ର କୀର୍ତ୍ତନ ଅଭ୍ୟାସ) ବ୍ୟକ୍ତିଙ୍କୁ ବିଶୁଦ୍ଧ କରିବ ଏବଂ ଜୀବନର ଅନ୍ତକାଳରେ, ଜୀବନ ସାରା କୀର୍ତ୍ତନ କରିଥିବା ହେତୁ ସେ ଭଗବାନଙ୍କର ରଜ୍ୟକୁ ସ୍ଥାନାନ୍ତରିତ ହେବ । ଯୋଗ ଅଭ୍ୟାସର ଉଦ୍ଦେଶ୍ୟ ହେଲା ହୃଦୟରେ ଥିବା ପରମାତ୍ମାଙ୍କୁ ଧ୍ୟାନ କରିବା ଓ ସେହିପରି ''ହରେକୃଷ୍ଣ'' କୀର୍ତ୍ତନ ଦ୍ୱାରା ବ୍ୟକ୍ତି ତା'ର ମନକୁ ସର୍ବଦା ଭଗବାନଙ୍କଠାରେ ଲଗାଇପାରେ । ମନ ଅତିଶୟ ଚଞ୍ଚଳ, ତେଣୁ ଜବରଦସ୍ତି ମନକୁ କୃଷ୍ଣ ଚିନ୍ତନରେ ଲଗାଇବା ଦରକାର । ଏହି ଉଦାହରଣ ବରାବର ଦିଆଯାଏ—ଏକପ୍ରକାର କୀଟ-କୁମ୍ଭକାର କୀଟ ପ୍ରଜାପତି ହେବାକୁ ବରାବର ଚିନ୍ତା କରୁଥାଏ । ଏହି ଚିନ୍ତାଫଳରେ ସେ ସେହି ଜୀବନରେ ଶେଷରେ ପ୍ରଜାପତି ହୋଇଯାଏ । ଠିକ୍ ସେହିପରି, ଆମେ ଯଦି ବରାବର କୃଷ୍ଣଙ୍କୁ ଚିନ୍ତା କରିବା, ଏହା ନିଶ୍ଚିତ ଯେ ଆମେ ଜୀବନ ଶେଷରେ କୃଷ୍ଣଙ୍କପରି ଶରୀର ପ୍ରାପ୍ତ ହେବା ।

## ଶ୍ଲୋକ - ୯

**କବିଂ ପୁରାଣମନୁଶାସିତାରମ୍**
**ଅଣୋରଣୀୟାଂସମନୁସ୍ମରେଦ୍ୟଃ ।**
**ସର୍ବସ୍ୟ ଧାତାରମଚିନ୍ତ୍ୟରୂପମ୍**
**ଆଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ।। ୯ ।।**

## ଶବ୍ଦାନୁବାଦ

କବିମ୍=ଯେ ସବୁ ଜାଣେ; ପୁରାଣମ୍=ପୁରାତନ; ଅନୁଶାସିତାରମ୍=ନିୟନ୍ତ୍ରଣକାରୀ; ଅଣୋଃ=ଅଣୁର; ଅଣୀୟାଂସମ୍=ତା'ଠାରୁ କ୍ଷୁଦ୍ରତର; ଅନୁସ୍ମରେତ୍=ସର୍ବଦା ଭାବୁଛି; ଯଃ=ଯେ; ସର୍ବସ୍ୟ=ସମସ୍ତଙ୍କର; ଧାତାରମ୍=ପାଳନକର୍ତ୍ତା; ଅଚିନ୍ତ୍ୟ=ଅଚିନ୍ତ୍ୟ; (ଯାହା ଚିନ୍ତାକରି ହେବ ନାହିଁ); ରୂପମ୍=ରୂପ, (ଆକାର); ଆଦିତ୍ୟ-ବର୍ଣ୍ଣମ୍=ସୂର୍ଯ୍ୟଙ୍କ ପରି ତେଜୀୟାନ୍; ତମସଃ=ଅନ୍ଧକାରର; ପରସ୍ତାତ୍=ଦିବ୍ୟ ।

## ଅନୁବାଦ

**ବ୍ୟକ୍ତି ନିମ୍ନମତେ ପରମପୁରୁଷ ଭଗବାନଙ୍କ ଉପରେ ଧ୍ୟାନ କରିବା ଉଚିତ୍ । ସେ ପରମପୁରୁଷ ଭଗବାନ୍ ସବୁ ଜାଣନ୍ତି, ସେ ପୁରାଣ-ପୁରୁଷ (ଅତ୍ୟନ୍ତ ପୁରାତନ ପୁରୁଷ)**

**ଅଟନ୍ତି; ସେ ସମସ୍ତଙ୍କର ନିୟନ୍ତ୍ରଣକାରୀ ଅଟନ୍ତି, ସେ ଅଣୁଠାରୁ'ବି ଆହୁରି କ୍ଷୁଦ୍ରତର ଅଟନ୍ତି; ସେ ସମସ୍ତଙ୍କର ପୋଷଣକର୍ତ୍ତା ଅଟନ୍ତି, ସେ ସମସ୍ତ ପ୍ରକାର ଭୌତିକ ଧାରଣାର ଊର୍ଦ୍ଧ୍ୱରେ ଅବସ୍ଥିତ, ସେ ଅଚିନ୍ତ୍ୟ ଏବଂ ସେ ସର୍ବଦା ଏକ ପୁରୁଷ ଅଟନ୍ତି । ସେ ସୂର୍ଯ୍ୟ ସଦୃଶ ତେଜୀୟାନ ଅଟନ୍ତି ଏବଂ ସେ ଦିବ୍ୟପୁରୁଷ ହେତୁ– ଏ ଭୂତପ୍ରକୃତିର ବହୁ ଊର୍ଦ୍ଧ୍ୱରେ ଅବସ୍ଥିତ ।**

## ଭାବାର୍ଥ

କିପରି ଭଗବାନଙ୍କ ଉପରେ ଚିନ୍ତା କରାଯିବ ତାହା ହିଁ ଶ୍ଳୋକରେ ବର୍ଣ୍ଣିତ ହୋଇଅଛି । ଅତି ବିଶେଷ କଥା ଏହା ଯେ ସେ ନିର୍ବିଶେଷ ବା ଶୂନ୍ୟ ନୁହନ୍ତି । କେହି କୌଣସି ନିର୍ବିଶେଷ ବା ଶୂନ୍ୟ ଉପରେ ଧ୍ୟାନ କରିପାରିବ ନାହିଁ । ତାହା ଅତ୍ୟନ୍ତ କଠିନ । ଶ୍ରୀକୃଷ୍ଣଙ୍କ ଉପରେ ଚିନ୍ତା କରିବା ଅତି ସହଜ ଏବଂ ତାହା ହିଁ ଏଠାରେ କୁହାଯାଇଅଛି । ପ୍ରଥମତଃ ସେ ଏକ ପୁରୁଷ, ଦିବ୍ୟପୁରୁଷ-ରାମ ଓ କୃଷ୍ଣ । ସେ ଏଠାରେ 'କବିଂ' ରୂପେ ବର୍ଣ୍ଣିତ ହୋଇଛନ୍ତି, ଅର୍ଥାତ୍ ସେ ଭୂତ, ଭବିଷ୍ୟତ ଓ ବର୍ତ୍ତମାନ କଥା ଜାଣନ୍ତି ଏବଂ ସେଇଥିପାଇଁ ସେ ସବୁ କିଛି ଜାଣନ୍ତି । ସେ ପୁରାଣ-ପୁରୁଷ (ଅତ୍ୟନ୍ତ ପୁରାତନ ପୁରୁଷ) ଅଟନ୍ତି, କାରଣ ସେ ସମସ୍ତଙ୍କର ମୂଳ, ସବୁକିଛି ତାଙ୍କଠାରୁ ଜାତ । ସେ ମଧ୍ୟ ସମସ୍ତ ବ୍ରହ୍ମାଣ୍ଡର ପରମ ନିୟନ୍ତ୍ରଣକାରୀ ଅଟନ୍ତି, ସେ ପୋଷଣକର୍ତ୍ତା ଏବଂ ମାନବ ସମାଜର ଉପଦେଷ୍ଟା ଅଟନ୍ତି । ସେ ଅଣୁଠାରୁ'ବି ଆହୁରି କ୍ଷୁଦ୍ରତର । ଏକ ସୂକ୍ଷ୍ମ ଜୀବ ବା ଜୀବାତ୍ମା କେଶାଗ୍ରର ଦଶହଜାର ଭାଗରୁ ଏକ ଭାଗ ଅଟେ । କିନ୍ତୁ ଭଗବାନ୍ ଏପରି ଅଚିନ୍ତ୍ୟରୂପେ କ୍ଷୁଦ୍ରତର ଯେ ସେ ଏହି କ୍ଷୁଦ୍ରତମ ଅଂଶର ହୃଦୟରେ'ବି ପ୍ରବେଶ କରନ୍ତି । ତେଣୁ ସେ ଅଣୁଠାରୁ ଆହୁରି କ୍ଷୁଦ୍ରତର ବୋଲି କୁହାଯାଉଛନ୍ତି । ପରମପୁରୁଷ (ଭଗବାନ୍) ହିସାବରେ ସେ ଅଣୁ ମଧ୍ୟରେ ପ୍ରବେଶ କରି ପାରନ୍ତି, ଅତି କ୍ଷୁଦ୍ରତମ ପଦାର୍ଥର ହୃଦୟରେ ମଧ୍ୟ ପ୍ରବେଶ କରିପାରନ୍ତି ଏବଂ ପରମାତ୍ମା ରୂପରେ ତାହାକୁ ନିୟନ୍ତ୍ରଣ କରନ୍ତି । ଯଦିଓ ସେ ଏତେ କ୍ଷୁଦ୍ର ହୋଇପାରନ୍ତି, ତଥାପି ସେ ସର୍ବବ୍ୟାପକ ଅଟନ୍ତି ଏବଂ ସମସ୍ତଙ୍କର ପାଳନକର୍ତ୍ତା ଅଟନ୍ତି । ତାଙ୍କରି ଯୋଗୁହିଁ ଏ ସମସ୍ତ ଗ୍ରହ-ଉପଗ୍ରହ ଆଦି ଗତି କରୁଛନ୍ତି । ଆମ୍ଭେମାନେ ଅଧିକାଂଶ ସମୟରେ ଆଶ୍ଚର୍ଯ୍ୟାନ୍ୱିତ ହେଉ– ଏ ଗ୍ରହ ଉପଗ୍ରହଗଣ କିପରି ଆକାଶରେ ଗତି କରୁଛନ୍ତି । ଏହା ଏଠାରେ କୁହାଯାଇଛି ଯେ ଭଗବାନ୍ ତାଙ୍କର ଅଚିନ୍ତ୍ୟ ଶକ୍ତି ବଳରେ ଏ ସମସ୍ତ ବୃହତ୍ ଗ୍ରହ ଓ ଉପଗ୍ରହମାନଙ୍କୁ ଏବଂ ସୌରଜଗତକୁ ନିୟନ୍ତ୍ରଣ କରୁଛନ୍ତି । ଏ ସଂପର୍କରେ ଅଚିନ୍ତ୍ୟ ଶବ୍ଦର ପ୍ରୟୋଗ ଅତ୍ୟନ୍ତ ଯୁକ୍ତିଯୁକ୍ତ । ଭଗବାନଙ୍କର ଶକ୍ତି ଆମର ଧାରଣାର ବିହର୍ଭୂତ, ଆମର ଚିନ୍ତା ଶକ୍ତିର ଊର୍ଦ୍ଧ୍ୱରେ ଏବଂ ସେଇଥିପାଇଁ ତାହାକୁ *'ଅଚିନ୍ତ୍ୟ'* ବୋଲି କୁହାଯାଇଅଛି । ଏକଥା ଉପରେ କିଏ ଯୁକ୍ତି କରିପାରେ ? ସେ ଏ ଭୌତିକ ଜଗତ ବିଷୟରେ ସର୍ବତ୍ର ପରିବ୍ୟାପ୍ତ ହୋଇଛନ୍ତି ଏବଂ ଏହାର ଊର୍ଦ୍ଧ୍ୱରେ ଅବସ୍ଥାନ କରୁଛନ୍ତି । ଆମେ'ତ ଏ ଭୌତିକ ଜଗତ ବିଷୟରେ କିଛି ଧାରଣା କରି ପାରିବା ନାହିଁ, ଯେଉଁ ଭୌତିକ ଜଗତ, ଆଧ୍ୟାତ୍ମିକ ଜଗତ ତୁଳନାରେ ଅତି ହୀନ ବା କ୍ଷୁଦ୍ର ଅଟେ, ତେବେ ତା'ର ଊର୍ଦ୍ଧ୍ୱରେ ଥିବା ଭଗବାନଙ୍କ ସମ୍ବନ୍ଧରେ ଆମେ କିପରି ଧାରଣା କରି ପାରିବା ? *'ଅଚିନ୍ତ୍ୟ'*ର ତାତ୍ପର୍ଯ୍ୟ ହେଉଛି ଯାହା ଏହି ଭୌତିକ ଜଗତର ଊର୍ଦ୍ଧ୍ୱରେ ଅବସ୍ଥିତ; ଯାହାକୁ ଆମର ଯୁକ୍ତି-ତର୍କ ଏବଂ ଦାର୍ଶନିକ ଚିନ୍ତାଧାରା ସ୍ପର୍ଶ କରିପାରିବ ନାହିଁ-ଯାହା ବିଷୟରେ କିଛି ଚିନ୍ତା କରାଯାଇପାରିବ

ନାହିଁ । ସେଇଥିପାଇଁ ବୁଦ୍ଧିମାନ ଲୋକେ ଅଯଥା ଯୁକ୍ତି, ତର୍କ ଓ ଦାର୍ଶନିକ ଚିନ୍ତାଧାରାକୁ ତ୍ୟାଗ କରି, ବେଦ, ଗୀତା ଓ ଶ୍ରୀମଦ୍ ଭାଗବତମ୍ ପ୍ରଭୃତି ଶାସ୍ତ୍ର ବା ଗ୍ରନ୍ଥମାନଙ୍କରେ ଯାହା ଦିଆଯାଇଅଛି, ତାହା ସ୍ୱୀକାର କରିବା ଉଚିତ୍ ଏବଂ ସେ ଗ୍ରନ୍ଥମାନଙ୍କରେ ଦିଆଯାଇଥିବା ଧର୍ମନୀତିକୁ ଅନୁସରଣ କରିବା ଉଚିତ୍ । ତାହାହେଲେ ଭଗବାନଙ୍କୁ ସହଜରେ ବୁଝି ପାରିବ ।

## ଶ୍ଲୋକ - ୧୦

**ପ୍ରୟାଣକାଲେ ମନସାଚଲେନ**
**ଭକ୍ତ୍ୟା ଯୁକ୍ତୋ ଯୋଗବଲେନ ଚୈବ ।**
**ଭ୍ରୁବୋର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍**
**ସ ତଂ ପରଂ ପୁରୁଷମୁପୈତି ଦିବ୍ୟମ୍ ।।୧୦।।**

## ଶବ୍ଦାନୁବାଦ

ପ୍ରୟାଣ-କାଳେ=ମୃତ୍ୟୁ ସମୟରେ; ମନସା=ମନରେ; ଅଚଳେନ=ଅବିଚଳିତ ଭାବରେ; ଭକ୍ତ୍ୟା=ପୂର୍ଣ୍ଣ ଭକ୍ତିରେ; ଯୁକ୍ତଃ=ଯୁକ୍ତ; ଯୋଗ-ବଳେନ=ଗୁପ୍ତଯୋଗଶକ୍ତି ବଳରେ; ଚ=ମଧ୍ୟ; ଏବ=ନିଶ୍ଚିତଭାବରେ; ଭ୍ରୁବୋଃ=ଦୁଇ ଭ୍ରୂଲତା ମଧ୍ୟରେ; ମଧ୍ୟେ=ମଧ୍ୟରେ; ପ୍ରାଣମ୍=ପ୍ରାଣବାୟୁ; ଆବେଶ୍ୟ=ସ୍ଥାପନ କରି; ସମ୍ୟକ୍=ପୂର୍ଣ୍ଣରୂପେ; ସଃ=ସେ; ତମ୍=ତାହା; ପରମ୍=ପରମ; ପୁରୁଷମ୍=ପରମପୁରୁଷ ଭଗବାନ୍; ଉପୈତି=ପ୍ରାପ୍ତ ହୁଏ; ଦିବ୍ୟମ୍=ଆଧ୍ୟାତ୍ମିକ ରାଜ୍ୟରେ ।

## ଅନୁବାଦ

**ମୃତ୍ୟୁ ସମୟରେ ଯେଉଁ ବ୍ୟକ୍ତି ଦୁଇ ଭ୍ରୂଲତା ମଧ୍ୟରେ ପ୍ରାଣ ଶକ୍ତିକୁ ସ୍ଥିରକରି ପୂର୍ଣ୍ଣ ଭକ୍ତିରେ ଭଗବାନ୍‌ଙ୍କୁ ସ୍ମରଣ କରେ ସେ ନିଶ୍ଚୟ ଭଗବାନଙ୍କୁ ପ୍ରାପ୍ତ ହେବ ।**

## ଭାବାର୍ଥ

ଏହି ଶ୍ଲୋକରେ ପରିଷ୍କାର ଭାବରେ କୁହାଯାଇଛି ଯେ ମୃତ୍ୟୁ ସମୟରେ ମନ ଭକ୍ତିଯୁକ୍ତ ହୋଇ ପରମେଶ୍ୱର ଭଗବାନଙ୍କଠାରେ ସ୍ଥିର ରହିବା ଉଚିତ୍ । ଯେଉଁମାନେ ଯୋଗ ଅଭ୍ୟାସ କରୁଛନ୍ତି, ସେମାନଙ୍କ ପାଇଁ ଏହା କୁହାଯାଇଛି ଯେ ସେମାନେ ପ୍ରାଣବାୟୁକୁ ଦୁଇ ଭ୍ରୂଲତା ମଧ୍ୟକୁ ଉନ୍ନୀତ କରିବେ; କିନ୍ତୁ ଏ ପ୍ରକାର ଯୋଗ ଅଭ୍ୟାସ ନ କରୁଥିବା ଏକ ଶୁଦ୍ଧଭକ୍ତ ତା'ର ମନକୁ ସର୍ବଦା କୃଷ୍ଣଚେତନାରେ ଲଗାଇ ରଖିବା ଫଳରେ ମୃତ୍ୟୁ ସମୟରେ ଭଗବାନଙ୍କ କୃପାହେତୁ ତାଙ୍କୁ ସ୍ମରଣ କରିପାରିବ । ଏହା ମଧ୍ୟ ଚତୁର୍ଦ୍ଦଶ ଶ୍ଲୋକରେ ବର୍ଣ୍ଣନା କରାଯାଇଅଛି ।

ଏ ଶ୍ଲୋକରେ ବ୍ୟବହୃତ 'ଯୋଗବଳେନ' ଶବ୍ଦ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ, କାରଣ ଯୋଗ ଅଭ୍ୟାସ ବିନା କେହି ମୃତ୍ୟୁ ସମୟରେ ଏ ଦିବ୍ୟ ଅବସ୍ଥା ପ୍ରାପ୍ତ ହୋଇ ପାରିବ ନାହିଁ । ଯଦି ବ୍ୟକ୍ତି ତା'ର ଜୀବନ କାଳ ମଧ୍ୟରେ କୌଣସି ଯୋଗବିଧି ଅବଲମ୍ବନ କରି, ବିଶେଷତଃ ଭକ୍ତିଯୋଗ ବିଧି ଅବଲମ୍ବନ କରି ଭଗବାନଙ୍କୁ ସ୍ମରଣ କରିବାକୁ ଅଭ୍ୟାସ ନ କରିଥାଏ, ତେବେ ସେ କଦାପି ମୃତ୍ୟୁସମୟରେ ହଠାତ୍ ଭଗବାନଙ୍କୁ ସ୍ମରଣ କରିପାରିବ ନାହିଁ । ମୃତ୍ୟୁ ସମୟରେ ମାନବର ମନ ଅତ୍ୟନ୍ତ ଆନ୍ଦୋଳିତ ଅବସ୍ଥାରେ ଥାଏ; ତେଣୁ ମାନବକୁ ଜୀବନ କାଳ ମଧ୍ୟରେ ଯୋଗମାର୍ଗ ଅବଲମ୍ବନ କରି ଭଗବାନଙ୍କୁ ସ୍ମରଣ କରିବାକୁ ଅଭ୍ୟାସ କରିବାକୁ ହେବ ।

## ଶ୍ଳୋକ - ୧୧

**ଯଦକ୍ଷରଂ ବେଦବିଦୋ ବଦନ୍ତି**
**ବିଶନ୍ତି ଯଦ୍ୟତୟୋ ବୀତରାଗାଃ ।**
**ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯ୍ୟଂ ଚରନ୍ତି**
**ତତ୍ତେ ପଦଂ ସଂଗ୍ରହେଣ ପ୍ରବକ୍ଷ୍ୟେ ।।୧୧।।**

## ଶବ୍ଦାନୁବାଦ

ଯତ୍=ଯେଉଁ; ଅକ୍ଷରମ୍=ଅକ୍ଷର, ଅବ୍ୟୟ; ବେଦ-ବିଦଃ=ବେଦଜ୍ଞମାନେ (ବେଦ ଜାଣିଥିବା ବ୍ୟକ୍ତିମାନେ); ବଦନ୍ତି=କହନ୍ତି; ବିଶନ୍ତି=ପ୍ରବେଶ କରନ୍ତି; ଯତ୍=ଯେଉଁଥିରେ, ଯତୟଃ=ମହାନ୍ ମୁନି-ଋଷିବୃନ୍ଦ; ବୀତ-ରାଗାଃ=ସନ୍ନ୍ୟାସାଶ୍ରମରେ; ଯତ୍=ଯାହା; ଇଚ୍ଛନ୍ତଃ=ଇଚ୍ଛାକରି; ବ୍ରହ୍ମଚର୍ଯ୍ୟମ୍=ବ୍ରହ୍ମଚର୍ଯ୍ୟ; ଚରନ୍ତି=ଆଚରଣ କରନ୍ତି, ଅଭ୍ୟାସ କରନ୍ତି; ତତ୍=ତାହା; ତେ=ତୁମକୁ; ପଦମ୍=ଅବସ୍ଥା; ସଂଗ୍ରହେଣ=ସଂକ୍ଷେପରେ; ପ୍ରବକ୍ଷ୍ୟେ=ମୁଁ କହିବି ।

## ଅନୁବାଦ

**ଯେଉଁମାନେ ବେଦ-ଜ୍ଞାନ ଲାଭ କରିଛନ୍ତି, ଯେଉଁମାନେ ଓଁକାର ଉଚ୍ଚାରଣ କରନ୍ତି ଏବଂ ଯେଉଁମାନେ ସନ୍ନ୍ୟାସାଶ୍ରମସ୍ଥିତ ମହାନ୍ ମୁନି, ଋଷି ବା ଯୋଗୀ ଅଟନ୍ତି ସେମାନେ ବ୍ରହ୍ମରେ ପ୍ରବେଶ କରନ୍ତି । ଏହି ସିଦ୍ଧି କାମନା କରି ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ଆଚରଣ କରେ । ବର୍ତ୍ତମାନ ମୁଁ ତୁମକୁ ଏହି ଯୋଗବିଧି କଥା କହିବି, ଯାହା ଆଚରଣ କରି ବ୍ୟକ୍ତି ମୁକ୍ତି ପାଇପାରେ ।**

## ଭାବାର୍ଥ

ଭଗବାନ୍ ଶ୍ରୀକୃଷ୍ଣ ଏଠାରେ କହୁଛନ୍ତି ଯେ ଯଦିଓ ବ୍ରହ୍ମ ଅଦ୍ୱିତୀୟ ଅଟେ, ତଥାପି ଏହାର ଅଲଗା ପ୍ରକାଶ ଓ ଲକ୍ଷଣ ଅଛି । ମାୟାବାଦୀମାନଙ୍କ ମତାନୁଯାୟୀ ଓଁକାର ହିଁ ବ୍ରହ୍ମ ଅଟେ (ଅର୍ଥାତ୍ ଓଁକାର ଓ ବ୍ରହ୍ମ ଏକ ଅଟନ୍ତି) ।ଯେଉଁ ନିର୍ବିଶେଷ ବ୍ରହ୍ମରେ ମାୟାବାଦୀ ସନ୍ନ୍ୟାସୀମାନେ ପ୍ରବେଶ କରନ୍ତି, ସେହି ନିର୍ବିଶେଷ ବ୍ରହ୍ମ କଥା ଏଠାରେ ଶ୍ରୀକୃଷ୍ଣ କହୁଛନ୍ତି ।

ବୈଦିକ ଜ୍ଞାନ-ଧାରାନୁଯାୟୀ ଛାତ୍ରମାନେ (ଶିଷ୍ୟଗଣ) ପ୍ରାରମ୍ଭରୁ ଓଁକାର ଉଚ୍ଚାରଣ କରିବାକୁ ଶିକ୍ଷା କରନ୍ତି ଏବଂ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ଆଚରଣ କରି ଗୁରୁ ଆଶ୍ରମରେ ଗୁରୁଙ୍କ ସହ ବାସକରି ନିର୍ବିଶେଷ ବ୍ରହ୍ମ ବିଷୟରେ ଶିକ୍ଷାଲାଭ କରନ୍ତି । ଏହି ପ୍ରକାର ସେମାନେ ବ୍ରହ୍ମର ଦୁଇଟି ଲକ୍ଷଣ ଅନୁଭବ କରନ୍ତି । ଛାତ୍ରର ଆଧ୍ୟାତ୍ମିକ ଜୀବନରେ ଅଗ୍ରଗତି ନିମିତ୍ତ ଏ ପ୍ରକାର ଅଭ୍ୟାସ ଅତ୍ୟନ୍ତ ଆବଶ୍ୟକ ଅଟେ, କିନ୍ତୁ ବର୍ତ୍ତମାନ ଅବସ୍ଥାରେ (ଏ କଳିଯୁଗରେ) ଏ ପ୍ରକାର ବ୍ରହ୍ମଚାରୀ ଜୀବନଯାପନ ଆଦୌ ସମ୍ଭବପର ନୁହେଁ । ବର୍ତ୍ତମାନ ପୃଥିବୀରେ ସାମାଜିକ ଅବସ୍ଥା ଏତେ ପରିବର୍ତ୍ତିତ ହୋଇ ଯାଇଛି ଯେ ଛାତ୍ର ଜୀବନର ପ୍ରାରମ୍ଭରୁ ଏପରି ବ୍ରହ୍ମଚର୍ଯ୍ୟ ଆଚରଣ ସମ୍ଭବପର ନୁହେଁ । ସାରା ପୃଥିବୀରେ ଜ୍ଞାନର ବିଭିନ୍ନ ବିଭାଗ ନିମିତ୍ତ ଅନେକ ଅନୁଷ୍ଠାନ ଅଛି, କିନ୍ତୁ ଏପରି ସ୍ୱୀକୃତ ଅନୁଷ୍ଠାନ କୌଣସିଠାରେ ନାହିଁ, ଯେଉଁଠାରେ କି ଛାତ୍ରମାନେ ବ୍ରହ୍ମଚାରୀ ଜୀବନଧାରା

ଆଚରଣ କରି ଶିକ୍ଷାଲାଭ କରିପାରିବେ । ବ୍ୟକ୍ତି ବ୍ରହ୍ମଚର୍ଯ୍ୟ ଆଚରଣ ନ କଲେ ଆଧ୍ୟାତ୍ମିକ ଜୀବନରେ ଅଗ୍ରଗତି କରିବା ଅତ୍ୟନ୍ତ କଷ୍ଟକର । ସେଇଥିପାଇଁ ଶ୍ରୀଚୈତନ୍ୟ ମହାପ୍ରଭୁ ଶାସ୍ତ୍ରୀୟ ବିଧି ଅନୁଯାୟୀ ଘୋଷଣା କରିଛନ୍ତି ଯେ ଏ କଳି ଯୁଗରେ ଶ୍ରୀକୃଷ୍ଣଙ୍କର ଦିବ୍ୟନାମ କୀର୍ତ୍ତନ– *"ହରେକୃଷ୍ଣ ହରେକୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ, ହରେରାମ ହରେରାମ, ରାମ ରାମ ହରେ ହରେ"* ବିନା ଭଗବତ୍ ଉପଲବ୍ଧି ସମ୍ଭବପର ନୁହେଁ ।

## ଶ୍ଳୋକ - ୧୨

**ସର୍ବଦ୍ୱାରାଣି ସଂଯମ୍ୟ ମନୋ ହୃଦି ନିରୁଧ୍ୟ ଚ ।**
**ମୂର୍ଦ୍ଧ୍ନ୍ୟାଧାୟାତ୍ମନଃ ପ୍ରାଣମାସ୍ଥିତୋ ଯୋଗଧାରଣାମ୍ ।।୧୨।।**

## ଶବ୍ଦାନୁବାଦ

ସର୍ବ-ଦ୍ୱାରାଣି=ଶରୀରର ସମସ୍ତଦ୍ୱାର; ସଂଯମ୍ୟ=ସଂଯତକରି; ମନଃ=ମନକୁ; ହୃଦି=ହୃଦୟରେ; ନିରୁଧ୍ୟ=ନିରୋଧ କରି; ଚ=ମଧ୍ୟ; ମୂର୍ଦ୍ଧ୍ନି=ମସ୍ତିଷ୍କରେ; ଆଧାୟ=ସ୍ଥିରକରି; ଆତ୍ମନଃ=ଆତ୍ମା; ପ୍ରାଣମ୍=ପ୍ରାଣବାୟୁ; ଆସ୍ଥିତଃ=ଅବସ୍ଥିତ; ଯୋଗ-ଧାରଣାମ୍=ଯୋଗାବସ୍ଥା ।

## ଅନୁବାଦ

**ସମସ୍ତ ପ୍ରକାର ଇନ୍ଦ୍ରିୟ ସୁଖରୁ ବିରତ ହେବା ଯୋଗାବସ୍ଥା ଅଟେ । ସମସ୍ତ ଇନ୍ଦ୍ରିୟ-ଦ୍ୱାର ନିରୋଧ କରି ଏବଂ ମନକୁ ହୃଦୟରେ ସ୍ଥିରକରି ଏବଂ ପ୍ରାଣବାୟୁକୁ ମସ୍ତିଷ୍କର ଉପରିଭାଗରେ ସ୍ଥିର କରି ବ୍ୟକ୍ତି ଯୋଗାବସ୍ଥାରେ ନିଜକୁ ସ୍ଥିର କରେ ।**

## ଭାବାର୍ଥ

ଏଠାରେ କୁହାଯାଇଛି ଯେ ଯୋଗ ଅଭ୍ୟାସ କରିବାକୁ ହେଲେ ବ୍ୟକ୍ତିକୁ ପ୍ରଥମେ ସମସ୍ତ ଇନ୍ଦ୍ରିୟ-ଭୋଗର ଦ୍ୱାର ବନ୍ଦକରି ଦେବାକୁ ପଡ଼ିବ । ଏହାକୁ ପ୍ରତ୍ୟାହାର କୁହାଯାଏ, ଅର୍ଥାତ୍ ଇନ୍ଦ୍ରିୟମାନଙ୍କୁ ଇନ୍ଦ୍ରିୟ-ଭୋଗ୍ୟ ବସ୍ତୁରୁ ଦୂରେଇ ନେବା । ଜ୍ଞାନେନ୍ଦ୍ରିୟଗଣ ଯଥା–ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଏବଂ ତ୍ୱକ୍ ସଂପୂର୍ଣ୍ଣରୂପେ ସଂଯତ କରିବାକୁ ହେବ ଏବଂ ଇନ୍ଦ୍ରିୟ-ସୁଖ-ଭୋଗରେ ନିଯୁକ୍ତ ହେବାକୁ କଦାପି ଦିଆଯିବ ନାହିଁ । ଏହି ପ୍ରକାରେ ହୃଦୟରେ ଅବସ୍ଥାନ କରୁଥିବା ପରମାତ୍ମାଙ୍କଠାରେ ମନକୁ ସ୍ଥିର କରିବାକୁ ପଡ଼ିବ । ଷଷ୍ଠ ଅଧ୍ୟାୟରେ ଏ ବିଧି ଭଲଭାବରେ ବର୍ଣ୍ଣନା କରାଯାଇଅଛି, କିନ୍ତୁ ପୂର୍ବରୁ ଆମେ କହିଛୁ ଯେ ଏ ଯୁଗରେ ଏ ବିଧି ସମ୍ଭବପର ନୁହେଁ । ସର୍ବୋତ୍ତମ ବିଧି ହେଉଛି କୃଷ୍ଣଚେତନା ବିଧି । ଯଦି ବ୍ୟକ୍ତି ସର୍ବଦା ଭକ୍ତିଯୋଗ ମାର୍ଗରେ ମନକୁ ଶ୍ରୀକୃଷ୍ଣଙ୍କ ଠାରେ ସ୍ଥିର କରି ପାରିଲା, ତାହାହେଲେ ସେ ଖୁବ୍ ସହଜରେ ଅବିଚଳିତଭାବରେ ସମାଧିରେ ସ୍ଥିର ହୋଇ ପାରିବ ।

## ଶ୍ଳୋକ - ୧୩

**ଓଁ ଇତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ମାମନୁସ୍ମରନ୍ ।**
**ଯଃ ପ୍ରୟାତି ତ୍ୟଜନ୍ଦେହଂ ସ ଯାତି ପରମାଂ ଗତିମ୍ ।।୧୩।।**

## ଶବ୍ଦାନୁବାଦ

ଓଁ=ଅକ୍ଷରମାନଙ୍କର ସମାହାର, ଓଁକାର; ଇତି=ଏହି ପ୍ରକାରେ; ଏକ-ଅକ୍ଷରମ୍=ପରମ ଅକ୍ଷର (ଅବ୍ୟୟ); ବ୍ରହ୍ମ=ପୂର୍ଣ୍ଣ; ବ୍ୟାହରନ୍=ସ୍ପନ୍ଦନ କରି; ମାମ୍=ମୋତେ (କୃଷ୍ଣ); ଅନୁସ୍ମରନ୍=ସ୍ମରଣ କରି; ଯଃ=ଯେ; ପ୍ରୟାତି=ତ୍ୟାଗ କରେ; ତ୍ୟଜନ୍=ତ୍ୟାଗ କରି; ଦେହମ୍=ଏହି ଶରୀର; ସଃ=ସେ; ଯାତି=ପ୍ରାପ୍ତ ହୁଏ; ପରମାମ୍=ପରମ; ଗତିମ୍=ଲକ୍ଷ୍ୟସ୍ଥଳକୁ ।

## ଅନୁବାଦ

**ଏହି ପ୍ରକାରେ ଯୋଗାବସ୍ଥାରେ ଅବସ୍ଥାନ କରି ଏବଂ ଦିବ୍ୟ ଓଁକାର (ଦିବ୍ୟ ଅକ୍ଷରମାନଙ୍କର ସମାହାର) ଧ୍ୱନି ସ୍ପନ୍ଦନକରି ଯଦି ବ୍ୟକ୍ତି ପରମପୁରୁଷ ଭଗବାନଙ୍କୁ ଚିନ୍ତାକରେ ଏବଂ ଶରୀର ତ୍ୟାଗ କରେ, ତାହାହେଲେ ସେ ନିଶ୍ଚୟ ବୈକୁଣ୍ଠ ଲୋକରେ ପ୍ରବେଶ କରିବ ।**

## ଭାବାର୍ଥ

ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ ଓଁ, ବ୍ରହ୍ମ ଏବଂ ଶ୍ରୀକୃଷ୍ଣ ଅଲଗା ନୁହନ୍ତି । ଶ୍ରୀକୃଷ୍ଣଙ୍କର ନିର୍ବିଶେଷ ଧ୍ୱନି ହେଲା ଓଁ, କିନ୍ତୁ 'ହରେକୃଷ୍ଣ' ଧ୍ୱନିରେ ମଧ୍ୟ ଓଁକାର ଅଛି । ଏହି ଯୁଗପାଇଁ ଏହାହିଁ ପରିଷ୍କାରଭାବରେ ଅନୁମୋଦିତ ହୋଇଅଛି ଯେ ଯଦି ବ୍ୟକ୍ତି ମହାମନ୍ତ୍ର–ହରେକୃଷ୍ଣ କୀର୍ତ୍ତନ କରି ଶରୀର ତ୍ୟାଗକରେ, ତେବେ ସେ ନିଶ୍ଚୟ ବୈକୁଣ୍ଠ ଲୋକ ପ୍ରାପ୍ତ ହେବ । ସେହିପରି ଯେଉଁମାନେ କୃଷ୍ଣ ଭକ୍ତ, ସେମାନେ କୃଷ୍ଣଲୋକ ଗୋଲୋକ ବୃନ୍ଦାବନରେ ପ୍ରବେଶ କରନ୍ତି, କିନ୍ତୁ 'ମାୟାବାଦୀ' (ନିରାକାରବାଦୀ)ଗଣ ବ୍ରହ୍ମଜ୍ୟୋତିରେ ରହନ୍ତି । ସାକାରବାଦୀଗଣ ପରବ୍ୟୋମରେ ଥିବା ଅସଂଖ୍ୟ ବୈକୁଣ୍ଠ ଲୋକମାନଙ୍କରେ ମଧ୍ୟ ପ୍ରବେଶ କରନ୍ତି ।

## ଶ୍ଲୋକ - ୧୪

**ଅନନ୍ୟଚେତାଃ ସତତଂ ଯୋ ମାଂ ସ୍ମରତି ନିତ୍ୟଶଃ ।**
**ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟଯୁକ୍ତସ୍ୟ ଯୋଗିନଃ ।। ୧୪ ।।**

## ଶବ୍ଦାନୁବାଦ

ଅନନ୍ୟ-ଚେତାଃ=ଅନନ୍ୟଭାବେ, ଏକାନ୍ତଭାବେ; ସତତମ୍=ସର୍ବଦା; ଯଃ=ଯେ; ମାମ୍=ମୋତେ (କୃଷ୍ଣ); ସ୍ମରତି=ସ୍ମରଣ କରେ; ନିତ୍ୟଶଃ=ନିୟମିତଭାବେ; ତସ୍ୟ=ତାଙ୍କୁ; ଅହମ୍=ମୁଁ; ସୁଲଭଃ=ସହଜ ଲଭ୍ୟ; ପାର୍ଥ=ହେ ପୃଥାପୁତ୍ର; ନିତ୍ୟ=ନିୟମିତରୂପେ; ଯୁକ୍ତସ୍ୟ=ଯୁକ୍ତ; ଯୋଗିନଃ=ଭକ୍ତର ।

## ଅନୁବାଦ

**ହେ ପୃଥାପୁତ୍ର ! ଯେ ଅନନ୍ୟଭାବରେ ମୋତେ ସ୍ମରଣ କରେ, ମୁଁ ତାକୁ ଖୁବ୍ ସହଜରେ ପ୍ରାପ୍ତ ହୁଏ, କାରଣ ସେ ସର୍ବଦା ଭକ୍ତି ଯୋଗମାର୍ଗରେ ସେବାରତ ଥାଏ ।**

## ଭାବାର୍ଥ

ଏହି ଶ୍ଲୋକରେ ଭଗବାନଙ୍କର ଅନନ୍ୟ ଭକ୍ତର ଭକ୍ତିଯୋଗ କଥା ବର୍ଣ୍ଣନା କରାଯାଇଅଛି । ପୂର୍ବବର୍ତ୍ତୀ ଶ୍ଲୋକମାନଙ୍କରେ ଚାରିପ୍ରକାର ଭକ୍ତର କଥା କୁହାଯାଇଅଛି, ଯଥା–ଆର୍ତ୍ତ, ଜିଜ୍ଞାସୁ,

ଅର୍ଥାର୍ଥୀ (ଅର୍ଥାତ୍ ଯେଉଁମାନେ ଭୌତିକ ଧନ ସମ୍ପଦ ଚାହାନ୍ତି) ଏବଂ ଜ୍ଞାନୀ (ଭଗବାନଙ୍କ ସମ୍ବନ୍ଧରେ ମାନସିକ ଚିନ୍ତା କରୁଥିବା ବ୍ୟକ୍ତି ) l ଭୌତିକ ବନ୍ଧନରୁ ମୁକ୍ତ ହେବାର ବିଭିନ୍ନ ପନ୍ଥା ମଧ୍ୟ ବର୍ଣ୍ଣନା କରାଯାଇଅଛି, ଯଥା–କର୍ମଯୋଗ, ଜ୍ଞାନଯୋଗ ଏବଂ ହଠଯୋଗ l କିନ୍ତୁ ଏଠାରେ ଶୁଦ୍ଧ ଭକ୍ତିଯୋଗ (କର୍ମ, ଜ୍ଞାନ ବା ହଠଯୋଗର ମିଶ୍ରଣ ଏଥିରେ ନାହିଁ ) କଥା ବର୍ଣ୍ଣନା କରାଯାଇଅଛି l ଭକ୍ତିଯୋଗରେ ଭକ୍ତମାନେ କୃଷ୍ଣଙ୍କ ବ୍ୟତୀତ ଆଉ କିଛି ଗ୍ରହାନ୍ତି ନାହିଁ l ଶୁଦ୍ଧ ଭକ୍ତି–ଯୋଗୀ ସ୍ୱର୍ଗଲୋକକୁ ଯିବାକୁ ମଧ୍ୟ ଇଚ୍ଛାକରେ ନାହିଁ କି ଭୌତିକ ବନ୍ଧନରୁ ମୁକ୍ତି ପାଇବାକୁ ମଧ୍ୟ ସେ ଇଚ୍ଛାକରେ ନାହିଁ l ଏକ ଶୁଦ୍ଧ ଭକ୍ତ କିଛି ଗ୍ରହେଁ ନାହିଁ l ଶ୍ରୀଚୈତନ୍ୟ ଚରିତାମୃତରେ ଶୁଦ୍ଧଭକ୍ତକୁ ନିଷ୍କାମ ବୋଲି କୁହାଯାଇଅଛି; ତାହାର ଅର୍ଥ ତା'ର କୌଣସି ସ୍ୱାର୍ଥ ସାଧନ ଇଚ୍ଛା ନାହିଁ। ପୂର୍ଣ୍ଣଶାନ୍ତି ହିଁ କେବଳ ତାକୁ ହିଁ ମିଳେ, ଅନ୍ୟ କାହାରିକୁ ମିଳେ ନାହିଁ, ଯାହାର କୌଣସି ବ୍ୟକ୍ତିଗତ କାମନା ଚରିତାର୍ଥ କରିବାକୁ ଅଛି ବା ଫାଇଦା ଉଠାଇବାକୁ ଅଛି l ଶୁଦ୍ଧ ଭକ୍ତ କେବଳ ଭଗବାନଙ୍କୁ ସନ୍ତୁଷ୍ଟ କରିବାକୁ ଇଚ୍ଛାକରେ l ତେଣୁ ଭଗବାନ୍ କହୁଛନ୍ତି, ଯେ ଏକାନ୍ତ ଭାବରେ ତାଙ୍କୁ ଭଜନ କରେ, ସେ ତାଙ୍କୁ ଖୁବ୍ ସହଜରେ ପ୍ରାପ୍ତ ହୁଅନ୍ତି l ଭକ୍ତ ଭଗବାନ୍‌ଙ୍କର ଯେ କୌଣସି ଦିବ୍ୟରୂପର ଉପାସକ ହୋଇ ସେବାରତ ହୋଇ ପାରେ l ଏତଦ୍ୱାରା ସେ ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତ ହୋଇଯାଏ l ଅନ୍ୟ ଯୋଗ ମାର୍ଗରେ ସାଧକଗଣ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ଭକ୍ତିଯୋଗୀ ସେ ସବୁ ସମସ୍ୟାର ସମ୍ମୁଖୀନ ହୁଅନ୍ତି ନାହିଁ। ଭକ୍ତିଯୋଗ ଖୁବ୍ ସରଳ, ଶୁଦ୍ଧ ଏବଂ ଅଭ୍ୟାସ କରିବା ନିମିତ୍ତ ଖୁବ୍ ସହଜ l କେବଳ 'ହରେକୃଷ୍ଣ' ମନ୍ତ୍ର କୀର୍ତ୍ତନ କରି ବ୍ୟକ୍ତି ଏ ଯୋଗ ଆରମ୍ଭ କରିପାରେ l ଯେଉଁମାନେ କୃଷ୍ଣଙ୍କ ସେବାରେ ନିଯୁକ୍ତ ରହନ୍ତି, କୃଷ୍ଣ ସେମାନଙ୍କ ପ୍ରତି ଅତ୍ୟନ୍ତ ଦୟାଳୁ ଅଟନ୍ତି l ଯେଉଁ ଭକ୍ତ ତାଙ୍କଠାରେ ପୂର୍ଣ୍ଣରୂପେ ଆତ୍ମସମର୍ପଣ କରିଛି, ସେ ଭକ୍ତକୁ ସେ ବିଭିନ୍ନ ପ୍ରକାରେ ସାହାଯ୍ୟ କରନ୍ତି, ଫଳରେ ଭକ୍ତ ତାଙ୍କୁ (ଶ୍ରୀକୃଷ୍ଣଙ୍କୁ) ଭଲରକମ ବୁଝିପାରେ l ଏ ପ୍ରକାର ଭକ୍ତକୁ ଭଗବାନ୍ ଯଥେଷ୍ଟ ବୁଦ୍ଧିବୃତ୍ତି ଦିଅନ୍ତି, ଫଳରେ ସେ ଶେଷରେ ଭଗବାନଙ୍କୁ ଭଗବଦ୍ ଧାମରେ ପ୍ରାପ୍ତ ହୋଇପାରେ l

ଶୁଦ୍ଧ ଭକ୍ତର ବିଶେଷ ଯୋଗ୍ୟତା ହେଉଛି ଏହା ଯେ, ସେ ସ୍ଥାନ ଓ କାଳ ବିଗ୍ଚାର ନକରି ସର୍ବଦା ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଚିନ୍ତା କରୁଥାଏ l ତାହାହେଲେ ଆଉ କୌଣସି ବିପଦ ନାହିଁ l ଯେ କୌଣସି ସ୍ଥାନରେ ଯେ କୌଣସି ସମୟରେ ସେ ଭଗବାନଙ୍କର ସେବା କରିପାରେ l କେତେକ କହନ୍ତି, ଭକ୍ତ ବୃନ୍ଦାବନ ପରି ପବିତ୍ର ସ୍ଥାନ ବା ତୀର୍ଥ ସ୍ଥାନରେ, ଯେଉଁଠାରେ ଭଗବାନ୍ ରହିଥିଲେ, ସେହିଠାରେ ହିଁ କେବଳ ରହିବା ଉଚିତ୍ l କିନ୍ତୁ ଏକ ଶୁଦ୍ଧ ଭକ୍ତ ଯେ କୌଣସି ସ୍ଥାନରେ ରହିପାରେ ଏବଂ ତା'ର ଭକ୍ତି ବଳରେ ସେ ସେଠାରେ ବୃନ୍ଦାବନ ବାତାବରଣ ସୃଷ୍ଟି କରିପାରେ l ଶ୍ରୀଅଦ୍ୱୈତ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ କହିଥିଲେ, ''ହେ ପ୍ରଭୁ ! ଆପଣ ଯେଉଁଠାରେ ବୃନ୍ଦାବନ ସେହିଠାରେ l''

ଏକ ଶୁଦ୍ଧ ଭକ୍ତ ବରାବର ଶ୍ରୀକୃଷ୍ଣଙ୍କୁ ଚିନ୍ତାକରେ ଏବଂ ତାଙ୍କୁ ଧ୍ୟାନକରେ l ଶୁଦ୍ଧ ଭକ୍ତର ଏହା ହିଁ ହେଉଛି ଯୋଗ୍ୟତା l ତା'ପକ୍ଷରେ ଭଗବାନ୍ ଅତି ସୁଲଭ ଅଟନ୍ତି l ଅନ୍ୟ ସମସ୍ତଯୋଗ ଅପେକ୍ଷା ଭକ୍ତିଯୋଗ ହେଉଛି ଏକମାତ୍ର ଯୋଗ ଯାହାକୁହିଁ ଗୀତା ଅନୁମୋଦନ କରିଛି l ସାଧାରଣତଃ ଭକ୍ତିଯୋଗୀମାନେ ପାଞ୍ଚ ପ୍ରକାର ଭାବରେ ନିଯୁକ୍ତ ଥା'ନ୍ତି l ଯଥା – (୧) ଶାନ୍ତ ଭକ୍ତ– ଏ ଭକ୍ତ ନିରପେକ୍ଷଭାବରେ ସେବାରତ ଥାଏ, (୨) ଦାସ୍ୟ ଭକ୍ତ– ଏ ଭକ୍ତ

ଦାସଭାବରେ ସେବାରତ ଥାଏ, (୩) ସଖ୍ୟ ଭକ୍ତ—ଏ ଭକ୍ତ ବନ୍ଧୁଭାବରେ ସେବାରତ ଥାଏ, (୪) ବାତ୍ସଲ୍ୟ ଭକ୍ତ— ଏ ଭକ୍ତ ପିତାମାତାଙ୍କ ପରି ଭଗବାନଙ୍କର ସେବାରତ ଥାଏ (୫) ମାଧୁର୍ଯ୍ୟ ଭକ୍ତ—ଭଗବାନଙ୍କର ମାଧୁର୍ଯ୍ୟରସର ପ୍ରେମିକାତୁଲ୍ୟ ସେବାରତ ଥାଏ । ଉପର୍ଯ୍ୟୁକ୍ତ ପାଞ୍ଚ ପ୍ରକାର ଭାବ ମଧ୍ୟରୁ ଯେ କୌଣସି ଭାବର ବଶବର୍ତ୍ତୀ ହୋଇ ଏକ ଶୁଦ୍ଧ ଭକ୍ତ ସତତ ଭଗବାନଙ୍କ ଦିବ୍ୟ ସେବାରେ ନିଯୁକ୍ତ ଥାଏ । ସେ କଦାପି ଭଗବାନଙ୍କୁ ଭୁଲିପାରେ ନାହିଁ ଏବଂ ସେଇଥିପାଇଁ ଭଗବାନ୍ ତାକୁ ଖୁବ୍ ସହଜରେ ପ୍ରାପ୍ତ ହୁଅନ୍ତି । ଏକ ଶୁଦ୍ଧ ଭକ୍ତ ଏକ ମୁହୂର୍ତ୍ତ ପାଇଁ ମଧ୍ୟ ଭଗବାନ୍‌ଙ୍କୁ ଭୁଲିପାରେ ନାହିଁ ଏବଂ ଠିକ୍ ସେହିପରି ଭଗବାନ୍ ମଧ୍ୟ ତାଙ୍କର ଶୁଦ୍ଧ ଭକ୍ତକୁ ଏକ ମୁହୂର୍ତ୍ତ ପାଇଁ ଭୁଲିପାରନ୍ତି ନାହିଁ । ଏହା ହିଁ ହେଉଛି କୃଷ୍ଣ ଭାବନା ବିଧିରେ ''ହରେକୃଷ୍ଣ' ମହାମନ୍ତ୍ର କୀର୍ତ୍ତନ କରିବାର ମହାନ୍ ଆଶୀର୍ବାଦ ।

## ଶ୍ଲୋକ - ୧୫

**ମାମୁପେତ୍ୟ ପୁନର୍ଜନ୍ମ ଦୁଃଖାଳୟମଶାଶ୍ୱତମ୍ ।**
**ନାପ୍ନୁବନ୍ତି ମହାତ୍ମାନଃ ସଂସିଦ୍ଧିଂ ପରମାଂ ଗତାଃ ।। ୧୫ ।।**

## ଶବ୍ଦାନୁବାଦ

ମାମ୍=ମୋତେ; ଉପେତ୍ୟ=ପାଇ; ପୁନଃ=ପୁନର୍ବାର; ଜନ୍ମ=ଜନ୍ମ; ଦୁଃଖାଳୟମ୍=ଦୁଃଖପୂର୍ଣ୍ଣ ସ୍ଥାନ; ଅଶାଶ୍ୱତମ୍=ଅସ୍ଥାୟୀ; ନ ଆପ୍ନୁବନ୍ତି=ପା'ନ୍ତି ନାହିଁ; ମହାତ୍ମାନଃ=ମହାତ୍ମାଗଣ; ସଂସିଦ୍ଧିମ୍=ସିଦ୍ଧି; ପରମାମ୍=ପରମ; ଗତାଃ=ପ୍ରାପ୍ତ ହୋଇଛନ୍ତି ।

## ଅନୁବାଦ

**ଯେଉଁ ମହାତ୍ମାଗଣ ବିଶିଷ୍ଟ ଭକ୍ତିଯୋଗୀ ଅଟନ୍ତି, ସେମାନେ ମୋତେ ପ୍ରାପ୍ତ ହେଲାପରେ ଦୁଃଖପୂର୍ଣ୍ଣ ଏ ଅସ୍ଥାୟୀ ଜଗତକୁ ଆଉ ଫେରନ୍ତି ନାହିଁ, କାରଣ ସେମାନେ ସର୍ବୋଚ୍ଚ ସିଦ୍ଧି (ବା ଜୀବନର ଉଚ୍ଚତମ ଲକ୍ଷ୍ୟ) ପ୍ରାପ୍ତ ହୋଇଛନ୍ତି ।**

## ଭାବାର୍ଥ

ଏ ଅସ୍ଥାୟୀ ଭୌତିକ ଜଗତ ଜନ୍ମ, ମୃତ୍ୟୁ, ଜରା ଓ ବ୍ୟାଧୀ— ଏଇ ଦୁଃଖରେ ପରିପୂର୍ଣ୍ଣ । ତେଣୁ ଏହା ସ୍ୱାଭାବିକ ଯେ ଯେଉଁଲୋକ ଜୀବନର ସର୍ବୋଚ୍ଚ ଲକ୍ଷ୍ୟ ଅର୍ଥାତ୍ ପରବ୍ୟୋମରେ ଥିବା ସର୍ବୋଚ୍ଚ ଲୋକ କୃଷ୍ଣଲୋକ, ଗୋଲୋକ ବୃନ୍ଦାବନ ପ୍ରାପ୍ତ ହେଲା, ସେ ଆଉ ଏଠାକୁ (ଏ ଭୌତିକ ଜଗତକୁ) ଫେରିବାକୁ ଇଚ୍ଛା କରିବ ନାହିଁ । ବୈଦିକ ସାହିତ୍ୟରେ ସେ ସର୍ବୋଚ୍ଚ ଲୋକର ଏପରି ବର୍ଣ୍ଣନା ଅଛି ଯେ ତାହା ଆମର ପାର୍ଥିବ ଦୃଷ୍ଟିରୁ ଅତୀତ ଏବଂ ତାହା ପ୍ରାପ୍ତ ହେବା ମାନବ ଜୀବନର ସର୍ବୋଚ୍ଚ ଲକ୍ଷ୍ୟ ଅଟେ । ମହାତ୍ମାଗଣ ଆତ୍ମାନୁଭୂତି ଲାଭ କରିଥିବା ଭକ୍ତବୃନ୍ଦଙ୍କଠାରୁ ଦିବ୍ୟ ବାର୍ତ୍ତା ବା ବାଣୀ ପ୍ରାପ୍ତ ହୁଅନ୍ତି ଏବଂ ଏହି ପ୍ରକାରେ ସେମାନେ କ୍ରମଶଃ କୃଷ୍ଣଭାବନା-ବିଧିରେ ଭକ୍ତିଯୋଗ ମାର୍ଗରେ ଅଗ୍ରଗତି କରନ୍ତି ଏବଂ ସେମାନେ କୃଷ୍ଣଙ୍କର ଦିବ୍ୟ ସେବାରେ ଏତେ ତଲ୍ଲୀନ ହୋଇଯା'ନ୍ତି ଯେ ସେମାନେ କୌଣସି ଉଚ୍ଚତର ଭୌତିକ ଲୋକକୁ ଯିବାକୁ'ବି ଇଚ୍ଛା କରନ୍ତି ନାହିଁ; ଏପରିକି ସେମାନେ କୌଣସି ବୈକୁଣ୍ଠ ଲୋକ ପ୍ରାପ୍ତ ହେବାକୁ

ମଧ୍ୟ ଇଚ୍ଛା କରନ୍ତି ନାହିଁ । ସେମାନେ କେବଳ କୃଷ୍ଣ ସଙ୍ଗ ଗ୍ରହାନ୍ତି, ଆଉ କିଛି ଗ୍ରହାନ୍ତି ନାହିଁ । କୃଷ୍ଣଚେତନଶୀଳ ଏ ପ୍ରକାର ମହାତ୍ମାଗଣ ଜୀବନର ସର୍ବୋଚ୍ଚ ସିଦ୍ଧିଲାଭ କରନ୍ତି । ଅନ୍ୟ କଥାରେ କହିଲେ ଏହା ହିଁ କୁହାଯିବ ଯେ ସେମାନେ ମହାତ୍ମା ଅଟନ୍ତି ।

## ଶ୍ଳୋକ - ୧୬

**ଆବ୍ରହ୍ମଭୂବନାଲ୍ଲୋକାଃ ପୁନରାବର୍ତିନୋଽର୍ଜୁନ ।**
**ମାମୁପେତ୍ୟ ତୁ କୌନ୍ତେୟ ପୁନର୍ଜନ୍ମ ନ ବିଦ୍ୟତେ ।। ୧୬ ।।**

## ଶବ୍ଦାନୁବାଦ

ଆବ୍ରହ୍ମ=ବ୍ରହ୍ମଲୋକ ପର୍ଯ୍ୟନ୍ତ; ଭୁବନାତ୍=ଭୁବନରୁ; ଲୋକାଃ=ଲୋକସମୂହ; ପୁନଃ=ପୁନର୍ବାର; ଆବର୍ତିନଃ=ଆବର୍ତ୍ତନ କରି (ଫେରି); ଅର୍ଜୁନ=ହେ ଅର୍ଜୁନ; ମାମ୍=ମୋତେ; ଉପେତ୍ୟ=ପ୍ରାପ୍ତ ହୋଇ; ତୁ=କିନ୍ତୁ; କୌନ୍ତେୟ=ହେ କୁନ୍ତୀପୁତ୍ର; ପୁନଃ-ଜନ୍ମ=ପୁନର୍ଜନ୍ମ; ନ ବିଦ୍ୟତେ=ଆଉ ନାହିଁ ।

## ଅନୁବାଦ

**ଏ ଭୌତିକ ବ୍ରହ୍ମାଣ୍ଡରେ ଥିବା ଉଚ୍ଚତମ ଲୋକଠାରୁ ଆରମ୍ଭ କରି ନିମ୍ନତମ ଲୋକ ପର୍ଯ୍ୟନ୍ତ ସମସ୍ତ ସ୍ଥାନ ଦୁଃଖପୂର୍ଣ୍ଣ ଅଟେ । ଏ ସ୍ଥାନମାନଙ୍କରେ ବାରମ୍ବାର ଜନ୍ମ-ମୃତ୍ୟୁ ହିଁ ଲାଗି ରହିଛି । କିନ୍ତୁ ହେ କୁନ୍ତୀପୁତ୍ର ! ଯେ ମୋର ପରମଧାମ ପ୍ରାପ୍ତ ହୁଏ, ସେ ଆଉ ପୁନର୍ଜନ୍ମ ଲାଭ କରେ ନାହିଁ ।**

## ଭାବାର୍ଥ

କୃଷ୍ଣଙ୍କର ଯେଉଁ ପରମଧାମ ପ୍ରାପ୍ତ ହେଲେ ଆଉ ଫେରିବାର ପ୍ରଶ୍ନ ନାହିଁ, ସେ ଧାମ ପ୍ରାପ୍ତ ହେବା ପୂର୍ବରୁ କର୍ମଯୋଗୀ, ଜ୍ଞାନଯୋଗୀ ଓ ହଠଯୋଗୀ ଆଦି ସମସ୍ତ ପ୍ରକାର ଯୋଗୀଙ୍କୁ କୃଷ୍ଣଚେତନା ବିଧି ବା ଭକ୍ତିଯୋଗ ମାର୍ଗରେ ପୂର୍ଣ୍ଣତା (ସିଦ୍ଧି) ଲାଭ କରିବାକୁ ପଡ଼ିବ । ଯେଉଁମାନେ ଏ ଭୌତିକ ବ୍ରହ୍ମାଣ୍ଡରେ ଥିବା ସର୍ବୋଚ୍ଚ ଲୋକକୁ ଯାଇଛନ୍ତି କିମ୍ବା ଦେବଲୋକ ପ୍ରାପ୍ତ ହୋଇଛନ୍ତି, ସେମାନେ ମଧ୍ୟ ବାରମ୍ବାର ଜନ୍ମ-ମୃତ୍ୟୁ-ଚକ୍ରରେ ଘୂରିବେ । ଏ ଧରାଧାମର ବ୍ୟକ୍ତିଗଣ ଉଚ୍ଚତର ଲୋକକୁ ଯା'ନ୍ତି, ଉଚ୍ଚତର ଲୋକ ଯଥା– ବ୍ରହ୍ମଲୋକ, ଚନ୍ଦ୍ରଲୋକ ଓ ଇନ୍ଦ୍ରଲୋକରେ ଥିବା ବ୍ୟକ୍ତିଗଣ ଏ ଧରାଧାମକୁ ଓହ୍ଲାଇ ଆସନ୍ତି । କଠ ଉପନିଷଦରେ ବର୍ଣ୍ଣିତ ''ପଞ୍ଚାଗ୍ନି ବିଦ୍ୟା'' ନାମକ ଯଜ୍ଞାନୁଷ୍ଠାନ କଲେ ବ୍ୟକ୍ତି ବ୍ରହ୍ମଲୋକ ପ୍ରାପ୍ତ ହୁଏ, କିନ୍ତୁ ବ୍ରହ୍ମଲୋକରେ ଯଦି ବ୍ୟକ୍ତି କୃଷ୍ଣଭାବନା ବିଧି ଅନୁସରଣ ନ କରେ, ସେ ନିଶ୍ଚୟ ଏ ଧରାଧାମକୁ ଫେରି ଆସିବ । ଯେଉଁମାନେ ଉଚ୍ଚତର ଲୋକରେ କୃଷ୍ଣଚେତନା ବିଧି ମାର୍ଗରେ ଉନ୍ନତି କରନ୍ତି, ସେମାନେ କ୍ରମଶଃ ଉଚ୍ଚରୁ ଉଚ୍ଚତର ଲୋକକୁ ଉନ୍ନୀତ ହୁଅନ୍ତି ଏବଂ ଯେତେବେଳେ ମହାପ୍ରଳୟ ହୁଏ, ସେତେବେଳେ ସେମାନେ ଶାଶ୍ୱତ ଦିବ୍ୟଧାମକୁ ସ୍ଥାନାନ୍ତରିତ ହୁଅନ୍ତି । ଯେତେବେଳେ ଏ ଭୌତିକ ବ୍ରହ୍ମାଣ୍ଡ ଧ୍ୱଂସ (ପ୍ରଳୟ)ହୁଏ, ସେତେବେଳେ ସର୍ବଦା କୃଷ୍ଣଚେତନାରେ ରତଥିବା ବ୍ରହ୍ମା ଏବଂ ତାଙ୍କର ଭକ୍ତବୃନ୍ଦ–ସମସ୍ତେ ଦିବ୍ୟ ବ୍ରହ୍ମାଣ୍ଡକୁ ସ୍ଥାନାନ୍ତରିତ ହୁଅନ୍ତି । ସେମାନଙ୍କର ନିଜ ନିଜର କାମନାନୁଯାୟୀ ସେମାନେ ନିର୍ଦ୍ଦିଷ୍ଟ ବୈକୁଣ୍ଠଲୋକ ପ୍ରାପ୍ତହୁଅନ୍ତି ।

## ଶ୍ଳୋକ - ୧୭

**ସହସ୍ରଯୁଗପର୍ଯ୍ୟନ୍ତମହର୍ଯଦ୍ ବ୍ରହ୍ମଣୋ ବିଦୁଃ ।**
**ରାତ୍ରିଂ ଯୁଗସହସ୍ରାନ୍ତାଂ ତେଽହୋରାତ୍ରବିଦୋ ଜନାଃ ।।୧୭।।**

## ଶବ୍ଦାନୁବାଦ

ସହସ୍ର=ସହସ୍ର (ହଜାର); ଯୁଗ=ଯୁଗ; ପର୍ଯ୍ୟନ୍ତମ୍=ସମେତ; ଅହଃ=ଦିବସ; ଯତ୍=ଯାହା; ବ୍ରହ୍ମଣଃ=ବ୍ରହ୍ମାଙ୍କର; ବିଦୁଃ=ଏହା ଜାଣ; ରାତ୍ରିମ୍=ରାତ୍ରି; ଯୁଗ=ଯୁଗ; ସହସ୍ର-ଅନ୍ତାମ୍=ସେହିପରି ଏକ ହଜାର ଯୁଗ ଶେଷରେ; ତେ=ସେମାନେ; ଅହଃ-ରାତ୍ର=ଦିବସ ଏବଂ ରାତ୍ରି; ବିଦଃ=ବୁଝ; ଜନାଃ=ଲୋକମାନେ ।

## ଅନୁବାଦ

**ଆମର ଏ ମର୍ତ୍ତ୍ୟ ଲୋକର ଗଣନାନୁଯାୟୀ ଏକ ହଜାର ଯୁଗ ହେଉଛି, ବ୍ରହ୍ମାଙ୍କର ଏକ ଦିନ ଏବଂ ସେହିପରି ସେହି କାଳ ପରିମାଣ ତାଙ୍କର ଏକ ରାତ୍ରି ମଧ୍ୟ ।**

## ଭାବାର୍ଥ

ଏ ଭୌତିକ ବ୍ରହ୍ମାଣ୍ଡର ଆୟୁଷ ମଧ୍ୟ ସ୍ଥିରୀକୃତ ହୋଇଛି । ଏହା ସୀମିତ । କଳ୍ପଗତିରେ ଏହା ବ୍ୟକ୍ତ ହୁଏ ବା ଦୃଶ୍ୟମାନ ହୁଏ । ଏକ କଳ୍ପ ହେଉଛି ବ୍ରହ୍ମାଙ୍କର ଏକ ଦିନ । ସତ୍ୟ, ତ୍ରେତା, ଦ୍ୱାପର ଓ କଳି ଚକ୍ରକ୍ରମରେ ଏକ ହଜାର ଥର ଗତି କଲେ ବ୍ରହ୍ମାଙ୍କର ଏକ ଦିନ ହୁଏ । ସତ୍ୟ ଯୁଗ ହେଉଛି ସଦ୍‌ଗୁଣ, ଜ୍ଞାନ ଓ ଧର୍ମର ଯୁଗ । ସେ ଯୁଗରେ ବାସ୍ତବରେ ଅଜ୍ଞାନ ଏବଂ ପାପ ନାହିଁ । ସେ ଯୁଗର ପରିମାଣ ହେଉଛି ୧,୭୨୮,୦୦୦ ବର୍ଷ । ତ୍ରେତା ଯୁଗରେ ପାପ ପ୍ରବେଶ କଲା । ଏ ଯୁଗର ପରିମାଣ ହେଉଛି ୧,୨୯୬,୦୦୦ ବର୍ଷ । ଦ୍ୱାପର ଯୁଗରେ ସଦ୍‌ଗୁଣ ଓ ଧର୍ମର ଅଧିକ ପତନ ହେଲା ଏବଂ ପାପ ପରିମାଣ ବୃଦ୍ଧି ହେଲା । ଏ ଯୁଗର ପରିମାଣ ହେଉଛି ୮,୬୪,୦୦୦ ବର୍ଷ ଏବଂ ଶେଷରେ କଳିଯୁଗରେ (ଯେଉଁ ଯୁଗ କି ଆମେ ବର୍ତ୍ତମାନ ଭୋଗ କରୁଛୁ, ପ୍ରାୟ ୫୦୦୦ ବର୍ଷରୁ ଉର୍ଦ୍ଧ୍ୱ ଭୋଗ ହୋଇଗଲାଣି) ପ୍ରଚୁର ପରିମାଣରେ କଳହ, ଅଜ୍ଞାନ–ଅବିଦ୍ୟା, ଅଧର୍ମ ଏବଂ ପାପ ଭରପୂର ହୋଇ ରହିଅଛି । ପ୍ରକୃତ ସଦ୍‌ଗୁଣ ବା ଧର୍ମ ଏ ଯୁଗରେ ନାହିଁ କହିଲେ ଚଳେ । ଏହି ଯୁଗର ପରିମାଣ ହେଉଛି ୪,୩୨,୦୦୦ ବର୍ଷ । ଏ କଳିଯୁଗରେ ପାପ ଏତେ ଦୂର ବୃଦ୍ଧି ହୁଏ ଯେ ଯୁଗଶେଷରେ ଭଗବାନ୍ କଲ୍‌କି ଅବତାର ରୂପରେ ଆସନ୍ତି ଏବଂ ଅସୁରମାନଙ୍କର ବିନାଶ କରନ୍ତି ଏବଂ ଭକ୍ତମାନଙ୍କୁ ରକ୍ଷା କରନ୍ତି । ତା'ପରେ ଆଉ ଗୋଟିଏ ସତ୍ୟଯୁଗ ଆରମ୍ଭ ହୁଏ । ଏହିପରି ଯୁଗ ଚକ୍ର ଗତିକରି ଚାଲେ । ଏହିପରି ଏ ଚାରିଯୁଗ ଚକ୍ରକ୍ରମରେ ହଜାର ଥର ଗତିକଲେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ଏକଦିନ ହୁଏ ଏବଂ ସେହି ପରିମାଣ ସମୟ ତାଙ୍କର ଏକ ରାତ୍ରି ଅଟେ । ଏହିପ୍ରକାର ବ୍ରହ୍ମା ଏକଶହ ବର୍ଷ ବଞ୍ଚନ୍ତି ଏବଂ ତତ୍ପରେ ମୃତ୍ୟୁବରଣ କରନ୍ତି । ବ୍ରହ୍ମାଙ୍କର ଆୟୁଷ ଏକଶହ ବର୍ଷ ଆମର ମର୍ତ୍ତଲୋକର ଗଣନାନୁଯାୟୀ ୩୧୧ ମହାଶଙ୍ଖ, ପଦ୍ମ ଏବଂ ୪୦ ନିୟୁତ ବର୍ଷ=୩୧୧, ୦୦୦, ୦୦୦, ୦୦୦,୦୪୦, ୦୦୦, ୦୦୦ ବର୍ଷ । ଏହାକୁ ହିସାବ କଲେ ବ୍ରହ୍ମାଙ୍କର ଆୟୁଷ ଏତେ ଏକ ସୁଦୀର୍ଘ ସଂଖ୍ୟା ହୁଏ ଯେ ସାଧାରଣ ଲୋକ ପକ୍ଷରେ ତାହା ଏକ କଳ୍ପନାପ୍ରସୂତ ବା ମନଗଢ଼ା ସଂଖ୍ୟା ବୋଲି ବୋଧହୁଏ, କିନ୍ତୁ ଅନନ୍ତ କାଳ ତୁଳନାରେ ଏହା ଅତି କମ୍ ସମୟ, ଯେପରିକି

ବିଦ୍ୟୁତ୍‌ର ସ୍ଫୁରଣ ପରି କ୍ଷଣସ୍ଥାୟୀ । ଆଟଲାଣ୍ଟିକ୍ ମହାସାଗରରେ ଅସଂଖ୍ୟ ବୁଦ୍‌ବୁଦ୍ (ପାଣି ଫୋଟକା) ଦେଖାଇଦେଇ ଉଭେଇ ଗଲାପରି, କାରଣ ସାଗରରେ ଅସଂଖ୍ୟ ବ୍ରହ୍ମା ଦେଖାଦେଇ ଉଭେଇ ଯାଇଛନ୍ତି । ବ୍ରହ୍ମା ଏବଂ ତାଙ୍କର ସୃଷ୍ଟି ଭୌତିକ ବ୍ରହ୍ମାଣ୍ଡର ଅଂଶ ଅଟନ୍ତି ଏବଂ ସେଇଥିପାଇଁ ସେମାନେ ବରାବର ପ୍ରବାହମାନ ଅଟନ୍ତି ।

ଭୌତିକ ବ୍ରହ୍ମାଣ୍ଡରେ ବ୍ରହ୍ମା ମଧ୍ୟ ଜନ୍ମ, ମୃତ୍ୟୁ ଜରା ଓ ବ୍ୟାଧିରୁ ମୁକ୍ତ ନୁହନ୍ତି । ଅବଶ୍ୟ ବ୍ରହ୍ମା ପ୍ରତ୍ୟକ୍ଷ ଭାବରେ ଭଗବାନଙ୍କ ସେବାରେତ । ସେ ଏ ବ୍ରହ୍ମାଣ୍ଡର ପରିଚାଳନା କାର୍ଯ୍ୟରେ ରତ । ତେଣୁ ସେ ସାଙ୍ଗେ ସାଙ୍ଗେ ମୁକ୍ତି ଲାଭ କରନ୍ତି । ଉନ୍ନତ ସନ୍ନ୍ୟାସୀବୃନ୍ଦ ବ୍ରହ୍ମଲୋକକୁ ଉନ୍ନୀତ ହୁଅନ୍ତି । ବ୍ରହ୍ମଲୋକ ଭୌତିକ ବ୍ରହ୍ମାଣ୍ଡରେ ସର୍ବୋଚ୍ଚ ଲୋକ ଅଟେ । ତାହା ଲୋକମଣ୍ଡଳର ଉଚ୍ଚତର ସ୍ତରରେ ଥିବା ସମସ୍ତ ସ୍ୱର୍ଗୀୟ ଲୋକ ଅପେକ୍ଷା ଅଧିକ କାଳ ଜୀବିତ ରହେ । କିନ୍ତୁ କାଳ କ୍ରମେ ଭୂତପ୍ରକୃତିର ନିୟମାନୁଯାୟୀ ବ୍ରହ୍ମା ଏବଂ ବ୍ରହ୍ମଲୋକର ସମସ୍ତ ଅଧିବାସୀ ମଧ୍ୟ ମୃତ୍ୟୁବରଣ କରନ୍ତି ।

## ଶ୍ଳୋକ - ୧୮

**ଅବ୍ୟକ୍ତାଦ୍‌ବ୍ୟକ୍ତୟଃ ସର୍ବାଃ ପ୍ରଭବନ୍ତ୍ୟହରାଗମେ ।**
**ରାତ୍ର୍ୟାଗମେ ପ୍ରଲୀୟନ୍ତେ ତତ୍ରୈବାବ୍ୟକ୍ତସଂଜ୍ଞକେ ॥ ୧୮ ॥**

## ଶବ୍ଦାନୁବାଦ

ଅବ୍ୟକ୍ତାତ୍=ଅପ୍ରକଟରୁ; ବ୍ୟକ୍ତୟଃ=ଜୀବଗଣ; ସର୍ବାଃ=ସମସ୍ତ; ପ୍ରଭବନ୍ତି=ଜାତ ହୁଅନ୍ତି; ଅହଃ-ଆଗମେ=ଦିବସର ଆରମ୍ଭରେ; ରାତ୍ରି ଆଗମେ=ରାତ୍ରି ଆରମ୍ଭରେ; ପ୍ରଲୀୟନ୍ତେ=ଧ୍ୱଂସହୁଅନ୍ତି; ତତ୍ର=ସେଠାରେ; ଏବ=ନିଶ୍ଚିତଭାବେ; ଅବ୍ୟକ୍ତ=ଅପ୍ରକଟ; ସଂଜ୍ଞକେ=କୁହାଯାଏ ।

## ଅନୁବାଦ

**ବ୍ରହ୍ମାଜୀଙ୍କର ଦିବସ ଆରମ୍ଭରେ ସମସ୍ତ ଜୀବ ଜାତ ହୁଅନ୍ତି ଏବଂ ବ୍ରହ୍ମାଙ୍କର ରାତ୍ରି ଆରମ୍ଭରେ ସେ ସମସ୍ତେ ଧ୍ୱଂସ ହୁଅନ୍ତି ।**

## ଭାବାର୍ଥ

ଅଳ୍ପବୁଦ୍ଧିସଂପନ୍ନ ଜୀବଗଣ ଏ ଭୌତିକ ଜଗତରେ ରହିବାକୁ ଚେଷ୍ଟା କରନ୍ତି ଏବଂ ନିଜ ନିଜ କର୍ମାନୁଯାୟୀ କେହି କେହି ଉଚ୍ଚତର ଲୋକକୁ ଉନ୍ନୀତ ହୁଅନ୍ତି'ତ କେହି କେହି ନୀଚତର ଲୋକକୁ ପତିତ ହୁଅନ୍ତି । ବ୍ରହ୍ମାଙ୍କର ଦିବସ କାଳରେ ସେମାନେ ନିଜ ନିଜର କ୍ରିୟାକଳାପ ପ୍ରଦର୍ଶନ କରନ୍ତି ଏବଂ ବ୍ରହ୍ମରାତ୍ରି ଆଗମନରେ ସେମାନେ ସମସ୍ତେ ଧ୍ୱଂସ ହୁଅନ୍ତି । ଦିବସ କାଳରେ ଭୌତିକ କ୍ରିୟା ସଂପାଦନ ନିମିତ୍ତ ସେମାନେ ବିଭିନ୍ନପ୍ରକାର ଶରୀର ପ୍ରାପ୍ତ ହୁଅନ୍ତି ଏବଂ ରାତ୍ରିକାଳରେ ଏ ଶରୀର ସବୁ ଧ୍ୱଂସ ହୁଏ । ଜୀବ (ଜୀବାତ୍ମା) ଗଣ ବିଷ୍ଣୁଙ୍କ ଶରୀରରେ ଆଶ୍ରୟ ଗ୍ରହଣ କରନ୍ତି ଏବଂ ବ୍ରହ୍ମାଙ୍କର ଦିବସ ଆରମ୍ଭରେ ବାରମ୍ବାର ବ୍ୟକ୍ତ ହୁଅନ୍ତି । ଯେତେବେଳେ ବ୍ରହ୍ମାଙ୍କର ଜୀବନ କାଳ ଶେଷ ହୁଏ ସେମାନେ ସମସ୍ତେ ଧ୍ୱଂସ ହୁଅନ୍ତି ଏବଂ ଲକ୍ଷ ଲକ୍ଷ ବର୍ଷ ଧରି ସେମାନେ ଅବ୍ୟକ୍ତ ଭାବରେ ରୁହନ୍ତି । ଶେଷରେ ଅନ୍ୟ ଯୁଗରେ ବ୍ରହ୍ମା ପୁଣି ଯେତେବେଳେ ଜନ୍ମଲାଭ କରନ୍ତି, ସେମାନେ ପୁଣି ବ୍ୟକ୍ତ ହୁଅନ୍ତି । ଏହି ପ୍ରକାର ଜୀବଗଣ ଭୌତିକ ଜଗତରେ ବନ୍ଦୀ ହୋଇଥା'ନ୍ତି । ଅବଶ୍ୟ ଯେଉଁ ଚତୁର ଜୀବଗଣ କୃଷ୍ଣଭାବନା ବିଧି

ଗ୍ରହଣ କରନ୍ତି ଏବଂ ଭକ୍ତିର ସହିତ ହରେକୃଷ୍ଣ ହରେ ରାମ କୀର୍ତ୍ତନ କରନ୍ତି, ସେମାନେ ଏହି ଜୀବନରେ ଶ୍ରୀକୃଷ୍ଣଙ୍କର ବୈକୁଣ୍ଠ ଲୋକକୁ ଯା'ନ୍ତି ଏବଂ ସେଠାରେ ଶାଶ୍ୱତ ଆନନ୍ଦ ଲାଭ କରନ୍ତି । ସେମାନେ ଆଉ ପୁନର୍ଜନ୍ମ ଗ୍ରହଣ କରନ୍ତି ନାହିଁ ।

## ଶ୍ଳୋକ - ୧୯

**ଭୂତଗ୍ରାମଃ ସ ଏବାୟଂ ଭୂତ୍ୱା ଭୂତ୍ୱା ପ୍ରଲୀୟତେ ।**
**ରାତ୍ର୍ୟାଗମେଽବଶଃ ପାର୍ଥ ପ୍ରଭବତ୍ୟହରାଗମେ ।।୧୯।।**

## ଶବ୍ଦାନୁବାଦ

ଭୂତ-ଗ୍ରାମଃ=ସମସ୍ତ ଜୀବର ସମାହାର; ସଃ=ତାହା; ଏବ=ନିଶ୍ଚିତଭାବେ; ଅୟମ୍=ଏହା; ଭୂତ୍ୱା ଭୂତ୍ୱା=ଜନ୍ମଲାଭ କରି; ପ୍ରଲୀୟତେ=ଧ୍ୱଂସ ହୁଅନ୍ତି; ରାତ୍ରି=ରାତ୍ରି; ଆଗମେ=ଆରମ୍ଭରେ; ଅବଶଃ=ଆପେ ଆପେ; ପାର୍ଥ=ହେ ପୃଥାପୁତ୍ର !; ପ୍ରଭବତି=ପ୍ରକାଶିତ ହୁଏ; ଅହଃ=ଦିବସ; ଆଗମେ=ଆରମ୍ଭରେ ।

## ଅନୁବାଦ

**ବାରମ୍ବାର ଦିନ ଆସେ (ବ୍ରହ୍ମାଙ୍କର ଗୋଟିଏ ଦିନ ପରେ ଆଉ ଗୋଟିଏ ଦିନ ଆସେ) ଏବଂ ସମଗ୍ର ଜୀବ ସମାଜ ପୁଣି କ୍ରିୟାଶୀଳ ହୋଇ ଉଠନ୍ତି । ହେ ପାର୍ଥ ! (ଦିନପରେ) ପୁଣି ରାତ୍ରି ଆସେ ଏବଂ (ରାତ୍ରିରେ) ସେମାନେ ଅସହାୟ ଭାବରେ ବିଲୁପ୍ତ ହୋଇଯା'ନ୍ତି ।**

## ଭାବାର୍ଥ

ଯେଉଁମାନେ ଅଳ୍ପବୁଦ୍ଧି ସଂପନ୍ନ ମନୁଷ୍ୟ ସେମାନେ ଏହି ଭୌତିକ ଜଗତରେ ଅବସ୍ଥାନ କରିବାପାଇଁ ଯତ୍ନଶୀଳ ହୁଅନ୍ତି । ସେମାନେ ଉନ୍ନତ ଲୋକକୁ ସ୍ଥାନାନ୍ତରିତ ହୋଇ ପାରନ୍ତି କିନ୍ତୁ ପୁନଃ ଏ ଭୌତିକ ଜଗତକୁ ଆସନ୍ତି । ବ୍ରହ୍ମାଙ୍କର ଦିବସ କାଳ ମଧ୍ୟରେ ସେମାନେ ଶରୀର ଧାରଣ କରି ସେମାନଙ୍କର କ୍ରିୟାକଳାପ ବିଭିନ୍ନ ଉଚ୍ଚତର ଓ ନୀଚତର ଲୋକରେ ପ୍ରଦର୍ଶନ କରନ୍ତି । ପୁନଶ୍ଚ ବ୍ରହ୍ମାଙ୍କର ରାତ୍ରି ସମୟରେ ଲୀନ ହୋଇଯାଆନ୍ତି । ବ୍ରହ୍ମାଙ୍କର ଦିବସ କାଳରେ ସେମାନେ ଭୌତିକ ଶରୀର ଧାରଣ କରି ବିଭିନ୍ନ ଭୌତିକ କର୍ମ କରନ୍ତି । ବ୍ରହ୍ମାଙ୍କ ରାତ୍ରି ସମୟରେ ପ୍ରତ୍ୟେକ ଜୀବ ବିଷ୍ଣୁଙ୍କ ଶରୀରରେ ଲୀନ ହୋଇ ଅପ୍ରକଟ ଅବସ୍ଥାରେ ଥାଆନ୍ତି । *ଭୂତ୍ୱାଭୂତ୍ୱା ପ୍ରଲୀୟତେ* । ଏହିପରି ବାରମ୍ବାର ଜନ୍ମମୃତ୍ୟୁ ଚକ୍ରରେ ଘୂରି ବୁଲନ୍ତି । ବ୍ରହ୍ମାଙ୍କର ଆୟୁଷ କ୍ଷୟହେଲେ ସେମାନେ କୋଟି କୋଟି ବର୍ଷ ଧରି ଅପ୍ରକଟ ଅବସ୍ଥାରେ ରହନ୍ତି । ପୁଣି ବ୍ରହ୍ମାଙ୍କର ଜନ୍ମ ହେଲେ ସମସ୍ତ ଜୀବ ପ୍ରକଟିତ ହୁଅନ୍ତି । ଏହିଭଳି ଭାବରେ ସେମାନେ ଏହି ଭୌତିକ ଜଗତରେ ଅବସ୍ଥାନ କରନ୍ତି । କିନ୍ତୁ ଯେତେବେଳେ ବୁଦ୍ଧିମାନ ବ୍ୟକ୍ତିଗଣ ଏଇ କୃଷ୍ଣଚେତନା ଗ୍ରହଣ କରି ଭଗବାନ୍ ଶ୍ରୀକୃଷ୍ଣଙ୍କର ପ୍ରେମମୟୀ ସେବାରେ ନିଯୁକ୍ତ ରହି : *''ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ''* ଜପ କରନ୍ତି ସେମାନେ ନିଜକୁ କୃଷ୍ଣଲୋକ ବା ଚିଦ୍ ଜଗତକୁ ସ୍ଥାନାନ୍ତରିତ କରିବାପାଇଁ ଯୋଗ୍ୟ ହୋଇ ଯାଆନ୍ତି ଓ ଆନନ୍ଦ ପୂର୍ଣ୍ଣ ସ୍ଥିତିରେ ଅବସ୍ଥାନ କରନ୍ତି । ସେତେବେଳେ ସେମାନେ ଆଉ ଜନ୍ମ ମୃତ୍ୟୁ ଚକ୍ରରେ ପତିତ ହୁଅନ୍ତି ନାହିଁ ।

## ଶ୍ଳୋକ - ୨୦

**ପରସ୍ତସ୍ମାତ୍ତୁ ଭାବୋଽନ୍ୟୋଽବ୍ୟକ୍ତୋଽବ୍ୟକ୍ତାତ୍ସନାତନଃ ।**
**ଯଃ ସ ସର୍ବେଷୁ ଭୂତେଷୁ ନଶ୍ୟତ୍ସୁ ନ ବିନଶ୍ୟତି ।।୨୦।।**

## ଶବ୍ଦାନୁବାଦ

ପରଃ=ଦିବ୍ୟ; ତସ୍ମାତ୍=ତା'ଠାରୁ; ତୁ=କିନ୍ତୁ; ଭାବଃ=ପ୍ରକୃତି; ଅନ୍ୟଃ=ଅନ୍ୟ; ଅବ୍ୟକ୍ତଃ=ଅପ୍ରକଟ; ଅବ୍ୟକ୍ତାତ୍=ଅବ୍ୟକ୍ତରୁ; ସନାତନଃ=ସନାତନ, ଶାଶ୍ୱତ; ଯଃ=ଯେ; ସଃ=ସେ (ତାହା); ସର୍ବେଷୁ=ସମସ୍ତ; ଭୂତେଷୁ=ପ୍ରାଣୀମାନଙ୍କଠାରେ; ନଶ୍ୟତ୍ସୁ=ଧ୍ୱଂସ ହୁଅନ୍ତି; ନ ବିନଶ୍ୟତି=ଧ୍ୱଂସ ହୁଅନ୍ତି ନାହିଁ ।

## ଅନୁବାଦ

**ତଥାପି ଆଉ ଗୋଟିଏ ଶକ୍ତି (ପ୍ରକୃତି) ଅଛି, ତାହା ସନାତନ (ଶାଶ୍ୱତ) ଏବଂ ବ୍ୟକ୍ତାବ୍ୟକ୍ତ (ବ୍ୟକ୍ତ ଓ ଅବ୍ୟକ୍ତ) ଭୂତପ୍ରକୃତି (ଶକ୍ତି) ଅପେକ୍ଷା ଉଚ୍ଚତର ଦିବ୍ୟଶକ୍ତି ଅଟେ । ଏହା ପରମ ପ୍ରକୃତି ଅଟେ ଏବଂ ଏହା କଦାପି ବିନଷ୍ଟ ହୁଏ ନାହିଁ । ଯେତେବେଳେ ଏ ଜଗତର ସମସ୍ତେ ଧ୍ୱଂସ ହୁଅନ୍ତି, ସେତେବେଳେ ସେ ଅଂଶ (ଉଚ୍ଚତର ଦିବ୍ୟ-ପ୍ରକୃତି) ଠିକ୍ ସେହିପରି ରହେ ।**

## ଭାବାର୍ଥ

ଶ୍ରୀକୃଷ୍ଣଙ୍କର ଉଚ୍ଚତର ଦିବ୍ୟ ଆଧ୍ୟାତ୍ମିକ ଶକ୍ତି ଦିବ୍ୟ ଓ ଶାଶ୍ୱତ ଅଟେ । ପରିବର୍ତ୍ତନଶୀଳ ଭୂତପ୍ରକୃତିର ବହୁତ ଊର୍ଦ୍ଧ୍ୱରେ ଏହାର ସ୍ଥାନ । ଭୂତପ୍ରକୃତି ବ୍ରହ୍ମାଙ୍କର ଦିବସ କାଳ ଓ ରାତ୍ରି କାଳରେ ଯଥାକ୍ରମେ ପ୍ରକାଶିତ ହୁଏ ଏବଂ ବିଲୁପ୍ତ ହୁଏ । କିନ୍ତୁ ଶ୍ରୀକୃଷ୍ଣଙ୍କର ଉଚ୍ଚତର ଶକ୍ତି, ଗୁଣରେ ଭୌତିକ ଶକ୍ତିର ଠିକ୍ ବିପରୀତ ଅଟେ । ପରାପ୍ରକୃତି ଓ ଅପରା ପ୍ରକୃତି କଥା ସପ୍ତମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି ।

## ଶ୍ଳୋକ - ୨୧

**ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତସ୍ତମାହୁଃ ପରମାଂ ଗତିମ୍ ।**
**ଯଂ ପ୍ରାପ୍ୟ ନ ନିବର୍ତନ୍ତେ ତଦ୍ଧାମ ପରମଂ ମମ ।। ୨୧ ।।**

## ଶବ୍ଦାନୁବାଦ

ଅବ୍ୟକ୍ତଃ=ଅବ୍ୟକ୍ତ; ଅକ୍ଷରଃ=ଅବିନାଶୀ; ଇତି=ଏହି ପ୍ରକାରେ; ଉକ୍ତଃ=କୁହା ଯାଇଛି; ତମ୍=ଯାହା; ଆହୁଃ=ପରିଚିତ (ବିଦିତ); ପରମାମ୍=ପରମ(ଅନ୍ତିମ); ଗତିମ୍=ଲକ୍ଷ୍ୟସ୍ଥଳ (ଗତି); ଯମ୍=ଯାହା; ପ୍ରାପ୍ୟ=ପ୍ରାପ୍ତ ହେଲେ; ନ=କଦାପି ନୁହେଁ; ନିବର୍ତନ୍ତେ=ଫେରନ୍ତି ନାହିଁ; ତତ୍-ଧାମ=ସେ ଧାମ; ପରମମ୍=ପରମ (ସର୍ବଶ୍ରେଷ୍ଠ); ମମ=ମୋର ।

## ଅନୁବାଦ

**ସେ ପରମ ଧାମକୁ ଅବ୍ୟକ୍ତ ଏବଂ ଅଚ୍ୟୁତ (ଅକ୍ଷର) ବୋଲି କୁହାଯାଏ ଏବଂ ତାହା ପରମ ଗତି ବା ଅନ୍ତିମ ଲକ୍ଷ୍ୟସ୍ଥଳ ଅଟେ । ଯେତେବେଳେ ଜୀବ ସେ ଧାମ ପ୍ରାପ୍ତ ହୁଏ, ସେ ଆଉ ଫେରେ ନାହିଁ । ତାହା ମୋର ପରମଧାମ ଅଟେ ।**

## ଭାବାର୍ଥ

ବ୍ରହ୍ମସଂହିତାରେ ଭଗବାନ୍ ଶ୍ରୀକୃଷ୍ଣଙ୍କର ପରମଧାମକୁ ''ଚିନ୍ତାମଣି ଧାମ'' ବୋଲି ବର୍ଣ୍ଣନା କରାଯାଇଅଛି । ଏହା ଏପରି ଏକ ଧାମ ଯେ ଏଠାରେ ଜୀବର ସମସ୍ତ କାମନା ପରିପୂର୍ଣ୍ଣ ହୁଏ । ଭଗବାନ୍ ଶ୍ରୀକୃଷ୍ଣଙ୍କର ପରମଧାମ ଗୋଲୋକ ବୃନ୍ଦାବନ ନାମରେ ପରିଚିତ । ଏହା ଚିନ୍ତାମଣି ପ୍ରସ୍ତରରେ ନିର୍ମିତ ପ୍ରାସାଦ ମାଳାରେ ପରିପୂର୍ଣ୍ଣ । ସେଠାରେ ଥିବା ତରୁ (ବୃକ୍ଷ) ମାନ ବାଞ୍ଛାକଳ୍ପତରୁ ଅଟନ୍ତି । ଜୀବ ଆବଶ୍ୟକ କଲାକ୍ଷଣି (ମାଗିଲା କ୍ଷଣି), ସେମାନେ ଜୀବକୁ ଈପ୍‌ସିତ ଖାଦ୍ୟ ଯୋଗାଇ ଦିଅନ୍ତି । ସେଠାରେ ଥିବା ଗାଭୀ ମାନଙ୍କୁ 'ସୁରଭୀ' ଗାଭୀ କୁହାଯାଏ ଏବଂ ସେମାନେ ଅପରିମିତ ପରିମାଣର ଦୁଗ୍‌ଧ ବରାବର ଯୋଗାଉଛନ୍ତି । ଏହି ଧାମରେ ଭଗବାନ୍ ଶତସହସ୍ର ଲକ୍ଷ୍ମୀଙ୍କଦ୍ୱାରା ପରିସେବିତ ହେଉଛନ୍ତି । ତାଙ୍କୁ ଆଦି ଦେବ ଗୋବିନ୍ଦ କୁହାଯାଏ ଏବଂ ସେ ସର୍ବକାରଣର କାରଣ ଅଟନ୍ତି । ଭଗବାନ୍ (ସେଠାରେ) ବଂଶୀବାଦନରତ (ବେଣୁମ୍ କ୍ୱଣନ୍ତମ୍) । ତାଙ୍କର ଦିବ୍ୟ ରୂପ ସମସ୍ତ ବ୍ରହ୍ମାଣ୍ଡରେ ଅତ୍ୟନ୍ତ ଆକର୍ଷଣୀୟ ଅଟେ, ତାଙ୍କର ଚକ୍ଷୁ ପଦ୍ମପାଖୁଡ଼ା ସଦୃଶ ଏବଂ ତାଙ୍କ ଶରୀର ବର୍ଣ୍ଣ ମେଘବର୍ଣ୍ଣ ପରି । ସେ ଏତେ ସୁନ୍ଦର ଓ ଆକର୍ଷଣୀୟ ଯେ ତାଙ୍କର ସୌନ୍ଦର୍ଯ୍ୟ ସହସ୍ର ସହସ୍ର କନ୍ଦର୍ପର ସୌନ୍ଦର୍ଯ୍ୟକୁ ବଳି ପଡ଼ିଛି । ସେ ପୀତାମ୍ବର ପରିଧାନ କରନ୍ତି ଏବଂ ବେକରେ ମାଳା ଏବଂ ମସ୍ତିଷ୍କରେ ମୟୂରପୁଚ୍ଛ ଧାରଣ କରନ୍ତି । ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର ନିଜଧାମ (ଗୋଲକ ବୃନ୍ଦାବନ) ଯେ'କି ପରବ୍ୟୋମରେ ସର୍ବୋଚ୍ଚ ଲୋକ ଅଟେ, ସେ ସମ୍ବନ୍ଧରେ ସାମାନ୍ୟ ବର୍ଣ୍ଣନା ଦେଇଛନ୍ତି । ସେ ଧାମ ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା ବ୍ରହ୍ମସଂହିତାରେ ଦିଆଯାଇଅଛି । ବୈଦିକ ସାହିତ୍ୟରେ କୁହାଯାଇଛି ଯେ ଭଗବାନଙ୍କ ପରମଧାମକୁ ବଳି ଆଉ ଉନ୍ନତ ଧାମ ନାହିଁ ଏବଂ ସେହି ଧାମ ହିଁ ଜୀବର ପରମଗତି (ଅନ୍ତିମ ଲକ୍ଷ୍ୟ) ଅଟେ । ଯେତେବେଳେ ଜୀବ ସେ ଧାମ ପ୍ରାପ୍ତ ହୁଏ, ସେ ଆଉ ଏ ଭୌତିକ ଜଗତକୁ ଫେରେ ନାହିଁ । ଶ୍ରୀକୃଷ୍ଣଙ୍କର ପରମଧାମ ଏବଂ ସ୍ୱୟଂ ଶ୍ରୀକୃଷ୍ଣ, ସମଗୁଣ ବିଶିଷ୍ଟ ହେତୁ, ଅଭିନ୍ନ ଅଟନ୍ତି । ଆମର ଏଇ ପୃଥିବୀରେ ଦିଲ୍ଲୀର ୯୦ ମାଇଲ ଦକ୍ଷିଣ ପୂର୍ବରେ ଥିବା ବୃନ୍ଦାବନ ଧାମ, ପରବ୍ୟୋମରେ ଥିବା ଗୋଲକ ବୃନ୍ଦାବନର ଏକ ପ୍ରତିରୂପ ଅଟେ । ଯେତେବେଳେ ଭଗବାନ୍ ଶ୍ରୀକୃଷ୍ଣ ଏ ପୃଥିବୀରେ ଅବତରଣ କଲେ, ସେତେବେଳେ ସେ ଭାରତବର୍ଷର ମଥୁରା ଜିଲ୍ଲାରେ ଥିବା ବୃନ୍ଦାବନ ନାମରେ ପରିଚିତ ସେଇ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ଲୀଳା କରିଥିଲେ ।

## ଶ୍ଲୋକ - ୨୨

**ପୁରୁଷଃ ସ ପରଃ ପାର୍ଥ ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା ।**
**ଯସ୍ୟାନ୍ତଃସ୍ଥାନି ଭୂତାନି ଯେନ ସର୍ବମିଦଂ ତତମ୍ ।।୨୨।।**

## ଶବ୍ଦାନୁବାଦ

ପୁରୁଷଃ=ପରମପୁରୁଷ, ସଃ=ସେ; ପରଃ=ପରମ, ଯାହାଙ୍କଠାରୁ ଆଉ କେହି ବଡ଼ ନୁହନ୍ତି; ପାର୍ଥ=ହେ ପୃଥାପୁତ୍ର !; ଭକ୍ତ୍ୟା=ଭକ୍ତି ଦ୍ୱାରା; ଲଭ୍ୟଃ=ଲାଭ କରାଯାଇ ପାରନ୍ତି; ତୁ=କିନ୍ତୁ; ଅନନ୍ୟୟା=ଅନନ୍ୟ ଭକ୍ତି, ଏକାନ୍ତ ଭକ୍ତି; ଯସ୍ୟ=ଯାହାଙ୍କର; ଅନ୍ତଃ-ସ୍ଥାନି=ମଧ୍ୟରେ; ଭୂତାନି=ସମସ୍ତ ଭୌତିକ ପରିପ୍ରକାଶ; ଯେନ=ଯାହାଙ୍କ ଦ୍ୱାରା; ସର୍ବମ୍=ସମସ୍ତ; ଇଦମ୍=ଯାହାକିଛି ଆମେ ଦେଖିପାରୁ; ତତମ୍=ବିସ୍ତାରିତ ।

## ଅନୁବାଦ

**ପରମପୁରୁଷ ଭଗବାନ୍, ଯେ'କି ସମସ୍ତଙ୍କଠାରୁ ବଡ଼, ଅନନ୍ୟ ଭକ୍ତିଦ୍ୱାରା ଲଭ୍ୟ। ଯଦିଓ ସେ ତାଙ୍କ ଧାମରେ ଥା'ନ୍ତି, ତଥାପି ସେ ସର୍ବବ୍ୟାପକ ଅଟନ୍ତି ଏବଂ ସମସ୍ତ ପଦାର୍ଥ ତାଙ୍କଠାରେ ହିଁ ରହିଅଛି।**

## ଭାବାର୍ଥ

ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ ଯେଉଁ ପରମ ଲକ୍ଷ୍ୟସ୍ଥଳ ପ୍ରାପ୍ତ ହେଲେ ଆଉ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼େ ନାହିଁ, ସେ ଧାମ ହେଉଛି ଶ୍ରୀକୃଷ୍ଣଙ୍କର, ଯେ'କି ପରମପୁରୁଷ ଅଟନ୍ତି, ତାଙ୍କରି ଧାମ। ବ୍ରହ୍ମସଂହିତାରେ ଏଇ ପରମଧାମକୁ 'ଆନନ୍ଦମୟ ରସ' ବୋଲି ବର୍ଣ୍ଣନା କରାଯାଇଅଛି। ଏହା ହେଉଛି ଏପରି ଏକ ଧାମ, ଯେଉଁଠାରେ ପ୍ରତ୍ୟେକଟି ଦିବ୍ୟ ଆନନ୍ଦରେ ପରିପୂର୍ଣ୍ଣ। ଯାହା କିଛି ଏଠାରେ ବିଭିନ୍ନତା ପରିଦୃଷ୍ଟ ହୁଏ, ତାହା ସବୁ ଦିବ୍ୟ ଆନନ୍ଦମୟ ଗୁଣ ଅଟେ। ସେଠାରେ କୌଣସି ପ୍ରକାରେ ଭୌତିକତା ନାହିଁ। ସେଠାରେ ଥିବା ସମସ୍ତ ବିଭିନ୍ନତା ସ୍ୱୟଂ ଭଗବାନଙ୍କର ଆଧ୍ୟାତ୍ମିକ ବିସ୍ତାର ଅଟେ, କାରଣ ସେଠାରେ ଥିବା ସମସ୍ତ ପରିପ୍ରକାଶ ପୂର୍ଣ୍ଣତଃ ଗୀତାର ସପ୍ତମ ଅଧ୍ୟାୟରେ ବର୍ଣ୍ଣିତ ଉଚ୍ଚତର ଶକ୍ତିର ପ୍ରକାଶ ଅଟେ। ଯଦିଓ ଭଗବାନ୍ ସର୍ବଦା ତାଙ୍କର ପରମଧାମରେ ବିରାଜମାନ କରିଛନ୍ତି, ତଥାପି ସେ ତାଙ୍କର ଭୌତିକ ଶକ୍ତି ସାହାଯ୍ୟରେ ଏ ଭୌତିକ ଜଗତରେ ସର୍ବବ୍ୟାପକ ରୂପେ ବିଦ୍ୟମାନ। ତେଣୁ ସେ ତାଙ୍କର ଆଧ୍ୟାତ୍ମିକ ଓ ଭୌତିକ ଶକ୍ତି ସାହାଯ୍ୟରେ ଉଭୟ ଚିଦ୍ ଜଗତ ଓ ଭୌତିକ ବ୍ରହ୍ମାଣ୍ଡମାନଙ୍କରେ ବିଦ୍ୟମାନ। *''ଯସ୍ୟାନ୍ତଃସ୍ଥାନି''*ର ଅର୍ଥ ସବୁ କିଛି ତାଙ୍କଦ୍ୱାରା ହିଁ ରକ୍ଷା କରାଯାଇଅଛି। ଚିତ ଶକ୍ତି ହେଉ କିମ୍ବା ଭୌତିକ ଶକ୍ତି ହେଉ, ଯାହା କିଛି'ବି ହେଉ ସବୁ ତାଙ୍କଦ୍ୱାରା ନିୟନ୍ତ୍ରିତ ହେଉଅଛି।

ଏଠାରେ ପରିଷ୍କାରଭାବରେ କୁହାଯାଇଅଛି ଯେ କେବଳ ଭକ୍ତି ବଳରେ ହିଁ ଜୀବ ବୈକୁଣ୍ଠ ଲୋକରେ ପ୍ରବେଶ କରିପାରେ। ସମସ୍ତ ବୈକୁଣ୍ଠ ଲୋକରେ ଏକମାତ୍ର ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ହିଁ ଲକ୍ଷ ଲକ୍ଷ ପ୍ରତ୍ୟକ୍ଷାଂଶରେ ନିଜକୁ ବିସ୍ତାର କରିଛନ୍ତି। ଏହି ଅଂଶ ଗୁଡ଼ିକ ଚତୁର୍ଭୁଜ ଅଟନ୍ତି ଏବଂ ସେମାନେ ଅସଂଖ୍ୟ ବୈକୁଣ୍ଠ ଲୋକରେ ଅଧିଷ୍ଠିତ ହୋଇଛନ୍ତି। ସେମାନେ ବିଭିନ୍ନ ନାମରେ ନାମିତ ଯଥା—ପୁରୁଷୋତ୍ତମ, ତ୍ରିବିକ୍ରମ, କେଶବ, ମାଧବ, ଅନିରୁଦ୍ଧ, ହୃଷୀକେଶ, ସଂଙ୍କର୍ଷଣ, ପ୍ରଦ୍ୟୁମ୍ନ, ଶ୍ରୀଧର, ବାସୁଦେବ, ଦାମୋଦର, ଜନାର୍ଦ୍ଦନ, ନାରାୟଣ, ବାମନ, ପଦ୍ମନାଭ ଇତ୍ୟାଦି। ଏହି ଅଂଶଗୁଡ଼ିକ ଏକ ବୃକ୍ଷର ପତ୍ର ସମୂହ ସଦୃଶ ଏବଂ ଶ୍ରୀକୃଷ୍ଣ ପ୍ରଧାନ ବୃକ୍ଷ ସଦୃଶ। ଶ୍ରୀକୃଷ୍ଣ ତାଙ୍କର ପରମଧାମ ଗୋଲୋକ ବୃନ୍ଦାବନରେ ଅବସ୍ଥାନ କରି ଅତି ସୁଗ୍ମରୂପେ ଉଭୟ ଭୌତିକ ଓ ଚିତ୍ ବ୍ରହ୍ମାଣ୍ଡମାନଙ୍କର ସମସ୍ତ କର୍ମ ନିର୍ଦ୍ଦୋଷ ଭାବରେ ତାଙ୍କର ସର୍ବବ୍ୟାପକ ଶକ୍ତି ବଳରେ ସଂପାଦନ କରୁଛନ୍ତି।

## ଶ୍ଳୋକ - ୨୩

**ଯତ୍ର କାଳେ ତ୍ୱନାବୃତ୍ତିମାବୃତ୍ତିଂ ଚୈବ ଯୋଗିନଃ ।**
**ପ୍ରୟାତା ଯାନ୍ତି ତଂ କାଳଂ ବକ୍ଷ୍ୟାମି ଭରତର୍ଷଭ ।।୨୩।।**

## ଶବ୍ଦାନୁବାଦ

ଯତ୍ର=ଯେଉଁ; କାଳେ=କାଳରେ,ସମୟରେ; ତୁ=କିନ୍ତୁ; ଅନାବୃତ୍ତିମ୍=ପୁନରାବର୍ତ୍ତନ ନାସ୍ତି; ଆବୃତ୍ତିମ୍=ପୁନରାବର୍ତ୍ତନ; ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ଯୋଗିନଃ=ବିଭିନ୍ନ ପ୍ରକାର ଯୋଗୀ; ପ୍ରୟାତାଃ=ଯେ ଯାଏ; ଯାନ୍ତି=ଯା'ନ୍ତି; ତମ୍=ସେଇ; କାଳମ୍=କାଳ, ସମୟ; ବକ୍ଷ୍ୟାମି=ବର୍ଣ୍ଣନା କରୁଛି; ଭରତର୍ଷଭ=ହେ ଭରତଶ୍ରେଷ୍ଠ ।

## ଅନୁବାଦ

**ହେ ଭରତଶ୍ରେଷ୍ଠ ! ବର୍ତ୍ତମାନ ମୁଁ ତୁମକୁ ବିଭିନ୍ନ କାଳ (ସମୟ) କଥା କହିବି, ଯେଉଁ ସମୟରେ ଏ ପୃଥିବୀରୁ ବିଦାୟ ନେଲେ ବ୍ୟକ୍ତି ପ୍ରତ୍ୟାବର୍ତ୍ତନ କରିବ କିମ୍ବା ପ୍ରତ୍ୟାବର୍ତ୍ତନ କରିବ ନାହିଁ।**

## ଭାବାର୍ଥ

ଯେଉଁମାନେ ଭଗବାନଙ୍କର ଅନନ୍ୟ ଭକ୍ତ, ପୂର୍ଣ୍ଣ ଆତ୍ମସମର୍ପଣ କରିଛନ୍ତି ସେମାନେ କଦାପି ଯେ କୌଣସି ଉପାୟରେ କିମ୍ବା ଯେ କୌଣସି ସମୟରେ ଶରୀର ତ୍ୟାଗ କରିବାକୁ ଭୟ କରନ୍ତି ନାହିଁ । ସେମାନେ ସେ ବିଷୟରେ କିଛି ଭାବନ୍ତି ନାହିଁ । ସେମାନେ ସବୁ ଶ୍ରୀକୃଷ୍ଣଙ୍କ ଉପରେ ଛାଡ଼ିଦେଇ ଥା'ନ୍ତି, ତେଣୁ ସେମାନେ ଖୁବ୍ ଆନନ୍ଦରେ ଓ ସହଜରେ ଭଗବାନଙ୍କ ନିକଟକୁ ଫେରିଯା'ନ୍ତି । କିନ୍ତୁ ଯେଉଁମାନେ ଅନନ୍ୟ ଭକ୍ତ ନୁହନ୍ତି ଏବଂ ଯେଉଁମାନେ ସଂପୂର୍ଣ୍ଣରୂପେ ଭଗବାନଙ୍କ ଉପରେ ନିର୍ଭର ନ କରି କର୍ମଯୋଗ, ଜ୍ଞାନଯୋଗ, ହଠଯୋଗ ଆଦି ଅନ୍ୟ ବିଧି ଉପରେ ନିର୍ଭର କରନ୍ତି, ସେମାନେ ଏକ ଉପଯୁକ୍ତ ସମୟରେ ଶରୀର ତ୍ୟାଗ କରିବା ଉଚିତ୍ ଏବଂ ତଦ୍ଦ୍ୱାରା ସେମାନେ ନିଶ୍ଚିତରୂପେ ଜାଣନ୍ତି ସେମାନେ ଏ ମୃତ୍ୟୁ ସଂସାରକୁ ଫେରୁଛନ୍ତି'କି ନାହିଁ ।

ଯଦି ଯୋଗୀ, ସିଦ୍ଧଯୋଗୀ ହୋଇଥାଏ, ତାହାହେଲେ ସେ ଭୌତିକ ଜଗତ ତ୍ୟାଗ କରିବାର ସ୍ଥାନ ଓ କାଳ ସ୍ଥିର କରିପାରେ, କିନ୍ତୁ ସେ ଯଦି ସିଦ୍ଧଯୋଗୀ ନ ହୋଇଥାଏ, ତାହାହେଲେ ତାକୁ ସବୁ ଦାୟିତ୍ୱ ପ୍ରକୃତି ଉପରେ ଛାଡ଼ି ଦେବାକୁ ହେବ । କେଉଁ ସମୟରେ ଶରୀର ତ୍ୟାଗ କଲେ ବ୍ୟକ୍ତି ଏ ମୃତ୍ୟୁ ସଂସାରକୁ ଆଉ ଫେରିବ ନାହିଁ, ଏ କଥା ପରିଷ୍କାର ଭାବରେ ଏ ଶ୍ଳୋକମାନଙ୍କରେ ଭଗବାନ୍ ବର୍ଣ୍ଣନା କରିଛନ୍ତି । ଆଚାର୍ଯ୍ୟ ବଳଦେବ ବିଦ୍ୟାଭୂଷଣଙ୍କ ମତାନୁଯାୟୀ ଏ ଶ୍ଳୋକରେ ବ୍ୟବହୃତ ସଂସ୍କୃତ ଶବ୍ଦ 'କାଳ'ର ଅର୍ଥ କାଳଦେବତା ।

## ଶ୍ଳୋକ - ୨୪

**ଅଗ୍ନିର୍ଜ୍ୟୋତିରହଃ ଶୁକ୍ଳଃ ଷଣ୍ମାସା ଉତ୍ତରାୟଣମ୍ ।**
**ତତ୍ର ପ୍ରୟାତା ଗଚ୍ଛନ୍ତି ବ୍ରହ୍ମ ବ୍ରହ୍ମବିଦୋ ଜନାଃ ।।୨୪।।**

## ଶବ୍ଦାନୁବାଦ

ଅଗ୍ନିଃ=ଅଗ୍ନି; ଜ୍ୟୋତିଃ=ଆଲୋକ; ଅହଃ=ଦିବସ; ଶୁକ୍ଳଃ=ଶୁକ୍ଳ; ଷଟ୍ ମାସାଃ=ଛ' ମାସ; ଉତ୍ତରାୟଣମ୍=ଯେତେବେଳେ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହୁଏ; ତତ୍ର=ସେଠାରେ; ପ୍ରୟାତାଃ=ଯେ ଯାଏ; ଗଚ୍ଛନ୍ତି=ମୃତ୍ୟୁବରଣ କରେ; ବ୍ରହ୍ମ=ବ୍ରହ୍ମ; ବ୍ରହ୍ମ-ବିଦଃ=ଯେ ବ୍ରହ୍ମଙ୍କୁ ଜାଣେ; ଜନାଃ=ପୁରୁଷମାନେ ।

## ଅନୁବାଦ

**ଯେଉଁମାନେ ପରମବ୍ରହ୍ମଙ୍କୁ ଜାଣନ୍ତି (ବ୍ରହ୍ମବିଦ୍), ସେମାନେ ଶୁକ୍ଳ ପକ୍ଷରେ, ଅଗ୍ନି-ଦେବତାଙ୍କ ପ୍ରଭାବ କାଳରେ, ଶୁଭ ମୁହୂର୍ତ୍ତରେ, ଆଲୋକରେ ଏବଂ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତିକାଳ 'ଛ' ମାସ ମଧ୍ୟରେ ଇହ ଜଗତରୁ ବିଦାୟ ନିଅନ୍ତି ।**

## ଭାବାର୍ଥ

ଯେତେବେଳେ ଅଗ୍ନି, ଜ୍ୟୋତି, ଦିବସ ଏବଂ ଚନ୍ଦ୍ର କଥା ବର୍ଣ୍ଣନା କରାଯାଉଛି, ଏଥିରୁ ବୁଝାଯିବ ଯେ ସମସ୍ତଙ୍କର ଗୋଟିଏ ଗୋଟିଏ ଅଧିଷ୍ଠାତ୍ରୀ ଦେବତା ଅଛନ୍ତି, ଯେଉଁମାନେ ଆତ୍ମାର ଯାତ୍ରା ନିମିତ୍ତ ବ୍ୟବସ୍ଥା କରନ୍ତି । ମୃତ୍ୟୁ ସମୟରେ ଜୀବ ନୂତନ ଜୀବନ ପଥରେ ଯାତ୍ରା ଆରମ୍ଭ କରେ । ଯଦି ବ୍ୟକ୍ତି, ଉପରଲିଖିତ ସମୟରେ ଆକସ୍ମିକ ଭାବରେ ହେଉ ବା ବ୍ୟବସ୍ଥାନୁଯାୟୀ ହେଉ, ଶରୀର ତ୍ୟାଗକରେ, ତେବେ ତା' ପକ୍ଷରେ ନିର୍ବିଶେଷ ବ୍ରହ୍ମଜ୍ୟୋତି ଲାଭ କରିବା ସମ୍ଭବପର ହୁଏ । ଯେଉଁ ଯୋଗୀମାନେ ଯୋଗ ସାଧନାରେ ଖୁବ୍ ଅଗ୍ରଗତି କରିଥା'ନ୍ତି, ସେମାନେ ଶରୀର ତ୍ୟାଗର ସମୟ ଓ ସ୍ଥାନ ସ୍ଥିର କରିପାରନ୍ତି । ଅନ୍ୟମାନଙ୍କର ଏପରି ବ୍ୟବସ୍ଥା କରିବାର କ୍ଷମତା ନଥାଏ । ଯଦି ସେମାନେ ଅକସ୍ମାତ୍ ଏକ ଶୁଭ ମୁହୂର୍ତ୍ତରେ ଶରୀର ତ୍ୟାଗ କରନ୍ତି, ତେବେ ସେମାନେ ଆଉ ଜନ୍ମ-ମୃତ୍ୟୁ ଚକ୍ରରେ ପତିତ ହୁଅନ୍ତି ନାହିଁ, କିନ୍ତୁ ଯଦି ସେମାନେ ଶୁଭ ମୁହୂର୍ତ୍ତ ଲାଭ ନ କରିପାରନ୍ତି, ତେବେ ସେମାନଙ୍କର ଫେରିବାର ଖୁବ୍ ସମ୍ଭାବନା ଅଛି । କିନ୍ତୁ, କୃଷ୍ଣଚେତନଶୀଳ ଶୁଦ୍ଧ ଭକ୍ତର ଏ ଫେରିବା ଆଶଙ୍କା ନାହିଁ । ଶୁଭ ମୁହୂର୍ତ୍ତ ହେଉ ବା ଅଶୁଭ ମୁହୂର୍ତ୍ତ ହେଉ, ଆକସ୍ମିକ ଭାବରେ ହେଉ ବା ବ୍ୟବସ୍ଥାନୁସାରେ ହେଉ, ଯେ କୌଣସି ଅବସ୍ଥାରେ ଶରୀର ତ୍ୟାଗ କଲେ ବି ଶୁଦ୍ଧ ଭକ୍ତର ଫେରିବା ଆଶଙ୍କା ନଥାଏ ।

## ଶ୍ଲୋକ - ୨୫

**ଧୂମୋ ରାତ୍ରିସ୍ତଥା କୃଷ୍ଣଃ ଷଣ୍ମାସା ଦକ୍ଷିଣାୟନମ୍ ।**
**ତତ୍ର ଚାନ୍ଦ୍ରମସଂ ଜ୍ୟୋତିର୍ଯୋଗୀ ପ୍ରାପ୍ୟ ନିବର୍ତ୍ତତେ ।। ୨୫ ।।**

## ଶବ୍ଦାନୁବାଦ

ଧୂମଃ=ଧୂଆଁ; ରାତ୍ରିଃ=ରାତ୍ରି;ତଥା=ମଧ୍ୟ;କୃଷ୍ଣଃ=କୃଷ୍ଣପକ୍ଷ;ଷଟ୍-ମାସାଃ=ଛ' ମାସ; ଦକ୍ଷିଣ-ଅୟନମ୍=ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତିକାଳ; ତତ୍ର=ସେଠାରେ; ଚାନ୍ଦ୍ରମସମ୍=ଚନ୍ଦ୍ରଲୋକ; ଜ୍ୟୋତିଃ=ଆଲୋକ; ଯୋଗୀ=ଯୋଗୀ; ପ୍ରାପ୍ୟ=ପ୍ରାପ୍ତ ହୁଏ; ନିବର୍ତତେ=ପ୍ରତ୍ୟାବର୍ତ୍ତନ କରେ ।

## ଅନୁବାଦ

**ଯେଉଁ ଯୋଗୀ ଧୂମ, ରାତ୍ରି, କୃଷ୍ଣପକ୍ଷ କିମ୍ବା ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତିକାଳରେ ଇହଲୋକ ତ୍ୟାଗ କରେ କିମ୍ବା ଯେ ଚନ୍ଦ୍ରଲୋକ ପ୍ରାପ୍ତ ହୁଏ, ସେ ପ୍ରତ୍ୟାବର୍ତ୍ତନ କରେ ।**

## ଭାବାର୍ଥ

ଶ୍ରୀମଦ୍ ଭାଗବତମ୍‌ର ତୃତୀୟ ସ୍କନ୍ଧରେ କୁହାଯାଇଅଛି ଯେ ଯେଉଁମାନେ ଇହଲୋକରେ ଅତି ଦକ୍ଷ କର୍ମୀ ହୋଇଥା'ନ୍ତି ଏବଂ ବେଦର କର୍ମକାଣ୍ଡ ଅନୁସରଣ କରି ଯଜ୍ଞକର୍ମ କରନ୍ତି,

ସେମାନେ ମୃତ୍ୟୁପରେ ଚନ୍ଦ୍ରଲୋକ ପ୍ରାପ୍ତ ହୁଅନ୍ତି । ଏଇ ଉନ୍ନତ ଜୀବାତ୍ମାଗଣ ଚନ୍ଦ୍ରଲୋକରେ ପ୍ରାୟ ୧୦,୦୦୦ବର୍ଷ (ସେ ଲୋକର ଗଣନାନୁଯାୟୀ) ବାସ କରନ୍ତି ଏବଂ ସୋମରସ ପାନକରି ଜୀବନକୁ ଉପଭୋଗ କରନ୍ତି । ଶେଷରେ ସେମାନେ ଏ ପୃଥିବୀକୁ ଫେରି ଆସନ୍ତି । ଏଥିରୁ ଜଣାଯାଉଛି ଯେ ଚନ୍ଦ୍ରଲୋକରେ ଉନ୍ନତ ଧରଣର ଜୀବ ଅଛନ୍ତି, ଯଦିଓ ସେମାନଙ୍କୁ ଆମ୍ଭେମାନେ ଭୌତିକ ଇନ୍ଦ୍ରିୟ ସାହାଯ୍ୟରେ ଦେଖି ପାରୁ ନାହୁଁ ।

## ଶ୍ଳୋକ - ୨୬

**ଶୁକ୍ଳକୃଷ୍ଣେ ଗତୀ ହ୍ୟେତେ ଜଗତଃ ଶାଶ୍ୱତେ ମତେ ।**
**ଏକୟା ଯାତ୍ୟନାବୃତ୍ତିମନ୍ୟୟାବର୍ତତେ ପୁନଃ ।।୨୬।।**

## ଶବ୍ଦାନୁବାଦ

ଶୁକ୍ଳ=ଆଲୋକ; କୃଷ୍ଣେ=ଅନ୍ଧକାର; ଗତୀ=ଇହଲୋକ ତ୍ୟାଗ; ହି=ନିଶ୍ଚିତରୂପେ; ଏତେ=ଏସବୁ; ଜଗତଃ=ଭୌତିକ ଜଗତର; ଶାଶ୍ୱତେ=ବେଦ ସବୁ; ମତେ=ମତରେ; ଏକୟା=ଏକ ଦ୍ୱାରା; ଯାତି=ଯାଏ; ଅନାବୃତ୍ତିମ୍=ପ୍ରତ୍ୟାବର୍ତ୍ତନ ନାହିଁ; ଅନ୍ୟୟା= ଅନ୍ୟଟିଦ୍ୱାରା; ଆବର୍ତତେ=ପ୍ରତ୍ୟାବର୍ତ୍ତନ କରେ; ପୁନଃ=ପୁଣି ।

## ଅନୁବାଦ

**ବୈଦିକ ମତାନୁଯାୟୀ ଇହଜଗତ ତ୍ୟାଗ କରିବାର ଦୁଇଟି ମାର୍ଗ ଅଛି– ଗୋଟିଏ ହେଉଛି ଆଲୋକରେ, ଆଉ ଗୋଟିଏ ହେଉଛି ଅନ୍ଧକାରରେ । ଯେତେବେଳେ ବ୍ୟକ୍ତି ଆଲୋକରେ ଇହଲୋକ ତ୍ୟାଗ କରେ, ସେ ଆଉ ପ୍ରତ୍ୟାବର୍ତ୍ତନ କରେ ନାହିଁ, କିନ୍ତୁ ଯେତେବେଳେ ବ୍ୟକ୍ତି ଅନ୍ଧକାରରେ ଇହଲୋକ ତ୍ୟାଗ କରେ, ସେ ପ୍ରତ୍ୟାବର୍ତ୍ତନ କରେ ।**

## ଭାବାର୍ଥ

ପ୍ରସ୍ଥାନ ଓ ପ୍ରତ୍ୟାବର୍ତ୍ତନର ସେଇ ଏକ ପ୍ରକାର ବିବରଣ ଛାନ୍ଦୋଗ୍ୟ ଉପନିଷଦରୁ ଆଚାର୍ଯ୍ୟ ବଳଦେବ ବିଦ୍ୟାଭୂଷଣଙ୍କ ଦ୍ୱାରା ଉଦ୍ଧୃତ ହୋଇଅଛି । ଏହି ପ୍ରକାରେ ଯେଉଁମାନେ ଅନନ୍ତ କାଳରୁ ସକାମ କର୍ମଯୋଗୀ ଓ ଜ୍ଞାନଯୋଗୀ ଅଟନ୍ତି, ସେମାନେ ବାରମ୍ବାର ଯିବା ଆସିବା କରୁଛନ୍ତି, ଅର୍ଥାତ୍ ସେମାନେ ବାରମ୍ବାର ଏ ପୃଥିବୀକୁ ଆସୁଛନ୍ତି ଓ ଯାଉଛନ୍ତି । ବାସ୍ତବରେ ସେମାନେ ଅନ୍ତିମ ମୁକ୍ତି ପ୍ରାପ୍ତ ହେଉ ନାହାନ୍ତି; କାରଣ ସେମାନେ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହୋଇନାହାନ୍ତି ।

## ଶ୍ଳୋକ - ୨୭

**ନୈତେ ସୃତୀ ପାର୍ଥ ଜାନନ୍ ଯୋଗୀ ମୁହ୍ୟତି କଶ୍ଚନ ।**
**ତସ୍ମାତ୍ସର୍ବେଷୁ କାଳେଷୁ ଯୋଗଯୁକ୍ତୋ ଭବାର୍ଜୁନ ।।୨୭।।**

## ଶବ୍ଦାନୁବାଦ

ନ=କଦାପି ନୁହେଁ; ଏତେ=ଏସବୁ; ସୃତୀ=ବିଭିନ୍ନ ପନ୍ଥା; ପାର୍ଥ=ହେ ପୃଥାପୁତ୍ର; ଜାନନ୍=ଯଦିଓ ସେମାନେ ଜାଣନ୍ତି; ଯୋଗୀ=ଭଗବାନ୍ଙ୍କର ଭକ୍ତ; ମୁହ୍ୟତି=ମୁହ୍ୟମାନ ହୁଏ;

କଶ୍ଚନ=ଯେ କୌଣସି ବ୍ୟକ୍ତି; ତସ୍ମାତ୍=ତେଣୁ; ସର୍ବେଷୁ କାଳେଷୁ=ସର୍ବଦା; ଯୋଗ-ଯୁକ୍ତଃ=କୃଷ୍ଣଚେତନାରେ ଲାଗିରହି; ଭବ=ହୁଅ; ଅର୍ଜୁନ=ହେ ଅର୍ଜୁନ !

## ଅନୁବାଦ

**ଯେଉଁ ଭକ୍ତମାନେ ଏ ଦୁଇଟି ମାର୍ଗ ଜାଣନ୍ତି ସେମାନେ କଦାପି ବିଚଳିତ ହୁଅନ୍ତି ନାହିଁ। ତେଣୁ ସର୍ବଦା ଭକ୍ତିଯୋଗରେ ସ୍ଥିର ରୁହ।**

## ଭାବାର୍ଥ

ଏଠାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେଉଛନ୍ତି ଯେ ଆତ୍ମା ଇହଜଗତ ତ୍ୟାଗ କଲାବେଳେ ଯେଉଁ ବିଭିନ୍ନ ମାର୍ଗ ଗ୍ରହଣ କରେ ସେସବୁ ବିଷୟରେ ସେ ଚିନ୍ତିତ ହେବା ଉଚିତ୍ ନୁହେଁ । ଯେ ଭଗବାନଙ୍କର ଭକ୍ତ ସେ କଦାପି ବିଚଳିତ ହୁଏ ନାହିଁ– ବ୍ୟବସ୍ଥାନୁଯାୟୀ ହେଉ ବା ଆକସ୍ମିକ ଭାବରେ ହେଉ–ଯେ କୌଣସି ଭାବରେ ସେ ଇହଜଗତ ତ୍ୟାଗ କଲେବି ସେ କଦାପି ବିଚଳିତ ହେବା ଉଚିତ୍ ନୁହେଁ । ଭକ୍ତ ଦୃଢ଼ଭାବରେ କୃଷ୍ଣଭାବନାରେ ସ୍ଥିର ରହି ହରେକୃଷ୍ଣ ମନ୍ତ୍ର ଜପ କରିବା ଉଚିତ୍ । ସେ ଏହା ଜାଣିବା ଉଚତ୍ ଯେ ଏ ଦୁଇଟି ମାର୍ଗମଧ୍ୟରୁ ଯେ କୌଣସି ମାର୍ଗ ବିପଜ୍ଜନକ ଅଟେ । ସର୍ବଦା କୃଷ୍ଣଚେତନାରେ ମଗ୍ନ ହେବାର ଉତ୍ତମ ପନ୍ଥା ହେଉଛି, ସର୍ବଦା କୃଷ୍ଣସେବାରେ ନିଯୁକ୍ତ ରହିବା । ଏତଦ୍ଦ୍ୱାରା ବ୍ୟକ୍ତିର ଚିଦ୍ ଜଗତରେ ପ୍ରବେଶ କରିବାର ମାର୍ଗ ସରଳ, ନିରାପଦ ଓ ସୁନିଶ୍ଚିତ ଅଟେ । ଏ ଶ୍ଲୋକରେ ବ୍ୟବହୃତ ‘‘ଯୋଗ-ଯୁକ୍ତ’ ଶବ୍ଦ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ । ଯେ ଯୋଗଯୁକ୍ତ ଅଟେ ଅର୍ଥାତ୍ ଅବିଚଳିତ ଭାବରେ ବରାବର ଭଗବାନଙ୍କଠାରେ ଯୁକ୍ତ ହୋଇଅଛି, ସେ ବରାବର କୃଷ୍ଣଚେତନଶୀଳ ହୋଇ ସମସ୍ତ କର୍ମ କରେ । ଶ୍ରୀରୂପ ଗୋସ୍ୱାମୀ କହିଛନ୍ତି, ବ୍ୟକ୍ତି ଏ ଭୌତିକ ଜଗତରେ ଅନାସକ୍ତ ଭାବରେ ରହିବା ଉଚିତ୍ ଏବଂ ସେ ତା’ର ସମସ୍ତ କର୍ମ କୃଷ୍ଣଚେତନଶୀଳ ହୋଇ କରିବା ଉଚିତ୍ । ଏହି ପ୍ରକାରେ ସେ ଜୀବନରେ ପୂର୍ଣ୍ଣତା ଲାଭ କରିବ । ତେଣୁ ଭକ୍ତ କଦାପି ଏସବୁ ବର୍ଣ୍ଣନାରେ ବିଚଳିତ ହୁଏ ନାହିଁ; କାରଣ ସେ ଜାଣିଛି ଯେ ଭକ୍ତିଯୋଗ ମାର୍ଗରେ ତା’ର ପରମ ଧାମ ଯାତ୍ରା ନିଶ୍ଚିତ ଅଟେ ।

## ଶ୍ଲୋକ - ୨୮

**ବେଦେଷୁ ଯଜ୍ଞେଷୁ ତପଃସୁ ଚୈବ**
**ଦାନେଷୁ ଯତ୍ପୁଣ୍ୟଫଳଂ ପ୍ରଦିଷ୍ଟମ୍ ।**
**ଅତ୍ୟେତି ତତ୍ସର୍ବମିଦଂ ବିଦିତ୍ୱା**
**ଯୋଗୀ ପରଂ ସ୍ଥାନମୁପୈତି ଚାଦ୍ୟମ୍ ।। ୨୮ ।।**

## ଶବ୍ଦାନୁବାଦ

ବେଦେଷୁ=ବେଦାଧ୍ୟୟନରେ; ଯଜ୍ଞେଷୁ=ଯଜ୍ଞାନୁଷ୍ଠାନରେ; ତପଃସୁ=ବିଭିନ୍ନ ପ୍ରକାର ବ୍ରତବିଧି ସାଧନାରେ; ଚ=ମଧ୍ୟ; ଏବ=ନିଶ୍ଚିତଭାବରେ; ଦାନେଷୁ=ଦାନ କରିବାରେ; ଯତ୍=ଯେଉଁ; ପୁଣ୍ୟ-ଫଳମ୍=ପୁଣ୍ୟକର୍ମର ଫଳ; ପ୍ରଦିଷ୍ଟମ୍=ନିର୍ଦ୍ଦେଶିତ; ଅତ୍ୟେତି= ଅତିକ୍ରମ କରିଯାଏ;

ତତ୍=ସେସବୁ; ସର୍ବମ୍ ଇଦମ୍=ଯାହାସବୁ ଉପରେ କୁହାଯାଇଛି; ବିଦିତ୍ୱା=ଜାଣି; ଯୋଗୀ=ଭକ୍ତ; ପରମ୍=ପରମ; ସ୍ଥାନମ୍=ସ୍ଥାନ; ଉପୈତି=ପ୍ରାପ୍ତହୁଏ; ଚ=ମଧ୍ୟ; ଆଦ୍ୟମ୍=ମୌଳିକ ।

## ଅନୁବାଦ

**ଯେଉଁ ବ୍ୟକ୍ତି ଭକ୍ତିଯୋଗ ମାର୍ଗ ଅବଲମ୍ବନ କରେ, ସେ ବେଦାଧ୍ୟୟନର ଫଳ, ଦୃଢ଼ ବ୍ରତବିଧି ଆଦି ଯଜ୍ଞାନୁଷ୍ଠାନର ଫଳ, ଦାନ କରିବାର ଫଳ କିମ୍ବା ଚିନ୍ତା କରିବା ଏବଂ ସକାମ କର୍ମର ଫଳରୁ ବଞ୍ଚିତ ହୁଏ ନାହିଁ। ଶେଷରେ ସେ ପରମ ଧାମ ପ୍ରାପ୍ତ ହୁଏ।**

## ଭାବାର୍ଥ

ଏ ଶ୍ଲୋକ ସପ୍ତମ ଓ ଅଷ୍ଟମ ଅଧ୍ୟାୟରେ ବର୍ଣ୍ଣିତ ବିଷୟର ସାରାଂଶର ସମାହାର ଅଟେ; ବିଶେଷତଃ କୃଷ୍ଣଭାବନା ଓ ଭକ୍ତିଯୋଗ ସମ୍ବନ୍ଧୀୟ ଅଧ୍ୟାୟମାନଙ୍କର ସାରାଂଶ ଅଟେ। ଶିଷ୍ୟଙ୍କୁ ଗୁରୁଙ୍କ ଅଧୀନରେ ରହି ତାଙ୍କ ନିର୍ଦ୍ଦେଶମତେ ବେଦାଧ୍ୟୟନ କରିବାକୁ ହୁଏ ଏବଂ ସେ ଯେତେବେଳେ ଗୁରୁ ଆଶ୍ରମରେ ଶ୍ରୀଗୁରୁଙ୍କ ଅଧୀନରେ ଥାଏ, ସେତେବେଳେ ତାକୁ ଦୃଢ଼ ବ୍ରତବିଧି ପାଳନ କରିବାକୁ ହୁଏ ଏବଂ ତପଃସାଧନ କରିବାକୁ ହୁଏ । ବ୍ରହ୍ମଚାରୀକୁ ଗୁରୁଗୃହରେ ଏକ ଭୃତ୍ୟ ସଦୃଶ ବାସ କରିବାକୁ ହୁଏ । ତାକୁ ଦ୍ୱାର ଦ୍ୱାର ବୁଲି ଭିକ୍ଷା ମାଗିବାକୁ ହୁଏ ଏବଂ ଗୁରୁଙ୍କ ନିକଟକୁ ଆସିବାକୁ ପଡ଼େ । ଗୁରୁଙ୍କ ଆଦେଶରେ ତାକୁ ଖାଦ୍ୟ ଗ୍ରହଣ କରିବାକୁ ପଡ଼େ । ଯଦି କୌଣସି କାରଣ ବଶତଃ ଗୁରୁ କୌଣସି ଦିନ ଶିଷ୍ୟକୁ ଖାଦ୍ୟ ଗ୍ରହଣ କରିବାକୁ ନ କୁହନ୍ତି, ତେବେ ତାକୁ ସେଦିନ ଉପବାସ କରିବାକୁ ହୁଏ । ବ୍ରହ୍ମଚର୍ଯ୍ୟ ଆଚରଣ କରିବା ନିମିତ୍ତ ଏଗୁଡ଼ିକ ହେଉଛି କେତେକ ବୈଦିକ ନୀତି ।

ଶିଷ୍ୟକୁ ଗୁରୁଙ୍କ ଅଧୀନରେ ପାଞ୍ଚବର୍ଷ ଠାରୁ କୋଡ଼ିଏ ବର୍ଷକାଳ ପର୍ଯ୍ୟନ୍ତ ରହି ବେଦାଧ୍ୟୟନ କରିବାପରେ; ସେ ଏକ ସୁଚରିତ୍ରସଂପନ୍ନ ବ୍ୟକ୍ତି ହୋଇପାରେ । ବେଦାଧ୍ୟୟନ ମାନେ– ଭୋଗୀ ଦାର୍ଶନିକମାନଙ୍କର ଅବକାଶ ବିନୋଦନ ନୁହେଁ; ଏହା ଚରିତ୍ର ଗଠନ ନିମନ୍ତେ ଉଦ୍ଦିଷ୍ଟ ଅଟେ । ଏ ତାଲିମକାଳ ପରେ ବ୍ରହ୍ମଚାରୀକୁ ବିବାହ କରି ଗୃହସ୍ଥ ଜୀବନଯାପନ କରିବାକୁ ଅନୁମତି ମିଳେ । ଯେତେ ଦିନ ପର୍ଯ୍ୟନ୍ତ ସେ ଗୃହସ୍ଥାଶ୍ରମରେ ଥାଏ, ସେତେ ଦିନ ପର୍ଯ୍ୟନ୍ତ ତାକୁ ବିଭିନ୍ନ ଯଜ୍ଞାନୁଷ୍ଠାନ କରିବାକୁ ପଡ଼େ ଏବଂ ଆଧ୍ୟାତ୍ମିକତା ଦିଗରେ ଅଧିକ ଆଲୋକ ପ୍ରାପ୍ତ ହେବାକୁ ଯତ୍ନଶୀଳ ହେବାକୁ ପଡ଼େ । ତପରେ ଗୃହସ୍ଥାଶ୍ରମରୁ ବିଦାୟ ନେଇ ତାକୁ ବାନପ୍ରସ୍ଥ ଜୀବନ ଗ୍ରହଣ କରିବାକୁ ପଡ଼େ । ସେ ସମୟରେ ତାକୁ ବଣରେ ରହି, ବଲ୍‌କଳ ପରିଧାନ କରି, କ୍ଷୌର ନ ହୋଇ କଠିନ ତପଃସାଧନ କରିବାକୁ ପଡ଼େ । ବ୍ରହ୍ମଚର୍ଯ୍ୟାଶ୍ରମ, ଗୃହସ୍ଥାଶ୍ରମ, ବାନପ୍ରସ୍ଥାଶ୍ରମ ଏବଂ ଶେଷରେ ସନ୍ନ୍ୟାସାଶ୍ରମ ଗ୍ରହଣ କରି ବ୍ୟକ୍ତି ଜୀବନରେ ପୂର୍ଣ୍ଣତା ପ୍ରାପ୍ତିର ସ୍ତରକୁ ଉନ୍ନୀତ ହୁଏ । କେତେକ ସ୍ୱର୍ଗଲୋକକୁ ଉନ୍ନୀତ ହୁଅନ୍ତି ଏବଂ ଯେତେବେଳେ ସେମାନେ ଅଧିକ ଅଗ୍ରଗତି କରନ୍ତି, ସେତେବେଳେ ସେମାନେ ପରବ୍ୟୋମରେ ନିର୍ବିଶେଷ ବ୍ରହ୍ମଜ୍ୟୋତିରେ ପ୍ରବେଶ କରି କିମ୍ବା ବୈକୁଣ୍ଠ ଲୋକମାନଙ୍କରେ ପ୍ରବେଶ କରି କିମ୍ବା କୃଷ୍ଣ ଲୋକରେ ପ୍ରବେଶ କରି ମୁକ୍ତିଲାଭ କରନ୍ତି । ବୈଦିକ ସାହିତ୍ୟମାନଙ୍କରେ ଏଇ ମାର୍ଗ ନିର୍ଦ୍ଦେଶିତ ହୋଇଅଛି ।

କୃଷ୍ଣଚେତନା ବିଧିର ବିଶେଷତ୍ୱ ବା ସୌନ୍ଦର୍ଯ୍ୟ ହେଲା ଏକ ଘାତରେ, ଅର୍ଥାତ୍– କୃଷ୍ଣଙ୍କର ଭକ୍ତିପୂର୍ଣ୍ଣ ସେବାରେ ନିଯୁକ୍ତ ହେଲେ ବ୍ୟକ୍ତି ବିଭିନ୍ନ ଆଶ୍ରମ ଜୀବନଧାରାକୁ ଅତିକ୍ରମ କରିଯାଏ।

ଭଗବଦ୍ ଗୀତାର ଏ ସପ୍ତମ ଓ ଅଷ୍ଟମ ଅଧ୍ୟାୟକୁ କେହି ନିଜର ପାଣ୍ଡିତ୍ୟ ବା ବିଦ୍‌ବତ୍ତା ବଳରେ କିମ୍ବା ନିଜର ଦାର୍ଶନିକ ଚିନ୍ତାଧାରା ବଳରେ ବୁଝିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ । ଏହାକୁ ଶୁଦ୍ଧଭକ୍ତଙ୍କ ମେଳରେ ଉପଯୁକ୍ତ ଆଚାର୍ଯ୍ୟଙ୍କ ଠାରୁ ଶ୍ରବଣ କରି ବୁଝିବାକୁ ଚେଷ୍ଟା କରିବା ଉଚିତ୍ ।ଷଷ୍ଠ ଅଧ୍ୟାୟଠାରୁ ଦ୍ୱାଦଶ ଅଧ୍ୟାୟ ପର୍ଯ୍ୟନ୍ତ ଏ ଛ' ଅଧ୍ୟାୟ ଗୀତାର ସାର ଅଟେ ।ଯଦି କୌଣସି ବ୍ୟକ୍ତି ଭାଗ୍ୟବାନ୍ ହୋଇଥାଏ, ତେବେ ସେ ଭକ୍ତମେଳରେ ଗୀତାକୁ, ବିଶେଷତଃ ଏ ମଧ୍ୟବର୍ତ୍ତୀ 'ଛ' ଅଧ୍ୟାୟକୁ ବୁଝି ପାରେ, ତାହାହେଲେ ତା'ର ଜୀବନ ସାଙ୍ଗେ ସାଙ୍ଗେ ଗୌରବାନ୍ୱିତ ହୁଏ ।ସେ ଅବସ୍ଥାରେ ସେ ସମସ୍ତ ତପସ୍ୟାର ଫଳ, ଦାନ ତଥା ଯଜ୍ଞକର୍ମର ଫଳ ଓ ଦାର୍ଶନିକ ଚିନ୍ତାଧାରାର ଫଳକୁ ଅତିକ୍ରମ କରିଯାଏ ।ବ୍ୟକ୍ତିକୁ ଭକ୍ତଙ୍କଠାରୁ ଗୀତା ଶ୍ରବଣ କରିବାକୁ ହେବ, କାରଣ ଚତୁର୍ଥ ଅଧ୍ୟାୟର ଆରମ୍ଭରେ କୁହାଯାଇଅଛି ଯେ ଗୀତାକୁ କେବଳ ଭକ୍ତମାନେ ହିଁ ଭଲରକମ ବୁଝି ପାରନ୍ତି ।ଭକ୍ତଙ୍କଠାରୁ ଗୀତା ଶ୍ରବଣ କରିବା– ମାନସିକ ଚିନ୍ତା କରୁଥିବା ଦାର୍ଶନିକମାନଙ୍କଠାରୁ ଗୀତା ଶ୍ରବଣ କରିବା ଏକାକଥା ନୁହେଁ–ଏହାକୁ ବିଶ୍ୱାସ ବା ଶ୍ରଦ୍ଧା କୁହାଯାଏ।ଭକ୍ତଙ୍କ ସଙ୍ଗଲାଭ କଲେ ବ୍ୟକ୍ତି ଭକ୍ତିଯୋଗ ମାର୍ଗକୁ ଆସେ ଏବଂ କୃଷ୍ଣ ସେବାରତ ହୁଏ; ଫଳରେ ଶ୍ରୀକୃଷ୍ଣଙ୍କର ଦିବ୍ୟଲୀଳା, କର୍ମ, ଆକାର ଏବଂ ନାମ ଆଦି ବୁଝିବାକୁ ସେ ସକ୍ଷମ ହୁଏ, ଅର୍ଥାତ୍–ଏ ସବୁ ତା' ସମକ୍ଷରେ ପରିଷ୍ଫୁଟ ହୋଇଯାଏ ଏବଂ ସମସ୍ତ ଅଜ୍ଞାନ ଅନ୍ଧକାର ଦୂରେଇ ଯାଏ ।ଥରେ ସନ୍ଦେହ ଦୂର ହୋଇଗଲେ, ଗୀତାପାଠ ଅତ୍ୟନ୍ତ ଆନନ୍ଦଦାୟକ ହୁଏ ଏବଂ ବ୍ୟକ୍ତିର କୃଷ୍ଣଙ୍କ ପ୍ରତି ସ୍ୱାଭାବିକ ପ୍ରେମ ଓ ରୁଚି ଜାତ ହୁଏ।ପରିପକ୍ୱ ଅବସ୍ଥାରେ ବ୍ୟକ୍ତି ପୂର୍ଣ୍ଣ କୃଷ୍ଣପ୍ରେମରେ ମଜ୍ଜିଯାଏ।ଏହା ଜୀବନରେ ସର୍ବୋଚ୍ଚ ସିଦ୍ଧିଲାଭର ପ୍ରାରମ୍ଭ ଅଟେ।ଏତଦ୍ୱାରା ଭକ୍ତ ପରବ୍ୟୋମରେ ଥିବା ସର୍ବୋଚ୍ଚ ଲୋକ କୃଷ୍ଣଲୋକ ବା ଗୋଲୋକ ବୃନ୍ଦାବନକୁ ଯିବାକୁ ନିଜକୁ ପ୍ରସ୍ତୁତ କରେ।ଭକ୍ତ ସେଠାରେ ପ୍ରବେଶ କଲେ ଶାଶ୍ୱତ ଶାନ୍ତି ଓ ସୁଖଲାଭ କରେ।

**ଭକ୍ତି ବେଦାନ୍ତ ଭାଷ୍ୟର ଶ୍ରୀମଦ୍ ଭଗବଦ୍ ଗୀତାର ''ଅକ୍ଷରବ୍ରହ୍ମଯୋଗ'' ଶୀର୍ଷକ ଅଷ୍ଟମ ଅଧ୍ୟାୟ ଶେଷ ହେଲା।**

—o—

# ନବମ ଅଧ୍ୟାୟ

# ରାଜବିଦ୍ୟା-ରାଜଗୁହ୍ୟଯୋଗ

## (ପରମ ଗୋପନୀୟ ଜ୍ଞାନ)

### ଶ୍ଳୋକ - ୧

**ଶ୍ରୀଭଗବାନୁବାଚ**

**ଇଦଂ ତୁ ତେ ଗୁହ୍ୟତମଂ ପ୍ରବକ୍ଷ୍ୟାମ୍ୟନସୂୟବେ ।**
**ଜ୍ଞାନଂ ବିଜ୍ଞାନସହିତଂ ଯଜ୍‌ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ ।।୧।।**

### ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ପରମପୁରୁଷ ଭଗବାନ୍ କହିଲେ; ଇଦମ୍=ଏହା; ତୁ=କିନ୍ତୁ; ତେ=ତୁମକୁ; ଗୁହ୍ୟତମମ୍=ଅତ୍ୟନ୍ତ ଗୁପ୍ତ; ପ୍ରବକ୍ଷ୍ୟାମି=ମୁଁ କହୁଛି; ଅନସୂୟବେ=ଯେଉଁମାନେ ଈର୍ଷାଳୁ ନୁହନ୍ତି ସେଇମାନଙ୍କୁ; ଜ୍ଞାନମ୍=ଜ୍ଞାନ; ବିଜ୍ଞାନ=ଅନୁଭୂତ ଜ୍ଞାନ; ସହିତମ୍=ସହିତ; ଯତ୍=ଯାହା; ଜ୍ଞାତ୍ୱା=ଜାଣି; ମୋକ୍ଷସେ=ମୁକ୍ତ ହେବ; ଅଶୁଭାତ୍=ଏହି ଦୁଃଖଦାୟକ ଭୌତିକ ସ୍ଥିତିରୁ (ଅର୍ଥାତ୍ ସଂସାରରୁ) ।

### ଅନୁବାଦ

ଭଗବାନ୍ କହିଲେ, ''ହେ ପ୍ରିୟ ଅର୍ଜୁନ, ଯେହେତୁ ତୁମେ ମୋ ପ୍ରତି ଈର୍ଷାପରାୟଣ ନୁହଁ, ତେଣୁ ମୁଁ ତୁମକୁ ଅତ୍ୟନ୍ତ ଗୁପ୍ତଜ୍ଞାନ ପ୍ରଦାନ କରିବି, ଯାହାକୁ ପ୍ରାପ୍ତ ହେଲେ ତୁମେ ଏ ଦୁଃଖଦାୟକ ଭୌତିକ ସ୍ଥିତିରୁ ମୁକ୍ତ ହେବ ।''

## ଭାବାର୍ଥ

ଭକ୍ତ ଭଗବାନଙ୍କ ସମ୍ବନ୍ଧରେ ଯେ ଯେତେ ଅଧିକ ଶୁଣିବ, ସେ ସେତେ ଅଧିକ ଆଲୋକ ପ୍ରାପ୍ତ ହେବ । ଏ ପ୍ରକାର ଶ୍ରବଣ ବିଧି ଶ୍ରୀମଦ୍ ଭାଗବତମ୍‌ରେ ମଧ୍ୟ ଅନୁମୋଦିତ ହୋଇଅଛି –''ପରମପୁରୁଷ ଭଗବାନଙ୍କର ବାଣୀ ଅତ୍ୟନ୍ତ ଶକ୍ତିପୂର୍ଣ୍ଣ ଏବଂ ଯେତେବେଳେ ଭଗବାନଙ୍କ ସମ୍ବନ୍ଧୀୟ ଏହି ବାଣୀ ବା କଥା ଭକ୍ତମାନଙ୍କ ମଧ୍ୟରେ ଆଲୋଚିତ ହୁଏ, ସେତେବେଳେ ଏ ଶକ୍ତିକୁ ତୁମ୍ଭେମାନେ ଅନୁଭବ କରିପାରିବ । ଦାର୍ଶନିକ ଚିନ୍ତାଧାରାରେ ମଗ୍ନ ଥିବା ଭାବୁକ କିମ୍ବା ଶାସ୍ତ୍ରଜ୍ଞ ପଣ୍ଡିତ ମେଳରେ ତୁମେ ଏହା ଅନୁଭବ କରି ପାରିବ ନାହିଁ, କାରଣ ଏହା ଅନୁଭୂତ ଜ୍ଞାନ ଅଟେ ।''

ଭକ୍ତଗଣ ବରାବର ଭଗବାନଙ୍କ ସେବାରେ ନିଯୁକ୍ତ ଥା'ନ୍ତି । ଯେଉଁ ବ୍ୟକ୍ତି କୃଷ୍ଣଭାବନାରେ ମଗ୍ନ ଥାଏ, ଭଗବାନ୍ ତା' ମନୋବୃତ୍ତି ଓ ନିଷ୍ଠାକୁ ଜାଣିପାରନ୍ତି ଏବଂ ସେହି ଅନୁଯାୟୀ ଭକ୍ତମେଳରେ କୃଷ୍ଣ-ବିଜ୍ଞାନକୁ ବୁଝିବା ନିମିତ୍ତ ତାକୁ ବୁଦ୍ଧି ଦିଅନ୍ତି । ଶ୍ରୀକୃଷ୍ଣଙ୍କ ସମ୍ବନ୍ଧୀୟ ଆଲୋଚନା ଅତ୍ୟନ୍ତ ଶକ୍ତିଶାଳୀ ଅଟେ, ଯଦି କୌଣସି ଭାଗ୍ୟବାନ୍ ବ୍ୟକ୍ତି ଏ ପ୍ରକାର ସଙ୍ଗଲାଭ କରେ ଏବଂ ଏ ଜ୍ଞାନ ବୁଝିବାକୁ ପ୍ରଯତ୍ନଶୀଳ ହୁଏ, ସେ ନିଶ୍ଚୟ ଆଧ୍ୟାତ୍ମିକ ଅନୁଭୂତି ଲାଭ କରିବା ଦିଗରେ ଅଗ୍ରଗତି କରିବ । ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତାଙ୍କର ଶକ୍ତିଶାଳୀ ସେବାରେ ଅଧିକ ଉନ୍ନତି କରିବା ଦିଗରେ ପ୍ରେରଣା ଦେବା ନିମିତ୍ତ ଏ ନବମ ଅଧ୍ୟାୟରେ ଯେଉଁ ଗୁପ୍ତଜ୍ଞାନର ବର୍ଣ୍ଣନା କରିଛନ୍ତି, ତାହା ଆଗରୁ କରି ନାହାନ୍ତି ।

ଭଗବଦ୍ ଗୀତାର ପ୍ରାରମ୍ଭ, ପ୍ରଥମ ଅଧ୍ୟାୟ, ଅଳ୍ପବହୁତେ ପୁସ୍ତକର ମୁଖବନ୍ଧ ସଦୃଶ ଅଟେ । ଦ୍ୱିତୀୟ ଓ ତୃତୀୟ ଅଧ୍ୟାୟରେ ଯେଉଁ ଆତ୍ମଜ୍ଞାନର ବିବରଣ ଦିଆଯାଇଅଛି ତାହା ଗୁପ୍ତଜ୍ଞାନ ଅଟେ । ସପ୍ତମ ଓ ଅଷ୍ଟମ ଅଧ୍ୟାୟରେ ଯେଉଁ ବିଷୟର ବର୍ଣ୍ଣନା ଦିଆଯାଇଅଛି, ତାହା ବିଶେଷକରି ଭକ୍ତିଯୋଗ ସମ୍ବନ୍ଧୀୟ ଅଟେ । ଯେହେତୁ ସେ ବର୍ଣ୍ଣନାଗୁଡ଼ିକ କୃଷ୍ଣଭାବନା ସମ୍ବନ୍ଧରେ ଅଧିକ ଆଲୋକପାତ କରେ, ତେଣୁ ସେଗୁଡ଼ିକୁ ଗୁପ୍ତତର ବୋଲି କୁହାଯାଉଅଛି । କିନ୍ତୁ ଯେଉଁ ବିଷୟ ଏ ନବମ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି, ତାହା ଶୁଦ୍ଧ ଅନନ୍ୟ ଭକ୍ତି ସମ୍ବନ୍ଧୀୟ ଅଟେ । ତେଣୁ ଏହାକୁ ଗୁପ୍ତତମ ବୋଲି କୁହାଯାଏ । ଯେ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧୀୟ ଗୁପ୍ତତମ ଜ୍ଞାନ ଲାଭ କରିଥାଏ, ସେ ସ୍ୱଭାବତଃ ଦିବ୍ୟସ୍ତରରେ ଅବସ୍ଥାନ କରୁଥାଏ । ତେଣୁ ସେ ଭୌତିକ ଜଗତରେ ଥିଲେ ସୁଦ୍ଧା ଭୌତିକ ଦୁଃଖଯନ୍ତ୍ରଣାରେ ଅଭିଭୂତ ହୁଏନାହିଁ । ଭକ୍ତିରସାମୃତସିନ୍ଧୁରେ କୁହାଯାଇଛି ଯେ ଯେଉଁ ବ୍ୟକ୍ତିର ଭଗବାନଙ୍କର ସେବାରେ ନିଯୁକ୍ତ ହେବାକୁ ଅତ୍ୟନ୍ତ ଆଗ୍ରହ ଓ ନିଷ୍ଠା ଥାଏ, ସେ ବ୍ୟକ୍ତି ଭୌତିକ ଜଗତରେ ବଦ୍ଧାବସ୍ଥାରେ ଥିଲେ ସୁଦ୍ଧା, ସେ ମୁକ୍ତ ବୋଲି ବିବେଚିତ ହୁଏ । ଠିକ୍ ସେହିପରି ଆମେ ଭଗବଦ୍ ଗୀତାର ଦଶମ ଅଧ୍ୟାୟରେ ଏଇ କଥା ପାଇବା ଯେ ଯେଉଁବ୍ୟକ୍ତି ଏ ପ୍ରକାରେ (କୃଷ୍ଣସେବାରେ) ନିଯୁକ୍ତ ଥାଏ, ସେ ମୁକ୍ତ ପୁରୁଷ ଅଟେ ।

ଏ ପ୍ରଥମ ଶ୍ଳୋକର ଖୁବ୍ ଗୁରୁତ୍ୱ ଅଛି, 'ଇଦଂ-ଜ୍ଞାନଂ' ଏହି ଜ୍ଞାନ କହିଲେ ଏଠାରେ ଶୁଦ୍ଧ ଭକ୍ତିକୁ ବୁଝାଏ, ଯାହା ନବଧା ଭକ୍ତି ନାମରେ ପରିଚିତ–ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବନ,

ପୂଜନ, ବନ୍ଦନ, ଦାସ୍ୟମ୍, (ଦାସଭାବରେ ଆଜ୍ଞାନୁବର୍ତ୍ତିତା), ସଖ୍ୟମ୍ (ଭଗବାନଙ୍କର ସଖା ବା ବନ୍ଧୁଭାବରେ କାର୍ଯ୍ୟ କରିବା) ଏବଂ ଆତ୍ମନିବେଦନଂ (ସଂପୂର୍ଣ୍ଣ ଶରଣାଗତି) ଅଟେ । ଏ ନବଧା ଭକ୍ତି ଅଭ୍ୟାସ କଲେ ବ୍ୟକ୍ତି ଆଧ୍ୟାତ୍ମିକ ଚେତନା ବା କୃଷ୍ଣଚେତନା ସ୍ତରକୁ ଉନ୍ନୀତ ହୁଏ । ଯେତେବେଳେ ବ୍ୟକ୍ତିର ହୃଦୟରୁ ଭୌତିକତା ଦୋଷ ଦୂର ହୋଇଯାଏ, ଅର୍ଥାତ୍ ହୃଦୟ ବିଶୁଦ୍ଧ ହୋଇଯାଏ, ସେତେବେଳେ ସେ ଏ କୃଷ୍ଣବିଜ୍ଞାନ ବୁଝିପାରେ । ଜୀବ ଭୌତିକ ନୁହେଁ– କେବଳ ଏତିକି ବୁଝିଲେ ଯଥେଷ୍ଟ ହେଲାନାହିଁ । ଏହା ଆଧ୍ୟାତ୍ମିକ ଅନୁଭୂତିର ପ୍ରାରମ୍ଭିକ ଅନୁଭୂତି ହୋଇପାରେ, କିନ୍ତୁ ବ୍ୟକ୍ତିକୁ ଶାରୀରିକ କର୍ମ (ଭୌତିକ କର୍ମ) ଓ ଆଧ୍ୟାତ୍ମିକ କର୍ମ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିବାକୁ ପଡ଼ିବ, ଯଦ୍ଦ୍ୱାରା'କି ସେ ଜାଣିପାରିବ ଯେ ସେ ଏ ଶରୀର ନୁହେଁ ।

ସପ୍ତମ ଅଧ୍ୟାୟରେ ଆମ୍ଭେମାନେ ପରମପୁରୁଷ ଭଗବାନଙ୍କର ଐଶ୍ୱର୍ଯ୍ୟପୂର୍ଣ୍ଣ ଶକ୍ତି ସମ୍ବନ୍ଧରେ ବର୍ଣ୍ଣନା କରିଛୁ । ସେ ଅଧ୍ୟାୟରେ ଭଗବାନଙ୍କର ବିଭିନ୍ନ ଶକ୍ତିପରା-ପ୍ରକୃତି ଓ ଅପରା-ପ୍ରକୃତି ଏବଂ ସମସ୍ତ ଭୌତିକ ପରିପ୍ରକାଶ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଅଛି । ବର୍ତ୍ତମାନ ନବମ ଓ ଦଶମ ଅଧ୍ୟାୟରେ ଭଗବାନଙ୍କର ଗୌରବ ବର୍ଣ୍ଣିତ ହେବ ।

ଏ ଶ୍ଳୋକରେ ବ୍ୟବହୃତ ସଂସ୍କୃତ ଶବ୍ଦ 'ଅନସୂୟବେ' ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ । ସାଧାରଣତଃ ଭାଷ୍ୟକାରମାନେ, ଯଦିଓ ସେମାନେ ବିଦ୍ୱାନ, ପଣ୍ଡିତ, (ତଥାପି) ପରମ-ପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରତି ଈର୍ଷାନ୍ୱିତ ହୁଅନ୍ତି । ଏପରିକି 'ପଣ୍ଡିତମାନେ ଭଗବଦ୍ ଗୀତା ଉପରେ ଭ୍ରମାତ୍ମକ ଭାଷ୍ୟ ଲେଖନ୍ତି । ଯେଣୁ ସେମାନେ ଶ୍ରୀକୃଷ୍ଣଙ୍କ ପ୍ରତି ଈର୍ଷାପରାୟଣ ହୋଇଥା'ନ୍ତି, ସେମାନଙ୍କର ଭାଷ୍ୟ ଅଦରକାରୀ ଅଟେ । ଭକ୍ତମାନେ ଯେଉଁ ଭାଷ୍ୟ ଲେଖିଥା'ନ୍ତି ତାହା ହିଁ ଯଥାର୍ଥ ଅଟେ । ଯଦି କେହି ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରତି ଈର୍ଷାନ୍ୱିତ ହୁଏ, ସେ କଦାପି ଭଗବଦ୍ ଗୀତା ଉପରେ ବ୍ୟାଖ୍ୟା ଲେଖି ପାରିବ ନାହିଁ କିମ୍ବା ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ପୂର୍ଣ୍ଣଜ୍ଞାନ ପ୍ରଦାନ କରି ପାରିବ ନାହିଁ । ଯେ କୃଷ୍ଣଙ୍କୁ ନଜାଣି ବା ନ ବୁଝିପାରି ଶ୍ରୀକୃଷ୍ଣଙ୍କ ଚରିତ୍ର ଉପରେ ଦୋଷାରୋପ କରେ ସେ ନିର୍ବୋଧ ଅଟେ । ତେଣୁ ଏ ପ୍ରକାର ଭାଷ୍ୟକୁ ବର୍ଜନ କରିବା ଉଚିତ୍ । ସେହି ଲୋକ ଏ ଅଧ୍ୟାୟଗୁଡ଼ିକ ଭଲରକମ ବୁଝିପାରିବ ବା ସେହିଲୋକ ଏଥିରୁ ଫାଇଦା ଉଠାଇ ପାରିବ, ଯେ ଭଲଭାବରେ ଜାଣିଛି ଯେ ଶ୍ରୀକୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍, ବିଶୁଦ୍ଧ-ଦିବ୍ୟପୁରୁଷ ।

## ଶ୍ଳୋକ - ୨

**ରାଜବିଦ୍ୟା ରାଜଗୁହ୍ୟଂ ପବିତ୍ରମିଦମୁତ୍ତମମ୍ ।**
**ପ୍ରତ୍ୟକ୍ଷାବଗମଂ ଧର୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟମ୍ ।। ୨ ।।**

## ଶବ୍ଦାନୁବାଦ

ରାଜ-ବିଦ୍ୟା=ଶ୍ରେଷ୍ଠ ବିଦ୍ୟା; ରାଜ-ଗୁହ୍ୟମ୍=ଗୁପ୍ତବିଦ୍ୟା ମଧ୍ୟରେ ରାଜା; ପବିତ୍ରମ୍= ପବିତ୍ରତମ; ଇଦମ୍=ଏହା; ଉତ୍ତମମ୍=ଦିବ୍ୟ; ପ୍ରତ୍ୟକ୍ଷ=ପ୍ରତ୍ୟକ୍ଷଭାବରେ ଅନୁଭୂତ;

ଅବଗମମ୍=ବୁଝାଯାଏ; ଧର୍ମ୍ୟମ୍=ଧର୍ମନୀତି; ସୁସୁଖମ୍=ଅତ୍ୟନ୍ତ ସୁଖକର; କର୍ତୁମ୍=ଆଚରଣ କରିବାକୁ; ଅବ୍ୟୟମ୍=ଶାଶ୍ୱତ ।

## ଅନୁବାଦ

**ଏହି ଜ୍ଞାନ ରାଜବିଦ୍ୟା ଅଟେ, ଅତ୍ୟନ୍ତ ଗୁହ୍ୟତମ ଜ୍ଞାନ ଅଟେ। ଏହା ଅତ୍ୟନ୍ତ ବିଶୁଦ୍ଧ ଜ୍ଞାନ ଅଟେ ଏବଂ ଏହା ଧର୍ମର ପରିପୂର୍ଣ୍ଣତା ଅଟେ, କାରଣ ଏହା ପ୍ରତ୍ୟକ୍ଷ ଆତ୍ମାନୁଭୂତି ପ୍ରଦାନ କରେ। ଏହା ଶାଶ୍ୱତ ଏବଂ ଅତ୍ୟନ୍ତ ଆନନ୍ଦରେ ଏହାକୁ ଆଚରଣ କରାଯାଏ।**

## ଭାବାର୍ଥ

ଭଗବଦ୍‌ଗୀତାର ଏହି ଅଧ୍ୟାୟକୁ ରାଜବିଦ୍ୟା କୁହାଯାଏ, କାରଣ ପୂର୍ବରୁ କୁହାଯାଇଥିବା ସମସ୍ତ ଦର୍ଶନ ଏବଂ ତଥ୍ୟାବଳୀର ଏହା ସାର ଅଟେ । ଭାରତରେ ସାତଜଣ ମୁଖ୍ୟ ଦାର୍ଶନିକ ଅଛନ୍ତି–ଗୌତମ, କଣାଦ, କପିଳ, ଯାଜ୍ଞବଲ୍‌କ୍ୟ, ଶାଣ୍ଡିଲ୍ୟ; ବୈଶ୍ୱାନର ଏବଂ ଶେଷରେ ବେଦାନ୍ତ ସୂତ୍ର ପ୍ରଣେତା ବ୍ୟାସଦେବ । ତେଣୁ ଦର୍ଶନ ବିଦ୍ୟା କିମ୍ବା ଦିବ୍ୟ-ଜ୍ଞାନ କ୍ଷେତ୍ରରେ ଜ୍ଞାନର ଅଭାବ ନାହିଁ । ବର୍ତ୍ତମାନ ଭଗବାନ୍ କହୁଛନ୍ତି ଯେ ଏ ନବମ ଅଧ୍ୟାୟ–ଏ ସମସ୍ତ ପ୍ରକାର ଜ୍ଞାନର ରାଜା ଅଟେ । ବେଦାଧ୍ୟୟନ ଏବଂ ବିଭିନ୍ନ ପ୍ରକାର ଦର୍ଶନ ଶାସ୍ତ୍ରାଧ୍ୟୟନରୁ ଜ୍ଞାନ ପ୍ରାପ୍ତ ହୁଏ; ସେ ସବୁ ଜ୍ଞାନର ସାର ହେଲା ଗୀତାର–ଏ ନବମ ଅଧ୍ୟାୟ । ଏହା ହେଉଛି ଅତ୍ୟନ୍ତ ଗୁହ୍ୟତମ ଜ୍ଞାନ, କାରଣ ଦିବ୍ୟଜ୍ଞାନ ବା ଗୁହ୍ୟତମ ଜ୍ଞାନ, ଆତ୍ମା ଓ ଶରୀର ମଧ୍ୟରେ ଥିବା ପାର୍ଥକ୍ୟକୁ ନିର୍ଦ୍ଦେଶ କରେ ଏବଂ ସମସ୍ତ ଗୁପ୍ତଜ୍ଞାନର ରାଜା ଭକ୍ତି ଯୋଗରେ ହିଁ ପରିସମାପ୍ତି ଲାଭ କରେ ।

ସାଧାରଣତଃ ଲୋକମାନେ ଏ ଗୁପ୍ତଜ୍ଞାନର ଶିକ୍ଷାଲାଭ କରି ନାହାନ୍ତି । ସେମାନେ ବାହ୍ୟଜ୍ଞାନର ଶିକ୍ଷାଲାଭ କରିଛନ୍ତି । ସାଧାରଣତଃ ସ୍କୁଲ-କଲେଜରେ ଲୋକମାନେ ଯେଉଁ ଶିକ୍ଷାଲାଭ କରନ୍ତି, ସେ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ବିଭାଗମାନ ଯଥା– ରାଜନୀତି, ସାମାଜିକ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ, ଜ୍ୟୋତିଷ, ଇଞ୍ଜିନିୟରିଙ୍ଗ ଆଦି ଅଛି । ସମଗ୍ର ପୃଥିବୀରେ ଜ୍ଞାନର ଅନେକ ବିଭାଗ ଏବଂ ଅନେକ ବିରାଟ ବିଶ୍ୱବିଦ୍ୟାଳୟ ଅଛି, କିନ୍ତୁ ଦୁର୍ଭାଗ୍ୟବଶତଃ, ଏପରି ବିଶ୍ୱିବିଦ୍ୟାଳୟ ବା ଶିକ୍ଷାନୁଷ୍ଠାନ ନାହିଁ, ଯେଉଁଠାରେ ଏ ଅଧ୍ୟାତ୍ମ ବିଦ୍ୟା ବା ଆତ୍ମବିଜ୍ଞାନ ଶିକ୍ଷା ଦିଆଯାଉଅଛି । ଆତ୍ମା, ଏ ଶରୀରର ଅତ୍ୟନ୍ତ ଦରକାରୀ ଭାଗ (ଗୁରୁତ୍ୱପୂର୍ଣ୍ଣ ଅଂଶ) ଅଟେ । ଆତ୍ମାର ଅନୁପସ୍ଥିତିରେ ଶରୀରର କୌଣସି ମୂଲ୍ୟ ନାହିଁ । ତଥାପି ଲୋକମାନେ ଶାରୀରିକ ଆବଶ୍ୟକତା ଉପରେ ଅତ୍ୟନ୍ତ ଗୁରୁତ୍ୱ ଆରୋପ କରୁଛନ୍ତି । ସେମାନେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆତ୍ମାଉପରେ ଗୁରୁତ୍ୱ ଆରୋପ କରୁ ନାହାନ୍ତି ।

ବିଶେଷତଃ ଦ୍ୱିତୀୟ ଅଧ୍ୟାୟଠାରୁ ଭଗବଦ୍‌ଗୀତା ଆତ୍ମାଉପରେ ଅଧିକ ଗୁରୁତ୍ୱ ଆରୋପ କରି ଆସୁଅଛି । ପ୍ରାରମ୍ଭରେ ଭଗବାନ୍ କହିଛନ୍ତି, ଏ ଶରୀର ହେଉଛି ବିନାଶଶୀଳ, କିନ୍ତୁ ଆତ୍ମା ବିନାଶଶୀଳ ନୁହେଁ । ଏହା ହେଉଛି ଜ୍ଞାନର ଏକ ଗୁହ୍ୟ ଅଂଶ; କେବଳ ଏତିକି ଜାଣିଲେ ଆତ୍ମା, ଶରୀରଠାରୁ ଭିନ୍ନ ଏବଂ ଏହାର ପ୍ରକୃତି ଅପରିବର୍ତ୍ତନୀୟ, ଅବ୍ୟୟ ଏବଂ ଶାଶ୍ୱତ–ଏ

ଜ୍ଞାନର ଏକ ଗୁପ୍ତ ଅଂଶ ଜଣାଗଲା ବୋଲି ବୁଝିବାକୁ ହେବ । କିନ୍ତୁ ଏହା ଆତ୍ମା ସମ୍ବନ୍ଧରେ ସ୍ପଷ୍ଟ ବିବରଣ ପ୍ରଦାନ କରେ ନାହିଁ । ବେଳେବେଳେ ଲୋକମାନେ ଏଇ ଧାରଣାର ବଶବର୍ତ୍ତୀ ହୁଅନ୍ତି ଯେ ଆତ୍ମା, ଶରୀରଠାରୁ ଭିନ୍ନ ଏବଂ ଯେତେବେଳେ ଶରୀର ନଷ୍ଟ ହୋଇଯାଏ, କିମ୍ବା ବ୍ୟକ୍ତି ଯେତେବେଳେ ଶାରୀରିକ ବନ୍ଧନରୁ ମୁକ୍ତ ହୋଇଯାଏ, ସେତେବେଳେ ଆତ୍ମା ନିର୍ବିଶେଷ ବା ଶୂନ୍ୟ ଭାବରେ ରହିଯାଏ । କିନ୍ତୁ ବାସ୍ତବରେ କଥାଟା ତାହା ନୁହେଁ । ଯେଉଁ ଆତ୍ମା ଏ ଜଡ଼ ଶରୀର ମଧ୍ୟରେ ପ୍ରବେଶ କରି ଏହାକୁ ଏତେ କର୍ମଠ କରାଏ, ଏହା କିପରି କଥା ଯେ ଏହା ଶରୀରରୁ ମୁକ୍ତ ହେଲା ମାତ୍ରେ ନିଷ୍କ୍ରିୟ ହୋଇଯିବ ? ଏହା ସର୍ବଦା କ୍ରିୟାଶୀଳ । ଯଦି ଏହା ଶାଶ୍ୱତ, ତେବେ ଏହା ଶାଶ୍ୱତଭାବେ ସକ୍ରିୟ ଏବଂ ଆଧ୍ୟାତ୍ମିକ ରାଜ୍ୟରେ ଏହାର କ୍ରିୟାକଳାପ ଆତ୍ମଜ୍ଞାନର ଅତ୍ୟନ୍ତ ଗୁହ୍ୟତମ ଅଂଶ ଅଟେ । ତେଣୁ ଆତ୍ମାର ଏହି କ୍ରିୟାକଳାପଗୁଡ଼ିକୁ ଏଠାରେ ରାଜବିଦ୍ୟା ବା ଅତ୍ୟନ୍ତ ଗୁହ୍ୟତମ ଜ୍ଞାନ ବୋଲି କୁହାଯାଇଅଛି ।

ବୈଦିକ ଶାସ୍ତ୍ରର ବର୍ଣ୍ଣନାନୁଯାୟୀ ଏହି ଜ୍ଞାନ ସମସ୍ତ କ୍ରିୟାକଳାପର ବିଶୁଦ୍ଧ ରୂପ ଅଟେ । ପଦ୍ମପୁରାଣରେ ମାନବର ପାପକର୍ମର ବର୍ଣ୍ଣନା ଦିଆଯାଇଅଛି ଏବଂ ସେଥିରେ ଦେଖାଇ ଦିଆଯାଇଅଛି ଯେ ପାପକର୍ମର ଫଳ କ'ଣ । ଯେଉଁମାନେ ସକାମ କର୍ମର ଲିପ୍ତ ସେମାନେ ବିଭିନ୍ନ ସ୍ତରରେ ବିଭିନ୍ନ ପ୍ରକାରର ପାପକର୍ମର ପ୍ରତିକ୍ରିୟାରେ ଲିପ୍ତ । ଉଦାହାଣ ସ୍ୱରୂପ, ଯେତେବେଳେ କୌଣସି ବୃକ୍ଷର ମଞ୍ଜି ଲଗାଯାଏ, ଗଛଟି ସାଙ୍ଗେ ସାଙ୍ଗେ ଜନ୍ମି-ବଢ଼ିବାକୁ ଆରମ୍ଭ କରେ ନାହିଁ । ଏହା କିଛି ସମୟ ଦରକାର କରେ । ପ୍ରଥମେ ଏହା ଏକ କ୍ଷୁଦ୍ର ଗ୍ୱରାଗଛ ରୂପରେ ପ୍ରକାଶ ପାଏ, ତପରେ ଏହା ବୃକ୍ଷର ଆକାର ଧାରଣ କରେ । ତପରେ ଏହା ପୁଷ୍ପ ଓ ଫଳ ଧାରଣ କରେ ଏବଂ ଯେତେବେଳେ ଏହା ପୂର୍ଣ୍ଣତା ଲାଭ କରେ, ସେତେବେଳେ ଗଛ ଲଗାଇଥିବା ଲୋକମାନେ ତାହାର ଫୁଲ ଓ ଫଳକୁ ଉପଭୋଗ କରନ୍ତି । ଠିକ୍ ସେହିପରି ମାନବ କୌଣସି ପାପକର୍ମ କଲେ, ତାହା ଏକ ମଞ୍ଜିପରି ବୃକ୍ଷରୂପେ ବଢ଼ି ଫୁଲ-ଫଳ ଧାରଣ କରିବା ପାଇଁ ସମୟ ଆବଶ୍ୟକ କରେ । ବିଭିନ୍ନ ସ୍ତର ଅଛି । ମାନବ ପାପକର୍ମ କରିବା ବନ୍ଦ କରିଦେଇପାରେ, କିନ୍ତୁ ସେ ପାପକର୍ମର ଫଳ ନିଶ୍ଚୟ ଭୋଗ ହେବ । ଏପରି ପାପକର୍ମର ପ୍ରତିକ୍ରିୟା ବର୍ତ୍ତମାନ ସୁଦ୍ଧା ଅଛି, ଯାହାକି ମଞ୍ଜି ଆକାରରେ ଅଛି । ପୁଣି ଆଉ କେତେକ ବୃଦ୍ଧିଲାଭ କରି ଫୁଲ-ଫଳ ଧାରଣ କଲେଣି ଏବଂ ଆମ୍ଭମାନଙ୍କୁ ସେ ଫଳ ପ୍ରଦାନ କଲେଣି, ଯାହାକୁ'କି ଆମେ ଦୁଃଖ-ଯନ୍ତ୍ରଣା-ରୂପରେ ଭୋଗ କରୁଅଛୁ । ସପ୍ତମ ଅଧ୍ୟାୟର ବିଂଶ ଶ୍ଲୋକରେ ଏହା ବର୍ଣ୍ଣନା କରାଯାଇଅଛି ।

ଯେଉଁ ଲୋକ ପାପକର୍ମର ପ୍ରତିକ୍ରିୟାକୁ ସଂପୂର୍ଣ୍ଣରୂପେ ଧ୍ୱଂସ କରି ପାରିଛି ଏବଂ ଯେ ପୂର୍ଣ୍ଣରୂପେ ପୁଣ୍ୟକର୍ମରେ ଆତ୍ମନିୟୋଗ କରିଛି, ଏ ଭୌତିକ ଜଗତର ଦ୍ୱନ୍ଦ୍ୱ-ମୋହରୁ ମୁକ୍ତ ହୋଇଯାଇଅଛି, ସେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ଦିବ୍ୟସେବାରେ ନିଯୁକ୍ତ ହୁଏ । ଅନ୍ୟକଥାରେ ଏହାହିଁ କୁହାଯାଇପାରେ ଯେ ଯେଉଁମାନେ ବାସ୍ତବରେ ଭଗବାନଙ୍କର ଦିବ୍ୟ ସେବା କର୍ମରେ ନିଯୁକ୍ତ ହୋଇଛନ୍ତି, ସେମାନେ ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତହୋଇ ଯାଇଛନ୍ତି । ଯେଉଁମାନେ ଭଗବାନଙ୍କର ଦିବ୍ୟସେବାରେ ନିଯୁକ୍ତ ହୋଇଛନ୍ତି, ସେମାନଙ୍କର ସମସ୍ତ ପାପକର୍ମର

ପ୍ରତିକ୍ରିୟା, ପରିପକ୍ୱ ଅବସ୍ଥାରେ ଥାଉ ବା ଗଚ୍ଛିତ ହୋଇ ଥାଉ ବା ବୀଜ ଆକାରରେ ଥାଉ, ଯେ କୌଣସି ଅବସ୍ଥାରେ ଥିଲେ ସୁଦ୍ଧା ତାହା କ୍ରମଶଃ ଲୋପ ହୋଇଯାଏ । ତେଣୁ ଭକ୍ତି ଯୋଗମାର୍ଗରେ ସେବା କର୍ମର ବିଶୁଦ୍ଧିକରଣ ଶକ୍ତି ଅତ୍ୟନ୍ତ ତୀବ୍ର ଅଟେ ଏବଂ ଏହାକୁ 'ପବିତ୍ରଂ ଉତ୍ତମଂ'–ବିଶୁଦ୍ଧତମ ବୋଲି କୁହାଯାଏ । 'ଉତ୍ତମଂ' ର ଅର୍ଥ ଦିବ୍ୟ । 'ତମସ'ର ଅର୍ଥ ଏ ଭୌତିକ ଜଗତ କିମ୍ବା ଅନ୍ଧକାର ଏବଂ ଉତ୍ତମଂ'' ଅର୍ଥ ଯାହା ଭୌତିକ କ୍ରିୟାକଳାପର ବହୁତ ଊର୍ଦ୍ଧ୍ୱରେ ଅର୍ଥାତ୍ ଦିବ୍ୟ । ଭଗବାନଙ୍କର ଦିବ୍ୟ ସେବାକର୍ମକୁ କଦାପି ଭୌତିକ କର୍ମ ବୋଲି ବିବେଚନା କରିବା ଉଚିତ୍ ନୁହେଁ । ଯଦିଓ ବେଳେବେଳେ ଏପରି ପ୍ରତୀତ ହୁଏ ଯେ, ଭକ୍ତଗଣ ସାଧାରଣଲୋକଙ୍କ ପରି କର୍ମରତ ଅଛନ୍ତି, ତଥାପି ଏହା ଭୌତିକ କର୍ମ ନୁହେଁ । ଯେ ଏହାକୁ ଦେଖିପାରେ ଏବଂ ଯେ ଏ ଦିବ୍ୟସେବାକର୍ମ ସହିତ ଭଲରକମ ପରିଚିତ ଅଟେ, ସେ ଅବଶ୍ୟ ଜାଣିପାରିବ ଯେ ତାହା ଭୌତିକ କର୍ମ ନୁହେଁ । ତାହା ସବୁ ଦିବ୍ୟ ଭକ୍ତିପୂର୍ଣ୍ଣ ସେବାକର୍ମ, ତାହା ଭୌତିକ ଦୋଷଯୁକ୍ତ ନୁହେଁ ।

କୁହାଯାଇଛି ଯେ ଭକ୍ତିଯୋଗ ମାର୍ଗରେ ସେବା କର୍ମ ଏତେ ନିର୍ଦ୍ଦୋଷ ଅଟେ ଯେ ବ୍ୟକ୍ତି ପ୍ରତ୍ୟକ୍ଷଭାବରେ ତା'ର ଫଳ ଉପଲବ୍ଧି କରିପାରେ । ଏ ପ୍ରତ୍ୟକ୍ଷ ଫଳ ବାସ୍ତବରେ ଅନୁଭୂତ ହୋଇଅଛି ଏବଂ ଆମ୍ଭମାନଙ୍କର ଏ ସମ୍ବନ୍ଧରେ ବାସ୍ତବ ଅନୁଭୂତି ଅଛି ଯେ କୌଣସି ବ୍ୟକ୍ତି ଭଗବାନଙ୍କର ଏ ଦିବ୍ୟନାମ *(ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ । ହରେରାମ ହରେ ରାମ ରାମ ରାମ ହରେ ହରେ)* କୀର୍ତ୍ତନ କରେ, ସମୟକ୍ରମେ, ସେ ଦିବ୍ୟସୁଖ-ଆନନ୍ଦ ଅନୁଭବ କରେ ଏବଂ ଖୁବ୍ ଶୀଘ୍ର ଭୌତିକତାରୂପକ ଦୋଷରୁ ମୁକ୍ତହୋଇ ବିଶୁଦ୍ଧ ହୋଇଯାଏ । ଏହା ବାସ୍ତବରେ ଦେଖାଯାଇଅଛି । ପୁନଶ୍ଚ ଯଦି ବ୍ୟକ୍ତି କେବଳ ଶ୍ରବଣ କର୍ମରେ ନିଯୁକ୍ତ ନ ରହି, ଏ ଭକ୍ତିଯୋଗର ପ୍ରଚାର କରିବାକୁ ଯତ୍ନଶୀଳ ହୁଏ କିମ୍ବା କୃଷ୍ଣଭବାନାମୃତ ସଂଘର ସେବାକର୍ମରେ ସାହାଯ୍ୟ କରେ, ସେ କ୍ରମଶଃ ଆଧ୍ୟାତ୍ମିକ ଉନ୍ନତି ଅନୁଭବ କରେ । ଆଧ୍ୟାତ୍ମିକ ଜୀବନରେ ଏ ପ୍ରକାର ଅଗ୍ରଗତି କୌଣସି ପ୍ରକାର ପୂର୍ବ ଶିକ୍ଷା ବା ଯୋଗ୍ୟତା ଉପରେ ନିର୍ଭରଶୀଳ ହୁଏ ନାହିଁ । ଏ (ସେବା) ପନ୍ଥା ଏତେ ବିଶୁଦ୍ଧ ବା ପବିତ୍ର ଯେ ବ୍ୟକ୍ତି ଶୁଦ୍ଧଭାବରେ ଓ ନିଷ୍ଠାସହକାରେ ଏଥିରେ ନିଯୁକ୍ତ ହେଲେ ସେ ବିଶୁଦ୍ଧ ହୋଇଯାଏ ।

ବେଦାନ୍ତ ସୂତ୍ରରେ ଏହା ନିମ୍ନଲିଖିତ ମତେ ବର୍ଣ୍ଣନା କରାଯାଇଅଛି, *''ପ୍ରକାଶଶ୍ଚ କର୍ମଣି ଅଭ୍ୟାସାତ୍ ।''* ''ଏ ଭକ୍ତିଯୋଗ ଏତେ ଶକ୍ତିଶାଳୀ ଯେ କେବଳ ଦିବ୍ୟ ସେବାକର୍ମରେ ନିଯୁକ୍ତ ହେଲେ ନିଃସନ୍ଦେହଭାବେ ବ୍ୟକ୍ତି ଜ୍ଞାନାଲୋକ ଲାଭକରେ ।'' ନାରଦ ଜଣେ ଦାସୀପୁତ୍ର ଥିଲେ । ତାଙ୍କର କୌଣସି ଶିକ୍ଷାଦୀକ୍ଷା ନ ଥିଲା'କି ସେ ଉଚ୍ଚ ପରିବାରରେ ଜନ୍ମ ହୋଇ ନଥିଲେ । କିନ୍ତୁ ତାଙ୍କ ମାତା ଯେତେବେଳେ ବିଶିଷ୍ଟ ଭକ୍ତମାନଙ୍କ ସେବାରେ ନିଯୁକ୍ତ ଥିଲେ, ନାରଦ ମଧ୍ୟ ସେମାନଙ୍କ ସେବାରେ ନିଯୁକ୍ତ ହୋଇଗଲେ ଏବଂ ବେଳେବେଳେ ତାଙ୍କ ମାଆଙ୍କ ଅନୁପସ୍ଥିତିରେ ସେ ନିଜେ ଭକ୍ତମାନଙ୍କ ସେବା କରୁଥିଲେ । ନାରଦ ସ୍ୱୟଂ କହିଛନ୍ତି, 'ଥରେ ମାତ୍ର ମୁଁ ସେମାନଙ୍କ ଅନୁମତି ନେଇ ସେମାନଙ୍କ ଖାଦ୍ୟର ଅବଶେଷ (ଉଚ୍ଛିଷ୍ଟ) ଗ୍ରହଣ କରିଥିଲି ଏବଂ ଏପରି କରିବା ଦ୍ୱାରା ମୋର ସମସ୍ତ ପାପ ସାଙ୍ଗେ ସାଙ୍ଗେ କଟିଗଲା । ଏହି ପ୍ରକାର ସେବାରେ

ନିଯୁକ୍ତ ହୋଇ ମୋର ହୃଦୟ ବିଶୁଦ୍ଧ ହୋଇଗଲା ଏବଂ ସେ ଯୋଗୀ (ଭକ୍ତ)ମାନଙ୍କର ପ୍ରକୃତି ମୋ ପ୍ରତି ବଡ଼ ଆକର୍ଷଣୀୟ ହୋଇ ଉଠିଲା ।'' (ଭାଗବତ: ୧-୫-୨୫) । ନାରଦ ତାଙ୍କ ଶିଷ୍ୟ ବ୍ୟାସଦେବଙ୍କୁ କହିଲେ ଯେ ତାଙ୍କର ପୂର୍ବଜନ୍ମରେ ସେ ପିଲାଦିନେ କେତେକ ଶୁଦ୍ଧଭକ୍ତଙ୍କ ସେବାରେ ନିଯୁକ୍ତ ଥିଲେ । ସେ ଭକ୍ତବୃନ୍ଦ ଚତୁର୍ମାସ୍ୟା ବ୍ରତ ପାଳନ ଉପଲକ୍ଷେ ତାଙ୍କ ଗୃହରେ ଅବସ୍ଥାନ କରୁଥିଲା ବେଳେ ସେ ସେମାନଙ୍କର ସେବା କରିଥିଲେ ଏବଂ ସେମାନଙ୍କ ସହିତ ବଡ଼ ଘନିଷ୍ଠ ଭାବରେ ସଂପୃକ୍ତ ହୋଇ ଯାଇଥିଲେ । ବେଳେବେଳେ ସେ ମହାତ୍ମାଗଣ ତାଙ୍କ ଥାଳିରେ ଖାଦ୍ୟର କିଛି ଅଂଶ ଛାଡ଼ିଯା'ନ୍ତି ଏବଂ ଯେଉଁ ବାଳକ ତାଙ୍କ ଥାଳି ଧୋଉ ଥିଲା ସେ ତାହା ସେବନ କରିବକୁ ଇଚ୍ଛା କଲା । ତେଣୁ ସେ ଭକ୍ତମାନଙ୍କୁ ପଚ୍ଚାରିଲା ସେ ତାହା ସେବନ କରିପାରିବ'କି ? ଭକ୍ତମାନେ ତାହା ସେବନ କରିବାକୁ ଅନୁମତି ଦେଲେ । ତପରେ ନାରଦ ସେମାନଙ୍କର ଉଚ୍ଛିଷ୍ଟ ସେବନ କଲେ ଏବଂ ଫଳସ୍ୱରୂପ ସମସ୍ତପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇଗଲେ । ସେ ଏହିପରି କ୍ରମାଗତ ଉଚ୍ଛିଷ୍ଟ ସେବନକରି କ୍ରମଶଃ ଶୁଦ୍ଧଭକ୍ତଙ୍କ ତୁଲ୍ୟ ବିଶୁଦ୍ଧ ହୃଦୟ ହୋଇଗଲେ ଏବଂ କ୍ରମେ ସେହିପ୍ରକାର ରୁଚି ତାଙ୍କର ବର୍ଦ୍ଧିତ ହେଲା । ସେ ବିଶିଷ୍ଟ ଭକ୍ତଗଣ ଭଗବାନଙ୍କର ଦିବ୍ୟନାମ ଶ୍ରବଣ, କୀର୍ତ୍ତନ ଆଦି ଅଖଣ୍ଡ ଦିବ୍ୟ ସେବାସ୍ୱାଦ ଗ୍ରହଣ କରିବାକୁ ଲାଗିଲେ ଏବଂ ନାରଦଙ୍କଠାରେ ସେଇ ପ୍ରକାର ରୁଚି ବୃଦ୍ଧି ପାଇବାରୁ ନାରଦ ମଧ୍ୟ ଭଗବାନଙ୍କ ଦିବ୍ୟନାମ ଗୁଣ ଆଦି ଶ୍ରବଣ କୀର୍ତ୍ତନ କରିବାକୁ ଇଚ୍ଛାକଲେ । ଏଇପ୍ରକାରେ ସାଧୁସଙ୍ଗ ଲାଭକରି ତାଙ୍କଠାରେ ସେବା କରିବାର ଅଭିଳାଷ ଜାତ ହେଲା । ତେଣୁ ସେ ବେଦାନ୍ତ ସୂତ୍ରରେ ଉଦ୍ଧାର କରି କହିଛନ୍ତି (ପ୍ରକାଶଶ୍ଚ କର୍ମଣି ଅଭ୍ୟାସାତ୍) : ଯଦି ବ୍ୟକ୍ତି କେବଳ ଦିବ୍ୟ ସେବାରେ ନିଯୁକ୍ତ ହୁଏ, ତାକୁ ସବୁ ସ୍ୱତଃ ପରିସ୍ଫୁଟ ହୋଇଯାଏ ଏବଂ ସେ ସବୁ ବୁଝିପାରେ । ଏହାକୁ ପ୍ରକାଶ କୁହାଯାଏ ପ୍ରତ୍ୟକ୍ଷ ପ୍ରକାଶ କୁହାଯାଏ ।

ନାରଦ ବାସ୍ତବରେ ଏକ ଦାସୀ ପୁତ୍ର ଥିଲେ । ବିଦ୍ୟାଳୟକୁ ଯାଇ ଶିକ୍ଷାଲାଭ କରିବାର କୌଣସି ସୁବିଧା ତାଙ୍କର ନଥିଲା । ସେ କେବଳ ତାଙ୍କର ମାଆଙ୍କୁ ସାହାଯ୍ୟ କରୁଥିଲେ ଏବଂ ସୌଭାଗ୍ୟବଶତଃ ତାଙ୍କ ମାଆ କେତେକ ଭକ୍ତଙ୍କ ସେବାରେ ନିଯୁକ୍ତ ହୋଇଯାଇଥିଲେ । ଶିଶୁ ନାରଦ ମଧ୍ୟ ସେଇ ସୁଯୋଗ ପାଇଥିଲେ ଏବଂ ଏଇପ୍ରକାର ସାଧୁସଙ୍ଗଦ୍ୱାରା ସେ ସମସ୍ତ ଧର୍ମର ଅନ୍ତିମ ଲକ୍ଷ୍ୟ ଭଗବଦ୍ ଭକ୍ତି ଲାଭକରିପାରିଥିଲେ । ଶ୍ରୀମଦ୍ ଭାଗବତମ୍‌ରେ କୁହାଯାଇଅଛି ଯେ ଧାର୍ମିକ ଲୋକମାନେ ସାଧାରଣତଃ ଏହା ଜାଣି ନଥା'ନ୍ତି ଯେ ଧର୍ମର ଅନ୍ତିମଲକ୍ଷ୍ୟ ବା ସର୍ବୋଚ୍ଚ ସିଦ୍ଧି ହେଲା ଭଗବଦ୍ ଭକ୍ତି ଲାଭ । ସାଧାରଣତଃ ଆତ୍ମାନୁଭୂତି ଲାଭର ପନ୍ଥା କ'ଣ ତାହା ହୃଦୟଙ୍ଗମ କରିବା ନିମିତ୍ତ ବୈଦିକ ଜ୍ଞାନ ଦରକାର । କିନ୍ତୁ ଏଠାରେ ଯଦିଓ ନାରଦ ବୈଦିକ ଜ୍ଞାନ (ଶିକ୍ଷା) ଲାଭକରି ନଥିଲେ, ତଥାପି ସେ ବୈଦିକ ଶିକ୍ଷାର ସର୍ବୋଚ୍ଚ ପରିଣାମ (ଫଳ) ଲାଭ କରିପାରିଥିଲେ । ତେଣୁ ଏ (ଭକ୍ତିଯୋଗ) ମାର୍ଗ ବା ପନ୍ଥା ଏତେ ସୁଫଳପ୍ରଦ (ଶକ୍ତିଶାଳୀ) ଯେ ବ୍ୟକ୍ତି ନିୟମିତରୂପେ କୌଣସି ଧର୍ମନୀତି ପାଳନ ନକଲେ ସୁଦ୍ଧା ସେ ଜୀବନରେ ଆଧ୍ୟାତ୍ମିକ ମାର୍ଗରେ ଉଚ୍ଚତମ ସ୍ତରକୁ ଉନ୍ନୀତ ହୋଇପାରେ । ଏହା କିପରି ସମ୍ଭବପର ? ଏହା ମଧ୍ୟ ବୈଦିକ ସାହିତ୍ୟରେ ସ୍ୱୀକୃତ ହୋଇଅଛି, *''ଆଚାର୍ଯ୍ୟବାନ୍ ପୁରୁଷୋ*

ବେଦ'' ଅର୍ଥାତ୍ ଯେ ବିଶିଷ୍ଟ ଆଗ୍ର୍ଯ୍ୟଙ୍କ ସଙ୍ଗଲାଭ କରି ପାରିଥାଏ, ସେ ଶିକ୍ଷିତ ନ ହୋଇଥିଲେ ସୁଦ୍ଧା କିମ୍ବା ବେଦାଧ୍ୟୟନ ନ କରିଥିଲେ ସୁଦ୍ଧା ଆତ୍ମାନୁଭୂତ ଲାଭ ନିମିତ୍ତ ଯେଉଁ ଜ୍ଞାନ ଆବଶ୍ୟକ ତାହା ତା'କୁ ପ୍ରାପ୍ତ ହୋଇପାରେ ।

ଏ ଭକ୍ତି ଯୋଗ ମାର୍ଗ ଅତ୍ୟନ୍ତ ସୁଖକର ।କାହିଁକି ? ଏ ଭକ୍ତିଯୋଗ ମାର୍ଗରେ 'ଶ୍ରବଣଂ, କୀର୍ତ୍ତନଂ ବିଷ୍ଣୋଃ... ଆଦି ଅଛି ।ତେଣୁ ବ୍ୟକ୍ତି କେବଳ ଭଗବାନଙ୍କର ଦିବ୍ୟନାମ ଓ ଗୁଣ କୀର୍ତ୍ତନ ଶ୍ରବଣ କରିପାରେ କିମ୍ବା ଉପଯୁକ୍ତ ଆଗ୍ର୍ଯମାନଙ୍କ ଦ୍ୱାରା ପ୍ରଦତ୍ତ ପ୍ରବଚନ (ଭଗବଦ୍ ବିଜ୍ଞାନ ଉପରେ ପ୍ରଦତ୍ତ ପ୍ରବଚନ) ଶ୍ରବଣ କରିପାରେ ।କେବଳ ବସି (ଶୁଣି) ବ୍ୟକ୍ତି ଶିଖିପାରେ। ତପରେ ସେ କୃଷ୍ଣପ୍ରସାଦ ଅତି ସ୍ୱାଦୁକର ଖାଦ୍ୟ ସେବନ କରିପାରେ ।ପ୍ରତ୍ୟେକ ଅବସ୍ଥାରେ ଏ ଭକ୍ତିଯୋଗ ଅତ୍ୟନ୍ତ ଆନନ୍ଦଦାୟକ। ଅତ୍ୟନ୍ତ ଦାରିଦ୍ର୍ୟାବସ୍ଥାରେ' ବି ବ୍ୟକ୍ତି ଭଗବାନଙ୍କ ସେବା କରିପାରେ ।ଭଗବାନ୍ କହିଛନ୍ତି ''ପତ୍ରଂ ପୁଷ୍ପମ୍ ଫଳମ୍'' ଭକ୍ତ ଯାହାକିଛି ଅର୍ପଣ କରେ, ତାହା ସେ (ଭଗବାନ୍) ଗ୍ରହଣ କରିବାକୁ ପ୍ରସ୍ତୁତ ।ପତ୍ର, ପୁଷ୍ପ, ଫଳ କିମ୍ବା ଜଳ ଯାହାକିଛି ଭକ୍ତକୁ ମିଳିଲା, ତାହା ସେ ଭକ୍ତିରେ ଭଗବାନ୍‌ଙ୍କୁ ଅର୍ପଣ କଲେ ଭଗବାନ୍ ଅତ୍ୟନ୍ତ ଆନନ୍ଦରେ ତାହା ଗ୍ରହଣ କରନ୍ତି ।ଯେ କୌଣସି ବ୍ୟକ୍ତି, ସମାଜର ଯେ କୌଣସି ସ୍ତରରେ ଥାଉନା କାହିଁକି, କିଛି ଯାଏ ଆସେ ନାହିଁ, ସେ ଭକ୍ତିରେ ପତ୍ର, ପୁଷ୍ପ, ଫଳ ଆଦି ଯାହାକିଛି ଅର୍ପଣ କଲେ ଭଗବାନ୍ ଅତି ଆନନ୍ଦରେ ତାହା ଗ୍ରହଣ କରନ୍ତି ।ଇତିହାସରେ ଏ ପ୍ରକାର ଅନେକ ଉଦାହରଣ ଅଛି ।ଭଗବାନଙ୍କ ପାଦପଦ୍ମରେ ଅର୍ପିତ କେବଳ ତୁଳସୀ ପତ୍ର ସେବନ କରି ସନତ୍ କୁମାରଙ୍କ ପରି ସାଧୁ ବିଶିଷ୍ଟ ଭକ୍ତ ହୋଇ ପାରିଥିଲେ ।ତେଣୁ ଏ ଭକ୍ତିଯୋଗ ମାର୍ଗ ଅତି ସୁନ୍ଦର ଏବଂ ଏହା ଖୁବ୍ ଆନନ୍ଦରେ ଆଚରଣ କରାଯାଇପାରେ ।ଭଗବାନ୍ କେବଳ ଶୁଦ୍ଧ ହୃଦୟର ଭକ୍ତିଭାବ, ଯେଉଁଭାବରେ ଉଦ୍‌ବୁଦ୍ଧ ହୋଇ ତୁମେ ଭଗବାନଙ୍କୁ କୌଣସି ପଦାର୍ଥ ଅର୍ପଣ କଲ, ତାହା ସେ ଗ୍ରହଣ କରନ୍ତି ।

ଏଠାରେ ଏହା କୁହାଯାଇଅଛି ଯେ ଏ ଭକ୍ତି ଯୋଗବିଧି ଶାଶ୍ୱତଭାବେ ଅନୁସୃତ ହୋଇ ଆସୁଅଛି ।ଏହା ମାୟାବାଦୀମାନଙ୍କର ମାର୍ଗ ନୁହେଁ ।ସେମାନେ ବେଳେବେଳେ ଏ ଭକ୍ତିଯୋଗ ମାର୍ଗ ଗ୍ରହଣ କରନ୍ତି ।ଯେ ପର୍ଯ୍ୟନ୍ତ ସେମାନେ ମୁକ୍ତ ନ ହୋଇଥା'ନ୍ତି ସେ ପର୍ଯ୍ୟନ୍ତ ସେମାନେ ଭକ୍ତିଯୋଗ ମାର୍ଗ ଅବଲମ୍ବନ କରିଥା'ନ୍ତି; କିନ୍ତୁ ଶେଷରେ ଯେତେବେଳେ ସେମାନେ ମୁକ୍ତ ହୋଇଯା'ନ୍ତି, ସେମାନେ ସେତେବେଳେ ଭଗବାନଙ୍କ ସହ ସମାନ ହୋଇ ନିଜକୁ ଭଗବାନ୍ ବୋଲି ମନେ କରନ୍ତି ।ଏ ପ୍ରକାର ସାମୟିକ ଭକ୍ତିଯୋଗ ସେବା ଶୁଦ୍ଧ ଭକ୍ତିଯୋଗ ସେବାରୂପେ ଗୃହୀତ ହୁଏ ନାହିଁ ।ବାସ୍ତବ ସେବା ମୁକ୍ତିଲାଭ ପରେ ହିଁ ଅଖଣ୍ଡ ଭାବରେ ଚ୍ଲେ । ଯେତେବେଳେ ଭକ୍ତ ଭଗବାନଙ୍କ ଦିବ୍ୟରାଜ୍ୟରେ ଥିବା ବୈକୁଣ୍ଠ ଲୋକକୁ ଯାଏ, ସେଠାରେ ମଧ୍ୟ ସେ ଭଗବାନଙ୍କ ସେବାରେ ନିଯୁକ୍ତ ହୁଏ ।ସେ କେବେହେଲେ ଭଗବାନଙ୍କ ସହ ସମାନ ହେବାକୁ ଚେଷ୍ଟା କରେ ନାହିଁ ।

ଏଥିରୁ ଜଣାଯାଉଛି ଯେ ବାସ୍ତବରେ ମୁକ୍ତି ପରେ ହିଁ ଭକ୍ତି ଆରମ୍ଭ ହୁଏ ।ତେଣୁ ଭଗବଦ୍ ଗୀତାରେ କୁହାଯାଇଅଛି ''ବ୍ରହ୍ମଭୂତ'' ।ମୁକ୍ତିପରେ କିମ୍ବା ବ୍ରହ୍ମଭୂତ ଅବସ୍ଥାରେ ଅବସ୍ଥାନ କରି ବ୍ୟକ୍ତିର ଭକ୍ତିଯୋଗ ଆରମ୍ଭ ହୁଏ ।ଭଗବାନଙ୍କ ସେବାରେ ନିଯୁକ୍ତ ହେଲେ ବ୍ୟକ୍ତି ଭଗବାନଙ୍କୁ

ବୁଝିପାରିବ । କର୍ମଯୋଗ, ଜ୍ଞାନଯୋଗ କିମ୍ବା ଅଷ୍ଟାଙ୍ଗ ଯୋଗ କିମ୍ବା ଅନ୍ୟ କୌଣସି ଯୋଗମାର୍ଗ ସ୍ୱାଧୀନଭାବରେ ଗ୍ରହଣ କରି ବ୍ୟକ୍ତି ଭଗବାନଙ୍କୁ ବୁଝିପାରିବ ନାହିଁ । ଭକ୍ତିଯୋଗ ମାର୍ଗକୁ ନ ଆସିଲେ ବ୍ୟକ୍ତି କଦାପି ଭଗବାନଙ୍କୁ ବୁଝିପାରିବ ନାହିଁ । ଶ୍ରୀମଦ୍ ଭାଗବତମ୍‌ରେ ଏହା ସ୍ୱୀକୃତ ହୋଇଅଛି ଯେ ଯେତେବେଳେ ବ୍ୟକ୍ତି ଭକ୍ତିଯୋଗ ମାର୍ଗ ଅବଲମ୍ବନ କରି ବିଶେଷତଃ ତତ୍ତ୍ୱଦର୍ଶୀ ଜ୍ଞାନୀଭକ୍ତଙ୍କଠାରୁ ଶ୍ରୀମଦ୍ ଭାଗବତମ୍ କିମ୍ବା ଭଗବଦ୍ ଗୀତା ଶ୍ରବଣକରି ନିଜକୁ ବିଶୁଦ୍ଧ କରେ, ସେତେବେଳେ ସେ କୃଷ୍ଣବିଜ୍ଞାନ କିମ୍ବା ଭଗବଦ୍ ବିଜ୍ଞାନ ବୁଝିପାରେ । *"ଏବଂ ପ୍ରସନ୍ନ-ମନସୋ ଭଗବଦ୍-ଭକ୍ତି-ଯୋଗତଃ ।"* ଯେତେବେଳେ ବ୍ୟକ୍ତିର ହୃଦୟରୁ ସମସ୍ତ ମଇଳା ପରିଷ୍କାର ହୋଇଯାଏ, ସେତେବେଳେ ସେ ବୁଝିପାରେ ଭଗବାନ୍ କ'ଣ ? ଏହି ପ୍ରକାରେ ଏ ଭକ୍ତିଯୋଗ ମାର୍ଗ–କୃଷ୍ଣଭାବନା–ରାଜବିଦ୍ୟା ଅଟେ ଏବଂ ସମସ୍ତ ଗୁପ୍ତଜ୍ଞାନ ମଧ୍ୟରେ ରାଜା ଅଟେ । ଏହା ହେଉଛି ଧର୍ମର ଶୁଦ୍ଧରୂପ ଏବଂ ବିନା କଷ୍ଟରେ ଏହାକୁ ଆନନ୍ଦ ସହକାରେ ଆଚରଣ କରାଯାଇପାରେ । ତେଣୁ ପ୍ରତ୍ୟେକେ ଏହାକୁ ଗ୍ରହଣ କରିବା ଉଚିତ୍ ।

## ଶ୍ଲୋକ - ୩

**ଅଶ୍ରଦ୍ଦଧାନାଃ ପୁରୁଷା ଧର୍ମସ୍ୟାସ୍ୟ ପରନ୍ତପ ।**
**ଅପ୍ରାପ୍ୟ ମାଂ ନିବର୍ତ୍ତନ୍ତେ ମୃତ୍ୟୁସଂସାରବର୍ତ୍ମନି ।।୩।।**

## ଶବ୍ଦାନୁବାଦ

ଅଶ୍ରଦ୍ଦଧାନାଃ=ଯେଉଁମାନେ ଶ୍ରଦ୍ଧାହୀନ; ପୁରୁଷାଃ=ଏ ପ୍ରକାର ଲୋକମାନେ; ଧର୍ମସ୍ୟ=ଏ ଧର୍ମନୀତିର; ଅସ୍ୟ=ଏହାର; ପରନ୍ତପ=ହେ ଶତ୍ରୁହନ୍ତା; ଅପ୍ରାପ୍ୟ=ନପାଇ (ପ୍ରାପ୍ତ ନ ହୋଇ); ମାମ୍=ମୋତେ; ନିବର୍ତ୍ତନ୍ତେ=ଫେରି ଆସନ୍ତି; ମୃତ୍ୟୁ=ମୃତ୍ୟୁ; ସଂସାର=ଭୌତିକ ସ୍ଥିତି; ବର୍ତ୍ମନି=ପଥରେ ।

## ଅନୁବାଦ

**ହେ ଶତ୍ରୁହନ୍ତା (ଅର୍ଜୁନ), ଯେଉଁମାନେ ଭକ୍ତିଯୋଗ ମାର୍ଗରେ ଶ୍ରଦ୍ଧାବାନ୍ ନୁହନ୍ତି ସେମାନେ ମୋତେ ପାଇପାରନ୍ତି ନାହିଁ। ସେମାନେ ଏ ଜନ୍ମ-ମୃତ୍ୟୁପୂର୍ଣ୍ଣ ଭୌତିକ ସଂସାରକୁ ଫେରି ଆସନ୍ତି।**

## ଭାବାର୍ଥ

ଯେଉଁମାନେ ଶ୍ରଦ୍ଧାହୀନ ସେମାନେ ଏ ଭକ୍ତିଯୋଗ ମାର୍ଗ ପ୍ରାପ୍ତ ହୋଇ ପାରିବେ ନାହିଁ । ଏହା ହେଉଛି ଏ ଶ୍ଲୋକର ସାରାଂଶ । ଭକ୍ତମେଳରେ ଶ୍ରଦ୍ଧା (ବିଶ୍ୱାସ) ଉତ୍ପନ୍ନ ହୁଏ । ଯେଉଁମାନେ ହତଭାଗା, ସେମାନେ ମହାପୁରୁଷ ବା ମହାତ୍ମାମାନଙ୍କଠାରୁ ବୈଦିକ ଶାସ୍ତ୍ରର ବିବରଣ ଶୁଣିବା ପରେ ମଧ୍ୟ ଭଗବାନଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ବା ବିଶ୍ୱାସ ଜାତ ହୁଏ ନାହିଁ । ସେମାନଙ୍କର ଦ୍ୱିଧାବୋଧ ଥାଏ ଏବଂ ସେମାନେ ଭଗବଦ୍ ଭକ୍ତିମାର୍ଗରେ ସ୍ଥିର ହୋଇପାରନ୍ତି ନାହିଁ । ତେଣୁ ଶ୍ରଦ୍ଧା ବା ବିଶ୍ୱାସ ହେଉଛି ପ୍ରଧାନ କଥା । କୃଷ୍ଣଚେତନା ମାର୍ଗରେ ଅଗ୍ରଗତି ନିମିତ୍ତ ଏହା ପ୍ରଥମ ଆବଶ୍ୟକ ଓ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶ୍ରୀଚୈତନ୍ୟ ଚରିତାମୃତରେ ଏହା

କୁହାଯାଇଅଛି ଯେ ବ୍ୟକ୍ତିର ପୂର୍ଣ୍ଣ ବିଶ୍ୱାସ ବା ଶ୍ରଦ୍ଧା ରହିବା ଉଚିତ୍ । ଯେ କେବଳ ପରମପୁରୁଷ ଭଗବାନଙ୍କ ସେବାରେ ରତ ସେ ଜୀବନରେ ପୂର୍ଣ୍ଣତା ଲାଭ କରିପାରିବ । ଏହାକୁ ହିଁ ବାସ୍ତବରେ ଶ୍ରଦ୍ଧା ବା ବିଶ୍ୱାସ କୁହାଯାଏ । ଶ୍ରୀମଦ୍ ଭଗବତମ୍ (୩-୪-୧୨)ରେ କୁହାଯାଇଛି ଯେ ବୃକ୍ଷର ମୂଳରେ ଜଳସେଚନ କଲେ ତାହାର ଡାଳ, ପତ୍ର ଓ ଶାଖା-ପ୍ରଶାଖା ସବୁ ଜଳ ଲାଭକରି ସତେଜ ହୁଅନ୍ତି ଏବଂ ଉଦରକୁ ଖାଦ୍ୟ ଯୋଗାଇଲେ ଶରୀରର ସମସ୍ତ ଇନ୍ଦ୍ରିୟ ସନ୍ତୁଷ୍ଟ ହୁଅନ୍ତି, ଠିକ୍ ସେହିପରି ଭଗବାନଙ୍କ ଦିବ୍ୟସେବାରେ ନିଯୁକ୍ତ ହେଲେ ସମସ୍ତ ଦେବତା ଏବଂ ସମସ୍ତ ଜୀବ ଆପେ ଆପେ ସନ୍ତୁଷ୍ଟ (ପ୍ରସନ୍ନ) ହୋଇଯା'ନ୍ତି ।

ଭଗବଦ୍ ଗୀତା ପାଠ କରିବା ପରେ ବ୍ୟକ୍ତି ଗୀତାର ଏଇ ସିଦ୍ଧାନ୍ତକୁ ସାଙ୍ଗେ ସାଙ୍ଗେ ଗ୍ରହଣ କରିବା ଉଚିତ୍ ଯେ ସେ ସବୁ ପରିତ୍ୟାଗ କରି ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ସେବାରେ ନିଯୁକ୍ତ ହୋଇଯିବା ଉଚିତ୍ । ଯଦି ଜୀବନର ଏହି ଦର୍ଶନ ବ୍ୟକ୍ତିର ହୃଦବୋଧ ହୋଇଗଲା, ତେବେ ତାହା ହିଁ ବିଶ୍ୱାସ ବା ଶ୍ରଦ୍ଧା ଅଟେ । ବର୍ତ୍ତମାନ ଏହି ବିଶ୍ୱାସ ବା ଶ୍ରଦ୍ଧା ବୃଦ୍ଧିର ମାର୍ଗ ହେଲା, କୃଷ୍ଣଚେତନା ମାର୍ଗ ।

ତିନି ପ୍ରକାରର କୃଷ୍ଣଚେତନଶୀଳ ବ୍ୟକ୍ତି (ଭକ୍ତ) ଅଛନ୍ତି । ତୃତୀୟ ଶ୍ରେଣୀର ବ୍ୟକ୍ତି ହେଉଛନ୍ତି ସେଇମାନେ, ଯେଉଁମାନଙ୍କର ବିଶ୍ୱାସ ବା ଶ୍ରଦ୍ଧା ନାହିଁ । ଯଦି ସେମାନେ କୌଣସି ପ୍ରକାର ଦୂରବର୍ତ୍ତୀ କାମନାର ବଶବର୍ତ୍ତୀ ହୋଇ ଭକ୍ତିଯୋଗ ମାର୍ଗରେ ସେବାରତ ହୁଅନ୍ତି; ତେବେ ସେମାନେ ସର୍ବୋଚ୍ଚ ସିଦ୍ଧିଲାଭ କରିପାରିବେ ନାହିଁ । ଖୁବ୍ ସମ୍ଭବ କିଛି ସମୟ ପାଇଁ ସେମାନେ ପଥଚ୍ୟୁତ ହେବେ । ସେମାନେ ସେବାରେ ନିଯୁକ୍ତ ହୋଇ ପାରନ୍ତି; କିନ୍ତୁ ସେମାନଙ୍କର ଏଥିରେ ପୂର୍ଣ୍ଣ ଶ୍ରଦ୍ଧା ବା ବିଶ୍ୱାସ ନଥିବାରୁ– ଏ କୃଷ୍ଣଚେତନା ମାର୍ଗରେ ଅଗ୍ରଗତି କରିବା ସେମାନଙ୍କ ପକ୍ଷରେ ଅତ୍ୟନ୍ତ କଷ୍ଟକର ହୋଇଉଠେ । ଆମର ଏ ଦିଗରେ ବାସ୍ତବ ଅଭିଜ୍ଞତା ଅଛି, ଆମେ ଯେତେବେଳେ ଏ କୃଷ୍ଣଚେତନା ସଂଘରେ କାମ କରୁଛେ, ସେତେବେଳେ ଆମେ ଦେଖୁଛେ କେତେକ ବ୍ୟକ୍ତି କେତେକ ଗୁପ୍ତ କାମନାର ବଶବର୍ତ୍ତୀ ହୋଇ ସଂଘରେ ଆସି ଯୋଗଦିଅନ୍ତି ଓ ସେବାରେ ନିଯୁକ୍ତ ହୁଅନ୍ତି; କିନ୍ତୁ ଯେତେବେଳେ ସେମାନଙ୍କ ପାଖରେ କିଛି ପଇସାପତ୍ର ହୋଇଯାଏ, ସେତେବେଳେ ସେମାନେ ଏ ପନ୍ଥା ତ୍ୟାଗ କରି ପୁନର୍ବାର ସେମାନଙ୍କ ପୂର୍ବ (ପୁରାତନ) ପନ୍ଥା ଗ୍ରହଣ କରନ୍ତି । କେବଳ ପୂର୍ଣ୍ଣ ଶ୍ରଦ୍ଧା ବା ବିଶ୍ୱାସବଳରେ ହିଁ ବ୍ୟକ୍ତି ଏ କୃଷ୍ଣଚେତନା ମାର୍ଗରେ ଉନ୍ନତି କରି ପାରିବ । ଶ୍ରଦ୍ଧା ବା ବିଶ୍ୱାସ ବୃଦ୍ଧି ସମ୍ବନ୍ଧରେ ଏଇକଥା କୁହାଯାଇପାରେ ଯେ ଯେଉଁ ବ୍ୟକ୍ତି ଭକ୍ତିଶାସ୍ତ୍ର ବା ଭକ୍ତିଗ୍ରନ୍ଥ ଭଲରକମ ପାଠକରି ଜ୍ଞାନ ହାସଲ କରିଛି ଏବଂ ଦୃଢ଼ବିଶ୍ୱାସ ପୋଷଣ କରିବା ସ୍ତରକୁ ଆସିଯାଇଛି, ତେବେ ତାକୁ ହିଁ କୃଷ୍ଣଚେତନା-ମାର୍ଗରେ ପ୍ରଥମ ଶ୍ରେଣୀର ଭକ୍ତବୋଲି କୁହାଯିବ । କେଉଁମାନେ ଦ୍ୱିତୀୟ ଶ୍ରେଣୀୟ ଭକ୍ତ ? ଦ୍ୱିତୀୟ ଶ୍ରେଣୀୟ ଭକ୍ତ ସେହିମାନେ–ଯେଉଁମାନେ, ଭକ୍ତିଗ୍ରନ୍ଥ ପାଠକରି ହୃଦୟଙ୍ଗମ କରିବାରେ ଅଧିକ ପାରଦର୍ଶିତା ଲାଭ କରି ନାହାନ୍ତି, କିନ୍ତୁ ସ୍ୱତଃ ସେମାନଙ୍କର ଏଇ ବିଶ୍ୱାସ ଜାତ ହୋଇଛି ଯେ କୃଷ୍ଣଭକ୍ତି ବା କୃଷ୍ଣସେବା ହିଁ ଉତ୍ତମ ପନ୍ଥା ଏବଂ ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ସେମାନେ ଏ ମାର୍ଗ ଗ୍ରହଣ କରି ନେଇଛନ୍ତି । ଏଣୁ ସେମାନେ ତୃତୀୟ ଶ୍ରେଣୀର

ଭକ୍ତଙ୍କ ଅପେକ୍ଷା ଅଧିକ ଉନ୍ନତ; କାରଣ ତୃତୀୟ ଶ୍ରେଣୀର ଭକ୍ତଙ୍କର ପୂର୍ଣ୍ଣଜ୍ଞାନ ନଥାଏ, କି ଭକ୍ତ ସଙ୍ଗରେ ରହି ସରଳଭାବରେ ଏହାକୁ ଗ୍ରହଣ କରିବାକୁ ଚେଷ୍ଟା କରିବାରେ ବିଶ୍ୱାସ ନଥାଏ । ତୃତୀୟ ଶ୍ରେଣୀୟ ଭକ୍ତର ପତନ ହୋଇପାରେ, କିନ୍ତୁ ଯେ ଏ ମାର୍ଗରେ ଦ୍ୱିତୀୟ ଶ୍ରେଣୀରେ ବା ପ୍ରଥମ ଶ୍ରେଣୀରେ ଅଛି ତା'ର ପତନର ସମ୍ଭାବନା ନାହିଁ । ଯେଉଁ ଭକ୍ତ (ବ୍ୟକ୍ତି) ପ୍ରଥମ ଶ୍ରେଣୀରେ ଅଛି ସେ ନିଶ୍ଚୟ ଉନ୍ନତି କରିବ ଏବଂ ଶେଷରେ ସୁଫଳ ପ୍ରାପ୍ତ ହେବ । ତୃତୀୟ ଶ୍ରେଣୀର ଭକ୍ତର ଯଦିଓ ଏଇ ଧାରଣା ଥାଏ ଯେ କୃଷ୍ଣସେବା ହିଁ ଉତ୍ତମ, ତଥାପି ଶ୍ରୀମଦ୍ ଭାଗବତମ୍ ଏବଂ ଭଗବଦ୍‌ଗୀତା ଆଦି ଶାସ୍ତ୍ରମାନଙ୍କରୁ ପ୍ରାପ୍ତ କୃଷ୍ଣସମ୍ବନ୍ଧୀୟ ଜ୍ଞାନ ତା'ର ନଥାଏ । ବେଳେବେଳେ କୃଷ୍ଣଭାବନାଶୀଳ ତୃତୀୟ ଶ୍ରେଣୀ ଭକ୍ତଙ୍କର କର୍ମଯୋଗ ଏବଂ ଜ୍ଞାନଯୋଗ ପ୍ରବୃତ୍ତିଥାଏ । ବେଳେବେଳେ ସେମାନେ ମଧ୍ୟ ବିଚଳିତ ହୋଇପଡ଼ନ୍ତି, କିନ୍ତୁ ଯେତେବେଳେ ସେମାନଙ୍କର ଏ କର୍ମଯୋଗ କିମ୍ବା ଜ୍ଞାନଯୋଗରୂପକ ଡିଆଁରୋଗ (ପ୍ରବୃତ୍ତି)ଲୋପ ପାଇଯାଏ, ସେତେବେଳେ ସେମାନେ ଦ୍ୱିତୀୟ ଶ୍ରେଣୀ କିମ୍ବା ପ୍ରଥମ ଶ୍ରେଣୀୟ ଭକ୍ତ ହୋଇଯା'ନ୍ତି । ଶ୍ରୀମଦ୍ ଭାଗବତମ୍‌ରେ ବର୍ଣ୍ଣିତ ହୋଇଅଛି ଯେ ଶ୍ରୀକୃଷ୍ଣଙ୍କଠାରେ ଥିବା ଶ୍ରଦ୍ଧା ବା ବିଶ୍ୱାସ ତିନି ଶ୍ରେଣୀରେ ବିଭକ୍ତ । ଶ୍ରୀମଦ୍ ଭାଗବତମ୍‌ରେ ଏକାଦଶ ସ୍କନ୍ଧରେ ପ୍ରଥମ ଶ୍ରେଣୀୟ ଶ୍ରଦ୍ଧା, ଦ୍ୱିତୀୟ ଶ୍ରେଣୀୟ ଶ୍ରଦ୍ଧା ଓ ତୃତୀୟ ଶ୍ରେଣୀୟ ଶ୍ରଦ୍ଧା ସମ୍ବନ୍ଧରେ ବର୍ଣ୍ଣନା ଅଛି । ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଏବଂ କୃଷ୍ଣସେବାରେ ମହାତ୍ମ୍ୟ ସମ୍ବନ୍ଧରେ ଶୁଣିବା ପରେ ମଧ୍ୟ ଯେଉଁମାନଙ୍କର ଶ୍ରଦ୍ଧା ଉତ୍ପନ୍ନ ନ ହୁଏ ଏବଂ ଯେଉଁମାନେ ଭାବନ୍ତି, ଯେ ଏହା କେବଳ ସ୍ତୁତିଗାନ ବା ପ୍ରଶଂସାଗାନ ଅଟେ, ସେମାନେ ଭକ୍ତିଯୋଗ ମାର୍ଗରେ କୃଷ୍ଣସେବାରେ ନିଯୁକ୍ତ ହେଲେ ସୁଦ୍ଧା ଏ ମାର୍ଗ ସେମାନଙ୍କୁ ଅତି କଠିନ ଜଣାପଡ଼େ । ଏ ପ୍ରକାର ଲୋକମାନଙ୍କର ପୂର୍ଣ୍ଣତା ଲାଭର ଖୁବ୍ କମ୍ ଆଶାଥାଏ । ଏଣୁ ଭକ୍ତିଯୋଗ ମାର୍ଗରେ କୃଷ୍ଣସେବାରେ ରତ ହେବାର ଶ୍ରଦ୍ଧା ବା ବିଶ୍ୱାସ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

## ଶ୍ଳୋକ - ୪

**ମୟା ତତମିଦଂ ସର୍ବଂ ଜଗଦବ୍ୟକ୍ତମୂର୍ତ୍ତିନା ।**
**ମତ୍‌ସ୍ଥାନି ସର୍ବଭୂତାନି ନ ଚାହଂ ତେଷ୍ୱବସ୍ଥିତଃ ।। ୪ ।।**

## ଶବ୍ଦାନୁବାଦ

ମୟା=ମୋ'ଦ୍ୱାରା; ତତମ୍=ବିସ୍ତୃତ; ଇଦମ୍=ଏ ସମସ୍ତ ପରିପ୍ରକାଶ; ସର୍ବମ୍=ସମସ୍ତ; ଜଗତ୍=ଭୌତିକ ପରିପ୍ରକାଶ; ଅବ୍ୟକ୍ତ-ମୂର୍ତ୍ତିନା=ଅବ୍ୟକ୍ତ ରୂପ; ମତ୍‌ସ୍ଥାନି=ମୋ'ଠାରେ; ସର୍ବ-ଭୂତାନି=ସମସ୍ତ ଜୀବ; ନ=ନୁହେଁ; ଚ=ମଧ୍ୟ; ଅହମ୍=ମୁଁ; ତେଷୁ=ସେମାନଙ୍କଠାରେ; ଅବସ୍ଥିତଃ=ରହେ ।

## ଅନୁବାଦ

**ଏ ସମସ୍ତ ଜଗତ୍ ମୋର ଅବ୍ୟକ୍ତ ମୂର୍ତ୍ତିରେ ମୋ'ଦ୍ୱାରା ପରିବ୍ୟାପ୍ତ ହୋଇଅଛି । ସମସ୍ତ ଜୀବ ମୋ'ଠାରେ ଅଛନ୍ତି, କିନ୍ତୁ ମୁଁ ସେମାନଙ୍କଠାରେ ନାହିଁ ।**

## ଭାବାର୍ଥ

ସ୍ଥୂଳ ଭୌତିକ ଇନ୍ଦ୍ରିୟ ସାହାଯ୍ୟରେ କେହି ଭଗବାନଙ୍କୁ ଦେଖିପାରିବ ନାହିଁ । କୁହାଯାଇଅଛି ଯେ ଭୌତିକ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ଭଗବାନ୍ ଶ୍ରୀକୃଷ୍ଣଙ୍କର ନାମ ଯଶ, ଲୀଳା ଆଦି ବୁଝାଯାଇପାରିବ ନାହିଁ । ଯେଉଁ ବ୍ୟକ୍ତି ଉପଯୁକ୍ତ ଗୁରୁଙ୍କ ଅଧୀନରେ ରହି ଶୁଦ୍ଧ ଭକ୍ତିରେ ନିଯୁକ୍ତ ଅଛି, ତାଙ୍କରି ପାଖରେ ହିଁ ସେ (ଭଗବାନ୍) ପରିସ୍ଫୁଟ ହୁଅନ୍ତି । ବ୍ରହ୍ମସଂହିତାରେ କୁହାଯାଇଅଛି "ପ୍ରେମାଞ୍ଜନଚ୍ଛୁରିତ...." । ଯଦି ବ୍ୟକ୍ତିର ପରମ ପୁରୁଷ ଭଗବାନ୍ ଗୋବିନ୍ଦଙ୍କ ପ୍ରତି ଦିବ୍ୟ ପ୍ରେମ ବା ଶ୍ରଦ୍ଧା ଜାତ ହୋଇଅଛି, ତେବେ ସେହିଁ ଭଗବାନଙ୍କୁ ନିଜ ଭିତରେ ଓ ବାହାରେ ଦେଖିପାରିବ । ତେଣୁ ସେ ସାଧାରଣ ଲୋକଙ୍କର ଦୃଷ୍ଟିର ଅଗୋଚର ଅଟନ୍ତି । ଏଠାରେ କୁହାଯାଇଅଛି ଯେ, ଯଦିଓ ସେ ସର୍ବତ୍ର ପରିବ୍ୟାପ୍ତ ହୋଇଛନ୍ତି ଏବଂ ସର୍ବତ୍ର ବିଦ୍ୟମାନ, ତଥାପି ସେ ଭୌତିକ ଇନ୍ଦ୍ରିୟ ସାହାଯ୍ୟରେ ଜଣାଯା'ନ୍ତି ନାହିଁ । ଯଦିଓ ଆମେ ତାଙ୍କୁ ଦେଖି ପାରୁନାହୁଁ, ତଥାପି ସମସ୍ତେ (ସମସ୍ତ ପଦାର୍ଥ) ତାଙ୍କଠାରେ ହିଁ ଆଶ୍ରିତ । ସପ୍ତମ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି ଯେ ସମଗ୍ର ଭୌତିକ ପରିପ୍ରକାଶ କେବଳ ତାଙ୍କର ଦୁଇପ୍ରକାର ଶକ୍ତି ଦିବ୍ୟ ଚିଦ୍‌ଶକ୍ତି (ବା ଉଚ୍ଚତର ଆଧ୍ୟାତ୍ମିକ ଶକ୍ତି) ଏବଂ ନୀଚ ଭୌତିକ ଶକ୍ତି (ବା ଅଚିତ୍ ଭୌତିକ ଶକ୍ତି)ର ସମାବେଶ ଅଟେ । ଯେପରି ସମସ୍ତ ବ୍ରହ୍ମାଣ୍ଡରେ ସୂର୍ଯ୍ୟକିରଣ ପରିବ୍ୟାପ୍ତ ହୁଏ, ଠିକ୍ ସେହିପରି ଭଗବାନଙ୍କର ଶକ୍ତି ସମସ୍ତ ସୃଷ୍ଟିରେ ପରିବ୍ୟାପ୍ତ ହୋଇଅଛି ଏବଂ ସମସ୍ତେ (ସବୁ ପଦାର୍ଥ) ସେହି ଶକ୍ତିର ଆଶ୍ରିତ ।

ତଥାପି କେହି ଏପରି ସିଦ୍ଧାନ୍ତ ଗ୍ରହଣ କରିବା ଉଚିତ୍ ନୁହେଁ ଯେ ସେ ସର୍ବତ୍ର ପରିବ୍ୟାପ୍ତ ହୋଇଥିବା ଯୋଗୁଁ ସେ ତାଙ୍କର ବ୍ୟକ୍ତିଗତ ଅସ୍ତିତ୍ୱ ହରାଇଛନ୍ତି । ଏ ଯୁକ୍ତିକୁ କାଟିବା ନିମିତ୍ତ ଭଗବାନ୍ କହୁଛନ୍ତି, "ମୁଁ ସବୁଠାରେ ଅଛି ଏବଂ ସବୁକିଛି ମୋ'ଠାରେ ଅଛି, ତଥାପି ମୁଁ ସ୍ୱତନ୍ତ୍ରଅଟେ ।" ଉଦାହରଣ ସ୍ୱରୂପ, ରାଜା, ସରକାରୀ କଳର ମାଲିକ ବା ଅଧ୍ୟକ୍ଷ । ସରକାରୀ ଶାସନକଳ ରାଜାଙ୍କ ଶକ୍ତିର ପ୍ରକାଶ ଅଟେ । ବିଭିନ୍ନ ସରକାରୀ ବିଭାଗ ରାଜାଙ୍କର ଶକ୍ତି ବ୍ୟତୀତ ଆଉ କିଛି ନୁହେଁ ଏବଂ ପ୍ରତ୍ୟେକ ବିଭାଗ ରାଜାଙ୍କ ଶକ୍ତିର ଆଶ୍ରିତ । ତଥାପି କେହି ଏପରି ଆଶା କରିପାରିବ ନାହିଁ ଯେ ରାଜା ବ୍ୟକ୍ତିଗତ ଭାବରେ ସବୁ ବିଭାଗରେ ଉପସ୍ଥିତ ରହିବେ । ଏହା ହେଉଛି ଏକ ସ୍ଥୂଳ ଉଦାହରଣ । ଠିକ୍ ସେହିପରି, ଯେଉଁସବୁ ପରିପ୍ରକାଶ ଆମର ଦୃଷ୍ଟିଗୋଚର ହୁଏ ଏବଂ ଯାହାକିଛି ଉଭୟ ଭୌତିକ ଏବଂ ଚିଦ୍ ଜଗତ (ବୈକୁଣ୍ଠଲୋକ)ରେ ଅବସ୍ଥିତ, ସବୁକିଛି ପରମପୁରୁଷ ଭଗବାନଙ୍କର ଶକ୍ତିର ଆଶ୍ରିତ । ତାଙ୍କର ବିଭିନ୍ନ ଶକ୍ତିର ସ୍ଫୁରଣ ଦ୍ୱାରା ହିଁ ସୃଷ୍ଟି ପ୍ରକାଶ ଲାଭକରେ ଏବଂ ଭଗବଦ୍ ଗୀତାର ବାଣୀ ଅନୁଯାୟୀ ସେ ତାଙ୍କର ବ୍ୟକ୍ତିଗତ ପ୍ରକାଶ ଅର୍ଥାତ୍ ତାଙ୍କର ବିଭିନ୍ନ ଶକ୍ତିର ସ୍ଫୁରଣଦ୍ୱାରା ସେ ସର୍ବତ୍ର ବିଦ୍ୟମାନ ।

## ଶ୍ଳୋକ - ୫

**ନ ଚ ମତ୍‌ସ୍ଥାନି ଭୂତାନି ପଶ୍ୟ ମେ ଯୋଗମୈଶ୍ୱରମ୍ ।**
**ଭୂତଭୃନ୍ନ ଚ ଭୂତସ୍ଥୋ ମମାତ୍ମା ଭୂତଭାବନଃ ।।୫।।**

## ଶବ୍ଦାନୁବାଦ

ନ=ନୁହେଁ; ଚ=ମଧ୍ୟ; ମତ୍‌ସ୍ଥାନି=ମୋ'ଠାରେ ଅବସ୍ଥିତ; ଭୂତାନି=ସମସ୍ତ ସୃଷ୍ଟି; ପଶ୍ୟ=ଦେଖ; ମେ=ମୋର; ଯୋଗମ୍ ଐଶ୍ୱରମ୍=ଅଚିନ୍ତ୍ୟ ଯୋଗଶକ୍ତି; ଭୂତ-ଭୃତ୍=ସମସ୍ତ ଜୀବର ଧାରଣ ଓ ପୋଷଣ କର୍ତ୍ତା; ନ=ନୁହେଁ; ଚ=ମଧ୍ୟ; ଭୂତ-ସ୍ଥଃ=ଦୃଶ୍ୟମାନ ଜଗତରେ; ମମ=ମୋର; ଆତ୍ମା=ଆତ୍ମା; ଭୂତ-ଭାବନଃ=ସମସ୍ତ ସୃଷ୍ଟିର ମୂଳ।

## ଅନୁବାଦ

**ତଥାପି ସମସ୍ତ ସୃଷ୍ଟ ପଦାର୍ଥ ମୋ'ଠାରେ ନାହିଁ। ମୋର ଯୋଗୈଶ୍ୱର୍ଯ୍ୟ ଦେଖ। ଯଦିଓ ମୁଁ ସମସ୍ତ ଜୀବର ଧାରଣ ଓ ପୋଷଣକର୍ତ୍ତା ଅଟେ ଏବଂ ଯଦିଓ ମୁଁ ସର୍ବତ୍ର ବିଦ୍ୟମାନ, ତଥାପି ମୋର ଆତ୍ମା ସମସ୍ତ ସୃଷ୍ଟିର ମୂଳ ଅଟେ।**

## ଭାବାର୍ଥ

ଭଗବାନ୍ କହୁଛନ୍ତି ଯେ ସବୁ ତାଙ୍କଠାରେ ଅଛି । ଏହାକୁ ଭୁଲବୁଝିବା ଉଚିତ୍ ନୁହେଁ । ଏ ଭୌତିକ ସୃଷ୍ଟିର ପାଳନ ଓ ପୋଷଣ କାର୍ଯ୍ୟରେ ଭଗବାନ୍ ପ୍ରତ୍ୟକ୍ଷଭାବରେ ସଂପୃକ୍ତ ନୁହନ୍ତି। ଆମେ ବେଳେବେଳେ ଦେଖୁ ଏକ 'ଆଟଲାସ୍' ଚିତ୍ର ବା କାନ୍ଧ ଉପରେ ଗ୍ଲୋବ (ପୃଥିବୀ)କୁ ଧରିଛି। ଏ ବିରାଟ ପୃଥିବୀକୁ ଧରି ସେ ଖୁବ୍ କ୍ଲାନ୍ତ ହୋଇ ପଡ଼ିଲା ପରି ଜଣାପଡ଼େ। ଏ ଆଟଲାସ୍ ଗ୍ଲୋବକୁ ଯେପରି ଧରିଛି, ଶ୍ରୀକୃଷ୍ଣ ଏ ସୃଷ୍ଟ ବ୍ରହ୍ମାଣ୍ଡକୁ ସେପରି ଧରି ନାହାନ୍ତି। ତେଣୁ ଏ ଚିତ୍ରକୁ କୃଷ୍ଣଙ୍କର ସୃଷ୍ଟ ବ୍ରହ୍ମାଣ୍ଡକୁ ଧରିବା ଧାରଣା ପୋଷଣ କରିବା ଉଚିତ୍ ନୁହେଁ । ସେ କହୁଛନ୍ତି ଯେ ଯଦିଓ ସବୁ କିଛି ତାଙ୍କଠାରେ ଅଛି, ତଥାପି ସେ ସ୍ୱତନ୍ତ୍ର ଅଟନ୍ତି– କୌଣସି ସହ ସଂପୃକ୍ତ ନୁହନ୍ତି । ଗ୍ରହ-ଉପଗ୍ରହମାନ ଅନ୍ତରୀକ୍ଷରେ ଭାସି ବୁଲୁଛନ୍ତି। ଏହି ଅନ୍ତରୀକ୍ଷ ଭଗବାନଙ୍କର ଶକ୍ତି ଅଟେ । କିନ୍ତୁ ସେ ଅନ୍ତରୀକ୍ଷଠାରୁ ଭିନ୍ନ ଅଟନ୍ତି। ସେ ସ୍ୱତନ୍ତ୍ର ଭାବରେ ଅବସ୍ଥିତ । ତେଣୁ ଭଗବାନ୍ କହୁଛନ୍ତି, "ଯଦିଓ ସେମାନେ ମୋର ଅଚିନ୍ତ୍ୟ ଶକ୍ତିରେ ଅବସ୍ଥିତ, ତଥାପି ଭଗବାନ୍ ହିସାବରେ ମୁଁ ସେମାନଙ୍କଠାରୁ ସ୍ୱତନ୍ତ୍ର ଅଟେ । ଏହା ହେଉଛି ଭଗବାନଙ୍କର ଅଚିନ୍ତ୍ୟ ଐଶ୍ୱର୍ଯ୍ୟ ।

ବୈଦିକ ଅଭିଧାନରେ କୁହାଯାଇଅଛି, "ଭଗବାନ୍ ତାଙ୍କର ଶକ୍ତି ପ୍ରକାଶ କରି ଅଚିନ୍ତ୍ୟ ଭାବରେ ତାଙ୍କର ବିଚିତ୍ର ଲୀଳା ପ୍ରକାଶ କରୁଛନ୍ତି । ତା'ଙ୍କ ଶରୀର ବିଭିନ୍ନ ଶକ୍ତିରେ ପୂର୍ଣ୍ଣ ଏବଂ ତାଙ୍କର ସଙ୍କଳ୍ପ ହିଁ ପ୍ରକୃତରେ କାର୍ଯ୍ୟକାରୀ ହୁଏ । ଏହି ପ୍ରକାରେ ପରମପୁରୁଷ ଭଗବାନଙ୍କୁ ବୁଝିବା ଉଚିତ୍ ।" ଆମେ କିଛି କରିବା ପାଇଁ ଭାବୁଛୁ, କିନ୍ତୁ ଅନେକ ପ୍ରତିବନ୍ଧକ ଅଛି ଏବଂ ବେଳେବେଳେ ଆମେ ଯେପରି ଭାବୁଛୁ ସେପରି କରିବା ସମ୍ଭବପର ହୁଏ ନାହିଁ । କିନ୍ତୁ ଶ୍ରୀକୃଷ୍ଣ ଯେତେବେଳେ କିଛି କରିବାକୁ ଇଚ୍ଛା କରନ୍ତି, ସେ କେବଳ ଇଚ୍ଛା କଲେ, ସବୁ କାମ ଏଡ଼େ ସୁନ୍ଦର ଭାବରେ ହୋଇଯାଏ ଯେ, କେହି କଳ୍ପନା କରିପାରିବେ ନାହିଁ ଏହା କିପରି ହେଉଛି । ଭଗବାନ୍ ଏକଥା ଭଲଭାବରେ ବୁଝାଇ ଦେଇଛନ୍ତି । ଯଦିଓ ସେ ସମସ୍ତ ଭୌତିକ ପରିପ୍ରକାଶର ପାଳନ ଓ ପୋଷଣ କର୍ତ୍ତା ଅଟନ୍ତି, ତଥାପି ସେ ଏ ଭୌତିକ ପରିପ୍ରକାଶକୁ ସ୍ପର୍ଶ କରନ୍ତି ନାହିଁ । କେବଳ ତାଙ୍କର ପରମ ଇଚ୍ଛାଶକ୍ତି ବଳରେ ସବୁ ସୃଷ୍ଟି ହେଉଅଛି, ସବୁ ପାଳନ

କରାଯାଉଛି, ସବୁ ପୋଷଣ କରାଯାଉଛି ଏବଂ ସବୁର ସଂହାର ମଧ୍ୟ ହେଉଛି । ତାଙ୍କ ମନ ଓ ତାଙ୍କ (ଆତ୍ମା) ମଧ୍ୟରେ କୌଣସି ତଫାତ୍ ନାହିଁ । ଯେପରି ଆମର ଭୌତିକ ମନ ଓ ଆତ୍ମ ଭିତରେ ତଫାତ୍, ସେପରି ତଫାତ୍ ଭଗବାନ୍‌ଙ୍କଠାରେ ନାହିଁ; କାରଣ ସେ ପରମାତ୍ମା ଅଟନ୍ତି । ଏକ ସଙ୍ଗରେ ଭଗବାନ୍ ପ୍ରତ୍ୟେକ ପଦାର୍ଥରେ ଅଛନ୍ତି, ତଥାପି ସାଧାରଣ ଲୋକ ବୁଝିପାରନ୍ତି ନାହିଁ, ସେ କିପରି ବ୍ୟକ୍ତିଗତ ଭାବରେ ବିଦ୍ୟମାନ ଅଛନ୍ତି । ସେ ଭୌତିକ ପରିପ୍ରକାଶରୁ ଭିନ୍ନ ଅଟନ୍ତି, ତଥାପି ସବୁ କିଛି ତାଙ୍କଠାରେ ଆଶ୍ରିତ । ଏହା ହେଉଛି ଏଠାରେ କୁହାଯାଇଥିବା *'ଯୋଗମ୍ ଐଶ୍ୱରମ୍''*– ଅର୍ଥାତ୍ ଏହା ପରମପୁରୁଷ ଭଗବାନଙ୍କର ଯୋଗଶକ୍ତି ଅଟେ ।

## ଶ୍ଳୋକ - ୬

**ଯଥାକାଶସ୍ଥିତୋ ନିତ୍ୟଂ ବାୟୁଃ ସର୍ବତ୍ରଗୋ ମହାନ୍ ।**
**ତଥା ସର୍ବାଣି ଭୂତାନି ମତ୍‌ସ୍ଥାନୀତ୍ୟୁପଧାରୟ ।। ୬ ।।**

## ଶବ୍ଦାନୁବାଦ

ଯଥା=ଯେଉଁପରି ଭାବରେ; ଆକାଶ-ସ୍ଥିତଃ=ଆକାଶରେ ସ୍ଥିତ; ନିତ୍ୟମ୍=ସର୍ବଦା; ବାୟୁଃ=ବାୟୁ; ସର୍ବତ୍ର-ଗଃ=ସର୍ବତ୍ର ପ୍ରବହମାନ; ମହାନ୍=ମହାନ୍; ତଥା=ସେହିପରି; ସର୍ବାଣି=ସମସ୍ତ (ପଦାର୍ଥ ଓ ଜୀବ ଆଦି); ଭୂତାନି=ସୃଷ୍ଟଜୀବ; ମତ୍‌ସ୍ଥାନି=ମୋ'ଠାରେ ଅବସ୍ଥିତ; ଇତି=ଏହିପରି; ଉପଧାରୟ=ବୁଝିବାକୁ ଚେଷ୍ଟାକର ।

## ଅନୁବାଦ

**ଯେପରି ସର୍ବତ୍ର ପ୍ରବହମାନ ମହାନ ବାୟୁ ସର୍ବଦା ଆକାଶରେ ଅବସ୍ଥାନ କରେ ସେହିପରି ଜାଣ ଯେ, ସମସ୍ତ ଜୀବ ମୋ'ଠାରେ ଅବସ୍ଥାନ କରନ୍ତି ।**

## ଭାବାର୍ଥ

କିପରି ଏ ବିରାଟ ଭୌତିକ ସୃଷ୍ଟି ଭଗବାନଙ୍କଠାରେ ଅବସ୍ଥାନ କରୁଛି–ଏ କଥା ସାଧାରଣ ଲୋକ ଚିନ୍ତାକରି ପାରିବ ନାହିଁ । ଏହା ସାଧାରଣ ଲୋକ ପକ୍ଷରେ ଅଚିନ୍ତନୀୟ ଅଟେ । କିନ୍ତୁ ଭଗବାନ୍ ଏଠାରେ ଏକ ଉଦାହରଣ ଦେଉଛନ୍ତି, ଯାହା ସାହାଯ୍ୟରେ ଆମେ କଥାଟିକୁ ବୁଝିପାରିବା । ଅନ୍ତରୀକ୍ଷ ବା ଆକାଶ ହେଉଛି ମହାନ୍ ପ୍ରକାଶ । ଏହା ଆମେ ଧାରଣା କରି ପାରିବା । ଏ ଦୃଶ୍ୟମାନ ଜଗତ୍ ଆକାଶରେ ଅବସ୍ଥାନ କରୁଛି । ଆକାଶରେ କ୍ଷୁଦ୍ର ଅଣୁଠାରୁ ଆରମ୍ଭ କରି ମହାନ୍ ଗ୍ରହ, ଉପଗ୍ରହ, ସୂର୍ଯ୍ୟ ଓ ଚନ୍ଦ୍ର ଆଜି ପର୍ଯ୍ୟନ୍ତ ସମସ୍ତେ ଘୂରି ବୁଲୁଛନ୍ତି । ଏ ସମସ୍ତଙ୍କୁ ଗତି କରିବା ପାଇଁ ଆକାଶ ସ୍ଥାନ ଦେଇଛି । ଯଦିଓ ବାୟୁ ମହାନ୍ ଅଟେ, ତଥାପି ଏହା ଆକାଶ ମଧ୍ୟରେ ଅବସ୍ଥିତ । ଆକାଶ ବାୟୁଠାରୁ ଅତିରିକ୍ତ ନୁହେଁ ।

ଠିକ୍ ସେହିପରି ସମସ୍ତ ଆଶ୍ଚର୍ଯ୍ୟଜନକ ଭୌତିକ ପରିପ୍ରକାଶମାନ ଭଗବାନଙ୍କର ପରମ ଇଚ୍ଛାଶକ୍ତି ବଳରେ ଅବସ୍ଥାନ କରୁଛନ୍ତି, ସେ ସମସ୍ତେ ଭଗବାନଙ୍କର ପରମ ଇଚ୍ଛାଶକ୍ତିର ଅଧୀନସ୍ଥ ଅଟନ୍ତି । ଆମେ ଯେପରି ସାଧାରଣତଃ କହୁ, ଭଗବାନଙ୍କ ଇଚ୍ଛା ବ୍ୟତିରେକେ ଘାସ ପତ୍ରଟିଏ ସୁଦ୍ଧା ହଲି ପାରିବ ନାହିଁ । ସେହିପରି ସମସ୍ତେ ତାଙ୍କର (ଭଗବାନଙ୍କର) ଇଚ୍ଛାନୁଯାୟୀ ବିଚରଣ କରୁଛନ୍ତି । ତାଙ୍କ ଇଚ୍ଛାନୁଯାୟୀ ସବୁ ସୃଷ୍ଟି ହେଉଛି, ସବୁ ପ୍ରତିପାଳିତ ହେଉଛି ଏବଂ

ସବୁ ବିନଷ୍ଟ ହେଉଅଛି । ତଥାପି ସେ ସମସ୍ତଙ୍କ ଠାରୁ ପୃଥକ୍ ଅଟନ୍ତି, ଯେପରି ଆକାଶ ସର୍ବଦା ବାୟୁମଣ୍ଡଳର କ୍ରିୟାଠାରୁ ପୃଥକ୍ ଅଟେ । ଉପନିଷଦରେ ଏକଥା କୁହାଯାଇଛି, ''ଭଗବାନଙ୍କ ଭୟରେ ବାୟୁ ପ୍ରବାହିତ ହେଉଅଛି ।'' ଗର୍ଗ ଉପନିଷଦରେ ମଧ୍ୟ କୁହାଯାଇଛି; ''ଭଗବାନଙ୍କ ଆଦେଶାନୁଯାୟୀ, ଭଗବାନଙ୍କ ଅଧ୍ୟକ୍ଷତାରେ ସୂର୍ଯ୍ୟ, ଚନ୍ଦ୍ର ଏବଂ ମହାନ୍ ଗ୍ରହଗଣ ଗତି କରୁଛନ୍ତି ।'' ବ୍ରହ୍ମସଂହିତାରେ ମଧ୍ୟ ଏ କଥା କୁହାଯାଇଅଛି । ସୂର୍ଯ୍ୟଙ୍କ ଗତି ସମ୍ବନ୍ଧରେ ମଧ୍ୟ ବର୍ଣ୍ଣନା କରାଯାଇଅଛି ଏବଂ କୁହାଯାଇଛି ଯେ ସୂର୍ଯ୍ୟ ଭଗବାନଙ୍କର ଏକ ଚକ୍ଷୁ ସଦୃଶ ଅଟେ ଏବଂ ଉତ୍ତାପ ଓ ଆଲୋକ ବିତରଣ କରିବା ନିମିତ୍ତ ଏହାର ମହାନ୍ ଶକ୍ତି ଅଛି । ତଥାପି ଏହା ଭଗବାନ୍ ଗୋବିନ୍ଦଙ୍କ ପରମ ଇଚ୍ଛାନୁଯାୟୀ ନିଜର ନିର୍ଦ୍ଦିଷ୍ଟ ଗତିପଥରେ ଗତି କରି ଚ୍ଚଲିଛି । ତେଣୁ ବୈଦିକ ସାହିତ୍ୟରୁ ଆମକୁ ଏ ପ୍ରମାଣ ମିଳୁଛି ଯେ ଏ ଭୌତିକ ସୃଷ୍ଟି, ଯାହାକି ଆମକୁ ଅତି ଆଶ୍ଚର୍ଯ୍ୟଜନକ ଓ ବିରାଟ ବୋଲି ପ୍ରତୀୟମାନ ହେଉଅଛି, (ତାହା) ପରମପୁରୁଷ ଭଗବାନଙ୍କର ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଟେ । ଏକଥା ଏହି ଅଧ୍ୟାୟର ପରବର୍ତ୍ତୀ ଶ୍ଳୋକମାନଙ୍କରେ ବିଶଦଭାବରେ ବର୍ଣ୍ଣନା କରାଯାଇଅଛି ।

## ଶ୍ଳୋକ - ୭

**ସର୍ବଭୂତାନି କୌନ୍ତେୟ ପ୍ରକୃତିଂ ଯାନ୍ତି ମାମିକାମ୍ ।**
**କଳ୍ପକ୍ଷୟେ ପୁନସ୍ତାନି କଳ୍ପାଦୌ ବିସୃଜାମ୍ୟହମ୍ ।। ୭ ।।**

## ଶବ୍ଦାନୁବାଦ

ସର୍ବ-ଭୂତାନି=ସମସ୍ତ ସୃଷ୍ଟ ଜୀବ; କୌନ୍ତେୟ=ହେ କୁନ୍ତୀପୁତ୍ର; ପ୍ରକୃତିମ୍=ପ୍ରକୃତି; ଯାନ୍ତି=ପ୍ରବେଶ କରନ୍ତି; ମାମିକାମ୍=ମୋ'ଠାରେ; କଳ୍ପ-କ୍ଷୟେ=କଳ୍ପ ଶେଷରେ; ପୁନଃ=ପୁନର୍ବାର; ତାନି=ସେ ସବୁ; କଳ୍ପ-ଆଦୌ=କଳ୍ପ ଆରମ୍ଭରେ; ବିସୃଜାମି=ମୁଁ ସୃଷ୍ଟିକରେ; ଅହମ୍=ମୁଁ ।

## ଅନୁବାଦ

**ହେ କୁନ୍ତୀ ପୁତ୍ର ! କଳ୍ପ ଶେଷରେ ପ୍ରତ୍ୟେକ ଭୌତିକ ପ୍ରକାଶ ମୋ'ପ୍ରକୃତି ମଧ୍ୟରେ ପ୍ରବେଶ କରେ ଏବଂ ଅନ୍ୟ କଳ୍ପର ଆରମ୍ଭରେ ମୋର ଶକ୍ତିବଳରେ ମୁଁ ପୁନର୍ବାର ସୃଷ୍ଟିକରେ ।**

## ଭାବାର୍ଥ

ଏ ଭୌତିକ ସୃଷ୍ଟିର ସୃଜନ, ପାଳନ ଓ ସଂହାରଣ– ଏ ସମସ୍ତ କାର୍ଯ୍ୟ ପୂର୍ଣ୍ଣରୂପେ ପରମପୁରୁଷ ଭଗବାନଙ୍କ ଉପରେ ନିର୍ଭର କରେ । ''କଳ୍ପ ଶେଷରେ''– (କଳ୍ପକ୍ଷୟେ) ଏହାର ଅର୍ଥ ବ୍ରହ୍ମାଜୀଙ୍କ ଲୟ ହେଲେ । ବ୍ରହ୍ମାଜୀ ଏକ ଶହ ବର୍ଷ ଜୀବନଧାରଣ କରନ୍ତି ଏବଂ ତାଙ୍କର ଏକ ଦିନ ଏ ଜାଗତିକ ହିସାବ ଅନୁଯାୟୀ ୪୩୦୦,୦୦୦,୦୦୦ ବର୍ଷ ଅଟେ । ତାଙ୍କର ରାତ୍ରିକାଳ ମଧ୍ୟ ସେତିକି ବର୍ଷ ଅଟେ । ଏକ ଦିନ ଓ ରାତ୍ରି କାଳ ମିଶି ଯେତେ ବର୍ଷ ହେଲା, ତାହା ବ୍ରହ୍ମାଙ୍କର ଏକ ଅହୋରାତ୍ର ବା ଦିନ । ଏହିପରି ତିରିଶ ଦିନରେ ତାଙ୍କର ଏକମାସ ହୁଏ ଏବଂ ବାର ମାସରେ ଏକବର୍ଷ ହୁଏ । ଏହି ପ୍ରକାରେ ଶହେ ବର୍ଷ ପରେ ବ୍ରହ୍ମା ମୃତ୍ୟୁବରଣ କରନ୍ତି । ସେତିକିବେଳେ ପ୍ରଳୟ (ଧ୍ୱଂସ କ୍ରିୟା) ସାଧିତ ହୁଏ । ଏହାର ଅର୍ଥ,

ଭଗବାନ୍ ଯେଉଁ ଶକ୍ତି ପ୍ରକାଶ କରିଥିଲେ, ତାହାକୁ ପୁନର୍ବାର ନିଜ ମଧ୍ୟରେ ପ୍ରବେଶ କରାଇ ଅପ୍ରକଟ କରାଇଲେ ।ତପରେ ପୁନର୍ବାର ଯେତେବେଳେ ଏ ଦୃଶ୍ୟ ଜଗତରେ ସୃଷ୍ଟି ଉପଲବ୍ଧ ହୁଏ ସେତେବେଳେ ତାଙ୍କ ଇଚ୍ଛାନୁଯାୟୀ ଏହା ସୃଷ୍ଟି ହୁଏ । "ଯଦିଓ ମୁଁ ଏକ, ମୁଁ ଅନେକ ହେବି ।" ଏହା ବେଦ ବାଣୀ ।ସେ ଏ ଭୌତିକ ଶକ୍ତିରେ ନିଜକୁ ବିସ୍ତାର କରନ୍ତି ଏବଂ ସମଗ୍ର ଦୃଶ୍ୟ ଜଗତ (ଭୌତିକ ଜଗତ) ପୁନର୍ବାର ସୃଷ୍ଟି ହୁଏ ।

## ଶ୍ଳୋକ - ୮

**ପ୍ରକୃତିଂ ସ୍ୱାମବଷ୍ଟଭ୍ୟ ବିସୃଜାମି ପୁନଃ ପୁନଃ ।**
**ଭୂତଗ୍ରାମମିମଂ କୃତ୍ସ୍ନମବଶଂ ପ୍ରକୃତେର୍ବଶାତ୍ ।।୮।।**

## ଶବ୍ଦାନୁବାଦ

ପ୍ରକୃତିମ୍=ଭୂତ ପ୍ରକୃତି; ସ୍ୱାମ୍=ମୋର ନିଜର; ଅବଷ୍ଟଭ୍ୟ=ପ୍ରବେଶ କରେ; ବିସୃଜାମି=ସୃଷ୍ଟିକରେ; ପୁନଃ ପୁନଃ=ବାରମ୍ବାର; ଭୂତ-ଗ୍ରାମମ୍=ଏ ସମସ୍ତ ଦୃଶ୍ୟଜଗତ୍; ଇମମ୍=ଏହାକୁ; କୃତ୍ସ୍ନମ୍=ସମଗ୍ର; ଅବଶମ୍=ଆପେ ଆପେ; ପ୍ରକୃତେଃ=ପ୍ରାକୃତିକ ଶକ୍ତି ଦ୍ୱାରା; ବଶାତ୍=ବାଧ୍ୟହୋଇ ।

## ଅନୁବାଦ

**ସମଗ୍ର ଦୃଶ୍ୟ ଜଗତ ମୋର ଅଧୀନସ୍ଥ ଅଟେ । ମୋର ଇଚ୍ଛାନୁଯାୟୀ ଏହା ବାରମ୍ବାର ସୃଷ୍ଟି ହୁଏ ଏବଂ ମୋର ଇଚ୍ଛାନୁସାରେ ଏହା ଶେଷରେ ଧ୍ୱଂସ ହୁଏ ।**

## ଭାବାର୍ଥ

ଏ ଭୌତିକ ବସ୍ତୁ ଭଗବାନଙ୍କର ନୀଚତର ଶକ୍ତିର ପରିପ୍ରକାଶ ଅଟେ ।ଏହା ଅନେକବାର କୁହାଯାଇ ସାରିଛି ।ସୃଷ୍ଟି ସମୟରେ ଭୌତିକ ଶକ୍ତି ମହତ୍‌ତତ୍ତ୍ୱ ନାମରେ ବିସ୍ତାରିତ ହୁଏ । ତାହା ମଧ୍ୟରେ ଭଗବାନ୍ ତାଙ୍କର ପ୍ରଥମ ପୁରୁଷ ଅବତାର–ମହାବିଷ୍ଣୁ ରୂପରେ ପ୍ରବେଶ କରନ୍ତି ।ସେ କାରଣ ସାଗରରେ ବାସ କରନ୍ତି ଏବଂ ତାଙ୍କ ନିଶ୍ୱାସରୁ ଅସଂଖ୍ୟ ବ୍ରହ୍ମାଣ୍ଡ ସୃଷ୍ଟି ହୁଏ ।ପ୍ରତ୍ୟେକ ବ୍ରହ୍ମାଣ୍ଡ ମଧ୍ୟରେ ଭଗବାନ୍ ଗର୍ଭୋଦକଶାୟୀ ବିଷ୍ଣୁରୂପରେ ପ୍ରବେଶ କରନ୍ତି। ପ୍ରତ୍ୟେକ ବ୍ରହ୍ମାଣ୍ଡ ଏହି ପ୍ରକାରେ ସୃଷ୍ଟି ହୁଏ ।ସେ ପୁଣି ନିଜକୁ କ୍ଷୀରୋଦକଶାୟୀ ବିଷ୍ଣୁରୂପରେ ପ୍ରକାଶ କରନ୍ତି ଏବଂ ସେହି ବିଷ୍ଣୁ ପ୍ରତ୍ୟେକ ଜୀବ ଓ ପଦାର୍ଥ ମଧ୍ୟରେ ପ୍ରବେଶ କରନ୍ତି– ଏପରିକି ସେ ଅତି କ୍ଷୁଦ୍ର ଅଣୁ ମଧ୍ୟରେ ମଧ୍ୟ ପ୍ରବେଶ କରନ୍ତି ।ଏହା ଏଠାରେ ବର୍ଣ୍ଣନା କରାଯାଇଅଛି ।ସେ ପ୍ରତ୍ୟେକ ପଦାର୍ଥ ମଧ୍ୟରେ ପ୍ରବେଶ କରନ୍ତି ।

ବର୍ତ୍ତମାନ, ଜୀବଗଣ ଭୂତପ୍ରକୃତି ଗର୍ଭରେ ରହନ୍ତି ଏବଂ ସେମାନଙ୍କର ଗତଜନ୍ମର କର୍ମାନୁଯାୟୀ ବିଭିନ୍ନପ୍ରକାର ଅବସ୍ଥା ପ୍ରାପ୍ତ ହୁଅନ୍ତି ଓ ଶରୀର ଧାରଣ କରନ୍ତି ।ଏହି ପ୍ରକାରେ ଭୌତିକ ଜଗତର କ୍ରିୟା ଆରମ୍ଭ ହୁଏ ।ଠିକ୍ ସୃଷ୍ଟିର ପ୍ରାରମ୍ଭ ମୁହୂର୍ତ୍ତରୁ ହିଁ ବିଭିନ୍ନ ଶ୍ରେଣୀର ଜୀବମାନଙ୍କର କାର୍ଯ୍ୟକଳାପ ଆରମ୍ଭ ହୋଇଯାଏ ।ଏହା କ୍ରମବିବର୍ଦ୍ଧନ ବା କ୍ରମବିକାଶ ନୁହେଁ । ବ୍ରହ୍ମାଣ୍ଡ ସୃଷ୍ଟି ସାଙ୍ଗେ ସାଙ୍ଗେ ବିଭିନ୍ନପ୍ରକାର ଜୀବଜନ୍ତୁ ସୃଷ୍ଟି ହୋଇଯା'ନ୍ତି ।ମାନବ, ପଶୁ,

ପକ୍ଷୀ ଓ ପ୍ରାଣୀ– ସବୁକିଛି ଏକ ସଙ୍ଗରେ ସୃଷ୍ଟି ହୁଅନ୍ତି, କାରଣ ଶେଷ ପ୍ରଳୟ ସମୟରେ ଜୀବ ଯେଉଁ ପ୍ରକାର କାମନା ପୋଷଣ କରିଥାଏ, ସେହି ପ୍ରକାରେ ସେ ପୁଣି ପ୍ରକାଶିତ ହୁଏ (ଅର୍ଥାତ୍ ସେଇ କାମନା ପୂରଣ ନିମିତ୍ତ ସେ ସେହି ପ୍ରକାର ଶରୀର ପ୍ରାପ୍ତ ହୁଏ) ।ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ ଜୀବମାନଙ୍କର ଏ ସୃଷ୍ଟି ପ୍ରକ୍ରିୟାରେ କିଛି କରିବାର ନାହିଁ।ଗତ ସୃଷ୍ଟି ସମୟର ସେମାନଙ୍କର ଗତ ଜୀବନର ଅବସ୍ଥା ହିଁ ପୁନଃ ପ୍ରକାଶିତ ହୁଏ ଏବଂ ଏ ସମସ୍ତ ତାଙ୍କ (ଭଗବାନଙ୍କର) ଇଚ୍ଛାନୁଯାୟୀ ହୁଏ । ଏହା ଭଗବାନଙ୍କର ଅଚିନ୍ତ୍ୟ ଶକ୍ତି ଅଟେ ।ବିଭିନ୍ନ ଜୀବଜନ୍ତୁ ଓ ପ୍ରାଣୀ ସୃଷ୍ଟି କଳାପରେ, ତାଙ୍କର ସେମାନଙ୍କ ସହିତ ଆଉ କିଛି ସଂପର୍କ ରହେ ନାହିଁ ।ବିଭିନ୍ନ ଜୀବଙ୍କର ପୂର୍ବ କାମନାନୁଯାୟୀ ସେମାନଙ୍କୁ ସୃଷ୍ଟିରେ ବିଭିନ୍ନ ପରିବେଶରେ ଖାପ ଖୁଆଇବା ନିମିତ୍ତ ସୃଷ୍ଟି କ୍ରିୟା ସଂଘଟିତ ହୁଏ ଏବଂ ଏଇଥିପାଇଁ ଭଗବାନ୍ ଏଥିରେ ସଂପୃକ୍ତ ନୁହନ୍ତି ।

## ଶ୍ଲୋକ - ୯

**ନ ଚ ମାଂ ତାନି କର୍ମାଣି ନିବଧ୍ନନ୍ତି ଧନଞ୍ଜୟ ।**
**ଉଦାସୀନବଦାସୀନମସକ୍ତଂ ତେଷୁ କର୍ମସୁ ।। ୯ ।।**

## ଶବ୍ଦାନୁବାଦ

ନ=କେବେ ନୁହେଁ; ଚ=ମଧ୍ୟ; ମାମ୍=ମୋତେ; ତାନି=ସେ ସମସ୍ତ; କର୍ମାଣି= କର୍ମସମୂହ; ନିବଧ୍ନନ୍ତି=ବାନ୍ଧନ୍ତି; ଧନଞ୍ଜୟ=ହେ ଧନଞ୍ଜୟ; ଉଦାସୀନ-ବତ୍=ଉଦାସୀନ ପରି; ଆସୀନମ୍=ଅବସ୍ଥିତ; ଅସକ୍ତମ୍=ଆସକ୍ତି ବିନାଃ ତେଷୁ=ସେ ସମସ୍ତ (ଠାରେ); କର୍ମସୁ=କର୍ମମାନଙ୍କରେ ।

## ଅନୁବାଦ

**ହେ ଧନଞ୍ଜୟ ! ଏ ସମସ୍ତ କର୍ମ ମୋତେ ବାନ୍ଧି ପାରନ୍ତି ନାହିଁ । ମୁଁ ବରାବର ଅନାସକ୍ତ ଥାଏ, ଉଦାସୀନବତ୍ ଅବସ୍ଥାନ କରେ।**

## ଭାବାର୍ଥ

ପୂର୍ବବର୍ତ୍ତୀ ଆଲୋଚନାରୁ ଏହା କେହି ମନେ କରିବା ଉଚିତ୍ ନୁହେଁ ଯେ ଭଗବାନଙ୍କର କୌଣସି କାମ ନାହିଁ ।ତାଙ୍କର ଚିଦ୍ ଜଗତରେ ସେ ସର୍ବଦା କର୍ମରତ ।ବ୍ରହ୍ମସଂହିତାରେ କୁହାଯାଇଛି, "ସେ ସର୍ବଦା ତାଙ୍କର ଶାଶ୍ୱତ, ଆନନ୍ଦମୟ ଦିବ୍ୟ କର୍ମରେ ବ୍ୟସ୍ତ, କିନ୍ତୁ ଏ ଭୌତିକ କ୍ରିୟାକଳାପରେ ତାଙ୍କର କିଛି କରିବାର ନାହିଁ ।" ତାଙ୍କର ବିଭିନ୍ନ ଶକ୍ତିମାନଙ୍କ ସାହାଯ୍ୟରେ ଭୌତିକ କ୍ରିୟାକଳାପମାନ ହୋଇ ଚ଼ାଲିଛି ।ଏ ଭୌତିକ ଜଗତର ଭୌତିକ କ୍ରିୟାକଳାପରେ ଭଗବାନ୍ ସର୍ବଦା ଉଦାସୀନ ଅଟନ୍ତି ।ସେହି ଉଦାସୀନତା କଥା ଏଠାରେ କୁହାଯାଇଅଛି ।ଯଦିଓ ପ୍ରତ୍ୟେକ ଅଣୁ ପରମାଣୁ ଉପରେ ତାଙ୍କର ନିୟନ୍ତ୍ରଣାଧିକାର ଅଛି, ତଥାପି ସେ ଉଦାସୀନବତ୍ ଅବସ୍ଥାନ କରୁଛନ୍ତି ।ଏ ସଂପର୍କରେ ଉଚ୍ଚ ବିଚାରାଳୟର ଆସନରେ ବସିଥିବା ବିଚାରପତିଙ୍କର ଉଦାହରଣ ଦିଆଯାଇପାରେ ।ତାଙ୍କ ଆଦେଶ ଅନୁସାରେ ଅନେକ କିଛି ଘଟଣା ଘଟୁଛି– କେହି ଫାଶୀ ପାଉଛି, କେହି ଜେଲ୍ ଭୋଗୁଛି, କେହି ପ୍ରଚୁର ପରିମାଣରେ ଧନ ପାଉଛି.... ଇତ୍ୟାଦି, ତଥାପି ସେ ଉଦାସୀନ, ଏ ସମସ୍ତ ଲାଭକ୍ଷତିରେ ତାଙ୍କର କିଛି ଯାଏ

ଆସେ ନାହିଁ । ଠିକ୍ ସେହିପରି ଭଗବାନ୍ ସର୍ବଦା ନିରପେକ୍ଷ ଉଦାସୀନ, ଯଦିଓ ପ୍ରତ୍ୟେକ କ୍ଷେତ୍ରର କର୍ମରେ ହସ୍ତକ୍ଷେପ କରିବାର ଅଧିକାର ତାଙ୍କର ଅଛି, ବେଦାନ୍ତ ସୂତ୍ରରେ କୁହାଯାଇଛି ଯେ ସେ ଏ ଭୌତିକ ଜଗତର ଦ୍ୱନ୍ଦ୍ୱାତ୍ମକ ଅବସ୍ଥାରେ ଅବସ୍ଥାନ କରନ୍ତି ନାହିଁ । ସେ ଏ ଦ୍ୱନ୍ଦ୍ୱାତ୍ମକ ସ୍ତରର ବହୁତ ଉର୍ଦ୍ଧ୍ୱରେ ଅବସ୍ଥାନ କରନ୍ତି । ସେ ମଧ୍ୟ ଏ ଭୌତିକ ଜଗତର ସୃଷ୍ଟି ଓ ପ୍ରଳୟ କର୍ମରେ ଆସକ୍ତ ହୁଅନ୍ତି ନାହିଁ । ଜୀବଗଣ ସେମାନଙ୍କର ବିଗତ ଜନ୍ମର କର୍ମାନୁଯାୟୀ ବିଭିନ୍ନ ଜୀବ-ଯୋନିରେ ଜନ୍ମଗ୍ରହଣ କରି ବିଭିନ୍ନ ଶରୀର ପ୍ରାପ୍ତ ହୁଅନ୍ତି ଏବଂ ଭଗବାନ୍ ସେଥିରେ କୌଣସି ପ୍ରକାର ହସ୍ତକ୍ଷେପ କରନ୍ତି ନାହିଁ ।

## ଶ୍ଳୋକ - ୧୦

**ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍ ।**
**ହେତୁନାନେନ କୌନ୍ତେୟ ଜଗଦ୍‌ବିପରିବର୍ତ୍ତତେ ।।୧୦।।**

## ଶବ୍ଦାନୁବାଦ

ମୟା=ମୋ'ଦ୍ୱାରା; ଅଧ୍ୟକ୍ଷେଣ=ଅଧ୍ୟକ୍ଷତାରେ; ପ୍ରକୃତିଃ=ଭୂତପ୍ରକୃତି; ସୂୟତେ=ପ୍ରକାଶିତ ହୁଏ; ସ=ସହ; ଚରାଚରମ୍=ସ୍ଥାବର ଜଙ୍ଗମ; ହେତୁନା=ଏହି କାରଣରୁ; ଅନେନ=ଏହାଦ୍ୱାରା; କୌନ୍ତେୟ=ହେ କୁନ୍ତୀପୁତ୍ର; ଜଗତ୍=ଦୃଶ୍ୟ ଜଗତ୍; ବିପରିବର୍ତତେ=କାର୍ଯ୍ୟ କରୁଛି ।

## ଅନୁବାଦ

**ହେ କୁନ୍ତୀପୁତ୍ର ! ଏ ଭୂତପ୍ରକୃତି ମୋ' ନିର୍ଦ୍ଦେଶରେ କାର୍ଯ୍ୟ କରୁଛି ଏବଂ ଏହା ସମସ୍ତ ସ୍ଥାବର-ଜଙ୍ଗମଙ୍କୁ ସୃଷ୍ଟି କରୁଛି । ଏହାର ଶାସନାନୁଯାୟୀ ଏହି ପରିପ୍ରକାଶ (ଦୃଶ୍ୟ ଜଗତ୍) ବାରମ୍ବାର ସୃଷ୍ଟି ହେଉଛି ଏବଂ ଧ୍ୱଂସ ହେଉଛି ।**

## ଭାବାର୍ଥ

ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ ଯଦିଓ ଭଗବାନ୍ ଏ ଭୌତିକ ଜଗତର କୌଣସି ପ୍ରକାର କ୍ରିୟାକଳାପ ସହିତ ସଂପୃକ୍ତ ନୁହନ୍ତି, ତଥାପି ସେ ସର୍ବୋଚ୍ଚ ଅଧ୍ୟକ୍ଷ ଅଟନ୍ତି । ଭଗବାନ୍ ପରମ ଇଚ୍ଛାଶକ୍ତି ଅଟନ୍ତି ଏବଂ ଏ ଭୌତିକ ପରିପ୍ରକାଶର ଅନ୍ତରାଳରେ ସେ ଅଛନ୍ତି; କିନ୍ତୁ ପରିଚାଳନା କାର୍ଯ୍ୟ ଭୂତପ୍ରକୃତି ଦ୍ୱାରା କରାଯାଉଛି । ଶ୍ରୀକୃଷ୍ଣ ଭଗବଦ୍ ଗୀତାରେ କହିଛନ୍ତି, ବିଭିନ୍ନ ଯୋନିରେ ଜନ୍ମଲାଭ କରିଥିବା ସମସ୍ତପ୍ରକାର ଜୀବର "ମୁଁ ପିତା ଅଟେ ।" ପିତା ମାତୃଗର୍ଭରେ ବୀର୍ଯ୍ୟ ପ୍ରଦାନ କରି ସନ୍ତାନ ଉତ୍ପାଦନ କରନ୍ତି । ସେହିପରି ଭଗବାନ୍ ତାଙ୍କର କଟାକ୍ଷ ଦ୍ୱାରା ଭୂତପ୍ରକୃତି ଗର୍ଭରେ ସମସ୍ତ ପ୍ରକାର ଜୀବ ସଞ୍ଚାର କରନ୍ତି ଏବଂ ସେମାନେ (ଜୀବଗଣ) ସେମାନଙ୍କ ଅନ୍ତିମ କାମନା ଓ କର୍ମାନୁଯାୟୀ ବିଭିନ୍ନ ଯୋନିରେ ବିଭିନ୍ନ ଶରୀର ଗ୍ରହଣ କରି ବହିର୍ଗତ ହୁଅନ୍ତି । ଏ ସମସ୍ତ ଜୀବ ଯଦିଓ ଭଗବାନଙ୍କ କଟାକ୍ଷରୁ ଜାତ, ତଥାପି ସେମାନେ ସେମାନଙ୍କର ଗତ ଜୀବନର କାମନା ଓ କର୍ମାନୁଯାୟୀ ବିଭିନ୍ନ ଶରୀର ପ୍ରାପ୍ତ ହୁଅନ୍ତି । ତେଣୁ ଭଗବାନ୍ ସିଧାସଳଖ ଭାବେ ଏ ଭୌତିକ ସୃଷ୍ଟି ସହ ସଂପୃକ୍ତ ନୁହଁନ୍ତି । ସେ କେବଳ ଭୂତପ୍ରକୃତି ଉପରେ କଟାକ୍ଷପାତ କରନ୍ତି । ତେଣୁ ଭୂତପ୍ରକୃତି କ୍ରିୟାଶୀଳ ହୋଇ

ଉଠେ ଏବଂ ସାଙ୍ଗେ ସାଙ୍ଗେ ସବୁ ସୃଷ୍ଟି ହୋଇଯାଏ । ଏହା ନିଃସନ୍ଦେହ ଯେ ଭଗବାନଙ୍କର କିଛି କର୍ମ ଅଛି, କାରଣ ସେ ଭୂତପ୍ରକୃତି ଉପରେ କଟାକ୍ଷପାତ କରନ୍ତି, କିନ୍ତୁ ସିଧାସଳଖ ଭାବେ ଭୌତିକ ଜଗତ ସହ ତାଙ୍କର କିଛି କରିବାର ନାହିଁ । ଏହି ସଂପର୍କରେ ନିମ୍ନ ଉଦାହରଣ 'ସ୍ମୃତି'ରେ ଦିଆଯାଇଅଛି । ଯେତେବେଳେ ଏକ ସୁବାସିତ ପୁଷ୍ପ କୌଣସି ବ୍ୟକ୍ତି ସମ୍ମୁଖରେ ଥାଏ, ସେତେବେଳେ ପୁଷ୍ପର ସୁବାସ ବ୍ୟକ୍ତି ଗ୍ରହଣ କରେ; କିନ୍ତୁ ସୁବାସ ଗ୍ରହଣ ଏବଂ ପୁଷ୍ପ ପରସ୍ପରଠାରୁ ଅଲଗା । ଠିକ୍ ଏହି ପ୍ରକାର ସମ୍ବନ୍ଧ ଭୌତିକ ଜଗତ ଓ ଭଗବାନଙ୍କ ମଧ୍ୟରେ ଅଛି । ବାସ୍ତବରେ ତାଙ୍କର ଏ ଭୌତିକ ଜଗତରେ କିଛି କରିବାର ନାହିଁ; କିନ୍ତୁ ସେ ତାଙ୍କର କଟାକ୍ଷପାତ ଦ୍ୱାରା ସୃଷ୍ଟି କରନ୍ତି ଏବଂ ଶାସନ କରନ୍ତି । ସ୍ପଷ୍ଟତଃ ଭଗବାନଙ୍କ ଅଧ୍ୟକ୍ଷତା ବିନା ଭୂତପ୍ରକୃତି କିଛି କରିପାରିବ ନାହିଁ । ତଥାପି ଭଗବାନ୍ ସମସ୍ତ ପ୍ରକାର ଭୌତିକ କର୍ମଠାରୁ ଦୂରରେ, ଅର୍ଥାତ୍ ସେ କୌଣସି ପ୍ରକାର ଭୌତିକ କର୍ମସହ ସଂପୃକ୍ତ ନୁହନ୍ତି ।

## ଶ୍ଲୋକ - ୧୧

**ଅବଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍ ।**
**ପରଂ ଭାବମଜାନନ୍ତୋ ମମ ଭୂତମହେଶ୍ୱରମ୍ ।।୧୧।।**

## ଶବ୍ଦାନୁବାଦ

ଅବଜାନନ୍ତି=ଉପହାସ କରନ୍ତି; ମାମ୍=ମୋତେ; ମୂଢ଼ାଃ=ମୂର୍ଖ ଲୋକମାନେ; ମାନୁଷୀମ୍=ମଣିଷରୂପରେ; ତନୁମ୍=ଶରୀର; ଆଶ୍ରିତମ୍=ଧାରଣକରି; ପରମ୍=ପରମ (ଦିବ୍ୟ); ଭାବମ୍=ପ୍ରକୃତି; ଅଜାନନ୍ତଃ=ନ ଜାଣି; ମମ=ମୋର; ଭୂତ=ସବୁକିଛି; ମହେଶ୍ୱରମ୍=ପ୍ରଧାନ ସତ୍ତ୍ୱାଧିକାରୀ ।

## ଅନୁବାଦ

**ମୁଁ ଯେତେବେଳେ ମାନବ ରୂପ ଧରି ଏଠାରେ ଅବତୀର୍ଣ୍ଣ ହୁଏ, ମୂର୍ଖମାନେ ମୋତେ ଉପହାସ କରନ୍ତି । ସେମାନେ ମୋର ପରମ (ଦିବ୍ୟ) ପ୍ରକୃତିକୁ ଏବଂ ସମସ୍ତଙ୍କ ଉପରେ ଯେ ମୋର ପରମ ଅଧିକାର ଅଛି ତାହା ଜାଣନ୍ତି ନାହିଁ ।**

## ଭାବାର୍ଥ

ଏ ଅଧ୍ୟାୟର ପୂର୍ବ ଶ୍ଲୋକମାନଙ୍କର ବ୍ୟାଖ୍ୟାରୁ ଏ କଥା ପରିଷ୍କାର ଭାବରେ ଜଣାଯାଉଛି ଯେ ଯଦିଓ ପରମପୁରୁଷ ଭଗବାନ୍ ଏକ ମାନବରୂପରେ ଆବିର୍ଭୂତ ହୁଅନ୍ତି, ତଥାପି ସେ ଏକ ସାଧାରଣ ମାନବ ନୁହନ୍ତି । ଯେଉଁ ପରମପୁରୁଷ ଭଗବାନ୍ ସମଗ୍ର ଦୃଶ୍ୟ ଜଗତର ସୃଜନ, ପାଳନ ଓ ସଂହାରଣ କ୍ରିୟାକୁ ନିୟନ୍ତ୍ରଣ କରୁଛନ୍ତି, ସେ କଦାପି ଏକ ମାନବ ହୋଇ ନ ପାରନ୍ତି । ତଥାପି ଅନେକ ମୂର୍ଖଲୋକ ଅଛନ୍ତି, ଯେଉଁମାନେ'କି ଶ୍ରୀକୃଷ୍ଣଙ୍କୁ କେବଳ ଏକ ଶକ୍ତିଶାଳୀ ମାନବରୂପେ ଗ୍ରହଣ କରନ୍ତି, ଭଗବାନ୍ ବୋଲି ଭାବନ୍ତି ନାହିଁ । ବାସ୍ତବରେ ସେ ଆଦିପୁରୁଷ–ପରମପୁରୁଷ । ବ୍ରହ୍ମସଂହିତାରେ କୁହାଯାଇଅଛି– *"ଈଶ୍ୱରଃ ପରମଃ କୃଷ୍ଣ ।"* ସେ ପରମେଶ୍ୱର ।

ଅନେକ ଈଶ୍ୱର (ନିୟନ୍ତ୍ରଣକାରୀ) ଅଛନ୍ତି । ଜଣେ ଅନ୍ୟଜଣଙ୍କଠାରୁ ଅଧିକ ଶକ୍ତିଶାଳୀ

ବୋଲି ଜଣାପଡ଼େ । ଏ ଭୌତିକ ସଂସାରର ସାଧାରଣ ଶାସନ କ୍ଷେତ୍ରରେ, ଆମେ ସରକାରୀ କର୍ମଚାରୀ ଦେଖୁ, ଏକ ଅଫିସର ଅଛନ୍ତି, ତାଙ୍କ ଉପରେ ଜଣେ ସେକ୍ରେଟାରୀ ଅଛନ୍ତି, ତାଙ୍କ ଉପରେ ଜଣେ ମନ୍ତ୍ରୀ ଅଛନ୍ତି ଏବଂ ତାଙ୍କ ଉପରେ ଜଣେ ପ୍ରେସିଡେଣ୍ଟ ଅଛନ୍ତି । ପ୍ରତ୍ୟେକ ଜଣେ ଜଣେ ନିୟନ୍ତ୍ରଣକାରୀ ଅଟନ୍ତି; କିନ୍ତୁ ଜଣେ ଅନ୍ୟଜଣଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଅଛି । ବ୍ରହ୍ମସଂହିତାରେ କୁହାଯାଇଅଛି ଯେ ଶ୍ରୀକୃଷ୍ଣ ହେଉଛନ୍ତି ପରମ ନିୟନ୍ତ୍ରଣକାରୀ । ଏହା ନିଃସନ୍ଦେହ ଯେ ଉଭୟ ଭୌତିକ ଜଗତ ଓ ଚିଦ୍‌ଜଗତରେ ଅନେକ ନିୟନ୍ତ୍ରଣକାରୀ ଅଛନ୍ତି, କିନ୍ତୁ ଶ୍ରୀକୃଷ୍ଣ ହେଉଛନ୍ତି ପରମ ଅଧ୍ୟକ୍ଷ *(ଈଶ୍ୱରଃ ପରମଃ କୃଷ୍ଣଃ)* ଏବଂ ତାଙ୍କର ଶରୀର *ସତ୍-ଚିତ୍-ଆନନ୍ଦ,* ତାହା ଭୌତିକ ନୁହେଁ ।

ଭୌତିକ ଶରୀରଧାରୀ କୌଣସି ପୁରୁଷ ପୂର୍ବଶ୍ଳୋକମାନଙ୍କରେ ବର୍ଣ୍ଣିତ ଆଶ୍ଚର୍ଯ୍ୟଜନକ କ୍ରିୟାମାନ ସଂପାଦନ କରି ପାରିବେ ନାହିଁ । ତାଙ୍କର (ଶ୍ରୀକୃଷ୍ଣଙ୍କର) ଶରୀର ଶାଶ୍ୱତ; ଆନନ୍ଦମୟ ଓ ଜ୍ଞାନପୂର୍ଣ୍ଣ ଅଟେ । ଯଦିଓ ସେ ଏକ ସାଧାରଣ ମାନବ ନୁହନ୍ତି, ତଥାପି ମୂର୍ଖ ଲୋକମାନେ ତାଙ୍କୁ ଉପହାସ କରନ୍ତି ଏବଂ ଏକ ସାଧାରଣ ମାନବବୋଲି ଭାବନ୍ତି । ତାଙ୍କ ଶରୀରକୁ ଏଠାରେ 'ମାନୁଷୀଂ' ବୋଲି କୁହାଯାଇଅଛି; କାରଣ ସେ ଠିକ୍ ମାନବପରି କାର୍ଯ୍ୟ କରିଛନ୍ତି– ଅର୍ଜୁନଙ୍କର ଏକ ବନ୍ଧୁଭାବେ କୁରୁକ୍ଷେତ୍ର ଯୁଦ୍ଧରେ ସଂପୃକ୍ତ ଏକ ରାଜନୀତିଜ୍ଞପରି ସେ କାର୍ଯ୍ୟ କରିଛନ୍ତି । ଅନେକ କ୍ଷେତ୍ରରେ ସେ ଏକ ସାଧାରଣ ମାନବପରି କାର୍ଯ୍ୟ କରିଛନ୍ତି, କିନ୍ତୁ ବାସ୍ତବରେ ତାଙ୍କ ଶରୀର ସତ୍-ଚିତ୍-ଆନନ୍ଦ ବିଗ୍ରହ-ଶାଶ୍ୱତ-ଆନନ୍ଦମୟ ଓ ଜ୍ଞାନପୂର୍ଣ୍ଣ ଅଟେ । ଏହା ମଧ୍ୟ ବୈଦିକ ସାହିତ୍ୟରେ ସ୍ୱୀକୃତ ହୋଇଅଛି– *''ସଚ୍ଚିଦ୍-ଆନନ୍ଦରୂପାୟ କୃଷ୍ଣାୟ''* । ମୁଁ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ, ଯେ'କି ଶାଶ୍ୱତ ଆନନ୍ଦମୟ ଓ ଜ୍ଞାନମୟ ବିଗ୍ରହ ଅଟନ୍ତି; ତାଙ୍କୁ ପ୍ରଣାମ ଜଣାଉଅଛି ।'' ଆହୁରି ଅନେକ ବର୍ଣ୍ଣନା ମଧ୍ୟ ବୈଦିକ ସାହିତ୍ୟରେ ଅଛି *''ତମ୍ ଏକମ୍ ଗୋବିନ୍ଦଂ''* ଆପଣ ଗୋବିନ୍ଦ, ଇନ୍ଦ୍ରିୟ ଓ ଗାଭୀମାନଙ୍କର ଆନନ୍ଦ ବର୍ଦ୍ଧନକାରୀ ।'' *''ସଚ୍ଚିଦ୍ ଆନନ୍ଦ ବିଗ୍ରହଂ''*– ''ଆପଣଙ୍କର ଶରୀର ଶାଶ୍ୱତ ଆନନ୍ଦମୟ ଓ ଜ୍ଞାନପୂର୍ଣ୍ଣ ଦିବ୍ୟ ବିଗ୍ରହ ଅଟେ ।

ଶ୍ରୀକୃଷ୍ଣଙ୍କ ଶରୀର ଯେ ଆନନ୍ଦ ଓ ଜ୍ଞାନପୂର୍ଣ୍ଣ ଅଟେ– ଏ ସବୁ ଦିବ୍ୟଗୁଣ ସତ୍ତ୍ୱେ ଏପରି ଭୌତିକବାଦୀ ପଣ୍ଡିତ ଓ ଭଗବଦ୍‌ଗୀତାର ଭାଷ୍ୟକାର ଅନେକ ଅଛନ୍ତି, ଯେଉଁମାନେକି ଶ୍ରୀକୃଷ୍ଣଙ୍କୁ ଏକ ସାଧାରଣ ମାନବ ବୋଲି ଭାବି ଉପହାସ କରନ୍ତି । ପଣ୍ଡିତ ଲୋକ ତା'ର ପୂର୍ବଜନ୍ମର ପୁଣ୍ୟକର୍ମର ଫଳସ୍ୱରୂପ ଅସାଧାରଣ ପାଣ୍ଡିତ୍ୟ ଲାଭ କରି ପାରିଥାଏ, କିନ୍ତୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ତା'ର ଏ ଧାରଣା ଅଳ୍ପ ଜ୍ଞାନର ପରିଚାୟକ । ସେଇଥିପାଇଁ ତାକୁ ମୂଢ଼ ବୋଲି କୁହାଯାଇଛି, କାରଣ କେବଳ ମୂର୍ଖ ଲୋକମାନେ ହିଁ ଶ୍ରୀକୃଷ୍ଣଙ୍କୁ ଏକ ସାଧାରଣ ମାନବ ବୋଲି ଭାବନ୍ତି । ଯେହେତୁ ସେମାନେ ପରମପୁରୁଷ ଭଗବାନଙ୍କର ଅତ୍ୟନ୍ତ ରହସ୍ୟମୟ ଗୁହ୍ୟକ୍ରିୟା ଏବଂ ତାଙ୍କର ବିଭିନ୍ନ ଶକ୍ତି ସମ୍ବନ୍ଧରେ କିଛି ଜାଣି ନଥା'ନ୍ତି । ସେମାନେ ଏକଥା ଜାଣି ନଥା'ନ୍ତି ଯେ ଶ୍ରୀକୃଷ୍ଣଙ୍କ ଶରୀର ପୂର୍ଣ୍ଣଜ୍ଞାନ ଓ ଆନନ୍ଦର ପ୍ରତୀକ ଅଟେ ଏବଂ ସେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ସତ୍ତ୍ୱାଧିକାରୀ (ମାଲିକ) ଅଟନ୍ତି ଏବଂ ସେ ସମସ୍ତଙ୍କୁ ମୁକ୍ତି ପ୍ରଦାନ କରିପାରନ୍ତି । ଯେଣୁ ସେମାନେ ଶ୍ରୀକୃଷ୍ଣଙ୍କର ଏସବୁ ଦିବ୍ୟ ଯୋଗ୍ୟତାମାନଙ୍କ ସମ୍ବନ୍ଧରେ ଅନଭିଜ୍ଞ ଥା'ନ୍ତି, ତେଣୁ ସେମାନେ ତାଙ୍କୁ ଉପହାସ କରନ୍ତି ।

ସେମାନେ ଏ କଥା'ବି ଜାଣି ନଥା'ନ୍ତି ଯେ ପରମପୁରୁଷ ଭଗବାନଙ୍କର ଏ ଭୌତିକ ଜଗତରେ ଆବିର୍ଭାବ ତାଙ୍କର ଅନ୍ତରଙ୍ଗା ଶକ୍ତିର ପରିପ୍ରକାଶ ଅଟେ । ସେ ଭୌତିକ ଶକ୍ତିର ପ୍ରଭୁ ଅଟନ୍ତି । ଅନେକ ସ୍ଥାନରେ ବର୍ଣ୍ଣନା କରାଯାଇଅଛି– *''ମମ ମାୟା ଦୁରତ୍ୟୟା''*– ଯେ ସେ କହୁଛନ୍ତି ଯଦିଓ ତାଙ୍କର ଭୌତିକଶକ୍ତି ଅତ୍ୟନ୍ତ କଠିନ-ଶକ୍ତିଶାଳୀ ତଥାପି ତାହା ତାଙ୍କ ନିୟନ୍ତ୍ରଣାଧୀନ ଅଟେ ଏବଂ ଯେ ତାଙ୍କର ଶରଣାପନ୍ନ ହୁଏ, ସେ ଭୌତିକଶକ୍ତିର ନିୟନ୍ତ୍ରଣରୁ ମୁକ୍ତ ହୋଇଯାଏ, ଯେତେବେଳେ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ କୌଣସି ଜୀବ ଭୌତିକ ଶକ୍ତିର ପ୍ରଭାବରୁ ମୁକ୍ତ ହୋଇପାରେ, ସେତେବେଳେ ପରମପୁରୁଷ ଭଗବାନ୍, ଯେ'କି ସମଗ୍ର ଭୌତିକ ସୃଷ୍ଟିର ସୃଜନ, ପାଳନ ଓ ସଂହାରଣ କ୍ରିୟାକୁ ନିୟନ୍ତ୍ରଣ କରୁଛନ୍ତି, ତାଙ୍କର କିପରି ଆମ୍ଭମାନଙ୍କପରି ଏକ ଭୌତିକ ଶରୀର ହୋଇପାରେ ? ତେଣୁ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଏ ପ୍ରକାର ଧାରଣା ସଂପୂର୍ଣ୍ଣ ନିର୍ବୋଧତା ଅଟେ । ମୂର୍ଖଲୋକମାନେ ଏ କଥା ବୁଝିପାରନ୍ତି ନାହିଁ ଯେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ଏକ ସାଧାରଣ ମାନବ ରୂପେ ଅବତୀର୍ଣ୍ଣ ହୋଇ କିପରି କ୍ଷୁଦ୍ର ଅଣୁଠାରୁ ଆରମ୍ଭକରି ବିରାଟ ବିଶ୍ୱରୂପର ନିୟନ୍ତ୍ରଣକାରୀ ହୋଇପାରନ୍ତି । ସର୍ବ ବୃହତ୍ ଓ ସର୍ବକ୍ଷୁଦ୍ରର ଧାରଣା, ମୂର୍ଖମାନଙ୍କର ଧାରଣାର ବହିର୍ଭୂତ, ତେଣୁ ସେମାନେ କଳ୍ପନା କରି ପାରନ୍ତି ନାହିଁ ଏକ ସାଧାରଣ ମାନବ ଶରୀରଧାରୀ ପୁରୁଷ ଏକ ସମୟରେ ଅନନ୍ତ ତଥା କ୍ଷୁଦ୍ରତମକୁ ନିୟନ୍ତ୍ରଣ କରିପାରେ । ବାସ୍ତବରେ ଯଦିଓ ସେ ଅନନ୍ତ ଓ ଶାନ୍ତ (ଅସୀମ ଓ ସସୀମ)ର ନିୟନ୍ତ୍ରଣକାରୀ ଅଟନ୍ତି, ତଥାପି ସେ ସମସ୍ତ ପରିପ୍ରକାଶରୁ ପୃଥକ୍ ଅଟନ୍ତି । ଏହା ତାଙ୍କର *''ଯୋଗମ୍ ଐଶ୍ୱରମ୍''*– ତାଙ୍କର ଅଚିନ୍ତ୍ୟ ପରମପ୍ରକୃତି ସମ୍ବନ୍ଧରେ ପରିଷ୍କାର ଭାବରେ କୁହାଯାଇଛି ଯେ ସେ ଅସୀମ ଓ ସସୀମର ନିୟନ୍ତ୍ରଣକାରୀ ହୋଇପାରନ୍ତି ଏବଂ ତତ୍‌ସଙ୍ଗେସଙ୍ଗେ ସେମାନଙ୍କଠାରୁ ପୃଥକ୍ ଭାବେ ରହିପାରନ୍ତି । ଯଦିଓ ମୂର୍ଖମାନେ ଏ କଥା କଳ୍ପନା କରିପାରନ୍ତି ନାହିଁ ଯେ ଶ୍ରୀକୃଷ୍ଣ, ଯେ'କି ଏକ ମାନବ ରୂପରେ ଆବିର୍ଭୂତ ହୁଅନ୍ତି, କିପରି ଅସୀମ ଓ ସସୀମର ନିୟନ୍ତ୍ରଣକାରୀ ହୋଇପାରନ୍ତି । କିନ୍ତୁ ଯେଉଁମାନେ କୃଷ୍ଣଙ୍କର ଶୁଦ୍ଧ ଭକ୍ତ ସେମାନେ ଏହା ସ୍ୱୀକାର କରନ୍ତି, କାରଣ ସେମାନେ ଜାଣିଥା'ନ୍ତି ଯେ ଶ୍ରୀକୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍ । ତେଣୁ ସେମାନେ ସଂପୂର୍ଣ୍ଣରୂପେ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହୋଇଥା'ନ୍ତି ଏବଂ ତାଙ୍କର ଦିବ୍ୟ ସେବାରେ କୃଷ୍ଣଚେତନାରେ ମଗ୍ନ ଥା'ନ୍ତି ।

ଭଗବାନଙ୍କର ମାନବରୂପରେ ଅବତୀର୍ଣ୍ଣ ହେବା ସମ୍ବନ୍ଧରେ ନିରାକାରବାଦୀ ଓ ସାକାରବାଦୀମାନଙ୍କ ମଧ୍ୟରେ ଅନେକ ମତ ବିଭେଦ ଅଛି । କିନ୍ତୁ ଆମେ ଯଦି କୃଷ୍ଣ ବିଜ୍ଞାନ ବୁଝିବା ସମୟରେ ପ୍ରାମାଣିକ ଗ୍ରନ୍ଥ ''ଶ୍ରୀମଦ୍ ଭଗବଦ୍-ଗୀତା' ଓ 'ଶ୍ରୀମଦ୍ ଭାଗବତମ୍' ଆଲୋଚନା କରିବା, ତାହାହେଲେ ଆମେ ବୁଝିପାରିବା ଯେ ଶ୍ରୀକୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍ । ଯଦିଓ ସେ ଏ ପୃଥିବୀରେ ଏକ ସାଧାରଣ ମାନବ ରୂପରେ ଆବିର୍ଭୂତ ହୁଅନ୍ତି, ତଥାପି ସେ ସାଧାରଣ ମାନବ ନୁହନ୍ତି । ଶ୍ରୀମଦ୍ ଭାଗବତମ୍‌ର ପ୍ରଥମ ସ୍କନ୍ଧ ପ୍ରଥମ ଅଧ୍ୟାୟରେ, ଯେତେବେଳେ ଋଷିମାନେ ଶ୍ରୀକୃଷ୍ଣଙ୍କର କ୍ରିୟାକଳାପ ସମ୍ବନ୍ଧରେ ପ୍ରଶ୍ନ କଲେ ସେତେବେଳେ କୁହାଯାଇଛି ଯେ ତାଙ୍କର ମାନବ ରୂପରେ ଆବିର୍ଭାବ ମୂର୍ଖମାନଙ୍କୁ ଭ୍ରମିତ କରାଏ । ଶ୍ରୀକୃଷ୍ଣ

ଯେତେବେଳେ ଏ ପୃଥିବୀରେ ଆବିର୍ଭୂତ ହୋଇଥିଲେ, ସେତେବେଳେ ସେ ଯେଉଁ ଆଶ୍ଚର୍ଯ୍ୟଜନକ କ୍ରିୟାକଳାପମାନ ପ୍ରଦର୍ଶନ କରିଯାଇଛନ୍ତି, ତାହା କୌଣସି ମାନବ ପ୍ରଦର୍ଶନ କରିପାରିବ ନାହିଁ । ଯେତେବେଳେ ଶ୍ରୀକୃଷ୍ଣ ତାଙ୍କର ପିତାମାତା ବସୁଦେବ ଓ ଦେବକୀଙ୍କ ସମକ୍ଷରେ ଆବିର୍ଭୂତ ହେଲେ, ସେତେବେଳେ ଚତୁର୍ଭୁଜ (ନାରାୟଣ) ରୂପରେ ଆବିର୍ଭୂତ ହୋଇଥିଲେ; କିନ୍ତୁ ପିତାମାତାଙ୍କର ପ୍ରାର୍ଥନା ଶୁଣିଲାପରେ ସେ ନିଜକୁ ଏକ ସାଧାରଣ ଶିଶୁ ରୂପରେ ପରିବର୍ତ୍ତନ କରି ପାରିଥିଲେ । ଏକ ସାଧାରଣ ମାନବରୂପରେ ତାଙ୍କର ଆବିର୍ଭାବ ତାଙ୍କର ଦିବ୍ୟ ଶରୀରର ଏକ ଆକୃତି ଅଟେ । ଗୀତାର ଏକାଦଶ ଅଧ୍ୟାୟରେ ମଧ୍ୟ ଏକଥା କୁହାଯାଇଅଛି, *''ତେନୈବ ରୂପେଣ.....''* ଇତ୍ୟାଦି । ଅର୍ଜୁନ ପ୍ରାର୍ଥନା କଲେ ତାଙ୍କର ସେ ଚତୁର୍ଭୁଜରୂପ ଦେଖିବାପାଇଁ । ଶ୍ରୀକୃଷ୍ଣ ଯେତେବେଳେ ଅର୍ଜୁନଙ୍କର ଏ ପ୍ରାର୍ଥନା ଶୁଣିଲେ ସେ ପୁନର୍ବାର ତାଙ୍କର ମୌଳିକରୂପ ଧାରଣକଲେ । ପରମେଶ୍ୱରଙ୍କର ଏସବୁ ବିଭିନ୍ନ ରୂପ ବାସ୍ତବରେ କୌଣସି ସାଧାରଣ ମାନବ ରୂପ ନୁହେଁ ।

ଯେଉଁମାନେ ମାୟାବାଦୀ ଦର୍ଶନ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି, ସେମାନେ କେତେକ ଶ୍ରୀକୃଷ୍ଣଙ୍କୁ ଉପହାସ କରନ୍ତି ଏବଂ ଶ୍ରୀକୃଷ୍ଣଙ୍କୁ ଏକ ସାଧାରଣ ମାନବବୋଲି ପ୍ରମାଣ କରିବା ନିମିତ୍ତ ଶ୍ରୀମଦ୍ ଭାଗବତମ୍‌ରୁ ନିମ୍ନଲିଖିତ ଶ୍ଳୋକ ଉଦ୍ଧାର କରନ୍ତି– *''ଅହଂ ସର୍ବେଷୁ ଭୂତେଷୁ ଭୂତାତ୍ମାବସ୍ଥିତଃ ସଦା''*– (ଭାଗବତମ୍ ୩-୨୯-୨୧) ''ଭଗବାନ୍ ପ୍ରତ୍ୟେକ ଜୀବ ମଧ୍ୟରେ ବିଦ୍ୟମାନ ।'' ବୈଷ୍ଣବ ଆଚାର୍ଯ୍ୟ ଶ୍ରୀଳ ଜୀବ ଗୋସ୍ୱାମୀଙ୍କର 'ଭାଗବତ ଭାଷ୍ୟରୁ ଏଇ ଶ୍ଳୋକର ଭାଷ୍ୟ ଗ୍ରହଣ କରିବା ଉଚିତ୍ । ଯେଉଁ ନିର୍ବୋଧ (ଅସ୍ୱୀକୃତ ଆଚାର୍ଯ୍ୟ)ଗଣ ଶ୍ରୀକୃଷ୍ଣଙ୍କୁ ଉପହାସ କରନ୍ତି, ସେମାନଙ୍କ ଭାଷ୍ୟ ଗ୍ରହଣ କରିବା ଉଚିତ୍ ନୁହେଁ । ଶ୍ରୀ ଜୀବ ଗୋସ୍ୱାମୀ ଏହି ଶ୍ଳୋକ ଉପରେ ବ୍ୟାଖ୍ୟା କରି କହିଛନ୍ତି ଯେ ଶ୍ରୀକୃଷ୍ଣ ତାଙ୍କର ବିସ୍ତୃତାଂଶ ରୂପରେ–ପରମାତ୍ମା ରୂପରେ ସ୍ଥାବର ଓ ଜଙ୍ଗମ ପ୍ରତ୍ୟେକଙ୍କ ମଧ୍ୟରେ ବିଦ୍ୟମାନ । ତେଣୁ ଯେଉଁ ନୂତନ ଶିଷ୍ୟ ବା କନିଷ୍ଠ ଅଧିକାରୀ ଭକ୍ତ କେବଳ ଦେଉଳରେ ଥିବା ଭଗବାନଙ୍କର ଅର୍ଚ୍ଚା ମୂର୍ତ୍ତିକୁ ପୂଜାକରେ ବା ପ୍ରଣାମ ଜଣାଏ ଏବଂ ଅନ୍ୟ ଜୀବମାନଙ୍କ ପ୍ରତି ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ ନ କରେ, ସେ ଦେଉଳରେ ଥିବା ଭଗବାନଙ୍କୁ ଅଯଥା ପୂଜା କରୁଛି ବୋଲି ବୁଝାଯାଏ । ଭଗବାନଙ୍କର ତିନି ପ୍ରକାର ଭକ୍ତ ଅଛନ୍ତି ଏବଂ ନୂତନ ଶିଷ୍ୟ ବା କନିଷ୍ଠ ଅଧିକାରୀ ଭକ୍ତ ସର୍ବନିମ୍ନ ସ୍ତରରେ ଥାଏ । କନିଷ୍ଠ ଅଧିକାରୀ ଭକ୍ତ, ଅନ୍ୟ ଭକ୍ତବୃନ୍ଦଙ୍କ ଅପେକ୍ଷା ଦେଉଳରେ ଥିବା ଅର୍ଚ୍ଚା ବିଗ୍ରହକୁ ଅଧିକ ଭକ୍ତି ପ୍ରଦର୍ଶନ କରେ । ତେଣୁ ଶ୍ରୀଳ ଜୀବ ଗୋସ୍ୱାମୀ ସତର୍କବାଣୀ ଶୁଣାଇ କହିଛନ୍ତି– ଏ ପ୍ରକାର ମନୋବୃତ୍ତିକୁ ସଂଶୋଧନ କରିବା ଉଚିତ୍ । ଭକ୍ତ ଏକଥା ଜାଣିବା ଉଚିତ୍ ଯେ ଶ୍ରୀକୃଷ୍ଣ ପରମାତ୍ମାରୂପରେ ପ୍ରତ୍ୟେକଙ୍କ ହୃଦୟରେ ବିଦ୍ୟମାନ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଭଗବାନଙ୍କ ପ୍ରତୀକ ବା ମନ୍ଦିର ସ୍ୱରୂପ ଏବଂ ଯେପରି ବ୍ୟକ୍ତି ଭଗବାନଙ୍କ ହୃଦୟରେ ପରମାତ୍ମା ବିଦ୍ୟମାନ ଅଛନ୍ତି, ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ । ତେଣୁ ପ୍ରତ୍ୟେକଙ୍କୁ ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ କରିବା ଉଚିତ୍; କାହାରିକୁ ଅବହେଳା ପ୍ରଦର୍ଶନ କରିବା ଉଚିତ୍ ନୁହେଁ ।

ଅନେକ ମାୟାବାଦୀ ଅଛନ୍ତି ଯେଉଁମାନେ ଦେବାଳୟରେ ପୂଜା କରାଯାଉଥିବା ଶ୍ରୀବିଗ୍ରହର ପୂଜାକୁ ଉପହାସ କରନ୍ତି । ସେମାନେ କହନ୍ତି ଯେ ଭଗବାନ୍'ତ ସର୍ବତ୍ର ବିଦ୍ୟମାନ, ତେବେ

ଆମେ କାହିଁକି ଆମକୁ କେବଳ ଦେବାଳୟ ପୂଜାରେ ସୀମାବଦ୍ଧ କରିବା ? ଆଚ୍ଛା, ଯଦି ଭଗବାନ୍ ସର୍ବତ୍ର ବିଦ୍ୟମାନ, ତେବେ ସେ ଦେଉଳରେ ଥିବା ଶ୍ରୀବିଗ୍ରହରେ କ'ଣ ନାହାନ୍ତି ? ଯଦିଓ ନିରାକାରବାଦୀ ଓ ସାକାରବାଦୀ ବରାବର ଯୁଦ୍ଧରତ (କଳହରତ), ତଥାପି କୃଷ୍ଣଚେତନଶୀଳ ଏକ ଶୁଦ୍ଧ ଭକ୍ତ ଜାଣେ ଯେ ଯଦିଓ ଶ୍ରୀକୃଷ୍ଣ ପରମପୁରୁଷ ଅଟନ୍ତି, ତଥାପି ସେ ସର୍ବବ୍ୟାପକ ଅଟନ୍ତି । ଏହା ବ୍ରହ୍ମସଂହିତାରେ ସ୍ୱୀକୃତ ହୋଇଅଛି । ଯଦିଓ ତାଙ୍କର ପରମଧାମ ହେଲା ଗୋଲୋକ ବୃନ୍ଦାବନ ଏବଂ ସେ ସେଠାରେ ସର୍ବଦା ବିଦ୍ୟମାନ, ତଥାପି ସେ ତାଙ୍କର ଶକ୍ତିର ବିଭିନ୍ନ ପ୍ରକାଶ ସାହାଯ୍ୟରେ ଏବଂ ତାଙ୍କର ବିସ୍ତୃତାଂଶମାନଙ୍କ ସାହାଯ୍ୟରେ ସେ ଭୌତିକ ତଥା ଚିଦ୍ ଜଗତର ପ୍ରତ୍ୟେକ ଅଂଶରେ ବିଦ୍ୟମାନ ।

## ଶ୍ଳୋକ - ୧୨

**ମୋଘାଶା ମୋଘକର୍ମାଣୋ ମୋଘଜ୍ଞାନା ବିଚେତସଃ ।**
**ରାକ୍ଷସୀମାସୁରୀଂ ଚୈବ ପ୍ରକୃତିଂ ମୋହିନୀଂ ଶ୍ରିତାଃ ।।୧୨।।**

## ଶବ୍ଦାନୁବାଦ

ମୋଘାଶାଃ=ଆଶାହତ; ମୋଘ-କର୍ମାଣଃ=କର୍ମରେ ହତାଶ; ମୋଘ-ଜ୍ଞାନାଃ=ଜ୍ଞାନରେ ହତାଶ; ବିଚେତସଃ=ଭ୍ରମିତ; ରାକ୍ଷସୀମ୍=ରାକ୍ଷସସ୍ୱଭାବ ବିଶିଷ୍ଟ; ଆସୁରୀମ୍= ନାସ୍ତିକସ୍ୱଭାବ ବିଶିଷ୍ଟ; ଚ=ଏବଂ; ଏବ=ନିଶ୍ଚିତଭାବରେ; ପ୍ରକୃତିମ୍=ପ୍ରକୃତି; ମୋହିନୀମ୍= ବିମୋହିତ; ଶ୍ରିତାଃ=ଆଶ୍ରୟ ନେଇ ।

## ଅନୁବାଦ

**ଯେଉଁମାନେ ଏହି ପ୍ରକାରେ ବିମୋହିତ ହୋଇଛନ୍ତି, ସେମାନେ ଆସୁରିକ ତଥା ନାସ୍ତିକ ଭାବଧାରା ଦ୍ୱାରା ଆକୃଷ୍ଟ ହୋଇଛନ୍ତି । ଏ ପ୍ରକାର ବିଭ୍ରାନ୍ତ ଅବସ୍ଥାରେ ସେମାନଙ୍କର ମୁକ୍ତିବାଞ୍ଛା, ସକାମ କର୍ମର ଫଳାଶା ଏବଂ ଜ୍ଞାନାର୍ଜନ ସବୁକିଛି ପରାହତ ହୋଇ ଯାଇଅଛି ।**

## ଭାବାର୍ଥ

ଏପରି ଅନେକ ଭକ୍ତ ଅଛନ୍ତି ଯେଉଁମାନେ କୃଷ୍ଣଚେତନଶୀଳ ଏବଂ ଭକ୍ତିଯୋଗରତ ବୋଲି ନିଜକୁ ଭାବନ୍ତି; କିନ୍ତୁ ସେମାନଙ୍କ ହୃଦୟରେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପରମ ସତ୍ୟବୋଲି ଗ୍ରହଣ କରନ୍ତି ନାହିଁ । ସେମାନେ ଭଗବତ୍ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ ରୂପ ଭକ୍ତିଯୋଗର ଫଳ ଉପଭୋଗ କରି ପାରିବେ ନାହିଁ । ସେହିପରି ଯେଉଁମାନେ ସକାମ କର୍ମ, ପୁଣ୍ୟକର୍ମରେ ବ୍ୟସ୍ତ ଏବଂ ପରିଣାମତଃ ଭୌତିକ ବନ୍ଧନରୁ ମୁକ୍ତ ହେବାକୁ ଆଶା କରୁଛନ୍ତି, ସେମାନେ କଦାପି କୃତକାର୍ଯ୍ୟ ହୋଇ ପାରିବେ ନାହିଁ; କାରଣ ସେମାନେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଉପହାସ କରନ୍ତି । ଅନ୍ୟ କଥାରେ ଏହାହିଁ କୁହାଯାଇପାରେ ଯେ ଯେଉଁମାନେ ଶ୍ରୀକୃଷ୍ଣଙ୍କୁ ଉପହାସ କରନ୍ତି, ସେମାନେ ଅସୁର କିମ୍ବା ନାସ୍ତିକ ଅଟନ୍ତି । ଭଗବଦ୍ ଗୀତାର ସପ୍ତମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି ଯେ, ଏ ପ୍ରକାର ଅସୁରସ୍ୱଭାବବିଶିଷ୍ଟ ଦୁଷ୍ଟମାନେ କଦାପି ଭଗବାନ୍ ଶ୍ରୀକୃଷ୍ଣଙ୍କଠାରେ ଆତ୍ମସମର୍ପଣ କରନ୍ତି ନାହିଁ । ତେଣୁ ଭଗବାନଙ୍କ ସମ୍ବନ୍ଧୀୟ ସେମାନଙ୍କର

ମାନସିକ ଚିନ୍ତନ ସେମାନଙ୍କୁ ଏହି ଭ୍ରମାତ୍ମକ ସିଦ୍ଧାନ୍ତରେ ଉପନୀତ କରାଏ ଯେ, ସାଧାରଣ ଜୀବ ଓ କୃଷ୍ଣ ଏକ ଏବଂ ସମାନ । ଏପ୍ରକାର ଭ୍ରମଧାରଣାର ବଶବର୍ତ୍ତୀ ହୋଇ ସେମାନେ ଭାବନ୍ତି, ଯେକୌଣସି ମାନବର ଶରୀର ବର୍ତ୍ତମାନ ଭୂତପ୍ରକୃତି ଦ୍ୱାରା ଆବୃତ ହୋଇଅଛି ଏବଂ ମାନବ ଏ ଭୌତିକ ଶରୀର ବନ୍ଧନରୁ ମୁକ୍ତ ହେଲାକ୍ଷଣି ଭଗବାନ୍ ଓ ତା'ମଧ୍ୟରେ କୌଣସି ପାର୍ଥକ୍ୟ ଆଉ ରହେ ନାହିଁ । ଏଇ ପ୍ରକାରେ କୃଷ୍ଣଙ୍କ ସହିତ ଏକ ହେବାର ଚେଷ୍ଟା ଭ୍ରମବଶତଃ ପରାହତ ହୁଏ । ଆଧ୍ୟାତ୍ମିକ ଜ୍ଞାନାର୍ଜନର ଏ ପ୍ରକାର ନାସ୍ତିକ ତଥା ଆସୁରିକ ପ୍ରଚେଷ୍ଟା ସର୍ବଦା ନିଷ୍ଫଳ ଅଟେ ।

ପରମପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କୁ ଏକ ସାଧାରଣ ମାନବବୋଲି ଭାବିବା ଏକ ମହାନ୍ ଅପରାଧ । ଯେଉଁମାନେ ଏ ପ୍ରକାର ଭାବନ୍ତି, ବାସ୍ତବିକ୍ ସେମାନେ ଭ୍ରମିତ ହୋଇଛନ୍ତି, କାରଣ ସେମାନେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଶାଶ୍ୱତ ରୂପକୁ ଜାଣି ପାରନ୍ତି ନାହିଁ । ବୃହତ୍ ବୈଷ୍ଣବ ସ୍ମୃତିରେ ଏହା ପରିଷ୍କାର ଭାବରେ କୁହାଯାଇଛି ଯେ ଭଗବାନ୍ ଶ୍ରୀକୃଷ୍ଣଙ୍କ ଶରୀରକୁ ଭୌତିକ ଶରୀରବୋଲି ଭାବେ ତାକୁ ବେଦ ବର୍ଣ୍ଣିତ (ଶ୍ରୁତି ବର୍ଣ୍ଣିତ) ସମସ୍ତ କ୍ରିୟାକଳାପ, ବ୍ରତ, ପୂଜାବିଧି ଅନୁଷ୍ଠାନରୁ ବାସନ୍ଦ କରିବା ଉଚିତ୍ । ଯଦି କୌଣସି ଲୋକ ଏ ପ୍ରକାର ବ୍ୟକ୍ତିର ମୁଖ ଦର୍ଶନ କରେ, ସେ ସାଙ୍ଗେ ସାଙ୍ଗେ ଗଙ୍ଗାସ୍ନାନ କରି ଦୋଷମୁକ୍ତ ହେବା ଉଚିତ୍ । ଲୋକମାନେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଉପହାସ କରନ୍ତି, କାରଣ ସେମାନେ ପରମପୁରୁଷ ଭଗବାନଙ୍କ ପ୍ରତି ଅସହିଷ୍ଣୁ ହୋଇ ଉଠିଥା'ନ୍ତି । ଏହା ନିଶ୍ଚିତ ଯେ ସେମାନେ ଜନ୍ମ ଜନ୍ମ ଧରି ନାସ୍ତିକ ତଥା ଅସୁରଯୋନି ଲାଭ କରିବେ । ବରାବର ସେମାନଙ୍କର ପ୍ରକୃତ ଜ୍ଞାନ ମାୟାଦ୍ୱାରା ଅପହୃତ ହେଉଥିବ ଏବଂ କ୍ରମଶଃ ସେମାନେ ସୃଷ୍ଟିର ଅନ୍ଧକାରମୟ ପ୍ରଦେଶରେ ପ୍ରବେଶ କରୁଥିବେ ।

## ଶ୍ଳୋକ - ୧୩

**ମହାତ୍ମାନସ୍ତୁ ମାଂ ପାର୍ଥ ଦୈବୀଂ ପ୍ରକୃତିମାଶ୍ରିତାଃ ।**
**ଭଜନ୍ତ୍ୟନନ୍ୟମନସୋ ଜ୍ଞାତ୍ୱା ଭୂତାଦିମବ୍ୟୟମ୍ ।।୧୩।।**

## ଶବ୍ଦାନୁବାଦ

ମହାତ୍ମାନଃ=ମହାତ୍ମାମାନେ; ତୁ=କିନ୍ତୁ; ମାମ୍=ମୋତେ; ପାର୍ଥ=ହେ ପୃଥାପୁତ୍ର; ଦୈବୀମ୍=ଦୈବୀ; ପ୍ରକୃତିମ୍=ପ୍ରକୃତି; ଆଶ୍ରିତାଃ=ଆଶ୍ରୟ ଗ୍ରହଣ କରି; ଭଜନ୍ତି=ସେବା କରନ୍ତି; ଅନନ୍ୟ-ମନସଃ=ଏକ ମନରେ (ସ୍ଥିର ମନରେ); ଜ୍ଞାତ୍ୱା=ଜାଣି; ଭୂତ=ସୃଷ୍ଟି; ଆଦିମ୍=ଆଦି; ଅବ୍ୟୟମ୍=ଅବ୍ୟୟ (ଯାହାର ବ୍ୟୟ ନାହିଁ) ।

## ଅନୁବାଦ

**ହେ କୁନ୍ତୀ ପୁତ୍ର ! ଯେଉଁମାନେ ଭ୍ରମିତ ନୁହନ୍ତି, ଯେଉଁମାନେ ମହାତ୍ମା, ସେମାନେ ଦୈବୀ ପ୍ରକୃତି ଦ୍ୱାରା ସୁରକ୍ଷିତ ହୋଇଛନ୍ତି । ସେମାନେ ସଂପୂର୍ଣ୍ଣରୂପେ ଭକ୍ତିଯୋଗ ମାର୍ଗରେ ସେବାରତ ଥା'ନ୍ତି, କାରଣ ସେମାନେ ମୋତେ ଅବ୍ୟୟ, ଆଦି ପୁରୁଷ ତଥା ପରମପୁରୁଷ ଭଗବାନ୍ ବୋଲି ଜାଣିଥା'ନ୍ତି ।**

## ଭାବାର୍ଥ

ଏହି ଶ୍ଲୋକରେ ମହାତ୍ମାଙ୍କର ବିବରଣ ପରିଷ୍କାରଭାବରେ ଦିଆଯାଇଅଛି । ମହାତ୍ମାଙ୍କର ପ୍ରଥମ ସୂଚକ ହେଉଛି ଏହା ଯେ, ସେ ଦୈବୀ ପ୍ରକୃତିର ଅଧୀନରେ ଥା'ନ୍ତି । ସେ ଭୂତପ୍ରକୃତିର ଅଧୀନରେ ନଥା'ନ୍ତି । ଏହା କିପରି ହୁଏ ? ଏହା ସପ୍ତମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି । ଯେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହୁଏ, ସେ ସାଙ୍ଗେ ସାଙ୍ଗେ ଭୂତପ୍ରକୃତିର ନିୟନ୍ତ୍ରଣରୁ ମୁକ୍ତ ହୋଇଯାଏ । ଏହା ହିଁ ହେଉଛି ଯୋଗ୍ୟତା । ବ୍ୟକ୍ତି ନିଜ ଆତ୍ମାକୁ ପରମାତ୍ମା ଭଗବାନଙ୍କ ନିକଟରେ ସଂପୂର୍ଣ୍ଣରୂପେ ସମର୍ପଣ କରି ଦେଲାକ୍ଷଣି ଭୂତପ୍ରକୃତିର ନିୟନ୍ତ୍ରଣରୁ ମୁକ୍ତ ହୋଇଯାଏ । ଏହା ହେଉଛି ପ୍ରାଥମିକ ସୂତ୍ର । ଜୀବ ତଟସ୍ଥା ଶକ୍ତି ଅଟେ, ତେଣୁ ସେ ଭୂତ ପ୍ରକୃତିର ନିୟନ୍ତ୍ରଣରୁ ମୁକ୍ତ ହେଲାକ୍ଷଣି ଦୈବୀ ପ୍ରକୃତିର ଅଧୀନକୁ ଆସିଯାଏ । ଆଧ୍ୟାତ୍ମିକ ଶକ୍ତିର ନିୟନ୍ତ୍ରଣକୁ ଆସିବାକୁ 'ଦୈବୀ ପ୍ରକୃତି' କୁହାଯାଏ । ଯେତେବେଳେ ବ୍ୟକ୍ତି ଏହି ପ୍ରକାରେ ଉନ୍ନୀତ ହୁଏ–ପରମପୁରୁଷ ଭଗବାନଙ୍କ ଶରଣାପନ୍ନ ହୁଏ–ସେତେବେଳେ ସେ 'ମହାତ୍ମା' ସ୍ତର ଲାଭ କରେ ।

ମହାତ୍ମାମାନେ କୃଷ୍ଣଙ୍କ ବ୍ୟତୀତ ଅନ୍ୟପ୍ରତି ଧ୍ୟାନ ଦିଅନ୍ତି ନାହିଁ; କାରଣ ସେ ଭଲରକମ ଜାଣିଥା'ନ୍ତି ଯେ ଶ୍ରୀକୃଷ୍ଣ ହେଉଛନ୍ତି ଆଦିପରୁଷ ଏବଂ ସର୍ବ କାରଣର କାରଣ । ଏଥିରେ କୌଣସି ସନ୍ଦେହ ନାହିଁ । ଏ ପ୍ରକାର ମହାତ୍ମା, ଅନ୍ୟ ମହାତ୍ମାମାନଙ୍କର ବା ଶୁଦ୍ଧ ଭକ୍ତମାନଙ୍କର ସଙ୍ଗଲାଭ କରି ଉନ୍ନତି କରନ୍ତି । ଶୁଦ୍ଧ ଭକ୍ତଗଣ ଶ୍ରୀକୃଷ୍ଣଙ୍କର ଅନ୍ୟରୂପ ଯଥା–ଚତୁର୍ଭୂଜଧାରୀ ମହାବିଷ୍ଣୁଙ୍କ ପ୍ରତି ମଧ୍ୟ ଆକୃଷ୍ଟ ହୁଅନ୍ତି ନାହିଁ । ସେମାନେ କେବଳ ଦ୍ୱିଭୂଜଧାରୀ ଶ୍ରୀକୃଷ୍ଣଙ୍କ ରୂପ ପ୍ରତି ଆକୃଷ୍ଟ ହୁଅନ୍ତି । ଯେଣୁ ସେମାନେ ଶ୍ରୀକୃଷ୍ଣଙ୍କର ଅନ୍ୟ ରୂପପ୍ରତି ଆକୃଷ୍ଟ ହୁଅନ୍ତି ନାହିଁ (ସେ ସ୍ଥଳେ ଦେବତାମାନଙ୍କ କଥା ବା ଆଉ କ'ଣ କହିବା ?) ତେଣୁ ସେମାନେ କୌଣସ ପ୍ରକାର ଦେବତା ରୂପ ବା ମାନବ ସହିତ ସଂପୃକ୍ତ ନୁହନ୍ତି । ସେମାନେ କେବଳ କୃଷ୍ଣଚେତନଶୀଳ ହୋଇ ଶ୍ରୀକୃଷ୍ଣଙ୍କୁ ହିଁ ଧ୍ୟାନ କରନ୍ତି । ସେମାନେ ସର୍ବଦା ଅନନ୍ୟ ଭକ୍ତିଯୋଗରେ କୃଷ୍ଣଚେତନଶୀଳ ହୋଇ ଭଗବାନ୍ ଶ୍ରୀକୃଷ୍ଣଙ୍କ ସେବାରେ ନିଯୁକ୍ତ ଥା'ନ୍ତି ।

## ଶ୍ଲୋକ - ୧୪

**ସତତଂ କୀର୍ତୟନ୍ତୋ ମାଂ ଯତନ୍ତଶ୍ଚ ଦୃଢ଼ବ୍ରତାଃ ।**
**ନମସ୍ୟନ୍ତଶ୍ଚ ମାଂ ଭକ୍ତ୍ୟା ନିତ୍ୟଯୁକ୍ତା ଉପାସତେ ।। ୧୪ ।।**

## ଶବ୍ଦାନୁବାଦ

ସତତମ୍=ସର୍ବଦା; କୀର୍ତୟନ୍ତଃ=କୀର୍ତ୍ତନରତ; ମାମ୍=ମୋତେ; ଯତନ୍ତଃ ଚ=ପୂର୍ଣ୍ଣରୂପେ ପ୍ରୟତ୍ନଶୀଳ; ଦୃଢ଼-ବ୍ରତାଃ=ଦୃଢ଼ତାର ସହିତ; ନମସ୍ୟନ୍ତଃ ଚ=ପ୍ରଣାମ ଜଣାଇ; ମାମ୍=ମୋତେ; ଭକ୍ତ୍ୟା=ଭକ୍ତିର ସହିତ; ନିତ୍ୟ-ଯୁକ୍ତାଃ=ସର୍ବଦା ଯୁକ୍ତ; ଉପାସତେ=ପୂଜା କରନ୍ତି ।

## ଅନୁବାଦ

**ଏ ମହାତ୍ମାମାନେ ସର୍ବଦା ମୋର ଗୌରବ ଗାନ କରି; ଦୃଢ଼ତାର ସହିତ ପ୍ରୟତ୍ନଶୀଳ ହୋଇ ଏବଂ ମୋ ସମ୍ମୁଖରେ ପ୍ରଣାମ କରି ସର୍ବଦା ଭକ୍ତିର ସହିତ ମୋତେ ପୂଜା କରନ୍ତି ।**

## ଭାବାର୍ଥ

ଏକ ସାଧାରଣ ଲୋକ ଉପରେ ମହାତ୍ମା-ଛାପମାରି ମହାତ୍ମା ତିଆରି କରାଯାଇ ନ ପାରେ । ମହାତ୍ମାଙ୍କର ଲକ୍ଷଣମାନ ଏଠାରେ ବର୍ଣ୍ଣନା କରାଯାଇଅଛି । ଯେ ମହାତ୍ମା ସେ ସର୍ବଦା ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଗୁଣଗୌରବ ଗାନରେ ନିଯୁକ୍ତ ଥା'ନ୍ତି । ତାଙ୍କର ଅନ୍ୟ କିଛି କାମ ନଥାଏ । ସେ ସର୍ବଦା ଭଗବାନଙ୍କର ଗୁଣଗାନରେ ରତ ଥା'ନ୍ତି । ଅନ୍ୟ କଥାରେ ସେ ମାୟାବାଦୀ ବା ନିର୍ବିଶେଷବାଦୀ ନୁହନ୍ତି । ଗୁଣ କୀର୍ତ୍ତନ ପ୍ରଶ୍ନ ଯେତେବେଳେ ଉଠୁଛି, ସେତେବେଳେ କେବଳ ଭଗବାନଙ୍କର ଦିବ୍ୟନାମ, ଶାଶ୍ୱତ ରୂପ, ଦିବ୍ୟଗୁଣ ଏବଂ ଅଦ୍ଭୁତ ଲୀଳାମାନ କୀର୍ତ୍ତନକରି ତାଙ୍କର ଗୌରବଗାନ କରିବା ଉଚିତ୍ । ବ୍ୟକ୍ତି କେବଳ ଏଇସବୁ ଗୌରବ ଗାଥା ଗାନ କରିବା ଉଚିତ୍ । ତେଣୁ ମହାତ୍ମା ସର୍ବଦା ପରମପୁରୁଷ ଭଗବାନଙ୍କଠାରେ ହିଁ ଯୁକ୍ତ ଥା'ନ୍ତି ।

ଯେ ଭଗବାନଙ୍କର ନିର୍ବିଶେଷ ରୂପ-ବ୍ରହ୍ମଜ୍ୟୋତି ପ୍ରତି ଆସକ୍ତ ହୋଇଥାଏ; ତାଙ୍କୁ ମହାତ୍ମା ବୋଲି ଭଗବଦ୍ ଗୀତାରେ ବର୍ଣ୍ଣନା କରାଯାଇ ନାହିଁ । ପରବର୍ତ୍ତୀ ଶ୍ଳୋକରେ ତାଙ୍କୁ ଭିନ୍ନରୂପେ ବର୍ଣ୍ଣନା କରାଯାଇଅଛି । ମହାତ୍ମା ସର୍ବଦା ବିଭିନ୍ନପ୍ରକାର ଭକ୍ତିଯୁକ୍ତ ସେବାରେ ନିଯୁକ୍ତ ଥା'ନ୍ତି । ଶ୍ରୀମଦ୍ ଭାଗବତମ୍‌ର ବର୍ଣ୍ଣନା ଅନୁଯାୟୀ ସେ (ମହାତ୍ମା) ଶ୍ରୀବିଷ୍ଣୁଙ୍କର ନାମ ଗୁଣ ଆଦି ସର୍ବଦା ଶ୍ରବଣ-କୀର୍ତ୍ତନ ହିଁ କରୁଥା'ନ୍ତି । ସେ କୌଣସି ଦେବତା କିମ୍ବା ମାନବର ଗୁଣ-କୀର୍ତ୍ତନ କରନ୍ତି ନାହିଁ । ଏହା ହିଁ ହେଉଛି ଭକ୍ତି– *ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ ସ୍ମରଣଂ* (ତାଙ୍କୁ ସ୍ମରଣ କରିବା) । ଏ ପ୍ରକାର ମହାତ୍ମାଙ୍କର ଭଗବତ୍ ପ୍ରାପ୍ତି ନିମିତ୍ତ ଦୃଢ଼ତା ଥାଏ । ମାନବର ଚରମ ଗତି ହେଉଛି ଭଗବତ୍ ପ୍ରାପ୍ତି । ପାଞ୍ଚ ପ୍ରକାର ଦିବ୍ୟରସ ମଧ୍ୟରୁ କୌଣସି ଏକ ରସର ଅନୁବର୍ତ୍ତୀ ହୋଇ ମହାତ୍ମା ଭଗବାନଙ୍କ ସଙ୍ଗଲାଭ କରିବାକୁ ଦୃଢ଼ରୂପେ ପ୍ରଯତ୍ନଶୀଳ ହୁଅନ୍ତି । ସେଇ ଲକ୍ଷ୍ୟ ସାଧନ ନିମିତ୍ତ ଅର୍ଥାତ୍ ସେ ଦିଗରେ କୃତକାର୍ଯ୍ୟ ହେବା ନିମିତ୍ତ ସେ ତାଙ୍କର ଶାରୀରିକ, ମାନସିକ ଏବଂ ବାଚିକ ଆଦି ସମସ୍ତପ୍ରକାର କ୍ରିୟାକୁ ପରମପୁରୁଷ ଭଗବାନଙ୍କ ସେବାରେ ହିଁ ବିନିଯୋଗ କରନ୍ତି, ଏହାକୁ ପୂର୍ଣ୍ଣ କୃଷ୍ଣଚେତନା କୁହାଯାଏ ।

ଭକ୍ତିଯୋଗ ମାର୍ଗରେ କେତେକ ଦୃଢ଼ବ୍ରତ ସାଧନା ଅଛି; ଯଥା–ଏକାଦଶୀ ଦିନ ଏବଂ ଭଗବାନଙ୍କର ଆବିର୍ଭାବ ଆଦି ଦିବସମାନଙ୍କରେ ଉପବାସ କରିବା ବିଧି ଅଛି । ଏସବୁ ବିଧିମାନ ମହାନ୍ ଆଚାର୍ଯ୍ୟମାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କରାଯାଇଅଛି । ଯେଉଁମାନେ ବାସ୍ତବରେ ଭଗବାନଙ୍କ ସଙ୍ଗଲାଭ କରିବା ନିମିତ୍ତ ଦିବ୍ୟ ଜଗତରେ ପ୍ରବେଶ କରିବାକୁ ଇଚ୍ଛା କରନ୍ତି, ସେମାନଙ୍କ ନିମିତ୍ତ ଏ ବିଧିମାନ ନିର୍ଦ୍ଦିଷ୍ଟ କରାଯାଇଅଛି । ମହାତ୍ମାମାନେ ଏ ସବୁ ବ୍ରତବିଧିମାନ ଖୁବ୍ କଡ଼ାକଡ଼ି ଭାବରେ ପାଳନ କରନ୍ତି ଏବଂ ସେଇଥିପାଇଁ ସେମାନେ ନିଶ୍ଚିତଭାବରେ ଅଭୀପ୍‌ସିତ ଫଳ ଲାଭ କରନ୍ତି ।

ଏହି ଅଧ୍ୟାୟର ଦ୍ୱିତୀୟ ଶ୍ଳୋକରେ ବର୍ଣ୍ଣନା କରାଯାଇଅଛି ଯେ ଭକ୍ତିଯୋଗ ମାର୍ଗ ଯେ କେବଳ ସରଳ ଓ ସୁଗମ ତାହା ନୁହେଁ, ଏହା ମଧ୍ୟ ଖୁବ୍ ଆନନ୍ଦ ସହକାରେ ଅଭ୍ୟାସ କରାଯାଇପାରେ । ଏ ମାର୍ଗରେ ବ୍ୟକ୍ତିକୁ ଅତି କଠିନ ତପସ୍ୟା ବା ବ୍ରତବିଧି ପାଳନ କରିବାକୁ

ପଡ଼େ ନାହିଁ । ସେ ଏକ ପ୍ରବୀଣ ଆଧ୍ୟାତ୍ମିକ ଗୁରୁଙ୍କ ଅଧୀନରେ ଭକ୍ତିଯୋଗ ମାର୍ଗରେ ସେବାରତ ଜୀବନଯାପନ କରିପାରେ ଏବଂ ଯେ କୌଣସି ଅବସ୍ଥାରେ ବା ଆଶ୍ରମରେ–ଗୃହସ୍ଥାଶ୍ରମରେ ରହି ହେଉ ବା ସନ୍ନ୍ୟାସାଶ୍ରମ ବା ବ୍ରହ୍ମଚର୍ଯ୍ୟାଶ୍ରମରେ ହେଉ, ଯେ କୌଣସି ଅବସ୍ଥାରେ ପୃଥିବୀର ଯେ କୌଣସି ସ୍ଥାନରେ ରହି ଭକ୍ତିଯୋଗ ମାର୍ଗ ଅବଲମ୍ବନ କରି ପରମପୁରୁଷ ଭଗବାନଙ୍କର ସେବା କରିପାରେ ଏବଂ ଏହି ପ୍ରକାରେ ବାସ୍ତବରେ ଏକ ମହାତ୍ମା ହୋଇପାରେ ।

## ଶ୍ଳୋକ - ୧୫

**ଜ୍ଞାନଯଜ୍ଞେନ ଚାପ୍ୟନ୍ୟେ ଯଜନ୍ତୋ ମାମୁପାସତେ ।**
**ଏକତ୍ୱେନ ପୃଥକ୍ତ୍ୱେନ ବହୁଧା ବିଶ୍ୱତୋମୁଖମ୍ ।।୧୫।।**

## ଶବ୍ଦାନୁବାଦ

ଜ୍ଞାନ-ଯଜ୍ଞେନ=ଜ୍ଞାନ ଆହରଣ ଦ୍ୱାରା; ଚ=ମଧ୍ୟ; ଅପି=ନିଶ୍ଚିତରୂପେ; ଅନ୍ୟେ= ଅନ୍ୟମାନେ; ଯଜନ୍ତଃ=ପୂଜାକରି; ମାମ୍=ମୋତେ; ଉପାସତେ=ପୂଜା କରନ୍ତି; ଏକତ୍ୱେନ= ଏକତ୍ୱଭାବରେ; ପୃଥକ୍ତ୍ୱେନ=ଦ୍ୱନ୍ଦ୍ୱଭାବରେ; ବହୁଧା=ଅନେକ ପ୍ରକାରେ; ବିଶ୍ୱତଃ-ମୁଖମ୍=ବିଶ୍ୱରୂପରେ ।

## ଅନୁବାଦ

**ଅନ୍ୟମାନେ, ଯେଉଁମାନେ ଜ୍ଞାନାହରଣରେ ବ୍ୟସ୍ତ, ସେମାନେ ଭଗବାନଙ୍କୁ ଅଦ୍ୱିତୀୟ ଭଗବାନ୍‌ରୂପରେ, ବିଭିନ୍ନ ରୂପରେ ଏବଂ ବିଶ୍ୱରୂପରେ ପୂଜା କରନ୍ତି ।**

## ଭାବାର୍ଥ

ଏଇ ଶ୍ଳୋକଟି ପୂର୍ବବର୍ତ୍ତୀ ଶ୍ଳୋକମାନଙ୍କର ସାରାଂଶ ଅଟେ । ଭଗବାନ୍ ଅର୍ଜୁନଙ୍କୁ କହୁଛନ୍ତି ଯେ ଯେଉଁମାନେ ପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ ଅଟନ୍ତି ଏବଂ କୃଷ୍ଣଙ୍କ ବ୍ୟତୀତ ଆଉ କିଛି ଜାଣନ୍ତି ନାହିଁ, ସେମାନଙ୍କୁ ମହାତ୍ମା କୁହାଯାଏ । ତଥାପି ଆଉ କେତେକ ଲୋକ ଅଛନ୍ତି, ଯେଉଁମାନେ ଠିକ୍ ମହାତ୍ମାଙ୍କ ସ୍ତରରେ ନ ଥା'ନ୍ତି, କିନ୍ତୁ କୃଷ୍ଣଙ୍କୁ ପୂଜା କରନ୍ତି; ସେମାନେ ଅନ୍ୟ ପ୍ରକାରେ ଏ ପୂଜା କରନ୍ତି । ସେମାନଙ୍କ ମଧ୍ୟରୁ କେତେକଙ୍କ ବିଷୟରେ ବର୍ଣ୍ଣନା ଅବଶ୍ୟ ପୂର୍ବରୁ ଦିଆଯାଇଅଛି–ସେମାନେ ହେଲେ ଆର୍ତ୍ତ, ଧନହୀନ, ଜିଜ୍ଞାସୁ ଏବଂ ଜ୍ଞାନୀ ଅର୍ଥାତ୍ ଯେଉଁମାନେ ଜ୍ଞାନାହରଣରେ ବ୍ୟସ୍ତ, କିନ୍ତୁ ଆହୁରି କେତେକ ଅଛନ୍ତି, ଯେଉଁମାନେ ନୀଚସ୍ତରର ଏବଂ ଏମାନେ ତିନି ଶ୍ରେଣୀରେ ବିଭକ୍ତ, ଯଥା–(୧) ଯେ ନିଜକୁ ଭଗବାନଙ୍କ ସହ ସମାନ ମନେ କରି ନିଜକୁ ପୂଜା କରେ, (୨) ଯେ'କି ନିଜ ମନ ମୁତାବକ ଏକ ରୂପ କଳ୍ପନା କରି ତାକୁ ହିଁ ପୂଜା କରେ ଓ (୩) ଯେ ଭଗବାନଙ୍କର ବିଶ୍ୱରୂପକୁ ସ୍ୱୀକାର କରି ତାକୁ ହିଁ ପୂଜାକରେ । ଏ ତିନି ଶ୍ରେଣୀମଧ୍ୟରେ ନିମ୍ନତମ ହେଉଛନ୍ତି ସେହିମାନେ, ଯେଉଁମାନେ ନିଜକୁ ଭଗବାନ୍ ଭାବି ପୂଜା କରନ୍ତି । ସେମାନେ ନିଜକୁ ଅଦ୍ୱୈତବାଦୀ ବୋଲି ଭାବନ୍ତି । ଏଇମାନଙ୍କ ସଂଖ୍ୟା ଆଜିକାଲି ଦୁନିଆରେ ଅଧିକ । ଏ ପ୍ରକାର ଲୋକେ ନିଜକୁ ଭଗବାନ୍ ବୋଲି ଭାବନ୍ତି ଏବଂ ଏହି ମନୋବୃତ୍ତି ନେଇ ସେମାନେ ନିଜକୁ ପୂଜା କରନ୍ତି । ଏହା ମଧ୍ୟ ଏକ ପ୍ରକାର ଭଗବତ୍ ଉପାସନା, କାରଣ ସେମାନେ ବୁଝିପାରିଥା'ନ୍ତି ଯେ ସେମାନେ ଭୌତିକ ଶରୀର ନୁହନ୍ତି, ସେମାନେ ବାସ୍ତବରେ

ଚିଦାତ୍ମା । ଆଜିକାଲି ଏ ପ୍ରକାର ଧାରଣା ଅଧିକାଂଶଙ୍କଠାରେ ଦେଖିବାକୁ ମିଳେ । ସାଧାରଣତଃ ମାୟାବାଦୀ ବା ନିର୍ବିଶେଷବାଦୀମାନେ ଭଗବାନଙ୍କୁ ଏହି ପ୍ରକାରେ ପୂଜା କରନ୍ତି । ଦ୍ୱିତୀୟ ଶ୍ରେଣୀର ପୂଜକ ହେଉଛନ୍ତି–ଅନ୍ୟ ଦେବତା ପୂଜକ । ଏମାନେ ନିଜ କଳ୍ପନାନୁଯାୟୀ ଯେ କୌଣସି ରୂପକୁ ଭଗବାନ୍‌ଙ୍କ ରୂପବୋଲି ଭାବନ୍ତି । ତୃତୀୟ ଶ୍ରେଣୀର ପୂଜକ ହେଉଛନ୍ତି ସେହିମାନେ, ଯେଉଁମାନେ ଏ ଭୌତିକ ପରିପ୍ରକାଶ ବ୍ୟତୀତ ଅନ୍ୟ କିଛି ଧାରଣା କରି ପାରନ୍ତି ନାହିଁ । ସେମାନେ ଭାବନ୍ତି ଯେ ଏ ଭୌତିକ ବ୍ରହ୍ମାଣ୍ଡ ହେଉଛି ପରମ ଯାନ୍ତ୍ରିକ ଗଠନ କିମ୍ବା ବାସ୍ତବ ସତ୍ତା ଏବଂ ତାହାକୁ ହିଁ ସେମାନେ ପୂଜା କରନ୍ତି । ଏ ବ୍ରହ୍ମାଣ୍ଡ ମଧ୍ୟ ଭଗବାନଙ୍କର ଏକ ରୂପ ଅଟେ ।

## ଶ୍ଳୋକ - ୧୬

**ଅହଂ କ୍ରତୁରହଂ ଯଜ୍ଞଃ ସ୍ୱଧାହମହମୌଷଧମ୍ ।**
**ମନ୍ତ୍ରୋଽହମହମେବାଜ୍ୟମହମଗ୍ନିରହଂ ହୁତମ୍ ।।୧୬।।**

## ଶବ୍ଦାନୁବାଦ

ଅହମ୍=ମୁଁ; କ୍ରତୁଃ=ଧର୍ମାଚରଣ ପଦ୍ଧତି; ଅହମ୍=ମୁଁ; ଯଜ୍ଞଃ=ଯଜ୍ଞ; ସ୍ୱଧା=ଆହୁତି; ଅହମ୍=ମୁଁ; ଅହମ୍=ମୁଁ; ଔଷଧମ୍=ଔଷଧ ଉଦ୍ଭିଦ; ମନ୍ତ୍ରଃ=ମନ୍ତ୍ର; ଅହମ୍=ମୁଁ; ଅହମ୍=ମୁଁ; ଏବ=ନିଶ୍ଚିତରୂପେ; ଆଜ୍ୟମ୍=ଘୃତ; ଅହମ୍=ମୁଁ; ଅଗ୍ନିଃ=ଅଗ୍ନି; ଅହମ୍=ମୁଁ; ହୁତମ୍=ଅର୍ପଣ ।

## ଅନୁବାଦ

**କିନ୍ତୁ, ମୁଁ ଧର୍ମାଚରଣ ପଦ୍ଧତି, ମୁଁ ଯଜ୍ଞ, ମୁଁ ପିତୃପୁରୁଷଙ୍କୁ ଅର୍ପିତ ସାମଗ୍ରୀ, ମୁଁ ଔଷଧ-ଉଦ୍ଭିଦ, ମୁଁ ମନ୍ତ୍ର। ମୁଁ ମଧ୍ୟ ଘୃତ, ଅଗ୍ନି ଏବଂ ଯଜ୍ଞରେ ଅର୍ପଣ କରାଯାଇଥିବା ସାମଗ୍ରୀ ମଧ୍ୟ ଅଟେ।**

## ଭାବାର୍ଥ

'ଜ୍ୟୋତିଷ୍ଟୋମ' ନାମକ ଯଜ୍ଞ ମଧ୍ୟ କୃଷ୍ଣ ଅଟନ୍ତି ଏବଂ ସେ ମଧ୍ୟ 'ମହାଯଜ୍ଞ' ଅଟନ୍ତି । ପିତୃଲୋକଙ୍କୁ ଯାହାସବୁ ଅର୍ପଣ କରାଯାଏ କିମ୍ବା ପିତୃପୁରୁଷଙ୍କ ପ୍ରୀତ୍ୟର୍ଥେ ଯେଉଁ ଯଜ୍ଞାନୁଷ୍ଠାନ କରାଯାଏ, ତାହା ଘୃତାକାରରେ ଥିବା ଏକ ଔଷଧ ରୂପେ ବିବେଚିତ ହୁଏ । ତାହା ମଧ୍ୟ 'କୃଷ୍ଣ' ଅଟନ୍ତି । ଏ ଯଜ୍ଞାନୁଷ୍ଠାନରେ ଯେଉଁ ମନ୍ତ୍ରାବୃତ୍ତି କରାଯାଏ, ତାହା ମଧ୍ୟ 'କୃଷ୍ଣ' । ଯେଉଁସବୁ ଦୁଗ୍‌ଧଜାତ ପଦାର୍ଥ ଯଜ୍ଞରେ ଅର୍ପଣ କରିବା ନିମିତ୍ତ ପ୍ରସ୍ତୁତ କରାଯାଇଥାଏ ତାହା ମଧ୍ୟ 'କୃଷ୍ଣ' । ଏ ଯଜ୍ଞାନୁଷ୍ଠାନରେ ଯେଉଁ ମନ୍ତ୍ରାବୃତ୍ତି କରାଯାଏ, ତାହା ମଧ୍ୟ 'କୃଷ୍ଣ' । ଯେଉଁସବୁ ଦୁଗ୍ଧଜାତ ପଦାର୍ଥ ଯଜ୍ଞରେ ଅର୍ପଣ କରିବା ନିମିତ୍ତ ପ୍ରସ୍ତୁତ କରାଯାଇଥାଏ ତାହା ମଧ୍ୟ 'କୃଷ୍ଣ' । ଅଗ୍ନି ମଧ୍ୟ 'କୃଷ୍ଣ'; କାରଣ ପଞ୍ଚମହାଭୂତ ମଧ୍ୟରେ ଅଗ୍ନି ଏକତମ ଅଟେ; ତେଣୁ ତାହା 'କୃଷ୍ଣ'ଙ୍କର ଏକ ଭିନ୍ନ ଶକ୍ତିରୂପେ ବିବେଚିତହୁଏ । ଅନ୍ୟକଥାରେ ଏହା କୁହାଯାଇପାରେ ଯେ ବେଦର 'କର୍ମକାଣ୍ଡ' ବିଭାଗରେ ଯେଉଁ ବୈଦିକ ଯଜ୍ଞାନୁଷ୍ଠାନର ବର୍ଣ୍ଣନା ଅଛି ସେ ସମସ୍ତ ମଧ୍ୟ 'କୃଷ୍ଣ' ଅଟନ୍ତି । ଅର୍ଥାତ୍ ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ

ଯେଉଁମାନେ ଭକ୍ତିଯୋଗ ମାର୍ଗରେ କୃଷ୍ଣସେବାରେ ରତ ଅଛନ୍ତି, ସେମାନେ ବେଦରେ ବର୍ଣ୍ଣିତ ସମସ୍ତ ପ୍ରକାର ଯଜ୍ଞକର୍ମ କରିସାରିଛନ୍ତି ବୋଲି ଧରାଯାଏ ।

## ଶ୍ଲୋକ - ୧୭

**ପିତାହମସ୍ୟ ଜଗତୋ ମାତା ଧାତା ପିତାମହଃ ।**
**ବେଦ୍ୟଂ ପବିତ୍ରମ୍ ଓଁକାର ଋକ୍ସାମ ଯଜୁରେବ ଚ ।।୧୭।।**

## ଶବ୍ଦାନୁବାଦ

ପିତା=ପିତା (ରକ୍ଷକ); ଅହମ୍=ମୁଁ; ଅସ୍ୟ=ଏହି; ଜଗତଃ=ବ୍ରହ୍ମାଣ୍ଡର; ମାତା=ମାତା; ଧାତା=ଧାରଣକର୍ତ୍ତା; ପିତାମହଃ=ପିତାମହ; ବେଦ୍ୟମ୍=ଯାହା ଜାଣିବା ଉଚିତ୍; ପବିତ୍ରମ୍=ଯାହା ପବିତ୍ର କରେ; ଓଁକାରଃ=ଓଁକାର; ଋକ୍=ଋକ୍ ବେଦ; ସାମ=ସାମ ବେଦ; ଯଜୁଃ=ଯଜୁର୍ବେଦ; ଏବ=ନିଶ୍ଚିତଭାବେ; ଚ=ଏବଂ ।

## ଅନୁବାଦ

**ମୁଁ ଏହି ବ୍ରହ୍ମାଣ୍ଡର ପିତା, ମାତା, ଧାରଣକର୍ତ୍ତା ଏବଂ ପିତାମହ ଅଟେ । ମୁଁ ଜ୍ଞେୟ (ଯାହା ଜାଣିବା ଉଚିତ୍) ପବିତ୍ରକାରୀ ଏବଂ ଓଁକାର ଅଟେ । ମୁଁ ମଧ୍ୟ ଋକ, ସାମ ଏବଂ ଯଜୁର୍ବେଦ ଅଟେ ।**

## ଭାବାର୍ଥ

ଶ୍ରୀକୃଷ୍ଣଙ୍କର ବିଭିନ୍ନ ଶକ୍ତିର କ୍ରିୟା ଫଳରେ ସ୍ଥାବର ଜଙ୍ଗମ ଆଦି ସମଗ୍ର ଭୌତିକ ବ୍ରହ୍ମାଣ୍ଡ ପ୍ରକାଶ ଲାଭ କରିଅଛି । ଭୌତିକ ସ୍ଥିତିରେ ଆମେ ବିଭିନ୍ନ ଜୀବ ସହିତ ବିଭିନ୍ନପ୍ରକାର ସମ୍ପର୍କ ସୃଷ୍ଟିକରୁ । ଭୌତିକ ସୃଷ୍ଟିରେ ଥିବା ସମସ୍ତ ଜୀବ ଶ୍ରୀକୃଷ୍ଣଙ୍କର ତଟସ୍ଥା ଶକ୍ତି ଅଟନ୍ତି, କିନ୍ତୁ ପ୍ରାକୃତିକ ସୃଷ୍ଟିର ଅଧୀନରେ ସେମାନଙ୍କ ମଧ୍ୟରୁ କେତେକ ଆମର ପିତା, ମାତା, ପିତାମହ, ସୃଷ୍ଟିକର୍ତ୍ତା ଆଦି ରୂପରେ ପ୍ରତିଭାତ ହୁଅନ୍ତି, ସେମାନେ କୃଷ୍ଣଙ୍କ ବ୍ୟତୀତ ଆଉ କିଛି ନୁହନ୍ତି । ଏଇ ଶ୍ଲୋକରେ 'ଧାତା' ଶବ୍ଦର ଅର୍ଥ ସୃଷ୍ଟିକର୍ତ୍ତା । କେବଳ ଯେ ଆମର ପିତା-ମାତା କୃଷ୍ଣଙ୍କର ଅଂଶ ତାହା ନୁହେଁ; ସେମାନଙ୍କର ସୃଷ୍ଟିକର୍ତ୍ତା ପିତାମହ-ମାତାମହ ଆଦି ମଧ୍ୟ କୃଷ୍ଣ ଅଟନ୍ତି । ବାସ୍ତବରେ ଯେ କୌଣସି ଜୀବ କୃଷ୍ଣଙ୍କ ଅଂଶ ବିଶେଷ ହେତୁ କୃଷ୍ଣ ଅଟେ । ତେଣୁ ସମସ୍ତ ବେଦ କେବଳ କୃଷ୍ଣଙ୍କୁ ହିଁ ଲକ୍ଷ୍ୟ କରନ୍ତି । ବେଦ ଜରିଆରେ ଆମେ ଯାହାକିଛି ଜାଣିବାକୁ ଇଚ୍ଛାକରୁ, ତାହା କେବଳ କୃଷ୍ଣଙ୍କୁ ଜାଣିବା ପଥରେ ଆମକୁ ଅଗ୍ରଗତି କରାଏ । ଯେଉଁ ବିଷୟବସ୍ତୁ ଆମର ସ୍ୱରୂପକୁ ପବିତ୍ର କରିବାରେ ସାହାଯ୍ୟ କରେ, ତାହା ସ୍ୱତନ୍ତ୍ରରୂପେ କୃଷ୍ଣ ଅଟେ । ସେହିପରି ଯେଉଁ ଜୀବ ସମସ୍ତ ବୈଦିକ ରୀତି ଜାଣିବା ପାଇଁ ଅତ୍ୟନ୍ତ ଆଗ୍ରହୀ ସେ ମଧ୍ୟ କୃଷ୍ଣଙ୍କର ଅଂଶ ବିଶେଷ ଅଟେ, ଏଣୁ ସେ ମଧ୍ୟ କୃଷ୍ଣ ଅଟେ । ସମସ୍ତ ବୈଦିକ ମନ୍ତ୍ରରେ ଥିବା ଓଁକାର ଯାହାକୁ ପ୍ରଣବ କୁହାଯାଏ, ତାହା ଦିବ୍ୟ ଧ୍ୱନି ଅଟେ ଏବଂ ତାହା ମଧ୍ୟ କୃଷ୍ଣ ଅଟେ । ଯେଣୁ ଋକ୍, ସାମ, ଯଜୁ ଓ ଅଥର୍ବ ଆଦି ଚାରିବେଦର ମନ୍ତ୍ରମାନଙ୍କରେ ଏଇ ପ୍ରଣବ ଓଁକାର ଅତ୍ୟନ୍ତ ସୁସ୍ପଷ୍ଟ ଅଟେ, ତେଣୁ ଏହା କୃଷ୍ଣ ବୋଲି ବିବେଚିତ ହୁଏ ।

## ଶ୍ଲୋକ - ୧୮

**ଗତିର୍ଭର୍ତ୍ତା ପ୍ରଭୁଃ ସାକ୍ଷୀ ନିବାସଃ ଶରଣଂ ସୁହୃତ୍ ।**
**ପ୍ରଭବଃ ପ୍ରଳୟଃ ସ୍ଥାନଂ ନିଧାନଂ ବୀଜମବ୍ୟୟମ୍ ।। ୧୮ ।।**

## ଶବ୍ଦାନୁବାଦ

ଗତିଃ=ଲକ୍ଷ୍ୟସ୍ଥଳ; ଭର୍ତ୍ତା=ପୋଷଣକର୍ତ୍ତା; ପ୍ରଭୁଃ=ପ୍ରଭୁ; ସାକ୍ଷୀ=ସାକ୍ଷୀ; ନିବାସଃ=ନିବାସ ସ୍ଥଳ; ଶରଣମ୍=ଶରଣ; ସୁହୃତ୍=ଅତ୍ୟନ୍ତ ଅନ୍ତରଙ୍ଗ ବନ୍ଧୁ; ପ୍ରଭବଃ=ସୃଷ୍ଟି; ପ୍ରଳୟଃ=ପ୍ରଳୟ, ଧ୍ୱଂସ; ସ୍ଥାନମ୍=ସ୍ଥାନ; ନିଧାନମ୍=ଆଶ୍ରୟସ୍ଥଳ; ବୀଜମ୍=ମଞ୍ଜି; ଅବ୍ୟୟମ୍=ଅବ୍ୟୟ ।

## ଅନୁବାଦ

**ମୁଁ ଲକ୍ଷ୍ୟସ୍ଥଳ, ପୋଷଣକର୍ତ୍ତା, ପ୍ରଭୁ, ସାକ୍ଷୀ, ନିବାସ ସ୍ଥଳ, ଶରଣ ରକ୍ଷକ ଏବଂ ଅତ୍ୟନ୍ତ ଅନ୍ତରଙ୍ଗ ବନ୍ଧୁ ଅଟେ; ମୁଁ ପ୍ରତ୍ୟେକଟିର ମୂଳାଧାର, ଆଶ୍ରୟସ୍ଥଳ ଏବଂ ଅକ୍ଷୟ ବୀଜ ଅଟେ ।**

## ଭାବାର୍ଥ

'ଗତି'ର ଅର୍ଥ ଲକ୍ଷ୍ୟସ୍ଥଳ, ଯେଉଁଠାକୁ ଆମେ ଯିବାକୁ ଇଚ୍ଛାକରୁ । ଯଦିଓ ଲୋକମାନେ ଜାଣନ୍ତି ନାହିଁ, ତଥାପି ଅନ୍ତିମ ଲକ୍ଷ୍ୟସ୍ଥଳ ହେଉଛନ୍ତି ଶ୍ରୀକୃଷ୍ଣ । ଯେ କୃଷ୍ଣଙ୍କୁ ଜାଣେ ନାହିଁ, ସେ ପଥଭ୍ରଷ୍ଟ ଅଟେ ଏବଂ ତା'ର ତଥାକଥିତ ଅଗ୍ରଗତି ଆଂଶିକ ଅଟେ କିମ୍ବା ବିଭ୍ରାନ୍ତି ବା ମାୟାମୋହିତ ଅଟେ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ବିଭିନ୍ନ ଦେବତାଙ୍କୁ ସେମାନଙ୍କ ଲକ୍ଷ୍ୟସ୍ଥଳ ରୂପେ ବାଛିଛନ୍ତି ଏବଂ ସେଇ ସେଇ ଦେବତା ପୂଜାର ଅତି କଠିନ ପୂଜା-ବିଧିମାନ ପାଳନକରି ସେମାନେ ଚନ୍ଦ୍ରଲୋକ, ସୂର୍ଯ୍ୟ ଲୋକ, ଇନ୍ଦ୍ରଲୋକ, ମହର୍ଲୋକ ପ୍ରଭୃତି ବିଭିନ୍ନ ଲୋକରେ ପ୍ରବେଶ ଲାଭ କରନ୍ତି । କିନ୍ତୁ ସେଇସବୁ ଲୋକ (ବା ଗ୍ରହ) କୃଷ୍ଣଙ୍କ ସୃଷ୍ଟି ହୋଇଥିବା ହେତୁ ସେଗୁଡ଼ିକ ଏକାଧାରରେ କୃଷ୍ଣ ଅଟନ୍ତି ଏବଂ 'କୃଷ୍ଣ' ନୁହନ୍ତି । ବାସ୍ତବରେ ସେ ଲୋକଗୁଡ଼ିକ କୃଷ୍ଣଙ୍କର ଶକ୍ତିର ପ୍ରକାଶ ହୋଇଥିବା ହେତୁ, ସେମାନେ ମଧ୍ୟ କୃଷ୍ଣ, କିନ୍ତୁ ପ୍ରକୃତରେ ସେମାନେ କୃଷ୍ଣାନୁଭୂତି ଲାଭରେ ଏକ ପଦକ୍ଷେପରୂପେ କାର୍ଯ୍ୟ କରନ୍ତି । ଶ୍ରୀକୃଷ୍ଣଙ୍କର ବିଭିନ୍ନ ଶକ୍ତିଙ୍କ ନିକଟରେ ପହଞ୍ଚିବା ଅର୍ଥ ଶ୍ରୀକୃଷ୍ଣଙ୍କ ନିକଟରେ ପରୋକ୍ଷଭାବରେ ପହଞ୍ଚିବା । ବ୍ୟକ୍ତି ପ୍ରତ୍ୟକ୍ଷଭାବରେ ବା ସିଧାସଳଖଭାବରେ କୃଷ୍ଣଙ୍କ ନିକଟରେ ପହଞ୍ଚିବା ଉଚିତ୍, କାରଣ ତଦ୍ଦ୍ୱାରା ସମୟ ଓ ଶକ୍ତି ସଞ୍ଚିତ ହୁଏ । ଉଦାହରଣସ୍ୱରୂପ କୌଣସି ଏକ ନଭଶ୍ଚୁମ୍ବୀ ପ୍ରାସାଦର ଅଗ୍ରଭାଗରେ ପହଞ୍ଚିବା ନିମିତ୍ତ ଯଦି ଏକ ଉତ୍ତୋଳନକାରୀ ଯନ୍ତ୍ରର ସହାୟତା ଲାଭ କରିବାର ସୁବିଧା ଅଛି, ତେବେ ସେ ସ୍ଥଳରେ ବ୍ୟକ୍ତି ସିଡ଼ି ସାହାଯ୍ୟରେ ପାଦଗତିରେ ଯିବାର ଆବଶ୍ୟକତା କ'ଣ ଅଛି ? ପ୍ରତ୍ୟେକେ କୃଷ୍ଣଙ୍କର ଶକ୍ତିରେ ଆଶ୍ରୟ ନେଇଛନ୍ତି । ତେଣୁ ଶ୍ରୀକୃଷ୍ଣଙ୍କ ଆଶ୍ରୟ ବିନା କେହି ତିଷ୍ଠି ପାରିବେ ନାହିଁ । ଶ୍ରୀକୃଷ୍ଣ ହେଉଛନ୍ତି ପରମ ନିୟନ୍ତ୍ରଣକାରୀ, କାରଣ ସବୁକିଛି ତାଙ୍କର ଅଟେ, ଅର୍ଥାତ୍ ସେ ସମସ୍ତଙ୍କର ମାଲିକ ଅଟନ୍ତି ଏବଂ ସବୁକିଛି ତାଙ୍କ ଶକ୍ତିର ଆଶ୍ରିତ । ଯେଣୁ କୃଷ୍ଣ ପ୍ରତ୍ୟେକଙ୍କ ହୃଦୟରେ ଅଛନ୍ତି, ତେଣୁ ସେ ପରମସାକ୍ଷୀ ଅଟନ୍ତି । ଯେଉଁ ବାସଗୃହ, ଦେଶ ବା ଲୋକ (ଗ୍ରହ)ରେ ଆମେ ବାସ କରୁଛୁ, ସେ ସମସ୍ତେ ମଧ୍ୟ କୃଷ୍ଣ ଅଟନ୍ତି । କୃଷ୍ଣ

ହେଉଛନ୍ତି ଅନ୍ତିମ ଆଶ୍ରୟସ୍ଥଳ; ଏଣୁ ବ୍ୟକ୍ତି ନିଜର ସୁରକ୍ଷା ନିମିତ୍ତ କିମ୍ବା ନିଜର ଦୁଃଖ-ଯନ୍ତ୍ରଣାର ବିନାଶ ନିମିତ୍ତ ଶ୍ରୀକୃଷ୍ଣଙ୍କର ଆଶ୍ରୟ ଗ୍ରହଣ କରିବା ଉଚିତ୍ । ଯେତେବେଳେ ଆମ୍ଭେମାନେ ଆଶ୍ରୟ ଗ୍ରହଣ କରୁଛେ, ସେତେବେଳେ ଜାଣିରଖିବା ଉଚିତ୍ ଯେ ଆମ୍ଭମାନଙ୍କର ଆଶ୍ରୟଦାତା ହେଉଛନ୍ତି ଏକ ଜୀବନ୍ତ ଶକ୍ତି । ଏହି ପ୍ରକାରେ ଶ୍ରୀକୃଷ୍ଣ ପରମ ଜୀବ ଅଟନ୍ତି । ଯେଣୁ ଶ୍ରୀକୃଷ୍ଣ ଆମ୍ଭମାନଙ୍କର ଉତ୍ପତ୍ତି ସ୍ଥଳ କିମ୍ବା ପରମ ପିତା, ତେଣୁ ଶ୍ରୀକୃଷ୍ଣଙ୍କ ବ୍ୟତୀତ ଅନ୍ୟ କେହି ଆମର ଉତ୍ତମ ବନ୍ଧୁ ବା ଶୁଭାକାଙ୍କ୍ଷୀ ହୋଇ ନପାରନ୍ତି । ଶ୍ରୀକୃଷ୍ଣ ସୃଷ୍ଟିର ମୂଳ ଏବଂ ପ୍ରଳୟ ବା ଧ୍ୱଂସ ପରେ ଅନ୍ତିମ ଆଶ୍ରୟ ସ୍ଥଳ । ତେଣୁ ଶ୍ରୀକୃଷ୍ଣ ହେଉଛନ୍ତି ସମସ୍ତ କାରଣର ଶାଶ୍ୱତ କାରଣ ।

## ଶ୍ଳୋକ - ୧୯

**ତପାମ୍ୟହମହଂ ବର୍ଷଂ ନିଗୃହ୍ଣାମ୍ୟୁତ୍ସୃଜାମି ଚ ।**
**ଅମୃତଂ ଚୈବ ମୃତ୍ୟୁଶ୍ଚ ସଦସଚ୍ଚାହମର୍ଜୁନ ।। ୧୯ ।।**

## ଶବ୍ଦାନୁବାଦ

ତପାମି=ଉତ୍ତାପ ଦିଏ; ଅହମ୍=ମୁଁ; ଅହମ୍=ମୁଁ; ବର୍ଷମ୍=ବର୍ଷା; ନିଗୃହ୍ଣାମି=ବନ୍ଦ କରାଏ; ଉତ୍-ସୃଜାମି=ପଠାଏ;ଚ=ଏବଂ; ଅମୃତମ୍=ଅମରତା; ଚ=ଏବଂ; ଏବ=ନିଶ୍ଚିତରୂପେ; ମୃତ୍ୟୁଃ=ମୃତ୍ୟୁ; ଚ=ଏବଂ; ସତ୍=ଜୀବ; ଅସତ୍=ନିର୍ଜୀବ; ଚ=ଏବଂ; ଅହମ୍=ମୁଁ; ଅର୍ଜୁନ=ହେ ଅର୍ଜୁନ ।

## ଅନୁବାଦ

**ହେ ଅର୍ଜୁନ ! ମୁଁ ଉତ୍ତାପ, ବର୍ଷା ଓ ଅନାବୃଷ୍ଟିକୁ ନିୟନ୍ତ୍ରଣ କରେ । ମୁଁ ଅମରତା ଅଟେ ଏବଂ ମୁଁ ମଧ୍ୟ ମୃତ୍ୟୁର ମୂର୍ତ୍ତିମନ୍ତ ପ୍ରତୀକ ଅଟେ । ଉଭୟ ସଜୀବ ଓ ନିର୍ଜୀବ ମୋ'ଠାରେ ହିଁ ଅଛନ୍ତି ।**

## ଭାବାର୍ଥ

ଶ୍ରୀକୃଷ୍ଣ, ତାଙ୍କର ବିଭିନ୍ନ ଶକ୍ତିଦ୍ୱାରା ସୂର୍ଯ୍ୟ ଏବଂ ବିଦ୍ୟୁତ୍ ଜରିଆରେ ଉତ୍ତାପ ଓ ଆଲୋକ ବିତରଣ କରନ୍ତି । କୃଷ୍ଣ, ଗ୍ରୀଷ୍ମକାଳରେ ଆକାଶରୁ ବୃଷ୍ଟିପାତ ବନ୍ଦ କରନ୍ତି ଏବଂ ତପରେ ବର୍ଷାକାଳରେ ସେ ମୂଷଳଧାରାରେ ବର୍ଷା କରନ୍ତି । ଯେଉଁ ଶକ୍ତି ଆମର ଜୀବନ କାଳକୁ ବୃଦ୍ଧି କରାଇ ଆମକୁ ବଞ୍ଚାଉଛି, ସେ କୃଷ୍ଣ ଅଟନ୍ତି ଏବଂ ଶେଷରେ କୃଷ୍ଣ ମଧ୍ୟ ମୃତ୍ୟୁ ରୂପରେ ଆମକୁ ଦେଖା ଦିଅନ୍ତି । ବ୍ୟକ୍ତି ଶ୍ରୀକୃଷ୍ଣଙ୍କର ଏ ବିଭିନ୍ନ ଶକ୍ତିକୁ ବିଶ୍ଳେଷଣ କଲେ ବୁଝିପାରିବ ଯେ ଶ୍ରୀକୃଷ୍ଣଙ୍କ ଦୃଷ୍ଟିରେ ଜଡ଼ ପଦାର୍ଥ ଓ ଶକ୍ତି ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ ସେ (କୃଷ୍ଣ) ଉଭୟ ଜଡ଼ ପଦାର୍ଥ ଓ ଶକ୍ତି ଅଟନ୍ତି । କୃଷ୍ଣଚେତନାର ଅତ୍ୟୁନ୍ନତ ସ୍ତରରେ ଭକ୍ତ ଏ ପ୍ରକାର ପାର୍ଥକ୍ୟ ଦେଖିପାରେ ନାହିଁ । ସେ କେବଳ ପ୍ରତ୍ୟେକରେ କୃଷ୍ଣଙ୍କୁ ହିଁ ଦେଖେ ।

ଯେଣୁ କୃଷ୍ଣ ଉଭୟ ଜଡ଼ ପଦାର୍ଥ ଓ ଶକ୍ତି ଅଟନ୍ତି, ତେଣୁ ଏ ବିରାଟ ବିଶ୍ୱରୂପ, ଯାହାକି ସମସ୍ତ ଭୌତିକ ପରିପ୍ରକାଶର ସମାହାର ଅଟେ, (ତାହା) ମଧ୍ୟ ଶ୍ରୀକୃଷ୍ଣ ଏବଂ ଦ୍ୱିଭୁଜଧାରୀ

ଶ୍ୟାମସୁନ୍ଦର ରୂପରେ ବଂଶୀବାଦନ କରି ବୃନ୍ଦାବନରେ ଯେଉଁ ଲୀଳା ପ୍ରଦର୍ଶନ କରିଥିଲେ, ତାହା ମଧ୍ୟ ପରମପୁରୁଷ ଭଗବାନଙ୍କର ଲୀଳା ଅଟେ ।

## ଶ୍ଲୋକ - ୨୦

**ତ୍ରୈବିଦ୍ୟା ମାଂ ସୋମପାଃ ପୂତପାପା**
**ଯଜ୍ଞୈରିଷ୍ଟ୍ୱା ସ୍ୱର୍ଗତିଂ ପ୍ରାର୍ଥୟନ୍ତେ ।**
**ତେ ପୁଣ୍ୟମାସାଦ୍ୟ ସୁରେନ୍ଦ୍ରଲୋକମ୍**
**ଅଶ୍ନନ୍ତି ଦିବ୍ୟାନ୍ଦିବି ଦେବଭୋଗାନ୍ ।।୨୦।।**

## ଶବ୍ଦାନୁବାଦ

ତ୍ରୈବିଦ୍ୟାଃ=ତିନିବେଦ ଜାଣିଥିବା ପଣ୍ଡିତମାନେ; ମାମ୍=ମୋତେ; ସୋମ-ପାଃ= ସୋମରସ ପାନକାରୀ; ପୂତ=ପବିତ୍ର; ପାପାଃ=ପାପସମୂହ; ଯଜ୍ଞୈଃ=ଯଜ୍ଞଦ୍ୱାରା; ଇଷ୍ଟ୍ୱା=ପୂଜା କରିବା ପରେ; ସ୍ୱର୍ଗତିମ୍=ସ୍ୱର୍ଗପଥକୁ; ପ୍ରାର୍ଥୟନ୍ତେ=ପ୍ରାର୍ଥନା କରନ୍ତି; ତେ=ସେମାନେ; ପୁଣ୍ୟମ୍=ପୁଣ୍ୟ; ଆସାଦ୍ୟ=ଉପଭୋଗ କରି; ସୁରେନ୍ଦ୍ର=ଇନ୍ଦ୍ରଙ୍କର; ଲୋକମ୍=ଲୋକ (ଜଗତ୍); ଅଶ୍ନନ୍ତି=ଉପଭୋଗ କରନ୍ତି; ଦିବ୍ୟାନ୍=ଦିବ୍ୟ; ଦିବି=ସ୍ୱର୍ଗରେ; ଦେବ-ଭୋଗାନ୍=ଦେବତାମାନଙ୍କ ସୁଖ ।

## ଅନୁବାଦ

**ଯେଉଁମାନେ ବେଦପାଠ କରନ୍ତି ଏବଂ ସୋମରସ ପାନ କରନ୍ତି, ସେମାନେ ସ୍ୱର୍ଗଲୋକ ପ୍ରାର୍ଥନା କରି ପରୋକ୍ଷଭାବରେ ମୋତେ ହିଁ ପୂଜା କରନ୍ତି । ସେମାନେ ଇନ୍ଦ୍ର ଲୋକରେ ଜନ୍ମ ନିଅନ୍ତି ଏବଂ ସେଠାରେ ସେମାନେ ଦେବତାମାନଙ୍କ ସୁଖ (ଭୋଗ) ଉପଭୋଗ କରନ୍ତି ।**

## ଭାବାର୍ଥ

ଏଠାରେ ବ୍ୟବହୃତ 'ତ୍ରୈବିଦ୍ୟା' ଶବ୍ଦର ଅର୍ଥ–ତିନି ବେଦ, ଯଥା–ସାମ, ଯଜୁର ଏବଂ ଋକ୍ ବେଦ । ଯେଉଁ ବ୍ରାହ୍ମଣ ଏ ତିନି ବେଦ ଅଧ୍ୟୟନ କରିଥାଏ, ତାଙ୍କୁ ତ୍ରିବେଦୀ କୁହାଯାଏ । ଯେ ତିନି ବେଦ-ଜ୍ଞାନ ହାସଲ କରିଥାଏ, ସେ ସମାଜରେ ଖୁବ୍ ସମ୍ମାନିତ ହୁଏ । ଦୁର୍ଭାଗ୍ୟର କଥା ଏହି ଯେ ଅନେକ ବେଦଜ୍ଞ ପଣ୍ଡିତ ଅଛନ୍ତି, ଯେଉଁମାନେକି ବେଦପାଠର ଅନ୍ତିମ ଲକ୍ଷ୍ୟ କ'ଣ ଜାଣନ୍ତି ନାହିଁ । ତେଣୁ ଶ୍ରୀକୃଷ୍ଣ ଏଠାରେ ଘୋଷଣା କରୁଛନ୍ତି ଯେ ସେ ହେଉଛନ୍ତି ତ୍ରିବେଦୀମାନଙ୍କର ଅନ୍ତିମ ଲକ୍ଷ୍ୟ । ଯେଉଁମାନେ ପ୍ରକୃତ ତ୍ରିବେଦୀ ସେମାନେ ଶ୍ରୀକୃଷ୍ଣଙ୍କର ପାଦପଦ୍ମରେ ଆଶ୍ରୟ ଗ୍ରହଣ କରନ୍ତି ଏବଂ ଭଗବାନଙ୍କ ସନ୍ତୁଷ୍ଟିନିମିତ୍ତ ଶୁଦ୍ଧ ଭକ୍ତିଯୋଗ ମାର୍ଗରେ ସେବାରତ ହୁଅନ୍ତି । 'ହରେକୃଷ୍ଣ' ମନ୍ତ୍ର ଜପ ବା କୀର୍ତ୍ତନଦ୍ୱାରା ଭକ୍ତିଯୋଗ (ସେବା) ଆରମ୍ଭ ହୁଏ ଏବଂ ତତ୍ ସଙ୍ଗେ ଶ୍ରୀକୃଷ୍ଣଙ୍କୁ ତତ୍ତ୍ୱରେ ଜାଣିବା ନିମିତ୍ତ ଚେଷ୍ଟା ମଧ୍ୟ ଆରମ୍ଭ ହୁଏ । କିନ୍ତୁ ଦୁର୍ଭାଗ୍ୟର କଥା ଏହି ଯେ ଯେଉଁମାନେ ବେଦର ମୂଳତତ୍ତ୍ୱ ନବୁଝି ବେଦାଧ୍ୟୟନ କରନ୍ତି, ସେମାନେ ଇନ୍ଦ୍ର, ଚନ୍ଦ୍ର ଆଦି ବିଭିନ୍ନ ଦେବଦେବୀଙ୍କୁ ଯଜ୍ଞାର୍ପଣ କରି ପୂଜା କରିବାରେ ଆଗ୍ରହାନ୍ୱିତ ହୁଅନ୍ତି । ଏ ପ୍ରକାର ପ୍ରଚେଷ୍ଟାଦ୍ୱାରା ବିଭିନ୍ନ ଦେବ-ଦେବୀ ପୂଜକମାନେ ବିଶୁଦ୍ଧ ହୋଇ ନୀଚତର ପ୍ରକୃତିରୁ ମୁକ୍ତ ହୁଅନ୍ତି ଏବଂ ତଦ୍ଦ୍ୱାରା ମହର୍ଲୋକ, ଜନଲୋକ, ତପଲୋକ ଆଦି ଉଚ୍ଚତର ଦେବଲୋକକୁ

ଉନ୍ନୀତ ହୁଅନ୍ତି । ସେ ଉଚ୍ଚଲୋକମାନଙ୍କରେ ଅବସ୍ଥାପିତ ହେଲେ ବ୍ୟକ୍ତି ଏ ପୃଥିବୀରେ ଉପଭୋଗ କରୁଥିବା ଇନ୍ଦ୍ରିୟସୁଖ ଅପେକ୍ଷା ଶତ-ସହସ୍ର ଗୁଣରେ ଅଧିକ ଇନ୍ଦ୍ରିୟସୁଖ ସେଠାରେ ଉପଭୋଗ କରିପାରେ ।

## ଶ୍ଳୋକ - ୨୧

**ତେ ତଂ ଭୁକ୍ତ୍ୱା ସ୍ୱର୍ଗଲୋକଂ ବିଶାଳଂ**
**କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକଂ ବିଶନ୍ତି ।**
**ଏବଂ ତ୍ରୟୀଧର୍ମମ୍ ଅନୁପ୍ରପନ୍ନା**
**ଗତାଗତଂ କାମକାମା ଲଭନ୍ତେ ।।୨୧।।**

## ଶବ୍ଦାନୁବାଦ

ତେ=ସେମାନେ; ତମ୍=ତାହା; ଭୁକ୍ତ୍ୱା=ଉପଭୋଗ କରି; ସ୍ୱର୍ଗ-ଲୋକମ୍=ସ୍ୱର୍ଗ; ବିଶାଳମ୍=ବିଶାଳ; କ୍ଷୀଣେ=ଶେଷହେଲେ; ପୁଣ୍ୟେ=ପୁଣ୍ୟକର୍ମ; ମର୍ତ୍ତ୍ୟ-ଲୋକମ୍=ମୃତ୍ୟୁ ସଂସାର; ବିଶନ୍ତି=ପତିତ ହୁଅନ୍ତି; ଏବମ୍=ଏହିପରି; ତ୍ରୟୀ=ତିନି ବେଦ; ଧର୍ମମ୍=ମତ, ସିଦ୍ଧାନ୍ତ; ଅନୁପ୍ରପନ୍ନାଃ=ଅନୁସରଣ କରି; ଗତ-ଅଗତମ୍=ମୃତ୍ୟୁ ଏବଂ ଜନ୍ମ; କାମ-କାମାଃ= ଇନ୍ଦ୍ରିୟ-ଭୋଗ ଇଚ୍ଛା କରି; ଲଭନ୍ତେ =ଲାଭ କରନ୍ତି ।

## ଅନୁବାଦ

**ଯେତେବେଳେ ସେମାନେ ଏହିପରି ସ୍ୱର୍ଗସୁଖ-ଭୋଗ କରିସାରନ୍ତି, ସେତେବେଳେ ସେମାନେ ପୁଣି ଏ ମୃତ୍ୟୁ ସଂସାରକୁ ଫେରି ଆସନ୍ତି । ଏହିପରି ବୈଦିକ ନୀତି ଅନୁଯାୟୀ, ସେମାନେ କେବଳ ଅସ୍ଥାୟୀ (ଚପଳ) ସୁଖ ହିଁ ପ୍ରାପ୍ତ ହୁଅନ୍ତି ।**

## ଭାବାର୍ଥ

ଯେଉଁ ବ୍ୟକ୍ତି ଏହି ଉଚ୍ଚତର ସ୍ୱର୍ଗଲୋକକୁ ଉନ୍ନୀତ ହୁଏ, ସେ ସେଠାରେ ଏକ ଦୀର୍ଘ ଜୀବନ ଲାଭ କରେ ଏବଂ ଅଧିକ ଇନ୍ଦ୍ରିୟସୁଖ ମଧ୍ୟ ଭୋଗକରେ, କିନ୍ତୁ ସେ ସେଠାରେ ଚିରଦିନ ରହିପାରେ ନାହିଁ । ତା'ର ପୁଣ୍ୟକର୍ମର ଫଳ ଶେଷ ହେଲାପରେ ସେ ପୁଣି ଏ ମୃତ୍ୟୁସଂସାରକୁ ଫେରି ଆସେ । ବେଦାନ୍ତ ସୂତ୍ରରେ କୁହାଯାଇଥିବା *(ଜନ୍ମାଦି ଅସ୍ୟ ଯତଃ)* କୁ ଯେ ବୁଝି ନଥାଏ, ଅର୍ଥାତ୍, ଯେ ଜ୍ଞାନରେ ସିଦ୍ଧିଲାଭ କରିପାରି ନଥାଏ, ସେ ସର୍ବ କାରଣର କାରଣ ଶ୍ରୀକୃଷ୍ଣଙ୍କୁ ବୁଝିବାକୁ ଅକ୍ଷମ ହୁଏ; ଫଳରେ ସେ ଜୀବନର ଅନ୍ତିମ ଗତି ଲାଭରେ ବିଫଳ ହୁଏ । ସେ କେବଳ ଉଚ୍ଚତର ସ୍ୱର୍ଗଲୋକକୁ ହିଁ ଉନ୍ନୀତ ହୁଏ ଏବଂ ପୁଣି ତଳକୁ ଓହ୍ଲାଇ ଆସେ; ଯେପରିକି ଏକ ଆନନ୍ଦଦାୟକ ଚକରେ ବସି ସେ ଘିରିଘିରି ବୁଲେ–ବେଳେବେଳେ ଉପରକୁ ଯାଏ'ତ ବେଳେବେଳେ ତଳକୁ ଆସେ । ଏହାର ଭାବାର୍ଥ ଏହି ଯେ ଏତଦ୍ଦ୍ୱାର ବ୍ୟକ୍ତି ପରବ୍ୟୋମରେ ସ୍ଥିତ ଚିଦ୍-ଜଗତକୁ ଉନ୍ନୀତ ହେବା ପରିବର୍ତ୍ତେ (ଯେଉଁଠାକୁ ଗଲେ ଆଉ ଫେରିବାର ପ୍ରଶ୍ନ ନଥାଏ) ସେ କେବଳ ଜନ୍ମ-ମୃତ୍ୟୁ ଚକ୍ରରେ ଉଚ୍ଚତର ଲୋକ ଓ ନୀଚତର ଲୋକରେ ଘୂରିବୁଲେ । ଏହା ନ କରି ବ୍ୟକ୍ତି ଶାଶ୍ୱତ ଆନନ୍ଦ ଓ ଜ୍ଞାନପୂର୍ଣ୍ଣ ଜୀବନ ଉପଭୋଗ କରିବା ନିମିତ୍ତ ଏବଂ ଏ ଦୁଃଖ-ଯନ୍ତ୍ରଣାପୂର୍ଣ୍ଣ ଭୌତିକ ଜଗତକୁ ଆଉ ନ ଫେରିବା ନିମିତ୍ତ ଚିଦ୍‌ଜଗତକୁ ଯିବା ଉଚିତ ।

## ଶ୍ଲୋକ - ୨୨

**ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ ।**
**ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ ।।୨୨।।**

## ଶବ୍ଦାନୁବାଦ

ଅନନ୍ୟାଃ=ଆଉ ଅନ୍ୟକିଛି ନାହିଁ; ଚିନ୍ତୟନ୍ତଃ=ଚିନ୍ତାକରି, ଧ୍ୟାନକରି; ମାମ୍=ମୋତେ, ଯେ=ଯେଉଁମାନେ; ଜନାଃ=ଲୋକମାନେ; ପର୍ଯ୍ୟୁପାସତେ=ଠିକ୍ ଭାବରେ ପୂଜା କରନ୍ତି; ତେଷାମ୍=ସେମାନଙ୍କର; ନିତ୍ୟ=ସର୍ବଦା; ଅଭିଯୁକ୍ତାନାମ୍=ଭକ୍ତିରେ ସ୍ଥିର; ଯୋଗ-କ୍ଷେମମ୍=ଆବଶ୍ୟକତା; ବହାମି=ବହନ କରେ; ଅହମ୍=ମୁଁ ।

## ଅନୁବାଦ

**ଯେଉଁମାନେ ମୋର ଦିବ୍ୟରୂପକୁ ଧ୍ୟାନ କରି ଭକ୍ତିରେ ମୋତେ ପୂଜା କରନ୍ତି, ମୁଁ ସେମାନଙ୍କର ସମସ୍ତ ଆବଶ୍ୟକତା ବହନ କରେ-ସେମାନଙ୍କର ଯାହା ଅଭାବ ଥାଏ, ତାହା ମୁଁ ପୂରଣ କରେ ଏବଂ ଯାହା ସେମାନେ ପ୍ରାପ୍ତ ହୋଇଥା'ନ୍ତି ତାହା ରକ୍ଷା କରେ ।**

## ଭାବାର୍ଥ

ଯେ ଏକ ମୁହୂର୍ତ୍ତ ସୁଦ୍ଧା କୃଷ୍ଣଚେତନା ବିନା ବଞ୍ଚିପାରିବ ନାହିଁ, ସେ ଚବିଶ ଘଣ୍ଟା କେବଳ କୃଷ୍ଣଙ୍କୁ ହିଁ ଚିନ୍ତା କରିବ–ଭକ୍ତିପୂର୍ଣ୍ଣ (ନଅ ପ୍ରକାର) ସେବା–ଶ୍ରବଣ, କୀର୍ତ୍ତନ, ଚିନ୍ତନ, ପାଦସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟମ୍ (ଦାସଭାବ), ସଖ୍ୟ (ସଖା ବା ବନ୍ଧୁଭାବରେ ସେବା) ଏବଂ ଆତ୍ମନିବେଦନ (ପୂର୍ଣ୍ଣଶରଣାଗତି)–ଏହିପରି ଭକ୍ତି ପୂର୍ଣ୍ଣ ସେବାରେ ନିଜକୁ ସର୍ବଦା ନିଯୁକ୍ତ କରି ସର୍ବଦା କୃଷ୍ଣଙ୍କୁ ହିଁ ଚିନ୍ତା କରେ । ଏ ସମସ୍ତ କ୍ରିୟା ଅତ୍ୟନ୍ତ ଶୁଭପ୍ରଦ ଏବଂ ଦିବ୍ୟ ଶକ୍ତିର ପୂର୍ଣ୍ଣ । ବାସ୍ତବିକ୍ ଏଗୁଡ଼ିକ ଭକ୍ତକୁ ଆତ୍ମାନୁଭୂତି ଲାଭରେ ଉପଯୁକ୍ତ କରାନ୍ତି । ତପରେ ତା'ର (ଭକ୍ତର) ଏକମାତ୍ର କାମନା ପରମପୁରୁଷ ଭଗବାନଙ୍କର ସଙ୍ଗଲାଭ । ଏହାକୁ ହିଁ 'ଯୋଗ' କୁହାଯାଏ । ଭଗବାନଙ୍କ ଦୟାରୁ ଏ ପ୍ରକାର ଭକ୍ତ କଦାପି ଭୌତିକ ବନ୍ଧନପୂର୍ଣ୍ଣ ଜୀବନକୁ ଆଉ ଫେରି ଆସେ ନାହିଁ । 'କ୍ଷେମ' ଶବ୍ଦର ତାତ୍ପର୍ଯ୍ୟ ହେଉଛି ଭଗବାନଙ୍କର ଦୟାପୂର୍ଣ୍ଣ ସୁରକ୍ଷା । 'ଯୋଗ' ସାହାଯ୍ୟରେ କୃଷ୍ଣଚେତନା ଲାଭ କରିବାରେ ଭଗବାନ୍ ଭକ୍ତକୁ ସାହାଯ୍ୟ କରନ୍ତି ଏବଂ ଯେତେବେଳେ ସେ ପୂର୍ଣ୍ଣ କୃଷ୍ଣଚେତନଶୀଳ ହୋଇଯାଏ, ସେତେବେଳେ ଭଗବାନ୍ ତାକୁ ରକ୍ଷା କରନ୍ତି, ଯେପରିକି ସେ ଆଉ ଦୁଃଖପୁର୍ଣ୍ଣ ବଦ୍ଧଜୀବନରେ ପତିତ ନ ହୁଏ ।

## ଶ୍ଲୋକ - ୨୩

**ଯେଽପ୍ୟନ୍ୟଦେବତା ଭକ୍ତା ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ ।**
**ତେଽପି ମାମେବ କୌନ୍ତେୟ ଯଜନ୍ତ୍ୟବିଧିପୂର୍ବକମ୍ ।।୨୩।।**

## ଶବ୍ଦାନୁବାଦ

ଯେ=ଯେଉଁମାନେ; ଅପି=ମଧ୍ୟ; ଅନ୍ୟ=ଅନ୍ୟ; ଦେବତା=ଦେବତା; ଭକ୍ତାଃ=ଭକ୍ତମାନେ; ଯଜନ୍ତେ=ପୂଜା କରନ୍ତି; ଶ୍ରଦ୍ଧୟା-ଅନ୍ୱିତାଃ=ଶ୍ରଦ୍ଧା ଓ ବିଶ୍ୱାସ ସହକାରେ; ତେ=ସେମାନେ;

ଅପି=ମଧ୍ୟ; ମାମ୍=ମୋତେ; ଏବ=ଏପରିକି; କୌନ୍ତେୟ=ହେ କୁନ୍ତୀପୁତ୍ର; ଯଜନ୍ତି=ଅର୍ପଣ କରନ୍ତି; ଅବିଧି-ପୂର୍ବକମ୍=ଏକ ଭ୍ରମାତ୍ମକ ମାର୍ଗରେ ।

## ଅନୁବାଦ

**ହେ କୁନ୍ତି-ପୁତ୍ର ! ମାନବ ଅନ୍ୟ ଦେବତାମାନଙ୍କୁ ଯାହାସବୁ ଅର୍ପଣ କରେ ତାହା ସବୁ ବାସ୍ତବରେ କେବଳ ମୋ'ପ୍ରତି ହିଁ ପ୍ରଯୁଜ୍ୟ; କିନ୍ତୁ ମାନବ ତାହା ଭଲରକମ ବୁଝି ନ ପାରି ଅର୍ପଣ କରିଥାଏ ।**

## ଭାବାର୍ଥ

ଭଗବାନ୍ ଶ୍ରୀକୃଷ୍ଣ କହୁଛନ୍ତି, ''ଯେଉଁ ଲୋକମାନେ ଅନ୍ୟ ଦେବତା ପୂଜାରେ ନିଯୁକ୍ତ ଥା'ନ୍ତି, ସେମାନେ ଖୁବ୍ ବୁଦ୍ଧିମାନ ନୁହନ୍ତି; ଯଦିଓ ସେମାନେ ପରୋକ୍ଷଭାବରେ ମୋତେ ହିଁ ପୂଜା-କରନ୍ତି, ତଥାପି ସେମାନେ ତାହା ଜାଣିପାରନ୍ତି ନାହିଁ ।'' ଉଦାହରଣ-ସ୍ୱରୂପ ଯଦି ଗଛର ମୂଳରେ ପାଣି ନଦେଇ ଗଛର ଡାଳ-ପତ୍ର ଆଦିରେ ପାଣି ଢ଼ାଳେ, ତେବେ ବୁଝାଯିବ ଯେ ତା'ର ଯଥେଷ୍ଟ ଜ୍ଞାନ ଅଭାବରେ ବା ପାଳନୀୟ ବିଧିକୁ ପାଳନ ନ କରି ଏପରି କରୁଛି । ଠିକ୍ ସେହିପରି ଶରୀରର ବିଭିନ୍ନ ଅଙ୍ଗର ସେବା କରିବାର ବିଧି ହେଉଛି ପାକସ୍ଥଳୀ (ଉଦର)କୁ ଖାଦ୍ୟ ଯୋଗାଇବା । ଭଗବାନଙ୍କର ଶାସନ କଳରେ (ସରକାରରେ) ଦେବତାମାନେ ହେଉଛନ୍ତି ଗୋଟିଏ ଗୋଟିଏ କର୍ମଚାରୀ ଏବଂ ଅଧ୍ୟକ୍ଷ ବା ନିର୍ଦ୍ଦେଶକ । କର୍ମଚାରୀ ବା ଅଧ୍ୟକ୍ଷଙ୍କ ଦ୍ୱାରା ତିଆରି ହୋଇଥିବା ନିୟମକୁ ପାଳନ ନ କରି ସରକାର ତିଆରି କରିଥିବା ନିୟମକୁ ପାଳନ କରିବା ନାଗରିକର କର୍ତ୍ତବ୍ୟ । ଠିକ୍ ସେହିପରି ପ୍ରତ୍ୟେକ କେବଳ ପରମପୁରୁଷ ଭଗବାନଙ୍କୁ ପୂଜା ଅର୍ପଣ କରିବା ଉଚିତ୍ । ତଦ୍ୱାରା ଭଗବାନଙ୍କର ବିଭିନ୍ନ କର୍ମଚାରୀ ବା ଅଧ୍ୟକ୍ଷବୃନ୍ଦ ସ୍ୱତଃ ସନ୍ତୁଷ୍ଟ ହୋଇଯିବେ । କର୍ମଚାରୀ ଓ ଅଧ୍ୟକ୍ଷବୃନ୍ଦ ସରକାରଙ୍କର ପ୍ରତିନିଧିରୂପେ ନିଯୁକ୍ତ ଏବଂ ସେ କର୍ମଚାରୀ ଓ ଅଧ୍ୟକ୍ଷମାନଙ୍କୁ ଲାଞ୍ଚଦେବା ଅବୈଧ ଅଟେ । ଏହି କଥାକୁ ଏଠାରେ ''ଅବିଧି-ପୂର୍ବକମ୍'' ବୋଲି କୁହାଯାଇଅଛି । ଅନ୍ୟକଥାରେ ଏହାହିଁ କୁହାଯାଇପାରେ ଯେ ଅନ୍ୟଦେବତା ପୂଜାକୁ ଭଗବାନ୍ ଶ୍ରୀକୃଷ୍ଣ ଆଦୌ ଅନୁମୋଦନ କରୁ ନାହାନ୍ତି ।

## ଶ୍ଲୋକ - ୨୪

**ଅହଂ ହି ସର୍ବଯଜ୍ଞାନାଂ ଭୋକ୍ତା ଚ ପ୍ରଭୁରେବ ଚ ।**
**ନ ତୁ ମାମଭିଜାନନ୍ତି ତତ୍ତ୍ୱେନାତଶ୍ଚ୍ୟବନ୍ତି ତେ ।।୨୪।।**

## ଶବ୍ଦାନୁବାଦ

ଅହମ୍=ମୁଁ; ହି=ନିଶ୍ଚୟ; ସର୍ବ=ସମସ୍ତଙ୍କର; ଯଜ୍ଞାନାମ୍=ଯଜ୍ଞମାନଙ୍କର; ଭୋକ୍ତା= ଉପଭୋଗକାରୀ; ଚ=ଏବଂ; ପ୍ରଭୁଃ=ପ୍ରଭୁ; ଏବ=ମଧ୍ୟ; ଚ=ଏବଂ; ନ=ନୁହେଁ; ତୁ=କିନ୍ତୁ; ମାମ୍=ମୋତେ; ଅଭିଜାନନ୍ତି=ଜାଣନ୍ତି; ତତ୍ତ୍ୱେନ=ତତ୍ତ୍ୱରେ, ବାସ୍ତବରେ; ଅତଃ=ଏଣୁ; ଚ୍ୟବନ୍ତି=ଅଧୋପତିତ ହୁଅନ୍ତି; ତେ=ସେମାନେ ।

## ଅନୁବାଦ

**ମୁଁ ହେଉଛି ଏକମାତ୍ର ଉପଭୋଗକାରୀ ଏବଂ ଯଜ୍ଞର ଲକ୍ଷ୍ୟ । ଯେଉଁମାନେ ମୋର ପ୍ରକୃତ ଦିବ୍ୟଗୁଣ ବା ପ୍ରକୃତିକୁ ଜାଣିପାରନ୍ତି ନାହିଁ, ସେମାନେ ଅଧୋପତିତ ହୁଅନ୍ତି ।**

## ଭାବାର୍ଥ

ଏଠାରେ ପରିଷ୍କାର ଭାବରେ କୁହାଯାଇଅଛି ଯେ ବୈଦିକ ସାହିତ୍ୟରେ ଅନେକ ପ୍ରକାର ଯଜ୍ଞକର୍ମର ବର୍ଣ୍ଣନା କରାଯାଇଅଛି, କିନ୍ତୁ ବାସ୍ତବରେ ସେ ସମସ୍ତ ପରମପୁରୁଷ ଭଗବାନଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ହିଁ କରାଯାଏ । 'ଯଜ୍ଞ'ର ଅର୍ଥ ବିଷ୍ଣୁ । ଭଗବଦ୍ ଗୀତାର ଦ୍ୱିତୀୟ ଅଧ୍ୟାୟରେ କୁହାଯାଇଅଛି ଯେ ବ୍ୟକ୍ତି କେବଳ 'ଯଜ୍ଞ' ବା 'ବିଷ୍ଣୁ'ଙ୍କର ସନ୍ତୋଷ ବିଧାନ ନିମିତ୍ତ ଯଜ୍ଞାନୁଷ୍ଠାନ କରିବା ଉଚିତ୍ । 'ବର୍ଣ୍ଣାଶ୍ରମ' ଧର୍ମ' ନାମରେ ପରିଚିତ ମାନବ ସଭ୍ୟତା ପୂର୍ଣ୍ଣରୂପେ ବିଶେଷକରି ବିଷ୍ଣୁଙ୍କର ସନ୍ତୋଷବିଧାନ ନିମିତ୍ତ ଉଦ୍ଦିଷ୍ଟ । ତେଣୁ ଭଗବାନ୍ ଶ୍ରୀକୃଷ୍ଣ ଏ ଶ୍ଳୋକରେ କହୁଛନ୍ତି, ''ମୁଁ ସମସ୍ତ ଯଜ୍ଞର ଉପଭୋଗକାରୀ ଅଟେ, କାରଣ ମୁଁ ପରମ ପ୍ରଭୁ ଅଟେ ।'' ଅବଶ୍ୟ ଅଳ୍ପବୁଦ୍ଧିସଂପନ୍ନ ଲୋକେ ପ୍ରକୃତ କଥା ନଜାଣି ଅସ୍ଥାୟୀ ଫଳଲାଭ ନିମିତ୍ତ ଅନ୍ୟ ଦେବତା ପୂଜା କରନ୍ତି । ତେଣୁ ସେମାନେ ଭୌତିକ ସ୍ଥିତିରେ ପତିତ ହୁଅନ୍ତି ଏବଂ ଜୀବନର ପ୍ରକୃତଲକ୍ଷ୍ୟ ସାଧନ କରି ପାରନ୍ତି ନାହିଁ । ଯଦି କୌଣସି ବ୍ୟକ୍ତିର କୌଣସି ପ୍ରକାର ଭୌତିକ କାମନା ଚରିତାର୍ଥ କରିବାର ଥାଏ, ତାହାହେଲେ ସେ ପରମପ୍ରଭୁ ଭଗବାନଙ୍କୁ ପ୍ରାର୍ଥନା କରିବା ଉଚିତ୍ (ଯଦିଓ ଏହା ଶୁଦ୍ଧ ଭକ୍ତି ନୁହେଁ) ଏବଂ ଏହି ପ୍ରକାରେ ସେ ଈପ୍‌ସିତ ଫଳ ଲାଭ କରିବ ।

## ଶ୍ଳୋକ - ୨୫

**ଯାନ୍ତି ଦେବବ୍ରତା ଦେବାନ୍ ପିତୃନ୍ ଯାନ୍ତି ପିତୃବ୍ରତାଃ ।**
**ଭୂତାନି ଯାନ୍ତି ଭୂତେଜ୍ୟା ଯାନ୍ତି ମଦ୍‌ଯାଜିନୋଽପି ମାମ୍ ।।୨୫।।**

## ଶବ୍ଦାନୁବାଦ

ଯାନ୍ତି=ପ୍ରାପ୍ତ ହୁଅନ୍ତି; ଦେବ-ବ୍ରତାଃ=ଦେବତାପୂଜକମାନେ; ଦେବାନ୍= ଦେବତାମାନଙ୍କୁ; ପିତୃନ୍=ପିତୃପୁରୁଷଙ୍କୁ; ଯାନ୍ତି=ଯା'ନ୍ତି; ପିତୃ-ବ୍ରତାଃ=ପିତୃପୁରୁଷଙ୍କର ଉପାସକଗଣ; ଭୂତାନି=ଭୂତ-ପ୍ରେତମାନଙ୍କୁ; ଯାନ୍ତି=ଗମନ କରନ୍ତି; ଭୂତେଜ୍ୟାଃ= ଭୂତପ୍ରେତଙ୍କ ଉପାସକଗଣ; ଯାନ୍ତି=ଗମନ କରନ୍ତି; ମତ୍=ମୋର; ଯାଜିନଃ=ଭକ୍ତଗଣ; ଅପି=ମଧ୍ୟ; ମାମ୍=ମୋତେ ।

## ଅନୁବାଦ

**ଯେଉଁମାନେ ଦେବତା ପୂଜା କରନ୍ତି ସେମାନେ ଦେବଗଣଙ୍କ ମଧ୍ୟରେ ଜନ୍ମଲାଭ କରିବେ । ଯେଉଁମାନେ ଭୂତ-ପ୍ରେତ ପୂଜା କରନ୍ତି ସେମାନେ ସେହି ସମାଜରେ ଜନ୍ମଲାଭ କରିବେ । ଯେଉଁମାନେ ପିତୃପୁରୁଷଙ୍କୁ ପୂଜା କରନ୍ତି ସେମାନେ ପିତୃପୁରୁଷଙ୍କ ନିକଟକୁ ଯିବେ ଏବଂ ଯେଉଁମାନେ ମୋତେ ପୂଜା କରନ୍ତି, ସେମାନେ ମୋ' ସହିତ ବାସ କରିବେ ।**

## ଭାବାର୍ଥ

ଯଦି କୌଣସି ବ୍ୟକ୍ତିର ସୂର୍ଯ୍ୟ, ଚନ୍ଦ୍ର ବା ଅନ୍ୟ କୌଣସି ଗ୍ରହକୁ ଯିବାର କାମନା ଥାଏ, ତେବେ ସେଥିନିମିତ୍ତ ନିର୍ଦ୍ଦିଷ୍ଟ ହୋଇଥିବା ବୈଦିକ ବିଧି ଅନୁସରଣ କଲେ ସେ ଈପ୍‌ସିତ ଲକ୍ଷ୍ୟ ସାଧନ କରିପାରିବ । ଏସବୁ ବେଦର କର୍ମକାଣ୍ଡ ବିଭାଗରେ ବିସ୍ତୃତଭାବରେ ବର୍ଣ୍ଣନା କରାଯାଇଅଛି । ଏହା ପରିଭାଷାନୁସାରେ 'ଦର୍ଶ-ପୌର୍ଣ୍ଣମାସୀ' ନାମରେ ନାମିତ । ଏଥି ରେ ବିଭିନ୍ନ ଦେବଲୋକରେ

ବାସ କରୁଥିବା ବିଭିନ୍ନ ଦେବତାଙ୍କ ପୂଜାବିଧି ବର୍ଣ୍ଣନା କରାଯାଇଅଛି । ଠିକ୍ ସେହିପରି ବ୍ୟକ୍ତି ନିର୍ଦ୍ଦିଷ୍ଟ ଯଜ୍ଞାନୁଷ୍ଠାନ କରି ପିତୃଲୋକ ପ୍ରାପ୍ତ ହୋଇପାରେ । ସେହିପରି ବ୍ୟକ୍ତି ମଧ୍ୟ ଅନେକ ଭୂତ-ପ୍ରେତ ଲୋକକୁ ଯାଇପାରେ ଏବଂ ଯକ୍ଷ, ରକ୍ଷ କିମ୍ବା ପିଶାଚ ହୋଇପାରେ । 'ପିଶାଚ ପୂଜା'କୁ 'ଡ଼ାଆଣୀ ବିଦ୍ୟା'' କୁହାଯାଏ । ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ଏ 'ଡାଆଣୀ' ବିଦ୍ୟା ଅଭ୍ୟାସ କରନ୍ତି ଏବଂ ସେମାନେ ଭାବନ୍ତି ଯେ ଏହା ଆଧ୍ୟାତ୍ମିକତା ଅଟେ, କିନ୍ତୁ ଏ ସମସ୍ତ କ୍ରିୟା ପୂର୍ଣ୍ଣରୂପେ ଭୌତିକ କ୍ରିୟା ଅଟେ । ଠିକ୍ ସେହିପରି ଏକ ଶୁଦ୍ଧଭକ୍ତ ଯେ'କି, କେବଳ ପରମପୁରୁଷ ଭଗବାନଙ୍କର ପୂଜା ହିଁ କରେ, ସେ ନିଃସନ୍ଦେହଭାବରେ ବୈକୁଣ୍ଠଲୋକ ବା କୃଷ୍ଣଲୋକ ପ୍ରାପ୍ତ ହୁଏ । ଏହି ଶ୍ଳୋକ ସାହାଯ୍ୟରେ ଏହା ଅତି ସହଜରେ ବୁଝାଯାଏ ଯେ ଯଦି ଲୋକ ଦେବତାମାନଙ୍କୁ ପୂଜା କରି ଦେବଲୋକ ପ୍ରାପ୍ତ ହୋଇପାରେ କିମ୍ବା ପିତୃପୁରୁଷଙ୍କୁ ପୂଜା କରି ପିତୃଲୋକ ପ୍ରାପ୍ତ ହୋଇପାରେ କିମ୍ବା 'ଡ଼ାଆଣୀ ବିଦ୍ୟା' ଅଭ୍ୟାସ କରି ଭୂତଲୋକ ପ୍ରାପ୍ତ ହୋଇପାରେ, ତେବେ ଏକ ଶୁଦ୍ଧଭକ୍ତ କାହିଁକି ବୈକୁଣ୍ଠଲୋକ ବା କୃଷ୍ଣଲୋକ ପ୍ରାପ୍ତ ନ ହେବ ? ଏହା ଦୁର୍ଭାଗ୍ୟର କଥା ଯେ ଅନେକ ଲୋକ ଏକଥା ଜାଣନ୍ତି ନାହିଁ; ଦିବ୍ୟ କୃଷ୍ଣଲୋକ ବା ବିଷ୍ଣୁଲୋକ, ଯେଉଁଠାରେ କୃଷ୍ଣ ବା ବିଷ୍ଣୁ ବାସ କରନ୍ତି—ଏ ସମ୍ବନ୍ଧରେ ଅଧିକାଂଶ ଲୋକଙ୍କର ଜ୍ଞାନ ନାହିଁ । ଯେଣୁ ସେମାନେ ଏ ସମ୍ବନ୍ଧରେ କିଛି ଜାଣନ୍ତି ନାହିଁ, ତେଣୁ ସେମାନଙ୍କର ଅଧୋପତନ ହୁଏ । ଏପରିକି ମାୟାବାଦୀଗଣ (ନିରାକାରବାଦୀଗଣ) 'ବ୍ରହ୍ମଜ୍ୟୋତି'ରୁ ପତିତ ହୁଅନ୍ତି । ତେଣୁ ଏ କୃଷ୍ଣଭାବନାମୃତ ଆନ୍ଦୋଳନ ଏ ଦିବ୍ୟଜ୍ଞାନ ସମଗ୍ର ମାନବ ସମାଜକୁ ପରିବେଷଣ କରୁଛି ଏବଂ ଏହି ଶିକ୍ଷା ଦେଉଛି ଯେ କେବଳ ହରେକୃଷ୍ଣ ମନ୍ତ୍ର ଜପ ବା କୀର୍ତ୍ତନ କଲେ ବ୍ୟକ୍ତି ଏହି ଜୀବନରେ ପୂର୍ଣ୍ଣତା ପ୍ରାପ୍ତି ହୋଇ ପାରିବ ଏବଂ ଭଗବାନଙ୍କ ପାଖକୁ (ପରମଧାମକୁ) ଫେରିଯାଇ ପାରିବ ।

## ଶ୍ଳୋକ - ୨୬

**ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରୟଚ୍ଛତି ।**
**ତଦହଂ ଭକ୍ତ୍ୟୁପହୃତମଶ୍ନାମି ପ୍ରୟତାତ୍ମନଃ ।।୨୬।।**

## ଶବ୍ଦାନୁବାଦ

ପତ୍ରମ୍=ପତ୍ର; ପୁଷ୍ପମ୍=ଫୁଲ; ଫଳମ୍=ଫଳ; ତୋୟମ୍=ଜଳ; ଯଃ=ଯେ; ମେ=ମୋତେ; ଭକ୍ତ୍ୟା=ଭକ୍ତିରେ; ପ୍ରୟଚ୍ଛତି=ଅର୍ପଣ କରେ; ତତ୍=ତାହା; ଅହମ୍=ମୁଁ ; ଭକ୍ତି-ଉପହୃତମ୍=ଭକ୍ତିରେ ଅର୍ପିତ; ଅଶ୍ନାମି=ଗ୍ରହଣ କରେ; ପ୍ରୟତ ଆତ୍ମନଃ=ଯେ ଶୁଦ୍ଧ ଚେତନାରେ ଅଛି ତାହାର ।

## ଅନୁବାଦ

**ଯଦି କୌଣସି ବ୍ୟକ୍ତି ପ୍ରେମ, ସ୍ନେହ, ଶ୍ରଦ୍ଧା ଓ ଭକ୍ତିରେ ମୋତେ ପତ୍ରଟିଏ, ଫୁଲଟିଏ, ଫଳଟିଏ କିମ୍ବା ପାଣିମୁନ୍ଦିଏ ଅର୍ପଣ କରେ, ତାହାହେଲେ ମୁଁ ତାହା ଗ୍ରହଣ କରେ ।**

## ଭାବାର୍ଥ

ଏଠାରେ ଭଗବାନ୍ ଶ୍ରୀକୃଷ୍ଣ ଏହି ସତ୍ୟକୁ ଉପସ୍ଥାପିତ କରି କହୁଛନ୍ତି ଯେ ସେ ହେଉଛନ୍ତି ଏକମାତ୍ର ଉପଭୋଗକାରୀ, ଆଦିପୁରୁଷ ଏବଂ ଯଜ୍ଞରେ ପୂଜା କରିବାର ଏକାମାତ୍ର ଦେବତା ।

ଏତଦ୍ଦ୍ୱାରା ସେ ପ୍ରକାଶ କରୁଛନ୍ତି ଯେ କେଉଁ ପ୍ରକାର ଯଜ୍ଞକର୍ମ ତାଙ୍କୁ ଅର୍ପିତ ହେବାକୁ ସେ ଇଚ୍ଛା କରନ୍ତି । ଯଦି କୌଣସି ବ୍ୟକ୍ତି ନିଜେ ବିଶୁଦ୍ଧ ହୋଇ ଜୀବନର ଲକ୍ଷ୍ୟସାଧନ–ଭଗବାନଙ୍କର ଦିବ୍ୟ ସେବାଧିକାର ଲାଭ କରିବା ନିମିତ୍ତ ଭଗବାନଙ୍କ ଦିବ୍ୟସେବାରେ ନିଜକୁ ନିଯୁକ୍ତ କରିବାକୁ ଇଚ୍ଛାକରେ, ତାହାହେଲେ ତାକୁ ଜାଣିବାକୁ ହେବ, ଭଗବାନ୍ ତା'ଠାରୁ କ'ଣ ଚାହୁଁଛନ୍ତି । ଯେ କୃଷ୍ଣଙ୍କୁ ଭଲପାଏ, କୃଷ୍ଣ ତା'ଠାରୁ ଯାହା ଚାହିଁବେ, ସେ ନିଶ୍ଚୟ କୃଷ୍ଣଙ୍କୁ ତାହା ଦେବ ଏବଂ ଯାହା କୃଷ୍ଣ ଚାହୁଁନାହାନ୍ତି ତାହା ସେ ନିଶ୍ଚୟ ପରିତ୍ୟାଗ କରିବ । ଏଣୁ ମାଂସ, ମାଛ ଏବଂ ଅଣ୍ଡା କୃଷ୍ଣଙ୍କୁ ଅର୍ପଣ କରାଯିବା ଉଚିତ୍ ନୁହେଁ । ଏସବୁ ପଦାର୍ଥ ଯଦି ତାଙ୍କୁ ଅର୍ପିତ ହେବାକୁ ସେ ଇଚ୍ଛା କରିଥା'ନ୍ତେ, ତାହାହେଲେ ସେ ସେକଥା କହିଥା'ନ୍ତେ, କିନ୍ତୁ ଏହା ପରିବର୍ତ୍ତେ ସେ ପରିଷ୍କାର ଭାବରେ ଅନୁରୋଧ କରୁଛନ୍ତି ଯେ ଏକ ପତ୍ର, ଫଳ କିମ୍ବା ପାଣିମୁନ୍ଦିଏ ତାଙ୍କୁ ଦିଅ ଏବଂ ଏ ସଂପର୍କରେ ସେ କହୁଛନ୍ତି, ''ମୁଁ ଏହାକୁ ଗ୍ରହଣ କରିବି ।'' ତେଣୁ ଆମର ବୁଝିରଖିବା ଉଚିତ୍ ଯେ ସେ ମାଂସ, ମାଛ ଏବଂ ଅଣ୍ଡା ଗ୍ରହଣ କରିବେ ନାହିଁ । ଶାକ୍‌ସବ୍‌ଜି, ଶସ୍ୟ, ଫଳ, ଦୁଗ୍ଧ ଏବଂ ଜଳ ମାନବ ନିମିତ୍ତ ଉପଯୁକ୍ତ ଖାଦ୍ୟ ଏବଂ ଭଗବାନ୍ ଶ୍ରୀକୃଷ୍ଣ ନିଜେ ଏହା ସ୍ୱୀକାର କରିଛନ୍ତି (ବା ନିର୍ଦ୍ଦିଷ୍ଟ କରି ଦେଇଛନ୍ତି) । ଏହାଛଡ଼ା ଆଉ ଯାହା ଆମେ ଖାଉ, ତାହା ତାଙ୍କୁ ଅର୍ପଣ କରାଯାଇ ପାରିବ ନାହିଁ; କାରଣ ସେ ତାହା ଗ୍ରହଣ କରିବେ ନାହିଁ । ଏଣୁ ଆମେ ଯଦି (ସେ ଚାହୁଁନଥିବା) ଏ ପ୍ରକାର ଖାଦ୍ୟ ତାଙ୍କୁ ଅର୍ପଣ କରିବା, ତାହାହେଲେ ତାଙ୍କର ଦିବ୍ୟସେବା କରିପାରିବା ନାହିଁ (ବା ସେ ସ୍ତରରେ କାର୍ଯ୍ୟ କରିପାରିବା ନାହିଁ) ।

ଭଗବଦ୍ ଗୀତାର ତୃତୀୟ ଅଧ୍ୟାୟ ଷୋଡ଼ଶ ଶ୍ଳୋକରେ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି ଯେ, ଯଜ୍ଞକର୍ମ ଅନୁଷ୍ଠାନ ପରେ ଯାହା ଅବଶିଷ୍ଟ ରହେ ତାହା ବିଶୁଦ୍ଧ ଅଟେ ଏବଂ ଯେଉଁମାନେ ଜୀବନରେ ଆଧ୍ୟାତ୍ମିକ ଅଗ୍ରଗତି ଚାହାନ୍ତି ଏବଂ ଭୌତିକ ବନ୍ଧନରୁ ମୁକ୍ତ ହେବାକୁ ଚାହାନ୍ତି, ସେମାନଙ୍କ ପାଇଁ ତାହା ଉପଯୁକ୍ତ ଖାଦ୍ୟ ଅଟେ । ସେହି ଶ୍ଳୋକରେ ସେ ମଧ୍ୟ କହିଛନ୍ତି, ଯେଉଁମାନେ ଖାଦ୍ୟ ପ୍ରସ୍ତୁତ କରି ତାଙ୍କୁ (ଭଗବାନ୍ ଶ୍ରୀକୃଷ୍ଣଙ୍କୁ) ଅର୍ପଣ ନ କରି ନିଜେ ନିଜେ ଗ୍ରହଣ କରନ୍ତି, ସେମାନେ କେବଳ ପାପ ହିଁ ଭକ୍ଷଣ କରନ୍ତି । ଅନ୍ୟକଥାରେ ଏହାହିଁ କୁହାଯାଇପାରେ ଯେ ସେମାନେ ଯେତେଥର (ସେ) ଖାଦ୍ୟ ଗ୍ରହଣ କରିବେ ସେତେ ଅଧିକ ସେମାନେ କେବଳ ଭୌତିକ ପ୍ରକୃତିର ଅଧୀନ ହେବେ । କିନ୍ତୁ ସୁନ୍ଦର ଏବଂ ସରଳ ଶାକସବ୍‌ଜିର ଖାଦ୍ୟ ପ୍ରସ୍ତୁତ କରି ଶ୍ରୀକୃଷ୍ଣଙ୍କ ଛବି ବା ଶ୍ରୀବିଗ୍ରହ ସମକ୍ଷରେ ତାହା ରଖି କୃଷ୍ଣଙ୍କୁ ଅର୍ପଣ କଲେ ଏବଂ ପ୍ରଣାମକରି ଏ ବିନୀତ ପ୍ରସାଦ ଗ୍ରହଣ କରିବା ନିମିତ୍ତ ପ୍ରାର୍ଥନା କଲେ, ବ୍ୟକ୍ତି ଜୀବନରେ ଆଧ୍ୟାତ୍ମିକ ମାର୍ଗରେ ଉନ୍ନତି କରିବାକୁ ସକ୍ଷମ ହୁଏ । ଏ ପ୍ରକାର କୃଷ୍ଣଙ୍କୁ ଅର୍ପିତ ଖାଦ୍ୟ ବ୍ୟକ୍ତି ଗ୍ରହଣ କଲେ ତା'ର ଶରୀର ବିଶୁଦ୍ଧ ହୁଏ ଏବଂ ମସ୍ତିଷ୍କରେ ସୂକ୍ଷ୍ମ କୋଷ ସୃଷ୍ଟି ହୁଏ; ଯାହାଫଳରେ ସେ ବିଶୁଦ୍ଧ ଚିନ୍ତା କରିପାରେ । ସର୍ବୋପରି ପ୍ରେମରେ ବା ସ୍ନେହରେ ବା ଶ୍ରଦ୍ଧାରେ ଶ୍ରୀକୃଷ୍ଣଙ୍କୁ ଖାଦ୍ୟ ଅର୍ପଣ କରାଯିବା ଉଚିତ୍ । ଶ୍ରୀକୃଷ୍ଣ କୌଣସି ଖାଦ୍ୟ ଗ୍ରହଣ କରନ୍ତି ନାହିଁ, କାରଣ ଯାହାକିଛି ଦରକାର ତାଙ୍କର ସବୁଅଛି, ତଥାପି ଯେ ଖାଦ୍ୟ ଅର୍ପଣ କରି ଭଗବାନଙ୍କୁ ସନ୍ତୁଷ୍ଟ କରିବାକୁ ଇଚ୍ଛାକରେ, ଭଗବାନ୍ ତା'ର ସେ ଖାଦ୍ୟକୁ ଗ୍ରହଣ କରନ୍ତି । ଖାଦ୍ୟ ପ୍ରସ୍ତୁତ, ଖାଦ୍ୟ ଅର୍ପଣ ଓ ଖାଦ୍ୟ ବିତରଣର ମୁଖ୍ୟ ବିଷୟହେଲା କୃଷ୍ଣପ୍ରେମରେ ଉଦ୍‌ବୁଦ୍ଧ ହୋଇ କାର୍ଯ୍ୟ କରିବା ।

ଯେଉଁ ମାୟାବାଦୀ ଦାର୍ଶନିକଗଣ ଭାବନ୍ତି ଯେ ପରମ ସତ୍ୟ ସ୍ୱରୂପ ଭଗବାନ୍ ଇନ୍ଦ୍ରିୟବିହୀନ ଅଟନ୍ତି, ସେମାନେ ଭଗବଦ୍ ଗୀତାର ଏ ଶ୍ଲୋକକୁ ହୃଦୟଙ୍ଗମ କରି ପାରିବେ ନାହିଁ । ସେମାନଙ୍କ ପାଇଁ ଏହା ଏକ ରୂପକ ଅଟେ କିମ୍ବା ଗୀତାର ବକ୍ତା ଭଗବାନ୍ ଶ୍ରୀକୃଷ୍ଣଙ୍କର ସାଂସାରିକ ସ୍ୱଭାବର ଏକ ପ୍ରମାଣ ଅଟେ; କିନ୍ତୁ ବାସ୍ତବରେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଇନ୍ଦ୍ରିୟମାନ ଅଛି ଏବଂ କଥିତ ହୁଏ ଯେ ତାଙ୍କର ଇନ୍ଦ୍ରିୟଗଣ ପରସ୍ପର ବିନିମୟଶୀଳ ଅଟନ୍ତି, ଅର୍ଥାତ୍ ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ ତାଙ୍କର ଗୋଟିଏ ଇନ୍ଦ୍ରିୟ ଅନ୍ୟ ଇନ୍ଦ୍ରିୟର କାର୍ଯ୍ୟ କରିପାରେ । ଏଇଥିରୁ ବୁଝାଯାଏ ଯେ ଶ୍ରୀକୃଷ୍ଣ ହିଁ ପରମ ସତ୍ୟ ଅଟନ୍ତି । ସେ ଯଦି ଇନ୍ଦ୍ରିୟ ବିହୀନ ହୋଇଥା'ନ୍ତେ ବା ନିରାକାର ହୋଇଥା'ନ୍ତେ, ତାହାହେଲେ ସେ ଯେ ସମସ୍ତ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ଏହା ବିବେଚିତ ହୋଇ ପାରନ୍ତା ନାହିଁ । ସପ୍ତମ ଅଧ୍ୟାୟରେ ଶ୍ରୀକୃଷ୍ଣ କହିଛନ୍ତି ଯେ ସେ ଭୂତପ୍ରକୃତିର ଗର୍ଭ ମଧ୍ୟରେ ଜୀବ ସଞ୍ଚାର କରନ୍ତି । କେବଳ ଭୂତପ୍ରକୃତି ଉପରେ କଟାକ୍ଷପାତ କରି ସେ ଏହା କରନ୍ତି । ଏଣୁ ଏଥିରୁ ଅନୁମାନ କରାଯାଇପାରେ ଯେ କୃଷ୍ଣ ଯେତେବେଳେ ଭକ୍ତର ଖାଦ୍ୟ ଅର୍ପଣ ସମୟରେ ପ୍ରେମ ବା ଶ୍ରଦ୍ଧାପୂର୍ଣ୍ଣ ବାଣୀ ଶ୍ରବଣ କରନ୍ତି, ସେତେବେଳେ ତାଙ୍କର ସେ ଶ୍ରବଣ ହିଁ ପ୍ରକୃତରେ ଭୋଜନ ଓ ସ୍ୱାଦଗ୍ରହଣ ସଙ୍ଗେ ସମାନ ଅଟେ । ଏହା ଅତ୍ୟନ୍ତ ଦୃଢ଼ତା ସହକାରେ କୁହାଯିବା ଉଚିତ୍; କାରଣ ତାଙ୍କର ପରମସ୍ଥିତି ହେତୁ ତାଙ୍କର ଶ୍ରବଣ ହିଁ ସଂପୂର୍ଣ୍ଣ ରୂପେ ଭୋଜନ ଓ ସ୍ୱାଦ ଗ୍ରହଣ ସଙ୍ଗେ ସମାନ ଅଟେ । ଶ୍ରୀକୃଷ୍ଣ ନିଜକୁ ଯେପରି ଭାବରେ ବର୍ଣ୍ଣନା କରିଛନ୍ତି, ଯେଉଁ ଭକ୍ତ ତାଙ୍କୁ ସେହିପ୍ରକାରେ ଗ୍ରହଣ କରେ; ଅନ୍ୟ କୌଣସି ପ୍ରକାର ବ୍ୟାଖ୍ୟା ସେଥିରେ ଯୋଡ଼େ ନାହିଁ, ସେ ହିଁ ବୁଝିପାରେ ଯେ ପରମସତ୍ୟ ସ୍ୱରୂପ ଭଗବାନ୍ ଖାଦ୍ୟ ଗ୍ରହଣ କରିପାରନ୍ତି, ଉପଭୋଗ କରିପାରନ୍ତି ।

## ଶ୍ଲୋକ - ୨୭

**ଯତ୍କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।**
**ଯତ୍ତପସ୍ୟସି କୌନ୍ତେୟ ତତ୍କୁରୁଷ୍ୱ ମଦର୍ପଣମ୍ ।।୨୭।।**

## ଶବ୍ଦାନୁବାଦ

ଯତ୍=ଯାହା; କରୋଷି=ତୁମେ କର; ଯତ୍=ଯାହା; ଅଶ୍ନାସି=ତୁମେ ଖାଅ; ଯତ୍=ଯାହା; ଜୁହୋଷି=ତୁମେ ଅର୍ପଣକର; ଦଦାସି=ତୁମେ ଦାନକର; ଯତ୍=ଯାହା; ଯତ୍=ଯାହା; ତପସ୍ୟସି=ଯେଉଁ ତପସ୍ୟା ତୁମେ କର; କୌନ୍ତେୟ=ହେ କୁନ୍ତୀପୁତ୍ର; ତତ୍=ତାହା; କୁରୁଷ୍ୱ=କର; ମତ୍=ମୋତେ; ଅର୍ପଣମ୍=ଅର୍ପଣ ।

## ଅନୁବାଦ

**ହେ କୁନ୍ତୀ-ପୁତ୍ର ! ତୁମେ ଯାହାସବୁ କର, ତୁମେ ଯାହାସବୁ ଖାଅ, ତୁମେ ଯାହାସବୁ ଅର୍ପଣକର ଏବଂ ଦାନକର, ପୁନଶ୍ଚ ଯେଉଁ ତପସ୍ୟା ତୁମେ କର—ଏ ସମସ୍ତ ମୋତେ ଅର୍ପଣ କର ।**

## ଭାବାର୍ଥ

ଏହି ପ୍ରକାରେ ଏହା ପ୍ରତ୍ୟେକଙ୍କର କର୍ତ୍ତବ୍ୟ ଯେ ଜୀବନକୁ ଏ ପ୍ରକାରେ ଗଠନ କରିବାକୁ ହେବ ଯେପରିକି ପ୍ରତ୍ୟେକ କ୍ଷେତ୍ରରେ, ପ୍ରତ୍ୟେକ ଅବସ୍ଥାରେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ସ୍ମରଣ

କରିବାକୁ ହେବ, ଭୁଲିଯିବାକୁ ପଡ଼ିବ ନାହିଁ । ପ୍ରତ୍ୟେକ ବ୍ୟକ୍ତିକୁ ଶରୀର ଓ ଆତ୍ମାକୁ ରକ୍ଷା କରିବା ନିମିତ୍ତ କାର୍ଯ୍ୟକରିବାକୁ ହେବ, ଏଠାରେ ଭଗବାନ୍ ଶ୍ରୀକୃଷ୍ଣ କହୁଛନ୍ତି ଯେ ପ୍ରତ୍ୟେକ ତାଙ୍କ ପାଇଁ (ଶ୍ରୀକୃଷ୍ଣଙ୍କ ପାଇଁ) କାମ କରିବା ଉଚିତ୍ । ବଞ୍ଚିବା ପାଇଁ ପ୍ରତ୍ୟେକଙ୍କୁ କିଛି ଖାଇବାକୁ ପଡ଼ିବ; ତେଣୁ ଶ୍ରୀକୃଷ୍ଣଙ୍କୁ ଅର୍ପିତ ଖାଦ୍ୟର ଅବଶେଷ ବ୍ୟକ୍ତିକୁ ଗ୍ରହଣ କରିବାକୁ ପଡ଼ିବ । ଯେ କୌଣସି ସଭ୍ୟ ବ୍ୟକ୍ତିକୁ କିଛି ବ୍ରତବିଧି ପାଳନ କରିବାକୁ ହେବ, କିଛି ତପସ୍ୟା କରିବାକୁ ହେବ; ତେଣୁ ଶ୍ରୀକୃଷ୍ଣ କହୁଛନ୍ତି, ''ତାହା ମୋ ପାଇଁ କର ।'' ଏହାକୁ ଅର୍ଚ୍ଚନା କୁହାଯାଏ । ପ୍ରତ୍ୟେକ ଲୋକର କିଛି ଦାନକରିବାର ପ୍ରବୃତ୍ତି ଅଛି । ଶ୍ରୀକୃଷ୍ଣ କହୁଛନ୍ତି, ''ମୋତେ ଦିଅ ।'' ଏହାର ତାତ୍ପର୍ଯ୍ୟ ହେଉଛି ଏହା ଯେ ଯେଉଁ ବଳକା ପଇସା (ବା ଧନ) ସଞ୍ଚିତ ହୋଇ ରହୁଛି, ତାହା କୃଷ୍ଣଚେତନା ଆନ୍ଦୋଳନର ପ୍ରସାର କାର୍ଯ୍ୟରେ ବ୍ୟୟିତ ହେବା ଉଚିତ୍ । ଆଜିକାଲି ଲୋକମାନେ ଧ୍ୟାନଯୋଗ ପ୍ରତି ବିଶେଷ ଆକୃଷ୍ଟ ତାହା'ତ ଏ ଯୁଗରେ ପ୍ରାୟ ସମ୍ଭବପର ନୁହେଁ, କିନ୍ତୁ ଯଦି କେହି ''ହରେକୃଷ୍ଣ'' ମାଳାରେ ଜପକରି ଚବିଶ ଘଣ୍ଟା ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଧ୍ୟାନ କରେ, ତେବ ସେ ନିଶ୍ଚୟ ଜଣେ ମହାନ୍ ଯୋଗୀ ଅଟେ । ଏହା ଭଗବଦ୍ ଗୀତାର ଷଷ୍ଠ ଅଧ୍ୟାୟରେ କୁହାଯାଇଅଛି ।

## ଶ୍ଳୋକ - ୨୮

**ଶୁଭାଶୁଭଫଳୈରେବଂ ମୋକ୍ଷ୍ୟସେ କର୍ମବନ୍ଧନୈଃ ।**
**ସନ୍ନ୍ୟାସଯୋଗଯୁକ୍ତାତ୍ମା ବିମୁକ୍ତୋ ମାମୁପୈଷ୍ୟସି ।। ୨୮ ।।**

## ଶବ୍ଦାନୁବାଦ

ଶୁଭ=ମଙ୍ଗଳମୟ; ଅଶୁଭ=ଅମଙ୍ଗଳକର; ଫଳୈଃ=ଫଳ; ଏବମ୍=ଏହି ପ୍ରକାରେ; ମୋକ୍ଷ୍ୟସେ=ମୁକ୍ତ; କର୍ମ=କର୍ମ; ବନ୍ଧନୈଃ=ବନ୍ଧନ; ସନ୍ନ୍ୟାସ=ତ୍ୟାଗର; ଯୋଗ=ଯୋଗ; ଯୁକ୍ତ-ଆତ୍ମା=ମନକୁ ଦୃଢ଼ଭାବରେ ଲଗାଇ ରଖି; ବିମୁକ୍ତଃ=ମୁକ୍ତ; ମାମ୍=ମୋତେ; ଉପୈଷ୍ୟସି=ତୁମେ ପାଇବ ।

## ଅନୁବାଦ

**ଏହି ପ୍ରକାରେ ତୁମେ ସମସ୍ତ ପ୍ରକାର ଶୁଭାଶୁଭ କର୍ମଫଳରୁ ମୁକ୍ତ ହୋଇପାରିବ ଏବଂ ତ୍ୟାଗର ଏହି ବିଧି ଅବଲମ୍ବନ ଦ୍ୱାରା ତୁମେ ମୁକ୍ତ ହୋଇଯିବ ଏବଂ ମୋ ପାଖକୁ ଆସି ପାରିବ ।**

## ଭାବାର୍ଥ

ଉନ୍ନତ ନିର୍ଦ୍ଦେଶାନୁସାରେ ଯେ କୃଷ୍ଣଚେତନାରେ କାର୍ଯ୍ୟ କରେ, ତାହାକୁ 'ଯୁକ୍ତ' କୁହାଯାଏ । ପାରିଭାଷିକ ଶବ୍ଦ ହେଉଛି ''ଯୁକ୍ତ-ବୈରାଗ୍ୟ'' । ଏହା ନିମ୍ନ ପ୍ରକାରେ ଶ୍ରୀଳ ରୂପ ଗୋସ୍ୱାମୀଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଅଛି ।

ଶ୍ରୀଳ ରୂପ ଗୋସ୍ୱାମୀ କହୁଛନ୍ତି ଯେ ଯେପର୍ଯ୍ୟନ୍ତ ଆମେ ଏ ଭୌତିକ ଦୁନିଆଁରେ ଅଛେ, ସେ ପର୍ଯ୍ୟନ୍ତ ଆମ୍ଭମାନଙ୍କୁ କାର୍ଯ୍ୟ କରିବାକୁ ହେବ । ଆମ୍ଭେମାନେ କାର୍ଯ୍ୟରୁ ବିରତ ହୋଇ ପାରିବା ନାହିଁ । ତେଣୁ ଯଦି କାର୍ଯ୍ୟକରି ଫଳ ଶ୍ରୀକୃଷ୍ଣଙ୍କୁ ଅର୍ପଣ କରାଯାଏ, ତେବେ ତାକୁ ହିଁ

''ଯୁକ୍ତ-ବୈରାଗ୍ୟ'' କୁହାଯାଏ । ବାସ୍ତବରେ ଏ ପ୍ରକାର ତ୍ୟାଗ ଭୂମିକାରେ ଅବସ୍ଥାନ କଲେ, ଏ ପ୍ରକାର କର୍ମ ବ୍ୟକ୍ତିର ମନ-ଦର୍ପଣକୁ ସ୍ୱଚ୍ଛ କରାଏ ଏବଂ କର୍ମୀ କ୍ରମଶଃ ଆଧ୍ୟାତ୍ମିକ ଅନୁଭୂତି ଲାଭରେ ଉନ୍ନତି କଲେ, ସେ ସଂପୂର୍ଣ୍ଣରୂପେ ପରମପୁରୁଷ ଭଗବାନଙ୍କଠାରେ ଆତ୍ମସମର୍ପଣ କରେ । ତେଣୁ ଶେଷରେ ସେ ମୁକ୍ତ ହୋଇଯାଏ ଏବଂ ଏହି ମୁକ୍ତି କଥା ମଧ୍ୟ ବିଶେଷରୂପେ ବର୍ଣ୍ଣନା କରାଯାଇଅଛି । ଏ ମୁକ୍ତି ଦ୍ୱାରା ସେ ବ୍ରହ୍ମଜ୍ୟୋତିରେ ମିଶି ଏକାକାର ହୋଇଯାଏ ନାହିଁ, ବରଂ ଭଗବଦ୍-ଧାମ-ବୈକୁଣ୍ଠଲୋକରେ ପ୍ରବେଶ କରେ । ଏଠାରେ ପରିଷ୍କାର ଭାବରେ କୁହାଯାଇଛି, *''ମାମ ଉପୈଷ୍ୟସି''*— ''ସେ ମୋ ପାଖକୁ ଆସେ''— ଘରକୁ ଫେରିଆସେ, ଭଗବାନଙ୍କ ନିକଟକୁ ଫେରିଯାଏ । ମୁକ୍ତିର ପାଞ୍ଚୋଟି ବିଭିନ୍ନ ସ୍ତର ଅଛି ଏବଂ ଏଠାରେ ବିଶେଷକରି ଏହା ବର୍ଣ୍ଣନା କରାଯାଇଅଛି ଯେ ଯେଉଁ ଭକ୍ତ ଭଗବାନଙ୍କ ନିର୍ଦ୍ଦେଶ ଅନୁଯାୟୀ ତା'ର ସାରାଜୀବନ ବିତାଏ, ସେ କ୍ରମଶଃ ଏ ପ୍ରକାର ଏକ ସ୍ତରକୁ ଆସେ, ଯେଉଁଠାରେ'କି ସେ ଏ ଶରୀର ତ୍ୟାଗ କଲାପରେ, ଭଗବାନଙ୍କ ନିକଟକୁ ଫେରିଯାଏ ଏବଂ ପ୍ରତ୍ୟକ୍ଷଭାବରେ ଭଗବାନଙ୍କ ସାନ୍ନିଧ୍ୟ ଲାଭକରି ସେବାରତ ହୁଏ ।

ଯାହାଙ୍କର ଅନ୍ୟ କୌଣସି କାମନା ନାହିଁ, କେବଳ ଭଗବତ୍ ସେବା ନିମିତ୍ତ ଜୀବନ ଉତ୍ସର୍ଗ କରିଛନ୍ତି, ସେ ବାସ୍ତବରେ ଜଣେ ସନ୍ନ୍ୟାସୀ ଅଟନ୍ତି । ଏ ପ୍ରକାର ବ୍ୟକ୍ତି ସର୍ବଦା ନିଜକୁ ଭଗବାନଙ୍କର ଏକ ଶାଶ୍ୱତ ସେବକ ବୋଲି ଭାବନ୍ତି ଏବଂ ଭଗବାନଙ୍କର ପରମ ଇଚ୍ଛା ଉପରେ ହିଁ ନିର୍ଭର କରନ୍ତି । ତେଣୁ ସେ ଯାହା କରନ୍ତି, ତାହା କେବଳ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ହିଁ କରନ୍ତି । ସେ ଯେଉଁ କାର୍ଯ୍ୟ କରନ୍ତି, ତାହା ଭଗବାନଙ୍କ କାର୍ଯ୍ୟ—ଏହି ଧାରଣାର ବଶବର୍ତ୍ତୀ ହୋଇ କରନ୍ତି । ସେ ସକାମ କର୍ମପ୍ରତି ଧ୍ୟାନ ଦିଅନ୍ତି ନାହିଁ କିମ୍ବା ବେଦରେ ବର୍ଣ୍ଣିତ କର୍ମ ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ସାଧାରଣ ଲୋକପକ୍ଷରେ ବେଦବର୍ଣ୍ଣିତ କର୍ତ୍ତବ୍ୟ ପାଳନ କରିବା ଉଚିତ୍, କିନ୍ତୁ ଏକ ଶୁଦ୍ଧଭକ୍ତ, ଯେ'କି ସର୍ବଦା ସଂପୂର୍ଣ୍ଣରୂପେ ଭଗବତ୍ ସେବାରେ ନିଯୁକ୍ତ, ବେଳେବେଳେ ଯଦିଓ ଏପରି ଜଣାପଡ଼େ ଯେ ସେ ଯେପରି ବେଦବର୍ଣ୍ଣିତ କର୍ତ୍ତବ୍ୟପଥରୁ ଦୂରେଇ ଯାଉଛନ୍ତି, ବାସ୍ତବରେ ତାହା ନୁହେଁ ।

ତେଣୁ ବୈଷ୍ଣବ ଆଚାର୍ଯ୍ୟମାନେ ଏପରି କହିଛନ୍ତି ଯେ ଏପରିକି ଏକ ଅତ୍ୟନ୍ତ ବୁଦ୍ଧିମାନ ବ୍ୟକ୍ତି ଏକ ଶୁଦ୍ଧଭକ୍ତର କାର୍ଯ୍ୟକଳାପ ବା କୌଶଳକୁ ବୁଝି ପାରିବ ନାହିଁ । ଏହାହିଁ ଠିକ୍ ବର୍ଣ୍ଣିତ ଅଛି— *''ବୈଷ୍ଣବେର କ୍ରିୟା ମୁଦ୍ରା ବିଜ୍ଞେ ନା ବୁଝୟ ।''* ଏହିପରି ଯେଉଁବ୍ୟକ୍ତି ସର୍ବଦା ଭଗବତ୍ ସେବାରେ ନିଯୁକ୍ତ କିମ୍ବା ଯେ ସର୍ବଦା ଚିନ୍ତା କରୁଛି ଏବଂ ଯୋଜନା କରୁଛି କିପରି ଭଗବାନ୍‌ଙ୍କର ସେବା ଭଲଭାବରେ ସେ କରିବ, ସେ ବ୍ୟକ୍ତି ବର୍ତ୍ତମାନ ଅବସ୍ଥାରେ ଏବଂ ଭବିଷ୍ୟତରେ ମଧ୍ୟ ସଂପୂର୍ଣ୍ଣରୂପେ ମୁକ୍ତ ବୋଲି ବିବେଚିତ ହୁଏ, ତା'ର ଭଗବାନଙ୍କ ନିକଟକୁ ଫେରିଯିବା ବା ଶାଶ୍ୱତ ଗୃହ—ପରମଧାମକୁ ଫେରିଯିବା ନିଶ୍ଚିତ ଅଟେ । ଯେପରି ଶ୍ରୀକୃଷ୍ଣ ସମସ୍ତ ପ୍ରକାର ସମାଲୋଚନାର ଉର୍ଦ୍ଧ୍ୱରେ, ଠିକ୍ ସେହିପରି ସେ ବ୍ୟକ୍ତି (ଶୁଦ୍ଧଭକ୍ତ) ସମସ୍ତପ୍ରକାର ଭୌତିକ ସମାଲୋଚନାର ଉର୍ଦ୍ଧ୍ୱରେ ।

## ଶ୍ଳୋକ - ୨୯

**ସମୋଽହଂ ସର୍ବଭୂତେଷୁ ନ ମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ ।**
**ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା ମୟି ତେ ତେଷୁ ଚାପ୍ୟହମ୍ ।। ୨୯ ।।**

## ଶବ୍ଦାନୁବାଦ

ସମଃ=ସମାନ ଭାବରେ ଅର୍ପିତ; ଅହମ୍=ମୁଁ; ସର୍ବ-ଭୂତେଷୁ=ସମସ୍ତ ଜୀବଙ୍କଠାରେ; ନ=କେହି ନୁହେଁ; ମେ=ମୋର; ଦ୍ୱେଷ୍ୟଃ=ଘୃଣିତ; ଅସ୍ତି=ଅଟେ; ନ=କିମ୍ବା ନୁହେଁ; ପ୍ରିୟଃ=ପ୍ରିୟ; ଯେ=ଯେଉଁମାନେ; ଭଜନ୍ତି=ଦିବ୍ୟ ସେବା କରନ୍ତି; ତୁ=ତଥାପି; ମାମ୍=ମୋତେ; ଭକ୍ତ୍ୟା=ଭକ୍ତିରେ; ମୟି=ମୋତେ; ତେ=ସେ ଲୋକମାନେ; ତେଷୁ=ସେମାନଙ୍କଠାରେ; ଚ=ମଧ୍ୟ; ଅପି=ନିଶ୍ଚିତଭାବରେ; ଅହମ୍=ମୁଁ ।

## ଅନୁବାଦ

**ମୁଁ କାହାରିକୁ ହିଂସା କରେ ନାହିଁ, କିମ୍ବା କାହାରିପ୍ରତି ପକ୍ଷପାତିତା ଆଚରଣ କରେ ନାହିଁ । ମୁଁ ସମସ୍ତଙ୍କ ପ୍ରତି ସମାନ । କିନ୍ତୁ ଯେ ଭକ୍ତିରେ ମୋର ସେବା କରେ, ସେ ମୋର ଜଣେ ବନ୍ଧୁ ଅଟେ, ସେ ମୋ'ଠାରେ ଥାଏ ଏବଂ ମୁଁ ମଧ୍ୟ ତା'ର ଜଣେ ବନ୍ଧୁ ଅଟେ ।**

## ଭାବାର୍ଥ

ଏଠାରେ କେହି ଏପରି ପ୍ରଶ୍ନ କରିପାରେ, ଯଦି ଶ୍ରୀକୃଷ୍ଣ ସମସ୍ତଙ୍କ ପ୍ରତି ସମାନ ଏବଂ କେହି ତାଙ୍କର ସ୍ୱତନ୍ତ୍ର ବନ୍ଧୁ ନୁହଁନ୍ତି, ତେବେ ଯେଉଁ ଭକ୍ତମାନେ ତାଙ୍କର ଦିବ୍ୟସେବାରେ ସର୍ବଦା ନିଯୁକ୍ତ ଥା'ନ୍ତି, ସେମାନଙ୍କ ପ୍ରତି ସେ ସ୍ୱତନ୍ତ୍ର ଯତ୍ନ ନିଅନ୍ତି କାହିଁକି ? କିନ୍ତୁ ଏହା ଭେଦଭାବ ସୃଷ୍ଟି ନୁହେଁ, ଏହା ସ୍ୱାଭାବିକ । ଏ ଭୌତିକ ଜଗତରେ ଯେକୌଣସି ଲୋକ ଖୁବ୍ ଦାନଶୀଳ ହୋଇପାରେ; କିନ୍ତୁ ତା'ର ସନ୍ତାନମାନଙ୍କ ପ୍ରତି ତା'ର ସ୍ୱତନ୍ତ୍ର ସ୍ନେହ ବା ଶ୍ରଦ୍ଧା ଅଛି । ଭଗବାନ୍ କହନ୍ତି ଯେ ପ୍ରତ୍ୟେକ ଜୀବ-ଯେଉଁ ଆକାରରେ ସେ ଥାଉନା କାହିଁକି– ତାଙ୍କର ସନ୍ତାନ ଅଟେ ଏବଂ ସେଇଥିପାଇଁ ତା'ର ଜୀବନର ଯାହାକିଛି ଆବଶ୍ୟକତା, ସବୁ ସେ ଅତି ଉଦାର ଭାବରେ ଯୋଗାନ୍ତି । ସେ ଠିକ୍ ଏକ ମେଘଖଣ୍ଡ ପରି ଅଟନ୍ତି । ମେଘ ଯେପରି କିଛି ବିଗ୍ଭର କରେ ନାହିଁ; କିନ୍ତୁ ସର୍ବତ୍ର ବର୍ଷା କରିଯାଏ, ବର୍ଷା ପାହାଡରେ ପଡୁଛି କି'ଭୂଇଁ ରେ ପଡୁଛି କି'ଜଳରେ ପଡୁଛି କିଛି ବିଗ୍ଭର ନଥାଏ । କିନ୍ତୁ ତାଙ୍କର ଭକ୍ତମାନଙ୍କ ପ୍ରତି ସେ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତି । ଏହି ପ୍ରକାର ଭକ୍ତମାନଙ୍କ କଥା ଏଠାରେ ବର୍ଣ୍ଣନା କରାଯାଇଅଛି । ସେମାନେ ସର୍ବଦା କୃଷ୍ଣଚେତନଶୀଳ ଅଟନ୍ତି ଏବଂ ସେଇଥିପାଇଁ ସେମାନେ ସର୍ବଦା ଦିବ୍ୟଭାବରେ ଶ୍ରୀକୃଷ୍ଣଙ୍କଠାରେ ହିଁ ଅବସ୍ଥାନ କରୁଥା'ନ୍ତି । "କୃଷ୍ଣ-ଚେତନଶୀଳ"– ଏହାର ତାତ୍ପର୍ଯ୍ୟ ହେଲା ଏହା ଯେ ଯେଉଁମାନେ ଏ ପ୍ରକାର ଚେତନଶୀଳ; ସେମାନେ ସତତ ଭଗବାନଙ୍କଠାରେ ଅବସ୍ଥିତ ଚେତନଶୀଳ ଯୋଗୀ ଅଟନ୍ତି । ଭଗବାନ୍ ଏଠାରେ ପରିଷ୍କାର ଭାବରେ କହୁଛନ୍ତି, *"ମୟି ତେ"*–"ମୋଠାରେ" । ବାସ୍ତବରେ ଭଗବାନ୍ ମଧ୍ୟ ସେମାନଙ୍କଠାରେ ଥା'ନ୍ତି । ଏହା ପରସ୍ପର ସାପେକ୍ଷ । ଏହା ମଧ୍ୟ– *"ଅସ୍ତି ନ ପ୍ରିୟଃ ଯେ ଭଜନ୍ତି"*– ଏହାର ବ୍ୟାଖ୍ୟା କରେ– "ଯେ ମୋ'ଠାରେ ଯେଉଁ ପରିମାଣରେ ଶରଣ ନିଏ, ମୁଁ ସେହି ପରିମାଣରେ ତା'ର ଯତ୍ନ ନିଏ ।" ଏ ପ୍ରକାର ପରସ୍ପର ଦିବ୍ୟ ସାପେକ୍ଷଭାବ ବରାବର ଅଛି, କାରଣ ଉଭୟେ ଭଗବାନ୍ ଓ ଭକ୍ତ ଚେତନଶୀଳ ଅଟନ୍ତି । ଯେତେବେଳେ ଏକ ହୀରକଖଣ୍ଡ ଏକ ସ୍ୱର୍ଣ୍ଣମୁଦ୍ରିକାରେ ଖଞ୍ଜାଯାଏ, ସେତେବେଳେ ଏହା ଖୁବ୍ ସୁନ୍ଦର ଦେଖାଯାଏ । ସ୍ୱର୍ଣ୍ଣ ବି ସୌନ୍ଦର୍ଯ୍ୟମଣ୍ଡିତ ହୁଏ ଏବଂ ତତ୍ ସଙ୍ଗେ ସଙ୍ଗେ ହୀରକ ମଧ୍ୟ । ଭଗବାନ୍ ଏବଂ ଜୀବ ଶାଶ୍ୱତଭାବେ ଉଜ୍ଜ୍ୱଳ, କିନ୍ତୁ ଯେତେବେଳେ ଜୀବ ଭଗବତ୍ ସେବା ପ୍ରତି ଆକୃଷ୍ଟ ହୁଏ, ସେ ଏକ ସୁବର୍ଣ୍ଣ ସଦୃଶ ପ୍ରତୀତ ହୁଏ । ଭଗବାନ୍

ଏକ ହୀରକଖଣ୍ଡ ସଦୃଶ, ତେଣୁ ଏ ପ୍ରକାର ସଂଯୋଗ ଅତ୍ୟନ୍ତ ସୁନ୍ଦର । ଜୀବଗଣ ଯେତେବେଳେ ବିଶୁଦ୍ଧ ଅବସ୍ଥାରେ ଅବସ୍ଥାନ କରନ୍ତି, ସେତେବେଳେ ସେମାନଙ୍କୁ ଭକ୍ତ କୁହାଯାଏ । ଭଗବାନ୍ ତାଙ୍କର ଭକ୍ତଙ୍କର ଭକ୍ତ ହୋଇଯା'ନ୍ତି, ଯଦି ଭଗବାନ୍ ଓ ଭକ୍ତ ମଧ୍ୟରେ ଏ ପ୍ରକାର ପରସ୍ପର ସାପେକ୍ଷ ସମ୍ବନ୍ଧ ନ ଥା'ନ୍ତା, ତେବେ ବ୍ୟକ୍ତିକୈନ୍ଦ୍ରିକ ଦର୍ଶନ (ବା ସାକାରବାଦୀ ଦର୍ଶନ) ନ ଥା'ନ୍ତା । ନିରାକାରବାଦୀ ବା ନିର୍ବିଶେଷବାଦୀ–ଦର୍ଶନରେ ଭଗବାନ୍ ଓ ଜୀବ ମଧ୍ୟରେ ପରସ୍ପର ସାପେକ୍ଷଭାବ ସମ୍ବନ୍ଧ ନାହିଁ, କିନ୍ତୁ ସାକାରବାଦୀ ଦର୍ଶନରେ ଏ ପ୍ରକାର ଭାବ ସମ୍ବନ୍ଧ ଅଛି ।

ଏ ଉଦାହରଣ ଅଧିକାଂଶ ସମୟରେ ଦିଆଯାଏ ଯେ ଭଗବାନ୍ ଏକ ବାଞ୍ଛାକଳ୍ପତରୁ ଅଟନ୍ତି ଏବଂ ବ୍ୟକ୍ତି ଏ ବାଞ୍ଛାକଳ୍ପତରୁଙ୍କଠାରୁ ଯାହା ଇଚ୍ଛା କରେ, ଭଗବାନ୍ ତାକୁ ଦିଅନ୍ତି । କିନ୍ତୁ ଏଠାରେ ବ୍ୟାଖ୍ୟା ଅଧିକ ସଂପୂର୍ଣ୍ଣ ଅଟେ । ଏଠାରେ କୁହାଯାଇଛି ଯେ ଭଗବାନ୍ ତାଙ୍କର ଭକ୍ତମାନଙ୍କ ପ୍ରତି ପକ୍ଷପାତିତା ଆଚଣ କରନ୍ତି । ଏହା ଭଗବାନଙ୍କର ଭକ୍ତମାନଙ୍କ ପ୍ରତି ସ୍ୱତନ୍ତ୍ର ଦୟାର ନିଦର୍ଶନ । ଭଗବାନଙ୍କର ଏ ଯେଉଁ ପରସ୍ପର ସାପେକ୍ଷ ଭାବ, ଏହାକୁ କର୍ମଫଳ ବୋଲି ବିଗ୍ରହ କରିବା ଉଚିତ୍ ନୁହେଁ । ଏହା ହେଉଛି ଦିବ୍ୟ ଅବସ୍ଥା, ଦିବ୍ୟସ୍ତର–ଯେଉଁ ସ୍ତରରେ'କି ଭଗବାନ୍ ଓ ତାଙ୍କର ଭକ୍ତମାନେ କାର୍ଯ୍ୟ କରନ୍ତି । ଭଗବତ୍ ସେବା (ଭକ୍ତି), ଭୌତିକ ଜଗତର କ୍ରିୟା ନୁହେଁ, ଏହା ହେଉଛି ଚିଦ୍ ଜଗତର ଅଂଶ ବିଶେଷ, ଯେଉଁଠାରେ ଶାଶ୍ୱତଭାବ, ଆନନ୍ଦ ଏବଂ ଜ୍ଞାନ ଅତ୍ୟନ୍ତ ପ୍ରଭାବଶାଳୀ ଅଟେ ।

## ଶ୍ଲୋକ - ୩୦

**ଅପି ଚେତ୍ ସୁଦୁରାଚାରୋ ଭଜତେ ମାମନନ୍ୟଭାକ୍ ।**
**ସାଧୁରେବ ସ ମନ୍ତବ୍ୟଃ ସମ୍ୟଗ୍‌ବ୍ୟବସିତୋ ହି ସଃ ।। ୩୦ ।।**

## ଶବ୍ଦାନୁବାଦ

ଅପି=ସତ୍ତ୍ୱେ; ଚେତ୍=ଯଦିଓ; ସୁଦୁରାଚାରଃ=ଅତ୍ୟନ୍ତ ଦୁରାଚାରୀ; ଭଜତେ=ଭଜନ କରେ, ଭକ୍ତିପୂର୍ଣ୍ଣ ସେବାରେ ଲାଗି ରହେ; ମାମ୍=ମୋତେ; ଅନନ୍ୟ-ଭାକ୍=ଐକାନ୍ତିକ ଭାବରେ; ସାଧୁଃ=ସାଧୁ; ଏବ=ନିଶ୍ଚିତ ଭାବରେ; ସଃ=ସେ; ମନ୍ତବ୍ୟଃ=ବିବେଚିତ ହେବ; ସମ୍ୟକ୍=ପୂର୍ଣ୍ଣରୂପେ; ବ୍ୟବସିତଃ=ଅବସ୍ଥିତ; ହି=ନିଶ୍ଚିତରୂପେ; ସଃ=ସେ ।

## ଅନୁବାଦ

**ଯଦି କୌଣସି ବ୍ୟକ୍ତି ଅତ୍ୟନ୍ତ ଦୁରାଚାରୀ ହୁଏ ଅର୍ଥାତ୍ ଅତ୍ୟନ୍ତ ହୀନକାର୍ଯ୍ୟ (ପାପକାର୍ଯ୍ୟ) କରେ, ସେ ଯଦି ଭଗବାନଙ୍କ ସେବାରେ ନିଯୁକ୍ତ ହୁଏ, ତେବେ ସେ ସାଧୁବୋଲି ବିବେଚିତ ହେବ, କାରଣ ସେ ଉପଯୁକ୍ତ ସ୍ତରରେ ଅବସ୍ଥାପିତ ହୋଇଅଛି ।**

## ଭାବାର୍ଥ

ଏ ଶ୍ଲୋକରେ ବ୍ୟବହୃତ "ସୁଦୁରାଚାରୋ" ଶବ୍ଦ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ । ଏହାକୁ ଆମ୍ଭମାନଙ୍କୁ ଭଲରକମ ବୁଝିବାକୁ ପଡ଼ିବ । ଯେତେବେଳେ ଜୀବ ବଦ୍ଧାବସ୍ଥାରେ ଅଛି, ସେତେବେଳେ ତା'ର ଦୁଇପ୍ରକାର କାର୍ଯ୍ୟ ଅଛି, ଗୋଟିଏ ହେଉଛି ସର୍ତ୍ତାଧୀନ, ଅନ୍ୟଟି ହେଉଛି ସ୍ୱରୂପଗତ । ଶରୀର ରକ୍ଷା କରିବା ନିମିତ୍ତ କିମ୍ବା ସମାଜ ବା ରାଷ୍ଟ୍ରର ନିୟମ ମାନିବା ଉଦ୍ଦେଶ୍ୟରେ ବାସ୍ତବିକ ବିଭିନ୍ନ

ପ୍ରକାର କାର୍ଯ୍ୟ ଅଛି, ଏପରିକି ଭକ୍ତମାନଙ୍କ ନିମିତ୍ତ ବଦ୍ଧଜୀବନ ସମ୍ବନ୍ଧରେ ମଧ୍ୟ ବିଭିନ୍ନ କର୍ମ ଅଛି, ଏହାକୁ ସର୍ତ୍ତାଧୀନ କର୍ମ କୁହାଯାଏ । ଏତଦ୍‌ବ୍ୟତୀତ ଯେଉଁ ଜୀବ ଚିଦ୍-ପ୍ରକୃତି ସମ୍ବନ୍ଧରେ ଚେତନଶୀଳ ଅଟେ ଏବଂ ସର୍ବଦା କୃଷ୍ଣଚେତନାରେ ମଗ୍ନ ଅଟେ କିମ୍ବା ଭଗବଦ୍ ସେବାରେ ବ୍ୟସ୍ତ, ସେ ଯେଉଁ କାର୍ଯ୍ୟକରେ ତାହା ଦିବ୍ୟ କର୍ମ ଅଟେ । ସେ ତା'ର ସ୍ୱରୂପସ୍ଥିତିରେ ଅବସ୍ଥିତ ହୋଇ ଏ ପ୍ରକାର କର୍ମମାନ କରେ; ଏହାକୁ ପାରିଭାଷିକ ଶବ୍ଦରେ 'ଭକ୍ତି' ବା ଭଗବତ୍‌ସେବା କୁହାଯାଏ । ବର୍ତ୍ତମାନ ବଦ୍ଧାବସ୍ଥାରେ ବେଳେବେଳେ, ଭଗବତ୍-ସେବା (ଭକ୍ତି ଯୋଗ ମାର୍ଗରେ ସେବା) ଏବଂ ଶରୀର ସମ୍ବନ୍ଧୀୟ ସର୍ତ୍ତାଧୀନ କର୍ମ (ସେବା) ସମାନ୍ତରାଳ ଭାବରେ ଚ଼ାଲିବ । କିନ୍ତୁ ପରେ ବେଳେବେଳେ ଏ କର୍ମସମୂହ ପୁନର୍ବାର ପରସ୍ପର ବିପରୀତ ଦିଗରେ ମଧ୍ୟ ଗତି କରନ୍ତି । ଯେତେଦୂର ସମ୍ଭବ ଏକ ଭକ୍ତ—ବଡ଼ ସାବଧାନ, ସେ ଏପରି କର୍ମ କଦାପି କରେ ନାହିଁ, ଯାହାକି ତା'ର ସ୍ୱାସ୍ଥ୍ୟକର ଅବସ୍ଥାରେ ଆଞ୍ଚ ଆଣିବ । ସେ ଏ କଥା ଜାଣେ ଯେ, ତା'ର କର୍ମର ସିଦ୍ଧି, ତା'ର କୃଷ୍ଣଚେତନା ମାର୍ଗରେ ଅଗ୍ରଗତି ଉପରେ ନିର୍ଭର କରେ । ଅବଶ୍ୟ ବେଳେବେଳେ ଏପରି ଦେଖାଯାଇପାରେ ଯେ ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ଏପରି କର୍ମ କରେ, ଯାହାକି ସାମାଜିକତା କିମ୍ବା ରାଜନୈତିକତା ଦୃଷ୍ଟିରୁ ଅତ୍ୟନ୍ତ ହୀନକର୍ମ ବୋଲି ବିବେଚିତ ହୋଇପାରେ । କିନ୍ତୁ ଏ ପ୍ରକାର ଅସ୍ଥାୟୀ ପତନ ତାହାକୁ ଅଯୋଗ୍ୟ କରେ ନାହିଁ । ଶ୍ରୀମଦ୍ ଭାଗବତମ୍‌ରେ କୁହାଯାଇଅଛି ଯେ ଯଦି କୌଣସି ବ୍ୟକ୍ତିର ପତନ ହୁଏ, କିନ୍ତୁ ସେ ଯଦି ପୂର୍ଣ୍ଣପ୍ରାଣରେ ଭଗବାନଙ୍କର ଦିବ୍ୟ ସେବାରେ ଲାଗିରହେ, ତେବେ ତା'ର ହୃଦୟରେ (ପରମାତ୍ମା ରୂପରେ) ଅବସ୍ଥାନ କରୁଥିବା ଭଗବାନ୍, ତାକୁ ହୀନକର୍ମଜନିତ ଦୋଷରୁ କ୍ଷମା କରନ୍ତି ଓ ତାକୁ ସୁନ୍ଦର କରିଦିଅନ୍ତି । ଏ ଭୌତିକ ଅପବିତ୍ରତା ଏତେ ଶକ୍ତିଶାଳୀ ଯେ ଏପରିକି ଭଗବାନଙ୍କ ସେବାରେ ପୂର୍ଣ୍ଣପ୍ରାଣରେ ଲାଗି ରହିଥିବା ଏକ ଯୋଗୀ ମଧ୍ୟ ବେଳେବେଳେ ମାୟା ଜାଲରେ ପଡ଼ିଯାଏ; କିନ୍ତୁ କୃଷ୍ଣଚେତନା ଏତେ ଶକ୍ତିଶାଳୀ ଯେ ଏ ପ୍ରକାର ସାମୟିକ ପତନ ସାଙ୍ଗେ ସାଙ୍ଗେ ସଂଶୋଧିତ ହୋଇଯାଏ । ତେଣୁ ଏ ଭକ୍ତିଯୋଗ ମାର୍ଗ ସର୍ବଦା ବ୍ୟକ୍ତିକୁ ସଫଳତା ପ୍ରଦାନ କରେ । କୌଣସି ଭକ୍ତ ଆଦର୍ଶ ପଥରୁ ସାମୟିକ ଭାବେ ବିଚ୍ୟୁତ ହେଲେ, ତାକୁ ସେଥିପାଇଁ ଉପହାସ କରିବା ଉଚିତ୍ ନୁହେଁ; କାରଣ ପରବର୍ତ୍ତୀ ଶ୍ଳୋକରେ ଏହା ବର୍ଣ୍ଣନା କରାଯାଇଅଛି ଯେ ଯେତେବେଳେ ଭକ୍ତ ସଂପୂର୍ଣ୍ଣଭାବେ କୃଷ୍ଣଚେତନାରେ ସ୍ଥିର ହୋଇଯିବ, ସେତେବେଳେ ଏ ପ୍ରକାର ସାମୟିକ ପତନ ବନ୍ଦ ହୋଇଯିବ ।

ତେଣୁ ଯେଉଁ ବ୍ୟକ୍ତି କୃଷ୍ଣଚେତନାରେ ଅବସ୍ଥିତ ଏବଂ ଦୃଢ଼ତାର ସହିତ "*ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେରାମ ହରେରାମ ରାମ ରାମ ହରେ ହରେ ॥* କୀର୍ତ୍ତନରେ ମଜ୍ଜି ରହିଅଛି, ତାହାହେଲେ ବୁଝିବାକୁ ହେବ ଯେ ଯଦିଓ ସେ ଦୈବବଶତଃ ପତିତ ହୋଇଯାଇଅଛି, ତଥାପି ସେ ଦିବ୍ୟସ୍ତରରେ ଅଛି । "ସାଧୁର୍ ଏବ" ଶବ୍ଦ (ଅର୍ଥାତ୍ ସେ ସାଧୁଭାବାପନ୍ନ ଅଟେ)ର ପ୍ରୟୋଗ ଏଠାରେ ବିଶେଷ ଅର୍ଥ ପୂର୍ଣ୍ଣ ଅଟେ । ଅଭକ୍ତମାନଙ୍କ ପ୍ରତି ଏହା ଏକ ଚେତାବନୀ ଅଟେ, କାରଣ ସେମାନଙ୍କୁ ଏଇ ଚେତାବନୀ ଦେଇଛି ଯେ ଏକ ଭକ୍ତର ଆକସ୍ମିକ ପତନ ଯୋଗୁଁ, ତାକୁ ଉପହାସ ବା ନିନ୍ଦାକରିବା ଉଚିତ୍ ନୁହେଁ । ଯଦିଓ ସେ ଆକସ୍ମିକ ଭାବରେ ପତିତ ହୋଇଯାଇଛି, ତଥାପି ସେ ସାଧୁ ବୋଲି ବିବେଚିତ ହେବା ଉଚିତ୍ । ପୁନଶ୍ଚ 'ମନ୍ତବ୍ୟଃ' ଶବ୍ଦ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ । ଯଦି କେହି ଏ ନିୟମ ପାଳନ ନ କରେ ଏବଂ ଭକ୍ତକୁ

ଆକସ୍ମିକ ପତନ ନିମିତ୍ତ ଉପହାସ କରେ, ତେବେ ସେ ଭଗବାନଙ୍କ ନିୟମକୁ ଅବମାନନା କରୁଛି ବୋଲି ବୁଝାଯିବ । ଭକ୍ତର ଏକମାତ୍ର ଯୋଗ୍ୟତା ହେଉଛି ଏକାନ୍ତଭାବରେ ଏବଂ ଅନନ୍ୟ ଚିତ୍ତରେ ଭକ୍ତିର ସହିତ ସେବାରେ ବ୍ୟସ୍ତ ରହିବା ।

ଚନ୍ଦ୍ରରେ ଯେଉଁ କଳଙ୍କ ଦାଗ ଦେଖାଯାଏ, ତାହା ଚନ୍ଦ୍ର କିରଣରେ କୌଣସି ପ୍ରତିବନ୍ଧକ ସୃଷ୍ଟିକରେ ନାହିଁ । ଠିକ୍ ସେହିପରି କୌଣସି ଭକ୍ତର ଆଦର୍ଶ-ପଥରୁ ଆକସ୍ମିକ ବିଚ୍ୟୁତି ତାକୁ ହୀନ ବା ଘୃଣିତ କରାଏ ନାହିଁ । ଅନ୍ୟପକ୍ଷରେ, କେହି ଏପରି ଭୁଲ ବୁଝିବା ଉଚିତ୍ ନୁହେଁ ଯେ ଦିବ୍ୟ ସେବାରେ ନିଯୁକ୍ତ ଥିବା ଭକ୍ତ ସମସ୍ତ ପ୍ରକାର ଘୃଣିତ କାର୍ଯ୍ୟ ବା ହୀନକାର୍ଯ୍ୟ କରିପାରେ । ଏହି ଶ୍ଲୋକରେ କେବଳ ଭୌତିକତାର ଶକ୍ତି ଯୋଗୁ ଘଟିଥିବା ଆକସ୍ମିକ ପତନ କଥା ହିଁ କୁହାଯାଇଅଛି । ଭକ୍ତିଯୋଗ—ଅଳ୍ପବହୁତ ପରିମାଣରେ ମାୟାଶକ୍ତି ବିରୁଦ୍ଧରେ ଯୁଦ୍ଧ ଘୋଷଣା ହିଁ ଅଟେ । ଯେ ପର୍ଯ୍ୟନ୍ତ ଭକ୍ତ ମାୟା ଶକ୍ତି ବିରୁଦ୍ଧରେ ଯୁଦ୍ଧ କରିବା ନିମିତ୍ତ ଖୁବ୍ ଶକ୍ତିଶାଳୀ ନ ହୋଇଛି, ସେ ପର୍ଯ୍ୟନ୍ତ ଯେକୌଣସି ସମୟରେ ତା'ର ଏକ ଆକସ୍ମିକ ପତନ ହୋଇପାରେ । କିନ୍ତୁ ଯେତେବେଳେ ବ୍ୟକ୍ତି ଖୁବ୍ ଶକ୍ତିଶାଳୀ ହୋଇଯାଏ, ସେତେବେଳେ ସେ ପୂର୍ବ ବର୍ଣ୍ଣନାନୁଯାୟୀ ଆଉ ପତନର ସମ୍ମୁଖୀନ ହୁଏ ନାହିଁ । ଏହି ଶ୍ଲୋକର ସୁବିଧା ନେଇ କେହି ହୀନକାର୍ଯ୍ୟ ବା ଘୃଣିତ କାର୍ଯ୍ୟ କରିବା ଉଚିତ୍ ନୁହେଁ ଯେ ସେ ଏପରି କାର୍ଯ୍ୟକରି ସୁଦ୍ଧା ସେ ଏକ ଭକ୍ତ ଅଟେ । ଯଦି ଭକ୍ତିଯୋଗ ମାର୍ଗରେ ସେ ତା'ର ଚ୍ରିତ୍ରିକ ଉନ୍ନତି କରି ନ ପାରେ, ତେବେ ବୁଝିବାକୁ ହେବ ଯେ ସେ ଜଣେ ଉଚ୍ଚକୋଟିର ଭକ୍ତ ନୁହେଁ ।

## ଶ୍ଲୋକ - ୩୧

**କ୍ଷିପ୍ରଂ ଭବତି ଧର୍ମାତ୍ମା ଶଶ୍ୱଚ୍ଛାନ୍ତିଂ ନିଗଚ୍ଛତି ।**
**କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି ।। ୩୧ ।।**

## ଶବ୍ଦାନୁବାଦ

କ୍ଷିପ୍ରମ୍=ଖୁବ୍‌ଶୀଘ୍ର; ଭବତି=ହୁଏ; ଧର୍ମ-ଆତ୍ମା=ଧର୍ମାତ୍ମା; ଶଶ୍ୱତ୍-ଶାନ୍ତିମ୍=ଶାଶ୍ୱତ ଶାନ୍ତି; ନିଗଚ୍ଛତି=ଲାଭ କରେ; କୌନ୍ତେୟ=ହେ କୁନ୍ତୀପୁତ୍ର; ପ୍ରତିଜାନୀହି=ଜାଣିରଖ; ନ=କଦାପି ନୁହେଁ; ମେ=ମୋର; ଭକ୍ତଃ=ଭକ୍ତ; ପ୍ରଣଶ୍ୟତି=ଧ୍ୱଂସ ହୁଏ ।

## ଅନୁବାଦ

**ସେ ଖୁବ୍ ଶୀଘ୍ର ଧର୍ମାତ୍ମା ହୋଇଯାଏ ଏବଂ ସ୍ଥାୟୀ ଶାନ୍ତି ଲାଭ କରେ । ହେ' କୁନ୍ତୀପୁତ୍ର ! ମୁଁ ଠିକ୍ ରୂପେ ଏହା ଘୋଷଣା କରୁଛି ଯେ, ମୋର ଭକ୍ତ କଦାପି ଧ୍ୱଂସ ହୁଏ ନାହିଁ ।**

## ଭାବାର୍ଥ

ଏହାକୁ କେହି ଭୁଲ ବୁଝିବା ଉଚିତ୍ ନୁହେଁ । ସପ୍ତମ ଅଧ୍ୟାୟରେ ଭଗବାନ୍ କହିଛନ୍ତି, ଯେ ଖରାପ କାର୍ଯ୍ୟରେ ଲିପ୍ତ ସେ କଦାପି ଭଗବାନ୍‌ଙ୍କର ଭକ୍ତ ହୋଇପାରିବ ନାହିଁ । ଯେ ଭଗବାନଙ୍କ ଭକ୍ତ ନୁହେଁ, ତା'ର ଉତ୍ତମ ଯୋଗ୍ୟତା କିଛି ନାହିଁ । ବର୍ତ୍ତମାନ ଏଇ ପ୍ରଶ୍ନ ଉଠିପାରେ—ତେବେ ହୀନକର୍ମରେ ଲିପ୍ତ ଏକ ବ୍ୟକ୍ତି କିପରି ଏକ ଶୁଦ୍ଧଭକ୍ତ ହୋଇପାରେ—ଦୈବବଶତଃ କିମ୍ବା ଇଚ୍ଛାବଶତଃ ? ସପ୍ତମ ଅଧ୍ୟାୟରେ କୁହାଯାଇଅଛି, ଯେଉଁ ଦୁରାତ୍ମାମାନେ ଭଗବାନଙ୍କ ସେବା ନ

କରନ୍ତି, ସେମାନଙ୍କର କୌଣସି ଉତ୍ତମ ଯୋଗ୍ୟତା ନାହିଁ। ଏହା ମଧ୍ୟ ଶ୍ରୀମଦ୍ ଭାଗବତମ୍‌ରେ କୁହାଯାଇଅଛି। ସାଧାରଣତଃ ଯେଉଁ ଭକ୍ତ ନବଧା ଭକ୍ତିଯୋଗ କର୍ମ (ବା ସେବା)ରେ ନିଯୁକ୍ତ, ସେ ତା'ର ହୃଦୟରେ ଜମିଥିବା ଭୌତିକ ଦୋଷ ବା ମଇଳା ସଫା କରିବାରେ ବ୍ୟସ୍ତ। ସେ ଭଗବାନଙ୍କୁ ତା'ର ହୃଦୟରେ ବସାଏ, ଫଳରେ ସମସ୍ତ ପାପକର୍ମର ପ୍ରତିକ୍ରିୟା ସ୍ୱାଭାବିକରୂପେ ଧୋଇ ହୋଇଯାଏ। ସର୍ବଦା ଭଗବାନଙ୍କୁ ଚିନ୍ତା କରିବା ଦ୍ୱାରା ସେ ବିଶୁଦ୍ଧ ପ୍ରକୃତିକ ହୋଇଯାଏ। ବେଦବାଣୀ ଅନୁଯାୟୀ, ଯଦି କେହି ଉଚ୍ଚସ୍ଥିତିରୁ ତଳକୁ ଖସି ଆସେ, ତେବେ କେତେକ ବ୍ରତ-ବିଧି ପାଳନକରି ବା ତପସ୍ୟାକରି ନିଜକୁ ବିଶୁଦ୍ଧ କରିବାକୁ ପଡ଼ିବ। କିନ୍ତୁ ଏଠାରେ ଏ ପ୍ରକାର ସର୍ତ୍ତ ନାହିଁ; କାରଣ ଭକ୍ତ ସର୍ବଦା ପରମପୁରୁଷ ଭଗବାନଙ୍କୁ ସ୍ମରଣ କରୁଥିବାରୁ ବିଶୁଦ୍ଧିକରଣ କ୍ରିୟା ବରାବର ତା'ର ହୃଦୟରେ ସଂଘଟିତ ହେଉଅଛି। ତେଣୁ *"ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେରାମ ହରେରାମ ରାମ ରାମ ହରେ ହରେ"*– କୀର୍ତ୍ତନ ଅଖଣ୍ଡ ଭାବରେ ଗ୍ରହଣରହିବା ଉଚିତ୍। ଏହା ଭକ୍ତକୁ ସମସ୍ତ ପ୍ରକାର ଆକସ୍ମିକ ପତନରୁ ରକ୍ଷା କରିବ। ଏହି ପ୍ରକାରେ ସେ ଚିରନ୍ତନଭାବେ ସମସ୍ତ ପ୍ରକାର ଭୌତିକ ଦୋଷରୁ ମୁକ୍ତ ହେବ।

## ଶ୍ଳୋକ - ୩୨

**ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ ଯେଽପି ସ୍ୟୁଃ ପାପଯୋନୟଃ ।**
**ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ଯାନ୍ତି ପରାଂ ଗତିମ୍ ।।୩୨।।**

## ଶବ୍ଦାନୁବାଦ

ମାମ୍=ମୋତେ; ହି=ନିଶ୍ଚିତଭାବେ; ପାର୍ଥ=ହେ ପୃଥାପୁତ୍ର; ବ୍ୟପାଶ୍ରିତ୍ୟ=ବିଶେଷକରି ଆଶ୍ରୟ ନେଇ; ଯେ=ଯେ କେହି; ଅପି=ମଧ୍ୟ; ସ୍ୟୁଃ=ହୁଏ; ପାପ-ଯୋନୟଃ=ନୀଚ ପରିବାରରେ ଜନ୍ମ; ସ୍ତ୍ରିୟଃ=ସ୍ତ୍ରୀ ଲୋକମାନେ; ବୈଶ୍ୟାଃ=ବୈଶ୍ୟମାନେ; ତଥା=ମଧ୍ୟ; ଶୂଦ୍ରାଃ=ଶୂଦ୍ରମାନେ; ତେ ଅପି=ସେମାନେ ମଧ୍ୟ; ଯାନ୍ତି=ଯା'ନ୍ତି; ପରାମ୍=ପରମ; ଗତିମ୍=ଗତି।

## ଅନୁବାଦ

**ହେ ପୃଥାପୁତ୍ର ! ଯେଉଁମାନେ ମୋ'ଠାରେ ଶରଣ ନିଅନ୍ତି, ସେମାନେ ନୀଚ କୂଳରେ ଜନ୍ମ ହେଲେବି–ସ୍ତ୍ରୀଲୋକ, ବୈଶ୍ୟ ଏବଂ ଶୂଦ୍ରଶ୍ରେଣୀର ହେଲେ ମଧ୍ୟ ସେମାନେ ପରମ ଗତି ଲାଭ କରିପାରନ୍ତି।**

## ଭାବାର୍ଥ

ଏଠାରେ ପରିଷ୍କାର ଭାବରେ ଭଗବାନ୍ କହୁଛନ୍ତି ଯେ ଭକ୍ତିଯୋଗ ମାର୍ଗରେ ନୀଚ ଓ ଉଚ୍ଚ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ଭୌତିକ ଜାଗତିକ ଜୀବନରେ ଏ ପ୍ରକାର ଶ୍ରେଣୀ ବିଭାଗ ଅଛି, କିନ୍ତୁ ଯେଉଁ ବ୍ୟକ୍ତି ଭଗବାନଙ୍କର ଦିବ୍ୟ ସେବାରେ ନିଯୁକ୍ତ, ତା'ପାଇଁ ଏ ପ୍ରକାର ଶ୍ରେଣୀବିଭାଗ ନାହିଁ। ପ୍ରତ୍ୟେକ ପରମ ଗତି ଲାଭ କରିବାକୁ ସକ୍ଷମ ହୋଇ ପାରନ୍ତି। ଶ୍ରୀମଦ୍ ଭାଗବତମ୍‌ରେ କୁହାଯାଇଅଛି ଯେ ଏପରିକି ଅତ୍ୟନ୍ତ ନୀଚଜାତିର ଲୋକ, ଅର୍ଥାତ୍ ଚଣ୍ଡାଳ ମଧ୍ୟ ଏକ ଶୁଦ୍ଧଭକ୍ତର ସଂସ୍ପର୍ଶରେ ଆସିଲେ ଉନ୍ନତି କରିପାରିବ। ତେଣୁ ଭକ୍ତିଯୋଗ ଏବଂ ଏକ ଶୁଦ୍ଧଭକ୍ତର ନିର୍ଦ୍ଦେଶ ଏତେ ଶକ୍ତିଶାଳୀ ଯେ ସେଠାରେ ଉଚ୍ଚ ଓ

ନୀଚଶ୍ରେଣୀ ଲୋକ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଯେକୌଣସି ଲୋକ ଏ ଭକ୍ତିଯୋଗ ମାର୍ଗ ଗ୍ରହଣ କରିପାରେ । ଅତ୍ୟନ୍ତ ସରଳ ବ୍ୟକ୍ତି ଏକ ଶୁଦ୍ଧଭକ୍ତର ନିର୍ଦ୍ଦେଶରେ ସାଧନା କଲେ ବିଶୁଦ୍ଧ ହୋଇପାରେ । ବିଭିନ୍ନପ୍ରକାର ପ୍ରାକୃତିକ ଗୁଣାନୁସାରେ ମାନବ ସମାଜରେ ନିମ୍ନମତେ ଶ୍ରେଣୀ ବିଭାଗ କରାଯାଇଅଛି, ଯଥା–ସତ୍ତ୍ୱଗୁଣ ବିଶିଷ୍ଟ (ବ୍ରାହ୍ମଣ); ରଜୋଗୁଣ ବିଶିଷ୍ଟ (କ୍ଷତ୍ରିୟ କିମ୍ବା ଶାସକବର୍ଗ); ରଜ ଓ ତମୋଗୁଣ ମିଶ୍ରିତ (ବୈଶ୍ୟ ଅର୍ଥାତ୍ ବଣିକ ଶ୍ରେଣୀର ଲୋକ) ଏବଂ ତମୋଗୁଣ ବିଶିଷ୍ଟ (ଶୂଦ୍ର ଶ୍ରେଣୀର ଲୋକ) । ଏମାନଙ୍କଠାରୁ ଯେଉଁମାନେ ନୀଚତର ସେମାନଙ୍କୁ ଚଣ୍ଡାଳ କୁହାଯାଏ ଏବଂ ସେମାନେ ପାପୀମାନଙ୍କ ପରିବାରରେ ଜନ୍ମ ଗ୍ରହଣ କରିଥା'ନ୍ତି । ସାଧାରଣତଃ ଯେଉଁମାନେ ପାପୀମାନଙ୍କ ପରିବାରରେ ଜନ୍ମଗ୍ରହଣ କରିଥାନ୍ତି, ସେମାନେ ଉଚ୍ଚଶ୍ରେଣୀ ଲୋକଙ୍କ ଦ୍ୱାରା ଆଦୃତ ହୁଅନ୍ତି ନାହିଁ । କିନ୍ତୁ ଭକ୍ତିଯୋଗ ମାର୍ଗ–(ଭଗବତ୍ ସେବା ମାର୍ଗ) ଏବଂ ଭଗବାନ୍‌ଙ୍କର ଶୁଦ୍ଧଭକ୍ତର ସଂସ୍ପର୍ଶ ଲାଭ ଏତେ ଶକ୍ତିଶାଳୀ ଯେ ସମସ୍ତ ନୀଚଶ୍ରେଣୀର ଲୋକ ଏହା ଲାଭ କଲେ ଜୀବନରେ ପରମଗତି ଲାଭ କରିପାରିବେ । ଯେତେବେଳେ ବ୍ୟକ୍ତି ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର ବିନ୍ଦୁରୂପେ ଗ୍ରହଣ କରେ, ସେତେବେଳେ ଏହା ସମ୍ଭବ ହୁଏ । ବ୍ୟକ୍ତି ସଂପୂର୍ଣ୍ଣରୂପେ କୃଷ୍ଣଙ୍କୁ କେନ୍ଦ୍ରରୂପେ ଗ୍ରହଣ କରିନେବା ଉଚିତ୍ । ତେବେ ସେ ବିଶିଷ୍ଟ ଜ୍ଞାନୀ ଓ ଯୋଗୀଙ୍କଠାରୁ ମଧ୍ୟ ବଡ଼ ହୋଇପାରେ ।

## ଶ୍ଲୋକ - ୩୩

**କିଂ ପୁନର୍ବ୍ରାହ୍ମଣାଃ ପୁଣ୍ୟା ଭକ୍ତା ରାଜର୍ଷୟସ୍ତଥା ।**
**ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍ ।।୩୩।।**

## ଶବ୍ଦାନୁବାଦ

କିମ୍=କ'ଣ; ପୁନଃ=ପୁଣି; ବ୍ରାହ୍ମଣାଃ=ବ୍ରାହ୍ମଣମାନେ; ପୁଣ୍ୟାଃ=ପୁଣ୍ୟବନ୍ତ ଲୋକମାନେ; ଭକ୍ତାଃ=ଭକ୍ତମାନେ; ରାଜର୍ଷୟଃ=ରାଜର୍ଷିମାନେ; ତଥା=ମଧ୍ୟ; ଅନିତ୍ୟମ୍=ଅସ୍ଥାୟୀ; ଅସୁଖମ୍=ଦୁଃଖପୂର୍ଣ୍ଣ; ଲୋକମ୍=ଲୋକ; ଇମମ୍=ଏହା; ପ୍ରାପ୍ୟ=ପାଇ; ଭଜସ୍ୱ=ଭଗବତ୍ ସେବାରେ ନିଯୁକ୍ତ; ମାମ୍=ମୋତେ ।

## ଅନୁବାଦ

**ଯେଉଁ ବ୍ରାହ୍ମଣମାନେ, ପୁଣ୍ୟବନ୍ତ ଲୋକମାନେ, ଭକ୍ତଗଣ ଏବଂ ରାଜର୍ଷିଗଣ ଏ ଅସ୍ଥାୟୀ ଦୁଃଖପୂର୍ଣ୍ଣ ଜଗତରେ ସର୍ବଦା ମୋର ସେବାରେ ନିଯୁକ୍ତ ସେମାନେ ଯେ କେତେ ବଡ଼ ତାହା ଆଉ କ'ଣ କହିବା ?**

## ଭାବାର୍ଥ

ଏ ଭୌତିକ ଦୁନିଆରେ ଲୋକମାନଙ୍କ ମଧ୍ୟରେ ଶ୍ରେଣୀ ବିଭାଗ ଅଛି, କିନ୍ତୁ ଏ ଦୁନିଆ କାହାରି ପ୍ରତି ସୁଖକର ସ୍ଥାନ ନୁହେଁ । ଏଠାରେ ପରିଷ୍କାର ଭାବରେ କୁହାଯାଇଅଛି, "*ଅନିତ୍ୟଂ ଅସୁଖଂ ଲୋକଂ*"– ଅର୍ଥାତ୍ ଏ ଦୁନିଆ ଅସ୍ଥାୟୀ ଏବଂ ଦୁଃଖପୂର୍ଣ୍ଣ । ଏହା କୌଣସି ସୁସ୍ଥ ମନ ବିଶିଷ୍ଟ

ଭଦ୍ରଲୋକ ପକ୍ଷରେ ଉପଯୁକ୍ତ ବାସସ୍ଥାନ ନୁହେଁ । ଭଗବାନ୍ କହୁଛନ୍ତି ଯେ ଏ ଦୁନିଆ ଅସ୍ଥାୟୀ ଏବଂ ଦୁଃଖପୂର୍ଣ୍ଣ । କେତେକ ଦାର୍ଶନିକ ବିଶେଷତଃ କେତେକ କ୍ଷୁଦ୍ର ଦାର୍ଶନିକ କହନ୍ତି ଯେ ଏ ଜଗତ ମିଥ୍ୟା; କିନ୍ତୁ ଆମେ ଭଗବଦ୍‌ଗୀତାରୁ ବୁଝିପାରିବା ଯେ ଏ ଜଗତ ମିଥ୍ୟା ନୁହେଁ, ଏହା ଅସ୍ଥାୟୀ । ଅସ୍ଥାୟୀ ଓ ମିଥ୍ୟା ମଧ୍ୟରେ ପାର୍ଥକ୍ୟ ଅଛି । ଏ ଜଗତ ଅସ୍ଥାୟୀ, କିନ୍ତୁ ଆଉଗୋଟିଏ ଜଗତ ଅଛି ଯାହାକି ସନାତନ ବା ଶାଶ୍ୱତ । ଏ ଜଗତ ଦୁଃଖପୂର୍ଣ୍ଣ, କିନ୍ତୁ ଅନ୍ୟ ଜଗତଟି ଶାଶ୍ୱତ ଓ ଆନନ୍ଦପୂର୍ଣ୍ଣ ।

ଅର୍ଜୁନଙ୍କର ଏକ ରାଜର୍ଷି ପରିବାରରେ ଜନ୍ମ । ତାଙ୍କୁ ମଧ୍ୟ ଭଗବାନ୍ କହୁଛନ୍ତି, ‘‘ମୋର ଭକ୍ତିଯୋଗ ମାର୍ଗ ଗ୍ରହଣ କର ଏବଂ ଶୀଘ୍ର ଭଗବଦ୍ ଧାମକୁ (ଘରକୁ) ଫେରି ଆସ ।’’ ଏ ଅସ୍ଥାୟୀ ଜଗତ ଯେଣୁ ଦୁଃଖପୂର୍ଣ୍ଣ କେହି ଏଠାରେ ରହିବା ଉଚିତ୍ ନୁହେଁ । ପ୍ରତ୍ୟେକ ପରମପୁରୁଷ ଭଗବାନଙ୍କଠାରେ ଯୁକ୍ତହେବା ଉଚିତ୍, ତାହାହେଲେ ସେ ଚିରନ୍ତନ ଭାବେ ସୁଖୀ ହୋଇପାରିବ । ଭଗବାନ୍‌ଙ୍କର ଭକ୍ତିଯୋଗମାର୍ଗ ହିଁ ଏକମାତ୍ର ମାର୍ଗ, ଯାହାକୁ ଅନୁସରଣ କଲେ ପ୍ରତ୍ୟେକ ଶ୍ରେଣୀର ଲୋକଙ୍କର ସମସ୍ତ ପ୍ରକାର ସମସ୍ୟାର ସମାଧାନ ହୋଇପାରିବ । ତେଣୁ ପ୍ରତ୍ୟେକ କୃଷ୍ଣଭାବନା ମାର୍ଗକୁ ଗ୍ରହଣ କରି ଜୀବନକୁ ସଫଳ କରିବା ଉଚିତ୍ ।

## ଶ୍ଲୋକ - ୩୪

**ମନ୍ମନା ଭବ ମଦ୍ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ ।**
**ମାମେବୈଷ୍ୟସି ଯୁକ୍ତ୍ୱୈବମାତ୍ମାନଂ ମତ୍‌ପରାୟଣଃ ।। ୩୪ ।।**

## ଶବ୍ଦାନୁବାଦ

ମତ୍ ମନାଃ=ସର୍ବଦା ମୋତେ ସ୍ମରଣ କରି; ଭବ=ହୁଅ; ମତ୍=ମୋର; ଭକ୍ତଃ=ଭକ୍ତ; ମତ୍=ମୋର; ଯାଜୀ=ପୂଜକ; ମାମ୍=ମୋତେ; ନମସ୍କୁରୁ=ନମସ୍କାର କର; ମାମ୍=ମୋତେ; ଏବ=ପୂର୍ଣ୍ଣରୂପେ; ଏଷ୍ୟସି=ଆସିବ; ଯୁକ୍ତ୍ୱା ଏବମ୍=ଏହିପରି ଯୁକ୍ତହୋଇ; ଆତ୍ମାନମ୍=ତୁମର ଆତ୍ମା; ମତ୍ ପରାୟଣଃ=ମୋର ଅନୁଗତ ।

## ଅନୁବାଦ

**ସର୍ବଦା ତୁମର ମନକୁ ମୋର ଚିନ୍ତାରେ ଲଗାଅ, ମୋର ଭକ୍ତହୁଅ, ମୋତେ ପ୍ରଣାମ କର ଏବଂ ମୋତେ ପୂଜାକର । ସଂପୂର୍ଣ୍ଣରୂପେ ମୋ’ଠାରେ ମଗ୍ନ ହେଲେ, ତୁମେ ନିଶ୍ଚିତରୂପେ ମୋ’ଠାକୁ ହିଁ ଆସିବ ।**

## ଭାବାର୍ଥ

ଏ ଶ୍ଲୋକରେ ପରିଷ୍କାର ଭାବରେ କୁହାଯାଇଛି ଯେ, ଏ ଦୂଷିତ ଭୌତିକ ଜଗତରୁ ଉଦ୍ଧାର ହେବାର ଏକମାତ୍ର ଉପାୟ ଅଟେ କୃଷ୍ଣଭାବନା । ବେଳେବେଳେ କେତେକ ଭାଷ୍ୟକାର ଏଠାରେ ପରିଷ୍କାର ଭାବରେ କୁହାଯାଇଥିବା ପ୍ରକୃତ ଅର୍ଥକୁ ବିକୃତ କରିପକାନ୍ତି । ସମସ୍ତ ସେବା ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଅର୍ପଣ କରାଯିବା ଉଚିତ୍ । କିନ୍ତୁ ଦୁର୍ଭାଗ୍ୟର କଥା ଯେ ସେ ଭାଷ୍ୟକାରମାନେ ପାଠକର ମନକୁ ଏପରିଭାବରେ ଅନ୍ୟତ୍ର ନେଇଯା’ନ୍ତି, ଯାହାଫଳରେ କି କୌଣସି ସେବା ଆଦୌ ସମ୍ଭବପର ହୁଏ ନାହିଁ । ଏପ୍ରକାର ଭାଷ୍ୟକାରମାନେ ଜାଣନ୍ତି ନାହିଁ

ଯେ କୃଷ୍ଣଙ୍କର ମନ ଏବଂ କୃଷ୍ଣଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଶ୍ରୀକୃଷ୍ଣ ଏକ ସାଧାରଣ ମାନବ ନୁହନ୍ତି । ସେ ପରମସତ୍ୟ ଅଟନ୍ତି । ତାଙ୍କର ଶରୀର, ମନ ଓ ସେ ନିଜେ ଏକ ଅଟନ୍ତି । ଏହା କୂର୍ମପୂରାଣରେ କୁହାଯାଇଅଛି । ଶ୍ରୀ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ମହାରାଜ ଶ୍ରୀ ଚୈତନ୍ୟ ଚରିତାମୃତରେ ତାଙ୍କର ଅନୁଭାଷ୍ୟରେ ପଞ୍ଚମ ଅଧ୍ୟାୟ—ଆଦିଲୀଳା ଶ୍ଳୋକ ୪୧-୪୮ରେ କହିଛନ୍ତି, *''ଦେହ ଦେହୀ ବିଭେଦୋଽୟଂ ନେଶ୍ୱରେ ବିଦ୍ୟତେ କ୍ୱଚିତ୍''* । ଏହାର ଅର୍ଥ ହେଉଛି ଭଗବାନ୍ ଶ୍ରୀକୃଷ୍ଣ ନିଜେ ଏବଂ ତାଙ୍କ ଶରୀର ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। କିନ୍ତୁ ଏ ଭାଷ୍ୟକାର- ମାନେ କୃଷ୍ଣବିଜ୍ଞାନ ଭଲଭାବରେ ଜାଣି ନଥିବାରୁ ସେମାନେ ଶ୍ରୀକୃଷ୍ଣଙ୍କୁ ଲୁଚାନ୍ତି ଏବଂ ତାଙ୍କର ବ୍ୟକ୍ତିତ୍ୱକୁ ତାଙ୍କର ମନ କିମ୍ବା ଶରୀରଠାରୁ ଅଲଗା କରି ପକାନ୍ତି । ଯଦିଓ କୃଷ୍ଣ ବିଜ୍ଞାନ ସମ୍ବନ୍ଧରେ ଏହା ସେମାନଙ୍କର ନିପଟ ଅଜ୍ଞତା ଅଟେ, ତଥାପି କେତେକ ଲୋକ ସାଧାରଣଲୋକଙ୍କୁ ପଥଭ୍ରାନ୍ତ କରାଇ ଫାଇଦା ଉଠାନ୍ତି ।

କେତେକ ଆସୁରସ୍ୱଭାବସଂପନ୍ନ ଲୋକ ଅଛନ୍ତି, ସେମାନେ କୃଷ୍ଣଙ୍କୁ ହିଂସା କରନ୍ତି, ତେଣୁ ସେହି ହିସାବରେ କିମ୍ବା ସେଇ ଭାବନାରେ ବଶବର୍ତ୍ତୀ ହୋଇ କୃଷ୍ଣଙ୍କୁ ଭାବୁଥା'ନ୍ତି; ଯେପରି କୃଷ୍ଣଙ୍କର ମାମୁଁ କଂସ କୃଷ୍ଣଙ୍କୁ ଚିନ୍ତା କରୁଥିଲା । ସେ (କଂସ) ସର୍ବଦା କୃଷ୍ଣଙ୍କୁ ଚିନ୍ତା କରୁଥିଲା; କିନ୍ତୁ ସେ ଶ୍ରୀକୃଷ୍ଣଙ୍କୁ ଶତ୍ରୁରୂପରେ ଚିନ୍ତା କରୁଥିଲା । ସେ ବରାବର ଚିନ୍ତାକୁଳ ଥିଲା; ସବୁବେଳେ ଭାବୁଥାଏ, କେତେବେଳେ କୃଷ୍ଣ ଆସି ତାଙ୍କୁ ମାରି ପକାଇବେ । ଏ ପ୍ରକାର ଭାବନା (କୃଷ୍ଣଭାବନା) ଆମକୁ କୌଣସି ପ୍ରକାରେ ସାହାଯ୍ୟ କରିବ ନାହିଁ । ବ୍ୟକ୍ତି ଶ୍ରୀକୃଷ୍ଣଙ୍କୁ ପ୍ରେମରେ, ଶ୍ରଦ୍ଧାରେ ବା ଭକ୍ତିଭାବରେ ଚିନ୍ତା କରିବା ଉଚିତ୍ , ତାହା ହେଉଛି ଭକ୍ତି । ବ୍ୟକ୍ତି କ୍ରମାଗତଭାବରେ କୃଷ୍ଣଜ୍ଞାନ ଆହରଣ କରିବା ଉଚିତ୍ । କି'ପ୍ରକାରେ ସେ ଏ ଜ୍ଞାନ ଆହରଣ କରିବ ? ଏହାକୁ ଏକ ଉପଯୁକ୍ତ ଗୁରୁଙ୍କଠାରୁ ଶିଖିବାକୁ ପଡ଼ିବ । ଶ୍ରୀକୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍ ଏବଂ ଆମେ ଅନେକବାର କହିଛୁ ଯେ ତାଙ୍କ ଶରୀର ଭୌତିକ ଶରୀର ନୁହେଁ; ତାହା ସତ୍-ଚିତ୍-ଆନନ୍ଦ । କୃଷ୍ଣଙ୍କ ସମ୍ବନ୍ଧରେ ଏ ପ୍ରକାର ଭାବନା ବା କଥା-ବ୍ୟକ୍ତିକୁ ଭକ୍ତ ହେବାରେ ସାହାଯ୍ୟ କରିବ । ଅନ୍ୟଥା ଏକ ମିଥ୍ୟା ଗୁରୁଙ୍କଠାରୁ କୃଷ୍ଣକଥା ଶୁଣିଲେ କୌଣସି ଫଳଲାଭ ହେବ ନାହିଁ ।

ତେଣୁ ବ୍ୟକ୍ତି ଶ୍ରୀକୃଷ୍ଣଙ୍କର ମୌଳିକ ସନାତନ ରୂପକୁ ଧ୍ୟାନ କରିବା ଉଚିତ୍ । ସେ ତା'ର ହୃଦୟରେ ଏଇ ଭାବନା ପୋଷଣ କରିବା ଉଚିତ୍ ଯେ ଶ୍ରୀକୃଷ୍ଣ ପରମପୁରୁଷ ଅଟନ୍ତି । ଏଇ ଭାବନାର ବଶବର୍ତ୍ତୀ ହୋଇ ବ୍ୟକ୍ତି ତାଙ୍କର ପୂଜା କରିବା ଉଚିତ୍ । ଭାରତରେ କୃଷ୍ଣ-ପୂଜା ନିମିତ୍ତ ହଜାର ହଜାର ମନ୍ଦିର ଅଛି ଏବଂ ସେଠାରେ ଭକ୍ତିଯୋଗ ମାର୍ଗ ଅଭ୍ୟାସ କରାଯାଇଅଛି । ଯେତେବେଳେ ବ୍ୟକ୍ତି ଭକ୍ତିଯୋଗ ମାର୍ଗରେ ଏପ୍ରକାର ସେବାକରେ, ସେତେବେଳେ ସେ ଶ୍ରୀକୃଷ୍ଣଙ୍କୁ ପ୍ରଣାମ କରିବା ଉଚିତ୍ । ବ୍ୟକ୍ତି କୃଷ୍ଣ ବିଗ୍ରହ ସମ୍ମୁଖରେ ନିଜର ମସ୍ତକ ଅବନତ କରିବା ଉଚିତ୍ ଏବଂ ତା'ର ଶରୀର, ମନ ଏବଂ କ୍ରିୟାକଳାପ—ସବୁକିଛି କୃଷ୍ଣ ସେବାରେ ଲଗାଇବା ଉଚିତ୍ । ଏତଦ୍ଦ୍ୱାରା ବ୍ୟକ୍ତି ଅଖଣ୍ଡ ଭାବରେ ପୂର୍ଣ୍ଣରୂପେ କୃଷ୍ଣଚିନ୍ତାରେ ମଗ୍ନ ହୋଇପାରିବ । ଏହା ବ୍ୟକ୍ତିକୁ କୃଷ୍ଣ ଲୋକ ପ୍ରାପ୍ତ ହେବାରେ ସାହାଯ୍ୟ

କରିବ, ବିଶୁଦ୍ଧ ଜ୍ଞାନ ନଥିବା ଭାଷ୍ୟକାରଙ୍କର ଭାଷ୍ୟ ପାଠକରି ଭ୍ରାନ୍ତମାର୍ଗରେ ପରିଚାଳିତ ହେବା ଉଚିତ୍ ନୁହେଁ । ବ୍ୟକ୍ତି ନବଧା ଭକ୍ତି ଅଭ୍ୟାସ କରିବା ଉଚିତ୍, ଯାହାକି କୃଷ୍ଣଙ୍କର ଦିବ୍ୟନାମ, ଗୁଣଗାଥା, ଶ୍ରବଣ କୀର୍ତ୍ତନରୁ ଆରମ୍ଭ ହୋଇଅଛି । ଶୁଦ୍ଧ କୃଷ୍ଣ-ଭକ୍ତି ହିଁ ମାନବ ସମାଜର ସର୍ବୋଚ୍ଚ (ସର୍ବଶ୍ରେଷ୍ଠ) କାର୍ଯ୍ୟ ଅଟେ ।

ଭଗବଦ୍ ଗୀତାର ସପ୍ତମ ଓ ଅଷ୍ଟମ ଅଧ୍ୟାୟରେ ଭଗବନଙ୍କର ଶୁଦ୍ଧଭକ୍ତି କଥା ବର୍ଣ୍ଣନା କରାଯାଇଅଛି । ଏହା କିପରି ଜ୍ଞାନଯୋଗ, ଅଷ୍ଟାଙ୍ଗଯୋଗ କିମ୍ବା ସକାମ କର୍ମଠାରୁ ଶ୍ରେଷ୍ଠତର ତାହା କୁହାଯାଇଅଛି । ଯେଉଁମାନେ ବିଶୁଦ୍ଧ ନୁହନ୍ତି ସେମାନେ ଭଗବାନଙ୍କର ବିଭିନ୍ନ ରୂପ, ଯଥା—ନିର୍ବିଶେଷ ବ୍ରହ୍ମଜ୍ୟୋତି ଏବଂ ହୃଦୟସ୍ଥିତ ପରମାତ୍ମାଙ୍କ ପ୍ରତି ଆକୃଷ୍ଟ ହୁଅନ୍ତି, କିନ୍ତୁ ଏକ ଶୁଦ୍ଧଭକ୍ତ ସିଧାସଳଖ ଭାବରେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ସେବାରେ ନିଯୁକ୍ତ ହୁଏ ।

କୃଷ୍ଣଙ୍କ ସମ୍ବନ୍ଧରେ ଏକ ସୁନ୍ଦର କବିତା ଅଛି । ସେଥିରେ ପରିଷ୍କାରଭାବରେ କୁହାଯାଇଅଛି ଯେ ଯେଉଁଲୋକ ଅନ୍ୟ ଦେବତା ପୂଜାକରେ ସେ ଅତ୍ୟନ୍ତ ନିର୍ବୋଧ ଅଟେ । ସେ କଦାପି ଭଗବାନ୍ ଶ୍ରୀକୃଷ୍ଣଙ୍କର ପରମଦାନ ଲାଭ କରି ପାରିବ ନାହିଁ । ପ୍ରାରମ୍ଭରେ ଭକ୍ତ ବେଳେବେଳେ ଉଚ୍ଚସ୍ତରରୁ ଅଧୋପତିତ ହୋଇପାରେ, ତଥାପି ସେ ସମସ୍ତ ଦାର୍ଶନିକ ଏବଂ ଯୋଗୀଙ୍କ ଅପେକ୍ଷା ଶ୍ରେଷ୍ଠତର ବୋଲି ବିବେଚିତ ହେବା ଉଚିତ୍ । ଯେ ସର୍ବଦା କୃଷ୍ଣସେବାରେ ନିଯୁକ୍ତ ସେ ବାସ୍ତବରେ ଜଣେ ସାଧୁପୁରୁଷ ଅଟେ । ତା'ର ଆକସ୍ମିକ ପତନ କ୍ରମଶଃ ବନ୍ଦ ହୋଇଯିବ ଏବଂ ସେ ଖୁବ୍‌ଶୀଘ୍ର ନିଃସନ୍ଦେହ ଭାବରେ ପୂର୍ଣ୍ଣ ସିଦ୍ଧସ୍ତରରେ ଅବସ୍ଥାପିତ ହେବ । ଶୁଦ୍ଧଭକ୍ତର ପତନର କୌଣସି ସମ୍ଭାବନା ନାହିଁ, କାରଣ ଭଗବାନ୍ ସ୍ୱୟଂ ଶୁଦ୍ଧଭକ୍ତର ଯତ୍ନ ନିଅନ୍ତି । ତେଣୁ ବୁଦ୍ଧିମାନ ବ୍ୟକ୍ତି ସିଧାସଳଖ ଭାବରେ ଏ ଭକ୍ତିଯୋଗ ମାର୍ଗକୁ ଗ୍ରହଣ କରି ଆନନ୍ଦରେ ଏ ଭୌତିକ ଜଗତରେ କାଳାତିପାତ କରିବା ଉଚିତ୍ । ସେ ନିଶ୍ଚୟ ଶେଷରେ ଶ୍ରୀକୃଷ୍ଣଙ୍କର ପରମ ଆଶୀର୍ବାଦ ଲାଭ କରିବ ।

**ଭକ୍ତିବେଦାନ୍ତ ଭାଷ୍ୟର ଶ୍ରୀମଦ୍ ଭଗବଦ୍ ଗୀତାର ''ରାଜବିଦ୍ୟାରାଜଗୁହ୍ୟଯୋଗ'' ଶୀର୍ଷକ ନବମ ଅଧ୍ୟାୟ ଶେଷ ହେଲା ।**

—o—

# ଦଶମ ଅଧ୍ୟାୟ

## ବିଭୂତିଯୋଗ

### (ଶ୍ରୀଭଗବାନଙ୍କ ଐଶ୍ୱର୍ଯ୍ୟ)

ଶ୍ରୀଭଗବାନୁବାଚ

### ଶ୍ଳୋକ - ୧

**ଭୂୟ ଏବ ମହାବାହୋ ଶୃଣୁ ମେ ପରମଂ ବଚଃ ।**
**ଯତ୍ତେଽହଂ ପ୍ରୀୟମାଣାୟ ବକ୍ଷ୍ୟାମି ହିତକାମ୍ୟୟା ।।୧।।**

### ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ପରମ ପୁରୁଷ ଭଗବାନ୍ କହିଲେ; ଭୂୟଃ=ପୁନର୍ବାର; ଏବ=ନିଶ୍ଚିତରୂପେ; ମହା-ବାହୋ=ହେ ମହାବାହୁ ! ଶୃଣୁ=ଶୁଣ; ମେ=ମୋର; ପରମମ୍=ପରମ; ବଚଃ=କଥା; ଯତ୍=ଯାହା; ତେ=ତୁମକୁ; ଅହମ୍=ମୁଁ ;ପ୍ରୀୟମାଣାୟ= ତୁମେ ମୋର ଅତି-ପ୍ରିୟ ଏହା ଜାଣି; ବକ୍ଷ୍ୟାମି=କହୁଛି; ହିତ-କାମ୍ୟୟା=ତୁମର ମଙ୍ଗଳ ନିମିତ୍ତ ।

### ଅନୁବାଦ

**ଶ୍ରୀ ଭଗବାନ୍ କହିଲେ, ହେ ସଖା ! ହେ ମହାବାହୁ ଅର୍ଜୁନ ! ପୁନର୍ବାର ତୁମେ ମୋର ଏହି ପରମବାଣୀକୁ ଶୁଣ; ଯାହାକୁ'କି ମୁଁ ତୁମକୁ ମୋର ଅତିପ୍ରିୟଭାବି ତୁମର କଲ୍ୟାଣ ନିମିତ୍ତ କହୁଅଛି ଏବଂ ଯାହାଶୁଣି ତୁମେ ବହୁତ ଆନନ୍ଦ ଅନୁଭବ କରିପାରିବ ।**

## ଭାବାର୍ଥ

'ପରମଂ' ଶବ୍ଦ ନିମ୍ନମତେ ପରାଶର ମୁନିଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଅଛି । ଯେ ଛ'ଟି ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ସେ 'ପରମଂ' ଅଟନ୍ତି । ଯାହାଙ୍କର ପୂର୍ଣ୍ଣ କ୍ଷମତା, ପୂର୍ଣ୍ଣ ଯଶ, ପୂର୍ଣ୍ଣ ଧନ (ସଂପଦ) ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣସୌନ୍ଦର୍ଯ୍ୟ ଏବଂ ପୂର୍ଣ୍ଣତ୍ୟାଗ ଅଛି ସେ 'ପରମଂ' ଅଟନ୍ତି; ଅର୍ଥାତ୍ ସେ ପରମପୁରୁଷ ଭଗବାନ୍ ଅଟନ୍ତି । ଯେତେବେଳେ ଏ ଧରାଧାମରେ ଶ୍ରୀକୃଷ୍ଣ ଉପସ୍ଥିତ ଥିଲେ, ସେତେବେଳେ ସେ ଏ ଛ'ଟି ଯାକ ଐଶ୍ୱର୍ଯ୍ୟ ପୂର୍ଣ୍ଣଭାବରେ ପ୍ରଦର୍ଶନ କରିଥିଲେ । ତେଣୁ ପରାଶର ମୁନିଙ୍କ ପରି ବିଶିଷ୍ଟ ସାଧୁ-ସନ୍ଥମାନେ ସମସ୍ତେ ଶ୍ରୀକୃଷ୍ଣଙ୍କୁ ଭଗବାନ୍ ବୋଲି ମାନିଛନ୍ତି । ବର୍ତ୍ତମାନ ଶ୍ରୀକୃଷ୍ଣ ତାଙ୍କର ବୈଭବ (ବିଭୂତି) ଓ କ୍ରିୟା ସମ୍ବନ୍ଧରେ ଅଧିକ ଗୁପ୍ତଜ୍ଞାନ ଅର୍ଜୁନଙ୍କୁ ଦେଉଛନ୍ତି । ପୂର୍ବେ ସପ୍ତମ ଅଧ୍ୟାୟର ପ୍ରାରମ୍ଭରେ ଭଗବାନ୍ ତାଙ୍କର ବିଭିନ୍ନ ବିଭୂତି କ'ଣ କ'ଣ ଓ ସେମାନେ କିପରି କାର୍ଯ୍ୟ କରୁଛନ୍ତି—ଏ ସବୁ କଥା କହିଛନ୍ତି । ବର୍ତ୍ତମାନ ଏ ଅଧ୍ୟାୟରେ ସେ ତାଙ୍କର ପ୍ରଧାନ ପ୍ରଧାନ ସ୍ୱତନ୍ତ୍ର ବିଭୂତି କଥା ଅର୍ଜୁନଙ୍କୁ କହୁଛନ୍ତି । ପୂର୍ବ ଅଧ୍ୟାୟରେ ଦୃଢ଼ ବିଶ୍ୱାସ ଓ ଶ୍ରଦ୍ଧା ସହିତ ଭକ୍ତିଯୋଗରେ ସ୍ଥିର ହେବା ନିମିତ୍ତ ସେ ପରିଷ୍କାର ଭାବରେ ତାଙ୍କର ବିଭିନ୍ନ ଶକ୍ତି କଥା କହିଛନ୍ତି । ପୁନର୍ବାର ଏ ଅଧ୍ୟାୟରେ ସେ ତାଙ୍କର ବିଭିନ୍ନ ପ୍ରକାଶ ଓ ବିଭୂତି କଥା ଅର୍ଜୁନଙ୍କୁ କହୁଛନ୍ତି ।

ବ୍ୟକ୍ତି ଯେତେ ଅଧିକ ଭଗବାନଙ୍କ ସମ୍ବନ୍ଧରେ ଶୁଣିବ, ସେତେ ଅଧିକ ଭକ୍ତିଯୋଗରେ ସ୍ଥିର ହେବ । ଭକ୍ତମେଳରେ ଭଗବାନଙ୍କ ସମ୍ବନ୍ଧରେ ଶ୍ରବଣ କରିବା ଉଚିତ୍ । ତଦ୍ଦ୍ୱାରା ବ୍ୟକ୍ତିର ଭକ୍ତିଭାବ ବୃଦ୍ଧି ହେବ । ଯେଉଁ ଆଗ୍ରହୀ ଭକ୍ତମାନେ କୃଷ୍ଣଙ୍କ ସମ୍ବନ୍ଧରେ ଅଧିକ ଜାଣିବାକୁ ଇଚ୍ଛୁକ ସେହିମାନଙ୍କ ମେଳରେ କୃଷ୍ଣକଥା ଆଲୋଚନା କରାଯାଇପାରେ । ଅନ୍ୟମାନେ ଏ ପ୍ରକାର ଆଲୋଚନାରେ ଭାଗନେଇ ପାରିବେ ନାହିଁ । ଭଗବାନ୍ ଏଠାରେ ଅର୍ଜୁନଙ୍କୁ ପରିଷ୍କାର ଭାବରେ କହୁଛନ୍ତି ଯେ ଯେଣୁ ସେ ତାଙ୍କର ଅତିପ୍ରିୟ, ତେଣୁ ସେ ତାଙ୍କର ମଙ୍ଗଳ ନିମିତ୍ତ ଏ କଥା କହୁଛନ୍ତି ।

## ଶ୍ଳୋକ - ୨

**ନ ମେ ବିଦୁଃ ସୁରଗଣାଃ ପ୍ରଭବଂ ନ ମହର୍ଷୟଃ ।**
**ଅହମାଦିର୍ହି ଦେବାନାଂ ମହର୍ଷୀଣାଂ ଚ ସର୍ବଶଃ ।।୨।।**

## ଶବ୍ଦାନୁବାଦ

ନ=ନୁହେଁ; ମେ=ମୋର; ବିଦୁଃ=ଜାଣନ୍ତି; ସୁର-ଗଣାଃ=ଦେବତାମାନେ; ପ୍ରଭବମ୍=ଐଶ୍ୱର୍ଯ୍ୟ; ନ=ନୁହେଁ; ମହର୍ଷୟଃ=ମହର୍ଷିଗଣ; ଅହମ୍=ମୁଁ; ଆଦିଃ=ଆଦି (ମୂଳ); ହି=ନିଶ୍ଚିତରୂପେ; ଦେବାନାମ୍=ଦେବତାମାନଙ୍କର; ମହର୍ଷୀଣାମ୍=ମହର୍ଷିମାନଙ୍କର; ଚ=ମଧ୍ୟ; ସର୍ବଶଃ=ସର୍ବପ୍ରକାରେ ।

## ଅନୁବାଦ

**ଦେବତାମାନେ କିମ୍ବା ମହର୍ଷିଗଣ କେହି ମୋର ମୂଳ କଥା ଜାଣନ୍ତି ନାହିଁ, କାରଣ ସର୍ବପ୍ରକାରେ—ମୁଁ ଦେବତା ଓ ମହର୍ଷିମାନଙ୍କର ଉଦ୍ଭବସ୍ଥଳ ଅଟେ ।**

## ଭାବାର୍ଥ

ବ୍ରହ୍ମସଂହିତାରେ କୁହାଯାଇଛି ଯେ ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ୍ । କେହି ତାଙ୍କ ଠାରୁ ବଡ଼ ନୁହନ୍ତି, ସେ ସର୍ବ କାରଣର କାରଣ ଅଟନ୍ତି । ଏଠାରେ ଭଗବାନ୍ ସ୍ୱୟଂ କହୁଛନ୍ତି ଯେ ସେ ସମସ୍ତ ଦେବତା ଓ ମହର୍ଷିମାନଙ୍କର ମୂଳ କାରଣ ଅଟନ୍ତି । ଏପରିକି ଦେବତାମାନେ କିମ୍ବା ମହର୍ଷିଗଣ କେହି କୃଷ୍ଣଙ୍କୁ ବୁଝିପାରନ୍ତି ନାହିଁ । ସେମାନେ ତାଙ୍କର ନାମ କିମ୍ବା ବ୍ୟକ୍ତିତ୍ୱ କିଛି ବୁଝିପାରନ୍ତି ନାହିଁ । ଏପରି ସ୍ଥଳେ ଏ କ୍ଷୁଦ୍ର ପୃଥିବୀର ତଥାକଥିତ ପଣ୍ଡିତଗଣ ଭଗବାନଙ୍କ ସମ୍ବନ୍ଧରେ କ'ଣ ବୁଝିବେ, ଅର୍ଥାତ୍ ସେମାନଙ୍କର ସ୍ଥାନ କେଉଁଠି ? କାହିଁକି ଭଗବାନ୍ ସାଧାରଣ ମାନବରୂପରେ ଏ ପୃଥିବୀକୁ ଆସନ୍ତି ଏବଂ ଅସାଧାରଣ କାର୍ଯ୍ୟକଳାପ ପ୍ରଦର୍ଶନ କରନ୍ତି—କେହି ଏ କଥା ବୁଝିପାରନ୍ତି ନାହିଁ । ତେଣୁ ଏଥିରୁ ବୁଝିବା ଉଚିତ୍ ଯେ ଶ୍ରୀକୃଷ୍ଣଙ୍କୁ ବୁଝିବା ନିମିତ୍ତ ଭୌତିକ ପାଣ୍ଡିତ୍ୟର ବା ଯୋଗ୍ୟତାର ଆବଶ୍ୟକତା ନାହିଁ । ଏପରିକି ଦେବତାଗଣ ତଥା ମହର୍ଷିଗଣ ମାନସିକ ଚିନ୍ତାକରି ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବୁଝିବାକୁ ଖୁବ୍ ଚେଷ୍ଟା କରିଛନ୍ତି, କିନ୍ତୁ ସେମାନେ କୃତକାର୍ଯ୍ୟ ହୋଇପାରିନାହାନ୍ତି । ଶ୍ରୀମଦ୍ ଭାଗବତମ୍‌ରେ ପରିଷ୍କାର ଭାବରେ କୁହାଯାଇଅଛି ଯେ ଏପରିକି ବିଶିଷ୍ଟ ଦେବତାଗଣ ପରମପୁରୁଷ ଭଗବାନଙ୍କୁ ଜାଣିବାକୁ ସକ୍ଷମ ହୋଇପାରିନାହାନ୍ତି । ସେମାନେ ସେମାନଙ୍କର ଅପୂର୍ଣ୍ଣ (ଦୋଷଯୁକ୍ତ) ଇନ୍ଦ୍ରିୟ ସାହାଯ୍ୟରେ ଯେତିକି ଚିନ୍ତା କରିବାର କଥା ସେତିକି ଚିନ୍ତା କରି ପାରନ୍ତି ଏବଂ ବିପରୀତ ସିଦ୍ଧାନ୍ତରେ ପହଞ୍ଚିପାରନ୍ତି ଯେ ଭଗବାନ୍ ନିର୍ବିଶେଷ—ନିରାକାର ଅଟନ୍ତି କିମ୍ବା ଏଇ ସିଦ୍ଧାନ୍ତରେ ପହଞ୍ଚନ୍ତି ଯେ ଭଗବାନ୍ ଭୂତପ୍ରକୃତିର ତ୍ରିଗୁଣଦ୍ୱାରା ପ୍ରକାଶିତ ହୁଅନ୍ତି ନାହିଁ କିମ୍ବା ସେମାନେ ମାନସିକ ଚିନ୍ତାକରି କିଛି ଗୋଟିଏ କଳ୍ପନା କରିପାରନ୍ତି, କିନ୍ତୁ ଏ ପ୍ରକାର ନିର୍ବୋଧ ମାନସିକ ଚିନ୍ତା ଜରିଆରେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବୁଝିବା ସମ୍ଭବପର ନୁହେଁ ।

ଏଠାରେ ଭଗବାନ୍ ପରୋକ୍ଷଭାବରେ କହୁଛନ୍ତି ଯେ ଯଦି କେହି ପରମ ସତ୍ୟକୁ ଜାଣିବାକୁ ଚାହେଁ, ''ଏଠାରେ ମୁଁ ପରମପୁରୁଷ ଭଗବାନ୍ ରୂପରେ ବିଦ୍ୟମାନ । ମୁଁ (ପରମପୁରୁଷ) ଭଗବାନ୍ ଅଟେ ।'' ବ୍ୟକ୍ତି ଏହା ଜାଣିବା ଉଚିତ୍ । ଯଦିଓ ସ୍ୱୟଂ ବ୍ୟକ୍ତିଗତରୂପେ ବିଦ୍ୟମାନ ଥିବା ଅଚିନ୍ତ୍ୟ ଭଗବାନଙ୍କୁ ବ୍ୟକ୍ତି ଜାଣି ନ ପାରେ, ତଥାପି ସେ ବିଦ୍ୟମାନ ଅଛନ୍ତି । କେବଳ ଭଗବଦ୍ ଗୀତା ଓ ଶ୍ରୀମଦ୍ ଭାଗବତମ୍‌ରେ ତାଙ୍କର ଦିବ୍ୟବାଣୀ ପାଠକରି ଆମ୍ଭେମାନେ ବାସ୍ତବରେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଜାଣି ପାରିବା, ଯେ,କି ସତ୍-ଚିତ୍ ଆନନ୍ଦ ଅଟନ୍ତି । ଯେଉଁ ବ୍ୟକ୍ତିଗଣ ଭଗବାନଙ୍କର ନିମ୍ନତର ଶକ୍ତିରେ ଅଛନ୍ତି ସେମାନେ ନିର୍ବିଶେଷ ବ୍ରହ୍ମଙ୍କୁ ଜାଣିପାରନ୍ତି; କିନ୍ତୁ ବ୍ୟକ୍ତି ଦିବ୍ୟସ୍ତରରେ ଉପସ୍ଥିତ ନ ହେଲେ ପରମପୁରୁଷ ଭଗବାନଙ୍କୁ ଜାଣି ପାରିବ ନାହିଁ ।

ଯେହେତୁ 'ଅଧିକାଂଶ ଲୋକ ଶ୍ରୀକୃଷ୍ଣଙ୍କୁ ତାଙ୍କର ବାସ୍ତବ ସ୍ୱରୂପରେ ଜାଣି ପାରନ୍ତି ନାହିଁ, ତେଣୁ ସେ ତାଙ୍କର ଅହୈତୁକୀ କୃପା ପ୍ରକାଶକରି ଏ ପ୍ରକାର ମାନସିକ ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା ନିମିତ୍ତ , ଧରାଧାମକୁ ଅବତରଣ କରନ୍ତି । ଭଗବାନଙ୍କର ଅସାଧାରଣ କ୍ରିୟାକଳାପ ସତ୍ତ୍ୱେ—ଏ ମାନସିକ ଚିନ୍ତାଶୀଳ ବ୍ୟକ୍ତିଗଣ ଭୌତିକ ଦୋଷଦୁଷ୍ଟ ହୋଇଥିବା ଯୋଗୁଁ, ନିର୍ବିଶେଷ ବ୍ରହ୍ମଙ୍କୁ ଭଗବାନ୍ ଭାବନ୍ତି । ଯେଉଁ ଭକ୍ତଗଣ ସଂପୂର୍ଣ୍ଣରୂପେ

ଭଗବାନଙ୍କ ଚରଣ କମଳରେ ଆତ୍ମସମର୍ପଣ କରିଛନ୍ତି କେବଳ ସେହିମାନେ ଭଗବାନଙ୍କ କୃପାବଶତଃ ଜାଣି ପାରନ୍ତି ଯେ (ସେ) ଶ୍ରୀକୃଷ୍ଣ–ଭଗବାନ୍ ଅଟନ୍ତି । ଭଗବାନଙ୍କ ଭକ୍ତଗଣ ନିର୍ବିଶେଷ ବ୍ରହ୍ମ ବିଷୟରେ କୌଣସି ପ୍ରକାର ଚିନ୍ତା କରନ୍ତି ନାହିଁ, ସେମାନଙ୍କ ବିଶ୍ୱାସ ଓ ଭକ୍ତି ସେମାନଙ୍କୁ ସାଙ୍ଗେ ସାଙ୍ଗେ ଭଗବାନଙ୍କ ଚରଣ-କମଳରେ ଆତ୍ମସମର୍ପଣ କରିବାକୁ ଦିଏ ଏବଂ ଶ୍ରୀକୃଷ୍ଣଙ୍କ ଅହୈତୁକୀ କୃପାବଶତଃ ସେମାନେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଜାଣି ପାରନ୍ତି । ଆଉ କେହି ତାଙ୍କୁ ଜାଣିପାରନ୍ତି ନାହିଁ । ତେଣୁ ମହର୍ଷିଗଣ ଏ କଥା ସ୍ୱୀକାର କରନ୍ତି; ଆତ୍ମା କ'ଣ, ପରମାତ୍ମା (ଭଗବାନ୍) କ'ଣ ? ସେ ହେଉଛନ୍ତି ଭଗବାନ୍ ଶ୍ରୀକୃଷ୍ଣ, ଯାହାଙ୍କୁ ଆମ୍ଭେମାନେ ପୂଜା କରିବା ।

## ଶ୍ଳୋକ - ୩

**ଯୋ ମାମଜମନାଦିଂ ଚ ବେତ୍ତି ଲୋକମହେଶ୍ୱରମ୍ ।**
**ଅସଂମୂଢ଼ଃ ସ ମର୍ତ୍ତ୍ୟେଷୁ ସର୍ବପାପୈଃ ପ୍ରମୁଚ୍ୟତେ ।।୩।।**

## ଶବ୍ଦାନୁବାଦ

ଯଃ=ଯେ; ମାମ୍=ମୋତେ; ଅଜମ୍=ଅଜନ୍ମା; ଅନାଦିମ୍=ଅନାଦି; ଚ=ମଧ୍ୟ; ବେତ୍ତି=ଜାଣେ; ଲୋକ=ଲୋକ (ବ୍ରହ୍ମାଣ୍ଡ); ମହେଶ୍ୱରମ୍=ସର୍ବପ୍ରଧାନ ମାଲିକ; ଅସଂମୂଢ଼ଃ=ନିଃସନ୍ଦେହ ଭାବେ; ସଃ=ସେ; ମର୍ତ୍ତ୍ୟେଷୁ=ମରଣଶୀଳମାନଙ୍କ ମଧ୍ୟରେ; ସର୍ବ-ପାପୈଃ=ସମସ୍ତପ୍ରକାର ପାପକର୍ମର ପ୍ରତିକ୍ରିୟାରୁ; ପ୍ରମୁଚ୍ୟତେ=ମୁକ୍ତ ହୁଏ ।

## ଅନୁବାଦ

**ଯେ ମୋତେ ଅଜନ୍ମା, ଅନାଦି ଏବଂ ସମସ୍ତ ବ୍ରହ୍ମାଣ୍ଡର ପରମ ପ୍ରଭୁ ରୂପେ ଜାଣେ, ସେ ଏ ମର୍ତ୍ତ୍ୟଲୋକରେ ମାନବମାନଙ୍କ ମଧ୍ୟରେ ନିଃସନ୍ଦେହ ଭାବରେ ସମସ୍ତ ପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ଅଟେ ।**

## ଭାବାର୍ଥ

ସପ୍ତମ ଅଧ୍ୟାୟରେ କୁହାଯାଇଅଛି ଯେ ଯେଉଁମାନେ ଆଧ୍ୟାତ୍ମିକ ଅନୁଭୂତି ଲାଭ କରିବା ସ୍ତରକୁ ନିଜକୁ ଉନ୍ନୀତ କରିବାକୁ ଚେଷ୍ଟା କରୁଛନ୍ତି, ସେମାନେ ସାଧାରଣ ମାନବ ନୁହନ୍ତି । ସେମାନେ ଆଧ୍ୟାତ୍ମିକ ଅନୁଭୂତି ନଥିବା କୋଟି କୋଟି ସାଧାରଣ ମାନବଙ୍କ ଅପେକ୍ଷା ଯଥେଷ୍ଟ ଉନ୍ନତତର ଅଟନ୍ତି । କିନ୍ତୁ ବାସ୍ତବରେ ଆଧ୍ୟାତ୍ମିକ ଅନୁଭୂତି ଲାଭ କରିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଯେ ଜାଣିପାରେ ଯେ ଶ୍ରୀକୃଷ୍ଣ ହିଁ ପରମପୁରୁଷ ଭଗବାନ୍ ସର୍ବସତ୍ତ୍ୱାଧିକାରୀ, ଅଜ ଏବଂ ଅନାଦି ଅଟନ୍ତି, ସେ ହିଁ ସର୍ବୋତ୍କୃଷ୍ଟ ଆଧ୍ୟାତ୍ମିକ ଅନୁଭୂତି ଲାଭ କରିଥିବା ବ୍ୟକ୍ତି ଅଟେ । ସେହି ସ୍ତରରେ ହିଁ କେବଳ ଯେତେବେଳେ ବ୍ୟକ୍ତି ଭଲଭାବରେ (ପୂର୍ଣ୍ଣରୂପେ) ଶ୍ରୀକୃଷ୍ଣଙ୍କର ସର୍ବୋଚ୍ଚ ଅଧିକାରିତ୍ୱକୁ ଜାଣିପାରେ, ସେତେବେଳେ ହିଁ ସେ ସଂପୂର୍ଣ୍ଣରୂପେ ସମସ୍ତପ୍ରକାର ପାପ କର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇଯାଏ ।

ଏଠାରେ ବ୍ୟବହୃତ 'ଅଜମ୍'– ଅର୍ଥାତ୍ ଅଜନ୍ମା ଶବ୍ଦ, ଦ୍ୱିତୀୟ ଅଧ୍ୟାୟରେ ଜୀବମାନଙ୍କ ସମ୍ବନ୍ଧରେ ବ୍ୟବହୃତ 'ଅଜଂ' ଶବ୍ଦ ସହ ସମାନ ନୁହେଁ । (ଏଠାରେ 'ଅଜଂ' ଶବ୍ଦ ଭଗବାନଙ୍କ

ସମ୍ବନ୍ଧରେ ବ୍ୟବହୃତ ହୋଇଅଛି, କିନ୍ତୁ ଦ୍ୱିତୀୟ ଅଧ୍ୟାୟରେ ତାହା ଜୀବମାନଙ୍କ ସମ୍ବନ୍ଧରେ ବ୍ୟବହୃତ ହୋଇଅଛି); ତେଣୁ କେହି ଏ 'ଅଜଂ' ଶବ୍ଦ ନେଇ ଗୋଳମାଳରେ ପଡ଼ିବା ଉଚିତ୍ ନୁହେଁ । ଭଗବାନ୍ ଜୀବମାନଙ୍କଠାରୁ ଭିନ୍ନ, କାରଣ ଜୀବଗଣ ଭୌତିକ ସୁଖାସକ୍ତି ଯୋଗୁଁ ଜନ୍ମ ହେଉଛନ୍ତି ଏବଂ ମରୁଛନ୍ତି । ବଦ୍ଧଜୀବଗଣ ବରାବର ଶରୀର ପରିବର୍ତ୍ତନ କରୁଛନ୍ତି, କିନ୍ତୁ ଭଗବାନଙ୍କର ଶରୀର ପରିବର୍ତ୍ତନଶୀଳ ନୁହେଁ । ଏପରିକି ସେ ଯେତେବେଳେ ଏ ଭୌତିକ ଜଗତକୁ ଆସନ୍ତି, ସେ ଠିକ୍ ସେହି 'ଅଜନ୍ମା' ରୂପରେ ହିଁ ଆସନ୍ତି । ତେଣୁ ଚତୁର୍ଥ ଅଧ୍ୟାୟରେ କୁହାଯାଇଅଛି ଯେ ଭଗବାନ୍ ତାଙ୍କର ଆତ୍ମମାୟା (ଅନ୍ତରଙ୍ଗା ଶକ୍ତି)ରେ ଅବସ୍ଥାନ କରନ୍ତି । ସେ କଦାପି ନୀଚ ଭୌତିକ ଶକ୍ତିରେ ଅବସ୍ଥାନ କରନ୍ତି ନାହିଁ, ସେ ସର୍ବଦା ଉଚ୍ଚତର ଶକ୍ତିରେ ଅବସ୍ଥାନ କରନ୍ତି ।

ସୃଷ୍ଟି ପୂର୍ବରୁ ସେ ଥିଲେ । ଆଉ ମଧ୍ୟ ସେ ତାଙ୍କର ଏ ସୃଷ୍ଟିଠାରୁ ଭିନ୍ନ ଅଟନ୍ତି । ସମସ୍ତ ଦେବତା ଏ ଭୌତିକ ବ୍ରହ୍ମାଣ୍ଡ ମଧ୍ୟରେ ସୃଷ୍ଟି ହୋଇଛନ୍ତି; କିନ୍ତୁ 'କୃଷ୍ଣ' ସୃଷ୍ଟି ହୁଅନ୍ତି ନାହିଁ; ତେଣୁ ଶ୍ରୀକୃଷ୍ଣ ଏପରିକି ବିଶିଷ୍ଟ ଦେବତା ବ୍ରହ୍ମା ଓ ଶିବଙ୍କଠାରୁ ଭିନ୍ନ । ଯେଣୁ ସେ ବ୍ରହ୍ମା–ଶିବ ଆଦି ସମସ୍ତ ଦେବତାଙ୍କର ସୃଷ୍ଟିକର୍ତ୍ତା; ତେଣୁ ସେ ସମସ୍ତ ବ୍ରହ୍ମାଣ୍ଡରେ ପରମପୁରୁଷ ଅଟନ୍ତି ।

ତେଣୁ ପ୍ରତ୍ୟେକ ସୃଷ୍ଟ ପଦାର୍ଥ ବା ଜୀବଠାରୁ ଶ୍ରୀକୃଷ୍ଣ ଭିନ୍ନ ଅଟନ୍ତି ଏବଂ ଯେ ତାଙ୍କୁ ଏହି ପ୍ରକାରେ ଜାଣେ, ସେ ସାଙ୍ଗେ ସାଙ୍ଗେ ସମସ୍ତପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇଯାଏ, ଭଗବାନଙ୍କ ସମ୍ବନ୍ଧରେ ଜ୍ଞାନଲାଭ କରିବାକୁ ହେଲେ ମାନବକୁ ସମସ୍ତ ପ୍ରକାର ପାପକର୍ମରୁ ମୁକ୍ତ ହେବାକୁ ପଡ଼ିବ । କେବଳ ଭକ୍ତିଯୋଗ ମାର୍ଗରେ ହିଁ ବ୍ୟକ୍ତି ତାଙ୍କୁ ଜାଣିପାରିବ । ଅନ୍ୟ କୌଣସି ମାର୍ଗରେ ବ୍ୟକ୍ତି ତାଙ୍କୁ ଜାଣିପାରିବ ନାହିଁ । ଏହା ଭଗବଦ୍ ଗୀତାରେ କୁହାଯାଇଅଛି ।

କୃଷ୍ଣଙ୍କୁ ଏକ ମାନବରୂପରେ ବୁଝିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ । ପୂର୍ବରୁ ଏହା କୁହାଯାଇଅଛି ଯେ ଏକ ନିର୍ବୋଧ ବ୍ୟକ୍ତି ହିଁ ତାଙ୍କୁ ଏକ ସାଧାରଣ ମାନବରୂପରେ ଚିନ୍ତା କରେ । ସେଇକଥା ଏଠାରେ ପୁନର୍ବାର ଅନ୍ୟପ୍ରକାରେ କୁହାଯାଇଅଛି । ଯେଉଁ ବ୍ୟକ୍ତି ନିର୍ବୋଧ ନୁହେଁ, ଯେ ଗ୍ଲାକ୍ ଅଟେ ସେ ଭଗବାନଙ୍କର ସ୍ୱରୂପ ଓ ପ୍ରକୃତ ଅବସ୍ଥିତି ଜାଣିପାରେ ଏବଂ ସେ ସର୍ବଦା ସମସ୍ତପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ଅଟେ ।

ଏଇ ପ୍ରଶ୍ନ ଏଠାରେ ଉଠେ ଯେ ଯଦି କୃଷ୍ଣ ଦେବକୀ ପୁତ୍ରରୂପରେ ପରିଚିତ, ତେବେ ସେ କିପରି ଅଜନ୍ମା ହୋଇପାରନ୍ତି ? ଏକଥା ପରିଷ୍କାର ଭାବରେ ଶ୍ରୀମଦ୍ ଭାଗବତମ୍‌ରେ ବର୍ଣ୍ଣନା କରାଯାଇଅଛି । ସେ ଯେତେବେଳେ ଦେବକୀ ଓ ବସୁଦେବଙ୍କ ସମ୍ମୁଖରେ ଆବିର୍ଭୂତ ହେଲେ, ସେ ଏକ ସାଧାରଣ ଶିଶୁରୂପରେ ଜନ୍ମ ହୋଇ ନଥିଲେ । ସେ ତାଙ୍କର ମୌଳିକ ରୂପରେ ଆବିର୍ଭୂତ ହୋଇଥିଲେ ଏବଂ ତପରେ ସେ ଏକ ସାଧାରଣ ଶିଶୁରୂପରେ ରୂପାନ୍ତରିତ ହୋଇଗଲେ ।

ଯାହା ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ କରାଯାଏ, ତାହା ଦିବ୍ୟ କ୍ରିୟା ଅଟେ । ଏହା କଦାପି ଭୌତିକ ଦୋଷଦୁଷ୍ଟ ହୋଇ ନପାରେ, ଯାହାକି ଶୁଭଙ୍କର କିମ୍ବା ଅଶୁଭଙ୍କର ହୋଇପାରେ । ଏ ଯେଉଁ ଧାରଣା–ଯେ ଏହି ଭୌତିକ ଜଗତରେ କେତେକ ଶୁଭପ୍ରଦ ଓ ଆଉ କେତେକ ଅଶୁଭପ୍ରଦ ପଦାର୍ଥ ଅଛି–ଏହା ବ୍ୟକ୍ତିର ମାନସିକ କଳ୍ପନା ଅଟେ; କାରଣ ଭୌତିକ ଜଗତରେ କିଛି ଶୁଭପ୍ରଦ ନୁହେଁ । ସବୁ ହିଁ ଅମଙ୍ଗଳକର; କାରଣ ଏଇ ଭୌତିକ ରୂପ ହିଁ ଅମଙ୍ଗଳକର

ଅଟେ । ଆମେ କେବଳ କଳ୍ପନା କରୁ ଯେ ଏହା ମଙ୍ଗଳମୟ । ପୂର୍ଣ୍ଣକୃଷ୍ଣଚେତନାରେ ଭକ୍ତିଯୋଗ ମାର୍ଗରେ କୃଷ୍ଣ-ସେବା ଉପରେ ହିଁ ପ୍ରକୃତ ମଙ୍ଗଳ ବା ଶୁଭ ନିର୍ଭର କରେ । ତେଣୁ ଯଦି ଆମ୍ଭେମାନେ ଆମ୍ଭମାନଙ୍କର କାର୍ଯ୍ୟକଳାପକୁ ମଙ୍ଗଳମୟ କରିବାକୁ ଇଚ୍ଛାକରୁ; ତେଣୁ ଆମ୍ଭମାନଙ୍କୁ ପରମପୁରୁଷ ଭଗବାନଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିବାକୁ ପଡ଼ିବ । ଶ୍ରୀମଦ୍ ଭଗବଦ୍ ଗୀତା ଏବଂ ଶ୍ରୀମଦ୍ ଭାଗବତମ୍‌ରେ ଏ ପ୍ରକାର ନିର୍ଦ୍ଦେଶ ଦିଆଯାଇଅଛି । ସେ ପ୍ରାମାଣିକ ଶାସ୍ତ୍ରମାନଙ୍କରୁ କିମ୍ବା ଏକ ଉପଯୁକ୍ତ ସଦ୍‌ଗୁରୁଙ୍କଠାରୁ ବ୍ୟକ୍ତି ଭଗବତ୍ ନିର୍ଦ୍ଦେଶ ଲାଭକରିବା ଉଚିତ୍ । କାରଣ ଆଧ୍ୟାତ୍ମିକ ଗୁରୁ ହିଁ ଭଗବାନଙ୍କର ବାସ୍ତବ ପ୍ରତିନିଧି ଅଟନ୍ତି । ତାଙ୍କର ନିର୍ଦ୍ଦେଶ ହିଁ ପ୍ରତ୍ୟକ୍ଷଭାବରେ ଭଗବାନଙ୍କର ନିର୍ଦ୍ଦେଶ ଅଟେ । ଗୁରୁ, ସାଧୁ ଓ ଶାସ୍ତ୍ର—ଏମାନେ ସମସ୍ତେ ଏକପ୍ରକାର ନିର୍ଦ୍ଦେଶ ହିଁ ଦିଅନ୍ତି । ଏ ତିନିଙ୍କଠାରୁ ଯେଉଁ ନିର୍ଦ୍ଦେଶମିଳେ ସେ ନିର୍ଦ୍ଦେଶଗୁଡ଼ିକରେ କୌଣସି ପ୍ରକାର ଦ୍ୱନ୍ଦ୍ୱାତ୍ମକ ଭାବ ନ ଥାଏ । ଏ ପ୍ରକାର ନିର୍ଦ୍ଦେଶ ଅନୁଯାୟୀ ଯେଉଁ କାର୍ଯ୍ୟମାନ କରାଯାଏ, ତାହା ଭୌତିକ ଜଗତର ମଙ୍ଗଳ ଓ ଅମଙ୍ଗଳଜନକ ପ୍ରତିକ୍ରିୟାରୁ ମୁକ୍ତ ଅଟେ । କାର୍ଯ୍ୟ କରିବାରେ ଭକ୍ତର ଏ ଦିବ୍ୟଭାବ ହିଁ ବାସ୍ତବରେ ତ୍ୟାଗଭାବ ଅଟେ ଏବଂ ଏହାକୁ ହିଁ ସନ୍ନ୍ୟାସ କୁହାଯାଏ । ଯେଉଁ ବ୍ୟକ୍ତି ଭଗବାନଙ୍କ ନିର୍ଦ୍ଦେଶରେ କାର୍ଯ୍ୟକରେ ସେ ବାସ୍ତବରେ ସନ୍ନ୍ୟାସୀ ଓ ଯୋଗୀ ଅଟେ । ଯେଉଁ ବ୍ୟକ୍ତି କେବଳ ସନ୍ନ୍ୟାସୀର ବା ଏକ ମିଥ୍ୟା ଯୋଗୀର ପୋଷାକ ଧାରଣ କରିଥାଏ, କିନ୍ତୁ ଭଗବତ୍ ନିର୍ଦ୍ଦେଶରେ କାର୍ଯ୍ୟକରେ ନାହିଁ; ସେ ସନ୍ନ୍ୟାସୀ ବା ଯୋଗୀ ନୁହେଁ ।

## ଶ୍ଳୋକ - ୪-୫

**ବୁଦ୍ଧିର୍ଜ୍ଞାନମସଂମୋହଃ କ୍ଷମା ସତ୍ୟଂ ଦମଃ ଶମଃ ।**
**ସୁଖଂ ଦୁଃଖଂ ଭବୋଽଭାବୋ ଭୟଂ ଚାଭୟମେବ ଚ ।।୪।।**
**ଅହିଂସା ସମତା ତୁଷ୍ଟିସ୍ତପୋ ଦାନଂ ଯଶୋଽଯଶଃ ।**
**ଭବନ୍ତି ଭାବା ଭୂତାନାଂ ମତ୍ତ ଏବ ପୃଥଗ୍‌ବିଧାଃ ।।୫।।**

## ଶବ୍ଦାନୁବାଦ

ବୁଦ୍ଧିଃ=ବୁଦ୍ଧି; ଜ୍ଞାନମ୍=ଜ୍ଞାନ; ଅସଂମୋହଃ=ସଂଶୟମୁକ୍ତ; କ୍ଷମା=କ୍ଷମା; ସତ୍ୟମ୍=ସତ୍ୟ; ଦମଃ=ଇନ୍ଦ୍ରିୟସଂଯମ; ଶମଃ=ମନ ସଂଯମ; ସୁଖମ୍=ସୁଖ; ଦୁଃଖମ୍=ଦୁଃଖ; ଭବଃ=ଜନ୍ମ; ଅଭାବଃ=ମୃତ୍ୟୁ; ଭୟମ୍=ଭୟ; ଚ=ମଧ୍ୟ; ଅଭୟମ୍=ଭୟହୀନତା; ଏବ=ମଧ୍ୟ; ଚ=ଏବଂ; ଅହିଂସା=ଅହିଂସା; ସମତା=ସମଭାବ; ତୁଷ୍ଟିଃ=ସନ୍ତୋଷ; ତପଃ=ତପସ୍ୟା; ଦାନମ୍=ଦାନ; ଯଶଃ=ଯଶ; ଅଯଶଃ=ନିନ୍ଦା; ଭବନ୍ତି=ହୁଅନ୍ତି; ଭାବାଃ=ପ୍ରକୃତି; ଭୂତାନାମ୍=ଜୀବମାନଙ୍କର; ମତ୍ତଃ=ମୋ'ଠାରୁ; ଏବ=ନିଶ୍ଚିତଭାବେ; ପୃଥକ୍-ବିଧାଃ=ବିଭିନ୍ନ ପ୍ରକାରେ ବ୍ୟବସ୍ଥିତ ।

## ଅନୁବାଦ

**ବୁଦ୍ଧି, ଜ୍ଞାନ, ସନ୍ଦେହ ଓ ମୋହରୁ ମୁକ୍ତ, କ୍ଷମା, ସତ୍ୟ, ଆତ୍ମସଂଯମ ଏବଂ ଶାନ୍ତ, ଭାବ, ସୁଖ, ଦୁଃଖ, ଜନ୍ମ, ମୃତ୍ୟୁ, ଭୟ, ଭୟହୀନତା, ଅହିଂସା, ସମଭାବ, ସନ୍ତୋଷ, ତପସ୍ୟା, ଦାନ, ଯଶ ଏବଂ ଅଯଶ ଏସବୁ ମୋ'ଦ୍ୱାରା ସୃଷ୍ଟ ।**

## ଭାବାର୍ଥ

ଭଲ ହେଉ ବା ମନ୍ଦ ହେଉ– ଜୀବମାନଙ୍କର ବିଭିନ୍ନ ଗୁଣସମୂହ ଶ୍ରୀକୃଷ୍ଣଙ୍କ ଦ୍ୱାରା ସୃଷ୍ଟ ଏବଂ ସେସବୁ ଏଠାରେ ବର୍ଣ୍ଣନା କରାଯାଉଅଛି ।

'ବୁଦ୍ଧି' କ'ଣ ? ଯେଉଁ ଶକ୍ତି ବଳରେ ମାନବ ପଦାର୍ଥକୁ ଭଲରକମ ବିଶ୍ଳେଷଣ କରି ଠିକ୍‌ରୂପେ ଜାଣିପାରେ, ତାହାକୁ ବୁଦ୍ଧି କୁହାଯାଏ । ଜ୍ଞାନ କ'ଣ ? ଯାହା ବଳରେ ମାନବ ଜଡ଼ପଦାର୍ଥ କ'ଣ ଓ ଦିବ୍ୟ ପଦାର୍ଥ କ'ଣ ଜାଣିପାରେ, ତାହା ହିଁ ଜ୍ଞାନ । ବିଶ୍ୱବିଦ୍ୟାଳୟରୁ ଯେଉଁ ସାଧାରଣଜ୍ଞାନ ଲାଭ କରାଯାଉଅଛି, ତାହା ଜଡ଼ବସ୍ତୁ ସମ୍ବନ୍ଧୀୟ ଅଟେ ଏବଂ ଏଠାରେ ତାହା ଜ୍ଞାନରୂପେ ସ୍ୱୀକୃତ ହେଉନାହିଁ । ଜ୍ଞାନ କହିଲେ ଜଡ଼ ପଦାର୍ଥ ଓ ଦିବ୍ୟ ପଦର୍ଥ ମଧ୍ୟରେ କ'ଣ ପାର୍ଥକ୍ୟ ତାହା ଜାଣିବା । ଆଧୁନିକ ଶିକ୍ଷା ଆମକୁ ଦିବ୍ୟଜ୍ଞାନ ଦେଉନାହିଁ; କେବଳ ତାହା ଆମକୁ ଭୌତିକ ଜ୍ଞାନ ଏବଂ ଶାରୀରିକ ଆବଶ୍ୟକତା ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରୁଛି; ତେଣୁ ଆଧୁନିକ ବିଶ୍ୱବିଦ୍ୟାଳୟ ଜ୍ଞାନ, ପୂର୍ଣ୍ଣଜ୍ଞାନ ନୁହେଁ ।

*'ଅସଂମୋହଃ'* ଅର୍ଥାତ୍ ସନ୍ଦେହ ଓ ମୋହରୁ ମୁକ୍ତି । ଏ ଅବସ୍ଥା କେତେବେଳେ ପ୍ରାପ୍ତ ହୁଏ ? ଯେତେବେଳେ ବ୍ୟକ୍ତି ଦ୍ୱିଧାହୀନ ହୋଇଯାଏ ଏବଂ ଭଗବଦ୍ ବିଜ୍ଞାନ ବୁଝିପାରେ, ସେତେବେଳେ ସେ 'ଅସଂମୋହଃ' ଅବସ୍ଥା ପ୍ରାପ୍ତ ହୁଏ । କ୍ରମଶଃ ସେ ନିଶ୍ଚୟ ଏ ଅବସ୍ଥା ପ୍ରାପ୍ତ ହେବ–ଅର୍ଥାତ୍ ସନ୍ଦେହ ବା ସଂଶୟମୁକ୍ତ ହୋଇଯିବ । କୌଣସିଟି ଅନ୍ଧଭାବରେ ଗ୍ରହଣ କରିବା ଉଚିତ୍ ନୁହେଁ । ସବୁକିଛି ସାବଧାନତା ସହକାରେ ଗ୍ରହଣ କରିବାକୁ ହେବ । ''କ୍ଷମା'' ଅଭ୍ୟାସ କରିବାକୁ ହେବ ଏବଂ ବ୍ୟକ୍ତିକୁ ଅନ୍ୟର ଛୋଟ ଛୋଟ ଦୋଷ କ୍ଷମା କରିବାକୁ ପଡ଼ିବ । 'ସତ୍ୟ'–ଅର୍ଥାତ୍ ସତ୍ୟବାଦିତାର ଅର୍ଥ ଅନ୍ୟର ଉପକାର ନିମିତ୍ତ ଯଥାଯଥ ଭାବରେ ସତ୍ୟକଥା ବୋଲିବାକୁ ହେବ । କଥା ସିଧାସଳଖ ପରିଷ୍କାରଭାବରେ କହିବାକୁ ପଡ଼ିବ, କୌଣସି ପ୍ରକାର ଅପମିଶ୍ରଣ ସେଥିରେ କରିବା ଉଚିତ୍ ନୁହେଁ । ସାମାଜିକ ପ୍ରଥାନୁଯାୟୀ ଏହା ପ୍ରଚଳିତ ଅଛି ଯେ, ବ୍ୟକ୍ତି କେବଳ ସତ୍ୟକଥା ପ୍ରୀତିକର ଭାବରେ କହିବ; ଅପ୍ରିୟ-ସତ୍ୟ କହିବା ଉଚିତ୍ ନୁହେଁ । କିନ୍ତୁ ତାହା ସତ୍ୟବାଦିତା ନୁହେଁ । ସତ୍ୟ ସିଧାସଳଖଭାବରେ ଏବଂ ପରିଷ୍କାର ଭାବରେ କହିବାକୁ ପଡ଼ିବ, ଯଦ୍ୱାରା ଅନ୍ୟମାନେ ପରିଷ୍କାରଭାବରେ ଜାଣିପାରିବେ କଥାଟା କ'ଣ । ଯଦି କୌଣସି ବ୍ୟକ୍ତି ପ୍ରକୃତରେ ଚୋର ହୋଇଥାଏ ଏବଂ ସେ ତା'ବିଷୟରେ ଯଦି ଅନ୍ୟମାନଙ୍କୁ ସିଧାସଳଖଭାବରେ କହି ଜଣାଇ ଦିଏ ଯେ ସେ ଚୋର ଅଟେ, ତେବେ ତାହା ହିଁ ପ୍ରକୃତ ସତ୍ୟ ଅଟେ । ଯଦିଓ ବେଳେ ବେଳେ ସତ୍ୟ ଅପ୍ରୀତିକର ହୁଏ, ତେବେ'ବି ସୁଦ୍ଧା ତାହା ପ୍ରକାଶ କରିବାକୁ କେହି ଦ୍ୱିଧାବୋଧ କରିବା ଉଚିତ୍ ନୁହେଁ । ସତ୍ୟବାଦିତାର ଅର୍ଥ ଅନ୍ୟମାନଙ୍କର ଉପକାରାର୍ଥେ କଥା ଯଥାଯଥଭାବରେ ବା ଅବିକୃତଭାବରେ ପ୍ରକାଶ କରିବା । ଏହା ହିଁ ହେଉଛି ସତ୍ୟର ସଜ୍ଞା ।

'ଆତ୍ମସଂଯମର' ଅର୍ଥ ହେଉଛି ବ୍ୟକ୍ତିଗତ ଉପଭୋଗ ନିମିତ୍ତ ଅଯଥା ଇନ୍ଦ୍ରିୟମାନଙ୍କୁ ବ୍ୟବହାର ନ କରିବା । ଇନ୍ଦ୍ରିୟମାନଙ୍କର ଆବଶ୍ୟକତା ପୂରଣ ନିମିତ୍ତ କୌଣସି ପ୍ରକାର ବାରଣ ନାହିଁ; କିନ୍ତୁ ଅଯଥା ଇନ୍ଦ୍ରିୟ ଉପଭୋଗ ଆଧ୍ୟାତ୍ମିକ ଉନ୍ନତି ପଥରେ ପ୍ରତିବନ୍ଧକ ଅଟେ । ତେଣୁ ଅଯଥା ଇନ୍ଦ୍ରିୟ ଉପଭୋଗକୁ ନିୟନ୍ତ୍ରଣ କରିବାକୁ ପଡ଼ିବ । ସେହିପରି ମନ ଅଯଥା ଚିନ୍ତାରେ

ନିଯୁକ୍ତ ହେବା ଉଚିତ୍ ନୁହେଁ । ଏହାକୁ 'ଶମଃ' କୁହାଯାଏ; ଅର୍ଥାତ୍– ଶାନ୍ତଭାବ କୁହାଯାଏ । ବ୍ୟକ୍ତି ଅର୍ଥୋପାର୍ଜନ ଚିନ୍ତାରେ ଅଯଥା ସମୟ ନଷ୍ଟ କରିବା ଉଚିତ୍ ନୁହେଁ । ତାହା ଚିନ୍ତାଶକ୍ତିର ଅପଚୟ ଅଟେ । ମାନବର ମୁଖ୍ୟ ଆବଶ୍ୟକତା କ'ଣ ସେ ବିଷୟରେ ଚିନ୍ତା କରିବାକୁ ମନକୁ ଲଗାଇବା ଉଚିତ୍ ଏବଂ ତାହା ଯଥାର୍ଥରୂପେ ଉପସ୍ଥାପିତ ହେବା ଉଚିତ୍ । ଯେଉଁମାନେ ଶାସ୍ତ୍ରଜ୍ଞ ପଣ୍ଡିତ, ଯେଉଁମାନେ ସାଧୁ-ସନ୍ଥ ଭକ୍ତ ଏବଂ ଆଧ୍ୟାତ୍ମିକ ଗୁରୁ ଏବଂ ଯେଉଁମାନଙ୍କର ଚିନ୍ତାଶକ୍ତି ଖୁବ୍ ଉନ୍ନତ ସେହିମାନଙ୍କ ସଙ୍ଗଲାଭ କଲେ ଆମ୍ଭମାନଙ୍କର ଚିନ୍ତାଶକ୍ତି ଉନ୍ନତ ହେବ । ଯାହା କୃଷ୍ଣଭାବନା ଲାଭଦିଗରେ ଅନୁକୂଳ ତାହା ସୁଖ ଏବଂ ଯାହା କୃଷ୍ଣଭାବନା ଲାଭଦିଗରେ ପ୍ରତିକୂଳ, ତାହା ଦୁଃଖ । କୃଷ୍ଣଚେତନା ଲାଭଦିଗରେ ଯାହା ଅନୁକୂଳ ତାହା ଗ୍ରହଣୀୟ ଏବଂ ଯାହା ଅନୁକୂଳ ନୁହେଁ ତାହା ପରିତ୍ୟାଜ୍ୟ ।

'ଭବ' ଶବ୍ଦର ଅର୍ଥ ଜନ୍ମ । ଏହା ଏ ଶରୀରର ଜନ୍ମ ସମ୍ବନ୍ଧରେ ଗ୍ରହଣୀୟ; କିନ୍ତୁ ଆତ୍ମାର ଜନ୍ମ ନାହିଁ କି ମୃତ୍ୟୁ ନାହିଁ । ଏ ବିଷୟରେ ଆମ୍ଭେମାନେ ଭଗବଦ୍‌ଗୀତାର ପ୍ରାରମ୍ଭରେ ଆଲୋଚନା କରିଅଛୁ । ଜନ୍ମ-ମୃତ୍ୟୁ କହିଲେ– ବ୍ୟକ୍ତିର ଭୌତିକ ଜଗତରେ ଜନ୍ମ ଓ ମୃତ୍ୟୁକୁ ବୁଝାଏ । ଭବିଷ୍ୟତ ଚିନ୍ତା ହିଁ ଭୟ ବା ଆଶଙ୍କାର କାରଣ । ଏକ କୃଷ୍ଣଚେତନଶୀଳ ବ୍ୟକ୍ତିର କୌଣସି ପ୍ରକାର ଭୟ ନଥାଏ, କାରଣ ତାହାର କର୍ମ (କୃଷ୍ଣସେବା) ଯୋଗୁଁ ସେ ନିଶ୍ଚୟ ପରବ୍ୟୋମକୁ ଫେରିଯିବ, ଅର୍ଥାତ୍–ଭଗବଦ୍ ଧାମକୁ ଫେରିଯିବ । ତେଣୁ ତା'ର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ । ଅନ୍ୟମାନେ ସେମାନଙ୍କ ଭବିଷ୍ୟତ ସମ୍ବନ୍ଧରେ କିଛି ଜାଣି ପାରନ୍ତି ନାହିଁ । ପରବର୍ତ୍ତୀ ଜୀବନ କ'ଣ ହେବ; ସେମାନଙ୍କର ସେ ବିଷୟରେ ଜ୍ଞାନ ନଥାଏ । ତେଣୁ ସେମାନେ ବରାବର ଶଙ୍କାକୁଳ ଥା'ନ୍ତି । ଯଦି ଆମେ ଭୟ ବା ଆଶଙ୍କାମୁକ୍ତ ହେବାକୁ ଇଚ୍ଛା କରୁ ତାହାହେଲେ ସର୍ବୋତ୍ତମ ପନ୍ଥା ହେଉଛି କୃଷ୍ଣଙ୍କୁ ଜାଣିବା ଏବଂ ସର୍ବଦା କୃଷ୍ଣଚେତନାରେ ରହିବା ସେହିପ୍ରକାରେ ଆମେ ସମସ୍ତପ୍ରକାର ଭୟରୁ ମୁକ୍ତ ହୋଇପାରିବା । ଶ୍ରୀମଦ୍ ଭାଗବତମ୍‌ରେ କୁହାଯାଇଅଛି ଯେ ମାୟାଶକ୍ତିଦ୍ୱାରା ଅଭିଭୂତ ହେବାଯୋଗୁଁ ଆମେ ଭୟବିହ୍ୱଳ ହେଉ; କିନ୍ତୁ ଯେଉଁମାନେ ମାୟାମୁକ୍ତ, ଅର୍ଥାତ୍ – ଯେଉଁମାନେ ଏହା ଭଲରକମ ଜାଣନ୍ତି ଯେ ସେମାନେ ଏ ଭୌତିକ ଶରୀର ନୁହନ୍ତି, ସେମାନେ ପରମପୁରୁଷ ଭଗବାନଙ୍କର ଦିବ୍ୟ ଅଂଶବିଶେଷ ଅଟନ୍ତି ଏବଂ ସେଇଥିଯୋଗୁ ଭଗବାନଙ୍କର ଦିବ୍ୟସେବାରେ ନିଯୁକ୍ତ ଥା'ନ୍ତି; ସେମାନଙ୍କର କୌଣସି ଭୟର କାରଣ ନଥାଏ । ସେମାନଙ୍କର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ । ଯେଉଁ ବ୍ୟକ୍ତିମାନେ କୃଷ୍ଣଚେତନଶୀଳ ନୁହନ୍ତି, ସେହିମାନେ ହିଁ ଭୟବିହ୍ୱଳ ହୁଅନ୍ତି । 'ଅଭୟଂ' ଅର୍ଥାତ୍–ନିର୍ଭୟତା କେବଳ କୃଷ୍ଣଚେତନାରେ ହିଁ ସମ୍ଭବ ।

'ଅହିଂସା' କାହାକୁ କୁହାଯାଏ ? ବ୍ୟକ୍ତି ଏପରି କାର୍ଯ୍ୟ କରିବା ଉଚିତ୍ ନୁହେଁ, ଯାହା ଅନ୍ୟମାନଙ୍କୁ ଦୁଃଖ ଦେବ କିମ୍ବା ଗୋଳମାଳରେ ପକାଇବ । ଏହାକୁ ଅହିଂସା କୁହାଯାଏ । ରାଜନୈତିକ ନେତାଗଣ, ସମାଜସଂସ୍କାରକଗଣ ଏବଂ ତଥାକଥିତ ଜନ ମଙ୍ଗଳକାରୀଗଣ ଯେଉଁସବୁ ଭୌତିକ ଜନମଙ୍ଗଳ କାର୍ଯ୍ୟ କରନ୍ତି, ତାହା କୌଣସି ସୁଫଳ ପ୍ରଦାନ କରେ ନାହିଁ । କାରଣ ରାଜନୈତିକ ନେତାମାନଙ୍କର କିମ୍ବା ଜନମଙ୍ଗଳକାରୀଗଣଙ୍କର କୌଣସି ପ୍ରକାର ଦିବ୍ୟଦୃଷ୍ଟି ନ ଥାଏ । ସେମାନେ ଜାଣନ୍ତି ନାହିଁ ବାସ୍ତବରେ କ'ଣ ମାନବସମାଜ ନିମିତ୍ତ ଉପକାରୀ ଅଟେ । 'ଅହିଂସା'ର ଅର୍ଥ ଏହା ଯେ ଲୋକମାନେ ଏପରିଭାବରେ ତାଲିମ ପାଇବେ, ଯେପରି'କି ମାନବ ଶରୀରର

ପୂର୍ଣ୍ଣ ଉପଯୋଗ କରାଯାଇ ପାରିବ । ମାନବ ଶରୀର ଆଧ୍ୟାତ୍ମିକ ଅନୁଭୂତି ଲାଭ ନିମିତ୍ତ ଉଦ୍ଦିଷ୍ଟ; ତେଣୁ କୌଣସି ପ୍ରକାର ଆନ୍ଦୋଳନ କିମ୍ବା 'କମିଶନ' ଯଦି ସେ ଲକ୍ଷ୍ୟ ସାଧନ କରାଇ ନ ପାରେ ତାହାହେଲେ ତାହା ମାନବ-ଶରୀର ପ୍ରତି ହିଂସାଚରଣ କରାଗଲାବେଲି ବୁଝିବାକୁ ପଡ଼ିବ । ଯାହା ଭବିଷ୍ୟତରେ ଲୋକମାନଙ୍କୁ ଆଧ୍ୟାତ୍ମିକ ସୁଖ (ଦିବ୍ୟସୁଖ) ଲାଭଦିଗରେ ଆଗେଇ ନେବ, ତାହା ହିଁ ଅହିଂସା ଅଟେ ।

'ସମତା' କହିଲେ ରାଗ–ଦ୍ୱେଷରୁ 'ମୁକ୍ତି'କୁ ବୁଝାଏ । ଅତ୍ୟନ୍ତ ଆସକ୍ତି ବା ଅତ୍ୟନ୍ତ ବିରକ୍ତି ଉତ୍ତମ ନୁହେଁ । ଆସକ୍ତି କିମ୍ବା ଘୃଣାରହିତ ହୋଇ ଏ ଭୌତିକ ଜଗତକୁ ଗ୍ରହଣ କରିବାକୁ ହେବ; ଅର୍ଥାତ୍ ଏ ଭୌତିକ ଜଗତ ପ୍ରତି ବିଶେଷ ଆସକ୍ତ ହୁଅ ନାହିଁ କିମ୍ବା ଘୃଣା କର ନାହିଁ । ଠିକ୍ ସେହିପରି ଯାହା କୃଷ୍ଣଚେତନା ଲାଭ ଦିଗରେ ଅନୁକୂଳ ତାହା ହିଁ ଗ୍ରହଣୀୟ; ଯାହା ସେ ଦିଗରେ ଅନୁକୂଳ ନୁହେଁ; ତାହା ତ୍ୟାଗ କରିବାକୁ ପଡ଼ିବ । ଏହାକୁ ହିଁ ସମତା କୁହାଯାଏ । ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ପକ୍ଷରେ କୌଣସିଟି ପରିତ୍ୟାଜ୍ୟ କିମ୍ବା ଗ୍ରାହ୍ୟ ନୁହେଁ ଯଦି ତାହା କୃଷ୍ଣଚେତନା ଲାଭ ଦିଗରେ ଅନୁକୂଳ ନ ହୁଏ ।

'ତୁଷ୍ଟି' ବା 'ସନ୍ତୋଷ'ର ଅର୍ଥ ଏହା ଯେ ବ୍ୟକ୍ତି ଅଯଥା କାର୍ଯ୍ୟକରି ଅଧିକ ଭୌତିକ-ପଦାର୍ଥ ଲାଭ କରିବାକୁ ଆକାଙ୍କ୍ଷିତ ହେବା ଉଚିତ୍ ନୁହେଁ । ଭଗବାନଙ୍କ କୃପାରୁ ଯାହା ମିଳିଛି, ସେଇଥିରେ ହିଁ ସନ୍ତୁଷ୍ଟ ରହିବାକୁ ପଡ଼ିବ । ଏହାକୁହିଁ ସନ୍ତୋଷ କୁହାଯାଏ । 'ତପସ୍ୟା' କହିଲେ ବ୍ରତବିଧି ପାଳନକୁ ବୁଝାଏ । ବେଦରେ ଅନେକ ବିଧି ବିଧାନ ଓ ନିୟମମାନ ଅଛି, ଯଥା– ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରିବା ଏବଂ ସ୍ନାନ କରିବା ଇତ୍ୟାଦି । ବେଳେବେଳେ ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରିବା ବଡ଼ କଷ୍ଟକର ହୁଏ; କିନ୍ତୁ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବରେ ଏ ଦିଗରେ ଯେଉଁ କଷ୍ଟବରଣ କରେ, ତାହାକୁ ହିଁ ତପସ୍ୟା କୁହାଯାଏ । ଠିକ୍ ସେହିପରି ମାସରେ କେତେକ ଦିନ ଉପବାସ କରିବାକୁ ନିର୍ଦ୍ଦିଷ୍ଟ କରାଯାଇଅଛି । କେହି ସାଧାରଣ ଭାବରେ ଏ ପ୍ରକାର ଉପବାସ କରିବାକୁ ଆଗ୍ରହୀ ହୋଇ ନ ପାରନ୍ତି, କିନ୍ତୁ କୃଷ୍ଣଚେତନା ଲାଭ ଦିଗରେ ଉନ୍ନତି କରିବା ନିମିତ୍ତ ଯେଣୁ ବ୍ୟକ୍ତି ଦୃଢ଼ନିଶ୍ଚୟ ହୋଇଅଛି, ସେଇଥିପାଇଁ ସେ ଏ ପ୍ରକାର ଅନୁମୋଦିତ ଶାରୀରିକ କ୍ଳେଶକୁ ବରଣ କରିନେବା ଉଚିତ୍ । ଅବଶ୍ୟ କେହି ଅଯଥା ଉପବାସ କିମ୍ବା ବୈଦିକ ନିର୍ଦ୍ଦେଶକୁ ଲଘଂନ କରି ଉପବାସ କରିବା ଉଚିତ୍ ନୁହେଁ । ରାଜନୈତିକ ଉଦ୍ଦେଶ୍ୟ ସାଧନ ନିମିତ୍ତ କେହି ଉପବାସ କରିବା ଉଚିତ୍ ନୁହେଁ । ଏହାକୁ ଭଗବଦ୍‌ଗୀତାରେ ଅଜ୍ଞତାର ବଶବର୍ତ୍ତୀ ହୋଇ 'ଉପବାସ କରିବା' ବୋଲି କୁହାଯାଇଅଛି । ଅଜ୍ଞତାର ବଶବର୍ତ୍ତୀ ହୋଇ କିମ୍ବା ରାଜସିକ ଗୁଣର ବଶବର୍ତ୍ତୀ ହୋଇ ଯାହା କିଛି କରାଯାଏ, ତାହା ବ୍ୟକ୍ତିର ଆଧ୍ୟାତ୍ମିକ ଉନ୍ନତି ଦିଗରେ ସହାୟକ ହୁଏନାହିଁ । ବୈଦିକ ବିଧାନାନୁଯାୟୀ ଉପବାସ କଲେ, ତାହା ଆଧ୍ୟାତ୍ମିକ ଜ୍ଞାନ ଲାଭ ଦିଗରେ ସହାୟକ ହୁଏ ।

'ଦାନ' ସମ୍ବନ୍ଧରେ ଏହା ହିଁ କୁହାଯାଇପାରେ ଯେ ବ୍ୟକ୍ତି ତା'ର ରୋଜଗାରର ଶତକଡ଼ା ପଚିଶଭାଗ ମହତ୍ ଉଦ୍ଦେଶ୍ୟରେ ଦାନ କରିବା ଉଚିତ୍ । ସେ ମହତ୍ ଉଦ୍ଦେଶ୍ୟ କ'ଣ ? ଯାହା କୃଷ୍ଣଚେତନା ଲାଭ ଦିଗରେ କରାଯାଏ, ତାହା ହିଁ ମହତ୍ ଉଦ୍ଦେଶ୍ୟ । ତାହା ଯେ କେବଳ ଏକ ମହତ୍ ଉଦ୍ଦେଶ୍ୟ, ତାହା ନୁହେଁ; ତାହା ସର୍ବୋତ୍ତମ (ଅତି ମହତ୍) ଉଦ୍ଦେଶ୍ୟ । ଯେହେତୁ

ଶ୍ରୀକୃଷ୍ଣ ହେଉଛନ୍ତି ମଙ୍ଗଳମୟ; ତେଣୁ ତାଙ୍କ ଉଦ୍ଦେଶ୍ୟରେ ଯାହା କିଛି କରାଯାଏ, ତାହା ମଧ୍ୟ ମଙ୍ଗଳମୟ । ତେଣୁ ଯେଉଁ ବ୍ୟକ୍ତି କୃଷ୍ଣଚେତନାରେ କାର୍ଯ୍ୟରତ ତାହାକୁ ହିଁ ଦାନ ଦିଆଯିବା ଉଚିତ୍ । ବୈଦିକ ବିଧାନାନୁଯାୟୀ ବ୍ରାହ୍ମଣମାନଙ୍କୁ ହିଁ ଦାନ ଦିଆଯିବା ଉଚିତ୍ । ବର୍ତ୍ତମାନ ସୁଦ୍ଧା ଏ ବିଧି ଅନୁସୃତ ହେଉଅଛି; କିନ୍ତୁ ତାହା ଯଥାର୍ଥରୂପେ ବୈଦିକ ବିଧାନାନୁଯାୟୀ ହେଉନାହିଁ । ତଥାପି ନିୟମ ହେଉଛି ବ୍ରାହ୍ମଣଙ୍କୁ ଦାନ ଦିଆଯିବା ଉଚିତ୍, କାହିଁକି ? କାରଣ ବ୍ରାହ୍ମଣମାନେ ଉଚ୍ଚତର ଆଧ୍ୟାତ୍ମିକ ଜ୍ଞାନଲାଭ ଦିଗରେ ବରାବର ନିଯୁକ୍ତ ଥା'ନ୍ତି । ବ୍ରାହ୍ମଣ ତା'ର ସରାଜୀବନ 'ବ୍ରହ୍ମଜ୍ଞାନ' ଅର୍ଜ୍ଜନରେ ବ୍ୟୟ କରେ । ଯେ 'ବ୍ରହ୍ମ'କୁ ଜାଣେ ସେ 'ବ୍ରହ୍ମ-ଜନ' ଅଟେ, ତାହାକୁ ବ୍ରାହ୍ମଣ କୁହାଯାଏ । ତେଣୁ ବ୍ରାହ୍ମଣମାନଙ୍କୁ ହିଁ ଦାନ ଦିଆଯାଏ; କାରଣ ସେମାନେ ସାରାଜୀବନ ଉଚ୍ଚତର ଆଧ୍ୟାତ୍ମିକ ସେବାରେ ନିଯୁକ୍ତ ଥା'ନ୍ତି; ଯାହା ଫଳରେ'କି ଆର୍ଥୋପାର୍ଜନ ନିମିତ୍ତ ସେମାନଙ୍କର ସମୟ ନଥାଏ । ବୈଦିକ ସାହିତ୍ୟରେ ଏ ନିର୍ଦ୍ଦେଶ ମଧ୍ୟ ଅଛି ଯେ ସନ୍ନ୍ୟାସୀଙ୍କୁ ମଧ୍ୟ ଦାନ ଦିଆଯିବ । ସନ୍ନ୍ୟାସୀମାନେ ଦ୍ୱାର ଦ୍ୱାର ବୁଲି ଭିକ୍ଷା କରନ୍ତି । ଅର୍ଥୋପାର୍ଜନ ନିମିତ୍ତ ନୁହେଁ, ସଂଘର କାର୍ଯ୍ୟ ନିମିତ୍ତ । ବିଧି ହେଉଛି ଏହା ଯେ ସେମାନେ ଦ୍ୱାର ଦ୍ୱାର ଯାଇ ଗୃହସ୍ଥମାନଙ୍କୁ ଅଜ୍ଞାନତାରୂପକ ନିଦ୍ରାରୁ ଉଠାନ୍ତି । ଗୃହସ୍ଥମାନେ ସର୍ବଦା ପାରିବାରିକ ଜଞ୍ଜାଳରେ ବ୍ୟସ୍ତ ଥା'ନ୍ତି; ସେମାନେ ଜୀବନର ପ୍ରକୃତ ଲକ୍ଷ୍ୟ (ଉଦ୍ଦେଶ୍ୟ) ଭୁଲି ଯାଇଥା'ନ୍ତି । ଜୀବନର ପ୍ରକୃତ ଲକ୍ଷ୍ୟ ହେଉଛି କୃଷ୍ଣଚେତନା ଲାଭ କରିବା । ଏହାକୁ ଗୃହସ୍ଥମାନେ ସାଧାରଣତଃ ଭୁଲି ଯାଇଥା'ନ୍ତି । ତେଣୁ ସନ୍ନ୍ୟାସୀମାନଙ୍କର କର୍ତ୍ତବ୍ୟ ହେଲା ସେମାନେ ଭିକ୍ଷୁକ ଭାବରେ ଗୃହସ୍ଥମାନଙ୍କ ନିକଟକୁ ଯାଇ ସେମାନଙ୍କୁ କୃଷ୍ଣଚେତନା ଲାଭ ଦିଗରେ ପ୍ରେରଣା ଦେବା । ବେଦରେ ଏହିକଥା କୁହାଯାଇଅଛି ଯେ ମାନବ-ଜନ୍ମ ଲାଭ କରି ବ୍ୟକ୍ତିର ଯାହା ଲାଭ କରିବାର କଥା, ତାହା ଏ ଜୀବନ କାଳ ମଧ୍ୟରେ ଲାଭ କରିବା ଉଚିତ୍ । ସନ୍ନ୍ୟାସୀମାନେ ଏ ଜ୍ଞାନ ବିତରଣ କରନ୍ତି ଓ ମାର୍ଗ ବତାନ୍ତି । ତେଣୁ ଦାନ କେବଳ ସନ୍ନ୍ୟାସୀମାନଙ୍କୁ, ବ୍ରାହ୍ମଣମାନଙ୍କୁ ଦିଆଯିବା ଉଚିତ୍ ଏବଂ ଯେଉଁ ସଂସ୍ଥା ଏ ପ୍ରକାର ଆଧ୍ୟାତ୍ମିକ ଜ୍ଞାନ ବିତରଣ ଆଦି ମହତ୍ ଉଦ୍ଦେଶ୍ୟ ସାଧନ ଦିଗରେ କାର୍ଯ୍ୟ କରୁଥାଏ, ସେ ସଂସ୍ଥାକୁ ଦାନ ଦିଆଯିବା ଉଚିତ୍, ମନଇଚ୍ଛା ଯେ କୌଣସି ଉଦ୍ଦେଶ୍ୟରେ ଦାନ ଦିଆଯିବା ଉଚିତ୍ ନୁହେଁ ।

'ଯଶ'ର ସଂଜ୍ଞା ଶ୍ରୀଚୈତନ୍ୟ ମହାପ୍ରଭୁ ଦେଇଛନ୍ତି—ସେହି ବ୍ୟକ୍ତି ହେଉଛି ଯଶସ୍ୱୀ, ଯେ'କି ଭଗବାନଙ୍କର ଏକ ମହାନ୍ ଭକ୍ତ ଅଟେ । ତାହା ହେଉଛି ପ୍ରକୃତ ଯଶ । ଯଦି କେହି କୃଷ୍ଣଚେତନାରେ ଉନ୍ନତି କରି ପ୍ରସିଦ୍ଧ ହୋଇପାରିଲା; ତାହାହେଲେ ସେ ହିଁ ପ୍ରକୃତ 'ଯଶ'ର ଅଧିକାରୀ ଅଟେ । ଯାହାର ଏ ପ୍ରକାର ଯୋଗ୍ୟତା ନାହିଁ, ସେ ଯଶର ଅଧିକାରୀ ନୁହେଁ ।

ଏ ସବୁ ଗୁଣ ମାନବ ସମାଜ ଏବଂ ଦେବତା ସମାଜରେ ସମଗ୍ର ବ୍ରହ୍ମାଣ୍ଡରେ ପ୍ରକାଶିତ ହୁଏ । ଅନ୍ୟ ଲୋକମାନଙ୍କରେ (ଜଗତମାନଙ୍କରେ) ଅନେକ ପ୍ରକାର ମାନବ-ସମାଜ ଅଛି ଏବଂ ଏ ସବୁ ଗୁଣ ମଧ୍ୟ ସେଠାରେ ଅଛି । ଯେ କୃଷ୍ଣଚେତନା ଦିଗରେ ଉନ୍ନତି କରିବାକୁ ଇଚ୍ଛାକରେ ତା'ପାଇଁ କୃଷ୍ଣ ଏ ସବୁ ଗୁଣ ସୃଷ୍ଟି କରନ୍ତି, କିନ୍ତୁ ବ୍ୟକ୍ତିକୁ ଅନ୍ତରରୁ ପ୍ରେରଣା ଲାଭକରି ସେସବୁ ଗୁଣ ବୃଦ୍ଧି କରିବାକୁ ପଡ଼ିବ । ଯେ ଭଗବତ୍ ସେବାରେ ନିଯୁକ୍ତ ହୁଏ, ଭଗବାନଙ୍କ ବ୍ୟବସ୍ଥାନୁଯାୟୀ, ସେ ସମସ୍ତ ଭଲଗୁଣର ଅଧିକାରୀ ହୁଏ ।

ଯାହା କିଛି ଆମେ ଭଲ-ମନ୍ଦ ପାଉ ବା ଦେଖୁ, ସେ ସବୁର ମୂଳ ହେଉଛନ୍ତି କୃଷ୍ଣ। ଯାହା କୃଷ୍ଣଙ୍କଠାରେ ନାହିଁ, ତାହା କଦାପି ଏ ଭୌତିକ ଜଗତରେ ପ୍ରକାଶିତ ହୋଇପାରିବ ନାହିଁ। ତାହା ହେଉଛି ଜ୍ଞାନ, ଯଦିଓ ଆମେ ଜାଣୁ ଯେ ପଦାର୍ଥମାନ ବିଭିନ୍ନ ଭାବରେ ଅବସ୍ଥିତ, ତଥାପି ଆମ୍ଭମାନଙ୍କୁ ଏହା ବୁଝିବାକୁ ପଡ଼ିବ ଯେ ସବୁକିଛି କୃଷ୍ଣଙ୍କଠାରୁ ହିଁ ଆସୁଛି।

## ଶ୍ଲୋକ - ୬

**ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା ।**
**ମଦ୍ଭାବା ମାନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ ।।୬।।**

## ଶବ୍ଦାନୁବାଦ

ମହର୍ଷୟଃ=ମହର୍ଷିଗଣ; ସପ୍ତ=ସାତ; ପୂର୍ବେ=ପୂର୍ବେ; ଚତ୍ୱାରଃ=ଚାରି; ମନବଃ=ମନୁଗଣ; ତଥା=ମଧ୍ୟ; ମତ୍-ଭାବାଃ=ମୋ'ଠାରୁ ଜାତ; ମାନସାଃ=ମନରୁ; ଜାତାଃ=ଜାତ; ଯେଷାମ୍=ଯେଉଁମାନଙ୍କଠାରୁ; ଲୋକେ=ସମସ୍ତ ଜଗତ୍‌ରେ; ଇମାଃ=ଏସବୁ; ପ୍ରଜାଃ=ଲୋକସମାଜ।

## ଅନୁବାଦ

**ସପ୍ତ ମହର୍ଷି ଓ ସେମାନଙ୍କ ପୂର୍ବରୁ ଆଉ ଚାରିଜଣ ମହର୍ଷି ଏବଂ ମନୁଗଣ (ଯେଉଁମାନଙ୍କଠାରୁ ମାନବ ସୃଷ୍ଟି ହୋଇଅଛି)—ଏ ସମସ୍ତ ମୋ'ମନରୁ ଜାତ ହୋଇଛନ୍ତି ଏବଂ ଏ ଜଗତମାନଙ୍କରେ ଥିବା ସମସ୍ତ ଜୀବ ସେମାନଙ୍କଠାରୁ ଜାତ ହୋଇଛନ୍ତି ।**

## ଭାବାର୍ଥ

ଏଠାରେ ଭଗବାନ୍ ସମସ୍ତ ବିଶ୍ୱବ୍ରହ୍ମାଣ୍ଡର ଅଧିବାସୀମାନଙ୍କର ବଂଶପରମ୍ପରା ସମ୍ବନ୍ଧୀ ଏକ ସଂକ୍ଷିପ୍ତ ବର୍ଣ୍ଣନା ଦେଉଛନ୍ତି ।ପ୍ରଥମ (ଆଦି) ଜୀବ ହେଉଛନ୍ତି ବ୍ରହ୍ମା ।ସେ ହିରଣ୍ୟଗର୍ଭ ନାମରେ ପରିଚିତ—ଭଗବାନଙ୍କ ଶକ୍ତିରୁ ଜାତ ।ବ୍ରହ୍ମାଙ୍କଠାରୁ ସପ୍ତ ମହର୍ଷି ଜାତ ହେଲେ । ଏମାନଙ୍କ ପୂର୍ବରୁ ସନକ, ସନ୍ଦନ, ସନାତନ ଏବଂ ସନତକୁମାର ନାମକ ଚାରିଜଣ ମହର୍ଷି ଏବଂ ମନୁଗଣ ଜାତ ହୋଇଥିଲେ ।ଏ ପଚିଶିଜଣ ମହର୍ଷି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ଜୀବଗଣଙ୍କର କୁଳପତି ନାମରେ ପରିଚିତ ।ଅସଂଖ୍ୟ ବ୍ରହ୍ମାଣ୍ଡ ଅଛି ।ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଅସଂଖ୍ୟ ଲୋକ (ଜଗତ ବା ଗ୍ରହ-ଉପଗ୍ରହ) ଅଛନ୍ତି ଏବଂ ପ୍ରତ୍ୟେକ ଜଗତ ବିଭିନ୍ନପ୍ରକାର ଜୀବଦ୍ୱାରା ପରିପୂର୍ଣ୍ଣ। ସେ ସମସ୍ତେ ଏ ପଚିଶିଜଣ କୂଳପତିଙ୍କଠାରୁ ଜାତ ।ବ୍ରହ୍ମା, ଦେବଲୋକ ଗଣନାରେ ଏକ ହଜାର ବର୍ଷ ପ୍ରଥମେ ତପସ୍ୟା କଲେ ।ତତ୍ପରେ ଭଗବାନ୍ ଶ୍ରୀକୃଷ୍ଣଙ୍କ କୃପାଲାଭ କରି ଜାଣିପାରିଲେ, କିପରି ସୃଷ୍ଟି କରିବାକୁ ହେବ ।ତତ୍ପରେ ବ୍ରହ୍ମାଙ୍କଠାରୁ ସନକ, ସନନ୍ଦ, ସନାତନ ଓ ସନତ୍‌କୁମାର ଜାତ ହେଲେ । ତତ୍ପରେ ରୁଦ୍ର, ସପ୍ତର୍ଷି ଜାତ ହେଲେ, ଏହି ପ୍ରକାରେ ସମସ୍ତ ବ୍ରାହ୍ମଣ ଏବଂ କ୍ଷତ୍ରିୟଗଣ ଭଗବାନ୍‌ଙ୍କ ଶକ୍ତିରୁ ଜାତ ହେଲେ ।ବ୍ରହ୍ମା 'ପିତାମହ' ନାମରେ ପରିଚିତ ଏବଂ ଶ୍ରୀକୃଷ୍ଣ 'ପ୍ରପିତାମହ' ନାମରେ ପରିଚିତ ।ଏହା ଭଗବଦ୍ ଗୀତାର ଏକାଦଶ ଅଧ୍ୟାୟରେ କୁହାଯାଇଅଛି ।(ଗୀତା ୧୧-୩୯)

## ଶ୍ଳୋକ - ୭

**ଏତାଂ ବିଭୂତିଂ ଯୋଗଂ ଚ ମମ ଯୋ ବେତ୍ତି ତତ୍ତ୍ୱତଃ ।**
**ସୋଽବିକଳ୍ପେନ ଯୋଗେନ ଯୁଜ୍ୟତେ ନାତ୍ର ସଂଶୟଃ ।।୭।।**

## ଶବ୍ଦାନୁବାଦ

ଏତାମ୍=ଏସବୁ; ବିଭୂତିମ୍=ବିଭବ, ଐଶ୍ୱର୍ଯ୍ୟ; ଯୋଗମ୍ ଚ=ଯୋଗଶକ୍ତି ମଧ୍ୟ; ମମ=ମୋର; ଯଃ=ଯେ; ବେତ୍ତି=ଜାଣେ; ତତ୍ତ୍ୱତଃ=ଯଥାର୍ଥଭାବେ; ସଃ=ସେ; ଅବିକଳ୍ପେନ=ବିଭେଦରହିତ ଭାବେ; ଯୋଗେନ=ଭକ୍ତିଯୋଗ ମାର୍ଗରେ; ଯୁଜ୍ୟତେ=ନିଯୁକ୍ତ; ନ=କଦାପି ନୁହେଁ; ଅତ୍ର=ଏଥିରେ; ସଂଶୟଃ=ସନ୍ଦେହ ।

## ଅନୁବାଦ

**ଯେ ତତ୍ତ୍ୱତଃ ମୋର ଏ ଐଶ୍ୱର୍ଯ୍ୟ (ବୈଭବ) ଏବଂ ଶକ୍ତି କଥା ଜାଣେ, ସେ ଐକାନ୍ତିକ ଭକ୍ତିଯୋଗ ମାର୍ଗରେ ସେବାରତ ହୁଏ । ଏଥିରେ କୌଣସି ସନ୍ଦେହ ନାହିଁ ।**

## ଭାବାର୍ଥ

ଭଗବାନଙ୍କ ସମ୍ବନ୍ଧୀୟ ଜ୍ଞାନ ହିଁ ଆଧ୍ୟାତ୍ମିକ ମାର୍ଗରେ ପୂର୍ଣ୍ଣତା ପ୍ରାପ୍ତିର ଉଚ୍ଚତମ ଲକ୍ଷ୍ୟ ଅଟେ । ବ୍ୟକ୍ତି ଭଗବାନଙ୍କର ବିଭିନ୍ନ ଐଶ୍ୱର୍ଯ୍ୟ ବା ବୈଭବ ସମ୍ବନ୍ଧରେ ଭଲଭାବରେ ନ ଜାଣିଲେ, ଅର୍ଥାତ୍ ଏହା ତାହାର ଭଲଭାବରେ ହୃଦ୍‌ବୋଧ ନ ହେଲେ ସେ ଭକ୍ତିଯୋଗ ମାର୍ଗରେ ଗତିକରି ପାରିବ ନାହିଁ । ସାଧାରଣତଃ ଲୋକମାନେ ଜାଣନ୍ତି ଯେ ଭଗବାନ୍ ମହାନ୍ ଅଟନ୍ତି, କିନ୍ତୁ ଭଗବାନ୍ କେଡ଼େ ମହାନ୍ ଅଟନ୍ତି– ଏହା ସେମାନେ ବିଶଦଭାବରେ ଜାଣନ୍ତି ନାହିଁ । ଏଠାରେ ସେ ବିଷୟରେ ବିଶଦଭାବରେ ବର୍ଣ୍ଣନା କରାଯାଉଅଛି । ଯଦି ବ୍ୟକ୍ତି ତତ୍ତ୍ୱତଃ ଭଗବାନଙ୍କ ମହାନତା ସମ୍ବନ୍ଧରେ ଜାଣିପାରେ, ତେବେ ଭଗବାନଙ୍କର ଶରଣାପନ୍ନ ହୋଇଯାଏ ଏବଂ ଭଗବତ ସେବାରେ ନିଯୁକ୍ତ ହୋଇଯାଏ । ଯେତେବେଳେ ବ୍ୟକ୍ତି ତତ୍ତ୍ୱତଃ ଭଗବାନଙ୍କର ବୈଭବ ସମ୍ବନ୍ଧରେ ଜାଣିପାରେ, ସେତେବେଳେ ତା'ର ଭଗବାନଙ୍କର ଶରଣାପନ୍ନ ହେବା ବ୍ୟତୀତ ଅନ୍ୟପନ୍ଥା ରହେ ନାହିଁ । ଏହି ତତ୍ତ୍ୱଜ୍ଞାନ ଶ୍ରୀମଦ୍ ଭାଗବତମ୍, ଭଗବଦ୍ ଗୀତା ଏବଂ ଏହିପ୍ରକାର ବୈଦିକ ସାହିତ୍ୟମାନଙ୍କରୁ ପ୍ରାପ୍ତ ହୁଏ ।

ଏ ବ୍ରହ୍ମାଣ୍ଡର ଶାସନ କାର୍ଯ୍ୟ ନିମିତ୍ତ ଗ୍ରହମଣ୍ଡଳର ବିଭିନ୍ନ ସ୍ଥାନରେ ଅନେକ ଦେବତା ଅବସ୍ଥାପିତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ପ୍ରଧାନ ହେଉଛନ୍ତି ବ୍ରହ୍ମା, ଶ୍ରୀ ଶିବଜୀ, ଚ୍ରିକୁମାରଗଣ ଏବଂ କୁଳପତିଗଣ । ଏ ବ୍ରହ୍ମାଣ୍ଡରେ ଲୋକମାନଙ୍କର ଅନେକ ପିତୃପୁରୁଷ ଅଛନ୍ତି ଏବଂ ସେମାନେ ସମସ୍ତେ ଭଗବାନ୍ ଶ୍ରୀକୃଷ୍ଣଙ୍କଠାରୁ ଜାତ । ସମସ୍ତ ପିତୃପୁରୁଷମାନଙ୍କର ମୂଳ ପିତୃପୁରୁଷ ହେଉଛନ୍ତି ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ।

ଭଗବାନଙ୍କର ଏ ହେଉଛି କେତେକ ବୈଭବ । ଯେତେବେଳେ ଏ ସମ୍ବନ୍ଧରେ ଭଲଭାବରେ ଜଣାଯାଏ, ସେତେବେଳେ ଶ୍ରୀକୃଷ୍ଣଙ୍କୁ ଦୃଢ଼ବିଶ୍ୱାସ ଓ ଶ୍ରଦ୍ଧାସହ ନିଃସନ୍ଦେହ ଭାବେ ଭଗବାନ୍ ବୋଲି ଗ୍ରହଣ କରାଯାଏ ଏବଂ ବ୍ୟକ୍ତି ଭକ୍ତିର ସହିତ ସେବାରତ ହୋଇଯାଏ ।

ଭକ୍ତିଯୋଗ ମାର୍ଗରେ ଭଗବାନଙ୍କ ସେବାରେ ଶ୍ରଦ୍ଧା ଓ ପ୍ରେମ ବୃଦ୍ଧିନିମିତ୍ତ ଏସବୁ ବିଷୟରେ ଜ୍ଞାନ ଆହରଣ କରିବା ଦରକାର । ଶ୍ରୀକୃଷ୍ଣ କେଡ଼େ ମହାନ୍ ଏ ସମ୍ବନ୍ଧରେ ପୂର୍ଣ୍ଣରୂପେ ଭଲଭାବରେ ଜାଣିବା ଦିଗରେ ଅବହେଳା ପ୍ରଦର୍ଶନ କରିବା ଉଚିତ୍ ନୁହେଁ କାରଣ ଭଗବାନ୍ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଅବଗତ ହେଲେ ବ୍ୟକ୍ତି ନିଷ୍ଠାପର ଭାବରେ ଭଗବତ୍ ସେବାରେ ନିଯୁକ୍ତ ହେବାକୁ ସକ୍ଷମ ହେବ ।

## ଶ୍ଳୋକ - ୮

**ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତତେ ।**
**ଇତି ମତ୍ୱା ଭଜନ୍ତେ ମାଂ ବୁଧା ଭାବସମନ୍ୱିତାଃ ।।୮।।**

## ଶବ୍ଦାନୁବାଦ

ଅହମ୍=ମୁଁ; ସର୍ବସ୍ୟ=ସମସ୍ତଙ୍କର; ପ୍ରଭବଃ=ଉତ୍ପତ୍ତିସ୍ଥଳ; ମତ୍ତଃ=ମୋ'ଠାରୁ; ସର୍ବମ୍=ସମସ୍ତ; ପ୍ରବର୍ତତେ=ଉତ୍ପନ୍ନ ହୁଏ; ଇତି=ଏହିପରି; ମତ୍ୱା=ଜାଣି; ଭଜନ୍ତେ=ଯୁକ୍ତ ହୁଅନ୍ତି (ଅନୁରକ୍ତ ହୁଅନ୍ତି); ମାମ୍=ମୋତେ(ମୋ'ପ୍ରତି); ବୁଧାଃ=ପଣ୍ଡିତମାନେ; ଭାବ-ସମନ୍ୱିତାଃ=ମହାନ୍ ଭାବର ସହିତ ।

## ଅନୁବାଦ

**ସମସ୍ତ ଚିଦ୍ ଜଗତ ଏବଂ ଭୌତିକ ଜଗତର ଉତ୍ପତ୍ତି ସ୍ଥଳ ମୁଁ। ସମସ୍ତେ ମୋ'ଠାରୁ ଉତ୍ପନ୍ନ ହୁଅନ୍ତି। ଯେଉଁ ପଣ୍ଡିତଗଣ ଏହା ଭଲଭାବରେ ଜାଣନ୍ତି, ସେମାନେ ଭକ୍ତିଯୋଗ ମାର୍ଗରେ ମୋର ସେବାରତ ହୁଅନ୍ତି ଏବଂ ପ୍ରେମ ଓ ଶ୍ରଦ୍ଧା ସହିତ ମୋର ପୂଜା କରନ୍ତି।**

## ଭାବାର୍ଥ

ଯେଉଁ ବିଦ୍ୱାନ ବ୍ୟକ୍ତି ଭଲଭାବରେ ବେଦାଧ୍ୟୟନ କରିଅଛି ଏବଂ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଭଳି ଅଧିକାରୀଙ୍କଠାରୁ ସେପ୍ରକାରେ ଜ୍ଞାନ ଆହରଣ କରିଛି ଏବଂ ଏ ଶିକ୍ଷାକୁ କିପରି ବ୍ୟବହାର କରିବାକୁ ହୁଏ ଜାଣିଛି, ସେ ବୁଝିପାରିବ, କିପରି ଶ୍ରୀକୃଷ୍ଣ ଉଭୟ ଭୌତିକ ଜଗତ ଓ ଚିଦ୍ ଜଗତରେ ଥିବା ସମସ୍ତ ପଦାର୍ଥ ଓ ଜୀବଙ୍କର ମୂଳ ଅଟନ୍ତି ।ଯେହେତୁ ସେ ଏହା ଭଲରକମ ଜାଣିପାରିଛି, ତେଣୁ ସେ ଭଗବାନଙ୍କ ଦିବ୍ୟ-ସେବାରେ ଐକାନ୍ତିକ ଭାବେ ନିଯୁକ୍ତ ହୋଇଯାଏ । ମୂର୍ଖ ଲୋକମାନଙ୍କର ଯେ କୌଣସି ପ୍ରକାର ସମାଲୋଚନା ଶୁଣିଲେ ମଧ୍ୟ ସେ କଦାପି ସେ ମାର୍ଗରୁ ବିଚ୍ୟୁତ ହେବ ନାହିଁ । ସମସ୍ତ ବୈଦିକ ସାହିତ୍ୟ ଏକମତ ପ୍ରକାଶ କରନ୍ତି ଯେ ଶ୍ରୀକୃଷ୍ଣ–ବ୍ରହ୍ମା, ଶିବ ଓ ସମସ୍ତ ଦେବତାଙ୍କର ମୂଳ ଅଟନ୍ତି ।ଅଥର୍ବ ବେଦରେ କୁହାଯାଇଛି– *''ଯୋ ବ୍ରହ୍ମାଣଂ ବିଦଧାତି ପୂର୍ବଂ ଯୋ ବୈ ବେଦାଂଶ୍ଚ ଗାପୟତି ସ୍ମ କୃଷ୍ଣଃ ।''* ଅର୍ଥାତ୍ ପ୍ରଥମେ ଯେ ବ୍ରହ୍ମାଙ୍କୁ ବୈଦିକ ଜ୍ଞାନ ପ୍ରଦାନ କଲେ ସେ ହେଉଛନ୍ତି ଶ୍ରୀକୃଷ୍ଣ ଏବଂ ସେ ମଧ୍ୟ ଅତୀତରେ ବୈଦିକ ଜ୍ଞାନ ପ୍ରଦାନ କରିଛନ୍ତି ।'' ପୁନର୍ବାର କୁହାଯାଇଅଛି, *''ଅଥ ପୁରୁଷୋ ହ ବୈ ନାରାୟଣୋଽକାମୟତ ପ୍ରଜାଃ ସୃଜେୟ ଇତି ଉପକ୍ରମ୍ୟ ।''* ଅର୍ଥାତ୍–''ତତ୍ପରେ ପରମପୁରୁଷ ନାରାୟଣ ଜୀବ ସୃଷ୍ଟି କରିବାକୁ ଇଚ୍ଛା କଲେ ।'' ପୁନର୍ବାର କୁହାଯାଇଅଛି– *''ନାରାୟଣାଦ୍ ବ୍ରହ୍ମ ଜାୟତେ, ନାରାୟଣାଦ୍ ପ୍ରଜାପତିଃ ପ୍ରଜାୟତେ, ନାରାୟଣାଦ୍ ଇନ୍ଦ୍ରୋଜାୟତେ, ନାରାୟଣାଦ୍*

*ଅଷ୍ଟୌ ବସବୋ ଜାୟନ୍ତେ, ନାରାୟଣାଦ୍ ଏକାଦଶ ରୁଦ୍ରା ଜାୟନ୍ତେ, ନାରାୟଣାଦ୍ ଦ୍ୱାଦଶାଦିତ୍ୟାଃ ।''* ଅର୍ଥାତ୍– ''ନାରାୟଣଙ୍କଠାରୁ ବ୍ରହ୍ମା ଜାତ ହୋଇଛନ୍ତି; ନାରାୟଣଙ୍କଠାରୁ ପ୍ରଜାପତିଗଣ ମଧ୍ୟ ଜାତ ହୋଇଛନ୍ତି । ନାରାୟଣଙ୍କଠାରୁ ଇନ୍ଦ୍ର ଜାତ ହୋଇଛନ୍ତି; ନାରାୟଣଙ୍କଠାରୁ ଅଷ୍ଟବସୁ ଜାତ ହୋଇଛନ୍ତି, ନାରାୟଣଙ୍କଠାରୁ ଏକାଦଶ ରୁଦ୍ର ଜାତ ହୋଇଛନ୍ତି, ନାରାୟଣଙ୍କଠାରୁ ଦ୍ୱାଦଶ ଆଦିତ୍ୟ ମଧ୍ୟ ଜାତ ହୋଇଛନ୍ତି ।''

ସେଇ ବେଦରେ ପୁଣି କୁହାଯାଇଅଛି, *''ବ୍ରହ୍ମଣ୍ୟୋ ଦେବକୀ ପୁତ୍ରଃ ।''* ଅର୍ଥାତ୍ ''ଦେବକୀ ପୁତ୍ର କୃଷ୍ଣ ହିଁ ପରମପୁରୁଷ ଅଟନ୍ତି ।'' ପୁଣି କୁହାଯାଇଅଛି–

*''ଏକୋ ବୈ ନାରାୟଣ ଆସୀନ୍ ନ ବ୍ରହ୍ମା ନ ଈଶାନୋ,*
*ନାପୋ ନାଗ୍ନି ସମୌ ନେମେ ଦ୍ୟାବା-ପୃଥିବୀ ନ ନକ୍ଷତ୍ରାଣି ନ ସୂର୍ଯ୍ୟଃ ।*
*ସ ଏକାକୀ ନ ରମତେ ତସ୍ୟ ଧ୍ୟାନାନ୍ତଃ ସ୍ଥସ୍ୟ ଯତ୍ର ଛାନ୍ଦୋଗୈଃ,*
*କ୍ରିୟମାଣାଷ୍ଟକାଦିସଂଜ୍ଞକା ସ୍ତୁତିସ୍ତୋମଃ ସ୍ତୋମମ୍ ଉଚ୍ୟତେ ।''*

ଅର୍ଥାତ୍– ''ସୃଷ୍ଟି ପ୍ରାରମ୍ଭରେ କେବଳ ପରମପୁରୁଷ ନାରାୟଣ ହିଁ ଥିଲେ । ବ୍ରହ୍ମା, ଶିବ, ଅଗ୍ନି ଏବଂ ଆକାଶରେ ଚନ୍ଦ୍ର, ନକ୍ଷତ୍ର ଓ ସୂର୍ଯ୍ୟ କେହି ନଥିଲେ । କେବଳ କୃଷ୍ଣ ହିଁ ଥିଲେ, ଯେ'କି ସମସ୍ତ ସୃଷ୍ଟି କରନ୍ତି ଏବଂ ଉପଭୋଗ କରନ୍ତି ।''

ଅନେକ ପୁରାଣରେ କୁହାଯାଇଅଛି ଯେ ଶ୍ରୀ ଶିବଜୀ ପରମପୁରୁଷ ଭଗବାନଙ୍କଠାରୁ ଜାତ ହୋଇଛନ୍ତି ଏବଂ ବେଦ ମଧ୍ୟ କହେ ଯେ ଭଗବାନ୍ ହିଁ ବ୍ରହ୍ମା ଓ ଶିବଙ୍କର ସୃଷ୍ଟିକର୍ତ୍ତା । ସେହି ଭଗବାନ୍ ହିଁ ପୂଜ୍ୟ ଅଟନ୍ତି । 'ମୋକ୍ଷଧର୍ମ'ରେ ଶ୍ରୀକୃଷ୍ଣ କହିଛନ୍ତି, *''ପ୍ରଜାପତି ଚ ରୁଦ୍ରଂ ଚାପ୍ୟହଂ ଏବ ସୃଜାମି ବୈ ତୌ ହି ମାମ୍ ନ ବିଜାନୀତୋ ମମ ମାୟା ବିମୋହିତୌ ।''* ଅର୍ଥାତ୍ ''ପ୍ରଜାପତିଗଣ, ଶିବ ଓ ଅନ୍ୟମାନେ ମୋ' ଦ୍ୱାରା ସୃଷ୍ଟ ହୋଇଛନ୍ତି; ଯେହେତୁ ସେମାନେ ମୋର ମାୟାଶକ୍ତି ଦ୍ୱାରା ବିମୋହିତ, ସେମାନେ ଜାଣନ୍ତି ନାହିଁ ଯେ ମୋ'ଠାରୁ ଜାତ ହୋଇଛନ୍ତି ।'' ବରାହପୁରାଣରେ କୁହାଯାଇଅଛି– *''ନାରାୟଣଃ ପରୋ ଦେବସ୍ ତସ୍ମାଜ୍ ଜାତଶ୍ ଚତୁର୍ମୁଖଃ ତସ୍ମାଦ୍ ରୁଦ୍ରୋଽଭବଦ୍ ଦେବଃ ସ ଚ ସର୍ବଜ୍ଞତାଂ ଗତଃ ।''* ଅର୍ଥାତ୍– ନାରାୟଣ ପରମପୁରୁଷ ଅଟନ୍ତି ତାଙ୍କଠାରୁ ବ୍ରହ୍ମା ଜାତ ହୋଇଛନ୍ତି ଏବଂ ବ୍ରହ୍ମାଙ୍କଠାରୁ ଶିବ ଜାତ ହୋଇଛନ୍ତି ।''

ଭଗବାନ୍ ଶ୍ରୀକୃଷ୍ଣ ସମସ୍ତ ଜୀବ ବଂଶାବଳୀର ଉପତ୍ତିସ୍ଥଳ ଅଟନ୍ତି ଏବଂ ସେ ସର୍ବ କାରଣର କାରଣ ଅଟନ୍ତି । ତେଣୁ ସେ କହିଛନ୍ତି, ''ଯେଣୁ ସବୁ ମୋ'ଠାରୁ ଜାତ, ତେଣୁ ମୁଁ ସମସ୍ତଙ୍କର ମୂଳ କାରଣ ଅଟେ । ସମସ୍ତେ ମୋର ଅଧୀନସ୍ଥ ଅଟନ୍ତି; କେହି ମୋ ଉପରେ ନାହାନ୍ତି ।'' ଶ୍ରୀକୃଷ୍ଣଙ୍କ ବ୍ୟତୀତ ଅନ୍ୟ କେହି ପରମ ଅଧ୍ୟକ୍ଷ ନାହାନ୍ତି । ଯେଉଁବ୍ୟକ୍ତି ଏକ ଉପଯୁକ୍ତ ଗୁରୁଙ୍କଠାରୁ ଓ ବୈଦିକ ସାହିତ୍ୟମାନଙ୍କରୁ ଏହି ପ୍ରକାରେ ଶ୍ରୀକୃଷ୍ଣଙ୍କୁ ଜାଣିପାରେ ଏବଂ ତା'ର ସମସ୍ତ ଶକ୍ତି କୃଷ୍ଣଚେତନାରେ ବିନିଯୋଗ କରେ, ସେ ଏକ ପ୍ରକୃତ ବିଦ୍ୱାନ ବା ପଣ୍ଡିତ ଅଟେ । ତା'ତୁଳନାରେ ଅନ୍ୟମାନେ, ଯେଉଁମାନେ ଭଲଭାବରେ କୃଷ୍ଣଙ୍କୁ ଜାଣି ନାହାନ୍ତି, ନିର୍ବୋଧ ବା ମୂର୍ଖ ଅଟନ୍ତି । କେବଳ ଏକ ମୂର୍ଖ ବ୍ୟକ୍ତି ହିଁ ଶ୍ରୀକୃଷ୍ଣଙ୍କୁ ଏକ ସାଧାରଣ ମାନବ ବୋଲି ବିବେଚନା କରେ । ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ମୂର୍ଖମାନଙ୍କ କଥା ଶୁଣି ଭ୍ରମିତ ହେବା ଉଚିତ୍ ନୁହେଁ । ସେ ଭଗବଦ୍ ଗୀତାର ଅନ୍ୟ ସମସ୍ତ ଭ୍ରମାତ୍ମକ ତଥ୍ୟ ଅସ୍ୱୀକୃତ

ଭାଷ୍ୟ ତ୍ୟାଗ କରିବା ଉଚିତ୍ ଏବଂ ଦୃଢ଼ତାର ସହିତ କୃଷ୍ଣଚେତନା ମାର୍ଗରେ ଅଗ୍ରଗତି କରିବା ଉଚିତ୍ ।

## ଶ୍ଳୋକ - ୯

**ମଚ୍ଚିତ୍ତା ମଦ୍ଗତପ୍ରାଣା ବୋଧୟନ୍ତଃ ପରସ୍ପରମ୍ ।**
**କଥୟନ୍ତଶ୍ଚ ମାଂ ନିତ୍ୟଂ ତୁଷ୍ୟନ୍ତି ଚ ରମନ୍ତି ଚ ।।୯।।**

## ଶବ୍ଦାନୁବାଦ

ମତ୍-ଚିତ୍ତାଃ=ସଂପୂର୍ଣ୍ଣରୂପେ ମନ ମୋଠାରେ ନିଯୁକ୍ତ; ମତ୍-ଗତ-ପ୍ରାଣାଃ=କୃଷ୍ଣ ସେବାରେ ଜୀବନ ଅର୍ପିତ; ବୋଧୟନ୍ତଃ=ପ୍ରଚାର କରି; ପରସ୍ପରମ୍=ପରସ୍ପର ମଧ୍ୟରେ; କଥୟନ୍ତଃ ଚ=କଥାବାର୍ତ୍ତା ହୋଇ ମଧ୍ୟ; ମାମ୍=ମୋ ବିଷୟରେ; ନିତ୍ୟମ୍=ସର୍ବଦା; ତୁଷ୍ୟନ୍ତି=ସନ୍ତୁଷ୍ଟ ହୁଅନ୍ତି; ଚ=ମଧ୍ୟ; ରମନ୍ତି=ଦିବ୍ୟ ଆନନ୍ଦ ଉପଭୋଗ କରନ୍ତି; ଚ=ମଧ୍ୟ ।

## ଅନୁବାଦ

**ମୋର ଶୁଦ୍ଧ ଭକ୍ତମାନଙ୍କର ଚିନ୍ତାଧାରା ମୋ'ଠାରେ ହିଁ କେନ୍ଦ୍ରିତ ହୋଇଥାଏ, ସେମାନଙ୍କର ଜୀବନ ମୋ'ଠାରେ ସମର୍ପିତ ହୋଇଥାଏ ଏବଂ ସେମାନେ ପରସ୍ପର ମଧ୍ୟରେ ମୋ'ସମ୍ବନ୍ଧରେ କଥାବାର୍ତ୍ତା ହୋଇ ଏବଂ ମୋ' ସମ୍ବନ୍ଧୀୟ ଜ୍ଞାନାଲୋକ ପ୍ରଦାନ କରି ଅତ୍ୟନ୍ତ ଦିବ୍ୟ ଆନନ୍ଦ ଓ ସନ୍ତୋଷ ଲାଭ କରନ୍ତି ।**

## ଭାବାର୍ଥ

ଶୁଦ୍ଧ ଭକ୍ତଗଣ, ଯେଉଁମାନଙ୍କ କଥା ଏଠାରେ କୁହାଯାଇଅଛି, ସଂପୂର୍ଣ୍ଣରୂପେ ନିଜକୁ ଭଗବାନଙ୍କର ଦିବ୍ୟ ସେବାରେ ନିଯୁକ୍ତ କରନ୍ତି । ସେମାନଙ୍କର ମନ କଦାପି ଶ୍ରୀକୃଷ୍ଣଙ୍କର ପଦାରବିନ୍ଦରୁ ବିଚ୍ୟୁତ ହୋଇ ପାରେନାହିଁ । ସେମାନଙ୍କର କଥାବାର୍ତ୍ତା କେବଳ ଭଗବାନଙ୍କ ସମ୍ବନ୍ଧୀୟ ଦିବ୍ୟ ବିଷୟବସ୍ତୁ ଉପରେ ହିଁ ଆଧାରିତ ହୋଇଥାଏ । ଏ ଶ୍ଳୋକରେ ବିଶେଷକରି ଶୁଦ୍ଧ ଭକ୍ତମାନଙ୍କର ଲକ୍ଷଣମାନ ବର୍ଣ୍ଣନା କରାଯାଇଅଛି । ଭକ୍ତଗଣ ଦିନରାତି ଚବିଶ ଘଣ୍ଟା ଭଗବାନଙ୍କର ଦିବ୍ୟଲୀଳା ଗାନରେ ନିଯୁକ୍ତ ଥା'ନ୍ତି । ସେମାନଙ୍କର ମନ-ପ୍ରାଣ ବରାବର ଶ୍ରୀକୃଷ୍ଣଙ୍କଠାରେ ମଗ୍ନ ହୋଇଥାଏ ଏବଂ ଅନ୍ୟ ଭକ୍ତମାନଙ୍କସହ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ କଥାବାର୍ତ୍ତା ହୋଇ ଖୁବ୍ ଆନନ୍ଦ ଅନୁଭବ କରନ୍ତି ।

ଭକ୍ତିଯୋଗର ପ୍ରାଥମିକ ସ୍ତରରେ ସେମାନେ ସେବାକରି ବା ସେବାରେ ନିଯୁକ୍ତ ହୋଇ ଦିବ୍ୟ ଆନନ୍ଦ ଅନୁଭବ କରନ୍ତି ଏବଂ ପରିଣତ ଅବସ୍ଥାରେ ସେମାନେ ବାସ୍ତବରେ ଭଗବତ୍ ପ୍ରେମରେ ହିଁ ମଜ୍ଜିଥା'ନ୍ତି । ଥରେ ସେ ଦିବ୍ୟସ୍ତରରେ ଅବସ୍ଥାନ କଲେ, ସେମାନେ ଭଗବାନଙ୍କର ପରମଧାମରେ ଭଗବାନଙ୍କ ଦ୍ୱାରା ପ୍ରଦର୍ଶିତ ହେଉଥିବା ପୂର୍ଣ୍ଣତା ଅନୁଭବ କରି ପାରନ୍ତି । ଶ୍ରୀ ଚୈତନ୍ୟ ମହାପ୍ରଭୁ ଏ ଭକ୍ତିଯୋଗକୁ (ଅର୍ଥାତ୍ କୃଷ୍ଣସେବାକୁ) ଜୀବର ହୃଦୟରେ ବୀଜବପନ ସଙ୍ଗେ ତୁଳନା କରନ୍ତି । ବ୍ରହ୍ମାଣ୍ଡର ଭିନ୍ନ ଭିନ୍ନ ଲୋକରେ ଅସଂଖ୍ୟ ଜୀବ ବିଚରଣ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଖୁବ୍ କ୍ୱଚିତ୍ ଭାଗ୍ୟବାନ୍ କେତେଜଣ ଏକ ଶୁଦ୍ଧଭକ୍ତଙ୍କ ସଙ୍ଗଲାଭର ସୁଯୋଗ ପା'ନ୍ତି ଏବଂ ଭକ୍ତିଯୋଗ ବିଜ୍ଞାନ ସମ୍ବନ୍ଧରେ କିଛି ଜାଣିବାର ସୁବିଧା ପା'ନ୍ତି । ଏଇ ଭକ୍ତି-

ସେବା ଏକ ବୀଜ ସଦୃଶ, ଯଦି ଏହା ଏକ ଜୀବର ହୃଦୟରେ ଲଗାଯାଇପାରେ ଏବଂ ଯଦି ସେ *"ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେରାମ ହରେରାମ ରାମ ରାମ ହରେ ହରେ"* ଶ୍ରବଣ-କୀର୍ତ୍ତନରତ ହୁଏ, ତେବେ ସେ ବୀଜରୁ ଅଙ୍କୁରୋଦ୍‌ଗମ ହୁଏ । ଯେପରି ଏକ ବୃକ୍ଷର ମଞ୍ଜିକୁ ଭୂଇଁରେ ଲଗାଇ ପାଣିଦେଲେ କାଳକ୍ରମେ ସେ ମଞ୍ଜିରୁ ଗଛ ହୁଏ ଏବଂ ଗଛ କ୍ରମେ ବଢ଼େ; ସେହିପରି "ହରେକୃଷ୍ଣ" କୀର୍ତ୍ତନ ଦ୍ୱାରା ଜୀବର ହୃଦୟରେ ଭକ୍ତିଲତା କ୍ରମେ ବୃଦ୍ଧି ଲାଭକରେ । ସେ ଦିବ୍ୟ ଭକ୍ତିଲତା କ୍ରମେ ବୃଦ୍ଧିପ୍ରାପ୍ତ ହୋଇ ଭୌତିକ ବ୍ରହ୍ମାଣ୍ଡର ଆବରଣକୁ ଭେଦ କରିଯାଏ ଏବଂ ପରବ୍ୟୋମରେ ବ୍ରହ୍ମଜ୍ୟୋତିରେ ପ୍ରବେଶ କରେ । ପରବ୍ୟୋମରେ ମଧ୍ୟ ତାହା ଅଧିକ ବୃଦ୍ଧିଲାଭକରି ସର୍ବୋଚ୍ଚ ଲୋକ, ଶ୍ରୀକୃଷ୍ଣଙ୍କର ପରମଧାମ ଗୋଲୋକ ବୃନ୍ଦାବନରେ ପ୍ରବେଶ କରେ । ପରିଣାମରେ ସେ ଲତା ଶ୍ରୀକୃଷ୍ଣଙ୍କର ପାଦପଦ୍ମରେ ଆଶ୍ରୟଗ୍ରହଣ କରେ ଏବଂ ସେହିଠାରେ ବିଶ୍ରାମ କରେ । ଯେପରି ଏକ ବୃକ୍ଷ କ୍ରମଶଃ ଫୁଲ-ଫଳ ଧାରଣ କରେ, ଠିକ୍ ସେହିପରି ଏ ଭକ୍ତିଲତା ଫୁଲ-ଫଳ ଧାରଣ କରେ ଏବଂ ଶ୍ରବଣ-କୀର୍ତ୍ତନରୂପ ଜଳସେଚନ କ୍ରିୟା ବରାବର ଚାଲିଥାଏ । ଏ ଭକ୍ତିଲତା କଥା ପୂର୍ଣ୍ଣଭାବେ-ଶ୍ରୀଚୈତନ୍ୟ ଚରିତାମୃତରେ ବର୍ଣ୍ଣନା କରାଯାଇଅଛି । ସେଥିରେ କୁହାଯାଇଅଛି ଯେ ଯେତେବେଳେ ସଂପୂର୍ଣ୍ଣ ଲତାଟି ଭଗବାନଙ୍କର ଚରଣାରବିନ୍ଦରେ ଆଶ୍ରୟ ଗ୍ରହଣ କରେ, ସେତେବେଳେ ବ୍ୟକ୍ତି ସଂପୂର୍ଣ୍ଣରୂପେ ଭଗବତ୍ ପ୍ରେମରେ ନିମଜ୍ଜିତ ହୋଇଯାଏ । ଯେପରି ମାଛ ପାଣିବିନା ବଞ୍ଚି ନପାରେ, ସେହିପରି ଭକ୍ତଙ୍କର ସେତେବେଳେ ଏହି ଅବସ୍ଥା ହୁଏ ଯେ ସେ ଏକ ମୁହୂର୍ତ୍ତ ଭଗବାନଙ୍କୁ ଚିନ୍ତା ନକରି ରହି ପାରେନାହିଁ । ଏ ପ୍ରକାର ଅବସ୍ଥାରେ ଭକ୍ତ ଭଗବାନଙ୍କ ସହିତ ସଂଯୁକ୍ତ ହୋଇ ବାସ୍ତବରେ ଦିବ୍ୟଗୁଣର ଅଧିକାରୀ ହୁଏ ।

ଭକ୍ତ ଓ ଭଗବାନଙ୍କର ସଂପର୍କ ସମ୍ବନ୍ଧୀୟ ଦିବ୍ୟ କାହାଣୀରେ ଶ୍ରୀମଦ୍ ଭାଗବତମ୍ ପରିପୂର୍ଣ୍ଣ । ସେଥିପାଇଁ ଶ୍ରୀମଦ୍ ଭାଗବତମ୍ ଭକ୍ତମାନଙ୍କର ଅତି ପ୍ରିୟ ଅଟେ । ସେ ବର୍ଣ୍ଣନାରେ ଭୌତିକ କ୍ରିୟା, ଇନ୍ଦ୍ରିୟ ଉପଭୋଗ କିମ୍ବା ମୁକ୍ତି ସମ୍ବନ୍ଧୀୟ କୌଣସି କଥା ନଥାଏ । ଶ୍ରୀମଦ୍ ଭାଗବତମ୍ ହେଉଛି ଏକମାତ୍ର ବ୍ୟାଖ୍ୟାନ ଯେଉଁଥିରେ କେବଳ ଭଗବାନ୍ ଓ ଭକ୍ତଙ୍କର ଦିବ୍ୟ ପ୍ରକୃତି କଥା ପୂର୍ଣ୍ଣଭାବେ ବର୍ଣ୍ଣନା କରାଯାଇଅଛି । ଯୁବକ ଯୁବତୀ ପରସ୍ପର ସଙ୍ଗଲାଭ କରି ଯେପରି ଆନନ୍ଦ ଅନୁଭବ କରନ୍ତି, ସେହିପରି ଆତ୍ମାନୁଭୂତି ଲାଭ କରିଥିବା କୃଷ୍ଣଚେତନଶୀଳ ମହାତ୍ମାଗଣ ସେ ଦିବ୍ୟ ଗ୍ରନ୍ଥମାନ ଶ୍ରବଣ କରି ଅଖଣ୍ଡ ଆନନ୍ଦ ଓ ସୁଖ ଲାଭ କରନ୍ତି ।

## ଶ୍ଳୋକ - ୧୦

**ତେଷାଂ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକମ୍ ।**
**ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ ।।୧୦।।**

## ଶବ୍ଦାନୁବାଦ

ତେଷାମ୍=ସେମାନଙ୍କର; ସତତ-ଯୁକ୍ତାନାମ୍=ସତତ ଯୁକ୍ତ; ଭଜତାମ୍=ଭକ୍ତି ଯୋଗରେ; ପ୍ରୀତି-ପୂର୍ବକମ୍=ପ୍ରୀତିପୂର୍ବକ; ଦଦାମି=ମୁଁ ଦିଏ; ବୁଦ୍ଧି-ଯୋଗମ୍=ପ୍ରକୃତ ବୁଦ୍ଧି; ତମ୍=ତାହା; ଯେନ=ଯାହାଦ୍ୱାରା; ମାମ୍=ମୋ'ଠାକୁ; ଉପଯାନ୍ତି=ଆସନ୍ତି; ତେ=ସେମାନେ ।

## ଅନୁବାଦ

**ଯେଉଁମାନେ ସର୍ବଦା ମୋ'ଠାରେ ଯୁକ୍ତ ହୋଇ ପ୍ରେମ, ଶ୍ରଦ୍ଧା ଓ ଭକ୍ତି ସହକାରେ ମୋର ପୂଜା କରନ୍ତି, ମୁଁ ସେମାନଙ୍କୁ ବୁଦ୍ଧି ଦିଏ, ଯାହା ସାହାଯ୍ୟରେ ସେମାନେ ମୋ ପାଖକୁ ଆସି ପାରିବେ ।**

## ଭାବାର୍ଥ

ଏ ଶ୍ଳୋକରେ ''ବୁଦ୍ଧିଯୋଗ'' ଶବ୍ଦ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ । ଆମେ ଏହା ମନେ ପକାଇ ପାରିବା ଯେ ଦ୍ୱିତୀୟ ଅଧ୍ୟାୟରେ ଭଗବାନ୍ ଅର୍ଜୁନଙ୍କୁ ଉପଦେଶ ଦେଇ କହୁଛନ୍ତି ଯେ ସେ ତାଙ୍କୁ ଅନେକ କଥା କହିସାରିଲେଣି, ବର୍ତ୍ତମାନ ସେ ବୁଦ୍ଧିଯୋଗ ସମ୍ବନ୍ଧରେ କହିବେ ବର୍ତ୍ତମାନ ସେ ବୁଦ୍ଧିଯୋଗ କ'ଣ, ସେ କଥା କୁହାଯାଉଅଛି । ବୁଦ୍ଧିଯୋଗ ହେଉଛି କୃଷ୍ଣଚେତନଶୀଳ ହୋଇ କାର୍ଯ୍ୟକରିବା । ତାହା ଅତି ଉଚ୍ଚକୋଟୀର ବୁଦ୍ଧି ଅଟେ । 'ବୁଦ୍ଧି'ର ଅର୍ଥ ହେଲା ଚତୁରତା ଏବଂ ''ଯୋଗଂ'' ଶବ୍ଦର ଅର୍ଥ ଯୌଗିକ କ୍ରିୟା କିମ୍ବା ଯୌଗିକ ଉନ୍ନତି । ଯେତେବେଳେ ବ୍ୟକ୍ତି ଘରକୁ (ପରମଧାମକୁ), ଭଗବାନଙ୍କ ନିକଟକୁ ଫେରି ଯିବାକୁ ଚେଷ୍ଟାକରେ ଏବଂ ସଂପୂର୍ଣ୍ଣରୂପେ ଭକ୍ତିର ସହିତ କୃଷ୍ଣଚେତନା ମାର୍ଗକୁ ଗ୍ରହଣ କରେ, ସେତେବେଳେ ତା'ର ''ବୁଦ୍ଧିଯୋଗଂ'' କୁହାଯାଏ । ଅନ୍ୟକଥାରେ ଏହାହିଁ କୁହାଯାଇପାରେ ଯେ ''ବୁଦ୍ଧିଯୋଗଂ'' ହେଉଛି ଏକ ପନ୍ଥା ବା ମାର୍ଗ, ଯାହା ସାହାଯ୍ୟରେ ବ୍ୟକ୍ତି ଏ ଭୌତିକ ବନ୍ଧନରୁ ମୁକ୍ତ ହୋଇଯାଏ । ଏ ମାର୍ଗରେ ଅନ୍ତିମ ଲକ୍ଷ୍ୟ ହେଉଛନ୍ତି ଶ୍ରୀକୃଷ୍ଣ । ଲୋକମାନେ ଏହା ଜାଣନ୍ତି ନାହିଁ; ସେଇଥିପାଇଁ ଭକ୍ତମାନଙ୍କ ସଙ୍ଗଲାଭ ଏବଂ ଏକ ଉପଯୁକ୍ତ ଗୁରୁଲାଭ ଆବଶ୍ୟକ ଅଟେ । ବ୍ୟକ୍ତି ଜାଣିବା ଉଚିତ୍ ଯେ, ଲକ୍ଷ୍ୟସ୍ଥଳ ହେଉଛନ୍ତି ଶ୍ରୀକୃଷ୍ଣ । ଯେତେବେଳେ ଲକ୍ଷ୍ୟ ସ୍ଥିର ହୋଇଯାଏ, ସେତେବେଳେ (ତତ୍ପରେ)ସେ ମାର୍ଗରେ କ୍ରମେ ଅଗ୍ରଗତି କରିବାକୁ ହୁଏ ଏବଂ ଶେଷରେ ଲକ୍ଷ୍ୟପ୍ରାପ୍ତି ହୁଏ ।

ଯେତେବେଳେ ବ୍ୟକ୍ତି ଜୀବନର ଲକ୍ଷ୍ୟ କ'ଣ ଜାଣିଯାଏ; କିନ୍ତୁ ନିଜର କର୍ମଫଳ ପ୍ରତି ଆସକ୍ତ ହୋଇ ପଡ଼ିଥାଏ, ସେତେବେଳେ ସେ କର୍ମ-ଯୋଗ ମାର୍ଗରେ କାର୍ଯ୍ୟକରୁଛି ବୋଲି ବୁଝାଯିବ । ଯେତେବେଳେ ସେ ଜାଣେ ଯେ କୃଷ୍ଣ ହେଉଛନ୍ତି, ଲକ୍ଷ୍ୟସ୍ଥଳ; କିନ୍ତୁ କୃଷ୍ଣଙ୍କୁ ବୁଝିବା ନିମିତ୍ତ ମାନସିକ ଚିନ୍ତାରେ ଆନନ୍ଦପାଏ, ସେତେବେଳେ ସେ ଜ୍ଞାନଯୋଗ ମାର୍ଗରେ ରତ ଅଛି ବୋଲି ବୁଝାଯିବ । ଯେତେବେଳେ ସେ ଜୀବନର ଲକ୍ଷ୍ୟ ସମ୍ବନ୍ଧରେ ଅବହିତ ହୋଇଯାଏ ଏବଂ ପୂର୍ଣ୍ଣ କୃଷ୍ଣଚେତନଶୀଳ ହୋଇ ଭକ୍ତିଯୋଗ ମାର୍ଗରେ କୃଷ୍ଣଙ୍କୁ ଅନୁସନ୍ଧାନ କରେ, ସେତେବେଳେ ସେ 'ଭକ୍ତିଯୋଗ' ବା 'ବୁଦ୍ଧିଯୋଗ' ମାର୍ଗରେ କର୍ମ କରୁଛି ବୋଲି ବୁଝାଯିବ । ତାହା ପୂର୍ଣ୍ଣଯୋଗ ଅଟେ । ଏଇ ପୂର୍ଣ୍ଣଯୋଗ ହେଉଛି ଜୀବନର ପୂର୍ଣ୍ଣତମ ସ୍ତର ।

ବ୍ୟକ୍ତି ଏକ ଉପଯୁକ୍ତ ଗୁରୁଲାଭ କରିପାରେ ଏବଂ ଏକ ଆଧ୍ୟାତ୍ମିକ ସଂସ୍ଥାରେ ଯୋଗ ଦେଇପାରେ; କିନ୍ତୁ ସେ ଯଦି ସେହି ମାର୍ଗରେ ଉନ୍ନତି କରିବା ନିମିତ୍ତ ଅଧିକ ବୁଦ୍ଧିମାନ ନ ହୋଇଥାଏ, ତେବେ କୃଷ୍ଣ ଅନ୍ତରରୁ ତାକୁ ବୁଦ୍ଧି ଦିଅନ୍ତି, ଯାହାଫଳରେ ସେ ପରିଣାମତଃ ସହଜରେ ତାଙ୍କ (କୃଷ୍ଣଙ୍କ) ପାଖକୁ ଯାଇପାରିବ । ଏକମାତ୍ର ଯୋଗ୍ୟତା ହେଉଛି ବ୍ୟକ୍ତି ବରାବର

କୃଷ୍ଣଚେତନାରେ ନିମଗ୍ନ ରହିବା ଉଚିତ୍ ଏବଂ ପ୍ରେମ ଓ ଶ୍ରଦ୍ଧା ସହକାରେ କୃଷ୍ଣଙ୍କ ନିମିତ୍ତ ସମସ୍ତପ୍ରକାର ସେବା କରିବା ଉଚିତ୍ । ସେ କୃଷ୍ଣଙ୍କ ନିମିତ୍ତ କିଛି କର୍ମ କରିବା ଉଚିତ୍ ଏବଂ ତାହା ପ୍ରେମ ଓ ଶ୍ରଦ୍ଧା ସହକାରେ କରିବା ଉଚିତ୍ । ଯଦି ଭକ୍ତ ବୁଦ୍ଧିମାନ ହୋଇଥାଏ, ସେ ଏ ଆତ୍ମାନୁଭୂତିଲାଭ ମାର୍ଗରେ ନିଶ୍ଚୟ ଉନ୍ନତି କରିବ । ଯଦି ବ୍ୟକ୍ତି ନିଷ୍ଠାପର ହୋଇଥାଏ ଏବଂ କୃଷ୍ଣଙ୍କ ସେବାରେ ବିଶେଷ ପରିମାଣରେ ଆତ୍ମନିୟୋଗ କରିଥାଏ, ତେବେ ଭଗବାନ୍ ତାଙ୍କୁ ଉନ୍ନତି କରିବା ନିମିତ୍ତ ଏବଂ ଶେଷରେ ତାଙ୍କୁ ପ୍ରାପ୍ତ ହେବା ନିମିତ୍ତ ଏକ ସୁଯୋଗ ଦିଅନ୍ତି ।

## ଶ୍ଲୋକ - ୧୧

**ତେଷାମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ ।**
**ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା ।। ୧୧ ।।**

## ଶବ୍ଦାନୁବାଦ

ତେଷାମ୍=ସେମାନଙ୍କର; ଏବ=ନିଶ୍ଚିତଭାବେ; ଅନୁକମ୍ପା-ଅର୍ଥମ୍=ସ୍ୱତନ୍ତ୍ର ଦୟା ପ୍ରଦର୍ଶନ ନିମିତ୍ତ; ଅହମ୍=ମୁଁ; ଅଜ୍ଞାନ-ଜମ୍=ଅଜ୍ଞାନତା ଯୋଗୁଁ; ତମଃ=ଅନ୍ଧକାର; ନାଶୟାମି=ଦୂରକରେ (ନାଶକରେ); ଆତ୍ମ=ଅନ୍ତରରେ; ଭାବ-ସ୍ଥଃ=ଭାବଯୁକ୍ତ; ଜ୍ଞାନ=ଜ୍ଞାନର; ଦୀପେନ=ଦୀପ ସାହାଯ୍ୟରେ; ଭାସ୍ୱତା=ଉଜ୍ଜ୍ୱଳ ।

## ଅନୁବାଦ

**ସେମାନଙ୍କ ପ୍ରତି ଅନୁକମ୍ପାବଶତଃ ମୁଁ ସେମାନଙ୍କର ହୃଦୟରେ ରହି ଉଜ୍ଜ୍ୱଳ ଜ୍ଞାନଦୀପ ସାହାଯ୍ୟରେ ଅଜ୍ଞାନତାରୁ ଜାତ ଅନ୍ଧକାରକୁ ନାଶକରେ ।**

## ଭାବାର୍ଥ

ଯେତେବେଳେ ଶ୍ରୀ ଚୈତନ୍ୟ ମହାପ୍ରଭୁ ବନାରସରେ *"ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେରାମ ହରେରାମ ରାମ ରାମ ହରେ ହରେ"* ମନ୍ତ୍ର କୀର୍ତ୍ତନ ଓ ଜପ କଥା ପ୍ରଚାର କରୁଥିଲେ, ହଜାର ହଜାର ଲୋକ ତାଙ୍କୁ ଅନୁସରଣ କରୁଥିଲେ । ସେତେବେଳେ ପ୍ରକାଶାନନ୍ଦ ସରସ୍ୱତୀ ବନାରସରେ ଜଣେ ପ୍ରସିଦ୍ଧ ସ୍ୱନାମଧନ୍ୟ ପଣ୍ଡିତ ଥିଲେ । ସେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ ଏକ ଭାବପ୍ରଦର୍ଶକ ବୋଲି କହି ଅବମାନନା କଲେ । ବେଳେବେଳେ ଦାର୍ଶନିକଗଣ ଭକ୍ତମାନଙ୍କୁ ସମାଲୋଚନା କରନ୍ତି; କାରଣ ସେମାନେ ଭାବନ୍ତି ଯେ ଅଧିକାଂଶ ଭକ୍ତ ଅଜ୍ଞାନ ଅନ୍ଧକାରରେ ଅଛନ୍ତି ଏବଂ ଦାର୍ଶନିକ ମତାନୁଯାୟୀ ସେମାନେ ସରଳ ଭାବୁକ ଅଟନ୍ତି । ବାସ୍ତବରେ କଥା ତାହା ନୁହେଁ । ଅନେକ ପ୍ରସିଦ୍ଧ ପଣ୍ଡିତ ଅଛନ୍ତି, ଯେଉଁମାନେ'କି ଭକ୍ତିଯୋଗ ବିଜ୍ଞାନ ପ୍ରକାଶ କରିଛନ୍ତି; କିନ୍ତୁ ଯଦି କୌଣସି ଭକ୍ତ ସେମାନଙ୍କ ଦ୍ୱାରା ପ୍ରଣୀତ ଶାସ୍ତ୍ରର ସୁବିଧା ନ ନିଏ କିମ୍ବା ଗୁରୁଙ୍କର ସୁବିଧା ନ ନିଏ ଏବଂ ସେ ଯଦି ନିଷ୍ଠାପର ଭାବରେ ଭକ୍ତିଯୋଗ ମାର୍ଗରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ସେବାରତ ଥାଏ, ତାହାହେଲେ ଭଗବାନ୍ ଶ୍ରୀକୃଷ୍ଣ ତା'ର ହୃଦୟରେ ରହି ତାକୁ ସାହାଯ୍ୟ କରନ୍ତି । ତେଣୁ ଯେଉଁ ନିଷ୍ଠାପର ଭକ୍ତ ପୂର୍ଣ୍ଣରୂପେ କୃଷ୍ଣଚେତନଶୀଳ ହୋଇ କୃଷ୍ଣସେବା-ନିରତ ଥାଏ, ସେ କଦାପି ଅଜ୍ଞାନ ହୋଇ ନପାରେ । ଏକମାତ୍ର ଯୋଗ୍ୟତା ହେଉଛି ଯେ ବ୍ୟକ୍ତି ପୂର୍ଣ୍ଣ କୃଷ୍ଣଚେତନଶୀଳ ହୋଇ ଭକ୍ତିଯୋଗ ମାର୍ଗରେ ସେବାରତ ହେବା ଉଚିତ୍ ।

ଆଧୁନିକ ଦାର୍ଶନିକଗଣ ଭାବନ୍ତି ଯେ ବିଗ୍ରହଶକ୍ତି ବିନା ବ୍ୟକ୍ତି କଦାପି ଶୁଦ୍ଧଜ୍ଞାନ ଲାଭ କରିପାରିବ ନାହିଁ। ସେମାନଙ୍କପାଇଁ ଭଗବାନ୍ ଏ ଉତ୍ତର ଦେଉଛନ୍ତି–ଯେଉଁମାନେ ଶୁଦ୍ଧ ଭକ୍ତିଯୋଗ ମାର୍ଗରେ ଭଗବାନଙ୍କ ସେବାରତ ଅଛନ୍ତି, ସେମାନେ ଯଥେଷ୍ଟ ଶିକ୍ଷାଦୀକ୍ଷା ଲାଭ କରି ନଥିଲେ ସୁଦ୍ଧା ଏବଂ ଯଥେଷ୍ଟ ପରିମାଣରେ ବୈଦିକ ଜ୍ଞାନ ବା ରୀତିନୀତି ସମ୍ବନ୍ଧରେ ଜ୍ଞାନ ହାସଲ କରିନଥିଲେ ସୁଦ୍ଧା ଭଗବାନ୍ ସେମାନଙ୍କୁ ସାହାଯ୍ୟ କରନ୍ତି। ଏହିକଥା ଏ ଶ୍ଲୋକରେ କୁହାଯାଇଅଛି।

ଭଗବାନ୍ ଅର୍ଜୁନଙ୍କୁ କହିଛନ୍ତି ଯେ କେବଳ ମାନସିକ ଚିନ୍ତାଦ୍ୱାରା ପରମସତ୍ୟ-ସ୍ୱରୂପ ପରମପୁରୁଷ ଭଗବାନଙ୍କୁ ଜାଣିବା ସମ୍ଭବପର ନୁହେଁ; କାରଣ ପରମସତ୍ୟ ଭଗବାନ୍ ଏଡ଼େ ମହାନ୍ ଯେ କେବଳ ମାନସିକ ଚିନ୍ତାଦ୍ୱାରା ତାଙ୍କୁ ବୁଝିବା ବା ପ୍ରାପ୍ତହେବା ସମ୍ଭବପର ନୁହେଁ। ମାନବ କୋଟି କୋଟି ବର୍ଷଧରି ଚିନ୍ତା କରିପାରେ, କିନ୍ତୁ ସେ ଯଦି ଭକ୍ତ ନୁହେଁ, ସେ ଯଦି ପରମସତ୍ୟସ୍ୱରୂପ ଭଗବାନଙ୍କୁ ଭଲ ନପାଏ, ତେବେ ସେ କଦାପି ପରମସତ୍ୟସ୍ୱରୂପ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବୁଝିପାରିବ ନାହିଁ। କେବଳ ଭକ୍ତି ଦ୍ୱାରା ହିଁ ପରମସତ୍ୟ ଭଗବାନ୍ ଶ୍ରୀକୃଷ୍ଣ ସନ୍ତୁଷ୍ଟ ହୁଅନ୍ତି ଏବଂ ତାଙ୍କର ଅଚିନ୍ତ୍ୟ ଶକ୍ତିଦ୍ୱାରା ସେ ଶୁଦ୍ଧଭକ୍ତର ହୃଦୟରେ ପ୍ରକଟିତ ହୋଇପାରନ୍ତି। ଶୁଦ୍ଧଭକ୍ତର ହୃଦୟରେ ସର୍ବଦା କୃଷ୍ଣ ଥା'ନ୍ତି; ତେଣୁ ସେ ଠିକ୍ ଏକ ସୂର୍ଯ୍ୟପରି, ଯେ'କି ଅଜ୍ଞାନ-ଅନ୍ଧକାର ଦୂର କରନ୍ତି। ଏହା ହେଉଛି ଭଗବାନ୍ ଶ୍ରୀକୃଷ୍ଣଙ୍କର ଶୁଦ୍ଧଭକ୍ତ ପ୍ରତି ସ୍ୱତନ୍ତ୍ର ଅନୁକମ୍ପା।

ଅନେକ ଜନ୍ମଧରି ଭୌତିକତାର ସଂସ୍ପର୍ଶରେ ଆସିବା ଦ୍ୱାରା ବ୍ୟକ୍ତିର ହୃଦୟ ଭୌତିକ ଦୋଷଦ୍ୱାରା ଦୂଷିତ ହୋଇ ଯାଇଥାଏ, ଅର୍ଥାତ୍–ଭୌତିକ ଦୋଷଜାତ ମଇଳା ତା'ର ହୃଦୟକୁ ଆବୃତ କରିପକାଇଥାଏ; କିନ୍ତୁ ଯେତେବେଳେ ସେ ଭଗବାନଙ୍କର ସେବା ରତ ହୋଇଯାଏ ଏବଂ ବରାବର 'ହରେକୃଷ୍ଣ' ମନ୍ତ୍ର ଜପକରେ, ସେତେବେଳେ ସେ ମଇଳା ଖୁବ୍ ଶୀଘ୍ର ପରିଷ୍କାର ହୋଇଯାଏ ଏବଂ ସେ ଶୁଦ୍ଧ ଜ୍ଞାନସ୍ତରକୁ ଉନ୍ନୀତ ହୁଏ। ଜୀବନର ପରମଗତି (ଲକ୍ଷ୍ୟ) ବିଷ୍ଣୁ କେବଳ ଏଇ ଜପ-ଯଜ୍ଞଦ୍ୱାରା ଏବଂ ଭକ୍ତିଦ୍ୱାରା ପ୍ରାପ୍ତ ହୋଇପାରନ୍ତି। ସେ କଦାପି ମାନସିକ ଚିନ୍ତା ବା ଯୁକ୍ତିଦ୍ୱାରା ପ୍ରାପ୍ତ ହୁଅନ୍ତି ନାହିଁ। ଶୁଦ୍ଧଭକ୍ତ କଦାପି ତା'ର ଜୀବନର ଆବଶ୍ୟକତା ସମ୍ବନ୍ଧରେ ଚିନ୍ତା କରେନାହିଁ; ସେ ସେଥିନିମିତ୍ତ ଉଦ୍‌ବିଗ୍ନ ହେବା ଉଚିତ୍ ନୁହେଁ; କାରଣ ସେ ଯେତେବେଳେ ତା'ର ହୃଦୟରୁ ଅଜ୍ଞାନତା ରୂପକ ଅନ୍ଧକାରକୁ ଦୂର କରିଦିଏ, ସେତେବେଳେ ଭଗବାନଙ୍କ ଦ୍ୱାରା ସବୁ ପଦାର୍ଥ ତାକୁ ଯୋଗାଇ ଦିଆଯାଏ; କାରଣ ଭଗବାନ୍ ଭକ୍ତର ଶୁଦ୍ଧଭକ୍ତିରେ ସନ୍ତୁଷ୍ଟ ହୁଅନ୍ତି। ଏହା ହେଉଛି ଗୀତା-ଶିକ୍ଷାର ସାରକଥା। ଭଗବଦ୍‌ଗୀତା ପାଠକରି ବ୍ୟକ୍ତି ସଂପୂର୍ଣ୍ଣରୂପେ ଭଗବାନଙ୍କ ପାଦପଦ୍ମରେ ଆତ୍ମସମର୍ପଣ କରିପାରେ ଏବଂ ନିଜକୁ ଶୁଦ୍ଧ ଭକ୍ତିଯୋଗ ମାର୍ଗରେ ଲଗାଇ ରଖେ। ଭଗବାନ୍ ଭକ୍ତର ପୂର୍ଣ୍ଣ ଦାୟିତ୍ୱ ନେଲାପରେ ଭକ୍ତ ସମସ୍ତ ପ୍ରକାର ଭୌତିକ ପ୍ରଚେଷ୍ଟାରୁ ପୂର୍ଣ୍ଣରୂପେ ମୁକ୍ତ ହୋଇଯାଏ।

## ଶ୍ଲୋକ - ୧୨-୧୩

### ଅର୍ଜୁନ ଉବାଚ

**ପରଂ ବ୍ରହ୍ମ ପରଂ ଧାମ ପବିତ୍ରଂ ପରମଂ ଭବାନ୍ ।**
**ପୁରୁଷଂ ଶାଶ୍ୱତଂ ଦିବ୍ୟମାଦିଦେବମଜଂ ବିଭୁମ୍ ।।୧୨।।**

**ଆହୁସ୍ତ୍ୱାମୃଷୟଃ ସର୍ବେ ଦେବର୍ଷିର୍ନାରଦସ୍ତଥା ।**
**ଅସିତୋ ଦେବଲୋ ବ୍ୟାସଃ ସ୍ୱୟଂ ଚୈବ ବ୍ରବୀଷି ମେ ।।୧୩।।**

## ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; ପରମ୍=ପରମ; ବ୍ରହ୍ମ=ସତ୍ୟ; ପରମ୍=ପରମ; ଧାମ=ଧାମ; ପବିତ୍ରମ୍=ପବିତ୍ରତମ; ପରମମ୍=ପରମ; ଭବାନ୍=ଆପଣ; ପୁରୁଷମ୍=ପୁରୁଷ; ଶାଶ୍ୱତମ୍=ମୌଳିକ; ଦିବ୍ୟମ୍=ଦିବ୍ୟ; ଆଦି-ଦେବମ୍=ଆଦିଦେବ; ଅଜମ୍=ଅଜନ୍ମା; ବିଭୁମ୍=ମହାନ୍; ଆହୁଃ=କହନ୍ତି; ତ୍ୱାମ୍=ଆପଣଙ୍କୁ; ଋଷୟଃ=ଋଷିବୃନ୍ଦ; ସର୍ବେ=ସମସ୍ତେ; ଦେବଋଷିଃ=ଦେବର୍ଷି; ନାରଦଃ=ନାରଦ; ତଥା=ମଧ୍ୟ; ଅସିତଃ=ଅସିତ; ଦେବଲଃ=ଦେବଳ; ବ୍ୟାସଃ=ବ୍ୟାସ; ସ୍ୱୟମ୍=ଆପଣ ନିଜେ; ଚ=ମଧ୍ୟ; ଏବ=ନିଶ୍ଚିତରୂପେ; ବ୍ରବୀଷି=କହିଛନ୍ତି; ମେ=ମୋତେ ।

## ଅନୁବାଦ

**ଅର୍ଜୁନ କହିଲେ ''ଆପଣ ପରଂ ବ୍ରହ୍ମ, ପରମ ଗତି, ପରମ ଧାମ ଏବଂ ପବିତ୍ରତମ ଅଟନ୍ତି । ଆପଣ ପରମ ସତ୍ୟ ଏବଂ ଶାଶ୍ୱତ ଦିବ୍ୟପୁରୁଷ ଅଟନ୍ତି । ଆପଣ ଆଦିଦେବ; ଦିବ୍ୟ ଏବଂ ପୁରୁଷ ଅଟନ୍ତି ଆପଣ ଆଜନ୍ମା ଏବଂ ସର୍ବବ୍ୟାପକ ସୌନ୍ଦର୍ଯ୍ୟ ଅଟନ୍ତି । ନାରଦ, ଅସିତ, ଦେବଳ ବ୍ୟାସ ଆଦି ମହର୍ଷିଗଣ ଆପଣଙ୍କ ସମ୍ବନ୍ଧରେ ଏଇକଥା ଘୋଷଣା କରିଛନ୍ତି ଏବଂ ବର୍ତ୍ତମାନ ଆପଣ ମୋତେ ସେଇକଥା କହୁଛନ୍ତି ।''**

## ଭାବାର୍ଥ

ଏ ଦୁଇଟି ଶ୍ଳୋକରେ ଭଗବାନ ଆଧୁନିକ ଦାର୍ଶନିକଙ୍କୁ ଗୋଟିଏ ସୁଯୋଗ ଦେଇଛନ୍ତି, କାରଣ ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ ପରମାତ୍ମା ଜୀବାତ୍ମାଠାରୁ ଭିନ୍ନ ଅଟନ୍ତି । ଅର୍ଜୁନ ଏହି ଅଧ୍ୟାୟର ଚ୍ୱରୋଟି ବିଶିଷ୍ଟ ଶ୍ଳୋକ ଶୁଣିବା ପରେ ତାଙ୍କର ସମସ୍ତ ସନ୍ଦେହ ସଂପୂର୍ଣ୍ଣରୂପେ ଦୂରୀଭୂତ ହୋଇଗଲା ଏବଂ ଶ୍ରୀକୃଷ୍ଣଙ୍କୁ ପରମପୁରୁଷ ଭଗବାନ୍ ରୂପେ ସ୍ୱୀକାର କଲେ । ସେ ସାଙ୍ଗେ ସାଙ୍ଗ ଅତି ଦୃଢ଼ତାର ସହିତ ଘୋଷଣା କଲେ, ''ଆପଣ ପରମବ୍ରହ୍ମ, ପରମପୁରୁଷ ଭଗବାନ୍ ।'' ପୂର୍ବରୁ ଶ୍ରୀକୃଷ୍ଣ କହିଛନ୍ତି ଯେ ସେ ପ୍ରତ୍ୟେକ ବସ୍ତୁ ଏବଂ ପ୍ରତ୍ୟେକଙ୍କର ମୂଳ ଅଟନ୍ତି । ପ୍ରତ୍ୟେକ ଦେବତା ଏବଂ ମାନବ ତାଙ୍କ ଉପରେ ନିର୍ଭର କରନ୍ତି । ମାନବ ଏବଂ ଦେବତାଗଣ, ଅଜ୍ଞତା ଯୋଗୁଁ ଭାବନ୍ତି ଯେ ସେମାନେ ଶ୍ରୀକୃଷ୍ଣଙ୍କଠାରୁ ସ୍ୱତନ୍ତ୍ର ଅଟନ୍ତି ଏବଂ ସ୍ୱାଧୀନ ଅଟନ୍ତି । ଭକ୍ତିଯୋଗ ମାର୍ଗକୁ ଆସିଗଲେ ଅର୍ଥାତ୍ ଭଗବାନଙ୍କ ସେବାରତ ହେଲେ ଅଜ୍ଞତା ସଂପୂର୍ଣ୍ଣରୂପେ ଦୂରୀଭୂତ ହୋଇଯାଏ । ଏ କଥା ପୂର୍ବଶ୍ଳୋକରେ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି । ବର୍ତ୍ତମାନ ତାଙ୍କ ଦୟାରୁ ଅର୍ଜୁନ ବୈଦିକ ଶାସ୍ତ୍ରାନୁଯାୟୀ ତାଙ୍କୁ ପରମସତ୍ୟ ରୂପେ ଗ୍ରହଣ କରୁଅଛନ୍ତି । କେହି ଏପରି ଭାବିବା ଉଚିତ୍ ନୁହେଁ ଯେ ଶ୍ରୀକୃଷ୍ଣ ଅର୍ଜୁନଙ୍କର ଅନ୍ତରଙ୍ଗ ବନ୍ଧୁ ହୋଇ ଥିବାରୁ ଅର୍ଜୁନ ତାଙ୍କୁ ପରମପୁରୁଷ ଭଗବାନ୍ ବା 'ପରମସତ୍ୟ' କହି ଖୋସାମତି କରୁଅଛନ୍ତି । ଏ ଦୁଇଟି ଶ୍ଳୋକରେ ଅର୍ଜୁନ ଯାହା କହିଛନ୍ତି ତାହା ବୈଦିକ ସତ୍ୟ ହିସାବରେ

ସ୍ୱୀକୃତ ହୋଇଅଛି । ବୈଦିକ ଶାସ୍ତ୍ରରେ କୁହାଯାଇଅଛି ଯେ କେବଳ ଯେଉଁ ବ୍ୟକ୍ତି ଭକ୍ତିଯୋଗ ମାର୍ଗ ଗ୍ରହଣ କରେ ସେ ହିଁ ଭଗବାନଙ୍କୁ ଜାଣିପାରେ, ଅନ୍ୟମାନେ ଜାଣିପାରନ୍ତି ନାହିଁ । ଏ ଶ୍ଳୋକରେ ଅର୍ଜୁନଙ୍କ ଦ୍ୱାରା କୁହାଯାଇଥିବା ପ୍ରତ୍ୟେକ ଶବ୍ଦ ବେଦଦ୍ୱାରା ସ୍ୱୀକୃତ ହୋଇଅଛି ।

''*କେନ ଉପନିଷଦ*''ରେ କୁହାଯାଇଅଛି ଯେ 'ପରଂବ୍ରହ୍ମ' ପ୍ରତ୍ୟେକଙ୍କର ଆଶ୍ରୟ ସ୍ଥଳ ଅଟନ୍ତି ଏବଂ ଭଗବାନ୍ ଶ୍ରୀକୃଷ୍ଣ ଏକଥା କହିସାରିଛନ୍ତି ଯେ ପ୍ରତ୍ୟେକ ତାଙ୍କଠାରେ ହିଁ ଆଶ୍ରୟ ଗ୍ରହଣ କରୁଛନ୍ତି । *ମୁଣ୍ଡକ ଉପନିଷଦରେ* କୁହାଯାଇଅଛି ଯେ ଯେଉଁ ପରମେଶ୍ୱରଙ୍କଠାରେ ସମସ୍ତେ ଆଶ୍ରୟ ଗ୍ରହଣ କରୁଛନ୍ତି, ତାଙ୍କୁ କେବଳ ସେହି ବ୍ୟକ୍ତି ଜାଣିପାରେ ଯେ ତାଙ୍କୁ ସର୍ବଦା ଚିନ୍ତା କରୁଅଛି । ଭଗବାନ୍ ଶ୍ରୀକୃଷ୍ଣଙ୍କୁ ସର୍ବଦା ଚିନ୍ତା କରିବାକୁ ''ସ୍ମରଣ'' କୁହାଯାଏ । ଏହା ନବଧା ଭକ୍ତି ମଧ୍ୟରୁ ଏକତମ ଅଟେ । କେବଳ ଭକ୍ତିଯୋଗ ମାର୍ଗରେ କୃଷ୍ଣସେବା କଲେ ବ୍ୟକ୍ତି ନିଜର ଅବସ୍ଥାନକୁ ବୁଝିପାରେ ଏବଂ ଏ ଭୌତିକ ଶରୀର ବନ୍ଧନରୁ ମୁକ୍ତ ହୋଇପାରେ ।

ବେଦରେ ପରମେଶ୍ୱରଙ୍କୁ ବିଶୁଦ୍ଧତମ ବୋଲି କୁହାଯାଇଅଛି । ଯେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବିଶୁଦ୍ଧତମ ବୋଲି ବୁଝିପାରେ, ସେ ସମସ୍ତ ପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇପାରେ । ଯେ ପର୍ଯ୍ୟନ୍ତ ବ୍ୟକ୍ତି ଭଗବାନଙ୍କ ନିକଟରେ ଆତ୍ମସମର୍ପଣ ନ କରିଛି ସେ ପର୍ଯ୍ୟନ୍ତ ସେ ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇ ପାରିବ ନାହିଁ । ଅର୍ଜୁନଙ୍କର ଶ୍ରୀକୃଷ୍ଣଙ୍କୁ ବିଶୁଦ୍ଧତମ ବୋଲି ଗ୍ରହଣ କରିବା ବୈଦିକ ଶାସ୍ତ୍ରାନୁମୋଦିତ ଅଟେ । ଏହା ମଧ୍ୟ ବିଶିଷ୍ଟ ମହାତ୍ମାମାନଙ୍କଦ୍ୱାରା ଅନୁମୋଦିତ ହୋଇଅଛି । ସେମାନଙ୍କ ମଧ୍ୟରେ ନାରଦ ମୁନି ପ୍ରଧାନ ଅଟନ୍ତି ।

ଶ୍ରୀକୃଷ୍ଣ ପରମପୁରୁଷ ଭଗବାନ୍ ଅଟନ୍ତି । ବ୍ୟକ୍ତି ସର୍ବଦା ତାଙ୍କୁ ଧ୍ୟାନ କରିବା ଉଚିତ୍ ଏବଂ ତାଙ୍କ ସହିତ ଦିବ୍ୟସମ୍ବନ୍ଧ ସ୍ଥାପନ କରି ଦିବ୍ୟଭାବ ଅନୁଭବ କରିବା ଉଚିତ୍, ସେ ହେଉଛନ୍ତି ପରମସ୍ଥିତି । ସେ ଶାରୀରିକ ଆବଶ୍ୟକତା, ଜନ୍ମ ଏବଂ ମୃତ୍ୟୁରୁ ମୁକ୍ତ । କେବଳ ଯେ ଅର୍ଜୁନ ଏହା ସ୍ୱୀକାର କରିଛନ୍ତି ତାହା ନୁହେଁ, ସମସ୍ତ ବୈଦିକ ସାହିତ୍ୟ, ପୁରାଣ ଓ ଇତିହାସ ଆଦିରେ ଏହା ସ୍ୱୀକୃତ ହୋଇଅଛି । ସମସ୍ତ ବୈଦିକ ସାହିତ୍ୟରେ ଶ୍ରୀକୃଷ୍ଣ ଏହି ପ୍ରକାରେ ବର୍ଣ୍ଣିତ ହୋଇଅଛନ୍ତି ଏବଂ ଭଗବାନ୍ ନିଜେ ଚତୁର୍ଥ ଅଧ୍ୟାୟରେ କହିଛନ୍ତି, ''ଯଦିଓ ମୁଁ ଅଜନ୍ମା, ତଥାପି ମୁଁ ଏ ଧରାଧାମରେ ଧର୍ମ ସଂସ୍ଥାପନ ନିମିତ୍ତ ଅବତରଣ କରେ ।'' ସେ ଆଦିପୁରୁଷ ଅଟନ୍ତି, ତାଙ୍କର (ଉତ୍ପତ୍ତିର) କୌଣସି କାରଣ ନାହିଁ, କାରଣ ସେ ସର୍ବକାରଣର କାରଣ ଅଟନ୍ତି ଏବଂ ସବୁ ତାଙ୍କଠାରୁ ଉତ୍ପନ୍ନ ହେଉଅଛି । ଏ ପୂର୍ଣ୍ଣଜ୍ଞାନ କେବଳ ସେହି ପରମେଶ୍ୱରଙ୍କ ଦୟାରୁ ହିଁ ପ୍ରାପ୍ତ ହୋଇପାରେ ।

ଏଠାରେ ଅର୍ଜୁନ ଶ୍ରୀକୃଷ୍ଣଙ୍କ ଦୟାହେତୁ ହିଁ ଏସବୁ କଥା କହୁଛନ୍ତି । ଆମ୍ଭେମାନେ ଯଦି ଭଗବଦ୍‌ଗୀତାକୁ ବୁଝିବାକୁ ଇଚ୍ଛାକରୁ ତେବେ ଆମ୍ଭମାନଙ୍କୁ ଏ ଦୁଇଟି ଶ୍ଳୋକରେ ଦିଆଯାଇଥିବା କଥାକୁ ଗ୍ରହଣ କରିନେବାକୁ ପଡ଼ିବ । ଏହାକୁ (ଗୁରୁ) ପରମ୍ପରା କୁହାଯାଏ– ଗୁରୁପରମ୍ପରାକୁ ସ୍ୱୀକାର କରିବା । ବ୍ୟକ୍ତି ଗୁରୁପରମ୍ପରା ସ୍ୱୀକାର ନ କଲେ ସେ କଦାପି ଭଗବଦ୍‌ଗୀତା ବୁଝିପାରିବ ନାହିଁ । ତଥାକଥିତ ବିଶ୍ୱବିଦ୍ୟାଳୟ ଶିକ୍ଷା ପ୍ରାପ୍ତ ହୋଇ ବ୍ୟକ୍ତି କଦାପି ଏହାକୁ ବୁଝିବା ସମ୍ଭବପର ନୁହେଁ । ଏହା ଦୁର୍ଭାଗ୍ୟର କଥା ଯେ ଯେଉଁମାନେ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ

ହାସଲ କରି ନିଜକୁ ଅତ୍ୟନ୍ତ ଗର୍ବିତ ମନେ କରନ୍ତି, ବୈଦିକ ଶାସ୍ତ୍ରରେ ଦିଆଯାଇଥିବା ଏତେ ପ୍ରମାଣ ସତ୍ତ୍ୱେ ସେମାନେ ନିଜର ଅବାଧ୍ୟ ଭାବଧାରାର ବଶବର୍ତ୍ତୀ ହୋଇ ମନେ କରନ୍ତି ଯେ ଶ୍ରୀକୃଷ୍ଣ ଜଣେ ସାଧାରଣ ବ୍ୟକ୍ତି ଅଟନ୍ତି ।

## ଶ୍ଳୋକ - ୧୪

**ସର୍ବମେତଦୃତଂ ମନ୍ୟେ ଯନ୍ମାଂ ବଦସି କେଶବ ।**
**ନ ହି ତେ ଭଗବନ୍‌ବ୍ୟକ୍ତିଂ ବିଦୁର୍ଦେବା ନ ଦାନବାଃ ।।୧୪।।**

## ଶବ୍ଦାନୁବାଦ

ସର୍ବମ୍=ସମସ୍ତ; ଏତତ୍=ଏସବୁ; ଋତମ୍=ସତ୍ୟ; ମନ୍ୟେ=ଗ୍ରହଣ କରିବା; ଯତ୍=ଯାହା; ମାମ୍=ମୋତେ; ବଦସି=ଆପଣ କହିଲେ; କେଶବ=ହେ କୃଷ୍ଣ !; ନ=କଦାପି ନୁହେଁ; ହି=ନିଶ୍ଚିତରୂପେ; ତେ=ଆପଣଙ୍କର; ଭଗବନ୍=ହେ ଭଗବାନ୍; ବ୍ୟକ୍ତିମ୍=ପ୍ରକାଶ; ବିଦୁଃ=ଜାଣନ୍ତି; ଦେବାଃ=ଦେବତାମାନେ; ନ=ନୁହେଁ; ଦାନବାଃ=ଅସୁରମାନେ ।

## ଅନୁବାଦ

**ହେ କୃଷ୍ଣ ! ଆପଣ ଯେଉଁ ସତ୍ୟ ପ୍ରକାଶ କଲେ ତାହାକୁ ସଂପୂର୍ଣ୍ଣରୂପେ ମୁଁ ଗ୍ରହଣ କରି ନେଇଛି । ହେ ପ୍ରଭୁ ! ଦେବତାମାନେ କିମ୍ବା ଦାନବମାନେ କେହି ଆପଣଙ୍କ ବ୍ୟକ୍ତିତ୍ୱକୁ ଜାଣନ୍ତି ନାହିଁ ।**

## ଭାବାର୍ଥ

ଏଠାରେ ଅର୍ଜୁନ କହୁଛନ୍ତି ଯେ ଯେଉଁମାନେ ନାସ୍ତିକ ଏବଂ ଅସୁରସ୍ୱଭାବସଂପନ୍ନ ସେମାନେ ଶ୍ରୀକୃଷ୍ଣଙ୍କୁ ଜାଣି ପାରନ୍ତି ନାହିଁ । ଏପରିକି ଦେବତାମାନେ ମଧ୍ୟ ତାଙ୍କୁ ଜାଣି ପାରନ୍ତି ନାହିଁ; ଏ ପୃଥିବୀରେ ତଥାକଥିତ ପଣ୍ଡିତମାନଙ୍କ କଥା ବା କ'ଣ କହିବା ? ଭଗବାନଙ୍କ କୃପାବଶତଃ ଅର୍ଜୁନ ବୁଝିପାରିଛନ୍ତି ଯେ ଶ୍ରୀକୃଷ୍ଣ ହେଉଛନ୍ତି ପରମ ସତ୍ୟ ଏବଂ ସେ ହିଁ ପରିପୂର୍ଣ୍ଣ ଅଟନ୍ତି । ତେଣୁ ସମସ୍ତେ ଅର୍ଜୁନଙ୍କ ମାର୍ଗ ଅବଲମ୍ବନ କରିବା ଉଚିତ୍ । ସେ ଭଗବଦ୍‌ଗୀତାର ପ୍ରମାଣକୁ ଗ୍ରହଣ କଲେ । ଚତୁର୍ଥ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି ଯେ ଭଗବଦ୍‌ଗୀତାକୁ ବୁଝିବାକୁ ଯେଉଁ ଗୁରୁ-ଶିଷ୍ୟ-ପରମ୍ପରା ଦରକାର ତାହା ନଷ୍ଟ ହୋଇଯାଇଅଛି; ତେଣୁ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସହିତ ସେ ଗୁରୁ-ଶିଷ୍ୟ-ପରମ୍ପରାକୁ ପୁଣି ଯୋଡ଼ିଲେ, କାରଣ ସେ ଅର୍ଜୁନଙ୍କୁ ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ଏବଂ ବଡ଼ ଭକ୍ତ ବୋଲି ବିଗ୍ରହ କଲେ । ତେଣୁ ଆମେ ମୁଖବନ୍ଧରେ କହିଛୁ ଯେ ଭଗବଦ୍‌ଗୀତାକୁ ଏହି ଗୁରୁ ଶିଷ୍ୟପରମ୍ପରା ମାର୍ଗରେ ବୁଝିବାକୁ ପଡ଼ିବ । ଯେତେବେଳେ ସେ ଗୁରୁ-ଶିଷ୍ୟ-ପରମ୍ପରା ଭାଙ୍ଗିଯାଇଥିଲା, ସେତେବେଳେ ଭଗବାନ୍ ସେ ପରମ୍ପରାକୁ ପୁନର୍ଜୀବିତ କରିବା ନିମିତ୍ତ ଅର୍ଜୁନଙ୍କୁ ପୁନର୍ବାର ବାଛିଲେ । ଶ୍ରୀକୃଷ୍ଣ ଯାହା ସବୁ କହିଲେ ଏବଂ ଅର୍ଜୁନ ଯେପରି ତାକୁ ଗ୍ରହଣ କଲେ—ଏ ସବୁକୁ ଯଥାଯଥରୂପେ ଅନୁକରଣ କରିବା ଉଚିତ୍ । ତାହାହେଲେ ଆମ୍ଭେମାନେ ଭଗବଦ୍‌ଗୀତାର ତତ୍ତ୍ୱକୁ ବୁଝିପାରିବା ଏବଂ ପୁନଶ୍ଚ ବୁଝିପାରିବା ଯେ ଶ୍ରୀକୃଷ୍ଣ ହିଁ ପରମପୁରୁଷ ଭଗବାନ୍ ଅଟନ୍ତି ।

## ଶ୍ଳୋକ - ୧୫

**ସ୍ୱୟମେବାତ୍ମନାତ୍ମାନଂ ବେତ୍ଥ ତ୍ୱଂ ପୁରୁଷୋତ୍ତମ ।**
**ଭୂତଭାବନ ଭୂତେଶ ଦେବଦେବ ଜଗତ୍‌ପତେ ।।୧୫।।**

## ଶବ୍ଦାନୁବାଦ

ସ୍ୱୟମ୍=ନିଜେ; ଏବ=ନିଶ୍ଚିତଭାବେ; ଆତ୍ମନା=ଆପଣଙ୍କ ଦ୍ୱାରା; ଆତ୍ମାନମ୍=ଆପଣ ନିଜକୁ; ବେତ୍ଥ=ଜାଣନ୍ତି; ତ୍ୱମ୍=ଆପଣ; ପୁରୁଷୋତ୍ତମ=ହେ ପୁରୁଷୋତ୍ତମ; ଭୂତ-ଭାବନ=ହେ ପ୍ରତ୍ୟେକର ମୂଳକାରଣ; ଭୂତେଶ=ହେ ପ୍ରତ୍ୟେକର ପ୍ରଭୁ; ଦେବ-ଦେବ=ହେ ଦେବତାମାନଙ୍କର ପ୍ରଭୁ; ଜଗତ୍-ପତେ=ହେ ସମଗ୍ର ବ୍ରହ୍ମାଣ୍ଡର ପ୍ରଭୁ ।

## ଅନୁବାଦ

**ବାସ୍ତବିକ୍ ଆପଣଙ୍କ ଶକ୍ତି ସାହାଯ୍ୟରେ କେବଳ ଆପଣ ହିଁ ଆପଣଙ୍କୁ ଜାଣନ୍ତି । ହେ ସମସ୍ତଙ୍କର ମୂଳକାରଣ ପ୍ରଭୁ ! ସମସ୍ତ ପ୍ରାଣୀଙ୍କର ପ୍ରଭୁ ! ସମସ୍ତ ଦେବତାଙ୍କର ପ୍ରଭୁ ! ହେ ପୁରୁଷୋତ୍ତମ; ହେ (ସମଗ୍ର) ବ୍ରହ୍ମାଣ୍ଡର ପ୍ରଭୁ ! (ଆପଣ ହିଁ ଆପଣଙ୍କୁ ଜାଣନ୍ତି) ।**

## ଭାବାର୍ଥ

ଅର୍ଜୁନ ଏବଂ ତାଙ୍କର ବଂଶଧରମାନଙ୍କ ପରି ଯେଉଁମାନେ ଭକ୍ତିଯୋଗ ମାର୍ଗରେ ଶ୍ରୀକୃଷ୍ଣଙ୍କ ସହିତ ସମ୍ବନ୍ଧିତ ସେହିମାନେ ହିଁ ଶ୍ରୀକୃଷ୍ଣଙ୍କୁ ଜାଣିପାରିବେ । ନାସ୍ତିକମାନେ କିମ୍ବା ଅସୁରସ୍ୱଭାବସଂପନ୍ନ ବ୍ୟକ୍ତିମାନେ କୃଷ୍ଣଙ୍କୁ ଜାଣିପାରିବେ ନାହିଁ । ଯେଉଁ ମାନସିକ ଚିନ୍ତା ବ୍ୟକ୍ତିକୁ ଶ୍ରୀକୃଷ୍ଣଙ୍କଠାରୁ ଦୂରେଇ ନିଏ, ତାହା ଏକ ମହାନ୍ ପାପ ଅଟେ ଏବଂ ଯେ କୃଷ୍ଣଙ୍କୁ ଜାଣେ ନାହିଁ, ସେ ଭଗବଦ୍ ଗୀତା ଉପରେ ଭାଷ୍ୟ ଲେଖିବା ବା ପ୍ରବଚନ କରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ । ଭଗବଦ୍ ଗୀତା ଶ୍ରୀକୃଷ୍ଣଙ୍କ ବାଣୀ ଅଟେ ଏବଂ ଏହା ଯେଣୁ କୃଷ୍ଣବିଜ୍ଞାନ ଅଟେ, ତେଣୁ ଏହାକୁ ଅର୍ଜୁନ ଯେପରି ବୁଝିଲେ, ସେହିପରି ଶ୍ରୀକୃଷ୍ଣଙ୍କଠାରୁ ବୁଝିବାକୁ ପଡ଼ିବ । ନାସ୍ତିକମାନଙ୍କଠାରୁ ଏହା ଶ୍ରବଣ କରିବା ଉଚିତ୍ ନୁହେଁ ।

ପରମସତ୍ୟ ତିନୋଟି ରୂପରେ ଅନୁଭୂତ ହୁଅନ୍ତି, ଯଥା–ନିର୍ବିଶେଷ ବ୍ରହ୍ମରୂପରେ, ହୃଦୟସ୍ଥିତ ପରମାତ୍ମା ରୂପରେ ଏବଂ ସର୍ବଶେଷରେ ପରମପୁରୁଷ ଭଗବାନ୍ ରୂପରେ । ତେଣୁ ସର୍ବଶେଷ ସ୍ତରରେ ପରମସତ୍ୟକୁ ବୁଝିବାକୁ ଗଲେ ବ୍ୟକ୍ତିକୁ ପରମ-ପୁରୁଷ ଭଗବାନଙ୍କ ପାଖକୁ ଯିବାକୁ ହୁଏ । ଏକ ମୁକ୍ତ ପୁରୁଷ ଏବଂ ଏପରିକି ଏକ ସାଧାରଣ ଲୋକ ମଧ୍ୟ ନିର୍ବିଶେଷ ବ୍ରହ୍ମ କିମ୍ବା ହୃଦୟସ୍ଥିତ ପରମାତ୍ମାକୁ ଅନୁଭବ କରିପାରେ । କିନ୍ତୁ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ ତାଙ୍କ ବ୍ୟକ୍ତିତ୍ୱ ସମ୍ବନ୍ଧରେ ଯାହା କହିଛନ୍ତି ତାହା ସେ ବୁଝିପାରିବେ ନାହିଁ । ବେଳେବେଳେ ନିର୍ବିଶେଷବାଦୀମାନେ ଶ୍ରୀକୃଷ୍ଣଙ୍କୁ ଭଗବାନ୍ ବୋଲି ଗ୍ରହଣ କରନ୍ତି କିମ୍ବା ସେମାନେ ତାଙ୍କର ପ୍ରଭୁତ୍ୱକୁ ସ୍ୱୀକାର କରନ୍ତି । ତଥାପି ଅନେକ ମୁକ୍ତପୁରୁଷ ଶ୍ରୀକୃଷ୍ଣଙ୍କୁ ପୁରୁଷୋତ୍ତମ ରୂପରେ, ଜୀବମାନଙ୍କର ପରମ-ପିତା ରୂପରେ ବୁଝିପାରନ୍ତି ନାହିଁ । ତେଣୁ ଅର୍ଜୁନ (ଏଠାରେ) ତାଙ୍କୁ ପୁରୁଷୋତ୍ତମ ଭାବେ ସମ୍ବୋଧନ କରିଛନ୍ତି । ଯଦି କେହି ତାଙ୍କୁ ସମସ୍ତ ଜୀବଙ୍କର ପରମପିତା ରୂପେ ବୁଝିପାରେ, ତଥାପି ସେ ତାଙ୍କୁ ପରମ ଅଧ୍ୟକ୍ଷ ବା ନିୟନ୍ତ୍ରଣକାରୀରୂପେ ବୁଝି ନ ପାରେ । ତେଣୁ ସେ ଏଠାରେ 'ଭୂତେଶ'

ନାମରେ ସମ୍ବୋଧିତ ହୋଇଛନ୍ତି ଏବଂ ଯଦି କେହି ଶ୍ରୀକୃଷ୍ଣଙ୍କୁ ପରମ ନିୟନ୍ତ୍ରଣକାରୀ ରୂପରେ ବୁଝିପାରେ, ତଥାପି ସେ ଯେ ଦେବତାମାନଙ୍କର ଆଦି ଅଟନ୍ତି ଅର୍ଥାତ୍ ମୂଳ କାରଣ ଅଟନ୍ତି, ଏକଥା ଜାଣି ନ ପାରେ, ତେଣୁ ତାଙ୍କୁ ଏଠାରେ 'ଦେବ-ଦେବ' ନାମରେ ସମ୍ବୋଧନ କରାଯାଇଅଛି, ଅର୍ଥାତ୍ ସେ ସମସ୍ତ ଦେବତାଙ୍କର ପୂଜ୍ୟ ଈଶ୍ୱର ଅଟନ୍ତି ଏବଂ ଯଦିଓ କେହି ତାଙ୍କୁ—ଦେବ ଦେବ (ସର୍ବ ଦେବତା ପୂଜ୍ୟ ପରମେଶ୍ୱର) ବୋଲି ଜାଣିପାରେ; ତଥାପି ସେ ଯେ ପ୍ରତ୍ୟେକର ପରମ ସତ୍ତ୍ୱାଧିକାରୀ ଅଟନ୍ତି— ଏ କଥା ଜାଣି ନ ପାରେ; ତେଣୁ ତାଙ୍କୁ ଏଠାରେ ଜଗତ-ପତି ନାମରେ ସମ୍ବୋଧନ କରାଯାଇଅଛି । ଏହିପରି ଏଠାରେ ଅର୍ଜୁନଙ୍କ ଅନୁଭୂତିଦ୍ୱାରା ଶ୍ରୀକୃଷ୍ଣଙ୍କ ସମ୍ବନ୍ଧୀୟ ସତ୍ୟ ପ୍ରତିଷ୍ଠା କରାଯାଇଅଛି ଏବଂ ଶ୍ରୀକୃଷ୍ଣଙ୍କୁ ମୌଳିକରୂପରେ ବୁଝିବାକୁ ହେଲେ ଆମ୍ଭମାନଙ୍କୁ ଅର୍ଜୁନଙ୍କ ପଦାଙ୍କ ଅନୁସରଣ କରିବାକୁ ପଡ଼ିବ ।

## ଶ୍ଳୋକ - ୧୬

**ବକ୍ତୁମର୍ହସ୍ୟଶେଷେଣ ଦିବ୍ୟା ହ୍ୟାତ୍ମବିଭୂତୟଃ ।**
**ଯାଭିର୍ବିଭୂତିଭିର୍ଲୋକାନିମାଂସ୍ତ୍ୱଂ ବ୍ୟାପ୍ୟ ତିଷ୍ଠସି ।।୧୬।।**

## ଶବ୍ଦାନୁବାଦ

ବକ୍ତୁମ୍=କହିବାକୁ; ଅର୍ହସି=ଯୋଗ୍ୟ ଅଟେ; ଅଶେଷେଣ=ବିଶେଷଭାବେ; ଦିବ୍ୟାଃ=ଦିବ୍ୟ; ହି=ନିଶ୍ଚିତରୂପେ; ଆତ୍ମ=ଆପଣ; ବିଭୂତୟଃ=ବିଭୂତି, ଐଶ୍ୱର୍ଯ୍ୟ; ଯାଭିଃ=ଯାହା ଦ୍ୱାରା; ବିଭୂତିଭିଃ=ଐଶ୍ୱର୍ଯ୍ୟ ଦ୍ୱାରା; ଲୋକାନ୍=ସମସ୍ତ ଜଗତ୍; ଇମାନ୍= ଏସବୁ; ତ୍ୱମ୍=ଆପଣ; ବ୍ୟାପ୍ୟ=ବ୍ୟାପ୍ତ; ତିଷ୍ଠସି=ରହିଛନ୍ତି ।

## ଅନୁବାଦ

**ଦୟାକରି ଆପଣଙ୍କର ଦିବ୍ୟଶକ୍ତି ସମ୍ବନ୍ଧରେ ମୋତେ ବିଶେଷରୂପେ କୁହନ୍ତୁ, ଯେଉଁ ଶକ୍ତି ସାହାଯ୍ୟରେ ଆପଣ ଏସବୁ ଜଗତମାନଙ୍କରେ ବ୍ୟାପୀ ରହିଛନ୍ତି ଏବଂ ସେଥିରେ ଅବସ୍ଥାନ କରିଛନ୍ତି—ଏସବୁ କଥା ମୋତେ ଦୟାକରି କୁହନ୍ତୁ ।**

## ଭାବାର୍ଥ

ଏ ଶ୍ଳୋକରୁ ବୁଝାଯାଉଛି ଯେ ଅର୍ଜୁନ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବୁଝିପାରି ସନ୍ତୁଷ୍ଟ ହୋଇଯାଇଛନ୍ତି । ଶ୍ରୀକୃଷ୍ଣଙ୍କର ଦୟାଯୋଗୁଁ ଅର୍ଜୁନଙ୍କର ବ୍ୟକ୍ତିଗତ ଅନୁଭୁତି, ବୁଦ୍ଧି ଓ ଜ୍ଞାନ ଆସିଯାଇଛି ଏବଂ ଏମାନଙ୍କ ସାହାଯ୍ୟରେ ବ୍ୟକ୍ତି ଯାହାକିଛି ଲାଭ କରିବାର କଥା, ଅର୍ଜୁନ ତାହା ମଧ୍ୟ ଲାଭ କରି ନେଇଛନ୍ତି । ପୁନଶ୍ଚ ସେ ବୁଝିପାରିଛନ୍ତି ଯେ ଶ୍ରୀକୃଷ୍ଣ ହିଁ ପରମ-ପୁରୁଷ ଭଗବାନ୍ ଅଟନ୍ତି । ତାଙ୍କର'ତ କୌଣସି ସନ୍ଦେହ ନାହିଁ; ତଥାପି ସେ ଶ୍ରୀକୃଷ୍ଣଙ୍କୁ ଅନୁରୋଧ କରୁଛନ୍ତି, ତାଙ୍କର ସର୍ବବ୍ୟାପକ ଶକ୍ତି କଥା ତାଙ୍କୁ ବୁଝାଇ କହିବାପାଇଁ; କାରଣ ଭବିଷ୍ୟତରେ ଲୋକମାନେ ତାହା ବୁଝିପାରିବେ; ବିଶେଷକରି ନିର୍ବିଶେଷବାଦୀଗଣ ବୁଝିପାରିବେ ସେ (ଶ୍ରୀକୃଷ୍ଣ) କିପରି ତାଙ୍କର ବିଭିନ୍ନ ଶକ୍ତି ମାଧ୍ୟମରେ ସର୍ବବ୍ୟାପକରୂପେ ଅବସ୍ଥାନ କରିଛନ୍ତି । ପ୍ରତ୍ୟେକେ ଏକଥା ଜାଣିରଖିବା ଉଚିତ୍ ଯେ ଅର୍ଜୁନ ସାଧାରଣ ଲୋକଙ୍କ-ନିମିତ୍ତ ଏହା ଭଗବାନଙ୍କୁ ପଚାରିଛନ୍ତି ।

## ଶ୍ଲୋକ - ୧୭

**କଥଂ ବିଦ୍ୟାମହଂ ଯୋଗିଂସ୍ତ୍ୱାଂ ସଦା ପରିଚିନ୍ତୟନ୍ ।**
**କେଷୁ କେଷୁ ଚ ଭାବେଷୁ ଚିନ୍ତ୍ୟୋଽସି ଭଗବନ୍ମୟା ।।୧୭।।**

## ଶବ୍ଦାନୁବାଦ

କଥମ୍=କିପରି; ବିଦ୍ୟାମ୍ ଅହମ୍=ମୁଁ ଜାଣିବି; ଯୋଗିନ୍=ହେ ପରମ ଯୋଗୀ; ତ୍ୱାମ୍=ଆପଣଙ୍କୁ; ସଦା=ସର୍ବଦା; ପରିଚିନ୍ତୟନ୍=ଚିନ୍ତାକରି; କେଷୁ=କେଉଁଥିରେ; କେଷୁ=କେଉଁଥିରେ; ଚ=ମଧ୍ୟ; ଭାବେଷୁ=ଭାବରେ; ଚିନ୍ତ୍ୟଃ ଅସି=ଆପଣ ସ୍ମୃତିକୁ ଆସନ୍ତି; ଭଗବନ୍=ହେ ଭଗବାନ୍; ମୟା=ମୋ'ଦ୍ୱାରା ।

## ଅନୁବାଦ

**ମୁଁ କିପରି ଆପଣଙ୍କୁ ଧ୍ୟାନ କରିବି ? ହେ ଭଗବାନ୍ ! କି'କି ପ୍ରକାର ରୂପରେ ମୁଁ ଆପଣଙ୍କୁ ଚିନ୍ତା କରିବି ?**

## ଭାବାର୍ଥ

ପୂର୍ବ ଅଧ୍ୟାୟରେ କୁହାଯାଇଅଛି ଯେ ଭଗବାନ୍ ତାଙ୍କର ଯୋଗମାୟା ଦ୍ୱାରା ଆବୃତ । କେବଳ ଯେଉଁମାନେ ତାଙ୍କଠାରେ ପୂର୍ଣ୍ଣରୂପେ ଆତ୍ମସମର୍ପଣ କରିଥା'ନ୍ତି ଏବଂ ଯେଉଁମାନେ ତାଙ୍କର ଭକ୍ତ, ସେହିମାନେ ହିଁ ତାଙ୍କୁ ଦେଖିପାରନ୍ତି । ବର୍ତ୍ତମାନ ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଯାଇଛି ଯେ ତାଙ୍କର ବନ୍ଧୁ ଶ୍ରୀକୃଷ୍ଣ, ପରମପୁରୁଷ ଭଗବାନ୍ ଅଟନ୍ତି; କିନ୍ତୁ ସେ ଜାଣିବାକୁ ଇଚ୍ଛା କରନ୍ତି, କେଉଁ ଭାବରେ ସାଧାରଣ ଲୋକେ ସର୍ବବ୍ୟାପକ ଭଗବାନଙ୍କୁ ବୁଝି ପାରିବେ ବା ଜାଣି ପାରିବେ । ରାକ୍ଷସ ଓ ନାସ୍ତିକମାନଙ୍କ ସମେତ କୌଣସି ସାଧାରଣ ଲୋକ ଶ୍ରୀକୃଷ୍ଣଙ୍କୁ ଜାଣିପାରିବ ନାହିଁ; କାରଣ ସେ ତାଙ୍କର ଯୋଗମାୟା ଶକ୍ତିଦ୍ୱାରା ଆବୃତ ହୋଇଛନ୍ତି । ପୁନଶ୍ଚ ସେହିମାନଙ୍କର ଉପକାର ନିମିତ୍ତ ଅର୍ଜୁନ ଏ ସବୁ ପ୍ରଶ୍ନ ଭଗବାନଙ୍କୁ ପଚାରିଛନ୍ତି । ଯେ ଉଚ୍ଚକୋଟୀର ଭକ୍ତ ସେ କେବଳ ନିଜପାଇଁ ଚିନ୍ତିତ ନୁହେଁ; ସେ ସମସ୍ତ ମାନବସମାଜ ନିମିତ୍ତ ଚିନ୍ତା କରେ । ଅର୍ଜୁନ ଜଣେ ବୈଷ୍ଣବ, ଜଣେ ଭକ୍ତ ଥିଲେ; ତେଣୁ ସେ ଦୟାପରବଶ ହୋଇ ସାଧାରଣ ଲୋକେ ଭଗବାନଙ୍କର ସର୍ବବ୍ୟାପକତାକୁ କିପରି ବୁଝିବେ, ସେଥିପାଇଁ ସେ ମାର୍ଗ ଉନ୍ମୋଚନ କରିଛନ୍ତି । ସେ ବିଶେଷକରି ଶ୍ରୀକୃଷ୍ଣଙ୍କୁ ଏଠାରେ 'ଯୋଗୀ' ରୂପେ ସମ୍ବୋଧନ କରିଛନ୍ତି; କାରଣ ଶ୍ରୀକୃଷ୍ଣ ଯୋଗମାୟାର ପ୍ରଭୁ ଅଟନ୍ତି; ଯେଉଁ ଯୋଗମାୟା ସାହାଯ୍ୟରେ ସାଧାରଣ ଲୋକ ପାଖରେ ପ୍ରକଟିତ ହୁଅନ୍ତି ଏବଂ ଆବୃତ ମଧ୍ୟ ହୁଅନ୍ତି । ଯେଉଁ ସାଧାରଣ ଲୋକର କୃଷ୍ଣପ୍ରେମ ନାହିଁ, ସେ କଦାପି ସର୍ବଦା ଶ୍ରୀକୃଷ୍ଣଙ୍କୁ ଚିନ୍ତାକରି ପାରିବ ନାହିଁ; ତେଣୁ ସେ ଭୌତିକ ଭାବରେ ହିଁ ତାଙ୍କୁ ଚିନ୍ତା କରିବ । ଅର୍ଜୁନ ଏଇ ପୃଥିବୀର ଭୌତିକବାଦୀ ଲୋକମାନଙ୍କର ଚିନ୍ତାଧାରା କଥା ଭାବୁଛନ୍ତି । କାରଣ ଭୌତିକବାଦୀଗଣ କଦାପି ଶ୍ରୀକୃଷ୍ଣଙ୍କୁ ଆଧ୍ୟାତ୍ମିକ ଦିଗରେ ବୁଝି ପାରିବେ ନାହିଁ; ତେଣୁ ସେମାନଙ୍କୁ କୁହାଯାଇଛି ଯେ ସେମାନେ ଭୌତିକ ପଦାର୍ଥ ଉପରେ ମନୋନିବେଶ କରନ୍ତୁ ଏବଂ ସେଥିରେ ଭଗବାନ୍ ଶ୍ରୀକୃଷ୍ଣ କିପରି ପ୍ରକାଶିତ ହୋଇଛନ୍ତି ତାହା ଦେଖିବାକୁ ଚେଷ୍ଟା କରନ୍ତୁ ।

## ଶ୍ଲୋକ - ୧୮

**ବିସ୍ତରେଣାତ୍ମନୋ ଯୋଗଂ ବିଭୂତିଂ ଚ ଜନାର୍ଦ୍ଦନ ।**
**ଭୂୟଃ କଥୟ ତୃପ୍ତିର୍ହି ଶୃଣ୍ୱତୋ ନାସ୍ତି ମେଽମୃତମ୍ ।। ୧୮ ।।**

## ଶବ୍ଦାନୁବାଦ

ବିସ୍ତରେଣ=ବିସ୍ତାରିତ ଭାବେ; ଆତ୍ମନଃ=ଆପଣଙ୍କ ସମ୍ବନ୍ଧରେ; ଯୋଗମ୍=ଯୋଗଶକ୍ତି; ବିଭୂତିମ୍=ଐଶ୍ୱର୍ଯ୍ୟ; ଚ=ମଧ୍ୟ; ଜନାର୍ଦ୍ଦନ=ହେ ନାସ୍ତିକମାନଙ୍କର ହନ୍ତା; ଭୂୟଃ=ପୁନଶ୍ଚ; କଥୟ=କୁହନ୍ତୁ; ତୃପ୍ତିଃ=ତୃପ୍ତି, ସନ୍ତୋଷ; ହି=ନିଶ୍ଚିତରୂପେ; ଶୃଣ୍ୱତଃ=ଶୁଣି; ନ ଅସ୍ତି=ନାହିଁ; ମେ=ମୋର; ଅମୃତମ୍=ଅମୃତ ।

## ଅନୁବାଦ

**ହେ ଜନାର୍ଦ୍ଦନ (କୃଷ୍ଣ) ! ଦୟାକରି ପୁଣି ଥରେ ମୋତେ ଆପଣଙ୍କର ଅତ୍ୟନ୍ତ ଶକ୍ତିଶାଳୀ ଐଶ୍ୱର୍ଯ୍ୟ ଓ ଗୌରବ ସମ୍ବନ୍ଧରେ ସବିଶେଷଭାବେ କୁହନ୍ତୁ; କାରଣ ଆପଣଙ୍କର ଅମୃତମୟ କଥା ଶୁଣିଲେ ସନ୍ତୋଷ ଆସୁନାହିଁ, ଅଧିକ ଶୁଣିବାକୁ ଇଚ୍ଛା ହେଉଅଛି ।**

## ଭାବାର୍ଥ

ନୈମିଷାରଣ୍ୟରେ ଶୌନକ ମୁନିଙ୍କ ନେତୃତ୍ୱରେ ଋଷିବୃନ୍ଦ ସୂତ ଗୋସ୍ୱାମୀଙ୍କୁ ଠିକ୍ ଏହି ପ୍ରକାର କଥା କହିଛନ୍ତି; ତାହା ନିମ୍ନମତେ–

*ବୟଂ ତୁ ନ ବିତୃପ୍ୟାମ ଉତ୍ତମ ଶ୍ଳୋକ-ବିକ୍ରମେ*
*ଯଚ୍ଛୃଣ୍ୱତାଂ ରସ-ଜ୍ଞାନାଂ ସ୍ୱାଦୁ ସ୍ୱାଦୁ ପଦେ ପଦେ ।*

"ଶ୍ରୀକୃଷ୍ଣଙ୍କର ଦିବ୍ୟ ଲୀଳା; ଯାହାକି ବେଦ ମନ୍ତ୍ରରେ ଅତି ସୁନ୍ଦରଭାବେ ଗାନ କରାଯାଇଅଛି; ଲଗାତର ଶୁଣୁଥିଲେ'ବି କଦାପି ସନ୍ତୋଷ ଆସେ ନାହିଁ । ଯେଉଁମାନେ ଶ୍ରୀକୃଷ୍ଣଙ୍କ ସହିତ ଦିବ୍ୟସମ୍ବନ୍ଧରେ ସମ୍ବନ୍ଧିତ ସେମାନେ ତାଙ୍କର ଦିବ୍ୟଲୀଳା ସମ୍ବନ୍ଧୀୟ ବିବରଣ ଶୁଣି ପଦେ ପଦେ ଆନନ୍ଦ ଅନୁଭବ କରନ୍ତି ।" ଏହିପରି ଅର୍ଜୁନ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଶୁଣିବାକୁ ଅତ୍ୟନ୍ତ ଶ୍ରଦ୍ଧା ପ୍ରକାଶ କରିଛନ୍ତି, ବିଶେଷକରି ସେ କିପରି ସର୍ବବ୍ୟାପକ ପରମେଶ୍ୱର ରୂପରେ ବିଦ୍ୟମାନ ଅଛନ୍ତି ଏହା ଜାଣିବାକୁ ଅର୍ଜୁନ ଇଚ୍ଛା ପ୍ରକାଶ କରିଛନ୍ତି ।

ଶ୍ରୀକୃଷ୍ଣଙ୍କ ସମ୍ବନ୍ଧୀୟ ଯେ କୌଣସି ବର୍ଣ୍ଣନା ଅମୃତତୁଲ୍ୟ ସ୍ୱାଦୁକର ଏବଂ ଏ ଅମୃତ ବାସ୍ତବ ଅନୁଭୂତିଦ୍ୱାରା ଲବ୍ଧ ହୋଇପାରେ । ଆଧୁନିକ ଗଳ୍ପ, ଉପନ୍ୟାସ ଓ ଇତିହାସ ଆଦି ଶ୍ରୀକୃଷ୍ଣଙ୍କର ଦିବ୍ୟଲୀଳା ବର୍ଣ୍ଣନାଠାରୁ ଭିନ୍ନ ଅଟେ । ବ୍ୟକ୍ତି ଭୌତିକ ଗଳ୍ପ ବା କାହାଣୀ ଶୁଣି କ୍ଳାନ୍ତି ଅନୁଭବ କରିବ, କିନ୍ତୁ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଶୁଣି କଦାପି କ୍ଳାନ୍ତି ଅନୁଭବ କରିବ ନାହିଁ । ଏହି କାରଣରୁ ସମଗ୍ର ବ୍ରହ୍ମାଣ୍ଡର ଇତିହାସ ଭଗବାନଙ୍କର ବିଭିନ୍ନ ଅବତାରମାନଙ୍କର ଲୀଳା ସନ୍ଦର୍ଭରେ ପରିପୂର୍ଣ୍ଣ ହୋଇଅଛି । ଉଦାହରଣ ସ୍ୱରୂପ ପୁରାଣଗୁଡ଼ିକ ଅତୀତ ଯୁଗର ଇତିହାସ ଅଟନ୍ତି । ଏମାନେ ଭଗବାନଙ୍କର ବିଭିନ୍ନ ଅବତାରମାନଙ୍କର ଲୀଳାମାନ ବର୍ଣ୍ଣନା କରୁଛନ୍ତି । ଏହି ପ୍ରକାରେ ପାଠ୍ୟବସ୍ତୁ ବାରମ୍ବାର ପଠିତ ହେଲେ ସୁଦ୍ଧା ନିତ୍ୟନୂତନ ହୋଇ ରହୁଅଛି ।

## ଶ୍ଲୋକ - ୧୯

## ଶ୍ରୀଭଗବାନୁବାଚ

**ହନ୍ତ ତେ କଥୟିଷ୍ୟାମି ଦିବ୍ୟା ହ୍ୟାତ୍ମବିଭୂତୟଃ ।**
**ପ୍ରାଧାନ୍ୟତଃ କୁରୁଶ୍ରେଷ୍ଠ ନାସ୍ତ୍ୟନ୍ତୋ ବିସ୍ତରସ୍ୟ ମେ ।।୧୯।।**

## ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ପରମପୁରୁଷ ଭଗବାନ୍ କହିଲେ; ହନ୍ତ=ହଁ; ତେ=ତୁମକୁ; କଥୟିଷ୍ୟାମି=ମୁଁ କହିବି; ଦିବ୍ୟାଃ=ବିଶୁଦ୍ଧ; ହି=ନିଶ୍ଚିତରୂପେ; ଆତ୍ମ-ବିଭୂତୟଃ=ଆତ୍ମ ବିଭୂତି (ମୋର ବ୍ୟକ୍ତିଗତ ଐଶ୍ୱର୍ଯ୍ୟ); ପ୍ରାଧାନ୍ୟତଃ=ପ୍ରଧାନତଃ; କୁରୁ-ଶ୍ରେଷ୍ଠ=ହେ କୁରୁଶ୍ରେଷ୍ଠ; ନ ଅସ୍ତି=ନାହିଁ; ଅନ୍ତଃ=ଶେଷ, (ସୀମା); ବିସ୍ତରସ୍ୟ=ବିସ୍ତାରର; ମେ=ମୋର ।

## ଅନୁବାଦ

**ପରମପ୍ରିୟ ଭଗବାନ୍ କହିଲେ, ହେ ଅର୍ଜୁନ ! ହଁ, ମୁଁ ତୁମକୁ ମୋର ବିଭବ-ଶାଳୀ ପ୍ରକାଶ କଥା କହିବି; କିନ୍ତୁ କେତେକ ଅତି ପ୍ରଧାନ ପ୍ରଧାନ ବିଭବ କଥା କହିବି; କାରଣ ମୋର ବିଭବ ଅନନ୍ତ ଅଟେ ।**

## ଭାବାର୍ଥ

ଶ୍ରୀକୃଷ୍ଣ ଯେ କେଡ଼େ ମହାନ୍, ବିରାଟ ତାହା ଆମ ପକ୍ଷରେ ଧାରଣା କରିବା ଅସମ୍ଭବ ଏବଂ ସେହିପରି ତାଙ୍କର ବିଭୂତି ସମ୍ବନ୍ଧରେ ଧାରଣା କରିବା ମଧ୍ୟ ଅସମ୍ଭବ । ବ୍ୟକ୍ତିର ଇନ୍ଦ୍ରିୟଗଣ ଦୋଷଯୁକ୍ତ ଅଟେ; ସେଗୁଡ଼ିକ ସାହାଯ୍ୟରେ ଶ୍ରୀକୃଷ୍ଣଙ୍କ ବିଷୟକୁ ଜାଣିବା ସମ୍ଭବପର ନୁହେଁ । ତଥାପି ଭକ୍ତଗଣ ଶ୍ରୀକୃଷ୍ଣଙ୍କୁ ଜାଣିବାକୁ ଚେଷ୍ଟା କରନ୍ତି; କିନ୍ତୁ କୌଣସି ଏକ ନିର୍ଦ୍ଦିଷ୍ଟ ସମୟରେ ବା ଜୀବନର କୌଣସି ଅବସ୍ଥାରେ ସେମାନେ ଶ୍ରୀକୃଷ୍ଣଙ୍କୁ ଯେ ପୂର୍ଣ୍ଣରୂପେ ଜାଣି ପାରିବେ–ଏପରି କଥା ନୁହେଁ । ବରଂ କୃଷ୍ଣକଥା ଏପରି ସ୍ୱାଦୁକର ଯେ ତାହା ସେମାନଙ୍କୁ ଅମୃତତୁଲ୍ୟ ପ୍ରତୀୟମାନ ହୁଏ । ଏହି ପ୍ରକାରେ ସେମାନେ ତାହା ଉପଭୋଗ କରନ୍ତି । ଶ୍ରୀକୃଷ୍ଣଙ୍କର ବିଭୂତି ଏବଂ ତାଙ୍କର ବିଭିନ୍ନ ଶକ୍ତି ସମ୍ବନ୍ଧରେ ଆଲୋଚନା କରି ଶୁଦ୍ଧଭକ୍ତଗଣ ଦିବ୍ୟ ଆନନ୍ଦ ଅନୁଭବ କରନ୍ତି । ତେଣୁ ସେମାନେ ତାହା ଶୁଣିବାକୁ ଓ ଆଲୋଚନା କରିବାକୁ ଇଚ୍ଛା କରନ୍ତି । ଶ୍ରୀକୃଷ୍ଣ ଜାଣନ୍ତି ଯେ ଜୀବଗଣ ତାଙ୍କର ଐଶ୍ୱର୍ଯ୍ୟର ବିସ୍ତୃତି କଥା ବୁଝିପାରିବେ ନାହିଁ । ତେଣୁ ସେ ତାଙ୍କର ବିଭିନ୍ନ ଶକ୍ତିର କେତେକ ପ୍ରଧାନ ପ୍ରଧାନ ପ୍ରକାଶ-କଥା କହିବାକୁ ରାଜି ହେଲେ । ''ପ୍ରଧାନ୍ୟତଃ'' ଶବ୍ଦ ଏଠାରେ ବଡ଼ ଅର୍ଥପୂର୍ଣ୍ଣ ଅଟେ । କାରଣ ପରମେଶ୍ୱରଙ୍କର ବିଭବ ଅନନ୍ତ ଅଟେ, ତେଣୁ ଆମ୍ଭେମାନେ ତାଙ୍କର କେତେକ ପ୍ରଧାନ ବିଭବ କଥା କେବଳ ବୁଝିପାରିବା । ସେଗୁଡ଼ିକୁ ସବୁ ବୁଝିବା ଆମ୍ଭମାନଙ୍କ ପକ୍ଷରେ ସମ୍ଭବପର ନୁହେଁ । ଏ ଶ୍ଲୋକରେ ବ୍ୟବହୃତ ''ବିଭୂତି'' ଶବ୍ଦ ଭଗବାନଙ୍କର ଲୀଳାମୟ ଐଶ୍ୱର୍ଯ୍ୟକୁ ବୁଝାଉଛି, ଯାହା ସାହାଯ୍ୟରେ ସେ ସମଗ୍ର ବ୍ରହ୍ମାଣ୍ଡକୁ ନିୟନ୍ତ୍ରଣ କରନ୍ତି । ''ଅମରକୋଷ'' ଅଭିଧାନରେ 'ବିଭୂତି' ଶବ୍ଦର ଅର୍ଥ ଅଲୌକିକ ଐଶ୍ୱର୍ଯ୍ୟ ବୋଲି କୁହାଯାଇଅଛି ।

ନିର୍ବିଶେଷବାଦୀ ବା ବିଶ୍ୱଦେବତାବାଦୀ ଭଗବାନଙ୍କର ଅଲୌକିକ ଐଶ୍ୱର୍ଯ୍ୟ କଥା କିମ୍ବା

ତାଙ୍କର ଦିବ୍ୟଶକ୍ତିର ପ୍ରକାଶ କଥା ବୁଝିପାରିବେ ନାହିଁ । ଉଭୟ ଭୌତିକ ଜଗତ ଓ ଚିଦ୍ ଜଗତରେ ତାଙ୍କ ଶକ୍ତି ପ୍ରତ୍ୟେକ ପ୍ରକାର ପରିପ୍ରକାଶରେ ବିଛୁରିତ ହୋଇଅଛି; ଯାହା ସାଧାରଣ ଲୋକ ପ୍ରତ୍ୟକ୍ଷ ଭାବରେ ଦେଖି ପାରିବ ବା ଧାରଣା କରି ପାରିବ, ସେକଥା ଶ୍ରୀକୃଷ୍ଣ ବର୍ତ୍ତମାନ ବର୍ଣ୍ଣନା କରୁଛନ୍ତି । ଏହି ପ୍ରକାରେ ତାଙ୍କର ବିଭିନ୍ନ ଶକ୍ତିର ଏକ ଅଂଶ ଏଠାରେ ବର୍ଣ୍ଣିତ ହୋଇଅଛି ।

## ଶ୍ଳୋକ - ୨୦

**ଅହମାତ୍ମା ଗୁଡ଼ାକେଶ ସର୍ବଭୂତାଶୟସ୍ଥିତଃ ।**
**ଅହମାଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବ ଚ ।। ୨୦।।**

## ଶବ୍ଦାନୁବାଦ

ଅହମ୍=ମୁଁ; ଆତ୍ମା=ଆତ୍ମା; ଗୁଡ଼ାକେଶ=ହେ ନିଦ୍ରାଜୟୀ ଅର୍ଜୁନ !; ସର୍ବ-ଭୂତ=ସମସ୍ତଜୀବ; ଆଶୟ-ସ୍ଥିତଃ=ଅନ୍ତରରେ ଅବସ୍ଥିତ; ଅହମ୍=ମୁଁ; ଆଦିଃ=ମୂଳ; ଚ=ମଧ୍ୟ; ମଧ୍ୟମ୍=ମଧ୍ୟ; ଚ=ମଧ୍ୟ; ଭୂତାନାମ୍=ସମସ୍ତ ଜୀବଙ୍କର; ଅନ୍ତଃ=ଶେଷ; ଏବ=ନିଶ୍ଚିତଭାବେ; ଚ=ଏବଂ ।

## ଅନୁବାଦ

**ହେ ଗୁଡ଼ାକେଶ ! ମୁଁ ସମସ୍ତ ଜୀବର ହୃଦୟରେ ଥିବା ଆତ୍ମା ଅଟେ, ମୁଁ ସମସ୍ତ ପ୍ରାଣୀର ଆଦି (ମୂଳ), ମଧ୍ୟ ଏବଂ ଅନ୍ତ ଅଟେ ।**

## ଭାବାର୍ଥ

ଏ ଶ୍ଳୋକରେ ଅର୍ଜୁନଙ୍କୁ "ଗୁଡ଼ାକେଶ" ବୋଲି ସମ୍ବୋଧନ କରାଯାଇଅଛି । ଏହାର ଅର୍ଥ, ଯେ ନିଦ୍ରାରୂପକ ଅନ୍ଧକାରକୁ ଜୟ କରିଥାଏ, ସେ "ଗୁଡ଼ାକେଶ" ଅଟେ । ଯେଉଁମାନେ ଅଜ୍ଞାନତାରୂପକ ଅନ୍ଧକାରରେ ଶୋଇଛନ୍ତି, ସେମାନଙ୍କ ପକ୍ଷରେ ଭଗବାନଙ୍କର ବିଚିତ୍ର ପ୍ରକାଶକୁ ବୁଝିବା ଅସମ୍ଭବ– ଭଗବାନ୍ କିପରି ଭୌତିକ ତଥା ଚିଦ୍ ଜଗତରେ ନିଜକୁ ପ୍ରକାଶ କରିଛନ୍ତି ଏହା ବୁଝିବା ବଡ଼ କଠିନ । ଏଣୁ ଶ୍ରୀକୃଷ୍ଣଙ୍କର ଅର୍ଜୁନଙ୍କୁ "ଗୁଡ଼ାକେଶ" ବୋଲି ସମ୍ବୋଧନ କରିବା ବଡ଼ ଅର୍ଥପୂର୍ଣ୍ଣ ଅଟେ । କାରଣ ଅର୍ଜୁନ ଏ ପ୍ରକାର ଅନ୍ଧକାରଠାରୁ ଊର୍ଦ୍ଧ୍ୱରେ ଅବସ୍ଥିତ । ତେଣୁ ଭଗବାନ୍ ତାଙ୍କର ବିଭିନ୍ନ ଐଶ୍ୱର୍ଯ୍ୟ ବିଷୟରେ ବର୍ଣ୍ଣନା କରିବାକୁ ରାଜିହେଲେ ।

ପ୍ରଥମେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ ଯେ ସେ ସମଗ୍ର ଦୃଶ୍ୟଜଗତର ଆତ୍ମା ଅଟନ୍ତି । ତାଙ୍କର ପ୍ରଥମ ବିସ୍ତୃତାଂଶ ସାହାଯ୍ୟରେ ସେ ସମଗ୍ର ଦୃଶ୍ୟ ଜଗତ ମଧ୍ୟରେ ପ୍ରବେଶ କରି ଆତ୍ମାରୂପେ ଅବସ୍ଥାନ କରିଛନ୍ତି । ଏ ଭୌତିକ ଜଗତକୁ ସୃଷ୍ଟି କରିବା ପୂର୍ବରୁ ଭଗବାନ୍ ତାଙ୍କର ବିସ୍ତୃତାଂଶ ସାହାଯ୍ୟରେ ପୁରୁଷ ଅବତାର ଗ୍ରହଣ କଲେ ଏବଂ ତାଙ୍କଠାରୁ ସବୁ ଆରମ୍ଭ ହେଲା । ତେଣୁ ସେ ଆତ୍ମା ଅଟନ୍ତି-ସେ ସମଗ୍ର ମହତ୍-ତତ୍ତ୍ୱର ଆତ୍ମା ଅଟନ୍ତି । ସମଗ୍ର ଭୌତିକ ଶକ୍ତି ସୃଷ୍ଟିର କାରଣ ନୁହେଁ; ବାସ୍ତବରେ ମହାବିଷ୍ଣୁ ସମଗ୍ର ଭୌତିକ ଶକ୍ତି, ଅର୍ଥାତ୍–ମହତ୍‌ତତ୍ତ୍ୱ ମଧ୍ୟରେ ପ୍ରବେଶ କରନ୍ତି । ସେ ଆତ୍ମା ଅଟନ୍ତି, ଯେତେବେଳେ ମହାବିଷ୍ଣୁ ପ୍ରକାଶମାନ ବ୍ରହ୍ମାଣ୍ଡମାନଙ୍କରେ ପ୍ରବେଶ କରନ୍ତି; ସେ ପୁନର୍ବାର ପ୍ରତ୍ୟେକ ଜୀବ ମଧ୍ୟରେ ପରମାତ୍ମାରୂପରେ ପ୍ରକାଶିତ ହୁଅନ୍ତି । ଆମ୍ଭମାନଙ୍କର ଏ ଅନୁଭୂତି ଅଛି ଯେ ଜୀବର ଶରୀର ମଧ୍ୟରେ ଚିତ୍‌କଣର ବିଦ୍ୟମାନତା ଯୋଗୁଁ ଶରୀର ତିଷ୍ଠି

ରହିଛି । ଚିତ୍‌କଣର ଅବସ୍ଥାନ ବିନା ଶରୀର ବୃଦ୍ଧିଲାଭ କରିପାରିବ ନାହିଁ । ଠିକ୍ ସେହିପରି ପରମାତ୍ମା ଏ ଭୌତିକ ପରିପ୍ରକାଶ ମଧ୍ୟରେ ପ୍ରବେଶ ନ କଲେ ଏହା କଦାପି ବୃଦ୍ଧିଲାଭ କରିପାରିବ ନାହିଁ ।

ସମସ୍ତ ଦୃଶ୍ୟ ବ୍ରହ୍ମାଣ୍ଡମାନଙ୍କରେ ଭଗବାନ୍ ପରମାତ୍ମାରୂପରେ ବିଦ୍ୟମାନ । ଶ୍ରୀମଦ୍ ଭାଗବତମ୍‌ରେ ତିନିପୁରୁଷ ଅବତାରର ବର୍ଣ୍ଣନା ଦିଆଯାଇଅଛି । ତିନି ପ୍ରକାରେ ଭଗବାନ୍ ପ୍ରକାଶିତ ହୋଇଛନ୍ତି, ଯଥା—କାରଣୋଦକଶାୟୀ ବିଷ୍ଣୁ, ଗର୍ଭୋଦକଶାୟୀ ବିଷ୍ଣୁ ଏବଂ କ୍ଷୀରୋଦକଶାୟୀ ବିଷ୍ଣୁ ରୂପରେ—ଏ ଭୌତିକ ବ୍ରହ୍ମାଣ୍ଡରେ ଭଗବାନ୍ ବିଦ୍ୟମାନ ଅଟନ୍ତି । ସର୍ବ କାରଣର କାରଣ, ପରମେଶ୍ୱର ଶ୍ରୀକୃଷ୍ଣ କାରଣାର୍ଣ୍ଣବରେ ମହାବିଷ୍ଣୁ ବା କାରଣୋଦକଶାୟୀ ବିଷ୍ଣୁରୂପରେ ଶୟନ କରିଛନ୍ତି ଏବଂ ସେଇଥିପାଇଁ ଶ୍ରୀକୃଷ୍ଣ ଏ ବ୍ରହ୍ମାଣ୍ଡର ଆଦି (ମୂଳ) ଏ ଦୃଶ୍ୟଜଗତର ପାଳନ କର୍ତ୍ତା ଏବଂ ସମସ୍ତ ଶକ୍ତିର ଅନ୍ତ (ଶେଷ) ମଧ୍ୟ ଅଟନ୍ତି ।

## ଶ୍ଲୋକ - ୨୧

**ଆଦିତ୍ୟାନାମହଂ ବିଷ୍ଣୁର୍ଜ୍ୟୋତିଷାଂ ରବିରଂଶୁମାନ୍ ।**
**ମରୀଚିର୍ମରୁତାମସ୍ମି ନକ୍ଷତ୍ରାଣାମହଂ ଶଶୀ ।। ୨୧ ।।**

## ଶବ୍ଦାନୁବାଦ

ଆଦିତ୍ୟାନାମ୍=ଆଦିତ୍ୟମାନଙ୍କ ମଧ୍ୟରେ; ଅହମ୍=ମୁଁ; ବିଷ୍ଣୁଃ=ପରମେଶ୍ୱର; ଜ୍ୟୋତିଷାମ୍=ଜ୍ୟୋତିଷ୍କମାନଙ୍କ ମଧ୍ୟରେ; ରବିଃ=ସୂର୍ଯ୍ୟ; ଅଂଶୁମାନ୍=ଉଜ୍ଜ୍ୱଳ; ମରୀଚିଃ= ମରୀଚି; ମରୁତାମ୍=ମରୁତମାନଙ୍କ ମଧ୍ୟରେ; ଅସ୍ମି=ଅଟେ; ନକ୍ଷତ୍ରାଣାମ୍=ନକ୍ଷତ୍ରମାନଙ୍କ ମଧ୍ୟରେ; ଅହମ୍=ମୁଁ; ଶଶୀ=ଚନ୍ଦ୍ର ।

## ଅନୁବାଦ

**ଆଦିତ୍ୟମାନଙ୍କ ମଧ୍ୟରେ ମୁଁ ବିଷ୍ଣୁ ଅଟେ, ଜ୍ୟୋତିଷ୍କମାନଙ୍କ ମଧ୍ୟରେ ମୁଁ ଉଜ୍ଜ୍ୱଳ ସୂର୍ଯ୍ୟ, ମରୁତମାନଙ୍କ ମଧ୍ୟରେ ମୁଁ ମରୀଚି ଏବଂ ନକ୍ଷତ୍ରମାନଙ୍କ ମଧ୍ୟରେ ମୁଁ ଚନ୍ଦ୍ର ଅଟେ ।**

## ଭାବାର୍ଥ

ବାରଜଣ ଆଦିତ୍ୟ ଅଛନ୍ତି । ସେମାନଙ୍କ ମଧ୍ୟରେ କୃଷ୍ଣ ପ୍ରଧାନ ଅଟନ୍ତି । ଆକାଶରେ ଚକ୍ ଚକ୍ କରୁଥିବା ଜ୍ୟୋତିଷ୍କମାନଙ୍କ ମଧ୍ୟରେ ସୂର୍ଯ୍ୟ ପ୍ରଧାନ ଅଟନ୍ତି । ପୁନଶ୍ଚ ବ୍ରହ୍ମସଂହିତାରେ କୁହାଯାଇଅଛି ଯେ ସୂର୍ଯ୍ୟ ପରମେଶ୍ୱରଙ୍କର ଉଜ୍ଜ୍ୱଳ ଦୀପ୍ତି ଅଟନ୍ତି ଏବଂ ତାଙ୍କର ଏକ ଚକ୍ଷୁ ଅଟନ୍ତି । ମରୀଚି ଅନ୍ତରୀକ୍ଷ (ଆକାଶ)ର ନିୟନ୍ତ୍ରଣକାରୀ ଦେବତା ଅଟନ୍ତି । ରାତ୍ରିରେ ନକ୍ଷତ୍ରମାନଙ୍କ ମଧ୍ୟରେ ଚନ୍ଦ୍ର ପ୍ରଧାନ ଅଟନ୍ତି ଏବଂ ଏହି ପ୍ରକାରେ ଚନ୍ଦ୍ର ଶ୍ରୀକୃଷ୍ଣଙ୍କର ପ୍ରତିନିଧିତ୍ୱ କରନ୍ତି ।

## ଶ୍ଲୋକ - ୨୨

**ବେଦାନାଂ ସାମବେଦୋଽସ୍ମି ଦେବାନାମସ୍ମି ବାସବଃ ।**
**ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି ଭୂତାନାମସ୍ମି ଚେତନା ।। ୨୨ ।।**

## ଶବ୍ଦାନୁବାଦ

ବେଦାନାମ୍=ବେଦମାନଙ୍କ ମଧ୍ୟରେ; ସାମ-ବେଦଃ=ସାମବେଦ; ଅସ୍ମି=ଅଟେ; ଦେବାନାମ୍=ଦେବତାମାନଙ୍କ ମଧ୍ୟରେ; ଅସ୍ମି=ଅଟେ; ବାସବଃ=ସ୍ୱର୍ଗର ରାଜା; ଇନ୍ଦ୍ରିୟାଣାମ୍=ଇନ୍ଦ୍ରିୟମାନଙ୍କ ମଧ୍ୟରେ; ମନଃ=ମନ; ଚ=ମଧ୍ୟ; ଅସ୍ମି=ଅଟେ; ଭୂତାନାମ୍=ଜୀବମାନଙ୍କ ମଧ୍ୟରେ; ଅସ୍ମି=ଅଟେ; ଚେତନା=ଚେତନା (ଚୈତନ୍ୟ) ।

## ଅନୁବାଦ

**ବେଦମାନଙ୍କ ମଧ୍ୟରେ ମୁଁ ସାମବେଦ, ଦେବତାମାନଙ୍କ ମଧ୍ୟରେ ମୁଁ ଇନ୍ଦ୍ର, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମୁଁ ମନ ଏବଂ ଜୀବମାନଙ୍କ ମଧ୍ୟରେ ମୁଁ ଚେତନା ଅଟେ ।**

## ଭାବାର୍ଥ

ଜଡ଼ ପଦାର୍ଥ ଓ ଜୀବନ୍ତ ପ୍ରାଣୀ ମଧ୍ୟରେ ଏହି ପାର୍ଥକ୍ୟ ଅଛି ଯେ ଜୀବଠାରେ ଯେପରି ଚେତନଶକ୍ତି ଅଛି, ଜଡ଼ବସ୍ତୁରେ ସେପରି ନାହିଁ; ତେଣୁ ଏହି ଚେତନଶକ୍ତି ପ୍ରଧାନ ଏବଂ ସନାତନ ଅଟେ । ଜଡ଼ବସ୍ତୁର ସଂଯୋଗ ଦ୍ୱାରା ଚେତନା ଉତ୍ପତ୍ତି ହୋଇ ନ'ପାରେ ।

## ଶ୍ଳୋକ - ୨୩

**ରୁଦ୍ରାଣାଂ ଶଙ୍କରଶ୍ଚାସ୍ମି ବିତ୍ତେଶୋ ଯକ୍ଷରକ୍ଷସାମ୍ ।**
**ବସୂନାଂ ପାବକଶ୍ଚାସ୍ମି ମେରୁଃ ଶିଖରିଣାମହମ୍ ।। ୩ ।।**

## ଶବ୍ଦାନୁବାଦ

ରୁଦ୍ରାଣାମ୍=ରୁଦ୍ରମାନଙ୍କ ମଧ୍ୟରେ; ଶଙ୍କରଃ=ଶ୍ରୀ ଶିବଜୀ; ଚ=ମଧ୍ୟ; ଅସ୍ମି=ଅଟେ; ବିତ୍ତେଶଃ=ଧନର ଦେବତା; ଯକ୍ଷ-ରକ୍ଷସାମ୍=ଯକ୍ଷ ଓ ରାକ୍ଷସମାନଙ୍କ ମଧ୍ୟରେ; ବସୂନାମ୍=ବସୁମାନଙ୍କ ମଧ୍ୟରେ; ପାବକଃ=ଅଗ୍ନି; ଚ=ମଧ୍ୟ; ଅସ୍ମି=ଅଟେ; ମେରୁଃ=ମେରୁ; ଶିଖରିଣାମ୍=ପର୍ବତମାନଙ୍କ ମଧ୍ୟରେ; ଅହମ୍=ମୁଁ ।

## ଅନୁବାଦ

**ରୁଦ୍ରମାନଙ୍କ ମଧ୍ୟରେ ମୁଁ ଶ୍ରୀ ଶିବ, ଯକ୍ଷ ଓ ରାକ୍ଷସମାନଙ୍କ ମଧ୍ୟରେ ମୁଁ ଧନର ଅଧିପତି (କୁବେର), ବସୁମାନଙ୍କ ମଧ୍ୟରେ ମୁଁ ଅଗ୍ନି ଏବଂ ପର୍ବତମାନଙ୍କ ମଧ୍ୟରେ ମୁଁ ମେରୁ ଅଟେ ।**

## ଭାବାର୍ଥ

ଏଗାରଜଣ ରୁଦ୍ର ଅଛନ୍ତି । ସେମାନଙ୍କ ମଧ୍ୟରେ ଶଙ୍କର (ଶ୍ରୀ ଶିବଜୀ) ପ୍ରଧାନ ଅଟନ୍ତି । ସେ ଏ ବ୍ରହ୍ମାଣ୍ଡରେ ଭଗବାନଙ୍କର ତମୋଗୁଣ ଅବତାର ଅଟନ୍ତି । ଦେବତାମାନଙ୍କ ମଧ୍ୟରେ କୁବେର ହେଉଛନ୍ତି ପ୍ରଧାନ ଭଣ୍ଡାର ଅଧିପତି ଏବଂ ସେ ଭଗବାନଙ୍କର ପ୍ରତିନିଧି ଅଟନ୍ତି । ମେରୁ ପର୍ବତ ପ୍ରାକୃତିକ ଦ୍ରବ୍ୟରେ ସମୃଦ୍ଧ ଅଟେ । ଏଥିନିମିତ୍ତ ଏହାର ପ୍ରସିଦ୍ଧି ଅଛି ।

## ଶ୍ଳୋକ - ୨୪

**ପୁରୋଧସାଂ ଚ ମୁଖ୍ୟଂ ମାଂ ବିଦ୍ଧି ପାର୍ଥ ବୃହସ୍ପତିମ୍ ।**
**ସେନାନୀନାମହଂ ସ୍କନ୍ଦଃ ସରସାମସ୍ମି ସାଗରଃ ।। ୨୪ ।।**

## ଶବ୍ଦାନୁବାଦ

ପୁରୋଧସାମ୍=ପୁରୋହିତମାନଙ୍କ ମଧ୍ୟରେ; ଚ=ମଧ୍ୟ; ମୁଖ୍ୟମ୍=ପ୍ରଧାନ; ମାମ୍=ମୋତେ; ବିଦ୍ଧି=ବୁଝ; ପାର୍ଥ=ହେ ପୃଥାପୁତ୍ର; ବୃହସ୍ପତିମ୍=ବୃହସ୍ପତି; ସେନାନୀନାମ୍=ସେନାପତିମାନଙ୍କ ମଧ୍ୟରେ;ଅହମ୍=ମୁଁ; ସ୍କନ୍ଦଃ=କାର୍ତ୍ତିକେୟ; ସରସାମ୍=ଜଳାଶୟମାନଙ୍କ ମଧ୍ୟରେ; ଅସ୍ମି=ଅଟେ; ସାଗରଃ=ସାଗର ।

## ଅନୁବାଦ

**ହେ ଅର୍ଜୁନ ! ପୁରୋହିତମାନଙ୍କ ମଧ୍ୟରେ ମୋତେ ମୁଖ୍ୟରୂପେ ଭକ୍ତିର ଦେବତା ବୃହସ୍ପତି ବୋଲି ଜାଣ; ସେନାପତିମାନଙ୍କ ମଧ୍ୟରେ ମୁଁ ଯୁଦ୍ଧର ଦେବତା କାର୍ତ୍ତିକେୟ ଏବଂ ଜଳାଧାରମାନଙ୍କ ମଧ୍ୟରେ ମୁଁ ସାଗର ଅଟେ ।**

## ଭାବାର୍ଥ

ଇନ୍ଦ୍ର ହେଉଛନ୍ତି ଦେବତାମାନଙ୍କ ମଧ୍ୟରେ ପ୍ରଧାନ ଏବଂ ସେ ସ୍ୱର୍ଗର ରାଜା ବୋଲି ପରିଚିତ । ଯେଉଁ ଲୋକରେ ସେ ରାଜତ୍ୱ କରନ୍ତି ତାହାକୁ ଇନ୍ଦ୍ରଲୋକ କୁହାଯାଏ । ବୃହସ୍ପତି ଇନ୍ଦ୍ରଙ୍କ ପୁରୋହିତ ଅଟନ୍ତି । ଯେଣୁ ଇନ୍ଦ୍ର, ରାଜାମାନଙ୍କ ମଧ୍ୟରେ ପ୍ରଧାନ ଅଟନ୍ତି, ତେଣୁ ବୃହସ୍ପତି ପୁରୋହିତମାନଙ୍କ ମଧ୍ୟରେ ପ୍ରଧାନ ଅଟନ୍ତି । ଯେପରି ଇନ୍ଦ୍ର ରାଜାମାନଙ୍କ ମଧ୍ୟରେ ପ୍ରଧାନ ଅଟନ୍ତି, ସେହିପରି ଶିବ ଓ ପାର୍ବତୀଙ୍କର ପୁତ୍ର କାର୍ତ୍ତିକେୟ ସେନାପତିମାନଙ୍କ ମଧ୍ୟରେ ପ୍ରଧାନ ଅଟନ୍ତି । ଜଳାଧାରମାନଙ୍କ ମଧ୍ୟରେ ସାଗର ବୃହତ୍ତମ ଅଟେ । ଶ୍ରୀକୃଷ୍ଣଙ୍କର ଏ ସବୁ ପ୍ରତିରୂପ ତାଙ୍କର ମହାନତାର ଏକ ଆଭାସ ମାତ୍ର ଦିଏ ।

## ଶ୍ଳୋକ-୨୫

**ମହର୍ଷୀଣାଂ ଭୃଗୁରହଂ ଗିରାମସ୍ମ୍ୟେକମକ୍ଷରମ୍ ।**
**ଯଜ୍ଞାନାଂ ଜପଯଜ୍ଞୋଽସ୍ମି ସ୍ଥାବରାଣାଂ ହିମାଳୟଃ ।। ୨୫ ।।**

## ଶବ୍ଦାନୁବାଦ

ମହର୍ଷୀଣାମ୍=ମହର୍ଷିମାନଙ୍କ ମଧ୍ୟରେ; ଭୃଗୁଃ=ଭୃଗୁ; ଅହମ୍=ମୁଁ; ଗିରାମ୍=ଧ୍ୱନିତରଙ୍ଗ ମଧ୍ୟରେ; ଅସ୍ମି=ଅଟେ; ଏକମ୍ ଅକ୍ଷରମ୍=ପ୍ରଣବ; ଯଜ୍ଞାନାମ୍=ଯଜ୍ଞମାନଙ୍କ ମଧ୍ୟରେ; ଜପ-ଯଜ୍ଞଃ=ଜପ; ଅସ୍ମି=ଅଟେ; ସ୍ଥାବରାଣାମ୍=ସ୍ଥାବରମାନଙ୍କ ମଧ୍ୟରେ; ହିମାଳୟଃ=ହିମାଳୟ ପର୍ବତଶ୍ରେଣୀ ।

## ଅନୁବାଦ

**ମହର୍ଷିମାନଙ୍କ ମଧ୍ୟରେ ମୁଁ ଭୃଗୁ ଅଟେ; ଧ୍ୱନିତରଙ୍ଗ ମଧ୍ୟରେ ମୁଁ ଦିବ୍ୟ ପ୍ରଣବ, ଯଜ୍ଞମାନଙ୍କ ମଧ୍ୟରେ ମୁଁ ଭଗବାନଙ୍କ ଦିବ୍ୟନାମ ଜପ (ଜପଯଜ୍ଞ) ଏବଂ ସ୍ଥାବରମାନଙ୍କ ମଧ୍ୟରେ ମୁଁ ହିମାଳୟ ଅଟେ ।**

## ଭାବାର୍ଥ

ବ୍ରହ୍ମାଣ୍ଡରେ ଶ୍ରୀବ୍ରହ୍ମାଜୀ ହେଉଛନ୍ତି ପ୍ରଥମ ସୃଷ୍ଟ ଜୀବ । ସେ ବିଭିନ୍ନ ପ୍ରକାର ଜୀବ ସୃଷ୍ଟି ନିମିତ୍ତ କେତେକ ପୁତ୍ର ସୃଷ୍ଟି କଲେ । ତାଙ୍କର ପୁତ୍ରମାନଙ୍କ ମଧ୍ୟରେ ଅତ୍ୟନ୍ତ କ୍ଷମତାଶାଳୀ ଅଟନ୍ତି

ଭୃଗୁ । ସେ ଜଣେ ମହର୍ଷି ଅଟନ୍ତି । ସମସ୍ତ ଦିବ୍ୟଧ୍ୱନି ମଧ୍ୟରେ 'ଓଁକାର' ଭଗବାନଙ୍କର ପ୍ରତିନିଧିତ୍ୱ କରେ । ଯଜ୍ଞମାନଙ୍କ ମଧ୍ୟରେ 'ହରେକୃଷ୍ଣ' ମନ୍ତ୍ର— ''*ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ । ହରେରାମ ହରେରାମ ରାମ ରାମ ହରେ ହରେ* ।।'' - ଜପ ଶ୍ରୀକୃଷ୍ଣଙ୍କର ବିଶୁଦ୍ଧତମ ପ୍ରତିରୂପ ଅଟେ । ବେଳେବେଳେ ପଶୁବଧ ଯଜ୍ଞକଥା କୁହାଯାଏ, କିନ୍ତୁ ''*ହରେକୃଷ୍ଣ*'' ମନ୍ତ୍ର ଜପଯଜ୍ଞରେ ହିଂସାର (ପଶୁବଧର) ପ୍ରଶ୍ନ ନାହିଁ । ଏହା ସରଳତମ ତଥା ବିଶୁଦ୍ଧତମ ଅଟେ । ଏ ଜଗତରେ ଯାହା ଦିବ୍ୟ ଅଟେ, ତାହା ଭଗବାନ୍ ଶ୍ରୀକୃଷ୍ଣଙ୍କର ପ୍ରତିରୂପ ଅଟେ ବୋଲି ଜାଣ । ସେଥିପାଇଁ ପୃଥିବୀର ବୃହତ୍ତମ ପର୍ବତ ହିମାଳୟ ତାଙ୍କର (ଭଗବାନଙ୍କର) ପ୍ରତିନିଧିତ୍ୱ କରେ । ପୂର୍ବ ଶ୍ଳୋକରେ ମେରୁ ପର୍ବତର ବର୍ଣ୍ଣନା ଅଛି, କିନ୍ତୁ ମେରୁ ପର୍ବତ ବେଳେବେଳେ ଗତି କରେ, କିନ୍ତୁ ହିମାଳୟ ପର୍ବତଶ୍ରେଣୀ ଗତିକରେ ନାହିଁ । ଏଣୁ ହିମାଳୟ ପର୍ବତଶ୍ରେଣୀ ମେରୁ ପର୍ବତ ଅପେକ୍ଷା ବୃହତ୍ତର ।

## ଶ୍ଳୋକ - ୨୬

**ଅଶ୍ୱତ୍ଥଃ ସର୍ବବୃକ୍ଷାଣାଂ ଦେବର୍ଷୀଣାଂ ଚ ନାରଦଃ ।**
**ଗନ୍ଧର୍ବାଣାଂ ଚିତ୍ରରଥଃ ସିଦ୍ଧାନାଂ କପିଳୋ ମୁନିଃ ।। ୨୬ ।।**

## ଶବ୍ଦାନୁବାଦ

ଅଶ୍ୱତ୍ଥଃ=ଅଶ୍ୱତ୍ଥବୃକ୍ଷ; ସର୍ବବୃକ୍ଷାଣାମ୍ = ବୃକ୍ଷମାନଙ୍କ ମଧ୍ୟରେ; ଦେବର୍ଷୀଣାମ୍=ଦେବର୍ଷିମାନଙ୍କ ମଧ୍ୟରେ; ଚ=ଏବଂ; ନାରଦଃ=ନାରଦ; ଗନ୍ଧର୍ବାଣାମ୍=ଗନ୍ଧର୍ବଲୋକର ଅଧିବାସୀମାନଙ୍କ ମଧ୍ୟରେ; ଚିତ୍ରରଥଃ=ଚିତ୍ରରଥ; ସିଦ୍ଧାନାମ୍=ସିଦ୍ଧମାନଙ୍କ ମଧ୍ୟରେ; କପିଳଃ ମୁନିଃ=କପିଳ ମୁନି ।

## ଅନୁବାଦ

**ବୃକ୍ଷମାନଙ୍କ ମଧ୍ୟରେ ମୁଁ ପବିତ୍ର ଅଶ୍ୱତ୍ଥ ବୃକ୍ଷ ଏବଂ ଦେବର୍ଷିମାନଙ୍କ ମଧ୍ୟରେ ମୁଁ ନାରଦ ଅଟେ । ଦେବଲୋକର ସଙ୍ଗୀତଜ୍ଞ (ଗନ୍ଧର୍ବ)ମାନଙ୍କ ମଧ୍ୟରେ ମୁଁ ଚିତ୍ରରଥ ଅଟେ ଏବଂ ସିଦ୍ଧମାନଙ୍କ ମଧ୍ୟରେ ମୁଁ କପିଳ ମୁନି ଅଟେ ।**

## ଭାବାର୍ଥ

ଅଶ୍ୱତ୍ଥ ବୃକ୍ଷ ଏକ ସୁନ୍ଦର ଓ ଉଚ୍ଚତମ ବୃକ୍ଷ ଅଟେ ଏବଂ ଭାରତବର୍ଷରେ ଲୋକମାନେ ପ୍ରାତଃକାଳୀନ ପୂଜା ହିସାବରେ ଏହାର ପୂଜା କରନ୍ତି । ସେମାନେ ମଧ୍ୟ ଦେବତାମାନଙ୍କ ମଧ୍ୟରେ ନାରଦଙ୍କର ପୂଜା କରନ୍ତି । ସେ ବ୍ରହ୍ମାଣ୍ଡରେ ସର୍ବଶ୍ରେଷ୍ଠ ଭକ୍ତରୂପେ ବିବେଚିତ ହୁଅନ୍ତି । ଏହି ପ୍ରକାରେ ସେ ଏକ ଭକ୍ତରୂପରେ ଶ୍ରୀକୃଷ୍ଣଙ୍କର ପ୍ରତିରୂପ ଅଟନ୍ତି । ଗନ୍ଧର୍ବ ଲୋକ, ସୁନ୍ଦର ସଂଗୀତଜ୍ଞମାନଙ୍କ ଦ୍ୱାରା ପରିପୂର୍ଣ୍ଣ ଏବଂ ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ସଂଗୀତଜ୍ଞ ହେଉଛନ୍ତି ଚିତ୍ରରଥ । ଅମର ଜୀବମାନଙ୍କ ମଧ୍ୟରେ କପିଳ ଭଗବାନଙ୍କର ଅବତାରରୂପେ ବିବେଚିତ ହୁଅନ୍ତି ଏବଂ ତାଙ୍କର ଦର୍ଶନ ଶ୍ରୀମଦ୍ ଭାଗବତମ୍‌ରେ ବର୍ଣ୍ଣିତ ହୋଇଅଛି । ପରେ ଆଉ ଜଣେ କପିଳ ପ୍ରସିଦ୍ଧ ହୋଇ ଉଠିଲେ; କିନ୍ତୁ ତାଙ୍କର ଦର୍ଶନ ନାସ୍ତିକ ଦର୍ଶନ ଅଟେ । ଏହି ପ୍ରକାରେ ଏ ଦୁଇ କପିଳଙ୍କ ମଧ୍ୟରେ ବିରାଟ ପାର୍ଥକ୍ୟ ଅଛି ।

## ଶ୍ଲୋକ-୨୭

**ଉଚ୍ଚୈଃଶ୍ରବସମଶ୍ୱାନାଂ ବିଦ୍ଧି ମାମମୃତୋଦ୍ଭବମ୍ ।**
**ଐରାବତଂ ଗଜେନ୍ଦ୍ରାଣାଂ ନରାଣାଂ ଚ ନରାଧିପମ୍ ।।୨୭।।**

## ଶବ୍ଦାନୁବାଦ

ଉଚ୍ଚୈଃଶ୍ରବସମ୍=ଉଚ୍ଚୈଃଶ୍ରବା; ଅଶ୍ୱାନାମ୍=ଘୋଡ଼ାମାନଙ୍କ ମଧ୍ୟରେ; ବିଦ୍ଧି=ଜାଣ; ମାମ୍=ମୋତେ; ଅମୃତ-ଉଦ୍ଭବମ୍=ସମୁଦ୍ର ମନ୍ଥନରୁ ଜାତ ଅମୃତ; ଐରାବତମ୍=ଐରାବତ; ଗଜେନ୍ଦ୍ରାଣାମ୍=ହସ୍ତୀମାନଙ୍କ ମଧ୍ୟରେ; ନରାଣାମ୍=ମନୁଷ୍ୟମାନଙ୍କ ମଧ୍ୟରେ; ଚ=ଏବଂ; ନରାଧିପମ୍=ରାଜା ।

## ଅନୁବାଦ

**ଅଶ୍ୱମାନଙ୍କ ମଧ୍ୟରେ ମୋତେ ଉଚ୍ଚୈଃଶ୍ରବା ଅଶ୍ୱ ବୋଲି ଜାଣ । ସେ ସମୁଦ୍ରରୁ ଉତ୍ଥିତ ଏବଂ ଅମୃତରୁ ଜାତ ହୋଇଛନ୍ତି । ଗଜେନ୍ଦ୍ରମାନଙ୍କ ମଧ୍ୟରେ ମୁଁ ଐରାବତ ଏବଂ ମନୁଷ୍ୟମାନଙ୍କ ମଧ୍ୟରେ ମୁଁ ରାଜା ଅଟେ ।**

## ଭାବାର୍ଥ

ଭକ୍ତ ଦେବତାମାନେ ଓ ଅସୁରମାନେ ଥରେ ସମୁଦ୍ର ମନ୍ଥନ କଲେ । ସେ ମନ୍ଥନରୁ ଅମୃତ ଓ ବିଷ ଜାତ ହେଲା ଏବଂ ଶ୍ରୀଶିବଜୀ ବିଷପାନ କଲେ । ଅମୃତରୁ ଅନେକ ଜୀବ ଉତ୍ପନ୍ନ ହେଲେ । ସେମାନଙ୍କ ମଧ୍ୟରେ ଉଚ୍ଚୈଃଶ୍ରବା ନାମକ ଅଶ୍ୱ ଥିଲା । ସେ ଅମୃତରୁ ଅନ୍ୟ ଏକ ପ୍ରାଣୀ ଉତ୍ପନ୍ନ ହୋଇଥିଲା; ଯାହାର ନାମ ଐରାବତ ହସ୍ତୀ । ଏ ଦୁଇଟି ପ୍ରାଣୀ ଅମୃତରୁ ଜାତ ହୋଇଥିବା ହେତୁ; ଏମାନଙ୍କର ବିଶେଷ ଗୁଣ ଅଛି ଏବଂ ଏମାନେ କୃଷ୍ଣଙ୍କର ପ୍ରତିନିଧି ଅଟନ୍ତି ।

ମନୁଷ୍ୟମାନଙ୍କ ମଧ୍ୟରେ ରାଜା ହେଉଛନ୍ତି କୃଷ୍ଣଙ୍କର ପ୍ରତିନିଧି; କାରଣ କୃଷ୍ଣ ହେଉଛନ୍ତି ବ୍ରହ୍ମାଣ୍ଡମାନଙ୍କର ପାଳନକର୍ତ୍ତା ଏବଂ ରାଜାମାନେ ସେମାନଙ୍କର ରାଜ୍ୟର ପାଳନକର୍ତ୍ତା ଅଟନ୍ତି; କାରଣ ସେମାନେ ଦେବଗୁଣର ଅଧିକାରୀ ହୋଇଥିବାରୁ ସେମାନଙ୍କୁ ଏ ପ୍ରକାର ନିଯୁକ୍ତି ଦିଆଯାଇଅଛି ।

ମହାରାଜ ଯୁଧିଷ୍ଠିର, ମହାରାଜ ପରୀକ୍ଷିତ ଓ ଶ୍ରୀରାମଚନ୍ଦ୍ର ମହାପ୍ରଭୁଙ୍କପରି ରାଜାମାନେ ଅତ୍ୟନ୍ତ ଧାର୍ମିକ ରାଜା ଥିଲେ । ସେମାନେ ସର୍ବଦା ପ୍ରଜାମାନଙ୍କର ମଙ୍ଗଳ ଚିନ୍ତା କରୁଥିଲେ । ବୈଦିକ ସାହିତ୍ୟରେ କୁହାଯାଇଅଛି ଯେ ରାଜା ଭଗବାନଙ୍କର ପ୍ରତିନିଧି ଅଟନ୍ତି । ଏ ଯୁଗରେ ଅବଶ୍ୟ ଧର୍ମନୀତିର ହ୍ରାସ ଯୋଗୁଁ ରାଜବଂଶ ପ୍ରାୟ ଲୁପ୍ତ ଏବଂ ବର୍ତ୍ତମାନ ସଂପୂର୍ଣ୍ଣରୂପେ ନିଶ୍ଚିହ୍ନ ହୋଇଯାଇଅଛି । ଏହା ବୁଝିବାକୁ ହେବ ଯେ ଅତୀତରେ ଲୋକମାନେ ଧାର୍ମିକ ରାଜାମାନଙ୍କ ଅଧୀନରେ ଅଧିକ ସୁଖୀ ଥିଲେ ।

## ଶ୍ଲୋକ - ୨୮

**ଆୟୁଧାନାମହଂ ବଜ୍ରଂ ଧେନୂନାମସ୍ମି କାମଧୁକ୍ ।**
**ପ୍ରଜନଶ୍ଚାସ୍ମି କନ୍ଦର୍ପଃ ସର୍ପାଣାମସ୍ମି ବାସୁକିଃ ।।୨୮।।**

## ଶବ୍ଦାନୁବାଦ

ଆୟୁଧାନାମ୍=ଅସ୍ତ୍ରମାନଙ୍କ ମଧ୍ୟରେ; ଅହମ୍=ମୁଁ; ବଜ୍ରମ୍=ବଜ୍ର; ଧେନୂନାମ୍=ଗାଭୀମାନଙ୍କ ମଧ୍ୟରେ; ଅସ୍ମି=ଅଟେ; କାମ-ଧୁକ୍=କାମଧେନୁ ସୁରଭି ଗାଭୀ; ପ୍ରଜନଃ=ସନ୍ତାନ ଉତ୍ପାଦନ ନିମିତ୍ତ; ଚ=ଏବଂ; ଅସ୍ମି=ଅଟେ; କନ୍ଦର୍ପଃ=କାମଦେବ (କନ୍ଦର୍ପ); ସର୍ପାଣାମ୍=ସର୍ପମାନଙ୍କ ମଧ୍ୟରେ; ଅସ୍ମି=ଅଟେ; ବାସୁକିଃ=ବାସୁକି ।

## ଅନୁବାଦ

**ଅସ୍ତ୍ରମାନଙ୍କ ମଧ୍ୟରେ ମୁଁ ବଜ୍ର, ଗାଭୀମାନଙ୍କ ମଧ୍ୟରେ ପ୍ରଚୁର ଦୁଗ୍ଧବତୀ ଗାଭୀ ସୁରଭି (ଗାଭୀ) ମୁଁ ଅଟେ । ସନ୍ତାନ ଉତ୍ପାଦିକା ଶକ୍ତି ମଧ୍ୟରେ ମୁଁ କନ୍ଦର୍ପକାମଦେବ ଏବଂ ସର୍ପମାନଙ୍କ ମଧ୍ୟରେ ମୁଁ ପ୍ରଧାନ ସର୍ପ ବାସୁକି ଅଟେ ।**

## ଭାବାର୍ଥ

ବାସ୍ତବିକ୍ ବଜ୍ର ଏକ ଅତ୍ୟନ୍ତ ଶକ୍ତିଶାଳୀ ଅସ୍ତ୍ର ଅଟେ । ତାହା ଶ୍ରୀକୃଷ୍ଣଙ୍କ ଶକ୍ତିର ପ୍ରତିନିଧିତ୍ୱ କରେ । ପରବ୍ୟୋମରେ ଥିବା କୃଷ୍ଣଲୋକରେ ଅନେକ ଗାଭୀ ଅଛନ୍ତି । ଯେ କୌଣସି ସମୟରେ ସେମାନଙ୍କୁ ଦୋହନ କରାଯାଇପାରେ ଏବଂ ତୁମେ ଯେତେ ପରିମାଣରେ ଦୁଗ୍ଧ ଆବଶ୍ୟକ କରିବ, ସେତେ ପରିମାଣର ଦୁଗ୍ଧ ସେମାନେ ଦେବେ । ଅବଶ୍ୟ ଏ ପ୍ରକାର ଗାଈ ଏ ମର୍ତ୍ତ୍ୟଲୋକରେ ନାହାଁନ୍ତି; କିନ୍ତୁ କୃଷ୍ଣଲୋକରେ ସେମାନଙ୍କର ବର୍ଣ୍ଣନା ଅଛି । ଭଗବାନ୍ ଏ ପ୍ରକାର ଅନେକ ଗାଈ ରଖିଛନ୍ତି; ଏମାନଙ୍କୁ ସୁରଭୀ (ଗାଭୀ) କୁହାଯାଏ । ବର୍ଣ୍ଣିତ ଅଛି ଯେ ଭଗବାନ୍ ସର୍ବଦା ଏମାନଙ୍କୁ ପାଳନ କରିବାରେ ବ୍ୟସ୍ତ । କନ୍ଦର୍ପ ହେଉଛି କାମ ପିପାସା । ଉପଯୁକ୍ତ ପୁତ୍ର ଉତ୍ପାଦନ ନିମିତ୍ତ ଏହାକୁ ବ୍ୟବହାର କରାଯାଏ । ତେଣୁ କନ୍ଦର୍ପ କୃଷ୍ଣଙ୍କର ପ୍ରତିନିଧି ଅଟନ୍ତି । ବେଳେବେଳେ କନ୍ଦର୍ପକୁ ଜନନେନ୍ଦ୍ରିୟ ସୁଖ ଦେବା ନିମିତ୍ତ ବ୍ୟବହାର କରାଯାଏ । ଏ ପ୍ରକାର କନ୍ଦର୍ପ କୃଷ୍ଣଙ୍କର ପ୍ରତିନିଧିତ୍ୱ କରେ ନାହିଁ । ଉତ୍ତମ ସନ୍ତାନ ଉତ୍ପାଦନ ନିମିତ୍ତ ଯେଉଁ କନ୍ଦର୍ପ ଶକ୍ତି ବ୍ୟବହାର କରାଯାଏ, ତାହାକୁ ହିଁ ପ୍ରକୃତରେ କନ୍ଦର୍ପ କୁହାଯାଏ ଏବଂ ତାହା ହିଁ କୃଷ୍ଣଙ୍କର ପ୍ରତିନିଧିତ୍ୱ କରେ ।

## ଶ୍ଲୋକ - ୨୯

**ଅନନ୍ତଶ୍ଚାସ୍ମି ନାଗାନାଂ ବରୁଣୋ ଯାଦସାମହମ୍ ।**
**ପିତୃଣାମର୍ଯ୍ୟମା ଚାସ୍ମି ଯମଃ ସଂଯମତାମହମ୍ ।। ୨୯ ।।**

## ଶବ୍ଦାନୁବାଦ

ଅନନ୍ତଃ=ଅନନ୍ତ; ଚ=ମଧ୍ୟ; ଅସ୍ମି=ଅଟେ; ନାଗାନାମ୍=ନାଗମାନଙ୍କ ମଧ୍ୟରେ; ବରୁଣଃ=ଜଳଦେବତା; ଯାଦସାମ୍=ଜଳଜୀବମାନଙ୍କ ମଧ୍ୟରେ; ଅହମ୍=ମୁଁ; ପିତୃଣାମ୍=ପିତୃପୁରୁଷମାନଙ୍କ ମଧ୍ୟରେ; ଅର୍ଯ୍ୟମା=ଅର୍ଯ୍ୟମା; ଚ=ମଧ୍ୟ; ଅସ୍ମି=ଅଟେ; ଯମଃ=ମୃତ୍ୟୁ ଦେବତା; ସଂଯମତାମ୍=ସଂଯମକାରୀମାନଙ୍କ ମଧ୍ୟରେ; ଅହମ୍=ମୁଁ ।

## ଅନୁବାଦ

**ଦିବ୍ୟ ନାଗମାନଙ୍କ ମଧ୍ୟରେ ମୁଁ ଅନନ୍ତ, ଜଳଦେବତାମାନଙ୍କ ମଧ୍ୟରେ ମୁଁ ବରୁଣ, ପରଲୋକଗତ ପିତୃପୁରୁଷମାନଙ୍କ ମଧ୍ୟରେ ମୁଁ ଅର୍ଯ୍ୟମା, ନିୟମକୁ କାର୍ଯ୍ୟକାରୀ କରିବା ଦେବତାମାନଙ୍କ ମଧ୍ୟରେ ମୁଁ ମୃତ୍ୟୁଦେବତା ଯମ ଅଟେ ।**

## ଭାବାର୍ଥ

ଯେପରି ଜଳଜୀବମାନଙ୍କ ମଧ୍ୟରେ ବରୁଣ ପ୍ରଧାନ, ସେହିପରି ଦିବ୍ୟ ନାଗମାନଙ୍କ ମଧ୍ୟରେ ଅନନ୍ତ ଶ୍ରେଷ୍ଠ ଅଟେ । ସେମାନେ ଉଭୟେ କୃଷ୍ଣଙ୍କର ପ୍ରତିରୂପ ଅଟନ୍ତି । ଏକ ବୃକ୍ଷଲୋକ ଅଛି, ଯେଉଁଠାରେ ଅର୍ଯ୍ୟମା ହେଉଛନ୍ତି ଅଧ୍ୟକ୍ଷ; ସେ ସେଠାରେ ଶ୍ରୀକୃଷ୍ଣଙ୍କର ପ୍ରତିନିଧିତ୍ୱ କରନ୍ତି । ଅନେକ ଜୀବ ଅଛନ୍ତି ଯେଉଁମାନେ ଦୁର୍ବୃତ୍ତମାନଙ୍କୁ ଦଣ୍ଡ ଦିଅନ୍ତି ଏବଂ ସେମାନଙ୍କ ମଧ୍ୟରେ ଯମରାଜ ପ୍ରଧାନ ଅଟନ୍ତି । ଏଇ ମର୍ତ୍ତ୍ୟଲୋକ ନିକଟରେ ଯମଲୋକ ବା ଯମପୁର ଅଛି । ସେଠାରେ ଯମ ବାସ କରନ୍ତି । ଯେଉଁମାନେ ମହାନ୍ ପାପୀ ସେମାନଙ୍କୁ ମୃତ୍ୟୁପରେ ସେଠାକୁ ନିଆଯାଏ ଏବଂ ଯମରାଜ ସେମାନଙ୍କ ନିମିତ୍ତ ବିଭିନ୍ନ ପ୍ରକାର ଦଣ୍ଡର ବ୍ୟବସ୍ଥା କରନ୍ତି ।

## ଶ୍ଲୋକ-୩୦

**ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍ ।**
**ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷିଣାମ୍ ।।୩୦।।**

## ଶବ୍ଦାନୁବାଦ

ପ୍ରହ୍ଲାଦଃ=ପ୍ରହ୍ଲାଦ; ଚ=ମଧ୍ୟ; ଅସ୍ମି=ଅଟେ; ଦୈତ୍ୟାନାମ୍=ଦୈତ୍ୟମାନଙ୍କ ମଧ୍ୟରେ; କାଳଃ=ସମୟ; କଳୟତାମ୍=କ୍ଷୟକାରୀମାନଙ୍କ ମଧ୍ୟରେ; ଅହମ୍=ମୁଁ; ମୃଗାଣାମ୍=ପ୍ରାଣୀ ମାନଙ୍କ ମଧ୍ୟରେ; ଚ=ଏବଂ; ମୃଗେନ୍ଦ୍ରଃ=ସିଂହ; ଅହମ୍=ମୁଁ; ବୈନତେୟଃ=ଗରୁଡ଼; ଚ=ମଧ୍ୟ; ପକ୍ଷିଣାମ୍=ପକ୍ଷୀମାନଙ୍କ ମଧ୍ୟରେ ।

## ଅନୁବାଦ

**ଦୈତ୍ୟମାନଙ୍କ ମଧ୍ୟରେ ମୁଁ ଭକ୍ତ ପ୍ରହ୍ଲାଦ । କ୍ଷୟକାରୀମାନଙ୍କ ମଧ୍ୟରେ ମୁଁ କାଳ (ସମୟ); ପଶୁମାନଙ୍କ ମଧ୍ୟରେ ମୁଁ ସିଂହ ଏବଂ ପକ୍ଷୀମାନଙ୍କ ମଧ୍ୟରେ ମୁଁ ବିଷ୍ଣୁଙ୍କର ପକ୍ଷୀ-ବାହାନ ଗରୁଡ଼ ଅଟେ ।**

## ଭାବାର୍ଥ

ଦିତି ଏବଂ ଅଦିତି ଦୁଇ ଭଉଣୀ ଅଟନ୍ତି । ଅଦିତିଙ୍କର ପୁତ୍ରମାନଙ୍କୁ ଆଦିତ୍ୟ କୁହାଯାଏ ଏବଂ ଦିତିଙ୍କର ପୁତ୍ରମାନଙ୍କୁ ଦୈତ୍ୟ କୁହାଯାଏ । ଆଦିତ୍ୟମାନେ ଭଗବାନଙ୍କର ଭକ୍ତ ଅଟନ୍ତି ଏବଂ ଦୈତ୍ୟମାନେ ନାସ୍ତିକ ଅଟନ୍ତି । ଯଦିଓ ପ୍ରହ୍ଲାଦ ଦୈତ୍ୟମାନଙ୍କ ପରିବାରରେ ଜନ୍ମଗ୍ରହଣ କରିଥିଲେ; ତଥାପି ସେ ପିଲାଦିନରୁ ଭଗବାନଙ୍କର ବଡ଼ ଭକ୍ତ ଥିଲେ । ତାଙ୍କର ଭକ୍ତି ଏବଂ ଦେବଗୁଣ ଯୋଗୁଁ ତାଙ୍କୁ ଶ୍ରୀକୃଷ୍ଣଙ୍କର ଏକ ପ୍ରତିନିଧିରୂପେ ବିବେଚନା କରାଯାଏ ।

ଅନେକ କ୍ଷୟକାରୀ ନୀତି ଅଛି; କିନ୍ତୁ ଏ ଭୌତିକ ବ୍ରହ୍ମାଣ୍ଡରେ କାଳ (ସମୟ) ସବୁ କ୍ଷୟ

କରିପକାଏ ଏବଂ ଏଇଥିପାଇଁ ତାହା କୃଷ୍ଣଙ୍କର ପ୍ରତିନିଧିତ୍ୱ କରେ । ପ୍ରାଣୀମାନଙ୍କ ମଧ୍ୟରେ ସିଂହ ଖୁବ୍ କ୍ଷମତାଶାଳୀ ଓ ହିଂସ୍ର ଅଟେ ଏବଂ ଅସଂଖ୍ୟ ପ୍ରକାର ପକ୍ଷୀମାନଙ୍କ ମଧ୍ୟରେ ବିଷ୍ଣୁଙ୍କର ବାହନ ଗରୁଡ଼ ବୃହତ୍ତମ ଅଟେ ।

## ଶ୍ଳୋକ - ୩୧

**ପବନଃ ପବତାମସ୍ମି ରାମଃ ଶସ୍ତ୍ରଭୃତାମହମ୍ ।**
**ଝଷାଣାଂ ମକରଶ୍ଚାସ୍ମି ସ୍ରୋତସାମସ୍ମି ଜାହ୍ନବୀ ।। ୩୧ ।।**

## ଶବ୍ଦାନୁବାଦ

ପବନଃ=ପବନ; ପବତାମ୍=ପବିତ୍ରକାରୀଙ୍କ ମଧ୍ୟରେ; ଅସ୍ମି=ଅଟେ; ରାମଃ=ରାମ; ଶସ୍ତ୍ର-ଭୃତାମ୍=ଶସ୍ତ୍ରଧାରୀଙ୍କ ମଧ୍ୟରେ; ଅହମ୍=ମୁଁ; ଝଷାଣାମ୍=ଜଳଜୀବମାନଙ୍କ ମଧ୍ୟରେ; ମକରଃ=ମଗର; ଚ ଅସ୍ମି=ମୁଁ ମଧ୍ୟ; ସ୍ରୋତସାମ୍=ନଦୀମାନଙ୍କ ମଧ୍ୟରେ; ଅସ୍ମି=ଅଟେ; ଜାହ୍ନବୀ=ଗଙ୍ଗାନଦୀ ।

## ଅନୁବାଦ

**ପବିତ୍ରକାରୀଙ୍କ ମଧ୍ୟରେ ମୁଁ ପବନ, ଶସ୍ତ୍ରଧାରୀଙ୍କ ମଧ୍ୟରେ ମୁଁ ରାମ, ମତ୍ସ୍ୟମାନଙ୍କ ମଧ୍ୟରେ ମୁଁ ମକର ଏବଂ ନଦୀମାନଙ୍କ ମଧ୍ୟରେ ମୁଁ ଗଙ୍ଗା ଅଟେ ।**

## ଭାବାର୍ଥ

ଜଳଜୀବମାନଙ୍କ ମଧ୍ୟରେ ମକର ବୃହତ୍ତମ ଅଟେ ଏବଂ ମନୁଷ୍ୟ ପକ୍ଷରେ ବଡ଼ ବିପଜ୍ଜନକ ଅଟେ, ଏହି ପ୍ରକାରେ ମକର କୃଷ୍ଣଙ୍କର ପ୍ରତିନିଧିତ୍ୱ କରେ । ନଦୀମାନଙ୍କ ମଧ୍ୟରେ ଭାରତର ବୃହତ୍ତମ ନଦୀ ଗଙ୍ଗାମାତା ଅଟନ୍ତି । ରାମାୟଣର ଶ୍ରୀରାମଚନ୍ଦ୍ର ମହାପ୍ରଭୁ କୃଷ୍ଣଙ୍କର ଏକ ଅବତାର ଅଟନ୍ତି । ସେ ଶସ୍ତ୍ରଧାରୀମାନଙ୍କ ମଧ୍ୟରେ ପ୍ରଧାନ ଅଟନ୍ତି ।

## ଶ୍ଳୋକ - ୩୨

**ସର୍ଗାଣାମାଦିରନ୍ତଶ୍ଚ ମଧ୍ୟଂ ଚୈବାହମର୍ଜୁନ ।**
**ଅଧ୍ୟାତ୍ମବିଦ୍ୟା ବିଦ୍ୟାନାଂ ବାଦଃ ପ୍ରବଦତାମହମ୍ ।। ୩୨ ।।**

## ଶବ୍ଦାନୁବାଦ

ସର୍ଗାଣାମ୍=ସମସ୍ତ ସୃଷ୍ଟି ମଧ୍ୟରେ; ଆଦିଃ=ମୂଳ; ଅନ୍ତଃ=ଶେଷ; ଚ=ଏବଂ; ମଧ୍ୟମ୍=ମଧ୍ୟ; ଚ=ମଧ୍ୟ; ଏବ=ନିଶ୍ଚିତରୂପେ; ଅହମ୍=ମୁଁ; ଅର୍ଜୁନ=ହେ ଅର୍ଜୁନ; ଅଧ୍ୟାତ୍ମ-ବିଦ୍ୟା=ଅଧ୍ୟାତ୍ମଜ୍ଞାନ; ବିଦ୍ୟାନାମ୍=ବିଦ୍ୟାମାନଙ୍କ ମଧ୍ୟରେ; ବାଦଃ=ସ୍ୱାଭାବିକ ସିଦ୍ଧାନ୍ତ; ପ୍ରବଦତାମ୍=ଯୁକ୍ତିମାନଙ୍କ ମଧ୍ୟରେ; ଅହମ୍=ମୁଁ ।

## ଅନୁବାଦ

**ହେ ଅର୍ଜୁନ ! ସମସ୍ତ ସୃଷ୍ଟି ମଧ୍ୟରେ ମୁଁ ଆଦି, ଅନ୍ତ ଏବଂ ମଧ୍ୟ ଅଟେ । ସମସ୍ତ ବିଜ୍ଞାନ ମଧ୍ୟରେ ମୁଁ ଆତ୍ମବିଜ୍ଞାନ ଏବଂ ଯୁକ୍ତିତର୍କମାନଙ୍କ ମଧ୍ୟରେ ମୁଁ ସର୍ବଶେଷ ସିଦ୍ଧାନ୍ତ ବା ସତ୍ୟ ଅଟେ ।**

## ଭାବାର୍ଥ

ସୃଷ୍ଟ ଦୃଶ୍ୟଜଗତ ମଧ୍ୟରେ ସମସ୍ତ ଭୂତପଦାର୍ଥ ମହାବିଷ୍ଣୁଙ୍କଦ୍ୱାରା ସୃଷ୍ଟ ହୁଅନ୍ତି ଏବଂ ଶ୍ରୀଶିବଜୀଙ୍କ ଦ୍ୱାରା ଧ୍ୱଂସ ହୁଅନ୍ତି । ବ୍ରହ୍ମା ଦ୍ୱିତୀୟ ସୃଷ୍ଟିକର୍ତ୍ତା । ଏଇସବୁ ସୃଷ୍ଟ ବସ୍ତୁମାନ ଭଗବାନଙ୍କର ଭୌତିକ ଗୁଣର ବିଭିନ୍ନ ଅବତାର ଅଟନ୍ତି, ତେଣୁ ସେ ହିଁ ସମସ୍ତ ସୃଷ୍ଟିର ଆଦି, ମଧ୍ୟ ଏବଂ ଅନ୍ତ ଅଟନ୍ତି ।

ଅଧ୍ୟାତ୍ମବିଦ୍ୟା ସମ୍ବନ୍ଧରେ ଅନେକ ସାହିତ୍ୟ ଅଛି; ଯଥା-ଋଗ୍‌ବେଦ, ବେଦାନ୍ତ ସୂତ୍ର, ପୁରାଣମାନ, ଶ୍ରୀମଦ୍ ଭାଗବତମ୍ ଏବଂ ଗୀତା । ଏମାନେ ସମସ୍ତେ ଶ୍ରୀକୃଷ୍ଣଙ୍କର ପ୍ରତିନିଧି ଅଟନ୍ତି । ଯୁକ୍ତିତର୍କ ମଧ୍ୟରେ ବିଭିନ୍ନ ସ୍ତରର ଯୁକ୍ତି ଅଛି । ସାକ୍ଷ୍ୟ ପ୍ରଦାନକୁ 'ଯୁକ୍ତି' କୁହାଯାଏ । ପରସ୍ପରକୁ ପରାଜିତ କରିବାର ଚେଷ୍ଟାକୁ 'ବିତଣ୍ଡା' କୁହାଯାଏ ଏବଂ ଶେଷ ସିଦ୍ଧାନ୍ତକୁ 'ବାଦ' କୁହାଯାଏ । ଶେଷ ସିଦ୍ଧାନ୍ତ-ସତ୍ୟ, ସମସ୍ତ ଯୁକ୍ତିର ଶେଷ ହେଉଛନ୍ତି ଶ୍ରୀକୃଷ୍ଣ ।

## ଶ୍ଳୋକ - ୩୩

**ଅକ୍ଷରାଣାମକାରୋଽସ୍ମି ଦ୍ୱନ୍ଦ୍ୱଃ ସାମାସିକସ୍ୟ ଚ ।**
**ଅହମେବାକ୍ଷୟଃ କାଲୋ ଧାତାହଂ ବିଶ୍ୱତୋମୁଖଃ ।।୩୩।।**

## ଶବ୍ଦାନୁବାଦ

ଅକ୍ଷରାଣାମ୍=ଅକ୍ଷରମାନଙ୍କ ମଧ୍ୟରେ; ଅକାରଃ=ପ୍ରଥମ; ଅସ୍ମି=ଅଟେ; ଦ୍ୱନ୍ଦ୍ୱଃ=ଦ୍ୱନ୍ଦ୍ୱ; ସାମାସିକସ୍ୟ=ସମାସର; ଚ=ଏବଂ; ଅହମ୍=ମୁଁ; ଏବ=ନିଶ୍ଚିତଭାବେ; ଅକ୍ଷୟଃ=ଶାଶ୍ୱତ; କାଲଃ=ସମୟ; ଧାତା=ସୃଷ୍ଟିକର୍ତ୍ତା; ଅହମ୍=ମୁଁ; ବିଶ୍ୱତୋମୁଖଃ=ବ୍ରହ୍ମା ।

## ଅନୁବାଦ

**ଅକ୍ଷରମାନଙ୍କ ମଧ୍ୟରେ ମୁଁ ପ୍ରଥମ ଅକ୍ଷର 'ଅ'କାର ଅଟେ ଏବଂ ସମାସମାନଙ୍କ ମଧ୍ୟରେ ମୁଁ ଦ୍ୱନ୍ଦ୍ୱ ଅଟେ । ମୁଁ ମଧ୍ୟ ଅକ୍ଷୟକାଳ ଏବଂ ସୃଷ୍ଟିକାରୀମାନଙ୍କ ମଧ୍ୟରେ ବ୍ରହ୍ମା ଅଟେ, ଯାହାଙ୍କର ଅନେକ ମୁଖ ଚତୁର୍ଦ୍ଦିଗରେ ରହିଛି ।**

## ଭାବାର୍ଥ

ସଂସ୍କୃତ ବର୍ଣ୍ଣମାଳାର ପ୍ରଥମ ଅକ୍ଷର 'ଅ'କାର ବୈଦିକ ସାହିତ୍ୟର ପ୍ରାରମ୍ଭ ଅଟେ । 'ଅ'କାର ବିନା କୌଣସିଟି ଉଚ୍ଚାରିତ ହୋଇ ପାରିବ ନାହିଁ; ତେଣୁ ଏହା ଧ୍ୱନିର ପ୍ରାରମ୍ଭ ଅଟେ । ସଂସ୍କୃତରେ ମଧ୍ୟ ଅନେକ ସଂଯୁକ୍ତ ଶବ୍ଦ ଅଛି, ଯେଉଁମାନଙ୍କ ମଧ୍ୟରେ ଦ୍ୱୈତ ଶବ୍ଦ, ଯଥା-'ରାମ-କୃଷ୍ଣ'ଙ୍କୁ 'ଦ୍ୱନ୍ଦ୍ୱ' କୁହାଯାଏ । ଉଦାହରଣ ସ୍ୱରୂପ, 'ରାମ' ଏବଂ 'କୃଷ୍ଣ' ଶବ୍ଦର ଏକ ପ୍ରକାର ତାଳ ଅଛି । ତେଣୁ ଏ ଦୁଇଟିକୁ ଦ୍ୱୈତଶବ୍ଦ ବା 'ଦ୍ୱନ୍ଦ' କୁହାଯାଏ ।

ସମସ୍ତ ପ୍ରକାର ଧ୍ୱଂସକାରୀମାନଙ୍କ ପକ୍ଷରେ, କାଳ ସର୍ବଶେଷ ଅଟେ, କାରଣ କାଳ ସମସ୍ତଙ୍କୁ ଧ୍ୱଂସ କରେ । କାଳ, କୃଷ୍ଣଙ୍କର ପ୍ରତିନିଧି ଅଟେ, କାରଣ କାଳକ୍ରମେ ଏକ ପ୍ରବଳ ଅଗ୍ନି ଜାତ ହେବ ଏବଂ ସବୁ ଧ୍ୱଂସ ହୋଇଯିବ ।

ସୃଷ୍ଟିକାରୀମାନଙ୍କ ମଧ୍ୟରେ ଏବଂ ଜୀବମାନଙ୍କ ମଧ୍ୟରେ ବ୍ରହ୍ମାଜୀ ପ୍ରଧାନ ଅଟନ୍ତି । ଅନେକ

ବ୍ରହ୍ମା ଅଛନ୍ତି, ଯେଉଁମାନଙ୍କର ଗୃରୋଟି, ଆଠୋଟି, ଷୋଳଟି ମୁଖ ଅଛି ଏବଂ ସେମାନେ ସେମାନଙ୍କ ବ୍ରହ୍ମାଣ୍ଡମାନଙ୍କରେ ପ୍ରଧାନ ସୃଷ୍ଟିକର୍ତ୍ତା ଅଟନ୍ତି । ବ୍ରହ୍ମାମାନେ ଶ୍ରୀକୃଷ୍ଣଙ୍କର ପ୍ରତିନିଧି ଅଟନ୍ତି ।

## ଶ୍ଳୋକ - ୩୪

**ମୃତ୍ୟୁଃ ସର୍ବହରଶ୍ଚାହମୁଦ୍ଭବଶ୍ଚ ଭବିଷ୍ୟତାମ୍ ।**
**କୀର୍ତ୍ତିଃ ଶ୍ରୀର୍ବାକ୍ଚ ନାରୀଣାଂ ସ୍ମୃତିର୍ମେଧା ଧୃତିଃ କ୍ଷମା ।। ୩୪ ।।**

## ଶବ୍ଦାନୁବାଦ

ମୃତ୍ୟୁଃ=ମୃତ୍ୟୁ; ସର୍ବ-ହରଃ=ସର୍ବଗ୍ରାସକାରୀ; ଚ=ମଧ୍ୟ; ଅହମ୍=ମୁଁ; ଉଦ୍ଭବଃ=ଉତ୍ପତ୍ତି; ଚ=ମଧ୍ୟ; ଭବିଷ୍ୟତାମ୍=ଭବିଷ୍ୟତର; କୀର୍ତ୍ତିଃ=ଯଶ (କୀର୍ତ୍ତି); ଶ୍ରୀଃବାକ୍=ସୁନ୍ଦର ବାଣୀ; ଚ=ମଧ୍ୟ; ନାରୀଣାମ୍=ସ୍ତ୍ରୀଲୋକମାନଙ୍କର; ସ୍ମୃତିଃ=ସ୍ମୃତି; ମେଧା=ବୁଦ୍ଧି; ଧୃତିଃ=ଧୈର୍ଯ୍ୟ; କ୍ଷମା=ସହନଶୀଳତା ।

## ଅନୁବାଦ

**ମୁଁ ସର୍ବଗ୍ରାସୀ ମୃତ୍ୟୁ ଅଟେ ଏବଂ ଭବିଷ୍ୟତରେ ଯାହାସବୁ ଉତ୍ପନ୍ନ ହେବ ବା ଯେଉଁମାନେ ଉତ୍ପନ୍ନ ହେବେ, ସେ ସମସ୍ତଙ୍କର ଉଦ୍ଭବକାରୀ ଅଟେ । ସ୍ତ୍ରୀମାନଙ୍କ ମଧ୍ୟରେ ମୁଁ କୀର୍ତ୍ତି, ଶ୍ରୀ, ବାଣୀ, ସ୍ମୃତି, ବୁଦ୍ଧି, ବିଶ୍ୱାସ ଏବଂ ଧୈର୍ଯ୍ୟ ଅଟେ ।**

## ଭାବାର୍ଥ

ମନୁଷ୍ୟ ଜନ୍ମ ହେଲାକ୍ଷଣି, ପ୍ରତି ମୁହୂର୍ତ୍ତରେ ମରେ । ଏହି ପ୍ରକାରେ ମୃତ୍ୟୁ ପ୍ରତ୍ୟେକ ଜୀବକୁ ପ୍ରତି ମୁହୂର୍ତ୍ତରେ ଗ୍ରାସ କରୁଅଛି, କିନ୍ତୁ ଶେଷ ଧକ୍କାକୁ ସ୍ୱୟଂ ମୃତ୍ୟୁ କୁହାଯାଏ । ସେ ମୃତ୍ୟୁ ହେଉଛନ୍ତି କୃଷ୍ଣ, ପ୍ରତ୍ୟେକ ଜୀବ ଛ'ଟି ମୌଳିକ ସ୍ତର ଅତିକ୍ରମ କରନ୍ତି । ସେମାନେ ଜନ୍ମ ହୁଅନ୍ତି, ବଢ଼ନ୍ତି, କିଛିକାଳ ଅବସ୍ଥାନ କରନ୍ତି, ସନ୍ତାନ ଉତ୍ପତ୍ତି କରନ୍ତି, କ୍ରମେ କ୍ଷୀଣ ହୁଅନ୍ତି ଏବଂ ଶେଷରେ ଧ୍ୱଂସ ହୁଅନ୍ତି । ଏହି ପରିବର୍ତ୍ତନମାନଙ୍କ ମଧ୍ୟରେ ପ୍ରଥମଟି ହେଉଛି ଗର୍ଭରୁ ମୁକ୍ତି ଏବଂ ତାହା ମଧ୍ୟ କୃଷ୍ଣ ଅଟନ୍ତି । ପ୍ରଥମ ଉତ୍ପତ୍ତି ଭବିଷ୍ୟତରେ କ୍ରିୟାକଳାପର ପ୍ରାରମ୍ଭ ଅଟେ ।

ଏ ଶ୍ଳୋକରେ ଯେଉଁ ଛ' ଟି ଐଶ୍ୱର୍ଯ୍ୟ କଥା ବର୍ଣ୍ଣନା କରାଯାଇଛି, ସେମାନେ ସ୍ତ୍ରୀଲିଙ୍ଗ ବୋଲି ବିବେଚିତ ହୁଅନ୍ତି । ଯଦି କୌଣସି ସ୍ତ୍ରୀଲୋକ ସେ ସମସ୍ତର ଅଧିକାରିଣୀ ହୁଏ କିମ୍ବା କେତେକର ଅଧିକାରିଣୀ ହୁଏ, ତେବେ ସେ ଗୌରବମୟୀ ହୁଏ । ସଂସ୍କୃତ ଏକ ଉତ୍ତମ ଭାଷା ଅଟେ ଏବଂ ସେଇଥିପାଇଁ ଏହା ଗୌରବମୟୀ ଭାଷା ଅଟେ । ଅଧ୍ୟୟନ ପରେ ଯଦି ବ୍ୟକ୍ତି ବିଷୟବସ୍ତୁକୁ ମନେ ରଖିପାରେ ସେ ଉତ୍ତମ ସ୍ମୃତିଶକ୍ତି ଲାଭ କରେ । ବ୍ୟକ୍ତି ବିଭିନ୍ନ ବିଷୟରେ ଅନେକ ପୁସ୍ତକ ଅଧ୍ୟୟନ କରିବାର କୌଣସି ଆବଶ୍ୟକତା ନାହିଁ । କେତେକ ବିଷୟ ମନେରଖି ଦରକାର ସମୟରେ ସେଗୁଡ଼ିକ ଉଦ୍ଧାର କରିବା ଅନ୍ୟ ଏକ ବିଭୂତି ଅଟେ ।

## ଶ୍ଳୋକ - ୩୫

**ବୃହତ୍ସାମ ତଥା ସାମ୍ନାଂ ଗାୟତ୍ରୀ ଛନ୍ଦସାମହମ୍ ।**
**ମାସାନାଂ ମାର୍ଗଶୀର୍ଷୋଽହମୃତୂନାଂ କୁସୁମାକରଃ ।। ୩୫ ।।**

## ଶବ୍ଦାନୁବାଦ

ବୃହତ୍-ସାମ=ବୃହତ୍ ସାମ; ତଥା=ମଧ୍ୟ; ସାମ୍ନାମ୍=ସାମବେଦ ସଂଗୀତର; ଗାୟତ୍ରୀ=ଗାୟତ୍ରୀ; ଛନ୍ଦସାମ୍=ସମସ୍ତ କବିତା ମଧ୍ୟରେ; ଅହମ୍=ମୁଁ; ମାସାନାମ୍=ମାସମାନଙ୍କ ମଧ୍ୟରେ; ମାର୍ଗଶୀର୍ଷଃ=ମାର୍ଗଶୀର ମାସ (ନଭେମ୍ବର-ଡ଼ିସେମ୍ବର ମାସ); ଅହମ୍=ମୁଁ; ଋତୂନାମ୍=ସମସ୍ତ ଋତୁ ମଧ୍ୟରେ; କୁସୁମାକରଃ=ବସନ୍ତଋତୁ ।

## ଅନୁବାଦ

**ସ୍ତୋତ୍ରମାନଙ୍କ ମଧ୍ୟରେ ମୁଁ ଇନ୍ଦ୍ରଙ୍କୁ ବୋଲା ଯାଇଥିବା ବୃହତ୍ ସାମ ଅଟେ । କବିତାମାନଙ୍କ ମଧ୍ୟରେ ବ୍ରାହ୍ମଣମାନଙ୍କ ଦ୍ୱାରା ଦୈନିକ ଗାନ କରାଯାଉଥିବା ଗାୟତ୍ରୀ ମନ୍ତ୍ର ଅଟେ । ମାସମାନଙ୍କ ମଧ୍ୟରେ ମୁଁ ମାର୍ଗଶିର ମାସ ଅଟେ ଏବଂ ଋତୁମାନଙ୍କ ମଧ୍ୟରେ ମୁଁ କୁସୁମିତ ବସନ୍ତ ଋତୁ ଅଟେ ।**

## ଭାବାର୍ଥ

ଭଗବାନ୍ ପୂର୍ବରୁ କହିଛନ୍ତି ଯେ ବେଦମାନଙ୍କ ମଧ୍ୟରେ ସାମବେଦ ବିଭିନ୍ନ ଦେବତାମାନଙ୍କ ଦ୍ୱାରା ଗାନ କରାଯାଇଥିବା ସୁନ୍ଦର ସଂଗୀତମାନଙ୍କରେ ପରିପୂର୍ଣ୍ଣ ଅଟେ । ଏହି ସଂଗୀତମାନଙ୍କ ମଧ୍ୟରେ ଗୋଟିଏ ସୁନ୍ଦର ସଂଗୀତ ହେଉଛି "ବୃହତ୍‌ସାମ" । ଏହାର ସ୍ୱର ଅତି ସୁନ୍ଦର ଏବଂ ଏହା ଅର୍ଦ୍ଧ ରାତ୍ରିରେ ଗାନ କରାଯାଏ ।

ସଂସ୍କୃତରେ ପଦ୍ୟ ରଚନାର କେତେକ ନିୟମ ଅଛି । ଛନ୍ଦ ବା ରାଗ-ରାଗିଣୀ, ମନଇଚ୍ଛା (ବା ମନ ମୁତାବକ),ଆଜିକାଲି ଯେପରି କରାଯାଉଛି; ସେପରି ରଚନା କରାଯାଏ ନାହିଁ । ଛନ୍ଦୋବଦ୍ଧ କବିତା ମଧ୍ୟରେ ଗାୟତ୍ରୀ ମନ୍ତ୍ର ପ୍ରଧାନ ଅଟେ । ଏହା ପ୍ରତିଦିନ ଅଭିଜ୍ଞ ବ୍ରାହ୍ମଣମାନଙ୍କ ଦ୍ୱାରା ଗାନ କରାଯାଏ । ଶ୍ରୀମଦ୍ ଭାଗବତମ୍‌ରେ ଗାୟତ୍ରୀ ମନ୍ତ୍ରର ବର୍ଣ୍ଣନା ଅଛି । ଭଗବତ୍ ଅନୁଭୂତି ଲାଭ ନିମିତ୍ତ ଗାୟତ୍ରୀ ମନ୍ତ୍ରର ଆବଶ୍ୟକତା ଅଛି । ତେଣୁ ଏହା ଭଗବାନଙ୍କର ପ୍ରତିନିଧିତ୍ୱ କରେ । ଆଧ୍ୟାତ୍ମିକତା ଦିଗରେ ଅଗ୍ରଗତି କରିଥିବା ବ୍ୟକ୍ତିମାନେ ଏହା ଜପ କରନ୍ତି । ଯେତେବେଳେ ବ୍ୟକ୍ତି ଏ ମନ୍ତ୍ର ଜପକରି ସଫଳ ହୁଏ, ସେତେବେଳେ ସେ ଭଗବାନଙ୍କର ଦିବ୍ୟ ସ୍ତରରେ ପ୍ରବେଶ ଲାଭ କରିପାରେ । ଗାୟତ୍ରୀ ମନ୍ତ୍ର ଜପ କରିବାକୁ ହେଲେ ବ୍ୟକ୍ତିକୁ ପ୍ରଥମେ କେତେକ ଯୋଗ୍ୟତା ହାସଲ କରିବାକୁ ହେବ । ବ୍ୟକ୍ତି ପ୍ରଥମେ ସତ୍ତ୍ୱଗୁଣର ଅଧିକାରୀ ହେବା ଉଚିତ୍ । ବୈଦିକ ସଭ୍ୟତାରେ ଗାୟତ୍ରୀ ମନ୍ତ୍ରର ବିଶେଷତ୍ୱ ଅଛି । ଏହା ବ୍ରହ୍ମାଙ୍କର ଧ୍ୱନ୍ୟାବତାର ବୋଲି ବିବେଚିତ ହୁଏ । ଶ୍ରୀ ବ୍ରହ୍ମାଜୀ ଏହାର ଆରମ୍ଭକର୍ତ୍ତା ଅଟନ୍ତି ଏବଂ ଏହା ତାଙ୍କଠାରୁ ଗୁରୁ-ଶିଷ୍ୟ ପରମ୍ପରା କ୍ରମେ ପ୍ରାପ୍ତ ହୋଇଅଛି ।

ବର୍ଷ ମଧ୍ୟରେ ମାର୍ଗଶୀରମାସ ସର୍ବୋତ୍ତମ ମାସ ବୋଲି ବିବେଚିତ ହୁଏ, କାରଣ ଭାରତରେ ଏହି ସମୟରେ ଶସ୍ୟ ଅମଳ କରାଯାଏ ଏବଂ ଲୋକମାନେ ଏହି ସମୟରେ ବଡ଼ ଆନନ୍ଦରେ କାଳଯାପନ କରନ୍ତି । ଅବଶ୍ୟ ବସନ୍ତ ଋତୁକୁ ସମସ୍ତେ ଭଲ ପା'ନ୍ତି, କାରଣ ଏ ସମୟରେ ଅଧିକ ଗରମ କିମ୍ବା ଅଧିକ ଶୀତ ଅନୁଭୂତ ହୁଏ ନାହିଁ । ଏହି ସମୟରେ ବୃକ୍ଷଲତା ଆଦି ପଲ୍ଲବିତ ହୁଅନ୍ତି ଏବଂ ଫୁଲଫଳରେ ଭରି ଉଠନ୍ତି । ବସନ୍ତ ଋତୁରେ ମଧ୍ୟ ଶ୍ରୀକୃଷ୍ଣଙ୍କ ଲୀଳା ସ୍ମରଣକରି କେତେକ ଉତ୍ସବ ପାଳନ କରାଯାଏ । ଏଇଥିପାଇଁ ଋତୁମାନଙ୍କ ମଧ୍ୟରେ ଏ ଋତୁ ଅତ୍ୟନ୍ତ ଆମୋଦଦାୟକବୋଲି ବିବେଚିତ ହୁଏ ଏବଂ ଏହା ଭଗବାନ୍ ଶ୍ରୀକୃଷ୍ଣଙ୍କର ପ୍ରତିନିଧିତ୍ୱ କରେ ।

## ଶ୍ଳୋକ - ୩୬

**ଦ୍ୟୂତଂ ଛଳୟତାମସ୍ମି ତେଜସ୍ତେଜସ୍ୱିନାମହମ୍ ।**
**ଜୟୋଽସ୍ମି ବ୍ୟବସାୟୋଽସ୍ମି ସତ୍ତ୍ୱଂ ସତ୍ତ୍ୱବତାମହମ୍ ।।୩୬।।**

## ଶବ୍ଦାନୁବାଦ

ଦ୍ୟୂତମ୍=ଜୁଆଖେଳ; ଛଳୟତାମ୍=ଛଳନାକାରୀଙ୍କ ମଧ୍ୟରେ; ଅସ୍ମି=ଅଟେ; ତେଜଃ=ତେଜ; ତେଜସ୍ୱିନାମ୍=ତେଜୀୟାନ୍‌ମାନଙ୍କ ମଧ୍ୟରେ; ଅହମ୍=ମୁଁ; ଜୟଃ=ଜୟ; ଅସ୍ମି=ଅଟେ; ବ୍ୟବସାୟଃ=ସାହସିକ କାର୍ଯ୍ୟ; ଅସ୍ମି=ଅଟେ; ସତ୍ତ୍ୱମ୍=ବଳ; ସତ୍ତ୍ୱବତାମ୍=ବଳବାନ୍‌ମାନଙ୍କ ମଧ୍ୟରେ; ଅହମ୍=ମୁଁ ।

## ଅନୁବାଦ

**ଛଳନାକାରୀମାନଙ୍କ ମଧ୍ୟରେ; ମୁଁ ଜୁଆଖେଳ ଏବଂ ତେଜୀୟାନମାନଙ୍କ ମଧ୍ୟରେ ମୁଁ ତେଜ ଅଟେ । ମୁଁ ବିଜୟ ଅଟେ, ମୁଁ ଦୁଃସାହସିକ କାର୍ଯ୍ୟ ଅଟେ ଏବଂ ବଳବାନମାନଙ୍କର ବଳ ଅଟେ ।**

## ଭାବାର୍ଥ

ବ୍ରହ୍ମାଣ୍ଡରେ ଅନେକ ପ୍ରକାର ଠକ ବା ଛଳନାକାରୀ ଅଛନ୍ତି । ଠକାମୀ କ୍ରିୟାମାନଙ୍କ ମଧ୍ୟରେ ଜୁଆଖେଳ ପ୍ରଧାନ ଏବଂ ସେଇଥିପାଇଁ ତାହା କୃଷ୍ଣଙ୍କର ପ୍ରତିନିଧିତ୍ୱକରେ । ପରମପୁରୁଷ ହିସାବରେ କୃଷ୍ଣ ଯେକୌଣସି ସାଧାରଣ ମାନବ ଅପେକ୍ଷା ଅଧିକ ଧୂର୍ତ୍ତ ଅଟନ୍ତି । ଯଦି ଶ୍ରୀକୃଷ୍ଣ କୌଣସି ବ୍ୟକ୍ତିକୁ ଠକିବାକୁ ଇଚ୍ଛା କରନ୍ତି, ତାହାହେଲେ ଏ ଠକାମୀ କ୍ରିୟାରେ ତାଙ୍କୁ କେହି ବଳିପାରିବ ନାହିଁ । ତାଙ୍କର ମହାନତା ଏକଦେଶଦର୍ଶୀ ନୁହେଁ - ତାହା ସର୍ବଦେଶଦର୍ଶୀ ଅଟେ; ଅର୍ଥାତ୍ ସେ ସବୁଦିଗରେ ମହାନ୍ ଅଟନ୍ତି ।

ବିଜୟୀମାନଙ୍କ ମଧ୍ୟରେ ସେ ବିଜୟ ଅଟନ୍ତି । ସେ ତେଜୀୟାନମାନଙ୍କର ତେଜ ଅଟନ୍ତି । ସାହାସୀ ଶିଳ୍ପପତିମାନଙ୍କ ମଧ୍ୟରେ ସେ ସବୁଠାରୁ ଅଧିକ ସାହାସୀ ଅଟନ୍ତି । ସାହାସୀ ଯୋଦ୍ଧାମାନଙ୍କ ମଧ୍ୟରେ ସେ ଅତ୍ୟନ୍ତ ଦୁଃସାହସିକ ଅଟନ୍ତି । ବଳବାନମାନଙ୍କ ମଧ୍ୟରେ ସେ ସର୍ବାପେକ୍ଷା ଅଧିକ ବଳବାନ୍ ଅଟନ୍ତି । ଶ୍ରୀକୃଷ୍ଣ ଯେତେବେଳେ ଏ ଧରାଧାମରେ ଉପସ୍ଥିତ ଥିଲେ, କେହି ତାଙ୍କୁ ବଳରେ ବଳିପାରୁ ନଥିଲେ । ଏପରିକି ବାଲ୍ୟାବସ୍ଥାରେ ସେ ଗୋବର୍ଦ୍ଧନ ପର୍ବତକୁ ଉତ୍ତୋଳନ କରିଥିଲେ । ଠକାମୀ କ୍ରିୟାରେ ମଧ୍ୟ କେହି ତାଙ୍କୁ ବଳିପାରିବ ନାହିଁ; ତେଜରେ ମଧ୍ୟ କେହି ତାଙ୍କୁ ବଳିପାରିବ ନାହିଁ; ବିଜୟ ହାସଲ କରିବାରେ କେହି ତାଙ୍କୁ ବଳିପାରିବ ନାହିଁ, ସାହାସିକ କାର୍ଯ୍ୟରେ କେହି ତାଙ୍କୁ ବଳିପାରିବ ନାହିଁ ଏବଂ ବଳରେ ମଧ୍ୟ କେହି ତାଙ୍କୁ ବଳିଯିବେ ନାହିଁ ।

## ଶ୍ଳୋକ - ୩୭

**ବୃଷ୍ଣୀନାଂ ବାସୁଦେବୋଽସ୍ମି ପାଣ୍ଡବାନାଂ ଧନଞ୍ଜୟଃ ।**
**ମୁନୀନାମପ୍ୟହଂ ବ୍ୟାସଃ କବୀନାମୁଶନା କବିଃ ।।୩୭।।**

## ଶବ୍ଦାନୁବାଦ

ବୃଷ୍ଣୀନାମ୍=ବୃଷ୍ଣୀଙ୍କର ବଂଶଧରମାନଙ୍କ ମଧ୍ୟରେ; ବାସୁଦେବଃ=ଦ୍ୱାରକାରେ ଥିବା କୃଷ୍ଣ; ଅସ୍ମି=ଅଟେ; ପାଣ୍ଡବାନାମ୍=ପାଣ୍ଡବମାନଙ୍କ ମଧ୍ୟରେ; ଧନଞ୍ଜୟଃ=ଅର୍ଜୁନ; ମୁନୀନାମ୍=ମୁନିମାନଙ୍କ ମଧ୍ୟରେ; ଅପି=ମଧ୍ୟ; ଅହମ୍=ମୁଁ; ବ୍ୟାସଃ=ସମସ୍ତ ବୈଦିକ ଶାସ୍ତ୍ରର ପ୍ରଣେତା ବ୍ୟାସ; କବୀନାମ୍=ପ୍ରସିଦ୍ଧ ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ମଧ୍ୟରେ; ଉଶନା=ଉଶନା; କବିଃ=ଚିନ୍ତାଶୀଳ ବ୍ୟକ୍ତି ।

## ଅନୁବାଦ

**ବୃଷ୍ଣୀଙ୍କର ବଂଶଧରମାନଙ୍କ ମଧ୍ୟରେ ମୁଁ ବାସୁଦେବ ଏବଂ ପାଣ୍ଡବମାନଙ୍କ ମଧ୍ୟରେ ମୁଁ ଅର୍ଜୁନ ଅଟେ । ମୁନିମାନଙ୍କ ମଧ୍ୟରେ ମୁଁ ବ୍ୟାସ ଏବଂ ବିଶିଷ୍ଟ ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ମଧ୍ୟରେ ମୁଁ ଉଶନା ଅଟେ ।**

## ଭାବାର୍ଥ

କୃଷ୍ଣ ଆଦିପୁରୁଷ ଭଗବାନ୍ ଅଟନ୍ତି ଏବଂ ବାସୁଦେବ କୃଷ୍ଣଙ୍କର ପ୍ରତ୍ୟକ୍ଷ ବିସ୍ତୃତାଂଶ ଅଟନ୍ତି । ଭଗବାନ୍ ଶ୍ରୀକୃଷ୍ଣ ଓ ବଳଦେବ ଉଭୟ ବାସୁଦେବଙ୍କ ପୁତ୍ରରୂପେ ଆବିର୍ଭୂତ ହୋଇଥିଲେ । ପାଣ୍ଡୁଙ୍କର ପୁତ୍ରମାନଙ୍କ ମଧ୍ୟରେ ଅର୍ଜୁନ ପ୍ରସିଦ୍ଧ ବୀର ଅଟନ୍ତି । ବାସ୍ତବରେ ସେ ମାନବମାନଙ୍କ ମଧ୍ୟରେ ସର୍ବୋତ୍ତମ ଅଟନ୍ତି ଏବଂ ସେଇଥିପାଇଁ ସେ କୃଷ୍ଣଙ୍କର ପ୍ରତିନିଧିତ୍ୱ କରନ୍ତି । ବିଦ୍ୱାନ୍ ପଣ୍ଡିତ ବା ମୁନିମାନଙ୍କ ମଧ୍ୟରେ (ଅର୍ଥାତ୍ ଯେଉଁମାନଙ୍କୁ ବୈଦିକ ଜ୍ଞାନ ଭଲରକମ ଜଣାଅଛି ସେମାନଙ୍କ ମଧ୍ୟରେ) ବ୍ୟାସଦେବ ହେଉଛନ୍ତି ମହାନ୍, କାରଣ ସେ କଳିଯୁଗର ସାଧାରଣ ଲୋକଙ୍କର ବୋଧଗମ୍ୟ ହେଲାଭଳି ବୈଦିକ ଜ୍ଞାନକୁ ବିଭିନ୍ନ ଢ଼ଙ୍ଗରେ ପ୍ରକାଶ କରିଛନ୍ତି । ଆଉ ମଧ୍ୟ ବ୍ୟାସଦେବ; କୃଷ୍ଣଙ୍କର ଅବତାର ରୂପେ ପରିଚିତ । ତେଣୁ ବ୍ୟାସଦେବ କୃଷ୍ଣଙ୍କର ପ୍ରତିନିଧି ଅଟନ୍ତି । ଯେଉଁମାନେ କୌଣସି ବିଷୟରେ ଗଭୀର ଭାବରେ ଚିନ୍ତାକରି ପାରନ୍ତି, ସେମାନଙ୍କୁ କବି କୁହାଯାଏ । କବିମାନଙ୍କ ମଧ୍ୟରେ ଉଶନା ଅସୁରମାନଙ୍କର ଗୁରୁ ଥିଲେ । ସେ ଖୁବ୍ ବୁଦ୍ଧିମାନ୍, ଦୂରଦର୍ଶୀ ଏବଂ ରାଜନୈତିକ ତଥା ଆଧ୍ୟାତ୍ମିକ ଦିଗରେ ଦୂର ଦ୍ରଷ୍ଟା ଥିଲେ । ଏହି ପ୍ରକାରେ ଉଶନା, ଶ୍ରୀକୃଷ୍ଣଙ୍କର ବିଭୂତିର ଅନ୍ୟ ଏକ ପ୍ରତିନିଧି ଅଟନ୍ତି ।

## ଶ୍ଲୋକ - ୩୮

**ଦଣ୍ଡୋ ଦମୟତାମସ୍ମି ନୀତିରସ୍ମି ଜିଗୀଷତାମ୍ ।**
**ମୌନଂ ଚୈବାସ୍ମି ଗୁହ୍ୟାନାଂ ଜ୍ଞାନଂ ଜ୍ଞାନବତାମହମ୍ ।।୩୮।।**

## ଶବ୍ଦାନୁବାଦ

ଦଣ୍ଡଃ=ଦଣ୍ଡ; ଦମୟତାମ୍=ସମସ୍ତ ବିଭେଦ ମଧ୍ୟରେ; ଅସ୍ମି=ଅଟେ; ନୀତିଃ=ନୀତି; ଅସ୍ମି=ଅଟେ; ଜିଗୀଷତାମ୍=ବିଜୟୀମାନଙ୍କ ମଧ୍ୟରେ; ମୌନମ୍=ମୌନ; ଚ=ଏବଂ; ଏବ=ମଧ୍ୟ; ଅସ୍ମି=ଅଟେ; ଗୁହ୍ୟାନାମ୍=ଗୁପ୍ତବିଷୟମାନଙ୍କ ମଧ୍ୟରେ; ଜ୍ଞାନମ୍=ଜ୍ଞାନ; ଜ୍ଞାନବତାମ୍=ଜ୍ଞାନୀମାନଙ୍କ ମଧ୍ୟରେ; ଅହମ୍=ମୁଁ ।

## ଅନୁବାଦ

**ଦଣ୍ଡମାନଙ୍କ ମଧ୍ୟରେ ମୁଁ ଦଣ୍ଡ-ଯଷ୍ଟି ଅଟେ ଏବଂ ବିଜୟାକାଙ୍‌କ୍ଷୀମାନଙ୍କ ମଧ୍ୟରେ ମୁଁ ନୀତି ଅଟେ । ଗୁପ୍ତବିଷୟମାନଙ୍କ ମଧ୍ୟରେ ମୁଁ ମୌନ ଏବଂ ମୁଁ ଜ୍ଞାନୀମାନଙ୍କର ଜ୍ଞାନ ଅଟେ ।**

## ଭାବାର୍ଥ

ଅନେକ ଦମନକାରୀ ଶକ୍ତି ଅଛି । ଏମାନଙ୍କ ମଧ୍ୟରେ ଦୁଷ୍ଟବିନାଶକାରୀ ଶକ୍ତି ହେଉଛି ପ୍ରଧାନ । ଯେତେବେଳେ ଦୁଷ୍ଟମାନେ ଦଣ୍ଡିତ ହୁଅନ୍ତି ସେତେବେଳେ ଦଣ୍ଡ-ଯଷ୍ଟି କୃଷ୍ଣଙ୍କର ପ୍ରତିନିଧିତ୍ୱ କରେ । ଯେଉଁମାନେ କାର୍ଯ୍ୟକ୍ଷେତ୍ରରେ ବିଜୟହାସଲ କରିବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ମଧ୍ୟରେ ବିଜୟକାରୀ ଉପାଦାନ ହେଲା ନୀତି । ଶ୍ରବଣ, ମନନ ନିଦିଧ୍ୟାସନ ଆଦି ଗୁପ୍ତକ୍ରିୟାମାନଙ୍କ ମଧ୍ୟରେ ''ମୌନ'' ହେଉଛି ଅତ୍ୟନ୍ତ ଦରକାରୀ, କାରଣ ମୌନାବଲମ୍ବନ କଲେ ବ୍ୟକ୍ତି ଖୁବ୍ ଶୀଘ୍ର ଅଗ୍ରଗତି କରିପାରେ । ଯେଉଁ ବ୍ୟକ୍ତି ଜଡ଼ ଓ ଚେତନ ଏବଂ ଭଗବାନଙ୍କର ପରାପ୍ରକୃତି ଓ ଅପରା ପ୍ରକୃତି ମଧ୍ୟରେ ଥିବା ପାର୍ଥକ୍ୟକୁ ନିର୍ଣ୍ଣୟ କରିପାରେ, ସେ ଜ୍ଞାନୀବ୍ୟକ୍ତି ଅଟେ । ଏ ଜ୍ଞାନ ସ୍ୱୟଂ କୃଷ୍ଣ ଅଟନ୍ତି ।

## ଶ୍ଳୋକ - ୩୯

**ଯଚ୍ଚାପି ସର୍ବଭୂତାନାଂ ବୀଜଂ ତଦହମର୍ଜୁନ ।**
**ନ ତଦସ୍ତି ବିନା ଯତ୍ସ୍ୟାନ୍ମୟା ଭୂତଂ ଚରାଚରମ୍ ।।୩୯।।**

## ଶବ୍ଦାନୁବାଦ

ଯତ୍=ଯାହା; ଚ=ମଧ୍ୟ; ଅପି=ହୋଇପାରେ; ସର୍ବ-ଭୂତାନାମ୍=ସମସ୍ତ ସୃଷ୍ଟି ମଧ୍ୟରେ; ବୀଜମ୍=ବୀଜ; ତତ୍=ତାହା; ଅହମ୍=ମୁଁ; ଅର୍ଜୁନ=ହେ ଅର୍ଜୁନ; ନ=ନୁହେଁ; ତତ୍=ତାହା; ଅସ୍ତି=ଅଛି; ବିନା=ବିନା; ଯତ୍=ଯାହା; ସ୍ୟାତ୍=ରହିଛି; ମୟା=ମୋ'ଦ୍ୱାରା; ଭୂତମ୍=ସୃଷ୍ଟ; ଚରାଚରମ୍=ଚର ଏବଂ ଅଚର ।

## ଅନୁବାଦ

**ପୁନଶ୍ଚ ହେ ଅର୍ଜୁନ! ମୁଁ ସମସ୍ତ ସୃଷ୍ଟିର ବୀଜ ଅଟେ । ଚରାଚର ମଧ୍ୟରେ ଏପରି କିଛି ନାହିଁ, ଯାହାକି ମୋ' ବିନା ରହିପାରିଛି ।**

## ଭାବାର୍ଥ

ପ୍ରତ୍ୟେକ ପଦାର୍ଥର ଗୋଟିଏ କାରଣ ଅଛି, ସେ କାରଣ ବା ପ୍ରକାଶ ବୀଜ କୃଷ୍ଣ ଅଟନ୍ତି । କୃଷ୍ଣଙ୍କ ଶକ୍ତି ବିନା କେହି ରହିପାରେ ନାହିଁ । ସେଇଥିପାଇଁ ତାଙ୍କୁ ସର୍ବଶକ୍ତିମାନ୍ କୁହାଯାଏ । ତାଙ୍କ ଶକ୍ତି ବିନା ସ୍ଥାବର-ଜଙ୍ଗମ ଆଦି କେହି ରହିପାରିବେ ନାହିଁ । ଯାହା କୃଷ୍ଣଙ୍କ ଶକ୍ତିରେ ନ ମିଳେ, ତାହାକୁ ମାୟା କୁହାଯାଏ । ମାୟାର ଅର୍ଥ ''ତାହାନୁହେଁ'' ।

## ଶ୍ଳୋକ - ୪୦

**ନାନ୍ତୋଽସ୍ତି ମମ ଦିବ୍ୟାନାଂ ବିଭୂତୀନାଂ ପରନ୍ତପ ।**
**ଏଷ ତୂଦ୍ଦେଶତଃ ପ୍ରୋକ୍ତୋ ବିଭୂତେର୍ବିସ୍ତରୋ ମୟା ।।୪୦।।**

## ଶବ୍ଦାନୁବାଦ

ନ=ନାହିଁ; ଅନ୍ତଃ=ସୀମା; ଅସ୍ତି=ଅଛି; ମମ=ମୋର; ଦିବ୍ୟାନାମ୍=ଦିବ୍ୟ; ବିଭୂତୀନାମ୍=ବିଭୂତି (ଐଶ୍ୱର୍ଯ୍ୟ); ପରନ୍ତପ=ହେ ଶତ୍ରୁଜେତା; ଏଷଃ=ଏସବୁ; ତୁ=ତାହା; ଉଦ୍ଦେଶତଃ=ଉଦାହରଣ; ପ୍ରୋକ୍ତଃ=କୁହାଯାଇଥିବା; ବିଭୂତେଃ=ଐଶ୍ୱର୍ଯ୍ୟର; ବିସ୍ତରଃ=ବିସ୍ତୃତ; ମୟା=ମୋ'ଦ୍ୱାରା ।

## ଅନୁବାଦ

**ହେ ବଳବାନ୍ ଶତ୍ରୁଜେତା ! ମୋର ଦିବ୍ୟ ପ୍ରକାଶର ଅନ୍ତ ନାହିଁ । ମୁଁ ଯାହା ତୁମକୁ କହିଲି, ତାହା ମୋର ଅନନ୍ତ ଐଶ୍ୱର୍ଯ୍ୟର ଏକ କ୍ଷୀଣ ଆଭାସ ଅଟେ ।**

## ଭାବାର୍ଥ

ବୈଦିକ ସାହିତ୍ୟରେ କୁହାଯାଇଅଛି ଯେ ଯଦିଓ ଭଗବାନଙ୍କର ଐଶ୍ୱର୍ଯ୍ୟ ଓ ଶକ୍ତି ବିଭିନ୍ନ ପ୍ରକାରେ ବୁଝାଯାଇପାରେ, ତଥାପି ସେ ଐଶ୍ୱର୍ଯ୍ୟର ସୀମା ନାହିଁ; ତେଣୁ ସମସ୍ତ ଐଶ୍ୱର୍ଯ୍ୟ ଏବଂ ଶକ୍ତି ବିଷୟରେ କୁହାଯାଇ ନପାରେ । ଅର୍ଜୁନଙ୍କର ଅନୁସନ୍ଧିତ୍ସାକୁ ସନ୍ତୁଷ୍ଟ କରିବା ନିମିତ୍ତ କେବଳ କେତେକ ଉଦାହରଣ ମାତ୍ର ଦିଆଯାଇଅଛି ।

## ଶ୍ଲୋକ - ୪୧

**ଯଦ୍ ଯଦ୍ ବିଭୂତିମତ୍ସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା ।**
**ତତ୍ତଦେବାବଗଚ୍ଛ ତ୍ୱଂ ମମ ତେଜୋଂଽଶସମ୍ଭବମ୍ ।।୪୧।।**

## ଶବ୍ଦାନୁବାଦ

ଯତ୍ ଯତ୍=ଯାହା ଯାହା; ବିଭୂତି=ଐଶ୍ୱର୍ଯ୍ୟ; ମତ୍=ଯୁକ୍ତ; ସତ୍ତ୍ୱମ୍=ବସ୍ତୁ ଅଛି; ଶ୍ରୀମତ୍=ସୁନ୍ଦର; ଊର୍ଜିତମ୍=ଗୌରବମୟ; ଏବ=ନିଶ୍ଚିତଭାବେ; ବା=କିମ୍ବା; ତତ୍ ତତ୍=ସେ ସବୁ; ଏବ=ନିଶ୍ଚିତଭାବେ; ଅବଗଚ୍ଛ=ଜାଣିରଖ; ତ୍ୱମ୍=ତୁମେ; ମମ=ମୋର; ତେଜଃ=ତେଜ; ଅଂଶ=ଅଂଶ; ସମ୍ଭବମ୍=ଜାତ ।

## ଅନୁବାଦ

**ଏ କଥା ଜାଣିରଖ ଯେ ଯାହାସବୁ ସୁନ୍ଦର, ଗୌରବମୟ ଏବଂ ବଳିଷ୍ଠ ସୃଷ୍ଟି ଅଛି, ତାହା ସବୁ ମୋର ତେଜର ଏକ ଅଂଶରୁ ଉଦ୍ଭବ ।**

## ଭାବାର୍ଥ

ଚିଦ୍ ଜଗତରେ ହେଉ ବା ଜଡ଼ ଜଗତରେ ହେଉ, ଯାହାସବୁ ସୁନ୍ଦର ଓ ଗୌରବମୟ, ସେସବୁ କୃଷ୍ଣଙ୍କର ଐଶ୍ୱର୍ଯ୍ୟର ଏକ ଆଂଶିକ ପ୍ରକାଶ ଅଟେ ।ଯାହା ଅସାଧାରଣ ଐଶ୍ୱର୍ଯ୍ୟଶାଳୀ, ତାହା କୃଷ୍ଣଙ୍କର ଐଶ୍ୱର୍ଯ୍ୟର ପ୍ରତିଭୂବୋଲି ଜାଣିରଖିବା ଉଚିତ୍ ।

## ଶ୍ଲୋକ - ୪୨

**ଅଥବା ବହୁନୈତେନ କିଂ ଜ୍ଞାତେନ ତବାର୍ଜୁନ ।**
**ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋ ଜଗତ୍ ।।୪୨।।**

## ଶବ୍ଦାନୁବାଦ

ଅଥବା=କିମ୍ବା; ବହୁନା=ଅନେକ; ଏତେନ=ଏହି ପ୍ରକାର; କିମ୍‌=କ'ଣ; ଜ୍ଞାତେନ=ଜାଣି; ତବ=ତୁମେ; ଅର୍ଜୁନ=ହେ ଅର୍ଜୁନ; ବିଷ୍ଟଭ୍ୟ=ସମଗ୍ର; ଅହମ୍‌=ମୁଁ; ଇଦମ୍‌=ଏହି; କୃତ୍ସ୍ନମ୍‌=ସମସ୍ତ ପରିପ୍ରକାଶ; ଏକ=ଏକ; ଅଂଶେନ=ଅଂଶ; ସ୍ଥିତଃ=ସ୍ଥିତ; ଜଗତ୍‌=ବ୍ରହ୍ମାଣ୍ଡରେ ।

## ଅନୁବାଦ

**ହେ ଅର୍ଜୁନ ! ଏ ସବିଶେଷ ଜ୍ଞାନର ଆବଶ୍ୟକତା କ'ଣ ? ମୋର ଏକ ଅଂଶ ସାହାଯ୍ୟରେ ସମଗ୍ର ବ୍ରହ୍ମାଣ୍ଡରେ ମୁଁ ପରିବ୍ୟାପ୍ତ ହୋଇଅଛି ଏବଂ ବ୍ରହ୍ମାଣ୍ଡକୁ ଧାରଣ କରିଅଛି ।**

## ଭାବାର୍ଥ

ଭଗବାନ୍‌ ସମଗ୍ର ଭୌତିକ ବ୍ରହ୍ମାଣ୍ଡରେ ଥିବା ପ୍ରତ୍ୟେକ ପଦାର୍ଥ ମଧ୍ୟରେ ପରମାତ୍ମା ରୂପରେ ଅବସ୍ଥିତ ଥାଇ ପରିବ୍ୟାପ୍ତ ହୋଇଛନ୍ତି । ଏଠାରେ ଭଗବାନ୍‌ ଅର୍ଜୁନଙ୍କୁ କହୁଛନ୍ତି ଯେ ପଦାର୍ଥଗୁଡ଼ିକ କିପରି ସ୍ୱତନ୍ତ୍ରଭାବରେ ନିଜ ନିଜର ଚମତ୍କାରିତା ରକ୍ଷାକରି ରହିଛନ୍ତି ତାହା ବୁଝିବାର କୌଣସି କାରଣ ନାହିଁ । ସେ ଏହା ଜାଣିରଖିବା ଉଚିତ୍‌ ଯେ କୃଷ୍ଣ ପ୍ରତ୍ୟେକ ପଦାର୍ଥ ମଧ୍ୟରେ ପରମାତ୍ମା ରୂପରେ ପ୍ରବେଶ କରିଥିବା ହେତୁ ସେଗୁଡ଼ିକ ରହିଛନ୍ତି । ବିରାଟ ଜୀବ ବ୍ରହ୍ମାଙ୍କଠାରୁ ଆରମ୍ଭକରି କ୍ଷୁଦ୍ର ପିପିଲିକା ପର୍ଯ୍ୟନ୍ତ ସମସ୍ତେ ରହିଛନ୍ତି କିପରି ? ଭଗବାନ୍‌ ପ୍ରତ୍ୟେକଙ୍କ ମଧ୍ୟରେ ପ୍ରବେଶ କରିଛନ୍ତି ଏବଂ ପ୍ରତ୍ୟେକଙ୍କୁ ପୋଷଣ କରୁଛନ୍ତି ।

ଏଠାରେ ଦେବତା ପୂଜାକୁ ନିରୁତ୍ସାହିତ କରାଯାଇଅଛି, କାରଣ ବ୍ରହ୍ମା ଓ ଶିବଙ୍କ ପରି ବିଶିଷ୍ଟ ଦେବତାବୃନ୍ଦ ଭଗବାନଙ୍କର ଐଶ୍ୱର୍ଯ୍ୟର ଏକ ଆଂଶିକ ପ୍ରକାଶ ଅଟନ୍ତି । ପ୍ରତ୍ୟେକଙ୍କର ସେ ହେଉଛନ୍ତି ମୂଳ । ଯାହାସବୁ ଜନ୍ମ ହୋଇଛନ୍ତି, ସେମାନଙ୍କର (ପ୍ରତ୍ୟେକଙ୍କର) ସେ ହେଉଛନ୍ତି ମୂଳ । କେହି ତାଙ୍କ ଅପେକ୍ଷା ବଡ଼ ନୁହଁନ୍ତି । ସେ 'ସମତା' ଅଟନ୍ତି । ଏହାର ଅର୍ଥ-କେହି ତାଙ୍କଠାରୁ ବଡ଼ ନୁହଁନ୍ତି ଏବଂ କେହି ତାଙ୍କ ସହିତ ସମାନ ନୁହଁନ୍ତି । ବିଷ୍ଣୁ ମନ୍ତ୍ରରେ କୁହାଯାଇଅଛି ଯେ ଯେଉଁ ବ୍ୟକ୍ତି ବ୍ରହ୍ମା, ଶିବ ଆଦି ଦେବତାମାନଙ୍କ ସହ ଭଗବାନ୍‌ ଶ୍ରୀକୃଷ୍ଣଙ୍କୁ ସମାନ ବୋଲି ମନେ କରେ ସେ ସାଙ୍ଗେ ସାଙ୍ଗେ ନାସ୍ତିକ ହୋଇଯାଏ । ଅବଶ୍ୟ ଯଦି କେହି ଶ୍ରୀକୃଷ୍ଣଙ୍କର ଐଶ୍ୱର୍ଯ୍ୟ ଏବଂ ତାଙ୍କର ଶକ୍ତିର ବିସ୍ତାର ସମ୍ବନ୍ଧରେ ବିଭିନ୍ନ ବର୍ଣ୍ଣନାକୁ ଭଲଭାବରେ ଅଧ୍ୟୟନ କରେ; ତାହାହେଲେ ସେ ନିଃସନ୍ଦେହଭାବରେ କୃଷ୍ଣଙ୍କର ସ୍ଥିତିକୁ ବୁଝିପାରିବ ଏବଂ ଏକାନ୍ତ ଭାବରେ କେବଳ ଶ୍ରୀକୃଷ୍ଣଙ୍କ ପୂଜାରେ ହିଁ ମନୋନିବେଶ କରିବ । ଭଗବାନ୍‌ ତାଙ୍କର ଆଂଶିକ ପ୍ରକାଶ ପରମାତ୍ମାରୂପରେ ସର୍ବବ୍ୟାପକ ଅଟନ୍ତି । ସେ ପରମାତ୍ମାରୂପରେ ପ୍ରତ୍ୟେକଙ୍କ ମଧ୍ୟରେ ପ୍ରବେଶ କରିଛନ୍ତି । ତେଣୁ ଶୁଦ୍ଧ ଭକ୍ତଗଣ ପୂର୍ଣ୍ଣ ଭକ୍ତିରେ କୃଷ୍ଣଚେତନାରେ ମନକୁ ସ୍ଥିର କରନ୍ତି । ତେଣୁ ସେମାନେ ସର୍ବଦା ଦିବ୍ୟସ୍ତରରେ ଅବସ୍ଥାନ କରୁଥା'ନ୍ତି । ଏହି ଅଧ୍ୟାୟର ଅଷ୍ଟମ ଶ୍ଳୋକଠାରୁ ଏକାଦଶ ଶ୍ଳୋକ ମଧ୍ୟରେ ଭକ୍ତିଯୋଗ ଏବଂ କୃଷ୍ଣ ଆରାଧନା କଥା ପରିଷ୍କାର ଭାବରେ ଦର୍ଶାଇ ଦିଆଯାଇଅଛି । ଏହା ଶୁଦ୍ଧ ଭକ୍ତିଯୋଗର ମାର୍ଗ ଅଟେ । କିପରି ବ୍ୟକ୍ତି ପରମପୁରୁଷ ଭଗବାନଙ୍କର ସଙ୍ଗଲାଭ କରି ଭକ୍ତିଯୋଗରେ ସର୍ବୋଚ୍ଚ ପୂର୍ଣ୍ଣତା ଲାଭ କରିପାରିବ, ତାହା ଏହି ଅଧ୍ୟାୟରେ ଭଲଭାବରେ ବର୍ଣ୍ଣନା କରାଯାଇଅଛି ।

**ଭକ୍ତିବେଦାନ୍ତଭାଷ୍ୟର ଶ୍ରୀମଦ୍‌ ଭଗବଦ୍‌ଗୀତାର ''ବିଭୂତିଯୋଗ'' ଶୀର୍ଷକ ଦଶମ ଅଧ୍ୟାୟ ଶେଷହେଲା ।**

—o—

# ଏକାଦଶ ଅଧ୍ୟାୟ

## ବିଶ୍ୱରୂପଦର୍ଶନଯୋଗ

### (ଶ୍ରୀଭଗବାନଙ୍କର ବିଶ୍ୱରୂପ)

### ଶ୍ଲୋକ-୧

### ଅର୍ଜୁନ ଉବାଚ

ମଦନୁଗ୍ରହାୟ ପରମଂ ଗୁହ୍ୟମଧ୍ୟାତ୍ମସଂଜ୍ଞିତମ୍ ।
ଯତ୍ତ୍ୱୟୋକ୍ତଂ ବଚସ୍ତେନ ମୋହୋଽୟଂ ବିଗତୋ ମମ ।।୧।।

### ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; ମତ୍-ଅନୁଗ୍ରହାୟ=ମୋତେ ଅନୁଗ୍ରହ ଦେଖାଇବା ନିମିତ୍ତ; ପରମମ୍=ପରମ; ଗୁହ୍ୟମ୍=ଗୁପ୍ତ; ଅଧ୍ୟାତ୍ମ=ଅଧ୍ୟାତ୍ମ; ସଂଜ୍ଞିତମ୍=ବିଷୟରେ; ଯତ୍=ଯାହା; ତ୍ୱୟା=ଆପଣଙ୍କ ଦ୍ୱାରା; ଉକ୍ତମ୍=କୁହାଗଲା; ବଚଃ=ବଚନ; ତେନ=ତାହାଦ୍ୱାରା; ମୋହଃ=ମୋହ; ଅୟମ୍=ଏହି; ବିଗତଃ=ଦୂର ହୋଇଗଲା; ମମ=ମୋର ।

### ଅନୁବାଦ

ଅର୍ଜୁନ କହିଲେ, "ଆପଣ ଦୟାକରି ଯେଉଁ ଗୁପ୍ତ ଅଧ୍ୟାତ୍ମ-ଜ୍ଞାନ ଉପଦେଶ ମୋତେ ଦେଲେ, ତାହା ମୁଁ ଶୁଣିଲି ଏବଂ ବର୍ତ୍ତମାନ ମୋର ମୋହ ଦୂର ହୋଇଗଲା ।"

## ଭାବାର୍ଥ

ଏହି ଅଧ୍ୟାୟ ଶ୍ରୀକୃଷ୍ଣଙ୍କୁ ସର୍ବକାରଣର କାରଣ ବୋଲି ପ୍ରତିପାଦନ କରୁଅଛି । ଏପରିକି ସେ ମହାବିଷ୍ଣୁଙ୍କର କାରଣ ଅଟନ୍ତି ଏବଂ ତାଙ୍କରି ଠାରୁ (ମହାବିଷ୍ଣୁଙ୍କ ଠାରୁ) ଭୌତିକ ବ୍ରହ୍ମାଣ୍ଡମାନ ନିର୍ଗତ ହୋଇଅଛି । ଶ୍ରୀକୃଷ୍ଣ ଅବତାର ନୁହଁନ୍ତି । ସେ ସମସ୍ତ ଅବତାରମାନଙ୍କର ମୂଳ ଅଟନ୍ତି । ଗତ ଅଧ୍ୟାୟରେ ଏହା ସଂପୂର୍ଣ୍ଣରୂପେ ବୁଝାଇ ଦିଆଯାଇଅଛି ।

ବର୍ତ୍ତମାନ ଅର୍ଜୁନ କହୁଛନ୍ତି ଯେ ତାଙ୍କର ମୋହ ଦୂର ହୋଇଗଲା । ଏହାର ଅର୍ଥ ହେଲା, ବର୍ତ୍ତମାନ ଅର୍ଜୁନ କୃଷ୍ଣଙ୍କୁ ଏକ ସାଧାରଣ ମାନବ ବୋଲି କିମ୍ବା ତାଙ୍କର ବନ୍ଧୁ ବୋଲି ଭାବୁ ନାହାନ୍ତି, କିନ୍ତୁ ସେ କୃଷ୍ଣଙ୍କୁ ସର୍ବକାରଣର କାରଣ ବୋଲି ଭାବୁଛନ୍ତି । ଅର୍ଜୁନ ବର୍ତ୍ତମାନ ଜ୍ଞାନାଲୋକ ପ୍ରାପ୍ତହୋଇ ଯାଇଛନ୍ତି ଏବଂ ସେ ବଡ଼ ଖୁସି ଯେ ଶ୍ରୀକୃଷ୍ଣଙ୍କପରି ଏକ ବିଶିଷ୍ଟ ବନ୍ଧୁ ତାଙ୍କର ଅଛନ୍ତି; ବର୍ତ୍ତମାନ ସେ ଭାବୁଛନ୍ତି ଯେ ଯଦିଓ ସେ ଶ୍ରୀକୃଷ୍ଣଙ୍କୁ ସର୍ବକାରଣର କାରଣ ବୋଲି ଗ୍ରହଣ କରୁଛନ୍ତି; ତଥାପି ଅନ୍ୟମାନେ ଏହାକୁ ଗ୍ରହଣ କରି ନ ପାରନ୍ତି । ତେଣୁ କୃଷ୍ଣଙ୍କର ଦିବ୍ୟତା ପ୍ରମାଣ କରିବା ନିମିତ୍ତ, ସେ ଏ ଅଧ୍ୟାୟରେ ତାଙ୍କୁ ବିଶ୍ୱରୂପ ପ୍ରଦର୍ଶନ କରିବା ନିମିତ୍ତ ଅନୁରୋଧ କରୁଛନ୍ତି । ବାସ୍ତବରେ ଯେତେବେଳେ ବ୍ୟକ୍ତି କୃଷ୍ଣଙ୍କର ବିଶ୍ୱରୂପ ଦର୍ଶନ କରେ, ସେତେବେଳେ ସେ ଅର୍ଜୁନଙ୍କପରି ନିଶ୍ଚୟ ଭୀତତ୍ରସ୍ତ ହୋଇପଡ଼ିବ; କିନ୍ତୁ କୃଷ୍ଣ ଏଡ଼େ ଦୟାଳୁ ଯେ ସେ ବିଶ୍ୱରୂପ ପ୍ରଦର୍ଶନ କଲାପରେ ପୁଣି ନିଜର ମୌଳିକରୂପ ଧାରଣ କରିଛନ୍ତି । କୃଷ୍ଣ ବାରମ୍ବାର ଯେଉଁ କଥା କହିଛନ୍ତି, ଅର୍ଜୁନ ସେଥିରେ ରାଜିହୋଇ ଯାଇଛନ୍ତି, ତାଙ୍କର ମଙ୍ଗଳପାଇଁ କୃଷ୍ଣ ତାଙ୍କୁ ସବୁକଥା କହୁଛନ୍ତି ଏବଂ ଅର୍ଜୁନ ସ୍ୱୀକାର କରୁଛନ୍ତି ଯେ ଏ ଯାହାସବୁ ଘଟୁଛି - ଏସବୁ କୃଷ୍ଣଙ୍କର ଦୟାଯୋଗୁଁ ହିଁ ସଂଘଟିତ ହେଉଅଛି । ବର୍ତ୍ତମାନ ଏହା ତାଙ୍କର ହୃଦ୍‌ବୋଧ ହେଲା ଯେ କୃଷ୍ଣ ସର୍ବକାରଣର କାରଣ ଅଟନ୍ତି ଏବଂ ପ୍ରତ୍ୟେକଙ୍କ ହୃଦୟରେ ପରମାତ୍ମା ରୂପରେ ରହିଅଛନ୍ତି ।

## ଶ୍ଳୋକ - ୨

**ଭବାପ୍ୟୟୌ ହି ଭୂତାନାଂ ଶ୍ରୁତୌ ବିସ୍ତରଶୋ ମୟା ।**
**ତ୍ୱତ୍ତଃ କମଲପତ୍ରାକ୍ଷ ମାହାତ୍ମ୍ୟମପି ଚାବ୍ୟୟମ୍ ।। ୨ ।।**

## ଶବ୍ଦାନୁବାଦ

ଭବ=ଆବିର୍ଭାବ; ଅପ୍ୟୟୌ=ତିରୋଭାବ; ହି=ନିଶ୍ଚିତରୂପେ; ଭୂତାନାମ୍=ସମସ୍ତ ଜୀବଙ୍କର; ଶ୍ରୁତୌ=ଶୁଣିଛି; ବିସ୍ତରଶଃ=ବିସ୍ତୃତଭାବେ; ମୟା=ମୋ'ଦ୍ୱାରା; ତ୍ୱତ୍ତଃ=ଆପଣଙ୍କଠାରୁ; କମଳ-ପତ୍ରାକ୍ଷ=ହେ ପଦ୍ମଲୋଚନ; ମାହାତ୍ମ୍ୟମ୍=ମାହାତ୍ମ୍ୟ; ଅପି=ମଧ୍ୟ; ଚ=ଏବଂ; ଅବ୍ୟୟମ୍=ଅବ୍ୟୟ ।

## ଅନୁବାଦ

**ହେ ପଦ୍ମଲୋଚନ ! ମୁଁ ଆପଣଙ୍କର ଅକ୍ଷୟ-ଗୌରବ ଜରିଆରେ ଆପଣଙ୍କଠାରୁ ସମସ୍ତ ଜୀବଙ୍କର ଆବିର୍ଭାବ ଓ ତିରୋଭାବ ସମ୍ବନ୍ଧରେ ବିସ୍ତୃତଭାବରେ ଶୁଣିଛି ।**

## ଭାବାର୍ଥ

ଅର୍ଜୁନ ଆନନ୍ଦବିହ୍ୱଳ ହୋଇ କୃଷ୍ଣଙ୍କୁ 'ପଦ୍ମଲୋଚନ' ବୋଲି ସମ୍ବୋଧନ କରୁଛନ୍ତି । (ଶ୍ରୀକୃଷ୍ଣଙ୍କର ଚକ୍ଷୁଦ୍ୱୟ ପଦ୍ମପୁଷ୍ପର ପାଖୁଡ଼ା ଭଳି ପ୍ରତୀତ ହୁଏ); କାରଣ ପୂର୍ବ ଅଧ୍ୟାୟର ଶେଷ ଶ୍ଳୋକରେ ଶ୍ରୀକୃଷ୍ଣ ତାଙ୍କୁ କହିଛନ୍ତି ଯେ ସେ ସମଗ୍ର ବ୍ରହ୍ମାଣ୍ଡକୁ ତାଙ୍କର ଏକ ଅଂଶ ସାହାଯ୍ୟରେ ପୋଷଣ କରୁଛନ୍ତି । ଏ ଭୌତିକ ପରିପ୍ରକାଶରେ ଥିବା ପ୍ରତ୍ୟେକଙ୍କର ସେ ମୂଳ ଅଟନ୍ତି ଏବଂ ଅର୍ଜୁନ ଭଗବାନଙ୍କଠାରୁ ଏ ସମ୍ବନ୍ଧରେ ବିସ୍ତୃତଭାବେ ଶୁଣିଛନ୍ତି । ଅର୍ଜୁନ ପୁଣି ମଧ୍ୟ ଜାଣିଛନ୍ତି ଯେ ଯଦିଓ ଭଗବାନ୍ ସମସ୍ତଙ୍କ ଆବିର୍ଭାବ ଓ ତିରୋଭାବର କାରଣ ଅଟନ୍ତି, ତଥାପି ସେ ସେମାନଙ୍କଠାରୁ ଭିନ୍ନ । ଯଦିଓ ସେ ସର୍ବବ୍ୟାପକ, ତଥାପି ତାଙ୍କର ବ୍ୟକ୍ତିତ୍ୱ ସେ ହରାନ୍ତି ନାହିଁ । ତାହା ହେଉଛି କୃଷ୍ଣଙ୍କର ଅଚିନ୍ତ୍ୟ ବିଭୂତି । ଅର୍ଜୁନ ଏଠାରେ ସ୍ୱୀକାର କରୁଛନ୍ତି ଯେ ସେ ଭଲଭାବରେ ଏ କଥା ବୁଝି ପାରିଛନ୍ତି ।

## ଶ୍ଳୋକ - ୩

**ଏବମେତଦ୍ୟଥାତ୍ଥ ତ୍ୱମାତ୍ମାନଂ ପରମେଶ୍ୱର ।**
**ଦ୍ରଷ୍ଟୁମିଚ୍ଛାମି ତେ ରୂପମୈଶ୍ୱରଂ ପୁରୁଷୋତ୍ତମ ।।୩।।**

## ଶବ୍ଦାନୁବାଦ

ଏବମ୍=ଏହିପରି; ଏତଦ୍=ଏହା; ଯଥା=ଯଥାରୂପ; ଆତ୍ଥ=କହିଲେ; ତ୍ୱମ୍=ଆପଣ; ଆତ୍ମାନମ୍=ଆତ୍ମା; ପରମେଶ୍ୱର=ହେ ପରମେଶ୍ୱର; ଦ୍ରଷ୍ଟୁମ୍=ଦେଖିବାକୁ; ଇଚ୍ଛାମି=ମୁଁ ଇଚ୍ଛାକରେ; ତେ=ଆପଣ; ରୂପମ୍=ରୂପ; ଐଶ୍ୱରମ୍=ଦିବ୍ୟ; ପୁରୁଷୋତ୍ତମ=ହେ ପୁରୁଷୋତ୍ତମ ।

## ଅନୁବାଦ

**ହେ ପୁରୁଷୋତ୍ତମ ! ହେ ପରମରୂପ ! ଯଦିଓ ମୁଁ ଏଠାରେ ମୋ' ସମ୍ମୁଖରେ ଆପଣଙ୍କର ବାସ୍ତବସ୍ଥିତିକୁ ଦେଖୁଛି, ତଥାପି ଆପଣ କିପରି ଏ ପରିଦୃଶ୍ୟମାନ ଜଗତ ମଧ୍ୟରେ ପ୍ରବେଶ କରିଛନ୍ତି, ତାହା ମୁଁ ଦେଖିବାକୁ ଇଚ୍ଛାକରେ । ଆପଣଙ୍କର ସେହି ରୂପକୁ ମୁଁ ଦେଖିବାକୁ ଇଚ୍ଛାକରେ ।**

## ଭାବାର୍ଥ

ଭଗବାନ୍ କହିଲେ ଯେ ଯେଣୁ ସେ ଭୌତିକ ବ୍ରହ୍ମାଣ୍ଡମଧ୍ୟରେ ସ୍ୱାଂଶ ସାହାଯ୍ୟରେ ପ୍ରବେଶ କରିଛନ୍ତି, ତେଣୁ ଏ ପରିଦୃଶ୍ୟମାନ ବ୍ରହ୍ମାଣ୍ଡର ଅସ୍ତିତ୍ୱ ସମ୍ଭବ ହୋଇଛି ଏବଂ ତାହା ଗତିକରି ଚାଲିଛି । ଅର୍ଜୁନ ବର୍ତ୍ତମାନ ଶ୍ରୀକୃଷ୍ଣଙ୍କ ବାଣୀରେ ପ୍ରୋତ୍ସାହିତ ହୋଇଛନ୍ତି, କିନ୍ତୁ ଭବିଷ୍ୟତରେ ଯେଉଁ ଲୋକମାନେ କୃଷ୍ଣଙ୍କୁ ଏକ ସାଧାରଣ ମାନବ ବୋଲି ମନେ କରିବେ, ସେହିମାନଙ୍କୁ ବୁଝାଇବା ନିମିତ୍ତ ସେ ବର୍ତ୍ତମାନ ଭଗବାନଙ୍କୁ ବିଶ୍ୱରୂପରେ ଦର୍ଶନ କରିବାକୁ ଇଚ୍ଛା କରୁଛନ୍ତି । ଯଦିଓ ସେ ଏ ଭୌତିକ ପରିପ୍ରକାଶରୁ ଭିନ୍ନ, ତଥାପି ସେ କିପରି ବ୍ରହ୍ମାଣ୍ଡ ମଧ୍ୟରେ କାର୍ଯ୍ୟ କରୁଛନ୍ତି - ଏହା ସେ ଦେଖିବାକୁ ଇଚ୍ଛା କରନ୍ତି । ଏହା ଦେଖିବାକୁ ଅର୍ଜୁନ ଭଗବାନଙ୍କର ଅନୁମତି ଚାହୁଁଛନ୍ତି । ଏ ଅନୁମତି ପ୍ରାର୍ଥନା ମଧ୍ୟ ଅର୍ଥପୂର୍ଣ୍ଣ ଅଟେ । ଯେଣୁ କୃଷ୍ଣ

ପରମପୁରୁଷ ଭଗବାନ୍ ଅଟନ୍ତି, ତେଣୁ ସେ ଅର୍ଜୁନଙ୍କ ମଧ୍ୟରେ ମଧ୍ୟ ବିଦ୍ୟମାନ । ସେଇଥିପାଇଁ ସେ ଅର୍ଜୁନଙ୍କର କ'ଣ କାମନା ତାହା ସେ ଜାଣିପାରୁଛନ୍ତି ଏବଂ ସେ ଏହା ମଧ୍ୟ ଜାଣିପାରୁଛନ୍ତି ଯେ ତାଙ୍କର ବିଶ୍ୱରୂପ ଦର୍ଶନ କରିବା ନିମିତ୍ତ ଅର୍ଜୁନଙ୍କର କୌଣସି ସ୍ୱତନ୍ତ୍ର କାମନା ନାହିଁ, କାରଣ ଅର୍ଜୁନ ତାଙ୍କର କୃଷ୍ଣରୂପ ଦେଖିବାରେ ପୂର୍ଣ୍ଣରୂପେ ସନ୍ତୁଷ୍ଟ । କିନ୍ତୁ ସେ ଏହା ମଧ୍ୟ ଜାଣିପାରୁଛନ୍ତି ଯେ ଅର୍ଜୁନ ଅନ୍ୟମାନଙ୍କୁ ବୁଝାଇବା ନିମିତ୍ତ ବିଶ୍ୱରୂପ ଦର୍ଶନ କରିବାକୁ ଇଚ୍ଛାକରନ୍ତି । ଏହାର ସତ୍ୟତା ପରୀକ୍ଷା କରିବାପାଇଁ ତାଙ୍କର କୌଣସି ବ୍ୟକ୍ତିଗତ କାମନା ନଥିଲା । କୃଷ୍ଣ ମଧ୍ୟ ଏକଥା ବୁଝିପାରିଛନ୍ତି ଯେ, ଅର୍ଜୁନ ଏକ ସିଦ୍ଧାନ୍ତ ଉପସ୍ଥାପିତ କରିବା ନିମିତ୍ତ ବିଶ୍ୱରୂପ ଦର୍ଶନ କରିବାକୁ ଇଚ୍ଛା କରନ୍ତି, କାରଣ ଭବିଷ୍ୟତରେ ଏପରି ଅନେକ ମିଥ୍ୟାଗ୍ରହୀ ବାହାରିବେ, ଯେଉଁମାନେ ନିଜକୁ ଭଗବାନଙ୍କର ଏକ ଅବତାର ବୋଲି କହି ତଦ୍ରୂପ ଆଚରଣ କରିବେ । ତେଣୁ ଲୋକମାନେ ସାବଧାନ ହେବା ଉଚିତ୍, କାରଣ ଯେ ନିଜକୁ ଭଗବାନ୍ କୃଷ୍ଣବୋଲି ଘୋଷଣା କରିବ, ସେ ଲୋକ-ସମକ୍ଷରେ ତା'ର ଦାବୀ ସାବ୍ୟସ୍ତ କରିବା ନିମିତ୍ତ ବିଶ୍ୱରୂପ ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ଥିବା ଉଚିତ୍ ।

## ଶ୍ଲୋକ - ୪

**ମନ୍ୟସେ ଯଦି ତଚ୍ଛକ୍ୟଂ ମୟା ଦ୍ରଷ୍ଟୁମିତି ପ୍ରଭୋ ।**
**ଯୋଗେଶ୍ୱର ତତୋ ମେ ତ୍ୱଂ ଦର୍ଶୟାତ୍ମାନମବ୍ୟୟମ୍ ।।୪।।**

## ଶବ୍ଦାନୁବାଦ

ମନ୍ୟସେ=ଆପଣ ଯଦି ଭାବନ୍ତି; ଯଦି=ଯଦି; ତତ୍=ତାହା; ଶକ୍ୟମ୍=ଦେଖିବାକୁ ସକ୍ଷମ; ମୟା=ମୋ' ଦ୍ୱାରା; ଦ୍ରଷ୍ଟୁମ୍=ଦେଖିବାକୁ; ଇତି=ଏହିପରି; ପ୍ରଭୋ=ହେ ପ୍ରଭୁ; ଯୋଗେଶ୍ୱର=ହେ ଯୋଗେଶ୍ୱର; ତତଃ=ତେବେ; ମେ=ମୋତେ; ତ୍ୱମ୍=ଆପଣ; ଦର୍ଶୟ=ଦେଖାନ୍ତୁ; ଆତ୍ମାନମ୍=ନିଜକୁ; ଅବ୍ୟୟମ୍=ଶାଶ୍ୱତ ।

## ଅନୁବାଦ

**ହେ ପ୍ରଭୁ ! ହେ ଯୋଗେଶ୍ୱର ! ଯଦି ଆପଣ ଭାବନ୍ତି ଯେ, ମୁଁ ଆପଣଙ୍କର ବିଶ୍ୱରୂପ ଦେଖିବାକୁ ସକ୍ଷମ, ତାହାହେଲେ ଦୟାକରି ଆପଣଙ୍କର ସେ ବିଶ୍ୱରୂପ ମୋତେ ଦେଖାନ୍ତୁ ।**

## ଭାବାର୍ଥ

କଥିତ ଅଛି, ପରମେଶ୍ୱର ଶ୍ରୀକୃଷ୍ଣଙ୍କୁ କେହି ଭୌତିକ ଇନ୍ଦ୍ରିୟ ସାହାଯ୍ୟରେ ଦେଖି ପାରିବ ନାହିଁ; ଶୁଣି ପାରିବ ନାହିଁ; ବୁଝିପାରିବ ନାହିଁ କିମ୍ବା ଅନୁଭବ କରିପାରିବ ନାହିଁ । କିନ୍ତୁ ଯଦି କେହି ପ୍ରାରମ୍ଭରୁ ପ୍ରେମାଭିଭୂତ ହୋଇ ଦିବ୍ୟ ଭଗବତ୍ ସେବାରେ ନିଯୁକ୍ତ ହୋଇଥାଏ, ତେବେ ସେ ଭଗବାନଙ୍କୁ ଦେଖିପାରିବ; ଭଗବାନ୍ ତା' ପାଇଁ ପ୍ରକଟିତ ହେବେ । ପ୍ରତ୍ୟେକ ଜୀବ ଗୋଟିଏ ଗୋଟିଏ ଦିବ୍ୟ ସ୍ଫୁଲିଙ୍ଗ, ତେଣୁ ଭଗବାନଙ୍କୁ ଦେଖିବା କିମ୍ବା ବୁଝିବା ସମ୍ଭବପର ନୁହେଁ । ଏକ ଭକ୍ତ ହିସାବରେ ଅର୍ଜୁନ ନିଜର ମନର କଳ୍ପନା ବିଳାସ ଉପରେ ନିର୍ଭର କରନ୍ତି ନାହିଁ ବରଂ ଏକ ଜୀବ ହିସାବରେ ସେ ନିଜର ସୀମିତ ଶକ୍ତିକୁ ଏବଂ କୃଷ୍ଣଙ୍କର ଅପରିସୀମ ଶକ୍ତି ଓ ସ୍ଥିତିକୁ ସ୍ୱୀକାର କରୁଛନ୍ତି । ଅର୍ଜୁନ ଏ କଥା ବୁଝି ପାରିଲେ ଯେ ଏକ ଜୀବ ପକ୍ଷରେ ଅନନ୍ତ ଭଗବାନଙ୍କୁ ବୁଝିବା ସମ୍ଭବପର ନୁହେଁ । ଯଦି ସେ ଅନନ୍ତ

ଭଗବାନ୍ ନିଜକୁ ପ୍ରକଟିତ କରନ୍ତି, ତାହାହେଲେ ତାଙ୍କର କୃପାବଶତଃ ତାଙ୍କର ପ୍ରକୃତିକୁ ବୁଝିବା ସମ୍ଭବପର ହେବ। ଏ ଶ୍ଳୋକରେ ''ଯୋଗେଶ୍ୱର'' ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ; କାରଣ ଭଗବାନଙ୍କର ଅଚିନ୍ତ୍ୟ ଶକ୍ତି ଅଛି। ଯଦିଓ ସେ ଅନନ୍ତ ଅଟନ୍ତି, ତଥାପି ସେ ଯଦି ଇଚ୍ଛା କରନ୍ତି, ତେବେ କୃପାବଶତଃ ନିଜକୁ ପ୍ରକାଶ କରିପାରନ୍ତି। ସେଇଥିପାଇଁ ଅର୍ଜୁନ ଶ୍ରୀକୃଷ୍ଣଙ୍କର ଅଚିନ୍ତ୍ୟ କୃପାଭିକ୍ଷା କରୁଛନ୍ତି। ସେ କୃଷ୍ଣଙ୍କୁ ଆଦେଶ ଦେଉ ନାହାନ୍ତି। ଯଦି ବ୍ୟକ୍ତି ସଂପୂର୍ଣ୍ଣରୂପେ କୃଷ୍ଣଙ୍କ ନିକଟରେ ଆତ୍ମସମର୍ପଣ ନ କରେ ଏବଂ ଦିବ୍ୟ ଭଗବତ୍ ସେବାରେ ନିଯୁକ୍ତ ନ ହୁଏ, ତେବେ କୃଷ୍ଣ ତା' ନିକଟରେ ପ୍ରକଟିତ ହେବାକୁ ବାଧ୍ୟ ନୁହଁନ୍ତି। ତେଣୁ ଯେଉଁ ଲୋକମାନେ ସେମାନଙ୍କର କଳ୍ପନାଶକ୍ତି ବଳରେ କୃଷ୍ଣଙ୍କୁ ଦେଖିବାକୁ ଇଚ୍ଛା କରନ୍ତି, ସେମାନଙ୍କ ପକ୍ଷରେ ଏହା ସମ୍ଭବପର ନୁହେଁ।

## ଶ୍ଳୋକ - ୫

## ଶ୍ରୀଭଗବାନୁବାଚ

**ପଶ୍ୟ ମେ ପାର୍ଥ ରୂପାଣି ଶତଶୋଽଥ ସହସ୍ରଶଃ ।**
**ନାନାବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନି ଚ ।।୫।।**

## ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ଶ୍ରୀ ଭଗବାନ୍ କହିଲେ; ପଶ୍ୟ=ଦେଖ; ମେ=ମୋର; ପାର୍ଥ=ହେ ପୃଥାପୁତ୍ର; ରୂପାଣି=ରୂପସବୁ; ଶତଶଃ=ଶହଶହ; ଅଥ=ମଧ୍ୟ; ସହସ୍ରଶଃ=ହଜାରହଜାର; ନାନା-ବିଧାନି=ନାନାବିଧ; ଦିବ୍ୟାନି=ଦିବ୍ୟ; ନାନା=ଅନେକପ୍ରକାର; ବର୍ଣ୍ଣ=ବର୍ଣ୍ଣ (ରଙ୍ଗ); ଆକୃତୀନି=ଆକୃତି; ଚ=ମଧ୍ୟ।

## ଅନୁବାଦ

**ଶ୍ରୀ ଭଗବାନ୍ କହିଲେ, ''ହେ ମୋର ପ୍ରିୟ ଅର୍ଜୁନ ! ହେ ପୃଥାପୁତ୍ର ! ସମୁଦ୍ରପରି ବିଭିନ୍ନ ରଙ୍ଗରେ ରଞ୍ଜିତ ମୋର ବିଭିନ୍ନ ପ୍ରକାର ସହସ୍ର ସହସ୍ର ଦିବ୍ୟରୂପ, ମୋର ଐଶ୍ୱର୍ଯ୍ୟ ଦେଖ ।''**

## ଭାବାର୍ଥ

ଅର୍ଜୁନ କୃଷ୍ଣଙ୍କୁ ତାଙ୍କର ବିଶ୍ୱରୂପରେ ଦେଖିବାକୁ ଇଚ୍ଛାକଲେ। ଯଦିଓ ଏହା ଏକ ଦିବ୍ୟରୂପ, ତଥାପି ଏହା ପରିଦୃଶ୍ୟମାନ ଜଗତ ରୂପରେ ଦୃଶ୍ୟମାନ। ତେଣୁ ଏହା ସ୍ଥାୟୀ ନୁହେଁ, ଏହା ଭୂତପ୍ରକୃତିର ଅସ୍ଥାୟୀ ପ୍ରକାଶଅଟେ। ଯେପରି ଭୂତପ୍ରକୃତି ଦୃଶ୍ୟମାନ ଏବଂ ଅଦୃଶ୍ୟମାନ, ସେହିପରି କୃଷ୍ଣଙ୍କର ବିଶ୍ୱରୂପ ପ୍ରକଟିତ ଏବଂ ଅପ୍ରକଟିତ ଅଟେ। କୃଷ୍ଣଙ୍କର ଅନ୍ୟରୂପପରି ଏହା ଶାଶ୍ୱତଭାବେ ପରବ୍ୟୋମରେ ଅବସ୍ଥିତ ନୁହେଁ। କୌଣସି ଭକ୍ତ କୃଷ୍ଣଙ୍କର ଏ ବିଶ୍ୱରୂପକୁ ଦେଖିବାକୁ ଆଗ୍ରହୀ ନୁହେଁ; କିନ୍ତୁ ଏଠାରେ ଅର୍ଜୁନ କୃଷ୍ଣଙ୍କୁ ଏଇରୂପରେ ଦେଖିବାକୁ ଚାହିଁବାରୁ କୃଷ୍ଣ ତାହା ପ୍ରକାଶ କଲେ। କୌଣସି ସାଧାରଣ ଲୋକପକ୍ଷରେ ଏ ବିଶ୍ୱରୂପ ଦେଖିବା ସମ୍ଭବପର ନୁହେଁ। ଏହା ଦେଖିବାକୁ ହେଲେ, କୃଷ୍ଣଙ୍କଠାରୁ ଶକ୍ତି ପ୍ରାପ୍ତହେବାକୁ ପଡ଼ିବ।

## ଶ୍ଲୋକ - ୬

**ପଶ୍ୟାଦିତ୍ୟାନ୍ ବସୂନ୍ ରୁଦ୍ରାନଶ୍ୱିନୌ ମରୁତସ୍ତଥା ।**
**ବହୂନ୍ୟଦୃଷ୍ଟପୂର୍ବାଣି ପଶ୍ୟାଶ୍ଚର୍ଯ୍ୟାଣି ଭାରତ ।।୬।।**

## ଶବ୍ଦାନୁବାଦ

ପଶ୍ୟ=ଦେଖ; ଆଦିତ୍ୟାନ୍=ଅଦିତିଙ୍କର ବାରପୁତ୍ରଙ୍କୁ; ବସୂନ୍=ଅଷ୍ଟବସୁ; ରୁଦ୍ରାନ୍=ରୁଦ୍ରଙ୍କର ଏକାଦଶ ରୂପ; ଅଶ୍ୱିନୌ=ସ୍ୱର୍ଗର ଦୁଇବୈଦ୍ୟ; ମରୁତଃ=ଅଣଗ୍ରଶ ମରୁତ (ବାୟୁ ଦେବତାଗଣ); ତଥା=ମଧ୍ୟ; ବହୂନି=ଅନେକ; ଅଦୃଷ୍ଟ=ଯାହା ତୁମେ ପୂର୍ବରୁ ଦେଖିନାହଁ କି ଶୁଣି ନାହଁ; ପୂର୍ବାଣି=ପୂର୍ବରୁ; ପଶ୍ୟ=ଏଠାରେ ଦେଖ; ଆଶ୍ଚର୍ଯ୍ୟାଣି=ସବୁ ଆଶ୍ଚର୍ଯ୍ୟ; ଭାରତ=ହେ ଭରତଶ୍ରେଷ୍ଠ ।

## ଅନୁବାଦ

**ହେ ଭରତଶ୍ରେଷ୍ଠ ! ଆଦିତ୍ୟ, ରୁଦ୍ର ଏବଂ ସମସ୍ତ ଦେବତାଙ୍କର ବିଭିନ୍ନ ପ୍ରକାଶମାନ ଏଠାରେ ଦେଖ । ଯାହା କେହି ଆଗରୁ ଦେଖିନାହିଁ କି ଶୁଣିନାହିଁ, ସେହିସବୁ ଅନେକ ଆଶ୍ଚର୍ଯ୍ୟଜନକ ଜିନିଷ ଏଠାରେ ଦେଖ ।**

## ଭାବାର୍ଥ

ଯଦିଓ ଅର୍ଜୁନ କୃଷ୍ଣଙ୍କର ଏକ ଅନ୍ତରଙ୍ଗ ବନ୍ଧୁ ଏବଂ ଅତି ବିଦ୍ୱାନ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ, ତଥାପି କୃଷ୍ଣଙ୍କ ସମ୍ବନ୍ଧରେ ସବୁ ସେ ଜାଣିପାରି ନାହାନ୍ତି । ଏଠାରେ କୁହାଯାଇଅଛି ଯେ ମାନବମାନେ ଏ ସବୁ ରୂପ ଓ ପ୍ରକାଶମାନ ପୂର୍ବରୁ ଦେଖି ନାହାନ୍ତି କିମ୍ବା ଏ ସମ୍ବନ୍ଧରେ କିଛି ଶୁଣିନାହାନ୍ତି । ବର୍ତ୍ତମାନ କୃଷ୍ଣ ସେ ଅତ୍ୟାଶ୍ଚର୍ଯ୍ୟରୂପ ଦେଖାଉଛନ୍ତି ।

## ଶ୍ଲୋକ - ୭

**ଇହୈକସ୍ଥଂ ଜଗତ୍କୃତ୍ସ୍ନଂ ପଶ୍ୟାଦ୍ୟ ସଚରାଚରମ୍ ।**
**ମମ ଦେହେ ଗୁଡ଼ାକେଶ ଯଚ୍ଚାନ୍ୟଦ୍ ଦ୍ରଷ୍ଟୁମିଚ୍ଛସି ।।୭।।**

## ଶବ୍ଦାନୁବାଦ

ଇହ=ଏଥିରେ; ଏକ-ସ୍ଥମ୍=ଗୋଟିକରେ; ଜଗତ୍=ବ୍ରହ୍ମାଣ୍ଡ; କୃତ୍ସ୍ନମ୍=ସଂପୂର୍ଣ୍ଣରୂପେ; ପଶ୍ୟ=ଦେଖ; ଅଦ୍ୟ=ସାଙ୍ଗେ ସାଙ୍ଗେ; ସ=ସହିତ; ଚର=ବିଚରଣଶୀଳ; ଅଚରମ୍=ସ୍ଥାବର (ଯେ ବିଚରଣଶୀଳ ନୁହେଁ); ମମ=ମୋର; ଦେହେ=ଏହି ଶରୀରରେ; ଗୁଡ଼ାକେଶ=ହେ ନିଦ୍ରାଜୟୀ ଅର୍ଜୁନ; ଯତ୍=ଯାହା; ଚ=ମଧ୍ୟ; ଅନ୍ୟତ୍=ଅନ୍ୟ; ଦ୍ରଷ୍ଟୁମ୍=ଦେଖିବାପାଇଁ; ଇଚ୍ଛସି=ତୁମେ ଇଚ୍ଛାକରୁଛ ।

## ଅନୁବାଦ

**ତୁମେ ଯାହା ଦେଖିବାକୁ ଇଚ୍ଛା କରୁଛ, ତାହା ସାଙ୍ଗେ ସାଙ୍ଗେ ଏହି ଶରୀରରେ ଦେଖିପାର, ଏ ବିଶ୍ୱରୂପ ସବୁ ତୁମକୁ ଦେଖାଇବ; ତୁମେ ବର୍ତ୍ତମାନ ଯାହା କରୁଛ, ତାହା ଦେଖିପାର, ପୁଣି ଯାହା ଭବିଷ୍ୟତରେ ଇଚ୍ଛା କରିବ, ତାହା ମଧ୍ୟ ଦେଖିପାର । ସବୁ ଏଠାରେ ସଂପୂର୍ଣ୍ଣରୂପେ ଅଛି ।**

## ଭାବାର୍ଥ

ଗୋଟିଏ ଜାଗାରେ ବସି ସମୁଦାୟ ବ୍ରହ୍ମାଣ୍ଡକୁ କେହି ଦେଖି ପାରିବ ନାହିଁ । ଏପରିକି ଖୁବ୍ ପ୍ରସିଦ୍ଧ ବୈଜ୍ଞାନିକ ବ୍ରହ୍ମାଣ୍ଡର ଅନ୍ୟ ଅଂଶରେ କ'ଣ ହେଉଛି ଦେଖି ପାରେ ନାହିଁ । ଭୂତ, ଭବିଷ୍ୟତ ଓ ବର୍ତ୍ତମାନ, ଯାହା ସେ ଦେଖିବାକୁ ଇଚ୍ଛାକରେ, ତାହା ଦେଖି ପାରିବ, ଯଦି କୃଷ୍ଣ ତାଙ୍କୁ ସେ ଶକ୍ତି ଦିଅନ୍ତି । ଏହି ପ୍ରକାରେ କୃଷ୍ଣଙ୍କ ଦୟା ଯୋଗୁଁ ଅର୍ଜୁନ ସବୁ ଦେଖିବାକୁ ସକ୍ଷମ ହେଲେ ।

## ଶ୍ଳୋକ - ୮

**ନ ତୁ ମାଂ ଶକ୍ୟସେ ଦ୍ରଷ୍ଟୁମନେନୈବ ସ୍ୱଚକ୍ଷୁଷା ।**
**ଦିବ୍ୟଂ ଦଦାମି ତେ ଚକ୍ଷୁଃ ପଶ୍ୟ ମେ ଯୋଗମୈଶ୍ୱରମ୍ ।।୮।।**

## ଶବ୍ଦାନୁବାଦ

ନ=କଦାପି ନୁହେଁ; ତୁ=କିନ୍ତୁ; ମାମ୍=ମୋତେ; ଶକ୍ୟସେ=ସମର୍ଥ ହେବ; ଦ୍ରଷ୍ଟୁମ୍=ଦେଖିବାକୁ; ଅନେନ=ଏହାଦ୍ୱାରା; ଏବ=ନିଶ୍ଚିତରୂପେ; ସ୍ୱ-ଚକ୍ଷୁଷା=ତୁମର ନିଜ ଆଖିରେ; ଦିବ୍ୟମ୍=ବିଶୁଦ୍ଧ; ଦଦାମି=ମୁଁ ଦେଉଛି; ତେ=ତୁମକୁ; ଚକ୍ଷୁଃ=ଚକ୍ଷୁ; ପଶ୍ୟ=ଦେଖ; ମେ=ମୋର; ଯୋଗମ୍ ଐଶ୍ୱରମ୍=ଅଚିନ୍ତ୍ୟ ଯୋଗଶକ୍ତି ।

## ଅନୁବାଦ

**ତୁମର ଏ ଚକ୍ଷୁରେ ତୁମେ ମୋତେ ଦେଖି ପାରିବ ନାହିଁ । ତେଣୁ ମୁଁ ତୁମକୁ ଦିବ୍ୟଚକ୍ଷୁ ଦେଉଛି, ଯାହା ସାହାଯ୍ୟରେ ତୁମେ ମୋର ଯୋଗୈଶ୍ୱର୍ଯ୍ୟ ଦେଖି ପାରିବ ।**

## ଭାବାର୍ଥ

ଶୁଦ୍ଧଭକ୍ତ ଭଗବାନଙ୍କର ଦୁଇହସ୍ତ ବିଶିଷ୍ଟ (ଶ୍ୟାମସୁନ୍ଦର) ରୂପ ବ୍ୟତୀତ ଅନ୍ୟକୌଣସି ରୂପ ଦେଖିବାକୁ ଇଚ୍ଛା କରେନାହିଁ । ଭକ୍ତ ଭଗବାନଙ୍କର ବିଶ୍ୱରୂପକୁ ଦେଖି ପାରିବ, କେବଳ ଭଗବାନଙ୍କ କୃପା ହେଲେ, ଅନ୍ୟଥା ନୁହେଁ । ସେ ତାହା ମନର ଚିନ୍ତାଶକ୍ତି ବଳରେ ଦେଖିପାରିବ ନାହିଁ; କେବଳ ଦିବ୍ୟ ଚକ୍ଷୁ ସାହାଯ୍ୟରେ ହିଁ ଦେଖି ପାରିବ । କୃଷ୍ଣଙ୍କର ଦିବ୍ୟରୂପ ଦେଖିବା ନିମିତ୍ତ ଅର୍ଜୁନଙ୍କୁ ମନ ପରିବର୍ତ୍ତନ କରିବାକୁ କୁହାଯାଉନାହିଁ, କେବଳ ତାଙ୍କର ଦୃଷ୍ଟି ପରିବର୍ତ୍ତନ କରିବାକୁ କୁହାଯାଉଅଛି । କୃଷ୍ଣଙ୍କର ବିଶ୍ୱରୂପ ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ତାହା ଏ ଶ୍ଳୋକମାନଙ୍କରେ ଭଲଭାବରେ କୁହାଯିବ । ତଥାପି ଅର୍ଜୁନ ଏହା ଦେଖିବାକୁ ଚାହିଁବାରୁ, ଏ ବିଶ୍ୱରୂପ ଦେଖିବାକୁ ଯେଉଁ ଚକ୍ଷୁ ଦରକାର, ଭଗବାନ୍ ସେ ଚକ୍ଷୁ ତାଙ୍କୁ ଦେଲେ ।

ଯେଉଁ ଭକ୍ତମାନେ କୃଷ୍ଣଙ୍କସହ ଦିବ୍ୟ-ସମ୍ବନ୍ଧରେ ସମ୍ବନ୍ଧିତ, ସେମାନେ କୃଷ୍ଣଙ୍କର ମନୋହର ରୂପ ପ୍ରତି ଆକୃଷ୍ଟ । ସେମାନେ ନିରୀଶ୍ୱର ଐଶ୍ୱର୍ଯ୍ୟ ପ୍ରଦର୍ଶନରେ ମୁଗ୍ଧ ହୁଅନ୍ତି ନାହିଁ କିମ୍ବା ସେଥିପ୍ରତି ଆକୃଷ୍ଟ ହୁଅନ୍ତି ନାହିଁ । କୃଷ୍ଣଙ୍କର ଖେଳସାଥିଗଣ, କୃଷ୍ଣଙ୍କର ବନ୍ଧୁଗଣ ଏବଂ କୃଷ୍ଣଙ୍କର ପିତାମାତା କଦାପି କୃଷ୍ଣଙ୍କୁ ଐଶ୍ୱର୍ଯ୍ୟ ପ୍ରଦର୍ଶନ ନିମିତ୍ତ କହନ୍ତି ନାହିଁ । ସେମାନେ ଶୁଦ୍ଧ କୃଷ୍ଣପ୍ରେମରେ ଏପରି ମଜ୍ଜି ଯାଇଥା'ନ୍ତି ଯେ ସେମାନେ ଜାଣି ପାରନ୍ତି ନାହିଁ ''କୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍'' । ସେମାନଙ୍କର ପ୍ରେମପୂର୍ଣ୍ଣ ସମ୍ବନ୍ଧ ଯୋଗୁଁ ସେମାନେ ଭୁଲିଯାଇଥା'ନ୍ତି ଯେ କୃଷ୍ଣ ହେଉଛନ୍ତି ପରମେଶ୍ୱର । ଶ୍ରୀମଦ୍ ଭାଗବତମ୍‌ରେ କୁହାଯାଇଅଛି, ଯେଉଁ ବାଳକମାନେ କୃଷ୍ଣଙ୍କ

ସାଙ୍ଗରେ ଖେଳନ୍ତି, ସେମାନେ ଖୁବ୍ ଉଚ୍ଚକୋଟିର ପୁଣ୍ୟାତ୍ମା ପୁରୁଷ ଅଟନ୍ତି ଏବଂ ବହୁତ ଜନ୍ମପରେ ସେମାନେ କୃଷ୍ଣଙ୍କ ସହିତ ଖେଳିବାକୁ ସକ୍ଷମ ହୁଅନ୍ତି । ସେ ପିଲାମାନେ ଜାଣନ୍ତିନାହିଁ ଯେ କୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍ । ସେମାନେ ତାଙ୍କୁ ସେମାନଙ୍କର ବନ୍ଧୁ ବୋଲି ଭାବନ୍ତି । ବିଶିଷ୍ଟ ଯୋଗୀ-ଋଷିମାନେ ପରମପୁରୁଷ ଭଗବାନଙ୍କୁ ନିର୍ବିଶେଷ-ବ୍ରହ୍ମ ବୋଲି ଭାବନ୍ତି, ଭକ୍ତମାନେ ତାଙ୍କୁ ପରମପୁରୁଷ ଭଗବାନ୍ ବୋଲି ଭାବନ୍ତି ଏବଂ ସାଧାରଣ ମାନବମାନେ ତାଙ୍କୁ ସେମାନଙ୍କପରି ଏକ ଭୌତିକ ଶରୀରଧାରୀ ପୁରୁଷ ବୋଲି ଭାବନ୍ତି । କଥା ହେଉଛି ଭକ୍ତ ତାଙ୍କର ବିଶ୍ୱରୂପ ଦେଖିବାକୁ କେବେହେଲେ ଚାହେଁ ନାହିଁ । କିନ୍ତୁ କୃଷ୍ଣଙ୍କର କଥାକୁ ପ୍ରମାଣ କରିବା ନିମିତ୍ତ ଅର୍ଜୁନ ତାହା ଦେଖିବାକୁ ଇଚ୍ଛାକଲେ । ତେଣୁ ଭବିଷ୍ୟତରେ ଲୋକମାନେ ବୁଝିପାରିବେ ଯେ କୃଷ୍ଣ ଯେ କେବଳ କଥାରେ କିମ୍ବା ଚିନ୍ତାରେ ନିଜକୁ ପରମେଶ୍ୱର ରୂପରେ ପ୍ରଦର୍ଶନ କରିଛନ୍ତି ତାହା ନୁହେଁ, ସେ ବାସ୍ତବରେ ଅର୍ଜୁନଙ୍କ ସମକ୍ଷରେ ନିଜକୁ ପରମେଶ୍ୱର ରୂପରେ ପ୍ରଦର୍ଶନ କରିଛନ୍ତି । ଅର୍ଜୁନ ନିଶ୍ଚୟ ଏହାକୁ ସ୍ୱୀକାର କରିବେ, କାରଣ ଅର୍ଜୁନ ଗୁରୁ-ଶିଷ୍ୟ ପରମ୍ପରା ବିଧିର ପ୍ରାରମ୍ଭ ଅଟନ୍ତି । ଯେଉଁମାନେ ବାସ୍ତବରେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବୁଝିବାକୁ ଆଗ୍ରହୀ ଏବଂ ଯେଉଁମାନେ ଅର୍ଜୁନଙ୍କ ପଦାଙ୍କ ଅନୁସରଣ କରନ୍ତି, ସେମାନେ ନିଶ୍ଚୟ ବୁଝିପାରିବେ ଯେ କୃଷ୍ଣ ଯେ କେବଳ କଥାରେ ନିଜକୁ ପରମେଶ୍ୱର ବୋଲି ଦର୍ଶାଇଥିଲେ ତାହା ନୁହେଁ, ସେ ବାସ୍ତବରେ ନିଜକୁ ପରମେଶ୍ୱର ବୋଲି ପ୍ରଦର୍ଶନ କରିଥିଲେ ।

ଭଗବାନ୍ ତାଙ୍କର ବିଶ୍ୱରୂପ ଦେଖିବା ନିମିତ୍ତ ଅର୍ଜୁନଙ୍କୁ ଆବଶ୍ୟକ ଶକ୍ତି ପ୍ରଦାନ କରିଥିଲେ; କାରଣ ସେ ଜାଣିଥିଲେ ଯେ ଅର୍ଜୁନ ବିଶେଷରୂପେ, ଏହା ଦେଖିବାକୁ ଇଚ୍ଛା କରୁନଥିଲେ । ଏକଥା ଆଗରୁ ଆମେ କହିସାରିଛୁ ।

## ଶ୍ଳୋକ - ୯

## ସଞ୍ଜୟ ଉବାଚ

**ଏବମୁକ୍ତ୍ୱା ତତୋ ରାଜନ୍ ମହାଯୋଗେଶ୍ୱରୋ ହରିଃ ।**
**ଦର୍ଶୟାମାସ ପାର୍ଥାୟ ପରମଂ ରୂପମୈଶ୍ୱରମ୍ ।। ୯ ।।**

## ଶବ୍ଦାନୁବାଦ

ସଞ୍ଜୟଃ ଉବାଚ=ସଞ୍ଜୟ କହିଲେ; ଏବମ୍=ଏହିପରି; ଉକ୍ତ୍ୱା=କହି; ତତଃ=ତତ୍ପରେ; ରାଜନ୍=ହେ ରାଜନ୍; ମହା-ଯୋଗେଶ୍ୱରଃ=ଅତ୍ୟନ୍ତ ଶକ୍ତିଶାଳୀ ଯୋଗୀ; ହରିଃ=ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ; ଦର୍ଶୟାମାସ=ଦେଖାଇଲେ; ପାର୍ଥାୟ=ଅର୍ଜୁନଙ୍କୁ; ପରମମ୍=ଦିବ୍ୟ; ରୂପମ୍=ବିଶ୍ୱରୂପ; ଐଶ୍ୱରମ୍=ଐଶ୍ୱର୍ଯ୍ୟ ।

## ଅନୁବାଦ

**ସଞ୍ଜୟ କହିଲେ, ''ହେ ରାଜନ୍ ! ଏହିପରି କହି ମହାଯୋଗେଶ୍ୱର ପରମପୁରୁଷ ଭଗବାନ୍ ଅର୍ଜୁନଙ୍କୁ ତାଙ୍କର ବିଶ୍ୱରୂପ ଦେଖାଇଲେ ।''**

## ଶ୍ଳୋକ -୧୦-୧୧

**ଅନେକବକ୍ତ୍ର ନୟନମନେକାଦ୍ଭୁତଦର୍ଶନମ୍ ।**
**ଅନେକଦିବ୍ୟାଭରଣଂ ଦିବ୍ୟାନେକୋଦ୍ୟତାୟୁଧମ୍ ।।୧୦।।**
**ଦିବ୍ୟମାଲ୍ୟାମ୍ବରଧରଂ ଦିବ୍ୟଗନ୍ଧାନୁଲେପନମ୍ ।**
**ସର୍ବାଶ୍ଚର୍ଯ୍ୟମୟଂ ଦେବମନନ୍ତଂ ବିଶ୍ୱତୋମୁଖମ୍ ।।୧୧।।**

## ଶବ୍ଦାନୁବାଦ

ଅନେକ=ଅନେକ; ବକ୍ତ୍ର=ମୁଖ; ନୟନମ୍=ଚକ୍ଷୁ; ଅନେକ=ଅନେକ; ଅଦ୍ଭୁତ=ଆଶ୍ଚର୍ଯ୍ୟ ଜନକ; ଦର୍ଶନମ୍=ଦୃଶ୍ୟ; ଅନେକ=ଅନେକ; ଦିବ୍ୟ=ଦିବ୍ୟ; ଆଭରଣମ୍=ଅଳଙ୍କାର; ଦିବ୍ୟ= ଦିବ୍ୟ; ଅନେକ=ଅନେକ; ଉଦ୍ୟତ=ଉତ୍‌ଥିତ; ଆୟୁଧମ୍=ଅସ୍ତ୍ର; ଦିବ୍ୟ=ଦିବ୍ୟ; ମାଲ୍ୟ=ମାଳା; ଅମ୍ବର- ଧରମ୍=ପୋଷାକଦ୍ୱାରା ଆଚ୍ଛାଦିତ; ଦିବ୍ୟ=ଦିବ୍ୟ; ଗନ୍ଧ=ସୁଗନ୍ଧ; ଅନୁଲେପନମ୍=ଅନୁଲିପ୍ତ (ବୋଳା ହୋଇଥିବା); ସର୍ବ=ସମସ୍ତ; ଆଶ୍ଚର୍ଯ୍ୟମୟମ୍=ଆଶ୍ଚର୍ଯ୍ୟଜନକ; ଦେବମ୍=ଉଜ୍ଜ୍ୱଳ; ଅନନ୍ତମ୍=ଅନନ୍ତ; ବିଶ୍ୱତୋମୁଖମ୍=ସର୍ବବ୍ୟାପକ ।

## ଅନୁବାଦ

**ଅର୍ଜୁନ ବିଶ୍ୱରୂପରେ ଅନନ୍ତ-ମୁଖ ଏବଂ ଅନନ୍ତ-ଚକ୍ଷୁ ଥିବାର ଦେଖିଲେ । ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ରୂପଟି ବିଭିନ୍ନ ଦିବ୍ୟ ଏବଂ ସୁନ୍ଦର ଉଜ୍ଜ୍ୱଳ ଅଳଙ୍କାରରେ ଆଭୂଷିତ ହୋଇଥିଲା ଏବଂ ବିଭିନ୍ନ ପୋଷାକଦ୍ୱାରା ଆବୃତ ହୋଇଥିଲା । ସେ ସୁନ୍ଦର ଚମତ୍କାର ମାଳା ଧାରଣ କରିଥିଲେ ଏବଂ ବିଭିନ୍ନ ପ୍ରକାର ସୁଗନ୍ଧ ତାଙ୍କ ଶରୀରରେ ଲିପା ହୋଇଥିଲା । ସବୁ ଅତି ଚମତ୍କାର ଦେଖାଯାଉଥିଲା ଏବଂ ସବୁ ଅନନ୍ତ ଏବଂ ସର୍ବପରିବ୍ୟାପକ ହୋଇଥିଲା । ଅର୍ଜୁନ ଏହା ଦେଖିଲେ ।**

## ଭାବାର୍ଥ

ଏ ଦୁଇଟି ଶ୍ଳୋକରୁ ସୂଚିତ ହେଉଅଛି ଯେ ଭଗବାନଙ୍କର ହାତ, ଗୋଡ଼ ଓ ମୁଖ ଆଦିର ସୀମା ନାହିଁ । ଏ ସବୁ ସମଗ୍ର ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ ହୋଇଛି ଏବଂ ଏହା ଅନନ୍ତ ଅଟେ । ଭଗବାନଙ୍କ କୃପାରୁ ଅର୍ଜୁନ ଗୋଟିଏ ସ୍ଥାନରେ ବସି ଏ ସବୁ ଦେଖିପାରିଲେ । ଏହା କୃଷ୍ଣଙ୍କର ଅଚିନ୍ତ୍ୟ-ଶକ୍ତି ଯୋଗୁଁ ହିଁ ସମ୍ଭବପର ଅଟେ ।

## ଶ୍ଳୋକ - ୧୨

**ଦିବି ସୂର୍ଯ୍ୟସହସ୍ରସ୍ୟ ଭବେଦ୍‌ଯୁଗପଦୁତ୍‌ଥିତା ।**
**ଯଦି ଭାଃ ସଦୃଶୀ ସା ସ୍ୟାଭାସସ୍ତସ୍ୟ ମହାତ୍ମନଃ ।।୧୨।।**

## ଶବ୍ଦାନୁବାଦ

ଦିବି=ଆକାଶରେ; ସୂର୍ଯ୍ୟ=ସୂର୍ଯ୍ୟ; ସହସ୍ରସ୍ୟ=ହଜାର ହଜାର; ଭବେତ୍=ସେଠାରେ ଥିଲେ; ଯୁଗପତ୍=ଏକ ସାଥିରେ; ଉତ୍‌ଥିତା=ଉପସ୍ଥିତ; ଯଦି=ଯଦି; ଭାଃ=ଆଲୋକ;

ସଦୃଶୀ=ତାହାପରି; ସା=ତାହା; ସ୍ୟାତ୍=ହୋଇପାରେ; ଭାସଃ=ଦୀପ୍ତି (ଜ୍ୟୋତି); ତସ୍ୟ=ତାଙ୍କର; ମହାତ୍ମନଃ=ଭଗବାନ୍‌ଙ୍କର ।

## ଅନୁବାଦ

**ଯଦି ଆକାଶରେ ଏକ ସାଙ୍ଗରେ ଶହ ଶହ, ହଜାର ହଜାର ସୂର୍ଯ୍ୟ ଉଦିତ ହୁଅନ୍ତି, ତେବେ ସେମାନଙ୍କଠାରୁ ଯେପରି ଜ୍ୟୋତି ନିର୍ଗତ ହେବ ସେହିପରି ବିଶ୍ୱରୂପରେ ଥିବା ପରମପୁରୁଷ ଭଗବାନଙ୍କଠାରୁ ଜ୍ୟୋତି ନିର୍ଗତ ହେଉଥିଲା ।**

## ଭାବାର୍ଥ

ଯାହା ଅର୍ଜୁନ ଦେଖିଲେ ତାହାକୁ କଥାରେ ବର୍ଣ୍ଣନା କରି ହେବ ନାହିଁ, ତଥାପି ସଞ୍ଜୟ ସେ ବିରାଟ ପ୍ରକାଶର ଏକ ମାନସିକ ଚିତ୍ର ଧୃତରାଷ୍ଟ୍ରଙ୍କୁ ଦେବା ନିମିତ୍ତ ଚେଷ୍ଟା କରୁଛନ୍ତି ।ଯୁଦ୍ଧକ୍ଷେତ୍ରରେ ସଞ୍ଜୟ କିମ୍ବା ଧୃତରାଷ୍ଟ୍ର କେହି ଉପସ୍ଥିତ ନଥିଲେ, କିନ୍ତୁ ବ୍ୟାସଙ୍କ କୃପାରୁ ଯୁଦ୍ଧକ୍ଷେତ୍ରରେ କ'ଣ ଘଟୁଛି ସେସବୁ କଥା ସଞ୍ଜୟ ଦେଖିପାରୁଥିଲେ ।ଏହି ପ୍ରକାରେ ସେ ବର୍ତ୍ତମାନ, ଯେତେଦୂର ସମ୍ଭବ ଏକ ପରିଷ୍କାର ଚିତ୍ର ଦେବା ନିମିତ୍ତ ସେହି ଅକଳନୀୟ ପରିପ୍ରକାଶର (ଅର୍ଥାତ୍ ହଜାର ହଜାର ସୂର୍ଯ୍ୟଙ୍କର) ଏକ ତୁଳନା ଦେଉଛନ୍ତି ।

## ଶ୍ଳୋକ - ୧୩

**ତତ୍ରୈକସ୍ଥଂ ଜଗତ୍କୃତ୍ସ୍ନଂ ପ୍ରବିଭକ୍ତମନେକଧା ।**
**ଅପଶ୍ୟଦ୍ଦେବଦେବସ୍ୟ ଶରୀରେ ପାଣ୍ଡବସ୍ତଦା ।।୧୩।।**

## ଶବ୍ଦାନୁବାଦ

ତତ୍ର=ସେଠାରେ; ଏକ-ସ୍ଥମ୍=ଏକ ସ୍ଥାନରେ; ଜଗତ୍=ବ୍ରହ୍ମାଣ୍ଡ; କୃତ୍ସ୍ନମ୍=ସଂପୂର୍ଣ୍ଣରୂପେ; ପ୍ରବିଭକ୍ତମ୍=ବିଭକ୍ତ; ଅନେକଧା=ଅନେକ ପ୍ରକାର; ଅପଶ୍ୟତ୍=ଦେଖି ପାରିଲେ; ଦେବ-ଦେବସ୍ୟ=ପରମପୁରୁଷ ଭଗବାନଙ୍କର; ଶରୀରେ=ବିଶ୍ୱରୂପରେ; ପାଣ୍ଡବଃ=ଅର୍ଜୁନ; ତଦା=ସେ ସମୟରେ ।

## ଅନୁବାଦ

**ସେ ସମୟରେ ଅର୍ଜୁନ ଦେଖିଲେ ଯେ ଯଦିଓ ଜଗତ ହଜାର ହଜାର ଭାଗରେ ବିଭକ୍ତ ହୋଇଅଛି; ତଥାପି ଏକ ସ୍ଥାନରେ (ଅର୍ଥାତ୍ ଭଗବାନଙ୍କର ବିଶ୍ୱରୂପରେ) ତାହା ଅନନ୍ତ ବିସ୍ତୃତି ଲାଭକରିଛି ।**

## ଭାବାର୍ଥ

ଏ ଶ୍ଳୋକରେ ବ୍ୟବହୃତ 'ତତ୍ର' ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ ।ଏଥିରୁ ସୂଚିତ ହେଉଛି ଯେ ଉଭୟ କୃଷ୍ଣ ଓ ଅର୍ଜୁନ ରଥରେ ବସିଥିବାବେଳେ ଅର୍ଜୁନ ବିଶ୍ୱରୂପ ଦେଖିଲେ ।ଯୁଦ୍ଧ କ୍ଷେତ୍ରରେ ଥିବା ଅନ୍ୟମାନେ ସେ ରୂପ ଦେଖିପାରି ନଥିଲେ, କାରଣ କୃଷ୍ଣ ଅର୍ଜୁନଙ୍କୁ ହିଁ ସେ ରୂପ ଦେଖିବାକୁ ଦିବ୍ୟ ଦୃଷ୍ଟି ଦେଇଥିଲେ ।କୃଷ୍ଣଙ୍କ ଶରୀରରେ ଅର୍ଜୁନ ହଜାର ହଜାର ବ୍ରହ୍ମାଣ୍ଡ ଦେଖିବାକୁ ପାଇଲେ ।ବୈଦିକ ସାହିତ୍ୟରୁ ଆମେ ଜାଣିଛେ ଯେ ଅନେକ ବ୍ରହ୍ମାଣ୍ଡ ଓ ଅନେକ ଗ୍ରହ, ଭୁବନ ବା ଲୋକ ଅଛନ୍ତି ।ତନ୍ମଧ୍ୟରୁ କେତେକ ମାଟିରେ ତିଆରି; କେତେକ ସୁନାରେ

ତିଆରି, କେତେକ ମଣି-ମୁକ୍ତାରେ ତିଆରି, କେତେକ ଖୁବ୍ ବଡ଼ ଏବଂ କେତେକ ଏତେ ବଡ଼ ନୁହଁନ୍ତି, ଏହିପରି ଅନେକ ପ୍ରକାରର । ରଥରେ ବସି ଅର୍ଜୁନ ଏ ବ୍ରହ୍ମାଣ୍ଡମାନ ଦେଖିପାରିଲେ, କିନ୍ତୁ କୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେ କ'ଣ ଘଟଣା ଗ୍ରଳିଛି କେହି ବୁଝିପାରୁ ନଥିଲେ ।

## ଶ୍ଳୋକ - ୧୪

**ତତଃ ସ ବିସ୍ମୟାବିଷ୍ଟୋ ହୃଷ୍ଟରୋମା ଧନଞ୍ଜୟଃ ।**
**ପ୍ରଣମ୍ୟ ଶିରସା ଦେବଂ କୃତାଞ୍ଜଳିରଭାଷତ ।।୧୪।।**

## ଶବ୍ଦାନୁବାଦ

ତତଃ=ତାପରେ; ସଃ=ସେ; ବିସ୍ମୟାବିଷ୍ଟଃ=ଅତ୍ୟାଶ୍ଚର୍ଯ୍ୟ ହୋଇ; ହୃଷ୍ଟ-ରୋମା=ଅତ୍ୟନ୍ତ ହର୍ଷଯୋଗୁଁ ରୋମାଞ୍ଚ ଜାତ; ଧନଞ୍ଜୟଃ=ଅର୍ଜୁନ; ପ୍ରଣମ୍ୟ=ପ୍ରଣାମ କରି; ଶିରସା=ମୁଣ୍ଡଲଗାଇ; ଦେବମ୍=ପରମପୁରୁଷ ଭଗବାନଙ୍କୁ; କୃତାଞ୍ଜଳିଃ=ଯୋଡ଼ହସ୍ତ ହୋଇ; ଅଭାଷତ=କହିବାକୁ ଲାଗିଲେ ।

## ଅନୁବାଦ

**ତତ୍ପରେ ଅର୍ଜୁନ ଅତ୍ୟାଶ୍ଚର୍ଯ୍ୟ ହୋଇ ଭାବବିହ୍ୱଳ ହୋଇପଡ଼ିଲେ ଏବଂ ତାଙ୍କ ଶରୀରରେ ରୋମାଞ୍ଚ ଜାତ ହେଲା । ପରମପୁରୁଷ ଭଗବାନଙ୍କୁ ସେ ପ୍ରଣାମ ଜଣାଇ ଯୋଡ଼ହସ୍ତ ହୋଇ କହିବାକୁ ଲାଗିଲେ ।**

## ଭାବାର୍ଥ

ଦିବ୍ୟ ଦୃଷ୍ଟି ପ୍ରକାଶିତ ହେଲାକ୍ଷଣି କୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେ ଥିବା ସମ୍ବନ୍ଧ ସାଙ୍ଗେ ସାଙ୍ଗେ ପରିବର୍ତ୍ତିତ ହୋଇଗଲା । ପୂର୍ବେ କୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେ ବନ୍ଧୁଭାବ ବା ସଖାଭାବ ଥିଲା, କିନ୍ତୁ ବର୍ତ୍ତମାନ ଏଠାରେ ଦିବ୍ୟଦୃଷ୍ଟି ଲାଭ କଲାପରେ ଓ ବିଶ୍ୱରୂପ ପ୍ରଦର୍ଶନ କଲାପରେ ଅର୍ଜୁନ ଅତ୍ୟନ୍ତ ସମ୍ମାନର ସହିତ ପ୍ରଣାମ କରି ଯୋଡ଼ହସ୍ତ ହୋଇ କୃଷ୍ଣଙ୍କୁ ପ୍ରାର୍ଥନା କରୁଛନ୍ତି । ସେ ବିଶ୍ୱରୂପକୁ ପ୍ରଶଂସା କରୁଛନ୍ତି । ଏହିପରି ଅର୍ଜୁନଙ୍କର କୃଷ୍ଣଙ୍କ ସହିତ ସମ୍ବନ୍ଧ ସଖ୍ୟଭାବରୁ ଅଦ୍ଭୁତଭାବକୁ ପରିବର୍ତ୍ତିତ ହେଲା । ମହାନ୍ ଭକ୍ତଗଣ କୃଷ୍ଣଙ୍କୁ ସମସ୍ତ ସମ୍ବନ୍ଧର ଆଧାରସ୍ଥଳ ରୂପେ ଦେଖନ୍ତି । ଶାସ୍ତ୍ରମାନଙ୍କରେ ବାରପ୍ରକାର ମୌଳିକ ସମ୍ବନ୍ଧ ବିଷୟ ବର୍ଣ୍ଣିତ ହୋଇଅଛି ଏବଂ ସେସବୁ କୃଷ୍ଣଙ୍କଠାରେ ବିଦ୍ୟମାନ । କଥିତ ଅଛି ଯେ ସେ ସମସ୍ତପ୍ରକାର ସମ୍ବନ୍ଧର ସାଗର । ଏ ସମ୍ବନ୍ଧ ହେଉଛି ଦୁଇଟି ଜୀବ ମଧ୍ୟରେ ଥିବା ସମ୍ବନ୍ଧ, ଦେବତାମାନଙ୍କ ମଧ୍ୟରେ ଥିବା ସମ୍ବନ୍ଧ କିମ୍ବା ଭଗବାନ୍ ଓ ଭକ୍ତମାନଙ୍କ ମଧ୍ୟରେ ଥିବା ସମ୍ବନ୍ଧ ।

କୁହାଯାଇଛି ଯେ ଅର୍ଜୁନ ଅଦ୍ଭୁତ ରସରେ ଭାବବିହ୍ୱଳ ହୋଇପଡ଼ିଲେ । ଯଦିଓ ଅର୍ଜୁନ ସ୍ୱଭାବତଃ ଅତି ଶାନ୍ତ-ଶିଷ୍ଟ, ତଥାପି ସେ ଅଦ୍ଭୁତ ରସରେ ଭାବବିହ୍ୱଳ ହୋଇ ପଡ଼ିଥିଲେ । ତାଙ୍କର ରୋମାଞ୍ଚ ଜାତ ହେଲା ଏବଂ ସେ ଯୋଡ଼ହସ୍ତ ହୋଇ ଭଗବାନଙ୍କୁ ପ୍ରଣାମ ଜଣାଇଲେ । ଅବଶ୍ୟ ସେ ଭୀତତ୍ରସ୍ତ ହୋଇ ନଥିଲେ । ସେ ଭଗବାନଙ୍କର ଅଦ୍ଭୁତ ପ୍ରକାଶ ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ । ପ୍ରଥମ କଥା ହେଉଛି ଅଦ୍ଭୁତ ରସ । ତାଙ୍କର ସ୍ୱାଭାବିକ ସ୍ନେହପୂର୍ଣ୍ଣ ସଖ୍ୟଭାବ ଅଦ୍ଭୁତ ଦର୍ଶନରେ ବିବ୍ରତ ହୋଇପଡ଼ିଲା ଏବଂ ସେଇଥିପାଇଁ ଏ ପ୍ରକାର ପ୍ରତିକ୍ରିୟା ପ୍ରଦର୍ଶିତ ହେଲା ।

## ଶ୍ଲୋକ - ୧୫

## ଅର୍ଜୁନ ଉବାଚ

**ପଶ୍ୟାମି ଦେବାଂସ୍ତବ ଦେବ ଦେହେ**
**ସର୍ବାଂସ୍ତଥା ଭୂତବିଶେଷସଂଘାନ୍ ।**
**ବ୍ରହ୍ମାଣମୀଶଂ କମଳାସନସ୍ଥମ୍**
**ଋଷୀଂଶ୍ଚ ସର୍ବାନୁରଗାଂଶ୍ଚ ଦିବ୍ୟାନ୍ ।।୧୫।।**

## ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; ପଶ୍ୟାମି=ମୁଁ ଦେଖୁଛି; ଦେବାନ୍=ସମସ୍ତ ଦେବତା; ତବ=ଆପଣଙ୍କର; ଦେବ=ହେ ଭଗବାନ୍; ଦେହେ=ଶରୀରରେ; ସର୍ବାନ୍=ସମସ୍ତ; ତଥା=ତଥା; ଭୂତ=ଜୀବଗଣ; ବିଶେଷ-ସଂଘାନ୍=ବିଶେଷକରି ଏକତ୍ରିତ; ବ୍ରହ୍ମାଣମ୍=ଶ୍ରୀ ବ୍ରହ୍ମାଜୀ; ଈଶମ୍=ଶ୍ରୀ ଶିବଜୀ; କମଳ-ଆସନ-ସ୍ଥମ୍=ପଦ୍ମପୁଷ୍ପ ଉପରେ ବସି; ଋଷୀନ୍=ମହର୍ଷିଗଣ; ଚ=ମଧ୍ୟ; ସର୍ବାନ୍=ସମସ୍ତ; ଉରଗାନ୍=ସର୍ପଗଣ; ଚ=ମଧ୍ୟ; ଦିବ୍ୟାନ୍=ଦିବ୍ୟ ।

## ଅନୁବାଦ

**ଅର୍ଜୁନ କହିଲେ ''ହେ ପ୍ରିୟ ଭଗବାନ୍ ଶ୍ରୀକୃଷ୍ଣ ! ମୁଁ ଦେଖୁଛି ଆପଣଙ୍କ ଶରୀରରେ ସମସ୍ତ ଦେବତାବୃନ୍ଦ ଏବଂ ବିଭିନ୍ନପ୍ରକାର ଜୀବଗଣ ଏକତ୍ରିତ ହୋଇଛନ୍ତି । ମୁଁ ଦେଖୁଛି, ପଦ୍ମପୁଷ୍ପ ଉପରେ ଶ୍ରୀବ୍ରହ୍ମାଜୀ ବସିଛନ୍ତି ଏବଂ ଶ୍ରୀ ଶିବଜୀ ଏବଂ ମହର୍ଷିଗଣ ତଥା ଦିବ୍ୟ ସର୍ପଗଣ ଆପଣଙ୍କ ଶରୀରରେ ବିଦ୍ୟମାନ ।''**

## ଭାବାର୍ଥ

ଅର୍ଜୁନ ବ୍ରହ୍ମାଣ୍ଡରେ ସବୁକିଛି ଦେଖୁଛନ୍ତି; ତେଣୁ ସେ ଦେଖୁଛନ୍ତି ବ୍ରହ୍ମାଣ୍ଡର ପ୍ରଥମ ଜୀବ ବ୍ରହ୍ମାଙ୍କୁ ଏବଂ ଯେଉଁ ଦିବ୍ୟ ଉତ୍ତମ ଶଯ୍ୟାରେ ବ୍ରହ୍ମାଣ୍ଡର ନିମ୍ନଦେଶରେ ଗର୍ଭୋଦକଶାୟୀ ବିଷ୍ଣୁ ଶାୟିତ, ସେ ଦିବ୍ୟ ସର୍ପଙ୍କୁ । ଏ ସର୍ପଶଯ୍ୟାକୁ ବାସୁକୀ କୁହାଯାଏ । ବାସୁକୀ ନାମରେ ଅନ୍ୟ ସର୍ପଗଣ ମଧ୍ୟ ଅଛନ୍ତି । ଅର୍ଜୁନ ଭଗବାନଙ୍କର ବିଶ୍ୱରୂପରେ ଗର୍ଭୋଦକଶାୟୀ ବିଷ୍ଣୁଙ୍କଠାରୁ ଆରମ୍ଭ କରି ସର୍ବୋଚ୍ଚ ଲୋକରେ ପଦ୍ମପୁଷ୍ପ ଉପରେ ଅବସ୍ଥିତ ବ୍ରହ୍ମାଣ୍ଡର ପ୍ରଥମ ଜୀବ ଶ୍ରୀ ବ୍ରହ୍ମାଜୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଦେଖୁଛନ୍ତି । ଏହାର ଅର୍ଥ ହେଉଛି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁକିଛି ଅର୍ଜୁନ ଗୋଟିଏ ସ୍ଥାନରେ ରଥ ଉପରେ ବସି ଦେଖିପାରୁଛନ୍ତି । ଏହା କେବଳ ପରମେଶ୍ୱର କୃଷ୍ଣଙ୍କର କୃପା ଯୋଗୁଁ ହିଁ ସମ୍ଭବପର ହୋଇଥିଲା ।

## ଶ୍ଲୋକ - ୧୬

**ଅନେକବାହୂଦରବକ୍ତ୍ର ନେତ୍ରଂ**
**ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ୍ ।**
**ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ**
**ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ ।।୧୬।।**

## ଶବ୍ଦାନୁବାଦ

ଅନେକ=ଅନେକ; ବାହୁ=ବାହୁ; ଉଦର=ଉଦର; ବକ୍ତ୍ର=ମୁଖ; ନେତ୍ରମ୍=ଚକ୍ଷୁ; ପଶ୍ୟାମି=ମୁଁ ଦେଖୁଛି; ତ୍ୱାମ୍=ଆପଣଙ୍କୁ; ସର୍ବତଃ=ସବୁ ଦିଗରୁ; ଅନନ୍ତ-ରୂପମ୍=ଅନନ୍ତରୂପ; ନ ଅନ୍ତମ୍=ଶେଷ ନାହିଁ; ନ ମଧ୍ୟମ୍=ମଧ୍ୟ ନାହିଁ; ନ ପୁନଃ=ପୁନଶ୍ଚ ନାହିଁ; ତବ=ଆପଣଙ୍କର; ଆଦିମ୍=ଆଦି; ପଶ୍ୟାମି=ମୁଁ ଦେଖୁଛି; ବିଶ୍ୱେଶ୍ୱର=ହେ ବ୍ରହ୍ମାଣ୍ଡର ଈଶ୍ୱର; ବିଶ୍ୱ-ରୂପ=ହେ ବିଶ୍ୱରୂପ ।

## ଅନୁବାଦ

**ହେ ବିଶ୍ୱେଶ୍ୱର ! ଆପଣଙ୍କର ଏ ବିଶ୍ୱ-ଶରୀରରେ ମୁଁ ଅନେକାନେକ ରୂପ ଦେଖୁଛି - ଉଦର, ମୁଖ, ଚକ୍ଷୁ-ଅନନ୍ତଭାବେ ବିସ୍ତୃତ ହୋଇଅଛି । ଏହାର ଆଦି, ଅନ୍ତ ଓ ମଧ୍ୟ ନାହିଁ ।**

## ଭାବାର୍ଥ

କୃଷ୍ଣ ପରମପୁରୁଷ ଭଗବାନ୍ ଅଟନ୍ତି ଏବଂ ଅନନ୍ତ ଅଟନ୍ତି; ଏହିପରି ତାଙ୍କ ଜରିଆରେ ସବୁକିଛି ଦେଖାଯାଇପାରେ ।

## ଶ୍ଳୋକ - ୧୭

**କିରୀଟିନଂ ଗଦିନଂ ଚକ୍ରିଣଂ ଚ**
**ତେଜୋରାଶିଂ ସର୍ବତୋ ଦୀପ୍ତିମନ୍ତମ୍ ।**
**ପଶ୍ୟାମି ତ୍ୱାଂ ଦୁର୍ନିରୀକ୍ଷ୍ୟଂ ସମନ୍ତାଦ୍**
**ଦୀପ୍ତାନଲାର୍କଦ୍ୟୁତିମପ୍ରମେୟମ୍ ।।୧୭।।**

## ଶବ୍ଦାନୁବାଦ

କିରୀଟିନମ୍=ମୁକୁଟ ସହିତ; ଗଦିନମ୍=ଗଦାସହ; ଚକ୍ରିଣମ୍=ଚକ୍ରସହ; ଚ=ଏବଂ; ତେଜୋରାଶିମ୍=ଜ୍ୟୋତି; ସର୍ବତଃ=ସବୁଦିଗ; ଦୀପ୍ତିମନ୍ତମ୍=ପ୍ରଦୀପ୍ତ; ପଶ୍ୟାମି=ମୁଁ ଦେଖୁଛି; ତ୍ୱାମ୍=ଆପଣ; ଦୁର୍ନିରୀକ୍ଷ୍ୟଂ=ଦେଖିବାକଷ୍ଟ;ସମନ୍ତାଦ୍=ପରିବ୍ୟାପ୍ତ;ଦୀପ୍ତଅନଲ=ଦୀପ୍ତ ଅଗ୍ନି; ଅର୍କ=ସୂର୍ଯ୍ୟ; ଦ୍ୟୁତିମ୍=ସୂର୍ଯ୍ୟରଶ୍ମି; ଅପ୍ରମେୟମ୍=ଅମାପ (ଅକଳନୀୟ) ।

## ଅନୁବାଦ

**ବିଭିନ୍ନପ୍ରକାର ମୁକୁଟ, ଗଦା ଏବଂ ଚକ୍ର ସହ ଶୋଭିତ ଆପଣଙ୍କ ରୂପକୁ ଗ୍ରହିଁବା କଷ୍ଟ, କାରଣ ଏଥିରୁ ଅତି ଉଜ୍ଜ୍ୱଳ ଜ୍ୟୋତି ନିର୍ଗତ ହେଉଅଛି । ଏହା ସୂର୍ଯ୍ୟଙ୍କପରି ଅତ୍ୟନ୍ତ ପ୍ରଦୀପ୍ତ ଏବଂ ଅକଳନୀୟ ଅଟେ ।**

## ଶ୍ଳୋକ - ୧୮

**ତ୍ୱମକ୍ଷରଂ ପରମଂ ବେଦିତବ୍ୟଂ**
**ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।**
**ତ୍ୱମବ୍ୟୟଃ ଶାଶ୍ୱତଧର୍ମଗୋପ୍ତା**
**ସନାତନସ୍ତ୍ୱଂ ପୁରୁଷୋ ମତୋ ମେ ।।୧୮।।**

## ଶବ୍ଦାନୁବାଦ

ତ୍ୱମ୍=ଆପଣ; ଅକ୍ଷରମ୍=ଅବ୍ୟୟ; ପରମମ୍=ପରମ; ବେଦିତବ୍ୟମ୍=ବୁଝାଯିବ; ତ୍ୱମ୍=ଆପଣ; ଅସ୍ୟ=ଏହାର; ବିଶ୍ୱସ୍ୟ=ବିଶ୍ୱ ବ୍ରହ୍ମାଣ୍ଡର; ପରମ୍=ପରମ; ନିଧାନମ୍=ମୂଳ କାରଣ; ତ୍ୱମ୍=ଆପଣ; ଅବ୍ୟୟଃ=ଅବ୍ୟୟ; ଶାଶ୍ୱତ-ଧର୍ମ-ଗୋପ୍ତା=ସନାତନ ଧର୍ମର ରକ୍ଷାକର୍ତ୍ତା; ସନାତନଃ=ସନାତନ; ତ୍ୱମ୍=ଆପଣ; ପୁରୁଷଃ=ପରମପୁରୁଷ; ମତଃ ମେ=ମୋର ମତ ।

## ଅନୁବାଦ

ଆପଣ ପରମ ଲକ୍ଷ୍ୟ, ସମସ୍ତ ବ୍ରହ୍ମାଣ୍ଡରେ ଆପଣ ସର୍ବୋତ୍ତମ, ଆପଣ ଅବ୍ୟୟ ଏବଂ ଆପଣ ପୁରାଣ-ପୁରୁଷ ।ଆପଣ ଧର୍ମ-ରକ୍ଷାକର୍ତ୍ତା, ଆପଣ ସନାତନ-ପୁରୁଷ ଭଗବାନ୍ ଅଟନ୍ତି ।

## ଶ୍ଳୋକ - ୧୯

**ଅନାଦିମଧ୍ୟାନ୍ତମନନ୍ତବୀର୍ଯ୍ୟମ୍**
**ଅନନ୍ତବାହୁଂ ଶଶିସୂର୍ଯ୍ୟନେତ୍ରମ୍ ।**
**ପଶ୍ୟାମି ତ୍ୱାଂ ଦୀପ୍ତହୁତାଶବକ୍ତ୍ରଂ**
**ସ୍ୱତେଜସା ବିଶ୍ୱମିଦଂ ତପନ୍ତମ୍ ।।୧୯।।**

## ଶବ୍ଦାନୁବାଦ

ଅନାଦି=ଅନାଦି (ଯାହାର ମୂଳ ନାହିଁ); ମଧ୍ୟ=ଯାହାର ମଧ୍ୟ ନାହିଁ; ଅନ୍ତମ୍=ଯାହାର ଅନ୍ତ ନାହିଁ; ଅନନ୍ତ=ଅନନ୍ତ; ବୀର୍ଯ୍ୟମ୍=ଗୌରବମୟ; ଅନନ୍ତ=ଅନନ୍ତ; ବାହୁମ୍=ବାହୁ; ଶଶି=ଚନ୍ଦ୍ର; ସୂର୍ଯ୍ୟ=ସୂର୍ଯ୍ୟ; ନେତ୍ରମ୍=ଚକ୍ଷୁ; ପଶ୍ୟାମି=ମୁଁ ଦେଖୁଛି; ତ୍ୱାମ୍=ଆପଣଙ୍କୁ; ଦୀପ୍ତ=ତେଜୀୟାନ୍; ହୁତାଶ-ବକ୍ତ୍ରମ୍=ଆପଣଙ୍କ ମୁଖରୁ ଅଗ୍ନି ବାହାରୁଛି; ସ୍ୱତେଜସା=ଆପଣଙ୍କ ତେଜଦ୍ୱାରା; ବିଶ୍ୱମ୍=ଏହି ବ୍ରହ୍ମାଣ୍ଡ; ଇଦମ୍=ଏହି; ତପନ୍ତମ୍=ଉତ୍ତପ୍ତ କରୁଛନ୍ତି ।

## ଅନୁବାଦ

**ଆପଣ ହେଉଛନ୍ତି ମୂଳ, ଆପଣଙ୍କର ଆଦି, ଅନ୍ତ ଓ ମଧ୍ୟ ନାହିଁ । ଆପଣଙ୍କର ଅନନ୍ତ-ବାହୁ ଅଛି ଏବଂ ଚନ୍ଦ୍ର ଓ ସୂର୍ଯ୍ୟ ଆପଣଙ୍କର ବିରାଟ ଅନନ୍ତ-ଚକ୍ଷୁ ମଧ୍ୟରୁ ଦୁଇଟି ଅଟନ୍ତି । ଆପଣଙ୍କର ସ୍ୱତେଜଦ୍ୱାରା ଆପଣ ଏ ସମଗ୍ର ବ୍ରହ୍ମାଣ୍ଡକୁ ଉତ୍ତପ୍ତ କରୁଛନ୍ତି ।**

## ଭାବାର୍ଥ

ପରମପୁରୁଷ ଭଗବାନଙ୍କର ଷଡ଼ୈଶ୍ୱର୍ଯ୍ୟର କୌଣସି ଅନ୍ତ ନାହିଁ ।ଏଠାରେ ଏବଂ ଆହୁରି ଅନେକ ସ୍ଥାନରେ ବିଷୟଗୁଡ଼ିକର ପୁନରାବୃତ୍ତି ହୋଇଅଛି; କିନ୍ତୁ ଶାସ୍ତ୍ର ନିୟମ ଅନୁଯାୟୀ କୃଷ୍ଣଙ୍କର ଗୌରବର ପୁନରାବୃତ୍ତିରେ ଆଳଙ୍କାରିକ ଦୋଷ ନାହିଁ ।କୁହାଯାଇ ଅଛି ଯେ ବ୍ୟକ୍ତି ଯେତେବେଳେ ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଏ କିମ୍ବା ଅଦ୍ଭୁତ ରସ ପୂର୍ଣ୍ଣ ହୋଇଯାଏ, ସେତେବେଳେ ସେ ଭାବବିହ୍ୱଳ ହୋଇ ଗୋଟିଏ କଥାକୁ ବାରମ୍ବାର କହି ତା'ର ପୁନରାବୃତ୍ତି କରେ ।ଏହା ଦୋଷ ନୁହେଁ ।

## ଶ୍ଳୋକ - ୨୦

**ଦ୍ୟାବାପୃଥିବ୍ୟୋରିଦମନ୍ତରଂ ହି**
**ବ୍ୟାପ୍ତଂ ତ୍ୱୟୈକେନ ଦିଶଶ୍ଚ ସର୍ବାଃ ।**
**ଦୃଷ୍ଟ୍ୱାଦ୍ଭୁତଂ ରୂପମୁଗ୍ରଂ ତବେଦଂ**
**ଲୋକତ୍ରୟଂ ପ୍ରବ୍ୟଥିତଂ ମହାତ୍ମନ୍ ।।୨୦।।**

## ଶବ୍ଦାନୁବାଦ

ଦ୍ୟୌ=ବାହ୍ୟାନ୍ତରୀକ୍ଷରେ;ଆ-ପୃଥିବ୍ୟୋଃ=ପୃଥିବୀର; ଇଦମ୍=ଏହି; ଅନ୍ତରମ୍=ମଧ୍ୟରେ; ହି=ନିଶ୍ଚିତଭାବରେ; ବ୍ୟାପ୍ତମ୍=ପରିବ୍ୟାପ୍ତ; ତ୍ୱୟା=ଆପଣଙ୍କ ଦ୍ୱାରା; ଏକେନ=ଗୋଟିଏ ଦ୍ୱାରା; ଦିଶଃ=ଦିଗ ସମୂହ; ଚ=ଏବଂ; ସର୍ବାଃ=ସମସ୍ତ; ଦୃଷ୍ଟ୍ୱା=ଦେଖି; ଅଦ୍ଭୁତମ୍=ଅଦ୍ଭୁତ; ରୂପମ୍=ରୂପ; ଉଗ୍ରମ୍=ଭୟଙ୍କର; ତବ=ଆପଣଙ୍କର; ଇଦମ୍=ଏହି; ଲୋକ=ଗ୍ରହମଣ୍ଡଳ (ଲୋକ ସମୂହ); ତ୍ରୟମ୍=ତିନି; ପ୍ରବ୍ୟଥିତମ୍=ବ୍ୟଥିତ; ମହାତ୍ମନ୍=ହେ ମହାତ୍ମା ।

## ଅନୁବାଦ

**ଯଦିଓ ଆପଣ ଏକ, ତଥାପି ଆପଣ ସମଗ୍ର ଆକାଶ, ଗ୍ରହମଣ୍ଡଳ (ଲୋକ ସମୂହ) ଏବଂ ତନ୍ମଧ୍ୟରେ ଥିବା ଅନ୍ତରୀକ୍ଷରେ ପରିବ୍ୟାପ୍ତ ହୋଇଛନ୍ତି । ହେ ମହାତ୍ମା ! ମୁଁ ଏହି ଭୟଙ୍କର ରୂପ ଦେଖୁଛି । ମୁଁ ଦେଖୁଛି, ଲୋକ ସମୂହ ଖୁବ୍ ବ୍ୟଥିତ ହୋଇ ପଡ଼ିଛନ୍ତି ।**

## ଭାବାର୍ଥ

*"ଦ୍ୟାବ୍ ଆପୃଥିବ୍ୟୋଃ"* (ସ୍ୱର୍ଗ ଓ ପୃଥିବୀ ମଧ୍ୟରେ ଥିବା ସ୍ଥାନ) ଏବଂ *"ଲୋକତ୍ରୟଂ"* (ତ୍ରିଲୋକ) ଶବ୍ଦାବଳୀ ଏ ଶ୍ଳୋକରେ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟନ୍ତି; କାରଣ ଏଥିରୁ ଜଣାପଡୁଛି ଯେ କେବଳ ଅର୍ଜୁନ ଭଗବାନଙ୍କର ଏ ବିଶ୍ୱରୂପକୁ ଦେଖିଲେ— ତାହା ନୁହେଁ; ଅନ୍ୟ ଲୋକମାନଙ୍କରେ ଥିବା ଅନ୍ୟମାନେ ମଧ୍ୟ ତାହା ଦେଖିଲେ । ସେ ଦୃଶ୍ୟ ସ୍ୱପ୍ନ ନଥିଲା । ଯେଉଁମାନେ ଆତ୍ମଚେତନଶୀଳ ହୋଇ ଦିବ୍ୟଦୃଷ୍ଟି ଲାଭ କରିଥିଲେ ସେମାନେ ସମସ୍ତେ ଏହାକୁ ଦେଖିଲେ ।

## ଶ୍ଳୋକ - ୨୧

**ଅମୀ ହି ତ୍ୱାଂ ସୁରସଙ୍ଘା ବିଶନ୍ତି**
**କେଚିଦ୍ଭୀତାଃ ପ୍ରାଞ୍ଜଳୟୋ ଗୃଣନ୍ତି ।**
**ସ୍ୱସ୍ତୀତ୍ୟୁକ୍ତ୍ୱା ମହର୍ଷିସିଦ୍ଧସଙ୍ଘାଃ**
**ସ୍ତୁବନ୍ତି ତ୍ୱାଂ ସ୍ତୁତିଭିଃ ପୁଷ୍କଳାଭିଃ ।।୨୧।।**

## ଶବ୍ଦାନୁବାଦ

ଅମୀ=ସେମାନେ ସମସ୍ତେ; ହି=ନିଶ୍ଚିତରୂପେ; ତ୍ୱାମ୍=ଆପଣଙ୍କଠାରେ; ସୁର-ସଙ୍ଘାଃ=ଦେବତାବୃନ୍ଦ; ବିଶନ୍ତି=ପ୍ରବେଶ କରନ୍ତି; କେଚିତ୍=ସେମାନଙ୍କମଧ୍ୟରୁ କେତେକ; ଭୀତାଃ=ଭୟଯୋଗୁଁ; ପ୍ରାଞ୍ଜଳୟଃ=ଯୋଡ଼ ହସ୍ତରେ; ଗୃଣନ୍ତି=ଆପଣଙ୍କୁ ପ୍ରାର୍ଥନା କରୁଛନ୍ତି; ସ୍ୱସ୍ତି=ସର୍ବଶାନ୍ତି; ଇତି=ଏହିପରି; ଉକ୍ତ୍ୱା=କହି; ମହର୍ଷି=ମହର୍ଷିଗଣ; ସିଦ୍ଧ-ସଂଘା=ସିଦ୍ଧ ପୁରୁଷଗଣ;

ସ୍ତୁବନ୍ତି=ସ୍ତୋତ୍ରଗାନ କରୁଛନ୍ତି; ତ୍ୱାମ୍=ଆପଣଙ୍କ ନିମିତ୍ତ; ସ୍ତୁତିଭିଃ=ପ୍ରାର୍ଥନା ସହିତ; ପୁଷ୍କଳାଭିଃ=ବୈଦିକ ମନ୍ତ୍ର ।

## ଅନୁବାଦ

ସମସ୍ତ ଦେବତା ଆପଣଙ୍କଠାରେ ଆତ୍ମ ସମର୍ପଣ କରୁଛନ୍ତି ଏବଂ ଆପଣଙ୍କ ମଧ୍ୟରେ ପ୍ରବେଶ କରୁଛନ୍ତି । ସେମାନେ ଅତ୍ୟନ୍ତ ଭୀତତ୍ରସ୍ତ ହୋଇ ପଡ଼ିଛନ୍ତି ଏବଂ ଯୋଡ଼ହସ୍ତ ହୋଇ ବୈଦିକ ମନ୍ତ୍ର ଆବୃତ୍ତି କରୁଛନ୍ତି ।

## ଭାବାର୍ଥ

ସମସ୍ତ ଲୋକରେ ଥିବା ଦେବତାଗଣ ଭଗବାନଙ୍କର ଭୟଙ୍କର ବିଶ୍ୱରୂପ ଏବଂ ସେଥିରୁ ନିର୍ଗତ ଅତି ଉଜ୍ଜ୍ୱଳ ଜ୍ୟୋତି ଦର୍ଶନକରି ଅତ୍ୟନ୍ତ ଭୀତତ୍ରସ୍ତ ହୋଇପଡ଼ିଲେ ଏବଂ ସେଇଥିପାଇଁ ସୁରକ୍ଷା ନିମିତ୍ତ ପ୍ରାର୍ଥନା କଲେ ।

## ଶ୍ଳୋକ - ୨୨

**ରୁଦ୍ରାଦିତ୍ୟା ବସବୋ ଯେ ଚ ସାଧ୍ୟା**
**ବିଶ୍ୱେଽଶ୍ୱିନୌ ମରୁତଶ୍ଚୋଷ୍ମପାଶ୍ଚ ।**
**ଗନ୍ଧର୍ବଯକ୍ଷାସୁରସିଦ୍ଧସଙ୍ଘା**
**ବୀକ୍ଷନ୍ତେ ତ୍ୱାଂ ବିସ୍ମିତାଶ୍ଚୈବ ସର୍ବେ ।। ୨୨ ।।**

## ଶବ୍ଦାନୁବାଦ

ରୁଦ୍ର=ଶ୍ରୀ ଶୀବଜୀଙ୍କର ପ୍ରକାଶ; ଆଦିତ୍ୟାଃ=ଆଦିତ୍ୟଗଣ; ବସବଃ=ବସୁଗଣ; ଯେ=ଯେଉଁମାନେ; ଚ=ଏବଂ; ସାଧ୍ୟାଃ=ସାଧ୍ୟଗଣ; ବିଶ୍ୱେ=ବିଶ୍ୱଦେବାଗଣ; ଅଶ୍ୱିନୌ=ଅଶ୍ୱିନୀକୁମାରଦ୍ୱୟ; ମରୁତଃ=ମରୁତଗଣ; ଚ=ଏବଂ; ଉଷ୍ମପାଃ=ପିତୃପୁରୁଷଗଣ; ଚ=ଏବଂ; ଗନ୍ଧର୍ବ=ଗନ୍ଧର୍ବଗଣ; ଯକ୍ଷ=ଯକ୍ଷଗଣ; ଅସୁର-ସିଦ୍ଧ=ଅସୁରଗଣ ଏବଂ ସିଦ୍ଧ ଦେବବୃନ୍ଦ; ସଂଘାଃ=ସଂଘସବୁ; ବୀକ୍ଷନ୍ତେ=ଦେଖୁଛନ୍ତି; ତ୍ୱାମ୍=ଆପଣଙ୍କୁ; ବିସ୍ମିତାଃ=ଆଶ୍ଚର୍ଯ୍ୟହୋଇ; ଚ=ମଧ୍ୟ; ଏବ=ନିଶ୍ଚିତରୂପେ; ସର୍ବେ=ସମସ୍ତେ ।

## ଅନୁବାଦ

ଶ୍ରୀ ଶିବଜୀଙ୍କର ବିଭିନ୍ନ ପ୍ରକାଶ, ଆଦିତ୍ୟଗଣ, ବସୁଗଣ, ସାଧ୍ୟଗଣ, ବିଶ୍ୱଦେବଗଣ, ଅଶ୍ୱିନୀକୁମାର ଦ୍ୱୟ, ମରୁତଗଣ, ପିତୃପୁରୁଷଗଣ ଏବଂ ଗନ୍ଧର୍ବଗଣ, ଯକ୍ଷଗଣ, ଅସୁରମାନେ ଏବଂ ସିଦ୍ଧ ଦେବବୃନ୍ଦ-ଏମାନେ ସମସ୍ତେ ଅତି ଆଶ୍ଚର୍ଯ୍ୟରେ ଆପଣଙ୍କୁ ଦେଖୁଛନ୍ତି ।

## ଶ୍ଳୋକ - ୨୩

**ରୂପଂ ମହତ୍ତେ ବହୁବକ୍ତ୍ରନେତ୍ରଂ**
**ମହାବାହୋ ବହୁବାହୂରୁପାଦମ୍ ।**
**ବହୂଦରଂ ବହୁଦଂଷ୍ଟ୍ରାକରାଳଂ**
**ଦୃଷ୍ଟ୍ୱା ଲୋକାଃ ପ୍ରବ୍ୟଥିତାସ୍ତଥାହମ୍ ।। ୨୩ ।।**

## ଶବ୍ଦାନୁବାଦ

ରୂପମ୍=ରୂପ; ମହତ୍=ଅତି ମହାନ୍; ତେ=ଆପଣଙ୍କର; ବହୁ=ଅନେକ; ବକ୍ତ୍ର=ମୁଖ; ନେତ୍ରମ୍=ଚକ୍ଷୁ; ମହା-ବାହୋ=ହେ ମହାବାହୁ; ବହୁ=ଅନେକ; ବାହୁ=ବାହୁ; ଉରୁ=ଜଙ୍ଘ; ପାଦମ୍=ପାଦ; ବହୁ-ଉଦରମ୍=ଅନେକ ଉଦର; ବହୁ-ଦଂଷ୍ଟ୍ରା=ଅନେକ ଦନ୍ତ; କରାଳମ୍=ଭୟଙ୍କର; ଦୃଷ୍ଟ୍ୱା=ଦେଖି; ଲୋକାଃ=ସମସ୍ତଲୋକ; ପ୍ରବ୍ୟଥିତାଃ=ବ୍ୟଥିତ (ଭୀତତ୍ରସ୍ତ); ତଥା=ସେହିପରି; ଅହମ୍=ମୁଁ।

## ଅନୁବାଦ

ହେ ମହାବାହୋ ! ସମସ୍ତଲୋକ ସେମାନଙ୍କର ଅଧିବାସୀ ଦେବତାମାନଙ୍କସହ ଆପଣଙ୍କର ଅନେକ ମୁଖ, ଚକ୍ଷୁ, ବାହୁ, ଉଦର, ପାଦ ଏବଂ ଭୟଙ୍କର ଦନ୍ତରାଜି ଦେଖି ଖୁବ୍ ବ୍ୟଥିତ ଓ ଭୀତତ୍ରସ୍ତ ହୋଇପଡ଼ିଛନ୍ତି । ଯେଣୁ ସେମାନେ ବ୍ୟଥିତ ହୋଇପଡ଼ିଛନ୍ତି, ତେଣୁ ମୁଁ ମଧ୍ୟ ବ୍ୟଥିତ ହୋଇପଡ଼ିଛି ।

## ଶ୍ଲୋକ - ୨୪

**ନଭଃସ୍ପୃଶଂ ଦୀପ୍ତମନେକବର୍ଣ୍ଣଂ**
**ବ୍ୟାତ୍ତାନନଂ ଦୀପ୍ତବିଶାଳନେତ୍ରମ୍ ।**
**ଦୃଷ୍ଟ୍ୱା ହି ତ୍ୱାଂ ପ୍ରବ୍ୟଥିତାନ୍ତରାତ୍ମା**
**ଧୃତିଂ ନ ବିନ୍ଦାମି ଶମଂ ଚ ବିଷ୍ଣୋ ।।୨୪।।**

## ଶବ୍ଦାନୁବାଦ

ନଭଃ-ସ୍ପୃଶମ୍=ଆକାଶକୁ ସ୍ପର୍ଶ କରିଥିବା; ଦୀପ୍ତମ୍=ପ୍ରଦୀପ୍ତ; ଅନେକ=ଅନେକ; ବର୍ଣ୍ଣମ୍=ବର୍ଣ୍ଣ; ବ୍ୟାତ୍ତ=ଖୋଲା; ଆନନମ୍=ମୁଖ; ଦୀପ୍ତ=ପ୍ରଦୀପ୍ତ; ବିଶାଳ=ବିରାଟ; ନେତ୍ରମ୍=ଚକ୍ଷୁ; ଦୃଷ୍ଟ୍ୱା=ଦେଖି; ହି=ନିଶ୍ଚିତଭାବେ; ତ୍ୱାମ୍=ଆପଣଙ୍କୁ; ପ୍ରବ୍ୟଥିତା=ବ୍ୟଥିତ; ଅନ୍ତଃ=ମଧ୍ୟରେ; ଆତ୍ମା=ଆତ୍ମା; ଧୃତିମ୍=ଧୃତି; ନ ବିନ୍ଦାମି=ଧରିପାରୁ ନାହିଁ; ଶମମ୍=ମାନସିକ ସମତା; ଚ=ମଧ୍ୟ; ବିଷ୍ଣୋ=ହେ ଭଗବାନ୍ ବିଷ୍ଣୁ ।

## ଅନୁବାଦ

ହେ ସର୍ବବ୍ୟାପକ ବିଷ୍ଣୁ ! ମୁଁ ମୋର ମାନସିକ ସମତା ରକ୍ଷା କରିପାରୁନାହିଁ । ଆକାଶକୁ ସ୍ପର୍ଶ କରିଥିବା ଆପଣଙ୍କର ଖୁବ୍ ଉଜ୍ଜ୍ୱଳ ବର୍ଣ୍ଣ ଦେଖି ଏବଂ ଆପଣଙ୍କର ଚକ୍ଷୁ ଓ ମୁଖକୁ ଦେଖି ମୁଁ ଭୀତତ୍ରସ୍ତ ହୋଇ ପଡ଼ିଅଛି ।

## ଶ୍ଲୋକ - ୨୫

**ଦଂଷ୍ଟ୍ରାକରାଳାନି ଚ ତେ ମୁଖାନି**
**ଦୃଷ୍ଟ୍ୱୈବ କାଳାନଳସନ୍ନିଭାନି ।**
**ଦିଶୋ ନ ଜାନେ ନ ଲଭେ ଚ ଶର୍ମ**
**ପ୍ରସୀଦ ଦେବେଶ ଜଗନ୍ନିବାସ ।।୨୫।।**

## ଶବ୍ଦାନୁବାଦ

ଦଂଷ୍ଟ୍ରା=ଦନ୍ତରାଜି; କରାଳାନି=ଭୟଙ୍କର; ଚ=ମଧ୍ୟ; ତେ=ଆପଣଙ୍କର; ମୁଖାନି=ମୁଖସବୁ; ଦୃଷ୍ଟ୍ୱା=ଦେଖି; ଏବ=ଏହିପରି; କାଳାନଳ=ମୃତ୍ୟୁ-ଅଗ୍ନି; ସନ୍ନିଭାନି=ଯେପରି ପ୍ରଜ୍ୱଳିତ ହେଉଅଛି; ଦିଶଃ=ଦିଗସବୁ; ନ ଜାନେ=ଜାଣେ ନାହିଁ; ନ ଲଭେ=ଲାଭ କରିପାରେନାହିଁ; ଚ ଶର୍ମ=ଏବଂ ସୁଖ; ପ୍ରସୀଦ=ସନ୍ତୁଷ୍ଟ ହୁଅନ୍ତୁ; ଦେବେଶ=ହେ ଦେବତାମାନଙ୍କର ଈଶ; ଜଗତ୍-ନିବାସ=ହେ ଜଗତମାନଙ୍କର ଆଶ୍ରୟସ୍ଥଳ ।

## ଅନୁବାଦ

**ହେ ଦେବେଶ ! ହେ ଜଗନ୍ନିବାସ ! ମୋ' ପ୍ରତି ଅନୁକମ୍ପା ପ୍ରଦର୍ଶନ କରନ୍ତୁ । ଆପଣଙ୍କର ପ୍ରଜ୍ୱଳିତ କାଳାନଳ ମୁଖମାନ ଏବଂ ଭୟଙ୍କର ଦନ୍ତରାଜି ଦର୍ଶନ କରି ମୁଁ ମୋର ମାନସିକ ସମତା ରକ୍ଷା କରିପାରୁନାହିଁ । ସବୁଦିଗରୁ ମୁଁ ବିଚଳିତ ହୋଇ ପଡ଼ିଛି ।**

## ଶ୍ଳୋକ -୨୬-୨୭

**ଅମୀ ଚ ତ୍ୱାଂ ଧୃତରାଷ୍ଟ୍ରସ୍ୟ ପୁତ୍ରାଃ**
**ସର୍ବେ ସହୈବାବନିପାଳସଂଘୈଃ ।**
**ଭୀଷ୍ମୋ ଦ୍ରୋଣଃ ସୂତପୁତ୍ରସ୍ତଥାସୌ**
**ସହାସ୍ମଦୀୟୈରପି ଯୋଧମୁଖ୍ୟୈଃ ।।୨୬।।**
**ବକ୍ତ୍ରାଣି ତେ ତ୍ୱରମାଣା ବିଶନ୍ତି**
**ଦଂଷ୍ଟ୍ରାକରାଳାନି ଭୟାନକାନି ।**
**କେଚିଦ୍ୱିଲଗ୍ନା ଦଶନାନ୍ତରେଷୁ**
**ସଂଦୃଶ୍ୟନ୍ତେ ଚୂର୍ଣ୍ଣିତୈରୁତ୍ତମାଙ୍ଗୈଃ ।।୨୭।।**

## ଶବ୍ଦାନୁବାଦ

ଅମୀ=ସେମାନେ ସମସ୍ତେ; ଚ=ମଧ୍ୟ; ତ୍ୱାମ୍=ଆପଣଙ୍କୁ; ଧୃତରାଷ୍ଟ୍ରସ୍ୟ=ଧୃତରାଷ୍ଟ୍ରଙ୍କର; ପୁତ୍ରାଃ=ପୁତ୍ରମାନେ; ସର୍ବେ=ସମସ୍ତେ; ସହ ଏବ=ସହିତ; ଅବନି-ପାଳ=ଯୋଦ୍ଧା ରାଜାମାନେ; ସଘୈଃ=ସଂଘସହ; ଭୀଷ୍ମଃ=ଭୀଷ୍ମଦେବ; ଦ୍ରୋଣଃ=ଦ୍ରୋଣାଚାର୍ଯ୍ୟ; ସୂତ-ପୁତ୍ରଃ=କର୍ଣ୍ଣ; ତଥା=ମଧ୍ୟ; ଅସୌ=ସେହି; ସହ=ସହିତ; ଅସ୍ମଦୀୟୈଃ=ଆମ୍ଭମାନଙ୍କର; ଅପି=ମଧ୍ୟ; ଯୋଧ-ମୁଖ୍ୟୈଃ=ଯୋଦ୍ଧାମାନଙ୍କ ମଧ୍ୟରେ ଯେଉଁମାନେ ମୁଖ୍ୟ; ବକ୍ତ୍ରାଣି=ମୁଖମାନ; ତେ=ଆପଣଙ୍କର; ତ୍ୱରମାଣାଃ=ଭୟଙ୍କର; ବିଶନ୍ତି=ପ୍ରବେଶ କରୁଛନ୍ତି; ଦଂଷ୍ଟ୍ରା=ଦନ୍ତରାଜି; କରାଳାନି=ଭୟଙ୍କର; ଭୟାନକାନି=ଅତ୍ୟନ୍ତ ଭୟଙ୍କର; କେଚିତ୍=ସେମାନଙ୍କ ମଧ୍ୟରୁ କେତେକ; ବିଲଗ୍ନାଃ=ଆକ୍ରାନ୍ତ ହୋଇ; ଦଶନାନ୍ତରେଷୁ=ଦାନ୍ତସନ୍ଧିରେ; ସଂଦୃଶ୍ୟନ୍ତେ=ଦେଖାଯାନ୍ତି; ଚୂର୍ଣ୍ଣିତୈଃ=ଚୂର୍ଣ୍ଣ-ବିଚୂର୍ଣ୍ଣ; ଉତ୍ତମ-ଅଙ୍ଗୈଃ=ମୁଣ୍ଡରେ ।

## ଅନୁବାଦ

**ଧୃତରାଷ୍ଟ୍ରଙ୍କର ସମସ୍ତ ପୁତ୍ର ସେମାନଙ୍କର ସାଥି ରାଜାମାନଙ୍କସହ ଓ ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଏବଂ ଆମପକ୍ଷର ସମସ୍ତ ସୈନ୍ୟ ଆପଣଙ୍କ ମୁଖ ମଧ୍ୟରେ ଖୁବ୍ ଦ୍ରୁତଗତିରେ**

**ପ୍ରବେଶ କରୁଛନ୍ତି ଏବଂ ଆପଣଙ୍କର ଭୟଙ୍କର ଦନ୍ତରାଜିଦ୍ୱାରା ସେମାନଙ୍କର ମୁଣ୍ଡ ଚୂର୍ଣ୍ଣ-ବିଚୂର୍ଣ୍ଣ ହୋଇ ଯାଉଛି । ମୁଁ ଦେଖୁଛି କେତେକ ଆପଣଙ୍କ ଦାନ୍ତସନ୍ଧିରେ ପଶି ଧ୍ୱଂସ ହେଉଛନ୍ତି ।**

## ଭାବାର୍ଥ

ପୂର୍ବ ଶ୍ଳୋକରେ ଭଗବାନ୍ ଅର୍ଜୁନଙ୍କୁ କହିଛନ୍ତି ଯେ ସେ ଯାହାସବୁ ଦେଖିବାକୁ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିଛନ୍ତି, ସେ ତାହାସବୁ ଦେଖାଇବେ । ବର୍ତ୍ତମାନ ଅର୍ଜୁନ ଦେଖୁଛନ୍ତି ଯେ ପ୍ରତିପକ୍ଷର ନେତାମାନେ (ଅର୍ଥାତ୍ ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଧୃତରାଷ୍ଟ୍ରଙ୍କର ସମସ୍ତ ପୁତ୍ର) ସେମାନଙ୍କର ସୈନ୍ୟବୃନ୍ଦ ଏବଂ ଅର୍ଜୁନଙ୍କର ନିଜ ସୈନ୍ୟମାନେ ମଧ୍ୟ ସମସ୍ତେ ଧ୍ୱଂସ ହେଉଛନ୍ତି । ଏଥିରୁ ସୂଚିତ ହେଉଅଛି ଯେ ଉଭୟପକ୍ଷର ଅକଥନୀୟ କ୍ଷତି ସତ୍ତ୍ୱେ ଯୁଦ୍ଧରେ ଅର୍ଜୁନ ହିଁ ବିଜୟୀ ହେବେ । ଏହାମଧ୍ୟ ଏଠାରେ ବର୍ଣ୍ଣନା କରାଯାଇଛି ଯେ, ଅପରାଜୟୀ ଭୀଷ୍ମ ମଧ୍ୟ ଧ୍ୱଂସ ହେବେ । କର୍ଣ୍ଣଙ୍କର ମଧ୍ୟ ସେହି ଦଶାହେବ । କେବଳ ଯେ ଅନ୍ୟପକ୍ଷର ଭୀଷ୍ମଦେବଙ୍କ ପରି ଯୋଦ୍ଧୃବୃନ୍ଦ ଧ୍ୱଂସ ହେବେ ତାହା ନୁହେଁ, ଅର୍ଜୁନଙ୍କ ପକ୍ଷର କେତେକ ବିଶିଷ୍ଟ ଯୋଦ୍ଧା ମଧ୍ୟ ଧ୍ୱଂସ ହେବେ ।

## ଶ୍ଳୋକ - ୨୮

**ଯଥା ନଦୀନାଂ ବହବୋଽମ୍ବୁବେଗାଃ**
**ସମୁଦ୍ରମେବାଭିମୁଖା ଦ୍ରବନ୍ତି ।**
**ତଥା ତବାମୀ ନରଲୋକବୀରା**
**ବିଶନ୍ତି ବକ୍ତ୍ରାଣ୍ୟଭିବିଜ୍ୱଳନ୍ତି ।। ୨୮ ।।**

## ଶବ୍ଦାନୁବାଦ

ଯଥା=ଯେପରି; ନଦୀନାମ୍=ନଦୀମାନେ; ବହବଃ=ଅନେକ; ଅମ୍ବୁ-ବେଗାଃ=ଜଳ-ତରଙ୍ଗ; ସମୁଦ୍ରମ୍=ସମୁଦ୍ର; ଏବ=ନିଶ୍ଚିତଭାବେ; ଅଭିମୁଖାଃ=ଅଭିମୁଖରେ (ଆଡ଼କୁ); ଦ୍ରବନ୍ତି=ପ୍ରବାହିତ ହେଉଛନ୍ତି; ତଥା=ସେହିପରି; ତବ=ଆପଣଙ୍କର; ଅମୀ=ସେମାନେ ସମସ୍ତେ; ନର-ଲୋକ-ବୀରାଃ=ମାନବସମାଜର ରାଜାଗଣ; ବିଶନ୍ତି=ପ୍ରବେଶ କରୁଛନ୍ତି; ବକ୍ତ୍ରାଣି=ମୁଖମଧ୍ୟକୁ; ଅଭିବିଜ୍ୱଳନ୍ତି=ପ୍ରଜ୍ୱଳିତ ।

## ଅନୁବାଦ

**ଯେପରି ନଦୀମାନେ ସମୁଦ୍ରଆଡ଼କୁ ପ୍ରବହମାନ, ସେହିପରି ଏହି ସମସ୍ତ ବିଶିଷ୍ଟ ଯୋଦ୍ଧାଗଣ ଆପଣଙ୍କର ପ୍ରଜ୍ୱଳିତ ମୁଖମଣ୍ଡଳରେ ପ୍ରବେଶକରି ଧ୍ୱଂସ ହେଉଛନ୍ତି ।**

## ଶ୍ଳୋକ - ୨୯

**ଯଥା ପ୍ରଦୀପ୍ତଂ ଜ୍ୱଳନଂ ପତଙ୍ଗା**
**ବିଶନ୍ତି ନାଶାୟ ସମୃଦ୍ଧବେଗାଃ ।**
**ତଥୈବ ନାଶାୟ ବିଶନ୍ତି ଲୋକା**
**ସ୍ତବାପି ବକ୍ତ୍ରାଣି ସମୃଦ୍ଧବେଗାଃ ।। ୨୯ ।।**

## ଶବ୍ଦାନୁବାଦ

ଯଥା=ଯେପରି; ପ୍ରଦୀପ୍ତମ୍=ପ୍ରଦୀପ୍ତ; ଜ୍ୱଳନମ୍=ଅଗ୍ନି; ପତଙ୍ଗାଃ=ପତଙ୍ଗମାନେ; ବିଶନ୍ତି=ପ୍ରବେଶ କରନ୍ତି; ନାଶାୟ=ବିନାଶ ନିମିତ୍ତ; ସମୃଦ୍ଧ=ପୂର୍ଣ୍ଣ; ବେଗାଃ=ବେଗ; ତଥା ଏବ=ସେହିପରି; ନାଶାୟ=ବିନାଶ ନିମିତ୍ତ; ବିଶନ୍ତି=ପ୍ରବେଶ କରନ୍ତି; ଲୋକାଃ=ସମସ୍ତଲୋକ; ତବ=ଆପଣଙ୍କର; ଅପି=ମଧ୍ୟ; ବକ୍ତ୍ରାଣି=ମୁଖମଧ୍ୟରେ; ସମୃଦ୍ଧବେଗାଃ=ପୂର୍ଣ୍ଣବେଗରେ ।

## ଅନୁବାଦ

ମୁଁ ଦେଖୁଛି, ଯେପରି ପତଙ୍ଗମାନେ ପ୍ରଦୀପ୍ତ ଅଗ୍ନି ମଧ୍ୟରେ ପ୍ରବେଶ କରନ୍ତି, ସେହିପରି ସମସ୍ତଲୋକ ଖୁବ୍ ଦ୍ରୁତଗତିରେ ଆପଣଙ୍କ ମୁଖମଧ୍ୟରେ ପ୍ରବେଶ କରୁଛନ୍ତି ।

## ଶ୍ଲୋକ - ୩୦

**ଲେଲିହ୍ୟସେ ଗ୍ରସମାନଃ ସମନ୍ତା**
**ଲ୍ଲୋକାନ୍ ସମଗ୍ରାନ୍ ବଦନୈର୍ଜ୍ୱଳଦ୍ଭିଃ ।**
**ତେଜୋଭିରାପୂର୍ଯ୍ୟ ଜଗତ୍ ସମଗ୍ରଂ**
**ଭାସସ୍ତବୋଗ୍ରାଃ ପ୍ରତପନ୍ତି ବିଷ୍ଣୋ ।।୩୦।।**

## ଶବ୍ଦାନୁବାଦ

ଲେଲିହ୍ୟସେ=ଲେହନକରି(ଗ୍ରାସିକରି); ଗ୍ରସମାନଃ=ଗ୍ରାସକରି; ସମନ୍ତାତ୍=ସବୁଦିଗରୁ; ଲୋକାନ୍=ସବୁଲୋକ; ସମଗ୍ରାନ୍=ସଂପୂର୍ଣ୍ଣରୂପେ; ବଦନୈଃ=ମୁଖଦ୍ୱାରା; ଜ୍ୱଳଦ୍ଭିଃ=ପ୍ରଜ୍ୱଳିତ; ତେଜୋଭିଃ=ତେଜଦ୍ୱାରା; ଆପୂର୍ଯ୍ୟ=ଢାଙ୍କିକରି; ଜଗତ୍=ଜଗତ୍; ସମଗ୍ରମ୍=ସମଗ୍ର; ଭାସଃ=ଉଜ୍ଜ୍ୱଳ; ତବ=ଆପଣଙ୍କର; ଉଗ୍ରାଃ=ଭୟଙ୍କର; ପ୍ରତପନ୍ତି=ଅତି ପ୍ରଖର; ବିଷ୍ଣୋ=ହେ ସର୍ବବ୍ୟାପକ ଭଗବାନ୍ ।

## ଅନୁବାଦ

ହେ ବିଷ୍ଣୁ ! ମୁଁ ଦେଖୁଛି, ଆପଣଙ୍କର ପ୍ରଜ୍ୱଳିତ ମୁଖ ସାହାଯ୍ୟରେ ଆପଣ ସବୁ ଲୋକଙ୍କୁ ଗ୍ରାସ କରୁଛନ୍ତି ଏବଂ ଆପଣଙ୍କର ଅକଳନୀୟ କିରଣ ସାହାଯ୍ୟରେ ସମଗ୍ର ବ୍ରହ୍ମାଣ୍ଡକୁ ଆଚ୍ଛାଦନ କରି ପକାଇଛନ୍ତି । ସମସ୍ତ ଲୋକକୁ ପ୍ରବ୍ୟଥିତ କରାଇ ଆପଣ ପ୍ରକାଶିତ ହୋଇଛନ୍ତି ।

## ଶ୍ଲୋକ - ୩୧

**ଆଖ୍ୟାହି ମେ କୋ ଭବାନୁଗ୍ରରୂପୋ**
**ନମୋଽସ୍ତୁ ତେ ଦେବବର ପ୍ରସୀଦ ।**
**ବିଜ୍ଞାତୁମିଚ୍ଛାମି ଭବନ୍ତମାଦ୍ୟଂ**
**ନ ହି ପ୍ରଜାନାମି ତବ ପ୍ରବୃତ୍ତିମ୍ ।।୩୧।।**

## ଶବ୍ଦାନୁବାଦ

ଆଖ୍ୟାହି=ଦୟାକରି କୁହନ୍ତୁ; ମେ=ମୋତେ; କଃ=କିଏ; ଭବାନ୍=ଆପଣ; ଉଗ୍ର-ରୂପଃ=ଭୟଙ୍କରରୂପ; ନମଃ ଅସ୍ତୁ=ପ୍ରଣାମ; ତେ=ଆପଣଙ୍କୁ; ଦେବ-ବର=ହେ ଦେବତାମାନଙ୍କ ମଧ୍ୟରେ ପ୍ରଧାନ; ପ୍ରସୀଦ=ଦୟା କରନ୍ତୁ; ବିଜ୍ଞାତୁମ୍=ଜାଣିବାକୁ ; ଇଚ୍ଛାମି=ମୁଁ ଇଚ୍ଛାକରେ; ଭବନ୍ତମ୍=ଆପଣଙ୍କୁ; ଆଦ୍ୟମ୍=ଆଦି; ନ=ନୁହେଁ; ହି=ନିଶ୍ଚିତଭାବେ; ପ୍ରଜାନାମି=ମୁଁ ଜାଣିପାରେ କି? ତବ=ଆପଣଙ୍କର; ପ୍ରବୃତ୍ତିମ୍=ଉଦ୍ଦେଶ୍ୟ ।

## ଅନୁବାଦ

**ହେ ଦେବ ଦେବ ! ଉଗ୍ରରୂପ ! ଦୟାକରି କୁହନ୍ତୁ ଆପଣ କିଏ ? ମୁଁ ଆପଣଙ୍କୁ ପ୍ରଣାମ ଜଣାଉଛି, ମୋ ପ୍ରତି କୃପା କରନ୍ତୁ । ମୁଁ ଜାଣେ ନାହିଁ ଆପଣଙ୍କର ଉଦ୍ଦେଶ୍ୟ କ'ଣ ଏବଂ ମୁଁ ଏହା ଶୁଣିବାକୁ ଇଚ୍ଛାକରେ ।**

## ଶ୍ଳୋକ - ୩୨

## ଶ୍ରୀଭଗବାନୁବାଚ

**କାଲୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ**
**ଲୋକାନ୍ ସମାହର୍ତୁମିହ ପ୍ରବୃତ୍ତଃ ।**
**ଋତେଽପି ତ୍ୱାଂ ନ ଭବିଷ୍ୟନ୍ତି ସର୍ବେ**
**ଯେଽବସ୍ଥିତାଃ ପ୍ରତ୍ୟନୀକେଷୁ ଯୋଧାଃ ।।୩୨।।**

## ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ଶ୍ରୀ ଭଗବାନ୍ କହିଲେ; କାଳଃ=କାଳ (ସମୟ); ଅସ୍ମି=ଅଟେ; ଲୋକ=ଜଗତ୍ ସବୁ; କ୍ଷୟ-କୃତ୍=କ୍ଷୟକାରୀ; ପ୍ରବୃଦ୍ଧଃ=ପ୍ରବୃତ୍ତ; ଲୋକାନ୍=ସମସ୍ତ ଲୋକ; ସମାହର୍ତୁମ୍=ବିନାଶ ନିମିତ୍ତ; ଇହ=ଏହି ପୃଥିବୀରେ; ପ୍ରବୃତ୍ତଃ=ନିଯୁକ୍ତ କରିବାକୁ; ଋତେ ଅପି=ଏପରିକି ବ୍ୟତୀତ; ତ୍ୱାମ୍=ତୁମକୁ; ନ=ନୁହେଁ; ଭବିଷ୍ୟନ୍ତି=ହେବେ; ସର୍ବେ=ସମସ୍ତେ; ଯେ=ଯେଉଁମାନେ;ଅବସ୍ଥିତାଃ=ଅବସ୍ଥିତ; ପ୍ରତ୍ୟନୀକେଷୁ=ଅପରପକ୍ଷରେ; ଯୋଧାଃ=ଯୋଦ୍ଧୃବୃନ୍ଦ ।

## ଅନୁବାଦ

**ଶ୍ରୀଭଗବାନ୍ କହିଲେ, ''ମୁଁ କାଳ ଅଟେ, ମୁଁ ଜଗତମାନଙ୍କର କ୍ଷୟକାରୀ ଅଟେ ଏବଂ ସବୁ ଲୋକଙ୍କୁ ବିନାଶ କରିବାକୁ ମୁଁ ଆସିଛି । କେବଳ ତୁମ୍ଭମାନଙ୍କ (ପାଣ୍ଡବମାନଙ୍କ) ବ୍ୟତୀତ ଉଭୟପକ୍ଷର ସମସ୍ତ ଯୋଦ୍ଧା ବିନଷ୍ଟ ହେବେ ।**

## ଭାବାର୍ଥ

ଯଦିଓ ଅର୍ଜୁନ ଜାଣିଥିଲେ ଯେ କୃଷ୍ଣ ହେଉଛନ୍ତି ତାଙ୍କର ବନ୍ଧୁ ଏବଂ ପରମ ପୁରୁଷ ଭଗବାନ୍, ତଥାପି କୃଷ୍ଣ ଯେଉଁ ବିଭିନ୍ନ ରୂପ ଦେଖାଇଲେ, ତାହା ଦେଖି ସେ ବଡ଼ ବିବ୍ରତ ହୋଇ ପଡ଼ିଲେ । ତେଣୁ ସେ ଏ କ୍ଷୟକାରୀ ଶକ୍ତି ସମ୍ବନ୍ଧରେ ପ୍ରକୃତ କଥା ଜାଣିବା ପାଇଁ ପ୍ରଶ୍ନ ପଚାରିଲେ । ବେଦରେ ଲେଖା ହୋଇଅଛି ପରମସତ୍ୟ-ସ୍ୱରୂପ ଭଗବାନ୍ ସମସ୍ତଙ୍କୁ ବିନାଶ

କରନ୍ତି -ଏପରିକି ବ୍ରହ୍ମା'ବି ବାଦ ପଡ଼ନ୍ତିନାହିଁ । *''ଯସ୍ୟ ବ୍ରହ୍ମେ ଚ କ୍ଷତ୍ରଂ ଚ ଉଭେ ଭବତ ଓଦନଃ । ମୃତ୍ୟୁର୍ଯସ୍ୟୋପସେଚନଂ କ ଇତ୍‌ଥା ବେଦ ଯତ୍ର ସଃ ।''* ସର୍ବଶେଷରେ ସମସ୍ତ ବ୍ରାହ୍ମଣ, କ୍ଷତ୍ରିୟ ଏବଂ ଅନ୍ୟ ସମସ୍ତେ ଭଗବାନଙ୍କ ଦ୍ୱାରା ଗ୍ରସ୍ତ ହୁଅନ୍ତି । ଭଗବାନଙ୍କର ଏ ରୂପ ଏକ ସର୍ବଗ୍ରାସୀ ଭୟଙ୍କର ରୂପ ଅଟେ ଏବଂ ଏଠାରେ ଶ୍ରୀକୃଷ୍ଣ ସର୍ବଗ୍ରାସୀ କାଳରୂପରେ ନିଜକୁ ପ୍ରକାଶ କରିଛନ୍ତି । କେବଳ ପାଣ୍ଡବମାନଙ୍କ ବ୍ୟତୀତ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ଥିବା ଅନ୍ୟ ସମସ୍ତେ ତାଙ୍କ ଗ୍ରାସରେ ପଡ଼ିବେ ।

ଅର୍ଜୁନ ଯୁଦ୍ଧ କରିବା ସପକ୍ଷରେ ନଥିଲେ ଏବଂ ସେ ଭାବୁଥିଲେ ଯେ ଯୁଦ୍ଧ ନ କରିବା ଉଚିତ୍ । ତାହାହେଲେ ଆଉ ହତାଶ ହେବାକୁ ପଡ଼ିବ ନାହିଁ । ଉତ୍ତରରେ ଭଗବାନ୍ କହୁଛନ୍ତି ଯେ ଯଦିଓ ସେ ଯୁଦ୍ଧ ନ କରନ୍ତି, ତଥାପି ସମସ୍ତେ ଧ୍ୱଂସ ହେବେ । କାରଣ ତାହା ହେଉଛି ତାଙ୍କର ଇଚ୍ଛା । ଯଦି ସେ ଯୁଦ୍ଧ କରିବା ବନ୍ଦ କରିଦିଅନ୍ତି, ତଥାପି ସେମାନେ ଅନ୍ୟ ଉପାୟରେ ବିନଷ୍ଟ ହେବେ । ସେ ଯୁଦ୍ଧ ନକଲେବି, ମୃତ୍ୟୁକୁ କେହି ରୋକି ପାରିବେ ନାହିଁ । ବାସ୍ତବରେ ସେମାନେ ମରି ସାରିଛନ୍ତି । କାଳ ହେଉଛି କ୍ଷୟକାରୀ ଏବଂ ଭଗବାନଙ୍କର ଇଚ୍ଛା ଅନୁଯାୟୀ ସମସ୍ତ ପରିଦୃଶ୍ୟମାନ ସୃଷ୍ଟି ଧ୍ୱଂସ ହେବ । ଏହା ପ୍ରକୃତିର ନିୟମ ।

## ଶ୍ଲୋକ - ୩୩

**ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ**
**ଜିତ୍ୱା ଶତ୍ରୂନ୍‌ଭୁଙ୍‌କ୍ଷ୍ୱ ରାଜ୍ୟଂ ସମୃଦ୍ଧମ୍ ।**
**ମୟୈବୈତେ ନିହତାଃ ପୂର୍ବମେବ**
**ନିମିତ୍ତମାତ୍ରଂ ଭବ ସବ୍ୟସାଚିନ୍ ।। ୩୩ ।।**

## ଶବ୍ଦାନୁବାଦ

ତସ୍ମାତ୍=ତେଣୁ; ତ୍ୱମ୍=ତୁମେ; ଉତ୍ତିଷ୍ଠ=ଉଠ; ଯଶଃ=କୀର୍ତ୍ତି; ଲଭସ୍ୱ=ଲାଭକର; ଜିତ୍ୱା=ଜିଣି; ଶତ୍ରୂନ୍=ଶତ୍ରୁମାନଙ୍କୁ; ଭୁଙ୍‌କ୍ଷ୍ୱ=ଭୋଗକର; ରାଜ୍ୟମ୍=ରାଜ୍ୟ; ସମୃଦ୍ଧମ୍=ସମୃଦ୍ଧିଶାଳୀ; ମୟା=ମୋ'ଦ୍ୱାରା; ଏବ=ନିଶ୍ଚିତଭାବେ; ଏତେ=ଏମାନେ ସମସ୍ତେ; ନିହତାଃ=ବଧହୋଇ ସାରିଛନ୍ତି; ପୂର୍ବମ୍ ଏବ=ପୂର୍ବରୁ; ନିମିତ୍ତ-ମାତ୍ରମ୍=ନିମିତ୍ତମାତ୍ର ହୁଅ; ଭବ=ହୁଅ; ସବ୍ୟ-ସାଚିନ୍=ହେ ସବ୍ୟସାଚୀ ।

## ଅନୁବାଦ

**ତେଣୁ ଉଠ ଏବଂ ଯୁଦ୍ଧ କର । ଶତ୍ରୁମାନଙ୍କୁ ଜିଣି ସମୃଦ୍ଧିଶାଳୀ ରାଜ୍ୟ ଭୋଗ କରିବ । ସେମାନେ ମୋର ପୂର୍ବ ବ୍ୟବସ୍ଥା ଅନୁଯାୟୀ ମରିସାରିଛନ୍ତି ଏବଂ ହେ ସବ୍ୟସାଚୀ ! ତୁମେ କେବଳ ଏ ଯୁଦ୍ଧରେ ନିମିତ୍ତମାତ୍ର ହୁଅ ।**

## ଭାବାର୍ଥ

''ସବ୍ୟସାଚିନ୍'' ଶବ୍ଦର ଅର୍ଥ ହେଉଛି ଯେ ଯୁଦ୍ଧକ୍ଷେତ୍ରରେ ଖୁବ୍ ଦକ୍ଷଭାବରେ ଶର ମାରିପାରେ । ତେଣୁ ଅର୍ଜୁନଙ୍କୁ ଏଠାରେ 'ସବ୍ୟସାଚିନ୍'' ବୋଲି ସମ୍ବୋଧନ କରାଯାଇ ଦର୍ଶାଇ

ଦିଆଯାଉଛି ଯେ ସେ ଜଣେ ଦକ୍ଷ ଯୋଦ୍ଧା ଥିଲେ, ଯେ'କି ଶରମାରି ଶତ୍ରୁମାନଙ୍କୁ ବିନାଶ କରି ପାରୁଥିଲେ । ''ନିମିତ୍ତ ମାତ୍ରମ୍''-କେବଳ ନିମିତ୍ତମାତ୍ର ହୁଅ । ଏହି ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ । ପରମପୁରୁଷ ଭଗବାନଙ୍କର ବ୍ୟବସ୍ଥା ଅନୁଯାୟୀ ସମଗ୍ର ଜଗତ ଗତିକରି ଚାଲିଛି । ମୂର୍ଖଲୋକମାନେ ଯେଉଁମାନଙ୍କର ଜ୍ଞାନ ନାହିଁ, ସେମାନେ ଭାବନ୍ତି ଯେ କୌଣସି ନିୟମ ବା ବ୍ୟବସ୍ଥା ନ ଥାଇ ପ୍ରକୃତି ଗତି କରୁଛି ଏବଂ ସମସ୍ତ ସୃଷ୍ଟି କେବଳ ଆକସ୍ମିକ ଅଟେ । ଖୁବ୍ ପ୍ରସିଦ୍ଧ ତଥାକଥିତ ବୈଜ୍ଞାନିକମାନେ କହନ୍ତି ''ଏହା ଏପରି ହୋଇପାରେ'' ବୋଧହୁଏ ଏହିପରି ହେବ ।'' କିନ୍ତୁ ''ହୋଇପାରେ'' ବା ''ବୋଧହୁଏ''ର ପ୍ରଶ୍ନ ଏଠାରେ ନାହିଁ । ଏ ଭୌତିକ ଜଗତରେ ଏକ ସ୍ଥିର ଓ ନିର୍ଦ୍ଦିଷ୍ଟ ବ୍ୟବସ୍ଥା (ନିୟମ) ବରାବର ଚାଲିଛି । ସେ ବ୍ୟବସ୍ଥା କ'ଣ ? ଏ ଦୃଶ୍ୟ-ଜଗତ୍ ବଦ୍ଧ ଜୀବ ପକ୍ଷରେ ଏକ ସୁଯୋଗ । ଏହି ସୁଯୋଗରେ ସେ ନିଜର ଚିରନ୍ତନ ଗୃହ ଭଗବଦ୍ ଧାମକୁ ଫେରି ଯାଇପାରେ । ଯେ ପର୍ଯ୍ୟନ୍ତ ସେମାନଙ୍କର 'ଅହଙ୍କାରୀ' ମନୋବୃତ୍ତି ଅଛି, ଯାହାବଳରେ ସେମାନେ ଏ ଭୂତପ୍ରକୃତିକୁ ଉପଭୋଗ କରିବାକୁ ଚେଷ୍ଟା କରୁଛନ୍ତି, ସେ ପର୍ଯ୍ୟନ୍ତ ସେମାନେ ବଦ୍ଧାବସ୍ଥାରେ ଅଛନ୍ତି । କିନ୍ତୁ ଯେ ଭଗବାନଙ୍କର ବ୍ୟବସ୍ଥାକୁ ଜାଣିପାରେ ଏବଂ କୃଷ୍ଣଚେତନଶୀଳ ହୋଇପାରେ, ସେ ହିଁ ଅତ୍ୟନ୍ତ ଚତୁର ଅଟେ । ଏ ଦୃଶ୍ୟ ଜଗତର ସୃଷ୍ଟି ଓ ବିନାଶ ଭଗବାନଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଅଛି । ତେଣୁ କୁରୁକ୍ଷେତ୍ର ଯୁଦ୍ଧ ଭଗବାନଙ୍କର ସେହି ଚିରନ୍ତନ ବ୍ୟବସ୍ଥା ଅନୁଯାୟୀ ହୋଇଥିଲା । ଅର୍ଜୁନ ଯୁଦ୍ଧକରିବାକୁ ମନା କରୁଥିଲେ, କିନ୍ତୁ ଭଗବାନ୍ କହିଲେ ଯେ ସେ ନିଶ୍ଚୟ ଯୁଦ୍ଧ କରିବେ ଏବଂ ତତ୍ ସଙ୍ଗେ ସଙ୍ଗେ ସେ ଭଗବାନଙ୍କୁ ଚିନ୍ତା କରିବେ । ତାହା ହେଲେ ସେ ସୁଖୀହେବେ । ଯଦି ବ୍ୟକ୍ତି ପୂର୍ଣ୍ଣ କୃଷ୍ଣଚେତନାରେ ଅଛି ଏବଂ ତାଙ୍କର ଦିବ୍ୟସେବାରେ ଆତ୍ମନିୟୋଗ କରିଛି, ତାହାହେଲେ ସେ ଠିକ୍ ସ୍ତରରେ ଅଛି ।

## ଶ୍ଳୋକ - ୩୪

**ଦ୍ରୋଣଂ ଚ ଭୀଷ୍ମଂ ଚ ଜୟଦ୍ରଥଂ ଚ**
**କର୍ଣ୍ଣଂ ତଥାନ୍ୟାନପି ଯୋଧବୀରାନ୍ ।**
**ମୟା ହତାଂସ୍ତ୍ୱଂ ଜହି ମା ବ୍ୟଥିଷ୍ଠା**
**ଯୁଧ୍ୟସ୍ୱ ଜେତାସି ରଣେ ସପତ୍ନାନ୍ ।।୩୪।।**

## ଶବ୍ଦାନୁବାଦ

ଦ୍ରୋଣମ୍ ଚ =ଦ୍ରୋଣଙ୍କୁ ମଧ୍ୟ; ଭୀଷ୍ମମ୍ ଚ=ଭୀଷ୍ମଙ୍କୁ ମଧ୍ୟ; ଜୟଦ୍ରଥମ୍ ଚ=ଜୟଦ୍ରଥଙ୍କୁ ମଧ୍ୟ; କର୍ଣ୍ଣମ୍=କର୍ଣ୍ଣଙ୍କୁ ମଧ୍ୟ; ତଥା=ସେହିପରି; ଅନ୍ୟାନ୍=ଅନ୍ୟ ବୀରମାନଙ୍କୁ; ଅପି=ନିଶ୍ଚିତଭାବେ; ଯୋଧ-ବୀରାନ୍=ବିଶିଷ୍ଟ ଯୋଦ୍ଧାମାନଙ୍କୁ; ମୟା=ମୋ'ଦ୍ୱାରା; ହତାନ୍=ମରି ସାରିଛନ୍ତି; ତ୍ୱମ୍=ତୁମେ; ଜହି=ବିଜୟୀ ହୁଅ; ମା=କେବେ ନୁହେଁ; ବ୍ୟଥିଷ୍ଠାଃ=ବ୍ୟତିବ୍ୟସ୍ତ (ହୁଅନାହିଁ); ଯୁଧ୍ୟସ୍ୱ=ଯୁଦ୍ଧକର; ଜେତାସି=ଆକ୍ରମଣକରି ବିଜୟୀ ହୁଅ; ରଣେ=ଯୁଦ୍ଧରେ; ସପତ୍ନାନ୍=ଶତ୍ରୁମାନଙ୍କୁ ।

## ଅନୁବାଦ

**ଭଗବାନ୍ କହିଲେ, ‘‘ଦ୍ରୋଣ, ଭୀଷ୍ମ, ଜୟଦ୍ରଥ ଓ କର୍ଣ୍ଣ ଆଦି ବିଶିଷ୍ଟ ଯୋଦ୍ଧାମାନେ ମରି ସାରିଛନ୍ତି । କେବଳ ଯୁଦ୍ଧକର ଏବଂ ଶତ୍ରୁମାନଙ୍କ ଉପରେ ବିଜୟ ହାସଲ କର ।’’**

## ଭାବାର୍ଥ

ପରମପୁରୁଷ ଭଗବାନଙ୍କଦ୍ୱାରା ସବୁ ବ୍ୟବସ୍ଥା କରାଯାଇସାରିଛି; କିନ୍ତୁ ସେ ତାଙ୍କର ଭକ୍ତମାନଙ୍କ ପ୍ରତି ଏତେ ଦୟାଳୁ ଯେ ଯେଉଁ ଭକ୍ତମାନେ ତାଙ୍କ ଇଚ୍ଛାନୁଯାୟୀ ତାଙ୍କ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରନ୍ତି, ସେମାନଙ୍କୁ ସେ ସମ୍ମାନ (ବା ସୁନାମ) ଦେବାକୁ ଇଚ୍ଛା କରନ୍ତି । ତେଣୁ ଜୀବନ ଏ ପ୍ରକାରେ ବିତାଇବା ଉଚିତ୍, ଯେପରିକି ପ୍ରତ୍ୟେକେ କୃଷ୍ଣଚେତନଶୀଳ ହୋଇ କର୍ମ କରିବେ ଏବଂ ଏକ ସଦ୍‌ଗୁରୁଙ୍କ ଜରିଆରେ ପରମପୁରୁଷ ଭଗବାନଙ୍କୁ ବୁଝିପାରିବେ । ଭଗବାନଙ୍କର କୃପାବଳରେ ତାଙ୍କର ବ୍ୟବସ୍ଥାକୁ ବ୍ୟକ୍ତି ବୁଝିପାରେ ଏବଂ ଭକ୍ତମାନଙ୍କ ବ୍ୟବସ୍ଥା ମଧ୍ୟ ଭଗବାନଙ୍କ ବ୍ୟବସ୍ଥା ସହ ସମାନ ଅଟେ । ତେଣୁ ବ୍ୟକ୍ତି ସେହି ବ୍ୟବସ୍ଥାକୁ ଅନୁସରଣକରି ଜୀବନ ସଂଗ୍ରାମରେ ବିଜୟୀ ହେବା ଉଚିତ୍ ।

## ଶ୍ଲୋକ - ୩୫

## ସଞ୍ଜୟ ଉବାଚ

**ଏତଚ୍ଛ୍ରୁତ୍ୱା ବଚନଂ କେଶବସ୍ୟ**
**କୃତାଞ୍ଜଳିର୍ବେପମାନଃ କିରୀଟୀ ।**
**ନମସ୍କୃତ୍ୱା ଭୂୟ ଏବାହ କୃଷ୍ଣଂ**
**ସଗଦ୍‌ଗଦଂ ଭୀତଭୀତଃ ପ୍ରଣମ୍ୟ ।। ୩୫ ।।**

## ଶବ୍ଦାନୁବାଦ

ସଞ୍ଜୟଃ ଉବାଚ=ସଞ୍ଜୟ କହିଲେ; ଏତତ୍=ଏହିପରି; ଶ୍ରୁତ୍ୱା=ଶୁଣି; ବଚନମ୍=କଥା; କେଶବସ୍ୟ=କୃଷ୍ଣଙ୍କର; କୃତାଞ୍ଜଳିଃ=ଯୋଡ଼ହସ୍ତ ହୋଇ; ବେପମାନଃ=ଥରିଥରି; କିରୀଟୀ=ଅର୍ଜୁନ; ନମସ୍କୃତ୍ୱା=ନମସ୍କାର କରି; ଭୂୟଃ=ପୁନର୍ବାର; ଏବ=ମଧ୍ୟ; ଆହ କୃଷ୍ଣମ୍=କୃଷ୍ଣଙ୍କୁ କହିଲେ; ସଗଦ୍‌ଗଦମ୍=ଗଦ୍‌ଗଦ୍ ସ୍ୱରରେ; ଭୀତ-ଭୀତଃ=ଭୀତତ୍ରସ୍ତ; ପ୍ରଣମ୍ୟ=ପ୍ରଣାମ କରି ।

## ଅନୁବାଦ

**ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହିଲେ, ‘‘ହେ ରାଜା ! ପରମପୁରୁଷ ଭଗବାନଙ୍କଠାରୁ ଏକଥା ଶୁଣି ଅର୍ଜୁନ ଭୀତତ୍ରସ୍ତ ହୋଇ ଥରି ଉଠିଲେ ଏବଂ ଯୋଡ଼ହସ୍ତ ହୋଇ ପ୍ରଣାମ କଲେ ଏବଂ ଗଦ୍‌ଗଦ୍ ସ୍ୱରରେ ନିମ୍ନମତେ କହିବାକୁ ଆରମ୍ଭକଲେ ।’’**

## ଭାବାର୍ଥ

ପୂର୍ବରୁ ଆମେ କହିସାରିଛୁ ଯେ ଭଗବାନଙ୍କର ବିଶ୍ୱରୂପ ଦର୍ଶନରେ ଅର୍ଜୁନ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ବିଚଳିତ ହୋଇପଡ଼ିଲେ । ଏହିପରି ସେ କୃଷ୍ଣଙ୍କୁ ବାରମ୍ବାର ପ୍ରଣାମ କରିବାକୁ

ଲାଗିଲେ ଏବଂ ଗଦ୍‌ଗଦ୍ ସ୍ୱରରେ କୃଷ୍ଣଙ୍କୁ ପ୍ରାର୍ଥନା କରିବାକୁ ଆରମ୍ଭ କଲେ । ଏକ ବନ୍ଧୁ ହିସାବରେ ନୁହେଁ କିନ୍ତୁ ଅତ୍ୟଦ୍ଭୁତ ଦର୍ଶନରେ ବିଚଳିତ ହୋଇ ଏକ ଭକ୍ତ ହିସାବରେ ସେ ପ୍ରାର୍ଥନା କଲେ ।

## ଶ୍ଲୋକ - ୩୬

## ଅର୍ଜୁନ ଉବାଚ

**ସ୍ଥାନେ ହୃଷୀକେଶ ତବ ପ୍ରକୀର୍ତ୍ୟା**
**ଜଗତ୍ ପ୍ରହୃଷ୍ୟତ୍ୟନୁରଜ୍ୟତେ ଚ ।**
**ରକ୍ଷାଂସି ଭୀତାନି ଦିଶୋ ଦ୍ରବନ୍ତି**
**ସର୍ବେ ନମସ୍ୟନ୍ତି ଚ ସିଦ୍ଧସଂଘାଃ ।।୩୬।।**

## ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; ସ୍ଥାନେ=ପ୍ରକୃତରେ; ହୃଷୀକେଶ=ହେ ଇନ୍ଦ୍ରିୟମାନଙ୍କର ପ୍ରଭୁ; ତବ=ଆପଣଙ୍କର; ପ୍ରକୀର୍ତ୍ୟା=ଗୌରବ; ଜଗତ୍=ସମଗ୍ରଜଗତ; ପ୍ରହୃଷ୍ୟତି=ଆନନ୍ଦିତ ହେଉଛି; ଅନୁରଜ୍ୟତେ=ଆସକ୍ତ ହେଉଛି; ଚ=ଏବଂ; ରକ୍ଷାଂସି=ରାକ୍ଷସମାନେ; ଭୀତାନି=ଭୟଯୋଗୁଁ; ଦିଶଃ=ଦିଗସବୁ; ଦ୍ରବନ୍ତି=ପଳାଇ ଯାଉଛନ୍ତି; ସର୍ବେ=ସମସ୍ତେ; ନମସ୍ୟନ୍ତି=ନମସ୍କାର କରୁଛନ୍ତି; ଚ=ମଧ୍ୟ; ସିଦ୍ଧ-ସଂଘାଃ=ସିଦ୍ଧ ମାନବଗଣ ।

## ଅନୁବାଦ

**ହେ ହୃଷୀକେଶ ! ଆପଣଙ୍କ ନାମ ଶୁଣି ସମଗ୍ର ଜଗତ ଖୁସି ହେଉଛି ଏବଂ ଏହିପରି ସମସ୍ତେ ଆପଣଙ୍କପ୍ରତି ଆସକ୍ତ ହେଉଛନ୍ତି । ଯଦିଓ ସିଦ୍ଧ ମାନବଗଣ ଆପଣଙ୍କୁ ଭକ୍ତିପୂର୍ଣ୍ଣ ପ୍ରଣତି ଜଣାଉଛନ୍ତି, ତଥାପି ରାକ୍ଷସମାନେ ଭୀତତ୍ରସ୍ତ ହୋଇ ଏଣେତେଣେ ପଳାଇ ଯାଉଛନ୍ତି । ଏସବୁ ଠିକ୍‌ଭାବେ ହେଉଅଛି ।**

## ଭାବାର୍ଥ

କୃଷ୍ଣଙ୍କଠାରୁ କୁରୁକ୍ଷେତ୍ର ଯୁଦ୍ଧର ଫଳାଫଳ ଶୁଣିସାରିଲାପରେ ଅର୍ଜୁନ ଭଗବାନଙ୍କର ଏକ ଦିବ୍ୟାଲୋକପ୍ରାପ୍ତ ଭକ୍ତ ହୋଇଗଲେ । ସେ ସ୍ୱୀକାର କଲେ ଯେ କୃଷ୍ଣଙ୍କ ଦ୍ୱାରା ଯାହାକିଛି ହେଉଛି, ତାହା ସବୁ ଠିକ୍ । ଅର୍ଜୁନ ସ୍ୱୀକାର କଲେ ଯେ କୃଷ୍ଣ ହେଉଛନ୍ତି ପାଳନକର୍ତ୍ତା ଏବଂ ଭକ୍ତମାନଙ୍କର ପୂଜ୍ୟ (ଅର୍ଥାତ୍ ପୂଜାର ଦେବତା) ଏବଂ ସେ ଅସୁରମାନଙ୍କର ଧ୍ୱଂସକାରୀ ଅଟନ୍ତି । ତାଙ୍କର କାର୍ଯ୍ୟକଳାପ ସମସ୍ତଙ୍କ ପ୍ରତି ମଙ୍ଗଳଦାୟକ ଅଟେ । ଅର୍ଜୁନ ଏଠାରେ ବୁଝିପାରିଲେ ଯେ ଯେତେବେଳେ କୁରୁକ୍ଷେତ୍ର ଯୁଦ୍ଧ ଶେଷ ହେଉଥିଲା, ସେତେବେଳେ ବାହ୍ୟାକାଶରେ ଅନେକ ଦେବତା, ସିଦ୍ଧଗଣ ଏବଂ ଉଚ୍ଚଲୋକର ବୁଦ୍ଧିଜୀବୀଗଣ ବହୁତ ସଂଖ୍ୟାରେ ଉପସ୍ଥିତ ଥିଲେ ଏବଂ ସେମାନେ ଯୁଦ୍ଧ ଦେଖୁଥିଲେ; କାରଣ ସେଠାରେ କୃଷ୍ଣ ଉପସ୍ଥିତ ଥିଲେ । ଯେତେବେଳେ ଅର୍ଜୁନ ଭଗବାନଙ୍କର ବିଶ୍ୱରୂପ ଦେଖିଲେ, ସେତେବେଳେ ଦେବତାଗଣ ଏଥିରେ ଖୁବ୍ ଆନନ୍ଦ ଅନୁଭବ କଲେ, କିନ୍ତୁ ଅନ୍ୟମାନେ ଅର୍ଥାତ୍ ରାକ୍ଷସ ଓ ନାସ୍ତିକମାନେ ଭଗବାନଙ୍କର ସ୍ତୁତିଗାନକୁ

ସହ୍ୟ କରି ପାରିଲେ ନାହିଁ ବା ସେଠାରେ ରହି ପାରିଲେ ନାହିଁ । ପରମ ପୁରୁଷ ଭଗବାନଙ୍କର ଭୟଙ୍କରରୂପ ଦେଖି ସେମାନେ ଭୟରେ ପଳାଇଗଲେ । କୃଷ୍ଣଙ୍କର ଭକ୍ତମାନଙ୍କ ପ୍ରତି, ପୁଣି ନାସ୍ତିକମାନଙ୍କ ପ୍ରତି ଯେଉଁ ବ୍ୟବହାର, ତାହା ଦେଖି ଅର୍ଜୁନ ତାଙ୍କୁ ପ୍ରଶଂସା କରିଛନ୍ତି । ସବୁ ଅବସ୍ଥାରେ ଭକ୍ତ ହିଁ ଭଗବାନଙ୍କର ଗୌରବଗାନ କରେ; କାରଣ ସେ ଭଲରକମ ଜାଣିଥାଏ ଯେ ଭଗବାନ୍ ଯାହା କରନ୍ତି ସବୁ ମଙ୍ଗଳ ପାଇଁ ।

## ଶ୍ଲୋକ - ୩୭

**କସ୍ମାଚ୍ଚ ତେ ନ ନମେରନ୍ମହାତ୍ମନ୍**
**ଗରୀୟସେ ବ୍ରହ୍ମଣୋଽପ୍ୟାଦିକର୍ତ୍ରେ ।**
**ଅନନ୍ତ ଦେବେଶ ଜଗନ୍ନିବାସ**
**ତ୍ୱମକ୍ଷରଂ ସଦସତ୍ତତ୍ପରଂ ଯତ୍ ।।୩୭।।**

## ଶବ୍ଦାନୁବାଦ

କସ୍ମାତ୍=କାହିଁକି; ଚ=ମଧ୍ୟ; ତେ=ଆପଣଙ୍କୁ; ନ=କରନ୍ତି ନାହିଁ; ନମେରନ୍=ଉପଯୁକ୍ତ ପ୍ରଣାମ; ମହାତ୍ମନ୍=ହେ ମହାତ୍ମା; ଗରୀୟସେ=ଆପଣ ଗରୀୟାନ୍; ବ୍ରହ୍ମଣଃ=ବ୍ରହ୍ମାଙ୍କଠାରୁ; ଅପି=ଯଦିଓ; ଆଦି-କର୍ତ୍ରେ=ପରମ ସ୍ରଷ୍ଟା; ଅନନ୍ତ=ହେ ଅନନ୍ତ; ଦେବେଶ=ହେ ଦେବତାମାନଙ୍କର ଈଶ୍ୱର; ଜଗତ୍-ନିବାସ=ହେ ଜଗନ୍ନିବାସ; ତ୍ୱମ୍=ଆପଣ; ଅକ୍ଷରମ୍=ଅକ୍ଷର (ଅକ୍ଷୟ); ସତ୍-ଅସତ୍=କାର୍ଯ୍ୟ ଏବଂ କାରଣ; ତତ୍ପରମ୍=ଦିବ୍ୟ (ସବୁଠାରୁ ଉର୍ଦ୍ଧ୍ୱରେ); ଯତ୍=ଯାହା ।

## ଅନୁବାଦ

**ହେ ମହାତ୍ମା ! ଆପଣ ବ୍ରହ୍ମାଙ୍କଠାରୁ ଗରୀୟାନ ଏବଂ ଆପଣ ଆଦିପ୍ରଭୁ । ହେ ଅନନ୍ତ ! ସେମାନେ କାହିଁକି ଆପଣଙ୍କୁ ନମସ୍କାର କରୁନାହାନ୍ତି ? ହେ ଜଗନ୍ନିବାସ ! ଆପଣ ସମସ୍ତଙ୍କର ଅଜେୟ ମୂଳ ଅଟନ୍ତି, ସର୍ବକାରଣର କାରଣ ଅଟନ୍ତି ଏବଂ ଆପଣ ଏହି ଭୌତିକ ପ୍ରକାଶର ବହୁ ଉର୍ଦ୍ଧ୍ୱରେ ଅବସ୍ଥିତ ।**

## ଭାବାର୍ଥ

ଏ ପ୍ରକାର ପ୍ରଣାମ ଅର୍ପଣ କରି ଅର୍ଜୁନ ସୂଚନା ଦେଉଛନ୍ତି ଯେ କୃଷ୍ଣ ସମସ୍ତଙ୍କର ପୂଜ୍ୟ । ସେ ସର୍ବବ୍ୟାପକ ଏବଂ ସେ ସର୍ବ ଆତ୍ମାର ପରମାତ୍ମା ଅଟନ୍ତି । ଏଠାରେ ଅର୍ଜୁନ କୃଷ୍ଣଙ୍କୁ 'ମହାତ୍ମା' ବୋଲି ସମ୍ବୋଧନ କରିଛନ୍ତି । ଏହାର ଅର୍ଥ ସେ ଅତ୍ୟନ୍ତ ଉଦାର ଏବଂ ଅନନ୍ତ ଅଟନ୍ତି । 'ଅନନ୍ତ' ଶବ୍ଦରୁ ସୂଚିତ ହେଉଛି ଯେ ଏପରି କିଛି ନାହିଁ, ଯାହାକି ଭଗବାନଙ୍କର ପ୍ରଭାବ ଓ ଶକ୍ତିର ବହିର୍ଭୂତ । 'ଦେବେଶ' ଶବ୍ଦର ଅର୍ଥ ହେଉଛି, ସେ ସମସ୍ତ ଦେବତାଙ୍କର ନିୟନ୍ତ୍ରଣକାରୀ ଅଟନ୍ତି ଏବଂ ସେମାନଙ୍କଠାରୁ ବହୁ ଉଚ୍ଚରେ ଅବସ୍ଥିତ । ସମଗ୍ର ବ୍ରହ୍ମାଣ୍ଡର ସେ ହେଉଛନ୍ତି କେନ୍ଦ୍ର । ଅର୍ଜୁନ ମଧ୍ୟ ଭାବିଲେ ଯେ ସମସ୍ତ ସିଦ୍ଧ ପୁରୁଷ ଏବଂ ସମସ୍ତ ଶକ୍ତିଶାଳୀ ଦେବତା କୃଷ୍ଣଙ୍କୁ ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଇବା ଉଚିତ୍ ଏବଂ ତାହା ଉପଯୁକ୍ତ ଅଟେ, କାରଣ ତାଙ୍କଠାରୁ କେହି ଉଚ୍ଚ ନୁହଁନ୍ତି । ସେ ବିଶେଷ କରି ଏଠାରେ କହିଛନ୍ତି ଯେ ସେ (କୃଷ୍ଣ) ବ୍ରହ୍ମାଙ୍କଠାରୁ ବଡ଼ ଅଟନ୍ତି, କାରଣ ବ୍ରହ୍ମା ତାଙ୍କଠାରୁ ଜାତ । ଗର୍ଭୋଦକଶାୟୀ ବିଷ୍ଣୁଙ୍କର ନାଭିକମଳରୁ ବ୍ରହ୍ମା ଜନ୍ମ ହେଲେ । ଗର୍ଭୋଦକଶାୟୀ

ବିଷ୍ଣୁ ହେଉଛନ୍ତି କୃଷ୍ଣଙ୍କର ପ୍ରତ୍ୟକ୍ଷ ବିସ୍ତୃତାଂଶ । ତେଣୁ ବ୍ରହ୍ମା ଓ ବ୍ରହ୍ମାଙ୍କଠାରୁ ଜାତ ଶିବ ଏବଂ ଅନ୍ୟ ସମସ୍ତ ଦେବତାଗଣ କୃଷ୍ଣଙ୍କୁ ପ୍ରଣାମ ଜଣାଇବା ଉଚିତ୍ । ତେଣୁ ଶ୍ରୀ ବ୍ରହ୍ମଜୀ, ଶ୍ରୀ ଶିବଜୀ ଏବଂ ଅନ୍ୟ ସମସ୍ତ ଦେବତା ଭଗବାନଙ୍କୁ ପ୍ରଣାମ ଜଣାନ୍ତି । ଏ ଶ୍ଲୋକରେ ବ୍ୟବହୃତ 'ଅକ୍ଷର" ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ; କାରଣ ଏ ଭୌତିକ ସୃଷ୍ଟି ଧ୍ୱଂସଶୀଳ ଅଟେ, କିନ୍ତୁ ଭଗବାନ୍ ଏ ଭୌତିକ ସୃଷ୍ଟିର ବହୁ ଉର୍ଦ୍ଧ୍ୱରେ ଅବସ୍ଥିତ । ସେ ସର୍ବକାରଣର କାରଣ ଅଟନ୍ତି ଏବଂ ସେଇଥିଯୋଗୁଁ ଭୂତପ୍ରକୃତିରେ ଥିବା ସମସ୍ତ ବଦ୍ଧ ଜୀବାତ୍ମା ଏବଂ ଏ ଭୌତିକ ସୃଷ୍ଟିଠାରୁ ଉଚ୍ଚତର ଅଟନ୍ତି । ତେଣୁ ସେ ପରମପୁରୁଷ ଭଗବାନ୍ ବା ମହାତ୍ମା ଅଟନ୍ତି ।

## ଶ୍ଲୋକ - ୩୮

**ତ୍ୱମାଦିଦେବଃ ପୁରୁଷଃ ପୁରାଣ**
**ସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।**
**ବେତ୍ତାସି ବେଦ୍ୟଂ ଚ ପରଂ ଚ ଧାମ**
**ତ୍ୱୟା ତତଂ ବିଶ୍ୱମନନ୍ତରୂପ ।।୩୮ ।।**

## ଶବ୍ଦାନୁବାଦ

ତ୍ୱମ୍=ଆପଣ; ଆଦି-ଦେବଃ=ଆଦି ପରମେଶ୍ୱର; ପୁରୁଷଃ=ପୁରୁଷ; ପୁରାଣଃ=ପୁରାତନ; ତ୍ୱମ୍=ଆପଣ; ଅସ୍ୟ=ଏହି; ବିଶ୍ୱସ୍ୟ=ବ୍ରହ୍ମାଣ୍ଡର; ପରମ୍=ପରମ; ନିଧାନମ୍=ଆଶ୍ରୟସ୍ଥଳ; ବେତ୍ତା=ଜ୍ଞାତା; ଅସି=ଆପଣ ଅଟନ୍ତି; ବେଦ୍ୟମ୍ ଚ=ଏବଂ ଜ୍ଞେୟ; ପରମ୍ ଚ=ଏବଂ ପରମ; ଧାମ=ଧାମ; (ଆଶ୍ରୟ ସ୍ଥଳ); ତ୍ୱୟା=ଆପଣଙ୍କଦ୍ୱାରା; ତତମ୍=ବିସ୍ତୃତ; ବିଶ୍ୱମ୍=ବ୍ରହ୍ମାଣ୍ଡ; ଅନନ୍ତ-ରୂପ=ହେ ଅନନ୍ତ ରୂପ ।

## ଅନୁବାଦ

**ଆପଣ ଆଦିପୁରୁଷ, ପରମେଶ୍ୱର । ଆପଣ ଏ ଦୃଶ୍ୟ ଜଗତର ଏକମାତ୍ର ଶରଣ ସ୍ଥାନ ଅଟନ୍ତି । ଆପଣ ସବୁ ଜାଣନ୍ତି ଏବଂ ଆପଣ ମଧ୍ୟ ଜ୍ଞେୟ ଅଟନ୍ତି । ଆପଣ ଏ ତ୍ରିଗୁଣମୟୀ ଭୂତପ୍ରକୃତିର ବହୁ ଉର୍ଦ୍ଧ୍ୱରେ । ହେ ଅନନ୍ତ ରୂପ ! ଏ ସମଗ୍ର ଦୃଶ୍ୟଜଗତ ଆପଣଙ୍କଦ୍ୱାରା ପରିବ୍ୟାପ୍ତ ହୋଇଅଛି ।**

## ଭାବାର୍ଥ

ପରମପୁରୁଷ ଭଗବାନ୍ ସମସ୍ତଙ୍କର ଆଶ୍ରୟ ସ୍ଥଳ ଅଟନ୍ତି । ତେଣୁ ସେ ହିଁ ପରମ ନିଧାନ ଅଟନ୍ତି । "ନିଧାନ"ର ଅର୍ଥ ସବୁକିଛି, ଏପରି ବ୍ରହ୍ମଜ୍ୟୋତି ପରମପୁରୁଷ ଭଗବାନଙ୍କଠାରେ ଆଶ୍ରୟ ଗ୍ରହଣ କରିଛି । ଏ ପୃଥିବୀରେ ଯାହା କିଛି ଘଟୁଛି ସେ ସବୁ ଜାଣନ୍ତି ଏବଂ ଜ୍ଞାନର ଯଦି କିଛି ଅନ୍ତ ବା ଶେଷସୀମା ଥାଏ, ତା'ହେଲେ ସେ ହିଁ ସମସ୍ତ ଜ୍ଞାନର ଅନ୍ତ ବା ଶେଷସୀମା ଅଟନ୍ତି; ତେଣୁ ସେ ହେଉଛନ୍ତି ଜ୍ଞାତା ଏବଂ ଜ୍ଞେୟ । ସେ ଜ୍ଞାନର ବସ୍ତୁ ଅଟନ୍ତି; କାରଣ ସେ ସର୍ବବ୍ୟାପକ ଅଟନ୍ତି । ସେ ପରମପୁରୁଷ, ସବୁଠାରୁ ଉର୍ଦ୍ଧ୍ୱରେ, କାରଣ ସେ ଚିଦ୍‌ଜଗତର କାରଣ ଅଟନ୍ତି । ସେ ମଧ୍ୟ ଚିଦ୍‌ଜଗତରେ ପରମପୁରୁଷ ଅଟନ୍ତି ।

## ଶ୍ଲୋକ - ୩୯

**ବାୟୁର୍ଯମୋଽଗ୍ନିର୍ବରୁଣଃ ଶଶାଙ୍କଃ**
**ପ୍ରଜାପତିସ୍ତ୍ୱଂ ପ୍ରପିତାମହଶ୍ଚ ।**
**ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ**
**ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ ।।୩୯।।**

## ଶବ୍ଦାନୁବାଦ

ବାୟୁଃ=ବାୟୁ; ଯମଃ=ନିୟନ୍ତ୍ରଣକାରୀ; ଅଗ୍ନିଃ=ଅଗ୍ନି; ବରୁଣଃ=ଜଳ; ଶଶାଙ୍କଃ=ଚନ୍ଦ୍ର; ପ୍ରଜା-ପତିଃ=ବ୍ରହ୍ମା; ତ୍ୱମ୍=ଆପଣ; ପ୍ରପିତାମହଃ=ପ୍ରପିତାମହ; ଚ=ମଧ୍ୟ; ନମଃ=ନମସ୍କାର; ନମଃ ତେ=ପୁନର୍ବାର ମୁଁ ଆପଣଙ୍କୁ ନମସ୍କାର କରୁଛି; ଅସ୍ତୁ=ହେଉ; ସହସ୍ର-କୃତ୍ୱଃ=ସହସ୍ରବାର; ପୁନଃ ଚ=ପୁନର୍ବାର; ଭୂୟଃ=ଆଉ ଥରେ; ଅପି=ମଧ୍ୟ; ନମଃ=ମୋର ପ୍ରଣାମ ଜଣାଉଛି; ନମଃ ତେ=ଆପଣଙ୍କୁ ମୋର ପ୍ରଣାମ ଜଣାଉଛି ।

## ଅନୁବାଦ

**ଆପଣ ବାୟୁ, ଅଗ୍ନି, ଜଳ ଏବଂ ଚନ୍ଦ୍ର ଅଟନ୍ତି । ଆପଣ ପରମ ନିୟନ୍ତ୍ରଣକାରୀ ଏବଂ ପ୍ରପିତାମହ ଅଟନ୍ତି । ତେଣୁ ମୁଁ ଆପଣଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ସହସ୍ରବାର ଏବଂ ବାରମ୍ବାର ଜଣାଉଛି ।**

## ଭାବାର୍ଥ

ଏଠାରେ ଭଗବାନଙ୍କୁ ବାୟୁ ବୋଲି ସମ୍ବୋଧନ କରାଯାଇଛି, କାରଣ ବାୟୁ ସର୍ବ ବ୍ୟାପକ ହୋଇଥିବାରୁ ଦେବତାମାନଙ୍କ ମଧ୍ୟରେ ଭଗବାନଙ୍କର ସର୍ବଶ୍ରେଷ୍ଠ ପ୍ରତିନିଧି ଅଟନ୍ତି । ଅର୍ଜୁନ ମଧ୍ୟ କୃଷ୍ଣଙ୍କୁ ଏଠାରେ ପ୍ରପିତାମହ ବୋଲି ସମ୍ବୋଧନ କରିଛନ୍ତି, କାରଣ ସେ ବ୍ରହ୍ମାଣ୍ଡର ପ୍ରଥମ ଜୀବ ବ୍ରହ୍ମାଙ୍କର ପିତା ଅଟନ୍ତି ।

## ଶ୍ଲୋକ - ୪୦

**ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ**
**ନମୋଽସ୍ତୁ ତେ ସର୍ବତ ଏବ ସର୍ବ ।**
**ଅନନ୍ତବୀର୍ଯ୍ୟାମିତବିକ୍ରମସ୍ତ୍ୱଂ**
**ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ ।।୪୦।।**

## ଶବ୍ଦାନୁବାଦ

ନମଃ=ନମସ୍କାର; ପୁରସ୍ତାତ୍=ସମ୍ମୁଖଭାଗରୁ; ଅଥ=ମଧ୍ୟ; ପୃଷ୍ଠତଃ=ପୃଷ୍ଠ ଭାଗରୁ; ତେ=ଆପଣଙ୍କୁ; ନମଃ ଅସ୍ତୁ=ମୋର ପ୍ରଣାମ ଜଣାଉଛି; ତେ=ଆପଣଙ୍କୁ; ସର୍ବତଃ=ସବୁଦିଗରୁ; ଏବ=ନିଶ୍ଚିତରୂପେ; ସର୍ବ=ହେ ସମଗ୍ର, କାରଣ ଆପଣ ସବୁ ଅଟନ୍ତି; ଅନନ୍ତ-ବୀର୍ଯ୍ୟ=ହେ ଅନନ୍ତଶକ୍ତି; ଅମିତ-ବିକ୍ରମଃ=ଅସୀମ ବଳ; ତ୍ୱମ୍=ଆପଣ; ସର୍ବମ୍=ସବୁକିଛି; ସମାପ୍ନୋଷି=ବ୍ୟାପ୍ତ; ତତଃ ଅସି=ତେଣୁ ଆପଣ; ସର୍ବଃ=ସବୁ ।

## ଅନୁବାଦ

**ହେ ଅମିତବିକ୍ରମ ! ମୁଁ ଆପଣଙ୍କୁ ସମ୍ମୁଖ ଭାଗରୁ, ପୃଷ୍ଠଭାଗରୁ ଏବଂ ସବୁ ଦିଗରୁ ପ୍ରଣାମ ଜଣାଉଛି । ଆପଣ ଅତ୍ୟନ୍ତ ବଳ-ବିକ୍ରମର ଅଧିକାରୀ ପ୍ରଭୁ । ଆପଣ ସର୍ବବ୍ୟାପକ ଏବଂ ସେଇଥିପାଇଁ ଆପଣ ସବୁ ଅଟନ୍ତି ।**

## ଭାବାର୍ଥ

କୃଷ୍ଣଙ୍କର ବନ୍ଧୁ ଅର୍ଜୁନ ପ୍ରେମ-ବିହ୍ୱଳ ହୋଇ ସବୁଦିଗରୁ ତାଙ୍କୁ (କୃଷ୍ଣଙ୍କୁ) ପ୍ରଣାମ ଜଣାଉଛନ୍ତି । କୃଷ୍ଣ ସେ ସମସ୍ତ ଶକ୍ତିର ଏବଂ ସମସ୍ତ ବଳବିକ୍ରମର ଅଧିକାରୀ ପ୍ରଭୁ ଅଟନ୍ତି ଏବଂ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ଥିବା ସମସ୍ତ ବିଶିଷ୍ଟ ଯୋଦ୍ଧାମାନଙ୍କଠାରୁ ଅଧିକ ବଳବାନ୍ ଅଟନ୍ତି - ଏହା ଅର୍ଜୁନ ଏଠାରେ ସ୍ୱୀକାର କରୁଛନ୍ତି । ବିଷ୍ଣୁପୁରାଣରେ କୁହାଯାଇଅଛି, *''ଯୋଽୟଂ ତବାଗତୋ ଦେବ-ସମୀପମ୍ ଦେବତାଗଣଃ । ସ ତ୍ୱଂ ଏବ ଜଗତ୍-ସ୍ରଷ୍ଟା ଯତଃ ସର୍ବଗତୋ ଭବାନ୍ ।''* "ହେ ପରମପୁରୁଷ ଭଗବାନ୍ ! ଆପଣଙ୍କ ସମ୍ମୁଖକୁ ଯେ କେହି ଆସୁ, ସେ ଦେବତା ହେଉ ବା ଆଉ ଯାହାକିଛି ହେଉ, ସେ ଆପଣଙ୍କଠାରୁ ହିଁ ସୃଷ୍ଟି ହୋଇଅଛି ।''

## ଶ୍ଲୋକ - ୪୧-୪୨

**ସଖେତି ମତ୍ୱା ପ୍ରସଭଂ ଯଦୁକ୍ତଂ**
**ହେ କୃଷ୍ଣ ହେ ଯାଦବ ହେ ସଖେତି ।**
**ଅଜାନତା ମହିମାନଂ ତବେଦଂ**
**ମୟା ପ୍ରମାଦାତ୍‌ପ୍ରଣୟେନ ବାପି ।।୪୧।।**
**ଯଚ୍ଚାବହାସାର୍ଥମସତ୍‌କୃତୋଽସି**
**ବିହାରଶଯ୍ୟାସନଭୋଜନେଷୁ ।**
**ଏକୋଽଥବାପ୍ୟଚ୍ୟୁତ ତତ୍ସମକ୍ଷଂ**
**ତତ୍ କ୍ଷାମୟେ ତ୍ୱାମହମପ୍ରମେୟମ୍ ।।୪୨।।**

## ଶବ୍ଦାନୁବାଦ

ସଖା=ବନ୍ଧୁ; ଇତି=ଏହିପରି; ମତ୍ୱା=ଭାବି; ପ୍ରସଭମ୍=ଅସ୍ଥାୟୀ; ଯତ୍=ଯାହା କିଛି; ଉକ୍ତମ୍=କହିଲି; ହେ କୃଷ୍ଣ=ହେ କୃଷ୍ଣ; ହେ ଯାଦବ=ହେ ଯାଦବ; ହେ ସଖେ ଇତି=ହେ ମୋର ପ୍ରିୟ ବନ୍ଧୁ; ଅଜାନତା=ନ ଜାଣି କରି; ମହିମାନମ୍=ମହିମା; ତବ=ଆପଣଙ୍କର; ଇଦମ୍=ଏହି; ମୟା=ମୋ ଦ୍ୱାରା; ପ୍ରମାଦାତ୍=ନିର୍ବୋଧତା ହେତୁ; ପ୍ରଣୟେନ=ସ୍ନେହ ଯୋଗୁଁ; ବା ଅପି=କିମ୍ବା; ଯତ୍=ଯାହାକିଛି; ଚ=ମଧ୍ୟ; ଅବହାସାର୍ଥମ୍=ପରିହାସରେ; ଅସତ୍‌କୃତଃ=ଅସମ୍ମାନ; ଅସି=ପ୍ରଦର୍ଶନ କରିଛି; ବିହାର=ବିହାର ସମୟରେ; ଶଯ୍ୟା=ପରିହାସରେ, ଶଯ୍ୟାରେ ଶୟନ ସମୟରେ; ଆସନ=ବିଶ୍ରାମସ୍ଥାନରେ; ଭୋଜନେଷୁ=କିମ୍ବା ଏକତ୍ର ଭୋଜନକଲା ସମୟରେ; ଏକଃ=ଏକାକୀ; ଅଥବା=କିମ୍ବା;

ଅପି=ମଧ୍ୟ; ଅଚ୍ୟୁତ=ହେ ଅଚ୍ୟୁତ; ତତ୍ ସମକ୍ଷମ୍=ଆପଣଙ୍କର ପ୍ରତ୍ୟକ୍ଷରେ; ତତ୍=ତାହା ସବୁ; କ୍ଷାମୟେ=କ୍ଷମା କରନ୍ତୁ; ତ୍ୱାମ୍=ଆପଣ; ଅହମ୍=ମୁଁ; ଅପ୍ରମେୟମ୍=ଅକଳନ ।

## ଅନୁବାଦ

**ଅତୀତରେ ମୁଁ ଆପଣଙ୍କର ମହିମା ଜାଣି ନପାରି ଆପଣଙ୍କୁ ''ହେ କୃଷ୍ଣ'' ''ହେ ଯାଦବ'' ''ହେ ମୋର ବନ୍ଧୁ'' ବୋଲି ସମ୍ବୋଧନ କରିଛି । ପାଗଳାମି ଯୋଗୁଁ ହେଉ କିମ୍ବା ସ୍ନେହ ଯୋଗୁଁ ହେଉ ଯାହାସବୁ ମୁଁ କରିଛି ସେଥିପାଇଁ ମୋତେ କ୍ଷମା କରନ୍ତୁ । ବିଶ୍ରାମ ନେବା ସମୟରେ କିମ୍ବା ଏକ ଶଯ୍ୟାରେ ଶୟନ କରିବା ସମୟରେ କିମ୍ବା ଏକତ୍ର ଭୋଜନ କରିବା ସମୟରେ, ବେଳେବେଳେ ଏକାକୀ ଏବଂ ବେଳେବେଳେ ଅନେକ ବନ୍ଧୁଙ୍କ ସମକ୍ଷରେ ଆପଣଙ୍କୁ ଅନେକଥର ଅସମ୍ମାନ ପ୍ରଦର୍ଶନ କରିଛି । ଏସବୁ ଅପରାଧ ପାଇଁ ଦୟାକରି ମୋତେ କ୍ଷମା କରନ୍ତୁ ।**

## ଭାବାର୍ଥ

ଯଦିଓ କୃଷ୍ଣ, ଅର୍ଜୁନଙ୍କ ସମକ୍ଷରେ ବିଶ୍ୱରୂପରେ ପ୍ରକଟିତ ହୋଇଛନ୍ତି, ତଥାପି ଅର୍ଜୁନ, କୃଷ୍ଣଙ୍କ ସହିତ ତାଙ୍କର ବନ୍ଧୁଭାବକୁ ମନେ ପକାଉଛନ୍ତି ଏବଂ ସେଇଥିପାଇଁ ସେ ତାଙ୍କୁ ଅନୁରୋଧ କରୁଛନ୍ତି ଯେ ଅତୀତରେ ସେ ତାଙ୍କୁ ବନ୍ଧୁଭାବରେ, ଯାହା ଅସମ୍ମାନ ପ୍ରଦର୍ଶନ କରିଛନ୍ତି, ସେଥିପାଇଁ କ୍ଷମା କରିବାକୁ । ସେ ସ୍ୱୀକାର କରୁଛନ୍ତି ଯେ ଅତୀତରେ ସେ ଏକଥା ଜାଣି ନଥିଲେ ଯେ କୃଷ୍ଣ ଏ ପ୍ରକାର ବିଶ୍ୱରୂପ ଧାରଣକରି ପାରିବେ । ଯଦିଓ କୃଷ୍ଣ ଏକ ବନ୍ଧୁ ହିସାବରେ ଏସବୁ କଥା ଭଲରକମ ବୁଝାଇକରି କହିଥିଲେ, ତଥାପି ସେ ତାହା ବୁଝିପାରି ନଥିଲେ । କେତେଥର ଯେ ଅର୍ଜୁନ କୃଷ୍ଣଙ୍କର ମହିମା ନ ଜାଣିପାରି ତାଙ୍କୁ ''ହେ ବନ୍ଧୁ, ହେ କୃଷ୍ଣ, ହେ ଯାଦବ'' ଆଦି ବୋଲି ସମ୍ବୋଧନ କରି ଅସମ୍ମାନ ପ୍ରଦର୍ଶନ କରିଛନ୍ତି, ସେ ଏକଥା ଜାଣିପାରି ନାହାନ୍ତି । କିନ୍ତୁ କୃଷ୍ଣ ଏଡ଼େ ଦୟାଳୁ ଯେ ସେ ତାଙ୍କର ଏ ବିରାଟ ମହିମା ସତ୍ତ୍ୱେ, ଅର୍ଜୁନଙ୍କ ସହିତ ବନ୍ଧୁଭାବରେ କ୍ରୀଡ଼ା କରିଛନ୍ତି । ଏହା ହେଉଛି ଭଗବାନ୍ ଓ ଭକ୍ତ ମଧ୍ୟରେ ପ୍ରେମର (ସ୍ନେହର) ଆଦାନ ପ୍ରଦାନ । ଜୀବ ଓ କୃଷ୍ଣଙ୍କ ମଧ୍ୟରେ ଥିବା ସମ୍ବନ୍ଧ ଚିରନ୍ତନରୂପେ ସ୍ଥିରୀକୃତ । ଏହା କଦାପି ବିସ୍ମୃତ ହୋଇପାରିବ ନାହିଁ । ଏହା ଆମେ ଅର୍ଜୁନଙ୍କ ବ୍ୟବହାରରୁ ଦେଖି ପାରିବା । ଯଦିଓ ଅର୍ଜୁନ ବିଶ୍ୱରୂପରେ କୃଷ୍ଣଙ୍କର ଐଶ୍ୱର୍ଯ୍ୟ ବା ମହିମା ଦେଖି ପାରିଛନ୍ତି, ତଥାପି ସେ କୃଷ୍ଣଙ୍କ ସହିତ ଥିବା ବନ୍ଧୁଭାବକୁ କଦାପି ଭୁଲି ପାରିନାହାନ୍ତି ।

## ଶ୍ଳୋକ - ୪୩

**ପିତାସି ଲୋକସ୍ୟ ଚରାଚରସ୍ୟ**
**ତ୍ୱମସ୍ୟ ପୂଜ୍ୟଶ୍ଚ ଗୁରୁର୍ଗରୀୟାନ୍ ।**
**ନ ତ୍ୱତ୍ସମୋଽସ୍ତ୍ୟଭ୍ୟଧିକଃ କୁତୋଽନ୍ୟୋ**
**ଲୋକତ୍ରୟେଽପ୍ୟପ୍ରତିମପ୍ରଭାବ ।।୪୩।।**

## ଶବ୍ଦାନୁବାଦ

ପିତା=ପିତା; ଅସି=ଆପଣ ଅଟନ୍ତି; ଲୋକସ୍ୟ=ସମସ୍ତଲୋକର; ଚର=ବିଚରଣଶୀଳ (ଜଙ୍ଗମ); ଅଚରସ୍ୟ=ଯାହା ବିଚରଣଶୀଳ ନୁହେଁ (ସ୍ଥାବର); ତ୍ୱମ୍=ଆପଣ; ଅସ୍ୟ=ଏହାର; ପୂଜ୍ୟଃ=ପୂଜ୍ୟ; ଚ=ମଧ୍ୟ; ଗୁରୁଃ=ଗୁରୁ; ଗରୀୟାନ୍=ଗରୀୟାନ; ନ=ନୁହେଁ; ତ୍ୱତ୍-ସମଃ=ଆପଣଙ୍କସହ ସମାନ; ଅସ୍ତି=ଅଛି; ଅଭ୍ୟଧିକଃ=ବଡ଼; କୁତଃ=କିପରି ସମ୍ଭବ; ଅନ୍ୟଃ=ଅନ୍ୟ; ଲୋକ-ତ୍ରୟେ=ତିନିଲୋକରେ; ଅପି=ମଧ୍ୟ; ଅପ୍ରତିମ-ପ୍ରଭାବ=ହେ ଅତୁଳନୀୟ ଶକ୍ତି (କ୍ଷମତା) ।

## ଅନୁବାଦ

**ଆପଣ ଏ ସମଗ୍ର ଦୃଶ୍ୟଜଗତର ପିତା, ପୂଜ୍ୟବ୍ୟକ୍ତି ଏବଂ ଗୁରୁ ଅଟନ୍ତି । ଆପଣଙ୍କ ସହ କେହି ସମାନ ନୁହଁନ୍ତି କିମ୍ବା କେହି ଆପଣଙ୍କସହ ଏକ ହୋଇ ପାରିବେ ନାହିଁ । ଏ ତ୍ରିଜଗତରେ ଆପଣ ଅକଳନୀୟ ଅଟନ୍ତି ।**

## ଭାବାର୍ଥ

ପିତା, ପୁତ୍ରର ଯେପରି ପୂଜ୍ୟ, ଭଗବାନ୍ ଶ୍ରୀକୃଷ୍ଣ ସେହିପରି ପୂଜ୍ୟ । ସେ ହେଉଛନ୍ତି ଗୁରୁ; କାରଣ ସେ ପ୍ରଥମେ ବ୍ରହ୍ମାଙ୍କୁ ବୈଦିକ ଜ୍ଞାନ ପ୍ରଦାନ କରିଛନ୍ତି ଏବଂ ବର୍ତ୍ତମାନ ସେ ଅର୍ଜୁନଙ୍କୁ ଭଗବଦ୍ ଗୀତା-ଜ୍ଞାନ ପ୍ରଦାନ କରୁଛନ୍ତି । ତେଣୁ ସେ ଆଦିଗୁରୁ ଏବଂ ବର୍ତ୍ତମାନ ଯେଉଁ ଗୁରୁ ଆସିବେ ବା ଯେ ଗୁରୁ ହେବେ ସେ କୃଷ୍ଣଙ୍କଠାରୁ ଉଦ୍ଭବ ଗୁରୁ ପରମ୍ପରାର ଅନ୍ତର୍ଗତ ହେବା ଉଚିତ୍ । କୃଷ୍ଣଙ୍କର ପ୍ରତିନିଧି ବିନା କେହି ଗୁରୁହୋଇ ପାରିବେ ନାହିଁ କିମ୍ବା ଦିବ୍ୟଜ୍ଞାନ ପ୍ରଦାନ କରିପାରିବେ ନାହିଁ ।

ଭଗବାନଙ୍କୁ ସମସ୍ତେ ପ୍ରଣାମ ଜଣାଉଛନ୍ତି । ସେ ଅକଳନୀୟ ଭାବରେ ବିରାଟ ଅଟନ୍ତି । କେହି ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କଠାରୁ ବଡ଼ ନୁହଁନ୍ତି, କାରଣ ଚିଦ୍ ଜଗତରେ କିମ୍ବା ଭୌତିକ ଜଗତରେ କେହି କୃଷ୍ଣଙ୍କ ସହ ସମାନ ନୁହଁନ୍ତି କିମ୍ବା ତାଙ୍କଠାରୁ ବଡ଼ ନୁହଁନ୍ତି । ସମସ୍ତେ ତାଙ୍କର ଅଧୀନ, କେହି ତାଙ୍କୁ ଟପି ପାରିବେ ନାହିଁ । ଭଗବାନ୍ କୃଷ୍ଣଙ୍କର ଇନ୍ଦ୍ରିୟମାନ ଅଛି ଏବଂ ଏକ ସାଧାରଣ ମାନବଭଳି ଶରୀର ଅଛି; କିନ୍ତୁ ତାଙ୍କର ଶରୀର, ଇନ୍ଦ୍ରିୟ, ମନ ଏବଂ ସେ ନିଜେ ଏଗୁଡ଼ିକ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଯେଉଁ ମୂର୍ଖ ଲୋକମାନେ ଭଗବାନଙ୍କୁ ଭଲଭାବରେ ଜାଣି ନାହାନ୍ତି, ସେହିମାନେ କହନ୍ତି ଯେ କୃଷ୍ଣ, ତାଙ୍କର ଆତ୍ମା, ମନ, ହୃଦୟ ଏବଂ ଅନ୍ୟ ସବୁଠାରୁ ଭିନ୍ନ । କୃଷ୍ଣ ସ୍ୱୟଂ ସଂପୂର୍ଣ୍ଣ ଅଟନ୍ତି; ତେଣୁ ତାଙ୍କର କାର୍ଯ୍ୟାବଳୀ ଏବଂ ଶକ୍ତିସମୂହ ପରମ ଅଟନ୍ତି । ଏକଥା ମଧ୍ୟ କୁହାଯାଇଛି ଯେ ଆମ୍ଭମାନଙ୍କ ଇନ୍ଦ୍ରିୟପରି ତାଙ୍କର ଇନ୍ଦ୍ରିୟଗୁଡ଼ିକ ନୁହଁନ୍ତି । ସେ ସମସ୍ତପ୍ରକାର ଇନ୍ଦ୍ରିୟକାର୍ଯ୍ୟ କରିପାରନ୍ତି । ତେଣୁ ତାଙ୍କର ଇନ୍ଦ୍ରିୟଗୁଡ଼ିକ ଅପୂର୍ଣ୍ଣ କିମ୍ବା ଦୋଷଯୁକ୍ତ ନୁହଁନ୍ତି କିମ୍ବା ଶାନ୍ତ ବା ସୀମିତ ନୁହଁନ୍ତି । କେହି ତାଙ୍କଠାରୁ ବଡ଼ ନୁହଁନ୍ତି, କେହି ତାଙ୍କ ସହ ସମାନ ହୋଇପାରିବେ ନାହିଁ ଏବଂ ସମସ୍ତେ ତାଙ୍କଠାରୁ ସାନ ଅର୍ଥାତ୍ ସମସ୍ତେ ତାଙ୍କର ଅଧୀନ ।

ଯେ ତାଙ୍କର ଦିବ୍ୟ ଶରୀର, ଦିବ୍ୟ କାର୍ଯ୍ୟାବଳୀ ଏବଂ ଶୁଦ୍ଧ ସଂପୂର୍ଣ୍ଣତା କଥା ଜାଣେ, ସେ ଏହି ଶରୀର ତ୍ୟାଗ କଲାପରେ ଆଉ ଏ ଦୁଃଖପୂର୍ଣ୍ଣ ସଂସାରକୁ ଫେରେନାହିଁ । ତେଣୁ

ପ୍ରତ୍ୟେକେ ଏ କଥା ଜାଣିରଖିବା ଉଚିତ୍ ଯେ କୃଷ୍ଣଙ୍କର କ୍ରିୟାକଳାପ ଅନ୍ୟମାନଙ୍କର କ୍ରିୟାକଳାପଠାରୁ ଭିନ୍ନ । ସବୁଠାରୁ ଉତ୍କୃଷ୍ଟ ପନ୍ଥା ହେଉଛି କୃଷ୍ଣଙ୍କର ନିୟମକୁ ମାନିବା, ତାହାହେଲେ ମାନବ ବିଶୁଦ୍ଧ ହେବ ଏବଂ ପରିପୂର୍ଣ୍ଣତା ଲାଭ କରିବ । ଏକଥା ମଧ୍ୟ କୁହାଯାଇଛି ଯେ କୃଷ୍ଣଙ୍କର ପ୍ରଭୁ କେହି ନାହାନ୍ତି, ସମସ୍ତେ ତାଙ୍କର ସେବକ (ଭୃତ୍ୟ) । କେବଳ କୃଷ୍ଣ ହିଁ ଭଗବାନ୍ ଏବଂ ପ୍ରତ୍ୟେକେ ତାଙ୍କର ସେବକ (ଭୃତ୍ୟ) । ପ୍ରତ୍ୟେକେ ତାଙ୍କର ଆଦେଶ ପାଳନ କରୁଛନ୍ତି । କେହି ତାଙ୍କର ଆଦେଶକୁ ଅମାନ୍ୟ କରିପାରିବେ ନାହିଁ । ପ୍ରତ୍ୟେକେ ତାଙ୍କର ନିର୍ଦ୍ଦେଶ ଅନୁଯାୟୀ ତାଙ୍କର ଅଧ୍ୟକ୍ଷତାରେ କାର୍ଯ୍ୟ କରୁଛନ୍ତି । ବ୍ରହ୍ମସଂହିତାରେ କୁହାଯାଇଅଛି ଯେ ସେ ସର୍ବକାରଣର କାରଣ ଅଟନ୍ତି ।

## ଶ୍ଲୋକ - ୪୪

**ତସ୍ମାତ୍ ପ୍ରଣମ୍ୟ ପ୍ରଣିଧାୟ କାୟଂ**
**ପ୍ରସାଦୟେ ତ୍ୱାମହମୀଶମୀଡ୍ୟମ୍ ।**
**ପିତେବ ପୁତ୍ରସ୍ୟ ସଖେବ ସଖ୍ୟୁଃ**
**ପ୍ରିୟଃ ପ୍ରିୟାୟାର୍ହସି ଦେବ ସୋଢୁମ୍ ।।୪୪।।**

## ଶବ୍ଦାନୁବାଦ

ତସ୍ମାତ୍=ତେଣୁ; ପ୍ରଣମ୍ୟ=ପ୍ରଣାମ କରି; ପ୍ରଣିଧାୟ=ତଳେପଡ଼ି; କାୟମ୍=ଶରୀର; ପ୍ରସାଦୟେ=କୃପାଭିକ୍ଷା କରିବା ନିମିତ୍ତ; ତ୍ୱାମ୍=ଆପଣଙ୍କୁ; ଅହମ୍=ମୁଁ; ଈଶମ୍=ଭଗବାନଙ୍କୁ; ଈଡ୍ୟମ୍=ଯେ'କି ପୂଜ୍ୟ; ପିତା-ଇବ=ପିତାଙ୍କ ପରି; ପୁତ୍ରସ୍ୟ=ପୁତ୍ରର; ସଖା-ଇବ=ସଖା (ବନ୍ଧୁ) ପରି; ସଖ୍ୟୁଃ=ବନ୍ଧୁର; ପ୍ରିୟଃ=ପ୍ରିୟ; ପ୍ରିୟାୟାଃ=ପ୍ରିୟତମାର; ଅର୍ହସି=ଆପଣ ନିଶ୍ଚୟ (ସହିବା ଉଚିତ୍); ଦେବ=ହେ ମୋର ପ୍ରଭୁ; ସୋଢୁମ୍=ସହିବାକୁ ।

## ଅନୁବାଦ

**ପ୍ରତ୍ୟେକ ଜୀବର ପୂଜ୍ୟ ଭଗବାନ୍ ଆପଣ ଅଟନ୍ତି । ତେଣୁ ମୁଁ ଆପଣଙ୍କୁ ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଇବା ପାଇଁ ଓ କୃପାଭିକ୍ଷା ନିମିତ୍ତ ଭୂମିରେ ପଡ଼ି ସାଷ୍ଟାଙ୍ଗ ପ୍ରଣାମ କରୁଛି । ମୁଁ ଆପଣଙ୍କଠାରେ ଯାହା ସବୁ ଭୁଲ କରିଛି, ଦୟାକରି ସେଗୁଡ଼ିକ ସହନ କରନ୍ତୁ । ଯେପରି ପିତା ପୁତ୍ରର କିମ୍ବା ବନ୍ଧୁ ବନ୍ଧୁର କିମ୍ବା ପ୍ରିୟତମ ପ୍ରିୟାର ଦୋଷ ବା ଭୁଲ ନ ଧରି ସବୁ ସହନ କରନ୍ତି, ସେହିପରି ଆପଣ ମୋର ଭୁଲକୁ ସହନ କରନ୍ତୁ ।**

## ଭାବାର୍ଥ

କୃଷ୍ଣଙ୍କର ଭକ୍ତମାନେ କୃଷ୍ଣଙ୍କ ସହିତ ବିଭିନ୍ନ ପ୍ରକାର ସମ୍ବନ୍ଧରେ ସମ୍ବନ୍ଧିତ । କେହି କୃଷ୍ଣଙ୍କୁ ପୁତ୍ରପରି ଦେଖେ, କେହି କୃଷ୍ଣଙ୍କୁ ସ୍ୱାମୀପରି ଦେଖେ, କେହି ବନ୍ଧୁପରି ଏବଂ କେହି ପ୍ରଭୁପରି ଦେଖେ । ଏହିପରି ଭକ୍ତ ବିଭିନ୍ନ ପ୍ରକାର ସମ୍ବନ୍ଧରେ କୃଷ୍ଣଙ୍କ ସହିତ ସମ୍ବନ୍ଧିତ ହୁଏ । କୃଷ୍ଣ ଓ ଅର୍ଜୁନ ବନ୍ଧୁଭାବରେ ସମ୍ବନ୍ଧିତ । ଯେପରି ପିତା ସହ୍ୟ କରେ କିମ୍ବା ସ୍ୱାମୀ ସହ୍ୟ କରେ କିମ୍ବା ମାଲିକ (ପ୍ରଭୁ) ସହ୍ୟ କରେ, ସେହିପରି କୃଷ୍ଣ ସହ୍ୟ କରନ୍ତି ।

## ଶ୍ଲୋକ - ୪୫

**ଅଦୃଷ୍ଟପୂର୍ବଂ ହୃଷିତୋଽସ୍ମି ଦୃଷ୍ଟ୍ୱା**
**ଭୟେନ ଚ ପ୍ରବ୍ୟଥିତଂ ମନୋ ମେ ।**
**ତଦେବ ମେ ଦର୍ଶୟ ଦେବ ରୂପଂ**
**ପ୍ରସୀଦ ଦେବେଶ ଜଗନ୍ନିବାସ ।।୪୫।।**

## ଶବ୍ଦାନୁବାଦ

ଅଦୃଷ୍ଟ-ପୂର୍ବମ୍=ଅଦୃଷ୍ଟପୂର୍ବ (ପୂର୍ବରୁ ଦେଖି ନଥିବା); ହୃଷିତଃ=ହୃଷ୍ଟ (ଆନନ୍ଦିତ); ଅସ୍ମି=ହେଉଅଛି; ଦୃଷ୍ଟ୍ୱା=ଦେଖିକରି; ଭୟେନ=ଭୟଯୋଗୁଁ; ଚ=ମଧ୍ୟ; ପ୍ରବ୍ୟଥିତମ୍=ବ୍ୟଥିତ; ମନଃ=ମନ; ମେ=ମୋର; ତଦ୍=ତେଣୁ; ଏବ=ନିଶ୍ଚିତରୂପେ; ମେ=ମୋତେ; ଦର୍ଶୟ=ଦେଖାନ୍ତୁ; ଦେବ=ହେ ଭଗବାନ୍; ରୂପମ୍=ରୂପ; ପ୍ରସୀଦ=କୃପା କରନ୍ତୁ; ଦେବେଶ=ହେ ଦେବେଶ; ଜଗତ୍-ନିବାସ=ହେ ଜଗତର ଆଶ୍ରୟସ୍ଥଳ ।

## ଅନୁବାଦ

**ପୂର୍ବରୁ ଦେଖି ନଥିବା ଏହି ବିଶ୍ୱରୂପକୁ ଦେଖି ମୁଁ ବିଶେଷ ଖୁସି ହୋଇଛି, କିନ୍ତୁ ତତ୍ ସଙ୍ଗେ ସଙ୍ଗେ ମୋର ମନ ଭୟାକୁଳ ହୋଇ ଉଠିଛି । ତେଣୁ ହେ ଦେବେଶ ! ହେ ଜଗନ୍ନିବାସ ! ମୋ ପ୍ରତି କୃପାକରି ଆପଣଙ୍କର ପରମପୁରୁଷ ଭଗବାନ୍ ରୂପ ମୋତେ ପୁଣି ଦେଖାନ୍ତୁ ।**

## ଭାବାର୍ଥ

ଅର୍ଜୁନ କୃଷ୍ଣଙ୍କର ଅତି ଅନ୍ତରଙ୍ଗ ବନ୍ଧୁ ହୋଇଥିବାରୁ ସର୍ବଦା କୃଷ୍ଣଙ୍କର ବିଶ୍ୱସ୍ତ ଅଟନ୍ତି । ଯେପରି ଜଣେ ପ୍ରିୟ ବନ୍ଧୁ ତା'ର ବନ୍ଧୁର ଐଶ୍ୱର୍ଯ୍ୟ ବା ମହିମା ଦେଖି ଖୁସି ହୁଏ, ଠିକ୍ ସେହିପରି ଅର୍ଜୁନ ଦେଖି ଖୁସିହେଲେ ଯେ ତାଙ୍କ ବନ୍ଧୁ କୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ଏବଂ ସେ ଏ ପ୍ରକାର ଆଶ୍ଚର୍ଯ୍ୟଜନକ ବିଶ୍ୱରୂପ ଦେଖାଇ ପାରନ୍ତି, କିନ୍ତୁ ତତ୍ ସଙ୍ଗେ ସଙ୍ଗେ, ବିଶ୍ୱରୂପ ଦେଖିଲାପରେ ସେ ଆଶଙ୍କା କଲେ ଯେ ତାଙ୍କର ଅପ୍ରାକୃତ ବନ୍ଧୁତ୍ୱ ହେତୁ ସେ କୃଷ୍ଣଙ୍କଠାରେ ଅନେକ ଅପରାଧ କରିଛନ୍ତି । ତେଣୁ ଭୟ ଯୋଗୁଁ ତାଙ୍କ ମନ ବିଚଳିତ ହୋଇପଡ଼ିଲା ।ଯଦିଓ ତାଙ୍କର ଭୟ କରିବାର କୌଣସି କାରଣ ନଥିଲା, ତଥାପି ସେ ଶଙ୍କାକୂଳ ହୋଇ ଉଠିଲେ । ତେଣୁ ଅର୍ଜୁନ କୃଷ୍ଣଙ୍କୁ ତାଙ୍କର ନାରାୟଣରୂପ ଦେଖାଇବାକୁ ଅନୁରୋଧ କରୁଛନ୍ତି, କାରଣ ସେ ଯେକୌଣସି ରୂପ ଧାରଣ କରିପାରନ୍ତି ।ଏ ବିଶ୍ୱରୂପ ହେଉଛି ଭୌତିକ ଏବଂ ଅସ୍ଥାୟୀ (ଅନିତ୍ୟ), କାରଣ ଭୌତିକ ଜଗତ ଅନିତ୍ୟ ଅଟେ । କିନ୍ତୁ ଭୌତିକ ଜଗତମାନଙ୍କରେ ତାଙ୍କର ଚତୁର୍ଭୁଜଧାରୀ ଦିବ୍ୟ ନାରାୟଣରୂପ ଅଛି । ପରବ୍ୟୋମରେ ଅସଂଖ୍ୟ ବୈକୁଣ୍ଠଲୋକ ଅଛି ଏବଂ ପ୍ରତ୍ୟେକ ବୈକୁଣ୍ଠଲୋକରେ କୃଷ୍ଣ ତାଙ୍କର ପ୍ରଭାବ ପ୍ରକାଶରେ ବିଭିନ୍ନ ନାମରେ ବିଦ୍ୟମାନ ।ଏହି ପ୍ରକାରେ ଅର୍ଜୁନ କୃଷ୍ଣଙ୍କର ବୈକୁଣ୍ଠଲୋକରେ ଥିବା ଗୋଟିଏ

ରୂପକୁ ଦେଖିବାକୁ ଇଚ୍ଛା କଲେ । ଅବଶ୍ୟ ପ୍ରତ୍ୟେକ ବୈକୁଣ୍ଠଲୋକରେ ନାରାୟଣଙ୍କର ଚତୁର୍ଭୁଜରୂପ ଅଛି ଏବଂ ଚତୁର୍ଭୁଜରେ ସେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଛନ୍ତି । ଚତୁର୍ଭୁଜରେ ଧାରଣ କରିଥିବା ପଦାର୍ଥମାନଙ୍କ କ୍ରମ ଅନୁଯାୟୀ ବିଭିନ୍ନ ବୈକୁଣ୍ଠଲୋକରେ ନାରାୟଣଙ୍କର ବିଭିନ୍ନ ନାମ ଅଛି । ଏ ସମସ୍ତ ରୂପ ଏକ ଏବଂ କୃଷ୍ଣଙ୍କ ସହ ସମାନ, ତେଣୁ ଅର୍ଜୁନ ତାଙ୍କର ଚତୁର୍ଭୁଜ ରୂପକୁ ଦେଖିବାକୁ ଅନୁରୋଧ କଲେ ।

## ଶ୍ଳୋକ - ୪୬

**କିରୀଟିନଂ ଗଦିନଂ ଚକ୍ରହସ୍ତମ୍**
**ଇଚ୍ଛାମି ତ୍ୱାଂ ଦ୍ରଷ୍ଟୁମହଂ ତଥୈବ ।**
**ତେନୈବ ରୂପେଣ ଚତୁର୍ଭୁଜେନ**
**ସହସ୍ରବାହୋ ଭବ ବିଶ୍ୱମୂର୍ତ୍ତେ ।।୪୬।।**

## ଶବ୍ଦାନୁବାଦ

କିରୀଟିନମ୍=ଶିରସ୍ତ୍ରାଣସହ; ଗଦିନମ୍=ଗଦାସହ; ଚକ୍ର-ହସ୍ତମ୍=ଚକ୍ର ହସ୍ତରେ; ଇଚ୍ଛାମି=ମୁଁ ଇଚ୍ଛାକରେ; ତ୍ୱାମ୍=ଆପଣଙ୍କୁ; ଦ୍ରଷ୍ଟୁମ୍=ଦେଖିବାକୁ; ଅହମ୍=ମୁଁ; ତଥା ଏବ=ସେଇ ଅବସ୍ଥାରେ; ତେନ ଏବ=ସେହି; ରୂପେଣ=ରୂପରେ; ଚତୁର୍ଭୁଜେନ=ଚତୁର୍ଭୁଜ; ସହସ୍ର-ବାହୋ=ହେ ସହସ୍ର ବାହୁ; ଭବ=ହୁଅନ୍ତୁ; ବିଶ୍ୱ-ମୂର୍ତ୍ତେ=ହେ ବିଶ୍ୱମୂର୍ତ୍ତି ।

## ଅନୁବାଦ

**ହେ ବିଶ୍ୱମୂର୍ତ୍ତି ! ମୁଁ ଆପଣଙ୍କୁ ଶିରସ୍ତ୍ରାଣସହ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଥିବା ଚତୁର୍ଭୁଜ ରୂପରେ ଦେଖିବାକୁ ଇଚ୍ଛାକରେ । ସେହି ରୂପରେ ମୁଁ ଆପଣଙ୍କୁ ଦେଖିବାକୁ ଇଚ୍ଛାକରେ ।**

## ଭାବାର୍ଥ

ବ୍ରହ୍ମସଂହିତାରେ କୁହାଯାଇଛି ଯେ ଭଗବାନ୍ ଶାଶ୍ୱତଭାବେ ହଜାର ହଜାର ରୂପରେ ବିଦ୍ୟମାନ ଏବଂ ସେମାନଙ୍କ ମଧ୍ୟରେ ତାଙ୍କର ପ୍ରଧାନ ପ୍ରଧାନ ରୂପ ହେଲା ରାମ, ନୃସିଂହ, ନାରାୟଣ ପ୍ରଭୃତି ରୂପ । ତାଙ୍କର ଅସଂଖ୍ୟ ରୂପ ଅଛି । କିନ୍ତୁ ଅର୍ଜୁନ ଜାଣିଥିଲେ ଯେ ଆଦି ପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର ଅନିତ୍ୟ ବିଶ୍ୱରୂପ ଧାରଣ କରିଛନ୍ତି । ସେ ବର୍ତ୍ତମାନ ତାଙ୍କର ନାରାୟଣ ରୂପ-ଦିବ୍ୟରୂପ ଦେଖିବାକୁ ପ୍ରାର୍ଥନା କରୁଛନ୍ତି । ଏ ଶ୍ଳୋକଟି ଶ୍ରୀମଦ୍ ଭାଗବତମ୍‌ର ବାଣୀକୁ ନିଃସନ୍ଦେହଭାବରେ ସ୍ୱୀକାର କରୁଅଛି ଯେ କୃଷ୍ଣ ହେଉଛନ୍ତି ଆଦିପୁରୁଷ ଭଗବାନ୍ ଏବଂ ଅନ୍ୟ ସବୁ ରୂପ ତାଙ୍କଠାରୁ ଉଦ୍ଭବ । ସେ ତାଙ୍କର ପ୍ରଭାବ ଓ ବୈଭବ ପ୍ରକାଶଠାରୁ ଭିନ୍ନ ନୁହଁନ୍ତି ଏବଂ ସେ ତାଙ୍କର ଅସଂଖ୍ୟ ରୂପ ମଧ୍ୟରୁ ଯେ କୌଣସି ରୂପରେ ଭଗବାନ୍ ଅଟନ୍ତି । ଏ ସବୁ ରୂପରେ ସେ ଏକ ଯୁବକପରି ତେଜୀୟାନ । ଏହା ହେଉଛି ପରମପୁରୁଷ ଭଗବାନଙ୍କର ନିତ୍ୟ ପ୍ରକୃତି । ଯେ କୃଷ୍ଣଙ୍କୁ ଜାଣେ, ସେ ସାଙ୍ଗେ ସାଙ୍ଗେ ସମସ୍ତ ପ୍ରକାର ଭୌତିକ ଦୋଷରୁ ମୁକ୍ତ ହୋଇଯାଏ ।

## ଶ୍ଳୋକ - ୪୭

### ଶ୍ରୀଭଗବାନୁବାଚ

**ମୟା ପ୍ରସନ୍ନେନ ତବାର୍ଜୁନେଦଂ**
**ରୂପଂ ପରଂ ଦର୍ଶିତମାତ୍ମଯୋଗାତ୍ ।**
**ତେଜୋମୟଂ ବିଶ୍ୱମନନ୍ତମାଦ୍ୟଂ**
**ଯନ୍ମେ ତ୍ୱଦନ୍ୟେନ ନ ଦୃଷ୍ଟପୂର୍ବମ୍ ।।୪୭।।**

### ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ଶ୍ରୀଭଗବାନ୍ କହିଲେ; ମୟା=ମୋ'ଦ୍ୱାରା; ପ୍ରସନ୍ନେନ=ପ୍ରସନ୍ନତାରେ; ତବ=ତୁମକୁ; ଅର୍ଜୁନ=ହେ ଅର୍ଜୁନ; ଇଦମ୍=ଏହି; ରୂପମ୍=ରୂପ; ପରମ୍=ପରମ (ଦିବ୍ୟ); ଦର୍ଶିତମ୍=ଦେଖାଇଲି; ଆତ୍ମ-ଯୋଗାତ୍=ମୋର ଅନ୍ତରଙ୍ଗା ଶକ୍ତି ସାହାଯ୍ୟରେ; ତେଜୋମୟମ୍=ଦୀପ୍ତି ବା ଜ୍ୟୋତିପୂର୍ଣ୍ଣ; ବିଶ୍ୱମ୍=ସମଗ୍ର ବ୍ରହ୍ମାଣ୍ଡ; ଅନନ୍ତମ୍=ଅନନ୍ତ; ଆଦ୍ୟମ୍=ଆଦି; ଯତ୍ ମେ=ଯାହାକି ମୋର; ତ୍ୱତ୍-ଅନ୍ୟେନ=ତୁମ ଛଡ଼ା; ନ ଦୃଷ୍ଟ-ପୂର୍ବମ୍=କେହି ଆଗରୁ ଦେଖି ନାହାନ୍ତି ।

### ଅନୁବାଦ

**ଶ୍ରୀଭଗବାନ୍ କହିଲେ, ''ହେ ମୋର ପ୍ରିୟ ଅର୍ଜୁନ ! ମୋର ଅନ୍ତରଙ୍ଗା ଶକ୍ତି ସାହାଯ୍ୟରେ ମୁଁ ଖୁସି ହୋଇ ତୁମକୁ ଭୌତିକ ଜଗତରେ ଏ ବିଶ୍ୱରୂପ ଦେଖାଇଲି । ତୁମ ପୂର୍ବରୁ କେହି ଏ ଅତ୍ୟୁଜ୍ଜ୍ୱଳ ଦୀପ୍ତିମୟ ଅନନ୍ତରୂପକୁ ଦେଖି ନାହାନ୍ତି ।''**

### ଭାବାର୍ଥ

ଅର୍ଜୁନ ପରମେଶ୍ୱରଙ୍କର ବିଶ୍ୱରୂପ ଦେଖିବାକୁ ଇଚ୍ଛାକଲେ, ତେଣୁ ଭକ୍ତ ଅର୍ଜୁନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର ଅତ୍ୟୁଜ୍ଜ୍ୱଳ ଦୀପ୍ତିମନ୍ତ ବିଶ୍ୱରୂପ ଓ ଐଶ୍ୱର୍ଯ୍ୟ ପ୍ରଦର୍ଶନ କଲେ । ଏହି ରୂପ ସୂର୍ଯ୍ୟଙ୍କପରି ଅତି ଉଜ୍ଜ୍ୱଳ ଏବଂ ଏହାଙ୍କର ଅନନ୍ତ ମୁଖ ଖୁବ୍ ଶୀଘ୍ର ଶୀଘ୍ର ବଦଳି ଯାଉଥାଏ । କୃଷ୍ଣ ତାଙ୍କର ବନ୍ଧୁ ଅର୍ଜୁନଙ୍କର ଅଭିଳାଷ ପୂର୍ଣ୍ଣ କରିବା ନିମିତ୍ତ ଏ ରୂପ ଦେଖାଇଲେ । କୃଷ୍ଣ ତାଙ୍କର ଅନ୍ତରଙ୍ଗା ଶକ୍ତି ସାହାଯ୍ୟରେ ଏ ରୂପ ଦେଖାଇଲେ । ଏ ଶକ୍ତି ସମ୍ବନ୍ଧରେ ମାନବ ଚିନ୍ତାକରିପାରିବ ନାହିଁ । ଏହା ଅଚିନ୍ତ୍ୟ-ଶକ୍ତି ଅଟେ । ଅର୍ଜୁନଙ୍କ ପୂର୍ବରୁ କେହି ଭଗବାନଙ୍କର ଏ ବିଶ୍ୱରୂପକୁ ଦେଖି ନଥିଲେ, କିନ୍ତୁ ଅର୍ଜୁନଙ୍କୁ ଏ ରୂପ ଦେଖାଇ ଦିଆଯିବାରୁ ଦେବଲୋକରେ ଥିବା ଅନ୍ୟ ଭକ୍ତମାନେ ତଥା ବାହ୍ୟାକାଶରେ ଥିବା ଲୋକମାନଙ୍କରେ ଯେଉଁ ଭକ୍ତମାନେ ବାସ କରୁଥିଲେ ସେମାନେ ଏ ରୂପକୁ ମଧ୍ୟ ଦେଖିପାରିଲେ । ସେମାନେ ଏ ରୂପକୁ ପୂର୍ବରୁ ଦେଖି ନଥିଲେ, କେବଳ ଅର୍ଜୁନଙ୍କ ଯୋଗୁଁ ସେମାନେ ଏହାକୁ ଦେଖି ପାରିଲେ । ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ ଭଗବାନଙ୍କର ସମସ୍ତ ଭକ୍ତ ଶିଷ୍ୟବୃନ୍ଦ ଏ ବିଶ୍ୱରୂପକୁ ଦେଖି ପାରିଲେ କେବଳ ଅର୍ଜୁନଙ୍କ ଯୋଗୁଁ । କୃଷ୍ଣ ଅନୁକମ୍ପାବଶତଃ ଅର୍ଜୁନଙ୍କୁ ଏ ରୂପ ଦେଖାଇବାରୁ ସେମାନେ ସମସ୍ତେ ଦେଖି ପାରିଲେ । କେହି କେହି ଏପରି ମତବ୍ୟକ୍ତ କରନ୍ତି ଯେ କୃଷ୍ଣ ଯେତେବେଳେ ମଧ୍ୟସ୍ଥ ହୋଇ ଶାନ୍ତିସ୍ଥାପନ ନିମିତ୍ତ ଦୁର୍ଯ୍ୟୋଧନଙ୍କ ଦରବାରକୁ ଯାଇଥିଲେ,

ସେତେବେଳେ ଦୁର୍ଯ୍ୟୋଧନଙ୍କୁ ଏ ରୂପ ଦେଖାଇଥିଲେ । ଦୁର୍ଭାଗ୍ୟବଶତଃ ଦୁର୍ଯ୍ୟୋଧନ ଶାନ୍ତି ପ୍ରସ୍ତାବକୁ ଗ୍ରହଣ କଲାନାହିଁ, କିନ୍ତୁ କୃଷ୍ଣ ସେ ସମୟରେ ତାଙ୍କ ବିଶ୍ୱରୂପର କେତେକାଂଶ ପ୍ରଦର୍ଶନ କରିଥିଲେ, କିନ୍ତୁ ଅର୍ଜୁନଙ୍କୁ ସେ ଯେଉଁ ରୂପ ଦେଖାଇଲେ, ତାହାଠାରୁ ଏ ସବୁ ରୂପ ଭିନ୍ନ । ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ ଅର୍ଜୁନଙ୍କ ପୂର୍ବରୁ କେହି ଏ ରୂପ ଦେଖିନାହାନ୍ତି ।

## ଶ୍ଳୋକ - ୪୮

**ନ ବେଦଯଜ୍ଞାଧ୍ୟୟନୈର୍ନ ଦାନୈର୍**
**ନ ଚ କ୍ରିୟାଭିର୍ନ ତପୋଭିରୁଗ୍ରୈଃ ।**
**ଏବଂରୂପଃ ଶକ୍ୟ ଅହଂ ନୃଲୋକେ**
**ଦ୍ରଷ୍ଟୁଂ ତ୍ୱଦନ୍ୟେନ କୁରୁପ୍ରବୀର ।।୪୮।।**

## ଶବ୍ଦାନୁବାଦ

ନ=ନୁହେଁ; ବେଦ=ବେଦାଧ୍ୟୟନ; ଯଜ୍ଞ=ଯଜ୍ଞ; ଅଧ୍ୟୟନୈଃ=ଅଧ୍ୟୟନକରି; ନ ଦାନୈଃ=ଦାନଦ୍ୱାରା ନୁହେଁ; ନ=ନୁହେଁ; ଚ=ମଧ୍ୟ; କ୍ରିୟାଭିଃ=ପୁଣ୍ୟକର୍ମ ଦ୍ୱାରା; ନ ତପୋଭିଃ=କଠିନ ତପସ୍ୟାଦ୍ୱାରା ନୁହେଁ; ଉଗ୍ରୈଃ=ଉଗ୍ର (କଠିନ); ଏବମ୍=ଏ ପ୍ରକାର; ରୂପଃ=ରୂପ; ଶକ୍ୟଃ=ଦେଖିବାକୁ ସକ୍ଷମ; ଅହମ୍=ମୁଁ; ନୃ-ଲୋକେ=ଏ ଭୌତିକ ଜଗତରେ; ଦ୍ରଷ୍ଟୁମ୍=ଦେଖିବାକୁ; ତ୍ୱତ୍=ତୁମେ; ଅନ୍ୟେନ=ଅନ୍ୟ ଦ୍ୱାରା; କୁରୁ-ପ୍ରବୀର=ହେ କୁରୁବଂଶର ଯୋଦ୍ଧାମାନଙ୍କ ମଧ୍ୟରେ ଶ୍ରେଷ୍ଠ ।

## ଅନୁବାଦ

**ହେ କୁରୁବଂଶୀୟ ଶ୍ରେଷ୍ଠ ଯୋଦ୍ଧା । ତୁମ ପୂର୍ବରୁ କେହି ମୋର ଏ ପ୍ରକାର ବିଶ୍ୱରୂପ ଦେଖି ନାହାନ୍ତି; କାରଣ ବେଦାଧ୍ୟୟନ ଦ୍ୱାରା କିମ୍ବା ଯଜ୍ଞାନୁଷ୍ଠାନ ଦ୍ୱାରା କିମ୍ବା ଦାନଧର୍ମ ଦ୍ୱାରା କିମ୍ବା ସେହି ପ୍ରକାର ଅନ୍ୟ ପୁଣ୍ୟକର୍ମ ଦ୍ୱାରା କେହି ମୋର ଏ ରୂପ ଦେଖିପାରିବେ ନାହିଁ । କେବଳ ତୁମେ ହିଁ ଏହାକୁ ଦେଖିପାରିଲ ।**

## ଭାବାର୍ଥ

ଏ ସଂପର୍କରେ ଦିବ୍ୟଦୃଷ୍ଟି କଥା ଭଲରକମ ବୁଝିବା ଉଚିତ୍ । ଦିବ୍ୟ ଦୃଷ୍ଟି କିଏ ଲାଭ କରିପାରେ ? 'ଦିବ୍ୟ' ଶବ୍ଦର ଅର୍ଥ ହେଉଛି ଦେବଯୋଗ୍ୟ । ବ୍ୟକ୍ତି ଏକ ଦେବତାତୁଲ୍ୟ ଦିବ୍ୟଭାବ ବା ଦିବ୍ୟସ୍ତର ଲାଭ ନ କଲେ, ସେ କଦାପି ସେ ଦୃଷ୍ଟିଲାଭ କରିପାରିବ ନାହିଁ । ଦେବତା କ'ଣ ? ବୈଦିକ ଶାସ୍ତ୍ରମାନଙ୍କରେ କୁହାଯାଇଛି ଯେ ଯେଉଁମାନେ ଭଗବାନ୍ ବିଷ୍ଣୁଙ୍କର ଭକ୍ତ ସେମାନେ ଦେବତା ଅଟନ୍ତି । ଯେଉଁମାନେ ନାସ୍ତିକ, ଅର୍ଥାତ୍ ଯେଉଁମାନେ ବିଷ୍ଣୁଙ୍କୁ ବିଶ୍ୱାସ କରନ୍ତି ନାହିଁ କିମ୍ବା ଯେଉଁମାନେ କେବଳ ଭଗବାନ୍ ଶ୍ରୀକୃଷ୍ଣଙ୍କର ନିରାକାର ବା ନିର୍ବିଶେଷ ଭଗବାନ୍ ବୋଲି ଭାବନ୍ତି ସେମାନେ କଦାପି ଦିବ୍ୟଦୃଷ୍ଟି ଲାଭ କରିପାରିବେ ନାହିଁ । କୃଷ୍ଣଙ୍କୁ ଅବମାନନା କରି ଦିବ୍ୟଦୃଷ୍ଟି ଲାଭକରିବା କଦାପି ସମ୍ଭବପର ନୁହେଁ । ବ୍ୟକ୍ତି ଦିବ୍ୟସ୍ତରକୁ

ଉନ୍ନୀତ ନହେଲେ କଦାପି ଦିବ୍ୟଦୃଷ୍ଟି ଲାଭ କରିପାରିବ ନାହିଁ । ଅନ୍ୟ କଥାରେ ଏହାହିଁ କୁହାଯାଇପାରେ ଯେ ଯେଉଁମାନେ ଦିବ୍ୟଦୃଷ୍ଟି ଲାଭ କରିଛନ୍ତି, ସେମାନେ ଅର୍ଜୁନଙ୍କପରି ଦେଖି ପାରିବେ ।

ଭଗବଦ୍ ଗୀତା ବିଶ୍ୱରୂପର ବର୍ଣ୍ଣନା ଦେଉଛି ଏବଂ ଅର୍ଜୁନଙ୍କ ପୂର୍ବରୁ ଏ ବର୍ଣ୍ଣନା କାହାରିକୁ ଜଣା ନଥିଲା । ବର୍ତ୍ତମାନ ଏହି ଘଟଣାପରେ ପ୍ରତ୍ୟେକେ 'ବିଶ୍ୱରୂପ' ସମ୍ବନ୍ଧରେ କିଛି ଧାରଣା କରିପାରିବେ । ଯେଉଁମାନେ ବାସ୍ତବରେ ଦିବ୍ୟ ହୋଇଯାଇଛନ୍ତି ବା ଦିବ୍ୟଭାବ ଲାଭ କରିଛନ୍ତି, ସେମାନେ ଭଗବାନଙ୍କର ବିଶ୍ୱରୂପ ଦେଖିପାରନ୍ତି । କିନ୍ତୁ ବ୍ୟକ୍ତି କୃଷ୍ଣଙ୍କର ଶୁଦ୍ଧଭକ୍ତ ନ ହେଲେ କଦାପି ଦିବ୍ୟଭାବ ଲାଭ କରିପାରିବ ନାହିଁ । ଅବଶ୍ୟ ଯେଉଁ ଭକ୍ତମାନେ ବାସ୍ତବରେ ଦିବ୍ୟ-ପ୍ରକୃତିବିଶିଷ୍ଟ ବା ଦିବ୍ୟଭାବାପନ୍ନ ଏବଂ ଯେଉଁମାନେ ଦିବ୍ୟଦୃଷ୍ଟି ଲାଭ କରିଛନ୍ତି, ସେମାନେ ଭଗବାନଙ୍କର ଏ ବିଶ୍ୱରୂପ ଦେଖିବାରେ ବିଶେଷ ଆଗ୍ରହୀ ନୁହଁନ୍ତି । ପୂର୍ବ ଶ୍ଲୋକରେ କୁହାଯାଇଛି ଯେ ଅର୍ଜୁନ ଭଗବାନଙ୍କର ବିଷ୍ଣୁରୂପ ଅର୍ଥାତ୍ ଚତୁର୍ଭୁଜରୂପ ଦେଖିବାକୁ ଇଚ୍ଛାକଲେ ଏବଂ ସେ ବାସ୍ତବରେ ଭଗବାନଙ୍କର ବିଶ୍ୱରୂପକୁ ଭୟ କରୁଥିଲେ ।

ଏହି ଶ୍ଲୋକରେ କେତେକ ବଡ଼ ଅର୍ଥପୂର୍ଣ୍ଣ ଶବ୍ଦ ବ୍ୟବହୃତ ହୋଇଅଛି, ଯଥା— "*ବେଦ ଯଜ୍ଞାଧ୍ୟୟନୈଃ*" । ଏହାର ଅର୍ଥ ବୈଦିକ ଶାସ୍ତ୍ର-ଅଧ୍ୟୟନ ଏବଂ ଯଜ୍ଞକର୍ମ-ନୀତି ଅଧ୍ୟୟନ । ବେଦ କହିଲେ ସବୁପ୍ରକାର ବୈଦିକ ସାହିତ୍ୟକୁ ବୁଝାଏ; ଯଥା-ଚ୍ରିବେଦ (ଋକ୍, ଯଜୁଃ, ସାମ ଓ ଅଥର୍ବ), ଅଠରଖଣ୍ଡ ପୁରାଣ, ଉପନିଷଦ ଏବଂ ବେଦାନ୍ତସୂତ୍ର । ବ୍ୟକ୍ତି ଏସବୁ ଘରେ କିମ୍ବା ଅନ୍ୟତ୍ର କୌଣସି ସ୍ଥାନରେ ଅଧ୍ୟୟନ କରିପାରେ । ସେହିପରି ଯଜ୍ଞାନୁଷ୍ଠାନ ପଦ୍ଧତି ଅଧ୍ୟୟନ ନିମିତ୍ତ ଅନେକ ଶାସ୍ତ୍ର ଅଛି, ଯଥା-କଳ୍ପସୂତ୍ର ଓ ମୀମାଂସା ସୂତ୍ର ଆଦି । 'ଦାନୈଃ' ଶବ୍ଦର ଅର୍ଥ ଦାନ କରିବା । ଉପଯୁକ୍ତ ପାତ୍ରରେ ଦାନ କରିବା, ଯଥା-ବ୍ରାହ୍ମଣ ଓ ବୈଷ୍ଣବମାନଙ୍କୁ ଦାନ କରିବାକୁ ହେବ; କାରଣ ଏମାନେ ଭଗବାନଙ୍କର ଭକ୍ତିପୂର୍ଣ୍ଣ ସେବାରେ ନିଯୁକ୍ତ ଥା'ନ୍ତି । ସେହିପରି 'ଅଗ୍ନିହୋତ୍ର' କହିଲେ ପୁଣ୍ୟ କର୍ମାନୁଷ୍ଠାନକୁ ବୁଝାଏ । ଏହା ହେଉଛି ବିଭିନ୍ନ ଜାତିର ନିର୍ଦ୍ଦିଷ୍ଟ କର୍ମ । ପୁଣ୍ୟ କର୍ମାନୁଷ୍ଠାନ ଏବଂ ସ୍ୱେଚ୍ଛାକ୍ରମେ କେତେକ ଶାରୀରିକ କ୍ଲେଶକୁ ବରଣ କରିବାକୁ 'ତପସ୍ୟା' କୁହାଯାଏ । ତେଣୁ ବ୍ୟକ୍ତି ଶାରୀରିକ ତପଃ, ଦାନଧର୍ମ ଓ ବେଦାଧ୍ୟୟନ ଆଦି କରିପାରେ; କିନ୍ତୁ ସେ ଅର୍ଜୁନଙ୍କପରି କୃଷ୍ଣଭକ୍ତ ନ ହୋଇଥିଲେ ଭଗବାନଙ୍କର ବିଶ୍ୱରୂପ ଦେଖିବା ସମ୍ଭବପର ନୁହେଁ । ଯେଉଁମାନେ ନିରାକାର ବା ନିର୍ବିଶେଷବାଦୀ ସେମାନେ କଳ୍ପନା କରନ୍ତି ଯେ ସେମାନେ ଭଗବାନଙ୍କର ବିଶ୍ୱରୂପକୁ ଦେଖୁଛନ୍ତି; କିନ୍ତୁ ଭଗବଦ୍ ଗୀତାରୁ ଆମ୍ଭେମାନେ ବୁଝିପାରୁଛୁ ଯେ ନିର୍ବିଶେଷବାଦୀମାନେ ଭକ୍ତ ନୁହଁନ୍ତି । ତେଣୁ ସେମାନେ ଭଗବାନଙ୍କର ବିଶ୍ୱରୂପ ଦେଖିବାକୁ ଅକ୍ଷମ ।

ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ନିଜକୁ ଭଗବାନଙ୍କର ଅବତାର ବୋଲି କହନ୍ତି । ଏକ ସାଧାରଣ ମାନବକୁ ସେମାନେ ଭ୍ରମରେ ଭଗବାନଙ୍କର ଅବତାର ବୋଲି କୁହନ୍ତି । ଏହା ନିର୍ବୋଧତା ଅଟେ । ଆମ୍ଭମାନଙ୍କୁ ଭଗବଦ୍ ଗୀତାର ନୀତି ଅନୁସରଣ କରିବାକୁ ହେବ, ନଚେତ୍ ଆମ୍ଭେମାନେ ଏ ଶୁଦ୍ଧ ଆତ୍ମଜ୍ଞାନ ଲାଭ କରିବା ସମ୍ଭବପର ନୁହେଁ । ଯଦିଓ ଭଗବଦ୍‌ଗୀତାକୁ ଭଗବଦ୍ ବିଜ୍ଞାନର ପ୍ରାଥମିକ ପାଠ ବୋଲି ବିବେଚନା କରାଯାଏ, ତଥାପି ଏହା ଏପରି ଏକ ବିଶୁଦ୍ଧ ବିଜ୍ଞାନ ଯେ ଏହା ଜାଣିଲେ ବ୍ୟକ୍ତି ବୁଝି ପାରିବ କିଏ କ'ଣ ? ମିଥ୍ୟାଚ୍ରୀ ଅବତାରମାନଙ୍କର

ଅନୁସରଣକାରୀମାନେ କହିପାରନ୍ତି ଯେ ସେମାନେ ଭଗବାନଙ୍କର ଦିବ୍ୟ ଅବତାର-ବିଶ୍ୱରୂପ ଦେଖିଛନ୍ତି, କିନ୍ତୁ ତାହା ଗ୍ରହଣଯୋଗ୍ୟ ନୁହେଁ; କାରଣ ଏଠାରେ ପରିଷ୍କାରଭାବରେ କୁହାଯାଇଛି ଯେ ବ୍ୟକ୍ତି କୃଷ୍ଣଭକ୍ତ ନ ହେଲେ ଭଗବାନଙ୍କର ବିଶ୍ୱରୂପ ଦେଖିପାରିବ ନାହିଁ । ତେଣୁ ପ୍ରଥମେ ବ୍ୟକ୍ତିକୁ କୃଷ୍ଣଙ୍କର ଏକ ବିଶୁଦ୍ଧ ଭକ୍ତ ହେବାକୁ ପଡ଼ିବ । ତପରେ ସେ କହିପାରିବ ଯେ ସେ ଦେଖିଥିବା ବିଶ୍ୱରୂପକୁ ଦେଖାଇ ପାରିବ । ଜଣେ କୃଷ୍ଣଭକ୍ତ କଦାପି ମିଥ୍ୟା ଅବତାରକୁ କିମ୍ବା ମିଥ୍ୟା ଅବତାରଙ୍କର ଅନୁସରଣକାରୀମାନଙ୍କୁ ସ୍ୱୀକାର କରିପାରିବ ନାହିଁ ।

## ଶ୍ଳୋକ - ୪୯

**ମା ତେ ବ୍ୟଥା ମା ଚ ବିମୂଢ଼ଭାବୋ**
**ଦୃଷ୍ଟ୍ୱା ରୂପଂ ଘୋରମୀଦୃଙ୍ ମମେଦମ୍ ।**
**ବ୍ୟପେତଭୀଃ ପ୍ରୀତମନାଃ ପୁନସ୍ତ୍ୱଂ**
**ତଦେବ ମେ ରୂପମିଦଂ ପ୍ରପଶ୍ୟ ।।୪୯।।**

## ଶବ୍ଦାନୁବାଦ

ମା=ଏପରି ନ ହେଉ; ତେ=ତୁମପ୍ରତି; ବ୍ୟଥା=କଷ୍ଟ; ମା=ଏପରି ନ ହେଉ; ଚ=ମଧ୍ୟ; ବିମୂଢ଼-ଭାବଃ=ବିବ୍ରତ ଅବସ୍ଥା; ଦୃଷ୍ଟ୍ୱା=ଦେଖି; ରୂପମ୍=ରୂପ; ଘୋରମ୍=ଭୟଙ୍କର; ଈଦୃକ୍=ଏପରି; ମମ=ମୋର; ଇଦମ୍=ଏହା ଯେପରି; ବ୍ୟପେତ-ଭୀଃ=ସମସ୍ତ ପ୍ରକାର ଭୟରୁ ମୁକ୍ତ ହେବା; ପ୍ରୀତ-ମନାଃ=ସନ୍ତୁଷ୍ଟମନା; ପୁନଃ=ପୁଣି; ତ୍ୱମ୍=ତୁମେ; ତତ୍=ତାହା; ଏବ=ଏହିପରି; ମେ=ମୋର; ରୂପମ୍=ରୂପ; ଇଦମ୍=ଏହି; ପ୍ରପଶ୍ୟ=ଦେଖ ।

## ଅନୁବାଦ

**ମୋର ଏ ଭୟଙ୍କର ରୂପ ଦେଖି ତୁମ ମନ ବିଚଳିତ ହୋଇ ପଡ଼ିଅଛି । ବର୍ତ୍ତମାନ ତାହା ବନ୍ଦ ହେଉ । ହେ ମୋର ଭକ୍ତ, ସମସ୍ତପ୍ରକାର ଗୋଳମାଳରୁ ମୁକ୍ତ ହୁଅ, ପ୍ରୀତମନା ହୋଇ (ମନ ଆନନ୍ଦରେ) ତୁମର ଈପ୍‌ସିତ ରୂପ ବର୍ତ୍ତମାନ ତୁମେ ଦେଖିପାର ।**

## ଭାବାର୍ଥ

ଭଗବଦ୍ ଗୀତାର ଆରମ୍ଭରେ ଅର୍ଜୁନ କିପରି ତାଙ୍କର ପୂଜ୍ୟ ପିତାମହ ଭୀଷ୍ମ ଓ ପୂଜ୍ୟ ଗୁରୁ ଦ୍ରୋଣଙ୍କୁ ବଧ କରିବେ ଏଇ କଥା ଚିନ୍ତାକରି ବଡ଼ ବିବ୍ରତ ହୋଇ ପଡ଼ିଥିଲେ । କିନ୍ତୁ କୃଷ୍ଣ କହିଲେ ଯେ ସେ ତାଙ୍କର ପିତାମହଙ୍କୁ ବଧ କରିବା ପାଇଁ ଭୟ କରିବା ଉଚିତ୍ ନୁହେଁ । ଯେତେବେଳେ ରାଜସଭାରେ ସେମାନେ ଦ୍ରୌପଦୀଙ୍କୁ ବିବସ୍ତ୍ର କରୁଥିଲେ, ସେତେବେଳେ ଭୀଷ୍ମ ଓ ଦ୍ରୋଣ ନୀରବ ରହିଥିଲେ ଏବଂ ଏହି କର୍ତ୍ତବ୍ୟରେ ଅବହେଳା କରିଥିବାରୁ ସେମାନଙ୍କୁ ବଧ କରିବାକୁ ପଡ଼ିବ । ଶ୍ରୀକୃଷ୍ଣ ତାଙ୍କର ବିଶ୍ୱରୂପରେ ଅର୍ଜୁନଙ୍କୁ ଦେଖାଇଦେଲେ ଏମାନେ ସମସ୍ତେ ସେମାନଙ୍କର ପାପକର୍ମ ନିମିତ୍ତ ନିହତ ହୋଇ ସାରିଛନ୍ତି । ଅର୍ଜୁନଙ୍କୁ ସେ ଦୃଶ୍ୟ ଦେଖାଇ ଦିଆଗଲା; କାରଣ ଭକ୍ତମାନେ ସର୍ବଦା ଶାନ୍ତିପ୍ରିୟ ଏବଂ ସେମାନେ କଦାପି ଏପରି ଭୟଙ୍କର କାଣ୍ଡ କରିପାରିବେ ନାହିଁ । ବିଶ୍ୱରୂପ ପ୍ରଦର୍ଶନ କରିବାର ଉଦ୍ଦେଶ୍ୟ କ'ଣ ତାହା ମଧ୍ୟ ଦେଖାଇ

ଦିଆଗଲା । ବର୍ତ୍ତମାନ ଅର୍ଜୁନ କୃଷ୍ଣଙ୍କର ଚତୁର୍ଭୁଜ ରୂପ ଦେଖିବାକୁ ଚାହୁଁଛନ୍ତି ଏବଂ କୃଷ୍ଣ ମଧ୍ୟ ଏହା ତାଙ୍କୁ ଦେଖାଇଲେ । ଭକ୍ତ, ଭଗବାନଙ୍କର ବିଶ୍ୱରୂପ ଦେଖିବା ନିମିତ୍ତ କଦାପି ଆଗ୍ରହୀ ହୁଏ ନାହିଁ; କାରଣ ସେ ରୂପରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସ୍ନେହପୂର୍ଣ୍ଣ ଭାବର ଆଦାନ ପ୍ରଦାନ କରାଯାଇପାରେ ନାହିଁ । ଭକ୍ତ ଭଗବାନଙ୍କୁ ତା'ର ଭକ୍ତିପୂର୍ଣ୍ଣ ଭାବ ପ୍ରଦାନ କରିବାପାଇଁ ଇଚ୍ଛାକରେ; ତେଣୁ ସେ ଚତୁର୍ଭୁଜ କିମ୍ବା ଦ୍ୱିଭୁଜ କୃଷ୍ଣରୂପ ଦେଖିବାକୁ ଇଚ୍ଛାକରେ; କାରଣ ତଦ୍ଦ୍ୱାରା ସେ ପରମପୁରୁଷ ଭଗବାନଙ୍କ ସହ ସ୍ନେହପୂର୍ଣ୍ଣ ଭାବର ଆଦାନ-ପ୍ରଦାନ କରିପାରିବ ।

## ଶ୍ଲୋକ - ୫୦

## ସଞ୍ଜୟ ଉବାଚ

**ଇତ୍ୟର୍ଜୁନଂ ବାସୁଦେବସ୍ତଥୋକ୍ତ୍ୱା**
**ସ୍ୱକଂ ରୂପଂ ଦର୍ଶୟାମାସ ଭୂୟଃ ।**
**ଆଶ୍ୱାସୟାମାସ ଚ ଭୀତମେନଂ**
**ଭୂତ୍ୱା ପୁନଃ ସୌମ୍ୟବପୁର୍ମହାତ୍ମା ।।୫୦।।**

## ଶବ୍ଦାନୁବାଦ

ସଞ୍ଜୟଃ ଉବାଚ=ସଞ୍ଜୟ କହିଲେ; ଇତି=ଏହିପରି; ଅର୍ଜୁନମ୍ =ଅର୍ଜୁନଙ୍କୁ; ବାସୁଦେବଃ=କୃଷ୍ଣ; ତଥା=ସେ ପ୍ରକାର; ଉକ୍ତ୍ୱା=କହି; ସ୍ୱକମ୍=ନିଜର; ରୂପମ୍=ରୂପ; ଦର୍ଶୟାମାସ=ଦେଖାଇଲେ; ଭୂୟଃ=ପୁନର୍ବାର; ଆଶ୍ୱାସୟାମାସ=ତାକୁ ମଧ୍ୟ ବୁଝାଇ ଦେଲେ; ଚ=ମଧ୍ୟ; ଭୀତମ୍=ଭୀତ; ଏନମ୍=ଏହାକୁ; ଭୂତ୍ୱା ପୁନଃ=ପୁଣିହୋଇ; ସୌମ୍ୟ-ବପୁଃ=ସୁନ୍ଦର ରୂପ; ମହାତ୍ମା=ମହାତ୍ମା ।

## ଅନୁବାଦ

**ସଞ୍ଜୟ ଧୃତରାଷ୍ଟ୍ରଙ୍କୁ କହିଲେ, ''ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏପରି କହି ତାଙ୍କର ବାସ୍ତବ ଚତୁର୍ଭୁଜ ରୂପ ଦେଖାଇଲେ ଏବଂ ଶେଷରେ ସେ ତାଙ୍କୁ ତାଙ୍କର ଦ୍ୱିଭୁଜ ରୂପ ଦେଖାଇଲେ । ଭୀତତ୍ରସ୍ତ ହୋଇ ପଡ଼ିଥିବା ଅର୍ଜୁନଙ୍କୁ ଏହିପରି ଉତ୍ସାହିତ କରି ସେ ତାଙ୍କର ସୁନ୍ଦରରୂପ ଦେଖାଇଲେ ।''**

## ଭାବାର୍ଥ

ଯେତେବେଳେ କୃଷ୍ଣ, ବସୁଦେବ ଓ ଦେବକୀଙ୍କର ପୁତ୍ରରୂପେ ଆବିର୍ଭୂତ ହେଲେ, ସେତେବେଳେ ସେ ପ୍ରଥମେ ଚତୁର୍ଭୁଜ ନାରାୟଣ ରୂପରେ ଆବିର୍ଭୂତ ହେଲେ, କିନ୍ତୁ ଯେତେବେଳେ ତାଙ୍କର ପିତାମାତା ତାଙ୍କୁ ଅନୁରୋଧ କଲେ - ଶିଶୁରୂପ ଧାରଣ କରିବା ପାଇଁ ସେତେବେଳେ ସେ ଏକ ସାଧାରଣ ଶିଶୁରୂପରେ ରୂପାନ୍ତରିତ ହୋଇଗଲେ । ସେହିପରି କୃଷ୍ଣ ଜାଣିଥିଲେ ଯେ ଅର୍ଜୁନ କୃଷ୍ଣଙ୍କର ଚତୁର୍ଭୁଜ ରୂପ ଦେଖିବାରେ ଆଗ୍ରହୀ ନୁହଁନ୍ତି, କିନ୍ତୁ ସେ କୃଷ୍ଣଙ୍କର ଚତୁର୍ଭୁଜ ରୂପ ଦେଖିବାକୁ ଇଚ୍ଛାକରି କୃଷ୍ଣଙ୍କୁ ତାହା ପ୍ରଦର୍ଶନ କରିବା ନିମିତ୍ତ ଅନୁରୋଧ କରିବାରୁ, କୃଷ୍ଣ ତାଙ୍କୁ ପୁନର୍ବାର ସେ ରୂପ ଦେଖାଇଲେ ଏବଂ ତତ୍ପରେ ଦ୍ୱିଭୁଜ ରୂପ ଦେଖାଇଲେ । ଏ ଶ୍ଲୋକରେ ବ୍ୟବହୃତ 'ସୌମ୍ୟ ବପୁଃ' ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ । 'ସୌମ୍ୟ ବପୁଃ' କହିଲେ ଅତି

ସୁନ୍ଦର ରୂପକୁ ବୁଝାଏ । ଏହା ଅତି ସୁନ୍ଦର ରୂପ ହିସାବରେ ପରିଚିତ । କୃଷ୍ଣ ଯେତେବେଳେ ଉପସ୍ଥିତ ଥିଲେ ସେତେବେଳେ ପ୍ରତ୍ୟେକେ ତାଙ୍କର କେବଳ ସୁନ୍ଦର ରୂପ ଦେଖି ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ଯେଣୁ ଶ୍ରୀକୃଷ୍ଣ ବ୍ରହ୍ମାଣ୍ଡରେ ନିୟନ୍ତ୍ରଣକାରୀ, ତେଣୁ ସେ ତାଙ୍କର ଭକ୍ତ ଅର୍ଜୁନଙ୍କର ଭୟ ଦୂର କରିଦେଲେ ଏବଂ ପୁନର୍ବାର ତାଙ୍କର ସୁନ୍ଦର କୃଷ୍ଣରୂପ ତାଙ୍କୁ ଦେଖାଇଲେ । ବ୍ରହ୍ମସଂହିତାରେ କୁହାଯାଇଛି ଯେ ଯେଉଁ ବ୍ୟକ୍ତିର ଚକ୍ଷୁ ପ୍ରେମାଞ୍ଜନଚ୍ଛୁରିତ ହୋଇଅଛି କେବଳ ସେହି ବ୍ୟକ୍ତି ହିଁ ଶ୍ରୀକୃଷ୍ଣଙ୍କର ସୁନ୍ଦର ରୂପକୁ ଦେଖିପାରିବ ।

## ଶ୍ଳୋକ - ୫୧

## ଅର୍ଜୁନ ଉବାଚ

**ଦୃଷ୍ଟ୍ୱେଦଂ ମାନୁଷଂ ରୂପଂ ତବ ସୌମ୍ୟଂ ଜନାର୍ଦ୍ଦନ ।**
**ଇଦାନୀମସ୍ମି ସଂବୃତ୍ତଃ ସଚେତାଃ ପ୍ରକୃତିଂ ଗତଃ ।। ୫୧ ।।**

## ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; ଦୃଷ୍ଟ୍ୱା=ଦେଖି; ଇଦମ୍=ଏହି; ମାନୁଷମ୍=ମନୁଷ୍ୟ; ରୂପମ୍=ରୂପ; ତବ=ଆପଣଙ୍କର; ସୌମ୍ୟମ୍=ଅତି ସୁନ୍ଦର; ଜନାର୍ଦ୍ଦନ=ହେ ଶତ୍ରୁ ଦମନକାରୀ; ଇଦାନୀମ୍=ବର୍ତ୍ତମାନ; ଅସ୍ମି=ଅଟେ; ସଂବୃତ୍ତଃ=ସ୍ଥିର; ସ-ଚେତାଃ=ମୋ ଚେତନାରେ; ପ୍ରକୃତିମ୍=ମୋ ନିଜର; ଗତଃ=ଗଲି ।

## ଅନୁବାଦ

**ଯେତେବେଳେ ଅର୍ଜୁନ କୃଷ୍ଣଙ୍କୁ ତାଙ୍କର ମୌଳିକ ରୂପରେ ଦେଖିଲେ, ସେ କହିଲେ, ‘‘ଆପଣଙ୍କର ଏ ଅତି ସୁନ୍ଦର ମନୁଷ୍ୟ ରୂପ ଦେଖି ମୋର ମନ ବର୍ତ୍ତମାନ ଶାନ୍ତ ହୋଇଗଲା ଏବଂ ମୁଁ ପ୍ରକୃତିସ୍ଥ ହୋଇଗଲି ।’’**

## ଭାବାର୍ଥ

ଏ ଶ୍ଳୋକରେ ବ୍ୟବହୃତ ‘‘ମାନୁଷଂ ରୂପଂ’’ ଶବ୍ଦରୁ ପରିଷ୍କାର ଭାବେ ସୂଚିତ ହେଉଛି ଯେ ପରମପୁରୁଷ ଭଗବାନ୍ ମୌଳିକ ଭାବେ ଦ୍ୱିହସ୍ତଧାରୀ ପୁରୁଷ ଅଟନ୍ତି । ଯେଉଁମାନେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ସାଧାରଣ ମାନବ ବୋଲି ଭାବି ଅସମ୍ମାନ ପ୍ରଦର୍ଶନ କରନ୍ତି, ସେମାନେ ତାଙ୍କର ଦିବ୍ୟ-ପ୍ରକୃତି ବିଷୟରେ ଅଜ୍ଞ ବୋଲି କୁହାଯାଉଛି । ଯଦି କୃଷ୍ଣ ଏକ ସାଧାରଣ ମାନବ ଅଟନ୍ତି, ତେବେ ପ୍ରଥମେ ବିଶ୍ୱରୂପ ଦେଖାଇ ପରେ ପୁଣି ଚତୁର୍ଭୁଜଧାରୀ ନାରାୟଣ ରୂପ ଦେଖାଇବା କିପରି ତାଙ୍କ ପକ୍ଷରେ ସମ୍ଭବ ହେଲା ? ତେଣୁ ଭଗବଦ୍ ଗୀତାରେ ପରିଷ୍କାର ଭାବରେ କୁହାଯାଉଛି ଯେ, ଯେ ଭାବେ ଯେ କୃଷ୍ଣ ଏକ ସାଧାରଣ ମାନବ ଏବଂ ପାଠକମାନଙ୍କୁ ଭ୍ରମଧାରଣା ଦିଏ ଯେ, ନିର୍ବିଶେଷ ବ୍ରହ୍ମ ମଧ୍ୟରେ ଥିବା କୃଷ୍ଣ କହୁଛନ୍ତି ଯେ, ସେ ଏକ ବିରାଟ (ଅକ୍ଷମଣୀୟ) ଅନ୍ୟାୟ କରେ । କୃଷ୍ଣ ବାସ୍ତବରେ ତାଙ୍କର ବିଶ୍ୱରୂପ ଏବଂ ଚତୁର୍ଭୁଜଧାରୀ ବିଷ୍ଣୁରୂପ ଦେଖାଇଛନ୍ତି । ତେଣୁ ସେ କିପରି ଏକ ସାଧାରଣ ମାନବ ହୋଇପାରନ୍ତି ? ଭଗବଦ୍ ଗୀତାର ଭ୍ରମପୂର୍ଣ୍ଣ ଭାଷ୍ୟରେ ଏକ ଶୁଦ୍ଧଭକ୍ତ କଦାପି ଭ୍ରମରେ ପଡ଼େନାହିଁ, କାରଣ ସେ ଜାଣେ ଯେ ପ୍ରକୃତ କଥା କ'ଣ । ଭଗବଦ୍ ଗୀତାର ମୌଳିକ ଶ୍ଳୋକଗୁଡ଼ିକ ସୂର୍ଯ୍ୟଙ୍କପରି ଅତି ସୁସ୍ପଷ୍ଟ । ସେଗୁଡ଼ିକ ନିର୍ବୋଧ ଭାଷ୍ୟକାରଙ୍କର ଲଣ୍ଠନଆଲୋକ ଦରକାର କରନ୍ତି ନାହିଁ ।

## ଶ୍ଲୋକ - ୫୨

## ଶ୍ରୀଭଗବାନୁବାଚ

**ସୁଦୁର୍ଦର୍ଶମିଦଂ ରୂପଂ ଦୃଷ୍ଟବାନସି ଯନ୍ମମ ।**
**ଦେବା ଅପ୍ୟସ୍ୟ ରୂପସ୍ୟ ନିତ୍ୟଂ ଦର୍ଶନକାଙ୍‌କ୍ଷିଣଃ ।।୫୨।।**

## ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ଶ୍ରୀ ଭଗବାନ୍ କହିଲେ; ସୁଦୁର୍ଦର୍ଶମ୍=ଦେଖିବା ବଡ଼ କଠିନ; ଇଦମ୍=ଏହି; ରୂପମ୍=ରୂପ; ଦୃଷ୍ଟବାନ୍ ଅସି=ତୁମେ ଯାହା ଦେଖିଛ; ଯତ୍=ଯାହା; ମମ=ମୋର; ଦେବାଃ=ଦେବତାମାନେ; ଅପି ଅସ୍ୟ=ଏହା ମଧ୍ୟ; ରୂପସ୍ୟ=ରୂପର; ନିତ୍ୟମ୍=ବରାବର; ଦର୍ଶନ-କାଙ୍‌କ୍ଷିଣଃ=ବରାବର ଦେଖିବାକୁ ଇଚ୍ଛୁକ ।

## ଅନୁବାଦ

**ଶ୍ରୀଭଗବାନ୍ କହିଲେ, "ହେ ପ୍ରିୟ ଅର୍ଜୁନ ! ବର୍ତ୍ତମାନ ତୁମେ ଯେଉଁ ରୂପ ଦେଖୁଛ, ତାହା ଦେଖିବା ବଡ଼ କଠିନ, ଏପରିକି ଏ ପ୍ରିୟ ରୂପକୁ ଦେଖିବାପାଇଁ ଦେବତାମାନେ ବରାବର ସୁବିଧା-ସୁଯୋଗ ଉଣ୍ଡୁ ଥା'ନ୍ତି ।**

## ଭାବାର୍ଥ

ଏହି ଅଧ୍ୟାୟର ୪୮ଶ ଶ୍ଲୋକରେ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର ବିଶ୍ୱରୂପ ଦେଖାଇ ଅର୍ଜୁନଙ୍କୁ ଶେଷ କଥା ଶୁଣାଇ କହିଲେ ଯେ ଏ ରୂପ, ନାନାପୁଣ୍ୟକର୍ମ, ଯଜ୍ଞ, ଦାନଧର୍ମ ଆଦି କରି ସୁଦ୍ଧା କେହି ଦେଖିପାରିବା ସମ୍ଭବ ନୁହେଁ । ବର୍ତ୍ତମାନ ଏଠାରେ *"ସୁଦୁର୍ଦର୍ଶମ୍"* ଶବ୍ଦ ବ୍ୟବହାର କରି ଶ୍ରୀକୃଷ୍ଣ ସୂଚନା ଦେଉଛନ୍ତି ଯେ ଏ ଦ୍ୱିଭୁଜଧାରୀ କୃଷ୍ଣରୂପ ଦେଖିବା ଆହୁରି କଠିନ । ବ୍ୟକ୍ତି ତପଃସାଧନ, ଧ୍ୟାନ-ମନନ ଓ ବେଦାଧ୍ୟୟନ ଆଦି କେତେକ କର୍ମ ଭକ୍ତିସହ ସଂପାଦନ କଲେ, କୃଷ୍ଣଙ୍କର ଏ ବିଶ୍ୱରୂପ ଦେଖିପାରେ । ଏହା ସମ୍ଭବପର ହୋଇପାରେ, କିନ୍ତୁ ଭକ୍ତି ବିନା ଦେଖିବା ସମ୍ଭବପର ନୁହେଁ । ଏ କଥା ପୂର୍ବରୁ କୁହାଯାଇସାରିଛି । ତଥାପି, ଏ ବିଶ୍ୱରୂପଠାରୁ ବଳି ଶ୍ରୀକୃଷ୍ଣଙ୍କର ଦ୍ୱିଭୁଜଧାରୀ ସୁନ୍ଦର ମନୁଷ୍ୟରୂପ ଦେଖିବା, ତା'ଠାରୁ ଅଧିକ କଠିନ । ଏପରିକି ଶ୍ରୀବ୍ରହ୍ମାଜୀ ଓ ଶ୍ରୀଶିବଜୀ ଆଦି ଦେବତାମାନଙ୍କ ପକ୍ଷରେ ମଧ୍ୟ ଏ ରୂପ ଦେଖିବା କଠିନ । ସେମାନେ ତାଙ୍କୁ ଦେଖିବାକୁ ଇଚ୍ଛା କରନ୍ତି । ଆମ୍ଭେମାନେ ଏ ସମ୍ବନ୍ଧରେ ଶ୍ରୀମଦ୍ ଭାଗବତମ୍‌ରୁ ପ୍ରମାଣ ପାଉ ଯେ ଯେତେବେଳେ ଭଗବାନ୍ ଶ୍ରୀକୃଷ୍ଣ ଦେବକୀଙ୍କ ଗର୍ଭରେ ଥିଲେ, ସେତେବେଳେ ସ୍ୱର୍ଗରୁ ସମସ୍ତଦେବତା କୃଷ୍ଣଙ୍କର ଆଶ୍ଚର୍ଯ୍ୟଜନକ ରୂପ ଦେଖିବାକୁ ଆସିଥିଲେ । ସେମାନେ ତାଙ୍କୁ ଦେଖିବାକୁ ଅପେକ୍ଷା କଲେ । ଏକ ମୂର୍ଖ ବ୍ୟକ୍ତି ତାଙ୍କୁ ଅସମ୍ମାନ ପ୍ରଦର୍ଶନ କରିପାରେ; କାରଣ ସେ ଏକ ସାଧାରଣ ମାନବ । ଶିବ, ବ୍ରହ୍ମାଆଦି ଦେବାତବୃନ୍ଦ କୃଷ୍ଣଙ୍କର ଦ୍ୱିଭୁଜଧାରୀ ସୁନ୍ଦର ମନୁଷ୍ୟରୂପ ଦେଖିବାକୁ ବାସ୍ତବରେ ଆକାଙ୍‌କ୍ଷିତ ।

ଭଗବଦ୍‌ଗୀତାରେ ଏକଥା ମଧ୍ୟ କୁହାଯାଇଛି ଯେ ଯେଉଁ ମୂର୍ଖମାନେ ତାଙ୍କୁ ଅସମ୍ମାନ କରନ୍ତି, ସେମାନଙ୍କୁ ସେ ଦେଖାଯା'ନ୍ତି ନାହିଁ । ବ୍ରହ୍ମସଂହିତାରେ କୁହାଯାଇଛି ଏବଂ ସ୍ୱୟଂ ଭଗବାନ୍ ଭଗବଦ୍‌ଗୀତାରେ କହିଛନ୍ତି ଯେ କୃଷ୍ଣଙ୍କର ଶରୀର ଦିବ୍ୟଶରୀର ଅଟେ ଏବଂ ତାହା ପୂର୍ଣ୍ଣରୂପେ ସତ୍, ଚିତ୍ ଓ ଆନନ୍ଦମୟ ଅଟେ । ତାଙ୍କ ଶରୀର ଜଡ଼ ଶରୀର ନୁହେଁ । କେତେକ ଲୋକ,

ଯେଉଁମାନେ ଭଗବଦ୍‌ଗୀତା କିମ୍ବା ତଦ୍ରୂପ ବୈଦିକ ସାହିତ୍ୟମାନ ପାଠକରି କୃଷ୍ଣଙ୍କ ସମ୍ବନ୍ଧରେ ଅଧ୍ୟୟନ କରନ୍ତି, ସେମାନଙ୍କ ପକ୍ଷରେ କୃଷ୍ଣ ଏକ ସମସ୍ୟା ହୋଇ ଉଠନ୍ତି । ଯେଉଁ ବ୍ୟକ୍ତି ଭୌତିକ ବିଧି ଅବଲମ୍ବନ କରେ, ତା' ପକ୍ଷରେ କୃଷ୍ଣ ଏକ ମହାନ୍ ଐତିହାସିକ ଏବଂ ଏକ ଅତି ବିଶିଷ୍ଟ ବିଦ୍ୱାନ ଦାର୍ଶନିକ ହୋଇ ଉଠନ୍ତି, କିନ୍ତୁ ସେ ଏକ ସାଧାରଣ ମାନବ ନୁହଁନ୍ତି । କେତେକ ଏପରି ଭାବନ୍ତି ଯେ ଯଦିଓ ସେ ଏଡ଼େ ଶକ୍ତିଶାଳୀ, ତଥାପି ସେ ଭୌତିକ ଶରୀର ଗ୍ରହଣ କରିଥିଲେ । ପରିଣାମତଃ ସେମାନେ ଭାବନ୍ତି ଯେ ଭଗବାନ୍ ନିର୍ବିଶେଷ ଅଟନ୍ତି, ତେଣୁ ସେମାନେ ଭାବନ୍ତି ଯେ ନିର୍ବିଶେଷ-ଭଗବାନ୍ ଭୂତପ୍ରକୃତିକୁ ଆଶ୍ରୟକରି ଏକ ସାଧାରଣ ମାନବ ଶରୀର ଧାରଣ କରନ୍ତି । ଏହା ହେଉଛି ପରମେଶ୍ୱରଙ୍କର ଏକ ଭୌତିକ ସମୀକ୍ଷା । ଆଉ ଏକ ପ୍ରକାର ସମୀକ୍ଷା ହେଉଛି ମାନସିକ । ଯେଉଁମାନେ ଜ୍ଞାନ-ପିପାସୁ ସେମାନେ ମଧ୍ୟ କୃଷ୍ଣଙ୍କ ଉପରେ ମାନସିକ ସମୀକ୍ଷା କରନ୍ତି ଏବଂ ଭାବନ୍ତି ଯେ ଭଗବାନ୍ ତାଙ୍କର ବିଶ୍ୱରୂପ (ଅର୍ଥାତ୍ ଅଧିଦୈବତମ୍) ଠାରୁ ନ୍ୟୁନତର ଅଟନ୍ତି । ଏହି ପ୍ରକାରେ କେତେକ ଭାବନ୍ତି ଯେ କୃଷ୍ଣ, ଅର୍ଜୁନଙ୍କୁ ଯେଉଁ ବିଶ୍ୱରୂପ ପ୍ରଦର୍ଶନ କରାଇଲେ ତାହା ତାଙ୍କର ବ୍ୟକ୍ତିଗତ ପୁରୁଷରୂପଠାରୁ ଅଧିକ ପ୍ରସିଦ୍ଧ ଅଟେ । ସେମାନଙ୍କ ମତାନୁଯାୟୀ ଭଗବାନଙ୍କର ମନୁଷ୍ୟ ରୂପ କଳ୍ପନାପ୍ରସୂତ ଅଟେ । ସେମାନେ ବିଶ୍ୱାସ କରନ୍ତି ଯେ ପରିଣାମତଃ ଭଗବାନ୍ ଏକ ପୁରୁଷ ନୁହଁନ୍ତି । କିନ୍ତୁ ଭଗବଦ୍ ଗୀତାର ଦ୍ୱିତୀୟ ଅଧ୍ୟାୟରେ ଦିବ୍ୟ ପଦ୍ଧତି ବିଷୟରେ ବର୍ଣ୍ଣନା କରାଯାଇଅଛି ଯେ ଯେଉଁମାନେ ଉପଯୁକ୍ତ ପ୍ରାମାଣିକ ଆଚାର୍ଯ୍ୟ, ସେହିମାନଙ୍କଠାରୁ କୃଷ୍ଣକଥା ଶୁଣିବା ଉଚିତ୍ । ତାହା ହେଉଛି ବାସ୍ତବ ବୈଦିକନୀତି ଏବଂ ଯେଉଁମାନେ ବାସ୍ତବରେ ବୈଦିକ ଧାରା ଅନୁସରଣ କରନ୍ତି, ସେମାନେ ଉପଯୁକ୍ତ ଆଚାର୍ଯ୍ୟଙ୍କଠାରୁ କୃଷ୍ଣକଥା ଶୁଣନ୍ତି ଏବଂ ବାରମ୍ବାର ତାଙ୍କ କଥା ଶୁଣିଲେ କୃଷ୍ଣ ଅତ୍ୟନ୍ତ ପ୍ରିୟ ହୋଇ ଉଠନ୍ତି । ଆମେ ଅନେକଥର କହିଛୁ ଯେ କୃଷ୍ଣ ତାଙ୍କର ଯୋଗମାୟାଶକ୍ତିଦ୍ୱାରା ଆବୃତ । ସେ ସମସ୍ତଙ୍କଠାରେ ପ୍ରକଟିତ ହୁଅନ୍ତି ନାହିଁ ବା ସମସ୍ତେ ତାଙ୍କୁ ଦେଖି ପାରନ୍ତି ନାହିଁ । ସେ (କୃପାବଶତଃ) ଯାହାଙ୍କଠାରେ ପ୍ରକଟିତ ହୁଅନ୍ତି, ସେ ହିଁ ତାଙ୍କୁ ଦେଖିପାରେ । ବୈଦିକ ସାହିତ୍ୟରେ କୁହାଯାଇଛି ଯେ ସେ ସଂପୂର୍ଣ୍ଣ ଶରଣାଗତ ଆତ୍ମା, ସେ ହିଁ ଭଗବାନଙ୍କୁ ବାସ୍ତବରେ ବୁଝିପାରେ । ଯୋଗୀ ଅନବରତ କୃଷ୍ଣଭାବନା କଲେ ଏବଂ କୃଷ୍ଣଙ୍କଠାରେ ଅନନ୍ୟ ଭକ୍ତି ପ୍ରଦର୍ଶନ କଲେ, ତାହାର-ଦିବ୍ୟଚକ୍ଷୁ ଉନ୍ମୀଳିତ ହୁଏ ଏବଂ ସେ ଦିବ୍ୟ ପ୍ରକାଶରେ ସେ କୃଷ୍ଣଙ୍କୁ ଦେଖିପାରେ । ଦେବତାମାନଙ୍କ ପକ୍ଷରେ ମଧ୍ୟ ଏପ୍ରକାର ଦିବ୍ୟ ପ୍ରକାଶ ଦର୍ଶନ କରିବା ସମ୍ଭବପର ନୁହେଁ । ତେଣୁ ଏପରିକି ଦେବତାମାନଙ୍କ ପକ୍ଷରେ କୃଷ୍ଣଙ୍କୁ ବୁଝିବା କଷ୍ଟକର । ପୁନଶ୍ଚ ଅତି ଉନ୍ନତ ବିଶିଷ୍ଟ ଦେବତାଗଣ ସର୍ବଦା କୃଷ୍ଣଙ୍କର ଦ୍ୱିଭୁଜଧାରୀ ମୌଳିକରୂପ ଦେଖିବାକୁ ଆକାଙ୍‌କ୍ଷିତ । ବର୍ତ୍ତମାନ ଏହି ସିଦ୍ଧାନ୍ତ ମିଳୁଛି ଯେ ଯଦିଓ କୃଷ୍ଣଙ୍କର ବିଶ୍ୱରୂପ ଦର୍ଶନ କରିବା ଅତି କଠିନ ଏବଂ ସମସ୍ତଙ୍କ ପକ୍ଷରେ ସମ୍ଭବପର ନୁହେଁ, ତଥାପି ତାଙ୍କର ପୁରୁଷରୂପ ଅର୍ଥାତ୍ ଶ୍ୟାମସୁନ୍ଦରରୂପକୁ ବୁଝିବା ଓ ଦେଖିବା ତଦପେକ୍ଷା ଅଧିକ କଠିନ (କଠିନତର) ଅଟେ ।

## ଶ୍ଳୋକ - ୫୩

**ନାହଂ ବେଦୈର୍ନ ତପସା ନ ଦାନେନ ନ ଚେଜ୍ୟୟା ।**
**ଶକ୍ୟ ଏବଂବିଧୋ ଦ୍ରଷ୍ଟୁଂ ଦୃଷ୍ଟବାନସି ମାଂ ଯଥା ।।୫୩।।**

## ଶବ୍ଦାନୁବାଦ

ନ=ନୁହେଁ; ଅହମ୍=ମୁଁ; ବେଦୈଃ=ବେଦାଧ୍ୟୟନଦ୍ୱାରା; ନ=ନୁହେଁ; ତପସା=କଠିନ ତପସ୍ୟାଦ୍ୱାରା; ନ=ନୁହେଁ; ଦାନେନ=ଦାନଦ୍ୱାରା; ନ=ନୁହେଁ; ଚ=ମଧ୍ୟ; ଇଜ୍ୟୟା=ଯଜ୍ଞଦ୍ୱାରା; ଶକ୍ୟଃ=ସମ୍ଭବପର; ଏବଂବିଧଃ=ଏ ପ୍ରକାର; ଦ୍ରଷ୍ଟୁମ୍=ଦେଖିବାକୁ; ଦୃଷ୍ଟବାନ୍=ଦେଖୁଛ; ଅସି=ତୁମେ; ମାମ୍=ମୋତେ; ଯଥା=ଯେପରି ।

## ଅନୁବାଦ

**ତୁମର ଦିବ୍ୟଚକ୍ଷୁ ସାହାଯ୍ୟରେ ତୁମେ ମୋର ଯେଉଁ ରୂପ ଦେଖୁଛ ତାହା କେବଳ ବେଦାଧ୍ୟୟନଦ୍ୱାରା, କିମ୍ବା କଠିନ ତପସ୍ୟାଦ୍ୱାରା, କିମ୍ବା ଦାନଦ୍ୱାରା କିମ୍ବା ଯଜ୍ଞଦ୍ୱାରା କେହି ଦେଖିପାରିବେ ନାହିଁ କି ବୁଝିପାରିବେ ନାହିଁ । ମୋର ପ୍ରକୃତ ସ୍ୱରୂପକୁ ଏ ପ୍ରକାରେ କେହି ଦେଖିପାରିବେ ନାହିଁ ।**

## ଭାବାର୍ଥ

କୃଷ୍ଣ ତାଙ୍କର ପିତା-ମାତା ଦେବକୀ ଓ ବସୁଦେବଙ୍କ ସମକ୍ଷରେ ପ୍ରଥମେ ଚତୁର୍ଭୁଜଧାରୀ ନାରାୟଣ ରୂପରେ ଆବିର୍ଭୂତ ହେଲେ ଏବଂ ତତ୍ ପରେ ସେ ଦ୍ୱିଭୁଜଧାରୀ ମାନବ ରୂପରେ ରୂପାନ୍ତରିତ ହୋଇଗଲେ । ଯେଉଁମାନେ ନାସ୍ତିକ କିମ୍ବା ଭକ୍ତ ନୁହଁନ୍ତି ସେମାନଙ୍କ ପକ୍ଷରେ ଏ ରହସ୍ୟ ବୁଝିବା ବଡ଼ କଠିନ । ଯେଉଁ ଜ୍ଞାନପିପାସୁଗଣ ମାନସିକ ଚିନ୍ତନ କରି ବୈଦିକ ସାହିତ୍ୟ ଅଧ୍ୟୟନ କରିଛନ୍ତି କିମ୍ବା କେବଳ ଜ୍ଞାନାର୍ଜନ (ପାଣ୍ଡିତ୍ୟ) ନିମିତ୍ତ ବେଦାଧ୍ୟୟନ କରିଛନ୍ତି ସେମାନଙ୍କ ପକ୍ଷରେ କୃଷ୍ଣଙ୍କୁ ବୁଝିବା ସହଜ ନୁହେଁ, କିମ୍ବା ଯେଉଁମାନେ କେବଳ ମନ୍ଦିରକୁ ଯାଇ ଠାକୁରଙ୍କୁ ପୂଜା କରନ୍ତି, ସେମାନେ ମଧ୍ୟ କୃଷ୍ଣଙ୍କୁ ବୁଝିପାରନ୍ତି ନାହିଁ । ସେମାନେ କେବଳ ମନ୍ଦିରକୁ ଯାଇ ଦର୍ଶନ କରନ୍ତି, କିନ୍ତୁ କୃଷ୍ଣଙ୍କର ପ୍ରକୃତ ସ୍ୱରୂପ ସମ୍ବନ୍ଧରେ କିଛି ଜାଣିପାରନ୍ତି ନାହିଁ । କେବଳ ଭକ୍ତିଯୋଗ ଜରିଆରେ ହିଁ କୃଷ୍ଣ ଜଣାଯାଇ ପାରନ୍ତି; ଅନ୍ୟଥା ନୁହେଁ । ପରବର୍ତ୍ତୀ ଶ୍ଳୋକରେ ସ୍ୱୟଂ କୃଷ୍ଣ ଏକଥା କହୁଛନ୍ତି ।

## ଶ୍ଳୋକ - ୫୪

**ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂବିଧୋଽର୍ଜୁନ ।**
**ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ ।। ୫୪ ।।**

## ଶବ୍ଦାନୁବାଦ

ଭକ୍ତ୍ୟା=ଭକ୍ତିଯୋଗରେ; ତୁ=କିନ୍ତୁ; ଅନନ୍ୟୟା=ସକାମ କର୍ମରେ କିମ୍ବା କାଳ୍ପନିକ ଜ୍ଞାନରେ ମିଶ୍ରିତ ନ ହୋଇ; ଶକ୍ୟଃ=ସକ୍ଷମ; ଅହମ୍=ମୁଁ; ଏବଂବିଧଃ=ଏହିପରି; ଅର୍ଜୁନ=ହେ ଅର୍ଜୁନ; ଜ୍ଞାତୁମ୍=ଜାଣିବାକୁ; ଦ୍ରଷ୍ଟୁମ୍=ଦେଖିବାକୁ; ଚ=ଏବଂ; ତତ୍ତ୍ୱେନ=ବାସ୍ତବରେ; ପ୍ରବେଷ୍ଟୁମ୍=ପ୍ରବେଶ କରିବାକୁ; ଚ=ମଧ୍ୟ; ପରନ୍ତପ=ହେ ଶତ୍ରୁଦମନକାରୀ ।

## ଅନୁବାଦ

**ହେ ପ୍ରିୟ ଅର୍ଜୁନ! କେବଳ ଅନନ୍ୟ ଭକ୍ତି ବଳରେ ଭକ୍ତ ମୋର ପ୍ରକୃତ ସ୍ୱରୂପକୁ ଜାଣିବାକୁ ସକ୍ଷମ ହେବ; ମୁଁ ଯେପରି ମୋର ପ୍ରକୃତ ସ୍ୱରୂପରେ ବର୍ତ୍ତମାନ ତୁମ ସମକ୍ଷରେ**

**ଦଣ୍ଡାୟମାନ ହୋଇଅଛି, ଠିକ୍ ଏହି ସ୍ୱରୂପକୁ ଭକ୍ତ ଜାଣିପାରିବ। ଏହି ପ୍ରକାରେ ମୁଁ ପ୍ରତ୍ୟକ୍ଷଭାବରେ ଦୃଷ୍ଟିଗୋଚର ହୋଇପାରିବି। କେବଳ ଏହି ପ୍ରକାରେ ତୁମେ ମୋର ରହସ୍ୟକୁ ଭେଦ କରିପାରିବ।**

## ଭାବାର୍ଥ

ଅନନ୍ୟ ଭକ୍ତିବଳରେ ଭକ୍ତ କୃଷ୍ଣଙ୍କୁ ଜାଣିପାରିବ। ସେ ଅତି ସୁସ୍ପଷ୍ଟଭାବରେ ଏହି ଶ୍ଳୋକରେ ଏହା ପ୍ରକାଶ କରିଛନ୍ତି, ତେଣୁ ଯେଉଁମାନେ ଉପଯୁକ୍ତ ଅଧିକାରୀ ନ ହୋଇ ଗୀତାର ଭାଷ୍ୟକାର ହେଉଛନ୍ତି ଏବଂ କାଳ୍ପନିକ ଜ୍ଞାନବଳରେ ଭଗବଦ୍‌ଗୀତାକୁ ବୁଝିବାକୁ ଚେଷ୍ଟା କରୁଛନ୍ତି, ସେମାନେ ଜାଣିରଖିବା ଉଚିତ୍ ଯେ ସେମାନେ କେବଳ ଅଯଥା ସମୟ ନଷ୍ଟ କରୁଛନ୍ତି।

କୃଷ୍ଣଙ୍କୁ କେହି ବୁଝିପାରିବେ ନାହିଁ। ସେ କିପରି ପିତାମାତାଙ୍କ ସମକ୍ଷରେ ଚତୁର୍ଭୁଜ-ନାରାୟଣ ରୂପରେ ଆବିର୍ଭୂତ ହେଲେ ଏବଂ ପୁଣି ସାଙ୍ଗେ ସାଙ୍ଗେ ଦ୍ୱିଭୁଜଧାରୀ ସୁନ୍ଦର ମାନବରୂପରେ ପରିବର୍ତ୍ତିତ ହୋଇଗଲେ - ଏକଥା କେହି ବୁଝିପାରିବେ ନାହିଁ। ଏଠାରେ ପରିଷ୍କାରଭାବରେ କୁହାଯାଇଛି ଯେ କେହି ତାଙ୍କୁ ଦେଖି ପାରିବେ ନାହିଁ। ଯେଉଁମାନେ ଅବଶ୍ୟ, ବୈଦିକ ସାହିତ୍ୟରେ ଖୁବ୍ ପାରଙ୍ଗମ, ସେମାନେ ଅନେକ ପ୍ରକାରେ ବୈଦିକ ସାହିତ୍ୟରୁ ତାଙ୍କ ବିଷୟ ଅଧ୍ୟୟନ କରିପାରିବେ। ଅନେକ ନୀତି ନିୟମ ଅଛି ଏବଂ ଯଦି କେହି କୃଷ୍ଣଙ୍କୁ ବୁଝିବାକୁ ଇଚ୍ଛାକରେ, ତେବେ ତାକୁ ପ୍ରାମାଣିକ ଗ୍ରନ୍ଥରେ ଦିଆଯାଇଥିବା ସାଧନ ପ୍ରଣାଳୀ ଅବଲମ୍ବନ କରିବାକୁ ପଡ଼ିବ। ସେହି ପ୍ରଣାଳୀ ଅନୁଯାୟୀ ସେ ତପଃ ସାଧନ କରିପାରେ। ଦାନ କରିବା ସମ୍ବନ୍ଧରେ କୁହାଯାଇଛି ଯେ ଯେଉଁ କୃଷ୍ଣଭକ୍ତ କୃଷ୍ଣବିଜ୍ଞାନ ବା କୃଷ୍ଣଚେତନା ସାରା ପୃଥିବୀରେ ପ୍ରଚାର କରିବା ନିମିତ୍ତ କାର୍ଯ୍ୟ କରୁଛନ୍ତି ସେ ପ୍ରକାର ଭକ୍ତଙ୍କୁ ଦାନ କରିବା ଉଚିତ୍।

କୃଷ୍ଣଭାବନା ମାନବ ସମାଜ ପ୍ରତି ଏକ ଆଶୀର୍ବାଦ ଅଟେ। ଶ୍ରୀଳ ରୂପଗୋସ୍ୱାମୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କୁ ଅତ୍ୟନ୍ତ ବଦାନ୍ୟ ବ୍ୟକ୍ତି ବୋଲି କହିଛନ୍ତି, କାରଣ ଅତି ଦୁଷ୍ପ୍ରାପ୍ୟ କୃଷ୍ଣପ୍ରେମକୁ ସେ ଅଯାଚିତଭାବରେ ମୁକ୍ତ ହୃଦୟରେ ଦାନ କରୁଥିଲେ। ଶାସ୍ତ୍ର ନିର୍ଦ୍ଦେଶ ଅନୁସାରେ ଯଦି କେହି ମନ୍ଦିରରେ କୃଷ୍ଣ କିମ୍ବା ବିଷ୍ଣୁ ବିଗ୍ରହର ପୂଜାକରେ, ତାହାହେଲେ ସେ ଉନ୍ନତି କରିବାର ଏକ ସୁଯୋଗ ପାଏ। ଯେଉଁମାନେ ପ୍ରାଥମିକ ସ୍ତରରେ ଥା'ନ୍ତି, ସେମାନଙ୍କ ପକ୍ଷରେ ମନ୍ଦିରରେ ଶ୍ରୀବିଗ୍ରହର ପୂଜା କରିବା ଆବଶ୍ୟକ ଏବଂ ଏହା ବୈଦିକ ସାହିତ୍ୟରେ ସ୍ୱୀକୃତ ହୋଇଅଛି।

ଯାହାର ଭଗବାନଙ୍କ ପ୍ରତି ଅନନ୍ୟ ଭକ୍ତି ଅଛି ଏବଂ ସେ ଯଦି ଉପଯୁକ୍ତ ଗୁରୁଙ୍କ ନିର୍ଦ୍ଦେଶରେ ସାଧନା କରୁଛି, ତେବେ ସେ ପରମପୁରୁଷ ଭଗବାନଙ୍କୁ ଦେଖିପାରିବ। ଯେ ଉପଯୁକ୍ତ ଗୁରୁଙ୍କ ଅଧୀନରେ ସାଧନା ନକରେ, ତା' ପକ୍ଷରେ କୃଷ୍ଣଙ୍କୁ ବୁଝିବା ବଡ଼ ଅସମ୍ଭବ। ଏ ଶ୍ଳୋକରେ ବ୍ୟବହୃତ 'ତୁ' ଶବ୍ଦ ସ୍ପଷ୍ଟରୂପେ ଏହି ସୂଚନା ଦେଉଛି ଯେ ଅନ୍ୟ କୌଣସି ପନ୍ଥା ଗ୍ରହଣ କରାଯାଇ ନପାରେ କିମ୍ବା କୃଷ୍ଣଙ୍କୁ ବୁଝିବାରେ ଅନ୍ୟ କୌଣସି ପନ୍ଥାରେ ବ୍ୟକ୍ତି ସଫଳୀକୃତ ହୋଇପାରିବ ନାହିଁ।

କୃଷ୍ଣଙ୍କର ଦ୍ୱିଭୁଜଧାରୀ ଏବଂ ଚତୁର୍ଭୁଜଧାରୀ ମନୁଷ୍ୟ ରୂପ, ଅର୍ଜୁନଙ୍କୁ ଦେଖାଇଥିବା ଅନିତ୍ୟ ବିଶ୍ୱରୂପଠାରୁ ସଂପୂର୍ଣ୍ଣ ଭିନ୍ନ। ଚତୁର୍ଭୁଜ ରୂପ ହେଉଛନ୍ତି ନାରାୟଣ ଏବଂ ଦ୍ୱିଭୁଜ ରୂପ

ହେଉଛନ୍ତି କୃଷ୍ଣ । ଏମାନେ ଶାଶ୍ୱତ ଏବଂ ଦିବ୍ୟ, କିନ୍ତୁ ଅର୍ଜୁନଙ୍କୁ ଦେଖାଇଥିବା ବିଶ୍ୱରୂପ ଅନିତ୍ୟ ଅଟେ । *''ସୁଦୁର୍ଦର୍ଶମ୍''* ଶବ୍ଦର ଅର୍ଥ ହେଉଛି ଦେଖିବା ଅତି କଠିନ । ଏ ଶବ୍ଦରୁ ସୂଚିତ ହେଉଅଛି ଯେ କେହି ସେ ବିଶ୍ୱରୂପକୁ ଦେଖି ନଥିଲେ । ପୁନଶ୍ଚ ଏଥିରୁ ସୂଚିତ ହେଉଛି ଯେ ଭକ୍ତମାନଙ୍କ ମଧ୍ୟରେ କାହାରିକୁ ଏହାକୁ ଦେଖାଇବାର କୌଣସି ଆବଶ୍ୟକତା ନ ଥିଲା । କେବଳ ଅର୍ଜୁନଙ୍କ ଅନୁରୋଧ ରକ୍ଷାକରି କୃଷ୍ଣ ତାଙ୍କୁ ସେ ରୂପ ଦେଖାଇଲେ, କାରଣ ଭବିଷ୍ୟତରେ ଯଦି କେହି ନିଜକୁ ଭଗବାନ୍ ବୋଲି କହିବ, ତାହାହେଲେ ଲୋକମାନେ ତାଙ୍କୁ ବିଶ୍ୱରୂପ ଦେଖାଇବା ପାଇଁ କହିବେ ।

କୃଷ୍ଣ ତାଙ୍କର ବିଶ୍ୱରୂପକୁ ପରିବର୍ତ୍ତନ କରି ଚତୁର୍ଭୁଜ ନାରାୟଣ ରୂପ ଧାରଣ କଲେ । ଏଥିରୁ ସୂଚିତ ହେଉଛି ଯେ ବୈଦିକ ସାହିତ୍ୟରେ ବର୍ଣ୍ଣନା କରାଯାଇଥିବା ତାଙ୍କର ଚତୁର୍ଭୁଜ ରୂପ ଓ ଅନ୍ୟ ସବୁ ରୂପ ତାଙ୍କର ଦ୍ୱିଭୁଜଧାରୀ ମୌଳିକ କୃଷ୍ଣ ରୂପରୁ ହିଁ ଉଦ୍ଭବ । ସମସ୍ତ 'ଉଦ୍‌ଗମ'ର ସେ ହେଉଛନ୍ତି ମୂଳ । ଏପରିକି ଏସବୁ ରୂପଠାରୁ କୃଷ୍ଣ ସ୍ୱତନ୍ତ୍ର । ନିର୍ବିଶେଷ ବ୍ରହ୍ମ କଥା ବା ଆଉ କ'ଣ କହିବା ? ପରିଷ୍କାର ଭାବରେ କୁହାଯାଇଛି ଯେ କୃଷ୍ଣଙ୍କର ଚତୁର୍ଭୁଜ ରୂପମାନ ତାଙ୍କଠାରୁ ବିସ୍ତୃତ ହୋଇଛନ୍ତି । ଏପରିକି କୃଷ୍ଣଙ୍କର ଅତି ସାଦୃଶ୍ୟ ଚତୁର୍ଭୁଜ ରୂପ ଅର୍ଥାତ୍ ମହାବିଷ୍ଣୁ ରୂପ ତାଙ୍କର ଏକ ବିସ୍ତାର ଅଟେ । ଏ ମହାବିଷ୍ଣୁ କାରଣୋଦକରେ ଶୟନ କରିଥା'ନ୍ତି ଏବଂ ତାଙ୍କର ନିଶ୍ୱାସ-ପ୍ରଶ୍ୱାସରୁ ଅସଂଖ୍ୟ ବ୍ରହ୍ମାଣ୍ଡ ବର୍ହିଗତ ହୁଏ ଏବଂ ପୁଣି ତାଙ୍କଠାରେ ପ୍ରବେଶ କରେ । ତେଣୁ ବ୍ୟକ୍ତି ନିଶ୍ଚିତରୂପେ ଭଗବାନଙ୍କର କୃଷ୍ଣରୂପକୁ, ଯାହାକି ସତ୍-ଚିତ୍ ଆନନ୍ଦମୟ ବିଗ୍ରହ ଅଟେ, ପୂଜା କରିବା ଉଚିତ୍ । ସମସ୍ତ ବିଷ୍ଣୁ ରୂପର ସେ ହେଉଛନ୍ତି ମୂଳ । ସମସ୍ତ ଅବତାରମାନଙ୍କର ସେ ହେଉଛନ୍ତି ମୂଳ ଏବଂ ସେ ହେଉଛନ୍ତି ଆଦି ପୁରୁଷ ଭଗବାନ୍ । ଏହା ଭଗବଦ୍ ଗୀତାରେ ସ୍ୱୀକାର କରାଯାଇଛି ।

ବୈଦିକ ସାହିତ୍ୟରେ କୁହାଯାଇଛି ଯେ ପରମସତ୍ୟ ଭଗବାନ୍ ଜଣେ ପୁରୁଷ ଅଟନ୍ତି । ତାଙ୍କର ନାମ ହେଉଛି କୃଷ୍ଣ ଏବଂ ସେ ବେଳେବେଳେ ଏଇ ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି । ସେହିପରି ଭାଗବତମ୍‌ରେ ପରମପୁରୁଷ ଭଗବାନଙ୍କର ସବୁ ପ୍ରକାର ଅବତାରମାନଙ୍କର ବର୍ଣ୍ଣନା କରାଯାଇଅଛି ଏବଂ ସେଥିରେ କୁହାଯାଇଛି ଯେ କୃଷ୍ଣ ଭଗବାନଙ୍କର ଅବତାର ନୁହଁନ୍ତି । ସେ ସ୍ୱୟଂ ପରମ ଆଦିପୁରୁଷ ଭଗବାନ୍ ଅଟନ୍ତି । *''କୃଷ୍ଣସ୍ତୁ ଭଗବାନ୍ ସ୍ୱୟମ୍''* । ଠିକ୍ ସେହିପରି ଭଗବଦ୍ ଗୀତାରେ ମଧ୍ୟ ଭଗବାନ୍ କହିଛନ୍ତି, *''ମତ୍ତଃ ପରତରଂ ନାନ୍ୟତ୍''*- ''ମୋର ପରମପୁରୁଷ ଭଗବାନ୍ କୃଷ୍ଣ ରୂପଠାରୁ ଅଧିକ ଉତ୍କୃଷ୍ଟ ଆଉ କିଛି ନାହିଁ ।'' ସେ ମଧ୍ୟ ଭଗବଦ୍ ଗୀତାରେ ଅନ୍ୟତ୍ର କହିଛନ୍ତି, *''ଅହଂ ଆଦିର୍ହିଦେବାନାମ୍''* — ''ମୁଁ ସବୁ ଦେବତାଙ୍କର ମୂଳ ଅଟେ ।'' କୃଷ୍ଣଙ୍କଠାରୁ ଭଗବଦ୍‌ଗୀତା ବୁଝିସାରିଲା ପରେ, ଅର୍ଜୁନ ନିମ୍ନମତେ ତାହା ସ୍ୱୀକାର କଲେ - '' *ପରଂ ବ୍ରହ୍ମ, ପରଂଧାମ ପବିତ୍ରଂ ପରମଂ ଭବାନ୍''* । ବର୍ତ୍ତମାନ ମୁଁ ପୂର୍ଣ୍ଣରୂପେ ବୁଝିପାରିଲି ଯେ ଆପଣ ପରମପୁରୁଷ ଭଗବାନ୍, ପରଂବ୍ରହ୍ମ (ପରମ ସତ୍ୟ) ଏବଂ ସମସ୍ତଙ୍କର ପରମ ଆଶ୍ରୟସ୍ଥଳ (ପରଂଧାମ) ଅଟନ୍ତି ।'' ତେଣୁ କୃଷ୍ଣ, ଅର୍ଜୁନଙ୍କୁ ଯେଉଁ ବିଶ୍ୱରୂପ ଦେଖାଇଲେ, ତାହା ଭଗବାନଙ୍କର ମୌଳିକ ରୂପ ନୁହେଁ । ତାଙ୍କର ମୌଳିକ ରୂପ ହେଉଛି କୃଷ୍ଣରୂପ । ସହସ୍ର ସହସ୍ର ମସ୍ତିଷ୍କ ଏବଂ

ସହସ୍ର ସହସ୍ର ବାହୁ ବିଶିଷ୍ଟ ବିଶ୍ୱରୂପ ଭଗବାନ୍ କାହିଁକି ଦେଖାଇଲେ? ଯେଉଁମାନଙ୍କର ଭଗବତ୍-ପ୍ରେମ ନାହିଁ, ସେମାନଙ୍କର ଦୃଷ୍ଟି ଆକର୍ଷଣ କରିବା ନିମିତ୍ତ ସେ ଏ ବିଶ୍ୱରୂପ ଦେଖାଇଲେ । ଏହା ଭଗବାନଙ୍କର ମୌଳିକ ରୂପ ନୁହେଁ ।

ଯେଉଁ ଶୁଦ୍ଧ ଭକ୍ତଗଣ ଭଗବାନଙ୍କ ସହ ବିଭିନ୍ନ ଦିବ୍ୟଭାବରେ ସମ୍ବନ୍ଧିତ, ସେମାନଙ୍କ ପକ୍ଷରେ ଏ ବିଶ୍ୱରୂପ ଆକର୍ଷଣୀୟ ନୁହେଁ । ଭଗବାନ୍ ତାଙ୍କର ମୌଳିକ କୃଷ୍ଣ ରୂପରେ ହିଁ ସେ ଭକ୍ତମାନଙ୍କ ସହିତ ଦିବ୍ୟ ପ୍ରେମଭାବର ଆଦାନ ପ୍ରଦାନ କରନ୍ତି । ତେଣୁ ଯେଉଁ ଅର୍ଜୁନ କୃଷ୍ଣଙ୍କର ଏକ ଅନ୍ତରଙ୍ଗ ବନ୍ଧୁଭାବରେ ସମ୍ବନ୍ଧିତ, ତାଙ୍କ ପକ୍ଷରେ ଭଗବାନଙ୍କର ଏ ବିଶ୍ୱରୂପ ଆନନ୍ଦଦାୟକ ହୋଇ ନ ଥିଲା; ବରଂ ଏହା ଭୀତିପ୍ରଦ ହୋଇଥିଲା । ଯେଉଁ ଅର୍ଜୁନ କୃଷ୍ଣଙ୍କର ଚିର ସହଚର ହୋଇଥିଲେ, ତାଙ୍କର ନିଶ୍ଚୟ ଦିବ୍ୟ ଚକ୍ଷୁ ଥିଲା । ସେ ଏକ ସାଧାରଣ ମାନବ ନ ଥିଲେ । ତେଣୁ ସେ ଭଗବାନଙ୍କର ବିଶ୍ୱରୂପରେ ମୋହିତ ହୋଇ ନଥିଲେ । ଯେଉଁ ଲୋକମାନେ ସକାମ କର୍ମୀ ଅର୍ଥାତ୍ ସକାମ କର୍ମ କରି ଖୁବ୍ ଉନ୍ନତି କରିଛନ୍ତି, ସେ ଲୋକମାନଙ୍କ ପକ୍ଷରେ ଏ ରୂପ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ହୋଇପାରେ, କିନ୍ତୁ ଯେଉଁମାନେ ଭକ୍ତ ଅର୍ଥାତ୍ ସର୍ବଦା ଭକ୍ତିପୂର୍ଣ୍ଣ ସେବାରତ, ସେମାନଙ୍କ ପକ୍ଷରେ ଭଗବାନଙ୍କର ଦ୍ୱିଭୁଜ ବିଶିଷ୍ଟ କୃଷ୍ଣରୂପ ହିଁ ଅତ୍ୟନ୍ତ ପ୍ରିୟ ଅଟେ ।

## ଶ୍ଳୋକ - ୫୫

**ମତ୍‌କର୍ମକୃନ୍ମତ୍‌ପରମୋ ମଦ୍‌ଭକ୍ତଃ ସଙ୍ଗବର୍ଜିତଃ ।**
**ନିର୍ବୈରଃ ସର୍ବଭୂତେଷୁ ଯଃ ସ ମାମେତି ପାଣ୍ଡବ ।। ୫୫ ।।**

## ଶବ୍ଦାନୁବାଦ

ମତ୍-କର୍ମ-କୃତ୍=ମୋ କାମ କରିବାରେ ଲାଗି ରହିଥିବା; ମତ୍ ପରମଃ=ମୋ ସମ୍ବନ୍ଧୀୟ, ପରମସମ୍ବନ୍ଧ; ମତ୍-ଭକ୍ତଃ=ମୋର ସେବାରେ ନିଯୁକ୍ତ; ସଙ୍ଗ-ବର୍ଜିତଃ=ଅତୀତ କର୍ମଫଳ ଏବଂ ମାନସିକ କଳ୍ପନାଜନିତ ଦୋଷଦୁଷ୍ଟ ପ୍ରତିକ୍ରିୟାରୁ ମୁକ୍ତ; ନିର୍ବୈରଃ=ଶତ୍ରୁହୀନ (ଅଜାତଶତ୍ରୁ); ସର୍ବ-ଭୂତେଷୁ=ସମସ୍ତ ଜୀବ ପ୍ରତି; ଯଃ=ଯେ; ସଃ=ସେ; ମାମ୍=ମୋ'ଠାକୁ; ଏତି=ଆସେ; ପାଣ୍ଡବ=ହେ ପାଣ୍ଡୁପୁତ୍ର ।

## ଅନୁବାଦ

**ହେ ମୋର ପ୍ରିୟ ଅର୍ଜୁନ ! ଯେ ଶୁଦ୍ଧ ଭକ୍ତିଭାବାପନ୍ନ ହୋଇ ମୋର ସେବାରେ ନିଯୁକ୍ତ ହୋଇଥାଏ, ଅତୀତ କର୍ମଫଳ ଏବଂ ମାନସିକ କଳ୍ପନାଜନିତ ଦୋଷଦୁଷ୍ଟ ପ୍ରତିକ୍ରିୟାରୁ ମୁକ୍ତ ହୋଇଥାଏ ଏବଂ ପ୍ରତ୍ୟେକ ଜୀବ ପ୍ରତି ବନ୍ଧୁଭାବାପନ୍ନ ହୋଇଥାଏ, ସେ ନିଶ୍ଚୟ ମୋ ପାଖକୁ ଆସେ ।**

## ଭାବାର୍ଥ

ଯେ ପରବ୍ୟୋମରେ ଥିବା ସର୍ବୋଚ୍ଚ ଲୋକ ଅର୍ଥାତ୍ 'କୃଷ୍ଣଲୋକ'ରେ ଥିବା ପରମପୁରୁଷ ଭଗବାନଙ୍କ ନିକଟରେ ପହଞ୍ଚିବାକୁ ଇଚ୍ଛାକରେ ଏବଂ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଅତି ଘନିଷ୍ଠଭାବରେ ସମ୍ବନ୍ଧିତ ହେବାକୁ ଚାହେଁ, ସେ ଏଠାରେ ସ୍ୱୟଂ ଭଗବାନ୍ କହିଥିବା

ସୂତ୍ରକୁ ଗ୍ରହଣ କରିବା ଉଚିତ୍ । ତେଣୁ ଏ ଶ୍ଲୋକଟି ଭଗବଦ୍ ଗୀତାର ସାର ଶ୍ଲୋକରୂପେ ବିବେଚିତ ହୁଏ । ଯେଉଁ ବଦ୍ଧଜୀବଗଣ ଏ ଭୌତିକ ଜଗତରେ ଭୂତପ୍ରକୃତିକୁ ଉପଭୋଗ କରିବା ନିମିତ୍ତ ବରାବର ବ୍ୟସ୍ତ ଏବଂ ଯେଉଁମାନେ ବାସ୍ତବ ଦିବ୍ୟ ଜୀବନ କଥା କିଛି ଜାଣନ୍ତି ନାହିଁ, ସେହିମାନଙ୍କ ପାଇଁ ଏ ଭଗବଦ୍ ଗୀତା ପ୍ରଣୀତ ହୋଇଅଛି । କିପରି ବ୍ୟକ୍ତି ତା'ର ଦିବ୍ୟ ଅସ୍ତିତ୍ୱ କଥା ବୁଝିପାରିବ ଏବଂ ଭଗବାନଙ୍କ ସହ ତା'ର ଯେଉଁ ଶାଶ୍ୱତ ସମ୍ବନ୍ଧ ଅଛି - ସେ କଥା ବୁଝିପାରିବ ଏବଂ କିପରି ସେ ଭଗବାନଙ୍କ ନିକଟକୁ ପରମ ଶାଶ୍ୱତ ଧାମକୁ ଫେରିଯାଇ ପାରିବ- ଏଇକଥା ଶିକ୍ଷା ଦେବା ନିମିତ୍ତ ଭଗବଦ୍ ଗୀତା କୁହାଯାଇଛି । ଏହି ଶ୍ଲୋକରେ ପରିଷ୍କାରଭାବରେ କୁହାଯାଇଛି, କିପରି ବ୍ୟକ୍ତି ଭକ୍ତିଯୋଗରେ କୃଷ୍ଣକର୍ମ ବା କୃଷ୍ଣସେବାରେ କୃତକାର୍ଯ୍ୟ ହେବ । କୃତକାର୍ଯ୍ୟ ହେବାର ମାର୍ଗ ଏ ଶ୍ଲୋକରେ ନିର୍ଦ୍ଦେଶ କରାଯାଇଛି । ବ୍ୟକ୍ତି ତା'ର ସମସ୍ତ ଶକ୍ତି-ସାମର୍ଥ୍ୟ କୃଷ୍ଣକର୍ମରେ ବିନିଯୋଗ କରିବା ଉଚିତ୍ । ବ୍ୟକ୍ତିର ପ୍ରତ୍ୟେକ କର୍ମ କୃଷ୍ଣ-କୈନ୍ଦ୍ରିକ ହେବା ଉଚିତ୍ । ଏପରି କାମ ନାହିଁ, ଯାହାକି କୃଷ୍ଣ-କୈନ୍ଦ୍ରିକ ନୁହେଁ, ଅର୍ଥାତ୍ ଏପରି କାମ ଆମେ କରିବା ନାହିଁ, ଯାହା କୃଷ୍ଣଙ୍କ ନିମିତ୍ତ କରାଯାଉନାହିଁ । ଏହାକୁ କୃଷ୍ଣକର୍ମ କୁହାଯାଏ । ବ୍ୟକ୍ତି ବିଭିନ୍ନ କର୍ମରେ ନିଯୁକ୍ତ ହୋଇପାରେ, କିନ୍ତୁ ସେ କର୍ମଫଳରେ ଆସକ୍ତ ହେବା ଉଚିତ୍ ନୁହେଁ, କିନ୍ତୁ କର୍ମ ଭଗବାନଙ୍କ ନିମିତ୍ତ କରାଯିବା ଉଚିତ୍ ଏବଂ ଫଳ ଭଗବାନ୍ ହିଁ ଉପଭୋଗ କରିବେ । ଉଦାହରଣ ସ୍ୱରୂପ, କୌଣସି ବ୍ୟକ୍ତି ବ୍ୟବସାୟ କରିପାରେ, କିନ୍ତୁ ସେ କର୍ମକୁ ସେ କୃଷ୍ଣଚେତନାକୁ ରୂପାନ୍ତରିତ କରିବା ନିମିତ୍ତ ତାକୁ କୃଷ୍ଣଙ୍କ ନିମିତ୍ତ ବ୍ୟବସାୟ କରିବାକୁ ପଡ଼ିବ । ଯଦି ବ୍ୟବସାୟର ମାଲିକ କୃଷ୍ଣ ହେଲେ, ତେବେ ବ୍ୟବସାୟରୁ ଯାହା ଫଳ ବା ଲାଭ ମିଳିବ, ତାହା ନିଶ୍ଚୟ କୃଷ୍ଣଭୋଗ କରିବେ । ଯଦି କୌଣସି ବ୍ୟବସାୟୀ କୋଟି କୋଟି ଟଙ୍କାର ମାଲିକ ହୋଇଥାଏ ଏବଂ ସେ ଯଦି ସେସବୁ ଧନ କୃଷ୍ଣଙ୍କୁ ଅର୍ପଣ କରିବାକୁ ଇଚ୍ଛାକରେ, ତେବେ ତାହା ସେ କରିପାରେ । ଏହା ହେଉଛି କୃଷ୍ଣଙ୍କ ନିମିତ୍ତ କର୍ମ । ନିଜର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ଖୁବ୍ ବିରାଟ କୋଠାଘର ତିଆରି କରିବା ପରିବର୍ତ୍ତେ କୃଷ୍ଣଙ୍କ ପାଇଁ ସୁନ୍ଦର ମନ୍ଦିର ନିର୍ମାଣ କରାଯାଇପାରେ । ସେ ମନ୍ଦିରରେ ବ୍ୟକ୍ତି କୃଷ୍ଣ-ବିଗ୍ରହ ସ୍ଥାପନକରି ଭକ୍ତିଯୋଗ-ଶାସ୍ତ୍ରରେ ଦିଆଯାଇଥିବା ସେବା-ପୂଜାବିଧି ଅନୁଯାୟୀ ସେବାପୂଜାର ବ୍ୟବସ୍ଥା କରିବା ଉଚିତ୍ । ଏହାକୁ କୃଷ୍ଣକର୍ମ କୁହାଯାଏ । କେହି କର୍ମଫଳ ପ୍ରତି ଆସକ୍ତ ହେବା ଉଚିତ୍ ନୁହେଁ; କିନ୍ତୁ ଫଳ କୃଷ୍ଣଙ୍କୁ ଅର୍ପଣ କରିବା ଉଚିତ୍ । ବ୍ୟକ୍ତି କୃଷ୍ଣପ୍ରସାଦ ସେବନ କରିବା ଉଚିତ୍; କୃଷ୍ଣଙ୍କୁ ଅର୍ପିତ ଖାଦ୍ୟ ଅର୍ଥାତ୍ କୃଷ୍ଣଙ୍କର ଉଚ୍ଛିଷ୍ଟ ସେବନ କରିବା ଉଚିତ୍ । ଯଦି କେହି କୃଷ୍ଣଙ୍କପାଇଁ ମନ୍ଦିର ତିଆରି କରି ନପାରେ, ସେ କୃଷ୍ଣଙ୍କ ମନ୍ଦିରକୁ ମାର୍ଜନ କରିପାରେ । ତାହାମଧ୍ୟ କୃଷ୍ଣକର୍ମ । କେହି ମଧ୍ୟ କୃଷ୍ଣଙ୍କ ପାଇଁ ବଗିଚା କରିପାରେ । ଭାରତବର୍ଷରେ ଗୋଟିଏ ଗରିବ ଲୋକର'ବି କିଛି ଜମି ଅଛି । କୃଷ୍ଣଙ୍କୁ ଫୁଲ ଅର୍ପଣ କରିବା ନିମିତ୍ତ ସେ ତା' ଜମିରେ ଫୁଲବଗିଚା କରିପାରେ । ସେ ମଧ୍ୟ ତୁଳସୀ ବୃକ୍ଷ ରୋପଣ କରିପାରେ, କାରଣ ତୁଳସୀ କୃଷ୍ଣଙ୍କର ଅତି ପ୍ରିୟ । କୃଷ୍ଣ ଏକଥା ଭଗବଦ୍‌ଗୀତାରେ କହିଛନ୍ତି । କୃଷ୍ଣ ଇଚ୍ଛା କରନ୍ତି ଯେ ବ୍ୟକ୍ତି ତାଙ୍କୁ ପତ୍ରଟିଏ, କିମ୍ବା ପାଣି ମୁନ୍ଦିଏ ଭକ୍ତି ସହିତ ଅର୍ପଣ କଲେ ସେ ସନ୍ତୁଷ୍ଟ ହେବେ । ଏହି ପତ୍ରହେଉଛି ତୁଳସୀପତ୍ର; ତେଣୁ ବ୍ୟକ୍ତି ତୁଳସୀବୃକ୍ଷ ରୋପଣ କରି ତା' ମୂଳରେ ପାଣି ଢ଼ାଳିପାରେ । ଏ ପ୍ରକାରେ ଅତି ଗରିବଲୋକ ମଧ୍ୟ କୃଷ୍ଣକର୍ମରେ ନିଯୁକ୍ତ ହୋଇପାରେ । କିପରି ବ୍ୟକ୍ତି କୃଷ୍ଣକର୍ମରେ ନିଯୁକ୍ତ ହୋଇପାରେ—

ଏହା ହେଉଛି ତାହାର କେତେକ ଉଦାହରଣ ।

''ମତ୍-ପରମଃ'' ଶବ୍ଦର ଅର୍ଥ-ଯେଉଁବ୍ୟକ୍ତି ଏହି ବିଗ୍ରର କରେ ଯେ ସର୍ବୋଚ୍ଚ ଲୋକ ଅର୍ଥାତ୍ ବୈକୁଣ୍ଠଲୋକ ବା କୃଷ୍ଣଲୋକରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ସଙ୍ଗଲାଭ କରିବା ହିଁ ଜୀବନର ସର୍ବୋତ୍ତମ ଲକ୍ଷ୍ୟ ଓ ପୂର୍ଣ୍ଣତା ପ୍ରାପ୍ତି । ସେହି ବ୍ୟକ୍ତିକୁ 'ମତ୍-ପରମଃ' କୁହାଯାଏ । ଏ ପ୍ରକାର ବ୍ୟକ୍ତି ଦେବଲୋକ ବା ଉଚ୍ଚଲୋକ ଅର୍ଥାତ୍ ସୂର୍ଯ୍ୟଲୋକ, ଚନ୍ଦ୍ରଲୋକ କିମ୍ବା ଦେବଲୋକ ଆଦି ପ୍ରାପ୍ତ ହେବାକୁ କଦାପି ଇଚ୍ଛା କରନ୍ତିନାହିଁ ଏବଂ ଏ ଭୌତିକ ବ୍ରହ୍ମାଣ୍ଡର ସର୍ବୋଚ୍ଚ ଲୋକ-ବ୍ରହ୍ମଲୋକ ପ୍ରାପ୍ତିର ଆଶା ମଧ୍ୟ କରନ୍ତି ନାହିଁ । ସେଥିପ୍ରତି ତାଙ୍କର କୌଣସି ପ୍ରକାର ଆସକ୍ତି ନଥାଏ । ତାଙ୍କର ଏକମାତ୍ର ଆସକ୍ତି ଥାଏ, କିପରି ସେ ପରବ୍ୟୋମକୁ ସ୍ଥାନାନ୍ତରିତ ହେବେ ଏବଂ ଏପରିକି ପରବ୍ୟୋମରେ ଉଜ୍ଜ୍ୱଳ ବ୍ରହ୍ମଜ୍ୟୋତିରେ ଲୀନ ହେବାରେ ମଧ୍ୟ ସେ ସନ୍ତୋଷ ଲାଭ କରନ୍ତି ନାହିଁ, କାରଣ ସେ ସର୍ବୋଚ୍ଚ ଦିବ୍ୟଲୋକ, ଅର୍ଥାତ୍ କୃଷ୍ଣଲୋକ-ଗୋଲୋକ ବୃନ୍ଦାବନ ପ୍ରାପ୍ତ ହେବାକୁ ଇଚ୍ଛା କରନ୍ତି । ସେ ଲୋକ ସମ୍ବନ୍ଧରେ ପୂର୍ଣ୍ଣଜ୍ଞାନ ତାଙ୍କର ଥାଏ ଏବଂ ସେଇଥିପାଇଁ ସେ ଅନ୍ୟ କୌଣସିଥିରେ ଆଗ୍ରହୀ ହୁଅନ୍ତି ନାହିଁ । ''ମଦ୍ଭକ୍ତଃ'' ଶବ୍ଦରୁ ସୂଚିତ ହେଉଛି ଯେ ସେ ସଂପୂର୍ଣ୍ଣରୂପେ ନବଧା ଭକ୍ତି - ଶ୍ରବଣ, କୀର୍ତ୍ତନ, ସ୍ମରଣ, ପୂଜନ, ଭଗବାନଙ୍କର ପାଦପଦ୍ମ ସେବନ, ବନ୍ଦନ, ଭଗବାନଙ୍କର ଆଦେଶ ପାଳନ, ଭଗବାନଙ୍କସହ ବନ୍ଧୁଭାବରେ ବନ୍ଧନ ଏବଂ ଆତ୍ମନିବେଦନ ଆଦି ସେବାରେ ନିଯୁକ୍ତ ଥା'ନ୍ତି । ବ୍ୟକ୍ତି ଏ ନଅ ପ୍ରକାର ଭକ୍ତିପୂର୍ଣ୍ଣ ସେବାରେ ନିଯୁକ୍ତ ହୋଇପାରନ୍ତି କିମ୍ବା ଆଠ ପ୍ରକାର କିମ୍ବା ସାତ ପ୍ରକାର କିମ୍ବା ଅନ୍ତତଃ ଏକ ପ୍ରକାର ସେବାରେ ନିଯୁକ୍ତ ହୋଇପାରନ୍ତି ଏବଂ ତଦ୍ଦ୍ୱାରା ସେ ନିଶ୍ଚୟ ପୂର୍ଣ୍ଣତା ପ୍ରାପ୍ତ ହେବେ ।

ଏ ଶ୍ଳୋକରେ ବ୍ୟବହୃତ *''ସଙ୍ଗବର୍ଜିତଃ''* ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ । ଯେଉଁମାନେ କୃଷ୍ଣ-ବିରୋଧୀ ସେମାନଙ୍କଠାରୁ ଦୂରେଇ ରହିବା ବ୍ୟକ୍ତିର କର୍ତ୍ତବ୍ୟ । ବ୍ୟକ୍ତି କେବଳ ଯେ କୃଷ୍ଣବିରୋଧୀ ନାସ୍ତିକମାନଙ୍କ ଠାରୁ ଦୂରେଇ ରହିବ ତାହାନୁହେଁ, ସକାମକର୍ମୀ ଏବଂ ମାନସିକ କଳ୍ପନା କରୁଥିବା କଳ୍ପନାବିଳାସୀ ଜ୍ଞାନୀମାନଙ୍କଠାରୁ ସେ ଦୂରେଇ ରହିବା ଉଚିତ୍ । ତେଣୁ ଭକ୍ତିରସାମୃତସିନ୍ଧୁରେ ଶୁଦ୍ଧ-ଭକ୍ତି ବିଷୟରେ ନିମ୍ନମତେ ବର୍ଣ୍ଣନା ଅଛି—

*''ଅନ୍ୟାଭିଳାଷିତା ଶୂନ୍ୟଂ ଜ୍ଞାନ-କର୍ମାଦି ଅନାବୃତଂ ।*
*ଆନୁକୂଲେ୍ୟନ କୃଷ୍ଣାନୁଶୀଳନଂ ଭକ୍ତିରୁତ୍ତମା ।''*

ଏ ଶ୍ଳୋକରେ ଶ୍ରୀଳ ରୂପଗୋସ୍ୱାମୀ ପରିଷ୍କାର ଭାବରେ କହିଛନ୍ତି ଯେ ଯଦି କେହି ଅନନ୍ୟ ଭକ୍ତିଯୋଗ ମାର୍ଗ ଅନୁସରଣ କରିବାକୁ ଚାହେଁ, ତେବେ ସେ ସମସ୍ତପ୍ରକାର ଭୌତିକ ଦୋଷରୁ ମୁକ୍ତ ହେବା ଉଚିତ୍ । ଯେଉଁ ଲୋକମାନେ ସକାମ କର୍ମ ଏବଂ ମାନସିକ କଳ୍ପନାରେ ଆସକ୍ତ, ଭକ୍ତ ସେମାନଙ୍କ ସଙ୍ଗଲାଭରୁ ମୁକ୍ତହେବା ଉଚିତ୍ । ଯେତେବେଳେ ବ୍ୟକ୍ତି ଏ ପ୍ରକାର ଅପଥା ସଙ୍ଗଲାଭରୁ ଏବଂ ଭୌତିକ କାମନାରୂପକ ଦୋଷରୁ ମୁକ୍ତ ହୋଇଯାଏ, ସେତେବେଳେ ସେ କୃଷ୍ଣଙ୍କ ସମ୍ବନ୍ଧୀୟ ଜ୍ଞାନ ଭଲଭାବରେ ହାସଲ କରେ । ଏହାକୁ ଶୁଦ୍ଧଭକ୍ତି କୁହାଯାଏ । *''ଆନୁକୂଲ୍ୟସ୍ୟ ସଂକଳ୍ପଃ ପ୍ରାତିକୂଲ୍ୟସ୍ୟ ବର୍ଜନମ୍ ।''* ବ୍ୟକ୍ତି ଅନୁକୂଳଭାବରେ କୃଷ୍ଣ ପ୍ରୀତ୍ୟର୍ଥେ କୃଷ୍ଣଚିନ୍ତା କରିବା ଓ କୃଷ୍ଣକର୍ମ କରିବା ଉଚିତ୍ । ସେ ପ୍ରତିକୂଳ ଭାବରେ ଅର୍ଥାତ୍ କୃଷ୍ଣବିରୋଧୀ ଚିନ୍ତା ବା କର୍ମ କରିବା ଉଚିତ୍ ନୁହେଁ । କଂସ କୃଷ୍ଣଙ୍କର ଶତ୍ରୁ ଥିଲା । କୃଷ୍ଣଙ୍କ ଜନ୍ମଠାରୁ ସେ ନାନା କୌଶଳ କରୁଥିଲା ଓ ନାନା ଯୋଜନା କରୁଥିଲା, କିପରି କୃଷ୍ଣଙ୍କୁ ମାରି ପକାଇବ । ପ୍ରତ୍ୟେକ

ଥର ସେ ଅକୃତକାର୍ଯ୍ୟ ହେବାରୁ ସେ ସର୍ବଦା କୃଷ୍ଣଙ୍କ କଥା ଭାବୁଥିଲା । ଏହିପରି କାମ କରୁଥିଲାବେଳେ, ଭୋଜନ କରୁଥିଲା ବେଳେ ଏବଂ ଶୟନ କରୁଥିଲା ବେଳେ, ସେ ସର୍ବଦା କୃଷ୍ଣଙ୍କୁ ଭାବୁଥିଲା, କିନ୍ତୁ ତା'ର ସେ ପ୍ରକାର କୃଷ୍ଣଚିନ୍ତା, କୃଷ୍ଣାନୁକୂଳ ଅର୍ଥାତ୍ କୃଷ୍ଣ ପ୍ରୀତ୍ୟର୍ଥେ ହେଉ ନଥିଲା । ତେଣୁ ସେ ଦିନରାତି ଚବିଶଘଣ୍ଟା କୃଷ୍ଣଚିନ୍ତା କରୁଥିଲେ ସୁଦ୍ଧା ସେ ଏକ ରାକ୍ଷସ ବୋଲି ବିବେଚିତ ହେଉଥିଲା ଏବଂ ଶେଷରେ କୃଷ୍ଣ ତାକୁ ବଧକଲେ । ଅବଶ୍ୟ ଯେ କୃଷ୍ଣଙ୍କ ହାତରେ ମରେ, ସେ ସାଙ୍ଗେ ସାଙ୍ଗେ ମୁକ୍ତିଲାଭ କରେ, କିନ୍ତୁ ତାହା ଶୁଦ୍ଧଭକ୍ତର କାମନା ନୁହେଁ । ଶୁଦ୍ଧଭକ୍ତ ମୁକ୍ତିବାଞ୍ଛା କରେନାହିଁ । ଏପରିକି ସେ ମଧ୍ୟ ସର୍ବୋଚ୍ଚ ଲୋକ ଗୋଲୋକ ବୃନ୍ଦାବନକୁ ଯିବାକୁ ଚାହେଁ ନାହିଁ । ତା'ର ଏକମାତ୍ର ଲକ୍ଷ୍ୟ ଓ କାମନା ହେଲା - ସେ ଯେଉଁଠି ଥାଉନା କାହିଁକି ସେ କୃଷ୍ଣସେବା କରିବ ।

କୃଷ୍ଣଭକ୍ତ ସମସ୍ତଙ୍କର ବନ୍ଧୁ ଅଟେ । ତେଣୁ ଏଠାରେ କୁହାଯାଇଛି ଯେ ତାହାର ଶତ୍ରୁ ନାହାନ୍ତି । ଏହା କିପରି ? କୃଷ୍ଣଚେତନାରେ ଅବସ୍ଥିତ ଭକ୍ତ ଭଲଭାବରେ ଜାଣିଥାଏ ଯେ କୃଷ୍ଣସେବା ହିଁ ବ୍ୟକ୍ତିକୁ ଜୀବନର ସମସ୍ତ ସମସ୍ୟାରୁ ମୁକ୍ତ କରାଇବ । ତାହାର ଏ ବିଷୟରେ ବ୍ୟକ୍ତିଗତ ଅଭିଜ୍ଞତା ଅଛି । ସେଇଥିପାଇଁ ସେ ମାନବ ସମାଜରେ ଏ କୃଷ୍ଣଚେତନାବିଧି ପ୍ରଚଳନ କରାଇବାକୁ ଇଚ୍ଛାକରେ । ତୁମ୍ଭେମାନେ ଯଦି ଭକ୍ତମାନଙ୍କର ଜୀବନ ଇତିହାସ (ଜୀବନୀ) ଅନୁଧ୍ୟାନ କରିବ, ତାହାହେଲେ ଦେଖିବାକୁ ପାଇବ କିପରି ଭକ୍ତମାନେ କୃଷ୍ଣଚେତନା ପ୍ରଚାର ନିମିତ୍ତ ଜୀବନକୁ ବିପନ୍ନ କରିଛନ୍ତି । ଏକ ଅତି ପ୍ରକୃଷ୍ଟ ଉଦାହରଣ ହେଉଛି ମହାତ୍ମା ଯୀଶୁଖ୍ରୀଷ୍ଟ । ଅଭକ୍ତ ନାସ୍ତିକମାନେ ତାଙ୍କୁ କ୍ରୁଶବିଦ୍ଧ କଲେ, କିନ୍ତୁ ସେ ଭଗବତ୍ ଚେତନା ପ୍ରସାର ନିମିତ୍ତ ଜୀବନ ଉତ୍ସର୍ଗ କଲେ । ଅବଶ୍ୟ, ଏହା ବାହ୍ୟଦୃଷ୍ଟି ଯେ ସେ ନିହତ ହେଲେ । ଠିକ୍ ସେହିପରି ଭାରତରେ ମଧ୍ୟ ଅନେକ ଉଦାହରଣ ଅଛି । ଏକ ଉଦାହରଣ ହେଉଛି - ଠାକୁର ହରିଦାସ, କାହିଁକି ଏପରି ଜୀବନ-ବିପନ୍ନ କରୁଥିଲେ ? କାରଣ ସେମାନେ କୃଷ୍ଣଚେତନା ପ୍ରସାର ନିମିତ୍ତ ଇଚ୍ଛା କରୁଥିଲେ ଏବଂ ଏହା ବଡ଼ କଠିନ । ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ଭଲରକମ ଜାଣେ ଯେ, ବ୍ୟକ୍ତି ଯେ ଦୁଃଖ ଭୋଗୁଛି, ତାହାର କାରଣ ହେଉଛି ସେ ଭଗବାନ୍ କୃଷ୍ଣଙ୍କ ସହିତ ଥିବା ତା'ର ନିତ୍ୟ ଶାଶ୍ୱତ ସମ୍ବନ୍ଧକୁ ଭୁଲି ଯାଇଛି । ତେଣୁ ଯଦି ବ୍ୟକ୍ତି ତା'ର ପଡ଼ୋଶୀକୁ ସମସ୍ତପ୍ରକାର ସାଂସାରିକ ସମସ୍ୟାରୁ ମୁକ୍ତ କରିପାରିଲା, ତାହାହେଲେ ତାହାହିଁ ହେବ ତା'ର ମନୁଷ୍ୟ ସମାଜରେ ସର୍ବୋତ୍କୃଷ୍ଟ ମହତ୍ ସେବା । ଏହି ପ୍ରକାରେ ଏକ ଶୁଦ୍ଧଭକ୍ତ ଭଗବତ୍ ସେବାରେ ନିଯୁକ୍ତ । ବର୍ତ୍ତମାନ ଆମ୍ଭେମାନେ ଅନୁମାନ କରିପାରିବା ଯେ କୃଷ୍ଣ ତାଙ୍କର ଭକ୍ତମାନଙ୍କ ପ୍ରତି କେଡ଼େ ଦୟାଳୁ ଅଟନ୍ତି । ଯେଉଁ ଭକ୍ତମାନେ ଜୀବନ ବିପନ୍ନ କରି ତାଙ୍କ ସେବାରେ ନିଯୁକ୍ତ ହୋଇଥା'ନ୍ତି, ସେମାନଙ୍କ ପ୍ରତି ସେ ଅତି ଦୟାଳୁ ଅଟନ୍ତି । ତେଣୁ ଏହା ସୁସ୍ପଷ୍ଟ ଯେ ଏ ପ୍ରକାର ବ୍ୟକ୍ତିଗଣ ଏ ଶରୀର ତ୍ୟାଗପରେ ନିଶ୍ଚୟ ଭଗବାନଙ୍କର ପରମଧାମରେ ପ୍ରବେଶ କରିବେ ।

ବର୍ତ୍ତମାନ ସଂକ୍ଷେପରେ ଏତିକି କୁହାଯାଇପାରେ ଯେ କୃଷ୍ଣଙ୍କର ବିଶ୍ୱରୂପ, ଯାହା ଅସ୍ଥାୟୀ ପ୍ରକାଶ ଅଟେ ଏବଂ ତାଙ୍କର ସର୍ବଗ୍ରାସୀ କାଳରୂପ ଏବଂ ଏପରିକି ଚତୁର୍ଭୁଜଧାରୀ ବିଷ୍ଣୁରୂପ-ଏ ସମସ୍ତ ରୂପ କୃଷ୍ଣଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଏହିପ୍ରକାରେ କୃଷ୍ଣ ହେଉଛନ୍ତି ଏ ସମସ୍ତ ପ୍ରକାଶର ଆଦି କାରଣ (ମୂଳାଧାର) । କୃଷ୍ଣ ମୌଳିକ ବିଶ୍ୱରୂପର ବା ବିଷ୍ଣୁରୂପର ଯେ ଗୋଟିଏ ପ୍ରକାଶ, ଏହା ଠିକ୍ ନୁହେଁ । ସମସ୍ତପ୍ରକାର ରୂପର ମୂଳ ହେଉଛନ୍ତି କୃଷ୍ଣ । ଶହ ଶହ, ହଜାର, ହଜାର, ବିଶ୍ୱରୂପ ଅଛି, କିନ୍ତୁ ଏକ (ଶୁଦ୍ଧ) ଭକ୍ତ ପକ୍ଷରେ ମୌଳିକ ଦ୍ୱିଭୁଜଧାରୀ ଶ୍ୟାମସୁନ୍ଦର

ରୂପ ବ୍ୟତୀତ କୃଷ୍ଣଙ୍କର ଅନ୍ୟ କୌଣସି ରୂପ ଆକର୍ଷଣୀୟ ନୁହେଁ । ବ୍ରହ୍ମସଂହିତାରେ କୁହାଯାଇଛି ଯେ —

*''ପ୍ରେମାଞ୍ଜନଚ୍ଛୁରିତ ଭକ୍ତି ବିଲୋଚନେନ,*
*ସନ୍ତଃ ସଦୈବ ହୃଦୟେଷୁ ବିଲୋକୟନ୍ତି ।*
*ଯଂ ଶ୍ୟାମସୁନ୍ଦରମଚିନ୍ତ୍ୟ ଗୁଣ ସ୍ୱରୂପଂ,*
*ଗୋବିନ୍ଦଂ ଆଦିପୁରୁଷଂ ତମହଂ ଭଜାମି ।''*

ଅନୁବାଦ-ଆଦି ପୁରୁଷ ଗୋବିନ୍ଦ, ଯେ'କି ଶ୍ୟାମସୁନ୍ଦର ଅଟନ୍ତି, ମୁଁ ତାଙ୍କର ପୂଜା କରୁଛି । ସେ ସ୍ୱୟଂ କୃଷ୍ଣ ଅଟନ୍ତି ଏବଂ ଅଚିନ୍ତ୍ୟ-ଅନନ୍ତ ଗୁଣରାଶିଦ୍ୱାରା ଭୂଷିତ । ଶୁଦ୍ଧଭକ୍ତଗଣ ପ୍ରେମାଞ୍ଜନବୋଳା ଭକ୍ତି-ଚକ୍ଷୁରେ ସେମାନଙ୍କ ହୃଦୟରେ ତାଙ୍କୁ ଦର୍ଶନ କରିପାରନ୍ତି ।

ଯେଉଁମାନେ ପ୍ରେମରେ ଓ ଭକ୍ତିରେ କୃଷ୍ଣଙ୍କର ଶ୍ୟାମସୁନ୍ଦର ରୂପପ୍ରତି ଆସକ୍ତ, ସେମାନେ ସର୍ବଦା ତାଙ୍କୁ ହୃଦୟରେ ଦେଖି ପାରିବେ ଏବଂ ସେମାନେ କୃଷ୍ଣଙ୍କ ବ୍ୟତୀତ ଅନ୍ୟକିଛି ଦେଖି ପାରିବେ ନାହିଁ । ତେଣୁ ବ୍ୟକ୍ତି ଏ ଏକାଦଶ ଅଧ୍ୟାୟରୁ ଏହାହିଁ ବୁଝିବା ଉଚିତ୍ ଯେ କୃଷ୍ଣରୂପ ହିଁ ଅତ୍ୟନ୍ତ ଦରକାରୀ ଏବଂ ତାହା ପରମରୂପ ଅଟେ ।

**ଭକ୍ତିବେଦାନ୍ତଭାଷ୍ୟର ଶ୍ରୀମଦ୍ ଭଗବଦ୍‌ଗୀତାର ''ବିଶ୍ୱରୂପଦର୍ଶନଯୋଗ'' ଶୀର୍ଷକ ଏକାଦଶ ଅଧ୍ୟାୟ ଶେଷ ହେଲା ।**

—o—

# ଦ୍ୱାଦଶ ଅଧ୍ୟାୟ

# ଭକ୍ତିଯୋଗ

## (ଶ୍ରୀଭଗବାନଙ୍କର ପ୍ରେମମୟୀ ସେବା)

### ଶ୍ଲୋକ - ୧

### ଅର୍ଜୁନ ଉବାଚ

**ଏବଂ ସତତଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ଯ୍ୟୁପାସତେ ।**
**ଯେ ଚାପ୍ୟକ୍ଷରମବ୍ୟକ୍ତଂ ତେଷାଂ କେ ଯୋଗବିତ୍ତମାଃ ।।୧।।**

### ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; ଏବମ୍=ଏହିପରି; ସତତ=ସର୍ବଦା; ଯୁକ୍ତାଃ=ଯୁକ୍ତ (ନିଯୁକ୍ତ); ଯେ=ଯେଉଁମାନେ; ଭକ୍ତାଃ=ଭକ୍ତଗଣ; ତ୍ୱାମ୍=ଆପଣଙ୍କୁ; ପର୍ଯ୍ୟୁପାସତେ=ଯଥାବିଧି ପୂଜା କରନ୍ତି; ଯେ=ଯେଉଁମାନେ; ଚ=ମଧ୍ୟ; ଅପି=ପୁଣି; ଅକ୍ଷରମ୍=ଇନ୍ଦ୍ରିୟାଦିର ଉର୍ଦ୍ଧ୍ୱରେ; ଅବ୍ୟକ୍ତମ୍=ଅବ୍ୟକ୍ତ; ତେଷାମ୍=ସେମାନଙ୍କ ମଧ୍ୟରେ; କେ=କେଉଁମାନେ; ଯୋଗ-ବିତ୍ତମାଃ=ଉତ୍ତମ ଯୋଗୀ ।

### ଅନୁବାଦ

ଅର୍ଜୁନ ପଚ୍ଚାରିଲେ, ''ଯେଉଁମାନେ ସର୍ବଦା ଯଥାବିଧି ଆପଣଙ୍କ ଭକ୍ତିପୂର୍ଣ୍ଣ ସେବାରେ ନିଯୁକ୍ତ ଏମାନେ ଉତ୍ତମ ଯୋଗୀ ନା' ଯେଉଁମାନେ ଅବ୍ୟକ୍ତ ନିର୍ବିଶେଷ ବ୍ରହ୍ମ ଉପାସନା କରନ୍ତି ସେମାନେ ଉତ୍ତମ ଯୋଗୀ ?''

## ଭାବାର୍ଥ

ଏଠାରେ କୃଷ୍ଣ ବର୍ତ୍ତମାନ ସାକାର ପୁରୁଷଭାବ, ନିର୍ବିଶେଷଭାବ ଏବଂ ସାର୍ବଜନୀନଭାବ କଥା ବର୍ଣ୍ଣନା କରୁଛନ୍ତି ଏବଂ ସମସ୍ତପ୍ରକାର ଯୋଗୀ ଓ ଭକ୍ତମାନଙ୍କ କଥା ମଧ୍ୟ କହୁଛନ୍ତି। ସାଧାରଣତଃ ଯୋଗୀମାନଙ୍କୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇପାରେ। ଗୋଟିଏ ପ୍ରକାର ହେଉଛନ୍ତି ନିରାକାରବାଦୀ ବା ନିର୍ବିଶେଷବାଦୀ, ଆଉ ଗୋଟିଏ ପ୍ରକାର ହେଉଛନ୍ତି ସାକାରବାଦୀ। ସାକାରବାଦୀ ଭକ୍ତ ତା'ର ସମସ୍ତଶକ୍ତି ଖଟାଇ ଭଗବାନଙ୍କ ସେବାରେ ନିଯୁକ୍ତ ହୋଇଥାଏ। ନିରାକାରବାଦୀ ଯୋଗୀ ପ୍ରତ୍ୟକ୍ଷଭାବରେ କୃଷ୍ଣଙ୍କ ସେବାରେ ନିଯୁକ୍ତ ହୋଇ ନଥାଏ, ସେ ଅବ୍ୟକ୍ତ ନିର୍ବିଶେଷ-ବ୍ରହ୍ମ (ଜ୍ୟୋତି)କୁ ଧ୍ୟାନ କରୁଥାଏ।

ଏହି ଅଧ୍ୟାୟରେ ଆମେ ଦେଖିବା ଯେ ଭଗବାନଙ୍କୁ ଜାଣିବାର ବିଭିନ୍ନ ଯୋଗବିଧି ମଧ୍ୟରେ ଭକ୍ତିଯୋଗ ହେଉଛି ସର୍ବଶ୍ରେଷ୍ଠ ଯୋଗ। ଯଦି ବ୍ୟକ୍ତି ଭଗବାନଙ୍କର ସଙ୍ଗଲାଭ କରିବାକୁ ଇଚ୍ଛାକରେ, ତେବେ ସେ ଭକ୍ତି ଯୋଗମାର୍ଗ ଅବଲମ୍ବନ କରିବା ଉଚିତ୍।

ଯେଉଁମାନେ ପ୍ରତ୍ୟକ୍ଷଭାବରେ ଭକ୍ତିଭାବାପନ୍ନ ହୋଇ ଭଗବାନଙ୍କର ପୂଜା କରନ୍ତି ସେମାନଙ୍କୁ ସାକାରବାଦୀ ଭକ୍ତ କୁହାଯାଏ। ଯେଉଁମାନେ ନିର୍ବିଶେଷ ବ୍ରହ୍ମଙ୍କୁ ଧ୍ୟାନ କରୁଥା'ନ୍ତି, ସେମାନଙ୍କୁ ନିରାକାରବାଦୀ ବା ନିର୍ବିଶେଷବାଦୀ କୁହାଯାଏ। ଏଠାରେ ଅର୍ଜୁନ ପ୍ରଶ୍ନ କରୁଛନ୍ତି - ଏ ଦୁଇ ପ୍ରକାର ଯୋଗୀଙ୍କ ମଧ୍ୟରେ ସର୍ବୋତ୍ତମ କିଏ ? ପରମ ସତ୍ୟସ୍ୱରୂପ ଭଗବାନଙ୍କୁ ଜାଣିବା ନିମିତ୍ତ ବିଭିନ୍ନ ମାର୍ଗଅଛି; କିନ୍ତୁ ଏ ଅଧ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣ କହୁଛନ୍ତି, ସମସ୍ତ ଯୋଗବିଧି ମଧ୍ୟରେ ଭକ୍ତିଯୋଗ-ମାର୍ଗ ହେଉଛି ସର୍ବୋତ୍ତମ। ଏହା ଅତି ସିଧା ଏବଂ ଭଗବାନଙ୍କ ସଙ୍ଗଲାଭ କରିବାର ସବୁଠାରୁ ସହଜ ପନ୍ଥା ଅଟେ।

ଦ୍ୱିତୀୟ ଅଧ୍ୟାୟରେ ଶ୍ରୀଭଗବାନ୍ କହିଛନ୍ତି ଯେ ଜୀବ ଜଡ଼ ଶରୀର ନୁହେଁ, ତାହା ଚିଦାତ୍ମା (ଅଣୁ ଚୈତନ୍ୟ) ଅଟେ, ପରମାତ୍ମାଙ୍କର ଅଂଶବିଶେଷ ଅଟେ। ସପ୍ତମ ଅଧ୍ୟାୟରେ ସେ କହିଛନ୍ତି ଯେ ଜୀବ ପୂର୍ଣ୍ଣତମ ଭଗବାନଙ୍କର ଅଂଶବିଶେଷ ଅଟେ ଏବଂ ସେ ଏହି ଉପଦେଶ ପ୍ରଦାନ କରିଛନ୍ତି ଯେ ସେ (ଜୀବ) ପୂର୍ଣ୍ଣରୂପେ ତା'ର ଧ୍ୟାନ ଭଗବାନଙ୍କ ଆଡ଼କୁ ଦେବା ଉଚିତ୍। ଅଷ୍ଟମ ଅଧ୍ୟାୟରେ କୁହାଯାଇଛି ଯେ, ମୃତ୍ୟୁ ସମୟରେ ଯେ କୃଷ୍ଣ ଚିନ୍ତାକରେ, ସେ ସାଙ୍ଗେ ସାଙ୍ଗେ ପରବ୍ୟୋମରେ ଥିବା ସର୍ବୋଚ୍ଚ ଲୋକ କୃଷ୍ଣଲୋକକୁ ଯାଏ। ଷଷ୍ଠ ଅଧ୍ୟାୟର ଅନ୍ତିମ ଶ୍ଳୋକରେ ଭଗବାନ୍ କହିଛନ୍ତି ଯେ ସମସ୍ତ ଯୋଗୀଙ୍କ ମଧ୍ୟରେ ସେ ସର୍ବଦା ନିଜ ଅନ୍ତରରେ କୃଷ୍ଣଙ୍କୁ ଭାବୁଥାଏ, ସେ ହେଉଛି ଯୋଗବିତ୍ତମା, ଅର୍ଥାତ୍-ସର୍ବୋତ୍ତମ ଯୋଗୀ। ତେଣୁ ସମୁଦାୟ ଗୀତା-ଶାସ୍ତ୍ରରେ ସାକାର ଉପାସନା ବା କୃଷ୍ଣଭକ୍ତି (ଭକ୍ତିଯୋଗରେ କୃଷ୍ଣସେବା) କୁ ହିଁ ସର୍ବଶ୍ରେଷ୍ଠ ଯୋଗବିଧି ବୋଲି କୁହାଯାଇଛି। ଅର୍ଥାତ୍ ଏହା ହେଉଛି ଭଗବତ୍ ଅନୁଭୂତି ଲାଭ କରିବାର ସର୍ବୋତ୍ତମ ପନ୍ଥା। ତଥାପି ଏପରି କେତେକ ଯୋଗୀ ଅଛନ୍ତି, ଯେଉଁମାନେ କୃଷ୍ଣଙ୍କର ନିର୍ବିଶେଷ ବ୍ରହ୍ମଜ୍ୟୋତି ପ୍ରତି ଆକୃଷ୍ଟ। ଏହା ପରମସତ୍ୟ ଭଗବାନଙ୍କର ସର୍ବବ୍ୟାପକ ରୂପ ବା ଭାବ ଅଟେ। ଏହା ଅବ୍ୟକ୍ତ ଏବଂ ଇନ୍ଦ୍ରିୟ ଗ୍ରାହ୍ୟ ନୁହେଁ। ଏହାକୁ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ଉପଲବ୍ଧି କରାଯାଇ ପାରିବ ନାହିଁ। ବର୍ତ୍ତମାନ ଅର୍ଜୁନ ଜାଣିବାକୁ ଚାହୁଁଛନ୍ତି - ଏ ଦୁଇ ପ୍ରକାର ଯୋଗୀଙ୍କ ମଧ୍ୟରେ କିଏ ଭଗବତ୍ ବିଜ୍ଞାନରେ ଅଧିକ ଦକ୍ଷ, ଅନ୍ୟ କଥାରେ ଏହା

ହିଁ କୁହାଯାଇପାରେ ଯେ ସେ ନିଜର ସ୍ଥିତିକୁ ଭଲଭାବରେ ଜାଣିବାକୁ ଇଚ୍ଛା କରୁଛନ୍ତି; କାରଣ ସେ କୃଷ୍ଣଙ୍କର ମନୁଷ୍ୟରୂପ (ପୁରୁଷରୂପ) ପ୍ରତି ଆକୃଷ୍ଟ । ସେ ନିର୍ବିଶେଷ ବ୍ରହ୍ମପ୍ରତି ଆକୃଷ୍ଟ ନୁହଁନ୍ତି । ସେ ଜାଣିବାକୁ ଚାହୁଁଛନ୍ତି ତାଙ୍କର ସ୍ଥିତି ଦୃଢ଼ ଅଟେ, କି' ନୁହେଁ । ଅବ୍ୟକ୍ତ ନିର୍ବିଶେଷ ପ୍ରକାଶ ଉଭୟର ଅର୍ଥାତ୍- ଏ ଭୌତିକ ଜଗତରେ ତଥା ଭଗବାନଙ୍କର ଚିଦ୍ ଜଗତରେ ଧ୍ୟାନ ନିମିତ୍ତ ଏକ ସମସ୍ୟା ଅଟେ । ବାସ୍ତବରେ କେହି ଭଗବାନଙ୍କର ଏ ନିର୍ବିଶେଷ ପ୍ରକାଶକୁ ପୂର୍ଣ୍ଣରୂପେ (ଭଲଭାବରେ) ଧାରଣାକରିପାରିବ ନାହିଁ । ତେଣୁ ଅର୍ଜୁନ ଚାହୁଁଛନ୍ତି ଏପରି ଅଯଥା ସମୟ ଅପଚୟ କରିବାର ଆବଶ୍ୟକତା କ'ଣ ? ଏକାଦଶ ଅଧ୍ୟାୟରେ ଅର୍ଜୁନ ଏହି ଅନୁଭୂତି ଲାଭକଲେ ଯେ କୃଷ୍ଣଙ୍କର ସୌମ୍ୟ ମନୁଷ୍ୟରୂପ (ଅର୍ଥାତ୍ ପୁରୁଷ ରୂପ) ପ୍ରତି ଆକୃଷ୍ଟ ହେବା ଉଚିତ୍ ଏବଂ ଏହା ସର୍ବୋତ୍ତମ ଅଟେ; କାରଣ ଏତଦ୍ଦ୍ୱାରା ସେ ଅନ୍ୟସବୁ ଆକାର ପ୍ରକାର କଥା ବୁଝିପାରିବେ ଏବଂ ଏଥିରେ ତାଙ୍କର କୃଷ୍ଣପ୍ରେମରେ କୌଣସି ପ୍ରତିବନ୍ଧକ ବି ସୃଷ୍ଟି ହେବନାହିଁ । ଏଠାରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ଯେଉଁ ଅତି ଗୂଢ଼ ପ୍ରଶ୍ନ ପଚାରିଛନ୍ତି, ତାହାର ଉତ୍ତରରେ ଭଗବାନ୍ ଶ୍ରୀକୃଷ୍ଣ ଯାହା କହିବେ, ତାହା ଭଗବାନଙ୍କର ନିର୍ବିଶେଷ ଉପାସନା ଓ ସାକାର ଉପାସନା ମଧ୍ୟରେ ଥିବା ପାର୍ଥକ୍ୟକୁ ସୁସ୍ପଷ୍ଟ କରିଦେବ ।

## ଶ୍ଲୋକ - ୨

## ଶ୍ରୀଭଗବାନୁବାଚ

**ମୟ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ ।**
**ଶ୍ରଦ୍ଧୟା ପରୟୋପେତାସ୍ତେ ମେ ଯୁକ୍ତତମା ମତାଃ ।। ୨ ।।**

## ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ପରମପୁରୁଷ ଭଗବାନ୍ କହିଲେ; ମୟି=ମୋ' ଠାରେ; ଆବେଶ୍ୟ=ସ୍ଥିରକରି; ମନଃ=ମନ; ଯେ=ଯେଉଁମାନେ; ମାମ୍=ମୋତେ; ନିତ୍ୟ=ସର୍ବଦା; ଯୁକ୍ତାଃ=ଯୁକ୍ତ ହୋଇଥାନ୍ତି; ଉପାସତେ=ପୂଜାକରନ୍ତି; ଶ୍ରଦ୍ଧୟା=ବିଶ୍ୱାସ ଓ ଶ୍ରଦ୍ଧାରେ; ପରୟା=ଦିବ୍ୟ (ପରମ); ଉପେତାଃ=ନିଯୁକ୍ତ ରୁହନ୍ତି; ତେ=ସେମାନେ; ମେ=ମୋର; ଯୁକ୍ତତମାଃ=ସର୍ବୋତ୍ତମ; ମତାଃ=ମୁଁ ଏହା ବିଚାରେ ।

## ଅନୁବାଦ

**ଶ୍ରୀ ଭଗବାନ୍ କହିଲେ, ''ଯେଉଁ ବ୍ୟକ୍ତି ମୋର ସାକାର ରୂପରେ ମନକୁ ସ୍ଥିରରଖି ସର୍ବଦା ଅତ୍ୟନ୍ତ ଶ୍ରଦ୍ଧା ଓ ବିଶ୍ୱାସର ସହିତ ମୋର ପୂଜା(ଉପାସନା)ରେ ନିଯୁକ୍ତ ଥାଏ, ମୋ ବିଚାରରେ ସେ ସର୍ବୋତ୍ତମ (ଯୋଗୀ) ଅଟେ ।''**

## ଭାବାର୍ଥ

ଅର୍ଜୁନଙ୍କର ପ୍ରଶ୍ନର ଉତ୍ତରରେ କୃଷ୍ଣ ପରିଷ୍କାରଭାବରେ ଏଠାରେ କହୁଛନ୍ତି ଯେ ଯେଉଁବ୍ୟକ୍ତି ତାଙ୍କର ସାକାର ରୂପରେ ମନୋନିବେଶ କରି ଅତ୍ୟନ୍ତ ସ୍ନେହ ଶ୍ରଦ୍ଧା ବା ଭକ୍ତି ଓ ବିଶ୍ୱାସର ସହିତ ତାଙ୍କୁ ପୂଜାକରେ ସେ ସର୍ବୋତ୍ତମ ଯୋଗୀ ଅଟେ; ଅର୍ଥାତ୍ - କୃଷ୍ଣ ମତବ୍ୟକ୍ତ କରୁଛନ୍ତି

ଯେ ସେ (ଭକ୍ତ) ଯୋଗରେ ପୂର୍ଣ୍ଣତା ପ୍ରାପ୍ତହୋଇଥାଏ l ଯେଉଁ ବ୍ୟକ୍ତି ଏପ୍ରକାର କୃଷ୍ଣଚେତନାରେ ଥାଏ ବା କାର୍ଯ୍ୟ କରୁଥାଏ, ସେ ଭୌତିକ କାର୍ଯ୍ୟ କରେନାହିଁ; କାରଣ (ତା'ର) ସବୁକାମ କୃଷ୍ଣଙ୍କ ଦ୍ୱାରା ହିଁ କରାଯାଉଥାଏ l ଏକ ଶୁଦ୍ଧଭକ୍ତ ବରାବର ସେବାରେ ନିଯୁକ୍ତ ଥାଏ -ବେଳେବେଳେ ସେ କୀର୍ତ୍ତନ କରେ, ବେଳେବେଳେ ସେ ଶ୍ରବଣକରେ କିମ୍ବା କୃଷ୍ଣଙ୍କ ସମ୍ବନ୍ଧୀୟ ଗ୍ରନ୍ଥ ପାଠକରେ କିମ୍ବା ବେଳେବେଳେ କୃଷ୍ଣପ୍ରସାଦ ପ୍ରସ୍ତୁତ କରେ କିମ୍ବା କୃଷ୍ଣଙ୍କ ପାଇଁ କିଛି ଜିନିଷ କିଣିବାପାଇଁ ହାଟକୁ ଯାଏ କିମ୍ବା ବେଳେବେଳେ ମନ୍ଦିର ମାର୍ଜନ କରେ କିମ୍ବା ବାସନ ମାଜେ- ଯାହାକିଛି ସେ କରେ, ସବୁ କୃଷ୍ଣଙ୍କପାଇଁ କରେ, ଏକ ମୁହୂର୍ତ୍ତ ସୁଦ୍ଧା ସେ କୃଷ୍ଣକର୍ମରୁ ବିରତ ହୁଏ ନାହିଁ l ଏ ପ୍ରକାର କର୍ମ ସେ ପୂର୍ଣ୍ଣସମାଧିରେ କରି ଚାଲିଥାଏ; ଅର୍ଥାତ୍ ଏହା ପୂର୍ଣ୍ଣସମାଧି ଅଟେ l

## ଶ୍ଳୋକ - ୩-୪

**ଯେ ତ୍ୱକ୍ଷରମନିର୍ଦ୍ଦେଶ୍ୟମବ୍ୟକ୍ତଂ ପର୍ଯ୍ୟୁପାସତେ l**
**ସର୍ବତ୍ରଗମଚିନ୍ତ୍ୟଂ ଚ କୂଟସ୍ଥମଚଳଂ ଧ୍ରୁବମ୍ ll ୩ ll**
**ସନ୍ନିୟମ୍ୟେନ୍ଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ l**
**ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ ll ୪ ll**

## ଶବ୍ଦାନୁବାଦ

ଯେ=ଯେଉଁମାନେ; ତୁ=କିନ୍ତୁ; ଅକ୍ଷରମ୍=ଯାହା ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ବୁଝାଯାଇପାରିବ ନାହିଁ, ଅର୍ଥାତ୍ ଯାହା ତଦୁର୍ଦ୍ଧ୍ୱରେ; ଅନିର୍ଦ୍ଦେଶ୍ୟମ୍=ଅନିର୍ଦ୍ଦିଷ୍ଟ; ଅବ୍ୟକ୍ତମ୍=ଅବ୍ୟକ୍ତ; ପର୍ଯ୍ୟୁପାସତେ=ପୂର୍ଣ୍ଣରୂପେ ନିଯୁକ୍ତ; ସର୍ବତ୍ର-ଗମ୍=ସର୍ବବ୍ୟାପକ; ଅଚିନ୍ତ୍ୟମ୍=ଅଚିନ୍ତ୍ୟ; ଚ=ମଧ୍ୟ; କୂଟ-ସ୍ଥମ୍=କେନ୍ଦ୍ରରେ; ଅଚଳମ୍=ଅଚଳ; ଧ୍ରୁବମ୍=ସ୍ଥିର (ଧ୍ରୁବ); ସନ୍ନିୟମ୍ୟ=ସଂଯତ କରି; ଇନ୍ଦ୍ରିୟ-ଗ୍ରାମମ୍=ସମସ୍ତ ଇନ୍ଦ୍ରିୟକୁ; ସର୍ବତ୍ର=ସବୁଠାରେ; ସମ-ବୁଦ୍ଧୟଃ=ସମବୁଦ୍ଧିସଂପନ୍ନ; ତେ=ସେମାନେ; ପ୍ରାପ୍ନୁବନ୍ତି=ପା'ନ୍ତି; ମାମ୍=ମୋତେ; ଏବ=ନିଶ୍ଚିତଭାବେ; ସର୍ବ-ଭୂତ-ହିତେ=ସମସ୍ତ ଜୀବଙ୍କର ମଙ୍ଗଳରେ; ରତାଃ=ନିଯୁକ୍ତ l

## ଅନୁବାଦ

**କିନ୍ତୁ, ଯେଉଁମାନେ ଇନ୍ଦ୍ରିୟସଂଯମ କରି, ସର୍ବତ୍ର ସମବୁଦ୍ଧିସଂପନ୍ନ ହୋଇ ସଂପୂର୍ଣ୍ଣରୂପେ ଅବ୍ୟକ୍ତ ଉପାସନା କରନ୍ତି, ଅର୍ଥାତ୍ ଯାହା ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ବୁଝାଯାଇପାରିବ ନାହିଁ, ଯାହା ସର୍ବବ୍ୟାପକ, ଅଚିନ୍ତ୍ୟ, ଧ୍ରୁବ ଏବଂ ଅଚଳ, ଯାହା ପରମସତ୍ୟସ୍ୱରୂପ ଭଗବାନଙ୍କର ନିର୍ବିଶେଷଭାବ - ତାହାରି ଉପାସନା କରନ୍ତି ଏବଂ ସମସ୍ତ ଜୀବର ମଙ୍ଗଳ କାମନା କରନ୍ତି, ସେମାନେ ଶେଷରେ ମୋତେ ପା'ନ୍ତି l**

## ଭାବାର୍ଥ

ଯେଉଁମାନେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପ୍ରତ୍ୟକ୍ଷଭାବରେ ପୂଜା କରନ୍ତି ନାହିଁ, କିନ୍ତୁ ଏକ ପରୋକ୍ଷଭାବରେ ସେହି ଲକ୍ଷ୍ୟ ହାସଲ କରିବା ନିମିତ୍ତ ଚେଷ୍ଟା କରନ୍ତି, ସେମାନେ ଅବଶ୍ୟ ଶେଷରେ ସେହି ଚରମ ଲକ୍ଷ୍ୟ ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତ ହୁଅନ୍ତି l କୁହାଯାଇଛି, ଅନେକ

ଜନ୍ମପରେ ଜ୍ଞାନୀ ବାସୁଦେବ ହିଁ ସବୁ-ଏହା ଜାଣି ମୋର ଶରଣରେ ଆସେ । ଅନେକ ଜନ୍ମପରେ ବ୍ୟକ୍ତି ଯେତେବେଳେ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୁଏ; ସେତେବେଳେ ସେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଶରଣରେ ଆସେ । ଯଦି କୌଣସି ବ୍ୟକ୍ତି ଏହି ଶ୍ଳୋକବର୍ଣ୍ଣିତ ପନ୍ଥାରେ ଭଗବାନଙ୍କ ନିକଟରେ ପହଞ୍ଚିବାକୁ ଇଚ୍ଛାକରେ, ତେବେ ତାକୁ ଇନ୍ଦ୍ରିୟସଂଯମ କରିବାକୁ ପଡ଼ିବ, ପ୍ରତ୍ୟେକଙ୍କର ସେବା କରିବାକୁ ପଡ଼ିବ ଏବଂ ସମସ୍ତ ଜୀବଙ୍କର ମଙ୍ଗଳ କରିବାକୁ ପଡ଼ିବ । ଶେଷରେ ସେ କୃଷ୍ଣଙ୍କ ନିକଟରେ ପହଞ୍ଚିବ, ଏହାଛଡ଼ା ଅନ୍ୟ କୌଣସି ଉତ୍କୃଷ୍ଟ ଅନୁଭୂତି ନାହିଁ । ଭଗବାନଙ୍କ ନିକଟରେ ପୂର୍ଣ୍ଣରୂପେ ଶରଣାଗତ ହେବା ପୂର୍ବରୁ ବ୍ୟକ୍ତିକୁ ଅଧିକାଂଶ ସମୟରେ କଠିନ ତପସ୍ୟା କରିବାକୁ ପଡ଼େ ।

ଜୀବ ପରମାତ୍ମାଙ୍କୁ ଦର୍ଶନ କରିବାକୁ ଇଚ୍ଛାକରେ । ତାକୁ ଦେଖିବା, ଶୁଣିବା, ଗ୍ରହିବା, କାମ କରିବା ଆଦି ଇନ୍ଦ୍ରିୟଜନିତ କର୍ମଗୁଡ଼ିକ ବନ୍ଦ କରିବାକୁ ପଡ଼ିବ । ତାହାହେଲେ ସେ ବୁଝିପାରିବ ଯେ ପରମାତ୍ମା ସର୍ବତ୍ର ବିଦ୍ୟମାନ । ବ୍ୟକ୍ତି ଏ ଅନୁଭୂତି ଲାଭ କଲେ ସେ ଆଉ କୌଣସି ଜୀବକୁ ହିଂସା କରିବ ନାହିଁ—ସେ ମଣିଷ ଓ ଇତର ପ୍ରାଣୀ ମଧ୍ୟରେ କୌଣସି ଭେଦ ଦେଖିପାରେ ନାହିଁ, କାରଣ ସେ କେବଳ ଆତ୍ମାକୁ ଦର୍ଶନ କରେ, ବାହ୍ୟ ଆବରଣକୁ ଦେଖେ ନାହିଁ । କିନ୍ତୁ ସାଧାରଣ ମାନବ ପକ୍ଷରେ, ଏପ୍ରକାର ନିର୍ବିଶେଷ ଅନୁଭୂତି ବଡ଼ କଠିନ ।

## ଶ୍ଳୋକ - ୫

**କ୍ଲେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତଚେତସାମ୍ ।**
**ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍ଭିରବାପ୍ୟତେ ।। ୫ ।।**

## ଶବ୍ଦାନୁବାଦ

କ୍ଲେଶଃ=ଦୁଃଖ, କଷ୍ଟ; ଅଧିକତରଃ=ଅତ୍ୟଧିକ କଷ୍ଟକର; ତେଷାମ୍=ସେମାନଙ୍କ ପକ୍ଷରେ; ଅବ୍ୟକ୍ତ=ଅବ୍ୟକ୍ତ; ଆସକ୍ତ=ଆସକ୍ତ; ଚେତସାମ୍=ଯେଉଁମାନଙ୍କର ମନ; ଅବ୍ୟକ୍ତା=ଅବ୍ୟକ୍ତ; ହି=ନିଶ୍ଚିତଭାବେ; ଗତିଃ ଦୁଃଖମ୍=ଉନ୍ନତି କଷ୍ଟକର; ଦେହବଦ୍ଭିଃ=ଦେହଧାରୀମାନଙ୍କର; ଅବାପ୍ୟତେ=ପ୍ରାପ୍ତ ହୁଅନ୍ତି ।

## ଅନୁବାଦ

**ଯେଉଁମାନଙ୍କର ମନ ପରମାତ୍ମାଙ୍କର ଅବ୍ୟକ୍ତ; ନିର୍ବିଶେଷ ଭାବ ପ୍ରତି ଆସକ୍ତ, ସେମାନଙ୍କ ପକ୍ଷରେ ଉନ୍ନତି ଅତି କଷ୍ଟକର । ଦେହଧାରୀମାନଙ୍କ ପକ୍ଷରେ (ଅର୍ଥାତ୍ ସାଧାରଣ ମାନବ ପକ୍ଷରେ) ଏ ଅବ୍ୟକ୍ତ ଉପାସନାରେ ଉନ୍ନତି କରିବା ଖୁବ୍ କଠିନ ।**

## ଭାବାର୍ଥ

ଯେଉଁ ଯୋଗୀଗଣ ଭଗବାନଙ୍କର ଅଚିନ୍ତ୍ୟ, ଅବ୍ୟକ୍ତ ନିର୍ବିଶେଷ ବ୍ରହ୍ମ-ଉପାସନା ପଥ ଅନୁସରଣ କରନ୍ତି ସେମାନଙ୍କୁ ଜ୍ଞାନ-ଯୋଗୀ କୁହାଯାଏ ଏବଂ ଯେଉଁମାନେ ପୂର୍ଣ୍ଣ କୃଷ୍ଣ-ଚେତନାରେ ଭଗବାନଙ୍କର ସେବାରେ ନିଯୁକ୍ତ ହୋଇଥା'ନ୍ତି, ସେମାନଙ୍କୁ - ଯୋଗୀ କୁହାଯାଏ । ଏଠାରେ ଜ୍ଞାନଯୋଗ ଓ ଭକ୍ତିଯୋଗ ମଧ୍ୟରେ ଥିବା ପାର୍ଥକ୍ୟ କଥା ନିର୍ଦ୍ଦିଷ୍ଟଭାବରେ କୁହାଯାଇଛି । ଯଦିଓ ପରିଣାମତଃ ଜ୍ଞାନଯୋଗ ବ୍ୟକ୍ତିକୁ ସେଇ ଏକ ଲକ୍ଷ୍ୟରେ ହିଁ ପହଞ୍ଚାଏ, ତଥାପି ଏହା ବଡ଼

କଠିନ ଓ କଷ୍ଟକର ଅଟେ; କିନ୍ତୁ ଭକ୍ତିଯୋଗ ମାର୍ଗ ଅର୍ଥାତ୍ ପ୍ରତ୍ୟକ୍ଷଭାବରେ ଭଗବାନଙ୍କର ସେବାରତ ହେବା ଖୁବ୍ ସହଜ ଏବଂ ମାନବ ପକ୍ଷରେ ଆଚରଣ କରିବା ସ୍ୱାଭାବିକ ଅଟେ । ଅନନ୍ତ କାଳରୁ ଜୀବାତ୍ମା ସ୍ଥୂଳ ଶରୀର ମଧ୍ୟରେ ରହି ଆସୁଅଛି । ସେ ଏ ଜଡ଼ ଶରୀର ନୁହେଁ, ଏହାକୁ ମନରେ ଧାରଣା କରିବା ବଡ଼ କଠିନ । ତେଣୁ ଭକ୍ତିଯୋଗୀ କୃଷ୍ଣଙ୍କର ଅର୍ଚ୍ଚା ବିଗ୍ରହକୁ 'ପୂଜ୍ୟ' ବୋଲି ଗ୍ରହଣ କରେ, କାରଣ ଏତଦ୍ଦ୍ୱାରା ମନରେ ଏକ ରୂପର ଧାରଣା ଦୃଢ଼ୀଭୂତ ହୁଏ ଏବଂ ତଦନୁଯାୟୀ କ୍ରିୟା ସଂଘଟିତ ହୁଏ । ଅବଶ୍ୟ ମନ୍ଦିରରେ ପରମପୁରୁଷ ଭଗବାନଙ୍କର ଅର୍ଚ୍ଚା ବିଗ୍ରହକୁ ପୂଜା କରିବା କୌଣସି ପ୍ରକାର ପିତୁଳା ପୂଜା ନୁହେଁ । ବୈଦିକ ସାହିତ୍ୟରେ ପ୍ରମାଣ ଅଛି ଯେ ଉପାସନା (ପୂଜା) ସଗୁଣ ଏବଂ ନିର୍ଗୁଣ ହୋଇପାରେ । ଅର୍ଥାତ୍ ଭଗବାନ୍ ସଗୁଣ ବା ନିର୍ଗୁଣ ହୋଇପାରନ୍ତି । ମନ୍ଦିରରେ ଯେଉଁ ବିଗ୍ରହ ପୂଜା କରାଯାଏ, ତାହା ହେଉଛି ସଗୁଣ ଉପାସନା; କାରଣ ଭଗବାନ୍ ଭୌତିକ ଗୁଣରେ ସେଠାରେ ପ୍ରକାଶିତ ହୋଇଛନ୍ତି । ଯଦିଓ ଭଗବାନଙ୍କର ସେ ରୂପ କାଠ, ପଥର କିମ୍ବା ତୈଳଚିତ୍ର ଆଦି ଭୌତିକ ଗୁଣରେ ପ୍ରକଟିତ ହୋଇଛନ୍ତି ତଥାପି ତାହା ବାସ୍ତବରେ ଭୌତିକ ନୁହେଁ । ଏହା ହେଉଛି ଭଗବାନଙ୍କର ଦିବ୍ୟ ପ୍ରକୃତି, (ଭଗବାନଙ୍କର ନାମ, ଗୁଣ, ରୂପ ଓ ସମ୍ପର୍କୀୟ ସମସ୍ତ ପଦାର୍ଥ ଦିବ୍ୟ) । ଭୌତିକ ପଦାର୍ଥ ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ସଂଯୁକ୍ତ ହୋଇଗଲେ ତାହା ଦିବ୍ୟ ପଦାର୍ଥ ହୋଇଯାଏ, ଆଉ ସେଥିରେ ଭୌତିକତା ଦୋଷ ରହେ ନାହିଁ ।

ଏକ ସ୍ଥୂଳ ଉଦାହରଣ ଏଠାରେ ଦିଆଯାଇପାରେ । ଆମେ ରାସ୍ତାରେ କେତେକ ଡାକ-ବାକ୍ସ ଦେଖିପାରୁ ଏବଂ ଆମେ ଯଦି ସେହି ବାକ୍ସରେ ଚିଠି ପକାଉ ତାହା ହେଲେ ଚିଠିଗୁଡ଼ିକ ନିଶ୍ଚୟ ନିର୍ଦ୍ଦିଷ୍ଟ ଜାଗାକୁ ଯିବ । କିନ୍ତୁ ଯଦି କୌଣସି ପୁରୁଣା ବାକ୍ସ ବା ଡାକବାକ୍ସକୁ ଅନୁକରଣକରି ତିଆରି ହୋଇଥିବା ଅନ୍ୟ କୌଣସି ବାକ୍ସ, ଯାହାକି ଡାକ ବିଭାଗଦ୍ୱାରା ସ୍ୱୀକୃତ ନୁହେଁ, ଯଦି ସେଥିରେ ଆମେ ଚିଠି ପକାଇବା, ତେବେ ଚିଠିଗୁଡ଼ିକ ଯିବ ନାହିଁ । ଠିକ୍ ସେହିପରି ଭଗବାନଙ୍କର 'ଅର୍ଚ୍ଚା ବିଗ୍ରହ' ନାମରେ ସ୍ୱୀକୃତ ମୂର୍ତ୍ତି ଅଛି । ଏହି ଅର୍ଚ୍ଚା ବିଗ୍ରହ ଭଗବାନଙ୍କର ଏକ ଅବତାର । ସେହି ବିଗ୍ରହ ରୂପରେ ଭଗବାନ୍ ସେବା ଗ୍ରହଣ କରିବେ । ଭଗବାନ୍ ସର୍ବଶକ୍ତିମାନ୍, ତେଣୁ ସେ ତାଙ୍କର 'ଅର୍ଚ୍ଚାବିଗ୍ରହ' ଅବତାର ରୂପରେ ଭକ୍ତର ସେବା ଗ୍ରହଣ କରି ପାରନ୍ତି । ବଦ୍ଧଜୀବକୁ ଏକ ସୁବିଧା ଦେବା ନିମିତ୍ତ ସେ ଏ ପ୍ରକାର ଅବତାର ଗ୍ରହଣ କରିଛନ୍ତି ।

ତେଣୁ ଏକ ଭକ୍ତ ପକ୍ଷରେ ଭଗବାନଙ୍କ ନିକଟରେ ପ୍ରତ୍ୟକ୍ଷଭାବରେ ପହଞ୍ଚିବାରେ କୌଣସି ଅସୁବିଧା ନାହିଁ; କିନ୍ତୁ ଯେଉଁମାନେ ନିର୍ବିଶେଷ ଉପାସନା ବା ନିର୍ଗୁଣ ଉପାସନା ପଦ୍ଧତି ଗ୍ରହଣ କରନ୍ତି, ସେମାନେ ବଡ଼ ଅସୁବିଧା ଭୋଗ କରନ୍ତି, କାରଣ ସେ ପଥ ଅତ୍ୟନ୍ତ ଦୁର୍ଗମ । ସେମାନଙ୍କୁ ଉପନିଷଦଆଦି ବୈଦିକ ସାହିତ୍ୟ ଜରିଆରେ ଭଗବାନଙ୍କର ଅବ୍ୟକ୍ତ ଭାବକୁ ବୁଝିବାକୁ ହେବ । ସେମାନଙ୍କୁ ସେ ଭାଷା ଶିକ୍ଷା କରିବାକୁ ପଡ଼ିବ, ଅବ୍ୟକ୍ତ ଭାବକୁ ବୁଝିବାକୁ ପଡିବ ଏବଂ ସେମାନଙ୍କୁ ଏ ସବୁ ବିଧି ଜାଣିବାକୁ ପଡ଼ିବ । ଏକ ସାଧାରଣ ଲୋକପକ୍ଷରେ ଏହା ଆଦୌ ସହଜ ନୁହେଁ । କିନ୍ତୁ କୃଷ୍ଣ ଚେତନାରେ ଥିବା ଏକ ସାଧାରଣ ଲୋକ, ଯେକି ସର୍ବଦା କୃଷ୍ଣସେବାରତ ଅଛି, ସେ ଏକ ଉପଯୁକ୍ତ ଗୁରୁ ବା ଆଚାର୍ଯ୍ୟଙ୍କ ଅଧୀନରେ ରହି, ତାଙ୍କ

ନିର୍ଦ୍ଦେଶରେ ଭଗବଦ୍ ସେବା କଲେ, କେବଳ ଅର୍ଚ୍ଚାବିଗ୍ରହଙ୍କୁ ପ୍ରଣାମ ଜଣାଇଲେ, ଭଗବାନଙ୍କର ଦିବ୍ୟଲୀଳା ଶ୍ରବଣ କଲେ ଏବଂ କୃଷ୍ଣପ୍ରସାଦ ସେବନ କଲେ, ସେ ଅତି ସହଜରେ ପରମ ପୁରୁଷ ଭଗବାନଙ୍କୁ ବୁଝିପାରିବେ । ନିର୍ବିଶେଷବାଦୀ ବା ମାୟାବାଦୀଗଣ ଅଯଥା ଏକ ଦୁର୍ଗମପଥ ଅନୁସରଣ କରୁଛନ୍ତି ଏବଂ ବହୁତ କଷ୍ଟ ଉଠାଇସୁଦ୍ଧା ପରିଣାମରେ ସେମାନେ ଭଗବାନଙ୍କୁ ବୁଝିବାକୁ ସକ୍ଷମ ହୋଇ ପାରୁନାହାନ୍ତି - ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଏକ ସାକାରବାଦୀ ଭକ୍ତ ବିନାକଷ୍ଟରେ ବା ଅତି ସହଜରେ ପରମପୁରୁଷ ଭଗବାନଙ୍କ ନିକଟରେ ସିଧାସଳଖ ପହଞ୍ଚି ପାରୁଛି । ଶ୍ରୀମଦ୍ ଭାଗବତମ୍‌ରେ ଏ ପ୍ରକାର ବର୍ଣ୍ଣନା ଅଛି । ସେଥିରେ ବର୍ଣ୍ଣନା କରାଯାଇଛି ଯେ ଯଦି ବ୍ୟକ୍ତି ପରମପୁରୁଷ ଭଗବାନଙ୍କଠାରେ ପୂର୍ଣ୍ଣରୂପେ ଆତ୍ମସମର୍ପଣ କରେ, ତାହାହେଲେ ସେ ଅତି ସହଜରେ ଭଗବାନଙ୍କୁ ବୁଝିପାରିବ । ଏହି ଆତ୍ମସମର୍ପଣ ବିଧିକୁ ଭକ୍ତି କୁହାଯାଏ । ଯଦି ବ୍ୟକ୍ତି ଏ ଆତ୍ମସମର୍ପଣରୂପକ ଭକ୍ତିଯୋଗ ମାର୍ଗକୁ ଗ୍ରହଣ କରିବା ପରିବର୍ତ୍ତେ କଷ୍ଟକର ନିର୍ବିଶେଷ ବ୍ରହ୍ମ ଉପାସନା ମାର୍ଗ ଗ୍ରହଣ କରେ, ଅର୍ଥାତ୍ ବ୍ରହ୍ମ କ'ଣ ଏବଂ କିଏ 'ବ୍ରହ୍ମ' ନୁହେଁ - ଆଦି ବିଷୟ ବୁଝିବା ନିମିତ୍ତ ଅଯଥା କଷ୍ଟ ଉଠାଏ ଏବଂ ଏଇ ଭାବରେ ତା'ର ଜୀବନ ବିତାଏ, ତାହାହେଲେ ଫଳ କେବଳ ଦୁଃଖ ଭୋଗ ବ୍ୟତୀତ ଆଉ କିଛି ହେବ ନାହିଁ । ତେଣୁ ଏଠାରେ ଭଗବାନ୍ ଶ୍ରୀକୃଷ୍ଣ ଉପଦେଶ ଦେଉଛନ୍ତି ଯେ ବ୍ୟକ୍ତି ଆତ୍ମାନୁଭୂତି ଲାଭ କରିବାର ଏ ପ୍ରକାର ଦୁଃଖପୂର୍ଣ୍ଣ ମାର୍ଗଗ୍ରହଣ କରିବା ଉଚିତ୍ ନୁହେଁ, କାରଣ ପରିଣାମରେ ଯେ ସେ ଭଗବାନଙ୍କୁ ବୁଝିପାରିବ- ଏ ନିଶ୍ଚିତତା ଏଥିରେ ନାହିଁ ।

ଜୀବ ଶାଶ୍ୱତ ଭାବେ ଏକ ଚିଦାତ୍ମା ଅଟେ ଏବଂ ଯଦି ସେ ସଂପୂର୍ଣ୍ଣ ଚିଦାଭାସ ବା ବ୍ରହ୍ମଜ୍ୟୋତିରେ ଲୀନ ହେବାକୁ ଇଚ୍ଛାକରେ, ତାହାହେଲେ ସେ ତାହା ପ୍ରାପ୍ତ ହୋଇପାରେ ଏବଂ ତଦ୍ଦ୍ୱାରା ସେ ତା'ର ମୌଳିକ ପ୍ରକୃତିର 'ସତ୍' ଓ 'ଚିତ୍' ଭାବକୁ ବୁଝିପାରିବେ, କିନ୍ତୁ ଆନନ୍ଦମୟ ଭାବକୁ ସେ ଅନୁଭବ କରିପାରିବ ନାହିଁ । ଅନ୍ୟପକ୍ଷରେ କୌଣସି ଭକ୍ତଙ୍କର ଅନୁକମ୍ପା ଲାଭକଲେ, ଏ ପ୍ରକାର ଜ୍ଞାନଯୋଗୀ (ଅର୍ଥାତ୍ ଜ୍ଞାନଯୋଗ ମାର୍ଗରେ ଖୁବ୍ ଅଗ୍ରଗତି କରିଥିବା ଯୋଗୀ) ଭକ୍ତିଯୋଗ ମାର୍ଗକୁ ଆସିପାରେ । ସେ ସମୟରେ ସେ ଯେ ଦୀର୍ଘଦିନଧରି ଜ୍ଞାନଯୋଗ ମାର୍ଗ ଅନୁସରଣ କରିଛି ବା ନିର୍ବିଶେଷ ଉପାସନା ପଦ୍ଧତି ଅନୁସରଣ କରିଛି ତାହା ଭକ୍ତିଯୋଗ ମାର୍ଗରେ ବାଧା ସୃଷ୍ଟିକରେ, କାରଣ ସେ ବଦ୍ଧମୂଳ ଧାରଣାକୁ ସହଜରେ ଛାଡ଼ିପାରେ ନାହିଁ । ତେଣୁ ମାନବ ଉଭୟତ୍ର-ଅଭ୍ୟାସ କରୁଥିବା ସମୟରେ ଏବଂ ଅନୁଭୂତି ଲାଭ ସମୟରେ ମଧ୍ୟ-ଅବ୍ୟକ୍ତ ଉପାସନାରେ ବରାବର ନାନା ଅସୁବିଧା ଓ ଦୁଃଖ ଭୋଗକରେ । ପ୍ରତ୍ୟେକ ଜୀବ ଆଂଶିକ ଭାବେ ସ୍ୱାଧୀନ ଏବଂ ବ୍ୟକ୍ତି ଏହା ଭଲଭାବରେ ଜାଣିରଖିବା ଉଚିତ୍ ଯେ ଏ ଅବ୍ୟକ୍ତ ଉପାସନା, ତା'ର ଦିବ୍ୟ ଆନନ୍ଦମୟ ପ୍ରକୃତିର ବିରୋଧ ଅଟେ । ବ୍ୟକ୍ତି ଏ ପ୍ରକାର ମାର୍ଗ ଗ୍ରହଣ କରିବା ଉଚିତ୍ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ଏ କୃଷ୍ଣଭାବନା ମାର୍ଗ ଅର୍ଥାତ୍ ଭକ୍ତିଯୋଗ ମାର୍ଗ ସର୍ବୋତ୍ତମ ଅଟେ, କାରଣ ଏଥିରେ ସେ ପୂର୍ଣ୍ଣରୂପେ ସେବାରେ ନିଯୁକ୍ତ ହେବାର ସୁଯୋଗ ପାଏ । ଯଦି ବ୍ୟକ୍ତି ଏ ଭକ୍ତିଯୋଗ ମାର୍ଗକୁ ଅବଜ୍ଞା କରେ, ତେବେ ସେ ନାସ୍ତିକ ହୋଇଯିବାର ବହୁତ ଆଶଙ୍କା ଅଛି । ତେଣୁ ଏ ଅବ୍ୟକ୍ତ, ଅଚିନ୍ତ୍ୟ, ନିର୍ଗୁଣ ଉପାସନା

ଯାହାକି ଇନ୍ଦ୍ରିୟ-ଗ୍ରାହ୍ୟ ନୁହେଁ - ଏ ଯୋଗବିଧି ବିଶେଷକରି ଏ ଯୁଗରେ ଗ୍ରହଣ କରିବା ଉଚିତ୍ ନୁହେଁ ।ଏ ଶ୍ଳୋକରେ ଏହାହିଁ କୁହାଯାଇଛି ।ଭଗବାନ୍ ଶ୍ରୀକୃଷ୍ଣ ଏ ନିର୍ଗୁଣ ଉପାସନା କରିବାକୁ ଏଠାରେ ଉପଦେଶ ଦେଉନାହାନ୍ତି ।

## ଶ୍ଳୋକ - ୬-୭

**ଯେ ତୁ ସର୍ବାଣି କର୍ମାଣି ମୟି ସନ୍ନ୍ୟସ୍ୟ ମତ୍ପରାଃ ।**
**ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ ।।୬।।**
**ତେଷାମହଂ ସମୁଦ୍ଧର୍ତା ମୃତ୍ୟୁସଂସାରସାଗରାତ୍ ।**
**ଭବାମି ନ ଚିରାତ୍ପାର୍ଥ ମୟ୍ୟାବେଶିତଚେତସାମ୍ ।।୭।।**

## ଶବ୍ଦାନୁବାଦ

ଯେ=ଯେଉଁମାନେ; ତୁ=କିନ୍ତୁ; ସର୍ବାଣି=ସମସ୍ତ; କର୍ମାଣି=କର୍ମସବୁ; ମୟି=ମୋ' ଠାରେ; ସନ୍ନ୍ୟସ୍ୟ=ଅର୍ପଣକରି; ମତ୍ପରାଃ=ମୋ'ଠାରେ ଯୁକ୍ତ ହୋଇ; ଅନନ୍ୟେନ=ଅନନ୍ୟଭାବରେ; ଏବ=ନିଶ୍ଚିତଭାବେ; ଯୋଗେନ=ଏ ପ୍ରକାର ଭକ୍ତିଯୋଗ ଅଭ୍ୟାସଦ୍ୱାରା; ମାମ୍=ମୋତେ; ଧ୍ୟାୟନ୍ତଃ=ଧ୍ୟାନକରି; ଉପାସତେ=ଉପାସନା କରନ୍ତି (ବା ପୂଜା କରନ୍ତି); ତେଷାମ୍=ସେମାନଙ୍କର; ଅହମ୍=ମୁଁ; ସମୁଦ୍ଧର୍ତା=ଉଦ୍ଧାର କର୍ତ୍ତା; ମୃତ୍ୟୁ-ସଂସାର=ଭୌତିକସ୍ଥିତି; ସାଗରାତ୍=ସାଗରରୁ; ଭବାମି=ହୁଏ; ନ ଚିରାତ୍=ଅଚିରେ; ପାର୍ଥ=ହେ ପୃଥାପୁତ୍ର; ମୟି=ମୋ' ଠାରେ; ଆବେଶିତ=ସ୍ଥିର; ଚେତସାମ୍=ଯେଉଁମାନଙ୍କର ମନ ସେହିପରି, ସେହିମାନଙ୍କର ।

## ଅନୁବାଦ

**ହେ ପୃଥାପୁତ୍ର ! ଯେଉଁମାନେ ମୋତେ ପୂଜା କରନ୍ତି, ସମସ୍ତ କର୍ମ ମୋତେ ଅର୍ପଣ କରନ୍ତି ଏବଂ ଅନନ୍ୟଭାବରେ ମୋ' ଠାରେ ହିଁ ଯୁକ୍ତ ହୋଇଥା'ନ୍ତି, ସର୍ବଦା ମୋ ସେବାରେ ନିଯୁକ୍ତ ଥା'ନ୍ତି ଏବଂ ସର୍ବଦା ମୋତେ ହିଁ ଧ୍ୟାନ କରୁଥା'ନ୍ତି, ମୋ'ଠାରେ ହିଁ ମନ ସ୍ଥିର ରଖିଥା'ନ୍ତି, ସେପରି ଭକ୍ତମାନଙ୍କୁ ମୁଁ ଖୁବ୍ ଶୀଘ୍ର ଏ ଭବସାଗର (ଜନ୍ମ-ମୃତ୍ୟୁ-ରୂପକ ସାଗର)ରୁ ଉଦ୍ଧାର କରେ ।**

## ଭାବାର୍ଥ

ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ ଭକ୍ତମାନେ ହେଉଛନ୍ତି ଅତ୍ୟନ୍ତ ଭାଗ୍ୟବାନ୍, କାରଣ ଭଗବାନ୍ ସେମାନଙ୍କୁ ଖୁବ୍ ଶୀଘ୍ର ଏ ଭୌତିକ ସ୍ଥିତିରୁ ଉଦ୍ଧାର କରନ୍ତି ।ବିଶୁଦ୍ଧ ଭକ୍ତିଯୋଗରେ କୃଷ୍ଣ ସେବାରତ ହେଲେ ବ୍ୟକ୍ତି ଜାଣିପାରିବ ଯେ ଭଗବାନ୍ ହେଉଛନ୍ତି ଅତି ମହାନ୍ ଓ ସର୍ବଶକ୍ତିମାନ୍ ଏବଂ ଜୀବ (ଜୀବାତ୍ମା) ତାଙ୍କର ଅଧୀନ ।ତା'ର କର୍ତ୍ତବ୍ୟ ହେଉଛି ଭଗବାନଙ୍କର ସେବା କରିବା, ଯଦି ସେ ତାହା ନକରେ, ତେବେ ସେ ନିଶ୍ଚୟ ମାୟାର ସେବା କରିବ ।

ପୂର୍ବରୁ କୁହାଯାଇଛି ଯେ ଭଗବାନ୍ (ପରମେଶ୍ୱର) କେବଳ ଭକ୍ତିଯୋଗରେ ହିଁ ପ୍ରାପ୍ତ ହୁଅନ୍ତି ।ତେଣୁ ବ୍ୟକ୍ତି ପୂର୍ଣ୍ଣରୂପେ ଭଗବାନଙ୍କର ଭକ୍ତ ହେବା ଉଚିତ୍ ।ସେ କୃଷ୍ଣ ପ୍ରାପ୍ତି ନିମିତ୍ତ ସଂପୂର୍ଣ୍ଣରୂପେ ତା'ର ମନକୁ କୃଷ୍ଣଙ୍କଠାରେ ନିବିଷ୍ଟ କରିବା ଉଚିତ୍ ।ସେ କେବଳ କୃଷ୍ଣଙ୍କ

ନିମିତ୍ତ କର୍ମ କରିବା ଉଚିତ୍ । ସେ ଯେକୌଣସି କର୍ମକରୁ ସେଥିରେ କିଛି ଯାଏ ଆସେ ନାହିଁ; କିନ୍ତୁ ସେ କର୍ମ କେବଳ କୃଷ୍ଣଙ୍କ ନିମିତ୍ତ ହେବା ଉଚିତ୍ । ଏହା ହେଉଛି ଭକ୍ତିଯୋଗର ମାନଦଣ୍ଡ । ପରମପୁରୁଷ ଭଗବାନଙ୍କୁ ସନ୍ତୁଷ୍ଟ କରିବା ଛଡ଼ା ଭକ୍ତ ଆଉ କିଛି ଜାଣେ ନାହିଁ କି ଅନ୍ୟ କିଛି କାମନା କରେନାହିଁ । ତା'ର ଜୀବନର ଏକମାତ୍ର ଲକ୍ଷ୍ୟ ହେଲା କୃଷ୍ଣଙ୍କୁ ସନ୍ତୁଷ୍ଟ କରିବା ଏବଂ ଯେପରି କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଅର୍ଜୁନ ତା'ର ସମସ୍ତ ଶକ୍ତି ଖଟାଇ କୃଷ୍ଣଙ୍କ ନିମିତ୍ତ ଯୁଦ୍ଧ କରିଛନ୍ତି ଏବଂ କୃଷ୍ଣଙ୍କୁ ସନ୍ତୁଷ୍ଟ କରିଛନ୍ତି, ଠିକ୍ ସେହିପରି ବ୍ୟକ୍ତି ତା'ର ସମସ୍ତ ଧନ-ସମ୍ପତ୍ତି ଓ ଶକ୍ତି ଆଦି କୃଷ୍ଣ ପ୍ରୀତ୍ୟର୍ଥେ ଅର୍ପଣ କରିପାରେ । ଏ ମାର୍ଗ ଅତି ସରଳ । ନିଜ ଧନ୍ଦା ବା କର୍ମରେ ବ୍ୟକ୍ତି କୃଷ୍ଣସେବା କରିପାରେ ଏବଂ ତତ୍ ସଙ୍ଗେ ସଙ୍ଗେ- *''ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ । ହରେରାମ ହରେରାମ ରାମ ରାମ ହରେ ହରେ ।''* - କୀର୍ତ୍ତନ କରିପାରେ । ଏ ପ୍ରକାର ଦିବ୍ୟକୀର୍ତ୍ତନ ଭକ୍ତକୁ ଭଗବାନଙ୍କ ପ୍ରତି ଆକୃଷ୍ଟ କରାଏ ।

ଭଗବାନ୍ ଏଠାରେ ପ୍ରତିଜ୍ଞାକରି କହୁଛନ୍ତି ଯେ ସେ ଏ ପ୍ରକାର ଭକ୍ତକୁ (ଯେଉଁ ଭକ୍ତ ସର୍ବଦା ତାଙ୍କ ସେବାରତ) ଭୌତିକସ୍ଥିତିରୁ ଖୁବ୍‌ଶୀଘ୍ର ଉଦ୍ଧାର କରନ୍ତି । ଯେଉଁମାନେ ଉନ୍ନତ ଯୋଗୀ ଅର୍ଥାତ୍ ଯୋଗ ସାଧନାକରି ଖୁବ୍ ଉନ୍ନତି କରିଛନ୍ତି ସେମାନେ ଯେକୌଣସି ଲୋକଙ୍କୁ ସେମାନଙ୍କ ଇଚ୍ଛା ମୁତାବକ ଯୋଗଶକ୍ତି ବଳରେ ଆତ୍ମାକୁ ସ୍ଥାନାନ୍ତରିତ କରିପାରନ୍ତି ଏବଂ ଅନ୍ୟମାନେ ବିଭିନ୍ନପ୍ରକାରେ ସୁବିଧା ସୁଯୋଗ ହାସଲ କରିପାରନ୍ତି; କିନ୍ତୁ ଭକ୍ତ କଥା ସ୍ୱତନ୍ତ୍ର । ଏଠାରେ ପରିଷ୍କାରଭାବରେ କୁହାଯାଇଛି ଯେ ଭଗବାନ୍ ନିଜେ ଭକ୍ତକୁ ଉଦ୍ଧାର କରନ୍ତି । ଭକ୍ତ ଯୋଗବଳରେ ଖୁବ୍ ଯୋଗ୍ୟହୋଇ ଅର୍ଥାତ୍ ଯୋଗଶକ୍ତି ବଳରେ ନିଜକୁ ପରବ୍ୟୋମକୁ ସ୍ଥାନାନ୍ତରିତ କରିବା ନିମିତ୍ତ ଅପେକ୍ଷା କରେ ନାହିଁ । ବରାହ ପୁରାଣରେ ଦିଆଯାଇଥିବା ନିମ୍ନ ଶ୍ଲୋକ ଦେଖନ୍ତୁ—

*''ନୟାମି ପରମଂ ସ୍ଥାନମ୍ ଅର୍ଚିରାଦି ଗତିଂ ବିନା ।*
*ଗରୁଡ଼-ସ୍କନ୍ଧମ୍ ଆରୋପ୍ୟ ଯଥେଚ୍ଛମ୍ ଅନିବାରିତଃ ।।''*

ଏ ଶ୍ଲୋକର ଭାବାର୍ଥ ହେଉଛି ଯେ ଭକ୍ତ ତା'ର ଆତ୍ମାକୁ ଚିଦ୍‌ଜଗତକୁ ସ୍ଥାନାନ୍ତରିତ କରିବା ନିମିତ୍ତ ଅଷ୍ଟାଙ୍ଗଯୋଗ ଅଭ୍ୟାସ କରିବାକୁ ଦରକାର କରେ ନାହିଁ । ସେ ଦାୟିତ୍ୱ ପରମପୁରୁଷ ଭଗବାନ ନିଜେ ନେଇ ନିଅନ୍ତି । ସେ ଏଠାରେ ପରିଷ୍କାର ଭାବରେ କହୁଛନ୍ତି ସେ ନିଜେ ଭକ୍ତର ଉଦ୍ଧାର କରନ୍ତି । ପିତାମାତା ସଂପୂର୍ଣ୍ଣରୂପେ ଶିଶୁର ଦାୟିତ୍ୱ ନେଇଥା'ନ୍ତି ଏବଂ ଏହି ପ୍ରକାରେ ତା'ର ସ୍ଥିତି ସୁରକ୍ଷିତ ହୋଇ ଥାଏ । ଠିକ୍ ସେହିପରି, ଭକ୍ତ (ଅଷ୍ଟାଙ୍ଗ) ଯୋଗାଭ୍ୟାସ କରି ଯୋଗଶକ୍ତି ବଳରେ ଅନ୍ୟଲୋକକୁ ଯାତ୍ରା କରିବା ନିମିତ୍ତ ଚେଷ୍ଟା କରେନାହିଁ, ବରଂ ପରମପୁରୁଷ ଭଗବାନ୍ ତାଙ୍କ ଅହୈତୁକୀ କୃପା ହେତୁ ସାଙ୍ଗେ ସାଙ୍ଗେ ଗରୁଡ଼ ପୃଷ୍ଠରେ ଆରୋହଣ କରି ଆସିଯା'ନ୍ତି ଏବଂ ଭକ୍ତକୁ ସାଙ୍ଗେ ସାଙ୍ଗେ ଭୌତିକ ସ୍ଥିତିରୁ ଉଦ୍ଧାର କରନ୍ତି । ଯେଉଁ ବ୍ୟକ୍ତି ଭବସମୁଦ୍ରରେ ପତିତ ହୋଇଛି ସେ ଯଦିଓ ଖୁବ୍ ସଂଗ୍ରାମ କରିପାରେ ଏବଂ ସନ୍ତରଣରେ ଖୁବ୍ ଦକ୍ଷ ହୋଇପାରେ, କିନ୍ତୁ ସେ କଦାପି ନିଜକୁ ଉଦ୍ଧାର କରିପାରିବ ନାହିଁ । ଅନ୍ୟପକ୍ଷରେ ଯଦି କେହି ଜଣେ ଆସି ତାକୁ ଜଳରୁ (ଭବାର୍ଣ୍ଣବରୁ) ଉଠାଇ ନିଏ, ତାହାହେଲେ ସେ ଖୁବ୍ ସହଜରେ ଉଦ୍ଧାର ପାଏ । ଠିକ୍ ସେହିପରି ଭଗବାନ୍ ଭକ୍ତକୁ ଏ ଭୌତିକସ୍ଥିତିରୁ ଉଦ୍ଧାର କରନ୍ତି । ବ୍ୟକ୍ତିକୁ କେବଳ ଏ ସହଜ ମାର୍ଗ-କୃଷ୍ଣଭାବନା ମାର୍ଗ ଅନୁସରଣ କରିବାକୁପଡ଼ିବ

ବା ଅଭ୍ୟାସ କରିବାକୁ ପଡ଼ିବ ଏବଂ ସଂପୂର୍ଣ୍ଣରୂପେ କୃଷ୍ଣ ସେବାରତ ହେବାକୁ ପଡ଼ିବ । ଏକ ବୁଦ୍ଧିମାନ୍ ଲୋକ ଅନ୍ୟ ସମସ୍ତ ଯୋଗମାର୍ଗ ଅପେକ୍ଷା ଏ ଭକ୍ତିଯୋଗ ମାର୍ଗକୁ ବରାବର ଗ୍ରହଣ କରିବା ଉଚିତ୍ । ନାରାୟଣୀୟ (ତନ୍ତ୍ର)ରେ ନିମ୍ନମତେ ଏହା ସ୍ୱୀକୃତ ହୋଇଅଛି—

*"ଯା ବୈ ସାଧନ-ସମ୍ପତ୍ତି ପୁରୁଷାର୍ଥ ଚତୁଷ୍ଟୟେ ।*
*ତୟା ବିନା ତଦ୍‌-ଆପ୍ନୋତି ନରୋ ନାରାୟଣାଶ୍ରୟଃ ।।"*

ଏ ଶ୍ଳୋକରେ ଭାବାର୍ଥ ହେଉଛି ଏହା ଯେ ବ୍ୟକ୍ତି ବିଭିନ୍ନ ସକାମ କର୍ମରେ ନିଯୁକ୍ତ ହେବା ଉଚିତ୍ ନୁହେଁ କିମ୍ବା ମାନସିକ କଳ୍ପନା ବଳରେ ଜ୍ଞାନ-ସାଧନ କରିବା ଉଚିତ୍ ନୁହେଁ । ଯେ ପରମପୁରୁଷ ଭଗବାନଙ୍କର ଭକ୍ତ (ଅର୍ଥାତ୍ ଭକ୍ତିଯୋଗରେ ସର୍ବଦା ସେବାରତ) ସେ ଅନ୍ୟ ସମସ୍ତ ଯୋଗବିଧି ଅର୍ଥାତ୍ ମନନ, ବୈଦିକ କର୍ମକାଣ୍ଡ ପୂଜାବିଧି ଅନୁସରଣ, ଯଜ୍ଞ, ଦାନ ଆଦି ବିଭିନ୍ନ ବିଧିରୁ ଯେଉଁ ଫଳ ପ୍ରାପ୍ତ ହୁଏ, ତାହା ସମସ୍ତ ପ୍ରାପ୍ତ ହୁଏ । ଏହା ହେଉଛି ଭକ୍ତିଯୋଗ ମାର୍ଗର ସ୍ୱତନ୍ତ୍ର ଅବଦାନ । କେବଳ କୃଷ୍ଣଙ୍କର ଦିବ୍ୟନାମ କୀର୍ତ୍ତନ କଲେ - *"ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ । ହରେରାମ ହରେରାମ ରାମ ରାମ ହରେ ହରେ ।।"* - ଭକ୍ତ ଖୁବ୍ ସହଜରେ ଏବଂ ସୁଖରେ ଜୀବନର ପରମ ଲକ୍ଷ୍ୟ ସାଧନ କରିପାରିବ, କିନ୍ତୁ ଅନ୍ୟକୌଣସି ଧାର୍ମିକ ପନ୍ଥାରେ ଏହା ସାଧିତ ହୋଇପାରିବ ନାହିଁ । ଭଗବଦ୍ ଗୀତାର ଅଷ୍ଟାଦଶ ଅଧ୍ୟାୟର ଉପସଂହାରରେ କୁହାଯାଇଛି—

*"ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମ ଏକଂ ଶରଣଂ ବ୍ରଜ ।*
*ଅହଂ ତ୍ୱାଂ ସର୍ବ-ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।।"*

ବ୍ୟକ୍ତି ଆତ୍ମାନୁଭୂତି ଲାଭର ଅନ୍ୟ ସମସ୍ତ ବିଧି ତ୍ୟାଗକରି କେବଳ କୃଷ୍ଣଚେତନାରେ କୃଷ୍ଣ ସେବା କରିବା ଉଚିତ୍ । ଏତଦ୍ୱାରା ସେ ଜୀବନର ସର୍ବୋଚ୍ଚ ଲକ୍ଷ୍ୟ ସାଧନ କରିପାରିବ ବା ପରମ ସାର୍ଥକତା ହାସଲ କରିପାରିବ । ଗତ ଜୀବନର ପାପକର୍ମର ପ୍ରତିକ୍ରିୟା ବିଷୟ ଭାବିବା ଉଚିତ୍ ନୁହେଁ, କାରଣ ପରମପୁରୁଷ ଭଗବାନ୍ ତା'ର ପୂର୍ଣ୍ଣ ଦାୟିତ୍ୱ ବହନ କରନ୍ତି । ତେଣୁ ବ୍ୟକ୍ତି ଅଯଥା ଅନ୍ୟ ଯୋଗ-ବିଧି ଗ୍ରହଣ କରି ଯୋଗଶକ୍ତି ବଳରେ ନିଜକୁ ଉଦ୍ଧାର କରିବାକୁ ଚେଷ୍ଟିତ ହେବା ଉଚିତ୍ ନୁହେଁ । ପ୍ରତ୍ୟେକ ସର୍ବଶକ୍ତିମାନ୍ ପରମେଶ୍ୱର ଭଗବାନ୍ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହେବା ଉଚିତ୍ । ଏହା ହିଁ ହେଉଛି ଜୀବନର ପରମ ସାର୍ଥକତା ।

## ଶ୍ଳୋକ - ୮

**ମୟ୍ୟେବ ମନ ଆଧତ୍ସ୍ୱ ମୟି ବୁଦ୍ଧିଂ ନିବେଶୟ ।**
**ନିବସିଷ୍ୟସି ମୟ୍ୟେବ ଅତ ଉର୍ଦ୍ଧ୍ୱଂ ନ ସଂଶୟଃ ।। ୮ ।।**

## ଶବ୍ଦାନୁବାଦ

ମୟି=ମୋ'ଠାରେ;ଏବ=ନିଶ୍ଚିତଭାବେ;ମନଃ=ମନ;ଆଧତ୍ସ୍ୱ=ସ୍ଥିରକର; ମୟି=ମୋ'ଠାରେ; ବୁଦ୍ଧିମ୍=ବୁଦ୍ଧି; ନିବେଶୟ=ନିବିଷ୍ଟକରି; ନିବସିଷ୍ୟସି=ତୁମେ ଯାପନକର; ମୟି=ମୋ'ଠାରେ; ଏବ=ନିଶ୍ଚିତଭାବେ; ଅତଃ=ତେଣୁ; ଉର୍ଦ୍ଧ୍ୱମ୍=ଉର୍ଦ୍ଧ୍ୱ; ନ=ନୁହେଁ; ସଂଶୟଃ=ସନ୍ଦେହ ।

## ଅନୁବାଦ

**ମୋ'ଠାରେ (ପରମପୁରୁଷ ଭଗବାନଙ୍କଠାରେ), ମନୋନିବେଶ କର । ତୁମର ସମସ୍ତ ବୁଦ୍ଧିବୃତ୍ତି ମୋ ଠାରେ ଲଗାଅ । ଏହି ପ୍ରକାରେ ତୁମେ ନିଃସନ୍ଦେହଭାବରେ ସର୍ବଦା ମୋ'ଠାରେ ହିଁ ଜୀବନଯାପନ କରିବ ।**

## ଭାବାର୍ଥ

ଯେଉଁ ବ୍ୟକ୍ତି ଭଗବାନ୍ ଶ୍ରୀକୃଷ୍ଣଙ୍କର ସେବାରତ ହୋଇଥାଏ, ସେ ତାଙ୍କଠାରେ ପ୍ରତ୍ୟକ୍ଷଭାବରେ ସମ୍ପର୍କ ସ୍ଥାପନ କରିଥାଏ, ତେଣୁ ଏଥିରେ ଆଉ କୌଣସି ସନ୍ଦେହ ନ ଥାଏ । ପ୍ରାରମ୍ଭରୁ ହିଁ ତାଙ୍କର ସ୍ଥିତି ଅତ୍ୟନ୍ତ ଦିବ୍ୟ ଅଟେ । ଭକ୍ତ କଦାପି ଭୌତିକ ସ୍ଥିତିରେ ରହେ ନାହିଁ - ସେ ବରାବର କୃଷ୍ଣଚେତନାରେ ଥାଏ; ତା'ର କୃଷ୍ଣଗତ ପ୍ରାଣ ହୋଇଥାଏ । ଭଗବାନ୍ ଓ ତାଙ୍କର ଦିବ୍ୟନାମ ଅଭିନ୍ନ ଅଟନ୍ତି; ତେଣୁ ଭକ୍ତ ଯେତେବେଳେ ହରେକୃଷ୍ଣ କୀର୍ତ୍ତନ କରେ ସେତେବେଳେ ଭକ୍ତର ଜିହ୍ୱାରେ କୃଷ୍ଣ ତାଙ୍କର ଅନ୍ତରଙ୍ଗା ଶକ୍ତି ନୃତ୍ୟ କରନ୍ତି । ସେ ଯେତେବେଳେ କୃଷ୍ଣଙ୍କୁ ପ୍ରସାଦ (ଖାଦ୍ୟ) ଅର୍ପଣ କରେ, କୃଷ୍ଣ ସେ ଖାଦ୍ୟ ଦ୍ରବ୍ୟକୁ ପ୍ରତ୍ୟକ୍ଷଭାବରେ ଗ୍ରହଣ କରନ୍ତି ଏବଂ ଭକ୍ତ କୃଷ୍ଣଙ୍କ ଉଚ୍ଛିଷ୍ଟ ଖାଦ୍ୟ ଅର୍ଥ 'କୃଷ୍ଣପ୍ରସାଦ' ସେବନ କରି କୃଷ୍ଣଗତପ୍ରାଣ ହୋଇଯାଏ । ଯେ ଏ ପ୍ରକାର ସେବାରତ ନ ହୋଇଥାଏ, ସେ କଦାପି ବୁଝିପାରିବ ନାହିଁ ଯେ ଏହା କିପରି ହୋଇଛି । ଯଦିଓ ଭଗବଦ୍ ଗୀତା ଓ ଅନ୍ୟ ବୈଦିକ ସାହିତ୍ୟମାନଙ୍କରେ ଏ ବିଧିକୁ ଅନୁମୋଦନ କରାଯାଇଅଛି; ତଥାପି ଯେ ଭକ୍ତ ନୁହେଁ, ସେ ତାହା ବୁଝି ପାରିବ ନାହିଁ ।

## ଶ୍ଲୋକ - ୯

**ଅଥ ଚିତ୍ତଂ ସମାଧାତୁଂ ନ ଶକ୍ନୋଷି ମୟି ସ୍ଥିରମ୍ ।**
**ଅଭ୍ୟାସଯୋଗେନ ତତୋ ମାମିଚ୍ଛାପ୍ତୁଂ ଧନଞ୍ଜୟ ।। ୯ ।।**

## ଶବ୍ଦାନୁବାଦ

ଅଥ=ଏଣୁ, ଯଦି; ଚିତ୍ତମ୍=ମନ; ସମାଧାତୁମ୍=ସ୍ଥିର କରିବାକୁ; ନ=ନୁହେଁ; ଶକ୍ନୋଷି=ସକ୍ଷମ; ମୟି=ମୋ'ଠାରେ; ସ୍ଥିରମ୍=ସ୍ଥିର; ଅଭ୍ୟାସ=ଅଭ୍ୟାସ; ଯୋଗେନ=ଭକ୍ତି ଯୋଗରେ; ତତଃ=ତେଣୁ; ମାମ୍=ମୋତେ; ଇଚ୍ଛ=ଇଚ୍ଛା; ଆପ୍ତୁମ୍=ପାଇବାକୁ; ଧନଞ୍ଜୟ=ହେ ଅର୍ଜୁନ ।

## ଅନୁବାଦ

**ହେ ମୋର ପ୍ରିୟ ଅର୍ଜୁନ, ଧନଞ୍ଜୟ ! ଯଦି ତୁମେ ତୁମର ମନକୁ ମୋ'ଠାରେ ଏକାନ୍ତଭାବରେ ସ୍ଥିର କରି ନପାର, ତାହାହେଲେ ଭକ୍ତିଯୋଗର ସାଧନପ୍ରଣାଳୀ ଅଭ୍ୟାସ କର । ଏହି ପ୍ରକାରେ ତୁମେ ମୋତେ ପାଇବାପାଇଁ ଏକ କାମନା ବୃଦ୍ଧି କରାଇ ପାରିବ ।**

## ଭାବାର୍ଥ

ଏ ଶ୍ଲୋକରେ ଭକ୍ତିଯୋଗର ଦୁଇଟି ବିଧି ଦର୍ଶାଇ ଦିଆଯାଇଛି । ପ୍ରଥମଟି ଉତ୍ତମ ଅଟେ । ଯେଉଁ ବ୍ୟକ୍ତି ଦିବ୍ୟପ୍ରେମରେ ବଶୀଭୂତ ହୋଇ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରତି ଆସକ୍ତ, ତା' ପ୍ରତି ପ୍ରଯୁଜ୍ୟ । ଅନ୍ୟଟି ଭଗବାନଙ୍କ ପ୍ରତି ପ୍ରେମଜାତ ହୋଇ ନଥିବା

ବ୍ୟକ୍ତିପ୍ରତି ପ୍ରଯୁଜ୍ୟ । ଦ୍ୱିତୀୟ ଶ୍ରେଣୀର ଭକ୍ତଙ୍କ ପ୍ରତି ବିଭିନ୍ନପ୍ରକାର ନୀତି ନିୟମ ଓ ସାଧନ ପ୍ରଣାଳୀ ଅଛି । ବ୍ୟକ୍ତି ସେଗୁଡ଼ିକୁ ଅଭ୍ୟାସ କଲେ ପରିଣାମରେ କୃଷ୍ଣପ୍ରେମ ଲାଭ କରିବା ସ୍ତରକୁ ଉନ୍ନୀତ ହୋଇପାରିବ ।

ଭକ୍ତିଯୋଗ ଇନ୍ଦ୍ରିୟମାନଙ୍କୁ ଶୋଧନ କରେ । ବର୍ତ୍ତମାନ ମୁହୂର୍ତ୍ତରେ ଏ ଭୌତିକ ସ୍ଥିତିରେ ଇନ୍ଦ୍ରିୟ ସୁଖରେ ଜୀବ ଲିପ୍ତଥିବାରୁ ତା'ର ଇନ୍ଦ୍ରିୟଗୁଡ଼ିକ ସର୍ବଦା ବିକାର ଗ୍ରସ୍ତ (ଦୋଷଯୁକ୍ତ-ଅପବିତ୍ର) । କିନ୍ତୁ ଭକ୍ତିଯୋଗ ଅଭ୍ୟାସଦ୍ୱାରା ଇନ୍ଦ୍ରିୟଗୁଡ଼ିକ ବିଶୁଦ୍ଧ ହୋଇ ପାରନ୍ତି ଏବଂ ବିଶୁଦ୍ଧ ଅବସ୍ଥାରେ ହିଁ ସେମାନେ ଭଗବାନଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିପାରନ୍ତି । ଏ ଭୌତିକ ସ୍ଥିତିରେ ମୁଁ କୌଣସି ମାଲିକର ସେବାରେ ନିଯୁକ୍ତ ହୋଇପାରେ, କିନ୍ତୁ ସ୍ନେହ ବା ପ୍ରେମ ସହିତ ମୁଁ ବାସ୍ତବରେ ମାଲିକର ସେବା କରେନାହିଁ । କେବଳ ପଇସା ପାଇବାପାଇଁ ସେବାକରେ ଏବଂ ମାଲିକ ମଧ୍ୟ ମୋତେ ପ୍ରକୃତ ସ୍ନେହ କରେନାହିଁ । ସେ ମୋ'ଠାରୁ ସେବାନେଇ କେବଳ ମୋତେ ପଇସାଦିଏ, ଏଣୁ ଏଥିରେ ସ୍ନେହ ବା ପ୍ରେମର ପ୍ରଶ୍ନ ନଥାଏ, କିନ୍ତୁ ଦିବ୍ୟଜୀବନରେ ବ୍ୟକ୍ତି ବିଶୁଦ୍ଧ ପ୍ରେମ ବା ସ୍ନେହସ୍ତରକୁ ଉନ୍ନୀତ ହେବା ଉଚିତ୍ । ବ୍ୟକ୍ତି ତା'ର ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ଭକ୍ତିଯୋଗ ଅଭ୍ୟାସ କଲେ ସେ ପ୍ରେମସ୍ତର ପ୍ରାପ୍ତ ହୋଇପାରିବ ।

ପ୍ରତ୍ୟେକର ହୃଦୟରେ ଏ ଭଗବତ୍ ପ୍ରେମ ସୁପ୍ତ ଅବସ୍ଥାରେ ଅଛି ଏବଂ ସେଠାରେ ଏ ଭଗବତ୍ ପ୍ରେମ ବିଭିନ୍ନ ପ୍ରକାରେ ପ୍ରକାଶିତ ହୁଏ, କିନ୍ତୁ ଭୌତିକ ସଂସର୍ଗ ଯୋଗୁଁ ଏହା ଦୂଷିତ ହୋଇଯାଏ । ବର୍ତ୍ତମାନ ଏ ଭୌତିକ ସଂସର୍ଗକୁ ବିଶୁଦ୍ଧ ବା ପବିତ୍ର କରିବାକୁ ପଡ଼ିବ ଏବଂ ସୁପ୍ତ ଓ ସ୍ୱାଭାବିକ କୃଷ୍ଣପ୍ରେମକୁ ଜାଗରିତ କରିବାକୁ ପଡ଼ିବ । ଏହା ହେଉଛି ସମଗ୍ର ବିଧି ।

ସାଧନ ଭକ୍ତି ଅଭ୍ୟାସ କରିବାକୁ ହେଲେ ବ୍ୟକ୍ତିକୁ ଜଣେ ସୁଦକ୍ଷ ଆଚାର୍ଯ୍ୟଙ୍କ ଅଧୀନରେ ରହି ତାହା ଅଭ୍ୟାସ କରିବା ଉଚିତ୍ । ବ୍ୟକ୍ତି କେତେକ ନୀତି ବା ବିଧି ଅନୁସରଣ କରିବ; ଯଥା - ସେ ଖୁବ୍ ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ କରିବ, ସ୍ନାନ କରିବ, ମନ୍ଦିରକୁ ଆସିବ ଏବଂ ପ୍ରାର୍ଥନା କରିବ, ହରେକୃଷ୍ଣ କୀର୍ତ୍ତନ ଓ ଜପ କରିବ । ତତ୍ପରେ ଠାକୁରଙ୍କୁ ଫୁଲ ଅର୍ପଣ କରିବା ନିମିତ୍ତ ଫୁଲ ତୋଳିବ, ଠାକୁରଙ୍କ ପାଇଁ ପ୍ରସାଦ (ଖାଦ୍ୟଦ୍ରବ୍ୟ) ପ୍ରସ୍ତୁତ କରିବ ଏବଂ ତତ୍ପରେ ପ୍ରସାଦ ସେବନ କରିବ ଇତ୍ୟାଦି । ଏହିପରି କେତେକ ବିଧି ସେ ଅନୁସରଣ କରିବା ଉଚିତ୍ । ବିଭିନ୍ନ ପ୍ରକାର ବିଧି ଓ ନୀତି-ନିୟମ ଅଛି । ବ୍ୟକ୍ତି ସେଗୁଡ଼ିକ ଅଭ୍ୟାସ କରିବା ଉଚିତ୍ । ଶୁଦ୍ଧଭକ୍ତଙ୍କଠାରୁ ସେ ଭଗବଦ୍ ଗୀତା ଓ ଭାଗବତମ୍ ଶ୍ରବଣ କରିବା ଉଚିତ୍ । ଏପରି ଅଭ୍ୟାସକଲେ ବ୍ୟକ୍ତି ଭଗବତ୍ ପ୍ରେମ ସ୍ତରକୁ ଉନ୍ନୀତ ହୋଇପାରେ ଏବଂ ତତ୍ପରେ ସେ ନିଶ୍ଚିତଭାବରେ ଭଗବତ୍ ଧାମକୁ ଉନ୍ନତି ହୋଇପାରିବ । ଏକ ଉପଯୁକ୍ତ ଆଚାର୍ଯ୍ୟଙ୍କ ଅଧୀନରେ ଏ ସାଧନ ଭକ୍ତିଯୋଗ ଅଭ୍ୟାସ କଲେ ବ୍ୟକ୍ତି ନିଶ୍ଚୟ ଭଗବତ୍-ପ୍ରେମ ସ୍ତରକୁ ଉନ୍ନୀତ ହେବ ।

## ଶ୍ଳୋକ - ୧୦

**ଅଭ୍ୟାସେଽପ୍ୟସମର୍ଥୋଽସି ମତ୍କର୍ମପରମୋ ଭବ ।**
**ମଦର୍ଥମପି କର୍ମାଣି କୁର୍ବନ୍ ସିଦ୍ଧିମବାପ୍ସ୍ୟସି ।।୧୦।।**

## ଶବ୍ଦାନୁବାଦ

ଅଭ୍ୟାସେ=ଅଭ୍ୟାସ କରିବାରେ; ଅପି=ଏପରିକି; ଅସମର୍ଥଃ=ଅସମର୍ଥ; ଅସି=ଅଟ; ମତ୍-କର୍ମ=ମୋ କାମ; ପରମଃ=ପରମ; ଭବ=ହୁଅ; ମତ୍-ଅର୍ଥମ୍=ମୋ ପାଇଁ; ଅପି=ଯଦିଓ; କର୍ମାଣି=କର୍ମସବୁ; କୁର୍ବନ୍=କରି କରି; ସିଦ୍ଧିମ୍=ସିଦ୍ଧି; ଅବାପ୍ସ୍ୟସି=ପ୍ରାପ୍ତ ହେବ ।

## ଅନୁବାଦ

**ଯଦି ତୁମେ ଭକ୍ତିଯୋଗର ସାଧନ ପ୍ରଣାଳୀ ଅଭ୍ୟାସ କରି ନ ପାରିବ, ତାହା ହେଲେ ମୋ ପାଇଁ କାମ କରିବାକୁ ଚେଷ୍ଟାକର; କାରଣ ମୋ ପାଇଁ କାର୍ଯ୍ୟ କରିବାଦ୍ୱାରା ତୁମେ ଠିକ୍ ସ୍ତରକୁ ଆସିଯିବ ।**

## ଭାବାର୍ଥ

ଯେଉଁ ବ୍ୟକ୍ତି ଏକ ଗୁରୁଙ୍କ ଅଧୀନରେ ରହି ଭକ୍ତିଯୋଗର ସାଧନବିଧି ଅଭ୍ୟାସ କରିବାକୁ ଅକ୍ଷମ, ସେ ଭଗବାନଙ୍କ ନିମିତ୍ତ କର୍ମକରି ଏ ସିଦ୍ଧସ୍ତରକୁ ଆସିପାରେ । ଏହି କାମ କିପରି କରିବାକୁ ହେବ-ଏହା ଏକାଦଶ ଅଧ୍ୟାୟର ୫୫ଶ ଶ୍ଲୋକରେ ବର୍ଣ୍ଣନା କରାଯାଇଅଛି । କୃଷ୍ଣଭାବନା ପ୍ରଗ୍ରରପ୍ରତି ବ୍ୟକ୍ତି ସହାନୁଭୂତିଶୀଳ ହେବା ଉଚିତ୍ । ଏପରି ଅନେକ ଭକ୍ତ ଅଛନ୍ତି ଯେଉଁମାନେ କୃଷ୍ଣଭାବନା ପ୍ରଗ୍ରର କାର୍ଯ୍ୟରେ ବରାବର ବ୍ୟସ୍ତ ଏବଂ ସେମାନେ ସାହାଯ୍ୟ ଦରକାର କରନ୍ତି । ତେଣୁ ଯଦି କୌଣସି ବ୍ୟକ୍ତି ପ୍ରତ୍ୟକ୍ଷଭାବରେ ଭକ୍ତିଯୋଗର ସାଧନ ପ୍ରଣାଳୀ ଅଭ୍ୟାସକରି ନପାରେ, ତେବେ ସେ ଏପ୍ରକାର କାର୍ଯ୍ୟରେ ସହାୟତା କରିପାରେ । ପ୍ରତ୍ୟେକ ପ୍ରଚେଷ୍ଟା ଜମି, ପୁଞ୍ଜି, ସଂଗଠନ ଏବଂ ଶ୍ରମ ଆବଶ୍ୟକ କରେ । ଯେପରିକି ବ୍ୟବସାୟରେ ବ୍ୟକ୍ତି ରହିବାକୁ ଏକ ସ୍ଥାନ ଦରକାର କରେ, ବ୍ୟବସାୟରେ ଖଟାଇବାକୁ କିଛି ପୁଞ୍ଜି ଆବଶ୍ୟକ କରେ, କିଛି ଶ୍ରମ ଆବଶ୍ୟକ ଏବଂ ବ୍ୟବସାୟକୁ ବିସ୍ତାର କରିବା ନିମିତ୍ତ ଏକ ସଂଗଠନ ଆବଶ୍ୟକ କରେ, ଠିକ୍ ଏହା ସବୁ କୃଷ୍ଣଙ୍କ କର୍ମରେ (ସେବାରେ)ମଧ୍ୟ ଦରକାର । କେବଳ ଏତିକି ପ୍ରଭେଦ ଯେ ଭୌତିକ ଜଗତରେ ବ୍ୟକ୍ତି କେବଳ ଇନ୍ଦ୍ରିୟ ପରିତୃପ୍ତି ନିମିତ୍ତ କାର୍ଯ୍ୟକରେ । ଅବଶ୍ୟ ସେହି କାମ କୃଷ୍ଣଙ୍କ ପ୍ରୀତ୍ୟର୍ଥେ କରାଯାଇପାରେ ଏବଂ ତାହା ହିଁ ଦିବ୍ୟକର୍ମ । ଯଦି କୌଣସି ବ୍ୟକ୍ତିର ଖୁବ୍ ଧନ ଅଛି, ତେବେ ସେ କୃଷ୍ଣଭାବନା ପ୍ରଗ୍ରର ନିମିତ୍ତ ଏକ କାର୍ଯ୍ୟାଳୟର କିମ୍ୱା ମନ୍ଦିର ତିଆରି କରିବାରେ ଅର୍ଥ ସାହାଯ୍ୟ କରିପାରେ କିମ୍ୱା ପୁସ୍ତକ ପ୍ରକାଶରେ ସାହାଯ୍ୟ କରିପାରେ । ଅନେକ କର୍ମ ଅଛି ଏବଂ ବ୍ୟକ୍ତି ଏ ପ୍ରକାର କର୍ମରେ ଶ୍ରଦ୍ଧା ସହକାରେ ନିଯୁକ୍ତ ହେବା ଉଚିତ୍ । ଯଦି ବ୍ୟକ୍ତି ଏପ୍ରକାର କର୍ମଫଳ ତ୍ୟାଗ କରି ନପାରେ, ତେବେ ସେ କୃଷ୍ଣଭାବନା ପ୍ରଗ୍ରର ନିମିତ୍ତ ତଥାପି କିଛିଅଂଶ ତ୍ୟାଗ କରିପାରେ । ଏହି ସ୍ୱେଚ୍ଛାକୃତ କୃଷ୍ଣକର୍ମ (ବା ସେବା) ବ୍ୟକ୍ତିକୁ କୃଷ୍ଣ-ପ୍ରେମଲାଭ କରିବାପାଇଁ ଉନ୍ନତ ସ୍ତରକୁ ଉନ୍ନୀତ ହେବାରେ ସାହାଯ୍ୟ କରିବ । ବ୍ୟକ୍ତି ବରାବର ଏହିପରି ସେବାରତ ହେଲେ ସେ ଯେତେବେଳେ ସିଦ୍ଧିଲାଭ କରିବ, ସେତେବେଳେ ସେ ନିଶ୍ଚୟ କୃଷ୍ଣ-ପ୍ରେମ ଲାଭକରିବ ।

## ଶ୍ଲୋକ - ୧୧

**ଅଥୈତଦପ୍ୟଶକ୍ତୋଽସି କର୍ତୁଂ ମଦ୍‌ଯୋଗମାଶ୍ରିତଃ ।**
**ସର୍ବକର୍ମଫଳତ୍ୟାଗଂ ତତଃ କୁରୁ ଯତାତ୍ମବାନ୍ ।।୧୧।।**

## ଶବ୍ଦାନୁବାଦ

ଅଥ=ଯଦିଓ; ଏତତ୍=ଏହା; ଅପି=ମଧ୍ୟ; ଅଶକ୍ତଃ=ଅକ୍ଷମ; ଅସି=ଅଟ; କର୍ତୁମ୍=କରିବାକୁ; ମତ୍=ମୋ' ପାଇଁ; ଯୋଗମ୍=ଭକ୍ତିଯୋଗ (ସେବା); ଆଶ୍ରିତଃ=ଆଶ୍ରୟ; ସର୍ବ-କର୍ମ=ସମସ୍ତ କର୍ମ; ଫଳ=ଫଳ; ତ୍ୟାଗମ୍=ତ୍ୟାଗପାଇଁ; ତତଃ=ତେଣୁ; କୁରୁ=କର; ଯତ୍-ଆତ୍ମବାନ୍=ଆତ୍ମସ୍ଥ (ଆତ୍ମାରେ ଅବସ୍ଥିତ) ।

## ଅନୁବାଦ

**ଯଦି ଅବଶ୍ୟ, ତୁମେ ଏ ଚେତନାରେ କର୍ମ କରିବାକୁ ଅକ୍ଷମ, ତାହାହେଲେ ସମସ୍ତ କର୍ମଫଳ ତ୍ୟାଗ କରିବା ପାଇଁ ଆତ୍ମସ୍ଥ ହେବାକୁ ଚେଷ୍ଟାକର ।**

## ଭାବାର୍ଥ

ଏପରି ହୋଇପାରେ ଯେ ବ୍ୟକ୍ତି କେତେକ କାରଣରୁ ଯଥା-ସାମାଜିକ;ପାରିବାରିକ କିମ୍ବା ଧାର୍ମିକ ବିଗ୍ରର ଦୃଷ୍ଟିରୁ କିମ୍ବା ଅନ୍ୟ କେତେକ ବାଧାବିଘ୍ନ ହେତୁରୁ କୃଷ୍ଣଚେତନାରେ କର୍ମକରିବାକୁ ଅକ୍ଷମ ହୋଇପାରେ ।ଯଦି ବ୍ୟକ୍ତି ପ୍ରତ୍ୟକ୍ଷଭାବରେ କୃଷ୍ଣ ଭବନା କର୍ମରେ ନିଯୁକ୍ତ ହୁଏ, ତେବେ ପରିବାରର ଅନ୍ୟମାନେ ଏଥିରେ ଆପତ୍ତି କରିପାରନ୍ତି କିମ୍ବା ଅନ୍ୟ କେତେକ ବାଧା-ବିଘ୍ନ ଉପୁଜିପାରେ ।ଯେଉଁ ବ୍ୟକ୍ତିର ଏ ପ୍ରକାର ତପସ୍ୟା ଅଛି ତାକୁ ଏ ଉପଦେଶ ଦିଆଯାଇଛି ଯେ ସେ ତା'ର କର୍ମଫଳ ମହତ୍ ଉଦ୍ଦେଶ୍ୟରେ ତ୍ୟାଗକରିବା ଉଚିତ୍ । ଏ ବିଧି ବେଦରେ ବର୍ଣ୍ଣନା କରାଯାଇଅଛି ।ଅନେକ ପ୍ରକାର ତ୍ୟାଗ ବା ଯଜ୍ଞର ବର୍ଣ୍ଣନା ଅଛି ଏବଂ 'ପୁମୁନ୍ଦି'ର ସ୍ୱତନ୍ତ୍ର କର୍ମର ବର୍ଣ୍ଣନା ଅଛି କିମ୍ବା ବ୍ୟକ୍ତିର ପୂର୍ବକର୍ମର ଫଳକୁ ବିନିଯୋଗ କରିବାର ସ୍ୱତନ୍ତ୍ର କର୍ମର ବର୍ଣ୍ଣନା ଅଛି ।ଏହି ପ୍ରକାରେ ବ୍ୟକ୍ତି ଜ୍ଞାନସ୍ତରକୁ ଉନ୍ନୀତ ହୋଇପାରେ । ଏପରିବି ଦେଖାଯାଏ, ଯେତେବେଳେ ବ୍ୟକ୍ତି କୃଷ୍ଣଭାବନା କର୍ମରେ ଆଗ୍ରହୀ ହୋଇ ନଥାଏ, ସେତେବେଳେ ସେ କୌଣସି ଔଷଧାଳୟ ବା ଚିକିତ୍ସାଳୟକୁ ଦାନ କରେ କିମ୍ବା କେତେକ ସାମାଜିକ ଅନୁଷ୍ଠାନକୁ ଦାନ କରେ ।ସେ ତା'ର ଅତି କଠିନ ପରିଶ୍ରମର ଫଳକୁ ଏଇପରି ତ୍ୟାଗ କରେ ।ସେହିକଥା ମଧ୍ୟ ଏଠାରେ କୁହାଯାଇଅଛି ।କାରଣ ବ୍ୟକ୍ତି ଏହିପରି ତା'ର କର୍ମଫଳ ତ୍ୟାଗ କରିବାକୁ ଅଭ୍ୟାସ କଲେ ତା'ର ମନ ଯେ କ୍ରମେ ବିଶୁଦ୍ଧ ହେବ, ଏଥିରେ କୌଣସି ସନ୍ଦେହ ନାହିଁ ଏବଂ ସେ ବିଶୁଦ୍ଧମନରେ ଏ କୃଷ୍ଣଭାବନା କଥା ବୁଝିବାକୁ ସକ୍ଷମ ହେବ ।ଅବଶ୍ୟ ଏ କୃଷ୍ଣଭାବନା ଅନ୍ୟ କୌଣସି ଅନୁଭୂତି ଉପରେ ନିର୍ଭରଶୀଳ ନୁହେଁ, କାରଣ କେବଳ କୃଷ୍ଣଭାବନା ହିଁ ବ୍ୟକ୍ତିର ମନକୁ ବିଶୁଦ୍ଧ କରିପାରେ, କିନ୍ତୁ ଯଦି କୃଷ୍ଣଭାବନା କର୍ମରେ ପ୍ରତିବନ୍ଧକ ସୃଷ୍ଟିହୁଏ, ତେବେ ବ୍ୟକ୍ତି ତା'ର କର୍ମଫଳକୁ ତ୍ୟାଗ କରିବାକୁ ଚେଷ୍ଟା କରିବା ଉଚିତ୍ ।ସେହି ଦିଗରୁ ବିଗ୍ରର କଲେ ସମାଜସେବା ଜାତିସେବା, ମାତୃଭୂମିର ସେବା,

ଗୋଷ୍ଠୀର ସେବା ଆଦି କରଣୀୟ ଅଟେ । ଏହା ହେଲେ ଦିନ ଆସିବ ଯେତେବେଳେ ବ୍ୟକ୍ତି ଭଗବାନଙ୍କ ସେବା ନିମିତ୍ତ ଶୁଦ୍ଧ ଭକ୍ତିଯୋଗ ସ୍ତରକୁ ଆସିଯିବ । ଭଗବଦ୍ ଗୀତାରେ କୁହାଯାଇଅଛି, *"ଯତଃ ପ୍ରବୃତ୍ତିର୍ ଭୂତାନାମ୍"* । ଯଦି ବ୍ୟକ୍ତି ଏକ ମହତ୍ ଉଦ୍ଦେଶ୍ୟରେ କର୍ମଫଳ ତ୍ୟାଗ କରିବାକୁ ସ୍ଥିର କରେ, ଏପରିକି ସେ ଯଦି ନ ଜାଣିଥାଏ ଯେ ସେ ମହତ୍ ଉଦ୍ଦେଶ୍ୟ ବା ପରମ କାରଣ ହେଉଛନ୍ତି କୃଷ୍ଣ, ତଥାପି ତା'ର ଏ ପ୍ରକାର ତ୍ୟାଗ ମନୋବୃତ୍ତିଦ୍ୱାରା ସେ କ୍ରମେ ଜାଣିପାରିବ ଯେ କୃଷ୍ଣହେଉଛନ୍ତି ପରମ କାରଣ ।

## ଶ୍ଲୋକ - ୧୨

**ଶ୍ରେୟୋ ହି ଜ୍ଞାନମଭ୍ୟାସାଜ୍ଜ୍ଞାନାଦ୍ଧ୍ୟାନଂ ବିଶିଷ୍ୟତେ ।**
**ଧ୍ୟାନାତ୍ କର୍ମଫଳତ୍ୟାଗସ୍ତ୍ୟାଗାଚ୍ଛାନ୍ତିରନନ୍ତରମ୍ ।।୧୨।।**

## ଶବ୍ଦାନୁବାଦ

ଶ୍ରେୟଃ=ଉତ୍ତମ; ହି=ନିଶ୍ଚିତଭାବେ; ଜ୍ଞାନମ୍=ଜ୍ଞାନ; ଅଭ୍ୟାସାତ୍=ଅଭ୍ୟାସଠାରୁ; ଜ୍ଞାନାତ୍=ଜ୍ଞାନଠାରୁ ଉତ୍ତମ; ଧ୍ୟାନମ୍=ଧ୍ୟାନ; ବିଶିଷ୍ୟତେ=ଶ୍ରେଷ୍ଠ ଅଟେ; ଧ୍ୟାନାତ୍=ଧ୍ୟାନଠାରୁ; କର୍ମ-ଫଳ-ତ୍ୟାଗଃ=ସକାମ କର୍ମର ଫଳତ୍ୟାଗ; ତ୍ୟାଗାତ୍=ଏପରି ତ୍ୟାଗ ଦ୍ୱାରା; ଶାନ୍ତିଃ=ଶାନ୍ତି; ଅନନ୍ତରମ୍=ତତ୍ପରେ ।

## ଅନୁବାଦ

**ଯଦି ତୁମେ ଏ ଅଭ୍ୟାସ ନ କରି ପାରିବ, ତେବେ ଜ୍ଞାନ ସାଧନାରେ ଲାଗ । ଅବଶ୍ୟ ଜ୍ଞାନଠାରୁ ଧ୍ୟାନ ଉତ୍ତମ ଏବଂ ଧ୍ୟାନଠାରୁ କର୍ମଫଳ ତ୍ୟାଗ ଉତ୍ତମ, କାରଣ ଏ ପ୍ରକାର ତ୍ୟାଗଦ୍ୱାରା ବ୍ୟକ୍ତି ମାନସିକ ଶାନ୍ତି ଲାଭ କରେ ।**

## ଭାବାର୍ଥ

ପୂର୍ବ ଶ୍ଲୋକମାନଙ୍କରେ ବର୍ଣ୍ଣନା ଅନୁଯାୟୀ ଦୁଇ ପ୍ରକାର ଭକ୍ତି ଅଛି; ଯଥା— ପ୍ରଥମଟି ହେଲା ସାଧନ ଭକ୍ତି, ଅର୍ଥାତ୍ ସାଧନ ପ୍ରଣାଳୀ ଅବଲମ୍ବନ କରିବା ଏବଂ ଦ୍ୱିତୀୟଟି ହେଲା ପରମପୁରୁଷ ଭଗବାନଙ୍କଠାରେ ପ୍ରେମରେ ପୂର୍ଣ୍ଣରୂପେ ଯୁକ୍ତ ହେବା । ଯେଉଁମାନେ ବାସ୍ତବରେ କୃଷ୍ଣଭାବନା ବିଧିକୁ ଅନୁସରଣ କରି ନ ପାରନ୍ତି, ସେମାନଙ୍କ ପକ୍ଷରେ ଜ୍ଞାନ ସାଧନ କରିବା ଉତ୍ତମ, କାରଣ ଜ୍ଞାନ ବଳରେ ବ୍ୟକ୍ତି ପ୍ରକୃତ ଅବସ୍ଥାଟା ବୁଝିପାରିବ । କ୍ରମେ ଜ୍ଞାନ, ଧ୍ୟାନରେ ପର୍ଯ୍ୟବସିତ ହେବ । କ୍ରମେ ଧ୍ୟାନ ବଳରେ ବ୍ୟକ୍ତି ପରମପୁରୁଷ ଭଗବାନଙ୍କୁ ଜାଣି ପାରିବ । ଏପରି ବିଧି ଅଛି, ଯାହାବଳରେ ବ୍ୟକ୍ତି ଜାଣିପାରେ ଯେ ସେ ଭଗବାନ୍ ଅଟେ ଏବଂ ସେ ପ୍ରକାର ଧ୍ୟାନ ଗ୍ରାହ୍ୟ ଅଟେ, ଯେତେବେଳେ ବ୍ୟକ୍ତି ଭକ୍ତିଯୋଗରେ ଭଗବତ୍ ସେବାରେ ନିଯୁକ୍ତ ନ ହୋଇପାରେ, ସେତେବେଳେ ସେ ଏପରି କରିପାରେ । ଯଦି ବ୍ୟକ୍ତି ଏ ପ୍ରକାର ଧ୍ୟାନ କରି ନ ପାରେ; ତେବେ ବୈଦିକ ଶାସ୍ତ୍ରରେ ଦିଆଯାଇଥିବା କେତେକ କର୍ମ କରିବାକୁ ଅଛି । ବ୍ରାହ୍ମଣ, ବୈଶ୍ୟ ଓ ଶୂଦ୍ର-ପ୍ରତ୍ୟେକଙ୍କ ପାଇଁ ନିର୍ଦ୍ଦିଷ୍ଟ କର୍ମ ଅଛି । ଭଗବଦ୍ ଗୀତାରେ ପରବର୍ତ୍ତୀ ଅଧ୍ୟାୟରେ ଆମେ ଏ ବିଷୟରେ ଜାଣିବାକୁ ପାଇବା । କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ

ବ୍ୟକ୍ତି ତା'ର କର୍ମଫଳକୁ ମହତ୍ ଉଦ୍ଦେଶ୍ୟରେ ବିନିଯୋଗ କରିବା ଉଚିତ୍ । ସଂକ୍ଷେପରେ ଚରମଲକ୍ଷ୍ୟ—ପରମପୁରୁଷ ଭଗବାନଙ୍କ ନିକଟରେ ପହଞ୍ଚିବାର ଦୁଇଟି ମାର୍ଗ ଅଛି । ଗୋଟିଏ ମାର୍ଗ ହେଉଛି କ୍ରମୋନ୍ନତି ବଳରେ ଏବଂ ଅନ୍ୟଟି ହେଉଛି ସିଧାବାଟ । ଭକ୍ତି ଯୋଗରେ କୃଷ୍ଣସେବା କରିବା ହେଉଛି ସିଧାବାଟ ଏବଂ ଅନ୍ୟ ମାର୍ଗଟି ହେଉଛି ବ୍ୟକ୍ତିର କର୍ମଫଳ ତ୍ୟାଗ । ତତ୍ପରେ ବ୍ୟକ୍ତି ଜ୍ଞାନସ୍ତରକୁ ଆସିପାରେ; ତତ୍ପରେ ଧ୍ୟାନ ସ୍ତରକୁ, ତତ୍ପରେ ପରମାତ୍ମା ଅନୁଭୂତି ଲାଭ ସ୍ତରକୁ ଏବଂ ତତ୍ପରେ ପରମପୁରୁଷ ଭଗବାନ୍—ଉପଲବ୍ଧି ସ୍ତରକୁ ଆସିପାରେ । ବ୍ୟକ୍ତି ଏହିପରି ସ୍ତରସ୍ତର ଦେଇ ଆସିପାରେ କିମ୍ବା ସିଧା ଭକ୍ତିମାର୍ଗକୁ ଆସିପାରେ । ସିଧା ମାର୍ଗଟି ସମସ୍ତଙ୍କ ପକ୍ଷରେ ସମ୍ଭବପର ନୁହେଁ, ତେଣୁ ଏ କ୍ରମୋନ୍ନତି ମାର୍ଗ ମଧ୍ୟ ଗ୍ରହଣୀୟ ଅଟେ । ଅବଶ୍ୟ, ଅର୍ଜୁନଙ୍କ ନିମିତ୍ତ ଏ କ୍ରମୋନ୍ନତି ମାର୍ଗ ପ୍ରକୃଷ୍ଟ ନୁହେଁ; କାରଣ ସେ ଭଗବାନଙ୍କ ପ୍ରତି ଆସକ୍ତ ହୋଇ ଭକ୍ତିଯୋଗ ମାର୍ଗକୁ ଆସି ସାରିଛନ୍ତି । ଯେଉଁମାନେ ଏ ସ୍ତରରେ ନାହାନ୍ତି, ସେମାନଙ୍କ ପାଇଁ କ୍ରମୋନ୍ନତି ମାର୍ଗ ପ୍ରକୃଷ୍ଟ ଅଟେ ଅର୍ଥାତ୍ ସେମାନେ କ୍ରମେ କର୍ମଫଳ ତ୍ୟାଗ, ଜ୍ଞାନ, ଧ୍ୟାନ ଏବଂ ପରମାତ୍ମା ଅନୁଭୂତି ଏବଂ ବ୍ରହ୍ମାନୁଭୂତି ପନ୍ଥା ଅନୁସରଣ କରିବା ଉଚିତ୍ । କିନ୍ତୁ ଭଗବାନ୍ ଭଗବଦ୍ ଗୀତାରେ ସିଧା ଭକ୍ତିଯୋଗ କଥା କହିଛନ୍ତି । ପ୍ରତ୍ୟେକଙ୍କୁ ଏ ସିଧାବାଟ ଭକ୍ତିଯୋଗ ମାର୍ଗ ଗ୍ରହଣ କରିବାକୁ ଏବଂ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହେବାକୁ କୁହାଯାଇଅଛି ।

## ଶ୍ଳୋକ - ୧୩-୧୪

**ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ ।**
**ନିର୍ମମୋ ନିରହଙ୍କାରଃ ସମଦୁଃଖସୁଖଃ କ୍ଷମୀ ।।୧୩।।**
**ସନ୍ତୁଷ୍ଟଃ ସତତଂ ଯୋଗୀ ଯତାତ୍ମା ଦୃଢ଼ନିଶ୍ଚୟଃ ।**
**ମୟ୍ୟର୍ପିତମନୋବୁଦ୍ଧିର୍ଯୋ ମଦ୍ଭକ୍ତଃ ସ ମେ ପ୍ରିୟଃ ।।୧୪।।**

## ଶବ୍ଦାନୁବାଦ

ଅଦ୍ୱେଷ୍ଟା=ହିଂସାତ୍ମକ ନୁହେଁ; ସର୍ବ-ଭୂତାନାମ୍=ସମସ୍ତ ଜୀବଙ୍କପ୍ରତି; ମୈତ୍ରଃ=ବନ୍ଧୁଭାବାପନ୍ନ; କରୁଣଃ=ଦୟାଳୁ; ଏବ=ନିଶ୍ଚିତଭାବେ; ଚ=ମଧ୍ୟ; ନିର୍ମମଃ=କୌଣସି ପ୍ରକାର ଅଧିକାରିତ୍ୱଭାବ ନଥାଇ; ନିରହଙ୍କାରଃ=ଅହଙ୍କାରଶୂନ୍ୟ; ସମ=ସମଭାବରେ; ଦୁଃଖ=ଦୁଃଖ; ସୁଖଃ=ସୁଖ; କ୍ଷମୀ=କ୍ଷମାଶୀଳ; ସନ୍ତୁଷ୍ଟଃ=ସନ୍ତୁଷ୍ଟ; ସତତମ୍=ସର୍ବଦା; ଯୋଗୀ=ଭକ୍ତିଯୋଗରେ ଯୁକ୍ତ; ଯତାତ୍ମା=ଜିତେନ୍ଦ୍ରିୟ; ଦୃଢ଼-ନିଶ୍ଚୟଃ=ଦୃଢ଼ତାର ସହିତ; ମୟି=ମୋ'ଠାରେ; ଅର୍ପିତ=ନିଯୁକ୍ତ; ମନଃ=ମନ; ବୁଦ୍ଧିଃ=ବୁଦ୍ଧି; ଯଃ=ଯେ; ମତ୍ ଭକ୍ତଃ=ମୋର ଭକ୍ତ; ସଃ ମେ ପ୍ରିୟଃ=ସେ ମୋର ପ୍ରିୟ ।

## ଅନୁବାଦ

**ଯେ ହିଂସାତ୍ମକ ନୁହେଁ, ବରଂ ସମସ୍ତ ଜୀବର ଏକ କାରୁଣିକ ବନ୍ଧୁ ଅଟେ, ଯେ ନିଜକୁ ଅଧିକାରୀ ବୋଲି ଭାବେ ନାହିଁ, ଯେ ଅହଙ୍କାରଶୂନ୍ୟ ଏବଂ ସୁଖ-ଦୁଃଖ ସବୁ ଅବସ୍ଥାରେ ସମଭାବାପନ୍ନ, ସେ ସର୍ବଦା ସନ୍ତୁଷ୍ଟ ଏବଂ ଦୃଢ଼ତାର ସହିତ ଭକ୍ତି ଯୋଗରେ**

**ସେବାରତ ଏବଂ ଯାହାର ମନ ଓ ବୁଦ୍ଧି ମୋଠାରେ ଯୁକ୍ତ ହୋଇଥାଏ, ସେ ମୋର ଅତି ପ୍ରିୟ ଅଟେ ।**

## ଭାବାର୍ଥ

ପୁଣି ଭକ୍ତିଯୋଗ ମାର୍ଗକୁ ଆସି ଭଗବାନ୍ ଏ ଦୁଇଟି ଶ୍ଲୋକରେ ଏକ ଶୁଦ୍ଧଭକ୍ତର ଦିବ୍ୟ ଗୁଣାବଳୀର ବର୍ଣ୍ଣନା କରୁଛନ୍ତି । ଏକ ଶୁଦ୍ଧଭକ୍ତ କୌଣସି ପ୍ରକାର ପରିସ୍ଥିତିରେ ବିଚଳିତ ହୁଏ ନାହିଁ । ସେ କାହାରିକୁ ହିଂସା କରେ ନାହିଁ । ଭକ୍ତ ତା'ର ଶତ୍ରୁର'ବି ଶତ୍ରୁ ହୁଏ ନାହିଁ । ସେ ଭାବେ ଯେ ଯଦି କେହି ତା'ର ଶତ୍ରୁତାଚରଣ କରେ, ତେବେ ସେ ତା'ର ଗତକର୍ମର ଫଳ ଅଟେ । ଏହି ପ୍ରକାରେ ପ୍ରତିବାଦ କରିବା ଅପେକ୍ଷା ଦୁଃଖ ସହିନେବା ଉଚିତ୍ । ଶ୍ରୀମଦ୍ ଭାଗବତମ୍‌ରେ କୁହାଯାଇଅଛି, *"ତତ୍ ତେଽନୁକମ୍ପାଂ ସୁସମୀକ୍ଷ୍ୟମାଣୋ"* । ଯେତେବେଳେ ଭକ୍ତ ଦୁଃଖଭୋଗ କରେ କିମ୍ବା ବିପଦରେ ପଡ଼େ, ସେତେବେଳେ ସେ ଭାବେ ଯେ ଏହା ଭଗବାନଙ୍କର ତା' ପ୍ରତି ଅନୁକମ୍ପା ଅଟେ । ସେ ଭାବେ, "ମୋର ଗତଜନ୍ମର ପାପକର୍ମକୁ ଧନ୍ୟବାଦ । ମୁଁ ବର୍ତ୍ତମାନ ଯେଉଁ ଦୁଃଖ ପାଉଛି, ତା' ଅପେକ୍ଷା ଅଧିକ ଦୁଃଖ ପାଇବା ଉଚିତ୍ । ତେଣୁ ଭଗବାନଙ୍କ କୃପାହେତୁ ଯେଉଁ ଦଣ୍ଡ ମୋର ପ୍ରାପ୍ୟ ତାହା ମୁଁ ପାଉନାହିଁ । ପରମପୁରୁଷ ଭଗବାନଙ୍କ କୃପା ହେତୁ ମୁଁ ଅଳ୍ପଦଣ୍ଡ ପାଇଛି ।" ତେଣୁ ନାନା ଦୁଃଖପୂର୍ଣ୍ଣ ଅବସ୍ଥା ସତ୍ତ୍ୱେ ସେ ସର୍ବଦା ଶାନ୍ତ, ଅବିଚଳିତ ଓ ଧୈର୍ଯ୍ୟଶୀଳ ଥାଏ । ଭକ୍ତ ସମସ୍ତଙ୍କ ପ୍ରତି ଦୟା ପ୍ରଦର୍ଶନ କରେ; ଏପରିକି ତା'ର ଶତ୍ରୁ ପ୍ରତି ମଧ୍ୟ ଦୟା ଦେଖାଏ । 'ନିର୍ମମ' ଶବ୍ଦର ଅର୍ଥ ହେଉଛି ଏହା ଯେ ଭକ୍ତ ଏ ଜଡ଼ ଶରୀରର ସୁଖ-ଦୁଃଖ ପ୍ରତି ବିଶେଷ ଧ୍ୟାନ ଦିଏ ନାହିଁ; କାରଣ ସେ ଭଲଭାବରେ ଜାଣେ ଯେ ସେ ଏ ଜଡ଼ ଶରୀର ନୁହେଁ । ସେ ନିଜକୁ ଏ ଜଡ଼ ଶରୀର ସହିତ ଏକ ବୋଲି ଭାବେ ନାହିଁ; ତେଣୁ ସେ ମିଥ୍ୟା ଅହଂକାରଠାରୁ ମୁକ୍ତ ଥାଏ ଏବଂ ସୁଖ ଦୁଃଖ ଉଭୟ ଅବସ୍ଥାରେ ହିଁ ସମଭାବାପନ୍ନ ହୋଇଥାଏ । ସେ ସହିଷ୍ଣୁ (ସହନଶୀଳ) ଏବଂ ଭଗବତ୍ କୃପାହେତୁ ଯାହା ପ୍ରାପ୍ତ ହୁଏ, ସେଥିରେ ସେ ସନ୍ତୁଷ୍ଟ ରହେ । ଅତି କଷ୍ଟ ସହନକରି କିଛି ଗୋଟାଏ ଭୌତିକ ଲାଭପାଇଁ ସେ ଅଧିକ ଚେଷ୍ଟା କରେ ନାହିଁ, ତେଣୁ ସେ ସର୍ବଦା ପ୍ରସନ୍ନ ଥାଏ, ସେ ଏକ ସିଦ୍ଧଯୋଗୀ, କାରଣ ସେ ତା'ର ଗୁରୁଙ୍କର ନିର୍ଦ୍ଦେଶ (ବାଣୀ)ରେ ଦୃଢ଼ ଥାଏ, ଯେହେତୁ ତା'ର ଇନ୍ଦ୍ରିୟଗୁଡ଼ିକ ସଂଯତ ହୋଇଥା'ନ୍ତି, ତେଣୁ ସେ ଦୃଢ଼ନିଶ୍ଚୟ ହୋଇ ପାରିଥାଏ । ସେ ଭ୍ରମପୂର୍ଣ୍ଣ ଯୁକ୍ତିରେ ଭାସିଯାଏ ନାହିଁ, କାରଣ କେହି ତାକୁ ତା'ର ଦୃଢ଼ ଭକ୍ତିଯୋଗ ପଥରୁ ଟଳେଇ ପାରିବ ନାହିଁ । ସେ ଭଲଭାବରେ ଜାଣିଥାଏ ଯେ କୃଷ୍ଣ ହେଉଛନ୍ତି ସନାତନ ପ୍ରଭୁ, ତେଣୁ କେହି ତାକୁ ବିଚଳିତ କରିପାରନ୍ତି ନାହିଁ । ତା'ର ସମସ୍ତ ଯୋଗ୍ୟତା ତାକୁ ପରମପୁରୁଷ ଭଗବାନଙ୍କ ଉପରେ ସଂପୂର୍ଣ୍ଣରୂପେ ନିର୍ଭର କରିବାକୁ ଦିଏ । ଏ ପ୍ରକାର ଭକ୍ତିଯୋଗ, ବାସ୍ତବିକ୍ ଅତି ଦୁର୍ଲ୍ଲଭ; କିନ୍ତୁ ଭକ୍ତ ଭକ୍ତିଯୋଗର ସାଧନ ପ୍ରଣାଳୀ ଅଭ୍ୟାସ କରି ସେ ସ୍ତରରେ ଦୃଢ଼ ରହେ । ପୁନଶ୍ଚ ଭଗବାନ୍ କହୁଛନ୍ତି ଯେ ଏ ପ୍ରକାର ଭକ୍ତ ତାଙ୍କର ଅତିପ୍ରିୟ; କାରଣ ଭଗବାନ୍ ଭକ୍ତର କାମରେ ସର୍ବଦା ସନ୍ତୁଷ୍ଟ ଥା'ନ୍ତି ।

## ଶ୍ଳୋକ - ୧୫

**ଯସ୍ମାନ୍ନୋଦ୍ୱିଜତେ ଲୋକୋ ଲୋକାନ୍ନୋଦ୍ୱିଜତେ ଚ ଯଃ ।**
**ହର୍ଷାମର୍ଷଭୟୋଦ୍ୱେଗୈର୍ମୁକ୍ତୋ ଯଃ ସ ଚ ମେ ପ୍ରିୟଃ ।।୧୫।।**

## ଶବ୍ଦାନୁବାଦ

ଯସ୍ମାତ୍‌=ଯାହାଙ୍କଠାରୁ; ନ=ନୁହେଁ; ଉଦ୍ୱିଜତେ=ଉଦ୍‌ବିଗ୍ନତା ପ୍ରାପ୍ତହୁଏ; ଲୋକଃ=ଲୋକମାନେ; ଲୋକାତ୍‌=ଲୋକର; ନ=ନୁହେଁ; ଉଦ୍ୱିଜତେ=ବ୍ୟଥିତ; ଚ=ମଧ୍ୟ; ଯଃ=ଯେ; ହର୍ଷ=ହର୍ଷ (ସୁଖ); ଅମର୍ଷ=ଦୁଃଖ (ବିଷାଦ); ଭୟ=ଭୟ; ଉଦ୍‌ବେଗୈଃ=ଉଦ୍‌ବେଗର ସହିତ; ମୁକ୍ତଃ=ମୁକ୍ତ; ଯଃ=ଯେ; ସଃ=ସେ; ଚ=ମଧ୍ୟ; ମେ=ମୋର; ପ୍ରିୟଃ=ଅତିପ୍ରିୟ ।

## ଅନୁବାଦ

**ଯାହାପାଇଁ କେହି କୌଣସି ଅସୁବିଧାରେ ପଡ଼ନ୍ତି ନାହିଁ ଏବଂ ଯେ ଆଦୌ କୌଣସି ପରିସ୍ଥିତିରେ ଉଦ୍‌ବିଗ୍ନ ବା ବିଚଳିତ ହୋଇ ପଡ଼େନାହିଁ, ସେ ସୁଖ-ଦୁଃଖ ସବୁ ଅବସ୍ଥାରେ ସମଭାବାପନ୍ନ, ସେ ମୋର ଅତିପ୍ରିୟ ।**

## ଭାବାର୍ଥ

ଭକ୍ତର କେତେକ ଗୁଣାବଳୀର ବର୍ଣ୍ଣନା ଏଠାରେ ପୁଣି କରାଯାଉଛି । ଏକ ଭକ୍ତ ଯୋଗୁଁ କେହି କୌଣସି ଦୁଃଖ କଷ୍ଟରେ ପଡ଼େନାହିଁ, ଉଦ୍‌ବିଗ୍ନ ହୁଏ ନାହିଁ, ଭୀତତ୍ରସ୍ତ ହୁଏ ନାହିଁ କିମ୍ବା ଅସନ୍ତୋଷ ଲାଭ କରେନାହିଁ । ଭକ୍ତ ସମସ୍ତଙ୍କ ପ୍ରତି ବଡ଼ ସଦୟ ହୋଇଥିବାରୁ, ସେ ଏପରି ଭାବରେ କାମକରେ ଯେ କେହି ଉଦ୍‌ବିଗ୍ନ ହୁଅନ୍ତି ନାହିଁ କିମ୍ବା ଦୁଃଖ ଭୋଗନ୍ତି ନାହିଁ । ତତ୍‌ ସଙ୍ଗେ ସଙ୍ଗେ ଯଦି ଅନ୍ୟମାନେ ଭକ୍ତକୁ ଅସୁବିଧାରେ ପକାଇବାକୁ ଚେଷ୍ଟାକରନ୍ତି ତାହାହେଲେ ସେ ମଧ୍ୟ ବିଚଳିତ ହୁଏ ନାହିଁ । ଭଗବାନଙ୍କ କୃପାହେତୁ ଏ ପ୍ରକାର ଭାବରେ ଜୀବନକୁ ଗଢ଼ିଥାଏ ଯେ ସେ କୌଣସି ବାହ୍ୟ ପରିସ୍ଥିତିରେ ବିଚଳିତ ହୁଏ ନାହିଁ । ବାସ୍ତବରେ ଭକ୍ତ ସର୍ବଦା କୃଷ୍ଣଭାବନାରେ ଏବଂ କୃଷ୍ଣସେବାରେ ମଜ୍ଜିଥିବାରୁ କୌଣସିପ୍ରକାର ଭୌତିକ ବାତାବରଣ ତାକୁ ବିଚଳିତ କରିପାରେ ନାହିଁ । ସାଧାରଣତଃ ଏକ ଜଡ଼ବାଦୀ ବ୍ୟକ୍ତି ତା'ର ଇନ୍ଦ୍ରିୟ ସୁଖଭୋଗ ନିମିତ୍ତି କିଛି ପାଇଗଲେ ଖୁବ୍‌ ଖୁସି ହୁଏ, କିନ୍ତୁ ସେ ଯେତେବେଳେ ଦେଖେ ଯେ ଅନ୍ୟମାନେ ଇନ୍ଦ୍ରିୟ ସୁଖଭୋଗ କରି ଅନେକ ପଦାର୍ଥ ପାଉଛନ୍ତି, ଅଥଚ ସେ ପାଇପାରୁ ନାହିଁ, ସେତେବେଳେ ସେ ଭାରି ଦୁଃଖିତ ହୁଏ ଏବଂ ସେମାନଙ୍କ ପ୍ରତି ଈର୍ଷାନ୍ୱିତ ହୁଏ ମଧ୍ୟ । ଯେତେବେଳେ ସେ ତା'ର ଶତ୍ରୁର ଉପସ୍ଥିତି ଅନୁଭବ କରେ କିମ୍ବା ଶତ୍ରୁର ସଂସ୍ପର୍ଶରେ ଆସିବାର ଆଶଙ୍କା କରେ, ସେତେବେଳେ ସେ ବଡ଼ ଭୀତତ୍ରସ୍ତ ହୋଇପଡ଼େ ଏବଂ ଯେତେବେଳେ ସେ କିଛି ଗୋଟାଏ କାମ ଭଲରକମ କରିପାରେ ନାହିଁ, ସେତେବେଳେ ସେ ବଡ଼ ଦୁଃଖିତ ହୁଏ । କିନ୍ତୁ ଭକ୍ତ ସର୍ବଦା ଏସବୁ ପରିସ୍ଥିତିରେ ବିଚଳିତ ନହୋଇ, ଏଗୁଡ଼ିକଠାରୁ ବହୁତ ଉର୍ଦ୍ଧ୍ୱରେ ଥାଏ; ତେଣୁ ସେ କୃଷ୍ଣଙ୍କର ଅତିପ୍ରିୟ ।

## ଶ୍ଳୋକ - ୧୬

**ଅନପେକ୍ଷଃ ଶୁଚିର୍ଦକ୍ଷ ଉଦାସୀନୋ ଗତବ୍ୟଥଃ ।**
**ସର୍ବାରମ୍ଭପରିତ୍ୟାଗୀ ଯୋ ମଦ୍ଭକ୍ତଃ ସ ମେ ପ୍ରିୟଃ ।।୧୬।।**

## ଶବ୍ଦାନୁବାଦ

ଅନପେକ୍ଷଃ=ନିରପେକ୍ଷ; ଶୁଚିଃ=ପବିତ୍ର; ଦକ୍ଷଃ=ଦକ୍ଷ; ଉଦାସୀନଃ=ଉଦାସୀନ; ଗତ-ବ୍ୟଥଃ=ସମସ୍ତଦୁଃଖରୁ ମୁକ୍ତି; ସର୍ବ-ଆରମ୍ଭ=ସମସ୍ତ ପ୍ରଚେଷ୍ଟା; ପରିତ୍ୟାଗୀ=ପରିତ୍ୟାଗୀ; ଯଃ=ଯେ; ମତ୍-ଭକ୍ତଃ=ମୋର ଭକ୍ତ; ସଃ=ସେ; ମେ=ମୋର; ପ୍ରିୟଃ=ଅତିପ୍ରିୟ ।

## ଅନୁବାଦ

**ଯେଉଁ ଭକ୍ତ ସାଧାରଣ କାର୍ଯ୍ୟଧନ୍ଦାରେ ନିର୍ଭରଶୀଳ ନୁହେଁ, ଯେ ଅତି ବିଶୁଦ୍ଧପବିତ୍ର, ଦକ୍ଷ, ଉଦାସୀନ, ଦୁଃଖମୁକ୍ତ ଏବଂ ଯେ, କୌଣସି ଫଳଲାଭ ଆଶା କରେନାହିଁ, ସେ ଭକ୍ତ ମୋର ଅତିପ୍ରିୟ ଅଟେ ।**

## ଭାବାର୍ଥ

ଭକ୍ତକୁ ପଇସା ଯଚ୍ଚି ଯାଇପାରେ; କିନ୍ତୁ ସେ ତାହା ପାଇବାକୁ ସଂଗ୍ରାମ କରିବା ଉଚିତ୍ ନୁହେଁ । ଯଦି ଭଗବାନଙ୍କ କୃପାରୁ ପଇସା ଆପେ ଆପେ ତା'ପାଖକୁ ଆସେ ତେବେ ସେଥିରେ ସେ ବିଚଳିତ ହୋଇ ପଡ଼େନାହିଁ । ସ୍ୱଭାବତଃ ଜଣେ ଭକ୍ତ ଦୈନିକ ଦୁଇଥର ସ୍ନାନକରେ ଏବଂ ସେ କୃଷ୍ଣସେବା ନିମିତ୍ତ ଅତି ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗକରେ । ଏହି ପ୍ରକାରେ ସେ ଅନ୍ତର୍ ବହିଃ ଶୁଚି । ଭକ୍ତ ଅତି ଦକ୍ଷ ଅଟେ, କାରଣ ସେ ଜୀବନର କର୍ମକଥା ଭଲରକମ ଜାଣେ ଏବଂ ସେ ପ୍ରାମାଣିକ ଶାସ୍ତ୍ରକୁ ବିଶ୍ୱାସ କରେ । ଭକ୍ତ କୌଣସି ନିର୍ଦ୍ଦିଷ୍ଟ ଦଳଭୁକ୍ତ ନୁହେଁ; ତେଣୁ ସେ ଉଦାସୀନ ଅଟେ । ସେ କଦାପି ଦୁଃଖ ଅନୁଭବ କରେନାହିଁ; କାରଣ ସେ ଉପାଧି ମୁକ୍ତ ଅଟେ । ସେ ଜାଣେ ଯେ ତା'ର ଶରୀର ଏକ ଉପାଧି ଅଟେ, ତେଣୁ ଯଦି କୌଣସି ଶାରୀରିକ ଦୁଃଖ ଯନ୍ତ୍ରଣା ହୁଏ, ସେ ସେଗୁଡ଼ିକୁ ଖାତିର କରେ ନାହିଁ, ସେ ସେଗୁଡ଼ିକରୁ ମୁକ୍ତ ଅଟେ । ଯାହା ଭକ୍ତିଯୋଗର କଣ୍ଟକ, ସେଥିପ୍ରତି ଏକ ଶୁଦ୍ଧଭକ୍ତ ପ୍ରଚେଷ୍ଟାଶୀଳ ହୁଏ ନାହିଁ । ଉଦାହରଣସ୍ୱରୂପ ଏକ ବିରାଟ ପ୍ରାସାଦ ନିର୍ମାଣ କରିବା ନିମିତ୍ତ ଖୁବ୍ ଶକ୍ତିସାମର୍ଥ୍ୟ ଆବଶ୍ୟକ । ଯଦି ଏ କାମରେ ଭକ୍ତିଯୋଗ ପଥରେ ଉନ୍ନତିର ଆଶା ନଥାଏ, ତେବେ ଭକ୍ତ ସେଥିପ୍ରତି ପ୍ରଚେଷ୍ଟାଶୀଳ ହୁଏନାହିଁ । ସେ ଭଗବାନଙ୍କ ପାଇଁ ମନ୍ଦିର ତିଆରି କରିପାରେ ଏବଂ ସେଥିପାଇଁ ସେ ସମସ୍ତ ପ୍ରକାର ଦୁଃଖ କଷ୍ଟ ବରଣ କରିପାରେ, କିନ୍ତୁ ତା'ର ବ୍ୟକ୍ତିଗତ ସ୍ନେହ-ସମ୍ପର୍କୀୟମାନଙ୍କ ନିମିତ୍ତ ବିରାଟ ପ୍ରାସାଦ ନିର୍ମାଣ କରେନାହିଁ ।

## ଶ୍ଳୋକ - ୧୭

**ଯୋ ନ ହୃଷ୍ୟତି ନ ଦ୍ୱେଷ୍ଟି ନ ଶୋଚତି ନ କାଙ୍କ୍ଷତି ।**
**ଶୁଭାଶୁଭପରିତ୍ୟାଗୀ ଭକ୍ତିମାନ୍ ଯଃ ସ ମେ ପ୍ରିୟଃ ।।୧୭।।**

## ଶବ୍ଦାନୁବାଦ

ଯଃ=ଯେ; ନ=ନାହିଁ; ହୃଷ୍ୟତି=ଆନନ୍ଦିତ ହୁଏ; ନ=ନାହିଁ; ଦ୍ୱେଷ୍ଟି=ଦୁଃଖ କରେ; ନ=ନାହିଁ; ଶୋଚତି=ବିଷାଦିତ ହୁଏ; ନ=ନାହିଁ; କାଙ୍‌କ୍ଷତି=କାମନା କରେ; ଶୁଭ=ଶୁଭ; ଅଶୁଭ=ଅଶୁଭ; ପରିତ୍ୟାଗୀ=ପରିତ୍ୟାଗୀ; ଭକ୍ତିମାନ୍‌=ଭକ୍ତ; ଯଃ=ଯେ; ସଃ=ସେ; ମେ=ମୋର; ପ୍ରିୟଃ=ପ୍ରିୟ ।

## ଅନୁବାଦ

**ଯେ ଆନନ୍ଦିତ ହୁଏନାହିଁ କି' ଦୁଃଖିତ ହୁଏନାହିଁ, ସେ ବିଷାଦିତ ହୁଏନାହିଁ କି' କୌଣସି ପ୍ରକାର କାମନା ପୋଷଣ କରେ ନାହିଁ ଏବଂ ଯେ ଶୁଭାଶୁଭ ଉଭୟକୁ ପରିତ୍ୟାଗ କରେ ସେ ମୋର ଅତିପ୍ରିୟ ।**

## ଭାବାର୍ଥ

ଭୌତିକ ଲାଭ-କ୍ଷତିରେ ଏକ ଶୁଦ୍ଧଭକ୍ତ କଦାପି ସୁଖୀ ହୁଏ ନାହିଁ କି ଦୁଃଖୀ ହୁଏ ନାହିଁ । ସେ ଏକ ପୁତ୍ର କିମ୍ବା ଶିଷ୍ୟଲାଭ କରିବା ନିମିତ୍ତ ଅତି ବ୍ୟାକୁଳ ହୁଏ ନାହିଁ କି ନପାଇଲେ ଦୁଃଖିତ ହୁଏ ନାହିଁ । ତା'ର ଅତି ପ୍ରିୟ ପଦାର୍ଥକୁ ସେ ହରାଇଲେ ବି ସେ କଦାପି ଦୁଃଖ ପ୍ରକାଶ କରେ ନାହିଁ । ଠିକ୍ ସେହିପରି ସେ ଯାହା ଗ୍ରହୁଁଥାଏ, ଯଦି ନପାଏ; ତଥାପି ସେ ଦୁଃଖ କରେନାହିଁ । ସେ ସମସ୍ତ ପ୍ରକାର ଶୁଭାଶୁଭ କର୍ମ ଏବଂ ପାପକର୍ମର ଉର୍ଦ୍ଧ୍ୱରେ ଥାଏ । ଭଗବାନଙ୍କ ପ୍ରୀତ୍ୟର୍ଥେ ସେ ସମସ୍ତପ୍ରକାର କଷ୍ଟ ଭୋଗିବାକୁ ପ୍ରସ୍ତୁତ ହୋଇଥାଏ । ଭକ୍ତିଯୋଗ ମାର୍ଗରେ କୌଣସିଟି ପ୍ରତିବନ୍ଧକ ନୁହେଁ । ଏ ପ୍ରକାରଏକ ଭକ୍ତ କୃଷ୍ଣଙ୍କର ଅତିପ୍ରିୟ ।

## ଶ୍ଳୋକ - ୧୮-୧୯

**ସମଃ ଶତ୍ରୌ ଚ ମିତ୍ରେ ଚ ତଥା ମାନାପମାନୟୋଃ ।**
**ଶୀତୋଷ୍ଣସୁଖଦୁଃଖେଷୁ ସମଃ ସଙ୍ଗବିବର୍ଜିତଃ ।। ୧୮ ।।**
**ତୁଲ୍ୟନିନ୍ଦାସ୍ତୁତିର୍ମୌନୀ ସନ୍ତୁଷ୍ଟୋ ଯେନ କେନଚିତ୍ ।**
**ଅନିକେତଃ ସ୍ଥିରମତିର୍ଭକ୍ତିମାନ୍ ମେ ପ୍ରିୟୋ ନରଃ ।। ୧୯ ।।**

## ଶବ୍ଦାନୁବାଦ

ସମଃ=ସମାନ; ଶତ୍ରୌ=ଶତ୍ରୁମାନଙ୍କ ପକ୍ଷରେ; ଚ=ମଧ୍ୟ; ମିତ୍ରେ=ବନ୍ଧୁମାନଙ୍କ ପକ୍ଷରେ; ଚ=ମଧ୍ୟ; ତଥା=ତଥା; ମାନ=ସମ୍ମାନ; ଅପମାନୟୋଃ=ଅପମାନ; ଶୀତ=ଶୀତ; ଉଷ୍ଣ=ଗ୍ରୀଷ୍ମ; ସୁଖ=ସୁଖ; ଦୁଃଖେଷୁ=ଦୁଃଖରେ; ସମଃ=ସମଭାବାପନ୍ନ; ସଙ୍ଗ-ବିବର୍ଜିତଃ=ସମସ୍ତ ସଙ୍ଗରୁ ମୁକ୍ତ; ତୁଲ୍ୟ=ସମାନ; ନିନ୍ଦା=ନିନ୍ଦା; ସ୍ତୁତିଃ=ପ୍ରଶଂସା; ମୌନୀ=ନୀରବ; ସନ୍ତୁଷ୍ଟଃ=ସନ୍ତୁଷ୍ଟ; ଯେନ=ଯେ କୌଣସି ପ୍ରକାରେ; କେନଚିତ୍=କିମ୍ବା ଅନ୍ୟ କେଉଁପ୍ରକାରେ; ଅନିକେତଃ=କୌଣସି ବାସସ୍ଥାନ ନଥିବା; ସ୍ଥିର=ସ୍ଥିର (ଦୃଢ଼); ମତିଃ=ମତି; ଭକ୍ତିମାନ୍=ଭକ୍ତିଯୋଗରେ ସେବାରତ; ମେ=ମୋର; ପ୍ରିୟଃ=ପ୍ରିୟ; ନରଃ=ମାନବ(ମନୁଷ୍ୟ) ।

## ଅନୁବାଦ

**ଯେ ଶତ୍ରୁ ଓ ମିତ୍ରଙ୍କ ପ୍ରତି ସମଭାବାପନ୍ନ, ଯେ ମାନ ଓ ଅପମାନରେ, ଶୀତ ଓ ଗ୍ରୀଷ୍ମରେ, ସୁଖ-ଦୁଃଖରେ, ନିନ୍ଦା-ପ୍ରଶଂସାରେ, ସମଭାବାପନ୍ନ, ସେ ସମସ୍ତ ସଙ୍ଗବର୍ଜିତ, ସର୍ବଦା ମୌନୀ ଏବଂ ଯାହାକିଛି ପାଇଲେ ବି ସନ୍ତୁଷ୍ଟ, ଯେକୌଣସି ସ୍ଥାନରେ ରହିବାକୁ ମିଳିଲେ'ବି ସନ୍ତୁଷ୍ଟ, ସେଥିପାଇଁ କିଛି ଭାବେନାହିଁ, ଯେ ଜ୍ଞାନରେ ଦୃଢ଼ ଏବଂ ଭକ୍ତିଯୋଗରେ ସେବାରତ, ସେ ମୋର ଅତି ପ୍ରିୟ ।**

## ଭାବାର୍ଥ

ଭକ୍ତ ସମସ୍ତ କୁସଙ୍ଗରୁ ମୁକ୍ତ, ବେଳେବେଳେ ବ୍ୟକ୍ତି ପ୍ରଶଂସିତ ହୁଏ ଏବଂ ବେଳେବେଳେ ନିନ୍ଦିତ ହୁଏ, ଏହା ମାନବ ସମାଜର ପ୍ରକୃତି । କିନ୍ତୁ ଭକ୍ତ ସର୍ବଦା କୃତ୍ରିମ ଯଶ-ଅପଯଶ ଏବଂ ସୁଖ-ଦୁଃଖଠାରୁ ଖୁବ୍ ଊର୍ଦ୍ଧ୍ୱରେ, ସେ ବଡ଼ ଧୈର୍ଯ୍ୟବାନ୍ । ସେ କୃଷ୍ଣକଥା ଛଡ଼ା ଆଉ କିଛି କୁହେନାହିଁ; ତେଣୁ ତାକୁ ମୌନୀ କୁହାଯାଏ । ମୌନୀ କହିଲେ ଏହା କଦାପି ବୁଝିବା ଉଚିତ୍ ନୁହେଁ ଯେ ସେ ଆଦୌ କଥା କୁହେନାହିଁ । ଏଠାରେ 'ମୌନୀ'ର ଅର୍ଥହେଲା, ଯେଉଁ ଭକ୍ତ ଅଯଥା କଥା (ଅର୍ଥାତ୍ କୃଷ୍ଣକଥା ବ୍ୟତୀତ ଅନ୍ୟ କଥା)କୁହେ ନାହିଁ, ବ୍ୟକ୍ତି ଖୁବ୍ ଦରକାରୀ କଥା କହିବା ଉଚିତ୍ ଏବଂ ଭକ୍ତ ପକ୍ଷରେ ଅତି ଦରକାରୀ କଥାହେଲା ଭଗବାନଙ୍କ କଥା । ସବୁପ୍ରକାର ଅବସ୍ଥାରେ ସେ ଖୁସିଥାଏ, ବେଳେବେଳେ ସେ ଖୁବ୍ ସୁସ୍ୱାଦୁ ଖାଦ୍ୟଦ୍ରବ୍ୟ ପାଏ ଏବଂ ବେଳେବେଳେ ସେପରି ନପାଇ ପାରେ, କିନ୍ତୁ ସେ ସବୁଥିରେ ସନ୍ତୁଷ୍ଟ ଥାଏ । ସେ ବାସ ସ୍ଥାନ ସମ୍ବନ୍ଧୀୟ କୌଣସି ପ୍ରକାର ସୁବିଧା-ଅସୁବିଧାକୁ ଖାତିର କରେନାହିଁ । ସେ ବେଳେବେଳେ ବୃକ୍ଷମୂଳରେ ମଧ୍ୟ ବାସ କରିପାରେ ଏବଂ ବେଳେବେଳେ ଅତି ସୁନ୍ଦର ପ୍ରାସାଦରେ ମଧ୍ୟ ବାସ କରିପାରେ । କିନ୍ତୁ ସେ କୌଣସି ପ୍ରତି ଆସକ୍ତ ନୁହେଁ । ସେ ବଡ଼ ଦୃଢ଼; କାରଣ ସେ ତା'ର ସ୍ଥିର ନିଶ୍ଚୟତା ଓ ଜ୍ଞାନରେ ଦୃଢ଼ । ଆମ୍ଭେମାନେ ଏକ ଭକ୍ତର ଗୁଣ ବା ପ୍ରଶଂସା ସମ୍ବନ୍ଧରେ କିଛି ବର୍ଣ୍ଣନା ଶୁଣିପାରୁ; କିନ୍ତୁ ଏହା କେବଳ ଏତିକି କଥା ଯେ ଭକ୍ତ ଏ ସବୁ ସଦ୍‌ଗୁଣର ଅଧିକାରୀହେବା ଉଚିତ୍ । ସଦ୍‌ଗୁଣର ବ୍ୟତିରେକେ କେହି ଶୁଦ୍ଧଭକ୍ତ ହୋଇପାରିବ ନାହିଁ । ଯେ ଭକ୍ତନୁହେଁ ତା'ର କୌଣସି ସଦ୍‌ଗୁଣ ନାହିଁ । ଯେ ଏକ ଭକ୍ତରୂପେ ପରିଚିତ ହେବାକୁ ଇଚ୍ଛାକରେ ତାକୁ ସଦ୍‌ଗୁଣର ଅଧିକାରୀ ହେବାକୁ ପଡ଼ିବ । ଅବଶ୍ୟ ଏ ସଦ୍‌ଗୁଣଗୁଡ଼ିକର ଅଧିକାରୀ ହେବା ନିମିତ୍ତ ବ୍ୟକ୍ତି ଅତ୍ୟଧିକ ଚେଷ୍ଟା କରିବା ଉଚିତ୍ ନୁହେଁ, କିନ୍ତୁ କୃଷ୍ଣଚେତନଶୀଳ ହୋଇ ସେବାରତ ହେଲେ ଆପେ ଆପେ ବ୍ୟକ୍ତି ଏ ସଦ୍‌ଗୁଣଗୁଡ଼ିକର ଅଧିକାରୀ ହୋଇଯାଏ ।

## ଶ୍ଲୋକ - ୨୦

**ଯେ ତୁ ଧର୍ମାମୃତମିଦଂ ଯଥୋକ୍ତଂ ପର୍ଯ୍ୟୁପାସତେ ।**
**ଶ୍ରଦ୍ଦଧାନା ମତ୍ପରମା ଭକ୍ତାସ୍ତେଽତୀବ ମେ ପ୍ରିୟାଃ ।।୨୦।।**

## ଶବ୍ଦାନୁବାଦ

ଯେ=ଯେଉଁମାନେ; ତୁ=କିନ୍ତୁ; ଧର୍ମ=ଉଦାରତା; ଅମୃତମ୍=ଅମୃତ; ଇଦମ୍=ଏହା; ଯଥା=ଯଥା (ଯେପରି); ଉକ୍ତମ୍=କୁହାଗଲା; ପର୍ଯ୍ୟୁପାସତେ=ସଂପୂର୍ଣ୍ଣରୂପେ ନିଯୁକ୍ତ ରହେ;

ଶ୍ରଦ୍ଦଧାନାଃ=ଶ୍ରଦ୍ଧା ଓ ବିଶ୍ୱାସର ସହିତ; ମତ୍-ପରମାଃ=ଭଗବାନ୍‌ଙ୍କୁ ସବୁକିଛି ବୋଲି ଗ୍ରହଣ କରି; ଭକ୍ତାଃ=ଭକ୍ତମାନେ; ତେ=ଏ ବ୍ୟକ୍ତିଗଣ; ଅତୀବ=ଅତ୍ୟନ୍ତ; ମେ=ମୋର; ପ୍ରିୟାଃ=ପ୍ରିୟ ।

## ଅନୁବାଦ

**ଯେ ଏ ଅକ୍ଷୟ ଭକ୍ତିଯୋଗ ମାର୍ଗକୁ ଅନୁସରଣକରେ ଏବଂ ପୂର୍ଣ୍ଣ ବିଶ୍ୱାସ ଓ ଶ୍ରଦ୍ଧାସହ ମୋତେ ପରମଲକ୍ଷ୍ୟ ବୋଲି ଗ୍ରହଣ କରି ସେବାରତ ହୁଏ, ସେ ମୋର ଅତ୍ୟନ୍ତ ପ୍ରିୟ ।**

## ଭାବାର୍ଥ

ଶାଶ୍ୱତଭାବେ କିପରି ଆମେ ଭଗବାନଙ୍କର ସେବାରତ ହୋଇପାରିବା ସେଇ ଧର୍ମକଥା ପରମପୁରୁଷ ଭଗବାନଙ୍କ ନିକଟରେ ପହଞ୍ଚିବାପାଇଁ ପ୍ରକୃଷ୍ଟ ଦିବ୍ୟ ଭକ୍ତିଯୋଗ କଥା ଏହି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି । ଏ ପନ୍ଥା ଭଗବାନଙ୍କର ଅତି ପ୍ରିୟ ଏବଂ ଯେଉଁ ବ୍ୟକ୍ତି ଏ ଭକ୍ତିଯୋଗ ମାର୍ଗରେ ସେବାରତ ଥାଏ, ତାକୁ ସେ ଗ୍ରହଣ କରନ୍ତି । ଅର୍ଜୁନ ପ୍ରଶ୍ନ କରିଥିଲେ - ନିର୍ବିଶେଷ ବ୍ରହ୍ମ ଉପାସକ ଉତ୍ତମ ଭକ୍ତ ନା ପରମପୁରୁଷ ଭଗବାନଙ୍କର ସେବାରତ ବ୍ୟକ୍ତି ଉତ୍ତମ ଭକ୍ତ । ଏ ପ୍ରଶ୍ନର ଉତ୍ତରରେ ଭଗବାନ୍ ଅତି ସୁସ୍ପଷ୍ଟଭାବରେ କହିଲେ ଯେ ଭକ୍ତିଯୋଗ ମାର୍ଗ ସମସ୍ତ ଯୋଗମାର୍ଗ ମଧ୍ୟରେ ଯେ ସର୍ବୋତ୍ତମ ଏଥିରେ କୌଣସି ସନ୍ଦେହ ନାହିଁ । ଅନ୍ୟ କଥାରେ ଏହା ହିଁ କୁହାଯାଇପାରେ ଯେ ଏହି ଅଧ୍ୟାୟରେ ଏଇକଥା କୁହାଯାଇଛି ଯେ ସତ୍‌ସଙ୍ଗ ଜରିଆରେ ବ୍ୟକ୍ତି ବିଶୁଦ୍ଧ ଭକ୍ତିଯୋଗ ପ୍ରତି ଆକୃଷ୍ଟ ହୁଏ ଏବଂ ସେ ଏକ ଉପଯୁକ୍ତ ଗୁରୁ ଗ୍ରହଣକରେ ଏବଂ ତାଙ୍କ ଠାରୁ କୃଷ୍ଣକଥା ଶୁଣେ; କୃଷ୍ଣଙ୍କର ଦିବ୍ୟନାମ କୀର୍ତ୍ତନ କରି ଏବଂ ସ୍ନେହ, ଶ୍ରଦ୍ଧା, ବିଶ୍ୱାସ ଓ ଭକ୍ତି ସହକାରେ ସାଧନ ପ୍ରଣାଳୀ ଏବଂ ଏହିପ୍ରକାରେ ଭଗବାନଙ୍କର ଦିବ୍ୟ ସେବାରେ ରତହୁଏ । ଏ ମାର୍ଗ ଏହି ଅଧ୍ୟାୟରେ ଦର୍ଶାଇ ଦିଆଯାଇଅଛି; ତେଣୁ ପରମପୁରୁଷ ଭଗବାନଙ୍କ ନିକଟରେ ପହଞ୍ଚିବା ନିମିତ୍ତ ଏବଂ ଆତ୍ମାନୁଭୂତି ଲାଭ କରିବା ନିମିତ୍ତ ଏ ଭକ୍ତିଯୋଗ ମାର୍ଗ ଯେ ଏକମାତ୍ର ମାର୍ଗ ଏଥିରେ କୌଣସି ସନ୍ଦେହ ନାହିଁ । ଏ ଅଧ୍ୟାୟରେ ବର୍ଣ୍ଣନା ଅନୁଯାୟୀ ବ୍ୟକ୍ତି ଆତ୍ମାନୁଭୂତି ଲାଭ ନିମିତ୍ତ ଭଗବାନଙ୍କର ଶରଣାପନ୍ନ ହେବା ପର୍ଯ୍ୟନ୍ତ ନିର୍ବିଶେଷ ବ୍ରହ୍ମୋପାସନା ସେ କରିପାରେ । ଅନ୍ୟକଥାରେ ଏହାହିଁ କୁହାଯାଇପାରେ ଯେ ଯେପର୍ଯ୍ୟନ୍ତ ବ୍ୟକ୍ତି ଏକ ଶୁଦ୍ଧ ଭକ୍ତଙ୍କର ସଙ୍ଗଲାଭ କରିବାର ସୁଯୋଗ ନ ପାଇଛି ସେ ପର୍ଯ୍ୟନ୍ତ ତା' ପକ୍ଷରେ ନିର୍ବିଶେଷ ବ୍ରହ୍ମୋପାସନା ଉପକାରୀ ହୋଇପାରେ । ନିର୍ବିଶେଷ ବ୍ରହ୍ମୋପାସନା ମାର୍ଗରେ ବ୍ୟକ୍ତି ନିଷ୍କାମ କର୍ମ କରେ, ଧ୍ୟାନ କରେ ଏବଂ ଜଡ଼ ଓ ଚେତନ ସମ୍ବନ୍ଧରେ ଜ୍ଞାନ ଲାଭ କରିବାରେ ବ୍ରତୀ ହୁଏ । ଯେ ପର୍ଯ୍ୟନ୍ତ ବ୍ୟକ୍ତି ଏକ ଶୁଦ୍ଧଭକ୍ତର ସଙ୍ଗଲାଭ ନ କରିଛି, ସେ ପର୍ଯ୍ୟନ୍ତ ତା' ପକ୍ଷରେ ଏହା ଆବଶ୍ୟକ । ସୌଭାଗ୍ୟବଶତଃ ଯଦି ବ୍ୟକ୍ତି ପ୍ରତ୍ୟକ୍ଷଭାବରେ କୃଷ୍ଣସେବା କରିବାପାଇଁ ଅଭିଳାଷୀ ହୁଏ, ତାହାହେଲେ ପରମାର୍ଥ ମାର୍ଗରେ ଆଉ ପାହାଚ ପାହାଚ ଉଠିବା ଦରକାର ପଡ଼େନାହିଁ । ଭଗବଦ୍ ଗୀତାର ମଧ୍ୟବର୍ତ୍ତୀ ଛ' ଅଧ୍ୟାୟରେ ଯେଉଁ ଭକ୍ତିଯୋଗ ମାର୍ଗ କଥା ବର୍ଣ୍ଣନା କରାଯାଇଛି, ତାହା ଅନୁକୂଳ ଅଟେ । ବ୍ୟକ୍ତିକୁ ଶରୀର ଓ ଆତ୍ମାକୁ ଠିକ୍ ରଖିବା ନିମିତ୍ତ ଆବଶ୍ୟକ ପଦାର୍ଥ ସମ୍ବନ୍ଧରେ ଚିନ୍ତା କରିବାକୁ ପଡ଼େ ନାହିଁ; କାରଣ ଭଗବାନଙ୍କ କୃପାରୁ ସବୁ ଆପେ ଆପେ ଠିକ୍ ହୋଇଯାଏ ।

**ଭକ୍ତିବେଦାନ୍ତ ଭାଷ୍ୟର ଶ୍ରୀମଦ୍ ଭଗବଦ୍‌ଗୀତାର ''ଭକ୍ତିଯୋଗ'' ଶୀର୍ଷକ ଦ୍ୱାଦଶ ଅଧ୍ୟାୟ ଶେଷହେଲା ।**

—୦—

# ତ୍ରୟୋଦଶ ଅଧ୍ୟାୟ

## କ୍ଷେତ୍ର-କ୍ଷେତ୍ରଜ୍ଞବିଭାଗଯୋଗ

(ପ୍ରକୃତି, ପୁରୁଷ ଏବଂ ଚେତନା)

ଶ୍ଲୋକ -୧

ଅର୍ଜୁନ ଉବାଚ

ପ୍ରକୃତିଂ ପୁରୁଷଂ ଚୈବ କ୍ଷେତ୍ରଂ କ୍ଷେତ୍ରଜ୍ଞମେବ ଚ ।
ଏତଦ୍‌ବେଦିତୁମିଚ୍ଛାମି ଜ୍ଞାନଂ ଜ୍ଞେୟଂ ଚ କେଶବ ।।୧।।

ଶ୍ଲୋକ-୨

ଶ୍ରୀଭଗବାନୁବାଚ

ଇଦଂ ଶରୀରଂ କୌନ୍ତେୟ କ୍ଷେତ୍ରମିତ୍ୟଭିଧୀୟତେ ।
ଏତଦ୍‌ଯୋ ବେତ୍ତି ତଂ ପ୍ରାହୁଃ କ୍ଷେତ୍ରଜ୍ଞ ଇତି ତଦ୍‌ବିଦଃ ।।୨।।

ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; ପ୍ରକୃତିମ୍=ପ୍ରକୃତି; ପୁରୁଷମ୍=ପୁରୁଷ (ଭୋକ୍ତା ବା ଉପଭୋଗକାରୀ); ଚ=ମଧ୍ୟ; ଏବ=ନିଶ୍ଚିତଭାବେ; କ୍ଷେତ୍ରମ୍=ଶରୀର; କ୍ଷେତ୍ର-ଜ୍ଞମ୍=କ୍ଷେତ୍ରଜ୍ଞ (ଶରୀର କଥା ଯେ ଜାଣେ); ଏବ=ନିଶ୍ଚିତଭାବେ; ଚ=ମଧ୍ୟ; ଏତତ୍=ଏସବୁ; ବେଦିତୁମ୍=ବୁଝିବାକୁ (ଜାଣିବାକୁ); ଇଚ୍ଛାମି=ମୁଁ ଇଚ୍ଛାକରେ; ଜ୍ଞାନମ୍=ଜ୍ଞାନ; ଜ୍ଞେୟମ୍=ଜ୍ଞେୟ

(ଜ୍ଞାନର ବିଷୟ ବସ୍ତୁ);ଚ=ମଧ୍ୟ; କେଶବ=ହେ କୃଷ୍ଣ; ଶ୍ରୀ ଭଗବାନ୍ ଉବାଚ=ଶ୍ରୀଭଗବାନ୍ କହିଲେ; ଇଦମ୍=ଏହି; ଶରୀରମ୍=ଶରୀର; କୌନ୍ତେୟ=ହେ କୁନ୍ତୀପୁତ୍ର; କ୍ଷେତ୍ରମ୍=କ୍ଷେତ୍ର; ଇତି=ଏହିପରି, ଅଭିଧୀୟତେ=କୁହାଯାଏ; ଏତତ୍=ଏହି; ଯଃ=ଯେ; ବେତ୍ତି=ଜାଣେ; ତମ୍=ତାଙ୍କୁ; ପ୍ରାହୁଃ=କୁହାଯାଏ; କ୍ଷେତ୍ର-ଜ୍ଞଃ=କ୍ଷେତ୍ରଜ୍ଞ (ଶରୀର କଥା ଜାଣିବା ବାଲା); ଇତି=ଏହିପରି; ତତ୍-ବିଦଃ=ଯେ ଜାଣେ ।

## ଅନୁବାଦ

**ଅର୍ଜୁନ କହିଲେ, ''ହେ ପ୍ରିୟ କୃଷ୍ଣ ! ମୁଁ ପ୍ରକୃତି, ପୁରୁଷ ଏବଂ କ୍ଷେତ୍ର ଓ କ୍ଷେତ୍ରଜ୍ଞ ପୁନଶ୍ଚ ଜ୍ଞାନ ଓ ଜ୍ଞେୟ (ଅର୍ଥାତ୍ ଜ୍ଞାନର ବିଷୟବସ୍ତୁ) କଥା ଜାଣିବାକୁ ଇଚ୍ଛା କରେ ।'' ତତ୍ପରେ ଭଗବାନ୍ କହିଲେ, ''ହେ କୁନ୍ତୀପୁତ୍ର ! ଏହି ଶରୀରକୁ କ୍ଷେତ୍ର କୁହାଯାଏ ଏବଂ ଯେ ଏ ଶରୀର କଥା ଜାଣେ ତାଙ୍କୁ କ୍ଷେତ୍ରଜ୍ଞ କୁହାଯାଏ ।''**

## ଭାବାର୍ଥ

ଅର୍ଜୁନ ପ୍ରକୃତି, ପୁରୁଷ, କ୍ଷେତ୍ର, କ୍ଷେତ୍ରଜ୍ଞ ଓ ଜ୍ଞାନ, ଜ୍ଞେୟ (ଅର୍ଥାତ୍ ଜ୍ଞାନର ବିଷୟ ବସ୍ତୁ) ଆଦି କଥା ଜାଣିବାକୁ ଖୁବ୍ ଇଚ୍ଛୁକ ।ଯେତେବେଳେ ସେ ଏସବୁ କଥା ପଚ୍ଚାରିଲେ, ସେତେବେଳେ କୃଷ୍ଣ କହିଲେ ଯେ ଏହି ଶରୀରକୁ କ୍ଷେତ୍ର କୁହାଯାଏ ଏବଂ ଯେ, ଏ ଶରୀର ସମ୍ବନ୍ଧରେ ଜାଣେ ତାଙ୍କୁ କ୍ଷେତ୍ରଜ୍ଞ କୁହାଯାଏ । ବଦ୍ଧଜୀବ ପକ୍ଷରେ ଏ ଶରୀର କର୍ମକ୍ଷେତ୍ର ଅଟେ । ବଦ୍ଧଜୀବ ଭୌତିକ ସ୍ଥିତିରେ ବନ୍ଧା ହୋଇଛି ଏବଂ ସେ ଭୂତପ୍ରକୃତିର ପ୍ରଭୁ ହୋଇ ତାକୁ ଉପଭୋଗ କରିବାକୁ ଚେଷ୍ଟା କରୁଛି; ତେଣୁ ଭୂତପ୍ରକୃତି ଉପରେ ପ୍ରଭୁତ୍ୱ ବିସ୍ତାର କରିବାର ତା'ର କ୍ଷମତା ଅନୁଯାୟୀ ସେ ଏକ କର୍ମକ୍ଷେତ୍ର ପାଇଛି ।ସେ କର୍ମକ୍ଷେତ୍ର ହେଉଛି ଏ ଶରୀର ଏବଂ ଶରୀର ଇନ୍ଦ୍ରିୟମାନଙ୍କ ଦ୍ୱାରା ଗଢ଼ା । ବଦ୍ଧଜୀବ ଇନ୍ଦ୍ରିୟ ସୁଖଭୋଗ କରିବାକୁ ଇଚ୍ଛାକରେ ଏବଂ ତା'ର ଇନ୍ଦ୍ରିୟ ସୁଖଭୋଗ କରିବାର କ୍ଷମତା ଅନୁଯାୟୀ ସେ ଏକ ଶରୀର ଅର୍ଥାତ୍ କର୍ମକ୍ଷେତ୍ର ଲାଭ କରିଛି ।ତେଣୁ ଏ ଶରୀରକୁ କ୍ଷେତ୍ର କୁହାଯାଏ, ଅର୍ଥାତ୍ ବଦ୍ଧଜୀବର କର୍ମକ୍ଷେତ୍ର କୁହାଯାଏ ।ବର୍ତ୍ତମାନ, ଯେଉଁଲୋକ ନିଜକୁ ଶରୀର ବୋଲି ଭାବେ; ତାକୁ କ୍ଷେତ୍ରଜ୍ଞ କୁହାଯାଏ । କ୍ଷେତ୍ର ଓ କ୍ଷେତ୍ରଜ୍ଞ, ଅର୍ଥାତ୍ ଶରୀର ଓ ଶରୀର ସମ୍ବନ୍ଧରେ ଜାଣିବାବାଲା— ଏଥି ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିବା ବିଶେଷ କଷ୍ଟ ନୁହେଁ ।ଯେ କୌଣସି ଲୋକ ଏକଥା ବିଚ୍ଚାର କରିପାରେ ଯେ ଶୈଶବାବସ୍ଥାରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ତା'ର ଶରୀର କିପରି ବିଭିନ୍ନ ପ୍ରକାର ଅବସ୍ଥା ପ୍ରାପ୍ତ ହେଉଛି ଏବଂ ତଥାପି ଗୋଟିଏ ପୁରୁଷ ବରାବର ରହୁଛି ।ଏହିପରି କ୍ଷେତ୍ର ଓ କ୍ଷେତ୍ରଜ୍ଞ ଅର୍ଥାତ୍ ବାସ୍ତବ କର୍ମକ୍ଷେତ୍ର ଏବଂ ସେ କର୍ମକ୍ଷେତ୍ର କଥା ଜାଣିଲାବାଲା ମଧ୍ୟରେ ପାର୍ଥକ୍ୟ ଅଛି ।ଏକ ବଦ୍ଧଜୀବ ଏହିପରି ବୁଝିପାରିବ ଯେ ସେ ଏ ଶରୀରଠାରୁ ଭିନ୍ନ ।ଏହା ପ୍ରାରମ୍ଭରେ ବର୍ଣ୍ଣନା କରାଯାଇଅଛି - *''ଦେହେଽସ୍ମିନ୍''*— ଅର୍ଥାତ୍ 'ଜୀବାତ୍ମା ଶରୀର ମଧ୍ୟରେ ଅଛି ଏବଂ ଏ ଶରୀର ଶୈଶବାବସ୍ଥାରୁ ବାଲ୍ୟାବସ୍ଥା, ବାଲ୍ୟାବସ୍ଥାରୁ ଯୌବନାବସ୍ଥା, ଯୌବନାବସ୍ଥାରୁ ବୃଦ୍ଧାବସ୍ଥା ପ୍ରାପ୍ତ ହେଉଛି ଏବଂ ଏ ଶରୀରଧାରୀ ପୁରୁଷ (ଅର୍ଥାତ୍ ଯେଉଁ ବ୍ୟକ୍ତି ଏ ଶରୀରର ଅଧିକାରୀ) ଜାଣେ ଯେ ଶରୀର ବଦଳୁଛି ।ଶରୀରର ମାଲିକ ପ୍ରକୃତରେ କ୍ଷେତ୍ରଜ୍ଞ ଅଟେ ।ବେଳେବେଳେ

ଆମେ ବୁଝିପାରୁ ଯେ ମୁଁ ସୁଖୀ, ମୁଁ ପାଗଳ, ମୁଁ ଜଣେ ସ୍ତ୍ରୀ-ଲୋକ, ମୁଁ ଗୋଟିଏ କୁକୁର, ମୁଁ ଗୋଟିଏ ବିରାଡ଼ି- ଏଇମାନେ ଜାଣିବାବାଲା ।କ୍ଷେତ୍ରଜ୍ଞ (ଅର୍ଥାତ୍ ଶରୀର ସମ୍ବନ୍ଧରେ ଜାଣିବାବାଲା), କ୍ଷେତ୍ରଠାରୁ ଭିନ୍ନ ।ଯଦିଓ ଆମ୍ଭେମାନେ ଅନେକ ପଦାର୍ଥ-ଆମର ପୋଷାକପତ୍ର ଆଦି ବ୍ୟବହାର କରୁ, ତଥାପି ଆମେ ଜାଣୁ ଯେ ଆମେ ବ୍ୟବହୃତ ପଦାର୍ଥଠାରୁ ଭିନ୍ନ ।ଠିକ୍ ସେହିପରି ଆମେ ଟିକିଏ ଚିନ୍ତାକଲେ ଜାଣିପାରିବା ଯେ ଆମ୍ଭେମାନେ ଏ ଶରୀରଠାରୁ ଭିନ୍ନ ।

ଭଗବଦ୍ ଗୀତାରେ ପ୍ରଥମ ଛ' ଅଧ୍ୟାୟରେ ଏଇ କ୍ଷେତ୍ରଜ୍ଞ ଅର୍ଥାତ୍ ଜୀବାତ୍ମା କଥା କୁହାଯାଇଛି ଏବଂ କେଉଁପ୍ରକାର ସ୍ଥିତିରେ ବ୍ୟକ୍ତି ପରମପୁରୁଷ ଭଗବାନଙ୍କୁ ବୁଝିପାରିବ—ସେ କଥା କୁହାଯାଇଛି ।ଗୀତାର ମଧ୍ୟବର୍ତ୍ତୀ ଛ ଅଧ୍ୟାୟରେ ପରମପୁରୁଷ ଭଗବାନଙ୍କ କଥା ଏବଂ ଆତ୍ମା ଓ ପରମାତ୍ମାଙ୍କ ମଧ୍ୟରେ ଭକ୍ତିଯୋଗ ମାର୍ଗରେ କି' ପ୍ରକାର ସମ୍ବନ୍ଧ ଅଛି ବର୍ଣ୍ଣନା କରାଯାଇଛି ।ଏହି ଅଧ୍ୟାୟମାନଙ୍କରେ ପରମପୁରୁଷ ଭଗବାନଙ୍କର ସର୍ବୋଚ୍ଚ ସ୍ଥିତି ଏବଂ ଜୀବାତ୍ମାର ଅଧସ୍ତନ ସ୍ଥିତି କଥା ନିର୍ଦ୍ଦିଷ୍ଟଭାବରେ ବର୍ଣ୍ଣନା କରାଯାଇଛି ।ସମସ୍ତ ପରିସ୍ଥିତିରେ ଜୀବଗଣ ଭଗବାନଙ୍କର ଅଧସ୍ତନ (ବା ଅଧୀନ) ଅଟନ୍ତି; କିନ୍ତୁ ସେମାନେ ଏଇ କଥା ଭୁଲିଯାଇଥିବାରୁ ସେମାନେ ଦୁଃଖ ଭୋଗୁଛନ୍ତି ।ଯେତେବେଳେ ସେମାନେ ପୁଣ୍ୟକର୍ମ ବଳରେ ଦିବ୍ୟାଲୋକ ପ୍ରାପ୍ତ ହୁଅନ୍ତି, ସେତେବେଳେ ସେମାନେ ବିଭିନ୍ନ ଭାବରେ ବା ବିଭିନ୍ନ ରୂପରେ ଭଗବାନଙ୍କ ନିକଟରେ ପହଞ୍ଚନ୍ତି- ସେମାନେ ଏକ ଦୁଃଖୀ ରୂପରେ, ଏକ ଅର୍ଥପିପାସୁ ରୂପରେ (ଅର୍ଥାତ୍ ଏକ ଧନହୀନ ବ୍ୟକ୍ତି ରୂପରେ), ଏକ ଜିଜ୍ଞାସୁ ରୂପରେ ଏବଂ ଏକ ଜ୍ଞାନପିପାସୁ ରୂପରେ ଭଗବାନଙ୍କ ନିକଟରେ ପହଞ୍ଚନ୍ତି ।ଏକଥା ମଧ୍ୟ ବର୍ଣ୍ଣନା କରାଯାଇଛି; ବର୍ତ୍ତମାନ ଏ ତ୍ରୟୋଦଶ ଅଧ୍ୟାୟର ପ୍ରାରମ୍ଭରୁ ଏଇକଥା ବର୍ଣ୍ଣନା କରାଯାଉଛି-କିପରି ଜୀବ ଭୌତିକ ପ୍ରକୃତିର ସଂସ୍ପର୍ଶରେ ଆସେ ଏବଂ କିପରି ସକାମ କର୍ମ, ଜ୍ଞାନ ସାଧନା ଏବଂ ଭକ୍ତିଯୋଗ ମାର୍ଗ ଅବଲମ୍ବନ କରିବାଦ୍ୱାରା ଏ ଭୂତପ୍ରକୃତି କବଳରୁ ଉଦ୍ଧାର ପାଏ, ଅର୍ଥାତ୍ କିପରି ଭଗବାନ୍ ତାକୁ ଏ ଭୌତିକ ଦୁନିଆ - ଏ ମୃତ୍ୟୁସଂଗ୍ରାମରୁ ଉଦ୍ଧାର କରନ୍ତି ।ଯଦିଓ ଜୀବ ଏ ଜଡ଼ ଶରୀରଠାରୁ ସଂପୂର୍ଣ୍ଣରୂପେ ଭିନ୍ନ, ତଥାପି କୌଣସି ପ୍ରକାରରେ ସେ ଏ ଭୂତପ୍ରକୃତି ସହ ସଂଶ୍ଳିଷ୍ଟ ହୋଇଯାଇଛି, ଏହା ମଧ୍ୟ ବର୍ଣ୍ଣନା କରାଯାଇଛି ।

## ଶ୍ଲୋକ - ୩

**କ୍ଷେତ୍ରଜ୍ଞଂ ଚାପି ମାଂ ବିଦ୍ଧି ସର୍ବକ୍ଷେତ୍ରେଷୁ ଭାରତ ।**
**କ୍ଷେତ୍ରକ୍ଷେତ୍ରଜ୍ଞୟୋର୍ଜ୍ଞାନଂ ଯତ୍ତଜ୍ଜ୍ଞାନଂ ମତଂ ମମ ।।୩।।**

## ଶବ୍ଦାନୁବାଦ

କ୍ଷେତ୍ର-ଜ୍ଞମ୍=ଜାଣିବାବାଲା; ଚ=ମଧ୍ୟ; ଅପି=ନିଶ୍ଚିତଭାବେ; ମାମ୍=ମୋତେ; ବିଦ୍ଧି=ଜାଣ; ସର୍ବ=ସମସ୍ତ; କ୍ଷେତ୍ରେଷୁ=ଶାରୀରିକ କ୍ଷେତ୍ରରେ; ଭାରତ=ହେ ଭରତ ପୁତ୍ର; କ୍ଷେତ୍ର=କର୍ମକ୍ଷେତ୍ର; (ଏ ଶରୀର); କ୍ଷେତ୍ରଜ୍ଞୟୋଃ=ଯେ କ୍ଷେତ୍ରକଥା ଜାଣେ; ଜ୍ଞାନମ୍=ଜ୍ଞାନ; ଯତ୍=ଯାହା ଶିକ୍ଷା ଦିଆଯାଇଅଛି; ତତ୍=ତାହା; ଜ୍ଞାନମ୍=ଜ୍ଞାନ; ମତମ୍=ମତ; ମମ=ମୋର ।

## ଅନୁବାଦ

**ହେ ଭରତ ପୁତ୍ର ! ତୁମେ ଏହା ଜାଣି ରଖିବା ଉଚିତ୍ ଯେ, ମୁଁ ମଧ୍ୟ ସମସ୍ତ ଶରୀରରେ କ୍ଷେତ୍ରଜ୍ଞ ଅଟେ । ଏହି ଶରୀର (କ୍ଷେତ୍ର)କୁ ଜାଣିବା ଏବଂ ଏହାର ମାଲିକକୁ ଜାଣିବାକୁ ଜ୍ଞାନ କୁହାଯାଏ । ଏହା ମୋର ମତ ଅଟେ ।**

## ଭାବାର୍ଥ

ଯେତେବେଳେ ଆମେ ଏ ଶରୀର ଏବଂ ଶରୀରର ମାଲିକ ଆତ୍ମା ଏବଂ ପରମାତ୍ମା କଥା ଆଲୋଚନା କରୁ, ସେତେବେଳେ ଆମେ ତିନୋଟି ବିଭିନ୍ନ କଥା ଦେଖିବା କଥା - ଭଗବାନ୍, ଜୀବ ଓ ଜଡ଼ ବସ୍ତୁ । ପ୍ରତ୍ୟେକ କର୍ମକ୍ଷେତ୍ରରେ ଅର୍ଥାତ୍ ପ୍ରତ୍ୟେକ ଶରୀରରେ ଦୁଇଟି ଆତ୍ମା ଅଛି -ଜୀବାତ୍ମା ଓ ପରମାତ୍ମା । ଯେଣୁ ପରମାତ୍ମା ହେଉଛନ୍ତି ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ସ୍ୱାଂଶ, ତେଣୁ କୃଷ୍ଣ କହୁଛନ୍ତି, ‘‘ମୁଁ ମଧ୍ୟ କ୍ଷେତ୍ରଜ୍ଞ ଅଟେ । କିନ୍ତୁ ମୁଁ ଏ ଶରୀରର ଏକମାତ୍ର ମାଲିକ ନୁହେଁ । ମୁଁ ପରମ କ୍ଷେତ୍ରଜ୍ଞ ଅଟେ । ମୁଁ ପ୍ରତ୍ୟେକ ଶରୀରରେ ପରମାତ୍ମାରୂପରେ ବିଦ୍ୟମାନ ।’’ ଯେଉଁ ବ୍ୟକ୍ତି ଏ କ୍ଷେତ୍ର (ଶରୀର) ଓ କ୍ଷେତ୍ରଜ୍ଞ ସମ୍ବନ୍ଧରେ ଅତି ଗଭୀର ଭାବରେ ଭଗବଦ୍ ଗୀତାର ଆଧାର ଉପରେ ଅଧ୍ୟୟନ କରେ ସେ ଜ୍ଞାନ ପ୍ରାପ୍ତ ହୋଇପାରେ ।

ଭଗବାନ୍ କହୁଛନ୍ତି, ‘‘ପ୍ରତ୍ୟେକ ଶରୀରରେ ମୁଁ ହେଉଛି କ୍ଷେତ୍ରଜ୍ଞ ।’’ ବ୍ୟକ୍ତି (ଅର୍ଥାତ୍ ଜୀବାତ୍ମା) ତା’ର ନିଜ ଶରୀରର ଜ୍ଞାତା ହୋଇପାରେ, କିନ୍ତୁ ତା’ର ଅନ୍ୟ ଶରୀର ସମ୍ବନ୍ଧରେ ଜ୍ଞାନ ନଥାଏ । କିନ୍ତୁ ପରମପୁରୁଷ ଭଗବାନ୍, ଯେ’କି ସମସ୍ତଙ୍କ ଶରୀରରେ ପରମାତ୍ମାରୂପରେ ବିଦ୍ୟମାନ, ସେ ସବୁଶରୀର ସମ୍ବନ୍ଧରେ ଜାଣନ୍ତି । ସମସ୍ତ ବିଭିନ୍ନ ଜୀବଙ୍କର ଶରୀର କଥା ସେ ଜାଣନ୍ତି । ଏକ ନାଗରିକ ତା’ର ଜମି ଖଣ୍ଡିକ କଥା ଜାଣିଥାଇପାରେ, କିନ୍ତୁ ରାଜ୍ୟର ରାଜା କେବଳ ଯେ ନିଜ ରାଜପ୍ରାସାଦ କଥା ଜାଣନ୍ତି, ଆଉକିଛି ଜାଣନ୍ତି ନାହିଁ, ତାହା ନୁହେଁ । ରାଜା ପ୍ରତ୍ୟେକ ନାଗରିକର ସମ୍ପତ୍ତି କଥା ଜାଣନ୍ତି । ଠିକ୍ ସେହିପରି ବ୍ୟକ୍ତି ତା’ ନିଜ ଶରୀରର ମାଲିକ ହୋଇପାରେ; କିନ୍ତୁ ପରମେଶ୍ୱର ସମସ୍ତ ଶରୀରର ପରମ ପ୍ରଭୁ ଅଟନ୍ତି । ରାଜା ରାଜ୍ୟର ମୌଳିକ ପ୍ରଭୁ ବା ମୁଖ୍ୟ ମାଲିକ ଅଟନ୍ତି । ଠିକ୍ ସେହିପରି ପରମେଶ୍ୱର ସମସ୍ତ ଶରୀରର ପରମ ଅଧ୍ୟକ୍ଷ ବା ମାଲିକ ଅଟନ୍ତି ।

ଶରୀର ଇନ୍ଦ୍ରିୟମାନଙ୍କୁ ନେଇ ଗଠିତ । ପରମେଶ୍ୱରଙ୍କର ଏକ ନାମ ହେଉଛି ହୃଷୀକେଶ । ‘ହୃଷୀକେଶ’ ଶବ୍ଦର ଅର୍ଥ ହେଉଛି ଇନ୍ଦ୍ରିୟମାନଙ୍କର ନିୟନ୍ତ୍ରଣକାରୀ । ସେ ଇନ୍ଦ୍ରିୟମାନଙ୍କର ଆଦି ନିୟନ୍ତା ଅଟନ୍ତି । ଯେପରି ରାଜା ରାଜ୍ୟର ସମସ୍ତ କର୍ମର ପ୍ରଥମ (ଆଦି) ନିୟନ୍ତ୍ରଣକାରୀ ଅଟନ୍ତି ଏବଂ ନାଗରିକଗଣ ଦ୍ୱିତୀୟ ନିୟନ୍ତ୍ରଣକାରୀ ଅଟନ୍ତି, (ସେହିପରି ଭଗବାନ୍ ପ୍ରଥମ ନିୟନ୍ତ୍ରଣକାରୀ ଏବଂ ଦେବତାଗଣ ଦ୍ୱିତୀୟ ନିୟନ୍ତ୍ରଣକାରୀ) । ଭଗବାନ୍ ମଧ୍ୟ କହିଛନ୍ତି, ‘‘ମୁଁ ମଧ୍ୟ କ୍ଷେତ୍ରଜ୍ଞ ଅଟେ ।’’ ଏହାର ଅର୍ଥ ସେ ପରମ କ୍ଷେତ୍ରଜ୍ଞ ଅଟନ୍ତି; ଜୀବାତ୍ମା କେବଳ ତା’ର ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର (ବା ଶରୀର) କଥା ଜାଣେ । ବୈଦିକ ସାହିତ୍ୟରେ ନିମ୍ନମତେ କୁହାଯାଇଅଛି—

*‘‘କ୍ଷେତ୍ରାଣି ହି ଶରୀରାଣି ବୀଜଂ ଚ୍ୟପି ଶୁଭାଶୁଭେ ।*
*ତାନି ବେତ୍ତି ସ ଯୋଗାତ୍ମା ତତଃ କ୍ଷେତ୍ରଜ୍ଞ ଉଚ୍ୟତେ ।’’*

ଏହି ଶରୀରକୁ କ୍ଷେତ୍ର କୁହାଯାଏ ଏବଂ ଏଥି ମଧ୍ୟରେ ଶରୀରର ମାଲିକ ବାସକରେ ଏବଂ ପରମେଶ୍ୱର, ଯେ'କି ଶରୀର ଏବଂ ଶରୀରର ମାଲିକ- ଏ ଉଭୟଙ୍କ କଥା ଜାଣନ୍ତି, ସେ ମଧ୍ୟ ବାସ କରନ୍ତି । ସେଇଥିପାଇଁ ତାଙ୍କୁ ସମସ୍ତ କ୍ଷେତ୍ରର ଜ୍ଞାତା ବା ସର୍ବକ୍ଷେତ୍ରଜ୍ଞ ବୋଲି କୁହାଯାଏ । କ୍ଷେତ୍ର, କ୍ଷେତ୍ରଜ୍ଞ ଏବଂ ପରମ କ୍ଷେତ୍ରଜ୍ଞ ମଧ୍ୟରେ ଥିବା ପାର୍ଥକ୍ୟ ସମ୍ବନ୍ଧରେ ନିମ୍ନମତେ ବର୍ଣ୍ଣନା କରାଯାଇଅଛି । ଏ ଶରୀରର ଗଠନ ସମ୍ବନ୍ଧରେ (ପୂର୍ଣ୍ଣଜ୍ଞାନ), ଜୀବାତ୍ମାର ଗଠନ ସମ୍ବନ୍ଧରେ ଏବଂ ପରମାତ୍ମାଙ୍କର ଗଠନ ସମ୍ବନ୍ଧରେ ଥିବା ପୂର୍ଣ୍ଣଜ୍ଞାନକୁ ବୈଦିକ ସାହିତ୍ୟରେ 'ଜ୍ଞାନ' ଆଖ୍ୟା ଦିଆଯାଇଅଛି । ଏହା ହେଉଛି କୃଷ୍ଣଙ୍କର ଅଭିମତ । ଉଭୟେ ଆତ୍ମା ଓ ପରମାତ୍ମା ଯେ ଅଭିନ୍ନ ଓ ବିଭିନ୍ନ - ଏହା ବୁଝିବାକୁ ହିଁ ଜ୍ଞାନ କୁହାଯାଏ । ଯେ କ୍ଷେତ୍ର ଓ କ୍ଷେତ୍ରଜ୍ଞ କଥା ନ ଜାଣେ ସେ ପୂର୍ଣ୍ଣଜ୍ଞାନ ହାସଲ କରିନାହିଁ ବୋଲି କୁହାଯାଏ । ବ୍ୟକ୍ତିକୁ ପ୍ରକୃତି, ପୁରୁଷ ଓ ଈଶ୍ୱର-ଏସବୁ କଥା ଜାଣିବାକୁ ହେବ । ବ୍ୟକ୍ତି ଏ ତିନୋଟିକୁ ଏକାଠିକରି ଏକ ଗୋଳମାଳିଆ (ଭ୍ରମପୂର୍ଣ୍ଣ) ଧାରଣାର ବଶବର୍ତ୍ତୀ ହେବା ଉଚିତ୍ ନୁହେଁ । ଏ ତିନୋଟିର ଅଲଗା ଅଲଗା କାର୍ଯ୍ୟ ଓ ଆବଶ୍ୟକତା ଅଛି । ବ୍ୟକ୍ତି ଚିତ୍ରକର, ଚିତ୍ର ଏବଂ ଚିତ୍ରକୁ ଧରି ରଖିବାର କାଠ ଫ୍ରେମ୍ ମଧ୍ୟରେ ଏକୀକରଣଭାବ ପୋଷଣ କରି ଗୋଳମାଳିଆ ଅବସ୍ଥାରେ ପଡ଼ିବା ଉଚିତ୍ ନୁହେଁ । ଏ ଭୌତିକ ଦୁନିଆ, ଯାହା କର୍ମକ୍ଷେତ୍ର ଅଟେ, ପ୍ରକୃତି ଅଟେ ଏବଂ ପ୍ରକୃତିର ଉପଭୋଗକାରୀ ଅଟେ ଜୀବ ଏବଂ ଏ ଦୁଇଟିର ଉର୍ଦ୍ଧ୍ୱରେ ପରମନିୟନ୍ତା ଭଗବାନ୍ ଅବସ୍ଥିତ । ବୈଦିକ ଭାଷାରେ କୁହାଯାଇଅଛି - *''ଭୋକ୍ତା, ଭୋଗ୍ୟଂ, ପ୍ରେରିତାରଂ ଚ ମତ୍ୱା ସର୍ବ ପ୍ରୋକ୍ତଂ ତ୍ରିବିଧଂ ବ୍ରହ୍ମଂ ଏତଦ୍ ।''* ତିନୋଟି 'ବ୍ରହ୍ମଧାରଣା' ସ୍ତର ଅଛି । ପ୍ରକୃତି କର୍ମକ୍ଷେତ୍ର ହିସାବରେ 'ବ୍ରହ୍ମନ୍' ଅଟେ ଏବଂ ଜୀବ (ଜୀବାତ୍ମା) ମଧ୍ୟ ବ୍ରହ୍ମନ୍ ଅଟେ । ସେ ଭୂତପ୍ରକୃତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି ଏବଂ ଏ ଦୁଇଟିର ନିୟନ୍ତ୍ରଣକାରୀ ମଧ୍ୟ 'ବ୍ରହ୍ମନ୍' ଅଟନ୍ତି; କିନ୍ତୁ ସେ ହିଁ ହେଉଛନ୍ତି ବାସ୍ତବିକ୍ ନିୟନ୍ତ୍ରଣକାରୀ ।

ଏ ଅଧ୍ୟାୟରେ ମଧ୍ୟ ଏକଥା କୁହାଯିବ ଯେ ଏ ଦୁଇଟି କ୍ଷେତ୍ରଜ୍ଞଙ୍କ ମଧ୍ୟରୁ ଗୋଟିଏ ଭ୍ରାନ୍ତ ଓ ଅନ୍ୟଟି ଅଭ୍ରାନ୍ତ ଅଟେ । ଜଣେ ଉଚ୍ଚ ଅଧିକାରୀ ଏବଂ ଅନ୍ୟ ଜଣକ ନୀଚ ବା ଅଧସ୍ତନ ଅଟେ । ଯେଉଁ ବ୍ୟକ୍ତି ଏ ଦୁଇଜଣ କ୍ଷେତ୍ରଜ୍ଞଙ୍କୁ ଏକ ବୋଲି ଭାବେ ବା ଜ୍ଞାନ କରେ, ସେ ପରମପୁରୁଷ ଭଗବାନଙ୍କର ବିରୋଧ କଲା; କାରଣ ଭଗବାନ୍ ପରିଷ୍କାର ଭାବରେ କହିଛନ୍ତି, ''ମୁଁ ମଧ୍ୟ କ୍ଷେତ୍ରଜ୍ଞ ଅଟେ ।'' ଯେ ରଜ୍ଜୁରେ ସର୍ପଭ୍ରମ (ଧାରଣା)କରେ ସେ ଜ୍ଞାନୀ ନୁହେଁ । ବିଭିନ୍ନ ପ୍ରକାର ଶରୀର ଅଛି ଏବଂ ସେ ଶରୀରମାନଙ୍କର ବିଭିନ୍ନ ମାଲିକ ଅଛନ୍ତି । କାରଣ ପ୍ରତ୍ୟେକ ଜୀବାତ୍ମାର ଭୂତପ୍ରକୃତିକୁ ଅକ୍ତିଆର କରି ଉପଭୋଗ କରିବାର ଏକ ସ୍ୱତନ୍ତ୍ର ଶକ୍ତି ଅଛି । ବିଭିନ୍ନ ପ୍ରକାର ଶରୀର ଅଛି । କିନ୍ତୁ ପରମେଶ୍ୱର ସେଗୁଡ଼ିକ ମଧ୍ୟରେ ନିୟନ୍ତ୍ରଣକାରୀ ହିସାବରେ ବିଦ୍ୟମାନ । ଏ ଶ୍ଳୋକରେ ଥିବା 'ଚ' ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ; କାରଣ ଏଥିରୁ ସମସ୍ତ ଶରୀର କଥା ସୂଚିତ ହେଉଅଛି । ଏହା ହେଉଛି ଶ୍ରୀଳ ବଳଦେବ ବିଦ୍ୟାଭୂଷଣଙ୍କର ଅଭିମତ । ପ୍ରତ୍ୟେକ ଶରୀରରେ କୃଷ୍ଣ ପରମାତ୍ମାରୂପରେ ବିଦ୍ୟମାନ । ସେ ଜୀବାତ୍ମାଠାରୁ ଭିନ୍ନ । ଏଠାରେ କୃଷ୍ଣ ପରିଷ୍କାର ଭାବରେ କହୁଛନ୍ତି ଯେ ପରମାତ୍ମା ଉଭୟ କ୍ଷେତ୍ର ଏବଂ ସୀମିତ ଭୋକ୍ତା ବା କ୍ଷେତ୍ରଜ୍ଞଙ୍କର ନିୟନ୍ତ୍ରଣକାରୀ ଅଟନ୍ତି ।

## ଶ୍ଲୋକ - ୪

**ତତ୍‌କ୍ଷେତ୍ରଂ ଯଚ୍ଚ ଯାଦୃକ୍ ଚ ଯଦ୍‌ବିକାରି ଯତଶ୍ଚ ଯତ୍ ।**
**ସ ଚ ଯୋ ଯତ୍‌ପ୍ରଭାବଶ୍ଚ ତତ୍ ସମାସେନ ମେ ଶୃଣୁ ।।୪।।**

## ଶବ୍ଦାନୁବାଦ

ତତ୍=ତାହା; କ୍ଷେତ୍ରମ୍=କ୍ଷେତ୍ର (କର୍ମକ୍ଷେତ୍ର); ଯତ୍=ଯାହା; ଚ=ମଧ୍ୟ; ଯାଦୃକ୍=ଯେପରି; ଚ=ମଧ୍ୟ; ଯତ୍=ଯାହା; ବିକାରି=ପରିବର୍ତ୍ତନ; ଯତଃ=ଯାହାଠାରୁ; ଚ=ମଧ୍ୟ; ଯତ୍=ଯାହା; ସଃ=ସେ; ଚ=ମଧ୍ୟ; ଯଃ=ଯେ; ଯତ୍=ଯାହା; ପ୍ରଭାବଃ ଚ=ପ୍ରଭାବ ମଧ୍ୟ; ତତ୍=ତାହା; ସମାସେନ=ବିସ୍ତୃତଭାବେ; ମେ=ମୋ'ଠାରୁ; ଶୃଣୁ=ବୁଝ ।

## ଅନୁବାଦ

**ବର୍ତ୍ତମାନ କ୍ଷେତ୍ର ସମ୍ବନ୍ଧୀୟ ସଂକ୍ଷିପ୍ତ ବିବରଣ ଏବଂ କିପରି ଏହା ଗଠିତ ହୋଇଅଛି, ଏହାର ପରିବର୍ତ୍ତନମାନ କ'ଣ, କେଉଁଠାରୁ ଏହା ଉଦ୍ଭବ, ସେ କ୍ଷେତ୍ରଜ୍ଞ କିଏ ଏବଂ ତାଙ୍କର ପ୍ରଭାବ କ'ଣ-ଏସବୁ କଥା ଶୁଣ ।**

## ଭାବାର୍ଥ

କ୍ଷେତ୍ର ଏବଂ କ୍ଷେତ୍ରଜ୍ଞ କଥା ଏଠାରେ ଭଗବାନ୍ ବର୍ଣ୍ଣନା କରୁଛନ୍ତି । କିପରି ଏ ଶରୀର ଗଠିତ ହୋଇଛି, କେଉଁ କେଉଁ ଉପାଦାନରେ ଏ ଶରୀର ଗଠିତ, କାହାର ନିୟନ୍ତ୍ରଣରେ ଏହା କାର୍ଯ୍ୟ କରୁଛି, କିପରି ପରିବର୍ତ୍ତନମାନ ହେଉଛି, କେଉଁଠାରୁ ସେ ପରିବର୍ତ୍ତନଗୁଡ଼ିକ ଆସୁଛି, କ'ଣ କାରଣ, ବ୍ୟକ୍ତିର ଚରମ ଲକ୍ଷ୍ୟ କ'ଣ ଏବଂ ଜୀବାତ୍ମାର ପ୍ରକୃତ ଆକାର କିପରି-ଏସବୁ କଥା ବ୍ୟକ୍ତି ଜାଣିବା ଉଚିତ୍ । ପୁନଶ୍ଚ ଜୀବାତ୍ମା ଓ ପରମାତ୍ମା ମଧ୍ୟରେ ପାର୍ଥକ୍ୟ କ'ଣ, ସେମାନଙ୍କର ବିଭିନ୍ନପ୍ରକାର ପ୍ରଭାବ ଏବଂ ସେମାନଙ୍କର ଶକ୍ତି ଆଦି କଥା ବ୍ୟକ୍ତି ଜାଣିବା ଉଚିତ୍ । ସ୍ୱୟଂ ପରମପୁରୁଷ ଭଗବାନଙ୍କ ଦ୍ୱାରା ଭଗବଦ୍ ଗୀତାରେ ଦିଆଯାଇଥିବା ବର୍ଣ୍ଣନା ବ୍ୟକ୍ତିକୁ ବୁଝିବାକୁ ହେବ ଏବଂ ସେସବୁ ପରିସ୍ଫୁଟ ହେବ । କିନ୍ତୁ ବ୍ୟକ୍ତି ବଡ଼ ସାବଧାନ ହେବା ଉଚିତ୍ ଯେ ପ୍ରତ୍ୟେକ ଶରୀରରେ ଥିବା ପରମାତ୍ମା (ପରମପୁରୁଷ ଭଗବାନ୍) ଏବଂ ଜୀବାତ୍ମା ଯେ ଏକ ଜୀବ, ଏହା ବିଚାର କରିବା ଉଚିତ୍ ନୁହେଁ । କାରଣ ଏହା ପୁରୁଷ ଓ ନପୁଂସକକୁ ସମାନ କରିବାପରି ହୋଇଯିବ ।

## ଶ୍ଲୋକ - ୫

**ଋଷିଭିର୍ବହୁଧା ଗୀତଂ ଛନ୍ଦୋଭିର୍ବିବିଧୈଃ ପୃଥକ୍ ।**
**ବ୍ରହ୍ମସୂତ୍ରପଦୈଶ୍ଚୈବ ହେତୁମଦ୍‌ଭିର୍ବିନିଶ୍ଚିତୈଃ ।।୫।।**

## ଶବ୍ଦାନୁବାଦ

ଋଷିଭିଃ=ଜ୍ଞାନୀ ମୁନିମାନଙ୍କ ଦ୍ୱାରା; ବହୁଧା=ବିଭିନ୍ନପ୍ରକାରେ; ଗୀତମ୍=ବର୍ଣ୍ଣନା କରାଯାଇଅଛି; ଛନ୍ଦୋଭିଃ=ବେଦ ମନ୍ତ୍ର; ବିବିଧୈଃ=ବିବିଧ; ପୃଥକ୍=ବିଭିନ୍ନପ୍ରକାରେ; ବ୍ରହ୍ମ-

ସୂତ୍ର=ବେଦାନ୍ତ; ପଦୈଃ=ପଦ; ଚ=ମଧ୍ୟ; ଏବ=ନିଶ୍ଚିତରୂପେ; ହେତୁମଭିଃ=କାର୍ଯ୍ୟକାରଣ ସହିତ; ବିନିଶ୍ଚିତୈଃ=ନିଶ୍ଚିତଭାବେ।

## ଅନୁବାଦ

**କ୍ଷେତ୍ର ଓ କ୍ଷେତ୍ରଜ୍ଞ ସମ୍ବନ୍ଧୀୟ ଜ୍ଞାନ ବିଭିନ୍ନ ମୁନି-ଋଷିଙ୍କ ଦ୍ୱାରା ବିଭିନ୍ନ ବୈଦିକ ସାହିତ୍ୟରେ ବର୍ଣ୍ଣନା କରାଯାଇଅଛି- ବିଶେଷକରି ବେଦାନ୍ତ ସୂତ୍ରରେ ବର୍ଣ୍ଣନା କରାଯାଇଅଛି ଏବଂ ସମସ୍ତ ଯୁକ୍ତି ସହିତ କାର୍ଯ୍ୟ ଓ କାରଣ ବିଷୟରେ ଉପସ୍ଥାପନ କରାଯାଇଅଛି ।**

## ଭାବାର୍ଥ

ଏ ଜ୍ଞାନ ବର୍ଣ୍ଣନା କରିବାରେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ହେଉଛନ୍ତି ଉଚ୍ଚତମ ଅଧିକାରୀ ।ତଥାପି ପଣ୍ଡିତମାନେ ଏବଂ ଅଧିକାରୀବୃନ୍ଦ ପୂର୍ବ ଆଚାର୍ଯ୍ୟମାନଙ୍କର ଭାଷ୍ୟରୁ ସର୍ବଦା ମତ ଉଦ୍ଧାର କରି ଏ ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରନ୍ତି ।ଶ୍ରୀକୃଷ୍ଣ ଏଠାରେ ଏକ ଅତ୍ୟନ୍ତ ବିବାଦମାନ ବିଷୟ ଉପସ୍ଥାପିତ କରୁଛନ୍ତି ।ତାହା ହେଉଛି ଆତ୍ମା ଓ ପରମାତ୍ମା ସମ୍ବନ୍ଧୀୟ ବିଭିନ୍ନ ଭାବ ଓ ଅଭିନ୍ନ ଭାବ ।ଯେଉଁ ବେଦାନ୍ତ ଏ ସମ୍ବନ୍ଧରେ ଏକ ପ୍ରାମାଣିକ ଗ୍ରନ୍ଥରୂପେ ଗୃହୀତ, ସେହ ବେଦାନ୍ତରୁ ପ୍ରମାଣ ଉଦ୍ଧାରକରି ସେ ଏହା ଉପସ୍ଥାପିତ କରୁଛନ୍ତି ।ପ୍ରଥମେ ସେ କହୁଛନ୍ତି ଯେ ଏହା ବିଭିନ୍ନ ମୁନି-ଋଷିଙ୍କ ମତ ଅନୁଯାୟୀ ଉଦ୍ଧୃତ ।ତାଙ୍କ ବ୍ୟତୀତ ଅନ୍ୟ ମୁନି-ଋଷିଙ୍କ କଥା କହିବାକୁଗଲେ ବ୍ୟାସଦେବଙ୍କ କଥା ଆସେ ।ବେଦାନ୍ତ ସୂତ୍ରର ପ୍ରଣେତା ବ୍ୟାସଦେବ ଏକ ବିଶିଷ୍ଟ ମୁନି ଅଟନ୍ତି ଏବଂ ବେଦାନ୍ତ ସୂତ୍ରରେ ଦ୍ୱୈତ କଥାଟା ଭଲଭାବରେ କୁହାଯାଇଅଛି ।ବ୍ୟାସଦେବଙ୍କର ପିତା ପରାଶର ମଧ୍ୟ ଏକ ବିଶିଷ୍ଟ ଅଟନ୍ତି ଏବଂ ସେ ତାଙ୍କର ଧର୍ମ ପୁସ୍ତକରେ ଲେଖିଛନ୍ତି *"ଅହଂ ତ୍ୱାଂ ଚ ଅଥାନ୍ୟେ....."* ।ଆମ୍ଭେମାନେ, ତୁମେ ଓ ମୁଁ ଏବଂ ବିଭିନ୍ନପ୍ରକାର ଅନ୍ୟ ଜୀବଗଣ ସମସ୍ତେ ଦିବ୍ୟ ଅଟନ୍ତି ।ଆମ୍ଭମାନଙ୍କର ବିଭିନ୍ନ କର୍ମଫଳ ଅନୁଯାୟୀ ଆମ୍ଭେମାନେ ତ୍ରିଗୁଣମୟୀ ଭୂତପ୍ରକୃତିର ଅଧୀନ ହୋଇଅଛୁ ।ସେହି ଅନୁଯାୟୀ କେତେକ ଉଚ୍ଚସ୍ତରରେ ଅଛନ୍ତି'ତ କେତେକ ନିମ୍ନ ପ୍ରକୃତିରେ ଅଛନ୍ତି । ଅଜ୍ଞତାଯୋଗୁଁ ଉଚ୍ଚ ଓ ନୀଚ ପ୍ରକୃତି ରହିଛି ଏବଂ ଅନନ୍ତ ଜୀବଶ୍ରେଣୀରେ ତାହା ପ୍ରକାଶିତ ହେଉଅଛି, କିନ୍ତୁ ପରମାତ୍ମା ଅକ୍ଷୟ ଅଟନ୍ତି ଏବଂ ତ୍ରିଗୁଣମୟୀ ଭୂତପ୍ରକୃତି ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ ।ସେ ଦିବ୍ୟ ଅଟନ୍ତି ।ଠିକ୍ ସେହିପରି ମୌଳିକ ବେଦରେ, ବିଶେଷ କରି 'କଠ ଉପନିଷଦ'ରେ ଆତ୍ମା, ପରମାତ୍ମା ଏବଂ ଶରୀର ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଇ ଦିଆଯାଇଅଛି ।

ପରମେଶ୍ୱରଙ୍କର ଏକ ଶକ୍ତିର ପ୍ରକାଶ ଅଛି, ଯାହାକୁ ଅନ୍ନମୟ କୁହାଯାଏ ।ଏହାଦ୍ୱାରା ବ୍ୟକ୍ତି କେବଳ ବଞ୍ଚିବା ନିମିତ୍ତ ଖାଦ୍ୟ ଉପରେ ନିର୍ଭରକରେ।ଏହା ହେଉଛି ଭଗବାନଙ୍କୁ ଜାଣିବାର ଏକ ଭୌତିକ ଅନୁଭୂତି ।ତତ୍ପରେ ଆହୁରି ଏକ ପ୍ରକାଶ ଅଛି, ଯାହାକୁ ପ୍ରାଣମୟ କୁହନ୍ତି ।ଏହାର ଅର୍ଥ ହେଲା ବ୍ୟକ୍ତି ଖାଦ୍ୟପଦାର୍ଥରେ ଭଗବାନଙ୍କୁ ଅନୁଭବ କଲାପରେ ଜୀବନୀଶକ୍ତି ବା ଜୀବନରେ ଭଗବାନଙ୍କୁ ଅନୁଭବ କରିପାରେ ।ଜ୍ଞାନମୟ ସ୍ତରରେ ଜୀବନୀଶକ୍ତି ଭାବିବା ଅନୁଭବ କରିବା ଓ ଇଚ୍ଛା କରିବା ସ୍ତରକୁ ବୃଦ୍ଧି ପାଏ ।ତତ୍ପରେ ବ୍ରହ୍ମାନୁଭୂତି ଆସେ ଏବଂ ସେ

ଅନୁଭୂତିକୁ ବିଜ୍ଞାନମୟ କୁହାଯାଏ । ଏହାଦ୍ୱାରା ଜୀବର ମନ ଓ ଜୀବନୀଶକ୍ତି ଜୀବ ଅପେକ୍ଷା ସ୍ୱତନ୍ତ୍ର ବୋଲି ଅନୁଭୂତ ହୁଏ । ତତ୍ପର ଅବସ୍ଥା ବା ପରମ ସ୍ତର ହେଉଛି ଆନନ୍ଦମୟ ସ୍ତର । ଏହା ହେଉଛି ଆନନ୍ଦମୟ ଅବସ୍ଥାକୁ ଅନୁଭବ କରିବା । ଏହି ପ୍ରକାରେ ବ୍ରହ୍ମାନୁଭୂତି ଲାଭ କରିବାର ପାଞ୍ଚଟି ସ୍ତର ଅଛି । ଏହାକୁ "ବ୍ରହ୍ମପୁଚ୍ଛମ୍" କୁହାଯାଏ । ଏ ପାଞ୍ଚୋଟି ମଧ୍ୟରୁ ପ୍ରଥମ ତିନୋଟି ଅନ୍ନମୟ, ପ୍ରାଣମୟ ଏବଂ ଜ୍ଞାନମୟ ସ୍ତର, ଜୀବମାନଙ୍କର କର୍ମକ୍ଷେତ୍ର (ଶରୀର)ର ଅନ୍ତର୍ଗତ । ସମସ୍ତ କ୍ଷେତ୍ରଠାରୁ ବହୁ ଊର୍ଦ୍ଧ୍ୱରେ ଭଗବାନ୍ ଅଛନ୍ତି । ତାଙ୍କୁ "ଆନନ୍ଦମୟ" ସ୍ତର କୁହାଯାଏ । ବେଦାନ୍ତ ସୂତ୍ରରେ ମଧ୍ୟ ଭଗବାନଙ୍କୁ *"ଆନନ୍ଦମୟୋଽଭ୍ୟାସାତ୍"* ବୋଲି କୁହାଯାଇଛି । ପରମପୁରୁଷ ଭଗବାନ୍ ସ୍ୱଭାବତଃ ଆନନ୍ଦମୟ ଅଟନ୍ତି ଏବଂ ତାଙ୍କର ଏଇ ଦିବ୍ୟ ଆନନ୍ଦକୁ ଅନୁଭବ କରିବା ନିମିତ୍ତ ସେ ନିଜକୁ ବିଜ୍ଞାନମୟ, ପ୍ରାଣମୟ, ଜ୍ଞାନମୟ ଏବଂ ଅନ୍ନମୟ ସ୍ତରକୁ ବିସ୍ତାର କରନ୍ତି । ଏହି କ୍ଷେତ୍ରରେ ଜୀବ ଭୋକ୍ତାବୋଲି ବିବେଚିତ ହୁଏ ଏବଂ ଆନନ୍ଦମୟ ସ୍ତର ତାହାଠାରୁ ଭିନ୍ନ ବୋଲି ମଧ୍ୟ ବିବେଚିତ ହୁଏ । ଏହାର ଅର୍ଥ ହେଉଛି, ଯଦି ଜୀବ ନିଜକୁ ଆନନ୍ଦମୟ ଅବସ୍ଥାରେ ରଖି ଉପଭୋଗ କରିବାକୁ ଇଚ୍ଛାକରେ, ତାହାହେଲେ ସେ ପୂର୍ଣ୍ଣତା ପ୍ରାପ୍ତ ହୁଏ । ଏହା ହେଉଛି ଭଗବାନ୍ ଏବଂ କ୍ଷେତ୍ରର ପ୍ରକୃତି ସମ୍ବନ୍ଧରେ ପ୍ରକୃତ ଚିତ୍ର, ସେ ପରମ କ୍ଷେତ୍ରଜ୍ଞ ଓ ଜୀବ ଅଧସ୍ତନ କ୍ଷେତ୍ରଜ୍ଞ ଅଟେ ।

## ଶ୍ଳୋକ - ୬-୭

**ମହାଭୂତାନ୍ୟହଙ୍କାରୋ ବୁଦ୍ଧିରବ୍ୟକ୍ତମେବ ଚ ।**
**ଇନ୍ଦ୍ରିୟାଣି ଦଶୈକଂ ଚ ପଞ୍ଚ ଚେନ୍ଦ୍ରିୟଗୋଚରାଃ ।।୬।।**
**ଇଚ୍ଛା ଦ୍ୱେଷଃ ସୁଖଂ ଦୁଃଖଂ ସଂଘାତଶ୍ଚେତନା ଧୃତିଃ ।**
**ଏତତ୍ କ୍ଷେତ୍ରଂ ସମାସେନ ସବିକାରମୁଦାହୃତମ୍ ।।୭।।**

## ଶବ୍ଦାନୁବାଦ

ମହା-ଭୂତାନି=ମହାଭୂତମାନ; ଅହଙ୍କାରଃ=ଅହଙ୍କାର; ବୁଦ୍ଧିଃ=ବୁଦ୍ଧି; ଅବ୍ୟକ୍ତମ୍=ଅବ୍ୟକ୍ତ; ଏବ=ନିଶ୍ଚିତରୂପେ; ଚ=ମଧ୍ୟ; ଇନ୍ଦ୍ରିୟାଣି=ଇନ୍ଦ୍ରିୟଗୁଡ଼ିକ; ଦଶ ଏକମ୍=ଏଗାର; ଚ=ମଧ୍ୟ; ପଞ୍ଚ=ପାଞ୍ଚ; ଚ=ମଧ୍ୟ; ଇନ୍ଦ୍ରିୟ-ଗୋଚରାଃ=ଇନ୍ଦ୍ରିୟ ଭୋଗ୍ୟବସ୍ତୁ; ଇଚ୍ଛା=ଇଚ୍ଛା; ଦ୍ୱେଷଃ=ଘୃଣା; ସୁଖମ୍=ସୁଖ; ଦୁଃଖମ୍=ଦୁଃଖ; ସଂଘାତଃ=ସମୂହ; ଚେତନା=ଚୈତନ୍ୟ; ଧୃତିଃ=ଧୈର୍ଯ୍ୟ; ଏତତ୍=ଏସବୁ; କ୍ଷେତ୍ରମ୍=କ୍ଷେତ୍ର; ସମାସେନ=ସଂକ୍ଷେପରେ; ସବିକାରମ୍=ବିକାରଶୀଳ (ପରସ୍ପର ସମ୍ବନ୍ଧିତ କାର୍ଯ୍ୟ); ଉଦାହୃତମ୍=ଉଦାହୃତ (ଉଦାହରଣ ଦିଆଯାଇଅଛି) ।

## ଅନୁବାଦ

**ପଞ୍ଚ ମହାଭୂତ, ଅହଂକାର, ବୁଦ୍ଧି, ଅବ୍ୟକ୍ତ, ଦଶ ଇନ୍ଦ୍ରିୟ, ମନ, ପଞ୍ଚ ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ, ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ, ସମୂହ, ଚେତନା ଏବଂ ଧୃତି ସଂକ୍ଷେପରେ ଏ ସବୁକୁ କ୍ଷେତ୍ର ଓ ତା'ର ବିକାର ବୋଲି ବିବେଚନା କରାଯାଏ ।**

## ଭାବାର୍ଥ

ବିଶିଷ୍ଟ ମୁନି-ଋଷିମାନଙ୍କର ମତ, ବେଦମନ୍ତ୍ର ଏବଂ ବେଦାନ୍ତ ସୂତ୍ରର ବର୍ଣ୍ଣନାରୁ ଜଣାଯାଏ ଯେ ଏ ପୃଥିବୀ, କ୍ଷିତ୍, ଅପ୍, ତେଜ, ମରୁତ ଓ ବ୍ୟୋମ - ଏ ପଞ୍ଚ ମହାଭୂତରେ ଗଠିତ । ଏଗୁଡ଼ିକ ହେଉଛନ୍ତି ପଞ୍ଚ ମହାଭୂତ । ତପରେ ଅହଂକାର, ବୁଦ୍ଧି ଏବଂ ତ୍ରିଗୁଣମୟୀ ଭୂତପ୍ରକୃତିର ଅବ୍ୟକ୍ତ ସ୍ତର ଅଛି । ତପରେ ଜ୍ଞାନଲାଭ ନିମିତ୍ତ ପାଞ୍ଚୋଟି ଜ୍ଞାନେନ୍ଦ୍ରିୟ ଯଥା- ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱକ୍ ଅଛି । ତପରେ ପାଞ୍ଚୋଟି କର୍ମେନ୍ଦ୍ରିୟ, ଯଥା — ହସ୍ତ, ପାଦ, ବାକ୍, ଉପସ୍ଥ ଓ ପାୟୁ ଅଛି । ତପରେ ଇନ୍ଦ୍ରିୟମାନଙ୍କ ଉପରେ ମନ ଅଛି । ତାହା ଅନ୍ତର୍ଦ୍ଦେଶରେ ଅଛି ଏବଂ ତାହାକୁ ଅନ୍ତର୍ଦ୍ଦେଶୀୟ ଇନ୍ଦ୍ରିୟ ବୋଲି କୁହାଯାଏ । ତେଣୁ ମନ ସମେତ ମୋଟ ଏଗାରଟି ଇନ୍ଦ୍ରିୟ ଅଛି । ତପରେ ପଞ୍ଚେନ୍ଦ୍ରିୟ ଭୋଗ୍ୟ ବିଷୟବସ୍ତୁ ଅଛି, ଯଥା -ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ । ବର୍ତ୍ତମାନ ଏ ଚବିଶିଟି (ତତ୍ତ୍ୱ)କୁ ସମଗ୍ରଭାବରେ କ୍ଷେତ୍ର କୁହାଯାଏ । ଯଦି କେହି ଏ ଚବିଶିଟିକୁ ବିଶ୍ଳେଷଣାତ୍ମକ ଭାବରେ ଗବେଷଣା କରେ, ତାହାହେଲେ ସେ କ୍ଷେତ୍ରକଥା ଭଲଭାବରେ ବୁଝି ପାରିବ । ତପରେ ଇଚ୍ଛା, ଦ୍ୱେଷ, ସୁଖ ଏବଂ ଦୁଃଖ ଅଛି । ଏଗୁଡ଼ିକ ସ୍ଥୂଳଶରୀରରେ ପଞ୍ଚମହାଭୂତମାନଙ୍କର ପ୍ରତିନିଧି ଏବଂ ସେମାନଙ୍କର ବିକାର ଅଟନ୍ତି । ଚେତନା ଓ ଧୃତି ଜରିଆରେ ଜୀବନୀଶକ୍ତି ପ୍ରକାଶିତ ହେଉଛି । ଏହା ସୂକ୍ଷ୍ମ ଶରୀର - ମନ, ବୁଦ୍ଧି ଓ ଅହଂକାରର ପ୍ରକାଶ । ଏ ସୁକ୍ଷ୍ମ ଭୂତଗୁଡ଼ିକ ମଧ୍ୟ କ୍ଷେତ୍ର ମଧ୍ୟରେ ଅନ୍ତର୍ଗତ ।

ପଞ୍ଚ ମହାଭୂତ ସୂକ୍ଷ୍ମ ଅହଙ୍କାରର ସ୍ଥୂଳ ପ୍ରକାଶ ଅଟେ । ସେଗୁଡ଼ିକ ଭୌତିକ ଧାରଣାରେ ପ୍ରକାଶମାନ ଅଟନ୍ତି । ଚେତନା ବୁଦ୍ଧି ସାହାଯ୍ୟରେ ପ୍ରକାଶିତ ହୁଏ, ଏହା ମଧ୍ୟରେ ଅବ୍ୟକ୍ତ ସ୍ତର ହେଉଛି ତ୍ରିଗୁଣମୟୀ ଭୂତପ୍ରକୃତି । ତ୍ରିଗୁଣମୟୀ ଅବ୍ୟକ୍ତ ଭୂତପ୍ରକୃତିକୁ 'ପ୍ରଧାନ' କୁହାଯାଏ ।

ଯେ ସବିସ୍ତୃତଭାବରେ ଚବିଶିତତ୍ତ୍ୱ ଏବଂ ତା'ର ବିକାରମାନଙ୍କ ସମ୍ବନ୍ଧରେ ଜାଣିବାକୁ ଚାହିଁବ, ସେ ବିଶଦଭାବରେ ଏ ଦର୍ଶନକୁ ଅଧ୍ୟୟନ କରିବା ଉଚିତ୍ । ଭଗବଦ୍ ଗୀତାରେ କେବଳ ଏକ ସଂକ୍ଷିପ୍ତ ବର୍ଣ୍ଣନାମାତ୍ର ଦିଆଯାଇଅଛି ।

ଶରୀରଟି ଏ ସବୁର ପ୍ରତିନିଧି ସୂଚକ ପ୍ରକାଶ ଅଟେ ଏବଂ ଏତଦ୍ ବ୍ୟତୀତ ଶରୀରର ପରିବର୍ତ୍ତନମାନ ଅଛି । ତା'ର ସଂଖ୍ୟା ହେଉଛି ଛ' ଯଥା — ଶରୀର ଜନ୍ମ ହୋଇଛି, ସେ ବୃଦ୍ଧି ପାଉଛି, ସେ କିଛିକାଳ ରହୁଛି, ସେ ବଂଶବୃଦ୍ଧି କରୁଛି, ତପରେ କ୍ଷୟ ହେବାକୁ ଆରମ୍ଭ କରୁଛି ଏବଂ ଶେଷ ସ୍ତରରେ ଅଦୃଶ୍ୟ ହୋଇ ଯାଉଛି । ତେଣୁ କ୍ଷେତ୍ରଟି ଏକ ଅସ୍ଥାୟୀ ଭୌତିକ ପଦାର୍ଥ ଅଟେ । ସେ ଯାହାହେଉ, କ୍ଷେତ୍ରର ମାଲିକ କ୍ଷେତ୍ରଜ୍ଞ ଅର୍ଥାତ୍ ଯେ'କି କ୍ଷେତ୍ରକୁ ଜାଣେ ସେ ଅଲଗା ଅଟନ୍ତି ।

## ଶ୍ଲୋକ - ୮-୧୨

**ଅମାନିତ୍ୱମଦମ୍ଭିତ୍ୱମହିଂସା କ୍ଷାନ୍ତିରାର୍ଜବମ୍ ।**
**ଆଚାର୍ଯ୍ୟୋପାସନଂ ଶୌଚଂ ସ୍ଥୈର୍ଯ୍ୟମାତ୍ମବିନିଗ୍ରହଃ ।।୮।।**
**ଇନ୍ଦ୍ରିୟାର୍ଥେଷୁ ବୈରାଗ୍ୟମନହଙ୍କାର ଏବ ଚ ।**
**ଜନ୍ମମୃତ୍ୟୁଜରାବ୍ୟାଧିଦୁଃଖଦୋଷାନୁଦର୍ଶନମ୍ ।।୯।।**

**ଅସକ୍ତିରନଭିଷ୍ୱଙ୍ଗଃ ପୁତ୍ରଦାରଗୃହାଦିଷୁ ।**
**ନିତ୍ୟଂ ଚ ସମଚିତ୍ତତ୍ୱମିଷ୍ଟାନିଷ୍ଟୋପପତ୍ତିଷୁ ।।୧୦।।**
**ମୟି ଚାନନ୍ୟଯୋଗେନ ଭକ୍ତିରବ୍ୟଭିଚାରିଣୀ ।**
**ବିବିକ୍ତଦେଶସେବିତ୍ୱମରତିର୍ଜନସଂସଦି ।।୧୧।।**
**ଅଧ୍ୟାତ୍ମଜ୍ଞାନନିତ୍ୟତ୍ୱଂ ତତ୍ତ୍ୱଜ୍ଞାନାର୍ଥଦର୍ଶନମ୍ ।**
**ଏତଜ୍‌ଜ୍ଞାନମିତି ପ୍ରୋକ୍ତମଜ୍ଞାନଂ ଯଦତୋଽନ୍ୟଥା ।।୧୨।।**

## ଶବ୍ଦାନୁବାଦ

ଅମାନିତ୍ୱମ୍=ବିନୟ; ଅଦମ୍ଭିତ୍ୱମ୍=ଗର୍ବହୀନତା; ଅହିଂସା=ଅହିଂସା; କ୍ଷାନ୍ତିଃ=ସହନଶୀଳତା; ଆର୍ଜବମ୍=ସରଳତା; ଆଚାର୍ଯ୍ୟ-ଉପାସନମ୍=ଏକ ଉପଯୁକ୍ତ ଗୁରୁଙ୍କର ଶରଣାଗତ ହେବା; ଶୌଚମ୍=ପରିଷ୍କାର ପରିଚ୍ଛନ୍ନତା (ଶୌଚ); ସ୍ଥୈର୍ଯ୍ୟମ୍=ସ୍ଥିରତା; ଆତ୍ମ-ବିନିଗ୍ରହଃ=ସଂଯମ; ଇନ୍ଦ୍ରିୟ ଅର୍ଥେଷୁ=ଇନ୍ଦ୍ରିୟମାନଙ୍କ ବିଷୟରେ; ବୈରାଗ୍ୟମ୍=ସଂସାର ପ୍ରତି ଅନାସକ୍ତ, ଅନହଙ୍କାରଃ=ଅହଙ୍କାର ଶୂନ୍ୟହୋଇ; ଏବ=ନିଶ୍ଚିତଭାବେ; ଚ=ମଧ୍ୟ; ଜନ୍ମ=ଜନ୍ମ; ମୃତ୍ୟୁ=ମୃତ୍ୟୁ; ଜରା=ବୃଦ୍ଧାବସ୍ଥା; ବ୍ୟାଧି=ରୋଗ; ଦୁଃଖ=ଦୁଃଖ; ଦୋଷ=ଦୋଷ; ଅନୁଦର୍ଶନମ୍=ଦେଖି; ଅସକ୍ତିଃ=ଆସକ୍ତି ଶୂନ୍ୟତା; ଅନଭିଷ୍ୱଙ୍ଗଃ=ସଙ୍ଗରହିତ; ପୁତ୍ର=ପୁତ୍ର; ଦାର=ସ୍ତ୍ରୀ; ଗୃହ-ଆଦିଷୁ=ଗୃହ ଆଦିରେ; ନିତ୍ୟମ୍=ନିତ୍ୟ; ଚ=ମଧ୍ୟ; ସମ-ଚିତ୍ତତ୍ୱମ୍=ସମଚିତ୍ତତା; ଇଷ୍ଟ=ଇଷ୍ଟ; ଅନିଷ୍ଟ=ଅନିଷ୍ଟ; ଉପପତ୍ତିଷୁ=ପ୍ରାପ୍ତହୋଇ; ମୟି=ମୋ'ଠାରେ; ଚ=ମଧ୍ୟ; ଅନନ୍ୟ-ଯୋଗେନ=ଭକ୍ତିଯୋଗରେ; ଭକ୍ତିଃ=ଭକ୍ତି; ଅବ୍ୟଭିଚାରିଣୀ=ଅନନ୍ୟ, ବିଶୁଦ୍ଧ; ବିବିକ୍ତ=ଜନଶୂନ୍ୟ, ଏକାନ୍ତ; ଦେଶ=ସ୍ଥାନ; ସେବିତ୍ୱମ୍=କାମନା କରି; ଅରତିଃ=ଆସକ୍ତିହୀନତା; ଜନ=ଜନ (ଲୋକ) ସାଧାରଣ; ସଂସଦି=ସମୂହ; ଅଧ୍ୟାତ୍ମ=ଆତ୍ମା ସମ୍ବନ୍ଧୀୟ; ଜ୍ଞାନ=ଜ୍ଞାନ; ନିତ୍ୟତ୍ୱମ୍=ନିତ୍ୟଭାବ; ତତ୍ତ୍ୱ-ଜ୍ଞାନ=ତତ୍ତ୍ୱଜ୍ଞାନ; ଅର୍ଥ=ବିଷୟବସ୍ତୁ; ଦର୍ଶନମ୍=ଦର୍ଶନ; ଏତତ୍=ଏ ସବୁ; ଜ୍ଞାନମ୍=ଜ୍ଞାନ; ଇତି=ଏହିପରି; ପ୍ରୋକ୍ତମ୍=କୁହାଯାଇଛି; ଅଜ୍ଞାନମ୍=ଅଜ୍ଞାନ; ଯତ୍=ଯାହା; ଅତଃ=ଏହାଠାରୁ; ଅନ୍ୟଥା=ଅଲଗା ।

## ଅନୁବାଦ

**ବିନୟଭାବ, ଗର୍ବହୀନତା, ଅହିଂସା, ସହନଶୀଳତା, ଏକ ଉପଯୁକ୍ତ ଗୁରୁଙ୍କୁ ଆଶ୍ରୟ କରିବା, ପରିଷ୍କାର ପରିଚ୍ଛନ୍ନତା, ସ୍ଥିରତା ଏବଂ ଆତ୍ମସଂଯମ, ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ ତ୍ୟାଗ, ଅହଙ୍କାରଶୂନ୍ୟତା, ଜନ୍ମ-ମୃତ୍ୟୁ ଜରା-ବ୍ୟାଧିରେ ଦୁଃଖ-ଦର୍ଶନ, ସ୍ତ୍ରୀ-ପୁତ୍ର ଗୃହ ଆଦିରେ ଅନାସକ୍ତ ଭାବ, ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ସମଚିତ୍ତତ୍ୱ, ମୋ' ପ୍ରତି ଅନନ୍ୟ ଭକ୍ତି, ନିର୍ଜନ ସ୍ଥାନରେ ବାସ, ଲୋକସମୂହଠାରୁ ଦୂରରେ ବାସ, ଆତ୍ମ-ଜ୍ଞାନ ଉପରେ ଗୁରୁତ୍ୱ ଆରୋପ ଏବଂ ତତ୍ତ୍ୱଜ୍ଞାନ ଲାଭ କରିବା ନିମିତ୍ତ ଜିଜ୍ଞାସୁ ହେବା- ମୁଁ ଘୋଷଣା କରୁଛି ଯେ ଏ ସବୁ ଜ୍ଞାନ ଅଟେ ଏବଂ ଏଗୁଡ଼ିକଠାରୁ ଅଲଗା ଅନ୍ୟସବୁ ଅଜ୍ଞାନ ଅଟେ ।**

## ଭାବାର୍ଥ

ଅଳ୍ପବୁଦ୍ଧିସଂପନ୍ନ ବ୍ୟକ୍ତିଗଣ ବେଳେବେଳେ ଏ ଜ୍ଞାନ ବିଧିକୁ କ୍ଷେତ୍ରର କ୍ରିୟାପ୍ରତିକ୍ରିୟା ବୋଲି ଭୁଲ ବୁଝନ୍ତି । କିନ୍ତୁ ବାସ୍ତବରେ ଏହାହିଁ ଜ୍ଞାନର ପ୍ରକୃତ ମାର୍ଗ । ଯଦି ବ୍ୟକ୍ତି ଏଇ ମାର୍ଗକୁ ଗ୍ରହଣ କରେ, ତେବେ ଭଗବାନଙ୍କ ନିକଟରେ ପହଞ୍ଚିବା ସମ୍ଭବପର ହୁଏ । ପୂର୍ବବର୍ଣ୍ଣିତ ଦଶ ପଦାର୍ଥର ଏହା କ୍ରିୟା-ପ୍ରତିକ୍ରିୟା ନୁହେଁ । ଏହା ହେଉଛି ଏଥିରୁ ଉଦ୍ଧାର ପାଇବାର ପ୍ରକୃତ ଉପାୟ । ଏ ଜ୍ଞାନ-ପ୍ରାପ୍ତିର ସମସ୍ତ ବର୍ଣ୍ଣନା ମଧ୍ୟରେ ସବୁଠାରୁ ବିଶିଷ୍ଟ ମାର୍ଗ କଥାଟି ଦଶମ ଶ୍ଲୋକରେ ପ୍ରଥମ ଧାଡ଼ିରେ କୁହାଯାଇଛି । ତାହା ହେଉଛି ଜ୍ଞାନର ଅନ୍ତିମ ସ୍ତର - ଭଗବାନଙ୍କ ପ୍ରତି ଅନନ୍ୟ ଭକ୍ତି ।

ତେଣୁ ଯଦି ବ୍ୟକ୍ତି ଭକ୍ତିଯୋଗରେ ଭଗବାନଙ୍କର ଦିବ୍ୟ ସେବାରେ ରତ ନ ହୋଇପାରେ, ତାହାହେଲେ ବାକି ଉଣାଇଶଟି କଥାର କୌଣସି ମୂଲ୍ୟ ରହିବ ନାହିଁ । କିନ୍ତୁ ଯଦି ବ୍ୟକ୍ତି ପୂର୍ଣ୍ଣ କୃଷ୍ଣଚେତନାରେ ଭକ୍ତିଯୋଗ ମାର୍ଗକୁ ଗ୍ରହଣ କରିନିଏ, ତାହା ହେଲେ ଅନ୍ୟ ଉଣାଇଶଟି କଥା ଆପେ ଆପେ ତା' ମଧ୍ୟରେ ବୃଦ୍ଧିଲାଭ କରେ । ସପ୍ତମ ଶ୍ଲୋକରେ ବର୍ଣ୍ଣିତ ଏକ ଗୁରୁ ବା ଆଚାର୍ଯ୍ୟ ଗ୍ରହଣ ଏକାନ୍ତ ଆବଶ୍ୟକ । ଏପରିକି ଯେ ଭକ୍ତିଯୋଗକୁ ଗ୍ରହଣ କରେ, ତା' ପକ୍ଷରେ ମଧ୍ୟ ଏହା ଅତ୍ୟନ୍ତ ଦରକାରୀ । ବ୍ୟକ୍ତି ଏକ ଉପଯୁକ୍ତ ଗୁରୁ ବା ଆଚାର୍ଯ୍ୟଙ୍କୁ ଗ୍ରହଣ କଲାପରେ ତା'ର ଦିବ୍ୟ ଜୀବନ ଆରମ୍ଭ ହୁଏ । ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ଏଠାରେ ପରିଷ୍କାର ଭାବରେ କହିଛନ୍ତି ଯେ ଏହି ଜ୍ଞାନ-ମାର୍ଗ ପ୍ରକୃତ ମାର୍ଗ ଅଟେ । ଏତଦ୍ ବ୍ୟତୀତ ଆଉ ଯାହା କିଛି ତୁମେ କଳ୍ପନା କରିବ, ତାହା ସବୁ ଅଯଥା ଅଟେ ।

ଯେଉଁ ଜ୍ଞାନ କଥା ଏଠାରେ କୁହାଯାଇଛି ସେ ସଂପର୍କରେ ବିଷୟଗୁଡ଼ିକୁ ନିମ୍ନମତେ ବିଶ୍ଳେଷଣ କରାଯାଇପାରେ । 'ବିନୟ' ଶବ୍ଦର ତାତ୍ପର୍ଯ୍ୟ ହେଲା ଯେ ବ୍ୟକ୍ତି ଅନ୍ୟଦ୍ୱାରା ସମ୍ମାନିତ ହେବାକୁ ବିଶେଷ ଆଗ୍ରହୀ ହେବା ଉଚିତ୍ ନୁହେଁ । ସଂସାର କ୍ଷେତ୍ରରେ ବ୍ୟକ୍ତି ଅନ୍ୟଠାରୁ ସମ୍ମାନ ପାଇବାକୁ ଅତିବ୍ୟଗ୍ର; କିନ୍ତୁ ଯେଉଁ ବ୍ୟକ୍ତି ପୂର୍ଣ୍ଣଜ୍ଞାନ ଲାଭ କରିଛି-ଯେ ସେ ଏ ଶରୀର ନୁହେଁ-ତେଣୁ ଏ ଶରୀର ପ୍ରତି ଉଦ୍ଦିଷ୍ଟ ମାନ ସମ୍ମାନ ବା ଅପମାନ ସବୁ ଅଯଥା ଅଟେ । ବ୍ୟକ୍ତି ଏ ଭୌତିକ ମାନ-ସମ୍ମାନ, ଯାହା ତାକୁ ଧୋକା ଦିଏ ତା' ପଛରେ ଗୋଡ଼ାଇବା ଉଚିତ୍ ନୁହେଁ । ଲୋକମାନେ ସେମାନଙ୍କର ଧର୍ମ ପାଇଁ ଖୁବ୍ ଖ୍ୟାତି ଲାଭ କରିବାକୁ ଇଚ୍ଛା କରନ୍ତି ଏବଂ ଫଳସ୍ୱରୂପ ଏହା ବେଳେବେଳେ ଦେଖାଯାଏ ଯେ ବ୍ୟକ୍ତି ଧର୍ମନୀତି ସମ୍ବନ୍ଧରେ କିଛି ଭଲରକମ ନ ଜାଣି କୌଣସି ଏକ ଗୋଷ୍ଠୀର ଅନ୍ତର୍ଗତ ହୋଇଯାଏ; ଯେଉଁ ଗୋଷ୍ଠୀକି ବାସ୍ତବରେ ଧର୍ମନୀତି ଅନୁସରଣ କରୁ ନଥାଏ । ବ୍ୟକ୍ତି ସେ ପ୍ରକାର ଗୋଷ୍ଠୀରେ ମିଶି ନିଜକୁ ଏକ ଧର୍ମଜ୍ଞ ଗୁରୁ ବୋଲି ଘୋଷଣା କରେ । ବ୍ୟକ୍ତି ଆଧ୍ୟାତ୍ମିକ ବିଜ୍ଞାନରେ ପ୍ରକୃତରେ କେତେଦୂର ଉନ୍ନତି କରିଛି, ତାହା ପରୀକ୍ଷା କରି ଦେଖିନେବା ଉଚିତ୍ । ଏହି ସବୁ ବିଷୟ ସାହାଯ୍ୟରେ ସେ ନିଜକୁ ପରୀକ୍ଷା କରିନେବା ଉଚିତ୍ ।

'ଅହିଂସା'ର ସାଧାରଣ ଅର୍ଥ ହେଲା ଶରୀରଟିକୁ ନ ମାରିବା ବା ଧ୍ୱଂସ ନ କରିବା; କିନ୍ତୁ ଅହିଂସାର ପ୍ରକୃତ ଅର୍ଥ ହେଲା ଅନ୍ୟକୁ ଅସୁବିଧାରେ ନ ପକାଇବା । ସାଧାରଣ ଲୋକେ ଭୌତିକ ଜୀବନରେ ଅଜ୍ଞାନତାର ବଶବର୍ତ୍ତୀ ଏବଂ ସେମାନେ ବରାବର ଭୌତିକ ଦୁଃଖ

ଭୋଗ କରୁଛନ୍ତି । ତେଣୁ ବ୍ୟକ୍ତି ଅଜ୍ଞ ଲୋକମାନଙ୍କୁ ଆତ୍ମବିଜ୍ଞାନ ସ୍ତରକୁ ନ ନେଲେ, ବୁଝିବାକୁ ହେବ ଯେ ସେ ହିଂସା ଆଚରଣ କରୁଛି । ଅଜ୍ଞଲୋକମାନଙ୍କୁ ପ୍ରକୃତ ଜ୍ଞାନ ଦେବା ନିମିତ୍ତ ବ୍ୟକ୍ତି ତା'ର ଯଥାସାଧ୍ୟ ଚେଷ୍ଟା କରିବା ଉଚିତ୍; ଫଳରେ ଲୋକମାନେ ଜ୍ଞାନାଲୋକ ପ୍ରାପ୍ତ ହେବେ ଏବଂ ଏ ଭୌତିକ ବନ୍ଧନରୁ ମୁକ୍ତ ହେବେ । ଏହା ହେଉଛି ଅହିଂସା ।

ସହନଶୀଳତା କହିଲେ କ'ଣ ବୁଝାଯାଏ ? ସହନଶୀଳତାର ଅର୍ଥ ହେଲା ବ୍ୟକ୍ତି ଅନ୍ୟଠାରୁ ଅପମାନ କିମ୍ବା ଅସମ୍ମାନ ପାଇଲେ ସେଥିରେ ବ୍ୟତିବ୍ୟସ୍ତ ନହୋଇ ତା'କୁ ଆନନ୍ଦରେ ସହିପାରିବ; ଏହାକୁ ଅଭ୍ୟାସ କରିବାର ଅର୍ଥ ସହନଶୀଳତା । ଯଦି କୌଣସି ବ୍ୟକ୍ତି ଏ ଦିବ୍ୟଜ୍ଞାନ ପ୍ରଚାର କାର୍ଯ୍ୟରେ ନିଯୁକ୍ତ ହୁଏ, ତାହାହେଲେ ତା'କୁ ଅନ୍ୟମାନଙ୍କଠାରୁ ନାନା ଅପମାନ ଓ ଅସମ୍ମାନ ଲାଭ କରିବାକୁ ପଡ଼ିବ । ଏହା ଅସ୍ୱାଭାବିକ ନୁହେଁ, କାରଣ ଏ ଭୌତିକ ପ୍ରକୃତି ଏଇ ପ୍ରକାରେ ଗଠିତ । ଏପରିକି ପାଞ୍ଚବର୍ଷ ବୟସ୍କ ବାଳକ ପ୍ରହ୍ଲାଦ ଯେତେବେଳେ ଏ ଦିବ୍ୟଜ୍ଞାନ ସାଧନାରେ ବ୍ରତୀ ହୋଇଗଲା; ସେତେବେଳେ ତା'ର ବାପା ତା'ର ଶତ୍ରୁ ହୋଇ ଉଠିଲା । ତା'ର ବାପା ତାକୁ ମାରି ଦେବାପାଇଁ ଅନେକପ୍ରକାର ଚେଷ୍ଟା କଲା; କିନ୍ତୁ ପ୍ରହ୍ଲାଦ ସବୁ ସହିଲା । ତେଣୁ ଏ ଦିବ୍ୟଜ୍ଞାନ ସାଧନ ଦିଗରେ ଉନ୍ନତି କରିବାକୁ ହେଲେ, ଅନେକ ବାଧାବିଘ୍ନ ବା ପ୍ରତିବନ୍ଧକ ଆସିପାରେ; କିନ୍ତୁ ଆମ୍ଭମାନଙ୍କୁ ସେ ସବୁ ସହିବାକୁ ପଡ଼ିବ ଏବଂ ସ୍ଥିରଭାବରେ ଦୃଢ଼ତା ସହିତ ଆମର ଲକ୍ଷ୍ୟ ପଥରେ ଆଗେଇ ଯିବାକୁ ପଡ଼ିବ ।

ସରଳତାର ଅର୍ଥ ହେଲା ବ୍ୟକ୍ତି ଏକ ଶିଶୁପରି ସରଳ ହେବ; କୌଣସି ପ୍ରକାର କୂଟନୀତି ବା ପେଞ୍ଚପାଞ୍ଚ ନୀତି ତା' ମଧ୍ୟରେ ନଥିବ । ସେ ବଡ଼ ସ୍ପଷ୍ଟବାଦୀ ହୋଇ ତା'ର ଶତ୍ରୁ ସମକ୍ଷରେ ମଧ୍ୟ ଗୁପ୍ତ ରହସ୍ୟକୁ ଖୋଲିଦେଇ କହିପାରିବ । ଆଚାର୍ଯ୍ୟ ବା ଗୁରୁ ଗ୍ରହଣରେ ଏହା ଆବଶ୍ୟକ; କାରଣ ଏକ ଉପଯୁକ୍ତ ଗୁରୁଙ୍କ ବିନା ବ୍ୟକ୍ତି କଦାପି ଆତ୍ମବିଜ୍ଞାନରେ ଉନ୍ନତି କରିପାରିବ ନାହିଁ । ବ୍ୟକ୍ତି ବିନୟ ସହକାରେ ଗୁରୁଙ୍କର ଶରଣାପନ୍ନ ହୋଇ ତାଙ୍କର ସମସ୍ତ ପ୍ରକାର ସେବାକରିବ; ତାହାହେଲେ ଗୁରୁ ଖୁସିହୋଇ ଶିଷ୍ୟ ଉପରେ ଆଶୀର୍ବାଦ ବର୍ଷଣ କରିବେ । କାରଣ ଏକ ଉପଯୁକ୍ତ ଗୁରୁ ହିଁ କୃଷ୍ଣଙ୍କର ପ୍ରତିନିଧି ଅଟନ୍ତି; ଯଦି ସେ ତାଙ୍କ ଶିଷ୍ୟ ଉପରେ ଆଶୀର୍ବାଦ ବର୍ଷଣ କରନ୍ତି, ତାହେଲେ ଶିଷ୍ୟ ସାଙ୍ଗେ ସାଙ୍ଗେ ଉନ୍ନତି କରେ । ଶିଷ୍ୟ ସାଧନବିଧି ଅନୁସରଣ ନକଲେ ସୁଦ୍ଧା ଗୁରୁ କୃପା ଲାଭ କଲେ ଉନ୍ନତି କରି ପାରେ; କିମ୍ବା ଯେ, ଅନନ୍ୟଭାବରେ ଗୁରୁ-ସେବା କରୁଥାଏ; ତା'ପକ୍ଷରେ ସାଧନବିଧି ପାଳନ କରିବା ଖୁବ୍ ସହଜ ହୋଇଯାଏ ।

ଦିବ୍ୟ ଜୀବନ-ମାର୍ଗରେ ଉନ୍ନତି ଲାଭ ନିମିତ୍ତ ପରିଷ୍କାର ପରିଚ୍ଛନ୍ନତା ଆବଶ୍ୟକ । ଦୁଇପ୍ରକାର ପରିଷ୍କାର ପରିଚ୍ଛନ୍ନତା ଅଛି-ବାହ୍ୟ ଶୁଚି ଓ ଅନ୍ତର ଶୁଚି । ବାହ୍ୟ ଶୁଚିର ଅର୍ଥ ସ୍ନାନ କରିବା, କିନ୍ତୁ ଅନ୍ତର ଶୁଚି ନିମିତ୍ତ ବ୍ୟକ୍ତିକୁ ବରାବର କୃଷ୍ଣଚିନ୍ତା କରିବାକୁ ପଡ଼ିବ ଏବଂ ବରାବର- ''*ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ । ହରେରାମ ହରେରାମ ରାମ ରାମ ହରେ ହରେ*''- କୀର୍ତ୍ତନ କରିବାକୁ ପଡ଼ିବ । ଏହାଦ୍ୱାରା ଗତକର୍ମର ମଇଳା ମନରୁ ସଫା ହୋଇଯାଏ ।

ସ୍ଥିରତା ବା ଦୃଢ଼ତାର ଅର୍ଥ ହେଲା ଦିବ୍ୟଜୀବନ ମାର୍ଗରେ ବ୍ୟକ୍ତି ଅଗ୍ରଗତି କରିବା ନିମିତ୍ତ ସ୍ଥିର ନିଶ୍ଚିତ ହେବ । ଦୃଢ଼ବ୍ରତ ଅବଲମ୍ବନ କରିବ । ଏପ୍ରକାର ଦୃଢ଼ତା ବିନା ଅଗ୍ରଗତି

ହୋଇପାରିବ ନାହିଁ । ଆତ୍ମସଂଯମର ଅର୍ଥ ହେଲା ଆଧ୍ୟାତ୍ମିକ ଉନ୍ନତି ପଥରେ ଥିବା ପ୍ରତିବନ୍ଧକମୂଳକ ସମସ୍ତ ପଦାର୍ଥକୁ ତ୍ୟାଗ କରିବା ଉଚିତ୍ । ବ୍ୟକ୍ତି ଭକ୍ତିଯୋଗ ମାର୍ଗ ପ୍ରତି ଆସକ୍ତ ହେବ ଏବଂ ଯାହା ଭକ୍ତିଯୋଗର ବିରୋଧାତ୍ମକ ତାହାକୁ ତ୍ୟାଗକରିବ । ଏହାହିଁ ପ୍ରକୃତ ତ୍ୟାଗ । ଇନ୍ଦ୍ରିୟଗୁଡ଼ିକ ଏଡ଼େ ବଳବାନ୍ ଯେ ସେମାନେ ସର୍ବଦା ସୁଖ ପାଇବାକୁ ବ୍ୟଗ୍ର । ବ୍ୟକ୍ତି ଇନ୍ଦ୍ରିୟମାନଙ୍କୁ ସୁଖଦେବା ବା ଇନ୍ଦ୍ରିୟମାନଙ୍କ ଦାବୀକୁ ଗ୍ରହଣ କରିନେବା ଉଚିତ୍ ନୁହେଁ । ଏହା ଦରକାର ନୁହେଁ, ଦିବ୍ୟ ଜୀବନ ମାର୍ଗରେ ଅଗ୍ରଗତି କରିବା ନିମିତ୍ତ ଏ ଶରୀରକୁ କାର୍ଯ୍ୟକ୍ଷମ ରଖିବା ପାଇଁ ଯେତିକି ଦରକାର ଖୁବ୍ କମ୍‌ରେ ସେତିକି ପରିମାଣରେ ଇନ୍ଦ୍ରିୟମାନଙ୍କର ଦାବୀକୁ ପୂରଣ କରିବା ଉଚିତ୍ । ଏକ ବିଶିଷ୍ଟ ଇନ୍ଦ୍ରିୟ ହେଲା ଜିହ୍ୱା ଏବଂ ତାକୁ ସଂଯତ କରିବା ବଡ଼ କଠିନ । ଯଦି ବ୍ୟକ୍ତି ଜିହ୍ୱାକୁ ସଂଯତ କରି ପାରିଲା, ତାହାହେଲେ ସେ ଅନ୍ୟ ଇନ୍ଦ୍ରିୟମାନଙ୍କୁ ସଂଯତ କରିପାରିବ । ଜିହ୍ୱାର କାର୍ଯ୍ୟ ହେଲା ସ୍ୱାଦ ଗ୍ରହଣ କରିବା ଏବଂ ଶବ୍ଦ କରିବା । ତେଣୁ ଜିହ୍ୱାକୁ ସର୍ବଦା କୃଷ୍ଣପ୍ରସାଦ ଆସ୍ୱାଦନ କରିବାକୁ ଦିଅ ଏବଂ ହରେକୃଷ୍ଣ କୀର୍ତ୍ତନ କରିବାରେ ନିଯୁକ୍ତ କରାଅ । ଚକ୍ଷୁକୁ ଅତିସୁନ୍ଦର କୃଷ୍ଣରୂପ ବା ଶ୍ରୀବିଗ୍ରହ ଦର୍ଶନ ବ୍ୟତୀତ ଅନ୍ୟକିଛି ଦର୍ଶନ କରିବାକୁ ଦିଅନାହିଁ । ଏତଦ୍ଦ୍ୱାରା ତୁମେ ଚକ୍ଷୁକୁ ସଂଯତ କରିପାରିବ । ଠିକ୍ ସେହିପରି କର୍ଣ୍ଣରେ କୃଷ୍ଣକଥା ଶୁଣ ଏବଂ ନାସିକା ସାହାଯ୍ୟରେ କୃଷ୍ଣଙ୍କୁ ଅର୍ପିତ ପୁଷ୍ପର ସୁଗନ୍ଧ ଗ୍ରହଣ କର । ଏହା ହେଉଛି ଭକ୍ତିଯୋଗ ବିଧି ଏବଂ ଏଠାରେ ଏହାହିଁ ପରିଷ୍କାରଭାବରେ ବୁଝାଯାଉଛି ଯେ ଭଗବଦ୍ ଗୀତା କେବଳ ଭକ୍ତିଯୋଗ ବିଜ୍ଞାନ ପ୍ରଚ୍ର କରୁଛି । ଭକ୍ତିଯୋଗ ହେଉଛି ଏକମାତ୍ର ଯୋଗମାର୍ଗ ଓ ଲକ୍ଷ୍ୟ । ଅଳ୍ପବୁଦ୍ଧିସଂପନ୍ନ ଗୀତାର ଭାଷ୍ୟକାରମାନେ ପାଠକର ମନକୁ ଅନ୍ୟ ବିଷୟ ପ୍ରତି ନେଇଯିବାକୁ ଚେଷ୍ଟା କରନ୍ତି; କିନ୍ତୁ ଭଗବଦ୍ ଗୀତାରେ ଭକ୍ତିଯୋଗ ବିଜ୍ଞାନ ବ୍ୟତୀତ ଅନ୍ୟକଥା କିଛି ନାହିଁ ।

ମିଥ୍ୟା 'ଅହଂକାର'ର ଅର୍ଥ ହେଲା ଏ ଶରୀରକୁ ସର୍ବସ୍ୱ (ଆତ୍ମା) ବୋଲି ଜ୍ଞାନ କରିବା । ଯେତେବେଳେ ବ୍ୟକ୍ତି ଏହିକଥା ବୁଝିପାରେ ଯେ ସେ ଏ ଶରୀର ନୁହେଁ, ସେ ହେଉଛି ଚିଦାତ୍ମା, ସେତେବେଳେ ସେ କଥାଟା ଠିକ୍ ବୁଝେ ଏବଂ ତାହାହିଁ ପ୍ରକୃତ 'ଅହଂକାର' । ବୈଦିକ ସାହିତ୍ୟରେ କୁହାଯାଇଛି, *''ଅହଂ ବ୍ରହ୍ମାସ୍ମି''* । ମୁଁ ବ୍ରହ୍ମ । ମୁଁ ଚିଦାତ୍ମା । ଏହି ମୁଁ କାର ଜୀବନ୍ମୁକ୍ତ ସ୍ତରରେ-ଆତ୍ମାନୁଭୂତି ଲାଭ କରିଥିବା ସ୍ତରରେ ମଧ୍ୟ ରହେ । ଏହି 'ମୁଁ କାର' ମଧ୍ୟ ଅହଂକାର; କିନ୍ତୁ ଯେତେବେଳେ 'ମୁଁ କାର' ଏ ମିଥ୍ୟା ଶରୀର ପ୍ରତି ପ୍ରଯୁଜ୍ୟ ହୁଏ, ସେତେବେଳେ ଏହା ମିଥ୍ୟା ଅହଂକାର ଅଟେ । ଯେତେବେଳେ ଏହି ମୁଁ' କାର' ବାସ୍ତବସତ୍ୟ ପ୍ରତି ପ୍ରଯୁଜ୍ୟ ହୁଏ, ସେତେବେଳେ ତାହା ପ୍ରକୃତ ଅହଙ୍କାର ଅଟେ । କେତେକ ଦାର୍ଶନିକ (ଚିନ୍ତାଶୀଳ ବ୍ୟକ୍ତି) କହନ୍ତି ଯେ ଆମ୍ଭେମାନେ ଅହଂକାର ତ୍ୟାଗକରିବା ଉଚିତ୍ । କିନ୍ତୁ ଆମ୍ଭେମାନେ ଅହଂକାରକୁ ତ୍ୟାଗକରି ପାରିବା ନାହିଁ; କାରଣ ଅହଂକାରର ଅର୍ଥ ହେଉଛି ସମୀକରଣ । ଅବଶ୍ୟ ଆମ୍ଭେମାନେ ଅହଂକାରକୁ ଏ ଶରୀରସହ କରାଯାଉଥିବା ମିଥ୍ୟା ସମୀକରଣକୁ ତ୍ୟାଗକରିବା ଉଚିତ୍ । ଅର୍ଥାତ୍ ବ୍ୟକ୍ତି ଏ ଶରୀରକୁ ସର୍ବସ୍ୱ ବା ଆତ୍ମା ବୋଲି ଭାବିବା ଉଚିତ୍ ନୁହେଁ, ଏ ଭାବନାକୁ ତ୍ୟାଗକରିବା ଉଚିତ୍ ।

ଜନ୍ମ, ମୃତ୍ୟୁ ଜରା ଏବଂ ବ୍ୟାଧି - ଏ ଦୁଃଖଗୁଡ଼ିକୁ ବ୍ୟକ୍ତି ବୁଝିବାକୁ ଚେଷ୍ଟା କରିବା ଉଚିତ୍ । ବିଭିନ୍ନ ବୈଦିକ ସାହିତ୍ୟରେ ଜନ୍ମ ସମ୍ବନ୍ଧରେ ବିବରଣ ଅଛି । ଶ୍ରୀମଦ୍ ଭାଗବତମ୍‌ରେ

ଅଜନ୍ମାର ଜଗତ୍, ମାତୃଗର୍ଭରେ ଶିଶୁର ଅବସ୍ଥାନ, ତା'ର ଦୁଃଖଯନ୍ତ୍ରଣା ଆଦିକଥା ପରିଷ୍କାର ଭାବରେ ବର୍ଣ୍ଣନା କରାଯାଇଅଛି । ଏକଥା ଭଲରକମ ବୁଝିରଖିବା ଉଚିତ୍ ଯେ ଜନ୍ମ ହେଉଛି ଦୁଃଖପୂର୍ଣ୍ଣ । ଯେଣୁ ଆମ୍ଭେମାନେ ଭୁଲିଯାଇଛୁ ଯେ ମାତୃଗର୍ଭରେ ଆମ୍ଭେମାନେ କି' ଦୁଃଖଯନ୍ତ୍ରଣା ପାଇଥିଲେ, ତେଣୁ ଆମ୍ଭେମାନେ ବାରମ୍ବାର ଏ ଜନ୍ମ-ମୃତ୍ୟୁ ସମସ୍ୟାର ସମାଧାନ ପାଇଁ କିଛି କରୁନାହୁଁ । ଠିକ୍ ସେହିପରି ମୃତ୍ୟୁ ସମୟରେ ଅନେକ ପ୍ରକାରର ଯନ୍ତ୍ରଣା ବ୍ୟକ୍ତି ଭୋଗକରେ ଏବଂ ଏସବୁ ବର୍ଣ୍ଣନା ମଧ୍ୟ ପ୍ରାମାଣିକ ଗ୍ରନ୍ଥମାନଙ୍କରେ ଦିଆଯାଇଅଛି । ଏସବୁ ଆଲୋଚନା କରିବା ଉଚିତ୍ । ବ୍ୟାଧି ଓ ବୃଦ୍ଧାବସ୍ଥାର ବାସ୍ତବ ଅଭିଜ୍ଞତା ପ୍ରାୟ ସମସ୍ତେ ଅର୍ଜନ କରିଥା'ନ୍ତି । କେହି ରୋଗୀ ହେବାକୁ କିମ୍ବା ବୁଢ଼ା ହେବାକୁ ଇଚ୍ଛାକରେ ନାହିଁ, କିନ୍ତୁ କେହି ଏହାକୁ ଏଡ଼ି ପାରନ୍ତି ନାହିଁ । ଜନ୍ମ-ମୃତ୍ୟୁ-ଜରା ଓ ବ୍ୟାଧିର ଯନ୍ତ୍ରଣାକୁ ବିଚାର କରି ଆମ୍ଭେମାନେ ଏ ଭୌତିକ ଜୀବନ ସମ୍ବନ୍ଧରେ ନୈରାଶ୍ୟଭାବ ପୋଷଣ ନ କଲେ, ଆମ୍ଭେମାନେ କଦାପି ଦିବ୍ୟଜୀବନ ପଥରେ ଅଗ୍ରଗତି କରିବା ନିମିତ୍ତ ପ୍ରେରଣା ଲାଭ କରିପାରିବା ନାହିଁ ।

ସ୍ତ୍ରୀ, ପୁତ୍ର, ଗୃହ ଆଦିରେ ବୈରାଗ୍ୟର ଅର୍ଥ ଏହା ନୁହେଁ ଯେ ବ୍ୟକ୍ତିର ସେମାନଙ୍କପ୍ରତି ହୃଦୟରେ କୌଣସି ସ୍ନେହଭାବ ରହିବ ନାହିଁ । ସେମାନେ ସ୍ୱାଭାବିକଭାବେ ସ୍ନେହପୂର୍ଣ୍ଣ, କିନ୍ତୁ ଯେତେବେଳେ ସେମାନେ ଆଧ୍ୟାତ୍ମିକ ସାଧନା ପଥରେ ଅନୁକୂଳ ନ ହୋଇ ପ୍ରତିକୂଳ ଅବସ୍ଥା ସୃଷ୍ଟି କରନ୍ତି, ସେତେବେଳେ ବ୍ୟକ୍ତି ସେମାନଙ୍କ ପ୍ରତି ଆସକ୍ତ ହେବା ଉଚିତ୍ ନୁହେଁ । ଗୃହକୁ ସୁଖକର ଓ ସୁନ୍ଦର କରିବାର ସର୍ବୋତ୍ତମ ବିଧିହେଲା କୃଷ୍ଣଭାବନା ବିଧି । ଯଦି ବ୍ୟକ୍ତି ପୂର୍ଣ୍ଣ କୃଷ୍ଣଚେତନାରେ ଅଛି, ତାହାହେଲେ ସେ ତା'ର ଗୃହକୁ ଅତ୍ୟନ୍ତ ସୁଖପୂର୍ଣ୍ଣ ଓ ଆନନ୍ଦମୟ କରିପାରିବ; କାରଣ ଏ କୃଷ୍ଣଭାବନାବିଧି ଅତ୍ୟନ୍ତ ସହଜ । କେବଳ *"ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ ହରେ"* । କୀର୍ତ୍ତନ କରିବା, କୃଷ୍ଣ ପ୍ରସାଦ ସେବନ କରିବା, ଭଗବଦ୍ ଗୀତା ଓ ଭାଗବତରୁ କିଛି କିଛି ଆଲୋଚନା କରିବା ଏବଂ ନିଜକୁ ଠାକୁରଙ୍କ ପୂଜାରେ ନିଯୁକ୍ତ କରିବା ଆବଶ୍ୟକ । ଏହି ଚାରିପ୍ରକାର ସେବାକଲେ ବ୍ୟକ୍ତି ସୁଖୀ ହୋଇପାରିବ । ବ୍ୟକ୍ତି ତା'ର ପରିବାରର ଲୋକମାନଙ୍କୁ ଏହି କର୍ମରେ ତାଲିମ ଦେବା ଉଚିତ୍ । ପରିବାରର ସମସ୍ତଲୋକ ସକାଳେ ଓ ସନ୍ଧ୍ୟାରେ ଏକତ୍ର ବସି, *"ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ । ହରେରାମ ହରେରାମ ରାମ ରାମ ହରେ ହରେ ।"* କୀର୍ତ୍ତନ କରିବା ଉଚିତ୍ । ଯଦି ବ୍ୟକ୍ତି ଏ ଚାରୋଟି ବିଧିକୁ ଅନୁସରଣ କରି ତା'ର ପାରିବାରିକ ଜୀବନକୁ କୃଷ୍ଣଚେତନା ମାର୍ଗରେ ବଦଳାଇ ପାରିଲା, ତାହାହେଲେ ପାରିବାରିକ ଜୀବନ ତ୍ୟାଗକରି ସନ୍ନ୍ୟାସୀ ହେବାର କୌଣସି ଆବଶ୍ୟକତା ନାହିଁ, କିନ୍ତୁ ଯଦି କୃଷ୍ଣଚେତନା ବୃଦ୍ଧିଦିଗରେ ପାରିବାରିକ ଜୀବନଯାପନ ପ୍ରତିବନ୍ଧକ ସୃଷ୍ଟିକରେ । ଅର୍ଥାତ୍ ତାହା ଯଦି ଅନୁକୂଳ ନହୁଏ, ତାହାହେଲେ ପରିବାର ତ୍ୟାଗ କରିବା ଉଚିତ୍ । ଯେପରି ଅର୍ଜୁନ କଲେ; ସେହିପରି କୃଷ୍ଣଙ୍କୁ ଜାଣିବା ନିମିତ୍ତ ବା କୃଷ୍ଣ ସେବାନିମିତ୍ତ ବ୍ୟକ୍ତି ସବୁକିଛି ତ୍ୟାଗ କରିବା ଉଚିତ୍ । ଅର୍ଜୁନ ତାଙ୍କର ପରିବାରର ଲୋକମାନଙ୍କୁ ବଧ କରିବାକୁ ପ୍ରଥମେ ଇଚ୍ଛା କରୁନଥିଲେ; କିନ୍ତୁ ଯେତେବେଳେ ସେ ବୁଝିପାରିଲେ ଯେ ଏହି ଲୋକମାନେ ତାଙ୍କର କୃଷ୍ଣାନୁଭୂତି ଲାଭମାର୍ଗରେ ପ୍ରତିବନ୍ଧକ ଅଟନ୍ତି, ସେତେବେଳେ ସେ କୃଷ୍ଣଙ୍କର ଉପଦେଶକୁ ଗ୍ରହଣ କଲେ ଏବଂ ଯୁଦ୍ଧକରି ସେମାନଙ୍କୁ ବଧକଲେ । ସବୁ ଅବସ୍ଥାରେ ବ୍ୟକ୍ତି ପାରିବାରିକ ଜୀବନର ସୁଖ-ଦୁଃଖରୁ ଦୂରେଇଯିବା

ଉଚିତ୍; କାରଣ ଏହି ପୃଥିବୀରେ ସେ କଦାପି ସଂପୂର୍ଣ୍ଣ ସୁଖୀ ବା ସଂପୂର୍ଣ୍ଣ ଦୁଃଖୀ ହୋଇ ନପାରେ । ସୁଖ-ଦୁଃଖ ଭୌତିକ ଜୀବନରେ ପରସ୍ପର ପରିପୂରକ ଅଟନ୍ତି ବା ସହଗାମୀ ଅଟନ୍ତି; ଅର୍ଥାତ୍-ସୁଖପରେ ଦୁଃଖ ଏବଂ ଦୁଃଖପରେ ସୁଖ ବରାବର ଆସେ । ତେଣୁ ଭଗବଦ୍ ଗୀତାର ଉପଦେଶ ଅନୁଯାୟୀ ବ୍ୟକ୍ତି ଏଗୁଡ଼ିକୁ ସହିବା ଉଚିତ୍ । ସୁଖ-ଦୁଃଖର ଆଗମନକୁ ବ୍ୟକ୍ତି କଦାପି ବାଧାଦେଇ ପାରିବ ନାହିଁ; ତେଣୁ ସେ ଭୌତିକ ଜୀବନଧାରାରୁ ଦୂରେଇ ରହିବା ଉଚିତ୍ । ତାହାହେଲେ ସେ ଆପେ ଆପେ ଉଭୟ ଅବସ୍ଥାରେ ସମଭାବାପନ୍ନ ହୋଇଯିବ । ସାଧାରଣତଃ ଆମ୍ଭେମାନେ ଯେତେବେଳେ ଆମ୍ଭମାନଙ୍କର ମନମୁତାବକ କୌଣସି ପଦାର୍ଥ ପାଇଯାଉ, ସେତେବେଳେ ଆମେ ଭାରି ଖୁସିହେଉ ଏବଂ ଯେତେବେଳେ ଆମେ ବିପରୀତ ଜିନିଷ ପାଉ, ସେତେବେଳେ ଦୁଃଖିତ ହେଉ, କିନ୍ତୁ ଯଦି ଆମେ ବାସ୍ତବରେ ଦିବ୍ୟସ୍ତରରେ ଥିବା, ତାହାହେଲେ ଏଗୁଡ଼ିକ ଆମକୁ ବ୍ୟତିବ୍ୟସ୍ତ କରିବ ନାହିଁ । ସେ ସ୍ତର ଲାଭ କରିବାକୁ ହେଲେ ଆମ୍ଭମାନଙ୍କୁ ଅଖଣ୍ଡଭାବରେ ଭକ୍ତିଯୋଗ ମାର୍ଗରେ ସେବାରତ ହେବାକୁ ପଡ଼ିବ । ଅଖଣ୍ଡଭାବରେ କୃଷ୍ଣସେବା ମାନେ ବ୍ୟକ୍ତି ନବଧା ଭକ୍ତି, ଅର୍ଥାତ୍ - ଶ୍ରବଣ, କୀର୍ତ୍ତନ, ଅର୍ଚ୍ଚନ, ବନ୍ଦନ ଆଦିରେ ନିଜକୁ ଲଗାଇ ରଖିବା ଉଚିତ୍ । ନବମ ଅଧ୍ୟାୟରେ ଶେଷ ଶ୍ଳୋକର ବର୍ଣ୍ଣନା ଅନୁଯାୟୀ ବ୍ୟକ୍ତି ସେବାରତ ହେବା ଉଚିତ୍ । ସେହି ବିଧି ଅବଲମ୍ବନ କରିବା ଉଚିତ୍ । ବାସ୍ତବରେ ଯେତେବେଳେ ବ୍ୟକ୍ତି ଦିବ୍ୟଜୀବନ ଅଭ୍ୟାସକରେ, ସେତେବେଳେ ସେ ଆଉ ସଂସାରୀ ଲୋକଙ୍କ ସଙ୍ଗରେ ମିଳାମିଶା କରିବାକୁ ଭଲପାଏ ନାହିଁ; କାରଣ ତାହା ତାହାର ଦିବ୍ୟ ଜୀବନଯାପନରେ ପ୍ରତିବନ୍ଧକ ଅଟେ । କେତେଦୂର ବ୍ୟକ୍ତି ସଂସାରୀ ଲୋକଙ୍କଠାରୁ ଦୂରରେ ଏକ ଏକାନ୍ତ ସ୍ଥାନରେ ବାସକରି ପାରୁଛି, ତାହା ଅଭ୍ୟାସକରି ପରୀକ୍ଷା ସେ କରିପାରେ । ସାଧାରଣତଃ ଭକ୍ତ ଅଯଥା ଆମୋଦପ୍ରମୋଦ, ଚଳଚିତ୍ର ଦର୍ଶନ କିମ୍ବା ସାମାଜିକ ଆମୋଦ-ପ୍ରମୋଦରେ ଅଂଶଗ୍ରହଣ କରିବାକୁ ଇଚ୍ଛାକରେ ନାହିଁ କାରଣ ସେ ବୁଝିଥାଏ ଯେ ଏଗୁଡ଼ିକ କେବଳ ସମୟର ଅପଚୟ ଅଟେ । କେତେକ ଅନୁସନ୍ଧିତ୍ସୁ ଗବେଷକ ବା ଦାର୍ଶନିକ ଅଛନ୍ତି, ଯେଉଁମାନେ ଯୌନଜୀବନ ସମ୍ବନ୍ଧରେ ଗବେଷଣା କରନ୍ତି କିମ୍ବା ତଦ୍ରୂପ ବିଷୟରେ ଗବେଷଣା କରନ୍ତି, କିନ୍ତୁ ଭଗବଦ୍‌ଗୀତାର ଉପଦେଶ ଅନୁଯାୟୀ ଏ ପ୍ରକାର ଗବେଷଣା ବା ଅଧ୍ୟୟନର କୌଣସି ମୂଲ୍ୟ ନାହିଁ । ଏଗୁଡ଼ିକ ସବୁ ଅଯଥା ଅଟେ । ଭଗବଦ୍‌ଗୀତା ବାଣୀଅନୁଯାୟୀ ବ୍ୟକ୍ତି ଆତ୍ମବିଜ୍ଞାନ ସମ୍ବନ୍ଧରେ ଗବେଷଣା କରିବା ଉଚିତ୍ । ଆତ୍ମା କ'ଣ, ଆତ୍ମବିଜ୍ଞାନ କ'ଣ - ଏ ସମ୍ବନ୍ଧରେ ଗବେଷଣା କରିବା ଉଚିତ୍, ତାହାହିଁ ଏଠାରେ କୁହାଯାଉଅଛି ।

ଆତ୍ମାନୁଭୂତି ଲାଭ ଦିଗରେ ଭକ୍ତିଯୋଗ ଅତି ବାସ୍ତବ ମାର୍ଗ ଅଟେ । ଏକଥା ଏଠାରେ ପରିଷ୍କାର ଭାବରେ କୁହାଯାଇଅଛି । ଭକ୍ତି ପ୍ରଶ୍ନ ଉଠିଲାକ୍ଷଣି ବ୍ୟକ୍ତି ଏକଥା ବିଗ୍ଚର କରିବା ଉଚିତ୍ ଯେ ଆତ୍ମା ଓ ପରମାତ୍ମା ମଧ୍ୟରେ ଶାଶ୍ୱତ ସମ୍ବନ୍ଧ ଅଛି । ଅନ୍ତତଃ ଭକ୍ତିଯୋଗ ମାର୍ଗରେ ଆତ୍ମା ଓ ପରମାତ୍ମା ଏକ ହୋଇ ନପାରନ୍ତି । ପରିଷ୍କାର ଭାବରେ କୁହାଯାଇଛି ଯେ ଜୀବାତ୍ମାର ପରମାତ୍ମା ସେବା ନିତ୍ୟ ସେବା ଅଟେ । ତେଣୁ ଭକ୍ତି ଶାଶ୍ୱତ ଅଟେ । ବ୍ୟକ୍ତିକୁ ଏହି ଧାରଣା ବା ଦର୍ଶନତତ୍ତ୍ୱ ଉପରେ ସ୍ଥିର ରହିବାକୁ ପଡ଼ିବ, ନଚେତ୍ ତାହା ସମୟର ଅପଚୟ ଓ ଅଜ୍ଞତାରେ ହିଁ ପର୍ଯ୍ୟବସିତ ହେବ ।

ଶ୍ରୀମଦ୍ ଭାଗବତମ୍‌ରେ କୁହାଯାଇଛି ଯେ, *"ବଦନ୍ତି ତତ୍ ତତ୍ତ୍ୱ-ବିଦସ୍ ତତ୍ତ୍ୱଂ ଯଜ୍‌ଜ୍ଞାନମ୍ ଅଦ୍ୱୟମ୍"* । "ଯେଉଁମାନେ ବାସ୍ତବରେ ପରମତତ୍ତ୍ୱ ଜାଣନ୍ତି ସେମାନେ ଏକଥା ଭଲରକମ ବୁଝିଥାନ୍ତି ଯେ ଆତ୍ମା ତିନୋଟି ବିଭିନ୍ନରୂପରେ ଅନୁଭୂତ ହୁଏ, ଯଥା — ବ୍ରହ୍ମନ୍, ପରମାତ୍ମା ଓ ଭଗବାନ୍" । ପରମ ତତ୍ତ୍ୱାନୁଭୂତି ଲାଭ ଦିଗରେ 'ଭଗବାନ୍' ଅନୁଭୂତି ଲାଭକରିବା ହେଉଛି ଶେଷ ସ୍ତର; ତେଣୁ ବ୍ୟକ୍ତି ଭଗବାନଙ୍କୁ ବୁଝିବାର ସେହି ସ୍ତରରେ ଉପନୀତ ହେବା ଉଚିତ୍ ଏବଂ ଭଗବାନଙ୍କର ସେବାରତ ହେବା ଉଚିତ୍ । ଏହା ହେଉଛି ଜ୍ଞାନର ପୂର୍ଣ୍ଣତା ।

ବିନୟ-ଭାବ ଅଭ୍ୟାସ କରିବାଠାରୁ ଆରମ୍ଭକରି ପରମତତ୍ତ୍ୱ, ପରମପୁରୁଷ ଭଗବାନଙ୍କ ଅନୁଭୂତି ଲାଭ କରିବା ପର୍ଯ୍ୟନ୍ତ - ଏସବୁ ତଳ ମହଲାରୁ ଉପରମହଲା ପର୍ଯ୍ୟନ୍ତ ଥିବା ଏକ ସିଡ଼ିପରି । ବର୍ତ୍ତମାନ ଏଇ ସିଡ଼ିରେ ଏପରି ଅନେକଲୋକ ଅଛନ୍ତି, ଯେଉଁମାନେ ପ୍ରଥମ ମହଲାରେ ହିଁ ପହଞ୍ଚିଛନ୍ତି, ଆଉ କେତେକ ଦ୍ୱିତୀୟ କିମ୍ବା ତୃତୀୟ ମହଲାରେ ପହଞ୍ଚିଛନ୍ତି; କିନ୍ତୁ ବ୍ୟକ୍ତି ଉଚ୍ଚ ମହଲାରେ ନ ପହଞ୍ଚିବା ପର୍ଯ୍ୟନ୍ତ, ଅର୍ଥାତ୍— କୃଷ୍ଣଙ୍କୁ ନ ବୁଝିବା ପର୍ଯ୍ୟନ୍ତ ସେ ଜ୍ଞାନର ନିମ୍ନସ୍ତରରେ ଅଛି ବୋଲି ବୁଝିବାକୁ ପଡ଼ିବ । ଯଦି କେହି ଭଗବାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଇଚ୍ଛାକରେ ଏବଂ ତତ୍ ସଙ୍ଗେ ସଙ୍ଗେ ଦିବ୍ୟ ଜ୍ଞାନଲାଭରେ ଉନ୍ନତି କରିବାକୁ ଇଚ୍ଛାକରେ, ତାହାହେଲେ ସେ ହତାଶ ହେବ । ପରିଷ୍କାର ଭାବରେ କୁହାଯାଇଛି ଯେ ବିନୟଭାବ ବ୍ୟତିରେକେ ବୋଧଗମ୍ୟତା କ୍ଷତିକାରକ ଅଟେ । ନିଜକୁ ଭଗବାନ୍ ବୋଲି ଭାବିବା ଅତ୍ୟନ୍ତ ଗର୍ବ ଅଟେ । ଯଦିଓ ଜୀବ ସର୍ବଦା ଭୂତପ୍ରକୃତିର ନିଷ୍ଠୁର ନିୟମର ଅଧୀନ ହୋଇ ଦୁଃଖଭୋଗ କରୁଛି, ତଥାପି ସେ ଭାବୁଛି, "ମୁଁ ଭଗବାନ୍" । ଏହା ତାହାର ଅଜ୍ଞତା ଅଟେ । ବ୍ୟକ୍ତି ବିନୟୀହୋଇ ଜାଣିରଖିବା ଉଚିତ୍ ଯେ ସେ ପରମେଶ୍ୱରଙ୍କର ଅଧସ୍ତନ ଅଟେ । ଭଗବାନଙ୍କ ବିରୁଦ୍ଧରେ ବିଦ୍ରୋହ କରିବା ଯୋଗୁଁ ବ୍ୟକ୍ତି ଭୂତପ୍ରକୃତିର ଅଧୀନ ହୋଇଯାଏ । ସେ ଏହାକୁ ଭଲରକମ ବୁଝିବା ଉଚିତ୍ ।

## ଶ୍ଳୋକ - ୧୩

**ଜ୍ଞେୟଂ ଯତ୍ତତ୍‌ପ୍ରବକ୍ଷ୍ୟାମି ଯଜ୍‌ଜ୍ଞାତ୍ୱାମୃତମଶ୍ନୁତେ ।**
**ଅନାଦି ମତ୍‌ପରଂ ବ୍ରହ୍ମ ନ ସତ୍ତନ୍ନାସଦୁଚ୍ୟତେ ।। ୧୩ ।।**

## ଶବ୍ଦାନୁବାଦ

ଜ୍ଞେୟମ୍=ଜ୍ଞାତବ୍ୟ; ଯତ୍=ଯାହା; ତତ୍=ତାହା; ପ୍ରବକ୍ଷ୍ୟାମି=ବର୍ତ୍ତମାନ ମୁଁ କହିବି; ଯତ୍=ଯାହା; ଜ୍ଞାତ୍ୱା=ଜାଣିଲେ; ଅମୃତମ୍=ଅମୃତ; ଅଶ୍ନୁତେ=ଆସ୍ୱାଦନ କରିବ; ଅନାଦି=ଅନାଦି; ମତ୍-ପରମ୍=ମୋର ଅଧୀନ; ବ୍ରହ୍ମ=ବ୍ରହ୍ମ; ନ=ନୁହେଁ; ସତ୍=କାରଣ; ତତ୍=ତାହା; ନ=ନୁହେଁ; ଅସତ୍=କାର୍ଯ୍ୟ; ଉଚ୍ୟତେ=କୁହାଯାଏ ।

## ଅନୁବାଦ

**ବର୍ତ୍ତମାନ ମୁଁ ତୁମକୁ ଯାହା ଜାଣିବାର କଥା, ତାହା କହିବି । ଯାହାକୁ ଜାଣିଲେ ତୁମେ ଶାଶ୍ୱତଭାବ ଆସ୍ୱାଦନ କରିବ । ଏହା ଅନାଦି ଏବଂ ଏହା ମୋର ଅଧୀନ**

**ଅଟେ । ଏହାକୁ ବ୍ରହ୍ମ କୁହାଯାଏ ଏବଂ ଏହା ଭୌତିକ ଜଗତର କାର୍ଯ୍ୟ ଓ କାରଣ ଠାରୁ ବହୁ ଉର୍ଦ୍ଧ୍ୱରେ ଅବସ୍ଥିତ ।**

## ଭାବାର୍ଥ

ଭଗବାନ୍ କ୍ଷେତ୍ର ଏବଂ କ୍ଷେତ୍ରଜ୍ଞ କଥା ବର୍ଣ୍ଣନା କରିଛନ୍ତି । ସେ ମଧ୍ୟ କ୍ଷେତ୍ରଜ୍ଞଙ୍କୁ ଜାଣିବାର ଉପାୟ ବତାଇଛନ୍ତି । ବର୍ତ୍ତମାନ ସେ ଜ୍ଞେୟ ଉଭୟ ଆତ୍ମା ଓ ପରମାତ୍ମା କଥା କହୁଛନ୍ତି । କ୍ଷେତ୍ରଜ୍ଞ କଥା ଜାଣିଲେ ଅର୍ଥାତ୍ ଉଭୟ ଆତ୍ମା ଓ ପରମାତ୍ମା କଥା ଜାଣିଲେ ବ୍ୟକ୍ତି ଜୀବନର ଅମୃତର ସ୍ୱାଦ ଗ୍ରହି ପାରିବ । ଦ୍ୱିତୀୟ ଅଧ୍ୟାୟରେ କୁହାଯାଇଛି ଯେ ଜୀବାତ୍ମା ଶାଶ୍ୱତ ଅଟେ । ସେ କଥା ଏଠାରେ ମଧ୍ୟ ସ୍ୱୀକାର କରାଯାଇଅଛି । ନିର୍ଦ୍ଦିଷ୍ଟ ତାରିଖ ନାହିଁ, ଯେବେ ଜୀବ ଜାତ ହୋଇଛି । ପରମାତ୍ମାଙ୍କଠାରୁ ଜୀବାତ୍ମାର ପ୍ରକାଶ କେବେ ହେଲା କେହି ତା'ର ଇତିହାସ ବାହାରକରି ପାରିବେ ନାହିଁ । ତେଣୁ ଏହା ଅନାଦି ଅଟେ । ବୈଦିକ ସାହିତ୍ୟ ଏହା ସ୍ୱୀକାର କରୁଛି - *''ନ ଜାୟତେ ମ୍ରିୟତେ ବା ବିପଶ୍ଚିତ୍ ।''* କ୍ଷେତ୍ରଜ୍ଞ କେବେ ଜନ୍ମ ହୁଏ ନାହିଁ କି ମରେ ନାହିଁ ଏବଂ ସେ ଜ୍ଞାନମୟ ଅଟେ । ବୈଦିକ ସାହିତ୍ୟରେ ପରମେଶ୍ୱରଙ୍କ ସମ୍ବନ୍ଧରେ କୁହାଯାଇଛି— *''ପ୍ରଧାନ କ୍ଷେତ୍ରଜ୍ଞ-ପତିର୍ ଗୁଣେଶଃ''* ପରମେଶ୍ୱର ପରମାତ୍ମାରୂପରେ କ୍ଷେତ୍ରର ମୁଖ୍ୟ ଜ୍ଞାତା ଅଟନ୍ତି ଏବଂ ସେ ତ୍ରିଗୁଣମୟୀ ପ୍ରକୃତିର ପ୍ରଭୁ ଅଟନ୍ତି । ସ୍ମୃତି ଶାସ୍ତ୍ରରେ କୁହାଯାଇଛି - *''ଦାସଭୂତୋ ହରେର୍ ଏବ ନାନ୍ୟସ୍ୟୈବ କଦାଚନ''* । ''ଜୀବମାନେ ଶାଶ୍ୱତଭାବେ ପରମେଶ୍ୱରଙ୍କର ସେବାରତ'' । ଏହା ମଧ୍ୟ ଶ୍ରୀଚୈତନ୍ୟ ମହାପ୍ରଭୁ ତାଙ୍କ ଶିକ୍ଷାରେ ସ୍ୱୀକାର କରିଛନ୍ତି । ତେଣୁ ଏ ଶ୍ଳୋକରେ ବ୍ୟବହୃତ 'ବ୍ରହ୍ମ' ଶବ୍ଦ ଜୀବାତ୍ମାସହ ସମ୍ବନ୍ଧିତ ଏବଂ 'ବ୍ରହ୍ମ' ଶବ୍ଦ ଯେତେବେଳେ ଜୀବପ୍ରତି ପ୍ରଯୁଜ୍ୟ ହେଉଛି, ସେତେବେଳେ ଏହା ବୁଝିବାକୁ ହେବ ଯେ, ସେ ''ବିଜ୍ଞାନଂ ବ୍ରହ୍ମ'' ଅଟେ, ଅନନ୍ତ ବ୍ରହ୍ମ ନୁହେଁ । ଅନନ୍ତ ବ୍ରହ୍ମ ହେଉଛନ୍ତି ପରଂବ୍ରହ୍ମ ପରମପୁରୁଷ ଭଗବାନ୍ ।

## ଶ୍ଳୋକ - ୧୪

**ସର୍ବତଃ ପାଣିପାଦଂ ତତ୍ସର୍ବତୋଽକ୍ଷିଶିରୋମୁଖମ୍ ।**
**ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ।। ୧୪ ।।**

## ଶବ୍ଦାନୁବାଦ

ସର୍ବତଃ=ସବୁଠାରେ; ପାଣି=ହସ୍ତ; ପାଦମ୍=ପାଦ; ତତ୍=ତାହା; ସର୍ବତଃ=ସବୁଠାରେ; ଅକ୍ଷି=ଆଖି; ଶିରଃ=ମୁଣ୍ଡ; ମୁଖମ୍=ମୁଖ; ସର୍ବତଃ=ସବୁଠାରେ; ଶ୍ରୁତିମତ୍=ଶୁଣିବା (ଶ୍ରବଣ); ଲୋକେ=ପୃଥିବୀରେ; ସର୍ବମ୍=ସବୁଠାରେ; ଆବୃତ୍ୟ=ଆବୃତ କରି; ତିଷ୍ଠତି=ବିଦ୍ୟମାନ ।

## ଅନୁବାଦ

**ସର୍ବତ୍ର ତାଙ୍କର ହାତ, ପାଦ, ଆଖି, ମୁଖ ଅଛି ଏବଂ ସେ ସବୁ ଶୁଣନ୍ତି । ଏହି ପ୍ରକାରେ ପରମାତ୍ମା ରହିଛନ୍ତି ।**

## ଭାବାର୍ଥ

ସୂର୍ଯ୍ୟ ଯେପରି ତାଙ୍କର ଅନନ୍ତ କିରଣରାଜି ବିତରଣକରି ରହିଛନ୍ତି, ସେହିପରି ପରମାତ୍ମା ବା ପରମପୁରୁଷ ଭଗବାନ୍ ରହିଛନ୍ତି । ସେ ତାଙ୍କର ସର୍ବବ୍ୟାପକ ରୂପରେ ବିଦ୍ୟମାନ ଏବଂ ପ୍ରଥମ ବିଶିଷ୍ଟ ଗୁରୁ ବ୍ରହ୍ମାଙ୍କଠାରୁ ଆରମ୍ଭକରି କ୍ଷୁଦ୍ର ପିପୀଲିକା ପର୍ଯ୍ୟନ୍ତ ସମସ୍ତ ଜୀବ ତାଙ୍କଠାରେ ହିଁ ରହିଛନ୍ତି । ତାଙ୍କର ଅନନ୍ତ ଶିର, ଅନନ୍ତ ପାଦ, ଅନନ୍ତ ହସ୍ତ, ଏବଂ ଅନନ୍ତ ଚକ୍ଷୁ ଅଛି; ପୁନଶ୍ଚ ଅନନ୍ତ ଜୀବ ମଧ୍ୟ ଅଛନ୍ତି । ସମସ୍ତେ ପରମାତ୍ମାଙ୍କଠାରେ ହିଁ ବିଦ୍ୟମାନ । ତେଣୁ ପରମାତ୍ମା ସର୍ବବ୍ୟାପକ ଅଟନ୍ତି । ଜୀବ କଦାପି କହିପାରିବ ନାହିଁ ଯେ ତା'ର ହାତ, ପାଦ ଓ ଚକ୍ଷୁ ସର୍ବତ୍ର ଅଛି । ତାହା ସମ୍ଭବପର ନୁହେଁ । ଯଦିଓ ଅଜ୍ଞତାବଶତଃ ସେ ଭାବେ ଯେ ତା'ର ଗୋଡ଼ହାତ ସର୍ବତ୍ର ବିଦ୍ୟମାନ, ସେ ସେ ବିଷୟରେ ସଚେତନ ନୁହେଁ, ତଥାପି ସେ ଯେତେବେଳେ ପ୍ରକୃତ ଜ୍ଞାନ ଭୂମିକାରେ ଉପନୀତ ହୁଏ, ସେତେବେଳେ ସେ ଜାଣିପାରିବ ଯେ ତା'ର ଭାବନା ଭ୍ରମାତ୍ମକ ଅଟେ । ଏହାର ଅର୍ଥ ହେଲା ଜୀବ ଭୂତପ୍ରକୃତିଦ୍ୱାରା ବଦ୍ଧ ହୋଇଥିବାରୁ ଭଗବାନ୍ ନୁହେଁ । ଭଗବାନ୍ ବା ପରମାତ୍ମା ଜୀବାତ୍ମାଠାରୁ ଭିନ୍ନ । ଭଗବାନ୍ ଅନନ୍ତ ପରିମାଣରେ ତାଙ୍କର ହସ୍ତ ବିସ୍ତାର କରିପାରନ୍ତି; କିନ୍ତୁ ଜୀବ ତାହା କରି ପାରିବ ନାହିଁ । ଭଗବଦ୍ ଗୀତାରେ ଭଗବାନ୍ କହିଛନ୍ତି, ଯଦି କେହି ଭକ୍ତିରେ ପତ୍ରଟିଏ, ଫୁଲଟିଏ, ଫଳଟିଏ କିମ୍ବା ପାଣି ମୁନ୍ଦିଏ ଦିଏ, ତାହାହେଲେ ସେ ତାହା ଗ୍ରହଣ କରନ୍ତି । ଯଦି ଭଗବାନ୍ ଖୁବ୍ ଦୂରରେ ଅଛନ୍ତି, ତାହାହେଲେ ସେ ଏ ସବୁ ପଦାର୍ଥକୁ କିପରି ଗ୍ରହଣ କରନ୍ତି ? ଯଦିଓ ସେ ଏ ପୃଥିବୀଠାରୁ ବହୁ ଉର୍ଦ୍ଧ୍ୱରେ ନିଜ ଧାମରେ ବିଦ୍ୟମାନ, ତଥାପି ସେ ଏହା ଗ୍ରହଣ କରିପାରନ୍ତି । ଏହା ହେଉଛି ତାଙ୍କ ସର୍ବଶକ୍ତିମାନ୍ ପଣିଆ । ବ୍ୟକ୍ତି ତାଙ୍କୁ ଯାହା ଅର୍ପଣ କରେ, ତାହା ଗ୍ରହଣ କରିବା ନିମିତ୍ତ ସେ ତାଙ୍କ ହସ୍ତକୁ ବିସ୍ତାର କରିପାରନ୍ତି । ଏହା ହେଉଛି ତାଙ୍କର ଶକ୍ତି । ବ୍ରହ୍ମସଂହିତାରେ କୁହାଯାଇଛି - *"ଗୋଲୋକ ଏବ ନିବସତି"* । ଯଦିଓ ସେ ତାଙ୍କର ଦିବ୍ୟଧାମରେ ସର୍ବଦା ଦିବ୍ୟଲୀଳାରେ ବ୍ୟସ୍ତ, ତଥାପି ସେ ସର୍ବ ବ୍ୟାପକ ଅଟନ୍ତି । ଜୀବ କଦାପି ଦାବୀ କରିପାରିବ ନାହିଁ ଯେ ସେ ସର୍ବବ୍ୟାପକ ଅଟେ । ତେଣୁ ଏ ଶ୍ଳୋକ ପରମାତ୍ମା ବା ପରମପୁରୁଷ ଭଗବାନଙ୍କ କଥା ବର୍ଣ୍ଣନା କରୁଛି, ଜୀବାତ୍ମା କଥା ନୁହେଁ ।

## ଶ୍ଳୋକ - ୧୫

**ସର୍ବେନ୍ଦ୍ରିୟଗୁଣାଭାସଂ ସର୍ବେନ୍ଦ୍ରିୟବିବର୍ଜିତମ୍ ।**
**ଅସକ୍ତଂ ସର୍ବଭୃଚ୍ଚୈବ ନିର୍ଗୁଣଂ ଗୁଣଭୋକ୍ତୃ ଚ ।। ୧୫ ।।**

## ଶବ୍ଦାନୁବାଦ

ସର୍ବ=ସମସ୍ତ; ଇନ୍ଦ୍ରିୟ=ଇନ୍ଦ୍ରିୟ; ଗୁଣ=ଗୁଣ; ଆଭାସମ୍=ମୌଳିକ ସ୍ଥାନ; ସର୍ବ=ସମସ୍ତ; ଇନ୍ଦ୍ରିୟ=ଇନ୍ଦ୍ରିୟ; ବିବର୍ଜିତମ୍=ବିବର୍ଜିତ; ଅସକ୍ତମ୍=ଅନାସକ୍ତ; ସର୍ବ-ଭୃତ୍=ସମସ୍ତଙ୍କର ପାଳକ; ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ନିର୍ଗୁଣମ୍=ଭୌତିକ ଗୁଣରହିତ; ଗୁଣ-ଭୋକ୍ତୃ=ସେଥିି ସଙ୍ଗେ ସଙ୍ଗେ ଗୁଣମାନଙ୍କର ପ୍ରଭୁ; ଚ=ମଧ୍ୟ ।

## ଅନୁବାଦ

**ପରମାତ୍ମା ହେଉଛନ୍ତି ସମସ୍ତ ଇନ୍ଦ୍ରିୟର ଉତ୍ପତ୍ତି ସ୍ଥଳ; ତଥାପି ସେ ଇନ୍ଦ୍ରିୟ ବିବର୍ଜିତ ଅଟନ୍ତି । ଯଦିଓ ସେ ପ୍ରାଣୀମାନଙ୍କର ପରିପାଳକ ଅଟନ୍ତି, ତଥାପି ସେ ଅନାସକ୍ତ । ସେ ଭୌତିକ ଗୁଣରହିତ ଅଟନ୍ତି ଏବଂ ତତ୍ ସଙ୍ଗେ ସଙ୍ଗେ ଭୌତିକ ଗୁଣମାନଙ୍କର ପ୍ରଭୁ ଅଟନ୍ତି ।**

## ଭାବାର୍ଥ

ଯଦିଓ ପରମେଶ୍ୱର ଜୀବମାନଙ୍କର ସମସ୍ତ ଇନ୍ଦ୍ରିୟର ଉତ୍ପତ୍ତିସ୍ଥଳ ଅଟନ୍ତି, ତଥାପି ତାଙ୍କର ଜୀବମାନଙ୍କପରି ଭୌତିକ ଇନ୍ଦ୍ରିୟ ନାହିଁ । ବାସ୍ତବରେ ଜୀବମାନଙ୍କର ଦିବ୍ୟ ଇନ୍ଦ୍ରିୟ ଅଛି, କିନ୍ତୁ ବଦ୍ଧଜୀବନରେ ସେ ଇନ୍ଦ୍ରିୟଗୁଡ଼ିକ ଭୌତିକତାଦ୍ୱାରା ଆଚ୍ଛାଦିତ ହୋଇ ପଡ଼ିଛନ୍ତି ଏବଂ ସେଇଥିପାଇଁ ଇନ୍ଦ୍ରିୟମାନଙ୍କର କାର୍ଯ୍ୟାବଳୀ ଭୌତିକ ପଦାର୍ଥ ଜରିଆରେ ପ୍ରଦର୍ଶିତ ହେଉଅଛି । ପରମେଶ୍ୱରଙ୍କ ଇନ୍ଦ୍ରିୟମାନେ ଏପରି ଆଚ୍ଛାଦିତ ନୁହଁନ୍ତି, ତାଙ୍କର ଇନ୍ଦ୍ରିୟଗୁଡ଼ିକ ଦିବ୍ୟ ଅଟନ୍ତି, ତେଣୁ ସେଗୁଡ଼ିକୁ ନିର୍ଗୁଣ ବୋଲି କୁହାଯାଇଛି । ଏଠାରେ 'ଗୁଣ' ଶବ୍ଦର ଅର୍ଥ ଭୌତିକ ଗୁଣ; କିନ୍ତୁ ତାଙ୍କର (ଭଗବାନଙ୍କର) ଇନ୍ଦ୍ରିୟଗୁଡ଼ିକ ଭୌତିକ ଆବରଣରୁ ମୁକ୍ତ । ଏ କଥା ବୁଝିବାକୁ ହେବ ଯେ, ତାଙ୍କର ଇନ୍ଦ୍ରିୟଗୁଡ଼ିକ ଠିକ୍ ଆମ୍ଭମାନଙ୍କ ଇନ୍ଦ୍ରିୟପରି ନୁହେଁ । ଯଦିଓ ସେ ଆମ୍ଭମାନଙ୍କର ସମସ୍ତ ଇନ୍ଦ୍ରିୟ କର୍ମର ଉତ୍ପତ୍ତି ସ୍ଥଳ, ତଥାପି ତାଙ୍କର ନିର୍ଦ୍ଦୋଷ ଦିବ୍ୟ ଇନ୍ଦ୍ରିୟମାନ ଅଛି । ଏହା ଅତି ସୁନ୍ଦର ଭାବରେ ଶ୍ୱେତାଶ୍ୱେତର ଉପନିଷଦରେ ବର୍ଣ୍ଣନା କରାଯାଇଅଛି । ସେଥିରେ କୁହାଯାଇଛି - *''ସର୍ବତଃ ପାଣିପାଦ''* । ପରମପୁରୁଷ ଭଗବାନଙ୍କର ଭୌତିକ ଦୋଷଦୁଷ୍ଟ ହସ୍ତ ନାହିଁ; କିନ୍ତୁ ତାଙ୍କର ହସ୍ତ ଅଛି ଏବଂ ଯାହା ତାଙ୍କୁ ଅର୍ପଣ କରାଯାଏ ସେ ହସ୍ତ ସାହାଯ୍ୟରେ ତାହା ସେ ଗ୍ରହଣ କରନ୍ତି । ବଦ୍ଧ-ଜୀବାତ୍ମା ଓ ପରମାତ୍ମା ମଧ୍ୟରେ ଏହାହିଁ ହେଉଛି ପାର୍ଥକ୍ୟ । ତାଙ୍କର ଭୌତିକ ଚକ୍ଷୁ ନାହିଁ, କିନ୍ତୁ ତାଙ୍କର ଚକ୍ଷୁ ଅଛି— ନହେଲେ ସେ ଦେଖୁଛନ୍ତି କିପରି ? ଭୂତ ଭବିଷ୍ୟତ ଓ ବର୍ତ୍ତମାନ-ସବୁ ସେ ଦେଖୁଛନ୍ତି । ଜୀବର ହୃଦୟ ମଧ୍ୟରେ ସେ ଅଛନ୍ତି ଏବଂ ସେ ଜାଣନ୍ତି ଆମ୍ଭେମାନେ ଅତୀତରେ କ'ଣ କରିଛୁ; ବର୍ତ୍ତମାନ କ'ଣ କରୁଛୁ ଏବଂ ଭବିଷ୍ୟତରେ ଆମ ପାଇଁ କ'ଣ ଅଛି । ଏହା ମଧ୍ୟ ଭଗବଦ୍ ଗୀତାରେ ସ୍ୱୀକୃତ ହୋଇଅଛି । ସେ ସବୁ ଜାଣନ୍ତି, କିନ୍ତୁ କେହି ତାଙ୍କୁ ଜାଣନ୍ତି ନାହିଁ । କୁହାଯାଇଛି ଯେ ପରମେଶ୍ୱରଙ୍କର ଆମ୍ଭମାନଙ୍କପରି ପାଦ ନାହିଁ, କିନ୍ତୁ ସେ ଅନ୍ତରୀକ୍ଷରେ ଭ୍ରମଣ କରିପାରନ୍ତି କାରଣ ତାଙ୍କର ଦିବ୍ୟପାଦ ଅଛି । ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ ଭଗବାନ୍ ନିରାକାର ନୁହଁନ୍ତି, ତାଙ୍କର ଆଖି ପାଦ, ହସ୍ତ ଆଦି ସବୁ ଅଛି ଏବଂ ଯେହେତୁ ଆମ୍ଭେମାନେ ପରମେଶ୍ୱରଙ୍କ ଅଂଶ ବିଶେଷ ଅଟୁ, ତେଣୁ ଆମ୍ଭମାନଙ୍କର ମଧ୍ୟ ଏ ସବୁ ଅଛି । ତାଙ୍କର ହସ୍ତ, ପାଦ, ଚକ୍ଷୁ ଆଦି ଇନ୍ଦ୍ରିୟଗଣ ଭୌତିକ ଦୋଷଦୁଷ୍ଟ ନୁହଁନ୍ତି ।

ଏକଥା ମଧ୍ୟ ଭଗବଦ୍ ଗୀତାରେ କୁହାଯାଇଛି ଯେ ଯେତେବେଳେ ଭଗବାନ୍ ଆବିର୍ଭୂତ ହୁଅନ୍ତି; ସେତେବେଳେ ସେ ତାଙ୍କର ମୌଳିକରୂପରେ ତାଙ୍କର ଅନ୍ତରଙ୍ଗା ଶକ୍ତି (ଆତ୍ମମାୟା) ସାହାଯ୍ୟରେ ଆବିର୍ଭୂତ ହୁଅନ୍ତି । ସେ ଭୌତିକ ଶକ୍ତିଦ୍ୱାରା ଦୂଷିତ ହୁଅନ୍ତି ନାହିଁ; କାରଣ ସେ ଭୂତପ୍ରକୃତିର ପ୍ରଭୁ ଅଟନ୍ତି । ବୈଦିକ ସାହିତ୍ୟରେ ଆମ୍ଭେମାନେ ଦେଖିବାକୁ ପାଉ ଯେ ତାଙ୍କର ସମସ୍ତ ଶରୀର ଦିବ୍ୟ ଅଟେ । ତାଙ୍କର ଶାଶ୍ୱତ ରୂପ ଅଛି, ତାହାକୁ ସଚ୍ଚିଦାନନ୍ଦ ବିଗ୍ରହ

କୁହାଯାଏ । ସେ ସମସ୍ତ ଐଶ୍ୱର୍ଯ୍ୟରେ ପୂର୍ଣ୍ଣ । ସେ ସମସ୍ତ ଧନ ଏବଂ ସମସ୍ତ ଶକ୍ତିର ଅଧିକାରୀ । ସେ ଅତ୍ୟନ୍ତ ବୁଦ୍ଧିମାନ୍ ଏବଂ ଜ୍ଞାନପୂର୍ଣ୍ଣ ଅଟନ୍ତି । ଏଗୁଡ଼ିକ ହେଉଛି ପରମପୁରୁଷ ଭଗବାନଙ୍କର କେତେକ ଚିହ୍ନ । ସେ ସମସ୍ତ ଜୀବର ପରିଗ୍ରାହକ ଏବଂ ସମସ୍ତ କର୍ମର ସାକ୍ଷୀ । ବୈଦିକ ସାହିତ୍ୟରୁ ଆମ୍ଭେମାନେ ଯେତେଦୂର ଜାଣୁ ଯେ ପରମେଶ୍ୱର ସର୍ବଦା ଦିବ୍ୟ ଅଟନ୍ତି । ଯଦିଓ ଆମ୍ଭେମାନେ ତାଙ୍କର ହସ୍ତ, ପାଦ, ମୁଖ କିମ୍ବା ଶିର ଦେଖିପାରୁ ନାହୁଁ, ତଥାପି ତାଙ୍କର ସେ ସବୁ ଅଛି ଏବଂ ଯେତେବେଳେ ଆମ୍ଭେମାନେ (ସେ) ଦିବ୍ୟସ୍ତରକୁ ଉନ୍ନୀତ ହେବା ସେତେବେଳେ ଆମ୍ଭେମାନେ ଭଗବାନଙ୍କ ରୂପ ଦେଖିପାରିବା । ଆମର ଇନ୍ଦ୍ରିୟଗୁଡ଼ିକ ଭୌତିକ ଦୋଷଦୁଷ୍ଟ ହୋଇଥିବାରୁ, ଆମ୍ଭେମାନେ ତାଙ୍କ ରୂପକୁ ଦେଖିପାରୁ ନାହୁଁ । ତେଣୁ ଯେଉଁ ମାୟାବାଦୀଗଣ ବରାବର ଭୌତିକ ଦୋଷଦୁଷ୍ଟ ଅଟନ୍ତି । ସେମାନେ ପରମପୁରୁଷ ଭଗବାନଙ୍କୁ ବୁଝିପାରନ୍ତି ନାହିଁ ।

## ଶ୍ଳୋକ - ୧୬

**ବହିରନ୍ତଶ୍ଚ ଭୂତାନାମଚରଂ ଚରମେବ ଚ ।**
**ସୂକ୍ଷ୍ମତ୍ୱାତ୍ତଦବିଜ୍ଞେୟଂ ଦୂରସ୍ଥଂ ଚାନ୍ତିକେ ଚ ତତ୍ ।।୧୬।।**

## ଶବ୍ଦାନୁବାଦ

ବହିଃ=ବାହାରେ; ଅନ୍ତଃ=ଭିତରେ; ଚ=ମଧ୍ୟ; ଭୂତାନାମ୍=ସମସ୍ତ ଜୀବଙ୍କର; ଅଚରମ୍=ଅଚର (ସ୍ଥାବର); ଚରମ୍=ଚର (ଜଙ୍ଗମ); ଏବ=ମଧ୍ୟ; ଚ=ଏବଂ; ସୂକ୍ଷ୍ମତ୍ୱାତ୍=ସୂକ୍ଷ୍ମହେବାଯୋଗୁଁ; ତତ୍=ତାହା; ଅବିଜ୍ଞେୟମ୍=ଅଜ୍ଞାତ; ଦୂର-ସ୍ଥମ୍=ଦୂରସ୍ଥ; ଚ ଅନ୍ତିକେ=ନିକଟରେ ମଧ୍ୟ; ଚ=ଏବଂ; ତତ୍=ତାହା ।

## ଅନୁବାଦ

**ପରମସତ୍ୟ ଭଗବାନ୍ ବାହାରେ ଭିତରେ ଏବଂ ଚର ଓ ଅଚର ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ । ଆମ୍ଭେମାନେ ଭୌତିକ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ତାଙ୍କୁ ଦେଖି ପାରିବା ନାହିଁ କି ଜାଣିପାରିବା ନାହିଁ । ଯଦିଓ ସେ ବହୁତ ଦୂରରେ ଅଛନ୍ତି, ତଥାପି ସେ ସମସ୍ତଙ୍କର ଅତି ନିକଟରେ ଅଛନ୍ତି ।**

## ଭାବାର୍ଥ

ବୈଦିକ ସାହିତ୍ୟରୁ ଆମ୍ଭେମାନେ ବୁଝିଛୁ ଯେ ପରମପୁରୁଷ ନାରାୟଣ ପ୍ରତ୍ୟେକ ଜୀବର ବାହାରେ ଓ ଭିତରେ ଅଛନ୍ତି । ସେ ଉଭୟ ଭୌତିକ ଜଗତ୍ ଓ ଚିଦ୍‌ଜଗତରେ ବିଦ୍ୟମାନ । ଯଦିଓ ସେ ବହୁତ ଦୂରରେ ତଥାପି ସେ ଆମ୍ଭମାନଙ୍କ ନିକଟରେ । ଏସବୁ ବୈଦିକ ସାହିତ୍ୟର ବାଣୀ ଅଟେ । *"ଆସୀନୋ ଦୂରଂ ବ୍ରଜତି ଶୟାନୋ ଯାତି ସର୍ବତଃ"* । ସେ ସର୍ବଦା ଦିବ୍ୟାନନ୍ଦରେ ମତ୍ତ ଥିବାରୁ, ଆମ୍ଭେମାନେ ବୁଝିପାରୁ ନାହୁଁ ସେ କିପରି ତାଙ୍କର ପୂର୍ଣ୍ଣ ଐଶ୍ୱର୍ଯ୍ୟ ଉପଭୋଗ କରୁଛନ୍ତି । ଏ ଭୌତିକ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ଆମେ ଦେଖିପାରିବା ନାହିଁ କି ବୁଝିପାରିବା ନାହିଁ । ତେଣୁ ବୈଦିକ ଭାଷାରେ କୁହାଯାଇଛି ଯେ ତାଙ୍କୁ ବୁଝିବାକୁ ହେଲେ ଆମର ଭୌତିକ ମନ ଓ ଇନ୍ଦ୍ରିୟ କାମ ଦେବ ନାହିଁ । କିନ୍ତୁ ଯେ ବରାବର ଭକ୍ତିଯୋଗ ମାର୍ଗରେ କୃଷ୍ଣଭାବନା

ଅଭ୍ୟାସକରି ତା'ର ମନ ଓ ଇନ୍ଦ୍ରିୟମାନଙ୍କୁ ବିଶୁଦ୍ଧ କରିପାରିଛି, ସେ ହିଁ ତାଙ୍କୁ ବରାବର ଦେଖିପାରେ । ବ୍ରହ୍ମସଂହିତାରେ କୁହାଯାଇଛି ଯେ ଯେଉଁ ଭକ୍ତଙ୍କର ଭଗବାନଙ୍କ ପ୍ରତି ଗଭୀର ସ୍ନେହ ବା ଶ୍ରଦ୍ଧାଅଛି, ସେ ହିଁ ଅଖଣ୍ଡ ଭାବରେ ତାଙ୍କୁ ଦେଖିପାରୁଛି । ଏହା ମଧ୍ୟ ଭଗବଦ୍‌ଗୀତାରେ ସ୍ୱୀକୃତ ହୋଇଛି (୧୧-୫୪)ଯେ ସେ କେବଳ ଭକ୍ତି ବଳରେ ହିଁ ଦେଖାଯାଇ ପାରିବେ ଓ ବୁଝାଯାଇ ପାରିବେ- *"ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ"*।

## ଶ୍ଲୋକ - ୧୭

**ଅବିଭକ୍ତଂ ଚ ଭୂତେଷୁ ବିଭକ୍ତମିବ ଚ ସ୍ଥିତମ୍ ।**
**ଭୂତଭର୍ତୃ ଚ ତଜ୍‌ଜ୍ଞେୟଂ ଗ୍ରସିଷ୍ଣୁ ପ୍ରଭବିଷ୍ଣୁ ଚ ।।୧୭।।**

## ଶବ୍ଦାନୁବାଦ

ଅବିଭକ୍ତମ୍=ଅବିଭକ୍ତ; ଚ=ମଧ୍ୟ; ଭୂତେଷୁ=ପ୍ରତ୍ୟେକ ଜୀବମଧ୍ୟରେ; ବିଭକ୍ତମ୍=ବିଭକ୍ତ; ଇବ=ଯେପରିକି; ଚ=ମଧ୍ୟ; ସ୍ଥିତମ୍=ସ୍ଥିତ; ଭୂତ-ଭର୍ତୃ=ସମସ୍ତ ଜୀବଙ୍କର ପରିପାଳକ; ଚ=ମଧ୍ୟ; ତତ୍=ତାହା; ଜ୍ଞେୟମ୍=ବୁଝିବାକୁ ହେବ; ଗ୍ରସିଷ୍ଣୁ=ଗ୍ରାସ କରନ୍ତି; ପ୍ରଭବିଷ୍ଣୁ=ବୃଦ୍ଧି କରାନ୍ତି; ଚ=ମଧ୍ୟ।

## ଅନୁବାଦ

**ଯଦିଓ ପରମାତ୍ମା ବିଭକ୍ତ ଭଳି ଜଣାପଡ଼ନ୍ତି, ତଥାପି ସେ ବିଭକ୍ତ ନୁହଁନ୍ତି । ସେ ଏକ ଅଖଣ୍ଡ ଭାବରେ ଅବସ୍ଥିତ । ଯଦିଓ ସେ ପ୍ରତ୍ୟେକ ଜୀବର ପରିପାଳକ, ତଥାପି ଏହା ବୁଝିବାକୁ ହେବ ଯେ ସେ ସମସ୍ତଙ୍କୁ ଗ୍ରାସ କରନ୍ତି ଏବଂ ବୃଦ୍ଧି କରାନ୍ତି ମଧ୍ୟ ।**

## ଭାବାର୍ଥ

ଭଗବାନ୍ ପ୍ରତ୍ୟେକଙ୍କ ହୃଦୟରେ ପରମାତ୍ମା ରୂପେ ବିଦ୍ୟମାନ । ଏହାର ଅର୍ଥ କ'ଣ ସେ ବିଭକ୍ତ ହୋଇଛନ୍ତି ? ନା' ତାହା ନୁହେଁ । ବାସ୍ତବରେ ସେ ଏକ । ସୂର୍ଯ୍ୟଙ୍କ ଉଦାହରଣ ନିଅନ୍ତୁ । ସୂର୍ଯ୍ୟ ମଧ୍ୟନ୍ଦିନ ରେଖାରେ ତାଙ୍କ ସ୍ଥାନରେ ଅବସ୍ଥିତ । କିନ୍ତୁ ଯଦି କେହି ପ୍ରତ୍ୟେକ ଦିଗକୁ ପାଞ୍ଚହଜାର ମାଇଲ କରିଯାଏ ଏବଂ ପଚ୍ଚାରେ, "ସୂର୍ଯ୍ୟ କାହାନ୍ତି ।" ତାହାହେଲେ ସମସ୍ତେ କହିବେ ଯେ ସେ ତା'ର ମୁଣ୍ଡ ଉପରେ କିରଣ ଦେଉଛନ୍ତି । ଏଇକଥା ଦର୍ଶାଇବା ପାଇଁ ବୈଦିକ ସାହିତ୍ୟରେ ଏ ଉଦାହରଣ ଦିଆଯାଇଅଛି । ଯଦିଓ ସେ ଅବିଭକ୍ତ ଅଟନ୍ତି, ତଥାପି ସେ ବିଭକ୍ତ ରୂପେ ଅବସ୍ଥିତ ହେଲାପରି ଜଣାପଡ଼ନ୍ତି । ବୈଦିକ ସାହିତ୍ୟରେ ଏହା ମଧ୍ୟ କୁହାଯାଇଛି ଯେ ଏକ ବିଷ୍ଣୁ ତାଙ୍କର ଅଚିନ୍ତ୍ୟଶକ୍ତି ବଳରେ ସର୍ବତ୍ର ବିଦ୍ୟମାନ । ଯେପରି ତୁମେ ଏକ ସୂର୍ଯ୍ୟଙ୍କୁ ସବୁଠାରେ ଦେଖିବ, ସେହି ପରି ଏକ ବିଷ୍ଣୁ ସର୍ବତ୍ର ବିଦ୍ୟମାନ । ଯଦିଓ ପରମେଶ୍ୱର ସମସ୍ତଙ୍କର ପରିପାଳକ ଅଟନ୍ତି, ତଥାପି ପ୍ରଳୟ ସମୟରେ ସେ ସମସ୍ତଙ୍କୁ ଗ୍ରାସ କରନ୍ତି । ଗୀତାରେ ଏକାଦଶ ଅଧ୍ୟାୟରେ ଭଗବାନ୍ ଏକଥା ମଧ୍ୟ କହିଛନ୍ତି ଯେ, ସେ ଏ କୁରୁକ୍ଷେତ୍ରରେ ଉପସ୍ଥିତ ଥିବା ସମସ୍ତ ଯୋଦ୍ଧାଙ୍କୁ ଗ୍ରାସ କରିବାକୁ ଆସିଛନ୍ତି । ସେ ମଧ୍ୟ

କହିଛନ୍ତି ସେ କାଳରୂପରେ ସେ ସମସ୍ତଙ୍କୁ ଗ୍ରାସ କରନ୍ତି । ସେ ଧ୍ୱଂସକାରୀ, ସମସ୍ତଙ୍କର ବିନାଶକାରୀ ଅଟନ୍ତି । ସୃଷ୍ଟି ସମୟରେ ସେ ପ୍ରତ୍ୟେକଙ୍କୁ ସେମାନଙ୍କର ମୌଳିକ ସ୍ଥିତିରୁ ବୃଦ୍ଧି କରାନ୍ତି ଏବଂ ଧ୍ୱଂସ (ପ୍ରଳୟ) ସମୟରେ ସେ ସେମାନଙ୍କୁ ଗ୍ରାସ କରନ୍ତି । ବେଦମନ୍ତ୍ରରେ ଏକଥା କୁହାଯାଇଛି ଯେ ସେ ସମସ୍ତ ଜୀବଙ୍କର ଉଦ୍ଭବ ସ୍ଥଳ ଓ ଆଶ୍ରୟସ୍ଥଳ ଅଟନ୍ତି । ସୃଷ୍ଟିପରେ ସମସ୍ତେ ତାଙ୍କର ଅଚିନ୍ତ୍ୟଶକ୍ତିର ଆଶ୍ରୟରେ ରୁହନ୍ତି ଏବଂ ପ୍ରଳୟ ପରେ ସମସ୍ତେ ପୁଣି ତାଙ୍କଠାରେ ଆଶ୍ରୟ ନେବାକୁ ଫେରିଯା'ନ୍ତି । ବୈଦିକ ମନ୍ତ୍ରରେ ଏସବୁ ସ୍ୱୀକୃତ ହୋଇଅଛି—

*"ଯତୋ ବା ଇମାନି ଭୂତାନି ଜାୟନ୍ତେ ଯେନ ଜାତାନି ଜୀବନ୍ତି ।*
*ଯତ୍ ପ୍ରୟନ୍ତି ଅଭିସଂବିଶନ୍ତି ତଦ୍ ବ୍ରହ୍ମ ତଦ୍ ବିଜିଜ୍ଞାସସ୍ୱ ।"*

## ଶ୍ଳୋକ - ୧୮

**ଜ୍ୟୋତିଷାମପି ତଜ୍ଜ୍ୟୋତିସ୍ତମସଃ ପରମୁଚ୍ୟତେ ।**
**ଜ୍ଞାନଂ ଜ୍ଞେୟଂ ଜ୍ଞାନଗମ୍ୟଂ ହୃଦି ସର୍ବସ୍ୟ ବିଷ୍ଠିତମ୍ ।।୧୮।।**

## ଶବ୍ଦାନୁବାଦ

ଜ୍ୟୋତିଷାମ୍=ଜ୍ୟୋତିଷ୍କମାନଙ୍କ ମଧ୍ୟରେ; ଅପି=ମଧ୍ୟ; ତତ୍=ତାହା; ଜ୍ୟୋତିଃ= ଆଲୋକର ଉତ୍ପତ୍ତିସ୍ଥଳ; ତମସଃ=ଅନ୍ଧକାରର; ପରମ୍=ଉର୍ଦ୍ଧ୍ୱରେ; ଉଚ୍ୟତେ=କୁହାଯାଏ; ଜ୍ଞାନମ୍=ଜ୍ଞାନ; ଜ୍ଞେୟମ୍=ଜ୍ଞେୟ (ଯାହା ଜାଣିବାକୁ ହେବ); ଜ୍ଞାନ-ଗମ୍ୟମ୍=ଜ୍ଞାନ ସାହାଯ୍ୟରେ ପ୍ରାପ୍ୟ; ହୃଦି=ହୃଦୟରେ; ସର୍ବସ୍ୟ=ସମସ୍ତଙ୍କର; ବିଷ୍ଠିତମ୍=ଅବସ୍ଥିତ ।

## ଅନୁବାଦ

**ସମସ୍ତ ଜ୍ୟୋତିଷ୍କମାନଙ୍କ ମଧ୍ୟରେ ସେ ହେଉଛନ୍ତି ଆଲୋକର ଉତ୍ପତ୍ତିସ୍ଥଳ । ସେ ଭୌତିକ ଅନ୍ଧକାରର ବହୁ ଉର୍ଦ୍ଧ୍ୱରେ ଅବସ୍ଥିତ ଏବଂ ଅବ୍ୟକ୍ତ ଅଟନ୍ତି । ସେ ଜ୍ଞାନ, ସେ ଜ୍ଞେୟ ଏବଂ ଜ୍ଞାନଗମ୍ୟ (ଅର୍ଥାତ୍ ଜ୍ଞାନର ଚରମ ସୀମା) ଅଟନ୍ତି । ସେ ସମସ୍ତଙ୍କ ହୃଦୟରେ ଅବସ୍ଥିତ ।**

## ଭାବାର୍ଥ

ସୂର୍ଯ୍ୟ, ଚନ୍ଦ୍ର ନକ୍ଷତ୍ର ଆଦି ଜ୍ୟୋତିଷ୍କମାନଙ୍କର ଜ୍ୟୋତି ବା ଆଲୋକର ଉଦ୍ଭବସ୍ଥଳ ହେଉଛନ୍ତି ପରମାତ୍ମା, ପରମପୁରୁଷ ଭଗବାନ୍ । ବୈଦିକ ସାହିତ୍ୟରେ ଆମ୍ଭେମାନେ ଦେଖିବାକୁ ପାଉ ଯେ, ଚିଦ୍ ଜଗତରେ ସୂର୍ଯ୍ୟ କିମ୍ବା ଚନ୍ଦ୍ରଙ୍କର ଆବଶ୍ୟକତା ନାହିଁ, କାରଣ ପରମେଶ୍ୱରଙ୍କର ଜ୍ୟୋତି ସେଠାରେ ବିଦ୍ୟମାନ । ଭୌତିକ ଜଗତରେ ଭଗବାନଙ୍କର ସେ ଦିବ୍ୟଜ୍ୟୋତି ଅର୍ଥାତ୍ ବ୍ରହ୍ମଜ୍ୟୋତି ମହତ୍-ତତ୍ତ୍ୱଦ୍ୱାରା ଆଚ୍ଛାଦିତ; ତେଣୁ ଏ ଭୌତିକ ଜଗତରେ ଆମ୍ଭେମାନେ ସୂର୍ଯ୍ୟ, ଚନ୍ଦ୍ର, ବିଦ୍ୟୁତ ଆଦି ଆଲୋକ ନିମିତ୍ତ ଦରକାର କରୁ । କିନ୍ତୁ ଚିଦ୍ ଜଗତରେ ଏସବୁ ପଦାର୍ଥର ଆବଶ୍ୟକତା ନାହିଁ । ବୈଦିକ ସାହିତ୍ୟରେ ପରିଷ୍କାରଭାବରେ କୁହାଯାଇଛି ଯେ ଭଗବାନଙ୍କର ଉଜ୍ଜ୍ୱଳ ଜ୍ୟୋତିଯୋଗୁଁ ପ୍ରତ୍ୟେକ ପଦାର୍ଥ ଆଲୋକିତ ଅଟେ । ତେଣୁ ଏଥିରୁ ସୁସ୍ପଷ୍ଟ ହେଉଛି ଯେ ଭୌତିକ ଜଗତରେ ତାଙ୍କର ଅବସ୍ଥିତି ନାହିଁ । ସେ ଚିଦ୍ ଜଗତ୍‌ରେ

ଅବସ୍ଥିତ, ଯାହାକି ବହୁ ଦୂରରେ ପରବ୍ୟୋମରେ ଅବସ୍ଥିତ । ଏହା ମଧ୍ୟ ବୈଦିକ ସାହିତ୍ୟରେ ସ୍ୱୀକୃତ ହୋଇଅଛି, *"ଆଦିତ୍ୟ ବର୍ଣ୍ଣଂ ତମସଃ ପରସ୍ତାତ୍"* । ସେ ଠିକ୍ ସୂର୍ଯ୍ୟଙ୍କପରି, ସେ ଚିରନ୍ତନଭାବେ ଉଜ୍ଜ୍ୱଳ, କିନ୍ତୁ ସେ ଏ ଭୌତିକ ଜଗତର ଅନ୍ଧକାରଠାରୁ ବହୁ ଦୂରରେ । ତାଙ୍କର ଜ୍ଞାନ ହେଉଛି ଦିବ୍ୟଜ୍ଞାନ । ବୈଦିକ ସାହିତ୍ୟରେ କୁହାଯାଇଛି ଯେ, 'ବ୍ରହ୍ମନ୍' ହେଉଛନ୍ତି ପୁଞ୍ଜିଭୂତ ଦିବ୍ୟ ଜ୍ଞାନ । ଯେଉଁ ବ୍ୟକ୍ତି ଚିଦ୍ ଜଗତକୁ ଯିବାପାଇଁ ଖୁବ୍ ଆଗ୍ରହୀ, ତାକୁ ସମସ୍ତଙ୍କ ହୃଦୟରେ ପରମାତ୍ମାରୂପେ ବିଦ୍ୟମାନ ଥିବା ଭଗବାନ୍ ଜ୍ଞାନ ପ୍ରଦାନ କରନ୍ତି ।

ଗୋଟିଏ ବୈଦିକ ମନ୍ତ୍ରରେ କୁହାଯାଇଛି, *"ତଂ ହ ଦେବମ୍ ଆତ୍ମ-ବୁଦ୍ଧି ପ୍ରକାଶମ୍ ମୁମୁକ୍ଷୁର୍ବୈ ଶରଣମ୍ ଅହମ୍ ପ୍ରପଦ୍ୟେ"* । ଯଦି ବ୍ୟକ୍ତି ମୁକ୍ତି ଚାହେଁ, ତାହାହେଲେ ସେ ପରମପୁରୁଷ ଭଗବାନଙ୍କର ଶରଣରେ ଆସିବା ଉଚିତ୍ । ଜ୍ଞାନର ଶେଷସୀମା ସମ୍ବନ୍ଧରେ ବୈଦିକ ସାହିତ୍ୟରେ ମଧ୍ୟ କୁହାଯାଇଛି, *"ତମ୍ ଏବ ବିଦିତ୍ୱାତି ମୃତ୍ୟୁମ୍ ଏତି"*; ଅର୍ଥାତ୍- "କେବଳ ଆପଣଙ୍କୁ ହିଁ ଜାଣିଲେ ବ୍ୟକ୍ତି ଜନ୍ମ-ମୃତ୍ୟୁ ଚକ୍ରରୁ ରକ୍ଷା ପାଇଯିବ" । ପରମନିୟନ୍ତା ହିସାବରେ ସେ ପ୍ରତ୍ୟେକଙ୍କର ହୃଦୟରେ ବିଦ୍ୟମାନ । ପରମେଶ୍ୱରଙ୍କର ହାତ-ଗୋଡ଼ ଚାରିଆଡ଼େ ବିସ୍ତୃତ; କିନ୍ତୁ ଏକଥା ଜୀବାତ୍ମା ସମ୍ବନ୍ଧରେ କୁହାଯାଇ ପାରିବ ନାହିଁ । ତେଣୁ ଏକଥା ସ୍ୱୀକାର କରିବାକୁ ହେବ ଯେ ଦୁଇଜଣ କ୍ଷେତ୍ରଜ୍ଞ ଅଛନ୍ତି - ଗୋଟିଏ ହେଉଛି ଜୀବାତ୍ମା ଓ ଅନ୍ୟଟି ହେଉଛନ୍ତି ପରମାତ୍ମା । ଜୀବର ହାତଗୋଡ଼ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବିସ୍ତୃତ; କିନ୍ତୁ କୃଷ୍ଣଙ୍କର ହାତଗୋଡ଼ ଚାରିଆଡ଼େ ବିସ୍ତୃତ । ଏହା ଶ୍ୱେତାଶ୍ୱେତର ଉପନିଷଦରେ ସ୍ୱୀକୃତ ହୋଇଅଛି *"ସର୍ବସ୍ୟ ପ୍ରଭୁମ୍ ଈଶାନମ୍ ସର୍ବସ୍ୟ ଶରଣଂ ବୃହତ୍"* । ସେ ପରମପୁରୁଷ ଭଗବାନ୍, ପରମାତ୍ମା ହେଉଛନ୍ତି ପ୍ରଭୁ ବା ସମସ୍ତ ଜୀବଙ୍କର ମାଲିକ; ତେଣୁ ସେ ସମସ୍ତ ଜୀବଙ୍କର ଚରମ କେନ୍ଦ୍ର ଅଟନ୍ତି । ତେଣୁ ଏକଥା କେହି ଅସ୍ୱୀକାର କରିପାରିବେ ନାହିଁ ଯେ ପରମାତ୍ମା ଓ ଜୀବାତ୍ମା ବରାବର ଭିନ୍ନ ।

## ଶ୍ଲୋକ - ୧୯

**ଇତି କ୍ଷେତ୍ରଂ ତଥା ଜ୍ଞାନଂ ଜ୍ଞେୟଂ ଚୋକ୍ତଂ ସମାସତଃ ।**
**ମଦ୍‌ଭକ୍ତ ଏତଦ୍‌ବିଜ୍ଞାୟ ମଦ୍‌ଭାବାୟୋପପଦ୍ୟତେ ।। ୧୯ ।।**

## ଶବ୍ଦାନୁବାଦ

ଇତି=ଏହିପରି; କ୍ଷେତ୍ରମ୍=କ୍ଷେତ୍ର (ଶରୀର); ତଥା=ମଧ୍ୟ; ଜ୍ଞାନମ୍=ଜ୍ଞାନ; ଜ୍ଞେୟମ୍=ଜ୍ଞେୟ (ଜ୍ଞାତବ୍ୟ ବିଷୟ) ଚ=ମଧ୍ୟ; ଉକ୍ତମ୍=ବର୍ଣ୍ଣନା କରାଗଲା; ସମାସତଃ=ସଂକ୍ଷେପରେ; ମତ୍-ଭକ୍ତଃ=ମୋର ଭକ୍ତ; ଏତଦ୍=ଏସବୁ; ବିଜ୍ଞାୟ=ବୁଝି; ମତ୍-ଭାବାୟ=ମୋ ଭାବ (ମୋ ପ୍ରକୃତି); ଉପପଦ୍ୟତେ=ପ୍ରାପ୍ତ ହୁଏ ।

## ଅନୁବାଦ

**ଏହିପରି କ୍ଷେତ୍ର (ଶରୀର), ଜ୍ଞାନ ଏବଂ ଜ୍ଞେୟ-ଏସବୁ ବିଷୟ ମୋ' ଦ୍ୱାରା ସଂକ୍ଷେପରେ ବର୍ଣ୍ଣନା କରାଯାଇଛି; କେବଳ ମୋର ଭକ୍ତମାନେ ଏସବୁ ଭଲଭାବରେ ବୁଝିପାରନ୍ତି ଏବଂ ଏହିପରି ସେମାନେ ମୋ ଭାବ ପ୍ରାପ୍ତ ହୁଅନ୍ତି ।**

## ଭାବାର୍ଥ

ଭଗବାନ୍ ସଂକ୍ଷେପରେ ଶରୀର, ଜ୍ଞାନ ଓ ଜ୍ଞେୟ କଥା ଏଠାରେ ବର୍ଣ୍ଣନା କରିଛନ୍ତି । ଏ ଜ୍ଞାନରେ ତିନୋଟି କଥା ଅଛି; ଯଥା -ଜ୍ଞାତା, ଜ୍ଞାନ ଏବଂ ଜାଣିବା ବିଧି । ଏଗୁଡ଼ିକର ଏକତ୍ର ସମାବେଶକୁ 'ବିଜ୍ଞାନ" କୁହାଯାଏ; ଅର୍ଥାତ୍-ଏହା ଜ୍ଞାନର ବିଜ୍ଞାନ ଅଟେ । ଭଗବାନଙ୍କର ଶୁଦ୍ଧ ଭକ୍ତଗଣ ପ୍ରତ୍ୟକ୍ଷଭାବରେ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୋଇ ପାରନ୍ତି, ଅନ୍ୟମାନେ ତାହା ବୁଝିବାକୁ ଅକ୍ଷମ । ବେଦାନ୍ତବାଦୀ ବା ବ୍ରହ୍ମବାଦୀଗଣ କହନ୍ତି ଯେ ଅନ୍ତିମ ସ୍ତରରେ ଏ ତିନୋଟି ଏକ ହୋଇଯା'ନ୍ତି, କିନ୍ତୁ ଭକ୍ତଗଣ ଏହା ସ୍ୱୀକାର କରନ୍ତି ନାହିଁ । ଜ୍ଞାନ ଏବଂ ଜ୍ଞାନ ବୃଦ୍ଧିର ଅର୍ଥ ହେଲା କୃଷ୍ଣଚେତନାରେ ନିଜକୁ ବୁଝିବା । ଆମ୍ଭେମାନେ ଜଡ଼ ଚେତନାରେ ପରିଗ୍ରୁଳିତ, କିନ୍ତୁ ଆମ୍ଭେମାନେ ଆମ୍ଭମାନଙ୍କର ସମସ୍ତ ଚେତନାକୁ କୃଷ୍ଣକର୍ମ ବା ସେବାରେ ବିନିଯୋଗ କଲେ, ଅର୍ଥାତ୍- ଯେତେବେଳେ ଆମ୍ଭେମାନେ ବୁଝିପାରିବା ଯେ କୃଷ୍ଣ ହେଉଛନ୍ତି ସବୁ, ସେତେବେଳେ ଆମ୍ଭେମାନେ ପ୍ରକୃତ ଜ୍ଞାନପ୍ରାପ୍ତ ହେବା । ଅନ୍ୟକଥାରେ ଏହାହିଁ କୁହାଯାଇପାରେ ଯେ ଜ୍ଞାନ ଆଉକିଛି ନୁହେଁ; ଏହା ଭକ୍ତିଯୋଗକୁ ଭଲଭାବରେ ବୁଝିବା ନିମିତ୍ତ ପ୍ରାଥମିକ ସ୍ତର ଅଟେ ।

## ଶ୍ଳୋକ - ୨୦

**ପ୍ରକୃତିଂ ପୁରୁଷଂ ଚୈବ ବିଦ୍ଧ୍ୟନାଦୀ ଉଭାବପି ।**
**ବିକାରାଂଶ୍ଚ ଗୁଣାଂଶ୍ଚୈବ ବିଦ୍ଧି ପ୍ରକୃତିସମ୍ଭବାନ୍ ।।୨୦।।**

## ଶବ୍ଦାନୁବାଦ

ପ୍ରକୃତିମ୍=ଭୂତପ୍ରକୃତି; ପୁରୁଷମ୍=ଜୀବଗଣ; ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ବିଦ୍ଧି=ଜାଣିବା ଉଚିତ୍; ଅନାଦୀ=ଅନାଦି; ଉଭୌ=ଉଭୟ; ଅପି=ମଧ୍ୟ; ବିକାରାନ୍=ବିକାର (ରୂପାନ୍ତର); ଚ=ମଧ୍ୟ;ଗୁଣାନ୍=ଭୂତପ୍ରକୃତିର ତ୍ରିଗୁଣକୁ; ଚ=ମଧ୍ୟ;ଏବ=ନିଶ୍ଚିତଭାବେ; ବିଦ୍ଧି=ଜାଣିରଖ; ପ୍ରକୃତି=ଭୂତ-ପ୍ରକୃତିରୁ; ସମ୍ଭବାନ୍=ଜାତ ।

## ଅନୁବାଦ

**ଭୂତପ୍ରକୃତି ଏବଂ ଜୀବଗଣ-ଏ ଉଭୟ ଅନାଦି ଅଟନ୍ତି; ଏକଥା ବୁଝିବାକୁ ପଡ଼ିବ । ସେମାନଙ୍କର ବିକାର (ବା ରୂପାନ୍ତର) ଏବଂ ଭୂତପ୍ରକୃତିର ତ୍ରିଗୁଣ-ଏସବୁ ଭୂତପ୍ରକୃତିରୁ ଜାତ ।**

## ଭାବାର୍ଥ

ଏହି ଜ୍ଞାନ ସାହାଯ୍ୟରେ, କ୍ଷେତ୍ର ବା ଶରୀର ଏବଂ କ୍ଷେତ୍ରଜ୍ଞଗଣ (ଅର୍ଥାତ୍ ଉଭୟ ଆତ୍ମା ଏବଂ ପରମାତ୍ମା)ଙ୍କୁ ଜାଣିପାରିବ । ଏ ଶରୀର କ୍ଷେତ୍ର ଅଟେ ଏବଂ ଏହା ଭୂତପ୍ରକୃତି ଦ୍ୱାରା ଗଠିତ । ଜୀବାତ୍ମା ଏ ଶରୀର ମଧ୍ୟରେ ରହିଛି । ଶରୀରର କର୍ମଫଳକୁ ଯେ ଭୋଗ କରୁଛି ସେ ହେଉଛି ପୁରୁଷ, ଅର୍ଥାତ୍-ଜୀବ । ସେ ଏକ କ୍ଷେତ୍ରଜ୍ଞ ଅଟେ ଏବଂ ଅନ୍ୟ କ୍ଷେତ୍ରଜ୍ଞ ଜଣକ ହେଉଛନ୍ତି ପରମାତ୍ମା । ଅବଶ୍ୟ, ଏହା ଜାଣି ରଖିବାକୁ ହେବ ଯେ ଉଭୟେ ପରମାତ୍ମା ଓ ଜୀବାତ୍ମା ପରମପୁରୁଷ ଭଗବାନଙ୍କର ବିଭିନ୍ନ ପ୍ରକାଶ ଅଟନ୍ତି । ଜୀବ ହେଉଛି ଭଗବାନଙ୍କର ଏକ ଶକ୍ତିର ଅନ୍ତର୍ଗତ ଏବଂ ପରମାତ୍ମା ତାଙ୍କର ସ୍ୱାଂଶ ବିଭାଗର ବା ବ୍ୟକ୍ତିଗତ ବିସ୍ତୃତାଂଶର ଅନ୍ତର୍ଗତ ।

ଉଭୟ ଭୂତପ୍ରକୃତି ଓ ଜୀବ ସନାତନ ବା ଶାଶ୍ୱତ ଅଟନ୍ତି, ଅର୍ଥାତ୍ -ଏମାନେ ସୃଷ୍ଟି ପୂର୍ବରୁ ଅଛନ୍ତି । ଭଗବାନଙ୍କର ଶକ୍ତିର ପ୍ରକାଶ ହେଉଛି ଏ ଭୌତିକ ଜଗତ ଏବଂ ତଦ୍ରୂପ ଜୀବଗଣ ମଧ୍ୟ, କିନ୍ତୁ ଜୀବଗଣ ହେଉଛନ୍ତି ଉତ୍କୃଷ୍ଟ ଶକ୍ତି । ଉଭୟେ ଏ ଭୌତିକ ସୃଷ୍ଟି ହେବା ପୂର୍ବରୁ ଅଛନ୍ତି । ପରମପୁରୁଷ ଭଗବାନ୍ ମହାବିଷ୍ଣୁଙ୍କଠାରେ ଭୂତପ୍ରକୃତି ଲୀନ ହୋଇଥିଲା ଏବଂ ଯେତେବେଳେ ଦରକାର ପଡ଼ିଲା, ସେତେବେଳେ ତାହା ମହତ୍ତତ୍ତ୍ୱ ଜରିଆରେ ପ୍ରକାଶିତ ହେଲା । ଠିକ୍ ସେହିପରି ଜୀବଗଣ ମଧ୍ୟ ତାଙ୍କଠାରେ ଅଛନ୍ତି ଏବଂ ସେମାନେ ମାୟାବଦ୍ଧ ହୋଇଥିବାରୁ ସେମାନେ କୃଷ୍ଣସେବାପ୍ରତି ବିମୁଖ ହୋଇ ପଡ଼ିଛନ୍ତି ବା କୃଷ୍ଣ ବହିର୍ମୁଖ ହୋଇ ପଡ଼ିଛନ୍ତି । ତେଣୁ ସେମାନଙ୍କୁ ପରବ୍ୟୋମରେ ପ୍ରବେଶ କରିବାକୁ ଅନୁମତି ଦିଆଯାଉନାହିଁ । ଯେତେବେଳେ ଏ ଭୂତପ୍ରକୃତି ପୁଣି ମହାବିଷ୍ଣୁଙ୍କ ଦେହରେ ଯାଇ ଲୀନ ହୋଇଯାଏ, ଜୀବଗଣଙ୍କୁ ପୁଣି ଥରେ ସୁବିଧା ଓ ସୁଯୋଗ ଦିଆଯାଏ; ଅର୍ଥାତ୍ ପୁଣି ଥରେ ଏ ଭୌତିକ ଜଗତକୁ ସେମାନେ ଆସି କୃଷ୍ଣକର୍ମକରି ଚିଦ୍‌ଜଗତରେ ପ୍ରବେଶ କରିବା ନିମିତ୍ତ ନିଜକୁ ପ୍ରସ୍ତୁତ କରିବାକୁ ସୁବିଧା ଦିଆଯାଏ । ଏହାହିଁ ହେଉଛି ଏ ଭୌତିକ ସୃଷ୍ଟିର ରହସ୍ୟ । ବାସ୍ତବରେ ଜୀବ ମୌଳିକଭାବେ ପରମେଶ୍ୱରଙ୍କର ଦିବ୍ୟ ଅଂଶବିଶେଷ ଅଟେ, କିନ୍ତୁ ତା'ର ବିଦ୍ରୋହାତ୍ମକ ମନୋବୃତ୍ତି ଯୋଗୁଁ ସେ ଏ ଭୂତ ପ୍ରକୃତିର ବନ୍ଧନରେ ପଡ଼ିଛି । ଏ ଜୀବଗଣ ବା ଭଗବାନଙ୍କର ଏ ଉତ୍କୃଷ୍ଟ ଶକ୍ତି କିପରି ଭୂତପ୍ରକୃତିର ସଂସ୍ପର୍ଶରେ ଆସିଛନ୍ତି, ଏ ବିଷୟରେ ବିଶେଷ କିଛି ଭାବିବା ଦରକାର ନାହିଁ । ଏକଥା ପରମପୁରୁଷ ଭଗବାନ୍ ଜାଣନ୍ତି -କିପରି ଓ କାହିଁକି ଏପରି ହୋଇଛି । ଶାସ୍ତ୍ରମାନଙ୍କରେ ଭଗବାନ୍ କହିଛନ୍ତି ଯେ ଯେଉଁମାନେ ଏ ଭୂତପ୍ରକୃତି ପ୍ରତି ଆକୃଷ୍ଟ, ସେମାନେ ବଞ୍ଚି ରହିବା ପାଇଁ କଠିନ ଜୀବନ ସଂଗ୍ରାମରେ ବ୍ୟସ୍ତ, କିନ୍ତୁ ଏହି କେତେକ ଶ୍ଲୋକର ବର୍ଣ୍ଣନାରୁ ଆମ୍ଭେମାନେ ଜାଣିବା ଉଚିତ୍ ଯେ ଏ ତ୍ରିଗୁଣାତ୍ମିକା ପ୍ରକୃତିଦ୍ୱାରା ଯେଉଁସବୁ ବିକାର ବା ରୂପାନ୍ତର ହେଉଛି, ଅର୍ଥାତ୍ ଭୂତପ୍ରକୃତିର ଯେଉଁ ପ୍ରଭାବ ଅନୁଭୂତ ହେଉଛି, ସେ ସବୁ ଭୂତପ୍ରକୃତିରୁ ଉତ୍ପନ୍ନ ଅଟେ । ଜୀବର ଯେତେପ୍ରକାର ବିକାର ବା ରୂପାନ୍ତର ସଂଘଟିତ ହେଉଛି ତାହାସବୁ ଏ ଶରୀର ଯୋଗୁଁ ହେଉଛି, କିନ୍ତୁ ଦିବ୍ୟ ଆତ୍ମାର ସମସ୍ତ ବିଷୟ ଶାଶ୍ୱତ ବା ସନାତନ ଅଟେ ଏବଂ ଚିଦାତ୍ମା ସର୍ବଦା ଏକ ପ୍ରକାର, ତାହାର କୌଣସି ପ୍ରକାର ବିକାର ବା ରୂପାନ୍ତର ନାହିଁ ।

## ଶ୍ଲୋକ - ୨୧

**କାର୍ଯ୍ୟକାରଣକର୍ତୃତ୍ୱେ ହେତୁଃ ପ୍ରକୃତିରୁଚ୍ୟତେ ।**
**ପୁରୁଷଃ ସୁଖଦୁଃଖାନାଂ ଭୋକ୍ତୃତ୍ୱେ ହେତୁରୁଚ୍ୟତେ ।। ୨୧ ।।**

## ଶବ୍ଦାନୁବାଦ

କାର୍ଯ୍ୟ=କାର୍ଯ୍ୟ; କାରଣ=କାରଣ; କର୍ତୃତ୍ୱେ=ସୃଷ୍ଟି ସଂପର୍କରେ; ହେତୁଃ=ଯନ୍ତ୍ର; ପ୍ରକୃତିଃ=ଭୂତପ୍ରକୃତି; ଉଚ୍ୟତେ=କୁହାଯାଏ; ପୁରୁଷଃ=ଜୀବଗଣ; ସୁଖ=ସୁଖ;

ଦୁଃଖାନାମ୍=ଦୁଃଖମାନଙ୍କର; ଭୋକ୍ତୃତ୍ୱେ=ଭୋଗ କରିବାରେ; ହେତୁଃ=ଯନ୍ତ୍ର (କାରଣ); ଉଚ୍ୟତେ=କୁହାଯାଏ ।

## ଅନୁବାଦ

**ଏ ପୃଥିବୀରେ ସମସ୍ତ ଭୌତିକ କାର୍ଯ୍ୟ-କାରଣର ହେତୁ ହେଲା ପ୍ରକୃତି ଏବଂ ଜୀବ ସମସ୍ତପ୍ରକାର ସୁଖ-ଦୁଃଖର କାରଣ ଅଟେ ।**

## ଭାବାର୍ଥ

ଭୂତପ୍ରକୃତି ହେତୁ ଜୀବମାନଙ୍କ ମଧ୍ୟରେ ଶରୀର ଓ ଇନ୍ଦ୍ରିୟମାନଙ୍କର ବିଭିନ୍ନ ପ୍ରକାର ପ୍ରକାଶ ପ୍ରକଟିତ ହୋଇଅଛି । ୮୪ ଲକ୍ଷ ଜୀବ-ଯୋନି ଅଛି ଏବଂ ଏ ସବୁ ଭୂତପ୍ରକୃତିର ସୃଷ୍ଟି । ଜୀବଗଣ ଯେପରି ଇଚ୍ଛା କରନ୍ତି ଅର୍ଥାତ୍ ଯେପରି ଶରୀର ପାଇବାକୁ ଇଚ୍ଛା କରନ୍ତି, ସେହି ଅନୁଯାୟୀ ଜୀବଗଣଙ୍କର ବିଭିନ୍ନ ପ୍ରକାର ଇନ୍ଦ୍ରିୟ ଉପଭୋଗରୁ ସେଗୁଡ଼ିକ (ଶରୀରଗୁଡ଼ିକ) ଉତ୍ପନ୍ନ ହୁଅନ୍ତି । ଯେତେବେଳେ ଜୀବ ବିଭିନ୍ନ ଶରୀର ମଧ୍ୟରେ ରହେ, ସେତେବେଳେ ସେ ବିଭିନ୍ନ ପ୍ରକାର ସୁଖ-ଦୁଃଖ ଭୋଗକରେ । ସେ ଯେଉଁ ଭୌତିକ ସୁଖ-ଦୁଃଖ ଭୋଗ କରେ, ତାହା ତା'ର ଶରୀର ଯୋଗୁଁ ହୁଏ, ତା' ନିଜ ଯୋଗୁଁ ନୁହେଁ । ଏହା ନିଃସନ୍ଦେହ ଯେ ମୌଳିକ ଅବସ୍ଥାରେ ଭୋଗ ଅଛି; ତେଣୁ ତାହା ହିଁ ହେଉଛି ତା'ର ପ୍ରକୃତ ଅବସ୍ଥା । ସେ ଭୂତପ୍ରକୃତିକୁ ଉପଭୋଗ କରିବାକୁ ଇଚ୍ଛା କରିବାରୁ, ଭୌତିକ ଜଗତରେ ସ୍ଥାନ ପାଇଛି । ଚିଦ୍ ଜଗତରେ ଏସବୁ ନାହିଁ । ଚିଦ୍ ଜଗତ୍ ହେଉଛି ବିଶୁଦ୍ଧ, କିନ୍ତୁ ଭୌତିକ ଜଗତରେ ପ୍ରତ୍ୟେକ ଶରୀର ସୁଖପାଇଁ ଖୁବ୍ ସଂଘର୍ଷ କରୁଛନ୍ତି । ଅତି ପରିଷ୍କାର ଭାବରେ ଏହାହିଁ କୁହାଯାଇପାରେ ଯେ ଏ ଶରୀର ଇନ୍ଦ୍ରିୟମାନଙ୍କର ଫଳ ଅଟେ । କାମନା ଚରିତାର୍ଥ ନିମିତ୍ତ ଇନ୍ଦ୍ରିୟଗୁଡ଼ିକ କାରଣ (ଯନ୍ତ୍ର) ଅଟନ୍ତି । ବର୍ତ୍ତମାନ ଏ ସବୁ -ଅର୍ଥାତ୍ ଶରୀର ଏବଂ ତା'ର କାରଣ (ଯନ୍ତ୍ର) ଇନ୍ଦ୍ରିୟଗୁଡ଼ିକ ଭୂତପ୍ରକୃତିର ଅବଦାନ ଅଟନ୍ତି ଏବଂ ପରବର୍ତ୍ତୀ ଶ୍ଳୋକରେ ଏହା ସୁସ୍ପଷ୍ଟ ହେବ ଯେ ଜୀବ ତା'ର ଗତଜନ୍ମର କାମନା ଓ କର୍ମଫଳ ଯୋଗୁଁ ସୁଖୀ ହୁଏ ବା ଦୁଃଖୀ ହୁଏ । ଜୀବର କାମନା ଓ କର୍ମଫଳ ଅନୁଯାୟୀ ଭୂତପ୍ରକୃତି ତାକୁ (ଜୀବକୁ) ବିଭିନ୍ନ ପ୍ରକାର ଶରୀର ମଧ୍ୟରେ ସ୍ଥାପନ କରେ । ଏ ପ୍ରକାର ଶରୀର ପାଇବାର ଏବଂ ସୁଖ ଦୁଃଖ ଭୋଗିବାର କାରଣ ହେଲା ଜୀବ ନିଜେ । ଜୀବ ଏକ ଶରୀର ମଧ୍ୟରେ ଆବଦ୍ଧ ହେଲାକ୍ଷଣି ସେ ପ୍ରକୃତିର ନିୟନ୍ତ୍ରଣାଧୀନ ହୋଇଯାଏ; କାରଣ ଏ ଶରୀର ଜଡ଼ଶରୀର ହୋଇଥିବାରୁ ଏହା ପ୍ରକୃତିର ନିୟମାନୁଯାୟୀ କାର୍ଯ୍ୟ କରେ । ସେ ସମୟରେ ଏ ନିୟମକୁ ପରିବର୍ତ୍ତନ କରିବାର ଶକ୍ତି ଆଉ ଜୀବର ନ ଥାଏ । ଧର କୌଣସି ଜୀବ ଏକ କୁକୁର ଶରୀର ମଧ୍ୟରେ ଆବଦ୍ଧ ହୋଇଅଛି । ସେ କୁକୁର ଶରୀର ମଧ୍ୟରେ ଆବଦ୍ଧ ହେଲାକ୍ଷଣି ନିଶ୍ଚୟ କୁକୁର ପରି କାର୍ଯ୍ୟ କରିବ । ସେ ଅନ୍ୟ ପ୍ରକାର କାର୍ଯ୍ୟ କରିପାରିବ ନାହିଁ । ଯଦି ଜୀବ ଏକ ଶୂକର ଶରୀର ମଧ୍ୟରେ ଆବଦ୍ଧ ହୁଏ, ତାହାହେଲେ ସେ ବିଷ୍ଠା ଖାଇବାକୁ ଏବଂ ଶୂକର ପରି କାର୍ଯ୍ୟ କରିବାକୁ ବାଧ୍ୟ ହେବ । ଠିକ୍ ସେହିପରି ଯଦି ଜୀବ ଏକ ଦେବତା ଶରୀର ମଧ୍ୟରେ ଆବଦ୍ଧ ହୁଏ, ସେ ନିଶ୍ଚୟ ସେହି ଶରୀର ଅନୁଯାୟୀ କାର୍ଯ୍ୟ କରିବ । ଏହା ହେଉଛି ପ୍ରକୃତିର ନିୟମ । କିନ୍ତୁ ପ୍ରତ୍ୟେକ ଅବସ୍ଥାରେ ପରମାତ୍ମା ଜୀବ

ସହିତ ଅଛନ୍ତି । ତାହା ବେଦରେ ନିମ୍ନମତେ ବର୍ଣ୍ଣନା କରାଯାଇଅଛି— *''ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା ।''* ପରମେଶ୍ୱର ଜୀବପ୍ରତି ଏତେ ସଦୟ ଯେ ସେ ସର୍ବଦା ଜୀବ ସହିତ ଥା'ନ୍ତି ଏବଂ ପ୍ରତ୍ୟେକ ଅବସ୍ଥାରେ ଜୀବର ହୃଦୟରେ ପରମାତ୍ମା ରୂପରେ ବିଦ୍ୟମାନ ଥା'ନ୍ତି ।

## ଶ୍ଲୋକ - ୨୨

**ପୁରୁଷଃ ପ୍ରକୃତିସ୍ଥୋ ହି ଭୁଙ୍କ୍ତେ ପ୍ରକୃତିଜାନ୍‌ଗୁଣାନ୍ ।**
**କାରଣଂ ଗୁଣସଙ୍ଗୋଽସ୍ୟ ସଦସଦ୍‌ଯୋନିଜନ୍ମସୁ ।।୨୨।।**

## ଶବ୍ଦାନୁବାଦ

ପୁରୁଷଃ=ଜୀବ; ପ୍ରକୃତି-ସ୍ଥଃ=ଭୂତପ୍ରକୃତିରେ ସ୍ଥିତ ହୋଇଥିବା ଯୋଗୁଁ; ହି=ନିଶ୍ଚିତଭାବେ; ଭୁଙ୍କ୍ତେ=ଭୋଗ କରୁଛି; ପ୍ରକୃତି-ଜାନ୍=ଭୂତପ୍ରକୃତିରୁ ଜାତ; ଗୁଣାନ୍= ପ୍ରାକୃତିକ ଗୁଣ; କାରଣମ୍=କାରଣ; ଗୁଣ-ସଙ୍ଗଃ=ପ୍ରକୃତିର ଗୁଣ-ସଙ୍ଗ; ଅସ୍ୟ=ଜୀବର; ସଦ୍-ଅସଦ୍=ଭଲ ଓ ମନ୍ଦ; ଯୋନି=ଜୀବ ଯୋନି; ଜନ୍ମସୁ=ଜନ୍ମମାନଙ୍କରେ।

## ଅନୁବାଦ

**ଏହି ପ୍ରକାରେ ଜୀବ ପ୍ରକୃତିର ତ୍ରିଗୁଣକୁ ଉପଭୋଗ କରି ଭୂତପ୍ରକୃତିରେ ଜୀବନଯାପନ କରେ । ଭୂତପ୍ରକୃତିର ସଂସ୍ପର୍ଶରେ ଆସୁଥିବା ଯୋଗୁଁ ଏପରି ହୁଏ । ତେଣୁ ସେ ଭଲ ଓ ମନ୍ଦ ବିଭିନ୍ନ ଜୀବ-ଯୋନି ପ୍ରାପ୍ତ ହୁଏ ।**

## ଭାବାର୍ଥ

ଜୀବଗଣ କିପରି ଦେହାନ୍ତର ପ୍ରାପ୍ତ ହୁଅନ୍ତି, ଅର୍ଥାତ୍ ଗୋଟିଏ ଶରୀରକୁ ତ୍ୟାଗକରି ଅନ୍ୟ ଶରୀର ମଧ୍ୟରେ ପ୍ରବେଶ କରନ୍ତି -ତାହା ବୁଝିବା ନିମିତ୍ତ ଏ ଶ୍ଲୋକ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ । ଦ୍ୱିତୀୟ ଅଧ୍ୟାୟରେ କୁହାଯାଇଛି ଯେ ବ୍ୟକ୍ତି ପୋଷାକ ପରିବର୍ତ୍ତନ କଲାପରି ଜୀବ ଶରୀର ପରିବର୍ତ୍ତନ କରୁଅଛି । ତା'ର ଭୌତିକ ସ୍ଥିତିର ଆସକ୍ତି ଯୋଗୁଁ ଏ ପୋଷାକ ପରିବର୍ତ୍ତନ ସାଧିତ ହେଉଅଛି । ଯେ ପର୍ଯ୍ୟନ୍ତ ସେ (ଜୀବ) ଏ ମିଥ୍ୟା ପ୍ରକାଶରେ ମୋହିତ ହୋଇଅଛି, ସେ ପର୍ଯ୍ୟନ୍ତ ସେ ଗୋଟିଏ ଶରୀରପରେ ଆଉ ଗୋଟିଏ ଶରୀର ଗ୍ରହଣ କରି ଚାଲିଥିବ । ଏ ଭୂତ ପ୍ରକୃତିକୁ ଉପଭୋଗ କରିବା କାମନା ପୋଷଣ କରିବା ଯୋଗୁଁ ସେ ଏପ୍ରକାର ଅବାଞ୍ଛିତ ପରିସ୍ଥିତିରେ ପଡୁଛି । ଏହି ଭୌତିକ କାମନା ଯୋଗୁଁ ହିଁ ସେ (ଅର୍ଥାତ୍ ଜୀବ) ବେଳେବେଳେ ଦେବତା ରୂପରେ କିମ୍ବା ମଣିଷ ରୂପରେ କିମ୍ବା ପଶୁ ରୂପରେ କିମ୍ବା ପକ୍ଷୀ ରୂପରେ କିମ୍ବା କୀଟ ରୂପରେ କିମ୍ବା ଜଳଚର ଜୀବ ରୂପରେ କିମ୍ବା ଏକ ସାଧୁବ୍ୟକ୍ତି ରୂପରେ କିମ୍ବା ଏକ ଓଡ଼ଶ ରୂପରେ ଜନ୍ମଲାଭ କରେ । ଏହା ବରାବର ଚାଲିଛି ଏବଂ ପ୍ରତ୍ୟେକ ପରିସ୍ଥିତିରେ ଜୀବ ଭାବୁଛି ଯେ ସେ ପରିସ୍ଥିତିର ପ୍ରଭୁ ଅଟେ; କିନ୍ତୁ ସେ ଯେ ଭୂତପ୍ରକୃତିର ନିୟନ୍ତ୍ରଣାଧୀନ ଏହା ଜାଣି ପାରୁନାହିଁ ।

କିପରି ସେ ବିଭିନ୍ନ ପ୍ରକାର ଶରୀର ମଧ୍ୟରେ ପ୍ରବେଶ କରେ, ସେକଥା ଏଠାରେ

କୁହାଗଲା । ପ୍ରକୃତିର ବିଭିନ୍ନପ୍ରକାର ଗୁଣସଙ୍ଗ ଯୋଗୁଁ ଏପରି ହେଉଛି । ତେଣୁ ଜୀବକୁ ପ୍ରକୃତିର ଏ ତ୍ରିଗୁଣର ଊର୍ଦ୍ଧ୍ୱକୁ ଉଠିବାକୁ ହେବ ଏବଂ ଦିବ୍ୟସ୍ତରରେ ଅବସ୍ଥାନ କରିବାକୁ ପଡ଼ିବ । ଏହାକୁ ହିଁ କୃଷ୍ଣଚେତନା କୁହାଯାଏ । ଯେ ପର୍ଯ୍ୟନ୍ତ ବ୍ୟକ୍ତି କୃଷ୍ଣଚେତନଶୀଳ ନ ହୋଇଛି, ସେ ପର୍ଯ୍ୟନ୍ତ ତା'ର ଭୌତିକ ଚେତନା ତାକୁ ଗୋଟିଏ ଶରୀରରୁ ଅନ୍ୟ ଶରୀରକୁ ଯିବାକୁ ବାଧ୍ୟ କରିବ; କାରଣ ଅବିସ୍ମରଣୀୟ କାଳରୁ ତା'ର ଭୌତିକ କାମନା ରହି ଆସିଛି, କିନ୍ତୁ ତାକୁ ଏ କାମନାକୁ ପରିବର୍ତ୍ତନ କରିବାକୁ ପଡ଼ିବ । ଉପଯୁକ୍ତ ଅଧିକାରୀଙ୍କଠାରୁ ଶ୍ରବଣକଲେ ଯାଇ ଏ ଧାରଣାର ପରିବର୍ତ୍ତନ ହେବ । ସର୍ବୋତ୍କୃଷ୍ଟ ଉଦାହରଣ ଏଠାରେ ହିଁ ଅଛି । ତାହା ହେଲା ଏଇଆ ଯେ ଅର୍ଜୁନ ଭଗବତ ବିଜ୍ଞାନ କୃଷ୍ଣଙ୍କଠାରୁ ହିଁ ଶୁଣିଛନ୍ତି । ଯଦି ଜୀବ ଏପ୍ରକାର ଶ୍ରବଣ କରେ, ତାହାହେଲେ ଅନନ୍ତକାଳରୁ ତା' ମଧ୍ୟରେ ଭୂତପ୍ରକୃତିକୁ ଉପଭୋଗ କରିବାର ଯେଉଁ କାମନା ରହିଛି ତାହା କ୍ରମେ ଏବଂ ଆନୁପାତିକ ଭାବେ ହ୍ରାସ ହେବ ଏବଂ ତା'ର ଏ ଭୌତିକ କାମନା ବିନଷ୍ଟ ହେଲାପରେ ସେ ଦିବ୍ୟସୁଖ ବା ଆନନ୍ଦ ଉପଭୋଗ କରିବ । ଏକ ବୈଦିକ ମନ୍ତ୍ରରେ କୁହାଯାଇଛି ଯେ ଜୀବ ପରମପୁରୁଷ ଭଗବାନଙ୍କର ସଙ୍ଗଲାଭରେ ଯେତେ ତତ୍ତ୍ୱଜ୍ଞ ହେବ, ସେତେ ପରିମାଣରେ ସେ ତା'ର ଶାଶ୍ୱତ ଆନନ୍ଦମୟ ଜୀବନକୁ ଉପଭୋଗ କରିପାରିବ ।

## ଶ୍ଳୋକ - ୨୩

**ଉପଦ୍ରଷ୍ଟାନୁମନ୍ତା ଚ ଭର୍ତ୍ତା ଭୋକ୍ତା ମହେଶ୍ୱରଃ ।**
**ପରମାତ୍ମେତି ଚାପ୍ୟୁକ୍ତୋ ଦେହେଽସ୍ମିନ୍‌ପୁରୁଷଃ ପରଃ ।। ୨୩ ।।**

## ଶବ୍ଦାନୁବାଦ

ଉପଦ୍ରଷ୍ଟା=ନିରୀକ୍ଷକ; ଅନୁମନ୍ତା=ଅନୁମୋଦନକାରୀ; ଚ=ମଧ୍ୟ; ଭର୍ତ୍ତା=ପ୍ରଭୁ; ଭୋକ୍ତା=ପରମ ଉପଭୋଗକାରୀ; ମହେଶ୍ୱରଃ=ପରମେଶ୍ୱର; ପରମାତ୍ମା=ପରମାତ୍ମା; ଇତି=ମଧ୍ୟ; ଚ=ଏବଂ; ଅପି ଉକ୍ତଃ=କୁହାଯାଇଛି; ଦେହେ=ଏ ଦେହରେ; ଅସ୍ମିନ୍=ଏହି; ପୁରୁଷଃ=ଉପଭୋଗକାରୀ; ପରଃ=ପରମ ।

## ଅନୁବାଦ

**ତଥାପି ଏ ଶରୀରରେ ଆଉ ଜଣେ ଅଛନ୍ତି; ଯେ'କି ପରମ ଉପଭୋଗକାରୀ ଅଟନ୍ତି; ସେ ଭଗବାନ୍, ପରମ ଅଧ୍ୟକ୍ଷ ଅଟନ୍ତି ଏବଂ ସେ ମଧ୍ୟ ନିରୀକ୍ଷକ ଓ ଅନୁମୋଦନକାରୀ ହିସାବରେ ବିଦ୍ୟମାନ ଏବଂ ସେ ମଧ୍ୟ ପରମାତ୍ମାରୂପେ ବିଦିତ ।**

## ଭାବାର୍ଥ

ଏଠାରେ କୁହାଯାଇଛି ଯେ, ଯେଉଁ ପରମାତ୍ମା ସର୍ବଦା ଜୀବାତ୍ମା ସହ ଅଛନ୍ତି ସେ ପରମେଶ୍ୱରଙ୍କର ପ୍ରତିଭୂ ଅଟନ୍ତି । ସେ ଏକ ସାଧାରଣ ଜୀବ ନୁହଁନ୍ତି । ବ୍ରହ୍ମବାଦୀଗଣ କ୍ଷେତ୍ରଜ୍ଞଙ୍କୁ ଏକ ବୋଲି ଜାଣୁଥିବାରୁ ସେମାନେ ଭାବନ୍ତି ଯେ ଜୀବାତ୍ମା ଓ ପରମାତ୍ମା ମଧ୍ୟରେ କୌଣସି

ପାର୍ଥକ୍ୟ ନାହିଁ । ଏହା ପରିଷ୍କାରଭାବରେ ବୁଝାଇ ଦେବାପାଇଁ ଭଗବାନ୍ କହୁଛନ୍ତି ଯେ ସେ ପ୍ରତ୍ୟେକଙ୍କ ଶରୀରରେ ପରମାତ୍ମାଙ୍କର ପ୍ରତିଭୂ ଅଟନ୍ତି । ସେ ଜୀବାତ୍ମାଠାରୁ ଭିନ୍ନ, ସେ ପରମ ଅଟନ୍ତି । ଜୀବାତ୍ମା ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ଶରୀରର କର୍ମଫଳ ଭୋଗ କରେ; କିନ୍ତୁ ପରମାତ୍ମା ସେଠାରେ ଏକ ସୀମିତ ଉପଭୋଗକାରୀ କିମ୍ବା କ୍ଷେତ୍ର-କର୍ମରେ ଅଂଶ ଗ୍ରହଣକାରୀ ହିସାବରେ ବିଦ୍ୟମାନ ହୋଇନାହାନ୍ତି; କିନ୍ତୁ ସେଠାରେ ସାକ୍ଷୀରୂପେ, ନିରୀକ୍ଷକରୂପେ, ଅନୁମୋଦନକାରୀରୂପେ ଏବଂ ପରମ ଉପଭୋଗକାରୀରୂପେ ବିଦ୍ୟମାନ । ତାଙ୍କ ନାମ 'ପରମାତ୍ମା', ଆତ୍ମା ନୁହେଁ ଏବଂ ସେ ପରମ ଅଟନ୍ତି । ଏଠାରେ ପରିଷ୍କାର ଭାବରେ କୁହାଯାଉଛି ଯେ ଆତ୍ମା ଓ ପରମାତ୍ମା ଭିନ୍ନ ଅଟନ୍ତି । ପରମାତ୍ମାଙ୍କର ହାତ ଗୋଡ଼ ଆଦି ସର୍ବତ୍ର ବିଦ୍ୟମାନ, କିନ୍ତୁ ଆତ୍ମାର ସେପରି ନୁହେଁ । ସେ ପରମେଶ୍ୱର ହୋଇଥିବାରୁ ଜୀବର ଭୌତିକ ସୁଖଭୋଗକୁ ଅନୁମୋଦନ କରିବାପାଇଁ ସେଠାରେ ବିଦ୍ୟମାନ । ପରମାତ୍ମାଙ୍କର ଅନୁମୋଦନ ବିନା, ଜୀବ କିଛି କରିପାରିବ ନାହିଁ । ଜୀବ ହେଉଛି ଭକ୍ତ ଅର୍ଥାତ୍ ଆଶ୍ରିତ ଏବଂ ସେ (ପରମାତ୍ମା) ଭୁକ୍ତ ଅର୍ଥାତ୍ ପରିପାଳକ ବା ଆଶ୍ରୟଦାତା ଅଟନ୍ତି । ଅସଂଖ୍ୟ ଜୀବ ଅଛନ୍ତି ଏବଂ ସେ ସେମାନଙ୍କ ମଧ୍ୟରେ ଏକ ବନ୍ଧୁ ହିସାବରେ ରହିଛନ୍ତି ।

କଥାଟି ହେଲା, ଜୀବଗଣ ଶାଶ୍ୱତଭାବେ ପରମେଶ୍ୱରଙ୍କର ଅଂଶବିଶେଷ ଅଟନ୍ତି ଏବଂ ଉଭୟେ ଅନ୍ତରଙ୍ଗ ବନ୍ଧୁ ହିସାବରେ ସମ୍ବନ୍ଧିତ । କିନ୍ତୁ ଜୀବର, ପରମେଶ୍ୱରଙ୍କର ଅନୁମୋଦନକୁ ଏଡ଼ିବାର ଏବଂ ସ୍ୱାଧୀନ ଭାବରେ ଚେଷ୍ଟାକରି ଭୂତପ୍ରକୃତିକୁ ଉପଭୋଗ କରିବାର ପ୍ରବୃତ୍ତି ଅଛି । ତା'ର ଏଇ ପ୍ରକାର ପ୍ରବୃତ୍ତି ଥିବାରୁ ଜୀବକୁ ଭଗବାନଙ୍କର ତଟସ୍ଥା ଶକ୍ତି ବୋଲି କୁହାଯାଏ । ଜୀବ ଭୌତିକ ପ୍ରକୃତିରେ କିମ୍ବା ଚିଦ୍ ପ୍ରକୃତିରେ ଅବସ୍ଥାନ କରିପାରେ । ଯେପର୍ଯ୍ୟନ୍ତ ସେ ଭୌତିକ ପ୍ରକୃତିର ବନ୍ଧନରେ ଅଛି, ସେ ପର୍ଯ୍ୟନ୍ତ ପରମେଶ୍ୱର-ପରମାତ୍ମା ତା'ର ବନ୍ଧୁ ହିସାବରେ, ତାକୁ ଚିଦ୍ ପ୍ରକୃତିକୁ ଫେରିଯିବା ନିମିତ୍ତ ଉପଦେଶ ଦେବାପାଇଁ ତା' ସହିତ ରହନ୍ତି । ଭଗବାନ୍ ତାକୁ ଚିଦ୍ ପ୍ରକୃତିକୁ ଫେରାଇ ନେବାପାଇଁ ବରାବର ବ୍ୟଗ୍ର; କିନ୍ତୁ ତା'ର ସୀମିତ (ବା ସୂକ୍ଷ୍ମ) ସ୍ୱାଧୀନତା ଯୋଗୁଁ ଜୀବ ବରାବର ପରମାତ୍ମାଙ୍କର ସେ ଉପଦେଶକୁ ପ୍ରତ୍ୟାଖ୍ୟାନ କରୁଛି ଏବଂ ଦିବ୍ୟାଲୋକରୁ ବଞ୍ଚିତ ହେଉଛି । ସ୍ୱାଧୀନତାର ଏହି ଅପବ୍ୟବହାର ହିଁ ଏ ଭୌତିକ ଜଗତରେ ତା'ର ଜୀବନ ସଂଗ୍ରାମର କାରଣ ଅଟେ । ଭୂତପ୍ରକୃତିର ବନ୍ଧନରେ ପଡ଼ି ସେ ଯେଉଁ ଭୌତିକ ସଂଗ୍ରାମ କରୁଛି, ତାହା ତାହାର ସ୍ୱାଧୀନତାର ଅପବ୍ୟବହାର ଯୋଗୁଁ ହିଁ କରୁଛି । ତେଣୁ ଭଗବାନ୍ ବରାବର ଅନ୍ତରରୁ ଓ ବହିର୍ଦେଶକୁ (ଅନ୍ତର-ବହିଃ) ତାକୁ ଉପଦେଶ ଦେଉଛନ୍ତି । ବାହାରୁ ସେ ଯେଉଁ ଉପଦେଶ ଦେଉଛନ୍ତି, ତାହା ଭଗବଦ୍ ଗୀତାରେ ଲିପିବଦ୍ଧ ହୋଇଅଛି ଏବଂ ଅନ୍ତରରୁ ସେ ଜୀବକୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି ଯେ ଏ ଭୌତିକ ଜଗତରେ ତା'ର କାର୍ଯ୍ୟାବଳୀ ପ୍ରକୃତ ସୁଖ ପ୍ରାପ୍ତି ଦିଗରେ ଅନୁକୂଳ ନୁହେଁ । ଭଗବାନ୍ କହୁଛନ୍ତି, ''ଏସବୁ ଛାଡ଼ି ଦେ, ବିଶ୍ୱାସ ବା ଶ୍ରଦ୍ଧା ମୋ'ପ୍ରତି ବୃଦ୍ଧିକର; ତାହାହେଲେ ତୁ ସୁଖୀ ହେବୁ ।'' ଏହି ପ୍ରକାରେ ଯେ ବୁଦ୍ଧିମାନ୍ ଲୋକ, ସେ ତା'ର ବିଶ୍ୱାସ ବା ଶ୍ରଦ୍ଧାକୁ ପରମାତ୍ମା ବା ପରମପୁରୁଷ ଭଗବାନଙ୍କ ଆଡ଼କୁ ଉନ୍ମୁଖୀ କରାଏ ଏବଂ ଫଳରେ ଏକ ଚିର ଓ ଦିବ୍ୟ ଆନନ୍ଦମୟ ଜୀବନ ପ୍ରାପ୍ତି ଦିଗରେ ଅଗ୍ରଗତି କରେ ।

## ଶ୍ଲୋକ - ୨୪

**ଯ ଏବଂ ବେତ୍ତି ପୁରୁଷଂ ପ୍ରକୃତିଂ ଚ ଗୁଣୈଃ ସହ ।**
**ସର୍ବଥା ବର୍ତମାନୋଽପି ନ ସ ଭୂୟୋଽଭିଜାୟତେ ।।୨୪।।**

## ଶବ୍ଦାନୁବାଦ

ଯଃ=ଯେ; ଏବମ୍=ଏହିପରି; ବେତ୍ତି=ଜାଣେ; ପୁରୁଷମ୍=ଜୀବଗଣଙ୍କୁ; ପ୍ରକୃତିମ୍=ଭୂତପ୍ରକୃତିକୁ; ଚ=ଏବଂ; ଗୁଣୈଃ=ଭୂତପ୍ରକୃତିର ଗୁଣମାନ; ସହ=ସହିତ; ସର୍ବଥା=ସବୁ ପ୍ରକାରେ; ବର୍ତମାନଃ=ସ୍ଥିତ; ଅପି=ସତ୍ତ୍ୱେ; ନ=କେବେ ନୁହେଁ; ସଃ=ସେ; ଭୂୟଃ=ପୁଣି (ପୁନର୍ବାର); ଅଭିଜାୟତେ=ଜନ୍ମନିଏ ।

## ଅନୁବାଦ

**ଯେଉଁ ବ୍ୟକ୍ତି ଭୂତପ୍ରକୃତି, ଜୀବ ଏବଂ ଭୌତିକ ପ୍ରକୃତିର ତ୍ରିଗୁଣର କ୍ରିୟା ପ୍ରତିକ୍ରିୟା ସମ୍ବନ୍ଧୀୟ ବିଜ୍ଞାନକୁ ଜାଣେ, ସେ ନିଶ୍ଚୟ ମୁକ୍ତି ପାଇବ । ତା'ର ବର୍ତ୍ତମାନ ସ୍ଥିତି ସତ୍ତ୍ୱେ ସେ ଆଉ ଏଠାରେ ଜନ୍ମଲାଭ କରିବ ନାହିଁ ।**

## ଭାବାର୍ଥ

ଭୂତପ୍ରକୃତି, ଆତ୍ମା, ପରମାତ୍ମା ଏବଂ ସେମାନଙ୍କ ମଧ୍ୟରେ ଥିବା ସମ୍ବନ୍ଧ ସଂପର୍କରେ ବ୍ୟକ୍ତି ଭଲରକମ ଜାଣିପାରିଲେ ମୁକ୍ତି ପାଇବାକୁ ସକ୍ଷମ ହୁଏ ଏବଂ ସେ ଆଉ ଏ ଭୌତିକ ସଂସାରକୁ ନ ଫେରି ଚିଦ୍ ଜଗତକୁ ଯାଏ । ଏହା ହେଉଛି ଜ୍ଞାନର ଫଳ । ଜୀବ ଦୈବବଶତଃ ଏ ଭୌତିକ ସ୍ଥିତିରେ ପଡ଼ିଯାଇଛି - ଏହି କଥାକୁ ପରିଷ୍କାର ଭାବରେ ବୁଝିବା ହେଲା ଜ୍ଞାନଲାଭର ଉଦ୍ଦେଶ୍ୟ । ଜୀବ ବ୍ୟକ୍ତିଗତ ପ୍ରଚେଷ୍ଟା ବଳରେ ତତ୍ତ୍ୱଜ୍ଞ ପଣ୍ଡିତ, ସାଧୁ, ଭକ୍ତ ଏବଂ ଆଚାର୍ଯ୍ୟ ବା ଗୁରୁଙ୍କ ସଙ୍ଗ ଲାଭକରି ତା'ର ପ୍ରକୃତ ସ୍ୱରୂପ କ'ଣ ଓ ତା'ର ବର୍ତ୍ତମାନ ସ୍ଥିତି କ'ଣ ବୁଝିବା ଉଚିତ୍ ଏବଂ ତପରେ ଭଗବାନଙ୍କଦ୍ୱାରା ଭଗବଦ୍ ଗୀତା ଯେପରି ବୁଝାଇ ଦିଆଯାଇଛି ତାହା ବୁଝି ଆଧ୍ୟାତ୍ମିକ ଚେତନା ବା କୃଷ୍ଣଚେତନା ଆଡ଼କୁ ନିଜର ଚେତନାକୁ ବଦଳାଇବା ଉଚିତ୍ । ତାହାହେଲେ ସେ ଯେ ଆଉ ଏ ଭୌତିକସ୍ଥିତିକୁ ଫେରିବ ନାହିଁ; ଏହା ସ୍ୱତଃସିଦ୍ଧ ଅଟେ । ସେ ନିଶ୍ଚୟ ଏକ ଦିବ୍ୟ ଆନନ୍ଦ ଓ ଜ୍ଞାନମୟ ଜୀବନଯାପନ ନିମିତ୍ତ ଚିଦ୍ ଜଗତକୁ ସ୍ଥାନାନ୍ତରିତ ହେବ ।

## ଶ୍ଲୋକ - ୨୫

**ଧ୍ୟାନେନାତ୍ମନି ପଶ୍ୟନ୍ତି କେଚିଦାତ୍ମାନମାତ୍ମନା ।**
**ଅନ୍ୟେ ସାଂଖ୍ୟେନ ଯୋଗେନ କର୍ମଯୋଗେନ ଚାପରେ ।। ୨୫ ।।**

## ଶବ୍ଦାନୁବାଦ

ଧ୍ୟାନେନ=ଧ୍ୟାନ ଯୋଗରେ; ଆତ୍ମନି=ଆତ୍ମା; ପଶ୍ୟନ୍ତି=ଦେଖନ୍ତି; କେଚିତ୍=କେହି କେହି; ଆତ୍ମାନମ୍=ପରମାତ୍ମାଙ୍କୁ; ଆତ୍ମନା=ମନ ସାହାଯ୍ୟରେ; ଅନ୍ୟେ=ଅନ୍ୟମାନେ; ସାଂଖ୍ୟେନ=ସାଂଖ୍ୟ

ଯୋଗରେ; ଯୋଗେନ=ଯୋଗବିଧି ସାହାଯ୍ୟରେ; କର୍ମ-ଯୋଗେନ=ନିଷ୍କାମ କର୍ମଯୋଗରେ; ଚ=ମଧ୍ୟ; ଅପରେ=ଅନ୍ୟମାନେ ।

## ଅନୁବାଦ

**କେହି ଧ୍ୟାନ ଯୋଗରେ, କେହି ସାଂଖ୍ୟ ଯୋଗରେ ଏବଂ ଅନ୍ୟମାନେ ନିଷ୍କାମ କର୍ମଯୋଗରେ ସେ ପରମାତ୍ମାଙ୍କୁ ଦର୍ଶନ କରନ୍ତି ।**

## ଭାବାର୍ଥ

ଭଗବାନ୍ ଅର୍ଜୁନଙ୍କୁ କହୁଛନ୍ତି ଯେ, ଆତ୍ମାନୁଭୂତି ଲାଭ ଦିଗରେ ଅନୁସନ୍ଧିତ୍ସୁ ବଦ୍ଧଜୀବମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ଯେଉଁମାନେ ନାସ୍ତିକ ସେମାନେ ଆଧ୍ୟାତ୍ମିକ ଅନୁଭୂତିଠାରୁ ବହୁତ ଦୂରରେ । କିନ୍ତୁ ଅନ୍ୟମାନେ ଅଛନ୍ତି, ଯେଉଁମାନେକି ଆଧ୍ୟାତ୍ମିକ ଜୀବନଧାରା ସମ୍ବନ୍ଧରେ ଆସ୍ଥାବାନ୍ ଏବଂ ସେମାନଙ୍କୁ କର୍ମଫଳ ତ୍ୟାଗ କରିଥିବା ନିଷ୍କାମ କର୍ମୀ କୁହାଯାଏ । ଯେଉଁମାନେ ସର୍ବଦା ବ୍ରହ୍ମବାଦ ସ୍ଥାପନ ଦିଗରେ ଚେଷ୍ଟା କରନ୍ତି, ସେମାନେ ମଧ୍ୟ ନାସ୍ତିକ ଶ୍ରେଣୀର । ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ କେବଳ ଭଗବାନଙ୍କର ଭକ୍ତଗଣ ଆଧ୍ୟାତ୍ମିକ ଅନୁଭୂତି ଲାଭକରିବାକୁ ସକ୍ଷମ; କାରଣ ସେମାନେ ଜାଣିଥା'ନ୍ତି ଯେ ଏ ଭୂତପ୍ରକୃତିର ଉର୍ଦ୍ଧ୍ୱଦେଶରେ ଚିଦ୍ ଜଗତ ଅଛି ଏବଂ ପରମପୁରୁଷ ଭଗବାନ୍, ଯେ'କି ପ୍ରତ୍ୟେକଙ୍କ ହୃଦୟରେ ପରମାତ୍ମା ରୂପରେ ବିଦ୍ୟମାନ, ସେ ସର୍ବବ୍ୟାପକ ଭଗବାନ୍ ଅଟନ୍ତି । ଅବଶ୍ୟ ଆଉ କେତେକ ଅଛନ୍ତି ଯେଉଁମାନେ କି ଜ୍ଞାନଯୋଗ ସାହାଯ୍ୟରେ ପରମତତ୍ତ୍ୱ ଭଗବାନଙ୍କୁ ବୁଝିବାକୁ ଚେଷ୍ଟା କରନ୍ତି । ଏମାନେ ଦ୍ୱିତୀୟ ଶ୍ରେଣୀର ଅଟନ୍ତି । ନାସ୍ତିକ ଦାର୍ଶନିକଗଣ ଏ ଭୌତିକ ଜଗତକୁ ଚବିଶଟି ତତ୍ତ୍ୱରେ ବିଶ୍ଳେଷଣ କରନ୍ତି ଏବଂ ସେମାନେ ଜୀବକୁ ପଞ୍ଚବିଂଶ ତତ୍ତ୍ୱରୂପେ ଗ୍ରହଣ କରନ୍ତି । ଯେତେବେଳେ ସେମାନେ ଏଇକଥା ବୁଝିପାରିବେ ଯେ ଜୀବ ଭୌତିକ ତତ୍ତ୍ୱ ବା ପ୍ରକୃତିର ଉର୍ଦ୍ଧ୍ୱରେ, ସେତେବେଳେ ସେମାନେ ବୁଝିପାରିବେ ଯେ ଜୀବାତ୍ମାର ଉପରେ ପରମପୁରୁଷ ଭଗବାନ୍ ଅଛନ୍ତି । ସେ ହେଉଛନ୍ତି ଷଡ଼ବିଂଶତତ୍ତ୍ୱ । ଏହି ପ୍ରକାରେ ସେମାନେ କ୍ରମେ କୃଷ୍ଣଚେତନଶୀଳ ହୋଇ ଭକ୍ତିଯୋଗ ସ୍ତରକୁ ଆସିବେ । ଯେଉଁମାନେ ନିଷ୍କାମ କର୍ମ କରନ୍ତି, ସେମାନେ ଶୁଦ୍ଧ ମନୋବୃତ୍ତି ପୋଷଣ କରିଥା'ନ୍ତି । କୃଷ୍ଣଚେତନାରେ ଭକ୍ତିଯୋଗ ମାର୍ଗରେ ଅଗ୍ରଗତି କରିବା ନିମିତ୍ତ ସେମାନଙ୍କୁ ଏକ ସୁଯୋଗ ଦିଆଯାଏ । ଏଠାରେ କୁହାଯାଇଅଛି ଯେ ଏପରି କେତେକ ଲୋକ ଅଛନ୍ତି, ଯେଉଁମାନେ ଶୁଦ୍ଧ ଚେତନଶୀଳ ଅଟନ୍ତି, ସେମାନେ ଧ୍ୟାନଯୋଗରେ ପରମାତ୍ମାଙ୍କୁ ପାଇବାକୁ ଚେଷ୍ଟା କରନ୍ତି, ସେମାନେ ଯେତେବେଳେ ସେମାନଙ୍କ ମଧ୍ୟରେ ପରମାତ୍ମାଙ୍କୁ ପାଇପାରନ୍ତି ସେତେବେଳେ ସେମାନେ ଦିବ୍ୟସ୍ତରରେ ଅବସ୍ଥାନ କରନ୍ତି, ଠିକ୍ ସେହିପରି ଆଉ କେତେକ ଅଛନ୍ତି ଯେଉଁମାନେ କି ଜ୍ଞାନଯୋଗ ସାହାଯ୍ୟରେ ପରମାତ୍ମାଙ୍କୁ ବୁଝିବାକୁ ଚେଷ୍ଟା କରନ୍ତି, ଆଉ କେତେକ ଅଛନ୍ତି ଯେଉଁମାନେ ହଠଯୋଗ ସାଧନା କରନ୍ତି ଏବଂ ସେମାନେ ପିଲା-ଖେଳରେ ପରମପୁରୁଷ ଭଗବାନଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରନ୍ତି ।

## ଶ୍ଳୋକ - ୨୬

**ଅନ୍ୟେ ତ୍ୱେବମଜାନନ୍ତଃ ଶ୍ରୁତ୍ୱାନ୍ୟେଭ୍ୟ ଉପାସତେ ।**
**ତେଽପି ଚାତିତରନ୍ତ୍ୟେବ ମୃତ୍ୟୁଂ ଶ୍ରୁତିପରାୟଣାଃ ।।୨୬।।**

## ଶବ୍ଦାନୁବାଦ

ଅନ୍ୟେ=ଅନ୍ୟମାନେ; ତୁ=କିନ୍ତୁ; ଏବମ୍=ଏହା; ଅଜାନନ୍ତଃ=ଦିବ୍ୟଜ୍ଞାନ (ବା ଆତ୍ମଜ୍ଞାନ) ବ୍ୟତୀତ; ଶ୍ରୁତ୍ୱା=ଶୁଣିକରି; ଅନ୍ୟେଭ୍ୟଃ=ଅନ୍ୟମାନଙ୍କଠାରୁ; ଉପାସତେ=ଉପାସନା (ପୂଜା) କରିବାକୁ ଆରମ୍ଭ କରନ୍ତି; ତେ=ସେମାନେ; ଅପି=ମଧ୍ୟ; ଚ=ଏବଂ; ଅତିତରନ୍ତି=ଅତିକ୍ରମ କରିଯା'ନ୍ତି; ଏବ=ନିଶ୍ଚିତଭାବେ; ମୃତ୍ୟୁମ୍=ମୃତ୍ୟୁପଥ; ଶ୍ରୁତି-ପରାୟଣାଃ=ଶ୍ରବଣବିଧି ପ୍ରତି ଆକୃଷ୍ଟ ।

## ଅନୁବାଦ

**ପୁନଶ୍ଚ ଏପରି କେତେକ ଲୋକ ଅଛନ୍ତି, ଯେଉଁମାନଙ୍କର ଭଲଭାବରେ ଏ ଆଧ୍ୟାତ୍ମିକ ଜ୍ଞାନ ନଥିଲେ ସୁଦ୍ଧା ସେମାନେ ଭଗବାନଙ୍କ ସମ୍ବନ୍ଧରେ ଅନ୍ୟମାନଙ୍କ ଠାରୁ ଶୁଣି ଆରାଧନା କରିବାକୁ ଆରମ୍ଭ କରନ୍ତି । ଯେଣୁ ସେମାନଙ୍କର ଉପଯୁକ୍ତ ଅଧିକାରୀଙ୍କ ଠାରୁ ଶ୍ରବଣ କରିବା ପ୍ରବୃତ୍ତି ଅଛି, ତେଣୁ ସେମାନେ ଏ ଜନ୍ମ-ମୃତ୍ୟୁ ପଥକୁ ଅତିକ୍ରମ କରିଯା'ନ୍ତି ।**

## ଭାବାର୍ଥ

ଏଇ ଶ୍ଳୋକ ବାସ୍ତବରେ ଆଧୁନିକ ସମାଜ ପ୍ରତି ପ୍ରଯୁଜ୍ୟ, କାରଣ ଆଧୁନିକ ସମାଜରେ ବାସ୍ତବରେ ଆତ୍ମଜ୍ଞାନ ଶିକ୍ଷା ଦିଆଯାଉନାହିଁ । କେତେକ ବ୍ୟକ୍ତି ନାସ୍ତିକ କିମ୍ବା ଦାର୍ଶନିକ ବୋଲି ପ୍ରତିଭାତ ହୁଅନ୍ତି; କିନ୍ତୁ ବାସ୍ତବରେ ଦର୍ଶନ (ଭଗବଦ୍ ଦର୍ଶନ) ସମ୍ବନ୍ଧରେ ସେମାନେ କିଛି ଜାଣନ୍ତି ନାହିଁ । ଯଦି ସାଧାରଣ ଲୋକ ବିଶୁଦ୍ଧାତ୍ମା ହୋଇଥାଏ, ତାହାହେଲେ ସେ ଶ୍ରବଣରେ ଅଗ୍ରଗତି କରିବାକୁ ଗୋଟିଏ ସୁଯୋଗ ପାଇବ । ଏ ଶ୍ରବଣ ବିଧି ଅତ୍ୟନ୍ତ ଦରକାରୀ । ଶ୍ରୀଚୈତନ୍ୟ ମହାପ୍ରଭୁ ଯେ'କି ଆଧୁନିକ ଜଗତରେ କୃଷ୍ଣଚେତନା ପ୍ରଚାର କଲେ, ଶ୍ରବଣ ବିଧି ଉପରେ ଖୁବ୍ ଜୋର୍ ଦେଲେ, କାରଣ ଯଦି ସାଧାରଣ ଲୋକ ଏକ ଶୁଦ୍ଧଭକ୍ତଙ୍କଠାରୁ କିମ୍ବା ଏକ ପ୍ରକୃତ ଅଧିକାରୀଙ୍କଠାରୁ କେବଳ ଶୁଣେ, ତାହାହେଲେ ସେ ଉନ୍ନତି କରିବ । ବିଶେଷକରି ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ମତାନୁଯାୟୀ, ସେ ଯଦି କେବଳ ଏ ହରେକୃଷ୍ଣ ମନ୍ତ୍ର ଧ୍ୱନି-ତରଙ୍ଗ, ଅର୍ଥାତ୍- *''ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ । ହରେରାମ ହରେରାମ ରାମ ରାମ ହରେ ହରେ ।।''* ଶ୍ରବଣ କରେ, ତାହାହେଲେ ସେ ଯଥେଷ୍ଟ ଉନ୍ନତି କରିବ । ତେଣୁ କୁହାଯାଇଛି ଯେ ପ୍ରତ୍ୟେକେ ଆତ୍ମାନୁଭୂତି ଲାଭ କରିଥିବା ଏକ ତତ୍ତ୍ୱଜ୍ଞ ଅଧିକାରୀଙ୍କଠାରୁ ଶୁଣିବା ଉଚିତ୍ ଏବଂ ଏହିପରି ଶୁଣିଲେ ବ୍ୟକ୍ତି କ୍ରମେ କ୍ରମେ ସବୁ ବୁଝିପାରିବ । ତାହାହେଲେ ନିଃସନ୍ଦେହଭାବରେ ଭଗବାନଙ୍କର ପୂଜା ହେବ । ଶ୍ରୀ ଚୈତନ୍ୟ ମହାପ୍ରଭୁ କହିଛନ୍ତି ଯେ ଏ ଯୁଗରେ କେହି ନିଜର ସ୍ଥିତିକୁ ବଦଳାଇବା ଉଚିତ୍ ନୁହେଁ; କିନ୍ତୁ କଳ୍ପନାବିଳାସ ବା ମନନ କରି ଭଗବାନଙ୍କୁ ବୁଝିବା ନୀତିକୁ ଛାଡ଼ିବାକୁ ପଡ଼ିବ । ଯେଉଁମାନେ ଭଗବଦ୍ ବିଜ୍ଞାନ ଜାଣନ୍ତି ଅର୍ଥାତ୍ ତତ୍ତ୍ୱଜ୍ଞ ଅଧିକାରୀ ବା ଆଚାର୍ଯ୍ୟ, ସେମାନଙ୍କର ଦାସ ହେବା ଉଚିତ୍ । ଯଦି ବ୍ୟକ୍ତି ଭାଗ୍ୟବାନ୍ ହୋଇଥାଏ, ତାହାହେଲେ

ସେ ଏକ ଶୁଦ୍ଧଭକ୍ତର ଆଶ୍ରୟ ଗ୍ରହଣ କରିବ ଏବଂ ଆତ୍ମତତ୍ତ୍ୱ ସମ୍ବନ୍ଧରେ ତାଙ୍କଠାରୁ ଶୁଣିବ ଏବଂ ତାଙ୍କର ପଦାଙ୍କ ଅନୁସରଣ କରିବ । ତାହାହେଲେ ସେ କ୍ରମେ ଏକ ଶୁଦ୍ଧଭକ୍ତ ସ୍ତରକୁ ଉନ୍ନୀତ ହେବ । ଏହି ଶ୍ଳୋକରେ ଶ୍ରବଣ ବିଧି କଥାଟିକୁ ଜୋର୍ ଦେଇ କୁହାଯାଇଛି ଏବଂ ଏହା ଯୁକ୍ତିଯୁକ୍ତ ଅଟେ । ଯଦିଓ ସାଧାରଣ ଲୋକ ତଥାକଥିତ ଦାର୍ଶନିକମାନଙ୍କ ପରି ସକ୍ଷମ ନୁହେଁ, ତଥାପି ସେ ଯଦି ଶ୍ରଦ୍ଧାସହକାରେ ଏକ ଉପଯୁକ୍ତ ଆଚାର୍ଯ୍ୟଙ୍କଠାରୁ ଶ୍ରବଣ କରେ, ତାହାହେଲେ ସେ ଏ ଭୌତିକସ୍ଥିତିକୁ ଅତିକ୍ରମ କରିବାକୁ ଏବଂ ଭଗବାନଙ୍କ ନିକଟକୁ (ପରମଧାମକୁ) ଫେରିଯିବାକୁ ସକ୍ଷମ ହୋଇପାରିବ ।

## ଶ୍ଳୋକ - ୨୭

**ଯାବତ୍ସଞ୍ଜାୟତେ କିଞ୍ଚିତ୍ସତ୍ତ୍ୱଂ ସ୍ଥାବରଜଙ୍ଗମମ୍ ।**
**କ୍ଷେତ୍ରକ୍ଷେତ୍ରଜ୍ଞସଂଯୋଗାତ୍ତଦ୍ୱିଦ୍ଧି ଭରତର୍ଷଭ ।।୨୭।।**

## ଶବ୍ଦାନୁବାଦ

ଯାବତ୍=ଯେପର୍ଯ୍ୟନ୍ତ;ସଞ୍ଜାୟତେ=ଅନୁଷ୍ଠିତ ହୁଏ;କିଞ୍ଚିତ୍=କିଛି; ସତ୍ତ୍ୱମ୍=ସ୍ଥିତି; ସ୍ଥାବର=ସ୍ଥାବର (ଅଚଳ); ଜଙ୍ଗମମ୍=ଜଙ୍ଗମ (ଚଳନଶୀଳ); କ୍ଷେତ୍ର=ଶରୀର; କ୍ଷେତ୍ରଜ୍ଞ=ଯେ କ୍ଷେତ୍ର କଥା ଜାଣେ; ସଂଯୋଗାତ୍=ସଂଯୋଗରୁ; ତତ୍‌ବିଦ୍ଧି=ତୁମେ ତାହା ଜାଣିରଖ; ଭରତର୍ଷଭ=ହେ ଭରତଶ୍ରେଷ୍ଠ ।

## ଅନୁବାଦ

**ହେ ଭରତଶ୍ରେଷ୍ଠ ! ସ୍ଥାବର ଓ ଜଙ୍ଗମ ଆଦି ଯାହା ତୁମେ ଦେଖୁଛ, ତାହା ସବୁ କ୍ଷେତ୍ର ଓ କ୍ଷେତ୍ରଜ୍ଞଙ୍କର ସଂଯୋଗ ହିଁ ଅଟେ ।**

## ଭାବାର୍ଥ

ଉଭୟ ଭୂତପ୍ରକୃତି ଓ ଜୀବ, ଅର୍ଥାତ୍ ଏ ଭୌତିକ ସୃଷ୍ଟିର ପୂର୍ବରୁ ଯାହାସବୁ ଥିଲା, ସେ ସବୁ କଥା ଏଇ ଶ୍ଳୋକରେ ବୁଝାଇ ଦିଆଯାଇଅଛି । ସମସ୍ତ ସୃଷ୍ଟ ପଦାର୍ଥ ଜୀବ ଓ ଭୂତପ୍ରକୃତିର ସଂଯୋଗ ଅଟେ । ବୃକ୍ଷ-ପାହାଡ଼ ପ୍ରଭୃତି ଅନେକ ପ୍ରକାଶ ଅଛି, ଯେଉଁଗୁଡ଼ିକ ସ୍ଥାବର ବା ଅଚଳ ଅଟନ୍ତି ଏବଂ ଅନେକ ପ୍ରକାଶ ଅଛି, ଯେଉଁମାନେ ଜଙ୍ଗମ ବା ଚଳନଶୀଳ ଅଟନ୍ତି । ଏ ସମସ୍ତେ ଭୂତପ୍ରକୃତି ଓ ଉତ୍କୃଷ୍ଟ ଶକ୍ତି, ଜୀବଶକ୍ତିର ସଂଯୋଗ ଅଟନ୍ତି । ଉତ୍କୃଷ୍ଟ ପ୍ରକୃତି ଅର୍ଥାତ୍ ଜୀବଶକ୍ତିର ସ୍ପର୍ଶବିନା କିଛି ଉତ୍ପନ୍ନ ହୋଇପାରିବ ନାହିଁ । ତେଣୁ ସେ ଜଡ଼ ପଦାର୍ଥ ଓ ପ୍ରକୃତି ମଧ୍ୟରେ ଥିବା ସମ୍ବନ୍ଧ ସନାତନଭାବେ ଚାଲିଛି ଏବଂ ଏହି ସଂଯୋଗ ପରମେଶ୍ୱରଙ୍କ ଦ୍ୱାରା ହେଉଅଛି; ତେଣୁ ସେ ଉଭୟ ନିକୃଷ୍ଟ ଶକ୍ତି ଓ ଉତ୍କୃଷ୍ଟ ଶକ୍ତିର ନିୟନ୍ତ୍ରଣକାରୀ ଅଟନ୍ତି । ଭୂତପ୍ରକୃତି ତାଙ୍କଦ୍ୱାରା ସୃଷ୍ଟ ଏବଂ ଏହି ଭୂତପ୍ରକୃତିରେ ଉତ୍କୃଷ୍ଟ ଶକ୍ତି ଅବସ୍ଥାନ କରୁଛି । ଏହି ପ୍ରକାରେ ସମସ୍ତ କ୍ରିୟା ଏବଂ ପ୍ରକାଶ ଚାଲିଛି ।

## ଶ୍ଳୋକ - ୨୮

**ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ ପରମେଶ୍ୱରମ୍ ।**
**ବିନଶ୍ୟତ୍ସ୍ୱବିନଶ୍ୟନ୍ତଂ ଯଃ ପଶ୍ୟତି ସ ପଶ୍ୟତି ।।୨୮।।**

## ଶବ୍ଦାନୁବାଦ

ସମମ୍=ସମାନଭାବେ; ସର୍ବେଷୁ=ସବୁଠାରେ ବା ସମସ୍ତଙ୍କଠାରେ; ଭୂତେଷୁ=ସମସ୍ତ ଜୀବଙ୍କଠାରେ; ତିଷ୍ଠନ୍ତମ୍=ଅବସ୍ଥିତ; ପରମେଶ୍ୱରମ୍=ପରମାତ୍ମା; ବିନଶ୍ୟତ୍ସୁ=ବିନାଶଶୀଳ ମାନଙ୍କଠାରେ; ଅବିନଶ୍ୟନ୍ତମ୍=ବିନଷ୍ଟ ହୁଅନ୍ତି ନାହିଁ; ଯଃ=ଯେ; ପଶ୍ୟତି=ଦେଖେ; ସଃ=ସେ; ପଶ୍ୟତି=ପ୍ରକୃତରେ ଦେଖେ ।

## ଅନୁବାଦ

**ଯେ ଦେଖେ ଯେ, ପରମାତ୍ମା ଜୀବାତ୍ମାଙ୍କ ସହିତ ପ୍ରତ୍ୟେକ ଶରୀରରେ ବିଦ୍ୟମାନ ଏବଂ ଯେ ବୁଝିପାରେ ଯେ, ଜୀବାତ୍ମା କିମ୍ବା ପରମାତ୍ମା କେହି କେବେ ବିନଷ୍ଟ ହୁଅନ୍ତି ନାହିଁ, ସେ ହିଁ ପ୍ରକୃତରେ ଦେଖେ ।**

## ଭାବାର୍ଥ

ଯେଉଁ ବ୍ୟକ୍ତି ତିନୋଟି ଜିନିଷ ଦେଖିପାରେ ଯଥା - ଶରୀର, ଶରୀରର ମାଲିକ ଅର୍ଥାତ୍ ଜୀବାତ୍ମା ଏବଂ ଜୀବାତ୍ମାର ବନ୍ଧୁ, ଏ ତିନୋଟି ସୁନ୍ଦର ସମ୍ବନ୍ଧରେ ସମ୍ବନ୍ଧିତ, ସେ ହିଁ ପ୍ରକୃତ ଜ୍ଞାନ ଭୂମିକାରେ ଅଛି ବୋଲି କୁହାଯାଏ ।ଯେଉଁମାନେ ଜୀବାତ୍ମାର ବନ୍ଧୁଙ୍କ ସହ ସମ୍ବନ୍ଧିତ ନୁହଁନ୍ତି ସେମାନେ ମୂର୍ଖ; ସେମାନେ କେବଳ ଏ ଶରୀରକୁ ଦେଖନ୍ତି ଏବଂ ଯେତେବେଳେ ଏ ଶରୀରଟି ନଷ୍ଟ ହୋଇଯାଏ, ସେତେବେଳେ ସେମାନେ ଭାବନ୍ତି ସବୁ ନଷ୍ଟ ହୋଇଗଲା; କିନ୍ତୁ କଥାଟି ପ୍ରକୃତରେ ତାହା ନୁହେଁ ।ଏ ଶରୀର ନଷ୍ଟ ହେଲା ପରେ ମଧ୍ୟ ଉଭୟ ଆତ୍ମା ଓ ପରମାତ୍ମା ରୁହନ୍ତି ଏବଂ ସେମାନେ ସ୍ଥାବର-ଜଙ୍ଗମ ଆଦି ବିଭିନ୍ନପ୍ରକାର ଶରୀର ମଧ୍ୟରେ ଶାଶ୍ୱତଭାବେ ଗତିକରି ଚାଲିଥା'ନ୍ତି ।ସଂସ୍କୃତ ଶବ୍ଦ *"ପରମେଶ୍ୱରମ୍"* ବେଳେବେଳେ ଜୀବାତ୍ମାରୂପେ ଗୃହୀତ ହୁଏ; କାରଣ ଜୀବାତ୍ମା ଏ ଶରୀରର ମାଲିକ ଏବଂ ଶରୀର ନଷ୍ଟ ହେଲାପରେ ସେ ଅନ୍ୟ ଏକ ଶରୀର ମଧ୍ୟକୁ ଯାଏ । ଏହିପ୍ରକାରେ ସେ ହେଉଛନ୍ତି ମାଲିକ । କିନ୍ତୁ ଅନ୍ୟମାନେ ଏ *"ପରମେଶ୍ୱରମ୍"* ଶବ୍ଦକୁ ପରମାତ୍ମାରୂପେ ଗ୍ରହଣ କରନ୍ତି ।ସେ ଯାହାହେଉ ଉଭୟ କ୍ଷେତ୍ରରେ ଉଭୟ ପରମାତ୍ମା ଓ ଜୀବାତ୍ମା ବରାବର ଗତି କରୁଥା'ନ୍ତି ।ସେମାନେ ବିନଷ୍ଟ ହୁଅନ୍ତି ନାହିଁ । ଯେ ଏଇପ୍ରକାରେ ଦେଖିପାରେ ସେ ବାସ୍ତବରେ ଦେଖିପାରେ କ'ଣ ଘଟୁଛି ।

## ଶ୍ଳୋକ - ୨୯

**ସମଂ ପଶ୍ୟନ୍ ହି ସର୍ବତ୍ର ସମବସ୍ଥିତମୀଶ୍ୱରମ୍ ।**
**ନ ହିନସ୍ତ୍ୟାତ୍ମନାତ୍ମାନଂ ତତୋ ଯାତି ପରାଂ ଗତିମ୍ ।। ୨୯ ।।**

## ଶବ୍ଦାନୁବାଦ

ସମମ୍=ସମାନଭାବେ; ପଶ୍ୟନ୍=ଦେଖି; ହି=ନିଶ୍ଚିତଭାବେ; ସର୍ବତ୍ର=ସର୍ବତ୍ର; ସମବସ୍ଥିତମ୍=ସମଭାବରେ ଅବସ୍ଥିତ; ଈଶ୍ୱରମ୍=ପରମାତ୍ମା; ନ ହିନସ୍ତି=ଅଧୋଗାମୀ ହୁଏ ନାହିଁ; ଆତ୍ମନା=ମନଦ୍ୱାରା; ଆତ୍ମାନମ୍=ଆତ୍ମା; ତତଃ ଯାତି=ତପରେ ପହଞ୍ଚେ; ପରାମ୍=ପରମ; ଗତିମ୍=ଗତି (ଲକ୍ଷ୍ୟସ୍ଥଳ) ।

## ଅନୁବାଦ

**ଯେଉଁ ବ୍ୟକ୍ତି ପ୍ରତ୍ୟେକ ଜୀବରେ ଏବଂ ସବୁଠାରେ ସମାନଭାବରେ ଅବସ୍ଥିତ ଥିବା ପରମାତ୍ମାଙ୍କୁ ଦେଖେ କେବେହେଲେ ମନଦ୍ୱାରା ଅଧୋଗାମୀ ହୁଏ ନାହିଁ । ଏହିପରି ସେ ପରମଗତି ଲାଭକରେ ।**

## ଭାବାର୍ଥ

ଜୀବ ତା'ର ଭୌତିକସ୍ଥିତିକୁ ଦୁଃଖପୂର୍ଣ୍ଣ ବୋଲି ଗ୍ରହଣକରି ଆଧ୍ୟାତ୍ମିକ ସ୍ଥିତିରେ ଅବସ୍ଥାନ କରିପାରେ । ଯଦି ବ୍ୟକ୍ତି ବୁଝିପାରେ ଯେ ଭଗବାନ୍ ପରମାତ୍ମା ରୂପରେ ସର୍ବତ୍ର ବିଦ୍ୟମାନ, ଅର୍ଥାତ୍ ଯଦି ବ୍ୟକ୍ତି ପ୍ରତ୍ୟେକ ଜୀବରେ ପରମପୁରୁଷ ଭଗବାନଙ୍କୁ ଦେଖି ପାରେ, ତାହାହେଲେ ତା'ର ଆଉ ଅଧୋଗତି ହୁଏ ନାହିଁ ଏବଂ ସେ କ୍ରମେ ଚିଦ୍ ଜଗତରେ ଅଗ୍ରଗତି କରେ । ସାଧାରଣତଃ ମନ ଆତ୍ମକୈନ୍ଦ୍ରିକ ବିଧିପ୍ରତି ଆକୃଷ୍ଟ, କିନ୍ତୁ ମନ ଯେତେବେଳେ ପରମାତ୍ମା ଆଡ଼କୁ ଯାଏ ସେତେବେଳେ ବ୍ୟକ୍ତି ଆତ୍ମବିଜ୍ଞାନ ବୁଝିବାରେ ଅଗ୍ରଗତି କରେ ।

## ଶ୍ଲୋକ - ୩୦

**ପ୍ରକୃତ୍ୟୈବ ଚ କର୍ମାଣି କ୍ରିୟମାଣାନି ସର୍ବଶଃ ।**
**ଯଃ ପଶ୍ୟତି ତଥାତ୍ମାନମକର୍ତ୍ତାରଂ ସ ପଶ୍ୟତି ।।୩୦।।**

## ଶବ୍ଦାନୁବାଦ

ପ୍ରକୃତ୍ୟା=ଭୂତପ୍ରକୃତି ଦ୍ୱାରା; ଏବ=ନିଶ୍ଚିତଭାବେ; ଚ=ମଧ୍ୟ; କର୍ମାଣି=କର୍ମମାନ; କ୍ରିୟମାଣାନି=କରାଯାଇଥିବା; ସର୍ବଶଃ=ସବୁପ୍ରକାରେ; ଯଃ=ଯେ; ପଶ୍ୟତି=ଦେଖେ; ତଥା=ମଧ୍ୟ; ଆତ୍ମାନମ୍=ନିଜକୁ; ଅକର୍ତାରମ୍=ଅକର୍ତ୍ତା; ସଃ=ସେ; ପଶ୍ୟତି=ଯଥାର୍ଥରୂପେ ଦେଖେ ।

## ଅନୁବାଦ

**ଯେ ଦେଖିପାରେ ଯେ କ୍ଷେତ୍ରଦ୍ୱାରା (ଅର୍ଥାତ୍ ଶରୀରଦ୍ୱାରା) କର୍ମମାନ କରାଯାଉଅଛି; (ଯେଉଁ ଶରୀର'କି ଭୂତପ୍ରକୃତିଦ୍ୱାରା ଗଠିତ) ଏବଂ ଯେ ଦେଖେ ଯେ, ଆତ୍ମା କିଛି କରୁନାହିଁ, ସେ ପ୍ରକୃତରେ ଦେଖେ ।**

## ଭାବାର୍ଥ

ପରମାତ୍ମାଙ୍କ ନିର୍ଦ୍ଦେଶରେ ଏ ଶରୀର ଭୂତପ୍ରକୃତିଦ୍ୱାରା ଗଠିତ ଏବଂ ଏ ଶରୀର ସାହାଯ୍ୟରେ ଯେଉଁସବୁ କର୍ମମାନ ହେଉଛି ତାହା ଆତ୍ମାଦ୍ୱାରା କରାଯାଉନାହିଁ, ଅର୍ଥାତ୍ ତାହା ବ୍ୟକ୍ତିର କର୍ମ ନୁହେଁ । ଯାହା ବ୍ୟକ୍ତି କଲାପରି ଜଣାପଡ଼େ; ସୁଖପାଇଁ ହେଉ ବା ଦୁଃଖପାଇଁ ହେଉ; ଏ ଶାରୀରିକ ଗଠନ ଯୋଗୁଁ ସେ ତାହା ବାଧ୍ୟ ହୋଇ କରେ । ଆତ୍ମା ଏ ଶାରୀରିକ କର୍ମଠାରୁ ବାହାରେ ଥାଏ । ବ୍ୟକ୍ତିର ଗତ ଜନ୍ମର କାମନା ଅନୁଯାୟୀ ଏ ଶରୀର ମିଳିଛି ।

କାମନାର ପୂର୍ତ୍ତିନିମିତ୍ତ ବ୍ୟକ୍ତିକୁ ଏ ଶରୀର ମିଳିଛି ଏବଂ ତାହା ସାହାଯ୍ୟରେ ସେ କାମନା ପୂର୍ତ୍ତି ନିମିତ୍ତ କର୍ମ କରୁଛି । ବାସ୍ତବରେ କହିଲେ, ଏ ଶରୀର ଏକ ଯନ୍ତ୍ର ଅଟେ । କାମନା ପୂର୍ତ୍ତିନିମିତ୍ତ ଏହା ଭଗବାନଙ୍କ ଦ୍ୱାରା ଗଠିତ ହୋଇଅଛି । କାମନା ଯୋଗୁଁ ହିଁ ବ୍ୟକ୍ତି ଦୁଃଖୀ ବା ସୁଖୀ ଭୋଗିବାପାଇଁ ବିଭିନ୍ନ କଷ୍ଟକର ଅବସ୍ଥାରେ ପତିତ ହୁଏ । ବ୍ୟକ୍ତିର ଯେତେବେଳେ ଏ ଦିବ୍ୟ ଦୃଷ୍ଟି ଖୋଲେ, ସେତେବେଳେ ସେ ନିଜକୁ ଏ ଶାରୀରିକ କର୍ମଠାରୁ ଅଲଗା କରିଦିଏ । ଯାହାର ଏ ପ୍ରକାର ଦୃଷ୍ଟି ଅଛି ସେ ହିଁ ପ୍ରକୃତ ଦ୍ରଷ୍ଟା ।

## ଶ୍ଲୋକ - ୩୧

**ଯଦା ଭୂତପୃଥଗ୍‌ଭାବମେକସ୍ଥମନୁପଶ୍ୟତି ।**
**ତତ ଏବ ଚ ବିସ୍ତାରଂ ବ୍ରହ୍ମ ସମ୍ପଦ୍ୟତେ ତଦା ।।୩୧।।**

## ଶବ୍ଦାନୁବାଦ

ଯଦା=ଯେତେବେଳେ; ଭୂତ=ଜୀବଗଣ; ପୃଥକ୍ ଭାବମ୍=ପୃଥକ୍‌ଭାବେ; ଏକ-ସ୍ଥମ୍=ଏକତ୍ର ଅବସ୍ଥିତ; ଅନୁପଶ୍ୟତି=ପ୍ରମାଣ ଜରିଆରେ ଦେଖିବାକୁ ଚେଷ୍ଟାକରେ; ତତଃ ଏବ= ତତ୍ପରେ; ଚ=ମଧ୍ୟ; ବିସ୍ତାରମ୍=ବିସ୍ତୃତ; ବ୍ରହ୍ମ=ବ୍ରହ୍ମ; ସଂପଦ୍ୟତେ=ପ୍ରାପ୍ତ ହୁଏ; ତଦା=ସେତେବେଳେ ।

## ଅନୁବାଦ

**ଯେତେବେଳେ ଏକ ବିଗ୍ରହବାନ୍ ବା ବୁଦ୍ଧିମାନ୍ ବ୍ୟକ୍ତି ବିଭିନ୍ନରୂପକୁ ଦେଖିବା ତ୍ୟାଗକରେ ସେତେବେଳେ ସେ ବ୍ରହ୍ମଧାରଣା ପ୍ରାପ୍ତ ହୁଏ । ବିଭିନ୍ନ ରୂପ କେବଳ ବିଭିନ୍ନ ପ୍ରକାର ଜଡ଼ ଶରୀର ଯୋଗୁଁ ହିଁ ହୋଇଥାଏ । ଏହି ପ୍ରକାରେ ସେ ଦେଖେ ଯେ ପ୍ରାଣୀମାନେ ସର୍ବତ୍ର ବିସ୍ତୃତ ।**

## ଭାବାର୍ଥ

ଯେତେବେଳେ ବ୍ୟକ୍ତି ଦେଖିପାରେ ଯେ ଜୀବର ବିଭିନ୍ନପ୍ରକାର କାମନାଯୋଗୁଁ ସେ ବିଭିନ୍ନ ପ୍ରକାର ଶରୀର ପ୍ରାପ୍ତ ହୋଇଅଛି ଏବଂ ଏ ଶରୀରଗୁଡ଼ିକ ବାସ୍ତବରେ ଆତ୍ମା ଯୋଗୁଁ ହୋଇନାହିଁ; ସେତେବେଳେ ବ୍ୟକ୍ତି ପ୍ରକୃତରେ ଦେଖିପାରେ । ଭୌତିକ ଜୀବନରେ ଆମ୍ଭେମାନେ ଦେଖୁ କିଏ ଦେବତା ହୋଇଛି, କିଏ ମାନବ ହୋଇଛି, କିଏ କୁକୁର ହୋଇଛି, କିଏ ବିରାଡ଼ି ହୋଇଛି, ଏହିପରି । ଏହା ହେଉଛି ଭୌତିକ ଦୃଷ୍ଟି, ପ୍ରକୃତ ଦୃଷ୍ଟି ନୁହେଁ । ଏ ପ୍ରକାର ଭୌତିକ ବିଭିନ୍ନତା ଭୌତିକ ଜୀବନ ଯୋଗୁଁ ହିଁ ହୋଇଛି । ଏ ଭୌତିକ ଶରୀରର ବିନାଶ ପରେ ଚିଦାତ୍ମା ଏକ । ଚିଦାତ୍ମା ଭୂତପ୍ରକୃତିର ସଂସ୍ପର୍ଶରେ ଆସିବା ଯୋଗୁଁ ବିଭିନ୍ନପ୍ରକାର ଶରୀର ପ୍ରାପ୍ତ ହୁଏ । ଯେତେବେଳେ ବ୍ୟକ୍ତି ଏହା ଦେଖିପାରେ ସେତେବେଳେ ସେ ଦିବ୍ୟ ଦୃଷ୍ଟି ପ୍ରାପ୍ତ ହୁଏ । ଏହି ପ୍ରକାରେ ଜୀବ ବିଭିନ୍ନତା ଯଥା-ମାନବ, ପ୍ରାଣୀ, ବଡ଼, ସାନ ଆଦି - ଏ ବିଭିନ୍ନ ଦୃଷ୍ଟିରୁ ମୁକ୍ତହୋଇ ଦିବ୍ୟଚେତନା ଲାଭକରି ଦିବ୍ୟ ସୌନ୍ଦର୍ଯ୍ୟର ଅଧିକାରୀ ହୁଏ ଏବଂ ସେତେବେଳେ

ସେ ତା'ର ଦିବ୍ୟ ଧାରଣାରେ କୃଷ୍ଣଚେତନା ବୃଦ୍ଧି କରିବାକୁ ସକ୍ଷମ ହୁଏ । କିପରି ଭାବରେ ସେ ବସ୍ତୁଗୁଡ଼ିକୁ ଦେଖେ, (ତାହା) ପରବର୍ତ୍ତୀ ଶ୍ଲୋକରେ ବୁଝାଇ ଦିଆଯିବ ।

## ଶ୍ଲୋକ - ୩୨

**ଅନାଦିତ୍ୱାନ୍ନିର୍ଗୁଣତ୍ୱାତ୍ ପରମାତ୍ମାୟମବ୍ୟୟଃ ।**
**ଶରୀରସ୍ଥୋଽପି କୌନ୍ତେୟ ନ କରୋତି ନ ଲିପ୍ୟତେ ।। ୩୨ ।।**

## ଶବ୍ଦାନୁବାଦ

ଅନାଦିତ୍ୱାତ୍=ଶାଶ୍ୱତଭାବ ଯୋଗୁଁ; ନିର୍ଗୁଣତ୍ୱାତ୍=ଦିବ୍ୟଭାବ ଯୋଗୁଁ; ପରମ୍=ଭୂତ ପ୍ରକୃତିର ଊର୍ଦ୍ଧ୍ୱରେ; ଆତ୍ମା=ଆତ୍ମା; ଅୟମ୍=ଏହି; ଅବ୍ୟୟଃ=ଅବ୍ୟୟ; ଶରୀର-ସ୍ଥଃ ଅପି=ଶରୀର ମଧ୍ୟରେ ରହିଥିଲେ ସୁଦ୍ଧା; କୌନ୍ତେୟ=ହେ କୁନ୍ତୀପୁତ୍ର; ନ କରୋତି=କିଛି କରେ ନାହିଁ; ନ ଲିପ୍ୟତେ=ଜଡ଼ିତ ନୁହେଁ।

## ଅନୁବାଦ

**ଯେଉଁମାନେ ଦିବ୍ୟ-ଶାଶ୍ୱତ ଦୃଷ୍ଟିଲାଭ କରିଛନ୍ତି ସେମାନେ ଦେଖିପାରନ୍ତି ଯେ ଆତ୍ମା ଦିବ୍ୟ ଶାଶ୍ୱତ ଅଟେ ଏବଂ ଭୂତପ୍ରକୃତିର ତ୍ରିଗୁଣରୁ ବହୁତ ଊର୍ଦ୍ଧ୍ୱରେ । ହେ ଅର୍ଜୁନ ! ଯଦିଓ ଆତ୍ମା ଜଡ଼ ଶରୀର ମଧ୍ୟରେ ରହିଛି, ତଥାପି ସେ କିଛି କରେ ନାହିଁ କିମ୍ବା କୌଣସିଥିରେ ଜଡ଼ିତ ହୁଏ ନାହିଁ ।**

## ଭାବାର୍ଥ

ଜୀବ ଜନ୍ମ ହେଲାପରି ପ୍ରତୀତ ହୁଏ, କାରଣ ଏ ଜଡ଼ ଶରୀରଟି ଜନ୍ମ ହୁଏ, କିନ୍ତୁ ବାସ୍ତବରେ ଜୀବାତ୍ମା ଶାଶ୍ୱତ ଅଟେ । ସେ ଜନ୍ମ ହୁଏ ନାହିଁ । ସେ ଜଡ଼ ଶରୀର ମଧ୍ୟରେ ରହିଥିଲେ ସୁଦ୍ଧା ସେ ଦିବ୍ୟ ଓ ଶାଶ୍ୱତ ଅଟେ । ତେଣୁ ସେ କଦାପି ବିନଷ୍ଟ ହୋଇପାରିବ ନାହିଁ । ସ୍ୱଭାବତଃ ତାହା ଆନନ୍ଦମୟ ଅଟେ । ସେ କୌଣସି ପ୍ରକାର ଭୌତିକ କର୍ମରେ ନିଯୁକ୍ତ ହୁଏ ନାହିଁ; ତେଣୁ ସେ ଜଡ଼ ଶରୀର ସଂସ୍ପର୍ଶରେ ଆସିଥିବା ଯୋଗୁଁ, ଏ ଜଡ଼ ଶରୀର ସାହାଯ୍ୟରେ ଯେଉଁ କର୍ମମାନ କରାଯାଏ, ସେଥିରେ ସେ ଜଡ଼ିତ ହୁଏ ନାହିଁ ।

## ଶ୍ଲୋକ - ୩୩

**ଯଥା ସର୍ବଗତଂ ସୌକ୍ଷ୍ମ୍ୟାଦାକାଶଂ ନୋପଲିପ୍ୟତେ ।**
**ସର୍ବତ୍ରାବସ୍ଥିତୋ ଦେହେ ତଥାତ୍ମା ନୋପଲିପ୍ୟତେ ।। ୩୩ ।।**

## ଶବ୍ଦାନୁବାଦ

ଯଥା=ଯେପରି; ସର୍ବ-ଗତମ୍=ସର୍ବବ୍ୟାପକ; ସୌକ୍ଷ୍ମ୍ୟାତ୍=ସୂକ୍ଷ୍ମ ହୋଇଥିବା ଯୋଗୁଁ; ଆକାଶମ୍=ଆକାଶ; ନ ଉପଲିପ୍ୟତେ=ମିଶେ ନାହିଁ; ସର୍ବତ୍ର=ସର୍ବତ୍ର (ସବୁ ଠାରେ);

ଅବସ୍ଥିତଃ=ଅବସ୍ଥିତ; ଦେହେ=ଶରୀରରେ; ତଥା=ସେହିପରି; ଆତ୍ମା=ଆତ୍ମା; ନ ଉପଲିପ୍ୟତେ=ମିଶେ ନାହିଁ।

## ଅନୁବାଦ

**ଯଦିଓ ଆକାଶ ସର୍ବବ୍ୟାପକ, ତଥାପି ସୂକ୍ଷ୍ମତା ଯୋଗୁଁ ଏହା କୌଣସିଥିରେ ମିଶେ ନାହିଁ । ଠିକ୍ ସେହିପରି ଯଦିଓ ଆତ୍ମା ଶରୀର ମଧ୍ୟରେ ଅବସ୍ଥିତ, ତଥାପି ବ୍ରହ୍ମଦୃଷ୍ଟିରେ ଥିବାରୁ ଶରୀର ସହିତ ମିଶେ ନାହିଁ ।**

## ଭାବାର୍ଥ

ବାୟୁ, ଜଳ, ପଙ୍କ, ମଳ ଏବଂ ଯେ କୌଣସି ପଦାର୍ଥ ମଧ୍ୟରେ ପ୍ରବେଶ କରେ, ତଥାପି ଏହା କୌଣସିଥିରେ ମିଶେ ନାହିଁ । ଠିକ୍ ସେହିପରି ଜୀବାତ୍ମା ତାର ସୂକ୍ଷ୍ମ ସ୍ୱଭାବ ଯୋଗୁଁ ବିଭିନ୍ନ ପ୍ରକାର ଶରୀର ମଧ୍ୟରେ ରହିଥିଲେ ସୁଦ୍ଧା ସେ ସବୁଥିରେ ଜଡ଼ିତ ହୁଏ ନାହିଁ; ତେଣୁ ଜୀବାତ୍ମା କିପରି ଶରୀରସ୍ଥ ହୋଇଛି ଏବଂ ଶରୀରର ବିନାଶ ପରେ ସେ କିପରି ଶରୀର ବାହାରେ ରହେ, ଏହା ଆମ୍ଭେମାନେ ଆମ୍ଭମାନଙ୍କର ଏ ଭୌତିକ ଚକ୍ଷୁ ସାହାଯ୍ୟରେ ଦେଖିବା ସମ୍ଭବପର ନୁହେଁ । କେହି ମଧ୍ୟ ବିଜ୍ଞାନ ସାହାଯ୍ୟରେ ଏହା ସ୍ଥିର କରି ପାରିବନାହିଁ ।

## ଶ୍ଳୋକ - ୩୪

**ଯଥା ପ୍ରକାଶୟତ୍ୟେକଃ କୃତ୍ସ୍ନଂ ଲୋକମିମଂ ରବିଃ ।**
**କ୍ଷେତ୍ରଂ କ୍ଷେତ୍ରୀ ତଥା କୃତ୍ସ୍ନଂ ପ୍ରକାଶୟତି ଭାରତ ।।୩୪।।**

## ଶବ୍ଦାନୁବାଦ

ଯଥା=ଯେପରି; ପ୍ରକାଶୟତି=ଆଲୋକିତ କରେ; ଏକଃ=ଗୋଟିଏ; କୃତ୍ସ୍ନମ୍=ସମଗ୍ର; ଲୋକମ୍=ବ୍ରହ୍ମାଣ୍ଡ; ଇମମ୍=ଏହି; ରବିଃ=ସୂର୍ଯ୍ୟ; କ୍ଷେତ୍ରମ୍=ଏହି ଶରୀରକୁ; କ୍ଷେତ୍ରୀ=ଆତ୍ମା; ତଥା=ସେହିପରି; କୃତ୍ସ୍ନମ୍=ସମଗ୍ର; ପ୍ରକାଶୟତି=ଆଲୋକିତ କରେ; ଭାରତ=ହେ ଭରତପୁତ୍ର।

## ଅନୁବାଦ

**ହେ ଭରତପୁତ୍ର ! ଯେପରି ସୂର୍ଯ୍ୟ ଏକାକୀ ସମଗ୍ର ବ୍ରହ୍ମାଣ୍ଡକୁ ଆଲୋକିତ କରେ, ସେହିପରି ଜୀବାତ୍ମା ଏକାକୀ ଶରୀର ମଧ୍ୟରେ ଚେତନାଦ୍ୱାରା ସମଗ୍ର ଶରୀରକୁ ଆଲୋକିତ କରାଏ ।**

## ଭାବାର୍ଥ

ଚେତନା ସମ୍ବନ୍ଧରେ ଅନେକ ଦର୍ଶନ ଅଛି । ଏଠାରେ ଭଗବଦ୍ ଗୀତାରେ ସୂର୍ଯ୍ୟ ଓ ସୂର୍ଯ୍ୟାଲୋକର ଉଦାହରଣ ଦିଆଯାଇଅଛି । ସୂର୍ଯ୍ୟ ଯେପରି ଗୋଟିଏ ସ୍ଥାନରେ ରହି ସମଗ୍ର ବ୍ରହ୍ମାଣ୍ଡକୁ ଆଲୋକିତ କରୁଛନ୍ତି, ସେହିପରି ଚିଦାତ୍ମାର ଏକ କ୍ଷୁଦ୍ର ଅଣୁ, ଏ ଶରୀରର ହୃଦୟ

ମଧ୍ୟରେ ରହିଥିଲେ ସୁଦ୍ଧା ଚେତନାଦ୍ୱାରା ସମଗ୍ର ଶରୀରକୁ ଆଲୋକିତ କରୁଅଛି । ଯେପରି ସୂର୍ଯ୍ୟକିରଣ ବା ଆଲୋକ ସୂର୍ଯ୍ୟଙ୍କର ଉପସ୍ଥିତିର ପ୍ରମାଣ, ସେହିପରି ଚେତନା ହେଉଛି ଆତ୍ମାର ଉପସ୍ଥିତିର ପ୍ରମାଣ । ଯେତେବେଳେ ଆତ୍ମା ଶରୀର ମଧ୍ୟରେ ରହିଛି, ସେତେବେଳେ ସମଗ୍ର ଶରୀରରେ ଚେତନା ଅଛି ଏବଂ ଆତ୍ମା ଏ ଶରୀର ତ୍ୟାଗ କଲାକ୍ଷଣି, ଶରୀରରେ ଆଉ ଚେତନା ରହେ ନାହିଁ । ଏକ ବୁଦ୍ଧିମାନ୍ ଲୋକ ଏକଥା ସହଜରେ ବୁଝିପାରିବ । ତେଣୁ ଚେତନା ଜଡ଼ ବସ୍ତୁର ସମଷ୍ଟିରୁ ଉତ୍ପନ୍ନ ନୁହେଁ । ଏହା ଜୀବନୀ ଶକ୍ତିର ସୂଚକ ଅଟେ । ଯଦିଓ ଜୀବର ଚେତନା ପରମ ଚେତନା ସହିତ ଗୁଣାତ୍ମକଭାବେ ଏକ, ତଥାପି ତାହା ପରମ ଚେତନା ନୁହେଁ; କାରଣ ଏକ ନିର୍ଦ୍ଦିଷ୍ଟ ଶରୀରର ଚେତନା ଅନ୍ୟ ଶରୀରର ଚେତନାରୁ ଅଂଶ ଗ୍ରହଣ କରେନାହିଁ । କିନ୍ତୁ ଯେଉଁ ପରମାତ୍ମା ପ୍ରତ୍ୟେକ ଶରୀରରେ ଜୀବାତ୍ମାର ବନ୍ଧୁଭାବରେ ବିଦ୍ୟମାନ, ସେ ସମସ୍ତଙ୍କ ଶରୀର ସମ୍ବନ୍ଧରେ ଚେତନଶୀଳ । ଏହା ହେଉଛି ପରମଚେତନା ଓ ଏକ ନିର୍ଦ୍ଦିଷ୍ଟ ଜୀବାତ୍ମାର ଚେତନା ମଧ୍ୟରେ ପାର୍ଥକ୍ୟ ।

## ଶ୍ଲୋକ - ୩୫

**କ୍ଷେତ୍ରକ୍ଷେତ୍ରଜ୍ଞୟୋରେବମନ୍ତରଂ ଜ୍ଞାନଚକ୍ଷୁଷା ।**
**ଭୂତପ୍ରକୃତିମୋକ୍ଷଂ ଚ ଯେ ବିଦୁର୍ଯାନ୍ତି ତେ ପରମ୍ ।।୩୫।।**

## ଶବ୍ଦାନୁବାଦ

କ୍ଷେତ୍ର=ଶରୀର; କ୍ଷେତ୍ରଜ୍ଞୟୋଃ=ଶରୀରରେ ଥିବା ମାଲିକର; ଏବମ୍=ତାହା; ଅନ୍ତରମ୍=ପାର୍ଥକ୍ୟ; ଜ୍ଞାନ-ଚକ୍ଷୁଷା=ଜ୍ଞାନ ଚକ୍ଷୁଦ୍ୱାରା; ଭୂତ=ଜୀବ; ପ୍ରକୃତି=ଭୂତପ୍ରକୃତି; ମୋକ୍ଷମ୍=ମୋକ୍ଷ; ଚ=ମଧ୍ୟ; ଯେ=ଯେଉଁମାନେ; ବିଦୁଃ=ଜାଣନ୍ତି; ଯାନ୍ତି=ଯା'ନ୍ତି ବା ପହଞ୍ଚନ୍ତି; ତେ=ସେମାନେ; ପରମ୍=ପରମେଶ୍ୱର ।

## ଅନୁବାଦ

**ଯେ ଏହି ଶରୀର ଓ ଶରୀରର ମାଲିକ ମଧ୍ୟରେ ଥିବା ପାର୍ଥକ୍ୟକୁ ଜାଣିଶୁଣି ଦେଖେ ଏବଂ ଏ ବନ୍ଧନରୁ ମୁକ୍ତି ପାଇବାର ବିଧିକୁ ବୁଝିପାରେ, ସେ ମଧ୍ୟ ପରମ ଲକ୍ଷ୍ୟ ସାଧନ କରିପାରେ ।**

## ଭାବାର୍ଥ

ଏ ତ୍ରୟୋଦଶ ଅଧ୍ୟାୟର ସାରକଥା ହେଲା ଏହି ଯେ ବ୍ୟକ୍ତି ଏ ଶରୀର, ଶରୀରର ମାଲିକ ଏବଂ ପରମାତ୍ମାଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିବା ଉଚିତ୍ । ଯେ ଶ୍ରଦ୍ଧାବାନ୍ ବ୍ୟକ୍ତି, ସେ ପ୍ରଥମେ ନିଶ୍ଚୟ ସତ୍ ସଙ୍ଗ କରି ଭଗବାନଙ୍କ ସମ୍ବନ୍ଧରେ ଶୁଣିବ ଏବଂ ଏହି ପ୍ରକାରେ କ୍ରମେ ଜ୍ଞାନାଲୋକ ପ୍ରାପ୍ତ ହେବ । ଯଦି ବ୍ୟକ୍ତି ଏକ ଗୁରୁ ବା ଆଚାର୍ଯ୍ୟଙ୍କୁ ଗ୍ରହଣ କରେ, ତାହାହେଲେ ସେ ଜଡ଼ ଓ ଚେତନ ମଧ୍ୟରେ ଥିବା ପାର୍ଥକ୍ୟ ସମ୍ବନ୍ଧରେ ଜାଣି ପାରିବ ଏବଂ

ତାହାହିଁ ହେବ ତା'ର ଅଧିକ ଦିବ୍ୟାନୁଭୂତି ଲାଭ ଦିଗରେ ପ୍ରଥମ ପଦକ୍ଷେପ । ଗୁରୁ ବା ଆଚାର୍ଯ୍ୟ ତାଙ୍କର ଶିଷ୍ୟମାନଙ୍କୁ ବିଭିନ୍ନ ପ୍ରକାର ଉପଦେଶ ଦେଇ ଭୌତିକ ଜୀବନ ଧାରାରୁ ମୁକ୍ତ ହେବା ନିମିତ୍ତ ଶିକ୍ଷା ଦିଅନ୍ତି । ଉଦାହରଣ ସ୍ୱରୂପ ଭଗବଦ୍‌ଗୀତାରେ ଆମ୍ଭେମାନେ ଦେଖୁ ଯେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଭୌତିକ ବିଗ୍ରହ ଧାରାରୁ ମୁକ୍ତ ହେବା ନିମିତ୍ତ ଉପଦେଶ ଦେଉଛନ୍ତି ।

ଏ କଥା ବ୍ୟକ୍ତି ବୁଝିପାରିବ ଯେ ଏ ଶରୀର ହେଉଛି ଭୌତିକ ଶରୀର ବା ଜଡ଼ ଶରୀର । ଏହାକୁ ଏହାର ଗଠନ ସାମଗ୍ରୀ ଚବିଶଟି ତତ୍ତ୍ୱ ସାହାଯ୍ୟରେ ବିଶ୍ଳେଷଣ କରାଯାଇପାରେ । ତାହା ହେଉଛି ସ୍ଥୂଳ ପ୍ରକାଶ ଏବଂ (ଶରୀରର) ସୂକ୍ଷ୍ମ ପ୍ରକାଶ ହେଉଛି ମନ ଏବଂ ମାନସିକ ଭାବଧାରା । ପୁନଶ୍ଚ କ୍ରିୟା-ପ୍ରତିକ୍ରିୟା ହେଉଛି ଜୀବନର ସଙ୍କେତ । ଏତଦ୍ ବ୍ୟତୀତ ଆତ୍ମା ଓ ପରମାତ୍ମା ଅଛନ୍ତି । ଆତ୍ମା ଓ ପରମାତ୍ମା ହେଉଛନ୍ତି ଦୁଇ । ଏ ଭୌତିକ ଜଗତ, ଆତ୍ମା ଓ ଚବିଶ ତତ୍ତ୍ୱର ସଂଯୋଗରେ କ୍ରିୟାଶୀଳ ହୋଇଛି (ବା କାର୍ଯ୍ୟ କରୁଛି) । ଯେଉଁ ବ୍ୟକ୍ତି ଏହା ଦେଖିପାରେ ଯେ ଏ ସମଗ୍ର ଭୌତିକ ପ୍ରକାଶ ଆତ୍ମା ଏବଂ ଭୌତିକ ପଦାର୍ଥର ସମ୍ମିଶ୍ରଣରେ ଗଠିତ ଏବଂ ପରମାତ୍ମା ମଧ୍ୟ ବିଦ୍ୟମାନ ଅଛନ୍ତି; ସେ ଚିଦ୍‌ଜଗତକୁ ସ୍ଥାନାନ୍ତରିତ ହେବା ନିମିତ୍ତ ସକ୍ଷମ ହୋଇଯାଏ । ଏ ସବୁ ଜିନିଷ ଅନୁଧ୍ୟାନ, ଅନୁଶୀଳନ ଓ ଅନୁଭୂତି ଲାଭ ନିମିତ୍ତ ଉଦ୍ଦିଷ୍ଟ ଏବଂ ବ୍ୟକ୍ତି ଗୁରୁ ବା ଆଚାର୍ଯ୍ୟଙ୍କ ସହାୟତାରେ ଏ ଅଧ୍ୟାୟଟିକୁ ସଂପୂର୍ଣ୍ଣରୂପେ ବୁଝିବାଉଚିତ୍ ।

**ଭକ୍ତିବେଦାନ୍ତଭାଷ୍ୟର ଶ୍ରୀମଦ୍ ଭଗବଦ୍‌ଗୀତାର "କ୍ଷେତ୍ର-କ୍ଷେତ୍ରଜ୍ଞବିଭାଗଯୋଗ" (ଅର୍ଥାତ୍ ପ୍ରକୃତି, ପୁରୁଷ ଏବଂ ଚେତନା) ଶୀର୍ଷକ ତ୍ରୟୋଦଶ ଅଧ୍ୟାୟ ଶେଷହେଲା ।**

—o—

# ଚତୁର୍ଦ୍ଦଶ ଅଧ୍ୟାୟ

## ଗୁଣତ୍ରୟବିଭାଗଯୋଗ

(ତ୍ରିଗୁଣମୟୀ ମାୟା)

### ଶ୍ଳୋକ -୧

**ଶ୍ରୀଭଗବାନୁବାଚ**

**ପରଂ ଭୂୟଃ ପ୍ରବକ୍ଷ୍ୟାମି ଜ୍ଞାନାନାଂ ଜ୍ଞାନମୁତ୍ତମମ୍ ।**
**ଯଜ୍‌ଜ୍ଞାତ୍ୱା ମୁନୟଃ ସର୍ବେ ପରାଂ ସିଦ୍ଧିମିତୋ ଗତାଃ ।।୧।।**

### ଶବ୍ଦାନୁବାଦ

ଶ୍ରୀଭଗବାନ୍ ଉବାଚ=ପରମ ପୁରୁଷ ଭଗବାନ୍ କହିଲେ; ପରମ୍=ପରମ; ଭୂୟଃ=ପୁନର୍ବାର; ପ୍ରବକ୍ଷ୍ୟାମି=ମୁଁ ବିସ୍ତାର ଭାବରେ କହିବି; ଜ୍ଞାନାନାମ୍=ସମସ୍ତ ଜ୍ଞାନ ମଧ୍ୟରେ; ଜ୍ଞାନମ୍=ଜ୍ଞାନ; ଉତ୍ତମମ୍=ସର୍ବୋତ୍ତମ; ଯତ୍=ଯାହା; ଜ୍ଞାତ୍ୱା=ଜାଣି; ମୁନୟଃ=ମୁନିବୃନ୍ଦ; ସର୍ବେ=ସମସ୍ତ; ପରାମ୍=ପରମ; ସିଦ୍ଧିମ୍=ସିଦ୍ଧି; ଇତଃ=ଏହି ପୃଥିବୀରୁ; ଗତାଃ=ପ୍ରାପ୍ତ ହୋଇଛନ୍ତି ।

### ଅନୁବାଦ

ଶ୍ରୀ ଭଗବାନ୍ କହିଲେ, "ସମସ୍ତ ଜ୍ଞାନ ମଧ୍ୟରେ ସର୍ବୋତ୍ତମ ଜ୍ଞାନ ଅର୍ଥାତ୍ ପରମ ଜ୍ଞାନ କଥା ମୁଁ ପୁନର୍ବାର ତୁମକୁ କହିବି, ଯାହାଜାଣି ମୁନିବୃନ୍ଦ ପରମସିଦ୍ଧି ପ୍ରାପ୍ତହୋଇଛନ୍ତି ।

## ଭାବାର୍ଥ

ସପ୍ତମ ଅଧ୍ୟାୟରୁ ଦ୍ୱାଦଶ ଅଧ୍ୟାୟ ଶେଷ ପର୍ଯ୍ୟନ୍ତ ଶ୍ରୀକୃଷ୍ଣ ପରମବ୍ରହ୍ମ ପରମେଶ୍ୱରଙ୍କର ସମ୍ବନ୍ଧରେ ସୁବିସ୍ତୃତ ବର୍ଣ୍ଣନା କରିଛନ୍ତି । ବର୍ତ୍ତମାନ ସ୍ୱୟଂ ଭଗବାନ୍ ପୁଣି ଅର୍ଜୁନଙ୍କୁ ଜ୍ଞାନାଲୋକ ପ୍ରଦାନ କରୁଛନ୍ତି । ଯଦି ବ୍ୟକ୍ତି ମାନସିକ ଚିନ୍ତନ ସାହାଯ୍ୟରେ ଏ ଅଧ୍ୟାୟକୁ ବୁଝିପାରେ, ତାହାହେଲେ ଭକ୍ତିଯୋଗ ସମ୍ବନ୍ଧରେ କିଛି ଜାଣି ପାରିବ । ତ୍ରୟୋଦଶ ଅଧ୍ୟାୟରେ ଭଲଭାବରେ କୁହାଯାଇଛି ଯେ ବ୍ୟକ୍ତି ବିନୀତଭାବେ ଜ୍ଞାନ ବୃଦ୍ଧିକଲେ ଭୌତିକ ବନ୍ଧନରୁ ମୁକ୍ତି ପାଇପାରିବ । ଏହାମଧ୍ୟ କୁହାଯାଇଛି ଯେ ତ୍ରିଗୁଣାତ୍ମିକା ଭୂତପ୍ରକୃତିର ସଂସ୍ପର୍ଶରେ ଆସିବା ଯୋଗୁଁ ଜୀବ ଏ ଭୌତିକ ଜଗତରେ ବନ୍ଧନରେ ପଡ଼ିଅଛି । ବର୍ତ୍ତମାନ, ଏ ଅଧ୍ୟାୟରେ ପରମପୁରୁଷ ଭଗବାନ୍ କହୁଛନ୍ତି, ସେ ତ୍ରିଗୁଣ କ'ଣ, ସେମାନେ କିପରି କାମ କରନ୍ତି, ସେମାନେ କିପରି ବାନ୍ଧନ୍ତି ଏବଂ ସେମାନେ କିପରି ମୁକ୍ତି ପ୍ରଦାନ କରନ୍ତି । ଏହି ଅଧ୍ୟାୟରେ ଯେଉଁ ଜ୍ଞାନକଥା ଭଗବାନ୍ କହୁଛନ୍ତି, ତାହା ଏ ପର୍ଯ୍ୟନ୍ତ ଅନ୍ୟ ଅଧ୍ୟାୟମାନଙ୍କରେ କୁହାଯାଇଥିବା ଜ୍ଞାନଠାରୁ ସର୍ବୋତ୍ତମ ଜ୍ଞାନ ବୋଲି କହୁଛନ୍ତି । ଏହି ଜ୍ଞାନ ହାସଲକରି ବିଶିଷ୍ଟ ମୁନିବୃନ୍ଦ ସିଦ୍ଧିପ୍ରାପ୍ତ ହୋଇଛନ୍ତି ଏବଂ ଚିଦ୍ ଜଗତକୁ ଯାଇ ପାରିଛନ୍ତି । ଭଗବାନ୍ ବର୍ତ୍ତମାନ ସେହି ଜ୍ଞାନକୁ ଏକ ଉତ୍ତମ ଢ଼ଙ୍ଗରେ ବୁଝାଇ କହୁଛନ୍ତି । ଏ ପର୍ଯ୍ୟନ୍ତ ଯେଉଁ ଜ୍ଞାନକଥା କୁହାଯାଇଛି, ତନ୍ମଧ୍ୟରେ ଏ ଜ୍ଞାନ ସର୍ବୋତ୍କୃଷ୍ଟ ଅଟେ ଏବଂ ଏହାକୁ ଜାଣି ଅନେକ ମୁନି ସିଦ୍ଧିପ୍ରାପ୍ତ ହୋଇଛନ୍ତି । ତେଣୁ ଏଥିରୁ ଜଣାଯାଇଛି ଯେ, ଯେଉଁ ବ୍ୟକ୍ତି ଏ ଚତୁର୍ଦ୍ଦଶ ଅଧ୍ୟାୟକୁ ବୁଝିବ ସେ ନିଶ୍ଚୟ ସିଦ୍ଧି ପ୍ରାପ୍ତହେବ ।

## ଶ୍ଳୋକ - ୨

**ଇଦଂ ଜ୍ଞାନମୁପାଶ୍ରିତ୍ୟ ମମ ସାଧର୍ମ୍ୟମାଗତାଃ ।**
**ସର୍ଗେଽପି ନୋପଜାୟନ୍ତେ ପ୍ରଳୟେ ନ ବ୍ୟଥନ୍ତି ଚ ।। ୨ ।।**

## ଶବ୍ଦାନୁବାଦ

ଇଦମ୍=ଏହି; ଜ୍ଞାନମ୍=ଜ୍ଞାନ; ଉପାଶ୍ରିତ୍ୟ=ଆଶ୍ରୟକରି; ମମ=ମୋର; ସାଧର୍ମ୍ୟମ୍=ପ୍ରକୃତି; ଆଗତାଃ=ପ୍ରାପ୍ତ ହୁଅନ୍ତି; ସର୍ଗେ ଅପି=ଏପରିକି ଏ ସୃଷ୍ଟିରେ; ନ ଉପଜାୟନ୍ତେ=ଆଉ ଆସନ୍ତି ନାହିଁ; ପ୍ରଳୟେ=ପ୍ରଳୟରେ; ନ ବ୍ୟଥନ୍ତି=ବ୍ୟତିବ୍ୟସ୍ତ ହୁଅନ୍ତି ନାହିଁ; ଚ=ମଧ୍ୟ ।

## ଅନୁବାଦ

**ବ୍ୟକ୍ତି ଏଇ ଜ୍ଞାନରେ ସ୍ଥିର ହେଲେ ଦିବ୍ୟ ପ୍ରକୃତି ପ୍ରାପ୍ତ ହୋଇପାରେ, ଯାହାକି ମୋ' ନିଜ ପ୍ରକୃତି ସଦୃଶ ଅଟେ । ଏହି ପ୍ରକାରେ ଦୃଢ଼ଭାବରେ ସ୍ଥିର ହୋଇଗଲେ ବ୍ୟକ୍ତି ସୃଷ୍ଟି ସମୟରେ ଆଉ ଜନ୍ମ ହୁଏ ନାହିଁ କିମ୍ବା ପ୍ରଳୟ ସମୟରେ ବ୍ୟତିବ୍ୟସ୍ତ ହୁଏନାହିଁ ।**

## ଭାବାର୍ଥ

ପରମ ଦିବ୍ୟଜ୍ଞାନ ପ୍ରାପ୍ତ ହେଲାପରେ ବ୍ୟକ୍ତି ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତ ହୋଇ ପରମପୁରୁଷ ଭଗବାନଙ୍କ ସହ ଗୁଣାତ୍ମକଭାବେ ସମତା ଲାଭକରେ । ଅବଶ୍ୟ ସେ ଏକ ଜୀବାତ୍ମାରୂପେ ନିଜର ବ୍ୟକ୍ତିତ୍ୱକୁ ହରାଏନାହିଁ । ବୈଦିକ ସାହିତ୍ୟରୁ ବୁଝାଯାଏ ଯେ ଯେଉଁ ମୁକ୍ତାତ୍ମାଗଣ ପରବ୍ୟୋମରେ ଥିବା ଦିବ୍ୟ ବୈକୁଣ୍ଠଲୋକରେ ପହଞ୍ଚିଛନ୍ତି, ସେମାନେ ଭଗବାନଙ୍କର ଦିବ୍ୟ

ସେବାରେ ନିଯୁକ୍ତ ହୋଇ ସର୍ବଦା ପରମେଶ୍ୱରଙ୍କର ପଦାରବିନ୍ଦକୁ ଦର୍ଶନ କରୁଥା'ନ୍ତି ।ତେଣୁ ମୁକ୍ତିପରେ ମଧ୍ୟ ଭକ୍ତଗଣ ସେମାନଙ୍କର ବ୍ୟକ୍ତିତ୍ୱ ହରାନ୍ତି ନାହିଁ ।

ସାଧାରଣତଃ ଏ ଭୌତିକ ଜଗତରେ ଆମ୍ଭେମାନେ ଯେଉଁ ଜ୍ଞାନପ୍ରାପ୍ତ ହେଉ ତାହା ଭୂତପ୍ରକୃତିର ତ୍ରିଗୁଣ ଦ୍ୱାରା ଦୁଷ୍ଟ, କିନ୍ତୁ ଯେଉଁ ଜ୍ଞାନ ଭୂତପ୍ରକୃତିର ତ୍ରିଗୁଣଦ୍ୱାରା ଦୁଷ୍ଟ ନୁହେଁ ତାହାକୁ ଦିବ୍ୟଜ୍ଞାନ କୁହାଯାଏ ।ବ୍ୟକ୍ତି ସେ ଦିବ୍ୟଜ୍ଞାନ ଭୂମିକାରେ ସ୍ଥିର ହେଲାକ୍ଷଣି ପରମେଶ୍ୱରଙ୍କ ସହ ସମାନ ଭୂମିକାକୁ ଆସିଯାଏ । ଯେଉଁମାନଙ୍କର ପରବ୍ୟୋମ ସମ୍ବନ୍ଧରେ ଜ୍ଞାନ ନାହିଁ ସେମାନେ ଭାବନ୍ତି ଯେ ଏ ଭୌତିକ ରୂପର କ୍ରିୟାକଳାପରୁ ମୁକ୍ତ ହେଲାପରେ ଦିବ୍ୟସତ୍ତା ଆଉ କୌଣସି ଆକାର ଗ୍ରହଣ ନକରି ରୂପହୀନ ହୋଇଯାଏ ।ଅବଶ୍ୟ, ଏ ଭୌତିକ ଜଗତରେ ଯେପରି ବିଭିନ୍ନ ରୂପ ବା ବିଭିନ୍ନତା ଅଛି, ସେହିପରି ଚିଦ୍ ଜଗତ୍‌ରେ ବିଭିନ୍ନ ରୂପ ବା ବିଭିନ୍ନତା ଅଛି ।ଯେଉଁମାନେ ଏ ସମ୍ବନ୍ଧରେ ଅଜ୍ଞ, ସେମାନେ ଭାବନ୍ତି ଯେ ଦିବ୍ୟସ୍ଥିତି ଭୌତିକ ସ୍ଥିତିର ବିପରୀତ ଅଟେ, କିନ୍ତୁ ବାସ୍ତବରେ ବ୍ୟକ୍ତି ପରବ୍ୟୋମରେ ଦିବ୍ୟରୂପ ପ୍ରାପ୍ତ ହୁଏ । ସେଠାରେ ଦିବ୍ୟ କ୍ରିୟାକଳାପ ଅଛି ଏବଂ ସେ ଦିବ୍ୟସ୍ଥିତିକୁ ଦିବ୍ୟଜୀବନ କୁହାଯାଏ ।ସେ ବାତାବରଣ ଦୋଷଶୂନ୍ୟ (ନିର୍ଦ୍ଦୋଷ) ଅଟେ ଏବଂ ସେଠାରେ ବ୍ୟକ୍ତି ଗୁଣାତ୍ମକଭାବେ ପରମେଶ୍ୱରଙ୍କ ସହ ସମାନ ।ଏ ଜ୍ଞାନ ପ୍ରାପ୍ତ ହେବାକୁହେଲେ ବ୍ୟକ୍ତିକୁ ସମସ୍ତ ଦିବ୍ୟଗୁଣର ଅଧିକାରୀ ହେବାକୁ ପଡ଼ିବ ।ଯେଉଁବ୍ୟକ୍ତି ଏହି ପ୍ରକାରେ ଦିବ୍ୟଗୁଣର ଅଧିକାରୀ ହୁଏ ସେ ସୃଷ୍ଟି ସମୟରେ କିମ୍ବା ପ୍ରଳୟ ସମୟରେ, ଅର୍ଥାତ୍ - ଏ ଭୌତିକ ଜଗତର ଧ୍ୱଂସ ସମୟରେ ବ୍ୟତିବ୍ୟସ୍ତ ହୁଏ ନାହିଁ ।

## ଶ୍ଲୋକ - ୩

**ମମ ଯୋନିର୍ମହଦ୍ ବ୍ରହ୍ମ ତସ୍ମିନ୍ଗର୍ଭଂ ଦଧାମ୍ୟହମ୍ ।**
**ସମ୍ଭବଃ ସର୍ବଭୂତାନାଂ ତତୋ ଭବତି ଭାରତ ।। ୩।।**

## ଶବ୍ଦାନୁବାଦ

ମମ=ମୋର; ଯୋନିଃ=ଯୋନି (ଜନ୍ମଦ୍ୱାର); ମହତ୍=ସମଗ୍ର ଭୌତିକ ସ୍ଥିତି; ବ୍ରହ୍ମ=ପରମ; ତସ୍ମିନ୍=ସେଥିରେ; ଗର୍ଭମ୍=ଗର୍ଭ; ଦଧାମି=ସୃଷ୍ଟିକରେ;ଅହମ୍=ମୁଁ; ସମ୍ଭବଃ=ସମ୍ଭବ; ସର୍ବ-ଭୂତାନାମ୍=ସମସ୍ତ ଜୀବଙ୍କର; ତତଃ=ତତ୍ପରେ; ଭବତି=ହୁଏ; ଭାରତ=ହେ ଭରତପୁତ୍ର ।

## ଅନୁବାଦ

**ହେ ଭରତପୁତ୍ର ! ବ୍ରହ୍ମନ୍ ନାମରେ ପରିଚିତ ସମଗ୍ର ଭୂତପ୍ରକୃତି ହେଉଛି ଯୋନି ବା ଜନ୍ମଦ୍ୱାରା ଏବଂ ସେହି ବ୍ରହ୍ମନ୍‌ରେ ସମସ୍ତ ଜୀବଙ୍କର ଜନ୍ମକୁ ସମ୍ଭବ କରି ମୁଁ ଗର୍ଭସଞ୍ଚାର କରେ ।**

## ଭାବାର୍ଥ

ଏହା ହେଉଛି ପୃଥିବୀର ଏକ ବ୍ୟାଖ୍ୟା; ଯାହାସବୁ ସୃଷ୍ଟି ହୋଇଛି ତାହା ସବୁ, କ୍ଷେତ୍ର ଓ କ୍ଷେତ୍ରଜ୍ଞ ଅର୍ଥାତ୍ ଶରୀର ଓ ଆତ୍ମାର ସମ୍ମିଶ୍ରଣ ଅଟେ ।ଭୂତପ୍ରକୃତି ଏବଂ ଜୀବାତ୍ମାର ଏ ଯେଉଁ ସମ୍ମିଶ୍ରଣ ତାହା ସ୍ୱୟଂ ପରମେଶ୍ୱରଙ୍କ ଦ୍ୱାରା ସଂଶୋଧିତ ହୋଇଅଛି ।ସମସ୍ତ ଦୃଶ୍ୟ ଜଗତର କାରଣ ହେଲା ମହତ୍‌ତତ୍ତ୍ୱ ଏବଂ ଯେହେତୁ ସମଗ୍ର ଭୌତିକ କାରଣରେ ପ୍ରକୃତିର ତ୍ରିଗୁଣ ବିଦ୍ୟମାନ,

ତେଣୁ ଏହାକୁ ବେଳେବେଳେ 'ବ୍ରହ୍ମନ୍' କୁହାଯାଏ । ପରମପୁରୁଷ ଭଗବାନ୍ ସମଗ୍ର ଭୂତପ୍ରକୃତିରେ ଗର୍ଭସଞ୍ଚାର କରନ୍ତି ଏବଂ ସେହି ହେତୁ ଅସଂଖ୍ୟ ବ୍ରହ୍ମାଣ୍ଡ ସୃଷ୍ଟି ସମ୍ଭବ ହୁଏ । ବୈଦିକ ସାହିତ୍ୟରେ ଏ ସମଗ୍ର ଭୂତପ୍ରକୃତିକୁ 'ମହତ୍‌ତତ୍ତ୍ୱ' ବୋଲି ବର୍ଣ୍ଣନା କରାଯାଇଅଛି । *''ତସ୍ମାଦ୍ ଏତଦ୍ ବ୍ରହ୍ମ ନାମରୂପମ୍ ଅନ୍ନଂ ଚ ଜାୟତେ''*, ସେହି ବ୍ରହ୍ମନ୍ ମଧ୍ୟରେ ପରମପୁରୁଷଙ୍କ ଦ୍ୱାରା ଜୀବମାନଙ୍କର ବୀଜ ସଞ୍ଚାରିତ ହୁଏ । କ୍ଷିତ୍, ଅପ, ତେଜ ଏବଂ ବାୟୁଠାରୁ ଆରମ୍ଭକରି ସମସ୍ତ ଚବିଶି ତତ୍ତ୍ୱ ଭୌତିକ ଶକ୍ତି ଅଟେ । ଏହାକୁ ''ମହାବ୍ରହ୍ମନ୍'' ବା ଭୌତିକ ପ୍ରକୃତି କୁହାଯାଏ । ସପ୍ତମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି ଯେ ଏହାଠାରୁ ଉନ୍ନତ ଅନ୍ୟ ଏକ ଉତ୍କୃଷ୍ଟ ପ୍ରକୃତି ଅଛି-ତାହା ଜୀବଶକ୍ତି ଅଟେ । ପରମପୁରୁଷ ଭଗବାନଙ୍କର ଇଚ୍ଛାନୁସାରେ ସେ ଉତ୍କୃଷ୍ଟ ପ୍ରକୃତି ଭୂତପ୍ରକୃତି ସହ ମିଶେ ଏବଂ ତପରେ ସମସ୍ତ ଜୀବ ଏହି ଭୌତିକ ପ୍ରକୃତିରୁ ଜାତ ହୁଅନ୍ତି ।

ବିଛା ଗ୍ରଉଳ ଗଦାରେ ଅଣ୍ଡା ଦିଏ ଏବଂ ସେଥିପାଇଁ ବେଳେବେଳେ କୁହାଯାଏ ଯେ ବିଛା ଗ୍ରଉଳରୁ ଜନ୍ମ ହୁଏ । କିନ୍ତୁ ଗ୍ରଉଳ ବିଛାର କାରଣ ନୁହେଁ । ବାସ୍ତବରେ ମା' ବିଛା ସେଠାରେ ଅଣ୍ଡା ଦେଇଥିଲା । ଠିକ୍ ସେହିପରି ଭୌତିକ ପ୍ରକୃତି ଜୀବମାନଙ୍କର ଜନ୍ମର କାରଣ ନୁହେଁ । ପରମପୁରୁଷ ଭଗବାନ୍ ସେଥିରେ ଜୀବ ସଞ୍ଚାର କରିଛନ୍ତି ଏବଂ ଜୀବବୃନ୍ଦ ଭୂତପ୍ରକୃତିରୁ ଜନ୍ମ ହେଲାପରି କେବଳ ଜଣାଯା'ନ୍ତି । ଏହିପରି ପ୍ରତ୍ୟେକ ଜୀବ, ତା'ର ପ୍ରାରବ୍ଧ କର୍ମ ଅନୁଯାୟୀ ଗୋଟିଏ ଗୋଟିଏ ଭୌତିକ ଶରୀର ପ୍ରାପ୍ତ ହୁଅନ୍ତି । ସେ ଶରୀରକୁ ଭୂତପ୍ରକୃତି ସୃଷ୍ଟିକରେ । ଜୀବ ତା'ର ପ୍ରାରବ୍ଧ କର୍ମ ଅନୁଯାୟୀ ସୁଖ-ଦୁଃଖ ଭୋଗକରେ । ଏ ଭୌତିକ ଜଗତରେ ଯେତେ ପ୍ରକାର ଜୀବ ଦେଖାଯା'ନ୍ତି ସେ ସମସ୍ତଙ୍କର କାରଣ ହେଉଛନ୍ତି ପରମେଶ୍ୱର ।

## ଶ୍ଲୋକ - ୪

**ସର୍ବଯୋନିଷୁ କୌନ୍ତେୟ ମୂର୍ତୟଃ ସମ୍ଭବନ୍ତି ଯାଃ ।**
**ତାସାଂ ବ୍ରହ୍ମ ମହଦ୍‌ଯୋନିରହଂ ବୀଜପ୍ରଦଃ ପିତା ।। ୪ ।।**

## ଶବ୍ଦାନୁବାଦ

ସର୍ବ-ଯୋନିଷୁ=ସମସ୍ତ ପ୍ରକାର ଜୀବ-ଯୋନିରେ; କୌନ୍ତେୟ=ହେ କୁନ୍ତୀପୁତ୍ର; ମୂର୍ତୟଃ=ମୂର୍ତ୍ତି ବା ରୂପ; ସମ୍ଭବନ୍ତି=ଯାହାସବୁ ଜାତ ହୁଅନ୍ତି; ଯାଃ=ଯାହା; ତାସାମ୍=ସେ ସମସ୍ତ; ବ୍ରହ୍ମ=ବ୍ରହ୍ମ; ମହତ୍ ଯୋନିଃ=ଭୂତ ପ୍ରକୃତିର ଜନ୍ମସ୍ଥଳ; ଅହମ୍=ମୁଁ; ବୀଜ-ପ୍ରଦଃ=ବୀଜ ପ୍ରଦାନକାରୀ; ପିତା=ପିତା (ରକ୍ଷକ) ।

## ଅନୁବାଦ

**ହେ କୁନ୍ତୀପୁତ୍ର ! ଏକଥା ଜାଣିରଖିବା ଉଚିତ୍ ଯେ, ଏ ଭୂତପ୍ରକୃତିରେ ସମସ୍ତ ପ୍ରକାର ଜୀବ ଜାତ ହୁଅନ୍ତି ଏବଂ ସମସ୍ତପ୍ରକାର ଜୀବ-ଯୋନିରେ ଯେଉଁସବୁ ଜୀବ ଜାତ ହୁଅନ୍ତି,ସେ ସମସ୍ତଙ୍କର ବୀଜ-ପ୍ରଦାନକାରୀ ପିତା ମୁଁ ଅଟେ ।**

## ଭାବାର୍ଥ

ଏ ଶ୍ଲୋକରେ ପରିଷ୍କାରଭାବରେ କୁହାଯାଇଛି ଯେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ସମସ୍ତ ଜୀବଙ୍କର ଆଦିପିତା ଅଟନ୍ତି । ଜୀବଗଣ, ଭୂତପ୍ରକୃତି ଏବଂ ଚିଦ୍‌ପ୍ରକୃତିର ସମ୍ମିଶ୍ରଣ

ଅଟନ୍ତି । ଏ ପ୍ରକାର ଜୀବଗଣ ଯେ କେବଳ ଏହି ପୃଥିବୀରେ ଦେଖାଯା'ନ୍ତି ତାହା ନୁହେଁ, ଏମାନେ ସମସ୍ତ ଗ୍ରହ ବା ଲୋକରେ ଦେଖାଯା'ନ୍ତି; ଏପରିକି ସର୍ବୋଚ୍ଚ ଲୋକ-ବ୍ରହ୍ମଲୋକରେ ମଧ୍ୟ ଦେଖାଯା'ନ୍ତି । ସବୁଠାରେ ଜୀବଗଣ ଅଛନ୍ତି । ସେମାନେ ଏ ସ୍ଥଳରେ ଅଛନ୍ତି, ଜଳରେ ଅଛନ୍ତି ଏବଂ ଅଗ୍ନିରେ ମଧ୍ୟ ଅଛନ୍ତି । ଏସବୁ ଜୀବ-ପ୍ରକାଶ, ମାତା ଭୂତପ୍ରକୃତି ଏବଂ କୃଷ୍ଣଙ୍କର ବୀଜପ୍ରଦାନ ବିଧି ଯୋଗୁଁ ସମ୍ଭବ ହୋଇଛି, ତାତ୍ପର୍ଯ୍ୟ ହେଲା ଏହି ଯେ ଜୀବଗଣ ଏ ଭୌତିକ ଜଗତରେ ସଞ୍ଚାରିତ ହୋଇ ସୃଷ୍ଟି ସମୟରେ ସେମାନଙ୍କର ପ୍ରାରବ୍ଧ କର୍ମାନୁଯାୟୀ ମୂର୍ତ୍ତି ବା ରୂପ ଧାରଣକରି ଜନ୍ମ ହୁଅନ୍ତି ।

## ଶ୍ଲୋକ - ୫

**ସତ୍ତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତିସମ୍ଭବାଃ ।**
**ନିବଧ୍ନନ୍ତି ମହାବାହୋ ଦେହେ ଦେହିନମବ୍ୟୟମ୍ ।। ୫ ।।**

## ଶବ୍ଦାନୁବାଦ

ସତ୍ତ୍ୱମ୍=ସତ୍ତ୍ୱଗୁଣ; ରଜଃ=ରଜଗୁଣ; ତମଃ=ତମଗୁଣ; ଇତି=ଏହିପରି; ଗୁଣାଃ=ଗୁଣସବୁ; ପ୍ରକୃତି=ଭୂତପ୍ରକୃତି; ସମ୍ଭବାଃ=ଜାତ ହୁଅନ୍ତି; ନିବଧ୍ନନ୍ତି=ବାନ୍ଧନ୍ତି; ମହା-ବାହୋ=ହେ ମହାବାହୁ; ଦେହେ=ଏହି ଶରୀରରେ; ଦେହିନମ୍=ଜୀବକୁ; ଅବ୍ୟୟମ୍=ଶାଶ୍ୱତ ।

## ଅନୁବାଦ

**ଭୂତପ୍ରକୃତି, ସତ୍ତ୍ୱ, ରଜ ଓ ତମ - ଏ ତ୍ରିଗୁଣକୁ ନେଇ ଗଠିତ । ଯେତେବେଳେ ଜୀବ ଭୂତପ୍ରକୃତିର ସଂସ୍ପର୍ଶରେ ଆସେ, ସେତେବେଳେ ସେ ଏ ଗୁଣମାନଙ୍କ ଦ୍ୱାରା ଆବଦ୍ଧ ହୁଏ ।**

## ଭାବାର୍ଥ

ଜୀବ ସନାତନ ହୋଇଥିବାରୁ ଏ ଭୂତପ୍ରକୃତି ସହ ତା'ର କିଛି କରିବାର ନାହିଁ । ତଥାପି, ସେ ଯେଣୁ ଏ ଭୌତିକ ଜଗତରେ ଆବଦ୍ଧ ହୋଇଛି; ତେଣୁ ସେ ତ୍ରିଗୁଣର ବଶବର୍ତ୍ତୀ ହୋଇ କାର୍ଯ୍ୟ କରୁଛି । ପ୍ରକୃତି ଅନୁଯାୟୀ ଜୀବମାନେ ବିଭିନ୍ନପ୍ରକାର ଶରୀର ଧାରଣ କରିଛନ୍ତି, ସେଇଥିପାଇଁ ସେମାନେ ସେହି ପ୍ରକୃତି ଅନୁଯାୟୀ କାର୍ଯ୍ୟ କରିବାକୁ ବାଧ୍ୟ ହୁଅନ୍ତି । ନାନାପ୍ରକାର ସୁଖ-ଦୁଃଖର ଏହାହିଁ ହେଉଛି କାରଣ ।

## ଶ୍ଲୋକ - ୬

**ତତ୍ର ସତ୍ତ୍ୱଂ ନିର୍ମଳତ୍ୱାତ୍ପ୍ରକାଶକମନାମୟମ୍ ।**
**ସୁଖସଙ୍ଗେନ ବଧ୍ନାତି ଜ୍ଞାନସଙ୍ଗେନ ଚାନଘ ।। ୬ ।।**

## ଶବ୍ଦାନୁବାଦ

ତତ୍ର=ତହିଁରେ; ସତ୍ତ୍ୱମ୍=ସତ୍ତ୍ୱଗୁଣ; ନିର୍ମଳତ୍ୱାତ୍=ଭୌତିକ ଜଗତରେ ନିର୍ମଳତମ ହେତୁ; ପ୍ରକାଶକମ୍=ଉଜ୍ଜ୍ୱଳ; ଅନାମୟମ୍=ପାପକର୍ମ ପ୍ରତିକ୍ରିୟା ରହିତ; ସୁଖ=ସୁଖ; ସଙ୍ଗେନ=ସଙ୍ଗରେ;

ବଧ୍ନାତି=ବାନ୍ଧେ; ଜ୍ଞାନ=ଜ୍ଞାନ; ସଙ୍ଗେନ=ସଙ୍ଗରେ; ଚ=ମଧ୍ୟ; ଅନଘ=ହେ ଅନଘ ! (ହେ ନିଷ୍ପାପ) ।

## ଅନୁବାଦ

**ହେ ଅନଘ ! ସତ୍ତ୍ୱଗୁଣ, ଅନ୍ୟଗୁଣମାନଙ୍କ ଅପେକ୍ଷା ବିଶୁଦ୍ଧତର ହୋଇଥିବା ହେତୁ ଆଲୋକମୟ ଅଟେ ଏବଂ ଏହା ବ୍ୟକ୍ତିକୁ ସମସ୍ତ ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ କରାଏ । ଯେଉଁମାନେ ଏଇ ସତ୍ତ୍ୱଗୁଣରେ ଅବସ୍ଥାନ କରନ୍ତି, ସେମାନେ ଜ୍ଞାନାନୁଶୀଳନ କରନ୍ତି, କିନ୍ତୁ ସେମାନେ ସୁଖ ସଂସ୍ପର୍ଶରେ (ବା ସୁଖ ଧାରଣାରେ) ବନ୍ଧ ହୋଇ ପଡ଼ନ୍ତି ।**

## ଭାବାର୍ଥ

ଭୂତପ୍ରକୃତିଦ୍ୱାରା ବଦ୍ଧ ହୋଇଥିବା ଜୀବଗଣ ବିଭିନ୍ନ ପ୍ରକାର ଅଟନ୍ତି । କେହି ସୁଖୀ, କେହି ବଡ଼ କର୍ମଠ'ତ ଆଉ କେହି ଅସହାୟ । ଏ ସମସ୍ତ ମାନସିକ ପ୍ରକାଶ ଜୀବମାନଙ୍କର ଭୂତପ୍ରକୃତିରେ ବଦ୍ଧାବସ୍ଥାର କାରଣ ଅଟେ । ସେମାନେ କିପରି ବିଭିନ୍ନ ପ୍ରକାରେ ବଦ୍ଧ ହୋଇଛନ୍ତି, ତାହା ଭଗବଦ୍‌ଗୀତାର ଏଇ ବିଭାଗରେ କୁହାଯାଇଅଛି । ପ୍ରଥମେ ସତ୍ତ୍ୱଗୁଣ କଥା କୁହାଯାଇଅଛି । ଏ ଭୌତିକ ଜଗତରେ ସତ୍ତ୍ୱଗୁଣ ବୃଦ୍ଧି କଲେ ବ୍ୟକ୍ତି ଅନ୍ୟମାନଙ୍କ ଅପେକ୍ଷା ଅଧିକ ଜ୍ଞାନୀ ବୋଲି ବିବେଚିତ ହୁଏ । ସତ୍ତ୍ୱଗୁଣରେ ଅବସ୍ଥାନ କରୁଥିବା ବ୍ୟକ୍ତି ଭୌତିକ ଦୁଃଖରେ ବିଶେଷ ବ୍ୟଥିତ ହୁଏ ନାହିଁ ଏବଂ ଭୌତିକ ଜ୍ଞାନରେ ସେ ମଧ୍ୟ ପ୍ରଗତି ଲାଭ କରିଥାଏ । ଏ ଗୁଣର ଅଧିକାରୀ (ବା ପ୍ରତିଭୂ) ହେଉଛି ବ୍ରାହ୍ମଣ; କାରଣ ସେ ସତ୍ତ୍ୱଗୁଣରେ ଅବସ୍ଥାନ କରେ ବୋଲି ବିବେଚିତ ହୁଏ । ବ୍ୟକ୍ତି ସତ୍ତ୍ୱଗୁଣରେ ଅବସ୍ଥାନ କଲେ ସେ ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇ ଯାଏ - ଏହି ଧାରଣା ହିଁ ସୁଖକର ଅଟେ । ବାସ୍ତବରେ ବୈଦିକ ସାହିତ୍ୟରେ କୁହାଯାଇଛି ଯେ ସତ୍ତ୍ୱଗୁଣର ଅର୍ଥ ହେଉଛି ଅଧିକ ଜ୍ଞାନ ଏବଂ ଅଧିକ ସୁଖାନ୍ତିକ ଧାରଣା ।

ଏଥିରେ ଏଇ ବିପଦ ଯେ ଯେତେବେଳେ ଜୀବ ସତ୍ତ୍ୱଗୁଣରେ ଅବସ୍ଥାନ କରେ ସେତେବେଳେ ସେ ଗୁଣରେ ସେ ବାନ୍ଧିହୋଇ ନିଜକୁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଜ୍ଞାନୀ ବୋଲି ଭାବେ । ଏଇ ପ୍ରକାରେ ସେ ବାନ୍ଧି ହୁଏ । ଏହାର ସର୍ବୋତ୍କୃଷ୍ଟ ଉଦାହରଣ ଦେଉଛନ୍ତି ବୈଜ୍ଞାନିକଗଣ ଓ ଦାର୍ଶନିକ ଗଣ । ଏମାନେ ପ୍ରତ୍ୟେକେ ସେମାନଙ୍କ ଜ୍ଞାନଗାରିମା ପାଇଁ ଖୁବ୍ ଗର୍ବିତ ଏବଂ ସେମାନେ ସାଧାରଣତଃ ସେମାନଙ୍କର ଜୀବନଧାରାକୁ ଉନ୍ନତ କରିପାରିଥିବାରୁ ଏମାନେ ଏକ ପ୍ରକାର ଭୌତିକ ସୁଖ ଅନୁଭବ କରନ୍ତି । ବଦ୍ଧ ଜୀବନରେ ଏହି ସୁଖ ଧାରଣା ସେମାନଙ୍କୁ ସତ୍ତ୍ୱଗୁଣ ସାହାଯ୍ୟରେ ଭୂତପ୍ରକୃତିରେ ବାନ୍ଧି ପକାଏ । ଏହିପରି ସେମାନେ ସତ୍ତ୍ୱଗୁଣରେ ଅବସ୍ଥାନ କରି ତଦନୁଯାୟୀ କାର୍ଯ୍ୟ କରିବାକୁ ଖୁବ୍ ଆଗ୍ରହୀ ହୋଇ ଉଠନ୍ତି ଏବଂ ଯେ ପର୍ଯ୍ୟନ୍ତ ସେମାନଙ୍କର ସେ ପ୍ରକାର କାର୍ଯ୍ୟ ପ୍ରତି ଏକ ଆକର୍ଷଣ ଥାଏ, ସେ ପର୍ଯ୍ୟନ୍ତ ସେମାନଙ୍କୁ ପ୍ରକୃତିର ଗୁଣାନୁଯାୟୀ ଏକ ପ୍ରକାର ଶରୀର ଗ୍ରହଣ କରିବାକୁ ହୁଏ । ଏଇଥିପାଇଁ ସେମାନଙ୍କର ମୁକ୍ତିର ସମ୍ଭାବନା ନଥାଏ, ଅର୍ଥାତ୍ ସେମାନଙ୍କର ଚିଦ୍‌ଜଗତକୁ ସ୍ଥାନାନ୍ତରିତ ହେବାର ଆଶା ନଥାଏ । ବାରମ୍ବାର ବ୍ୟକ୍ତି ଏକ ଦାର୍ଶନିକ, ବୈଜ୍ଞାନିକ କିମ୍ବା ଏକ କବି ହିସାବରେ ଜନ୍ମଲାଭ କରେ ଏବଂ ସେ ବାରମ୍ବାର ଜନ୍ମ-ମୃତ୍ୟୁ ଚକ୍ରରେ ଘୁରି ବୁଲେ । କିନ୍ତୁ ଭୂତପ୍ରକୃତିର ମାୟାଶକ୍ତି ଯୋଗୁଁ ବ୍ୟକ୍ତି ତା'ର ସେ ପ୍ରକାର ଜୀବନକୁ ଏକ ସୁଖକର ଜୀବନବୋଲି ଭାବେ ।

## ଶ୍ଲୋକ - ୭

**ରଜୋ ରାଗାତ୍ମକଂ ବିଦ୍ଧି ତୃଷ୍ଣାସଙ୍ଗସମୁଦ୍ଭବମ୍ ।**
**ତନ୍ନିବଧ୍ନାତି କୌନ୍ତେୟ କର୍ମସଙ୍ଗେନ ଦେହିନମ୍ ।।୭।।**

## ଶବ୍ଦାନୁବାଦ

ରଜଃ=ରଜୋଗୁଣ; ରାଗ-ଆତ୍ମକମ୍=କାମନା କିମ୍ବା ଯୌନ ପିପାସାରୁ ଜାତ; ବିଦ୍ଧି=ଜାଣ; ତୃଷ୍ଣା=ଆକାଙ୍କ୍ଷା; ସଙ୍ଗ=ସଙ୍ଗ; ସମୁଦ୍ଭବମ୍=ଜାତ; ତତ୍=ତାହା; ନିବଧ୍ନାତି=ବିଶେଷ ଭାବରେ ବାନ୍ଧେ; କୌନ୍ତେୟ=ହେ କୁନ୍ତୀପୁତ୍ର; କର୍ମ-ସଙ୍ଗେନ=କର୍ମ ସଙ୍ଗରେ; (ଅର୍ଥାତ୍ ସକାମ କର୍ମରେ); ଦେହିନମ୍=ଦେହୀକୁ (ଅର୍ଥାତ୍ ଜୀବକୁ) ।

## ଅନୁବାଦ

**ହେ କୁନ୍ତି-ପୁତ୍ର ! ଅନନ୍ତ କାମନା ଓ ଆକାଙ୍କ୍ଷାରୁ ରଜୋଗୁଣ ଜାତ ହୁଏ ଏବଂ ଏଥିପାଇଁ ବ୍ୟକ୍ତି ଭୌତିକ ସକାମ କର୍ମରେ ବାନ୍ଧି ହୁଏ ।**

## ଭାବାର୍ଥ

ପୁରୁଷ ଓ ସ୍ତ୍ରୀ ମଧ୍ୟରେ ଥିବା ଆକର୍ଷଣ ଜରିଆରେ ରଜୋଗୁଣ ପ୍ରକାଶ ଲାଭ କରେ । ସ୍ତ୍ରୀ ପୁରୁଷ ପ୍ରତି ଆକୃଷ୍ଟ ହୁଏ ଏବଂ ପୁରୁଷ ସ୍ତ୍ରୀ ପ୍ରତି ଆକୃଷ୍ଟ ହୁଏ । ଏହାକୁ ରଜୋଗୁଣ କୁହାଯାଏ । ରଜୋଗୁଣ ବୃଦ୍ଧିଲାଭ କଲେ ବ୍ୟକ୍ତିର ଭୌତିକ ସୁଖ ଉପଭୋଗ କାମନା ଜାତ ହୁଏ । ସେ ଇନ୍ଦ୍ରିୟ ସୁଖଭୋଗ ଇଚ୍ଛା କରେ । ଏକ ରଜୋଗୁଣାତ୍ମକ ପୁରୁଷ ଇନ୍ଦ୍ରିୟ ସୁଖଭୋଗ ନିମିତ୍ତ ସମାଜରେ ସମ୍ମାନ ବା ପ୍ରତିଷ୍ଠା ଲାଭ କରିବାକୁ ଇଚ୍ଛାକରେ କିମ୍ବା ଜାତୀୟ ସ୍ତରରେ ସମ୍ମାନ ପାଇବାକୁ ଇଚ୍ଛାକରେ ଏବଂ ସେ ଏକ ସୁଖୀ ପରିବାର, ସୁନ୍ଦରୀ ସ୍ତ୍ରୀ, ସୁନ୍ଦରଘର ଓ ସୁନ୍ଦର ପୁଅଝିଅ ପାଇବାକୁ ଇଚ୍ଛାକରେ । ଏସବୁ ହେଉଛି ରଜୋଗୁଣର କାମ । ଯେପର୍ଯ୍ୟନ୍ତ ବ୍ୟକ୍ତିର ଏ ସବୁ କାମନା ଅଛି, ସେ ପର୍ଯ୍ୟନ୍ତ ତାକୁ ଖୁବ୍ କଠିନ ପରିଶ୍ରମ କରିବାକୁ ପଡ଼ିବ । ତେଣୁ ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ ସେ ତା'ର କର୍ମଫଳ ପ୍ରତି ବିଶେଷ ଆସକ୍ତ ହୋଇଉଠେ ଏବଂ ଏହି ପ୍ରକାରେ ତା'ର କର୍ମଫଳରେ ବାନ୍ଧିହୁଏ । ତା'ର ସ୍ତ୍ରୀ, ପୁତ୍ର ଓ ସମାଜକୁ ସନ୍ତୁଷ୍ଟ କରିବା ନିମିତ୍ତ ଏବଂ ନିଜର ସମ୍ମାନ ବଜାୟ ରଖିବା ନିମିତ୍ତ ତାକୁ କାର୍ଯ୍ୟ କରିବାକୁ ପଡ଼ିବ । ତେଣୁ ସମଗ୍ର ଭୌତିକ ଜଗତ୍ ପ୍ରାୟ ରଜୋଗୁଣରେ ପୂର୍ଣ୍ଣ । ଆଧୁନିକ ସଭ୍ୟତା ରଜୋଗୁଣ ସମୁଦ୍ଭବ କର୍ମରେ ଖୁବ୍ ଉନ୍ନତି କରିଛି ବୋଲି ଧରାଯାଏ । ପୂର୍ବେ ଉନ୍ନତ ଅବସ୍ଥା *ସତ୍ତ୍ୱଗୁଣ ସମୁଦ୍ଭବ* କର୍ମାନୁଯାୟୀ ବିବେଚିତ ହେଉଥିଲା । ଯେଉଁମାନେ ସତ୍ତ୍ୱ ଗୁଣରେ ଅବସ୍ଥାନ କରୁଛନ୍ତି, ଯଦି ସେମାନଙ୍କର ମୁକ୍ତି ନାହିଁ, ତେବେ ଯେଉଁମାନେ ରଜୋଗୁଣରେ ଛନ୍ଦି ହୋଇଛନ୍ତି ସେମାନଙ୍କ କଥା ବା ଆଉ କ'ଣ କହିବା ?

## ଶ୍ଲୋକ - ୮

**ତମସ୍ତ୍ୱଜ୍ଞାନଜଂ ବିଦ୍ଧି ମୋହନଂ ସର୍ବଦେହିନାମ୍ ।**
**ପ୍ରମାଦାଲସ୍ୟନିଦ୍ରାଭିସ୍ତନ୍ନିବଧ୍ନାତି ଭାରତ ।।୮।।**

## ଶବ୍ଦାନୁବାଦ

ତମଃ=ତମୋଗୁଣ; ତୁ=କିନ୍ତୁ; ଅଜ୍ଞାନ-ଜମ୍=ଅଜ୍ଞାନତାର ଉତ୍ପାଦକ; ବିଦ୍ଧି=ଜାଣ; ମୋହନମ୍=ମୋହ; ସର୍ବ-ଦେହିନାମ୍=ସମସ୍ତ ଦେହଧାରୀଙ୍କ ମଧ୍ୟରେ; ପ୍ରମାଦ=ପାଗଳାମି, ଆଳସ୍ୟ=ଆଳସ୍ୟ; ନିଦ୍ରାଭିଃ=ନିଦ୍ରା; ତତ୍=ତାହା; ନିବଧ୍ନାତି=ବାନ୍ଧେ; ଭାରତ=ହେ ଭରତ ପୁତ୍ର ।

## ଅନୁବାଦ

**ହେ ଭରତ ପୁତ୍ର ! ତମୋଗୁଣ ସମସ୍ତ ଦେହଧାରୀଙ୍କ ମଧ୍ୟରେ ମୋହ ସୃଷ୍ଟି କରେ । ଏ ଗୁଣର କ୍ରିୟାହେଲା ପାଗଳାମି, ଆଳସ୍ୟ ଏବଂ ନିଦ୍ରା । ଏସବୁ ଜୀବକୁ ଏ ଗୁଣରେ ବାନ୍ଧେ ।**

## ଭାବାର୍ଥ

ଏ ଶ୍ଳୋକରେ ବ୍ୟବହୃତ 'ତୁ' ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ ।ଏଥିରୁ ଜଣାଯାଉଛି ଯେ ଏ ତମୋଗୁଣ ଜୀବର ଏକ ବିଚିତ୍ର ଢ଼ଙ୍ଗର ଗୁଣ ଅଟେ ।ଏହା ସତ୍ତ୍ୱଗୁଣର ବିପରୀତ ଅଟେ ।ବ୍ୟକ୍ତି ସତ୍ତ୍ୱଗୁଣରେ ସ୍ଥିତହେଲେ ତା'ର ଜ୍ଞାନ ବୃଦ୍ଧି ହୁଏ; ଫଳରେ ସେ କଥା ଭଲରକମ ଜାଣିପାରେ, କିନ୍ତୁ ତମୋଗୁଣ ଠିକ୍ ଏହିପରି ବିପରୀତ ଅଟେ ।ଯେଉଁ ବ୍ୟକ୍ତି ତମୋଗୁଣର ଅଧୀନ ସେ ପାଗଳ ଅଟେ ଏବଂ ପାଗଳଲୋକର ପ୍ରାୟ ବୋଧଜ୍ଞାନ ନଥାଏ । ସେ ସବୁକଥା ଭଲରକମ ଜାଣିପାରେ ନାହିଁ ।ସେ ଗୁଣର ବଶବର୍ତ୍ତୀ ହେଲେ ବ୍ୟକ୍ତି ଉନ୍ନତି ଲାଭ କରିବା ପରିବର୍ତ୍ତେ ଅଧୋଗତି ଲାଭକରେ ।ବୈଦିକ ସାହିତ୍ୟରେ ତମୋଗୁଣର ସଂଜ୍ଞା ଦିଆଯାଇଅଛି ।ଏ ଗୁଣର ଅଧୀନ ବ୍ୟକ୍ତି ସବୁକଥା ଭଲରକମ ବୁଝିପାରେ ନାହିଁ । ଉଦାହରଣସ୍ୱରୂପ ପ୍ରତ୍ୟେକେ ଦେଖିପାରନ୍ତି ଯେ ତା'ର ପିତାମହ ମୃତ୍ୟୁବରଣ କରିଛନ୍ତି ଏବଂ ସେଇଥିପାଇଁ ସେ ମଧ୍ୟ ମୃତ୍ୟୁବରଣ କରିବ ।ମାନବ ମରଣଶୀଳ ଅଟେ ।ଯେଉଁ ସନ୍ତାନ ତା'ଠାରୁ ଜାତ ହୁଅନ୍ତି, ସେମାନେ ମଧ୍ୟ ମୃତ୍ୟୁବରଣ କରିବେ ।ତେଣୁ ମୃତ୍ୟୁ ସୁନିଶ୍ଚିତ, ତଥାପି ଲୋକମାନେ ପାଗଳପରି ଧନ ସଞ୍ଚୟ କରିବାରେ ଲାଗିଛନ୍ତି, ସନାତନ ଚିଦାତ୍ମା ପ୍ରତି ଧ୍ୟାନ ନ ଦେଇ ଦିନରାତି ଗଧପରି କଠିନ ପରିଶ୍ରମ କରୁଛନ୍ତି ।ଏହା ହେଉଛି ପାଗଳାମି ।ଏଇ ପାଗଳାମି ଯୋଗୁଁ ସେମାନେ ଆଧ୍ୟାତ୍ମିକ ଉନ୍ନତି ପ୍ରତି ବଡ଼ ସ୍ପୃହାହୀନ ଅଟନ୍ତି, ଅର୍ଥାତ୍ - ଆଧ୍ୟାତ୍ମିକ ଦିଗରେ ଉନ୍ନତି କରିବାକୁ ସେମାନେ ଚାହାନ୍ତି ନାହିଁ ।ଏ ପ୍ରକାର ଲୋକେ ବଡ଼ ଅଳସୁଆ ।ଯେତେବେଳେ ସେମାନଙ୍କୁ ଆଧ୍ୟାତ୍ମିକ ଜ୍ଞାନଲାଭ କରିବାକୁ ନିମନ୍ତ୍ରଣ କରାଯାଏ, ସେତେବେଳେ ସେମାନେ ସେଥିପ୍ରତି ଆଗ୍ରହୀ ହୁଅନ୍ତି ନାହିଁ । ଯେଉଁ ବ୍ୟକ୍ତି ତମୋଗୁଣର ଅଧୀନ ସେ ଆଦୌ କର୍ମଠ ନୁହେଁ ।ତେଣୁ ତମୋଗୁଣର ଅଧୀନ ହୋଇଥିବା ବ୍ୟକ୍ତିର ଆଉ ଗୋଟିଏ ଲକ୍ଷଣ ହେଉଛି, ସେ ଯେତେ ସମୟ ଦରକାର ତା'ଠାରୁ ଅଧିକ ସମୟ ଶୁଏ ।ଛ' ଘଣ୍ଟା ଶୟନ ଯଥେଷ୍ଟ, କିନ୍ତୁ ଏକ ତମୋଗୁଣାଧୀନ ବ୍ୟକ୍ତି ଦିନ ମଧ୍ୟରେ ଦଶ ବାର ଘଣ୍ଟା ଶୁଏ ।ଏ ପ୍ରକାର ଲୋକ ବରାବର ବିଷାଦିତ ଜଣାପଡୁଥାଏ ଏବଂ ସେ ନିଶାଦ୍ରବ୍ୟ ସେବନ ଓ ଶୟନପ୍ରତି ବିଶେଷ ଆସକ୍ତ ହୋଇ ପଡ଼ିଥାଏ ।ଏ ସବୁ ହେଉଛି ତମୋଗୁଣାଧୀନ ବ୍ୟକ୍ତିର ଲକ୍ଷଣ ।

## ଶ୍ଳୋକ - ୯

**ସତ୍ତ୍ୱଂ ସୁଖେ ସଞ୍ଜୟତି ରଜଃ କର୍ମଣି ଭାରତ ।**
**ଜ୍ଞାନମାବୃତ୍ୟ ତୁ ତମଃ ପ୍ରମାଦେ ସଞ୍ଜୟତ୍ୟୁତ ।।୯।।**

## ଶବ୍ଦାନୁବାଦ

ସତ୍ତ୍ୱମ୍=ସତ୍ତ୍ୱଗୁଣ; ସୁଖେ=ସୁଖରେ; ସଞ୍ଜୟତି=ବୃଦ୍ଧିକରେ; ରଜଃ=ରଜୋଗୁଣ; କର୍ମଣି=କର୍ମଫଳ; ଭାରତ=ହେ ଭରତ ପୁତ୍ର; ଜ୍ଞାନମ୍=ଜ୍ଞାନ; ଆବୃତ୍ୟ=ଆବୃତକରି; ତୁ=କିନ୍ତୁ; ତମଃ=ତମୋଗୁଣ; ପ୍ରମାଦେ=ପାଗଳାମିରେ; ସଞ୍ଜୟତି=ବୃଦ୍ଧିକରେ; ଉତ=କୁହାଯାଇଛି ।

## ଅନୁବାଦ

**ସତ୍ତ୍ୱଗୁଣ ବ୍ୟକ୍ତିକୁ ସୁଖରେ ବାନ୍ଧେ, ରଜୋଗୁଣ କର୍ମଫଳରେ ବାନ୍ଧେ ଏବଂ ତମୋଗୁଣ ପାଗଳାମିରେ ବାନ୍ଧେ ।**

## ଭାବାର୍ଥ

ଯେପରି ଜଣେ ଦାର୍ଶନିକ, ବୈଜ୍ଞାନିକ କିମ୍ବା ଶିକ୍ଷକ ଏକ ନିର୍ଦ୍ଦିଷ୍ଟ ଜ୍ଞାନ ଭୂମିକାରେ ନିଯୁକ୍ତ ହୋଇ ତାଙ୍କ କର୍ମରେ ସନ୍ତୋଷଲାଭ କରନ୍ତି, ଠିକ୍ ସେହିପରି ସତ୍ତ୍ୱଗୁଣୀ ବ୍ୟକ୍ତି ତାଙ୍କ କର୍ମରେ କିମ୍ବା ସତ୍ତ୍ୱଗୁଣାନୁଶୀଳନରେ ସନ୍ତୁଷ୍ଟ ହୁଅନ୍ତି ।ଏକ ରଜୋଗୁଣୀ ବ୍ୟକ୍ତି ଏବଂ ସତ୍ତ୍ୱଗୁଣୀ ବ୍ୟକ୍ତି ସକାମ କର୍ମରେ ନିଯୁକ୍ତ ହୋଇ ପାରନ୍ତି । ସେ ଯେତେ ପାରନ୍ତି ସେତେ ଭୌତିକ ସମ୍ପତ୍ତିର ଅଧିକାରୀ ହୋଇ ପାରନ୍ତି ଏବଂ ମହତ୍ ଉଦ୍ଦେଶ୍ୟରେ ତାହା ମଧ୍ୟ ଖର୍ଚ୍ଚକରି ପାରନ୍ତି ।ବେଳେବେଳେ ସେ ଚିକିତ୍ସାଳୟ ଖୋଲିବାକୁ ଚେଷ୍ଟା କରନ୍ତି ଏବଂ ଦାତବ୍ୟ ଅନୁଷ୍ଠାନମାନଙ୍କୁ କିଛି ଦାନ କରିବାକୁ ମଧ୍ୟ ଇଚ୍ଛା କରନ୍ତି ।ଏ ସବୁ ହେଉଛି ଲକ୍ଷଣ, ଯେଉଁଥିରୁ ଜଣାପଡ଼େ ଯେ ବ୍ୟକ୍ତି ରଜୋଗୁଣାଧୀନ ଅଟେ ।ପୁନଶ୍ଚ ତମୋଗୁଣ ଜ୍ଞାନକୁ ଆବୃତ କରିପକାଏ ।ତମୋଗୁଣାଧୀନ ହୋଇ ବ୍ୟକ୍ତି ଯାହା କରେ, ତାହା ନିଜ ପକ୍ଷରେ କିମ୍ବା ଅନ୍ୟ କାହା ପକ୍ଷରେ ମଙ୍ଗଳଜନକ ନୁହେଁ ।

## ଶ୍ଳୋକ - ୧୦

**ରଜସ୍ତମଶ୍ଚାଭିଭୂୟ ସତ୍ତ୍ୱଂ ଭବତି ଭାରତ ।**
**ରଜଃ ସତ୍ତ୍ୱଂ ତମଶ୍ଚୈବ ତମଃ ସତ୍ତ୍ୱଂ ରଜସ୍ତଥା ।।୧୦।।**

## ଶବ୍ଦାନୁବାଦ

ରଜଃ=ରଜୋଗୁଣ; ତମଃ=ତମୋଗୁଣ; ଚ=ମଧ୍ୟ; ଅଭିଭୂୟ=ଦମନକରି; ସତ୍ତ୍ୱମ୍=ସତ୍ତ୍ୱଗୁଣ; ଭବତି=ଅଧିକ ଶକ୍ତିଶାଳୀ ହୁଏ; ଭାରତ=ହେ ଭରତ ପୁତ୍ର; ରଜଃ=ରଜୋଗୁଣ; ସତ୍ତ୍ୱମ୍=ସତ୍ତ୍ୱଗୁଣ; ତମଃ=ତମୋଗୁଣ; ଚ=ମଧ୍ୟ; ଏବ=ସେହିପରି; ତମଃ=ତମୋଗୁଣ; ସତ୍ତ୍ୱମ୍=ସତ୍ତ୍ୱଗୁଣ; ରଜଃ=ରଜୋଗୁଣ; ତଥା=ଏଥିରେ ଯେପରି ଅଛି ।

## ଅନୁବାଦ

**ହେ ଭରତପୁତ୍ର ! ବେଳେବେଳେ ରଜୋଗୁଣ, ସତ୍ତ୍ୱଗୁଣକୁ ଦବାଇଦେଇ ଅଧିକ ଶକ୍ତିଶାଳୀ ହୋଇଉଠେ ଏବଂ ବେଳେବେଳେ ସତ୍ତ୍ୱଗୁଣ, ରଜୋଗୁଣକୁ ହରାଇଦିଏ ଏବଂ**

**ଅନ୍ୟ ସମୟରେ ତମୋଗୁଣ, ସତ୍ତ୍ୱଗୁଣ ଓ ରଜୋଗୁଣକୁ ଦବାଇଦିଏ । ଏହିପ୍ରକାରେ ପ୍ରତିଷ୍ଠା ଲାଭକରିବା ନିମିତ୍ତ ବରାବର (ଗୁଣମାନଙ୍କ ମଧ୍ୟରେ) ପ୍ରତିଯୋଗିତା ଲାଗିରହିଛି ।**

## ଭାବାର୍ଥ

ଯେତେବେଳେ ରଜୋଗୁଣ ଅଧିକ ଶକ୍ତିଶାଳୀ ହୋଇଉଠେ, ସେତେବେଳେ ସତ୍ତ୍ୱଗୁଣ ଓ ତମୋଗୁଣ ନିଷ୍ପ୍ରଭ ହୋଇପଡ଼ନ୍ତି । ଯେତେବେଳେ ସତ୍ତ୍ୱଗୁଣ ଅଧିକ ଶକ୍ତିଶାଳୀ ହୋଇ ଉଠେ, ସେତେବେଳେ ରଜୋଗୁଣ ଓ ତମୋଗୁଣ ପରାଜିତ ହୋଇଯା'ନ୍ତି ଏବଂ ଯେତେବେଳେ ତମୋଗୁଣ ଅଧିକ ଶକ୍ତିଶାଳୀ ହୋଇଉଠେ, ସେତେବେଳେ ରଜୋଗୁଣ ଓ ସତ୍ତ୍ୱଗୁଣ ପରାଜିତ ହୋଇଯା'ନ୍ତି । ଏ ପ୍ରତିଯୋଗିତା ବରାବର ଚାଲିଛି । ତେଣୁ, ଯେଉଁ ବ୍ୟକ୍ତି ବାସ୍ତବରେ କୃଷ୍ଣଭାବନା ମାର୍ଗରେ ଅଗ୍ରଗତି କରିବାକୁ ଇଚ୍ଛାକରେ ସେ ଏ ତ୍ରିଗୁଣକୁ ଅତିକ୍ରମ କରିବା ଉଚିତ୍ । ବ୍ୟକ୍ତିର ବ୍ୟବହାର, କାର୍ଯ୍ୟାବଳୀ ଓ ଖାଦ୍ୟ ଆଦିରୁ କୌଣସି ଏକ ନିର୍ଦ୍ଦିଷ୍ଟ ଗୁଣର ଆଧିକ୍ୟ ପ୍ରକଟିତ ହୁଏ । ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଏସବୁର ବର୍ଣ୍ଣନା କରାଯିବ । ଯଦି କେହି ଇଚ୍ଛାକରେ, ତାହାହେଲେ ସେ ଅଭ୍ୟାସବଶତଃ ସତ୍ତ୍ୱଗୁଣକୁ ବୃଦ୍ଧି କରିପାରେ ଏବଂ ତାହା ଫଳରେ ସେ ରଜୋଗୁଣ ଓ ତମୋଗୁଣକୁ ପରାସ୍ତ କରିପାରେ । ଠିକ୍ ସେହିପରି ବ୍ୟକ୍ତି ରଜୋଗୁଣ ବୃଦ୍ଧିକରି ସତ୍ତ୍ୱଗୁଣ ଓ ତମୋଗୁଣକୁ ପରାସ୍ତ କରିପାରେ କିମ୍ବା ବ୍ୟକ୍ତି ତମୋଗୁଣ ବୃଦ୍ଧି କରାଇପାରେ ଏବଂ ସତ୍ତ୍ୱଗୁଣ ଓ ରଜୋଗୁଣକୁ ପରାସ୍ତ କରାଇପାରେ । ଯଦିଓ ଭୂତପ୍ରକୃତିର ଏ ତ୍ରିଗୁଣ ରହିଛି, ତଥାପି ଯଦି କୌଣସି ବ୍ୟକ୍ତି ଇଚ୍ଛାକରେ ବା ସ୍ଥିର ନିଶ୍ଚିତ ହୁଏ, ତାହାହେଲେ ସେ ସତ୍ତ୍ୱଗୁଣ ଲାଭ କରିପାରେ ବା ସତ୍ତ୍ୱଗୁଣରେ ଅବସ୍ଥାନ କରିବାର ଆଶୀର୍ବାଦ ପାଇପାରେ ଏବଂ କ୍ରମେ ସେ ସତ୍ତ୍ୱଗୁଣକୁ ଅତିକ୍ରମ କରି ଶୁଦ୍ଧ ସତ୍ତ୍ୱରେ ଅବସ୍ଥାନ କରିପାରେ । ଏ ଅବସ୍ଥାକୁ 'ବାସୁଦେବ' ଅବସ୍ଥା କୁହାଯାଏ । ବ୍ୟକ୍ତି ଏହି ଅବସ୍ଥାରେ ଭଗବତ୍ ବିଜ୍ଞାନକୁ ବୁଝିପାରେ । ବ୍ୟକ୍ତିର କାର୍ଯ୍ୟାବଳୀରୁ ଜଣାଯାଏ ଯେ ବ୍ୟକ୍ତି କେଉଁ ଗୁଣରେ ଅବସ୍ଥାନ କରୁଛି ।

## ଶ୍ଳୋକ - ୧୧

**ସର୍ବଦ୍ୱାରେଷୁ ଦେହେଽସ୍ମିନ୍ ପ୍ରକାଶ ଉପଜାୟତେ ।**
**ଜ୍ଞାନଂ ଯଦା ତଦା ବିଦ୍ୟାଦ୍ ବିବୃଦ୍ଧଂ ସତ୍ତ୍ୱମିତ୍ୟୁତ ।। ୧୧ ।।**

## ଶବ୍ଦାନୁବାଦ

ସର୍ବ-ଦ୍ୱାରେଷୁ=ସମସ୍ତ ଦ୍ୱାରରେ; ଦେହେ ଅସ୍ମିନ୍=ଏହି ଶରୀରରେ; ପ୍ରକାଶଃ=ପ୍ରକାଶ (ଅର୍ଥାତ୍ ତେଜୋମୟ) ଗୁଣ; ଉପଜାୟତେ=ବୃଦ୍ଧିପାଏ; ଜ୍ଞାନମ୍=ଜ୍ଞାନ; ଯଦା=ଯେତେବେଳେ; ତଦା=ସେହି ସମୟରେ; ବିଦ୍ୟାତ୍=ଜାଣିବା ଉଚିତ୍; ବିବୃଦ୍ଧମ୍=ବୃଦ୍ଧିପାଏ; ସତ୍ତ୍ୱମ୍=ସତ୍ତ୍ୱଗୁଣ; ଇତି=ଏହିପରି; ଉତ=ଅଥବା (କୁହାଯାଏ) ।

## ଅନୁବାଦ

**ଯେତେବେଳେ ଏହି ଶରୀରର ସମସ୍ତଦ୍ୱାର ଜ୍ଞାନାଲୋକରେ ଉଦ୍ଭାସିତ ହୁଏ, ସେତେବେଳେ ସତ୍ତ୍ୱଗୁଣର ପ୍ରକାଶ ଅନୁଭବ କରାଯାଏ ।**

## ଭାବାର୍ଥ

ଶରୀରରେ ନ'ଟି ଦ୍ୱାର ଅଛି, ଯଥା-ଦୁଇଟି ଆଖି, ଦୁଇଟି କାନ, ଦୁଇଟି ନାକପୁଡ଼ା, ପାଟି, ମୂତ୍ରଦ୍ୱାର ଓ ମଳଦ୍ୱାର । ଯେତେବେଳେ ପ୍ରତ୍ୟେକ ଦ୍ୱାରରେ ସତ୍ତ୍ୱଗୁଣ ପ୍ରକାଶିତ ହୁଏ, ସେତେବେଳେ ବୁଝିବା ଉଚିତ୍ ଯେ ବ୍ୟକ୍ତିର ସତ୍ତ୍ୱଗୁଣ ବୃଦ୍ଧି ପାଇଅଛି । ବ୍ୟକ୍ତି ସତ୍ତ୍ୱଗୁଣରେ ଅବସ୍ଥାନ କଲେ ସେ ସବୁ ଜିନିଷ ପରିଷ୍କାର ଭାବରେ ଜାଣିପାରେ, ସେ ସବୁ ଠିକ୍ ରକମ ଶୁଣିପାରେ ଏବଂ ସବୁ ଠିକ୍ ରକମ ଗ୍ରୁଖିପାରେ । ବ୍ୟକ୍ତି ଅନ୍ତର୍ ବହିଃ ଶୁଚି (ବା ପବିତ୍ର) ହୋଇଯାଏ । ପ୍ରତ୍ୟେକ ଦ୍ୱାରରେ ସୁଖର ଲକ୍ଷଣ ପ୍ରକାଶିତ ହୁଏ ଏବଂ ତାହା ସତ୍ତ୍ୱଗୁଣର ସ୍ଥାନ ଅଟେ ।

## ଶ୍ଲୋକ - ୧୨

**ଲୋଭଃ ପ୍ରବୃତ୍ତିରାରମ୍ଭଃ କର୍ମଣାମଶମଃ ସ୍ପୃହା ।**
**ରଜସ୍ୟେତାନି ଜାୟନ୍ତେ ବିବୃଦ୍ଧେ ଭରତର୍ଷଭ ।। ୧୨ ।।**

## ଶବ୍ଦାନୁବାଦ

ଲୋଭଃ=ଲୋଭ; ପ୍ରବୃତ୍ତିଃ=ଆକାଙ୍କ୍ଷା; ଆରମ୍ଭଃ=ପ୍ରଚେଷ୍ଟା; କର୍ମଣାମ୍=କର୍ମ ମାନଙ୍କର; ଅଶମଃ=ଅଦମ୍ୟ; ସ୍ପୃହା=କାମନା; ରଜସି=ରଜୋଗୁଣରେ; ଏତାନି=ଏସବୁ; ଜାୟନ୍ତେ=ବୃଦ୍ଧିପାଏ; ବିବୃଦ୍ଧେ=ଯେତେବେଳେ ଆଧିକ୍ୟ ହୁଏ; ଭରତର୍ଷଭ=ହେ ଭରତ ଶ୍ରେଷ୍ଠ ।

## ଅନୁବାଦ

**ହେ ଭରତ ଶ୍ରେଷ୍ଠ ! ଯେତେବେଳେ ରଜୋଗୁଣର ଆଧିକ୍ୟ ହୁଏ, ସେତେବେଳେ ଅଧିକ ଆସକ୍ତି, ଅଦମ୍ୟ କାମନା ଆକାଙ୍କ୍ଷା ଏବଂ ବିରାଟ ପ୍ରଚେଷ୍ଟାର ଲକ୍ଷଣମାନ ପ୍ରକାଶ ପାଏ ।**

## ଭାବାର୍ଥ

ଯେଉଁ ବ୍ୟକ୍ତିଠାରେ ରଜୋଗୁଣର ଆଧିକ୍ୟ ହୋଇଥାଏ, ସେ ପ୍ରାପ୍ତ ହୋଇଥିବା ଅବସ୍ଥାରେ କେବେହେଲେ ସନ୍ତୁଷ୍ଟ ହୁଏ ନାହିଁ । ସେ ତା'ର ଅବସ୍ଥାର ଉନ୍ନତି ନିମିତ୍ତ ଅଦମ୍ୟ ଚେଷ୍ଟା କରେ । ଯଦି ସେ ଏକ ବାସଗୃହ ନିର୍ମାଣ କରିବାକୁ ଇଚ୍ଛାକରେ, ତାହାହେଲେ ସେ ଏକ ଅତି ସୁନ୍ଦର ସର୍ବୋତ୍କୃଷ୍ଟ ପ୍ରାସାଦ ନିର୍ମାଣ କରିବାକୁ ଚେଷ୍ଟାକରେ, ସତେ ଯେପରି ସେ ସେଥିରେ ଚିରନ୍ତନ ଭାବରେ ବାସ କରିବ । ପୁନଶ୍ଚ ଇନ୍ଦ୍ରିୟ ସୁଖଲାଭ କରିବା ନିମିତ୍ତ ସେ ମଧ୍ୟ ବିରାଟ ଚେଷ୍ଟାକରେ । ଇନ୍ଦ୍ରିୟ ସୁଖର ଅନ୍ତ ନାହିଁ । ସେ ସର୍ବଦା ତା' ଗୃହରେ ପରିବାର ସହିତ ରହି ଇନ୍ଦ୍ରିୟ ସୁଖଭୋଗରେ ମଜ୍ଜି ରହିବାକୁ ଇଚ୍ଛାକରେ । ଏହାର ବିରାମ ନାହିଁ । ଏସବୁ ଲକ୍ଷଣ, ରଜୋଗୁଣର ଲକ୍ଷଣମାନ ବୋଲି ବୁଝିବାକୁ ପଡ଼ିବ ।

## ଶ୍ଲୋକ - ୧୩

**ଅପ୍ରକାଶୋଽପ୍ରବୃତ୍ତିଶ୍ଚ ପ୍ରମାଦୋ ମୋହ ଏବ ଚ ।**
**ତମସ୍ୟେତାନି ଜାୟନ୍ତେ ବିବୃଦ୍ଧେ କୁରୁନନ୍ଦନ ।।୧୩।।**

## ଶବ୍ଦାନୁବାଦ

ଅପ୍ରକାଶଃ=ଅନ୍ଧକାର; ଅପ୍ରବୃତ୍ତିଃ=ଅକର୍ମଣ୍ୟତା; ଚ=ଏବଂ; ପ୍ରମାଦଃ=ପାଗଳାମି; ମୋହଃ=ମୋହ; ଏବ=ନିଶ୍ଚିତଭାବେ; ଚ=ମଧ୍ୟ; ତମସି=ତମୋଗୁଣରେ; ଏତାନି=ଏସବୁ; ଜାୟନ୍ତେ=ପ୍ରକାଶିତ ହୁଏ; ବିବୃଦ୍ଧେ=ବୃଦ୍ଧିପ୍ରାପ୍ତ ହୁଏ; କୁରୁ-ନନ୍ଦନ=ହେ କୁରୁନନ୍ଦନ।

## ଅନୁବାଦ

**ହେ କୁରୁନନ୍ଦନ ! ଯେତେବେଳେ ତମୋଗୁଣ ବୃଦ୍ଧିପାଏ, ସେତେବେଳେ ପାଗଳାମି, ମୋହ, ଅକର୍ମଣ୍ୟତା ଏବଂ ଅନ୍ଧକାର ପ୍ରକାଶ ପାଏ ।**

## ଭାବାର୍ଥ

ଆଲୋକ ବା ପ୍ରକାଶ ନାହିଁତ ଜ୍ଞାନ ନାହିଁ। ଯେ ତମୋଗୁଣର ଅଧୀନ ହୋଇ ପଡ଼ିଛି ସେ ସାଧନ ପ୍ରଣାଳୀ ଅବଲମ୍ବନ କରେ ନାହିଁ; ସେ ଉଦ୍ଦେଶ୍ୟହୀନ ଭାବରେ ନିଜ ମନ ମୁତାବକ କାର୍ଯ୍ୟକରେ। ଯଦିଓ ତା'ର କାର୍ଯ୍ୟ କରିବାର କ୍ଷମତା ଅଛି, ତଥାପି ସେ କୌଣସି ପ୍ରଚେଷ୍ଟା କରେ ନାହିଁ। ଏହାକୁ ମୋହ କୁହାଯାଏ। ଯଦିଓ ଚେତନା ଅଛି, ତଥାପି ଜୀବନ ନିଷ୍କ୍ରିୟ ହୋଇ ପଡିଛି । ଯେଉଁ ବ୍ୟକ୍ତି ତମୋଗୁଣାଧୀନ ହୋଇ ପଡ଼ିଥାଏ, ତାହାଠାରେ ଏସବୁ ଲକ୍ଷଣ ପ୍ରକାଶ ପାଏ ।

## ଶ୍ଳୋକ - ୧୪

**ଯଦା ସତ୍ତ୍ୱେ ପ୍ରବୃଦ୍ଧେ ତୁ ପ୍ରଳୟଂ ଯାତି ଦେହଭୃତ୍ ।**
**ତଦୋତ୍ତମବିଦାଂ ଲୋକାନମଲାନ୍ ପ୍ରତିପଦ୍ୟତେ ।।୧୪।।**

## ଶବ୍ଦାନୁବାଦ

ଯଦା=ଯେତେବେଳେ; ସତ୍ତ୍ୱେ=ସତ୍ତ୍ୱଗୁଣରେ; ପ୍ରବୃଦ୍ଧେ=ବୃଦ୍ଧିରେ; ତୁ=କିନ୍ତୁ; ପ୍ରଳୟମ୍=ପ୍ରଳୟ; ଯାତି=ଯାଏ; ଦେହ-ଭୃତ୍=ଦେହଧାରୀ; ତଦା=ସେ ସମୟରେ; ଉତ୍ତମ-ବିଦାମ୍=ବିଶିଷ୍ଟ ମୁନି ବା ଋଷିମାନଙ୍କର; ଲୋକାନ୍=ଲୋକ; ଅମଳାନ୍=ପବିତ୍ର (ବିଶୁଦ୍ଧ); ପ୍ରତିପଦ୍ୟତେ=ପ୍ରାପ୍ତ ହୁଏ।

## ଅନୁବାଦ

**ସତ୍ତ୍ୱଗୁଣ ବୃଦ୍ଧି ପାଇଥିବା ସମୟରେ ଯଦି ବ୍ୟକ୍ତି ମୃତ୍ୟୁବରଣ କରେ, ତାହାହେଲେ ସେ ଅତି ପବିତ୍ର ଓ ବିଶୁଦ୍ଧ ଉଚ୍ଚତର ଲୋକ ପ୍ରାପ୍ତ ହୁଏ ।**

## ଭାବାର୍ଥ

ସତ୍ତ୍ୱଗୁଣରେ ଅବସ୍ଥାନ କରୁଥିବା ବ୍ୟକ୍ତି ବ୍ରହ୍ମଲୋକ କିମ୍ବା ଜନଲୋକ ପରି ଉଚ୍ଚତର ଲୋକ ପ୍ରାପ୍ତ ହୁଏ ଏବଂ ସେଠାରେ ଦେବଭୋଗ ଲାଭକରେ। 'ଅମଳାନ୍' ଶବ୍ଦ ଏଠାରେ ବଡ଼ ଅର୍ଥପୂର୍ଣ୍ଣ। ଏହା ଅର୍ଥ ହେଲା ରଜ ଓ ତମୋଗୁଣରୁ ମୁକ୍ତ। ଏ ଭୌତିକ ଜଗତରେ ଅନେକ ମଇଳା ବା ଦୋଷ ଅଛି, କିନ୍ତୁ ସତ୍ତ୍ୱଗୁଣ ଏ ଭୌତିକ ଜଗତରେ ବିଶୁଦ୍ଧତମ ଅବସ୍ଥିତି ଅଟେ। ବିଭିନ୍ନପ୍ରକାର ଜୀବଙ୍କ ନିମିତ୍ତ ବିଭିନ୍ନପ୍ରକାର ଲୋକ ଅଛି। ଯେଉଁମାନେ ସତ୍ତ୍ୱଗୁଣାଧୀନ ହୋଇ ମୃତ୍ୟୁବରଣ କରନ୍ତି, ସେମାନେ ବିଶିଷ୍ଟ ମୁନି-ଋଷି ଓ ଭକ୍ତବୃନ୍ଦ ବାସ କରୁଥିବା ଲୋକକୁ ଉନ୍ନୀତ ହୁଅନ୍ତି।

## ଶ୍ଳୋକ - ୧୫

**ରଜସି ପ୍ରଳୟଂ ଗତ୍ୱା କର୍ମସଙ୍ଗିଷୁ ଜାୟତେ ।**
**ତଥା ପ୍ରଲୀନସ୍ତମସି ମୂଢ଼ଯୋନିଷୁ ଜାୟତେ ।।୧୫।।**

## ଶବ୍ଦାନୁବାଦ

ରଜସି=ରଜୋଗୁଣରେ; ପ୍ରଳୟମ୍=ପ୍ରଳୟ (ବା ଧ୍ୱଂସ); ଗତ୍ୱା=ପ୍ରାପ୍ତହେଲେ; କର୍ମ-ସଙ୍ଗିଷୁ=(ସକାମ) କର୍ମସଙ୍ଗରେ; ଜାୟତେ=ଜନ୍ମନିଏ; ତଥା=ତପରେ; ପ୍ରଲୀନଃ=ଧ୍ୱଂସ ହୋଇ; ତମସି=ତମୋଗୁଣରେ; ମୂଢ଼=ଜ୍ଞାନରହିତ; ଯୋନିଷୁ=ଯୋନିରେ; ଜାୟତେ=ଜନ୍ମନିଏ ।

## ଅନୁବାଦ

**ରଜୋଗୁଣରେ ଅବସ୍ଥାନ କରୁଥିଲାବେଳେ ଯଦି ବ୍ୟକ୍ତି ମୃତ୍ୟୁବରଣ କରେ, ତାହାହେଲେ ସେ ସକାମ କର୍ମୀମାନଙ୍କ ମେଳରେ ଜନ୍ମନିଏ ଏବଂ ସେ ତମୋଗୁଣରେ ଅବସ୍ଥାନ କରୁଥିଲାବେଳେ ଯଦି ମୃତ୍ୟୁବରଣ କରେ, ତାହାହେଲେ ପଶୁ ଯୋନି ପ୍ରାପ୍ତହୁଏ ।**

## ଭାବାର୍ଥ

କେତେକ ଲୋକଙ୍କର ଏହି ଧାରଣା ଅଛି ଯେ ଆତ୍ମା ମନୁଷ୍ୟ ଯୋନି ଲାଭ କଲେ, ଆଉ କଦାପି ନିମ୍ନକୁ ଗତିକରେ ନାହିଁ । ଏହା ଭ୍ରମାତ୍ମକ ଅଟେ । ଏହି ଶ୍ଳୋକ ଅନୁଯାୟୀ, ଯଦି ବ୍ୟକ୍ତିର ତମୋଗୁଣ ବୃଦ୍ଧିଲାଭ କରେ, ତାହାହେଲେ ମୃତ୍ୟୁ ପରେ ସେ ଅଧୋଗତି ଲାଭ କରି ପଶୁଯୋନି ପ୍ରାପ୍ତ ହୁଏ । ସେ ସ୍ତରରୁ ପୁଣି ତାକୁ ଉନ୍ନତତର ଯୋନି ଲାଭ କରିବା ପାଇଁ ପ୍ରଯତ୍ନଶୀଳ ହେବାକୁ ପଡ଼ିବ । କ୍ରମବିବର୍ତ୍ତନବାଦରେ ପୁଣି ମାନବ ଜନ୍ମ ଲାଭକରିବା ନିମିତ୍ତ ବ୍ୟକ୍ତିକୁ ଉନ୍ନତ ସ୍ତର ଲାଭ କରିବା ପାଇଁ ପ୍ରଚେଷ୍ଟାଶୀଳ ହେବାକୁ ପଡ଼ିବ । ତେଣୁ ଯେଉଁମାନେ ବାସ୍ତବରେ ମାନବ ଜନ୍ମ ପ୍ରତି ଖୁବ୍ ଆଗ୍ରହୀ, ସେମାନେ ଜୀବନରେ ସତ୍ତ୍ୱଗୁଣ ବୃଦ୍ଧି ପ୍ରତି ଧ୍ୟାନ ଦେବା ଉଚିତ୍ । ବରାବର ସତ୍‌ସଙ୍ଗ କରି ଏ ତ୍ରିଗୁଣକୁ ଅତିକ୍ରମ କରିବାକୁ ହେବ ଏବଂ କୃଷ୍ଣଭାବନାରେ ସ୍ଥିର ହେବାକୁ ପଡ଼ିବ । ଏହା ହେଉଛି ମାନବ ଜୀବନର ଲକ୍ଷ୍ୟ । ନଚେତ୍ ଏପରି ସ୍ଥିର ନିଶ୍ଚିତ କଥା କିଛି ନାହିଁ ଯେ ମାନବ ପୁଣି ମାନବ ଯୋନି ଲାଭ କରିବ ।

## ଶ୍ଳୋକ - ୧୬

**କର୍ମଣଃ ସୁକୃତସ୍ୟାହୁଃ ସାତ୍ତ୍ୱିକଂ ନିର୍ମଳଂ ଫଳମ୍ ।**
**ରଜସସ୍ତୁ ଫଳଂ ଦୁଃଖମଜ୍ଞାନଂ ତମସଃ ଫଳମ୍ ।।୧୬।।**

## ଶବ୍ଦାନୁବାଦ

କର୍ମଣଃ=କର୍ମର; ସୁକୃତସ୍ୟ=ସତ୍ତ୍ୱଗୁଣରେ; ଆହୁଃ=କୁହାଯାଇଛି; ସାତ୍ତ୍ୱିକମ୍=ସତ୍ତ୍ୱଗୁଣ; ନିର୍ମଳମ୍=ନିର୍ମଳ,ବିଶୁଦ୍ଧ; ଫଳମ୍=ଫଳ; ରଜସଃ=ରଜୋଗୁଣର; ତୁ=କିନ୍ତୁ; ଫଳମ୍=ଫଳ; ଦୁଖମ୍=ଦୁଃଖ; ଅଜ୍ଞାନମ୍=ଅଜ୍ଞାନ; ତମସଃ=ତମୋଗୁଣର; ଫଳମ୍=ଫଳ ।

## ଅନୁବାଦ

**ସତ୍ତ୍ୱଗୁଣରେ କର୍ମ କଲେ ବ୍ୟକ୍ତି ବିଶୁଦ୍ଧ ହୁଏ । ରଜୋଗୁଣରେ କର୍ମ କଲେ ଦୁଃଖ ଲାଭ ହିଁ ପରିଣତି ହୁଏ ଏବଂ ତମୋଗୁଣରେ କାର୍ଯ୍ୟ କଲେ ଅଜ୍ଞାନତା ହିଁ ଫଳ ହୁଏ ।**

## ଭାବାର୍ଥ

ସତ୍ତ୍ୱଗୁଣାଧୀନ ହୋଇ ବ୍ୟକ୍ତି ପୁଣ୍ୟକର୍ମ କଲେ ସେ ବିଶୁଦ୍ଧ ହୁଏ; ତେଣୁ ଯେଉଁ ମୁନି-ଋଷିବୃନ୍ଦ ମାୟାମୁକ୍ତ ହୋଇଛନ୍ତି, ସେମାନେ ସୁଖୀ ଓ ଆନନ୍ଦ ମଧ୍ୟରେ ଥା'ନ୍ତି । ସେହିପରି ରଜୋଗୁଣାଧୀନ କାର୍ଯ୍ୟର ଫଳ ହେଉଛି ଦୁଃଖପ୍ରଦ । ଭୌତିକ ସୁଖଲାଭ ନିମିତ୍ତ ତୁମେ ଯାହାକିଛି କରିବ, ସେଥିରେ ତୁମେ ନିଶ୍ଚୟ ପରାହତ ହେବ । ଉଦାହରଣ ସ୍ୱରୂପ, ଯଦି ତୁମେ ଏକ ନଭଶ୍ଚୁମ୍ବୀ ପ୍ରାସାଦ ନିର୍ମାଣ କରିବାକୁ ଇଚ୍ଛାକର, ତାହାହେଲେ ଦେଖିବ ସେ ପ୍ରାସାଦଟି ନିର୍ମିତ ହେବା ପୂର୍ବରୁ ତୁମେ କେତେ ଦୁଃଖ ଭୋଗ କରୁଛ । ଅର୍ଥର ଯୋଗାଡ଼ କଲାବାଲା ଅର୍ଥୋପାର୍ଜନ ନିମିତ୍ତ ଖୁବ୍ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ଏବଂ ଯେଉଁମାନେ ପ୍ରାସାଦ ନିର୍ମାଣର ଦାସ ହୋଇ ପଡ଼ିଛନ୍ତି, ସେମାନଙ୍କୁ ଅନେକ ଶାରୀରିକ କ୍ଳେଶ ମଧ୍ୟ ସହନ କରିବାକୁ ପଡ଼ିବ । ଏହିପରି ଅନେକ ଦୁଃଖ ଅଛି; ତେଣୁ ଭଗବଦ୍ ଗୀତାରେ କୁହାଯାଇଅଛି ଯେ ରଜୋଗୁଣାଧୀନ ହୋଇ ଯାହାକିଛି କଲେ ବି ନିଶ୍ଚୟ ବିରାଟ ଦୁଃଖଭୋଗ କରିବାକୁ ପଡ଼ିବ । ଅବଶ୍ୟ କିଛି ମାନସିକ ସନ୍ତୋଷ ତୁମେ ଲାଭ କରିପାର ।"ଓଃ, ମୋର ଏ ଘର ଅଛି ବା ମୋର ଏତେ ଟଙ୍କା ଅଛି" - କିନ୍ତୁ ଏହା ପ୍ରକୃତ ସୁଖ ନୁହେଁ । ଯେଉଁ ବ୍ୟକ୍ତି ତମୋଗୁଣର ବଶବର୍ତ୍ତୀ ହୋଇ କାର୍ଯ୍ୟକରେ, ସେ ଅଜ୍ଞାନୀ ଅଟେ, (ଅର୍ଥାତ୍-ତାହାର ଜ୍ଞାନ ନଥାଏ) ଏବଂ ସେଥିପାଇଁ ତା'ର ସମସ୍ତ କର୍ମ ଦୁଃଖପ୍ରଦ ହୁଏ । ପରେ ସେ ପଶୁଯୋନି ଲାଭ କରିବା ଦିଗରେ ଆଗେଇବ । ଯଦିଓ ମାୟାର ମୋହିନୀ ଶକ୍ତି ପ୍ରଭାବରେ ସେମାନେ ଜାଣି ପାରନ୍ତି ନାହିଁ, ତଥାପି ପଶୁଜୀବନ ସର୍ବଦା ଦୁଃଖପୂର୍ଣ୍ଣ ଅଟେ । ବିଚରା ସରଳ ନିରୀହ ପଶୁମାନଙ୍କୁ କଂସେଇଖାନାରେ ବଧ କରିବା ମଧ୍ୟ ତମୋଗୁଣର କାର୍ଯ୍ୟ । ପଶୁହତ୍ୟାକାରୀମାନେ ଏକଥା ଜାଣନ୍ତି ନାହିଁ ଯେ ଭବିଷ୍ୟତରେ ସେହି ପଶୁ ସେମାନଙ୍କ (ହତ୍ୟାକାରୀମାନଙ୍କୁ) ବଧ କରିବା ନିମିତ୍ତ ଏକ ଉପଯୁକ୍ତ ଶରୀର ଲାଭ କରିବ । ଏହା ହେଉଛି ପ୍ରକୃତିର ନିୟମ । ମାନବ ସମାଜରେ ଯଦି କେହି ନରହତ୍ୟା କରେ ତାହାହେଲେ ତାକୁ ଫାଶୀ ଦିଆଯାଏ । ଏହା ରାଜ୍ୟର ନିୟମ । ଅଜ୍ଞାନତା ଯୋଗୁଁ ଲୋକମାନେ ଏହା ଜାଣିପାରୁ ନାହାନ୍ତି ଯେ ପରମପୁରୁଷ ଭଗବାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିବା ଏକ ସଂପୂର୍ଣ୍ଣ ସାମ୍ରାଜ୍ୟ ଅଛି । ପ୍ରତ୍ୟେକ ଜୀବ ପରମେଶ୍ୱରଙ୍କର ସନ୍ତାନ ଏବଂ ସେଇଥିପାଇଁ ସେ (ପରମେଶ୍ୱର) ଏପରି କି ଏକ ପିମ୍ପୁଡ଼ିର ହତ୍ୟାକୁ ବି ସହି ପାରନ୍ତି ନାହିଁ । ଏଥିପାଇଁ ହତ୍ୟାକାରୀଙ୍କୁ ଦଣ୍ଡଭୋଗ କରିବାକୁ ପଡ଼ିବ । ତେଣୁ ରସନେନ୍ଦ୍ରିୟର ତୃପ୍ତିବିଧାନ ନିମିତ୍ତ ପଶୁହତ୍ୟାରେ ଲିପ୍ତହେବା ଏକ ବିରାଟ ଅଜ୍ଞାନତା । ମାନବ ପକ୍ଷରେ ରସନା ତୃପ୍ତି ନିମିତ୍ତ ପଶୁହତ୍ୟା କରିବାର କୌଣସି ଆବଶ୍ୟକତା ନାହିଁ; କାରଣ ଭଗବାନ୍ ଅନେକ ସୁନ୍ଦର ଖାଦ୍ୟପଦାର୍ଥ ଯୋଗାଇଛନ୍ତି । ଯଦି କୌଣସି ବ୍ୟକ୍ତି କୌଣସି ପ୍ରକାରେ ମାଂସ ଭକ୍ଷଣ କରିବାରେ ଅଭ୍ୟସ୍ତ ହୁଏ, ତାହାହେଲେ ବୁଝିବାକୁ ପଡ଼ିବ ଯେ ସେ ତମୋଗୁଣର ଅଧୀନହୋଇ କାର୍ଯ୍ୟ କରୁଛି ଏବଂ ତଦ୍ଦ୍ୱାରା ସେ ତା'ର ଭବିଷ୍ୟତକୁ ଅତ୍ୟନ୍ତ ଅନ୍ଧକାରମୟ କରୁଛି । ଜୀବହତ୍ୟା ମଧ୍ୟରେ ଗୋହତ୍ୟା ହେଉଛି ଅତ୍ୟନ୍ତ ଗର୍ହିତ କର୍ମ; କାରଣ ଗାଈ ଆମ୍ଭମାନଙ୍କୁ ଦୁଗ୍ଧ ଯୋଗାଇ ସମସ୍ତ ପ୍ରକାର ଆନନ୍ଦ ଓ ସୁଖ ଦେଉଛି । ଗୋହତ୍ୟା ହେଉଛି ଏକ ବିରାଟ ଅଜ୍ଞାନତା, ବୈଦିକ ସାହିତ୍ୟରେ କୁହାଯାଇଛି - *"ଗୋଭିଃ ପ୍ରୀଣିତ-ମତ୍ସରଂ ।"* ଏଥିରୁ ସୂଚିତ ହେଉଛି ଯେ ବ୍ୟକ୍ତି ଗାଈଦୁଗ୍ଧ ଖାଇ ଆନନ୍ଦ ବା ସୁଖ

ଅନୁଭବ କରୁଥିବା ସତ୍ତ୍ୱେ, ଯଦି ଗୋହତ୍ୟା କରିବାକୁ ଇଚ୍ଛା କରେ, ତାହାହେଲେ ବୁଝିବାକୁ ହେବ ଯେ ସେ ଅଜ୍ଞାନତାର ଘନ ଅନ୍ଧକାର ମଧ୍ୟରେ ରହିଅଛି । ବୈଦିକ ସାହିତ୍ୟରେ ମଧ୍ୟ ଏକ ପ୍ରାର୍ଥନା ଅଛି—

*''ନମୋ ବ୍ରହ୍ମଣ୍ୟ-ଦେବାୟ ଗୋବ୍ରାହ୍ମଣ-ହିତାୟ ଚ ।*
*ଜଗଦ୍ଧିତାୟ କୃଷ୍ଣାୟ ଗୋବିନ୍ଦାୟ ନମୋନମଃ ।।''*

ଅର୍ଥାତ୍-''ହେ ଭଗବାନ୍ ! ଆପଣ ଗାଭୀ ଓ ବ୍ରାହ୍ମଣମାନଙ୍କର ମଙ୍ଗଳାକାଙ୍‌କ୍ଷୀ ଅଟନ୍ତି ଏବଂ ଆପଣ ମଧ୍ୟ ସମଗ୍ର ମାନବସମାଜ ଓ ଜଗତର ଶୁଭାକାଙ୍‌କ୍ଷୀ ଅଟନ୍ତି ।'' ଏ ପ୍ରାର୍ଥନା ମନ୍ତ୍ରରେ ସ୍ୱତନ୍ତ୍ରଭାବରେ ଗୋ(ଗାଭୀ) ଏବଂ ବ୍ରାହ୍ମଣମାନଙ୍କର ସୁରକ୍ଷା କଥା କୁହାଯାଇଛି । ବ୍ରାହ୍ମଣମାନେ ହେଉଛନ୍ତି ଦିବ୍ୟଜ୍ଞାନ ଶିକ୍ଷାର ପ୍ରତୀକ ଏବଂ ଗାଭୀ ଅତ୍ୟନ୍ତ ମୁଲ୍ୟବାନ୍ ଖାଦ୍ୟର ପ୍ରତୀକ । ବ୍ରାହ୍ମଣ ଓ ଗାଭୀ - ଏ ଦୁଇଟି ଜୀବଙ୍କୁ ସବୁ ପ୍ରକାରେ ସୁରକ୍ଷିତ କରିବାକୁ ପଡ଼ିବ; ଏହା ହେଉଛି ସଭ୍ୟତାର ବାସ୍ତବ ଉନ୍ନତି । ଆଧୁନିକ ମାନବ ସମାଜରେ ଅଧ୍ୟାତ୍ମ ଜ୍ଞାନଶିକ୍ଷା ଅବହେଳିତ ଏବଂ ଗୋହତ୍ୟା ବହୁ ସଂଖ୍ୟାରେ କରାଯାଉଛି । ତେଣୁ ଏଥିରୁ ବୁଝିବାକୁ ପଡ଼ିବ ଯେ ମାନବସମାଜ ଏକ ଭ୍ରାନ୍ତପଥର ପଥିକ ହୋଇଛି ଏବଂ ତଦ୍ଦ୍ୱାରା ନିଜର ଧ୍ୱଂସର ପଥ ପରିଷ୍କାର କରୁଛି । ଯେଉଁ ସଭ୍ୟତା ମାନବକୁ ପରଜନ୍ମରେ ପଶୁ ଜନ୍ମଲାଭ କରିବା ଦିଗରେ ଆଗେଇ ନେଉଛି, ସେ ସଭ୍ୟତା ବାସ୍ତବରେ ମାନବ ସଭ୍ୟତା ନୁହେଁ । ଆଧୁନିକ ମାନବ ସଭ୍ୟତା, ବାସ୍ତବିକ୍ ରଜ ଓ ତମୋଗୁଣାଧୀନ ହୋଇ ପଥଭ୍ରାନ୍ତ ହୋଇଛି । ଏହା ହେଉଛି ଅତ୍ୟନ୍ତ ଭୟଙ୍କର ଯୁଗ ଏବଂ ପ୍ରତ୍ୟେକ ଜାତି ଏ ସହଜତମ ''କୃଷ୍ଣଭାବନା'' ବିଧିକୁ ଗ୍ରହଣ କରିବା ଦିଗରେ ଯତ୍ନଶୀଳ ହେବା ଉଚିତ୍; କାରଣ ଏତଦ୍ଦ୍ୱାରା ମାନବସମାଜକୁ ବିରାଟ ବିପଦରୁ ଉଦ୍ଧାର କରାଯାଇପାରିବ ।

## ଶ୍ଳୋକ - ୧୭

**ସତ୍ତ୍ୱାତ୍ସଞ୍ଜାୟତେ ଜ୍ଞାନଂ ରଜସୋ ଲୋଭ ଏବ ଚ ।**
**ପ୍ରମାଦମୋହୌ ତମସୋ ଭବତୋଽଜ୍ଞାନମେବ ଚ ।। ୧୭ ।।**

## ଶବ୍ଦାନୁବାଦ

ସତ୍ତ୍ୱାତ୍=ସତ୍ତ୍ୱଗୁଣରୁ; ସଞ୍ଜାୟତେ=ବୃଦ୍ଧିପାଏ; ଜ୍ଞାନମ୍=ଜ୍ଞାନ; ରଜସଃ=ରଜୋଗୁଣରୁ; ଲୋଭଃ=ଲୋଭ; ଏବ=ନିଶ୍ଚିତଭାବେ; ଚ=ମଧ୍ୟ; ପ୍ରମାଦ=ପାଗଳାମି; ମୋହୌ=ମୋହ; ତମସଃ=ତମୋଗୁଣରୁ; ଭବତଃ=ବୃଦ୍ଧିପାଏ; ଅଜ୍ଞାନମ୍=ଅଜ୍ଞାନତା; ଏବ=ନିଶ୍ଚିତଭାବେ; ଚ=ମଧ୍ୟ ।

## ଅନୁବାଦ

**ସତ୍ତ୍ୱଗୁଣରୁ ପ୍ରକୃତ ଜ୍ଞାନ ବୃଦ୍ଧିପାଏ; ରଜୋଗୁଣରୁ ଲୋଭ (ଦୁଃଖ) ଏବଂ ତମୋଗୁଣରୁ ମୂର୍ଖତା; ପାଗଳାମି ଓ ମୋହ ବୃଦ୍ଧିପାଏ ।**

## ଭାବାର୍ଥ

ଆଧୁନିକ ସଭ୍ୟତା ଜୀବମାନଙ୍କ ପ୍ରତି ବିଶେଷ ଅନୁକୂଳ ନୁହେଁ; ତେଣୁ କୃଷ୍ଣଭାବନା ଅନୁମୋଦନ କରାଯାଇଅଛି । କୃଷ୍ଣଭାବନା ଜରିଆରେ ସମାଜରେ ସତ୍ତ୍ୱଗୁଣ ବୃଦ୍ଧି ପାଇବ ।

ସତ୍ତ୍ୱଗୁଣ ବୃଦ୍ଧି ପାଇଲେ ଲୋକମାନେ ପ୍ରତ୍ୟେକ ପଦାର୍ଥର ସ୍ୱରୂପ ଜାଣି ପାରିବେ । ତମୋଗୁଣରେ ଲୋକମାନେ ଠିକ୍ ପଶୁଙ୍କପରି ଏବଂ ସବୁ ପଦାର୍ଥ ପରିଷ୍କାର ଭାବରେ ଦେଖିପାରନ୍ତି ନାହିଁ । ଉଦାହରଣ ସ୍ୱରୂପ, ତମୋଗୁଣର ବଶବର୍ତ୍ତୀ ହୋଇ ସେମାନେ ଦେଖିପାରନ୍ତି (ଜାଣି ପାରନ୍ତି) ନାହିଁ ଯେ ଗୋଟିଏ ପଶୁ ବଧ କଲେ, ସେମାନେ ପରଜନ୍ମରେ ସେହି ପଶୁଦ୍ୱାରା ନିଜେ ନିହତ ହେବେ । (ଏଥିପାଇଁ ସେମାନେ ବାଟ ପରିଷ୍କାର କରୁଛନ୍ତି) । ଲୋକମାନେ ପ୍ରକୃତ ଜ୍ଞାନଶିକ୍ଷା ପାଇନାହାନ୍ତି; ତେଣୁ ସେମାନେ ଦାୟିତ୍ୱହୀନ ହୋଇ ପଡ଼ିଛନ୍ତି । ଏହି ଦାୟିତ୍ୱହୀନତାକୁ ବନ୍ଦ କରିବା ନିମିତ୍ତ, ଜନସାଧାରଣଙ୍କ ମଧ୍ୟରେ ସତ୍ତ୍ୱଗୁଣ ବୃଦ୍ଧିର ଶିକ୍ଷା ଦିଆଯିବା ଉଚିତ୍ । ଯେତେବେଳେ ସେମାନେ ସତ୍ତ୍ୱଗୁଣରେ ପ୍ରକୃତ ଶିକ୍ଷାଲାଭ କରିବେ, ସେତେବେଳେ ସେମାନେ ପୂର୍ଣ୍ଣଜ୍ଞାନ ପ୍ରାପ୍ତି ଯୋଗୁଁ ଶାନ୍ତ ସ୍ୱଭାବବିଶିଷ୍ଟହୋଇ ପଡ଼ିବେ । ତାହାହେଲେ ଲୋକମାନେ ସୁଖୀ ହେବେ ଏବଂ ଐଶ୍ୱର୍ଯ୍ୟଶାଳୀ ହେବେ । ଯଦି ଅଧିକାଂଶ ଲୋକ ସୁଖୀ ଓ ସମୃଦ୍ଧିଶାଳୀ ନ ହୁଅନ୍ତି, ଯଦି ଲୋକସଂଖ୍ୟାର ଶତକଡ଼ା ଅଳ୍ପ କେତେଭାଗ କୃଷ୍ଣଚେତନା ବୃଦ୍ଧି କରନ୍ତି ଏବଂ ସତ୍ତ୍ୱଗୁଣରେ ଅବସ୍ଥାନ କରନ୍ତି, ତାହାହେଲେ ସମଗ୍ର ପୃଥିବୀରେ ଶାନ୍ତି ଓ ସମୃଦ୍ଧିର ସମ୍ଭାବନା ନାହିଁ । ରଜୋଗୁଣାଧୀନ ହେଲେ ଲୋକମାନେ ଲୋଭୀ ହୋଇ ପଡ଼ନ୍ତି ଏବଂ ଇନ୍ଦ୍ରିୟ ସୁଖଭୋଗ କାମନାର ଆଉ ସୀମା ରହେ ନାହିଁ । ତୁମେ ଦେଖିପାର ଯଦି କୌଣସି ଲୋକର ଖୁବ୍ ଟଙ୍କାପଇସା ଅଛି ଏବଂ ଇନ୍ଦ୍ରିୟ ସୁଖଭୋଗ ପାଇଁ ସମସ୍ତ ଭୋଗ-ସାମଗ୍ରୀ ଅଛି, ତେବେ ସେ ଲୋକର ସୁଖ ନାହିଁ କି ମାନସିକ ଶାନ୍ତି ନାହିଁ । ବ୍ୟକ୍ତି ରଜୋଗୁଣର ବଶବର୍ତ୍ତୀ ହେଲେ ଏହା କଦାପି ସମ୍ଭବପର ହେବନାହିଁ । ଯଦି ବ୍ୟକ୍ତି ପ୍ରକୃତ ସୁଖ ଚାହେଁ, ତେବେ ସୁଖ ଲାଭପାଇଁ ଅର୍ଥ ତାକୁ କୌଣସି ପ୍ରକାରେ ସାହାଯ୍ୟ କରି ପାରିବ ନାହିଁ; ଏଇଥିପାଇଁ ତାକୁ କୃଷ୍ଣଭାବନା ଅଭ୍ୟାସ କରି ସତ୍ତ୍ୱଗୁଣ ସ୍ତରକୁ ଉନ୍ନୀତ ହେବାକୁ ପଡ଼ିବ । ଯେଉଁ ବ୍ୟକ୍ତି ରଜୋଗୁଣାଧୀନ, ସେ ଯେ କେବଳ ମାନସିକ ଅଶାନ୍ତି ଭୋଗ କରୁଛି ତାହା ନୁହେଁ, ତା'ର ଧନ୍ଦା ବା ବ୍ୟବସାୟ ମଧ୍ୟ ଅତ୍ୟନ୍ତ କଷ୍ଟଦାୟକ ହୋଇଉଠେ । ତା'ର ଆସ୍ଥାନକୁ ବଜାୟ ରଖିବା ନିମିତ୍ତ ଯଥେଷ୍ଟ ଅର୍ଥୋପାର୍ଜନ ପାଇଁ ତାକୁ ନାନା ଯୋଜନା ଓ କୌଶଳ କରିବାକୁ ପଡ଼େ । ଏସବୁ ବଡ଼ ଦୁଃଖଦାୟକ । ତମୋଗୁଣରେ ଲୋକମାନେ ପାଗଳ ହୋଇ ଯା'ନ୍ତି । ଲୋକମାନେ ତତ୍‌କାଳିକ ପରିସ୍ଥିତି ବା ପରିବେଶରେ ଖୁବ୍ ବ୍ୟସ୍ତ ବିବ୍ରତ ହୋଇ ପଡିବାରୁ ନିଶାଦ୍ରବ୍ୟ ସେବନ କରିବାକୁ ବାଧ୍ୟ ହୁଅନ୍ତି ଏବଂ ଏହିପରି ସେମାନେ ଅଧିକ ଅଜ୍ଞାନତା-ଗର୍ଭରେ ନିମଜ୍ଜିତ ହୁଅନ୍ତି । ସେମାନଙ୍କର ଭବିଷ୍ୟତ ବଡ଼ ଅନ୍ଧକାରମୟ ।

## ଶ୍ଳୋକ - ୧୮

**ଊର୍ଦ୍ଧ୍ୱଂ ଗଚ୍ଛନ୍ତି ସତ୍ତ୍ୱସ୍ଥା ମଧ୍ୟେ ତିଷ୍ଠନ୍ତି ରାଜସାଃ ।**
**ଜଘନ୍ୟଗୁଣବୃତ୍ତିସ୍ଥା ଅଧୋ ଗଚ୍ଛନ୍ତି ତାମସାଃ ।। ୧୮ ।।**

## ଶବ୍ଦାନୁବାଦ

ଊର୍ଦ୍ଧ୍ୱମ୍=ଊର୍ଦ୍ଧ୍ୱକୁ; ଗଚ୍ଛନ୍ତି=ଯା'ନ୍ତି; ସତ୍ତ୍ୱ-ସ୍ଥାଃ=ଯେ ସତ୍ତ୍ୱଗୁଣରେ ଅବସ୍ଥିତ; ମଧ୍ୟେ=ମଧ୍ୟରେ; ତିଷ୍ଠନ୍ତି=ରହନ୍ତି; ରାଜସାଃ=ଯେଉଁମାନେ ରଜୋଗୁଣରେ ଅବସ୍ଥିତ;

ଜଘନ୍ୟ=ଘୃଣିତ; ଗୁଣ=ଗୁଣ; ବୃତ୍ତି-ସ୍ଥାଃ=ବୃତ୍ତି ବା ଧନ୍ଦା; ଅଧଃ=ନିମ୍ନ; ଗଚ୍ଛନ୍ତି=ଯା'ନ୍ତି; ତାମସାଃ=ଯେଉଁମାନେ ତମୋଗୁଣରେ ଅବସ୍ଥିତ ।

## ଅନୁବାଦ

**ଯେଉଁମାନେ ସତ୍ତ୍ୱଗୁଣରେ ଅବସ୍ଥିତ, ସେମାନେ କ୍ରମେ ଊର୍ଦ୍ଧ୍ୱକୁ ଗତିକରି ଉଚ୍ଚତର ଲୋକକୁ ଯା'ନ୍ତି; ଯେଉଁମାନେ ରଜୋଗୁଣରେ ଅବସ୍ଥିତ, ସେମାନେ ଏ ଧରାଧାମରେ ରହନ୍ତି ଏବଂ ଯେଉଁମାନେ ତମୋଗୁଣରେ ଅବସ୍ଥିତ ସେମାନେ ନିମ୍ନକୁ ନର୍କାନୁଗାମୀ ହୁଅନ୍ତି ।**

## ଭାବାର୍ଥ

ଏ ଶ୍ଳୋକରେ ତ୍ରିଗୁଣ କାର୍ଯ୍ୟାବଳୀର ଫଳ ବିଷୟରେ ଭଲଭାବରେ ଦର୍ଶାଇ ଦିଆଯାଇଅଛି । ଏକ ଉଚ୍ଚତର ଜଗତ ଅଛି, ଯେଉଁଠାରେ ଅନେକ ଦେବଲୋକ ଅଛି । ସେଠାରେ ପ୍ରତ୍ୟେକେ ଉନ୍ନତ । ବ୍ୟକ୍ତିଗଣ ସତ୍ତ୍ୱଗୁଣରେ ଯେଉଁପ୍ରକାରେ ଉନ୍ନତି କରନ୍ତି, ସେହି ଅନୁଯାୟୀ ସେମାନେ ଉଚ୍ଚତର ଜଗତରେ ଥିବା ବିଭିନ୍ନ ଦେବଲୋକକୁ ଯା'ନ୍ତି । ଏଥିମଧ୍ୟରେ ସର୍ବୋଚ୍ଚ ଲୋକ ହେଉଛି -ସତ୍ୟଲୋକ ବା ବ୍ରହ୍ମଲୋକ । ସେଠାରେ ବ୍ରହ୍ମାଣ୍ଡର ମୁଖ୍ୟ ପୁରୁଷ ବ୍ରହ୍ମା ବାସ କରନ୍ତି । ଆମ୍ଭେମାନେ ଏହା ଜାଣି ସାରିଛୁ ଯେ ବ୍ରହ୍ମଲୋକର ଜୀବନ କିପରି ଅତି ଆଶ୍ଚର୍ଯ୍ୟଜନକ । ତାହା ଆମେ କଳନା କରିପାରିବା ନାହିଁ । ଜୀବନର ଅତି ଉଚ୍ଚତମ ଅବସ୍ଥା, ସତ୍ତ୍ୱଗୁଣରେ ଅବସ୍ଥାନ କଲେ ବ୍ୟକ୍ତି ଏଠାକୁ ଆସିପାରେ ।

ରଜୋଗୁଣ ହେଉଛି ମିଶ୍ରିତ ଗୁଣ । ଏହା ମଧ୍ୟଭାଗରେ ଅବସ୍ଥିତ । ସତ୍ତ୍ୱଗୁଣ ଓ ତମୋଗୁଣର ମଧ୍ୟସ୍ଥଳରେ ଏହା ଅବସ୍ଥିତ । ବ୍ୟକ୍ତି ସର୍ବଦା ବିଶୁଦ୍ଧ ନୁହେଁ, କିନ୍ତୁ ସେ ଯଦି ସଂପୂର୍ଣ୍ଣରୂପେ ରଜୋଗୁଣରେ ଅବସ୍ଥାନ କରେ, ତାହାହେଲେ ସେ ଏଇ ଧରାଧାମରେ ଏକ ରାଜା ବା ଧନୀଲୋକ ହିସାବରେ ରହିବ । ଯେଣୁ ମିଶ୍ରିତଭାବ ଅଛି, ତେଣୁ ତା'ର ମଧ୍ୟ ନିମ୍ନଗତି ହୋଇପାରେ । ଏ ପୃଥିବୀରେ ଥିବା ଲୋକମାନେ, ଯେଉଁମାନେ କି ରଜୋଗୁଣ କିମ୍ବା ତମୋଗୁଣରେ ଅବସ୍ଥାନ କରୁଛନ୍ତି, ସେମାନେ କଦାପି ଯନ୍ତ୍ର ସାହାଯ୍ୟରେ ଜୋର ଜବରଦସ୍ତି ଭାବରେ ଉଚ୍ଚତର ଲୋକରେ ପ୍ରବେଶ କରିପାରିବେ ନାହିଁ । ରଜୋଗୁଣରେ ବ୍ୟକ୍ତି ଯେ ପରଜନ୍ମରେ ପାଗଳ ହୋଇଯାଇ ପାରେ ଏହାର ସମ୍ଭାବନା ଅଛି ।

ନୀଚତମ ଗୁଣ, ଅର୍ଥାତ୍-ତମୋଗୁଣକୁ ଏଠାରେ ଜଘନ୍ୟ ବୋଲି ବର୍ଣ୍ଣନା କରାଯାଇଅଛି । ତମୋଗୁଣ ବୃଦ୍ଧିହେଲେ ଯେ ଅତ୍ୟନ୍ତ ବିପଜ୍ଜନକ ଅବସ୍ଥା ସୃଷ୍ଟିହୁଏ, ଏଥିରେ କୌଣସି ସନ୍ଦେହ ନାହିଁ । ଭୂତପ୍ରକୃତିର ଏହା ହେଉଛି ନୀଚତମ ଗୁଣ । ମନୁଷ୍ୟେତର ଯୋନି ମଧ୍ୟରେ ଅଶିଲକ୍ଷ ଜୀବଯୋନି ଅଛି; ଯଥା-ପଶୁ, ପକ୍ଷୀ, ସରୀସୃପ, ବୃକ୍ଷ ଇତ୍ୟାଦି । ତମୋଗୁଣର ବୃଦ୍ଧି ଅନୁଯାୟୀ ଜୀବ ଏସବୁ ଜଘନ୍ୟ ଅବସ୍ଥା ପ୍ରାପ୍ତହୁଏ । ଏ ଶ୍ଳୋକରେ ବ୍ୟବହୃତ ''ତାମସାଃ'' ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ । ଯେଉଁମାନେ ବରାବର ତମୋଗୁଣରେ ହିଁ ଅବସ୍ଥାନ କରନ୍ତି, ଉଚ୍ଚତର ଗୁଣକୁ ଉନ୍ନତିଲାଭ କରି ପାରନ୍ତି ନାହିଁ, ସେମାନଙ୍କୁ ଏଠାରେ ''ତାମସାଃ'' ବୋଲି କୁହାଯାଇଛି, ସେମାନଙ୍କର ଭବିଷ୍ୟତ ବଡ଼ ଅନ୍ଧକାରମୟ ।

ରଜୋଗୁଣ ଓ ତମୋଗୁଣରେ ଥିବା ବ୍ୟକ୍ତିମାନଙ୍କର ଏ ସୁବିଧା ମଧ୍ୟ ଅଛି, ସେମାନେ

ସତ୍ତ୍ୱଗୁଣକୁ ଉନ୍ନୀତ ହୋଇପାରନ୍ତି । ଯେଉଁ ବିଧିରେ ସେମାନେ ସତ୍ତ୍ୱଗୁଣକୁ ଉନ୍ନୀତ ହେବେ, ସେ ବିଧିକୁ କୃଷ୍ଣଭାବନା-ବିଧି କୁହାଯାଏ । କିନ୍ତୁ ଯେଉଁ ବ୍ୟକ୍ତି ଏ ସୁଯୋଗ ନ ନିଏ, ସେ ନିଶ୍ଚୟ ନୀଚତର ଗୁଣରେ ବରାବର ଅବସ୍ଥାନ କରୁଥିବ ।

## ଶ୍ଳୋକ - ୧୯

**ନାନ୍ୟଂ ଗୁଣେଭ୍ୟଃ କର୍ତାରଂ ଯଦା ଦ୍ରଷ୍ଟାନୁପଶ୍ୟତି ।**
**ଗୁଣେଭ୍ୟଶ୍ଚ ପରଂ ବେତ୍ତି ମଦ୍‌ଭାବଂ ସୋଽଧିଗଚ୍ଛତି ।। ୧୯ ।।**

## ଶବ୍ଦାନୁବାଦ

ନ=ନାହିଁ; ଅନ୍ୟମ୍=(ଏହାଠାରୁ) ଅନ୍ୟ କିଛି; ଗୁଣେଭ୍ୟଃ=ଗୁଣମାନଙ୍କଠାରୁ; କର୍ତ୍ତାରମ୍=କର୍ତ୍ତା; ଯଦା=ଯେତେବେଳେ; ଦ୍ରଷ୍ଟା=ଦେଖଣାହାରି; ଅନୁପଶ୍ୟତି=ଯେ ଠିକ୍ ରକମ ଦେଖେ; ଗୁଣେଭ୍ୟଃ ଚ=ପ୍ରକୃତିର ଗୁଣରୁ; ପରମ୍=ପରମ; ବେତ୍ତି=ଜାଣେ; ମତ୍-ଭାବମ୍=ମୋର ଦିବ୍ୟ ପ୍ରକୃତିକୁ; ସଃ=ସେ; ଅଧିଗଚ୍ଛତି=ଉନ୍ନୀତ ହୁଏ ।

## ଅନୁବାଦ

**ଯେତେବେଳେ ତୁମେ ଦେଖିବ ଯେ ପ୍ରତ୍ୟେକ କର୍ମରେ ପ୍ରକୃତିର ଏ ତ୍ରିଗୁଣ ବ୍ୟତୀତ ଆଉ କିଛି ନାହିଁ ଏବଂ ପରମେଶ୍ୱର ଏ ତ୍ରିଗୁଣଠାରୁ ଊର୍ଦ୍ଧ୍ୱରେ, ସେତେବେଳେ ତୁମେ ମୋର ଦିବ୍ୟ ପ୍ରକୃତି ସମ୍ବନ୍ଧରେ ଜାଣି ପାରିବ ।**

## ଭାବାର୍ଥ

ବ୍ୟକ୍ତି ଉପଯୁକ୍ତ ଅଧିକାରୀ ବା ଆଚାର୍ଯ୍ୟଙ୍କଠାରୁ ଶୁଣି ବା ଅଧ୍ୟୟନ କରି ଯେତେବେଳେ ପ୍ରକୃତିର ତ୍ରିଗୁଣର କାର୍ଯ୍ୟାବଳୀ ସମ୍ବନ୍ଧରେ ବୁଝିପାରିବ, ସେତେବେଳେ ସେ ତ୍ରିଗୁଣକୁ ଅତିକ୍ରମ କରିପାରିବ । ପ୍ରକୃତ ଆଚାର୍ଯ୍ୟ ବା ଗୁରୁହେଲେ କୃଷ୍ଣ ଏବଂ ସେ ଏ ଦିବ୍ୟଜ୍ଞାନ ଅର୍ଜୁନଙ୍କୁ ପ୍ରଦାନ କରୁଛନ୍ତି । ଠିକ୍ ସେହିପରି ଯେଉଁମାନେ ପୂର୍ଣ୍ଣ କୃଷ୍ଣଚେତନଶୀଳ, ସେହିମାନଙ୍କଠାରୁ ବ୍ୟକ୍ତି ତ୍ରିଗୁଣର କାର୍ଯ୍ୟାବଳୀ ସମ୍ବନ୍ଧରେ ଶିକ୍ଷା କରିବା ଉଚିତ୍, ଅର୍ଥାତ୍- ବ୍ୟକ୍ତି ସେହିମାନଙ୍କଠାରୁ ଏ ଦିବ୍ୟ ବିଜ୍ଞାନ ଶିକ୍ଷା କରିବା ଉଚିତ୍, ନଚେତ୍ ତା'ର ଜୀବନ ପଥଭ୍ରାନ୍ତ ହେବ । ଜଣେ ଆଚାର୍ଯ୍ୟଙ୍କଠାରୁ ଉପଦେଶ ଲାଭ କଲେ ବ୍ୟକ୍ତି ନିଜର ପ୍ରକୃତ ସ୍ୱରୂପ କ'ଣ ତାହା ଜାଣିପାରିବ, ଏ ଜଡ଼ ଶରୀର କ'ଣ ଇନ୍ଦ୍ରିୟଗଣ କିପରି ଓ କ'ଣ କରୁଛନ୍ତି, ସେ କିପରି ବଦ୍ଧ ହୋଇଅଛି ଏବଂ ସେ କିପରି ଭୂତପ୍ରକୃତିର ତ୍ରିଗୁଣାଧୀନ ହୋଇ ପଡ଼ିଛି- ଏ ସବୁ କଥା ଜାଣି ପାରିବ । ତ୍ରିଗୁଣାଧୀନ ହୋଇ ସେ ଅସହାୟ ଅବସ୍ଥାରେ ପଡ଼ିଛି, କିନ୍ତୁ ଯେତେବେଳେ ସେ ନିଜର ପ୍ରକୃତ ସ୍ୱରୂପ ଦେଖିପାରିବ, ସେତେବେଳେ ସେ ଦିବ୍ୟ ଜୀବନର ସୁଯୋଗ ଲାଭକରି ଦିବ୍ୟସ୍ତର ପ୍ରାପ୍ତ ହୋଇପାରିବ । ବାସ୍ତବରେ ଜୀବ ବିଭିନ୍ନ କର୍ମର କର୍ତ୍ତା ନୁହେଁ । ସେ କର୍ମ କରିବାକୁ ବାଧ୍ୟ ହେଉଛି, କାରଣ ଭୂତପ୍ରକୃତିର ଏକ ନିର୍ଦ୍ଦିଷ୍ଟ ଗୁଣଦ୍ୱାରା ନିୟନ୍ତ୍ରିତ ଏକ ନିର୍ଦ୍ଦିଷ୍ଟ ଶରୀରରେ ସେ ଅବସ୍ଥାନ କରୁଛି । ବ୍ୟକ୍ତି ଜଣେ ଗୁରୁଙ୍କର ସହାୟତା ଲାଭ ନ କଲେ ସେ କଦାପି ବୁଝିପାରିବ ନାହିଁ ସେ କେଉଁ ଅବସ୍ଥାରେ ଅଛି । ଏକ ଉପଯୁକ୍ତ ଆଚାର୍ଯ୍ୟ ବା ଗୁରୁଙ୍କୁ ସଂସ୍ପର୍ଶରେ ଆସିଲେ

ସେ ତା'ର ପ୍ରକୃତ ଅବସ୍ଥା ବୁଝିପାରିବ ଏବଂ ତାହା ଜାଣିସାରିଲା ପରେ ସେ ପୂର୍ଣ୍ଣ କୃଷ୍ଣ-ଚେତନାରେ ସ୍ଥିରହୋଇ ପାରିବ । ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ପ୍ରକୃତିର ତ୍ରିଗୁଣଦ୍ୱାରା ନିୟନ୍ତ୍ରିତ ହୁଏ ନାହିଁ । ଏ କଥା ସପ୍ତମ ଅଧ୍ୟାୟରେ କୁହାଯାଇ ସାରିଛି ଯେ, ଯେ କୃଷ୍ଣଙ୍କଠାରେ ସଂପୂର୍ଣ୍ଣରୂପେ ଆତ୍ମସମର୍ପଣ କରିଛି *(ଅର୍ଥାତ୍ କୃଷ୍ଣୈକ ଶରଣଂ-ଶରଣାଗତି)* ସେ ଭୂତପ୍ରକୃତିର ତ୍ରିଗୁଣରୁ ମୁକ୍ତ । ତେଣୁ ଯେ ପ୍ରତ୍ୟେକ ପଦାର୍ଥର ସ୍ୱରୂପ ପରିଷ୍କାର ଭାବରେ ଦେଖିପାରେ, ସେ ପ୍ରକୃତିର ତ୍ରିଗୁଣ-ପ୍ରଭାବରୁ କ୍ରମେ ମୁକ୍ତ ହୋଇଯାଏ, ଅର୍ଥାତ୍ ପ୍ରକୃତିର ତ୍ରିଗୁଣ ତା' ଉପରେ କୌଣସି ପ୍ରଭାବ ପକାଇ ପାରନ୍ତି ନାହିଁ ।

## ଶ୍ଳୋକ - ୨୦

**ଗୁଣାନେତାନତୀତ୍ୟ ତ୍ରୀନ୍ଦେହୀ ଦେହସମୁଦ୍ଭବାନ୍ ।**
**ଜନ୍ମମୃତ୍ୟୁଜରାଦୁଃଖୈର୍ବିମୁକ୍ତୋଽମୃତମଶ୍ନୁତେ ।। ୨୦ ।।**

## ଶବ୍ଦାନୁବାଦ

ଗୁଣାନ୍=ଗୁଣସମୂହ; ଏତାନ୍=ଏସବୁ; ଅତୀତ୍ୟ=ଅତିକ୍ରମ କରି; ତ୍ରୀନ୍=ତିନି; ଦେହୀ=ଶରୀରଧାରୀ; ଦେହ=ଶରୀର; ସମୁଦ୍ଭବାନ୍=ଜାତ; ଜନ୍ମ=ଜନ୍ମ; ମୃତ୍ୟୁ=ମୃତ୍ୟୁ; ଜରା=ବୃଦ୍ଧାବସ୍ଥା; ଦୁଃଖୈଃ=ଦୁଃଖମାନଙ୍କରେ; ବିମୁକ୍ତଃ=ବିମୁକ୍ତହୋଇ; ଅମୃତମ୍=ଅମୃତ; ଅଶ୍ନୁତେ=ଉପଭୋଗ କରେ ।

## ଅନୁବାଦ

**ଯେତେବେଳେ ଦେହୀ (ଅର୍ଥାତ୍ ଶରୀରଧାରୀ) ଏ ତ୍ରିଗୁଣକୁ ଅତିକ୍ରମ କରିବାକୁ ସକ୍ଷମ ହୁଏ, ସେତେବେଳେ ସେ ଜନ୍ମ, ମୃତ୍ୟୁ ଜରା ଏବଂ ଦୁଃଖ ଆଦିରୁ ମୁକ୍ତ ହୋଇପାରେ ଏବଂ ଏହି ଜନ୍ମରେ ସେ ଅମୃତ ଉପଭୋଗ କରିପାରେ ।**

## ଭାବାର୍ଥ

ବ୍ୟକ୍ତି କିପରି ଏହି ଶରୀରରେ ପୂର୍ଣ୍ଣ କୃଷ୍ଣଚେତନଶୀଳ ହୋଇ ଦିବ୍ୟସ୍ତରରେ ଅବସ୍ଥାନ କରି ପାରିବ-ସେହି କଥା ଏ ଶ୍ଳୋକରେ ବର୍ଣ୍ଣନା କରାଯାଇଛି । 'ଦେହୀ' ଶବ୍ଦର ଅର୍ଥ ହେଲା ଦେହଧାରୀ । ଯଦିଓ ବ୍ୟକ୍ତି ଏ ଜଡ଼ ଶରୀର ମଧ୍ୟରେ ରହିଛି, ତଥାପି ସେ ଦିବ୍ୟଜ୍ଞାନ ଲାଭରେ ଅଗ୍ରଗତି କଲେ, ସେ ପ୍ରକୃତିର ଏ ତ୍ରିଗୁଣର ପ୍ରଭାବରୁ ମୁକ୍ତ ହୋଇପାରେ । ଏହି ଶରୀରରେ ମଧ୍ୟ ସେ ଦିବ୍ୟଜୀବନ-ସୁଖ ଉପଭୋଗ କରିପାରେ, କାରଣ ଏ ଶରୀର ତ୍ୟାଗପରେ ସେ ନିଶ୍ଚୟ ପରବ୍ୟୋମକୁ ଯିବ । କିନ୍ତୁ ଏହି ଶରୀରରେ ମଧ୍ୟ ସେ ଦିବ୍ୟ-ସୁଖ ଉପଭୋଗ କରିପାରିବ । ଅନ୍ୟକଥାରେ ଏହାହିଁ କୁହାଯାଇପାରେ ଯେ କୃଷ୍ଣଚେତନା ଭୌତିକ ବନ୍ଧନରୁ ମୁକ୍ତ ହେବାର ସଙ୍କେତ ଅଟେ ଏବଂ ଅଷ୍ଟାଦଶ ଅଧ୍ୟାୟରେ ଏ କଥା ଭଲଭାବରେ କୁହାଯିବ । ଯେତେବେଳେ ବ୍ୟକ୍ତି ତ୍ରିଗୁଣମୟୀ ଭୂତପ୍ରକୃତିର ପ୍ରଭାବରୁ ମୁକ୍ତ ହୋଇଯାଏ, ସେତେବେଳେ ସେ ଭକ୍ତିଯୋଗ ମାର୍ଗରେ ପ୍ରବେଶ କରେ ।

## ଶ୍ଲୋକ - ୨୧

## ଅର୍ଜୁନ ଉବାଚ

**କୈର୍ଲିଙ୍ଗୈସ୍ତ୍ରୀନ୍‌ଗୁଣାନେତାନତୀତୋ ଭବତି ପ୍ରଭୋ ।**
**କିମାଚାରଃ କଥଂ ଚୈତାଂସ୍ତ୍ରୀନ୍ ଗୁଣାନତିବର୍ତତେ ।। ୨୧ ।।**

## ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; କୈଃ=କେଉଁ; ଲିଙ୍ଗୈଃ=ଲକ୍ଷଣଦ୍ୱାରା; ତ୍ରୀନ୍=ତିନି; ଗୁଣାନ୍=ଗୁଣ; ଏତାନ୍=ଏସବୁ; ଅତୀତଃ=ଅତିକ୍ରମ କରାଯିବ; ଭବତି=ହୁଏ; ପ୍ରଭୋ=ହେ ମୋର ପ୍ରଭୁ; କିମ୍=କ'ଣ; ଆଚାରଃ=ଆଚାର ବ୍ୟବହାର; କଥମ୍=କ'ଣ; ଚ=ମଧ୍ୟ; ଏତାନ୍=ଏସବୁ; ତ୍ରୀନ୍=ତିନି; ଗୁଣାନ୍=ଗୁଣ; ଅତିବର୍ତତେ=ଅତିକ୍ରମ କରାଯାଏ ।

## ଅନୁବାଦ

**ଅର୍ଜୁନ ପଚାରିଲେ, ''ହେ ମୋର ପ୍ରିୟ ପ୍ରଭୁ ! ଯେଉଁବ୍ୟକ୍ତି ଏ ତ୍ରିଗୁଣକୁ ଅତିକ୍ରମ କରିଛି, ତାଙ୍କୁ ଆମେ କେଉଁ ଲକ୍ଷଣରୁ ଚିହ୍ନିବା ? ତାଙ୍କର ଆଚାର ବ୍ୟବହାର କିପରି ଏବଂ ସେ କିପରି ପ୍ରକୃତିର ଏ ତ୍ରିଗୁଣକୁ ଅତିକ୍ରମ କରନ୍ତି ?**

## ଭାବାର୍ଥ

ଏହି ଶ୍ଲୋକରେ ଅଜୁର୍ନଙ୍କ ପ୍ରଶ୍ନ ଅତି ଯଥାର୍ଥ ଅଟେ । ତ୍ରିଗୁଣକୁ ଅତିକ୍ରମ କରିଥିବା ବ୍ୟକ୍ତିର ଲକ୍ଷଣ ଜାଣିବାକୁ ସେ ପ୍ରଶ୍ନ କରୁଛନ୍ତି । ସେ ପ୍ରଥମେ ପଚାରୁଛନ୍ତି ଏ ପ୍ରକାର ଏକ ବ୍ୟକ୍ତିର ଲକ୍ଷଣ କ'ଣ ? ସେ ଯେ ପ୍ରକୃତିର ତ୍ରିଗୁଣକୁ ଅତିକ୍ରମ କରିଛି—ଏକଥା ଆମେ କିପରି ଜାଣିପାରିବା ? ଦ୍ୱିତୀୟ ପ୍ରଶ୍ନ ହେଉଛି ତାଙ୍କର ଆଚାର ବ୍ୟବହାର ଓ କାର୍ଯ୍ୟକଳାପ କିପରି ? ସେଗୁଡ଼ିକ ସଂଯତ ନା' ଅସଂଯତ ? ତପରେ ଅର୍ଜୁନ ପଚାରୁଛନ୍ତି, କେଉଁ ଉପାୟରେ ସେ ଦିବ୍ୟପ୍ରକୃତି ଲାଭକରି ପାରିବ । ଏହା ଏକ ବିଶିଷ୍ଟ ପ୍ରଶ୍ନ ଅଟେ । ବ୍ୟକ୍ତି କିପରି ସର୍ବଦା ଦିବ୍ୟ ସ୍ତରରେ ଅବସ୍ଥାନ କରିପାରିବ, ତା'ର ପ୍ରତ୍ୟକ୍ଷ ବିଧି ନଜାଣିଲେ ଗୁଣାତୀତ ବ୍ୟକ୍ତିର ଲକ୍ଷଣ ଜାଣିବା ସମ୍ଭବପର ନୁହେଁ । ତେଣୁ ଅର୍ଜୁନ ଏ ଯେଉଁ ସବୁ ପ୍ରଶ୍ନ ପଚାରିଲେ ସେଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ୍ ପ୍ରଶ୍ନ ଅଟେ ଏବଂ ଭଗବାନ୍ ସେଗୁଡ଼ିକର ଉତ୍ତର ଦେଉଛନ୍ତି ।

## ଶ୍ଲୋକ -୨୨-୨୫

## ଶ୍ରୀଭଗବାନୁବାଚ

**ପ୍ରକାଶଂ ଚ ପ୍ରବୃତ୍ତିଂ ଚ ମୋହମେବ ଚ ପାଣ୍ଡବ ।**
**ନ ଦ୍ୱେଷ୍ଟି ସମ୍ପ୍ରବୃତ୍ତାନି ନ ନିବୃତ୍ତାନି କାଙ୍କ୍ଷତି ।। ୨୨ ।।**
**ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ ।**
**ଗୁଣା ବର୍ତନ୍ତ ଇତ୍ୟେବଂ ଯୋଽବତିଷ୍ଠତି ନେଙ୍ଗତେ ।। ୨୩ ।।**

**ସମଦୁଃଖସୁଖଃ ସ୍ୱସ୍ଥଃ ସମଲୋଷ୍ଟାଶ୍ମକାଞ୍ଚନଃ ।**
**ତୁଲ୍ୟପ୍ରିୟାପ୍ରିୟୋ ଧୀରସ୍ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ ।।୨୪।।**
**ମାନାପମାନୟୋସ୍ତୁଲ୍ୟସ୍ତୁଲ୍ୟୋ ମିତ୍ରାରିପକ୍ଷୟୋଃ ।**
**ସର୍ବାରମ୍ଭପରିତ୍ୟାଗୀ ଗୁଣାତୀତଃ ସ ଉଚ୍ୟତେ ।।୨୫।।**

## ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ପରମପୁରୁଷ ଭଗବାନ୍ କହିଲେ; ପ୍ରକାଶମ୍ ଚ=ଏବଂ ପ୍ରକାଶ (ଆଲୋକ); ପ୍ରବୃତ୍ତିମ୍ ଚ=ଏବଂ ଆସକ୍ତି; ମୋହମ୍=ମୋହ; ଏବ ଚ=ମଧ୍ୟ; ପାଣ୍ଡବ=ହେ ପାଣ୍ଡୁପୁତ୍ର; ନ ଦ୍ୱେଷ୍ଟି=ଘୃଣା କରେନାହିଁ; ସମ୍ପ୍ରବୃତ୍ତାନି=ଯଦିଓ ବୃଦ୍ଧି ପାଇ ଥାଏ; ନ ନିବୃତ୍ତାନି=କିମ୍ବା ବୃଦ୍ଧି ବନ୍ଦ କରେନାହିଁ; କାଙ୍କ୍ଷତି=ଇଚ୍ଛାକରେ; ଉଦାସୀନ ବତ୍=ଯେପରିକି ଉଦାସୀନ; ଆସୀନଃ=ଅବସ୍ଥିତ; ଗୁଣୈଃ=ଗୁଣମାନଙ୍କ ଦ୍ୱାରା; ଯଃ=ଯେ; ନ ବିଗ୍ରହ୍ୟତେ=କେବେହେଲେ ବିଚଳିତ ହୁଏ ନାହିଁ; ଗୁଣାଃ=ଗୁଣମାନ; ବର୍ତନ୍ତେ=ଅବସ୍ଥିତ; ଇତି ଏବମ୍=ଏହିପରି ଜାଣି; ଯଃ=ଯେ; ଅବତିଷ୍ଠତି=ରୁହେ; ନ ଇଙ୍ଗତେ=ଆଦୌ ବିଚଳିତହୁଏ ନାହିଁ; ସମ=ସମାନ; ଦୁଃଖ=ଦୁଃଖରେ; ସୁଖଃ=ସୁଖରେ; ସ୍ୱସ୍ଥଃ=ଅବସ୍ଥାନ କରି; ସମ=ସମାନଭାବରେ; ଲୋଷ୍ଟ=ମାଟି ବା ଟେଳା; ଅଶ୍ମ=ପଥର; କାଞ୍ଚନଃ=ସୁନା; ତୁଲ୍ୟ=ସମାନ; ପ୍ରିୟ=ପ୍ରିୟ; ଅପ୍ରିୟଃ=ଅପ୍ରିୟ; ଧୀରଃ=ଧୀରଭାବରେ; ତୁଲ୍ୟ=ସମାନଭାବରେ; ନିନ୍ଦା=ନିନ୍ଦାରେ; ଆତ୍ମ-ସଂସ୍ତୁତିଃ=ଆତ୍ମ ପ୍ରଶଂସାରେ; ମାନ=ସମ୍ମାନ; ଅପମାନୟୋଃ=ଅପମାନ; ତୁଲ୍ୟଃ=ସମାନ ଭାବରେ; ତୁଲ୍ୟଃ=ସମଭାବରେ; ମିତ୍ର=ବନ୍ଧୁ; ଅରି=ଶତ୍ରୁ; ପକ୍ଷୟୋଃ=ପକ୍ଷରେ; ସର୍ବ=ସମସ୍ତ; ଆରମ୍ଭ=ପ୍ରଚେଷ୍ଟା; ପରିତ୍ୟାଗୀ=ପରିତ୍ୟାଗୀ; ଗୁଣ-ଅତୀତଃ=ପ୍ରକୃତିର ତ୍ରିଗୁଣକୁ ଅତିକ୍ରମ କରିଥିବା; ସଃ=ସେ; ଉଚ୍ୟତେ=କୁହାଯାଏ ।

## ଅନୁବାଦ

**ଶ୍ରୀ ଭଗବାନ୍ କହିଲେ, ଯେଉଁବ୍ୟକ୍ତି ଆଲୋକ ବା ପ୍ରକାଶ, ଆସକ୍ତି ଏବଂ ମୋହ ଯେତେବେଳେ ଉପସ୍ଥିତ ଥାଏ, ଏ ସବୁକୁ ଘୃଣା ନକରେ ଏବଂ ଯେତେବେଳେ ଏଗୁଡ଼ିକ ତିରୋହିତ ହୋଇଯା'ନ୍ତି, ସେତେବେଳେ ଆଉ ସେମାନଙ୍କୁ ଲାଭ କରିବାକୁ ଇଚ୍ଛା କରେନାହିଁ, ସେ ବ୍ୟକ୍ତିକୁ ଆମେ ଗୁଣାତୀତ ବୋଲି କହିବା । ଯେଉଁ ବ୍ୟକ୍ତି ଉଦାସୀନ ପରି ଜୀବନ ବିତାଏ, ଏ ତ୍ରିଗୁଣର କ୍ରିୟା -ପ୍ରତିକ୍ରିୟାଠାରୁ ଊର୍ଦ୍ଧ୍ୱରେ ଥାଏ, ଯେ ଏ କଥା ଭଲଭାବରେ ଜାଣିଥାଏ ଯେ ତ୍ରିଗୁଣମୟୀ ପ୍ରକୃତି ହିଁ କ୍ରିୟାଶୀଳା ଅଟେ, ଯେ ସୁଖ ଓ ଦୁଃଖରେ ସମଭାବାପନ୍ନ ହୋଇ ପାରିଥାଏ ଏବଂ ଯେ ମାଟିମୁଣ୍ଡା, ପଥର ଏବଂ ସୁନା ମୁଣ୍ଡାକୁ ସମାନ ଦୃଷ୍ଟିରେ ଦେଖେ ଯେ ଜ୍ଞାନୀ (ଧୀର) ଏବଂ ନିନ୍ଦା ଓ ପ୍ରଶଂସାରେ ସମତାରକ୍ଷା କରିପାରେ, ଯେ ମାନ ଓ ଅପମାନରେ ଅପରିବର୍ତ୍ତିତ ରହେ, ଯେ ଶତ୍ରୁ ଓ ମିତ୍ରଙ୍କ ପ୍ରତି ସମାନଭାବରେ ବ୍ୟବହାର କରେ, ଯେ ସମସ୍ତପ୍ରକାର ସକାମ କର୍ମର ପ୍ରଚେଷ୍ଟା ତ୍ୟାଗ କରିଛି, ସେ ହିଁ ଗୁଣାତୀତ ଅଟେ ।**

## ଭାବାର୍ଥ

ଅର୍ଜୁନ ତିନୋଟି ପ୍ରଶ୍ନ ପଗ୍ଗରିଥିଲେ ଏବଂ ଭଗବାନ୍ ଗୋଟି ଗୋଟି କରି ସେଗୁଡ଼ିକର ଉତ୍ତର ଦେଉଛନ୍ତି । ଏ ଶ୍ଳୋକମାନଙ୍କରେ ପ୍ରଥମେ କୃଷ୍ଣ କହୁଛନ୍ତି ଯେ ଯେଉଁ ବ୍ୟକ୍ତି ଦିବ୍ୟସ୍ତରରେ ଅବସ୍ଥାନ କରୁଛନ୍ତି, ସେ କାହାରିକୁ ଘୃଣା କରନ୍ତି ନାହିଁ କିମ୍ବା କିଛି ପାଇବାକୁ ଆଶା କରନ୍ତି ନାହିଁ । ଯେତେବେଳେ ଜୀବ ଶରୀର ଧାରଣକରି ଏ ଭୌତିକ ଜଗତରେ ରହେ, ସେତେବେଳେ ବୁଝିବାକୁ ହେବ ଯେ ସେ ଭୂତପ୍ରକୃତିର ତ୍ରିଗୁଣ ମଧ୍ୟରୁ ଗୋଟିକର ନିୟନ୍ତ୍ରଣାଧୀନରେ ଅଛି । ସେ ଯେତେବେଳେ ବାସ୍ତବରେ ଶରୀରରୁ ମୁକ୍ତ ହୋଇଯାଏ, ସେତେବେଳେ ସେ ଭୂତପ୍ରକୃତିର ତ୍ରିଗୁଣର ନିୟନ୍ତ୍ରଣରୁ ମୁକ୍ତ ହୋଇଯାଏ, କିନ୍ତୁ ଯେ ପର୍ଯ୍ୟନ୍ତ ସେ ଭୌତିକ ଶରୀର ଧାରଣାରୁ ମୁକ୍ତ ନ ହୋଇଛି ସେ ପର୍ଯ୍ୟନ୍ତ ସେ ନିରପେକ୍ଷ ଭାବରେ ରହିବା ଉଚିତ୍ । ସେ ଭଗବାନଙ୍କର ସେବାରତ ହେବା ଉଚିତ୍, ତାହାହେଲେ ତା'ର ଏ ଭୌତିକ ଶରୀର ଧାରଣା ଆପେ ଆପେ ଭୁଲି ହୋଇଯିବ । ଯେତେବେଳେ ବ୍ୟକ୍ତି ଏ ଭୌତିକ ଶରୀର ପ୍ରତି ବିଶେଷ ଚେତନଶୀଳ ହୁଏ, ସେତେବେଳେ ସେ କେବଳ ଇନ୍ଦ୍ରିୟତୃପ୍ତି ନିମିତ୍ତ କାର୍ଯ୍ୟକରେ; କିନ୍ତୁ ଯେତେବେଳେ ବ୍ୟକ୍ତି ଚେତନାକୁ କୃଷ୍ଣଙ୍କ ଆଡ଼କୁ ନିଏ, ଅର୍ଥାତ୍ - କୃଷ୍ଣଚେତନଶୀଳ ହୁଏ, ସେତେବେଳେ ଇନ୍ଦ୍ରିୟ ତୃପ୍ତି ଆପେ ଆପେ ବନ୍ଦ ହୋଇଯାଏ । ବ୍ୟକ୍ତି ଏ ଜଡ଼ଶରୀରର ଆବଶ୍ୟକ କରେ ନାହିଁ, ଆଉମଧ୍ୟ ସେ ଜଡ଼ ଶରୀରର ଦାବୀକୁ ଗ୍ରହଣ କରିବା ଦରକାର ନାହିଁ । ତ୍ରିଗୁଣର ପ୍ରଭାବ ଏ ଶରୀର ଉପରେ ପଡ଼ିବ, କିନ୍ତୁ ଚିଦାତ୍ମା ହିସାବରେ ଆତ୍ମା ଏ ସବୁଥିରୁ ମୁକ୍ତ ଅଟେ । ସେ କିପରି ମୁକ୍ତ ହେବ ? ସେ ଏ ଶରୀଟିକୁ ଉପଭୋଗ କରିବାକୁ ଇଚ୍ଛା କରେ ନାହିଁ କିମ୍ବା ଏ ଶରୀରକୁ ମୁକ୍ତ ହେବାକୁ ମଧ୍ୟ ଇଚ୍ଛା କରେ ନାହିଁ । ଏହିପରି ଦିବ୍ୟସ୍ତରରେ ଅବସ୍ଥାନ କରି ଭକ୍ତ ଆପେ ଆପେ ମୁକ୍ତ ହୋଇଯାଏ । ସେ ଭୂତପ୍ରକୃତିର ତ୍ରିଗୁଣର ପ୍ରଭାବରୁ ମୁକ୍ତ ହେବାକୁ ଚେଷ୍ଟା କରିବା ଦରକାର ନାହିଁ ।

ଦ୍ୱିତୀୟ ପ୍ରଶ୍ନ ହେଲା ଗୁଣାତୀତ ବ୍ୟକ୍ତିର ହାବଭାବ କିପରି ? ଯେ ଭୌତିକ ଚେତନା ସ୍ତରରେ ଅବସ୍ଥାନ କରୁଛି, ସେ ମାନ-ଅପମାନ ପ୍ରତି ସର୍ବଦା ସଚେତନ । ମାନ ଅପମାନ ଏ ଶରୀର ପ୍ରତି ପ୍ରଯୁଜ୍ୟ, କିନ୍ତୁ ଦିବ୍ୟସ୍ତରରେ ଅବସ୍ଥାନ କରୁଥିବା ବ୍ୟକ୍ତି ଏପ୍ରକାର ମିଥ୍ୟା ମାନ-ଅପମାନରେ ପ୍ରଭାବିତ ହୁଏ ନାହିଁ । ସେ କୃଷ୍ଣଚେତନଶୀଳ ହୋଇ ନିଜର କର୍ତ୍ତବ୍ୟ ସଂପାଦନ କରେ ଏବଂ ଲୋକେ ତାକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି କି' ଅପମାନ ପ୍ରଦର୍ଶନ କରୁଛନ୍ତି ସେଥିପ୍ରତି ସେ ଦୃଷ୍ଟି ଦିଏ ନାହିଁ । କୃଷ୍ଣଚେତନାରେ କାର୍ଯ୍ୟ କରିବା ନିମିତ୍ତ ଯାହା ଅନୁକୂଳ ତାକୁହିଁ ସେ ଗ୍ରହଣ କରେ, ଅନ୍ୟକିଛି ସେ ଗ୍ରହେଁ ନାହିଁ । ସୁନା ମୁଣ୍ଡାଏ ହେଉ ବା ପଥରଟିଏ ହେଉ କୌଣସି ଭୌତିକ ପଦାର୍ଥ ସେ ଆବଶ୍ୟକ କରେ ନାହିଁ, ଯଦି ତାହା କୃଷ୍ଣଚେତନା ବୃଦ୍ଧି ଦିଗରେ ଅନୁକୂଳ ନୁହେଁ । ଯେଉଁମାନେ କୃଷ୍ଣଚେତନା ବୃଦ୍ଧି ଦିଗରେ ତାକୁ ସାହାଯ୍ୟ କରନ୍ତି ସେ ସମସ୍ତଙ୍କୁ ସେ ନିଜର ଅତି ଅନ୍ତରଙ୍ଗ ବନ୍ଧୁ ବୋଲି ଗ୍ରହଣ କରେ ଏବଂ ସେ ତା'ର ଶତ୍ରୁମାନଙ୍କୁ ମଧ୍ୟ ଘୃଣା କରେ ନାହିଁ । ସେ ବରାବର ସମଭାବାପନ୍ନ ଏବଂ ସମସ୍ତଙ୍କୁ ସମାନ

ଦୃଷ୍ଟିରେ ଦେଖେ, କାରଣ ସେ ଭଲଭାବରେ ଜାଣିଥାଏ ଯେ, ଏ ଭୌତିକସ୍ଥିତିରେ ତା'ର କିଛି ଯାଏ ଆସେ ନାହିଁ । ସାମାଜିକ ଓ ରାଜନୈତିକ ଘଟଣା ତାକୁ ପ୍ରଭାବିତ କରି ପାରନ୍ତି ନାହିଁ; କାରଣ ସେ ଜାଣିଥାଏ ଯେ, ଏ ସବୁ ଅସ୍ଥାୟୀ ବା ସାମୟିକ ଝଡ଼ଝଞ୍ଜା । ସେ ନିଜପାଇଁ କିଛି ଚେଷ୍ଟା କରେ ନାହିଁ । ସେ କୃଷ୍ଣପାଇଁ ସବୁ ଚେଷ୍ଟା କରିପାରେ, କିନ୍ତୁ ନିଜ ପାଇଁ କିଛି ପାଇବାକୁ ଚେଷ୍ଟାକରେ ନାହିଁ । ଏ ପ୍ରକାର ହାବଭାବ ଦ୍ୱାରା ବ୍ୟକ୍ତି ପ୍ରକୃତରେ ଦିବ୍ୟସ୍ତରରେ ତ୍ରିଗୁଣାତୀତ ଅବସ୍ଥାରେ ଅବସ୍ଥାନ କରିପାରେ ।

## ଶ୍ଳୋକ - ୨୬

**ମାଂ ଚ ଯୋଽବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ ।**
**ସ ଗୁଣାନ୍ ସମତୀତ୍ୟୈତାନ୍ ବ୍ରହ୍ମଭୂୟାୟ କଳ୍ପତେ ।।୨୬।।**

## ଶବ୍ଦାନୁବାଦ

ମାମ୍=ମୋତେ; ଚ=ମଧ୍ୟ; ଯଃ=ଯେଉଁବ୍ୟକ୍ତି; ଅବ୍ୟଭିଚାରେଣ=ଦୃଢ଼ଭାବରେ; ଭକ୍ତି-ଯୋଗେନ=ଭକ୍ତିଯୋଗରେ; ସେବତେ=ସେବାକରେ; ସଃ=ସେ; ଗୁଣାନ୍=ଭୂତପ୍ରକୃତିର ତ୍ରିଗୁଣକୁ; ସମତୀତ୍ୟ=ଅତିକ୍ରମ କରି; ଏତାନ୍=ଏସବୁ; ବ୍ରହ୍ମ-ଭୂୟାୟ=ବ୍ରହ୍ମ ଭୂତ ସ୍ତରକୁ ଉନ୍ନୀତ ହେବାପାଇଁ; କଳ୍ପତେ=ବିଚାର କରାଯାଏ ।

## ଅନୁବାଦ

**ଯେଉଁବ୍ୟକ୍ତି ପୂର୍ଣ୍ଣପ୍ରାଣରେ ଭକ୍ତିଯୋଗରେ ଅତ୍ୟନ୍ତ ଦୃଢ଼ଭାବରେ ଲାଗିରହେ, ଯାହାର କୌଣସି ଅବସ୍ଥାରେ ବି ପତନ ହୁଏ ନାହିଁ, ସେ ସାଙ୍ଗେ ସାଙ୍ଗେ ଭୂତପ୍ରକୃତିର ତ୍ରିଗୁଣକୁ ଅତିକ୍ରମ କରିଯାଏ ଏବଂ ଏହିପରି ବ୍ରହ୍ମଭୂତ ସ୍ତରକୁ ଆସେ ।**

## ଭାବାର୍ଥ

ଅର୍ଜୁନଙ୍କର ତୃତୀୟ ପ୍ରଶ୍ନର ଉତ୍ତର ଏ ଶ୍ଳୋକରେ ଦିଆଯାଉଅଛି । ଅର୍ଜୁନଙ୍କର ତୃତୀୟ ପ୍ରଶ୍ନ ଥିଲା - ବ୍ରହ୍ମଭୂତ ଅବସ୍ଥା (ଦିବ୍ୟସ୍ତର) ପ୍ରାପ୍ତ ହେବାର ଉପାୟ କ'ଣ ? ପୂର୍ବରୁ କୁହାଯାଇଛି ଯେ ଏ ଭୌତିକ ଜଗତ ଭୂତପ୍ରକୃତିର ଗୁଣାନୁଯାୟୀ କାର୍ଯ୍ୟ କରୁଛି ଅର୍ଥାତ୍- ଭୂତପ୍ରକୃତିର ତ୍ରିଗୁଣର ନିୟନ୍ତ୍ରଣାଧୀନ । ବ୍ୟକ୍ତି ପ୍ରକୃତିର ଗୁଣମାନଙ୍କର କ୍ରିୟାରେ ବିଚଳିତ ହେବା ଉଚିତ୍ ନୁହେଁ; ସେ ଭୌତିକ ଚେତନାରେ ରହି କାର୍ଯ୍ୟ କରିବା ପରିବର୍ତ୍ତେ ସେ ତା'ର ଚେତାନକୁ କୃଷ୍ଣଙ୍କ ଆଡ଼କୁ ଦେଇ କାର୍ଯ୍ୟ କରିବା ଉଚିତ୍; ଅର୍ଥାତ୍ ସେ ତା'ର ଚେତନାକୁ ଭୌତିକ ସ୍ତରରୁ ଦିବ୍ୟସ୍ତରକୁ ଅର୍ଥାତ୍ କୃଷ୍ଣଭାବନା ସ୍ତରକୁ ପରିବର୍ତ୍ତନ କରିବା ଉଚିତ୍ । କୃଷ୍ଣକର୍ମକୁ ଭକ୍ତିଯୋଗ କୁହାଯାଏ-ସର୍ବଦା କୃଷ୍ଣଙ୍କ ନିମିତ୍ତ କର୍ମରତ । ଏହା କେବଳ ଯେ କୃଷ୍ଣଙ୍କଠାରେ କେନ୍ଦ୍ରୀତ ତାହା ନୁହେଁ, ଏହା ମଧ୍ୟ ରାମ ଓ ନାରାୟଣ ପ୍ରଭୃତି ତାଙ୍କର ବିଭିନ୍ନ ବିସ୍ତୃତାଂଶମାନଙ୍କଠାରେ ମଧ୍ୟ କେନ୍ଦ୍ରୀଭୂତ ହୋଇପାରେ । ତାଙ୍କର ଅସଂଖ୍ୟ ବିସ୍ତୃତାଂଶ ଅଛି । ଯେ କୃଷ୍ଣଙ୍କର ଯେ କୌଣସି ରୂପର ସେବାରେ ନିଯୁକ୍ତ କିମ୍ବା ତାଙ୍କର ଯେ କୌଣସି ବିସ୍ତୃତାଂଶର ସେବାରେ ନିଯୁକ୍ତ, ସେ ବ୍ରହ୍ମଭୂତ ଅବସ୍ଥା ପ୍ରାପ୍ତ ହୋଇଛି ବୋଲି କୁହାଯାଏ । ବ୍ୟକ୍ତି ଏକଥା ଜାଣିରଖିବା ଉଚିତ୍ ଯେ

କୃଷ୍ଣଙ୍କର ସମସ୍ତରୂପ ସଂପୂର୍ଣ୍ଣରୂପେ ଦିବ୍ୟ, ଆନନ୍ଦମୟ, ଜ୍ଞାନପୂର୍ଣ୍ଣ ଓ ସନାତନ ଅଟେ । ଭଗବାନଙ୍କର ଏସବୁ ରୂପ ସର୍ବଶକ୍ତିମାନ, ସର୍ବବ୍ୟାପକ ଏବଂ ସେମାନେ ସମସ୍ତ ଦିବ୍ୟଗୁଣର ଅଧିକାରୀ । ତେଣୁ ଯଦି କୌଣସି ବ୍ୟକ୍ତି ଅତି ନିଷ୍ଠା ଓ ଦୃଢ଼ତାର ସହିତ କୃଷ୍ଣସେବାରତ ହୁଏ କିମ୍ବା ତାଙ୍କର ବିସ୍ତୃତାଂଶ (ସ୍ୱାଂଶ)ମାନଙ୍କର ସେବାରତ ହୁଏ ସେ ଅତି ସହଜରେ ଭୂତପ୍ରକୃତିର ଏ ତ୍ରିଗୁଣକୁ ଅତିକ୍ରମ କରିଯାଇପାରେ । ଯଦିଓ ଭୂତପ୍ରକୃତିର ତ୍ରିଗୁଣକୁ ଅତିକ୍ରମ କରିବା ଅତି କଠିନ, ତଥାପି ଭକ୍ତ (ଅର୍ଥାତ୍ ଯେ କୃଷ୍ଣ ସେବାରତ) ଅତି ସହଜରେ ତାହା ଅତିକ୍ରମ କରିଯାଏ । ଏହା ସପ୍ତମ ଅଧ୍ୟାୟରେ କୁହାଯାଇ ସାରିଛି । ଯେ କୃଷ୍ଣଙ୍କଠାରେ ସଂପୂର୍ଣ୍ଣରୂପେ ଆତ୍ମସମର୍ପଣ କରେ, ସେ ସଙ୍ଗେ ସଙ୍ଗେ ଭୂତପ୍ରକୃତିର ତ୍ରିଗୁଣାତ୍ମକ ପ୍ରଭାବରୁ ମୁକ୍ତ ହୋଇଯାଏ । କୃଷ୍ଣଚେତନାରେ ରହିବା କିମ୍ବା ଭକ୍ତିଯୋଗରେ ସେବାରତ ହେବାର ଅର୍ଥ କୃଷ୍ଣଙ୍କର ସାମ୍ୟତା ଲାଭ କରିବା । ଭଗବାନ୍ କହୁଛନ୍ତି ଯେ ତାଙ୍କର ପ୍ରକୃତି ହେଉଛି ସନାତନ, ଆନନ୍ଦମୟ ଓ ଜ୍ଞାନପୂର୍ଣ୍ଣ । ଯେପରି ସ୍ୱର୍ଣ୍ଣକଣାଗୁଡ଼ିକ ସୁନାଖଣିର ଅଂଶବିଶେଷ ସେହିପରି ଜୀବଗଣ ପରମାତ୍ମାଙ୍କର ଅଂଶବିଶେଷ ଅଟନ୍ତି । ଏହିପରି ଜୀବର ଦିବ୍ୟ ଅବସ୍ଥାନ ସୁନାପରି ଅର୍ଥାତ୍ ଗୁଣରେ କୃଷ୍ଣଙ୍କ ସହ ସମାନ । ବ୍ୟକ୍ତିତ୍ୱର ବିଭିନ୍ନତା ବରାବର ରହିଛି; ତାହା ନହେଲେ ଭକ୍ତିଯୋଗର ପ୍ରଶ୍ନ ଉଠିବ ନାହିଁ । ଭକ୍ତି ଯୋଗର ଅର୍ଥ ହେଲା ଭଗବାନ୍ ଅଛନ୍ତି, ଭକ୍ତ ଅଛି ଏବଂ ଭଗବାନ୍ ଓ ଭକ୍ତଙ୍କ ମଧ୍ୟରେ ସ୍ନେହର ଆଦାନପ୍ରଦାନ ସମ୍ବନ୍ଧୀୟ କାର୍ଯ୍ୟାବଳୀ (ବା ସେବା) ଅଛି । ତେଣୁ ପରମପୁରୁଷ ଭଗବାନ୍ ଏବଂ ଜୀବ (ବା ଭକ୍ତ) ଏ ଦୁଇଟି ବ୍ୟକ୍ତିତ୍ୱ ବରାବର ରହିଛି; ତାହା ନହେଲେ ଭକ୍ତିଯୋଗର ମାନେ କିଛି ନାହିଁ । ଯଦି ବ୍ୟକ୍ତି ଭଗବାନଙ୍କ ସହ ଏକ ଦିବ୍ୟସ୍ତରରେ ଅବସ୍ଥାନ ନକରେ, ସେ କଦାପି ଭଗବାନଙ୍କର ସେବା କରିପାରିବ ନାହିଁ । କୌଣସି ରାଜାଙ୍କର ବିଶ୍ୱସ୍ତ ସହକାରୀ ହେବାକୁ ହେଲେ ବ୍ୟକ୍ତିକୁ ସେହି ଅନୁଯାୟୀ ଯୋଗ୍ୟତା ହାସଲ କରିବାକୁ ପଡ଼ିବ । ତେଣୁ ଯୋଗ୍ୟତା ହେଲା 'ବ୍ରହ୍ମନ୍' ହେବା ଅର୍ଥାତ୍ ସମସ୍ତପ୍ରକାର ଭୌତିକ ଦୋଷରୁ ମୁକ୍ତ ହେବା । ବୈଦିକ ସାହିତ୍ୟରେ କୁହାଯାଇଛି, *''ବ୍ରହ୍ମୈବ ସନ୍ ବ୍ରହ୍ମାପ୍ୟେତି''* । ବ୍ୟକ୍ତି ନିଜେ 'ବ୍ରହ୍ମ' ହେଲେ ପରମ ବ୍ରହ୍ମ' ସ୍ତର ପ୍ରାପ୍ତ ହେବ । ଏହାର ଅର୍ଥ ହେଲା ବ୍ୟକ୍ତିକୁ ଗୁଣାତ୍ମକ ଭାବରେ ବ୍ରହ୍ମଙ୍କ ସହ ଏକ ହେବାକୁ ପଡ଼ିବ । ବ୍ରହ୍ମଭୂତ ଅବସ୍ଥା ପ୍ରାପ୍ତ ହେବାଦ୍ୱାରା ବ୍ୟକ୍ତି ତା'ର ଶାଶ୍ୱତ ବ୍ୟକ୍ତିତ୍ୱ, ଅର୍ଥାତ୍— ଜୀବାତ୍ମା ହିସାବରେ ସେ ଯେ ଏକ ବ୍ରହ୍ମ-ଏ ବ୍ୟକ୍ତିତ୍ୱ ହରାଏ ନାହିଁ ।

## ଶ୍ଳୋକ - ୨୭

**ବ୍ରହ୍ମଣୋ ହି ପ୍ରତିଷ୍ଠାହମମୃତସ୍ୟାବ୍ୟୟସ୍ୟ ଚ ।**
**ଶାଶ୍ୱତସ୍ୟ ଚ ଧର୍ମସ୍ୟ ସୁଖସ୍ୟୈକାନ୍ତିକସ୍ୟ ଚ ।। ୨୭ ।।**

## ଶବ୍ଦାନୁବାଦ

ବ୍ରହ୍ମଣଃ=ନିର୍ବିଶେଷ ବ୍ରହ୍ମଜ୍ୟୋତିର; ହି=ନିଶ୍ଚିତଭାବେ; ପ୍ରତିଷ୍ଠା=ଆଶ୍ରୟସ୍ଥଳ; ଅହମ୍=ମୁଁ; ଅମୃତସ୍ୟ=ଅଚ୍ୟୁତର; ଅବ୍ୟୟସ୍ୟ=ଅମରର; ଚ=ମଧ୍ୟ; ଶାଶ୍ୱତସ୍ୟ=ଚିରସ୍ଥାୟୀର; ଚ=ଏବଂ; ଧର୍ମସ୍ୟ=ସ୍ୱରୂପସ୍ଥିତିର; ସୁଖସ୍ୟ=ସୁଖର; ଐକାନ୍ତିକସ୍ୟ=ଅନ୍ତିମର; ଚ=ମଧ୍ୟ ।

## ଅନୁବାଦ

**ନିର୍ବିଶେଷ ବ୍ରହ୍ମଜ୍ୟୋତିର ମୁଁ ହେଉଛି ଆଧାର । ତାହା ହେଉଛି ଅନ୍ତିମ ସୁଖର ସ୍ୱରୂପସ୍ଥିତି ଏବଂ ତାହା ଅମର, ଅଚ୍ୟୁତ ଏବଂ ଶାଶ୍ୱତ ଅଟେ ।**

## ଭାବାର୍ଥ

ଅମରତ୍ୱ, ଅଚ୍ୟୁତଭାବ, ଶାଶ୍ୱତଭାବ ଏବଂ ସୁଖକୁ ନେଇ 'ବ୍ରହ୍ମନ୍' ଗଠିତ । ବ୍ରହ୍ମନ୍ ଅନୁଭୂତି ହେଉଛି ଦିବ୍ୟାନୁଭୂତିର ପ୍ରାଥମିକ ଅନୁଭୂତି । ପରମାତ୍ମା ଅନୁଭୂତି ହେଉଛି, ମଧ୍ୟସ୍ତର ବା ଦ୍ୱିତୀୟ ସ୍ତରର ଅନୁଭୂତି ଏବଂ ପରମପୁରୁଷ ଭଗବାନଙ୍କର ଅନୁଭୂତି ଲାଭକରିବା ହେଉଛି ପରମ ବ୍ରହ୍ମାନୁଭୂତିର ଅନ୍ତିମ ଅନୁଭୂତି । ତେଣୁ ଉଭୟ ପରମାତ୍ମା ଏବଂ ନିର୍ବିଶେଷ ବ୍ରହ୍ମ ପରମପୁରୁଷ ଭଗବାନଙ୍କର ଅନ୍ତର୍ଗତ । ସପ୍ତମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ଯେ ଭୌତିକ ପ୍ରକୃତି ପରମେଶ୍ୱରଙ୍କର ନିକୃଷ୍ଟ ଶକ୍ତିର ପ୍ରକାଶ ଅଟେ । ଭଗବାନ୍, ଉତ୍କୃଷ୍ଟ ଶକ୍ତରି ଅଂଶଦ୍ୱାରା ନିକୃଷ୍ଟ ଭୌତିକ ଶକ୍ତି ମଧ୍ୟରେ ଗର୍ଭସଞ୍ଚାର କରନ୍ତି ଏବଂ ତାହା ଭୂତପ୍ରକୃତିରେ ଦିବ୍ୟତାର ସ୍ପର୍ଶ ଅଟେ । ଯେତେବେଳେ ଭୂତପ୍ରକୃତିଦ୍ୱାରା ବଦ୍ଧଜୀବ ଆତ୍ମଜ୍ଞାନ ଲାଭ କରିବାକୁ ଆରମ୍ଭ କରେ, ସେତେବେଳେ ସେ ଭୌତିକସ୍ଥିତିର ସ୍ତରରୁ ନିଜକୁ ଉନ୍ନୀତ କରାଏ ଏବଂ କ୍ରମେ ସେ ଉନ୍ନତି କରି ପରମେଶ୍ୱରଙ୍କର 'ବ୍ରହ୍ମ ଧାରଣା' ସ୍ତରରେ ଉପନୀତ ହୁଏ । ଜୀବନରେ ଏହି 'ବ୍ରହ୍ମାନୁଭୂତି' ବା 'ବ୍ରହ୍ମଧାରଣାସ୍ତର' ଅନୁଭୂତିର ପ୍ରଥମ ସୋପାନ ଅଟେ ବା ସ୍ତର ଅଟେ । ଏହି ସ୍ତରରେ ବ୍ରହ୍ମାନୁଭୂତି ଲାଭ କରିଥିବା ବ୍ୟକ୍ତି ଭୌତିକସ୍ଥିତିର ଊର୍ଦ୍ଧ୍ୱରେ ଅବସ୍ଥିତ, କିନ୍ତୁ ସେ ବ୍ରହ୍ମାନୁଭୂତି ଲାଭରେ ବାସ୍ତବ ପୂର୍ଣ୍ଣତା ଲାଭ କରି ନଥାଏ । ଯଦି ସେ ଇଚ୍ଛାକରେ, ତେବେ ସେ ଏହି 'ବ୍ରହ୍ମାନୁଭୂତି' ସ୍ତରରେ ଅବସ୍ଥାନ କରିପାରେ ତତ୍ପରେ କ୍ରମେ ସେ ଉନ୍ନତି କରି ପରମାତ୍ମା ଅନୁଭୂତି ଲାଭକରେ ଏବଂ ତତ୍ପରେ ସେ ପରମପୁରୁଷ ଭଗବାନ୍-ଅନୁଭୂତି ଲାଭକରେ । ବୈଦିକ ସାହିତ୍ୟରେ ଏହାର ଅନେକ ଉଦାହରଣ ଅଛି । ଚତୁଃକୁମାର ପ୍ରଥମେ ନିର୍ବିଶେଷ ବ୍ରହ୍ମଧାରଣା ସ୍ତରରେ ଅବସ୍ଥାନ କରୁଥିଲେ, କିନ୍ତୁ ତତ୍ପରେ ସେମାନେ କ୍ରମେ ଭକ୍ତିଯୋଗ ସ୍ତରକୁ ଉନ୍ନତି କଲେ । ଯେଉଁ ବ୍ୟକ୍ତି ନିର୍ବିଶେଷ ବ୍ରହ୍ମଧାରଣା ସ୍ତରରୁ ଊର୍ଦ୍ଧ୍ୱକୁ ଉନ୍ନତି ନ କରିପାରେ, ତାର ଅଧୋପତନ ହେବାର ସମ୍ଭାବନା ଖୁବ୍ ବେଶୀ । ଶ୍ରୀମଦ୍ ଭାଗବତମ୍‌ରେ କୁହାଯାଇଛି ଯେ, ଯଦି କୌଣସି ବ୍ୟକ୍ତି ନିର୍ବିଶେଷ ବ୍ରହ୍ମଧାରଣା ସ୍ତରରୁ ଉନ୍ନତି କରି ଆଉ ଅଧିକ ଗତି କରିପାରି ନଥାଏ, ଅର୍ଥାତ୍ - ପରମପୁରୁଷ ଭଗବାନଙ୍କର ଧାରଣା ଲାଭକରି ପାରି ନଥାଏ, ତାହାହେଲେ ତା'ର ବୁଦ୍ଧି ଯେ ସଂପୂର୍ଣ୍ଣ ସ୍ୱଚ୍ଛ ଏହା କୁହାଯାଇ ପାରିବ ନାହିଁ । ତେଣୁ 'ବ୍ରହ୍ମଧାରଣା ସ୍ତର'କୁ ଉନ୍ନତି କରିବା ସତ୍ତ୍ୱେ ବ୍ୟକ୍ତିର ଅଧୋପତନ ହେବାର ଖୁବ୍ ସମ୍ଭାବନା ଅଛି, ଯଦି ସେ ଭଗବାନଙ୍କର ସେବାରତ ନ ହୁଏ ଅର୍ଥାତ୍ ଭକ୍ତିଯୋଗ ମାର୍ଗରେ ଭଗବତ୍ ସେବାରେ ନିଜକୁ ନିଯୁକ୍ତ ନକରେ । ବୈଦିକ ଭାଷାରେ ମଧ୍ୟ କୁହାଯାଇଛି — *''ରସୋ ବୈ ସଃ । ରସଂ ହି ଏବାୟଂ ଲବ୍‌ଧ୍ୱାନନ୍ଦୀ ଭବତି ।''* ଅର୍ଥାତ୍ ''ଯେତେବେଳେ ବ୍ୟକ୍ତି ଆନନ୍ଦର ସରୋବର ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବୁଝିପାରେ ସେତେବେଳେ ସେ ବାସ୍ତବରେ ଦିବ୍ୟ ଆନନ୍ଦ ଲାଭକରେ ।'' ପରମେଶ୍ୱର ଛ'ଟି ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ଏବଂ ଯେତେବେଳେ ଏକ ଭକ୍ତ ତାଙ୍କ ନିକଟରେ ପହଞ୍ଚେ, ସେତେବେଳେ ସେମାନଙ୍କ ମଧ୍ୟରେ ଏ ଷଡ଼ୈଶ୍ୱର୍ଯ୍ୟର

ଆଦାନପ୍ରଦାନ ହୁଏ । ରାଜାଙ୍କର ଭୃତ୍ୟ ବା ସେବକ ପ୍ରାୟ ରାଜାଙ୍କ ସହିତ ସମାନ ସ୍ତରରେ ଐଶ୍ୱର୍ଯ୍ୟ ଭୋଗକରେ ଏବଂ ସେଇଥିପାଇଁ ଶାଶ୍ୱତ ସୁଖ, ଅବ୍ୟୟ ସୁଖ, ଶାଶ୍ୱତ ଜୀବନ- ଏସବୁ ଭକ୍ତିଯୋଗର ଅନୁସରଣ କରେ । ତେଣୁ ବ୍ରହ୍ମାନୁଭୂତି ବା ଶାଶ୍ୱତଭାବ ବା ଅବ୍ୟୟ ଭାବାନୁଭୂତି ଲାଭ ଭକ୍ତିଯୋଗର ଅନ୍ତର୍ଗତ ଅଟେ । ଯେଉଁ ବ୍ୟକ୍ତି ଭକ୍ତିଯୋଗ ମାର୍ଗରେ ସେବାରତ ଅଛି ସେ ଏସବୁ ଅନୁଭୂତି ଲାଭ କରି ସାରିଛି ।

ଯଦିଓ ଜୀବ ସ୍ୱାଭାବିକଭାବେ 'ବ୍ରହ୍ମନ୍' ଅଟେ ତଥାପି ଭୌତିକ ଜଗତର ପ୍ରଭୁ ହେବାକୁ ତା'ର କାମନା ଅଛି । ଏଇଥିପାଇଁ ତା'ର ପତନ ହୋଇଛି । ତା'ର ସ୍ୱରୂପ ସ୍ଥିତିରେ ଜୀବ ପ୍ରକୃତିର ତ୍ରିଗୁଣର ଉର୍ଦ୍ଧ୍ୱରେ ଅବସ୍ଥିତ, କିନ୍ତୁ ଭୂତପ୍ରକୃତିର ସଂସ୍ପର୍ଶରେ ଆସିବା ଯୋଗୁ ସେ ସତ୍ତ୍ୱ, ରଜ ଓ ତମ ଆଦି ପ୍ରକୃତିର ଗୁଣଦ୍ୱାରା ପ୍ରଭାବିତ ହୁଏ । ଏ ତ୍ରିଗୁଣର ସଂସ୍ପର୍ଶ ଯୋଗୁ ତା'ର ଏ ଭୌତିକ ଜଗତର ପ୍ରଭୁ ହେବାର କାମନା ରହୁଛି । ପୂର୍ଣ୍ଣ କୃଷ୍ଣଚେତନାରେ ସେବାରତ ହେଲେ ସେ ସାଙ୍ଗେ ସାଙ୍ଗେ ଦିବ୍ୟସ୍ତରରେ ଅବସ୍ଥାନ କରେ ଏବଂ ଭୂତପ୍ରକୃତିକୁ ଆୟତ୍ତାଧୀନ କରିବାର ଯେଉଁ ଅବୈଧାନିକ କାମନା ତା'ର ଥାଏ ତାହା ସାଙ୍ଗେ ସାଙ୍ଗେ ଦୂରୀଭୂତ ହୋଇଯାଏ । ତେଣୁ ଶ୍ରବଣ, କୀର୍ତ୍ତନ, ସ୍ମରଣ ଆଦିରୁ ଆରମ୍ଭ ହୋଇଥିବା ଅନୁମୋଦିତ ନବଧା ଭକ୍ତିଯୋଗ ମାର୍ଗ ଭକ୍ତମେଳରେ ଅଭ୍ୟାସ କରିବା ଉଚିତ୍ । କ୍ରମେ ଏପରି ସତ୍‌ସଙ୍ଗ ଦ୍ୱାରା ଗୁରୁ ବା ଆଚାର୍ଯ୍ୟଙ୍କ ପ୍ରଭାବରୁ ବ୍ୟକ୍ତିର ଭୂତପ୍ରକୃତିକୁ ଉପଭୋଗ କରିବାର କାମନା ଦୂରୀଭୂତ ହୁଏ ଏବଂ ସେ ଭଗବାନଙ୍କର ଦିବ୍ୟସେବାରେ ଦୃଢ଼ଭାବରେ ଅବସ୍ଥାନ କରେ । ଏହି ଅଧ୍ୟାୟର ୨୨ଶ ଶ୍ଳୋକଠାରୁ ଶେଷ ଶ୍ଳୋକ ପର୍ଯ୍ୟନ୍ତ ଏହି ବିଧି ବର୍ଣ୍ଣନା କରାଯାଇଛି । ଭକ୍ତିଯୋଗ ମାର୍ଗରେ ଭଗବତ୍ ସେବା ଅତ୍ୟନ୍ତ ସହଜ । ବ୍ୟକ୍ତି ସର୍ବଦା ନିଜକୁ ଭଗବାନଙ୍କ ସେବାରେ ନିଯୁକ୍ତ ରଖିବା ଉଚିତ୍, ଭଗବାନଙ୍କୁ ଅର୍ପଣ କରାଯାଇଥିବା ପ୍ରସାଦ-ମହାପ୍ରସାଦ-ସେବନ କରିବା ଉଚିତ୍, ଭଗବାନଙ୍କର ପାଦପଦ୍ମରେ ଅର୍ପିତ ପୁଷ୍ପରାଜିକୁ ଆଘ୍ରାଣ କରିବା ଉଚିତ୍, ଭଗବାନ୍ ଯେଉଁସବୁ ସ୍ଥାନରେ ଦିବ୍ୟଲୀଳା କରିଥିଲେ ସେ ସ୍ଥାନମାନ ପରିଦର୍ଶନ କରିବା ଉଚିତ୍, ଭଗବାନଙ୍କର ଦିବ୍ୟଲୀଳା ବିଷୟ ପାଠ କରିବା ଉଚିତ୍, ସେ ତାଙ୍କର ଭକ୍ତମାନଙ୍କ ସହିତ କିପରି ସ୍ନେହର ଆଦାନପ୍ରଦାନ କରିଛନ୍ତି, ଅର୍ଥାତ୍ ଭକ୍ତ-ଆଖ୍ୟାନ ପାଠ କରିବା ଉଚିତ୍; ସର୍ବଦା ଏ ଦିବ୍ୟଧ୍ୱନି ଅର୍ଥାତ୍, *"ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ । ହରେରାମ ହରେରାମ ରାମ ରାମ ହରେ ହରେ"* କୀର୍ତ୍ତନ କରିବା ଉଚିତ୍, ଭଗବାନ୍ ଏବଂ ତାଙ୍କ ଭକ୍ତମାନଙ୍କର ଆବିର୍ଭାବ ଓ ତିରୋଭାବ ଦିବସମାନ ପାଳନ କରିବା ଉଚିତ, ଅର୍ଥାତ୍ ସେ ଦିବସମାନଙ୍କରେ ଉପବାସ କରି ଭଗବାନଙ୍କୁ ସ୍ମରଣ କରିବା ଉଚିତ୍ । ଏହିପ୍ରକାର ବିଧି ଅବଲମ୍ବନ କଲେ ବ୍ୟକ୍ତି ସଂପୂର୍ଣ୍ଣରୂପେ ସମସ୍ତପ୍ରକାର ଭୌତିକ କର୍ମରୁ ଦୂରେଇ ଯିବ । ଏହି ପ୍ରକାରେ ଯେଉଁ ବ୍ୟକ୍ତି ବ୍ରହ୍ମଜ୍ୟୋତିରେ ଅବସ୍ଥାନ କରିପାରେ ସେ ଗୁଣରେ ପରମ ପୁରୁଷ ଭଗବାନଙ୍କ ସହ ସମାନ ।

**ଭକ୍ତିବେଦାନ୍ତଭାଷ୍ୟର ଶ୍ରୀମଦ୍‌ଭଗବଦ୍ ଗୀତାର "ଗୁଣତ୍ରୟବିଭାଗଯୋଗ" ଶୀର୍ଷକ ଚତୁର୍ଦ୍ଦଶ ଅଧ୍ୟାୟ ଶେଷହେଲା ।**

—୦—

# ପଞ୍ଚଦଶ ଅଧ୍ୟାୟ

# ପୁରୁଷୋତ୍ତମ ଯୋଗ

## (ପରମପୁରୁଷଙ୍କ ଯୋଗ)

### ଶ୍ଲୋକ -୧

**ଶ୍ରୀଭଗବାନୁବାଚ**

**ଉର୍ଦ୍ଧ୍ୱମୂଳମଧଃଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟମ୍ ।**
**ଛନ୍ଦାଂସି ଯସ୍ୟ ପର୍ଣ୍ଣାନି ଯସ୍ତଂ ବେଦ ସ ବେଦବିତ୍ ।।୧।।**

### ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ପରମ ପୁରୁଷ ଭଗବାନ୍ କହିଲେ; ଉର୍ଦ୍ଧ୍ୱ-ମୂଳମ୍=ମୂଳ ଉର୍ଦ୍ଧ୍ୱକୁ; ଅଧଃ=ତଳକୁ; ଶାଖମ୍=ଶାଖାସବୁ; ଅଶ୍ୱତ୍ଥମ୍=ଅଶ୍ୱତ୍ଥବୃକ୍ଷ; ପ୍ରାହୁଃ=କୁହାଯାଏ; ଅବ୍ୟୟମ୍=ଶାଶ୍ୱତ; ଛନ୍ଦାଂସି=ବେଦମନ୍ତ୍ରମାନ; ଯସ୍ୟ=ଯାହାର; ପର୍ଣ୍ଣାନି=ପତ୍ରସବୁ; ଯଃ=ଯେ; ତମ୍=ତାହା; ବେଦ=ଜାଣେ; ସଃ=ସେ; ବେଦ-ବିତ୍=ବେଦଜ୍ଞ ଅଟେ ।

### ଅନୁବାଦ

ଶ୍ରୀ ଭଗବାନ୍ କହିଲେ, ଏକ ଅଶ୍ୱତ୍ଥ ବୃକ୍ଷ ଅଛି, ଯାହାର ମୂଳସବୁ ଉର୍ଦ୍ଧ୍ୱକୁ ଏବଂ ଶାଖାସବୁ ତଳକୁ ଏବଂ ଯାହାର ପତ୍ରସବୁ ବେଦମନ୍ତ୍ର ଅଟେ । ଯେ ଏହି ବୃକ୍ଷକୁ ଜାଣେ ସେ ବେଦଜ୍ଞ ଅଟେ ।

## ଭାବାର୍ଥ

ଭକ୍ତିଯୋଗର ବୈଶିଷ୍ଟ୍ୟ ସମ୍ବନ୍ଧୀୟ ଆଲୋଚନା ଶୁଣି ସାରିଲାପରେ ବ୍ୟକ୍ତି ଏହି ପ୍ରଶ୍ନ କରିପାରେ, 'ବେଦ ତାହାହେଲେ କ'ଣ ?'' ଏହି ଅଧ୍ୟାୟରେ କୁହାଯାଇଛି ଯେ ବେଦ ଅଧ୍ୟୟନର ଉଦ୍ଦେଶ୍ୟ ହେଲା କୃଷ୍ଣଙ୍କୁ ଜାଣିବା । ତେଣୁ ଯେ କୃଷ୍ଣଚେତନଶୀଳ, ଯେ ଭକ୍ତିଯୋଗ ମାର୍ଗରେ କୃଷ୍ଣ ସେବାରତ, ସେ ନିଶ୍ଚୟ ବେଦ ଜାଣିଛି ।

ଏ ଭୌତିକ ଜଗତର ବନ୍ଧନକୁ ଏଠାରେ ଅଶ୍ୱତ୍ଥ ବୃକ୍ଷ ସଙ୍ଗେ ତୁଳନା କରାଯାଇଅଛି । ଯେ ସକାମ କର୍ମରେ ନିଯୁକ୍ତ, ତା'ପକ୍ଷରେ ସେ ଅଶ୍ୱତ୍ଥ ବୃକ୍ଷର ଅନ୍ତ ନାହିଁ । ସେ ଗୋଟିଏ ଶାଖାରୁ ଆଉ ଗୋଟିଏ ଶାଖା, ପୁଣି ଗୋଟିଏ ଶାଖା, ଆଉ ଗୋଟିଏ ଶାଖା-ଏହିପରି ଡେଇଁଥାଏ । ଏ ଭୌତିକ ଜଗତରୂପ ବୃକ୍ଷର ଅନ୍ତ ନାହିଁ ଏବଂ ଯେ ଏହି ବୃକ୍ଷସହ ସଂପୃକ୍ତ (ବା ଆସକ୍ତ) ତା' ପକ୍ଷରେ ମୁକ୍ତିର ସମ୍ଭାବନା ନାହିଁ । ବେଦମନ୍ତ୍ରମାନ,, ଯାହାକି ବ୍ୟକ୍ତିକୁ ଉପରକୁ ଉଠାଏ, ସେଗୁଡ଼ିକୁ ଏ ବୃକ୍ଷର ପତ୍ର କୁହାଯାଏ । ଏହି ବୃକ୍ଷର ମୂଳସବୁ ଊର୍ଦ୍ଧ୍ୱଦେଶକୁ ବିସ୍ତୃତ; କାରଣ ସେଗୁଡ଼ିକ ଏ ବ୍ରହ୍ମାଣ୍ଡର ସର୍ବୋଚ୍ଚ ଲୋକ— ବ୍ରହ୍ମଲୋକରୁ ଆରମ୍ଭ; ଅର୍ଥାତ୍ -ତାହା ବ୍ରହ୍ମାଙ୍କର ଅବସ୍ଥାନ-ସ୍ଥଳୀରୁ ଆରମ୍ଭ । ଯଦି ବ୍ୟକ୍ତି ଏହି ଶାଶ୍ୱତ ମାୟାବୃକ୍ଷକୁ ବୁଝିପାରେ, ତାହାହେଲେ ସେ ଏଥିରୁ ଉଦ୍ଧାର ପାଇପାରେ । ଏ ମୁକ୍ତିର ପନ୍ଥାକୁ ବୁଝିବାକୁ ପଡ଼ିବ । ପୂର୍ବବର୍ତ୍ତୀ ଅଧ୍ୟାୟମାନଙ୍କରେ କୁହାଯାଇଛି ଯେ, ଏ ଭୌତିକ ବନ୍ଧନରୁ ଉଦ୍ଧାର ପାଇବାର ଅନେକ ପନ୍ଥା ଅଛି ଏବଂ ତ୍ରୟୋଦଶ ଅଧ୍ୟାୟ ପର୍ଯ୍ୟନ୍ତ ଆମେ ଦେଖିଛୁ ଯେ, ଭକ୍ତିଯୋଗ (ବା ପରମପୁରୁଷ ଭଗବାନଙ୍କର ସେବା) ହିଁ ସର୍ବୋତ୍ତମ ଅଟେ । ବର୍ତ୍ତମାନ, ଭକ୍ତିଯୋଗର ମୌଳିକ ନୀତି ହେଲା ଭୌତିକ କର୍ମରୁ ଦୂରେଇ ଯିବା ଏବଂ ଭଗବାନଙ୍କର ଦିବ୍ୟ ସେବାରେ ନିଯୁକ୍ତ ହେବା । କିପରି ଉପାୟରେ ଏ ଭୌତିକ ଜଗତର ବନ୍ଧନକୁ ବ୍ୟକ୍ତି ତୁଟାଇ ପାରିବ, ତାହା ଏହି ଅଧ୍ୟାୟର ପ୍ରାରମ୍ଭରେ ବର୍ଣ୍ଣନା କରାଯାଇଅଛି । ଏ ଭୌତିକ ସ୍ଥିତିର ମୂଳ ଊର୍ଦ୍ଧ୍ୱଦେଶକୁ ବ୍ୟାପୃତ । ଏହାର ଅର୍ଥହେଲା ଏହା ବ୍ରହ୍ମାଣ୍ଡର ସର୍ବୋଚ୍ଚ ଲୋକରୁ ଆରମ୍ଭ ହୋଇଛି । ଏହା ସମଗ୍ର ଭୌତିକ ବସ୍ତୁର ସମାହାରରୁ ଆରମ୍ଭ ହୋଇଛି । ସେହିଠାରୁ ସମଗ୍ର ବ୍ରହ୍ମାଣ୍ଡ ନାନା ଶାଖାପ୍ରଶାଖାରେ ପ୍ରସାରିତ ହୋଇଛି । ବିଭିନ୍ନ ଗ୍ରହମଣ୍ଡଳ ତା'ର ପ୍ରତୀକ ଅଟେ । ତା'ର ଫଳ ହେଉଛି ଜୀବର ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଲାଭରୂପ କର୍ମର ଫଳ ।

ଆମେ ବାସ୍ତବ କ୍ଷେତ୍ରରେ ଏପରି ଦେଖିପାରିବା ନାହିଁ ବା ଅଭିଜ୍ଞତା ଲାଭ କରି ପାରିବା ନାହିଁ ଯେ ପୃଥିବୀରେ ଏପରି ଗୋଟିଏ ଗଛ ଅଛି, ଯାହାର ମୂଳ ଉପରକୁ ଓ ଶାଖା ପ୍ରଶାଖା ତଳକୁ; କିନ୍ତୁ ଏପରି ଗୋଟିଏ ଗଛ ଅଛି । ଏକ ଜଳାଧାର ବା ସରୋବର ନିକଟରେ ଏ ପ୍ରକାର ବୃକ୍ଷ ଦେଖିବାକୁ ମିଳିପାରେ । ଆମ୍ଭେମାନେ ଦେଖିପାରିବା ସରୋବର କୂଳରେ ବା ନଦୀ କୂଳରେ ଥିବା ବୃକ୍ଷର ପ୍ରତିବିମ୍ବ ଯାହା ଜଳମଧ୍ୟରେ ପ୍ରତିବିମ୍ବିତ ହୋଇଥାଏ, ସେଥିରେ ମୂଳ ଉପରକୁ ଓ ଶାଖା-ପ୍ରଶାଖା ତଳକୁ ଥାଏ । ଅନ୍ୟକଥାରେ ଏହାହିଁ କୁହାଯାଇପାରେ ଯେ, ଏ ଭୌତିକ ଜଗତ ରୂପକ ବୃକ୍ଷଟି ଚିଦ୍ ଜଗତ ରୂପ ବାସ୍ତବ ବୃକ୍ଷର ଏକ ପ୍ରତିବିମ୍ବ ଅଟେ । ଯେପରି ଜଳରେ ବୃକ୍ଷର ପ୍ରତିବିମ୍ବ ପ୍ରତିଫଳିତ ହୋଇଥାଏ, ଠିକ୍ ସେହିପରି ଚିଦ୍ ଜଗତର ପ୍ରତିବିମ୍ବ କାମନାରେ ଅବସ୍ଥିତ ବା ପ୍ରତିବିମ୍ବିତ ହୋଇଥାଏ । ପ୍ରତିଫଳିତ ଭୌତିକ ଆଲୋକରେ ଅବସ୍ଥିତ ବସ୍ତୁମାନଙ୍କର କାରଣ ହେଉଛି କାମନା । ଯେ ଭୌତିକ ସ୍ଥିତିରୁ ଉଦ୍ଧାର ପାଇବାକୁ

ଇଚ୍ଛାକରେ, ସେ ବିଶ୍ଳେଷଣାତ୍ମକ ଅଧ୍ୟୟନ ଦ୍ୱାରା ଏହି ବୃକ୍ଷକୁ ଭଲଭାବରେ ଜାଣିବା ଉଚିତ୍ । ତାହା ହେଲେ ସେ ଏହା ସହିତ ଥିବା ସମ୍ପର୍କକୁ କାଟିଦେଇ ପାରିବ ।

ଏ ବୃକ୍ଷଟି ବାସ୍ତବରେ ବୃକ୍ଷର ପ୍ରତିଫଳନ ହୋଇଥିବାରୁ, ଏହା ଏକ ଯଥାର୍ଥ ପ୍ରତିରୂପ ଅଟେ । ଚିଦ୍‌ଜଗତରେ ସବୁ ଅଛି । ନିର୍ବିଶେଷବାଦୀଗଣ ବ୍ରହ୍ମାଙ୍କୁ ଏ ଭୌତିକ ବୃକ୍ଷର ମୂଳ ବୋଲି ଗ୍ରହଣ କରନ୍ତି ଏବଂ ସାଂଖ୍ୟ ଦର୍ଶନ ଅନୁଯାୟୀ ମୂଳରୁ ପ୍ରକୃତିପୁରୁଷ ଆସନ୍ତି, ତପରେ ତ୍ରିଗୁଣ ଆସନ୍ତି, ତପରେ ପଞ୍ଚ ମହାଭୂତ, ତପରେ ଦଶେନ୍ଦ୍ରିୟ ଓ ମନ ଇତ୍ୟାଦି ଆସେ । ଏହି ପ୍ରକାରେ ସେମାନେ ସମଗ୍ର ଭୌତିକ ଜଗତକୁ ବିଭକ୍ତ କରନ୍ତି । ଯଦି ସମସ୍ତ ସୃଷ୍ଟିର ବା ପ୍ରକାଶର କେନ୍ଦ୍ର ହେଲେ ବ୍ରହ୍ମା, ତାହାହେଲେ ଏ ଭୌତିକ ଜଗତଟି କେନ୍ଦ୍ରର ୧୮୦° ର ଏକ ପ୍ରକାଶ ହେବ ଏବଂ ଅନ୍ୟ ୧୮୦° ର ପ୍ରକାଶ ଚିଦ୍‌ଜଗତ ହେବ । ଭୌତିକ ଜଗତଟି ଓଲଟା ପ୍ରତିଛବି, ତେଣୁ ଚିଦ୍ ଜଗତରେ ସେହି ଏକା ପ୍ରକାର ବିଭିନ୍ନତା ଅଛି, କିନ୍ତୁ ସେଠାରେ ତାହାସବୁ ବାସ୍ତବ ରୂପରେ ଅଛି । ପ୍ରକୃତି ହେଉଛି ଭଗବାନଙ୍କର ବହିରଙ୍ଗା ଶକ୍ତି ଏବଂ 'ପୁରୁଷ' ସ୍ୱୟଂ ଭଗବାନ୍ ଅଟନ୍ତି । ଏହା ଭଗବଦ୍ ଗୀତାରେ ବର୍ଣ୍ଣନା କରାଯାଇଅଛି, ଯେଣୁ ଏହା ଭୌତିକ ପ୍ରକାଶ ଅଟେ, ତେଣୁ ଏହା ଅସ୍ଥାୟୀ ଅଟେ । ପ୍ରତିବିମ୍ବ ଅସ୍ଥାୟୀ ଅଟେ; କାରଣ ଏହା ବେଳେବେଳେ ଦେଖାଯାଏ ଏବଂ ବେଳେବେଳେ ଦେଖାଯାଏ ନାହିଁ । କିନ୍ତୁ ଯେଉଁ ମୌଳିକ ପ୍ରକାଶରୁ ଏହା ପ୍ରକାଶିତ ହେଉଛି, ତାହା ଶାଶ୍ୱତ ଅଟେ । ବାସ୍ତବ ବୃକ୍ଷର ଭୌତିକ ପ୍ରତିବିମ୍ବକୁ କାଟିପକାଇବା ଉଚିତ୍ । ଯେତେବେଳେ କୁହାଯାଏ ଯେ, କୌଣସି ବ୍ୟକ୍ତି ବେଦଜ୍ଞ ଅଟେ, ସେତେବେଳେ ବୁଝିବାକୁ ହେବ ଯେ, ଭୌତିକ ଜଗତସହ ଥିବା ତା'ର ଆସକ୍ତିକୁ କିପରି କାଟିଦେବାକୁ ହେବ; ତାହା ସେ ଜାଣେ । ଯଦି ବ୍ୟକ୍ତି ସେ ଉପାୟ ଜାଣେ, ତାହାହେଲେ ସେ ବାସ୍ତବରେ ବେଦ ଜାଣେ ବୋଲି ବୁଝିବାକୁ ହେବ । ଯେ ବେଦର କର୍ମକାଣ୍ଡ ପ୍ରତି ଆକୃଷ୍ଟ, ସେ ବୃକ୍ଷଟିର ସୁନ୍ଦର ସବୁଜ ପତ୍ରମାନଙ୍କ ପ୍ରତି ଆକୃଷ୍ଟ ବୋଲି ବୁଝିବାକୁ ପଡ଼ିବ । ସେ ବେଦର ଉଦ୍ଦେଶ୍ୟ କ'ଣ ଠିକ୍ ରୂପେ ଜାଣେ ନାହିଁ । ବେଦର ପ୍ରକୃତ ଉଦ୍ଦେଶ୍ୟ କ'ଣ ତାହା ପରମପୁରୁଷ ଭଗବାନ୍ ସ୍ୱୟଂ ପ୍ରକାଶ କରିଛନ୍ତି, ତାହା ହେଉଛି ଏ ପ୍ରତିବିମ୍ବିତ ବୃକ୍ଷକୁ କାଟିପକାଇବା ଏବଂ ଚିଦ୍‌ଜଗତର ବାସ୍ତବ ବୃକ୍ଷକୁ ଲାଭ କରିବା ।

## ଶ୍ଳୋକ - ୨

**ଅଧଶ୍ଚୋର୍ଦ୍ଧ୍ୱଂ ପ୍ରସୃତାସ୍ତସ୍ୟ ଶାଖା**
**ଗୁଣପ୍ରବୃଦ୍ଧା ବିଷୟପ୍ରବାଳାଃ ।**
**ଅଧଶ୍ଚ ମୂଳାନ୍ୟନୁସନ୍ତତାନି**
**କର୍ମାନୁବନ୍ଧୀନି ମନୁଷ୍ୟଲୋକେ ।। ୨ ।।**

## ଶବ୍ଦାନୁବାଦ

ଅଧଃ=ତଳକୁ; ଚ=ଏବଂ; ଉର୍ଦ୍ଧ୍ୱମ୍=ଉପରକୁ; ପ୍ରସୃତାଃ=ବିସ୍ତୃତ; ତସ୍ୟ=ତାହାର; ଶାଖାଃ=ଶାଖାସବୁ; ଗୁଣ=ପ୍ରକୃତିର ଗୁଣ; ପ୍ରବୃଦ୍ଧାଃ=ପ୍ରବୃଦ୍ଧ; ବିଷୟ=ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ; ପ୍ରବାଳାଃ=ପ୍ରଶାଖା; ଅଧଃ=ତଳକୁ; ଚ=ଏବଂ; ମୂଳାନି=ମୂଳସବୁ; ଅନୁସନ୍ତତାନି=ବିସ୍ତୃତ; କର୍ମ=କର୍ମାନୁଯାୟୀ; ଅନୁବନ୍ଧୀନି=ବଦ୍ଧ; ମନୁଷ୍ୟ-ଲୋକେ=ମାନବ ଲୋକରେ ।

## ଅନୁବାଦ

**ପ୍ରକୃତିର ତ୍ରିଗୁଣରେ ପୁଷ୍ଟହୋଇ ଏହି ବୃକ୍ଷର ଶାଖାମାନ ଉପରକୁ ଓ ତଳକୁ ବିସ୍ତୃତ । ଏହାର ପ୍ରଶାଖାଗୁଡ଼ିକ ଇନ୍ଦ୍ରିୟଗ୍ରାହ୍ୟ ବିଷୟବସ୍ତୁ ଅଟନ୍ତି । ଏହି ବୃକ୍ଷର କେତେକ ମୂଳ ମଧ୍ୟ ନିମ୍ନ ଦେଶକୁ ବିସ୍ତୃତ ଏବଂ ଏଗୁଡ଼ିକ ମାନବ-ସମାଜର ସକାମ କର୍ମରେ ବଦ୍ଧ ।**

## ଭାବାର୍ଥ

ସେହି ଅଶ୍ୱତ୍ଥ ବୃକ୍ଷର ଅଧିକ ବର୍ଣ୍ଣନା ପୁଣି ଏଠାରେ ଦିଆଯାଇଅଛି । ଏହାର ଶାଖାଗୁଡ଼ିକ ଚତୁର୍ଦ୍ଦିଗକୁ ବିସ୍ତୃତ । ନିମ୍ନ ଅଂଶରେ ଜୀବର ବିଭିନ୍ନ ପ୍ରକାଶ ଦେଖିବାକୁ ମିଳେ, ଯଥା -ମାନବ, ମାନବେତର ଜୀବଜନ୍ତୁ-ଘୋଡ଼ା, ଗାଈ, କୁକୁର, ବିରାଡ଼ି ଇତ୍ୟାଦି । ଏଗୁଡ଼ିକ ଶାଖାମାନଙ୍କର ନିମ୍ନ ଅଂଶରେ ଅବସ୍ଥାନ କରନ୍ତି; ଏହାର ଊର୍ଦ୍ଧ୍ୱାଂଶରେ ଉଚ୍ଚତର ଜୀବଗଣ ଅବସ୍ଥାନ କରନ୍ତି, ଯଥା - ଦେବତାଗଣ, ଗନ୍ଧର୍ବଗଣ ଏବଂ ଆହୁରି ଅନେକ ଉଚ୍ଚତର ଜୀବଗଣ । ଯେପରି ଗୋଟିଏ ବୃକ୍ଷ ଜଳପାଇବା ଦ୍ୱାରା ପୁଷ୍ଟ ହୁଏ, ସେହିପରି ଏହି ବୃକ୍ଷଟି ପ୍ରକୃତିର ତ୍ରିଗୁଣ ଦ୍ୱାରା ପୁଷ୍ଟ । ବେଳେବେଳେ ଆମେ ଦେଖୁ ଯେ ଏକ ଭୂଖଣ୍ଡ ଯଥେଷ୍ଟ ଜଳର ଅଭାବରୁ ଅନୁର୍ବର ବା ପତିତ ଭୂମି ହୋଇ ପଡ଼ିଛି ଏବଂ ବେଳେବେଳେ ଏକ ଭୂଖଣ୍ଡ ଶସ୍ୟଶ୍ୟାମଳ ହୋଇ ଉଠିଥାଏ । ଠିକ୍ ସେହିପରି ଯେଉଁଠାରେ ପ୍ରକୃତିର ଗୁଣଗୁଡ଼ିକ ଅଧିକ ଅନୁପାତରେ ଦେଖାଯା'ନ୍ତି, ସେଠାରେ ବିଭିନ୍ନ ପ୍ରକାର ଜୀବ ସେହି ଅନୁପାତରେ ଦୃଷ୍ଟିଗୋଚର ହୁଅନ୍ତି ।

ଏ ବୃକ୍ଷର ପ୍ରଶାଖାଗୁଡ଼ିକ ଇନ୍ଦ୍ରିୟ-ଗ୍ରାହ୍ୟ ବିଷୟବସ୍ତୁରୂପେ ଗୃହୀତ । ବିଭିନ୍ନ ପ୍ରାକୃତିକ ଗୁଣ ବୃଦ୍ଧିଦ୍ୱାରା ଆମ୍ଭେମାନେ ବିଭିନ୍ନ ଇନ୍ଦ୍ରିୟଙ୍କୁ ବୃଦ୍ଧି କରାଉ ଏବଂ ସେ ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ଆମ୍ଭେମାନେ ବିଭିନ୍ନ ପ୍ରକାର ଇନ୍ଦ୍ରିୟଗ୍ରାହ୍ୟ ବିଷୟ-ବସ୍ତୁ ଉପଭୋଗ କରୁ । ଇନ୍ଦ୍ରିୟମାନଙ୍କର ମୂଳ-କର୍ଣ୍ଣ, ନାସିକା, ଚକ୍ଷୁ ଆଦି ଊର୍ଦ୍ଧ୍ୱାଂଶରେ ଥିବା ପ୍ରଶାଖା ଅଟନ୍ତି; ଏଗୁଡ଼ିକ ବିଭିନ୍ନ ପ୍ରକାର ବିଷୟବସ୍ତୁ ଉପଭୋଗ କରନ୍ତି । ପତ୍ରଗୁଡ଼ିକ ହେଉଛନ୍ତି ଶବ୍ଦ, ସ୍ପର୍ଶ, ରୂପ-ଇନ୍ଦ୍ରିୟଗ୍ରାହ୍ୟ ବିଷୟବସ୍ତୁ । ଯେଉଁଗୁଡ଼ିକ ଶାଖାମୂଳ, ସେଗୁଡ଼ିକ ବିଭିନ୍ନ ପ୍ରକାର ଇନ୍ଦ୍ରିୟ ସୁଖଭୋଗ ଜନିତ ଦୁଃଖର ଫଳ । ଏହି ପ୍ରକାରେ ଆମ୍ଭେମାନେ ରାଗ-ଦ୍ୱେଷ ବୃଦ୍ଧିକରୁ । ଯାହାସବୁ ପାପ-ପୁଣ୍ୟ ବୋଲି ବିବେଚିତ ହୁଏ, ସେଗୁଡ଼ିକ ଏ ବୃକ୍ଷର ଚତୁର୍ଦ୍ଦିଗକୁ ବିସ୍ତୃତ ଶାଖାମୂଳ ଅଟେ । ପ୍ରକୃତ ମୂଳ ବ୍ରହ୍ମଲୋକରୁ ବାହାରିଛି ଏବଂ ଅନ୍ୟ ମୂଳଗୁଡ଼ିକ ମାନବଲୋକରେ ବିସ୍ତୃତ । ବ୍ୟକ୍ତି ଉଚ୍ଚ ଲୋକମାନଙ୍କରେ ତା'ର ପୁଣ୍ୟକର୍ମର ଫଳ ଉପଭୋଗ କରିସାରିଲା ପରେ ଏ ଧରାଧାମକୁ (ଅର୍ଥାତ୍ ମର୍ତ୍ତ୍ୟକୁ) ଓହ୍ଲାଇ ଆସେ ଏବଂ ପୁଣି ଉନ୍ନତି କରିବାପାଇଁ ତା'ର କର୍ମକୁ ନୂତନ ରୂପ ରେଖ ଦିଏ । ଏ ମାନବଲୋକକୁ କର୍ମକ୍ଷେତ୍ର ବୋଲି କୁହାଯାଏ ।

## ଶ୍ଲୋକ-୩-୪

**ନ ରୂପମସ୍ୟେହ ତଥୋପଲଭ୍ୟତେ**
**ନାନ୍ତୋ ନ ଚାଦିର୍ନ ଚ ସମ୍ପ୍ରତିଷ୍ଠା ।**
**ଅଶ୍ୱତ୍ଥମେନଂ ସୁବିରୂଢ଼ମୂଳମ୍**
**ଅସଙ୍ଗଶସ୍ତ୍ରେଣ ଦୃଢ଼େନ ଛିତ୍ତ୍ୱା ।।୩।।**

**ତତଃ ପଦଂ ତତ୍ ପରିମାର୍ଗିତବ୍ୟଂ**
**ଯସ୍ମିନ୍ଗତା ନ ନିବର୍ତନ୍ତି ଭୂୟଃ ।**
**ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ**
**ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ ।।୪।।**

## ଶବ୍ଦାନୁବାଦ

ନ=ନୁହେଁ; ରୂପମ୍=ରୂପ; ଅସ୍ୟ=ଏହି ବୃକ୍ଷର; ଇହ=ଏଥିରେ; ତଥା=ମଧ୍ୟ; ଉପଲଭ୍ୟତେ=ଉପଲବ୍ଧିକରାଯାଇପାରେ; ନ=କଦାପି ନୁହେଁ; ଅନ୍ତଃ=ଶେଷ; ନ=କେବେ ନୁହେଁ; ଚ=ମଧ୍ୟ; ଆଦିଃ=ଆରମ୍ଭ (ମୂଳ); ନ=କେବେନୁହେଁ; ଚ=ମଧ୍ୟ; ସମ୍ପ୍ରତିଷ୍ଠା=ମୂଳଭିତ୍ତି; ଅଶ୍ୱତ୍ଥମ୍=ଅଶ୍ୱତ୍ଥବୃକ୍ଷ; ଏନମ୍=ଏହା; ସୁବିରୂଢ଼=ଦୃଢ଼ଭାବରେ; ମୂଳମ୍=ପ୍ରତିଷ୍ଠିତ; ଅସଙ୍ଗ-ଶସ୍ତ୍ରେଣ=ଅନାସକ୍ତରୂପକ ଅସ୍ତ୍ରଦ୍ୱାରା; ଦୃଢ଼େନ=ଦୃଢ଼ଭାବରେ; ଛିତ୍ତ୍ୱା=ଛିନ୍ନକରି;ତତଃ=ତପରେ; ପଦମ୍=ଅବସ୍ଥା; ତତ୍=ତାହା; ପରିମାର୍ଗିତବ୍ୟମ୍=ଅନୁସନ୍ଧାନ କରିବାକୁ ହେବ; ଯସ୍ମିନ୍=ଯେଉଁଠାକୁ; ଗତାଃ=ଯାଇ; ନ=ନୁହେଁ; ନିବର୍ତନ୍ତି=ଫେରିଆସେ; ଭୂୟଃ=ପୁଣି; ତମ୍=ତାଙ୍କୁ; ଏବ=ନିଶ୍ଚିତଭାବେ; ଚ=ମଧ୍ୟ; ଆଦ୍ୟମ୍=ଆଦି (ମୂଳ); ପୁରୁଷମ୍=ପରମପୁରୁଷ ଭଗବାନ୍; ପ୍ରପଦ୍ୟେ=ଶରଣ ନିଅନ୍ତି; ଯତଃ=ଯାହାଙ୍କଠାରୁ; ପ୍ରବୃତ୍ତିଃ=ଆରମ୍ଭ; ପ୍ରସୃତା=ପ୍ରସାର; ପୁରାଣୀ=ଅତି ପୁରୁଣା ।

## ଅନୁବାଦ

**ଏହି ବୃକ୍ଷର ପ୍ରକୃତ ରୂପକୁ ଏ ଜଗତରେ କେହି ଦେଖି ପାରିବେ ନାହିଁ । ଏହାର ଶେଷ କେଉଁଠି; ଏହାର ଆରମ୍ଭ କେଉଁଠି କିମ୍ବା ଏହାର ମୂଳଭିତ୍ତି କେଉଁଠି କେହି ବୁଝିପାରିବେ ନାହିଁ । କିନ୍ତୁ ଅନାସକ୍ତିରୂପ ଅସ୍ତ୍ରଦ୍ୱାରା ବ୍ୟକ୍ତି ଦୃଢ଼ଭାବରେ ଏ ବୃକ୍ଷକୁ ଛେଦନ କରିବା ଉଚିତ୍ । ଏପରି କରି ବ୍ୟକ୍ତି ସେ ପରମଧାମର ଅନୁସନ୍ଧାନ କରିବା ଉଚିତ୍; ଯେଉଁଠାକୁ ଥରେ ଗଲେ ଆଉ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼େ ନାହିଁ ଏବଂ ସେଠାରେ ପରମପୁରୁଷ ଭଗବାନଙ୍କର ଶରଣ ନେବା ଉଚିତ୍ । ଯେଉଁ ପରମପୁରୁଷ ଭଗବାନଙ୍କ ଠାରୁ ସବୁ ଉଦ୍ଭବ ହୋଇଛି ଏବଂ ଯାହାଙ୍କଠାରେ ଅନନ୍ତ କାଳରୁ ସମସ୍ତେ ହିଁ ରହି ଆସୁଛନ୍ତି, ସେହି ପରମପୁରୁଷ ଭଗବାନଙ୍କର ଶରଣରେ ଆସିବା ଉଚିତ୍ ।**

## ଭାବାର୍ଥ

ବର୍ତ୍ତମାନ ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ, ଏ ଅଶ୍ୱତ୍ଥବୃକ୍ଷର ପ୍ରକୃତ ରୂପକୁ କେହି ଏ ଭୌତିକ ଜଗତରେ ବୁଝିପାରିବେ ନାହିଁ । ଯେଣୁ ଏହାର ମୂଳ ଉର୍ଦ୍ଧ୍ୱଦେଶକୁ ବିସ୍ତୃତ, ତେଣୁ ପ୍ରକୃତ ବୃକ୍ଷର ପ୍ରସାର ଅନ୍ୟ ପାର୍ଶ୍ୱରେ ହିଁ ହୋଇଛି । କେତେଦୂର ପର୍ଯ୍ୟନ୍ତ ଯେ ଏ ବୃକ୍ଷ ବିସ୍ତୃତ ହୋଇଛି କେହି ଦେଖିପାରିବେ ନାହିଁ କିମ୍ବା ଏହାର ଆରମ୍ଭ କେଉଁଠି ତାହା ମଧ୍ୟ କେହି ଦେଖିପାରିବେ ନାହିଁ । ତଥାପି ବ୍ୟକ୍ତିଙ୍କୁ କାରଣ ଖୋଜି ବାହାର କରିବାକୁ ପଡ଼ିବ, "ମୁଁ ମୋର ପିତାଙ୍କର ପୁତ୍ର; ମୋର ପିତା ଅମୁକଙ୍କ ପୁତ୍ର ଇତ୍ୟାଦି ।" ଏହି ପ୍ରକାରେ ଅନୁସନ୍ଧାନ

କରି ଶେଷରେ ବ୍ୟକ୍ତି ବ୍ରହ୍ମାଙ୍କ ନିକଟରେ ହିଁ ପହଞ୍ଚିବ, ଯେଉଁ ବ୍ରହ୍ମା କି ଗର୍ଭୋଦକଶାୟୀ ବିଷ୍ଣୁଙ୍କଠାରୁ ଜାତ ହୋଇଛନ୍ତି । ଶେଷରେ ଯେତେବେଳେ ବ୍ୟକ୍ତି ଏହି ପ୍ରକାରେ ପରମପୁରୁଷ ଭଗବାନଙ୍କ ନିକଟରେ ପହଞ୍ଚେ, ସେତେବେଳେ ସେ ତା'ର ଅନୁସନ୍ଧାନ କାର୍ଯ୍ୟ ଶେଷ କରେ । ଯେଉଁମାନେ ପରମପୁରୁଷ ଭଗବାନଙ୍କ ବିଜ୍ଞାନ ଜାଣନ୍ତି ବା ଯେଉଁମାନଙ୍କର ଭଗବାନଙ୍କ ସମ୍ବନ୍ଧରେ ଜ୍ଞାନ ଅଛି, ସେହିମାନଙ୍କ ସଙ୍ଗଲାଭକରି ବ୍ୟକ୍ତିକୁ ଏହି ବୃକ୍ଷର ମୂଳ, ଅର୍ଥାତ୍-ପରମପୁରୁଷ ଭଗବାନଙ୍କୁ ଖୋଜି ବାହାର କରିବାକୁ ପଡ଼ିବ । ଏହା ଜାଣିସାରିଲା ପରେ ବ୍ୟକ୍ତି କ୍ରମେ ବାସ୍ତବ ବୃକ୍ଷର ମିଥ୍ୟା ପ୍ରତିଫଳନରୁ ଦୂରେଇଯାଏ ଏବଂ ସେ ଜ୍ଞାନଦ୍ୱାରା ଏ (ମାୟିକ) ବୃକ୍ଷସହ ଥିବା ତା'ର ସମ୍ପର୍କକୁ ଛେଦନ କରିପାରେ ଏବଂ ପ୍ରକୃତ ବୃକ୍ଷରେ ଅବସ୍ଥାନ କରିପାରେ ।

ଏଠାରେ ବ୍ୟବହୃତ 'ଅସଙ୍ଗ'' ଶବ୍ଦ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ; କାରଣ ଇନ୍ଦ୍ରିୟ ସୁଖ ଉପଭୋଗ କାମନା ଏବଂ ଭୂତପ୍ରକୃତିକୁ ଉପଭୋଗ କରିବାର କାମନା ବଡ଼ ବଳବତୀ ଅଟେ । ତେଣୁ ଶାସ୍ତ୍ରାନୁମୋଦିତ ଦିବ୍ୟ ବିଜ୍ଞାନ ଭଗବତ୍ ବିଜ୍ଞାନର ଆଲୋଚନାରୁ ବ୍ୟକ୍ତି ଅନାସକ୍ତଭାବ ଶିକ୍ଷା କରିବା ଉଚିତ୍ ଏବଂ ପ୍ରକୃତରେ ଯେ ତତ୍ତ୍ୱବେତ୍ତାଜ୍ଞାନୀ ତାଙ୍କଠାରୁ ସେ ବିଜ୍ଞାନର ବାଣୀ ଶ୍ରବଣ କରିବା ଉଚିତ୍ । ଭକ୍ତମେଳରେ ଏ ପ୍ରକାର ଆଲୋଚନା କଲେ ବ୍ୟକ୍ତି ପରମପୁରୁଷ ଭଗବାନଙ୍କ ନିକଟକୁ ଯାଇପାରେ । ତେଣୁ ପ୍ରଥମ କଥା ହେଉଛି ଭଗବାନଙ୍କର ଶରଣାପନ୍ନ ହେବା । ଯେଉଁ ସ୍ଥାନ ବା ଯେଉଁ ପରମଧାମ ପ୍ରାପ୍ତ ହେଲେ ବ୍ୟକ୍ତି ଆଉ ଏ ମିଥ୍ୟା ପ୍ରତିବିମ୍ବିତ ବୃକ୍ଷକୁ ପ୍ରତ୍ୟାବର୍ତ୍ତନ କରିବ ନାହିଁ ସେହି ସ୍ଥାନର ବିବରଣ ଏଠାରେ ଦିଆଯାଇଅଛି । ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ହେଉଛନ୍ତି ମୂଳ, ଯାହାଙ୍କଠାରୁ ସବୁ ହିଁ ବାହାରିଛି । ସେହି ପରମପୁରୁଷଙ୍କର ଅନୁକମ୍ପା ଲାଭ କରିବାକୁ ହେଲେ ବ୍ୟକ୍ତିକୁ ତାଙ୍କଠାରେ ଆତ୍ମସମର୍ପଣ କରିବାକୁ ପଡ଼ିବ ଏବଂ ଶ୍ରବଣ କୀର୍ତ୍ତନ ଆଦି ନବଧା ଭକ୍ତି ଅଭ୍ୟାସ କଲେ ତାହା ପ୍ରାପ୍ତ ହେବ । ସେ ହେଉଛନ୍ତି ଏ ବିସ୍ତୃତ ଭୌତିକ ଜଗତର କାରଣ । ଏ କଥା ଭଗବାନ୍ କହି ସାରିଛନ୍ତି, *''ଅହଂ ସର୍ବସ୍ୟ ପ୍ରଭବଃ''* । ''ମୁଁ ସମସ୍ତଙ୍କର ମୂଳ ।'' ତେଣୁ ଏ ଭୌତିକ ଜୀବନ ରୂପ ଦୃଢ଼ ଅଶ୍ୱତ୍ଥ ବୃକ୍ଷର ଫାଶରୁ ଉଦ୍ଧାର ପାଇବାକୁ ହେଲେ ବ୍ୟକ୍ତିକୁ କୃଷ୍ଣଙ୍କର ଶରଣାପନ୍ନ ହେବାକୁ ପଡ଼ିବ । ବ୍ୟକ୍ତି କୃଷ୍ଣଙ୍କର ଶରଣାପନ୍ନ ହେଲାକ୍ଷଣି ସ୍ୱତଃ ସେ ଏ ଭୌତିକ ବିସ୍ତାର କବଳରୁ ମୁକ୍ତ ହୋଇଯାଏ ।

## ଶ୍ଳୋକ - ୫

**ନିର୍ମାନମୋହା ଜିତସଙ୍ଗଦୋଷା**
**ଅଧ୍ୟାତ୍ମନିତ୍ୟା ବିନିବୃତ୍ତକାମାଃ ।**
**ଦ୍ୱନ୍ଦ୍ୱୈର୍ବିମୁକ୍ତାଃ ସୁଖଦୁଃଖସଂଜ୍ଞୈ-**
**ର୍ଗଚ୍ଛନ୍ତ୍ୟମୂଢ଼ାଃ ପଦମବ୍ୟୟଂ ତତ୍ ।। ୫ ।।**

## ଶବ୍ଦାନୁବାଦ

ନିର୍=ବ୍ୟତୀତ (ମୁକ୍ତ); ମାନ=ସମ୍ମାନ; ମୋହାଃ=ମୋହ; ଜିତ=ଜୟକରି; ସଙ୍ଗ=ସଙ୍ଗ; ଦୋଷାଃ=ଦୋଷଯୁକ୍ତ; ଅଧ୍ୟାତ୍ମ=ଆତ୍ମାଧିକୃତ; ନିତ୍ୟାଃ=ନିତ୍ୟରେ; ବିନିବୃତ୍ତ=ନିବୃତ୍ତ;

କାମାଃ=କାମପିପାସା; ଦ୍ୱନ୍ଦ୍ୱୈଃ=ଦ୍ୱନ୍ଦ୍ୱସହ; ବିମୁକ୍ତାଃ=ବିମୁକ୍ତ; ସୁଖ ଦୁଃଖ=ସୁଖ ଏବଂ ଦୁଃଖ; ସଂଜ୍ଞୈଃ=ନାମିତ; ଗଚ୍ଛନ୍ତି=ପ୍ରାପ୍ତ ହୁଏ; ଅମୂଢ଼ାଃ=ଯେ ମୂଢ଼ ନୁହେଁ, ଯେ ଭ୍ରାନ୍ତ ନୁହେଁ; ପଦମ୍=ପଦ; ଅବ୍ୟୟମ୍=ଶାଶ୍ୱତ;ତତ୍=ତାହା ।

## ଅନୁବାଦ

**ଯେ ମୋହ, ମିଥ୍ୟା ସମ୍ମାନ ଏବଂ ମିଥ୍ୟା ସଙ୍ଗରୁ ମୁକ୍ତ, ଯେ ନିତ୍ୟତାକୁ ବୁଝିପାରିଛି, ଯେ କାମ-ପିପାସାକୁ ତ୍ୟାଗ କରିଛି ଏବଂ ସୁଖ-ଦୁଃଖରୂପକ ଦ୍ୱନ୍ଦ୍ୱରୁ ମୁକ୍ତ ଏବଂ ଯେ ଜାଣେ କିପରି ପରମପୁରୁଷ ଭଗବାନଙ୍କର ଶରଣରେ ଆସିବାକୁ ହୁଏ, ସେ ହିଁ ଶାଶ୍ୱତଧାମ ବା ଭଗବାନଙ୍କର ପରମଧାମକୁ ପ୍ରାପ୍ତ ହୁଏ ।**

## ଭାବାର୍ଥ

ଶରଣାଗତି କଥାଟି ଏଠାରେ ବଡ଼ ସୁନ୍ଦରଭାବରେ ବର୍ଣ୍ଣନା କରାଯାଇଛି ।ପ୍ରଥମ ଯୋଗ୍ୟତା ହେଲା ବ୍ୟକ୍ତି ଗର୍ବରେ ଅନ୍ଧ ହେବ ନାହିଁ ।ବଦ୍ଧଜୀବ ଗର୍ବୋନ୍ମତ୍ତ ଅଟେ; ନିଜକୁ ଭୂତପ୍ରକୃତିର ପ୍ରଭୁ ବୋଲି ଭାବେ, ତେଣୁ ତା'ପକ୍ଷରେ ପରମପୁରୁଷ ଭଗବାନଙ୍କର ଶରଣରେ ଆସିବା ବଡ଼ କଷ୍ଟକର, ପ୍ରକୃତ ଜ୍ଞାନାନୁଶୀଳନ କରି ବ୍ୟକ୍ତି ଜାଣିବା ଉଚିତ୍ ଯେ ସେ ଭୂତପ୍ରକୃତିର ପ୍ରଭୁ ନୁହେଁ, ପରମପୁରୁଷ ଭଗବାନ୍ ହେଉଛନ୍ତି ତା'ର ପ୍ରଭୁ ବା ମାଲିକ ।ଯେତେବେଳେ ବ୍ୟକ୍ତି ଗର୍ବ ଯୋଗୁ ସୃଷ୍ଟି ହୋଇଥିବା ମୋହରୁ ମୁକ୍ତ ହୁଏ, ସେତେବେଳେ ସେ ଶରଣାଗତି ବିଧିକୁ ଆରମ୍ଭ କରିପାରେ ।ଯେଉଁ ବ୍ୟକ୍ତି ଏ ଭୌତିକ ଜଗତରେ ବରାବର ସମ୍ମାନ ଆଶା କରୁଛି, ସେ କଦାପି ଭଗବାନଙ୍କର ଶରଣାପନ୍ନ ହୋଇପାରିବ ନାହିଁ, ଅର୍ଥାତ୍ ତା' ପକ୍ଷରେ ପରମପୁରୁଷ ଭଗବାନଙ୍କର ଶରଣରେ ଆସିବା ସମ୍ଭବପର ନୁହେଁ । ମୋହ ଯୋଗୁଁ ଗର୍ବ ଜାତ ହୁଏ ।ଯଦିଓ ବ୍ୟକ୍ତି ଏଠାକୁ ଆସିଛି, କିଛି ସମୟ ପାଇଁ ଏଠାରେ ରହୁଛି ଏବଂ ତପରେ ଚାଲିଯାଉଛି, ତଥାପି ତା'ର ଏ ନିର୍ବୋଧ ଧାରଣା ଅଛି ଯେ ସେ ହେଉଛି ଏ ପୃଥିବୀର ପ୍ରଭୁ ବା ମାଲିକ । ଏହିପରି ସେ ସବୁକୁ ଜଟିଳ କରି ପକାଏ ଏବଂ ଫଳରେ ସେ ସବୁବେଳେ ଅସୁବିଧାରେ ପଡ଼େ ।ସମଗ୍ର ପୃଥିବୀ ଏହି ଧାରଣାର ବଶବର୍ତ୍ତୀ ।ଲୋକମାନେ ଭାବୁଛନ୍ତି, ଏ ଭୂମି ଏ ପୃଥିବୀ ମାନବ ସମାଜର ଅଟେ ଏବଂ ସେମାନେ ଏ ପୃଥିବୀକୁ ଭାଗ ଭାଗ କରିଛନ୍ତି । କାହିଁକିନା ସେମାନଙ୍କର ଏ ଭ୍ରମଧାରଣା ଅଛି ଯେ ସେମାନେ ହେଉଛନ୍ତି ଏହାର ମାଲିକ ବା ସତ୍ତ୍ୱାଧିକାରୀ ।'ମାନବସମାଜ ଏ ପୃଥିବୀର ମାଲିକ'- ଏ ଭ୍ରମଧାରଣାରୁ ବ୍ୟକ୍ତିକୁ ମୁକ୍ତ ହେବାକୁ ପଡ଼ିବ ।ଯେତେବେଳେ ବ୍ୟକ୍ତି ଏ ପ୍ରକାର ଭ୍ରମଧାରଣାରୁ ମୁକ୍ତ ହୁଏ, ସେତେବେଳେ ସେ ସାମାଜିକ, ପାରିବାରିକ ବା ଜାତୀୟ ଧାରଣାରୁ ଜାତ ମିଥ୍ୟା ଆସକ୍ତିରୁ ମୁକ୍ତ ହୋଇଯାଏ ।ଏହି ମିଥ୍ୟା, ବ୍ୟକ୍ତିକୁ ଏ ଭୌତିକ ଜଗତରେ ବନ୍ଧନରେ ପକାଏ । ଏହି ସ୍ତର ଅତିକ୍ରମ କରି ବ୍ୟକ୍ତିକୁ ଆତ୍ମଜ୍ଞାନ ବୃଦ୍ଧି କରିବାକୁପଡ଼ିବ ।ତାକୁ ଏହିଜ୍ଞାନ ବୃଦ୍ଧି କରିବାକୁ ହେବ ଯେ ବାସ୍ତବରେ ତା'ର ନିଜର କ'ଣ ଅଛି ଏବଂ ତା'ର ନିଜର କ'ଣ ନୁହେଁ ।ଯେତେବେଳେ ବ୍ୟକ୍ତି ସବୁ ବସ୍ତୁର ସ୍ୱରୂପକୁ ଭଲରକମ ବୁଝିପାରେ; ସେତେବେଳେ ସେ ସୁଖ-ଦୁଃଖ ଏବଂ ଆନନ୍ଦ ବିଷାଦାଦି ଦ୍ୱନ୍ଦ୍ୱାତ୍ମକ ଧାରଣାରୁ ମୁକ୍ତ ହୋଇ ସେ ପୂର୍ଣ୍ଣଜ୍ଞାନ ପ୍ରାପ୍ତ ହୋଇଯାଏ ।ତପରେ ପରମପୁରୁଷ ଭଗବାନଙ୍କର ଶରଣରେ ଆସିବା ତା' ପକ୍ଷରେ ସମ୍ଭବପର ହୁଏ ।

## ଶ୍ଳୋକ - ୬

**ନ ତଦ୍ଭାସୟତେ ସୂର୍ଯ୍ୟୋ ନ ଶଶାଙ୍କୋ ନ ପାବକଃ ।**
**ଯଦ୍ ଗତ୍ୱା ନ ନିବର୍ତନ୍ତେ ତଦ୍ଧାମ ପରମଂ ମମ ।।୬।।**

## ଶବ୍ଦାନୁବାଦ

ନ=ନାହିଁ; ତତ୍=ତାହା; ଭାସୟତେ=ପ୍ରକାଶିତ ହୁଏ; ସୂର୍ଯ୍ୟଃ=ସୂର୍ଯ୍ୟ; ନ=କିମ୍ବା ନୁହେଁ; ଶଶାଙ୍କଃ=ଚନ୍ଦ୍ର; ନ=କିମ୍ବା ନୁହେଁ; ପାବକଃ=ଅଗ୍ନି, ବିଦ୍ୟୁତ୍; ଯତ୍=ଯେଉଁଠାକୁ; ଗତ୍ୱା=ଗଲେ; ନ=ଆଉ ନୁହେଁ; ନିବର୍ତନ୍ତେ=ପ୍ରତ୍ୟାବର୍ତ୍ତନ କରନ୍ତି; ତତ୍ ଧାମ=ସେ ଧାମ; ପରମମ୍=ପରମ; ମମ=ମୋର ।

## ଅନୁବାଦ

**ମୋର ସେ ପରମଧାମ ସୂର୍ଯ୍ୟାଲୋକରେ, ଚନ୍ଦ୍ରାଲୋକରେ କିମ୍ବା ବିଦ୍ୟୁତ୍ ଆଲୋକରେ ଆଲୋକିତ ହୁଏ ନାହିଁ । ଯେ ସେଠାରେ ପହଞ୍ଚେ, ଆଉ ଏ ଭୌତିକ ଜଗତକୁ ଫେରେ ନାହିଁ ।**

## ଭାବାର୍ଥ

ଚିଦ୍ ଜଗତ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଧାମ, ଯାହାକି କୃଷ୍ଣଲୋକ ଗୋଲୋକ ବୃନ୍ଦାବନ ନାମରେ ପରିଚିତ, ସେହି ପରମଧାମ ସମ୍ବନ୍ଧରେ ଏଠାରେ ବର୍ଣ୍ଣନା କରାଯାଉଅଛି । ପରବ୍ୟୋମରେ ସୂର୍ଯ୍ୟାଲୋକ, ଚନ୍ଦ୍ରାଲୋକ, ଅଗ୍ନି କିମ୍ବା ବିଦ୍ୟୁତ୍‌ର ଆବଶ୍ୟକତା ନାହିଁ; କାରଣ ସେଠାରେ ଥିବା ସମସ୍ତ ଲୋକ (ବୈକୁଣ୍ଠଲୋକ) ସ୍ୱୟଂ ଆଲୋକିତ । ସେ ସମସ୍ତ ଲୋକର ଅର୍ଥାତ୍ ସମସ୍ତ ବୈକୁଣ୍ଠଲୋକର ଉଜ୍ଜ୍ୱଳ ଦୀପ୍ତିକୁ ବ୍ରହ୍ମଜ୍ୟୋତି କୁହାଯାଏ, ଯାହାକି ପରବ୍ୟୋମରେ ପରିବ୍ୟାପ୍ତ । ବାସ୍ତବରେ ଜ୍ୟୋତି, କୃଷ୍ଣଲୋକ ବା ଗୋଲୋକ ବୃନ୍ଦାବନରୁ ବାହାରୁଛି, ସେ ଉଜ୍ଜ୍ୱଳ ଜ୍ୟୋତିର କିଛି ଅଂଶ, ମହତ୍ ତତ୍ତ୍ୱ ଅର୍ଥାତ୍ ଭୌତିକ ଜଗତଦ୍ୱାରା ଆଚ୍ଛାଦିତ । ଏହାଛଡ଼ା ସେ ଆଲୋକିତ ପରବ୍ୟୋମର ବିଶାଳ ଅଂଶ ଚିଦ୍ ଜଗତ ବା ବୈକୁଣ୍ଠଲୋକମାନଙ୍କରେ ପରିପୂର୍ଣ୍ଣ । ସେମାନଙ୍କ ମଧ୍ୟରେ ପ୍ରଧାନ ହେଉଛି ଗୋଲୋକ ବୃନ୍ଦାବନ ।

ଯେ ପର୍ଯ୍ୟନ୍ତ ଜୀବ ଅନ୍ଧକାରମୟ ଭୌତିକ ଜଗତରେ ଅଛି, ସେ ପର୍ଯ୍ୟନ୍ତ ସେ ବଦ୍ଧ ଜୀବନ ଯାପନ କରୁଛି; କିନ୍ତୁ ସେ ଏ ମିଥ୍ୟା ଭୌତିକ ଜଗତରୂପ ଓଲଟା ବୃକ୍ଷକୁ କାଟି ପରବ୍ୟୋମରେ ପ୍ରବେଶ କଲାକ୍ଷଣି ମୁକ୍ତ ହୋଇଯାଏ । ତପରେ ଏଠାକୁ ଆଉ ଫେରିବାର ଅବକାଶ ତା'ର ରହେ ନାହିଁ । ଏ ବଦ୍ଧ ଜୀବନରେ ଜୀବ ନିଜକୁ ଏ ଭୌତିକ ଜଗତର ପ୍ରଭୁ ବୋଲି ଭାବେ; କିନ୍ତୁ ମୁକ୍ତାବସ୍ଥାରେ ସେ ଚିଦ୍ ଜଗତରେ ପ୍ରବେଶ କରେ ଏବଂ ଭଗବାନଙ୍କର ସାଥି ହୋଇଯାଏ । ସେଠାରେ ସେ ଶାଶ୍ୱତ ଆନନ୍ଦ, ଶାଶ୍ୱତ ଜୀବନ ଏବଂ ପୂର୍ଣ୍ଣଜ୍ଞାନ ଉପଭୋଗ କରେ ।

ଚିଦ୍‌ଜଗତ ସମ୍ବନ୍ଧୀୟ ଏ ବାର୍ତ୍ତା ପାଇଲେ ସମସ୍ତେ ସେଥିପ୍ରତି ଆକୃଷ୍ଟ ହେବେ । ବ୍ୟକ୍ତି ଶାଶ୍ୱତ ଜଗତକୁ କିପରି ଯିବ, ଏଥିପାଇଁ ତା'ର ଅଦମ୍ୟ ଆକାଙ୍କ୍ଷା ଜାତ ହେବା ଉଚିତ୍; ବାସ୍ତବତାର ଏ ମିଥ୍ୟା ପ୍ରତିବିମ୍ବରୁ ନିଜକୁ ଉଦ୍ଧାର କରିବା ଉଚିତ୍ । ଯେଉଁ ଲୋକ ଏ ଭୌତିକ

ଜଗତ ପ୍ରତି ବିଶେଷ ଆସକ୍ତ, ତା' ପକ୍ଷରେ ଏ ଆସକ୍ତିକୁ କାଟିବା ବଡ଼ କଠିନ; କିନ୍ତୁ ସେ ଯଦି କୃଷ୍ଣଭାବନା ବିଧି ଗ୍ରହଣ କରେ, ତାହାହେଲେ କ୍ରମେ ଅନାସକ୍ତ ହେବାର ସୁଯୋଗ ସେ ଲାଭ କରିପାରିବ ।ଯେଉଁ ଭକ୍ତମାନେ କୃଷ୍ଣଚେତନଶୀଳ ସେମାନଙ୍କର ସଙ୍ଗଲାଭ କରିବା ଉଚିତ୍ । ଯେଉଁମାନେ ସଂପୂର୍ଣ୍ଣରୂପେ କୃଷ୍ଣଚରଣାରବିନ୍ଦରେ ଆତ୍ମସମର୍ପଣ କରିଛନ୍ତି, ବ୍ୟକ୍ତି ସେମାନଙ୍କ ଗୋଷ୍ଠୀ ଲାଭକରିବା ଉଚିତ୍; ସେମାନଙ୍କ ଗୋଷ୍ଠୀକୁ ଖୋଜି ବାହାର କରିବା ଉଚିତ୍ ଏବଂ ତାକୁ ସେମାନଙ୍କଠାରୁ ଶିକ୍ଷା କରିବାକୁ ହେବ କିପରି ଜୀବନରେ ଭକ୍ତିଯୋଗକୁ ଅଭ୍ୟାସ କରିବାକୁ ହେବ ।ଏହି ପ୍ରକାରେ ସେ ଭୌତିକ ଜଗତ ପ୍ରତି ଥିବା ତା'ର ଆସକ୍ତିକୁ କାଟି ଦେଇପାରିବ ।କେବଳ ରଙ୍ଗିନ କପଡ଼ା ପିନ୍ଧିଲେ ଯେ ବ୍ୟକ୍ତି ଭୌତିକ ଜଗତର ଆସକ୍ତିରୁ ମୁକ୍ତ ହୋଇଯିବ ତାହା ନୁହେଁ, ସେ ଭଗବାନଙ୍କର ସେବାରତ ହେବା ଉଚିତ୍, ଭକ୍ତିଯୋଗ ପ୍ରତି ଆସକ୍ତ ହେବା ଉଚିତ୍ ।ତେଣୁ ବ୍ୟକ୍ତି ଏହାକୁ ଅତି ନିଷ୍ଠାସହକାରେ ଗ୍ରହଣ କରିବା ଉଚିତ୍ । ଗୀତାର ଦ୍ୱାଦଶ ଅଧ୍ୟାୟରେ ଭକ୍ତିଯୋଗ ସମ୍ବନ୍ଧରେ ଯାହା କୁହାଯାଇଛି ତାହା ବାସ୍ତବ ବୃକ୍ଷର ମିଥ୍ୟା ପ୍ରତିଛବିରୁ ମୁକ୍ତହେବାର ଏକମାତ୍ର ଉପାୟ ଅଟେ-ଏହା ବ୍ୟକ୍ତିକୁ ଜାଣିବାକୁ ହେବ । ଭୂତପ୍ରକୃତିଦ୍ୱାରା କିପରି ସବୁ ଦୂଷିତ ହୋଇଯାଏ ତାହା ଚତୁର୍ଦ୍ଦଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି । କେବଳ ଭକ୍ତିଯୋଗହିଁ ବିଶୁଦ୍ଧ ଓ ଦିବ୍ୟ ଅଟେ-ଏହିକଥା କୁହାଯାଇଅଛି ।

ଏଠାରେ ବ୍ୟବହୃତ 'ପରମଂ ମମ' ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ।ବାସ୍ତବରେ ସବୁ ହିଁ ଭଗବାନଙ୍କର ସମ୍ପତ୍ତି; କିନ୍ତୁ ଚିଦ୍ ଜଗତ 'ପରମ୍' ଅର୍ଥାତ୍ ଷଡ଼ୈଶ୍ୱର୍ଯ୍ୟରେ ପୂର୍ଣ୍ଣ ଅଟେ ।ଉପନିଷଦମାନଙ୍କରେ ମଧ୍ୟ ଏକଥା କୁହାଯାଇଛି ଯେ ଚିଦ୍ ଜଗତରେ ସୂର୍ଯ୍ୟାଲୋକ କିମ୍ବା ଚନ୍ଦ୍ରାଲୋକର ଆବଶ୍ୟକତା ନାହିଁ; କାରଣ ସମଗ୍ର ପରବ୍ୟୋମ ପରମେଶ୍ୱରଙ୍କର ଅନ୍ତରଙ୍ଗା ଶକ୍ତିରେ ଉଦ୍‌ଭାସିତ ବା ଆଲୋକିତ ।ସେ ପରମଧାମ କେବଳ ଶରଣାଗତି ବଳରେ ହିଁ ପ୍ରାପ୍ତ ହୋଇପାରିବ; ଅନ୍ୟ କୌଣସି ଉପାୟରେ ହୋଇପାରିବ ନାହିଁ ।

## ଶ୍ଳୋକ - ୭

**ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ ।**
**ମନଃ ଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି ।।୭।।**

## ଶବ୍ଦାନୁବାଦ

ମମ=ମୋର; ଏବ=ନିଶ୍ଚିତଭାବେ; ଅଂଶଃ=ଅଂଶବିଶେଷ; ଜୀବ-ଲୋକେ=ବଦ୍ଧଜୀବନର ଜଗତରେ; ଜୀବ-ଭୂତଃ=ବଦ୍ଧଜୀବଗଣ; ସନାତନଃ=ଶାଶ୍ୱତ; ମନଃ=ମନ; ଷଷ୍ଠାନି=ଛ'; ଇନ୍ଦ୍ରିୟାଣି=ଇନ୍ଦ୍ରିୟଗୁଡ଼ିକ; ପ୍ରକୃତି=ଭୂତପ୍ରକୃତି; ସ୍ଥାନି=ଅବସ୍ଥିତ; କର୍ଷତି=କଠିନ ସଂଗ୍ରାମ କରୁଛି ।

## ଅନୁବାଦ

**ଏ ବଦ୍ଧ ଜୀବନର ଜଗତରେ ଥିବା ଜୀବଗଣ ମୋର ସନାତନ ଅଂଶବିଶେଷ ଅଟନ୍ତି ।ବଦ୍ଧ ଜୀବନ ଯୋଗୁ ସେମାନେ ମନ ସମେତ ଛ' ଇନ୍ଦ୍ରିୟ ସହିତ କଠିନ ସଂଗ୍ରାମ କରୁଛନ୍ତି ।**

## ଭାବାର୍ଥ

ଏହି ଶ୍ଳୋକରେ ଜୀବର ପରିଚୟ ଭଲଭାବରେ ଦିଆଯାଇଅଛି । ଜୀବ ସନାତନ ଭାବେ ପରମେଶ୍ୱରଙ୍କର ଅଂଶବିଶେଷ ଅଟେ । ଜୀବ ଯେ କେବଳ ତା'ର ଏ ବଦ୍ଧ ଜୀବନରେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ରକ୍ଷା କରିଛି ଏବଂ ମୁକ୍ତାବସ୍ଥାରେ (ବ୍ୟକ୍ତିତ୍ୱ ହରାଇ) ଭଗବାନଙ୍କ ସହ ଏକ ହୋଇଯାଏ-ଏହା ସେପରି କଥା ନୁହେଁ । ସେ ଶାଶ୍ୱତଭାବେ ଅଂଶବିଶେଷ ଅଟେ । ପରିଷ୍କାର ଭାବରେ ଏଠାରେ 'ସନାତନଃ' ବୋଲି କୁହାଯାଇଛି । ବୈଦିକ ବାଣୀ ଅନୁଯାୟୀ ଭଗବାନ୍ ଅସଂଖ୍ୟ ରୂପରେ ନିଜକୁ ପ୍ରକାଶ କରନ୍ତି ଏବଂ ଅସଂଖ୍ୟରୂପରେ ନିଜକୁ ବିସ୍ତାର କରନ୍ତି । ତାଙ୍କର ପ୍ରାଥମିକ ବିସ୍ତାର ହେଲା 'ବିଷ୍ଣୁ ତତ୍ତ୍ୱ' ଏବଂ ତାଙ୍କର ଦ୍ୱିତୀୟ ବିସ୍ତାରକୁ ଜୀବ କୁହାଯାଏ । ଅନ୍ୟ କଥାରେ 'ବିଷ୍ଣୁ ତତ୍ତ୍ୱ'କୁ ସ୍ୱାଂଶ ବୋଲି କୁହାଯାଏ ଏବଂ ଜୀବଗଣଙ୍କୁ ବିଭିନ୍ନାଂଶ କୁହାଯାଏ । ତାଙ୍କର ସ୍ୱାଂଶରୂପରେ ସେ ଶ୍ରୀରାମଚନ୍ଦ୍ର, ଶ୍ରୀ ନୃସିଂହଦେବ ବିଷ୍ଣୁମୂର୍ତ୍ତି ଏବଂ ବୈକୁଣ୍ଠଲୋକରେ ଥିବା ସମସ୍ତ ଅଧିପତି ଦେବତା ବା ନାରାୟଣ ରୂପରେ ନିଜକୁ ବିସ୍ତାର କରିଛନ୍ତି । ତାଙ୍କର ବିଭିନ୍ନାଂଶ ଅର୍ଥାତ୍ ଜୀବଗଣ ସନାତନଭାବେ ତାଙ୍କର ସେବକ ଅଟନ୍ତି । ପରମପୁରୁଷ ଭଗବାନଙ୍କର ସ୍ୱାଂଶରୂପମାନ ଅର୍ଥାତ୍ ତାଙ୍କର ବ୍ୟକ୍ତିଗତ ପ୍ରକାଶମାନ ସର୍ବଦା ବିଦ୍ୟମାନ । ଠିକ୍ ସେହିପରି ତାଙ୍କର ବିଭିନ୍ନାଂଶ ଅର୍ଥାତ୍ ଜୀବଗଣଙ୍କର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଅଛି । ପରମେଶ୍ୱରଙ୍କର ଅଂଶବିଶେଷ ହୋଇଥିବା ଯୋଗୁଁ ଜୀବମାନଙ୍କର ଆଂଶିକ ଗୁଣମାନ ଅଛି । ତନ୍ମଧ୍ୟରେ ସ୍ୱାଧୀନତା ଗୋଟିଏ । ପ୍ରତ୍ୟେକ ଜୀବର ଏକ ସ୍ୱତନ୍ତ୍ର ଆତ୍ମା ଅଛି, ତା'ର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଅଛି ଏବଂ ଏକ ଅତି ସୂକ୍ଷ୍ମ ଓ ସୀମିତ ସ୍ୱାଧୀନତା ଅଛି । ସେହି ସ୍ୱାଧୀନତାର ଅପବ୍ୟବହାର କରିବା ଯୋଗୁଁ ବ୍ୟକ୍ତି ବଦ୍ଧଜୀବ ହୁଏ ଏବଂ ସେ ସ୍ୱାଧୀନତାର ଯଥାଯୋଗ୍ୟ ଉପଯୋଗ କଲେ ସେ ସର୍ବଦା ମୁକ୍ତାବସ୍ଥାରେ ଅବସ୍ଥାନ କରିବ । ଉଭୟ ପ୍ରକାର ଅବସ୍ଥାରେ (ଅର୍ଥାତ୍ ବଦ୍ଧାବସ୍ଥା ବା ମୁକ୍ତାବସ୍ଥାରେ) ସେ ପରମେଶ୍ୱରଙ୍କ ପରି ଗୁଣାତ୍ମକଭାବେ ଶାଶ୍ୱତ ଅଟେ । ମୁକ୍ତାବସ୍ଥାରେ ସେ ଏ ଭୌତିକ ବନ୍ଧନରୁ ମୁକ୍ତ ଏବଂ ସେ ଭଗବାନଙ୍କର ଦିବ୍ୟ ସେବାରତ ଅଟେ; କିନ୍ତୁ ବଦ୍ଧାବସ୍ଥାରେ ସେ ଭୂତପ୍ରକୃତିର ତ୍ରିଗୁଣାଧୀନ ଅଟେ ଏବଂ ସେ ଅବସ୍ଥାରେ ସେ ଭଗବାନଙ୍କର ଦିବ୍ୟ ସେବା କଥା ଭୁଲିଯାଏ । ଫଳତଃ ସେ ଏ ଭୌତିକ ଜଗତରେ ନିଜର ସ୍ଥିତି ବଜାୟ ରଖିବା ନିମିତ୍ତ କଠିନ ସଂଗ୍ରାମରତ ହୁଏ ।

କେବଳ ଯେ ଜୀବଗଣ କହିଲେ, ମାନବଗଣ ଏବଂ ମାନବେତର ପ୍ରାଣୀ, ଯଥା -କୁକୁର, ବିରାଡ଼ିଗଣ ଭଗବାନଙ୍କର ଅଂଶବିଶେଷ ଅଟନ୍ତି, ତାହାନୁହେଁ, ଏ ଭୌତିକ ଜଗତର ବିଶିଷ୍ଟ ନିୟନ୍ତ୍ରଣକାରୀ ଦେବତାବୃନ୍ଦ, ଯଥା-ବ୍ରହ୍ମା, ଶିବ ଏବଂ ଏପରିକି ବିଷ୍ଣୁ ମଧ୍ୟ ପରମେଶ୍ୱରଙ୍କର ଅଂଶବିଶେଷ ଅଟନ୍ତି । ଏମାନେ ସମସ୍ତେ, ଶାଶ୍ୱତ ଅଟନ୍ତି; ସାମୟିକ ବା ଅସ୍ଥାୟୀ ପ୍ରକାଶ ନୁହଁନ୍ତି । ଏଠାରେ ବ୍ୟବହୃତ 'କର୍ଷତି' ଶବ୍ଦ (କଠିନ ସଂଗ୍ରାମରତ) ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ । ବଦ୍ଧଜୀବ ଲୁହାଶିକୁଳିରେ ବନ୍ଧା ହେଲାପରି ବନ୍ଧା ହୋଇଛି । ସେ ଅହଂକାରଦ୍ୱାରା ବନ୍ଧା ହୋଇଛି ଏବଂ ମନ ହେଉଛି ମୁଖ୍ୟ ଇନ୍ଦ୍ରିୟ, ଯେ'କି ତାକୁ ଏ ଭୌତିକ ସ୍ଥିତିରେ ପରିଚାଳନା କରୁଛି । ଯେତେବେଳେ ମନ ସତ୍ତ୍ୱଭାବାପନ୍ନ ହୋଇଥାଏ, ସେତେବେଳେ ତା'ର କାର୍ଯ୍ୟାବଳୀ

ଉତ୍ତମ ଅଟେ । ଯେତେବେଳେ ମନ ରଜୋଗୁଣାଧୀନ ହୋଇପଡ଼େ, ସେତେବେଳେ ତା'ର କାର୍ଯ୍ୟାବଳୀ ବଡ଼ ଦୁଃଖଦାୟକ ଅଟେ ଏବଂ ଯେତେବେଳେ ମନ ତମୋଗୁଣାଧୀନ ହୋଇଥାଏ, ସେତେବେଳେ ସେ ନୀଚଜୀବ-ସମାଜରେ ବିଚରଣ କରେ । ଏ ଶ୍ଳୋକରେ ପରିଷ୍କାରଭାବରେ କୁହାଯାଇଛି ଯେ ବଦ୍ଧଜୀବ, ମନ ଓ ଇନ୍ଦ୍ରିୟମାନଙ୍କ ସହ ଏ ଭୌତିକ ଶରୀର ଦ୍ୱାରା ଆଚ୍ଛାଦିତ ଏବଂ ଯେତେବେଳେ ସେ ମୁକ୍ତ ହୋଇଯାଏ, ସେତେବେଳେ ଏ ଭୌତିକ ଆବରଣ ନଷ୍ଟ ହୋଇଯାଏ; କିନ୍ତୁ ବ୍ୟକ୍ତିଗତ ଶକ୍ତି ଅନୁଯାୟୀ ତା'ର ଦିବ୍ୟ ଶରୀର ପ୍ରକାଶିତ ହୁଏ । ମାଧ୍ୟନ୍ଦିନାୟନ ଶ୍ରୁତିରେ ନିମ୍ନଲିଖିତ ଶ୍ଳୋକ ଦେଖିବାକୁ ମିଳେ— *"ସ ବା ଏଷ ବ୍ରହ୍ମ-ନିଷ୍ଠ ଇଦଂ ଶରୀରଂ ମର୍ତ୍ତ୍ୟମତିସୃଜ୍ୟ ବ୍ରହ୍ମାଭିସମ୍ପଦ୍ୟ ବ୍ରହ୍ମଣା ପଶ୍ୟତି ବ୍ରହ୍ମଣା ଶୃଣୋତି ବ୍ରହ୍ମଣୈ ବେଦଂ ସର୍ବମନୁଭବତି ।"* ଏଠାରେ କୁହାଯାଉଛି ଯେ, ଯେତେବେଳେ ଜୀବ ଏ ଭୌତିକ ଶରୀର ତ୍ୟାଗକରେ ଏବଂ ଚିଦ୍ ଜଗତରେ ପ୍ରବେଶ କରେ, ସେତେବେଳେ ସେ ତା'ର ଦିବ୍ୟ ଶରୀର ଲାଭକରେ ଏବଂ ସେହି ଦିବ୍ୟ ଶରୀରରେ ସେ ପରମପୁରୁଷ ଭଗବାନଙ୍କୁ ପ୍ରତ୍ୟକ୍ଷଭାବରେ ଦର୍ଶନ କରିପାରେ । ସେ ତାଙ୍କ ସହିତ ପ୍ରତ୍ୟକ୍ଷ ଭାବରେ କଥାବାର୍ତ୍ତା କରିପାରେ, ତାଙ୍କ କଥା ମଧ୍ୟ ଶୁଣିପାରେ ଏବଂ ପରମ ପୁରୁଷ ଭଗବାନଙ୍କୁ ପରିଷ୍କାରଭାବରେ ବୁଝିପାରେ । ସ୍ମୃତି-ଶାସ୍ତ୍ରରେ ମଧ୍ୟ ଏକଥା କୁହାଯାଇଛି ଯେ ବୈକୁଣ୍ଠ ଲୋକମାନଙ୍କରେ ଥିବା ବ୍ୟକ୍ତିମାନଙ୍କର ପରମପୁରୁଷ ଭଗବାନଙ୍କ ଶରୀରପରି ଶରୀର ଅଛି । ଭଗବାନଙ୍କର ବିଭିନ୍ନାଂଶ ଅର୍ଥାତ୍-ଜୀବଗଣଙ୍କର ଶରୀରଗଠନ ଏବଂ ସ୍ୱାଂଶ ବିଷ୍ଣୁମୂର୍ତ୍ତିଙ୍କର ଶରୀରଗଠନ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଅନ୍ୟକଥାରେ ଏହାହିଁ କୁହାଯାଇପାରେ ଯେ ମୁକ୍ତାବସ୍ଥାରେ ଜୀବ ପରମପୁରୁଷ ଭଗବାନଙ୍କ କୃପାଯୋଗୁଁ ଏକ ଦିବ୍ୟଶରୀର ପ୍ରାପ୍ତ ହୁଏ ।

*"ମମୈବାଂଶଃ"* ଶବ୍ଦ (ପରମେଶ୍ୱରଙ୍କର ବିଭିନ୍ନାଂଶ) ବଡ଼ ଅର୍ଥପୂର୍ଣ୍ଣ ଅଟେ । ପରମେଶ୍ୱରଙ୍କର ଏ ବିଭିନ୍ନାଂଶ କୌଣସି ଭୌତିକ ପଦାର୍ଥର ଭଗ୍ନାଂଶ ପରି ନୁହେଁ । ଗୀତାର ଦ୍ୱିତୀୟ ଅଧ୍ୟାୟରେ ଥିବା ବର୍ଣ୍ଣନାରୁ ଆମେ ଜାଣିଛୁ ଯେ ଆତ୍ମାକୁ ଖଣ୍ଡ ଖଣ୍ଡ କରି କାଟି ହେବନାହିଁ । ଏ ବିଭିନ୍ନାଂଶକୁ ଜଡ଼ବସ୍ତୁର ଅଂଶପରି ଧାରଣା କରିବା ଉଚିତ୍ ନୁହେଁ । ଜଡ଼ବସ୍ତୁପରି ଏହାକୁ କାଟି ପୁଣି ଯୋଡ଼ିଦେଇ ହେବ ନାହିଁ । ସେ ଧାରଣା ଏଠାରେ ପ୍ରଯୁଜ୍ୟ ନୁହେଁ, କାରଣ ଏଠାରେ ସଂସ୍କୃତ ଶବ୍ଦ "ସନାତନ" (ଶାଶ୍ୱତ) ବ୍ୟବହୃତ ହୋଇଅଛି । ଏ ବିଭିନ୍ନାଂଶ ସନାତନ ବା ଶାଶ୍ୱତ ଅଟେ । ଦ୍ୱିତୀୟ ଅଧ୍ୟାୟର ପ୍ରାରମ୍ଭରେ ମଧ୍ୟ ଏକଥା କୁହାଯାଇଛି *(ଦେହିନୋଽସ୍ମିନ୍ ଯଥା)* ଯେ ପ୍ରତ୍ୟେକ ବ୍ୟକ୍ତିର ଶରୀରରେ ପରମେଶ୍ୱରଙ୍କର ବିଭିନ୍ନାଂଶ ବିଦ୍ୟମାନ । ସେ ବିଭିନ୍ନାଂଶ, ଯେତେବେଳେ ଏ ଶରୀର ବନ୍ଧନରୁ ମୁକ୍ତ ହୁଏ, ସେତେବେଳେ ସେ ପରବ୍ୟୋମରେ ଥିବା ଏକ ବୈକୁଣ୍ଠଲୋକରେ ତା'ର ମୌଳିକ ଦିବ୍ୟଶରୀର ପ୍ରାପ୍ତ ହୁଏ ଏବଂ ପରମେଶ୍ୱରଙ୍କର ସଙ୍ଗଲାଭ କରି ଦିବ୍ୟ ଆନନ୍ଦ ଉପଭୋଗ କରେ । ଏହା ମଧ୍ୟ ଏଠାରେ ବୁଝାଯାଉଛି ଯେ ଜୀବ ପରମେଶ୍ୱରଙ୍କର ବିଭିନ୍ନାଂଶ ହୋଇଥିବାରୁ ତାଙ୍କସହ ଗୁଣାତ୍ମକଭାବେ ଏକ । ଯେପରି ଏକ ବଡ଼ ସୁନାମୁଣ୍ଡାର ଟୁକୁଡ଼ା ଅଂଶ ମଧ୍ୟ ସୁନା ଅଟେ, ସେହିପରି ଜୀବ ଗୁଣରେ ଭଗବାନଙ୍କସହ ଏକ ଅଟେ ।

## ଶ୍ଳୋକ - ୮

**ଶରୀରଂ ଯଦବାପ୍ନୋତି ଯଚ୍ଚାପ୍ୟୁତ୍କ୍ରାମତୀଶ୍ୱରଃ ।**
**ଗୃହୀତ୍ୱୈତାନି ସଂଯାତି ବାୟୁର୍ଗନ୍ଧାନିବାଶୟାତ୍ ।।୮।।**

## ଶବ୍ଦାନୁବାଦ

ଶରୀରମ୍=ଶରୀର; ଯତ୍=ଯେପରି; ଅବାପ୍ନୋତି=ପାଏ; ଯତ୍=ଯାହା; ଚ=ମଧ୍ୟ; ଅପି=ବାସ୍ତବରେ; ଉତ୍‌କ୍ରାମତି=ତ୍ୟାଗକରେ; ଈଶ୍ୱରଃ=ଶରୀରର ପ୍ରଭୁ; ଗୃହୀତ୍ୱା=ଗ୍ରହଣ କରି; ଏତାନି=ଏ ସବୁ; ସଂଯାତି=ଯାଏ; ବାୟୁଃ=ବାୟୁ; ଗନ୍ଧାନ୍=ଗନ୍ଧ; ଇବ=ପରି; ଆଶୟାତ୍=ଫୁଲରୁ ।

## ଅନୁବାଦ

**ଯେପରି ବାୟୁ ଫୁଲରୁ ଗନ୍ଧ ବୋହିନିଏ, ସେହିପରି ଜୀବ ଏ ଭୌତିକ ଜଗତରେ ଜୀବନର ବିଭିନ୍ନ ଧାରଣା (ବା ଅନୁଭୂତି)କୁ ବହନ କରି ଗୋଟିଏ ଶରୀରରୁ ଆଉ ଗୋଟିଏ ଶରୀରକୁ ଗତି କରେ ।**

## ଭାବାର୍ଥ

ଏଠାରେ ଜୀବକୁ 'ଈଶ୍ୱର' ବୋଲି ବର୍ଣ୍ଣନା କରାଯାଇଛି; ଅର୍ଥାତ୍ - ସେ ଶରୀରର ନିୟନ୍ତ୍ରଣକାରୀ । ଯଦି ସେ ଇଚ୍ଛାକରେ, ତେବେ ସେ ଏକ ଉନ୍ନତତର ଅବସ୍ଥାକୁ ଶରୀର ପରିବର୍ତ୍ତନ କରିପାରେ ଏବଂ ସେ ଯଦି ଇଚ୍ଛାକରେ, ତାହାହେଲେ ସେ ଏକ ନୀଚତର ଅବସ୍ଥାକୁ ମଧ୍ୟ ଯାଇପାରେ । ଜୀବର ସୂକ୍ଷ୍ମ ସ୍ୱାଧୀନତା ଅଛି, ତା' ଶରୀରର ପରିବର୍ତ୍ତନ ତା' ନିଜ ଉପରେ ନିର୍ଭର କରେ । ମୃତ୍ୟୁ ସମୟରେ, ସେ ଯେଉଁ ପ୍ରକାର ଚେତନାର ବଶବର୍ତ୍ତୀ ହୁଏ, ପରଜନ୍ମରେ ସେହିପ୍ରକାର ଚେତନା ଅନୁଯାୟୀ ସେ ଏକ ଶରୀର ପ୍ରାପ୍ତ ହୁଏ । ସେ ଯଦି ଗୋଟିଏ ବିରାଡ଼ି କିମ୍ବା କୁକୁରର ଚେତନାରେ ଶରୀର ତ୍ୟାଗକରେ, ତାହାହେଲେ ସେ ନିଶ୍ଚୟ ବିରାଡ଼ି କିମ୍ବା କୁକୁରର ଶରୀର ପ୍ରାପ୍ତ ହେବ, ଯଦି ସେ ଦୈବୀଚେତନାରେ ଶରୀର ତ୍ୟାଗ କରେ, ତାହାହେଲେ ସେ ଏକ ଦେବତାର ଶରୀର ପ୍ରାପ୍ତ ହେବ, ସେ ଯଦି କୃଷ୍ଣଚେତନାରେ ଶରୀର ତ୍ୟାଗକରେ, ତାହାହେଲେ ପରବ୍ୟୋମରେ ଥିବା କୃଷ୍ଣଲୋକକୁ ସେ ନିଶ୍ଚୟ ଯିବ ଏବଂ ଶ୍ରୀକୃଷ୍ଣଙ୍କର ସଙ୍ଗଲାଭ କରିପାରିବ । ଏ ଶରୀର ନାଶ ଗଲାପରେ ଯେ ସବୁ ଶେଷ ହୋଇଗଲା ଏପରି ଭାବିବା ଭ୍ରମାତ୍ମକ ଅଟେ । ଜୀବ ଗୋଟିଏ ଶରୀରରୁ ଆଉ ଗୋଟିଏ ଶରୀରକୁ ଗତି କରୁଛି ତା'ର ବର୍ତ୍ତମାନର ଶରୀର ଏବଂ ବର୍ତ୍ତମାନର କାର୍ଯ୍ୟାବଳୀ ତା'ର ପରବର୍ତ୍ତୀ ଶରୀରର ଭୂମିକା ଅଟେ । ତା'ର କର୍ମ ଅନୁଯାୟୀ ବ୍ୟକ୍ତି ବିଭିନ୍ନ ପ୍ରକାର ଶରୀର ପ୍ରାପ୍ତ ହୁଏ ଏବଂ ଯଥା ସମୟରେ ସେ ଶରୀରକୁ ମଧ୍ୟ ସେ ତ୍ୟାଗକରେ । ଏଠାରେ କୁହାଯାଇଛି ଯେ ଯେଉଁ ସୂକ୍ଷ୍ମ ଶରୀର ପରବର୍ତ୍ତୀ ଶରୀର-ଧାରଣାକୁ ବହନ କରିନିଏ, ତାହା ପରଜନ୍ମରେ ଅନ୍ୟ ଏକ ଶରୀର ବୃଦ୍ଧି କରାଏ । ଗୋଟିଏ ଶରୀରରୁ ଆଉଗୋଟିଏ ଶରୀରକୁ ଯାତ୍ରା କରିବା ଏବଂ ଏହି ଶରୀରରେ ଥିଲାବେଳେ ସଂଗ୍ରାମ କରିବା ବିଧିକୁ 'କର୍ଷତି', ଅର୍ଥାତ୍-ଜୀବନ ସଂଗ୍ରାମ ବୋଲି କୁହାଯାଏ ।

## ଶ୍ଳୋକ - ୯

**ଶ୍ରୋତ୍ରଂ ଚକ୍ଷୁଃ ସ୍ପର୍ଶନଂ ଚ ରସନଂ ଘ୍ରାଣମେବ ଚ ।**
**ଅଧିଷ୍ଠାୟ ମନଶ୍ଚାୟଂ ବିଷୟାନୁପସେବତେ ।। ୯ ।।**

## ଶବ୍ଦାନୁବାଦ

ଶ୍ରୋତ୍ରମ୍=କର୍ଣ୍ଣ; ଚକ୍ଷୁଃ=ଚକ୍ଷୁ; ସ୍ପର୍ଶନମ୍=ସ୍ପର୍ଶେନ୍ଦ୍ରିୟ; ଚ=ମଧ୍ୟ; ରସନମ୍=ଜିହ୍ୱା; ଘ୍ରାଣମ୍=ଘ୍ରା-ଣଶକ୍ତି; ଏବ=ମଧ୍ୟ; ଚ=ଏବଂ; ଅଧିଷ୍ଠାୟ=ଅଧିଷ୍ଠିତହୋଇ; ମନଃ=ମନ; ଚ=ମଧ୍ୟ; ଅୟମ୍=ଏହା; ବିଷୟାନ୍=ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ; ଉପସେବତେ=ଉପଭୋଗ କରେ ।

## ଅନୁବାଦ

**ଏହିପରି ଜୀବ ଆଉ ଗୋଟିଏ ସ୍ଥୂଳ ଶରୀର ପ୍ରାପ୍ତହୋଇ ଗୋଟିଏ ପ୍ରକାର କର୍ଣ୍ଣ, ଜିହ୍ୱା, ନାସିକା ଏବଂ ସ୍ପର୍ଶେନ୍ଦ୍ରିୟ ଆଦି ପ୍ରାପ୍ତହୁଏ । ଏମାନେ ସମସ୍ତେ ମନକୁ ବେଢ଼ିକରି ରହନ୍ତି । ଏହିପରି ଜୀବ ଏକ ନିର୍ଦ୍ଦିଷ୍ଟ ପ୍ରକାର ଇନ୍ଦ୍ରିୟଗ୍ରାହ୍ୟ ବିଷୟବସ୍ତୁ ଉପଭୋଗ କରେ ।**

## ଭାବାର୍ଥ

ଅନ୍ୟକଥାରେ ଯଦି ଜୀବ କୁକୁର କିମ୍ବା ବିରାଡ଼ିର ଗୁଣରେ ନିଜ ଚେତନାକୁ କଳୁଷିତ କରେ, ତାହାହେଲେ ପରଜନ୍ମରେ ସେ ଗୋଟିଏ କୁକୁର କିମ୍ବା ବିରାଡ଼ି-ଶରୀର ପ୍ରାପ୍ତ ହୁଏ ଏବଂ ତଦନୁଯାୟୀ ବିଷୟ ଉପଭୋଗ କରେ । ସ୍ୱଭାବତଃ ଜଳପରି ଚେତନା ବିଶୁଦ୍ଧ ଅଟେ । କିନ୍ତୁ ଆମ୍ଭେମାନେ ଯଦି ପାଣିରେ କିଛି ରଙ୍ଗ ମିଶାଇବା, ତାହାହେଲେ ତାହା ପରିବର୍ତ୍ତିତ ହୋଇଯିବ । ଠିକ୍ ସେହିପରି ଚେତନା ବିଶୁଦ୍ଧ ଅଟେ, କାରଣ ଜୀବାତ୍ମା ବିଶୁଦ୍ଧ ଅଟେ । କିନ୍ତୁ ଭୌତିକ ଗୁଣର ସଂସ୍ପର୍ଶ ଅନୁଯାୟୀ ଚେତନା ପରିବର୍ତ୍ତିତ ହୁଏ । ପ୍ରକୃତ ଚେତନା ହେଉଛି କୃଷ୍ଣଚେତନା । ତେଣୁ ଯେତେବେଳେ ବ୍ୟକ୍ତି କୃଷ୍ଣଚେତନାରେ ସ୍ଥିର ହୁଏ, ସେତେବେଳେ ସେ ବିଶୁଦ୍ଧ ଜୀବନଯାପନ କରେ । କିନ୍ତୁ ଯଦି ତା'ର ଚେତନା କୌଣସି ପ୍ରକାର ଭୌତିକ ମନୋବୃତ୍ତିଦ୍ୱାରା ଦୂଷିତ ହୋଇଯାଏ, ତାହାହେଲେ ପରଜନ୍ମରେ ସେ ତଦନୁଯାୟୀ ଏକ ଶରୀର ପ୍ରାପ୍ତହୁଏ । ସେ ଯେ ପୁନର୍ବାର ମାନବ ଶରୀର ପାଇବ ଏପରି କିଛି କଥା ନୁହେଁ, ସେ କୁକୁର, ବିରାଡ଼ି ଶୂକର, ଦେବତା କିମ୍ବା ଅନ୍ୟ ଯେ କୌଣସି ଜୀବର ଶରୀର ପାଇପାରେ, କାରଣ ୮୪, ୦୦୦,୦୦ ଜୀବ ଯୋନି ଅଛି ।

## ଶ୍ଳୋକ - ୧୦

**ଉତ୍କ୍ରାମନ୍ତଂ ସ୍ଥିତଂ ବାପି ଭୁଞ୍ଜାନଂ ବା ଗୁଣାନ୍ୱିତମ୍ ।**
**ବିମୂଢ଼ା ନାନୁପଶ୍ୟନ୍ତି ପଶ୍ୟନ୍ତି ଜ୍ଞାନ ଚକ୍ଷୁଷଃ ।। ୧୦ ।।**

## ଶବ୍ଦାନୁବାଦ

ଉତ୍କ୍ରାମନ୍ତମ୍=ଶରୀର ତ୍ୟାଗକରି; ସ୍ଥିତମ୍=ଶରୀରରେ ଅବସ୍ଥିତ; ବା ଅପି=କିମ୍ବା; ଭୁଞ୍ଜାନମ୍=ଉପଭୋଗ କରି; ବା=କିମ୍ବା; ଗୁଣ-ଅନ୍ୱିତମ୍=ପ୍ରକୃତିର ଗୁଣାନୁବଶରେ; ବିମୂଢ଼ାଃ=ମୂର୍ଖମାନେ; ନ ଅନୁପଶ୍ୟନ୍ତି=ଦେଖିପାରନ୍ତି ନାହିଁ; ପଶ୍ୟନ୍ତି=ଦେଖିପାରନ୍ତି; ଜ୍ଞାନ-ଚକ୍ଷୁଷଃ=ଯେଉଁମାନଙ୍କର ଜ୍ଞାନଚକ୍ଷୁ ଅଛି ।

## ଅନୁବାଦ

**କିପରି ଜୀବ ତା'ର ଶରୀର ତ୍ୟାଗ କରିପାରେ-ଏକଥା ମୂର୍ଖମାନେ ବୁଝିପାରନ୍ତି ନାହିଁ କିମ୍ବା ଭୂତପ୍ରକୃତିର ତ୍ରିଗୁଣାଧୀନ ହୋଇ ଜୀବ କି' ପ୍ରକାର ଶରୀରରେ ରହି (ଜୀବନ) ଉପଭୋଗ କରୁଛି - ଏକଥା ମଧ୍ୟ ସେମାନେ ବୁଝିପାରନ୍ତି ନାହିଁ । କିନ୍ତୁ ଯାହାର ଜ୍ଞାନଚକ୍ଷୁ ଉନ୍ମିଳିତ ହୋଇଅଛି; ସେ ଏସବୁ ଠିକ୍‌ରକମ ଦେଖିପାରେ ।**

## ଭାବାର୍ଥ

ଏଠାରେ ବ୍ୟବହୃତ 'ଜ୍ଞାନଚକ୍ଷୁଷଃ' ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ । ଜ୍ଞାନଚକ୍ଷୁ ବିନା ଜୀବ କଦାପି ବୁଝିପାରିବ ନାହିଁ - କିପରି ଜୀବ ଏ ଶରୀର ତ୍ୟାଗକରେ କିମ୍ବା ପରଜନ୍ମରେ କି'ପ୍ରକାର ଶରୀର ସେ ଲାଭ କରିବାକୁ ଯାଉଛି କିମ୍ବା କାହିଁକି ସେ ଏକ ନିର୍ଦ୍ଦିଷ୍ଟ ଶରୀର ଧାରଣକରି ରହିଛି । ଯେଉଁ ବ୍ୟକ୍ତି ଭଗବଦ୍ ଗୀତାରୁ ଯଥେଷ୍ଟ ଜ୍ଞାନ ଆହରଣ କରିପାରିଛି ଏବଂ ଏକ ଉପଯୁକ୍ତ ଗୁରୁ ବା ଆଚାର୍ଯ୍ୟଙ୍କଠାରୁ ଏ ପ୍ରକାର ଶାସ୍ତ୍ରବାଣୀ ଶୁଣିଛି ସେ ହିଁ ଏସବୁ ବୁଝି ପାରିବ । ଯେ ଏସବୁ ଦେଖିବାର ଯୋଗ୍ୟତା ହାସଲ କରିଛି, ସେ ଏକ ଭାଗ୍ୟବାନ୍ ବ୍ୟକ୍ତି ଅଟେ । ପ୍ରତ୍ୟେକ ଜୀବ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଶରୀର ତ୍ୟାଗ କରୁଛି; ପ୍ରକୃତିର ଗୁଣାଧୀନ ହୋଇ ସେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିର ବଶହୋଇ ଜୀବନଯାପନ କରୁଛି ଏବଂ ଜୀବନକୁ ଉପଭୋଗ କରୁଛି । ଫଳରେ ସେ ଇନ୍ଦ୍ରିୟ ସୁଖଭୋଗ ନାମରେ ବିଭିନ୍ନ ପ୍ରକାର ସୁଖଦୁଃଖ ଭୋଗକରୁଛି । ଯେଉଁ ଲୋକମାନେ ବରାବର ଇନ୍ଦ୍ରିୟ ସୁଖଭୋଗ କାମନାରେ ଏବଂ କାମ ପିପାସାରେ ଅନ୍ଧ ହୋଇଛନ୍ତି, ସେମାନେ ସେମାନଙ୍କର ବୋଧଶକ୍ତିକୁ ଚିରଦିନ ପାଇଁ ହରାଇଛନ୍ତି-କାହିଁକି ସେମାନେ ଦେହାନ୍ତର ପ୍ରାପ୍ତ ହେଉଛନ୍ତି ଏବଂ କାହିଁକି ସେମାନେ ଏକ ନିର୍ଦ୍ଦିଷ୍ଟ ଶରୀର ଧାରଣ କରୁଛନ୍ତି - ଏକଥା ସେମାନେ ବୁଝିପାରୁ ନାହାନ୍ତି । ଯେଉଁମାନେ ଦିବ୍ୟଜ୍ଞାନ ଲାଭ କରିଛନ୍ତି, ସେମାନେ ଦେଖିପାରୁଛନ୍ତି ଯେ ଆତ୍ମା ଶରୀରଠାରୁ ଭିନ୍ନ; ସେ ବରାବର ଶରୀର ପରିବର୍ତ୍ତନ କରୁଛି ଏବଂ ବିଭିନ୍ନ ଢ଼ଙ୍ଗରେ ଉପଭୋଗ କରୁଛି । ଯେଉଁ ବ୍ୟକ୍ତି ଏ ପ୍ରକାର ଜ୍ଞାନ ଲାଭ କରିଛି ସେ ବୁଝିପାରିବ କାହିଁକି ବଦ୍ଧଜୀବ ଏ ଭୌତିକସ୍ଥିତିରେ ରହି ଦୁଃଖଭୋଗ କରୁଛି । ତେଣୁ ଯେଉଁମାନେ କୃଷ୍ଣଚେତନାରେ ଖୁବ୍ ଅଗ୍ରଗତି କରିଛନ୍ତି, ସେମାନେ ଜନସାଧାରଣଙ୍କୁ ଏ ଜ୍ଞାନପ୍ରଦାନ କରିବା ନିମିତ୍ତ ଯଥାସାଧ୍ୟ ଚେଷ୍ଟା କରୁଛନ୍ତି; କାରଣ ବଦ୍ଧଜୀବନ ବଡ଼ ଦୁଃଖଦାୟକ ଅଟେ । ସେମାନେ ଏଥିରୁ ମୁକ୍ତହେବା ଉଚିତ୍ ଏବଂ କୃଷ୍ଣଚେତନଶୀଳ ହୋଇ ନିଜକୁ ଭୌତିକ ବନ୍ଧନରୁ ମୁକ୍ତକରି ଚିଦ୍ ଜଗତକୁ ଯିବା ଉଚିତ୍ ।

## ଶ୍ଳୋକ - ୧୧

**ଯତନ୍ତୋ ଯୋଗିନଶ୍ଚୈନଂ ପଶ୍ୟନ୍ତ୍ୟାତ୍ମନ୍ୟବସ୍ଥିତମ୍ ।**
**ଯତନ୍ତୋଽପ୍ୟକୃତାତ୍ମାନୋ ନୈନଂ ପଶ୍ୟନ୍ତ୍ୟଚେତସଃ ।। ୧୧ ।।**

## ଶବ୍ଦାନୁବାଦ

ଯତନ୍ତଃ=ପ୍ରଚେଷ୍ଟାବାନ୍; ଯୋଗିନଃ=ଯୋଗୀଗଣ; ଚ=ମଧ୍ୟ; ଏନମ୍=ଏହାଙ୍କୁ; ପଶ୍ୟନ୍ତି=ଦେଖିପାରନ୍ତି; ଆତ୍ମନି=ଆତ୍ମାରେ; ଅବସ୍ଥିତମ୍=ଅବସ୍ଥିତ; ଯତନ୍ତଃ=ଯଦିଓ ପ୍ରଚେଷ୍ଟାବାନ୍; ଅପି=ଯଦିଓ; ଅକୃତ-ଆତ୍ମାନଃ=ଆତ୍ମାନୁଭୂତି ବିନା, (ଯେଉଁମାନେ ଆତ୍ମାନୁଭୂତି ଲାଭ ଦିଗରେ

କୃତକାର୍ଯ୍ୟ ହୋଇ ନାହାନ୍ତି); ନ=ନୁହେଁ; ଏନମ୍=ଏହା; ପଶ୍ୟନ୍ତି=ଦେଖିପାରନ୍ତି; ଅଚେତସଃ=ନୀଚ ଚେତନାରେ ଥିବା ବ୍ୟକ୍ତି ।

## ଅନୁବାଦ

**ଯେଉଁ ପ୍ରଚେଷ୍ଟାବାନ୍ ଯୋଗୀଗଣ ଆତ୍ମାନୁଭୂତି ଲାଭ କରିଥା'ନ୍ତି ବା ସେହି ସ୍ତରରେ ଅବସ୍ଥାନ କରୁଥା'ନ୍ତି ସେମାନେ ଏସବୁ କିପରି ସଂଘଟିତ ହେଉଛି ପରିଷ୍କାରଭାବେ ଦେଖିପାରନ୍ତି, କିନ୍ତୁ ଯେଉଁମାନେ ଆତ୍ମାନୁଭୂତି ଲାଭ ନ କରିଛନ୍ତି ଅର୍ଥାତ୍ ସେ ସ୍ତରଲାଭ କରିପାରି ନାହାନ୍ତି ଯେତେ ଚେଷ୍ଟା କଲେ ବି ସେମାନେ ଏସବୁ ଦେଖିପାରିବେ ନାହିଁ ।**

## ଭାବାର୍ଥ

ଆତ୍ମାନୁଭୂତି ଲାଭ ମାର୍ଗରେ ଅନେକ ଯୋଗୀ ଗତି କରୁଛନ୍ତି, କିନ୍ତୁ ଯେ ଆତ୍ମାନୁଭୂତି ଲାଭ ନ କରିଛି ଅର୍ଥାତ୍ ସେ ସ୍ତରରେ ଉପନୀତ ନ ହୋଇଛି, ସେ କଦାପି ଦେଖିପାରିବ ନାହିଁ ଜୀବର ଶରୀର ମଧ୍ୟରେ କିପରି ପରିବର୍ତ୍ତନ ସଂଘଟିତ ହେଉଛି । ଏହି ସମ୍ପର୍କରେ *'ଯୋଗିନଃ'* ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ । ଆଜିକାଲି ଅନେକ ଯୋଗୀ ଦେଖିବାକୁ ମିଳନ୍ତି ଏବଂ ଅନେକ ତଥାକଥିତ ଯୋଗୀସଂଘ ମଧ୍ୟ ଅଛି; କିନ୍ତୁ ବାସ୍ତବରେ ସେମାନେ ଆତ୍ମାନୁଭୂତି ଲାଭ ମାର୍ଗରେ ଅନ୍ଧ ଅଟନ୍ତି । ସେମାନେ କେବଳ କେତେକ ପ୍ରକାର ଶାରୀରିକ କସରତ୍ (ହଟ୍ଟଯୋଗ ସାଧନା) କରିବାରେ ବ୍ୟସ୍ତ ଏବଂ ଶରୀରଟି ଯଦି ସୁଗଠିତ ହୋଇଛି ଓ ସୁସ୍ଥ ରହିଛି, ତାହାହେଲେ ସବୁ ଠିକ୍ ଅଛି । ସେହିଥିରେ ସେମାନେ ସନ୍ତୁଷ୍ଟ ରହନ୍ତି । ସେମାନେ ଆଉ ଅଧିକ କିଛି ଜାଣନ୍ତି ନାହିଁ। ସେମାନଙ୍କୁ *'ଯତନ୍ତୋଽପି ଅକୃତାତ୍ମାନଃ'* ବୋଲି କୁହାଯାଏ । ଯଦିଓ ସେମାନେ ତଥାକଥିତ ଏକପ୍ରକାର ଯୋଗସାଧନାରେ ବ୍ରତୀ ବା ପ୍ରଚେଷ୍ଟାବାନ୍, ତଥାପି ସେମାନେ ଆତ୍ମତତ୍ତ୍ୱବିତ୍ ନୁହଁନ୍ତି ଅର୍ଥାତ୍ ଆତ୍ମାନୁଭୂତି ଲାଭକରି ନାହାନ୍ତି । ଏପ୍ରକାର ଲୋକମାନେ ବୁଝିପାରିବେ ନାହିଁ, ଆତ୍ମା କିପରି ବିଭିନ୍ନ ଶରୀର ମଧ୍ୟରେ ପ୍ରବେଶ କରୁଛି । କେବଳ ସେହିମାନେ ବୁଝିପାରିବେ, ଯେଉଁମାନେ ବାସ୍ତବରେ ଯୋଗୀ ବା ଯୋଗମାର୍ଗର ପଥିକ, ଯେଉଁମାନେ ଆତ୍ମାନୁଭୂତି ଲାଭ କରିପାରିଛନ୍ତି, ଏ ପୃଥିବୀକୁ ଏବଂ ଭଗବାନଙ୍କୁ ବୁଝିପାରିଛନ୍ତି, ଅର୍ଥାତ୍ ଅନ୍ୟକଥାରେ ଏହାହିଁ କୁହାଯାଇପାରେ ଯେ ଯେଉଁମାନେ ଭକ୍ତିଯୋଗୀ-ଅର୍ଥାତ୍ ଯେଉଁମାନେ ସର୍ବଦା କୃଷ୍ଣଚେତନଶୀଳ ହୋଇ ଶୁଦ୍ଧ ଭକ୍ତିଯୋଗପଥର ପଥିକ-ସର୍ବଦା କୃଷ୍ଣ ସେବାରତ ସେହିମାନେ ହିଁ ବୁଝିପାରିବେ କିପରି ସବୁ ସଂଘଟିତ ହେଉଛି ।

## ଶ୍ଳୋକ - ୧୨

**ଯଦାଦିତ୍ୟଗତଂ ତେଜୋ ଜଗଦ୍ଭାସୟତେଽଖିଳମ୍ ।**
**ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ ତତ୍ତେଜୋ ବିଦ୍ଧି ମାମକମ୍ ।।୧୨।।**

## ଶବ୍ଦାନୁବାଦ

ଯତ୍=ଯାହା; ଆଦିତ୍ୟ-ଗତମ୍=ସୂର୍ଯ୍ୟକିରଣରେ; ତେଜଃ=ତେଜ; ଜଗତ୍=ସମଗ୍ର ଜଗତ; ଭାସୟତେ=ଉଦ୍ଭାସିତ ହୁଏ; ଅଖିଳମ୍=ସଂପୂର୍ଣ୍ଣରୂପେ; ଯତ୍=ଯାହା; ଚନ୍ଦ୍ରମସି=ଚନ୍ଦ୍ରରେ; ଯତ୍=ଯାହା; ଚ=ମଧ୍ୟ; ଅଗ୍ନୌ=ଅଗ୍ନିରେ; ତତ୍=ତାହା; ତେଜଃ=ତେଜ; ବିଦ୍ଧି=ଜାଣିରଖ; ମାମକମ୍=ମୋ'ଠାରୁ ।

## ଅନୁବାଦ

**ଯେଉଁ ସୂର୍ଯ୍ୟକିରଣ, ସମଗ୍ର ଜଗତର ଅନ୍ଧକାରକୁ ଦୂର କରୁଛି, ତାହା ମୋ'ଠୁଁ ଆସୁଛି ଏବଂ ଚନ୍ଦ୍ରଙ୍କ ତେଜ ଏବଂ ଅଗ୍ନି-ତେଜ ମଧ୍ୟ ମୋ'ଠୁଁ ଆସୁଛି ।**

## ଭାବାର୍ଥ

ନିର୍ବୋଧ ବ୍ୟକ୍ତି ବୁଝିପାରେ ନାହିଁ କିପରି କ୍ରିୟାମାନ ସଂଘଟିତ ହେଉଅଛି । ଭଗବାନ୍ ଏଠାରେ ଯାହା କହୁଛନ୍ତି, ତାହା ବୁଝିଲେ ଜ୍ଞାନର ପ୍ରାଥମିକ ଭୂମିକା ଲାଭ କରିପାରିବ । ପ୍ରତ୍ୟେକେ ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ଓ ବିଦ୍ୟୁତ୍‌କୁ ଦେଖୁଛନ୍ତି । ସାଧାରଣତଃ ବ୍ୟକ୍ତି ଏହା ବୁଝିବାକୁ ଚେଷ୍ଟା କରିବା ଉଚିତ୍ ଯେ ସୂର୍ଯ୍ୟଙ୍କ ତେଜ, ଚନ୍ଦ୍ରଙ୍କ ତେଜ, ଅଗ୍ନି ଓ ବିଦ୍ୟୁତ୍‌ର ତେଜ ପରମପୁରୁଷ ଭଗବାନଙ୍କଠାରୁହିଁ ଆସୁଛି । ଏ ପ୍ରକାର ଜୀବନ ଧାରଣାରେ ଏ ଭୌତିକ ଜଗତରେ ବଦ୍ଧଜୀବ ପକ୍ଷରେ କୃଷ୍ଣଚେତନାର ପ୍ରାରମ୍ଭ ହିଁ ଯଥେଷ୍ଟ ଅଗ୍ରଗତି ଅଟେ । ଜୀବଗଣ ଭଗବାନଙ୍କର ଅଂଶବିଶେଷ ଏବଂ ସେ ଏଠାରେ ସୂଚନା ଦେଉଛନ୍ତି କିପରି ସେମାନେ ଭଗବାନଙ୍କ ପାଖିକୁ ସେମାନଙ୍କର ଶାଶ୍ୱତ ଗୃହକୁ ଫେରିଯିବେ । ଏ ଶ୍ଳୋକରୁ ଆମ୍ଭେମାନେ ବୁଝିପାରିବା ଯେ ସୂର୍ଯ୍ୟ ସମଗ୍ର ଗ୍ରହମଣ୍ଡଳକୁ ଆଲୋକିତ କରୁଛନ୍ତି । ବିଭିନ୍ନପ୍ରକାର ବ୍ରହ୍ମାଣ୍ଡ ଓ ଗ୍ରହମଣ୍ଡଳ ଅଛି ଏବଂ ବିଭିନ୍ନ ସୂର୍ଯ୍ୟ, ଚନ୍ଦ୍ର ଓ ଗ୍ରହମାନ ମଧ୍ୟଅଛନ୍ତି । ଭଗବାନଙ୍କର ପରବ୍ୟୋମରୁ ଆସୁଥିବା ଦିବ୍ୟାଲୋକ ବା ଦୀପ୍ତି ହିଁ ସୂର୍ଯ୍ୟାଲୋକ ଅଟେ । ସୂର୍ଯ୍ୟୋଦୟ ସଙ୍ଗେ ସଙ୍ଗେ ମାନବମାନଙ୍କର କାର୍ଯ୍ୟ ଆରମ୍ଭ ହୋଇଯାଏ । ସେମାନେ ଖାଦ୍ୟ ପ୍ରସ୍ତୁତ ଏବଂ କାରଖାନା ଆଦି ଚଳାଇବା ନିମିତ୍ତ ଅଗ୍ନି ପ୍ରସ୍ତୁତ କରନ୍ତି । ଏହିପରି ଅଗ୍ନି ସାହାଯ୍ୟରେ ଅନେକ କାମ ହେଉଛି । ସେଇଥିପାଇଁ ସୂର୍ଯ୍ୟୋଦୟ, ଅଗ୍ନି ଏବଂ ଚନ୍ଦ୍ରକିରଣ ଜୀବମାନଙ୍କ ପକ୍ଷରେ ଅତି ଆମୋଦଦାୟକ ଅଟେ । ସେମାନଙ୍କ ବିନା କୌଣସି ଜୀବ ବଞ୍ଚିପାରିବେ ନାହିଁ । ତେଣୁ ଯଦି ବ୍ୟକ୍ତି ବୁଝିପାରିବ ଯେ ସୂର୍ଯ୍ୟ ଚନ୍ଦ୍ର ଓ ଅଗ୍ନିର ତେଜ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କଠାରୁ ହିଁ ଆସୁଛି, ତାହାହେଲେ ତା'ର କୃଷ୍ଣଚେତନା ଆରମ୍ଭ ହେବ । ଚନ୍ଦ୍ରକିରଣ ଯୋଗୁଁ, ସବୁ ଶାକ୍‌ସବଜି ପୁଷ୍ଟ ହେଉଛନ୍ତି । ଚନ୍ଦ୍ରକିରଣ ଏତେ ଆମୋଦଦାୟକ ଯେ ଲୋକମାନେ ସହଜରେ ବୁଝିପାରିବେ, ସେମାନେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଦୟାଯୋଗୁଁ ଜୀବନଧାରଣ କରିପାରିଛନ୍ତି । ତାଙ୍କର କୃପା ନ ହେଲେ ସୂର୍ଯ୍ୟ ରହିପାରିବେ ନାହିଁ; ତାଙ୍କର କୃପା ନହେଲେ ଚନ୍ଦ୍ର ରହିପାରିବେ ନାହିଁ ଏବଂ ତାଙ୍କ କୃପା ନହେଲେ ଅଗ୍ନିର ସୃଷ୍ଟି ବି ହୋଇପାରିବ ନାହିଁ । ପୁନଶ୍ଚ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନି ବିନା କେହି ବଞ୍ଚିପାରିବେ ନାହିଁ । ବଦ୍ଧଜୀବ ମଧ୍ୟରେ କୃଷ୍ଣ ଚେତନା ଜାଗ୍ରତ କରିବା ନିମିତ୍ତ ଏହା ହେଉଛି କେତେକ ଚିନ୍ତାପ୍ରସୂତ କଥା ।

## ଶ୍ଳୋକ - ୧୩

**ଗାମାବିଶ୍ୟ ଚ ଭୂତାନି ଧାରୟାମ୍ୟହମୋଜସା ।**
**ପୁଷ୍ଣାମି ଚୌଷଧୀଃ ସର୍ବାଃ ସୋମୋ ଭୂତ୍ୱା ରସାତ୍ମକଃ ।।୧୩।।**

## ଶବ୍ଦାନୁବାଦ

ଗାମ୍=ଲୋକସମୂହ (ଗ୍ରହସମୂହ); ଆବିଶ୍ୟ=ପ୍ରବେଶ କରି; ଚ=ମଧ୍ୟ; ଭୂତାନି=ଜୀବଗଣ; ଧାରୟାମି=ଧାରଣ କରି ବା ପୋଷଣ କରି; ଅହମ୍=ମୁଁ; ଓଜସା=ମୋର ଶକ୍ତିଦ୍ୱାରା; ପୁଷ୍ଣାମି=ପୁଷ୍ଟକରି; ଚ=ଏବଂ; ଔଷଧୀଃ=ସମସ୍ତ ଶାକସବ୍‌ଜି; ସର୍ବାଃ=ସମସ୍ତ; ସୋମଃ=ଚନ୍ଦ୍ର; ଭୂତ୍ୱା=ହୋଇ; ରସ-ଆତ୍ମକଃ=ରସ ଯୋଗାଇ ।

## ଅନୁବାଦ

**ମୁଁ ପ୍ରତ୍ୟେକ ଲୋକ (ବା ଗ୍ରହ) ମଧ୍ୟରେ ପ୍ରବେଶ କରେ ଏବଂ ମୋର ଶକ୍ତି ଯୋଗୁଁ ସେମାନେ ନିଜ ନିଜ କକ୍ଷ ମଧ୍ୟରେ ରହନ୍ତି । ମୁଁ ଚନ୍ଦ୍ର ହୋଇ ସମସ୍ତ ଶାକ୍‌ସବ୍‌ଜିକୁ ପ୍ରାଣ-ରସ ଯୋଗାଏ ।**

## ଭାବାର୍ଥ

ଏଥିରୁ ଜଣାଯାଉଛି ଯେ ସମସ୍ତ ଗ୍ରହ (ମଣ୍ଡଳ) କେବଳ ଭଗବାନଙ୍କ ଶକ୍ତିବଳରେ ଅନ୍ତରୀକ୍ଷରେ ଭାସି ବୁଲୁଛନ୍ତି । ଭଗବାନ୍ ପ୍ରତ୍ୟେକ ଅଣୁ-ପରମାଣୁ, ପ୍ରତ୍ୟେକ ଗ୍ରହ ଏବଂ ପ୍ରତ୍ୟେକ ଜୀବ ମଧ୍ୟରେ ପ୍ରବେଶ କରନ୍ତି । ଏହା ବ୍ରହ୍ମସଂହିତାରେ ଆଲୋଚନା କରାଯାଇଅଛି । ସେଥିରେ କୁହାଯାଇଛି ଯେ ପରମପୁରୁଷ ଭଗବାନଙ୍କର ଏକ ସ୍ୱାଂଶ ପରମାତ୍ମା ରୂପରେ ଗ୍ରହ, ବ୍ରହ୍ମାଣ୍ଡ, ଜୀବ ଏବଂ ଏପରିକି ଅଣୁ-ପରମାଣୁ ମଧ୍ୟରେ ପ୍ରବେଶ କରନ୍ତି । ତେଣୁ ତାଙ୍କର ପ୍ରବେଶଯୋଗୁଁ ସବୁ ଯଥାଯଥ ଭାବରେ ପ୍ରକାଶିତ ହୁଏ । ଯେତେବେଳେ ଶରୀର ମଧ୍ୟରେ ଆତ୍ମା ଅଛି, ସେତେବେଳେ ଏକ ଜୀବନ୍ତ ମାନବ ଜଳ ଉପରେ ଭାସିପାରେ, କିନ୍ତୁ ଯେତେବେଳେ ଜୀବନୀ ଶକ୍ତିର ସୂଚକ ଆତ୍ମା ଶରୀର ମଧ୍ୟରୁ ବାହାରିଯାଏ, ଅର୍ଥାତ୍ - ଶରୀର ମରିଯାଏ ବା ମୃତ ହୋଇଯାଏ, ସେତେବେଳେ ସେ ଜଳରେ ବୁଡ଼ିଯାଏ । ଅବଶ୍ୟ ଯେତେବେଳେ ଶରୀରଟି ପଚିଯାଏ, ତାହା ନଡ଼ାକୁଟା ବା ଅନ୍ୟ ପଦାର୍ଥ ପରି ଭାସି ଉଠେ, କିନ୍ତୁ ମନୁଷ୍ୟ ମରିଯିବାକ୍ଷଣି ସେ ସାଙ୍ଗେ ସାଙ୍ଗେ ଜଳରେ ନିମଜ୍ଜିତ ହୋଇଯାଏ । ଠିକ୍ ସେହିପରି ଏ ସମସ୍ତ ଗ୍ରହ (ମଣ୍ଡଳ) ଅନ୍ତରୀକ୍ଷରେ ଭାସି ବୁଲୁଛନ୍ତି ଏବଂ ଏହା କେବଳ ସମ୍ଭବ ହୋଇଛି ପରମପୁରୁଷ ଭଗବାନଙ୍କର ପରମ ଶକ୍ତିର ପ୍ରବେଶ ଯୋଗୁଁ । ଠିକ୍ ମୁଠାଏ ଧୂଳିପରି ତାଙ୍କର ଶକ୍ତି ପ୍ରତ୍ୟେକ ଗ୍ରହକୁ ଧାରଣ କରିଛି । ଯଦି କେହି ହାତରେ ମୁଠାଏ ଧୂଳି ଧରିବ, ତାହାହେଲେ ଧୂଳିର ପଡ଼ିଯିବାର ଆଉ ସମ୍ଭାବନା ନାହିଁ,କିନ୍ତୁ ଯଦି ବ୍ୟକ୍ତି ତାକୁ ଆକାଶକୁ ଫୋପାଡ଼ି ଦିଏ, ତାହାହେଲେ ତାହା ପଡ଼ିଯିବ । ଠିକ୍ ସେହିପରି ଏ ଯେଉଁ ଗ୍ରହଗଣ ଅନ୍ତରୀକ୍ଷରେ ଭାସି ବୁଲୁଛନ୍ତି, ସେଗୁଡ଼ିକ ବାସ୍ତବରେ ପରମପୁରୁଷ ଭଗବାନଙ୍କର ବିଶ୍ୱରୂପର ହାତ ମୁଠାରେ ହିଁ ଧରାଯାଇଛନ୍ତି, ତାଙ୍କର (ଭଗବାନଙ୍କର) ବଳ ଓ ଶକ୍ତି ଯୋଗୁଁ ସମସ୍ତ ସ୍ଥାବର ଜଙ୍ଗମ ନିଜ ନିଜ ସ୍ଥାନରେ ରହି ପାରିଛନ୍ତି । କୁହାଯାଇଛି ଯେ ପରମପୁରୁଷ ଭଗବାନଙ୍କ ଯୋଗୁଁ ହିଁ ସୂର୍ଯ୍ୟ କିରଣ ଦେଉଛନ୍ତି ଏବଂ ଗ୍ରହଗଣ ନିଜ ନିଜ କକ୍ଷପଥରେ ନିର୍ଦ୍ଦିଷ୍ଟ ଭାବରେ ଗତି କରୁଛନ୍ତି । ଯଦି ତା' ନ ହୋଇଥା'ନ୍ତା, ତାହାହେଲେ ସମସ୍ତ ଗ୍ରହ (ମଣ୍ଡଳ) ଧୂଳିପରି ଆକାଶରେ ଇତସ୍ତତଃ ବିଚ୍ଛିନ୍ନ ହୋଇ ଧ୍ୱଂସ ହୋଇଯା'ନ୍ତେ । ଠିକ୍ ସେହିପରି ପରମ ପୁରୁଷ ଭଗବାନଙ୍କ ଯୋଗୁଁ ହିଁ ଚନ୍ଦ୍ର ସମସ୍ତ ଉଦ୍ଭିଦ ଜଗତକୁ ପୁଷ୍ଟ କରୁଛି । ଚନ୍ଦ୍ରଙ୍କ ପ୍ରଭାବ ଯୋଗୁଁ ଶାକ୍‌ସବ୍‌ଜିମାନ ସୁସ୍ୱାଦୁ

ହେଉଛନ୍ତି । ଚନ୍ଦ୍ର କିରଣ ବିନା ଶାକ୍ ସବଜି ଉତ୍ପାଦିତ ହୋଇପାରିବ ନାହିଁ କିମ୍ବା ସୁସ୍ୱାଦୁ ହୋଇପାରିବ ନାହିଁ । ପରମପୁରୁଷ ଭଗବାନଙ୍କ ଯୋଗୁଁ ହିଁ ମାନବ-ସମାଜ କାର୍ଯ୍ୟ କରୁଛି, ଆରାମରେ ରହୁଛି ଏବଂ ଖାଦ୍ୟ ଗ୍ରହଣ କରୁଛି । ତା' ନହେଲେ ମାନବ ସମାଜ କଦାପି ତିଷ୍ଠି ପାରିବ ନାହିଁ । ଏଠାରେ ବ୍ୟବହୃତ ''ରସାତ୍ମକଃ'' ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ । ପରମପୁରୁଷ ଭଗବାନଙ୍କ ପ୍ରତିନିଧି ଚନ୍ଦ୍ରଙ୍କ ପ୍ରଭାବ ଯୋଗୁଁ ସବୁ ସୁସ୍ୱାଦୁକର ହୋଇ ଉଠେ ।

## ଶ୍ଳୋକ - ୧୪

**ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ ।**
**ପ୍ରାଣାପାନସମାୟୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ।।୧୪।।**

## ଶବ୍ଦାନୁବାଦ

ଅହମ୍=ମୁଁ; ବୈଶ୍ୱାନରଃ=ପାଚକ ଅଗ୍ନିରୂପ ମୋର ଅଂଶଦ୍ୱାରା; ଭୂତ୍ୱା=ହୋଇ; ପ୍ରାଣିନାମ୍=ସମସ୍ତ ଜୀବଙ୍କର; ଦେହମ୍=ଦେହ ବା ଶରୀର; ଆଶ୍ରିତଃ=ଅବସ୍ଥିତ; ପ୍ରାଣ=ପ୍ରାଣବାୟୁ; ଅପାନ=ଅପାନ ବାୟୁ; ସମାୟୁକ୍ତଃ=ସମତାରକ୍ଷାକରେ; ପଚାମି=ଜୀର୍ଣ୍ଣ କରେ; ଅନ୍ନମ୍=ଖାଦ୍ୟପଦାର୍ଥ; ଚତୁର୍ବିଧମ୍=ଚାରିପ୍ରକାର ।

## ଅନୁବାଦ

**ପ୍ରତ୍ୟେକ ଜୀବର ଶରୀରରେ ମୁଁ ହେଉଛି ପାଚକ-ଅଗ୍ନି ଏବଂ ମୁଁ ହେଉଛି ପ୍ରାଣବାୟୁ ଏବଂ ଅପାନ ବାୟୁ । ଏହାଦ୍ୱାରା ମୁଁ ଚାରିପ୍ରକାର ଖାଦ୍ୟଦ୍ରବ୍ୟ ଜୀର୍ଣ୍ଣ କରାଏ ।**

## ଭାବାର୍ଥ

ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ଆମ୍ଭେମାନେ ଜାଣୁ ଯେ ପାକସ୍ଥଳୀରେ ପାଚକ ଅଗ୍ନି ଅଛି । ପାକସ୍ଥଳୀକୁ ଯେତେ ଖାଦ୍ୟ ଯାଏ, ସେ ତାହା ଜୀର୍ଣ୍ଣ କରାଏ । ଯେତେବେଳେ ସେ ପାଚକ ଅଗ୍ନି ମାନ୍ଦାଥାଏ, ସେତେବେଳେ କ୍ଷୁଧା ନଥାଏ । ଯେତେବେଳେ ପାଚକ ଅଗ୍ନି ତୀକ୍ଷ୍ଣ ଥାଏ, ସେତେବେଳେ ଆମେ କ୍ଷୁଧାର୍ତ୍ତ ହୋଇପଡୁ । ବେଳେବେଳେ ସେ ପାଚକ ଅଗ୍ନି ଠିକ୍‌ରକମ କାମ କରେ ନାହିଁ; ତେଣୁ ଚିକିତ୍ସା ଦରକାର ହୁଏ । ଯେପରି ହେଉ, ଏହି ପାଚକ ଅଗ୍ନି ପରମପୁରୁଷ ଭଗବାନଙ୍କର ପ୍ରତିନିଧି ଅଟେ । ବେଦମନ୍ତ୍ରରେ ମଧ୍ୟ ଏକଥା ସ୍ୱୀକାର କରାଯାଇଛି ଯେ ପରମେଶ୍ୱର କିମ୍ବା 'ବ୍ରହ୍ମନ୍' ପାକସ୍ଥଳୀରେ ଅଗ୍ନିରୂପରେ ବିଦ୍ୟମାନ ଏବଂ ସମସ୍ତ ପ୍ରକାର ଖାଦ୍ୟଦ୍ରବ୍ୟକୁ ଜୀର୍ଣ୍ଣ କରୁଛନ୍ତି । ଯେଣୁ ସେ ସମସ୍ତ ପ୍ରକାର ଖାଦ୍ୟପଦାର୍ଥ ଜୀର୍ଣ୍ଣ କରିବାରେ ସାହାଯ୍ୟ କରୁଛନ୍ତି, ତେଣୁ ଜୀବ ଖାଦ୍ୟଗ୍ରହଣରେ ସ୍ୱାଧୀନ ନୁହେଁ । ଯେବେ ପରମେଶ୍ୱର ଜୀର୍ଣ୍ଣ କ୍ରିୟାରେ ସାହାଯ୍ୟ ନ କରନ୍ତି, ତାହାହେଲେ ଖାଦ୍ୟ ଗ୍ରହଣର ସମ୍ଭାବନା ନାହିଁ । ଏହିପରି ସେ ଖାଦ୍ୟଦ୍ରବ୍ୟ ଉତ୍ପନ୍ନ କରୁଛନ୍ତି ଏବଂ ଜୀର୍ଣ୍ଣ ମଧ୍ୟ କରୁଛନ୍ତି ଏବଂ ତାଙ୍କ କୃପାଯୋଗୁଁ ଆମ୍ଭେମାନେ ଜୀବନ ଉପଭୋଗ କରୁଛୁ । ବେଦାନ୍ତ ସୂତ୍ରରେ ମଧ୍ୟ ଏହା ସ୍ୱୀକାର କରାଯାଇଛି, *''ଶବ୍ଦାଦିଭ୍ୟୋଽନ୍ତଃ ପ୍ରତିଷ୍ଠାନାଚ୍ଚ''* ଅର୍ଥାତ୍ ଭଗବାନ୍ ଧ୍ୱନି ମଧ୍ୟରେ ବିଦ୍ୟମାନ, ଶରୀର ମଧ୍ୟରେ ବିଦ୍ୟମାନ, ବାୟୁ ମଧ୍ୟରେ ବିଦ୍ୟମାନ ଏବଂ ଏପରିକି ପାକସ୍ଥଳୀରେ ଜୀର୍ଣ୍ଣଶକ୍ତି ରୂପେ ବିଦ୍ୟମାନ । ଚାରିପ୍ରକାର ଖାଦ୍ୟଦ୍ରବ୍ୟ ଅଛି; ଯଥା—ଚର୍ବ୍ୟ, ଚୋଷ୍ୟ, ଲେହ୍ୟ ଓ ପେୟ ଏବଂ ସେ (ଭଗବାନ୍) ଏସବୁ ପ୍ରକାର ଖାଦ୍ୟର ଜୀର୍ଣ୍ଣକାରୀ ଅଟନ୍ତି ।

## ଶ୍ଳୋକ - ୧୫

**ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟୋ**
**ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ ।**
**ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ**
**ବେଦାନ୍ତକୃଦ୍‌ବେଦବିଦେବ ଚାହମ୍ ।।୧୫।।**

## ଶବ୍ଦାନୁବାଦ

ସର୍ବସ୍ୟ=ସମସ୍ତ ଜୀବଙ୍କର;ଚ=ଏବଂ; ଅହମ୍=ମୁଁ; ହୃଦି=ହୃଦୟରେ; ସନ୍ନି-ବିଷ୍ଟଃ=ଅବସ୍ଥିତ ହୋଇ; ମତ୍ତଃ=ମୋଠାରୁ; ସ୍ମୃତିଃ=ସ୍ମରଣଶକ୍ତି (ସ୍ମୃତି); ଜ୍ଞାନମ୍=ଜ୍ଞାନ; ଅପୋହନମ୍ ଚ=ଏବଂ ବିସ୍ମୃତି; ବେଦୈଃ=ବେଦଦ୍ୱାରା; ଚ=ମଧ୍ୟ; ସର୍ବୈଃ=ସର୍ବ (ସମସ୍ତ); ଅହମ୍=ମୁଁ; ଏବ=ନିଶ୍ଚିତରୂପେ; ବେଦ୍ୟଃ=ଜ୍ଞାତବ୍ୟ; ବେଦାନ୍ତ-କୃତ୍=ବେଦାନ୍ତର ପ୍ରଣେତା; ବେଦ-ବିତ୍= ବେଦଜ୍ଞ; ଏବ=ନିଶ୍ଚିତଭାବେ; ଚ=ଏବଂ; ଅହମ୍=ମୁଁ।

## ଅନୁବାଦ

**ମୁଁ ପ୍ରତ୍ୟେକଙ୍କ ହୃଦୟରେ ବିଦ୍ୟମାନ ଏବଂ ମୋଠାରୁ ସ୍ମୃତି (ସ୍ମରଣଶକ୍ତି), ଜ୍ଞାନ ଏବଂ ବିସ୍ମୃତି ଆସେ। ସମସ୍ତ ବେଦରେ ମୁଁ ହେଉଛି ଜ୍ଞାତବ୍ୟ ବିଷୟ, ବାସ୍ତବିକ ମୁଁ ହେଉଛି ବେଦାନ୍ତର ପ୍ରଣେତା ଏବଂ ମୁଁ ବେଦଜ୍ଞ ଅଟେ (ଅର୍ଥାତ୍ ମୁଁ ହିଁ ବେଦ ଜାଣେ)।**

## ଭାବାର୍ଥ

ପରମେଶ୍ୱର ପରମାତ୍ମାରୂପରେ ପ୍ରତ୍ୟେକଙ୍କ ହୃଦୟରେ ବିଦ୍ୟମାନ ଏବଂ ତାଙ୍କଠାରୁ ହିଁ ସମସ୍ତ କର୍ମ ଆରମ୍ଭ ହେଉଛି ।ଜୀବ ତା'ର ଗତ ଜନ୍ମର ସବୁକଥା ଭୁଲି ଯାଇଛି; କିନ୍ତୁ ତାକୁ ପରମେଶ୍ୱରଙ୍କର ନିର୍ଦ୍ଦେଶରେ ସବୁ କରିବାକୁ ହେବ, କାରଣ ସେ ତା'ର ସମସ୍ତ କର୍ମର ସାକ୍ଷୀ ଅଟନ୍ତି ।ତେଣୁ ସେ (ଜୀବ) ତା'ର ପୂର୍ବ କର୍ମାନୁଯାୟୀ କର୍ମ ଆରମ୍ଭକରେ ।ଆବଶ୍ୟକ ଜ୍ଞାନ ତାକୁ ଦିଆଯାଏ, ସ୍ମୃତିଶକ୍ତି ମଧ୍ୟ ତାକୁ ଦିଆଯାଏ ଏବଂ ସେ ମଧ୍ୟ ତା'ର ଗତ ଜନ୍ମକଥା ଭୁଲିଯାଏ ।ତେଣୁ ଭଗବାନ୍ ଯେ, କେବଳ ସର୍ବବ୍ୟାପକ ଏତିକି କଥା ନୁହେଁ, ସେ ମଧ୍ୟ ପ୍ରତ୍ୟେକଙ୍କ ହୃଦୟରେ ବିଦ୍ୟମାନ ।ସେ ଜୀବକୁ ତା'ର ବିଭିନ୍ନ କର୍ମର ଫଳ ପ୍ରଦାନ କରନ୍ତି । ସେ ଯେ କେବଳ ନିର୍ବିଶେଷ ବ୍ରହ୍ମ, ହୃଦୟସ୍ଥିତ ପରମାତ୍ମା କିମ୍ବା ପରମପୁରୁଷ ଭଗବାନ୍ ହିସାବରେ ପୂଜ୍ୟ ସେତିକି ନୁହେଁ; ସେ ମଧ୍ୟ ସମସ୍ତ ବେଦର ପ୍ରତୀକରୂପେ (ବେଦରୂପଧାରୀ ହିସାବରେ) ପୂଜ୍ୟ ।ବେଦମାନେ ଲୋକମାନଙ୍କୁ ଉପଯୁକ୍ତ ମାର୍ଗ ନିର୍ଦ୍ଦେଶ କରନ୍ତି, ଯାହାଫଳରେ ଲୋକମାନେ ସେମାନଙ୍କର ଜୀବନଧାରା ଠିକ୍ ମାର୍ଗରେ ବଦଳାଇ ଭଗବାନଙ୍କ ନିକଟକୁ ସେମାନଙ୍କର ଚିରନ୍ତନ ଗୃହକୁ ଫେରିଯାଇ ପାରନ୍ତି ।ବେଦମାନେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଜ୍ଞାନପ୍ରଦାନ କରନ୍ତି ଏବଂ କୃଷ୍ଣ ତାଙ୍କର 'ବ୍ୟାସଦେବ' ଅବତାରରେ ବେଦାନ୍ତସୂତ୍ରର ପ୍ରଣେତା ଅଟନ୍ତି ।ବ୍ୟାସଦେବଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତମ୍‌ରେ ବେଦାନ୍ତ ସୂତ୍ରର ଯେଉଁ ଭାଷ୍ୟ ଦିଆଯାଇଅଛି, ତାହା ବେଦାନ୍ତ ସୂତ୍ରର ପ୍ରକୃତ ଜ୍ଞାନ ପ୍ରଦାନ କରେ । ବଦ୍ଧଜୀବର ମୁକ୍ତିନିମିତ୍ତ ଭଗବାନ୍ ଏପରି ପରିପୂର୍ଣ୍ଣ ଅଟନ୍ତି ଯେ ସେ ଜୀବକୁ ଖାଦ୍ୟ ଯୋଗାନ୍ତି

ଏବଂ ଖାଦ୍ୟମଧ୍ୟ ଜୀର୍ଣ୍ଣ କରାନ୍ତି । ସେ ମଧ୍ୟ ଜୀବର କର୍ମମାନଙ୍କର ସାକ୍ଷୀ ଅଟନ୍ତି । ସେ ଜୀବକୁ ବେଦରୂପରେ ଜ୍ଞାନ ପ୍ରଦାନ କରନ୍ତି ଏବଂ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣରୂପରେ ସେ ଭଗବଦ୍ ଗୀତାର ଶିକ୍ଷକ ଅଟନ୍ତି । ସେ ବଦ୍ଧଜୀବର ପୂଜ୍ୟ ଅଟନ୍ତି । ଏହି ପ୍ରକାରେ ଭଗବାନ୍ ମଙ୍ଗଳମୟ ଏବଂ ମହାକାରୁଣିକ ଅଟନ୍ତି ।

*''ଅନ୍ତଃପ୍ରବିଷ୍ଟଃ ଶାସ୍ତା ଜନାନାମ୍''* । ଜୀବ ଶରୀର ତ୍ୟାଗ କଲାକ୍ଷଣି ସବୁ ଭୁଲିଯାଏ, କିନ୍ତୁ ପରମେଶ୍ୱର ପ୍ରଣୋଦିତ ହୋଇ ସେ ପୁଣି ତା'ର କାର୍ଯ୍ୟ ଆରମ୍ଭ କରେ । ଯଦିଓ ସେ ଭୁଲି ଯାଇଥାଏ, ତଥାପି ଭଗବାନ୍ ତାକୁ ବୁଦ୍ଧି ଦିଅନ୍ତି, ତା'ର କାମକୁ ପୁନର୍ବାର ଆରମ୍ଭ କରିବାକୁ । ଗତଜନ୍ମରେ ସେ ଯେଉଁଠାରେ ଛାଡ଼ିଥାଏ, ସେହିଠାରୁ ପୁଣି ଆରମ୍ଭକରେ । ତେଣୁ ଜୀବ ଏ ଜଗତରେ ହୃଦୟରେ ଅବସ୍ଥିତ ପରମାତ୍ମାଙ୍କ ନିର୍ଦ୍ଦେଶରେ ଯେ କେବଳ ସୁଖ-ଦୁଃଖ ଭୋଗୁଛି, ତାହାନୁହେଁ ସେ ବେଦକୁ ବୁଝିବାକୁ ତାଙ୍କଠାରୁ ମଧ୍ୟ ସୁବିଧା-ସୁଯୋଗ ପାଉଛି । ଯଦି କୌଣସି ବ୍ୟକ୍ତି ବେଦ-ଜ୍ଞାନ ଲାଭ କରିବାକୁ ଅତ୍ୟନ୍ତ ଆଗ୍ରହୀ, ତାହାହେଲେ କୃଷ୍ଣ ତାକୁ ଆବଶ୍ୟକ ବୁଦ୍ଧି ଦିଅନ୍ତି । ସେ କାହିଁକି ବୈଦିକ ଜ୍ଞାନକୁ ଜୀବନିମିତ୍ତ ଉପସ୍ଥାପନ କରୁଛନ୍ତି ? କାରଣ ଜୀବ ବ୍ୟକ୍ତିଗତ ଭାବରେ କୃଷ୍ଣଙ୍କୁ ବୁଝିବାକୁ ଦରକାର କରେ । ବୈଦିକ ସାହିତ୍ୟରେ ଏକଥା କୁହାଯାଇଛି, *''ଯୋଽସୌ ସର୍ବୈର୍ ବେଦୈର୍ ଗୀୟତେ''* । ସମସ୍ତ ବୈଦିକ ଶାସ୍ତ୍ରରେ ଏପରିକି ଋଗ୍‌ବେଦଠାରୁ ଆରମ୍ଭକରି ବେଦାନ୍ତସୂତ୍ର, ଉପନିଷଦ ଏବଂ ପୁରାଣ ଆଦି ଆଜିପର୍ଯ୍ୟନ୍ତ (ସମସ୍ତ ବୈଦିକ ଶାସ୍ତ୍ରରେ) ପରମେଶ୍ୱରଙ୍କର ଗୁଣଗାନ ବା ଗୌରବଗାନ ହିଁ କରାଯାଇଛି । ବୈଦିକ ବ୍ରତ ବିଧିବିଧାନ ପାଳନ କଲେ, ବୈଦିକ ଦର୍ଶନ ଆଲୋଚନା କଲେ ଏବଂ ଭକ୍ତିଯୋଗମାର୍ଗରେ ଭଗବାନଙ୍କର ପୂଜାକଲେ ଭଗବାନ୍ ପ୍ରାପ୍ତ ହୁଅନ୍ତି । ତେଣୁ ବେଦର ଉଦ୍ଦେଶ୍ୟ ହେଲା କୃଷ୍ଣଙ୍କୁ ବୁଝିବା । ବେଦ, କୃଷ୍ଣଙ୍କୁ ବୁଝିବାର ମାର୍ଗ ନିର୍ଦ୍ଦେଶ କରନ୍ତି ଏବଂ ସାଧନବିଧି ମଧ୍ୟ ଦର୍ଶାନ୍ତି । ଅନ୍ତିମ ଲକ୍ଷ୍ୟ ହେଲା ପରମପୁରୁଷ ଭଗବାନ୍ । ବେଦାନ୍ତସୂତ୍ରରେ ନିମ୍ନମତେ କୁହାଯାଇଛି - *''ତତ ତୁ ସମନ୍ୱୟାତ୍''* । ବୈଦିକ ସାହିତ୍ୟକୁ ବୁଝିପାରିଲେ ବ୍ୟକ୍ତି ସିଦ୍ଧିଲାଭ କରିପାରିବ ଏବଂ ବିଭିନ୍ନ ବିଧି ଅବଲମ୍ବନ କରି ସେ ବୁଝି ପାରିବ, ତା'ର ପରମପୁରୁଷ ଭଗବାନଙ୍କ ସହ କି' ସମ୍ବନ୍ଧ ଅଛି । ଏହି ପ୍ରକାରେ ବ୍ୟକ୍ତି ଭଗବାନଙ୍କ ପାଖରେ ପହଞ୍ଚିପାରିବ ଏବଂ ଶେଷରେ ଅନ୍ତିମଲକ୍ଷ୍ୟ ହାସଲ କରିପାରିବ । ଅନ୍ତିମ ଲକ୍ଷ୍ୟ କ'ଣ ? ତାହା ପରମପୁରୁଷ ଭଗବାନଙ୍କ ବ୍ୟତୀତ ଆଉକିଛି ନୁହେଁ । ଏହି ଶ୍ଳୋକରେ ବେଦର ଉଦ୍ଦେଶ୍ୟ, ବେଦକୁ ବୁଝିବାର ଉପାୟ ଏବଂ ବେଦର ଲକ୍ଷ୍ୟ କଥା ଭଲଭାବରେ ବର୍ଣ୍ଣନା କରାଯାଇଅଛି ।

## ଶ୍ଳୋକ - ୧୬

**ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।**
**କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ।। ୧୬ ।।**

## ଶବ୍ଦାନୁବାଦ

ଦ୍ୱୌ=ଦୁଇ; ଇମୌ=ଏ ଦୁହେଁ; ପୁରୁଷୌ=ଜୀବଗଣ; ଲୋକେ=ପୃଥିବୀରେ; କ୍ଷରଃ=ଭ୍ରାନ୍ତ; ଚ=ଏବଂ; ଅକ୍ଷରଃ=ଅଭ୍ରାନ୍ତ; ଏବ=ନିଶ୍ଚିତଭାବେ; ଚ=ଏବଂ; କ୍ଷରଃ=ଭ୍ରାନ୍ତ; ସର୍ବାଣି=ସମସ୍ତ; ଭୂତାନି=ଜୀବ; କୂଟ-ସ୍ଥଃ=ଐକ୍ୟଭାବରେ; ଅକ୍ଷରଃ=ଅଭ୍ରାନ୍ତ; ଉଚ୍ୟତେ=କୁହାଯାଏ ।

## ଅନୁବାଦ

**ଦୁଇପ୍ରକାର ଜୀବ ଅଛନ୍ତି କ୍ଷର ଏବଂ ଅକ୍ଷର, (ଅର୍ଥାତ୍ ଭ୍ରାନ୍ତ ଏବଂ ଅଭ୍ରାନ୍ତ) । ଭୌତିକ ଜଗତରେ ପ୍ରତ୍ୟେକ ଜୀବ କ୍ଷର ଅର୍ଥାତ୍ ଭ୍ରାନ୍ତ ଅଟେ; କିନ୍ତୁ ଚିଦ୍ ଜଗତରେ ପ୍ରତ୍ୟେକ ଜୀବ ଅକ୍ଷର ଅର୍ଥାତ୍ ଅଭ୍ରାନ୍ତ ଅଟେ ।**

## ଭାବାର୍ଥ

ପୂର୍ବରୁ କୁହାଯାଇସାରିଛି ଯେ, ଭଗବାନ୍ ବ୍ୟାସଦେବ ଅବତାରରେ ବେଦାନ୍ତ ସୂତ୍ର ପ୍ରଣୟନ କରିଥିଲେ । ଏଠାରେ ଭଗବାନ୍ ବେଦାନ୍ତସୂତ୍ରର ବିଷୟବସ୍ତୁ ସଂକ୍ଷେପରେ ପ୍ରକାଶ କରୁଛନ୍ତି । ସେ କହୁଛନ୍ତି ଯେ ଯେଉଁ ଅସଂଖ୍ୟ ଜୀବ ଅଛନ୍ତି, ସେମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ, ଯଥା-କ୍ଷର ଓ ଅକ୍ଷର (ଅର୍ଥାତ୍ ଭ୍ରାନ୍ତ ଓ ଅଭ୍ରାନ୍ତ) । ଜୀବଗଣ ସନାତନଭାବେ ପରମପୁରୁଷ ଭଗବାନଙ୍କର ବିଭିନ୍ନାଂଶ (ଅଂଶବିଶେଷ ଅଟନ୍ତି) । ଯେତେବେଳେ ସେମାନେ ଭୌତିକ ଜଗତର ସଂସ୍ପର୍ଶରେ ଆସନ୍ତି, ସେତେବେଳେ ସେମାନଙ୍କୁ ଜୀବ ଭୂତାଃ କୁହାଯାଏ ଏବଂ ସଂସ୍କୃତ ଶବ୍ଦ ଏଠାରେ ଦିଆଯାଇଛି- *''ସର୍ବାଣି ଭୂତାନି''* । ଏହାର ଅର୍ଥ ହେଉଛି ସେମାନେ କ୍ଷର ଅର୍ଥାତ୍ ଭ୍ରାନ୍ତ ଅଟନ୍ତି । କିନ୍ତୁ ଯେଉଁମାନେ ପରମପୁରୁଷ ଭଗବାନଙ୍କ ସହ ଐକ୍ୟଭାବ ରଖିଛନ୍ତି, ସେମାନେ ଅକ୍ଷର ଅର୍ଥାତ୍ ଅଭ୍ରାନ୍ତ ଅଟନ୍ତି । ଏକ ବା ଐକ୍ୟଭାବର ଅର୍ଥ ନୁହେଁ ଯେ ସେମାନଙ୍କର ବ୍ୟକ୍ତିତ୍ୱ ନାହିଁ; କିନ୍ତୁ ସେମାନଙ୍କ ମଧ୍ୟରେ ଅନୈକ୍ୟଭାବ ନାହିଁ । ସେମାନେ ସମସ୍ତେ ସୃଷ୍ଟି ପ୍ରକ୍ରିୟା ସହ ଏକ ମତ । ଅବଶ୍ୟ ଚିଦ୍ ଜଗତରେ ସୃଷ୍ଟିବୋଲି କିଛି ନାହିଁ; ଯେଣୁ ପରମପୁରୁଷ ଭଗବାନ୍ ବେଦାନ୍ତସୂତ୍ରରେ କହିଛନ୍ତି ଯେ ସେ ସମସ୍ତ ପ୍ରକାଶର ବା ସୃଷ୍ଟିର ମୂଳ ଅଟନ୍ତି, ତେଣୁ ସେକଥା ଏଠାରେ ବର୍ଣ୍ଣନା କରାଯାଇଛି ।

ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର କଥା ଅନୁଯାୟୀ ଦୁଇପ୍ରକାର ଲୋକ ଅଛନ୍ତି । ବେଦ ମଧ୍ୟ ଏହାର ପ୍ରମାଣ ଦେଉଛି; ତେଣୁ ଏଥିରେ କିଛି ସନ୍ଦେହ ନାହିଁ । ଯେଉଁ ଜୀବଗଣ ମନ ଓ ପାଞ୍ଚ ଇନ୍ଦ୍ରିୟସହ ଏ ପୃଥିବୀରେ ସଂଗ୍ରାମ କରୁଛନ୍ତି ସେମାନଙ୍କର ଭୌତିକ ଶରୀର ଅଛି । ତାହା ବରାବର ପରିବର୍ତ୍ତିତ ହୋଇ ଚାଲିଛି । ଯେ ପର୍ଯ୍ୟନ୍ତ ଜୀବଗଣ ଭୂତପ୍ରକୃତି ଦ୍ୱାରା ବଦ୍ଧ ହୋଇଛନ୍ତି, ସେ ପର୍ଯ୍ୟନ୍ତ ଶରୀର ପରିବର୍ତ୍ତିତ ହୋଇ ଚାଲିଛି । ଭୂତପଦାର୍ଥ ସଂସ୍ପର୍ଶରେ ଆସିବା ଯୋଗୁଁ ଜୀବର ଶରୀର ପରିବର୍ତ୍ତିତ ହୁଏ । ଭୂତପଦାର୍ଥ ପରିବର୍ତ୍ତନଶୀଳ ଅଟେ । ତେଣୁ ଜୀବ ପରିବର୍ତ୍ତିତ ହେଲାପରି ଜଣାଯାଏ । କିନ୍ତୁ ଚିଦ୍ ଜଗତରେ ଜୀବର ଶରୀର ଭୂତପଦାର୍ଥରେ ଗଠିତ ନୁହେଁ; ତେଣୁ ତାହା ପରିବର୍ତ୍ତିତ ହୁଏ ନାହିଁ । ଭୌତିକ ଜଗତରେ ଜୀବ ଛ'ଟି ପରିବର୍ତ୍ତିତ ସ୍ତର ଦେଇ ଗତିକରେ; ଯଥା -ଜନ୍ମ, ବୃଦ୍ଧି, ସ୍ଥାୟିତ୍ୱ, ସନ୍ତାନ ଉତ୍ପାଦନ, ତତ୍ପରେ ହ୍ରାସ ଏବଂ ଶେଷରେ ବିନାଶ । ଜଡ଼ ଶରୀରର ଏଗୁଡ଼ିକ ହେଉଛନ୍ତି ପରିବର୍ତ୍ତନ; କିନ୍ତୁ ଚିଦ୍ ଜଗତରେ ଶରୀର ପରିବର୍ତ୍ତିତ ହୁଏ ନାହିଁ । ସେଠାରେ ବାର୍ଦ୍ଧକ୍ୟ ନାହିଁ, ଜନ୍ମ ନାହିଁ, ମୃତ୍ୟୁ ନାହିଁ । ସେଠାରେ ସମସ୍ତେ ଐକ୍ୟଭାବାପନ୍ନ । ଆହୁରି ଭଲଭାବରେ *''ସର୍ବାଣି ଭୂତାନି''* ବୋଲି କୁହାଯାଇଛି । ବ୍ରହ୍ମାଙ୍କଠାରୁ ଆରମ୍ଭକରି କ୍ଷୁଦ୍ର ପିପୀଲିକା ପର୍ଯ୍ୟନ୍ତ ପ୍ରତ୍ୟେକ ଜୀବ, ଯେ'କି ଭୂତ ପଦାର୍ଥର ସଂସ୍ପର୍ଶରେ ଆସିଛି, ଶରୀର ପରିବର୍ତ୍ତନ କରିଚାଲିଛି । ତେଣୁ ସେମାନେ

ସମସ୍ତେ କ୍ଷର ଅର୍ଥାତ୍ ଭ୍ରାନ୍ତ ଅଟନ୍ତି । କିନ୍ତୁ ଚିଦ୍ ଜଗତରେ ସେମାନେ ସର୍ବଦା ଭଗବାନଙ୍କ ସହ ଐକ୍ୟଭାବାପନ୍ନ ଓ ମୁକ୍ତ ଅଟନ୍ତି ।

## ଶ୍ଳୋକ - ୧୭

**ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।**
**ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ ।।୧୭।।**

## ଶବ୍ଦାନୁବାଦ

ଉତ୍ତମଃ=ଶ୍ରେଷ୍ଠ; ପୁରୁଷଃ=ପୁରୁଷ; ତୁ=କିନ୍ତୁ; ଅନ୍ୟଃ=ଅନ୍ୟ; ପରମ=ପରମ; ଆତ୍ମା=ଆତ୍ମା; ଇତି=ଏହିପରି; ଉଦାହୃତଃ=କୁହାଯାଇଛି; ଯଃ=ଯେ; ଲୋକ=ବ୍ରହ୍ମାଣ୍ଡର; ତ୍ରୟମ୍=ତିନି (ଲୋକ); ଆବିଶ୍ୟ=ପ୍ରବେଶ କରି; ବିଭର୍ତ୍ତି=ପାଳନ କରୁଛନ୍ତି; ଅବ୍ୟୟଃ=ଅବ୍ୟୟ; ଈଶ୍ୱରଃ=ଈଶ୍ୱର ।

## ଅନୁବାଦ

**ଏ ଦୁଇଟି ବ୍ୟତୀତ ପୁରୁଷୋତ୍ତମ ସ୍ୱୟଂ ଭଗବାନ୍ ବିଦ୍ୟମାନ ଅଛନ୍ତି । ସେ ବ୍ରହ୍ମାଣ୍ଡମାନଙ୍କ ମଧ୍ୟରେ ପ୍ରବେଶ କରି ସମସ୍ତଙ୍କୁ ପାଳନ କରୁଛନ୍ତି ।**

## ଭାବାର୍ଥ

ଏହି ଶ୍ଳୋକ 'କଠ ଉପନିଷଦ' ଏବଂ 'ଶ୍ୱେତାଶ୍ୱେତର ଉପନିଷଦ'ରେ ଭଲଭାବରେ ବର୍ଣ୍ଣନା କରାଯାଇଅଛି । ସେଥିରେ ପରିଷ୍କାର ଭାବରେ କୁହାଯାଇଛି ଯେ ଅସଂଖ୍ୟ ଜୀବଙ୍କ ଉପରେ ପରମପୁରୁଷ ଭଗବାନ୍, ଯେ'କି ପରମାତ୍ମା ଅଟନ୍ତି, ସେ ବିଦ୍ୟମାନ । ଜୀବମାନଙ୍କ ମଧ୍ୟରୁ କେତେକ ବଦ୍ଧଜୀବ ଅଟନ୍ତି ଓ ଆଉ କେତେକ ମୁକ୍ତଜୀବ ଅଟନ୍ତି । ଉପନିଷଦର ଶ୍ଳୋକ ହେଲା, *''ନିତ୍ୟୋ ନିତ୍ୟାନାଂ ଚେତନାଶ୍ ଚେତନାନାମ୍''* । ଭାବାର୍ଥ ହେଲା ଉଭୟ ବଦ୍ଧଜୀବ ଓ ମୁକ୍ତ ଜୀବମାନଙ୍କ ମଧ୍ୟରେ ପରମଜୀବ, ଅର୍ଥାତ୍ ପରମ ପୁରୁଷ ଭଗବାନ୍ ବିଦ୍ୟମାନ । ସେ ଜୀବମାନଙ୍କୁ ପୋଷଣ କରୁଛନ୍ତି ଏବଂ ସେମାନଙ୍କର କର୍ମାନୁଯାୟୀ ବିଭିନ୍ନପ୍ରକାର ଫଳଭୋଗର ସୁବିଧା'ବି ପ୍ରଦାନ କରୁଛନ୍ତି । ସେ ପରମପୁରୁଷ ଭଗବାନ୍ ପ୍ରତ୍ୟେକଙ୍କ ହୃଦୟରେ ପରମାତ୍ମାରୂପେ ବିଦ୍ୟମାନ । ଯେଉଁବୁଦ୍ଧିମାନ ଲୋକ ତାଙ୍କୁ ବୁଝିପାରେ, ସେ ପୂର୍ଣ୍ଣଶାନ୍ତି ଲାଭ କରିପାରେ; ଅନ୍ୟମାନେ ପାରିବେ ନାହିଁ ।

ପରମେଶ୍ୱରଙ୍କୁ ଏବଂ ଜୀବଗଣଙ୍କୁ ସମାନ ବୋଲି ଭାବିବା (ଅର୍ଥାତ୍ ସବୁ ଦୃଷ୍ଟିରୁ ସମାନ ବୋଲି ଭାବିବା ବା ସମାନ ସ୍ତରର ବୋଲି ଭାବିବା) ଭ୍ରମାତ୍ମକ ଅଟେ । ସେମାନଙ୍କର ବ୍ୟକ୍ତିତ୍ୱ ମଧ୍ୟରେ ବରାବର ଉଚ୍ଚ-ନୀଚ ପ୍ରଶ୍ନ ଅଛି । ଏଠାରେ ଏ 'ଉତ୍ତମ' ଶବ୍ଦ ବିଶେଷକରି ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ । କେହି ପରମପୁରୁଷ ଭଗବାନଙ୍କୁ ଟପି ପାରିବେ ନାହିଁ । 'ଲୋକେ' ଶବ୍ଦ ମଧ୍ୟ ଅର୍ଥପୂର୍ଣ୍ଣ ଅଟେ, କାରଣ 'ପୌରୁଷ' ନାମକ ଏକ ବୈଦିକ ସାହିତ୍ୟରେ କୁହାଯାଇଅଛି *''ଲୋକ୍ୟତେ ବେଦାର୍ଥୋଽନେନ ।''* ଏହି ପରମେଶ୍ୱର ହୃଦୟସ୍ଥିତ ପରମାତ୍ମାରୂପରେ ବେଦର ଉଦ୍ଦେଶ୍ୟ ଜ୍ଞାପନ କରିଛନ୍ତି । ନିମ୍ନ ଶ୍ଳୋକ ବେଦରେ ଦେଖିବାକୁ ମିଳେ ।

*''ତାବଦ୍ ଏଷ ସମ୍ପ୍ରସାଦୋଽସ୍ମାଚ୍-ଛରୀରାଦ୍ ସମୁତ୍‌ଥାୟ ପରମ୍ ।*
*ଜ୍ୟୋତିରୂପଂ ସମ୍ପଦ୍ୟ ସ୍ୱେନ ରୂପେଣାଭିନିଷ୍ପଦ୍ୟତେ ସ ଉତ୍ତମଃ ପୁରୁଷଃ ।।''*

ଅର୍ଥାତ୍—''ପରମାତ୍ମା ଶରୀର ମଧ୍ୟରୁ ବାହାରି ନିର୍ବିଶେଷ ବ୍ରହ୍ମଜ୍ୟୋତିରେ ପ୍ରବେଶ କରନ୍ତି; ତପରେ ତାଙ୍କର ଦିବ୍ୟସ୍ୱରୂପରେ ସେ ଅବସ୍ଥାନ କରନ୍ତି । ସେ ପରମାତ୍ମାଙ୍କୁ ପରମପୁରୁଷ କୁହାଯାଏ ।'' ଏହାର ଅର୍ଥ ସେ ପରମପୁରୁଷ ତାଙ୍କର ଦିବ୍ୟଜ୍ୟୋତିକୁ ପ୍ରଦର୍ଶନ କରୁଛନ୍ତି ଓ ବିକୀରଣ କରୁଛନ୍ତି । ତାହା ଅନ୍ତିମ ଜ୍ୟୋତିର୍ମୟ ପ୍ରକାଶ ଅଟେ । ସେ ପରମପୁରୁଷଙ୍କର ମଧ୍ୟ ହୃଦୟସ୍ଥିତ ଏକ ପରମାତ୍ମା ରୂପ ଅଛି । ସେ ସତ୍ୟବାଦୀ ଓ ପରାଶରଙ୍କର ପୁତ୍ରରୂପେ ଆବିର୍ଭୂତ ହୋଇ ବ୍ୟାସଦେବ ରୂପରେ ବୈଦିକଜ୍ଞାନକୁ ପରିସ୍ଫୁଟ କରିଛନ୍ତି ।

## ଶ୍ଳୋକ - ୧୮

**ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।**
**ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ।।୧୮।।**

## ଶବ୍ଦାନୁବାଦ

ଯସ୍ମାତ୍=ଯେଣୁ; କ୍ଷରମ୍=କ୍ଷର (ଭ୍ରାନ୍ତ); ଅତୀତଃ=ଅତୀତ, (ଅର୍ଥାତ୍ ଊର୍ଦ୍ଧ୍ୱରେ); ଅହମ୍=ମୁଁ; ଅକ୍ଷରାତ୍=ଅକ୍ଷର (ଅର୍ଥାତ୍ ଅଭ୍ରାନ୍ତ) ଠାରୁ; ଅପି=ତା'ଠାରୁ ଉତ୍ତମ (ବା ଅଧିକ); ଚ=ଏବଂ; ଉତ୍ତମଃ=ସର୍ବୋତ୍ତମ; ଅତଃ=ଏଣୁ; ଅସ୍ମି=ଅଟେ; ଲୋକେ=ପୃଥିବୀରେ; ବେଦେ=ବୈଦିକ ସାହିତ୍ୟରେ; ଚ=ଏବଂ; ପ୍ରଥିତଃ=ପ୍ରସିଦ୍ଧ; ପୁରୁଷୋତ୍ତମଃ=ପରମପୁରୁଷ (ବା ପୁରୁଷୋତ୍ତମ) ହିସାବରେ ।

## ଅନୁବାଦ

**ଯେହେତୁ ମୁଁ ଉଭୟ କ୍ଷର ଓ ଅକ୍ଷର (ଭ୍ରାନ୍ତ ଓ ଅଭ୍ରାନ୍ତ) ଠାରୁ ଊର୍ଦ୍ଧ୍ୱରେ ଅବସ୍ଥିତ ଏବଂ ଯେହେତୁ ମୁଁ ମହାନ୍; ତେଣୁ ମୁଁ ଉଭୟତ୍ର ଅର୍ଥାତ୍ ପୃଥିବୀରେ ଏବଂ ବେଦରେ (ବା ବୈଦିକ ସାହିତ୍ୟରେ) ପୁରୁଷୋତ୍ତମ ନାମରେ ଖ୍ୟାତ ଅଟେ ।**

## ଭାବାର୍ଥ

ବଦ୍ଧଜୀବ କିମ୍ବା ମୁକ୍ତଜୀବ କେହି ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଟପି ପାରିବ ନାହିଁ । ତେଣୁ ସେ ପୁରୁଷୋତ୍ତମ ଅଟନ୍ତି । ବର୍ତ୍ତମାନ ଏଠାରେ ଏହା ଅତି ସୁସ୍ପଷ୍ଟ ହୋଇଗଲା ଯେ, ଜୀବ ଏବଂ ପରମପୁରୁଷ ଭଗବାନ୍ ପ୍ରତ୍ୟେକେ ବ୍ୟକ୍ତି ଅଟନ୍ତି । ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ ହେଉଛି ବଦ୍ଧାବସ୍ଥା ହେଉ କିମ୍ବା ମୁକ୍ତାବସ୍ଥା ହେଉ କୌଣସି ଅବସ୍ଥାରେ ଜୀବଗଣ ପରମପୁରୁଷ ଭଗବାନଙ୍କୁ ଟପିପାରିବେ ନାହିଁ; ଅର୍ଥାତ୍ ପରିଣାମରେ ଭଗବାନଙ୍କର ଅଚିନ୍ତ୍ୟ ଶକ୍ତିକୁ ବଳିଯାଇ ପାରିବେ ନାହିଁ ।

## ଶ୍ଳୋକ - ୧୯

**ଯୋ ମାମେବମସମ୍ମୂଢ଼ୋ ଜାନାତି ପୁରୁଷୋତ୍ତମମ୍ ।**
**ସ ସର୍ବବିଦ୍ଭଜତି ମାଂ ସର୍ବଭାବେନ ଭାରତ ।।୧୯।।**

## ଶବ୍ଦାନୁବାଦ

ଯଃ=ଯେ; ମାମ୍=ମୋତେ; ଏବମ୍=ନିଶ୍ଚିତଭାବେ; ଅସମ୍ମୂଢ଼ଃ=ନିଃସନ୍ଦେହ ଭାବେ; ଜାନାତି=ଜାଣେ; ପୁରୁଷୋତ୍ତମମ୍=ପରମପୁରୁଷ ଭଗବାନ୍ (ରୂପେ); ସଃ=ସେ; ସର୍ବ-ବିଦ୍=ସର୍ବଜ୍ଞ

ଅଟେ; ଭଜତି=ସେବାରତ ହୁଏ; ମାମ୍=ମୋତେ; ସର୍ବ-ଭାବେନ=ସବୁ ପ୍ରକାରେ; ଭାରତ=ହେ ଭରତପୁତ୍ର !

## ଅନୁବାଦ

**ହେ ଭରତପୁତ୍ର ! ଯେ ନିଃସନ୍ଦେହଭାବେ ମୋତେ ପରମପୁରୁଷ ଭଗବାନ୍ ରୂପେ ଜାଣେ ସେ ସର୍ବବିତ୍ (ସର୍ବଜ୍ଞ) ଅଟେ ବୋଲି ବୁଝିବାକୁ ପଡ଼ିବ ଏବଂ ସେଇଥିପାଇଁ ସେ ପୂର୍ଣ୍ଣପ୍ରାଣରେ ମୋର ସେବାରତ ହୋଇଯାଏ ।**

## ଭାବାର୍ଥ

ଜୀବର ସ୍ୱରୂପସ୍ଥିତି ଏବଂ ପରମବ୍ରହ୍ମ ଭଗବାନଙ୍କ ସମ୍ବନ୍ଧରେ ଅନେକ ଦାର୍ଶନିକ ମତବାଦ ଅଛି । ବର୍ତ୍ତମାନ ଏହି ଶ୍ଳୋକରେ ପରମପୁରୁଷ ଭଗବାନ୍ ପରିଷ୍କାର ଭାବରେ କହୁଛନ୍ତି ଯେ ଯେଉଁ ଲୋକ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପୁରୁଷୋତ୍ତମରୂପେ ଜାଣେ ସେ ବାସ୍ତବରେ ସର୍ବଜ୍ଞ ଅଟେ । ଯେ ଅଜ୍ଞ ସେ କେବଳ ପରମବ୍ରହ୍ମଙ୍କ ସମ୍ବନ୍ଧରେ ମନନ କରି ଚାଲେ, କିନ୍ତୁ ଯେ ସର୍ବଜ୍ଞ ସେ ତା'ର ବହୁମୂଲ୍ୟ ସମୟକୁ ନଷ୍ଟ ନକରି ପ୍ରତ୍ୟକ୍ଷଭାବରେ କୃଷ୍ଣଚେତନାରେ ପରମେଶ୍ୱରଙ୍କର ସେବାରେ ନିଯୁକ୍ତ ହୋଇଯାଏ । ସମଗ୍ର ଭଗବଦ୍ ଗୀତାରେ ଏଇ କଥା ପ୍ରତି ପଦରେ ଜୋରଦେଇ କୁହାଯାଇଅଛି । ତଥାପି ଭଗବଦ୍ ଗୀତାର ଏପରି କେତେକ ଦୁର୍ଦ୍ଦାନ୍ତ ଭାଷ୍ୟକାର ଅଛନ୍ତି, ଯେଉଁମାନେ ପରମପୁରୁଷ ଭଗବାନ୍ ଏବଂ ଜୀବଗଣଙ୍କୁ ଏକ ଓ ଅଭିନ୍ନ ବୋଲି ଭାବନ୍ତି ।

ବୈଦିକ ଜ୍ଞାନକୁ ଶ୍ରୁତି କୁହାଯାଏ; କାରଣ ଏହାକୁ ଶୁଣି ଶୁଣି ମନେ ରଖାଯାଏ । ବ୍ୟକ୍ତି ଏ ବୈଦିକ ଜ୍ଞାନ କୃଷ୍ଣଙ୍କ ପରି ଅଧିକାରୀ ଏବଂ ତାଙ୍କର ପ୍ରତିନିଧିଙ୍କଠାରୁ ଗ୍ରହଣ କରିବା ଉଚିତ୍ । ଏଠାରେ ଭଗବାନ୍ ଶ୍ରୀକୃଷ୍ଣ ଅତି ସୁନ୍ଦରଭାବରେ କଥାଟି ବୁଝାଇ କହୁଛନ୍ତି ଏବଂ ବ୍ୟକ୍ତି ଏଠାରୁ ଶ୍ରବଣ କରିବା ଉଚିତ୍ । ଘୁଷୁରୀ ପରି କେବଳ ଶୁଣିଲେ ଯଥେଷ୍ଟ ହେଲା ନାହିଁ; ଉପଯୁକ୍ତ ଅଧିକାରୀ ବା ଆଚାର୍ଯ୍ୟଙ୍କଠାରୁ ଶୁଣି ଏହାକୁ ଭଲରକମ ବୁଝିବା ଉଚିତ୍ । କେବଳ ବ୍ୟକ୍ତି ଶାସ୍ତ୍ରଗତଜ୍ଞାନ ନିଜେ ନିଜେ ଗ୍ରହଣ କରି ମନକୁ ମନ ବସି ଚିନ୍ତାକରିବା ଉଚିତ୍ ନୁହେଁ । ବ୍ୟକ୍ତି ବିନୟସହକାରେ ଭଗବଦ୍ ଗୀତାରୁ ଶ୍ରବଣ କରିବା ଉଚିତ୍ ଏବଂ ସେଥିରୁ ଏହି ଜ୍ଞାନ ଗ୍ରହଣ କରିବା ଉଚିତ୍ ଯେ ଜୀବଗଣ ସର୍ବଦା ପରମପୁରୁଷ ଭଗବାନଙ୍କର ଅଧସ୍ତନ ଅଟନ୍ତି । ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ମତାନୁଯାୟୀ ଯେଉଁ ବ୍ୟକ୍ତି ଏହାକୁ ଭଲରକମ ବୁଝିପାରିଛି; ତା' ଛଡ଼ା ଆଉ କେହି ବେଦର ଉଦ୍ଦେଶ୍ୟ ଜାଣନ୍ତି ନାହିଁ ।

ଏଠାରେ ବ୍ୟବହୃତ ''ଭଜତେ'' ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ । ଅନେକ ସ୍ଥାନରେ ''ଭଜତେ'' ଶବ୍ଦ ପରମେଶ୍ୱରଙ୍କର ସେବା ସମ୍ବନ୍ଧରେ ବ୍ୟବହୃତ ହୋଇଅଛି । ଯଦି କୌଣସି ବ୍ୟକ୍ତି ପୂର୍ଣ୍ଣ କୃଷ୍ଣଚେତନାରେ ଭଗବାନଙ୍କର ସେବାରତ ହୁଏ, ତାହାହେଲେ ବୁଝିବାକୁ ହେବ ଯେ ସେ ସମସ୍ତ ବୈଦିକ ଜ୍ଞାନ ଭଲଭାବରେ ବୁଝିପାରିଛି । ବୈଷ୍ଣବ ପରମ୍ପରାରେ କଥିତ ଅଛି ଯେ ଯଦି କୌଣସି ବ୍ୟକ୍ତି ଶ୍ରୀକୃଷ୍ଣଙ୍କର ସେବାରତ ହୋଇଅଛି, ତାହାହେଲେ ପରମବ୍ରହ୍ମଙ୍କୁ ବୁଝିବା ପାଇଁ ଅନ୍ୟ ଯୋଗବିଧିର ଆବଶ୍ୟକତା ନାହିଁ । ବୁଝିବାକୁ ହେବ ଯେ ସେ ଠିକ୍ ସ୍ତରକୁ

ଆସିଯାଇଛି, କାରଣ ସେ ଭଗବାନଙ୍କର ସେବାରେ ନିଯୁକ୍ତ ହୋଇଯାଇଛି । ବୈଦିକ ଜ୍ଞାନକୁ ବୁଝିବାର ସମସ୍ତ ପ୍ରାଥମିକ ବିଧି (ବା ସ୍ତର) ସେ ଶେଷ କରିଛି । ସେହିପରି ଯଦି କୌଣସି ବ୍ୟକ୍ତି ହଜାର ହଜାର ଜନ୍ମ ଜ୍ଞାନ ମାର୍ଗରେ ବିତାଇଲା ପରେ ଏକଥା ଜାଣିପାରେ ନାହିଁ ଯେ ଶ୍ରୀକୃଷ୍ଣ ହେଉଛନ୍ତି ପରମପୁରୁଷ ଭଗବାନ୍ ଏବଂ ତାଙ୍କର ଶରଣାପନ୍ନ ହେବା ହିଁ ଏକମାତ୍ର ପନ୍ଥା, ତାହାହେଲେ ତା'ର ଏତେ ଜନ୍ମର ଜ୍ଞାନଯୋଗ ସାଧନା କେବଳ ଅଯଥା ସମୟର ଅପଚୟ ହିଁ ଅଟେ ।

## ଶ୍ଲୋକ - ୨୦

**ଇତି ଗୁହ୍ୟତମଂ ଶାସ୍ତ୍ରମିଦମୁକ୍ତଂ ମୟାନଘ ।**
**ଏତଦ୍‌ବୁଦ୍ଧ୍ୱା ବୁଦ୍ଧିମାନ୍‌ସ୍ୟାତ୍‌କୃତକୃତ୍ୟଶ୍ଚ ଭାରତ ।।୨୦।।**

## ଶବ୍ଦାନୁବାଦ

ଇତି=ଏହିପରି; ଗୁହ୍ୟତମମ୍=ଅତ୍ୟନ୍ତ ଗୁହ୍ୟ (ଗୁପ୍ତ); ଶାସ୍ତ୍ରମ୍=ଶାସ୍ତ୍ର; ଇଦମ୍=ଏହି; ଉକ୍ତମ୍=ପ୍ରକାଶିତ ହେଲା; ମୟା=ମୋ'ଦ୍ୱାରା; ଅନଘ=ହେ ନିଷ୍ପାପ; ଏତତ୍=ଏହା; ବୁଦ୍ଧ୍ୱା=ବୁଝି; ବୁଦ୍ଧିମାନ୍=ବୁଦ୍ଧିମାନ୍; ସ୍ୟାତ୍=ବ୍ୟକ୍ତି ହୁଏ; କୃତ-କୃତ୍ୟଃ=ଅତ୍ୟନ୍ତ ପୂର୍ଣ୍ଣ; ଚ=ଏବଂ; ଭାରତ=ହେ ଭରତ ପୁତ୍ର ।

## ଅନୁବାଦ

**ହେ ଅନଘ ! ଏହା ହେଉଛି ବୈଦିକ ଶାସ୍ତ୍ରମାନଙ୍କର ଅତ୍ୟନ୍ତ ଗୁହ୍ୟତମ ବିଷୟ ଏବଂ ଏହା ବର୍ତ୍ତମାନ ମୋ' ଦ୍ୱାରା ପ୍ରକାଶ କରାଗଲା । ଯେ ଏହା ବୁଝିପାରେ, ସେ ଜ୍ଞାନୀ ହୁଏ ଏବଂ ତା'ର ପ୍ରଚେଷ୍ଟା ସାଫଲ୍ୟମଣ୍ଡିତ ହୁଏ ।**

## ଭାବାର୍ଥ

ଭଗବାନ୍ ଏଠାରେ ପରିଷ୍କାର ଭାବରେ ବୁଝାଇ କରି କହୁଛନ୍ତି ଯେ ଏହା ହେଉଛି ସମସ୍ତ ପ୍ରାମାଣିକ ଗ୍ରନ୍ଥର ସାରକଥା । ବ୍ୟକ୍ତି ଏହାକୁ ଭଲରକମ ବୁଝିବା ଉଚିତ୍, କାରଣ ପରମପୁରୁଷ ଭଗବାନ୍ ଏକଥା କହୁଛନ୍ତି । ଏହିପରି ବ୍ୟକ୍ତି ବୁଦ୍ଧିମାନ ହେବ ଏବଂ ଦିବ୍ୟଜ୍ଞାନ ଲାଭରେ ପୂର୍ଣ୍ଣତା ପ୍ରାପ୍ତ ହେବ । ଅନ୍ୟକଥାରେ ଏହାହିଁ କୁହାଯାଇପାରେ ଯେ ପରମପୁରୁଷ ଭଗବାନଙ୍କର ଦର୍ଶନ ବୁଝିପାରିଲେ ଏବଂ ଭଗବାନଙ୍କର ସେବାରତ ହେଲେ ପ୍ରତ୍ୟେକେ ଭୂତପ୍ରକୃତି ସଂସ୍ପର୍ଶଜନିତ ସମସ୍ତ ପ୍ରକାର ଦୋଷରୁ ମୁକ୍ତ ହୋଇପାରିବେ । ଭକ୍ତିଯୋଗ ହେଉଛି ଏକ ଦିବ୍ୟବୋଧର ମାର୍ଗ । ଯେଉଁଠାରେ ଭକ୍ତିଯୋଗ ଅଛି, ସେଠାରେ ଭୌତିକ ଦୋଷ ନାହିଁ । ଭଗବାନଙ୍କର ସେବା ଓ ଭଗବାନ୍ ଏକ ଏବଂ ଅଭିନ୍ନ ଅଟନ୍ତି; କାରଣ ସମସ୍ତେ ଦିବ୍ୟ ଅଟନ୍ତି - ସେମାନେ ଭଗବାନଙ୍କର ଅନ୍ତରଙ୍ଗା ଶକ୍ତି ଅଟନ୍ତି । ଭଗବାନ୍ ସୂର୍ଯ୍ୟ ସଦୃଶ ଅଟନ୍ତି ଏବଂ ଅଜ୍ଞତା ଅନ୍ଧକାର ସଦୃଶ ଅଟେ । ଯେଉଁଠାରେ ସୂର୍ଯ୍ୟ ଅଛନ୍ତି, ସେଠାରେ ଅନ୍ଧକାରର ପ୍ରଶ୍ନ ନାହିଁ । ତେଣୁ ଜଣେ ଉପଯୁକ୍ତ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଯେଉଁଠାରେ ଭକ୍ତିଯୋଗ ମାର୍ଗରେ ସେବା କରାଯାଉଛି, ସେଠାରେ ମଧ୍ୟ ଅଜ୍ଞତାର ପ୍ରଶ୍ନ ନାହିଁ ।

ପ୍ରତ୍ୟେକେ ଏ କୃଷ୍ଣଚେତନା ବିଧିକୁ ଗ୍ରହଣ କରିବା ଉଚିତ୍ ଏବଂ ବୁଦ୍ଧିମାନ ବିଶୁଦ୍ଧ ହେବା ନିମିତ୍ତ କୃଷ୍ଣସେବାରେ ନିଯୁକ୍ତ ହେବା ଉଚିତ୍ । ଯେ ପର୍ଯ୍ୟନ୍ତ ବ୍ୟକ୍ତି କୃଷ୍ଣଙ୍କୁ ବୁଝିବା ସ୍ତରକୁ ନ ଆସିଛି ଏବଂ କୃଷ୍ଣସେବାରତ ନ ହୋଇଛି, ସେ ସାଧାରଣ ଲୋକଙ୍କ ଦୃଷ୍ଟିରେ ଯେତେ ବୁଦ୍ଧିମାନ ବୋଲି ବିବେଚିତ ହେଲେ ସୁଦ୍ଧା ସେ ପ୍ରକୃତରେ ବୁଦ୍ଧିମାନ ନୁହେଁ ।

ଯେଉଁ 'ଅନଘ' ଶବ୍ଦରେ ଏଠାରେ ଅର୍ଜୁନଙ୍କୁ ସମ୍ବୋଧନ କରାଯାଇଛି, ତାହା ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ । 'ଅନଘ' (ଅର୍ଥାତ୍ ହେ ନିଷ୍ପାପ)- ଏହାର ତାତ୍ପର୍ଯ୍ୟ ହେଉଛି, ଯେ ପର୍ଯ୍ୟନ୍ତ ବ୍ୟକ୍ତି ସମସ୍ତ ପ୍ରକାର ପାପର ପ୍ରତିକ୍ରିୟାରୁ ମୁକ୍ତ ନ ହୋଇଛି, ସେ ପର୍ଯ୍ୟନ୍ତ ତା'ପକ୍ଷରେ କୃଷ୍ଣଙ୍କୁ ବୁଝିବା ବଡ଼ କଷ୍ଟକର ଅଟେ । ବ୍ୟକ୍ତିକୁ ସମସ୍ତ ଦୋଷରୁ ସମସ୍ତପ୍ରକାର ପାପକର୍ମରୁ ମୁକ୍ତ ହେବାକୁ ପଡ଼ିବ । ତାହାହେଲେ ସେ କୃଷ୍ଣଙ୍କୁ ବୁଝିପାରିବ । କିନ୍ତୁ ଭକ୍ତିଯୋଗ (ଅର୍ଥାତ୍ କୃଷ୍ଣସେବା) ଏଡ଼େ ବିଶୁଦ୍ଧ ଏବଂ ଶକ୍ତିଶାଳୀ ଯେ ଥରେ ବ୍ୟକ୍ତି ସେଥିରେ ନିଯୁକ୍ତ ହେଲେ ସେ ସ୍ୱତଃ ନିଷ୍ପାପ ସ୍ତରକୁ ଆସିଯାଏ ।

ଶୁଦ୍ଧଭକ୍ତମାନଙ୍କ ମେଳରେ ରହି ପୂର୍ଣ୍ଣ କୃଷ୍ଣଚେତନାରେ ଭକ୍ତିଯୋଗ ସାଧନା କଲାବେଳେ ବା କୃଷ୍ଣସେବାରତ ହେବା ସମୟରେ କେତେକ କଥା ସଂପୂର୍ଣ୍ଣରୂପେ ତ୍ୟାଗ କରିବାକୁ ପଡ଼ିବ । ତନ୍ମଧ୍ୟରେ ଅତି ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଯେ, ବ୍ୟକ୍ତିକୁ ହୃଦୟର ଦୁର୍ବଳତାକୁ ଦୂର କରିବାକୁ ପଡ଼ିବ । ଅଧୋପତନ ହେବାର ପ୍ରଥମ କାରଣ ହେଲା ଭୂତପ୍ରକୃତି ଉପରେ ପ୍ରଭୁ ହେବାର କାମନା ପୋଷଣ କରିବା । ଯେତେବେଳେ ବ୍ୟକ୍ତି ଏ କାମନା ପୋଷଣ କରେ, ସେତେବେଳେ ସେ ପରମେଶ୍ୱରଙ୍କର ଦିବ୍ୟସେବା ଭାବକୁ ତ୍ୟାଗକରେ । ହୃଦୟର ଦ୍ୱିତୀୟ ଦୁର୍ବଳତା ହେଲା, ବ୍ୟକ୍ତି ଯେତେ ପରିମାଣରେ ଭୂତପ୍ରକୃତିକୁ ଉପଭୋଗ କରିବାର କାମନା ବୃଦ୍ଧିକରି ଚାଲିବ, ସେତେ ସେ ଭୂତପ୍ରକୃତି ସହ ସଂପୃକ୍ତ ହେବ ଏବଂ ଭୌତିକ ପଦାର୍ଥମାନ ଅଧିକାର କରିଚାଲିବ । ଏ ପ୍ରକାର ହୃଦୟର ଦୁର୍ବଳତା ଯୋଗୁଁ ଭୌତିକସ୍ଥିତି ଜନିତ ସମସ୍ୟାମାନ ଜାତ ହୁଏ ।

**ଭକ୍ତିବେଦାନ୍ତଭାଷ୍ୟର ଶ୍ରୀମଦ୍ ଭଗବଦ୍‌ଗୀତାର "ପୁରୁଷୋତ୍ତମଯୋଗ" ଶୀର୍ଷକ ପଞ୍ଚଦଶ ଅଧ୍ୟାୟ ଶେଷହେଲା ।**

—୦—

# ଷୋଡ଼ଶ ଅଧ୍ୟାୟ

## ଦୈବାସୁରସଂପଦବିଭାଗଯୋଗ

(ଦୈବୀ ଏବଂ ଆସୁରୀସ୍ୱଭାବ)

### ଶ୍ଲୋକ - ୧-୩

**ଶ୍ରୀଭଗବାନୁବାଚ**

ଅଭୟଂ ସତ୍ତ୍ୱସଂଶୁଦ୍ଧିର୍ଜ୍ଞାନଯୋଗବ୍ୟବସ୍ଥିତିଃ ।
ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍ ।।୧।।
ଅହିଂସା ସତ୍ୟମକ୍ରୋଧସ୍ତ୍ୟାଗଃ ଶାନ୍ତିରପୈଶୁନମ୍ ।
ଦୟା ଭୂତେଷ୍ୱଲୋଲୁପ୍ତ୍ୱଂ ମାର୍ଦବଂ ହ୍ରୀରଚାପଲମ୍ ।।୨।।
ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋ ନାତିମାନିତା ।
ଭବନ୍ତି ସମ୍ପଦଂ ଦୈବୀମଭିଜାତସ୍ୟ ଭାରତ ।।୩।।

**ଶବ୍ଦାନୁବାଦ**

ଶ୍ରୀଭଗବାନ୍ ଉବାଚ=ଶ୍ରୀ ଭଗବାନ୍ କହିଲେ; ଅଭୟମ୍=ନିର୍ଭୟତା; ସତ୍ତ୍ୱ ସଂଶୁଦ୍ଧିଃ=ବ୍ୟକ୍ତିର ସ୍ଥିତିର ଶୁଦ୍ଧିକରଣ; ଜ୍ଞାନ=ଜ୍ଞାନ; ଯୋଗ=ଯୁକ୍ତହେବାର; ବ୍ୟବସ୍ଥିତିଃ=ଅବସ୍ଥାନ; ଦାନମ୍=ଦାନ; ଦମଃ ଚ=ଏବଂ ମନସଂଯମ; ଯଜ୍ଞଃ ଚ=ଏବଂ ଯଜ୍ଞାନୁଷ୍ଠାନ;

ସ୍ୱାଧ୍ୟାୟଃ=ବୈଦିକସାହିତ୍ୟ ଅଧ୍ୟୟନ; ତପଃ=ତପସ୍ୟା; ଆର୍ଜବମ୍=ସରଳତା; ଅହିଂସା=ଅହିଂସା; ସତ୍ୟମ୍=ସତ୍ୟ; ଅକ୍ରୋଧଃ=କ୍ରୋଧଶୂନ୍ୟତା; ତ୍ୟାଗଃ=ତ୍ୟାଗ; ଶାନ୍ତିଃ=ଶାନ୍ତିଭାବ; ଅପୈଶୁନମ୍=ଦୋଷଦର୍ଶନ ପ୍ରବୃତ୍ତି ପ୍ରତି ଘୃଣାଭାବ; ଦୟା=ଦୟା; ଭୂତେଷୁ=ସମସ୍ତ ପ୍ରାଣୀଙ୍କଠାରେ; ଅଲୋଲୁପ୍ତ୍ୱମ୍=ଲୋଭଶୂନ୍ୟତା; ମାର୍ଦବମ୍=ଭଦ୍ରତା; ହ୍ରୀଃ=ବିନୟ; ଅଚାପଲମ୍=ଦୃଢ଼ତା; ତେଜଃ=ତେଜ; କ୍ଷମା=କ୍ଷମା; ଧୃତିଃ=ଧୈର୍ଯ୍ୟ; ଶୌଚମ୍=ପରିଷ୍କାର ପରିଚ୍ଛନ୍ନତା; ଅଦ୍ରୋହଃ=ଅହିଂସାଭାବ, ଈର୍ଷାଶୂନ୍ୟ; ନ=ନାହିଁ; ଅତିମାନିତା=ସମ୍ମାନ ପାଇବାର ଆଶା; ଭବନ୍ତି=ହୁଅନ୍ତି; ସମ୍ପଦମ୍=ଗୁଣ (ସଂପଦ); ଦୈବୀମ୍=ଦିବ୍ୟ; ଅଭିଜାତସ୍ୟ=ଯେ ଜନ୍ମ ହୋଇଛି; ଭାରତ=ହେ ଭରତପୁତ୍ର ।

## ଅନୁବାଦ

**ଶ୍ରୀ ଭଗବାନ୍ କହିଲେ, ''ହେ ଭରତପୁତ୍ର ! ଯେଉଁମାନେ ଦୈବୀସଂପଦର ଅଧିକାରୀ ସେମାନଙ୍କଠାରେ ନିମ୍ନଲିଖିତ ଗୁଣଗୁଡ଼ିକ ଦେଖିବାକୁ ମିଳେ, ଯଥା—ନିର୍ଭୟତା, ନିଜସ୍ଥିତିର ଶୁଦ୍ଧିକରଣ, ଦିବ୍ୟଜ୍ଞାନ ଆହରଣ, ବଦାନ୍ୟତା, ଆତ୍ମ-ସଂଯମ, ଯଜ୍ଞାନୁଷ୍ଠାନ, ବେଦାଧ୍ୟୟନ, ବ୍ରତ-ତପସ୍ୟା, ସରଳତା, ଅହିଂସା, ସତ୍ୟ, ଅକ୍ରୋଧତା (କ୍ରୋଧଶୂନ୍ୟତା), ତ୍ୟାଗ, ଶାନ୍ତି, ଦୋଷଦର୍ଶନ ପ୍ରବୃତ୍ତିପ୍ରତି ଘୃଣାଭାବ, ଦୟା ଓ ଲୋଭଶୂନ୍ୟତା, ଭଦ୍ରତା, ବିନମ୍ରତା ଓ ଦୃଢ଼ତା, ତେଜ, କ୍ଷମା, ଧୈର୍ଯ୍ୟ, ପରିଷ୍କାର ପରିଚ୍ଛନ୍ନତା, ଈର୍ଷାଶୂନ୍ୟତା ଏବଂ ସମ୍ମାନଲାଭର ଆଶା ତ୍ୟାଗ ଇତ୍ୟାଦି ।**

## ଭାବାର୍ଥ

ପଞ୍ଚଦଶ ଅଧ୍ୟାୟର ପ୍ରାରମ୍ଭରେ ଏ ଭୌତିକ ଜଗତରୂପ ଅଶ୍ୱତ୍ଥ ବୃକ୍ଷର ବର୍ଣ୍ଣନା ଦିଆଯାଇଅଛି ।ଏଥିରୁ ବାହାରୁଥିବା ଅଧିକ ମୂଳଗୁଡ଼ିକୁ ଜୀବଗଣଙ୍କର କାର୍ଯ୍ୟକଳାପ ସଙ୍ଗେ ତୁଳନା କରାଯାଇଅଛି ।କାର୍ଯ୍ୟକଳାପ ମଧ୍ୟରୁ କେତେକ ପୁଣ୍ୟକାର୍ଯ୍ୟ ଓ ଆଉ କେତେକ ଅଶୁଭ କାର୍ଯ୍ୟ ବା ପାପକର୍ମ ଅଟେ ।ନବମ ଅଧ୍ୟାୟରେ ମଧ୍ୟ ଦେବତା ଏବଂ ଅସୁରମାନଙ୍କ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଅଛି ।ବର୍ତ୍ତମାନ ବୈଦିକରୀତି ଅନୁଯାୟୀ ସାତ୍ତ୍ୱିକକାର୍ଯ୍ୟ, ଅର୍ଥାତ୍-ସତ୍ତ୍ୱଗୁଣରେ ଅବସ୍ଥାନକରି ମୁକ୍ତିମାର୍ଗରେ ଅଗ୍ରଗତି ନିମିତ୍ତ ଯେଉଁ କର୍ମ କରାଯାଏ, ତାହାକୁ ପୁଣ୍ୟକର୍ମ ବା ଶୁଭକର୍ମ ବୋଲି ବିବେଚନା କରାଯାଏ ଏବଂ ଏ ପ୍ରକାର କର୍ମକୁ ଦୈବୀ ପ୍ରକୃତି ବା ଦିବ୍ୟ ପ୍ରକୃତି ବୋଲି କୁହାଯାଏ ।ଯେଉଁମାନେ ଏହି ଦିବ୍ୟ ପ୍ରକୃତିରେ ଅବସ୍ଥାନ କରନ୍ତି, ସେମାନେ ମୁକ୍ତି ମାର୍ଗରେ ଅଗ୍ରଗତି କରନ୍ତି ।ଯେଉଁମାନେ ରାଜସିକ ଓ ତାମସିକ ଗୁଣର ବଶବର୍ତ୍ତୀ ହୋଇ କର୍ମ କରୁଛନ୍ତି, ସେମାନଙ୍କର ମୁକ୍ତିର ସମ୍ଭାବନା ନାହିଁ ।ସେମାନେ ମାନବ ହୋଇ ଏହି ଭୌତିକ ଜଗତରେ ରହିବେ କିମ୍ବା ମନୁଷ୍ୟେତର ପଶୁ ଯୋନିରେ ଜନ୍ମନେବେ, ଅର୍ଥାତ୍—ନିମ୍ନଗାମୀ ହେବେ ।ଏ ଷୋଡ଼ଶ ଅଧ୍ୟାୟରେ ଭଗବାନ୍ ଦୈବୀ ପ୍ରକୃତି, ଏହାର ଆନୁସଙ୍ଗିକ ଗୁଣ ତଥା ଆସୁରୀ ପ୍ରକୃତି ଏବଂ ତା'ର ଆନୁସଙ୍ଗିକ ଗୁଣକଥା ବର୍ଣ୍ଣନା କରିଛନ୍ତି । ସେ ମଧ୍ୟ ଏ ଗୁଣଗୁଡ଼ିକର ଭଲ ଓ ମନ୍ଦ ଦିଗ ଆଲୋଚନା କରିଛନ୍ତି ।

''ଅଭିଜାତସ୍ୟ'' ଶବ୍ଦ ଅର୍ଥାତ୍-ଦୈବୀ ପ୍ରକୃତିରେ ଜନ୍ମ ସଂସ୍କାର ବଡ଼ ଅର୍ଥପୂର୍ଣ୍ଣ ଅଟେ । ଦୈବୀ ପ୍ରକୃତିରେ ଏକ ଶିଶୁର ଜନ୍ମକୁ ବୈଦିକ ଶାସ୍ତ୍ରରେ 'ଗର୍ଭାଧାନସଂସ୍କାର' ବୋଲି କୁହାଯାଏ । ଯଦି ପିତା-ମାତା ଦୈବୀ ପ୍ରକୃତିର ଶିଶୁ ଜନ୍ମଦେବାକୁ ଇଚ୍ଛା କରନ୍ତି, ତାହାହେଲେ ସେମାନଙ୍କୁ

ମାନବର ଆଚରଣୀୟ ଦଶବିଧବିଧି ଅନୁସରଣ କରିବାକୁ ହେବ । ଭଗବଦ୍ ଗୀତାରେ ଆମ୍ଭେମାନେ ପଢ଼ିଛୁ ଯେ ଏକ ଉତ୍ତମ ଶିଶୁକୁ ଜନ୍ମଦେବା ନିମିତ୍ତ ଯେଉଁ କାମ ବା କନ୍ଦର୍ପଶକ୍ତି ଦରକାର, ତାହା ସ୍ୱୟଂ କୃଷ୍ଣ ଅଟନ୍ତି । ଯୌନ ଜୀବନକୁ ନିନ୍ଦା କରାଯାଉ ନାହିଁ; ଯଦି ତାହା କୃଷ୍ଣଚେତନା ବିଧି ମାର୍ଗରେ ନିୟୋଜିତ ହୁଏ, ତାହାହେଲେ ତାହା ଉତ୍ତମ ଅଟେ । ଯେଉଁମାନେ କୃଷ୍ଣଚେତନାରେ ଅଛନ୍ତି, ସେମାନେ କୁକୁ ର-ବିରାଡ଼ିପରି ଶିଶୁ ଜନ୍ମ କରିବା ଉଚିତ୍ ନୁହେଁ । ସେମାନେ ଏପରି ଶିଶୁ ଜନ୍ମ କରିବେ ଯେପରି କି ଶିଶୁମାନେ ଜନ୍ମପରେ (ଜୀବନକାଳ ମଧ୍ୟରେ) କୃଷ୍ଣଚେତନଶୀଳ ବା କୃଷ୍ଣଭକ୍ତ ହେବେ । କୃଷ୍ଣଭାବନାରେ ତଲ୍ଲୀନ ଥିବା ପିତାମାତାଙ୍କଠାରୁ ଯେଉଁ ଶିଶୁ ଜନ୍ମ ହୁଏ, ସେ କୃଷ୍ଣଚେତନଶୀଳ ହୁଏ । ତାହା ହେଉଛି ଶିଶୁଟିର ସୌଭାଗ୍ୟ ।

ସମାଜରେ ଯେଉଁ ବର୍ଣ୍ଣାଶ୍ରମ ଧର୍ମ ପ୍ରଚଳିତ, ତାହା ଜନ୍ମ ଅନୁଯାୟୀ ନୁହେଁ । ଜନ୍ମ ଅନୁଯାୟୀ ଜାତିବିଭାଗ କରାଯାଇନାହିଁ । ତାହା ଗୁଣ ଓ କର୍ମ ଅନୁଯାୟୀ ହୋଇଛି, ସମାଜକୁ ଶାନ୍ତି ଓ ସମୃଦ୍ଧି ମାର୍ଗରେ ଆଗେଇନେବା ନିମିତ୍ତ ସେଗୁଡ଼ିକ ସୃଷ୍ଟି କରାଯାଇଛି । ଏଥିରେ ବର୍ଣ୍ଣିତ ଗୁଣଗୁଡ଼ିକୁ ଦିବ୍ୟଗୁଣ ବା ଦୈବୀସଂପଦ ବୋଲି କୁହାଯାଇଛି । ଆଧ୍ୟାତ୍ମମାର୍ଗରେ ଅଗ୍ରଗତି ନିମିତ୍ତ ଏଗୁଡ଼ିକ ଦରକାର । ତାହାହେଲେ ବ୍ୟକ୍ତି ଭୌତିକ ଜଗତରୁ ଉଦ୍ଧାର ପାଇପାରିବ । ବର୍ଣ୍ଣାଶ୍ରମ ବିଧିରେ 'ସନ୍ନ୍ୟାସୀ' ହେଉଛି ଅନ୍ୟ ତିନି ଆଶ୍ରମର ଲୋକମାନଙ୍କର ଗୁରୁ ବା ମୁଖ୍ୟ ବ୍ୟକ୍ତି । ବ୍ରାହ୍ମଣ, ଅନ୍ୟ ତିନିବର୍ଣ୍ଣର, ଅର୍ଥାତ୍— (କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରର) ଗୁରୁ ବୋଲି ବିବେଚିତ ହୁଏ; କିନ୍ତୁ ସନ୍ନ୍ୟାସୀ, ଯେ'କି ସର୍ବମୁଖ୍ୟ ଅଟେ, ସେ ବ୍ରାହ୍ମଣମାନଙ୍କର ଗୁରୁବୋଲି ମଧ୍ୟ ବିବେଚିତ ହୁଏ । ସନ୍ନ୍ୟାସୀର ପ୍ରଥମ ଗୁଣ ହେଲା ନିର୍ଭୟତା । କାରଣ ଜଣେ ସନ୍ନ୍ୟାସୀ ଏକାକୀ ରହିପାରେ । ସେ କୌଣସି ଆଶ୍ରୟ ଆବଶ୍ୟକ କରିବା ଉଚିତ୍ ନୁହେଁ । ସେ କେବଳ ପରମପୁରୁଷ ଭଗବାନଙ୍କ ଦୟା ଉପରେ ନିର୍ଭର କରି ରହେ । ଯଦି ସେ ଭାବେ, "ମୋର ପାରିବାରିକ ସମ୍ବନ୍ଧ ତ୍ୟାଗ କଲାପରେ, କିଏ ମୋତେ ଆଶ୍ରୟ ଦେବ ?" ତାହାହେଲେ ସେ ସନ୍ନ୍ୟାସ ଗ୍ରହଣ କରିବା ଉଚିତ୍ ନୁହେଁ । ସେ ଭଲଭାବରେ ଏହା ବୁଝିବା ଉଚିତ୍ ଯେ ପରମପୁରୁଷ ଭଗବାନ୍ ବା ଶ୍ରୀକୃଷ୍ଣ ହୃଦୟସ୍ଥିତ ପରମାତ୍ମା ହିସାବରେ ସର୍ବଦା ହୃଦୟରେ ବିଦ୍ୟମାନ । ସେ ସବୁ ଦେଖୁଛନ୍ତି ଏବଂ ଜାଣୁଛନ୍ତି । ବ୍ୟକ୍ତି କ'ଣ କରିବାକୁ ଇଚ୍ଛା କରୁଛି, ତାହାମଧ୍ୟ ସେ ଜାଣୁଛନ୍ତି । ସେ ଅତି ଦୃଢ଼ ବିଶ୍ୱାସର ସହିତ ଏହା ଗ୍ରହଣ କରିବା ଉଚିତ୍ ଯେ କୃଷ୍ଣ ପରମାତ୍ମା ରୂପରେ ଶରଣାଗତ ଜୀବକୁ ନିଶ୍ଚୟ ସୁରକ୍ଷା ଦେବେ ।" ସେ ଭାବିବା ଉଚିତ୍, " ମୁଁ କେବେହେଲେ ଏକାକୀ ନୁହେଁ" । ଏପରିକି ମୁଁ ଯଦି ଜଙ୍ଗଲର ଏକ ଘନ ଅନ୍ଧକାରମୟ ପ୍ରଦେଶରେ ବାସକରେ, ତେବେ ବି ସେଠାରେ କୃଷ୍ଣ ଅଛନ୍ତି ଏବଂ ସେ ସମସ୍ତପ୍ରକାର ସୁରକ୍ଷା ଦେବେ ।" ଏପ୍ରକାର ବିଶ୍ୱାସକୁ "ଅଭୟ" ବୋଲି କୁହାଯାଏ । ସନ୍ନ୍ୟାସ ଆଶ୍ରମରେ ଥିବା ବ୍ୟକ୍ତିର ଏ ପ୍ରକାର ମନୋବୃତ୍ତି ହେବା ଉଚିତ୍ । ତାହାହେଲେ ସେ ତା'ର ସ୍ଥିତିକୁ ବିଶୁଦ୍ଧ କରିପାରିବ । ସନ୍ନ୍ୟାସୀର ଜୀବନରେ ଅନେକ ନୀତି-ନିୟମ ମାନିବାକୁ ଅଛି । ତନ୍ମଧ୍ୟରେ ଏକ ଅତି ଗୁରୁତ୍ୱପୂର୍ଣ୍ଣ ନିୟମ ହେଲା ଯେ ସେ କୌଣସି ସ୍ତ୍ରୀଲୋକ ସହ ଆଦୌ ସଂପର୍କ ରଖିବା ଉଚିତ୍ ନୁହେଁ ଏପରିକି ଏକ ଏକାନ୍ତ ସ୍ଥାନରେ ସ୍ତ୍ରୀଲୋକ ସହିତ କଥାବାର୍ତ୍ତା

ହେବା ମନା । ଶ୍ରୀଚୈତନ୍ୟ ମହାପ୍ରଭୁ ଜଣେ ଆଦର୍ଶ ସନ୍ନ୍ୟାସୀ ଥିଲେ । ସେ ଯେତେବେଳେ ପୁରୀରେ ରହୁଥିଲେ ସେତେବେଳେ ତାଙ୍କର ମହିଳା ଶିଷ୍ୟମାନେ (ବା ମହିଳା ଭକ୍ତଗଣ) ପ୍ରଣାମ ଜଣାଇବା ନିମିତ୍ତ ତାଙ୍କ ପାଖକୁ ଯାଉ ନଥିଲେ । ଦୂରରୁ ତାଙ୍କୁ ପ୍ରଣାମ ଜଣାଇବାକୁ ସେମାନଙ୍କୁ ଉପଦେଶ ଦିଆଯାଇଥିଲା । ଏହା ମହିଳାମାନଙ୍କ ପ୍ରତି ଘୃଣାଭାବ ନୁହେଁ; କିନ୍ତୁ ଏହା ସନ୍ନ୍ୟାସୀ ପକ୍ଷରେ ଏକ କଡ଼ା ନିୟମ ଅଟେ । ସନ୍ନ୍ୟାସୀ ମହିଳାମାନଙ୍କ ସହ ନିକଟ ସଂପର୍କ ରଖିବା ଉଚିତ୍ ନୁହେଁ । ଯେ ଯେଉଁ ଆଶ୍ରମରେ ଅଛି, ସେ ସେହି ଆଶ୍ରମର ବିଧି ବା ନୀତିନିୟମ ପାଳନକରିବା ଉଚିତ୍ । ତା'ର ସ୍ଥିତିର ବିଶୁଦ୍ଧିକରଣ ନିମିତ୍ତ ସେଗୁଡ଼ିକ ପାଳନ କରିବା ଉଚିତ୍ । ସନ୍ନ୍ୟାସୀ ପକ୍ଷରେ ସ୍ତ୍ରୀଲୋକମାନଙ୍କ ସହ ନିକଟ ସଂପର୍କ ରଖିବା ଏବଂ ଇନ୍ଦ୍ରିୟତୃପ୍ତି ନିମିତ୍ତ ଧନସଂଚୟ କରିବା ଅତି କଡ଼ାକଡ଼ି ଭାବରେ ନିଷେଧ କରାଯାଇଛି । ଶ୍ରୀ ଚୈତନ୍ୟ ମହାପ୍ରଭୁ ସ୍ୱୟଂ ଜଣେ ଆଦର୍ଶ ସନ୍ନ୍ୟାସୀ ଥିଲେ ଏବଂ ଆମ୍ଭେମାନେ ତାଙ୍କ ଜୀବନୀରୁ ଏହି ଶିକ୍ଷା ପାଇପାରିବା ଯେ ସେ ସ୍ତ୍ରୀ ସଂପର୍କ ସମ୍ବନ୍ଧରେ ଅତି କଠିନ ନିୟମ ପାଳନ କରୁଥିଲେ । ଯଦିଓ ସେ ମହାବଦାନ୍ୟ ଅବତାର ବୋଲି ବିବେଚିତ ହୁଅନ୍ତି, କାରଣ ସେ ଅତ୍ୟନ୍ତ ପତିତମାନଙ୍କୁ ଉଦ୍ଧାର କରିବା ନିମିତ୍ତ ଶିଷ୍ୟରୂପେ ଗ୍ରହଣ କରିଥିଲେ, ତଥାପି ସେ ସନ୍ନ୍ୟାସାଶ୍ରମର ନୀତିନିୟମ ଅତି କଡ଼ାକଡ଼ି ଭାବରେ ପାଳନ କରୁଥିଲେ । ବିଶେଷକରି ସ୍ତ୍ରୀ ସମ୍ପର୍କ ସମ୍ବନ୍ଧରେ ସେ ଅତ୍ୟନ୍ତ କଠୋର ଥିଲେ । ତାଙ୍କର ଜଣେ ଅତି ନିକଟ ସଂପର୍କୀୟ ଶିଷ୍ୟ ଥିଲେ ଛୋଟ ହରିଦାସ । ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଅନ୍ୟ ବିଶ୍ୱସ୍ତ ବ୍ୟକ୍ତିଗତ ସହଚରମାନଙ୍କ ମଧ୍ୟରେ ସେ ଜଣେ ଥିଲେ, କିନ୍ତୁ କୌଣସି କାରଣବଶତଃ ଏଇ ଛୋଟ ହରିଦାସ ଜଣେ ସ୍ତ୍ରୀଲୋକକୁ କାମାସକ୍ତ ନୟନରେ ଚାହିଁ ଦେଇଥିଲେ ଏବଂ ଶ୍ରୀଚୈତନ୍ୟ ମହାପ୍ରଭୁ ଏ ସଂପର୍କରେ ଏତେ କଠୋର ଥିଲେ ଯେ ସେ ସାଙ୍ଗେ ସାଙ୍ଗେ ତାଙ୍କୁ (ଛୋଟ ହରିଦାସଙ୍କୁ) ତାଙ୍କର ବ୍ୟକ୍ତିଗତ ସହଚର ଗୋଷ୍ଠୀରୁ ବାସନ୍ଦ କରିଦେଲେ । ଶ୍ରୀ ଚୈତନ୍ୟ ମହାପ୍ରଭୁ କହିଲେ, ''ଜଣେ ସନ୍ନ୍ୟାସୀ ହେଉ କିମ୍ବା ଯେକୌଣସି ଲୋକ ହେଉ, ସେ ଭୂତପ୍ରକୃତି କବଳରୁ ଉଦ୍ଧାର ପାଇବାକୁ ଇଚ୍ଛା କରୁଛି ଏବଂ ଦିବ୍ୟପ୍ରକୃତିକୁ ଉନ୍ନୀତ ହେବା ନିମିତ୍ତ ଏବଂ ନିଜର ଚିରନ୍ତନ ଗୃହ ଭଗବଦ୍ ଧାମକୁ ଫେରିଯିବାକୁ ଚେଷ୍ଟା କରୁଛି । ତା' ପକ୍ଷରେ ଇନ୍ଦ୍ରିୟ ତୃପ୍ତି ନିମିତ୍ତ ଭୌତିକ ସଂପତ୍ତି ପ୍ରତି ଦୃଷ୍ଟି ନିକ୍ଷେପ କରିବା ହିଁ ଦୋଷାବହ ଅଟେ । ଯଦି ସେ ସେମାନଙ୍କୁ ଉପଭୋଗ ନ କରିପାରେ, କିନ୍ତୁ କେବଳ କାମାସକ୍ତ ନୟନରେ ଦୃଷ୍ଟି ନିକ୍ଷେପ କରେ ତାହାହେଲେ ଏହା ଏତେ ଦୋଷାବହ ଯେ ଏ ପ୍ରକାର ପାପକାମନା ଚରିତାର୍ଥ କରିବା ପୂର୍ବରୁ ଆତ୍ମହତ୍ୟା କରିବା ବରଂ ଭଲ ।'' ଏହିପରି ଏସବୁ ହେଉଛି ବିଶୁଦ୍ଧିକରଣର ବିଧି । ପରବର୍ତ୍ତୀ କଥାଟି ହେଉଛି ''ଜ୍ଞାନଯୋଗ ବ୍ୟବସ୍ଥିତି '' — ଜ୍ଞାନାର୍ଜନରେ ନିଯୁକ୍ତି ରହିବା । ସନ୍ନ୍ୟାସୀର ଜୀବନ ହେଉଛି ଜ୍ଞାନ ବିତରଣ କରିବା । ଗୃହସ୍ଥ ଏବଂ ଅନ୍ୟମାନେ, ଯେଉଁମାନେ ଦିବ୍ୟଜୀବନ ମାର୍ଗରେ ଅଗ୍ରଗତି କରିବା ବିଧି ବା ପ୍ରକୃତ ଜୀବନମାର୍ଗକୁ ଭୁଲି ଯାଇଛନ୍ତି, ସେମାନଙ୍କୁ ମାର୍ଗ ପ୍ରଦର୍ଶନ କରିବା ହେଉଛି ସନ୍ନ୍ୟାସୀର କାମ । ସନ୍ନ୍ୟାସୀ ଗ୍ରାସାଚ୍ଛାଦନ ନିମିତ୍ତ ଦ୍ୱାର ଦ୍ୱାର ବୁଲି ଭିକ୍ଷାକରେ; କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ଜଣେ ଭିକାରୀ । ବିନମ୍ରତା ବା ବିନୟଭାବ ହେଉଛି ଦିବ୍ୟସ୍ତରରେ ଅବସ୍ଥାନ କରୁଥିବା ବ୍ୟକ୍ତିର ଏକ ଗୁଣ ଏବଂ ସନ୍ନ୍ୟାସୀ ବିନମ୍ର ଭାବରେ ଦ୍ୱାର ଦ୍ୱାର ବୁଲେ । ସେ ଠିକ୍ ଭିକ୍ଷାକରିବା

ଉଦ୍ଦେଶ୍ୟରେ ଯାଏନାହିଁ; ସେ ଯାଏ ଗୃହସ୍ଥମାନଙ୍କୁ ଦେଖିବା ପାଇଁ ଏବଂ ସେମାନଙ୍କୁ କୃଷ୍ଣଚେତନା ମାର୍ଗରେ ଜାଗ୍ରତ କରାଇବା ପାଇଁ; ଏହା ହେଉଛି ଏକ ସନ୍ନ୍ୟାସୀର କର୍ତ୍ତବ୍ୟ । ଯଦି ସେ ବାସ୍ତବରେ ଉନ୍ନତସ୍ତର ଲାଭ କରିଥାଏ, ତା'ର ଗୁରୁଙ୍କଠାରୁ ଆଦେଶ ପାଇଥାଏ, ତାହାହେଲେ ସେ ଉପଯୁକ୍ତ ଯୁକ୍ତି ପ୍ରଦର୍ଶନ କରି କୃଷ୍ଣଭାବନା ପ୍ରଚାର କରିବା ଉଚିତ୍ ଏବଂ ସେ ଯଦି ଏତେ ଉନ୍ନତ ନୁହେଁ, ତାହାହେଲେ ସନ୍ନ୍ୟାସ ଗ୍ରହଣ କରିବା ଉଚିତ୍ ନୁହେଁ, କିନ୍ତୁ ତା' ସତ୍ତ୍ୱେ ଅର୍ଥାତ୍ - ଯଥେଷ୍ଟ ଜ୍ଞାନଲାଭ ନ କରି ସୁଦ୍ଧା ଯଦି ସେ ସନ୍ନ୍ୟାସ ଗ୍ରହଣ କରେ, ତାହାହେଲେ ସେ ଜ୍ଞାନ ଆହରଣ ନିମିତ୍ତ ସଂପୂର୍ଣ୍ଣରୂପେ ନିଜକୁ ଜଣେ ଉପଯୁକ୍ତ ଆଚାର୍ଯ୍ୟ ବା ଗୁରୁଙ୍କଠାରୁ ଶ୍ରବଣ କରିବା କର୍ମରେ ନିଯୁକ୍ତ ରଖିବା ଉଚିତ୍ । ସନ୍ନ୍ୟାସୀ ନିର୍ଭରତା, ସତ୍ତ୍ୱସଂଶୁଦ୍ଧିଃ (ବିଶୁଦ୍ଧତା) ଓ ଜ୍ଞାନ ଯୋଗ ସ୍ତରରେ ଅବସ୍ଥାନ କରିବା ଉଚିତ୍ ।

ପରବର୍ତ୍ତୀ କଥାଟି ହେଉଛି 'ଦାନ' । ଦାନ କରିବା ଗୃହସ୍ଥମାନଙ୍କର କାର୍ଯ୍ୟ । ଗୃହସ୍ଥମାନେ ଏକ ସାଧୁ ଉପାୟରେ ଧନ ରୋଜଗାର କରିବେ ଏବଂ ରୋଜଗାରର ଅର୍ଦ୍ଧଭାଗ ପୃଥିବୀରେ କୃଷ୍ଣଭାବନା ପ୍ରଚାର ଦିଗରେ ଖର୍ଚ୍ଚ କରିବା ଉଚିତ୍ । ଯେଉଁ ସଂଘ ଏ ପ୍ରକାର ପ୍ରଚାରକାମ କରୁଛି, ସେ ସଂଘକୁ ଦାନ କରିବା ହେଉଛି ଗୃହସ୍ଥର କର୍ତ୍ତବ୍ୟ । ଜଣେ ଉପଯୁକ୍ତ ପାତ୍ରକୁ ଦାନ କରିବା ଉଚିତ୍ । ବିଭିନ୍ନ ପ୍ରକାର ଦାନ ଅଛି । ଏକଥା ପରେ ବର୍ଣ୍ଣନା କରାଯିବ । ବିଭିନ୍ନ ପ୍ରକାର ଦାନ, ଯଥା ସାତ୍ତ୍ୱିକ ଦାନ, ରାଜସିକ ଦାନ ଓ ତାମସିକ ଦାନ । ସାତ୍ତ୍ୱିକ ଦାନକୁ ହିଁ ଶାସ୍ତ୍ରମାନଙ୍କରେ ଅନୁମୋଦନ କରାଯାଇଅଛି । ରାଜସିକ ଓ ତାମସିକ ଦାନକୁ ଅନୁମୋଦନ କରାଯାଇନାହିଁ; କାରଣ ଏହା କେବଳ ଅର୍ଥର ଅପବ୍ୟୟ ଅଟେ । ସମଗ୍ର ପୃଥିବୀରେ କୃଷ୍ଣଭାବନା ପ୍ରଚାର ନିମିତ୍ତ ଦାନ କରିବା ଉଚିତ୍ । ତାହା ହେଉଛି ସାତ୍ତ୍ୱିକ ଦାନ ।

ତାପରେ 'ଦମଃ' (ଆତ୍ମସଂଯମ) କଥାଟି ସଂପର୍କରେ ଏହା ହିଁ କୁହାଯାଇପାରେ ଯେ ଏହା ଯେ କେବଳ ଅନ୍ୟ ଆଶ୍ରମର ଅଧିବାସୀ (ଅର୍ଥାତ୍ ବ୍ରହ୍ମଚାରୀ, ବାନପ୍ରସ୍ଥୀ ଓ ସନ୍ନ୍ୟାସୀ)ମାନଙ୍କ ପ୍ରତି ପ୍ରଯୁଜ୍ୟ ତାହା ନୁହେଁ; ଏହା ବିଶେଷକରି ଗୃହସ୍ଥାଶ୍ରମରେ ଥିବା ବ୍ୟକ୍ତି ଅର୍ଥାତ୍ ଗୃହସ୍ଥମାନଙ୍କ ପ୍ରତି ପ୍ରଯୁଜ୍ୟ । ଯଦିଓ ତା'ର ସ୍ତ୍ରୀ ଅଛି, ତଥାପି ଗୃହସ୍ଥ ମନଇଚ୍ଛା ବା ଅଯଥା ଇନ୍ଦ୍ରିୟ ସୁଖରେ ମାତି ସ୍ତ୍ରୀ ସମ୍ଭୋଗ କରିବା ଉଚିତ୍ ନୁହେଁ । ଯୌନ ଜୀବନଯାପନରେ ଗୃହସ୍ଥମାନଙ୍କ ନିମିତ୍ତ କେତେକ ବିଧି-ନିଷେଧ ଅଛି । ତାହା କେବଳ ବଂଶରକ୍ଷାର୍ଥେ (ପୁତ୍ର ଉତ୍ପାଦନ ନିମିତ୍ତ) ବ୍ୟବହାର କରାଯିବା ଉଚିତ୍ । ଯଦି ଗୃହସ୍ଥ ସନ୍ତାନ ଇଚ୍ଛା ନକରେ, ତେବେ ସେ ସ୍ତ୍ରୀ-ସମ୍ଭୋଗ କରିବା ଉଚିତ୍ ନୁହେଁ । ଆଧୁନିକ ସମାଜରେ ଲୋକମାନେ ସନ୍ତାନ ଉତ୍ପାଦନ ନିରୋଧ କରିବା ଏବଂ ସନ୍ତାନର ଦାୟିତ୍ୱ ନେବାରୁ ନିବୃତ୍ତ ହେବା ନିମିତ୍ତ ନିରୋଧ ବ୍ୟବସ୍ଥା ଗ୍ରହଣ କରି ଯୌନଜୀବନ ଉପଭୋଗ କରୁଛନ୍ତି, ଯାହାକି ଏକ ଅତ୍ୟନ୍ତ ଘୃଣ୍ୟ ବିଧି ଅଟେ । ଏହା ଦୈବୀପ୍ରକୃତି ନୁହେଁ, ଏହା ଆସୁରି ପ୍ରକୃତି ଅଟେ । ଯେ କୌଣସି ଲୋକ ଏପରିକି ସେ ଯଦି ଗୃହସ୍ଥ ହୋଇଥାଏ, ସେ ଯଦି ଦିବ୍ୟଜୀବନ ମାର୍ଗରେ ଅଗ୍ରଗତି କରିବାକୁ ଚାହେଁ, ତାହାହେଲେ ତାକୁ ତା'ର ଜନନେନ୍ଦ୍ରିୟକୁ ସଂଯତ କରିବାକୁ ହେବ (ଅର୍ଥାତ୍ ସଂଯତ ଯୌନ ଜୀବନଯାପନ କରିବାକୁ ହେବ) ଏବଂ ଯଦି ତା'ର କୃଷ୍ଣସେବାର ଉଦ୍ଦେଶ୍ୟ ନାହିଁ, ତାହାହେଲେ ତା' ପକ୍ଷରେ ସନ୍ତାନ ଉତ୍ପାଦନକରିବା ଉଚିତ୍ ନୁହେଁ । କେବଳ କୃଷ୍ଣସେବା ବା କୃଷ୍ଣ ପ୍ରୀତ୍ୟର୍ଥେ ସନ୍ତାନ ଉତ୍ପାଦନ କରିବା ଉଚିତ୍ ।

ଯଦି ସେ କୃଷ୍ଣଚେତନଶୀଳ ବା କୃଷ୍ଣଭକ୍ତ ପୁତ୍ର ଉତ୍ପାଦନ କରିବାକୁ ସକ୍ଷମ ହୋଇଥାଏ, ତାହାହେଲେ ସେ ଶହ ଶହ ପୁତ୍ର ଉତ୍ପାଦନ କରିପାରେ (ଏଥିରେ କୌଣସି କ୍ଷତିନାହିଁ); କିନ୍ତୁ ଯଦି ଏ ଶକ୍ତି ନାହିଁ; ତେବେ କେବଳ ଇନ୍ଦ୍ରିୟ-ସୁଖ ନିମିତ୍ତ ସ୍ତ୍ରୀ-ସଂଭୋଗ କରିବା ବା ଯୌନ ଜୀବନ ଯାପନ କରିବା ଉଚିତ୍ ନୁହେଁ ।

ଯଜ୍ଞ ହେଉଛି ଆଉ ଗୋଟିଏ କର୍ମ, ଯାହାକି ଗୃହସ୍ଥମାନଙ୍କର କରଣୀୟ; କାରଣ ଯଜ୍ଞ କର୍ମାନୁଷ୍ଠାନ ନିମିତ୍ତ ପ୍ରଚୁର ଅର୍ଥ ଆବଶ୍ୟକ । ଅନ୍ୟ ଆଶ୍ରମରେ ଲୋକ, ଯଥା ବ୍ରହ୍ମଚାରୀ, ବାନପ୍ରସ୍ଥୀ ଏବଂ ସନ୍ନ୍ୟାସୀମାନଙ୍କର ପଇସା-ପତ୍ର ନାହିଁ । ସେମାନେ ଭିକ୍ଷା କରି ଜୀବନ ନିର୍ବାହ କରନ୍ତି । ତେଣୁ ବିଭିନ୍ନ ପ୍ରକାର ଯଜ୍ଞକର୍ମ କରିବା ହେଉଛି ଗୃହସ୍ଥମାନଙ୍କର କର୍ତ୍ତବ୍ୟ । ବୈଦିକ ଶାସ୍ତ୍ରମାନଙ୍କରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ସେମାନେ ଅଗ୍ନିହୋତ୍ର ଯଜ୍ଞ କରିବା ଉଚିତ୍ । କିନ୍ତୁ ଆଜିକାଲି ସେ ପ୍ରକାର ଯଜ୍ଞାନୁଷ୍ଠାନ କରିବ ବଡ଼ ବ୍ୟୟସାପେକ୍ଷ ଅଟେ ଏବଂ ଏହା କୌଣସି ଗୃହସ୍ଥ ପକ୍ଷରେ ଅନୁଷ୍ଠାନ କରିବା ସମ୍ଭବପର ନୁହେଁ । ଏ ଯୁଗରେ ଏକମାତ୍ର ଅନୁମୋଦିତ ଯଜ୍ଞ ତଥା ସର୍ବୋତ୍ତମ ଯଜ୍ଞ ହେଉଛି 'ସଂକୀର୍ତ୍ତନ ଯଜ୍ଞ' ଅର୍ଥାତ୍ ହରେକୃଷ୍ଣ କୀର୍ତ୍ତନ—

*''ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ,*
*ହରେରାମ ହରେରାମ ରାମ ରାମ ହରେ ହରେ ।।''*

କୀର୍ତ୍ତନ । ଏହା ହେଉଛି ସର୍ବୋତ୍ତମ ତଥା ବ୍ୟୟରହିତ ଯଜ୍ଞ; ପ୍ରତ୍ୟେକେ ଏହା ଅନୁଷ୍ଠାନ କରିପାରନ୍ତି ଏବଂ ତଦନୁଯାୟୀ ସୁଫଳ ପ୍ରାପ୍ତ ହୋଇପାରନ୍ତି । ତେଣୁ ଏ ତିନୋଟି କର୍ମ ଅର୍ଥାତ୍ -ଦାନ, ଆତ୍ମସଂଯମ (ବା ଇନ୍ଦ୍ରିୟ ସଂଯମ) ଏବଂ ଯଜ୍ଞାନୁଷ୍ଠାନ ଗୃହସ୍ଥମାନଙ୍କର କରଣୀୟ ।

ତତ୍ପରେ 'ସ୍ୱାଧ୍ୟାୟଃ'-ବେଦପାଠ, ତପସ୍ୟା, ବ୍ରତବିଧି ଅନୁଷ୍ଠାନ ଏବଂ 'ଆର୍ଜବମ୍' ସରଳତା ବା ଭଦ୍ରତା ବ୍ରହ୍ମଚାରୀମାନଙ୍କର କର୍ତ୍ତବ୍ୟ । ବ୍ରହ୍ମଚାରୀମାନେ ସ୍ତ୍ରୀମାନଙ୍କ ସହିତ ସମ୍ପର୍କ ରଖିବା ଆଦୌ ଉଚିତ୍ ନୁହେଁ । ସେମାନେ ଏକ ସାଧନମୟ ଜୀବନଯାପନ କରିବା ଉଚିତ୍ ଏବଂ ମନକୁ ସର୍ବଦା ଦିବ୍ୟଜ୍ଞାନାନୁଶୀଳନ ନିମିତ୍ତ ବୈଦିକ ସାହିତ୍ୟ ପାଠରେ ଲଗାଇ ରଖିବା ଉଚିତ୍ । ଏହାକୁ 'ସ୍ୱାଧ୍ୟାୟଃ' କୁହାଯାଏ । ତପସ୍ୟା ବିଶେଷକରି ଗୃହସ୍ଥାଶ୍ରମରୁ ଅବସର ନେଇଥିବା ବ୍ୟକ୍ତିମାନଙ୍କ ପ୍ରତି ପ୍ରଯୁଜ୍ୟ । ବ୍ୟକ୍ତି ଜୀବନସାରା ଗୃହସ୍ଥ ହୋଇ ରହିବା ବା ଗୃହସ୍ଥାଶ୍ରମରେ ରହିବା ଉଚିତ୍ ନୁହେଁ । ତାକୁ ସର୍ବଦା ସ୍ମରଣ ରଖିବାକୁ ହେବ ଯେ ଜୀବନରେ ଚାରୋଟି ଆଶ୍ରମ ଅଛି - ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ । ତେଣୁ ଗୃହସ୍ଥାଶ୍ରମ ପରେ ବ୍ୟକ୍ତି ଗୃହତ୍ୟାଗୀ ହେବା ଉଚିତ୍ । ଯଦି କୌଣସି ବ୍ୟକ୍ତି ଧର ଶହେ ବର୍ଷ ବଞ୍ଚେ, ତାହାହେଲେ ତାକୁ ପଚିଶବର୍ଷ ବ୍ରହ୍ମଚାରୀରୂପେ, ପଚିଶିବର୍ଷ ଗୃହସ୍ଥରୂପେ, ପଚିଶବର୍ଷ ବାନାପ୍ରସ୍ଥୀରୂପେ ଏବଂ ପଚିଶିବର୍ଷ ସନ୍ନ୍ୟାସୀରୂପେ ଜୀବନଯାପନ କରିବାକୁ ହେବ । ଏହା ହେଉଛି ବୈଦିକ ଶୃଙ୍ଖଳା ବା ଧର୍ମନୀତି । ଗୃହସ୍ଥାଶ୍ରମରୁ ଅବସର ନେଇଥିବା ବ୍ୟକ୍ତି ଶରୀର, ମନ ଓ ଜିହ୍ୱାକୁ ସଂଯତ କରିବାକୁ ଅଭ୍ୟାସ କରିବା ଉଚିତ୍ । ଏହା ହେଉଛି ତପସ୍ୟା । ତପସ୍ୟାବିନା କୌଣସି ମାନବ ମୁକ୍ତି ପାଇପାରିବ ନାହିଁ । ଜୀବନରେ ତପସ୍ୟାର କୌଣସି ଆବଶ୍ୟକତା ନାହିଁ, କେବଳ ମନନ କରିଚାଲ, ସବୁ ଠିକ୍ ହୋଇଯିବ- ଏହି ଯେଉଁ ନୀତି-ଏହା କୌଣସି ବୈଦିକ ସାହିତ୍ୟ କିମ୍ବା ଭଗବଦ୍ ଗୀତାରେ କୁହାଯାଇ ନାହିଁ କିମ୍ବା ଅନୁମୋଦନ କରାଯାଇ ନାହିଁ । ଏ ପ୍ରକାର ନୀତି କେତେକ ବାହ୍ୟାଡ଼ମ୍ବରକାରୀ-ଧର୍ମଧ୍ୱଜାଧାରୀ ଭଣ୍ଡମାନଙ୍କର ନୀତି ଅଟେ, ଯେଉଁମାନେ କି

କେବଳ ନିଜର ଅନୁଗାମୀମାନଙ୍କର ସଂଖ୍ୟା ବା ଖୋସାମଦିଆମାନଙ୍କର ସଂଖ୍ୟା ବଢ଼ାଇବାରେ ବ୍ୟସ୍ତ । ଯଦି ବିଧି, ନିଷେଧ ଓ କଠୋର ନିୟମ ଆଦି ରହିବ, ତାହାହେଲେ ଲୋକମାନେ ଆକୃଷ୍ଟ ହେବେ ନାହିଁ । ( ଏ ହେଉଛି ସେମାନଙ୍କର ନୀତି) । ତେଣୁ ଯେଉଁମାନେ ଧର୍ମନାମରେ କେବଳ ଅନୁଗାମୀମାନଙ୍କର ସଂଖ୍ୟା ବୃଦ୍ଧି କରିବାକୁ ଚାହାଁନ୍ତି, କେବଳ ବାହାରକୁ ଦେଖାଇବାପାଇଁ ଧର୍ମାଚରଣ କରନ୍ତି । ସେମାନେ ସେମାନଙ୍କ ଶିଷ୍ୟମାନଙ୍କର ଜୀବନକୁ ସଂଯତ ବା ଶୃଙ୍ଖଳିତ କରାନ୍ତି ନାହିଁ କିମ୍ବା ନିଜ ଜୀବନକୁ ମଧ୍ୟ ସଂଯତ କରାନ୍ତି ନାହିଁ । କିନ୍ତୁ ଏ ପ୍ରକାରବିଧି ବେଦରେ ଅନୁମୋଦିତ ହୋଇନାହିଁ ।

'ସରଳତା' ଗୁଣଟିକୁ ସମସ୍ତେ ଆଚରଣ କରିବେ । ଏହା କୌଣସି ନିର୍ଦ୍ଦିଷ୍ଟ ଆଶ୍ରମବାସୀଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ବ୍ୟକ୍ତି ବ୍ରହ୍ମଚର୍ଯ୍ୟାଶ୍ରମର ହେଉ କିମ୍ବା ଗୃହସ୍ଥାଶ୍ରମର ହେଉ କିମ୍ବା ବାନପ୍ରସ୍ଥାଶ୍ରମର ହେଉ-ଯେ କୌଣସି ଆଶ୍ରମର ହେଉ, ଏହା ଆଚରଣ କରିବା ଉଚିତ୍ । ବ୍ୟକ୍ତି ଅତ୍ୟନ୍ତ ସରଳ ଜୀବନଯାପନ କରିବା ଉଚିତ୍ ।

'ଅହିଂସା'ର ଅର୍ଥ ହେଲା କୌଣସି ଜୀବର ବର୍ଦ୍ଧନଶୀଳ ଜୀବନରେ ବାଧା ସୃଷ୍ଟି କରିବା ଉଚିତ୍ ନୁହେଁ । କେହି ଏପରି ଭାବିବା ଉଚିତ୍ ନୁହେଁ ଯେ ଯେହେତୁ ଆତ୍ମା ଅମର ଅଟେ, ତା'ର ବିନାଶ ନାହିଁ, କିମ୍ବା କେହି ତା'କୁ ବିନାଶ କରିପାରିବ ନାହିଁ; ଶରୀର ନଷ୍ଟହେଲେ ସୁଦ୍ଧା ଆତ୍ମା ମରେ ନାହିଁ, ତାହାହେଲେ ଇନ୍ଦ୍ରିୟ ତୃପ୍ତି ନିମିତ୍ତ ପଶୁବଧ କଲେ କିଛି କ୍ଷତି ନାହିଁ । ଯଦିଓ ଲୋକମାନଙ୍କୁ ଯଥେଷ୍ଟ ପରିମାଣରେ ଶସ୍ୟ, ଫଳ, ଫୁଲ, ଶାକସବ୍‌ଜି ଏବଂ ଦୁଗ୍ଧ ମିଳୁଛି, ତଥାପି ସେମାନେ ପଶୁବଧ କରି ମାଂସ ଭକ୍ଷଣ କରିବାରେ ବ୍ୟସ୍ତ । ପଶୁବଧର କୌଣସି ଆବଶ୍ୟକତା ନାହିଁ । ଏ ନିର୍ଦ୍ଦେଶ ପ୍ରତ୍ୟେକଙ୍କ ନିମିତ୍ତ ଉଦ୍ଦିଷ୍ଟ । ଯଦି ଏହା ନିହାତି ଦରକାର ହୁଏ, ଆଉ ତା'ର ବିକଳ୍ପ ପନ୍ଥା କିଛି ନଥାଏ, ତାହାହେଲେ ବ୍ୟକ୍ତି ପଶୁବଧ କରିପାରେ; କିନ୍ତୁ ତାହାକୁ ଯଜ୍ଞରେ ଅର୍ପଣ କରିବାକୁ ପଡ଼ିବ । ଯାହାହେଲେ ସୁଦ୍ଧା ଯେତେବେଳେ ମାନବ ନିମିତ୍ତ ଯଥେଷ୍ଟ ଖାଦ୍ୟର ବ୍ୟବସ୍ଥା ଅଛି, ସେତେବେଳେ ଯେଉଁମାନେ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରଗତି କରିବାକୁ ଇଚ୍ଛା କରନ୍ତି, ସେମାନେ ପଶୁବଧ କରିବା ଉଚିତ୍ ନୁହେଁ; ଅର୍ଥାତ୍ ପଶୁମାନଙ୍କ ପ୍ରତି ହିଂସାଚରଣ କରିବା ଉଚିତ୍ ନୁହେଁ । ପ୍ରକୃତ ଅହିଂସାର ଅର୍ଥ ହେଲା କାହାରି ବର୍ଦ୍ଧନଶୀଳ ଜୀବନରେ ବାଧା ନ ଦେବା । ପଶୁମାନେ ମଧ୍ୟ ସେମାନଙ୍କର କ୍ରମବିବର୍ତ୍ତନଶୀଳ ଜୀବନରେ ଗୋଟିଏ ଯୋନିରୁ ଅନ୍ୟ ଯୋନିକୁ ଗମନ କରି ଅଗ୍ରଗତି କରୁଛନ୍ତି । ଯଦି କୌଣସି ପଶୁକୁ ବଧ କରାଯାଏ, ତାହାହେଲେ ତା'ର ଅଗ୍ରଗତିରେ ବାଧା ସୃଷ୍ଟି କରାଗଲା । ଯଦି କୌଣସି ପଶୁ ଏକ ନିର୍ଦ୍ଦିଷ୍ଟ ଶରୀର ମଧ୍ୟରେ କେତେଦିନ ବା କେତେ ବର୍ଷପାଇଁ ରହେ ଏବଂ ଯଦି ତାକୁ ଅସମୟରେ ବଧ କରାଯାଏ (ଅର୍ଥାତ୍ ତା'ର ମୃତ୍ୟୁର ସମୟ ନ ହେବା ପୂର୍ବରୁ ତାକୁ ବଧ କରାଯାଏ) ତାହାହେଲେ ତାକୁ ପୁଣି ସେହି ପଶୁଯୋନିକୁ ଫେରି ଆସିବାକୁ ପଡ଼ିବ; କାରଣ ସେ ଅନ୍ୟ ଯୋନି ଲାଭକରିବା ପୂର୍ବରୁ ତାକୁ ଏ ଯୋନିରେ (ବା ଏ ପଶୁ ଜନ୍ମରେ) ନିର୍ଦ୍ଦିଷ୍ଟଥିବା ସମୟ ସଂପୂର୍ଣ୍ଣ କରିବାକୁ ପଡ଼ିବ । ତାହା ନହେଲେ ସେ ଅନ୍ୟ ଯୋନିକୁ ଉନ୍ନୀତ ହୋଇପାରିବ ନାହିଁ । ତେଣୁ ବ୍ୟକ୍ତି ନିଜର ରସନାକୁ ତୃପ୍ତିକରିବା ନିମିତ୍ତ ପଶୁର କ୍ରମବର୍ଦ୍ଧନଶୀଳ ଜୀବନର ଅଗ୍ରଗତିରେ ବାଧାସୃଷ୍ଟି କରିବା ଉଚିତ୍ ନୁହେଁ । ଏହାକୁ ଅହିଂସା କୁହାଯାଏ ।

'ସତ୍ୟମ୍' ଏହି ଶବ୍ଦର ଅର୍ଥ ହେଉଛି - ବ୍ୟକ୍ତି ନିଜର ସ୍ୱାର୍ଥସାଧନ ନିମିତ୍ତ ସତ୍ୟର ଅପଳାପ କରିବା ଉଚିତ୍ ନୁହେଁ । ବୈଦିକ ଶାସ୍ତ୍ରମାନଙ୍କରେ କେତେକ କଠିନ ଅନୁଚ୍ଛେଦ ଅଛି । ସେଗୁଡ଼ିକର ଅର୍ଥ ବା ଉଦ୍ଦେଶ୍ୟ ଜଣେ ଉପଯୁକ୍ତ ଆଚାର୍ଯ୍ୟଙ୍କଠାରୁ ବୁଝିବା ଉଚିତ୍ । ବେଦକୁ ବୁଝିବାର ତାହା ହେଉଛି ବିଧି । 'ଶ୍ରୁତି' ଶବ୍ଦର ଅର୍ଥ ହେଲା-ବ୍ୟକ୍ତି ଜଣେ ଉପଯୁକ୍ତ ଅଧିକାରୀଙ୍କଠାରୁ ଶୁଣିବା ଉଚିତ୍ । ନିଜର ବ୍ୟକ୍ତିଗତ ସୁବିଧାନୁଯାୟୀ ବ୍ୟକ୍ତି ତା'ର ବ୍ୟାଖ୍ୟା କରିବା ଉଚିତ୍ ନୁହେଁ । ଭଗବଦ୍ ଗୀତା ଉପରେ ଅନେକ ଭାଷ୍ୟ ଅଛି, ଯେଉଁଥିରେ ମୌଳିକ ଶ୍ଳୋକର ଅର୍ଥକୁ କଦର୍ଥ କରାଯାଇଅଛି । ଶବ୍ଦର ପ୍ରକୃତ ଅର୍ଥ ବା ତାତ୍ପର୍ଯ୍ୟ ଉପସ୍ଥାପନ କରିବା ଉଚିତ୍ ଏବଂ ତାହା ଜଣେ ଉପଯୁକ୍ତ ଆଚାର୍ଯ୍ୟଙ୍କଠାରୁ ଶିକ୍ଷା କରିବା ଉଚିତ୍ ।

'ଅକ୍ରୋଧ' ଶବ୍ଦର ଅର୍ଥ ହେଲା କ୍ରୋଧକୁ ଦମନ କରିବା । ଏପରିକି ଯଦି କ୍ରୋଧ ଜାତ ହେବାର ବାତାବରଣ ଉପୁଜି ଥାଏ, ତଥାପି ତାକୁ ସହିନେବା ଉଚିତ୍; କାରଣ ଥରେ ବ୍ୟକ୍ତି ରାଗିଗଲେ ତା'ର ସମଗ୍ର ଶରୀରଟି ଦୂଷିତ ହୋଇଯାଏ । କ୍ରୋଧ ରଜୋ ଗୁଣରୁ ଏବଂ କାମ ପିପାସାରୁ ଜାତ ହୁଏ । ତେଣୁ ଯେ ଦିବ୍ୟସ୍ତରରେ ଅବସ୍ଥାନ କରୁଛି ସେ କ୍ରୋଧକୁ ଦମନ କରିବା ଉଚିତ୍ । *'ଅପୈଶୁନମ୍'* ଶବ୍ଦର ଅର୍ଥ ହେଲା ବ୍ୟକ୍ତି ଅନ୍ୟର ଦୋଷ ଦେଖିବା ଉଚିତ୍ ନୁହେଁ, କିମ୍ବା ଅଯଥା ତାକୁ ସଂଶୋଧନ କରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ । ଅବଶ୍ୟ 'ଚୋର'କୁ ଚୋର କହିବା ଦୋଷଦର୍ଶନ ନୁହେଁ; କିନ୍ତୁ ଜଣେ ସାଧୁଙ୍କୁ ଚୋର ବୋଲି କହିବା ଅତ୍ୟନ୍ତ ଦୋଷାବହ ଅଟେ । ଯେଉଁ ବ୍ୟକ୍ତି ଦିବ୍ୟଜୀବନ ମାର୍ଗରେ ଅଗ୍ରଗତି କରୁଛି ତା'ପକ୍ଷରେ ସାଧୁ ନିନ୍ଦା କରିବା ବଡ଼ ଅପରାଧ ଅଟେ । 'ହ୍ରୀଃ' ଶବ୍ଦର ଅର୍ଥ, ବ୍ୟକ୍ତି ବିନୟୀ ହେବା ଉଚିତ୍ ଏବଂ ସେ ଘୃଣ୍ୟ କର୍ମକରିବା ଉଚିତ୍ ନୁହେଁ । 'ଅଚାପଳମ୍' (ଦୃଢ଼ତା)ର ଅର୍ଥ ବ୍ୟକ୍ତି ବିଚଳିତ ହେବା ଉଚିତ୍ ନୁହେଁ, କିମ୍ବା କୌଣସି ପ୍ରଚେଷ୍ଟାରେ ଅକୃତ କାର୍ଯ୍ୟ ହେଲେ ହତାଶ ହେବା ଉଚିତ୍ ନୁହେଁ । କେତେକ ପ୍ରଚେଷ୍ଟାରେ ଅକୃତକାର୍ଯ୍ୟ ହୋଇପାରେ, କିନ୍ତୁ ଏଥିପାଇଁ ଦୁଃଖିତ ହେବା ଉଚିତ୍ ନୁହେଁ । ବ୍ୟକ୍ତି ଧୈର୍ଯ୍ୟ ଏବଂ ଦୃଢ଼ତାର ସହିତ ଅଗ୍ରଗତି କରିବା ଉଚିତ୍ । ଏଠାରେ ବ୍ୟବହୃତ 'ତେଜଃ' ଶବ୍ଦ କ୍ଷତ୍ରିୟମାନଙ୍କ ପ୍ରତି ପ୍ରଯୁଜ୍ୟ । କ୍ଷତ୍ରିୟମାନେ ସର୍ବଦା ଦୁର୍ବଳଙ୍କୁ ସୁରକ୍ଷା ଦେବା ନିମିତ୍ତ ବଳିଷ୍ଠ ହେବା ଉଚିତ୍ । ସେମାନେ 'ଅହିଂସ'ପରି ଆଚରଣ କରିବା ଉଚିତ୍ ନୁହେଁ, ଯଦି ହିଂସାଚରଣ କରିବା ଦରକାର ପଡ଼େ, ତାହାହେଲେ ତାହା ପ୍ରଦର୍ଶନ କରିବା ଉଚିତ୍ ।

'ଶୌଚମ୍' ଶବ୍ଦର ଅର୍ଥ ପରିଷ୍କାର-ପରିଚ୍ଛନ୍ନତା; କେବଳ ଶରୀର ଓ ମନର ବିଶୁଦ୍ଧତା ନୁହେଁ; ବ୍ୟକ୍ତିର ବ୍ୟବହାର ବିଶୁଦ୍ଧ ହେବା ଉଚିତ୍, ଏହା ବିଶେଷକରି ବଣିକମାନଙ୍କ ପକ୍ଷରେ ପ୍ରଯୁଜ୍ୟ । ସେମାନେ କଳାବଜାର କରିବା ଉଚିତ୍ ନୁହେଁ । 'ନାତିମାନିତା' (ଅର୍ଥାତ୍ ସମ୍ମାନ ଆଶାକରିବା ଉଚିତ୍ ନୁହେଁ) - ଏହା ଶୂଦ୍ରମାନଙ୍କ ପ୍ରତି ପ୍ରଯୁଜ୍ୟ । ବୈଦିକ ନୀତି ଅନୁଯାୟୀ ଶୂଦ୍ରମାନେ ଚାରିବର୍ଣ୍ଣ ମଧ୍ୟରେ ନୀଚତମ ଅଟନ୍ତି । ସେମାନେ ଅଯଥା ସମ୍ମାନ ଆଶା କରିବା ଉଚିତ୍ ନୁହେଁ, କିମ୍ବା ଗର୍ବୋନ୍ମତ୍ତ ହେବା ଉଚିତ୍ ନୁହେଁ । ସେମାନେ ନିଜ ସୀମା ମଧ୍ୟରେ ରହିବା ଉଚିତ୍ । ଯେଉଁ ସାମାଜିକ ସ୍ଥିତି ସେମାନଙ୍କୁ ମିଳିଛି ସେଥି ମଧ୍ୟରେ ସେମାନେ ରହିବା ଉଚିତ୍ । ସାମାଜିକ ଶୃଙ୍ଖଳା ରକ୍ଷା କରିବା ନିମିତ୍ତ ଉଚ୍ଚ ବର୍ଣ୍ଣର ଲୋକମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଶୂଦ୍ରମାନଙ୍କର କର୍ତ୍ତବ୍ୟ ଅଟେ ।

ଏ ଯେଉଁ ଷୋଳପ୍ରକାର ଗୁଣର ବର୍ଣ୍ଣନା କରାଗଲା; ଏଗୁଡ଼ିକ ସବୁ ଦିବ୍ୟଗୁଣ ବା ଦୈବୀ ସଂପଦ ଅଟେ । ବିଭିନ୍ନ ସାମାଜିକ ସ୍ଥିତି ଅନୁଯାୟୀ ଏଗୁଡ଼ିକ ବ୍ୟକ୍ତି ଆଚରଣ କରିବା ଉଚିତ୍ । ଏହାର ତାତ୍ପର୍ଯ୍ୟ ହେଲା, ଯଦିଓ ଭୌତିକ ଅବସ୍ଥା ଦୁଃଖପୂର୍ଣ୍ଣ ଅଟେ, ତଥାପି ଯଦି ପ୍ରତ୍ୟେକ ବର୍ଣ୍ଣର ଲୋକମାନେ ଏ ସଦ୍‌ଗୁଣଗୁଡ଼ିକ ଅଭ୍ୟାସ କରନ୍ତି, ତାହାହେଲେ ସେମାନଙ୍କ ପକ୍ଷରେ ଦିବ୍ୟାନୁଭୂତି ଲାଭର ଉଚ୍ଚତମ ସ୍ତରଲାଭ କରିବା କ୍ରମଶଃ ସମ୍ଭବପର ହୋଇପାରେ ।

## ଶ୍ଲୋକ - ୪

**ଦମ୍ଭୋ ଦର୍ପୋଽଭିମାନଶ୍ଚ କ୍ରୋଧଃ ପାରୁଷ୍ୟମେବ ଚ ।**
**ଅଜ୍ଞାନଂ ଚାଭିଜାତସ୍ୟ ପାର୍ଥ ସମ୍ପଦମାସୁରୀମ୍ ।। ୪ ।।**

## ଶବ୍ଦାନୁବାଦ

ଦମ୍ଭଃ=ଦାମ୍ଭିକତା; ଦର୍ପଃ=ଗର୍ବ; ଅଭିମାନଃ=ଅଭିମାନ; ଚ=ଏବଂ; କ୍ରୋଧଃ=କ୍ରୋଧ; ପାରୁଷ୍ୟମ୍=କର୍କଶତା; ଏବ=ନିଶ୍ଚିତଭାବେ; ଚ=ଏବଂ; ଅଜ୍ଞାନମ୍=ଅଜ୍ଞାନ; ଚ=ଏବଂ; ଅଭିଜାତସ୍ୟ=ଯେ ଜନ୍ମ ହୋଇଛି; ପାର୍ଥ=ହେ ପୃଥାପୁତ୍ର; ସମ୍ପଦମ୍=ପ୍ରକୃତି; ଆସୁରୀମ୍=ଆସୁରୀ ।

## ଅନୁବାଦ

**ହେ ପୃଥାପୁତ୍ର ! ଗର୍ବ, ଦମ୍ଭ, ଅଭିମାନ, କ୍ରୋଧ, କର୍କଶତା ଏବଂ ଅଜ୍ଞାନତା ଏଗୁଡ଼ିକ ହେଉଛି ଆସୁରୀ ପ୍ରକୃତି ।**

## ଭାବାର୍ଥ

ଏ ଶ୍ଲୋକରେ ନର୍କାନୁଗାମୀ ରାଜପଥ କଥା ବର୍ଣ୍ଣନା କରାଯାଇଅଛି । ଅସୁରମାନେ ଯଦିଓ ନୀତି-ନିୟମ ଆଦି ପାଳନ ନ କରନ୍ତି, ତଥାପି ସେମାନେ ବାହାରକୁ ଧାର୍ମିକବୋଲି ଦେଖାଇବା ନିମିତ୍ତ ଏବଂ ଆତ୍ମବିଜ୍ଞାନରେ ଯେ ସେମାନେ ଅଗ୍ରଗତି କରିଛନ୍ତି ଏହା ଦେଖାଇବା ନିମିତ୍ତ ଇଚ୍ଛା କରନ୍ତି । ସେମାନେ ଯେ କିଛି ଶିକ୍ଷାଦୀକ୍ଷା ଲାଭ କରିଛନ୍ତି ଏହା ଦେଖାଇବା ନିମିତ୍ତ ଇଚ୍ଛା କରନ୍ତି । ସେମାନେ ଯେ କିଛି ଶିକ୍ଷାଦୀକ୍ଷା ଲାଭ କରିଛନ୍ତି କିମ୍ବା ଧନ-ସଂପଦ ଲାଭ କରିଛନ୍ତି ଏଥିପାଇଁ ବଡ଼ ଗର୍ବ ଅନୁଭବ କରନ୍ତି; ଗର୍ବ, ଦମ୍ଭ ଓ ଅଭିମାନ ଆଦି ପ୍ରକାଶ କରନ୍ତି । ଯଦିଓ ସେମାନେ ସମ୍ମାନ ପାଇବାର ଯୋଗ୍ୟ ନୁହଁନ୍ତି, ତଥାପି ସମ୍ମାନ ପାଇବାକୁ ଦାବୀ କରନ୍ତି ଏବଂ ଅନ୍ୟମାନେ ସେମାନଙ୍କୁ ପୂଜା କରନ୍ତୁ ବା ସମ୍ମାନ ପ୍ରଦର୍ଶନ କରନ୍ତୁ-ଏହା ଇଚ୍ଛା କରନ୍ତି । ଛୋଟ ଛୋଟ କଥାରେ ସେମାନେ ରାଗିଯା'ନ୍ତି ଏବଂ ବଡ଼ ରୁକ୍ଷଭାବରେ କଥାବାର୍ତ୍ତା କରନ୍ତି । କ'ଣ କରିବାକୁ ହେବ ଏବଂ କ'ଣ ନକରିବାକୁ ହେବ, ସେମାନେ ଜାଣନ୍ତି ନାହିଁ । ନିଜର ମନମୁତାବକ ଓ ସୁବିଧା ଅନୁଯାୟୀ କାମ କରନ୍ତି । କୌଣସି ଗୁରୁଙ୍କୁ ବା ଆଚାର୍ଯ୍ୟଙ୍କୁ ମାନନ୍ତି ନାହିଁ, ସେମାନେ ମାତୃଗର୍ଭରେ ଥିଲାବେଳେ ଏ ଆସୁରୀ ପ୍ରକୃତିକୁ ଗ୍ରହଣ କରିଛନ୍ତି ଏବଂ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ଏସବୁ ଆସୁରୀ ପ୍ରକୃତି ବା ଦୁର୍ଗୁଣଗୁଡ଼ିକ ସେମାନଙ୍କଠାରେ ପ୍ରକାଶ ପାଏ ।

## ଶ୍ଲୋକ - ୫

**ଦୈବୀ ସମ୍ପଦ୍‌ବିମୋକ୍ଷାୟ ନିବନ୍ଧାୟାସୁରୀ ମତା ।**
**ମା ଶୁଚଃ ସମ୍ପଦଂ ଦୈବୀମଭିଜାତୋଽସି ପାଣ୍ଡବ ।। ୫ ।।**

## ଶବ୍ଦାନୁବାଦ

ଦୈବୀ=ଦିବ୍ୟ; ସମ୍ପଦ୍=ପ୍ରକୃତି (ସଂପଦ); ବିମୋକ୍ଷାୟ=ମୁକ୍ତି ନିମିତ୍ତ; ନିବନ୍ଧାୟ=ବନ୍ଧନ ନିମିତ୍ତ; ଆସୁରୀ=ଅସୁର-ପ୍ରକୃତି; ମତା=ଏହା ବିଗ୍ରର କରାଯାଏ; ମା ଶୁଚଃ=କେବେହେଲେ ଦୁଃଖିତ ହୁଅ ନାହିଁ; ସମ୍ପଦମ୍=ପ୍ରକୃତି; ଦୈବୀମ୍=ଦିବ୍ୟ; ଅଭିଜାତଃ=ଜନ୍ମ; ଅସି=ତୁମେ ଅଟ; ପାଣ୍ଡବ=ହେ ପାଣ୍ଡୁପୁତ୍ର ।

## ଅନୁବାଦ

**ଦୈବୀ ସଂପଦ ବା ଦିବ୍ୟଗୁଣଗୁଡ଼ିକ ମୁକ୍ତି ନିମିତ୍ତ ଉଦ୍ଦିଷ୍ଟ, କିନ୍ତୁ ଆସୁରୀ ସଂପଦ ବା ଅସୁରଗୁଣଗୁଡ଼ିକ ବନ୍ଧନ ନିମିତ୍ତ ଉଦ୍ଦିଷ୍ଟ । ହେ ପାଣ୍ଡୁପୁତ୍ର ! ତୁମେ ଦିବ୍ୟଗୁଣ ଧରି ଜନ୍ମ ହୋଇଛ (ଅର୍ଥାତ୍ ଦୈବୀ ସଂପଦର ଅଧିକାରୀ); କିଛି ଦୁଃଖ କର ନାହିଁ ।**

## ଭାବାର୍ଥ

ଭଗବାନ୍ ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ଉତ୍ସାହବାଣୀ ଶୁଣାଇ କହିଲେ ଯେ ସେ ଆସୁରୀ ପ୍ରକୃତି ନେଇ ଜନ୍ମ ହୋଇ ନାହାନ୍ତି । ତାଙ୍କର ଯୁଦ୍ଧ କର୍ମରେ ବ୍ୟାପୃତ ରହିବା ଅସୁରସ୍ୱଭାବ ନୁହେଁ; କାରଣ ସେ ତାଙ୍କର ଭଲମନ୍ଦ ଫଳାଫଳ ବହୁତ ବିଗ୍ରର କରୁଛନ୍ତି । ସେ ବିଗ୍ରର କରୁଛନ୍ତି, ଭୀଷ୍ମ ଓ ଦ୍ରୋଣଙ୍କପରି ସମ୍ମାନନୀୟ ବ୍ୟକ୍ତିବୃନ୍ଦଙ୍କୁ ଯୁଦ୍ଧରେ ବଦ୍ଧ କରାଯିବା ଉଚିତ୍ କି ନୁହେଁ; ତେଣୁ ଏଥିରୁ ଜଣାଯାଉଛି, ସେ କ୍ରୋଧ, ଆତ୍ମସମ୍ମାନ କିମ୍ବା କ୍ରୂରତାର ବଶବର୍ତ୍ତୀ ହୋଇ ଏପରି କରୁନାହାନ୍ତି । ତେଣୁ ସେ ଅସୁରସ୍ୱଭାବ-ବିଶିଷ୍ଟ ନୁହଁନ୍ତି; ଏକ କ୍ଷତ୍ରିୟପକ୍ଷରେ ଶତ୍ରୁପ୍ରତି ଶରନିକ୍ଷେପ କରିବା ଦିବ୍ୟକର୍ମ ବୋଲି ବିବେଚିତ ହୁଏ ଏବଂ ଯଦି କୌଣସି କ୍ଷତ୍ରିୟ ସେଥିରୁ ନିବୃତ୍ତ ହୁଏ, ତାହାହେଲେ ବୁଝିବାକୁ ହେବ ଯେ ସେ ଅସୁରସ୍ୱଭାବ ବିଶିଷ୍ଟ ଅଟେ । ତେଣୁ ଅର୍ଜୁନଙ୍କ ପକ୍ଷରେ ଦୁଃଖ କରିବାର କୌଣସି କାରଣ ନାହିଁ । ବ୍ୟକ୍ତି ଯେଉଁ ବର୍ଣ୍ଣାଶ୍ରମରେ ରହିଛି, ଯଦି ତଦନୁଯାୟୀ ବିଧି ବିଧାନ ନୀତି-ନିୟମ ଆଦି ପାଳନ କରୁଛି, ତାହାହେଲେ ବୁଝିବାକୁ ହେବ ଯେ ସେ ଦିବ୍ୟସ୍ତରରେ ଅବସ୍ଥାନ କରୁଛି ।

## ଶ୍ଳୋକ - ୬

**ଦ୍ୱୌ ଭୂତସର୍ଗୌ ଲୋକେଽସ୍ମିନ୍‌ଦୈବ ଆସୁର ଏବ ଚ ।**
**ଦୈବୋ ବିସ୍ତରଶଃ ପ୍ରୋକ୍ତ ଆସୁରଂ ପାର୍ଥ ମେ ଶୃଣୁ ।।୬।।**

## ଶବ୍ଦାନୁବାଦ

ଦ୍ୱୌ=ଦୁଇ; ଭୂତ-ସର୍ଗୌ=ସୃଷ୍ଟଜୀବ; ଲୋକେ=ଏହି ପୃଥିବୀରେ; ଅସ୍ମିନ୍=ଏହି; ଦୈବଃ=ଦେବସୁଲଭ; ଆସୁରଃ=ଅସୁରସୁଲଭ; ଏବ=ନିଶ୍ଚିତଭାବେ; ଚ=ଏବଂ; ଦୈବଃ=ଦିବ୍ୟ; ବିସ୍ତରଶଃ=ବିସ୍ତୃତଭାବେ; ପ୍ରୋକ୍ତଃ=କହିଲି; ଆସୁରମ୍=ଅସୁର ସମ୍ବନ୍ଧୀୟ; ପାର୍ଥ=ହେ ପୃଥାପୁତ୍ର; ମେ=ମୋ'ଠାରୁ; ଶୃଣୁ=ଶୁଣ ।

## ଅନୁବାଦ

**ହେ ପୃଥାପୁତ୍ର ! ଏହି ପୃଥିବୀରେ ଦୁଇପ୍ରକାର ସୃଷ୍ଟଜୀବ ଅଛନ୍ତି । ଗୋଟିଏ ପ୍ରକାର ହେଉଛନ୍ତି ଦେବତା ଏବଂ ଅନ୍ୟଟି ହେଉଛନ୍ତି ଅସୁର । ମୁଁ ଦୈବୀ ସଂପଦ (ବା ଦେବସୁଲଭ**

**ଗୁଣ ବା ଦିବ୍ୟଗୁଣ) ସମ୍ବନ୍ଧରେ ତୁମକୁ ବିସ୍ତୃତଭାବେ କହି ସାରିଛି । ବର୍ତ୍ତମାନ ମୋ'ଠାରୁ ଆସୁରୀ ସଂପଦ ବା ଆସୁରୀ ପ୍ରକୃତି ସମ୍ବନ୍ଧରେ ଶୁଣ ।**

## ଭାବାର୍ଥ

ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଅଭୟ ଦେଇ କହିଲେ ଯେ ସେ ଦୈବୀ ସମ୍ପଦରେ ବା ଦିବ୍ୟଗୁଣ ନେଇ ଜନ୍ମ ହୋଇଛନ୍ତି । ଏହା କହି ସାରିବା ପରେ ସେ ବର୍ତ୍ତମାନ ଆସୁରୀ ସଂପଦ କଥା ବର୍ଣ୍ଣନା କରୁଛନ୍ତି । ଏଇ ପୃଥିବୀରେ ବଦ୍ଧ ଜୀବଗଣ ଦୁଇ ଭାଗରେ ବିଭକ୍ତ । ଯେଉଁମାନେ ଦୈବୀ ସଂପଦ ବା ଦିବ୍ୟଗୁଣ ନେଇ ଜନ୍ମ ହୋଇଥା'ନ୍ତି ସେମାନେ ଏକ ସଂଯତ ଜୀବନଯାପନ କରନ୍ତି । ଅର୍ଥାତ୍ ସେମାନେ ଶାସ୍ତ୍ରାନୁମୋଦିତ ପନ୍ଥା ଏବଂ ଆଗ୍ରର୍ଯ୍ୟମାନେ ପ୍ରଦର୍ଶନ କରିଯାଇଥିବା ପନ୍ଥା ଅନୁସରଣ କରନ୍ତି । ବ୍ୟକ୍ତି ଶାସ୍ତ୍ରନିର୍ଦ୍ଦେଶ ଅନୁଯାୟୀ କର୍ତ୍ତବ୍ୟ ସଂପାଦନ କରିବା ଉଚିତ୍ । ଏ ପ୍ରକାର ମନୋବୃତ୍ତିକୁ ଦିବ୍ୟ ମନୋବୃତ୍ତି ବୋଲି କୁହାଯାଏ । ଯେଉଁମାନେ ସାଧନବିଧି ଅବଲମ୍ବନ ନ କରନ୍ତି (ଅର୍ଥାତ୍ ଶାସ୍ତ୍ରନିର୍ଦ୍ଦେଶ ଅନୁଯାୟୀ ସଂଯତ ଜୀବନଯାପନ ନ କରନ୍ତି) ଏବଂ ନିଜ ମନମୁତାବକ କାର୍ଯ୍ୟ କରନ୍ତି ସେମାନଙ୍କୁ ଅସୁର କୁହାଯାଏ । ଶାସ୍ତ୍ରାନୁମୋଦିତ ସାଧନ ପ୍ରଣାଳୀ ଅବଲମ୍ବନ ବ୍ୟତୀତ ଅନ୍ୟ ସିଦ୍ଧାନ୍ତ କିଛି ନାହିଁ । ବୈଦିକ ଶାସ୍ତ୍ରମାନଙ୍କରେ ବର୍ଣ୍ଣନା କରାଯାଇଛି ଯେ ଉଭୟେ ଦେବତା ଓ ଅସୁର ପ୍ରଜାପତିଙ୍କଠାରୁ ଜାତ । ଏମାନଙ୍କ ମଧ୍ୟରେ କେବଳ ଏକମାତ୍ର ପାର୍ଥକ୍ୟ ହେଉଛି ଏହି ଯେ ଗୋଟିଏ ଶ୍ରେଣୀର ଲୋକେ ବୈଦିକ ବିଧିବିଧାନ ବା ନିର୍ଦ୍ଦେଶକୁ ମାନନ୍ତି, ଅନ୍ୟଶ୍ରେଣୀର ଲୋକେ ତାହା ମାନନ୍ତି ନାହିଁ ।

## ଶ୍ଲୋକ - ୭

**ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ ଜନା ନ ବିଦୁରାସୁରାଃ ।**
**ନ ଶୌଚଂ ନାପି ଚାଚାରୋ ନ ସତ୍ୟଂ ତେଷୁ ବିଦ୍ୟତେ ।।୭।।**

## ଶବ୍ଦାନୁବାଦ

ପ୍ରବୃତ୍ତିମ୍=ଉପଯୁକ୍ତ କାର୍ଯ୍ୟ; ଚ=ମଧ୍ୟ; ନିବୃତ୍ତିମ୍=ଅନୁପଯୁକ୍ତ କାର୍ଯ୍ୟ; ଚ=ଏବଂ; ଜନାଃ=ଲୋକମାନେ; ନ=କେବେ ନାହିଁ; ବିଦୁଃ=ଜାଣନ୍ତି; ଆସୁରାଃ=ଅସୁର ଗୁଣରେ; ନ=ନଥାଏ; ଶୌଚମ୍=ଶୁଚି ବା ପବିତ୍ରତା; ନ=ନଥାଏ; ଅପି=ମଧ୍ୟ; ଚ=ଏବଂ; ଆଚାରଃ=ସଦାଚାର; ନ=ନଥାଏ; ସତ୍ୟମ୍=ସତ୍ୟ; ତେଷୁ=ସେମାନଙ୍କଠାରେ; ବିଦ୍ୟତେ=ଥାଏ ।

## ଅନୁବାଦ

**ଯେଉଁମାନେ ଅସୁରସ୍ୱଭାବ-ସଂପନ୍ନ ସେମାନେ ଜାଣନ୍ତି ନାହିଁ କ'ଣ କରିବାକୁ ହେବ ଓ କ'ଣ ନ କରିବାକୁ ହେବ । ସେମାନଙ୍କଠାରେ ଶୁଚିଭାବ ବା ପବିତ୍ରତା ନଥାଏ; ସଦାଚାର କିମ୍ବା ସତ୍ୟ ମଧ୍ୟ ନଥାଏ ।**

## ଭାବାର୍ଥ

ପ୍ରତ୍ୟେକ ସଭ୍ୟମାନବ ସମାଜରେ କେତେକ ଶାସ୍ତ୍ରାନୁମୋଦିତ ନିୟମ ଓ ବିଧିବିଧାନ ପ୍ରଚଳିତ ଅଛି । ମୂଳରୁ ବିଶେଷକରି ଆର୍ଯ୍ୟମାନଙ୍କ ମଧ୍ୟରେ ଏହା ପ୍ରଚଳିତ ଅଛି । ଆର୍ଯ୍ୟମାନେ ସାଧାରଣତଃ ବୈଦିକ ସଭ୍ୟତାକୁ ଅନୁସରଣ କରନ୍ତି ଏବଂ ସେମାନେ ଖୁବ୍ ଉନ୍ନତ ଓ ସଭ୍ୟ

ଜାତି ବୋଲି ବିବେଚିତ ହୁଅନ୍ତି । ଯେଉଁମାନେ ଶାସ୍ତ୍ରନିର୍ଦ୍ଦେଶ ମାନନ୍ତି ନାହିଁ ସେମାନେ ଅସୁର ଅଟନ୍ତି । ତେଣୁ ଏଠାରେ କୁହାଯାଇଛି ଯେ ଅସୁରମାନେ ଶାସ୍ତ୍ର-ନିୟମ ମାନନ୍ତି ନାହିଁ କିମ୍ବା ସେଗୁଡ଼ିକୁ ମାନିବା ନିମିତ୍ତ ସେମାନଙ୍କର ପ୍ରବୃତ୍ତି ହିଁ ନଥାଏ । ଅଧିକାଂଶ ତାହା ଜାଣନ୍ତି ନାହିଁ । ଯଦିଓ ସେମାନଙ୍କ ମଧ୍ୟରୁ କେତେକ ଜାଣନ୍ତି, ତଥାପି ସେଗୁଡ଼ିକୁ ଜୀବନରେ ଆଚରଣ କରିବାର ପ୍ରବୃତ୍ତି ସେମାନଙ୍କର ନଥାଏ । ସେମାନଙ୍କର ସେଥିରେ ବିଶ୍ୱାସ ନଥାଏ କିମ୍ବା ସେମାନେ ବୈଦିକ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବାକୁ ପ୍ରସ୍ତୁତ ନୁହଁନ୍ତି । ଅସୁରମାନେ ପରିଷ୍କାର ପରିଚ୍ଛନ୍ନ କିମ୍ବା ପବିତ୍ର ନୁହଁନ୍ତି-ଅନ୍ତର୍ - ବାହ୍ୟ କୌଣସି ଦିଗରୁ ସେମାନେ ପବିତ୍ର ନୁହଁନ୍ତି । ବ୍ୟକ୍ତି ରୀତି ମତ ସ୍ନାନ କରି, ଦାନ୍ତଘଷି ଓ ପୋଷାକ ବଦଳାଇ ପରିଷ୍କାରପରିଚ୍ଛନ୍ନ କରି ଶୁଦ୍ଧପବିତ୍ରଭାବ ରକ୍ଷା କରିବା ନିମିତ୍ତ ଯତ୍ନବାନ ହେବା ଉଚିତ୍ । ଅନ୍ତର୍-ଶୁଚି ନିମିତ୍ତ ସେ ସର୍ବଦା ଭଗବାନଙ୍କର ଦିବ୍ୟନାମ ସ୍ମରଣ କରିବା ଉଚିତ୍ ଏବଂ ଅବିରତ *"ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ । ହରେରାମ ହରେରାମ ରାମ ରାମ ହରେ ହରେ ।"*— କୀର୍ତ୍ତନ କରିବା ଉଚିତ୍ । ଅସୁରମାନେ ଅନ୍ତର୍-ଶୁଚି କିମ୍ବା ବାହ୍ୟ ଶୁଚି ନିମିତ୍ତ ଏସବୁ ବିଧିବିଧାନ ବା ବ୍ୟବସ୍ଥାକୁ ଅବଲମ୍ବନ କରନ୍ତି ନାହିଁ ।

ସଦାଗ୍ରର ସମ୍ବନ୍ଧରେ ଅର୍ଥାତ୍ ମାନବର ଆଗ୍ରର ବ୍ୟବହାରକୁ ନିୟନ୍ତ୍ରଣ କରିବା ନିମିତ୍ତ ଅନେକ ନୀତି-ଶାସ୍ତ୍ର ବା ବିଧିବିଧାନ ବର୍ଣ୍ଣିତ ଶାସ୍ତ୍ର ଅଛି । ତନ୍ମଧ୍ୟରେ ମନୁସଂହିତା ଗୋଟିଏ । ଏହା ମାନବ ଜାତିର ଆଇନ ପୁସ୍ତକ ଅଟେ । ଆଜିକାଲି ମଧ୍ୟ ଯେଉଁମାନେ ପ୍ରକୃତ ହିନ୍ଦୁ ସେମାନେ ଏ ମନୁସଂହିତାକୁ ଅନୁସରଣକରନ୍ତି । ଉତ୍ତରାଧିକାରୀ ସୂତ୍ର ତଥା ଅନ୍ୟ ନୀତିଗୁଡ଼ିକ ଏହି ଶାସ୍ତ୍ର-ବର୍ଣ୍ଣନାନୁଯାୟୀ ଅନୁସରଣ କରାଯାଏ । ମନୁସଂହିତାରେ ପରିଷ୍କାର ଭାବରେ ବର୍ଣ୍ଣନା କରାଯାଇଛି ଯେ ସ୍ତ୍ରୀଲୋକମାନଙ୍କୁ ସ୍ୱାଧୀନତା ଦିଆଯିବା ଉଚିତ୍ ନୁହେଁ । ଏହାର ଅର୍ଥ ନୁହେଁ ଯେ ସ୍ତ୍ରୀମାନେ କ୍ରୀତଦାସପରି ରହିବେ, କିନ୍ତୁ ସେମାନେ ପିଲାଙ୍କପରି ଅଟନ୍ତି । ପିଲାମାନଙ୍କୁ ସ୍ୱାଧୀନତା ଦିଆଯାଏ ନାହିଁ, ଏହାର ଅର୍ଥ ନୁହେଁ ଯେ ସେମାନଙ୍କୁ କ୍ରୀତଦାସପରି ରଖାଯିବ । ଏବେ ଅସୁରମାନେ ଏସବୁ ନୀତିନିର୍ଦ୍ଦେଶକୁ ଅବମାନନା କରୁଛନ୍ତି—ଏଗୁଡ଼ିକୁ ମାନୁନାହାନ୍ତି ଏବଂ ସେମାନେ ଭାବୁଛନ୍ତି ଯେ ସ୍ତ୍ରୀଲୋକମାନଙ୍କୁ ପୁରୁଷଙ୍କପରି ସ୍ୱାଧୀନତା ଦିଆଯିବା ଉଚିତ୍ । କିନ୍ତୁ ଏହା ପୃଥିବୀର ସାମାଜିକ ଅବସ୍ଥାକୁ ଉନ୍ନତ କରାଇ ପାରିବ ନାହିଁ । ବାସ୍ତବରେ ଜୀବନର ପ୍ରତ୍ୟେକ ସ୍ତରରେ ସ୍ତ୍ରୀଲୋକଙ୍କୁ ସୁରକ୍ଷା ଦିଆଯିବା ଉଚିତ୍ । ପିଲାଦିନେ ପିତୃଗୃହରେ ପିତାଙ୍କ ସୁରକ୍ଷାରେ ସେ ରହେ, ଯୁବତୀ ଅବସ୍ଥାରେ ସ୍ୱାମୀର ସୁରକ୍ଷାରେ ରହେ ଏବଂ ବୃଦ୍ଧାବସ୍ଥାରେ ବୟସ୍କ ପୁତ୍ରମାନଙ୍କରର ସୁରକ୍ଷାରେ ରହେ । ମନୁସଂହିତା ଅନୁଯାୟୀ ଏହା ହେଉଛି ପ୍ରକୃତ ସାମାଜିକ ନୀତି ଓ ସଦାଗ୍ରର । କିନ୍ତୁ ଆଧୁନିକ ଶିକ୍ଷା ଏକ କୃତ୍ରିମ ଗର୍ବୋନ୍ମତ୍ତ ସ୍ତ୍ରୀ-ସୁଲଭ ଜୀବନଧାରା ବାହାର କରିଛି ଏବଂ ସେଇଥିପାଇଁ ବର୍ତ୍ତମାନ ମାନବ ସମାଜରେ ବିବାହ ବାସ୍ତବରେ ଏକ କଳ୍ପନା-ବିଳାସ ହୋଇପଡ଼ିଛି । ବର୍ତ୍ତମାନ ସ୍ତ୍ରୀଲୋକଙ୍କର ନୈତିକ-ଜୀବନ ମଧ୍ୟ ଉତ୍ତମ ନୁହେଁ । ତେଣୁ ଅସୁରମାନେ ସମାଜନିମିତ୍ତ ଉଦ୍ଦିଷ୍ଟ ମଙ୍ଗଳ ଦାୟକ ନିୟମମାନ ମାନନ୍ତି ନାହିଁ କିମ୍ବା ମାନିବାକୁ ପ୍ରସ୍ତୁତ ନୁହଁନ୍ତି । ଅଭିଜ୍ଞତା ସଂପନ୍ନ ବିଶିଷ୍ଟ ସାଧୁସନ୍ଥମାନେ ଯେଉଁ ନିୟମ ପ୍ରଣୟନ କରିଯାଇଛନ୍ତି ବା ଶାସ୍ତ୍ରମାନଙ୍କରେ ଲିପିବଦ୍ଧ କରି ଯାଇଛନ୍ତି ଏ ଅସୁରମାନେ ସେଗୁଡ଼ିକ

ଗ୍ରହଣ କରନ୍ତି ନାହିଁ । ସେଇଥିପାଇଁ ଅସୁରସ୍ୱଭାବ-ସଂପନ୍ନ ଲୋକମାନଙ୍କର ସାମାଜିକ ଅବସ୍ଥା ବଡ଼ ଶୋଚନୀୟ ଅଟେ ।

## ଶ୍ଲୋକ - ୮

**ଅସତ୍ୟମପ୍ରତିଷ୍ଠଂ ତେ ଜଗଦାହୁରନୀଶ୍ୱରମ୍ ।**
**ଅପରସ୍ପରସମ୍ଭୂତଂ କିମନ୍ୟତ୍କାମହୈତୁକମ୍ ।।୮।।**

## ଶବ୍ଦାନୁବାଦ

ଅସତ୍ୟମ୍=ଅବାସ୍ତବ; ଅପ୍ରତିଷ୍ଠମ୍=ଭିତ୍ତିହୀନ; ତେ=ସେମାନେ; ଜଗତ୍=ଦୃଶ୍ୟ ଜଗତ୍; ଆହୁଃ=କହନ୍ତି; ଅନୀଶ୍ୱରମ୍=ଈଶ୍ୱର ବା ନିୟନ୍ତ୍ରଣକାରୀ ବିହୀନ; ଅପର-ସ୍ପର=କେବଳ ପରସ୍ପର କାମ ପିପାସା ହେତୁ; ସମ୍ଭୂତମ୍=ସୃଷ୍ଟିହୁଏ; କିମ୍ ଅନ୍ୟତ୍=ଅନ୍ୟ କାରଣ ନାହିଁ; କାମ-ହୈତୁକମ୍=କେବଳ କାମପିପାସା ହେତୁ ।

## ଅନୁବାଦ

**ସେମାନେ କହନ୍ତି, ଏ ଜଗତ ଅବାସ୍ତବ ଅଟେ; ଏହାର କୌଣସି ଭିତ୍ତିନାହିଁ ଏବଂ କେହି ନିୟନ୍ତ୍ରଣକାରୀ ଈଶ୍ୱର (ବା ପ୍ରଭୁ) ନାହାନ୍ତି । ଏହା କେବଳ କାମ ପିପାସାରୁ ସୃଷ୍ଟ ଏବଂ କାମ ବ୍ୟତୀତ ଏହାର ଅନ୍ୟ କାରଣ କିଛି ନାହିଁ ।**

## ଭାବାର୍ଥ

ଅସୁରସ୍ୱଭାବ ସଂପନ୍ନ ବ୍ୟକ୍ତିଗଣ କହନ୍ତି ଯେ ଏ ପୃଥିବୀ ଛାୟାଚିତ୍ରଭଳି ମିଥ୍ୟା ଅବାସ୍ତବ । ଏଥିରେ କୌଣସି କାର୍ଯ୍ୟର କାରଣ ନାହିଁ; କୌଣସି ନିୟନ୍ତ୍ରଣକାରୀ ବା ପ୍ରଭୁ ନାହାନ୍ତି କିମ୍ବା ଏହାର କୌଣସି ଉଦ୍ଦେଶ୍ୟ ନାହିଁ - ଏଥିରେ ସବୁକିଛି ହିଁ ଅବାସ୍ତବ ବା ମିଥ୍ୟା ଅଟେ । ସେମାନେ କହନ୍ତି ଯେ ଏ ଦୃଶ୍ୟ ଜଗତ ଆକସ୍ମିକ ଭୌତିକ କ୍ରିୟା-ପ୍ରତିକ୍ରିୟାରୁ ଉଦ୍ଭବ । ସେମାନେ ଭାବିପାରନ୍ତି ନାହିଁ ଯେ ଏ ପୃଥିବୀକୁ ଭଗବାନ୍ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ନିମିତ୍ତ ସୃଷ୍ଟି କରିଛନ୍ତି ବୋଲି । ସେମାନେ ସେମାନଙ୍କର ନିଜସିଦ୍ଧାନ୍ତକୁ ଧରି ବସନ୍ତି, ସେମାନଙ୍କ ମତରେ ଏ ପୃଥିବୀ ଆକସ୍ମିକଭାବେ ନିଜ ମନକୁ ସୃଷ୍ଟି ହୋଇଛି ଏବଂ ଏହାର ଯେ ଏକ ନିୟନ୍ତ୍ରଣକାରୀ ବା ଈଶ୍ୱର ଅଛନ୍ତି-ଏପରି ବିଶ୍ୱାସର କୌଣସି କାରଣ ନାହିଁ । ସେମାନଙ୍କ ମତରେ ଆତ୍ମା ଓ ଜଡ଼ ପଦାର୍ଥ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ ଏବଂ ସେମାନେ ପରମାତ୍ମାଙ୍କୁ ମଧ୍ୟ ବିଶ୍ୱାସ କରନ୍ତି ନାହିଁ । ଅର୍ଥାତ୍ - ପରମାତ୍ମାଙ୍କ ଅସ୍ତିତ୍ୱକୁ ମାନନ୍ତି ନାହିଁ । ସବୁ ହେଉଛି ଜଡ଼ ପଦାର୍ଥ ଏବଂ ସମଗ୍ର ଦୃଶ୍ୟ-ଜଗତ ଅଜ୍ଞତାର ସମଷ୍ଟି ବା ସମାହାର ଅଟେ । ସେମାନଙ୍କ ମତ ଅନୁଯାୟୀ ସବୁ ଶୂନ୍ୟ ଏବଂ ଯାହାକିଛି ଆମେ ଦେଖୁଛୁ ଏସବୁ କେବଳ ଆମର ଦେଖିବାର ଭ୍ରମ । ସେମାନେ ଏଇକଥା ଗ୍ରହଣ କରନ୍ତି ଯେ ସମସ୍ତ ଦୃଶ୍ୟ ପଦାର୍ଥ, ଅର୍ଥାତ୍ - ବିଭିନ୍ନ ପରି ପ୍ରକାଶ ଅଜ୍ଞତାର ପ୍ରକାଶ ଅଟେ । ଯେପରି ଆମେ ସ୍ୱପ୍ନରେ ଅନେକ କିଛି ସୃଷ୍ଟି କରିଯାଉ, ଯାହାର'କି କୌଣସି ବାସ୍ତବ ସ୍ଥିତି ନଥାଏ; ତେଣୁ ଆମେ ଯେତେବେଳେ ଜାଗ୍ରତ ହେଉ ସେତେବେଳେ ଦେଖୁଁ ଯେ ସବୁକିଛି ସ୍ୱପ୍ନ ଅଟେ । କିନ୍ତୁ ବସ୍ତୁତଃ, ଯଦିଓ ଅସୁରମାନେ କୁହନ୍ତି ଯେ ଜୀବନ ଏକ ସ୍ୱପ୍ନ ଅଟେ,

ତଥାପି ସେମାନେ ଏହି ସ୍ୱପ୍ନକୁ ଉପଭୋଗ କରିବାରେ ବଡ଼ ଧୁରନ୍ଧର ଅଟନ୍ତି । ତେଣୁ ଜ୍ଞାନ ଆହରଣ କରିବା ପରିବର୍ତ୍ତେ ସେମାନେ ଅଧିକ ଭାବେ ସେମାନଙ୍କର ସ୍ୱପ୍ନରାଜ୍ୟରେ ସଂପୃକ୍ତ ହୋଇଯା'ନ୍ତି । ସେମାନେ ମତବ୍ୟକ୍ତ କରନ୍ତି ଯେ କେବଳ ସ୍ତ୍ରୀ ପୁରୁଷର ସଂଯୋଗ ହେତୁ ସନ୍ତାନ ଉତ୍ପନ୍ନ ହୁଏ । ଏ ପୃଥିବୀ ବିନା ଆତ୍ମାରେ ଜାତ ହୋଇଅଛି । ସେମାନଙ୍କ ମତ ଅନୁଯାୟୀ ଏହା କେବଳ ଜଡ଼ ପଦାର୍ଥର ସମଷ୍ଟି ଅଟେ ସେଥିରୁ ଜୀବ ଜାତ ହେଉଛନ୍ତି ଏବଂ ଏଥିରେ ଆତ୍ମାର ଅସ୍ତିତ୍ୱର କୌଣସି ପ୍ରଶ୍ନନାହିଁ । ଯେପରି ଘର୍ମରୁ ଏବଂ ମୃତ ଶରୀରରୁ ବିନା କାରଣରେ ଅନେକ ଜୀବଜାତ ହୁଅନ୍ତି, ଠିକ୍ ସେହିପରି ସମଗ୍ର ଜୀବ-ଜଗତ ଦୃଶ୍ୟ-ଜଗତର ପରିପ୍ରକାଶର ଭୌତିକ ବସ୍ତୁର ସମାବେଶରୁ ଉତ୍ପନ୍ନ । ତେଣୁ ଭୂତପ୍ରକୃତି ଏ ଭୌତିକ ପରିପ୍ରକାଶର କାରଣ ଅଟେ ଏବଂ ଏହାର ଅନ୍ୟକିଛି କାରଣ ନାହିଁ । ଭଗବଦ୍ ଗୀତାରେ ଥିବା କୃଷ୍ଣଙ୍କର ବାଣୀକୁ ସେମାନେ ବିଶ୍ୱାସ କରନ୍ତି ନାହିଁ, *'ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍'* । ଅର୍ଥାତ୍ -''ମୋର ନିର୍ଦ୍ଦେଶରେ ବା ମୋର ଅଧ୍ୟକ୍ଷତାରେ ସମଗ୍ର ଭୌତିକ ଜଗତ ଗତି କରୁଛି ।'' ଅନ୍ୟ କଥାରେ ଅସୁରମାନଙ୍କର ଏ ପୃଥିବୀସୃଷ୍ଟି ସମ୍ବନ୍ଧରେ ପୂର୍ଣ୍ଣଜ୍ଞାନ ନାହିଁ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର କିଛି ସ୍ୱତନ୍ତ୍ର ସିଦ୍ଧାନ୍ତ ଅଛି । ସେମାନଙ୍କ ମତ ଅନୁଯାୟୀ ଶାସ୍ତ୍ରମାନଙ୍କର ଗୋଟିଏ ପ୍ରକାର ବ୍ୟାଖ୍ୟା ଅନ୍ୟମାନଙ୍କ ଭଳି ପ୍ରାମାଣିକ ବ୍ୟାଖ୍ୟା ଅଟେ; କାରଣ ସେମାନେ ଏକଥା ବିଶ୍ୱାସ କରନ୍ତି ନାହିଁ ଯେ ଶାସ୍ତ୍ରବାଣୀମାନଙ୍କର ଏକ ନିର୍ଦ୍ଦିଷ୍ଟ ପ୍ରାମାଣିକ ବ୍ୟାଖ୍ୟା ଅଛି ।

## ଶ୍ଳୋକ - ୯

**ଏତାଂ ଦୃଷ୍ଟିମବଷ୍ଟଭ୍ୟ ନଷ୍ଟାତ୍ମାନୋଽଳ୍ପବୁଦ୍ଧୟଃ ।**
**ପ୍ରଭବନ୍ତ୍ୟୁଗ୍ରକର୍ମାଣଃ କ୍ଷୟାୟ ଜଗତୋଽହିତାଃ ।। ୯ ।।**

## ଶବ୍ଦାନୁବାଦ

ଏତାମ୍=ଏହିପରି; ଦୃଷ୍ଟିମ୍=ଦୃଷ୍ଟି; ଅବଷ୍ଟଭ୍ୟ=ଗ୍ରହଣକରି; ନଷ୍ଟ=ନଷ୍ଟ; ଆତ୍ମାନଃ=ଆତ୍ମା; ଅଳ୍ପ-ବୁଦ୍ଧୟଃ=ଅଳ୍ପବୁଦ୍ଧି ସଂପନ୍ନ; ପ୍ରଭବନ୍ତି=ବୃଦ୍ଧିପାନ୍ତି; ଉଗ୍ର-କର୍ମାଣଃ=ଉଗ୍ରକର୍ମରେ ବା କଷ୍ଟଦାୟକ କର୍ମରେ; କ୍ଷୟାୟ=କ୍ଷୟ ନିମିତ୍ତ; ଜଗତଃ=ଜଗତ୍‌ର; ଅହିତାଃ=ଅମଙ୍ଗଳ ।

## ଅନୁବାଦ

**ଏହିପ୍ରକାର ସିଦ୍ଧାନ୍ତମାନ ଗ୍ରହଣ କରି ଅସୁର ସ୍ୱଭାବ ସଂପନ୍ନ ବ୍ୟକ୍ତିଗଣ ଜଗତର କ୍ଷୟ ନିମିତ୍ତ ଅମଙ୍ଗଳପ୍ରଦ ଉଗ୍ରକର୍ମରେ ବ୍ୟାପୃତ ହୁଅନ୍ତି । ସେମାନେ ନଷ୍ଟାତ୍ମା ଓ ଅଳ୍ପବୁଦ୍ଧି-ସଂପନ୍ନ ଅଟନ୍ତି ।**

## ଭାବାର୍ଥ

ଅସୁରମାନେ ଏ ପ୍ରକାର କର୍ମରେ ବ୍ୟାପୃତ ରହନ୍ତି, ଯାହା ଜଗତକୁ ଧ୍ୱଂସ ଆଡ଼କୁ ନିଏ । ଭଗବାନ୍ ଏଠାରେ କହୁଛନ୍ତି ଯେ ସେମାନେ ଅଳ୍ପବୁଦ୍ଧି-ସଂପନ୍ନ ଅଟନ୍ତି । ଭଗବାନଙ୍କ ସମ୍ବନ୍ଧରେ ଧାରଣା ନଥିବା ଜଡ଼ବାଦୀମାନେ ଭାବନ୍ତି ଯେ ସେମାନେ ଅଗ୍ରଗତି କରୁଛନ୍ତି । କିନ୍ତୁ ଭଗବଦ୍ ଗୀତା ଅନୁଯାୟୀ ସେମାନେ ବୁଦ୍ଧିହୀନ (ନିର୍ବୋଧ) ଏବଂ କାଣ୍ଡଜ୍ଞାନ ଶୂନ୍ୟ ଅଟନ୍ତି । ସେମାନେ ଏ

ଭୌତିକ ଜଗତକୁ ପାରୁପର୍ଯ୍ୟନ୍ତ ଉପଭୋଗ କରିବାକୁ ଚେଷ୍ଟା କରନ୍ତି ଏବଂ ସେଇଥିପାଇଁ ସେମାନେ ସର୍ବଦା ଇନ୍ଦ୍ରିୟତୃପ୍ତି ନିମିତ୍ତ ପଦାର୍ଥମାନ ଉଦ୍ଭାବନ କରିବାରେ ବ୍ୟସ୍ତଥା'ନ୍ତି । ଏ ପ୍ରକାର ଭୌତିକ ଉଦ୍ଭାବନକୁ ମାନବ ସଭ୍ୟତାର ଉନ୍ନତି ବୋଲି ଗ୍ରହଣ କରାଯାଏ; କିନ୍ତୁ ପରିଣାମରେ ଏତଦ୍ଦ୍ୱାରା ଲୋକମାନେ ଅଧିକ ହିଂସ୍ର ଓ କ୍ରୂର ହୋଇ ଉଠନ୍ତି । ସେମାନେ ପଶୁହିଂସା କରନ୍ତି ଏବଂ ଅନ୍ୟ ମାନବକୁ ମଧ୍ୟ ହିଂସା କରନ୍ତି । ଜଣେ ଅନ୍ୟଜଣ ପ୍ରତି କି'ପ୍ରକାର ବ୍ୟବହାର କରିବ- ଏ ଧାରଣା ସେମାନଙ୍କର ନଥାଏ । ଅସୁରମାନଙ୍କ ମଧ୍ୟରେ ପଶୁହିଂସା (ପଶୁ ହତ୍ୟା) ବହୁଳଭାବରେ ପ୍ରଚଳିତ । ଏ ପ୍ରକାର ଲୋକେ ଜଗତର ଶତ୍ରୁ ଅଟନ୍ତି; କାରଣ ପରିଣାମରେ ଏମାନେ ଏପ୍ରକାର ପଦାର୍ଥ ଉଦ୍ଭାବନ କରିବେ, ଯାହାକି ସମସ୍ତଙ୍କର ଧ୍ୱଂସର କାରଣ ହେବ । ଏ ଶ୍ଲୋକ ପରୋକ୍ଷଭାବରେ ପରମାଣୁ ବୋମା ବା ଆଣବିକ ଅସ୍ତ୍ର ଉଦ୍ଭାବନ କଥାହିଁ ପ୍ରକାଶ କରୁଛି, ବର୍ତ୍ତମାନ ଯାହାପାଇଁ ସମଗ୍ର ପୃଥିବୀ ଗର୍ବିତ । ଯେ କୌଣସି ସମୟରେ ଯୁଦ୍ଧ ଲାଗିଯାଇ ପାରେ ଏବଂ ଏହି ଆଣବିକ ଅସ୍ତ୍ରଗୁଡ଼ିକ ଭୟଙ୍କର କାଣ୍ଡ ଘଟାଇ ପାରନ୍ତି । ଏ ସବୁ ପଦାର୍ଥ ନିର୍ଦ୍ଦିଷ୍ଟଭାବେ ଜଗତର ଧ୍ୱଂସ ନିମିତ୍ତ ସୃଷ୍ଟି କରାଯାଇଛି ଏବଂ ଏହି କଥା ହିଁ ଏଠାରେ କୁହାଯାଉଛି । ନାସ୍ତିକ ଭାବଯୋଗୁଁ ଅର୍ଥାତ୍ - ଈଶ୍ୱରଙ୍କର ଅସ୍ତିତ୍ୱ ସ୍ୱୀକାର ନ କରୁଥିବାରୁ ଅସୁରମାନେ ଏ ପ୍ରକାର ଅସ୍ତ୍ରଶସ୍ତ୍ର ଉଦ୍ଭାବନ କରୁଛନ୍ତି । ଏଗୁଡ଼ିକ ଜଗତର ଶାନ୍ତି ବା ସମୃଦ୍ଧି ନିମିତ୍ତ ଉଦ୍ଦିଷ୍ଟ ନୁହେଁ ।

## ଶ୍ଲୋକ - ୧୦

**କାମମାଶ୍ରିତ୍ୟ ଦୁଷ୍ପୂରଂ ଦମ୍ଭମାନମଦାନ୍ୱିତାଃ ।**
**ମୋହାଦ୍‌ଗୃହୀତ୍ୱାସଦ୍‌ଗ୍ରାହାନ୍‌ପ୍ରବର୍ତ୍ତନ୍ତେଽଶୁଚିବ୍ରତାଃ ।।୧୦।।**

## ଶବ୍ଦାନୁବାଦ

କାମମ୍=କାମନା ସବୁ; ଆଶ୍ରିତ୍ୟ=ଆଶ୍ରୟକରି; ଦୁଷ୍ପୂରମ୍=ଯେଉଁଥିରେ ସନ୍ତୋଷ ନାହିଁ (ଅତି ଲୋଲୁପ); ଦମ୍ଭ=ଗର୍ବ; ମାନ=ମିଥ୍ୟା ସମ୍ମାନ; ମଦ-ଅନ୍ୱିତାଃ=ଅହଂକାରରେ ମଗ୍ନ; ମୋହାତ୍=ମୋହ ହେତୁରୁ; ଗୃହୀତ୍ୱା=ଗ୍ରହଣକରି; ଅସତ୍=ଅସ୍ଥାୟୀ; ଗ୍ରାହାନ୍=ପଦାର୍ଥମାନ; ପ୍ରବର୍ତ୍ତନ୍ତେ=ବଢ଼ିଗ୍ଲେ; ଅଶୁଚି=ଅପବିତ୍ର; ବ୍ରତାଃ=ସ୍ୱୀକୃତି ।

## ଅନୁବାଦ

**ଅସୁରସ୍ୱଭାବସଂପନ୍ନ ବ୍ୟକ୍ତିଗଣ ଅତି ଲୋଲୁପ ବା ଅତୃପ୍ତ କାମ, ଗର୍ବ ଓ ମିଥ୍ୟା ସମ୍ମାନର ବଶବର୍ତ୍ତୀ ହୋଇ ଏବଂ ଏହି ପ୍ରକାରେ ମୋହାଚ୍ଛନ୍ନ ହୋଇ ସର୍ବଦା ଅସ୍ଥାୟୀ ପଦାର୍ଥମାନଙ୍କ ପ୍ରତି ଆକୃଷ୍ଟହୁଅନ୍ତି ଏବଂ ଅପବିତ୍ର କର୍ମରେ ରତ ହୋଇଥା'ନ୍ତି ।**

## ଭାବାର୍ଥ

ଅସୁରସ୍ୱଭାବ ସଂପନ୍ନ ବ୍ୟକ୍ତିମାନଙ୍କର ମନୋବୃତ୍ତି କଥା ଏଠାରେ ବର୍ଣ୍ଣନା କରାଯାଇଅଛି । ଅସୁରମାନଙ୍କର କାମପିପାସା କେବେହେଲେ ମେଣ୍ଟେ ନାହିଁ । ସେମାନେ ସେମାନଙ୍କର ଅତୃପ୍ତ ଭୌତିକ ଭୋଗ କାମନା ବଢ଼ାଇ ଚାଲିଥା'ନ୍ତି । ଯଦିଓ ସେମାନେ ଅସ୍ଥାୟୀ ବସ୍ତୁମାନଙ୍କ ପ୍ରତି ଆକୃଷ୍ଟ ହୋଇ ସର୍ବଦା ଉଦ୍‌ବିଗ୍ନତା ପୂର୍ଣ୍ଣ ଅବସ୍ଥାରେ ଥା'ନ୍ତି, ଅର୍ଥାତ୍ - ଅଶାନ୍ତି ଭୋଗୁଥା'ନ୍ତି,

ତଥାପି ମୋହଯୋଗୁଁ (ବା ମୋହାଚ୍ଛନ୍ନ ହୋଇଥିବା ଯୋଗୁଁ) ଏ ପ୍ରକାର କର୍ମରେ ବରାବର ନିଯୁକ୍ତ ଥା'ନ୍ତି । ସେମାନଙ୍କର ଜ୍ଞାନ ନଥାଏ ଏବଂ ସେମାନେ କହିପାରିବେ ନାହିଁ ଯେ ସେମାନେ ଭ୍ରମାତ୍ମକମାର୍ଗରେ ଗତି କରୁଛନ୍ତି ବୋଲି । ଅସ୍ଥାୟୀ ବସ୍ତୁମାନଙ୍କୁ ଗ୍ରହଣ କରି ବା ଅସ୍ଥାୟୀ ବସ୍ତୁମାନଙ୍କ ପ୍ରତି ଆକୃଷ୍ଟ ହୋଇ ଏପ୍ରକାର ଆସୁରୀ ପ୍ରକୃତି ବିଶିଷ୍ଟ ଲୋକମାନେ ସେମାନଙ୍କର ଏକ ସ୍ୱତନ୍ତ୍ର ଭଗବାନ୍ ସୃଷ୍ଟି କରନ୍ତି, ସେମାନଙ୍କର ସ୍ୱତନ୍ତ୍ର ମନ୍ତ୍ର ତିଆରି କରନ୍ତି ଏବଂ ନିଜ ମନମୁତାବକ ତାହା ଜପ କରନ୍ତି । ଏହାର ପରିଣାମ ଏହା ହୁଏ ଯେ ସେମାନେ ଅଧିକ ପରିମାଣରେ ଦୁଇଟି ଜିନିଷ ପ୍ରତି ଆକୃଷ୍ଟ ହୁଅନ୍ତି, ଯଥା - ସ୍ତ୍ରୀ-ସମ୍ଭୋଗ ଏବଂ ଭୌତିକ ଧନସଂପଦ ସଂଗ୍ରହ । ଏଠାରେ ବ୍ୟବହୃତ ''ଅଶୁଚିବ୍ରତାଃ'' ଶବ୍ଦ (ଅର୍ଥାତ୍ ଅବିଶୁଦ୍ଧ ବ୍ରତୀ) ବଡ଼ ଅର୍ଥପୂର୍ଣ୍ଣ ଅଟେ । ଏ ପ୍ରକାର ଆସୁରୀ ପ୍ରକୃତିବିଶିଷ୍ଟ ଲୋକମାନେ କେବଳ ମଦ, ସ୍ତ୍ରୀ-ସମ୍ଭୋଗ, ଦ୍ୟୁତକ୍ରୀଡ଼ା, ଏବଂ ମାଂସ ଭକ୍ଷଣ ପ୍ରତି ଆକୃଷ୍ଟ ହୁଅନ୍ତି । ଏଗୁଡ଼ିକ ହେଉଛି ସେମାନଙ୍କର ଅଶୁଚି ବା ଅଶୁଦ୍ଧ ପ୍ରକୃତି । ଗର୍ବ ଏବଂ ମିଥ୍ୟା ଅଭିମାନ ବା ସମ୍ମାନର ବଶବର୍ତ୍ତୀ ହୋଇ ସେମାନେ ସେମାନଙ୍କର ସ୍ୱତନ୍ତ୍ର ଧର୍ମନୀତି ତିଆରି କରନ୍ତି, ଯାହାକି ବୈଦିକ ଶାସ୍ତ୍ରାନୁମୋଦିତ ନୁହେଁ । ଯଦିଓ ଏ ପ୍ରକାର ଆସୁରୀ ପ୍ରକୃତି ବିଶିଷ୍ଟ ବ୍ୟକ୍ତିଗଣ ପୃଥିବୀରେ ଅତ୍ୟନ୍ତ ଘୃଣ୍ୟ ଅଟନ୍ତି, ତଥାପି ପୃଥିବୀ ଏକ କୃତ୍ରିମ ଉପାୟରେ ସେମାନଙ୍କ ନିମିତ୍ତ ମିଥ୍ୟା ସମ୍ମାନ ସୃଷ୍ଟିକରେ । ଯଦିଓ ସେମାନେ ନର୍କାନୁଗାମୀ ହୋଇଥା'ନ୍ତି, ତଥାପି ସେମାନେ ନିଜକୁ ବଡ଼ ଉନ୍ନତ ବୋଲି ଭାବନ୍ତି ।

## ଶ୍ଳୋକ - ୧୧-୧୨

**ଚିନ୍ତାମପରିମେୟାଂ ଚ ପ୍ରଳୟାନ୍ତାମୁପାଶ୍ରିତାଃ ।**
**କାମୋପଭୋଗପରମା ଏତାବଦିତି ନିଶ୍ଚିତାଃ ।। ୧୧ ।।**
**ଆଶାପାଶଶତୈର୍ବଦ୍ଧାଃ କାମକ୍ରୋଧପରାୟଣାଃ ।**
**ଈହନ୍ତେ କାମଭୋଗାର୍ଥମନ୍ୟାୟେନାର୍ଥସଞ୍ଚୟାନ୍ ।। ୧୨ ।।**

## ଶବ୍ଦାନୁବାଦ

ଚିନ୍ତାମ୍=ଭୟ ଏବଂ ଉଦ୍‌ବିଗ୍ନତା (ଚିନ୍ତା); ଅପରିମେୟାମ୍=ଅମାପ, ଅନନ୍ତ; ଚ=ଏବଂ; ପ୍ରଳୟ-ଅନ୍ତାମ୍=ମୃତ୍ୟୁ ସମୟ ପର୍ଯ୍ୟନ୍ତ; ଉପାଶ୍ରିତାଃ=ସେମାନଙ୍କର ଆଶ୍ରୟ ନେଇ; କାମ-ଉପଭୋଗ=ଇନ୍ଦ୍ରିୟ ତୃପ୍ତି; ପରମାଃ=ଜୀବନର ପରମ ଲକ୍ଷ୍ୟ; ଏତାବତ୍=ଏହିପରି; ଇତି=ଏହି ପ୍ରକାରେ; ନିଶ୍ଚିତାଃ=ନିଶ୍ଚିତ; ଆଶା-ପାଶ=ଆଶା ପାଶରେ ଜଡ଼ିତ; ଶତୈଃ=ଶହ ଶହ; ବଦ୍ଧାଃ=ବାନ୍ଧିହୋଇ; କାମ=କାମ; କ୍ରୋଧ=କ୍ରୋଧ; ପରାୟଣାଃ=ସର୍ବଦା ସେହି ମନୋବୃତ୍ତି ପୋଷଣ କରିଥିବା; ଈହନ୍ତେ=ଆଶା କରନ୍ତି; କାମ=କାମ; ଭୋଗ=ଇନ୍ଦ୍ରିୟ-ସୁଖଭୋଗ; ଅର୍ଥମ୍=ସେହି ଉଦ୍ଦେଶ୍ୟରେ; ଅନ୍ୟାୟେନ=ଅନ୍ୟାୟ ଭାବରେ; ଅର୍ଥ=ଧନ; ସଞ୍ଚୟାନ୍=ସଂଚୟ କରିବା ।

## ଅନୁବାଦ

**ସେମାନେ ବିଶ୍ୱାସ କରନ୍ତି ଯେ ଜୀବନକାଳ ଶେଷ ପର୍ଯ୍ୟନ୍ତ (ଅର୍ଥାତ୍ ମୃତ୍ୟୁ ପର୍ଯ୍ୟନ୍ତ) ଇନ୍ଦ୍ରିୟମାନଙ୍କୁ ସୁଖଦେବା ହିଁ ମାନବ ସଭ୍ୟତାର ପରମ ଆବଶ୍ୟକତା ଅଟେ । ଏହିପରି**

**ସେମାନଙ୍କର ଚିନ୍ତାର ଅନ୍ତ ନ ଥାଏ । ଅନନ୍ତ କାମନା (ଶହ ଶହ ହଜାର ହଜାର ଚିନ୍ତା) ଏବଂ କାମ-କ୍ରୋଧର ବଶବର୍ତ୍ତୀ ହୋଇ ସେମାନେ ଇନ୍ଦ୍ରିୟ ତୃପ୍ତି ନିମିତ୍ତ ଅନ୍ୟାୟ ଭାବରେ ଅର୍ଥ ସଂଚୟ କରି ଚାଲନ୍ତି ।**

## ଭାବାର୍ଥ

ଅସୁରସ୍ୱଭାବ-ସଂପନ୍ନ ଲୋକମାନେ ଭାବନ୍ତି ଯେ ଇନ୍ଦ୍ରିୟ ତୃପ୍ତି ହିଁ ଜୀବନର ପରମ ଲକ୍ଷ୍ୟ ଅଟେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ସେମାନେ ଏହି ଧାରଣାର ବଶବର୍ତ୍ତୀ ହୋଇଥା'ନ୍ତି । ମୃତ୍ୟୁପରେ ଯେ ପୁଣି ଜୀବନ ଅଛି ବା ଜନ୍ମ ହେବାକୁ ପଡ଼ିବ-ଏକଥା ସେମାନେ ବିଶ୍ୱାସ କରନ୍ତି ନାହିଁ ଏବଂ ବ୍ୟକ୍ତି ଇହଜନ୍ମରେ ନିଜର କର୍ମାନୁଯାୟୀ ଯେ (ମୃତ୍ୟୁପରେ) ବିଭିନ୍ନପ୍ରକାର ଶରୀର ପ୍ରାପ୍ତ ହେବ ଏକଥା ସେମାନେ ବିଶ୍ୱାସ କରନ୍ତି ନାହିଁ । ଜୀବନ କାଳ ମଧ୍ୟରେ ସେମାନେ ଅନନ୍ତ ଯୋଜନା ବା କାମନାକରି ଚାଲିଥା'ନ୍ତି, ଯାହାର ଅନ୍ତ ନଥାଏ । ସେମାନେ ଗୋଟିଏ ପରେ ଆଉଗୋଟିଏ ଯୋଜନା କରି ଚାଲିଥା'ନ୍ତି ଯାହାର କି ଅନ୍ତ ନଥାଏ । ଏପରି ଏକ ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତି ସମ୍ବନ୍ଧରେ ଆମ୍ଭମାନଙ୍କର ବ୍ୟକ୍ତିଗତ ଅନୁଭୂତି ଅଛି ଯେ ସେ ବ୍ୟକ୍ତି ମୃତ୍ୟୁ ସମୟରେ ମଧ୍ୟ ଡାକ୍ତରଙ୍କୁ ଅନୁରୋଧ କରୁଛି ଆଉ ଚାରିବର୍ଷ ତା'ର ଜୀବନକାଳ ବଢ଼ାଇ ଦେବାପାଇଁ; କାରଣ ସେ ପର୍ଯ୍ୟନ୍ତ ତା'ର ଯୋଜନା ଶେଷ ହୋଇ ନଥାଏ । ଏ ପ୍ରକାର ନିର୍ବୋଧ ବ୍ୟକ୍ତିଗଣ ଜାଣନ୍ତି ନାହିଁ ଯେ ଡାକ୍ତର ଏକ ମୁହୂର୍ତ୍ତସୁଦ୍ଧା ଜୀବନକାଳକୁ ବଢ଼ାଇ ପାରିବ ନାହିଁ । ଯେତେବେଳେ ମୃତ୍ୟୁ-ସମନ ଆସି ଗଲାଣି, ଆଉ ସେତେବେଳେ ବ୍ୟକ୍ତିର କାମନା (ବା ଯୋଜନା ) ବିଷୟରେ କିଛି ବିଚାର କରାଯାଏ ନାହିଁ । ଯାହା ସ୍ଥିର ହୋଇଯାଇଛି - ବ୍ୟକ୍ତି ଯାହା ଭୋଗ କରିବାକୁ ନିର୍ଦ୍ଦିଷ୍ଟ ହୋଇଯାଇଛି ତାହା ସେ ନିଶ୍ଚୟ ଭୋଗିବ । ପ୍ରକୃତି ତାକୁ ଆଉ ଏକ ସେକେଣ୍ଡ ଅଧିକ ସମୟ ମଧ୍ୟ ଦେବ ନାହିଁ ।

ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତିର ଏ ବିଶ୍ୱାସ ନଥାଏ ଯେ ଭଗବାନ୍ ବା ପରମାତ୍ମା ତା' ମଧ୍ୟରେ ବିଦ୍ୟମାନ ଅଛନ୍ତି; ତେଣୁ ସେ କେବଳ ଇନ୍ଦ୍ରିୟ ତୃପ୍ତି ନିମିତ୍ତ ସମସ୍ତପ୍ରକାର ପାପକର୍ମ କରିଚାଲେ । ସେ ଜାଣେ ନାହିଁ ଯେ ତା'ର ହୃଦୟରେ ସାକ୍ଷୀ ବସିକରି ସବୁ ଦେଖୁଛି । ପରମାତ୍ମା, ଜୀବାତ୍ମାର କାର୍ଯ୍ୟକୁ ଦେଖୁଥା'ନ୍ତି । ବୈଦିକ ସାହିତ୍ୟ-ଉପନିଷଦ୍‌ମାନଙ୍କରେ କୁହାଯାଇଛି ଯେ ଗୋଟିଏ ବୃକ୍ଷରେ ଦୁଇଟି ପକ୍ଷୀ ବସିଛନ୍ତି; ତନ୍ମଧ୍ୟରୁ ଗୋଟିଏ କାର୍ଯ୍ୟ କରୁଛି ଏବଂ ବୃକ୍ଷର ଫଳକୁ ଚାଖି ତଦନୁଯାୟୀ ସୁଖ ଦୁଃଖ ଭୋଗକରୁଛି ଏବଂ ଅନ୍ୟଟି କେବଳ ଦେଖୁଛି । କିନ୍ତୁ ଅସୁରସ୍ୱଭାବସଂପନ୍ନ ବ୍ୟକ୍ତିର ଏ ବୈଦିକ ସାହିତ୍ୟ ସମ୍ବନ୍ଧରେ ଜ୍ଞାନ ନଥାଏ କିମ୍ବା ସେ ସମ୍ବନ୍ଧରେ କୌଣସି ବିଶ୍ୱାସ ନଥାଏ; ତେଣୁ ସେ ଅପରିଣାମଦର୍ଶୀ ହୋଇ ଇନ୍ଦ୍ରିୟ ସୁଖଭୋଗ ନିମିତ୍ତ ଯାହାଇଚ୍ଛା ତାହା କରିଯାଏ ।

## ଶ୍ଲୋକ - ୧୩-୧୫

**ଇଦମଦ୍ୟ ମୟା ଲବ୍‌ଧମିମଂ ପ୍ରାପ୍‌ସ୍ୟେ ମନୋରଥମ୍ ।**
**ଇଦମସ୍ତୀଦମପି ମେ ଭବିଷ୍ୟତି ପୁନର୍ଧନମ୍ ।।୧୩।।**

**ଅସୌ ମୟା ହତଃ ଶତ୍ରୁର୍ହନିଷ୍ୟେ ଚାପରାନପି ।**
**ଈଶ୍ୱରୋଽହମହଂ ଭୋଗୀ ସିଦ୍ଧୋଽହଂ ବଳବାନ୍ ସୁଖୀ ।।୧୪।।**
**ଆଢ୍ୟୋଽଭିଜନବାନସ୍ମି କୋଽନ୍ୟୋଽସ୍ତି ସଦୃଶୋ ମୟା ।**
**ଯକ୍ଷ୍ୟେ ଦାସ୍ୟାମି ମୋଦିଷ୍ୟ ଇତ୍ୟଜ୍ଞାନବିମୋହିତାଃ ।।୧୫।।**

## ଶବ୍ଦାନୁବାଦ

ଇଦମ୍=ଏହା; ଅଦ୍ୟ=ଆଜି; ମୟା=ମୋ'ଦ୍ୱାରା; ଲବ୍ଧମ୍=ଲବ୍ଧ ହୋଇଛି; ଇମମ୍=ଏହାକୁ; ପ୍ରାପ୍‌ସ୍ୟେ=ମୁଁ ପାଇବି; ମନୋରଥମ୍=ମୋର ଇଚ୍ଛା ଅନୁଯାୟୀ; ଇଦମ୍=ଏହା; ଅସ୍ତି=ଅଛି; ଇଦମ୍=ଏହା; ଅପି=ମଧ୍ୟ; ମେ=ମୋର; ଭବିଷ୍ୟତି=ଭବିଷ୍ୟତରେ ବୃଦ୍ଧି ହେବ; ପୁନଃ=ପୁଣି (ପୁନର୍ବାର); ଧନମ୍=ଧନ; ଅସୌ=ସେ; ମୟା=ମୋ'ଦ୍ୱାରା; ହତଃ=ହତ ହୋଇଅଛି; ଶତ୍ରୁଃ=ଶତ୍ରୁ; ହନିଷ୍ୟେ=ମୁଁ ବଧ କରିବି; ଚ=ମଧ୍ୟ; ଅପରାନ୍=ଅନ୍ୟମାନଙ୍କୁ; ଅପି=ନିଶ୍ଚିତଭାବେ; ଈଶ୍ୱରଃ=ଈଶ୍ୱର; ଅହମ୍=ମୁଁ; ଭୋଗୀ=ଭୋଗୀ; ସିଦ୍ଧଃ=ସିଦ୍ଧ; ଅହମ୍=ମୁଁ; ବଳବାନ୍=ବଳବାନ୍; ସୁଖୀ=ସୁଖୀ; ଆଢ୍ୟଃ=ଧନୀ; ଅଭିଜନବାନ୍=ସମ୍ଭ୍ରାନ୍ତବଂଶୀୟ ଭାଇ ବନ୍ଧୁମାନଙ୍କ ଦ୍ୱାରା ପରିବେଷ୍ଟିତ; ଅସ୍ମି=ଅଟେ; କଃ=ଆଉ କିଏ; ଅନ୍ୟଃ=ଅନ୍ୟ; ଅସ୍ତି=ଅଛି; ସଦୃଶଃ=ପରି; ମୟା=ମୋ (ପରି); ଯକ୍ଷ୍ୟେ=ମୁଁ ଯଜ୍ଞାନୁଷ୍ଠାନ କରିବି; ଦାସ୍ୟାମି=ମୁଁ ଦାନ କରିବି; ମୋଦିଷ୍ୟେ=ମୁଁ ଆନନ୍ଦ ଉପଭୋଗ କରିବି; ଇତି=ଏହିପରି; ଅଜ୍ଞାନ=ଅଜ୍ଞାନ; ବିମୋହିତାଃ=ବିମୋହିତ ।

## ଅନୁବାଦ

**ଅସୁର ସ୍ୱଭାବସଂପନ୍ନ ବ୍ୟକ୍ତିଭାବେ, "ଆଜି ମୋର ଏତେ ଧନ ଅଛି ଏବଂ ମୋର ଯୋଜନା ଅନୁଯାୟୀ ଆଉ ଅଧିକ ପାଇବି । ବର୍ତ୍ତମାନ ମୋର ଏତେ ଅଛି ଏବଂ ଭବିଷ୍ୟତରେ ଏହା ଆହୁରି ବୃଦ୍ଧି ପାଇବ । ସେ ମୋର ଶତ୍ରୁ ଏବଂ ମୁଁ ତାକୁ ମାରି ଦେଇଛି ଏବଂ ମୋର ଅନ୍ୟ ଶତ୍ରୁକୁ ମଧ୍ୟ ମୁଁ ବଧ କରିବି । ମୁଁ ଏ ସମସ୍ତଙ୍କର ଈଶ୍ୱର, ମୁଁ ଭୋଗୀ, ମୁଁ ସିଦ୍ଧ, ବଳବାନ୍ ଏବଂ ସୁଖୀ । ମୁଁ ମୋର ସମ୍ଭ୍ରାନ୍ତବଂଶୀୟ ଭାଇବନ୍ଧୁମାନଙ୍କଦ୍ୱାରା ପରିବେଷ୍ଟିତ ହୋଇ ଏକ ବିରାଟ ଧନୀ ବ୍ୟକ୍ତି ଅଟେ । ମୋ'ପରି କେହି ବଳବାନ୍ ଓ ସୁଖୀ ବ୍ୟକ୍ତି ନାହାନ୍ତି । ମୁଁ ଯଜ୍ଞାନୁଷ୍ଠାନ କରିବି ମୁଁ ଦାନ କରିବି ଏବଂ ଏହିପରି ମୁଁ ଆନନ୍ଦ ଉପଭୋଗ କରିବି ।" ଏହିପରି ଏ ପ୍ରକାର ଲୋକେ ଅଜ୍ଞାନ ଦ୍ୱାରା ବିମୋହିତ ହୋଇଥା'ନ୍ତି ।**

## ଶ୍ଲୋକ - ୧୬

**ଅନେକଚିତ୍ତବିଭ୍ରାନ୍ତା ମୋହଜାଲସମାବୃତାଃ ।**
**ପ୍ରସକ୍ତାଃ କାମଭୋଗେଷୁ ପତନ୍ତି ନରକେଽଶୁଚୌ ।।୧୬।।**

## ଶବ୍ଦାନୁବାଦ

ଅନେକ=ଅନେକ; ଚିତ୍ତ-ବିଭ୍ରାନ୍ତାଃ=ଚିତ୍ତ ଛନଛନ ହୋଇ; ମୋହ=ମୋହ; ଜାଲ=ଜାଲ; ସମାବୃତାଃ=ପରିବେଷ୍ଟିତ; ପ୍ରସକ୍ତାଃ=ଆସକ୍ତ; କାମ=କାମ; ଭୋଗେଷୁ=ଇନ୍ଦ୍ରିୟସୁଖୀ ଭୋଗରେ; ପତନ୍ତି=ପତିତ ହୁଏ; ନରକେ=ନର୍କରେ; ଅଶୁଚୌ=ଅପବିତ୍ର ।

## ଅନୁବାଦ

**ଏହିପରି ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତି ଅନେକ ଚିନ୍ତାଦ୍ୱାରା ବିଭ୍ରାନ୍ତ ହୋଇ ଏବଂ ମୋହ-ଜାଲଦ୍ୱାରା ସମାବୃତ ହୋଇ ଇନ୍ଦ୍ରିୟସୁଖ-ଭୋଗରେ ଖୁବ୍ ମାତିଯାଏ ଏବଂ ନର୍କରେ ପତିତ ହୁଏ ।**

## ଭାବାର୍ଥ

ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତିର ଅର୍ଥୋପାର୍ଜନ କାମନା ଅନନ୍ତ ଅଟେ । ସେ କେବଳ ଭାବୁଥାଏ ବର୍ତ୍ତମାନ ସୁଦ୍ଧା କେତେ ଅର୍ଥ ଉପାର୍ଜନ କରାଯାଇଛି ଏବଂ ଅଧିକ ଉପାର୍ଜନ ନିମିତ୍ତ ଆଉ ଅଧିକ କି ଯୋଜନା ଅଛି । ଏଥିପାଇଁ ସେ କୌଣସି ପ୍ରକାର ପାପକର୍ମ କରିବା ପାଇଁ ବା ଅବୈଧ ଉପାୟରେ ଧନ ରୋଜଗାର କରିବାପାଇଁ ଆଦୌ କୁଣ୍ଠାବୋଧ କରେ ନାହିଁ ଏବଂ ସେଇଥିପାଇଁ ସେ ବ୍ୟବସାୟରେ କଳାବଜାର କରେ । ତା'ର ଅଧିକାରରେ ଥିବା ଜମିବାଡ଼ି, ପରିବାର, ଗୃହ ଓ ବ୍ୟାଙ୍କରେ ଗଚ୍ଛିତ ଧନ ଆଦି ପ୍ରତି ସେ ବଡ଼ ଆକୃଷ୍ଟ ହୋଇ ପଡ଼ିଥାଏ ଏବଂ ସେଗୁଡ଼ିକ କିପରି ବୃଦ୍ଧିଲାଭ କରିବ ସେଥିପାଇଁ ସର୍ବଦା ଯୋଜନା ପ୍ରସ୍ତୁତ କରୁଥାଏ; ସେ ନିଜ ଶକ୍ତିକୁ ବିଶ୍ୱାସ କରେ ଏବଂ ସେ ଜାଣିଥାଏ ଯେ ଯାହା ସେ ବର୍ତ୍ତମାନ ଲାଭ କରୁଛି; ତାହା ତାହାର ପୂର୍ବଜନ୍ମର ପୁଣ୍ୟ କର୍ମର ଫଳ । ଏସବୁ ପଦାର୍ଥ ସଞ୍ଚୟ କରି ରଖିବା ନିମିତ୍ତ ତାକୁ ଏକ ସୁଯୋଗ ଦିଆଯାଇଛି; କିନ୍ତୁ ଅତୀତର କାରଣ ସମ୍ବନ୍ଧରେ ତା'ର ଧାରଣା ନଥାଏ । ସେ କେବଳ ଭାବୁଥାଏ ଯେ ଏ ଯେଉଁସବୁ ଧନର ସେ ବର୍ତ୍ତମାନ ଅଧିକାରୀ ହୋଇଅଛି ଏହା ତା'ର ନିଜ ପ୍ରଚେଷ୍ଟାର ଫଳ । ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତି ନିଜ ପ୍ରଚେଷ୍ଟା ବା କର୍ମଫଳରେ ବିଶ୍ୱାସ କରେ; ସେ କର୍ମର ନିୟମକୁ ବିଶ୍ୱାସ କରେ ନାହିଁ । କର୍ମର ନିୟମ ଅନୁଯାୟୀ ବ୍ୟକ୍ତି ପୂର୍ବଜନ୍ମର ପୁଣ୍ୟ କର୍ମର ଫଳ ଅନୁଯାୟୀ ସମ୍ଭ୍ରାନ୍ତବଂଶରେ ଜନ୍ମ ହୁଏ କିମ୍ବା ଧନଶାଳୀ ହୁଏ କିମ୍ବା ଉଚ୍ଚଶିକ୍ଷିତ ହୁଏ କିମ୍ବା ଅପରୂପ ସୌନ୍ଦର୍ଯ୍ୟର ଅଧିକାରୀ ହୁଏ । ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତି ଭାବେ ଯେ ଏସବୁ ଆକସ୍ମିକ ଅଟେ ଏବଂ ତା'ର ବ୍ୟକ୍ତିଗତ ଶକ୍ତି ସାମର୍ଥ୍ୟ ଯୋଗୁଁ ସେ ଏସବୁ ଲାଭ କରିଛି । ବିଭିନ୍ନ ପ୍ରକାର ଲୋକ, ସୌନ୍ଦର୍ଯ୍ୟ ଓ ଶିକ୍ଷାର ଅନ୍ତରାଳରେ ଯେ ଏକ ବିଶେଷ ବ୍ୟବସ୍ଥା ରହିଛି, ଏହା ଜାଣନ୍ତି ନାହିଁ । ଯେଉଁଲୋକ ଏ ପ୍ରକାର ଏକ ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତିର ପ୍ରତିଦ୍ୱନ୍ଦୀ ହୁଏ, ସେ ତା'ର ଶତ୍ରୁ ହୁଏ । ଅନେକ ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତି ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟ ଜଣର ଶ୍ରତ୍ରୁ ଅଟେ । ଏପ୍ରକାର ଶତ୍ରୁତା ଦିନକୁ ଦିନ ଅଧିକ ବୃଦ୍ଧିଲାଭ କରେ-ଏ ଶତ୍ରୁତା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ, ତପରେ ପରିବାର ପରିବାର ମଧ୍ୟରେ, ସମାଜ ସମାଜ ମଧ୍ୟରେ ଏବଂ ଶେଷରେ ଜାତି ଜାତି ମଧ୍ୟରେ ବୃଦ୍ଧି ପାଏ । ସେଇଥିପାଇଁ ପୃଥିବୀରେ ବରାବର କଳହ, ସଂଘର୍ଷ, ଯୁଦ୍ଧ ଏବଂ ଶତ୍ରୁତା ଲାଗି ରହିଛି ।

ଆସୁରୀ ପ୍ରକୃତି-ବିଶିଷ୍ଟ ପ୍ରତ୍ୟେକ ବ୍ୟକ୍ତି ଭାବେ ଯେ ଅନ୍ୟମାନଙ୍କର ସ୍ୱାର୍ଥର ବିନିମୟରେ ସେ ଏକା ହିଁ ଆନନ୍ଦରେ ଓ ସୁଖରେ ବାସ କରିବ । ସାଧାରଣତଃ ଏକ ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତି ନିଜକୁ ଭଗବାନ୍ ବୋଲି ଭାବେ ଏବଂ ଜଣେ ସେହି ପ୍ରକୃତି-ବିଶିଷ୍ଟ ପ୍ରଗ୍ରରକ ତା'ର ଅନୁଗାମୀମାନଙ୍କୁ କହେ, ''ତୁମ୍ଭେମାନେ କାହିଁକି ଭଗବାନଙ୍କୁ ଅନ୍ୟ ସ୍ଥାନରେ ଖୋଜୁଛ ? ତୁମ୍ଭେମାନେ ସମସ୍ତେ ଭଗବାନ୍ ! ଯାହାଇଚ୍ଛା ତାହା ତୁମ୍ଭେମାନେ କରିପାର । ଭଗବାନଙ୍କୁ ବିଶ୍ୱାସ

କରନାହିଁ । ଭଗବାନଙ୍କୁ ଫିଙ୍ଗିଦିଅ । ଭଗବାନ୍ ମୃତ ଅଟନ୍ତି ।'' ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତିମାନେ ଏହି ପ୍ରକାର ପ୍ରଗ୍ଲ୍ଭ କରନ୍ତି ।

ଯଦିଓ ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତି ଅନ୍ୟମାନଙ୍କୁ ତା' ନିଜପରି ଧନୀ ଓ ପ୍ରଭାବଶାଳୀ ବୋଲି ଦେଖେ, ତଥାପି ସେ ଭାବେ ଯେ କେହି ତା'ଠାରୁ ଅଧିକ ଧନୀ କିମ୍ବା ପ୍ରଭାବଶାଳୀ ନୁହଁନ୍ତି । ଉଚ୍ଚଲୋକ ବା ଦେବଲୋକକୁ ଉନ୍ନୀତ ହେବା ସମ୍ବନ୍ଧରେ ସେ ଭାବେ ଯେ ଏଥିପାଇଁ ଯେ ଯଜ୍ଞାନୁଷ୍ଠାନ କରିବା ଆବଶ୍ୟକ, ଏହା ସେ ବିଶ୍ୱାସ କରେ ନାହିଁ । ଅସୁରମାନେ ଭାବନ୍ତି ଯେ ସେମାନେ ତାଙ୍କ ନିଜ ମନ ମୁତାବକ ଯଜ୍ଞବିଧି ସୃଷ୍ଟି କରିବେ ଏବଂ କିଛି ଯନ୍ତ୍ର ତିଆରି କରିବେ ଏବଂ ତାହାରି ସାହାଯ୍ୟରେ ସେମାନେ ଉଚ୍ଚଲୋକରେ ପହଞ୍ଚି ପାରିବେ । ଏ ପ୍ରକାର ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତିମାନଙ୍କର ପ୍ରକୃଷ୍ଟ ଉଦାହରଣ ହେଉଛି ରାବଣ । ସେ ଲୋକମାନଙ୍କୁ କହିଥିଲା ଯେ ସ୍ୱର୍ଗକୁ ଏକ ନିଶୁଣୀ ବାନ୍ଧିବ, ଯାହା ସାହାଯ୍ୟରେ ଲୋକମାନେ ବେଦରେ ବର୍ଣ୍ଣିତ ଯଜ୍ଞାନୁଷ୍ଠାନ ନକରି ଅତିସହଜରେ ସ୍ୱର୍ଗକୁ ଯାଇପାରିବେ । ଠିକ୍ ସେହିପରି ବର୍ତ୍ତମାନ ଯୁଗରେ ଏ ପ୍ରକାର ଅସୁର-ସ୍ୱଭାବସଂପନ୍ନ ବ୍ୟକ୍ତିଗଣ ଏ ପ୍ରକାର ଯାନ୍ତ୍ରିକ ବ୍ୟବସ୍ଥାଦ୍ୱାରା ଉଚ୍ଚଲୋକ ଯାତ୍ରା କରିବାକୁ ଚେଷ୍ଟା କରୁଛନ୍ତି । ଏଗୁଡ଼ିକ ହେଉଛି ବିଭ୍ରାନ୍ତିର ଉଦାହରଣ । ଏହାର ପରିଣାମ ହେଉଛି ଏହା ଯେ ଅଜ୍ଞାତସାରରେ ସେମାନେ ନର୍କକୁ ଗତି କରୁଛନ୍ତି । ଏଠାରେ ବ୍ୟବହୃତ ସଂସ୍କୃତଶବ୍ଦ ''ମୋହଜାଲ'' ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ । ଯେପରି ମାଛ ଜାଲରେ ପଡ଼ିଲେ ଆଉ ବାହାରି ଯିବାର ଉପାୟ ନଥାଏ, ଠିକ୍ ସେହିପରି ଏମାନେ 'ମୋହ-ଜାଲ'ରେ ପଡ଼ିଛନ୍ତି; ବାହାରିବାର ଉପାୟ ଏମାନଙ୍କ ପାଖରେ ନାହିଁ ।

## ଶ୍ଳୋକ - ୧୭

**ଆତ୍ମସମ୍ଭାବିତାଃ ସ୍ତବ୍ଧା ଧନମାନମଦାନ୍ୱିତାଃ ।**
**ଯଜନ୍ତେ ନାମଯଜ୍ଞୈସ୍ତେ ଦମ୍ଭେନାବିଧିପୂର୍ବକମ୍ ।।୧୭।।**

## ଶବ୍ଦାନୁବାଦ

ଆତ୍ମ-ସମ୍ଭାବିତାଃ=ଆତ୍ମସନ୍ତୋଷ; ସ୍ତବ୍ଧାଃ=ଅବିବେକୀ ବା ଧୃଷ୍ଟ; ଧନ-ମାନ=ଧନ ଏବଂ ମିଥ୍ୟା ସମ୍ମାନ; ମଦ-ଅନ୍ୱିତାଃ=ଗର୍ବୋନ୍ମତ୍ତ; ଯଜନ୍ତେ=ଯଜ୍ଞାନୁଷ୍ଠାନ କରନ୍ତି; ନାମ=କେବଳ ନାମକୁ ମାତ୍ର; ଯଜ୍ଞୈଃ=ଏ ପ୍ରକାର ଯଜ୍ଞଦ୍ୱାରା; ତେ=ସେମାନେ; ଦମ୍ଭେନ=ଗର୍ବଯୋଗୁଁ; ଅ-ବିଧି-ପୂର୍ବକମ୍=କୌଣସି ନୀତି ନିୟମ ବା ବିଧି-ବିଧାନ ଅନୁସରଣ ନକରି ।

## ଅନୁବାଦ

**ସେମାନେ ଆତ୍ମ-ସମ୍ଭାବିତା ଏବଂ ଅବିବେକୀତାର ବଶବର୍ତ୍ତୀ ହୋଇ ଏବଂ ଧନ ଓ ମିଥ୍ୟା ସମ୍ମାନରେ ବିମୋହିତ ହୋଇ କୌଣସି ପ୍ରକାର ବିଧିବିଧାନ ଓ ନୀତି ନିୟମ ଅନୁସରଣ ନକରି ବେଳେବେଳେ ନାମକୁ ମାତ୍ର ଯଜ୍ଞାନୁଷ୍ଠାନ କରନ୍ତି ।**

## ଭାବାର୍ଥ

ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତିଗଣ ନିଜକୁ ସର୍ବେସର୍ବା ବୋଲି ମନେକରି କୌଣସି ପ୍ରକାର ଶାସ୍ତ୍ରବିଧି ବା ଆଚାର୍ଯ୍ୟମାନଙ୍କ ନିର୍ଦ୍ଦେଶକୁ ନ ମାନି ବେଳେବେଳେ ତଥାକଥିତ ଧର୍ମାନୁଷ୍ଠାନ ବା

ଯଜ୍ଞାନୁଷ୍ଠାନ କରନ୍ତି । ଯେଣୁ ସେମାନେ କୌଣସି ଆଚାର୍ଯ୍ୟ ବା ଗୁରୁଙ୍କୁ ମାନନ୍ତି ନାହିଁ ବା ବିଶ୍ୱାସ କରନ୍ତି ନାହିଁ, ସେମାନେ ବଡ଼ ଗର୍ବୀ ଅଟନ୍ତି । କିଛି ଧନ ଏବଂ ମିଥ୍ୟା ଆତ୍ମ-ସମ୍ମାନର ଅଧିକାରୀ ହୋଇଥିବା ଯୋଗୁଁ ସେମାନେ ଏ ପ୍ରକାର ମାୟା ମୋହିତ ହୋଇ ପଡ଼ିଥା'ନ୍ତି । ବେଳେବେଳେ ଏ ପ୍ରକାର ରାକ୍ଷସଗଣ ପ୍ରଚାରକର ଭୂମିକାରେ ଅବତୀର୍ଣ୍ଣ ହୋଇ ପ୍ରଚାର କରନ୍ତି, ସାଧାରଣ ଲୋକଙ୍କୁ ପଥଭ୍ରାନ୍ତ କରାନ୍ତି ଏବଂ ଧର୍ମ-ସଂସ୍କାରକରୂପେ ପରିଚିତ ହୁଅନ୍ତି କିମ୍ବା ଭଗବାନଙ୍କର ଅବତାରରୂପେ ନିଜକୁ ଘୋଷଣା କରନ୍ତି । ସେମାନେ ଯଜ୍ଞାନୁଷ୍ଠାନର ଏକ ଲୋକ ଦେଖାଣିଆ ଅନୁଷ୍ଠାନ କରନ୍ତି କିମ୍ବା ଅନ୍ୟଦେବତା ପୂଜା କରନ୍ତି କିମ୍ବା ସେମାନଙ୍କର ନିଜର ଭଗବାନ୍ ସୃଷ୍ଟି କରନ୍ତି । ସାଧାରଣ ଲୋକେ ସେମାନଙ୍କୁ ଭଗବାନ୍ ରୂପେ ଘୋଷଣା କରି ପୂଜା କରନ୍ତି ଏବଂ ନିର୍ବୋଧ ବ୍ୟକ୍ତିଗଣ ସେମାନଙ୍କୁ ଅତି ଉନ୍ନତ ଆତ୍ମାରୂପେ ଗ୍ରହଣ କରନ୍ତି, ଅର୍ଥାତ୍ — ଧର୍ମନୀତି ଓ ଆତ୍ମଜ୍ଞାନରେ ସେମାନେ ପ୍ରବୀଣ ବୋଲି ଭାବନ୍ତି । ସେମାନେ ସନ୍ନ୍ୟାସୀର ପୋଷାକ ଧାରଣ କରନ୍ତି ଏବଂ ସେ ପୋଷାକ ପରିଧାନ କରି ସମସ୍ତ ପ୍ରକାର ଅସତ୍ କର୍ମ କରନ୍ତି । ବାସ୍ତବରେ ସନ୍ନ୍ୟାସୀ ପକ୍ଷରେ ଅନେକ ବିଧି ନିଷେଧ ଅଛି, କିନ୍ତୁ ଅସୁରଗଣ ସେ ବିଧି-ନିଷେଧକୁ ଖାତିର୍ କରନ୍ତି ନାହିଁ । ସେମାନେ ଭାବନ୍ତି ଯେ ବ୍ୟକ୍ତି ଯେଉଁମାର୍ଗ ସୃଷ୍ଟି କରୁନା କାହିଁକି ତାହା ତାହାର ସ୍ୱମାର୍ଗ ଅଟେ । ବ୍ୟକ୍ତି ଯେ ଏକ ନିର୍ଦ୍ଦିଷ୍ଟ ସୃଷ୍ଟମାର୍ଗ ଅନୁସରଣ କରିବ, ଏପରି କିଛି କଥା ନାହିଁ । *''ଅବିଧି-ପୂର୍ବକମ୍''* ଶବ୍ଦ, ଅର୍ଥାତ୍ - ନୀତିନିୟମ, ବିଧି-ବିଧାନ ପ୍ରତି ଭ୍ରୁକ୍ଷେପ ନକରି -ଏହି ଶବ୍ଦ ଏଠାରେ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ । ଅଜ୍ଞତା ଓ ମାୟାମୋହ ଯୋଗୁଁ ଏସବୁ ଏପରି ହୁଏ ।

## ଶ୍ଲୋକ - ୧୮

**ଅହଙ୍କାରଂ ବଳଂ ଦର୍ପଂ କାମଂ କ୍ରୋଧଂ ଚ ସଂଶ୍ରିତାଃ ।**
**ମାମାତ୍ମପରଦେହେଷୁ ପ୍ରଦ୍ୱିଷନ୍ତୋଽଭ୍ୟସୂୟକାଃ ।।୧୮।।**

## ଶବ୍ଦାନୁବାଦ

ଅହଙ୍କାରମ୍=ମିଥ୍ୟା ଅହଙ୍କାର;ବଳମ୍=ବଳ;ଦର୍ପମ୍=ଗର୍ବ;କାମମ୍=କାମ; କ୍ରୋଧମ୍=କ୍ରୋଧ; ଚ=ମଧ୍ୟ; ସଂଶ୍ରିତାଃ=ଆଶ୍ରୟ ନେଇ; ମାମ୍=ମୋତେ; ଆତ୍ମ=ନିଜର; ପର-ଦେହେଷୁ=ଅନ୍ୟଶରୀରମାନଙ୍କରେ; ପ୍ରଦ୍ୱିଷନ୍ତଃ=ନିନ୍ଦା କରନ୍ତି; ଅଭ୍ୟ-ସୂୟକାଃ=ଈର୍ଷାଯୁକ୍ତ ।

## ଅନୁବାଦ

**ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତି, ମିଥ୍ୟା ଅହଙ୍କାର, ବଳ, ଦର୍ପ, କାମ ଏବଂ କ୍ରୋଧର ବଶବର୍ତ୍ତୀ ହୋଇ ପରମପୁରୁଷ ଭଗବାନଙ୍କୁ ଈର୍ଷା କରେ । ଯେଉଁ ଭଗବାନ୍ ତା' ନିଜ ଶରୀରରେ ତଥା ଅନ୍ୟ ଶରୀରମାନଙ୍କରେ ପରମାତ୍ମାରୂପରେ ବିଦ୍ୟମାନ ଥା'ନ୍ତି ସେହି ଭଗବାନଙ୍କୁ ସେ ହିଂସା କରେ ଏବଂ ପ୍ରକୃତ ଧର୍ମନୀତିକୁ ନିନ୍ଦା କରେ ।**

## ଭାବାର୍ଥ

ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତି, ଭଗବାନଙ୍କର ପରମ ପ୍ରଭୁତ୍ୱର ବିରୁଦ୍ଧାଚରଣ କରୁଥିବାରୁ ଶାସ୍ତ୍ରମାନଙ୍କୁ ବିଶ୍ୱାସ କରେ ନାହିଁ । ସେ ଉଭୟ ଶାସ୍ତ୍ରବାଣୀକୁ ଓ ଭଗବାନଙ୍କର ଅସ୍ତିତ୍ୱକୁ ନିନ୍ଦା କରେ ଏବଂ ସେଥିପ୍ରତି ଈର୍ଷାଯୁକ୍ତ ହୋଇଉଠେ । ମିଥ୍ୟା ଆତ୍ମ-ସମ୍ମାନ ଏବଂ କିଛି ଧନ ଓ

## ଶ୍ଲୋକ - ୧୯

**ତାନହଂ ଦ୍ୱିଷତଃ କ୍ରୁରାନ୍‌ସଂସାରେଷୁ ନରାଧମାନ୍ ।**
**କ୍ଷିପାମ୍ୟଜସ୍ରମଶୁଭାନାସୁରୀଷ୍ୱେବ ଯୋନିଷୁ ।।୧୯।।**

## ଶବ୍ଦାନୁବାଦ

ତାନ୍ =ସେମାନଙ୍କୁ; ଅହମ୍=ମୁଁ; ଦ୍ୱିଷତଃ=ଈର୍ଷାଯୁକ୍ତ; କ୍ରୂରାନ୍ =ଦୁଷ୍ଟ; ସଂସାରେଷୁ=ଭବାର୍ଣ୍ଣବରେ; ନରାଧମାନ୍=ନରାଧମ; କ୍ଷିପାମି=ପକାଏ; ଅଜସ୍ରମ୍=ଅଜସ୍ର (ଅସଂଖ୍ୟ); ଅଶୁଭାନ୍=ଅଶୁଭ; ଆସୁରୀଷୁ=ଅସୁର; ଏବ=ନିଶ୍ଚିତଭାବେ; ଯୋନିଷୁ= ଯୋନିରେ ।

## ଅନୁବାଦ

**ଯେଉଁମାନେ ଈର୍ଷାଯୁକ୍ତ, ଦୁଷ୍ଟ ଏବଂ ନରାଧମ, ସେମାନଙ୍କୁ ମୁଁ ଏ ଭୌତିକ ସଂସାରରେ ବାରମ୍ବାର ବିଭିନ୍ନ ଆସୁରୀ ଯୋନିରେ ଜନ୍ମଦିଏ ।**

## ଭାବାର୍ଥ

ଏହି ଶ୍ଲୋକରେ ପରିଷ୍କାର ଭାବରେ କୁହାଯାଇଛି ଯେ ଜୀବର ନିର୍ଦ୍ଦିଷ୍ଟ ଯୋନିରେ ଜନ୍ମଲାଭ କରିବା ବା ନିର୍ଦ୍ଦିଷ୍ଟ ଶରୀର ଧାରଣ କରିବା ଭଗବାନଙ୍କର ଇଚ୍ଛା ଉପରେ ନିର୍ଭର କରେ । ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତି ଭଗବାନଙ୍କର ପରମ ପ୍ରଭୁତ୍ୱକୁ ସ୍ୱୀକାର କରେନାହିଁ ଏବଂ ସେ ନିଜ ମନ ମୁତାବକ କାର୍ଯ୍ୟ କରେ, କିନ୍ତୁ ତା'ର ପରଜନ୍ମ ପରମ ପୁରୁଷ ଭଗବାନଙ୍କର ଇଚ୍ଛା ବା ନିଷ୍ପତ୍ତି ଉପରେ ନିର୍ଭର କରେ ତା'ର ନିଜ ଇଚ୍ଛା ଉପରେ ନୁହେଁ । ଶ୍ରୀମଦ୍ ଭାଗବତମ୍‌ର ତୃତୀୟ ସ୍କନ୍ଧରେ କୁହାଯାଇଛି ଯେ ମୃତ୍ୟୁପରେ ଜୀବ ପରମଶକ୍ତିମାନଙ୍କର ତତ୍ତ୍ୱାବଧାନରେ ଏପ୍ରକାର ମାତୃ ଯୋନିରେ ଅବସ୍ଥାନ କରେ, ଯେଉଁଠାରେ କି ସେ ଏକ

ନିର୍ଦ୍ଦିଷ୍ଟ ପ୍ରକାର ଶରୀର ଲାଭକରେ । ତେଣୁ ଆମ୍ଭେମାନେ ଭୌତିକ ସ୍ଥିତିରେ, ଜୀବ, ଜନ୍ତୁ, ପ୍ରାଣୀ ମାନବ, କୀଟ-ପତଙ୍ଗ ଆଦି ଅନେକ ପ୍ରକାର ଶରୀରଧାରୀ ଜୀବଙ୍କୁ ଦେଖୁ । ଏସବୁ ସର୍ବଶକ୍ତିମାନ ଭଗବାନଙ୍କର ବ୍ୟବସ୍ଥାନୁଯାୟୀ ସଂଘଟିତ ହୋଇଅଛି । ଏଗୁଡ଼ିକ ଆକସ୍ମିକ ନୁହେଁ । ଅସୁରମାନଙ୍କ ସମ୍ବନ୍ଧରେ ଏଠାରେ ପରିଷ୍କାର ଭାବରେ କୁହାଯାଇଛି ଯେ ସେମାନେ ବରାବର ଆସୁରୀଯୋନିରେ ଜନ୍ମଲାଭ କରନ୍ତି ଏବଂ ସେହି ଅନୁଯାୟୀ ସେମାନେ ବରାବର ଈର୍ଷାଳୁ ଏବଂ ନରାଧମ ହୋଇ ଜନ୍ମ ହେଉଥା'ନ୍ତି । ଏ ପ୍ରକାର ଆସୁରୀ-ଯୋନିଲାଭ କରୁଥିବା ବ୍ୟକ୍ତିଗଣ ବରାବର କାମ-କ୍ରୋଧପରାୟଣ, ଘୃଣ୍ୟଭାବପୂର୍ଣ୍ଣ ଓ ଅଶୁଚି ଅଟନ୍ତି । ସେମାନେ ଜଙ୍ଗଲରେ ଥିବା ପଶୁତୁଲ୍ୟ ।

## ଶ୍ଳୋକ - ୨୦

**ଆସୁରୀଂ ଯୋନିମାପନ୍ନା ମୂଢ଼ା ଜନ୍ମନି ଜନ୍ମନି ।**
**ମାମପ୍ରାପ୍ୟୈବ କୌନ୍ତେୟ ତତୋ ଯାନ୍ତ୍ୟଧମାଂ ଗତିମ୍ ।।୨୦।।**

## ଶବ୍ଦାନୁବାଦ

ଆସୁରୀମ୍=ଆସୁରୀ; ଯୋନିମ୍=ଯୋନି; ଆପନ୍ନାଃ=ପ୍ରାପ୍ତହୋଇ; ମୂଢ଼ାଃ=ମୂଢ଼, ମୂର୍ଖ, ନିର୍ବୋଧ; ଜନ୍ମନି ଜନ୍ମନି=ଜନ୍ମ ଜନ୍ମାନ୍ତରେ; ମାମ୍=ମୋତେ; ଅପ୍ରାପ୍ୟ=ପ୍ରାପ୍ତ ନ ହୋଇ; ଏବ=ନିଶ୍ଚିତଭାବେ; କୌନ୍ତେୟ=ହେ କୁନ୍ତୀପୁତ୍ର; ତତଃ=ତତ୍ପରେ; ଯାନ୍ତି=ଯାଏ; ଅଧମାମ୍=ଅଧମ; ଗତିମ୍=ଗତି ।

## ଅନୁବାଦ

**ଏ ପ୍ରକାର ଲୋକେ ବାରମ୍ବାର ଜନ୍ମ ଜନ୍ମାନ୍ତରେ ଆସୁରୀ-ଯୋନି ପ୍ରାପ୍ତ ହୋଇ ମୋତେ ପାଇପାରନ୍ତି ନାହିଁ । କ୍ରମେ ସେମାନେ ଅଧମ ଗତି ପ୍ରାପ୍ତ ହୁଅନ୍ତି ।**

## ଭାବାର୍ଥ

ପ୍ରାୟ କଥିତ ଅଛି ଯେ ଭଗବାନ୍ ଅତ୍ୟନ୍ତ ଦୟାଳୁ-(ସେ କରୁଣା ସିନ୍ଧୁ, ଦୟାର ସାଗର) । କିନ୍ତୁ ଏଠାରେ ଜଣାଯାଉଛି ଯେ ସେ ଅସୁରମାନଙ୍କ ପ୍ରତି ଦୟାଳୁ ନୁହଁନ୍ତି । ଏଠାରେ ପରିଷ୍କାର ଭାବରେ କୁହାଯାଉଛି ଯେ ଅସୁରସ୍ୱଭାବ-ସଂପନ୍ନ ବ୍ୟକ୍ତିଗଣ, ଜନ୍ମ ଜନ୍ମାନ୍ତରେ, ଆସୁରୀ ଯୋନି ପ୍ରାପ୍ତ ହୁଅନ୍ତି ଏବଂ ଭଗବାନଙ୍କର କୃପା ଲାଭ କରି ନପାରି, ସେମାନେ କ୍ରମେ ଅଧମ ଗତି ପ୍ରାପ୍ତ ହୁଅନ୍ତି; ପରିଣାମରେ ସେମାନେ କୁକୁର, ବିରାଡ଼ି ଓ ଶୂକର ଶରୀର ପ୍ରାପ୍ତ ହୁଅନ୍ତି । ଏଠାରେ ପରିଷ୍କାର ଭାବରେ କୁହାଯାଉଛି ଯେ ଏ ଅସୁରମାନେ ଜୀବନର କୌଣସି ଅବସ୍ଥାରେ ମଧ୍ୟ ଭଗବାନଙ୍କର କୃପା ଲାଭ କରିବାର ସୁଯୋଗ ପା'ନ୍ତି ନାହିଁ । ବେଦରେ ମଧ୍ୟ ଏକଥା କୁହାଯାଇଛି ଯେ ଏ ପ୍ରକାର ବ୍ୟକ୍ତିଗଣ କ୍ରମଶଃ ଅଧମ ଗତି ପ୍ରାପ୍ତ ହୋଇ କୁକୁର ଓ ଶୂକର ଯୋନି ଲାଭ କରନ୍ତି । ଏ ସଂପର୍କରେ କେହି କେହି ଏପରି ଯୁକ୍ତିକରି ପାରନ୍ତି ଯେ ତାହାହେଲେ ଭଗବାନଙ୍କୁ ଆମେ କାହିଁକି କରୁଣା ସିନ୍ଧୁ ବୋଲି କହିବା, ଯେତେବେଳେ ସେ ଏପ୍ରକାର ଅସୁରମାନଙ୍କ ପ୍ରତି କୃପା ପ୍ରଦର୍ଶନ ନ କରୁଛନ୍ତି ? ଏ ପ୍ରଶ୍ନର ଉତ୍ତରରେ ଆମେ ବେଦାନ୍ତ ସୂତ୍ରରେ ପାଇବା ଯେ ଭଗବାନଙ୍କର କାହାରି ପ୍ରତି ଘୃଣାଭାବ ନାହିଁ । ଅସୁରମାନଙ୍କୁ ଅଧମ

ଗତି ଦେବା ବା ନୀଚଯୋନି ପ୍ରାପ୍ତ କରାଇବା ତାଙ୍କର କୃପାର ଅନ୍ୟ ଏକ ଦିଗ ଅଟେ । ବେଳେବେଳେ ସେ ଅସୁରମାନଙ୍କୁ ବଧ କରନ୍ତି, ଏ ପ୍ରକାର ହତ୍ୟା ମଧ୍ୟ ସେମାନଙ୍କ ପକ୍ଷରେ ମଙ୍ଗଳଜନକ ଅଟେ; କାରଣ ବୈଦିକ ସାହିତ୍ୟରେ ଆମେ ଦେଖିବାକୁପାଉ ଯେ, ଭଗବାନ୍‌ଙ୍କ ହାତରେ ଯେ ମରେ ସେ ମୁକ୍ତ ହୋଇଯାଏ । ରାବଣ, କଂସ, ହିରଣ୍ୟକଶିପୁ-ଆଦି ଅନେକ ଅସୁରଙ୍କ ଜୀବନରେ ଏହାର ଉଦାହରଣ ଦେଖିବାକୁ ମିଳେ । ଏମାନଙ୍କୁ ବଧ କରିବାକୁ ଭଗବାନ୍ ବିଭିନ୍ନ ଅବତାର ଗ୍ରହଣ କରିଛନ୍ତି । ତେଣୁ ଏହି ପ୍ରକାରେ ଅସୁରମାନେ ଭଗବାନଙ୍କର କୃପାଲାଭ କରନ୍ତି । ଯଦି ସେମାନେ ଭାଗ୍ୟବାନ୍ ହୋଇଥା'ନ୍ତି, ତାହାହେଲେ ସେମାନେ ଭଗବାନଙ୍କ ହାତରେ ମୃତ୍ୟୁବରଣ କରନ୍ତି । ଏହି ପ୍ରକାରେ ସେମାନେ ଭଗବାନଙ୍କର କୃପାଲାଭ କରନ୍ତି ।

## ଶ୍ଲୋକ - ୨୧

**ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ ।**
**କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ ।।୨୧।।**

## ଶବ୍ଦାନୁବାଦ

ତ୍ରିବିଧମ୍=ତିନିପ୍ରକାର; ନରକସ୍ୟ=ନର୍କର; ଇଦମ୍=ଏହି; ଦ୍ୱାରମ୍=ଦ୍ୱାର; ନାଶନମ୍=ଧ୍ୱଂସାତ୍ମକ; ଆତ୍ମନଃ=ଆତ୍ମାର; କାମଃ=କାମ; କ୍ରୋଧଃ=କ୍ରୋଧ; ତଥା=ତଥା; ଲୋଭଃ=ଲୋଭ; ତସ୍ମାତ୍=ତେଣୁ; ଏତତ୍=ଏସବୁ; ତ୍ରୟମ୍= ତିନୋଟିକୁ; ତ୍ୟଜେତ୍=ତ୍ୟାଗ କରିବା ଉଚିତ୍ ।

## ଅନୁବାଦ

**ନର୍କକୁ ଯିବାର ତିନୋଟି ଦ୍ୱାର ହେଉଛି -କାମ, କ୍ରୋଧ ଓ ଲୋଭ । ପ୍ରତ୍ୟେକ ସୁସ୍ଥ-ମନବିଶିଷ୍ଟ ମାନବ ଏ ତିନୋଟିକୁ ତ୍ୟାଗ କରିବା ଉଚିତ୍, କାରଣ ଏମାନେ ଆତ୍ମାର ଅଧୋଗତି ବିଧାନ କରନ୍ତି ।**

## ଭାବାର୍ଥ

ଅସୁର ଜୀବନର ପ୍ରାରମ୍ଭ କଥା ଏଠାରେ ବର୍ଣ୍ଣନା କରାଯାଇଅଛି । ବ୍ୟକ୍ତି ତା'ର କାମ ପିପାସାକୁ ମେଣ୍ଟାଇବାକୁ ଚେଷ୍ଟାକରେ; ଯେତେବେଳେ ସେ ସେଥିରେ ଅକୃତକାର୍ଯ୍ୟ ହୁଏ, ସେତେବେଳେ କ୍ରୋଧ ଓ ଲୋଭ ତା'ଠାରେ ଦେଖାଦିଏ । ଯେ ସୁସ୍ଥ-ମନବିଶିଷ୍ଟ ବ୍ୟକ୍ତି, ସେ ଆସୁରୀ ଯୋନିରେ ଜନ୍ମଲାଭ କରିବାକୁ ଅର୍ଥାତ୍ - ଅଧୋଗତି ଲାଭ କରିବାକୁ ଇଚ୍ଛାକରେ ନାହିଁ । ସେ ଏ ତିନୋଟି ଶତ୍ରୁଙ୍କୁ ତ୍ୟାଗକରିବା ଉଚିତ୍; କାରଣ ଏମାନେ ଆତ୍ମାର ଏପରି ଅଧୋଗତି ବିଧାନ କରନ୍ତି ଯେ, ଏ ଭୌତିକ ବନ୍ଧନରୁ ମୁକ୍ତି ପାଇବାର ସମ୍ଭାବନା ପ୍ରାୟ ରହେ ନାହିଁ ।

## ଶ୍ଲୋକ - ୨୨

**ଏତୈର୍ବିମୁକ୍ତଃ କୌନ୍ତେୟ ତମୋଦ୍ୱାରୈସ୍ତ୍ରିଭିର୍ନରଃ ।**
**ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ ଯାତି ପରାଂ ଗତିମ୍ ।।୨୨।।**

## ଶବ୍ଦାନୁବାଦ

ଏତୈଃ=ଏଗୁଡ଼ିକ ଦ୍ୱାରା; ବିମୁକ୍ତଃ=ମୁକ୍ତହୋଇ; କୌନ୍ତେୟ=ହେ କୁନ୍ତୀ ପୁତ୍ର; ତମୋ ଦ୍ୱାରୈଃ=ଅଜ୍ଞାନ ଦ୍ୱାରରେ; ତ୍ରିଭିଃ=ତିନିପ୍ରକାର; ନରଃ=ଏକ ବ୍ୟକ୍ତି; ଆଚରତି=ଆଚରଣ କରେ; ଆତ୍ମନଃ=ଆତ୍ମା; ଶ୍ରେୟଃ=ଶ୍ରେୟ; ତତଃ=ତତ୍ପରେ; ଯାତି=ଯାଏ ବା ପ୍ରାପ୍ତ ହୁଏ; ପରାମ୍=ପରମ; ଗତିମ୍=ଗତି ।

## ଅନୁବାଦ

**ହେ କୁନ୍ତୀ ପୁତ୍ର ! ଯେଉଁଲୋକ ନର୍କାନୁଗାମୀର ଏହି ତିନୋଟି ଦ୍ୱାର କବଳରୁ ମୁକ୍ତ ହୋଇଯାଏ, ସେ ଆତ୍ମାନୁଭୂତି ଲାଭ ନିମିତ୍ତ ଅନୁକୂଳ କର୍ମକରେ ଏବଂ ଏହିପରି କ୍ରମଶଃ ପରମଗତି ଲାଭକରେ ।**

## ଭାବାର୍ଥ

ମନୁଷ୍ୟ ଜୀବନରେ ଏ ତିନୋଟି ଶତ୍ରୁ- କାମ, କ୍ରୋଧ ଓ ଲୋଭ ପ୍ରତି ମାନବ ସାବଧାନ ହେବା ଉଚିତ୍ ।ଯେତେ ଅଧିକ ପରିମାଣରେ ମାନବ କାମ, କ୍ରୋଧ ଓ ଲୋଭ ପ୍ରବୃତ୍ତିରୁ ମୁକ୍ତହେବ ସେତେ ଅଧିକ ପରିମାଣରେ ତା'ର ସ୍ଥିତି ବିଶୁଦ୍ଧ ହେବ ।ତତ୍ପରେ ସେ ବୈଦିକ ସାହିତ୍ୟରେ ଦିଆଯାଇଥିବା ବିଧି ବିଧାନ ଆଦି ଅନୁସରଣ କରିପାରିବ ।ମାନବ ଜୀବନରେ ବିଧିବିଧାନ ଅନୁସରଣ କରିବା ଦ୍ୱାରା ସେ କ୍ରମେ ଆତ୍ମାନୁଭୂତି ଲାଭକରିବା ସ୍ତରକୁ ଉନ୍ନୀତ ହୁଏ ।ଏପରି ଅଭ୍ୟାସ ଦ୍ୱାରା ଯଦି କୌଣସି ଭାଗ୍ୟବାନ୍ ବ୍ୟକ୍ତି କୃଷ୍ଣଭାବନା ସ୍ତରକୁ ଉନ୍ନୀତ ହୋଇପାରେ, ତାହାହେଲେ ସେ ନିଶ୍ଚୟ ସଫଳତା ହାସଲ କରିବ ।ବିଶୁଦ୍ଧ ସ୍ତରକୁ କିପରି ବ୍ୟକ୍ତି ଆସି ପାରିବ, ସେ ସମ୍ବନ୍ଧୀୟ କ୍ରିୟା-ପ୍ରତିକ୍ରିୟା କଥା ବୈଦିକ ସାହିତ୍ୟରେ ଦିଆଯାଇଅଛି । ସ୍ଥୂଳତଃ ସମଗ୍ର ବିଧି ଏଇ ତିନୋଟି ଶତ୍ରୁ କାମ, କ୍ରୋଧ ଓ ଲୋଭର ତ୍ୟାଗ ଉପରେ ଆଧାରିତ । ବ୍ୟକ୍ତି ଏଇ ମାର୍ଗରେ ଜ୍ଞାନ ଲାଭ କଲେ ଆତ୍ମାନୁଭୂତି ଲାଭର ଉଚ୍ଚତମ ସ୍ତରକୁ ଉନ୍ନୀତ ହୋଇପାରିବ ।ଭକ୍ତିଯୋଗ ମାର୍ଗରେ ଆତ୍ମାନୁଭୂତି ଲାଭ ଦିଗରେ ପୂର୍ଣ୍ଣତା ପ୍ରାପ୍ତି ହୁଏ ।ଭକ୍ତିଯୋଗ ମାର୍ଗରେ ବଦ୍ଧ ଜୀବର ମୁକ୍ତି ସୁନିଶ୍ଚିତ ଅଟେ ।ତେଣୁ ବୈଦିକ ରୀତି ଅନୁଯାୟୀ ଜୀବନରେ ଚାରୋଟି ଆଶ୍ରମ ଓ ଚାରୋଟି ବର୍ଣ୍ଣବିଭାଗ ସୃଷ୍ଟି କରାଯାଇଅଛି । ଏହାକୁ ବର୍ଣ୍ଣାଶ୍ରମ ଧର୍ମ କୁହାଯାଏ ।ସମାଜର ବିଭିନ୍ନ ବର୍ଣ୍ଣବିଭାଗ ନିମିତ୍ତ ବିଭିନ୍ନପ୍ରକାର ବିଧି ବିଧାନ ଓ ନୀତି-ନିୟମମାନ ଅଛି ।ଯଦି କୌଣସି ବ୍ୟକ୍ତି ସେଗୁଡ଼ିକ ପାଳନ କରି ପାରିଲା, ତାହାହେଲେ ସେ ଆଧ୍ୟାତ୍ମିକ ଅନୁଭୂତି ଲାଭର ସର୍ବୋଚ୍ଚ ସ୍ତରକୁ ସ୍ୱତଃ ଉନ୍ନୀତ ହୋଇପାରିବ ।ତାହାହେଲେ ଏହା ନିଃସନ୍ଦେହ ଯେ ସେ ନିଶ୍ଚିତ ମୁକ୍ତିଲାଭ କରିପାରିବ ।

## ଶ୍ଳୋକ - ୨୩

**ଯଃ ଶାସ୍ତ୍ରବିଧିମୁତ୍ସୃଜ୍ୟ ବର୍ତତେ କାମକାରତଃ ।**
**ନ ସ ସିଦ୍ଧିମବାପ୍ନୋତି ନ ସୁଖଂ ନ ପରାଂ ଗତିମ୍ ।।୨୩।।**

## ଶବ୍ଦାନୁବାଦ

ଯଃ=ଯେ; ଶାସ୍ତ୍ର-ବିଧିମ୍=ଶାସ୍ତ୍ରର ବିଧି, ଶାସ୍ତ୍ର ନିର୍ଦ୍ଦେଶ; ଉତ୍ସୃଜ୍ୟ=ତ୍ୟାଗକରି; ବର୍ତତେ=ରହେ; କାମ-କାରତଃ=କାମପିପାସାର ବଶବର୍ତ୍ତୀ ହୋଇ ମନଇଚ୍ଛା କାମ କରେ;

ନ=କେବେ ନୁହେଁ; ସଃ=ସେ; ସିଦ୍ଧିମ୍=ସିଦ୍ଧି (ପୂର୍ଣ୍ଣତା); ଅବାପ୍ନୋତି=ପ୍ରାପ୍ତ ହୁଏ; ନ=କେବେ ନୁହେଁ; ସୁଖମ୍=ସୁଖ; ନ=କେବେ ନୁହେଁ; ପରାମ୍=ପରମ; ଗତିମ୍=ଗତି ବା ପୂର୍ଣ୍ଣାବସ୍ଥା ।

## ଅନୁବାଦ

**କିନ୍ତୁ ଯେ ଶାସ୍ତ୍ରବିଧି ବା ଶାସ୍ତ୍ର ନିର୍ଦ୍ଦେଶକୁ ପ୍ରତ୍ୟାଖ୍ୟାନ କରେ ଏବଂ ନିଜ ମନ ମୁତାବକ କାର୍ଯ୍ୟକରେ, ସେ ସିଦ୍ଧିଲାଭ କରିପାରେ ନାହିଁ; କିମ୍ବା ସୁଖ ପାଏ ନାହିଁ କିମ୍ବା ଜୀବନରେ ପରମଗତି ଲାଭ କରିପାରେ ନାହିଁ ।**

## ଭାବାର୍ଥ

ପୂର୍ବରୁ ବର୍ଣ୍ଣନା କରାଯାଇଛି ଯେ ମାନବ ସମାଜର ବିଭିନ୍ନ ବର୍ଣ୍ଣ ଓ ଆଶ୍ରମର ଲୋକମାନଙ୍କ ନିମିତ୍ତ ସ୍ୱତନ୍ତ୍ର ଶାସ୍ତ୍ରବିଧି ବା ଶାସ୍ତ୍ରନିର୍ଦ୍ଦେଶ ଅଛି । ପ୍ରତ୍ୟେକେ ତାହା ଜୀବନରେ ପାଳନ କରିବା ଉଚିତ୍ । ଯଦି କୌଣସି ବ୍ୟକ୍ତି ସେଗୁଡ଼ିକୁ ଜୀବନରେ ଅନୁସରଣ ନକରେ ବା ପାଳନ ନକରେ ଏବଂ ନିଜର ମନ ମୁତାବକ କାମ, କ୍ରୋଧ ଓ ଲୋଭର ବଶବର୍ତ୍ତୀ ହୋଇ କର୍ମକରେ, ତେବେ ସେ କଦାପି ଜୀବନରେ ପୂର୍ଣ୍ଣତା ବା ପରମଗତି ଲାଭ କରିପାରିବନାହିଁ । ଅନ୍ୟକଥାରେ, କୌଣସି ବ୍ୟକ୍ତି ଶାସ୍ତ୍ରବାଣୀ ବା ଶାସ୍ତ୍ର ନିର୍ଦ୍ଦେଶକୁ ପୁସ୍ତକଗତ ବାଣୀ ବା ଜ୍ଞାନ ହିସାବରେ ଜାଣିଥାଇପାରେ; କିନ୍ତୁ ସେଗୁଡ଼ିକୁ ସେ ଯଦି ଜୀବନରେ ଅଭ୍ୟାସ ନ କରେ, ତାହାହେଲେ ତାକୁ ନରାଧମ ବୋଲି କୁହାଯିବ ମାନବ ଜୀବନରେ ମାନବ ସୁସ୍ଥ ମନୋବୃତ୍ତି ପୋଷଣ କରିବା ଉଚିତ୍ ଏବଂ ଶାସ୍ତ୍ରବିଧି ବା ଶାସ୍ତ୍ରନିର୍ଦ୍ଦେଶ-ଯାହା ତାକୁ ଉନ୍ନତ ସ୍ତରକୁ ଉନ୍ନୀତ କରାଇବା ନିମିତ୍ତ ଦିଆଯାଇଅଛି ସେଗୁଡ଼ିକୁ ପାଳନ କରିବା ଉଚିତ୍ । ଯଦି ସେ ସେଗୁଡ଼ିକ ପାଳନ ନକରେ, ତାହାହେଲେ ସେ ଅଧୋଗତି ଲାଭକରେ । କିନ୍ତୁ ଧରନ୍ତୁ ସେ ଶାସ୍ତ୍ରବିଧି ବା ନୀତିନିର୍ଦ୍ଦେଶ ଆଦି ପାଳନ ନ କରୁଛି, କିନ୍ତୁ ଏହା ପାଳନ କରିବା ସତ୍ତ୍ୱେ ଯଦି ପରିଣାମତଃ ଭଗବାନଙ୍କୁ ବୁଝିବା ସ୍ତରକୁ ଆସି ନ ପାରେ, ତାହାହେଲେ ତା'ର ସମସ୍ତ ଜ୍ଞାନ ଆହରଣ ନିଷ୍ଫଳ ହୋଇଛି ବୋଲି ବୁଝିବାକୁ ହେବ । ତେଣୁ ବ୍ୟକ୍ତି କ୍ରମଶଃ ନିଜକୁ କୃଷ୍ଣଚେତନା ସ୍ତରକୁ ବା ଭକ୍ତିଯୋଗ ମାର୍ଗକୁ ଉନ୍ନୀତ କରାଇବା ଉଚିତ୍; ତାହାହେଲେ ସେ ଜୀବ ପରମଗତି ବା ସର୍ବୋଚ୍ଚ ସିଦ୍ଧି ଅବସ୍ଥା ଲାଭ କରିପାରିବ । ଅନ୍ୟଥା ଏହା ସମ୍ଭବ ନୁହେଁ ।

ଏଠାରେ ବ୍ୟବହୃତ 'କାମ-କାରତଃ' ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ । ଯେଉଁ ବ୍ୟକ୍ତି ଜାଣିଶୁଣି ଶାସ୍ତ୍ରବିଧିକୁ ଲଂଘନ କରେ, ସେ କାମର ବଶବର୍ତ୍ତୀ ହୋଇ ଏହା କରେ ବୋଲି ବୁଝିବାକୁ ହେବ । ସେ ଜାଣେ ଯେ ଏହା ନିଷିଦ୍ଧ କର୍ମ ଅଟେ, ତଥାପି ସେ ତାହା ଆଚରଣ କରେ । ଏହାକୁ ମନମୁତାବକ କର୍ମାଚରଣ କରିବା କୁହାଯାଏ । ସେ ଜାଣେ ଯେ ଏହା କରିବା ଉଚିତ୍; କିନ୍ତୁ ସେ ତାହା କରେ ନାହିଁ; ତେଣୁ ତାକୁ ମନଇଚ୍ଛା କାମ କରୁଛି ବୋଲି କୁହାଯାଏ । ଏ ପ୍ରକାର ଲୋକେ ଭଗବାନଙ୍କ ଦ୍ୱାରା ଦଣ୍ଡିତ ହୁଅନ୍ତି । ଏ ପ୍ରକାର ଲୋକେ ମାନବ ଜୀବନର ପରମଗତି (ବା ପୂର୍ଣ୍ଣତା) ଲାଭ କରିପାରନ୍ତି ନାହିଁ । ବିଶେଷକରି ମାନବ ଜୀବନ ନିଜ ସ୍ଥିତିର ବିଶୁଦ୍ଧିକରଣ ନିମିତ୍ତ ଉଦ୍ଦିଷ୍ଟ ଏବଂ ଯେ ଶାସ୍ତ୍ର ନିର୍ଦ୍ଦେଶ ବା ବିଧିବିଧାନ ପାଳନ ନକରେ ସେ କଦାପି ନିଜକୁ ବିଶୁଦ୍ଧ କରିପାରିବ ନାହିଁ କିମ୍ବା ସେ ବାସ୍ତବ ସୁଖର ସ୍ତର ଲାଭ କରିପାରିବ ନାହିଁ ।

## ଶ୍ଲୋକ - ୨୪

**ତସ୍ମାଚ୍ଛାସ୍ତ୍ରଂ ପ୍ରମାଣଂ ତେ କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ ।**
**ଜ୍ଞାତ୍ୱା ଶାସ୍ତ୍ରବିଧାନୋକ୍ତଂ କର୍ମ କର୍ତୁମିହାର୍ହସି ।।୨୪।।**

## ଶବ୍ଦାନୁବାଦ

ତସ୍ମାତ୍=ତେଣୁ; ଶାସ୍ତ୍ରମ୍=ଶାସ୍ତ୍ର; ପ୍ରମାଣମ୍=ପ୍ରମାଣ; ତେ=ତୁମର; କାର୍ଯ୍ୟ=କର୍ତ୍ତବ୍ୟ (କାର୍ଯ୍ୟ); ଅକାର୍ଯ୍ୟ=ନିଷିଦ୍ଧ କର୍ମ; ବ୍ୟବସ୍ଥିତୌ=ସ୍ଥିରକରି; ଜ୍ଞାତ୍ୱା=ଜାଣି;ଶାସ୍ତ୍ର=ଶାସ୍ତ୍ରର; ବିଧାନ=ବିଧିବିଧାନ; ଉକ୍ତମ୍=ଯେପରି କୁହାଯାଇଛି; କର୍ମ=କାର୍ଯ୍ୟ; କର୍ତୁମ୍=କରିବାକୁ; ଇହ ଅର୍ହସି=ତୁମର ଏହା କରିବା ଉଚିତ୍ ।

## ଅନୁବାଦ

**ଶାସ୍ତ୍ର ପ୍ରମାଣ ଅନୁଯାୟୀ ବ୍ୟକ୍ତିକୁ ବୁଝିବାକୁ ହେବ କ'ଣ କର୍ତ୍ତବ୍ୟ ଓ କ'ଣ ଅକର୍ତ୍ତବ୍ୟ (ଅର୍ଥାତ୍ ନିଷିଦ୍ଧ କର୍ମ ଅଟେ) । ଏହା ଜାଣି ଅର୍ଥାତ୍ - ଏସବୁ ବିଧି-ବିଧାନ ଓ ଶାସ୍ତ୍ରପ୍ରମାଣ ଆଦି ଜାଣି ବ୍ୟକ୍ତି ଏପରିଭାବରେ କର୍ମ କରିବା ଉଚିତ୍; ଯେପରି'କି ସେ କ୍ରମଶଃ ଉନ୍ନତସ୍ତର ଲାଭ କରିପାରିବ।**

## ଭାବାର୍ଥ

ପଞ୍ଚଦଶ ଅଧ୍ୟାୟରେ କୁହାଯାଇଛି ଯେ ବେଦରେ ବର୍ଣ୍ଣିତ ସମସ୍ତ ବିଧି-ବିଧାନ କୃଷ୍ଣଙ୍କୁ ଜାଣିବା ନିମିତ୍ତ ଉଦ୍ଦିଷ୍ଟ ।ଯଦି କୌଣସି ବ୍ୟକ୍ତି ଭଗବଦ୍ ଗୀତାରୁ କୃଷ୍ଣଙ୍କୁ ଜାଣିପାରେ ଏବଂ ଭକ୍ତିଯୋଗ ମାର୍ଗରେ ସେବାରତ ହୋଇ କୃଷ୍ଣଚେତନାସ୍ତରରେ ଅବସ୍ଥାନ କରିପାରେ, ତାହାହେଲେ ବୁଝିବାକୁ ହେବ ଯେ ସେ ବୈଦିକ ଜ୍ଞାନ-ଆହରଣରୁ ଲବ୍ଧଜୀବନର ସର୍ବୋଚ୍ଚ ସ୍ତର ବା ପୂର୍ଣ୍ଣତା ଲାଭ କରିପାରିଛି ।ଶ୍ରୀ ଚୈତନ୍ୟ ମହାପ୍ରଭୁ ଏ ମାର୍ଗକୁ ବଡ଼ ସହଜ କରିଛନ୍ତି ।ସେ ଲୋକମାନଙ୍କୁ କହିଛନ୍ତି କେବଳ ହରେକୃଷ୍ଣ କୀର୍ତ୍ତନ କର, କୀର୍ତ୍ତନ କରି ଗ୍ରଳ— *''ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ । ହରେରାମ ହରେରାମ ରାମ ରାମ ହରେ ହରେ ।''* ସର୍ବଦା ଭଗବାନଙ୍କର ସେବାରତ ହୁଅ ଏବଂ ଭଗବାନଙ୍କୁ ଅର୍ପିତ ଦିବ୍ୟ ପ୍ରସାଦ (ବା ଖାଦ୍ୟ) ସେବନ କର ।ଯେଉଁ ବ୍ୟକ୍ତି ପ୍ରତ୍ୟକ୍ଷଭାବରେ ଭକ୍ତିଯୋଗ ମାର୍ଗରେ ଏହିସବୁ କର୍ମରେ ରତ ହୋଇଥାଏ, ବୁଝିବାକୁ ହେବ ଯେ ସେ ସମସ୍ତ ବୈଦିକ ସାହିତ୍ୟ ଅଧ୍ୟୟନ କରି ସାରିଛି ।ସେ ନିର୍ଭୁଲଭାବରେ ଉପଯୁକ୍ତ ସିଦ୍ଧାନ୍ତରେ ହିଁ ଉପନୀତ ହୋଇଛି ।ଅବଶ୍ୟ ସାଧାରଣ ଲୋକଙ୍କପାଇଁ; ଅର୍ଥାତ୍ - ଯେଉଁମାନେ କୃଷ୍ଣଚେତନଶୀଳ ନୁହଁନ୍ତି କିମ୍ବା ଭଗବାନଙ୍କ ସେବାରେ ନିଯୁକ୍ତ ହୋଇ ନାହାନ୍ତି, ସେମାନଙ୍କ ପକ୍ଷରେ କ'ଣ କରଣୀୟ ଓ କ'ଣ କରଣୀୟ ନୁହେଁ—ତାହା ବେଦର ପ୍ରମାଣ ଅନୁଯାୟୀ ସ୍ଥିର କରିବାକୁ ହେବ ।ବିନା ଦ୍ୱିଧାରେ ବା ବିନା ଯୁକ୍ତିରେ ବ୍ୟକ୍ତିକୁ ତଦନୁଯାୟୀ କର୍ମ କରିବାକୁ ପଡ଼ିବ ।ଏହାକୁ ଶାସ୍ତ୍ରପ୍ରମାଣ ଅନୁଯାୟୀ କର୍ମକରିବା କୁହାଯାଏ ।ବଦ୍ଧଜୀବଠାରେ ଦେଖାଯାଇଥିବା ଗ୍ରରୋଟି ଦୋଷ ଅର୍ଥାତ୍ - ତା'ର ଇନ୍ଦ୍ରିୟଗୁଡ଼ିକ ଦୋଷଯୁକ୍ତ, ତା'ର ଠକିବା ମନୋବୃତ୍ତି ଅଛି, ସେ ନିଶ୍ଚୟ ଭୁଲ କରିବ ଏବଂ ସେ ନିଶ୍ଚୟ ମାୟାମୋହିତ ହେବ।ବଦ୍ଧଜୀବଠାରେ

ଦେଖାଯାଉଥିବା ଏ ସ୍ୱରୋଟି ପ୍ରଧାନ ଦୋଷ ବ୍ୟକ୍ତିକୁ ଶାସ୍ତ୍ରପ୍ରମାଣ ମାନିବାକୁ ବାରଣ କରେ । ତେଣୁ ଶାସ୍ତ୍ରରେ କଥିତ ବିଧି-ବିଧାନକୁ ସମସ୍ତ ବିଶିଷ୍ଟ ସାଧୁ-ସନ୍ଥ, ଆଚାର୍ଯ୍ୟ ଓ ମହାତ୍ମାଗଣ ମାନି ନେଇଛନ୍ତି; କାରଣ ଏଗୁଡ଼ିକ ନିର୍ଦ୍ଦୋଷ ଅଟେ ।

ଭାରତରେ ଧର୍ମ ପ୍ରଚାରକ ବା ଧର୍ମସଂସ୍ଥା ନାମରେ ଅନେକ ଦଳ ଅଛନ୍ତି । ସାଧାରଣତଃ ସେମାନେ ଦୁଇଭାଗରେ ବିଭକ୍ତ, ଯଥା-ନିରାକାରବାଦୀ ଓ ସାକାରବାଦୀ । ଅବଶ୍ୟ ଉଭୟେ ବୈଦିକ ନୀତି ଅନୁଯାୟୀ ଜୀବନଯାପନ କରନ୍ତି । ଶାସ୍ତ୍ରପ୍ରମାଣ ବା ଶାସ୍ତ୍ରନିର୍ଦ୍ଦେଶକୁ ଅନୁସରଣ ନ କଲେ, ବ୍ୟକ୍ତି କଦାପି ପୂର୍ଣ୍ଣତାପ୍ରାପ୍ତି ସ୍ତରକୁ ଉନ୍ନୀତ ହୋଇ ପାରିବ ନାହିଁ, ତେଣୁ ଯେ ବାସ୍ତବରେ ଶାସ୍ତ୍ରତତ୍ତ୍ୱବେତ୍ତା ଅଟେ ବା ଶାସ୍ତ୍ରବାଣୀକୁ ଭଲରକମ ହୃଦୟଙ୍ଗମ କରିପାରିଅଛି ସେ ଭାଗ୍ୟବାନ୍ ଅଟେ ।

ମାନବ ସମାଜରେ ପରମପୁରୁଷ ଭଗବାନଙ୍କୁ ଜାଣିବା ନିମିତ୍ତ ଉଦ୍ଦିଷ୍ଟ ନୀତିକୁ ବା ପଦ୍ଧତିକୁ ଲଙ୍ଘନ କରିବା ସମସ୍ତପ୍ରକାର ଅଧୋଗତିର କାରଣ ଅଟେ । ଏହା ହେଉଛି ମାନବ ଜୀବନରେ ବିରାଟ ଅପରାଧ । ତେଣୁ ପରମପୁରୁଷ ଭଗବାନଙ୍କର ଭୌତିକ ଶକ୍ତି ମାୟା ସର୍ବଦା ଆମ୍ଭମାନଙ୍କୁ ତ୍ରିଗୁଣାତ୍ମିକା ପ୍ରକୃତି ହିସାବରେ ଦୁଃଖ ହିଁ ଦେଉଛି । ଏ ଭୌତିକ ଶକ୍ତି ତ୍ରିଗୁଣାତ୍ମିକା ଅଟେ । ପରମପୁରୁଷ ଭଗବାନଙ୍କୁ ବୁଝିବା ପୂର୍ବରୁ ବା ବୁଝିବାର ପଥ ଉନ୍ମୁକ୍ତ କରିବା ପୂର୍ବରୁ ବ୍ୟକ୍ତି ସତ୍ତ୍ୱସ୍ତରକୁ ଉନ୍ନୀତ ହେବା ଉଚିତ୍ । ବ୍ୟକ୍ତି ନିଜକୁ ସତ୍ତ୍ୱସ୍ତରକୁ ଉନ୍ନୀତ ନ କଲେ, ରଜ ଓ ତମୋଗୁଣ ସ୍ତରରେ ରହିଯିବ । ଏହା ଅସୁର ଜୀବନର କାରଣ ଅଟେ । ଯେଉଁମାନେ ରଜୋଗୁଣ ଓ ତମୋଗୁଣର ବଶବର୍ତ୍ତୀ ହୋଇଥା'ନ୍ତି, ସେମାନେ ଶାସ୍ତ୍ର-ନିନ୍ଦା କରନ୍ତି, ସାଧୁସନ୍ଥଙ୍କୁ ନିନ୍ଦା କରନ୍ତି ଏବଂ ଆଚାର୍ଯ୍ୟ ବା ଗୁରୁଙ୍କୁ ଠିକ୍‌ରକମ ବୁଝି ନପାରି ନିନ୍ଦା କରନ୍ତି ଏବଂ ସେମାନେ ମଧ୍ୟ ଶାସ୍ତ୍ର-ନିର୍ଦ୍ଦେଶକୁ ଖାତିର୍ କରନ୍ତି ନାହିଁ । ଭକ୍ତିଯୋଗର ମାହାତ୍ମ୍ୟ ଶ୍ରବଣକରିବା ସତ୍ତ୍ୱେ ସେମାନେ ସେଥିପ୍ରତି ଆକୃଷ୍ଟ ହୁଅନ୍ତି ନାହିଁ । ଏହିପରି ସେମାନେ ନିଜ ନିଜ ଢ଼ଙ୍ଗରେ ବା ନିଜ ନିଜ ମନମୁତାବକ ଉନ୍ନତିର ପନ୍ଥା ନିର୍ଦ୍ଧାରଣ କରନ୍ତି । ଏ ହେଉଛି ମାନବ ସମାଜରେ ଥିବା କେତେକ ଦୋଷ । ଏହା ମାନବକୁ ଅସୁର-ଜୀବନଯାପନ କରିବାକୁ ଦିଏ । ଯଦି କୌଣସି ବ୍ୟକ୍ତି ଭାଗ୍ୟବଶତଃ ଜଣେ ଉପଯୁକ୍ତ ଗୁରୁ ବା ଆଚାର୍ଯ୍ୟଙ୍କ ସଂସ୍ପର୍ଶରେ ଆସି ପାରିଲା ଏବଂ ତାଙ୍କର ନିର୍ଦ୍ଦେଶ ଅନୁଯାୟୀ ଜୀବନଯାପନ କରିପାରିଲା, (କାରଣ ଜଣେ ଉପଯୁକ୍ତ ଆଚାର୍ଯ୍ୟ ବା ଗୁରୁହିଁ ବ୍ୟକ୍ତିକୁ ଉନ୍ନତସ୍ତରକୁ ଯାତ୍ରା କରିବାର ମାର୍ଗ ନିର୍ଦ୍ଦେଶ କରିପାରନ୍ତି), ତାହାହେଲେ ତାହାର ଜୀବନ ସଫଳ ହେବ, ଅର୍ଥାତ୍—ସେ ଜୀବନରେ ପରମଗତି ହିଁ ଲାଭ କରିପାରିବ ।

**ଭକ୍ତିବେଦାନ୍ତ ଭାଷ୍ୟର ଶ୍ରୀମଦ୍ ଭଗବଦ୍‌ଗୀତାର "ଦୈବାସୁରସଂପଦ ବିଭାଗଯୋଗ" ଶୀର୍ଷକ ଷୋଡ଼ଶ ଅଧ୍ୟାୟ ଶେଷହେଲା ।**

—o—

# ସପ୍ତଦଶ ଅଧ୍ୟାୟ

## ଶ୍ରଦ୍ଧାତ୍ରୟବିଭାଗଯୋଗ

### (ଶ୍ରଦ୍ଧାର ତିନି ଭେଦ)

### ଶ୍ଳୋକ-୧

**ଅର୍ଜୁନ ଉବାଚ**

**ଯେ ଶାସ୍ତ୍ରବିଧିମୁତ୍ସୃଜ୍ୟ ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ ।**
**ତେଷାଂ ନିଷ୍ଠା ତୁ କା କୃଷ୍ଣ ସତ୍ତ୍ୱମାହୋ ରଜସ୍ତମଃ ।।୧।।**

### ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; ଯେ=ଯେଉଁମାନେ; ଶାସ୍ତ୍ର-ବିଧିମ୍=ଶାସ୍ତ୍ରବିଧି ବା ଶାସ୍ତ୍ରନିର୍ଦ୍ଦେଶ; ଉତ୍ସୃଜ୍ୟ=ଲଙ୍ଘନ କରି; ଯଜନ୍ତେ=ଆରାଧନା କରନ୍ତି; ଶ୍ରଦ୍ଧୟା=ପୂର୍ଣ୍ଣ ଶ୍ରଦ୍ଧା ବା ବିଶ୍ୱାସରେ; ଅନ୍ୱିତାଃ=ଅଧିକାରୀ ହୋଇ; ତେଷାଂ=ସେମାନଙ୍କର; ନିଷ୍ଠା=ବିଶ୍ୱାସ (ବା ନିଷ୍ଠା); ତୁ=କିନ୍ତୁ; କା=କି'ପ୍ରକାର; କୃଷ୍ଣ=ହେ କୃଷ୍ଣ; ସତ୍ତ୍ୱମ୍=ସତ୍ତ୍ୱଗୁଣରେ; ଆହୋ=କୁହାଯାଏ; ରଜଃ=ରଜୋଗୁଣରେ; ତମଃ=ତମୋଗୁଣରେ ।

### ଅନୁବାଦ

**ଅର୍ଜୁନ କହିଲେ, "ହେ କୃଷ୍ଣ ! ଯେଉଁ ବ୍ୟକ୍ତି ଶାସ୍ତ୍ର ନିର୍ଦ୍ଦେଶ ନ ମାନି ନିଜ ମନ ଇଚ୍ଛା (ବା ନିଜ ଖୁସି ଅନୁଯାୟୀ) ପୂଜା ବା ଆରାଧନା କରେ, ସେ କି' ପ୍ରକାର ଅଟେ ?**

**ସେ ସତ୍ତ୍ୱଗୁଣରେ ନା' ରଜୋଗୁଣରେ ନା' ତମୋଗୁଣରେ ଅବସ୍ଥାନ କରେ ? (ସେ କେଉଁ ଗୁଣରେ ଅବସ୍ଥାନ କରେ) ?**

## ଭାବାର୍ଥ

ଚତୁର୍ଥ ଅଧ୍ୟାୟର ୩୯ଶ ଶ୍ଳୋକରେ କୁହାଯାଇଛି ଯେ ଏକ ଶ୍ରଦ୍ଧାବାନ୍ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ପ୍ରକାର ପୂଜା ବା ଆରାଧନା ପ୍ରତି ଶ୍ରଦ୍ଧା ବା ନିଷ୍ଠା ପ୍ରକାଶକଲେ କ୍ରମଶଃ ସେ ଜ୍ଞାନ ଭୂମିକାକୁ ଉନ୍ନୀତ ହୁଏ ଏବଂ କ୍ରମେ ସର୍ବୋଚ୍ଚ ସିଦ୍ଧାବସ୍ଥା, ଅର୍ଥାତ୍ -ଶାନ୍ତି ଓ ସମୃଦ୍ଧିର ଅବସ୍ଥା ଲାଭ କରେ । ଷୋଡ଼ଶ ଅଧ୍ୟାୟରେ ଏହି ସିଦ୍ଧାନ୍ତ ପ୍ରକାଶ କରାଯାଇଅଛି ଯେ ଯେଉଁ ବ୍ୟକ୍ତି ଶାସ୍ତ୍ର ଅନୁସରଣ ନକରେ ତାହାକୁ ଅସୁର କୁହାଯାଏ ଏବଂ ଯେ ଶ୍ରଦ୍ଧା ବା ବିଶ୍ୱାସ ସହକାରେ ଶାସ୍ତ୍ର ନିର୍ଦ୍ଦେଶକୁ ମାନେ ତାକୁ ଦେବତା କୁହାଯାଏ । ବର୍ତ୍ତମାନ ଏହି ପ୍ରଶ୍ନ ଉଠୁଛି - ଯଦି କେହି ଶାସ୍ତ୍ରରେ ନିର୍ଦ୍ଦିଷ୍ଟ କରାଯାଇ ନଥିବା କୌଣସି ବିଧି ବା ନିର୍ଦ୍ଦେଶ ଅନୁସରଣ କରେ, ତାହାର ସ୍ଥାନ କେଉଁଠାରେ ? ଅର୍ଜୁନଙ୍କର ଏ ସନ୍ଦେହକୁ କୃଷ୍ଣହିଁ ଦୂର କରିବେ । ଯେଉଁମାନେ ମନମୁତାବକ ଏକ ଭଗବାନ୍ ସୃଷ୍ଟି କରନ୍ତି ଅଥାର୍ତ୍-କୌଣସି ଏକ ଅଧିକ କ୍ଷମତାସଂପନ୍ନ ମାନବକୁ ଭଗବାନ୍ ରୂପେ ସ୍ୱୀକାର କରି ଏବଂ ତାଙ୍କଠାରେ ଶ୍ରଦ୍ଧା ବା ବିଶ୍ୱାସ ସ୍ଥାପନ କରି ତାଙ୍କୁ ପୂଜା କରନ୍ତି, ସେମାନେ କେଉଁ ଶ୍ରେଣୀରେ ଅନ୍ତର୍ଗତ ? ସେମାନେ ସତ୍ତ୍ୱଗୁଣାଶ୍ରୟୀ କିମ୍ବା ରଜୋଗୁଣାଶ୍ରୟୀ କିମ୍ବା ତମୋଗୁଣାଶ୍ରୟୀ ଅଟନ୍ତି ? ଏ ପ୍ରକାର ଲୋକେ ଜୀବନରେ ପରମଗତି ଲାଭ କରିପାରନ୍ତି କି ? ଏମାନଙ୍କ ପକ୍ଷରେ ପ୍ରକୃତ ଜ୍ଞାନ ଭୂମିକାରେ ଅବସ୍ଥାନ କରିବା ସମ୍ଭବପର କି ? ଏମାନେ ସର୍ବୋଚ୍ଚ ସିଦ୍ଧିଲାଭ ସ୍ତରକୁ ନିଜକୁ ଉନ୍ନୀତ କରିପାରିବା ସମ୍ଭବ କି ? ଯେଉଁମାନେ ଶାସ୍ତ୍ର ବିଧି-ନିର୍ଦ୍ଦେଶ ମାନନ୍ତି ନାହିଁ, କିନ୍ତୁ ନିଜ ମନ ମୁତାବକ ଏକ ବିଶ୍ୱାସର ବଶବର୍ତ୍ତୀ ହୋଇଥା'ନ୍ତି ଏବଂ ଅନ୍ୟ ଦେବତା କିମ୍ବା କୌଣସି ଶକ୍ତିଶାଳୀ ମାନବକୁ ପୂଜା କରନ୍ତି, ସେମାନେ ସେମାନଙ୍କ ପ୍ରଚେଷ୍ଟାରେ ସଫଳକାମ ହୁଅନ୍ତି କି ? ଅର୍ଜୁନ ବର୍ତ୍ତମାନ ଏହି କେତେକ ପ୍ରଶ୍ନ କୃଷ୍ଣଙ୍କୁ ପଚାରୁଛନ୍ତି ।

## ଶ୍ଳୋକ - ୨

### ଶ୍ରୀଭଗବାନୁବାଚ

**ତ୍ରିବିଧା ଭବତି ଶ୍ରଦ୍ଧା ଦେହିନାଂ ସା ସ୍ୱଭାବଜା ।**
**ସାତ୍ତ୍ୱିକୀ ରାଜସୀ ଚୈବ ତାମସୀ ଚେତି ତାଂ ଶୃଣୁ ।।୨।।**

### ଶବ୍ଦାନୁବାଦ

ଶ୍ରୀଭଗବାନ୍ ଉବାଚ=ଶ୍ରୀଭଗବାନ୍ କହିଲେ; ତ୍ରିବିଧା=ତିନି ପ୍ରକାର; ଭବତି=ଅଛି; ଶ୍ରଦ୍ଧା=ଶ୍ରଦ୍ଧା ବା ବିଶ୍ୱାସ; ଦେହିନାଂ=ଦେହୀର; ସା=ତାହା; ସ୍ୱଭାବଜା=ବ୍ୟକ୍ତିର ତ୍ରିଗୁଣମୟୀ ପ୍ରକୃତି ଅନୁଯାୟୀ; ସାତ୍ତ୍ୱିକୀ=ସତ୍ତ୍ୱଗୁଣ ବିଶିଷ୍ଟ; ରାଜସୀ=ରଜୋଗୁଣ ବିଶିଷ୍ଟ; ଚ=ମଧ୍ୟ; ଏବ=ନିଶ୍ଚିତରୂପେ; ତାମସୀ=ତମୋଗୁଣ ବିଶିଷ୍ଟ; ଚ=ଏବଂ; ଇତି=ଏହିପରି; ତାଂ=ତାହା; ଶୃଣୁ=ମୋ'ଠାରୁ ଶୁଣ ।

## ଅନୁବାଦ

**ପରମପୁରୁଷ ଭଗବାନ୍ କହିଲେ, ''ଜୀବାତ୍ମାଦ୍ୱାରା ଲବ୍ଧ ପ୍ରକୃତିର ଗୁଣାନୁଯାୟୀ ବ୍ୟକ୍ତିର ଶ୍ରଦ୍ଧା ବା ବିଶ୍ୱାସ ତିନି ପ୍ରକାର ହୋଇପାରେ; ଯଥା-ସାତ୍ତ୍ୱିକ ଶ୍ରଦ୍ଧା, ରାଜସିକ ଶ୍ରଦ୍ଧା ଏବଂ ତାମସିକ ଶ୍ରଦ୍ଧା । ବର୍ତ୍ତମାନ (ମୋ'ଠାରୁ) ସେ ସବୁ କଥା ଶୁଣ ।**

## ଭାବାର୍ଥ

ଯେଉଁମାନେ ଶାସ୍ତ୍ରବିଧି ବା ଶାସ୍ତ୍ର-ନିର୍ଦ୍ଦେଶ ଜାଣିଥା'ନ୍ତି, କିନ୍ତୁ ଆଳସ୍ୟର ବଶବର୍ତ୍ତୀ ହୋଇ ସେ ସବୁ ବିଧି-ନିର୍ଦ୍ଦେଶ ପାଳନ କରନ୍ତି ନାହିଁ, ସେମାନେ ଭୂତପ୍ରକୃତିର ତ୍ରିଗୁଣଦ୍ୱାରା ନିୟନ୍ତ୍ରିତ ହୁଅନ୍ତି । ପୂର୍ବଜନ୍ମର କର୍ମ ଅର୍ଥାତ୍ ପୂର୍ବଜନ୍ମରେ ସେମାନେ ସତ୍ତ୍ୱ, ରଜ କିମ୍ବା ତମୋଗୁଣାଧୀନ ହୋଇ ଯେଉଁ ସବୁ କର୍ମ କରିଥା'ନ୍ତି, ସେହି ଅନୁଯାୟୀ ସେମାନେ ଏକ ପ୍ରକୃତି ଇହ ଜନ୍ମରେ ପ୍ରାପ୍ତ ହୁଅନ୍ତି । ଜୀବ, ଭୂତପ୍ରକୃତିର ସଂସ୍ପର୍ଶରେ ଆସୁଥିବାରୁ ପ୍ରକୃତିର ବିଭିନ୍ନ ଗୁଣ ସହ ଜୀବର ସଂସର୍ଗ ଚିରନ୍ତନ ଭାବେ ରହିଛି । ଜୀବର ପ୍ରକୃତିର ଏଗୁଣମାନଙ୍କ ସହ ସଂପର୍କ ନେଇ ତାର ମନବୃତ୍ତି ଗଠିତ ହୁଏ, କିନ୍ତୁ ଏ ପ୍ରକୃତିର ପରିବର୍ତ୍ତନ ହୋଇ ପାରିବ, ଯେତେବେଳେ ଜୀବ ଏକ ଉପଯୁକ୍ତ ଗୁରୁ ବା ଆଚାର୍ଯ୍ୟଙ୍କର ସଙ୍ଗଲାଭ କରିପାରିବ ଏବଂ ତାଙ୍କର ନିର୍ଦ୍ଦେଶ, ଶାସ୍ତ୍ରନିର୍ଦ୍ଦେଶ ବା ନିୟମକୁ ପାଳନ କରି ପାରିବ । ସାଧାରଣତଃ ବ୍ୟକ୍ତି ତମୋଗୁଣରୁ ସତ୍ତ୍ୱଗୁଣକୁ କିମ୍ବା ରଜୋଗୁଣରୁ ସତ୍ତ୍ୱଗୁଣକୁ ନିଜର ଅବସ୍ଥାନ ପରିବର୍ତ୍ତନ କରିପାରେ । ଶେଷ କଥା ହେଉଛି, କୌଣସି ଏକ ନିର୍ଦ୍ଦିଷ୍ଟ ପ୍ରାକୃତିକ ଗୁଣକୁ ଅନ୍ଧଭାବରେ ଅନୁସରଣ କଲେ, ବ୍ୟକ୍ତି କଦାପି ପରମସିଦ୍ଧି ଅବସ୍ଥାକୁ ଉନ୍ନୀତ ହୋଇପାରିବ ନାହିଁ । ଏକ ଉପଯୁକ୍ତ ଆଚାର୍ଯ୍ୟ ବା ଗୁରୁଙ୍କ ସାହଚର୍ଯ୍ୟରେ ବ୍ୟକ୍ତି ବଡ଼ ସାବଧାନ ସହକାରେ ବୁଦ୍ଧି ବିବେକ ଖଟାଇ ବିଚାର କରିବା ଉଚିତ୍ । ଏହିପରି ବ୍ୟକ୍ତି ନିଜର ଅବସ୍ଥାକୁ ପରିବର୍ତ୍ତନ କରିପାରେ-ନୀଚତର ଗୁଣାବସ୍ଥାନରୁ, ଉଚ୍ଚତର ଗୁଣାବସ୍ଥାନକୁ ନିଜକୁ ପରିବର୍ତ୍ତନ କରିପାରେ ବା ସ୍ଥାନାନ୍ତର କରିପାରେ ।

## ଶ୍ଲୋକ - ୩

**ସତ୍ତ୍ୱାନୁରୂପା ସର୍ବସ୍ୟ ଶ୍ରଦ୍ଧା ଭବତି ଭାରତ ।**
**ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ ।।୩ ।।**

## ଶବ୍ଦାନୁବାଦ

ସତ୍ତ୍ୱ-ଅନୁରୂପା=ସ୍ଥିତି ଅନୁଯାୟୀ; ସର୍ବସ୍ୟ=ପ୍ରତ୍ୟେକଙ୍କର; ଶ୍ରଦ୍ଧା=ଶ୍ରଦ୍ଧା (ବା ବିଶ୍ୱାସ); ଭବତି=ହୁଏ; ଭାରତ=ହେ ଭରତପୁତ୍ର; ଶ୍ରଦ୍ଧାମୟ=ଶ୍ରଦ୍ଧାଯୁକ୍ତ; ଅୟଂ=ଏହି; ପୁରୁଷଃ=ଜୀବ; ଯଃ=ଯେ; ଯତ୍=ଯେପରି (ଯାହା); ଶ୍ରଦ୍ଧଃ=ବିଶ୍ୱାସ ବା ଶ୍ରଦ୍ଧା; ସଃ=ସେ; ଏବ=ନିଶ୍ଚିତଭାବେ; ସଃ=ସେ ।

## ଅନୁବାଦ

**ପ୍ରକୃତିର ବିଭିନ୍ନ ଗୁଣରେ ଅବସ୍ଥାନ ଅନୁଯାୟୀ ବ୍ୟକ୍ତିର ବିଶ୍ୱାସ ବା ଶ୍ରଦ୍ଧା ବୃଦ୍ଧି ପାଏ । ସେ ଯେଉଁ ଗୁଣର (ଭୂତପ୍ରକୃତିର ତ୍ରିଗୁଣ ମଧ୍ୟରୁ ଯେଉଁ ଗୁଣର) ଅଧିକାରୀ**

**ହୋଇଥାଏ, କଥିତ ଅଛି ଯେ, ସେହି ଗୁଣ ଅନୁଯାୟୀ ସେ ସେହି ପ୍ରକାର ବିଶ୍ୱାସ ବା ଶ୍ରଦ୍ଧାର ବଶବର୍ତ୍ତୀ ହୁଏ ।**

## ଭାବାର୍ଥ

ଯାହା ହେଉନା କାହିଁକି, ପ୍ରତ୍ୟେକଙ୍କର ଏକ ପ୍ରକାର ଶ୍ରଦ୍ଧା ବା ବିଶ୍ୱାସ ଅଛି । କିନ୍ତୁ ସେ ଶ୍ରଦ୍ଧା ତା'ର କି'ପ୍ରକାର, ସତ୍ତ୍ୱାନୁରୂପା ବା ରଜୋଗୁଣମୟୀ ବା ତମୋଗୁଣମୟୀ-ଏହା ତାହାର ପ୍ରକୃତି ଅନୁଯାୟୀ ହୋଇଥାଏ । ବ୍ୟକ୍ତି ତା'ର ଶ୍ରଦ୍ଧା ବା ବିଶ୍ୱାସ ଅନୁଯାୟୀ ଅନ୍ୟମାନଙ୍କର ସଙ୍ଗଲାଭ କରେ । ବର୍ତ୍ତମାନ ପ୍ରକୃତ କଥା ହେଲା, ପ୍ରତ୍ୟେକ ଜୀବ ମୌଳିକଭାବେ ପରମେଶ୍ୱରଙ୍କର ଅଂଶବିଶେଷ ଅଟେ । ଏହା ପଞ୍ଚଦଶ ଅଧ୍ୟାୟରେ କୁହାଯାଇ ସାରିଛି । ତେଣୁ ଜୀବ ମୌଳିକଭାବେ ଭୂତପ୍ରକୃତିର ତ୍ରିଗୁଣଠାରୁ ଊର୍ଦ୍ଧ୍ୱରେ । କିନ୍ତୁ ଯେତେବେଳେ ବ୍ୟକ୍ତି ପରମପୁରୁଷ ଭଗବାନଙ୍କ ସହ ଥିବା ତା'ର ସମ୍ବନ୍ଧକୁ ଭୁଲିଯାଏ ଏବଂ ବଦ୍ଧଜୀବନରେ ଭୂତପ୍ରକୃତିର ସଂସ୍ପର୍ଶରେ ଆସେ, ସେତେବେଳେ ସେ ଭୂତପ୍ରକୃତିର ବିଭିନ୍ନ ଗୁଣର ସଂପର୍କ ଅନୁଯାୟୀ ନିଜ ସ୍ଥିତିକୁ ସୃଷ୍ଟିକରେ । ବ୍ୟକ୍ତିର ଏ କୃତ୍ରିମ ଶ୍ରଦ୍ଧା ବା ବିଶ୍ୱାସ ଏବଂ ସ୍ଥିତି-ଏସବୁ ଭୌତିକ ଅଟେ । ଯଦିଓ ବ୍ୟକ୍ତି କୌଣସି ଧାରଣାର ବଶବର୍ତ୍ତୀ ହୁଏ, ତଥାପି ମୌଳିକ ଭାବେ ସେ ନିର୍ଗୁଣ ବା ଦିବ୍ୟ ଅଟେ । ତେଣୁ ବ୍ୟକ୍ତିକୁ ଭୂତପ୍ରକୃତିର ସଂସ୍ପର୍ଶଜନିତ ଦୋଷରୁ ମୁକ୍ତ ହେବାକୁ ପଡ଼ିବ; ତାହା ନହେଲେ ପରମପୁରୁଷ ଭଗବାନଙ୍କ ସହ ଥିବା ତା'ର ସଂପର୍କକୁ ସେ ପୁନଃ ସ୍ଥାପନ କରି ପାରିବ ନାହିଁ । ଏ ହେଉଛି ନିର୍ଭୟଭାବରେ ଫେରିଯିବାର ଏକମାତ୍ର ପନ୍ଥା ଅର୍ଥାତ୍ କୃଷ୍ଣଭାବନା ହେଉଛି ଏକମାତ୍ର ପନ୍ଥା । ଯଦି ବ୍ୟକ୍ତି କୃଷ୍ଣଭାବନାରେ ଅବସ୍ଥାନ କରିଛି, ତାହାହେଲେ ସେ ନିଶ୍ଚୟ ଜୀବନରେ ପୂର୍ଣ୍ଣାବସ୍ଥା ଲାଭ କରିପାରିବ, ଏଥିରେ କୌଣସି ସନ୍ଦେହ ନାହିଁ । ଯଦି ସେ ଆତ୍ମାନୁଭୂତି ଲାଭର ଏ ମାର୍ଗ ଗ୍ରହଣ ନକରେ, ତାହାହେଲେ ସେ ଭୂତପ୍ରକୃତିର ତ୍ରିଗୁଣର ଅଧୀନ ନିଶ୍ଚୟ ହେବ, ଏଥିରେ କୌଣସି ସନ୍ଦେହ ନାହିଁ ।

ଏ ଶ୍ଳୋକରେ ବ୍ୟବହୃତ ''ସତ୍ତ୍ୱ'' (ଶ୍ରଦ୍ଧା ବା ବିଶ୍ୱାସ) ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ । ସତ୍ତ୍ୱଗୁଣାନୁଶ୍ରୟୀ ହୋଇ କର୍ମ କଲେ, ଅର୍ଥାତ୍ -ପୁଣ୍ୟକର୍ମ କଲେ ସତ୍ତ୍ୱ (ଅର୍ଥାତ୍ ଶ୍ରଦ୍ଧା ବା ବିଶ୍ୱାସ) ବରାବର ଆସେ । ବ୍ୟକ୍ତିର ଶ୍ରଦ୍ଧା ବା ବିଶ୍ୱାସ କୌଣସି ଦେବତା କିମ୍ବା ତା' ନିଜ ସୃଷ୍ଟ ଭଗବାନ୍ କିମ୍ବା ମାନସ କଳ୍ପିତ ଭଗବାନଙ୍କ ପ୍ରତି ଜାତ ହୋଇପାରେ । ମନୁଷ୍ୟର କୌଣସି ବିଷୟରେ ଦୃଢ଼ ବିଶ୍ୱାସ ବା ଶ୍ରଦ୍ଧା ଜନ୍ମିବାର କାରଣ ହେଲା ସତ୍ତ୍ୱଗୁଣ । କିନ୍ତୁ ଭୌତିକ ବଦ୍ଧଜୀବନରେ ଭୂତପ୍ରକୃତିଜନିତ କୌଣସି କର୍ମ ସଂପୂର୍ଣ୍ଣରୂପେ ବିଶୁଦ୍ଧ ନୁହେଁ । ସେଗୁଡ଼ିକ ମିଶ୍ର ଅଟେ । ସେମାନେ ଶୁଦ୍ଧସତ୍ତ୍ୱ ନୁହଁନ୍ତି । ଶୁଦ୍ଧସତ୍ତ୍ୱ ଦିବ୍ୟ ଅଟେ, ବ୍ୟକ୍ତି ଶୁଦ୍ଧସତ୍ତ୍ୱ ଅବସ୍ଥାରେ ରହିଲେ ପରମପୁରୁଷ ଭଗବାନଙ୍କର ପ୍ରକୃତିକୁ ବୁଝିପାରିବ । ଯେ ପର୍ଯ୍ୟନ୍ତ ବ୍ୟକ୍ତିର ଶ୍ରଦ୍ଧା ବା ବିଶ୍ୱାସ ସଂପୂର୍ଣ୍ଣରୂପେ ବିଶୁଦ୍ଧ ନ ହୋଇଛି, ଅର୍ଥାତ୍ - ଶୁଦ୍ଧସତ୍ତ୍ୱ ଅବସ୍ଥାକୁ ନ ଆସିଛି, ସେ ପର୍ଯ୍ୟନ୍ତ ଶ୍ରଦ୍ଧା ବା ବିଶ୍ୱାସ ଭୂତପ୍ରକୃତିର କୌଣସି ଗୁଣର ବଶବର୍ତ୍ତୀ ହୋଇ ଦୋଷଦୁଷ୍ଟ ହୁଏ । ଦୋଷଦୁଷ୍ଟ ଭୌତିକ ଗୁଣ ହୃଦୟକୁ ପ୍ରସାରିତ ହୁଏ । ତେଣୁ ହୃଦୟ ଭୂତପ୍ରକୃତିର କୌଣସି ଗୁଣର ସଂସ୍ପର୍ଶରେ ଆସିଲେ, ବ୍ୟକ୍ତିର ଶ୍ରଦ୍ଧା ସେହି ଅନୁଯାୟୀ ସୃଷ୍ଟି ହୁଏ । ତେଣୁ ଏହା ବୁଝିରଖିବା ଉଚିତ୍ ଯେ ଯଦି ବ୍ୟକ୍ତିର ହୃଦୟ ସତ୍ତ୍ୱଗୁଣ ବିଶିଷ୍ଟ ହୋଇଛି, ତାହାହେଲେ ତା'ର ଶ୍ରଦ୍ଧା ବା ବିଶ୍ୱାସ ନିଶ୍ଚୟ ସତ୍ତ୍ୱଗୁଣାନୁରୂପ ହେବ । ଯଦି ହୃଦୟ ରଜୋଗୁଣ ବିଶିଷ୍ଟ ହୋଇଛି,

ତାହାହେଲେ ଶ୍ରଦ୍ଧା ମଧ୍ୟ ରଜୋଗୁଣାନୁରୂପ ହେବ । ଯଦି ହୃଦୟ ତମୋଗୁଣ ବିଶିଷ୍ଟ ହୋଇଛି ବା ମାୟାମୋହିତ ହୋଇଛି, ତାହାହେଲେ ଶ୍ରଦ୍ଧା ବା ବିଶ୍ୱାସ ନିଶ୍ଚୟ ଦୋଷଯୁକ୍ତ ହେବ । ଏହିପରି ଆମେ ଏ ପୃଥିବୀରେ ବିଭିନ୍ନ ପ୍ରକାର ଶ୍ରଦ୍ଧା ବା ବିଶ୍ୱାସ ଦେଖିବାକୁ ପାଇବା ଏବଂ ବିଭିନ୍ନ ପ୍ରକାର ବିଶ୍ୱାସ ଅନୁଯାୟୀ ବିଭିନ୍ନ ପ୍ରକାର ଧର୍ମ ଅଛି । ପ୍ରକୃତ ଧାର୍ମିକ ବିଶ୍ୱାସ ଶୁଦ୍ଧସତ୍ତ୍ୱ ଉପରେ ଆଧାରିତ; କିନ୍ତୁ ହୃଦୟ ବିଭିନ୍ନ ଗୁଣରେ ରଞ୍ଜିତ ହୋଇଥିବାରୁ ଆମ୍ଭେମାନେ ବିଭିନ୍ନ ପ୍ରକାର ଧର୍ମମାର୍ଗ ଦେଖିବାକୁ ପାଉ । ଏହିପରି ବିଭିନ୍ନ ପ୍ରକାର ଶ୍ରଦ୍ଧା ବା ବିଶ୍ୱାସ ଯୋଗୁଁ ବିଭିନ୍ନ ପୂଜା ବା ଉପାସନା ରହିଛି ।

## ଶ୍ଲୋକ - ୪

**ଯଜନ୍ତେ ସାତ୍ତ୍ୱିକା ଦେବାନ୍ ଯକ୍ଷରକ୍ଷାଂସି ରାଜସାଃ ।**
**ପ୍ରେତାନ୍ ଭୂତଗଣାଂଶ୍ଚାନ୍ୟେ ଯଜନ୍ତେ ତାମସା ଜନାଃ ।।୪।।**

## ଶବ୍ଦାନୁବାଦ

ଯଜନ୍ତେ=ପୂଜା କରନ୍ତି; ସାତ୍ତ୍ୱିକାଃ=ସତ୍ତ୍ୱଗୁଣାଶ୍ରୟୀ ବ୍ୟକ୍ତିଗଣ; ଦେବାନ୍=ଅନ୍ୟ ଦେବତାଗଣ; ଯକ୍ଷରକ୍ଷାଂସି ରାଜସାଃ=ଯେଉଁମାନେ ରଜୋଗୁଣର ବଶବର୍ତ୍ତୀ ସେମାନେ ଯକ୍ଷରାକ୍ଷସର ପୂଜା କରନ୍ତି; ପ୍ରେତାନ୍=ପ୍ରେତଗଣ; ଭୂତଗଣାନ୍=ଭୂତଗଣ; ଚ ଅନ୍ୟେ=ଏବଂ ଅନ୍ୟମାନେ; ଯଜନ୍ତେ=ପୂଜା କରନ୍ତି; ତାମସାଃ=ତମୋଗୁଣର ବଶବର୍ତ୍ତୀ; ଜନାଃ=ଲୋକମାନେ ।

## ଅନୁବାଦ

**ଯେଉଁମାନେ ସତ୍ତ୍ୱଗୁଣର ବଶବର୍ତ୍ତୀ ସେମାନେ ଦେବତାପୂଜା କରନ୍ତି; ଯେଉଁମାନେ ରଜୋଗୁଣର ବଶବର୍ତ୍ତୀ ସେମାନେ ଯକ୍ଷ ରାକ୍ଷସର ପୂଜା କରନ୍ତି ଏବଂ ଯେଉଁମାନେ ତମୋଗୁଣର ବଶବର୍ତ୍ତୀ ସେମାନେ ଭୂତ-ପ୍ରେତର ପୂଜା କରନ୍ତି ।**

## ଭାବାର୍ଥ

ଏହି ଶ୍ଲୋକରେ ପରମପୁରୁଷ ଭଗବାନ୍ କହୁଛନ୍ତି କିପରି ବାହ୍ୟ କର୍ମାନୁଯାୟୀ ବିଭିନ୍ନପ୍ରକାର ପୂଜକ ଏ ଦୁନିଆଁରେ ଅଛନ୍ତି । ଶାସ୍ତ୍ର ନିର୍ଦ୍ଦେଶ ଅନୁଯାୟୀ କେବଳ ପରମପୁରୁଷ ଭଗବାନ୍ ହିଁ ପୂଜ୍ୟ ଅଟନ୍ତି; କିନ୍ତୁ ଯେଉଁମାନେ ଶାସ୍ତ୍ରବାଣୀ ଜାଣି ନଥା'ନ୍ତି କିମ୍ବା ତାକୁ ବିଶ୍ୱାସ କରନ୍ତି ନାହିଁ ସେହିମାନେ ସେମାନଙ୍କର ପ୍ରକୃତି ଅନୁଯାୟୀ ବିଭିନ୍ନ ପ୍ରକାର ପୂଜା କରନ୍ତି; ଅର୍ଥାତ୍ - ସେମାନେ ଭୂତପ୍ରକୃତିର ତ୍ରିଗୁଣ ମଧ୍ୟରୁ ଯେଉଁ ଗୁଣର ବଶବର୍ତ୍ତୀ ହୋଇଥା'ନ୍ତି ସେହି ଗୁଣାନୁଯାୟୀ ସେମାନଙ୍କ ପୂଜାର ଦେବତା ବା ବସ୍ତୁ ବାଛିଥା'ନ୍ତି । ଯେଉଁମାନେ ସତ୍ତ୍ୱଗୁଣର ଅଧିକାରୀ ହୋଇଥା'ନ୍ତି, ସେମାନେ ସାଧାରଣତଃ ଅନ୍ୟ ଦେବତା ପୂଜାକରନ୍ତି । ଅନ୍ୟଦେବତା କହିଲେ ସାଧାରଣତଃ ବ୍ରହ୍ମା, ଶିବ, ଇନ୍ଦ୍ର, ଚନ୍ଦ୍ର ଏବଂ ସୂର୍ଯ୍ୟଦେବତା ଆଦିଙ୍କୁ ବୁଝାଏ । ବିଭିନ୍ନପ୍ରକାର ଦେବତା ଅଛନ୍ତି । ଯେଉଁମାନେ ସତ୍ତ୍ୱଗୁଣର ଅଧିକାରୀ ହୋଇଥା'ନ୍ତି, ସେମାନେ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ନିମିତ୍ତ ଏକ ନିର୍ଦ୍ଦିଷ୍ଟ ଦେବତାଙ୍କୁ ପୂଜା କରନ୍ତି । ଠିକ୍ ସେହିପରି ଯେଉଁମାନେ ରଜୋଗୁଣର ଅଧିକାରୀ ହୋଇଥା'ନ୍ତି, ସେମାନେ ଯକ୍ଷ-ରାକ୍ଷସର ପୂଜା କରନ୍ତି । ଆମ୍ଭେମାନେ ଏଠାରେ ଗୋଟିଏ କଥା ମନେ ପକାଇ ଦେଉଛୁ । ତାହା ଏହି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ

କଲିକତାରେ ଜଣେ ଲୋକ ହିଟ୍‌ଲରଙ୍କୁ ପୂଜା କରୁଥିଲା; କାରଣ ସେହି ଯୁଦ୍ଧ ଯୋଗୁଁ ସେ କଳାବଜାର କରି ପ୍ରଚୁର ଧନ ସଞ୍ଚୟ କରିପାରିଥିଲା । ସେଇଥିପାଇଁ ସେ ହିଟ୍‌ଲରଙ୍କୁ ଧନ୍ୟବାଦ ଦେଇ ପୂଜା କରୁଥିଲା । ସେହିପରି ଯେଉଁମାନେ ରଜୋଗୁଣର ଓ ତମୋଗୁଣର ଅଧିକାରୀ ହୋଇଥା'ନ୍ତି ସେମାନେ ସାଧାରଣତଃ ଜଣେ କ୍ଷମତାଶାଳୀ ବ୍ୟକ୍ତିକୁ ଭଗବାନ୍ ରୂପେ ବାଛନ୍ତି । ସେମାନେ ଭାବନ୍ତି, ଯେ କୌଣସି ବ୍ୟକ୍ତିକୁ ଭଗବାନ୍ ରୂପରେ ପୂଜା କରାଯାଇପାରେ ଏବଂ ତଦ୍ୱାରା ସେହି ଏକପ୍ରକାର ଫଳଲାଭ କରାଯାଇପାରେ ।

ଏଠାରେ ସ୍ପଷ୍ଟଭାବରେ ବର୍ଣ୍ଣନା କରାଯାଇଛି ଯେ ଯେଉଁମାନେ ରଜୋଗୁଣର ବଶବର୍ତ୍ତୀ ସେମାନେ ଏହିପ୍ରକାର ଦେବତା ସୃଷ୍ଟି କରନ୍ତି ଓ ପୂଜା କରନ୍ତି ଏବଂ ଯେଉଁମାନେ ଅଜ୍ଞାନ ଅନ୍ଧକାରରେ ଅଛନ୍ତି, ଅର୍ଥାତ୍ - ତମୋଗୁଣର ବଶବର୍ତ୍ତୀ ସେମାନେ ଭୂତ-ପ୍ରେତର ପୂଜାକରନ୍ତି । ବେଳେବେଳେ ଲୋକମାନେ କୌଣସି ମୃତଲୋକର ସମାଧିକୁ ମଧ୍ୟ ପୂଜା କରନ୍ତି । ଜନନେନ୍ଦ୍ରିୟ ସେବାକୁ ମଧ୍ୟ ଅଜ୍ଞାନତା ବୋଲି ବିଗ୍ରହ କରାଯାଏ । ସେହିପରି ଭାରତରେ ଗାଁ ଗହଳରେ ଭୂତ-ପ୍ରେତର ପୂଜକ ଅନେକ ଅଛନ୍ତି । ଆମେ ଭାରତରେ ଦେଖିଛୁ ଯେ ନୀଚଜାତିର ଲୋକମାନେ ବେଳେବେଳେ ବଣକୁ ଯା'ନ୍ତି ଏବଂ ସେମାନେ ଯଦି ଜାଣିଥା'ନ୍ତି ଯେ କୌଣସି ବୃକ୍ଷରେ ଏକ ଭୂତ ବା ପ୍ରେତ ବାସ କରୁଛି, ତାହାହେଲେ ସେମାନେ ସେ ବୃକ୍ଷକୁ ପୂଜା କରନ୍ତି ଏବଂ ସେଠାରେ ବଳି ମଧ୍ୟ ଦିଅନ୍ତି । ଏହିପରି ବିଭିନ୍ନପ୍ରକାର ପୂଜା ବାସ୍ତବରେ ଭଗବାନଙ୍କର ପୂଜା ନୁହେଁ । ଯେଉଁମାନେ ଶୁଦ୍ଧସତ୍ତ୍ୱ ସ୍ତରରେ ଦିବ୍ୟଭାବରେ ଅବସ୍ଥିତ ସେହିମାନେ ହିଁ ଭଗବାନଙ୍କର ପୂଜାକରନ୍ତି । ଶ୍ରୀମଦ୍ ଭାଗବତମ୍‌ରେ କୁହାଯାଇଅଛି, *''ସତ୍ତ୍ୱଂ ବିଶୁଦ୍ଧଂ ବାସୁଦେବ ଶବ୍ଦିତଂ ।''* ''ଅର୍ଥାତ୍—ବ୍ୟକ୍ତି ଯେତେବେଳେ ଶୁଦ୍ଧସତ୍ତ୍ୱ ସ୍ତରରେ ଅବସ୍ଥାନ କରେ, ସେତେବେଳେ ସେ ବାସୁଦେବଙ୍କର ପୂଜାକରେ ।'' ଏହାର ତାତ୍ପର୍ଯ୍ୟ ହେଲା - ଯେଉଁମାନେ ସଂପୂର୍ଣ୍ଣରୂପେ ଭୂତପ୍ରକୃତିର ପ୍ରଭାବରୁ ମୁକ୍ତ ଏବଂ ଯେଉଁମାନେ ଦିବ୍ୟସ୍ତରରେ ଅବସ୍ଥାନ କରନ୍ତି, ସେହିମାନେ ହିଁ ପରମପୁରୁଷ ଭଗବାନଙ୍କର ପୂଜା କରିପାରନ୍ତି ।

ନିର୍ବିଶେଷବାଦୀ ବା ମାୟାବାଦୀଗଣ ସତ୍ତ୍ୱଗୁଣରେ ଅବସ୍ଥାନ କରିପାରିଥା'ନ୍ତି; କିନ୍ତୁ ସେମାନେ ପଞ୍ଚଦେବତା ପୂଜା କରନ୍ତି । ସେମାନେ ନିରାକାର ବିଷ୍ଣୁ ବା ଭୌତିକ ଜଗତର ବିଷ୍ଣୁରୂପ, ଯାହାଙ୍କୁ ଦାର୍ଶନିକ-ବିଷ୍ଣୁ ବୋଲି କୁହାଯାଏ । ବିଷ୍ଣୁ ପରମପୁରୁଷ ଭଗବନାଙ୍କର ବିସ୍ତୃତାଂଶ ଅଟନ୍ତି; କିନ୍ତୁ ମାୟାବାଦୀଗଣ କଳ୍ପନା କରନ୍ତି ଯେ ବିଷ୍ଣୁରୂପ ନିର୍ବିଶେଷ ବ୍ରହ୍ମଙ୍କର ଅନ୍ୟ ଏକ ଦିଗ ଅଟେ; କାରଣ ସେମାନେ ପରିଣାମତଃ ପରମପୁରୁଷ ଭଗବାନଙ୍କୁ ବିଶ୍ୱାସ କରନ୍ତି ନାହିଁ । ଠିକ୍ ସେହିପରି ସେମାନେ କଳ୍ପନା କରନ୍ତି ଯେ ଶ୍ରୀବ୍ରହ୍ମାଜୀ ରଜୋଗୁଣର ନିର୍ବିଶେଷ ରୂପ ଅଟନ୍ତି । ଏହିପରି ସେମାନେ ବେଳେବେଳେ ପଞ୍ଚଦେବତା ପୂଜା କଥା ବର୍ଣ୍ଣନା କରନ୍ତି; ଯେଣୁ ସେମାନେ ଭାବନ୍ତି ଯେ ବାସ୍ତବ ସତ୍ୟ ହେଉଛନ୍ତି ନିର୍ବିଶେଷ ବ୍ରହ୍ମ; ତେଣୁ ସେମାନେ ପରିଣାମରେ ସମସ୍ତ ପୂଜ୍ୟ-ବସ୍ତୁକୁ ତ୍ୟାଗକରନ୍ତି । ଉପସଂହାରରେ ଏହା ହିଁ କୁହାଯାଇପାରେ ଯେ ଦିବ୍ୟସ୍ତରରେ ଅବସ୍ଥାନ କରୁଥିବା ସାଧୁ ବା ଦିବ୍ୟ ପ୍ରକୃତି ବିଶିଷ୍ଟ ସାଧୁମାନଙ୍କର ସଙ୍ଗଲାଭ କଲେ ଭୂତପ୍ରକୃତିର ତ୍ରିଗୁଣଜନିତ ଦୋଷ ଦୂର ହୋଇଯାଇ ବ୍ୟକ୍ତି ବିଶୁଦ୍ଧ ହୋଇପାରିବ ।

## ଶ୍ଳୋକ - ୫-୬

**ଅଶାସ୍ତ୍ରବିହିତଂ ଘୋରଂ ତପ୍ୟନ୍ତେ ଯେ ତପୋ ଜନାଃ ।**
**ଦମ୍ଭାହଂକାରସଂଯୁକ୍ତାଃ କାମରାଗବଳାନ୍ୱିତାଃ ।।୫ ।।**
**କର୍ଷୟନ୍ତଃ ଶରୀରସ୍ଥଂ ଭୂତଗ୍ରାମମଚେତସଃ ।**
**ମାଂ ଚୈବାନ୍ତଃଶରୀରସ୍ଥଂ ତାନ୍ ବିଦ୍ଧ୍ୟାସୁରନିଶ୍ଚୟାନ୍ ।।୬ ।।**

## ଶବ୍ଦାନୁବାଦ

ଅଶାସ୍ତ୍ର=ଯାହା ଶାସ୍ତ୍ରରେ ବର୍ଣ୍ଣିତ ହୋଇନାହିଁ; ବିହିତଂ=ବିହିତ; ଘୋରଂ=ଅନ୍ୟମାନଙ୍କ ପକ୍ଷରେ କ୍ଷତିକାରକ; ତପ୍ୟନ୍ତେ=ତପସ୍ୟା କରନ୍ତି; ଯେ=ଯେଉଁମାନେ; ତପଃ=ତପସ୍ୟା; ଜନାଃ=ବ୍ୟକ୍ତିଗଣ; ଦମ୍ଭ=ଗର୍ବ; ଅହଙ୍କାର=ଅହଙ୍କାର; ସଂଯୁକ୍ତାଃ=ସଂଯୁକ୍ତ; କାମ=କାମ; ରାଗ=ଆସକ୍ତି; ବଳ=ବଳ; ଅନ୍ୱିତାଃ=ପ୍ରଣୋଦିତ; କର୍ଷୟନ୍ତଃ=କଷଣ ଦିଅନ୍ତି; ଶରୀରସ୍ଥଂ=ଶରୀର ମଧ୍ୟରେ ଅବସ୍ଥିତ; ଭୂତ-ଗ୍ରାମମ୍=ଭୌତିକ ପଦାର୍ଥର ସଂଯୋଗ; ଅଚେତସଃ=ଏ ପ୍ରକାର ଏକ ଭ୍ରାନ୍ତ ମନୋବୃତ୍ତି ସହିତ; ମାମ୍=ମୋତେ; ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ଅନ୍ତଃ=ମଧ୍ୟରେ; ଶରୀରସ୍ଥଂ=ଶରୀର ମଧ୍ୟରେ ଅବସ୍ଥିତ; ତାନ୍=ସେମାନଙ୍କୁ; ବିଦ୍ଧି=ଜାଣିରଖ; ଆସୁର=ଅସୁର; ନିଶ୍ଚୟାନ୍=ନିଶ୍ଚିତଭାବେ ।

## ଅନୁବାଦ

**ଯେଉଁମାନେ ଶାସ୍ତ୍ରରେ ବର୍ଣ୍ଣିତ ହୋଇ ନଥିବା ଖୁବ୍ କଠିନ ତପସ୍ୟା କରନ୍ତି ଓ ବ୍ରତବିଧି ଆଦି ପାଳନ କରନ୍ତି ସେମାନେ ଅସୁର ଅଟନ୍ତି । ସେମାନେ ଏସବୁ ଗର୍ବ, ଦମ୍ଭ, ଅହଙ୍କାର ଏବଂ କାମ ପିପାସାର ବଶବର୍ତ୍ତୀ ହୋଇ କରନ୍ତି । ସେମାନେ ରଜୋଗୁଣର ବଶବର୍ତ୍ତୀ ହୋଇ ଶରୀରକୁ ତଥା ହୃଦୟରେ ଥିବା ପରମାତ୍ମାଙ୍କୁ ମଧ୍ୟ କଷ୍ଟ ଦିଅନ୍ତି । ଏମାନଙ୍କୁ ରାକ୍ଷସ କୁହାଯାଏ ।**

## ଭାବାର୍ଥ

ଏପରି ଲୋକ ଅଛନ୍ତି, ଯେଉଁମାନେ ନିଜ ମନକୁ ବ୍ରତବିଧି ତପସ୍ୟାଆଦି ପାଳନ କରନ୍ତି, ଯାହାକି ଶାସ୍ତ୍ରରେ ବର୍ଣ୍ଣନା କରାଯାଇ ନଥାଏ । ଉଦାହରଣ ସ୍ୱରୂପ, କୌଣସି ଦୂରସ୍ଥ ଉଦ୍ଦେଶ୍ୟ ସାଧନ ନିମିତ୍ତ ଅନଶନ କରିବା, ଯେପରି'କି କୌଣସି ରାଜନୈତିକ ଉଦ୍ଦେଶ୍ୟ ସାଧନ ନିମିତ୍ତ ଅନଶନ କରିବା- ଏହା ଶାସ୍ତ୍ରରେ ବର୍ଣ୍ଣନା କରାଯାଇ ନାହିଁ । ଶାସ୍ତ୍ରଗୁଡ଼ିକ ଆଧ୍ୟାତ୍ମିକ ଉନ୍ନତି କରିବା ନିମିତ୍ତ ଉପବାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ରାଜନୈତିକ ଉଦ୍ଦେଶ୍ୟ କିମ୍ବା ସାମାଜିକ ଉଦ୍ଦେଶ୍ୟ ସାଧନ ନିମିତ୍ତ ଅନଶନ କରିବାକୁ ଶାସ୍ତ୍ରମାନଙ୍କରେ ନିର୍ଦ୍ଦେଶ ଦିଆଯାଇ ନାହିଁ । ଯେଉଁ ଲୋକମାନେ ଏ ପ୍ରକାର ଅଶାସ୍ତ୍ରବିଧି ପାଳନ କରନ୍ତି, ଅର୍ଥାତ୍—ଶାସ୍ତ୍ରରେ ବର୍ଣ୍ଣିତ ହୋଇ ନଥିବା ବ୍ରତବିଧି ତପସ୍ୟା ଆଦି ପାଳନ କରନ୍ତି, ସେମାନେ ଭଗବଦ୍ ଗୀତାର ବର୍ଣ୍ଣନା ଅନୁଯାୟୀ ବାସ୍ତବରେ ଅସୁର ଅଟନ୍ତି ।

ସେମାନଙ୍କର କାର୍ଯ୍ୟକଳାପ ଶାସ୍ତ୍ର-ବିରୁଦ୍ଧ ଅଟେ ଏବଂ ସାଧାରଣ ଲୋକଙ୍କ ପକ୍ଷେ ତାହା ଶୁଭଦାୟକ ନୁହେଁ । ବାସ୍ତବରେ ସେମାନେ ଗର୍ବ, ଅହଙ୍କାର, କାମ ଏବଂ ଭୌତିକ ସୁଖର

ବଶବର୍ତ୍ତୀ ହୋଇ କର୍ମ କରନ୍ତି । ସେମାନଙ୍କର ଏ ପ୍ରକାର କାର୍ଯ୍ୟକଳାପ ଦ୍ୱାରା ଯେଉଁ ଭୌତିକ ପଦାର୍ଥମାନଙ୍କର (ପଞ୍ଚ ମହାଭୂତ) ସମାହାରରେ ଏ ଶରୀର ଗଠିତ ହୋଇଛି, ସେମାନଙ୍କ ମଧ୍ୟରେ ବିଭ୍ରାଟ ସୃଷ୍ଟି ହୁଏ । କେବଳ ଯେ ସେମାନଙ୍କ ମଧ୍ୟରେ ବିଭ୍ରାଟ ସୃଷ୍ଟି ହୁଏ, ତାହାନୁହେଁ, ଶରୀର ମଧ୍ୟରେ ଥିବା ସ୍ୱୟଂ ପରମପୁରୁଷ ଭଗବାନ୍ ମଧ୍ୟ ବ୍ୟଥିତ ହୁଅନ୍ତି । କୌଣସିପ୍ରକାର ରାଜନୈତିକ ସୁବିଧା ହାସଲ କରିବା ନିମିତ୍ତ ଏ ପ୍ରକାର ଶାସ୍ତ୍ରବିରୁଦ୍ଧ ଅନଶନ କିମ୍ବା ବ୍ରତାନୁଷ୍ଠାନ ବାସ୍ତବରେ ଅନ୍ୟମାନଙ୍କୁ ବ୍ୟତିବ୍ୟସ୍ତ କରିପକାଏ । ଏସବୁ ବୈଦିକ ସାହିତ୍ୟମାନଙ୍କରେ ଦିଆଯାଇ ନାହିଁ । ଆସୁରୀ ପ୍ରକୃତି ବିଶିଷ୍ଟ ବ୍ୟକ୍ତି ଏପରି ଭାବିପାରେ ଯେ ଏ ବିଧି ଆଚରଣ ଦ୍ୱାରା ସେ ତା'ର ଶତ୍ରୁକୁ କିମ୍ବା ଅନ୍ୟମାନଙ୍କୁ ତା'ର କାମନା ପୂର୍ତ୍ତି ନିମିତ୍ତ ବାଧ୍ୟକରି ପାରେ; କିନ୍ତୁ ବେଳେବେଳେ ଏ ପ୍ରକାରେ ଅନଶନ କରିବା ଦ୍ୱାରା ସେ ମୃତ୍ୟୁବରଣ କରେ । ଏସବୁ କର୍ମକୁ ପରମପୁରୁଷ ଭଗବାନ୍ ଅନୁମୋଦନ କରନ୍ତି ନାହିଁ ଏବଂ ସେ କହିଛନ୍ତି ଯେ ଯେଉଁମାନେ ଏ ପ୍ରକାର କର୍ମରେ ବ୍ୟାପୃତ ରୁହନ୍ତି ସେମାନେ ଅସୁର ଅଟନ୍ତି ।

ଏସବୁ କାର୍ଯ୍ୟକଳାପ ବା କ୍ରିୟା ପରମପୁରୁଷ ଭଗବାନଙ୍କ ପ୍ରତି ଅପମାନଜନକ ଅଟେ; କାରଣ ଏଗୁଡ଼ିକ ବୈଦିକ ଶାସ୍ତ୍ର ବିରୋଧୀ କର୍ମ ଅଟେ । ଏ ସଂପର୍କରେ 'ଅଚେତସଃ' ଶବ୍ଦ ଅର୍ଥପୂର୍ଣ୍ଣ ଅଟେ । ଯେଉଁ ଲୋକମାନେ ସାଧାରଣ ମାନସିକ ଅବସ୍ଥା ସ୍ତରରେ ଅଛନ୍ତି, ସେମାନେ ନିଶ୍ଚୟ ଶାସ୍ତ୍ର ନିର୍ଦ୍ଦେଶକୁ ମାନିବେ । ଯେଉଁମାନେ ଏ ପ୍ରକାର ଅବସ୍ଥା ସ୍ତରରେ ନଥା'ନ୍ତି ସେମାନେ ଶାସ୍ତ୍ର ନିର୍ଦ୍ଦେଶକୁ ଅବମାନନା କରନ୍ତି ଏବଂ ସେମାନଙ୍କର ନିଜ ମନଇଚ୍ଛା ବ୍ରତ-ବିଧି, ତପଃ-ସାଧନ ପ୍ରଣାଳୀ ସୃଷ୍ଟି କରନ୍ତି । ପୂର୍ବ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି ଯେ ଅସୁରସ୍ୱଭାବସଂପନ୍ନ ବ୍ୟକ୍ତିମାନଙ୍କର କି ପରିଣତି ହୁଏ; ବ୍ୟକ୍ତି ଏହାକୁ ମନେରଖିବା ଉଚିତ୍ । ଭଗବାନ୍ ସେମାନଙ୍କୁ ଅସୁର ଯୋନିରେ ଜନ୍ମ ହେବାକୁ ବାଧ୍ୟ କରନ୍ତି । ଫଳତଃ ସେମାନେ ଜନ୍ମ ଜନ୍ମାନ୍ତରେ (ଅର୍ଥାତ୍-ଏହିପରି ଅନେକ ଜନ୍ମଧରି)ଅସୁର ଜୀବନ ହିଁ ଧାରଣ କରି ଚାଲନ୍ତି, ଭଗବାନଙ୍କ ସହିତ ଥିବା ସଂପର୍କକୁ ସେମାନେ ଆଉ ଜାଣିପାରନ୍ତି ନାହିଁ । ଯଦି ଏ ପ୍ରକାର ଲୋକଙ୍କ ମଧ୍ୟରୁ କେହି ଭାଗ୍ୟବାନ୍ ହୋଇ ଥା'ନ୍ତି, ତାହାହେଲେ ସେମାନେ ଜଣେ ଉପଯୁକ୍ତ ଗୁରୁଙ୍କ ସଂସ୍ପର୍ଶରେ ଆସି ତାଙ୍କ ନିର୍ଦ୍ଦେଶରେ ସାଧନମୟ ଜୀବନଯାପନ କରନ୍ତି; କାରଣ ସେ ଗୁରୁ ହିଁ ସେମାନଙ୍କୁ ବୈଦିକ ଜ୍ଞାନପୂର୍ଣ୍ଣ ମାର୍ଗ ନିର୍ଦ୍ଦେଶ କରିପାରିବେ । ଫଳରେ ସେମାନେ ଏ ଭୌତିକ ବନ୍ଧନରୁ ମୁକ୍ତିଲାଭ କରି ଶେଷରେ ଜୀବନର ପରମ ଲକ୍ଷ୍ୟ ସାଧନ କରି ପାରିବେ ।

## ଶ୍ଳୋକ - ୭

**ଆହାରସ୍ତ୍ୱପି ସର୍ବସ୍ୟ ତ୍ରିବିଧୋ ଭବତି ପ୍ରିୟଃ ।**
**ଯଜ୍ଞସ୍ତପସ୍ତଥା ଦାନଂ ତେଷାଂ ଭେଦମିମଂ ଶୃଣୁ ।। ୭ ।।**

## ଶବ୍ଦାନୁବାଦ

ଆହାରଃ=ଭୋଜନ; ତୁ=ନିଶ୍ଚିତଭାବେ; ଅପି=ମଧ୍ୟ; ସର୍ବସ୍ୟ=ପ୍ରତ୍ୟେକଙ୍କର; ତ୍ରିବିଧଃ=ତିନି ପ୍ରକାର; ଭବତି=ଅଟେ; ପ୍ରିୟଃ=ପ୍ରିୟ; ଯଜ୍ଞ=ଯଜ୍ଞ; ତପଃ=ତପସ୍ୟା; ତଥା=ମଧ୍ୟ; ଦାନଂ=ଦାନ; ତେଷାଂ=ସେମାନଙ୍କର; ଭେଦଂ=ଭେଦ; ଇମଂ=ଏହିପରି; ଶୃଣୁ=ଶୁଣ ।

## ଅନୁବାଦ

**ଭୂତପ୍ରକୃତିର ତ୍ରିଗୁଣ ଅନୁଯାୟୀ ଆମ୍ଭମାନଙ୍କର ଖାଦ୍ୟ ତ୍ରିବିଧ ଅଟେ । ସେହିପରି ଯଜ୍ଞ, ଦାନ ଓ ତପସ୍ୟା - ଏସବୁ ତ୍ରିବିଧ ଅଟେ । ମୋ'ଠାରୁ ତାହା ଶୁଣ-ଏମାନଙ୍କ ମଧ୍ୟରେ କି' ପାର୍ଥକ୍ୟ ଅଛି ତାହା ମୁଁ ତୁମକୁ କହିବି।**

## ଭାବାର୍ଥ

ବିଭିନ୍ନ ଅବସ୍ଥାନୁଯାୟୀ ଏବଂ ଭୂତପ୍ରକୃତିର ତ୍ରିଗୁଣ ଅନୁଯାୟୀ ଖାଦ୍ୟ, ଯଜ୍ଞ, ଦାନ ଓ ତପଃ ଆଦିର ପାର୍ଥକ୍ୟ ଅଛି । ସେ ସବୁ ଏକ ସ୍ତରରେ କରାଯାଉ ନାହାନ୍ତି । ଯେଉଁମାନେ ବିଶ୍ଳେଷଣ କରି ବୁଝିପାରନ୍ତି ଯେ କେଉଁ କର୍ମ ବା କ୍ରିୟା ଭୂତପ୍ରକୃତିର କେଉଁ ଗୁଣ ଅନୁଯାୟୀ କରାଯାଉଛି, ସେମାନେ ବାସ୍ତବରେ ଜ୍ଞାନୀ ଅଟନ୍ତି ।ଯେଉଁମାନେ ସମସ୍ତ ପ୍ରକାର ଖାଦ୍ୟ, ଦାନ ଓ ତପଃ ଆଦି ମଧ୍ୟରେ ପାର୍ଥକ୍ୟ କ'ଣ ଅଛି ଜାଣିପାରନ୍ତି ନାହିଁ ଏବଂ ସବୁକୁ ଏକପ୍ରକାର ବୋଲି ଭାବନ୍ତି ସେମାନେ ମୂର୍ଖ ଅଟନ୍ତି । କେତେକ ଏପରି ପ୍ରଗ୍ରରକ ଅଛନ୍ତି ଯେଉଁମାନେ କହନ୍ତି ଯେ ବ୍ୟକ୍ତି ତା'ର ମନମୁତାବକ, ଯାହା ତାକୁ ଭଲ ଲାଗୁଛି ତାହା କରିପାରେ ଏବଂ ତଦ୍ଦ୍ୱାରା ସେ ମଧ୍ୟ ପୂର୍ଣ୍ଣତା ଲାଭ କରିପାରିବ । କିନ୍ତୁ ଏ ମୂର୍ଖ ପ୍ରଗ୍ରରକଗଣ ଶାସ୍ତ୍ରନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରୁନାହାନ୍ତି ।ସେମାନେ ସେମାନଙ୍କ ମନଇଚ୍ଛା ବିଧି ସୃଷ୍ଟି କରୁଛନ୍ତି ଏବଂ ସାଧାରଣଲୋକଙ୍କୁ ପଥଭ୍ରାନ୍ତ କରାଉଛନ୍ତି ।

## ଶ୍ଲୋକ - ୮-୧୦

**ଆୟୁଃ-ସତ୍ତ୍ୱବଳାରୋଗ୍ୟ-ସୁଖ-ପ୍ରୀତି ବିବର୍ଧନାଃ ।**
**ରସ୍ୟାଃ ସ୍ନିଗ୍ଧାଃ ସ୍ଥିରା ହୃଦ୍ୟା ଆହାରାଃ ସାତ୍ତ୍ୱିକପ୍ରିୟାଃ ।।୮ ।।**
**କଟ୍ୱମ୍ଳଲବଣାତ୍ୟୁଷ୍ଣତୀକ୍ଷ୍ଣରୂକ୍ଷବିଦାହିନଃ ।**
**ଆହାର ରାଜସସ୍ୟେଷ୍ଟା ଦୁଃଖଶୋକାମୟପ୍ରଦାଃ ।।୯ ।।**
**ଯାତଯାମଂ ଗତରସଂ ପୂତି ପର୍ଯ୍ୟୁଷିତଂ ଚ ଯତ୍ ।**
**ଉଚ୍ଛିଷ୍ଟମପି ଚାମେଧ୍ୟଂ ଭୋଜନଂ ତାମସପ୍ରିୟମ୍ ।।୧୦।।**

## ଶବ୍ଦାନୁବାଦ

ଆୟୁଃ=ଆୟୁଷ; ସତ୍ତ୍ୱ=ଅସ୍ତିତ୍ୱ; ବଳ=ବଳ; ଆରୋଗ୍ୟ=ସ୍ୱାସ୍ଥ୍ୟ; ସୁଖ=ସୁଖ; ପ୍ରୀତି=ସନ୍ତୋଷ; ବିବର୍ଧନାଃ=ବୃଦ୍ଧିକାରକ; ରସ୍ୟାଃ=ରସଯୁକ୍ତ; ସ୍ନିଗଧାଃ=ଚର୍ବିଯୁକ୍ତ; ସ୍ଥିରାଃ=ଦୀର୍ଘକାଳସ୍ଥାୟୀ; ହୃଦ୍ୟାଃ=ହୃଦୟର ଆନନ୍ଦଦାୟକ; ଆହାରାଃ=ଖାଦ୍ୟ; ସାତ୍ତ୍ୱିକ=ସାତ୍ତ୍ୱିକ; ପ୍ରିୟାଃ=ସ୍ୱାଦୁକର; କଟୁ=କଟୁ; ଅମ୍ଳ=ଖଟା; ଲବଣ=ଲୁଣିଆ; ଅତି-ଉଷ୍ଣ=ଅତି ଗରମ; ତୀକ୍ଷ୍ଣ=ତୀବ୍ର; ରୂକ୍ଷ=ଶୁଷ୍କ; ବିଦାହିନଃ=ଉତ୍କଟ; ଆହାରାଃ=ଖାଦ୍ୟ; ରାଜସସ୍ୟ=ରଜୋଗୁଣର; ଇଷ୍ଟାଃ=ସ୍ୱାଦୁକର; ଦୁଃଖ=ଦୁଃଖ; ଶୋକ=ଶୋକ; ଆମୟପ୍ରଦାଃ=ରୋଗ କାରକ; ଯାତ-ଯାମଂ=ଯେଉଁ ଖାଦ୍ୟ ଖାଇବାରତିନଘଣ୍ଟା ପୂର୍ବରୁ ପାକ କରାଯାଇଥାଏ; ଗତରସଂ=ସ୍ୱାଦୁହୀନ;

ପୂତି=ଦୁର୍ଗନ୍ଧମୟ; ପର୍ଯ୍ୟୁସିତ=ବାସୀ; ଚ=ମଧ୍ୟ; ଯତ୍=ଯାହା; ଉଚ୍ଛିଷ୍ଟଂ=ଅଇଁଠା; ଅପି=ମଧ୍ୟ; ଚ=ଏବଂ; ଅମେଧ୍ୟଂ=ଅସ୍ପୃଶ୍ୟ; ଭୋଜନଂ=ଭୋଜନ; ତାମସ=ତମୋଗୁଣ ଯୁକ୍ତ; ପ୍ରିୟଂ=ପ୍ରିୟ ।

## ଅନୁବାଦ

**ସାତ୍ତ୍ୱିକ ଖାଦ୍ୟ ଆୟୁଷ ବୃଦ୍ଧିକରେ, ବ୍ୟକ୍ତିର ସ୍ଥିତିକୁ ବିଶୁଦ୍ଧ କରେ ଏବଂ ବଳ ସ୍ୱାସ୍ଥ୍ୟ, ସୁଖ ଓ ସନ୍ତୋଷ ଦିଏ । ଏ ପ୍ରକାର ପୁଷ୍ଟିକର ଖାଦ୍ୟ ସୁମିଷ୍ଟ, ରସଯୁକ୍ତ, ସ୍ନିଗ୍ଧ ଏବଂ ସ୍ୱାଦୁକର ଅଟେ । ଯେଉଁ ଖାଦ୍ୟ ଅତି ତୀକ୍ଷ୍ଣ, ଅତି ଖଟା, ଲୁଣିଆ, ଉତ୍କଟ ରାଗ, ଶୁଷ୍କ ଏବଂ ଅତି ଉଷ୍ଣ, ତାହା ରଜୋଗୁଣ ବିଶିଷ୍ଟ ବ୍ୟକ୍ତିମାନଙ୍କର ପ୍ରିୟ ଖାଦ୍ୟ । ଏ ପ୍ରକାର ଖାଦ୍ୟ ଦୁଃଖ,ଶୋକ ଓ ରୋଗପ୍ରଦ ଅଟେ । ଯେଉଁ ଖାଦ୍ୟ ଭୋଜନର ତିନିଘଣ୍ଟା ପୂର୍ବରୁ ପ୍ରସ୍ତୁତ କରାଯାଇଥାଏ, ତାହା ସ୍ୱାଦୁହୀନ, ବାସୀ, ଉଚ୍ଛିଷ୍ଟ ଦୁର୍ଗନ୍ଧମୟ ଏବଂ ଅପରିଷ୍କାର, ତାହା ତମୋଗୁଣବିଶିଷ୍ଟ ଲୋକମାନଙ୍କର ପ୍ରିୟଖାଦ୍ୟ ଅଟେ ।**

## ଭାବାର୍ଥ

ଖାଦ୍ୟଗ୍ରହଣ କରିବାର ଉଦ୍ଦେଶ୍ୟ ହେଲା ଆୟୁଷ ବୃଦ୍ଧି କରିବା, ମନକୁ ବିଶୁଦ୍ଧ କରିବା ଏବଂ ଶାରୀରିକ ଶକ୍ତି ବୃଦ୍ଧି କରିବା ।ଏହା ହେଉଛି ଏକମାତ୍ର ଉଦ୍ଦେଶ୍ୟ ।ଅତୀତରେ ବିଶିଷ୍ଟ ଅଧିକାରୀ ବା ମହାତ୍ମାଗଣ ଦୁଗ୍ଧ, ଦୁଗ୍ଧଜାତର ପଦାର୍ଥ, ଚିନି, ଅନ୍ନ, ଗହମ, ଫଳ ଓ ଶାକ୍‌ସବ୍‌ଜି ଆଦି ଖାଦ୍ୟର ବ୍ୟବସ୍ଥା କରି ଯାଇଛନ୍ତି ।ସେମାନେ ଏ ପ୍ରକାର ଖାଦ୍ୟର ବ୍ୟବସ୍ଥା କରିଛନ୍ତି ଯାହାକି ଆୟୁଷ ବୃଦ୍ଧି କରିବ ଏବଂ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦାନ କରିବ ।ଯେଉଁମାନେ ସାତ୍ତ୍ୱିକ ଭାବାପନ୍ନ, ଏ ଖାଦ୍ୟ ସେମାନଙ୍କର ଅତିପ୍ରିୟ ।ଭଜା-ଶସ୍ୟ ଏବଂ ଗୁଡ଼ ପ୍ରଭୃତି କେତେକ ଖାଦ୍ୟପଦାର୍ଥ ଅଛି, ଯାହାକି ସ୍ୱତନ୍ତ୍ରଭାବେ ବିଶେଷ ସ୍ୱାଦୁକର ନ ହୋଇପାରେ, କିନ୍ତୁ ସେଗୁଡ଼ିକୁ ଦୁଗ୍ଧ ଏବଂ ଅନ୍ୟ ଖାଦ୍ୟ ପଦାର୍ଥ ସହ ମିଶ୍ରଣକଲେ ଅତ୍ୟନ୍ତ ସ୍ୱାଦୁକର ହୁଏ ।ସେତେବେଳେ ସେମାନେ ସତ୍ତ୍ୱ ଭାବାପନ୍ନ ହୋଇଯା'ନ୍ତି ।ଏସବୁ ଖାଦ୍ୟ ଅତି ବିଶୁଦ୍ଧ ।ମଦ୍ୟ ଓ ମାଂସ ପ୍ରଭୃତି ଅସ୍ପୃଶ୍ୟ ଖାଦ୍ୟଠାରୁ ଏହା ସଂପୂର୍ଣ୍ଣ ଭିନ୍ନ ।ଅଷ୍ଟମ ଶ୍ଳୋକରେ ଯେଉଁ ଚର୍ବିଜାତ ଖାଦ୍ୟ କଥା କୁହାଯାଇଛି, ତାହା କଂସେଇଖାନାରେ ହତ୍ୟା କରାଯାଇଥିବା ପଶୁଜାତ ଚର୍ବି ନୁହେଁ ।ତାହା ସହିତ ଏହାର କୌଣସି ସଂପର୍କ ନାହିଁ ।ଦୁଗ୍ଧରୁ ଯେଉଁ ଘୃତ ମିଳେ ତାହା ହିଁ ସର୍ବୋତ୍ତମ ଓ ଅତି ଚମତ୍କାର ଚର୍ବିଜାତ ଖାଦ୍ୟ ଅଟେ ।ଦୁଗ୍ଧ, ଦହି, ଲହୁଣୀ, ଛେନା ଏବଂ ତଦ୍ରୂପ ଖାଦ୍ୟରୁ ଯେଉଁ ଚର୍ବିଜାତ ଖାଦ୍ୟ ମିଳେ ତାହା ମାନବ ଗ୍ରହଣ କଲେ ନିରୀହ ସରଳ ପଶୁଙ୍କୁ ହତ୍ୟା କରିବାରେ ଆବଶ୍ୟକତା ଆଉ ରହିବ ନାହିଁ ।କେବଳ ଅତି କ୍ରୂର ସ୍ୱଭାବବିଶିଷ୍ଟ ବ୍ୟକ୍ତିଗଣ ସରଳ ନିରୀହ ପଶୁମାନଙ୍କୁ ରସନା-ତୃପ୍ତି ନିମିତ୍ତ ବଧ କରନ୍ତି ।ଆବଶ୍ୟକୀୟ ଚର୍ବିଜାତୀୟ ଖାଦ୍ୟ ପାଇବାର ସଭ୍ୟତମ ପନ୍ଥା ହେଲା ଦୁଗ୍ଧ ଉତ୍ପାଦନ । ଅସଭ୍ୟ ମାନବର କାମହେଲା ପଶୁବଧ ।ଡାଲି ଜାତୀୟ ଖାଦ୍ୟ ଶିମ୍ବ ଜାତୀୟ ଖାଦ୍ୟ ଏବଂ ଗହମ ଆଦିରୁ ପ୍ରଚୁର ପରିମାଣରେ ଛେନା ଜାତୀୟ ଖାଦ୍ୟ ମିଳେ ।

ରାଜସିକ ଖାଦ୍ୟ ଅତି ଲୁଣିଆ, ଅତି କଡ଼ା, ଅତି ଉଷ୍ଣ କିମ୍ବା ନାଲି ଲଙ୍କା ମିଶ୍ରିତ ଅଟେ । ତାହା ସେବନ କଲେ ପେଟ ଗୋଳମାଳ ହୁଏ ଏବଂ ରୋଗ ଜାତହୁଏ ।ତାମସିକ ଖାଦ୍ୟ ସାଧାରଣତଃ ସଜ ଖାଦ୍ୟ ନୁହେଁ, ସବୁ ବାସୀ ଖାଦ୍ୟ ।କୃଷ୍ଣପ୍ରସାଦ ବ୍ୟତୀତ ଅନ୍ୟ ସମସ୍ତ ଖାଦ୍ୟ, ଯାହା ଭୋଜନର ତିନିଘଣ୍ଟା ପୂର୍ବରୁ-ପ୍ରସ୍ତୁତ ହୋଇଥାଏ, ତାହା ବାସୀ ହୋଇ ଯାଇଥାଏ ଏବଂ ତାହା ତାମସିକ ଖାଦ୍ୟ

ଅଟେ । ସେଗୁଡ଼ିକ ବାସୀ ହୋଇ ଯାଇଥିବାରୁ ସେଥିରୁ ଦୁର୍ଗନ୍ଧ ବାହାରୁଥାଏ । ସେ ଖାଦ୍ୟକୁ ସାଧାରଣତଃ ତମୋଗୁଣୀ ଲୋକେ ଭଲ ପା'ନ୍ତି, କିନ୍ତୁ ସତ୍ତ୍ୱଗୁଣ ବିଶିଷ୍ଟ ବ୍ୟକ୍ତିଗଣ ତାହାକୁ ଘୃଣା କରନ୍ତି ।

ଉଚ୍ଛିଷ୍ଟ ସେବନ କରାଯାଇପାରେ, କିନ୍ତୁ କାହାର ଉଚ୍ଛିଷ୍ଟ ସେବନ କରିବ ? ଯାହାକୁ ପରମପୁରୁଷ ଭଗବାନ୍ ସେବନ କରିଥା'ନ୍ତି, ଅର୍ଥାତ୍ - ମହାପ୍ରସାଦ (ଅନ୍ୟ କଥାରେ ଜଗନ୍ନାଥଙ୍କ ଉଚ୍ଛିଷ୍ଟ) କିମ୍ବା କୌଣସି ସାଧୁ ସନ୍ଥଙ୍କର ଉଚ୍ଛିଷ୍ଟ, ବିଶିଷ୍ଟ ଗୁରୁଙ୍କର ଉଚ୍ଛିଷ୍ଟ ସେବନ କରାଯାଇପାରେ । ଏତଦ୍ ବ୍ୟତୀତ ଅନ୍ୟର ଉଚ୍ଛିଷ୍ଟ ସେବନ କରିବା ଉଚିତ୍ ନୁହେଁ । ଅନ୍ୟ ଉଚ୍ଛିଷ୍ଟ ତାମସିକ ଖାଦ୍ୟରୂପେ ବିବେଚିତ ହୁଏ । ତାହା ସେବନ କଲେ ସଂକ୍ରାମକ ରୋଗ ହୁଏ । ଏ ପ୍ରକାର ଖାଦ୍ୟ ଯଦିଓ ତମୋଗୁଣୀ ବ୍ୟକ୍ତିମାନଙ୍କର ଅତ୍ୟନ୍ତ ପ୍ରିୟ ତଥାପି ସତ୍ତ୍ୱଗୁଣୀ ଲୋକେ ଏହାକୁ ଭଲ ପା'ନ୍ତି ନାହିଁ କିମ୍ବା ସ୍ପର୍ଶ କରନ୍ତି ନାହିଁ । ସର୍ବୋତ୍ତମ ଖାଦ୍ୟ ହେଲା ପରମପୁରୁଷ ଭଗବାନଙ୍କୁ ଅର୍ପିତ ହୋଇଥିବା ଖାଦ୍ୟ । ଭଗବଦ୍ ଗୀତାରେ ପରମେଶ୍ୱର କହିଛନ୍ତି ଯେ ସେ ଅଟା, ଶାକ୍‌ସବଜି ଓ ଦୁଗ୍ଧରେ ତିଆରି ଖାଦ୍ୟ ପଦାର୍ଥ ଯଦି ଭକ୍ତି ସହକାରେ ଅର୍ପଣ କରାଯାଏ, ତାହାହେଲେ ସେ ଗ୍ରହଣ କରନ୍ତି । *"ପତ୍ରଂ ପୁଷ୍ପଂ ଫଳଂ ତୋୟଂ"* । ଅବଶ୍ୟ ପରମପୁରୁଷ ଭଗବାନ୍ ପ୍ରଧାନତଃ ପ୍ରେମ ଓ ଭକ୍ତିକୁ ହିଁ ଗ୍ରହଣ କରନ୍ତି । ଅବଶ୍ୟ ଏକଥା ମଧ୍ୟ କୁହାଯାଇଛି ଯେ, ଏକ ନିର୍ଦ୍ଦିଷ୍ଟ ପଦ୍ଧତିରେ ପ୍ରସାଦ ପ୍ରସ୍ତୁତ କରାଯିବା ଉଚିତ୍ । ଶାସ୍ତ୍ରବିଧି ଅନୁଯାୟୀ ଯେଉଁ ପ୍ରସାଦ ପ୍ରସ୍ତୁତ ହୋଇଥାଏ ଏବଂ ପରମପୁରୁଷ ଭଗବାନଙ୍କୁ ଅର୍ପଣ କରାଯାଇଥାଏ ତାହା ଦୀର୍ଘସମୟ ପୂର୍ବରୁ ପ୍ରସ୍ତୁତ ହୋଇଥିଲେ ସୁଦ୍ଧା ସେବନ କରାଯାଇପାରେ, କାରଣ ତାହା ଦିବ୍ୟ ପ୍ରସାଦ ଅଟେ । (ତାହା କଦାପି ବାସୀ ହୁଏ ନାହିଁ ) । ତେଣୁ ଖାଦ୍ୟକୁ ସମସ୍ତଙ୍କ ନିମିତ୍ତ ସୁସ୍ୱାଦୁ, ଖାଦ୍ୟ ଯୋଗ୍ୟ ଏବଂ ବିଶୁଦ୍ଧ (ଦୋଷଶୂନ୍ୟ) କରିବା ନିମିତ୍ତ ପରମପୁରୁଷ ଭଗବାନଙ୍କୁ ଅର୍ପଣ କରାଯିବା ଉଚିତ୍ ।

## ଶ୍ଳୋକ - ୧୧

**ଅଫଳାକାଙ୍‌କ୍ଷିଭିର୍ଯଜ୍ଞୋ ବିଧିଦୃଷ୍ଟୋ ଯ ଇଜ୍ୟତେ ।**
**ଯଷ୍ଟବ୍ୟମେବେତି ମନଃ ସମାଧାୟ ସ ସାତ୍ତ୍ୱିକଃ ।।୧୧।।**

## ଶବ୍ଦାନୁବାଦ

ଅଫଳାକାଙ୍‌କ୍ଷୀଭିଃ=ଫଳାକାଙ୍‌କ୍ଷାଶୂନ୍ୟ; ଯଜ୍ଞଃ=ଯଜ୍ଞ; ବିଧି=ବିଧି ଅନୁଯାୟୀ (ଯଥାବିଧି); ଦୃଷ୍ଟଃ=ନିର୍ଦ୍ଦିଷ୍ଟ; ଯଃ=ଯେ; ଇଦ୍ୟତେ=ଅନୁଷ୍ଠାନ କରେ; ଯଷ୍ଟବ୍ୟମ୍=ଅନୁଷ୍ଠିତ ହେବା ଉଚିତ୍; ଏବ=ନିଶ୍ଚିତଭାବେ; ଇତି=ଏହିପରି ଭାବେ; ମନଃ=ମନ; ସମାଧାୟ=ସ୍ଥିର; ସଃ=ସେ; ସାତ୍ତ୍ୱିକଃ=ସାତ୍ତ୍ୱିକ ଭାବାପନ୍ନ ।

## ଅନୁବାଦ

**ଯେଉଁ ଯଜ୍ଞାନୁଷ୍ଠାନ କର୍ତ୍ତବ୍ୟାନୁରୋଧରେ ଶାସ୍ତ୍ରନିର୍ଦ୍ଦେଶ ଅନୁଯାୟୀ ଏବଂ ଫଳକାଙ୍‌କ୍ଷା ନରଖି କରାଯାଏ ତାହା ସାତ୍ତ୍ୱିକ ଯଜ୍ଞ ଅଟେ ।**

## ଭାବାର୍ଥ

ମାନବର ଏହା ହେଉଛି ସାଧାରଣ ମନୋବୃତ୍ତି ଯେ ସେ କିଛିନାକିଛି ଉଦ୍ଦେଶ୍ୟ ରଖି ଯଜ୍ଞାନୁଷ୍ଠାନ କରେ, କିନ୍ତୁ ଏଠାରେ କୁହାଯାଇଛି ଯେ କୌଣସି କାମନା ନରଖି ଯଜ୍ଞାନୁଷ୍ଠାନ କରାଯିବା

ଉଚିତ୍ । କର୍ତ୍ତବ୍ୟାନୁରୋଧରେ ଏହା କରାଯିବା ଉଚିତ୍ । ଉଦାହରଣ ସ୍ୱରୂପ ମନ୍ଦିର କିମ୍ବା ଗୀର୍ଜାରେ କରାଯାଉଥିବା ପୂଜା ବିଧି ଅନୁଷ୍ଠାନ, ସାଧାରଣତଃ ଭୌତିକ ଲାଭ ଆଶାରେ କରାଯାଇଥାଏ, କିନ୍ତୁ ତାହା ସାତ୍ତ୍ୱିକ ଅନୁଷ୍ଠାନ ନୁହେଁ । ବ୍ୟକ୍ତି କର୍ତ୍ତବ୍ୟାନୁରୋଧରେ ମନ୍ଦିରକୁ କିମ୍ବା ଗୀର୍ଜାକୁ ଯିବା ଉଚିତ୍ । ସେ ସେଠାରେ ପରମପୁରୁଷ ଭଗବାନଙ୍କୁ ପ୍ରଣାମ ଜଣାଇ କିଛି ଫଳ, ପୁଷ୍ପ ବା ଖାଦ୍ୟ ଅର୍ପଣ କରିବା ଉଚିତ୍ । ପ୍ରାୟ ଅଧିକାଂଶ ଲୋକ ଭାବନ୍ତି ଯେ ଭଗବାନଙ୍କୁ ପୂଜା କରିବା ନିମିତ୍ତ ମନ୍ଦିରକୁ ଯିବାର କୌଣସି ଆବଶ୍ୟକତା ନାହିଁ । ଆର୍ଥିକ ଲାଭ ଉଠାଇବା ନିମିତ୍ତ ପୂଜା କରିବା କଥା ଶାସ୍ତ୍ରରେ ଦିଆଯାଇନାହିଁ । ବ୍ୟକ୍ତି ଶ୍ରୀବିଗ୍ରହଙ୍କୁ ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଇବା ନିମିତ୍ତ ମନ୍ଦିରକୁ ଯିବା ଉଚିତ୍ । ଏହା ବ୍ୟକ୍ତିକୁ ସତ୍ତ୍ୱସ୍ତରକୁ ନିଏ । ପ୍ରତ୍ୟେକ ସଭ୍ୟ ଲୋକର କର୍ତ୍ତବ୍ୟ ହେଲା ଶାସ୍ତ୍ର-ନିର୍ଦ୍ଦେଶକୁ ମାନିବା ଏବଂ ପରମପୁରୁଷ ଭଗବାନଙ୍କୁ ଭକ୍ତିପୂର୍ଣ୍ଣ ପ୍ରଣାମ ଜଣାଇବା ।

## ଶ୍ଳୋକ - ୧୨

**ଅଭିସନ୍ଧାୟ ତୁ ଫଳଂ ଦମ୍ଭାର୍ଥମପି ଚୈବ ଯତ୍ ।**
**ଇଜ୍ୟତେ ଭରତଶ୍ରେଷ୍ଠ ତଂ ଯଜ୍ଞଂ ବିଦ୍ଧି ରାଜସମ୍ ।। ୧୨ ।।**

## ଶବ୍ଦାନୁବାଦ

ଅଭିସନ୍ଧାୟ=ଆଶାକରି; ତୁ=କିନ୍ତୁ; ଫଳଂ=ଫଳ; ଦମ୍ଭ=ଗର୍ବ, ଦମ୍ଭ; ଅର୍ଥମ୍=ଭୌତିକ ଲାଭ; ଅପି=ମଧ୍ୟ; ଚ=ଏବଂ; ଏବ=ନିଶ୍ଚିତଭାବେ; ଯତ୍=ଯାହା; ଇଜ୍ୟତେ=ପୂଜାକରେ; ଭରତଶ୍ରେଷ୍ଠ=ହେ ଭରତଶ୍ରେଷ୍ଠ; ତଂ=ତାହା (ସେ); ଯଜ୍ଞ=ଯଜ୍ଞ; ବିଦ୍ଧି=ଜାଣିରଖ; ରାଜସମ୍=ରାଜସିକ ଅଟେ ।

## ଅନୁବାଦ

**ହେ ଭରତଶ୍ରେଷ୍ଠ ! ଯେଉଁ ଯଜ୍ଞ କର୍ମ ଭୌତିକ ଲାଭ ଉଦ୍ଦେଶ୍ୟରେ କରାଯାଏ, କିମ୍ବା ବାହ୍ୟାଡମ୍ବର ପ୍ରଦର୍ଶନ ନିମିତ୍ତ କରାଯାଏ, ଅର୍ଥାତ୍ ଗର୍ବ-ଦମ୍ଭ ଆଦି ପ୍ରଦର୍ଶନ କରିବା ନିମିତ୍ତ କରାଯାଏ; ତାହା ରାଜସିକ ଯଜ୍ଞ ଅଟେ ।**

## ଭାବାର୍ଥ

ବେଳେବେଳେ ଏ ପୃଥିବୀରେ ଲୋକମାନେ କିଛି ଭୌତିକ ଲାଭ ନିମିତ୍ତ ବା ସ୍ୱର୍ଗଲାଭ ନିମିତ୍ତ ପୂଜା ବ୍ରତବିଧି ଅନୁଷ୍ଠାନ ଓ ଯଜ୍ଞାନୁଷ୍ଠାନ କରନ୍ତି । ଏ ପ୍ରକାର ପୂଜାନୁଷ୍ଠାନ ବା ଯଜ୍ଞାନୁଷ୍ଠାନ ରାଜସିକ ବୋଲି ବିବେଚିତ ହୁଏ ।

## ଶ୍ଳୋକ - ୧୩

**ବିଧିହୀନମସୃଷ୍ଟାନ୍ନଂ ମନ୍ତ୍ରହୀନମଦକ୍ଷିଣମ୍ ।**
**ଶ୍ରଦ୍ଧାବିରହିତଂ ଯଜ୍ଞଂ ତାମସଂ ପରିଚକ୍ଷ୍ୟତେ ।।୧୩।।**

## ଶବ୍ଦାନୁବାଦ

ବିଧି-ହୀନମ୍=ଶାସ୍ତ୍ରବିଧିକୁ ଅନୁସରଣ ନକରି; ଅସୃଷ୍ଟ-ଅନ୍ନଂ=ପ୍ରସାଦ ବିତରଣ ନକରି; ମନ୍ତ୍ର-ହୀନମ୍=ବେଦ ମନ୍ତ୍ର ଉଚ୍ଚାରଣ ନକରି; ଅଦକ୍ଷିଣମ୍=ପୁରୋହିତଙ୍କୁ ଦକ୍ଷିଣା ନ ଦେଇ;

ଶ୍ରଦ୍ଧା=ଶ୍ରଦ୍ଧା ବା ବିଶ୍ୱାସ; ବିରହିତଂ=ବିରହିତ (ରହିତ); ଯଜ୍ଞଂ=ଯଜ୍ଞ; ତାମସଂ=ତମୋଗୁଣରେ; ପରିଚକ୍ଷ୍ୟତେ=ବିଗ୍ରହ କରାଯାଏ ।

## ଅନୁବାଦ

**ଯେଉଁ ଯଜ୍ଞାନୁଷ୍ଠାନରେ ଶାସ୍ତ୍ରବିଧି ଅନୁସରଣ କରାଯାଏ ନାହିଁ, ପ୍ରସାଦ ବିତରଣ କରାଯାଏ ନାହିଁ, ପୁରୋହିତଙ୍କୁ ଦକ୍ଷିଣା ଦିଆଯାଏ ନାହିଁ ଏବଂ ଯାହା ଶ୍ରଦ୍ଧା ବିରହିତ ଅଟେ -ତାହା ତାମସିକ ଯଜ୍ଞ ଅଟେ।**

## ଭାବାର୍ଥ

ଯେଉଁ ଶ୍ରଦ୍ଧା ବା ବିଶ୍ୱାସ ତମୋଗୁଣ ବିଶିଷ୍ଟ, ତାହା ବାସ୍ତବରେ ଅଶ୍ରଦ୍ଧା ବା ଅବିଶ୍ୱାସ ଅଟେ । ବେଳେବେଳେ ଲୋକମାନେ ଟଙ୍କା ରୋଜଗାର ପାଇଁ କୌଣସି ଦେବତା ପୂଜା କରନ୍ତି ଏବଂ ତପ୍ପରେ ଶାସ୍ତ୍ରବିଧିକୁ ଲଙ୍ଘନ କରି ସେ ଟଙ୍କାକୁ ମଉଜ ମଜଲିସ୍ ରେ ଖର୍ଚ୍ଚ କରନ୍ତି ।ଏ ପ୍ରକାର ବାହ୍ୟାଡ଼ମ୍ବରପୂର୍ଣ୍ଣ ଧର୍ମାନୁଷ୍ଠାନ ପ୍ରକୃତ ଧର୍ମାନୁଷ୍ଠାନରୂପେ ଗୃହୀତ ହୁଏ ନାହିଁ ।ଏ ସବୁ ତମୋଗୁଣ ବିଶିଷ୍ଟ ଅଟେ; ଏସବୁ ଅସୁରସ୍ୱଭାବ ବୃଦ୍ଧି କରାଏ ।ଏହା ମାନବ ସମାଜର କିଛି ଉପକାର କରେ ନାହିଁ ।

## ଶ୍ଳୋକ - ୧୪

**ଦେବଦ୍ୱିଜଗୁରୁପ୍ରାଜ୍ଞପୂଜନଂ ଶୌଚ ମାର୍ଜବମ୍ ।**
**ବ୍ରହ୍ମଚର୍ଯ୍ୟମହିଂସା ଚ ଶାରୀରଂ ତପ ଉଚ୍ୟତେ ।।୧୪।।**

## ଶବ୍ଦାନୁବାଦ

ଦେବ=ପରମେଶ୍ୱର; ଦ୍ୱିଜ=ବ୍ରାହ୍ମଣ; ଗୁରୁ=ଗୁରୁ;(ଆଗ୍ରର୍ଯ୍ୟ); ପ୍ରାଜ୍ଞ=ପୂଜ୍ୟ ବ୍ୟକ୍ତିଗଣ; ପୂଜନଂ=ପୂଜା; ଶୌଚମ୍=ଶୁଚି; ପବିତ୍ରଭାବ, ପରିଷ୍କାର ପରିଚ୍ଛନ୍ନତା; ଆର୍ଜବମ୍=ସରଳତା; ବ୍ରହ୍ମଚର୍ଯ୍ୟମ୍=ବ୍ରହ୍ମଚର୍ଯ୍ୟ; ଅହିଂସା=ଅହିଂସା; ଚ=ମଧ୍ୟ; ଶାରୀରଂ=ଶାରୀରିକ; ତପଃ=ତପସ୍ୟା; ଉଚ୍ୟତେ=କୁହାଯାଏ ।

## ଅନୁବାଦ

**ଶାରୀରିକ ତପସ୍ୟା ନିମ୍ନମତେ ଅଟେ - ପରମେଶ୍ୱର, ବ୍ରାହ୍ମଣ, ଆଗ୍ରର୍ଯ୍ୟ ବା ଗୁରୁ ଏବଂ ପୂଜ୍ୟ ବ୍ୟକ୍ତି ଯଥା - ପିତାମାତା ଆଦିଙ୍କର ପୂଜା, ଶୁଚି ବା ପବିତ୍ରତା, ସରଳତା, ବ୍ରହ୍ମଚର୍ଯ୍ୟ ଏବଂ ଅହିଂସା ଆଚରଣ ମଧ୍ୟ ଶାରୀରିକ ତପଃ ଅଟେ।**

## ଭାବାର୍ଥ

ଭଗବାନ୍ ଏଠାରେ ବିଭିନ୍ନ ପ୍ରକାର ତପସ୍ୟା ଓ ବ୍ରତବିଧି ଆଚରଣ କଥା କହୁଛନ୍ତି । ପ୍ରଥମେ ସେ ଶାରୀରିକ ତପସ୍ୟା କଥା କହୁଛନ୍ତି ।ବ୍ୟକ୍ତି ପ୍ରଥମେ ଶିଖିବା ଉଚିତ୍ କିପରି ଭଗବାନଙ୍କୁ କିମ୍ବା ଦେବତାମାନଙ୍କୁ ପ୍ରଣାମ ବା ସମ୍ମାନ ଜଣାଇବାକୁ ପଡ଼ିବ ।କିପରି ଉପଯୁକ୍ତ ଯୋଗ୍ୟ ବ୍ରାହ୍ମଣମାନଙ୍କୁ ଗୁରୁ ବା ଆଚାର୍ଯ୍ୟଙ୍କୁ ଏବଂ ପିତାମାତାଙ୍କ ପରି ପୂଜ୍ୟ ଗୁରୁଜନମାନଙ୍କୁ କିମ୍ବା ବେଦଜ୍ଞାନ ଅର୍ଜନ କରିଥିବା ପଣ୍ଡିତଙ୍କୁ ପ୍ରଣାମ ଜଣାଇବାକୁ ହେବ, ତାହା ଶିଖିବା ଉଚିତ୍ ।

ଏମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ୍ । ବ୍ୟକ୍ତି ଅନ୍ତର୍-ବହିଃ ଶୌଚଭାବ ଅଭ୍ୟାସ କରିବା ଉଚିତ୍ ଏବଂ ଅତି ସରଳ ବ୍ୟବହାର କିପରି କରିବାକୁ ହେବ ତାହା ଶିଖିବା ଉଚିତ୍ । ସେ ଏପରି କାମ କରିବ ନାହିଁ, ଯାହା ଶାସ୍ତ୍ରାନୁମୋଦିତ ନୁହେଁ । ସେ ବିବାହିତ ପତ୍ନୀ ବ୍ୟତୀତ ଅନ୍ୟ ପତ୍ନୀ ସହିତ ରତିକ୍ରୀଡ଼ାରେ ବ୍ୟାପୃତ ହେବା ଉଚିତ୍ ନୁହେଁ; କାରଣ ଶାସ୍ତ୍ରରେ କେବଳ ବିବାହିତ ପତ୍ନୀ ସହିତ ରତି କରିବାକୁ ନିର୍ଦ୍ଦେଶ ଦିଆଯାଇଅଛି, ଅନ୍ୟଥା ନୁହେଁ । ଏହାକୁ ବ୍ରହ୍ମଚର୍ଯ୍ୟ ଆଚରଣ କୁହାଯାଏ । ଏଗୁଡ଼ିକ ହେଉଛି ଶାରୀରିକ ତପସ୍ୟା ବା ବ୍ରତବିଧି ଅବଲମ୍ବନ ଅଟେ ।

## ଶ୍ଳୋକ - ୧୫

**ଅନୁଦ୍‌ବେଗକରଂ ବାକ୍ୟଂ ସତ୍ୟଂ ପ୍ରିୟହିତଂ ଚ ଯତ୍ ।**
**ସ୍ୱାଧ୍ୟାୟାଭ୍ୟସନଂ ଚୈବ ବାଙ୍‌ମୟଂ ତପ ଉଚ୍ୟତେ ।।୧୫।।**

## ଶବ୍ଦାନୁବାଦ

ଅନୁଦ୍‌ବେଗକରଂ=ଯାହା ଉଦ୍‌ବେଗକର ନୁହେଁ; ବାକ୍ୟଂ=ବାକ୍ୟ ବା କଥା; ସତ୍ୟଂ=ସତ୍ୟ; ପ୍ରିୟ=ପ୍ରିୟ; ହିତଂ=ହିତକର; ଚ=ମଧ୍ୟ; ଯତ୍=ଯାହା; ସ୍ୱାଧ୍ୟାୟ=ବୈଦିକ ଶାସ୍ତ୍ର ଅଧ୍ୟୟନ; ଅଭ୍ୟସନଂ=ଅଭ୍ୟାସ; ଚ=ମଧ୍ୟ; ଏବ=ନିଶ୍ଚିତରୂପେ; ବାଙ୍‌ମୟଂ=ବାଚିକ; ତପଃ=ତପସ୍ୟା; ଉଚ୍ୟତେ=କୁହାଯାଏ ।

## ଅନୁବାଦ

**ସତ୍ୟକଥା କହିବା, ହିତକର କଥା କହିବା ଏବଂ ଏପରି କଥା କହିବା ନାହିଁ ଯାହା ଅନ୍ୟର ହୃଦୟରେ ବ୍ୟଥା ଜନ୍ମାଇବ-ଏହା ବାଚିକ ତପଃ ଅଟେ । ଏ ପ୍ରକାର ବ୍ୟକ୍ତି ମଧ୍ୟ ନିୟମିତଭାବେ ପ୍ରତିଦିନ ବେଦାଧ୍ୟୟନ କରିବା ଉଚିତ୍ ।**

## ଭାବାର୍ଥ

ବ୍ୟକ୍ତି ଏପରି କଥା କହିବା ଉଚିତ୍ ନୁହେଁ, ଯାହା ଅନ୍ୟର ମନକୁ ଉଦ୍‌ବିଗ୍ନ କରାଇବ । ଅବଶ୍ୟ, ଯେତେବେଳେ ଜଣେ ଗୁରୁ ବା ଶିକ୍ଷକ କହନ୍ତି ସେତେବେଳେ ସେ ତାଙ୍କର ଛାତ୍ରମାନଙ୍କର ହିତ ଉଦ୍ଦେଶ୍ୟରେ ସତ୍ୟକଥା କହିପାରନ୍ତି, ଅର୍ଥାତ୍ - ସେତେବେଳେ ସେ ଅପ୍ରିୟ ସତ୍ୟକଥା କରିପାରନ୍ତି । କିନ୍ତୁ ସେ ଶିକ୍ଷକ ବା ଗୁରୁ ଏପରି ଅପ୍ରିୟ ସତ୍ୟକଥା ଯାହା ଅନ୍ୟ ସମସ୍ତଙ୍କୁ ଉଦ୍‌ବିଗ୍ନ କରାଇବ, ଅର୍ଥାତ୍-ଯେଉଁମାନେ ତାଙ୍କର ଛାତ୍ର ନୁହଁନ୍ତି ସେମାନଙ୍କୁ କହିବା ଉଚିତ୍ ନୁହେଁ । ଏହା ହେଉଛି ବାଚିକ ତପଃ । ଏତଦ୍ ବ୍ୟତୀତ କେହି ଅଯଥା ବାଜେ କଥାବାର୍ତ୍ତା କରିବା ଉଚିତ୍ ନୁହେଁ । ଯେତେବେଳେ ଆଧ୍ୟାତ୍ମିକ ସ୍ତରରେ କଥାବାର୍ତ୍ତା କରାଯାଏ ସେତେବେଳେ ବ୍ୟକ୍ତି ଶାସ୍ତ୍ରପ୍ରମାଣ ସହକାରେ କଥାବର୍ତ୍ତା କରିବା ଉଚିତ୍ । ବ୍ୟକ୍ତି ତା'ର କଥାକୁ ବଳିଷ୍ଠ କରିବା ନିମିତ୍ତ ଶାସ୍ତ୍ରପ୍ରମାଣ ଉଦ୍ଧାର କରିବା ଉଚିତ୍ । ତତ୍ ସଙ୍ଗେ ସଙ୍ଗେ ସେ କଥା ଶ୍ରୁତି ମଧୁର ହେବା ଉଚିତ୍ । ଏ ପ୍ରକାର ଆଲୋଚନା ବା କଥାବାର୍ତ୍ତା ଅତି ଉନ୍ନତ ଫଳ ଦେବ ଏବଂ ତଦ୍ଦ୍ୱାରା ମାନବ ସମାଜର ମଧ୍ୟ ଉନ୍ନତି ହେବ । ଅସଂଖ୍ୟ ବୈଦିକ ସାହିତ୍ୟ ଅଛି । ବ୍ୟକ୍ତି ସେଗୁଡ଼ିକ ଅଧ୍ୟୟନ କରିବା ଉଚିତ୍ । ଏହାକୁ ବାଙ୍‌ମୟ ତପଃ ବା ବାଚିକ ତପଃ କୁହାଯାଏ ।

## ଶ୍ଳୋକ - ୧୬

**ମନଃପ୍ରସାଦଃ ସୌମ୍ୟତ୍ୱଂ ମୌନମାତ୍ମବିନିଗ୍ରହଃ ।**
**ଭାବସଂଶୁଦ୍ଧିରିତ୍ୟେତତ୍ତପୋ ମାନସମୁଚ୍ୟତେ ।।୧୬।।**

## ଶବ୍ଦାନୁବାଦ

ମନଃ-ପ୍ରସାଦଃ=ମାନସିକ ସନ୍ତୋଷ; ସୌମ୍ୟତ୍ୱଂ=ଅନ୍ୟମାନଙ୍କ ପ୍ରତି ବିଦ୍ୱେଷ ଭାବ ନଥିବା; ମୌନମ୍=ମୌନ, ଗାମ୍ଭୀର୍ଯ୍ୟ; ଆତ୍ମ=ଆତ୍ମା; ବିନିଗ୍ରହଃ=ସଂଯମ; ଭାବ=ଭାବ; ପ୍ରକୃତି; ସଂଶୁଦ୍ଧିଃ=ଶୁଦ୍ଧତା; ଇତି=ଏହିପରି; ଏତତ୍=ଏହା; ତପଃ=ତପସ୍ୟା; ମାନସମ୍=ମାନସିକ; ଉଚ୍ୟତେ=କୁହାଯାଏ ।

## ଅନୁବାଦ

**ଶାନ୍ତଭାବ, ସରଳତା, ଗାମ୍ଭୀର୍ଯ୍ୟ, ଆତ୍ମ-ସଂଯମ ଏବଂ ଶୁଦ୍ଧ ଚିନ୍ତାଧାରା-ଏସବୁ ହେଉଛି ମାନସିକ ତପଃ ।**

## ଭାବାର୍ଥ

ମନସଂଯମ ବା ମନକୁ ତପଃ ଅନୁକୂଳ କରିବା ଅର୍ଥ ଏହାକୁ ଇନ୍ଦ୍ରିୟସୁଖ ଭୋଗରୁ ଦୂରେଇ ନେବା । ମନକୁ ଏପରି ସଂଯମ କରିବାକୁ ପଡ଼ିବ, ଯେପରିକି ଏହା ସର୍ବଦା ଅନ୍ୟର ଶୁଭକାମନା ହିଁ କରୁଥିବ । ସର୍ବୋତ୍ତମ ମାନସିକ-ସଂଯମ ହେଲା ଗାମ୍ଭୀର୍ଯ୍ୟଭାବ ବା ଗମ୍ଭୀର ଚିନ୍ତାଧାରା । ବ୍ୟକ୍ତି କୃଷ୍ଣଚେତନାରୁ କଦାପି ଦୂରେଇ ଯିବା ଉଚିତ୍ ନୁହେଁ ଏବଂ ସେ ସର୍ବଦା ଇନ୍ଦ୍ରିୟସୁଖରୁ ଦୂରରେ ରହିବା ଉଚିତ୍ । ସ୍ୱଭାବ ବିଶୁଦ୍ଧ କରିବାକୁ ହେଲେ କୃଷ୍ଣଚେତନଶୀଳ ହେବା ଉଚିତ୍ । ମାନସିକ-ସନ୍ତୋଷ କେବଳ ଇନ୍ଦ୍ରିୟସୁଖଭୋଗ କାମନାରୁ ମନକୁ ଦୂରେଇ ନେବାରେ ହିଁ ପ୍ରାପ୍ତ ହୋଇପାରେ । ଆମ୍ଭେମାନେ ଯେତେ ଅଧିକ ଇନ୍ଦ୍ରିୟସୁଖ କଥା ଭାବିବା, ସେତେ ଅଧିକ ପରିମାଣରେ ମନରେ ଅସନ୍ତୋଷ ବା ଅଶାନ୍ତି ଜାତହେବ । ବର୍ତ୍ତମାନ ଯୁଗରେ ଆମ୍ଭେମାନେ ଅଯଥା ନାନାପ୍ରକାର କେବଳ ଇନ୍ଦ୍ରିୟସୁଖ ଚିନ୍ତାରେ ହିଁ ମନୋନିବେଶ କରୁଛୁ ଏବଂ ସେଇଥିପାଇଁ ମନର ସନ୍ତୋଷ ବିଧାନ ସମ୍ଭବପର ହୋଇପାରୁନାହିଁ, ସର୍ବୋତ୍ତମ ପନ୍ଥା ହେଲା ମନକୁ ବୈଦିକ ସାହିତ୍ୟ ଅଧ୍ୟୟନରେ ଲଗାଇବା; କାରଣ ବୈଦିକ ସାହିତ୍ୟଗୁଡ଼ିକ ସୁନ୍ଦର ଗଳ୍ପ ଓ ଆଖ୍ୟାୟିକାରେ ପୂର୍ଣ୍ଣ । ମହାଭାରତ ଆଦି ପୁରାଣମାନଙ୍କରେ ଏସବୁ ସୁନ୍ଦର ଗଳ୍ପ ଓ ଆଖ୍ୟାୟିକା ତୁମ୍ଭେମାନେ ପାଇବ । ବ୍ୟକ୍ତି ଏସବୁ ପାଠର ସୁବିଧା ନେବା ଉଚିତ୍ ଏବଂ ଏହିପରି ବିଶୁଦ୍ଧ ହେବା ଉଚିତ୍ । ମନରେ ଅନ୍ୟପ୍ରତି କୌଣସି ପ୍ରକାର ବିଦ୍ୱେଷଭାବ ରଖିବା ଉଚିତ୍ ନୁହେଁ ଏବଂ ବ୍ୟକ୍ତି ସର୍ବଦା ସମସ୍ତଙ୍କର ମଙ୍ଗଳ ଚିନ୍ତା କରିବା ଉଚିତ୍ । ମୌନର ଅର୍ଥ ହେଲା ସର୍ବଦା ଆତ୍ମାନୁଭୂତି ସମ୍ବନ୍ଧରେ ଚିନ୍ତା କରିବା । ଏହି ଅର୍ଥରେ କୃଷ୍ଣଚେତନଶୀଳ ବ୍ୟକ୍ତି ବରାବର ପୂର୍ଣ୍ଣ ମୌନତା ଅବଲମ୍ବନ କରେ । ମନଃ ସଂଯମର ଅର୍ଥ ମନକୁ ଇନ୍ଦ୍ରିୟ-ସୁଖରୁ ଦୂରେଇ ନେବା । ବ୍ୟକ୍ତି ତା'ର ଦୈନନ୍ଦିନ ବ୍ୟବହାରରେ ସରଳ ହେବା ଉଚିତ୍ ଏବଂ ତଦ୍ଦ୍ୱାରା ସେ ନିଜସ୍ଥିତିକୁ ବିଶୁଦ୍ଧ କରିପାରିବ । ଏସବୁ ଗୁଣର ସମାହାର ମାନସିକ ତପଃ ଅଟେ ।

## ଶ୍ଲୋକ - ୧୭

**ଶ୍ରଦ୍ଧୟା ପରୟା ତପ୍ତଂ ତପସ୍ତତ୍ ତ୍ରିବିଧଂ ନରୈଃ ।**
**ଅଫଳାକାଙ୍କ୍ଷିଭିର୍ଯୁକ୍ତୈଃ ସାତ୍ତ୍ୱିକଂ ପରିଚକ୍ଷ୍ୟତେ ।।୧୭।।**

## ଶବ୍ଦାନୁବାଦ

ଶ୍ରଦ୍ଧୟା=ଶ୍ରଦ୍ଧା ବା ବିଶ୍ୱାସ ସହକାରେ; ପରୟା=ପରମ (ଦିବ୍ୟ); ତପ୍ତଂ=ନିର୍ବାହିତ; ତପଃ=ତପସ୍ୟା; ତତ୍=ତାହା; ତ୍ରି-ବିଧଂ=ତିନିପ୍ରକାର; ନରୈଃ=ମାନବମାନଙ୍କଦ୍ୱାରା; ଅଫଳାକାଙ୍କ୍ଷିଭିଃ=ଫଳାକାଙ୍କ୍ଷାରହିତ; ଯୁକ୍ତୈଃ=ଯୁକ୍ତ; ସାତ୍ତ୍ୱିକଂ=ସାତ୍ତ୍ୱିକ; ପରିଚକ୍ଷ୍ୟତେ=କୁହାଯାଏ ।

## ଅନୁବାଦ

**ଏ ତିନିପ୍ରକାର ତପସ୍ୟା (ତପଃ)କୁ ସାତ୍ତ୍ୱିକସ୍ୱଭାବ-ସଂପନ୍ନ ଲୋକମାନେ ଅଭ୍ୟାସ କରନ୍ତି । ସେମାନଙ୍କ ଲକ୍ଷ୍ୟ ହେଲା ପରମପୁରୁଷ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଭୌତିକ ଲାଭ ପାଇବା ନୁହେଁ । ଏ ପ୍ରକାର ତପସ୍ୟା (ବା ତପଃ) ସାତ୍ତ୍ୱିକ ତପଃ ଅଟେ ।**

## ଶ୍ଲୋକ - ୧୮

**ସତ୍କାରମାନପୂଜାର୍ଥଂ ତପୋ ଦମ୍ଭେନ ଚୈବ ଯତ୍ ।**
**କ୍ରିୟତେ ତଦିହ ପ୍ରୋକ୍ତଂ ରାଜସଂ ଚଳମଧ୍ରୁବମ୍ ।।୧୮।।**

## ଶବ୍ଦାନୁବାଦ

ସତ୍କାରଂ=ସମ୍ମାନ; ମାନ=ମାନ; ପୂଜାର୍ଥଂ=ପୂଜାନିମିତ୍ତ; ତପଃ=ତପସ୍ୟା; ଦମ୍ଭେନ=ଗର୍ବ ବା ଦମ୍ଭସହକାରେ; ଚ=ମଧ୍ୟ; ଏବ=ନିଶ୍ଚିତରୂପେ; ଯତ୍=ଯାହା; କ୍ରିୟତେ=କରାଯାଏ; ତତ୍=ତାହା; ଇହ=ଏହି ପୃଥିବୀରେ; ପ୍ରୋକ୍ତଂ=କୁହାଯାଏ; ରାଜସଂ=ରାଜସ; ଚଳମ୍=ଚଞ୍ଚଳ; ଅଧ୍ରୁବମ୍=ଅସ୍ଥାୟୀ ।

## ଅନୁବାଦ

**ମାନ, ସମ୍ମାନ ଓ ପ୍ରତିଷ୍ଠା ଆଦି ଲାଭକରିବା ନିମିତ୍ତ ଯେଉଁଲୋକ ଦେଖାଣିଆ ବାହ୍ୟାଡ଼ମ୍ବରପୂର୍ଣ୍ଣ ତପସ୍ୟା ଓ ବ୍ରତବିଧି ଅନୁଷ୍ଠାନ ଆଦି କରେ, ତାହାକୁ ରାଜସିକ ତପଃ କୁହାଯାଏ, ଏଗୁଡ଼ିକ ସ୍ଥିର କିମ୍ବା ସ୍ଥାୟୀ ନୁହଁନ୍ତି ।**

## ଭାବାର୍ଥ

ବେଳେବେଳେ ଲୋକମାନଙ୍କୁ ଆକର୍ଷଣ କରିବା ନିମିତ୍ତ ଏବଂ ମାନସମ୍ମାନ ଲାଭକରିବା ନିମିତ୍ତ କିମ୍ବା ଅନ୍ୟମାନଙ୍କଦ୍ୱାରା ପୂଜିତ ହେବା ନିମିତ୍ତ ତପଃସାଧନ ଓ ବ୍ରତବିଧି ଅନୁଷ୍ଠାନ ଆଦି କରାଯାଏ । ରଜୋଗୁଣାଧୀନ ବ୍ୟକ୍ତିଗଣ ଅର୍ଥାତ୍ ରାଜସିକ ସ୍ୱଭାବ-ସଂପନ୍ନ ବ୍ୟକ୍ତିଗଣ ସେମାନଙ୍କର ଅଧୀନସ୍ଥ ଲୋକମାନଙ୍କଠାରୁ ପୂଜା ପାଇବାକୁ ବନ୍ଦୋବସ୍ତ କରନ୍ତି ଏବଂ ସେମାନେ ଚାହାନ୍ତି ସେମାନଙ୍କର ଅଧସ୍ତନ ବ୍ୟକ୍ତିଗଣ ସେମାନଙ୍କର ପଦ ପ୍ରକ୍ଷାଳନ କରନ୍ତୁ ଏବଂ ସେମାନଙ୍କୁ ଧନ-ସଂପଦ ଦିଅନ୍ତୁ । ବାହ୍ୟାଡ଼ମ୍ବରପୂର୍ଣ୍ଣ ତପଃ ଆଚରଣ କରି ଏପ୍ରକାର କୃତ୍ରିମ ବ୍ୟବସ୍ଥା କରାଯାଇଥାଏ ।

ଏ ପ୍ରକାର ତପସ୍ୟାକୁ ରାଜସିକ ତପସ୍ୟା କୁହାଯାଏ । ଏହାର ଫଳ ଅସ୍ଥାୟୀ; ଏହା କିଛି ସମୟପାଇଁ ମିଳେ ଏହା ଚିରସ୍ଥାୟୀ ନୁହେଁ ।

## ଶ୍ଳୋକ - ୧୯

**ମୂଢ଼ଗ୍ରାହେଣାତ୍ମନୋ ଯତ୍ପୀଡ଼ୟା କ୍ରିୟତେ ତପଃ ।**
**ପରସ୍ୟୋତ୍ସାଦନାର୍ଥଂ ବା ତତ୍ତାମସମୁଦାହୃତମ୍ ।।୧୯।।**

## ଶବ୍ଦାନୁବାଦ

ମୂଢ଼=ନିର୍ବୋଧ, ମୂର୍ଖ; ଗ୍ରାହେଣ=ଚେଷ୍ଟାକରି; ଆତ୍ମନଃ=ନିଜ ଆତ୍ମାର; ଯତ୍=ଯାହା; ପୀଡ଼ୟା=ପୀଡ଼ାଦେଇ; କ୍ରିୟତେ=କରାଯାଏ; ତପଃ=ତପସ୍ୟା; ପରସ୍ୟ=ଅନ୍ୟର; ଉତ୍ସାଦନାର୍ଥଂ=ଧ୍ୱଂସନିମିତ୍ତ; ବା=କିମ୍ବା; ତତ୍=ତାହା; ତାମସମ୍=ତମୋଗୁଣ; ଉଦାହୃତମ୍=କୁହାଯାଏ ।

## ଅନୁବାଦ

**ଯେଉଁ ତପସ୍ୟା ଏବଂ ବ୍ରତାନୁଷ୍ଠାନ ନିର୍ବୋଧଭାବେ ଆତ୍ମାକୁ ପୀଡ଼ାଦେଇ ଅନ୍ୟର ଅନିଷ୍ଟ କରିବା ନିମିତ୍ତ କରାଯାଏ, ତାହା ତାମସିକ ତପଃ ଅଟେ ବୋଲି କୁହାଯାଏ ।**

## ଭାବାର୍ଥ

ଏପରି ନିର୍ବୋଧ-ତପସ୍ୟାର ଅନେକ ଉଦାହରଣ ଅଛି; ହିରଣ୍ୟକଶିପୁ ଭଳି ରାକ୍ଷସଗଣ ଏପରି ତପସ୍ୟା କରିଛନ୍ତି । ହିରଣ୍ୟକଶିପୁ ଅମର ହେବା ନିମିତ୍ତ ଏବଂ ଦେବତାମାନଙ୍କୁ ବଧ କରିବା ନିମିତ୍ତ ଖୁବ୍ କଠିନ ତପସ୍ୟା କରିଛି । ଏ ପ୍ରକାର ବରଲାଭ କରିବା ନିମିତ୍ତ ସେ ବ୍ରହ୍ମାଙ୍କୁ ପ୍ରାର୍ଥନା କରିଥିଲା; କିନ୍ତୁ ପରିଣାମରେ ସେ ପରମ ପୁରୁଷ ଭଗବାନଙ୍କ ଦ୍ୱାରା ନିହତ ହେଲା । ଯାହା ଅସମ୍ଭବ ତାକୁ ପାଇବା ନିମିତ୍ତ ତପସ୍ୟା କରିବା ବାସ୍ତବିକ ତାମସିକ ତପଃ ହିଁ ଅଟେ ।

## ଶ୍ଳୋକ - ୨୦

**ଦାତବ୍ୟମିତି ଯଦ୍ଦାନଂ ଦୀୟତେଽନୁପକାରିଣେ ।**
**ଦେଶେ କାଳେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂ ସ୍ମୃତମ୍ ।।୨୦।।**

## ଶବ୍ଦାନୁବାଦ

ଦାତବ୍ୟମ୍=ଯାହା ଦାନ ଯୋଗ୍ୟ; ଇତି=ଏହିପରି; ଯତ୍=ଯାହା; ଦାନଂ=ଦାନ; ଦାୟତେ=ଦିଆଯାଏ; ଅନୁପକାରିଣେ=ଯେକୌଣସି ଲୋକକୁ ଦିଆଯାଏ, ସେତେବେଳେ ଆଉ ବିଗ୍ଚର କରାଯାଏ ନାହିଁ ଯେ, ତା'ଠାରୁ କି' ଉପକାର ମିଳିବ; ଦେଶେ=(ଉପଯୁକ୍ତ) ସ୍ଥାନରେ; କାଳେ=(ଉପଯୁକ୍ତ) ସମୟରେ; ଚ=ମଧ୍ୟ; ପାତ୍ରେ=ଉପଯୁକ୍ତ ପାତ୍ରରେ, (ଅର୍ଥାତ୍ ଉପଯୁକ୍ତ ବ୍ୟକ୍ତିକୁ); ଚ=ଏବଂ; ତତ୍=ସେ; ଦାନଂ=ଦାନ; ସାତ୍ତ୍ୱିକଂ=ସତ୍ତ୍ୱଗୁଣ ବିଶିଷ୍ଟ; ସ୍ମୃତମ୍=କଥିତ ।

## ଅନୁବାଦ

**ଯେଉଁ ଦାନ ଉପଯୁକ୍ତ ସମୟରେ, ଉପଯୁକ୍ତ ସ୍ଥାନରେ ଉପଯୁକ୍ତ ବ୍ୟକ୍ତିକୁ ଦିଆଯାଏ ଏବଂ ତା'ଠାରୁ ପ୍ରତିବଦଳରେ କିଛି ପାଇବାକୁ ଆଶା କରାଯାଏ ନାହିଁ, ତାକୁ ସାତ୍ତ୍ୱିକ ଦାନ କୁହାଯାଏ ।**

## ଭାବାର୍ଥ

ସୁପାତ୍ର କିଏ ? ଦାନ ଗ୍ରହଣ କରିବାର ଉପଯୁକ୍ତ ପାତ୍ର କିଏ - ଏ ସମ୍ବନ୍ଧରେ ବୈଦିକ ସାହିତ୍ୟରେ କୁହାଯାଇଅଛି ଯେ ଯେଉଁ ବ୍ୟକ୍ତି ଦିବ୍ୟକର୍ମ ବା ଆଧ୍ୟାତ୍ମିକସାଧନ କର୍ମରେ ରତ ଅଛି ସେ ହିଁ ଉପଯୁକ୍ତ ବ୍ୟକ୍ତି, ସେ ହିଁ ସୁପାତ୍ର । ତେଣୁ ସେହି ବ୍ୟକ୍ତିକୁ ଦାନ କରନ୍ତୁ; ତାକୁ ହିଁ ଭିକ୍ଷା ଦିଅନ୍ତୁ । ମନଇଚ୍ଛା ଯାହାକୁ ତାକୁ ଦାନ ଦେବା କଥା କୁହାଯାଇ ନାହିଁ । ଦାନ ଦେବା ସମୟରେ ସର୍ବଦା ଏଇକଥା ବିଗ୍ଚରକୁ ନେବା ଉଚିତ୍, ବ୍ୟକ୍ତି କେତେଦୂର ଅଧ୍ୟାତ୍ମ-ମାର୍ଗରେ ସିଦ୍ଧିଲାଭ କରିଛି । ତେଣୁ ଦାନ ଦେବା ସମ୍ବନ୍ଧରେ କୁହାଯାଇଛି ଯେ ତୀର୍ଥ କ୍ଷେତ୍ରରେ ଦାନ କରିବ, ଚନ୍ଦ୍ରଗ୍ରହଣ ବା ସୂର୍ଯ୍ୟପରାଗ କାଳ ମଧ୍ୟରେ ଦାନ କରିବ, କିମ୍ବା ମାସ ଶେଷରେ ଦାନ କରିବ, କିମ୍ବା ଜଣେ ବୈଷ୍ଣବ (ଭକ୍ତ)ଙ୍କୁ ଦାନ କରିବ କିମ୍ବା ଦେବାଳୟ ବା ମନ୍ଦିରମାନଙ୍କରେ ଦାନ କରିବ । ଏ ପ୍ରକାର ଦାନ କୌଣସି ପ୍ରତିବଦଳର ଆଶା ନ ରଖି କରିବା ଉଚିତ୍ । ଦୟା ବା ସହୃଦୟତା ଯୋଗୁଁ ବେଳେବେଳେ ଗରିବଲୋକମାନଙ୍କୁ ଦାନ କରାଯାଏ; କିନ୍ତୁ ଯଦି ଗରିବ ଲୋକଟି ଦାନ ଗ୍ରହଣ କରିବା ନିମିତ୍ତ ଉପଯୁକ୍ତ ନ ହୋଇଥାଏ ବା ସୁପାତ୍ର ନ ହୋଇଥାଏ, ତାହାହେଲେ ସେ ଦାନରେ କୌଣସି ସୁଫଳ ମିଳେ ନାହିଁ, ଅର୍ଥାତ୍ - ତଦ୍ଦ୍ୱାରା ଆଧ୍ୟାତ୍ମିକ ମାର୍ଗରେ ଉନ୍ନତି ହୁଏ ନାହିଁ । ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ ବିଗ୍ଚରହୀନ ଭାବରେ ମନଇଚ୍ଛା ଦାନଦେବା କଥା ବୈଦିକ ଶାସ୍ତ୍ରରେ କୁହାଯାଇ ନାହିଁ ।

## ଶ୍ଳୋକ - ୨୧

**ଯତ୍ତୁ ପ୍ରତ୍ୟୁପକାରାର୍ଥଂ ଫଳମୁଦ୍ଦିଶ୍ୟ ବା ପୁନଃ ।**
**ଦୀୟତେ ଚ ପରିକ୍ଲିଷ୍ଟଂ ତଦ୍ଦାନଂ ରାଜସଂ ସ୍ମୃତମ୍ ।।୨୧।।**

## ଶବ୍ଦାନୁବାଦ

ଯତ୍=ଯାହା; ତୁ=କିନ୍ତୁ; ପ୍ରତି-ଉପକାର ଅର୍ଥଂ=ପ୍ରତ୍ୟୁପକାର ଆଶାରେ; ଫଳମ୍=ଫଳ; ଉଦ୍ଦିଶ୍ୟ=ଉଦ୍ଦେଶ୍ୟରେ ବା କାମନାକରି; ବା=କିମ୍ବା; ପୁନଃ=ପୁନଶ୍ଚ; ଦୀୟତେ=ଦାନ ଦିଆଯାଏ; ଚ=ମଧ୍ୟ; ପରିକ୍ଲିଷ୍ଟଂ=କୁଣ୍ଠିତ ଚିତ୍ତରେ; ତତ୍=ତାହା; ଦାନଂ=ଦାନ; ରାଜସଂ=ରଜୋଗୁଣାତ୍ମକ; ସ୍ମୃତମ୍=ବୁଝାଯାଏ ।

## ଅନୁବାଦ

**ଯେଉଁ ଦାନ ପ୍ରତ୍ୟୁପକାର ଆଶାରେ କିମ୍ବା ପ୍ରତିବଦଳରେ କିଛି ଲାଭ କରିବା ଉଦ୍ଦେଶ୍ୟରେ କିମ୍ବା କୁଣ୍ଠିତ ଚିତ୍ତରେ ଦିଆଯାଏ, ତାହାକୁ ରାଜସିକ ଦାନ ବୋଲି କୁହାଯାଏ ।**

## ଭାବାର୍ଥ

ବେଳେବେଳେ ସ୍ୱର୍ଗପ୍ରାପ୍ତି ନିମିତ୍ତ ମଧ୍ୟ ଦାନ କରାଯାଏ ଏବଂ ବେଳେବେଳେ କଷ୍ଟରେ ଦାନ କରାଯାଏ ଏବଂ ଦାନକରି ବେଳେବେଳେ ପଶ୍ଚାତ୍ତାପ ମଧ୍ୟ କରିବାକୁ ହୁଏ, ‘‘କାହିଁକି ମୁଁ ଏତେ ପଇସା ଏପରି ଭାବରେ ଖର୍ଚ୍ଚ କଲି ?’’ ଏପରି ବି ମଧ୍ୟ ହୁଏ କୌଣସି ଗୁରୁଜନଙ୍କର ଅନୁରୋଧରେ ଆନୁଗତ୍ୟ ପ୍ରକାଶ ନିମିତ୍ତ ଦାନ କରାଯାଏ । ଏ ପ୍ରକାର ଦାନମାନଙ୍କୁ ରାଜସିକ ଦାନ ବୋଲି କୁହାଯାଏ ।

ଅନେକ ଦାତବ୍ୟ ଅନୁଷ୍ଠାନ ଅଛି, ଯେଉଁମାନେ ଦାନ କରନ୍ତି; କିନ୍ତୁ ସୁପାତ୍ରରେ ଦାନ କରନ୍ତି ନାହିଁ । ଇନ୍ଦ୍ରିୟ ତୃପ୍ତି ବା ଇନ୍ଦ୍ରିୟ ସୁଖଭୋଗ ଚ୍ଛଳିଥିବା ସ୍ଥଳରେ ସେମାନେ ଦାନ କରନ୍ତି । ବୈଦିକ ଶାସ୍ତ୍ରରେ ଏ ପ୍ରକାର ଦାନ କଥା କୁହାଯାଇ ନାହିଁ ବା ଏହାକୁ ଅନୁମୋଦନ କରାଯାଇ ନାହିଁ । କେବଳ ସାତ୍ତ୍ୱିକ ଦାନ କଥା ଅନୁମୋଦନ କରାଯାଇଅଛି ।

## ଶ୍ଲୋକ - ୨୨

**ଅଦେଶକାଲେ ଯଦ୍ଦାନମପାତ୍ରେଭ୍ୟଶ୍ଚ ଦୀୟତେ ।**
**ଅସତ୍କୃତମବଜ୍ଞାତଂ ତତ୍ତାମସମୁଦାହୃତମ୍ ।।୨୨।।**

## ଶବ୍ଦାନୁବାଦ

ଅଦେଶ=ଅପବିତ୍ର ସ୍ଥାନ; କାଳେ=ଅଶୁଭ ସମୟରେ; ଯତ୍=ଯାହା (ଯେଉଁ); ଦାନମ୍=ଦାନ; ଅପାତ୍ରେଭ୍ୟଃ=ଅପାତ୍ରରେ; ଚ=ମଧ୍ୟ; ଦୀୟତେ=ଦିଆଯାଏ; ଅସତ୍-କୃତମ୍=ମାନ ସମ୍ମାନ ବ୍ୟତୀତ; ଅବଜ୍ଞାତଂ=ଉପଯୁକ୍ତ ଧ୍ୟାନ ନଦେଇ; ତତ୍=ତାହା; ତାମସମ୍=ତାମସିକ; ଉଦାହୃତମ୍=କୁହାଯାଏ ।

## ଅନୁବାଦ

**ଯେଉଁ ଦାନ ଅପବିତ୍ର ସ୍ଥାନରେ (ବା ଅନୁପଯୁକ୍ତ ସ୍ଥାନରେ ଅର୍ଥାତ୍ ଅଦେଶରେ) ଓ ଅକାଳରେ (ଅଶୁଭ ସମୟରେ) ଅପାତ୍ରରେ (ଅଯୋଗ୍ୟ ବ୍ୟକ୍ତିକୁ) ମାନ-ସମ୍ମାନ ପ୍ରଦର୍ଶନ ନକରି ଘୃଣାର ସହିତ ଦିଆଯାଏ, ତାହାକୁ ତାମସିକ ଦାନ ବୋଲି କୁହାଯାଏ ।**

## ଭାବାର୍ଥ

ନିଶାଦ୍ରବ୍ୟ ସେବନ ଏବଂ ଦ୍ୟୁତକ୍ରୀଡ଼ାରେ ଅଂଶଗ୍ରହଣ କରିବା ନିମିତ୍ତ ଦାନ କରିବାକୁ ଏଠାରେ ଅନୁମୋଦନ କରାଯାଉ ନାହିଁ । ଏ ପ୍ରକାର ଦାନ ତାମସିକ ଦାନ ଅଟେ । ଏ ପ୍ରକାର ଦାନ ହିତକର ନୁହେଁ, ବରଂ ଏତଦ୍ଵାରା ପାପୀମାନଙ୍କୁ ଉତ୍ସାହିତ କରାଯାଏ । ସେହିପରି ଯଦି କୌଣସି ବ୍ୟକ୍ତି ଏକ ଉପଯୁକ୍ତ ବ୍ୟକ୍ତିକୁ (ଅର୍ଥାତ୍ ସୁପାତ୍ରରେ) ମାନ-ସମ୍ମାନ ପ୍ରଦର୍ଶନ ନକରି ଏବଂ ଉପଯୁକ୍ତ ଧ୍ୟାନ ନଦେଇ ଦାନକରେ ତାହାହେଲେ ସେ ପ୍ରକାର ଦାନକୁ ମଧ୍ୟ ତାମସିକ ଦାନ କୁହାଯାଏ ।

## ଶ୍ଲୋକ - ୨୩

**ଓଁ ତତ୍ସଦିତି ନିର୍ଦ୍ଦେଶୋ ବ୍ରହ୍ମଣସ୍ତ୍ରିବିଧଃ ସ୍ମୃତଃ ।**
**ବ୍ରାହ୍ମଣାସ୍ତେନ ବେଦାଶ୍ଚ ଯଜ୍ଞାଶ୍ଚ ବିହିତାଃ ପୁରା ।।୨୩।।**

## ଶବ୍ଦାନୁବାଦ

ଓଁ=ପରମେଶ୍ୱରଙ୍କ ସଙ୍କେତ; ତତ୍=ତାହା; ସତ୍=ସନାତନ; ଇତି=ତାହା; ନିର୍ଦ୍ଦେଶଃ=ସଙ୍କେତ; ବ୍ରହ୍ମଣଃ=ପରମେଶ୍ୱରଙ୍କର; ତ୍ରିବିଧଃ=ତିନିପ୍ରକାର; ସ୍ମୃତଃ=କଥିତ; ବ୍ରାହ୍ମଣାଃ=ବ୍ରାହ୍ମଣମାନେ; ତେନ=ତେଣୁ; ବେଦାଃ=ବୈଦିକ ସାହିତ୍ୟ; ଚ=ମଧ୍ୟ; ଯଜ୍ଞାଃ=ଯଜ୍ଞ; ଚ=ମଧ୍ୟ; ବିହିତାଃ=ବିହିତ; ପୁରା=ପୂର୍ବେ ।

## ଅନୁବାଦ

**ସୃଷ୍ଟିର ପ୍ରାରମ୍ଭରୁ ଏ ତିନୋଟି ଶବ୍ଦ-ଓଁ ତତ୍ ସତ୍, ପରମ ସତ୍ୟ (ବ୍ରହ୍ମନ୍)ଙ୍କୁ ବୁଝାଇବା ନିମିତ୍ତ ବ୍ୟବହାର କରାଯାଇ ଆସୁଅଛି । ବ୍ରାହ୍ମଣମାନେ ବେଦମନ୍ତ୍ର ଉଚ୍ଚାରଣ କଲାବେଳେ ଏବଂ ଯଜ୍ଞାନୁଷ୍ଠାନ କଲାବେଳେ ପରମେଶ୍ୱରଙ୍କର ସନ୍ତୋଷବିଧାନ ନିମିତ୍ତ ଏହାକୁ ଉଚ୍ଚାରଣ କରନ୍ତି ।**

## ଭାବାର୍ଥ

ଏକଥା କୁହାଯାଇଛି ଯେ ତପସ୍ୟା, ଯଜ୍ଞ, ଦାନ ଏବଂ ଖାଦ୍ୟ, ସତ୍ତ୍ୱ, ରଜ, ତମ ଭେଦରେ ତିନିଭାଗରେ ବିଭକ୍ତ । ସେ ଯାହାହେଉ, ପ୍ରଥମ ଶ୍ରେଣୀର ହେଉ ବା ଦ୍ୱିତୀୟ ଶ୍ରେଣୀର ହେଉ ବା ତୃତୀୟ ଶ୍ରେଣୀର ହେଉ, ସେଗୁଡ଼ିକ ସମସ୍ତେ ବଦ୍ଧ ଅଟନ୍ତି, ଭୂତପ୍ରକୃତିର ଗୁଣ-ଦୋଷଦୁଷ୍ଟ ଅଟନ୍ତି । ଯେତେବେଳେ ସେମାନେ ପରମେଶ୍ୱର-*ଓଁ ତତ୍ ସତ୍*, ପରମପୁରୁଷ ଭଗବାନ୍, ସନାତନଙ୍କ ପ୍ରତି ଲକ୍ଷ୍ୟ କରାଯାଏ, ସେତେବେଳେ ସେମାନେ ଆଧ୍ୟାତ୍ମିକ ଉନ୍ନତିରେ ସହାୟକ ହୁଅନ୍ତି । ଶାସ୍ତ୍ରରେ ଏହିପ୍ରକାର ନିର୍ଦ୍ଦେଶ ଦିଆଯାଇଅଛି । ଏହି ତିନୋଟି ଶବ୍ଦ -*ଓଁ ତତ୍ ସତ୍* ବିଶେଷକରି ପରମସତ୍ୟ, ପରମବ୍ରହ୍ମ, ବା ପରମପୁରୁଷ ଭଗବାନଙ୍କୁ ହିଁ ବୁଝାଏ । ବେଦମନ୍ତ୍ରମାନଙ୍କରେ 'ଓଁ' ଶବ୍ଦ ବରାବର ଦେଖିବାକୁ ମିଳେ ।

ଯେ ଶାସ୍ତ୍ର-ନିର୍ଦ୍ଦେଶ ନ ମାନି କାର୍ଯ୍ୟକରେ ସେ କଦାପି ପରମବ୍ରହ୍ମ ବା ପରମେଶ୍ୱରଙ୍କୁ ପାଇପାରିବ ନାହିଁ । ସେ କେତେକ ଅସ୍ଥାୟୀ ଫଳ ପାଇବ, କିନ୍ତୁ ଜୀବନରେ ପରମଗତି ଲାଭ କରିପାରିବ ନାହିଁ । ସିଦ୍ଧାନ୍ତ ହେଲା, ଦାନ, ଯଜ୍ଞ ଓ ତପସ୍ୟା ଆଦି ସତ୍ତ୍ୱଗୁଣାଧୀନ ହୋଇ କରିବାକୁ ହେବ । ସେଗୁଡ଼ିକ ଯଦି ରଜୋଗୁଣ କିମ୍ବା ତମୋଗୁଣାଧୀନ ହୋଇ କରାଯାଏ, ତାହାହେଲେ ସେଗୁଡ଼ିକ ନିମ୍ନସ୍ତରର ଅନୁଷ୍ଠାନ ହୁଏ । ଏ ତିନୋଟି ଶବ୍ଦ -*ଓଁ ତତ୍ ସତ୍'* ଭଗବାନଙ୍କର ଦିବ୍ୟନାମ ସଂପର୍କରେ ହିଁ ଉଚ୍ଚାରଣ କରାଯାଏ, ଉଦାହରଣ ସ୍ୱରୂପ - *''ଓଁ ତଦ୍ ବିଷ୍ଣୋଃ''* । ଯେତେବେଳେ ବେଦମନ୍ତ୍ର କିମ୍ବା ଭଗବାନଙ୍କର ଦିବ୍ୟନାମ ଉଚ୍ଚାରଣ କରାଯାଏ, ସେତେବେଳେ ତତ୍, ସଙ୍ଗେ 'ଓଁ ଯୋଗ କରାଯାଏ । ଏହା ବୈଦିକ ସାହିତ୍ୟର ନିର୍ଦ୍ଦେଶ ଅଟେ । ଏ ତିନୋଟି ଶବ୍ଦ ବେଦମନ୍ତ୍ରମାନଙ୍କରୁ ହିଁ ଉଦ୍ଧାର କରାଯାଇଅଛି । *''ଓଁ ଇତି ଏତଦ୍ ବ୍ରହ୍ମଣୋ ନେଦିଷ୍ଠମ୍ ନାମ୍''* - ଏହା ପ୍ରଥମ ଲକ୍ଷ୍ୟକୁ ହିଁ ବୁଝାଉଛି । ତପରେ 'ତତ୍ତ୍ୱମସି' ଦ୍ୱିତୀୟ ଲକ୍ଷ୍ୟକୁ ବୁଝାଉଛି ଏବଂ 'ସଦ୍ ଏବ ସୌମ୍ୟ'-ତୃତୀୟ ଲକ୍ଷ୍ୟକୁ ବୁଝାଉଛି । ଏ ତିନୋଟିର ସମାବେଶ ହେଲା -*ଓଁ ତତ୍ ସତ୍''* । ପୂର୍ବେ ପ୍ରଥମ ସୃଷ୍ଟ ଜୀବ ବ୍ରହ୍ମା ଯେତେବେଳେ ଯଜ୍ଞ କଲେ, ସେ ପରମପୁରୁଷ ଭଗବାନଙ୍କର ଏ ତିନୋଟି ନାମ ଉଚ୍ଚାରଣ କରିଥିଲେ । ସେହି ଧାରା ହିଁ ଗୁରୁ-ଶିଷ୍ୟ ପରମ୍ପରାକ୍ରମେ ଚଳି ଆସୁଅଛି । ତେଣୁ ଏହି ମନ୍ତ୍ର ବଡ଼ ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ଭଗବଦ୍ ଗୀତା କହୁଛି, ଯାହାକିଛି କରାଯିବ, ତାହା *''ଓଁ ତତ୍ ସତ୍''* ଅର୍ଥାତ୍ - ପରମପୁରୁଷ ଭଗବାନଙ୍କ ଉଦ୍ଦେଶ୍ୟରେ କରାଯିବା ଉଚିତ୍ । ଯେତେବେଳେ ବ୍ୟକ୍ତି ଏଇ ତିନୋଟି ଶବ୍ଦ ଉଚ୍ଚାରଣ କରି ଦାନ ଧର୍ମ, ଯଜ୍ଞ ଓ ତପସ୍ୟା ଆଦି କରେ, ସେତେବେଳେ ବୁଝିବାକୁ ହେବ ଯେ, କୃଷ୍ଣଚେତନାରେ ତାହା ହିଁ କରୁଛି । କୃଷ୍ଣଚେତନା ହେଉଛି ଦିବ୍ୟକର୍ମ ସଂପାଦନ କରିବାର ବୈଜ୍ଞାନିକ ପଦ୍ଧତି । ଏତଦ୍ଦ୍ୱାରା ବ୍ୟକ୍ତି ନିଜର ମୌଳିକ ଗୃହ, ଭଗବଦ୍ ଧାମକୁ ଫେରିଯିବାକୁ ସକ୍ଷମ ହୁଏ । ଏ ପ୍ରକାର ଦିବ୍ୟ ପଦ୍ଧତିରେ କର୍ମକଲେ କୌଣସି ପ୍ରକାର ଶକ୍ତିର ଅପଚୟ ହୁଏ ନାହିଁ ।

## ଶ୍ଲୋକ - ୨୪

**ତସ୍ମାଦୋମିତ୍ୟୁଦାହୃତ୍ୟ ଯଜ୍ଞଦାନତପଃକ୍ରିୟାଃ ।**
**ପ୍ରବର୍ତ୍ତନ୍ତେ ବିଧାନୋକ୍ତାଃ ସତତଂ ବ୍ରହ୍ମବାଦିନାମ୍ ।।୨୪।।**

## ଶବ୍ଦାନୁବାଦ

ତସ୍ମାତ୍=ତେଣୁ; ଓଁ=ଓଁକାରରୁ ଆରମ୍ଭକରି; ଇତି=ଏହିପରି; ଉଦାହୃତ୍ୟ=ନିର୍ଦ୍ଦେଶ ଦେଇ; ଯଜ୍ଞ=ଯଜ୍ଞ; ଦାନ=ଦାନ; ତପଃ=ତପସ୍ୟା; କ୍ରିୟାଃ=କ୍ରିୟା (କର୍ମ); ପ୍ରବର୍ତନ୍ତେ=ଆରମ୍ଭ ହୁଏ; ବିଧାନ-ଉକ୍ତାଃ=ଶାସ୍ତ୍ରନିର୍ଦ୍ଦେଶ ଅନୁଯାୟୀ; ସତତଂ=ସର୍ବଦା; ବ୍ରହ୍ମ-ବାଦିନାମ୍=ବ୍ରହ୍ମବାଦୀମାନଙ୍କର ।

## ଅନୁବାଦ

**ଏହିପରି ବ୍ରହ୍ମବାଦୀମାନେ ପରମେଶ୍ୱରଙ୍କୁ ଲାଭକରିବା ନିମିତ୍ତ ଯଜ୍ଞ, ଦାନ ଓ ତପଃ କର୍ମ ଆଦି ସର୍ବଦା ଓଁକାର ଉଚ୍ଚାରଣ କରି ଆରମ୍ଭ କରନ୍ତି ।**

## ଭାବାର୍ଥ

*'ଓଁ ତଦ୍ ବିଷ୍ଣୋଃ ପରମଂ ପଦଂ'* ଅର୍ଥାତ୍ - ବିଷ୍ଣୁଙ୍କର ପାଦପଦ୍ମ ପରମ ପଦ ଅଟେ । ପରମପୁରୁଷ ଭଗବାନଙ୍କ ନିମିତ୍ତ ସମସ୍ତ କର୍ମକଲେ ମାନବ ସମସ୍ତ କର୍ମରେ ନିଶ୍ଚୟ ସିଦ୍ଧିଲାଭ କରିବ ।

## ଶ୍ଲୋକ - ୨୫

**ତଦିତ୍ୟନଭିସନ୍ଧାୟ ଫଳଂ ଯଜ୍ଞତପଃକ୍ରିୟାଃ ।**
**ଦାନକ୍ରିୟାଶ୍ଚ ବିବିଧାଃ କ୍ରିୟନ୍ତେ ମୋକ୍ଷକାଙ୍କ୍ଷିଭିଃ ।।୨୫।।**

## ଶବ୍ଦାନୁବାଦ

ତତ୍=ତାହା; ଇତି=ଏହିପରି ଉଚ୍ଚାରଣ କରି; ଅଭିସନ୍ଧାୟ=ସକାମ କର୍ମଫଳ ବିନା; ଫଳଂ=ଯଜ୍ଞକର୍ମର ଫଳ; ଯଜ୍ଞ=ଯଜ୍ଞ; ତପଃ=ତପସ୍ୟା; କ୍ରିୟାଃ=କ୍ରିୟା (କର୍ମ); ଦାନ=ଦାନ; କ୍ରିୟାଃ=କ୍ରିୟା (କର୍ମ); ଚ=ମଧ୍ୟ; ବିବିଧାଃ=ନାନାପ୍ରକାର; କ୍ରିୟନ୍ତେ=କରନ୍ତି; ମୋକ୍ଷ-କାଙ୍କ୍ଷିଭିଃ=ଯେଉଁମାନେ ବାସ୍ତବରେ ମୋକ୍ଷ ଇଚ୍ଛା କରନ୍ତି ।

## ଅନୁବାଦ

**ବ୍ୟକ୍ତି 'ତତ୍' ଶବ୍ଦ ସହ (ଅର୍ଥାତ୍ ଉଚ୍ଚାରଣ କରି) ଯଜ୍ଞ, ଦାନ ଓ ତପସ୍ୟା ଆଦି କରିବା ଉଚିତ୍। ଏ ପ୍ରକାର ଦିବ୍ୟ କର୍ମାନୁଷ୍ଠାନର ଉଦ୍ଦେଶ୍ୟ ହେଲା ଭୌତିକବନ୍ଧନରୁ ମୁକ୍ତ ହେବା।**

## ଭାବାର୍ଥ

ଆଧ୍ୟାତ୍ମିକ ସ୍ତରକୁ ଉନ୍ନୀତ ହେବାକୁହେଲେ ବ୍ୟକ୍ତି ଭୌତିକ ଲାଭ ଆଶାରେ କର୍ମ କରିବା ଉଚିତ୍ ନୁହେଁ । କର୍ମ ଏପରି କରିବା ଉଚିତ୍ ଯେପରି ପରିଣାମରେ ବ୍ୟକ୍ତି ପରମଗତି ଲାଭ କରିବ; ଅର୍ଥାତ୍ -ଚିଦ୍ ଜଗତକୁ (ଶାଶ୍ୱତଧାମକୁ) ଭଗବାନଙ୍କ ନିକଟକୁ ଫେରିଯାଇ ପାରିବ।

## ଶ୍ଳୋକ-୨୬-୨୭

**ସଦ୍‌ଭାବେ ସାଧୁଭାବେ ଚ ସଦିତ୍ୟେତତ୍ ପ୍ରଯୁଜ୍ୟତେ ।**
**ପ୍ରଶସ୍ତେ କର୍ମଣି ତଥା ସଚ୍ଛବ୍ଦଃ ପାର୍ଥ ଯୁଜ୍ୟତେ ।।୨୬।।**
**ଯଜ୍ଞେ ତପସି ଦାନେ ଚ ସ୍ଥିତିଃ ସଦିତି ଚୋଚ୍ୟତେ ।**
**କର୍ମ ଚୈବ ତଦର୍ଥୀୟଂ ସଦିତ୍ୟେବାଭିଧୀୟତେ ।।୨୭।।**

## ଶବ୍ଦାନୁବାଦ

ସତ୍-ଭାବେ=ସଦ୍‌ଭାବରେ (ଅର୍ଥାତ୍ ଭଗବାନଙ୍କ ପ୍ରକୃତି ଅନୁଯାୟୀ); ସାଧୁଭାବେ=ଭକ୍ତିଭାବରେ; ଚ=ମଧ୍ୟ; ସତ୍=ପରମେଶ୍ୱର; ଇତି=ଏହିପରି; ଏତତ୍=ଏହା; ପ୍ରଯୁଜ୍ୟତେ=ବ୍ୟବହୃତ ହୁଏ; ପ୍ରଶସ୍ତେ=ଉପଯୁକ୍ତ; କର୍ମଣି=କର୍ମରେ; ତଥା=ତଥା, ମଧ୍ୟ; ସତ୍-ଶବ୍ଦ=ଧ୍ୱନି; ପାର୍ଥ=ହେ ପୃଥାପୁତ୍ର !; ଯୁଜ୍ୟତେ=ବ୍ୟବହୃତ ହୁଏ; ଯଜ୍ଞେ=ଯଜ୍ଞରେ; ତପସି=ତପସ୍ୟାରେ; ଦାନେ=ଦାନରେ; ଚ=ମଧ୍ୟ; ସ୍ଥିତିଃ=ଅବସ୍ଥିତି; ସତ୍=ପରମେଶ୍ୱର; ଇତି=ଏହିପରି; ଚ=ଏବଂ; ଉଚ୍ୟତେ=ଉଚ୍ଚାରଣ କରାଯାଏ; କର୍ମ=କର୍ମ (କାର୍ଯ୍ୟ); ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ତତ୍=ତାହା; ଅର୍ଥୀୟଂ=ଉଦ୍ଦେଶ୍ୟରେ; ସତ୍=ପରମେଶ୍ୱର; ଇତି=ଏହିପରି; ଏବ=ନିଶ୍ଚିତଭାବେ; ଅଭିଧୀୟତେ=କଥିତ (ଅଭ୍ୟାସ କରାଯାଏ) ।

## ଅନୁବାଦ

**ଭକ୍ତିଯୋଗର ପ୍ରଧାନ ଲକ୍ଷ୍ୟ ହେଉଛନ୍ତି ପରମେଶ୍ୱର ଏବଂ ଏହା 'ସତ୍' ଶବ୍ଦ ଦ୍ୱାରା ନିର୍ଦ୍ଦେଶ କରାଯାଏ । ହେ କୁନ୍ତୀପୁତ୍ର ! ଯଜ୍ଞ, ଦାନ ଏବଂ ତପସ୍ୟା ପରମେଶ୍ୱରଙ୍କର ପୁଷ୍ଟି-ବିଧାନ ନିମିତ୍ତ ସଦ୍‌ଭାବରେ ଓ ସାଧୁଭାବରେ କରାଯାଏ ।**

## ଭାବାର୍ଥ

ମାନବର ଶୈଶବାବସ୍ଥାରୁ, ଅର୍ଥାତ୍ - ଯେତେବେଳେ ସେ ପିତାମାତାଙ୍କ ଯତ୍ନରେ ଥାଏ, ସେ ଅବସ୍ଥାରୁ ଜୀବନର ଶେଷାବସ୍ଥା ପର୍ଯ୍ୟନ୍ତ -ଜୀବନକାଳ ମଧ୍ୟରେ ଅନେକ ସଂସ୍କାର ବିଧାନ ଅଛି ।ଏ ସମ୍ବନ୍ଧରେ ବୈଦିକ ସାହିତ୍ୟରେ ବର୍ଣ୍ଣନା କରାଯାଇଛି, ଏଠାରେ ବ୍ୟବହୃତ *''ପ୍ରଶସ୍ତେ କର୍ମଣି''* ଦ୍ୱାରା ସେହି କର୍ମମାନଙ୍କ କଥା କୁହାଯାଇଛି । ଜୀବର ଅନ୍ତିମ ମୁକ୍ତି ନିମିତ୍ତ ଏସବୁ ସଂସ୍କାର ବ୍ୟବସ୍ଥାର ବିଧାନ ଅଛି ।ଶାସ୍ତ୍ରରେ କୁହାଯାଇଛି ଯେ, ଏସବୁ କର୍ମରେ *''ଓଁ ତତ୍‌ସତ୍''* ଉଚ୍ଚାରଣ କରାଯିବା ଉଚିତ୍ । *'ସଦ୍‌ଭାବେ' ଓ 'ସାଧୁଭାବେ'* ଶବ୍ଦମାନଙ୍କରୁ ଦିବ୍ୟସ୍ଥିତି କଥା ସୂଚିତ ହେଉଅଛି ।ଯେ କୃଷ୍ଣଚେତନାରେ କର୍ମ କରୁଛି, ତାକୁ 'ସତ୍ତ୍ୱ' କୁହାଯାଏ ଏବଂ ଯେ କୃଷ୍ଣଚେତନା ସମ୍ବନ୍ଧୀୟ କର୍ମମାନଙ୍କ ସମ୍ବନ୍ଧରେ ସଂପୂର୍ଣ୍ଣ ଚେତନଶୀଳ, ତାକୁ 'ସ୍ୱରୂପ' କୁହାଯାଏ । ଶ୍ରୀମଦ୍ ଭାଗବତମ୍‌ରେ କୁହାଯାଇଛି ଯେ ଭକ୍ତମେଳରେ ଦିବ୍ୟ ବିଷୟବସ୍ତୁଗୁଡ଼ିକ ପରିସ୍ଫୁଟ ହୁଏ ।ସତସଙ୍ଗ ବିନା ବ୍ୟକ୍ତି କଦାପି ଦିବ୍ୟଜ୍ଞାନ ଲାଭକରି ପାରିବ ନାହିଁ ।ଯେତେବେଳେ ବ୍ୟକ୍ତିର ଦୀକ୍ଷା ସଂସ୍କାର ହୁଏ କିମ୍ବା ଯଜ୍ଞୋପବୀତ ପ୍ରଦାନ କରାଯାଏ, ସେତେବେଳେ ବ୍ୟକ୍ତି *''ଓଁ ତତ୍ ସତ୍''* ଉଚ୍ଚାରଣ

କରେ । ଠିକ୍ ସେହିପରି ସମସ୍ତପ୍ରକାର ଯୋଗକ୍ରିୟାରେ ପରମଲକ୍ଷ୍ୟ *''ଓଁ ତତ୍ ସତ୍''* ହିଁ ଆହ୍ୱାନ କରାଯାଏ । ସମସ୍ତ କର୍ମକୁ ସାଫଲ୍ୟମଣ୍ଡିତ କରିବା ନିମିତ୍ତ *''ଓଁ ତତ୍ ସତ୍''* ଶବ୍ଦମାନ ଉଚ୍ଚାରଣ କରାଯାଏ । ଏହି ଉଚ୍ଚାରଣ *''ଓଁ ତତ୍ ସତ୍''* ସବୁକୁ ପରିପୂର୍ଣ୍ଣ କରାଏ ।

## ଶ୍ଳୋକ - ୨୮

**ଅଶ୍ରଦ୍ଧୟା ହୁତଂ ଦତ୍ତଂ ତପସ୍ତପ୍ତଂ କୃତଂ ଚ ଯତ୍ ।**
**ଅସଦିତ୍ୟୁଚ୍ୟତେ ପାର୍ଥ ନ ଚ ତତ୍ ପ୍ରେତ୍ୟ ନୋ ଇହ ।।୨୮ ।।**

## ଶବ୍ଦାନୁବାଦ

ଅଶ୍ରଦ୍ଧୟା=ଶ୍ରଦ୍ଧାହୀନ, ବିଶ୍ୱାସହୀନ; ହୁତଂ=ଅନୁଷ୍ଠିତ; ଦତ୍ତଂ=ଦତ୍ତ; ତପଃ=ତପସ୍ୟା; ତପ୍ତଂ=କରାଯାଉଥିବା; କୃତଂ=ଅନୁଷ୍ଠିତ; ଚ=ମଧ୍ୟ; ଯତ୍=ଯାହା; ଅସତ୍=ଅସତ୍; ଇତି=ଏହିପରି; ଉଚ୍ୟତେ=କୁହାଯାଏ; ପାର୍ଥ=ହେ ପୃଥାପୁତ୍ର; ନ=ନୁହେଁ; ଚ=ମଧ୍ୟ; ତତ୍=ତାହା; ପ୍ରେତ୍ୟ=ମୃତ୍ୟୁପରେ; ନୋ=ନୁହେଁ; ଇହ=ଏହି ଜୀବନରେ ।

## ଅନୁବାଦ

**ହେ ପୃଥାପୁତ୍ର ! ଯେଉଁ ଯଜ୍ଞ, ଦାନ ଓ ତପଃ କର୍ମ ଶ୍ରଦ୍ଧାହୀନ (ବା ବିଶ୍ୱାସ ହୀନ) ଭାବରେ କରାଯାଏ, ତାହା ଅସ୍ଥାୟୀ ଅଟେ । ସେଗୁଡ଼ିକୁ 'ଅସତ୍' ବୋଲି କୁହାଯାଏ । ସେଗୁଡ଼ିକ ଉଭୟ ଇହଜନ୍ମ ଓ ପରଜନ୍ମ (ବା ଇହଲୋକ ଓ ପରଲୋକ)ରେ କାମ ଦିଅନ୍ତି ନାହିଁ ।**

## ଭାବାର୍ଥ

ଯଜ୍ଞ କର୍ମ ହେଉ ବା ଦାନ କର୍ମ ହେଉ ବା ତପଶ୍ଚରଣ ହେଉ-ଯାହାକିଛି ହେଉ, ତାହା ଯଦି ଦିବ୍ୟ ଲକ୍ଷ୍ୟ ବା ଜୀବନର ପରମ ଲକ୍ଷ୍ୟ ସାଧନ ଦିଗରେ କରା ନ ଯାଏ, ତାହାହେଲେ ସେସବୁ ନିଷ୍ଫଳ ଅଟେ । ତେଣୁ ଏ ଶ୍ଳୋକରେ କୁହାଯାଇଛି ଯେ ସେ ପ୍ରକାର କର୍ମ ନିଷ୍ଫଳ ଅଟେ । ସବୁକିଛି କୃଷ୍ଣଚେତନଶୀଳ ହୋଇ ପରମ ଲକ୍ଷ୍ୟ ସାଧନ ଦିଗରେ କରାଯିବା ଉଚିତ୍ । ଏ ପ୍ରକାର ବିଶ୍ୱାସ ବା ଶ୍ରଦ୍ଧାବିନା ଏବଂ ଉପଯୁକ୍ତ ଗୁରୁଙ୍କ ନିର୍ଦ୍ଦେଶ ବିନା କରଣୀୟ (ଯଜ୍ଞ, ଦାନ ଓ ତପଃ) କର୍ମ ନିଷ୍ଫଳ ଅଟେ । ପ୍ରତ୍ୟେକ ବୈଦିକ ସାହିତ୍ୟରେ ବିଶ୍ୱାସ ବା ଶ୍ରଦ୍ଧା (କଥା) ଉପରେ ଖୁବ୍ ଗୁରୁତ୍ୱ ଦିଆଯାଇଛି । ସମସ୍ତ ବୈଦିକ ସାହିତ୍ୟର ଚରମ ଉପଦେଶ ହେଲା କୃଷ୍ଣଙ୍କୁ ଜାଣିବା । ଏ ବିଧି ଅନୁସରଣ ନ କଲେ କେହି ପ୍ରଚେଷ୍ଟାରେ କୃତକାର୍ଯ୍ୟ ହୋଇ ପାରିବ ନାହିଁ । ତେଣୁ ସାର୍ବୋତ୍ତମ ପନ୍ଥାହେଲା ପ୍ରାରମ୍ଭରୁ ଜଣେ ଉପଯୁକ୍ତ ଗୁରୁଙ୍କ ଅଧୀନରେ କୃଷ୍ଣଚେତନଶୀଳ ହୋଇ କର୍ମ କରିବା । ପ୍ରତ୍ୟେକ କର୍ମରେ କୃତକାର୍ଯ୍ୟ ହେବାର ଏହାହିଁ ହେଉଛି ପନ୍ଥା ।

ବଦ୍ଧାବସ୍ଥାରେ ଲୋକମାନେ ଅନ୍ୟ ଦେବତା, ଭୂତପ୍ରେତ କିମ୍ବା କୁବେରଙ୍କଭଳି ଯକ୍ଷମାନଙ୍କ ପ୍ରତି ଆକୃଷ୍ଟ ହୋଇ ସେମାନଙ୍କୁ ପୂଜା କରନ୍ତି । ରଜ ଓ ତମଗୁଣ ଅପେକ୍ଷା ସତ୍ତ୍ୱଗୁଣ ହେଉଛି

ଉତ୍ତମ; କିନ୍ତୁ ଯେ ସିଧାସଳଖଭାବେ ଭକ୍ତିଯୋଗମାର୍ଗ, ଅର୍ଥାତ୍ - କୃଷ୍ଣଚେତନା ମାର୍ଗ ଗ୍ରହଣ କରେ, ସେ ଭୂତପ୍ରକୃତିର, ଏ ତ୍ରିଗୁଣକୁ ଅତିକ୍ରମ କରିଯାଏ । ଯଦିଓ କ୍ରମୋନ୍ନତି ପନ୍ଥା ଅଛି, ତଥାପି ଯଦି କୌଣସି ବ୍ୟକ୍ତି ଶୁଦ୍ଧ ଭକ୍ତମାନଙ୍କ ସଙ୍ଗଲାଭ କରି ସିଧାସଳଖ କୃଷ୍ଣଚେତନା ମାର୍ଗ (ଅର୍ଥାତ୍ ଭକ୍ତିଯୋଗ) ମାର୍ଗକୁ ଗ୍ରହଣ କରେ, ତାହାହେଲେ ସେ ସର୍ବୋତ୍ତମ ପନ୍ଥା ଗ୍ରହଣ କଲାବୋଲି କୁହାଯିବ । ସେହି କଥା ହିଁ ଏ ଅଧ୍ୟାୟରେ କୁହାଯାଇଅଛି । ଏ ମାର୍ଗରେ କୃତକାର୍ଯ୍ୟ ହେବାନିମିତ୍ତ ବ୍ୟକ୍ତିକୁ ସର୍ବପ୍ରଥମେ ଜଣେ ଉପଯୁକ୍ତ ଗୁରୁଙ୍କୁ ଖୋଜି ବାହାର କରିବା ଉଚିତ୍ ଏବଂ ତାଙ୍କ ନିର୍ଦ୍ଦେଶରେ ସାଧନା କରିବା ଉଚିତ୍ ବା ତାଲିମ୍ ଗ୍ରହଣ କରିବା ଉଚିତ୍ । ତାହାହେଲେ ସେ ଭଗବାନଙ୍କ ପ୍ରତି ଶ୍ରଦ୍ଧା ବା ବିଶ୍ୱାସ ଲାଭ କରି ପାରିବ । କାଳକ୍ରମେ ଯେତେବେଳେ ସେ ଶ୍ରଦ୍ଧା ବା ବିଶ୍ୱାସ ପରିପକ୍ୱ ହୁଏ, ସେତେବେଳେ ତାକୁ ଭଗବତ୍-ପ୍ରେମ ବୋଲି କୁହାଯାଏ । ଏହି ଭଗବତ୍ -ପ୍ରେମ ଲାଭ କରିବା ହେଉଛି ଜୀବମାନଙ୍କର ଅନ୍ତିମଲକ୍ଷ୍ୟ । ତେଣୁ ବ୍ୟକ୍ତି ସିଧାସଳଖ ଭାବରେ କୃଷ୍ଣଚେତନା ମାର୍ଗ (ଅର୍ଥାତ୍ ଭକ୍ତିଯୋଗ ମାର୍ଗ) ଗ୍ରହଣ କରିବା ଉଚିତ୍ । ଏହା ହେଉଛି ଏ ସପ୍ତଦଶ ଅଧ୍ୟାୟର ବାଣୀ ।

**ଭକ୍ତିବେଦାନ୍ତ ଭାଷ୍ୟର ''ଶ୍ରଦ୍ଧାତ୍ରୟବିଭାଗଯୋଗ'' ଶୀର୍ଷକ ଭଗବଦ୍‌ଗୀତାର ସପ୍ତଦଶ ଅଧ୍ୟାୟ ଶେଷହେଲା ।**

—o—

# ଅଷ୍ଟାଦଶ ଅଧ୍ୟାୟ

# ମୋକ୍ଷସନ୍ନ୍ୟାସଯୋଗ

## (ଗୀତାର ନିଷ୍କର୍ଷ)

### ଶ୍ଳୋକ-୧

### ଅର୍ଜୁନ ଉବାଚ

**ସନ୍ନ୍ୟାସସ୍ୟ ମହାବାହୋ ତତ୍ତ୍ୱମିଚ୍ଛାମି ବେଦିତୁମ୍ ।**
**ତ୍ୟାଗସ୍ୟ ଚ ହୃଷୀକେଶ ପୃଥକ୍ କେଶିନିଷୂଦନ ।।୧।।**

### ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; ସନ୍ନ୍ୟାସସ୍ୟ=ସନ୍ନ୍ୟାସର; ମହା-ବାହୋ=ହେ ମହାବାହୁ; ତତ୍ତ୍ୱମ୍=ସତ୍ୟ; ଇଚ୍ଛାମି=ମୁଁ ଇଚ୍ଛାକରେ; ବେଦିତୁମ୍=ବୁଝିବାକୁ; ତ୍ୟାଗସ୍ୟ=ତ୍ୟାଗର; ଚ=ମଧ୍ୟ; ହୃଷୀକେଶ=ହେ ହୃଷୀକେଶ (ହେ ଇନ୍ଦ୍ରିୟମାନଙ୍କର ପ୍ରଭୁ); ପୃଥକ୍=ପୃଥକ୍‌ଭାବେ; କେଶି-ନିଷୂଦନ=ହେ କେଶୀ ଦୈତ୍ୟର ସଂହାରକ ! ।

### ଅନୁବାଦ

ଅର୍ଜୁନ କହିଲେ, ''ହେ ମହାବାହୁ ! ହେ କେଶୀ-ହନ୍ତା ! ହେ ହୃଷୀକେଶ ! ମୁଁ ତ୍ୟାଗ ଓ ସନ୍ନ୍ୟାସର ଉଦ୍ଦେଶ୍ୟ ସମ୍ବନ୍ଧରେ ଜାଣିବାକୁ ଇଚ୍ଛାକରେ ।''

## ଭାବାର୍ଥ

ବାସ୍ତବରେ ଭଗବଦ୍‌ଗୀତା ସପ୍ତଦଶ ଅଧ୍ୟାୟରେ ଶେଷ ହୋଇଅଛି । ଅଷ୍ଟାଦଶ ଅଧ୍ୟାୟ ହେଉଛି ପୂର୍ବରୁ କୁହାଯାଇଥିବା ବିଷୟବସ୍ତୁମାନଙ୍କର ପୁନରାବୃତ୍ତି । ଭଗବଦ୍ ଗୀତାର ପ୍ରତ୍ୟେକ ଅଧ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣ ଜୋର ଦେଇ କହିଛନ୍ତି ଯେ, ପରମ ପୁରୁଷ ଭଗବାନଙ୍କର ସେବା କରିବା ହିଁ ଜୀବନର ପରମ ଲକ୍ଷ୍ୟ ଅଟେ । ଏ ଅଷ୍ଟାଦଶ ଅଧ୍ୟାୟରେ ସେହି କଥାହିଁ ଜ୍ଞାନର ଗୁହ୍ୟତମ ମାର୍ଗ ବୋଲି କୁହାଯାଇଛି । ପ୍ରଥମ ଛ' ଅଧ୍ୟାୟରେ ଭକ୍ତିଯୋଗ ଉପରେ ଗୁରୁତ୍ୱ ଆରୋପ କରାଯାଇଅଛି -''ଯୋଗିନାମ୍ ଅପି ସର୍ବେଷାମ୍....'' ଯୋଗୀମାନଙ୍କ ମଧ୍ୟରେ ଯେ ସର୍ବଦା ମୋତେ ତା'ର ହୃଦୟରେ ଚିନ୍ତା କରୁଥାଏ, ସେ ହିଁ ସର୍ବୋତ୍ତମ ଯୋଗୀ ଅଟେ ।'' ପରବର୍ତ୍ତୀ ଛ'ଟି ଅଧ୍ୟାୟରେ ଶୁଦ୍ଧ ଭକ୍ତିଯୋଗ, ତାହାର ପ୍ରକୃତି ଏବଂ କ୍ରିୟା କଥା ଆଲୋଚନା କରାଯାଇଛି । ଶେଷ ଛ'ଟି ଅଧ୍ୟାୟରେ ଜ୍ଞାନ, ସନ୍ନ୍ୟାସ, ଭୂତପ୍ରକୃତି, ଦିବ୍ୟପ୍ରକୃତିର କ୍ରିୟା ଏବଂ ଭକ୍ତିଯୋଗ କଥା ଆଲୋଚନା କରାଯାଇଛି । ଉପସଂହାରରେ ଏହାହିଁ କୁହାଯାଇଛି ଯେ ସମସ୍ତ କର୍ମ ପରମେଶ୍ୱରଙ୍କର ଇଚ୍ଛାନୁଯାୟୀ (ବା ସନ୍ତୋଷବିଧାନ ଅନୁଯାୟୀ) କରାଯିବା ଉଚିତ୍; ଏହା *''ଓଁ ତତ୍ ସତ୍''* ଶବ୍ଦ ଉଚ୍ଚାରଣ କରି କରିବା ଉଚିତ୍ ବୋଲି କୁହାଯାଇଛି; କାରଣ *''ଓଁ ତତ୍ ସତ୍''* ପରମପୁରୁଷ ବିଷ୍ଣୁଙ୍କୁ ହିଁ ବୁଝାଏ । ଭଗବଦ୍ ଗୀତାର ତୃତୀୟ ଭାଗରେ ଆମର ପୂର୍ବ ଆଚାର୍ଯ୍ୟମାନଙ୍କର ଉଦାହରଣ ଦିଆଯାଇ ଏବଂ ବ୍ରହ୍ମସୂତ୍ର ଏବଂ ବେଦାନ୍ତ ସୂତ୍ରମାନଙ୍କରୁ ପ୍ରମାଣ ଉଦ୍ଧାର କରାଯାଇ ଭକ୍ତିଯୋଗ ମାର୍ଗ ଉପରେ ଗୁରୁତ୍ୱ ଆରୋପ କରାଯାଇଛି; କାରଣ ସେ ସବୁ ଶାସ୍ତ୍ରମାନଙ୍କରେ କୁହାଯାଇଛି ଯେ ଭକ୍ତିଯୋଗ ବା ଭଗବତ୍ ସେବା ହେଉଛି ଜୀବନର ଅନ୍ତିମ ଉଦ୍ଦେଶ୍ୟ; ଏହାଛଡ଼ା ଆଉ କିଛି ନାହିଁ । କେତେକ ମାୟାବାଦୀ ସନ୍ନ୍ୟାସୀ ଦାବୀ କରନ୍ତି ଯେ ସେମାନେ ବେଦାନ୍ତ ସୂତ୍ର ଜ୍ଞାନର ଏକମାତ୍ର ଅଧିକାରୀ ଅଟନ୍ତି; କିନ୍ତୁ ବେଦାନ୍ତ ସୂତ୍ରର ଉଦ୍ଦେଶ୍ୟ ହେଲା ଭକ୍ତିଯୋଗ ମାର୍ଗ ବା ବିଜ୍ଞାନକୁ ବୁଝିବା; କାରଣ ସ୍ୱୟଂ ଭଗବାନ୍ ହେଉଛନ୍ତି ବେଦାନ୍ତ ସୂତ୍ରର ପ୍ରଣେତା ଏବଂ ସେ ହିଁ ଏହାକୁ ଜାଣନ୍ତି । ଏହା ପଞ୍ଚଦଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି । ପ୍ରତ୍ୟେକ ଶାସ୍ତ୍ର ଓ ପ୍ରତ୍ୟେକ ବେଦର ଲକ୍ଷ୍ୟ ହେଲା ଭକ୍ତିଯୋଗ । ଏହି କଥା ଭଗବଦ୍ ଗୀତାରେ କୁହାଯାଇଛି ।

ଯେପରି ଦ୍ୱିତୀୟ ଅଧ୍ୟାୟରେ ଭଗବଦ୍‌ଗୀତାର ବିଷୟବସ୍ତୁର ଏକ ସଂକ୍ଷିପ୍ତ ବିବରଣ ଦିଆଯାଇଅଛି, ଠିକ୍ ସେହିପରି ଅଷ୍ଟାଦଶ ଅଧ୍ୟାୟରେ ଭଗବାନଙ୍କର ସମସ୍ତ ଉପଦେଶର ଏକ ସଂକ୍ଷିପ୍ତ ବିବରଣ ସନ୍ନିବିଷ୍ଟ ହୋଇଅଛି । ଜୀବନର ଲକ୍ଷ୍ୟ ସମ୍ବନ୍ଧରେ କୁହାଯାଇଛି ଯେ, ତ୍ୟାଗବ୍ରତ ଅବଲମ୍ବନ କରିବା ଏବଂ ଭୂତପ୍ରକୃତିର ତ୍ରିଗୁଣର ଊର୍ଦ୍ଧ୍ୱକୁ ଉଠି ଦିବ୍ୟସ୍ତରକୁ ଯିବା ହେଉଛି ଜୀବନର ପରମଲକ୍ଷ୍ୟ । ଏଠାରେ ଅର୍ଜୁନ ଭଗବଦ୍ ଗୀତାର ଦୁଇଟି ମୁଖ୍ୟ ବିଷୟ-ତ୍ୟାଗ ଓ ସନ୍ନ୍ୟାସ ସମ୍ବନ୍ଧରେ ପରିଷ୍କାର ଭାବରେ ଜାଣିବାକୁ ଇଚ୍ଛା କରୁଛନ୍ତି । ତେଣୁ ସେ ଏ ଦୁଇଟି ଶବ୍ଦ (ତ୍ୟାଗ ଓ ସଂନ୍ନ୍ୟାସ)ର ଅର୍ଥ କ'ଣ ବୋଲି ପଚାରୁଛନ୍ତି ।

ଏ ଶ୍ଳୋକରେ ଅର୍ଜୁନ ଭଗବାନଙ୍କୁ ହୃଷୀକେଶ ଓ କେଶୀନିସୂଦନ ବୋଲି ସମ୍ବୋଧନ କରିଛନ୍ତି । ଏଠାରେ ବ୍ୟବହୃତ ଏ ଶବ୍ଦ ଦୁଇଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । କୃଷ୍ଣଙ୍କର ଗୋଟିଏ ନାମ ହେଉଛି 'ହୃଷୀକେଶ', କାରଣ ସେ ହେଉଛନ୍ତି ଇନ୍ଦ୍ରିୟମାନଙ୍କର ପ୍ରଭୁ; ତେଣୁ ସେ ସର୍ବଦା ମାନସିକ ଶାନ୍ତିଲାଭରେ ଆମକୁ ସାହାଯ୍ୟ କରନ୍ତି । ଅର୍ଜୁନ ଭଗବାନଙ୍କୁ ଅନୁରୋଧ କରୁଛନ୍ତି, ସେ ତାଙ୍କୁ ଏ ସବୁ ବିଷୟ ଏପରିଭାବରେ ସଂକ୍ଷେପରେ ବୁଝାଇ ଦିଅନ୍ତୁ ଯେପରି

ସେ ମାନସିକ ସମତା ଲାଭ କରିବେ । ତଥାପି ତାଙ୍କର କେତେକ ସନ୍ଦେହ ଅଛି ଏବଂ 'ସନ୍ଦେହକୁ' ସର୍ବଦା ଅସୁରମାନଙ୍କ ସହ ତୁଳନା କରାଯାଏ ।ତେଣୁ ସେ କୃଷ୍ଣଙ୍କୁ 'କେଶୀନିସୂଦନ' ବୋଲି ସମ୍ବୋଧନ କରିଛନ୍ତି ।କେଶୀ ଗୋଟିଏ ଅତି ଦୁର୍ଦ୍ଧଷ ରାକ୍ଷସ ଥିଲା; କୃଷ୍ଣ ତାକୁ ବଧ କରିଥିଲେ ।ବର୍ତ୍ତମାନ ସେ ଆଶା କରୁଛନ୍ତି ଯେ କୃଷ୍ଣ ତାଙ୍କର ଏ ସନ୍ଦେହରୂପକ ରାକ୍ଷସକୁ ବଧ କରିବେ ।

## ଶ୍ଳୋକ - ୨

## ଶ୍ରୀଭଗବାନୁବାଚ

**କାମ୍ୟାନାଂ କର୍ମଣାଂ ନ୍ୟାସଂ ସନ୍ନ୍ୟାସଂ କବୟୋ ବିଦୁଃ ।**
**ସର୍ବକର୍ମଫଳତ୍ୟାଗଂ ପ୍ରାହୁସ୍ତ୍ୟାଗଂ ବିଚକ୍ଷଣାଃ ।।୨।।**

## ଶବ୍ଦାନୁବାଦ

ଶ୍ରୀ ଭଗବାନ୍ ଉବାଚ=ଶ୍ରୀଭଗବାନ୍ କହିଲେ; କାମ୍ୟାନାମ୍=କାମନାସହ; କର୍ମଣାମ୍=କର୍ମମାନ; ନ୍ୟାସମ୍=ତ୍ୟାଗ; ସନ୍ନ୍ୟାସଂ=ସଂନ୍ୟାସାଶ୍ରମର ଜୀବନ; କବୟଃ=ପଣ୍ଡିତମାନେ; ବିଦୁଃ=ଜାଣନ୍ତି; ସର୍ବ=ସମସ୍ତ; କର୍ମ=କର୍ମ; ଫଳ=ଫଳର; ତ୍ୟାଗମ୍=ତ୍ୟାଗ; ପ୍ରାହୁଃ=କୁହାଯାଏ; ତ୍ୟାଗମ୍=ତ୍ୟାଗ; ବିଚକ୍ଷଣାଃ=ଅନୁଭୂତିସଂପନ୍ନ ବ୍ୟକ୍ତି ।

## ଅନୁବାଦ

**ଶ୍ରୀ ଭଗବାନ୍ କହିଲେ, କର୍ମଫଳ ତ୍ୟାଗକୁ 'ତ୍ୟାଗ' ବୋଲି ପଣ୍ଡିତମାନେ କହନ୍ତି ଏବଂ ସେହି ଅବସ୍ଥାକୁ ବିଶିଷ୍ଟ ପଣ୍ଡିତମାନେ ସନ୍ନ୍ୟାସ ବୋଲି କହନ୍ତି ।**

## ଭାବାର୍ଥ

ଫଳଲାଭ ଉଦ୍ଦେଶ୍ୟରେ କରୁଥିବା କର୍ମ ତ୍ୟାଗ କରିବା ଉଚିତ୍ ।ଏହା ହେଉଛି ଭଗବଦ୍ ଗୀତାର ଉପଦେଶ କିନ୍ତୁ ଉନ୍ନତ ଆତ୍ମଜ୍ଞାନ ଲାଭ ନିମିତ୍ତ ଯାହା କରାଯାଏ, ତାହା ତ୍ୟାଗ କରିବା ଉଚିତ୍ ନୁହେଁ ।ଏ କଥା ପରବର୍ତ୍ତୀ ଶ୍ଳୋକରେ ଭଲଭାବରେ କୁହାଯିବ ।ବୈଦିକ ସାହିତ୍ୟରେ ବିଭିନ୍ନ ଉଦ୍ଦେଶ୍ୟରେ କରଣୀୟ ବିଭିନ୍ନ ପ୍ରକାର ଯଜ୍ଞ କର୍ମର ବିଧି ବର୍ଣ୍ଣନା କରାଯାଇଛି । କେତେକ 'ଯଜ୍ଞ' ଅଛି, ଯାହା ଅନୁଷ୍ଠାନ କଲେ ସୁନ୍ଦର ପୁତ୍ରଲାଭ କରିବ କିମ୍ବା ସ୍ୱର୍ଗଲାଭ କରିବ, କିନ୍ତୁ ଏ ପ୍ରକାର ଯଜ୍ଞ ଅର୍ଥାତ୍- କାମନା ଚରିତାର୍ଥ କରିବା ନିମିତ୍ତ କରଣୀୟ ଯଜ୍ଞବନ୍ଦ କରିବା ଉଚିତ୍, କିନ୍ତୁ ହୃଦୟ ବିଶୁଦ୍ଧିକରଣ ନିମିତ୍ତ କରଣୀୟ ଯଜ୍ଞ କିମ୍ବା ଆତ୍ମବିଜ୍ଞାନରେ ଉନ୍ନତି କରିବା ନିମିତ୍ତ କରଣୀୟ ଯଜ୍ଞ ତ୍ୟାଗ କରିବା ଉଚିତ୍ ନୁହେଁ ।

## ଶ୍ଳୋକ - ୩

**ତ୍ୟାଜ୍ୟଂ ଦୋଷବଦିତ୍ୟେକେ କର୍ମ ପ୍ରାହୁର୍ମନୀଷିଣଃ ।**
**ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟମିତି ଚାପରେ ।।୩।।**

## ଶବ୍ଦାନୁବାଦ

ତ୍ୟାଜ୍ୟମ୍=ପରିତ୍ୟାଗ କରିବା ଉଚିତ୍; ଦୋଷବଦ୍=ଦୋଷସଦୃଶ; ଇତି=ଏହିପରି; ଏକେ=କେହି କେହି; କର୍ମ=କର୍ମ; ପ୍ରାହୁଃ=କହନ୍ତି; ମନୀଷିଣଃ=ବିଶିଷ୍ଟ ମନୀଷିଗଣ (ଚିନ୍ତାଶୀଳ

ବ୍ୟକ୍ତିଗଣ); ଯଜ୍ଞ=ଯଜ୍ଞ; ଦାନ=ଦାନ; ତପଃ=ତପସ୍ୟା; କର୍ମ=କର୍ମ; ନ=କେବେ ନୁହେଁ; ତ୍ୟାଜ୍ୟମ୍=ତ୍ୟାଗକରିବା ଉଚିତ୍; ଇତି=ଏହିପରି; ଚ=ମଧ୍ୟ; ଅପରେ=ଅନ୍ୟମାନେ ।

## ଅନୁବାଦ

**କେତେକ ମନୀଷୀ (ବିଶିଷ୍ଟ ପଣ୍ଡିତ) କହନ୍ତି ଯେ ସମସ୍ତ ପ୍ରକାର ସକାମ କର୍ମତ୍ୟାଗ କରିବା ଉଚିତ୍; କିନ୍ତୁ ଅନ୍ୟ କେତେକ ମନୀଷୀ ବା ମୁନି ଅଛନ୍ତି ଯେଉଁମାନେ ମତ ପ୍ରକାଶ କରନ୍ତି ଯେ ଯଜ୍ଞ, ଦାନ ଓ ତପଃ କର୍ମ କଦାପି ତ୍ୟାଗକରିବା ଉଚିତ୍ ନୁହେଁ ।**

## ଭାବାର୍ଥ

ବୈଦିକ ସାହିତ୍ୟରେ ଅନେକ ପ୍ରକାର କର୍ମର ବର୍ଣ୍ଣନା ଅଛି, ଯାହା କି ବିବାଦୀୟ ବିଷୟରୂପେ ପ୍ରତୀତ ହୁଏ । ଉଦାହରଣସ୍ୱରୂପ, କଥିତଅଛି ଯେ ଯଜ୍ଞରେ ପଶୁବଧ କରାଯାଇପାରେ; ତଥାପି ଲୋକମାନଙ୍କ ପକ୍ଷରେ ପଶୁବଧ ସଂପୂର୍ଣ୍ଣରୂପେ ନିଷିଦ୍ଧ ଅଟେ । ତାହା ଅତ୍ୟନ୍ତ କ୍ରୂର, ନୃଶଂସ ଓ ଘୃଣ୍ୟ କାର୍ଯ୍ୟ ଅଟେ । ଯଦିଓ ବୈଦିକ ସାହିତ୍ୟରେ ଯଜ୍ଞରେ ପଶୁବଧ ଅନୁମୋଦନ କରାଯାଇଅଛି, ତଥାପି ପଶୁଟି ବଧ ହେଲା ବୋଲି ବିବେଚିତ ହୁଏ ନାହିଁ । ଯଜ୍ଞରେ ଯେଉଁ ପଶୁକୁ ଉତ୍ସର୍ଗ କରାଯାଏ, ସେ ଏକ ନୂତନ ଜୀବନ ଲାଭକରେ । ବେଳେବେଳେ ପଶୁଟି ଯଜ୍ଞରେ ଉତ୍ସର୍ଗୀକୃତ ହେଲାପରେ ଏକ ନୂତନ ଜୀବନ ଲାଭକରେ ଏବଂ ବେଳେବେଳେ ସାଙ୍ଗେ ସାଙ୍ଗେ ସେ ମାନବ ଜୀବନଲାଭ-ସ୍ତରକୁ ମଧ୍ୟ ଉନ୍ନୀତ ହୁଏ । କିନ୍ତୁ ମୁନି-ଋଷିମାନଙ୍କ ମଧ୍ୟରେ ଏ ସମ୍ବନ୍ଧରେ ବିଭିନ୍ନ ମତ ଅଛି । କେତେକ କହନ୍ତି ପଶୁବଧ ସଂପୂର୍ଣ୍ଣରୂପେ ବନ୍ଦ କରାଯିବା ଉଚିତ୍ ଏବଂ ଆଉ କେତେକ କହନ୍ତି ଯେ ଏକ ନିର୍ଦ୍ଦିଷ୍ଟ ଯଜ୍ଞରେ ପଶୁବଦ୍ଧ କରାଯାଇପାରେ । ଯଜ୍ଞ-କର୍ମ ସମ୍ବନ୍ଧରେ ଥିବା ମତବାଦକୁ ଭଗବାନ୍ ସ୍ୱୟଂ ଖଣ୍ଡନ କରି ସୁସ୍ପଷ୍ଟ କରାଉଛନ୍ତି ।

## ଶ୍ଳୋକ - ୪

**ନିଶ୍ଚୟଂ ଶୃଣୁ ମେ ତତ୍ର ତ୍ୟାଗେ ଭରତସତ୍ତମ ।**
**ତ୍ୟାଗୋ ହି ପୁରୁଷବ୍ୟାଘ୍ର ତ୍ରିବିଧଃ ସମ୍ପ୍ରକୀର୍ତିତଃ ।।୪।।**

## ଶବ୍ଦାନୁବାଦ

ନିଶ୍ଚୟମ୍=ନିଶ୍ଚିତଭାବେ; ଶୃଣୁ=ଶୁଣ; ମେ=ମୋ'ଠାରୁ; ତତ୍ର=ସେଠାରେ; ତ୍ୟାଗେ=ତ୍ୟାଗ ସଂପର୍କରେ; ଭରତ-ସତ୍ତମ=ହେ ଭରତଶ୍ରେଷ୍ଠ; ତ୍ୟାଗଃ=ତ୍ୟାଗ; ହି=ନିଶ୍ଚିତଭାବେ; ପୁରୁଷ-ବ୍ୟାଘ୍ର=ହେ ପୁରୁଷଶ୍ରେଷ୍ଠ !; ତ୍ରିବିଧଃ=ତିନିପ୍ରକାର; ସମ୍ପ୍ରକୀର୍ତିତଃ=ଘୋଷଣା କରାଯାଇଛି ।

## ଅନୁବାଦ

**ହେ ଭରତଶ୍ରେଷ୍ଠ ! ବର୍ତ୍ତମାନ ମୋ'ଠାରୁ ତ୍ୟାଗ ସମ୍ବନ୍ଧରେ ଶୁଣ । ହେ ପୁରୁଷଶ୍ରେଷ୍ଠ ! ଶାସ୍ତ୍ରମାନଙ୍କରେ ଘୋଷଣା କରାଯାଇଛି ଯେ ତିନିପ୍ରକାର ତ୍ୟାଗ ଅଛି ।**

## ଭାବାର୍ଥ

ଯଦିଓ ତ୍ୟାଗ ସମ୍ବନ୍ଧରେ ବିଭିନ୍ନ ପ୍ରକାର ମତ ଅଛି, ତଥାପି ଏଠାରେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କର ବିଗ୍ରହ ଦେଉଛନ୍ତି ଏବଂ ତାହାକୁ ହିଁ ସିଦ୍ଧାନ୍ତ ବୋଲି ଗ୍ରହଣ କରାଯିବା ଉଚିତ୍ । ଅବଶ୍ୟ ଭଗବାନଙ୍କ କର୍ତ୍ତୃକ ବେଦରେ ଅନେକ ନିୟମ ଦିଆଯାଇଅଛି । ଏଠାରେ

ଭଗବାନ୍ ସ୍ୱୟଂ ଉପସ୍ଥିତ ଅଛନ୍ତି ଏବଂ ତାଙ୍କର ବାଣୀକୁ ସର୍ବଶେଷ ସିଦ୍ଧାନ୍ତ ବୋଲି ଗ୍ରହଣ କରାଯିବା ଉଚିତ୍ । ଭଗବାନ୍ କହୁଛନ୍ତି ଯେ ଭୂତପ୍ରକୃତିର ତ୍ରିଗୁଣ ଅନୁଯାୟୀ ତ୍ୟାଗବିଧିକୁ ବିଗ୍ରହ କରାଯିବା ଉଚିତ୍ । ପ୍ରକୃତିର ଯେଉଁ ଗୁଣର ଅଧୀନ ହୋଇ ବ୍ୟକ୍ତି ତ୍ୟାଗ ଅବଲମ୍ବନ କରେ, ତାହାର ତ୍ୟାଗ ତଦନୁଯାୟୀ ଗୃହୀତ ହୁଏ ।

## ଶ୍ଲୋକ - ୫

**ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବ ତତ୍ ।**
**ଯଜ୍ଞୋ ଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍ ।। ୫ ।।**

## ଶବ୍ଦାନୁବାଦ

ଯଜ୍ଞ=ଯଜ୍ଞ; ଦାନ=ଦାନ; ତପଃ=ତପସ୍ୟା; କର୍ମ=କର୍ମ; ନ ତ୍ୟାଜ୍ୟମ୍=ତ୍ୟାଗକରିବା ଉଚିତ୍ ନୁହେଁ;କାର୍ଯ୍ୟମ୍=କରିବା ଉଚିତ୍; ଏବ=ନିଶ୍ଚିତଭାବେ; ତତ୍=ତାହା; ଯଜ୍ଞଃ=ଯଜ୍ଞ; ଦାନମ୍=ଦାନ; ତପଃ=ତପସ୍ୟା;ଚ=ମଧ୍ୟ;ଏବ=ନିଶ୍ଚିତଭାବେ;ପାବନାନି=ପବିତ୍ର କରେ; ମନୀଷିଣାମ୍=ଏପରି'କି ମହାତ୍ମାମାନଙ୍କୁ ।

## ଅନୁବାଦ

**ଯଜ୍ଞ, ଦାନ ଓ ତପଃ କର୍ମ ତ୍ୟାଗକରିବା ଉଚିତ୍ ନୁହେଁ; ଏସବୁ ବରାବର ଗ୍ରହଣ ରଖିବା ଉଚିତ୍। ବାସ୍ତବରେ ଯଜ୍ଞ,ଦାନ ଓ ତପଃ କର୍ମ ଏପରିକି ବିଶିଷ୍ଟ ମୁନି-ଋଷିମାନଙ୍କୁ ମଧ୍ୟ ବିଶୁଦ୍ଧ କରାଏ ।**

## ଭାବାର୍ଥ

ଯୋଗୀଗଣ ମାନବ ସମାଜର ଉନ୍ନତି ନିମିତ୍ତ କର୍ମ କରିବା ଉଚିତ୍ । ମାନବର ଦିବ୍ୟ ଜୀବନମାର୍ଗରେ ଅଗ୍ରଗତି କରିବା ନିମିତ୍ତ ଅନେକ ସଂସ୍କାର ପଦ୍ଧତି ଅଛି । ଉଦାହରଣସ୍ୱରୂପ, ତନ୍ମଧ୍ୟରେ ବିବାହ ଉତ୍ସବ ବା (ବିବାହ କର୍ମ) ଗୋଟିଏ ବୋଲି ବିବେଚିତ ହୁଏ । ଏହାକୁ ବିବାହ ଯଜ୍ଞବୋଲି କୁହାଯାଏ । ଯେଉଁ ସନ୍ନ୍ୟାସୀ ସନ୍ନ୍ୟାସାଶ୍ରମରେ ଅଛି, ଯେ'କି ତା'ର ପାରିବାରିକ ସମ୍ବନ୍ଧ ତୁଟାଇଛି, ସେ ଏ ବିବାହଯଜ୍ଞକୁ ଉତ୍ସାହିତ କରିବା ଉଚିତ୍ କି ? (ଏହି ପ୍ରଶ୍ନ ଉଠେ) । ଭଗବାନ୍ ଏଠାରେ କହୁଛନ୍ତି ଯେ ମାନବ ସମାଜର ମଙ୍ଗଳ ନିମିତ୍ତ ଯେଉଁ ଯଜ୍ଞର ଆବଶ୍ୟକତା ଅଛି, ତାହା କଦାପି ତ୍ୟାଗ କରିବା ଉଚିତ୍ ନୁହେଁ । ମାନବର ମନକୁ ସଂଯତ କରାଇ ଏବଂ ଦିବ୍ୟଜୀବନ ମାର୍ଗରେ ଉନ୍ନତି କରି ଶାନ୍ତି ପ୍ରାପ୍ତି ହେବା ନିମିତ୍ତ ବିବାହ-ଯଜ୍ଞ ଉଦ୍ଦିଷ୍ଟ । ଅଧିକାଂଶ ଲୋକଙ୍କୁ ଉତ୍ସାହିତ କରିବା ନିମିତ୍ତ ଏବଂ ପ୍ରେରଣା ଦେବା ନିମିତ୍ତ ଏ ବିବାହ ଯଜ୍ଞକୁ ସନ୍ନ୍ୟାସୀମାନେ ଉତ୍ସାହିତ କରିବା ଉଚିତ୍ । ସନ୍ନ୍ୟାସୀମାନେ ସ୍ତ୍ରୀ-ସଙ୍ଗ କରିବା ଉଚିତ୍ ନୁହେଁ, ଏହାର ଅର୍ଥ ନୁହେଁ ଯେଉଁ ଯୁବକ ଜୀବନର ନିମ୍ନସ୍ତରରେ ଅଛି, ସେ ସ୍ତ୍ରୀ-ଗ୍ରହଣ କରିବ ନାହିଁ । ସମସ୍ତ ଅନୁମୋଦିତ ଯଜ୍ଞକର୍ମ ଭଗବତ୍ ପ୍ରାପ୍ତି ନିମିତ୍ତ ଉଦ୍ଦିଷ୍ଟ । ତେଣୁ ଜୀବନର ନିମ୍ନସ୍ତରରେ ଏସବୁ ଯଜ୍ଞ ତ୍ୟାଜ୍ୟ ନୁହେଁ । ଠିକ୍ ସେହିପରି ହୃଦୟ ବିଶୁଦ୍ଧିକରଣ ନିମିତ୍ତ ଦାନର ଆବଶ୍ୟକତା ଅଛି ।ଯଦି (ପୂର୍ବ ବର୍ଣ୍ଣନା ଅନୁଯାୟୀ) ସୁପାତ୍ରରେ ଦାନ କରାଯାଏ, ତାହାହେଲେ ତାହା ବ୍ୟକ୍ତିକୁ ଦିବ୍ୟଜୀବନ ମାର୍ଗରେ ଉନ୍ନତି କରିବାରେ ସାହାଯ୍ୟ କରେ ।

## ଶ୍ଲୋକ - ୬

**ଏତାନ୍ୟପି ତୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଫଳାନି ଚ ।**
**କର୍ତବ୍ୟାନୀତି ମେ ପାର୍ଥ ନିଶ୍ଚିତଂ ମତମୁତ୍ତମମ୍ ।।୬।।**

## ଶବ୍ଦାନୁବାଦ

ଏତାନି=ଏସବୁ; ଅପି=ନିଶ୍ଚିତଭାବେ; ତୁ=ନିଶ୍ଚୟ; କର୍ମାଣି=କର୍ମସବୁ; ସଙ୍ଗମ୍=ସଙ୍ଗ; ତ୍ୟକ୍ତ୍ୱା=ତ୍ୟାଗକରି; ଫଳାନି=ଫଳସବୁ; ଚ=ମଧ୍ୟ; କର୍ତବ୍ୟାନି=କର୍ତ୍ତବ୍ୟ ହିସାବରେ; ଇତି=ଏହିପରି; ମେ=ମୋର; ପାର୍ଥ=ହେ ପୃଥାପୁତ୍ର; ନିଶ୍ଚିତମ୍=ନିଶ୍ଚିତ; ମତମ୍=ମତ; ଉତ୍ତମମ୍=ଉତ୍ତମ ।

## ଅନୁବାଦ

**ଏ ସମସ୍ତ କର୍ମ ଓ ସମସ୍ତ ଫଳାକାଙ୍‌କ୍ଷା ତ୍ୟାଗ କରିବା ଉଚିତ୍ । ହେ ପୃଥା ପୁତ୍ର ! ଏସବୁ କର୍ତ୍ତବ୍ୟ ହିସାବରେ କରାଯିବା ଉଚିତ୍ । ଏହା ହେଉଛି ମୋର ଶେଷ ସିଦ୍ଧାନ୍ତ ।**

## ଭାବାର୍ଥ

ଯଦିଓ ସମସ୍ତ ଯଜ୍ଞକର୍ମ ମାନବକୁ ବିଶୁଦ୍ଧ କରାଏ, ତଥାପି ମାନବ ଏ ଯଜ୍ଞ କର୍ମମାନ ଅନୁଷ୍ଠାନ କରି କୌଣସି ଫଳର କାମନା କରିବା ଉଚିତ୍ ନୁହେଁ । ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ ଯେଉଁସବୁ ଯଜ୍ଞକର୍ମ ଜୀବନରେ ଭୌତିକ ଉନ୍ନତି ନିମିତ୍ତ କରାଯାଏ, ସେସବୁ ତ୍ୟାଗକରିବା ଉଚିତ୍; କିନ୍ତୁ ଯେଉଁ ସବୁ ଯଜ୍ଞକର୍ମ ବ୍ୟକ୍ତିକୁ ବିଶୁଦ୍ଧ କରେ ଏବଂ ଦିବ୍ୟସ୍ତରକୁ ଉନ୍ନୀତ କରାଏ, ସେଗୁଡ଼ିକ ବନ୍ଦକରିବା ଉଚିତ୍ ନୁହେଁ । କୃଷ୍ଣଚେତନା ମାର୍ଗରେ ସହାୟକ ସବୁକିଛି ବା ସମସ୍ତ କର୍ମକୁ ଉତ୍ସାହିତ କରିବା ଉଚିତ୍ । ଶ୍ରୀମଦ୍ ଭାଗବତମ୍‌ରେ ମଧ୍ୟ କୁହାଯାଇଛି ଯେ ଭକ୍ତିଯୋଗ ମାର୍ଗରେ ଭଗବାନଙ୍କ ସେବା ନିମିତ୍ତ ଯାହାକିଛି କରାଯାଏ, ତାହା ଗ୍ରହଣୀୟ ଅଟେ, ଏହା ହେଉଛି ସର୍ବୋତ୍ତମ ଧର୍ମ । ଭଗବାନଙ୍କ ସେବାରେ ସହାୟକ ହେଉଥିବା ଯେକୌଣସି କାର୍ଯ୍ୟ, ଯଜ୍ଞ, କିମ୍ବା ଦାନ ଆଦିକୁ ଭକ୍ତ ସ୍ୱୀକାର କରିବା ଉଚିତ୍ ।

## ଶ୍ଲୋକ - ୭

**ନିୟତସ୍ୟ ତୁ ସନ୍ନ୍ୟାସଃ କର୍ମଣୋ ନୋପପଦ୍ୟତେ ।**
**ମୋହାତ୍ତସ୍ୟ ପରିତ୍ୟାଗସ୍ତାମସଃ ପରିକୀର୍ତ୍ତିତଃ ।।୭।।**

## ଶବ୍ଦାନୁବାଦ

ନିୟତସ୍ୟ=ନିର୍ଦ୍ଦିଷ୍ଟ କର୍ତ୍ତବ୍ୟର;ତୁ=କିନ୍ତୁ; ସନ୍ନ୍ୟାସଃ=ତ୍ୟାଗ; କର୍ମଣଃ=କର୍ମ ସମୂହ; ନ=ନୁହେଁ; ଉପପଦ୍ୟତେ=ଯୋଗ୍ୟ; ମୋହାତ୍=ମୋହଯୋଗୁଁ; ତସ୍ୟ=ତାହାର; ପରିତ୍ୟାଗଃ=ତ୍ୟାଗ; ତାମସଃ=ତମୋଗୁଣାଧୀନ; ପରିକୀର୍ତ୍ତିତଃ=ଘୋଷଣା କରାଯାଏ ।

## ଅନୁବାଦ

**ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ତ୍ୟାଗ କରିବା ଉଚିତ୍ ନୁହେଁ । ଯଦି ମୋହବଶତଃ କୌଣସି ବ୍ୟକ୍ତି ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ତ୍ୟାଗକରେ; ତାହାହେଲେ ସେ ତ୍ୟାଗକୁ ତାମସ ତ୍ୟାଗ କୁହାଯାଏ ।**

## ଭାବାର୍ଥ

ଭୌତିକ ସୁଖ ସନ୍ତୋଷ ଲାଭ ନିମିତ୍ତ ଯେଉଁ କାମ କରାଯାଏ, ସେଗୁଡ଼ିକ ତ୍ୟାଗ କରିବା ଉଚିତ୍; କିନ୍ତୁ ଯେଉଁ କର୍ମମାନ ବ୍ୟକ୍ତିକୁ ଦିବ୍ୟସ୍ତରକୁ ଉନ୍ନୀତ କରାଏ, ଯଥା— ଭଗବାନଙ୍କ ନିମିତ୍ତ ପ୍ରସାଦ ପ୍ରସ୍ତୁତ କରିବା ବା ପାକ କରିବା, ତାଙ୍କୁ ଅର୍ପଣ କରିବା ଏବଂ ତପରେ ତାହା ସେବନ କରିବା ଆଦି କର୍ମ-କରଣୀୟ ଅଟେ । କଥିତ ଅଛି ଯେ ସନ୍ୟାସୀ ନିଜପାଇଁ କେବଳ ରନ୍ଧନକରିବା ଉଚିତ୍ ନୁହେଁ । ନିଜପାଇଁ ରନ୍ଧନ କରିବା ନିଷିଦ୍ଧ ଅଟେ; କିନ୍ତୁ ଭଗବାନଙ୍କ ପାଇଁ ରନ୍ଧନ କରିବା ନିଷିଦ୍ଧ ନୁହେଁ । ଠିକ୍ ସେହିପରି ଏକ ସନ୍ୟାସୀ ତା'ର ଶିଷ୍ୟକୁ କୃଷ୍ଣଭାବନା ମାର୍ଗରେ ଅଗ୍ରଗତି କରିବାରେ ସାହାଯ୍ୟ କରିବା ନିମିତ୍ତ ବିବାହ କର୍ମ ସଂପାଦନ କରିପାରେ । ଯଦି କୌଣସି ବ୍ୟକ୍ତି ଏ ପ୍ରକାର କର୍ମ ତ୍ୟାଗକରେ, ତାହାହେଲେ ବୁଝିବାକୁ ହେବ ଯେ ସେ ତମୋଗୁଣାଧୀନ ହୋଇ କର୍ମ କରୁଛି ।

## ଶ୍ଳୋକ - ୮

**ଦୁଃଖମିତ୍ୟେବ ଯତ୍ କର୍ମ କାୟକ୍ଳେଶଭୟାତ୍ ତ୍ୟଜେତ୍ ।**
**ସ କୃତ୍ୱା ରାଜସଂ ତ୍ୟାଗଂ ନୈବ ତ୍ୟାଗଫଳଂ ଲଭେତ୍ ।।୮।।**

## ଶବ୍ଦାନୁବାଦ

ଦୁଃଖମ୍=ଦୁଃଖ; ଇତି=ଏହିପରି; ଏବ=ନିଶ୍ଚିତଭାବେ; ଯତ୍=ଯାହା; କର୍ମ=କର୍ମ; କାୟ=ଶରୀର; କ୍ଳେଶ=କ୍ଳେଶ ବା କଷ୍ଟ; ଭୟାତ୍=ଭୟଯୋଗୁ; ତ୍ୟଜେତ୍=ତ୍ୟାଗ କରାଯାଏ; ସଃ=ତାହା; କୃତ୍ୱା=କରି; ରାଜସମ୍=ରଜୋଗୁଣବିଶିଷ୍ଟ; ତ୍ୟାଗମ୍=ତ୍ୟାଗ; ନ ଏବ=ବାସ୍ତବିକ ଆଉ କିଛି ନୁହେଁ; ତ୍ୟାଗ=ତ୍ୟାଗ; ଫଳମ୍=ଫଳ; ଲଭେତ୍=ଲାଭକରେ ।

## ଅନୁବାଦ

**ଯଦି କୌଣସି ବ୍ୟକ୍ତି ଶାରୀରିକ କଷ୍ଟ କିମ୍ବା ଭୟଯୋଗୁଁ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ତ୍ୟାଗକରେ, ତାହାହେଲେ ସେ ରଜୋଗୁଣାଧୀନ ହୋଇଛି ବୋଲି ବୁଝିବାକୁ ହେବ । ଏ ପ୍ରକାର ତ୍ୟାଗ କଦାପି ତାକୁ ଉଚ୍ଚତର ସ୍ତରକୁ ଉନ୍ନୀତ କରାଇବ ନାହିଁ ।**

## ଭାବାର୍ଥ

ଯେଉଁ ବ୍ୟକ୍ତି କୃଷ୍ଣଭାବନାରେ ଅଛି, ସେ ଅର୍ଥ ରୋଜଗାର କଲେ ଯେ ସକାମ କର୍ମରେ ଲିପ୍ତ ହୋଇ ଯାଉଛି - ଏ ଆଶଙ୍କା କରିବା ଉଚିତ୍ ନୁହେଁ କିମ୍ବା ଏହି ଆଶଙ୍କାରେ ଅର୍ଥ ରୋଜଗାର ତ୍ୟାଗକରିବା ଉଚିତ୍ ନୁହେଁ । ଯଦି ଅର୍ଥ ରୋଜଗାର କରି ବ୍ୟକ୍ତି ସେହି ଅର୍ଥକୁ କୃଷ୍ଣସେବାରେ ବିନିଯୋଗ କରିପାରିଲା ଅର୍ଥାତ୍ -ତା'ର କୃଷ୍ଣଭାବନା ବୃଦ୍ଧିକରି ପାରିଲା କିମ୍ବା ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ କରିବାରେ ଦିବ୍ୟ କୃଷ୍ଣଚେତନା ମାର୍ଗରେ ଅଗ୍ରଗତି କରିପାରିଲା, ତାହାହେଲେ ଭୟଯୋଗୁଁ କିମ୍ବା କଷ୍ଟଯୋଗୁଁ ତାହା ତ୍ୟାଗ କରିବା ଉଚିତ୍ ନୁହେଁ । ଯଦି ଏ ପ୍ରକାର ତ୍ୟାଗ କରାଯାଏ, ତାହାହେଲେ ବୁଝିବାକୁ ହେବ ଯେ ତାହା ରାଜସିକ ତ୍ୟାଗ ଅଟେ । ଏ ପ୍ରକାର ରାଜସିକ କର୍ମର ଫଳ ସର୍ବଦା ଦୁଃଖଦାୟକ ଅଟେ । ଯଦି କୌଣସି ବ୍ୟକ୍ତି ଏ ପ୍ରକାର ରାଜସିକ କର୍ମ ତ୍ୟାଗକରେ, ଅର୍ଥାତ୍ - ରଜୋଗୁଣାଧୀନ ହୋଇ କର୍ମକରେ, ତାହାହେଲେ ସେ ପ୍ରକାର ତ୍ୟାଗରୁ କୌଣସି ପ୍ରକାର ସୁଫଳ ଲାଭ କରିପାରିବନାହିଁ ।

## ଶ୍ଲୋକ - ୯

**କାର୍ଯ୍ୟମିତ୍ୟେବ ଯତ୍‌କର୍ମ ନିୟତଂ କ୍ରିୟତେଽର୍ଜୁନ ।**
**ସଙ୍ଗଂ ତ୍ୟକ୍ତ୍ୱା ଫଳଂ ଚୈବ ସ ତ୍ୟାଗଃ ସାତ୍ତ୍ୱିକୋ ମତଃ ॥ ୯ ॥**

## ଶବ୍ଦାନୁବାଦ

କାର୍ଯ୍ୟମ୍=ଯାହା କରିବା ଉଚିତ୍; ଇତି=ଏହିପରି; ଏବ=ନିଶ୍ଚିତଭାବରେ; ଯତ୍=ଯାହା; କର୍ମ=କର୍ମ; ନିୟତମ୍=ନିର୍ଦ୍ଦିଷ୍ଟ; କ୍ରିୟତେ=କରାଯାଏ; ଅର୍ଜୁନ=ହେ ଅର୍ଜୁନ; ସଙ୍ଗମ୍=ସମ୍ପର୍କ; ତ୍ୟକ୍ତ୍ୱା=ତ୍ୟାଗକରି; ଫଳମ୍=ଫଳ; ଚ=ମଧ୍ୟ; ଏବ=ନିଶ୍ଚିତରୂପେ; ସଃ=ତାହା; ତ୍ୟାଗଃ=ତ୍ୟାଗ; ସାତ୍ତ୍ୱିକଃ=ସତ୍ତ୍ୱଗୁଣବିଶିଷ୍ଟ; ମତଃ=ମୋ' ମତରେ ।

## ଅନୁବାଦ

**ହେ ଅର୍ଜୁନ ! ଯେ କେବଳ କର୍ତ୍ତବ୍ୟ ସଂପାଦନ କରେ, କାରଣ ତାହା ନିଶ୍ଚୟ କରିବାକୁ ହେବ (ତାହା ହିଁ କରଣୀୟ) ଏବଂ ସମସ୍ତ ଫଳକାମନା ତ୍ୟାଗକରେ, ସେ ସାତ୍ତ୍ୱିକଭାବାପନ୍ନ ହୋଇ ତ୍ୟାଗକରେ ବୋଲି ବୁଝିବାକୁ ହେବ; ଅର୍ଥାତ୍-ତା'ର ତ୍ୟାଗ ସାତ୍ତ୍ୱିକ ତ୍ୟାଗ ଅଟେ ।**

## ଭାବାର୍ଥ

ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ବା ଯାହା କରଣୀୟ, ତାହା ଏଇ ମନୋବୃତ୍ତିରେ କରିବା ଉଚିତ୍ । ଫଳକାମନା ନରଖି ବ୍ୟକ୍ତି କର୍ମକରିବା ଉଚିତ୍ । ସେ କାର୍ଯ୍ୟର ପ୍ରକୃତିଠାରୁ ଦୂରେଇ ରହିବା ଉଚିତ୍ । କାରଖାନାରେ କାର୍ଯ୍ୟ କରୁଥିବା ଏକ କୃଷ୍ଣଚେତନଶୀଳ ବ୍ୟକ୍ତି କାରଖାନାର କାର୍ଯ୍ୟ କିମ୍ବା କାରଖାନାରେ ଶ୍ରମିକମାନଙ୍କ ସହ ସଙ୍ଗକରେ ନାହିଁ । ସେ କେବଳ କୃଷ୍ଣଙ୍କ ପାଇଁ ହିଁ କାମକରେ ଏବଂ ଯେତେବେଳେ ସେ ତା'ର କର୍ମଫଳ କୃଷ୍ଣଙ୍କ ଉଦ୍ଦେଶ୍ୟରେ ତ୍ୟାଗକରେ, ସେତେବେଳେ ସେ ଦିବ୍ୟଭାବାପନ୍ନ ହୋଇ କର୍ମକରେ ।

## ଶ୍ଲୋକ - ୧୦

**ନ ଦ୍ୱେଷ୍ଟ୍ୟକୁଶଳଂ କର୍ମ କୁଶଳେ ନାନୁଷଜ୍ଜତେ ।**
**ତ୍ୟାଗୀ ସତ୍ତ୍ୱସମାବିଷ୍ଟୋ ମେଧାବୀ ଛିନ୍ନସଂଶୟଃ ॥ ୧୦ ॥**

## ଶବ୍ଦାନୁବାଦ

ନ ଦ୍ୱେଷ୍ଟି=ଘୃଣା କରେନାହିଁ; ଅକୁଶଳମ୍=ଅଶୁଭକର; କର୍ମ=କର୍ମ; କୁଶଳେ=କୁଶଳରେ ବା ଶୁଭରେ; ନ ଅନୁଷଜ୍ଜତେ=ଆସକ୍ତ ହୁଏ ନାହିଁ; ତ୍ୟାଗୀ=ତ୍ୟାଗୀ; ସତ୍ତ୍ୱ=ସତ୍ତ୍ୱଗୁଣ (ରେ); ସମାବିଷ୍ଟଃ=ଆବିଷ୍ଟ ହୋଇ; ମେଧାବୀ=ମେଧାବୀ ବା ବୁଦ୍ଧିମାନ; ଛିନ୍ନ ସଂଶୟଃ=ସଂଶୟହୀନ ।

## ଅନୁବାଦ

**ଯେଉଁମାନେ ଅଶୁଭ କର୍ମକୁ ଘୃଣା କରନ୍ତି ନାହିଁ କିମ୍ବା ସତ୍ତ୍ୱଗୁଣସ୍ଥିତ ଶୁଭକର୍ମ ପ୍ରତି ଆସକ୍ତ ହୁଅନ୍ତି ନାହିଁ, ସେମାନେ କର୍ମ ସମ୍ବନ୍ଧରେ ସଂଶୟହୀନ ଅଟନ୍ତି, ଅର୍ଥାତ୍ — ସେମାନଙ୍କର କର୍ମ ସମ୍ବନ୍ଧରେ କୌଣସି ସନ୍ଦେହ ଆଉ ନଥାଏ ।**

## ଭାବାର୍ଥ

ଭଗବଦ୍‌ଗୀତାରେ କୁହାଯାଇଛି ଯେ କେହି କେବେ କର୍ମତ୍ୟାଗ କରି ପାରିବ ନାହିଁ । ତେଣୁ ଯେ କୃଷ୍ଣଙ୍କ ପାଇଁ କର୍ମକରେ ଏବଂ କର୍ମଫଳ ନିଜେ ଉପଭୋଗ କରେ ନାହିଁ ଯେ ସବୁ କିଛି କୃଷ୍ଣଙ୍କୁ ହିଁ ଅର୍ପଣକରେ, ସେ ହିଁ ବାସ୍ତବରେ ତ୍ୟାଗୀ ଅଟେ । ଆମର ଏହି ଅନ୍ତଃରାଷ୍ଟ୍ରୀୟ କୃଷ୍ଣଭାବନାମୃତ ସଂଘରେ ଅନେକ ଏପରି ସଭ୍ୟ ଅଛନ୍ତି, ଯେଉଁମାନେ କି ସେମାନଙ୍କର ଅଫିସ (ବା କାର୍ଯ୍ୟାଳୟ)ରେ, କାରଖାନାରେ କିମ୍ବା ଅନ୍ୟ କୌଣସି ସ୍ଥାନରେ ଖୁବ୍ କଠିନ ପରିଶ୍ରମ କରନ୍ତି ଏବଂ ସେମାନେ ଯାହା ରୋଜଗାର କରନ୍ତି ତାହା ସେମାନେ ସଂଘକୁ ହିଁ ପ୍ରଦାନ କରନ୍ତି । ଏ ପ୍ରକାର ମହାତ୍ମାଗଣ ବାସ୍ତବରେ ସନ୍ନ୍ୟାସୀ ଅଟନ୍ତି ଏବଂ ସେମାନେ ସନ୍ନ୍ୟାସାଶ୍ରମରେ ହିଁ ଅବସ୍ଥାନ କରିଥା'ନ୍ତି । ଏଠାରେ ପରିଷ୍କାର ଭାବରେ କୁହାଯାଇଛି, କିପରି କର୍ମଫଳକୁ ତ୍ୟାଗ କରିବାକୁ ହେବ ଏବଂ କେଉଁ ଉଦ୍ଦେଶ୍ୟରେ ତାହା ତ୍ୟାଗ କରିବା ଉଚିତ୍ ।

## ଶ୍ଲୋକ - ୧୧

**ନ ହି ଦେହଭୃତା ଶକ୍ୟଂ ତ୍ୟକ୍ତୁଂ କର୍ମାଣ୍ୟଶେଷତଃ ।**
**ଯସ୍ତୁ କର୍ମଫଳତ୍ୟାଗୀ ସ ତ୍ୟାଗୀତ୍ୟଭିଧୀୟତେ ।। ୧୧ ।।**

## ଶବ୍ଦାନୁବାଦ

ନ=ନୁହେଁ; ହି=ନିଶ୍ଚିତଭାବେ; ଦେହ-ଭୃତା=ଦେହଧାରୀମାନଙ୍କର; ଶକ୍ୟମ୍=ସମ୍ଭବ; ତ୍ୟକ୍ତୁମ୍=ତ୍ୟାଗକରିବାକୁ; କର୍ମାଣି=କର୍ମମାନ; ଅଶେଷତଃ=ସଂପୂର୍ଣ୍ଣରୂପେ; ଯଃ ତୁ=ଯେ ମଧ୍ୟ; କର୍ମ=କର୍ମ; ଫଳ=ଫଳ; ତ୍ୟାଗୀ=ତ୍ୟାଗୀ; ସଃ=ସେ; ତ୍ୟାଗୀ=ତ୍ୟାଗୀ; ଇତି=ଏହିପରି; ଅଭିଧୀୟତେ=କୁହାଯାଏ ।

## ଅନୁବାଦ

**ଜୀବ ପକ୍ଷରେ ସମସ୍ତ କର୍ମତ୍ୟାଗ କରିବା ବାସ୍ତବିକ୍ ଅସମ୍ଭବ । ତେଣୁ କୁହାଯାଏ, ଯେ କର୍ମଫଳ ତ୍ୟାଗ କରେ ସେ ପ୍ରକୃତରେ ତ୍ୟାଗୀ ଅଟେ ।**

## ଭାବାର୍ଥ

ଏକ କୃଷ୍ଣଚେତନଶୀଳ ବ୍ୟକ୍ତି, ଯେ'କି କୃଷ୍ଣଙ୍କ ସହିତ ଚିରନ୍ତନଭାବେ ସମ୍ବନ୍ଧିତ ହୋଇ ଜ୍ଞାନଭୂମିକାରେ ଅବସ୍ଥାନ କରି କର୍ମକରେ ସେ ସର୍ବଦା ମୁକ୍ତ ଅଟେ । ତେଣୁ ମୃତ୍ୟୁପରେ ସେ ତା'ର କର୍ମଫଳ ଭୋଗ କରେ ନାହିଁ, ଅର୍ଥାତ୍-ସୁକର୍ମ ଯୋଗୁଁ ସୁଫଳ ବା ଦୁଷ୍କର୍ମ ଯୋଗୁଁ ଦୁଃଖ ଭୋଗ କରେ ନାହିଁ ।

## ଶ୍ଲୋକ - ୧୨

**ଅନିଷ୍ଟମିଷ୍ଟଂ ମିଶ୍ରଂ ଚ ତ୍ରିବିଧଂ କର୍ମଣଃ ଫଳମ୍ ।**
**ଭବତ୍ୟତ୍ୟାଗିନାଂ ପ୍ରେତ୍ୟ ନ ତୁ ସନ୍ନ୍ୟାସିନାଂ କ୍ୱଚିତ୍ ।। ୧୨ ।।**

## ଶବ୍ଦାନୁବାଦ

ଅନିଷ୍ଟମ୍=ନର୍କାନୁଗାମୀ; ଇଷ୍ଟମ୍=ସ୍ୱର୍ଗାନୁଗାମୀ; ମିଶ୍ରମ୍ ଚ= କିମ୍ବା ମିଶ୍ରିତ; ତ୍ରିବିଧମ୍=ତିନି ପ୍ରକାର; କର୍ମଣଃ=କର୍ମ; ଫଳମ୍=ଫଳ; ଭବତି=ହୁଏ; ଅତ୍ୟାଗିନାମ୍=ଅତ୍ୟାଗୀମାନଙ୍କର;

ପ୍ରେତ୍ୟ=ମୃତ୍ୟୁପରେ; ନ ତୁ=କିନ୍ତୁ ନୁହେଁ; ସନ୍ନ୍ୟାସିନାମ୍=ସନ୍ନ୍ୟାସୀମାନଙ୍କର; କ୍ୱଚିତ୍=କେବେହେଲେ ।

## ଅନୁବାଦ

**ଯେଉଁମାନେ ତ୍ୟାଗୀ ନୁହଁନ୍ତି, ସେମାନେ ମୃତ୍ୟୁପରେ କର୍ମର ତ୍ରିବିଧ ଫଳ ଅନିଷ୍ଟ, ଇଷ୍ଟ ଓ ମିଶ୍ର ଫଳ ଭୋଗ କରନ୍ତି କିନ୍ତୁ ଯେଉଁମାନେ ତ୍ୟାଗୀ ବା ସନ୍ନ୍ୟାସୀ, ସେମାନେ ଏପ୍ରକାର କର୍ମର ଫଳ ଭୋଗ କରନ୍ତି ନାହିଁ, ଅର୍ଥାତ୍-କର୍ମଫଳଜନିତ ସୁଖଦୁଃଖ ଭୋଗ କରନ୍ତି ନାହିଁ ।**

## ଭାବାର୍ଥ

ଜଣେ କୃଷ୍ଣଚେତନଶୀଳ ବ୍ୟକ୍ତି କିମ୍ବା ଏକ ସତ୍ତ୍ୱଗୁଣାଶ୍ରୟୀ ବ୍ୟକ୍ତି କାହାରିକୁ ଘୃଣା କରେନାହିଁ କିମ୍ବା ଯାହାକିଛି ତା'ର ଶରୀରକୁ କଷ୍ଟଦିଏ, ତାକୁ ମଧ୍ୟ ଘୃଣା କରେ ନାହିଁ ।ସେ ଉପଯୁକ୍ତ ସ୍ଥାନରେ ଓ ଉପଯୁକ୍ତ ସମୟରେ କର୍ମକରେ ବା କର୍ତ୍ତବ୍ୟ କରିଯାଏ ।କର୍ତ୍ତବ୍ୟ ସଂପାଦନରେ ସେ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତିକୁ ମଧ୍ୟ ଭୟ କରେନାହିଁ ।ସେ ନିର୍ଭୟ ଚିତ୍ତରେ କର୍ତ୍ତବ୍ୟ ସଂପାଦନ କରେ ।ଦିବ୍ୟସ୍ତରରେ ଅବସ୍ଥାପିତ ଏ ପ୍ରକାର ବ୍ୟକ୍ତି ଯେ ଖୁବ୍ ବୁଦ୍ଧିମାନ ଏବଂ କର୍ମ ସଂପାଦନରେ ନିଃସନ୍ଦେହ ଚିତ୍ତ ଏହା ବୁଝିବା ଉଚିତ୍ ।

## ଶ୍ଳୋକ-୧୩-୧୪

**ପଞ୍ଚୈତାନି ମହାବାହୋ କାରଣାନି ନିବୋଧ ମେ ।**
**ସାଙ୍ଖ୍ୟେ କୃତାନ୍ତେ ପ୍ରୋକ୍ତାନି ସିଦ୍ଧୟେ ସର୍ବକର୍ମଣାମ୍ ।।୧୩।।**
**ଅଧିଷ୍ଠାନଂ ତଥା କର୍ତ୍ତା କରଣଂ ଚ ପୃଥଗ୍‌ବିଧମ୍ ।**
**ବିବିଧାଶ୍ଚ ପୃଥକ୍ ଚେଷ୍ଟା ଦୈବଂ ଚୈବାତ୍ର ପଞ୍ଚମମ୍ ।।୧୪।।**

## ଶବ୍ଦାନୁବାଦ

ପଞ୍ଚ=ପାଞ୍ଚ; ଏତାନି=ଏ ସବୁ; ମହା-ବାହୋ=ହେ ମହାବାହୁ; କାରଣାନି=କାରଣ; ନିବୋଧ=ବୁଝ; ମେ=ମୋ ଠାରୁ; ସାଙ୍ଖ୍ୟେ=ବେଦରେ; କୃତାନ୍ତେ=ଅନୁଷ୍ଠାନ ପରେ; ପ୍ରୋକ୍ତାନି=କୁହାଯାଇଛି; ସିଦ୍ଧୟେ=ସିଦ୍ଧି ନିମିତ୍ତ; ସର୍ବ=ସମସ୍ତ; କର୍ମଣାମ୍=ଅନୁଷ୍ଠିତ କର୍ମମାନଙ୍କର; ଅଧିଷ୍ଠାନମ୍=ସ୍ଥାନ; ତଥା=ତଥା; କର୍ତା=କର୍ତ୍ତା; କରଣମ୍ ଚ=ଏବଂ ଯନ୍ତ୍ର (ଅର୍ଥାତ୍ ଇନ୍ଦ୍ରିୟଗଣ); ପୃଥକ୍-ବିଧମ୍=ବିଭିନ୍ନପ୍ରକାର; ବିବିଧାଃ ଚ=ବିବିଧ (ବିଭିନ୍ନ ପ୍ରକାର); ପୃଥକ୍=ପୃଥକ୍‌ଭାବେ; ଚେଷ୍ଟାଃ=ଚେଷ୍ଟା; ଦୈବମ୍=ପରମେଶ୍ୱର; ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ଅତ୍ର=ଏଠାରେ; ପଞ୍ଚମମ୍=ପାଞ୍ଚ (ପଞ୍ଚମ) ।

## ଅନୁବାଦ

**ହେ ମହାବାହୁ ଅର୍ଜୁନ ! କାର୍ଯ୍ୟାନୁଷ୍ଠାନର ଯେଉଁ ପାଞ୍ଚୋଟି କଥା ଅଛି ତାହା ମୋ'ଠାରୁ ଶୁଣ-ସାଂଖ୍ୟ ଦର୍ଶନରେ ଏ ସମ୍ବନ୍ଧରେ କୁହାଯାଇଛି ଯେ, ଏଗୁଡ଼ିକ ହେଉଛନ୍ତି କାର୍ଯ୍ୟାନୁଷ୍ଠାନର ସ୍ଥାନ, କର୍ତ୍ତା, ଇନ୍ଦ୍ରିୟଗଣ, ଚେଷ୍ଟା ଏବଂ ସର୍ବୋପରି ପରମାତ୍ମା ।**

## ଭାବାର୍ଥ

ଏହିପରି ଏକ ପ୍ରଶ୍ନ ଉଠିପାରେ — ଯେଣୁ ଯେକୌଣସି କ୍ରିୟାର ପ୍ରତିକ୍ରିୟା ଅଛି, ତାହାହେଲେ କୃଷ୍ଣଚେତନଶୀଳ ବ୍ୟକ୍ତି କିପରି ସେ ପ୍ରତିକ୍ରିୟା ଭୋଗ ନକରେ ? ଏଠାରେ ଭଗବାନ୍ ବେଦାନ୍ତଦର୍ଶନ ଉଦ୍ଧାରକରି କହୁଛନ୍ତି ତାହା କିପରି ସମ୍ଭବପର । ସେ କହୁଛନ୍ତି ଯେ ସମସ୍ତ କର୍ମ ଏବଂ କର୍ମରେ କୃତକାର୍ଯ୍ୟ ହେବାର ପାଞ୍ଚୋଟି କାରଣ ଅଛି ଏବଂ ବ୍ୟକ୍ତି ଏ ପାଞ୍ଚୋଟି କାରଣ କଥା ଜାଣିବା ଉଚିତ୍ । ସାଂଖ୍ୟ ଅର୍ଥ ହେଲା ଜ୍ଞାନକାଣ୍ଡ ଏବଂ ବେଦାନ୍ତ ହେଲା ସମସ୍ତ ବିଶିଷ୍ଟ ଆଚାର୍ଯ୍ୟଙ୍କଦ୍ୱାରା ସ୍ୱୀକୃତ ଅନ୍ତିମ ଜ୍ଞାନ-କାଣ୍ଡ । ଏପରିକି ଶଙ୍କରାଚାର୍ଯ୍ୟ ମଧ୍ୟ ବେଦାନ୍ତ ସୂତ୍ରକୁ ସ୍ୱୀକାର କରିଛନ୍ତି । ତେଣୁ ଏପ୍ରକାର ଶାସ୍ତ୍ରର ନିର୍ଦ୍ଦେଶକୁ ଗ୍ରହଣ କରିବା ଉଚିତ୍ ।

ସର୍ବୋପରି ଭଗବତ୍ ଇଚ୍ଛା (ପରମାତ୍ମାଙ୍କ) ଉପରେ ସବୁ ନିର୍ଭର କରେ; କାରଣ ଗୀତାରେ କୁହାଯାଇଛି *"ସର୍ବସ୍ୟ ଚାହଂ ହୃଦି"* । ସେ ପ୍ରତ୍ୟେକଙ୍କୁ ନିର୍ଦ୍ଦିଷ୍ଟ କର୍ମରେ ନିଯୁକ୍ତ କରିଛନ୍ତି । ଅନ୍ତରରେ ରହି ସେ ଯେଉଁ ନିର୍ଦ୍ଦେଶ ଦେଉଛନ୍ତି, ସେ ନିର୍ଦ୍ଦେଶ ଅନୁଯାୟୀ ଯେଉଁ କର୍ମ କରାଯାଏ, ତାହାର କୌଣସି ପ୍ରତିକ୍ରିୟା ନାହିଁ-ଇହ ଜନ୍ମରେ କିମ୍ବା ପରଜନ୍ମରେ ତା'ର ପ୍ରତିକ୍ରିୟା ନାହିଁ ।

କର୍ମ କରିବାର ଯନ୍ତ୍ର ହେଲେ ଇନ୍ଦ୍ରିୟଗଣ ଏବଂ ଏହି ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ଆତ୍ମା ବିଭିନ୍ନ ପ୍ରକାରେ କର୍ମ କରେ ଏବଂ ପ୍ରତ୍ୟେକ କର୍ମ ନିମିତ୍ତ ବିଭିନ୍ନ ପ୍ରକାର ଚେଷ୍ଟା ଅଛି, କିନ୍ତୁ ପ୍ରତ୍ୟେକଙ୍କ ହୃଦୟରେ ସୁହୃତ୍ (ବା ବନ୍ଧୁ) ରୂପେ ଅବସ୍ଥାନ କରୁଥିବା ପରମାତ୍ମାଙ୍କ ଇଚ୍ଛା ଉପରେ ସମସ୍ତ କର୍ମ ନିର୍ଭର କରେ । ପରମେଶ୍ୱର ହେଉଛନ୍ତି ପରମ କାରଣ । ଏହି ପରିସ୍ଥିତିରେ, ଯେଉଁ ବ୍ୟକ୍ତି କୃଷ୍ଣଚେତନଶୀଳ ହୋଇ ହୃଦୟରେ ଅବସ୍ଥିତ ପରମାତ୍ମାଙ୍କ ନିର୍ଦ୍ଦେଶରେ କର୍ମ କରେ, ସେ ବାସ୍ତବରେ କର୍ମ ବନ୍ଧନରେ ପଡ଼େନାହିଁ । ଯେଉଁମାନେ ପୂର୍ଣ୍ଣ କୃଷ୍ଣଚେତନାରେ ଅଛନ୍ତି ସେମାନେ ପରିଣାମତଃ ସେମାନଙ୍କ କର୍ମ ନିମିତ୍ତ ଦାୟୀ ନୁହଁନ୍ତି । ସବୁକିଛି ପରମାତ୍ମା ବା ପରମପୁରୁଷ ଭଗବାନଙ୍କର ପରମ ଇଚ୍ଛା ଉପରେ ନିର୍ଭର କରେ ।

## ଶ୍ଲୋକ - ୧୫

**ଶରୀରବାଙ୍‌ମନୋଭିର୍ଯତ୍ କର୍ମ ପ୍ରାରଭତେ ନରଃ ।**
**ନ୍ୟାଯ୍ୟଂ ବା ବିପରୀତଂ ବା ପଞ୍ଚୈତେ ତସ୍ୟ ହେତବଃ ।।୧୫।।**

## ଶବ୍ଦାନୁବାଦ

ଶରୀର=ଶରୀର; ବାକ୍=ବାକ୍ୟ; ମନୋଭିଃ=ମନରେ; ଯତ୍=ଯାହା; କର୍ମ=କାର୍ଯ୍ୟ; ପ୍ରାରଭତେ=ଆରମ୍ଭକରେ; ନରଃ=ବ୍ୟକ୍ତି (ପୁରୁଷ); ନ୍ୟାଯ୍ୟମ୍=ଠିକ୍; ବା=କିମ୍ବା; ବିପରୀତମ୍=ବିପରୀତ (ବା ବେଠିକ୍); ବା=କିମ୍ବା; ପଞ୍ଚ=ପାଞ୍ଚ; ଏତେ=ଏସବୁ; ତସ୍ୟ=ତାହାର; ହେତବଃ=କାରଣ ।

## ଅନୁବାଦ

**ବ୍ୟକ୍ତି ଠିକ୍ ହେଉ ବା ବେଠିକ୍ ହେଉ ଶରୀର, ମନ କିମ୍ବା କଥାରେ ଯେଉଁ କାର୍ଯ୍ୟକରେ, ତାହାର କାରଣ ହେଉଛି ଏ ପାଞ୍ଚୋଟି ।**

## ଭାବାର୍ଥ

ଏ ଶ୍ଲୋକରେ ବ୍ୟବହୃତ *"ନ୍ୟାଯ୍ୟ"* ବା *"ବିପରୀତ"* ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ । ଠିକ୍ କର୍ମ ହେଉଛି ସେହି କର୍ମ, ଯାହା ଶାସ୍ତ୍ରାନୁମୋଦିତ ଅଟେ ଏବଂ ବିପରୀତ କର୍ମ ହେଉଛି ତାହା, ତାହା ଶାସ୍ତ୍ରାନୁମୋଦିତ ନୁହେଁ । କିନ୍ତୁ ଯାହାକିଛି କର, ସେଗୁଡ଼ିକ କରିବା ପାଇଁ ଏ ପାଞ୍ଚୋଟି ଆବଶ୍ୟକ ।

## ଶ୍ଲୋକ - ୧୬

**ତତ୍ରୈବଂ ସତି କର୍ତାରମାତ୍ମାନଂ କେବଳଂ ତୁ ଯଃ ।**
**ପଶ୍ୟତ୍ୟକୃତବୁଦ୍ଧିତ୍ୱାନ୍ନ ସ ପଶ୍ୟତି ଦୁର୍ମତିଃ ।।୧୬।।**

## ଶବ୍ଦାନୁବାଦ

ତତ୍ର=ସେଠାରେ; ଏବମ୍=ନିଶ୍ଚିତଭାବେ; ସତି=ଏହିପରି ହୋଇ; କର୍ତାରମ୍=କର୍ତ୍ତାଙ୍କ; ଆତ୍ମାନମ୍=ଆତ୍ମାକୁ; କେବଳମ୍=କେବଳ; ତୁ=କିନ୍ତୁ; ଯଃ=ଯେ; ପଶ୍ୟତି=ଦେଖେ; ଅକୃତ-ବୁଦ୍ଧିତ୍ୱାତ୍=ବୁଦ୍ଧିହୀନତା ଯୋଗୁଁ; ନ=ନୁହେଁ; ସଃ=ସେ; ପଶ୍ୟତି=ଦେଖେ; ଦୁର୍ମତିଃ=ମୂର୍ଖ ।

## ଅନୁବାଦ

**ତେଣୁ ଯେ ଉପଯୁକ୍ତ ପାଞ୍ଚୋଟି କାରଣ କଥା ବିଗ୍ଚର ନକରି ନିଜକୁ କର୍ତ୍ତାବୋଲି ଭାବେ, ବାସ୍ତବରେ ସେ ଅତ୍ୟନ୍ତ ବୁଦ୍ଧିମାନ୍ ନୁହେଁ ଏବଂ ବସ୍ତୁର ପ୍ରକୃତ ସ୍ୱରୂପ ମଧ୍ୟ ସେ ଦେଖିପାରେ ନାହିଁ ।**

## ଭାବାର୍ଥ

ମୂର୍ଖଲୋକ ଏକଥା ବୁଝିପାରେ ନାହିଁ ଯେ ପରମାତ୍ମା ଅନ୍ତରରେ ସୁହୃଦ୍ ରୂପରେ ବିଦ୍ୟମାନ ରହି ତା'ର କାର୍ଯ୍ୟକୁ ନିୟନ୍ତ୍ରଣ କରୁଛନ୍ତି । ଯଦିଓ ଭୌତିକ କାରଣ ଗୁଡ଼ିକ ହେଲା ସ୍ଥାନ, କର୍ତ୍ତା, ପ୍ରଚେଷ୍ଟା ଏବଂ ଇନ୍ଦ୍ରିୟଗଣ, ତଥାପି ଅନ୍ତିମ କାରଣ ହେଲେ ପରମପୁରୁଷ ଭଗବାନ୍ । ତେଣୁ ବ୍ୟକ୍ତି କେବଳ ଗ୍ଚରୋଟି ଭୌତିକ କାରଣ ଦେଖିବା ଉଚିତ୍ ନୁହେଁ; ସେ ପରମ କାରଣକୁ ଦେଖିବା ଉଚିତ୍ । ଯେ ପରମ ନିୟନ୍ତ୍ରଣକାରୀଙ୍କୁ ଦେଖି ନପାରେ, ସେ ନିଜକୁ ହିଁ କର୍ତ୍ତାବୋଲି ଭାବେ ।

## ଶ୍ଲୋକ - ୧୭

**ଯସ୍ୟ ନାହଂକୃତୋ ଭାବୋ ବୁଦ୍ଧିର୍ଯସ୍ୟ ନ ଲିପ୍ୟତେ ।**
**ହତ୍ୱାପି ସ ଇମାଁଲ୍ଲୋକାନ୍ନ ହନ୍ତି ନ ନିବଧ୍ୟତେ ।।୧୭।।**

## ଶବ୍ଦାନୁବାଦ

ଯସ୍ୟ=ଯାହାର; ନ=ନାହିଁ; ଅହଙ୍କୃତଃ=ମିଥ୍ୟାହଙ୍କାର; ଭାବଃ=ଭାବ (ପ୍ରକୃତି); ବୁଦ୍ଧିଃ=ବୁଦ୍ଧି; ଯସ୍ୟ=ଯାହାର; ନ=ନୁହେଁ; ଲିପ୍ୟତେ=ଆସକ୍ତ; ହତ୍ୱା ଅପି=ଏପରିକି ମାରି; ସଃ=ସେ; ଇମାନ୍=ଏହି; ଲୋକାନ୍=ପୃଥିବୀ; ନ=ନୁହେଁ; ହନ୍ତି=ମରେ; ନ=ନୁହେଁ; ନିବଧ୍ୟତେ=ବଦ୍ଧହୁଏ ।

## ଅନୁବାଦ

**ଯେ ମିଥ୍ୟାହଙ୍କାରଦ୍ୱାରା ପ୍ରଣୋଦିତ ହୁଏ ନାହିଁ, ଯାହାର ବୁଦ୍ଧି ବିଷୟାସକ୍ତ ନୁହେଁ, ସେ ଏ ପୃଥିବୀରେ ମନୁଷ୍ୟ ବଧ କଲେ ସୁଦ୍ଧା ହନ୍ତା ନୁହେଁ କିମ୍ବା ସେ ତା'ର କର୍ମ ବନ୍ଧନରେ ବାନ୍ଧିହୁଏ ନାହିଁ, ଅର୍ଥାତ୍-କର୍ମଫଳ ଭୋଗ କରେ ନାହିଁ ।**

## ଭାବାର୍ଥ

ଏ ଶ୍ଲୋକରେ ଭଗବାନ୍ ଅର୍ଜୁନଙ୍କୁ କହୁଛନ୍ତି ଯେ ଯୁଦ୍ଧ ନ କରିବାର ଯେଉଁ ପ୍ରବୃତ୍ତି ତାଙ୍କର ଜାତ ହୋଇଛି, ତାହା ମିଥ୍ୟାହଙ୍କାର ପ୍ରସୂତ ଅଟେ । ଅର୍ଜୁନ ନିଜକୁ କର୍ତ୍ତା ବୋଲି ଭାବିଲେ; କିନ୍ତୁ ସେ ଅନ୍ତର୍ ବହିଃ ଅବସ୍ଥିତ ଥିବା ପରମାତ୍ମାଙ୍କର ନିର୍ଦ୍ଦେଶ କଥା ବିଗ୍ର କଲେନାହିଁ । ଯଦି ବ୍ୟକ୍ତି ଏକଥା ନ ଜାଣେ ଯେ ପରମପୁରୁଷ ଭଗବାନଙ୍କର ପରମ ଇଚ୍ଛା ଅଛି, ତାହାହେଲେ ସେ କାହିଁକି କାମ କରିବ ? କିନ୍ତୁ ଯେ କାର୍ଯ୍ୟାନୁଷ୍ଠାନର ଯନ୍ତ୍ରକୁ ଜାଣେ ଏବଂ ନିଜକୁ (ଯନ୍ତ୍ରବତ୍) ଏକ କର୍ତ୍ତାବୋଲି ଜାଣେ ଏବଂ ପରମେଶ୍ୱରଙ୍କୁ ପରମ ନିୟନ୍ତ୍ରଣକାରୀ ବୋଲି ଜାଣେ, ସେ ସବୁକାମ ଠିକ୍‌ରୂପେ କରିପାରେ । ଏପ୍ରକାର ବ୍ୟକ୍ତି କଦାପି ମାୟାମୋହିତ ନୁହେଁ । ବ୍ୟକ୍ତିଗତ କର୍ମ ଓ ଦାୟିତ୍ୱ, ମିଥ୍ୟାହଙ୍କାର ଏବଂ ନାସ୍ତିକତା କିମ୍ବା କୃଷ୍ଣଭାବନା ଶୂନ୍ୟତାରୁ ଜାତ; ଯେ ପରମାତ୍ମା ବା ପରମପୁରୁଷ ଭଗବାନଙ୍କ ନିର୍ଦ୍ଦେଶରେ କର୍ମ କରୁଛି, ସେ ଜୀବ ବଧ କଲେ ସୁଦ୍ଧା ସେ ହନ୍ତା ନୁହେଁ । ସେ ମଧ୍ୟ ଜୀବ-ହତ୍ୟା ଦୋଷରେ ଦୋଷଦୁଷ୍ଟ ହୁଏ ନାହିଁ । ଯେତେବେଳେ ଜଣେ ସୈନିକ ତା'ର ଉପରିସ୍ଥ ହାକିମ ବା ସେନାଧ୍ୟକ୍ଷଙ୍କ ଆଦେଶରେ ଶତ୍ରୁକୁ ହତ୍ୟାକରେ, ସେତେବେଳେ ସେ ଦୋଷୀ ନୁହେଁ । କିନ୍ତୁ ଯେତେବେଳେ ସେ ସୈନିକ ନିଜ ସ୍ୱାର୍ଥ ସାଧନ ନିମିତ୍ତ ଅନ୍ୟକୁ ହତ୍ୟାକରେ, ସେତେବେଳେ ସେ ନିଶ୍ଚୟ ଦୋଷୀ ବୋଲି ସାବ୍ୟସ୍ତ ହେବ ।

## ଶ୍ଲୋକ - ୧୮

**ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା ତ୍ରିବିଧା କର୍ମଚୋଦନା ।**
**କରଣଂ କର୍ମ କର୍ତ୍ତେତି ତ୍ରିବିଧଃ କର୍ମସଙ୍ଗ୍ରହଃ ।।୧୮।।**

## ଶବ୍ଦାନୁବାଦ

ଜ୍ଞାନମ୍=ଜ୍ଞାନ; ଜ୍ଞେୟମ୍=ଜ୍ଞେୟ (ଜ୍ଞାନଦ୍ୱାରା ଲବ୍ଧବିଷୟ); ପରିଜ୍ଞାତା=ଜ୍ଞାତା (ଜ୍ଞାନୀ); ତ୍ରିବିଧା=ତିନିପ୍ରକାର; କର୍ମ=କର୍ମ; ଚୋଦନା=ପ୍ରେରଣା; କରଣମ୍=ଇନ୍ଦ୍ରିୟଗଣ; କର୍ମ=କର୍ମ; କର୍ତ୍ତା=କର୍ତ୍ତା; ଇତି=ଏହିପରି; ତ୍ରିବିଧଃ=ତିନିପ୍ରକାର; କର୍ମ=କର୍ମ; ସଙ୍ଗ୍ରହଃ=ସଂଗ୍ରହ ।

## ଅନୁବାଦ

**ଜ୍ଞାନ, ଜ୍ଞାନର ଲକ୍ଷ୍ୟ (ବା ଜ୍ଞାନଦ୍ୱାରା ଲବ୍ଧବିଷୟ) ଏବଂ ଜ୍ଞାତା - ଏ ହେଉଛି ତିନୋଟି କଥା, ଯାହା କର୍ମ କରିବାକୁ ପ୍ରେରଣା ଦିଏ । ଇନ୍ଦ୍ରିୟଗଣ, କର୍ମ ଏବଂ କର୍ତ୍ତା କର୍ମର ତିନୋଟି ଆଧାର ଅଟେ ।**

## ଭାବାର୍ଥ

ଦୈନନ୍ଦିନ କର୍ମର ତିନିପ୍ରକାର ପ୍ରେରଣା ଅଛି, ଯଥା - ଜ୍ଞାନ, ଜ୍ଞେୟ (ବା ଜ୍ଞାନ ଦ୍ୱାରା ଲବ୍ଧବିଷୟ) ଏବଂ ଜ୍ଞାତା । କର୍ମ କରିବାର ଯନ୍ତ୍ର (ବା ଇନ୍ଦ୍ରିୟଗଣ), କର୍ମ ଏବଂ କର୍ତ୍ତା-ଏମାନଙ୍କୁ

କର୍ମର ଉପାଦାନ ବୋଲି କୁହାଯାଏ । ମାନବ ଯେଉଁ କର୍ମ କରେ ସେଥିରେ ଏସବୁ ଉପାଦାନ ଅଛି । ବ୍ୟକ୍ତି କର୍ମ କରିବା ପୂର୍ବରୁ, ତାହା କରିବା ନିମିତ୍ତ ଏକ ପ୍ରେରଣା ଲାଭକରେ । କର୍ମ କରିବା ପୂର୍ବରୁ କର୍ମର ସିଦ୍ଧାନ୍ତ ଏକ ସୂକ୍ଷ୍ମ ଆକାରରେ ଦେଖାଦିଏ । ତତ୍ପରେ କର୍ମ ଆକାର ଗ୍ରହଣ କରେ । ପ୍ରଥମେ ବ୍ୟକ୍ତି (କର୍ମ କରିବା ପୂର୍ବରୁ) କିପରି କର୍ମ କରିବ, କ'ଣ ହେବ-ଏହିଭାବ ତା'ର ମାନସ ରାଜ୍ୟରେ ଦେଖାଦିଏ । ଅର୍ଥାତ୍ ସେ ପ୍ରଥମେ ଚିନ୍ତାକରେ, ତା'ର ଏକ ଭାବ ଜାତ ହୁଏ ଏବଂ କର୍ମ କରିବାକୁ ସେ ଇଚ୍ଛା ପୋଷଣ କରେ । ଏହାକୁ ପ୍ରେରଣା କୁହାଯାଏ । ବାସ୍ତବରେ କର୍ମ କରିବାପାଇଁ ଯେଉଁ ଶ୍ରଦ୍ଧା ବା ବିଶ୍ୱାସ, ତାହାହିଁ ଜ୍ଞାନ । ତାହା ହେଉଛି କର୍ମ କରିବାର ପ୍ରେରଣା, ଯଦି ତାହା ଶାସ୍ତ୍ରରୁ ମିଳୁଥାଏ କିମ୍ବା ଗୁରୁଙ୍କ ଉପଦେଶରୁ ମିଳୁଥାଏ । ଯଦି ଠିକ୍ ପ୍ରେରଣା ମିଳିଛି ଏବଂ କର୍ତ୍ତା ପ୍ରସ୍ତୁତ, ତାହାହେଲେ ଇନ୍ଦ୍ରିୟଗଣଙ୍କ ସାହାଯ୍ୟରେ ବାସ୍ତବ କର୍ମ କରାହୁଏ । ସମସ୍ତ ଇନ୍ଦ୍ରିୟର କେନ୍ଦ୍ର ହେଲା ମନ ଏବଂ ଲକ୍ଷ୍ୟ ହେଲା କର୍ମ । ଭଗବଦ୍‌ଗୀତାର ବର୍ଣ୍ଣନା ଅନୁଯାୟୀ ଏଗୁଡ଼ିକ ହେଉଛି କର୍ମର ବିଭିନ୍ନ ଅବସ୍ଥା । ସମସ୍ତ କର୍ମର ସମଷ୍ଟିକୁ କର୍ମ-ସଂଗ୍ରହ କୁହାଯାଏ ।

## ଶ୍ଳୋକ - ୧୯

**ଜ୍ଞାନଂ କର୍ମ ଚ କର୍ତ୍ତା ଚ ତ୍ରିଧୈବ ଗୁଣଭେଦତଃ ।**
**ପ୍ରୋଚ୍ୟତେ ଗୁଣସଙ୍ଖ୍ୟାନେ ଯଥାବଚ୍ଛୃଣୁ ତାନ୍ୟପି ।।୧୯।।**

## ଶବ୍ଦାନୁବାଦ

ଜ୍ଞାନମ୍=ଜ୍ଞାନ; କର୍ମ=କର୍ମ; ଚ=ମଧ୍ୟ; କର୍ତା=କର୍ତ୍ତା; ଚ=ମଧ୍ୟ; ତ୍ରିଧା=ତିନି ପ୍ରକାର; ଏବ=ନିଶ୍ଚିତଭାବେ; ଗୁଣ-ଭେଦତଃ=ପ୍ରାକୃତିକ ଗୁଣ ଅନୁଯାୟୀ; ପ୍ରୋଚ୍ୟତେ=କୁହାଯାଏ; ଗୁଣ-ସଙ୍ଖ୍ୟାନେ=ବିଭିନ୍ନପ୍ରକାର ଗୁଣାନୁଯାୟୀ; ଯଥାବତ୍=ସେମାନେ ଯେପରି କାର୍ଯ୍ୟ କରନ୍ତି; ଶୃଣୁ=ଶୁଣ; ତାନି=ସେ ସବୁ; ଅପି=ମଧ୍ୟ ।

## ଅନୁବାଦ

**ଭୂତପ୍ରକୃତିର ତ୍ରିଗୁଣ ଅନୁଯାୟୀ ଜ୍ଞାନ, କର୍ମ ଏବଂ କର୍ମାନୁଷ୍ଠାନ ତିନିପ୍ରକାର ଅଟେ । ସେଗୁଡ଼ିକ ସମ୍ବନ୍ଧରେ ମୁଁ ଯାହା କହୁଛି ଶୁଣ ।**

## ଭାବାର୍ଥ

ଚତୁର୍ଦ୍ଦଶ ଅଧ୍ୟାୟରେ ଭୂତପ୍ରକୃତିର ତ୍ରିଗୁଣ କଥା ବିଶେଷଭାବରେ ବର୍ଣ୍ଣନା କରାଯାଇଅଛି । ସେ ଅଧ୍ୟାୟରେ କୁହାଯାଇଛି ଯେ ସତ୍ତ୍ୱଗୁଣ ଆଲୋକମୟ ଅଟେ, ରଜଗୁଣ ଭୌତିକ ଅଟେ ଏବଂ ତମୋଗୁଣ ଆଳସ୍ୟ ଓ ତନ୍ଦ୍ରାଦିର ଉତ୍ପାଦକ ଅଟେ । ଭୂତପ୍ରକୃତିର (ଏ ତ୍ରିଗୁଣାତ୍ମକ) ସମସ୍ତେ ଜୀବକୁ ବନ୍ଧନରେ ପକାନ୍ତି । ଏମାନେ ମୁକ୍ତିର ପନ୍ଥା ନୁହଁନ୍ତି । ଏପରିକି ସତ୍ତ୍ୱଗୁଣରେ ମଧ୍ୟ ବ୍ୟକ୍ତି ବଦ୍ଧ ଅଟେ । ସପ୍ତଦଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ଯେ କିପରି ଭୂତପ୍ରକୃତିର ତ୍ରିଗୁଣର ଅଧୀନ ହୋଇ ବିଭିନ୍ନପ୍ରକାର ବ୍ୟକ୍ତି ବିଭିନ୍ନ ପ୍ରକାର ପୂଜା ବା ଆରାଧନା କରନ୍ତି । ଏ ଶ୍ଳୋକରେ ଭଗବାନ୍ କହିବାକୁ ଇଚ୍ଛା କରୁଛନ୍ତି ଯେ କିପରି ଭୂତପ୍ରକୃତିର ଗୁଣାନୁଯାୟୀ ବିଭିନ୍ନପ୍ରକାର ଜ୍ଞାନ, କର୍ମ ଓ କର୍ତ୍ତା ଅଛନ୍ତି ।

## ଶ୍ଲୋକ - ୨୦

**ସର୍ବଭୂତେଷୁ ଯେନୈକଂ ଭାବମବ୍ୟୟମୀକ୍ଷତେ ।**
**ଅବିଭକ୍ତଂ ବିଭକ୍ତେଷୁ ତଜ୍ଜ୍ଞାନଂ ବିଦ୍ଧି ସାତ୍ତ୍ୱିକମ୍ ।।୨୦।।**

## ଶବ୍ଦାନୁବାଦ

ସର୍ବ-ଭୂତେଷୁ=ସମସ୍ତ ପ୍ରାଣୀଙ୍କଠାରେ; ଯେନ=ଯାହାଦ୍ୱାରା; ଏକମ୍=ଏକ; ଭାବମ୍=ଅବସ୍ଥାନ; ଅବ୍ୟୟମ୍=ଅବ୍ୟୟ; ଈକ୍ଷତେ=ଦେଖେ; ଅବିଭକ୍ତମ୍=ଅବିଭକ୍ତ, ଅଖଣ୍ଡ; ବିଭକ୍ତେଷୁ=ଅସଂଖ୍ୟ ବିଭକ୍ତଙ୍କଠାରେ; ତତ୍=ତାହା; ଜ୍ଞାନମ୍=ଜ୍ଞାନ; ବିଦ୍ଧି=ଜାଣ; ସାତ୍ତ୍ୱିକମ୍=ସାତ୍ତ୍ୱିକ ।

## ଅନୁବାଦ

**ଯେଉଁ ଜ୍ଞାନ ସାହାଯ୍ୟରେ ପ୍ରତ୍ୟେକ ଅବସ୍ଥିତିରେ ଏକ ଅବିଭକ୍ତ ବା ଅଖଣ୍ଡ ଦିବ୍ୟ ପ୍ରକୃତି ହିଁ ଦୃଷ୍ଟ ହୁଏ, ଯେଉଁ ଜ୍ଞାନ ସାହାଯ୍ୟରେ ସମସ୍ତ ପ୍ରକାର ବିଭିନ୍ନତାରେ ଏକତା ବା ଐକ୍ୟଭାବ ହିଁ ଦୃଷ୍ଟ ହୁଏ, ସେହି ଜ୍ଞାନ ସାତ୍ତ୍ୱିକ ଜ୍ଞାନ ଅଟେ ।**

## ଭାବାର୍ଥ

ଯେଉଁ ବ୍ୟକ୍ତି ପ୍ରତ୍ୟେକ ପ୍ରାଣୀଠାରେ -ଦେବତା ହେଉ ବା ମାନବ ହେଉ, ମାନବେତର ପ୍ରାଣୀ ହେଉ, ପଶୁ ହେଉ ବା ପକ୍ଷୀ ହେଉ, ଜଳଚର ପ୍ରାଣୀ ହେଉ ବା ଉଦ୍ଭିଦ ହେଉ, ପ୍ରତ୍ୟେକଙ୍କଠାରେ ଏକ ଦିବ୍ୟ ଆତ୍ମାକୁ ଦେଖେ, ସେ ବ୍ୟକ୍ତି ସାତ୍ତ୍ୱିକ ଜ୍ଞାନର ଅଧିକାରୀ ବୋଲି କୁହାଯାଏ ।ଯଦିଓ ବିଭିନ୍ନ ପ୍ରକାର ଜୀବ ସେମାନଙ୍କର ପ୍ରାରବ୍ଧ କର୍ମବଶତଃ ବିଭିନ୍ନ ପ୍ରକାର ଶରୀର ଧାରଣ କରିଥା'ନ୍ତି, ତଥାପି ପ୍ରତ୍ୟେକଙ୍କଠାରେ ଏକ ଦିବ୍ୟ-ଆତ୍ମା ବିଦ୍ୟମାନ ।ସପ୍ତମ ଅଧ୍ୟାୟରେ କୁହାଯାଇଛି ଯେ ପରମେଶ୍ୱରଙ୍କର ପରାପ୍ରକୃତି (ବା ଉଚ୍ଚ ପ୍ରକୃତି) ଯୋଗୁଁ ପ୍ରତ୍ୟେକ ଜୀବଠାରେ ଜୀବନୀ ଶକ୍ତି ପ୍ରକାଶିତ ହୋଇଛି ।ଏହିପରି ସେହି ପରାପ୍ରକୃତି ବା ଉଚ୍ଚପ୍ରକୃତି- ସେହି ଜୀବନୀ ଶକ୍ତି ପ୍ରତ୍ୟେକଙ୍କଠାରେ ଦେଖିବା ଅର୍ଥ ହେଉଛି ସତ୍ତ୍ୱଗୁଣରେ ଦେଖିବା ।ଯଦିଓ ଶରୀର ବିନାଶଶୀଳ ଅଟେ, ତଥାପି ସେ ଜୀବନୀ ଶକ୍ତି ଅବିନାଶୀ ଅଟେ ।କେବଳ ଶରୀର ସମ୍ବନ୍ଧରେ ହିଁ ବିଭିନ୍ନତା ପରିଲକ୍ଷିତ ହୁଏ; କାରଣ ବଦ୍ଧ ଜୀବନରେ ଭୌତିକସ୍ଥିତିର ଅନେକ ପ୍ରକାର ରୂପ ବା ଶରୀର ଅଛି ।ତେଣୁ ସେଗୁଡ଼ିକ ବିଭିନ୍ନ ବୋଲି ପ୍ରତୀତ ହୁଅନ୍ତି ।ଏ ପ୍ରକାର ନିର୍ବିଶେଷ-ଜ୍ଞାନ ପରିଣାମତଃ ଆତ୍ମାନୁଭୂତି ଲାଭଆଡ଼କୁ ନିଏ ।

## ଶ୍ଲୋକ -୨୧

**ପୃଥକ୍ତ୍ୱେନ ତୁ ଯଜ୍ଜ୍ଞାନଂ ନାନାଭାବାନ୍ ପୃଥଗ୍ୱିଧାନ୍ ।**
**ବେତ୍ତି ସର୍ବେଷୁ ଭୂତେଷୁ ତଜ୍ଜ୍ଞାନଂ ବିଦ୍ଧି ରାଜସମ୍ ।।୨୧।।**

## ଶବ୍ଦାନୁବାଦ

ପୃଥକ୍ତ୍ୱେନ=ପୃଥକ୍‌ଭାବ ଯୋଗୁଁ; ତୁ=କିନ୍ତୁ; ଯତ୍-ଜ୍ଞାନମ୍=ଯେଉଁ ଜ୍ଞାନ; ନାନା-ଭାବାନ୍=ବିଭିନ୍ନପ୍ରକାର ଅବସ୍ଥିତି; ପୃଥକ୍-ବିଧାନ୍=ପୃଥକ୍ ଭାବରେ; ବେତ୍ତି=ଯେ ଜାଣେ; ସର୍ବେଷୁ=ସମସ୍ତଙ୍କଠାରେ; ଭୂତେଷୁ=ଜୀବଗଣଙ୍କଠାରେ; ତତ୍-ଜ୍ଞାନମ୍=ସେ ଜ୍ଞାନ; ବିଦ୍ଧି=ଜାଣିବା

ଉଚିତ୍; ରାଜସମ୍=ରାଜସିକ ।

## ଅନୁବାଦ

**ଯେଉଁ ଜ୍ଞାନ ବଳରେ ବିଭିନ୍ନ ଜୀବଙ୍କୁ ବିଭିନ୍ନ ରୂପରେ ବା ବିଭିନ୍ନ ଶରୀର ଧାରଣ କରିଥିବା ରୂପରେ ଦେଖାଯାଏ, ସେ ଜ୍ଞାନ ରାଜସିକ-ଜ୍ଞାନ ଅଟେ ।**

## ଭାବାର୍ଥ

ଏ ଯେଉଁ ଧାରଣା (ସାଧାରଣତଃ ଯାହା ଆମ୍ଭମାନଙ୍କର) ଅଛି ଯେ ଏ ଭୌତିକ ଶରୀର ହେଉଛି ଜୀବ ଏବଂ ଶରୀରର ବିନାଶ ସଙ୍ଗେ ସଙ୍ଗେ ଚେତନାର ମଧ୍ୟ ବିନାଶ ହୋଇଯାଏ- ଏହା ହେଉଛି ରାଜସିକ ଜ୍ଞାନ । ଏହି ଜ୍ଞାନ ଅନୁଯାୟୀ ପ୍ରତ୍ୟେକଙ୍କର ଶରୀର ବିଭିନ୍ନପ୍ରକାରର ଅଟେ, ଅର୍ଥାତ୍ - ଜଣଙ୍କର ଶରୀର ଅନ୍ୟର ଶରୀରଠାରୁ ଭିନ୍ନ । ଏହା ହେବାର କାରଣ ହେଲା ବିଭିନ୍ନ ପ୍ରକାର ଚେତନାର ବୃଦ୍ଧି; ଅନ୍ୟଥା ଏପରି କିଛି ସ୍ୱତନ୍ତ୍ର ଆତ୍ମା ନାହିଁ, ଯାହା'କି ଚେତନାର ପ୍ରକାଶ କରାଏ । ଶରୀର ହେଉଛି ଆତ୍ମା ଏବଂ ଶରୀରକୁ ଛାଡ଼ି ଆଉ ସ୍ୱତନ୍ତ୍ର ଆତ୍ମା କିଛି ନାହିଁ । ଏ ଜ୍ଞାନ ଅନୁଯାୟୀ ଚେତନା ହେଉଛି ଅସ୍ଥାୟୀ କିମ୍ବା ବ୍ୟକ୍ତିଗତ ଆତ୍ମା ବା ସ୍ୱତନ୍ତ୍ର ଆତ୍ମା କିଛି ନାହିଁ; କିନ୍ତୁ ଏକ ସର୍ବବ୍ୟାପକ ଆତ୍ମା ଅଛି; ଯାହା'କି ଜ୍ଞାନମୟ ଅଟେ ଏବଂ ଏ ଶରୀର ହେଉଛି ଅସ୍ଥାୟୀ ଅଜ୍ଞାନତାର ପ୍ରକାଶ; କିମ୍ବା ଏ ଶରୀର ବ୍ୟତୀତ କୌଣସି ସ୍ୱତନ୍ତ୍ର ଜୀବାତ୍ମା ବା ପରମାତ୍ମା ନାହାନ୍ତି । ଏସବୁ ଧାରଣା ହେଉଛି ରାଜସିକ ଜ୍ଞାନର ଫଳ ।

## ଶ୍ଳୋକ-୨୨

**ଯତ୍ତୁ କୃତ୍ସ୍ନବଦେକସ୍ମିନ୍ କାର୍ଯ୍ୟେ ସକ୍ତମହୈତୁକମ୍ ।**
**ଅତତ୍ତ୍ୱାର୍ଥବଦଳ୍ପଂ ଚ ତତ୍ତାମସମୁଦାହୃତମ୍ ।।୨୨।।**

## ଶବ୍ଦାନୁବାଦ

ଯତ୍ =ଯାହା; ତୁ =କିନ୍ତୁ; କୃତ୍ସ୍ନବତ୍ =ସର୍ବେସର୍ବା; ଏକସ୍ମିନ୍ =ଗୋଟିକରେ; କାର୍ଯ୍ୟେ=କାର୍ଯ୍ୟରେ; ସକ୍ତମ୍=ଆସକ୍ତ; ଅହୈତୁକମ୍=କାରଣ ବିନା; ଅତତ୍ତ୍ୱ-ଅର୍ଥବତ୍=ବାସ୍ତବତା ବିନା; ଅଳ୍ପମ୍ ଚ=ଏବଂ ଖୁବ୍ ଅଳ୍ପ; ତତ୍=ତାହା; ତାମସମ୍=ତମୋଗୁଣରେ; ଉଦାହୃତମ୍=କୁହାଯାଏ ।

## ଅନୁବାଦ

**ଏବଂ ଯେଉଁ ଜ୍ଞାନଦ୍ୱାରା ବ୍ୟକ୍ତି ଗୋଟିଏ କାର୍ଯ୍ୟରେ, ତାହାକୁ ଏକମାତ୍ର କାର୍ଯ୍ୟ ବୋଲି ଭାବି, ବାସ୍ତବ ଜ୍ଞାନଲାଭ ନକରି ସେଥିରେ ଆସକ୍ତ ହୋଇପଡ଼ିଥାଏ ଏବଂ ଯାହାକି ଅତି ସ୍ୱଳ୍ପଜ୍ଞାନ ଅଟେ, ସେ ଜ୍ଞାନ ତାମସିକ-ଜ୍ଞାନ ଅଟେ ।**

## ଭାବାର୍ଥ

ସାଧାରଣ ଲୋକର ଜ୍ଞାନ ସର୍ବଦା ତମୋଜ୍ଞାନ ଅଟେ କିମ୍ବା 'ଅଜ୍ଞାନ' କିମ୍ବା ଅବିଦ୍ୟା ଅଟେ; କାରଣ ବଦ୍ଧ ଜୀବନରେ ପ୍ରତ୍ୟେକ ଜୀବ ତମୋଗୁଣରେ ଜାତ । ଉତ୍ତମ ପ୍ରାମାଣିକ ଶାସ୍ତ୍ରଜ୍ଞାନ ଲାଭକରି ଯାହାର ଜ୍ଞାନ ବୃଦ୍ଧିଲାଭ କରିନାହିଁ; ତାହାର ଜ୍ଞାନ ଶରୀର ସମ୍ବନ୍ଧୀୟ ଜ୍ଞାନ ଅଟେ । ସେ ଶାସ୍ତ୍ର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରେନାହିଁ । ତା'ପାଇଁ ଭଗବାନ୍ ହେଉଛନ୍ତି ଅର୍ଥ (ଟଙ୍କା ପଇସା) ଏବଂ ଜ୍ଞାନ କହିଲେ ଇନ୍ଦ୍ରିୟ-ତୃପ୍ତି ବା ଶାରୀରିକ ସୁଖ-ବିଧାନକୁ ବୁଝାଏ । ଏ ଜ୍ଞାନର, ପରମସତ୍ୟ-ଭଗବଦ୍ ବିଜ୍ଞାନ ସହିତ କୌଣସି ସମ୍ପର୍କ ନଥାଏ । ଏହା ଅଳ୍ପାଧିକେ ସାଧାରଣ ପଶୁ-ଜ୍ଞାନତୁଲ୍ୟ

ଅଟେ- ଏହା ଖାଇବା, ଶୋଇବା, ଆତ୍ମରକ୍ଷା କରିବା ଏବଂ ଯୌନକ୍ଷୁଧା ମେଣ୍ଟାଇବା ସମ୍ବନ୍ଧୀୟ ଜ୍ଞାନ ଅଟେ । ଏ ପ୍ରକାର ଜ୍ଞାନକୁ ଏଠାରେ ତମୋଗୁଣଜାତ-ଜ୍ଞାନ ବା ତାମସିକ-ଜ୍ଞାନ ବୋଲି କୁହାଯାଏ ।ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ ଦେହ ଜ୍ଞାନଠାରୁ ଉର୍ଦ୍ଧ୍ୱରେ ଥିବା ଆତ୍ମଜ୍ଞାନ, ଅର୍ଥାତ୍ ଯେଉଁ ଜ୍ଞାନ ଆତ୍ମା ସମ୍ବନ୍ଧୀୟ ଅଟେ, ତାହାକୁ ସାତ୍ତ୍ୱିକ ଜ୍ଞାନ କୁହାଯାଏ ଏବଂ ଯେଉଁ ଜ୍ଞାନ ବିଭିନ୍ନପ୍ରକାର ସତ୍ୟ ବାହାର କରୁଛି ଏବଂ ପାର୍ଥିବ ଯୁକ୍ତିତର୍କ ଶାସ୍ତ୍ରବଳରେ ଏବଂ ମାନସିକ ଚିନ୍ତନ ବଳରେ ନାନା ସିଦ୍ଧାନ୍ତ ବାହାର କରୁଛି, ତାହା ରାଜସିକ-ଜ୍ଞାନ ଅଟେ ଏବଂ ଯେଉଁ ଜ୍ଞାନ କେବଳ ଏ ଶରୀର ସୁଖ ବା ଆରାମ ଦେବାକୁ ଶିଖାଏ, ତାହାକୁ ତାମସିକ ଜ୍ଞାନ କୁହାଯାଏ ।

## ଶ୍ଳୋକ -୨୩

**ନିୟତଂ ସଙ୍ଗରହିତମରାଗଦ୍ୱେଷତଃ କୃତମ୍ ।**
**ଅଫଳପ୍ରେପ୍ସୁନା କର୍ମ ଯତ୍ତତ୍ସାତ୍ତ୍ୱିକମୁଚ୍ୟତେ ।।୨୩।।**

## ଶବ୍ଦାନୁବାଦ

ନିୟତମ୍=ନିୟନ୍ତ୍ରିତ; ସଙ୍ଗ-ରହିତମ୍=ଅସଙ୍ଗ, ଅନାସକ୍ତ; ଅରାଗ-ଦ୍ୱେଷତଃ=ରାଗଦ୍ୱେଷ ବିହୀନ; କୃତମ୍=କୃତ, ଯାହା କରାଯାଏ; ଅଫଳ-ପ୍ରେପ୍ସୁନା=ଫଳ କାମନାହୀନ; କର୍ମ=କର୍ମ; ଯତ୍=ଯାହା; ତତ୍=ତାହା; ସାତ୍ତ୍ୱିକମ୍=ସତ୍ତ୍ୱଗୁଣ; ଉଚ୍ୟତେ=କୁହାଯାଏ ।

## ଅନୁବାଦ

**ଯେଉଁ କର୍ମ କର୍ତ୍ତବ୍ୟାନୁରୋଧରେ, ଅନାସକ୍ତ ଭାବରେ, ରାଗ-ଦ୍ୱେଷଠାରୁ ଉର୍ଦ୍ଧ୍ୱରେ ରହି ନିଷ୍କାମ-କର୍ମୀ ସଂପାଦନ କରେ, ତାହାକୁ ସାତ୍ତ୍ୱିକ କର୍ମ କୁହାଯାଏ । (ଯେ କର୍ମ କରି ଫଳାକାଙ୍କ୍ଷା ରଖେନାହିଁ, ତାକୁ ନିଷ୍କାମ-କର୍ମୀ କୁହାଯାଏ) ।**

## ଭାବାର୍ଥ

(ସାତ୍ତ୍ୱିକ କର୍ମ କ'ଣ ତାହା ଏଠାରେ କୁହାଯାଇଛି) ।ବିଭିନ୍ନ ବର୍ଣ୍ଣ ଓ ଆଶ୍ରମ ବ୍ୟବସ୍ଥା ଅନୁଯାୟୀ କର୍ମ କିପରି ହେବା ଉଚିତ୍ ତାହା ଶାସ୍ତ୍ରରେ ନିର୍ଦ୍ଦେଶ କରାଯାଇଅଛି ।କୌଣସି ନିର୍ଦ୍ଦିଷ୍ଟ ବର୍ଣ୍ଣର କ'ଣ କର୍ମ ଏବଂ କୌଣସି ନିର୍ଦ୍ଦିଷ୍ଟ ଆଶ୍ରମ ନିମିତ୍ତ କର୍ତ୍ତବ୍ୟ କର୍ମ କ'ଣ, ତାହା ଶାସ୍ତ୍ରରେ ନିର୍ଦ୍ଦେଶ କରାଯାଇଅଛି । ତେଣୁ ଯେଉଁ କର୍ମ ଶାସ୍ତ୍ରନିର୍ଦ୍ଦେଶ ଅନୁଯାୟୀ କର୍ତ୍ତବ୍ୟାନୁରୋଧରେ ବର୍ଣ୍ଣାଶ୍ରମର ନିୟମାନୁଯାୟୀ ଅନାସକ୍ତ ଭାବରେ ରାଗଦ୍ୱେଷବିହୀନ ହୋଇ କୃଷ୍ଣଚେତନାରେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରୀତ୍ୟର୍ଥେ କରାଯାଏ, ତାହାକୁ ସାତ୍ତ୍ୱିକ-କର୍ମ କୁହାଯାଏ ।ଏ କର୍ମକର୍ତ୍ତା ନିଜର ସ୍ୱାର୍ଥସାଧନ ନିମିତ୍ତ ବା ଆତ୍ମସୁଖବିଧାନ ନିମିତ୍ତ କର୍ମ କରେ ନାହିଁ ।

## ଶ୍ଳୋକ-୨୪

**ଯତ୍ତୁ କାମେପ୍ସୁନା କର୍ମ ସାହଙ୍କାରେଣ ବା ପୁନଃ ।**
**କ୍ରିୟତେ ବହୁଳାୟାସଂ ତଦ୍ରାଜସମୁଦାହୃତମ୍ ।।୨୪।।**

## ଶବ୍ଦାନୁବାଦ

ଯତ୍=ଯାହା; ତୁ=କିନ୍ତୁ; କାମ-ଈପ୍‌ସୁନା=ଫଳାକାଙ୍‌କ୍ଷା ସହ; କର୍ମ=କର୍ମ; ସାହଙ୍କାରେଣ=ଅହଙ୍କାର ସହିତ; ବା=କିମ୍ବା; ପୁନଃ=ପୁନଶ୍ଚ; କ୍ରିୟତେ=କରାଯାଏ; ବହୁଳ ଆୟାସମ୍=କଠିନ ପରିଶ୍ରମ ସହକାରେ; ତତ୍=ତାହା; ରାଜସମ୍=ରାଜସିକ; ଉଦାହୃତମ୍=କୁହାଯାଏ।

## ଅନୁବାଦ

**ବହୁତ କଠିନ ପରିଶ୍ରମକରି କାମନା ପୂର୍ତ୍ତି ନିମିତ୍ତ ବ୍ୟକ୍ତି ଯେଉଁ କର୍ମ କରେ ଏବଂ ଯେଉଁ କର୍ମ ମିଥ୍ୟାହଙ୍କାର ସଂଯୁକ୍ତ ହୋଇ କରାଯାଏ, ତାହାକୁ ରାଜସିକ କର୍ମ କୁହାଯାଏ ।**

## ଶ୍ଲୋକ - ୨୫

**ଅନୁବନ୍ଧଂ କ୍ଷୟଂ ହିଂସାମନପେକ୍ଷ୍ୟ ଚ ପୌରୁଷମ୍ ।**
**ମୋହାଦାରଭ୍ୟତେ କର୍ମ ଯତ୍ତତ୍ତାମସମୁଚ୍ୟତେ ।।୨୫।।**

## ଶବ୍ଦାନୁବାଦ

ଅନୁବନ୍ଧମ୍=ଭବିଷ୍ୟତ ବନ୍ଧନ; କ୍ଷୟମ୍=ଛିନ୍ନ; ହିଂସାମ୍=ହିଂସା; ଅନପେକ୍ଷ୍ୟ=ପରିଣାମ ଚିନ୍ତା ନକରି; ଚ=ମଧ୍ୟ; ପୌରୁଷମ୍=ଅନ୍ୟମାନଙ୍କ ପ୍ରତି ଦୁଃଖଦାୟକ; ମୋହାତ୍=ମୋହଯୋଗୁଁ; ଆରଭ୍ୟତେ=ଆରମ୍ଭ କରାଯାଏ; କର୍ମ=କର୍ମ; ଯତ୍=ଯାହା; ତତ୍=ତାହା; ତାମସମ୍=ତାମସିକ; ଉଚ୍ୟତେ=କୁହାଯାଏ।

## ଅନୁବାଦ

**ଯେଉଁ କର୍ମ, ଅଜ୍ଞତା ଓ ମୋହର ବଶବର୍ତ୍ତୀ ହୋଇ, ଭବିଷ୍ୟତ ବନ୍ଧନ ବା ପରିଣାମ ପ୍ରତି ଦୃଷ୍ଟି ନ ଦିଆଯାଇ କରାଯାଏ, ପୁନଶ୍ଚ ଯାହା ଅନ୍ୟମାନଙ୍କର କ୍ଷତିକାରକ ହୁଏ ଏବଂ ଅବାସ୍ତବ ଅଟେ, ତାହାକୁ ହିଁ ତାମସିକ କର୍ମ କୁହାଯାଏ ।**

## ଭାବାର୍ଥ

ବ୍ୟକ୍ତିକୁ ତା'ର କର୍ମର ବିବରଣ ଦେବାକୁ ହେବ । ସେ କର୍ମର ବିବରଣ ରାଜାଙ୍କୁ ଦେବ କିମ୍ବା ଯମଦୂତ ନାମରେ ପରିଚିତ ଭଗବାନଙ୍କର ପ୍ରତିନିଧିମାନଙ୍କୁ ଦେବ । ଦାୟିତ୍ୱହୀନ କର୍ମ ବିଘ୍ନକାରୀ ଅଟେ; କାରଣ ଏହା ଶାସ୍ତ୍ର ନିର୍ଦ୍ଦେଶକୁ ଭାଙ୍ଗି ପକାଏ । ଏହା ବରାବର ହିଂସାତ୍ମକ ଅଟେ ଏବଂ ଅନ୍ୟମାନଙ୍କ ପ୍ରତି ଦୁଃଖଦାୟକ ଅଟେ । ଏ ପ୍ରକାର ଦାୟିତ୍ୱହୀନ କର୍ମ ବ୍ୟକ୍ତି ତା'ର ବ୍ୟକ୍ତିଗତ ଅଭିଜ୍ଞତା ଅନୁଯାୟୀ ସଂପାଦନ କରେ, ଏହାକୁ ମାୟା କୁହାଯାଏ । ଏ ପ୍ରକାର ସମସ୍ତ ମାୟାମୋହିତ କର୍ମ ତମୋଗୁଣଜାତ ଅଟେ ।

## ଶ୍ଲୋକ-୨୬

**ମୁକ୍ତସଙ୍ଗୋଽନହଂବାଦୀ ଧୃତ୍ୟୁତ୍ସାହସମନ୍ୱିତଃ ।**
**ସିଦ୍ଧ୍ୟସିଦ୍ଧ୍ୟୋର୍ନିର୍ବିକାରଃ କର୍ତ୍ତା ସାତ୍ତ୍ୱିକ ଉଚ୍ୟତେ ।।୨୬।।**

## ଶବ୍ଦାନୁବାଦ

ମୁକ୍ତ-ସଙ୍ଗଃ=ସମସ୍ତପ୍ରକାର ଭୌତିକ ସଙ୍ଗରୁ ମୁକ୍ତ; ଅନହଂବାଦୀ=ମିଥ୍ୟାହଙ୍କାର ରହିତ; ଧୃତି-ଉତ୍ସାହ=ବିଶେଷ ଉତ୍ସାହର ସହିତ; ସମନ୍ୱିତଃ=ଯୁକ୍ତ; ସିଦ୍ଧି=ସିଦ୍ଧି; ଅସିଦ୍ଧ୍ୟୋଃ=ଅସିଦ୍ଧି; ନିର୍ବିକାରଃ=ପରିବର୍ତ୍ତନରହିତ, ଅପରିବର୍ତ୍ତିତ; କର୍ତ୍ତା=କର୍ତ୍ତା; ସାତ୍ତ୍ୱିକଃ=ସାତ୍ତ୍ୱିକ; ଉଚ୍ୟତେ=କୁହାଯାଏ ।

## ଅନୁବାଦ

**ଯେଉଁ କର୍ତ୍ତା ସମସ୍ତ ପ୍ରକାର ଭୌତିକ ସଙ୍ଗରୁ ମୁକ୍ତ, ମିଥ୍ୟାହଙ୍କାର ରହିତ ଅଟେ ଏବଂ ଯେ ଖୁବ୍ ଉତ୍ସାହ, ଦୃଢ଼ପ୍ରତିଜ୍ଞ, ଯେ ସିଦ୍ଧି ଓ ଅସିଦ୍ଧିରେ ସମଭାବାପନ୍ନ, ତାକୁ ସାତ୍ତ୍ୱିକ କର୍ତ୍ତା କୁହାଯାଏ ।**

## ଭାବାର୍ଥ

ଏକ କୃଷ୍ଣଚେତନଶୀଳ ବ୍ୟକ୍ତି ସର୍ବଦା ଭୌତିକ ଗୁଣ ଦୋଷରୁ ବହୁତ ଊର୍ଦ୍ଧ୍ୱରେ ଅବସ୍ଥିତ । ଯେଉଁ କର୍ତ୍ତବ୍ୟ ତାକୁ କରିବାକୁ ଦିଆଯାଇଥାଏ, ତାହା ସେ ନିର୍ବିକାର ଭାବରେ ସଂପାଦନ କରେ, ତାହାର କୌଣସି ପ୍ରକାର ଫଳାକାଙ୍କ୍ଷା ନଥାଏ । ଫଳ ଭଲହେଲା କି' ମନ୍ଦ ହେଲା ସେଥିପ୍ରତି ତା'ର ଦୃଷ୍ଟି ନଥାଏ, କାରଣ ମିଥ୍ୟାହଙ୍କାର ଓ ଗର୍ବାଦିର ବହୁତ ଊର୍ଦ୍ଧ୍ୱରେ ସେ ଥାଏ । ତଥାପି କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ ତା'ର ଧୈର୍ଯ୍ୟ ଓ ଉତ୍ସାହ ଅତୁଟ ଥାଏ । କୌଣସି ପ୍ରକାର ଦୁଃଖ ବା କଷ୍ଟର ସମ୍ମୁଖୀନ ହେଲେ ସେ ବିବ୍ରତ ହୁଏ ନାହିଁ କି' ଦୁଃଖ କରେନାହିଁ । ସେ ସର୍ବଦା ଉତ୍ସାହୀ ଓ ଧୈର୍ଯ୍ୟବାନ୍ ଅଟେ । ସେ ସିଦ୍ଧି ଓ ଅସିଦ୍ଧି ପ୍ରତି ଖାତିର୍ କରେ ନାହିଁ । ସେ ସୁଖ ଓ ଦୁଃଖ ଉଭୟ ଅବସ୍ଥାରେ ସମଭାବାପନ୍ନ ଅଟେ । ଏ ପ୍ରକାର କର୍ତ୍ତା ସତ୍ତ୍ୱଗୁଣରେ ଅବସ୍ଥାନ କରୁଥାଏ, ଅର୍ଥାତ୍ - ସେ ସାତ୍ତ୍ୱିକ କର୍ତ୍ତା ଅଟେ ।

## ଶ୍ଲୋକ - ୨୭

**ରାଗୀ କର୍ମଫଳପ୍ରେପ୍ସୁର୍ଲୁବ୍ଧୋ ହିଂସାତ୍ମକୋଽଶୁଚିଃ ।**
**ହର୍ଷଶୋକାନ୍ୱିତଃ କର୍ତା ରାଜସଃ ପରିକୀର୍ତ୍ତିତଃ ।।୨୭।।**

## ଶବ୍ଦାନୁବାଦ

ରାଗୀ=ଅତ୍ୟନ୍ତ ଆସକ୍ତ; କର୍ମ-ଫଳ=କର୍ମଫଳ ପ୍ରତି; ପ୍ରେପ୍ସୁଃ=କାମନାକରି; ଲୁବ୍ଧଃ=ଲୋଭୀ; ହିଂସା-ଆତ୍ମକଃ=ଏବଂ ସର୍ବଦା ପ୍ରତିହିଂସା ପରାୟଣ; ଅଶୁଚିଃ=ଅପବିତ୍ର; ହର୍ଷ-ଶୋକ-ଅନ୍ୱିତଃ=ହର୍ଷ ବିଷାଦରେ ସର୍ବଦା ଯୁକ୍ତ; କର୍ତ୍ତା=ଏ ପ୍ରକାର କର୍ତ୍ତା; ରାଜସଃ=ରାଜସିକ; ପରିକୀର୍ତ୍ତିତଃ=କୁହାଯାଏ ।

## ଅନୁବାଦ

**କିନ୍ତୁ ଯେଉଁ କର୍ତ୍ତା ତା'ର କର୍ମଫଳ ପ୍ରତି ଆସକ୍ତ ଏବଂ ଯେ ସେ ଫଳ ଉପଭୋଗ କରିବାକୁ ବରାବର ଇଚ୍ଛୁକ, ଯେ ଲୋଭୀ, ହିଂସାତ୍ମକ, ଅପବିତ୍ର ଏବଂ ସୁଖ-ଦୁଃଖରେ ଉତ୍‌ଫୁଲ୍ଲ ବା ବ୍ୟଥିତ, ତାକୁ ରାଜସିକ-କର୍ତ୍ତା କୁହାଯାଏ ।**

## ଭାବାର୍ଥ

ବ୍ୟକ୍ତି କୌଣସି ଏକ ନିର୍ଦ୍ଧିଷ୍ଟ ପ୍ରକାର କର୍ମପ୍ରତି ବିଶେଷ ଆସକ୍ତ ହୋଇ ପଡ଼ିଥାଏ କିମ୍ବା ତା'ର କର୍ମଫଳ ପ୍ରତି ଆସକ୍ତ ହୋଇ ପଡ଼ିଥାଏ, କାରଣ ଭୌତିକତା ଅର୍ଥାତ୍ ଗୃହ-ବିଷୟ, ସ୍ତ୍ରୀ-ପୁତ୍ର ଆଦିଙ୍କ ପ୍ରତି ତା'ର ବିଶେଷ ଆସକ୍ତି ଥାଏ । ଏ ପ୍ରକାର ବ୍ୟକ୍ତିର ଜୀବନର ଉଚ୍ଚତର ସ୍ତରକୁ ଯିବାର କାମନା ନଥାଏ । ଏ ପୃଥିବୀକୁ କିପରି ଯଥା ସମ୍ଭବ ଭୌତିକ ସୁଖ-ସମ୍ପଦରେ ଭରପୁର କରାଯାଇପାରିବ ସେଇଥିରେ ସେ କେବଳ ବ୍ୟସ୍ତ ଥାଏ । ସାଧାରଣତଃ ସେ ବଡ଼ ଲୋଭୀ ଏବଂ ସେ ଭାବେ ଯେ ସେ ଯାହା ପାଇଛି ତାହା ସ୍ଥାୟୀ ଅଟେ ଏବଂ ତାହା କଦାପି ନଷ୍ଟ ହେବ ନାହିଁ । ଏ ପ୍ରକାର ବ୍ୟକ୍ତି ଅନ୍ୟମାନଙ୍କୁ ଈର୍ଷାକରେ ଏବଂ ନିଜର ଇନ୍ଦ୍ରିୟ ପରିତୃପ୍ତି ନିମିତ୍ତ ଯାହା ଇଚ୍ଛା ତାହା କରିବାକୁ ସେ ପ୍ରସ୍ତୁତ । ତେଣୁ ଏ ପ୍ରକାର ବ୍ୟକ୍ତି ବଡ଼ ଅଶୁଚି ଏବଂ ସେ କିଛି ଏ ସମ୍ବନ୍ଧରେ ଭାବେ ନାହିଁ ଯେ ତା'ର ଧନୋପାର୍ଜନ ସତ୍ ଉପାୟରେ ହେଉଛି କି ଅସତ୍ ଉପାୟରେ ହେଉଛି । ଯେତେବେଳେ ସେ ତା'ର ପ୍ରଚେଷ୍ଟାରେ କୃତକାର୍ଯ୍ୟ ହୁଏ, ସେତେବେଳେ ସେ ଭାରି ଖୁସି ହୋଇଯାଏ ଏବଂ ଯେତେବେଳେ ସେ ଅକୃତକାର୍ଯ୍ୟ ହୁଏ, ସେତେବେଳେ ସେ ବଡ଼ ଦୁଃଖିତ ହୁଏ । ଏ ପ୍ରକାର ବ୍ୟକ୍ତି ରଜୋଗୁଣାଧୀନ ଅଟେ, ଅର୍ଥାତ୍ - ରାଜସିକ କର୍ତ୍ତା ଅଟେ ।

## ଶ୍ଳୋକ - ୨୮

**ଅୟୁକ୍ତଃ ପ୍ରାକୃତଃ ସ୍ତବ୍ଧଃ ଶଠୋ ନୈଷ୍କୃତିକୋଽଲସଃ ।**
**ବିଷାଦୀ ଦୀର୍ଘସୂତ୍ରୀ ଚ କର୍ତା ତାମସ ଉଚ୍ୟତେ ।। ୨୮ ।।**

## ଶବ୍ଦାନୁବାଦ

ଅୟୁକ୍ତଃ=ଶାସ୍ତ୍ର-ନିର୍ଦ୍ଦେଶ ରହିତ; ପ୍ରାକୃତଃ=ଭୌତିକବାଦୀ; ସ୍ତବ୍ଧଃ=ଉଦ୍ଧତ; ଶଠଃ=ଶଠ; ନୈଷ୍କୃତିକଃ=ଅନ୍ୟମାନଙ୍କୁ ଅପମାନ ଦେବାରେ ବଡ଼ ଦକ୍ଷ; ଅଳସଃ=ଅଳସୁଆ; ବିଷାଦୀ=ବିଷାଦିତ; ଦୀର୍ଘସୂତ୍ରୀ=ଦୀର୍ଘସୂତ୍ରୀ (ଯେ କାମ ପକାଇ ରଖେ, ଠିକ୍ ସମୟରେ କରେ ନାହିଁ); ଚ=ମଧ୍ୟ; କର୍ତା=କର୍ତ୍ତା; ତାମସଃ=ତାମସିକ; ଉଚ୍ୟତେ=କୁହାଯାଏ ।

## ଅନୁବାଦ

**ଯେଉଁ କର୍ତ୍ତା ସର୍ବଦା ନିଜ ମନଇଚ୍ଛା କାମକରେ, ଶାସ୍ତ୍ର-ନିର୍ଦ୍ଦେଶ ମାନେ ନାହିଁ, ଯେ ଭୌତିକବାଦୀ ଅଟେ, ବଡ଼ ଉଦ୍ଧତ ଅଟେ, ଅନ୍ୟକୁ ଠକେ ଏବଂ ଅନ୍ୟମାନଙ୍କୁ ଅପମାନ ଦେବାରେ ବଡ଼ ଦକ୍ଷ ଅଟେ, ପୁନଶ୍ଚ ଯେ ଆଳସ୍ୟ ପରାୟଣ, ବିଷାଦୀ ଏବଂ ଦୀର୍ଘସୂତ୍ରୀ (ଠିକ୍ ସମୟରେ କାମ ନ କରେ) ସେ ତାମସିକ କର୍ତ୍ତା ଅଟେ ।**

## ଭାବାର୍ଥ

ଶାସ୍ତ୍ରରେ ବର୍ଣ୍ଣିତ ହୋଇଅଛି, ଆମ୍ଭେମାନେ କେଉଁ କର୍ମ କରିବା ଏବଂ କେଉଁ କର୍ମ ନକରିବା । ଯେଉଁମାନେ ଏ ଶାସ୍ତ୍ର ନିର୍ଦ୍ଦେଶକୁ ନ ମାନି ନିଷିଦ୍ଧ କର୍ମ କରନ୍ତି, ସେମାନେ ସାଧାରଣତଃ ଭୌତିକବାଦୀ ଅଟନ୍ତି । ସେମାନେ ଭୂତପ୍ରକୃତିର ତ୍ରିଗୁଣରେ ପ୍ରଭାବିତ ହୋଇ କର୍ମ କରନ୍ତି, ଶାସ୍ତ୍ର-ନିର୍ଦ୍ଦେଶାନୁଯାୟୀ କର୍ମ କରନ୍ତି ନାହିଁ । ଏ ପ୍ରକାର କର୍ତ୍ତାମାନେ ଭଦ୍ର ନୁହଁନ୍ତି ଏବଂ ସାଧାରଣତଃ ଏମାନେ ବଡ଼ ଧୂର୍ତ୍ତ ଏବଂ ଅନ୍ୟମାନଙ୍କୁ ଅପମାନ ଦେବାରେ ବଡ଼ ଦକ୍ଷ ।

ସେମାନେ ବଡ଼ ଅଳସୁଆ; ଯଦିଓ ସେମାନଙ୍କର କିଛି କର୍ତ୍ତବ୍ୟ କରିବାକୁ ଥାଏ, ତଥାପି ସେମାନେ ତାହା ଯଥୋପଯୁକ୍ତଭାବେ ସଂପାଦନ କରନ୍ତି ନାହିଁ ଏବଂ ସେମାନେ ପରେ କରିବା ପାଇଁ ତାହା ପକାଇ ରଖନ୍ତି । ତେଣୁ ସେମାନେ ବିଷାଦିତ ଜଣା ପଡୁଥା'ନ୍ତି । ସେମାନେ ବରାବର କାଳକ୍ଷେପଣ ନୀତି ଗ୍ରହଣ କରନ୍ତି; ଯାହା ଘଣ୍ଟାକରେ ହେବ, ତାକୁ ସେମାନେ ବର୍ଷ ବର୍ଷ ଧରି ପକାଇ ରଖନ୍ତି । ଏ କର୍ତ୍ତାମାନେ ତମୋଗୁଣାଧୀନ ଅଟନ୍ତି ।

## ଶ୍ଳୋକ - ୨୯

**ବୁଦ୍ଧେର୍ଭେଦଂ ଧୃତେଶ୍ଚୈବ ଗୁଣତସ୍ତ୍ରିବିଧଂ ଶୃଣୁ ।**
**ପ୍ରୋଚ୍ୟମାନମଶେଷେଣ ପୃଥକ୍ତ୍ୱେନ ଧନଞ୍ଜୟ ।।୨୯।।**

## ଶବ୍ଦାନୁବାଦ

ବୁଦ୍ଧେଃ=ବୁଦ୍ଧିରେ; ଭେଦମ୍=ଭେଦ; ଧୃତେଃ=ଧୃତି ବା ଧୈର୍ଯ୍ୟର; ଚ=ମଧ୍ୟ; ଏବ=ନିଶ୍ଚିତଭାବେ; ଗୁଣତଃ=ପ୍ରକୃତିର ତ୍ରିଗୁଣଦ୍ୱାରା; ତ୍ରିବିଧମ୍=ତିନିପ୍ରକାର; ଶୃଣୁ=ଶୁଣ; ପ୍ରୋଚ୍ୟମାନମ୍=ଯେପରି ମୁଁ କହିଛି; ଅଶେଷେଣ=ବିସ୍ତୃତଭାବେ; ପୃଥକ୍ତ୍ୱେନ=ପୃଥକ୍ଭାବରେ; ଧନଞ୍ଜୟ=ହେ ଧନଞ୍ଜୟ (ଧନବିଜେତା) ।

## ଅନୁବାଦ

**ବର୍ତ୍ତମାନ, ହେ ଧନଞ୍ଜୟ ! ପ୍ରକୃତିର ତ୍ରିଗୁଣ ଅନୁଯାୟୀ କିପରି ତିନିପ୍ରକାର ବୁଦ୍ଧି ଓ ଧୃତି ଅଛି, ତାହା ମୋ'ଠାରୁ ବିସ୍ତୃତଭାବେ ଶୁଣ ।**

## ଭାବାର୍ଥ

ଜ୍ଞାନ, ଜ୍ଞେୟ ଓ ଜ୍ଞାତାର ଭେଦ ଅର୍ଥାତ୍ -ପ୍ରକୃତିର ତ୍ରିଗୁଣ ଅନୁଯାୟୀ କିପରି ଏଗୁଡ଼ିକ ତ୍ରିବିଧ-ଏ କଥା କହିସାରିଲା ପରେ ବର୍ତ୍ତମାନ ଭଗବାନ୍ ସେହି ଅନୁଯାୟୀ ବୁଦ୍ଧି ଓ ଧୃତିର ଭେଦ କଥା କହୁଛନ୍ତି ।

## ଶ୍ଳୋକ - ୩୦

**ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ କାର୍ଯ୍ୟାକାର୍ଯ୍ୟେ ଭୟାଭୟେ ।**
**ବନ୍ଧଂ ମୋକ୍ଷଂ ଚ ଯା ବେତ୍ତି ବୁଦ୍ଧିଃ ସା ପାର୍ଥ ସାତ୍ତ୍ୱିକୀ ।।୩୦।।**

## ଶବ୍ଦାନୁବାଦ

ପ୍ରବୃତ୍ତିମ୍=କରଣୀୟ; ଚ=ମଧ୍ୟ; ନିବୃତ୍ତିମ୍=କରଣୀୟ ନୁହେଁ; କାର୍ଯ୍ୟ=କାର୍ଯ୍ୟ; ଅକାର୍ଯ୍ୟେ=ପ୍ରତିକ୍ରିୟା; ଭୟ=ଭୟ; ଅଭୟେ=ଭୟହୀନତା; ବନ୍ଧମ୍=ବନ୍ଧନ; ମୋକ୍ଷମ୍ ଚ=ଏବଂ ମୋକ୍ଷ; ଯା=ଯାହା; ବେତ୍ତି=ଜାଣେ; ବୁଦ୍ଧିଃ=ବୁଦ୍ଧି; ସା=ତାହା; ପାର୍ଥ=ହେ ପୃଥାପୁତ୍ର; ସାତ୍ତ୍ୱିକୀ=ସାତ୍ତ୍ୱିକ ।

## ଅନୁବାଦ

**ହେ ପୃଥାପୁତ୍ର ! ଯେଉଁ ବୁଦ୍ଧିବଳରେ ବ୍ୟକ୍ତି ଜାଣିପାରେ କ'ଣ କରଣୀୟ ଏବଂ କ'ଣ କରଣୀୟ ନୁହେଁ, କାହାକୁ ଭୟ କରିବା ଏବଂ କାହାକୁ ଭୟ ନ କରିବା, ବନ୍ଧନ କ'ଣ ଓ ମୁକ୍ତି କ'ଣ - ସେ ବୁଦ୍ଧି ସାତ୍ତ୍ୱିକ ବୁଦ୍ଧି ଅଟେ ।**

## ଭାବାର୍ଥ

ଶାସ୍ତ୍ର ନିର୍ଦ୍ଦେଶ ଅନୁଯାୟୀ ଯେଉଁ କର୍ମ କରାଯାଏ, ତାକୁ ପ୍ରବୃତ୍ତି କହନ୍ତି, ଅର୍ଥାତ୍— ତାହା ହିଁ କରଣୀୟ କର୍ମ ଅଟେ ଏବଂ ଯାହା ଶାସ୍ତ୍ରାନୁମୋଦିତ ନୁହେଁ ତାହା କରଣୀୟ ନୁହେଁ । ଯେ ଶାସ୍ତ୍ର-ନିର୍ଦ୍ଦେଶକୁ ଜାଣି ନଥାଏ ସେ କର୍ମ ବନ୍ଧନରେ ପଡ଼େ, ଅର୍ଥାତ୍-ତା'ର କର୍ମର ଫଳାଫଳ ସେ ଭୋଗକରେ । ଯେଉଁ ବୁଦ୍ଧି ବଳରେ ବ୍ୟକ୍ତି ଏସବୁ ଜାଣିପାରେ ତାହା ସାତ୍ତ୍ୱିକ ବୁଦ୍ଧି ଅଟେ ।

## ଶ୍ଳୋକ - ୩୧

**ଯୟା ଧର୍ମମଧର୍ମଂ ଚ କାର୍ଯ୍ୟଂ ଚାକାର୍ଯ୍ୟମେବ ଚ ।**
**ଅଯଥାବତ୍ ପ୍ରଜାନାତି ବୁଦ୍ଧିଃ ସା ପାର୍ଥ ରାଜସୀ ।।୩୧।।**

## ଶବ୍ଦାନୁବାଦ

ଯୟା=ଯାହାଦ୍ୱାରା; ଧର୍ମମ୍=ଧର୍ମନୀତି; ଅଧର୍ମମ୍ ଚ=ଏବଂ ଅଧର୍ମ; କାର୍ଯ୍ୟମ୍=କାର୍ଯ୍ୟ; ଚ=ମଧ୍ୟ; ଅକାର୍ଯ୍ୟମ୍=ଅକାର୍ଯ୍ୟ (ଯାହା କରିବାର ନୁହେଁ); ଏବ=ନିଶ୍ଚିତଭାବେ; ଚ=ମଧ୍ୟ; ଅଯଥାବତ୍=ଅଯଥା (ଯାହା ଯଥାର୍ଥ ନୁହେଁ); ପ୍ରଜାନାତି=ଜଣାଯାଏ; ବୁଦ୍ଧିଃ=ବୁଦ୍ଧି; ସା=ତାହା; ପାର୍ଥ=ହେ ପୃଥାପୁତ୍ର; ରାଜସୀ=ରାଜସିକ (ରଜୋଗୁଣାଧୀନ) ।

## ଅନୁବାଦ

**ହେ ପାର୍ଥ (ହେ ପୃଥାପୁତ୍ର) ! ଯେଉଁ ବୁଦ୍ଧିବଳରେ ଧର୍ମ କ'ଣ, ଅଧର୍ମ କ'ଣ ଠିକ୍‌ରୂପେ ଜଣାଯାଏ ନାହିଁ, ପୁନଶ୍ଚ କାର୍ଯ୍ୟ କ'ଣ ଓ ଅକାର୍ଯ୍ୟ କ'ଣ ଠିକ୍ ରୂପେ ଜଣାଯାଏ ନାହିଁ, ସେ ପ୍ରକାର ଅପୂର୍ଣ୍ଣ ବୁଦ୍ଧିକୁ ରାଜସିକ-ବୁଦ୍ଧି କୁହାଯାଏ ।**

## ଭାବାର୍ଥ

ଯେଉଁ ବୁଦ୍ଧି ରଜୋଗୁଣାଧୀନ (ଅର୍ଥାତ୍ ରାଜସିକ-ବୁଦ୍ଧି); ତାହା ସର୍ବଦା ବିପରୀତ ଭାବେ କାର୍ଯ୍ୟକରେ । ଏହା ଅଧର୍ମକୁ ଧର୍ମ ବୋଲି ଗ୍ରହଣ କରେ, ଯାହା'କି ପ୍ରକୃତରେ ଧର୍ମ ନୁହେଁ ଏବଂ ପ୍ରକୃତ ଧର୍ମକୁ ତ୍ୟାଗକରେ । ସମସ୍ତ ପ୍ରକାର ଧାରଣା ଏବଂ କର୍ମ ଭ୍ରାନ୍ତ ମାର୍ଗରେ ପରିଚାଳିତ ହୁଏ । ରାଜସିକ ବୁଦ୍ଧିସଂପନ୍ନ ବ୍ୟକ୍ତିଗଣ ଏକ ମହାତ୍ମାଙ୍କୁ ସାଧାରଣ ଲୋକଭଳି ଏବଂ ଏକ ସାଧାରଣ ଲୋକକୁ ମହାତ୍ମା ବୋଲି ଭାବନ୍ତି । ସେମାନେ ସତ୍ୟକୁ ଅସତ୍ୟ ବୋଲି ଏବଂ ଅସତ୍ୟକୁ ସତ୍ୟ ବୋଲି ଗ୍ରହଣ କରନ୍ତି । ପ୍ରତ୍ୟେକ କର୍ମ କଲାବେଳେ ସେମାନେ ଭ୍ରମାତ୍ମକ ମାର୍ଗ ଗ୍ରହଣ କରନ୍ତି; ତେଣୁ ସେମାନଙ୍କର ବୁଦ୍ଧି ରାଜସିକ ଅଟେ ।

## ଶ୍ଳୋକ - ୩୨

**ଅଧର୍ମଂ ଧର୍ମମିତି ଯା ମନ୍ୟତେ ତମସାବୃତା ।**
**ସର୍ବାର୍ଥାନ୍ ବିପରୀତାଂଶ୍ଚ ବୁଦ୍ଧିଃ ସା ପାର୍ଥ ତାମସୀ ।।୩୨।।**

## ଶବ୍ଦାନୁବାଦ

ଅଧର୍ମମ୍=ଅଧର୍ମ; ଧର୍ମମ୍=ଧର୍ମ; ଇତି=ଏହିପରି; ଯା=ଯାହା; ମନ୍ୟତେ=ଭାବେ; ତମସା=ମାୟାଦ୍ୱାରା; ଆବୃତା=ଆବୃତ; ସର୍ବ-ଅର୍ଥାନ୍=ସବୁକିଛି; ବିପରୀତାନ୍=ବିପରୀତ, ଭୁଲ୍‌ବାଟ; ଚ=ମଧ୍ୟ; ବୁଦ୍ଧିଃ=ବୁଦ୍ଧି; ସା=ତାହା; ପାର୍ଥ=ହେ ପୃଥାପୁତ୍ର; ତାମସୀ=ତାମସିକ ।

## ଅନୁବାଦ

ହେ ପାର୍ଥ ! ଯେଉଁ ବୁଦ୍ଧିବଳରେ ବ୍ୟକ୍ତି ଅଜ୍ଞତା ଓ ମାୟାର ବଶବର୍ତ୍ତୀ ହୋଇ ଧର୍ମକୁ ଅଧର୍ମ ଏବଂ ଅଧର୍ମକୁ ଧର୍ମ ବୋଲି ଭାବେ ଏବଂ ସର୍ବଦା ବିପରୀତ ଆଚରଣ କରେ ଅର୍ଥାତ୍ ଭୁଲବାଟରେ ପରିଚାଳିତ ହୁଏ, ତାହା ତାମସିକ ବୁଦ୍ଧି ଅଟେ ।

## ଶ୍ଲୋକ - ୩୩

**ଧୃତ୍ୟା ଯୟା ଧାରୟତେ ମନଃପ୍ରାଣେନ୍ଦ୍ରିୟକ୍ରିୟାଃ ।**
**ଯୋଗେନାବ୍ୟଭିଚାରିଣ୍ୟା ଧୃତିଃ ସା ପାର୍ଥ ସାତ୍ତ୍ୱିକୀ ।।୩୩।।**

## ଶବ୍ଦାନୁବାଦ

ଧୃତ୍ୟା=ଧୃତି; ଯୟା=ଯାହାଦ୍ୱାରା; ଧାରୟତେ=ପୁଷ୍ଟହୁଏ; ମନଃ=ମନ; ପ୍ରାଣ=ଜୀବନ; ଇନ୍ଦ୍ରିୟ=ଇନ୍ଦ୍ରିୟଗଣ; କ୍ରିୟାଃ=କର୍ମ; ଯୋଗେନ=ଯୋଗ ସାଧନାଦ୍ୱାରା; ଅବ୍ୟଭିଚାରିଣ୍ୟା =ଅବ୍ୟଭିଚାରିଣୀ, (ଅଖଣ୍ଡ); ଧୃତିଃ=ଧୃତି; ସା=ତାହା; ପାର୍ଥ=ହେ ପୃଥାପୁତ୍ର ! ସାତ୍ତ୍ୱିକୀ=ସାତ୍ତ୍ୱିକ ।

## ଅନୁବାଦ

ହେ ପୃଥାପୁତ୍ର ! ଯେଉଁ ଧୃତି ଅଖଣ୍ଡ ଧୃତି ଅଟେ, ଯାହା ଯୋଗସାଧନା ବଳରେ ଖୁବ୍ ଦୃଢ଼ ହୋଇଛି ଏବଂ ଯାହା ମନ, ପ୍ରାଣ ଏବଂ ଇନ୍ଦ୍ରିୟମାନଙ୍କର କ୍ରିୟାକର୍ମକୁ ନିୟନ୍ତ୍ରଣ କରେ ତାହା ସାତ୍ତ୍ୱିକ (ଧୃତି) ଅଟେ ।

## ଭାବାର୍ଥ

ଯୋଗ ହେଉଛି ଏକ କ୍ରିୟା ବା ପ୍ରକ୍ରିୟା, ଯାହା ବଳରେ ବ୍ୟକ୍ତି ପରମାତ୍ମାଙ୍କୁ ବୁଝିପାରିବ । ଯେଉଁ ବ୍ୟକ୍ତି ଅତ୍ୟନ୍ତ ଦୃଢ଼ତାର ସହିତ ତା'ର ମନ, ପ୍ରାଣ ଏବଂ ଇନ୍ଦ୍ରିୟମାନଙ୍କର କ୍ରିୟାଗୁଡ଼ିକୁ ସୁନିୟନ୍ତ୍ରିତକରି ପରମାତ୍ମାଙ୍କଠାରେ ଲଗାଇପାରିଛି, ଅର୍ଥାତ୍— ନିଜକୁ ପରମାତ୍ମାଙ୍କଠାରେ ଦୃଢ଼ଭାବରେ ସ୍ଥିର କରିପାରିଛି, ସେ କୃଷ୍ଣଚେତନାରେ ବ୍ରତୀ ହୁଏ । ଏ ପ୍ରକାର ଧୃତି ସାତ୍ତ୍ୱିକ ଅଟେ । *"ଅବ୍ୟଭିଚାରିଣ୍ୟା"* ଶବ୍ଦ ଏଠାରେ ବଡ଼ ଅର୍ଥପୂର୍ଣ୍ଣ ଅଟେ । ଏହାର ଅର୍ଥ ଯେଉଁ ବ୍ୟକ୍ତିମାନେ କୃଷ୍ଣଚେତନାରେ ବ୍ରତୀ ହୋଇଥା'ନ୍ତି ଏବଂ ଅନ୍ୟ କୌଣସି ପ୍ରଲୋଭନରେ ପଡ଼ି ନିଜର ଲକ୍ଷ୍ୟପଥରୁ ବିଚ୍ୟୁତ ହୁଅନ୍ତି ନାହିଁ, ସେମାନେ ଅବ୍ୟଭିଚାରିଣୀ ଧୃତି ବା ଅଖଣ୍ଡ ଧୃତିର ଅଧିକାରୀ ହୋଇଛନ୍ତି ବୋଲି କୁହାଯାଏ ।

## ଶ୍ଲୋକ - ୩୪

**ଯୟା ତୁ ଧର୍ମକାମାର୍ଥାନ୍ ଧୃତ୍ୟା ଧାରୟତେଽର୍ଜୁନ ।**
**ପ୍ରସଙ୍ଗେନ ଫଳାକାଙ୍କ୍ଷୀ ଧୃତିଃ ସା ପାର୍ଥ ରାଜସୀ ।।୩୪।।**

## ଶବ୍ଦାନୁବାଦ

ଯୟା=ଯାହାଦ୍ୱାରା; ତୁ=କିନ୍ତୁ; ଧର୍ମ-କାମ-ଅର୍ଥାନ୍=ଧର୍ମ ଓ ଅର୍ଥ ଲାଭ କାମନାରେ; ଧୃତ୍ୟା=ଧୃତି ସହକାରେ; ଧାରୟତେ=ସେହି ସର୍ତ୍ତରେ ଧାରଣ କରେ; ଅର୍ଜୁନ=ହେ ଅର୍ଜୁନ;

ପ୍ରସଙ୍ଗେନ=ତନ୍ନିମିତ୍ତ; ଫଳ-ଆକାଙ୍‌କ୍ଷୀ=ଫଳାକାଙ୍‌କ୍ଷା କରି; ଧୃତିଃ=ଧୃତି; ସା=ତାହା; ପାର୍ଥ=ହେ ପୃଥାପୁତ୍ର; ରାଜସୀ=ରାଜସିକ ।

## ଅନୁବାଦ

**ହେ ଅର୍ଜୁନ ! ଯେଉଁ ଧୃତି ସାହାଯ୍ୟରେ ବ୍ୟକ୍ତି ଧର୍ମ, ଅର୍ଥଲାଭ ଏବଂ ଇନ୍ଦ୍ରିୟ ସୁଖଭୋଗ କାମନା କରେ, ତାହା ରାଜସିକ-ଧୃତି ଅଟେ ।**

## ଭାବାର୍ଥ

ଯେଉଁ ବ୍ୟକ୍ତି ସର୍ବଦା ଧର୍ମ କିମ୍ବା ଅର୍ଥ କାମନାରେ କାର୍ଯ୍ୟକରେ, ତା'ର ଫଳ ଆଶାକରେ, ଯାହାର ଏକମାତ୍ର କାମନା ହେଉଛି ଇନ୍ଦ୍ରିୟତୃପ୍ତି ଏବଂ ଯାହାର ମନ, ପ୍ରାଣ ଓ ଇନ୍ଦ୍ରିୟଗଣ ସର୍ବଦା ସେହି କର୍ମରେ ନିଯୁକ୍ତ ହୋଇଥା'ନ୍ତି, ସେ ବ୍ୟକ୍ତି ରଜୋଗୁଣାଧିନ ବୋଲି ବୁଝିବାକୁ ହେବ ।

## ଶ୍ଳୋକ - ୩୫

**ଯୟା ସ୍ୱପ୍ନଂ ଭୟଂ ଶୋକଂ ବିଷାଦଂ ମଦମେବ ଚ ।**
**ନ ବିମୁଞ୍ଚତି ଦୁର୍ମେଧା ଧୃତିଃ ସା ପାର୍ଥ ତାମସୀ ।।୩୫।।**

## ଶବ୍ଦାନୁବାଦ

ଯୟା=ଯାହାଦ୍ୱାରା; ସ୍ୱପ୍ନମ୍=ସ୍ୱପ୍ନ; ଭୟମ୍=ଭୟ; ଶୋକମ୍=ଶୋକ; ବିଷାଦମ୍=ବିଷାଦ; ମଦମ୍=ମାୟା; ଏବ=ନିଶ୍ଚିତଭାବେ; ଚ=ମଧ୍ୟ; ନ=କେବେ ନୁହେଁ; ବିମୁଞ୍ଚତି=ମୁକ୍ତ; ଦୁର୍ମେଧାଃ=ବୁଦ୍ଧିହୀନ, ନିର୍ବୋଧ; ଧୃତିଃ=ଧୃତି; ସା=ତାହା; ପାର୍ଥ=ହେ ପୃଥାପୁତ୍ର; ତାମସୀ=ତାମସିକ ।

## ଅନୁବାଦ

**ଏବଂ ଯେଉଁ ଧୃତି ସାହାଯ୍ୟରେ ବ୍ୟକ୍ତି କେବଳ ସ୍ୱପ୍ନ, ଭୟ, ଶୋକ, ବିଷାଦ ଭୋଗକରେ ଏବଂ ମାୟାମୋହିତ ହୁଏ - ସେ ନିର୍ବୋଧ ଧୃତି ତାମସୀ-ଧୃତି ଅଟେ ।**

## ଭାବାର୍ଥ

ଏଥିରୁ କେହି ଏପରି ବୁଝିବା ଉଚିତ୍ ନୁହେଁ ଯେ ଏକ ସତ୍ତ୍ୱଗୁଣାଧୀନ ବ୍ୟକ୍ତି ସ୍ୱପ୍ନ ଦେଖେ ନାହିଁ ।ଏଠାରେ ସ୍ୱପ୍ନର ଅର୍ଥ-ଅତ୍ୟଧିକ ନିଦ୍ରା ।ସ୍ୱପ୍ନ ସର୍ବଦା ଅଛି; ସାତ୍ତ୍ୱିକ ହେଉ, ରାଜସିକ ହେଉ ବା ତାମସିକ ହେଉ, ସ୍ୱପ୍ନ ବରାବର ଅଛି ।ଏହା ସ୍ୱାଭାବିକ ଅଟେ ।କିନ୍ତୁ ଯେଉଁମାନେ ଅତ୍ୟଧିକ ନିଦ୍ରା ପରିହାର କରିପାରନ୍ତି ନାହିଁ, ଯେଉଁମାନେ ଭୂତପ୍ରକୃତିକୁ ଉପଭୋଗ କରିବାର ସ୍ୱର୍ଦ୍ଧା ପରିହାର କରିପାରନ୍ତି ନାହିଁ ଏବଂ ଯେଉଁମାନେ ସର୍ବଦା ଏ ଭୌତିକ ଜଗତ ଉପରେ ଆଧିପତ୍ୟ ବିସ୍ତାର କରିବାକୁ ସ୍ୱପ୍ନ ଦେଖୁଥା'ନ୍ତି; ଯେଉଁମାନଙ୍କର ମନ, ପ୍ରାଣ ଓ ଇନ୍ଦ୍ରିୟଗଣ ସେହିପ୍ରକାର କର୍ମରେ ନିଯୁକ୍ତ ହୋଇଥା'ନ୍ତି, ସେମାନେ ତମୋଗୁଣାଧିନ ବୋଲି ବୁଝିବାକୁ ପଡ଼ିବ ।

## ଶ୍ଳୋକ - ୩୬-୩୭

**ସୁଖଂ ତ୍ୱିଦାନୀଂ ତ୍ରିବିଧଂ ଶୃଣୁ ମେ ଭରତର୍ଷଭ ।**
**ଅଭ୍ୟାସାଦ୍ରମତେ ଯତ୍ର ଦୁଃଖାନ୍ତଂ ଚ ନିଗଚ୍ଛତି ।।୩୬।।**

**ଯତ୍ତଦଗ୍ରେ ବିଷମିବ ପରିଣାମେଽମୃତୋପମମ୍ ।**
**ତତ୍ସୁଖଂ ସାତ୍ତ୍ୱିକଂ ପ୍ରୋକ୍ତମାତ୍ମବୁଦ୍ଧିପ୍ରସାଦଜମ୍ ।।୩୭।।**

## ଶବ୍ଦାନୁବାଦ

ସୁଖମ୍=ସୁଖ; ତୁ=କିନ୍ତୁ; ଇଦାନୀମ୍=ବର୍ତ୍ତମାନ; ତ୍ରିବିଧମ୍=ତିନିପ୍ରକାର; ଶୃଣୁ=ଶୁଣ; ମେ=ମୋ'ଠାରୁ; ଭରତର୍ଷଭ=ହେ ଭରତଶ୍ରେଷ୍ଠ; ଅଭ୍ୟାସାତ୍=ଅଭ୍ୟାସ ଦ୍ୱାରା; ରମତେ=ଭୋଗକରେ; ଯତ୍ର=ଯେଉଁଠାରେ; ଦୁଃଖ=ଦୁଃଖ; ଅନ୍ତମ୍=ଶେଷ; ଚ=ମଧ୍ୟ; ନିଗଚ୍ଛତି=ଲାଭକରେ; ଯତ୍=ଯାହା; ତତ୍=ତାହା; ଅଗ୍ରେ=ଆରମ୍ଭରେ; ବିଷମ୍ ଇବ=ବିଷପରି; ପରିଣାମେ=ଶେଷରେ; ଅମୃତ=ଅମୃତ; ଉପମମ୍=ତୁଳନୀୟ; ତତ୍=ତାହା; ସୁଖମ୍=ସୁଖ; ସାତ୍ତ୍ୱିକମ୍=ସାତ୍ତ୍ୱିକ;ପ୍ରୋକ୍ତମ୍=କୁହାଯାଏ;ଆତ୍ମ=ଆତ୍ମା;ବୁଦ୍ଧି=ବୁଦ୍ଧି; ପ୍ରସାଦ-ଜମ୍=ସନ୍ତୋଷଜନକ।

## ଅନୁବାଦ

**ହେ ଭରତଶ୍ରେଷ୍ଠ ! ବଦ୍ଧଜୀବ ଯେଉଁ ତିନିପ୍ରକାର ସୁଖ ଭୋଗକରେ ଏବଂ ବେଳେବେଳେ ଯାହାଦ୍ୱାରା ସେ ସମସ୍ତ ଦୁଃଖର ଶେଷ ଅବସ୍ଥା ଲାଭ କରିପାରେ, ତାହା ମୋ'ଠାରୁ ଶୁଣ । ଯାହା (ଯେଉଁ ସୁଖ) ପ୍ରାରମ୍ଭରେ ବିଷପରି, କିନ୍ତୁ ଶେଷରେ ଅମୃତପରି କାମକରେ ଏବଂ ଯାହା ବ୍ୟକ୍ତିକୁ ଆତ୍ମାନୁଭୂତି ଲାଭ ଦିଗରେ ଜାଗ୍ରତ କରାଏ, ତାହା (ସେ ସୁଖ) ସାତ୍ତ୍ୱିକ ସୁଖ ଅଟେ ।**

## ଭାବାର୍ଥ

ବଦ୍ଧଜୀବ ବାରମ୍ବାର ଭୌତିକ ସୁଖ ଭୋଗ କରିବାକୁ ଚେଷ୍ଟାକରେ ।ଏହିପରି ସେ ଚର୍ବିତ ଚର୍ବଣ କରେ; କିନ୍ତୁ ବେଳେବେଳେ ଏହି ସୁଖଭୋଗ କାଳରେ ସେ ଜଣେ ମହାତ୍ମାଙ୍କର ସଙ୍ଗଲାଭ କରି ଭୌତିକ ବନ୍ଧନରୁ ମୁକ୍ତ ହୋଇଯାଏ ।ଅନ୍ୟକଥାରେ ଏହାହିଁ କୁହାଯାଇପାରେ ଯେ ଏକ ବଦ୍ଧଜୀବ ସର୍ବଦା କୌଣସିନା କୌଣସି ପ୍ରକାର ଇନ୍ଦ୍ରିୟ ସୁଖଭୋଗରେ ଲାଗି ରହିଥାଏ, କିନ୍ତୁ ଯେତେବେଳେ ସେ ସତ୍‌ସଙ୍ଗ ଲାଭଦ୍ୱାରା ବୁଝିପାରେ ଯେ ଏହା କେବଳ ଚର୍ବିତ ଚର୍ବଣ ଅଟେ (ସେହି ପୁରୁଣା କଥା ଅଟେ) ଏବଂ ସେ ତା'ର ପ୍ରକୃତ କୃଷ୍ଣଚେତନାକୁ ଜାଗ୍ରତ କରିପାରେ, ସେତେବେଳେ ସେ ତଥାକଥିତ ସୁଖର ପୁନରାବୃତ୍ତିରୁ ମୁକ୍ତ ହୋଇଯାଏ ।

ଆତ୍ମାନୁଭୂତି ଲାଭ ଦିଗରେ ବ୍ୟକ୍ତିକୁ ଅନେକ ନୀତି-ନିୟମ ଓ ସଂଯମବିଧି ଆଚରଣ କରି ମନ ଓ ଇନ୍ଦ୍ରିୟମାନଙ୍କୁ ସଂଯତ କରିବାକୁ ହେବ ଏବଂ ମନକୁ ପରମାତ୍ମାଙ୍କଠାରେ ସଂଯୁକ୍ତ କରିବାକୁ ପଡ଼ିବ ।ଏସବୁ ବିଧି ବଡ଼ କଠିନ, ବିଷପରି ଅତି ତିକ୍ତ, କିନ୍ତୁ ଯଦି ବ୍ୟକ୍ତି ଏ ସଂଯମବିଧି ପାଳନରେ କୃତକାର୍ଯ୍ୟ ହୁଏ, ଦିବ୍ୟସ୍ଥିତିକୁ ଆସିଯାଏ, ତାହାହେଲେ ସେ ପ୍ରକୃତ ଅମୃତ ପାନ କରିବାକୁ ଆରମ୍ଭ କରେ ଏବଂ ପ୍ରକୃତରେ ଜୀବନକୁ ସେ ଉପଭୋଗ କରେ ।

## ଶ୍ଲୋକ - ୩୮

**ବିଷୟେନ୍ଦ୍ରିୟସଂଯୋଗାଦ୍ ଯତ୍ତଦଗ୍ରେଽମୃତୋପମମ୍ ।**
**ପରିଣାମେ ବିଷମିବ ତତ୍ ସୁଖଂ ରାଜସଂ ସ୍ମୃତମ୍ ।।୩୮।।**

## ଶବ୍ଦାନୁବାଦ

ବିଷୟ=ଇନ୍ଦ୍ରିୟଭୋଗ୍ୟ ବସ୍ତୁ; ଇନ୍ଦ୍ରିୟ=ଇନ୍ଦ୍ରିୟଗଣ; ସଂଯୋଗାତ୍=ସଂଯୋଗରୁ; ଯତ୍=ଯାହା; ତତ୍=ତାହା; ଅଗ୍ରେ=ପ୍ରଥମରେ; ଅମୃତ-ଉପମମ୍=ଅମୃତ ପରି; ପରିଣାମେ=ଶେଷରେ; ବିଷମ୍-ଇବ=ବିଷପରି; ତତ୍=ତାହା; ସୁଖମ୍=ସୁଖ; ରାଜସମ୍=ରାଜସିକ; ସ୍ମୃତମ୍=ବିଗ୍ରହ କରାଯାଏ ।

## ଅନୁବାଦ

**ବିଷୟ ସଂଯୋଗରେ ଯେଉଁ ଇନ୍ଦ୍ରିୟ ସୁଖ ମିଳେ, ଅର୍ଥାତ୍—ଇନ୍ଦ୍ରିୟମାନଙ୍କର ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ ସହିତ ସଂଯୋଗ ହେଲେ ଯେଉଁ ସୁଖ ମିଳେ ଏବଂ ଯାହା ପ୍ରଥମେ ଅମୃତପରି ଜଣାପଡ଼େ କିନ୍ତୁ ପରିଣାମରେ ବିଷ ସଦୃଶ ଅଟେ, ତାହା (ସେ ସୁଖ) ରାଜସିକ ସୁଖ ଅଟେ ।**

## ଭାବାର୍ଥ

ଏକ ଯୁବକ ଓ ଏକ ଯୁବତୀ ପରସ୍ପରକୁ ଭେଟନ୍ତି ଏବଂ ଇନ୍ଦ୍ରିୟଗୁଡ଼ିକ ଯୁବକକୁ ଟାଣି ନିଅନ୍ତି ଯୁବତୀଟିକୁ ଦେଖିବାକୁ, ତାକୁ ସ୍ପର୍ଶ କରିବାକୁ ଏବଂ ତା' ସହିତ ଯୌନ ମିଳନ କରିବାକୁ । ପ୍ରାରମ୍ଭରେ ଏହା ଇନ୍ଦ୍ରିୟମାନଙ୍କ ପ୍ରତି ବଡ଼ ସୁଖକର ହୋଇପାରେ, କିନ୍ତୁ ଶେଷରେ କିମ୍ବା କିଛି ସମୟ ପରେ ଏହା ଠିକ୍ ବିଷପରି ହୋଇଉଠେ । ସେମାନେ ପରସ୍ପରଠାରୁ ବିଚ୍ଛିନ୍ନ ହୁଅନ୍ତି କିମ୍ବା ବିବାହ ବିଚ୍ଛେଦ ଘଟେ, ଖୁବ୍-ଶୋକ ଏବଂ ଦୁଃଖ-ଆଦି ଆସେ । ଏ ପ୍ରକାର ସୁଖ ବରାବର ରାଜସିକ (ସୁଖ) ଅଟେ । ଇନ୍ଦ୍ରିୟ ଏବଂ ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁର ସଂଯୋଗରୁ ଯେଉଁ ସୁଖ ମିଳେ, ତାହା ସର୍ବଦା ଦୁଃଖର କାରଣ ଅଟେ ଏବଂ ତାହା ସର୍ବଦା ତ୍ୟାଜ୍ୟ ଅଟେ; ଅର୍ଥାତ୍ ସେ ପ୍ରକାର ସୁଖକୁ ସର୍ବଦା ତ୍ୟାଗ କରିବା ଉଚିତ୍ ।

## ଶ୍ଳୋକ - ୩୯

**ଯଦଗ୍ରେ ଚାନୁବନ୍ଧେ ଚ ସୁଖଂ ମୋହନମାତ୍ମନଃ ।**
**ନିଦ୍ରାଳସ୍ୟ ପ୍ରମାଦୋତ୍ଥଂ ତତ୍ତାମସମୁଦାହୃତମ୍ ।। ୩୯ ।।**

## ଶବ୍ଦାନୁବାଦ

ଯତ୍=ଯାହା; ଅଗ୍ରେ=ପ୍ରାରମ୍ଭରେ; ଚ=ମଧ୍ୟ; ଅନୁବନ୍ଧେ=ବନ୍ଧନଦ୍ୱାରା; ଚ=ମଧ୍ୟ; ସୁଖମ୍=ସୁଖ; ମୋହନମ୍=ମୋହନ, ମାୟା; ଆତ୍ମନଃ=ଆତ୍ମାର; ନିଦ୍ରା=ନିଦ୍ରା; ଆଳସ୍ୟ=ଆଳସ୍ୟ; ପ୍ରମାଦ=ମାୟା; ଉତ୍ଥମ୍=ଜାତ; ତତ୍=ତାହା; ତାମସମ୍=ତାମସିକ; ଉଦାହୃତମ୍=କୁହାଯାଏ ।

## ଅନୁବାଦ

**ଯେଉଁ ସୁଖ ବ୍ୟକ୍ତିକୁ ଆତ୍ମାନୁଭୂତି ଦିଗପ୍ରତି ଅନ୍ଧ କରିଦିଏ (ଅର୍ଥାତ୍ ଆତ୍ମାନୁଭୂତି ଲାଭ ଦିଗରେ ସହାୟକ ହୁଏ ନାହିଁ), ଯାହା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମାୟାମୋହିତ ଅଟେ ଏବଂ ଯାହା ନିଦ୍ରା, ଆଳସ୍ୟ ଏବଂ ମାୟାରୁ ଜାତ, ସେ ସୁଖକୁ ତାମସିକ-ସୁଖ କୁହନ୍ତି (ଅର୍ଥାତ୍ ତମୋଗୁଣଜାତ-ସୁଖ ବୋଲି କୁହାଯାଏ) ।**

## ଭାବାର୍ଥ

ଯେଉଁ ବ୍ୟକ୍ତି ଆଳସ୍ୟ ଏବଂ ନିଦ୍ରାରୁ ସୁଖ ପାଏ, ସେ ବାସ୍ତବରେ ତମୋଗୁଣାଧୀନ ଅଟେ ଏବଂ ଯାହାର ଏ ଧାରଣା ନାହିଁ କିପରି ଓ କ'ଣ କରିବାକୁ ହେବ ଏବଂ କ'ଣ ନ କରିବାକୁ ହେବ ସେ ମଧ୍ୟ ତମୋଗୁଣାଧୀନ, ଅର୍ଥାତ୍ - ଅଜ୍ଞାନ ଅନ୍ଧକାରରେ ଅଛି ବୋଲି ବୁଝାଯାଏ ।ଯେଉଁ ବ୍ୟକ୍ତି ଅଜ୍ଞାନ ଅନ୍ଧକାରରେ ଅଛି ଅର୍ଥାତ୍-ତମୋଗୁଣାଧୀନ, ତା'ପକ୍ଷରେ ସବୁ ହିଁ ମାୟା । ସେଥିରେ ପ୍ରାରମ୍ଭରେ ହେଉ ବା ପରିଣାମରେ (ଶେଷରେ)ହେଉ ସୁଖ ନାହିଁ ।ଯେଉଁ ବ୍ୟକ୍ତି ରଜୋଗୁଣାଧୀନ ଅଟେ, ସେ ପ୍ରାରମ୍ଭରେ କିଛି କ୍ଷଣିକ ସୁଖ ପାଏ ଏବଂ ଶେଷରେ ଦୁଃଖପାଏ, କିନ୍ତୁ ଯେଉଁ ବ୍ୟକ୍ତି ତମୋଗୁଣାଧୀନ, ସେ କେବଳ ଦୁଃଖ ହିଁ ଭୋଗକରେ- ପ୍ରାରମ୍ଭରେ ଓ ଶେଷରେ -ଉଭୟତ୍ର ସେ ଦୁଃଖ ହିଁ ଭୋଗକରେ ।

## ଶ୍ଲୋକ - ୪୦

**ନ ତଦସ୍ତି ପୃଥିବ୍ୟାଂ ବା ଦିବି ଦେବେଷୁ ବା ପୁନଃ ।**
**ସତ୍ତ୍ୱଂ ପ୍ରକୃତିଜୈର୍ମୁକ୍ତଂ ଯଦେଭିଃ ସ୍ୟାତ୍ତ୍ରିଭିର୍ଗୁଣୈଃ ।।୪୦।।**

## ଶବ୍ଦାନୁବାଦ

ନ=ନୁହେଁ; ତତ୍=ତାହା; ଅସ୍ତି=ଅଛି; ପୃଥିବ୍ୟାମ୍=ବ୍ରହ୍ମାଣ୍ଡ ମଧ୍ୟରେ; ବା=କିମ୍ବା; ଦିବି=ଉଚ୍ଚଲୋକରେ; ଦେବେଷୁ=ଦେବତାମାନଙ୍କ ମଧ୍ୟରେ; ବା=କିମ୍ବା; ପୁନଃ=ପୁନଶ୍ଚ; ସତ୍ତ୍ୱମ୍=ବିଦ୍ୟମାନତା; ପ୍ରକୃତି-ଜୈଃ=ଭୂତପ୍ରକୃତିର ଗୁଣାଧୀନ; ମୁକ୍ତମ୍=ମୁକ୍ତ; ଯତ୍=ଯାହା; ଏଭିଃ=ଏହାଦ୍ୱାରା; ସ୍ୟାତ୍=ତେଣୁହୁଏ; ତ୍ରିଭିଃ=ତିନୋଟି (ଗୁଣ)ଦ୍ୱାରା; ଗୁଣୈଃ=ଭୂତପ୍ରକୃତିର (ତ୍ରି) ଗୁଣଦ୍ୱାରା।

## ଅନୁବାଦ

**ଏଠାରେ ହେଉ ବା ଉଚ୍ଚଲୋକରେ ଥିବା ଦେବତାମାନଙ୍କ ମଧ୍ୟରେ ହେଉ ଏପରି କୌଣସି ପ୍ରାଣୀ ନାହିଁ ଯେ'କି ଭୂତପ୍ରକୃତିର ତ୍ରିଗୁଣରୁ ମୁକ୍ତ ଅଟେ।**

## ଭାବାର୍ଥ

ଏଠାରେ ଭଗବାନ୍ ସଂକ୍ଷେପରେ କହୁଛନ୍ତି କିପରି ସମଗ୍ର ବ୍ରହ୍ମାଣ୍ଡରେ ଭୂତପ୍ରକୃତିର ତ୍ରିଗୁଣ ପ୍ରଭାବ ବିସ୍ତାର କରିଛି ।

## ଶ୍ଲୋକ - ୪୧

**ବ୍ରାହ୍ମଣକ୍ଷତ୍ରିୟବିଶାଂ ଶୂଦ୍ରାଣାଂ ଚ ପରନ୍ତପ ।**
**କର୍ମାଣି ପ୍ରବିଭକ୍ତାନି ସ୍ୱଭାବପ୍ରଭବୈର୍ଗୁଣୈଃ ।।୪୧।।**

## ଶବ୍ଦାନୁବାଦ

ବ୍ରାହ୍ମଣ=ବ୍ରାହ୍ମଣମାନଙ୍କର; କ୍ଷତ୍ରିୟ=କ୍ଷତ୍ରିୟମାନଙ୍କର; ବିଶାମ୍=ବୈଶ୍ୟମାନଙ୍କର; ଶୂଦ୍ରାଣାମ୍=ଶୂଦ୍ରମାନଙ୍କର; ଚ=ଏବଂ; ପରନ୍ତପ=ହେ ଶତ୍ରୁଦମନକାରୀ; କର୍ମାଣି=କର୍ମସମୂହ; ପ୍ରବିଭକ୍ତାନି=ବିଭକ୍ତ ହୋଇଛି; ସ୍ୱଭାବ=ନିଜ ପ୍ରକୃତି; ପ୍ରଭବୈଃ=ଜାତ; ଗୁଣୈଃ=ଭୂତପ୍ରକୃତିର ଗୁଣଯୋଗୁଁ ।

## ଅନୁବାଦ

ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏବଂ ଶୂଦ୍ରମାନେ ସେମାନଙ୍କର ଗୁଣ-କର୍ମାନୁଯାୟୀ ପରିଚିତ ହୁଅନ୍ତି । ହେ ଶତ୍ରୁ ଦମନକାରୀ, ପ୍ରକୃତିର ତ୍ରିଗୁଣ ମଧ୍ୟରୁ ଯେ ଯେଉଁ ଗୁଣରେ ଅବସ୍ଥାନ କରୁଥାଏ, ତଦନୁଯାୟୀ କର୍ମ କରି ସେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ କିମ୍ବା ଶୂଦ୍ର ବୋଲି ବିବେଚିତ ହୁଏ ।

## ଶ୍ଳୋକ - ୪୨

**ଶମୋ ଦମସ୍ତପଃ ଶୌଚଂ କ୍ଷାନ୍ତିରାର୍ଜବମେବ ଚ ।**
**ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ ବ୍ରହ୍ମକର୍ମ ସ୍ୱଭାବଜମ୍ ।।୪୨।।**

## ଶବ୍ଦାନୁବାଦ

ଶମଃ=ଶାନ୍ତଭାବ; ଦମଃ=ଆତ୍ମ ସଂଯମ; ତପଃ=ତପସ୍ୟା; ଶୌଚମ୍=ଶୁଚି (ପବିତ୍ରତା); କ୍ଷାନ୍ତିଃ=ସହିଷ୍ଣୁତା;ଆର୍ଜବମ୍=ସାଧୁତା ବା ସରଳତା;ଏବ=ନିଶ୍ଚିତଭାବେ;ଚ=ଏବଂ; ଜ୍ଞାନମ୍=ଜ୍ଞାନ; ବିଜ୍ଞାନମ୍=ବିଜ୍ଞାନ; ଆସ୍ତିକ୍ୟମ୍=ଧର୍ମଭାବ; ବ୍ରହ୍ମ=ବ୍ରାହ୍ମଣର; କର୍ମ=କର୍ତ୍ତବ୍ୟ; ସ୍ୱଭାବ-ଜମ୍=ସ୍ୱଭାବଜାତ ।

## ଅନୁବାଦ

ଶାନ୍ତଭାବ, ଆତ୍ମ-ସଂଯମ, ତପସ୍ୟା, ପବିତ୍ରତା, ସହିଷ୍ଣୁତା, ସାଧୁତା, ଜ୍ଞାନ, ବିଜ୍ଞାନ ଏବଂ ଧର୍ମଭାବ-ଏସବୁ ହେଉଛି ବ୍ରାହ୍ମଣମାନଙ୍କର ଗୁଣ । ଏହିମାନଙ୍କ ସାହାଯ୍ୟରେ ବ୍ରାହ୍ମଣମାନେ କର୍ମ କରନ୍ତି ।

## ଶ୍ଳୋକ - ୪୩

**ଶୌର୍ଯ୍ୟଂ ତେଜୋ ଧୃତିର୍ଦାକ୍ଷ୍ୟଂ ଯୁଦ୍ଧେ ଚାପ୍ୟପଳାୟନମ୍ ।**
**ଦାନମୀଶ୍ୱରଭାବଶ୍ଚ କ୍ଷାତ୍ରଂ କର୍ମ ସ୍ୱଭାବଜମ୍ ।।୪୩।।**

## ଶବ୍ଦାନୁବାଦ

ଶୌର୍ଯ୍ୟମ୍=ଶୌର୍ଯ୍ୟ, ବୀରତା; ତେଜଃ=ଶକ୍ତି; ଧୃତିଃ=ଧୈର୍ଯ୍ୟ; ଦାକ୍ଷ୍ୟମ୍=ଦକ୍ଷତା; ଯୁଦ୍ଧେ=ଯୁଦ୍ଧରେ; ଚ=ଏବଂ; ଅପି=ମଧ୍ୟ; ଅପଳାୟନମ୍=ପଳାଇ ନଯିବା; ଦାନମ୍=ଦାନ; ଈଶ୍ୱର=ପ୍ରଭୁତା; ଭାବଃ=ସ୍ୱଭାବ (ପ୍ରକୃତି); ଚ=ଏବଂ; କ୍ଷାତ୍ରମ୍=କ୍ଷତ୍ରିୟ ସମ୍ବନ୍ଧୀୟ; କର୍ମ=କର୍ତ୍ତବ୍ୟ; ସ୍ୱଭାବ-ଜମ୍=ସ୍ୱଭାବଜାତ ।

## ଅନୁବାଦ

ବୀରପଣିଆ, ଶକ୍ତି, ଧୈର୍ଯ୍ୟ, ଦକ୍ଷତା, ଯୁଦ୍ଧକ୍ଷେତ୍ରରେ ପ୍ରଦର୍ଶିତ ସାହସ, ବଦାନ୍ୟତା ଏବଂ ପ୍ରଭୁତ୍ୱ-ଏଗୁଡ଼ିକ ହେଉଛି କ୍ଷତ୍ରିୟମାନଙ୍କର ଗୁଣ ଏବଂ ଏହି ଗୁଣାନୁଯାୟୀ କ୍ଷତ୍ରିୟମାନେ କର୍ମ କରନ୍ତି ।

## ଶ୍ଳୋକ -୪୪

**କୃଷିଗୋରକ୍ଷ୍ୟବାଣିଜ୍ୟଂ ବୈଶ୍ୟକର୍ମ ସ୍ୱଭାବଜମ୍ ।**
**ପରିଚର୍ଯ୍ୟାତ୍ମକଂ କର୍ମ ଶୂଦ୍ରସ୍ୟାପି ସ୍ୱଭାବଜମ୍ ।।୪୪।।**

### ଶବ୍ଦାନୁବାଦ

କୃଷି=କୃଷିକର୍ମ; ଗୋ=ଗାଭୀ; ରକ୍ଷ୍ୟ=ରକ୍ଷା କରିବା (ରକ୍ଷଣ); ବାଣିଜ୍ୟମ୍=ବାଣିଜ୍ୟ; ବୈଶ୍ୟ=ବୈଶ୍ୟ; କର୍ମ=କର୍ତ୍ତବ୍ୟ; ସ୍ୱଭାବ-ଜମ୍=ସ୍ୱଭାବଜାତ; ପରିଚର୍ଯ୍ୟା=ସେବା; ଆତ୍ମକମ୍=ସ୍ୱଭାବ(ପ୍ରକୃତି); କର୍ମ=କର୍ତ୍ତବ୍ୟ; ଶୂଦ୍ରସ୍ୟ=ଶୂଦ୍ରର; ଅପି=ମଧ୍ୟ; ସ୍ୱଭାବ-ଜମ୍=ସ୍ୱଭାବସିଦ୍ଧ ।

### ଅନୁବାଦ

**କୃଷି, ଗୋରକ୍ଷା ଏବଂ ବାଣିଜ୍ୟ-ବୈଶ୍ୟମାନଙ୍କର ଗୁଣକର୍ମ ଅଟେ ଏବଂ ଶୂଦ୍ରମାନଙ୍କ ନିମିତ୍ତ ଶ୍ରମ କରିବା ଏବଂ ଅନ୍ୟମାନଙ୍କର ସେବା କରିବା କର୍ମ ନିର୍ଦ୍ଦିଷ୍ଟ କରାଯାଇଛି ।**

## ଶ୍ଳୋକ - ୪୫

**ସ୍ୱେ ସ୍ୱେ କର୍ମଣ୍ୟଭିରତଃ ସଂସିଦ୍ଧିଂ ଲଭତେ ନରଃ ।**
**ସ୍ୱକର୍ମନିରତଃ ସିଦ୍ଧିଂ ଯଥା ବିନ୍ଦତି ତଚ୍ଛୃଣୁ ।।୪୫।।**

### ଶବ୍ଦାନୁବାଦ

ସ୍ୱେ=ନିଜ; ସ୍ୱେ=ନିଜର; କର୍ମଣି=କର୍ମରେ; ଅଭିରତଃ=ଲାଗିରହି (ପାଳନକରି); ସଂସିଦ୍ଧିମ୍=ସିଦ୍ଧି; ଲଭତେ=ଲାଭକରେ; ନରଃ=ମାନବ; ସ୍ୱକର୍ମ=ନିଜକର୍ମରେ; ନିରତଃ=ନିଯୁକ୍ତ; ସିଦ୍ଧିମ୍=ସିଦ୍ଧି; ଯଥା=ଯେପରି; ବିନ୍ଦତି=ପ୍ରାପ୍ତହୁଏ; ତତ୍=ତାହା; ଶୃଣୁ=ଶୁଣ ।

### ଅନୁବାଦ

**ମାନବ ନିଜର ଗୁଣାନୁଯାୟୀ କର୍ମ କଲେ, ସିଦ୍ଧିଲାଭ କରିପାରିବ । ବର୍ତ୍ତମାନ ଦୟାକରି ମୋ' ଠାରୁ ଶୁଣ, ଏହା କିପରି ହୋଇପାରେ ।**

## ଶ୍ଳୋକ - ୪୬

**ଯତଃ ପ୍ରବୃତ୍ତିର୍ଭୂତାନାଂ ଯେନ ସର୍ବମିଦଂ ତତମ୍ ।**
**ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ ।।୪୬।।**

### ଶବ୍ଦାନୁବାଦ

ଯତଃ=ଯାହାଙ୍କଠାରୁ; ପ୍ରବୃତ୍ତିଃ=ଉଦ୍ଭବ; ଭୂତାନାମ୍=ସମସ୍ତ ଜୀବ; ଯେନ=ଯାହାଙ୍କ ଦ୍ୱାରା; ସର୍ବମ୍=ସବୁ; ଇଦମ୍=ଏହା; ତତମ୍=ପରିବ୍ୟାପ୍ତ; ସ୍ୱକର୍ମଣା=ସ୍ୱକର୍ମରେ; ତମ୍=ତାଙ୍କୁ (ଭଗବାନ୍‌ଙ୍କୁ); ଅଭ୍ୟର୍ଚ୍ୟ=ପୂଜାକରି; ସିଦ୍ଧିମ୍=ସିଦ୍ଧି; ବିନ୍ଦତି=ପ୍ରାପ୍ତହୁଏ; ମାନବଃ=ମାନବ ।

### ଅନୁବାଦ

**ଯେଉଁ ଭଗବାନ୍ ସମସ୍ତଙ୍କର ଉଦ୍ଭବସ୍ଥଳ ଏବଂ ଯେ ସର୍ବବ୍ୟାପକ ଅଟନ୍ତି, ତାଙ୍କୁ ମାନବ ସ୍ୱକର୍ମ (କର୍ତ୍ତବ୍ୟ) ମାଧ୍ୟମରେ ପୂଜାକଲେ ସିଦ୍ଧିପ୍ରାପ୍ତ ହେବ ।**

## ଭାବାର୍ଥ

ପଞ୍ଚଦଶ ଅଧ୍ୟାୟରେ କୁହାଯାଇଛି ଯେ ସମସ୍ତ ଜୀବ ଭଗବାନଙ୍କର ଅଂଶ ବିଶେଷ ଅଟନ୍ତି । ତେଣୁ ପରମପୁରୁଷ ଭଗବାନ୍ ସମସ୍ତ ଜୀବଙ୍କର ମୂଳ (କାରଣ) ଅଟନ୍ତି । ଏହା ମଧ୍ୟ ବେଦାନ୍ତ ସୂତ୍ରରେ ସ୍ୱୀକୃତ ହୋଇଅଛି - *''ଜନ୍ମାଦ୍ୟସ୍ୟ ଯତଃ''* । ତେଣୁ ପରମେଶ୍ୱର (ଭଗବାନ୍) ପ୍ରତ୍ୟେକ ଜୀବର ଜୀବନର ମୂଳ ଅଟନ୍ତି । ସେ ପରମେଶ୍ୱର, ତାଙ୍କର ଦୁଇଟି ଶକ୍ତି-ବହିରଙ୍ଗା ଶକ୍ତି ଓ ଅନ୍ତରଙ୍ଗା ଶକ୍ତି ସାହାଯ୍ୟରେ ସର୍ବବ୍ୟାପକ ଅଟନ୍ତି । ତେଣୁ ବ୍ୟକ୍ତି ପରମେଶ୍ୱରଙ୍କୁ ତାଙ୍କର ଶକ୍ତିସହ ପୂଜା କରିବା ଉଚିତ୍ । ସାଧାରଣତଃ ବୈଷ୍ଣବ ଭକ୍ତଗଣ ପରମେଶ୍ୱରଙ୍କୁ ତାଙ୍କର ଅନ୍ତରଙ୍ଗା ଶକ୍ତିସହ ପୂଜା କରନ୍ତି । ତାଙ୍କର ବହିରଙ୍ଗା ଶକ୍ତି, ତାଙ୍କର ଅନ୍ତରଙ୍ଗା ଶକ୍ତିର ଓଲଟା ପ୍ରତିଛବି ଅଟେ । ବହିରଙ୍ଗା ଶକ୍ତି ଏକ ପୃଷ୍ଠଭୂମି ଅଟେ, କିନ୍ତୁ ପରମେଶ୍ୱର ତାଙ୍କର ସ୍ୱାଂଶରୂପ ଅର୍ଥାତ୍-ପରମାତ୍ମାରୂପରେ ସର୍ବତ୍ର ବିଦ୍ୟମାନ । ସେ ସମସ୍ତ ଦେବତା, ସମସ୍ତ ମାନବ, ସମସ୍ତ ପ୍ରାଣୀ-ସମସ୍ତଙ୍କର ଓ ସର୍ବତ୍ର ପରମାତ୍ମା ଅଟନ୍ତି । ତେଣୁ ପ୍ରତ୍ୟେକଙ୍କୁ ଏକଥା ଜାଣିରଖିବା ଉଚିତ୍ ଯେ ଭଗବାନଙ୍କ ଅଂଶବିଶେଷରୂପେ ଭଗବାନଙ୍କର ସେବା କରିବା ତା'ର କର୍ତ୍ତବ୍ୟ ଅଟେ । ପ୍ରତ୍ୟେକ ପୂର୍ଣ୍ଣ କୃଷ୍ଣଚେତନାରେ ଭଗବାନଙ୍କର ସେବାରତ ହେବା ଉଚିତ୍; ଏହାହିଁ ଏ ଶ୍ଲୋକରେ କୁହାଯାଇଛି ।

ପ୍ରତ୍ୟେକେ ଏପରି ଭାବିବା ଉଚିତ୍ ଯେ ଇନ୍ଦ୍ରିୟମାନଙ୍କର ପ୍ରଭୁ ହୃଷୀକେଶଙ୍କ ଦ୍ୱାରା ସେ ଏକ ନିର୍ଦ୍ଦିଷ୍ଟ ଧନ୍ଦାରେ (ବା କର୍ମରେ) ନିଯୁକ୍ତ ହୋଇଅଛି; ଯେଉଁ କର୍ମ ବା ଧନ୍ଦାରେ ସେ ନିଯୁକ୍ତ ହୋଇଛି, ସେ କର୍ମର ଫଳ ସାହାଯ୍ୟରେ ଭଗବାନ୍ ଶ୍ରୀକୃଷ୍ଣଙ୍କର ପୂଜା କରିବା ଉଚିତ୍ । ଯଦି ବ୍ୟକ୍ତି ପୂର୍ଣ୍ଣ କୃଷ୍ଣଚେତନାରେ ଏଇ ପ୍ରକାରେ ସର୍ବଦା ଚିନ୍ତାକରେ , ତାହାହେଲେ ଭଗବାନଙ୍କ କୃପାରୁ ସେ ସବୁକିଛି ଜାଣିପାରିବ । ଏହା ହେଉଛି ଜୀବନର ପୂର୍ଣ୍ଣତା । ଭଗବାନ୍ ଭଗବଦ୍ ଗୀତାରେ କହିଛନ୍ତି, *''ତେଷାମ୍ ଅହଂ ସମୁଦ୍ଧର୍ତା''* । ଭଗବାନ୍ ନିଜେ ଏ ପ୍ରକାର ଏକ ଭକ୍ତର ଉଦ୍ଧାରର ଦାୟିତ୍ୱ ନିଅନ୍ତି । ଏହା ହେଉଛି ଜୀବନର ସର୍ବୋଚ୍ଚ ସିଦ୍ଧି । ବ୍ୟକ୍ତି ଯେ କୌଣସି ଧନ୍ଦାରେ ନିଯୁକ୍ତ ହେଉ ପଛେ, ଯଦି ସେ ତଦ୍ଦ୍ୱାରା ଭଗବାନଙ୍କର ସେବାକରେ, ତାହାହେଲେ ସର୍ବୋଚ୍ଚ ସିଦ୍ଧି ପ୍ରାପ୍ତ ହେବ ।

## ଶ୍ଲୋକ - ୪୭

**ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ସ୍ୱନୁଷ୍ଠିତାତ୍ ।**
**ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍‌ବିଷମ୍ ।।୪୭।।**

## ଶବ୍ଦାନୁବାଦ

ଶ୍ରେୟାନ୍=ଉତ୍ତମ; ସ୍ୱଧର୍ମଃ=ବ୍ୟକ୍ତିର ଆପଣାର କର୍ମ ବା ଧନ୍ଦା; ବିଗୁଣଃ=ଦୋଷଯୁକ୍ତ ଭାବେ କୃତ; ପର-ଧର୍ମାତ୍=ଅନ୍ୟର ଧନ୍ଦା (ବା କର୍ମଠାରୁ); ସ୍ୱନୁଷ୍ଠିତାତ୍=ନିର୍ଦ୍ଦୋଶଭାବେ କୃତ; ସ୍ୱଭାବ-ନିୟତମ୍=ବ୍ୟକ୍ତିର ପ୍ରକୃତି ଅନୁଯାୟୀ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ; କର୍ମ=କର୍ମ; କୁର୍ବନ୍=ଅନୁଷ୍ଠାନ କରି; ନ=ନୁହେଁ; ଆପ୍ନୋତି=ପାଏ; କିଲ୍‌ବିଷମ୍=ପାପକର୍ମର ପ୍ରତିକ୍ରିୟା ।

## ଅନୁବାଦ

**ବ୍ୟକ୍ତି ଅନ୍ୟର ସ୍ୱଧର୍ମ ଅର୍ଥାତ୍ କର୍ମ ବା ଧନ୍ଦାକୁ ଯେତେ ନିର୍ଦ୍ଦୋଷଭାବେ ଆଚରଣ କଲେ ସୁଦ୍ଧା ନିଜର ସ୍ୱଧର୍ମ ବା ପ୍ରକୃତିଗତ-କର୍ମରେ ନିଯୁକ୍ତ ରହିବା ଉଚିତ୍; ସେ ନିଜର ପ୍ରକୃତିଗତ କର୍ମ ବା ଧନ୍ଦା ନିର୍ଦ୍ଦୋଷଭାବେ କରି ନ ପାରିଲେ ସୁଦ୍ଧା ସେଥିରେ ନିଯୁକ୍ତ ରହିବା ଉଚିତ୍ ଅଟେ । ନିଜର ପ୍ରକୃତି ଅନୁଯାୟୀ ନିର୍ଦ୍ଦିଷ୍ଟ କର୍ମ ବା ଧନ୍ଦା କେବେହେଲେ ପାପର ପ୍ରତିକ୍ରିୟା ଦ୍ୱାରା ପ୍ରଭାବିତ ହୁଏନାହିଁ ।**

## ଭାବାର୍ଥ

ଭଗବଦ୍‌ଗୀତାରେ ବ୍ୟକ୍ତିର ଧନ୍ଦା କଥା କୁହାଯାଇଛି । ପୂର୍ବ ବର୍ଣ୍ଣିତ ଶ୍ଳୋକମାନଙ୍କରେ ଏକଥା କୁହାଯାଇଛି ଯେ ପ୍ରକୃତିର ତ୍ରିଗୁଣ ଅନୁଯାୟୀ ବ୍ରାହ୍ମଣ, କ୍ଷତ୍ରିୟ ବୈଶ୍ୟ ଓ ଶୂଦ୍ରର ଧନ୍ଦା ନିର୍ଦ୍ଦିଷ୍ଟ ହୋଇଛି । ଜଣେ ଅନ୍ୟଜଣଙ୍କର ଧନ୍ଦାକୁ ଅନୁକରଣ କରିବା ଉଚିତ୍ ନୁହେଁ । ଯେଉଁବ୍ୟକ୍ତି ସ୍ୱାଭାବିକଭାବେ ଶୂଦ୍ର-କର୍ମପ୍ରତି ଆସକ୍ତ ସେ କଦାପି ନିଜକୁ ବ୍ରାହ୍ମଣ ବୋଲି ଦାବୀ କରିବା ଉଚିତ୍ ନୁହେଁ । ଯଦିଓ ସେ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥାଏ, ତଥାପି ନିଜକୁ ବ୍ରାହ୍ମଣ ବୋଲି ଦାବୀକରିବା ଉଚିତ୍ ନୁହେଁ । ଏହି ପ୍ରକାରେ ବ୍ୟକ୍ତି ନିଜର ପ୍ରକୃତି ଅନୁଯାୟୀ କର୍ମ କରିବା ଉଚିତ୍ । ଯଦି କର୍ମ ଭଗବଦ୍ ସେବା ଉଦ୍ଦେଶ୍ୟରେ କରାଯାଏ, ତାହାହେଲେ କୌଣସି କର୍ମ ଘୃଣ୍ୟ ନୁହେଁ । ଏହା ନିଶ୍ଚିତ କଥା ଯେ ବ୍ରାହ୍ମଣର କର୍ମ ସାତ୍ତ୍ୱିକ କର୍ମ ଅଟେ, କିନ୍ତୁ ଯେଉଁବ୍ୟକ୍ତି ସତ୍ତ୍ୱଗୁଣରେ ଅବସ୍ଥାନ ନ କରୁଥାଏ; ଅର୍ଥାତ୍ - ଯେ ପ୍ରକୃତି ଅନୁଯାୟୀ ସତ୍ତ୍ୱଗୁଣୀ ନୁହେଁ; ସେ ବ୍ରାହ୍ମଣ-କର୍ମକୁ ଅନୁକରଣ କରିବା ଉଚିତ୍ ନୁହେଁ । କ୍ଷତ୍ରିୟ କିମ୍ବା ଶାସକ ପକ୍ଷରେ ଅନେକ ଘୃଣ୍ୟ କାର୍ଯ୍ୟ କରିବାକୁ ଅଛି । କ୍ଷତ୍ରିୟ ଶତ୍ରୁ-ବିନାଶ ନିମିତ୍ତ ହିଂସାଚରଣ କରେ ଏବଂ ସେ ବେଳେବେଳେ କୂଟନୀତି ଗ୍ରହଣକରି ମିଥ୍ୟା ମଧ୍ୟ କହେ । ରାଜନୈତିକ ଧନ୍ଦାରେ ଏପ୍ରକାର ହିଂସାଚରଣ ଓ ମିଥ୍ୟାକଥନ କରାଯାଏ, କିନ୍ତୁ ଏହା ନୁହେଁ ଯେ ଜଣେ କ୍ଷତ୍ରିୟ କଦାପି ତା'ର ସ୍ୱଧର୍ମ ବା ଧନ୍ଦାକୁ ତ୍ୟାଗକରି ଜଣେ ବ୍ରାହ୍ମଣର ସ୍ୱଧର୍ମ ବା ଧନ୍ଦା ଆଚରଣ କରିବାକୁ ଚେଷ୍ଟା କରିବ ।

ଭଗବାନଙ୍କୁ ସନ୍ତୁଷ୍ଟ କରିବା ନିମିତ୍ତ ବ୍ୟକ୍ତିକୁ କାର୍ଯ୍ୟ କରିବାକୁ ହେବ । ଉଦାହରଣ ସ୍ୱରୂପ, ଅର୍ଜୁନ ଜଣେ କ୍ଷତ୍ରିୟ । ସେ ତାଙ୍କର ପ୍ରତିଦ୍ୱନ୍ଦୀମାନଙ୍କ ସହ ଯୁଦ୍ଧ କରିବା ପାଇଁ ପଶ୍ଚାତ୍‌ପଦ ହେଉଥିଲେ । କିନ୍ତୁ ଯଦି ସେ ଯୁଦ୍ଧ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ନିମିତ୍ତ କରାଯାଏ, ତାହାହେଲେ ସେଥିରେ ଆଉ ପତନର ଭୟ ନଥାଏ । ବ୍ୟବସାୟ କ୍ଷେତ୍ରରେ ବ୍ୟବସାୟୀକୁ ଲାଭ ଉଠାଇବା ନିମିତ୍ତ କେତେକ ମିଥ୍ୟା କହିବାକୁ ପଡ଼େ । ଯଦି ସେ ସେପରି ନ କରେ, ତାହାହେଲେ ସେ ଲାଭ ଉଠାଇ ପାରିବ ନାହିଁ । ବେଳେବେଳେ ବ୍ୟବସାୟୀ ଏପରି କୁହେ, "ହେ ପ୍ରିୟ ଗ୍ରାହକ ! ମୋତେ ବିଶ୍ୱାସ କର । ତୁମଠାରୁ ମୁଁ କିଛି ଲାଭ ନେଉନାହିଁ ।" କିନ୍ତୁ ଏକଥା ଜାଣିରଖିବାକୁ ହେବ ଯେ ଲାଭ ନ ରଖି ବ୍ୟବସାୟୀ କଦାପି ବ୍ୟବସାୟ କରେନାହିଁ । ତେଣୁ ଯଦି କୌଣସି ବ୍ୟବସାୟୀ କହେ ଯେ ସେ ଲାଭ ନେଉନାହିଁ ବୋଲି, ତେବେ ତାହାକୁ ଏକ ସରଳ ମିଥ୍ୟା ବୋଲି ଗ୍ରହଣ କରିବାକୁ ପଡ଼ିବ । କିନ୍ତୁ ଏହା ବୋଲି ବ୍ୟବସାୟୀ ଏପରି ଭାବିବା ଉଚିତ୍ ନୁହେଁ ଯେ ସେ ଏପରି ଏକ ଧନ୍ଦା କରୁଛି, ଯେଉଁଥିରେ ତାକୁ ମିଥ୍ୟା କହିବାକୁ ପଡୁଛି; ତେଣୁ ସେ କାହିଁକି ଏପ୍ରକାର ଧନ୍ଦା କରିବ ଏବଂ ଏହାକୁ ଛାଡ଼ିଦେଇ ବ୍ରାହ୍ମଣ କର୍ମ

କରିବା ଉଚିତ୍ - ଏହା ଉଚିତ୍ ନୁହେଁ । ବ୍ୟକ୍ତି ଯାହାହେଉନା କାହିଁକି, ସେ କ୍ଷତ୍ରିୟ ହେଉ ବା ବୈଶ୍ୟ ହେଉ ବା ଶୂଦ୍ର ହେଉ କିଛି ଯାଏଆସେ ନାହିଁ । ଯଦି ସେ ନିଜ କର୍ମ ଜରିଆରେ ଭଗବାନଙ୍କର ସେବା କରୁଥାଏ, ତାହାହେଲେ ସବୁ ଠିକ୍ ଅଛି । ଏପରିକି ବ୍ରାହ୍ମଣମାନେ ମଧ୍ୟ ବିଭିନ୍ନପ୍ରକାର ଯଜ୍ଞ କର୍ମ କରନ୍ତି । ବେଳେବେଳେ ସେମାନଙ୍କୁ ଯଜ୍ଞରେ ପଶୁବଧ କରିବାକୁ ପଡ଼େ । ଠିକ୍ ସେହିପରି ଯଦି କ୍ଷତ୍ରିୟ ସ୍ୱଧର୍ମାଚରଣ କରି ଶତ୍ରୁ ବଧକରେ, ତାହାହେଲେ ତଦ୍ୱାରା ପାପ ହୁଏ ନାହିଁ । ତୃତୀୟ ଅଧ୍ୟାୟରେ ଏସବୁ କଥା ପରିଷ୍କାରଭାବରେ ବୁଝାଇ ଦିଆଯାଇଅଛି । ପ୍ରତ୍ୟେକ ଯଜ୍ଞାର୍ଥେ କର୍ମକରିବା ଉଚିତ୍, ଅର୍ଥାତ୍-ଯଜ୍ଞପୁରୁଷ ବିଷ୍ଣୁ ବା ପରମପୁରୁଷ ଭଗବାନଙ୍କ ପ୍ରୀତ୍ୟର୍ଥେ କର୍ମ କରିବା ଉଚିତ୍ । ବ୍ୟକ୍ତି ଯାହା ନିଜର ଇନ୍ଦ୍ରିୟ-ତୃପ୍ତି ନିମିତ୍ତ କରେ, ତାହା ତା'ର ବନ୍ଧନର କାରଣ ଅଟେ । ଅତଏବ ସିଦ୍ଧାନ୍ତ ଏହା ହେଲା ଯେ ପ୍ରତ୍ୟେକେ ନିଜ ନିଜର ପ୍ରକୃତି ଅନୁଯାୟୀ (ଅର୍ଥାତ୍ ଭୌତିକ ପ୍ରକୃତିର ଗୁଣାବସ୍ଥାନ ଅନୁଯାୟୀ) କର୍ମ କରିବା ଉଚିତ୍ ଏବଂ ବ୍ୟକ୍ତି ଏହା ସ୍ଥିରନିଶ୍ଚିତ କରିନେବା ଉଚିତ୍ ଯେ ସେ ପରମେଶ୍ୱରଙ୍କ ପରମ ଇଚ୍ଛାନୁଯାୟୀ ସେବାରେ (ଅର୍ଥାତ୍ କର୍ମରେ) ନିଯୁକ୍ତ ହେବ; ଅର୍ଥାତ୍-ତାଙ୍କର ପରମ ଇଚ୍ଛାକୁ ହିଁ ପୂରଣ କରିବ ।

## ଶ୍ଳୋକ - ୪୮

**ସହଜଂ କର୍ମ କୌନ୍ତେୟ ସଦୋଷମପି ନ ତ୍ୟଜେତ୍ ।**
**ସର୍ବାରମ୍ଭା ହି ଦୋଷେଣ ଧୂମେନାଗ୍ନିରିବାବୃତାଃ ।। ୪୮ ।।**

## ଶବ୍ଦାନୁବାଦ

ସହଜମ୍=ଏକ ସଙ୍ଗରେ ଜାତ; କର୍ମ=କର୍ମ; କୌନ୍ତେୟ=ହେ କୁନ୍ତୀପୁତ୍ର; ସଦୋଷମ୍=ଦୋଷସହ; ଅପି=ଯଦିଓ; ନ ତ୍ୟଜେତ୍=ତ୍ୟାଗ କରିବାର ନୁହେଁ; ସର୍ବ-ଆରମ୍ଭାଃ=ସମସ୍ତ ପ୍ରଚେଷ୍ଟା; ହି=ନିଶ୍ଚିତଭାବେ; ଦୋଷେଣ=ଦୋଷ ସହ; ଧୂମେନ=ଧୂମ୍ର ସହ; ଅଗ୍ନିଃ=ଅଗ୍ନି; ଇବ=ଯେପରି; ଆବୃତାଃ=ଆଚ୍ଛାଦିତ ।

## ଅନୁବାଦ

**ଯେପରି ଅଗ୍ନି ଧୂମ୍ରରେ ଆଚ୍ଛାଦିତ ହୋଇଥାଏ, ସେହିପରି ପ୍ରତ୍ୟେକ ପ୍ରଚେଷ୍ଟା କିଛି ନା କିଛି ଦୋଷଦ୍ୱାରା ଆବୃତ ହୋଇଥାଏ । ତେଣୁ ବ୍ୟକ୍ତି ତା'ର ପ୍ରକୃତିଜାତ କର୍ମକୁ ତ୍ୟାଗ କରିବା ଉଚିତ୍ ନୁହେଁ । ହେ କୁନ୍ତୀ-ପୁତ୍ର ! ସେ କର୍ମ ଯେତେ ଦୋଷଯୁକ୍ତ ହେଲେ'ବି ତାହା ତ୍ୟାଜ୍ୟ ନୁହେଁ ।**

## ଭାବାର୍ଥ

ବଦ୍ଧ ଜୀବନରେ ସମସ୍ତ କର୍ମ ଭୌତିକ ଗୁଣଦ୍ୱାରା ଦୂଷିତ ହୋଇଥାଏ । ଏପରିକି କୌଣସି ବ୍ୟକ୍ତି ବ୍ରାହ୍ମଣ ହୋଇଥିଲେ ସୁଦ୍ଧା, ତାକୁ ସେ ଯଜ୍ଞ କରିବାକୁ ପଡ଼ିବ, ଯେଉଁଥିରେ ପଶୁବଧ ଦରକାର । ଠିକ୍ ସେହିପରି, ଜଣେ କ୍ଷତ୍ରିୟ ଯେତେ ପୂଣ୍ୟକର୍ମା ହେଲେ ସୁଦ୍ଧା, ତାକୁ ଶତ୍ରୁସହ ଯୁଦ୍ଧ କରିବାକୁ ପଡ଼ିବ । ସେ ଏହାକୁ ତ୍ୟାଗ କରିପାରିବ ନାହିଁ । ଠିକ୍ ସେହିପରି, ଏକ ବଣିକ (ବା ବ୍ୟବସାୟୀ), ଯେତେ ପୂଣ୍ୟକର୍ମା ହେଲେ'ବି ତାକୁ ବେଳେବେଳେ ବ୍ୟବସାୟ ଚଳାଇବା ନିମିତ୍ତ ତା'ର ଲାଭକୁ ପ୍ରକାଶ ନକରି ଲୁଚାଇବାକୁ ପଡ଼ିବ କିମ୍ବା ତାକୁ ବେଳେବେଳେ

ବ୍ୟବସାୟରେ କଳାବଜାର କରିବାକୁ ପଡ଼ିବ । ଏ ସବୁ ଦରକାର, କେହି ଏହାକୁ ତ୍ୟାଗ କରିପାରିବେ ନାହିଁ । ଠିକ୍ ସେହିପରି, ଯଦି କୌଣସି ବ୍ୟକ୍ତି ଶୂଦ୍ର ହୋଇଥାଏ ଏବଂ ଏକ ଦୁଷ୍ଟ ପ୍ରଭୁର ସେବା କରିବାରେ ନିଯୁକ୍ତ ହୋଇଥାଏ, ତଥାପି ତାକୁ ତା'ର ଆଦେଶ ମାନିବାକୁ ହେବ, ଯଦିଓ ତାହା କରଣୀୟ ନୁହେଁ । ଏ ସବୁ ଦୋଷସତ୍ତ୍ୱେ ବ୍ୟକ୍ତିକୁ ତା'ର ନିର୍ଦ୍ଦିଷ୍ଟ କର୍ମରେ ନିଯୁକ୍ତ ରହିବାକୁ ପଡ଼ିବ, କାରଣ ଏଗୁଡ଼ିକ ତା'ର ପ୍ରକୃତିଜାତ ଅଟେ ।

ଏକ ସୁନ୍ଦର ଉଦାହରଣ ଏଠାରେ ଦିଆଯାଇଅଛି । ଯଦିଓ ଅଗ୍ନି ହେଉଛି ବିଶୁଦ୍ଧ, ତଥାପି ସେଥିରେ ଧୂଆଁ ଥାଏ, କିନ୍ତୁ ଧୂମ୍ର ଅଗ୍ନିକୁ ଦୂଷିତ କରେନାହିଁ । ଅଗ୍ନିରେ ଧୂମ୍ର ଥିଲେ ସୁଦ୍ଧା ଅଗ୍ନି ବିଶୁଦ୍ଧତମ ବସ୍ତୁରୂପେ ଗୃହୀତ ହୁଏ । ଯଦି କୌଣସି ବ୍ୟକ୍ତି କ୍ଷତ୍ରିୟ କର୍ମ ତ୍ୟାଗକରି ବ୍ରାହ୍ମଣ କର୍ମ କରିବାକୁ ଇଚ୍ଛାକରେ, ତେବେ ତାକୁ ଏହା ନିଶ୍ଚିତରୂପେ କୁହାଯାଇ ପାରିବନାହିଁ ଯେ, ତାକୁ ବ୍ରାହ୍ମଣ-କର୍ମରେ କୌଣସି ଅପ୍ରୀତିକର କର୍ମ କରିବାକୁ ପଡ଼ିବ ନାହିଁ ବୋଲି । ତାହାହେଲେ ଏହି ସିଦ୍ଧାନ୍ତ ବର୍ତ୍ତମାନ ଗ୍ରହଣ କରାଯାଇପାରେ ଯେ ଭୌତିକ ଦୁନିଆରେ କେହି ସଂପୂର୍ଣ୍ଣରୂପେ ଭୌତିକ ଦୋଷରୁ ମୁକ୍ତହୋଇ ନପାରନ୍ତି । ଏ ସଂପର୍କରେ ଅଗ୍ନି ଓ ଧୂମ୍ରର ଉଦାହରଣ ଯଥୋପଯୁକ୍ତ ଅଟେ । ଶୀତଦିନେ ଯେତେବେଳେ କୌଣସି ବ୍ୟକ୍ତି ନିଆଁରୁ ପଥରଟିଏ ବାହାର କରୁଥାଏ, ସେତେବେଳେ ତା'ର ଆଖିରେ ଧୂଆଁ ପଶିଯାଇ ଏବଂ ଶରୀରର ଅନ୍ୟ ଅଙ୍ଗପ୍ରତ୍ୟଙ୍ଗରେ ନିଆଁ ଲାଗିଯାଇ ସେ କଷ୍ଟ ପାଇପାରେ, ତଥାପି ତାକୁ ଏସବୁ ସତ୍ତ୍ୱେ, ଅଗ୍ନି ପ୍ରସ୍ତୁତ କରିବାକୁ ପଡ଼ିବ । ଠିକ୍ ସେହିପରି, ଯେତେ ଦୋଷଥିଲେ ସୁଦ୍ଧା ବ୍ୟକ୍ତିକୁ ତା'ର ସ୍ୱଭାବଜାତ କର୍ମ ତ୍ୟାଗ କରିବାକୁ ପଡ଼ିବ ନାହିଁ ବରଂ ବ୍ୟକ୍ତି ନିଜର ସ୍ୱଧର୍ମ ବା ସ୍ୱଭାବଜାତ କର୍ମରେ ସ୍ଥିର ରହି କୃଷ୍ଣଚେତନାରେ ପରମେଶ୍ୱରଙ୍କର ସେବା କରିବାକୁ ଦୃଢ଼ ପ୍ରତିଜ୍ଞ ହେବା ଉଚିତ୍ । ଏହା ହେଉଛି ସିଦ୍ଧିମାର୍ଗ । ଯେତେବେଳେ କୌଣସି କର୍ମ ଭଗବାନଙ୍କ ପ୍ରୀତ୍ୟର୍ଥେ ବା ସନ୍ତୋଷବିଧାନ ନିମିତ୍ତ କରାଯାଏ, ସେତେବେଳେ ସେ କର୍ମରେ ଯେତେ ଦୋଷଥିଲେ ସୁଦ୍ଧା ତାହା ବିଶୁଦ୍ଧ ଅଟେ । ଯେତେବେଳେ ଭଗବଦ୍ ସେବା ଉଦ୍ଦେଶ୍ୟରେ କରାଯାଏ ଏବଂ ତା'ର ଫଳ ବିଶୁଦ୍ଧ ହୋଇଯାଏ, ସେତେବେଳେ ବ୍ୟକ୍ତି ଆତ୍ମଦର୍ଶନ ଲାଭ କରେ ବା ଆତ୍ମଦର୍ଶନ ଲାଭ କରିବାକୁ ଉପଯୁକ୍ତ ହୋଇଯାଏ ଏବଂ ତାହା ହିଁ ଆତ୍ମାନୁଭୂତି ଲାଭ ଅଟେ ।

## ଶ୍ଳୋକ - ୪୯

**ଅସକ୍ତବୁଦ୍ଧିଃ ସର୍ବତ୍ର ଜିତାତ୍ମା ବିଗତସ୍ପୃହଃ ।**
**ନୈଷ୍କର୍ମ୍ୟସିଦ୍ଧିଂ ପରମାଂ ସନ୍ନ୍ୟାସେନାଧିଗଚ୍ଛତି ।।୪୯।।**

## ଶବ୍ଦାନୁବାଦ

ଅସକ୍ତ-ବୁଦ୍ଧିଃ=ଅନାସକ୍ତ ବୁଦ୍ଧି; ସର୍ବତ୍ର=ସବୁଠାରେ; ଜିତ-ଆତ୍ମା=ମନ ସଂଯମ; ବିଗତ-ସ୍ପୃହଃ=ଭୌତିକ କାମନାରହିତ; ନୈଷ୍କର୍ମ୍ୟ-ସିଦ୍ଧିମ୍=କାମନା ରହିତ ସିଦ୍ଧି; ପରମାମ୍=ପରମ; ସନ୍ନ୍ୟାସେନ=ସନ୍ନ୍ୟାସାଶ୍ରମ ଦ୍ୱାରା; ଅଧିଗଚ୍ଛତି=ପ୍ରାପ୍ତ ହୁଏ ।

## ଅନୁବାଦ

**ବ୍ୟକ୍ତି କେବଳ ଆତ୍ମ-ସଂଯମ ଦ୍ୱାରା ଏବଂ ଭୌତିକ ପଦାର୍ଥ ଓ ସୁଖସଂପଦ ପ୍ରତି ଅନାସକ୍ତ ହେବାଦ୍ୱାରା ସଂନ୍ୟାସର ଫଳ ଲାଭ କରିପାରେ । ଏହା ସନ୍ନ୍ୟାସର ଚରମ ସିଦ୍ଧି ଅଟେ ।**

## ଭାବାର୍ଥ

ପ୍ରକୃତ ସନ୍ନ୍ୟାସ କହିଲେ କ'ଣ ବୁଝାଯାଏ ? ବ୍ୟକ୍ତି ସର୍ବଦା ନିଜକୁ ପରମେଶ୍ୱରଙ୍କର ଅଂଶବିଶେଷ ବୋଲି ଭାବିବା ଉଚିତ୍ । ଏହାହିଁ ହେଉଛି ପ୍ରକୃତ ସନ୍ନ୍ୟାସ । ତେଣୁ କର୍ମଫଳ ଉପଭୋଗ କରିବାର ତା'ର କୌଣସି ଅଧିକାର ନାହିଁ, ଯେଣୁ ସେ ପରମେଶ୍ୱରଙ୍କର ଅଂଶବିଶେଷ ଅଟେ । ଅତଏବ କର୍ମଫଳ ନିଶ୍ଚୟ ପରମେଶ୍ୱର ହିଁ ଉପଭୋଗ କରିବେ । ଏହାହିଁ ହେଉଛି ବାସ୍ତବ କୃଷ୍ଣଚେତନା । ଯେଉଁ ବ୍ୟକ୍ତି କୃଷ୍ଣଚେତନାରେ କର୍ମ କରୁଥାଏ, ବାସ୍ତବରେ ସେ ହିଁ ଏକ ସନ୍ନ୍ୟାସୀ ଅଟେ । ଏ ପ୍ରକାର ମନୋବୃତ୍ତି ପୋଷଣ ଦ୍ୱାରା ବ୍ୟକ୍ତି ସନ୍ତୋଷ ଲାଭ କରେ, କାରଣ ସେ ବାସ୍ତବରେ ପରମେଶ୍ୱରଙ୍କ ପାଇଁ ହିଁ କର୍ମ କରୁଛି । ଏହି ପ୍ରକାରେ ସେ କୌଣସି ଭୌତିକ ବିଷୟବସ୍ତୁ ପ୍ରତି ଆସକ୍ତ ହୁଏନାହିଁ । ଭଗବାନଙ୍କ ସେବାରେ ଯେଉଁ ଦିବ୍ୟ ଆନନ୍ଦ ମିଳେ ସେହି ଆନନ୍ଦ ପାଇବା ପାଇଁ ସେ ସର୍ବଦା ଲାଳାୟିତ ହେଉଥାଏ; ଅନ୍ୟ ଆନନ୍ଦ ପାଇବାକୁ ସେ ଇଚ୍ଛା କରେନାହିଁ । ସନ୍ନ୍ୟାସୀ ତା'ର ଗତକର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇଥାଏ, କିନ୍ତୁ ଯେଉଁବ୍ୟକ୍ତି କୃଷ୍ଣଚେତନଶୀଳ (ଅର୍ଥାତ୍-କୃଷ୍ଣଚେତନାରେ ବରାବର କର୍ମରତ ଥାଏ) ସେ ତଥାକଥିତ ସନ୍ନ୍ୟାସ ଦୀକ୍ଷା ନ ନେଇ ସ୍ୱତଃ ଏ ସିଦ୍ଧିଲାଭ କରିପାରେ । ଏ ପ୍ରକାର ମାନସିକ ଅବସ୍ଥାକୁ 'ଯୋଗାରୂଢ଼' ଅବସ୍ଥା, ଅର୍ଥାତ୍-ଯୋଗର ଅନ୍ତିମ ଅବସ୍ଥା ବୋଲି କୁହାଯାଏ । ତୃତୀୟ ଅଧ୍ୟାୟରେ କୁହାଯାଇଅଛି, *"ଯସ୍ତ୍ୱାତ୍ମ-ରତିର୍ ଏବ ସ୍ୟାତ୍"* । ଯେଉଁବ୍ୟକ୍ତି ଆତ୍ମରତି ଲାଭ କରିଛି, ତା'ର କର୍ମର ପ୍ରତିକ୍ରିୟା ପ୍ରତି ଭୟ କରିବାର ଆଉକିଛି ନାହିଁ ।

## ଶ୍ଳୋକ - ୫୦

**ସିଦ୍ଧିଂ ପ୍ରାପ୍ତୋ ଯଥା ବ୍ରହ୍ମ ତଥାପ୍ନୋତି ନିବୋଧ ମେ ।**
**ସମାସେନୈବ କୌନ୍ତେୟ ନିଷ୍ଠା ଜ୍ଞାନସ୍ୟ ଯା ପରା ।।୫୦।।**

## ଶବ୍ଦାନୁବାଦ

ସିଦ୍ଧିମ୍=ସିଦ୍ଧି (ପରିପୂର୍ଣ୍ଣତା); ପ୍ରାପ୍ତଃ=ପ୍ରାପ୍ତ ହୋଇ; ଯଥା=ଯେପରି; ବ୍ରହ୍ମ=ବ୍ରହ୍ମ; ତଥା=ସେହିପରି; ଆପ୍ନୋତି=ପ୍ରାପ୍ତହୁଏ; ନିବୋଧ=ବୁଝିବାକୁ ଚେଷ୍ଟାକର; ମେ=ମୋ'ଠାରୁ; ସମାସେନ=ସଂକ୍ଷେପରେ; ଏବ=ନିଶ୍ଚିତଭାବେ; କୌନ୍ତେୟ=ହେ କୁନ୍ତୀପୁତ୍ର; ନିଷ୍ଠା=ଐକାନ୍ତିକ ଭାବ; ଜ୍ଞାନସ୍ୟ=ଜ୍ଞାନର; ଯା=ଯାହା; ପରା=ଦିବ୍ୟ ।

## ଅନୁବାଦ

**ହେ କୁନ୍ତୀପୁତ୍ର ! ବ୍ୟକ୍ତି କିପରି ଚରମସିଦ୍ଧି-ଅବସ୍ଥା, ବ୍ରହ୍ମଭୂତ-ଅବସ୍ଥା ଲାଭ କରିପାରେ, ତାହା ମୁଁ ବର୍ତ୍ତମାନ ସଂକ୍ଷେପରେ ବର୍ଣ୍ଣନା କରିବି; ତାହା ତୁମେ ମୋ'ଠାରୁ ଶୁଣ ।**

## ଭାବାର୍ଥ

ଭଗବାନ୍ ଅର୍ଜୁନଙ୍କ ପାଇଁ ଚରମସିଦ୍ଧି ଅବସ୍ଥା ପ୍ରାପ୍ତ ହେବା କଥା ବର୍ଣ୍ଣନା କରୁଛନ୍ତି । ବ୍ୟକ୍ତି କିପରି କେବଳ ସ୍ୱକର୍ମକୁ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରୀତ୍ୟର୍ଥେ ସଂପାଦନ କଲେ ପରମସିଦ୍ଧି ପ୍ରାପ୍ତ ହୋଇ ପାରିବ- ସେହିକଥା ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି । ବ୍ୟକ୍ତି କେବଳ ପରମେଶ୍ୱରଙ୍କ ପ୍ରୀତ୍ୟର୍ଥେ ନିଜର କର୍ମଫଳ ତ୍ୟାଗ କଲେ ବ୍ରହ୍ମଭୂତ ଅବସ୍ଥା

ଲାଭ କରିପାରେ । ଏହା ହେଉଛି ଆତ୍ମାନୁଭୂତି ଲାଭ କରିବାର ପନ୍ଥା । ବିଶୁଦ୍ଧ କୃଷ୍ଣଚେତନା ଲାଭରେ ହିଁ ଜ୍ଞାନର ଅନ୍ତିମ ସ୍ଥିତି ଲାଭ କରାଯାଏ । ତାହା ନିମ୍ନ ଶ୍ଳୋକମାନଙ୍କରେ ବର୍ଣ୍ଣନା କରାଯାଉଅଛି ।

## ଶ୍ଳୋକ-୫୧-୫୩

**ବୁଦ୍ଧ୍ୟା ବିଶୁଦ୍ଧୟା ଯୁକ୍ତୋ ଧୃତ୍ୟାତ୍ମାନଂ ନିୟମ୍ୟ ଚ ।**
**ଶବ୍ଦାଦୀନ୍ ବିଷୟାଂସ୍ତ୍ୟକ୍ତ୍ୱା ରାଗଦ୍ୱେଷୌ ବ୍ୟୁଦସ୍ୟ ଚ ।।୫୧।।**
**ବିବିକ୍ତସେବୀ ଲଘ୍ୱାଶୀ ଯତବାକ୍କାୟମାନସଃ ।**
**ଧ୍ୟାନଯୋଗପରୋ ନିତ୍ୟଂ ବୈରାଗ୍ୟଂ ସମୁପାଶ୍ରିତଃ ।।୫୨।।**
**ଅହଙ୍କାରଂ ବଳଂ ଦର୍ପଂ କାମଂ କ୍ରୋଧଂ ପରିଗ୍ରହମ୍ ।**
**ବିମୁଚ୍ୟ ନିର୍ମମଃ ଶାନ୍ତୋ ବ୍ରହ୍ମଭୂୟାୟ କଳ୍ପତେ ।।୫୩।।**

## ଶବ୍ଦାନୁବାଦ

ବୁଦ୍ଧ୍ୟା=ବୁଦ୍ଧିଦ୍ୱାରା; ବିଶୁଦ୍ଧୟା=ପୂର୍ଣ୍ଣବିଶୁଦ୍ଧ; ଯୁକ୍ତଃ=ଯୁକ୍ତ; ଧୃତ୍ୟା=ଧୈର୍ଯ୍ୟ; ଆତ୍ମାନମ୍=ଆତ୍ମା; ନିୟମ୍ୟ=ସଂଯତ କରି; ଚ=ମଧ୍ୟ; ଶବ୍ଦାଦୀନ୍=ଇନ୍ଦ୍ରିୟ ଭୋଗ୍ୟ ବିଷୟବସ୍ତୁ, ଯଥା—ଶବ୍ଦ ଆଦି; ବିଷୟାନ୍=ଇନ୍ଦ୍ରିୟଭୋଗ୍ୟ ବିଷୟବସ୍ତୁ; ତ୍ୟକ୍ତ୍ୱା=ତ୍ୟାଗକରି; ରାଗ=ଆସକ୍ତି, ଅନୁରାଗ; ଦ୍ୱେଷୌ=ଘୃଣା; ବ୍ୟୁଦସ୍ୟ=ତ୍ୟାଗକରି; ଚ=ମଧ୍ୟ; ବିବିକ୍ତ-ସେବୀ=ଏକାନ୍ତ ସ୍ଥାନରେ ବାସକରି; ଲଘୁ-ଆଶୀ=ଅଳ୍ପ ଆହାର କରି; ଯତ୍-ବାକ୍=ବାକ୍ ଇନ୍ଦ୍ରିୟ ସଂଯମ; କାୟ=ଶରୀର; ମାନସଃ=ମନ ସଂଯମ; ଧ୍ୟାନ-ଯୋଗ-ପରଃ=ସର୍ବଦା ଧ୍ୟାନସ୍ଥ; ନିତ୍ୟମ୍=ଦିନରାତି ଚବିଶ ଘଣ୍ଟା; ବୈରାଗ୍ୟମ୍=ବୈରାଗ୍ୟ;ସମୁପାଶ୍ରିତଃ=ଆଶ୍ରୟ କରି; ଅହଙ୍କାରମ୍=ଅହଙ୍କାର; ବଳମ୍=ମିଥ୍ୟାବଳ; ଦର୍ପମ୍=ମିଥ୍ୟାଗର୍ବ;କାମମ୍=କାମପିପାସା; କ୍ରୋଧମ୍=କ୍ରୋଧ; ପରିଗ୍ରହମ୍=ଭୌତିକ ପଦାର୍ଥ ଗ୍ରହଣ; ବିମୁଚ୍ୟ=ତ୍ୟାଗକରି; ନିର୍ମମଃ=ଅଧିକାରିତ୍ୱ ରହିତ (ସତ୍ତ୍ୱାଧିକାର ରହିତ); ଶାନ୍ତଃ=ଶାନ୍ତ; ବ୍ରହ୍ମ-ଭୂୟାୟ=ବ୍ରହ୍ମଜ୍ଞ ହେବାନିମିତ୍ତ; କଳ୍ପତେ=ବୁଝାଯାଏ ।

## ଅନୁବାଦ

**ଯେଉଁ ବ୍ୟକ୍ତି ଶୁଦ୍ଧ ବୁଦ୍ଧିବଳରେ ନିଜକୁ ବିଶୁଦ୍ଧ କରି ପାରିଥାଏ ଏବଂ ଦୃଢ଼ ମନୋବଳ ସହ ମନସଂଯମ କରି, ଇନ୍ଦ୍ରିୟ ସୁଖଭୋଗ-ବିଷୟବସ୍ତୁ ତ୍ୟାଗକରି, ରାଗଦ୍ୱେଷରୁ ମୁକ୍ତ ହୋଇ ଏକାନ୍ତ ସ୍ଥାନରେ ବାସ କରୁଥାଏ, ଅଳ୍ପ ଆହାର କରୁଥାଏ, ଶରୀର ଓ ଜିହ୍ୱାକୁ ସଂଯତ କରି ପାରିଥାଏ, ସର୍ବଦା ଧ୍ୟାନସ୍ଥ ହୋଇଥାଏ, ଅନାସକ୍ତ ଭାବରେ ରହିଥାଏ, ଯେ ମିଥ୍ୟା ଅହଙ୍କାର, ଦର୍ପ, କାମ, କ୍ରୋଧ ଆଦିକୁ ତ୍ୟାଗ କରିଥାଏ ଏବଂ ଯେ କୌଣସି ପ୍ରକାରେ ଭୌତିକ ବିଷୟବସ୍ତୁକୁ ଗ୍ରହଣ କରେ ନାହିଁ, ସେ ପ୍ରକାର ବ୍ୟକ୍ତି ନିଶ୍ଚିତରୂପେ ବ୍ରହ୍ମଭୂତ ସ୍ତରକୁ ଉନ୍ନୀତ ହୁଏ ।**

## ଭାବାର୍ଥ

ଯେତେବେଳେ ବ୍ୟକ୍ତି ଜ୍ଞାନବଳରେ ବିଶୁଦ୍ଧ ହୋଇଯାଏ, ସେତେବେଳେ ସେ ସତ୍ତ୍ୱଗୁଣରେ ଅବସ୍ଥାନ କରେ । ଏହିପରି ବ୍ୟକ୍ତି ମନକୁ ସଂଯତ କରେ ଏବଂ ସର୍ବଦା ସମାଧିସ୍ଥ ହୋଇଥାଏ ।

ଯେଣୁ ସେ ଇନ୍ଦ୍ରିୟ ସୁଖଭୋଗରେ ଆସକ୍ତ ନଥାଏ କିମ୍ବା ଇନ୍ଦ୍ରିୟକୁ ସୁଖ ଦେବାପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁରେ ଆସକ୍ତ ହୋଇ ନଥାଏ, ତେଣୁ ସେ ଅଧିକ ଭୋଜନ କରେନାହିଁ; ଯେତିକି ସେ ଆବଶ୍ୟକ କରେ, ତା'ଠାରୁ ସେ ଅଧିକ ଭୋଜନ କରେନାହିଁ ଏବଂ ସେ ତା'ର ଶରୀର ଓ ମନର କ୍ରିୟାକଳାପକୁ ନିୟନ୍ତ୍ରଣ କରେ, ତା'ର ମିଥ୍ୟାହଙ୍କାର ନଥାଏ, କାରଣ ସେ ଶରୀରକୁ ଆତ୍ମା ବୋଲି ଗ୍ରହଣ କରେ ନାହିଁ କିମ୍ବା ବିଶେଷ ଭୌତିକ ପଦାର୍ଥ ଗ୍ରହଣକରି ଶରୀରକୁ ପୃଥୁଳ ଏବଂ ସୁସ୍ଥ ସବଳ କରିବାର କାମନା ତା'ର ନଥାଏ । ତା'ର ଶାରୀରିକ ଧାରଣାଜନିତ ଜୀବନ ହୋଇ ନଥିବାରୁ ସେ ମିଥ୍ୟା ଗର୍ବ ପ୍ରକାଶ କରେନାହିଁ । ଭଗବାନଙ୍କ କୃପାରୁ ତାକୁ ଯାହା ମିଳିଲା ସେଥିରେ ସେ ସନ୍ତୁଷ୍ଟ ରହେ ଏବଂ ଇନ୍ଦ୍ରିୟ-ସୁଖଭୋଗ ନ ମିଳିଲେ ସେ କଦାପି ରାଗିଯାଏ ନାହିଁ, କିମ୍ବା ଇନ୍ଦ୍ରିୟ-ଭୋଗ୍ୟବସ୍ତୁ ପ୍ରାପ୍ତହେବା ନିମିତ୍ତ ସେ ବିଶେଷ ଚେଷ୍ଟା ମଧ୍ୟ କରେନାହିଁ । ଏହିପରି ସେ ଯେତେବେଳେ ପୂର୍ଣ୍ଣରୂପେ ମିଥ୍ୟାହଙ୍କାରରୁ ମୁକ୍ତ ହୋଇଯାଏ, ସେତେବେଳେ ତା'ର ସମସ୍ତ ଭୌତିକ ବାସନା ଦୂର ହୋଇଯାଏ - ତା'ର ଆଉ ଭୌତିକ ପଦାର୍ଥମାନଙ୍କ ପ୍ରତି ଆସକ୍ତି ରହେନାହିଁ । (ଅର୍ଥାତ୍ ସେ ଅନାସକ୍ତ ହୋଇ ଯାଏ) ଏବଂ ତାହା ହିଁ ହେଉଛି ବ୍ରହ୍ମାନୁଭୂତି ଲାଭର ସ୍ତର । ସେ ସ୍ତରକୁ 'ବ୍ରହ୍ମଭୂତ' ସ୍ତର କୁହାଯାଏ । ଯେତେବେଳେ ବ୍ୟକ୍ତି ଭୌତିକ ଜୀବନ-ଧାରଣାରୁ ମୁକ୍ତ ହୋଇଯାଏ, ସେତେବେଳେ ସେ ଶାନ୍ତ ହୋଇଯାଏ ଏବଂ ଆଉ ବ୍ୟସ୍ତ ବିବ୍ରତ ହୋଇପଡ଼େ ନାହିଁ ।

## ଶ୍ଲୋକ - ୫୪

**ବ୍ରହ୍ମଭୂତଃ ପ୍ରସନ୍ନାତ୍ମା ନ ଶୋଚତି ନ କାଙ୍‌କ୍ଷତି ।**
**ସମଃ ସର୍ବେଷୁ ଭୂତେଷୁ ମଦ୍‌ଭକ୍ତିଂ ଲଭତେ ପରାମ୍ ।।୫୪।।**

## ଶବ୍ଦାନୁବାଦ

ବ୍ରହ୍ମ-ଭୂତଃ=ବ୍ରହ୍ମଙ୍କ ସହିତ ଏକହେବା; ପ୍ରସନ୍ନ-ଆତ୍ମା=ସଂପୂର୍ଣ୍ଣ ପ୍ରସନ୍ନ; ନ ଶୋଚତି=କେବେ ଦୁଃଖୀକରେ ନାହିଁ; ନ କାଙ୍‌କ୍ଷତି=କିଛି ଆଶାକରେ ନାହିଁ; ସମଃ=ସମଭାବାପନ୍ନ; ସର୍ବେଷୁ=ସମସ୍ତ; ଭୂତେଷୁ=ଜୀବଗଣଙ୍କଠାରେ; ମତ୍-ଭକ୍ତିମ୍=ମୋରଭକ୍ତି; ଲଭତେ=ଲାଭକରେ; ପରାମ୍=ପରମ ବା ଦିବ୍ୟ ।

## ଅନୁବାଦ

**ଯେ ଏହି ପ୍ରକାରେ ଦିବ୍ୟସ୍ତରରେ ଅବସ୍ଥାନ କରେ, ସେ ସାଙ୍ଗେସାଙ୍ଗେ ପରଂବ୍ରହ୍ମଙ୍କୁ ଜାଣିପାରେ । ସେ କୌଣସି ପ୍ରକାରେ ଦୁଃଖ ପ୍ରକାଶ କରେନାହିଁ କିମ୍ବା କିଛି ପାଇବାକୁ ଇଚ୍ଛା କରେନାହିଁ । ସେ ସମସ୍ତ ଜୀବଙ୍କୁ ସମାନଭାବରେ ଦେଖେ, ସେ ଅବସ୍ଥାରେ ସେ ମୋର ଶୁଦ୍ଧଭକ୍ତି ଲାଭ କରେ ।**

## ଭାବାର୍ଥ

ମାୟାବାଦୀ ବା ନିର୍ବିଶେଷ ନିରାକାରବାଦୀ ପକ୍ଷରେ ବ୍ରହ୍ମଭୂତ ଅବସ୍ଥା ଲାଭ କରିବା-ବ୍ରହ୍ମଙ୍କ ସହିତ ଏକ ହେବା ଶେଷକଥା ଅଟେ । କିନ୍ତୁ ସାକାରବାଦୀ ବା ଶୁଦ୍ଧଭକ୍ତ ପକ୍ଷରେ ଆହୁରି ଅଗ୍ରଗତି କରି ଭଗବାନଙ୍କର ଦିବ୍ୟସେବାରେ ନିଯୁକ୍ତ ହେବାକୁ ପଡ଼ିବ । ଏହାର ଅର୍ଥ ହେଉଛି, ଯେ ଶୁଦ୍ଧ ଭକ୍ତିଯୋଗ ମାର୍ଗରେ ଭଗବାନଙ୍କର ସେବାରତ ହୋଇଛି, ସେ ମୁକ୍ତାବସ୍ଥା

ପ୍ରାପ୍ତ ହୋଇ ସାରିଛି, ତାହାକୁ ହିଁ ବ୍ରହ୍ମଭୂତ ଅବସ୍ଥା କୁହାଯାଏ, ଅର୍ଥାତ୍ - ବ୍ରହ୍ମଙ୍କ ସହ ଏକୀଭୂତ ଅବସ୍ଥା କୁହାଯାଏ । ପରମେଶ୍ୱରଙ୍କ ସହ ଏକୀଭୂତ ନ ହେଲେ କେହି ତାଙ୍କର ସେବା କରିପାରିବ ନାହିଁ ବା ସେବାରେ ନିଯୁକ୍ତ ହୋଇପାରିବ ନାହିଁ । ବ୍ରହ୍ମଭୂତ ଅବସ୍ଥାରେ ଅଥବା ବ୍ରହ୍ମଧାରଣାରେ ସେବ୍ୟ ଓ ସେବକ ମଧ୍ୟରେ କୌଣସି ବିଭେଦ ନଥାଏ, ତଥାପି ଉଚ୍ଚତର ଆଧ୍ୟାତ୍ମିକ ସ୍ତରରେ ପାର୍ଥକ୍ୟ ଅଛି ।

ଭୌତିକ ଜୀବନରେ ଯେତେବେଳେ ବ୍ୟକ୍ତି ଇନ୍ଦ୍ରିୟତୃପ୍ତି ନିମିତ୍ତ କାର୍ଯ୍ୟକରେ, ସେତେବେଳେ ସେ ଦୁଃଖପାଏ, କିନ୍ତୁ ଚିଦ୍‌ଜଗତରେ ଯେତେବେଳେ ବ୍ୟକ୍ତି ଶୁଦ୍ଧ ଭଗବଦ୍ ସେବାରେ ନିଯୁକ୍ତ ହୁଏ, ସେତେବେଳେ ସେ ଆଉ ଦୁଃଖ ପାଏନାହିଁ । କୃଷ୍ଣଚେତନାରେ ଥିବା ଭକ୍ତର କିଛି ଦୁଃଖ କରିବାର ନାହିଁ କିମ୍ବା ଅନ୍ୟକିଛି ଅଭିଳାଷ ନାହିଁ । ଯେଣୁ ଭଗବାନ୍ ହେଉଛନ୍ତି ପୂର୍ଣ୍ଣ, ତେଣୁ ଯେଉଁ ଜୀବ କୃଷ୍ଣଚେତନାରେ ଭଗବଦ୍ ସେବାରେ ନିଯୁକ୍ତ ହୋଇଛି ସେ ମଧ୍ୟ ସ୍ୱୟଂ ସଂପୂର୍ଣ୍ଣ ହୋଇଯାଏ । ସେ ଠିକ୍ ସମସ୍ତ ମଇଳାରୁ ବିଶୁଦ୍ଧ ହୋଇଥିବା ଏକ ନଦୀ ସଦୃଶ । ଏକ ଶୁଦ୍ଧଭକ୍ତର କୃଷ୍ଣଚିନ୍ତା ଛଡ଼ା ଅନ୍ୟ କିଛି ଚିନ୍ତା ନ ଥିବାରୁ ସ୍ୱଭାବତଃ ସେ ସର୍ବଦା ହର୍ଷୋତ୍‌ଫୁଲ୍ଲ ହୋଇଥାଏ । କୌଣସି ଭୌତିକ ଲାଭକ୍ଷତିରେ ସେ ଦୁଃଖ ପ୍ରକାଶ କରେନାହିଁ; କାରଣ ସେ ଭଗବଦ୍ ସେବାରେ ସ୍ୱୟଂ ସଂପୂର୍ଣ୍ଣ ଥାଏ । ତା'ର ଭୌତିକ ସୁଖଭୋଗର କାମନା ନଥାଏ; କାରଣ ସେ ଜାଣିଥାଏ ଯେ ପ୍ରତ୍ୟେକ ଜୀବ ପରମେଶ୍ୱରଙ୍କର ଅଂଶବିଶେଷ ଅଟେ ଏବଂ ସେଇଥିପାଇଁ ସେ ପ୍ରଭୁଙ୍କର ନିତ୍ୟ ସେବକ ଅଟେ । ଏ ଭୌତିକ ବ୍ରହ୍ମାଣ୍ଡରେ କିଏ ଉଚ୍ଚ, କିଏ ନୀଚ-ଏ ସବୁ କିଛି ସେ ଦେଖିପାରେ ନାହିଁ । ଏ ଉଚ୍ଚ-ନୀଚ ଅବସ୍ଥାନ ଅସ୍ଥାୟୀ ଅଟେ ଏବଂ ଏ ଅସ୍ଥାୟୀ ପ୍ରକାଶ କିମ୍ବା ଅପ୍ରକାଶରେ ଭକ୍ତର କିଛି ଯାଏ ଆସେ ନାହିଁ । ତା' ପକ୍ଷରେ ପ୍ରସ୍ତର, ସ୍ୱର୍ଣ୍ଣ ସମଭାବରେ ମୂଲ୍ୟବାନ୍ ଅଟେ । ଏହା ହେଉଛି ବ୍ରହ୍ମଭୂତ ଅବସ୍ଥା ଏବଂ ଏକ ଶୁଦ୍ଧଭକ୍ତ ପକ୍ଷରେ ଏ ଅବସ୍ଥା ଅତି ସହଜରେ ପ୍ରାପ୍ତ ହୁଏ । ସେ ସ୍ତରରେ ନିଜର ବ୍ୟକ୍ତିତ୍ୱକୁ ବିନାଶକରି ପରମବ୍ରହ୍ମଙ୍କସହ ଏକହେବା ଧାରଣା ନର୍କାନୁଗାମୀ ଧାରଣା ହୋଇଯାଏ ଏବଂ ସ୍ୱର୍ଗପ୍ରାପ୍ତି ହେବାର ଧାରଣା ଛାୟାଚିତ୍ର ଭଳି ଅବାସ୍ତବ ହୋଉ ଉଠେ ଏବଂ ଇନ୍ଦ୍ରିୟଗଣ ଦାନ୍ତଭଙ୍ଗା ସର୍ପଭଳି ହୋଇଯା'ନ୍ତି । ଯେଉଁ ସର୍ପର ଦାନ୍ତ ଭାଙ୍ଗି ଦିଆଯାଇଛି, ଯେପରି ତାକୁ ଆଉ ଭୟ କରିବାର କିଛି ନଥାଏ, ଠିକ୍ ସେହିପରି ଇନ୍ଦ୍ରିୟଗୁଡ଼ିକ ସ୍ୱତଃ ସଂଯତ ହୋଇଗଲାପରେ ଆଉକିଛି ଭୟ କରିବାର ନଥାଏ । ଯେଉଁ ବ୍ୟକ୍ତିଗଣ ଭୌତିକ ଦୋଷଦୁଷ୍ଟ ହୋଇଛନ୍ତି, ସେମାନଙ୍କ ପକ୍ଷରେ ଏ ପୃଥିବୀ ଦୁଃଖପୂର୍ଣ୍ଣ ଅଟେ, କିନ୍ତୁ ଏ ଭକ୍ତ ପକ୍ଷରେ ଏ ପୃଥିବୀ ବୈକୁଣ୍ଠ ସଦୃଶ ଅଟେ କିମ୍ବା ପରବ୍ୟୋମ ସଦୃଶ ଅଟେ । ଏ ଭୌତିକ ବ୍ରହ୍ମାଣ୍ଡରେ ଥିବା ସର୍ବୋଚ୍ଚ ବ୍ୟକ୍ତି ଏକ ଭକ୍ତପକ୍ଷରେ ଏକ ପିପୀଲିକା ସଦୃଶ ଅଟେ । ଶ୍ରୀଚୈତନ୍ୟ ମହାପ୍ରଭୁ ଏ ଯୁଗରେ ଶୁଦ୍ଧ ଭକ୍ତିଯୋଗ ପ୍ରଚାର କରିଦେଇଗଲେ କେବଳ ତାଙ୍କର କୃପାହେଲେ ଏ ପ୍ରକାର ସ୍ତର ପ୍ରାପ୍ତ ହୋଇପାରେ, ଅନ୍ୟଥା ନୁହେଁ ।

## ଶ୍ଳୋକ - ୫୫

**ଭକ୍ତ୍ୟା ମାମଭିଜାନାତି ଯାବାନ୍ ଯଶ୍ଚାସ୍ମି ତତ୍ତ୍ୱତଃ ।**
**ତତୋ ମାଂ ତତ୍ତ୍ୱତୋ ଜ୍ଞାତ୍ୱା ବିଶତେ ତଦନନ୍ତରମ୍ ॥୫୫॥**

## ଶବ୍ଦାନୁବାଦ

ଭକ୍ତ୍ୟା=ବିଶୁଦ୍ଧ ଭକ୍ତିଯୋଗରେ; ମାମ୍=ମୋତେ; ଅଭିଜାନାତି=ବ୍ୟକ୍ତି ଜାଣି ପାରେ; ଯାବାନ୍=ଯେତେଦୂର; ଯଃ ଚ ଅସ୍ମି=ମୁଁ ଯେପରି; ତତ୍ତ୍ୱତଃ=ଯଥାର୍ଥ ଭାବରେ; ତତଃ=ତତ୍ପରେ; ମାମ୍=ମୋତେ; ତତ୍ତ୍ୱତଃ=ଯଥାର୍ଥଭାବରେ; ଜ୍ଞାତ୍ୱା=ଜାଣି; ବିଶତେ=ପ୍ରବେଶ କରେ; ତତ୍=ତତ୍ପରେ; ଅନନ୍ତରମ୍=ଏହାପରେ ।

## ଅନୁବାଦ

**କେବଳ ଭକ୍ତିଯୋଗରେ ହିଁ ବ୍ୟକ୍ତି ପରମପୁରୁଷ ଭଗବାନଙ୍କୁ ସ୍ୱରୂପତଃ ଜାଣିପାରେ ଏବଂ ଯେତେବେଳେ ସେ ଏ ପ୍ରକାର ଭକ୍ତିରେ ପୂର୍ଣ୍ଣ ଭଗବତ୍ ଚେତନାରେ ଅବସ୍ଥାନ କରେ, ସେତେବେଳେ ସେ ଭଗବାନଙ୍କ ରାଜ୍ୟରେ ପ୍ରବେଶ କରିପାରେ ।**

## ଭାବାର୍ଥ

ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ଏବଂ ତାଙ୍କର ସ୍ୱାଂଶଗଣ ମାନସିକ ଚିନ୍ତନଦ୍ୱାରା ଜଣାଯା'ନ୍ତି ନାହିଁ କିମ୍ବା ଅଭକ୍ତମାନେ ସେମାନଙ୍କୁ ଜାଣିପାରନ୍ତି ନାହିଁ । ଯଦି କୌଣସି ବ୍ୟକ୍ତି ପରମପୁରୁଷ ଭଗବାନଙ୍କୁ ଜାଣିବାକୁ ଇଚ୍ଛାକରେ, ତେବେ ତାକୁ ଏକ ଉପଯୁକ୍ତ ଗୁରୁ (ଅର୍ଥାତ୍ ଜଣେ ଶୁଦ୍ଧଭକ୍ତ)ଙ୍କ ଅଧୀନରେ ରହି ଭକ୍ତିଯୋଗ ଅଭ୍ୟାସ କରିବାକୁ ପଡ଼ିବ । ଅନ୍ୟଥା ଭଗବାନଙ୍କ ରହସ୍ୟ (ବା ତତ୍ତ୍ୱ) ସର୍ବଦା ଆଚ୍ଛାଦିତ ହୋଇ ରହିବ । ଏକଥା ପୂର୍ବରୁ କୁହାଯାଇଛି *(ନାହଂ ପ୍ରକାଶଃ)* ଯେ ସେ ପ୍ରତ୍ୟେକଙ୍କଠାରେ ପ୍ରକାଶିତ ହୁଅନ୍ତି ନାହିଁ । କେବଳ ଶାସ୍ତ୍ରଗତ ଜ୍ଞାନ ବା ପାଣ୍ଡିତ୍ୟ କିମ୍ବା ମାନସିକ ଚିନ୍ତନ ସାହାଯ୍ୟରେ ବ୍ୟକ୍ତି ଭଗବାନଙ୍କୁ ବୁଝିପାରିବ ନାହିଁ । (କେହି ଏପରିଭାବରେ ଭଗବାନଙ୍କୁ ବୁଝି ପାରିବେ ନାହିଁ), କେବଳ ଯେଉଁ ବ୍ୟକ୍ତି ପ୍ରକୃତରେ କୃଷ୍ଣଚେତନାରେ ଅଛି ଏବଂ ଭକ୍ତିଯୋଗ ମାର୍ଗରେ କୃଷ୍ଣଙ୍କର ସେବାରେ ସର୍ବଦା ନିଯୁକ୍ତ ହୋଇଛି, ସେ ହିଁ ବୁଝିପାରେ କୃଷ୍ଣ କ'ଣ ଓ କିପରି । ବିଶ୍ୱବିଦ୍ୟାଳୟର ଡିଗ୍ରୀ ଏଥିପାଇଁ କିଛି ଦରକାର ନାହିଁ ।

ଯେ ଭଲଭାବରେ କୃଷ୍ଣ ବିଜ୍ଞାନ ଜାଣିଛି, ସେ କୃଷ୍ଣଲୋକ ବା ଚିଦ୍ ଜଗତରେ ପ୍ରବେଶ କରିବାକୁ ଯୋଗ୍ୟ ଅଟେ । 'ବ୍ରହ୍ମ' ହୋଇଯିବା ଅର୍ଥ ଏହାନୁହେଁ ଯେ ବ୍ୟକ୍ତି ନିଜର ବ୍ୟକ୍ତିତ୍ୱ ହରାଇବ । ଭକ୍ତି ବରାବର ଅଛି, ଅର୍ଥାତ୍— ଭକ୍ତିଯୋଗରେ ସେବାରତ ହେବାର କଥା ବରାବର ରହିଛି । ଯେପର୍ଯ୍ୟନ୍ତ ଭକ୍ତିଯୋଗ ବା ଭଗବତ୍ ସେବା ରହିଛି, ସେ ପର୍ଯ୍ୟନ୍ତ ଭଗବାନ୍ ଅଛନ୍ତି, ଭକ୍ତ ଅଛନ୍ତି ଏବଂ ସେବା ଅଛି । ମୁକ୍ତିପରେ ମଧ୍ୟ ଏ ଜ୍ଞାନର ବିନାଶ ନାହିଁ । ମୁକ୍ତି କହିଲେ ଭୌତିକ ଧାରଣାରୁ ମୁକ୍ତ ହେବାକୁ ବୁଝାଏ । ଆଧ୍ୟାତ୍ମିକ ଜୀବନରେ ସେହି ପାର୍ଥକ୍ୟ ଅଛି, ସେହି ବ୍ୟକ୍ତିତ୍ୱ ଅଛି, ସବୁ ଅଛି, କିନ୍ତୁ ସବୁ ଶୁଦ୍ଧ କୃଷ୍ଣଚେତନାରେ ଅଛି । 'ବିଶତେ' ଶବ୍ଦର ଅର୍ଥ ହେଉଛି ''ମୋଠାରେ (ଭଗବାନଙ୍କଠାରେ) ପ୍ରବେଶ କରିବା ।'' ଏ କଥାକୁ କେହି ଭୁଲ ବୁଝିବା ଉଚିତ୍ ନୁହେଁ ଯେ, ବ୍ରହ୍ମବାଦ ସିଦ୍ଧାନ୍ତ ଅନୁଯାୟୀ ବ୍ୟକ୍ତି ନିର୍ବିଶେଷ ବ୍ରହ୍ମରେ ଲୀନହୋଇ ଏକାକାର ହୋଇଯାଏ । ନା', କଥାଟା ତାହାନୁହେଁ, ''ବିଶତେ'' ଶବ୍ଦର ଅର୍ଥ ବ୍ୟକ୍ତି ଭଗବତ୍ ଧାମରେ ପ୍ରବେଶ କରିବା । ତା'ର ବ୍ୟକ୍ତିତ୍ୱ ସହ ସେ ସେଠାରେ ପ୍ରବେଶ କରି ଭଗବାନଙ୍କ ସଙ୍ଗଲାଭ କରିବ ଏବଂ ତାଙ୍କର ସେବାରେ ରତ ହେବ । ଉଦାହରଣସ୍ୱରୂପ ଏକ ସବୁଜ ପକ୍ଷୀ ଏକ ସବୁଜ ବୃକ୍ଷରେ ପ୍ରବେଶ କରିବା ଅର୍ଥ ବୃକ୍ଷସହ ଏକାକାର ହୋଇ ଯିବା ନୁହେଁ । ତାହାର ଅର୍ଥ ହେଉଛି ସେ ସେଠାରେ ପ୍ରବେଶ କରି ବୃକ୍ଷର ଫଳ ଉପଭୋଗ କରିବ ।

ନିର୍ବିଶେଷବାଦୀମାନେ ସାଧାରଣତଃ ଏହି ଉଦାହରଣ ଦିଅନ୍ତି ଯେ, ନଦୀ ଯେପରି ବୋହିଯାଇ ସମୁଦ୍ରରେ ମିଶି ତା'ର ସତ୍ତା ହରାଇ ଏକାକାର ହୋଇଯାଏ, ସେହିପରି ବ୍ୟକ୍ତି ନିର୍ବିଶେଷ ବ୍ରହ୍ମରେ ମିଶି ଏକାକାର ହୋଇଯାଏ । ନିର୍ବିଶେଷବାଦୀ ପକ୍ଷରେ ଏହା ଏକ ସୁଖର ଆଧାର ହୋଇପାରେ, କିନ୍ତୁ ସାକାରବାଦୀ ସମୁଦ୍ରରେ ଥିବା ଜଳଚର ପ୍ରାଣୀପରି ତା'ର ବ୍ୟକ୍ତିତ୍ୱ ରକ୍ଷାକରେ । ଯଦି ଆମେ ଖୁବ୍ ଗଭୀର ସମୁଦ୍ରକୁ ଯିବା, ତେବେ ଆମେ ସେଠାରେ ଅନେକପ୍ରକାର ଜୀବ ଦେଖିବାକୁ ପାଇବା । କେବଳ ସମୁଦ୍ରର ଉପରିଭାଗକୁ ଦେଖି ବା ତା' ସମ୍ବନ୍ଧରେ ଜ୍ଞାନ ଅର୍ଜନକଲେ ଯଥେଷ୍ଟ ହେଲା ନାହିଁ । ବ୍ୟକ୍ତିକୁ ସମୁଦ୍ରର ଗଭୀରତମ ପ୍ରଦେଶରେ ପ୍ରବେଶ କରି ସେଠାରେ ଥିବା ଜଳ ଜୀବମାନଙ୍କ ସମ୍ବନ୍ଧରେ ସଂପୂର୍ଣ୍ଣ ଜ୍ଞାନ ଅର୍ଜନ କରିବା ଉଚିତ୍ ।

ଶୁଦ୍ଧ ଭକ୍ତିଯୋଗୁଁ ଭକ୍ତ ପରମେଶ୍ୱରଙ୍କର ଦିବ୍ୟ ଗୁଣ ଏବଂ ଐଶ୍ୱର୍ଯ୍ୟ ସମ୍ବନ୍ଧୀୟ ତତ୍ତ୍ୱକୁ ଭଲରକମ ବୁଝିପାରେ । ଏକାଦଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି ଯେ କେବଳ ଭକ୍ତିଯୋଗରେ ହିଁ ବ୍ୟକ୍ତି ଭଗବାନଙ୍କୁ ବୁଝିପାରିବ । ସେହିକଥା ଏଠାରେ ହିଁ କୁହାଯାଇଛି । କେବଳ ଭକ୍ତିଯୋଗରେ ବ୍ୟକ୍ତି ପରମପୁରୁଷ ଭଗବାନଙ୍କୁ ବୁଝିପାରିବ ଏବଂ ତାଙ୍କ ରାଜ୍ୟରେ ପ୍ରବେଶ କରିପାରିବ ।

ବ୍ରହ୍ମଭୂତ ଅବସ୍ଥା ହେଉଛି ଭୌତିକ ଧାରଣାରୁ ମୁକ୍ତି । ଏହି ଅବସ୍ଥା ପ୍ରାପ୍ତପରେ ଭଗବାନଙ୍କ ସମ୍ବନ୍ଧରେ ଶୁଣିବା ଦ୍ୱାରା ଭକ୍ତି ଆରମ୍ଭ ହୁଏ । ଯେତେବେଳେ ବ୍ୟକ୍ତି ଭଗବାନଙ୍କ ସମ୍ବନ୍ଧରେ ଶୁଣେ, ସେତେବେଳେ ସ୍ୱତଃ ବ୍ରହ୍ମଭୂତ ଅବସ୍ଥା ବୃଦ୍ଧି ଲାଭକରେ ଏବଂ କାମ, ଲୋଭ ଓ ଇନ୍ଦ୍ରିୟ ତୃପ୍ତିଜନିତ ଭୌତିକ ଦୋଷ ଦୂର ହୋଇଯାଏ । ଯେତେବେଳେ ଭକ୍ତ ହୃଦୟରୁ ଇନ୍ଦ୍ରିୟ ତୃପ୍ତିଜନିତ ଭୋଗବିଳାସ କାମନା ଆଦି ଦୂର ହୋଇଯାଏ, ସେତେବେଳେ ସେ ଭଗବତ୍ ସେବାପ୍ରତି ଅଧିକ ଆକୃଷ୍ଟ ହୁଏ ଏବଂ ଏ ପ୍ରକାର ଆସକ୍ତି ଯୋଗୁଁ ସେ ଭୌତିକ ଦୋଷରୁ ମୁକ୍ତ ହୋଇଯାଏ । ଜୀବନର ସେହି ଅବସ୍ଥାରେ ସେ ପରମପୁରୁଷ ଭଗବାନଙ୍କୁ ବୁଝିପାରିବ । ଏହାମଧ୍ୟ ଶ୍ରୀମଦ୍ ଭାଗବତମ୍‌ର ବାଣୀ ଅଟେ । ମୁକ୍ତିପରେ ମଧ୍ୟ ଭକ୍ତିଯୋଗ ଅର୍ଥାତ୍ ଦିବ୍ୟ ଭଗବତ୍ ସେବା ଚାଲିଥାଏ । ବେଦାନ୍ତସୂତ୍ର ଏହା ସ୍ୱୀକାର କରିଛି, *"ଆପ୍ରାୟଣାତ୍ ତତ୍ରାପି ହିଁ ଦୃଷ୍ଟମ୍ ।"* ଏହାର ଅର୍ଥ ମୁକ୍ତି ପରେ ସୁଦ୍ଧା ଭକ୍ତିଯୋଗ ବା ସେବା ଚାଲିଥାଏ । ଶ୍ରୀମଦ୍ ଭାଗବତମ୍‌ରେ କୁହାଯାଇଛି ଯେ ଜୀବର ପ୍ରକୃତ ମୁକ୍ତି ହେଉଛି, ଜୀବ ତା' ସ୍ୱରୂପରେ ପୁନଃ ସଂସ୍ଥାପିତ ହେବା, ଅର୍ଥାତ୍ -ତା'ର ସ୍ୱରୂପସ୍ଥିତିରେ ରହିବା । ସ୍ୱରୂପସ୍ଥିତି କଥା କୁହାଯାଇସାରିଛି । ପ୍ରତ୍ୟେକ ଜୀବ ପରମେଶ୍ୱରଙ୍କର ଅଂଶବିଶେଷ ଅଟନ୍ତି । ତେଣୁ ତା'ର ସ୍ୱରୂପସ୍ଥିତି ହେଲା ସେବା କରିବା । ମୁକ୍ତିପରେ ମଧ୍ୟ ଏ ସେବା ବନ୍ଦ ହୁଏନାହିଁ । ପ୍ରକୃତ ମୁକ୍ତି ହେଉଛି ଜୀବନର ଭ୍ରମଧାରଣାରୁ ମୁକ୍ତି ।

## ଶ୍ଲୋକ - ୫୬

**ସର୍ବକର୍ମାଣ୍ୟପି ସଦା କୁର୍ବାଣୋ ମଦ୍‌ବ୍ୟପାଶ୍ରୟଃ ।**
**ମତ୍‌ପ୍ରସାଦାଦବାପ୍ନୋତି ଶାଶ୍ୱତଂ ପଦମବ୍ୟୟମ୍ ।। ୫୬ ।।**

### ଶବ୍ଦାନୁବାଦ

ସର୍ବ=ସମସ୍ତ; କର୍ମାଣି=କର୍ମସମୂହ; ଅପି=ଯଦିଓ; ସଦା=ସର୍ବଦା; କୁର୍ବାଣଃ=କରି; ମତ୍-ବ୍ୟପାଶ୍ରୟଃ=ମୋତେ ଆଶ୍ରୟକରି, ମୋ' ଅଧୀନରେ; ମତ୍=ମୋର; ପ୍ରସାଦାତ୍=ପ୍ରସାଦରୁ

ବା ଦୟାରୁ; ଅବାପ୍ନୋତି=ପ୍ରାପ୍ତହୁଏ; ଶାଶ୍ୱତମ୍=ଶାଶ୍ୱତ; ପଦମ୍=ପଦ, ଆବାସସ୍ଥଳୀ; ଅବ୍ୟୟମ୍=ଅବ୍ୟୟ ।

## ଅନୁବାଦ

**ମୋ'ଭକ୍ତ ଯଦିଓ ସମସ୍ତ କର୍ମରେ ନିଯୁକ୍ତ ଥାଏ, ତଥାପି ମୋର ସୁରକ୍ଷା ହେତୁ ମୋ କୃପାରୁ ସେ ଶାଶ୍ୱତ-ଅବ୍ୟୟ ପଦ ଲାଭକରେ ।**

## ଭାବାର୍ଥ

*"ମଦ୍ -ବ୍ୟପାଶ୍ରୟଃ"* ଶବ୍ଦର ଅର୍ଥ ହେଲା ପରମେଶ୍ୱରଙ୍କ ଆଶ୍ରୟରେ ତାଙ୍କର ସୁରକ୍ଷାରେ ଭୌତିକ ଦୋଷରୁ ମୁକ୍ତହେବା ନିମିତ୍ତ ଏକ ଶୁଦ୍ଧଭକ୍ତ ଭଗବାନଙ୍କ ନିର୍ଦ୍ଦେଶରେ କିମ୍ବା ତାଙ୍କର ପ୍ରତିନିଧି ଅର୍ଥାତ୍ ଗୁରୁଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରେ । ଏକ ଶୁଦ୍ଧଭକ୍ତ ପାଇଁ କୌଣସି ପ୍ରକାର ସମୟର ବ୍ୟବଧାନ ନଥାଏ ବା ସମୟ ନିର୍ଦ୍ଦିଷ୍ଟ କରାଯାଇ ନଥାଏ । ସେ ପରମେଶ୍ୱରଙ୍କ ନିର୍ଦ୍ଦେଶରେ ସର୍ବଦା ଦିନରାତି ଚବିଶିଘଣ୍ଟା ପୂର୍ଣ୍ଣପ୍ରାଣରେ କୃଷ୍ଣଙ୍କ କର୍ମ ବା ସେବାରେ ନିଯୁକ୍ତ ହୋଇଥାଏ । ଯେଉଁ ଭକ୍ତ ଏହି ପ୍ରକାରେ କୃଷ୍ଣଚେତନାରେ କର୍ମରତ ଥାଏ, ତା'ପ୍ରତି ଭଗବାନ୍ ଅତ୍ୟନ୍ତ ସଦୟ ଅଟନ୍ତି । ସମସ୍ତ ପ୍ରକାର ବାଧା, ପ୍ରତିବନ୍ଧକ ଓ ଦୁଃଖକଷ୍ଟ ସତ୍ତ୍ୱେ ସେ ଶେଷରେ ଭଗବାନଙ୍କର ପରମଧାମ ବା କୃଷ୍ଣଲୋକରେ ସ୍ଥାନ ପାଏ । ସେ ନିଶ୍ଚିତରୂପେ ସେଠାରେ ପ୍ରବେଶ ଅଧିକାର ପାଏ; ଏଥିରେ କୌଣସି ସନ୍ଦେହ ନାହିଁ । ସେ ପରମଧାମରେ ପରିବର୍ତ୍ତନ ନାହିଁ, ସବୁ ସେଠାରେ ଶାଶ୍ୱତ ଅବ୍ୟୟ ଏବଂ ଜ୍ଞାନମୟ ଅଟେ ।

## ଶ୍ଳୋକ - ୫୭

**ଚେତସା ସର୍ବକର୍ମାଣି ମୟି ସନ୍ନ୍ୟସ୍ୟ ମତ୍‌ପରଃ ।**
**ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ ।।୫୭।।**

## ଶବ୍ଦାନୁବାଦ

ଚେତସା=ବୁଦ୍ଧି ସାହାଯ୍ୟରେ; ସର୍ବ-କର୍ମାଣି=ସମସ୍ତ ପ୍ରକାର କର୍ମ; ମୟି=ମୋ'ଠାରେ; ସନ୍ନ୍ୟସ୍ୟ=ଉତ୍ତମଭାବେ ନ୍ୟସ୍ତକରି; ମତ୍‌ପରଃ=ମୋର ସୁରକ୍ଷା; ବୁଦ୍ଧି-ଯୋଗମ୍=ଭକ୍ତିଯୋଗ, ସେବାକର୍ମ; ଉପାଶ୍ରିତ୍ୟ=ଆଶ୍ରୟକରି; ମତ୍-ଚିତ୍ତଃ=ମୋର ଚେତନା; ସତତମ୍=ଦିନରାତି ଚବିଶିଘଣ୍ଟା; ଭବ=ହୁଅ ।

## ଅନୁବାଦ

**ସମସ୍ତପ୍ରକାର କର୍ମସଂପାଦନ ନିମିତ୍ତ ମୋ' ଉପରେ ନିର୍ଭର କର ଏବଂ ସର୍ବଦା ମୋର ଆଶ୍ରୟରେ ରହି କର୍ମ କର । ଏ ପ୍ରକାର ଭକ୍ତି ଯୋଗରେ ରହି ସଂପୂର୍ଣ୍ଣରୂପେ ମୋ' ପ୍ରତି ସଚେତନ ହୁଅ ।**

## ଭାବାର୍ଥ

ଯେତେବେଳେ ବ୍ୟକ୍ତି କୃଷ୍ଣଚେତନାରେ କର୍ମ କରେ, ସେତେବେଳେ ସେ ଆଉ ଏ ପୃଥିବୀର ପ୍ରଭୁଭଳି କାମ କରେ ନାହିଁ । ସଂପୂର୍ଣ୍ଣରୂପେ ପରମେଶ୍ୱରଙ୍କ ନିର୍ଦ୍ଦେଶରେ ଏକ ସେବକ (ବା ଭୃତ୍ୟ) ଭଳି କର୍ମ କରେ । ଭୃତ୍ୟର ବ୍ୟକ୍ତିଗତ ସ୍ୱାଧୀନତା କିଛି ନଥାଏ । ସେ କେବଳ ପ୍ରଭୁ ବା ମାଲିକର ଆଦେଶ ଅନୁଯାୟୀ କର୍ମ କରେ । ଯେଉଁ ଭୃତ୍ୟ ପରମପ୍ରଭୁଙ୍କ ପାଇଁ କାମ କରୁଛି,

ସେ ଲାଭକ୍ଷତିରେ ଆସକ୍ତ ହୁଏ ନାହିଁ । ସେ କେବଳ ପରମେଶ୍ୱରଙ୍କର ଆଦେଶ ଅନୁଯାୟୀ ବିଶ୍ୱସ୍ତ ଭାବରେ କର୍ତ୍ତବ୍ୟ ସଂପାଦନ କରେ । ବର୍ତ୍ତମାନ କେହି ଏପରି ଯୁକ୍ତି କରିପାରେ ଯେ ଅର୍ଜୁନ ସିନା ସ୍ୱୟଂ କୃଷ୍ଣଙ୍କ ନିର୍ଦ୍ଦେଶରେ କର୍ମ କରୁଥିଲେ; କିନ୍ତୁ ଯେତେବେଳେ କୃଷ୍ଣ ଉପସ୍ଥିତ ନାହାନ୍ତି ସେତେବେଳେ ବ୍ୟକ୍ତି କିପରି କାହା ନିର୍ଦ୍ଦେଶରେ କର୍ମ କରିବ ? (ଉତ୍ତରରେ ଏହା ହିଁ କୁହାଯିବ) ।ଯଦି ବ୍ୟକ୍ତି ଏ ଗ୍ରନ୍ଥରେ ଦିଆଯାଇଥିବା କୃଷ୍ଣଙ୍କ ନିର୍ଦ୍ଦେଶ ଅନୁଯାୟୀ କର୍ମ କରିବ କିମ୍ବା କୃଷ୍ଣଙ୍କର ପ୍ରତିନିଧିଙ୍କର ନିର୍ଦ୍ଦେଶ ଅନୁଯାୟୀ କର୍ମ କରିବ, ତାହାହେଲେ ଫଳ ଏକା ହେବ । ଏ ଶ୍ଳୋକରେ ଥିବା ସଂସ୍କୃତ ଶବ୍ଦ *"ମତ୍‌ପରଃ"* ବଡ଼ ଅର୍ଥପୂର୍ଣ୍ଣ ଅଟେ ।ଏଥିରୁ ସୂଚିତ ହେଉଛି ଯେ ବ୍ୟକ୍ତିର ଜୀବନରେ କୃଷ୍ଣଚେତନାରେ କୃଷ୍ଣଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ କର୍ମ କରିବା ବ୍ୟତୀତ ଅନ୍ୟ ଲକ୍ଷ୍ୟ ନାହିଁ ।ଯେତେବେଳେ ବ୍ୟକ୍ତି ସେପରି ଭାବରେ କର୍ମ କରେ, ସେତେବେଳେ ସେ କେବଳ କୃଷ୍ଣଙ୍କୁ ହିଁ ଚିନ୍ତା କରିବା ଉଚିତ୍ । "ମୁଁ ଏ ନିର୍ଦ୍ଦିଷ୍ଟ କର୍ମ କରିବା ନିମିତ୍ତ କୃଷ୍ଣଙ୍କଦ୍ୱାରା ନିଯୁକ୍ତ ହୋଇଛି" ।ଏଇ ଭାବନାରେ କର୍ମ କଲେ ବ୍ୟକ୍ତି ସ୍ୱଭାବତଃ କୃଷ୍ଣଙ୍କୁ ହିଁ ଚିନ୍ତା କରିବ । ଏହା ହେଉଛି ପୂର୍ଣ୍ଣ କୃଷ୍ଣଚେତନା । ବ୍ୟକ୍ତି ଏ କଥା ଜାଣି ରଖିବା ଉଚିତ୍ ଯେ ସେ ଯଦି କିଛି ମନଇଚ୍ଛା କରି ପକାଇଛି, ତାହାହେଲେ ସେ କର୍ମର ଫଳକୁ ସେ ଭଗବାନଙ୍କୁ ଅର୍ପଣ କରିବା ଉଚିତ୍ ନୁହେଁ ।ସେ ପ୍ରକାର କର୍ମ କୃଷ୍ଣଚେତନାରେ କୃଷ୍ଣ-କର୍ମ ନୁହେଁ ।ବ୍ୟକ୍ତି କୃଷ୍ଣଙ୍କ ଆଦେଶ ଅନୁଯାୟୀ କର୍ମ କରିବା ଉଚିତ୍ ।ଏହା ଅତି ଗୁରୁତ୍ୱପୂର୍ଣ୍ଣ କଥା ।କୃଷ୍ଣଙ୍କର ସେ ଆଦେଶ ଗୁରୁପରମ୍ପରା ଦେଇ ଉପଯୁକ୍ତ ଗୁରୁଙ୍କଠାରୁ ପ୍ରାପ୍ତ ହୁଏ । ତେଣୁ ଗୁରୁଙ୍କ ଆଦେଶ ପାଳନ ଜୀବନର ପରମ କର୍ତ୍ତବ୍ୟ ବୋଲି ମନେ କରିବା ଉଚିତ୍ ।ଯଦି କୌଣସି ବ୍ୟକ୍ତି ଏକ ଉପଯୁକ୍ତ ଗୁରୁ ପାଇଛି ଏବଂ ତାଙ୍କ ନିର୍ଦ୍ଦେଶରେ କର୍ମ କରୁଛି, ତାହାହେଲେ କୃଷ୍ଣଚେତନାରେ ରହି ତା'ର ଜୀବନର ପୂର୍ଣ୍ଣତା ପ୍ରାପ୍ତି ହେବା ନିଶ୍ଚିତ ଅଟେ ।

## ଶ୍ଳୋକ - ୫୮

**ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍‌ପ୍ରସାଦାତ୍ ତରିଷ୍ୟସି ।**
**ଅଥ ଚେତ୍ତ୍ୱମହଙ୍କାରାନ୍ନ ଶ୍ରୋଷ୍ୟସି ବିନଙ୍‌କ୍ଷସି ।।୫୮।।**

## ଶବ୍ଦାନୁବାଦ

ମତ୍=ମୋର; ଚିତ୍ତଃ=ଚେତନା; ସର୍ବ=ସମସ୍ତ; ଦୁର୍ଗାଣି=ପ୍ରତିବନ୍ଧକ, ଅସୁବିଧା; ମତ୍=ମୋର; ପ୍ରସାଦାତ୍=କୃପାହେତୁ; ତରିଷ୍ୟସି=ତୁମେ ତରିଯିବ, ତୁମେ ପାର ହୋଇଯିବ; ଅଥ=ଏଣୁ; ଚେତ୍=ଯଦି; ତ୍ୱମ୍=ତୁମେ; ଅହଙ୍କାରାତ୍=ଅହଙ୍କାର ଯୋଗୁଁ; ନ ଶ୍ରୋଷ୍ୟସି=ନଶୁଣ; ବିନଙ୍‌କ୍ଷ୍ୟସି=ତାହାହେଲେ ନିଜର ବିନାଶ ସାଧନ କରିବ ।

## ଅନୁବାଦ

**ତୁମେ ଯଦି ମୋ' ପ୍ରତି ଚେତନଶୀଳ ହେବ, ତାହାହେଲେ ମୋ' କୃପାରୁ ତୁମେ ଏ ବଦ୍ଧଜୀବନର ସମସ୍ତ ପ୍ରତିବନ୍ଧକକୁ ପାର ହୋଇଯିବ । ଯଦି ତୁମେ ଏ ପ୍ରକାର ଚେତନାରେ କାର୍ଯ୍ୟ ନକର, କିନ୍ତୁ ମୋ' କଥା ନଶୁଣି ଯଦି ଅହଙ୍କାରବଶତଃ କାର୍ଯ୍ୟ କର ତାହାହେଲେ ତୁମେ ନିଜର ବିନାଶ ସାଧନ କରିବ ।**

## ଭାବାର୍ଥ

ଯେଉଁ ବ୍ୟକ୍ତି ପୂର୍ଣ୍ଣ କୃଷ୍ଣଚେତନାରେ ଅଛି, ସେ କଦାପି ତା'ର ଭୌତିକ ସ୍ଥିତି ବଜାୟ ରଖିବା ନିମିତ୍ତ କର୍ମରତ ହେବାକୁ ଉଦ୍‌ବିଗ୍ନ ହେବ ନାହିଁ, ସମସ୍ତ ଉଦ୍‌ବିଗ୍ନତାରୁ ମୁକ୍ତ ହେବାର ଯେଉଁ ମହାନ୍ ସ୍ୱାଧୀନତା ଆମକୁ ଦିଆଯାଇଛି, ତାହା ମୂର୍ଖଲୋକ କଦାପି ବୁଝିପାରିବ ନାହିଁ । ଯେ କୃଷ୍ଣଚେତନାରେ କର୍ମ କରେ, ଭଗବାନ୍ କୃଷ୍ଣ ତା'ର ଏକ ଅନ୍ତରଙ୍ଗ ବନ୍ଧୁ ହୋଇଯା'ନ୍ତି । ସେ ସର୍ବଦା ତାଙ୍କ ବନ୍ଧୁର ସୁଖ-ସୁବିଧା ପ୍ରତି ନଜର ଦିଅନ୍ତି । ଯେ ଦିନରାତି ଚବିଶିଘଣ୍ଟା ଭଗବାନଙ୍କୁ ସନ୍ତୁଷ୍ଟ କରିବା ନିମିତ୍ତ ଭକ୍ତିଯୋଗ ମାର୍ଗରେ କର୍ମରତ ଅଛି, ସେ ଭଗବାନଙ୍କର ଅତିପ୍ରିୟ ଅଟେ ଏବଂ ସଂପୂର୍ଣ୍ଣରୂପେ ଭଗବାନ୍ ତା'ର ହୋଇଯାଇଥା'ନ୍ତି । ତେଣୁ କେହି ମିଥ୍ୟାହଙ୍କାର ଯୁକ୍ତ ହୋଇ ଶରୀର ମୋହରେ ଭାସିଯିବା ଉଚିତ୍ ନୁହେଁ । କେହି ଭୁଲରେ ଏପରି ଭାବିବା ଉଚିତ୍ ନୁହେଁ ଯେ ସେ ଭୂତପ୍ରକୃତିର ନିୟମରୁ ବହିର୍ଭୂତ, କିମ୍ବା ସେ ମନଇଚ୍ଛା ସ୍ୱାଧୀନ ଭାବରେ କାମ କରି ଚାଲିଯିବ । ସେ କଠିନ ଭୌତିକ ନିୟମର ଅଧୀନ, କିନ୍ତୁ ସେ କୃଷ୍ଣଚେତନାରେ କାମ କଲାକ୍ଷଣି ମୁକ୍ତ ହୋଇଯାଏ; ସେ ଭୌତିକ ଦ୍ୱନ୍ଦ-ମୋହରୁ ମୁକ୍ତ ହୋଇ ଯାଏ । ଏକଥା ବ୍ୟକ୍ତି ଭଲରକମ ମନେରଖିବା ଉଚିତ୍ ଯେ ଯେଉଁ ବ୍ୟକ୍ତି କୃଷ୍ଣଚେତନାରେ କାମ ନ କରୁଛି, ସେ ଭୌତିକ ବାତଚକ୍ର, ଜନ୍ମ-ମୃତ୍ୟୁରୂପକ ମହାସାଗରରେ ନିଜକୁ ହରାଇ ବସିଛି । କୌଣସି ବଦ୍ଧଜୀବ ପ୍ରକୃତରେ ଜାଣେ ନାହିଁ କ'ଣ କରିବାକୁ ହେବ, କିନ୍ତୁ ଯେଉଁ ବ୍ୟକ୍ତି କୃଷ୍ଣଚେତନାର କାମ କରୁଛି, ସେ କାମ କରିବା ନିମିତ୍ତ ପୂର୍ଣ୍ଣ ସ୍ୱାଧୀନତା ପାଇଛି; କାରଣ ଅନ୍ତରରୁ କୃଷ୍ଣ ତାକୁ ପ୍ରେରଣା ଦେଉଛନ୍ତି ଏବଂ ବାହାରେ ଗୁରୁରୂପରେ ଭିତରୁ ଆସୁଥିବା ପ୍ରେରଣାକୁ ସ୍ୱୀକାର କରୁଛନ୍ତି ।

## ଶ୍ଳୋକ - ୫୯

**ଯଦହଙ୍କାରମାଶ୍ରିତ୍ୟ ନ ଯୋତ୍ସ୍ୟ ଇତି ମନ୍ୟସେ ।**
**ମିଥ୍ୟୈଷ ବ୍ୟବସାୟସ୍ତେ ପ୍ରକୃତିସ୍ତ୍ୱାଂ ନିଯୋକ୍ଷ୍ୟତି ।। ୫୯ ।।**

## ଶବ୍ଦାନୁବାଦ

ଯତ୍=ଯେଣୁ; ଅହଙ୍କାରମ୍=ଅହଙ୍କାରକୁ; ଆଶ୍ରିତ୍ୟ=ଆଶ୍ରୟକରି; ନ ଯୋତ୍ସ୍ୟେ=ଯୁଦ୍ଧ ନ କରିବ; ଇତି=ଏଣୁ; ମନ୍ୟସେ=ଭାବୁଅଛ; ମିଥ୍ୟା ଏଷଃ=ଏସବୁ ମିଥ୍ୟା; ବ୍ୟବସାୟଃ ତେ=ତୁମର ଦୃଢ଼ତା; ପ୍ରକୃତିଃ=ଭୂତପ୍ରକୃତି; ତ୍ୱାମ୍=ତୁମକୁ; ନିଯୋକ୍ଷ୍ୟତି=ତୁମକୁ ନିଯୁକ୍ତ କରିବ ।

## ଅନୁବାଦ

**ମୋର ନିର୍ଦ୍ଦେଶରେ ତୁମେ ଯଦି କାର୍ଯ୍ୟ ନ କରିବ ଏବଂ ଯୁଦ୍ଧ ନ କରିବ, ତାହାହେଲେ ତୁମେ ଭ୍ରାନ୍ତପଥର ପଥିକ ହେବ । ତୁମର ପ୍ରକୃତି ଅନୁଯାୟୀ ତୁମକୁ ଯୁଦ୍ଧକର୍ମରେ ହିଁ ବ୍ୟାପୃତ ରହିବାକୁ ପଡ଼ିବ ।**

## ଭାବାର୍ଥ

ଅର୍ଜୁନ ଜଣେ ଯୋଦ୍ଧା ଥିଲେ ଏବଂ କ୍ଷତ୍ରିୟ ପ୍ରକୃତି ନେଇ ଜନ୍ମ ହୋଇଥିଲେ । ତେଣୁ ତାଙ୍କର ସ୍ୱାଭାବିକ କର୍ମ ବା ସ୍ୱଧର୍ମ ହେଲା ଯୁଦ୍ଧକରିବା । କିନ୍ତୁ ମିଥ୍ୟା ଅହଙ୍କାର ଯୋଗୁଁ ସେ ଆଶଙ୍କା କରୁଥିଲେ ଯେ ତାଙ୍କର ଶିକ୍ଷକ (ଗୁରୁ) ପିତାମହ ଏବଂ ବନ୍ଧୁବାନ୍ଧବମାନଙ୍କୁ ମାରିଲେ

ପାପ ହେବ । ବାସ୍ତବରେ ସେ ନିଜକୁ କର୍ତ୍ତାବୋଲି ଭାବୁଥିଲେ; ଯେପରିକି ସେ ଏସବୁ କର୍ମର ସୁଫଳ ଓ କୁଫଳର ନିୟନ୍ତ୍ରଣକାରୀ । ସେ ଏକଥା ଭୁଲି ଯାଇଥିଲେ ଯେ ପରମପୁରୁଷ ଭଗବାନ୍ ସେଠାରେ ଉପସ୍ଥିତ ରହି ତାଙ୍କୁ ଯୁଦ୍ଧ କରିବାକୁ ଉପଦେଶ ଦେଉଛନ୍ତି । ଏହା ହେଉଛି ବଦ୍ଧଜୀବର ବିସ୍ମୃତି । ପରମପୁରୁଷ ଭଗବାନ୍ କ'ଣ ଭଲ ଓ କ'ଣ ମନ୍ଦ ଏ ନିର୍ଦ୍ଦେଶ ଦିଅନ୍ତି ଏବଂ ବ୍ୟକ୍ତିକୁ ଜୀବନରେ ପୂର୍ଣ୍ଣତା ଲାଭ ନିମିତ୍ତ କେବଳ କୃଷ୍ଣଚେତନାରେ ହିଁ କର୍ମ କରିବାକୁ ପଡ଼ିବ । ପରମେଶ୍ୱର ସବୁ ଜାଣନ୍ତି; ତେଣୁ ସେ ହିଁ ଜାଣନ୍ତି ବ୍ୟକ୍ତିର ଭାଗ୍ୟରେ କ'ଣ ଅଛି । ତାଙ୍କ ବ୍ୟତୀତ ଆଉ କେହି ଭାଗ୍ୟ ନିର୍ଦ୍ଧାରଣ କରିପାରିବେ ନାହିଁ; ତେଣୁ ସର୍ବୋତ୍ତମ ପନ୍ଥା ହେଲା ଭଗବାନଙ୍କ ନିର୍ଦ୍ଦେଶକୁ ଗ୍ରହଣ କରି କର୍ମକରିବା । କେହି ଭଗବାନଙ୍କ ଆଦେଶକୁ ଅବମାନନା କରିବା ଉଚିତ୍ ନୁହେଁ କିମ୍ବା ଭଗବାନଙ୍କର ପ୍ରତିନିଧିରୂପ କାର୍ଯ୍ୟ କରୁଥିବା ଶ୍ରୀଗୁରୁଙ୍କ ଆଦେଶକୁ ଅବମାନନା କରିବା ମଧ୍ୟ ଉଚିତ୍ ନୁହେଁ । ବ୍ୟକ୍ତି ବିନା ଦ୍ୱିଧାରେ ପରମେଶ୍ୱରଙ୍କର ଆଦେଶ ପାଳନ କରି ତଦନୁଯାୟୀ କାର୍ଯ୍ୟକରିବା ଉଚିତ୍; ତାହାହେଲେ ସବୁ ପରିସ୍ଥିତିରେ ସେ ନିରାପଦ ରହିପାରିବ ।

## ଶ୍ଲୋକ-୬୦

**ସ୍ୱଭାବଜେନ କୌନ୍ତେୟ ନିବଦ୍ଧଃ ସ୍ୱେନ କର୍ମଣା ।**
**କର୍ତ୍ତୁଂ ନେଚ୍ଛସି ଯନ୍ମୋହାତ୍ କରିଷ୍ୟସ୍ୟବଶୋଽପି ତତ୍ ।। ୬୦ ।।**

## ଶବ୍ଦାନୁବାଦ

ସ୍ୱଭାବ-ଜେନ=ବ୍ୟକ୍ତିର ପ୍ରକୃତି ଅନୁଯାୟୀ; କୌନ୍ତେୟ=ହେ କୁନ୍ତୀପୁତ୍ର; ନିବଦ୍ଧଃ=ବଦ୍ଧ; ସ୍ୱେନ=ନିଜର; କର୍ମଣା=କର୍ମ; କର୍ତ୍ତୁମ୍=କରିବାକୁ; ନ ଇଚ୍ଛସି=ଇଚ୍ଛାକରେ ନାହିଁ; ଯତ୍=ଯାହା; ମୋହାତ୍=ମୋହଯୋଗୁଁ; କରିଷ୍ୟସି=ତୁମେ କରିବ; ଅବଶଃ=ଅଲକ୍ଷିତ ଭାବରେ; ଅପି=ଏପରିକି; ତତ୍=ତାହା ।

## ଅନୁବାଦ

**ମୋହବଶତଃ ତୁମେ ମୋର ନିର୍ଦ୍ଦେଶ ଅନୁଯାୟୀ କର୍ମ ନ କରିବା ପାଇଁ କହୁଛ; କିନ୍ତୁ ହେ କୁନ୍ତିପୁତ୍ର ! ତୁମର ପ୍ରକୃତିଯୋଗୁଁ ତୁମେ ବାଧ୍ୟ ହୋଇ ସେହି କାମ ହିଁ କରିବ ।**

## ଭାବାର୍ଥ

ଯଦି ବ୍ୟକ୍ତି ପରମେଶ୍ୱରଙ୍କର ନିର୍ଦ୍ଦେଶ ଅନୁଯାୟୀ କର୍ମ କରିବାକୁ ମନାକରେ, ତାହାହେଲେ ସେ ତା'ର ସ୍ୱଭାବ ବା ପ୍ରାକୃତିକ ଗୁଣ ଯୋଗୁଁ ବାଧ୍ୟହୋଇ ସେହି କାମ ହିଁ କରିବ । ପ୍ରତ୍ୟେକେ ତ୍ରିଗୁଣମୟୀ ଭୂତପ୍ରକୃତିର ମୋହିନୀ ଶକ୍ତିରେ ମୋହିତ ହୋଇ ନିର୍ଦ୍ଦିଷ୍ଟ ଗୁଣ ବା ଗୁଣମାନଙ୍କର ଅଧୀନ ହୋଇ ପଡ଼ିଛନ୍ତି ଏବଂ ତଦନୁଯାୟୀ କାର୍ଯ୍ୟ କରୁଛନ୍ତି । କିନ୍ତୁ ଯେ ସ୍ୱେଚ୍ଛାକ୍ରମେ ପରମେଶ୍ୱରଙ୍କର ନିର୍ଦ୍ଦେଶ ଅନୁଯାୟୀ କର୍ମକରେ, ସେ ଗୌରବାନ୍ୱିତ ହୁଏ ।

## ଶ୍ଲୋକ - ୬୧

**ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି ।**
**ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢ଼ାନି ମାୟୟା ।। ୬୧ ।।**

## ଶବ୍ଦାନୁବାଦ

ଈଶ୍ୱରଃ=ପରମେଶ୍ୱର; ସର୍ବ-ଭୂତାନାମ୍=ସମସ୍ତ ଜୀବଙ୍କର; ହୃଦ୍-ଦେଶେ=ହୃଦୟରେ; ଅର୍ଜୁନ=ହେ ଅର୍ଜୁନ; ତିଷ୍ଠତି=ରୁହନ୍ତି; ଭ୍ରାମୟନ୍=ଭ୍ରମାନ୍ତି; ସର୍ବ-ଭୂତାନି=ସମସ୍ତ ଜୀବଙ୍କୁ; ଯନ୍ତ୍ର=ଯନ୍ତ୍ର; ଆରୂଢ଼ାନି=ଆରୂଢ଼ ହୋଇ ବା ଚଢ଼ି; ମାୟୟା=ମାୟାଶକ୍ତି ବା ଭୌତିକ ଶକ୍ତିର ମୋହିନୀ କବଳରେ ।

## ଅନୁବାଦ

**ହେ ଅର୍ଜୁନ ! ପରମେଶ୍ୱର ସମସ୍ତଙ୍କ ହୃଦୟରେ ବିଦ୍ୟମାନ ଏବଂ ସେ ସମସ୍ତ ଜୀବଙ୍କୁ ଭ୍ରମଣ କରାଉଛନ୍ତି । ଜୀବଗଣ ଭୌତିକ ଶକ୍ତି ନିର୍ମିତ ଏକ ଯନ୍ତ୍ର ଉପରେ ଚଢ଼ି ଭ୍ରମଣ କଲାପରି ଭ୍ରମଣ କରୁଛନ୍ତି ।**

## ଭାବାର୍ଥ

ଅର୍ଜୁନ ସର୍ବଜ୍ଞ ବା ପରମଜ୍ଞାତା ନୁହଁନ୍ତି । ସେ ଯେଉଁ ନିଷ୍ପତ୍ତି ଗ୍ରହଣ କରୁଛନ୍ତି ଅର୍ଥାତ୍ - ଯୁଦ୍ଧ କରିବା ବା ନ କରିବା ନିଷ୍ପତ୍ତି ତାଙ୍କର ଶାନ୍ତ ବିଗ୍ରହ ବୁଦ୍ଧି ମଧ୍ୟରେ ଆବଦ୍ଧ । ଭଗବାନ୍ ଶ୍ରୀକୃଷ୍ଣ ଉପଦେଶ ଦେଲେ ଯେ ଜୀବ ସର୍ବେସର୍ବା ନୁହେଁ । ପରମପୁରୁଷ ଭଗବାନ୍ କିମ୍ବା ସେ ନିଜେ ସ୍ୱୟଂ କୃଷ୍ଣ ବା ପରମାତ୍ମା ଜୀବମାନଙ୍କର ହୃଦୟରେ ରହି ଜୀବମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି । ଶରୀର ପରିବର୍ତ୍ତନ କଲାପରେ ଜୀବ ତା'ର ଗତ କର୍ମ ସବୁ ଭୁଲିଯାଏ, କିନ୍ତୁ ପରମାତ୍ମା, ଯେ'କି ଭୂତ, ଭବିଷ୍ୟତ ଓ ବର୍ତ୍ତମାନ କଥା ଜାଣନ୍ତି, ଜୀବର ହୃଦୟରେ ତା'ର କାର୍ଯ୍ୟକଳାପର ସାକ୍ଷୀସ୍ୱରୂପ ରହନ୍ତି । ତେଣୁ ଜୀବମାନଙ୍କର ସମସ୍ତ କର୍ମ ଏହି ପରମାତ୍ମାଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ହୁଏ । ଜୀବ ଯାହାପାଇବାକୁ ଯୋଗ୍ୟ ତାହା ପାଏ ଏବଂ ପରମାତ୍ମାଙ୍କ ନିର୍ଦ୍ଦେଶରେ ଭୌତିକ ଶକ୍ତିରେ ନିର୍ମିତ ହୋଇଥିବା ଭୌତିକ ଶରୀରରେ ସେ ଭ୍ରମଣ କରେ । ଗୋଟିଏ ଜୀବ ଏକ ନିର୍ଦ୍ଦିଷ୍ଟ ଶରୀର ଗ୍ରହଣ କଲାପରେ, ସେହି ଶାରୀରିକ ଅବସ୍ଥାନୁଯାୟୀ ସେ କର୍ମ କରେ । ଏକ ଦ୍ରୁତଗାମୀ ମୋଟର ଗାଡ଼ିରେ ବସିଥିବା ବ୍ୟକ୍ତି ଏକ ଧୀରଗାମୀ ମୋଟର ଗାଡ଼ିରେ ବସିଥିବା ବ୍ୟକ୍ତି ଅପେକ୍ଷା ଅଧିକ ଦ୍ରୁତବେଗରେ ଗତିକରେ । ଯଦିଓ ଜୀବଗଣ (ଅର୍ଥାତ୍ ଗାଡ଼ିଚାଳକଗଣ) ଏକା ପ୍ରକାର, ତଥାପି ଗତିରେ ତାରତମ୍ୟ ଅଛି । ଠିକ୍ ସେହିପରି ପରମାତ୍ମାଙ୍କର ଆଦେଶ ଅନୁଯାୟୀ ଜୀବର ଗତ କାମନାନୁସାରେ କାର୍ଯ୍ୟକରିବା ନିମିତ୍ତ ଭୂତପ୍ରକୃତି ଜୀବପାଇଁ ଏକ ନିର୍ଦ୍ଦିଷ୍ଟ ଶରୀର ତିଆରି କରେ । ଜୀବ ସ୍ୱାଧୀନ ନୁହେଁ । କେହି ନିଜକୁ ସ୍ୱାଧୀନ ବୋଲି ଭାବିବା ଉଚିତ୍ ନୁହେଁ । ପରମପୁରୁଷ ଭଗବାନ୍ ସମସ୍ତଙ୍କର ପ୍ରଭୁ; ସମସ୍ତେ ତାଙ୍କର ଅଧୀନ । ଜୀବ ସର୍ବଦା ତାଙ୍କର ନିୟନ୍ତ୍ରଣାଧୀନ । ତେଣୁ ତା'ର କର୍ତ୍ତବ୍ୟ ହେଲା ପରମେଶ୍ୱରଙ୍କ ଶରଣରେ ଆସିବା, ତାଙ୍କ ନିକଟରେ ଆତ୍ମସମର୍ପଣ କରିବା ଏବଂ ତାହା ହିଁ ପରବର୍ତ୍ତୀ ଶ୍ଳୋକରେ କୁହାଯାଇଛି ।

## ଶ୍ଳୋକ -୬୨

**ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ ।**
**ତତ୍‌ପ୍ରସାଦାତ୍ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍‌ସ୍ୟସି ଶାଶ୍ୱତମ୍ ।।୬୨।।**

## ଶବ୍ଦାନୁବାଦ

ତମ୍=ତାଙ୍କୁ;ଏବ=ନିଶ୍ଚିତଭାବେ;ଶରଣମ୍=ଆଶ୍ରୟ;ଗଚ୍ଛ=ଯାଅ;ସର୍ବ-ଭାବେନ=ସର୍ବତୋଭାବେ; ଭାରତ=ହେ ଭରତପୁତ୍ର; ତତ୍ ପ୍ରସାଦାତ୍=ତାଙ୍କ କୃପାରୁ; ପରାମ୍=ପରମ; ଶାନ୍ତିମ୍=ଶାନ୍ତି; ସ୍ଥାନମ୍=ସ୍ଥାନ; ପ୍ରାପ୍ସ୍ୟସି=ତୁମେ ପାଇବ; ଶାଶ୍ୱତମ୍=ନିତ୍ୟ ବା ସ୍ଥାୟୀ ।

## ଅନୁବାଦ

**ହେ ଭରତପୁତ୍ର ! ସର୍ବତୋଭାବେ ତାଙ୍କର ଶରଣରେ ଯାଅ, ତାଙ୍କ କୃପାରୁ ତୁମେ ପରମଶାନ୍ତି ଏବଂ ପରମଶାଶ୍ୱତପଦ ଲାଭ କରିବ ।**

## ଭାବାର୍ଥ

ତେଣୁ ଜୀବ, ପରମପୁରୁଷ ଭଗବାନ୍, ଯେ'କି ପ୍ରତ୍ୟେକଙ୍କ ହୃଦୟରେ ବିରାଜମାନ, ତାଙ୍କର ଶରଣରେ ଯିବା ଉଚିତ୍ ଏବଂ ତଦ୍ଦ୍ୱାରା ସେ ଏ ଭୌତିକ ସ୍ଥିତିଜନିତ ସମସ୍ତପ୍ରକାର ଦୁଃଖରୁ ମୁକ୍ତି ପାଇବ । ଏ ପ୍ରକାର ଶରଣାଗତି ଦ୍ୱାରା ଯେ ବ୍ୟକ୍ତି କେବଳ ଜୀବନରେ ସମସ୍ତ ପ୍ରକାର ଦୁଃଖରୁ ମୁକ୍ତ ହେବ ସେତିକି ନୁହେଁ, ଶେଷରେ ସେ ପରମେଶ୍ୱରଙ୍କ ପାଖରେ ମଧ୍ୟ ପହଞ୍ଚିବ । ବୈଦିକ ସାହିତ୍ୟରେ ଦିବ୍ୟ ଜଗତ ସମ୍ବନ୍ଧରେ ବର୍ଣ୍ଣନା ଅଛି -*''ତଦ୍ ବିଷ୍ଣୋଃ ପରମଂ ପଦମ୍''*। ଯେଣୁ ସମସ୍ତ ସୃଷ୍ଟି ଭଗବତ୍ ସାମ୍ରାଜ୍ୟର ଅନ୍ତର୍ଗତ, ତେଣୁ ବାସ୍ତବରେ ପ୍ରତ୍ୟେକ ଭୌତିକ ବସ୍ତୁ ଦିବ୍ୟ ଅଟେ; କିନ୍ତୁ *''ପରମଂ ପଦମ୍''* ବିଶେଷକରି ଶାଶ୍ୱତଧାମକୁ ବୁଝାଉଛି, ଯାହାକୁ'କି ପରବ୍ୟୋମ କିମ୍ବା ବୈକୁଣ୍ଠ ବୋଲି କୁହାଯାଏ ।

ଭଗବଦ୍‌ଗୀତାର ପଞ୍ଚଦଶ ଅଧ୍ୟାୟରେ କୁହାଯାଇଅଛି, *''ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟଃ''* / ଭଗବାନ୍ ସମସ୍ତଙ୍କ ହୃଦୟରେ ଅବସ୍ଥିତ, ତେଣୁ ଏଇ ଯେଉଁ କଥା ଏଠାରେ କୁହାଗଲା ଯେ ବ୍ୟକ୍ତି ଅନ୍ତରରେ ଥିବା ପରମାତ୍ମାଙ୍କର ଶରଣରେ ଯିବ, ତାହାର ଅର୍ଥ ବ୍ୟକ୍ତି ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ଶରଣରେ ଯିବ । ଅର୍ଜୁନ କୃଷ୍ଣଙ୍କୁ ପରମପୁରୁଷ ବୋଲି ଗ୍ରହଣ କରି ସାରିଛନ୍ତି । ଦଶମ ଅଧ୍ୟାୟରେ ଅର୍ଜୁନ କହିଛନ୍ତି, *''ପରଂ ବ୍ରହ୍ମ, ପରଂ ଧାମ ।''* ଅର୍ଜୁନ କୃଷ୍ଣଙ୍କୁ ପରମପୁରୁଷ ଭଗବାନ୍ ରୂପେ ଏବଂ ସମସ୍ତ ଜୀବଙ୍କର ପରମନିଧାନ ରୂପେ ଗ୍ରହଣ କରିଛନ୍ତି । ସେ ଯେ ଏହା କେବଳ ବ୍ୟକ୍ତିଗତ ଅଭିଜ୍ଞତାରୁ ଗ୍ରହଣ କରିଛନ୍ତି ତାହା ନୁହେଁ, କିନ୍ତୁ ନାରଦ, ଅସିତ, ଦେବଳ ଏବଂ ବ୍ୟାସଦେବ ପ୍ରଭୃତି ବିଶିଷ୍ଟ ଆଚାର୍ଯ୍ୟ ବା ସାଧୁସନ୍ଥମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରମାଣମାନଙ୍କରୁ ସେ ଏହା ଗ୍ରହଣ କରିଛନ୍ତି ।

## ଶ୍ଲୋକ-୬୩

**ଇତି ତେ ଜ୍ଞାନମାଖ୍ୟାତଂ ଗୁହ୍ୟାଦ୍ ଗୁହ୍ୟତରଂ ମୟା ।**
**ବିମୃଶ୍ୟୈତଦଶେଷେଣ ଯଥେଚ୍ଛସି ତଥା କୁରୁ ।।୬୩।।**

## ଶବ୍ଦାନୁବାଦ

ଇତି=ଏହିପରି; ତେ=ତୁମକୁ; ଜ୍ଞାନମ୍=ଜ୍ଞାନ; ଆଖ୍ୟାତମ୍=କହିଲି; ଗୁହ୍ୟାତ୍=ଗୁହ୍ୟ ବା ଗୁପ୍ତ; ଗୁହ୍ୟତରମ୍=ଅଧିକ ଗୁପ୍ତ (ଗୁହ୍ୟତର); ମୟା=ମୋ'ଦ୍ୱାରା; ବିମୃଶ୍ୟ=ଚିନ୍ତାକରି; ଏତତ୍=ଏହା; ଅଶେଷେଣ=ପୂର୍ଣ୍ଣଭାବେ; ଯଥା=ଯେପରି ତୁମେ; ଇଚ୍ଛସି=ଭାବୁଛ; ତଥା=ସେହିପରି; କୁରୁ=କର ।

## ଅନୁବାଦ

**ଏହିପରି ମୁଁ ଅତ୍ୟନ୍ତ ଗୁହ୍ୟତମ ଜ୍ଞାନ ତଥା ତୁମକୁ କହିଲି । ବର୍ତ୍ତମାନ ଏ ସମ୍ବନ୍ଧରେ ଭଲରକମ ଚିନ୍ତାକରି ଯାହା ଭାବୁଛୁ, ତାହା କର ।**

## ଭାବାର୍ଥ

ଭଗବାନ୍ ଅର୍ଜୁନଙ୍କୁ ବ୍ରହ୍ମଭୂତ ଜ୍ଞାନ କଥା କହି ସାରିଛନ୍ତି । ଯେ ବ୍ରହ୍ମଭୂତ ଅବସ୍ଥାରେ ଅଛି ସେ ପ୍ରସନ୍ନ ଅଟେ; ସେ କିଛି ଦୁଃଖ କରେ ନାହିଁ କିମ୍ବା କିଛି ଇଚ୍ଛାକରେ ନାହିଁ । ତାହା ହେଉଛି ଗୁହ୍ୟତମ ଜ୍ଞାନର କଥା । କୃଷ୍ଣ ମଧ୍ୟ ପରମାତ୍ମାଙ୍କ ଜ୍ଞାନ କଥା କହିଛନ୍ତି । ଏହା ମଧ୍ୟ ବ୍ରହ୍ମଜ୍ଞାନ, କିନ୍ତୁ ଏହା ଉନ୍ନତତର ଅଟେ ।

ଏଠାରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହୁଛନ୍ତି, ସେ ଯେପରି ଭାବୁଛନ୍ତି ସେପରି କରିପାରନ୍ତି । ଜୀବର କ୍ଷୁଦ୍ର ସ୍ୱାଧୀନତା ଉପରେ ଭଗବାନ୍ ହସ୍ତକ୍ଷେପ କରନ୍ତି ନାହିଁ । ଭଗବଦ୍ ଗୀତାରେ ଭଗବାନ୍ ସବୁଦିଗରୁ ବୁଝାଇ କହିଛନ୍ତି, କିପରି ବ୍ୟକ୍ତି ତା'ର ଜୀବନ ଯାତ୍ରାକୁ ଉନ୍ନତ କରିପାରିବ । ଅର୍ଜୁନଙ୍କୁ ପ୍ରଦତ୍ତ ସର୍ବୋତ୍ତମ ଉପଦେଶ ହେଲା - ହୃଦୟରେ ଥିବା ପରମାତ୍ମାଙ୍କ ଶରଣରେ ଆସିବା । ଉତ୍ତମ ବିଗ୍ରହ ବୁଦ୍ଧି ଅନୁସରଣ କରି ବ୍ୟକ୍ତି ପରମାତ୍ମାଙ୍କର ଆଦେଶ ଅନୁଯାୟୀ କାର୍ଯ୍ୟ କରିବାକୁ ପ୍ରସ୍ତୁତ ହେବା ଉଚିତ୍ । ତଦ୍ଦ୍ୱାରା ସେ ଦୃଢ଼ଭାବେ କୃଷ୍ଣଚେତନାରେ ସ୍ଥିର ହୋଇପାରିବ । ତାହା ହେଉଛି ମାନବ ଜୀବନର ଅନ୍ତିମ ସିଦ୍ଧାବସ୍ଥା । ପରମପୁରୁଷ ଭଗବାନ୍ ଅଜୁର୍ନଙ୍କୁ ପ୍ରତ୍ୟକ୍ଷଭାବେ ଯୁଦ୍ଧ କରିବାକୁ ଆଦେଶ ଦେଉଛନ୍ତି । ପରମେଶ୍ୱରଙ୍କ ଶରଣରେ ଆସିବା ଜୀବ ପକ୍ଷରେ ପରମ କଲ୍ୟାଣକର ଅଟେ । ଏଥିରେ ପରମେଶ୍ୱରଙ୍କ ମଙ୍ଗଳ କଥା କିଛି ନାହିଁ । ଶରଣରେ ଆସିବା ପୂର୍ବରୁ ବ୍ୟକ୍ତିକୁ ଭଲଭାବରେ ତା'ର ବିଗ୍ରହ ବୁଦ୍ଧି ପ୍ରୟୋଗ କରି କାମ କରିବାକୁ ସ୍ୱାଧୀନତା ଦିଆଯାଇଅଛି । ଏହା ହେଉଛି ପରମପୁରୁଷ ଭଗବାନଙ୍କର ଉପଦେଶକୁ ଗ୍ରହଣ କରିବାର ସର୍ବୋତ୍ତମ ପନ୍ଥା । ଏ ପ୍ରକାର ଉପଦେଶ ମଧ୍ୟ କୃଷ୍ଣଙ୍କର ପ୍ରକୃତ ପ୍ରତିନିଧି ଗୁରୁଙ୍କ ମାଧ୍ୟମରେ ଆସେ ।

## ଶ୍ଳୋକ -୬୪

**ସର୍ବଗୁହ୍ୟତମଂ ଭୂୟଃ ଶୃଣୁ ମେ ପରମଂ ବଚଃ ।**
**ଇଷ୍ଟୋଽସି ମେ ଦୃଢ଼ମିତି ତତୋ ବକ୍ଷ୍ୟାମି ତେ ହିତମ୍ ।। ୬୪ ।।**

## ଶବ୍ଦାନୁବାଦ

ସର୍ବ-ଗୁହ୍ୟତମମ୍=ଅତ୍ୟନ୍ତ ଗୁପ୍ତ (ଗୁହ୍ୟ); ଭୂୟଃ=ପୁଣି, ପୁନର୍ବାର; ଶୃଣୁ=ଶୁଣ; ମେ=ମୋର; ପରମମ୍=ପରମ; ବଚଃ=ଉପଦେଶ; ଇଷ୍ଟଃ ଅସି=ତୁମେ ମୋର ଅତିପ୍ରିୟ; ମେ=ମୋର; ଦୃଢ଼ମ୍=ଅତ୍ୟନ୍ତ; ଇତି=ଏହିପରି; ତତଃ=ତେଣୁ; ବକ୍ଷ୍ୟାମି=କହିବି; ତେ =ତୁମ ପାଇଁ; ହିତମ୍=ମଙ୍ଗଳ ।

## ଅନୁବାଦ

**ତୁମେ ମୋର ଅତି ପ୍ରିୟସଖା ହୋଇଥିବାରୁ ମୁଁ ତୁମକୁ ଅତି ଗୁପ୍ତତମ ଜ୍ଞାନ କଥା କହୁଛି, ତାହା ତୁମେ ମୋ'ଠାରୁ ଶୁଣ । ତୁମର ମଙ୍ଗଳ ପାଇଁ ଏହା ମୁଁ କହୁଛି ।**

## ଭାବାର୍ଥ

ସର୍ବ ଜୀବର ହୃଦୟରେ ଥିବା ପରମାତ୍ମାଙ୍କ ସମ୍ବନ୍ଧୀୟ ଗୁପ୍ତଜ୍ଞାନ କଥା ଭଗବାନ୍ ଅର୍ଜୁନଙ୍କୁ କହିଛନ୍ତି ଏବଂ ବର୍ତ୍ତମାନ ସେ ଅତି ଗୁପ୍ତତମ ଜ୍ଞାନ କଥା -''ପରମପୁରୁଷ ଭଗବାନଙ୍କର ଶରଣରେ ଆସ''— ଏହି କଥା କହୁଛନ୍ତି । ନବମ ଅଧ୍ୟାୟର ଶେଷରେ ସେ କହିଛନ୍ତି, ''ସର୍ବଦା ମୋତେ ଚିନ୍ତାକର ।'' ସେହି ଏକ ଉପଦେଶ ଏଠାରେ ପୁନରୁକ୍ତି କରାଯାଉଛି । ଏହାର (ଅର୍ଥାତ୍ ଏପରି ପୁନରୁକ୍ତି କରିବାର) ଉଦ୍ଦେଶ୍ୟ ହେଲା ଭଗବଦ୍ ଗୀତାର ସାରକଥା ଉପରେ ଖୁବ୍ ଗୁରୁତ୍ୱଆରୋପ କରିବା । ଏ ସାରକଥାକୁ ସାଧାରଣ ଲୋକ ବୁଝିପାରେ ନାହିଁ । କିନ୍ତୁ ଯେ ପ୍ରକୃତରେ କୃଷ୍ଣଙ୍କର ଅତିପ୍ରିୟ, ଯେ କୃଷ୍ଣଙ୍କର ଅତି ଶୁଦ୍ଧଭକ୍ତ, ସେ ହିଁ ଏକଥା ବୁଝିପାରେ । ସମସ୍ତ ବୈଦିକ ସାହିତ୍ୟରେ ଦିଆଯାଇଥିବା ଉପଦେଶମାନଙ୍କ ମଧ୍ୟରେ ଏହା ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉପଦେଶ । ଏ ସଂପର୍କରେ କୃଷ୍ଣ ଯାହା କହୁଛନ୍ତି, ତାହା ଅତି ବିଶିଷ୍ଟ ଜ୍ଞାନ କଥା ଅଟେ ଏବଂ ଏହା ଯେ କେବଳ ଅର୍ଜୁନ ପାଳନ କରିବେ ତାହା ନୁହେଁ, ସମସ୍ତ ଜୀବ ଏହା ପାଳନ କରିବା ଉଚିତ୍ ।

## ଶ୍ଳୋକ-୬୫

**ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ଯାଜୀ ମାଂ ନମସ୍କୁରୁ ।**
**ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ ।। ୬୫ ।।**

## ଶବ୍ଦାନୁବାଦ

ମନ୍ ମନାଃ=ମୋତେ ଚିନ୍ତାକରି; ଭବ=ହୁଅ; ମତ୍-ଭକ୍ତଃ=ମୋର ଭକ୍ତ; ମତ୍-ଯାଜୀ=ମୋର ପୂଜକ; ମାମ୍=ମୋତେ; ନମସ୍କୁରୁ=ତୁମର ପ୍ରଣାମ ଜଣାଅ; ମାମ୍=ମୋତେ; ଏବ=ନିଶ୍ଚିତଭାବେ; ଏଷ୍ୟସି=ଆସିବ; ସତ୍ୟମ୍=ପ୍ରକୃତରେ, ସତ୍ୟରେ; ତେ=ତୁମକୁ; ପ୍ରତିଜାନେ=ମୁଁ ପ୍ରତିଜ୍ଞା କରୁଛି; ପ୍ରିୟଃ=ପ୍ରିୟ; ଅସି=ଅଟ; ମେ=ମୋର ।

## ଅନୁବାଦ

**ସର୍ବଦା ମୋତେ ଚିନ୍ତାକର ଏବଂ ମୋର ଭକ୍ତ ହୁଅ । ମୋତେ ପୂଜାକର ଏବଂ ମୋତେ ତୁମର ପ୍ରଣାମ ଜଣାଅ । ଏହିପରି ତୁମେ ନିଶ୍ଚିତଭାବେ ମୋ ପାଖକୁ ଆସିବ । ଏହା ମୁଁ ତୁମ ପାଖରେ ପ୍ରତିଜ୍ଞା କରି କହୁଛି, କାରଣ ତୁମେ ମୋର ଅତି ପ୍ରିୟସଖା ।**

## ଭାବାର୍ଥ

ଅତି ଗୁପ୍ତତମ ଜ୍ଞାନକଥା ଏହା ଯେ ବ୍ୟକ୍ତି କୃଷ୍ଣଙ୍କର ଜଣେ ଅତି ଶୁଦ୍ଧଭକ୍ତ ହେବା ଉଚିତ୍ ଏବଂ ସର୍ବଦା ତାଙ୍କୁ ଚିନ୍ତାକରି ତାଙ୍କପାଇଁ କାମ କରିବା ଉଚିତ୍ । ବ୍ୟକ୍ତି ଏକ ଅଫିସ କର୍ମଚାରୀ ଭଳି ଧ୍ୟାନଯୋଗୀ ହେବା ଉଚିତ୍ ନୁହେଁ । ଜୀବନକୁ ଏପରି ନିୟନ୍ତ୍ରିତ କରିବା ଉଚିତ୍ ଯେପରି'କି ସେ ସର୍ବଦା କୃଷ୍ଣଙ୍କୁ ଚିନ୍ତା କରିବାକୁ ସୁଯୋଗ ପାଇବ । ବ୍ୟକ୍ତି ସର୍ବଦା ଏପରି କାର୍ଯ୍ୟକରିବ ଯେପରି'କି ତା'ର ଦୈନନ୍ଦିନ କର୍ମ କୃଷ୍ଣଙ୍କ ପାଇଁ ହିଁ କରାଯିବ । ସେ ତା'ର ଜୀବନକୁ ଏ ପ୍ରକାରେ ନିୟନ୍ତ୍ରିତ କରିବ, ଯେପରି'କି ଦିନରାତି ଚବିଶଘଣ୍ଟା ସେ କେବଳ କୃଷ୍ଣ-ଚିନ୍ତା ଛଡ଼ା ଅନ୍ୟକିଛି କରିବ ନାହିଁ ଏବଂ ଭଗବାନ୍ ପ୍ରତିଜ୍ଞା କରି କହୁଛନ୍ତି, ଯେ

ଏ ପ୍ରକାର ଶୁଦ୍ଧ କୃଷ୍ଣଭାବନାରେ ବ୍ରତୀ ହେବ, ଯେ ନିଶ୍ଚୟ କୃଷ୍ଣଙ୍କ ଧାମକୁ ଫେରିଯିବ । ଯେଉଁଠାରେ ସେ ପ୍ରତ୍ୟକ୍ଷଭାବରେ କୃଷ୍ଣଙ୍କ ସଙ୍ଗଲାଭ କରି ସେବାରେ ରତ ହେବ । ଏହି ଅତି ଗୁହ୍ୟତମ ଜ୍ଞାନ କଥା ଅର୍ଜୁନଙ୍କୁ କୁହାଯାଇଛି, କାରଣ ସେ କୃଷ୍ଣଙ୍କର ଅତି ପ୍ରିୟସଖା । ଯେଉଁ ବ୍ୟକ୍ତି ଅର୍ଜୁନଙ୍କ ପନ୍ଥା ଅବଲମ୍ବନ କରିବ ସେ ମଧ୍ୟ କୃଷ୍ଣଙ୍କର ଅତି ପ୍ରିୟବନ୍ଧୁ ହୋଇପାରିବ, ଅର୍ଜୁନଙ୍କପରି ଜୀବନରେ ପୂର୍ଣ୍ଣତା ଲାଭ କରିପାରିବ ।

କୃଷ୍ଣଙ୍କର ଏ କଥାରୁ ଭଲଭାବରେ ଜଣାଯାଉଛି ବା କୃଷ୍ଣ ଜୋରଦେଇ କହୁଛନ୍ତି ଯେ ବ୍ୟକ୍ତି ସର୍ବଦା କୃଷ୍ଣଙ୍କୁ ଧ୍ୟାନ କରିବ ବା କୃଷ୍ଣଙ୍କଠାରେ ମନୋନିବେଶ କରିବ—କୃଷ୍ଣଙ୍କର ସୁନ୍ଦରରୂପ ଦ୍ୱିଭୂଜଧାରୀ ବଂଶୀବଦନ, ଶ୍ୟାମସୁନ୍ଦର ରୂପ, ସୁନ୍ଦର ମୁଖମଣ୍ଡଳ ଏବଂ ମୟୂର - ପୁଚ୍ଛଧାରୀ ଗୋପବାଳକ ରୂପକୁ ହିଁ ଧ୍ୟାନ କରିବ । ବ୍ରହ୍ମସଂହିତା ଓ ଅନ୍ୟାନ୍ୟ ବୈଦିକ ସାହିତ୍ୟରେ କୃଷ୍ଣଙ୍କ ସମ୍ବନ୍ଧରେ ବର୍ଣ୍ଣନା ଅଛି । ବ୍ୟକ୍ତି ଭଗବାନଙ୍କର ଏହି ମୌଳିକ ରୂପ, ଅର୍ଥାତ୍ - କୃଷ୍ଣରୂପରେ ହିଁ ମନୋନିବେଶ କରିବା ଉଚିତ୍ । ଏପରି'କି ସେ ଭଗବାନଙ୍କର ଅନ୍ୟ ରୂପପ୍ରତି ମନୋନିବେଶ କରିବା ଉଚିତ୍ ନୁହେଁ । ଭଗବାନଙ୍କର ବିଷ୍ଣୁ, ନାରାୟଣ, ରାମ, ବରାହ ଆଦି ଅସଂଖ୍ୟ ରୂପ ଅଛି, କିନ୍ତୁ ଜଣେ ଶୁଦ୍ଧଭକ୍ତ ଭଗବାନଙ୍କର ମୌଳିକରୂପ, ଅର୍ଥାତ୍-ଯେଉଁ ରୂପ ଅର୍ଜୁନଙ୍କ ସମ୍ମୁଖରେ ବିଦ୍ୟମାନ ଥିଲା, ସେହିରୂପକୁ ଧ୍ୟାନ କରିବା ଉଚିତ୍ । କୃଷ୍ଣରୂପକୁ ଧ୍ୟାନ କରିବା କଥା ବା କୃଷ୍ଣରୂପରେ ମନକୁ ସ୍ଥିର ରଖିବା କଥା ଅତ୍ୟନ୍ତ ଗୁହ୍ୟତମ ଜ୍ଞାନ ଅଟେ ଏବଂ ଏହିକଥା ଅର୍ଜୁନଙ୍କ ଆଗରେ ଭଗବାନ୍ ପ୍ରକାଶ କରିଛନ୍ତି; କାରଣ ଅର୍ଜୁନ ହେଉଛନ୍ତି କୃଷ୍ଣଙ୍କର ଅତିପ୍ରିୟ ସଖା ବା ବନ୍ଧୁ ।

## ଶ୍ଳୋକ - ୬୬

**ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।**
**ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।। ୬୬ ।।**

## ଶବ୍ଦାନୁବାଦ

ସର୍ବ-ଧର୍ମାନ୍=ସମସ୍ତ ପ୍ରକାର ଧର୍ମ; ପରିତ୍ୟଜ୍ୟ=ପରିତ୍ୟାଗ କରି; ମାମ୍=ମୋତେ; ଏକମ୍=କେବଳ; ଶରଣମ୍=ଶରଣ; ବ୍ରଜ=ଯାଅ; ଅହମ୍=ମୁଁ; ତ୍ୱାମ୍=ତୁମକୁ; ସର୍ବ=ସମସ୍ତ; ପାପେଭ୍ୟଃ=ପାପକର୍ମର ପ୍ରତିକ୍ରିୟାରୁ; ମୋକ୍ଷୟିଷ୍ୟାମି=ମୁକ୍ତ କରିବି; ମା ଶୁଚଃ=ଦୁଃଖୀ କରନାହିଁ।

## ଅନୁବାଦ

**ସମସ୍ତପ୍ରକାର ଧର୍ମ ତ୍ୟାଗକର, କେବଳ ମୋର ଶରଣରେ ଆସ । ମୁଁ ତୁମକୁ ସମସ୍ତପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତିଦେଇ ପାରିବି । ଏଥିରେ କିଛି ଭୟ କରିବାର ନାହିଁ ।**

## ଭାବାର୍ଥ

ଭଗବାନ୍ ବିଭିନ୍ନପ୍ରକାର ଜ୍ଞାନ, ଧର୍ମମାର୍ଗ, ପରଂବ୍ରହ୍ମଙ୍କର ଜ୍ଞାନ, ପରମାତ୍ମାଙ୍କର ଜ୍ଞାନ, ବିଭିନ୍ନ ବର୍ଣ୍ଣାଶ୍ରମ-ଜ୍ଞାନ, ସନ୍ୟାସାଶ୍ରମ ଜ୍ଞାନ, ବୈରାଗ୍ୟ ଜ୍ଞାନ, ଇନ୍ଦ୍ରିୟଦମନ, ମନସଂଯମ, ଧ୍ୟାନ ଆଦି ସମ୍ବନ୍ଧୀୟ ଜ୍ଞାନ କଥା ବର୍ଣ୍ଣନା କରିଛନ୍ତି । ସେ ଅନେକପ୍ରକାରେ ବିଭିନ୍ନ ଧର୍ମକଥା ବର୍ଣ୍ଣନା

କରିଛନ୍ତି । ବର୍ତ୍ତମାନ ଭଗବଦ୍ ଗୀତାର ସାରକଥା କହିବାକୁ ଯାଇ ଭଗବାନ୍ କହୁଛନ୍ତି ଯେ ଅର୍ଜୁନଙ୍କୁ ଯାହାସବୁ ସେ କହିଗଲେ, ସେ ସବୁକୁ ସେ ତ୍ୟାଗକରି କେବଳ କୃଷ୍ଣଙ୍କର ଶରଣରେ ଆସିବା ଉଚିତ୍ । ସେହି ଶରଣାଗତି ହିଁ ତାକୁ ସମସ୍ତପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ରକ୍ଷାକରିବ; କାରଣ ଭଗବାନ୍ ନିଜେ ପ୍ରତିଜ୍ଞା କରି କହୁଛନ୍ତି ଯେ ସେ ତାକୁ ରକ୍ଷା କରିବେ ।

ଅଷ୍ଟମ ଅଧ୍ୟାୟରେ କୁହାଯାଇଛି ଯେ ଯେଉଁ ବ୍ୟକ୍ତି ସମସ୍ତ ପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇଛି, ସେ ହିଁ ଭଗବାନ୍ ଶ୍ରୀକୃଷ୍ଣଙ୍କର ପୂଜା କରିପାରିବ । ତେଣୁ ବ୍ୟକ୍ତି ଏପରି ଭାବିପାରେ ଯେ ଯେପର୍ଯ୍ୟନ୍ତ ସେ ସମସ୍ତପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ନହୋଇଛି, ସେ ପର୍ଯ୍ୟନ୍ତ ସେ ଶରଣାଗତ ପନ୍ଥା ଗ୍ରହଣ କରିପାରିବ ନାହିଁ । ଏ ସନ୍ଦେହର ନିରାକରଣ ନିମିତ୍ତ ଏଠାରେ କୁହାଯାଉଛି ଯେ ଯଦିଓ ବ୍ୟକ୍ତି ସମସ୍ତ ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ନ ହୋଇଥାଏ, ତଥାପି ସେ ଯଦି କେବଳ ଭଗବାନ୍ ଶ୍ରୀକୃଷ୍ଣଙ୍କର ଶରଣରେ ଆସେ, ତେବେ ସେ ସ୍ୱତଃମୁକ୍ତ ହୋଇଯାଏ । ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତହେବା ନିମିତ୍ତ ଅତି କଠିନ ପ୍ରଚେଷ୍ଟା କରିବାର କୌଣସି ଆବଶ୍ୟକତା ନାହିଁ । ନିଃସନ୍ଦେହଭାବରେ ବ୍ୟକ୍ତି କୃଷ୍ଣଙ୍କୁ ସମସ୍ତ ଜୀବଙ୍କର ପରମ ତ୍ରାଣକର୍ତ୍ତାବୋଲି ଗ୍ରହଣ କରିବା ଉଚିତ୍ । ବିଶୁଦ୍ଧ ପ୍ରେମ ଓ ପୂର୍ଣ୍ଣ ବିଶ୍ୱାସସହ ବ୍ୟକ୍ତି ତାଙ୍କର ଶରଣରେ ଆସିବା ଉଚିତ୍ ।

ଭକ୍ତିମାର୍ଗର ବିଧି ଅନୁଯାୟୀ ବ୍ୟକ୍ତି କେବଳ ସେହିପ୍ରକାର ଧର୍ମନୀତି ହିଁ ଆଚରଣ କରିବ, ଯାହା ପରିଣାମରେ ତାକୁ ଭକ୍ତି-ଯୋଗ ମାର୍ଗକୁ ହିଁ ଆଣିବ । ବ୍ୟକ୍ତି ସାମାଜିକ ବର୍ଣ୍ଣ ବ୍ୟବସ୍ଥା ଅନୁଯାୟୀ ଏକ ପ୍ରକାର ଧନ୍ଦା କରିପାରେ; କିନ୍ତୁ ସେ ଯଦି ନିଜର ଧନ୍ଦା ମାଧ୍ୟମରେ କୃଷ୍ଣଚେତନା ଲାଭ କରି ନ ପାରିଲା, ତାହାହେଲେ ତା'ର ସମସ୍ତ କର୍ମ ବୃଥା ହୋଇଗଲା । ଯାହା କୃଷ୍ଣଚେତନା ମାର୍ଗରେ ଆମକୁ ଅଗ୍ରଗତି କରାଇ ନପାରେ, ତାହା ତ୍ୟଜ୍ୟ ଅଟେ । ବ୍ୟକ୍ତିର ଏ ଦୃଢ଼ବିଶ୍ୱାସ ରହିବା ଉଚିତ୍ ଯେ କୃଷ୍ଣ ତାକୁ ସମସ୍ତ ବିପଦରୁ ହିଁ ରକ୍ଷା କରିବେ । କିପରି ବ୍ୟକ୍ତି ଏ ଶରୀର ଓ ଆତ୍ମାକୁ ରକ୍ଷାକରିବ, ସେ ବିଷୟରେ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । ସେକଥା କୃଷ୍ଣ ବୁଝିବେ । ବ୍ୟକ୍ତି ସର୍ବଦା ନିଜକୁ ନିଃସହାୟ ବୋଲି ମନେକରିବା ଉଚିତ୍ ଏବଂ ତା'ର ଜୀବନରେ ଉନ୍ନତି କରିବା ନିମିତ୍ତ କୃଷ୍ଣ ହିଁ ଏକମାତ୍ର ସହାୟ ବୋଲି ଭାବିବା ଉଚିତ୍ । ବ୍ୟକ୍ତି ଦୃଢ଼ ନିଷ୍ଠାସହକାରେ ପୂର୍ଣ୍ଣକୃଷ୍ଣଚେତନାରେ ଭଗବଦ୍ ସେବାରେ ନିଯୁକ୍ତ ହୋଇଗଲେ ସାଙ୍ଗେ ସାଙ୍ଗେ ସମସ୍ତ ପ୍ରକାର ଭୌତିକ ଦୋଷରୁ ମୁକ୍ତ ହୋଇଯାଏ । ଅନେକ ପ୍ରକାର ଧାର୍ମିକ ବିଧି-ବ୍ୟବସ୍ଥା ଅଛି - ଜ୍ଞାନଯୋଗ, ଧ୍ୟାନଯୋଗ ଓ ଅଷ୍ଟାଙ୍ଗଯୋଗ ସାଧନମାର୍ଗ ଆଦି ଅଛି; କିନ୍ତୁ ଯେ ସବୁଛାଡ଼ି କେବଳ କୃଷ୍ଣଙ୍କ ଶରଣରେ ଆସେ, ତାକୁ ଆଉ ଏସବୁ କିଛି କରିବାକୁ ଦରକାର ପଡ଼େନାହିଁ । କେବଳ *'କୃଷ୍ଣୈକ ଶରଣ'* ଅର୍ଥାତ୍ -ଏହି ଶରଣାଗତି ହିଁ ବ୍ୟକ୍ତିକୁ ଅଯଥା ସମୟ ଅପଚୟରୁ ରକ୍ଷାକରିବ । ଏହିପରି ବ୍ୟକ୍ତି ସାଙ୍ଗେ ସାଙ୍ଗେ ସମସ୍ତ ପ୍ରକାର ଉନ୍ନତି କରିପାରିବ ଏବଂ ସମସ୍ତ ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇପାରିବ ।

କୃଷ୍ଣଙ୍କର ସୁନ୍ଦର ରୂପରେ ସମସ୍ତେ ଆକୃଷ୍ଟ ହେବା ଉଚିତ୍ । ତାଙ୍କର ନାମ ହେଉଛି କୃଷ୍ଣ, କାରଣ ସେ ହେଉଛନ୍ତି ସର୍ବାକର୍ଷଣୀୟ । ଯେ କୃଷ୍ଣଙ୍କର ସର୍ବଶକ୍ତିମାନ୍ ସୁନ୍ଦର ରୂପପ୍ରତି ଆକୃଷ୍ଟ ହୁଏ, ସେ ଭାଗ୍ୟବାନ୍ ଅଟେ । ବିଭିନ୍ନ ପ୍ରକାର ଯୋଗୀ ଅଛନ୍ତି—କେତେକ ଯୋଗୀ ନିର୍ବିଶେଷ ବ୍ରହ୍ମଜ୍ୟୋତି ପ୍ରତି ଆକୃଷ୍ଟ, କେତେକ ପରମାତ୍ମାରୂପ ପ୍ରତି ଆକୃଷ୍ଟ, ଏହିପରି

ନାନାପ୍ରକାର ଯୋଗୀ ଅଛନ୍ତି, କିନ୍ତୁ ଯେ ପରମପୁରୁଷ ଭଗବାନଙ୍କର ସାକାର ରୂପପ୍ରତି ଆକୃଷ୍ଟ ଏବଂ ସର୍ବୋପରି ଯେ ପରମପୁରୁଷ ଭଗବାନଙ୍କର ମୌଳିକ ରୂପ, ଅର୍ଥାତ୍-କୃଷ୍ଣରୂପ ପ୍ରତି ଆକୃଷ୍ଟ, ସେ ସର୍ବୋତ୍ତମ ଯୋଗୀ ଅଟେ । ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ ପୂର୍ଣ୍ଣଚେତନାରେ କୃଷ୍ଣ ସେବା ହିଁ ଅତ୍ୟନ୍ତ ଗୁହ୍ୟତମ ଜ୍ଞାନ କଥା ଅଟେ । ଏହା ହେଉଛି ସମୁଦାୟ ଭଗବଦ୍ ଗୀତାର ସାରକଥା । କର୍ମଯୋଗୀ, ଜ୍ଞାନଯୋଗୀ, ଧ୍ୟାନଯୋଗୀ, ହଠଯୋଗୀ ଏବଂ ଭକ୍ତିଯୋଗୀ-ଏ ସମସ୍ତଙ୍କୁ ଯୋଗୀ କୁହାଯାଏ; କିନ୍ତୁ ଯେ ଶୁଦ୍ଧଭକ୍ତ, ସେ ସର୍ବୋତ୍ତମ ଯୋଗୀ ଅଟେ । ବିଶେଷକରି ଏଠାରେ ବ୍ୟବହୃତ *''ମା ଶୁଚଃ,* ଅର୍ଥାତ୍-କିଛି ଭୟକରିବାର ନାହିଁ; ''ଦ୍ୱିଧାବୋଧ କରିବାର ନାହିଁ'' ବା ଦୁଃଖିତ ହେବାର ନାହିଁ -ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଅଟେ । କେହି କେହି ବ୍ୟସ୍ତ ବିବ୍ରତ ହୋଇପାରନ୍ତି ଯେ, କିପରି ବ୍ୟକ୍ତି ସମସ୍ତପ୍ରକାର ଧର୍ମରୂପକୁ ତ୍ୟାଗ କରିପାରିବ ଏବଂ ଏକାନ୍ତଭାବେ କେବଳ କୃଷ୍ଣଙ୍କର ଶରଣରେ ଆସିପାରିବ, କିନ୍ତୁ ଏ ପ୍ରକାର ବିବ୍ରତହେବାର ବା ଦୁଃଖ କରିବାର କୌଣସି କାରଣ ନାହିଁ । ଏହା ଅଯଥା ଦୁଃଖ ଅଟେ ।

## ଶ୍ଳୋକ-୬୭

**ଇଦଂ ତେ ନାତପସ୍କାୟ ନାଭକ୍ତାୟ କଦାଚନ ।**
**ନ ଚାଶୁଶ୍ରୂଷବେ ବାଚ୍ୟଂ ନ ଚ ମାଂ ଯୋଽଭ୍ୟସୂୟତି ।।୬୭।।**

## ଶବ୍ଦାନୁବାଦ

ଇଦମ୍=ଏହା; ତେ=ତୁମକୁ; ନ=ନୁହେଁ; ଅତପସ୍କାୟ=ଯେ ତାପସ ନୁହେଁ ବା ଯାହାର ତପସ୍ୟା ନାହିଁ; ନ=ନୁହେଁ; ଅଭକ୍ତାୟ=ଯେ ଭକ୍ତ ନୁହେଁ; କଦାଚନ=କଦାପି; ନ=ନୁହେଁ; ଚ=ମଧ୍ୟ;ଅଶୁଶ୍ରୂଷବେ=ଯେ ସେବାରତ ନୁହେଁ;ବାଚ୍ୟମ୍=କହିବା ଉଚିତ୍; ନ=ନୁହେଁ; ଚ=ମଧ୍ୟ; ମାମ୍=ମୋତେ; ଯଃ=ଯେ; ଅଭ୍ୟସୂୟତି=ଈର୍ଷାକରେ ।

## ଅନୁବାଦ

**ଏ ଗୁହ୍ୟଜ୍ଞାନ ସମସ୍ତଙ୍କୁ କୁହାଯାଇ ନ ପାରେ, ଯେଉଁମାନେ ତପସ୍ୟା କରନ୍ତି ନାହିଁ କିମ୍ବା ଭକ୍ତ ନୁହଁନ୍ତି କିମ୍ବା ସେବାରତ ନୁହଁନ୍ତି କିମ୍ବା ଯେଉଁମାନେ ମୋତେ ଈର୍ଷା କରନ୍ତି, ସେମାନଙ୍କୁ ଏହା କୁହାଯାଇ ନପାରେ ।**

## ଭାବାର୍ଥ

ଯେଉଁମାନେ ତପସ୍ୟା ଆଚରଣ କରି ନାହାଁନ୍ତି, ଧର୍ମନୀତି ଅବଲମ୍ବନ କରନ୍ତି ନାହିଁ, ଯେଉଁମାନେ କୃଷ୍ଣଚେତନାରେ କେବେ ସେବା କରିବାକୁ ଚେଷ୍ଟା କରି ନାହାନ୍ତି ଯେଉଁମାନେ ଏକ ଶୁଦ୍ଧଭକ୍ତର ସେବା କରି ନାହାନ୍ତି ଏବଂ ବିଶେଷକରି ଯେଉଁମାନେ କୃଷ୍ଣଙ୍କୁ ଏକ ଐତିହାସିକ ମହାପୁରୁଷ ବୋଲି ଗ୍ରହଣ କରନ୍ତି କିମ୍ବା ଯେଉଁମାନେ କୃଷ୍ଣଙ୍କର ମହାନତାକୁ ସହ୍ୟକରି ନ ପାରନ୍ତି, ସେମାନଙ୍କୁ ଏ ଗୁହ୍ୟତମ ଜ୍ଞାନକଥା କୁହାଯିବା ଉଚିତ୍ ନୁହେଁ । ଅବଶ୍ୟ ବେଳେ ବେଳେ ଏପରି ଦେଖାଯାଏ ଯେ ଏପରିକି ଅସୁରସ୍ୱଭାବସଂପନ୍ନ ବ୍ୟକ୍ତିଗଣ (ଅର୍ଥାତ୍ ଯେଉଁମାନେ କୃଷ୍ଣଙ୍କୁ ଈର୍ଷା କରନ୍ତି) ଅନ୍ୟ ପ୍ରକାରେ କୃଷ୍ଣଙ୍କୁ ପୂଜାକରି ଅର୍ଥୋପାର୍ଜନ ଉଦ୍ଦେଶ୍ୟରେ ଭଗବଦ୍ ଗୀତା ଉପରେ ପ୍ରବଚନ ଦେବା ବ୍ୟବସାୟ କରନ୍ତି, କିନ୍ତୁ ଯେ ପ୍ରକୃତରେ କୃଷ୍ଣଙ୍କୁ ବୁଝିବାକୁ

ଇଚ୍ଛାକରେ, ସେ ଭଗବଦ୍ ଗୀତାର ସେ ପ୍ରକାର ପ୍ରବଚନ ବା ଭାଷ୍ୟ ଶୁଣିବା ଉଚିତ୍ ନୁହେଁ। ସେ ତାହା ତ୍ୟାଗ କରିବା ଉଚିତ୍ । ବାସ୍ତବରେ ଯେଉଁମାନେ କାମାସକ୍ତ ବା ଇନ୍ଦ୍ରିୟ ସୁଖପରାୟଣ ସେମାନେ ଭଗବଦ୍ ଗୀତାର ପ୍ରକୃତ ଉଦ୍ଦେଶ୍ୟ ବୁଝି ପାରିବେ ନାହିଁ-ଏହିପରି କେହି ଯଦି ଇନ୍ଦ୍ରିୟସୁଖପରାୟଣ ନ ହୋଇ, ବୈଦିକ ଶାସ୍ତ୍ରରେ ଦିଆଯାଇଥିବା ନୀତିନିୟମ କଡ଼ାକଡ଼ି ଭାବେ ପାଳନ କରୁଥାଏ, ତଥାପି ସେ ଯଦି ଭକ୍ତ ହୋଇ ନଥାଏ, ତାହାହେଲେ ମଧ୍ୟ ସେ କୃଷ୍ଣଙ୍କୁ ବୁଝି ପାରିବନାହିଁ। ଏପରିକି କେହି କୃଷ୍ଣଭକ୍ତଭଳି ନିଜକୁ ବାହାରକୁ ଦେଖାଇ ହୁଏ ବା ଅଭିନୟ କରେ, କିନ୍ତୁ କୃଷ୍ଣଙ୍କ ସେବାରେ ଆତ୍ମନିୟୋଗ କରେ ନାହିଁ, ସେ ମଧ୍ୟ କୃଷ୍ଣଙ୍କୁ ବୁଝିପାରିବ ନାହିଁ। ଅନେକ ଲୋକ ଏପରି ଅଛନ୍ତି ଯେଉଁମାନେ କୃଷ୍ଣଙ୍କୁ ହିଂସା କରନ୍ତି, କାରଣ କୃଷ୍ଣ ଭଗବଦ୍ ଗୀତାରେ କହିଛନ୍ତି - ସେ ପରମେଶ୍ୱର ଅଟନ୍ତି, ତାଙ୍କଠାରୁ କେହି ବଡ଼ ନୁହଁନ୍ତି ବା ତାଙ୍କ ସହିତ କେହି ସମାନ ନୁହଁନ୍ତି। ଅନେକ ଲୋକ ଏପରି ଅଛନ୍ତି, ଯେଉଁମାନେ କୃଷ୍ଣଙ୍କୁ ହିଂସା କରନ୍ତି। ଏପରି ଲୋକଙ୍କୁ ଭଗବଦ୍‌ଗୀତା ବାଣୀ କହିବା ଉଚିତ୍ ନୁହେଁ, କାରଣ ସେମାନେ ଏହା ବୁଝିପାରିବେ ନାହିଁ। ଯେଉଁମାନେ ନାସ୍ତିକ, ଯେଉଁମାନଙ୍କର କୃଷ୍ଣଙ୍କଠାରେ ଶ୍ରଦ୍ଧା, ପ୍ରେମ ବା ବିଶ୍ୱାସ ନାହିଁ, ସେମାନଙ୍କ ପକ୍ଷରେ ଭଗବଦ୍ ଗୀତା ଏବଂ କୃଷ୍ଣଙ୍କୁ ବୁଝିବା ସମ୍ଭବପର ନୁହେଁ। ଜଣେ ଉପଯୁକ୍ତ ଅଧିକାରୀ ବା ଶୁଦ୍ଧଭକ୍ତଙ୍କଠାରୁ କୃଷ୍ଣଙ୍କ ସମ୍ବନ୍ଧରେ ନଶୁଣି ବା କୃଷ୍ଣଙ୍କୁ ନବୁଝି କେହି ଭଗବଦ୍ ଗୀତା ଉପରେ ଭାଷ୍ୟ ରଚନା କରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ ।

## ଶ୍ଲୋକ-୬୮

**ଯ ଇଦଂ ପରମଂ ଗୁହ୍ୟଂ ମଦ୍‌ଭକ୍ତେଷ୍ୱଭିଧାସ୍ୟତି ।**
**ଭକ୍ତିଂ ମୟି ପରାଂ କୃତ୍ୱା ମାମେବୈଷ୍ୟତ୍ୟସଂଶୟଃ ।।୬୮ ।।**

## ଶବ୍ଦାନୁବାଦ

ଯଃ=ଯେ; ଇଦମ୍=ଏହା; ପରମମ୍=ଶ୍ରେଷ୍ଠ; ଗୁହ୍ୟମ୍=ଗୁପ୍ତ; ମତ୍ =ମୋର; ଭକ୍ତେଷୁ=ଭକ୍ତମାନଙ୍କ ମଧ୍ୟରେ; ଅଭିଧାସ୍ୟତି=ବ୍ୟାଖ୍ୟାକରେ; ଭକ୍ତିମ୍=ଭକ୍ତି; ମୟି=ମୋ'ଠାରେ; ପରାମ୍=ପରମ; କୃତ୍ୱା=କରି; ମାମ୍=ମୋତେ (ମୋ' ଠାକୁ); ଏବ=ନିଶ୍ଚିତଭାବେ; ଏଷ୍ୟତି=ଆସେ; ଅସଂଶୟଃ=ନିଃସନ୍ଦେହ।

## ଅନୁବାଦ

**ଯେଉଁ ବ୍ୟକ୍ତି ଏ ଶ୍ରେଷ୍ଠ ଗୁପ୍ତଜ୍ଞାନ କଥା ଭକ୍ତମାନଙ୍କ ମଧ୍ୟରେ ବ୍ୟାଖ୍ୟା କରେ, ତାକୁ ନିଶ୍ଚିତରୂପେ ଭକ୍ତି ପ୍ରାପ୍ତ ହୁଏ ଏବଂ ଶେଷରେ ସେ ନିଶ୍ଚୟ ମୋ' ପାଖକୁ ଫେରି ଆସିବ।**

## ଭାବାର୍ଥ

ସାଧାରଣତଃ ଏହି ଉପଦେଶ ଦିଆଯାଇଥାଏ ଯେ ଭଗବଦ୍‌ଗୀତା କେବଳ ଭକ୍ତମାନଙ୍କ ମଧ୍ୟରେ ହିଁ ଆଲୋଚନା କରାଯିବ; କାରଣ ଯେଉଁମାନେ ଭକ୍ତ ନୁହଁନ୍ତି ସେମାନେ କୃଷ୍ଣଙ୍କୁ କିମ୍ବା ଭଗବଦ୍ ଗୀତାକୁ ବୁଝିପାରିବେ ନାହିଁ। ଯେଉଁମାନେ କୃଷ୍ଣଙ୍କୁ ତାଙ୍କର ମୌଳିକରୂପରେ ଏବଂ ଭଗବଦ୍‌ଗୀତାକୁ ଯଥାରୂପ ଗ୍ରହଣ ନକରନ୍ତି, ସେମାନେ ସେମାନଙ୍କ ମନମୁତାବକ ଭଗବଦ୍‌ଗୀତାକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିବା ଉଚିତ୍ ନୁହେଁ, କାରଣ ତଦ୍ୱାରା ସେମାନେ ଅପରାଧ ଅର୍ଜନ

କରିବେ । ଯେଉଁମାନେ କୃଷ୍ଣଙ୍କୁ ପରମପୁରୁଷ ଭଗବାନ୍ ରୂପେ ଗ୍ରହଣ କରିବାକୁ ପ୍ରସ୍ତୁତ, ସେହିମାନଙ୍କୁ ଭଗବଦ୍ ଗୀତାବାଣୀ କୁହାଯିବା ଉଚିତ୍ । ଏହା ଭକ୍ତମାନଙ୍କ ପାଇଁ ଉଦ୍ଦିଷ୍ଟ, ଏହା ବ୍ରହ୍ମବାଦୀ ବା ସାଂଖ୍ୟବାଦୀ ଦାର୍ଶନିକମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ଅବଶ୍ୟ ଯେ ନିଷ୍ଠା ସହକାରେ ଭଗବଦ୍‌ଗୀତାକୁ ମୌଳିକରୂପରେ ଉପସ୍ଥାପନ କରିବାକୁ ଚେଷ୍ଟାକରେ, ସେ ନିଶ୍ଚୟ ଭକ୍ତିଯୋଗ ମାର୍ଗରେ ଉନ୍ନତି କରିବ ଏବଂ ଶୁଦ୍ଧଭକ୍ତି ଲାଭକରିବ । ଏ ପ୍ରକାର ଶୁଦ୍ଧ ଭକ୍ତିର ଫଳସ୍ୱରୂପ ସେ ନିଶ୍ଚୟ ଭଗବଦ୍ ଧାମକୁ, ଭଗବାନଙ୍କ ନିକଟକୁ ଫେରିଯାଇ ପାରିବ ।

## ଶ୍ଳୋକ-୬୯

**ନ ଚ ତସ୍ମାନ୍ମନୁଷ୍ୟେଷୁ କଶ୍ଚିନ୍ମେ ପ୍ରିୟକୃତ୍ତମଃ ।**
**ଭବିତା ନ ଚ ମେ ତସ୍ମାଦନ୍ୟଃ ପ୍ରିୟତରୋ ଭୁବି ।। ୬୯ ।।**

## ଶବ୍ଦାନୁବାଦ

ନ=ନୁହେଁ; ଚ=ଏବଂ; ତସ୍ମାତ୍=ତେଣୁ;ମନୁଷ୍ୟେଷୁ=ମନୁଷ୍ୟମାନଙ୍କ ମଧ୍ୟରେ; କଶ୍ଚିତ୍=କେହି; ମେ=ମୋର; ପ୍ରିୟ-କୃତ୍ତମଃ=ଅଧିକ ପ୍ରିୟ; ଭବିତା=ହେବ; ନ=ନୁହେଁ; ଚ=ଏବଂ; ମେ=ମୋର; ତସ୍ମାତ୍=ତା'ଠାରୁ; ଅନ୍ୟଃ=ଅନ୍ୟ; ପ୍ରିୟତରଃ=ପ୍ରିୟତର; ଭୁବି=ଏ ପୃଥିବୀରେ ।

## ଅନୁବାଦ

ଏ ପୃଥିବୀରେ ତା' ଅପେକ୍ଷା ଅଧିକ ପ୍ରିୟ ସେବକ ମୋର ଆଉ କେହି ନାହାନ୍ତି କିମ୍ବା ଆଉ କେହି ହେବେ ନାହିଁ ।

## ଶ୍ଳୋକ-୭୦

**ଅଧ୍ୟେଷ୍ୟତେ ଚ ଯ ଇମଂ ଧର୍ମ୍ୟଂ ସମ୍ବାଦମାବୟୋଃ ।**
**ଜ୍ଞାନଯଜ୍ଞେନ ତେନାହମିଷ୍ଟଃ ସ୍ୟାମିତି ମେ ମତିଃ ।। ୭୦ ।।**

## ଶବ୍ଦାନୁବାଦ

ଅଧ୍ୟେଷ୍ୟତେ=ପଢ଼ିବ (ଅଧ୍ୟୟନ କରିବ); ଚ=ମଧ୍ୟ; ଯଃ=ଯେ (ସେ); ଇମମ୍=ଏହା; ଧର୍ମ୍ୟମ୍=ପବିତ୍ର; ସଂବାଦମ୍=ସଂବାଦ (ବାର୍ତ୍ତାଳାପ); ଆବୟୋଃ=ଆମ ଦୁହିଁଙ୍କର; ଜ୍ଞାନ=ଜ୍ଞାନ; ଯଜ୍ଞେନ=ଯଜ୍ଞଦ୍ୱାରା; ତେନ=ତଦ୍ଦ୍ୱାରା; ଅହମ୍=ମୁଁ; ଇଷ୍ଟଃ=ପୂଜିତ ହୁଏ; ସ୍ୟାମ୍=ହେବି; ଇତି=ଏହିପରି; ମେ=ମୋର; ମତିଃ=ମତ ।

## ଅନୁବାଦ

ମୁଁ ଘୋଷଣା କରୁଛି ଯେ, ଯେ ଏହି ପବିତ୍ର ସମ୍ବାଦ (ଆମ ଦୁହିଁଙ୍କର ଏ ବାର୍ତ୍ତାଳାପ) ପାଠ କରେ, ସେ ବୁଦ୍ଧି ଯୋଗରେ ମୋରପୂଜା କରେ ।

## ଶ୍ଳୋକ-୭୧

**ଶ୍ରଦ୍ଧାବାନନସୂୟଶ୍ଚ ଶୃଣୁୟାଦପି ଯୋ ନରଃ ।**
**ସୋଽପି ମୁକ୍ତଃ ଶୁଭାଁଲ୍ଲୋକାନ୍ ପ୍ରାପ୍ନୁୟାତ୍ପୁଣ୍ୟକର୍ମଣାମ୍ ।। ୭୧ ।।**

## ଶବ୍ଦାନୁବାଦ

ଶ୍ରଦ୍ଧାବାନ୍=ଶ୍ରଦ୍ଧାବାନ୍ (ବିଶ୍ୱସ୍ତ); ଅନସୂୟଃ ଚ=ଏବଂ ଈର୍ଷାଳୁ ନୁହେଁ; ଶୃଣୁୟାତ୍=ଶୁଣେ; ଅପି=ନିଶ୍ଚିତଭାବେ; ଯଃ=ଯେଉଁ; ନରଃ=ମାନବ; ସଃ ଅପି=ସେ ମଧ୍ୟ; ମୁକ୍ତଃ=ମୁକ୍ତ; ଶୁଭାନ୍=ଶୁଭ; ଲୋକାନ୍=ଲୋକ; ପ୍ରାପ୍ନୁୟାତ୍=ପ୍ରାପ୍ତ ହୁଏ; ପୁଣ୍ୟ-କର୍ମଣାମ୍=ପୁଣ୍ୟକର୍ମିମାନଙ୍କ ମଧ୍ୟରେ ।

## ଅନୁବାଦ

**ଯେଉଁ ବ୍ୟକ୍ତି ପୂର୍ଣ୍ଣ ଶ୍ରଦ୍ଧା ଓ ବିଶ୍ୱାସ ସହକାରେ ଈର୍ଷାନ୍ୱିତ ନ ହୋଇ ଏହାକୁ ଶ୍ରବଣ କରେ, ସେ ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇଯାଏ ଏବଂ ପୁଣ୍ୟବନ୍ତ ଲୋକମାନେ ବାସ କରୁଥିବା ଲୋକ ପ୍ରାପ୍ତ ହୁଏ ।**

## ଭାବାର୍ଥ

ଏହି ଅଧ୍ୟାୟରେ *୬୭*ଶ ଶ୍ଳୋକରେ ଭଗବାନ୍ ପରିଷ୍କାର ଭାବରେ ମନା କରି ଦେଇଛନ୍ତି ଯେ ଯେଉଁମାନେ ଭଗବାନଙ୍କୁ ଈର୍ଷା କରନ୍ତି ସେମାନଙ୍କୁ ଗୀତା କୁହାଯିବ ନାହିଁ । ଅନ୍ୟ କଥାରେ ଭଗବଦ୍ ଗୀତା କେବଳ ଭକ୍ତମାନଙ୍କ ପାଇଁ ହୋଇଛି, କିନ୍ତୁ ବେଳେବେଳେ ଏପରି ହୁଏ ଭଗବାନଙ୍କର ଏକ ଭକ୍ତ ଉନ୍ମୁକ୍ତ ଶ୍ରେଣୀରେ ଭଗବଦ୍ ଗୀତା ଶିକ୍ଷା ଦିଏ ଏବଂ ସେହି ଶ୍ରେଣୀରେ ଉପସ୍ଥିତ ଥିବା ଛାତ୍ରଗଣ ଯେ ସମସ୍ତେ ଭକ୍ତ, ତାହା ନୁହେଁ । ଏପରି ଆଶା ମଧ୍ୟ କରାଯାଇପାରେ ନାହିଁ । ଏ ପ୍ରକାର ବ୍ୟକ୍ତିମାନେ କାହିଁକି ଖୋଲା ଶ୍ରେଣୀରେ ଭଗବଦ୍ ଗୀତା ଶିକ୍ଷା ଦିଅନ୍ତି ? ଏଠାରେ କୁହାଯାଇଛି ଯେ ଯଦିଓ ସମସ୍ତେ ଭକ୍ତ ନୁହଁନ୍ତି, ତଥାପି ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କୃଷ୍ଣଙ୍କ ପ୍ରତି ହିଂସାଚରଣ କରନ୍ତି ନାହିଁ । ପରମପୁରୁଷ ଭଗବାନ୍ ହିସାବରେ ତାଙ୍କଠାରେ ସେମାନଙ୍କର ବିଶ୍ୱାସ ଥାଏ । ଯଦି ଏ ପ୍ରକାର ଲୋକ ଜଣେ ଉପଯୁକ୍ତ ଭକ୍ତଙ୍କଠାରୁ ଭଗବାନଙ୍କ ସମ୍ବନ୍ଧରେ ଶ୍ରବଣ କରନ୍ତି, ତାହାହେଲେ ସେମାନେ ସାଙ୍ଗେ ସାଙ୍ଗେ ସମସ୍ତ ପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହୋଇଯା'ନ୍ତି ଏବଂ ତପରେ ପୁଣ୍ୟକର୍ମୀମାନଙ୍କର ଲୋକ ପ୍ରାପ୍ତ ହୁଅନ୍ତି । ତେଣୁ କେବଳ ଭଗବଦ୍ ଗୀତା ଶ୍ରବଣ କରିବାଦ୍ୱାରା ବ୍ୟକ୍ତି ଏକ ଶୁଦ୍ଧ ଭକ୍ତ ହେବାକୁ ଚେଷ୍ଟା ନକଲେ ସୁଦ୍ଧା ପୁଣ୍ୟକର୍ମର ଫଳ ପ୍ରାପ୍ତହୁଏ । ଏହିପରି ଭଗବାନଙ୍କର ଏକ ଶୁଦ୍ଧଭକ୍ତ ପ୍ରତ୍ୟେକଙ୍କୁ ସମସ୍ତପ୍ରକାର ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ହେବା ନିମିତ୍ତ ଏବଂ ଭଗବାନଙ୍କର ଭକ୍ତ ହେବା ନିମିତ୍ତ ସୁବିଧା ଦିଏ ।

ସାଧାରଣତଃ ଯେଉଁମାନେ ପାପକର୍ମର ପ୍ରତିକ୍ରିୟାରୁ ମୁକ୍ତ ସେମାନେ ପୁଣ୍ୟବନ୍ତ ଅଟନ୍ତି । ଏ ପ୍ରକାର ଲୋକେ ଅତି ସହଜରେ କୃଷ୍ଣଚେତନା ମାର୍ଗ ଗ୍ରହଣ କରନ୍ତି । ଏଠାରେ ବ୍ୟବହୃତ *''ପୁଣ୍ୟ କର୍ମଣାମ୍''* ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ । ଏହା ବିରାଟ ତ୍ୟାଗ କଥା କହୁଛି ।

ଯେଉଁମାନେ ପୁଣ୍ୟକର୍ମୀ ହୋଇ ଭଗବାନଙ୍କ ସେବା କରୁଥା'ନ୍ତି, କିନ୍ତୁ ଶୁଦ୍ଧ ଭକ୍ତ ନୁହଁନ୍ତି, ସେମାନେ ଧ୍ରୁବ ମହାରାଜ ରହୁଥିବା ଲୋକ, ଅର୍ଥାତ୍ ଧ୍ରୁବଲୋକ ପ୍ରାପ୍ତ ହୋଇପାରନ୍ତି । ଧ୍ରୁବ ମହାରାଜ ଭଗବାନଙ୍କର ଜଣେ ବିଶିଷ୍ଟ ଭକ୍ତ ଏବଂ ତାଙ୍କର ଏକ ସ୍ୱତନ୍ତ୍ର ଲୋକ ଅଛି, ତାହାକୁ ଧ୍ରୁବଲୋକ କୁହାଯାଏ ।

## ଶ୍ଲୋକ -୭୨

**କଚ୍ଚିଦେତଚ୍ଛ୍ରୁତଂ ପାର୍ଥ ତ୍ୱୟୈକାଗ୍ରେଣ ଚେତସା ।**
**କଚ୍ଚିଦଜ୍ଞାନସମ୍ମୋହଃ ପ୍ରଣଷ୍ଟସ୍ତେ ଧନଞ୍ଜୟ ।।୭୨।।**

## ଶବ୍ଦାନୁବାଦ

କଚ୍ଚିତ୍ ଏତତ୍-ଶ୍ରୁତମ୍=ଏହା ଶୁଣିଛ'ତ ?; ପାର୍ଥ=ହେ ପୃଥାପୁତ୍ର; ତ୍ୱୟା=ତୁମଦ୍ୱାରା; ଏକାଗ୍ରେଣ=ପୂର୍ଣ୍ଣ ଏକାଗ୍ରମନରେ; ଚେତସା=ମନରେ; କଚ୍ଚିତ୍=ହେଲା'ତ ?; ଅଜ୍ଞାନ=ଅଜ୍ଞାନ; ସମ୍ମୋହଃ=ମୋହ; ପ୍ରଣଷ୍ଟଃ=ଦୂର ହୋଇଛି; ତେ=ତୁମର; ଧନଞ୍ଜୟ=ହେ ଧନଞ୍ଜୟ (ଅର୍ଜୁନ) ।

## ଅନୁବାଦ

**ହେ ଧନଞ୍ଜୟ ଅର୍ଜୁନ ! ତୁମେ ଏହାକୁ ଏକାଗ୍ର ଚିତ୍ତରେ ଶୁଣିଛ'ତ ? ବର୍ତ୍ତମାନ ତୁମର ଅଜ୍ଞାନତା ଓ ମୋହ ଦୂର ହେଲା'ତ ?**

## ଭାବାର୍ଥ

ଭଗବାନ୍ ଅର୍ଜୁନଙ୍କର ଗୁରୁରୂପେ କାର୍ଯ୍ୟ କରୁଥିଲେ, ତେଣୁ ଏହା ହେଉଛି ତାଙ୍କର କର୍ତ୍ତବ୍ୟ ଯେ ସେ ଅର୍ଜୁନଙ୍କୁ ପଚ୍ଚାରି ବୁଝିବେ ଯେ, ସେ ଭଗବଦ୍ ଗୀତା ଭଲ ରକମ ବୁଝିପାରିଲେ କି' ନାହିଁ ।ଯଦି ସେ ବୁଝିପାରି ନଥା'ନ୍ତି, ତାହାହେଲେ ଭଗବାନ୍ ତାକୁ ପୁଣି ଥରେ ଅବୁଝା ଅଂଶ ବୁଝାଇବାକୁ ପ୍ରସ୍ତୁତ କିମ୍ବା ଯଦି ଆବଶ୍ୟକ ପଡ଼େ, ତେବେ ସମୁଦାୟ ଭଗବଦ୍‌ଗୀତା ବୁଝାଇବାକୁ ପ୍ରସ୍ତୁତ ।ବାସ୍ତବରେ ଯେ କୃଷ୍ଣ କିମ୍ବା ତାଙ୍କର ପ୍ରତିନିଧିଙ୍କ ସଦୃଶ ପ୍ରକୃତ ଗୁରୁଙ୍କଠାରୁ ଭଗବଦ୍‌ଗୀତା ଶୁଣେ, ସେ ବୁଝିପାରିବ ଯେ କିପରି ତା'ର ସମସ୍ତ ଅଜ୍ଞାନତା ଦୂର ହୋଇଯାଇଛି । କୌଣସି ସାଧାରଣ କବି କିମ୍ବା ଗଳ୍ପ-ଉପନ୍ୟାସ ଲେଖକ ଏ ଭଗବଦ୍‌ଗୀତାକୁ ଲେଖି ନାହାନ୍ତି । ଏହା ଏକ ସାଧାରଣ ପୁସ୍ତକ ନୁହେଁ ।ଏହା ସ୍ୱୟଂ ପରମପୁରୁଷ ଭଗବାନଙ୍କର ଶ୍ରୀମୁଖ ନିସୃତ ବାଣୀ ।ଯେକୌଣସି ଲୋକ ଯଦି ଭାଗ୍ୟବାନ୍ ହୋଇଥାଏ ଏବଂ ଶିକ୍ଷା କୃଷ୍ଣଙ୍କଠାରୁ କିମ୍ବା ତାଙ୍କର ଉପଯୁକ୍ତ ପ୍ରତିନିଧି ଅର୍ଥାତ୍ - ଏକ ଉପଯୁକ୍ତ ଗୁରୁଙ୍କଠାରୁ ଗ୍ରହଣ କରିବାକୁ ସୁଯୋଗ ପାଏ, ତାହାହେଲେ ସେ ନିଶ୍ଚୟ ଏକ ମୁକ୍ତଜୀବ ହୋଇଯିବ ଏବଂ ଅଜ୍ଞାନତାରୂପକ ଅନ୍ଧକାରରୁ ବାହାରି ଆସିବ ।

## ଶ୍ଲୋକ -୭୩

### ଅର୍ଜୁନ ଉବାଚ

**ନଷ୍ଟୋ ମୋହଃ ସ୍ମୃତିର୍ଲବ୍‌ଧ୍ୱା ତ୍ୱତ୍‌ପ୍ରସାଦାନ୍ମୟାଚ୍ୟୁତ ।**
**ସ୍ଥିତୋଽସ୍ମି ଗତସନ୍ଦେହଃ କରିଷ୍ୟେ ବଚନଂ ତବ ।।୭୩।।**

## ଶବ୍ଦାନୁବାଦ

ଅର୍ଜୁନଃ ଉବାଚ=ଅର୍ଜୁନ କହିଲେ; ନଷ୍ଟଃ=ନଷ୍ଟହେଲା, ଦୂରହେଲା; ମୋହଃ=ମୋହ; ସ୍ମୃତିଃ=ସ୍ମୃତି; ଲବ୍‌ଧ୍ୱା=ପୁନଃ ପ୍ରାପ୍ତହେଲା; ତ୍ୱତ୍-ପ୍ରସାଦାତ୍=ଆପଣଙ୍କ କୃପାରୁ; ମୟା=ମୋ'ଦ୍ୱାରା;

ଅଚ୍ୟୁତ=ହେ ଅଚ୍ୟୁତ, କୃଷ୍ଣ; ସ୍ଥିତଃ=ଅବସ୍ଥିତ; ଅସ୍ମି=ଅଟେ; ଗତ=ଦୂରହେଲା; ସନ୍ଦେହଃ=ସମସ୍ତ ସନ୍ଦେହ; କରିଷ୍ୟେ=ମୁଁ କରିବି; ବଚନମ୍=ଆଦେଶ; ତବ=ଆପଣଙ୍କର ।

## ଅନୁବାଦ

**ଅର୍ଜୁନ କହିଲେ, ''ହେ ମୋର ପରମପ୍ରିୟ କୃଷ୍ଣ ! ହେ ଅଚ୍ୟୁତ ! ମୋର ମୋହ ବର୍ତ୍ତମାନ ଦୂର ହୋଇଗଲା । ଆପଣଙ୍କ କୃପାରୁ ମୁଁ ମୋର ସ୍ମୃତି ଫେରି ପାଇଲି ଏବଂ ବର୍ତ୍ତମାନ ମୁଁ ବିଶ୍ୱାସରେ ଦୃଢ଼ ହୋଇଗଲି ଏବଂ ସନ୍ଦେହରୁ ମୁକ୍ତ ହୋଇଗଲି ଏବଂ ମୁଁ ଆପଣଙ୍କ ଉପଦେଶ ଅନୁଯାୟୀ କାର୍ଯ୍ୟ କରିବାକୁ ପ୍ରସ୍ତୁତ ।''**

## ଭାବାର୍ଥ

ଏଠାରେ ଅର୍ଜୁନ ଏକ ଜୀବର ପ୍ରତିନିଧିତ୍ୱ କରୁଛନ୍ତି । ଜୀବର ସ୍ୱରୂପସ୍ଥିତି ହେଲା ଏହା ଯେ ତାକୁ ଭଗବାନଙ୍କର ଆଦେଶ ଅନୁଯାୟୀ କାର୍ଯ୍ୟ କରିବାକୁ ହେବ । ଆତ୍ମସଂଯମ ନିମିତ୍ତ ସେ ଉଦ୍ଦିଷ୍ଟ । ଶ୍ରୀ ଚୈତନ୍ୟ ମହାପ୍ରଭୁ କହିଛନ୍ତି, ଜୀବ ଭଗବାନଙ୍କର ନିତ୍ୟଦାସ ଅଟେ । ଜୀବ ଏହାକୁ ଭୁଲିଯାଇ ସେ ଭୂତପ୍ରକୃତି ଦ୍ୱାରା ବଦ୍ଧ ହୋଇଯାଏ, କିନ୍ତୁ ଭଗବାନଙ୍କର ସେବାକଲେ ସେ ଭଗବାନଙ୍କର ମୁକ୍ତ ସେବକ ହୋଇଯାଏ ।

ଜୀବର ସ୍ୱରୂପସ୍ଥିତି ହେଲା ସେବକ ହେବା - ସେ ମାୟାର ସେବା କରିପାରେ କିମ୍ବା ଭଗବାନଙ୍କର ସେବା କରିପାରେ । ଯଦି ସେ ଭଗବାନଙ୍କର ସେବାକରେ, ତାହା ହେଲେ ସେ ସାଧାରଣ ଅବସ୍ଥାରେ ଅଛିବୋଲି କୁହାଯିବ; କିନ୍ତୁ ସେ ଯଦି ମାୟାଶକ୍ତିର ସେବା କରିବାକୁ ଇଚ୍ଛାକରେ ଏବଂ ସେହି ସେବାକରେ, ତାହାହେଲେ ସେ ନିଶ୍ଚୟ ବନ୍ଧନରେ ରହିବ । ମାୟା ବିମୋହିତ ହୋଇ ଜୀବ ଏ ଭୌତିକ ଜଗତରେ ସେବା କରୁଛି । ସେ କାମ ଓ କାମନାରେ ବନ୍ଧା; ତଥାପି ସେ ନିଜକୁ ପୃଥିବୀର ପ୍ରଭୁବୋଲି ଭାବୁଛି; ଏହାକୁ ମାୟା କୁହାଯାଏ । ଯେତେବେଳେ ବ୍ୟକ୍ତି ମୁକ୍ତ ହୋଇଯାଏ, ସେତେବେଳେ ମାୟା ଦୂର ହୋଇଯାଏ ଏବଂ ସେତେବେଳେ ସେ ଭଗବାନଙ୍କ ଇଚ୍ଛାନୁଯାୟୀ କାର୍ଯ୍ୟ କରିବା ନିମିତ୍ତ ସ୍ୱତଃପ୍ରବୃତ୍ତ ହୋଇ ଭଗବାନଙ୍କ ଶରଣରେ ଆସେ । ଯେତେବେଳେ ଜୀବ ନିଜକୁ ଭଗବାନ୍ ବୋଲି ଭାବେ, ସେତେବେଳେ ସେ ମାୟାର ଶେଷ ଯନ୍ତାରେ ପଡ଼ିଛି ବୋଲି କୁହାଯାଏ; କାରଣ ନିଜକୁ ଭଗବାନ୍ ବୋଲି ଭାବିବା ହେଉଛି ମାୟାର ଶେଷ ଯନ୍ତା । ଜୀବ ଭାବେ ସେ ଆଉ ବଦ୍ଧଜୀବ ନୁହେଁ, (ବର୍ତ୍ତମାନ) ସେ ଭଗବାନ୍ । ସେ ଏଡ଼େ ବୋକା ଯେ ସେ ଭାବିପାରେ ନାହିଁ ଯଦି ସେ ଭଗବାନ୍ ହୋଇଥା'ନ୍ତା, ତାହାହେଲେ ସଂଶୟରେ କାହିଁକି ପଡ଼ନ୍ତା ? ସେ କଥା ବିଚାର କରେ ନାହିଁ । ତେଣୁ ତାହା ହେଉଛି ମାୟାର ଶେଷଯନ୍ତା । ବାସ୍ତବରେ ମାୟାଶକ୍ତି କବଳରୁ ମୁକ୍ତ ହେବାକୁ ହେଲେ ପରମପୁରୁଷ ଭଗବାନ୍ କୃଷ୍ଣଙ୍କୁ ବୁଝିବାକୁ ହେବ ଏବଂ ତାଙ୍କ ଆଦେଶ ଅନୁଯାୟୀ କାର୍ଯ୍ୟ କରିବାକୁ ହିଁ ରାଜିହେବାକୁ ପଡ଼ିବ । ଏହି ଶ୍ଲୋକରେ ବ୍ୟବହୃତ ''ମୋହ''ଶବ୍ଦ ବଡ଼ ଅର୍ଥପୂର୍ଣ୍ଣ ଅଟେ । ''ମୋହ'' କହିଲେ ''ଜ୍ଞାନ''ର ପ୍ରତିକୂଳାଚରଣକୁ ବୁଝାଏ । ପ୍ରତ୍ୟେକ ଜୀବ ଭଗବାନଙ୍କର ଶାଶ୍ୱତ ସେବକ-ଏହା ବୁଝିବା ହେଉଛି ପ୍ରକୃତ ଜ୍ଞାନ; କିନ୍ତୁ ଜୀବ ଏହା ଭାବିବା ପରିବର୍ତ୍ତେ ସେ ଭାବେ ଯେ ସେ ସେବକ ନୁହେଁ, ସେ ଏ ଭୌତିକ ଜଗତର ପ୍ରଭୁ; କାରଣ ସେ ଭୂତପ୍ରକୃତି ଉପରେ ପ୍ରଭୁତ୍ୱ ବିସ୍ତାର କରିବାକୁ ଚାହେଁ । ଏହା ହେଉଛି ତା'ର ମୋହ ବା ଏହା ହେଉଛି ମାୟା । ଏହି ମାୟା ବା ମୋହ ଭଗବତ୍ କୃପାରୁ କିମ୍ବା ଏକ ଶୁଦ୍ଧଭକ୍ତଙ୍କର କୃପାଲାଭରେ ବିଦୂରିତ ହୋଇପାରେ ।

ଯେତେବେଳେ ଏହା ଦୂର ହୋଇଯାଏ, ସେତେବେଳେ ବ୍ୟକ୍ତି କୃଷ୍ଣଚେତନାରେ କର୍ମ କରିବା ପାଇଁ ରାଜି ହୋଇଯାଏ ।

କୃଷ୍ଣଚେତନା ହେଲା କୃଷ୍ଣଙ୍କର ଆଦେଶ ଅନୁଯାୟୀ କାର୍ଯ୍ୟ କରିବା । ବଦ୍ଧଜୀବ ବହିରଙ୍ଗା ଶକ୍ତି ବା ଭୂତପ୍ରକୃତିରେ ମୋହିତ ହୋଇଥିବାରୁ ସେ ଜାଣେନାହିଁ ଯେ, ଭଗବାନ୍ ହେଉଛନ୍ତି ପରମ ପ୍ରଭୁ; ସେ ଜ୍ଞାନପୂର୍ଣ୍ଣ ଅଟନ୍ତି ଏବଂ ପ୍ରତ୍ୟେକ ପଦାର୍ଥର ମାଲିକ ଅଟନ୍ତି । ସେ ଯାହା ଇଚ୍ଛା କରନ୍ତି ତାହା ତାଙ୍କର ଭକ୍ତଙ୍କୁ ଦେଇପାରନ୍ତି । ସେ ପ୍ରତ୍ୟେକଙ୍କର ବନ୍ଧୁ ଏବଂ ବିଶେଷକରି ତାଙ୍କ ଭକ୍ତମାନଙ୍କ ପ୍ରତି ଆକୃଷ୍ଟ । ସେ ଏ ଭୂତପ୍ରକୃତି ଏବଂ ସମସ୍ତ ଜୀବଙ୍କର ନିୟନ୍ତ୍ରଣକାରୀ ଅଟନ୍ତି । ସେ ମଧ୍ୟ ଅକ୍ଷୟକାଳର ନିୟନ୍ତ୍ରଣକାରୀ ଏବଂ ସେ ସମସ୍ତ ଐଶ୍ୱର୍ଯ୍ୟ ଓ ଶକ୍ତିରେ ପରିପୂର୍ଣ୍ଣ । ପରମପୁରୁଷ ଭଗବାନ୍ ନିଜକୁ ସଂପୂର୍ଣ୍ଣରୂପେ ତାଙ୍କ ଭକ୍ତଙ୍କୁ ଦାନ କରିଦିଅନ୍ତି । ଯେ ତାଙ୍କୁ ଜାଣେନାହିଁ ସେ ମାୟାମୋହିତ ହୋଇଥାଏ; ସେ ମାୟାଶକ୍ତିର ଅଧୀନରେ ଥାଏ । ସେ ଭକ୍ତ ହୁଏ ନାହିଁ, ସେ ମାୟାର ସେବକ ଅଟେ । ଅର୍ଜୁନ ଭଗବାନଙ୍କଠାରୁ ଭଗବଦ୍ ଗୀତା ଶ୍ରବଣ କଲାପରେ ସେ ମାୟା-ମୋହରୁ ମୁକ୍ତ ହୋଇଗଲେ । ସେ ବୁଝିପାରିଲେ ଯେ, କୃଷ୍ଣ କେବଳ ତାଙ୍କର ବନ୍ଧୁ ନୁହଁନ୍ତି; ସେ ପରମପୁରୁଷ ଭଗବାନ୍ ଅଟନ୍ତି ଏବଂ ସେ ପରିଷ୍କାରଭାବରେ କୃଷ୍ଣଙ୍କୁ ବୁଝିପାରିଲେ । ତେଣୁ ଭଗବଦ୍‌ଗୀତାପାଠର ଅର୍ଥ ହେଲା କୃଷ୍ଣଙ୍କୁ ଭଲଭାବରେ ବୁଝିବା । ଯେତେବେଳେ କୌଣସି ବ୍ୟକ୍ତି ପୂର୍ଣ୍ଣ ଜ୍ଞାନପ୍ରାପ୍ତ ହୋଇଯାଏ, ସେତେବେଳେ ସେ ସ୍ୱଭାବତଃ କୃଷ୍ଣଙ୍କଠାରେ ଆତ୍ମସମର୍ପଣ କରେ । ଯେତେବେଳେ ଅର୍ଜୁନ ବୁଝିପାରିଲେ ଯେ ଅଯଥା ଲୋକସଂଖ୍ୟା ବୃଦ୍ଧିକୁ ହ୍ରାସ କରିବାକୁ କୃଷ୍ଣ ଯୋଜନା କରିଛନ୍ତି, ସେତେବେଳେ ସେ କୃଷ୍ଣଙ୍କ ଇଚ୍ଛାନୁଯାୟୀ ଯୁଦ୍ଧ କରିବାକୁ ରାଜି ହୋଇଗଲେ । ସେ ପୁଣି ତାଙ୍କର ଧନୁ-ଶର-ଅସ୍ତ୍ରଶସ୍ତ୍ର ସବୁ ଧରିଲେ । ପରମପୁରୁଷ ଭଗବାନଙ୍କର ଆଦେଶ ଅନୁଯାୟୀ ଯୁଦ୍ଧ କରିବାପାଇଁ ସେ ପ୍ରସ୍ତୁତ ହୋଇଗଲେ ।

## ଶ୍ଲୋକ-୭୪

### ସଞ୍ଜୟ ଉବାଚ

**ଇତ୍ୟହଂ ବାସୁଦେବସ୍ୟ ପାର୍ଥସ୍ୟ ଚ ମହାତ୍ମନଃ ।**
**ସଂବାଦମିମମଶ୍ରୌଷମଦ୍‌ଭୁତଂ ରୋମହର୍ଷଣମ୍ ।। ୭୪ ।।**

### ଶବ୍ଦାନୁବାଦ

ସଞ୍ଜୟଃ ଉବାଚ=ସଞ୍ଜୟ କହିଲେ; ଇତି=ଏହିପରି; ଅହମ୍=ମୁଁ; ବାସୁଦେବସ୍ୟ=କୃଷ୍ଣଙ୍କର; ପାର୍ଥସ୍ୟ=ଅର୍ଜୁନଙ୍କର; ଚ=ମଧ୍ୟ; ମହାତ୍ମନଃ=ଦୁଇ ମହାତ୍ମା; ସଂବାଦମ୍=ସଂବାଦ; ଇମମ୍=ଏହା; ଅଶ୍ରୌଷମ୍=ଶୁଣିଲି; ଅଦ୍ଭୁତମ୍=ଅଦ୍ଭୁତ; ରୋମ-ହର୍ଷଣମ୍=ରୋମାଞ୍ଚକାରୀ ।

### ଅନୁବାଦ

**ସଞ୍ଜୟ କହିଲେ, ‘‘ଏହିପରି ମୁଁ କୃଷ୍ଣ ଓ ଅର୍ଜୁନ-ଏହି ଦୁଇ ମହାତ୍ମାଙ୍କର ବାର୍ତ୍ତାଳାପ ଶୁଣିଲି । ସେ ସଂବାଦ ଏତେ ଅଦ୍ଭୁତ ଯେ, ତାହା ଶୁଣି ମୋର ରୋମାଞ୍ଚ ଜାତ ହେଲା ।’’**

## ଭାବାର୍ଥ

ଭଗବଦ୍ ଗୀତାର ଆରମ୍ଭରେ ଧୃତରାଷ୍ଟ୍ର ତାଙ୍କର ସଚିବ ସଞ୍ଜୟଙ୍କୁ ପଚାରିଛନ୍ତି, ''କୁରୁକ୍ଷେତ୍ର ଯୁଦ୍ଧଭୂମିରେ କ'ଣ ହେଲା ?'' ସଞ୍ଜୟଙ୍କର ଗୁରୁ ବ୍ୟାସଦେବଙ୍କ କୃପାରୁ ସମୁଦାୟ ଗୀତା ଶିକ୍ଷା ତାଙ୍କ ହୃଦୟରେ ଉଭାସିତ ହୋଇ ଉଠିଲା । ତେଣୁ ସେ କୁରୁକ୍ଷେତ୍ର ଯୁଦ୍ଧଭୂମିରେ ଯାହା ଘଟିଲା ତା'ର ଏକ ସାରାଂଶ ପ୍ରଦାନ କଲେ । କେଶବାର୍ଜୁନ ସଂବାଦ ଅତ୍ୟନ୍ତ ବିଚିତ୍ର; କାରଣ ଦୁଇ ମହାତ୍ମାଙ୍କ ମଧ୍ୟରେ ଏ ପ୍ରକାର ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାଳାପ ବା ସଂବାଦ କେବେ ପୂର୍ବରୁ ହୋଇ ନଥିଲା କି ପରେ ମଧ୍ୟ କେବେ ହେବ ନାହିଁ । ଏହା ଆଶ୍ଚର୍ଯ୍ୟଜନକ, କାରଣ ପରମପୁରୁଷ ଭଗବାନ୍ ସ୍ୱୟଂ ନିଜକଥା ଏବଂ ନିଜ ଶକ୍ତିମାନଙ୍କ କଥା ତାଙ୍କର ଏକ ବିଶିଷ୍ଟ ଭକ୍ତ ଅର୍ଜୁନଙ୍କୁ (ଜୀବକୁ) କହୁଛନ୍ତି । ଯଦି ଆମ୍ଭେମାନେ କୃଷ୍ଣଙ୍କୁ ବୁଝିବା ନିମିତ୍ତ ଅର୍ଜୁନଙ୍କର ପଦାଙ୍କ ଅନୁସରଣ କରିବା, ତାହାହେଲେ ଆମ୍ଭମାନଙ୍କର ଜୀବନ ସୁଖପୂର୍ଣ୍ଣ ଓ ଆନନ୍ଦମୟ ହେବ ଏବଂ ଆମ୍ଭେମାନେ ଜୀବନରେ କୃତକାର୍ଯ୍ୟ ହେବା । ସଞ୍ଜୟ ଏହା ଅନୁଭବ କଲେ ଏବଂ ସେ ଏହାକୁ ବୁଝିପାରି ଏ ସଂବାଦ ଧୃତରାଷ୍ଟ୍ରଙ୍କ ଆଗରେ ପ୍ରକାଶ କଲେ । ବର୍ତ୍ତମାନ ଏଇ ସିଦ୍ଧାନ୍ତ ମିଳିଲା ଯେ ଯେଉଁଠି କୃଷ୍ଣ ଓ ଅର୍ଜୁନ ଅଛନ୍ତି ସେଠାରେ ହିଁ ବିଜୟ ସୁନିଶ୍ଚିତ ।

## ଶ୍ଳୋକ-୭୫

**ବ୍ୟାସପ୍ରସାଦାଚ୍ଛ୍ରୁତବାନେତଦ୍ଗୁହ୍ୟମହଂ ପରମ୍ ।**
**ଯୋଗଂ ଯୋଗେଶ୍ୱରାତ୍କୃଷ୍ଣାତ୍ସାକ୍ଷାତ୍କଥୟତଃ ସ୍ୱୟମ୍ ।। ୭୫ ।।**

## ଶବ୍ଦାନୁବାଦ

ବ୍ୟାସ- ପ୍ରସାଦାତ୍=ବ୍ୟାସଦେବଙ୍କ କୃପାରୁ; ଶ୍ରୁତବାନ୍=ଶୁଣିଲି; ଏତତ୍=ଏହା; ଗୁହ୍ୟମ୍=ଗୁହ୍ୟ,ଗୁପ୍ତ; ଅହମ୍=ମୁଁ; ପରମ୍=ପରମ, ଶ୍ରେଷ୍ଠ; ଯୋଗମ୍=ଯୋଗ; ଯୋଗେଶ୍ୱରାତ୍=ଯୋଗେଶ୍ୱରଙ୍କଠାରୁ; କୃଷ୍ଣାତ୍=କୃଷ୍ଣଙ୍କଠାରୁ; ସାକ୍ଷାତ୍=ପ୍ରତ୍ୟକ୍ଷଭାବେ; କଥୟତଃ=କହୁଥିବା; ସ୍ୱୟମ୍=ସ୍ୱୟଂ ।

## ଅନୁବାଦ

**ବ୍ୟାସଦେବଙ୍କ କୃପାରୁ ମୁଁ ପ୍ରତ୍ୟକ୍ଷଭାବରେ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କଠାରୁ ଏ ଅତି ଗୁହ୍ୟତମ କଥା ଶୁଣିଅଛି । ସେ ଯୋଗେଶ୍ୱର କୃଷ୍ଣ ସ୍ୱୟଂ ଅର୍ଜୁନଙ୍କୁ ଏକଥା କହୁଥିଲେ ।**

## ଭାବାର୍ଥ

ସଞ୍ଜୟଙ୍କର ଗୁରୁ ହେଉଛନ୍ତି ବ୍ୟାସଦେବ ଏବଂ ସଞ୍ଜୟ ବର୍ତ୍ତମାନ ଏକଥା ସ୍ୱୀକାର କରୁଛନ୍ତି ଯେ ଗୁରୁଙ୍କ କୃପାରୁ ସେ ପରମପୁରୁଷ ଭଗବାନଙ୍କୁ ବୁଝିପାରିଲେ । ଏହାର ଅର୍ଥ ହେଲା କେହି ସିଧାସଳଖ କୃଷ୍ଣଙ୍କୁ ବୁଝିପାରିବ ନାହିଁ; ଗୁରୁଙ୍କ ମାଧ୍ୟମରେ ତାଙ୍କୁ ବୁଝିବାକୁ ହେବ । ଯଦିଓ ଏକଥା ସତ ଯେ ଅନୁଭୂତି ହିଁ ପ୍ରତ୍ୟକ୍ଷଭାବରେ ମିଳେ, ତଥାପି ଗୁରୁ ହେଉଛନ୍ତି ସ୍ୱଚ୍ଛ ମାଧ୍ୟମ, ଯାହାଙ୍କ ଜରିଆରେ ଆମେ ଭଗବତ୍ ଅନୁଭୂତି ଲାଭ କରିପାରିବା । ଏହା ହେଉଛି ଗୁରୁ ପରମ୍ପରାର ରହସ୍ୟ । ଗୁରୁ ଉପଯୁକ୍ତ ଅଧିକାରୀ ହୋଇଥିଲେ ବ୍ୟକ୍ତି ଅର୍ଜୁନଙ୍କପରି ପ୍ରତ୍ୟକ୍ଷଭାବରେ ଭଗବଦ୍ଗୀତା ଶୁଣି ପାରିବ । ଏ ପୃଥିବୀରେ ଅନେକ ଯୋଗୀ ଅଛନ୍ତି, କିନ୍ତୁ

କୃଷ୍ଣ ହେଉଛନ୍ତି ସମସ୍ତ ଯୋଗୀଙ୍କର ପ୍ରଭୁ ବା ଯୋଗେଶ୍ୱର । ଭଗବଦ୍ ଗୀତାରେ କୃଷ୍ଣଙ୍କର ଅତି ସ୍ୱଷ୍ଟ ଉପଦେଶ ଦିଆଯାଇଅଛି—କୃଷ୍ଣଙ୍କର ଶରଣରେ ଆସ । ଯେ ଏହିପରି କରେ ସେ ସର୍ବୋତ୍ତମ ଯୋଗୀ ଅଟେ । ଷଷ୍ଠ ଅଧ୍ୟାୟରେ ଶେଷ ଶ୍ଳୋକରେ ଏକଥା କୁହାଯାଇଅଛି - *''ଯୋଗିନାମ୍ ଅପି ସର୍ବେଷା°''* ।

ଶ୍ରୀ ନାରଦ ମୁନି କୃଷ୍ଣଙ୍କର ଜଣେ ପ୍ରତ୍ୟକ୍ଷ ଶିଷ୍ୟ ଏବଂ ବ୍ୟାସଦେବଙ୍କର ଗୁରୁ ଅଟନ୍ତି । ତେଣୁ ବ୍ୟାସଦେବ ଅର୍ଜୁନଙ୍କପରି ଜଣେ ଉପଯୁକ୍ତ ଅଧିକାରୀ ଅଟନ୍ତି, କାରଣ ସେ ଗୁରୁପରମ୍ପରାରେ ଆସୁଛନ୍ତି ଏବଂ ସଞ୍ଜୟ ପ୍ରତ୍ୟକ୍ଷଭାବେ ବ୍ୟାସଦେବଙ୍କର ଜଣେ ଶିଷ୍ୟ ଅଟେ । ତେଣୁ ବ୍ୟାସଦେବଙ୍କ କୃପାରୁ ତାଙ୍କର ଇନ୍ଦ୍ରିୟଗଣ ବିଶୁଦ୍ଧହୋଇ ଯାଇଥିଲେ ଏବଂ ସେଇଥିପାଇଁ ସେ ପ୍ରତ୍ୟକ୍ଷଭାବେ କୃଷ୍ଣଙ୍କୁ ଦେଖିପାରିଲେ ଓ କୃଷ୍ଣଙ୍କ କଥା ଶୁଣିପାରିଲେ । ଯେ ପ୍ରତ୍ୟକ୍ଷଭାବରେ କୃଷ୍ଣଙ୍କ କଥା ଶୁଣିପାରେ ସେ ଏ ଗୁହ୍ୟତମ ଜ୍ଞାନକଥା ବୁଝିପାରେ । ଯଦି କୌଣସି ବ୍ୟକ୍ତି ଗୁରୁପରମ୍ପରାକୁ ନ ଆସିବ, ତାହାହେଲେ ସେ କୃଷ୍ଣଙ୍କ କଥା ଶୁଣିପାରିବ ନାହିଁ, ତେଣୁ ତା'ର ଜ୍ଞାନ ସର୍ବଦା ଅପୂର୍ଣ୍ଣ ଅଟେ; ଅନ୍ତତଃ ଭଗବଦ୍ ଗୀତା ବୁଝିବା ଦିଗରେ ତା'ର ଜ୍ଞାନ ସର୍ବଦା ଅପୂର୍ଣ୍ଣ ଅଟେ ।

ଭଗବଦ୍ ଗୀତାରେ କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ-ସବୁ ଯୋଗବିଧି କଥା କୁହାଯାଇଅଛି । କୃଷ୍ଣ ହେଉଛନ୍ତି ସମସ୍ତ ପ୍ରକାର ଯୋଗବିଧିର ପ୍ରଭୁ, ଅର୍ଥାତ୍—ସେ ଯୋଗେଶ୍ୱର । ଏଥିରୁ ଜଣାଯାଉଛି ଯେ ଅର୍ଜୁନ ସେପରି ଅତି ଭାଗ୍ୟବାନ୍ ହୋଇ ଥିବାରୁ ପ୍ରତ୍ୟକ୍ଷଭାବରେ କୃଷ୍ଣଙ୍କୁ ବୁଝିପାରିଲେ, ଠିକ୍ ସେହିପରି ବ୍ୟାସଙ୍କ କୃପାରୁ ସଞ୍ଜୟ ପ୍ରତ୍ୟକ୍ଷ ଭାବରେ କୃଷ୍ଣଙ୍କକଥା ଶୁଣିବାକୁ ସକ୍ଷମ ହୋଇପାରିଲେ । ବାସ୍ତବରେ କୃଷ୍ଣଙ୍କ ଠାରୁ ପ୍ରତ୍ୟକ୍ଷଭାବରେ ଶୁଣିବା କିମ୍ବା ବ୍ୟାସଙ୍କ ଭଳି ଏକ ଉପଯୁକ୍ତ ଗୁରୁଙ୍କ ମାଧ୍ୟମରେ ପ୍ରତ୍ୟକ୍ଷଭାବେ କୃଷ୍ଣକଥା ଶୁଣିବା ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଗୁରୁ ମଧ୍ୟ ବ୍ୟାସଦେବଙ୍କ ପ୍ରତିନିଧି । ବୈଦିକ ରୀତି ଅନୁଯାୟୀ ଗୁରୁଙ୍କର ଜନ୍ମତିଥିରେ ଶିଷ୍ୟମାନେ ଏକ ମହୋତ୍ସବ ପାଳନ କରନ୍ତି, ଯାହାକୁ ''ବ୍ୟାସପୂଜା'' ମହୋତ୍ସବ କୁହାଯାଏ ।

## ଶ୍ଳୋକ-୭୬

**ରାଜନ୍ ସଂସ୍ମୃତ୍ୟ ସଂସ୍ମୃତ୍ୟ ସମ୍ବାଦମିମମଦ୍‌ଭୁତମ୍ ।**
**କେଶବାର୍ଜୁନୟୋଃ ପୁଣ୍ୟଂ ହୃଷ୍ୟାମି ଚ ମୁହୁର୍ମୁହୁଃ ।।୭୬।।**

## ଶବ୍ଦାନୁବାଦ

ରାଜନ୍=ହେ ରାଜନ୍; ସଂସ୍ମୃତ୍ୟ=ଉତ୍ତମରୂପେ ସ୍ମରଣ କରି; ସଂସ୍ମୃତ୍ୟ=ଉତ୍ତମ ରୂପେ ସ୍ମରଣ କରି; ସଂବାଦମ୍=ସଂବାଦ; ଇମମ୍=ଏହି; ଅଦ୍ଭୁତମ୍=ଅଦ୍ଭୁତ; କେଶବ=ଭଗବାନ୍ ଶ୍ରୀକୃଷ୍ଣ; ଅର୍ଜୁନୟୋଃ=ଏବଂ ଅର୍ଜୁନଙ୍କର; ପୁଣ୍ୟମ୍=ପୁଣ୍ୟ; ହୃଷ୍ୟାମି=ହୃଷ୍ଟହୋଇ; ଚ=ମଧ୍ୟ; ମୁହୁଃ ମୁହୁଃ=ସର୍ବଦା, ବାରମ୍ବାର ।

## ଅନୁବାଦ

**ହେ ରାଜନ୍ ! ମୁଁ କୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେ ହୋଇଥିବା ଏ ଅଦ୍ଭୁତ ଓ ପବିତ୍ର ସଂବାଦକୁ ଯେତେଥର ସ୍ମରଣ କରୁଛି, ପ୍ରତ୍ୟେକଥର ସେତେ ଆନନ୍ଦ ଅନୁଭବ କରୁଛି ।**

## ଭାବାର୍ଥ

ଭଗବଦ୍ ଗୀତାକୁ ବୁଝିବା ଅର୍ଥ ଏପରି ଦିବ୍ୟାନୁଭୂତି ଲାଭ କରିବା ଯେ, ଯେଉଁ ବ୍ୟକ୍ତି କୃଷ୍ଣ ଓ ଅର୍ଜୁନଙ୍କର ଏ ସଂବାଦକୁ ଭଲରକମ ଜାଣିପାରେ ସେ ପୁଣ୍ୟବନ୍ତ ବା ପବିତ୍ର ହୋଇଯାଏ ଏବଂ ସେ କଦାପି ଏ ସଂବାଦକୁ ଭୁଲିପାରେ ନାହିଁ । ଏହା ହେଉଛି ଦିବ୍ୟ ଜୀବନର ଦିବ୍ୟ ସ୍ଥିତି । ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ, ଯେ ଭଗବଦ୍ ଗୀତା ଉପଯୁକ୍ତ ଅଧିକାରୀଙ୍କଠାରୁ ଶୁଣେ କିମ୍ବା ପ୍ରତ୍ୟକ୍ଷଭାବେ କୃଷ୍ଣଙ୍କଠାରୁ ଶୁଣେ, ସେ ପୂର୍ଣ୍ଣ କୃଷ୍ଣଚେତନା ଲାଭକରେ । କୃଷ୍ଣଚେତନାର ଫଳ ହେଉଛି ବ୍ୟକ୍ତି ଜ୍ଞାନାଲୋକରେ ଉଦ୍ଭାସିତ ହୋଇଉଠେ ଏବଂ ଦିବ୍ୟ ଆନନ୍ଦମୟ ଜୀବନ ଉପଭୋଗ କରେ । ସେ ଯେ କେବଳ ଥରେ ମାତ୍ର ଏ ପ୍ରକାର ଦିବ୍ୟ ଆନନ୍ଦ ଉପଭୋଗ କରେ ତାହା ନୁହେଁ, ବାରମ୍ବାର ବା ପ୍ରତ୍ୟେକଥର, ଯେତେଥର ତାହା ତା'ର ସ୍ମୃତି ପଥାରୂଢ଼ ହୁଏ, ସେତେଥର ସେ ତାହା ଅନୁଭବ କରେ ।

## ଶ୍ଳୋକ-୭୭

**ତଚ୍ଚ ସଂସ୍ମୃତ୍ୟ ସଂସ୍ମୃତ୍ୟ ରୂପମତ୍ୟଦ୍ଭୁତଂ ହରେଃ ।**
**ବିସ୍ମୟୋ ମେ ମହାନ୍ ରାଜନ୍ହୃଷ୍ୟାମି ଚ ପୁନଃ ପୁନଃ ।। ୭୭ ।।**

## ଶବ୍ଦାନୁବାଦ

ତତ୍=ତାହା; ଚ=ମଧ୍ୟ; ସଂସ୍ମୃତ୍ୟ=ଭଲଭାବରେ ସ୍ମରଣକରି; ସଂସ୍ମୃତ୍ୟ=ଭଲଭାବରେ ସ୍ମରଣ କରି;ରୂପମ୍=ରୂପ; ଅତି=ମହାନ୍; ଅଦ୍ଭୁତମ୍=ଆଶ୍ଚର୍ଯ୍ୟପ୍ରଦ; ହରେଃ=ଭଗବାନ୍ କୃଷ୍ଣଙ୍କର; ବିସ୍ମୟଃ=ବିସ୍ମୟ; ମେ=ମୋର; ମହାନ୍=ମହାନ୍; ରାଜନ୍=ହେ ରାଜା; ହୃଷ୍ୟାମି=ଆନନ୍ଦିତ ହେଉଅଛି; ପୁନଃ ପୁନଃ=ବାରମ୍ବାର ।

## ଅନୁବାଦ

**ହେ ରାଜନ୍ ! ମୁଁ ଯେତେବେଳେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଅତ୍ୟଦ୍ଭୁତ ରୂପକୁ ସ୍ମରଣକରେ, ସେତେବେଳେ ମୁଁ ଅତ୍ୟଧିକ ବିସ୍ମିତ ହୁଏ ଏବଂ ପୁନଃ ପୁନଃ ଆନନ୍ଦ ଅନୁଭବ କରେ ।**

## ଭାବାର୍ଥ

ଏଥିରୁ ଜଣାଯାଉଛି, ବ୍ୟାସଙ୍କ କୃପାରୁ ସଞ୍ଜୟ ମଧ୍ୟ ଶ୍ରୀକୃଷ୍ଣଙ୍କର ବିଶ୍ୱରୂପ (ଯାହା ସେ ଅର୍ଜୁନଙ୍କୁ ଦେଖାଇଥିଲେ) ଦେଖି ପାରିଥିଲେ । ଅବଶ୍ୟ ଏହା କୁହାଯାଇଛି ଯେ ଭଗବାନ୍ ଶ୍ରୀକୃଷ୍ଣ ପୂର୍ବରୁ କେବେ ଏ ରୂପ ଦେଖାଇ ନଥିଲେ । ଏହା କେବଳ ଅର୍ଜୁନଙ୍କୁ ହିଁ ଦେଖାଇ ଦିଆଯାଇଥିଲା; ତଥାପି ଏହା ଯେତେବେଳେ ଅର୍ଜୁନଙ୍କୁ ପ୍ରଦର୍ଶିତ ହେଲା, ସେତେବେଳେ ଅବଶ୍ୟ କେତେକ ବିଶିଷ୍ଟ ଭକ୍ତ ଏହାକୁ ଦେଖିପାରିଥିଲେ ଏବଂ ସେମାନଙ୍କ ମଧ୍ୟରେ ବ୍ୟାସଦେବ ଜଣେ । ସେ ଭଗବାନଙ୍କର ବିଶିଷ୍ଟ ଭକ୍ତମାନଙ୍କ ମଧ୍ୟରୁ ଜଣେ ଏବଂ ସେ ମଧ୍ୟ କୃଷ୍ଣଙ୍କର

ଏକ ଶକ୍ତିଶାଳୀ ଅବତାର ରୂପେ ପରିଗଣିତ ହୁଅନ୍ତି । ବ୍ୟାସଦେବ ତାଙ୍କର ଶିଷ୍ୟ ସଞ୍ଜୟଙ୍କ ସମକ୍ଷରେ ଏହା ଉନ୍ମୋଚନ କଲେ । ଅର୍ଜୁନଙ୍କୁ ପ୍ରଦର୍ଶିତ ହୋଇଥିବା କୃଷ୍ଣଙ୍କର ସେ ଅତ୍ୟଦ୍ଭୁତ ରୂପକୁ ସ୍ମରଣ କରି ସଞ୍ଜୟ ବାରମ୍ବାର ଆନନ୍ଦ ଅନୁଭବ କଲେ ।

## ଶ୍ଳୋକ-୭୮

**ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଧରଃ ।**
**ତତ୍ର ଶ୍ରୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ ।। ୭୮ ।।**

## ଶବ୍ଦାନୁବାଦ

ଯତ୍ର=ଯେଉଁଠାରେ; ଯୋଗେଶ୍ୱରଃ=ଯୋଗେଶ୍ୱର; କୃଷ୍ଣଃ=ଭଗବାନ୍ ଶ୍ରୀକୃଷ୍ଣ; ଯତ୍ର=ଯେଉଁଠାରେ; ପାର୍ଥଃ=ପୃଥାପୁତ୍ର; ଧନୁର୍ଦ୍ଧରଃ=ଧନୁଶରଧାରୀ; ତତ୍ର=ସେଠାରେ; ଶ୍ରୀଃ=ଐଶ୍ୱର୍ଯ୍ୟ; ବିଜୟଃ=ବିଜୟ; ଭୂତିଃ=ଆଶ୍ଚର୍ଯ୍ୟଜନକ ଶକ୍ତି; ଧ୍ରୁବା=ନିଶ୍ଚିତଭାବେ; ନୀତିଃ=ନୈତିକତା; ମତିଃ ମମ=ମୋର ମତ ।

## ଅନୁବାଦ

**ଯେଉଁଠାରେ ଯୋଗେଶ୍ୱର କୃଷ୍ଣ ଅଛନ୍ତି, ଯେଉଁଠାରେ ଧନୁର୍ଦ୍ଧର ଅର୍ଜୁନ ଅଛନ୍ତି, ସେଠାରେ ନିଶ୍ଚିତଭାବେ ଐଶ୍ୱର୍ଯ୍ୟ, ବିଜୟ, ଅତ୍ୟାଶ୍ଚର୍ଯ୍ୟ ଶକ୍ତି ଏବଂ ନୈତିକତା ଅଛି । ଏହା ହେଉଛି ମୋର ମତ ।**

## ଭାବାର୍ଥ

ଧୃତରାଷ୍ଟ୍ରଙ୍କ ପ୍ରଶ୍ନରୁ ଭଗବଦ୍ ଗୀତା ଆରମ୍ଭ । ସେ ଖୁବ୍ ଆଶାବାଦୀ ହୋଇ ଥିଲେ ଯେ ତାଙ୍କର ପୁତ୍ରଗଣ, ଭୀଷ୍ମ, ଦ୍ରୋଣ ଓ କର୍ଣ୍ଣ ଆଦି ବିଶିଷ୍ଟ ଯୋଦ୍ଧାମାନଙ୍କର ସହାୟତା ଲାଭକରି ନିଶ୍ଚୟ ବିଜୟ ହାସଲ କରିବେ । ସେ ଆଶାପୋଷଣ କରିଥିଲେ ଯେ ବିଜୟଶ୍ରୀ ନିଶ୍ଚୟ ତାଙ୍କ ପକ୍ଷରେ ହେବ । କିନ୍ତୁ ଯୁଦ୍ଧକ୍ଷେତ୍ରର ଦୃଶ୍ୟ ବର୍ଣ୍ଣନା କଲା ପରେ ସଞ୍ଜୟ ରାଜାଙ୍କୁ କହିଲେ, "ଆପଣ ବିଜୟ କଥା ଚିନ୍ତା କରୁଛନ୍ତି; କିନ୍ତୁ ମୋର ମତ ହେଉଛି ଯେଉଁଠାରେ କୃଷ୍ଣ ଓ ଅର୍ଜୁନ ଅଛନ୍ତି, ସେଠାରେ ସମସ୍ତ ସୌଭାଗ୍ୟ ଅଛି ।" ସେ ସିଧାସଳଖ ଭାବେ କହିଲେ ଯେ ଧୃତରାଷ୍ଟ୍ର ତାଙ୍କ ପକ୍ଷରେ ବିଜୟଲାଭ କରିବାର ଆଶା କରିବା ଆଦୌ ଉଚିତ୍ ନୁହେଁ । ଅର୍ଜୁନଙ୍କ ପକ୍ଷରେ ବିଜୟ ସୁନିଶ୍ଚିତ, କାରଣ କୃଷ୍ଣ ସେଠାରେ ଅଛନ୍ତି । କୃଷ୍ଣ ଅର୍ଜୁନଙ୍କର ସାରଥି ପଦ ଗ୍ରହଣ କରିଛନ୍ତି । ଏହା ହେଉଛି ତାଙ୍କର ଐଶ୍ୱର୍ଯ୍ୟର ଅନ୍ୟ ଏକ ପ୍ରଦର୍ଶନୀ । କୃଷ୍ଣ ସମସ୍ତ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ଏବଂ ତ୍ୟାଗ ହେଉଛି ତନ୍ମଧ୍ୟରୁ ଗୋଟିଏ । ତ୍ୟାଗର ଅନେକ ଉଦାହରଣ ଅଛି, କାରଣ କୃଷ୍ଣ ମଧ୍ୟ ତ୍ୟାଗର ପ୍ରଭୁ ।

ଯୁଦ୍ଧ ବାସ୍ତବରେ ଦୁର୍ଯ୍ୟୋଧନ ଓ ଯୁଧିଷ୍ଠିରଙ୍କ ମଧ୍ୟରେ ହେଉଥିଲା । ଅର୍ଜୁନ ତାଙ୍କ ବଡ଼ଭାଇ ଯୁଧିଷ୍ଠିରଙ୍କର ପାଇଁ ଯୁଦ୍ଧ କରୁଥିଲେ । କାରଣ କୃଷ୍ଣ ଓ ଅର୍ଜୁନ, ଯୁଧିଷ୍ଠିରଙ୍କ ପକ୍ଷରେ ଥିଲେ । ଯୁଧିଷ୍ଠିରଙ୍କର ବିଜୟ ସୁନିଶ୍ଚିତ ଥିଲା । ଏ ଯୁଦ୍ଧରେ ସ୍ଥିର ହେବ, କିଏ ପୃଥିବୀର ଶାସକ ହେବ ଏବଂ ସଞ୍ଜୟ ଭବିଷ୍ୟତ ବାଣୀ ଶୁଣାଇ କହିଲେ ଯେ କ୍ଷମତା ଯୁଧିଷ୍ଠିରଙ୍କୁ

ହସ୍ତାନ୍ତର କରାଯିବ । ଏ ଭବିଷ୍ୟତ କଥନ ମଧ୍ୟ ହେଲା ଯେ, ଯୁଧିଷ୍ଠିର ଯୁଦ୍ଧରେ ବିଜୟ ଲାଭ କଲାପରେ ଅଧିକରୁ ଅଧିକ ଉନ୍ନତି କରିବେ, କାରଣ ସେ ଯେ କେବଳ ପୁଣ୍ୟକର୍ମା ଓ ଧାର୍ମିକ ଥିଲେ ସେତିକି ନୁହେଁ, ସେ ମଧ୍ୟ ଜଣେ ଅତି କଠୋର ନୀତିବାନ୍ ଥିଲେ । ସେ ତାଙ୍କ ଜୀବନ କାଳ ମଧ୍ୟରେ କେବେହେଲେ ମିଛ କହି ନାହାନ୍ତି ।

ଅନେକ ଏପରି ଅଳ୍ପବୁଦ୍ଧିସଂପନ୍ନ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଭଗବଦ୍ ଗୀତାକୁ ଯୁଦ୍ଧକ୍ଷେତ୍ରରେ ହୋଇଥିବା ଦୁଇ ବନ୍ଧୁଙ୍କର ବାର୍ତ୍ତାଳାପ ବୋଲି ଗ୍ରହଣ କରନ୍ତି । କିନ୍ତୁ ସେମାନେ ଭଗବଦ୍ ଗୀତାକୁ ଯେପରି ଭାବରେ ଚିତ୍ରଣ କରନ୍ତି ବା ସଂଜ୍ଞା ଦିଅନ୍ତି, ତାହା ପ୍ରାମାଣିକ ଗ୍ରନ୍ଥ ବା ଶାସ୍ତ୍ରର ସଂଜ୍ଞା ହୋଇ ନ ପାରେ । ଅନେକ ଏପରି ବିରୋଧ ମତ ପ୍ରକାଶକରି କହିପାରନ୍ତି ଯେ, କୃଷ୍ଣ ଅର୍ଜୁନଙ୍କୁ ଯୁଦ୍ଧ କରିବା ନିମିତ୍ତ ଉତ୍ତେଜିତ କରାଇଛନ୍ତି, ଯାହା'କି ନୀତିଗତ ନୁହେଁ । କିନ୍ତୁ କ'ଣ ପ୍ରକୃତ କଥା ତାହା ପରିଷ୍କାରଭାବରେ କୁହାଯାଇ ଅଛି - ଭଗବଦ୍ ଗୀତା ନୈତିକତା ଦିଗରୁ ପରମ ଉପଦେଶ ଅଟେ । ନୈତିକତାର ପରମ ଉପଦେଶ ନବମ ଅଧ୍ୟାୟର ୩୪ଶ ଶ୍ଲୋକରେ କୁହାଯାଇଅଛି - *''ମନ୍ମନାଭବ ମଦ୍ ଭକ୍ତଃ ।''* ବ୍ୟକ୍ତି ଭଗବାନ୍ ଶ୍ରୀକୃଷ୍ଣଙ୍କର ଭକ୍ତ ହେବା ଉଚିତ୍ ଏବଂ ସମସ୍ତ ଧର୍ମର ସାରକଥା ହେଲା କୃଷ୍ଣଙ୍କର ଶରଣରେ ଆସିବା । କାରଣ କୁହାଯାଇଅଛି -''ସର୍ବଧର୍ମାନ୍.... ।'' ଭଗବଦ୍ ଗୀତାର ଉପଦେଶ ଧର୍ମ ଓ ନୈତିକତାର ସର୍ବପ୍ରଧାନ ପନ୍ଥା ଅଟେ । ଅନ୍ୟ ପନ୍ଥା ବା ବିଧିଗୁଡ଼ିକ ବିଶୁଦ୍ଧିକରଣ ବିଧି ହୋଇପାରନ୍ତି ଏବଂ ପରିଣାମରେ ସେଗୁଡ଼ିକ ଏଇ ପନ୍ଥାକୁ ଆସିବା ନିମିତ୍ତ ମାର୍ଗ ନିର୍ଦ୍ଦେଶ କରିପାରନ୍ତି; କିନ୍ତୁ ଭଗବଦ୍ ଗୀତାରେ ଦିଆଯାଇଥିବା ଶେଷ ଉପଦେଶ ସମସ୍ତ ଧର୍ମନୀତି ବା ନୈତିକତାର ଶେଷ କଥା ଅଟେ— ''କୃଷ୍ଣଙ୍କର ଶରଣରେ ଆସ ।'' ଏହା ହେଉଛି ଅଷ୍ଟାଦଶ ଅଧ୍ୟାୟର ବାଣୀ ।

ଭଗବଦ୍‌ଗୀତାରୁ ଆମେ ଏକଥା ବୁଝିପାରୁଛୁ ଯେ, ମନନ ଚିନ୍ତନ ଦ୍ୱାରା ଏବଂ ଧ୍ୟାନ ଧାରଣାଦ୍ୱାରା ବ୍ୟକ୍ତି ଯେଉଁ ଅନୁଭୂତି ଲାଭକରେ, ତାହା ହେଉଛି ଗୋଟିଏ ପନ୍ଥା, କିନ୍ତୁ ସଂପୂର୍ଣ୍ଣରୂପେ କୃଷ୍ଣଙ୍କର ଶରଣରେ ଆସିବା ସର୍ବୋଚ୍ଚ ସିଦ୍ଧି ବା ପୂର୍ଣ୍ଣତା ଅଟେ । ଏହା ହେଉଛି ଭଗବଦ୍‌ଗୀତାର ଉପଦେଶର ସାରକଥା । ଯେଣୁ ଧର୍ମାନୁଷ୍ଠାନ କରିବାର ବା ଧର୍ମାଚରଣ କରିବାର ବିଧି ଗୁପ୍ତ ଅଟେ ବା ଗୁହ୍ୟ ଅଟେ, ତେଣୁ ବର୍ଣ୍ଣାଶ୍ରମ ବ୍ୟବସ୍ଥା ଅନୁଯାୟୀ ନିୟନ୍ତ୍ରଣକାରୀ, ବିଧିବିଧାନ-ମାର୍ଗ ଗୁପ୍ତଜ୍ଞାନ ମାର୍ଗ ହୋଇପାରେ, ବ୍ୟକ୍ତି ତଥାପି ଧ୍ୟାନ ଓ ଜ୍ଞାନ ଆହରଣରେ ବ୍ୟସ୍ତ । ପୂର୍ଣ୍ଣ କୃଷ୍ଣଚେତନାରେ ଭକ୍ତିଯୋଗ ମାର୍ଗରେ କୃଷ୍ଣଙ୍କର ଶରଣରେ ଆସିବା ଅତ୍ୟନ୍ତ ଗୁହ୍ୟତମ ଉପଦେଶ ଅଟେ ଏବଂ ଏହା ଅଷ୍ଟାଦଶ ଅଧ୍ୟାୟରେ ସାରକଥା ଅଟେ ।

ଭଗବଦ୍ ଗୀତାର ଅନ୍ୟ ଗୋଟିଏ ଦିଗ ହେଉଛି ଏହା ଯେ, ପ୍ରକୃତ ସତ୍ୟ ହେଲେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ । ପରମବ୍ରହ୍ମ (ବା ପରମସତ୍ୟ) ତିନୋଟି ସ୍ତରରେ ଅନୁଭୂତ ହୁଅନ୍ତି-ନିର୍ବିଶେଷ ବ୍ରହ୍ମ, ହୃଦୟସ୍ଥିତ ପରମାତ୍ମା ଏବଂ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ । ପରମବ୍ରହ୍ମଙ୍କର ପୂର୍ଣ୍ଣଜ୍ଞାନ କହିଲେ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧୀୟ ପୂର୍ଣ୍ଣଜ୍ଞାନକୁ ବୁଝାଏ । ଯଦି କେହି କୃଷ୍ଣଙ୍କୁ ବୁଝିପାରେ, ତାହାହେଲେ ସେ ଜ୍ଞାନର ସବୁ ବିଭାଗକୁ ବୁଝିପାରେ; କାରଣ ସବୁ ବିଭାଗ ହେଉଛି ସେ ପରମ ଜ୍ଞାନର ଅଂଶବିଶେଷ । କୃଷ୍ଣ ହେଉଛନ୍ତି ଦିବ୍ୟ; କାରଣ ସେ

ସର୍ବଦା ତାଙ୍କର ଶାଶ୍ୱତ-ଅନ୍ତରଙ୍ଗା ଶକ୍ତିରେ ବିଦ୍ୟମାନ ଥା'ନ୍ତି । ଜୀବଗଣ ପ୍ରକାଶିତ ହୋଇଛନ୍ତି ଏବଂ ସେମାନେ ଦୁଇଭାଗରେ ବିଭକ୍ତ-ନିତ୍ୟ-ବଦ୍ଧ ଓ ନିତ୍ୟମୁକ୍ତ । ଏ ପ୍ରକାର ଜୀବ ହେଉଛନ୍ତି ଅସଂଖ୍ୟ ଏବଂ ସେମାନେ କୃଷ୍ଣଙ୍କର ମୌଳିକ ଅଂଶ ବୋଲି ବିବେଚିତ ହୁଅନ୍ତି । ଭୂତପ୍ରକୃତି ଚବିଶ ଭାଗରେ ପ୍ରକାଶିତ । ସୃଷ୍ଟି, ଅନନ୍ତ ଶାଶ୍ୱତ କାଳଦ୍ୱାରା ନିୟନ୍ତ୍ରିତ ଏବଂ ଏହା ଭଗବାନଙ୍କର ବହିରଙ୍ଗା ଶକ୍ତିଦ୍ୱାରା ସୃଷ୍ଟ ହୁଏ ଏବଂ ଧ୍ୱଂସ ହୁଏ । ଦୃଶ୍ୟଜଗତର ପ୍ରକାଶ ବାରମ୍ବାର ଦୃଶ୍ୟ ହୁଏ ଏବଂ ଅଦୃଶ୍ୟ ମଧ୍ୟ ହୁଏ ।

ଭଗବଦ୍ ଗୀତାରେ ପାଞ୍ଚୋଟି ପ୍ରଧାନ ବିଷୟବସ୍ତୁ ସମ୍ବନ୍ଧରେ ଆଲୋଚନା କରାଯାଇଅଛି, ଯଥା-ପରମପୁରୁଷ ଭଗବାନ୍, ଭୂତପ୍ରକୃତି, ଜୀବ, ଅନନ୍ତକାଳ ଏବଂ ସମସ୍ତ କର୍ମ । ଏ ସମସ୍ତେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ଉପରେ ନିର୍ଭରଶୀଳ । ପରମବ୍ରହ୍ମଙ୍କ ସମ୍ବନ୍ଧୀୟ ସମସ୍ତ ଧାରଣା ଅର୍ଥାତ୍-ନିର୍ବିଶେଷ ବ୍ରହ୍ମ, ହୃଦୟସ୍ଥିତ ପରମାତ୍ମା କିମ୍ବା ଅନ୍ୟ ଯେକୌଣସି ଦିବ୍ୟାନୁଭୂତି-ଏସବୁ ପରମପୁରୁଷ ଭଗବାନଙ୍କୁ ବୁଝିବା ମଧ୍ୟରେ ଅନ୍ତର୍ଗତ । ଯଦିଓ ବାହାରକୁ ପରମପୁରୁଷ ଭଗବାନ୍, ଜୀବ, ଭୂତପ୍ରକୃତି ଏବଂ କାଳ (ବା ସମୟ) ବିଭିନ୍ନ ବୋଲି ପ୍ରତୀତ ହୁଅନ୍ତି, ତଥାପି କେହି ପରମପୁରୁଷ ଭଗବାନଙ୍କଠାରୁ ଭିନ୍ନ ନୁହଁନ୍ତି । କିନ୍ତୁ ପରମପୁରୁଷ ଭଗବାନ୍ ସର୍ବଦା ଏ ପ୍ରତ୍ୟେକଙ୍କଠାରୁ ଭିନ୍ନ । ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଦର୍ଶନ ହେଲା *"ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱ*-ଅଚିନ୍ତ୍ୟ ଭାବରେ ଏକ ଏବଂ ବିଭିନ୍ନ ।" ଏହି ଦର୍ଶନ ପରମବ୍ରହ୍ମଙ୍କ ସମ୍ବନ୍ଧୀୟ ପୂର୍ଣ୍ଣଜ୍ଞାନ ଅଟେ ।

ଜୀବ ତା'ର ମୌଳିକସ୍ଥିତିରେ ଶୁଦ୍ଧଆତ୍ମା ଅଟେ । ସେ ପରମାତ୍ମାଙ୍କର ଏକ ଅଣୁ ସଦୃଶ ଅଟେ । ଅବଶ୍ୟ ବଦ୍ଧଜୀବ ଭଗବାନଙ୍କର ତଟସ୍ଥା ଶକ୍ତି ଅଟେ । କିନ୍ତୁ ସେ ଉଭୟ ଭୌତିକ ଶକ୍ତି ଏବଂ ଦିବ୍ୟଶକ୍ତିର ସଂସ୍ପର୍ଶରେ ଆସେ । ଅନ୍ୟକଥାରେ ଏହା ହିଁ କୁହାଯାଇପାରେ ଯେ, ଜୀବଶକ୍ତି ଭଗବାନଙ୍କର ଦୁଇ ମୁଖ୍ୟଶକ୍ତି ମଧ୍ୟରେ ଅବସ୍ଥିତ ଯେଣୁ ସେ ଭଗବାନଙ୍କର ଉଚ୍ଚତର ଶକ୍ତିର ଅନ୍ତର୍ଗତ, ତେଣୁ ତା'ର କିଛି ପରିମାଣରେ ସ୍ୱାଧୀନତା ଅଛି । ସେ ସ୍ୱାଧୀନତାର ଯଥାର୍ଥ ଉପଯୋଗ ଫଳରେ ସେ କୃଷ୍ଣଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆସେ । ଏହିପରି ସେ ହ୍ଲାଦିନୀ ଶକ୍ତିରେ ତା'ର ସ୍ୱାଭାବିକ ସ୍ଥିତି ଲାଭକରେ ।

**ଭକ୍ତିବେଦାନ୍ତ ଭାଷ୍ୟର ଶ୍ରୀମଦ୍ ଭଗବଦ୍‌ଗୀତାର ଉପସଂହାର ରୂପ "ମୋକ୍ଷସନ୍ନ୍ୟାସଯୋଗ" ଶୀର୍ଷକ ଅଷ୍ଟାଦଶ ଅଧ୍ୟାୟ ଶେଷହେଲା ।**

**॥ ହରେକୃଷ୍ଣ ॥**